# ଓଡ଼ିଆ ସାହିତ୍ୟର ଇତିହାସ



ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଏମ୍.ଏ.

# ଓଡ଼ିଆ ସାହିତ୍ୟର ଇତିହାସ

## ଦ୍ୱିତୀୟ ଭାଗ

ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଏମ୍. ଏ.

# ଓଡ଼ିଆ ସାହିତ୍ୟର ଇତିହାସ

ଗ୍ରନ୍ଥ ମନ୍ଦିର
କଟକ : ବ୍ରହ୍ମପୁର

ପ୍ରକାଶକ
ଶ୍ରୀ ଅଭିରାମ ମହାପାତ୍ର
ଗ୍ରନ୍ଥ ମନ୍ଦିର
କଟକ : ବ୍ରହ୍ମପୁର

ପ୍ରଥମ ମୁଦ୍ରଣ
୧୯୭୫

ମୁଦ୍ରାକର
ଶ୍ରୀ ଜୟରାମ ମହାପାତ୍ର
ଗ୍ରନ୍ଥ ପ୍ରକାଶିନୀ
କଟକ—୧

ମୂଲ୍ୟ { ସାଦା ବନ୍ଧେଇ—୧୪.୦୦
ବୋର୍ଡ଼ ବନ୍ଧେଇ—୧୬.୦୦ }

# History of Oriya Literature.
# Vol. II

Author:
Pandit S. N. Das, M. A.

Published by
Grantha Mandir.
Cuttack-2: Berhampur.
Printed by
Grantha Prakasini
Cuttack-1.
1965
Price.
Rs. 16.00

लेखक :
पण्डित एस्. एन्. दाश, एम्. ए.

प्रकाशक :
ग्रन्थ मन्दिर
कटक—२ : ब्रह्मपुर
मुद्रक :
ग्रन्थ प्रकाशिनी
कटक—१
मूल्य :.
१६=००

# ओड़िआ साहित्यका इतिहास
# दुसरा भाग

# ମୁଖବନ୍ଧ

'ଓଡ଼ିଆ ସାହିତ୍ୟର ଇତିହାସ' ପ୍ରଥମ ଖଣ୍ଡର ମୁଖବନ୍ଧରେ ଗ୍ରନ୍ଥରଚନାର ଲକ୍ଷ୍ୟ ଏହିପରିଭାବରେ ପ୍ରକାଶ କରିଥିଲି—"ମତ୍ପ୍ରଣୀତ 'ଓଡ଼ିଆ ସାହିତ୍ୟର ପରିଚୟ' ଅତି ସଂକ୍ଷିପ୍ତ ଭାବେ ଲିଖିତ ହୋଇଥିଲେ ମଧ୍ୟ ତାହା ଦେଶର ସାହିତ୍ୟପ୍ରେମୀମାନଙ୍କ ନିକଟରେ ସମାଦୃତ ହୋଇଥିଲା । ସେହି ଉତ୍ସାହରେ ପ୍ରୋତ୍ସାହିତ ହୋଇ ଓଡ଼ିଆ ସାହିତ୍ୟର ବିଶଦ ଆଲୋଚନା ସମ୍ବଳିତ ଏହି ଗ୍ରନ୍ଥ ପ୍ରଣୟନ କରିବାରେ ସାହସୀ ହେଲି । ଏହା ଏହିଭଳି ଦୁଇ ବା ତିନି ଖଣ୍ଡରେ ସମାପ୍ତ ହେବ ବୋଲି ଆଶା କରୁଛି ।" ଏହି ଦ୍ୱିତୀୟ ଖଣ୍ଡରେ ପ୍ରଥମ ଖଣ୍ଡର ଆଲୋଚନା ପ୍ରଣାଳୀ ଅନୁସୃତ ହୋଇଛି ।

ଏ ଗ୍ରନ୍ଥର ବିଷୟବସ୍ତୁ ସଂଗ୍ରହ କରିବାରେ ମୋର ସମଗ୍ର ଜୀବନଟା କଟିଗଲା କହିଲେ ଚଳେ । ଆର୍ଥିକ ଦୁର୍ଗତିକୁ ସ୍ୱେଚ୍ଛାରେ ବରଣ କରିବାକୁ ହୋଇଥିଲେ ମଧ୍ୟ କର୍ମରେ ନିହିତ ଥିବା ଆନନ୍ଦ ମୋତେ ଯଥେଷ୍ଟ ପରିମାଣରେ ମାନସିକ ବଳ ପ୍ରଦାନ କରିଛି । ଅବଶ୍ୟ ଏହି ଦୁଃସାଧ୍ୟ କାର୍ଯ୍ୟ ମୋର ସ୍ୱାସ୍ଥ୍ୟଭଙ୍ଗର କାରଣ ହୋଇପଡ଼ିଛି ।

ପ୍ରଥମ ଭାଗ ମୁଦ୍ରଣ ବେଳେ ମୁଁ ପୀଡ଼ିତ ଥିବାରୁ ସବୁ ଦିଗକୁ ଧ୍ୟାନ ଦେଇ ପାରି ନଥିଲି । ବର୍ତ୍ତମାନ ମଧ୍ୟ ସେ ଅବସ୍ଥାର ପରିବର୍ତ୍ତନ ହୋଇନାହିଁ । ଫଳରେ ଭ୍ରମପ୍ରମାଦ ରହିଯାଇଥିବା ସମ୍ଭବ । ପ୍ରଥମ ଖଣ୍ଡର ପ୍ରାର୍ଥନାକୁ ପୁନର୍ବାର ଜଣାଉଛି—"ସୁଧୀବର୍ଗ ଲେଖକର ଶ୍ରମ ଜାଣି ଶୁଦ୍ଧ ଅଶୁଦ୍ଧ ପୂରାଇ ଗାଇବେ ।"

ଓଡ଼ିଶାର ଦୁର୍ଭାଗ୍ୟକୁ ବିଶିଷ୍ଟ କବି ଓ ସେମାନଙ୍କ କୃତି ସମ୍ବନ୍ଧରେ ଗବେଷଣାମୂଳକ ଆଲୋଚନାଗ୍ରନ୍ଥର ସଂଖ୍ୟା ଅତି ଅଳ୍ପ ଥିବାରୁ ସାହିତ୍ୟର ଇତିହାସରେ ସେମାନଙ୍କ ପ୍ରକୃତସ୍ଥାନ ନିର୍ଦ୍ଦେଶ କରିବା ସହଜ ହେଉନାହିଁ ।

ଫଳରେ ବହୁ ଅମୂଳକ ମତ ଅଯଥା ପ୍ରଶ୍ରୟ ଲାଭ କରୁଛି । ଖାଣ୍ଟି ସୁନା ପିତଳ ବୋଲି ପରିଚିତ ହେଉଛି । ଇତିହାସରେ ସ୍ଥାନ ନିର୍ଣ୍ଣୟ କରିବା ପାଇଁ ଯେଉଁ ସବୁ ଉପାଦାନ ଓ ଆଲୋଚନା ଆବଶ୍ୟକ ତାହା ଏହି ଗ୍ରନ୍ଥରେ ଦେବାପାଇଁ ସାଧ୍ୟାନୁସାରେ ଚେଷ୍ଟା କରାଯାଇଛି ।

କେତେକ ବିଶିଷ୍ଟ ଅପ୍ରକାଶିତ କାବ୍ୟ ଓ କବିଙ୍କ ସମ୍ବନ୍ଧରେ ଏଥିରେ ଆଲୋଚନା କରାଯାଇ ସ୍ଥାନ ନିର୍ଣ୍ଣୟ କରାଯାଇଛି ।

ବିଶିଷ୍ଟ କବି ଓ କାବ୍ୟମାନଙ୍କର ସ୍ଥାନ ନିର୍ଦ୍ଦେଶକୁ ପ୍ରାମାଣିକ କରିବା ନିମନ୍ତେ ଚେଷ୍ଟା କରାଯାଇଛି ।

ପ୍ରଥମ ଖଣ୍ଡ ପରି ଏହି ଖଣ୍ଡର ମୁଦ୍ରଣ ଓ ପ୍ରକାଶନରେ ଗ୍ରନ୍ଥମନ୍ଦିର ଓ ଗ୍ରନ୍ଥ ପ୍ରକାଶିନୀ ପ୍ରେସର ମାଲିକ ବନ୍ଧୁ ଶ୍ରୀ ଶ୍ରୀଧର ମହାପାତ୍ର ବହୁ ଶ୍ରମ ସ୍ୱୀକାର କରିଥିବାରୁ ମୋର ହାର୍ଦ୍ଦିକ କୃତଜ୍ଞତା ଜଣାଉଅଛି ।

ଉକ୍ତ ପ୍ରେସର ମାନେଜର କଲ୍ୟାଣୀୟ ଶ୍ରୀ ଜୟରାମ ମହାପାତ୍ର ଓ ତାଙ୍କ ସହକର୍ମୀବୃନ୍ଦ ଶ୍ରମ ସ୍ୱୀକାର କରି ଗ୍ରନ୍ଥଟିକୁ ସୁନ୍ଦର କରିବା ଦିଗରେ ସାହାଯ୍ୟ କରିଥିବାରୁ ସେମାନଙ୍କୁ ମୋର ଆଶୀର୍ବାଦ ଜଣାଉଛି ।

ପ୍ରଥମ ଖଣ୍ଡ ପରି ଏହି ଖଣ୍ଡର ଉପାଦାନ ସଂଗ୍ରହ କରିବାରେ ମୋର କନିଷ୍ଠ ଭ୍ରାତା ଶ୍ରୀ ରାଧାକୃଷ୍ଣ ଦାସ, ବି. ଏ. ବହୁ ବର୍ଷ ହେଲା ଆପ୍ରାଣ ଚେଷ୍ଟା କରିଥିବାରୁ ତାଙ୍କୁ ମୋର କୃତଜ୍ଞତା ଓ ଆଶୀର୍ବାଦ ଜଣାଉଅଛି ।

ଏହି ଦ୍ୱିତୀୟ ଖଣ୍ଡର କଳେବର ପ୍ରଥମ ଖଣ୍ଡର କଳେବର ସଙ୍ଗେ ସମାନ ରଖିବା ଇଚ୍ଛା ଥିଲା; କିନ୍ତୁ ଏହା ସମ୍ଭବ ହୋଇ ପାରିଲା ନାହିଁ; ବହୁତ ବୃଦ୍ଧି ପାଇଲା । ଏହି କାରଣରୁ 'ଉପେନ୍ଦ୍ର ଭଞ୍ଜ' ବିଷୟ ଏଥିରେ ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ । ପରବର୍ତ୍ତୀ ଖଣ୍ଡରେ ଅବଶିଷ୍ଟାଂଶ ପ୍ରକାଶ ପାଇବ ।

ସୂର୍ଯ୍ୟନାରାୟଣ ଦାଶ

# ପ୍ରଥମ ଅଧ୍ୟାୟ

## ସୂର୍ଯ୍ୟବଂଶ ଯୁଗ ପରେ


ପ୍ରଥମ ପରିଚ୍ଛେଦ—

ଯୁଗ **ପରିଚୟ**—(୧) ଓଡ଼ିଶାର ରାଜନୈତିକ ପରିସ୍ଥିତି—(୨) ଓଡ଼ିଶାରେ ପ୍ରବହମାନ ସାଂସ୍କୃତିକ ଧାରା—ଅନନ୍ତ ଦାଶ—ରାଜା କପିଳେନ୍ଦ୍ର ଦେବ—ରାଜା ପୁରୁଷୋତ୍ତମ ଦେବ—ପ୍ରତାପରୁଦ୍ର ଦେବ—କବିଡିଣ୍ଡିମ ଜୀବଦେବାଚାର୍ଯ୍ୟ—କବିଚନ୍ଦ୍ର ଦିବାକର ମିଶ୍ର—କବିଚନ୍ଦ୍ର ମାର୍କଣ୍ଡେୟ ମିଶ୍ର—ଗଙ୍ଗା ଦାସ—ରାୟ ରାମାନନ୍ଦ ପଟ୍ଟନାୟକ—ଶିଖି ମହାନ୍ତି—ମାଧବୀ ଦେବୀ—ଜୟଦେବ (୨ୟ)—କହ୍ନାଇ ଖୁଣ୍ଟିଆ—ପରମାନନ୍ଦ ଦାସ କବି-କର୍ଣ୍ଣପୂର—ଚିନ୍ତାମଣି ମିଶ୍ର—ଗୋପଲୀଳା ତତ୍ତ୍ୱ । ପୃ: ୧—୧୩

ଦ୍ୱିତୀୟ ପରିଚ୍ଛେଦ—

ଦନାଇ ଦାସ—ଗୋପୀଭାଷାର ଜନପ୍ରିୟତା—ରାଗଃ ଯତିପାତ—କଳେବର—କବିଙ୍କ ପରିଚୟ—ଗ୍ରନ୍ଥ ବିଚାର—ସଂକ୍ଷିପ୍ତ ସୂଚନା—ଗୋପୀଭାଷାର ଗୋପୀ—ଗୋପୀଙ୍କ ବିରହବୋଲ—ରୂପ, ରସ, ସୃଷ୍ଟି—ଗ୍ରନ୍ଥରେ ଗୋପୀପ୍ରେମ ତତ୍ତ୍ୱ—ସଦୁକ୍ତି—ପ୍ରାଚୀନ ପଦସମ୍ଭାର—ଗ୍ରନ୍ଥ ଓ ରାଗର ଜନପ୍ରିୟତା—ଚଉତିଶା—ସାନ କନଡ଼ା ଚଉତିଶା—ଚଉତିଶାର ଭାବ । ପୃ: ୧୪—୩୫

ତୃତୀୟ ପରିଚ୍ଛେଦ—

ବାଳକ ଶ୍ରୀଧର ଦାସ—'ମୟୂର ଚନ୍ଦ୍ରିକା'ର କେତୋଟି ସୁନ୍ଦର ରାଗ—ଗ୍ରନ୍ଥର ନାମକରଣ ଓ ବିଷୟବସ୍ତୁ—ଭାଷା—ସରସ ପଦାବଳୀ—ଛନ୍ଦ—ଯୁଗଳ ପ୍ରୀତିତତ୍ତ୍ୱ ପ୍ରଚାର : ବାଳକ ସଂପ୍ରଦାୟ । ପୃ: ୩୬—୫୫

ଚତୁର୍ଥ ପରିଚ୍ଛେଦ—

ନରସିଂହ ସେଣ ମହାପାତ୍ର—ବଂଶ ଜୀବନୀ—ପ୍ରାଚୀନ ଶବ୍ଦ କଥାବସ୍ତୁ—ସାମାଜିକ ଚିତ୍ର—ଅଲୌକିକ ଘଟଣାର ସାହାଯ୍ୟ ବା ଦୈବୀ ସାହାଯ୍ୟ—ବର୍ଣ୍ଣନାଚାତୁରୀ—ମାନସିକ ବିଶ୍ଳେଷଣ—ଚରିତ୍ର ଚିତ୍ରଣ—ଚିତ୍ର—ଉପମା—ଚିତ୍ରମାଳିକା । ପୃ: ୪୬—୮୧

ପଞ୍ଚମ ପରିଚ୍ଛେଦ—

ଦିବାକର ଦାଶ—ବଂଶ ଓ ଜୀବନୀ—ଗ୍ରନ୍ଥରେ ପାଠଭେଦ—ଗ୍ରନ୍ଥ ମାହାତ୍ମ୍ୟ—ପ୍ରଥମ ଜୀବନୀ ଲେଖକ—ଶ୍ରୀଜଗନ୍ନାଥ ଅବତାରୀ—ଗ୍ରନ୍ଥର ନାମକରଣ—କଥାବସ୍ତୁର ସଂକ୍ଷିପ୍ତ ବିବରଣ ଐତିହାସିକ ପୁରୁଷମାନଙ୍କ ସମ୍ବନ୍ଧରେ ବିବରଣୀ—ଜଗନ୍ନାଥ ଚରିତାମୃତ ବିଶେଷତ୍ୱ । ପୃ: ୮୨—୯୬

ଷଷ୍ଠ ପରିଚ୍ଛେଦ—

ଦେବଦୁର୍ଲ୍ଲଭ ଦାସ । ପୃ: ୯୭—୧୧୦

## ଦ୍ୱିତୀୟ ଅଧ୍ୟାୟ

### ମୁସଲମାନ ଯୁଗ (କ)

### ଦିବ୍ୟସିଂହ ପୂର୍ବ ଯୁଗ ବା ଧନଞ୍ଜୟ ଯୁଗ

ପ୍ରଥମ ପରିଚ୍ଛେଦ—

ଯୁଗ ପରିଚୟ ପୃ: ୧୧୧—୧୧୩

ଦ୍ୱିତୀୟ ପରିଚ୍ଛେଦ—

ଦ୍ୱାରକା ଦାସ—ଗ୍ରନ୍ଥ ତାଲିକା—ଛତିଶ ଗୁପ୍ତଗୀତା—ପ୍ରେମରସ ଚନ୍ଦ୍ରିକା—ସପ୍ତପୋଇ—ଜଗନ୍ନାଥଙ୍କ ବ୍ୟାଜ ସ୍ତୁତି—ଛତିଶ ଗୁପ୍ତ ଗୀତା—ପରଚେ ଗୀତା । ପୃ: ୧୧୩—୧୩୩

ତୃତୀୟ ପରିଚ୍ଛେଦ—

ନନ୍ଦ ଦାସ । ପୃ: ୧୩୩ — ୧୩୮

ଚତୁର୍ଥ ପରିଚ୍ଛେଦ—

ଦେବାନନ୍ଦ ଦାସ । ପୃ: ୧୩୮ — ୧୩୯

ପଞ୍ଚମ ପରିଚ୍ଛେଦ—

କାର୍ତ୍ତିକ ଦାସ — ରୁକ୍ମିଣୀ ବିଭା — ବିଷୟବସ୍ତୁ — ବିସ୍ତର — ଚରିତ୍ର ଚିତ୍ରଣ — ପ୍ରକୃତି ଚିତ୍ରଣ — ରୂପ ବର୍ଣ୍ଣନା — ରାମ ରାବଣ ଯୁଦ୍ଧ ।
ପୃ: ୧୪୦—୧୬୧

ଷଷ୍ଠ ପରିଚ୍ଛେଦ—

ଧନଞ୍ଜୟ ଭଞ୍ଜ — ଇଚ୍ଛାବତୀ — ଅନଙ୍ଗରେଖା — ରାଗ, ଚାନନଦର୍ଶ — ପୂର୍ବ କବିମାନଙ୍କ କୃତିର ସୂଚନା ପଦସଂଖ୍ୟା ଓ ଗ୍ରନ୍ଥର ନାମ କରଣ — କଥାବସ୍ତୁ — ସାମାଜିକ ରୀତିନୀତି — କାମ ଶାସ୍ତ୍ରରେ କବିଙ୍କ ଜ୍ଞାନ — ଜ୍ୟୋତିଷ ଜ୍ଞାନ — ବର୍ଣ୍ଣନା ଚାତୁରୀ — ହାସ୍ୟରସ — ଭୟାନକ ରସ — ଶବ୍ଦାଳଙ୍କାର — ଯମକ — ମଧୁର ପଦାବଳୀ — ଶବ୍ଦର ବିଶିଷ୍ଟ ପ୍ରୟୋଗ — ଉପେନ୍ଦ୍ର ଭଞ୍ଜଙ୍କ ଉପରେ ପ୍ରଭାବ — ଆଦିରସର ନଗ୍ନଚିତ୍ର — ଉପସଂହାର — ଗୀତ ।
ପୃ: ୧୬୨—୧୯୩

## ତୃତୀୟ ଅଧ୍ୟାୟ

### ମୁସଲମାନ ଯୁଗ (ଖ)

### ଦିବ୍ୟସିଂହ ଯୁଗ ବା ଉପେନ୍ଦ୍ର ଯୁଗ ବା କାବ୍ୟ ଯୁଗ

ପ୍ରଥମ ପରିଚ୍ଛେଦ—

ଯୁଗ ପରିଚୟ ପୃ: ୧୯୪—୨୦୪

ଦ୍ୱିତୀୟ ପରିଚ୍ଛେଦ—

ଦୀନକୃଷ୍ଣ ଦାସ—ଜୀବନୀ—ପୁରୀ ଅବସ୍ଥାନ—ରସ କଲ୍ଲୋଳ ଓ ରସ ବିନୋଦର ରଚୟିତା ଏକ ବ୍ୟକ୍ତି—ଅକିଞ୍ଚନ କୃଷ୍ଣ ଦାସ ଦୀନକୃଷ୍ଣ ଦାସ କିମ୍ବଦନ୍ତୀ—କବି ଓ କବିତା ରଚନା – ରସ ବିନୋଦ—ଗ୍ରନ୍ଥ ଲେଖାର କାରଣ —ରସବିନୋଦ ବୈଶିଷ୍ଟ୍ୟସ୍ଥଳ—ରସବିନୋଦ ଏକ କ୍ଷୁଦ୍ର ପୁରାଣ – ଗ୍ରନ୍ଥର ମହିମା—କଥାବସ୍ତୁ – ଗୋପୀ ପ୍ରେମର ଉତ୍କର୍ଷ ବୈଶିଷ୍ଟ୍ୟସ୍ଥଳ – ନୀଳାଚଳ ବୈଶିଷ୍ଟ୍ୟସ୍ଥଳ : ଅବତାରୀ ଜଗନ୍ନାଥ—ନିଜ ଆତ୍ମାକୁ ଚିହ୍ନିବା ହିଁ ମୁକ୍ତି – ନାରୀ ଚରିତ – ବର୍ଣ୍ଣନା ଗୁରୁତ୍ୱ – ବିଷ୍ଣୁ ଓ ମଧୁ ଦୈତ୍ୟର ଯୁଦ୍ଧ – କେତେକ ନାମର ବ୍ୟୁତ୍ପତ୍ତି – ଗୋପୀପ୍ରେମ—ଭାଷା – ନାମରତ୍ନ ଗୀତା—ଜଗମୋହନ ଛାନ୍ଦ— ପ୍ରସ୍ତାବ ସିନ୍ଧୁ—ଚୌତିଶା ପଦାବଳୀ—ମଧୁ ମଙ୍ଗଳ – ଗୁଣ ସାଗର— ନାରକେଳି – ରସକଲ୍ଲୋଳ—ବିଷୟବସ୍ତୁ —ଗୋପ ଓ ମଥୁରାରେ ବାଲ୍ୟ, ପୌଗଣ୍ଡ ଓ କୈଶୋର ଲୀଳା – ଚରିତ୍ର ଚିତ୍ରଣ – ପ୍ରାକୃତିକ ବର୍ଣ୍ଣନା—ରୂପ ବର୍ଣ୍ଣନା—ସାମାଜିକ ଚିତ୍ର — ଶବ୍ଦାଳଙ୍କାର — ବକ୍ରୋକ୍ତି — ହାସ୍ୟରସ – ନାଟକୀୟ ଛାଟ—ଲୋକଭାଷାର ପଦାବଳୀ—ଉପମା – ଅମୃତ ପଦାବଳୀ – ଉପେନ୍ଦ୍ର ଭଞ୍ଜଙ୍କ ବର୍ଣ୍ଣନା ସହିତ ସାଦୃଶ୍ୟ —କ୍ଲିଷ୍ଟ ଶବ୍ଦ ଯୋଜନା – ଏକ ବିଷୟବସ୍ତୁର ବିଭିନ୍ନ ରଚନାର ମାର୍ଜ୍ଜିତ ରୂପ—ଦୀନକୃଷ୍ଣଙ୍କ ଗୀତ —ଉପସଂହାର । ପୃ: ୧୦୫—୩୫୧

ତୃତୀୟ ପରିଚ୍ଛେଦ—

ଅଳଙ୍କାର ପରିଚୟ – ବୈଷ୍ଣବଙ୍କ ମତରେ 'କୃଷ୍ଣ ନାୟକ ଭେଦ'— ଅଷ୍ଟ ନାୟିକା – ଦୂତୀ – ବିରାଗ – ରସ—ସାତ୍ତ୍ୱିକ ଲକ୍ଷଣ—ସଞ୍ଚାରୀ ଲକ୍ଷଣ —ଉପମାଗର୍ଭିକ ଅଳଙ୍କାର । ପୃ: ୩୫୨—୩୬୫

ଚତୁର୍ଥ ପରିଚ୍ଛେଦ—

ଲୋକନାଥ ବିଦ୍ୟାଧର—ଜୀବନୀ—ପରିଚୟ—ସମୟ – ଜନ୍ମସ୍ଥାନ— ଗ୍ରନ୍ଥ ପରିଚୟ – ମିଳିତ ଅଳଙ୍କାର—ନୀଳାଦ୍ରି ମହୋତ୍ସବ – ବର୍ଣ୍ଣନା ଗୁରୁତ୍ୱ

—ମିଳାପ୍ ମହୋତ୍ସବ—'ବା'. ଚଉତିଶା—ପଦ୍ମାବତୀ ପରିଣୟ—ଚନ୍ଦ୍ରକଳା —ଅଳଙ୍କାର ପ୍ରୟୋଗ—ଚନ୍ଦ୍ରକଳାର ଶୋଭା—ବସନ୍ତ ଋତୁ—ନାୟକ ନାୟିକା—ସର୍ବାଙ୍ଗସୁନ୍ଦରୀ—ରାଜନୀତି—ଉପସଂହାର—ଉପବନ ବିହାର ।
ପୃ: ୩୬୫—୪୩୧

ପଞ୍ଚମ ପରିଚ୍ଛେଦ—

ହଳଧର ପଟ୍ଟନାୟକ ପୃ: ୪୩୧—୪୩୫

ଷଷ୍ଠ ପରିଚ୍ଛେଦ—

ଭୂପତି ପଣ୍ଡିତ—କବି ପରିଚୟ—ରାଜା ଦିବ୍ୟସିଂହ ଦେବଙ୍କ ସହିତ ସମ୍ପର୍କ—ଗ୍ରନ୍ଥ ବିଷୟ—ବୃନ୍ଦାବତୀ—ରାଧାକୃଷ୍ଣ—ରାଧା ଓ ଗୋପୀମାନଙ୍କର ପରକୀୟା ପ୍ରେମ — ବିଷୟବସ୍ତୁ — ଭାଷା — ଭୂପତି ଚଉତିଶା—ଉଦ୍ଧବ ଚଉତିଶା । ପୃ: ୪୩୫—୪୭୦

ସପ୍ତମ ପରିଚ୍ଛେଦ—

ବୃନ୍ଦାବତୀ ଦାସୀ—ଭୀମ ଦାସ—ଗ୍ରନ୍ଥ ରଚନାର କାଳ—କବିତ୍ୱ—ଭୀମ ଦାସ (ମହାପାତ୍ର) । ପୃ: ୪୭୦—୪୮୭

ଅଷ୍ଟମ ପରିଚ୍ଛେଦ—

ଉପେନ୍ଦ୍ର ଭଞ୍ଜ—ଘୁମୁସର ଭଞ୍ଜ ବଂଶର ପରିଚୟ—ଗୁମୁସର (ଘୁମୁସର) —ବଂଶ ପରିଚୟ—ପିତାମହ ଧନଞ୍ଜୟ ଭଞ୍ଜ—ପିତା ନୀଳକଣ୍ଠ ଭଞ୍ଜ—ଉପେନ୍ଦ୍ରଙ୍କ ଜୀବନୀ—ଶିକ୍ଷା—ପଦବୀ—ସ୍ତ୍ରୀଙ୍କ ଆକସ୍ମିକ ବିୟୋଗ—ଧର୍ମ ମତ—ଇଷ୍ଟ ଦେବତା— ସମୟ—ଗ୍ରନ୍ଥ ତାଲିକା — ପ୍ରକାଶିତ ଗ୍ରନ୍ଥ—ଗ୍ରନ୍ଥମାନଙ୍କର ରଚନା ସମୟ—ଗ୍ରନ୍ଥ ନାମକରଣର ସାର୍ଥକତା—ସ୍ୱ କବି-ମାନଙ୍କ ମତରେ ସ୍ୱ ରଚିତ ସ୍ୱ ମତ—କୋଟିବ୍ରହ୍ମାଣ୍ଡ ସୁନ୍ଦରୀ—ରାଗ—ବିଷୟବସ୍ତୁରେ ପୁନରାବୃତ୍ତି—ମଙ୍ଗଳାଚରଣ—ପ୍ରାର୍ଥନା—ସ୍ୱ ଗ୍ରନ୍ଥ ପ୍ରଶଂସା —କୋଟିବ୍ରହ୍ମାଣ୍ଡ ସୁନ୍ଦରୀ କାବ୍ୟର କଥାବସ୍ତୁ—ରାଜା: ରାଜ୍ୟଶାସନ: ସମାଜ—

ରାଜ୍ୟ—ରାଜା—ରାଜ କର୍ମଚାରୀ—ଚନ୍ଦପଠ ଲିଖନ—ପଣ୍ଡିତ ବନ୍ଦୀ—ଲିପି —ସୈନ୍ୟ ଚାଳନା—ସାମାଜିକ ରୀତିନୀତି—ଗଣତାନ୍ତ୍ରିକ ଭାବନା—ନୀତି ବଚନ—ବୋଧବାଣୀ— ବର୍ଣ୍ଣନାଚାତୁରୀ—କଥୋପକଥନ — ସୈନ୍ୟ-ବାହିନୀର ଗମନ ରଙ୍ଗ—ସୁନ୍ଦରୀର ସୌନ୍ଦର୍ଯ୍ୟ ଉପମା ସଂହାର—ବିବାହରେ ଶୁଭ ଅନୁକୂଳ ସହିତ ନାୟିକାର ଅଙ୍ଗପ୍ରତ୍ୟଙ୍ଗ ଉପମା — ନାୟିକାର ଯୌବନାବସ୍ଥାସହ ହରିଲୀଳାର ତୁଳନା—ଅଳଙ୍କାର ପ୍ରୟୋଗ କୌଶଳ—ଋତୁ ବର୍ଣ୍ଣନା (ନାୟିକା) ନାୟକର ନାୟିକାରୂପ ଧ୍ୟାନ—ଦୈବିକ ସୃଷ୍ଟି—ନାୟକ— ରସପୂର୍ଣ୍ଣ ଚମତ୍କାର ପଦଯୋଜନା— ଅଳଙ୍କାର —ରସଲେଖା —କାବ୍ୟ ରଚନାର ସମୟ—ନାୟକ ନାୟିକା—କଥାବସ୍ତୁର ସମୟ—ଦୈବିଶକ୍ତି—ଋତୁବର୍ଣ୍ଣନା ଶୈଳୀ—ଅଳଙ୍କାର—ସାମାଜିକ ଚିତ୍ର—ନାଟକୀୟ ଛଟା—କବିତ୍ୱପୂର୍ଣ୍ଣ ଚିତ୍ରାବଳୀ—ବୈଦେହୀଶ ବିଳାସ— ରାମଭକ୍ତ ଉପେନ୍ଦ୍ର —ବୈଦେହୀଶ ବିଳାସର କଥାବସ୍ତୁ—ବାଲ୍ମୀକି ରାମାୟଣ, ଜଗମୋହନ ରାମାୟଣ ଓ ବୈଦେହୀଶ ବିଳାସ—କବିତ୍ୱପୂର୍ଣ୍ଣ ବର୍ଣ୍ଣନା—ସାମାଜିକ ଚିତ୍ର—କବିଙ୍କ ପାଣ୍ଡିତ୍ୟ ଓ ଚିନ୍ତା ଗମ୍ଭୀରତା —ଅଳଙ୍କାର—ସଂକ୍ଷିପ୍ତ ବର୍ଣ୍ଣନାର ରୀତି—କବିଙ୍କ ସ୍ୱଦେଶ ପ୍ରୀତି—କବିଙ୍କ ଦୈନ୍ୟ—ଗଞ୍ଜାମର ଶବ୍ଦ ବ୍ୟବହାର ଶୈଳୀ—ନାରୀରୂପ ବର୍ଣ୍ଣନା—ଶାନ୍ତାଙ୍କର ରୂପ—ପ୍ରାକୃତିକ ବର୍ଣ୍ଣନା—ସନ୍ଧ୍ୟା —ପ୍ରଭାତ—ନଦୀ—ବନ— ବୃକ୍ଷ:ତପସ୍ୱୀ—ବନ:ପୁଷ୍କରଣୀ—ବନ:ସଙ୍ଗୀତ-ଶାଳା—ବିରହାନୁଚିନ୍ତା — ଯୁଦ୍ଧ ଚିତ୍ର—ଯୁଦ୍ଧଯାତ୍ରା—ଯୁଦ୍ଧ—ଚରିତ୍ର ଚିତ୍ରଣ —ରାମଚନ୍ଦ୍ର—ସୀତା — ଲକ୍ଷ୍ମଣ — ବିଭୀଷଣ — ରାବଣ—ହନୂମାନ—ଐତିହାସିକ ସମତ୍ରୁଟି—ସମାନ୍ତରାଳ ଚିନ୍ତା—କେତେକ କବିତ୍ୱ ଅନୁପଯୁକ୍ତ ପଦାବଳୀ—ଉପସଂହାର । ପୃ: ୪୮୮—୮୪୨

# ଓଡ଼ିଆ ସାହିତ୍ୟର ଇତିହାସ

ସୂର୍ଯ୍ୟବଂଶ ପର ଯୁଗଠାରୁ ମୁସଲମାନ ଯୁଗ (ଖ)

ଅର୍ଥାତ୍

**ଦନାଇ ଦାସ ଠାରୁ ଉପେନ୍ଦ୍ର ଭଞ୍ଜ**

# ପ୍ରଥମ ଅଧ୍ୟାୟ

## ସୂର୍ଯ୍ୟବଂଶ ଯୁଗ ପରେ

# ପ୍ରଥମ ପରିଚ୍ଛେଦ

## ଯୁଗ ପରିଚୟ

### (୧) ଓଡ଼ିଶାର ରାଜନୈତିକ ପରିସ୍ଥିତି :—

ମହାରାଜା ପ୍ରତାପରୁଦ୍ରଦେବ ଖ୍ରୀ: ୧୫୩୩–୩୪ରେ ସ୍ୱର୍ଗବାସ କରିବାରୁ ତାଙ୍କର ପୁତ୍ର କାଳୁଆ ଦେବ ଓ ତାଙ୍କ ପରେ ତାଙ୍କ ଭାଇ କଖାରୁଆ ଦେବ ଅଳ୍ପକାଳ ସିଂହାସନ ଅଧିକାର କରିଥିଲେ । ଏମାନେ ଦୁର୍ବଳ ଥିବାରୁ ପ୍ରଧାନମନ୍ତ୍ରୀ ଓ ସେନାପତି ଭୋଇବଂଶର ଗୋବିନ୍ଦ ବିଦ୍ୟାଧର ଏମାନଙ୍କୁ ହତ୍ୟା କରି ନିଜେ ଖ୍ରୀ: ୧୫୩୪ରେ ସିଂହାସନ ଅଧିକାର କରିନେଲେ । ରାଜା ହେବା ପରେ ସେ ସୁବର୍ଣ୍ଣକେଶରୀ ଗୋବିନ୍ଦଦେବ ନାମରେ ପରିଚିତ ହେଲେ । ଗୋବିନ୍ଦ ଦେବଙ୍କ ରାଜତ୍ୱ ବେଳକୁ ଓଡ଼ିଶାର ଦାକ୍ଷିଣାତ୍ୟ ସାମ୍ରାଜ୍ୟ ଭାଙ୍ଗି ପଡ଼ିଥିଲା । ଗୋଦାବରୀ ତୀରରୁ ସୀମା ହଟି ଆସି ସୀମାଚଳ ନିକଟରେ ରହି-ଥିଲା । ଗୋବିନ୍ଦଦେବ ଖ୍ରୀ: ୧୫୪୯ରେ ଦେହତ୍ୟାଗ କରିଥିଲେ ।

ଗୋବିନ୍ଦ ଦେବଙ୍କ ପରେ ତାଙ୍କ ପୁତ୍ର ପ୍ରତାପଚକ୍ରଦେବ ଓଡ଼ିଶାର ସିଂହାସନ ଆରୋହଣ କଲେ । ଏ ରାଜା ଅତ୍ୟନ୍ତ ଅତ୍ୟାଚାରୀ ଥିବା ମାଦଳା ପାଞ୍ଜିରେ ବର୍ଣ୍ଣିତ ଅଛି । ଚକ୍ରଦେବ ଖ୍ରୀ: ୧୫୫୭ରେ ଦେହତ୍ୟାଗ କରିବାରୁ ତାଙ୍କ ପୁତ୍ର ନରସିଂହ ରାଜା ହେଲେ ।

ନରସିଂହ ପ୍ରାୟ ଦୁଇ ମାସ ରାଜତ୍ୱ କରିବା ପରେ ସେନାପତି ମୁକୁନ୍ଦ ହରିଚନ୍ଦନଙ୍କ ଦ୍ୱାରା ନିହତ ହେଲେ । ଖ୍ରୀ: ୧୫୫୭ ଠାରୁ ୧୫୫୯ ପର୍ଯ୍ୟନ୍ତ ଓଡ଼ିଶା ସିଂହାସନ ପାଇଁ ଚାଳୁକ୍ୟ ବଂଶର ମୁକୁନ୍ଦଦେବ ଓ ପ୍ରତାପଚନ୍ଦ୍ର ଦେବଙ୍କ ପୁତ୍ର ରଘୁରାମ ଓ ସମର୍ଥକ ଦନାଇ ବିଦ୍ୟାଧରଙ୍କୁ ମୁକୁନ୍ଦ ଦେବ ସଂଘର୍ଷରେ ଧ୍ୱଂସ କରି ଖ୍ରୀ: ୧୫୫୯ରେ ସିଂହାସନ ଅଧିକାର କଲେ । ଏହି ମୁକୁନ୍ଦଦେବ ସାଧାରଣରେ 'ତେଲଙ୍ଗା' ମୁକୁନ୍ଦଦେବ ନାମରେ ପରିଚିତ । ଖ୍ରୀ: ୧୫୫୯ ଠାରୁ ଖ୍ରୀ: ୧୫୬୮ ପର୍ଯ୍ୟନ୍ତ ମୁକୁନ୍ଦଦେବ ରାଜତ୍ୱ କରିଥିଲେ । ସେ ଓଡ଼ିଶାର ଶେଷ ହିନ୍ଦୁ ସ୍ୱାଧୀନ ରାଜା । ବଙ୍ଗର ମୁସଲମାନ ନବାବ ଓଡ଼ିଶା ଆକ୍ରମଣ କରି ମୁକୁନ୍ଦ ଦେବଙ୍କୁ ଯୁଦ୍ଧରେ ପରାସ୍ତ କଲେ ଏବଂ ଓଡ଼ିଶା ରାଜ୍ୟ ଅଧିକାର କରିନେଲେ ।

ପ୍ରତାପରୁଦ୍ରଙ୍କ ମୃତ୍ୟୁପରେ ଖ୍ରୀ: ୧୫୩୩ ଠାରୁ ଖ୍ରୀ: ୧୫୬୮ ପର୍ଯ୍ୟନ୍ତ ଓଡ଼ିଶାରେ ଅସ୍ଥିର ଅଶାନ୍ତ ରାଜନୈତିକ ଅବସ୍ଥା ଘୋଟି ରହିଥିଲା । ଓଡ଼ିଶାର ସିଂହାସନ ଅଧିକାର କରିବା ପାଇଁ ଏକାଧିକ ବ୍ୟକ୍ତି ଅଗ୍ରସର ହୋଇଥିଲେ । ମନ୍ତ୍ରୀ ଓ ସେନାପତିମାନେ ମଧ୍ୟ ସାମରିକ ବିପ୍ଳବ ଘଟାଇଥିଲେ । ହତ୍ୟାର ତାଣ୍ଡବଲୀଳା ଓଡ଼ିଶାରେ ବିଭୀଷିକା ସୃଷ୍ଟି କରିଥିଲା । ମୁକୁନ୍ଦଦେବ ଜଣେ ପରାକ୍ରମୀ ସେନାପତି ଥିବାରୁ ସେ ରାଜତ୍ୱ ସମୟରେ ଦେଶରେ କେତେକ ପରିମାଣରେ ଶାନ୍ତି ସ୍ଥାପନ କରି ପାରିଥିଲେ ଏବଂ ସାମ୍ରାଜ୍ୟର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ରଖିବା ପାଇଁ ଆପ୍ରାଣ ଚେଷ୍ଟା କରିଥିଲେ । ଅନ୍ତର୍ବିବାଦ ତାଙ୍କ ଶାସନର ଦୃଢ଼ତା ଉପରେ ବଜ୍ର ଆଘାତ ଦେଇଥିଲେ ମଧ୍ୟ ପ୍ରତାପୀ ପଡ଼ୋଶୀମାନଙ୍କ ଆକ୍ରମଣକୁ ସେ ପ୍ରତିହତ କରିବାକୁ ସମର୍ଥ ହୋଇଥିଲେ ।

ପ୍ରତାପରୁଦ୍ରଙ୍କ ମୃତ୍ୟୁଠାରୁ ଓଡ଼ିଶା ସ୍ୱାଧୀନତା ହରାଇବା ପର୍ଯ୍ୟନ୍ତ ଓଡ଼ିଶା ରାଜନୈତିକ ପରିସ୍ଥିତିରେ ଅସ୍ଥିରତା ଦେଖାଦେଇଥିଲେ ମଧ୍ୟ ସାଂସ୍କୃତିକ ଧାରା ଏକାବେଳକେ ବିଶୁଷ୍କ ହୋଇ ଯାଇ ନଥିଲା । ଗୋବିନ୍ଦଦେବ ଓ ମୁକୁନ୍ଦଦେବ ସାହିତ୍ୟରସିକ ଓ ପୃଷ୍ଠପୋଷକ ଥିଲେ । ଏହି କାରଣରୁ ବିଭିନ୍ନ ବିଷୟର ଗ୍ରନ୍ଥ ଓ କାବ୍ୟକବିତା ସଂସ୍କୃତ ଓ ଓଡ଼ିଆ ଭାଷାରେ ରଚିତ

ହୋଇ ପାରିଥିଲା । ଗୋବିନ୍ଦଦେବ ଓ ମୁକୁନ୍ଦଦେବ ବହୁ ବ୍ରାହ୍ମଣ ଶାସନ ସ୍ଥାପନ କରିଥିଲେ ଏବଂ ବିଦ୍ୟାଧ୍ୟୟନ ଓ ଚର୍ଚ୍ଚାର ବ୍ୟବସ୍ଥା କରିଥିଲେ । ମୁକୁନ୍ଦ-ଦେବଙ୍କ ସମୟରେ ତାଙ୍କ ରାଜସଭାରେ ବହୁ ବଙ୍ଗ ପଣ୍ଡିତ ସ୍ଥାନ ପାଇଥିଲେ ଏବଂ ଏମାନଙ୍କର ଯଶ ସମଗ୍ର ଭାରତବର୍ଷରେ ବ୍ୟାପି ଯାଇଥିଲା । ମୁକୁନ୍ଦ-ଦେବଙ୍କ କେତେଜଣ ସଭାପଣ୍ଡିତଙ୍କୁ ସମ୍ରାଟ ଆକବର ଦିଲ୍ଲୀ ଦରବାରରେ ସ୍ଥାନ ଦେଇ ସମ୍ମାନିତ କରିଥିଲେ ।

(୨) ଓଡ଼ିଶାରେ ପ୍ରବହମାନ ସାଂସ୍କୃତିକ ଧାରା:—

ସୂର୍ଯ୍ୟବଂଶ ଯୁଗରେ ବହୁ ଓଡ଼ିଆ କବି ସଂସ୍କୃତସାହିତ୍ୟକୁ ସମୃଦ୍ଧ କରିଛନ୍ତି । ଦେଶରେ ଉଚ୍ଚଶିକ୍ଷାର ଧାରା ଗଙ୍ଗବଂଶଠାରୁ ସୂର୍ଯ୍ୟବଂଶ ପର୍ଯ୍ୟନ୍ତ ଓ ତା'ପରେ ମଧ୍ୟ ଅକ୍ଷୁର୍ଣ୍ଣ ଭାବରେ ପ୍ରବାହିତ ହେଉଥିଲା । ନିମ୍ନପ୍ରଦତ୍ତ ସୂଚନାରୁ ତାହା ଧାରଣା କରିହେବ ।

ଅନନ୍ତ ଦାଶ—'ସାହିତ୍ୟ ଦର୍ପଣ' ପ୍ରଣେତା କବିରାଜ ବିଶ୍ୱନାଥ ମହାପାତ୍ର ସାନ୍ଧିବିଗ୍ରହିକଙ୍କ ପୁତ୍ର କବିରାଜ ଅନନ୍ତ ଦାଶ ସାନ୍ଧିବିଗ୍ରହିକ ନିଶଙ୍କ-ଭାନୁ ବା ୪ର୍ଥ ଭାନୁଦେବ (ଖ୍ରୀ: ୧୪୨୦-୧୪୩୫)ଙ୍କ ସଭା ପଣ୍ଡିତ ଥିଲେ । ସେ ପିତାଙ୍କ ରଚିତ 'ସାହିତ୍ୟ ଦର୍ପଣ'ର 'ଲୋଚନ' ନାମକ ଟୀକା ଲେଖି ଅମର ହୋଇଛନ୍ତି ।

ରାଜା କପିଳେନ୍ଦ୍ରଦେବ (ଖ୍ରୀ: ୧୪୩୫-୧୪୬୭)—ସୂର୍ଯ୍ୟବଂଶ ରାଜତ୍ୱର ପ୍ରତିଷ୍ଠାତା ମହାରାଜା କପିଳେନ୍ଦ୍ର ଦେବ (ବା ପ୍ରତାପ କପିଳେନ୍ଦ୍ର-ଦେବ ବା କପିଳେଶ୍ୱର ଦେବ) 'ପର୍ଶୁରାମ ବିଜୟ' ନାମକ ଏକ ନାଟକ ଲେଖିଥିଲେ ।

ରାଜା ପୁରୁଷୋତ୍ତମ ଦେବ (ଖ୍ରୀ: ୧୪୬୭-୧୪୯୭)—ମହାରାଜା ପ୍ରତାପ ପୁରୁଷୋତ୍ତମ ଦେବ ମୁକ୍ତିଚିନ୍ତାମଣି, ଭୁବନେଶ୍ୱରୀ ପୂଜାପଲ୍ଲବ, ଗୋପାଳାର୍ଚ୍ଚନ ପଦ୍ଧତି, ନାମମାଳିକା, ଆନନ୍ଦବିଳାସ, ଦଶଗ୍ରୀବ ବଧ, ଜାନକୀ ପ୍ରମୋଦ, ଅଭିନବ ଗୀତଗୋବିନ୍ଦ, କୁବଳୟାଶ୍ୱଚରିତ, ଅଭିନବ ବେଣୀ ସଂହାର ଇତ୍ୟାଦି ଗ୍ରନ୍ଥ ପ୍ରଣୟନ କରିଥିବା ଜଣାଯାଏ ।

**ପ୍ରତାପରୁଦ୍ର ଦେବ** (ଖ୍ରୀ: ୧୪୯୭-୧୫୩୫)—ପ୍ରତାପରୁଦ୍ର ଦେବ ତାଙ୍କ ପିତାମହ ଓ ପିତାଙ୍କ ତୁଲ୍ୟ କବି ଥିଲେ । ସରସ୍ୱତୀ ବିଳାସ, ପ୍ରୌଢ଼ ପ୍ରତାପମାର୍ତ୍ତଣ୍ଡ, ନିର୍ଣ୍ଣୟ ସଂଗ୍ରହ, ଚିନ୍ତାମଣି ପ୍ରଭୃତି ଗ୍ରନ୍ଥ ସେ ଲେଖିଥିବାର ଜଣାଯାଏ ।

କବିଡିଣ୍ଡିମ ଜୀବଦେବାଚାର୍ଯ୍ୟ—ପ୍ରତାପରୁଦ୍ରଙ୍କ ସଭାପଣ୍ଡିତ ଏହି ମହାକବି ଭକ୍ତି ଭାଗବତ ମହାକାବ୍ୟ, ଭକ୍ତିବୈଭବ ନାଟକ, ପ୍ରବୋଧ-ଚନ୍ଦ୍ରୋଦୟ ନାଟକ, ଉତ୍ସାହବତୀ ରୂପକ ପ୍ରଭୃତି ଗ୍ରନ୍ଥ ଲେଖିଥିଲେ । ଏ ରାଜାଙ୍କ ରାଜଗୁରୁ ଥିଲେ । କବିଡିଣ୍ଡିମ ଓ ବାହିନୀପତି ଉପାଧି ପାଇଥିଲେ ।

କବିଚନ୍ଦ୍ର ଦିବାକର ମିଶ୍ର—ଏ କବି ପୁରୁଷୋତ୍ତମଦେବ ଓ ପ୍ରତାପରୁଦ୍ରଦେବଙ୍କର ସମସାମୟିକ ଓ ସଭାପଣ୍ଡିତ ଥିଲେ । କର୍ଣ୍ଣାଟ ରାଜା ମହାରାଜା କୃଷ୍ଣଦେବ ରାୟଙ୍କ ସଭାରେ ମଧ୍ୟ କିଛି ସମୟ ରହିଥିଲେ । ଧୂର୍ତ୍ତଚରିତ ଭାଣ, ଦେବୀ ଶତକ, ରସମଞ୍ଜରୀ, ଅଭିନବ ଗୀତଗୋବିନ୍ଦ (ପୁରୁଷୋତ୍ତମଦେବଙ୍କ ନାମରେ ଭଣିତା) ହରିଚରିତ ଚମ୍ପୂ, ଭାରତାମୃତ ମହାକାବ୍ୟ, ପାରିଜାତହରଣ ନାଟକ, ପ୍ରଭାବତୀ ନାଟକ, ଲକ୍ଷଣାଦର୍ଶ ମହା-କାବ୍ୟ ପ୍ରଭୃତି ଗ୍ରନ୍ଥ ରଚନା କରିଥିଲେ ।

କବିଚନ୍ଦ୍ର ମାର୍କଣ୍ଡେୟ ମିଶ୍ର—କବିରାଜଚକ୍ରବର୍ତ୍ତୀ ଉପାଧି ପାଇଥିଲେ । ଏ ରାଜା ପ୍ରତାପରୁଦ୍ର ଦେବଙ୍କ ସମସାମୟିକ ଥିଲେ ଓ ଦଶଗ୍ରୀବ ବଧ ମହାକାବ୍ୟ ଲେଖିଥିଲେ ।

ଗଙ୍ଗାଦାସ—ଷୋଡ଼ଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଜୀବିତ ଥିଲେ । ଛନ୍ଦୋମଞ୍ଜରୀ, ଅଚ୍ୟୁତ ଚରିତ, କଂସାରି ଶତକ, ଦିନେଶ ଶତକ ଇତ୍ୟାଦି ଗ୍ରନ୍ଥ ରଚନା କରିଥିଲେ ।

**ରାୟ ରାମାନନ୍ଦ ପଟ୍ଟନାୟକ**—ଏ ପ୍ରତାପରୁଦ୍ରଦେବଙ୍କ ସମ-ସାମୟିକ । ଶ୍ରୀ ଜଗନ୍ନାଥବଲ୍ଲଭ ନାଟକ, ଟୀକାପଞ୍ଚକମ୍ ରଚନା କରିଥିଲେ । ରାୟ ରାମାନନ୍ଦ ନାମରେ ପରିଚିତ ଓଡ଼ିଆ, ବଙ୍ଗଳା ଓ ବ୍ରଜବୁଲି ଭାଷାରେ ଶତାଧିକ ଭକ୍ତିରସାତ୍ମକ କବିତା ଲେଖିଥିଲେ ।

ଶିଖି ମହାନ୍ତି-ମାଧବୀ ଦେବୀ—ଏ ଦୁହେଁ ଭ୍ରାତା ଓ ଭଗିନୀ; ପ୍ରତାପରୁଦ୍ରଙ୍କ ସମସାମୟିକ । ମାଧବୀ ଦେବୀ ଶ୍ରୀ ପୁରୁଷୋତ୍ତମଦେବ ନାଟକ ରଚନା କରିଥିଲେ ।

ଜୟଦେବ ୨ୟ—'ପୀୟୂଷ ଲହରୀ' ନାମକ ଏକାଙ୍କିକା ନାଟକ ରଚନା କରିଥିଲେ ଓ 'ବୈଷ୍ଣବାମୃତ' ନାମକ ଅନ୍ୟ ଏକ ନାଟକ ମଧ୍ୟ ଲେଖିଥିଲେ ।

କହ୍ନାଇ ଖୁଣ୍ଟିଆ—କହ୍ନାଇ ଖୁଣ୍ଟିଆ ପୁରୀ ଅଧିବାସୀ । ସେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଷୋଡ଼ଶ ଶିଷ୍ୟ ଭିତରୁ ଜଣେ-( ଜଗନ୍ନାଥ ଚରିତାମୃତ : ୧ମ ଅ: ) । ଏ 'ମହାଭାବ ପ୍ରକାଶ' ନାମକ ଗ୍ରନ୍ଥ ଲେଖିଥିବା ଜଣାଯାଏ ।

ପରମାନନ୍ଦ ଦାସ କବିକର୍ଣ୍ଣପୂର—ଏ ଜଣେ ବଂଗବାସୀ । ପୁରୀରେ ଅବସ୍ଥାନ କରୁଥିଲେ । ପ୍ରତାପରୁଦ୍ରଦେବଙ୍କ ସମସାମୟିକ ଓ ଚୈତନ୍ୟଭକ୍ତ । 'ଚୈତନ୍ୟଚନ୍ଦ୍ରୋଦୟ ନାଟକ' ଲେଖି ଅମର ହୋଇଛନ୍ତି ।

ଚିନ୍ତାମଣି ମିଶ୍ର—ରାଜା ଗୋବିନ୍ଦ ବିଦ୍ୟାଧରଙ୍କ ରାଜତ୍ୱ ସମୟକୁ ଜୀବିତ ଥିଲେ । ସେ ସମ୍ବରାରି ଚରିତମ୍, ତ୍ରିଶିରୋବଧଃ, କାଦମ୍ବରୀ ସାରଃ, କଂସବଧ ପ୍ରଭୃତି କେତୋଟି ଗ୍ରନ୍ଥ ରଚନା କରିଥିଲେ ।

ଏହିପରି ବହୁ କବି ଓ ସାଧକ ସଂସ୍କୃତରେ ବିବିଧ ବିଷୟରେ ଉଚ୍ଚକୋଟିର ଗ୍ରନ୍ଥମାନ ରଚନା କରିଥିଲେ । ଏଥିରୁ ଓଡ଼ିଶାରେ ଉଚ୍ଚ ସାଂସ୍କୃତିକ ବାତାବରଣ ଥିବା ଜଣାଯାଏ । ଅଳଂକାର, ଧର୍ମତତ୍ତ୍ୱ ପ୍ରଭୃତି ବହୁ ବିଷୟରେ ମଧ୍ୟ ଗ୍ରନ୍ଥ ରଚିତ ହୋଇଥିଲା । ନାଟକ ଓ କାବ୍ୟର ଧାରା ମଧ୍ୟ ପ୍ରବାହିତ ହେଉଥିଲା । ବୈଷ୍ଣବ ତତ୍ତ୍ୱ ଓ କଥାକୁ ଆଶ୍ରୟକରି ମଧ୍ୟ ବହୁଗ୍ରନ୍ଥ ରଚିତ ହୋଇଥିଲା ।

ଚୈତନ୍ୟ ଦେବଙ୍କ ଓଡ଼ିଶା ଆଗମନ ପରେ ଓଡ଼ିଶାରେ ଗୋପୀ-ପ୍ରେମତତ୍ତ୍ୱ, ରାଧାକୃଷ୍ଣଲୀଳାତତ୍ତ୍ୱର ବହୁଳ ପ୍ରଚାର ହୋଇଥିଲା । ବହୁ ଓଡ଼ିଆ କବି ଧର୍ମଭାବରେ ପ୍ରଣୋଦିତ ହୋଇ ଏହି ବିଷୟକୁ ଅବଲମ୍ବନ କରି ଓଡ଼ିଆରେ କାବ୍ୟକବିତା ରଚନା କରିଥିଲେ ।

ପଞ୍ଚସଖାଯୁଗରେ ଓ ତାପରେ ବୈଷ୍ଣବଧର୍ମତତ୍ତ୍ୱ ସମ୍ବଳିତ ବହୁଗ୍ରନ୍ଥ ରଚିତ ହୋଇଥିଲେ ମଧ୍ୟ କାବ୍ୟକବିତା ଓ ଜୀବନୀ ରଚନା ଯଶସ୍ୱୀଭାବରେ ଅଗ୍ରସର ହୋଇଥିଲା । ଲୋକେ ଧର୍ମତତ୍ତ୍ୱ ବ୍ୟାଖ୍ୟା ଶୁଣିବା ସଙ୍ଗେ ସଙ୍ଗେ କାଳ୍ପନିକ କାବ୍ୟକବିତାଦି ପାଠକରି ଆନନ୍ଦ ଲାଭ କରୁଥିଲେ । ପଞ୍ଚସଖାଙ୍କ ଅବ୍ୟବହିତ ପରେ ନରସିଂହ ସେଣଙ୍କ 'ପଦ୍ମମାଳା' କାବ୍ୟର ଆବିର୍ଭାବ ସାହିତ୍ୟମୋଦୀମାନଙ୍କର ସାହିତ୍ୟପ୍ରତି ବିଶେଷ ଆଦରର ବିଦ୍ୟମାନତା ପ୍ରମାଣିତ କରୁଛି ।

ଏହି ସମୟରେ ଓଡ଼ିଆ ଜୀବନୀ ସାହିତ୍ୟରେ 'ଜଗନ୍ନାଥ ଚରିତାମୃତ' ରଚନା କରି ଦିବାକର ଏକ ଆଦର୍ଶ ସୃଷ୍ଟି କରି ଯାଇଛନ୍ତି ।

## ଗୋପଲୀଳା ତତ୍ତ୍ୱ

ଓଡ଼ିଶାରେ ଏହି ଯୁଗ ଭିତରେ ଉଚ୍ଚ ଧରଣର ସାଂସ୍କୃତିକ ଧାରା ପ୍ରବାହିତ ହେଉଥିବାରୁ ଏବଂ ଶାସକମାନେ ସାହିତ୍ୟର ପୃଷ୍ଠପୋଷକ ଥିବାରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଅନେକ ଉତ୍କୃଷ୍ଟ ଧରଣର କୃତି ରଚିତ ହୋଇଥିଲା । ଏହାର ଫଳସ୍ୱରୂପ ଓଡ଼ିଆ ଗ୍ରନ୍ଥ ରଚନାରେ ଦ୍ରୁତ ପଦକ୍ଷେପ ଦେଖାଦେଇଥିଲା ।

ଗୋପୀକୃଷ୍ଣତତ୍ତ୍ୱ ଓ ରାଧାକୃଷ୍ଣତତ୍ତ୍ୱ ବିଷୟକ କାବ୍ୟକବିତା ଓଡ଼ିଆ ସାହିତ୍ୟକୁ ସମୃଦ୍ଧିଶାଳୀ କରିଥିବାରୁ ଏହି ତତ୍ତ୍ୱଗୁଡ଼ିକର ବୈଷ୍ଣବସମ୍ମତ ବିଶ୍ଳେଷଣ ଆବଶ୍ୟକ ହୁଏ । ଏଠାରେ ଏହାର କିଞ୍ଚିତ୍ ଆଭାସ ପ୍ରଦତ୍ତ ହେଲା ।

ରାଧା ଶ୍ରୀକୃଷ୍ଣଙ୍କର ଶକ୍ତି । ଭେଦାଭେଦବାଦୀ ବୈଷ୍ଣବମାନେ ବେଦାନ୍ତଦର୍ଶନର ବ୍ରହ୍ମଙ୍କୁ କୃଷ୍ଣ ବୋଲି ନିର୍ଦ୍ଦେଶ କରିଛନ୍ତି । ଶକ୍ତି ବିନା ପୁରୁଷ ବା ବ୍ରହ୍ମ ନିଷ୍କ୍ରିୟ ; ଏହି କାରଣରୁ ଶକ୍ତିର ପ୍ରାଧାନ୍ୟ । ଭେଦାଭେଦବାଦୀମାନେ ରାଧା କୃଷ୍ଣଙ୍କ ଶକ୍ତି ଥିବାରୁ କୃଷ୍ଣ ବା ବ୍ରହ୍ମଙ୍କୁ ଲାଭ କରିବା ନିମନ୍ତେ ରାଧାଙ୍କୁ ପ୍ରଧାନ ଭାବରେ ଆରାଧନା କରିବା ସିଦ୍ଧାନ୍ତ କଲେ । ଭେଦାଭେଦବାଦୀ ଓ ରାଧାବଲ୍ଲଭୀ ସମ୍ପ୍ରଦାୟଭୁକ୍ତ ବୈଷ୍ଣବମାନେ ରାଧାକୃଷ୍ଣଙ୍କର ବିଶେଷ ଉପାସକ । ଏହି ରାଧାଙ୍କ ପରିଚୟ ଆଚାର୍ଯ୍ୟମାନେ ବିଭିନ୍ନ ପ୍ରକାରେ ଦେଇଛନ୍ତି ।

ମହାଭାରତ, ହରିବଂଶ, ଭାଗବତ, ବିଷ୍ଣୁପୁରାଣରେ ରାଧାଙ୍କ ବିଷୟ ଉଲ୍ଲେଖ ନାହିଁ । ବ୍ରହ୍ମବୈବର୍ତ୍ତ ଓ ଦେବୀ ଭାଗବତରେ ରାଧାଙ୍କ ପ୍ରସଙ୍ଗ ଥିବା ଜଣାଯାଏ ।

ରାଧା କୃଷ୍ଣଙ୍କର ବିବାହିତା ପତ୍ନୀ ଥିବା ବ୍ରହ୍ମବୈବର୍ତ୍ତ ପୁରାଣର ପ୍ରକୃତି-ଖଣ୍ଡର ୫୧ତମ୍ ଅଧ୍ୟାୟରୁ ଜଣାଯାଏ । ଏହି ପୁରାଣରେ କୃଷ୍ଣ ଅବତାର ନୁହନ୍ତି, ଅବତାରୀ । ଏହି କୃଷ୍ଣ ଗୋଲୋକକୃଷ୍ଣ ନାମରେ ମଧ୍ୟ ପରିଚିତ ଏବଂ ଗୋଲୋକରାସମଣ୍ଡଳ ବିଷ୍ଣୁଲୋକର ଊର୍ଦ୍ଧ୍ୱରେ ଅବସ୍ଥିତ । ଏହି କୃଷ୍ଣଙ୍କଠାରୁ ବ୍ରହ୍ମା, ରୁଦ୍ର, ଇନ୍ଦ୍ର ପ୍ରଭୃତି ଦେବତାମାନେ ଓ ଲକ୍ଷ୍ମୀ, ସରସ୍ୱତୀ, ଦୁର୍ଗା ପ୍ରଭୃତି ଦେବୀମାନେ ଉତ୍ପନ୍ନ । ବିଶ୍ୱବ୍ରହ୍ମାଣ୍ଡ ଏହି କୃଷ୍ଣଙ୍କର ସୃଷ୍ଟି ।

'ରାଧା' ଶବ୍ଦର ରା ଓ ଧା ଅକ୍ଷର ଦ୍ୱୟ ଉଚ୍ଚାରଣ କରି ଭକ୍ତମାନେ ମୁକ୍ତିଲାଭ କରନ୍ତି । 'ରା' ଅକ୍ଷର ଉଚ୍ଚାରଣକରି ଭକ୍ତମାନେ ମୁକ୍ତିମାର୍ଗ ଦର୍ଶନ କରନ୍ତି; 'ଧା' ଅକ୍ଷର ଉଚ୍ଚାରଣ କରି ବିଷ୍ଣୁପୁରକୁ ନିରନ୍ତର ଧାବମାନ ହୁଅନ୍ତି ।

ରାସେ ସମ୍ଭୂୟ ଗୋଲୋକେ ସା ଦଧାବ ହରେ ପୁରଃ
ତେନ ରାଧା ସମାଖ୍ୟାତା ପୁରାବିଦ୍‌ଭି ଦ୍ୱିଜୋତ୍ତମ ।

ବ୍ରହ୍ମବୈବର୍ତ୍ତପୁରାଣ, ବ୍ରହ୍ମଖଣ୍ଡ, ପଞ୍ଚମ ଅଃ ।

ପୁଣି, 'ରା କାରେ । ଦାନ ବାଚକ; ଧା ନିର୍ବାଣଞ୍ଚ । ତଦ୍ଦାତ୍ରୀ ତେନ ରାଧା ପ୍ରକୀର୍ତ୍ତିତା ।'

ଶ୍ରୀକୃଷ୍ଣଜନ୍ମ ଖଣ୍ଡ । ୨୮ଶ ଅଃ ।

ଅବତାରୀ ଗୋଲୋକକୃଷ୍ଣଙ୍କ ବିବାହିତା ପତ୍ନୀ ରାଧା ଗୋଲୋକରାସର ମୁଖ୍ୟା । ଗୋଲୋକକୃଷ୍ଣ ରାଧାଙ୍କୁ ପ୍ରତାରଣା କରି ବିରଜାଙ୍କ ସହିତ କେଳି କରିବାରୁ ରାଧାଙ୍କଦ୍ୱାରା ଶାପପ୍ରାପ୍ତ ହେଲେ । ଏହା ଫଳରେ ସେ ମର୍ତ୍ତ୍ୟପୁରେ କୃଷ୍ଣରୂପେ ମାନବ ଦେହଧାରଣ କଲେ । କୃଷ୍ଣ ମଧ୍ୟ ଶାପ ଦେଲେ । ତା ଫଳରେ ରାଧା ମର୍ତ୍ତ୍ୟରେ ଗୋପାଳୁଣୀ ହୋଇ ଜନ୍ମଗ୍ରହଣ କଲେ ଏବଂ କଳଙ୍କିନୀ ଅପବାଦ ବହନ କଲେ । ଗୋପପୁରର ରାୟାଣ ବା ଚନ୍ଦ୍ରସେଣା ନାମକ ଗୋପାଳକୁ ରାଧା ବିବାହ କରିଥିଲେ ।

ରାଧାଙ୍କ ନାମ ମଧ୍ୟ ବୃନ୍ଦାବତୀ ଥିବା ଜଣାଯାଏ ।

ରାଧା ଷୋଡ଼ଶ ନାମ୍ନାଚ ବୃନ୍ଦାନାମ ଶ୍ରୁତୌ ଶ୍ରୁତମ୍
ତସ୍ୟାଃ କ୍ରୀଡ଼ା ବନଂ ରମ୍ୟଂ ତେନମ୍ ବୃନ୍ଦାବନ ସ୍ମୃତମ୍ ।
ବ୍ରହ୍ମବୈବର୍ତ୍ତ ପୁରାଣ । ବ୍ରହ୍ମଖଣ୍ଡ । ୫ମ ଅଃ ।

ଶ୍ରୀକୃଷ୍ଣ ରାଧାଙ୍କୁ ସ୍ୱ 'ଅର୍ଦ୍ଧାଂଶସ୍ୱରୂପା', 'ମୂଳ ପ୍ରକୃତି ରୂପିଣୀ' ବୋଲି ସ୍ୱୀକାର କରିଥିବା ବ୍ରହ୍ମବୈବର୍ତ୍ତ ପୁରାଣରେ ଦେଖାଯାଏ । କ୍ଷୀରରେ ଧବଳତା, ଅଗ୍ନିରେ ଦାହିକା ଶକ୍ତି, ପୃଥିବୀରେ ଗନ୍ଧପରି ରାଧା ଓ କୃଷ୍ଣ ସନ୍ତତ ରହିଛନ୍ତି । ମୃତ୍ତିକା ବିନା ଘଟ, ସ୍ୱର୍ଣ୍ଣ ବିନା କୁଣ୍ଡଳ, କୁଲାଲ ଓ ସ୍ୱର୍ଣ୍ଣକାର କରିପାରିବେ ନାହିଁ । ସେହିପରି ରାଧାଙ୍କ ବିନା କୃଷ୍ଣ ସୃଷ୍ଟି କରିବାକୁ ଅକ୍ଷମ । ରାଧା ସୃଷ୍ଟିର ଆଧାରଭୂତା, କୃଷ୍ଣ (ଅଚ୍ୟୁତ) ବୀଜରୂପୀ ।

ଯଥା କ୍ଷୀରେ ଚ ଧାବଲ୍ୟଂ ଯଥାଗ୍ନୌ ଦାହିକାଶକ୍ତିଃ
ଯଥା ପୃଥିବ୍ୟାଂ ଗନ୍ଧଶ୍ଚ ତଥାହଂ ତ୍ୱୟି ସନ୍ତତଂ ।
ବିନା ମୃଦା ଘଟଂ କର୍ତ୍ତୁଂ ବିନା ସ୍ୱର୍ଣ୍ଣେନ କୁଣ୍ଡଳଂ
କୁଲାଲଃ ସ୍ୱର୍ଣ୍ଣକାରଶ୍ଚ ନହି ଶକ୍ତଃ କଦାଚନ ।
ତଥା ତ୍ୱୟା ବିନା ସୃଷ୍ଟିଂ ନ ଚ କର୍ତ୍ତୁମହଂ କ୍ଷମଃ
ସୃଷ୍ଟେରାଧାରଭୂତାତ୍ୱଂ ବୀଜରୂପୋହମଚ୍ୟୁତ ।

'ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ', ଚୈତନ୍ୟଦେବ ରାୟ ରାମାନନ୍ଦଙ୍କଠାରୁ ଏହି ତତ୍ତ୍ୱ ଶୁଣି ହୃଦୟଙ୍ଗମ କରିଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କୁ ପାଇବାକୁ ହେଲେ ରାଗମାର୍ଗହିଁ ପ୍ରଧାନ । ରାଗମାର୍ଗର ପ୍ରେମଭକ୍ତି ସର୍ବାଧିକ ବା ଶ୍ରେଷ୍ଠ । ପ୍ରେମଭକ୍ତି ଦୁଇପ୍ରକାର—ଐଶ୍ୱର୍ଯ୍ୟଜ୍ଞାନଯୁକ୍ତ ଓ କେବଳା । ଐଶ୍ୱର୍ଯ୍ୟଜ୍ଞାନରେ ଶ୍ରୀକୃଷ୍ଣଙ୍କୁ ପାଇବ ନାହିଁ । କେବଳା ରାଗମାର୍ଗ ଦ୍ୱାରା କୃଷ୍ଣପ୍ରାପ୍ତ ହେବ ।

ରାମାନନ୍ଦ ରାୟ ମହାଭାଗବତ ପ୍ରଧାନ
ତେଁହୋ ଜାନାଇଲ—କୃଷ୍ଣ ସ୍ୱୟଂ ଭଗବାନ ।
ତାତେ ପ୍ରେମ ଭକ୍ତି ପୁରୁଷାର୍ଥ ଶିରୋମଣି
ରାଗମାର୍ଗେ ପ୍ରେମମାର୍ଗ ସର୍ବାଧିକ ଜାନି ।
ଦାସ୍ୟ ସଖ୍ୟ ବାତ୍ସଲ୍ୟ ମଧୁରଭାବ ଆର
ଦାସ ସଖା ଗୁରୁ କାନ୍ତା ଆଶ୍ରୟ ଯାହାର ।

ଐଶ୍ୱର୍ଯ୍ୟଜ୍ଞାନଯୁକ୍ତ କେବଳା ଭାବ ଆର
ଐଶ୍ୱର୍ଯ୍ୟଜ୍ଞାନେ ନା ପାଇ ବ୍ରଜେନ୍ଦ୍ରକୁମାର ।
ଶ୍ରୀଚୈତନ୍ୟ ଚରିତାମୃତ, ଅନ୍ତ୍ୟଲୀଳା, ୭ମ ପଃ ।

ଗୋପିକାସୁତ ଯଶୋଦାନନ୍ଦନ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କୁ ଯେଉଁ ଭକ୍ତମାନେ ଯଶୋଦାନନ୍ଦନ ରୂପେ ଭଜନା କରନ୍ତି ସେମାନଙ୍କୁ ସେ ସୁଖଲଭ୍ୟ । ଜ୍ଞାନୀ ଆତ୍ମଭୂତମାନଙ୍କର ଅର୍ଥାତ୍ 'ଦେହାଭିମାନୀ ତାପସମାନଙ୍କର', 'କର୍ତୃତ୍ୱାଭିମାନୀ ଜ୍ଞାନୀମାନଙ୍କ'ର ସେପରି ସୁଖଲଭ୍ୟ ନୁହନ୍ତି ।

ନାୟଂ ସୁଖାପୋ ଭଗବାନ୍ ଦେହିନାଂ ଗୋପିକାସୁତ
ଜ୍ଞାନିନାଞ୍ଚାତ୍ମଭୂତାନାଂ ଯଥା ଭକ୍ତିମତାମିହ ।
ଭାଗବତ । ୧୦ମ ସ୍କନ୍ଧ, ୯ମ ଅଧ୍ୟାୟ, ଶ୍ଳୋକ ୨୧ ।

ଗୋପୀମାନେ ଯେଉଁ ସୁଖ ଉପାୟରେ ଶ୍ରୀକୃଷ୍ଣଙ୍କୁ ଲାଭକଲେ, ସର୍ବଦା ତାଙ୍କ ବକ୍ଷସ୍ଥିତା ଲକ୍ଷ୍ମୀଦେବୀ ସେହିପରି କୃପା ଲାଭକରିପାରି ନାହାନ୍ତି । ଅର୍ଥାତ୍ ଐଶ୍ୱର୍ଯ୍ୟ ଜ୍ଞାନଯୁକ୍ତ ମାର୍ଗରେ ଲକ୍ଷ୍ମୀ ସେବା କରୁଥିବାରୁ ନାରାୟଣ ତାଙ୍କୁ ସୁଖଲଭ୍ୟ ହୋଇନାହାନ୍ତି ।

ନାୟଂ ଶ୍ରିୟୋଽଙ୍ଗ ଉନିତାନ୍ତରତେଃ ପ୍ରସାଦଃ
ସ୍ୱର୍ଯୋଷିତାଂ ନଳିନଗନ୍ଧରୁଚା କୁତୋଽନ୍ୟାଃ ।
ରାସୋତ୍ସବେଽସ୍ୟ ଭୁଜଦଣ୍ଡ ଗୃହୀତକଣ୍ଠ—
ଲବ୍ଧାଶିଷାଂ ଯ ଉଦଗାଦ୍ ବ୍ରଜସୁନ୍ଦରୀଣାମ୍ । ଭାଗବତ, ୧୦।୪୭।୬୦

"ରାସୋତ୍ସବରେ ଭୁଜଦଣ୍ଡଦ୍ୱାରା ଶ୍ରୀକୃଷ୍ଣଙ୍କ କଣ୍ଠକୁ ଆଲିଙ୍ଗନ କରି ମନୋରଥ ସିଦ୍ଧି ଲାଭ କରିଥିବା ବ୍ରଜସୁନ୍ଦରୀମାନେ ଶ୍ରୀକୃଷ୍ଣଙ୍କର ଯେଉଁ ପ୍ରେମ ଲାଭ କରିଥିଲେ, ବୈକୁଣ୍ଠରେ ନାରାୟଣଙ୍କ ବକ୍ଷସ୍ଥିତା ନିଜ ଯୋଷିତା ଲକ୍ଷ୍ମୀ ମଧ୍ୟ ସେହି ପ୍ରେମ ଲାଭ କରି ନ ଥିଲେ । ଅନ୍ୟାନ୍ୟ ସ୍ତ୍ରୀମାନଙ୍କ କଥା ବା କଣ କହିବା ?"

ଶୁଦ୍ଧ ଭାବେ ସଖା କରେ ସ୍କନ୍ଧେ ଆରୋହଣ
ଶୁଦ୍ଧ ଭାବେ ବ୍ରଜେଶ୍ୱରୀ କରିଲ ବନ୍ଧନ ।
'ମୋର ସଖା', 'ମୋର ପୁତ୍ର' ଏଇ ଶୁଦ୍ଧ ମନ
ଅତଏବ ଶୁକବ୍ୟାସ କରେ ପ୍ରଶଂସନ । (ଚୈଃ ଚଃ )

ଏହି ଭାବ ଭାଗବତରେ ମଧ୍ୟ ବ୍ୟକ୍ତ ହୋଇଛି—

ଇତ୍ଥଂ ସତାଂ ବ୍ରହ୍ମ ସଖାନୁଭୂତ୍ୟା,
ଦାସ୍ୟଂ ଗତାନାଂ ପରଦୈବତେନ,
ମାୟାଶ୍ରିତାନାଂ ନରଦାରକେଣ,
ସାକଂ ବିଜହ୍ରୁଃ କୃତପୁଣ୍ୟ ପୁଞ୍ଜା । ଭା: ୧୦।୧୨।୧୧

ଶୁକଦେବ ପରୀକ୍ଷିତଙ୍କୁ କହୁଛନ୍ତି—"ଜ୍ଞାନୀମାନେ ଯାହାଙ୍କଠାରୁ ବ୍ରହ୍ମସୁଖ ଅନୁଭବ କରୁଥିବନ୍ତି, ଯାହାଙ୍କୁ ଭକ୍ତମାନେ ନାଥ ବୋଲି ଆଶ୍ରୟ କରିଛନ୍ତି, ମାୟାମୋହିତ ନରମାନେ ଯାହାଙ୍କୁ ନରବାଳକରୂପେ ଦେଖୁଅଛନ୍ତି, ସେହି ଶ୍ରୀକୃଷ୍ଣଙ୍କ ସହିତ ବହୁ ପୁଣ୍ୟଶାଳୀ ଗୋପବାଳା ସ୍ୱଚ୍ଛନ୍ଦରେ ବିହାର କରିଥିଲେ । ଏହା ସେମାନଙ୍କର ସୌଭାଗ୍ୟର ବିଷୟ ।"

ତ୍ରୟ୍ୟାଚୋପନିଷଦ୍‌ଭିଶ୍ଚ, ସାଂଖ୍ୟ ଯୋଗୈଶ୍ଚ ସାତ୍ତ୍ୱତୈଃ ।
ଉପଗୀୟମାନ ମାହାତ୍ମ୍ୟଂ ହରିଂ ସାମନ୍ୟତାତ୍ମଜମ୍ । ଭାଗବତ, ୧୦।୮।୪୫

ତ୍ରିକାଣ୍ଡଯୁକ୍ତ ବେଦ, ଉପନିଷଦ, ସାଂଖ୍ୟ ଯୋଗ, ସାତ୍ତ୍ୱତ ଯେଉଁ ହରିଙ୍କର ମାହାତ୍ମ୍ୟ ଗାନ କରୁଅଛନ୍ତି, ତାହାଙ୍କୁ ଯଶୋଦା ସାମାନ୍ୟ ଆତ୍ମଜ ଜ୍ଞାନ କରିଥିଲେ ।

ଐଶ୍ୱର୍ଯ୍ୟ ଦେଖିଲେ ମଧ୍ୟ ଶୁଦ୍ଧର ଐଶ୍ୱର୍ଯ୍ୟଜ୍ଞାନ ହୁଏ ନାହିଁ । ଅତଏବ ଐଶ୍ୱର୍ଯ୍ୟଜ୍ଞାନଠାରୁ କେବଳାଭାବ ପ୍ରଧାନ । ଏହା ଚୈତନ୍ୟ ଚରିତାମୃତରେ ମଧ୍ୟ କୁହାଯାଇଛି ।

ଐଶ୍ୱର୍ଯ୍ୟ ଦେଖିଲେ ହୋ ଶୁଦ୍ଧେର ନହେ ଐଶ୍ୱର୍ଯ୍ୟ ଜ୍ଞାନ,
ଅତଏବ ଐଶ୍ୱର୍ଯ୍ୟ ହୈତେ କେବଳାଭାବ ପ୍ରଧାନ । ଅନ୍ତ୍ୟ ୭ମ ପଃ

ଯତ୍ତେ ସୁଜାତଚରଣାମ୍ବୁରୁହଂ ସ୍ତନେଷୁ,
ଭୀତାଃ ଶନୈଃ ପ୍ରିୟ ଦଧୀମହି କର୍କଶେଷୁ ।
ତେନାଟବୀମଟସି ତଦ୍‌ବ୍ୟଥତେ ନ କିଂସ୍ୱିତ୍
କୂର୍ପାଦିଭିର୍ଭ୍ରମତି ଧୀର୍ଭବଦାୟୁଷାଂନଃ । ଭା: ୧୦।୩୧।୧୯

“ହେ ପ୍ରିୟ, ତୁମର ସୁକୁମାର ଚରଣକମଳରେ ଆଘାତ ଲାଗିବ, ଏହି ଭୟରେ ଆମ୍ଭେମାନେ ତାହା ଆମ୍ଭମାନଙ୍କର କଠିନ ସ୍ତନଯୁଗଳରେ ଧାରଣ କରୁଁ; କିନ୍ତୁ ତୁମ୍ଭେ ସେହି ପଦରେ ବନ ଭ୍ରମଣ କରୁଛ । ବନପଥର ଶିଳାଖଣ୍ଡମାନ ବାଜି ବ୍ୟଥା ହେଉଥିବ ଭାବି ଆମ୍ଭମାନଙ୍କର ହୃଦ୍‌ଗତ ଜୀବନର ଚୈତନ୍ୟ ଲୋପ ହେଉଛି ।”

ଗୋପୀମାନଙ୍କର ଶୁଦ୍ଧପ୍ରେମ ଐଶ୍ୱର୍ଯ୍ୟଜ୍ଞାନହୀନ ଥିବାରୁ ସେମାନେ ପ୍ରେମରେ କୃଷ୍ଣଙ୍କୁ ଭର୍ତ୍ସନା ମଧ୍ୟ କରୁଛନ୍ତି ।

ପତିସୁତାନ୍ୱୟଭ୍ରାତୃ ବାନ୍ଧବାନତି ବିଲଙ୍ଘ୍ୟ ତେଽନ୍ତ୍ୟଚ୍ୟୁତାଗତାଃ
ଗତି ବିଦସ୍ତବୋଦ୍ ଗୀତ ମୋହିତାଃ କିତବ ଯୋଷିତଃ କସ୍ତ୍ୟଜେନ୍ନିଶି ।
ଭା: ୧୦।୩୧।୧୬

ଗୋପୀମାନେ କହୁଛନ୍ତି, “ହେ ଅଚ୍ୟୁତ, ଅମ୍ଭେମାନେ ପତି, ପୁତ୍ର, ଜ୍ଞାତି, ଭ୍ରାତା, ବାନ୍ଧବ ପ୍ରଭୃତିଙ୍କୁ ଅବହେଳା କରି ତୁମ୍ଭଠାକୁ ଆସିଅଛୁ, ଏହାର କାରଣ ତୁମେ ଜାଣ । ତୁମ୍ଭର ବେଣୁଗୀତରେ ଆମ୍ଭେମାନେ ମୋହିତ ହୋଇଅଛୁ । ହେ କପଟୀବର, ଏହିଭଳି ସ୍ୱୟଂ ଆଗତା ସ୍ତ୍ରୀମାନଙ୍କୁ ରାତ୍ରିକାଳରେ ତୁମ୍ଭ ବ୍ୟତୀତ ଆଉ କିଏ ତ୍ୟାଗ କରିବ ?”

କୃଷ୍ଣ ମଧ୍ୟ ଏହି ଗୋପୀଭକ୍ତିକୁ ଅତ୍ୟନ୍ତ ସୁଖ ପାଉଥିଲେ ଏବଂ ଯୁଗେ ଯୁଗେ ଏହା ଲାଭ କରିବା ପାଇଁ ମନସ୍ଥ କରିଥିଲେ ।

ନପାରୟେଽହଂ ନିରବଦ୍ୟ ସଂଯୁଜାଂ, ସ୍ୱ ସାଧୁକୃତ୍ୟଂ ବିବୁଧାୟୁଷାପି ବଃ
ଯା ମାଭଜନ୍ ଦୁର୍ଜ୍ଜର ଗେହ ଶୃଙ୍ଖଲାଃ, ସଂବୃଶ୍ଚ୍ୟ ତଦ୍ୱଃ ପ୍ରତିଯାତୁ ସାଧୁନା ।
ଭା: ୧୦ । ୩୨ । ୨୨

“ହେ ଗୋପୀମାନେ, ତୁମ୍ଭେମାନେ ଦୁଶ୍ଛେଦ୍ୟ ଗୃହରୂପ ଶୃଙ୍ଖଳା ସମ୍ପୂର୍ଣ୍ଣ ରୂପେ ଛେଦନ କରି ମୋତେ ଭଜନ କରିବା ଦ୍ୱାରା ନିଷ୍କପଟରେ ମୋର ସଙ୍ଗ ଲାଭ କରୁଅଛ । ତୁମ୍ଭମାନଙ୍କର ଏହି ପ୍ରକାର ପ୍ରେମର ପ୍ରତିଦାନ ମୁଁ ଦେବପରମାୟୁ ପ୍ରାପ୍ତ ହେଲେ ମଧ୍ୟ କରିପାରିବି ନାହିଁ । ଏଣୁ ତୁମ୍ଭମାନଙ୍କର ସାଧୁକୃତ୍ୟ ଦ୍ୱାରା ତୁମ୍ଭମାନଙ୍କର ସାଧୁକୃତ୍ୟର ପ୍ରତିଦାନ ହେଉ ।”

କେବଳା ଭକ୍ତିର ନିଦର୍ଶନରେ ମୁଗ୍ଧ ହୋଇ ଐଶ୍ୱର୍ଯ୍ୟଜ୍ଞାନୀ ଭକ୍ତ ଉଦ୍ଧବ କେବଳା ଭକ୍ତିର ଭକ୍ତ ଗୋପୀମାନଙ୍କର ଚରଣରେଣୁ ପ୍ରାର୍ଥନା କରିଥିଲେ ।

ଆସାମହୋ ଚରଣରେଣୁ ଜୁଷାମହଂସ୍ୟାଂ,
ବୃନ୍ଦାବନେ କମପି ଗୁଳ୍ମଲତୌଷଧୀନାମ୍ ।
ଯାଦୁସ୍ତ୍ୟଜଂ ସ୍ୱଜନମାର୍ଯ୍ୟ ପଥଞ୍ଚହିତ୍ୱା,
ଭେଜୁର୍ମୁକୁନ୍ଦ ପଦବୀଂ ଶ୍ରୁତିଭିର୍ବିମୃଗ୍ୟାମ୍ । ଭାଃ ୧୦।୪୭।୬୪

ଉଦ୍ଧବ କହୁଛନ୍ତି—"ଅହୋ, ଆଶ୍ଚର୍ଯ୍ୟ ! ଏ ଗୋପୀମାନେ ଦୁସ୍ତ୍ୟଜ୍ୟ ପତିପୁତ୍ରାଦିରୂପ ସ୍ୱଜନ ଏବଂ ଆର୍ଯ୍ୟଧର୍ମ ତ୍ୟାଗ କରି ଶ୍ରୁତିମାନଙ୍କ ଦ୍ୱାରା ଅନ୍ୱେଷଣୀୟ ଅତି ଦୁର୍ଲ୍ଲଭ ମୁକୁନ୍ଦ ଶ୍ରୀକୃଷ୍ଣଙ୍କର ପ୍ରେମଭକ୍ତି ରୂପ ପଦବୀ ଆଶ୍ରୟ କରିଅଛନ୍ତି । ବୃନ୍ଦାବନରେ ଯେଉଁ ଗୁଳ୍ମଲତା ଓ ଔଷଧିବୃକ୍ଷସକଳ ସେମାନଙ୍କର ଚରଣରେଣୁ ଲଭ କରୁଅଛନ୍ତି ସେମାନଙ୍କ ମଧ୍ୟରୁ ଯେପରି ମୁଁ ଗୋଟିଏ ହୁଏ ।"

ଏହି ଗୋପୀଙ୍କ କେବଳାଭକ୍ତି ବିଷୟ ଶ୍ରୀଚୈତନ୍ୟ ଦେବ ରାୟ ରାମାନନ୍ଦଙ୍କଠାରୁ ଓ ସ୍ୱରୂପଙ୍କଠାରୁ ଶୁଣିଥିବା ବ୍ୟକ୍ତ କରିଥିଲେ ।

ଏ ସବ ଶିଖାଇଲ ମୋରେ ରାୟ ରାମାନନ୍ଦ
ଅନର୍ଗଲ ରସବେତ୍ତା ପ୍ରେମ ସୁଖାନନ୍ଦ । ଚୈଃ ଚଃ ଅନ୍ତ୍ୟ : ୭ମ ପଃ ।

ଐଶ୍ୱର୍ଯ୍ୟଜ୍ଞାନ ଭକ୍ତି ଅପେକ୍ଷା କେବଳା ଭକ୍ତିହିଁ ଶ୍ରେଷ୍ଠ, ଏହା ରାୟ ରାମାନନ୍ଦ ପ୍ରଥମେ ପ୍ରତିପାଦନ କରିଥିଲେ ଏବଂ ଚୈତନ୍ୟପନ୍ଥୀ ବୈଷ୍ଣବମାନେ ଏହାକୁ ଗ୍ରହଣ କରିଥିଲେ ।

ଶୁଦ୍ଧପ୍ରେମ ବ୍ରଜ ଦେବୀର କାମଗନ୍ଧହୀନ
କୃଷ୍ଣସୁଖ ତାତ୍ପର୍ଯ୍ୟ ଏହି ତାର ଚିହ୍ନ ।
ଗୋପୀଗଣେର ଶୁଦ୍ଧ ପ୍ରେମ ଐଶ୍ୱର୍ଯ୍ୟଜ୍ଞାନ ହୀନ
ପ୍ରେମେତେ ଭର୍ତ୍ସନା କରେ ଏଇ ତାର ଚିହ୍ନ ।
ସର୍ବୋତ୍ତମ ଭଜନ ଏଇ ସର୍ବ ଭକ୍ତି ଜିନି
ଅତଏବ କୃଷ୍ଣ କହେ ଆମି ତୋମାର ଋଣୀ ।
ଐଶ୍ୱର୍ଯ୍ୟଜ୍ଞାନ ହୈତେ କେବଲଭାବ ପରମ ପ୍ରଧାନ
ଐଶ୍ୱର୍ଯ୍ୟ ଜ୍ଞାନେ ଭକ୍ତ ନାହିଁ ଉଦ୍ଧବ ସମାନ ।
ତୋହୋ ଯାର ପଦଧୂଳି କରେନ ପ୍ରାର୍ଥନ
ସ୍ୱରୂପେର ସଙ୍ଗେ ପାଇଲ ଏସବ ଶିକ୍ଷଣ । ଚୈଃ ଚଃ ଅନ୍ତ୍ୟଃ ୭ମ ପଃ ।

ପୂର୍ଣ୍ଣ ସଚ୍ଚିଦାନନ୍ଦ ବ୍ରହ୍ମଙ୍କର ସତ୍, ଚିତ୍ ଓ ଆନନ୍ଦ ଏହି ତିନୋଟି ଧର୍ମ ଅନୁସାରେ ତାଙ୍କର ସ୍ୱରୂପ ଶକ୍ତି ତିନି ପ୍ରକାର—ସନ୍ଧିନୀ, ସମ୍ବିତ୍ ଓ ହ୍ଲାଦିନୀ । ବ୍ରହ୍ମ ସ୍ୱୟଂ ସତ୍ତ୍ୱରୂପ ହୋଇ ମଧ୍ୟ ଯେଉଁ ଶକ୍ତିଦ୍ୱାରା ସତ୍ତା ଧାରଣ କରନ୍ତି ଓ ଧାରଣ କରାନ୍ତି ତାହା ସନ୍ଧିନୀ ଶକ୍ତି । ବ୍ରହ୍ମ ସ୍ୱୟଂ ଜ୍ଞାନରୂପ ହେଲେ ମଧ୍ୟ ଯେଉଁ ଶକ୍ତିଦ୍ୱାରା ନିଜେ ଜାଣନ୍ତି ଓ ଅନ୍ୟକୁ ଜଣାନ୍ତି ତାହା ସମ୍ବିତ୍ ଶକ୍ତି । ବ୍ରହ୍ମ ସ୍ୱୟଂ ଆହ୍ଲାଦକରୂପ ହୋଇ ମଧ୍ୟ ଯେଉଁ ଶକ୍ତିଦ୍ୱାରା ଆହ୍ଲାଦିତ ହୁଅନ୍ତି ଏବଂ ଅନ୍ୟକୁ ଆହ୍ଲାଦିତ କରନ୍ତି ତାହା ହ୍ଲାଦିନୀ ଶକ୍ତି । ଏହି ତିନିଶକ୍ତି ମଧ୍ୟରେ ହ୍ଲାଦିନୀ ଶକ୍ତି ଶ୍ରେଷ୍ଠ । ସତ୍ତ୍ୱର ପରମ ଉତ୍କର୍ଷହିଁ ସମ୍ବିତ୍; ସମ୍ବିତ୍ର ଚରମ ଉତ୍କର୍ଷ ଦ୍ୱାରା ଆନନ୍ଦ ବା ଆହ୍ଲାଦ ହୁଏ ।

ହ୍ଲାଦିନୀ ଶକ୍ତିଦ୍ୱାରା ଭଗବାନ ବିବିଧ ଲୀଳାରସ ସୃଷ୍ଟି କରୁଛନ୍ତି ଏବଂ ଜୀବ (ବା ଭକ୍ତ) ର ହୃଦୟରେ ବିଶୁଦ୍ଧତମ ଆନନ୍ଦ ଦାନ କରୁଛନ୍ତି । ଏହି ହ୍ଲାଦିନୀ ଶକ୍ତିର ରସଘନ ମୂର୍ତ୍ତି ହେଉଛନ୍ତି ଶ୍ରୀକୃଷ୍ଣ । ରାଧା ହ୍ଲାଦିନୀ ଶକ୍ତିର ଘନୀଭୂତ ବିଗ୍ରହ ।

ଭଗବାନଙ୍କର ସମଗ୍ର ସ୍ୱରୂପ ଶକ୍ତିର ନାମ ଲକ୍ଷ୍ମୀ ଏବଂ ସେ ଭଗବାନଙ୍କର ଐଶ୍ୱର୍ଯ୍ୟ, କାରୁଣ୍ୟ, ମାଧୁର୍ଯ୍ୟ ପ୍ରଭୃତି ଶକ୍ତିର ଆଧାରଭୂତା । ହ୍ଲାଦିନୀ ଶକ୍ତି ସର୍ବ ଶକ୍ତିର ସାରଭୂତା ଥିବାରୁ ଐଶ୍ୱର୍ଯ୍ୟାଦି ଏଥିର ଅନ୍ତର୍ଭୁକ୍ତ । ଏତଏବ ହ୍ଲାଦିନୀ ଶକ୍ତିର ରସଘନ ମୂର୍ତ୍ତି ଶ୍ରୀରାଧା ଲକ୍ଷ୍ମୀଙ୍କଠାରୁ ଶ୍ରେଷ୍ଠ । ଲକ୍ଷ୍ମୀରୂପିଣୀ ଦ୍ୱାରକାର ପାଟରାଣୀ ରୁକ୍ମିଣୀଙ୍କଠାରୁ ଏହି କାରଣରୁ ଶ୍ରୀରାଧା ଶ୍ରେଷ୍ଠ ।

ଚୈତନ୍ୟଦେବଙ୍କ ଭକ୍ତ ବୃନ୍ଦାବନ-ଉଦ୍ଧାରକର୍ତ୍ତା ରୂପସନାତନ ଜୀବଗୋସ୍ୱାମୀମାନେ ବୃନ୍ଦାବନର ରାଧାକୃଷ୍ଣ ଲୀଳାକୁ ସର୍ବୋତ୍କୃଷ୍ଟ ଲୀଳା ବୋଲି ପ୍ରତିପାଦିତ କରିଛନ୍ତି । ଏହି ଗୋଷ୍ଠୀର ବୈଷ୍ଣବମାନେ ଓ ନିମ୍ବାର୍କ ସମ୍ପ୍ରଦାୟର ବୈଷ୍ଣବମାନେ ରାଧାଙ୍କୁ ଶ୍ରୀକୃଷ୍ଣଙ୍କର ସର୍ବୋତ୍କୃଷ୍ଟ ଶକ୍ତି ରୂପେ ଗ୍ରହଣ କରି ବହୁ ଗ୍ରନ୍ଥ ରଚନା କରିଛନ୍ତି ।

ଓଡ଼ିଶାରେ ନିମ୍ବାର୍କ ସମ୍ପ୍ରଦାୟ ଓ ଗୋସ୍ୱାମୀ ସମ୍ପ୍ରଦାୟର ବହୁ ବୈଷ୍ଣବ ଥିବାରୁ ରାଧା-କୃଷ୍ଣ-ଲୀଳା ସମ୍ବନ୍ଧୀୟ ବହୁ ଭକ୍ତ ଓ କବି ବିବିଧ କାବ୍ୟ-କବିତା ରଚନା କରି ଓଡ଼ିଆ ବୈଷ୍ଣବ ସାହିତ୍ୟକୁ ସମୃଦ୍ଧ କରିଅଛନ୍ତି ।

# ଦ୍ୱିତୀୟ ପରିଚ୍ଛେଦ

## ଦନାଇ ଦାସ

ଗୋପୀଭାଷାର ଜନପ୍ରିୟତା:—ଜନାର୍ଦ୍ଦନ ବା ଦନାଇ ଦାସଙ୍କ "ଗୋପୀଭାଷା" ଗୋଟିଏ ଜନପ୍ରିୟ ଗ୍ରନ୍ଥ । ପୂର୍ବେ ଚଟଶାଳୀମାନଙ୍କରେ କେଶବ କୋଇଲି, ହରି ଦାସଙ୍କ ଚଉତିଶା, (କ-କ-କାଳନ୍ଦୀତଟରେ...) ପ୍ରଭୃତି ପରି ଗୋପୀଭାଷାଟି ମଧ୍ୟ ନିମ୍ନଶ୍ରେଣୀର ଛାତ୍ରମାନେ ପଢ଼ୁଥିଲେ । ଭାଷାର ସରଳତା ଓ ଭାବର ବାହ୍ୟ ସହଜବୋଧତାହିଁ ଏହି ନିର୍ବାଚନର ମୁଖ୍ୟ ଉଦ୍ଦେଶ୍ୟ ।

ରାଗ: ଯତିପାତ—ଏହି ଗୋପୀଭାଷା ଗ୍ରନ୍ଥଟି ତାଳପତ୍ର ଓ ଛାପାରେ ଓଡ଼ିଶାର ବହୁ ସ୍ଥାନରେ ବହୁ ସଂଖ୍ୟାରେ ମିଳୁଛି । ପ୍ରାୟ ତିରିଶିବର୍ଷ ତଳେ ଗୋପୀଭାଷାର ମୁଦ୍ରିତ କଳେବର ଅତି କ୍ଷୁଦ୍ରଥିଲା, ମୋଟେ ତିନୋଟି କ୍ଷୁଦ୍ର ଛାନ୍ଦରେ ପ୍ରାୟ ଦୁଇଶହ ପଦ ଥିଲା । ରାଗ—ଚକ୍ରକେଳି, ଏଗାର ଅକ୍ଷର ବିଶିଷ୍ଟ ଦୁଇ ଚରଣରେ ଏକ ପଦ । ସାଧାରଣତଃ ପଞ୍ଚମ ଓ ଶେଷ ଅକ୍ଷର ଉପରେ ଯତିପାତ; ଯତିପାତର ନିୟମ ସର୍ବତ୍ର ରକ୍ଷିତ ହୋଇପାରିନାହିଁ । ପାଠକର ବୋଲିବା ଢଙ୍ଗ ଅନୁସାରେ ଯତିପାତ ମଧ୍ୟ ବିଭିନ୍ନ ପ୍ରକାର ଥିବା ଦେଖାଯାଏ ।

କଳେବର—ତିନି ଛାନ୍ଦ ବିଶିଷ୍ଟ ଏହି କ୍ଷୁଦ୍ର ଗ୍ରନ୍ଥଟିହିଁ ସର୍ବତ୍ର ଓଡ଼ିଶାରେ ତାଳପତ୍ର ପୋଥିମାନଙ୍କରେ ଦେଖାଯାଏ । କିନ୍ତୁ ତିରିଶିବର୍ଷ ପୂର୍ବେ ପ୍ରାଚୀସମିତିଙ୍କ ଦ୍ୱାରା ପ୍ରକାଶିତ ଗୋପୀଭାଷାର କଳେବର ଅତି ବୃହତ୍ । ପୂର୍ବକଥିତ ଗ୍ରନ୍ଥର କଳେବର ଅପେକ୍ଷା ବହୁଗୁଣରେ ବଡ଼ । ପୂର୍ବ ଗ୍ରନ୍ଥରେ କୋଡ଼ିଏ ଜଣ ଗୋପୀଙ୍କର ବଚନିକା ଅଛି; କିନ୍ତୁ ନୂତନ ଗ୍ରନ୍ଥରେ ଶତାଧିକ ଗୋପୀଙ୍କ ବଚନିକା ଅଛି । ଏ ସମ୍ପର୍କରେ ଏହିପରି ଅନୁମାନ କରାଯାଇପାରେ ।

(କ) କବି ଦନାଇ ପ୍ରଥମେ ଏହି ଛାନ୍ଦ-ବଶିଷ୍ଟ ଗୋପୀଭାଷା ଲେଖିଥିଲେ ଏବଂ ଏହା ସମାଜ ଓ ସୁଧୀବର୍ଗଙ୍କ ଭିତରେ ବିଶେଷ ଆଦର ଲାଭ କରିବାରୁ ଅନ୍ୟ ଛାନ୍ଦଗୁଡ଼ିକ ଯୋଡ଼ି ଗ୍ରନ୍ଥର କଳେବର ବୃଦ୍ଧି କରିଛନ୍ତି, ଏପରି ଅନୁମାନ ମଧ୍ୟ କରାଯାଇପାରେ । ଅବଶିଷ୍ଟ ଛାନ୍ଦଗୁଡ଼ିକ ବହୁସ୍ଥାନରେ ନ ମିଳୁଥିବାରୁ ଏବଂ ସେଗୁଡ଼ିକର ବିଷୟବସ୍ତୁରେ ବିଶେଷ ନୂତନତ୍ୱ ନଥିବା ଦୃଷ୍ଟେ ସେଗୁଡ଼ିକୁ ଲୋକେ ତ୍ୟକ୍ତ କରିଛନ୍ତି ବୋଲି ମଧ୍ୟ କୁହାଯାଇପାରେ ।

(ଖ) ଅବଶିଷ୍ଟାଂଶ ବେଶି ପ୍ରଚାର ଲାଭ କରିପାରି ନଥିବାରୁ ଲୋକେ ଏହାକୁ ମୂଳ ସହିତ ଯୋଡ଼ିବା ସୁଯୋଗ ପାଇ ନାହାନ୍ତି ବୋଲି ମଧ୍ୟ ଅନୁମାନ କରାଯାଇ ପାରେ ।

(ଗ) ପରବର୍ତ୍ତୀ ସମୟରେ କେହି ଉତ୍ସାହୀ କବି ଦନାଇ ଦାସଙ୍କ ପଦାନୁସରଣ କରି ଛାନ୍ଦଗୁଡ଼ିକ ଯୋଡ଼ିଛନ୍ତି ଏବଂ ନିଜ ନାମରେ ଭଣିତା ନକରି ଦନାଇ ଦାସଙ୍କ ନାମରେ ଭଣିତା କରିଛନ୍ତି । ଏଭଳି ଦୃଷ୍ଟାନ୍ତ ଓଡ଼ିଆ ପ୍ରାଚୀନ ସାହିତ୍ୟରେ ଅଭାବ ନାହିଁ ।

ତେବେ ସର୍ବତ୍ର ଉନ୍ନଛାନ୍ଦ ବିଶିଷ୍ଟ ଗ୍ରନ୍ଥଟିହିଁ ପ୍ରଚଳିତ ଥିବାରୁ ଅନ୍ୟଛାନ୍ଦଗୁଡ଼ିକ ପ୍ରକ୍ଷିପ୍ତ ବୋଲି କୁହାଗଲେ ସହଜ ହେଲେ ମଧ୍ୟ ଭାଷା ଓ ଭାବ ଦିଗରୁ ବିଚାର କଲେ ଅବଶିଷ୍ଟାଂଶ ସେହି ଏକ କବି ଦନାଇ ଦାସଙ୍କ ଦ୍ୱାରା ରଚିତ ହୋଇଥିବା ବିଶ୍ୱାସ କରାଯାଇ ପାରେ ।

କବିଙ୍କ ପରିଚୟ—କବି ଗୋପୀଭାଷା, ବଡ଼ କନଡ଼ା ଓ ସାନ କନଡ଼ା ଚଉତିଶାମାନଙ୍କରେ ନିଜକୁ ଦନାଇ ଦାସ ବୋଲି ପରିଚିତ କରାଇଛନ୍ତି । ଜନାର୍ଦ୍ଦନ ପଦର ଅପଭ୍ରଂଶ ଦନାଇ ବା ଦନେଇ । ଜନାର୍ଦ୍ଦନ ବା ଦନାଇ ନିଜର ସମୟ, ବଂଶ ପରିଚୟ, ଜନ୍ମସ୍ଥାନ ପ୍ରଭୃତି କୌଣସି ବିଷୟର ଉଲ୍ଲେଖ କରି ନାହାନ୍ତି ।

ଦନାଇ ବା ଜନାର୍ଦ୍ଦନ ଦାସ ପଞ୍ଚଦଶ ଶତାବ୍ଦୀର ଶେଷାର୍ଦ୍ଧ ଓ ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧର ଲୋକ ଥିବା ଅନୁମିତ ହୁଏ । ଏହା ସପକ୍ଷରେ ଏହି ପ୍ରମାଣଗୁଡ଼ିକ ଦର୍ଶାଇ ଦିଆଯାଇ ପାରିବ ।

(୧) ରାୟ ରାମାନନ୍ଦଙ୍କ ଶିଷ୍ୟ ବୋଲାଉଥିବା ଶ୍ରୀହରି ଦାସ ପ୍ରକୃତ 'ମୟୂର ଚନ୍ଦ୍ରିକା' ନାମକ ବଂଶ ଚନ୍ଦ୍ରିକା (ଗ୍ରନ୍ଥ) ବିଶିଷ୍ଟ କ୍ଷୁଦ୍ର ଗ୍ରନ୍ଥରେ ପଞ୍ଚମ ଚନ୍ଦ୍ରିକାର ଗୀତକୁ 'ରାସ-ଗୋପୀଭାଷା' ବୋଲି ଲେଖିଛନ୍ତି— ଖ୍ରୀ: ୧୯୩୦ରେ କଟକର ଅରୁଣୋଦୟ ପ୍ରେସ ପ୍ରକାଶିତ ସଂସ୍କରଣରେ ଏହା ଦେଖାଯାଏ; କିନ୍ତୁ ଅନ୍ୟମାନଙ୍କର କେତେକ ସଂସ୍କରଣରେ ଏହି ରାଗନିର୍ଦ୍ଦେଶ ନଥିବା ଜଣାଯାଏ । ତେବେ ପ୍ରାଚୀନ ସଂସ୍କରଣମାନଙ୍କରେ ଏହି ରାଗନିର୍ଦ୍ଦେଶ ଥିବା ଦେଖାଯାଉଥିବାରୁ ଏହାକୁ ନିଦର୍ଶନ ରୂପେ ଗ୍ରହଣ କରିବା ପାଇଁ ଅବକାଶ ଅଛି ।

ରାୟ ରାମାନନ୍ଦ ପଞ୍ଚଦଶ ଶତାବ୍ଦୀର ଶେଷାର୍ଦ୍ଧ ଓ ଷୋଡ଼ଶ ଶତାବ୍ଦୀର ପ୍ରଥମାର୍ଦ୍ଧର ଲୋକ । ଅତଏବ ତାଙ୍କ ଶିଷ୍ୟ ଶ୍ରୀହରିଙ୍କୁ ଷୋଡ଼ଶ ଶତାବ୍ଦୀର ପ୍ରଥମାର୍ଦ୍ଧର ଲୋକ ବୋଲି କୁହାଯାଇ ପାରିବ । ବିଶେଷତଃ ଶ୍ରୀହରି ସ୍ୱଗ୍ରନ୍ଥରେ ବହୁ ସ୍ଥାନରେ ରାୟ ରାମାନନ୍ଦଙ୍କ ଶିଷ୍ୟ ବୋଲି କହିଥିବାରୁ ସେ ରାୟ ରାମାନନ୍ଦଙ୍କର ସମସାମୟିକ ଥିବା ନିଃସନ୍ଦେହ । ଉଲ୍ଲିଖିତ ସମୟ ଭିତରେ ଗ୍ରନ୍ଥଟି ଲିଖିତ ହୋଇଥିବା ସମ୍ଭବ । କବି ଦିନେଇଙ୍କ 'ଗୋପୀଭାଷା' ଏହି ସମୟ ଭିତରେ କିମ୍ବା ଏହା ପୂର୍ବରୁ ରଚିତ ହୋଇଥିବ ।

(୨) ଜଗନ୍ନାଥ ଦାସଙ୍କ ଭାଗବତ ରଚିତ ହେବା ପରେ ଗୋପୀଭାଷା ରଚିତ ହୋଇଥିବା ଅନୁମାନ କରାଯାଇପାରେ ।

(କ) ଗୋପୀଭାଷାର କେତେକ ପଦ ଜଗନ୍ନାଥ ଦାସଙ୍କର ଭାଗବତର ପଦ ସହିତ ମେଳ ଖାଉଥିବାର ଦେଖାଯାଏ ।

ଭାଗବତ — ଭୋ ନାଥ ପରମ ଦୟାଳୁ, ଦୁଷ୍ଟ ନିବାରି ସନ୍ଥ ପାଳୁ ।
ଗୋପୀଭାଷା — କଂସକୁ ମାରି ମେଦିନୀ ରଖିଲୁ, ଦୁଷ୍ଟ ନିବାରି ସନ୍ଥଙ୍କୁ ପାଳିଲୁ ।

(ଖ) କୃଷ୍ଣ ମଥୁରାକୁ ଗଲାପରେ ସେ ବିରହିଣୀ ଗୋପୀମାନଙ୍କୁ ସାନ୍ତ୍ୱନା ଦେବା ପାଇଁ ମଥୁରାରୁ ଉଦ୍ଧବଙ୍କୁ ଗୋପପୁରକୁ ପଠାଇଥିଲେ । ଉଦ୍ଧବ ଗୋପୀମାନଙ୍କୁ ସାନ୍ତ୍ୱନା ଦେଇ ମଥୁରାକୁ ଫେରିଯାଇଥିଲେ । ଜଗନ୍ନାଥ ଦାସଙ୍କ ଲିଖିତ ବିଷୟ ସହିତ ଜନାର୍ଦ୍ଦନ ଦାସଙ୍କର ବିଷୟର ସାଦୃଶ୍ୟ

ରହିଥିବାରୁ ଏବଂ ପଦ-ମେଳ ମଧ୍ୟ ଦେଖାଯାଉଥିବାରୁ ଜଗନ୍ନାଥ ଦାସଙ୍କ ଭାଗବତର ଅନୁକରଣରେ କବି ଏହି ବିଷୟଟିକୁ ବର୍ଣ୍ଣନା କରିଛନ୍ତି ।

(ଗ) ଜଗନ୍ନାଥ ଦାସ ପ୍ରତିପାଦିତ ଗୋପୀଭାବ ବା ପ୍ରେମଭକ୍ତିର ଜ୍ୱଳନ୍ତ ଚିତ୍ର ଗୋପୀଭାଷାରେ ମିଳୁଥିବାରୁ ଦନେଇ ଦାସ ଜଗନ୍ନାଥ ଦାସଙ୍କ ଜଣେ ଭକ୍ତ ବା ଶିଷ୍ୟ ଥିବା ମଧ୍ୟ ଅନୁମାନ କରାଯାଇପାରେ । ଜଗନ୍ନାଥ ଦାସଙ୍କର ଷୋଳ ଶିଷ୍ୟଙ୍କ ଭିତରେ ଜନାର୍ଦ୍ଦନ ନାମକ ଜଣେ ଶିଷ୍ୟ ଥିଲେ । ସେ ଗୋପରେ କମଳମଞ୍ଜରୀ ଥିଲେ ଏବଂ ତାଙ୍କର ଗୋକୁଳରେ ଶଯ୍ୟା ନିରୂପଣ ସେବା ଥିଲି ବୋଲି ଅତିବଡ଼ୀ ସମ୍ପ୍ରଦାୟ ସ୍ୱୀକାର କରନ୍ତି ।

ଯେ ଜନାର୍ଦ୍ଦନ ପଣ୍ଡିତ ପୁଣ । କମଳମଞ୍ଜରୀ ସେ ଜାଣ ॥
କୃଷ୍ଣ ବଲ୍ଲଭ ଜନାର୍ଦ୍ଦନ । ଗୋକୁଳେ ଶଯ୍ୟା ନିରୂପଣ ॥
ଜଗନ୍ନାଥ ଚରିତାମୃତ । ୧ମ ଅ:

ଏହି ଜନାର୍ଦ୍ଦନ ପଣ୍ଡିତ ଜଗନ୍ନାଥ ଦାସଙ୍କଠାରୁ ମନ୍ତ୍ର ନେବା ପରେ ଜନାର୍ଦ୍ଦନ ଦାସ ବା ଦନେଇ ଦାସ ନାମରେ ପରିଚିତ ହୋଇଥିବା ମଧ୍ୟ ଅନୁମାନ କରାଯାଇ ପାରେ ।

(ଘ) ଦନାଇ ଦାସ ୬ଷ୍ଠ ଛାନ୍ଦରେ "ବେଶ ଭୂଷଣ ଯେ ହୋଇଲେ ଗୋରା, ଏହି ସମସ୍ତେ ମିଳେ ଶ୍ୟାମ ଗୋରା ।" ବୋଲି ଲେଖିବାରୁ ଏଥିରେ ଚୈତନ୍ୟଦେବ (ଗୋରା, ଗୌରାଙ୍ଗ)ଙ୍କ ରୂପ ସମ୍ବନ୍ଧୀୟ କ୍ଷୀଣ ସଙ୍କେତ ଥିବାର ଅନୁମାନ କରାଯାଇ ପାରେ । ଏହି କାରଣରୁ କବି ଓଡ଼ିଶାକୁ ଚୈତନ୍ୟଦେବଙ୍କ ଆଗମନ ପରେ ବା ଷୋଡ଼ଶ ଶତାବ୍ଦୀର ପ୍ରଥମ ପାଦ ଓ ଦ୍ୱିତୀୟ ପାଦ ଭିତରେ ଗୋପୀଭାଷା ଲେଖିଥିବା ସମ୍ଭବ ବୋଲି କୁହାଯାଇ ପାରେ ।

ଗୋପୀଭାଷାରେ ଅନ୍ତିରିକ୍ତ (୯ର୍ଥ ଛାନ୍ଦଠାରୁ ଶେଷ ପର୍ଯ୍ୟନ୍ତ) "ଶିବ ଆଳରେ ଗରଳ ଭରିଲୁ, ବିଷ୍ଣୁ ପ୍ରତିମା ଅନଳେ ଦହିଲୁ ।" ପଦରୁ ଏଥିରେ କଳାପାହାଡ଼ର ଓଡ଼ିଶାରେ ଦେବମନ୍ଦିର ଓ ଦେବ ପ୍ରତିମା ଭାଙ୍ଗିବା

(ଖ୍ରୀ: ୧୫୬୮) ବିଷୟକୁ ଲକ୍ଷ୍ୟ କରାଯାଇ ଥିବା ଅନୁମାନ କରାଯାଇ କଳାପାହାଡ଼ର ଓଡ଼ିଶା ଆକ୍ରମଣ (ଖ୍ରୀ ୧୫୬୮) ପରେ ଗ୍ରନ୍ଥଟି ଲିଖିତ ହୋଇଥିବାର କୁହାଯାଇ ପାରେ । ତାହାହେଲେ ଷୋଡ଼ଶ ଶତାବ୍ଦୀର ତୃତୀୟ ପାଦରେ କିମ୍ବା ତାହାପର ଦିନାଇ ଦାସ ଗ୍ରନ୍ଥଟି ଲେଖିଥିଲେ । ଏ ଅନୁମାନ ଠିକ୍ ବୋଲି ଗ୍ରହଣ କରାଗଲେ କବି ସେହି ସମୟ ପର୍ଯ୍ୟନ୍ତ ଜୀବିତ ଥିଲେ ଏବଂ ସେ ଖୁବ୍ ପରିଣତ ବୟସରେ ମୃତ୍ୟୁବରଣ କରିଥିଲେ ବୋଲି କୁହାଯାଇପାରେ ।

ନନ୍ଦ ଦାସ ତାଙ୍କର 'ଅଣାକାର ସଂହିତା'ରେ ଲେଖିଛନ୍ତି, ପଞ୍ଚସଖାଙ୍କ ଭିତରୁ ଶିଶୁ ଅନନ୍ତ ଖୋର୍ଦ୍ଧାରେ ଜନାର୍ଦ୍ଦନ ରୂପେ ଜନ୍ମଗ୍ରହଣ କରିଥିଲେ । ଏହି ଜନାର୍ଦ୍ଦନଙ୍କୁ ଗୋପୀଭାଷାର କବି ବୋଲି ସ୍ୱୀକାର କଲେ, କବିଙ୍କ ଜନ୍ମସ୍ଥାନ ପୁରୀ ଜିଲ୍ଲା ଅନ୍ତର୍ଗତ ଖୋର୍ଦ୍ଧା ଥିଲି ଏବଂ ସେ ଶିଶୁ ଅନନ୍ତଙ୍କ ତିରୋଭାବ ପରେ ଓ ନନ୍ଦଦାସଙ୍କ ଅଣାକାର ସଂହିତା ଲେଖା ପୂର୍ବରୁ ଜନ୍ମଗ୍ରହଣ କରିଥିଲେ ବୋଲି କହିବାକୁ ହେବ । କିନ୍ତୁ ଶିଶୁ ଅନନ୍ତ ଷୋଡ଼ଶ ଶତାବ୍ଦୀର ଓ ନନ୍ଦ ଦାସ ୧୭ଶ ଶତାବ୍ଦୀର ଲୋକ । ତେଣୁ ଏହି ଜନାର୍ଦ୍ଦନ ଦାସଙ୍କୁ ଗୋପୀଭାଷାର କବି ବୋଲି କହିବା ପାଇଁ ବିଶେଷ ପ୍ରମାଣ ନାହିଁ ।

ପ୍ରାଚୀ ସମିତି ଦ୍ୱାରା ପ୍ରକାଶିତ ଗୋପୀଭାଷାର ମୁଖବନ୍ଧରେ ସମ୍ପାଦକ ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି ଆହୁ କେତେକ ପ୍ରମାଣ ଦେଇଛନ୍ତି । ସେହି ଗୁଡ଼ିକ ସେତେ ବଳବତ୍ତର ନୁହେଁ । ଶ୍ରୀ ମହାନ୍ତି କହିଛନ୍ତି ଯେ ଦିନାଇ ଦାସ ଖ୍ରୀ:୧୭୧୦ ବା ଖ୍ରୀ:୧୭୨୦ ରେ ଜନ୍ମଗ୍ରହଣ କରି ଖ୍ରୀ:୧୭୭୦ ବା ଖ୍ରୀ: ୧୭୮୦ ମଧିହାରେ ଦେହ ତ୍ୟାଗ କରିଥିବା ସମ୍ଭବ । ତାଙ୍କର ଏ ଅନୁମାନ ଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ ନୁହେଁ ।

ଶ୍ରୀ ବିଜୟଚନ୍ଦ୍ର ମଜୁମଦାର କଲିକତା ବିଶ୍ୱବିଦ୍ୟାଳୟଦ୍ୱାରା ପ୍ରକାଶିତ 'ଉତ୍କଳ ସାହିତ୍ୟ ପରିଚୟ' (Typical Selections from Oriya Literature Vol. 1) ପ୍ରଥମ ଖଣ୍ଡରେ ଲେଖିଛନ୍ତି ଯେ

ଦନାଇ ଦାସଙ୍କ ଗୋପୀଭାଷା ଶାରଳାଦାସଙ୍କ ମହାଭାରତ ଅପେକ୍ଷା ପ୍ରାଚୀନ । ଏହି ସିଦ୍ଧାନ୍ତ ସପକ୍ଷରେ ଉପଯୁକ୍ତ ଯୁକ୍ତି ନଥିବାରୁ ଏହା ଗ୍ରହଣୀୟ ନୁହେଁ ।

ସ୍ପଷ୍ଟ ଭାବରେ କବିଙ୍କ ସ୍ଥିତି ସମୟ ମିଳୁନଥିଲେ ମଧ୍ୟ ଉପରେ ଆଲୋଚିତ ହୋଇଥିବା ପ୍ରମାଣଗୁଡ଼ିକରୁ ଏତିକି ସ୍ଥିର ଭାବରେ କୁହାଯାଇ ପାରେ ଯେ କବିଙ୍କ ଆବିର୍ଭାବ ପଞ୍ଚଦଶ ଶତାବ୍ଦୀର ଶେଷାର୍ଦ୍ଧରେ ହୋଇଥିଲା ଏବଂ ସେ ପରିଣତ ବୟସରେ ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧରେ ଦେହତ୍ୟାଗ କରିଥିଲେ ।

## ଗ୍ରନ୍ଥ ବିଚାର

ସଂକ୍ଷିପ୍ତ ସୂଚନା—କୃଷ୍ଣ ଗୋପପୁର ଛାଡ଼ି ମଥୁରା ଯିବାରୁ ଗୋପାଙ୍ଗନାମାନେ କିପରି କାଳ କାଟିଥିଲେ ବୋଲି ଦେବଦେବ ମହାଦେବଙ୍କୁ ପାର୍ବତୀ ପ୍ରଶ୍ନ କଲେ । ମହାଦେବ ମୂଳରୁ ସମସ୍ତ ବିଷୟ ବର୍ଣ୍ଣନା କଲେ । ଗୋପପୁରର ଷୋଳସହସ୍ର ଗୋପ ନାରୀ ଶ୍ରୀକୃଷ୍ଣଙ୍କୁ ପତି ରୂପେ ପାଇବା ଉଦ୍ଦେଶ୍ୟରେ ନିତ୍ୟ ଯମୁନା କୂଳରେ ଶିବଙ୍କୁ ପୂଜା କରୁଥିଲେ । ଶିବଙ୍କ ବର ପ୍ରସାଦରୁ ସେମାନେ ଶ୍ରୀକୃଷ୍ଣଙ୍କ ସଙ୍ଗ ଲାଭ କରିଥିଲେ । ଶ୍ରୀକୃଷ୍ଣ ଦେବକୀଙ୍କ ଗର୍ଭରୁ ଜନ୍ମ ହୋଇ ଗୋପପୁରରେ ନନ୍ଦଙ୍କ ଘରେ ବଢ଼ିଲେ । ସେଠାରେ ଷୋଳ ସହସ୍ର ଗୋପବାଳୀଙ୍କ ସହିତ ବିହାର କଲେ । କୃଷ୍ଣଙ୍କୁ ମାରିବାପାଇଁ କଂସ ନାନା ଉପାୟ ଭିଆଣ କଲା । ଗୁପ୍ତରେ ଯେତେ ଅସୁରଙ୍କୁ ପଠାଇଲା, ସମସ୍ତେ କୃଷ୍ଣଙ୍କ ହାତରେ ପ୍ରାଣ ଦେଲେ । କଂସ ଆଉ କିଛି ଉପାୟ ନଦେଖି ଷଡ଼ଯନ୍ତ୍ର କରି ଧନୁଯାତ୍ରା ଭିଆଇଲା ଏବଂ ବଳରାମ ଓ କୃଷ୍ଣଙ୍କୁ ନିମନ୍ତ୍ରଣ କଲା । ଅକ୍ରୂର କଂସର ଦୂତ ରୂପେ ଆସି ରାମକୃଷ୍ଣଙ୍କୁ ମଥୁରା ପୁରକୁ ନେଇଗଲେ । ମଥୁରାରେ ରାମକୃଷ୍ଣ କଂସକୁ ମାରି ଉଗ୍ରସେନଙ୍କୁ ରାଜା କଲେ । ସେଠାରେ ରାମକୃ[illegible]ାୟ ଆଠବର୍ଷ କାଳ ରହିଲେ ।

କୃଷ୍ଣଙ୍କ ଏହି ମଥୁରା ଅବସ୍ଥିତି ସମୟରେ ଗୋପବାଳାମାନଙ୍କର ବିରହ ବର୍ଣ୍ଣନା ଏହି ଗ୍ରନ୍ଥର ମୁଖ୍ୟ ବିଷୟ ।

ଏହି ଆଠବର୍ଷ କାଳ ଭିତରେ ଗୋପୀମାନେ ରାଧାଙ୍କୁ ଗୋପର ରାଜା କରି ତାଙ୍କ ଖଟଣୀରେ ରହି କାଳକଟାଇଲେ । ଗୋପୀମାନେ ଉଗ୍ରସେନ ନିକଟକୁ ପତ୍ର ପଠାଇଥିଲେ । ଗୁରୁଗୃହରେ ବିଦ୍ୟାଧ୍ୟୟନ ଓ ଅନ୍ୟାନ୍ୟ କାର୍ଯ୍ୟବଶତଃ କୃଷ୍ଣଙ୍କୁ କିଛିଦିନ ମଥୁରାରେ ରହିବାକୁ ପଡ଼ିଲା । ଉଗ୍ରସେନ କୃଷ୍ଣଙ୍କୁ ଗୋପକୁ ପଠାଇ ନପାରି ଅଙ୍ଗିରା ଋଷିଙ୍କୁ ମନ୍ତ୍ରଦାନ କରିବାକୁ ପଠାଇଲେ । ଅଙ୍ଗିରା ଋଷି ରାଧାଙ୍କୁ ଓ ଅନ୍ୟାନ୍ୟ ଗୋପୀମାନଙ୍କୁ ମନ୍ତ୍ରଦାନକରି ନିଜ ଆଶ୍ରମକୁ ଫେରିଲେ । ପରେ ନାରଦ ଗୋପକୁ ଆସି ଗୋପୀମାନଙ୍କୁ ବ୍ରହ୍ମଜ୍ଞାନ ଉପଦେଶ ଦେଲେ । କୃଷ୍ଣଙ୍କର ବିଭିନ୍ନ ରୂପର ଚିତ୍ରମାନ ନାରଦ ସ୍ୱର୍ଗପୁରର ଚିତ୍ର ଶିଳ୍ପୀ ଦ୍ୱାରା ଅଙ୍କିତ କରାଇ ଜୀବନ୍ୟାସ କଲେ ଏବଂ ଏହି ଚିତ୍ରପ୍ରତିମାମାନଙ୍କ ସେବା କରିବା ପାଇଁ ଗୋପୀ-ମାନଙ୍କୁ ଉପଦେଶ ଦେଲେ । ଗୋପୀମାନେ ଏହି ଚିତ୍ର ପ୍ରତିମାମାନଙ୍କର ସେବା କରି ପରମ ଆନନ୍ଦ ଲଭ କଲେ ।

ବିରହବିଧୁରା ଗୋପାଙ୍ଗନାମାନଙ୍କର ବୈଠକରେ କୃଷ୍ଣଙ୍କ କୀର୍ତ୍ତିକଳା-ପର ଆଲୋଚନା ଓ ନିଜ ନିଜର ମନ୍ତବ୍ୟ ବ୍ୟକ୍ତ କରିବାରେ ଯେଉଁ ସ୍ୱାଧୀନତା ଓ ସାହସିକତା ଦେଖାଇ ଅଛନ୍ତି ତାହା ଦିନାଇ ଦାସଙ୍କ ପକ୍ଷରେ କମ୍ ଗୌରବର କଥା ନୁହେଁ । ବିରହଜ୍ୱାଳାରେ ନିଜନିଜର ମନୋଭାବକୁ ( ବିଶେଷତଃ ରତିକେଳି ସମ୍ବନ୍ଧରେ ) ଦୃଢ଼ ଭାବରେ ଓ ଅସଙ୍କୋଚ ଚିତ୍ତରେ ଇଷ୍ଟ ଗୋଷ୍ଠୀ ଭିତରେ ମଧ୍ୟ ପ୍ରକାଶ୍ୟରେ ବ୍ୟକ୍ତ କରିବାର ସାହସ ଅତି ଅଳ୍ପ ରମଣୀଙ୍କଠାରେ ଦେଖାଯାଏ । କୃଷ୍ଣଙ୍କ ପ୍ରତି ଗୋପାଙ୍ଗନା-ମାନଙ୍କର ଅନାବିଳ ପ୍ରେମହିଁ ସେମାନଙ୍କର ମନରେ ଏହି ସାହସ ଦେଇଥିଲା ।

କୃଷ୍ଣ ସେମାନଙ୍କୁ ଭଣ୍ଡି ଦେଉଛନ୍ତି ବୋଲି ଗୋପୀମାନେ ଯଦି ପୂର୍ବରୁ ଜାଣିଥାନ୍ତେ ତାହାହେଲେ ସେମାନେ କେବେ ଶ୍ରୀକୃଷ୍ଣଙ୍କୁ ଛାଡ଼ନ୍ତେ ନାହିଁ । ଅକ୍ରୂର ଯେତେବେଳେ କଷ୍ଟାଳି କଲେ ମ[illegible] ରଥକୁ ବେଢ଼ି ସମସ୍ତେ ତାର ପ୍ରତିରୋଧ କରନ୍ତେ । ଅକ୍ରୂରକୁ ମାରନ୍ତେ, ମରନ୍ତେ । କଂସର ଅତ୍ୟାଚାରକୁ ଓ ଦଣ୍ଡକୁ ମଧ୍ୟ ସେମାନେ ଖାତିର ନକରି କୃଷ୍ଣଙ୍କୁ ଅଟକାଇ ରଖନ୍ତେ । କଂସ

ସିନା ପଛେ ଯାହା ଦଣ୍ଡ ଦିଅନ୍ତା, ତାହା ହାତରେ ମଲେ ବରଂ କାରଣ ହୁଅନ୍ତା । ଏବେ କୃଷ୍ଣ ଗୁଡ଼ ଗ୍ଭଲିଯିବାରୁ ସେମାନେ କ କଷ୍ଟ ଭୋଗ କରୁ ନାହାନ୍ତି !

କୃଷ୍ଣ ଆସିବେ ବୋଲି ଗଲେ ଭଣ୍ଡି ।
ତାହା ଜାଣିଲେ କମ୍ପା ଦ୍ୟନ୍ତୁ ଗୁଡ଼ି ॥
ରଥ ବେଢ଼ିଣ ସକଳ ତରୁଣୀ ।
ମାରି ମରନ୍ତୁ ଅକ୍ରୂରଙ୍କୁ ପୁଣି ॥
କଂସ ଯାହା କରୁ ପଛେ କରନ୍ତା ।
ଗୋପପୁର ଯାକ ପଛେ ମାରନ୍ତା ॥
ତହିଁ ମଲେ ସେ ହୁଅନ୍ତା କାରଣ ।
ଯାହା ଉପେକ୍ଷି ଗଲେ ନାରାୟଣ ॥ ୧ମ ଗ୍ରନ୍ଥ ।

ଗୋପୀ ଭଷାର ଗୋପୀ—ଗୋପୀମାନଙ୍କ ସହିତ ନାନା ପ୍ରକାର ଲୀଳାକରି କୃଷ୍ଣ ସେମାନଙ୍କର ମନପ୍ରାଣକୁ କିଣିନେଇଥିଲେ । ନନ୍ଦ ଗୋପପୁରର ରାଜା ଓ ଯଶୋଦା ଗୋପପୁରର ରାଣୀ ଥିବାରୁ କୃଷ୍ଣଙ୍କ ପ୍ରତି ରାଜକୁମର-ଯୋଗ୍ୟ ସମ୍ମାନ ଦେଖାଇବା ପ୍ରଜାଙ୍କ ପକ୍ଷରେ ସୁଲଭ । ଗୋପୀମାନେ ଏଥିରୁ ବହିର୍ଭୂତ ଥିଲେ । ସେମାନେ କୃଷ୍ଣଙ୍କୁ ନିଜର ବୋଲି ଭାବିଥିଲେ । ସେମାନେ ପାରିବାରିକ ସମ୍ପର୍କର ଗୌରବକୁ ଜଳାଞ୍ଜଳି ଦେଇ କୃଷ୍ଣଙ୍କଠାରେ ନିଜକୁ ସମର୍ପଣ କରିଦେଇଥିଲେ । ସେମାନଙ୍କ ସହିତ ବାଳକ କୃଷ୍ଣଙ୍କର ବିବିଧ ଲୀଳା ବାହ୍ୟ ସାଧାରଣ ଦୃଷ୍ଟିରେ ଅସମ୍ଭବ ପ୍ରତୀୟମାନ ହେଲେ ମଧ୍ୟ ସ୍ୱୟଂ ଭଗବାନଙ୍କ ପକ୍ଷେ ତାହା ସମ୍ଭବ ବୋଲି ଭକ୍ତମାନଙ୍କର ବିଶ୍ୱାସ ।

ବାଳକୃଷ୍ଣଙ୍କ କୌତୁକ ବାଳଲୀଳାର କେତୋଟି ଘଟଣା ଦନାଇ ଦାସ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ବାଳକୃଷ୍ଣ ଅତି କୌତୁକପ୍ରିୟ ଥିଲେ । ତାଙ୍କର ପ୍ରତ୍ୟୁତ୍ପନ୍ନମତି ତାଙ୍କୁ ବହୁ ବିପଦରୁ ରକ୍ଷା କରିଥିଲା ।

ଗୋପୀମାନେ ତାଙ୍କ ସହିତ ଲୀଳା କରିବାରେ ପରମାନନ୍ଦ ଉପଭୋଗ କରିଛନ୍ତି । ନଚେତ୍ ସେମାନେ କୃଷ୍ଣଙ୍କର ଦୁଷ୍ଟାମୀକୁ ସ୍ମରଣ କରି ବାହୁନି ନ ଥାଆନ୍ତେ ।

ଗୋପୀମାନେ କୃଷ୍ଣଙ୍କୁ ସ୍ୱୟଂ ଭଗବାନ ବୋଲି ଜାଣିଥିବା କଥା ଗୋପୀଭାଷାରୁ ଜଣାପଡ଼େ । ସେମାନେ କୃଷ୍ଣଙ୍କୁ ମାୟାବୀ ଚକ୍ରପାଣି, ଗୋପାଳ, ନାରାୟଣ, ବନମାଳୀ, ପରମାନନ୍ଦ ପ୍ରଭୃତି ସମ୍ବୋଧନ କରିଛନ୍ତି । ଏକ ଗୋପୀ (ବଂଶଛିତମ) ଏହି ଭାବକୁ ସ୍ପଷ୍ଟ ଭାବରେ ବ୍ୟକ୍ତ କରିଛନ୍ତି ।

ଶୁଣି ଘୋଷ୍ ଘୋଷ୍ କ୍ଷାନ ହୋଇଲା । ଏକ ଗୋପୀଏ ଥାଇଣ ବୋଇଲା ॥
ଯାହା ମହିମା ଦେବଙ୍କୁ ଦୁର୍ଲଭ । କାହିଁ ପ୍ରାପତ ଆମ୍ଭଙ୍କୁ ସୁଲଭ ॥
ଭାରି ଉଶ୍ୱାହିବା ପାଇଁ ଜନମ । ଆନ ବଳେ କରି ନୁହେଁ ଏମାନ ॥ ଅସ୍ଥ ଗ୍ରନ୍ଥ ।

କୃଷ୍ଣ ଭଗବାନ ବୋଲି ଏହି ଜ୍ଞାନ ଗୋପୀମାନଙ୍କର ଥିଲା ଏହା ଅସ୍ପଷ୍ଟ ଭାବରେ କବି ଭଗବାନଙ୍କ ନାମ ଉଲ୍ଲେଖରୁ ଜଣାଇଥିଲେ ମଧ ଭଗବାନଙ୍କ ଗୁଣସ୍ମରଣ ବା ଗୁଣକୀର୍ତ୍ତନଦ୍ୱାରା ଅଜ୍ଞାନ ଦୂର ହୋଇଯିବାରୁ ଗୋପୀମାନଙ୍କର କୃଷ୍ଣ ଭଗବାନ ବୋଲି ଧାରଣା ଜାତ ହୋଇଥିଲା, ଏହା କବି ସ୍ପଷ୍ଟ ଭାବରେ କହିଛନ୍ତି ।

ଶୁଣି ଘୋଷ୍ ଘୋଷ୍ କ୍ଷାନ ହୋଇଲା ।
ଏକ ଗୋପୀଏ ଥାଇଣ ବୋଇଲା ॥

ଗୋପୀଙ୍କ ବିରହବୋଲି—କୃଷ୍ଣ କଂସଙ୍କ ନିମନ୍ତ୍ରଣ ରକ୍ଷା କରି ମଥୁରାକୁ ଯିବା ପରେ ବିରହ ବିଧୁରା କେତେକ ଗୋପୀ ଥରେ ଏକସ୍ଥାନରେ ସମବେତ ହୋଇ କୃଷ୍ଣଙ୍କ ଗୁଣ ସ୍ମରଣ କରି ବିକଳ ହେଉଛନ୍ତି । ଏକ ଗୋପୀ କହିଲା, 'କୃଷ୍ଣ ଫେରି ଆସିବେ ବୋଲି କହି ଫେରି ନଥିବାରୁ ସେ ଗୋପୀମାନଙ୍କୁ ଭଣ୍ଡି ଦେଇଗଲେ । ଦାରୁଣ ଅକ୍ରୂର କଂସ ଆଜ୍ଞାବୋଲି କହି କୃଷ୍ଣଙ୍କୁ ରଥରେ ବସାଇ ଘେନିଗଲା । ଯଦି ଗୋପୀମାନେ ଏକଥା ଆଗରୁ ଜାଣିଥାଆନ୍ତେ ତାହାହେଲେ କୃଷ୍ଣଙ୍କୁ ଛାଡ଼ି ଦେଇ ନଥାନ୍ତେ । କଂସ ଏଥିରେ କ୍ରୁଦ୍ଧ ହୋଇ, ହୁଏତ ସମସ୍ତଙ୍କୁ ହତ୍ୟା କରିଥାଆନ୍ତା ।

ସେ ମରଣ ଅକାରଣ ହୋଇ ନ ଥାଆନ୍ତା । ଅନ୍ୟ ଏକ ଗୋପୀ କହୁଲା, ଅକ୍ରୂର କୃଷ୍ଣଙ୍କୁ ନ ନେଇ ଫେରି ଯାଇଥିଲେ କଂସ ରାଗ କରି-ଥାଆନ୍ତା; କିନ୍ତୁ ଗୋପପୁରକୁ କଂସ କଣ ସତେ ଆସନ୍ତା ? କୃଷ୍ଣ ବଳ ଦୁହେଁ ଗୋପପୁରରେ ଯେଉଁସବୁ ଅଲୌକିକ କାର୍ତ୍ତି କରିଛନ୍ତି ତାହା କଣ ସେ ଶୁଣି ନଥିବ ? ନିଶ୍ଚୟ ଭୟରେ ସେ ଗୋପକୁ ଆସିନଥାଆନ୍ତା ।

ବିପଦବନ୍ଧୁ କୃଷ୍ଣ ମଥୁରାକୁ ଚାଲିଯିବାରୁ ଗୋପପୁରବାସୀ ଅସହାୟ ହୋଇ ପଡ଼ିଲେ । ଇନ୍ଦ୍ର ସପ୍ତଦିନ ବୃଷ୍ଟି କରିବାରୁ କୃଷ୍ଣ ଗିରିବର ଗୋବର୍ଦ୍ଧନକୁ ଅଙ୍ଗୁଳିରେ ଟେକି ସମସ୍ତଙ୍କୁ ରକ୍ଷା କରିଥିଲେ । ଇନ୍ଦ୍ର ହାରିଯାଇ କୃଷ୍ଣଙ୍କଠାରେ ଶରଣ ପଶିଥିଲା । କଂସ ନିଶ୍ଚୟ ଏ କଥା ଶୁଣି ଭୟ କରିଥିବ ।

କେତେ କେତେ ବିପତ୍ତି ନ ପଡ଼ିଲା । କୃଷ୍ଣ ଥିବାରୁ କିଛି ନ ଲାଗିଲା ॥
ଏବେ କେ ଅବା ଆମ୍ଭଙ୍କୁ ରଖିବ । ଆମ୍ଭ ବିରହ-ଦୁଃଖ ଉପେକ୍ଷିବ ॥

ଏହି ପ୍ରସ୍ତାବନା ପରେ ସବୁ ଗୋପୀ ଦୁଃଖିତ ହେଲେ ।

କୃଷ୍ଣ ସ୍ୱ ଐଶ୍ୱରିକ ଶକ୍ତି ଯୋଗୁଁ କେତେବେଳେ ଶିଶୁ ତ କେତେବେଳେ ଯୁବକ ରୂପରେ ଗୋପୀମାନଙ୍କୁ ଦେଖା ଦେଇଛନ୍ତି । ଯୁବକ ପ୍ରେମିକ କୃଷ୍ଣ ଗୋପୀମାନଙ୍କର ଯେପରି ପ୍ରିୟ, ଶିଶୁ କୃଷ୍ଣ ମଧ୍ୟ ସେହିପରି ସ୍ନେହର ପାତ୍ର । କବି ସରସ ଭାବରେ ବାତ୍ସଲ୍ୟ ଓ ପ୍ରେମରସର ଭାବନାଗୁଡ଼ିକ ରୂପ ଦେଇଛନ୍ତି । କୃଷ୍ଣ ବହୁ ବିପଦରୁ ଏକାକୀ ଶିଶୁ ବୟସରୁ ଗୋପୀମାନଙ୍କୁ ରକ୍ଷା କରିଛନ୍ତି; ଶିଶୁ ଭାବରେ କୌତୁକ ଘଟଣା ରଚନା କରି ସମସ୍ତଙ୍କର ସ୍ନେହର ପାତ୍ର ହୋଇ ପାରିଛନ୍ତି; ପ୍ରେମିକ ଭାବରେ ପ୍ରେମିକା ଗୋପୀମାନଙ୍କ ହୃଦୟ ସିଂହାସନ ଅଧିକାର କରିପାରିଛନ୍ତି ।

ଗୋପୀମାନେ ଶ୍ରୀକୃଷ୍ଣଙ୍କଠାରେ କଣା ହୋଇ ରହିଥିଲେ; ସେମାନେ ଏକାନ୍ତ ଭାବରେ କୃଷ୍ଣଙ୍କର ଶରଣାଗତ ଥିଲେ । ସେମାନଙ୍କର ପରକୀୟା

ପ୍ରେମର ଚିତ୍ର ଗୋପୀଭାଷାରେ ଜ୍ୱଳନ୍ତ ଆକାରରେ ଫୁଟି ଉଠିଛି । ପ୍ରତ୍ୟେକ ଗୋପୀଙ୍କର ହୃଦୟସ୍ଥିତ ଭାବରାଜିକୁ କବି ଅଲଗା ପଦରେ ବ୍ୟକ୍ତ କରିଛନ୍ତି । ପ୍ରତ୍ୟେକ ଗୋପୀର 'ଗୁଣ ସୁମରଣା' ଗୋଟିଏ ଗୋଟିଏ ସ୍ୱତନ୍ତ୍ର କବିତା । ଗୋପୀମାନଙ୍କର କାହାଣୀର ଭାବ ଏକ, ଘଟଣାର ବିଭିନ୍ନତା ଗ୍ରନ୍ଥର କଲେବରକୁ ବହୁଗୁଣରେ ଅନାବଶ୍ୟକ ଭାବେ ବୃଦ୍ଧି କରିଛି ।

ଗୋପୀମାନଙ୍କର ଐକାନ୍ତିକ ପ୍ରେମ, କବି ଏକ ଗୋପୀ ମୁଖରେ ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି । ଯାହା ଘରେ ଯେଉଁ ଦ୍ରବ୍ୟ ଅପୂର୍ବ ତାକୁ ସେ କୃଷ୍ଣଙ୍କଠାରୁ ଲୁଚାଇ ରଖି ଆଥାନ୍ତି । କିନ୍ତୁ କୃଷ୍ଣହିଁ ତାହାକୁ କୌଶଳରେ ଭୋଗ କରନ୍ତି । ଗୋପାଙ୍ଗଣୀମାନେ ପତି, ତନୟ, ଗୁରୁ, ଗୌରବ, ଲାଜ ପ୍ରତି ଆଦୌ ଦୃଷ୍ଟି ଦେଉନଥିଲେ । କୃଷ୍ଣ ହିଁ ସେମାନଙ୍କର ପତି, ତନୟ, ସବୁ କିଛି । ଏବେ ତାଙ୍କୁ ନଦେଖି ଜୀବନ ଛାଡ଼ୁଛନ୍ତି ।

ଆମ୍ଭେ ପତି ତନୟ ଗୋ ନଜାଣୁ । ଗୁରୁ ଗଉରବ ଲାଜ ନମଣୁ ।।
ଆମ୍ଭ ପତି ତନୟ ସବୁ ସେହି । ତାଙ୍କୁ ନଦେଖି ଯାଉଅଛୁ ଦେହି ।୧ମ ଗ୍ରୁ: ।

ରୂପ, ରସ ସୃଷ୍ଟି:—ବାଳକୃଷ୍ଣଙ୍କର ବେଶ ଭୂଷା, ପ୍ରଖରବୁଦ୍ଧି, କୌତୁକପ୍ରିୟତା ପ୍ରଭୃତି ବହୁ ବିଷୟ କବି ଦକ୍ଷତା ସହକାରେ ଚିତ୍ରଣ କରି-ପାରିଛନ୍ତି । କବି ଗୋପର ବାଳକ କୃଷ୍ଣଙ୍କ ବେଶଭୂଷା ଓ ଆଚାର ବ୍ୟବହାର ଯୋଗୁଁ ଓଡ଼ିଶାର ବାଳକ କୃଷ୍ଣ କରିପାରିଛନ୍ତି । ନାସାରେ ବର୍ତ୍ତୁଳ ମୁକୁତା ଝୁଲୁଛି, ଦୁଇ କର୍ଣ୍ଣରେ ଦୁଇ କୁଣ୍ଡଳ ବିରାଜୁଛି, କପାଳରେ ଗୋରଚନା ଚିତା ଶୋଭା ପାଉଛି, ପୁଣି ଗୋଟିଏ ରଙ୍ଗ ଗୁଞ୍ଜାମାଳ ଝୁଲୁଛି । ହୃଦୟରେ ଶାର୍ଦ୍ଦୂଳ ନଖର କଣ୍ଠମାଳ, ହସ୍ତରେ ମୁରଲୀ, କରରେ ବଳୟ ବାହୁଟି କଙ୍କଣ, କଟିତଟରେ ପୀତବସନ, ମେଖଳା, ଓଡ଼ିଆଣି, ଯୁଗଚରଣରେ ନୂପୁର, ପଦ୍ମପାଦରେ ରତ୍ନକଟକ ମନୋହର ଦୃଶ୍ୟ ସୃଷ୍ଟି କରୁଛି । ଅଙ୍ଗରେ ଗୋଧୂଳି ପଡ଼ି ଅତ୍ୟନ୍ତ ଶୋଭା ଦେଖାଯାଉଛି । ଚାଲିଲାବେଳେ ଯୁଗଚରଣର ନୂପୁର ବାଜଣି ସହିତ ବଂଶୀବାଦନ ଗୋପୀମାନଙ୍କର ମନହରଣ କରୁଛି । କୃଷ୍ଣଙ୍କ ମଧୁ [illegible]ରଙ୍ଗରୂଖ ଗତି ଦେଖି କେଉଁ ଯୁବତୀ ବା ଦେହ ଧରିବ ?

ତାର ମଣ୍ଡ ସାରଙ୍ଗ ଭୂଷଣଗଣ । ଦେଖି ଦେହ ଧରେ କେଉଁ ଯୁବତୀ ॥
ନାଶେ ବଣ୍ଟୁଳ ମୁକୁତା ଝୁଲଇ । କର୍ଣ୍ଣେ କୁଣ୍ଡଳ ବେନ ବରାଜଇ ॥

ପୁଣି କୃଷ୍ଣଙ୍କ ଚତୁଃପାର୍ଶ୍ୱରେ ଗୋପସୁତମାନେ ବେଢ଼ି ଥାଆନ୍ତି ଏବଂ ନାନା ରଙ୍ଗରେ ଖେଳ ଆସୁ ଥାଆନ୍ତି । ଏହା ଦେଖି ଗୋପୀମାନେ ଅତ୍ୟନ୍ତ ସୁଖ ପାଉଥା'ଆନ୍ତି ।

କୃଷ୍ଣଙ୍କ ଦଧିଭଣ୍ଡ ଫୋଡ଼ିବା ଚିତ୍ର ମଧ୍ୟ ଓଡ଼ିଆ ଘରର ଚିତ୍ର କହିଲେ ଚଳେ । ଦିନେ ଗୃହରେ କୌଣସି ଏକ ଗୋପୀ ନଥିଲା ସମୟରେ କୃଷ୍ଣ ସେହି ଘରେ ପଶିଲେ । ଦେଖିଲେ, ଘରେ ତଳେ ଦୁଧଦହି କିଛି ନାହିଁ; କିନ୍ତୁ ଶିକା ଉପରେ ନଉତି ଅଛି । ନଉତିକୁ ହାତ ବଢ଼ାଇଲେ; କିନ୍ତୁ ହାତ ନ ପାଇବାରୁ ଏକ ଉପାୟ କଲେ । ପିଢ଼ା ଉପରେ ପିଢ଼ିମାନ ଥୋଇ ତାହା ଉପରେ ମାଧବ ଉଠିଲେ । ହାତରେ ଯଷ୍ଟି ଧରି ଦଧିଭଣ୍ଡକୁ ଫୋଡ଼ି କଣା କଲେ ଓ କଣା ସଳଖେ ତୁଣ୍ଡକୁ ପାତି ଦହି ପିଇଲେ । ଏହି କୌଶଳ କୌତୁକ ସୃଷ୍ଟି କରିଛି ପୁଣି ବାଳକର ପ୍ରତ୍ୟୁତ୍ପନ୍ନମତିତ୍ୱର ପ୍ରକାଶ ମଧ୍ୟ ହୋଇଛି । ଏତିକିବେଳେ ଗୋପୀ ଗୃହ ଭିତରେ ପ୍ରବେଶ କରି କୃଷ୍ଣଙ୍କୁ ଧରିବାକୁ ଯିବା ବେଳକୁ ମାଧବ ତାଙ୍କ ପ୍ରତି ଅପାଙ୍ଗ ଦୃଷ୍ଟି ନିକ୍ଷେପ କରି ଗଣ୍ଡୁଷେ ଦୁଧ ଗୋପୀଙ୍କ ଆଖିକୁ ମାରି ଦୁଇ ହାତରେ ଦୁଇ ଆଖି ବୁଜି ଦେଇ ଗୋପୀଙ୍କୁ ପେଲି ପକାଇ ମାଧବ ପଳାଇଲେ ।

ଗୋପୀର ଏ ବାତ୍ସଲ୍ୟଭାବ ସହିତ ଅପାଙ୍ଗଦୃଷ୍ଟିର ବିସ୍ମୟ ମିଶ୍ରିତ ଥିବାରୁ ପ୍ରେମଭାବ ମଧ୍ୟ ଜାଗ୍ରତ କରାଇଛି । ସବୁ ଅବସ୍ଥାରେ ଗୋପୀମାନେ ଗୋପ କୃଷ୍ଣଙ୍କୁ ଲାଭ କରିଛନ୍ତି । କବି ଗୋପୀର ବାତ୍ସଲ୍ୟ ଭାବର ପ୍ରକାଶକୁ ଧୃତ କରି ଚିତ୍ରଣ କରିବା ଉଦ୍ଦେଶ୍ୟରେ 'ମାଧବ' ପରିବର୍ତ୍ତେ 'ମାଧୋଇ' ସମ୍ବୋଧନ ଗୋପୀ ମୁଖରେ କରାଇଅଛନ୍ତି ।

ଗୋପୀମାନେ ଯଶୋଦା ପ୍ରତି ସାଧାରଣ ରମଣୀ ସୁଲଭ ବ୍ୟବହାର କରିଛନ୍ତି । ସେମାନେ କୃଷ୍ଣଙ୍କୁ ସ୍ୱୟଂ ଭଗବାନ ବୋଲି ଜାଣି ମଧ୍ୟ ନ ଜାଣିବା

ଭଳି ବ୍ୟବହାର କରିଛନ୍ତି । ଏହି କାରଣରୁ ନ ଜାଣିବା ଅବସ୍ଥାର ସୁଖ ପୂର୍ଣ୍ଣ ଭାବରେ ଉପଭୋଗ କରିଛନ୍ତି । କୃଷ୍ଣ ସ୍ୱ ମାୟାବଳରେ ବହୁପ୍ରକାର ମାୟା ରଚନା କରି ଗୋପୀମାନଙ୍କ ମନକୁ ରଞ୍ଜେଇବା ପାଇଁ ଲୀଳା କରିଛନ୍ତି । ଏହା ଗୋପୀମାନେ ଜାଣିଥିଲେ ।

ସାନବେଳହୁଁ ମାୟା ଅଗୋଚର । ତେଣୁ ଅଟଇ ନାମ ମାୟାଧର ।। ୧ମ ସ୍ତୁଃ ।

ଏହି କାରଣରୁ ଯଶୋଦାଙ୍କ ପ୍ରତି ରାଣୀରୂପେ ବ୍ୟବହାର ନ ଦେଖାଇ ସାଧାରଣ ମାତା ରୂପରେ ଦେଖାଇଛନ୍ତି । ଗୋପୀ ଯୁବତୀର ଶାଶୂ ଯଶୋଦାଙ୍କୁ କୃଷ୍ଣଙ୍କ ଅତ୍ୟାଗ୍ରହ ପାଇଁ ଭର୍ତ୍ସନା କରିଛନ୍ତି । କୃଷ୍ଣଙ୍କ ମାତା ମଧ୍ୟ ଏହି ମାୟାରେ ମୋହିତ ହୋଇଛନ୍ତି । ଗୋପୀ ଯୁବତୀର ଶାଶୁଙ୍କୁ ଯଶୋଦା ଉତ୍ତର ଦେଉଛନ୍ତି—

କଲେ କେତେ ଯେ କାହ୍ନୁକୁ ଗୁଆଳି । ତୋରେ କି କଲା ମୋର ବନମାଳୀ ।।
ମୋର ବାଳୁତ ପୁଅ ଲୋ କହ୍ନାଇ । ହସ ଖେଳ ଲୋ ସେ ତ ନ ଜାଣଇ ।।
ଆଜ ଘରୁ ଲୋ ନୋହିଛି ବାହାର । କେଉଁ ବାଟେ ଲୋ ଗଲା ତୋର ପୁର ।।
ମୋର କହିବା ମିଛପ୍ରାୟ ମଣ୍ଡ । ଦୋଷ ଦିଅ ଲୋ କେଉଁ ବଡ଼ ପଣ୍ଡ ।।୧ମ ସ୍ତୁଃ ।

ବ୍ରହ୍ମଜ୍ଞାନ ଉଦୟ ହେବା ପୂର୍ବରୁ ଗୋପୀମାନେ କୃଷ୍ଣଙ୍କୁ ମଥୁରାପୁରର ଯୁବତୀମାନଙ୍କ ସହିତ କେଳି କରୁଥିବା ଓ ସେହି ଯୁବତୀମାନେ ତାଙ୍କୁ ଅଟକେଇ ରଖିଥିବା କଳ୍ପନା କରି 'ସପତ୍ନୀ' ସୁଲଭ ମାନ ଓ ଭର୍ତ୍ସନା କରିଛନ୍ତି ।

ଏକେ ନାଗର ଅଟଇ ସୁରଙ୍ଗ । ଦୁଜେ ପଡ଼ିଲା ନାଗରୀଙ୍କ ସଙ୍ଗ ।।
× × ×
ତାଙ୍କୁ ନାନା ରସରେ ରସାଇବେ । ଗୋପପୁର କଥା ପାସୋରାଇବେ ।।

ଗୋପୀମାନଙ୍କ ମୁଖରେ କେତେଗୁଡ଼ିଏ ଅତି ବାସ୍ତବ କଥା କବି କୁହାଇଛନ୍ତି । କୃଷ୍ଣ ମଥୁରାପୁରକୁ ଯିବା ପରେ କଂସକୁ ମାରି ଗୌରବଲାଭ କରିଛନ୍ତି; ସେ ଗର୍ବରେ ମତ୍ତ ହୋଇ ଗୋପପୁରକୁ ଭୁଲି ଯାଇଛନ୍ତି, ଏହା

କେହି ଗୋପୀ ପ୍ରକାଶ କରୁଛି । କୃଷ୍ଣ ଯେତେବେଳେ ରାଜାଙ୍କ ମାର ବଡ଼ପଣ ପାଇଛନ୍ତି, ସେତେବେଳେ ତାଙ୍କର ଆଉ ବ୍ରଜଗୁଣ ବା କାହିଁକି ରହିବ ? ସେଠାରେ ବା କ'ଣ ଅପୂର୍ବ ହୋଇଛି ଯେ ଗୋପପୁରବାଳୀଙ୍କୁ ଚାହିଁବେ ?

ରାଜା ମାର ପାଇଛୁ ବଡ଼ପଣ । ଆଉ ଅଛୁ କି ତାର ବ୍ରଜଗୁଣ ॥
ତୁମ୍ଭେ କପାଇଁ ମନରେ ପଡ଼ିବ । ତାଙ୍କୁ ନ ମିଳିଲେ ସିନା ଲୋଡ଼ିବ ॥୧ମ ଛାଃ।

ଗୋପୀମାନଙ୍କ ଭିତରେ ବୁଦ୍ଧିମତୀ, ଚତୁରା, ବାସ୍ତବବାଦୀ ରମଣୀ ଥିବା କବି ଚତ୍ରଣ କରିଛନ୍ତି । ଜଣେ ଗୋପୀ ଏବେ ଅନ୍ନତ୍ୟାଗ କରି ସମସ୍ତେ ମରିବା ପ୍ରସ୍ତାବ କଲେ । ଏହି ଆମରଣ ଅନଶନ ଦ୍ୱାରା ଯଦି ଗୋପୀମାନଙ୍କର ମୃତ୍ୟୁ ହୁଏ ତାହାହେଲେ ଗୃହଆଡ଼େ ଅପକୀର୍ତ୍ତି ବ୍ୟାପିବ ଏବଂ କୃଷ୍ଣଙ୍କୁ ଆଶା କରି ଗୋପୀ ଯୁବତୀମାନେ ପ୍ରାଣ ତ୍ୟାଗକଲେ ବୋଲି ଲୋକେ କୃଷ୍ଣଙ୍କୁ ନିନ୍ଦା କରିବେ । କୃଷ୍ଣଙ୍କୁ ନାରୀହତ୍ୟା ପାତକ ଲାଗିବ ଏବଂ ତାଙ୍କର ସବୁ ପୁଣ୍ୟ କ୍ଷୟ ହୋଇଯିବ । ଅଭିମାନ ଗୋପୀମାନେ କ୍ରୋଧରେ ଏପରି ଅନିଷ୍ଟ କାମନା କରିଥିଲେ । ଅନ୍ୟ ଏକ ଗୋପୀ ଏହି ପ୍ରସ୍ତାବର ବାସ୍ତବତା ସମ୍ବନ୍ଧରେ ଆପତ୍ତି ଜଣାଇଲା । କୃଷ୍ଣଙ୍କୁ ନାରୀହତ୍ୟା ପାପ ଲାଗିବା ନିଶ୍ଚିତତା କିଛି ନାହିଁ । କାରଣ ତୁବେ ସେ ପୂତନାକୁ ହତ୍ୟା କରିଥିଲେ; କିନ୍ତୁ ତାଙ୍କୁ କେଉଁଠି ବା ନାରୀହତ୍ୟା ଦୋଷ ଲାଗିଲା ? ସେ ପୁଣି ବତ୍ସାସୁରକୁ ହତ୍ୟା କଲେ । ତାଙ୍କୁ ଗୋ-ହତ୍ୟା ବା କେଉଁଠି ଲାଗିଲା ? ଗୋପୀ ଏହାର ଯଥାଯଥ ଉତ୍ତର ଦେଇ କହିଲା,—

ସାନ ବେଳହୁଁ ମାୟା ଅଗୋଚର । ତାର ପାପ ପୁଣ୍ୟକୁ ନାହିଁ ଡର ॥
ଖାଉଁ ଖାଉଁ ଆମ୍ଭଙ୍କୁ ମୁରୁଛିଲା । ଆମ୍ଭେ ମଲେହିଁ ତାର କିସ ଗଲା ॥
୧ମ ଛାନ୍ଦ ।

ଆଉ ଏକ ଗୋପୀ କୃଷ୍ଣଙ୍କୁ ଗାଳି ନ ଦେବାକୁ ଉପଦେଶ ଦେଲା । କାରଣ, କୃଷ୍ଣ ଗୋପୀମାନଙ୍କୁ ବହୁ ବିପତ୍ତିରୁ ରକ୍ଷା କରିଛନ୍ତି ।

କେତେଠାରୁ ରଖିନାହୁଁ ଆମ୍ଭନ୍ତ । ତାର ଅରିଷ୍ଟି ପଡ଼ୁ ଆମ୍ଭ ମାଥ ॥

କେହି ଜଣେ କୃଷ୍ଣଙ୍କୁ 'ଛନ୍ଦ' ଚିଠି ଲେଖିବା ପାଇଁ ମଧ୍ୟ ପ୍ରସ୍ତାବ କଲେ ।

ମହା ପରାକ୍ରମଶାଳୀ କଂସର ଭବିଷ୍ୟତ ଅତ୍ୟାଚାର ପ୍ରତି ଭ୍ରୂକ୍ଷେପ ନକରି ଅକ୍ରୂରଙ୍କୁ ମାରି ମରିଆନ୍ତେ ବୋଲି ଗୋପୀମାନେ ଯାହା ବ୍ୟକ୍ତ କଲେ ତାହା କିଛି କମ୍ ସାହସର କଥା ନୁହେଁ । ସାଧାରଣରେ ନାରୀ ପକ୍ଷରେ ଏପରି ସାହସ ଦେଖାଇବା ସମ୍ଭବ ନୁହେଁ । ଦନାଇ ଦାସ ଗୋପାଙ୍ଗନାମାନଙ୍କୁ ବୀର ରମଣୀ ରୂପରେ ମଧ୍ୟ ଚିତ୍ରଣ କରିଛନ୍ତି । ଜଣେ ଯୁବତୀର ପ୍ରସ୍ତାବ ବଡ଼ ଚମକପ୍ରଦ—

ଏକ ଗୋପୀ ବୋଇଲା ନୋହେ କିଛି ।
ମୋତେ ଭଲ ବୁଦ୍ଧି ଏ ଦିଶୁଅଛି ॥
ଗୋପପୁରଯାକ ଭୁଣ୍ଡ ହୋଇବା ।
କରେ ବାଉଁଶ ଲଉଡ଼ି ଧରିବା ॥
ମଧୁପୁରକୁ ବୋଲି ଯିବା ଧାଇଁ ।
ଯାଇ କଟକେ ପଶିବା ଧସାଇ ॥
ତାଙ୍କ ସନ୍ନିଧେ ହୋଇବା ପ୍ରବେଶ ।
ତାଙ୍କୁ ବୋଲିବା କୃଷ୍ଣ ଗୋପେ ଆସ ॥
ଯେବେ ନ ଛାଡ଼ିବେ ମଧୁ ଯୁବତୀ ।
ଗୋଳ କରି ଆଣିବା ଶିଘ୍ରପତି ॥ ଶସ୍ତ ଗ୍ରନ୍ଥ ।

ଜଣେ ଗୋପୀକାର ଏ ସାହସ ଅତି ବିଚିତ୍ର । ଅନ୍ୟ କଟକକୁ ଯାଇ ଗୋଳ କରି ଛଡ଼ାଇ ଆଣିବାର ଧୈର୍ଯ୍ୟ ଯେଉଁ ସ୍ତ୍ରୀମାନଙ୍କର ଅଛି ସେ ବାସ୍ତବିକ୍ ସାଧାରଣ ଦୁର୍ବଳା ରମଣୀ ନୁହନ୍ତି । ଏ ବାଳିକାର ବିଶ୍ୱାସ, ନିଜର ଦ୍ରବ୍ୟକୁ ପର ଚୋରାଇ ନେଇଛି । ତାର ଅପହୃତ ପଦାର୍ଥକୁ ସେ ଫେରି ପାଇବା ପାଇଁ ପ୍ରଥମେ ଧୀର ସ୍ଥିର ଭାବରେ ଦାବୀ କରିବ; ତା ସତ୍ତ୍ୱେ ଯଦି ଚୋର ପଦାର୍ଥକୁ ଫେରାଇ ନଦେବ ତେବେ ଗୋଳ କରି ଆଣିଲେ ଜନରେ ଅପବାଦ ହେବ ନାହିଁ; ସଭା କରି ଅଲୋଚନା କଲେ ମଧ୍ୟ ସଭାରେ କେହି ଦୋଷ ଦେଇ ପାରିବେ ନାହିଁ ।

ସଭା କଲେ ଲୋକେ ନ ବୋଲିବେ କି ।
ଗୋପୀନାଥଙ୍କୁ ଗୋପୀ ନ ନେବେ କି ॥ ଶସ୍ତ ଗ୍ରନ୍ଥ ।

ମଥୁରାର ଯୁବତୀମାନେ କୃଷ୍ଣଙ୍କୁ ଅଟକାଇ ରଖିଥିବା ଧାରଣା ଗୋପୀଙ୍କ ମନରେ ଜାତ ହୋଇଛି । ସ୍ୱ ସମ୍ପତ୍ତିକୁ ଅନ୍ୟ ଜଣେ ବଳ ପ୍ରୟୋଗ କରି ନିଜ ଅଧିକାରରେ ରଖିବ, ଏହା କିପରି ସହ୍ୟ ହେବ ? ଏହି ବାଳିକାର ଏ ବୀରୋଚିତ ଉକ୍ତିରେ କେତେ ରାଜନୀତିର ନିଗୂଢ଼ ତତ୍ତ୍ୱ ନିହିତ ଅଛି ।

କିନ୍ତୁ ଯେତେ ହେଲେ ସେମାନେ ବିରହିଣୀ ନାରୀ । ଏହି ବୀରତ୍ୱ-ସୂଚକ ପ୍ରସ୍ତାବ ସଙ୍ଗେ ଅନ୍ୟ ଏକ ଗୋପୀର ପ୍ରସ୍ତାବ ତୁଳନା କଲେ ଦୁର୍ବଳତାସୂଚକ ପ୍ରସଙ୍ଗହିଁ ଜଣାପଡ଼େ । ମଥୁରାକୁ ଯାଇ ଗୋଳ କରି ମଥୁରା ନାରୀଙ୍କ ହାତରୁ କୃଷ୍ଣଙ୍କୁ ଛଡ଼ାଇ ଗୋପପୁରକୁ ଆଣିବା ପରେ ଅଭିମାନିନୀ ରମଣୀ ଏହିପରି ପ୍ରତିଶୋଧ ନେବାକୁ ଚାହୁଁଛି—

ଭାଜି ଯିବଟି ମଥୁରା ନଗର । କୃଷ୍ଣ ପୁଣି ଆସିବେ ଗୋପପୁର ॥
ଆମ୍ଭେ ରୁଷିଣ କଥା ନ କହିବା । ତାଙ୍କ ଚାଟୁବଚନ ନ ଶୁଣିବା ॥

ବହୁ ଗୋପୀଙ୍କର 'ଭାଳେଣୀ' ଶୁଣିସାରିବା ପରେ ବିଂଶତମ ଗୋପୀ ସରଳ ହୃଦୟରେ ଶାନ୍ତ ଭାବରେ କୃଷ୍ଣଙ୍କ ଈଶ୍ୱରତ୍ୱ ପ୍ରକାଶ କରି କହିଲା, କୃଷ୍ଣ ଗୋପପୁରରୁ ଯିବାରୁ ଭଲ ହେଲା । ସେ ଯଦି ଏଠାରେ ରହିଥାଆନ୍ତେ ତାହାଲେ ସେ ମହାକୁଢ଼ ହୋଇଯାଇ ଥାଆନ୍ତେ । ସେଠାରେ ରହି ସମସ୍ତଙ୍କର ଠାକୁର ହୋଇଛନ୍ତି । ସ୍ଥାନ ଗୁଣରେ ଦ୍ରବ୍ୟ ପୂଜା ପାଏ ।

ମନେ ବିଚାରି ଗୋପୀଏ ବୋଇଲା । କୃଷ୍ଣ ଗଲେ ଏଥୁ ଭଲ ହୋଇଲା ॥
ଏଥି ଥିଲେ ହୁଅନ୍ତା ମହାଖୁଢ଼ । ତହିଁ ହୋଇଛି ସଭିରି ଠାକୁର ॥

ଏପରି ବିରହିଣୀ ଗୋପୀମାନେ କୃଷ୍ଣଙ୍କ ନାମ କୀର୍ତ୍ତନ କରୁ କରୁ ସେମାନଙ୍କର ଦିବ୍ୟଜ୍ଞାନ ହେଲା ।

ଗୁଣ ଘୋଷୁ ଘୋଷୁ ଜ୍ଞାନ ହୋଇଲା । ଏକ ଗୋପୀଏ ଆଇଣ ବୋଇଲା ॥
ଯାହା ମହିମା ଦେବଙ୍କୁ ଦୁର୍ଲ୍ଲଭ । କାହିଁ ପ୍ରାପତ ଆମ୍ଭଙ୍କୁ ସୁଲଭ ॥
ଭାଗ ଉଶ୍ୱାସିବା ପାଇଁ ଜନମ । ଆନ ବଳେ କରି ନୁହେ ଏ ମାନ ॥
ଭାଗ୍ୟ ଯେତେ ଦିନ ଥିଲା ଆମ୍ଭର । କୃଷ୍ଣ ଯେଣୁ ଖେଳୁଥିଲେ ସଙ୍ଗର ॥ ଅସ୍ୟ ଶ୍ଳୋ: ।

ଗୋପୀମାନଙ୍କର ଦିବ୍ୟଜ୍ଞାନ ଉଦୟ ହେବାପରେ ଭଗବାନ ସେମାନଙ୍କର ଦୁଃଖ ଗୁହାରି ଶୁଣିଲେ । କୃଷ୍ଣ ଗୋପୀଙ୍କୁ ପ୍ରବୋଧ କରି ବାଣ୍ଡିଦେଇ ଉଦ୍ଧବଙ୍କୁ ଗୋପପୁରକୁ ପଠାଇଲେ ।

ଏହି 'ଗୋପୀ ବିରହ ବୋଲି'ରେ କବି ବିରହିଣୀ ପକ୍ଷରେ କୋକିଳ ସ୍ୱନର ପ୍ରଭାବ ମଧ୍ୟ ଦର୍ଶାଇଛନ୍ତି । ଗୋପୀମାନେ କୋକିଳର ସ୍ୱନ ଶୁଣି ଆଉ ବିରହ ବ୍ୟଥା ବୃଦ୍ଧି ନ କରିବାକୁ କୋକିଳକୁ ଅନୁନୟ କଲେ ଏବଂ ମଥୁରା-ପୁରକୁ ଯାଇ କୃଷ୍ଣଙ୍କୁ ମଦନ ବ୍ୟଥାରେ ବ୍ୟଥିତ କରି ଗୋପପୁରକୁ ଆଣିବା ପାଇଁ ଅନୁରୋଧ କଲେ । ଏହାର ପୁରସ୍କାର ସ୍ୱରୂପ କୋକିଳକୁ ଖଣ୍ଡକ୍ଷୀର ଦେବେ ବୋଲି ମଧ୍ୟ କହିଛନ୍ତି ।

ଗ୍ରନ୍ଥରେ ଗୋପୀ ପ୍ରେମତତ୍ତ୍ୱ—ଦନାଇ ଦାସ ଗୋପୀଭାଷାରେ 'ରାଧା' ଶବ୍ଦ କିମ୍ବା ତାଙ୍କ ରାଧାକୃଷ୍ଣ ଲୀଳାସୂଚକ କୌଣସି ବିଷୟ ଉଲ୍ଲେଖ କରିନାହାନ୍ତି । କେବଳ ବୃନ୍ଦାବତୀଙ୍କ ସହିତ କୃଷ୍ଣ କେଳି କରିଥିବା ବିଷୟ ସୂଚେଇଛନ୍ତି । ଗୋପୀମାନଙ୍କର କେବଳ ବୈଠକ ବସିଥିବାରୁ, ସେମାନେ ନିଜ ନିଜର ଅନୁଭୂତିକୁ ବ୍ୟକ୍ତ କରି ଅନ୍ୟ ପ୍ରସଙ୍ଗର ବିଶେଷ ଚର୍ଚ୍ଚା କବି ଦେଇନାହାନ୍ତି । ଗୋପୀମାନଙ୍କ ସହିତ ବିବିଧ ବନ୍ଧରେ କୃଷ୍ଣ ରତି କରିଥିବା କବି ବ୍ୟକ୍ତ କରିଛନ୍ତି ।

କେତେକ ସମ୍ପ୍ରଦାୟ ବିଶେଷତଃ ଚୈତନ୍ୟପନ୍ଥୀଙ୍କ ପକ୍ଷରେ ଗୋପୀ ପ୍ରେମହିଁ ଉତ୍କୃଷ୍ଟ ପ୍ରେମ ଓ ଭଗବାନଙ୍କୁ ପ୍ରାପ୍ତ ହେବାର ପ୍ରକୃଷ୍ଟ ଉପାୟ । ଓଡ଼ିଶାରେ ଜୟଦେବ, ରାୟ ରାମାନନ୍ଦ, ଜଗନ୍ନାଥ ଦାସ ପ୍ରଭୃତି ଏହି ମତର ପୋଷକ ଓ ସାଧକ ମଧ୍ୟ । ଦନାଇ ଦାସ ଗୋପୀ ପ୍ରେମତତ୍ତ୍ୱ ସମର୍ଥିତ ବିଷୟହିଁ ଗୋପୀଭାଷାରେ ଚର୍ଚ୍ଚା କରିଛନ୍ତି ।

'ଗୋପୀ ପ୍ରେମ'ର ତତ୍ତ୍ୱ ଗୋପୀଭାଷାରେ ସର୍ବବାଦୀସମ୍ମତ ବୋଲି ପ୍ରତିପାଦିତ ହୋଇଛି । ଆଞ୍ଚଳିକତା ଓ ସ୍ୱଜାତି ପ୍ରୀତି ଦୃଷ୍ଟିରୁ କୃଷ୍ଣ ଗୋପୀ-

ମାନଙ୍କର, ମଥୁରା ନାରୀମାନଙ୍କର ନୁହନ୍ତି; କୃଷ୍ଣ ଗୋପୀଙ୍କର ହୋଇହିଁ ରହିବେ ପ୍ରକାଶ୍ୟରେ ସଭାରେ ମଧ୍ୟ ଏହା ସମର୍ଥିତ ହେବ । ଏହା ଏହି କ୍ଷୁଦ୍ର ପଂକ୍ତିରେ କବି ବ୍ୟକ୍ତ କରିଛନ୍ତି ।

ସଭା କଲେ, ଲୋକେ ନ ବୋଲିବେ କି,
ଗୋପୀନାଥଙ୍କୁ ଗୋପୀ ନ ନେବେ କି ? ୩୬ଃ ଗ୍ରୀଃ ।

କୃଷ୍ଣଙ୍କ ବିରହରେ ଗୋପୀମାନଙ୍କ ବିଳାପ ଦନାଇ ଦାସ ବଡ଼ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ପ୍ରକୃତ ପ୍ରେମିକାର ବିରହ-ବିଳାପରେ ଉନ୍ମାଦ, ମୋହ, ଅନୁଳାପ, ଅପଳାପ, ପ୍ରଳାପ, ସନ୍ଦେଶ, ପ୍ରେଷଣ, ଚିନ୍ତା, ଉଦ୍‌ବେଗ ପ୍ରଭୃତି ଶୋଭନ ଭାବରେ ପ୍ରସ୍ଫୁଟିତ ହୁଏ । ଗୋପୀମାନଙ୍କର ବିରହ ପ୍ରକୃତ ପ୍ରେମିକାର ବିରହ । ଦନାଇ ଦାସ ସରଳ ଓ ସହଜ ଭାଷାରେ ଗୋପୀମାନଙ୍କର ପ୍ରାଣର ବେଦନାକୁ ଜୀବନ୍ତ ରୂପଦାନ କରିଛନ୍ତି । ଗୋପୀମାନଙ୍କର ଭାବ ଚିନ୍ମୟ ଓ ମହାଭାବ ବ୍ୟଞ୍ଜକ ।

ଶ୍ରୀକୃଷ୍ଣଙ୍କ ପ୍ରତି କଟୂବାଣୀ ପ୍ରକୃତରେ ବ୍ୟାଜସ୍ତୁତି ।

ସଦୁକ୍ତି—ଗୋପୀଭାଷାରେ କବି କେତେଗୁଡ଼ିଏ ସଦୁକ୍ତି ଦେଇଛନ୍ତି । ଏହା ଓଡ଼ିଶାରେ ବହୁଜନାଦୃତ । ଏଥିରୁ କେତୋଟି ଉଦ୍ଧାର କରାଗଲା ।

ଯା'କୁ ନାନା ରସପଣା ମିଳିବ । ସେ ଗୋ ଗୁଡ଼ପଣା କିଅଁ କରିବ ॥
ଯା'କୁ ମିଳିବ ସୁବାସ ଚନ୍ଦନ । ତାର ନିମ କାଠରେ କାହିଁ ମନ ॥
ଯେହୁ ଗଙ୍ଗାରେ କରିବ ସ୍ନାହାନ । ତାର କୂପ ଜଳରେ କାହିଁ ମନ ॥
ଯା'କୁ ମିଳିବ ପଲଙ୍କ ସୁପାଟ । ତାର ଭୂମି ଶଯ୍ୟାରେ କାହିଁ ମତି ॥
ଯା'କୁ ମିଳିବ ଦିବ୍ୟ-ଶାଳି ଅନ୍ନ । ତାର ବଗଡ଼ା ଭାତେ କାହିଁ ମନ ॥
ସେ ଗୋ ପୁରୁଷ ଜାତି ଭୃଙ୍ଗମତି । ପୁଷ୍ପ ଚୁମ୍ବିବା ଯାଏ ଭଣ୍ଡୁଥାନ୍ତି ॥
ସ୍ଥାନ ବିଶେଷେ ଦ୍ରବ୍ୟ ପୂଜାପାଇ । ଯେଉଁ ସ୍ଥାନେ ଯେଉଁ ଦ୍ରବ୍ୟ ବିକାଇ ॥
ଥିଲା ଶବରଣୀ ହାତେ ମାଣିକ । ତାହା ଚିହ୍ନି ଘେନଗଲା ଗୁଣିକ ॥
ଯେହ୍ନେ ଶାମୁକାରୁ ଜାତ ମୁକୁତା । ଜାଲେ ଭୋଗ କଲେ ତାହା ଦେବତା ।

। ୧-୩ ଗ୍ରନ୍ଥ ।

ପ୍ରାଚୀନ ପଦସମ୍ଭାର—ଗୋପୀଭାଷାରେ ଏହି କେତୋଟି ବ୍ୟବହାର ଦେଖାଯାଏ ।

(୧) ନାସାରେ ସ୍ଥାନରେ ନାସେ ।(ନାସେ ବର୍ତ୍ତୁଳ ମୁକୁତା ଝୁଲଇ)।୧ମ ଛାଃ
(୨) ଆମ୍ଭନ୍ତ—ଆମ୍ଭମାନଙ୍କୁ । (ଦ୍ୱିତୀୟା ବିଭକ୍ତି କୁ ସ୍ଥାନରେ ନ୍ତ)
(୩) ସ୍ନାହାନ—ସ୍ନାନ । ହାର ଅଗମ । ଯେହୁ ଗଙ୍ଗାରେ କରିବ ସ୍ନାହାନ ।
୨ୟ ଛାଃ ।

(୪) ମାଥ—ମଥା । ତାର ଅଗ୍ରେଷ୍ଟ ପଡ଼ୁ ଆମ୍ଭ ମାଥ । ୩ୟ ଛାଃ ।
(୫) ଆମ୍ଭଠେ—ଆମ୍ଭଠାରେ । ସପ୍ତମୀ ବିଭକ୍ତିଠାରେ ବଦଳରେ ଠେ ।

ଭେଜାଲେ, ଇଜର୍, ଲାଏକ, ମଉଜ, ସିପାହି, ହୁକୁମ ପ୍ରଭୃତି ଯାବନିକ ଶବ୍ଦ ଗୋପୀଭାଷାର ୪ର୍ଥ ଛାନ୍ଦଠାରୁ ଶେଷ ପର୍ଯ୍ୟନ୍ତ ଅଂଶରେ ଦେଖାଯାଏ ।

ଗ୍ରନ୍ଥ ଓ ରାଗର ଜନପ୍ରିୟତା—ଗୋପୀଭାଷା ଚକ୍ରକେଳୀ ରାଗରେ ରଚିତ ହୋଇଥିଲେ ମଧ୍ୟ ଏକ ସର୍ବଜନପ୍ରିୟ ରଚନା ହୋଇଥିବାରୁ ସାଧାରଣରେ ଏହି ରାଗଟି ଗୋପୀଭାଷା ବୃତ୍ତି ବୋଲି ପରିଚିତ ହୋଇଛି । କବିଙ୍କ ସମସାମୟିକ ଶ୍ରୀହରି ଦାସ ସ୍ୱ ମୟୂରଚନ୍ଦ୍ରିକା ଗ୍ରନ୍ଥରେ ୫ମ ଛାନ୍ଦର ରାଗ ଚକ୍ରକେଳି ରାଗ ନ ଲେଖି 'ରାଗ-ଗୋପୀଭାଷା' ବୋଲି ନିର୍ଦ୍ଦେଶ ଦେଇଥିବା ଗ୍ରନ୍ଥର ବହୁଳ ଲୋକପ୍ରିୟତାର ନିଦର୍ଶନ ।

ଦିନାଇ ଦାସ ବଡ଼ ସରଳ ମର୍ମସ୍ପର୍ଶୀ ଭାଷାରେ କଥାଗୁଡ଼ିକ ବ୍ୟକ୍ତ କରିଛନ୍ତି । ସାଧାରଣ ପାରିବାରିକ ଜୀବନରେ ଆମ୍ଭେମାନେ ଯେପରି କଥାବାର୍ତ୍ତା, ଚାଲିଚଳଣି କରୁ ତାହାର ନିଖୁଣ ଚିତ୍ର କରି ଫୁଟାଇଛନ୍ତି । ଏହି କାରଣରୁ ଏହି ଗ୍ରନ୍ଥଟି ଲୋକଙ୍କ ଭିତରେ ଏତେ ଆଦର ଲାଭ କରିଛି । ଦିନାଇ ଦାସଙ୍କ ପଦ ପଢ଼ିଲା ବେଳେ ମନେହୁଏ, ଯେପରି ଆମ୍ଭେମାନେ ସେହି ଗଉଡ଼ୁଣୀମାନଙ୍କୁ ନିଜ ଚକ୍ଷୁ ସମ୍ମୁଖରେ ଦେଖୁଛୁ ।

ଗୋପୀଭାଷାରେ ଏପରି କେତେକ ରନ୍ଧ୍ର ରହିଛି । ଅବଶ୍ୟ ବର୍ଣ୍ଣନା-ମାନଙ୍କରେ ଶୃଙ୍ଗାର ରସର ଆଧିକ୍ୟ ପ୍ରକାଶ ପାଇଥିବାରୁ କେତେକଙ୍କ ମନରେ ଗୋପୀଭାଷା ପ୍ରତି ଘୃଣା ଜାତ ହୁଏ । କିନ୍ତୁ ଦନାଇ ଦାସ ବ୍ୟଭିଚାରର ପ୍ରଶ୍ରୟ କରିବା ଉଦ୍ଦେଶ୍ୟରେ ଏପରି ଲେଖିନାହାନ୍ତି । କେବଳ ଧର୍ମଭାବରେ ପ୍ରଣୋଦିତ ହୋଇ ପୂର୍ବାଚାର୍ଯ୍ୟ ଓ ସ୍ୱମତ ପରଂପରା ପନ୍ଥା ଅନୁସରଣ କରି ସ୍ୱମତ ଦ୍ୱାରା ସମର୍ଥିତ ଓ ଦୋଷଶୂନ୍ୟ ରୂପେ ବିବେଚିତ କୃଷ୍ଣଗୋପୀପ୍ରେମରେ ଶୃଙ୍ଗାର ରସର ଚିତ୍ର ଦେଇଛନ୍ତି । ତାଙ୍କର ଭାଷାର ସରଳତା, ଭାବର ସରସତା ଓ ଗୋପୀପ୍ରେମର ନିଖୁଣ ଚିତ୍ର ଅଙ୍କନ ପ୍ରଭୃତିରେ ତାଙ୍କର କୃତିତ୍ୱ ସ୍ୱୀକାର୍ଯ୍ୟ ।

ଚଉତିଶା— ଦନାଇ ଦାସ ଗୋପୀଭାଷା ଛଡ଼ା ବଡ଼ କନଡ଼ା ଓ ସାନ କନଡ଼ା ନାମରେ ଦୁଇଟି ଚଉତିଶା ଲେଖିଛନ୍ତି । ଏହି ଚଉତିଶାମାନଙ୍କର ଭାଷା ସରଳ ।

ସାନ କନଡ଼ା ଚଉତିଶା—ଦନାଇ ଦାସ କୁଟୁମ୍ବ-ଜଞ୍ଜାଳରେ ପଡ଼ି କୃଷ୍ଣଙ୍କୁ ନ ଭଜିବାରୁ ଏହି ଚଉତିଶାରେ ଆତ୍ମଗ୍ଲାନି ପ୍ରକାଶ କରିଛନ୍ତି । ଗ୍ରନ୍ଥର ରାଗ ସାନ କନଡ଼ା ଥିବାରୁ କବିଙ୍କ ଚଉତିଶାଟି ସାନ କନଡ଼ା ନାମରେ ପରିଚିତ । କବି କିନ୍ତୁ କୌଣସିଠାରେ ଚଉତିଶାର ନାମ ଉଲ୍ଲେଖ କରି-ନାହାନ୍ତି । 'ମନ'କୁ ସମ୍ବୋଧନ କରି କବି ଚଉତିଶା ରଚନା କରିଛନ୍ତି ।

ଜୀବନର ବହୁ ସମୟ ସଂସାର ମୋହରେ ପଡ଼ି କ୍ଷୁଦ୍ର ପାପରେ 'ନାଶ' ଯିବାରୁ କବି ନିଜକୁ ଧିକ୍କାର ଦେଇଛନ୍ତି ଏବଂ ନିଜ ଜନ୍ମ ବ୍ୟର୍ଥ ହୋଇଥିବା ବ୍ୟକ୍ତ କରିଛନ୍ତି । ଖାଇବା, ଖେଳିବା, ହସିବା, ଭୁଞ୍ଜିବା, ଧନ ଅର୍ଜିବା ପ୍ରଭୃତିରେ ମାତି କ୍ଷଣେ ହେଲେ ସାଧୁଗୋଷ୍ଠୀରେ ବସିପାରିଲେ ନାହିଁ । ବିଷୟୀବିଷ ନିରନ୍ତରେ ପାରିବାରୁ ମୋହିତ ହୋଇ ପଡ଼ିଲେ । ପଢ଼ିଏ ହେଲେ ଜ୍ଞାନ ଉଦୟ ନ ହେବାରୁ ମହାମନ୍ତ୍ର ମଧ ଘୋଷି ପାରିଲେ ନାହିଁ ।

ସଂସାର ମୋହ ତାଙ୍କ ବୁଦ୍ଧିକୁ ଧ୍ୱଂସ କରିବାରୁ ସବୁ ଦ୍ରବ୍ୟ ଥାଇ ନଥିଲା ପରି ଦିଶିଲା; ନୟନ ଥାଉ ଅନ୍ଧ ହେଲେ; ନିକଟରେ ନିଆଁ ଥିଲେ

ମଧ୍ୟ ଦୀପ ଜାଳି ପାରିଲେ ନାହିଁ; ଅଜ୍ଞାନ ତମିରରେ ବୁଡ଼ି ରହିଲେ ସିନା ଜ୍ଞାନ-ଦୀପକୁ ଜାଳି ପାରିଲେ ନାହିଁ ।

'ଛଇଳ ବୁଦ୍ଧି କେବେ ଗୁଡ଼ିଲା ନାହିଁ; ଗୁରୁ କଥାକୁ ନିରନ୍ତରେ ଭଜି ସମସ୍ତ କଟିଲା । ତମତମାଳରେ ଦିନ ଗଲା ।

କବି 'ହରିକି ଭଜି ନିର୍ବାଣ ମୁକ୍ତି' ପାଇବା ଲକ୍ଷ୍ୟ ରଖିଛନ୍ତି । ମହାମନ୍ତ୍ର ଜପି ହରିଙ୍କୁ ପାଇବା ପନ୍ଥାକୁ ସେ ଧରିପାରି ନଥିବାରୁ ଦୁଃଖ ପ୍ରକାଶ କରି-ଛନ୍ତି । 'କୃଷ୍ଣ'ଙ୍କୁ ଭାବରେ ଭଜିଲେ କୃଷ୍ଣଙ୍କୁ ପାଇ । ଅଗୋଷ୍ଠୀକି ଗୁଡ଼ି ଗୋଷ୍ଠୀରେ ବସିଲେ ଅଣିମାଦି ଐଶ୍ୱର୍ଯ୍ୟ ପ୍ରାପ୍ତି ହୁଏ ।

କବି ଜୀବନର କାର୍ଯ୍ୟର ଫଳାଫଳକୁ ଅତି ସୁନ୍ଦର ଭାବରେ ବ୍ୟକ୍ତ କରିଛନ୍ତି—

ଫୁଟିଛି ଶିମୁଳି ସୁରଙ୍ଗ ଦିଶୁଛି
ଫାଇ ଆଶା କରି ରହିଲି ।
ଫଳ ଖାଇବି ହୃଦରେ ଧଇଲି
ଫୁଟି ଉଡ଼ିଗଲେ ସେ ଯେହ୍ନେ ନିଷ୍ଫଳ
ସେହି ମତି ପ୍ରାପ୍ତ ହୋଇଲି । ମନରେ ।

କବି ଏହିପରି ଅନ୍ୟ ଦୃଷ୍ଟାନ୍ତ ମଧ୍ୟ ଦେଇଛନ୍ତି—

(୧) ମରିବି ବୋଲି ମୋ ମନ ଜାଣେ ନାହିଁ,
ମୂଷା ନଚହ୍ନିଲା ମଞ୍ଜାରି ।
(୨) ଲବଣ୍ୟନିଧି ଦୂର କରି ପକାଇ ଲୁହା କିଣିବାରେ ପଶିଲି ।
(୩) ଶମ୍ଭୁ ଗୁଡ଼ି ଶିଳପୁଆକୁ ପୂଜୁଛି ।
(୪) ସର ପକାଇ ସୋଲ ସାଗ ଖାଇଛି ।
(୫) ବାଲି ଚପି ଚପି ଧାନ ବୁଣୁଛି ।
(୬) ସୁବର୍ଣ୍ଣନିଧି ମୋ ସନ୍ନିଧିରେ ଅଛି ଶାମୁକାକୁ ମଣେ ଦିବ୍ୟ ଧନ ।
(୭) ସପନ ନିଧି ସତ ପ୍ରାପ୍ୟେ ମଣିଲି ।

(୮) ଶୁକନଳି ପ୍ରାୟେ ବୋଲି ବୋଇଲି ।
(୯) ଫୁଟମୁକୁଳ ପଦ୍ମକୁ ଦୂର କରି ସାହାଡ଼ା ଫୁଲକୁ ରସିଲି ।
ଇତ୍ୟାଦି

କବି ମହାମନ୍ତ୍ର "ହରେ ରାମ କୃଷ୍ଣ" ଓ କୃଷ୍ଣ ନାମ ଭଜନକୁ ଜୀବନର ଲକ୍ଷ୍ୟ ବୋଲି ଘୋଷଣା କରିଛନ୍ତି । ଭଜନ, ସତ୍‌ସଙ୍ଗ ପ୍ରଭୃତିର ଅଭାବରେ ଜୀବନ କିପରି ବ୍ୟର୍ଥ ହୁଏ ତାହା ନିଜକୁ ଏକ କାଳ୍ପନିକ ସଂସାରମୋହମୁଗ୍ଧ ପାପୀ ରୂପେ ବର୍ଣ୍ଣନା କରି ଜୀବନର ବ୍ୟର୍ଥତା ପ୍ରକାଶ କରିଛନ୍ତି ।

ଚଉତିଶାର ଭାବ—କବିଙ୍କର ଗୋପୀଭାଷାରେ ପ୍ରକଟିତ କୃଷ୍ଣଭକ୍ତି ଏଥିରେ ପ୍ରକାଶ ପାଇଛି । ଭାଷା ସରଳ ଓ ହୃଦୟସ୍ପର୍ଶୀ । କବି ସାଂସାରିକ ଜ୍ଞାନର ଅମାପ ଅପଜ୍ଞାନର ଅଧିକାରୀ ଥିବା ଏଥିରୁ ପ୍ରକାଶ ପାଉଛି ।

କବିଙ୍କ ଭାବକୁ ପ୍ରକାଶ କରିବାରେ ଭାଷା ବାଧା ଦେଇନାହିଁ । ଭାଷା ଭାବର ଅନୁଗାମୀ ହୋଇଛି । ସ୍ପଷ୍ଟ, ସରଳ ଭାବକୁ ହୃଦୟସ୍ପର୍ଶୀ କରି ପ୍ରକାଶ କରିବାରେ କବିଙ୍କ ସରଳ ଭାଷା-ଶୈଳୀ ଅନୁକୂଳ ହୋଇଛି । କବିତାଟି କ୍ଷୁଦ୍ର ହେଲେ ମଧ୍ୟ କବିଙ୍କ କବିତ୍ୱ ଶକ୍ତିର ଯଥେଷ୍ଟ ପରିଚୟ ଏଥିରେ ମିଳୁଛି ।

# ତୃତୀୟ ପରିଚ୍ଛେଦ

## ବାଳକ ଶ୍ରୀହରି ଦାସ

'ମୟୂର ଚନ୍ଦ୍ରିକା'ର କଳେବର କ୍ଷୁଦ୍ର ହେଲେ ମଧ୍ୟ ତତ୍ତ୍ୱଗ୍ରନ୍ଥ ରୂପେ ଏହାର ମର୍ଯ୍ୟାଦା ନ୍ୟୂନ ନୁହେଁ । ପ୍ରତାପରୁଦ୍ରୀୟ ବା ପଞ୍ଚସଖାଯୁଗର ଓଡ଼ିଆ ତତ୍ତ୍ୱ ଗ୍ରନ୍ଥମାନଙ୍କ ଭିତରେ ଏହାର ବିଶିଷ୍ଟ ସ୍ଥାନ ରହିଛି । ଶ୍ରୀହରି ଦାସ ନିଜକୁ ରାୟ ରାମାନନ୍ଦଙ୍କ ଶିଷ୍ୟ ବୋଲି ପରିଚୟ ଦେଇଛନ୍ତି ଏବଂ ଚୈତନ୍ୟଙ୍କୁ ମଧ୍ୟ ଗୁରୁ ବୋଲି କହିଛନ୍ତି । ରାୟ ରାମାନନ୍ଦଙ୍କ ଠାରୁ ରାଧା-କୃଷ୍ଣ-ଲୀଳା-ମାଧୁର୍ଯ୍ୟ-ତତ୍ତ୍ୱ ସମ୍ବନ୍ଧରେ ସେ ଯାହା ଶୁଣିଛନ୍ତି ତାହାକୁ 'ମୟୂର ଚନ୍ଦ୍ରିକା'ରେ ବ୍ୟକ୍ତ କରିଥିବା ଜଣାଯାଏ । ଏଥିରୁ ରାୟ ରାମାନନ୍ଦଙ୍କ ମତବାଦ ସମ୍ବନ୍ଧରେ ବହୁ ତଥ୍ୟ ମିଳେ । ରାୟ ରାମାନନ୍ଦଙ୍କ ସମସାମୟିକ ରୂପରେ ମଧ୍ୟ ଶ୍ରୀହରି ଦାସଙ୍କୁ ଗ୍ରହଣ କରିବା ପାଇଁ ପ୍ରମାଣ ଥିବାରୁ ପ୍ରତାପରୁଦ୍ରୀୟ ଯୁଗର ତତ୍ତ୍ୱମୂଳକ ବୈଷ୍ଣବ ସାହିତ୍ୟ ଭିତରେ ରାଧା-କୃଷ୍ଣ-ଲୀଳାର ତତ୍ତ୍ୱଗୁଡ଼ିକୁ ସ୍ପଷ୍ଟ କରିବାରେ ଏହି ଗ୍ରନ୍ଥଟି ବହୁତ ସାହାଯ୍ୟ କରୁଛି ।

ବହୁଳ ଭାବରେ ସଂସ୍କୃତ ଓ ତଦ୍‌ଭବ ସାହିତ୍ୟିକ ଶବ୍ଦ ବ୍ୟବହାର କରି ରଚନା କରିଥିବାରୁ ଶ୍ରୀହରିଙ୍କ ସ୍ଥାନ ଯେ ସମସାମୟିକ ସାହିତ୍ୟ କ୍ଷେତ୍ରରେ ଉଚ୍ଚରେ ଥିଲା ଏଥିରେ ସନ୍ଦେହ ନାହିଁ ।

ଶ୍ରୀହରି ଦାସ ବିଭିନ୍ନ ଛାନ୍ଦ ବା 'ଚନ୍ଦ୍ରିକା'ରେ ନିଜର ସଂକ୍ଷିପ୍ତ ପରିଚୟ ଦେଇଛନ୍ତି । କବି ଗୋପକୁଳରେ ଜନ୍ମଗ୍ରହଣ କରିଥିଲେ । ଗୋପକୁଳର ଅଧିକାରୀ ରାମକୃଷ୍ଣ ଦାସ ତାଙ୍କର ପିତା । ରାମକୃଷ୍ଣ ଜଣେ ପରମ ବୈଷ୍ଣବ ଥିଲେ ।

ଗୋପକୁଳ ଅଧିକାରୀ ନାମ ରାମକୃଷ୍ଣ,
କି ମୋହନ ମୂର୍ତ୍ତି କୃଷ୍ଣ ନାମରେ ସନ୍ତୁଷ୍ଟ ।
ତାହାଙ୍କ ନନ୍ଦନ ଅଟେ ନାମ ମୋ ଶ୍ରୀହରି
ନିତାନ୍ତ ବାଳକ ଦୀନ ଅଧମ ଭିଖାରୀ । ୧ମ ଚଃ । ୪୭ ।

ଏବେ ଶୁଣ ସାବଧାନେ କହୁଅଛୁ ମନ
ଏ ଭାବେ ଭାଷଇ ଦାସ ଶ୍ରୀହରି ଅଧମ । ୨ୟ ଚଃ । ୩୪ ।
କହେ ଶ୍ରୀହରି ଦାସ ଏହା, ମୋ ସ୍ୱାମୀ ଭକ୍ତବୃନ୍ଦ ନାହା ।
୭ମ ଚଃ । ୫୭ ।

ସେ ବନ୍ଧୁ ମଧ୍ୟେ ହୃଦେ ଗୌରାଙ୍ଗଚନ୍ଦ୍ର
ଦାସ ଶ୍ରୀହରି ଭାଷେ ହୋଇ ଆନନ୍ଦ ଗୋ । ୧୯ଶ ଚଃ । ୨୭ ।

କବି ବହୁ ସ୍ଥାନରେ ନିଜକୁ ବାଳକ, ଶିଶୁ ଓ ମୂର୍ଖ ବୋଲି ବ୍ୟକ୍ତ କରିଛନ୍ତି । ଏଥିରୁ ଅନୁମିତ ହୁଏ, ସେ ଗ୍ରନ୍ଥଟି ଅଳ୍ପ ବୟସରେ ଲେଖିଥିଲେ । ଅଳ୍ପ ବୟସରେ ଚନ୍ଦ୍ରିକାଟି ଲେଖିଥିବାରୁ କେହି ହାସ୍ୟ ନ କରନ୍ତୁ, ଏହା ସେ ମାଗି ନେଇଛନ୍ତି ।

ହେ ଭକ୍ତଜନେ ମୋର ନ ଧର ଦୋଷ
ଶିଶୁ ରଚନା ବୋଲି ନ କର ହାସ୍ୟ ଯେ ।୨୦ ଚଃ ।୪୦।
ତାହାଙ୍କ ନନ୍ଦନ ଅଟେ ନାମ ମୋ ଶ୍ରୀହରି
ନିତାନ୍ତ ବାଳକ ଦୀନ ଅଧମ ଭିଖାରୀ । ୧ମ ଚଃ। ୪୭ ।
ଦୀନ ଭକତ ବାଳକ ଶ୍ରୀହରି;
ଭଣିଲେ ଶ୍ରୀଗୁରୁ ପଦ ସୁମରି । ୫ମ ଚଃ
ଅଧମ ବାଳକ ଶ୍ରୀହରି, ପ୍ରକାଶ ବହ୍ନିର ଲହରି । ୬ଷ୍ଠ ଚଃ ।୨୦।

ଶ୍ରୀଗୁରୁ ଯାହା ବ୍ୟକ୍ତ କରିଛନ୍ତି ତାହାକୁ 'ମୟୂର ଚନ୍ଦ୍ରିକା'ରେ ଲିପିବଦ୍ଧ କରିଥିବା କବି ବ୍ୟକ୍ତ କରିଛନ୍ତି । ଗୁରୁଙ୍କ ଆଦେଶରେ ଗ୍ରନ୍ଥଟି ଲିଖିତ ହୋଇଥିବା ମଧ୍ୟ କବି କହିଛନ୍ତି ।

ଏ ଜଗତ୍ର ତତ୍ତ୍ୱ ଗୁପତ ଚରିତ କେ ତାହା କହିବ ବ୍ୟକ୍ତ କରି,
ଶ୍ରୀଗୁରୁ ଆଦେଶେ, ଭଣଇ ରହସ୍ୟେ ରାମକୃଷ୍ଣ ସୁତ ଶିଶୁହରି ।
୧୫ଶ ଚ: ।୨୫।

ମୁଁ ଅତି ପାମର ମୂର୍ଖ ଦୁରାଚାର କି କହିବ ତାହା ବ୍ୟକ୍ତକରି
ଶ୍ରୀଗୁରୁ ଆଦେଶେ ଭଣଇ ରହସ୍ୟେ ରାମକୃଷ୍ଣ ସୁତ ଶିଶୁହରି ।
୧୬ଶ ଚ:।୩୨।

ବାଳକ ବା ଶିଶୁ ଶ୍ରୀହରି ଦାସ ଚୈତନ୍ୟ ଦେବ ଓ ରାୟ ରାମାନନ୍ଦଙ୍କୁ ଗୁରୁରୂପେ ବନ୍ଦନା କରିଛନ୍ତି । କବି ଅନ୍ୟ କାହାର ନାମ ଗୁରୁରୂପେ ଦେଇ ନଥିବାରୁ ସେ ରାୟ ରାମାନନ୍ଦଙ୍କ ଶିଷ୍ୟ ଥିବା ସ୍ପଷ୍ଟ ଜଣାଯାଉଛି ।

ଜୟ ଜୟ ଗୁରୁସ୍ୱାମୀ ରାୟ ରାମାନନ୍ଦ
ଯାହା କୃପାରୁ ଲଭିଲି କୃଷ୍ଣ ପ୍ରେମାନନ୍ଦ ।
ଯାହାଙ୍କର ପଦ୍ମପାଦ ହୃଦ ପଦେ ଧ୍ୟାୟି
କ୍ଷୁଦ୍ର ଜୀବ ହୋଇ ପାରିବାର ମଣ୍ଡିଲିଁ ।
ତାହାଙ୍କର ପଦ୍ମପାଦେ ପଶୁଛି ଶରଣ
ରଖ ରଖ ଗୁରୁସ୍ୱାମୀ କରି ପ୍ରେମ ଦାନ । ୧ମ ଚ: ।

କହୁଛନ୍ତି ଗୁରୁଦେବ ରାୟ ରାମାନନ୍ଦ
ଶୁଣନ୍ତି ଆନନ୍ଦେ ଶଚୀସୁତ ଗୋରାଚାନ୍ଦ । ୨ୟ ଚ: ।
ଶ୍ରୀକୃଷ୍ଣ ଚୈତନ୍ୟ ସୁମରି, ଶ୍ରୀଗୁରୁ ପାଦେ ଆଶ୍ରେ କରି
ଅଧମ ବାଳକ ଶ୍ରୀହରି, ପ୍ରକାଶ ବ୍ରହ୍ମର ଲହରି । ୬ଷ୍ଠ ଚ: ।
ଶ୍ରୀଗୁରୁ ଚୈତନ୍ୟ ସୁମରି, ପ୍ରକାଶେ ଭକତ ଶ୍ରୀହରି । ୭ମ ଚ: ।
କହେ ଦୀନ ହୀନ ମୂର୍ଖ ବାଳକ ଶ୍ରୀହରି,
ଶ୍ରୀଗୁରୁ ଶ୍ରୀଚୈତନ୍ୟ ଶ୍ରୀପଦ ସୁମରି । ୧୨ଶ ଚ: ।

ଯୁଗଳ ପ୍ରେମତତ୍ତ୍ୱ ବିଷୟରେ ରାୟ ରାମାନନ୍ଦ ଚୈତନ୍ୟ ଦେବଙ୍କୁ ଯାହା କହିଥିଲେ ସେଗୁଡ଼ିକ କବି, ମନକୁ ରାଜା ତଥା ଶ୍ରୋତା ଓ ଚୈତନ୍ୟଙ୍କୁ ବକ୍ତା

ଛଳରେ ଏହି ଗ୍ରନ୍ଥରେ ଲିପିବଦ୍ଧ କରିଛନ୍ତି । ଏହି ବିଷୟକୁ ସେ ଶିଖୀଚୂଳ ବା 'ମୟୂରଚନ୍ଦ୍ରିକା' ନାମ ଦେଇଛନ୍ତି ।

କହନ୍ତି ରାମାନନ୍ଦ ଚୈତନ୍ୟ ପାଶ,
ଶିଖୀଚୂଳର ତତ୍ତ୍ୱ କର ପ୍ରକାଶ । ୧୯ଶ ଚଃ ।

ଏଥିରୁ ଅନୁମିତ ହେଉଛି, ଗୋପାଳ ଅଧିକାରୀ ଶ୍ରୀହରି ଦାସ ଶ୍ରୀଚୈତନ୍ୟଦେବ ଓ ରାୟ ରାମାନନ୍ଦଙ୍କର ସମସାମୟିକ ଥିଲେ ।

'ମୟୂର ଚନ୍ଦ୍ରିକା' ରଚନା କରିବା ବେଳକୁ କବିଙ୍କ, ବେଶି ବୟସ ହୋଇ ନ ଥିଲା । ଏହି କାରଣରୁ ସେ ନିଜକୁ ବାଳକ, ଶିଶୁ ପ୍ରଭୃତି ବୋଲି ଲେଖିଛନ୍ତି ।

କବି ଶ୍ରୀଚୈତନ୍ୟଙ୍କୁ ସଂକୀର୍ତ୍ତନ କରୁଥିବା ବେଳେ ଦେଖିଥିବାହିଁ ଜଣାଯାଏ, କାରଣ ସେ ଯେଉଁପରି ଗୌରାଙ୍ଗ ସଂକୀର୍ତ୍ତନ କରୁଥିବା ଦୃଶ୍ୟର ବର୍ଣ୍ଣନା କରିଛନ୍ତି ତାହା ପ୍ରତ୍ୟକ୍ଷଦର୍ଶୀ ପକ୍ଷରେ ହିଁ ସମ୍ଭବ । ସ୍ୱର୍ଣ୍ଣଲତାଙ୍କ 'ଭବିଷ୍ୟ ଉକ୍ତି' ରୂପେ ଏହାଙ୍କୁ କବି ବଂଶ ଛନ୍ଦରେ ବର୍ଣ୍ଣନା କରିଛନ୍ତି ।

କୋଟିଏ ତେଜ ଧରି ମଞ୍ଚ ମଣ୍ଡଳେ,
ଉଦେ ହୋଇଲେ ପ୍ରଭୁ ଭକ୍ତଙ୍କ ଛଳେ ଗୋ ।
ବ୍ରଜ ଗୁପତ ପ୍ରେମ ପ୍ରକାଶ ଅର୍ଥେ,
ନିଜ ବର୍ଣ୍ଣକୁ ହରି ରଖି ଗୁପତେ ଗୋ । ୭ ।

ଶ୍ରୀରାଧା ସୁବର୍ଣ୍ଣକୁ କରି ସ୍ୱୀକାର,
ଅଦ୍‌ଭୁତେ କଳିଯୁଗେ ହେଲେ ପ୍ରଚାର ଗୋ ।
ଗଉର ବର୍ଣ୍ଣ କୋଟି ସୂର୍ଯ୍ୟ ସମାନ,
ସଙ୍ଗତେ ସପାର୍ଷଦ ସଅସ୍ତ୍ର ଗଣ ଗୋ । ୭ ।

ଅଙ୍ଗ ଉପାଙ୍ଗ ଘେନ କୀର୍ତ୍ତନାରମ୍ଭେ,
ନାମ ପ୍ରକାଶ କଲେ ଅତ୍ୟନ୍ତ ଦମ୍ଭେ ଯେ ।
ଶ୍ରୀଅଙ୍ଗେ କୋଟି ସୂର୍ଯ୍ୟ ଉଦୟ କର,
ଅନନ୍ତ ଶଶି କୋଟି କିରଣ ଧର ଯେ । ୮ ।

—୩୯ଶ ଚନ୍ଦ୍ରିକା

କବି ରାୟ ରାମାନନ୍ଦ, ଶ୍ରୀଚୈତନ୍ୟ ଦେବ ଓ ପଞ୍ଚସଖାଙ୍କ ସମସାମୟିକ ହେଲେ ମଧ୍ୟ ତାଙ୍କର ଜନ୍ମ ଓ ମରଣର ସମୟ ସମ୍ବନ୍ଧରେ କିଛି ଜଣାଯାଉ ନାହିଁ ।

'ମୟୂରଚନ୍ଦ୍ରିକା'ର କେତୋଟି ଛାନ୍ଦର ରାଗ—ନାମକରଣରୁ ଜଗନ୍ନାଥ ଦାସଙ୍କ ଭାଗବତ ରଚନା ପରେ ସେ ଏ ଗ୍ରନ୍ଥଟି ରଚନା କରିଥିବା ଅନୁମାନ କରାଯାଏ । 'ଗୋପୀଭାଷା ରାଗ'ର ମଧ୍ୟ ଉଲ୍ଲେଖ କରିଥିବାରୁ ଦନାଇ ଦାସଙ୍କ ଗୋପୀଭାଷା ଲେଖା ପରେ ଏହି ଗ୍ରନ୍ଥଟି ସେ ରଚନା କରିଥିଲେ ବୋଲି ମଧ୍ୟ ବୁଝାଯିବ ।

ପଞ୍ଚମ ଚନ୍ଦ୍ରିକା—ରାଗ—ଗୋପୀଭାଷା ।
ଷଷ୍ଠ ଚନ୍ଦ୍ରିକା—ରାଗ—ଭାଗବତ ବୃତ୍ତେ ।
ସପ୍ତମ ଚନ୍ଦ୍ରିକା—ରାଗ—ଭାଗବତ ବୃତ୍ତେ ।
ଅଷ୍ଟାଦଶ ଚନ୍ଦ୍ରିକା—ରାଗ—ଭାଗବତ ବୃତ୍ତେ ।

ଏଥିରୁ ଅନୁମିତ ହେଉଛି ଚୈତନ୍ୟ ଦେବଙ୍କ ପ୍ରଥମ ଓଡ଼ିଶା ଆଗମନ (ଖ୍ରୀ: ୧୫୦୯—୧୦) ପରେ କବି ତାଙ୍କୁ ଦେଖିଥିବେ ଏବଂ ସେତେବେଳକୁ ତାଙ୍କର ବୟସ ଅଳ୍ପ ହୋଇଥିବ । ଅତିବଡ଼ି ଜଗନ୍ନାଥଙ୍କଠାରୁ ସେ ବୟସରେ କନିଷ୍ଠ ହୋଇଥିବେ ଏବଂ ଜନାର୍ଦ୍ଦନ ଦାସ (ଦନେଇ ଦାସ)-ଙ୍କର ମଧ୍ୟ ସମସାମୟିକ ହୋଇଥିବେ । ଷୋଡ଼ଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ କବି ଜୀବିତ ଥିବାର ଅନୁମାନ କରାଯାଇ ପାରେ ।

ଶ୍ରୀହରି ଦାସ ଗ୍ରନ୍ଥାରମ୍ଭରେ ଚୈତନ୍ୟ, ନିତ୍ୟାନନ୍ଦ, ଅଦ୍ୱୈତଚନ୍ଦ୍ରଙ୍କୁ ପ୍ରଣାମକରି ବୃନ୍ଦାବନ ଧାମର ମହିମା କୀର୍ତ୍ତନ କରିଥିବାରୁ ସେ ରାୟ ରାମାନନ୍ଦଙ୍କ

ପ୍ରବର୍ତ୍ତିତ ରାଧା-କୃଷ୍ଣ-ପ୍ରେମତତ୍ତ୍ୱ ବା ଯୁଗଳପ୍ରେମତତ୍ତ୍ୱର ଉପାସକ । ଚୈତନ୍ୟ, ନିତ୍ୟାନନ୍ଦ, ଅଦ୍ୱୈତଚନ୍ଦ୍ରଙ୍କ ନାମ ସହିତ ରୂପସନାତନାଦି-ଗୋସ୍ୱାମୀମାନଙ୍କର ଓ ଅନ୍ୟ ଭକ୍ତମାନଙ୍କର ନାମ ଉଲ୍ଲେଖ କରି ନଥିବାରୁ ଗ୍ରନ୍ଥ ରଚନା ବେଳକୁ ଏମାନଙ୍କର ନାମ, ପନ୍ଥା ବା ପରଂପରାରେ ସେତେ ପ୍ରସିଦ୍ଧି ଲାଭ କରି ନଥିଲା ବୋଲି କହିବାକୁ ହେବ । ଏହା ମଧ୍ୟ କବି ଚୈତନ୍ୟଙ୍କ ସମସାମୟିକ ଥିବାର ଅନ୍ୟ ଏକ ପ୍ରମାଣ । ଏହି ସମ୍ପର୍କରେ କବି ଗୌରଙ୍କର ଭାବାବେଶ କଥା ମଧ୍ୟ ଉଲ୍ଲେଖ କରିଛନ୍ତି ।

ଯହିଁ ତହିଁ ଦେଖ ବୃନ୍ଦାବନ ଯାକ ଭୂମି,
ଯୁଗଳ ମୂରତି ସେହି ରାଧାକୃଷ୍ଣ ବେନି । ୧୦ ।
ନୋହିଲେ କପାଇଁ ଗୌର ପ୍ରେମାନନ୍ଦମୟେ,
ନିରନ୍ତରେ ନେତ୍ର ନୀରଧାର ବହିଯାଏ । ୧୪ ।
ପୂର୍ବଭାବ ସ୍ମରି ହୋନ୍ତି ବହ୍ୱଳିତ ମନ,
ଶିଖୀଚୂଳ ଦେଖି ପ୍ରେମେ ହୋନ୍ତି ଅଚେତନ । ୧୫ ।
—୧ମ ଚନ୍ଦ୍ରିକା

ଭକ୍ତବୈଷ୍ଣବ ବାଳକ ଶ୍ରୀହରି ଦାସ 'ମୟୂର ଚନ୍ଦ୍ରିକା'ରେ ଯେଉଁ ତତ୍ତ୍ୱ ପ୍ରକାଶ କରିଛନ୍ତି ତାହା ସେ ଚୈତନ୍ୟ-ରାମାନନ୍ଦ ସମ୍ବାଦରୁ ଜାଣିଥିଲେ । ରାଧାକୃଷ୍ଣ ଯୁଗଳ ପ୍ରେମର ରାମାନନ୍ଦ ରାୟଙ୍କ ବ୍ୟାଖ୍ୟା ସେ ସମୟରେ ଏକ ନୂତନ ଭାବଧାରା ଖେଳାଇ ଦେଇଥିଲା । ଏହାର ପ୍ରବଳ ବିରୋଧ କରୁଥିବା ଲୋକଙ୍କ ସଂଖ୍ୟା ବେଶି ଥିବାରୁ ଏବଂ ଏହିପରି ନୂତନ ଭାବଧାରାକୁ ରକ୍ଷଣଶୀଳମାନେ ସ୍ୱଚ୍ଛ ମନରେ ସମର୍ଥନ କରୁ ନଥିବାରୁ ଏହି ପନ୍ଥୀ-ମାନଙ୍କର ସମାଜରେ ଅବସ୍ଥା ସେତେ ଭଲ ନଥିବାହିଁ ଅନୁମିତ ହୁଏ । ଏହି କାରଣରୁ ଏହି ପନ୍ଥୀମାନେ ଗୁପ୍ତ ଭାବରେ ଏହାର ଚର୍ଚ୍ଚା କରୁଥିଲେ ଏବଂ ଇଷ୍ଟ ଗୋଷ୍ଠୀ ଭିତରେହିଁ ଏହା ସୀମାବଦ୍ଧ ଥିଲା । ମହାନ୍ ତତ୍ତ୍ୱ ଅପବ୍ୟବହାର କରିବା ଲୋକ ମଧ୍ୟ ବିରଳ ନ ଥିଲେ । ଜଗନ୍ନାଥ ଦାସ, ବଳରାମ ଦାସ ପ୍ରଭୃତିଙ୍କ ବିରୁଦ୍ଧରେ ଅନୀତି ଅଭିଯୋଗ ଓ ରାଜା ପ୍ରତାପରୁଦ୍ର

ଦେବଙ୍କ ପରୀକ୍ଷା ପ୍ରସଙ୍ଗହିଁ ଏହାର ପ୍ରମାଣ । ଏହି ଅଯଥା ଲୋକାପବାଦରୁ ରକ୍ଷା ପାଇବା ପାଇଁ ଏମାନେ ଏହି ଗୁପ୍ତ ତତ୍ତ୍ୱକୁ ଗୁପ୍ତ ରଖୁଥିଲେ ଏବଂ ସମାଜରେ ସତର୍କରେ ଚଳୁଥିଲେ । ଶତ୍ରୁ ଭୟରେ ଶ୍ରୀହରି ଅତ୍ୟନ୍ତ ଦୀନହୀନ ଭାବରେ କାଳ ଯାପନ କରୁଥିବା ବ୍ୟକ୍ତ କରିଛନ୍ତି ।

ଏ ଯେ ଗୁପତ ପ୍ରେମ-ରସ ।
ପୂର୍ବେ ଏ ନଥିଲା ପ୍ରକାଶ ।।
ଶ୍ରୀଗୁରୁ ଚୈତନ୍ୟ ସୁନ୍ଦର ।
ପ୍ରକାଶେ ଭଗତ ଶ୍ରୀହରି ।।
ଶୁଣ ହେ ଭକ୍ତ ଜନଗଣ ।
କହଇ ତୁମ୍ଭ ଶ୍ରୀଚରଣ ।।
ଗୋପାଳ କୁଳେ ଜନ୍ମ ମୋର ।
ଶ୍ରୀରାମକୃଷ୍ଣଙ୍କ କୁମର ।।
ଅତ୍ୟନ୍ତ ଦୀନହୀନ ପ୍ରାୟେ ।
କାଳ ବଞ୍ଚଇ ଶତ୍ରୁ ଭୟେ ।।
ଜନ୍ମ ଅବଧି କୃଷ୍ଣ ପାଦେ ।
ପ୍ରାଣ ସମର୍ପି ଅପ୍ରମାଦେ ।।
ରଚଇ କୃଷ୍ଣ ଲୀଳାମାନ ।
ଶ୍ରୀଗୁରୁ ପାଦେ ଦେଇ ମନ ।। ୪୧ ।

—୭ମ ଚ: ।

କବି ଶୂଦ୍ର କୁଳରେ ଜନ୍ମଗ୍ରହଣ କରି ତତ୍ତ୍ୱ ବ୍ୟାଖ୍ୟାନ କରିଥିବାରୁ ପଣ୍ଡିତମ୍ମନ୍ୟ ବ୍ରାହ୍ମଣମାନେ ଏହାର ଅନାଦର କରୁଥିବା ମଧ୍ୟ ସମ୍ଭବ । ଏପରି ଦୃଷ୍ଟାନ୍ତ ବଳରାମ ଦାସଙ୍କ ଜୀବନୀରେ ଦେଖାଯାଇଥିଲା ।

କବି ଜଣେ ରାଧାକୃଷ୍ଣ-ଯୁଗଳ-ପ୍ରେମ ଉପାସକ ଓ ଭକ୍ତ । ସେ ବାଲ୍ୟ-କାଳରୁ ରାଧାକୃଷ୍ଣ ଭକ୍ତ ଥିବା ବ୍ୟକ୍ତ କରିଛନ୍ତି ।

ଜନ୍ମ ଅବଧି କୃଷ୍ଣପାଦେ ।
ପ୍ରାଣ-ସମର୍ପି ଅପ୍ରମାଦେ ॥ ୪୦ । ୭ମ ଚଃ ।

ରାଧାକୃଷ୍ଣ ଲୀଳା ସମ୍ବନ୍ଧରେ କବି ଆଉ କେତେକ ରଚନା ଲେଖିଥିବା ଜଣାଇଛନ୍ତି । କିନ୍ତୁ ଏଗୁଡ଼ିକର ସନ୍ଧାନ ଏ ପର୍ଯ୍ୟନ୍ତ ମିଳିନାହିଁ ।

ଗ୍ରନ୍ଥର ନାମକରଣ ଓ ବିଷୟବସ୍ତୁ—କବି ପ୍ରଥମ ଚନ୍ଦ୍ରକାର ଆରମ୍ଭରେ ଶ୍ରୀକୃଷ୍ଣ, ଚୈତନ୍ୟ, ନିତ୍ୟାନନ୍ଦ, ଅଦ୍ୱୈତଚନ୍ଦ୍ର, ଗୌରଭକ୍ତବୃନ୍ଦ, ରାଧାଶ୍ୟାମ, ବୃନ୍ଦାବନବାସୀଙ୍କୁ ବନ୍ଦନା କରି ବୃନ୍ଦାବନ ଧାମର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି । ଏହି ଧାମରେ ନିତ୍ୟରେ ରାଧାକୃଷ୍ଣ ଯୁଗଳମୂର୍ତ୍ତି ଯହିଁ ତହିଁ ଦେଖା ଯାଉଛି । ରାଧାକୃଷ୍ଣଙ୍କ ଅଲୌକିକ ଲୀଳା ସ୍ମରଣ କରି ଚୈତନ୍ୟ ବିହ୍ୱଳ ହୋଇ ଯାଆନ୍ତି । ସେ ନିଜେ ଶ୍ରୀକୃଷ୍ଣ ଥିବାରୁ ପୂର୍ବଭାବ ସ୍ମରଣ କରି ତାଙ୍କର ଅଷ୍ଟସାତ୍ତ୍ୱିକ ଭାବ ହୁଏ ।

ପୂର୍ବଭାବ ସ୍ମରି ହୋନ୍ତି ବିହ୍ୱଳିତ ମନ ।
ଶିଖୀଚୂଳ ଦେଖି ପ୍ରେମେ ହୋନ୍ତି ଅଚେତନ ॥ ୧ମ ଚଃ ।

କୃଷ୍ଣଙ୍କ ଏହି ଶିଖୀଚୂଳର ତତ୍ତ୍ୱ କବି ବୁଝାଇଛନ୍ତି—

ଶିଖୀଚୂଳ ତତ୍ତ୍ୱ ବିଶେଷତଃ ଭକ୍ତଗଣ ।
ଶ୍ରବଣେ ସାଧନେ ହେବେ ଗୋଲକର ଜନ ॥
ଏହା ମୋ ମାନସ ଅଛି କରିବି ପ୍ରକାଶ ।
କରି କୃପା ପଦ୍ମପାଦ ରଖ ହୃଦ ଦେଶ ॥ ୧ମ ଚଃ ।

ଏହି ଚନ୍ଦ୍ରକାର ତତ୍ତ୍ୱ ରାଧା-କୃଷ୍ଣ ଯୁଗଳ ପ୍ରେମର ତତ୍ତ୍ୱ । ଏହାକୁ ଗୁରୁଦେବ ରାୟ ରାମାନନ୍ଦ ଚୈତନ୍ୟ ଦେବଙ୍କୁ କହିଥିଲେ ।

କହୁଛନ୍ତି ଗୁରୁଦେବ ରାୟ ରାମାନନ୍ଦ ।
ଶୁଣନ୍ତି ଆନନ୍ଦେ ଶଚୀସୁତ ଗୋରାଚନ୍ଦ । ୧ମ ଚଃ ।

କବି କହିଛନ୍ତି ଯେ ମୟୂର ଚନ୍ଦ୍ରିକାର ତତ୍ତ୍ୱ ଲୋକରେ ଅଗୋଚର, ବେଦରେ ଏହାର ପ୍ରକାଶ ନାହିଁ, କେବଳ ମାଧୁର୍ଯ୍ୟ ମନ୍ଦିରରେ ଏହାର ବାସ । ବୃନ୍ଦାବନରେ ଦିନେ ଶ୍ରୀକୃଷ୍ଣ କୁଞ୍ଜ ମଧ୍ୟରୁ ଆସୁଥିବା ବେଳେ ତାଙ୍କ ଶିରରେ ଶିଖୀଚୂଳ ଦେଖି ରାଧା ଆଶ୍ଚର୍ଯ୍ୟ ହୋଇଗଲେ । ସେ ଶିଖୀଚୂଳ ନୃତ୍ୟ କରୁଥିଲା ପ୍ରାୟ ତାଙ୍କୁ ଜଣାଗଲା । କବି ଏହି ଦୃଶ୍ୟକୁ ଏପରି ଭାବରେ ରାଧାଙ୍କ ମୁଖରେ ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି ।

ଯେତେବେଳେ ଶ୍ୟାମ ଚେକଣ କୁସୁମ ଆସୁଥିଲେ କୁଞ୍ଜ ମଧ୍ୟୁଁ ।
ନବୀନ ଜଳଦ ପ୍ରଭାବେ ବିଶେଷେ ଚହ୍ନି ନ ପାରିଲି ବନ୍ଧୁ ॥
ମସ୍ତକରେ ଚୂଡ଼ା ନାନା ପୁଷ୍ପ ବେଢ଼ା ତା ପରେ ଶିଖୀ ଚନ୍ଦ୍ରିକା ।
ଚଳିଲା ପବନେ ନୃତ୍ୟ କରୁଥାଏ ଦେଖି ମୁଁ ହେଲି ଚାଟକା ॥
—ମ ଚଃ ।

ଏହି ଚନ୍ଦ୍ରିକା ନାନା ବର୍ଣ୍ଣବିଶିଷ୍ଟ ଥିଲା ଏବଂ ଏହା ଜ୍ୟୋତିର୍ମୟ ଦେଖାଯାଉଥିଲା । ଆଗରେ, ପଛରେ, ଚାରିପାର୍ଶ୍ୱରେ ରାଧାଙ୍କୁ ମୟୂର ଚନ୍ଦ୍ରିକା ଦେଖାଗଲା । ଏହି ଚନ୍ଦ୍ରିକା ଭିତରେ ଅନନ୍ତ କୋଟି ବ୍ରହ୍ମାଣ୍ଡ ଥିବା ମଧ୍ୟ ଦେଖାଗଲା ।

ପୁଣି ଟୋ ଦୂତିକା, ପୂରିଅଛି ପଖା ଅନନ୍ତ କୋଟି ବ୍ରହ୍ମାଣ୍ଡ ।
ପବିନରେ ଜ୍ଞାନ, କଲି ମନେ ମନ ଏହି କି ବ୍ରହ୍ମ ଅଖଣ୍ଡ ॥
—ମ ଚଃ ।

ପୁଣି ରାଧା କହୁଛନ୍ତି, ଶ୍ରୀକୃଷ୍ଣ କେତେ ରଙ୍ଗରେ କେତେ ପ୍ରକାରେ ତାଙ୍କୁ ଦେଖାଯାଉଛନ୍ତି । ସେ ଅନନ୍ତ, ତାଙ୍କର ଅନ୍ତ ରାଧା ପାଉ ନାହାନ୍ତି । କୃଷ୍ଣ ପୁଣି ନାଗର ରୂପରେ ତାଙ୍କୁ ଚାଟୁ ବାକ୍ୟ କହୁଛନ୍ତି । ଏସବୁ ଦେଖି ସେ ଆଶ୍ଚର୍ଯ୍ୟାନ୍ୱିତ ହେଉଛନ୍ତି । ଏହାର କାରଣ ବୁଝାଇବା ପାଇଁ ରାଧା ସୁବର୍ଣ୍ଣଲତିକାଦି ଦୂତୀମାନଙ୍କୁ ଅନୁରୋଧ କଲେ । ସୁବର୍ଣ୍ଣଲତିକା ରାଧାଙ୍କୁ ଏହି ତତ୍ତ୍ୱଜ୍ଞାନସାର ଚନ୍ଦ୍ରିକା ପ୍ରସଙ୍ଗ ବୁଝାଇଲେ ।

ରାଧା ପୂର୍ଣ୍ଣମୟୀ, ପୂର୍ଣ୍ଣାନନ୍ଦଦାୟୀ, ପ୍ରେମରସ ପରିପୂର୍ଣ୍ଣକାୟା । ଶ୍ରୀକୃଷ୍ଣ ପୂର୍ଣ୍ଣବ୍ରହ୍ମ, ବ୍ରହ୍ମ ସନାତନ । ଏହାଙ୍କର ଲୋମକୂପରେ କୋଟି କୋଟି ପୃଥ୍ୱୀ ବିରାଜନ୍ତି । ବ୍ରହ୍ମା, ବିଷ୍ଣୁ, ଶିବ, ଇନ୍ଦ୍ର, ଶୁକସନକାଦି ଦେବତା ଓ ଋଷିମାନେ ଏହାଙ୍କ ପାଦରେ ଲୟ ରହିଛନ୍ତି । ଏହାଙ୍କ ହୁଁକାରରୁ ଓଁକାର ମାତ୍ରା ଅଦ୍ଭୁତରେ ଉଚ୍ଚାରିତ ହେଲା । ରାଧା ଓ କୃଷ୍ଣ ପ୍ରକୃତି ଓ ପରମ, ମନ ଓ ଚୈତନ୍ୟ । ଏ ଦୁହେଁ 'ସବୁଙ୍କର ତାତ, ସବୁଙ୍କର ମାତ, ଆଦି ଅନାଦି ସ୍ୱରୂପା' । ଏ ପୁଣି ଆକାର, ସାକାର, ଅଣାକାର, ଅକ୍ଷୟ, ଅରୂପ ବ୍ରହ୍ମ । କେବଳ ଭଗତ ଭାବରେ ଯୁଗଧର୍ମ ରକ୍ଷା କରିବା ପାଇଁ ରୂପ ଧାରଣ କରନ୍ତି ।

( ୯ମ ଚନ୍ଦ୍ରିକା )

ବିରାଟ ପ୍ରକୃତି ରାଧା ବିଶ୍ୱମୂର୍ତ୍ତି ଧାରଣ କରିଥିବା କବି ସଖୀ ମୁଖରେ କୁହାଇଛନ୍ତି ।

ହୋଇ ବିଶ୍ୱମୂର୍ତ୍ତି ବିରାଟ ପ୍ରକୃତି ଧରିଲ ଗୋ ଆଦ୍ୟାଶକ୍ତି,
ସ୍ୱର୍ଗ, ମର୍ତ୍ତ୍ୟ, ତଳ, ପୂରି ଚଳାଚଳ ବୃକ୍ଷ ଜଳ ବାୟୁଗତି ।
ସହସ୍ର ନୟନ ସହସ୍ର ବଦନ ସହସ୍ର ସହସ୍ର କର,
ସହସ୍ର ସହସ୍ର ପଦ୍ମପାଦେ ଲୁଟେ ହରିହର ବିହ୍ମା ଶିର ।
ସହସ୍ର ଶ୍ରୀକରେ ତାଡ଼ଚୂଡ଼ୀ ଶୋଭେ ସହସ୍ର ପାଦେ ନୁପୁର,
ସହସ୍ର ହୃଦୟେ କଉସ୍ତୁଭ ମଣି ଜ୍ୱଳେ କୋଟି ଦିବାକର ।
ସହସ୍ର ସହସ୍ର ହୋଇ ଦେବ ବ୍ରହ୍ମ ଋଷି ଶିବ ବ୍ରହ୍ମା ଇନ୍ଦ୍ର ଭୁଲେ,
ନାରଦ ପ୍ରଭୃତି ଶୁକ ସନକାଦି ବନ୍ଦନ୍ତି ଶ୍ରୀପାଦ ତଳେ । ୯ମ ଚଃ ।

ସହସ୍ରନେତ୍ର ଓ ପଦ୍ମନେତ୍ର ଏକ । ଶିଖୀଚୂଳ ସହସ୍ର ନେତ୍ର ସଦୃଶ । ସହସ୍ର ନେତ୍ରଙ୍କଠାରୁ ପଦ୍ମନେତ୍ର ବଡ଼ପଣ ବା ଐଶ୍ୱର୍ଯ୍ୟ ପାଇଛନ୍ତି । ଏହି ହେତୁ ସହସ୍ରନେତ୍ର ପଦ୍ମନେତ୍ରଙ୍କ ପଛରେ ଦେବତାମାନଙ୍କୁ ସଙ୍ଗରେ ଧରି ବିରାଜୁଛନ୍ତି । ସହସ୍ର ନେତ୍ର (ଇନ୍ଦ୍ର) ଶ୍ରେଷ୍ଠ ଭକ୍ତ ଥିବାରୁ ବିଷ୍ଣୁ ତାଙ୍କୁ ଏହି ଅଧିକାର ଦେଲେ । ( ଏକାଦଶ ଚନ୍ଦ୍ରିକା ) ।

ଶ୍ରୀକୃଷ୍ଣଙ୍କୁ କବି ପୁଣି ଏହିପରି ଭାବରେ ବର୍ଣ୍ଣନା କରିଛନ୍ତି । ସେ ବ୍ରହ୍ମ ନିରାକାର, ପୂର୍ଣ୍ଣରୂପ, ପୂର୍ଣ୍ଣଚନ୍ଦ୍ର, ପୂର୍ଣ୍ଣ ପରାପର । ଶ୍ରୀକୃଷ୍ଣ ଷଡ଼ୈଶ୍ୱର୍ଯ୍ୟରେ ନିକୁଞ୍ଜରେ ବିହାର କରୁଛନ୍ତି । ଅଙ୍ଗଉପାଙ୍ଗ ଘେନି ଅଂଶାଅଂଶରେ ବିହାର କରୁଛନ୍ତି । ବିଷ୍ଣୁ ଅଙ୍ଗରେ ଦୈତ୍ୟ ସଂହାର କରି ଜଗତ ପାଳୁଛନ୍ତି, ପ୍ରଜାପତିରୂପେ ସୃଷ୍ଟି ରଚନା କରୁଛନ୍ତି, ରୁଦ୍ର ରୂପରେ ସଂହାର କରୁଛନ୍ତି । ଲୀଳାରେ ସେ ଅନନ୍ତ ଶକ୍ତି ପ୍ରକାଶ କରିଛନ୍ତି । ତାଙ୍କ ଆଜ୍ଞାରୁ ବ୍ରହ୍ମା, ବିଷ୍ଣୁ, ଶିବଙ୍କର ଉତ୍ପତ୍ତି ହୋଇଛି । ସେ ସତ୍‌ଶକ୍ତି, ମାୟାଶକ୍ତି ଓ ଜୀବଶକ୍ତି ଏହି ତିନି ଶକ୍ତି ଧରି ବିହାର କରୁଛନ୍ତି । କୃଷ୍ଣ ସର୍ବଅବତାରୀ, ସର୍ବଶକ୍ତିପୂର୍ଣ୍ଣ; ଏହାଙ୍କ ହୃଦୟରେ ଅଶେଷ ବ୍ରହ୍ମାଣ୍ଡ ପୂର୍ଣ୍ଣ ହୋଇଛି । ସେ ଅପେ ଅରୂପାନନ୍ଦ, ପୁଣି ରୂପାନନ୍ଦ । ବିଷ୍ଣୁଙ୍କ ଅପେକ୍ଷା କୃଷ୍ଣଙ୍କ ଐଶ୍ୱର୍ଯ୍ୟ ଅପାର; ତାଙ୍କର ଏକଗୁଣକୁ ବ୍ରହ୍ମା, ବିଷ୍ଣୁ ଓ ହର ସମାନ ନୁହନ୍ତି (ଏକାଦଶ ଚନ୍ଦ୍ରିକା) ।

ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣ ଜଗନ୍ନାଥ ରୂପରେ ବିଜେ କରିଛନ୍ତି । ପୂର୍ଣ୍ଣବ୍ରହ୍ମ ଜଗନ୍ନାଥଙ୍କ ଶିରରେ ଶିଖୀଚନ୍ଦ୍ରିକା ଅଶେଷ ଶୋଭା ପ୍ରକାଶ କରୁଛି । ଜଗନ୍ନାଥଙ୍କ ପଦ୍ମଡୋଳା ଭିତରେ ରାଧା ଓ କୃଷ୍ଣ ବିଜେ କରିଛନ୍ତି । ପ୍ରତ୍ୟେକ ଡୋଳାରେ ସେହି ଯୁଗଳମୂର୍ତ୍ତି ହୋଇ ଲୀଳା କରୁଛନ୍ତି । ହେଉ ତାଙ୍କ ଡୋଳା ଆବ୍ରହ୍ମକୀଟ ପର୍ଯ୍ୟନ୍ତ ସମସ୍ତପ୍ରାଣୀଙ୍କର ନେତ୍ର । ପ୍ରତ୍ୟେକ ଡୋଳାରେ ଯୁଗଳମୂର୍ତ୍ତି ବିଦ୍ୟମାନ । ପୁଣି ଯୁଗ୍ମ ନୟନରେ ଯୁଗ୍ମ ମୂର୍ତ୍ତି, ଏହିପରି ପ୍ରଭୁ ହରି ନିତ୍ୟଲୀଳା କରୁଛନ୍ତି । ଏହାହିଁ ଶିଖୀଚୂଳରେ ଡୋଳାବ୍ରହ୍ମର ତତ୍ତ୍ୱଜ୍ଞାନ ।

ଏ ଯେ ଶିଖୀଚୂଳରେ ଡୋଳାବ୍ରହ୍ମତତ୍ତ୍ୱଜ୍ଞାନ, ଏହି ଶ୍ରୀକ୍ଷେତ୍ରରେ ବ୍ରହ୍ମରୂପ ଦର୍ଶନ—ଏହି ଚରିତ ଯେ ଶୁଣେ, ଗୁଣେ ବା ଲକ୍ଷ୍ୟରେ ବ୍ରହ୍ମଭାବ କରେ ସେ କେବଳ ଶ୍ରେଷ୍ଠଭକ୍ତ । (ଦ୍ୱାଦଶ ଚନ୍ଦ୍ରିକା) ।

ଚନ୍ଦ୍ରିକା ମଧ୍ୟରେ ବିନ୍ଦୁରୁ ବହୁବର୍ଣ୍ଣ ପ୍ରକାଶ ହୁଅଇ । ଏହା କଳ୍ପକଳପ୍ରାୟ ଦିଶେ । ଏହାହିଁ ମହାଘୋର ଅନ୍ଧକାର ଶୂନ୍ୟ । ଏହା ଶୂନ୍ୟ ଶୂନ୍ୟ ମହାଶୂନ୍ୟ; ଏହା ନିରାକାରପୁର ନିଗମସ୍ଥାନ । ଏହି ବିନ୍ଦୁରେ ବା ଶୂନ୍ୟରେ ଶ୍ରୀକୃଷ୍ଣ

ପ୍ରକାଶ ହେଲେ । ତାଙ୍କ ଦେହରୁ ଜ୍ୟୋତି ନିର୍ଗତ ହେଲା । ଏଠାରୁ ଆଦିତ୍ୟ ଜନ୍ମ ହେଲେ ଏବଂ ଚଉଦ ବ୍ରହ୍ମାଣ୍ଡ ଘୋଟି ରହିଲେ । କୃଷ୍ଣଙ୍କ ଅଙ୍ଗରୁ ସ୍ୱେଦ ଜାତ ହେଲା । ଏହା ଗୋଲକ ଭୁବନକୁ ବେଷ୍ଟିତ କଲା । ଏଥିରୁ (ସ୍ୱେଦବାରିରୁ) ଅନନ୍ତ ଜାତ ହୋଇ ବଳଦେବ ନାମ ବହନ କଲେ । ଏହି ସ୍ୱେଦବାରିର ନାମ କାରୁଣ୍ୟାର୍ଣ୍ଣବ ହେଲା । ଏହାର ଏକ ବିନ୍ଦୁ ଗଙ୍ଗା ହେଲା । କୃଷ୍ଣଙ୍କ ଅଙ୍ଗରୁ ଯେଉଁ ମହାଜ୍ୟୋତି ଉତ୍ପନ୍ନ ହେଲା, ସେଥିରୁ ପ୍ରଥମ ଶ୍ୱେତବର୍ଣ୍ଣ ହେଲା, ଏହି ଶ୍ୱେତବର୍ଣ୍ଣରୁ ବାରବର୍ଣ୍ଣ ହେଲା । କୃଷ୍ଣଙ୍କ ଦେହରେ ଏହି ଶ୍ୱେତବର୍ଣ୍ଣ ରହିଛି; ନୀଳବର୍ଣ୍ଣ ଭିତରେ ପୀତବର୍ଣ୍ଣ ଗୁପ୍ତ ରହିଛି । କୃଷ୍ଣଙ୍କ ଦେହର ଗୁପ୍ତ ପୀତବର୍ଣ୍ଣହିଁ ରାଧାଙ୍କ ବର୍ଣ୍ଣ । କୃଷ୍ଣଙ୍କ ଶରୀରରେ କୃଷ୍ଣ ଓ ରାଧା ଉଭୟ ମୂର୍ତ୍ତି ରହିଛନ୍ତି । କଳିଯୁଗରେ ଶ୍ରୀକୃଷ୍ଣ ନିଜ ବର୍ଣ୍ଣ (କୃଷ୍ଣବର୍ଣ୍ଣ)କୁ ଗୋପ୍ୟକରି ରାଧାଙ୍କ ବର୍ଣ୍ଣ (ଗୌର ବର୍ଣ୍ଣ) କଳେବର ଧାରଣ କରି ନଦୀୟା ପୁରୀରେ ଗୌରଚନ୍ଦ୍ର ଅବତାର ହୋଇଛନ୍ତି । (ତ୍ରୟୋଦଶ ଚନ୍ଦ୍ରିକା)

ଆପଣା ବର୍ଣ୍ଣକୁ ଗୁପତ କରି, ଅବତାର ହେବେ ନଦୀୟାପୁରୀ ।
ରାଧା ଓ କୃଷ୍ଣ ଅଭେଦ କାୟା, ଅଭେଦ ମାୟା, ଅଭେଦ ପ୍ରୀତି ।
ଏଣୁ ରାଧାକୃଷ୍ଣ ଅଭେଦ କାୟା, ଅଭେଦ ପୀରତି ଭେଦ ମାୟା ।
(୧୪ଶ ଚଃ) ।

ଶ୍ରୀକୃଷ୍ଣଙ୍କ ଶ୍ୱେତବର୍ଣ୍ଣରୁ ବାରବର୍ଣ୍ଣ ଉଦୟ ହେଲା । ଶିଖୀ ଚୂଳରେ ଏହି ବାରବର୍ଣ୍ଣ ଥିବାରୁ ଅତି ଶୋଭା ଦିଶୁଛି । ଚନ୍ଦ୍ରିକାର ଏହି ଦ୍ୱାଦଶ ବର୍ଣ୍ଣରୁ ସହସ୍ରବର୍ଣ୍ଣ ପ୍ରକାଶିତ ହେଉଛି ଏବଂ ରବିରଶ୍ମିରେ ବିନ୍ଦୁଧାରୀ ଗୋଲାକୃତିରେ ଠୂଳବ୍ରହ୍ମ ଦେଖାଯାଆନ୍ତି ।

ତେଣୁ ଚନ୍ଦ୍ରିକାରେ ଦ୍ୱାଦଶବର୍ଣ୍ଣ, ତହିଁରୁ ପ୍ରକାଶେ ସହସ୍ରବର୍ଣ୍ଣ ।
ରବିରଶ୍ମିରେ ଦିଶେ ଠୂଳବ୍ରହ୍ମ, ବିନ୍ଦୁଧାରୀ ଗୋଲାକୃତିରେ ପୂର୍ଣ୍ଣ ।
( ୧୪ଶ ଚଃ )

ଏହି ଦ୍ୱାଦଶ ବର୍ଣ୍ଣ ହିଁ ଦ୍ୱାଦଶ କୁଞ୍ଜ । ଯମୁନା ନଦୀ ତୀରରେ ନାନା ବୃକ୍ଷଲତାପୁଷ୍ପେ ଶୋଭିତ ଉପବନରେ ଏହି ଦ୍ୱାଦଶ କୁଞ୍ଜ ଅବସ୍ଥିତ । ଏଠାରେ

ବୃକ୍ଷମାନଙ୍କର ପତ୍ରସମୂହ ଯୁଗ୍ମ ଯୁଗ୍ମ ଭାବରେ ଅବସ୍ଥାନ କରୁଛନ୍ତି । ଏହି ବୃକ୍ଷତଳେ କିଶୋରୀ ରାଧା ଓ କିଶୋର କୃଷ୍ଣ ଉଭୟହୋଇ ବିବିଧ ଭାବରେ ଆନନ୍ଦ ଉପଭୋଗ କରନ୍ତି । ଦ୍ୱାଦଶକୁଞ୍ଜର ପ୍ରତ୍ୟେକ କୁଞ୍ଜରେ ରାଧାକୃଷ୍ଣ ବିହାର କରନ୍ତି । ଏହି ଦ୍ୱାଦଶ କୁଞ୍ଜରେ ଦ୍ୱାଦଶ ଗୋପାଳ ଦ୍ୱାଦଶ ରାଧିକା-ସହିତ ବିଜେ କରନ୍ତି ଏବଂ ପ୍ରତ୍ୟେକ ଗୋପାଳ ପ୍ରତ୍ୟେକ କୁଞ୍ଜରେ ଯୁଗଳ ଭାବରେ ରହନ୍ତି । ଏହି ଶିଖୀଚନ୍ଦ୍ରିକାର ଦ୍ୱାଦଶ ପଦରେ ଏହିପରି ଭବେ ରାଧାକୃଷ୍ଣ ଯୁଗଳ ପଦ ଦୃଶ୍ୟ ହୁଏ । (୧୪ଶ ପଃ)

ରାଧା ନାମର ତତ୍ତ୍ୱ, ନିରାକାର ସାକାର ହେବା ପ୍ରସଙ୍ଗ, ପରମ ଓ ଜୀବର ବିଶ୍ରାମସ୍ଥଳ, ଯୁଗଳମୂର୍ତ୍ତିତତ୍ତ୍ୱ, ଅଣାକ୍ଷର ବ୍ରହ୍ମ ଅକ୍ଷର ହୋଇ କିପରି ଚରାଚରକୁ ବ୍ୟାପିଲେ, ଏସବୁ ବିଷୟ କବି ଟିକେ ଟିକେ କରି ବର୍ଣ୍ଣନା କରିଛନ୍ତି ।

ଓଁକାର ମଧ୍ୟରେ ରାଧାନାମ ପ୍ରକାଶ ପାଇଛି । ଅଣାକାର ଶୂନ୍ୟ, ଶୂନ୍ୟ, ମହାଶୂନ୍ୟ । ଏହା ଭିତରେ ନିରାମୟ ଅଛି । ନିରାମୟରୁ ଜ୍ୟୋତିର୍ମୟ ପ୍ରକାଶିତ ହେଲେ । ଏହି ଜ୍ୟୋତି ଶୂନ୍ୟରୁ ପ୍ରକାଶ ପାଇ ବୀଜ ହେଲା । ଏହା ଅଙ୍କୁର-ଛୁଟିବା ମାତ୍ରକେ ଦୁଇ ଫାଳ ହେଲା । ଏହି ଦୁଇ ଫାଳ ଜୀବ ଓ ପରମ ଏବଂ ଏ ଦୁହେଁ ଗୁପ୍ତ ମନ୍ଦିରରେ ବିଶ୍ରାମ କରୁଛନ୍ତି । 'ନିରାମୟ' ଏହି ଶବ୍ଦର ମଧ୍ୟ ଦୁଇବର୍ଣ୍ଣ 'ରାମ' ସେ ଜୀବାତ୍ମା, ଅଶେଷ ବ୍ରହ୍ମାଣ୍ଡକୁ ଘୋଟିଅଛି । ଜୀବ ଓ ଆତ୍ମା ରାମନାମ ରୂପରେ ପ୍ରାଣୀଙ୍କ ହୃଦୟରେ ଓ ସର୍ବଠାରେ ଯୁଗଳରୂପରେ ପୂରି ହେଉଛନ୍ତି । ଏହି ରାମନାମକୁ ଆଶ୍ରୟ କରି ଜଗତକୁ ତାରୁଛନ୍ତି । 'ରା' ରାଧାରୂପେ, 'ମ' କୃଷ୍ଣରୂପେ ଯୁଗଳଭାବରେ ଏହି ନାମରେ ବିଦ୍ୟମାନ ଅଛନ୍ତି ।

ଏହିପରି କବି ବହୁ ବୈଷ୍ଣବ ତତ୍ତ୍ୱ ବର୍ଣ୍ଣନା କରିଛନ୍ତି । ବହୁ ସ୍ଥାନରେ ଜଗନ୍ନାଥଙ୍କୁ ବନ୍ଦନା କରି ଠୂଳବ୍ରହ୍ମ, ଅଣାକାର ବ୍ରହ୍ମ ପ୍ରଭୃତି ନାମରେ ପରିଚୟ କରାଇଛନ୍ତି, ଗୌରାଙ୍ଗଙ୍କ ଆବିର୍ଭାବ ଓ ସଂକୀର୍ତ୍ତନ ମଣ୍ଡଳୀରେ ଅପୂର୍ବ ସଂକୀର୍ତ୍ତନର ଦୃଶ୍ୟ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ।

ବ୍ରହ୍ମନିରୂପଣ ଦର୍ପଣରେ ନିଜ ମାଧୁର୍ଯ୍ୟାସ୍ୱାଦନ କରିବାପାଇଁ ସଖୀ ରାଧାଙ୍କୁ ଉପମାଦେଇ ଚନ୍ଦ୍ରିକାର ସାରତତ୍ତ୍ୱ ବ୍ୟକ୍ତ କରିଛନ୍ତି—

ଯେପରି ଦର୍ପଣେ ମୁଖ ଚାହିଁଲେ ନିରେଖି
ତାହାର ମଧ୍ୟରେ ନିଜ ପ୍ରତିବିମ୍ବ ଦେଖି ।
ହସିଦେଲେ ଯେହ୍ନେ ପ୍ରତିବିମ୍ବ ହିଁଏ ହସି
ଭଙ୍ଗି ଦେଖାଇଲେ ମଧ୍ୟ ଭୂଭଙ୍ଗି ପ୍ରକାଶି ।
ସେହିମତି ବ୍ରହ୍ମ ନିରୂପଣ ଦର୍ପଣରେ
ନିଜ ମାଧୁର୍ଯ୍ୟାସ୍ୱାଦନ କରି ଚନ୍ଦ୍ରିକାରେ । ୭ମ ଚଃ ।

ଭାଷା:— କବି ଶ୍ରୀହରି ଦାସଙ୍କ ଭାଷା ସବୁସ୍ଥାନରେ ସରଳ ନୁହେଁ । ବର୍ଣ୍ଣନାରେ ସଂକ୍ଷେପିକରଣର ଲକ୍ଷ୍ୟ ମୁଖ୍ୟ ଥିବାରୁ ବହୁ ସ୍ଥାନରେ ଅଳ୍ପ ପଦରେ ବହୁ ବିଷୟ ବ୍ୟକ୍ତ କରିଛନ୍ତି; କିନ୍ତୁ କୌଣସି ସ୍ଥାନ ଏଦ୍ୱାରା ଅସ୍ପଷ୍ଟ ହୋଇନାହିଁ ।

କାବ୍ୟଗ୍ରନ୍ଥ ଲିଖନ ଅପେକ୍ଷା ତତ୍ତ୍ୱବ୍ୟାଖ୍ୟା ପ୍ରଧାନ ଲକ୍ଷ୍ୟ ଥିବାରୁ ଭାଷା ସବୁଠାରେ କାବ୍ୟ-କବିତା-ଉପଯୋଗୀ ହୋଇପାରି ନାହିଁ; ଏହି କାରଣରୁ ଗଦ୍ୟ-ମୟ ପଦର ସଂଖ୍ୟା କମ୍ ନୁହେଁ ।

୧ । ସତ୍ତ୍ୱ, ରଜ, ତମ ଏ ଯେ ତିନିଗୁଣ ତୁମ୍ଭ ଶ୍ରୀଅଙ୍ଗରୁ ଉତପତି
ତହିଁ ସର୍ବଶକ୍ତି ଯୋନି ଆଦ୍ୟାଶକ୍ତି ମାୟାରେ ଭ୍ରମାଇ ଭ୍ରମୁ ନିତି ।
ତପ ଜପ ଯଜ୍ଞ ଜ୍ଞାନ ଧ୍ୟାନ ଦାନ ପୂଜା ତର୍ପଣାଦି ହୋମ ଯେତେ
ସତ୍ୟ ଶାନ୍ତି ଦୟା କ୍ଷମାଦି ସହିତେ ବିଶେଷେ ଧର୍ମ ପ୍ରଧାନ ଏଥେଁ ।
ଏ ସର୍ବ ପ୍ରକୃତି ସତ୍ୟାରୁ ଉତ୍ପତ୍ତି କରି ପ୍ରାଣୀହୃଦେ ଅଛି ରହି ।
କୋଟି ବ୍ରହ୍ମାସମ ଆୟୁଷ ଥିଲେ କେ ସାହସ କରିଣ ପାରେ କହି ।
ଇତ୍ୟାଦି । ୧୬ଶ ଚଃ ।

୨ । ଏକାରଣେ କହେ ମନ ଶୁଣ ସାବଧାନେ,
ମୁଁ ଯାହା କହୁଅଛି ଲିୟ କରି ଅନୁମାନେ । ୨ୟ ଚଃ ।

(୩) ବିନା ତବ ସାହାଯ୍ୟରେ ବିନା ସୁକୃପାରେ,
ଅନନ୍ତ ମହିମା କେହ୍ନେ ଜାଣିବାକୁ ପାରେ । ୨ୟ ଚଃ ।

(୪) ନିତ୍ୟ ଅନ୍ତର ବାହ୍ୟରେ ଭାବିବୁ,
ସର୍ବ ଜୀବଗଣେ ସମ ଦେଖିବୁ । ୩ୟ ଚଃ ।

(୫) ଆମ୍ଭମାନଙ୍କୁ କରି କେଡ଼େ ଦୟା,
ଜନ୍ମ ଦେଲେକ ଆଣି ନର କାୟା । ୩ୟ ଚଃ ।

କବିଙ୍କ ଭାଷା ଅନେକ ସ୍ଥଳରେ ସଂସ୍କୃତମୂଳକ ହୋଇଛି । ସାଧୁ ଭାଷାରେ ସେ ଗ୍ରନ୍ଥଟିକୁ ଲେଖିଛନ୍ତି—

(୧) ସ୍ୱଭାବେ ସଚଞ୍ଚଳ ସ୍ୱବନ୍ଧୁ ଧରି,
ସଘନେ ସୌଦାମିନୀ ଖେଳନ୍ତି ପରି । ୧୯ ଚଃ ।

(୨) ନିରନ୍ତେ ମାୟାରେ ଯନ୍ତ୍ରିତ ହୋଇଣ,
ନ ଚିନ୍ତେ ମୁକତି ପଥ ପୁଣ । ୧୬ ଚଃ ।

(୩) ପ୍ରାଣୀଙ୍କ ନୟନେ ଆନୋଦୀ ବଦନେ
ହରୁ ତୁ ଚେତନ ତତକାଳେ । ୧୬ ଚଃ ।

ସରସ ପଦାବଳୀ:—ଶ୍ରୀହରି ଦାସଙ୍କ ବହୁ ସରସ ପଦାବଳୀ ମୟୂର ଚନ୍ଦ୍ରିକାରେ ଅଛି । କେତେକ ପ୍ରାକୃତିକ ବର୍ଣ୍ଣନା ଓ ରାଧାକୃଷ୍ଣ ବର୍ଣ୍ଣନା ଅତି ମନୋରମ ହୋଇଛି । ସେ କେତେକ ସୁନ୍ଦର ଦୃଶ୍ୟର ଚିତ୍ର ଅତି ଚମତ୍କାର ଭାବରେ ଅଳ୍ପ ପଦରେ ଅଙ୍କନ କରି ପାରିଛନ୍ତି ।

ନିକୁଞ୍ଜ କାନନ ମଧ୍ୟରେ ରାଧା ସଖୀ କୋଳରେ ଶୟନ କରି ଶ୍ରୀକୃଷ୍ଣଙ୍କୁ ଅପେକ୍ଷା କରୁଛନ୍ତି—

ଶୁଣ ସୁମନ ଏକ ଦିନେ, ଧନ୍ୟ ପବିତ୍ର ବୃନ୍ଦାବନେ ।
ନିକୁଞ୍ଜ କାନନ ମଧ୍ୟରେ, ନବୀନ କୁସୁମ ଶେଜରେ ।
ସମସ୍ତ ସଖୀବୃନ୍ଦ ଘେନି, ବିଜୟ ତହିଁ କମଳିନୀ ।
ଶ୍ରୀକୃଷ୍ଣ ପ୍ରେମରସେ ମାତି, ଜାଣନ୍ତି ନାହିଁ ଦିବାରାତି ।

ଅପୂର୍ବ ବେଶଧରି ରାଇ, ସଖୀଙ୍କ କୋଳେ ଛନ୍ତି ଶୋଇ,
ନୀଳ ବସନ ଅଙ୍ଗେ ଶୋଭା, ଶ୍ରୀଅଙ୍ଗ କୋଟି ବିଦ୍ୟୁତପ୍ରଭା,
ଶ୍ରୀବିମ୍ବ ଅଧରୁ ରକତ, ଯୋପି ପଡ଼ଇ ଅବିରତ ।
ଶ୍ରୀରୁଯୁଗଳ ପଦ୍ମପାଦେ, କି ଶୋଭା ଷଟ୍‌ପଦ ବୃନ୍ଦେ ।
ମଧୁ ଆଶାରେ ଛନ୍ତି ବେଢ଼ି, ସଖୀଏ ଦିଅନ୍ତି ଘଉଡ଼ି । ୭ମ ଚଃ ।

ଚିତ୍ର:—ଏହି ସମୟର ପ୍ରାକୃତିକ ଦୃଶ୍ୟ ମଧ୍ୟ ରମଣୀୟ ହୋଇଛି । ଶ୍ୟାମଙ୍କ ପ୍ରତି ମନପ୍ରାଣ ଢାଳିଦେଇ ଥିବାରୁ ପ୍ରକୃତି ଦେବୀ ମଧ୍ୟ ଶ୍ୟାମଙ୍କ ରୂପ ଧାରଣ କରିଥିଲାପରି ଗୋପୀ ଓ ରାଧାଙ୍କୁ ଜଣା ପଡ଼ୁଛି ।

ଶ୍ରୀକୃଷ୍ଣ ଆସିବାକୁ ଚହିଁ, ରହି ଅଛନ୍ତି ପଥ ଗୁହିଁ ।
ଦିଗ ଦିଶଇ କି ସୁନ୍ଦର, କି ଅନ୍ୟ ଶ୍ୟାମ କଳେବର ।
ଆକାଶ ମାର୍ଗେ ଶ୍ୟାମ ମେଘ, ଘୋଟି ଅଛନ୍ତି ଚଉଦିଗ ।
ରବି କିରଣ ଆଚ୍ଛାଦିଣ, ନୀଳ ଜୀମୂତ ଶୋଭାବନ ।
ସମସ୍ତ ବୃନ୍ଦାବନ ଦେଶେ, ତମାଳ ଶ୍ୟାମ ବର୍ଣ୍ଣ ଦିଶେ । ୭ମ ଚଃ ।

ଏହି ସୁନ୍ଦର ଶ୍ୟାମ ବର୍ଣ୍ଣର ବେଷ୍ଟନୀ ମଧ୍ୟରେ ଶ୍ୟାମହିଁ ପୂର୍ଣ୍ଣ ରହିଛନ୍ତି । ଏହି ଅପୂର୍ବ ଶୋଭାମୟ ଚିତ୍ରପଟ ବେଷ୍ଟିତ ହୋଇ ରାଧା ଅପୂର୍ବ ଶୋଭା ମୂର୍ତ୍ତି ଧାରଣ କରିଛନ୍ତି । ଏହି ଚିତ୍ରପଟ ତାଙ୍କର ଶୋଭାକୁ ଯେପରି ବହୁ ଗୁଣରେ ବୃଦ୍ଧି କରି ଦେଇଛି । ଘନ ନୀଳ ଜୀମୂତ କୋଳରେ ସୌଦାମିନୀ ଖେଳିଲା ପ୍ରାୟ ଦେଖାଯାଉଛି ।

ତା ମଧ୍ୟେ ନବୀନ କିଶୋରୀ, କିଶୋର ଚନ୍ଦ୍ର ମନୋହାରୀ
ଦିଶନ୍ତି କିବା ମନୋହର, ଲୋକନେ ଚିତ୍ତ କରେ ଚୋର
କି ଅବା ସ୍ଥିର ସୌଦାମିନୀ, ପ୍ରକାଶି ଅଛଇ ଅବନୀ । ୭ମ ଚଃ ।

ଏ ଶୋଭା ଅନୁମାନରେ ଧାରଣା କରିହେବ; ଯୁଗଳ ପ୍ରୀତିଭକ୍ତ ପକ୍ଷରେ ତାର ପରିମାଣ ଅତ୍ୟଧିକ ।

ସେ କାଳେ ଯେଉଁ ଶୋଭାବନ, ଭଗତେ କର ଅନୁମାନ । ୭ମ ଚ:।

ରାଧାଙ୍କ ସଖୀ ସୁବର୍ଣ୍ଣଲତା ଜଣେ ବ୍ରହ୍ମଦର୍ଶୀ; ଯୁଗଳ ପ୍ରୀତିର ପ୍ରକୃତ ଉପାସକ । ସେ ଶିଖୀଚନ୍ଦ୍ରିକାର ତତ୍ତ୍ୱ ସମ୍ୟକ୍ ଭାବରେ ହୃଦୟଙ୍ଗମ କରିଥିବାରୁ ବ୍ରହ୍ମଦର୍ଶୀର ବ୍ରହ୍ମାନନ୍ଦ ଉପଭୋଗ କରନ୍ତି । କବି ତାଙ୍କର ଏହି ବ୍ରହ୍ମାନନ୍ଦ ଅବସ୍ଥାର ଏକ କମନୀୟ ଚିତ୍ର ଅଳ୍ପ ସଂଖ୍ୟକ ସରସ ପଦରେ ଅଙ୍କନ କରିଛନ୍ତି । ରାଧାଙ୍କୁ ତାଙ୍କ ସମ୍ବନ୍ଧରେ ଅନ୍ୟ ସଖୀ କହୁଛନ୍ତି—

ବିଶେଷ ତୁମ୍ଭର ପଦେ ଅତ୍ୟନ୍ତ ଭକତି,
ଯହିଁ ତହିଁ ଭଣୁଥାନ୍ତି କୃଷ୍ଣତତ୍ତ୍ୱ ଚିତି ।
ଯହିଁ ତହିଁ ବସି କି କି କରନ୍ତି ଧିଆନ,
କି କି କରି ଭୁଲିତାରେ ରଙ୍ଗନ୍ତି ନୟନ ।

ପୁଣି କେଉଁ ପରି ନୃତ୍ୟ କରନ୍ତି ଡୋଳାକୁ,
କି ରଙ୍ଗରେ ଦେଖୁଥାନ୍ତି ବ୍ରହ୍ମଭି ଲୀଳାକୁ ।
ପ୍ରତ୍ୟକ୍ଷ ରହିଁଲା ପରି ନ ରହିଁଲ ହୋଇ
ମନେ ମନେ ହସୁଥାନ୍ତି ଚନ୍ଦ୍ରିକାକୁ ଚାହିଁ ।

କି କି ଦେଖି ଭାସୁଥାନ୍ତି ଆନନ୍ଦ ସାଗରେ,
ଶୂନ୍ୟେ ଆଲିଙ୍ଗନ କରୁଥାନ୍ତି ସରାଗରେ ।
ଅନୁକ୍ଷଣେ ମୟୂର ଚୂଳଟି ହସ୍ତେ ଧରି,
ନିର୍ଜ୍ଜନ ସ୍ଥଳରେ ବସି ତହିଁ ଦୃଷ୍ଟି କରି ।

ଅନୁକ୍ଷଣେ ଶୂନ୍ୟତତ୍ତ୍ୱ ପୁଣି କୃଷ୍ଣ ତତ୍ତ୍ୱ,
କହୁଥାନ୍ତି କେଳିରସ ଗୁପତ ଚରିତ । ୧୦ମ ଚ: ।

ଯମୁନା କୂଳରେ ନିକୁଞ୍ଜ ବନରେ ଦ୍ୱାଦଶ କୁଞ୍ଜ ରାଧାକୃଷ୍ଣଙ୍କର ବିବିଧ ପ୍ରେମଲୀଳାର ଆସ୍ଥାନ । ଯମୁନା ପୁଳିନରେ ଏହି କୁଞ୍ଜମାନଙ୍କର ଶୋଭା ଅତି ରମଣୀୟ ଓ ଭାବରାଜିର ଅନୁକୂଳ ହୋଇଛି । ସଖୀ ବର୍ଣ୍ଣନା କରୁଛନ୍ତି—

ନୃତ୍ୟକର ଡୋଳା ଉଠାଅ ଊର୍ଦ୍ଧ୍ୱେ, ଦ୍ୱାଦଶ କୁଞ୍ଜ ଦେଖ ତାର ମଧ୍ୟେ ।
ନାନା ବୃକ୍ଷଲତା ପୁଷ୍ପେ ପୂର୍ଣ୍ଣିତ, ମନ୍ଦ ମନ୍ଦ ବହେ ମନ୍ଦ ମରୁତ ।
ବସନ୍ତ ପକ୍ଷୀଏ ହୋଇ ଉନ୍ମତ୍ତ, ସୁଖେ ଗାଉଛନ୍ତି ସୁସ୍ୱରେ ଗୀତ ।
ସହକାର ଡାଳେ କୋକିଳ ବସି, ମଧୁର ସ୍ୱନେ କୁହୁ କୁହୁ ଭାଷି ।
ଚୂତ ବକୁଳ ହୋଇ ପ୍ରସ୍ଫୁଟିତ, ସମସ୍ତ ଦିଗ କରେ ଆମୋଦିତ ।
ସ୍ମର ଶର ପରି ଦିଶେ ମଞ୍ଜୁଳ, ବିରହୀ ଜନଙ୍କୁ କରେ ବ୍ୟାକୁଳ ।
ସହସ୍ର କଲ୍ଲୋଳ ପରିଏ ବନ, ଚନ୍ଦ୍ରିକାରେ ଦିଶେ କି ମନୋରମ ।
କାଳିନ୍ଦୀ ଦିଶଇ ଅତି ସୁନ୍ଦର, କଳା ଭ୍ରମର ପ୍ରାୟେ ନୀରଧାର ।
ଚତୁର୍ଦ୍ଦିଗ ବୃକ୍ଷେ ବସି ଖେଚର, ଫଳ ପୁଷ୍ପ ଖାଇ କରନ୍ତି ସ୍ୱର ।
ରାଧାକୃଷ୍ଣ ଭାବେ ପକ୍ଷୀନିଚୟେ, କ୍ରୀଡ଼ୁଛନ୍ତି ପୁଂସ ଯୋଷା ଉଭୟେ ।
କମଳ କୁମୁଦ କୁସୁମମାନ, କୋକନଦ ଦିଶେ ଅତି ଶୋଭନ ।
ତାପରେ ଭ୍ରମର ଚୁମ୍ବଇ ବସି, କ୍ରୀଡ଼ା କରନ୍ତି ସାରସ ସାରସୀ ।
ଯମୁନା ଜଳେ ଉଠଇ କଲ୍ଲୋଳ, କି ସୁନ୍ଦର ଦିଶେ ଉଭୟ କୂଳ ।
—୧୪ଶ ଚ: ।

ବିବିଧ ଅଳଙ୍କାର ସ୍ଥାନ ଏହି ବର୍ଣ୍ଣନାଗୁଡ଼ିକ ରମଣୀୟ ହୋଇଛି ।

ଦାରୁ ବ୍ରହ୍ମଙ୍କ ପ୍ରକାଶ, ଚୈତନ୍ୟଙ୍କ ସଙ୍କୀର୍ତ୍ତନକାଳୀନ କମନୀୟ ରୂପ-ଲାବଣ୍ୟ ଓ ଭାବାବେଶ ପ୍ରଭୃତି କେତେଗୁଡ଼ିଏ ଚିତ୍ର ସୁନ୍ଦର ହୋଇଛି ।

ଯୁଗଳ ପ୍ରୀତିତତ୍ତ୍ୱ ପ୍ରଚାର : ବାଳକ ସମ୍ପ୍ରଦାୟ:—ରାଧା-କୃଷ୍ଣ ଯୁଗଳ ପ୍ରୀତିର ଗୂଢ଼ତତ୍ତ୍ୱ ଚୈତନ୍ୟଦେବଙ୍କୁ ଶ୍ରୀଧରଙ୍କ ଗୁରୁ ରାୟ ରାମାନନ୍ଦ ବୁଝାଇଛନ୍ତି । ଏହି ତତ୍ତ୍ୱ ବେଦ, ଉପନିଷଦରେ ଓ ଅନ୍ୟତ୍ର ନଥିବା କଥା କବି ବ୍ୟକ୍ତ କରିଛନ୍ତି । ଆଖ୍ୟାନ ଭାଗ ମଧ୍ୟ ଏକାବେଳକେ ନୂତନ ଓ କପୋଳକଳ୍ପିତ । ସେହିହେତୁ ଯୁଗଳ ପ୍ରେମରେ ବିଶ୍ୱାସ ଓ ଭକ୍ତି ଥିବା ଭକ୍ତଙ୍କ ପକ୍ଷରେ କେବଳ ଏହା ସହଜବୋଧ ବୋଲି କହିଛନ୍ତି । ଶ୍ରୀକୃଷ୍ଣ ପୂର୍ଣ୍ଣ ବ୍ରହ୍ମ, ରାଧା ଆଦ୍ୟାଶକ୍ତି । ଶ୍ରୀକୃଷ୍ଣ ଦାରୁବ୍ରହ୍ମ, ଅଲେଖ, ଅରୂପ, ଅନାଦି, ଅନନ୍ତ ଏବଂ ସେ ଅବତାରୀ । ଶ୍ରୀକ୍ଷେତ୍ରର ଜଗନ୍ନାଥ ଦାରୁ ବ୍ରହ୍ମ,

ଅଲେଖ, ଅରୂପ, ଅନାଦି, ଅନନ୍ତ ଏବଂ ଅବତାରୀ ମଧ୍ୟ । ଜଗନ୍ନାଥହିଁ ଶ୍ରୀକୃଷ୍ଣ । ଜଗନ୍ନାଥଙ୍କ ପ୍ରତ୍ୟେକ ଡୋଳାରେ ରାଧା-କୃଷ୍ଣ ଯୁଗଳମୂର୍ତ୍ତି ବିରାଜୁଛନ୍ତି । ଶ୍ରୀ ଗୌରାଙ୍ଗ ରାଧାକୃଷ୍ଣ-ମିଳିତ ତନୁ ମର୍ତ୍ତ୍ୟରେ ଯୁଗଳ ପ୍ରୀତିର ପ୍ରଚାର କରି ଲୋକଙ୍କୁ ଧନ୍ୟ କରିଥିଲେ । ତାଙ୍କ ପ୍ରଚାରିତ 'ହରେ ରାମକୃଷ୍ଣ' ମନ୍ତ୍ର ମଧ୍ୟସ୍ଥ 'ରାମ' ଶବ୍ଦ ରାଧା ଓ କୃଷ୍ଣ ଉଭୟଙ୍କୁ ( ରା—ରାଧା, ମ—କୃଷ୍ଣ ) ବୁଝାଉଛି । ରାଧା-କୃଷ୍ଣଙ୍କ ଯୁଗଳପ୍ରୀତି ତତ୍ତ୍ୱକୁ 'ମୟୂର ଚନ୍ଦ୍ରିକା'ରେ କବି ସ୍ପଷ୍ଟ ଭାବରେ ଓ ସଂକ୍ଷେପରେ, କୃତିତ୍ୱ ସହକାରେ ବ୍ୟକ୍ତ କରି ପାରିଛନ୍ତି ।

ରାୟ ରାମାନନ୍ଦ—ଚୈତନ୍ୟ ଦେବ ସମ୍ବାଦ, ଚୈତନ୍ୟ ଦେବଙ୍କ ସଂକୀର୍ତ୍ତନ ଓ ତାର ପ୍ରଭାବ ବର୍ଣ୍ଣନା କରି କବି ସମସାମୟିକ ଇତିହାସ ଚିତ୍ରକୁ ରୂପ ଦେବାରେ ସାହାଯ୍ୟ କରିଛନ୍ତି ।

କୃଷ୍ଣ—ରାଧା—ଯୁଗଳ ପ୍ରେମତତ୍ତ୍ୱର, ରାମାନନ୍ଦ ରାୟ ବ୍ୟାଖ୍ୟାତ ବିଶ୍ଳେଷଣର କିଛି ଆଭାସ ମିଳୁଥିବା ଓଡ଼ିଆ ଗ୍ରନ୍ଥମାନଙ୍କରେ ମୟୂର ଚନ୍ଦ୍ରିକା ଏକ ପ୍ରାଚୀନ ଗ୍ରନ୍ଥ । ଏହି ତତ୍ତ୍ୱ ପ୍ରଚାରରେ ସାହାଯ୍ୟ କରି ପରବର୍ତ୍ତୀ କେତେକ ବୈଷ୍ଣବ କବିଙ୍କର ପଥକୁ ଶ୍ରୀହରି ଦାସ ସୁଗମ କରି ଦେଇଛନ୍ତି ।

ସେହି ସମୟର କବି ଅତିବଡ଼ି ସମ୍ପ୍ରଦାୟଭୁକ୍ତ ଦିବାକର ଦାଶ 'ଜଗନ୍ନାଥ ଚରିତାମୃତ'ରେ ଅତିବଡ଼ି ସମ୍ପ୍ରଦାୟର ଶାସ୍ତ୍ରସମ୍ମତ ତତ୍ତ୍ୱ ବ୍ୟାଖ୍ୟା କରି ଅତି ଗୌରବାବହ ସ୍ଥାନ ଲାଭ କରିଛନ୍ତି । ଶ୍ରୀହରି ଦାସ ଦିବାକରଙ୍କ ଭଳି ବିସ୍ତୃତ ଆଲୋଚନା କରିନଥିଲେ ମଧ୍ୟ ସ୍ୱମତସମ୍ମତ ତତ୍ତ୍ୱକୁ ବୁଝାଇବାରେ ତାଙ୍କ ଭଳି ଉଚ୍ଚ ସ୍ଥାନ ଅଧିକାର କରି ପାରି ନାହାନ୍ତି । ଦିବାକରଙ୍କ ଆଖ୍ୟାୟିକା ଭାଗ ମଧ୍ୟ କପୋଳକଳ୍ପିତ ନୁହେଁ, କି ତୁଳନାରେ ଅଳ୍ପ ନୁହେଁ ।

ଶୁଦ୍ଧ ମାର୍ଜିତ ଭାଷା ବ୍ୟବହାର କରି ଶ୍ରୀହରି ସେ ସମୟର ଓଡ଼ିଆ ଭାଷା ସମ୍ଭାରର ସମୃଦ୍ଧିଶାଳୀତ୍ୱ ପ୍ରଦର୍ଶନ କରିଅଛନ୍ତି ।

ଜଗନ୍ନାଥଙ୍କୁ ଅଲେଖ, ନିରାକାର, ଶୂନ୍ୟ ବ୍ରହ୍ମ ରୂପେ ଏ ପ୍ରତିପାଦନ କରି ତାଙ୍କର ଚକାଡୋଳାରେ ରାଧା-କୃଷ୍ଣ ଯୁଗଳ ମୂର୍ତ୍ତିର ନିତ୍ୟ ଅବସ୍ଥାନ କରୁଥିବା ବ୍ୟକ୍ତ କରିବା ଦ୍ୱାରା ଜଗନ୍ନାଥ ଉପାସନା ଓ ଭଜନ ରାଧା-କୃଷ୍ଣ-ଯୁଗଳ-ପ୍ରେମର ଉପାସନା ଓ ଭଜନ ସଙ୍ଗେ ସମାନ ବୋଲି କବି ପ୍ରକାଶ କରିଛନ୍ତି । ମୂଳ ବ୍ରହ୍ମ ଜଗନ୍ନାଥଙ୍କୁ ରାୟ ରାମାନନ୍ଦ, ଶ୍ରୀ ଚୈତନ୍ୟ, ଜଗନ୍ନାଥ ଦାସ ପ୍ରଭୃତି ମଧ୍ୟ ଏହି ଭାବରେ ଦେଖି ଭକ୍ତି କରିଛନ୍ତି । ଜଗନ୍ନାଥ ଭକ୍ତିହିଁ ରାଧା-କୃଷ୍ଣ-ଯୁଗଳ-ପ୍ରେମ ଭକ୍ତି, ଏହା ଶ୍ରୀହରିଙ୍କ ବିବିଧ ବର୍ଣ୍ଣନାରୁ ସ୍ପଷ୍ଟ ।

ଓଡ଼ିଶାରେ ବୈଷ୍ଣବମାନଙ୍କ ଭିତରେ 'ବାଳକ' ସମ୍ପ୍ରଦାୟ ଥିବା ଜଣାଯାଏ । ଶୁକ ମୁନି ବାଳକ ସମ୍ପ୍ରଦାୟର ଆଦିପୁରୁଷ ବୋଲି କେହି କେହି କହନ୍ତି । ବାଳକ ଓ ଶିଶୁ ସମ୍ପ୍ରଦାୟ ଏକ ନୁହନ୍ତି । କବି ଶ୍ରୀ ହରିଦାସ ବାଳକ ସମ୍ପ୍ରଦାୟଭୁକ୍ତ ବୋଲି ତାଙ୍କ ଉପାଧି 'ବାଳକ'ରୁ ସୂଚିତ ହେବା ସମ୍ଭବ । ରାୟ ରାମାନନ୍ଦଙ୍କୁ ଶ୍ରୀହରି ସ୍ୱଗୁରୁ ବୋଲି ବ୍ୟକ୍ତ କରିଥିବାରୁ ରାୟ ରାମାନନ୍ଦଙ୍କ ଏହି ସମ୍ପ୍ରଦାୟ ସହିତ ସମ୍ପର୍କ ଥିବା ଏଥିରୁ ସୂଚନା ମିଳୁଛି ।

# ଚତୁର୍ଥ ପରିଚ୍ଛେଦ

## ନରସିଂହ ସେଣ ମହାପାତ୍ର

ବଂଶ : ଜୀବନୀ – ନରସିଂହ ସେଣ ମହାପାତ୍ରଙ୍କର ପରିମଳା କାବ୍ୟଟି ଏକ ଉଚ୍ଚ କୋଟୀର ରଚନା । କୋଡ଼ିଏଟି ବିଭିନ୍ନ ରସମୟ ଛାନ୍ଦ ବା ରାଗରେ କାଞ୍ଚନନଗରାଧିପତି ବୀର ଭଦ୍ରେଶ୍ୱରଙ୍କ କନ୍ୟା ପରିମଳା ସହିତ ଧର୍ମବତୀ ନଗରାଧିପତି ବିକ୍ରମ କେଶରୀଙ୍କ କୁମର ମରକତଙ୍କର ପ୍ରଣୟ ଓ ପରିଣୟ ସରସ କୋମଳ ପଦାବଳୀରେ ଚଉରିଶିଟି ଛାନ୍ଦରେ କବି କାବ୍ୟଟି ରଚନା କରିଛନ୍ତି ।

କବି ଜଣେ ସୁପଣ୍ଡିତ; ଓଡ଼ିଆ ଓ ସଂସ୍କୃତ ଉଭୟ ଭାଷାରେ ତାଙ୍କର ଦକ୍ଷତା ଥିବା ଜଣାଯାଏ । ସେ ଏହି ସୁନ୍ଦର କାହାଣୀଟିକୁ ଓଡ଼ିଆ ଭାଷାରେ କାବ୍ୟରୂପ ଦେବା ପାଇଁ ମନସ୍ଥ କରିଥିଲେ । ସେତେବେଳେ ଓଡ଼ିଆ କାବ୍ୟ, କବିତା, ପୁରାଣ ଶାସ୍ତ୍ର ପ୍ରଭୃତି ଦେଶରେ ସମାଜର ସବ ଶ୍ରେଣୀର ଲୋକଙ୍କଦ୍ୱାରା ଆଦୃତ ହେଉଥିବାରୁ ସେ ଏହି ସଂକଳ୍ପ କରିଥିଲେ । ଦେଶୀ ଭାଷାର କୃତି ଅପେକ୍ଷା ସଂସ୍କୃତ ଭାଷା କୃତିର ଗ୍ରାହକଙ୍କ ସଂଖ୍ୟା ଦେଶରେ ଅପେକ୍ଷାକୃତ ଅଳ୍ପ ହେଲେ ମଧ୍ୟ ସମଗ୍ର ଭାରତବର୍ଷରେ ଏହା ଆଦୃତ ହେବାର ସମ୍ଭାବନା ବେଶି । ପୁଣି ସଂସ୍କୃତାଭିଜ୍ଞ ପଣ୍ଡିତମାନଙ୍କ ଦ୍ୱାରା ଆଦୃତ ହେଲେ ରଚନାର ଗୌରବ ବିଶେଷ ଭାବରେ ବୃଦ୍ଧି ପାଉଥିବାରୁ ଦେଶୀ ଭାଷାରେ ଲେଖିବା ପାଇଁ ସଂସ୍କୃତ ପଣ୍ଡିତମାନେ ଇଚ୍ଛା କରୁନଥିଲେ । ସେତେବେଳକୁ ଦେଶୀ ଭାଷାର ରଚନାପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧି ପାଉଥିଲେ ମଧ୍ୟ ସଂସ୍କୃତର ଗୌରବ ଓ ମୋହ ତୁଟିନଥିଲା । ସେହି ହେତୁ କବି ଦେଶୀ-ଭାଷାରେ କାବ୍ୟଟି ରଚନା କରିଥିବାରୁ ଗୌଣ ମନୋଭାବ ପ୍ରକାଶ କରି ପାଠକମାନଙ୍କୁ କୈଫିୟତ ଦେଇଛନ୍ତି ।

ଦେଶ ଭାଷାରେ ମୁଁ ଗୀତ ରଚଇଲି,
ସବୁଙ୍କର ବୁଝିବା ପାଇଁ,
ଏଥିକୁ ମନ୍ଦ ବୋଲି କେହୁ ନ ବୋଲିବ
ଦୋଷ ମୋର କିଛୁ ନାହିଁ ।
ଯେତୁ ଭାବରସ ସୁଜନେ ଶୁଣିବ
ଭାଷାରେ କାର୍ଯ୍ୟ କିସ,
ପଣସ ଉପରେ କଣ୍ଟକ ଭିତରେ,
ପୂରିତ ଅମୃତ ରସ । ୭ମ ଗ୍ରୁ: ।

ବିଶେଷତଃ ତାଙ୍କର ପିତା ଓ ପିତାମହ ବିଖ୍ୟାତ ସଂସ୍କୃତ ପଣ୍ଡିତ ଥିଲେ ଏବଂ ସଂସ୍କୃତରେ ଗ୍ରନ୍ଥ ରଚନା କରି ସମ୍ମାନ ଲାଭ କରିଥିଲେ । ଏପରି ପରିବାରରେ ଜନ୍ମଲାଭ କରି ଦେଶଭାଷାରେ ଗ୍ରନ୍ଥ ରଚନା କରିଥିବାରୁ କାଳେ ଲୋକମାନେ ଅନାଦର କରିବେ ଏହି ଆଶଙ୍କା ମଧ୍ୟ କବିଙ୍କ ମନରେ ଜାତ ହୋଇଥିବା ସ୍ୱାଭାବିକ । କବି ପିତାଙ୍କ ନାମ ସ୍ୱ ଗ୍ରନ୍ଥରେ ଦେଇଛନ୍ତି—

ବଦସି ରମଣୀସୁ ମିଷ୍ଟ ତପନ ସେଣ
ଭଣନ୍ତି ତାହାଙ୍କ ପୁତ୍ର ନରସିଂହ ସେଣ । ୨°ଶ ଗ୍ରୁ: ।

କବି ନରସିଂହ ସେଣଙ୍କ ପିତାଙ୍କ ନାମ ତପନ ସେଣ । ପିତାମହଙ୍କ ନାମ ଉମାପତି । ତପନ ସେଣଙ୍କ ମାତାଙ୍କ ନାମ ଗୌରୀ ଦେବୀ । ସୂର୍ଯ୍ୟବଂଶୀ ରାଜା ପ୍ରତାପରୁଦ୍ର ଦେବଙ୍କ ରାଜ ସଭାର ପଣ୍ଡିତ ଥିଲେ ଏବଂ 'ମହାପାତ୍ର' ଉପାଧିରେ ରାଜାଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ନରସିଂହଙ୍କ ପୁତ୍ର ବିଶ୍ୱନାଥ 'ପଥ୍ୟାପଥ୍ୟବିନିଶ୍ଚୟ' ନାମକ ଏକ ଆୟୁର୍ବେଦ ଗ୍ରନ୍ଥ ସଂସ୍କୃତରେ ଲେଖିଥିଲେ । ବିଶ୍ୱନାଥ ସ୍ୱ ଗ୍ରନ୍ଥରେ ପିତା, ପିତାମହ, ପ୍ରପିତାମହଙ୍କ ପରିଚୟ ଏପରି ଦେଇଥିବା ଜଣାଯାଏ ।

ବିଦ୍ ବିତ୍‌ଭକ୍ତି ରୁମାପତେଃ ସକଳସତ୍‌କ୍ରାନ୍ତୈଃ ପ୍ରପୌତ୍ରସ୍ତତଃ'
ପୌତ୍ରଃ ଶ୍ରୀ ତପନସ୍ୟ ସତ୍‌କବିମଣେଃ ସଦ୍‌ବୈଦ୍ୟ ଚୂଡ଼ାମଣେଃ ॥

ଗୌଷ୍ଠ ଶ୍ରୀ ନରସିଂହ ସେଣ ତନୟୋ ନଃଶେଷ ତନ୍ତ୍ରୋଦ୍ଧୃତଂ
ପଥ୍ୟାପଥ୍ୟ ବିନିଶ୍ଚୟସ୍ତୁ ବ୍ୟତନୁତ ଶ୍ରୀ ବିଶ୍ୱନାଥ ସୁଧୀଃ ॥

ଉମାପତି ବିଦ୍‌ବଦ୍‌ବର, ତପନ ସେଣ ସତ୍‌କବିମଣି ଓ ସଦ୍‌ବୈଦ୍ୟ-ଚୂଡ଼ାମଣି ଥିଲେ ।

ନରସିଂହ ସେଣଙ୍କ ପୁତ୍ର ବିଶ୍ୱନାଥ ତେଲଙ୍ଗା ମୁକୁନ୍ଦ ଦେବଙ୍କ ସମସାମୟିକ ଥିବା ତାଙ୍କ ଅନ୍ୟ ଏକ ସଂସ୍କୃତ ଆୟୁର୍ବେଦ ଗ୍ରନ୍ଥ 'ଚିକିତ୍ସାର୍ଣ୍ଣବ'ରୁ ଜଣାଯାଏ ।

ଦୋଲା ପର୍ବଣି ଦୋଲକୋପରି ଜଗନ୍ନାଥ ସମାନ୍ଦୋଳିତ,
ସ୍ତମ୍ଭେ୍ୟାବାନ୍ ମୁକୁନ୍ଦ ସିନ୍ଧୁରପତେଃ ପ୍ରୀତି ସମୁତ୍କୃନ୍ତିତାଂ ॥

ନରସିଂହ ସେଣ ବଙ୍ଗାଳ କିନ୍ତୁ ସେ ଓଡ଼ିଶାର ଅଧିବାସୀ ହୋଇଯାଇ-ଥିଲେ ବୋଲି ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ଲେଖିଛନ୍ତି । 'ପଥ୍ୟା-ପଥ୍ୟବିନିଶ୍ଚୟ'ର ତାଳପତ୍ର ପୋଥି ସମ୍ବନ୍ଧରେ ଏପରି ଉକ୍ତି କରିଥିଲେ । ତାଙ୍କର ଭ୍ରମର କାରଣ ହେଉଛି, ସେ ଏହି ଗ୍ରନ୍ଥର ଗୌଷ୍ଠ ଶ୍ରୀ ନରସିଂହ ସେଣ ତନୟୋକୁ 'ଗୌଡ଼ୀ ଶ୍ରୀ ନରସିଂହ ସେଣ ତନୟୋ' ବୋଲି ପାଠ କରିଥିଲେ ।

ଏହି ବଂଶର ଦୁଇଜଣ—ତପନ ସେଣ ଓ ବିଶ୍ୱନାଥ—ବିଖ୍ୟାତ ଚିକିତ୍ସକ ଥିବାରୁ ସେହି ବଂଶ ପୁରୁଷାନୁକ୍ରମେ ରାଜବୈଦ୍ୟ ରୂପେ ନିଯୁକ୍ତ ଥିବା ଅନୁମାନ କରାଯାଏ । ନରସିଂହ ସେଣ ସ୍ୱ କୁଳବୃତ୍ତି ଚିକିତ୍ସା କରୁଥିବା ସଙ୍ଗେ ସଙ୍ଗେ କାବ୍ୟକବିତା ରଚନାରେ ମଧ୍ୟ ସମୟ ଅତିବାହିତ କରୁଥିଲେ ।

ନରସିଂହ ସେଣଙ୍କ ପିତା ତପନ ପ୍ରତାପରୁଦ୍ରଙ୍କ (ଖ୍ରୀ: ୧୪୯୭–୧୫୩୫) ସମସାମୟିକ ଏବଂ ନରସିଂହଙ୍କ ପୁତ୍ର ବିଶ୍ୱନାଥ ମୁକୁନ୍ଦ ଦେବ (ଖ୍ରୀ: ୧୫୫୯–୧୫୬୮)ଙ୍କ ସମସାମୟିକ ଥିଲେ । ବିଶ୍ୱନାଥ ମୁକୁନ୍ଦଦେବ ରାଜା ହୋଇ

ରାଜତ୍ୱ କରୁଥିବା ସମୟ୍ ଭିତରେ ଅର୍ଥାତ୍ (ଖ୍ରୀ: ୧୫୫୯-୧୫୬୮) ଭିତରେ ନିଶ୍ଚୟ ଜୀବିତ ଥିଲେ ଏବଂ ପ୍ରତାପରୁଦ୍ରଙ୍କ ରାଜତ୍ୱ କାଳ ଭିତରେ ତପନ ଜୀବିତ ଥିଲେ । (ଖ୍ରୀ: ୧୪୯୭ ଠାରୁ ୧୫୬୮) ଭିତରେ ଅର୍ଥାତ୍ ୭୨ ବର୍ଷ ଭିତରେ ତପନ, ନରସିଂହ ଓ ବିଶ୍ୱନାଥଙ୍କ ସମୟ । ଏଥିରୁ ଅନୁମାନ ହେଉଛି ଷୋଡ଼ଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ନରସିଂହ ସେଣ ଜୀବିତ ଥିଲେ । ଏ ଦୃଷ୍ଟିରୁ ଦେଖିଲେ ପଞ୍ଚସଖା କବିମାନେ ନରସିଂହଙ୍କ ସମସାମୟିକ । କବିଙ୍କର ଜନ୍ମ ଓ ମୃତ୍ୟୁ ସମ୍ବତ୍ସର ଜଣାଯାଉ ନାହିଁ । କାବ୍ୟରଚନାର ନିର୍ଦ୍ଦିଷ୍ଟ ସମୟ ମଧ୍ୟ ଜଣାଯାଉନାହିଁ ।

'ପରିମଳା' କାବ୍ୟର ପଞ୍ଚମ ଛାନ୍ଦକୁ ଅର୍ଜ୍ଜୁନ ଦାସଙ୍କ 'ରାମ ବିଭା' କାବ୍ୟର ତୃତୀୟ ଛାନ୍ଦର ବାଣୀରେ ଗାଇବା ପାଇଁ କବି ନିର୍ଦ୍ଦେଶ କରିଛନ୍ତି, ଅତଏବ ପରିମଳା ରାମବିଭାର ପରବର୍ତ୍ତୀ ରଚନା । ଅର୍ଜ୍ଜୁନ ଦାସଙ୍କର ନିର୍ଦ୍ଦିଷ୍ଟକାଳ ନିରୂପଣ କରିବା ସମ୍ଭବ ନ ହେଲେ ମଧ୍ୟ ସେ ନରସିଂହ ସେଣଙ୍କ ପୂର୍ବବର୍ତ୍ତୀ ବା ସମସାମୟିକ ବୋଲି ନିଶ୍ଚିତ ଭାବରେ କୁହାଯାଇ ପାରିବ ।

କବିଙ୍କର ଭାଷାରେ ସାରଲ୍ୟ ଓ ଲାଳିତ୍ୟ ଥିଲେ ମଧ୍ୟ ସ୍ଥାନେ ସ୍ଥାନେ 'କବିତାର ଭାଷା'ରେ ଅଭାବ ପରିଲକ୍ଷିତ ହୁଏ, ଯଥା:—

ଦେଶ ଭାଷାରେ ମୁଁ ଗୀତ ରଚିଲଇଁ ।
ସବୁଙ୍କର ବୁଝିବା ପାଇଁ ॥
ଏଥିକୁ ମନ୍ଦ ବୋଲି କେହି ନ ବୋଲିବ ।
ଦୋଷ ମୋର କିଛି ନାହିଁ । ୭ମ ଛାଂ ।

ଆହ୍ମେ ମନ ଧନାକେତେ ଥିର ହୁଅ ।
ନିକଟେ କାର୍ଯ୍ୟ ପାଇବୁ । ୧୭ଶ ଛାଂ ।

ତାହାର ରୂପ ନୟନେ ପୂରିଅଛି ।
ତେଣୁ ହୋଇଲି ବାହାର । ୧୭ଶ ଛାଂ ।

ଛାନ୍ଦର ଅକ୍ଷର ସଂଖ୍ୟା ମଧ୍ୟ ପଦମାନଙ୍କରେ ସମାନ ନଥିବା ଜଣାଯାଉଛି । ୭ମ ଛାନ୍ଦର ଉଦ୍ଧୃତ ପଦରେ ପ୍ରଥମ ଚରଣରେ ୬, ୬, ୯ ଓ ଦ୍ୱିତୀୟ ଚରଣରେ ୭, ୬, ୮ । ଦ୍ୱିତୀୟପଦର ପ୍ରଥମ ଚରଣରେ ୬, ୬, ୭ ଓ ଦ୍ୱିତୀୟ ଚରଣରେ ୬, ୬, ୮ । କବି ଏହି ଛାନ୍ଦର ରାଗକୁ ଧଗମଙ୍ଗଳ-ଗୁଜ୍ଜରୀ, ମଙ୍ଗଳ ବରାଡ଼ି ବୃତ୍ତ ଲେଖିଛନ୍ତି ।

କବି ବିଭିନ୍ନ ଛାନ୍ଦକୁ ନାମକରଣ କରିଛନ୍ତି । ଜୟଦେବଙ୍କ ଗୀତ-ଗୋବିନ୍ଦରେ ଏପରି ନାମକରଣ ଦେଖାଯାଏ । ପରବର୍ତ୍ତୀ କବିମାନଙ୍କ ଭିତରେ ଓଡ଼ିଆରେ ରଘୁନାଥ ହରିଚନ୍ଦନଙ୍କ ରଚିତ ଲୀଳାବତୀ ନାମକ କ୍ଷୁଦ୍ର କାବ୍ୟରେ ଛାନ୍ଦମାନଙ୍କର ନାମକରଣ କରିଛନ୍ତି । ରହସ୍ୟ ମଞ୍ଜରୀରେ ଦେବଦୁର୍ଲ୍ଲଭ ଦାସ କେତୋଟି ଛାନ୍ଦର ସାହାର ନାମକରଣ କରିଛନ୍ତି । ଛାନ୍ଦର ନାମକରଣ କରିବା କ୍ଷେତ୍ରରେ ନରସିଂହ ସେଣ ଓଡ଼ିଆ କବିମାନଙ୍କ ଭିତରେ ପ୍ରଥମ ବୋଲି ମନେ ହୁଏ ।

ବିଭିନ୍ନ ଛାନ୍ଦମାନଙ୍କର ନାମ ସେ ଏପରି କରିଛନ୍ତି—୨ୟ—କନ୍ୟାହୃଦେ, ୩ୟ—ପୁଷ୍ପବତୀ, ୪ର୍ଥ—ରସପ୍ରୀତି, ୫ମ—ବରବରଣ, ୬ଷ୍ଠ—କାଞ୍ଚନଗ୍ରେ ପ୍ରବେଶ, ୭ମ—ରସ ବିଭ୍ରମ, ୮ମ—ଜୟମଙ୍ଗଳ, ୯ମ—ରସ ରହସ୍ୟ, ୧୦ମ—ରସ ଉଲ୍ଲାସ ଇତ୍ୟାଦି । ଛାନ୍ଦରେ ପ୍ରତିପାଦିତ ବିଷୟର ସୂଚନା ଏହି ନାମକରଣରୁ ଜଣାଯାଉଛି ।

ପ୍ରାଚୀନ ଶବ୍ଦ—ଏହି କେତୋଟି ପ୍ରାଚୀନ ଶବ୍ଦ ରୂପ କାବ୍ୟଟିରେ ଦେଖାଯାଏ—

ଶୁଣସି, ଆଣସି, ହୁଅସି, ମାଗସି—ଶୁଣ, ଆଣ, ହୁଅ, ମାଗ ପ୍ରଭୃତି ଦ୍ୱିତୀୟପୁରୁଷ କ୍ରିୟାରେ 'ସି' ଯୁକ୍ତ ହୋଇଛି ।

ଯିସ ତିସ, ଯେହ୍ନେ ତେହ୍ନେ, ଯେବଣି କେବଣେ ପ୍ରଭୃତି ଅବ୍ୟୟ ପଦର ବ୍ୟବହାର ।

ଫୁଟିଲକ, ଗମିଲକ—ଭୂତକ୍ରିୟାରେ ସ୍ୱାର୍ଥରେ 'କ' ଯୁକ୍ତ ।

ଗୁଣନ୍ତ, ସବୁନ୍ତ, ତାହାନ୍ତ—ବହୁବଚନପ ଚହ୍ନରୂପେ 'ନ୍ତ'ର ବ୍ୟବହାର ।

ଖେଡ, ହେଠମାଥ, ଅଲଖ, ଭେବଲ, ଏକଲ, ଆଠ, ଠଣା, ହାଥ ପ୍ରଭୃତ ଶବ୍ଦର ବ୍ୟବହାର ।

ଦେବତାଗଣମାନ (୨୪ଶ ଛୁ:୨୨), ଯେତେକ ନାରୀବୃନ୍ଦ (୭ମ ଛୁ:)ରେ ବ୍ୟବହାର ଦେଖାଯାଏ ।

'ଓ' ର ବ୍ୟବହାର—କାବ୍ୟରେ 'ଓ' ର ବ୍ୟବହାର ପଦମାଧୁର୍ଯ୍ୟର ଅନୁକୂଳ ନୁହେଁ । କବ 'ଓ' ର ବ୍ୟବହାର କରଥିବା ଦେଖାଯାଏ ।

ରାଜା ଓ ଦବସେ ପରମଳାବତୀ ରସେ ତାର ମନ ଦେଇ

—୧୭ଶ ଛୁ: ।

କଥାବସ୍ତୁ:—ପରମଳା କାବ୍ୟର କଥାବସ୍ତୁ କ୍ରମବର୍ଦ୍ଧମାନ ଥିବାରୁ ଚତ୍ତାକର୍ଷକ ଓ ରମଣୀୟ ହୋଇଛି । ରଚନାଶୈଳୀ ଓ ରସ ପରବେଷଣରେ ଚମତ୍କାରତା ଅଛି । ବଭିନ୍ନ ବଷୟର ଚତ୍ରଣରେ କବ କୃତକାର୍ଯ୍ୟ ହୋଇଛନ୍ତି । ଭାଷା ସରଳ ଥିବାରୁ ଏବଂ ବହୁ ସ୍ଥାନରେ ଲାଳତ୍ୟ ପ୍ରବାହ ଦେଖାଯାଉଥିବାରୁ କାବ୍ୟଟି ମନୋମୁଗ୍ଧକର ଓ ଉଚ୍ଚଶ୍ରେଣୀର ହୋଇ-ପାରଛି ।

ଲୌକକ ସାମାଜକ କାଳ୍ପନକ କଥାବସ୍ତୁକୁ ନେଇ ବଭିନ୍ନ ଛାନ୍ଦ ବନ୍ଧରେ ଉଚ୍ଚକୋଟିର ଦୀର୍ଘ କାବ୍ୟ ରଚନା କରବାରେ ନରସିଂହ ସେଣ ବର୍ତ୍ତମାନ ପର୍ଯ୍ୟନ୍ତ ଜଣାଯାଉଥିବା କବମାନଙ୍କ ଭିତରେ ଶ୍ରେଷ୍ଠ ବୋଲ ମନେ ହୁଏ । ସେଣଙ୍କ ପୂର୍ବରୁ ଅର୍ଜୁନ ଦାସ 'ରାମବଭା' ଓ 'କଳ୍ପଲତା' ଲେଖିଥିଲେ । କବ ସେଣ 'ପରମଳା'ର ପଞ୍ଚମ ଛାନ୍ଦକୁ ରାମବଭାର ଦ୍ଵିତୀୟ ଛାନ୍ଦ ବାଣୀରେ ଗାଇବା ପାଇଁ ନର୍ଦ୍ଦେଶ କରଛନ୍ତି । ତେଣୁ 'କଳ୍ପଲତା' କାବ୍ୟ 'ପରମଳା' ପୂର୍ବରୁ ଲଖିତ ହୋଇଥିବା ଅନୁମାନ କରବା ସ୍ଵାଭାବକ । ଅର୍ଜୁନ ଦାସଙ୍କ 'ରାମବଭା' କାର୍ତ୍ତିକ ଦାସଙ୍କ ରୁକ୍ମଣୀ ବଭା ପ୍ରଭୃତ ପୌରାଣିକ ବା ଅଲୌକକ

କଥାବସ୍ତୁକୁ ନେଇ ରଚିତ ହୋଇଛି । ପରବର୍ତ୍ତୀ ସମୟରେ ବିଭିନ୍ନ ଅଲଙ୍କାର-ମଣ୍ଡିତ ବହୁ ଉଚ୍ଚ ଶ୍ରେଣୀର କାବ୍ୟ ରଚିତ ହୋଇଛି । ପରିମଳାରେ ଅନୁସୃତ କଥାବସ୍ତୁର ପରିକଳ୍ପନା ପରବର୍ତ୍ତୀ କାଳର ଏହି ଧରଣର ବହୁ କାବ୍ୟରେ ଦେଖାଯାଏ । ପରିମଳା ଏମାନଙ୍କର ବଳିଷ୍ଠ ଅଗ୍ରଗାମୀ ବୋଲି ମନେହୁଏ ।

ଧର୍ମବତୀ ନଗରାଧିପତି ବିକ୍ରମ କେଶରୀ । ତାଙ୍କ ପଟ୍ଟମହିଷୀ ସୁଶୀଳା । ସୁଶୀଳାଙ୍କ ଗର୍ଭରୁ ମକରକେତୁ ନାମକ ପୁତ୍ର ଜନ୍ମ । ରୂପରେ ଓ ଗୁଣରେ ଅଦ୍ୱିତୀୟ । ରାଜକୁମରଙ୍କ ବିବାହ ବୟସ ଉପସ୍ଥିତ ହେବାରୁ କନ୍ୟା ଅନ୍ୱେଷଣ କରିବା ପାଇଁ ମନ୍ତ୍ରୀ ବିଶ୍ୱମିତ୍ରର ରାଜାଙ୍କ ଆଦେଶରେ ବିଭିନ୍ନ ଦେଶକୁ ଚର ପ୍ରେରଣ କଲେ । କାଞ୍ଚି ନଗରାଧିପତି ବୀର ଭଦ୍ରେଶ୍ୱରଙ୍କ ପରମ ରୂପବତୀ କନ୍ୟା ପରିମଳା ରାଜକୁମାରଙ୍କ ଉପଯୁକ୍ତ ପାତ୍ରୀ ଥିବା ଚରର ଜଣାଇଲା । ରାଜକୁମାରୀର ଚିତ୍ରପଟ ଅଙ୍କନ କରି ଚରର ଧର୍ମବତୀନଗରକୁ ଫେରିଲା । ରାଜଦମ୍ପତି ପରିମଳାକୁ ପାତ୍ରୀରୂପେ ଗ୍ରହଣ କରିବାକୁ ମନସ୍ଥ କଲେ । ରାଜକୁମାର ମକରକେତୁ ପରିମଳାଙ୍କ ଚିତ୍ରପଟ ଦେଖି ତାଙ୍କ ରୂପ ଲାବଣ୍ୟରେ ମୁଗ୍‌ଧ ହୋଇଯାଇ ମନେ ମନେ ତାଙ୍କୁ କନ୍ୟା ରୂପରେ ବରିଲେ ।

ପୂର୍ବ ଜନ୍ମରେ ପରିମଳା ତିଲୋତ୍ତମା ନାମକ ଅପ୍‌ସରା ଥିଲେ । ସେ ଇନ୍ଦ୍ରଙ୍କ ଶାପରୁ ମର୍ତ୍ତ୍ୟରେ ପରିମଳା ରୂପରେ ଜନ୍ମ ଗ୍ରହଣ କରିଥିଲେ । ପରିମଳା ପୁଷ୍ପବତୀ ହେବା ପରେ ସପ୍ତମ ଦିବସର ରାତ୍ରିରେ ତିଲୋତ୍ତମାଙ୍କ ସ୍ୱାମୀ ଗନ୍ଧର୍ବ ପୁରୁଷ ପରିମଳାଙ୍କ ସଖୀମାନଙ୍କୁ ମୋହ କରି ପରିମଳା ସହିତ କଥାବାର୍ତ୍ତା କଲେ ଏବଂ ପୂର୍ବଜନ୍ମରେ ସେ (ଗନ୍ଧର୍ବ) ତାଙ୍କର ସ୍ୱାମୀ ଥିବା ଜଣାଇଲେ । ଏହି କଥାରେ ବିଶ୍ୱାସ ଯାଇ କାମାତୁରା ନବ ପୁଷ୍ପବତୀ ରାଜକନ୍ୟା ଏହି ପୂର୍ବଜନ୍ମର ଗନ୍ଧର୍ବ ସ୍ୱାମୀଙ୍କ ସହିତ ରତିକ୍ରୀଡ଼ା କଲେ । ଗନ୍ଧର୍ବ ସେହି ସମୟରେ ପରିମଳାଠାରୁ ଶପଥ କରାଇନେଲେ ଯେ ସେ ସ୍ୱର୍ଗରୁ ଗନ୍ଧର୍ବଙ୍କଠାରୁ ବାର୍ତ୍ତା ନ ପାଇବା ପର୍ଯ୍ୟନ୍ତ ଅନ୍ୟ କାହା ସହିତ

ରତି କେଳି କରିବେ ନାହିଁ । ପ୍ରତିଦିନ ରାତ୍ରି ଗୋପନରେ ପରିମଳା ସ୍ୱର୍ଗକୁ ଯାଇ ଗନ୍ଧର୍ବ ସହିତ ରତିକେଳି କରୁଥାଏ ।

ଇତିମଧ୍ୟରେ ସଖୀମାନେ ପରିମଳାର ଅଙ୍ଗଭଙ୍ଗୀ ଓ ହାବଭାବରୁ ସେ ଗୋପନରେ ରତିକ୍ରୀଡ଼ା କରୁଥିବା ସନ୍ଦେହ କଲେ । ରାଜା ମଧ୍ୟ ଉଦ୍‌ବିଗ୍ନ ହେଲେ । ମକରକେତୁ ସହିତ କନ୍ୟାର ବିବାହ ସ୍ଥିର ହେଲା । ଗନ୍ଧର୍ବର କଥା ରକ୍ଷାକରି କନ୍ୟା ପଣ କରିଥିଲେ ଯେ ତାଙ୍କର ବିନାନୁମତିରେ ବର ତାଙ୍କ ଅଙ୍ଗ ସ୍ପର୍ଶ କରିବେ ନାହିଁ । ମକରକେତୁ ଏଥିରେ ସମ୍ମତ ଥିଲେ ।

ଶୁଭଦିନରେ କାଞ୍ଚି ନଗରରେ ବିବାହ ସମ୍ପନ୍ନ ହେଲା । ବୀରଭଦ୍ର ଜାମାତା ଓ କନ୍ୟାଙ୍କୁ ବହୁ ଯୌତୁକ ଦେଇ ବିଦାୟ କଲେ । ମଧୁଶଯ୍ୟା ରାତ୍ରିରେ ପୂର୍ବ ପ୍ରତିଜ୍ଞା ସ୍ମରଣ କରି ବର-କନ୍ୟା ପୃଥକ୍ ପୃଥକ୍ ଶୟନ କଲେ । ଏହିପରି କିଛିଦିନ ଅତିବାହିତ ହେଲା । ରାଜକୁମାର ବିରହ ଦୁଃଖରେ କ୍ରମେ କ୍ଷୀଣ ହେଲେ ।

ଏହି ସମୟରେ ସିଦ୍ଧ ଜ୍ଞାନାନନ୍ଦ ନାମକ ଜଣେ ଯୋଗୀଙ୍କୁ ସନ୍ତୁଷ୍ଟ କରି ମକରକେତୁ ଯୋଗୀ ଦତ୍ତ ମନ୍ତ୍ର ବଳରେ ଭ୍ରମର ରୂପ ଧାରଣ କରି ରାତ୍ରିରେ ପରିମଳା ସହ ଗନ୍ଧର୍ବଙ୍କ ରଥରେ ସ୍ୱର୍ଗପୁରକୁ ଗମନ କଲେ । ସେଠାରୁ ପୁଣି ଫେରି ଆସିବା ପରେ ପରିମଳାଙ୍କୁ ସ୍ୱର୍ଗର ସନ୍ଦେଶ କହିବାରୁ ଗନ୍ଧର୍ବଙ୍କ ପ୍ରତିଜ୍ଞା ପୂର୍ଣ୍ଣହେଲା ଏବଂ ପରିମଳା ଗନ୍ଧର୍ବଙ୍କୁ ସମ୍ପୂର୍ଣ୍ଣରୂପେ ଭୁଲିଯାଇ ମକରକେତୁଙ୍କ ସହିତ ରତିକେଳି କରି ଆନନ୍ଦରେ କାଳାତିପାତ କଲେ ।

ପୂର୍ବ ଶାପ ଅନୁସାରେ ଚୈତ୍ର ମାସ ପୂର୍ଣ୍ଣିମୀ ଦିନ ତିଳୋତ୍ତମା ଅପସରା ଶାପରୁ ମୁକ୍ତ ହୋଇ ସ୍ୱର୍ଗକୁ ଯିବା ସ୍ଥିର ହୋଇଥିଲା । ରାଜକୁମାର ପରିମଳାଠାରୁ ଏ ସମ୍ବାଦ ପାଇ ଅତ୍ୟନ୍ତ ଦୁଃଖିତ ହେଲେ । ସେହି ପୌର୍ଣ୍ଣମୀ ଦିନ ପରିମଳାକୁ ବହୁ ସୈନ୍ୟ ଜଗି ରହିଲେ । ସ୍ୱର୍ଗଦୂତମାନେ ପରିମଳାକୁ ନେଇ ନ ପାରିବାରୁ ଇନ୍ଦ୍ର କ୍ରୋଧରେ ଘନ ଘନ ବଜ୍ରପାତ କଲେ ଏବଂ ନିଜେ ଆସି ତିଳୋତ୍ତମାର ନାମ ଧରି ଡାକଲେ । ପରିମଳା ମନଦୁଃଖରେ

ସେଠାରୁ ଇନ୍ଦ୍ରଙ୍କ ସହିତ ସ୍ୱର୍ଗକୁ ଚାଲିଗଲେ । ଗଲାବେଳେ ସେ କାନ୍ଥରେ ଲେଖି ଦେଇଗଲେ ଯେ ଆଗାମୀ ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ ଦିନ ମଳୟଗିରିକୁ ଏକ ଘୋଟକୀ ସହିତ ମକରକେତୁ ଯିବେ ।

ମକରକେତୁଙ୍କ ବିରହ ବେଦନା ଦିନକୁ ଦିନ ବୃଦ୍ଧି ପାଇଲା । ସେ ଦିନେ ରାତିରେ ଏକ ଘୋଟକୀ ଉପରେ ଚଢ଼ି ମଳୟଗିରିକୁ ପଳାଇଗଲେ ।

ଚୈତ୍ର ମାସ ଶୁକ୍ଳ ଏକାଦଶୀ ଦିନ ଇନ୍ଦ୍ର ଅପ୍ସରାମାନଙ୍କୁ ଧରି ମଳୟଗିରିରେ ମଦନପୂଜା କରିବାକୁ ଆସିଲେ ଏବଂ ନାନା ପ୍ରମୋଦରେ ମାତିଲେ । ମକରକେତୁ ପରିମଳା ଅନ୍ୱେଷଣରେ ମନ ଦେଲେ । ବହୁସ୍ଥାନରେ ଖୋଜିବା ପରେ ହତାଶ ହୋଇ କୁମାର ଏକ ମାଧବୀ କୁଞ୍ଜରେ ବିଶ୍ରାମ ନେଲେ । ଏହି ସମୟରେ ଇନ୍ଦ୍ର ତାଙ୍କୁ ଦେଖି ମୋହ ଶର ପ୍ରୟୋଗ କରିବାରୁ ସେ ସଂଜ୍ଞାହୀନ ହୋଇ ପଡ଼ିଲେ । ତିଲୋତ୍ତମା ମଧ୍ୟ ମକରକେତୁଙ୍କ ଅନ୍ୱେଷଣରେ ଥିଲେ । ମାଧବୀ କୁଞ୍ଜରେ ମକରକେତୁଙ୍କର ସଂଜ୍ଞାହୀନ ଅବସ୍ଥା ଦେଖି ଅତ୍ୟନ୍ତ ଦୁଃଖିତ ହେଲେ । ତାଙ୍କ ନିର୍ଦ୍ଦେଶରେ ଇନ୍ଦ୍ରଙ୍କ ରଥରୁ ଏକ ଘୋଟକକୁ ଆଣି ସଖୀମାନେ ରାଜକୁମାରଙ୍କ ଘୋଟକୀ ସହିତ ରତିକ୍ରୀଡ଼ା କରାଇଲେ । ତିଲୋତ୍ତମା ବସ୍ତ୍ର ଧନ ରତ୍ନ କୁମାରଙ୍କ ନିକଟରେ ରଖି ଦେଇ ଏକ କେତକୀ ପାଖୁଡ଼ାରେ ଲେଖିଦେଲେ ଯେ, ଦଶମାସ ପରେ ଘୋଟକୀର ପେଟ ଚିରିବ । ସେଥିରୁ ଯେଉଁ ପିଲା ଜନ୍ମିବ ତାହା ଉପରେ ଚଢ଼ି ସ୍ୱର୍ଗକୁ ଯିବ ଏବଂ ଅଶୋକ ବୃକ୍ଷ ଦ୍ୱାରରେ ଥିବା ଗୃହରେ ତିଲୋତ୍ତମାଙ୍କୁ ଭେଟିବ । ମଦନ ପୂଜା ଓ ଉତ୍ସବ ପରେ ଇନ୍ଦ୍ରଙ୍କ ସହିତ ତିଲୋତ୍ତମା ସ୍ୱର୍ଗକୁ ଫେରିଗଲେ ।

କୁମାର ସଂଜ୍ଞାଲାଭ କରି ପତ୍ର ପାଠ କଲେ ଏବଂ ଆଶ୍ୱସ୍ତ ହେଲେ । ଦଶମାସ ପରେ ଘୋଟକୀର ଗର୍ଭକୁ ଚିରିବାରୁ ଯେଉଁ ପିଲା ଜନ୍ମ ହେଲା ତା ଉପରେ ଚଢ଼ି ସେ ସ୍ୱର୍ଗକୁ ଗଲେ । ସେଠାରେ ତିଲୋତ୍ତମାଙ୍କ ସହିତ ସେ ରତିକ୍ରୀଡ଼ାରେ ମାତିଲେ । କିଛିକାଳ ଆନନ୍ଦରେ ରହିଲେ ।

ତିଳୋତ୍ତମା ତାଙ୍କ ପ୍ରତି ଆଉ ସେପରି ଆବେଗ ପ୍ରକାଶ କରୁନାହିଁ ଜାଣିପାରି ଗନ୍ଧର୍ବ ଥରେ ସୁଯୋଗ ନେଇ କୁମାରଙ୍କୁ ସମୁଦ୍ରକୁ ଫିଙ୍ଗି ଦେଲା । ରତ୍ନାକରନାମକ ଜଣେ ବୋଇତାଳ କୁମାରଙ୍କୁ ଉଦ୍ଧାର କରି ସିଂହଳକୁ ନେଇଗଲା ଏବଂ ସେ ନିଜେ ନିଃସନ୍ତାନ ଥିବାରୁ ପୋଷ୍ୟପୁତ୍ର ରୂପେ ଯତ୍ନରେ ରଖିଲା । କୁମାର ତିଳୋତ୍ତମା ବିରହରେ ଅତି ଦୁଃଖିତ ହେଲେ । ସେ ବୋଇତାଳଙ୍କ ଅଜ୍ଞାତସାରରେ ଧାତୁକୂଟ ଗିରିକୁ ଚାଲିଯାଇ ସେଠାରେ ଦ୍ୱାଦଶାକ୍ଷର ଗୋପାଳ ମନ୍ତ୍ର ଜପ କରି ଶ୍ରୀକୃଷ୍ଣଙ୍କୁ ପ୍ରୀତ କରାଇଲେ । ଶ୍ରୀକୃଷ୍ଣ ବର ଦେଲେ । ଏହି ବର ପ୍ରଭାବରେ ରାଜକୁମାର ସ୍ୱର୍ଗକୁ ଯାଇ ଇନ୍ଦ୍ର ସଭାରେ ତିଳୋତ୍ତମା ନୃତ୍ୟ କରୁଥିବା ସମୟରେ ବୀଣା ବାଦନ କରି ଓ ଗୀତ ଗାଇ କରି ଇନ୍ଦ୍ରଙ୍କ ମନକୁ ମୁଗ୍ଧ କଲେ । ଇନ୍ଦ୍ର ପ୍ରୀତ ହୋଇ ତାଙ୍କୁ ବର ଦେଲେ ଏବଂ ସେହି ବର ଅନୁସାରେ ମକରକେତୁ ତିଳୋତ୍ତମାଙ୍କୁ ଭାର୍ଯ୍ୟାରୂପେ ପ୍ରାପ୍ତ ହେଲେ ।

ପରିମଳା ଓ ମକରକେତୁ ସ୍ୱର୍ଗରୁ ଫେରିଆସି କୁମାରଙ୍କ ନଗରରେ ଉପସ୍ଥିତ ହେଲେ । ସ୍ୱାମୀ ସ୍ତ୍ରୀ ଆନନ୍ଦରେ ରହିଲେ । ପରିମଳାଙ୍କ ପିତାମାତା ମଧ୍ୟ ଆସି କନ୍ୟାଙ୍କୁ ଦେଖି ଆନନ୍ଦିତ ହେଲେ ।

ସାମାଜିକ ଚିତ୍ର—କନ୍ୟା-ବର ଅନ୍ୱେଷଣରେ ଚିତ୍ରପଟ ପ୍ରଦର୍ଶନ, କନ୍ୟା ଘରୁ ବୁଢ଼ୀ ଦୂତୀ ଯାଇ ବରଘର ସମ୍ବାଦ ସଂଗ୍ରହ କରିବା, ବିବାହରେ ବରଯାତ୍ରୀ, କନ୍ୟା ପକ୍ଷର ଚର୍ଚ୍ଚା ପ୍ରଭୃତି ସୁନ୍ଦର ଭାବରେ ଚିତ୍ରିତ ହୋଇଛି । ଷଡ଼ଋତୁରେ ପ୍ରେମିକ-ପ୍ରେମିକାଙ୍କ ବିରହ, ଜଳକେଳି, ବିବାହ ଉତ୍ସବ ପ୍ରଭୃତି ବସ୍ତୁ ବିଷୟର ଚମତ୍କାର ବର୍ଣ୍ଣନା କାବ୍ୟଟିକୁ ରସାଳ ଓ ମନୋମୁଗ୍ଧକର କରି ଦେଇଛି । ଅବଶ୍ୟ ରାଜପରିବାରର ଓ ସମ୍ଭ୍ରାନ୍ତ ସମାଜର ଚିତ୍ର ଏଥିରେ ମୁଖ୍ୟ ଅଂଶ ଥିବାରୁ ସାଧାରଣଗୁଡ଼ିକ [illegible] ହୋଇଛି । କିନ୍ତୁ ରୂପରେ ଏଗୁଡ଼ିକ ସବୁ ଶ୍ରେଣୀରେ, ସବୁ ସମ୍ପ୍ରଦାୟରେ ଓଡ଼ିଶାରେ ଦେଖାଯାଏ । କବି ଏସବୁ ଚିତ୍ରଣ କରିବାରେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି ।

ସମୁଦ୍ରଯାତ୍ରାର ବିଷୟ ମଧ୍ୟ କାବ୍ୟରେ ଉଲ୍ଲେଖ ଅଛି । ଏହାର ବିସ୍ତୃତ ବିବରଣ ନଥିଲେ ମଧ୍ୟ ସେ ସମୟକୁ ଓଡ଼ିଶାରେ ସମୁଦ୍ର ବାଣିଜ୍ୟ ଥିବାର ସୂଚନା ଏଥିରୁ ମିଳୁଛି । 'ଜଗନ୍ନାଥ ଚରିତାମୃତ'ରେ କବି ଦିବାକର ଦାସ କାଶୀରାମ ବୋଇତାଳଙ୍କ ପ୍ରସଙ୍ଗ ଲେଖିଛନ୍ତି । ଏଥିରୁ ମଧ୍ୟ ପ୍ରତାପରୁଦ୍ରଙ୍କ ସମୟରେ ଓଡ଼ିଶାରେ ବୋଇତ ବାଣିଜ୍ୟ ଥିବା ସମର୍ଥିତ ହେଉଛି ।

କନ୍ୟା ଓ ବରର ଉଭୟ ପକ୍ଷରୁ ଚିତ୍ରପଟ ଦେଖିବା ପ୍ରଥା ରାଜପରିବାର-ମାନଙ୍କର ରୀତି ଥିଲା । ଚିତ୍ରପଟ ଗୁଡ଼ିକ ଅଙ୍କନ କରିବା ବିଶେଷ କୃତିତ୍ୱର ପରିଚୟ । ରାଜପରିବାରର ଦାସ ଦାସୀମାନେ ମଧ୍ୟ ପାତ୍ର ପାତ୍ରୀଙ୍କୁ ଦେଖି ଚିତ୍ର ଅଙ୍କନ କରି ପାରୁଥିଲେ ।

ରାଜକୁମାରୀମାନେ ବିବିଧ ଶାସ୍ତ୍ର ଅଧ୍ୟୟନ କରୁଥିଲେ । ନୃତ୍ୟ, ବାଦ୍ୟ, ଗୀତ, କାବ୍ୟ, ଶାସ୍ତ୍ର ପ୍ରଭୃତି ବିଷୟରେ ସେମାନଙ୍କୁ ଶିକ୍ଷା ଦିଆଯାଉଥିଲା । କାମଶାସ୍ତ୍ର ଅଧ୍ୟୟନ କରିବାରେ ମଧ୍ୟ ପିତା ମାତା ସୁବିଧା ଦେଉଥିଲେ । ଦାମ୍ପତ୍ୟ ଜୀବନର ସମ୍ପୂର୍ଣ୍ଣ ଭୋଗ-ବିଳାସ ପକ୍ଷରେ ଏହା ଏକ ଅପରିହାର୍ଯ୍ୟ ଅଙ୍ଗ ବୋଲି ବିବେଚିତ ହେଉଥିଲା ।

କୁମାରୀ ପୁଷ୍ପବତୀ ହେବା ଦିନଠାରୁ ସାତଦିନ ପର୍ଯ୍ୟନ୍ତ ବିବିଧ ପ୍ରକାର ବିଧିବିଧାନ ହେଉଥିଲା । ବର୍ତ୍ତମାନ ସୁଦ୍ଧା ଏସବୁର ପ୍ରଚଳନ ଦେଖାଯାଏ । ସପ୍ତମ ଦିନ ରାତ୍ର ନବପୁଷ୍ପବତୀ ରାଜନନ୍ଦିନୀଙ୍କୁ ଦାସୀମାନେ ବେଢ଼ିରହି ଜଗିବା ପ୍ରଥା ପ୍ରଚଳିତ ଥିଲା । କାଳେ କାମଜ୍ୱାଳାରେ ନବପୁଷ୍ପବତୀ ଅନ୍ଧାରରେ ଗମନ କରିବା ପାଇଁ ଉଦ୍ୟମ କରିବ, ଏହି ଆଶଙ୍କାରେ ଏପରି କରାଯାଉଥିଲା ।

ବିବାହ ପ୍ରସ୍ତାବ, ବରଯାତ୍ରୀ, ବିବାହ ଉତ୍ସବ, ନଗର ମଣ୍ଡଣି, ବରକନ୍ୟା ବିଦାୟ, ମାତା ପିତାଙ୍କ କାନ୍ଦଣା ପ୍ରଭୃତି ରୀତି ବର୍ତ୍ତମାନ ସୁଦ୍ଧା ପ୍ରଚଳିତ ଥିବା ରୀତିର ଅନୁରୂପ । ସେତେବେଳେ ମଧ୍ୟ ବିବାହ ଉତ୍ସବରେ ବେଶ୍ୟା ନୃତ୍ୟର ପ୍ରଚଳନ ଥିଲା ।

ବିବାହ ପୂର୍ବେ ଓ ପରେ ସ୍ତ୍ରୀ ପର ପୁରୁଷ ସହିତ ରତିକ୍ରୀଡ଼ା କରିବା ସାମାଜିକ ପ୍ରଥାର ଘୋର ବିରୁଦ୍ଧ କାର୍ଯ୍ୟ; କିନ୍ତୁ ଅପ୍ସରାମାନଙ୍କ ପକ୍ଷରେ ପ୍ରଯୁଜ୍ୟ ନୁହେଁ । ପରିମଳା ପୂର୍ବଜନ୍ମରେ ଅପ୍ସରା ଥିବାରୁ ସେ ମନୁଷ୍ୟ ଜନ୍ମରେ ମଧ୍ୟ ତାର ପୂର୍ବଜନ୍ମର ଗନ୍ଧର୍ବ ସ୍ୱାମୀ ସହିତ ରତିକ୍ରୀଡ଼ା କରିବା ପ୍ରସଙ୍ଗ ସାମାଜିକ ନୀତିବିରୁଦ୍ଧ । କେବଳ ଅପ୍ସରା-ଗନ୍ଧର୍ବ ଲୀଳା ବର୍ଣ୍ଣନା ଏଥିର ଏକ ମୁଖ୍ୟ ଅଂଶ ଥିବାରୁ କବି ଏହାକୁ ନୀତି ସମ୍ମତ ବୋଲି ବିସ୍ତୃତ ଚିତ୍ରଣ କରିଛନ୍ତି । ମନୁଷ୍ୟମାନଙ୍କ ପକ୍ଷେ ଗାନ୍ଧର୍ବ ବିବାହ ବା ପୁଷ୍ପମାଳା ବଦଳ ପରେ ନାୟକ ଓ ନାୟିକା ବିବାହିତ ସ୍ୱାମୀ-ସ୍ତ୍ରୀ ପରି ହୁଅନ୍ତି । ଏହି ଅବସ୍ଥାରେ ମନୁଷ୍ୟ ଦେହଧାରୀ ନାୟକ-ନାୟିକାଙ୍କ 'ବେଦୀ-ବିବାହ' ପୂର୍ବରୁ ରତିକ୍ରୀଡ଼ାର ବିଧାନ ପରବର୍ତ୍ତୀ ବହୁ କବି ଲେଖିଛନ୍ତି ।

**ଅଲୌକିକ ଘଟଣାର ସାହାଯ୍ୟ ବା ଦୈବୀ ସାହାଯ୍ୟ**—ଅଲୌକିକ ଘଟଣା ସାହାଯ୍ୟରେ ସମସ୍ୟାର ସମାଧାନ କରିବା ରୀତିକୁ କବି ଗ୍ରହଣ କରି କଳ୍ପନା କ୍ଷେତ୍ରର ବିଶେଷ ପରିଚୟ ପ୍ରଦାନ କରିଛନ୍ତି । ସ୍ୱର୍ଗରୁ ଗନ୍ଧର୍ବର ମର୍ତ୍ତ୍ୟଧାମକୁ ଅବତରଣ କରିବା, ଗନ୍ଧର୍ବ ମୋହନ ବିଦ୍ୟା ଦ୍ୱାରା ପ୍ରହରୀ ଓ ଦାସୀମାନଙ୍କୁ ମୋହ କରିଦେବା, ମର୍ତ୍ତ୍ୟରେ ଇନ୍ଦ୍ରଙ୍କ ମଦନ ପୂଜା, ଘୋଟକୀ ଶାବକ ସାହାଯ୍ୟରେ କୁମାର ସ୍ୱର୍ଗକୁ ଯିବା, ଗୋପାଳମନ୍ତ୍ର ଜପରେ କୃଷ୍ଣଙ୍କୁ ପ୍ରୀତ କରି କାର୍ଯ୍ୟ ସିଦ୍ଧିକରିବା ପ୍ରଭୃତି ଅଲୌକିକ ବ୍ୟାପାର ମାଧ୍ୟମରେ ନରସିଂହ ସମସ୍ୟାର ଅସମ୍ଭବ ସମାଧାନକୁ ସମ୍ଭବ କରାଇ ପାରିଛନ୍ତି । ଏହାଦ୍ୱାରା ଲୌକିକ ଆଗ୍ରହ କ୍ଷୁଣ୍ଣ ହୋଇଥିଲେ ମଧ୍ୟ ଚମତ୍କାରିତା ବୃଦ୍ଧି ପାଇଛି ଏବଂ ଦେବଙ୍କ ପକ୍ଷେ କେବଳ ଏପରି ସମ୍ଭବ ଏହା ବୁଝିବା ପାଇଁ ଅବକାଶ ଦିଆଯାଇଛି । ସ୍ୱର୍ଗ ଘୋଟକ ସହିତ ମର୍ତ୍ତ୍ୟ-ଘୋଟକୀର ଶାବକ ମର୍ତ୍ତ୍ୟର ମାନବକୁ ସ୍ୱର୍ଗ ନେଇ ପାରିବା ଅଲୌକିକ ଘଟଣା ଭିତରେ ଏକ କୌତୁକପ୍ରଦ ବିଷୟ । ନାୟକ ସ୍ୱର୍ଗକୁ ଯାଇ ନ ଥିଲେ ଇନ୍ଦ୍ରଙ୍କୁ ସନ୍ତୁଷ୍ଟ କରି ତିଲୋତ୍ତମାଙ୍କୁ ସ୍ତ୍ରୀ ରୂପେ ପାଇ-ନଥାନ୍ତେ । ଏହି ଘୋଟକୀ ଶାବକ ଏହାର ସମାଧାନ କଲା ।

ବର୍ଣ୍ଣନା ଚାତୁରୀ—ନରସିଂହ ସେଣଙ୍କ ରଚନାରେ ଅଙ୍ଗଶୋଭା ବର୍ଣ୍ଣନାରେ ଚରାଚରିତ ଉପମା ଗୁଡ଼ିକ ଦେଖାଯାଉଥିଲେ ମଧ୍ୟ କେତେକ ପଦ୍ୟ ଅତି ସୁନ୍ଦର ହୋଇଛି । ଭାଷା ମଧ୍ୟ ସରସ ହୋଇଛି ।

ନାୟିକାର ଶୋଭା ବର୍ଣ୍ଣନାରେ କବି ମୁଖ ସହିତ ଚନ୍ଦ୍ରମଣ୍ଡଳ, ଭ୍ରୂଲତା ସହିତ କାମବାଣ, କୁଟୀଳ କୁନ୍ତଳ ସହିତ ନୀଳମେଘ, ଦନ୍ତ ସହିତ ଡାଳିମ୍ବ ମଞ୍ଜି, ନାଶା ସହିତ ତିଳ କୁସୁମର ଉପମା ଦର୍ଶାଇଛନ୍ତି —

ମୁଖ ତା' ଚନ୍ଦ୍ରମଣ୍ଡଳ ପ୍ରାୟେ ଶୋଭା ହେ ପୁଣି କୁହଇ ପର ।
ଦିନେ ଦିନେ ସେ ଷିଣ ହୋଇ କଳଙ୍କ ଅଛି ଧର ।
କୁସୁମଟି ଭ୍ରୂଲତା ଅପାଙ୍ଗ ଗୁଣ ରୁଚି ଚାରୁବାଣ ।
ବିବେକ ତରୁ ଛେଦିବା'ରେ ଭିଆଇଅଛି ସଂସ୍ଥେ ମହ୍ୟାଣ ।।
କ ମଧନୁ ଗୁଣ ଅଳକା ଶୋଭା ତ ଭ୍ରମରେ ବାଲା ।
ଆକର୍ଷି କରି ମୁନିବନ୍ଧ ଛିଡ଼ିଯାଇ ଦୂରେ ପଡ଼ିଲା ।।
ନୀଳଘନ ସମ କୁଟୀଳ କୁନ୍ତଳ କର୍ଣ୍ଣ କପୋଳ ମନ୍ଦ ପିଙ୍ଗ ।
ଡାଳିମ୍ବ ମଞ୍ଜି ଜିଣିଣ ଦନ୍ତପନ୍ତ ତିଳ କୁସୁମ ସମ ନାଶା । ୨ୟ ଗ୍ରଃ ।

ଏପରି ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ସହିତ ଉପମା ନିର୍ଣ୍ଣିତ ହୋଇଛି । ଏସବୁ ପ୍ରାଚୀନ ସଂସ୍କୃତ କାବ୍ୟମାନଙ୍କରେ ମଧ୍ୟ ଦେଖାଯାଏ ।

ନାୟିକାର ଅଙ୍ଗଶୋଭା ସହିତ ଶିବ, ବିଷ୍ଣୁ ସମାନ ନୋହି ତାହାର ରୂପ ଭିତରେ ଆଶ୍ରୟ କରି ରହିଛନ୍ତି । କୁମାରୀର ଊରୁ ଗଦା, ସ୍ଥୂଳଶ୍ରୋଣୀ ଚକ୍ର, ବଦନ ପଦ୍ମ, ଗଳା ଶଙ୍ଖ, ସ୍ଥିର ଅଙ୍ଗ ଗୃହ ଭୂଜ, ଏପରି ବିଷ୍ଣୁଙ୍କର ଚାରି ଆୟୁଧ ଧରି କୁମାରୀ ଶୋଭାପାଉଛି । ପୁଣି ଶିବଙ୍କ ଡମ୍ବରୁ, ମୃଗ ପ୍ରଭୃତି ମଧ୍ୟ ବାମାର ଅଙ୍ଗରେ ରହିଛି ।

ବିଷ୍ଣୁଙ୍କ ପକ୍ଷେ—

ଜାମେନୀ ଅଙ୍ଗ ସଦ୍ଗୁଣ ଶିବ ବିଷ୍ଣୁ ନ ପାରନ୍ତି ଧରି ।
ତାହାର ରୂପେ କି ମୋହିତ ନେତ୍ରେ ତେଜନ୍ତି ତେଣୁକରି ।।

କୁମାରୀ ଊରୁ ସଦୃଶ ଗଦା ସ୍ତୃରୁ ଶ୍ରୋଣୀ ତଟ ବିସ୍ତାର ।
ବଦନ ବିକଚ ସୁରୁ ସଖୀ ସଦୃଶ ଗଲା ଛାହାର ॥
ସ୍ମର ଭୁଜେ ସ୍ମର ଅଙ୍ଗ ଧରି ବାଲୀ ବିରହେ ତାପ ପାଇ ।
କାମ ଅନଳ ଶାନ୍ତ କରିବା ଇଚ୍ଛି ବନେ ବିହରି ଯାଇ ॥
ଅମୃତ-ରସ କି ପୂରିତ ସ୍ତନ ହେମ କଳଶ ଦେବନ ।
ବାବନ ରୂପେଣ କେଶବ କୁଚ କୁମ୍ଭ ସମ ଅଛଇ ଘେନି ॥

ଶିବଙ୍କ ପକ୍ଷେ —

କପାଳ ପାଟଳୀ ତାର କୁସୁମ ମୃଗ ଲୋଚନା ସେହୁ ନାରୀ ।
ଅଙ୍ଗନା ଅଙ୍ଗ ସ୍ପର୍ଶୁ କରେ ଧରି ବୁଲନ୍ତି ଦେବ ତ୍ରିପୁରାରି ॥
ପରିମଳାବତୀର ବଦନ ଅକଳଙ୍କ ରଜନୀକର ।
ମୁଖ ଚୁମ୍ବନ ନ ଲଭି ତାର ଚନ୍ଦ୍ର ଶିରେ ଧରିଲେ ଶଙ୍କର ॥
କୁମାରୀ ବିରହେ ଶବ ବାଉଳ ହୋଇଥାଇ ଖେଚର ବେଶ ।
ପାଣ୍ଡୁର ବର୍ଣ୍ଣ ତେଣେ ଶରୀର ଶୋଗ ଗୁଣ୍ଡି ଶ୍ମଶାନେ ବାସ ॥
ଜୀବନକୁ କିଛୁ ଆଶା ନାହିଁ ମରିବାକୁ ଅଣାଇ ବିଷ ।
ହହୁଁ ସେ ବ୍ରହ୍ମରୂପ ଅକ୍ଷୟେ ତେଣୁ କରି ନୁହଇ ନାଶ ॥
ପରିମଳାବତୀକି ଯେବେ ବିହି ଜାତ କରିଥାନ୍ତା ।
ଶିବ କୋପାନଳ ଅନଳ ଲୋଚନେ କାମଦେବ ତ ନୁହନ୍ତା ॥

୨ୟ ଛାନ୍ଦ ।

କୁମାରୀ ପରିମଳାର ଶୋଭା ବର୍ଣ୍ଣନାଟି ସଂକ୍ଷିପ୍ତ ହୋଇଥିଲେ ମଧ୍ୟ ପ୍ରଚଳିତ ସାଧାରଣ ଅଳଙ୍କାରରେ ମଣ୍ଡିତ ହୋଇଛି, କଳ୍ପନା ବିଳାସ ଏଠେ ମଧ୍ୟ ଗମ୍ଭୀର ନୁହେଁ ।

ତିଲୋତ୍ତମାର ନୃତ୍ୟ ଦୃଶ୍ୟଟି ଅତି ସୁନ୍ଦର ହୋଇଛି । ଉପଯୁକ୍ତ ପରିବେଷ୍ଟନୀ ଓ ଅନୁକୂଳ ବାତାବରଣରେ ନୃତ୍ୟ ଦୃଶ୍ୟ ଚିତ୍ରଣ ସଫଳ ହୋଇଛି । ଏକ ଜୀବନ୍ତ ଚିତ୍ର ଅଙ୍କିତ ହୋଇପାରିଛି ।

ଗାଇଲେ ଗାୟେନ୍ତୀ ମଧୁରସେ ରସ ଗୀତ ।
ସଭାରେ ସମସ୍ତଙ୍କର ବଳଅଛି ଚିତ୍ତ ॥
ମୃଦଙ୍ଗ ବଂଶୀ କଂସାଳ ଦୋସରୀ କାହାଳ ।
ଉପାଙ୍ଗ ତାଳ ବୀଣାର ଶବଦ ଚହଳ ॥

ସକଳ ବାଦ୍ୟଙ୍କର ସେ ନାଦ ଏକ ହୋଇ ।
ବ୍ରହ୍ମଲୋକ ଭେଦ ନାଦ ବିଷ୍ଣୁଲୋକ ଯାଇ ॥
କ୍ରମେଣ ଶବଦ ସ୍ଫୁରେ ସର୍ବ ଦ୍ୱୀପାନ୍ତର ।
ତାଳ ଶଙ୍କ ମୁଦ୍ରା କରି ଗୀତ ମନୋହର ॥

ତିଳୋତ୍ତମା ପରି ତହିଁ ପାଦଘାତ କଲା ।
ବିବିଧ ବିନୋଦ କରି ନୃତ୍ୟ ରଙ୍ଗ କଲା ॥
ଅଣ୍ଟାରେ ହାତ ବାଙ୍କ ନୟନରେ ଗୁହିଁଲା ।
ସମସ୍ତ ସଭାଜନଙ୍କ ମନ ହରି ନେଲା ॥

ବହୁ ଭାବ କରି ନାଚୁଅଛି ଯେ ସୁନ୍ଦରୀ ।
ତ୍ରିଭଙ୍ଗୀ ଲଳିତ ତନୁ ଅତି ମନୋହାରୀ ॥
କାଞ୍ଚୁଲି ଫିଟିଣ ଯେ ଦିଶଇ କୁଚ ଭର ।
ହୃଦେ ଲମ୍ବିଅଛି ଗଜମୁକୁତାର ହାର ॥

ହସ୍ତକ କରିଣ ସେ ନାଚଇ ଭାବ ଘେନ ।
ପ୍ରତିଭାବ ଲୀଳାଭାବ ନାଚଇ କାମେନୀ ॥
ଚଳଇ ଅଳକା ଗୁରୁ କପୋଳର କତି ।
କମଳ ଲୋଭେ ଉଡ଼ନ୍ତି କମଳର ପନ୍ତି ॥
ପାଦାଘାତ ବାଳୀ ଯେ ଦିଅଇ ଘନ ଘନ ।
ନେପୁରର ଶବଦ ଶୁଭଇ ରୁଣୁଝୁଣୁ ॥
ଲୁଗା ଫେର ଦେଖି ତାର ପୀଡ଼ଇ ମଦନ ।
ହୃତ ଦମ ଦମ ହୋଇ ଅଙ୍ଗୁ ହରେ ଜ୍ଞାନ ॥ ଇତ୍ୟାଦି

୧୪ଶ ଛାନ୍ଦ ।

କବି ଋତୁ ବର୍ଣ୍ଣନାଗୁଡ଼ିକ ସଂକ୍ଷେପ କରିଛନ୍ତି । ଋତୁର ଲକ୍ଷଣ ଗୁଡ଼ିକୁ ସରଳଭାବରେ ବର୍ଣ୍ଣନା କରିସାରି ବିରହୀର ଭାବକୁ ବ୍ୟକ୍ତ କରିଛନ୍ତି । ପ୍ରତ୍ୟେକ ଋତୁକୁ ପ୍ରେମାନୁକୂଳ କରାଯାଇଛି ଏବଂ ବିରହୀ ଉପରେ ଏହାର ପ୍ରଭାବ ପଡ଼ିବାରୁ ସେ ନାୟିକାର ଦୁଃଖକୁ ମାନସଚକ୍ଷୁରେ ଦେଖି ପାରୁଛି । ପ୍ରିୟାର ବିବିଧ ରସୋଦ୍ଦୀପକ ଭାବକୁ ସ୍ମରଣ କରି ବିରହୀ ଦୁଃଖିତ ହେଉଛି । ପୁଣି ମନରେ ବିପରୀତଭାବ ମଧ୍ୟ ଜାଗ୍ରତ ହେଉଛି,—ସତେ କଣ ପ୍ରିୟା ଗନ୍ଧର୍ବପୁରୁଷ ସଙ୍ଗେ ରହିଲା କି ? ତାକୁ ବା ପାଶୋରି ଦେବ କି ? ଏହି ଆଶଙ୍କାରେ ଅସ୍ଥିର ହୋଇ ନାରୀସ୍ୱଭାବକୁ ଦୋଷ ଦେଉଛି । ପୁଣି ସେ ପ୍ରକୃତିସ୍ଥ ହୋଇ ପ୍ରିୟା ତାଙ୍କ ବିନା ଅନ୍ୟପ୍ରତି ଆସକ୍ତ ହେବ ନାହିଁ ବୋଲି ଭାବୁଛି । ପୁଣି ସନ୍ଦେହ ହେଉଛି,—ଭାବୁଛି ସେ ଗନ୍ଧର୍ବ ସହିତ ବିବିଧରଙ୍ଗରେ ମାତୁଥିଲେ ମଧ୍ୟ ଦେହ ସିନା ତାକୁ ଦେଇଥିବ; କିନ୍ତୁ ମନ ମୋଠାରେ ଥିବ ।

ଦେହ ଥିଲେ ତାର ତହିଁ  ମନଥିବ ମୋର ଠହିଁ
କୁଟ୍ଟଣୀ ବାଟ କଢ଼ାଇ, ଯେଉଁଠି ଚଲଇ ଯେ । ୧୪ଶ ଛାନ୍ଦ ।

ପ୍ରିୟ ପୁଣି ଭାବୁଛି, ସିଏତ ସ୍ୱର୍ଗର ଯୁବତୀ, ସେ କଣ ମନୁଷ୍ୟ ପ୍ରତି ଆସକ୍ତ ହେବ ?

ସେ ସ୍ୱର୍ଗପୁର ଯୁବତୀ  ମୁହିଁ ସେ ମନୁଷ୍ୟ-ଜାତି
ଦେବତାର ମନୁଷ୍ୟର କେତେ ଅନ୍ତର ଯେ ।
ସୁଧାମୟେ ନିଶାପତି  ମୃଗକୋଳେ କରିଛନ୍ତି
ଯଦ୍ୟପି ମୃଗଲାଞ୍ଛନ ନ କରେ ଆନ । ୧୪ଶ ଛାନ୍ଦ ।

ପ୍ରିୟା ସ୍ୱର୍ଗପୁରରେ ଥାଇ ମର୍ତ୍ତ୍ୟର ପ୍ରିୟକୁ ଏହି ସମୟରେ ମନେପକାଇ ଦୁଃଖିତ ହେଉଛି । ପ୍ରିୟର ଦୟାଳୁ ହୃଦୟ ତାକୁ ନିଶ୍ଚୟ କ୍ଷମା ଦେବ । ସେ ଗନ୍ଧର୍ବ ସହିତ ଚାଲିଗଲା ବୋଲି ପ୍ରିୟ ତା ପ୍ରତି ସ୍ନେହ ତ୍ୟାଗ କରିବ କି ?

ମୋତେ ସେ ଛାଡ଼ିଣ ଗଲା ପୁଣି ଗନ୍ଧର୍ବେ ଭଜିଲା
ବିସ୍ମରିଣ କି କି ସ୍ନେହା, ଛାଡ଼େ ସେନେହା ଯେ । ୧୪ଶ ଛାଂ ।

ପ୍ରିୟାର ମନରେ ମଧ୍ୟ ସନ୍ଦେହ ଉପୁଜୁଛି; ଅନ୍ୟ ସ୍ତ୍ରୀ ସହିତ ତାର ପ୍ରେମ ହୋଇଛି କି ?

ସେ ଭାବ ନ ଜାଣିଥିବ କୁମରଠାରୁ ଶିଖିବ
ପାଇଲେ ଭଲ ଯୁବତୀ, ମୋତେ କି ମତି ଯେ ? ୧୪ଶ ଛାନ୍ଦ ।

ଶେଷରେ ପ୍ରିୟର ତା ପ୍ରତି ପ୍ରଗାଢ଼ ପ୍ରେମ ରହିଥିବ ଏହି ବିଶ୍ୱାସ ପ୍ରିୟାର ହୋଇଛି ।

ନଷ୍ଟ ହୋଇ ମୋର ତାହାର ତାର ମୋର ଯେ ଶରୀର
ସେହି ମୋତେ ସେହି ମତି ସୁବୋଧ ପତି ଯେ । ୧୪ଶ ଛାନ୍ଦ ।

କବି ଗ୍ରୀଷ୍ମଋତୁରେ ପ୍ରିୟ ଓ ପ୍ରିୟାଙ୍କ ବିରହଦଶାର ମାନସିକ ବିଶ୍ଳେଷଣକରି ସୁନ୍ଦର କବିତା ସୃଷ୍ଟି କରିଛନ୍ତି । ରାଗ ଓ ବୈରାଗ୍ୟବୋଳା ଏହି ଭାବଗୁଡ଼ିକ ଚିତ୍ତାକର୍ଷକ ହୋଇଛି । ଛାନ୍ଦର ନାମକରଣ 'ଅଣବିରସ' ମଧ୍ୟ ଉପଯୁକ୍ତ ହୋଇଛି । ଏହିପରି ବର୍ଣ୍ଣିତ ହୋଇଛି ଯେ ଅନ୍ୟାନ୍ୟ ଋତୁମାନଙ୍କରେ ବିରହୀବିରହିଣୀଙ୍କ ଦଶାପ୍ରାୟ—ଦୁଇ କୂଳକୁ ହୋଇଛି ଏକଥା,
ଋତୁ ସୁମର ହୋଇ ମନେ ବ୍ୟଥା ୧୫ଶ ଛାନ୍ଦ।

ଋତୁଗୁଡ଼ିକ ବିରହୀ ବିରହିଣୀଙ୍କର ବିରୁଦ୍ଧରେ ଜୟଯାତ୍ରା କରୁଥିବା ଭଳି ଏ ଦୁହିଁଙ୍କ ପ୍ରତୀୟମାନ ହେଉଛି । ପ୍ରକୃତିର ରୂପ ସେମାନଙ୍କର ବିରହ ଅବସ୍ଥାକୁ ଶାନ୍ତ କରିବା ପରିବର୍ତ୍ତେ ଦୁଃଖବର୍ଦ୍ଧକ ହୋଇଛି; ପ୍ରକୃତି ଶତ୍ରୁରୂପେ ଦିଶୁଛି ।

ଋତୁବର୍ଣ୍ଣନା ଓ ଅନ୍ୟାନ୍ୟ ପ୍ରାକୃତିକ ଶୋଭା ବର୍ଣ୍ଣନାରେ କବି ଆଳଂକାରିକ ଛଟାର ବିଶେଷ ଆଶ୍ରୟ ନେଇ ନାହାନ୍ତି; ସହଜ ସରଳ ଭାବରେ ବର୍ଣ୍ଣନା କରିଥିବାରୁ କଳ୍ପନା-ରାଜ୍ୟରେ ବିଚରଣ କରିବାକୁ ପଡ଼େ ନାହିଁ ।

ମଳୟ ପର୍ବତରେ ଇନ୍ଦ୍ର ଓ ଅପ୍ସରାମାନଙ୍କର ବିହାର ଦୃଶ୍ୟ କବି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି । ଏହି ଅଂଶଟି କାବ୍ୟ ଭିତରେ

ସର୍ବୋତ୍କୃଷ୍ଟ ଏବଂ ଓଡ଼ିଆ କାବ୍ୟ ସାହିତ୍ୟରେ ଏକ ଅମୂଲ୍ୟରତ୍ନ । କବିକଳ୍ପନା ଏଥିରେ ଅତ୍ୟୁଚ୍ଚସ୍ତରକୁ ଗମନ କରିଛି ।

ମାନସିକ ବିଶ୍ଳେଷଣ:—ମାନସିକ ବିଶ୍ଳେଷଣରେ କବି ପଟୁତା ଦେଖାଇ ପାରିଛନ୍ତି । କାବ୍ୟଟିର ବହୁ ସ୍ଥାନରେ ଏହାର ପ୍ରମାଣ ମିଳେ ।

କୁମାରୀ ପୁଷ୍ପବତୀ ହେବାଦିନ ସହଜ ଲଜ୍ଜାବଶରୁ ସଖୀମାନଙ୍କଠାରୁ ଏହି ବିଷୟ ଗୋପନ ରଖିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସଖୀମାନେ ଜାଣିପାରିଲେ । ସେମାନେ ଆନନ୍ଦରେ କୁମାରୀଙ୍କୁ ବେଢ଼ିଯାଇ ନାନାପ୍ରକାର ହାସ୍ୟରସରେ କଥାବାର୍ତ୍ତା କଲେ । କୁମାରୀର ଲଜ୍ଜାବୃଦ୍ଧି ପାଇଲା । ସେ ସଖୀମାନଙ୍କ ବାକ୍ୟବାଣରୁ ରକ୍ଷା ପାଇବା ପାଇଁ ଏକ ବୁଦ୍ଧି ପାଞ୍ଚିଲା । ଶାରିକ ପାଠ ପଢ଼ାଇବାରେ ଲାଗିଲା । ଅନ୍ୟମନସ୍କ ଓ ଅଜ୍ଞତା ଦେଖାଇ ହେବାପାଇଁ କୁମାରୀ ଏହି ପନ୍ଥା ଅବଲମ୍ବନ କରିଥିଲା ।

ନେଇଛି ଗଲା ସଖୀଙ୍କ ପାଶ, ମନେ ମନେ ହୋଇ ହସହସ
ସଖୀର ବାହୁଡ଼ିଲା ଜାଣି, ଶାରିକ ପଢ଼ାଇ ତରୁଣୀ । ଷଷ୍ଠ ଛାନ୍ଦ ।

ବରଯାତ୍ରୀ କାଞ୍ଚନଗରରେ ପ୍ରବେଶ ହେବା ପରେ ବରକୁ ଦେଖି ପୁରକାମିନୀମାନଙ୍କର ମାନସିକ ଅବସ୍ଥାକୁ ବର୍ଣ୍ଣନା କରି କବି ସୁନ୍ଦର ହାସ୍ୟରସ ସୃଷ୍ଟି କରିପାରିଛନ୍ତି । ଶୀଳତା ଦୃଢ଼ଭାବରେ ବାନ୍ଧି ରଖିଥିଲେ ସୁଦ୍ଧା ସହଜ ମାନସିକବୃତ୍ତି ଏହି ବନ୍ଧନକୁ କ୍ଷଣକାଳ ପାଇଁ ଛିନ୍ନ କରୁଛି । ବିବାହିତ, ସନ୍ତାନବତୀ ରମଣୀମାନଙ୍କର ଅବସ୍ଥା କବି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ବର ଦେଖିବା ପାଇଁ କିଏ କାହାକୁ ନକହି ଘରୁ ବାହାର ହେଲେ । ଶାଶୁଙ୍କୁ ନ କହି ବୋହୂ, ବୋହୂକୁ ନକହି ଶାଶୁ ଯାଇଛି; କିନ୍ତୁ ବୋହୂ, ଶାଶୁଙ୍କର ଭେଟ ହୋଇଛି; ବୋହୂର ଉଚ୍ଛୃଙ୍ଖଳତାକୁ ଦେଖି ଶାଶୁ ଡାଆଁରୁଛି । ଏପରି ହାସ୍ୟୋଦ୍ଦୀପକ ଘଟଣାମାନ କବି ସୃଷ୍ଟି କରିଛନ୍ତି ।

କେବଣ ନାରୀ ସୁବେଶ ହୋଇ ପିନ୍ଧି ବିଚିତ୍ର ବାସ
ବର ଦେଖିବାକୁ ଗମନ୍ତି ମନ ଦେଇ ସଖୀର ପାଶ ।

ପୁଅକୁ ନିଦ୍ର କରାଇ ଧୀରେ ଧୀରେ ବାହାର ହୋଇ
କେହି ତହିଁ ଗୁରୁଜନମାନଙ୍କ ସହଚରୀ ସଙ୍ଗ ପାଇ ।
ବାଦ୍ୟ ଶବଦ ଶୁଣି ସୁନ୍ଦରୀ ବେଗ ବେଗ ଗଲେ ଧାଇଁ
କେଶ ଫିଟି ପୁଷ୍ପମାନେ ପଡ଼ୁଛନ୍ତି ଭୂମିରେ ଅଗୁନ୍ଥ ହୋଇ ।
ଯେଉଁ ଆଖିରେ କଜଳ ଲଗିକଲ ଆର ଆଖିରେ ନାହିଁ,
ତର ତରେ ଦେଖିବାକୁ ପାଶୋରି ଗମନ୍ତ ବିହ୍ୱଳ ହୋଇ । ୭ମ ଛାଃ ।

ଏପରି ବହୁ ତରୁଣୀଙ୍କ ଅବସ୍ଥା ।

ଯେତେକ ନାରୀବୃନ୍ଦ ଯାଇଛନ୍ତି ଯେ ବରକୁ ଦେଖିବାପାଇଁ
ବଡ଼ମାନଙ୍କୁ ଦେଖିଲେ ନଗଣନ୍ତି କାହାରି ଭୟେ ନାହିଁ । ୭ମ ଛାଃ

ଏହି ପରିସ୍ଥିତି ଭିତରେ ଗୁଆଁର ପୁରୁଷ ସହିତ କେହି ତରୁଣୀର ପ୍ରେମାଳାପ ଓ ପ୍ରେମଭଙ୍ଗୀ ପ୍ରଦର୍ଶନ ମଧ୍ୟ ହୋଇଯାଇଛି । କେହି ଯୁବତୀ ପୁରୁଷଙ୍କୁ ଦେଖିବା ନିମନ୍ତେ ଉନ୍ମତ୍ତ ହୋଇ ଅସୁନ୍ଦର ଭାବଭଙ୍ଗୀ ମଧ୍ୟ କରନ୍ତି । ଗୁରୁଜନଙ୍କ ଆଖିରେ ଏ ଦୃଶ୍ୟ ପଡ଼ିବା ମାତ୍ରେ ସେମାନେ ତର୍ଜନା କରନ୍ତି ।

କେବଣ ଯୁବତୀ ଯଉବନ ଭିତରେ ତା ମତି,
ପୁରୁଷକୁ ଦେଖିବା ନିମନ୍ତେ ଉନମତ୍ତ ହୁଅଇ ଧାଉଁତି ।
ଓଢ଼ଣୀ କାଢ଼ିଣ ଚତୁରୀ ଦେଖାବନ୍ତି ଚନ୍ଦ୍ରବଦନ,
ସ୍ତନକୁମ୍ଭ କାଖତେ ଦେଖାଇଣ ପୁଣ ଯୋଡ଼ନ୍ତି ବଦନ ।
ତାହା ଦେଖି ଶାଶୁ ନଣନ୍ଦେ ତର୍ଜନ୍ତି ଅଙ୍ଗୁଳି ଦେଇ,
ଗୁରୁଜନ ବଚନ ନ ଶୁଣନ୍ତି ଉନ୍ମତ୍ତ ହୋଇ କାମେନୀ । ୭ମ ଛାନ୍ଦ ।

ଏପରି କେତେକ କୌତୁକ ଚିତ୍ର ଏ ପ୍ରସଙ୍ଗରେ କବି ବର୍ଣ୍ଣନା କରି ରସସୃଷ୍ଟି କରିପାରିଛନ୍ତି ।

ସ୍ୱର୍ଗପୁରରେ ଇନ୍ଦ୍ର ସଭାରେ ଅପ୍ସରା ନୃତ୍ୟ ସମୟର ଦେବତା ଋଷିମାଙ୍କର ମାନସିକ ପ୍ରତିକ୍ରିୟାର ବିଶ୍ଳେଷଣ କରି କବି କେତୋଟି ପଦରେ

ହାସ୍ୟରସ ସୃଷ୍ଟି କରିଛନ୍ତି । ଦେବତା ଋଷିମାନେ ସଂଯମୀ; କିନ୍ତୁ ଅପ୍ସରାଙ୍କ ରୂପଯୌବନ ଦେଖି ସେମାନଙ୍କର ସଂଯମ କ୍ଷଣକାଳ ନିମନ୍ତେ ଅନ୍ତର୍ହିତ ହୋଇଛି । ଇନ୍ଦ୍ରଙ୍କୁ ବେଢ଼ି ବହୁ ଅପ୍ସରା ବ୍ୟଜନ କରୁଥିଲେ । ସେତେବେଳେ ଦେବତାମାନଙ୍କର ଅବସ୍ଥା—

ଯୁବତୀଙ୍କ କୁଚରୁ ଖସଇ କ୍ଷୀଣବାସ
ତାହା ଦେଖି ଦେବତାଙ୍କ ହୃଦୟେ ଉଲ୍ଲାସ ।
ଦେବତାଗଣମାନ କୁଚ ଦେଖିବାକୁ ମନ
ଭୟେ ଚାହିଁ ନପାରି ହୁଅନ୍ତି ଛନ୍ନ ଛନ୍ନ । ୨୪ଶ ଛାନ୍ଦ ।

ଏପରି ଅନ୍ୟାନ୍ୟ ଚିତ୍ର ମଧ୍ୟ ଅଛି । ବେଶ୍ୟାମାନଙ୍କ ସହିତ ଗୁଆଁର ପୁରୁଷ ମାନଙ୍କର ଗୋପନ ଭାବଭଙ୍ଗୀ ଓ ପ୍ରେମାଳାପର ବର୍ଣ୍ଣନାରେ କବି ଏ ଜାତୀୟ ଲୋକଙ୍କ ମାନସିକ ପ୍ରକ୍ରିୟାର ବିଶ୍ଳେଷଣ ଅତି ଚମତ୍କାର ଭାବରେ କରି ରସ ସୃଷ୍ଟି କରିଛନ୍ତି । ତିଳୋତ୍ତମାର ଅପୂର୍ବ ନୃତ୍ୟଲାସ୍ୟ ଦେଖି ମଧ୍ୟ ଦେବତା ଓ ଋଷିମାନେ ମୋହିତ ହୋଇ ଯାଇଥିବା ଦୃଶ୍ୟ କବି ବର୍ଣ୍ଣନା କରିଛନ୍ତି । ଏମାନେ ନିଜର ତପସ୍ୟା ତ୍ୟାଗ କରି ତିଳୋତ୍ତମାଙ୍କ ସହିତ ରତି ରସରେ ମାତିବା ପାଇଁ ମଧ୍ୟ ଇଚ୍ଛା ପ୍ରକାଶ କରିଥିଲେ ।

ସିଦ୍ଧେ ଦଗ୍ଧ ହୋଇଣ ଅଛନ୍ତି ଦେବଗଣେ
ତିଳୋତ୍ତମା କୁଚ ଦେଖନ୍ତି ନୟନ କୋଣେ ।
କହଇଁ ସିଦ୍ଧ ମୁନି ବିସ୍ମରଇ ତହିଁ
ଅନେକ ତପସ୍ୟା ମୁଁ କରିବି ଏହା ପାଇଁ । ୨୪ଶ ଛାନ୍ଦ ।

ନାୟକ-ନାୟିକାଙ୍କ ବିରହ ଚିତ୍ର ଅଙ୍କନ କରିବାରେ କବି ପଟୁତା ଦେଖାଇ ଯାଇଛନ୍ତି । ମିଳନ ସମୟରେ ଯେଉଁ ଯେଉଁ ପଦାର୍ଥ ସୁଖକର ବୋଧ ହେଉଥିଲା ବିରହରେ ସେ ସବୁ ଦୁଃଖଦାୟକ ବୋଧହେଲା । ପ୍ରକୃତି ମଧ୍ୟ ଏଥିରୁ ବାଦ ପଡ଼ିନାହିଁ । ମିଳନ-ଆନନ୍ଦ-ସହଚରମାନେ ବିରହରେ ଉତ୍ପୀଡ଼ନାର ପାତ୍ର ହେଲେ । ବିରହର ସବୁ ଦଶା ନାୟକ-ନାୟିକାଙ୍କୁ

କବି ଦେଖାଇଛନ୍ତି । ପଦ୍ମ ପତ୍ରରେ ଶୟନ, ଚନ୍ଦନ କର୍ପୂର ଲେପନ, ବ୍ୟଜନ, ମୋହ ପ୍ରଭୃତି ଅବସ୍ଥା କବି ବର୍ଣ୍ଣନା କରିଛନ୍ତି । ଶନ୍ତି, କୋଇଲର ବାଣୀ ନାୟିକାର ବିରହ ଦଶାରେ ତାର ଶତ୍ରୁତୁଲ୍ୟ ପ୍ରତୀୟମାନ ହୋଇଅଛି । ଚନ୍ଦ୍ରଙ୍କୁ ଦୃଷ୍ଟି କୁମାରୀ କହୁଛି—

ଉଠି ଚନ୍ଦ୍ରକୁ ବୋଲଇ ସେ ନାରୀ
କମ୍ପା ମୋତେ ଅକାରଣ ଦହୁଅଛୁ ମୁଁ ତ ନୁହଇ ତୋର ବଇରି ।
କ୍ଷୀର ସମୁଦ୍ରରୁ ଜାତ ଯେ ହୁଅ, ତୋତେ ଭଲ ନ ବୁଝଇ ମୁଁ ହ ।
ମୋହ ନବାଡ଼ ପୟୋଧରେ ତୋତେ, ଧଇଲି ତହିଁ କାନ୍ତ ନଖ କ୍ଷତେ
ଚନ୍ଦ୍ର ହେ, ସେ ଗୁଣ ତ ଯେବେ ନ ଧରୁ ଶଶୀ
ଯେ ମୋର ବିରହ ଦୁଃଖ କାଳେ କିରଣେ କରି ଦହୁଛୁ ଆସି ।
୨୧ଶ ଛାନ୍ଦ ।

ବିରହିଣୀ ଏହିପରି ଶଶୀ ଓ କାମଙ୍କୁ ନିନ୍ଦା କରୁଛି । କିନ୍ତୁ ଏହି ନିନ୍ଦା ସଙ୍ଗେ ସଙ୍ଗେ ଏମାନଙ୍କର ପୂର୍ବ ବନ୍ଧୁତ୍ୱକୁ ସ୍ୱୀକାର କରୁଛି । ବନ୍ଧୁ ବୈରୀ-ସଦୃଶ ତାହାକୁ ପ୍ରତୀୟମାନ ହେଉଛି; ଅନୁକୂଳ ପ୍ରକୃତି ପ୍ରତିକୂଳ ଦେଖାଯାଉଛି । ଚ୍ୟୁତ ତରୁକୁ ଦେଖି ବିରହିଣୀ ଏହି ଭାବ ସ୍ପଷ୍ଟ ଭାବରେ ପ୍ରକାଶ କରିଛି —

ଯେହୁଂ ମୋହର ଚୂତ ତରୁବର, ପୂରୁବେ ଏଥି ଲଗାଇଲେ କର ।
ତୋଷ ପାଇ ଯେହୁଂ ପୁଣି ଅକାଳେ, ମୁକୁଳିତ ହୁଏ ଅତି ଗହଳେ ।
ସଖି ଗୋ, ଯେ ଚୂତ ଏ ଯେବେ ତାପ କରାଇ,
ମୋର ଅସମୟେ କାଳ ଯହୁଂ ହୋଇ, ମିତ୍ର ବନ୍ଧୁଜନେ ଶତ୍ରୁ ହୋଇ ।
୨୧ଶ ଛାନ୍ଦ ।

ପୁଣି ତରୁମାନଙ୍କୁ ଦେଖି କୁମାରୀ କହୁଛି —

ସଖି ଗୋ, ତେସନ ମୋର ତରୁଗଣ
ସେକାଳେ ମୋହର ମନ ହରୁଥିଲେ, ଯେବେ ହରନ୍ତି ମୋହର ପ୍ରାଣ ।
୨୧ଶ ଛାନ୍ଦ ।

ବିରହ ବର୍ଣ୍ଣନା କାବ୍ୟଟି ଅତି ଉଚ୍ଚ ସ୍ଥାନ ଅଧିକାର କରିଛି । ସରସ ପଦାବଳୀ ଭାବଦ୍ୟୋତକ ହୋଇଥିବାରୁ ଚିତ୍ରଟି ରସାପ୍ଳୁତ ହୋଇଛି ।

ଚରିତ୍ର ଚିତ୍ରଣ—ନରସିଂହ ସେଣ ପରିମଳା କାବ୍ୟରେ ସମ୍ଭ୍ରାନ୍ତ କୁଳର ନାୟକ-ନାୟିକା, ସଖା-ସଖୀ, ପରିବାର, ପରିବେଷ୍ଟନୀ ପ୍ରଭୃତି ବିଷୟକୁ ଅବଲମ୍ବନ କରିଥିବାରୁ ପାତ୍ର-ପାତ୍ରୀ, ଆଚାର ବ୍ୟବହାର, ରୀତିନୀତି ପ୍ରଭୃତି ମଧ୍ୟ ସମ୍ଭ୍ରାନ୍ତ କୁଳୋଚିତ ହୋଇଛି ।

ନାୟକ ମକରକେତୁ ଜଣେ ରାଜକୁମାର, ଶିକ୍ଷିତ, ରୂପ-ଯୌବନ-ସୁଗୁଣ ସମ୍ପନ୍ନ ପୁରୁଷ । ସେ ପୁଣି ରସିକ ଓ ସୁବୋଧ । ସୁନ୍ଦରୀ ସର୍ବଗୁଣାଳଂକୃତା, ସୁଶିକ୍ଷିତା ରାଜକୁମାରୀ ସହିତ ତାର ମିଳନହିଁ ମୁଖ୍ୟ ବିଷୟ ଥିବାରୁ ତାର ଗତି-ମତି ଆଦିରସାପ୍ଳୁତ ହୋଇଛି । ସେ କୁମାରୀଙ୍କୁ ଲାଭ କରିବା ପାଇଁ ସବୁପ୍ରକାର ଦୁଃଖକଷ୍ଟ ବହନ କରିବା ସକାଶେ କୁଣ୍ଠାବୋଧ କରିନାହିଁ ।

ନାୟିକା ମଧ୍ୟ ନାୟକ ତୁଲ୍ୟ ଉଚ୍ଚକୁଳସମ୍ଭୂତା; ସେଥିରେ ପୁଣି ଶାପଭ୍ରଷ୍ଟା ସ୍ୱର୍ଗକନ୍ୟା । ପ୍ରକୃତ ପ୍ରେମିକା ସ୍ୱରୂପ ସେ ବ୍ୟବହାର କରିଛି । ତାର ଇଚ୍ଛାନୁରୂପ ବର ପ୍ରାପ୍ତି ପାଇଁ ସେ ପ୍ରଗାଢ଼ ଚେଷ୍ଟା କରିଛି; ଏପରିକି ପ୍ରତାପୀ ଗନ୍ଧର୍ବର ରୋଷ ଦୃଷ୍ଟି ପ୍ରତି ମଧ୍ୟ ସେ ଖାତିର କରିନାହିଁ । ଅନୁକ୍ଷଣ ସେ ସ୍ୱ-ନାୟକ-ମନା ରହି ବିବିଧ ପ୍ରତିକୂଳ ଅବସ୍ଥା ଭିତରେ ଗତି କରିଛି । ତାର ନାୟକ ପ୍ରତି ଏକାନ୍ତ ଅନୁରକ୍ତିହିଁ ଶେଷରେ ତାଙ୍କୁ ଜୟଯୁକ୍ତ କରିଛି ।

ଅନ୍ୟାନ୍ୟ ପାତ୍ର-ପାତ୍ରୀମାନଙ୍କ ବିଷୟ ସେତେ ପ୍ରଧାନ ନୁହେଁ ।

ବର ଓ କନ୍ୟାଙ୍କ ପିତା ମାତାମାନେ ସାଧାରଣ ପିତା ମାତା ସଦୃଶ ବିଶେଷ ଆଚରଣ କରି ନାୟକ-ନାୟିକା ପ୍ରତି ପ୍ରତିକୂଳ ମନୋଭାବ ପ୍ରଦର୍ଶନ କରି ନାୟକ-ନାୟିକାଙ୍କ ମିଳନରେ ବାଧା ସୃଷ୍ଟି କରିନାହାନ୍ତି ।

କବି ସଖା ଓ ସଖୀମାନଙ୍କୁ ନାୟକ ଓ ନାୟିକାର ଉପଯୁକ୍ତ କରିଛନ୍ତି । ଏମାନେ ଲକ୍ଷ୍ୟ ସାଧନ ଦିଗରେ ଉଭୟଙ୍କ ସହାୟକ ହୋଇଛନ୍ତି ।

ଚିତ୍ର—କବି ନରସିଂହ ସେଣ ସ୍ୱ କାବ୍ୟ ଭିତରେ ବହୁ ସୁନ୍ଦର ଚିତ୍ର ଲେଖନୀ ସାହାଯ୍ୟରେ ପ୍ରଦାନ କରି ପାରିଛନ୍ତି । ଏହା ତାଙ୍କର କବି ପ୍ରତିଭାର ନିଦର୍ଶନ । କବିଙ୍କର ମାନସିକ ପ୍ରକ୍ରିୟା ବିଶ୍ଳେଷଣରେ ସୂକ୍ଷ୍ମଦୃଷ୍ଟି ଥିବାର ପରିଚୟ ଏଥିରୁ ମଧ୍ୟ ମିଳୁଛି ।

ମକରକେତୁକୁ ଛାଡ଼ି ପଦ୍ମମଳା ଇନ୍ଦୁଙ୍କ ସଙ୍ଗେ ଯିବାକୁ ବାଧ୍ୟ ହେଲା । କିନ୍ତୁ ତାର ମନ କୁମାର ଠାରେ ହିଁ ଲାଗି ରହିଲା । କୁମାରକୁ ଛାଡ଼ି ଯିବା ପାଇଁ ତାର ମନ ପ୍ରାଣ ଶରୀର ଏକାବେଳକେ ଅମଙ୍ଗ । ସେତେବେଳେ କୁମାରୀର ଅବସ୍ଥାର ଦୃଶ୍ୟ ଅତି ଚମତ୍କାର ହୋଇଛି ।

ରହି ତ ନ ହୁଇ ଯିବାକୁ ନାହିଁ ମନ,
ବିକଳ ହୋଇଣ ସେ କାନ୍ଦଇ ଘନ ଘନ ।
କୁମରକୁ ଚାହିଁ ଚାହିଁ ହୋଇଲା ବାହାର,
ଜୀବନ ପାଉ ବୋଲିଣ ମାଗୁଅଛି ବର ।
ଆଗକୁ ବଢ଼ାଇ ପାଦ ପଛକୁ ପଡ଼ଇ,
ଅତିଅଳ୍ପ ଦୁଃଖେ ବାଳୀ ସଖୀରେ ଗମଇ ।
ପୁଣିହିଁ ଲେଉଟି ବାଳୀ ଚାହୁଁ ଅଛି ତହିଁ,
ପଦେ ପଦେ ଝୁଣ୍ଟୁ ଅଛି ବିକଳ ସେ ହୋଇ ।

୧୮ଶ ଛାନ୍ଦ । ୭୪-୭୫ ।

ମକରକେତୁର ଅବସ୍ଥା ମଧ୍ୟ କବି ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି । ସେ କୁମାରୀ ପ୍ରସଙ୍ଗ ଭାବି ଭାବି ବିଷାଦରେ ମଥା ପୋତି ବସିଥିବା ଦୃଶ୍ୟ—

ମକରକେତୁ କୁମର ବିରହେ ହୋଇ ବଧିର
ଶିର ପୋତି ବସିଥାଇ ବିଷାଦ ହୋଇ,
ଭୂମିରେ ଅଙ୍ଗୁଳି ଘେନି ମାରଇ ସେ ପୁଣି ପୁଣି
ବାମ କର ପଦ୍ମ ଗଣ୍ଡ ତଳରେ ଦେଇ,
ଲୋଚନରୁ ଝରଇ ପାଣି,
କୁମାରୀର ରତି ଭାବ ଅଭାବ ଗୁଣି । ୧୩ଶ ଛାନ୍ଦ । ୨୪ ।

ଦଶରଥ ଗନ୍ଧର୍ବ ପଦ୍ମମାଳୀଙ୍କୁ ଆଣିବା ପାଇଁ ମନ୍ତ୍ରୀଙ୍କୁ ବିମାନ ପଠାଇଥିଲେ । କନ୍ୟାର ଆଗମନକୁ ଅପେକ୍ଷା କରୁଥିବା ବେଳର ତାର ଉତ୍କଣ୍ଠା ଓ ତଜ୍ଜନିତ ହାବଭାବ କବି ସମ୍ୟକ୍ ଭାବରେ ବର୍ଣ୍ଣନା କରି ପାରିଛନ୍ତି ।

ବାଟରେ ନ ଦେଖି ରଥ ଛାଡ଼ଇ ନିଶ୍ୱାସ
ରାଜ କେତେ ହେଲା ବୋଲି ଚାହିଁଇ ଆକାଶ ଯେ ।
ନିଜ ଇଷ୍ଟ ଦେବତା ସୁମରେ ପୁଣ ପୁଣି
କେତେବେଳେ ଦେଖିବଇଁ କମଳ ନୟନା ଯେ ।
ନ ଆସୁ ବୋଲିଣ ତହୁଁ ଥିର କରି ମନ
ଏସନେ ଶୋଇକରି ସେ ହୁଅଇ ଛନ୍ନଛନ୍ନ ଯେ । ଇତ୍ୟାଦି ।
୧୧ଶ ଛାନ୍ଦ ।

ଗନ୍ଧର୍ବର ମିଥ୍ୟା ମନ ଦମ୍ଭ "ନ ଆସୁ ବୋଲିଣ ତହୁଁ ଥିର କରି ମନ ।" ତାର ମାନସିକ ପ୍ରତିକ୍ରିୟାର ଫଳ ।

ମଳୟ ପର୍ବତରେ ଇନ୍ଦ୍ର, ଅପ୍ସରାମାନଙ୍କ ସଙ୍ଗରେ ବିହାର କରୁଥିବା ବେଳର ଦୃଶ୍ୟ କବି ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି । ବାମାମାନଙ୍କର ବିଭିନ୍ନ ଲତା କୁଞ୍ଜରେ ବିହାର କରୁଥିବା ଦୃଶ୍ୟ ଅତି ଚମତ୍କାର ହୋଇଛି ।

କେବଣ ସେ ବାମା ବାମ କରେ ଡାଳ ଧରି
ଡାହାଣ କରେ ତୋଳଇ ମାଧବୀ ମଞ୍ଜରୀ ।
କାଖ ତଳ ଦିଶୁଅଛି ଲମ୍ବି କୁଚ ଭରି
ତାହା ଦେଖି ସଖୀ ପରିହାସେ ବ୍ୟଙ୍ଗ କରି ।
ଚମକି କରିଣ କୋପେ ସ୍ମିତମୁଖେ ବାଳା
ସଖୀଙ୍କି କୁସୁମ ମାରି ଡାଳ ଛାଡ଼ିଦେଲା । ୧୯ଶ । ଛାନ୍ଦ ୩୧ ।
କେବଣ ନାଗରୀ ପୁଣ ବୁଡ଼ନ୍ତି ସେ ଜଳେ
ସଖୀର ଚରଣ ସେ ଧରନ୍ତି ବୁଡ଼ିହେଲେ ।

କେବଣ ଯୁବତୀ ଯେ ପହଂଚଣ ଯାଇ
କମଳ ଉତ୍ପଳ ଫଲ ଆଣନ୍ତି ତୋଳାଇଁ ।
କେହି ସଖୀକି କରନ୍ତି ଆଲିଙ୍ଗନ ମାନ
ନାରୀ ନାରୀ ମଉ ହୋଇ ଦିଅନ୍ତି ଚୁମ୍ବନ । ୧୯ଶ ଛାଃ । ୧୯ ।

ଏହି ଛାନ୍ଦଟିରେ ( ୧୯ଶ ) ଏପରି ବହୁ ସୁନ୍ଦର ଚିତ୍ର କବି ଅକ୍ଷର କମରେ ଫୁଟାଇଛନ୍ତି । ଓଡ଼ିଶାର ପ୍ରାଚୀନ ମନ୍ଦିର ଗାତ୍ରରେ ଭୁବନେଶ୍ୱର ଓ କୋଣାର୍କର ପ୍ରସ୍ତର ଗାତ୍ରରେ ଏପରି ବହୁ ଚିତ୍ର କଥା ମନେ ପଡ଼ିଯାଏ ।

ଅନଙ୍ଗ-ଆତୁର ନାମକ ଏକବିଂଶ ଛାନ୍ଦରେ ମଧ୍ୟ ବହୁ ଚିତ୍ର ଅଛି ।

ଏପରି ବହୁ ଚିତ୍ର ଅଙ୍କନ କରିବାରେ କବି ସମର୍ଥ ହୋଇଛନ୍ତି ଏବଂ ତାଙ୍କର ଉଚ୍ଚ କାବ୍ୟ ପ୍ରତିଭାର ପରିଚୟ ଦେଇଛନ୍ତି ।

ପଦ୍ମମାଳା ଏକ ଆଦିରସାତ୍ମକ କାଳ୍ପନିକ କାବ୍ୟ । ଏଥିରେ କଳ୍ପନାର ବିଳାସ ଅମାପତା ଲାଭ କରି ନ ଥିଲେ ମଧ୍ୟ ନିକୃଷ୍ଟ ଧରଣର ନୁହେଁ, ଉଚ୍ଚ ଧରଣର ।

ନାୟକ-ନାୟିକାଙ୍କ ବିରହ, ବିଭିନ୍ନ ଋତୁ, ରୂପ ବର୍ଣ୍ଣନା ପ୍ରଭୃତି ଆଦିରସାତ୍ମକ କାବ୍ୟର ଯୋଗ୍ୟ ହୋଇଛି ।

କବିଙ୍କ ପଦ ଯୋଜନାର କମନୀୟତା ଓ ବର୍ଣ୍ଣନା ଚାତୁରୀ ଚମତ୍କାରିତାଶୀଳ ହୋଇଛି ।

ଉପମା—କଳ୍ପଲତାରେ କବି ଏହିପରି କେତେଗୁଡ଼ିଏ ସୁନ୍ଦର ଉପମା ଦେଇଛନ୍ତି—

ସୂର୍ଯ୍ୟର ନାରୀ କମଳ ତା ସଙ୍ଗେ ଭ୍ରମେ ଭ୍ରମର
ତଥାପି ହିଁ ଦୟା ବନ୍ଧି ଛାଡ଼ଇ ନାହିଁ ଯେ । ୧୪ଶ ୭୨ ଛାନ୍ଦ ।

ଥିଲେ ମନେ ଆନ ଭାବ ଚନ୍ଦ୍ର କୁମୁଦ ବାନ୍ଧବ
ଥିଲେହେଁ ସଙ୍ଗେ ରୋହିଣୀ, ସ୍ନେହା ସେ ଜାଣି ଯେ । ୧୪ଶ ଛାନ୍ଦ ।

ଯେହ୍ନେ ଅରବିନ୍ଦ ପାଶେ    ଭ୍ରମର ଆଇ ହରଷେ
ଫୁଲମାନ ଚୁମ୍ବିବାରେ ବିଳାପ କରେ ସେ । ୧୪ଶ ଛାନ୍ଦ ।

ଘନଜଳ ବିନୁ କି ଚାତକ ଇଚ୍ଛେ ଆନ,
କୋକିଳ ବସନ୍ତ ବିନୁଁ ଛାଡ଼େ କି ମଉନ ?
ଚନ୍ଦ୍ରମଣ୍ଡଳ ଅମୀୟ ବିନୁ କି ଚକୋର
ଆନ ପାନ କରି କାବା ସନ୍ତୋଷ ଶରୀର ।

୧୭ଶ ଛାନ୍ଦ ୧୨-୩ ।

ଅର୍ଥାଲଙ୍କାର ବା ଶବ୍ଦାଳଙ୍କାରର ବହୁଳ ପ୍ରୟୋଗ କାବ୍ୟରେ ନାହିଁ ।

ବର୍ତ୍ତମାନ ମିଳୁଥିବା ପ୍ରାଚୀନ ଗ୍ରନ୍ଥମାନଙ୍କ ଭିତରେ ପରିମଳା କାବ୍ୟଟି ଉପେନ୍ଦ୍ର ଭଞ୍ଜଙ୍କ କୋଟିବ୍ରହ୍ମାଣ୍ଡସୁନ୍ଦରୀ ଓ ଲାବଣ୍ୟବତୀ କାବ୍ୟର ପଥପ୍ରଦର୍ଶକ ବୋଲିବାକୁ ହେବ । ସରଣୀ, ଭାବ, କଥା ପ୍ରଭୃତି ବିଷୟରେ ନରସିଂହ ସେଣ ଉତ୍ତର କାଳୀନ କାବ୍ୟ ରଚନା ପାଇଁ ପଥ ପରିଷ୍କାର କରି ଦେଇଛନ୍ତି । ନରସିଂହ କାବ୍ୟ ରଚନାରେ ସଫଳ ହୋଇଛନ୍ତି ଏବଂ ଓଡ଼ିଆ କାଳୀନ ସାହିତ୍ୟର ଏହି କ୍ଷୀଣ ଶରୀର ଅବସ୍ଥାରେ ତାଙ୍କର ସଫଳତା ପରବର୍ତ୍ତୀ କବିମାନଙ୍କୁ ଏ କ୍ଷେତ୍ରରେ ପଟୁତା ଦେଖାଇବା ନିମନ୍ତେ ଉତ୍ସାହିତ କରିଥିବ, ଏଥିରେ ସନ୍ଦେହ ନାହିଁ ।

---

## ଠଗ ମାଳିକା

କବି 'ଠେଗ ମାଳିକା' (ଠଗ ମାଳିକା) ନାମରେ ଏକ କ୍ଷୁଦ୍ର ରଚନା ଲେଖିଥିବାର ଜଣାଯାଏ ।

ଦେଖି ତୁ କୁଞ୍ଚିତ କେଶୀ, ମଦନ ରସି ତୋ ବାଣୀବିଳାସୀ । ୧ ।
ତୁ ରମଣୀମଣି ତୋ ବଙ୍କ ଚାହାଣି, ତୋତେ ପାରୁ ଶିବ ସାରଙ୍ଗପାଣି । ୨ ।
ତୁ ନବ ନାଗରୀ, ଯଉବନ ଭରି, ତୋ ମୁଖ ଦେଖି ଗଲା କନ୍ଦର୍ପ ହାରି । ୩ ।

---

# ପଞ୍ଚମ ପରିଚ୍ଛେଦ

## ଦିବାକର ଦାଶ

ବଂଶ ଓ ଜୀବନୀ—ଦିବାକର ଦାଶଙ୍କ "ଜଗନ୍ନାଥାମୃତ ଗୀତା" ବା "ଶ୍ରୀ ଜଗନ୍ନାଥ ଚରିତାମୃତ" ଏକ ସର୍ବଜନାଦୃତ ଗ୍ରନ୍ଥ । ଅତିବଡ଼ ଜଗନ୍ନାଥ ଦାସଙ୍କ ଜୀବନୀ ଏଥିରେ ଦିଆ ଯାଇଛି । ଆଖ୍ୟାୟିକା ବର୍ଣ୍ଣନା ଅପେକ୍ଷା ଧର୍ମତତ୍ତ୍ୱମାନଙ୍କର ବ୍ୟାଖ୍ୟା ଏହି ଗ୍ରନ୍ଥରେ ବେଶୀ ଅଛି । ୧୪ଟି ଅଧ୍ୟାୟରେ ପୁସ୍ତକଟି ସମ୍ପୂର୍ଣ୍ଣ । ୯ ଅକ୍ଷର ବୃତ୍ତରେ ଲେଖା । ଭାଷା ଅତି ସରଳ ।

'ଜଗନ୍ନାଥ ଚରିତାମୃତ'ରେ ଦିବାକର ଦାଶ ବହୁ ଶ୍ଳୋକ ଉଦ୍ଧାର କରିଛନ୍ତି ଏବଂ ଏଥିରୁ କେତୋଟି ଚୈତନ୍ୟ ଦେବଙ୍କର ବୋଲି ସେ କହିଛନ୍ତି । ବଙ୍ଗ ଦେଶରେ, ବୃନ୍ଦାବନରେ କିମ୍ବା ଓଡ଼ିଶାରେ ଅନ୍ୟ କୌଣସି ଲେଖକ ଏହି ଶ୍ଳୋକ ବିଷୟରେ କିଛି ସୂଚନା ଦେଇଥିବାର ଜଣାଯାଏ ନାହିଁ ।

ଜୀବନୀ ଲେଖା ଦିଗରୁ ଦେଖିଲେ ଦିବାକର ଦାଶ ଓଡ଼ିଆ ସାହିତ୍ୟରେ ସର୍ବ ପ୍ରଥମ । ବସ୍ତୁତ ଭାବରେ ଜୀବନୀ ଆଲୋଚନା କରି ମତବାଦର ବ୍ୟାଖ୍ୟା କରିବା କିଛି କମ୍ ସାହସର କଥା ନୁହେଁ । ଜୀବନୀ ଲେଖା ଦିଗରେ ଓ ତତ୍ତ୍ୱ ଚର୍ଚ୍ଚାର ଦିଗରେ ଦିବାକର ଖୁବ୍ କୃତିତ୍ୱ ଦେଖାଇଛନ୍ତି ।

ଜଗନ୍ନାଥ ଦାସଙ୍କ ଚରିତ ବର୍ଣ୍ଣନା ସଙ୍ଗେ ସଙ୍ଗେ ଶ୍ରୀ ଜଗନ୍ନାଥ ଦେବଙ୍କ ତତ୍ତ୍ୱର ବ୍ୟାଖ୍ୟା ମଧ୍ୟ ଏ ଗ୍ରନ୍ଥରେ କରାଯାଇଛି ।

ଦିବାକର ଦାଶ ନିଜ ବଂଶର ପରିଚୟ ଏପରି ଭାବରେ ଲେଖିଛନ୍ତି ଯେ ତାଙ୍କ ବୃଦ୍ଧ ପ୍ରପିତାମହ ବାଇଧର, ପ୍ରପିତାମହ ନନ୍ଦ, ପିତାମହ ଗୋପାଳ ପିତା

ନନ୍ଦ ଦାସ । ଏହାଙ୍କ ମାତାଙ୍କ ନାମ ଚମ୍ପା । ସେ ଜାତିରେ ବ୍ରାହ୍ମଣ, ତାଙ୍କର ଗୋତ୍ର ଭରଦ୍ୱାଜ, ବୃହସ୍ପତ୍ୟାଙ୍ଗିରସ ପ୍ରବର ।

ମୋ ନାମ ବିପ୍ର ଦିବାକର, ନନ୍ଦ ଦେବ ପିତା ମୋହର ।
ଗୋପାଳ ଦାସ ମୋ ପିତୃ ପିତା, ନନ୍ଦ ଦାସ ତାଙ୍କର ପିତା ।
ତାଙ୍କର ପିତା ବାଜଧର, ଚମ୍ପା ନାମେ ମାତା ମୋହର ।
ଭରଦ୍ୱାଜ ଗୋତ୍ର ମୋହର, ବୃହସ୍ପତ୍ୟାଙ୍ଗିରା ପ୍ରବର । ୫ମ ଅ: ।

ଶ୍ରୀ ଜଗନ୍ନାଥ ଦେବଙ୍କ ଆଜ୍ଞାକରି ପୁରୀରେ ବାସ କରୁଥିଲେ । ସବୁ କ୍ଷେତ୍ର ଅପେକ୍ଷା ପୁରୀ ଶ୍ରେଷ୍ଠ ଓ ସବୁ ଦେବତା ଅପେକ୍ଷା ଜଗନ୍ନାଥ ଶ୍ରେଷ୍ଠ ବୋଲି ଦିବାକରଙ୍କ ଧାରଣା ହେବାରୁ ସେ ଜଗନ୍ନାଥଙ୍କ ଧ୍ୟାନ ଧାରଣାରେ ପୁରୀରେ କାଳାତିପାତ କରୁଥିଲେ ।

ଦିବାକର ଜଗନ୍ନାଥ ଦାସଙ୍କ ଜୀବନୀ ଆଲୋଚନାରେ ଯଥେଷ୍ଟ ନିର୍ଭୀକତା ଦେଖାଇ ଅଛନ୍ତି । ଜଗନ୍ନାଥ ଦାସଙ୍କୁ ଚୈତନ୍ୟଦେବ ଖୁବ୍ ଆଦର କରି 'ଅତିବଡ଼' ବୋଲି ଉପାଧି ଦେବାରୁ କେତେ ଜଣ ବଙ୍ଗ-ଦେଶୀୟ ବୈଷ୍ଣବ କପରି ଇର୍ଷା କରି ନୀଚଭାବ ପ୍ରକାଶ କରିଥିଲେ ତାହା ସେ ସ୍ପଷ୍ଟଭାବରେ ଲେଖିଛନ୍ତି ।

ଜଗନ୍ନାଥ ଦାସ ରାଧାଙ୍କ ଦାସରୁ ଜନ୍ମ, ଚୈତନ୍ୟଦେବ ସ୍ୱୟଂ କୃଷ୍ଣ, ଜଗନ୍ନାଥ ଦେବ ସ୍ୱୟଂ ପରଂବ୍ରହ୍ମ, ନିରାକାର ବିଷ୍ଣୁ ଓ ସକଳ ଅବତାର ତାଙ୍କଠାରୁ ଜନ୍ମ ଓ ତାଙ୍କଠାରେ ଲୀନ । ହରେରାମ କୃଷ୍ଣ ମହାମନ୍ତ୍ର ଜପରେ ମୁକ୍ତି ପ୍ରଭୃତି ବିଷୟ ବଡ଼ ସୁନ୍ଦର ଭାବରେ ବୁଝାଇ ଅଛନ୍ତି । ଚତୁର୍ଦ୍ଧା ମୂର୍ତ୍ତି (ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ)ର ବହୁପ୍ରକାର ବ୍ୟାଖ୍ୟା ଏ ଗ୍ରନ୍ଥରେ ଦିବାକର ଦେଇଛନ୍ତି ।

ଦିବାକର ଦାସ ଅତିବଡ଼ୀ ସମ୍ପ୍ରଦାୟ ବା ଜଗନ୍ନାଥ ଦାସ ସମ୍ପ୍ରଦାୟର ଲୋକ । ସେ ଗୃହୀ ଥିବାର ଅନୁମାନ କରାଯାଏ; କାରଣ ସେ ନିଜ ବଂଶ,

ଗୋତ୍ର, ପ୍ରବର ପ୍ରଭୃତିର ଉଲ୍ଲେଖ ସ୍ୱ ଗ୍ରନ୍ଥରେ କରିଛନ୍ତି । ସେ ମନ୍ତ୍ର ଉପଦେଶ ନେଇଥିଲେ ଏବଂ ତାଙ୍କ ଗୁରୁଙ୍କ ନାମ ନବୀନ କିଶୋର । ଦାସଙ୍କ ଗୁରୁ ପରଂପରା ଏପରି ଭାବରେ ସେ ଦେଇଛନ୍ତି— ଚୈତନ୍ୟଦେବ, ତାଙ୍କ ପରେ କ୍ରମ ନୁସାରେ ଗୌରଦାସ ପଣ୍ଡିତ, ହୃଦୟାନନ୍ଦ, ମତ୍ତ ବଳରାମ, ଅତିବଡ଼ ଜଗନ୍ନାଥ ଦାସ, ବନମାଳୀ ଦାସ, କେଳିକୃଷ୍ଣ ଦାସ, ପରମଦୟାଳୁ, ନବୀନ କିଶୋର, ଦିବାକର । (ଜ: ଚ: ୧ମ ଅ:) । ବନମାଳୀ ଦାସ ଜଗନ୍ନାଥ ଦାସଙ୍କ ଶିଷ୍ୟମାନଙ୍କ ଭିତରୁ ଜଣେ ।

ସ୍ୱ ଗ୍ରନ୍ଥରେ ନିଜର ସମୟ ସମ୍ବନ୍ଧରେ କବି କିଛି ଲେଖିଥିବା ଜଣାଯାଏ ନାହିଁ । ତେବେ ଜଗନ୍ନାଥ ଦାସଙ୍କ ପରେ ଅଳ୍ପ କେତେ ବର୍ଷ ଭିତରେ ଦିବାକର ଜୀବିତ ଥିବା ଅନୁମିତ ହୁଏ । କାରଣ, ଜଗନ୍ନାଥ ଚରିତାମୃତରେ ଅତିବଡ଼ଙ୍କ ସମ୍ବନ୍ଧରେ ବହୁ ତଥ୍ୟ ଦେଇଛନ୍ତି ଏବଂ ଏସବୁ ସତ୍ୟ ଘଟଣା ଥିବା ହିଁ ପ୍ରତୀୟମାନ ହୁଏ ।

ଗ୍ରନ୍ଥରେ ପାଠ ଭେଦ—ଦିବାକର ଦାସ ୪ (ଚବିଶ)ଟି ଅଧ୍ୟାୟରେ ଗ୍ରନ୍ଥଟି ଲେଖିଛନ୍ତି । ଏହି ଗ୍ରନ୍ଥ ପ୍ରକାଶନରେ ବିଭିନ୍ନ ପ୍ରକାଶକମାନେ ଏହାକୁ ବିକଳାଙ୍ଗ କରି ଦେଇଛନ୍ତି । ଖ୍ରୀ: ୧୯୧୫ରେ ସ୍ୱର୍ଗୀୟ ସୁଦର୍ଶନ ନନ୍ଦଙ୍କ ଦ୍ୱାରା ସଂଗୃହୀତ ଓ ପ୍ରକାଶିତ ଜଗନ୍ନାଥ ଚରିତାମୃତରେ ଚବିଶ ଅଧ୍ୟାୟ ଓ ୫୦୦୦ (ପଞ୍ଚ ହଜାର)ରୁ ଊର୍ଦ୍ଧ୍ୱ ପଦସଂଖ୍ୟା ଥିବାର ଦେଖାଯାଏ । କିନ୍ତୁ ପରବର୍ତ୍ତୀ କାଳର କେତେକ ସଂସ୍କରଣରେ ବହୁ ବିଷୟ ତ୍ୟକ୍ତ ହୋଇଛି ଏବଂ ଅଧ୍ୟାୟ ସଂଖ୍ୟା ମଧ୍ୟ ଠିକ୍ ରହିନାହିଁ । କେତେକ ସଂସ୍କରଣରେ ୨୩ (ତେଇଶ) ଅଧ୍ୟାୟ ଓ ୩୦୦୦ (ତିନି ହଜାର)ରୁ କିଛି ଊର୍ଦ୍ଧ୍ୱ ପଦସଂଖ୍ୟା ଅଛି । କୌଣସି ଅଧ୍ୟାୟରେ ଉଦ୍ଧୃତ ଶ୍ଳୋକଗୁଡ଼ିକ ଶୁଦ୍ଧଭାବରେ ସଙ୍କଳିତ ହୋଇନାହିଁ । ଏହି କାରଣରୁ ଜଗନ୍ନାଥ ଦାସ, ତାଙ୍କର ମତବାଦ ଓ ଜଗନ୍ନାଥ ପ୍ରଭୁଙ୍କ ତତ୍ତ୍ୱ ସମ୍ବନ୍ଧରେ ବହୁସ୍ଥାନରେ ଅସ୍ପଷ୍ଟତା ଦୃଷ୍ଟି ଗୋଚର ହୁଏ ।

ଗ୍ରନ୍ଥ ମାହାତ୍ମ୍ୟ—ଦିବାକର ଦାସ ଜଗନ୍ନାଥ ଦାସଙ୍କୁ ଏହି ଗ୍ରନ୍ଥରେ ନୂତନ ଜୀବନ ଦାନ କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । 'ଭାଗବତ

ଲେଖି ଜଗନ୍ନାଥ ଦାସ ଅମର ହୋଇଥିଲେ ମଧ୍ୟ 'ବିପ୍ର ଜଗନ୍ନାଥ ଦାସ' ଏହି ସଂକ୍ଷିପ୍ତ ପରିଚୟରେ କେବଳ ସେ ଲୋକଙ୍କରେ ପରିଚିତ ହୋଇ ରହି ଥାଆନ୍ତେ । ଅତିବଡ଼ୀ ସମ୍ପ୍ରଦାୟ, ସମ୍ପ୍ରଦାୟର ମତବାଦ, ଆଗ୍ରହ ବ୍ୟବହାର, ଧାନଧାରଣା ପ୍ରଭୃତି ବିଷୟ ଜଗନ୍ନାଥ ଦାସଙ୍କ ଭକ୍ତି-ଜୀବନ ଓ ସାଧନା, ସାହିତ୍ୟିକ ସାଧନା, ଓ ପ୍ରଭୁ ଜଗନ୍ନାଥଙ୍କ ତତ୍ତ୍ୱ ପ୍ରଭୃତି ବିଷୟରେ ବିସ୍ତୃତ ବିବରଣୀ ଲୋକଚକ୍ଷୁରୁ ଅନ୍ତର୍ହିତ ହୋଇ ଯାଇଥାଆନ୍ତା । କେତେକ ସଂସ୍କୃତ ଗ୍ରନ୍ଥରେ ଜଗନ୍ନାଥ ଦାସଙ୍କ ମତ ବ୍ୟକ୍ତ ହୋଇଥିଲେ ମଧ୍ୟ ଜନସାଧାରଣଙ୍କ ଭିତରେ ଏଗୁଡ଼ିକର ପ୍ରସାର ସେତେ ନାହିଁ । ବିଭିନ୍ନ ପାଠଭେଦ ଓ ଅଶୁଦ୍ଧି ସତ୍ତ୍ୱେ ଜଗନ୍ନାଥ ଚରିତାମୃତ ଗ୍ରନ୍ଥଟି ଜଗନ୍ନାଥ ଦାସଙ୍କ ଜୀବନୀ, ସାଧନ, ଭଜନ ପ୍ରଭୃତି ସମ୍ବନ୍ଧରେ ଅତିବଡ଼ି ସମ୍ପ୍ରଦାୟର ପ୍ରଧାନ ପ୍ରାମାଣିକ ଗ୍ରନ୍ଥ ହୋଇ ରହିଛି ।

ପ୍ରଥମ ଜୀବନୀ ଲେଖକ—ଓଡ଼ିଆରେ ଜୀବନୀ ଲେଖକ ହିସାବରେ ଦିବାକର ଦାଶ ଓଡ଼ିଶାରେ ସର୍ବପ୍ରଥମ ବୋଲି ମନେ ହୁଏ । ଏହାଙ୍କ ପୂର୍ବରୁ କେହି ଏତେ ବିସ୍ତୃତ ଭାବରେ ଅନ୍ୟ କାହାର ଜୀବନୀ ଲେଖି ଥିବା ଜଣାଯାଏ ନାହିଁ । ଏହାଙ୍କ ପରେ ଈଶ୍ୱରଦାସ 'ଚୈତନ୍ୟ ଭାଗବତ' ନାମକ ଚୈତନ୍ୟଙ୍କ ଜୀବନୀ ବିଷୟ ନେଇ ଏକ ଗ୍ରନ୍ଥ ଲେଖିଛନ୍ତି ।

ଜୀବନୀ ଲେଖାରେ ଅତିବଡ଼ିଙ୍କ ତତ୍ତ୍ୱ ବ୍ୟାଖ୍ୟାନକୁ ନିର୍ଦ୍ଦିଷ୍ଟ ରୂପ ଦାନ କରି ଦିବାକର ଅମର ହୋଇଛନ୍ତି ।

ସ୍ୱ ସମ୍ପ୍ରଦାୟର ପ୍ରତିଷ୍ଠାତା ଯେଉଁ ବୃତ୍ତରେ ଭାଗବତାଦି ସବୁ ରଚନା ଲେଖି ଅମର ହୋଇଛନ୍ତି ତାହା (ଗୁଜ୍ଜରୀ ରାଗ) ସେ ଅନୁସରଣ କରି ଏହି ଗ୍ରନ୍ଥଟି ଲେଖିଛନ୍ତି । ଏହା ହିଁ ସମ୍ପ୍ରଦାୟ ପ୍ରତିଷ୍ଠାତାଙ୍କ ପ୍ରତି ତାଙ୍କର ପ୍ରଗାଢ଼ ଭକ୍ତି ଓ ଆଦରର ଏକ ପ୍ରକୃଷ୍ଟ ନିଦର୍ଶନ । ଦିବାକର ଦାଶ ତାଙ୍କ ଉଦ୍ୟମରେ ସଫଳ ହୋଇଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ ।

ଗ୍ରନ୍ଥରେ ଶ୍ରୀଚୈତନ୍ୟ ଦେବଙ୍କ ପ୍ରସଙ୍ଗ ବର୍ଣ୍ଣନା ସ୍ଥଳରେ ଜୀବ ଗୋସ୍ୱାମୀ ଚୈତନ୍ୟ ଦେବଙ୍କ ସମସାମୟିକ ଓ ସଙ୍ଗୀରୂପେ ଦିବାକର ଲେଖିଥିବା

ଐତିହାସିକ ଦୃଷ୍ଟିରୁ ଭୁଲ୍ ହୋଇଛି; କାରଣ ଜୀବ ଗୋସ୍ୱାମୀ ଚୈତନ୍ୟ-ଦେବଙ୍କ ତିରୋଧାନ ବର୍ଷ (ଖ୍ରୀ: ୧୫୩୩) ଜନ୍ମ ଗ୍ରହଣ କରିଥିଲେ। ଏହା ଭିନ୍ନ ଓ ତାଙ୍କ ପକ୍ଷେ ଅସମ୍ଭବ; କାରଣ ସେ ଶ୍ରୀ କ୍ଷେତ୍ରରେ ବଙ୍ଗୀୟ ବୈଷ୍ଣବଗୋଷ୍ଠୀ ଭିତରେ ବେଶି ପ୍ରବେଶ ଲାଭ କରି ନଥିଲେ।

ଶ୍ରୀ ଜଗନ୍ନାଥ ଅବତାରୀ—ଦିବାକର ଦାଶ ଜଗନ୍ନାଥଙ୍କୁ ଅବତାରୀ ଓ ସର୍ବାତ୍ମା ଏବଂ ପୂର୍ଣ୍ଣଙ୍କୁ ନିତ୍ୟବୈକୁଣ୍ଠ ବୋଲି ମାନୁଥିଲେ। ଏହି କାରଣରୁ ଅଂଶାବତାରମାନଙ୍କ ବିଭିନ୍ନ ଲୀଳା କ୍ଷେତ୍ର ଅପେକ୍ଷା ଅବତାରୀ ନିତ୍ୟ-କୃଷ୍ଣଙ୍କ କ୍ଷେତ୍ର ବା ଶ୍ରୀକ୍ଷେତ୍ର ଜଗନ୍ନାଥ କ୍ଷେତ୍ରକୁ ସେ ବେଶି ସମ୍ମାନ ଦେଖାଉଥିଲେ। "ନ ଭଦ୍ ବୃନ୍ଦାରଣ୍ୟଂ ଗୋପନଗରୀ କୃଷ୍ଣ ସଦନଂ" ଶ୍ଲୋକଟି ଉଦ୍ଧାର କରି ତାର ମର୍ମ ଲେଖିସାରି ସେ କହିଛନ୍ତି—

ନନ୍ଦଗୋପତି ଗୋପପତି, ଯେ ଯେଉଁଠାରେ ପଦ୍ଧି ସ୍ଥିତି।
ବ୍ରହ୍ମାସୁର ଆଦି ଦେବତା, ସିଦ୍ଧ ଗଣେଶ ନନ୍ଦୀ ସ୍ଥିତ।
ଏହି ମର୍ତ୍ତ୍ୟମଣ୍ଡଳ ମଧ୍ୟରେ, ଯହିଁ ଯେ କ୍ଷେତ୍ର ଅନୁସାରେ।
ଆନର ଯେତେ ସ୍ଥାନମାନ, ତହିଁ ମୋ ନ ରମଇ ମନ।
ଅଂଶାବତାର ଦେବ ଯେତେ, ତାଙ୍କୁ ମୁଁ ନ ଭାବଇ ଚିତ୍ତେ।
ଏକା ଜଗନ୍ନାଥଙ୍କୁ ମୁହିଁ, ସର୍ବାତ୍ମା ଭାବରେ ଭାବଇ। ୫ମ ଅ:।

ଦାଶେ ଭକ୍ତି ଗ୍ରନ୍ଥ ଲେଖିବାକୁ ଇଚ୍ଛା କରି ଟୀକା ଗ୍ରନ୍ଥ ଲେଖିଥିବା ବ୍ୟକ୍ତ କରିଛନ୍ତି। ପୂର୍ବ ବିଭିନ୍ନ ପ୍ରସଙ୍ଗ ସମ୍ବନ୍ଧରେ ଅନ୍ୟ କବିମାନଙ୍କ ରଚିତ ଶ୍ଳୋକ ଓ ନାନା ପୁରାଣରୁ ବଚନ ଉଦ୍ଧାର କରି ଗ୍ରନ୍ଥରେ ସ୍ଥାନ ଦେଇଥିବା ଜଣାଇଛନ୍ତି। ସ୍ୱୟଂ ଜଗନ୍ନାଥ ତାଙ୍କୁ ପଦ କହିଦେଉଥିବା କଥା ଉଲ୍ଲେଖ କରିଛନ୍ତି।

ଭକ୍ତି ଗ୍ରନ୍ଥକୁ ବାଞ୍ଛାକଲି, ଟୀକା କରି ଗ୍ରନ୍ଥ ଲେଖିଲି।
ମୋର କଳ୍ପନା ଯୋଗ୍ୟ କାହିଁ, ବେଦରୁ ଅଛି ଶ୍ଳୋକ ହୋଇ।
ନାନା ପୁରାଣଙ୍କ ବଚନ, ଏକତ୍ରେ କଲି ମୁଁ ରଚନା।

ତହୁଁ ରୁ ଠିକ ଠିକ କରି, ଥୋକାଏ କହିଲି ବିସ୍ତାରି ।
ସେ ଶ୍ଳୋକ କଣ୍ଠ କରିବ ଅର୍ଥ, ପଦ ଲେଖିଲି ଭକ୍ତିକୃତାର୍ଥ । ୬ଷ ଅ: ।

ଗ୍ରନ୍ଥର ନାମକରଣ—ଦିବାକର ଦାଶ ପ୍ରଧାନତଃ ଶ୍ରୀ ଜଗନ୍ନାଥ ଦାସଙ୍କ ଜୀବନ ଚରିତ ଏହି ଗ୍ରନ୍ଥରେ ବର୍ଣ୍ଣନା କରିଥିବାରୁ ଗ୍ରନ୍ଥର ନାମ ଜଗନ୍ନାଥ ଚରିତାମୃତ ହୋଇଛି । କବି ପ୍ରତି ଅଧ୍ୟାୟ ଶେଷରେ ଏହାର ସୂଚନା ମଧ୍ୟ ଦେଇଛନ୍ତି— "ଇତି ଶ୍ରୀ ଜଗନ୍ନାଥାମୃତେ ଶ୍ରୀ ଅତିବଡ଼ ଗୋସାଇଁଙ୍କ ଚରିତାମୃତେ......"

ଏହି ଶେଷ ବାକ୍ୟ 'ଇତି ଶ୍ରୀ'ରୁ ଗ୍ରନ୍ଥର ପ୍ରକୃତ ନାମ 'ଜଗନ୍ନାଥାମୃତ' ହୋଇଥିବା ମଧ୍ୟ ଅନୁମିତ ହୁଏ ।

ପୁଣି କବି ଚତୁର୍ବିଂଶ ଅଧ୍ୟାୟ (ବା ଶେଷ ଅଧ୍ୟାୟ)ରେ ଶେଷକୁ ଗ୍ରନ୍ଥବିଷୟର ସୂଚନାରେ "ଜଗନ୍ନାଥ ରସାମୃତ" ପଦ ବ୍ୟବହାର କରିଥିବାରୁ ଗ୍ରନ୍ଥର ନାମ 'ଜଗନ୍ନାଥ ରସାମୃତ' ବୋଲି ମଧ୍ୟ ଅନୁମିତ ହୁଏ । ତେବେ ଏହି ପଦଟି ଜଗନ୍ନାଥ ଦାସଙ୍କ ଚରିତକୁ କେବଳ ଲକ୍ଷ୍ୟ କରିଥିବା ପରି ହେଉଛି; ଗ୍ରନ୍ଥର ନାମର ସୂଚନା ଏଥିରେ ନାହିଁ ।

ଏ ଜଗନ୍ନାଥ ରସାମୃତ ସୁଜନେ ପିଅ ଶ୍ରୁତିପଥ । ୨୪ଶ ଅ: ।

ଏହି ଜୀବନୀ-ଚରିତକୁ କବି 'ପୁରାଣ' ବୋଲି ଆଖ୍ୟା ଦେଇଥିବା ମଧ୍ୟ ଜଣାଯାଏ ।

ମୋର ଆରମ୍ଭ ଏ ପୁରାଣ । ସ୍ନେହ ଦେବ କରିବା ଅଙ୍ଗଦ୍ଧ । ୧ମ ଅ: ।

କବି ଗୁରୁ, ବୈଷ୍ଣବ ଓ ଦେବତାମାନଙ୍କୁ ନମସ୍କାର କରି ଗ୍ରନ୍ଥର ବିଷୟବସ୍ତୁର ସୂଚନା ଗ୍ରନ୍ଥର ଆରମ୍ଭ ଅଧ୍ୟାୟ ବା ପ୍ରଥମ ଅଧ୍ୟାୟରେ ବର୍ଣ୍ଣନା କରିଛନ୍ତି; ସାଧୁ ପ୍ରଶଂସା ଓ ଖଳନିନ୍ଦା ମଧ୍ୟ କରିଛନ୍ତି ।

ସଂସ୍କୃତରେ 'ଇତି ଶ୍ରୀ' ଲେଖାରେ କବି ସଂସ୍କୃତ-ଓଡ଼ିଆ ମିଶ୍ରିତ ଭାଷା ବ୍ୟବହାର କରି ଏକ ନୂତନ ପଥ ଦେଖାଇଛନ୍ତି । ପରବର୍ତ୍ତୀ ସମୟରେ ଅନ୍ୟ କେହି ତାଙ୍କ ପଦାନୁସରଣ କରିଥିବା ଜଣାଯାଉନାହିଁ ।

"ଇତି ଶ୍ରୀ ଜଗନ୍ନାଥାମୃତେ ଶ୍ରୀ ଅତିବଡ଼ ଗୋସାଇଁଙ୍କ ଚରିତାମୃତେ ନାମ ପ୍ରଥମୋଧ୍ୟାୟଃ ।"

"ଇତି ଶ୍ରୀ ଜଗନ୍ନାଥାମୃତେ ଅତିବଡ ଗୋସାଇଁଙ୍କ ଚରିତାମୃତେ ନାମୋପଦେଶୋ ଦ୍ୱିତୀୟୋଽଧ୍ୟାୟଃ ।"

କଥାବସ୍ତୁର ସଂକ୍ଷିପ୍ତ ବିବରଣୀ—ଚୈତନ୍ୟ ମହାପ୍ରଭୁଙ୍କ ସହିତ ଜଗନ୍ନାଥ ଦାସଙ୍କ ପ୍ରଥମ ଭେଟ ( ୧ମ ଅ: ), ଜଗନ୍ନାଥ ଦାସଙ୍କ ଦୀକ୍ଷା ଗ୍ରହଣ ( ୨ୟ ଅ: ), ବଙ୍ଗୀୟ ବୈଷ୍ଣବବୃନ୍ଦଙ୍କ ବୃନ୍ଦାବନ ଗମନ ଓ ପାଟ ନିରୂପଣ, ଉପଦେଶ ( ୩ୟ ଅ: ), ସାର୍ବଭୌମଙ୍କ ମନ୍ତ୍ରତତ୍ତ୍ୱ ବ୍ୟାଖ୍ୟାନ ( ୪ର୍ଥ ), ନିତ୍ୟାନନ୍ଦ ମହାପ୍ରଭୁଙ୍କ ଚୈତନ୍ୟଙ୍କର ସମ୍ବାଦ କବଚ ବର୍ଣ୍ଣନ, ଠାକୁର ଦାସଙ୍କ ବଂଶାନୁଚରିତ ( ୫ମ ), ବୈଷ୍ଣବମାନଙ୍କ ଚୈତନ୍ୟଙ୍କ ପ୍ରେମପରୀକ୍ଷା, ବ୍ୟାଖ୍ୟାନ, ଜଗନ୍ନାଥତତ୍ତ୍ୱ, ଜଗନ୍ନାଥଙ୍କ ଅଙ୍ଗରେ ମହାମନ୍ତ୍ର ଓ ମନ୍ତ୍ରରାଜ ଭେଦାଣ (୬ଷ୍ଠ), ଚୈତନ୍ୟଙ୍କ ହରେରାମକୃଷ୍ଣ ମନ୍ତ୍ର ତତ୍ତ୍ୱ, ପଞ୍ଚଶ୍ଳୋକରେ ହରିନାମ ତତ୍ତ୍ୱ, ହରିନାମ ଭଜନତତ୍ତ୍ୱ ବ୍ୟାଖ୍ୟାନ, ଚୈତନ୍ୟଙ୍କ ପ୍ରତାପରୁଦ୍ରଙ୍କ ମାନ୍ୟ, ଚୈତନ୍ୟଙ୍କ ଅନ୍ତର୍ଦ୍ଧାନ ( ୭ମ ), ସ୍ୱକୀୟ, ପରକୀୟ, ଭକ୍ତିତତ୍ତ୍ୱ, ନାମତତ୍ତ୍ୱ, ଦ୍ୱାଦଶ ପ୍ରେମଭକ୍ତି ବିଧି କଥନ ( ୮ମ ), ହରେରାମକୃଷ୍ଣ ମନ୍ତ୍ର ବ୍ୟାଖ୍ୟା (୯ମ), ଜଗନ୍ନାଥ ଦାସ. ଜଗନ୍ନାଥ ମହାପ୍ରଭୁଙ୍କ ସେବାରେ କାଳଯାପନ, ଦାସଙ୍କ ସେବାରେ ମେଧା ସୁମେଧା ଦାସୀ (୧୦ମ), ରାଜା ପ୍ରତାପରୁଦ୍ରଙ୍କଦ୍ୱାରା ଜଗନ୍ନାଥ ଦାସଙ୍କ ଚରିତ୍ର ପରୀକ୍ଷା, ମେଧା-ସୁମେଧା ଦେବକନ୍ୟା ଥିବା ପ୍ରମାଣ ଓ ଦାସଙ୍କ ସ୍ତ୍ରୀ ଅଙ୍ଗ ପ୍ରକାଶ ପରେ ରାଜା ଦାସଙ୍କୁ ମାନ୍ୟ କରିବା, ଜଗନ୍ନାଥ ମହାପ୍ରଭୁଙ୍କ ଅଙ୍ଗରେ ଚନ୍ଦନଲେପନ ପରୀକ୍ଷା ଉପାଖ୍ୟାନ (୧୧ଶ),

ଜଗନ୍ନାଥ ମହାପ୍ରଭୁଙ୍କ ଅଙ୍ଗରେ ରାଧାକୃଷ୍ଣ ଯୁଗଳମୂର୍ତ୍ତିତତ୍ତ୍ୱ ରାଜା ପ୍ରତାପରୁଦ୍ରଙ୍କୁ ଜଗନ୍ନାଥ ଦାସ ବୁଝାଇବା (୧୨ଶ), ବ୍ରହ୍ମାନନ୍ଦ ସନ୍ନ୍ୟାସୀଙ୍କୁ ଭକ୍ତିପ୍ରେମତତ୍ତ୍ୱ ଜଗନ୍ନାଥ ଦାସ ବୁଝାଇ ବ୍ରହ୍ମଭିକ୍ଷା କରାଇବା, ଅତିବଡ଼ଙ୍କର ଷୋଳଶିଷ୍ୟ (୧୩ଶ), ମନ୍ତ୍ରରାଜ ଉପଦେଶ (୧୪ଶ), ନବଧାଭକ୍ତି ଓ ଚତୁଃଷଷ୍ଠୀ ଭକ୍ତି (୧୫ଶ), ନିଷ୍ଠାହ ଭକ୍ତି (୧୬ଶ), ଜଗନ୍ନାଥ ମହାପ୍ରଭୁଙ୍କ ନାମତତ୍ତ୍ୱ, ଜଗନ୍ନାଥ ଭକ୍ତ (୧୭ଶ) ଜଗନ୍ନାଥ ମହାପ୍ରଭୁଙ୍କ ଅଙ୍ଗ ବିସ୍ତାର, ରାଧାକୃଷ୍ଣ ଯୁଗଳଚରଣ ଚିହ୍ନ ବର୍ଣ୍ଣନ, (୧୮ଶ), ବୈଷ୍ଣବ ବିଧାନ, ବିବିଧ ମନ୍ତ୍ର, ଭଜନ, ସ୍ତୁତି, ମନ୍ତ୍ର ମୂର୍ତ୍ତି ଗାୟତ୍ରୀ ବର୍ଣ୍ଣନ (୧୯ଶ), ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ବିଧି, ଜଗନ୍ନାଥ ମନ୍ଦିର ବେଢ଼ା ପରିକ୍ରମା, ବିବିଧ ସେବା, ଠାକୁରଙ୍କ ବିବିଧ ବିଧିବିଧାନ (୨୦ଶ), ଶ୍ରୀଜଗନ୍ନାଥ କ୍ଷେତ୍ରର ମହିମା, ଅନ୍ତରଙ୍ଗ ବହିରଙ୍ଗ ସାଧନ, ଅଷ୍ଟାଦଶ ପୁରାଣ ନାମ, ପୁରାଣମାନଙ୍କରେ ଶ୍ରୀକ୍ଷେତ୍ର ଓ ଜଗନ୍ନାଥଙ୍କ ମାହାତ୍ମ୍ୟ (୨୧ଶ, ୨୨ଶ, ୨୩ଶ), ଜଗନ୍ନାଥ ଦାସଙ୍କ ତିରୋଧାନ (୨୪ଶ) ।

ପ୍ରଥମ ଅଧ୍ୟାୟରେ ବିପ୍ର ଦିବାକର ଦାଶ ଜଗନ୍ନାଥ ଦାସଙ୍କ ଷୋଳ ଶିଷ୍ୟଙ୍କ ନାମ ଓ ନିତ୍ୟ ବୈକୁଣ୍ଠରେ ଓ ଗୋପଲୀଳାରେ ସେମାନଙ୍କ ନାମ ମଧ୍ୟ ବ୍ୟକ୍ତ କରିଛନ୍ତି । ଅତିବଡ଼ ସ୍ୱାମୀ (ଜଗନ୍ନାଥ ଦାସ) ଚନ୍ଦ୍ରାବଳୀ, ଗୋକୁଳରେ ସୁରତିମଞ୍ଜରୀ ଓ ଲଳିତା । ଅତିବଡ଼ ସ୍ୱାମୀ ପ୍ରଧାନ ଅଂଶରେ ଜନ୍ମହେଲେ । ତାଙ୍କର ଷୋଳଶିଷ୍ୟ ଷୋଳ ସଖୀଙ୍କର ଅଂଶ । ନିତ୍ୟ ବୈକୁଣ୍ଠ ପୁରୁଷୋତ୍ତମ ଧାମରେ ଏମାନେ ସମସ୍ତେ ନିତ୍ୟ ରାଧାକୃଷ୍ଣଙ୍କ ସହିତ ଲୀଳା କରିବା ପାଇଁ ମର୍ତ୍ତ୍ୟରେ ଜନ୍ମଗ୍ରହଣ କଲେ ।

ଲୀଳା କରିବା ନରଭରେ, ଜନ୍ମିଲେ ପୁରୁଷୋତ୍ତମରେ ।
ପୁରୁଷୋତ୍ତମ ଯାକୁ କହି, ନିତ୍ୟ ସେ ଭିନ୍ନାଭିନ୍ନ ନୋହି ।

ଗୁରୁ ପ୍ରଣାଳୀରେ ଯେତେ ଗୁରୁଙ୍କ ନାମ ବ୍ୟକ୍ତ ହୋଇଛି ସେ ସବୁ ସାଧୁଙ୍କ ମୁଖରେ ଦିବାକର ଦାଶ ଶ୍ରବଣ କରିଥିବା କହିଛନ୍ତି ।

ପ୍ରଣାଳୀ ମଧ୍ୟେ ଯେତେ ଗୁରୁ, ଶୁଣିଲି ସାଧୁଙ୍କ ମୁଖରୁ ।

ସବୁ ବୈଷ୍ଣବଙ୍କ ପୂଜା କଲେ ମଧ୍ୟ ନିଜ ସୂତ୍ରକୁ ଅର୍ଥାତ୍ ନିଜ ଗୁରୁପ୍ରଣାଳୀକୁ ତ୍ୟାଗ ନ କରିବା ପାଇଁ ଦିବାକର କହିଛନ୍ତି ।

ସମସ୍ତ ବୈଷ୍ଣବ ପୂଜିବ, ଆପଣା ସୂତ୍ର ନଗୁଞ୍ଜିବ ।
ପରର ସୂତ୍ର ଯେ ଭଜଇ, ତାହାଙ୍କୁ କୁଳବୁଡ଼ା କହି ।
ସମସ୍ତ ସଙ୍ଗେ ପ୍ରୀତି ହେବ, ନିଜ ଭାବରେ ଦୃଢ଼ ଥିବ ।

ଜାତି ଓ ବୈଷ୍ଣବ ସମ୍ବନ୍ଧରେ ଦିବାକରଙ୍କର ଉଦାର ମନୋଭାବ ଥିଲା । ସେ ବୈଷ୍ଣବଙ୍କୁ ଜାତି ଅପେକ୍ଷା ବଡ଼ ବୋଲି ବ୍ୟକ୍ତ କରିଥିଲେ ମଧ୍ୟ ନିମ୍ନଜାତିର ବୈଷ୍ଣବଙ୍କୁ ଉଚ୍ଚ ଜାତିର ବୈଷ୍ଣବଙ୍କ ସଙ୍ଗେ ସମ ଆସନ ଦେଇନାହାନ୍ତି ।

ଯେ ବୈଷ୍ଣବ ଜାତି ସାନ, ପୂଜିବ ଦେଇ ବସ୍ତ୍ର ଅନ୍ନ ।
ଜାତି ସମ ନ ବୈଷ୍ଣବ, ଆତ୍ମାସମାନ ତାଙ୍କୁ ଭାବ ।
ଜାତିରୁ ଶ୍ରେଷ୍ଠ ବୈଷ୍ଣବ, ଗୁରୁଙ୍କ ସମାନ ଭାବିବ ।
ପାଦୋଦକ ଉଚ୍ଛିଷ୍ଟମାନ, ତାଙ୍କର କରିବ ସେବନ ।

ନୀଚଜାତି ବୈଷ୍ଣବଙ୍କ ପାଦୋଦକ ଓ ଉଚ୍ଛିଷ୍ଟମାନ ସେବନ କରିବା ବିଷୟରେ ଦିବାକରଙ୍କ ମତ ସୁସ୍ପଷ୍ଟ; ବ୍ରାହ୍ମଣ ଓ ଉଚ୍ଚ ଜାତିର ବୈଷ୍ଣବ ପକ୍ଷରେ ଏହା କରଣୀୟ ନୁହେଁ ।

ବ୍ରାହ୍ମଣ-ବୈଷ୍ଣବଠାରୁ ଉପଦେଶ ଗ୍ରହଣ କରିବା ଶ୍ରେଷ୍ଠ କର୍ମ ବୋଲି ଦାସେ କହିଛନ୍ତି—

ବ୍ରାହ୍ମଣଠାରୁ ଉପଦେଶ, ବ୍ରହ୍ମଲୋକରେ ତାର ବାସ ।
କ୍ଷତ୍ରିୟେ ଉପଦେଶ କରେ । ବସଇ ଦେବଙ୍କ ସଙ୍ଗରେ ।
ବୈଶ୍ୟରୁ ଉପଦେଶ ପାଇ, ବସଇ ପିତୃଲୋକେ ଯାଇ ।
ଶୂଦ୍ରଙ୍କଠାରୁ ଉପଦେଶ, ଗନ୍ଧର୍ବଲୋକେ ତାର ବାସ । ୨ୟ ଅ: ।

କିନ୍ତୁ ଯାହାଠାରେ ପ୍ରେମଭାବ ଦେଖିବ ସେପରି ଲୋକଙ୍କୁ ଗୁରୁ କରିବା ନିଷେଧ ନୁହେଁ ।

ଯାର ଦେଖିବ ପ୍ରେମଭାବ, ଏ ଗତି ତହିଁ ନ ଧରିବ ।

ସେ ଜାତିଧର୍ମ-ବିରୋଧର ପକ୍ଷପାତୀ ନଥିବାହିଁ ଜଣାପଡ଼େ । ସମସ୍ତେ ସ୍ୱ-ଜାତି-କର୍ମ ନିର୍ଭୟରେ କରିବା କର୍ତ୍ତବ୍ୟ ବୋଲି ସେ ବ୍ୟକ୍ତ କରିଛନ୍ତି ।

ବେଦ ଯାହାକୁ ବୋଲି ଅଛି ଯାହା, ପାରି ହୋଇବ ସେ କରିଣ ତାହା ।
ବ୍ରାହ୍ମଣ କର୍ମକୁ ଶୂଦ୍ର କରିବ, ଭଲ ନୁହଇ ଅକାର୍ଯ୍ୟେ ମରିବ ।
ନିଜ ଜାତିରେ କର୍ମ କରୁ କରୁ, ମନ୍ଦ ହୋଇଲେହେଁ ଲୋକେ ନ ଡରୁ ।
ଲାଭ ହୋଇଲେହେଁ ପରେ ନଯିବ, ନିଜ ଧର୍ମକର୍ମେ ଭକ୍ତିରେ ଠାବ ।

ଏହି ସମ୍ପର୍କରେ ସେ ଗୋଟିଏ ସମର୍ଥକ ଶ୍ଳୋକ ଉଦ୍ଧାର କରିଛନ୍ତି । ଶ୍ଳୋକଟି ତାଙ୍କ ରଚିତ କି ଅନ୍ୟର ରଚିତ ଜଣା ଯାଉନାହିଁ ।

ବେଦେ ଯସ୍ୟ ବର୍ତ୍ତିତସ୍ୟାଂ ତସ୍ୟ କର୍ମ୍ମାନୁଚାରସ୍ୟେତ୍
ବ୍ରହ୍ମିଷ୍ଠା ଶୂଦ୍ରସ୍ୟାତ୍ କର୍ମନିଷ୍ଠିତାସ୍ୟେକମନ୍ୟତେ ।

ପ୍ରଥମ ଅଧ୍ୟାୟରେ ଏହିପରି କେତେକ ତତ୍ତ୍ୱ ବ୍ୟକ୍ତ କରିବା ପରେ ଜଗନ୍ନାଥ ଦାସଙ୍କ ଜନ୍ମ ଓ ଶିକ୍ଷା ବିଷୟ ବର୍ଣ୍ଣନା କରିଛନ୍ତି ।

ଜଗନ୍ନାଥ ଦାସ ପୁରୀ ଜଗନ୍ନାଥ ମନ୍ଦିର ବେଢ଼ା ଭିତରେ ବଟଗଣେଶଙ୍କ ନିକଟରେ ଭାଗବତ ପଢ଼ି ଭକ୍ତମାନଙ୍କୁ ପ୍ରତିଦିନ ଶୁଣାଉଥିଲେ । ଏହି ଅବସ୍ଥାରେ ଦିନେ ଚୈତନ୍ୟଦେବ ତାଙ୍କ ଭାଗବତ ବ୍ୟାଖ୍ୟା ଶୁଣି ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ଚୈତନ୍ୟଦେବ ଓ ଜଗନ୍ନାଥ ଦାସଙ୍କ ଭିତରେ ସ୍ନେହ ବର୍ଦ୍ଧିତ ହୋଇଥିଲା; ଚୈତନ୍ୟ ଦାସଙ୍କୁ, ଅତିବଡ଼ ପଦବୀ ଦେଇଥିଲେ ।

ଜଗନ୍ନାଥ ଦାସଙ୍କ ସମ୍ବନ୍ଧରେ ବିଭିନ୍ନ ଉପାଖ୍ୟାନ ଓ ବିଭିନ୍ନ ବିଷୟରେ ଦାସଙ୍କ ତତ୍ତ୍ୱ-ଟୀକା ଦିବାକର ଛନ୍ଦରେ ବର୍ଣ୍ଣନା କରିଛନ୍ତି । ସେ ନିଜେ ମଧ୍ୟ

ଅତିବଡ଼ ସମ୍ପ୍ରଦାୟର ମତବାଦ ଓ ରୀତିନୀତି ସମ୍ବନ୍ଧରେ କେତୋଟି ଅଧ୍ୟାୟ ଲେଖିଛନ୍ତି ।

କବି ରଚନା ଭଙ୍ଗୀରେ ଜଗନ୍ନାଥ ଦାସଙ୍କ ଭାଗବତକୁ ଅନୁସରଣ କରିଥିବା ଅନୁମାନ ହୁଏ । ଜଗନ୍ନାଥ ଚରିତାମୃତର ଲେଖା ଦିଗଂ ଓ ରୀତି ଭାଗବତର ସମକକ୍ଷ ।

ଐତିହାସିକ ପୁରୁଷମାନଙ୍କ ସମ୍ବନ୍ଧରେ ବିବରଣୀ—ଚୈତନ୍ୟଦେବଙ୍କ ସମ୍ବନ୍ଧରେ ଦିବାକର କେତେଗୁଡ଼ିଏ ତଥ୍ୟ ପ୍ରଦାନ କରିଛନ୍ତି ।

ଚୈତନ୍ୟ ଶ୍ରୀକୃଷ୍ଣଙ୍କର ଅଂଶରୁ ଜାତ । ଗଙ୍ଗା ନଦୀର ସମୀପରେ ନଦୀଆ ନଗ୍ର ନବଦ୍ୱୀପରେ ଶଚୀଙ୍କ ଗର୍ଭରୁ ଜନ୍ମ ହେଲେ । ଫାଲଗୁନ ପୂର୍ଣ୍ଣିମୀ ତିଥିରେ ଜନ୍ମ । ତାଙ୍କ ପିତାମହ ବିଷ୍ଣୁ ପଣ୍ଡା 'ଚୈତନ୍ୟ' ବୋଲି ନାମ ଦେଲେ । ବାଲ୍ୟରେ କୁଳକର୍ମ ସାରି ଚୈତନ୍ୟ ସନ୍ନ୍ୟାସ ଦୀକ୍ଷା ନେଲେ । ବୈଷ୍ଣବବୃନ୍ଦଙ୍କୁ ସଙ୍ଗେ ନେଇ ନାନ୍ତୀର୍ଥ କଲେ । ବୃନ୍ଦାବନକୁ ମଧ୍ୟ ଗଲେ । କୌଣସିଠାରୁ ପ୍ରେମ ଭକ୍ତିରସ ନପାଇ ପୁରୁଷୋତ୍ତମରେ ପ୍ରବେଶ ହେଲେ । ପୁରୀରେ 'ସାତମଠ'ରେ ସେ ନିବାସ କରୁଥିଲେ ।

ବହୁତ କ୍ଷେତ୍ର ତୀର୍ଥ କଲେ, ବୃନ୍ଦାବନ ଆଦି ଭ୍ରମିଲେ ।
ନ ପାଇ ପ୍ରେମ ଭକ୍ତିରସ, ପୁରୁଷୋତ୍ତମରେ ପ୍ରବେଶ । ୨ୟ ଅ: ।

ଜଗନ୍ନାଥ ଦାସ ଶ୍ରୀ ଜଗନ୍ନାଥ ମନ୍ଦିରରେ ବଟଗଣେଶଙ୍କ ନିକଟରେ ଭାଗବତର ଦଶମସ୍କନ୍ଧର ଶ୍ରୀକୃଷ୍ଣ ସ୍ତୁତିର ବ୍ୟାଖ୍ୟା କରୁଥିବା ବେଳେ ଚୈତନ୍ୟ ଦେବ ଏହା ଶୁଣି ପ୍ରୀତ ହୋଇଥିଲେ ।

ଜଗନ୍ନାଥ ଦାସଙ୍କୁ ଅତିବଡ଼ ପଦବୀ ଦାନ କରିବାରୁ ଚୈତନ୍ୟଙ୍କ ସାଙ୍ଗରେ ଥିବା ବୈଷ୍ଣବମାନଙ୍କ ଭିତରେ କେହି କେହି ଚୈତନ୍ୟଙ୍କ କାର୍ଯ୍ୟକୁ

ପସନ୍ଦ କରୁନଥିଲେ । ଜଗନ୍ନାଥ ଦାସଙ୍କ ପ୍ରତି ସେମାନଙ୍କର ମନୋଭାବ ଯେ ଶୋଭନୀୟ ନଥିଲା ଏହା ଦାଶ ବ୍ୟକ୍ତ କରିଛନ୍ତି । ନିର୍ଭୀକ ଭାବରେ ଓଡ଼ିଆଙ୍କ ପ୍ରତି ଏହି କେତେ ଜଣ ବଙ୍ଗୀୟ ବୈଷ୍ଣବଙ୍କ ମନୋଭାବ ବ୍ୟକ୍ତ କରି ଦିବାକର ଦାଶ 'ଅ-ବୈଷ୍ଣବ' ବ୍ୟବହାରର ନିନ୍ଦା ହିଁ କରିଛନ୍ତି ।

ପ୍ରତି ଦିବସେ ଶ୍ରୀଚୈତନ୍ୟ, ଆସନ୍ତି କରି ଦରଶନ ।
ବଟତଳେ ପୁରାଣ ଶୁଣି, ଦଣ୍ଡେ ରହନ୍ତି ପ୍ରେମେ ପୁଣି ।
ବୈଷ୍ଣବଗଣ ଯେତେ ଥିଲେ, ଦେଖି ଏମନ୍ତେ ବିଚାରିଲେ ।
ଉତ୍କଳୀ ବ୍ରାହ୍ମଣ ସଙ୍ଗତେ, ଭାବ ବଢ଼ାଇଲେ ନିତେ ।
ଏହି ରାଜ୍ୟରେ ଏ ରହିବେ, ଉତ୍କଳକର୍ମ ଆଚରିବେ ।
ଏ ସଙ୍ଗ ଛଡ଼ାଇବା ଅମ୍ଭେ, ଏମନ୍ତ ବିଚାରି ଅରମ୍ଭେ । ଇତ୍ୟାଦି । ୨ୟ ଅଃ ।

ଜଗନ୍ନାଥ ଦାସ ଅର୍ଦ୍ଧ-ଉପଦେଶୀୟ ଥିବାରୁ ଦାସଙ୍କ ଅନୁରୋଧ କ୍ରମେ ଚୈତନ୍ୟଦେବଙ୍କ ଆଦେଶରେ ମତ୍ତ ବଳରାମ ଦାସ ଜଗନ୍ନାଥ ଦାସଙ୍କୁ ମନ୍ତ୍ର-ଦୀକ୍ଷା ଦେଇଥିଲେ ।

ଚୈତନ୍ୟଦେବଙ୍କୁ ଶ୍ରଦ୍ଧାକରି ତାଙ୍କର ସେବକ ରୂପରେ ଜଗନ୍ନାଥ ଦାସ ବହୁବର୍ଷ ତାଙ୍କ ସଙ୍ଗରେ ରହିଥିଲେ ।

ଚୈତନ୍ୟଦେବ ପୁରୀକୁ ନିତ୍ୟ ଗୋଲକ ମନେକରି ପୁରୀ ଛାଡ଼ି ଆଉ ଅନ୍ୟ ତୀର୍ଥବ୍ରତ କରିବା ପସନ୍ଦ କରୁନଥିଲେ ଏବଂ ଏହି କାରଣରୁ ତିରୋଧାନ ପର୍ଯ୍ୟନ୍ତ ପୁରୀରେ ଏକାଦିକ୍ରମେ ଚବିଶବର୍ଷ କାଳ ଅବସ୍ଥାନ କରିଥିଲେ ।

ଚୈତନ୍ୟଦେବଙ୍କ ଆଦେଶରେ ରୂପ, ସନାତନାଦି ଭକ୍ତମାନେ ବୃନ୍ଦାବନରେ ସ୍ଥାୟୀ ଭାବରେ ବାସକରି ବୃନ୍ଦାବନକୁ ଉଦ୍ଧାର କରିଥିଲେ ।

ଚୈତନ୍ୟଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଦ୍ୱାଦଶ "ମହନ୍ତ"ଙ୍କ ଦ୍ୱାଦଶ ପାଟକର ନାମକରଣ କରିଛନ୍ତି ।

ଜଗନ୍ନାଥ ମହାପ୍ରଭୁଙ୍କ ତତ୍ତ୍ୱ ସମ୍ବନ୍ଧରେ ଚୈତନ୍ୟଦେବ ଜଗନ୍ନାଥ ଦାସଙ୍କୁ ସଙ୍ଗରେ ନେଇ ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କଠାକୁ ଯାଇ ବହୁ ବିଷୟ ବୁଝିଥିଲେ । ଏହି ତତ୍ତ୍ୱ ସମ୍ବନ୍ଧରେ ଦିବାକର ଚତୁର୍ଥ ଅଧ୍ୟାୟରେ ଲେଖିଛନ୍ତି । ଏହି ସମ୍ପର୍କରେ ଦାଶେ ବହୁ ଶ୍ଳୋକ ଉଦ୍ଧାର କରିଛନ୍ତି ।

ପୁରୀରେ ଚୈତନ୍ୟଦେବଙ୍କ ମହିମା ବିସ୍ତାର ହେବାରୁ ରାଜା ପ୍ରତାପରୁଦ୍ର ଦେବ ତାଙ୍କୁ ସିଦ୍ଧ ବକୁଳ ମଠରେ ସ୍ଥାନ ଦେଇଥିଲେ । ଏହିଠାରେ ଚୈତନ୍ୟ ଚବିଶବର୍ଷ ରହିଥିଲେ ।

ପ୍ରଭୁ ନିତ୍ୟାନନ୍ଦଙ୍କୁ ହରେକୃଷ୍ଣ କବଚ ହୃଦୟରେ ଖଞ୍ଜିଣି ସମ୍ବନ୍ଧରେ ଚୈତନ୍ୟଦେବ ବୁଝାଇଥିଲେ । ଜଗନ୍ନାଥ ଦାସାଦି ବୈଷ୍ଣବମାନେ ମଧ୍ୟ ଏହି ସମ୍ଭାଷଣ ବେଳେ ଉପସ୍ଥିତ ଥାଇ 'ପ୍ରେମପଞ୍ଚାତ୍ମକ' ଉପଦେଶ ବାଣୀ ଶ୍ରବଣ କରିଥିଲେ (୫ମ ଅ:) । ଜଗନ୍ନାଥଙ୍କଠାରେ କିପରି ଭକ୍ତି ହୁଏ ତାହା ମଧ୍ୟ ଚୈତନ୍ୟଦେବ ବୈଷ୍ଣବମାନଙ୍କୁ କହିଥିଲେ ।

ଯେତେ ଯେତେ ବିଷ୍ଣୁ ଅବତାର, ଏହି କ୍ଷେତ୍ରରୁ ସେ ବାହାର
ଶ୍ରୀଜଗନ୍ନାଥଟି ପରମ, ଏଥୁଁ ବାହାର କେତେ ବ୍ରହ୍ମ ।
ଏ ଦେବ ଦେବଙ୍କ ଉତ୍ତମ, ଏ କ୍ଷେତ୍ର ଶ୍ରେଷ୍ଠ ପୁରୁଷୋତ୍ତମ ।
ଯେତେକ ପୁଣ୍ୟ ସ୍ଥାନ ମହୀ, ଏହି କ୍ଷେତ୍ରରୁ ଜାତ ସେହି ।
ଯେତେକ ତୀର୍ଥ ଏ ସଂସାର, ଏହି କ୍ଷେତ୍ରରୁ ସେ ବାହାର । ୬ଷ୍ଠ ଅ: ।

ପୁରୀରେ ଶ୍ରୀ ଚୈତନ୍ୟଦେବଙ୍କ ସହିତେ ଏହିମାନେ ରହୁଥିବା ଦାଶେ ଲେଖିଛନ୍ତି :—ନିତ୍ୟାନନ୍ଦ, ଗୌର ଦାସ, ଅଦ୍ୱୈତ, ଅଭିରାମ ଠାକୁର, ଦାସ ଗୋସ୍ୱାମୀ, ଜଗଦୀଶ ପଣ୍ଡିତ, ଶ୍ରୀରୂପ, ଶ୍ରୀ ଘୋଷ, ସିଦ୍ଧ ସ୍ରାନନ୍ଦ ଠାକୁର, ଭଗବତାଚାର୍ଯ୍ୟ, ଆଚାର୍ଯ୍ୟ ଗୋସାଇଁ, ଶ୍ରୀ ସନାତନ ଗୋସ୍ୱାମୀ, ରୂପ ଗୋସ୍ୱାମୀ, ଜୀବନ ସ୍ୱାମୀ, ( ଜୀବ ଗୋସ୍ୱାମୀ ), ଗୋପାଳ ଦାସ, ରଘୁନାଥ ଭଟ୍ଟ, ସାର୍ବଭୌମ ଭଟ୍ଟାଚାର୍ଯ୍ୟ, ଓଡ଼ିଆ କାଶୀ ମିଶ୍ର, ଜଗଦାନନ୍ଦ ଚକ୍ରବର୍ତ୍ତୀ, ମୁକୁନ୍ଦ

ଦତ୍ତ, ଦାମୋଦର ଚକ୍ରବର୍ତ୍ତୀ, ହରି ଦାସ, ବଡ଼ ହରି ଦାସ, ଶ୍ରୀନିବାସ, ଗଦାଧର, ଗୋପୀନାଥ ଆଚାର୍ଯ୍ୟ, ମୁରାରି ଗୁପ୍ତ, ଅକିଞ୍ଚନ କୃଷ୍ଣ ଦାସ ।
(୭ମ ଅ:) ।

ଚୈତନ୍ୟଦେବ ଏହି ବୈଷ୍ଣବମାନଙ୍କୁ ହରିନାମ ତତ୍ତ୍ୱ, ଯୁଗଳ ପ୍ରେମତତ୍ତ୍ୱ, ଓ ପଞ୍ଚ ଶ୍ଳୋକର ଅର୍ଥ ବୁଝାଇ ଥିଲେ ।

ରାଜା ପ୍ରତାପରୁଦ୍ର ଚୈତନ୍ୟଦେବଙ୍କଠାରୁ ଭକ୍ତି ତତ୍ତ୍ୱ ବ୍ୟାଖ୍ୟା ଜଗନ୍ନାଥ ମନ୍ଦିରରେ ବୁଝି ଥିଲେ । ଚୈତନ୍ୟଙ୍କ ଆଦେଶରେ ଅତିବଡ଼ି ଜଗନ୍ନାଥ ଦାସ ରାଜାଙ୍କୁ ହରିନାମ ତତ୍ତ୍ୱ, ପ୍ରେମ ତତ୍ତ୍ୱ ଓ ଜଗନ୍ନାଥଙ୍କ ଅଙ୍ଗରେ ଏହା ଭେଦାଇ କହିଥିଲେ ।

ଶ୍ରୀ ଚୈତନ୍ୟ ଦେବ କଳି ବେଳକୁବେଳ ବଳସ୍ତାର ହେଉଥିବା ଦେଖି ସ୍ୱଧାମ ନିତ୍ୟ ଗୋଲୋକକୁ ଫେରିଯିବାକୁ ଇଚ୍ଛା କଲେ । ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦେହରେ ଲୀନ ହୋଇଗଲେ ।

ବିଚାର କଲେ ହୃଦସ୍ଥର, ଏ କଳି କାଳ ବଳସ୍ତାର ।
ଥିବାର ଉଚିତ ନୁହଇ, ନିଜ ଧାମକୁ ଯିବି ମୁହିଁ ।
ଏମନ୍ତ ଭାବି ଶ୍ରୀ ଚୈତନ୍ୟ, ଶ୍ରୀ ଜଗନ୍ନାଥ ଅଙ୍ଗେ ଲୀନ ।
ଗୋପନ ହୋଇଲେ ସ୍ୱଦେହ, ଦେଖି କାହାର ଦୃଷ୍ଟି ନୋହେ ।
୭ମ ଅ: ।

ରାଜା ପ୍ରତାପରୁଦ୍ର, ବ୍ରହ୍ମାନନ୍ଦ ସନ୍ନ୍ୟାସୀ, କାଶୀରାମ ବୋଇତଆଳ, ବଳରାମ ଦାସଙ୍କ ସମ୍ବନ୍ଧରେ ମଧ୍ୟ ବର୍ଣ୍ଣନା ଅଛି ।

ଏହିସବୁ ଐତିହାସିକ ପୁରୁଷମାନଙ୍କ ଭିତରୁ ଜୀବ ଗୋସ୍ୱାମୀ ଚୈତନ୍ୟଙ୍କ ଜୀବିତାବସ୍ଥାରେ ଜନ୍ମଗ୍ରହଣ କରି ନ ଥିଲେ । ଦାଶେ ଏହା ଅନ୍ୟଠାରୁ ଭୁଲ ସମ୍ବାଦ ପାଇ ଏପରି ଲେଖିଥିବା ସମ୍ଭବ ।

ଜଗନ୍ନାଥ ଦାସଙ୍କ ଜୀବନୀ ସମ୍ବନ୍ଧରେ ଦିବାକରଙ୍କ ବିବରଣୀ "ଜଗନ୍ନାଥ ଦାସ ପ୍ରସଙ୍ଗରେ" ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି ।

"ଜଗନ୍ନାଥ ଚରିତାମୃତର" ବିଶେଷତ୍ୱ—ଜଗନ୍ନାଥ ଚରିତାମୃତରେ ବିସ୍ତୃତ ଓ ପ୍ରାମାଣିକ ଭାବରେ ଜଗନ୍ନାଥ ଦାସଙ୍କ ଜୀବନୀ ଓ ଅତିବଡ଼ି ସମ୍ପ୍ରଦାୟର ମୌଳିକ ତତ୍ତ୍ୱ ଲେଖି ସେ ଓଡ଼ିଆ ଜୀବନୀ ଲେଖକମାନଙ୍କ ଭିତରେ ସର୍ବପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ତାଙ୍କ ପୂର୍ବରୁ ଅନ୍ୟ କେହି ଏତେ ବଡ ଜୀବନୀ ଗ୍ରନ୍ଥ ଲେଖି ନ ଥିଲେ ।

ଐତିହାସିକ ପୁରୁଷ ଓ ଘଟଣାର ବିବରଣ ପ୍ରାମାଣିକ ଭାବରେ ଏହି ଗ୍ରନ୍ଥରେ ଉପସ୍ଥାପିତ କରିବା ଦ୍ୱାରା ଜୀବନୀ ଓ ତତ୍ତ୍ୱ ବ୍ୟାଖ୍ୟାକୁ ଐତିହାସିକ ଭିତ୍ତି ଉପରେ ପ୍ରତିଷ୍ଠା କରି ସେ ଅଗ୍ରଣୀ ହୋଇଛନ୍ତି ।

ଜଗନ୍ନାଥ ଚରିତାମୃତରେ ବହୁ ଐତିହାସିକ ଘଟଣା ଓ ପୁରୁଷଙ୍କ ଜୀବନୀ ସମ୍ବନ୍ଧରେ କେତେକ ତଥ୍ୟ ଲିପିବଦ୍ଧ ଥିବାରୁ ଏହା ଏକ ଐତିହାସିକ ଉପାଦାନମୂଳକ ଗ୍ରନ୍ଥରୂପେ ବିବେଚିତ ହେବାପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛି ।

ସାହିତ୍ୟିକ କୃତି ହିସାବରେ ଜଗନ୍ନାଥ ଚରିତାମୃତ ବିଶିଷ୍ଟ ସ୍ଥାନ ଅଧିକାର କରୁନଥିଲେ ମଧ୍ୟ ଦିବାକର ଦାଶ ସରଳ ପଦ୍ୟରେ ଜଟିଳ ତତ୍ତ୍ୱ ବ୍ୟାଖ୍ୟା କରିବାରେ କୃତିତ୍ୱ ସହକାରେ ଜଗନ୍ନାଥ ଦାସଙ୍କର ପଦାନୁସରଣ କରିଛନ୍ତି ।

# ଷଷ୍ଠ ପରିଚ୍ଛେଦ

## ଦେବଦୁର୍ଲ୍ଲଭ ଦାସ

'ରହସ୍ୟ ମଞ୍ଜରୀ' କାବ୍ୟର କବି ଦେବଦୁର୍ଲ୍ଲଭ ଦାସଙ୍କ ସମୟ ନିରୂପଣ କରିବା ପାଇଁ ବିଶେଷ ଉପାଦାନ ମିଳୁନାହିଁ । ଖୋର୍ଦ୍ଧା ରାଜା ବୀରକେଶରୀ ଦେବଙ୍କର (ଖ୍ରୀ: ୧୭୩୭—୧୭୯୩) ସେ ସମସାମୟିକ କିମ୍ବା ପୂର୍ବର କବି । ଏହି କେତେକ ଅଭ୍ୟନ୍ତରୀଣ ଉପାଦାନ ଉପରେ ସମୟ ନିର୍ଣ୍ଣୟ ନିର୍ଭର କରୁଛି :—

(୧) ପ୍ରାଚୀ ସମିତି ପ୍ରକାଶିତ 'ରହସ୍ୟ ମଞ୍ଜରୀ' ସମ୍ପାଦନରେ ବ୍ୟବହୃତ ଏକ ପ୍ରାଚୀନ ତାଳପତ୍ର ପୋଥିର ଲେଖା ଶେଷସମୟ "ବୀର କିଶୋର ଦେବ ମହାରାଜଙ୍କ ବିଜେ ଶୁଭ ରାଜ୍ୟେ ସମସ୍ତ ୪୭ ଅଙ୍କ କୁମ୍ଭ ଦି ୨ନ" ଅର୍ଥାତ୍ ଖ୍ରୀ: ୧୭୭୪ ଥିବା ଜଣାଯାଏ । ଅତଏବ ଗ୍ରନ୍ଥଟି ଖ୍ରୀ: ୧୭୭୪ ପୂର୍ବର ଲେଖା ବୋଲି ନିଶ୍ଚିତ ଭାବରେ ଜଣା ଯାଉଛି ।

(୨) ଗ୍ରନ୍ଥର ବିଭିନ୍ନ ଛାନ୍ଦର ରାଗ ନିର୍ଦ୍ଦେଶ ବେଳେ ଏଇ କେତୋଟି ପ୍ରାଚୀନ ଗ୍ରନ୍ଥର 'ବାଣୀ' ଉଲ୍ଲେଖ ଥିବା ଦେଖାଯାଏ ।

(କ) ଦ୍ୱିତୀୟ ଛାନ୍ଦ—ବରାଡ଼ି ରାଗେଣ ଗୀୟତେ । କଳାଶୀ ବାଣୀ ।

(ଖ) ଷଷ୍ଠ ଛାନ୍ଦ—ମଙ୍ଗଳଗୁର୍ଜ୍ଜରୀ ରାଗେଣ ଗୀୟତେ । ରାମବିଭା ପ୍ରଥମ ଛାନ୍ଦ ବାଣୀରେ ଗାଇବ ।

(ଗ) ସପ୍ତମ ଛାନ୍ଦ—ରାଗ ବୈରଖି । ସପନେ ଚେତିଆ ବାଣୀରେ ଗାଇବ ।

(ଘ) ଦଶମ ଛାନ୍ଦ—ରାଗ ଝୁମ୍ପା । ରୂଲାଭଣା ବାଣୀରେ ଗାଇବ ।

ଏଥିରୁ ସ୍ପଷ୍ଟ ଜଣାଯାଉଛି ଯେ କବି ନିଜେ ଏ ବାଣୀଗୁଡ଼ିକର ନିର୍ଦ୍ଦେଶ କରି ଥାଆନ୍ତି, ତାହାହେଲେ କଳସା ଚଉତିଶା (ବଚ୍ଛାଦାସ),

ରାମ ବିଭା (ଅର୍ଜ୍ଜୁନ ଦାସ), ଗୁଳାଭିଣା (ଜଗନ୍ନାଥ ଦାସ) ଲେଖା ହେବା-ପରେ ରହସ୍ୟ ମଞ୍ଜରୀ ଲେଖା ହୋଇଛି । ବଚ୍ଛା ଦାସ ଓ ଅର୍ଜ୍ଜୁନ ଦାସ ଜଗନ୍ନାଥ ଦାସଙ୍କ ପୂର୍ବର କବି । ଅତଏବ ଦେବଦୁର୍ଲ୍ଲଭଙ୍କୁ ଜଗନ୍ନାଥ ଦାସଙ୍କ (୧୬ଶ ଶତାବ୍ଦୀର ପ୍ରଥମ ଅର୍ଦ୍ଧ) ପରବର୍ତ୍ତୀ କବି ବୋଲିବାକୁ ହେବ ।

'ସପନ ଚେଢଆ ବାଣୀ', 'ଚଳଘଣ୍ଟା ଚଢ଼ିଢଣା ବାଣୀ' ଓ 'ଅଜ ବିଲାପ ବାଣୀ' ପ୍ରଭୃତି କେତୋଟି ବାଣୀର ନିର୍ଦ୍ଦେଶ କବି ଦେଇଛନ୍ତି । ଏଗୁଡ଼ିକ କାହାଦ୍ୱାରା ଓ କେବେ ରଚିତ ତାହା ଜଣାଯାଇ ନ ଥିବାରୁ ଏଥି ଉପରେ ନିର୍ଭର କରି ସମୟ ନିର୍ଣ୍ଣୟ କରି ହେଉନାହିଁ । ସମୟ ନିରୂପଣରେ ଏହା ବହୁତ ସାହାଯ୍ୟ କରେ ।

ତେବେ ଏହି ବାଣୀଗୁଡ଼ିକ ପ୍ରାଚୀନ ଗ୍ରନ୍ଥରୁ ନିଆଯାଇଛି । କବି ଷୋଡ଼ଶ ଶତାବ୍ଦୀ ପରର କୌଣସି ଗ୍ରନ୍ଥରୁ ଦୃଶ୍ଟାନ୍ତ ଗ୍ରହଣ କରି ନଥିବାରୁ ସେ ଜଗନ୍ନାଥ ଦାସଙ୍କ ଅଳ୍ପ ସମୟ ପରେ କିମ୍ବା ତାଙ୍କ ସମୟରେ ଜୀବିତ ଥିବା ଅନୁମାନ କରାଯାଇ ପାରେ ।

କବି—'ରହସ୍ୟ ମଞ୍ଜରୀ'ରେ କେତେକ ଛାନ୍ଦର ଶେଷରେ କବି ନିଜର ନାମ ପରିଚୟ ଦେଇଛନ୍ତି ।

(୧) ୧ମ ଛାନ୍ଦ—ସର୍ବ ସୁଖଦାୟିନୀ ଚରଣେ
ଦେବ ନିରନ୍ତରେ ପଶିଲା ଶରଣେ । ଶ୍ରୀ ଜଗନ୍ନାଥ ।

୨ୟ, ୩ୟ, ୫ମ, ୬ଷ୍ଠ, ୭ମ, ୮ମ, ୯ମ, ୧୦ମ, ୧୨ଶ, ୧୩ଶ, ୧୪ଶ, ୧୫ଶ, ୧୬ଶ, ୧୭ଶ, ୧୮ଶ, ୧୯ଶ, ୨୦ଶ, ୨୨ଶ, ୨୪ଶ ଛାନ୍ଦ ମାନଙ୍କରେ 'ଦେବ' ଲେଖା ଅଛି ।

(୨) ୪ର୍ଥ ଛାନ୍ଦ—ସତ୍ୟ ଠାକୁରାଣୀଙ୍କର ସ୍ତବ ଯାହା,
ଦେବ ଦୁର୍ଲ୍ଲଭ ଦାସ ପାଇଲୁ ତାହା । ୩୫ ।
୧୧ଶ ଛାନ୍ଦ—ଶ୍ରୀରାଧା ପଦ ଚରଣେ ନିରନ୍ତରେ ଆଶ,
ଶରଣ ମାଗଇ ଦେବଦୁର୍ଲ୍ଲଭ ଯେ ଦାସ । ୫୦ ।

୨୧ଶ ଛାନ୍ଦ—ଲକ୍ଷ୍ମୀନାରାୟଣ ସୁଖ ସମୁଦ୍ରେ ମଜ୍ଜିଲେ ହେ
କହେ ଦେବଦୁର୍ଲ୍ଲଭ ଯେ ଦାସ ଜ ସନ୍ଥ ହେ । ୭ ।

୨୩ଶ ଛାନ୍ଦ—ଶ୍ରୀ ଜଗନ୍ନାଥଙ୍କର ଶ୍ରୀ ଚରଣରେ ଆଶ,
ନିରନ୍ତରେ ଚନ୍ତେ ଦେବଦୁର୍ଲ୍ଲଭ ଦାସ । ୫୯ ।

୪ର୍ଥ, ୧୧ଶ, ୨୧ଶ, ୨୩ଶ ଛାନ୍ଦ ମାନଙ୍କରେ 'ଦେବଦୁର୍ଲ୍ଲଭ ଦାସ' ଲେଖା ଅଛି ।

କବିଙ୍କ ନାମ ଦେବଦୁର୍ଲ୍ଲଭ ଦାସ । ସଂକ୍ଷେପରେ ନିଜ ନାମକୁ କବି 'ଦେବ' ବୋଲି ଲେଖୁଥିଲେ ।

ରହସ୍ୟ ମଞ୍ଜରୀ ପ୍ରଥମ ଛାନ୍ଦରେ ଦେବଦୁର୍ଲ୍ଲଭ ଦାସ ପ୍ରଥମେ ଶ୍ରୀ ଜଗନ୍ନାଥଙ୍କୁ ଜଣାଣ କରି ଗ୍ରନ୍ଥ ଆରମ୍ଭ କରିଛନ୍ତି । ଶାରଳା ଦାସଙ୍କ ପରି ଦେବଦୁର୍ଲ୍ଲଭ ପୁରୀକୁ ଯମନିକ ତୀର୍ଥ ବୋଲି କହିଛନ୍ତି । ଶ୍ରୀ ଜଗନ୍ନାଥ ବଡ଼ ଦେଉଳରେ ଯୋଗମୁଦ୍ରାରେ ବସିଥିବା ପ୍ରସଙ୍ଗ କବି ଲେଖିଛନ୍ତି ।

ଯମନିକ ନାମେ ତୀର୍ଥ ଆଦ୍ୟ,
ତହିଁ ପରମେଶ୍ୱର ଦେବତା ପ୍ରସିଦ୍ଧ । ୧,୩ ।
ଅଷ୍ଟଦଳ କମଳ କେଶରେ,
ତରେ ମହାଯୋଗ ପୀଠର ଶରୀରେ । ୧,୧୧ ।

ଓଡ଼ିଶାର ବହୁ କବିଙ୍କ ପରି ଜଗନ୍ନାଥଙ୍କୁ କବି ପ୍ରାର୍ଥନା କରିଛନ୍ତି—

ଏବେ ଯା ସ୍ଫୁରୁଛି ମୋର ମନ,
ତାହା କହିବାକୁ ହୁଅ ପ୍ରସନ୍ନ । ୧,୩୩ ।
ରହସ୍ୟ ମଞ୍ଜରୀ ନାମେ ଗୀତ,
ଆଜ୍ଞା ହୋଇଲେ ମୁଁ କରିବି ଉକତ । ୧,୩୫ ।
ଛନ୍ଦବିବିଧ ରସେଣ ଛନ୍ଦ,
ମୋର ହୃଦେ ବିଜେ କରିବା ଗୋବିନ୍ଦ ।୧,୩୬।

ଦ୍ୱିତୀୟ ଛାନ୍ଦରେ ଗ୍ରନ୍ଥର ପ୍ରତିପାଦ୍ୟ ବିଷୟରେ ଉପୋଦ୍‌ଘାତ ହୋଇଛି । ଶ୍ରୀକୃଷ୍ଣ ଦ୍ୱାରକାରେ ସକଳ ଐଶ୍ୱର୍ଯ୍ୟ ଭିତରେ ରହି ମଧ୍ୟ ମନକୁ ସବୁଦେଲେ ବିରସ କରିଛନ୍ତି ଏବଂ ଅଙ୍ଗକୁ ଖିନ୍ନ କରିଛନ୍ତି । ଅନେକ ଦିନ ହେଲା ଏ ଲକ୍ଷଣ କୃଷ୍ଣଙ୍କଠାରେ ଦେଖା ଯାଇଥିଲେ ମଧ୍ୟ କେହି ସାହସ କରି ତାଙ୍କୁ ଏହାର କାରଣ ପଚାରି ପାରୁ ନ ଥିଲେ । କିନ୍ତୁ ଅବସ୍ଥା ଅସମ୍ଭାଳ ହେବାରୁ ରୁକ୍ମଣୀ ଦିନେ 'ଏକାନ୍ତ' କୃଷ୍ଣଙ୍କ ପାଖକୁ ଆସି 'କୋଧେ ଗଦଗଦ' ହୋଇ କୃଷ୍ଣଙ୍କୁ କହୁଛନ୍ତି—

ମାତା ପିତା ଉଗ୍ରସେନ ଉଦ୍ଧବାଦି ଯେତେ,
ସବୁରି ହୃଦରେ ପ୍ରଭୁ ଚିନ୍ତା ଅପ୍ରମିତେ
ଷୋଳସହସ୍ର ଏ ଅଷ୍ଟନାୟିକା ଯୁବତୀ,
ଅଛନ୍ତି ଅନେକ ବାମା ସୁଜାଣ ସୁମତି ।
ସକଳ କାମିନୀଙ୍କ ବିକଳ ଭାବ ଦେଖି,
ଅଇଲି ତୁମ୍ଭଙ୍କୁ ଭୟେ ସଙ୍କୋଚ ଉପେକ୍ଷି ।
କିସ ଅର୍ଥେ ପ୍ରଭୁ ବିରସ ତୁମ୍ଭ ମନ,
କେହୁଣସି ସୁଖକୁ ନ କର ସାବଧାନ ।
ଦ୍ୱାରାବତୀ ଭୁବନେ କେବଣ ସୁଖ ନାହିଁ,
ସର୍ବ ସୁଖ ତେଜି ମନ ରଖାଇଲ କାହିଁ । ୩,୫ ।

ଏଥିରୁ ପ୍ରସଙ୍ଗର ଗୁରୁତ୍ୱ ବେଶ ଜଣା ପଡ଼ୁଛି ।

ତୃତୀୟ ଛାନ୍ଦରେ ଶ୍ରୀକୃଷ୍ଣ ଏହାର ଉତ୍ତରରେ କହୁଛନ୍ତି ଯେ ଦ୍ୱାରକାରେ ତାଙ୍କର କେହି 'ପ୍ରାଣସଖୀ' ନାହାନ୍ତି, ଗୋପପୁରେ କେବଳ ଅଛନ୍ତି । ଦ୍ୱାରକାରେ କେହି ପ୍ରାଣସଖୀ ନ ଥିବାରୁ ତାଙ୍କର ଏ ଦୁର୍ଦ୍ଦଶା ।

କୃଷ୍ଣଙ୍କ କଥାରେ ରୁକ୍ମଣୀ ରାଗିଯାଇ ରାଧା ଓ ଗୋପୀମାନଙ୍କୁ ନିକୃଷ୍ଟ ଧରଣର ସ୍ତ୍ରୀ ବୋଲି ନିନ୍ଦା କଲେ ।

"ଯେତେ ହୋଇଲେ ଗଉଡ଼ୁଣୀ ନାରୀ, ନ ଯୋଗାଉଛନ୍ତି ରାଜକୁମାରୀ ।
ଏହି ତ ମନକୁ ଆସଇ ନାହିଁ, ସେ ପୁଣି ପର ଯୁବତୀ ଅଟଇ ।
ତା କାହିଁ ଭଣବେ,
ସେରନ୍ଧ୍ରୀ ହୋଇ ଙ୍କ ଘର କରବେ । ୩,୧୭।

'ବାଟପ ଯୁବତୀ' କପଟ ଓ କାହିଁକି କୃଷ୍ଣଙ୍କର ମନକୁ ବାନ୍ଧିଛନ୍ତି । ଯେଉଁ ନାରୀମାନେ ଶ୍ରୀକୃଷ୍ଣଙ୍କୁ ଏପରି ମନ'ଇ ପାରିଛନ୍ତି, ସେମାନଙ୍କଠାରୁ ଅନେକ ଶିଖିବାର ଅଛି ଏବଂ ସେମାନେ ଯେ ରୁକ୍ମଣୀଙ୍କର ଅଧିକାରୀ ଏହା ନଜେ ରୁକ୍ମଣୀ ସ୍ୱୀକାର କରିଛନ୍ତି ।

ପ୍ରଭୁଙ୍କ ମନକୁ ବାନ୍ଧିଲ ଯେହୁ, ଆମ୍ଭ ଉପରେ ଅଧିକାରୀ ସେହୁ ।
ତାଙ୍କଠାରୁ ଶିଖି ଶ୍ରୀଅଙ୍ଗ ସେବା, ପ୍ରଭୁ ମନ ତୋଷି ଜାଣିବୁ ଏବା ।
କୃପା କର ତୁମ୍ଭେ,
ତାଙ୍କ ଚରଣେ ଖଟିଥିବୁ ଆମ୍ଭେ । ୩,୧୮ ।

ଏଥିରେ କୃଷ୍ଣ ପ୍ରୀତ ହୋଇ ସବୁ ନାରୀଙ୍କୁ ଆଣିବାକୁ ରୁକ୍ମଣୀଙ୍କୁ କହିଲେ ।

ସମସ୍ତେ ପୁଣି ତ ହୋଇବ ଶ୍ରୋତା, କାହୁଁ ଶୁଣିବ ଆମ୍ଭ ମନ କଥା
ତୁମ୍ଭେହିଁ ତରିବ, ତୁମ୍ଭ ଯୋଗ ଯୋଗୁଁ ଆମ୍ଭ ତାପ ହରିବ । ୩,୨୧।

ଗୋପର ଗୋପୀମାନଙ୍କର ଚରିତ ଶ୍ରବଣ କରି ଦ୍ୱାରକାର ରାଣୀମାନେ 'ତରିବେ'—ଏଥିରୁ ଗୋପର ଗୋପୀ ଓ ଦ୍ୱାରକାର ଅଷ୍ଟ ମହିଷୀମାନଙ୍କ ଭିତରେ ଯେ ପ୍ରଭେଦ ରହିଛି, ତାହା ଅଳ୍ପ କଥାରେ କୃଷ୍ଣ ପରିଷ୍କାର କରି ଦେଇଛନ୍ତି ।

ଗୋପୀ-ଭାବ କୃଷ୍ଣ ପ୍ରାପ୍ତିର ସର୍ବୋତ୍କୃଷ୍ଟ ପନ୍ଥା, ଏହା ଶ୍ରୀକୃଷ୍ଣ ନଜେ ରାଣୀମାନଙ୍କୁ ଏ ଗ୍ରନ୍ଥରେ ବୁଝାଇ ଅଛନ୍ତି ।

ବୋଲନ୍ତି ମାଧବ ଶୁଣ ଯୁବତୀ ରତନ,
ଯେ ଯେଉଁ ବାଞ୍ଛାରେ ମୋତେ କରନ୍ତି ଅର୍ଚ୍ଚନ ଗୋ ।

ସେ ଫଳ ପ୍ରାପତ ତାଙ୍କୁ ଶୁଣସି ମୃଗାକ୍ଷି,
ଏଥି ମଧ୍ୟେ ସନ୍ଧ ମର୍ମ ଭିନ୍ନେ ଅଛି ଗୋ ।
ଏମନ୍ତ ସେବାକୁ କୋଟି ମୁକ୍ତି ଦେଇ ପାରି
ବିନା ଗୋପୀ ଭାବେ ଭକ୍ତି ଦେଇ ତ ନପାରି ଗୋ ।
ସ୍କୃତ ଭକ୍ତି ମଧ୍ୟେ ପ୍ରେମ ଭକ୍ତି ଅଟେ ସାର
ସେ ଭକ୍ତି ଅଟଇ କୋଠ ଗୋପୀ ମାନଙ୍କର ଗୋ ।
ଗୋପୀଙ୍କୁ ଭଜିଲି ଭକ୍ତି ପ୍ରେମ ଭକ୍ତି କହି
ବିନା ପ୍ରେମ ଭକ୍ତିରେ ଦର୍ଶନ ମୋତେ ନାହିଁ ଗୋ । ୭,୨୧,୨୫ ।

ଗୋପୀଙ୍କୁ ପ୍ରସନ୍ନ କଲେ ପ୍ରେମ ଭକ୍ତି ଲାଭ ହୁଏ ଏବଂ ପ୍ରେମ ଭକ୍ତି ଲାଭ ହେଲେ ପୁରୁଷ ସ୍ତ୍ରୀ ପାଲଟିଯାଏ । ସ୍ୱୟଂ ଶ୍ରୀକୃଷ୍ଣ ଏକମାତ୍ର ପୁରୁଷ । ପୁରୁଷ ଅଙ୍ଗ ବହି ତାଙ୍କୁ ଦର୍ଶନ କରିବା ଅସମ୍ଭବ । ନିତ୍ୟ ବୃନ୍ଦାବନରେ ନିତ୍ୟ କୃଷ୍ଣ ନିତ୍ୟ ରାଧାଙ୍କୁ ଆଲିଙ୍ଗନ କରି ରାସ କରୁଛନ୍ତି । ସେଠାରେ ଏକା କୃଷ୍ଣ ପୁରୁଷ, ଆଉ ସମସ୍ତେ ସ୍ତ୍ରୀ । ଏହି ନିତ୍ୟ କୃଷ୍ଣ ଓ ନିତ୍ୟ ରାଧା ସ୍ୱଇଚ୍ଛାରେ ଗୋପରେ ନନ୍ଦ ଘରେ ଓ ବୃଷଭାନୁ ଘରେ ଜନ୍ମଗ୍ରହଣ କଲେ । ଏ ମାନବ-କୃଷ୍ଣ ଓ ମାନବୀ-ରାଧାର ଲୀଳା । ଗୋପୀମାନଙ୍କର ରୂପ ଗୁଣ ବର୍ଣ୍ଣନା, ରାଧାଙ୍କ ଚରିତ ସମର୍ଥନ, ଗୋପୀମାନଙ୍କ ବିରହ, ଗୋପୀମାନଙ୍କର ବିଳାପ ପ୍ରଭୃତି ବଡ଼ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି ।

ଅଷ୍ଟ ରାଣୀଙ୍କର ଗୋପାଙ୍ଗନାମାନଙ୍କ ପ୍ରତି ଈର୍ଷାଭାବ ଯେ କେତେ 'ବାସ୍ତବ, କେତେ ମାନୁଷିକ ତାହା ସପ୍ତମ ଛାନ୍ଦରେ ବଡ଼ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି । ନିଜର ସ୍ୱାମୀ ପରସ୍ତ୍ରୀ ପ୍ରତି ଆକୃଷ୍ଟ ହେବ, ପୁଣି ନିଜ ସମକ୍ଷରେ ସ୍ୱାମୀ ସେହି ସ୍ତ୍ରୀ (ପର)ର ପ୍ରଶଂସା କରିବ, ମନୁଷ୍ୟ ଦେହ ଧାରଣ କରି ସ୍ତ୍ରୀ କିପରି ସହ୍ୟ କରିବ ? ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ, ତାଙ୍କର ଲୀଳା ବିଚିତ୍ର ଓ ଗୂଢ଼ତତ୍ତ୍ୱପୂର୍ଣ୍ଣ ଏହା ସେକ୍ଷଣରେ ଦ୍ୱାରକାର ରାଣୀମାନେ ଭୁଲି-ଯାଇ ବାସ୍ତବ ଜଗତର ସ୍ୱାମୀ-ସ୍ତ୍ରୀ ସମ୍ପର୍କ ଦୃଷ୍ଟିରୁ ସବୁ ଦେଖିଛନ୍ତି । ଏହି ବାସ୍ତବ ସମ୍ପର୍କହିଁ ଅତର୍କିତ, ସ୍ୱାଭାବିକ ଭାବରେ ସେମାନଙ୍କ ଦେହ ଓ ମନ

ଉପରେ ପ୍ରଭାବ ବିସ୍ତାର କରିଛି । ଜମ୍ବୁବତୀ ସତ୍ୟଭାମାଙ୍କୁ ଯେଉଁ ସବୁ ପଦ କହିଛନ୍ତି ସେଗୁଡ଼ିକ ଅମୂଲ୍ୟରତ୍ନ ।

ପ୍ରଭୁଙ୍କ କଥାରେ ସତ୍ୟ          ଏ ସୃଷ୍ଟିରେ ବଡ଼ ନାହିଁ<br>
ଏକା ତାଙ୍କ ଗୋପୀମାନେ ସବୁଠୁଁ ଉଚ୍ଚ,<br>
ମେଘଯାଏ କବଣ ଛାର,<br>
ଏହାଙ୍କ ମନର ମୋହ ବନ୍ଦୀ ମନ୍ଦର ।୨।

କୁଚ ଯୁଗ ଟିଶବର          ବର୍ତ୍ତୁଳ ଘଣ୍ଟ ରୁଚିର<br>
ମନ୍ଦରଧର ବିସ୍ତାର କରିବୁ ଲାଗି,<br>
ଆମ୍ଭର ଫରୁଆ ଉର          ସେ କାହୁଁ ଲାଗିବ କର<br>
ତେଣୁକରି ସଖି ଆମ୍ଭେ ତାଙ୍କୁ ଅଲାଗି ।<br>
ଏବେ ତାଙ୍କ ଶ୍ରୀମୁଖେ ପୁଛ,<br>
ଗୋପକନ୍ୟାମାନେ ଯେବେ ତାଙ୍କ ସରିସ ।୩।

ସେ ଯେବେ ନିତ୍ୟ ବିଳାସୀ          ତାଙ୍କ ଆଜ୍ଞା ପାଇ ଆସି<br>
ଜନମ ଲଭିଲେ ଗୋପ ନଗରେ ଯାଇଁ,<br>
ତେବେ କିପା ବ୍ରଜକାନ୍ତା,          ନିକୁଞ୍ଜ ଜନବନିତା<br>
ହୋଇଣ ଉଚ୍ଛିଷ୍ଟ ଅଙ୍ଗ ପ୍ରଭୁରେ ଦେଇ ।<br>
ଆଜ୍ଞା ଦେଲେ ଶ୍ରୀମୁଖେ ଯାହା ।<br>
ରାଧା ଠାକୁରାଣୀ ତାଙ୍କ ଅର୍ଦ୍ଧାଙ୍ଗ ପ୍ରିୟା ।୪।

ଚନ୍ଦ୍ରସେଣାନାମେ ମୂର୍ଖ          ଅଛି ପୁଣି ଗଉଡ଼େକ<br>
ସେହୁପରି ସେ କନ୍ୟାକୁ ବଶ ହୋଇଛି,<br>
ଦେଖିବାର ଜଳଯାଉ          ଭଣ୍ଡି ଭଲ ଜଣେ କହୁ<br>
ମାତୁଳଙ୍କ ବନିତାକୁ ଭଗ୍ନିକ ଗଛି ।<br>
ମୁଖ ତାଙ୍କ ଟିକ ଦର୍ପଣ,<br>
ଏହାଙ୍କର ମୁଖ ତହିଁ ଦଶେ ଚକ୍‌କଣ ।୫।

ମୃତ୍ତିକା ମୁକୁରେ କାହିଁ    ଚାହିଁଲେ ମୁଖ ଦିଶଇ
ପିତଳ ଚନ୍ଦ୍ରିକା କାହିଁ ଚୁମ୍ବେ ଚକୋର,
ତେଣୁ ପ୍ରାଏ ଆମ୍ଭ ମୁଖ    ଚାହିଁଲେ କି ଯିବ ଦୁଃଖ
ଅଧିକ ହୋଇବ ଶୋକ ଚିନ୍ତା ଅଙ୍କୁର ।
ଗୋପୀ ତାଙ୍କ ପଦ୍ମିନୀ ବନ,
ସେ ସର୍ବେ ନାଥଙ୍କ ଭୃଙ୍ଗ ଯେସନେ ପାନ ।୬।

କେବଣ ବେଶ୍ୟର ସଖୀ    ଯେ ଯେ ମାନେ ଅଛ ଦେଖି
ଏକ ଏକ ଯୁବତୀଙ୍କ ଦୁଦୁରି ଭୁଆ,
ନ ଜାଣିଲ ପ୍ରାୟେ ହୋଇ,    କେତେହେଁ ପ୍ରସ୍ତର ତହିଁ
ସୁସ୍ୱାଦୁ ମଣିଛ ସତୀ ପତିଙ୍କ କଥା ।
ଯାହା ମନ ଯହିଁରେ ରତ,
କୋଟି ସ୍ୱର୍ଗଭୋଗ ତାକୁ କଣ୍ଟକ ମତ ।୭।

ଯେବଣ ବ୍ୟାଧିକି ଯହିଁ    ଔଷଧ ହୋଇଛି ଯିଏ
ସ୍ୱସ୍ଥ ହୋଇ ତାକୁ ତାହା ପିରୋଗ କଲେ,
ଅପ୍ରିୟ ଔଷଧ ଯଦି    ପିରୋଗ କର ଅବଧି
ଅଧିକେ ବଢ଼ଇ ବ୍ୟାଧି ଜାଣ ତ ଭଲେ,
ଗୋପୀ ତାଙ୍କ ବ୍ୟାଧି ସୁପଥ୍ୟ,
ଆମ୍ଭେ ତାଙ୍କ ବ୍ୟାଧିକି ନିଷେଧ କୁପଥ୍ୟ ।୮।

ସହିଁକେ ଅଇଲେ ଲଣ୍ଡି    ଆସିବୁ ବୋଲି ବାହୁଡ଼ି
କଂସ ମାରି ଗୋପକୁ ଲେଉଟି ନଗଲେ,
ଦ୍ୱାରକା ବିଜଏ ଜାଣି    ଆମ୍ଭ ବର୍ତ୍ତମାନ ଶୁଣି
ମନ୍ତ୍ରୀ ମନ୍ତ୍ର ମହୌଷଧି ଉପାଏ କଲେ ।
ଧନ୍ୟରେ ସେ ଗୋପ ତରୁଣୀ,
ଏତେ ସବୁ କଲା ତାଙ୍କ ଲଲାଟ ପାଣି ।୯।

ଜମ୍ବୁବନ୍ତଙ୍କର ଏ ଗାଳି ବର୍ଷଣ କୃଷ୍ଣଙ୍କୁ ବଡ଼ ଆନନ୍ଦ ଦେଲା ଏବଂ କୃଷ୍ଣ କହିଲେ—

'ଏମନ୍ତ ଗାଳି ଯାହାଠାରୁ ଶୁଣି, ଗୋପୀମାନଙ୍କ ପ୍ରାଏ ତାଙ୍କୁ ମଣି ।'
(୮ମ ଛାନ୍ଦ ୩୬ ପଦ)

କୃଷ୍ଣ ନୃତ୍ୟରେ ଦଶଭୁଜ ଧାରଣ କରି ରାଧାଙ୍କ ସହିତ ଯେଉଁ ଲୀଳା ବିହାର କରନ୍ତି ତାହାର ବର୍ଣ୍ଣନା ଅଷ୍ଟମ ଛାନ୍ଦରେ ହୋଇଛି । ରାଧା, ଚନ୍ଦ୍ରସେଣାର ତତ୍ତ୍ୱ ମଧ୍ୟ ଏହି ଛାନ୍ଦରେ କୁହାଯାଇଛି ।

୯ମ ଛାନ୍ଦରେ କବି ଗୋପରେ ଗୋପାଙ୍ଗନାମାନଙ୍କର ବିରହାବସ୍ଥାର ବର୍ଣ୍ଣନା ଆରମ୍ଭ କରିଛନ୍ତି । ରାଧିକା ମାୟା କନ୍ୟାମାନଙ୍କୁ ସୃଷ୍ଟି କରି କୃଷ୍ଣଙ୍କଠାକୁ ପେଶିଲେ । ଏହି କନ୍ୟାମାନେ ଦ୍ୱାରକାରେ କୃଷ୍ଣ ଓ ଅଷ୍ଟରାଣୀଙ୍କ ପାଖରେ ଗୋପରେ ଗୋପାଙ୍ଗନାମାନଙ୍କର ବିରହାବସ୍ଥା ଗଳ୍ପ ଛଳରେ ଗୀତବାଦ୍ୟ ସହିତରେ ବର୍ଣ୍ଣନା କଲେ । ୧୦ମ ଛାନ୍ଦରେ ଗୋପାଙ୍ଗନାମାନଙ୍କର ବିରହ ବଡ଼ କରୁଣପୂର୍ଣ୍ଣ ଭାଷାରେ ବର୍ଣ୍ଣିତ ହୋଇଛି ।

ଚରଣ ଅରୁଣ ରାଜେ, କନକ ନୂପୁର ସାଜେ
କଟି କିଙ୍କିଣୀ-ଘଣ୍ଟି ଠଣରଣ କଙ୍କଣ ଝଙ୍କ ବାଜେ ।
ସଖି ତୁ ଯାଉ କିନା, କହ୍ନାଇ ପାଶକୁ ଯାଉ କି ନା
ରତନ ବସନ ହାର କଙ୍କଣ, ଯାହା ମାଗୁ ତାହା ଦେଉ କି ନା ।୧।

ସଜଳ ଜଳଦ କାନ୍ତି, ନୀଳମଣି ଜିଣି ଭ୍ରାନ୍ତି
ଅମଳ କମଳ ମୁଖ ମଞ୍ଜୁଳ ଅଳିକ ଅଳକା ପନ୍ତି
ଗୋ ଦୂତି ତୁ ଯାଉ କି ନା ।୨।

ଅରୁଣ ଅଧର ରାଜେ, ମୁରଲୀ ମଧୁର ବାଜେ
ନାଶେ ମୋତିବର ଗଗନେ କି ଶୁକ୍ର ଅଧର ପରେ ବିରାଜେ
ଗୋ ସଖି ତୁ ଯାଉ କି ନା । ୩ ।

ଭାଲେ ଚନ୍ଦନର ବିନ୍ଦୁ ନବଘନ ଜଳଦେ ଇନ୍ଦୁ,
ମଣ୍ଡିତ କୁଣ୍ଡଳ ଗଣ୍ଡ ମଣ୍ଡଳ ଚଣ୍ଡ କିରଣ ନିନ୍ଦୁ,
ଗୋ ଦୂତି ତୁ ଯାଉ କି ନା । ୪ ।

କୁଟିଳ କୁନ୍ତଳ ଚୂଳେ ରଞ୍ଜିତ ବିବିଧ ଫୁଲେ,
ବାସେଁ ଝଲମଲ ମୟୂର ପୁଚ୍ଛ ମଉ ମଧୁକର ଭୁଲେ
ଗୋ ଦୂତି ତୁ ଯାଉ କିନା । ୫ ।

ମୋତେ ସଜ କର ସଖି କହ୍ନାଇକି ଯିବି ଦେଖି
ମୁରଲୀ ବଜାଇ ମନ୍ଦ ମନ୍ଦ କରି ଦୂରୁଁ ଠାରୁଥାଇଁ ଆଖି ।
ଗୋ ସଖି ତୁ ଯାଉ କି ନା । ୬ ।

ମୋର ଚରଣେ ଦିଅ ପାହୁଡ଼ ବନେ କରୁଥିବି ଧାଉଡ଼
ପାଦ ରୁଣ ଝୁଣ ଶବଦ ଶୁଣିଣ କହ୍ନାଇ ଆହୁଡ଼ ବାହୁଡ଼ ।
ଗୋ ସଖି ତୁ ଯାଉ କି ନା । ୭ ।

ନେତ ପିନ୍ଧିଆ ମଣ୍ଡା ପଡ଼ିଆ କହ୍ନାଇଁ କି ଯିବି ଲୋଡ଼ିଆ
ଖଞ୍ଜି କରେ ଚୂଡ଼ି ଗୁଞ୍ଜର ବନ୍ଧ ସମନାଥ ଗରଗଡ଼ିଆ ।
ଗୋ ସଖି ତୁ ଯାଉ କି ନା । ୮ ।

କେଶବାସ ପରିବନ୍ଧ ବାହୁଟି ଉପରେ ବାନ୍ଧ
ଶ୍ରବଣେ ଭିଡ଼ ମୋ ଝଲକା ଚନ୍ଦ ଫେରିତା ମୁକ୍ତାବନ୍ଧ ।
ଗୋ ସଖି ତୁ ଯାଉ କି ନା । ୯ ।

ମୁକୁତା ପାଞ୍ଚ ଗୋଟିଆ ଖଞ୍ଜ ମୋ ନାସା ପୁଟିଆ
କହ୍ନାଇଁ ପାଶକୁ ବାଜି ଯାଉଥିବ ଝମକ ଝୁଣ୍ଟିଆ ।
ଗୋ ଦୂତି ତୁ ଯାଉ କି ନା । ୧୦ ।

୧୧,୧୨,୧୩. ଛାନ୍ଦରେ ଗୋପୀମାନଙ୍କର ବିରହ ବର୍ଣ୍ଣନାର କ୍ରମ ଚାଲିଛି । ମାତ୍ର କନ୍ୟାମାନଙ୍କର ଅନ୍ତର୍ଦ୍ଧାନ ପରେ ଚଉତ ପୁନଶ୍ଚ ରୀତିରେ

କୃଷ୍ଣ ଅଷ୍ଟରାଣୀଙ୍କୁ ସଙ୍ଗରେ ଧରି ଗରୁଡ଼ ପିଠିରେ ବସି ରାଧାଙ୍କୁ ଦେଖିବାପାଇଁ ଦ୍ୱାରକାରୁ ବାହାରିଲେ । ସେହି ରାତିରେ ଗୋପରେ ପହଞ୍ଚି ରାଧାଙ୍କ ସହିତ ବିହାର କଲେ । ଅଷ୍ଟରାଣୀ ଆଡ଼ୁଆଳରେ ରହି ପ୍ରଭୁଙ୍କ ବିହାର-ଲୀଳା ଦେଖି ଧନ୍ୟ ମଣିଲେ । ରାଧା-କୃଷ୍ଣଙ୍କ ସେବାରେ କିଛିକ୍ଷଣ ରହି ରାଣୀମାନେ ରାଧାଙ୍କୁ ସମ୍ମାନ କଲେ । ସେହି ରାତିରେ ଦ୍ୱାରକା ଫେରିଲେ । ୧୩ଶ ଛାନ୍ଦର ଶେଷ ଅଂଶଠାରୁ ୨୦ଶ ଛାନ୍ଦର ଶେଷ ପର୍ଯ୍ୟନ୍ତ ଏ ବିଷୟ ବର୍ଣ୍ଣିତ ହୋଇଛି । ୨୧ଶ ଛାନ୍ଦରେ ରାଧାଙ୍କୁ ଦେଖିବା ପରେ ମଧ୍ୟ ରୁକ୍ମିଣୀ ପ୍ରମୁଖ ରାଣୀମାନଙ୍କର କ୍ରୋଧ ଯାଇ ନଥିବା କଥା ପ୍ରକାଶ ପାଇଛି । ଦିନେ କୃଷ୍ଣଙ୍କୁ ରୁକ୍ମିଣୀ ଅଭିମାନରେ କହିଲେ—

ଅତି ଅଗ୍ରାଜନ ଆମ୍ଭେ ଅଯୋଗ୍ୟ ଯୁବତୀ ହେ
ହସ୍ତ ଅଗ୍ରେ ଛୁଇଁ ନ ଯୋଗାଇ ।...୩ ।
ଅଳଗ ସେବକୀ ଆମ୍ଭେ ବଳଗେ ସେବା ନୁହେ
ନ ଛୁଇଁବୁ ନିଜ ଶେଯବାସ । ...୪ ।

କୃଷ୍ଣ ରୁକ୍ମିଣୀଙ୍କୁ ପ୍ରବୋଧ କରି କହିଲେ--

ତୁମ୍ଭ ଆମ୍ଭ ରାଧା ତିନି ଭିନ୍ନାଭିନ୍ନ ନାହିଁ ଗୋ
ରତି ପ୍ରୀତି ଶ୍ରୁତି ଏକ ଦେହ ।
ତୁମ୍ଭେ ରତି ରାଧା ପ୍ରୀତି ଆମ୍ଭେ ଶ୍ରୁତି ଜାଣ ଗୋ । ୧ ।

୨୨ଶ ଓ ୨୩ଶ ଛାନ୍ଦରେ କୃଷ୍ଣ ରୁକ୍ମିଣୀଙ୍କୁ ସାଙ୍ଗରେ ଧରି ନିତ୍ୟଧାମ ଦେଖିବାକୁ ଗଲେ । ଜଳପୁର, ଅନଳପୁର, ତିମିରପୁର, ମନେ ମୟପୁର, ଅହଙ୍କାରମୟପୁର ପାର ହେବା ପରେ ପ୍ରକୃତି ମଣ୍ଡଳରେ ପ୍ରବେଶ ହୋଇ ଆଦ୍ୟମାୟା ନିକଟରେ ପ୍ରବେଶ ହେଲେ । ସେଠାରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣୀ ଦୁର୍ଗାଙ୍କୁ ଦର୍ଶନ କଲେ । ସେଠାରୁ ଯାଇ ବେଦମାତାଙ୍କ ପୁରରେ ବିରଜା, ଶିବପୁରରେ ଶିବ ପ୍ରଭୃତିଙ୍କୁ ଦର୍ଶନ କଲେ । ଅନେକ ପୁରୀ ଦେଖିବା ପରେ ବିଭୂତିମଣ୍ଡଳ, ଅନନ୍ତଭୁବନ, ଗରୁଡ଼ଭୁବନ ଅର୍ଥାତ୍ ବୈକୁଣ୍ଠରେ

ପ୍ରବେଶ ହେଲେ । ଆଦି ରାଧା, ଆଦି କୃଷ୍ଣ, ଆଦି ରୁକ୍ମଣୀଙ୍କ ସ୍ଥାନ ମଧ୍ୟ ଦର୍ଶନ କଲେ । ଆଦି ରାଧାଙ୍କୁ ଦର୍ଶନ କରିବାପାଇଁ ଯାଉଥିବା ବେଳେ ବାଟରେ ତ୍ରିପୁରେଶ୍ୱରୀଙ୍କ ଦ୍ୱାରା ଅଟକ ହେଲେ । ସଙ୍ଗରେ ରମଣୀ ଥିବାରୁ କୃଷ୍ଣଙ୍କୁ ବାଟ ଛାଡ଼ିଲେ ନାହିଁ । ରୁକ୍ମଣୀଙ୍କୁ ମନ୍ତ୍ରସିଦ୍ଧା କରି ତ୍ରିପୁରେଶ୍ୱରୀ ଅନ୍ତର୍ଦ୍ଧାନ ହେଲେ । ରୁକ୍ମଣୀଙ୍କ ଚିତ୍ତ ଶୁଦ୍ଧ ହେଲା ।

ଏତେ କହି ଅନ୍ତର୍ଦ୍ଧାନ ହୋଇଲେ ମାତ
ଫିଟିଲା ସକଳ ସନ୍ଧି ରୁକ୍ମଣୀ ଚିତ୍ତ । ୬୬ ।
ପ୍ରାଣନ୍ତରୁ ପଲ୍ଲବିଲା ରମଣୀ ମଣି
ମୁଖପୁରେ ବରଷିଲା ଅମୃତ ପାଣି । ୬୭ ।

ଏହାପରେ କୃଷ୍ଣ ଓ ରୁକ୍ମଣୀ ଫେରିଲେ ।

୨୪ଶ ଛାନ୍ଦରେ କୃଷ୍ଣ-ରୁକ୍ମଣୀଙ୍କ ଅନୁପସ୍ଥିତିରେ ଦ୍ୱାରକାରେ ରାଣୀମାନଙ୍କ ଭିତରେ ଆଶଙ୍କା ଓ ସନ୍ଦେହ ଜାତ ହେଲା । କୃଷ୍ଣ ଫେରି ଆସିବାରୁ ଦୁଃଖ ଗଲା ।

ଦେବଦୁର୍ଲ୍ଲଭ ଦାସ ରହସ୍ୟ ମଞ୍ଜରୀରେ କୃଷ୍ଣଙ୍କୁ ନାୟକ ଓ ରୁକ୍ମଣୀଙ୍କୁ ପ୍ରଧାନ ନାୟିକା ରୂପରେ ଲେଖିଛନ୍ତି ।

କୃଷ୍ଣଙ୍କର ଦ୍ୱାରକା ଲୀଳାପରେ ପୁନର୍ବାର ଗୋପବାଳାମାନଙ୍କ ସହିତ ମିଳନ, ଅଷ୍ଟରାଣୀଙ୍କୁ ସାଙ୍ଗରେ ନେଇ ଗୋପରେ ଗୋପଲୀଳା ଦର୍ଶନ ବିଷୟ, ରୁକ୍ମଣୀଙ୍କୁ ନେଇ ନୃତ୍ୟସ୍ଥଳ ଦର୍ଶନ ମାନସରେ ଯିବା ପ୍ରଭୃତି ବିଷୟ କବି ବ୍ରହ୍ମବୈବର୍ତ୍ତ ଓ ବିଷ୍ଣୁପୁରାଣ, କୃଷ୍ଣଯାମଳ, ବିଷ୍ଣୁଯାମଳ, ଅଥର୍ବବେଦ ପ୍ରଭୃତି କେତେକ ପୁରାଣରୁ ଓ ଆଉ କେତେକ ନିଜର କଳ୍ପନାରୁ ଲେଖିଛନ୍ତି ।

ପାଠମାନେ ଯେବେ ଅନ୍ୟ କରି କହିଥାନ୍ତେ
ମହିମା ଅନନ୍ତ ବୋଲି କର୍ତ୍ତା ଲେଖିଥାନ୍ତେ । ୨୭ ।
ଯେ ଯେତେ କହିଲା ତାର କେତେକ ପ୍ରମାଣ
ଏତେ ଏତେ ବୋଲି ତଥ୍ୟ କେକେ ମାନେ ଜାଣ ।

୨୮, ୨୪ଶ ଛାନ୍ଦ ।

କୃଷ୍ଣଙ୍କ ମହିମା ଅନନ୍ତ ଥିବାରୁ ପୂର୍ବ ଗ୍ରନ୍ଥମାନଙ୍କରେ କୃଷ୍ଣ ଲୀଳା ପ୍ରସଙ୍ଗର ବର୍ଣ୍ଣନା କେହି ଶେଷ କରିପାରି ନାହାନ୍ତି । ଯେ ଯେତେ ଲେଖିଲେ ମଧ୍ୟ ଶେଷ ହେବାର ନୁହେଁ, ଯେ ଯେତେ ଲେଖିଲା ତାହାହିଁ ତାର ପ୍ରମାଣ,— ଏ ଯୁକ୍ତି ଉପରେ ନିର୍ଭର କରି କବି ତାଙ୍କର କଳ୍ପନା ବଳରେ କୃଷ୍ଣ ଲୀଳାର ବର୍ଣ୍ଣନା କରି ଅଛନ୍ତି ।

ଏଥିରେ ଆଦି ପୁରାଣର ଗୋପୀପ୍ରେମମାହାତ୍ମ୍ୟ, କୃଷ୍ଣଯାମଳ, ବିଷ୍ଣୁଯାମଳ, ଅଥବା ବେଦରୁ କବି ତଥ୍ୟ ସଂଗ୍ରହ ମଧ୍ୟ କରିଥିବା କଥା ଗ୍ରନ୍ଥରେ ଲେଖିଛନ୍ତି ।

(୧) ରାଧା ସାରୁଙ୍କା, ରାଜ୍ୟଶ୍ରୀ ରୁକ୍ମିଣୀ
ଯାହା କହୁଛୁ ବେଦ ଅର୍ଥବାଣୀ । ୫-୯ ।
(୨) ଗୋପୀପ୍ରେମମାହାତ୍ମ୍ୟ ନାମେ ପାଠ,
ଆଦି ପୁରାଣ ବାଣୀ ମଧ୍ୟେ ଶ୍ରେଷ୍ଠ । ୫-୧୭ ।

(୩) କୃଷ୍ଣଯାମଳେ ଏହା କହିଅଛୁ,
କୃଷ୍ଣ ପ୍ରାପ୍ତେ ମଣି ରାଧା ମୁଗାଛୁ । ୧-୫ ।
(୪) ବିଷ୍ଣୁଯାମଳେ ବ୍ରହ୍ମା ନାରଦଙ୍କୁ
କବିତ୍ୱ ସୁଖ କହିଲେ ତାହାଙ୍କୁ । ୮-୩୮ ।

ରହସ୍ୟ ମଞ୍ଜରୀର ମୂଳ ବିଷୟ ସହିତ କେତେକ ଅଂଶରେ ଅଚ୍ୟୁତାନନ୍ଦଙ୍କ ଶୂନ୍ୟସଂହିତାର ରାସ ଲୀଳା ଓ ଦୀନକୃଷ୍ଣ ଦାସଙ୍କ ଗୋଲକ-ଲୀଳାର ସାମଞ୍ଜସ୍ୟ ଥିବାର ଦେଖାଯାଏ । କବି କୌଣସି 'ପନ୍ଥା'ର ନିର୍ଦ୍ଦିଷ୍ଟ ପ୍ରାମାଣିକ ଗ୍ରନ୍ଥ ଉପରେ ଏକାନ୍ତ ଭାବରେ ନିର୍ଭର କରି ନଥିବାରୁ ବିଷୟ-ବସ୍ତୁରେ ତାଙ୍କର ସ୍ୱାତନ୍ତ୍ର୍ୟ ରହିଛି ।

କବିଙ୍କ ଭାଷା ଅତି ମଧୁର । ପଦଲାଳିତ୍ୟ ଏ କାବ୍ୟର ଏକ ପ୍ରଧାନ ବିଶେଷତ୍ୱ । ପ୍ରତ୍ୟେକ ଛାନ୍ଦରେ ଏହାର ଉଦାହରଣ ରହିଛି ।

ବର୍ଣ୍ଣନାର ମାଧୁରୀ ପ୍ରତ୍ୟେକ ଛାନ୍ଦରେ ଦେଖାଯାଏ । ପ୍ରାକୃତିକ ବର୍ଣ୍ଣନା, ଋତୁ ବର୍ଣ୍ଣନା, ଘଟଣା ବର୍ଣ୍ଣନା, ଏପରି ବହୁବିଧ ବର୍ଣ୍ଣନାରେ କବିଙ୍କର ସିଦ୍ଧ-ହସ୍ତତା ଦେଖି ଯାଉଛୁ । ୧୭ଶ ଛାନ୍ଦରେ ଋତୁ, ୧୯ଶରେ ରାସ ଲୀଳା, ୧୮ଶ ଛାନ୍ଦରେ ଗୋପୀମାନଙ୍କ ପୁଷ୍ପଚୟନ, ଅଷ୍ଟ ରାଣୀଙ୍କର ମାନ, ଗୋପୀମାନଙ୍କର ବିରହ ପ୍ରଭୃତି ବର୍ଣ୍ଣନା ସ୍ଥଳରେ କବିଙ୍କର ପ୍ରତିଭା ଉତ୍ତମ ରୂପେ ପ୍ରକାଶ ପାଇଛି ।

ଦେବଦୁର୍ଲ୍ଲଭ ନିମ୍ନଲିଖିତ କେତୋଟି ପ୍ରାଚୀନ ଶବ୍ଦ ବ୍ୟବହାର କରିଛନ୍ତି ।

ସରୁନ୍ତ— ବୋଲନ୍ତି ଲୋ ଦାସୀ ଯାଅ,
ସରୁନ୍ତ ବେଶ କରାଅ । ...୪,୩ ।
ନିଚଶ୍ୱେ, ମୁହାଁସ—ଏକମାନ ମୋର କାନ୍ତ ନଇଲେ ମୋ ପାଶ,
ନିଚଶ୍ୱେ ଜାଣିଲି ମୋର ତେଜିଲେ ମୁହାଁସ । ୧୬-୭ ।

ଭଣ୍ଡାନ୍ତ— ଘର କରୁଛନ୍ତି ଭଣ୍ଡାନ୍ତ ଘେନି
ଦାଣ୍ଡ ଗୁଆଳ ବିଟପ କାମିନୀ । ୩,୧୫ ।
ସିସ— ଗାବନ୍ତି ଗାୟେଣୀ ସିସ ଗାବନ୍ତି ଯେ ଯାହା
ହସ୍ତ ପଦ ଘେନି ବାଣ୍ଟି ଦେଖାବନ୍ତି ତାହା । ୧୧,୫ ।

ମୋହମାନ— ମୋହମାନ ହୋଇ ଯୁବତୀ...... । ୭,୧୧ ।

ଅଲକ୍ଷ ( ଅନ୍ତରୀକ୍ଷ ), ସାରଖ ( ସଦୃଶ ), ସାଷ୍ଟମ ( ସୂକ୍ଷ୍ମ ), ବିସରଲେ (ବିସ୍ମରିଲେ) ପ୍ରଭୃତି ଶବ୍ଦର ପ୍ରୟୋଗମାନ ଦେଖାଯାଏ ।

# ଦ୍ୱିତୀୟ ଅଧ୍ୟାୟ

## ମୁସଲମାନ ଯୁଗ (ଖ୍ରୀ: ୧୫୬୮-୧୭୫୧)

## (କ) ଦିବ୍ୟସିଂହ ପୂର୍ବଯୁଗ ବା ଧନଞ୍ଜୟଯୁଗ

## (ଖ୍ରୀ: ୧୫୬୮-୧୭୦୧)

## ପ୍ରଥମ ପରିଚ୍ଛେଦ

### ଯୁଗ ପରିଚୟ

ଓଡ଼ିଶାରେ ସୂର୍ଯ୍ୟବଂଶୀୟ ମହାରାଜା ପ୍ରତାପରୁଦ୍ରଙ୍କ ରାଜତ୍ୱର ଅବସାନ ପରେ ଓଡ଼ିଶା ସାମ୍ରାଜ୍ୟର ରାଜନୈତିକ କ୍ଷେତ୍ରରେ ଯେଉଁ ଅସ୍ଥିରତା ଦେଖା ଦେଇଥିଲା ତାହା ରାଜ୍ୟର ପ୍ରାୟ ସବୁ କ୍ଷେତ୍ରରେ ପ୍ରଭାବ ପକାଇଥିଲା । ମୁଖ୍ୟତଃ, ଉପକୂଳ ଅଞ୍ଚଳମାନଙ୍କରେ ରାଜନୈତିକ ଅଶାନ୍ତିର ବିଷମୟ ପ୍ରଭାବ ପଡ଼ିଥିଲା । ପଶ୍ଚିମ, ଦକ୍ଷିଣ ଓ ଉତ୍ତରର ପାର୍ବତ୍ୟ ଅଞ୍ଚଳ ଅର୍ଥାତ୍ ଗଡ଼ଜାତଗୁଡ଼ିକ ପ୍ରାୟ ଏଥିରୁ ମୁକ୍ତ ଥିଲା କହିଲେ ଚଳେ । ଅନ୍ତର୍ବିବାଦ ଦେଶକୁ ଛାରଖାର କରି ଦେଇଥିଲା । ପ୍ରତାପରୁଦ୍ରଙ୍କ ପରେ ଚାଳୁକ୍ୟ ବଂଶୀୟ ମୁକୁନ୍ଦଦେବ ସାମ୍ରାଜ୍ୟରେ ଶାନ୍ତିସ୍ଥାପନ କରିବାପାଇଁ ପ୍ରବଳ ଉଦ୍ୟମ କରି ସଫଳକାମ ହୋଇପାରିଥିଲେ । କିନ୍ତୁ ଗୃହବିବାଦ ପୁଣି ମୁଣ୍ଡ ଟେକିବାରୁ ଅଶାନ୍ତି ପୁଣି ଦେଖାଦେଲା; ଫଳରେ ଓଡ଼ିଶା ସ୍ୱାଧୀନତା ହରାଇ ମୋଗଲ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହୋଇଗଲା ।

ପ୍ରତାପରୁଦ୍ରଙ୍କଠାରୁ ମୁକୁନ୍ଦଦେବଙ୍କ ରାଜତ୍ୱର ଆରମ୍ଭ ପର୍ଯ୍ୟନ୍ତ ଅର୍ଥାତ୍ ଖ୍ରୀ: ୧୫୩୫ ଠାରୁ ଖ୍ରୀ: ୧୫୫୯ ଏହି ପ୍ରାୟ ପଚଶବର୍ଷ ଭିତରେ ରାଜନୈତିକ ଅସ୍ଥିରତା ଯୋଗୁଁ ସାହିତ୍ୟିକ ଓ କବିମାନେ ରାଷ୍ଟ୍ର କର୍ତ୍ତୃପକ୍ଷଙ୍କଠାରୁ ଉପଯୁକ୍ତ ଉତ୍ସାହ ପାଇ ନଥିବାହିଁ ସମ୍ଭବ । ମୁକୁନ୍ଦଦେବଙ୍କ ରାଜତ୍ୱ ଅଳ୍ପ ସମୟ ଖ୍ରୀ: ୧୫୫୯-୧୫୬୮ ଏହି ଦଶବର୍ଷ ଭିତରେ ଶେଷ ହେବାରୁ ସେ ରାଜ୍ୟର ସବୁ କ୍ଷେତ୍ରରେ ଉନ୍ନତି କରିବାପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଶେଷ କିଛି ହୋଇ ପାରିନାହିଁ ।

ଏହି ଅସୁବିଧା ସତ୍ତ୍ୱେ ଗଡ଼ଜାତ ଓ ଜମିଦାରୀରେ ବାସ କରୁଥିବା କବି, ଦାର୍ଶନିକ ଓ ସାହିତ୍ୟିକମାନେ ରାଜା ଜମିଦାରମାନଙ୍କଠାରୁ ପୃଷ୍ଠପୋଷକତା ଲାଭ କରୁଥିଲେ । କେତେକ କବି ଓ ଲେଖକ ମଧ୍ୟ ସ୍ୱାବଲମ୍ବୀ ହୋଇ ଗ୍ରନ୍ଥ ରଚନା କରି ଓଡ଼ିଶାର ସାହିତ୍ୟ ଓ ସଂସ୍କୃତିକୁ ଉନ୍ନତ କରିପାରିଛନ୍ତି ।

ମୁକୁନ୍ଦଦେବଙ୍କ ମୃତ୍ୟୁ ପରେ ଓଡ଼ିଶା ସ୍ୱାଧୀନତା ହରାଇଲା । ମୋଗଲ-ମାନେ ଓଡ଼ିଶାରେ ରାଜତ୍ୱ ପ୍ରତିଷ୍ଠା କଲେ । ମୋଗଲ ଶାସନାଧୀନରେ ଓଡ଼ିଶାର ରାଜ ଶାସକମାନେ ଓଡ଼ିଶାର ସଂସ୍କୃତି ଓ ସାହିତ୍ୟର ଉନ୍ନତିପାଇଁ ଯଥେଷ୍ଟ ବାତାବରଣ ସୃଷ୍ଟି କରିନଥିଲେ । ଆକବର, ଜାହାଙ୍ଗିର, ଶାହାଜାହାନଙ୍କ ରାଜତ୍ୱରେ ଶିକ୍ଷା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ଯଥୋଚିତ ପୃଷ୍ଠପୋଷକତାର ଅଭାବ ନଥିଲେ ମଧ୍ୟ ଦେଶର ଗଡ଼ଜାତ ରାଜା, ଜମିଦାର ଓ ବିଶେଷତଃ ଖୋର୍ଦ୍ଧାର 'ଓଡ଼ିଶା ରାଜା'ହିଁ ପ୍ରଧାନ ଆଶ୍ରୟ ସ୍ଥଳ ଥିଲେ ।

ଗଙ୍ଗ ଓ ସୂର୍ଯ୍ୟବଂଶ ରାଜାମାନଙ୍କ ରାଜତ୍ୱରେ ଯେଉଁ ସମ୍ମାନଜନକ ବର୍ଦ୍ଧମାନ ସାଂସ୍କୃତିକ ଧାରା ପ୍ରବାହିତ ହେଉଥିଲା ତାହା ରାଷ୍ଟ୍ରର ଯଥୋଚିତ ଉତ୍ସାହର ଅଭାବ ସତ୍ତ୍ୱେ ଲୋପ ପାଇ ଯାଇ ନ ଥିଲା । ସଂସ୍କୃତ ଓ ଓଡ଼ିଆ ଭାଷାରେ ବହୁ ଉପାଦେୟ ଗ୍ରନ୍ଥ ରଚିତ ହୋଇଥିଲା ।

ମୋଗଲ ରାଜତ୍ୱ କାଳରେ ସାହିତ୍ୟ କ୍ଷେତ୍ରରେ ଧନଞ୍ଜୟ ଭଞ୍ଜଙ୍କ ଆବିର୍ଭାବ ଏକ ପ୍ରଧାନ ଘଟଣା । କାବ୍ୟ ରଚନାରେ ସେ ଯେଉଁ ଶୈଳୀ ପ୍ରଦର୍ଶନ କରିଥିଲେ ତାହା ପରବର୍ତ୍ତୀ ବହୁ କବି ଅନୁସରଣ କରିଛନ୍ତି । ଉପେନ୍ଦ୍ର ଭଞ୍ଜଙ୍କ ଆବିର୍ଭାବ ପରେ କବିମାନେ ତାଙ୍କୁ ( ଉପେନ୍ଦ୍ରଙ୍କୁ ) ଆଦର୍ଶ ରୂପେ ଗ୍ରହଣ କଲେ ।

ମୋଗଲ ରାଜତ୍ୱରେ ସାହିତ୍ୟର ଇତିହାସକୁ କାଳ ଅନୁସାରେ ଦିବ୍ୟସିଂହ ପୂର୍ବଯୁଗ ବା ଧନଞ୍ଜୟ ଯୁଗ ବୋଲି କୁହାଯାଇପାରେ ।

---

# ଦ୍ୱିତୀୟ ପରିଚ୍ଛେଦ

## ଦ୍ୱାରକା ଦାସ

ପ୍ରତାପରୁଦ୍ରୀୟ ଯୁଗର ପଞ୍ଚସଖା-ବଳରାମ ଦାସଙ୍କ ଅସମ୍ପୂର୍ଣ୍ଣ ଛତିଶ ଗୁପ୍ତଗୀତାକୁ ସମ୍ପୂର୍ଣ୍ଣ କରି ଦ୍ୱାରକା ଦାସ 'ବଳରାମ ଦାସ' ନାମରେ ଭଣିତା କରିଛନ୍ତି । ପଞ୍ଚସଖା-ବଳରାମଙ୍କ ଗ୍ରନ୍ଥର ନାମ 'ଗୁପ୍ତଗୀତା' । ବଳରାମ ଯେଉଁ ବିଷୟ ଗୁପ୍ତଗୀତାରେ ପ୍ରକାଶ କରିଛନ୍ତି ତାହା ଅସମ୍ପୂର୍ଣ୍ଣ ଥିବା ମନେ କରି ଦ୍ୱାରକା ଦାସ ବିଷୟର ବହୁଳ ଚର୍ଚ୍ଚା ଲକ୍ଷ୍ୟରେ ଅଧିକ ୩୫ ଅଧ୍ୟାୟ ଯୋଗ କରି ମୋଟରେ ୩୬ ଅଧ୍ୟାୟ କଲେ ଏବଂ ଅଧ୍ୟାୟର ସଂଖ୍ୟାକୁ ସମନ୍ୱୟ କରି ପରିବର୍ଦ୍ଧିତ ଗୁପ୍ତଗୀତାକୁ 'ଛତିଶ ଗୁପ୍ତଗୀତା' ବୋଲି ନାମ ଦେଲେ ।

ଏପରି ଅନ୍ୟ ନାମରେ ଭଣିତା କରିଥିବା ଦୃଷ୍ଟାନ୍ତ ଓଡ଼ିଆ ସାହିତ୍ୟରେ ବିରଳ ନୁହେଁ । ଭାଗବତର 'ଦ୍ୱାଦଶସ୍କନ୍ଧ'କୁ ମହାଦେବ ଦାସ ରଚନା କରି ଭାଗବତ ରଚୟିତା ଜଗନ୍ନାଥ ଦାସଙ୍କ ନାମରେ ଭଣିତା କରିଛନ୍ତି । ପୂର୍ବ ସୂରୀଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଓ ତାଙ୍କର ନାମର ପ୍ରଭାବ ଏହି ଉପାୟର ପ୍ରଧାନ ଲକ୍ଷ୍ୟ । ପ୍ରତିପାଦିତ ବିଷୟର ବହୁଳ ପ୍ରଚାର ଏହାଦ୍ୱାରା ସାଧିତ ହେବାର

ସମ୍ଭାବନା ଥିବାରୁ ଦ୍ୱାରିକାନାଥ ଦାସ ଏପରି ଉପାୟ ଅବଲମ୍ବନ କରିଥିଲେ । ସେ ନିଜ ନାମକୁ ଗୁପ୍ତ କରିନାହାନ୍ତି, ଏହାହିଁ ତାଙ୍କର ବିଶେଷତ୍ୱ । ମହାଦେବ ଦାସ ମଧ୍ୟ ନିଜ ନାମକୁ ଗୁପ୍ତ ରଖିନାହାନ୍ତି । ପରବର୍ତ୍ତୀ ସମୟରେ ଲୋକନାଥ ବିଦ୍ୟାଧର, ବଳଦେବ କବିସୂର୍ଯ୍ୟ ପ୍ରଭୃତି କେତେକ ବିଖ୍ୟାତ କବି ଏହି ପନ୍ଥା ଅବଲମ୍ବନ କରିଛନ୍ତି । ପୃଷ୍ଠପୋଷକତାର ସ୍ଥାୟିତ୍ୱ ଓ ଉପାକାରୀ ପ୍ରତି କୃତଜ୍ଞତା ପ୍ରକାଶ, ଏ ଉଭୟ ଏଥିରେ ରକ୍ଷା କରିବା ଲକ୍ଷ୍ୟ ଥିଲା ।

ଶ୍ରୀ ମଧୁସୂଦନ ଦାସ 'ଗୁପ୍ତଗୀତା ଓ ବଳରାମ ଦାସ' ପ୍ରବନ୍ଧରେ (ଉତ୍କଳ ସାହିତ୍ୟ, ୧୭ଶ ଭାଗ, ୧ମ ସଂଖ୍ୟା) ପଞ୍ଚସଖାର ବଳରାମ ଦାସଙ୍କୁ 'ବୃଦ୍ଧ ବଳରାମ ଦାସ' ଓ ଦ୍ୱିତୀୟ ବଳରାମ ଦାସଙ୍କୁ 'ତରୁଣ ବଳରାମ' ବୋଲି ପରିଚୟ କରାଇଛନ୍ତି । ମଧୁସୂଦନ ବାବୁଙ୍କ ନାମକରଣ ଅପେକ୍ଷା 'ବଳରାମ ପ୍ରଥମ' ଓ 'ବଳରାମ ଦ୍ୱିତୀୟ' ଏପରି ଲେଖିବା ସୁବିଧାଜନକ ହେବ ।

ଦ୍ୱାରିକା ଦାସ ନିଜକୁ ବଳରାମ ଦାସଙ୍କ ଅବତାର ବୋଲି ପରିଚିତ କରାଇ ଲେଖିଛନ୍ତି—

ଦ୍ୱାପରରେ କୃଷ୍ଣଙ୍କ ପୌତ୍ର ଅନିରୁଦ୍ଧ କଳିରେ ମହାରାଜା ପ୍ରତାପରୁଦ୍ରଙ୍କ ସମୟରେ ମହାରାଜାଙ୍କ ପାତ୍ର ସୋମନାଥ ମହାପାତ୍ରଙ୍କର ପୁତ୍ରରୂପେ ଜନ୍ମ ହେବେ ଏବଂ ତାଙ୍କ ନାମ ବଳରାମ ହେବ । କୃଷ୍ଣ-ଅର୍ଜୁନ ସମ୍ବାଦ ଛଳରେ କବି କହୁଛନ୍ତି—

ପ୍ରତାପରୁଦ୍ର ନାମେ ହେବ ରାୟ, କହଇ ତୋତେ ସେ କଳି ସମୟ ।
ସୋମନାଥ ନାମେ ପାତ୍ର ତାହାର, ଅନିରୁଦ୍ଧ ହେବ ତାହାର ଘର ।
ଯମୁନା ନାମେ ଭାରିଯା ତାହାର, ଅନିରୁଦ୍ଧ ହେବ ତାର କୁମର ।
ତାହାର ନାମ ବଳରାମ ଦାସ, ଗୁପତଗୀତା ଅଧ୍ୟାୟେ ପ୍ରକାଶ ।
ସେ ବଳରାମ ଗୋପ୍ୟକରି ଅଧ୍ୟାୟେ କହିଯିବେ ମହି ।

ସେ ପୁଣି ମୁକୁନ୍ଦଦେବ ଦ୍ୱି ଅଙ୍କେ, ବଳରାମ ଦାସ ଜନମେ ଲୋକେ ।
ରାମ ଦାସ ଯେ ହେବ ଶୂଦ୍ରଜାତ, ବୈଷ୍ଣବ ପଣେ ନିର୍ଗୁଣ ଅତ ।
ତହିଁ ବଳରାମ ଦାସ ଜନମ, ତାହାର ହୋଇବ ଦ୍ୱାରକା ନାମ ।
ତା ମୁଖେ କହାଇବି ଗୀତାରସ, ଭଣିତା ହେବ ବଳରାମ ଦାସ ।
ପଞ୍ଚବିଂଶ ଅଧ୍ୟା କହିବେ ସେହି, ତୋ ଆଗେ ଅର୍ଜୁନ କହିଲି ମୁହିଁ ।

ଉପରୋକ୍ତ ପଂକ୍ତିଗୁଡ଼ିକରୁ ଜଣାଯାଏ, ବଳରାମ ଦାସ ସ୍ୱାଧୀନ ମହାରାଜା ମୁକୁନ୍ଦଦେବ (ଚାଲୁକ୍ୟ ବଂଶୀୟ, ବହୁ ପରିଚିତ ନାମ ତେଲଙ୍ଗା ମୁକୁନ୍ଦଦେବ)ଙ୍କ ରାଜତ୍ୱ (ଖ୍ରୀ: ୧୫୫୯-୧୫୬୮)ର ୨ୟ ଅଙ୍କରେ ଅର୍ଥାତ୍ ପ୍ରଥମ ବର୍ଷରେ (ଖ୍ରୀ: ୧୫୫୯ରେ) ଦ୍ୱାରକା ଦାସ ପରମ ବୈଷ୍ଣବ ରାମ ଦାସଙ୍କ ପୁତ୍ରରୂପେ ଜନ୍ମଗ୍ରହଣ କରିଥିଲେ ।

ନନ୍ଦ ଦାସଙ୍କ 'ଅଣାକାର ସଂହିତା'ରେ ଦ୍ୱାରକା ଦାସ ଖୋର୍ଦ୍ଧା ରାଜା ରାମଚନ୍ଦ୍ର ଦେବଙ୍କ (ଖ୍ରୀ: ୧୫୬୮-୧୬୦୭) ୪ଥ ଅଙ୍କରେ ଅର୍ଥାତ୍ ଖ୍ରୀ: ୧୬୦୩ରେ ଜନ୍ମଗ୍ରହଣ କରିଥିବା ଉଲ୍ଲେଖ ଅଛି । କିନ୍ତୁ ଛତିଶ ଗୁପ୍ତଗୀତାର ପ୍ରମାଣ ଦୃଷ୍ଟିରେ ଅଣାକାର ସଂହିତାର ସମୟ ଗ୍ରହଣୀୟ ନୁହେଁ ।

ଖୋର୍ଦ୍ଧା ରାଜା ମୁକୁନ୍ଦଦେବ (ଖ୍ରୀ: ୧୬୫୯-୧୬୮୮)ଙ୍କ ରାଜତ୍ୱର ୨୭ ଅଙ୍କ ବା ଖ୍ରୀ: ୧୬୮୧ରେ ଛତିଶ ଗୁପ୍ତଗୀତାର ରଚନା ଶେଷ ହୋଇଥିଲା ।

କବିଙ୍କର ଭାଷା ଅତି ସରଳ । ଗୂଢ଼ତତ୍ତ୍ୱକୁ ସର୍ବସାଧାରଣଙ୍କ ଭିତରେ ପ୍ରଚାର କରିବାପାଇଁ ଏହି ଭାଷା ଓ ବର୍ଣ୍ଣନା ଭଙ୍ଗୀ ଉପଯୁକ୍ତ ହୋଇଛି; କବିଙ୍କ ଶ୍ରମସାର୍ଥକ ହୋଇଛି ।

ବ୍ରହ୍ମଜ୍ଞାନୀ ବୈଷ୍ଣବ ଗ୍ରନ୍ଥ ଭିତରେ ଛତିଶ ଗୁପ୍ତଗୀତା ଏକ ପ୍ରଧାନ ଗ୍ରନ୍ଥ ରୂପେ ବିବେଚିତ ହୋଇ ଆସୁଛି । ଓଡ଼ିଆ ଭାଷାରେ ବ୍ରହ୍ମଜ୍ଞାନ ସମ୍ପର୍କୀୟ ଅସଂଖ୍ୟ ଗ୍ରନ୍ଥ, ପଦ୍ୟ, କବିତା ସୃଷ୍ଟି ହୋଇଥିବା ବିଷୟରେ ଏହି ସରଳ, ସହଜ, ବୋଧଗମ୍ୟ ଗ୍ରନ୍ଥଟି ବିଶେଷ ସାହାଯ୍ୟ କରିଛି ।

ଦ୍ୱାରକା ଦାସ 'ଛତିଶ ଗୁପ୍ତଗୀତା' ଓ 'ପରଚେ ଗୀତା'ରେ ଶୂଦ୍ର କୁଳରେ ଜନ୍ମ ହୋଇଥିବା ଲେଖିଛନ୍ତି । ସେ ଜାତିରେ କରଣ ଥିବା ଜଣାଯାଏ। ପ୍ରାଚୀ ସମିତିଦ୍ୱାରା ସମ୍ପାଦିତ 'ପରଚେ ଗୀତା'ର ମୁଖବନ୍ଧରେ ଦ୍ୱାରକା ଦାସଙ୍କ ବଂଶଲତା ଏପରି ଭାବରେ ଦିଆଯାଇଛି । 'ଶିବ ପୁରାଣ'ରେ କବି ଉପସଂହାରର ଭଣିତାରେ ଲେଖିଛନ୍ତି—"ଶୂଦ୍ରକୁଳେ ମୁହିଁ ହୋଇଲି ଜାତ, ନାରାୟଣ ଶିଷ୍ୟ ରାମଦାସ ସୁତ ।"

ନାରାୟଣ ଦାସ
|
ରାମ ଦାସ
|
ଦ୍ୱାରକା ଦାସ
|
ଭକ୍ତଚରଣ ଦାସ
|
କଳ୍ପତରୁ ଦାସ
|
ଜଗବନ୍ଧୁ ଦାସ
|

| | | | |
|---|---|---|---|
| ରାମଧନୀ | ମାଧବ | ସାଧୁଚରଣ | ରାମହରି |
| ରାଧାକୃଷ୍ଣ | ଚକ୍ରଧର (ନିଃସନ୍ତାନ) | ନାରାୟଣ (ନିଃସନ୍ତାନ) | ପୁରୁଷୋତ୍ତମ (ନିଃସନ୍ତାନ) |

ରାଧାକୃଷ୍ଣଙ୍କ ପୁତ୍ର ଗୋବିନ୍ଦଚନ୍ଦ୍ର, ତାଙ୍କ ପୁତ୍ର ଶେଷନାଥ ଓ ଜଗନ୍ନାଥ । ଏ ଉଭୟେ ଖ୍ରୀ: ୧୯୨୯ ବେଳକୁ ଜୀବିତ ଥିବା ସମ୍ପାଦକ ଲେଖିଛନ୍ତି ।

ଦ୍ୱାରକା ଦାସ ପରଚେ ଗୀତାରେ ନିଜ ନିବାସ ଓ ନିଜ ରଚିତ ଗ୍ରନ୍ଥ-ମାନଙ୍କର ଏକ ତାଲିକା ଦେଇଛନ୍ତି ।

ଶୂଦ୍ର କୁଳରେ ମୁଁ ହୋଇଲି ଜାତ, ରାମଦାସ ମୋର ଅଟଇ ତାତ ।
ସିନ୍ଧୁ କୂଳର ଧୂଳିସର ଗ୍ରାମ, ସେହିଠାରେ ମୋର ମଠ ଉଦ୍ୟାନ ।
ଦ୍ୱାରକା ଦାସ ଯେ ନାମ ମୋହର, ଚୌତିଶା ଚୌପଦୀ କଲି ବିସ୍ତର ।
ଇତ୍ୟାଦି (ଶେଷଛନ୍ଦ) ।

ଗ୍ରନ୍ଥ ତାଲିକା—ବ୍ରହ୍ମ ମୁଦ୍‌ଗର, ତତ୍ତ୍ୱଚୂଡ଼ାମଣି, ରାମାୟଣ, ଭାଗବତ, ଗୁପ୍ତଗୀତା, ଭକ୍ତିରସାମୃତ, ପରଚେ ଗୀତା, ସାରବୋଧ ଚୌତିଶା, ଗୀତାତତ୍ତ୍ୱ ଭାଗବତ, ଦ୍ୱାଦଶସ୍କନ୍ଧର ଟୀକା (ଜଗନ୍ନାଥ ଦାସ ଭାଗବତ), ରସକଳା, ପରଚେ ଚୂଡ଼ାମଣି, ଗରୁଡ଼ ସମ୍ବାଦ, ଛଅପୋଇ, ନଅପୋଇ, ତେରପୋଇ । ଏହା ବ୍ୟତୀତ ଅନ୍ୟ ରଚନା ଥିବା ମଧ୍ୟ କବି କହିଛନ୍ତି, "ଆହୁରି ଅନେକ ଅଛିବ କେତେ, ଦ୍ୱାରକା ଭାବନା ହୃଦସ୍ତେ ଯେତେ ।" ଗୁପ୍ତଗୀତାଟି ଚୌଷଠି ଅଧ୍ୟାୟରେ ରଚିତ ଥିବା କବି ଲେଖିଛନ୍ତି । ତତ୍ତ୍ୱଭାଗବତ ଭକ୍ତିହିତ ଗ୍ରନ୍ଥ । ନଅପୋଇ ଓ ଛଅପୋଇ ଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା ବିଷୟରେ ଲିଖିତ । ପରଚେ ଗୀତା ପୂର୍ବରୁ ଏସବୁ ରଚିତ ହୋଇଥିଲା ଏବଂ ଏହାପରେ 'ଶିବପୁରାଣ' ରଚିତ ହୋଇଥିଲା ।

କବି ସ୍ୱ ବାସସ୍ଥାନ ସମ୍ବନ୍ଧରେ 'ସିନ୍ଧୁ କୂଳର ଧୂଳିସର ଗ୍ରାମ' ଥିବା ଲେଖିଛନ୍ତି । ପ୍ରାଚୀସମିତି ସମ୍ପାଦକ 'ସିନ୍ଧୁ କୂଳ'କୁ 'କାଠଯୋଡ଼ିକୂଳ' ଅର୍ଥରେ ଲେଖା ହୋଇଥିବା କହନ୍ତି । କଟକ ସହରଠାରୁ ୭ ମାଇଲ ଦୂରରେ ଦକ୍ଷିଣ ପୂର୍ବକୁ ଧୂଳିସର ନାମକ ଏକ ଗ୍ରାମ ଅଛି । କବିଙ୍କର ମଠ ସେଠାରେ ଥିବା ଓ ତାଙ୍କର ବଂଶଧରମାନେ ସେଠାରେ ଅଦ୍ୟାପି ବାସ କରୁଥିବା ଜଣାଯାଏ। ତାଙ୍କର ବଂଶଧରମାନେ କଟକ ନିକଟସ୍ଥ ମହାନଦୀର ଦକ୍ଷିଣ ତଟରେ ଅବସ୍ଥିତ ଜଗତପୁର ଗ୍ରାମରେ ବର୍ତ୍ତମାନ ପର୍ଯ୍ୟନ୍ତ ମହନ୍ତ ରୂପେ ପୂଜା ପାଉଛନ୍ତି । ସମୁଦ୍ର କୂଳର ଧୂଳିସର ଗ୍ରାମ ଆବିଷ୍କୃତ ନ ହେବା ପର୍ଯ୍ୟନ୍ତ କାଠଯୋଡ଼ିକୂଳସ୍ଥ ଧୂଳିସର

ଗ୍ରାମଟି କବିଙ୍କ ବାସସ୍ଥାନ ରୂପେ ପରିଚିତ ହେଉଥିବ । ପୁଣି କାଠଯୋଡ଼ି ନଦୀ ବର୍ତ୍ତମାନର ପୋଲ ତଳକୁ ଦୁଇଭାଗ ହୋଇଯାଇଛି । ଦକ୍ଷିଣ ପଟର ଧାରକୁ ସିଢ଼ୁଆ ବା ସିଦୁଆ ବା ସିଦ ନଈ କହନ୍ତି । ଏହି ଧାରଟି ପୂର୍ବ ଦିଗର ଧାର ସହିତ କିଛି ଦୂରରେ ମିଳିଚି । ଏହି ସିଢ଼ୁଆ ବା ସିଦୁ ନଦୀକୁ କବି ସାଧୁ ଭାଷାରେ 'ସିନ୍ଧୁନଦୀ' କହିଥିବା ସମ୍ଭବ; କିମ୍ବା ଲିଖନକାରର ପ୍ରମାଦ ଯୋଗୁଁ 'ସିଦୁ' 'ସିନ୍ଧୁ' ହୋଇଯାଇଥିବ ।

କବି ଶିବପୁରାଣରେ ନିଜ ସମୟର ସୂଚନା ଦେଇଛନ୍ତି । ଖୋର୍ଦ୍ଧା ରାଜା ବୀରକିଶୋର ଦେବଙ୍କ ରାଜତ୍ୱ ସମୟରେ ସେ ଜୀବିତ ଥିଲେ । ମୁକୁନ୍ଦ ଦେବଙ୍କ ରାଜତ୍ୱର ୨ୟ ଅଙ୍କ ଅର୍ଥାତ୍ ରାଜତ୍ୱର ପ୍ରଥମ ବର୍ଷରେ ବା ଖ୍ରୀ: ୧୬୫୯ରେ ତାଙ୍କର ଜନ୍ମ ହୋଇଥିଲା । କବି ଖୋର୍ଦ୍ଧା ରାଜବଂଶର ଏକ ତାଲିକା ଓ ରାଜତ୍ୱ ସମୟ, ଶିବପୁରାଣରେ ଦେଇଛନ୍ତି । ମୁକୁନ୍ଦଦେବ ୧୫ବର୍ଷ, କପିଳଦେବ ୧୧ ବର୍ଷ ୬ ମାସ, ନୃପଦେବ ୧୧ ବର୍ଷ ୫ ମାସ, ନରସିଂହଦେବ ୨ବର୍ଷ ୨ମାସ, ଗୋବିନ୍ଦ ନରେନ୍ଦ୍ର ୧୪ବର୍ଷ, ରଘୁଦେବ ୬ବର୍ଷ, ରାମଚନ୍ଦ୍ର ଦେବ ୩୧ବର୍ଷ ୫ମାସ, ପୁରୁଷୋତ୍ତମଦେବ ୩୬ବର୍ଷ ୯ମାସ, ଗଙ୍ଗାଧରଦେବ ୧୪ବର୍ଷ ୨୪ଦି, ବଳଭଦ୍ର ୧ ବର୍ଷ ୪ ମାସ ୨୦ ଦିନ ମୁକୁନ୍ଦଦେବ ୨୮ ବ, ଦିବ୍ୟସିଂହ-ଦେବ ୨୪ ବ, ହରେକୃଷ୍ଣ ୫ ବ, ଗୋପୀନାଥଦେବ ୬ ବ, ରାମଚନ୍ଦ୍ର ଦେବ ୧୪ ବର୍ଷ ବୀରକେଶରୀଦେବ । କବିଙ୍କ ଗଣନାନୁସାରେ ବୀରକିଶୋରଦେବଙ୍କ ରାଜତ୍ୱ ଆରମ୍ଭ ପର୍ଯ୍ୟନ୍ତ ୬୮ ବର୍ଷ ହେଉଛି । ଏଥିରୁ ଜଣାଯାଉଛି କବିଙ୍କୁ ଶୈବପୁରାଣ ଲେଖିବା ବେଳକୁ ୬୮ ବର୍ଷ ବୟସରୁ ଊର୍ଦ୍ଧ୍ୱ ହୋଇଥିଲା ।

କବି ଛତିଶ ଗୁପ୍ତଗୀତା ରଚନା କରିସାରିବା ସମୟ ସମ୍ବନ୍ଧରେ ସପନ ପଟ୍ଟନାୟକଙ୍କ ପ୍ରଶ୍ନ ଓ ଦାସଙ୍କ ଉତ୍ତର କାହାଣୀଟି ମୁକୁନ୍ଦଦେବଙ୍କ ୨୬ଶ ଅଙ୍କ ଖ୍ରୀ: ୧୬୮୧ରେ ଘଟିଥିଲା । ସେତେବେଳେ କବିଙ୍କର ବୟସ ୨୨ ବର୍ଷ ।

କବିଙ୍କ ପ୍ରଦତ୍ତ ଖୋର୍ଦ୍ଧା ରାଜବଂଶ ରାଜତ୍ୱ ସମୟ ନିର୍ଘଣ୍ଟ ସହିତ ବର୍ତ୍ତମାନ ପ୍ରଚଳିତ ନିର୍ଘଣ୍ଟର ମେଳ ହେଉନାହିଁ । ହଣ୍ଟର ଓ ଅନ୍ୟାନ୍ୟମାନେ

ଯେଉଁ ତାଲିକା ଦେଇଛନ୍ତି ତାହାଠାରୁ ଏହାର ପ୍ରଭେଦ ଥିବା ଦେଖାଯାଉଛି । କବି ମୁକୁନ୍ଦଦେବଙ୍କଠାରୁ ବୀରକେଶରୀଦେବଙ୍କ ପର୍ଯ୍ୟନ୍ତ (ଶୈବପୁରାଣ ରଚନା ସମୟ ପର୍ଯ୍ୟନ୍ତ) ଯେଉଁ ସମୟ ଦେଇଛନ୍ତି ତାହା ନିର୍ଭୁଲ । ପୁଣି ମୁକୁନ୍ଦ-ଦେବଙ୍କ ରାଜତ୍ୱର ପ୍ରଥମ ବର୍ଷରେ ସେ ଜନ୍ମଗ୍ରହଣ କରିଥିବାରୁ ମୁକୁନ୍ଦଦେବଙ୍କ ଊର୍ଦ୍ଧ୍ୱକୁ ଦୁଇତିନି ପୁରୁଷଙ୍କ ସମୟ ଠିକ୍ ଲେଖିବା ସମ୍ଭବ । ସମସାମୟିକ ଲେଖା ଭିତରେ ଧାନକୃଷ୍ଣଙ୍କ ତାଲିକା ଓ ଦ୍ୱାରକାଙ୍କ ତାଲିକାକୁ ଅଗ୍ରାହ୍ୟ କରିବା ସମ୍ଭବ ନୁହେଁ ।

ତେବେ 'ଊର୍ଦ୍ଧ୍ୱ'ର ସମୟରେ କେତେକ ଭ୍ରମ ରହିବା ସମ୍ଭବ । ପୁଣି ଲିପିକାରଙ୍କ ପ୍ରମାଦ ମଧ୍ୟ ରହିପାରେ । ଏହା ସତ୍ତ୍ୱେ ସମୟ ନିରୂପଣ କରିବାରେ ଦ୍ୱାରକା ଦାସଙ୍କ ଶିବପୁରାଣ ଯେ ଏକ ପ୍ରଧାନ ଉପାଦାନ ଏହା ସ୍ୱୀକାର କରିବାକୁ ହେବ । ଏହାର ଐତିହାସିକ ବିଶେଷତ୍ୱ ରହିଛି ।

ଦ୍ୱାରକା ଦାସ ଉଗୁଲ ଗ୍ରାମର ଜମିଦାରଙ୍କ କନ୍ୟା କମଳାଙ୍କୁ ବିବାହ କରିଥିଲେ । ଶୁଣାଯାଏ, ବାଳିକା କମଳାଙ୍କ ହାତ ପାପୁଲିରେ ଗୋଟିଏ ବାଳ ଉଠିଥିଲା । ପିତା ବହୁ ଚେଷ୍ଟାକଲେ ମଧ୍ୟ ବାଳଟି ନଷ୍ଟ ହୋଇପାରିଲା ନାହିଁ । ପିତା ଚିନ୍ତିତ ହୋଇପଡ଼ିଲେ । ଦ୍ୱାରକା ଦାସ କମଳାଙ୍କ ହାତ ଦେଖି ତାଙ୍କୁ ସୁଲକ୍ଷଣୀ ଥିବା କହିଲେ । ଜମିଦାର ଏଥିରେ ପ୍ରୀତ ହୋଇ ଦ୍ୱାରକା କମଳାଙ୍କ ହାତ ଦେଖିଥିବାରୁ ତାଙ୍କ ହସ୍ତରେ ସମର୍ପଣ କରିଦେଲେ । ଦ୍ୱାରକା କିଛିକାଳ କୁଟୁମ୍ବସହ ସ୍ୱଗ୍ରାମରେ ବାସ କରିବାପରେ କଟକ ନିକଟସ୍ଥ ମହାନଦୀ କୂଳରେ ଅବସ୍ଥିତ ଡୋମପଡ଼ା ରାଜ୍ୟକୁ ଯାଇଥିଲେ । ସେଠାର ତଦାନୀନ୍ତନ ରାଜା ତାଙ୍କର ପ୍ରତିଭାରେ ମୁଗ୍ଧ ହୋଇ ତାଙ୍କୁ କିଛି ଜାଗିର ଖଞ୍ଜି ଦେଇଥିଲେ । ଧାର୍ମିକମତ, ସରଳଜୀବନ ଓ ପାଣ୍ଡିତ୍ୟ ତାଙ୍କର ଖ୍ୟାତିକୁ ବହୁତ ବୃଦ୍ଧି କରି ଦେଇଥିଲା । କ୍ରମେ ଡୋମପଡ଼ା ନିକଟସ୍ଥ ଅଞ୍ଚଳର ବହୁଲୋକ ତାଙ୍କଠାରୁ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ବାଙ୍କି, ଆଠଗଡ଼, ବଡ଼ମ୍ବା, ଢେଙ୍କାନାଳ ପ୍ରଭୃତି ଅଞ୍ଚଳକୁ ଯାଇ ସେ ସ୍ୱ ମତ ପ୍ରଚାର କରିଥିଲେ । କଟକ

ଜିଲ୍ଲା'ର ସମତଳ ଅଞ୍ଚଳରେ ଜଗତପୁର, ପଟିଆ, ଯାଜପୁର ପ୍ରଭୃତି ସ୍ଥାନରେ ମଧ୍ୟ ତାଙ୍କର ବହୁ ଶିଷ୍ୟ ଥିଲେ ।

କବି ବୈଷ୍ଣବ ଦୀକ୍ଷା ଗ୍ରହଣ କରି ସନ୍ନ୍ୟାସୀ ହୋଇଥିବା ଅନୁମିତ ହୁଏ ।

ପାରିବାରିକ ଜୀବନରେ କବିଙ୍କର ଅବସ୍ଥା ସ୍ୱଚ୍ଛଳ ନଥିଲା । ସେ ଲେଖିଛନ୍ତି—"ଛଅପୋଇ, ଫଳମୂଳ ଖାଇ ଦିନ ମୁଁ ବଞ୍ଚଇ କଷ୍ଟ ସହିବଇଁ କେତେ ।" ଶୈବପୁରାଣରେ କହିଛନ୍ତି—"ପେଟାର୍ଥୀ ହୋଇ ମାଳାତିଳକ ବହିଲି ।" (ପ୍ରାଚୀ ସମିତି : ପରତେ ଗୀତା ମୁଖବନ୍ଧ) ।"ଖଣ୍ଡି କୁଡ଼ିଆ କହୁଡ଼ା ବସ୍ତ୍ର ମୋର" (ସପ୍ତପୋଇ) ।

କବି ଡୋମପଡ଼ା ରାଜ୍ୟର ଭଗିପୁରରେ ଦେହତ୍ୟାଗ କରିଥିବା ଶୁଣାଯାଏ । ଚୈତ୍ର ଅମାବାସ୍ୟା ତାଙ୍କର ତିରୋଧାନ ଦିବସରୂପେ ପାଳିତ ହେଉଛି । ବୈଷ୍ଣବ କବିଙ୍କର ପୁତ୍ରପୌତ୍ରମାନେ ଭଗିପୁରରେ ମଠ କରିଥିବା ଜଣାଯାଏ । ଦ୍ୱାରିକା ଦାସ ପୁରୀରେ କେତେ କାଳ ଅତିବାହିତ କରିଥିବା ଅନୁମିତ ହୁଏ ।

'ଛତିଶ ଗୁପ୍ତଗୀତା'ର ପଞ୍ଚଦଶ ଅଧ୍ୟାୟ ରଚନା ସମ୍ବନ୍ଧରେ ଏକ ମୁଦ୍ରିତ ପୁସ୍ତକରୁ ସ୍ୱର୍ଗୀୟ ଶ୍ୟାମସୁନ୍ଦର ରାଜଗୁରୁ କେତେ ପଦ ଉଦ୍ଧାର କରିଛନ୍ତି । ବର୍ତ୍ତମାନ ମିଳୁଥିବା ପୁସ୍ତକମାନଙ୍କରେ ବିଭିନ୍ନ ପାଠ ଦେଖାଯାଉଛି ଏବଂ ଏହି ସବୁ ପଦ ନାହିଁ ।

ଶ୍ରୀହରି ବୋଇଲେ ଶୁଣ ଅର୍ଜୁନ, ମୁକୁନ୍ଦଦେବ ବୋଲନ୍ତି ରାଜନ ।
ତାହାଙ୍କ ଯାଇ ସତାଇଶ ଅଙ୍କେ, ନାମ ତା ପଦନ ପଟ୍ଟନାୟକେ ।
ତାହାଙ୍କୁ ଦିନେ ଯେ ଭେଟିଲେ ଦାସେ, କଲ୍ୟାଣ କରନ୍ତି ବସିଲେ ପାଶେ ।
ଗୁପତ ଗୀତା ଅଧ୍ୟା ଥିଲା କାଟଙ୍କ, ତାଙ୍କୁ ପଚାରିଲେ ପଟ୍ଟନାୟକେ ।
କି ପୁସ୍ତକ ଅଛି ଦାସେ କାଖରେ, ଫେଡ଼ି କରି ତାହା କହ ନିକରେ ।
ଅନ୍ୟେ ଶୁଣିବୁ କି ନା ଏହୁ ରସ, ଦାସେ ବୋଇଲେ ଜ୍ଞାନ ଉପଦେଶ ।

ଗୁପତ ଗୀତା ଏ ଅଧ୍ୟା ଅଟଇ, ଶ୍ରୋତା ଯେବେ ଶୁଣେ ତାହା କହଇ ।

×　　×　　×　　×

ଏ ଗୁପତ ଯେ ମହାରସ ଗୀତା, ଆପଣେ କହୁ ହେଲେ ବକତା ।
ତାହାଙ୍କ ବଚନ ଶୁଣିଣ ଦାସେ, ପ୍ରସନ୍ନ କଲେ ତାଙ୍କ ଆଶା ଅଶେ ।
ପୂର୍ବ ଜନ୍ମରେ ଅମ୍ଭ ଗୀତା କଲ, ପ୍ରଥମ ଅଧ୍ୟା ସିନା ହୋଇଥିଲ ।
ଏବେ ତାହା ଆମ୍ଭେ କହିବା ରହୁ, ତୁମ୍ଭେ ତା ଶୁଣିବ ଶ୍ରବଣ ଦେଇ ।
ଯେଣୁ ସେ କଥା ପଢ଼ିଲ ଆଣ୍ଡ, ଭକ୍ତଙ୍କୁ କହିଲେ କଲେ ବହୁତ ।
ସେ ପୁଣି ମୋ ଶ୍ରୀମୁଖରେ ଜଣାଇଲ, ଅନେକ ସ୍ତୁତିରେ ବଚନ କଲ ।
ମୁଁ ତାଙ୍କ ହୃଦରେ ପଶିଲି ଯାଇ, ଗୀତା ତାହାଙ୍କୁ ଦେଉଥାଇ କହୁ ।
ତେଣୁ କହିଲେ ତା ଦ୍ୱାରକା ଦାସ, ପଞ୍ଚଦଶଶ ଅଧ୍ୟା ହେଲା ଶେଷ ।
ପୂର୍ବ ଅଧ୍ୟା ଯେଉଁ ଛଡଶ ହୋଇ, ପଞ୍ଚନାସ୍ୱକ ତା ବିସ୍ତାର କହୁ ।
ଶୁଣିଣ ପଦନ ପଞ୍ଚନାସ୍ୱକ, ଡାକପୁଷ୍ଟ ଆଶ୍ରି କଲେ ସେବକ ।
ଏମନ୍ତେ ଗୀତା ହୋଇଲ ସମ୍ପୂର୍ଣ୍ଣ, ଶୁଣିଲେ ସଂସାର ସକଳ ଜନ ।
(ପ୍ରବନ୍ଧାବଳୀ—ଦ୍ୱାରକା ଦାସ)

ପ୍ରେମରସଚନ୍ଦ୍ରିକା ଓ ଛଡଶ ଗୁପ୍ତ ଗୀତାରୁ କେତେକ ସମାଜ ସ୍ୱଭାସୂକ ପଦ ରାଜଗୁରୁ ମହାଶୟ ଉଦ୍ଧାର କରିଛନ୍ତି ।

ଛତଶ ଗୁପ୍ତ ଗୀତା—

ସେ ବଳରାମ ଦାସ ଗୋପ୍ୟ କରି, ଅଧ୍ୟାସ୍ତେ କହିଣ ଜୀବନ ହାରି ।

×　　×　　×

ମୁଁ (ଜଗନ୍ନାଥ) ତାର ହୃଦରେ ପଶିଲି ଯାଇ, ଗୀତା ତାହାକୁ ଦେଉଥାଇ କହୁ ।

ପ୍ରଥମେ ଫେଡ଼ି ପୋଥି ନ ରଚିଲେ, ଓଁକାର ଆଦି ହସ୍ତ ମାରିଦେଲେ ।

**ପ୍ରେମରସ ଚନ୍ଦ୍ରିକା—**

ଯାହା ରୁ ପଚ୍ଚାରିଲୁ ମତେ, ଗୁପତେ କହୁଅଛୁ ତୋତେ ।

× × ×

ନାରଦ ବଶିଷ୍ଠ ସମ୍ବାଦ ଏ ଉତ୍ତମ ସୁଜନ ଜନଙ୍କୁ ହିତ,
ପାମର ଦ୍ୱାରକା ଦାସ ଭଣିଲେ, ଆଜ୍ଞାଦେଲେ ଜଗନ୍ନାଥ ।

× × ×

ଦୁଇ କି ଦୁଇ ବିଭିନ୍ନ ଏଥି ନାହିଁ ଅଭେଦ ଏକଇ ଅଙ୍ଗ,
ଯାହା ହାତ ମାରି ମୋତେ କହିଦେଲେ ପ୍ରଚ୍ଛନ୍ନ ଏହି ଶ୍ରୀଅଙ୍ଗ ।

× × ×

**ସପ୍ତପୋଇ—**

ଦ୍ୱାରକା ଦାସ 'ସପ୍ତପୋଇ' ନାମକ ଏକ କ୍ଷୁଦ୍ର ପୁସ୍ତକ ରଚନା କରିଥିବା ଜଣାଯାଏ । କବି ସ୍ୱ ଦୁଃଖ ଜଗନ୍ନାଥଙ୍କୁ ଜଣାଇବା ଉଦ୍ଦେଶ୍ୟରେ ଏହି ଜଣାଣ ମୂଳକ କବିତା ଚୂଳଟି ଲେଖିଛନ୍ତି । ଭାଷା ସରଳ ଓ ମର୍ମସ୍ପର୍ଶୀ ।

**ଜଗନ୍ନାଥଙ୍କୁ ଜଣାଣ ସ୍ତୁତି—**

ରଖ ବା ନ ରଖ ମୁଁ ତୋ କିଣା ଲୋକ, ଆଉ ମୋର ସଖା କାହିଁ,
ଦୁଃଖ ପାଇ ରାଗେ ଗାଇ ମୁଁ ଦେଉଛି, ମୋ ଦୋଷ ଘେନିବ ନାହିଁ ।
ନାଚେ ଯେ ମାଇଲା ଶ୍ରୀବତ୍ସ ବ୍ରାହ୍ମଣ, ମାଲାପରି ଅଛ ଘେନି,
ଲବଣୀ ଗୋପରେ ଚୋରିକରି ଖାଅ, କି ବୋଲନ୍ତି ଗୋପାଳୁଣୀ ।
ବୋଇଲେ ବୋଇଲି, ଦୋଷ କ୍ଷମା କର, କ୍ଷମାଶୀଳ ନାମ ତୋର ।

**ଛତିଶ ଗୁପ୍ତଗୀତା—**ପିଣ୍ଡ ବ୍ରହ୍ମାଣ୍ଡର ବର୍ଣ୍ଣନା, ଯୋଗ ସାଧନାର ନିୟମାବଳୀ, ବ୍ରହ୍ମଜ୍ଞାନର ଲକ୍ଷଣ ୧ମ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି । ବ୍ରହ୍ମ

ପଦାର୍ଥର ନିରୂପଣ, ସ୍ୱର୍ଗପ୍ରାପ୍ତି ଓ ମୁକ୍ତି ଏ ଦୁହିଁଙ୍କ ମଧ୍ୟରେ ପ୍ରଭେଦ ୭ମ ଅଧ୍ୟାୟରେ ଦିଆ ଯାଇଛି । ୮ମ ରେ ସଦ୍‌ଗୁରୁର ଆବଶ୍ୟକତା ଲେଖା ଯାଇଛି । ୯ମ ଓ ୧୦ମରେ ଜ୍ଞାନୀ ଓ ଅଜ୍ଞାନୀ ଲୋକ ମଧ୍ୟରେ ପ୍ରଭେଦ, କର୍ମ-ଯୋଗ ଅପେକ୍ଷା ଜ୍ଞାନଯୋଗ, ବ୍ରହ୍ମଲାଭ ଓ ମୁକ୍ତି ପ୍ରାପ୍ତିର ଏକମାତ୍ର ପନ୍ଥା ବୋଲି ବର୍ଣ୍ଣିତ ହୋଇଅଛି । ଆତ୍ମା କିପରି ଦେହ ଓ ଇନ୍ଦ୍ରିୟମାନଙ୍କୁ ସୃଷ୍ଟି କରେ, ତାହା ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଅଛି । ୧୨ଶ ଅଧ୍ୟାୟରେ ନାମବ୍ରହ୍ମ, ଯୋଗ ସାଧନ ଓ ପିତୁଳା ପୂଜାର ଅପକାରିତା ବୁଝାଇ ଦିଆଯାଇ ଅଛି । ୧୩ଶ ଅଧ୍ୟାୟରେ ଯୋଗ ସାଧନ ପାଇଁ କିପରି ମନକୁ ଆୟତ୍ତ କରିବାକୁ ହେବ, ତାହା କୁହାଯାଇଛି । ୧୪ଶରେ ବ୍ରହ୍ମ ନିରୂପଣ କରି ଯାଇଛି । ୧୫ଶ ଠାରୁ ୨୦ଶ ପର୍ଯ୍ୟନ୍ତ ଶରୀରର ବିଭିନ୍ନ ଅଂଶର କ୍ରିୟା ଓ ଯୋଗ ସାଧନ ବିଧି ପ୍ରଭୃତି ଦିଆଯାଇଛି । ୨୧ଶରେ ବ୍ରହ୍ମଜ୍ଞାନର ଲକ୍ଷଣ, ୨୨ଶରେ ଯୋଗ ସାଧନା ବେଳେ ବାୟୁ ସଞ୍ଚାରଣ, ୨୩ଶରେ ଆତ୍ମା, ଓଁକାର ଓ ପରମେଶ୍ୱରଙ୍କ ଏକତ୍ୱ ବିଷୟ ବର୍ଣ୍ଣିତ ହୋଇଅଛି । ୨୪ଶରେ ଦେହ ବ୍ରହ୍ମାଣ୍ଡର ସାର ପଦାର୍ଥ ବୋଲି ପ୍ରତିପାଦିତ ହୋଇଅଛି । ମାନସିକ ପୂଜାର ନିୟମ, ଅନ୍ୟାନ୍ୟ ପୂଜାର ଫଳ, ୨୫ଶ, ୨୬ଶ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ଏଠାରେ ପରଂବ୍ରହ୍ମଙ୍କ ପୂଜା ପାଇଁ ଦେହକୁ ଦେଉଳ ଓ ମନକୁ ସେବକ ରୂପେ କଳ୍ପନା କରାଯାଇଛି । ୨୭ଶରେ କୃଷ୍ଣଙ୍କ ଅର୍ଜ୍ଜୁନଙ୍କୁ ବିଶ୍ୱରୂପ ପ୍ରଦର୍ଶନ ବିଷୟ ଲିଖିତ ହୋଇଅଛି । ୨୮ଶରେ ଶରୀରକୁ ଜ୍ୟୋତିରଥ ରୂପେ କଳ୍ପନା କରା-ଯାଇଛି । ୨୯ଶରେ ପରମହଂସାଦୀକ୍ଷାଧାରୀମାନେ ସର୍ବଦା ପରଂମବ୍ରହ୍ମଙ୍କ ଦର୍ଶନ ଲାଭ କରନ୍ତି, ତାହା ବ୍ୟକ୍ତ ହୋଇଅଛି । ୩୦ଶରେ ଜ୍ଞାନର ଦ୍ୱାର-ମାନଙ୍କର ବର୍ଣ୍ଣନା ଦିଆଯାଇଛି । ୩୧ଶରେ ବ୍ରହ୍ମଜ୍ଞାନ ବିନା ଯେଉଁମାନେ ଅନ୍ୟାନ୍ୟ ଆରାଧନା କରନ୍ତି ସେମାନଙ୍କ ଭ୍ରମ ଦର୍ଶାଇ ଦିଆଯାଇଛି । ୩୨ଶରେ ବ୍ରହ୍ମଜ୍ଞାନ ଲାଭର ଏକମାତ୍ର ଉପାୟ ଯୋଗସାଧନ । ୩୩ଶରେ ପଞ୍ଚଭୂତର ବିଗ୍ରହ । ୩୪ଶରେ ଈଶ୍ୱର ବିଭୂତି । ୩୫ଶରେ ପରଂବ୍ରହ୍ମ ଧର୍ମର ଲକ୍ଷଣ, ୩୬ଶରେ କଳିଯୁଗରେ ଏ ଗୀତର ପ୍ରଚଳନ ପନ୍ଥା ବର୍ଣ୍ଣିତ ହୋଇଛି ।

ପରତେ ଗୀତା—ଦ୍ୱାରକା ଦାସ ୩୯ଶତି ଅଧ୍ୟାୟରେ 'ବ୍ରହ୍ମଜ୍ଞାନ'କୁ ସରଳ ଭାଷାରେ ପରଭାଷା ସହ ବୁଝାଇଛନ୍ତି ।

କବି ପରତେ ଗୀତାର ପ୍ରଥମ ଅଧ୍ୟାୟରେ ନିରାକାରଙ୍କ ସ୍ତୁତି କରି ତାଙ୍କର ପରିଚୟ ଦେଇଛନ୍ତି ।

ଜୟ ଜୟ ଜୟ ପରମ ପୁରୁଷ, ପ୍ରାଣୀଙ୍କ ଭିତରେ ବାହାରେ ଦୃଶ୍ୟ ।
ପରାପରେ ପର ନାହିଁ ବିକାର, ଅବିକାର ତୁମ୍ଭେ ସେ ନିରାକାର ।
ଅରୂପ ଅବ୍ୟକ୍ତ ରୂପ ନାହିଁ, ଅରୂପାନନ୍ଦ ଅଚ୍ୟୁତ ଗୋସାଇଁ ।
ମସ୍ତକ ଶ୍ରବଣ ନାହିଁ ଯାହାର, ନୟନ ନାସା ମୁଖ ନାହିଁ ତାର ।
ବାହୁ ହୃଦୟ ପେଟ ପିଠି ନାହିଁ, କଟି ଇନ୍ଦ୍ରିୟ ଗୁହ୍ୟ ଜାନୁ ନାହିଁ ।(୧ମ ଅ:)

ନିରାକାର ବ୍ରହ୍ମ ଅଲେଖ ଅବ୍ୟକ୍ତ ଅନିର୍ଦ୍ଦେଶ ଥିବାରୁ ତାଙ୍କର ବର୍ଣ୍ଣନା କେହି କରି ପାରିଲେ ନାହିଁ । ସୃଷ୍ଟି ଏହିପରି ଭାବରେ ପ୍ରକାଶିତ ହେଲା ।

ପ୍ରଥମେ ଅଣଅକ୍ଷରେ ଉଦୟେ, ଠିଆ ହୋଇଣ ମଣ୍ଡଳ ଗୋଟିଏ ।
ଅଣାକାରରେ ଆକାର ଦିଶିଲା, ପ୍ରଥମେ ପ୍ରକୃତି ରୂପ ଧରିଲା ।
ଈଶ୍ୱର ରୂପ ଧରିଲେ ଗୋସାଇଁ, ତେଜ ପ୍ରକାଶିଲେ ଶୂନ୍ୟରେ ଥାଇ ।
ତେଜରୁ କାଳ ହୋଇଲା ଉତ୍ପତ୍ତି, କାଳ ଶରୀରୁ ଯେ ଆତ୍ମାର ଜ୍ୟୋତି ।
ଆତ୍ମାରୁ ଜୀବ ଜୀବୁଁ ସୃଷ୍ଟି ଜନ, ଜୀବ ସ୍ୱରୂପେ ଉଦେ ଚକ୍ରପାଣି ।
ଦଶ ଅବତାର ରୂପ ଧରିଲେ, ଦୁଷ୍ଟଙ୍କୁ ମାରି ସନ୍ଥଙ୍କୁ ପାଳିଲେ ।

ନିରାକାର ପ୍ରକୃତି ସହିତ ଯୋଗ ଦେଇ ସୃଷ୍ଟି ରଚନା କଲେ । 'ଦୁଷ୍ଟ ନିବାରି ସନ୍ଥ ପାଳିବା' ମୁଖ୍ୟ ଉଦ୍ଦେଶ୍ୟ ଥିବାରୁ ଦଶଅବତାର ରୂପ ଧାରଣ କରି ସଂସାରରେ ଅବତୀର୍ଣ୍ଣ ହେଲେ ।

ଅରୂପ ଯେ ସ୍ୱରୂପ ହୋଇଲେ, ଜଗତ ଜନ ଦେଖିଣ ପୂଜିଲେ ।

ଦ୍ୱାପର ଯୁଗରେ ନିରାକାର 'ଶ୍ୟାମ ଜଳଦ ଅଙ୍ଗ କଳେବର' ଧାରଣ କରି ଶ୍ରୀକୃଷ୍ଣ ରୂପେ ଅବତୀର୍ଣ୍ଣ ହେଲେ । ଦ୍ୱାରକାପୁରରେ ମୁକ୍ତିମଣ୍ଡପ ସଭାରେ ଅର୍ଜୁନଙ୍କ ପାଖରେ ବସାଇ ବିବିଧ କଥା କୁହାକୁହି ହେଲେ । ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ପଚାରିଲେ, "ତୁମେ ଦେବ ପରମ ଈଶ୍ୱର ହରି । ତୁମ୍ଭଙ୍କୁ ଜାଣିବି କେମନ୍ତ କରି ।" କୃଷ୍ଣ ଅର୍ଜୁନଙ୍କୁ ଜ୍ଞାନ-ଅଧିକାରୀ କରିବା ମାନସରେ ହଂସମନ୍ତ୍ର କର୍ଣ୍ଣରେ ଦେଇ ଶିଷ୍ୟ କଲେ ଏବଂ ଏହା ପରେ ସେ 'ତୁ ମୋର ଆତ୍ମା' ବୋଲି ଏକାନ୍ତ ଶରଣାପନ୍ନ ଅର୍ଜୁନଙ୍କୁ ତତ୍ତ୍ୱବାଣୀ ଶୁଣାଇଲେ । ଏହି ତତ୍ତ୍ୱର 'ଗୁରୁ ଶିଷ୍ୟ ବିଚାର' ପ୍ରସଙ୍ଗ ବର୍ଣ୍ଣନା କରି ନାରାୟଣଙ୍କଠାରୁ ନାରଦ ଏବଂ ନାରଦଙ୍କଠାରୁ କ୍ରମାନ୍ୱୟରେ ବ୍ୟାସ, ଶୁକ, ଶୌନକ, ଗଙ୍ଗା, ଗଙ୍ଗାଧର, ପାର୍ବତୀ ଶୁଣିଲେ । ପାର୍ବତୀଙ୍କୁ ଶିବ ଏ ତତ୍ତ୍ୱ ବର୍ଣ୍ଣନା କରିବା ସମୟରେ ପାର୍ବତୀ ନିଦ୍ରାଭିଭୂତ ହୋଇଗଲେ ଏବଂ ତାଙ୍କ ଗର୍ଭରେ ମତ୍ସ୍ୟେନ୍ଦ୍ର ଥାଇ ଶୁଣିଲେ; ମତ୍ସ୍ୟେନ୍ଦ୍ର 'ଗୋରେଖ'ଙ୍କୁ କହିଲେ । "ଗୋରେଖ ଯେଉଁଣି ସିଦ୍ଧି ହୋଇଲ, ଅକ୍ଷୟ ହୋଇ ମଞ୍ଚରେ ରହିଲ ।" ଏହି ବିଦ୍ୟାକୁ କେହି ଆଦର କଲେ ତ କେହି ନ କଲେ । ଜ୍ଞାନୀମାନେ ଘେନିଲେ । ସେହି ଜ୍ଞାନକୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ, "ଏହି ତତ୍ତ୍ୱବାଣୀ 'ପରଚେ ଗୀତା'ରେ ବର୍ଣ୍ଣିତ ହୋଇଛି ।"

ଗୋରଖନାଥ ପରମ ଯୋଗୀ, ଜ୍ଞାନମାର୍ଗୀ । ଦ୍ୱାରକା ଏହି ଜ୍ଞାନ-ମାର୍ଗୀଙ୍କ ଅନୁସରଣ କରିଛନ୍ତି ଏବଂ ଏହା ସହିତ ବୈଷ୍ଣବ ଭାବକୁ ଯୋଗ କରିଛନ୍ତି । ଜ୍ଞାନମିଶ୍ରା ଭକ୍ତିର ଏହି ପନ୍ଥା । ଏହା ସହଜରେ ଲୋକଙ୍କ ବୋଧଗମ୍ୟ ନୁହେଁ ବୋଲି ଏହାର ଅପବ୍ୟବହାର ମଧ୍ୟ ହୁଏ ଏବଂ ଭକ୍ତି-ମାର୍ଗୀମାନେ ଏହାକୁ ଉପହାସ ମଧ୍ୟ କରନ୍ତି । ଭକ୍ତିମାର୍ଗୀଙ୍କ ସଂଖ୍ୟା ତାତ୍-କାଳୀକ ସମାଜରେ ବେଶି ଥିବାରୁ ଜ୍ଞାନୀ-ବୈଷ୍ଣବମାନେ ଉପହାସର ପାତ୍ର ହେଉଥିଲେ । ଏହି ପନ୍ଥାରେ ସହଜସାଧନ କଷ୍ଟକର ଓ ବିନା ଗୁରୁରେ ସାଧ୍ୟ ନ ଥିବାରୁ ଏହାକୁ ଯତ୍‌ପରୋନାସ୍ତି ଗୁପ୍ତ କରି ରଖିବା ପାଇଁ କବି ଉପଦେଶ ଦେଇଛନ୍ତି । କେବଳ ଅଧିକାରୀ ଉପଯୁକ୍ତ ଶିଷ୍ୟ ବ୍ୟତୀତ ଅନ୍ୟ

କାହାକୁ କହିବା ନିଷେଧ ବୋଲି କହିଛନ୍ତି । କୃଷ୍ଣଙ୍କ ମୁଖରେ ଅର୍ଜୁନଙ୍କୁ ଏହି ସତର୍କ ବାଣୀ ଶୁଣାଇଛନ୍ତି ।

ତୁହି ଯାଇ ଅନ୍ୟେ କହିବୁ ନାହିଁ, ତୋ ଆଗେ ପାର୍ଥ କହୁଅଛୁ ମୁହିଁ ।
ମାଗିଲେ ଭାରିଯା ଧନ ବସନ, ପୁତ୍ରକୁ ମାରି ଦେବୁ ଅନ୍ନଦାନ ।
ଶିର କମଳ ମାଗିଲେ ତୁ ଦେବୁ, ବ୍ରହ୍ମଜ୍ଞାନକୁ କେବେ ନ କହିବୁ ।
ଯେ ଭାଷା କୋଟି କୋଟି ମୋକ୍ଷମଏ, ନ ଦେବୁ ପୁନା ଯାଚିଲେ ବିଶାଏ ।
ଅତି ଗୁପତ ନ କରି ଋକତ, ନ କହିବୁ ଯେତେ ହେଲେ ଭକତ ।

ଏହି ଜ୍ଞାନମାର୍ଗ ଭକ୍ତିମାର୍ଗ ଅପେକ୍ଷା ଶ୍ରେଷ୍ଠ ଥିବା କବି ପ୍ରକାଶ କରିଛନ୍ତି । ଗୋପର ନନ୍ଦଯଶୋଦାଦି ଗୋପଗୋପୀମାନେ, ଦ୍ୱାରକାର ସାତବଂଶ ଆଦି ଯାଦବମାନେ କେହି ଏହାର ଅଧିକାରୀ ହୋଇପାରିଲେ ନାହିଁ । କେବଳ ଉଦ୍ଧବ ହିଁ ଏହା ପାଇଲେ ଏବଂ ପାଣ୍ଡବଙ୍କ ମଧ୍ୟରେ ଅର୍ଜୁନ କେବଳ ପାଇଲେ ।

ତାଙ୍କ ମଧ୍ୟେ ଉଦ୍ଧବ ପାଇଲା । ପାଣ୍ଡବ ମଧ୍ୟେ ତୋତେ କୃପା ହେଲା ।

ଶ୍ରୀମଦ୍ ଭାଗବତ ଦଶମସ୍କନ୍ଧରେ ଉଦ୍ଧବ ଗୋପୀମାନଙ୍କୁ ଯେଉଁ ଜ୍ଞାନ ଉପଦେଶ ଦେଇଥିଲେ କବି ତାକୁହିଁ ଲକ୍ଷ୍ୟ କରିଛନ୍ତି ।

ବ୍ରଜବାସୀ ଗୋପୀ ଭକ୍ତିପନ୍ଥୀମାନେ ଉଦ୍ଧବଙ୍କର ବ୍ରହ୍ମଜ୍ଞାନକୁ ଗୋପୀଙ୍କ ମୁଖରେ ଉପହାସ କରି ପରିତ୍ୟାଗ କରିଛନ୍ତି ଏବଂ ବ୍ରହ୍ମଜ୍ଞାନ ଅପେକ୍ଷା ଭକ୍ତିମାର୍ଗର ଉତ୍କର୍ଷ ପ୍ରତିପାଦନ କରିବା ପାଇଁ ଉଦ୍ଧବଙ୍କ ମୁଖରେ ଗୋପୀ ଭକ୍ତିର ମାହାତ୍ମ୍ୟ କୀର୍ତ୍ତନ କରାଇଛନ୍ତି । ପ୍ରତାପରୁଦ୍ରୀୟ ଯୁଗର ପଞ୍ଚସଖା ଓ ତତ୍ ପରବର୍ତ୍ତୀ ଦ୍ୱାରକାଦି ଜ୍ଞାନ ମିଶ୍ରା ଭକ୍ତିପନ୍ଥୀ କବିମାନେ ପଦ୍ୟରେ ବହୁ ଗ୍ରନ୍ଥ ରଚନା କରି ଓଡ଼ିଶାରେ ଏହାର ବହୁଳ ପ୍ରଚାର କରିଛନ୍ତି । କିନ୍ତୁ ବନମାଳୀ, ସାଧୁଚରଣ (ସଦାନନ୍ଦ), ଅଭିମନ୍ୟୁ ପ୍ରଭୃତି ଏହାକୁ ସମର୍ଥନ କରି

ନାହାନ୍ତି ଏବଂ ଗୋପୀଭକ୍ତିର ବହୁଳ ପ୍ରଚାର ପାଇଁ ପଞ୍ଚସଖାଙ୍କ ପନ୍ଥା ଅବଲମ୍ବନ କରି ପଦ୍ୟ ଗ୍ରନ୍ଥ ରଚନା କରିଛନ୍ତି । ଜ୍ଞାନମିଶ୍ରା ଭକ୍ତିମାର୍ଗର 'ଗୀତା' ରୂପେ 'ପରଚେ ଗୀତା' ଆଦର ଲାଭ କରିଛି ।

କବି ବିବିଧ ଶାସ୍ତ୍ର ଅଧ୍ୟୟନ କରିଥିବା ଓ ତାଙ୍କର ତତ୍ତ୍ୱବୋଧ ସ୍ପଷ୍ଟ ଥିବା ପରଚେ ଗୀତାରେ ପ୍ରାଞ୍ଜଳ । ଶାସ୍ତ୍ରାନୁମୋଦିତ ତତ୍ତ୍ୱବିଚାରରୁ ଏହା ପ୍ରମାଣିତ ହେଉଛି ।

ଷଟ୍‌ଚକ୍ର, ନାଡ଼ିସଂଖ୍ୟା, ହୃଦକମଳାଦିର ବିବରଣ ଦ୍ୱିତୀୟ ଅଧ୍ୟାୟରେ, ଚକ୍ରମାନଙ୍କର ଦଳ ଓ ଅକ୍ଷର ନିର୍ଦ୍ଦେଶ ତୃତୀୟରେ ବର୍ଣ୍ଣିତ ହୋଇଛି । ୪ର୍ଥ-ଅଣଞ୍ଚାଶ ବାୟୁର ସ୍ଥାନ ଓ ସଂଚାର ବିଚାର; ଏ ବାୟୁମାନଙ୍କର ନାମ । ୫ମ-୨୪ଶ (ଚବିଶ) ବ୍ରହ୍ମାଣ୍ଡର ବର୍ଣ୍ଣନା । ଏହି ୨୪ ବ୍ରହ୍ମାଣ୍ଡ ଉପରେ ଶୂନ୍ୟ ମଣ୍ଡଳ । ଏହା ଉପରେ ୬୪ କଳା । ୬ଷ୍ଠ-ବ୍ରହ୍ମାଣ୍ଡ, ୧୪ । ୭ମ-ତ୍ରିଗୁଣର ଭେଦ, ସତ୍ତ୍ୱର ଶ୍ରେଷ୍ଠତ୍ୱ । ୮ମ-ଗୁରୁ, ବ୍ରାହ୍ମଣ, ମୁନି, ବୈଷ୍ଣବ, ଗଗନପବନାଦିଙ୍କୁ ପୂଜିଲେ ମଧ୍ୟ ଭଗବାନଙ୍କ ପୂଜା ହୁଏ । ବୈଷ୍ଣବପୂଜାର ଶ୍ରେଷ୍ଠତ୍ୱ ପ୍ରତିପାଦିତ ହୋଇଛି । ୯ମ-ଶରୀରର ବିଭିନ୍ନ ଅଂଶ । ୧୦ମ-ଜ୍ୟୋତି ମଧ୍ୟସ୍ଥ 'ପୁରୁଷର' ମାପ । ସୋଽହଂ ହଂସର ବିଷୟ । ଭଗବାନଙ୍କ ସ୍ୱରୂପ । ପ୍ରତିମାପୂଜା ନିକୃଷ୍ଟ । ଜ୍ଞାନ ବିଚାର । ୧୧ଶ-ବୈଷ୍ଣବ ଲକ୍ଷଣ । ୧୨ଶ-ପିଣ୍ଡ ବ୍ରହ୍ମାଣ୍ଡ, ମନୁଷ୍ୟର ଜୀବଦ୍ଦଶା । ୧୩ଶ—ବ୍ରହ୍ମଜ୍ଞାନ ମାହାତ୍ମ୍ୟ । ୧୪ଶ—ଆକାଶାଦିର ବିସ୍ତାର । ଫଙ୍କାବନ୍ଦିର କାହାଣୀ । ୧୫ଶ-ସାଧୁ ଅସାଧୁ, ବୈଷ୍ଣବତତ୍ତ୍ୱ । ୧୬ଶ-ବିଭୂତି ଯୋଗ । ୧୭ଶ-ପୂର୍ଣ୍ଣବ୍ରହ୍ମ ଓ ଅବତାର ଭିତରେ ବିଦ୍ୟମାନ ଥିବା ପ୍ରଭେଦ । ୧୮ଶ-ଗୋଲହାଟ ପ୍ରସଙ୍ଗ । ୧୯ଶ-ଅଷ୍ଟାଙ୍ଗ ଯୋଗ ସାଧନା, ୨୦ଶ-ଯୋଗୀ, ଭୋଗୀ, ଜ୍ଞାନୀ, ଶଠାଦିଙ୍କ ଲକ୍ଷଣ । ୨୧ଶ-ମନ୍ତ୍ରସିଦ୍ଧି ଓ କଳ୍ପ ବିଚାର । ୨୨ଶ-ମୁଦ୍ରାବିଚାର । ୨୩ଶ-ଷୋଳନାମ ବତିଶ ଅକ୍ଷର, ମହାମନ୍ତ୍ର ତତ୍ତ୍ୱ ବ୍ୟାଖ୍ୟା । ୨୪ଶ-ଜ୍ଞାନରେ ଆତ୍ମଲାଭ । ୨୫ଶ-ମନ୍ତ୍ର ଓ ମହାମନ୍ତ୍ରର ଜନ୍ମାଦି ବିଚାର । ୨୬ଶ-ମନୁଷ୍ୟ ଶରୀରର ଗାୟତ୍ରୀରୂପ । ୨୭ଶ-ଶରୀର

ଦେବାଳୟ । ୨୮ଶ-ପିଣ୍ଡବ୍ରହ୍ମାଣ୍ଡର ଉତ୍ପତ୍ତି । ୨୯ଶ-ନାନା ତୀର୍ଥ ବର୍ଣ୍ଣନ, କ୍ଷେତ୍ର କ୍ଷେତ୍ରଙ୍କ ବିଚାର । ୩୦ଶ-ଶରୀର ରଥ । ୩୧ଶ-ଶରୀର ପ୍ରଳୟ ପ୍ରସଙ୍ଗ ।

କବି ଭଗବତ୍ ଗୀତା, ଭାଗବତ ପ୍ରଭୃତି ଧର୍ମଗ୍ରନ୍ଥ ଓ ଯୋଗଶାସ୍ତ୍ରାଦି ସମ୍ମତ ବିଚାର ଏହି ଗ୍ରନ୍ଥରେ ପ୍ରକାଶ କରି ସ୍ୱ ପାଣ୍ଡିତ୍ୟର ସ୍ପଷ୍ଟ ପ୍ରମାଣ ଦେଇଛନ୍ତି ।

ଭାଷା ତତ୍ତ୍ୱବୋଧ-ଉପଯୋଗୀ ହୋଇ ସ୍ଥାନେ ସ୍ଥାନେ ଦୁର୍ବୋଧ୍ୟ ପରିଭାଷାର ବ୍ୟବହାର ହୋଇଥିଲେ ମଧ୍ୟ ବହୁଳାଂଶରେ ସହଜ ହୋଇଥିବାରୁ ପାଠକ ଓ ସାଧନେଚ୍ଛୁମାନଙ୍କର ଆଗ୍ରହ ସୃଷ୍ଟି କରିପାରିଛି ।

ଦ୍ୱାରକା ଦାସ ଗୁପ୍ତ ତତ୍ତ୍ୱବୋଧ ପ୍ରସଙ୍ଗରେ ଗୁରୁ ଶିଷ୍ୟଙ୍କୁ କପର ଶିକ୍ଷା ଦିଏ ତାହା ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି । ଗୁରୁ ଶିଷ୍ୟଙ୍କୁ ଅନେକ ପ୍ରକାରରେ କଷନ୍ତି । କଷ୍ଟ କଷ୍ଟ ସହି ହେଲେ ଜ୍ଞାନ ବିଚାର ହେବ ଜାଣିବ । ସରଳ ସାମାଜିକ ଜୀବନରୁ କେତେକ ବିଷୟ ଦୃଷ୍ଟାନ୍ତ ଛଳରେ କହୁଛନ୍ତି—

ସୁନାକୁ କଷଟିରେ କଷିଲେଇଁ, ଘୋଡ଼ାକୁ ଯୁଦ୍ଧ ଦହଡ଼େ କଷଇ ।
ଗୁରୁ ଶିଷ୍ୟଙ୍କୁ କଷନ୍ତି ମନରେ, କଷ୍ଟ ସହିଲେ ଦାନ୍ତ ସେଠାରେ ।
ଧୋଇ ମରୁଡ଼ି ସନ୍ଧିରେ ନଥାଇ, ସେ ଭୂମି ଚହ୍ନି ଚଷା ବୁଣେ ନେଇ ।
ତହିଁରେ ବହନ ନୁହଇ ଷଏ, ଏକରୁ ଶତଗୁଣ ହୋଇ ରହେ ।
ଧୋଇ ମରୁଡ଼ି ଭୂମିରେ ବୁଣିବା, ମୂଳ ହରାଇ ବୁଡ଼ିଆ ହେଇବା ।

ଯୋଗଶାସ୍ତ୍ରର ପରିଭାଷା ବ୍ୟବହାର କରି ଅତି ସହଜ ଭାଷାରେ ବର୍ଣ୍ଣନା କରିବା କୌଶଳ ସମଗ୍ର ଗ୍ରନ୍ଥରେ ପ୍ରକାଶ ପାଇଛି । ଷଟ୍‌ଚକ୍ରର ସ୍ଥିତି ସମ୍ବନ୍ଧରେ କହୁଛନ୍ତି—

ପ୍ରଥମ ତଳ ଖୋଳ ତହିଁ ନାହିଁ, ପ୍ରକାଶ ଅଛି ଖୋଳ ସେଇଠାଇଁ ।
ତହିଁ ଉପରେ ଦ୍ୱିତୀୟ ଚକରେ, ପକ୍ଷୀ ଖୋଳ ଆତ୍ମା ନାହିଁ ସେଠାରେ ।

ତହିଁ ଉପରେ ମଣିପୁର ସ୍ଥାନ, କୁଣ୍ଡଳୀ ନାଡ଼ୀ ଭ୍ରମୁଛି ଯେଣ ।
ତହିଁ ଉପରେ ଅନାହତ ଘର, ଯହିଁ ଶବଦ ହେଉଛି ବହାର ।
ସେ ଅନାହତ ଶବଦକୁ ଶୁଣ, ମୃଣାଳ ସୂତା ପଥେ ଅଛି ଜ୍ୟୋତି ।
ଚକ୍ରପବନ ନପାରେନ୍ତ ଫେର, ମନପବନ ତୋଳି ଧୀରେ ଧର ।
ବିଶୁଦ୍ଧ ଚକ୍ର ଚକ୍ର ଭେଦ ତହିଁ, ମନପବନ ଆସନରେ ଥୋଇ ।
ସେଠାରେ ପାର୍ଥ ତୁ ଅଛୁ ଦେଖିବୁ, ତୋତେ ଶୁଦ୍ଧ ତ ପରତେ ହୋଇବୁ ।
(୧୨ଶ ଅ: ।)

ବିଶୁଦ୍ଧ ଚକ୍ରରେ ମନପବନ ସ୍ଥିର ରହିଲେ ପରମଜ୍ୟୋତିର ଦର୍ଶନ ହୁଏ । ଏହିଠାରେ ଯେ ଯେଉଁପ୍ରକାରେ ଇଚ୍ଛା କରିବ ତାକୁ ସେ ପ୍ରକାର ଦେଖାଯିବ । ଜୀବ ଓ ପରମର ଏହି ମିଳନପୀଠ, ଭଗବାନ ଭକ୍ତ ସାଧକଙ୍କୁ ଏଠାରେ ଦୃଶ୍ୟ ହୁଅନ୍ତି ।

ଓଡ଼ିଶାରେ ଏହି ଷଟ୍‌ଚକ୍ର ଭେଦ ସମ୍ପର୍କୀୟ ବହୁ ପଦ୍ୟ ଦେଖାଯାଏ । ଶାସ୍ତ୍ରାନୁମୋଦିତ ପନ୍ଥାରେ ଯୋଗ ବା ସ୍ୱତଃଶାସ୍ତ୍ରକୁ ପ୍ରାଞ୍ଜଳ ଭାବରେ ବୁଝାଇବାରେ ଦ୍ୱାରକା ଜଣେ ଅଗ୍ରଣୀ ।

ସତ୍ତ୍ୱରଜତମ ପ୍ରଭାବକୁ କବି ଏହିପରି ଉଦାହରଣ ଛଳରେ ବୁଝାଇଛନ୍ତି—

ଯେସନ ସମୁଦ୍ରେ ପବନ ମେଳେ, ଲହରୀ ଜାତ ହୁଏ ଅନ୍ତରାଳେ ।
ଗୁହିଁଲେ ରୂପ ଆଉ ନ ଦିଶଇ, ଆହୁରି ଅର୍ଜୁନ ତୋତେ କହଇ ।
ଜଳକୁ ଯେସନ ଦଳ ପ୍ରମାଦ, ଆବୋରି ମାଡ଼ି ପଡ଼ିଆଇ ବନ୍ଧ ।
ଜଳ ତଳେ ଥାଇ ଉପରେ ଦଳ, ସେହିପ୍ରକାରେ ସେ ଆତ୍ମାକୁ କାଳ ।
(୭ମ ଅ: ।)

ତ୍ରିଗୁଣ ବୃକ୍ଷ ମହିମା ପ୍ରସଙ୍ଗରେ କହୁଛନ୍ତି—

ରଜ, ତମ ବୃକ୍ଷ—ରଜତମରୁ ଯେଉଁ ବୃକ୍ଷ ଜାତ, ମୋହ ଜଳେ ବୁଡ଼ି ସେ ବୃକ୍ଷ ପାର୍ଥ ।
ଭୋଗ ବାଞ୍ଛାରେ ସେ ତରୁ ବଢ଼ଇ, ଅହଙ୍କାର ସବୁ କଳିକା ହୋଇ ।
ପ୍ରକୃତି ପତ୍ର ଅଟଇ ତାହାର, ଷଡ଼ ଅରିର ପୁଷ୍ପ ଅଟେ ତାର ।

ଦଶ ଡାଳେ ସେ ଯେ ବୃକ୍ଷ ପ୍ରବଳ, କୃଷ୍ଣ ବର୍ଣ୍ଣ ହୋଇ ଫଳଇ ଫଳ ।
ଜୀବ ସେ ଫଳକୁ ଲୋଡ଼ରେ ଖାଇ, କସ୍ତ ଜାଲରେ ସେହୁ ପଡ଼ଇ ।
ସେ ଫଳ ଖାଇ ହଂସ ମତ୍ତ ଭରେ, ନରତେ ଭ୍ରମଇ ନାନା ଦୁଆରେ ।

× × ×

ଆପଣେ ଦେଖଇ ଚେତଇ ନାହିଁ, ଏହୁ ବନ୍ଧନେ ଏହୁ ସେ ପଡ଼ଇ ।

× × ×

ସନ୍ଥ ବୃକ୍ଷ—ମୂଳ ଏହାର ସତ୍‌ସଙ୍ଗ କହି, ସୁଧାରୁ ପଲ୍ଲବମାନ ଅଛଇ ।
ବିରକ୍ତ ଗୁଣ କଳିକା ଏହାର, ପ୍ରେମପୁଷ୍ପ ଧରେ ତାର ଅଗ୍ରର ।
ଆନନ୍ଦ ପୁଷ୍ପର ସୁବାସ ଏହି, ପରମ ଜ୍ଞାନ ଫଳଫଳେ ତହିଁ ।
ସୁସ୍ୱାଦେ ଶୁକଳ ଫଳ ତାହାର, ପରମହଂସ କରନ୍ତି ଆହାର ।
ସେ ଫଳ ଖାଇଲେ ମୁକତ ପାଇ, ଯମର ଯାତନା ଲାଗଇ ନାହିଁ ।
(୭ମ ଅ: ।)

ଅର୍ଜୁନଙ୍କ ପ୍ରଶ୍ନର ଉତ୍ତରଦେଇ ବୈଷ୍ଣବ ଲକ୍ଷଣ ସମ୍ବନ୍ଧରେ କହୁଛନ୍ତି—

ଶ୍ରୀହରି ବୋଇଲେ ବୈଷ୍ଣବ ମୋର, ତିନି ଭୁବନରେ ଅଟନ୍ତି ସାର !
ଜ୍ଞାନପରଚେ ଆତ୍ମା ଚିହ୍ନି ବୋଧା, ମୋହର କଥାରେ ବଡ଼ ଶରଧା ।
ମୋହର ଶରଧା ତାହାରେ ଥାଇ, କ୍ଷଣେହେଁ ତା ସଙ୍ଗ ଛାଡ଼ଇ ନାହିଁ ।
ସେ ପୁଣି ସବୁ ଜୀବ ଏକ ହୋଏ, ମୋତେ ବୋଲିକରି କଟରତ ଲଏ ।
କୀଟୁ ବ୍ରହ୍ମଲୋକ ଯାଏ ଏକହି, ଦେଖନ୍ତି ହରିମୟ ଏ ଜଗତ ।
(୧୧ଶ ଅ: ।)

ଶ୍ରୀକୃଷ୍ଣ ଭଗବତ୍ ଗୀତାରେ ବୈଷ୍ଣବ ଭକ୍ତର ଲକ୍ଷଣ—

"ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି,
ତସ୍ୟାହଂ ନ ପ୍ରଣଶ୍ୟାମି ସଚମେ ନ ପ୍ରଣଶ୍ୟତି ।"
(ଭଗବଦ୍‌ଗୀତା । ୬ଷ୍ଠ ଅଧ୍ୟାୟ)

ସାଧୁ, ବୈଷ୍ଣବମାନଙ୍କୁ ମାନ୍ୟ କରିବା ପ୍ରତ୍ୟେକ ଲୋକର କର୍ତ୍ତବ୍ୟ । ଏହା ନ କଲେ ନରକଗାମୀ ବୋଲି କବି ବ୍ୟକ୍ତ କରିଛନ୍ତି ।

ସାଧୁଙ୍କୁ ଯେହୁ ନ ନୁଆଁଇ ମୁଣ୍ଡ, ସେ ମୁଣ୍ଡ ପଡ଼ଇ ନରକକୁଣ୍ଡ ।
ବୈଷ୍ଣବ ଦେଖି ଯେ ଉଠଇ ନାହିଁ, ଆମ୍ଭେ ବଡ଼ଲୋକ ହୃଦେ ପାଞ୍ଚଇ ।
ତାଙ୍କ ଉପମା କହିବା ଶୁଣ, ଓଟ ଗଧ ଯେସନ୍ତେ ଗରଷ୍ଟ ପ୍ରାଣ । ଇତ୍ୟାଦି
( ୧୦ମ ଅ: )

ଦ୍ୱାରକା ଦାସ ପରତେ ଗୀତାରେ ଶରୀରକୁ ରଥ ରୂପେ ପୁଣି ଦେବାଳୟ ରୂପେ କଳ୍ପନା କରିଛନ୍ତି; ଏହା ଶାସ୍ତ୍ରସମ୍ମତ । "ଦେହୋ ଦେବାଲୟୋ ପ୍ରୋକ୍ତା ସ ଦେବଃ ବ୍ରାହ୍ମଣୋବହ୍ନି ।" (ଭଗବତ୍‌ଗୀତା) । ଏହି ଦେହର ନବଦ୍ୱାର ଥିବା ମଧ୍ୟ ଶାସ୍ତ୍ରସମ୍ମତ—

"ନବଦ୍ୱାର ପୁରେଦେହୀ ହଂସୋଲେଲାୟତେ ।ବହି" (ଭଗବତ୍ ଗୀତା)

କବି ଦେହ-ରଥରେ ମନ-ରାଜନର ବିହାରକୁ ଚମତ୍କାର ଭାବରେ ସୂକ୍ଷ୍ମ କଳ୍ପନାଶକ୍ତି ବଳରେ ରୂପ ଦେଇଛନ୍ତି । ଶରୀର ରଥକୁ ଦଇବ ଭିଆଣ କଲି । ଏକା ଅଖରେ ଦୁଇଚକ ଦେଇ ବେନି ଭୁଜକୁ ସାରଥିକୁ କଲି । ଦୁଇପାଦ ଅଶ୍ୱରଥ ବାହାନ୍ତି । ପବନ ପତାକା, ଚର୍ମବସନ କରି ଉଦ୍ୟାନକୁ ମଣ୍ଡନ କରିଛୁ । ଘଣ୍ଟିଘାଗୁଡ଼ି କାମ କ୍ରୋଧ । ଏହି ରଥ ପୁଣି କେତେ ରଙ୍ଗରେ ବେଗରେ ଯାଏ । କେତେ ଦାନ ପୁଣ୍ୟ ମାର୍ଗରେ ଆଏ । ଏ ରଥରେ ମନରାଜନ ଆରୋହି ଜଗ ଭ୍ରମଣ କରେ; ଧର୍ମ ଅଧର୍ମରେ ଚକ ଚଳେ । କଳ୍ପନା ତାର ସାରଥି ଅଟଇ । କଳ୍ପନା ମହାକାଲ ରାଣୀ ମନରାଜା ସଙ୍ଗେ ସଙ୍ଗେ ଥାଏ, ମନରାଜା କାଲ-ରାଣୀର ବଶ ।

କାଲ-ରାଣୀର ମନରାଜା ଉପରେ ବଶ ତାହା କବି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି ।

ଏ କାଲ-ରାଣୀଙ୍କ ବଚନେ ଥାଇ, ପ୍ରାଣେ ଅଧିକ କରି ନ ଛାଡ଼ଇ ।
ସେ ଯେବେ ହସଇ ରାଜା ହସଇ, ରାଣୀ କହୁଥିଲେ ରାଜା କହଇ ।

ରାଣୀ ପରିହାସ କରନ୍ତି ଯେବେ, ରାଜା ପରିହାସ କରଇ ତେବେ ।
ରାଣୀ ଶୋଇଥିଲେ ରାଜା ଶୁଅଇ, ରାଣୀ ଜାଗିଲେ ସ୍ୱଜାଣ୍ଟି ଜାଗଇ ।

ରାଣୀ ଷ୍ଟନ୍ତୁଁ ଥିଲେ ରାଜାହିଁ ସ୍ୱହିଁ, ଏମନ୍ତ ଅଭେଦ ରାଜାରାଣୀ ଦୁଇ ।
ଶ୍୦ଶ ଅ: ।

ପ୍ରବୃତ୍ତି, ନିବୃତ୍ତି ମନରାଜାର ଦୁଇ ରାଣୀ ।

ଏପରି ବହୁ ତତ୍ତ୍ୱଜ୍ଞାନ ବିଷୟ ଦ୍ୱାରକା ଦାସ ସୁନ୍ଦର ମନୋରଞ୍ଜକ ଉଦାହରଣ ସହ ବୁଝାଇ ଥିବାରୁ କି ସାଧୁ କି ସାଧକ କି ସାଧାରଣ ଲୋକ ସମସ୍ତେ ଏହାକୁ ଆଦର କରନ୍ତି ।

ଦ୍ୱାରକା ଦାସ କହନ୍ତି ନିରାକାରବ୍ରହ୍ମ ବ୍ରହ୍ମାଣ୍ଡର ଜୀବ ଅଜୀବ ସମସ୍ତଙ୍କ ଦେହରେ ଥିବାରୁ ତାଙ୍କୁ ଚିହ୍ନିବା ହେଉଛି ଜୀବର ପ୍ରଧାନ କର୍ତ୍ତବ୍ୟ । ଆତ୍ମଜ୍ଞାନ ଦ୍ୱାରା ବ୍ରହ୍ମଙ୍କୁ ଚିହ୍ନି ହେବ । ବ୍ରହ୍ମଙ୍କ ବିଭୂତି ବର୍ଣ୍ଣନା ପ୍ରସଙ୍ଗରେ କବି ଆତ୍ମଜ୍ଞାନ ଓ ପ୍ରତିମାପୂଜା ସମ୍ବନ୍ଧରେ ସୂଚନା ଦେଇଛନ୍ତି ଏବଂ ଆତ୍ମଜ୍ଞାନ ଲଭିକଲେ ପ୍ରତିମାପୂଜା ନିରର୍ଥକ ବୋଲି ବ୍ୟକ୍ତ କରିଛନ୍ତି । କବି ଅଳ୍ପ ପଦରେ ଏହାକୁ ବୁଝାଇ ପାରିଛନ୍ତି ।

ଦୃଶ୍ୟ ଅଦୃଶ୍ୟ ମୁଁ ଅଟଇ ସାର, ତୁ ଆତ୍ମା ବିଭୂତିମାନ ମୋହର ।
ଏମନ୍ତ ନଜାଣି ମୂଢ଼ ଚିତ୍ତରେ, ଆତ୍ମା ନ ପୂଜି ପୂଜନ୍ତି ଆନରେ ।
ମୋତେ ଛାଡ଼ି ଆନ ଦେଅଁ ପୂଜନ୍ତି, ମୁଁ ଆତ୍ମା ବୋଲି ସେ ନଚିହ୍ନନ୍ତି ।
ଦାରୁ ଚିତ୍ରପଟ ଶିଳାଧାତୁରେ, ପ୍ରତିମା କରି ପୂଜନ୍ତି ସୁଖରେ ।
ସ୍ୱଭାବେ ଅଜୀବ ଜୀବ ନୋହଇ, ଯାଚିଲେ ନ ନେଇ ମାଗି ନ ଖାଇ ।
କର୍ଣ୍ଣେ ନ ଶୁଣେ ଜଡ଼ୁବା ବଚନ, ଗୁହାରି କଲେ ନ କରେ କଲ୍ୟାଣ ।
ଏମନ୍ତ ପ୍ରତିମା ଆପନା କରି, ପୂଜଇ ଏହି ଦେଅଁ ବୋଲି କରି ।
ଏମନ୍ତ ବୋଲି ଦୁର୍ବୁଦ୍ଧି ପାମରେ, ମୋତେ ନଚିହ୍ନନ୍ତି ମାୟା ମୋହରେ ।
ତାଙ୍କର ଦେହରେ ମୁଁ ରହିଥାଇ, ମୋତେ ନ ଚିହ୍ନନ୍ତି ଅଜ୍ଞାନ ହୋଇ ।
( ୧୬ମ ଅ: ) ।

ଆତ୍ମଦର୍ଶୀ ଜଣ ଲୋକରେ କେବଳ ଏହାର ପୁଷ୍ଟି ସମ୍ଭବ, ସାଧାରଣ ଲୋକ ପକ୍ଷରେ ନୁହେଁ ।

ଦ୍ୱାରକା ନଗର ଦୈନ୍ୟ ପ୍ରକାଶ କରି ପରେ ଗୀତାରେ ଯେଉଁ ଦୈନ୍ୟବଚନ ପ୍ରକାଶ କରିଛନ୍ତି ସେଥିରୁ ତାଙ୍କର ଅଜ୍ଞତା ନୁହେଁ, ନିରହଙ୍କାରିତା ସ୍ପଷ୍ଟ ହେଉଛି ।

ମୁଁ ଅତି ମୂରୁଖ ପଣ୍ଡିତ ନୋହି, ସୁଜନ ସଙ୍ଗତେ ବସିବା ନାହିଁ ।
ସଂସ୍କୃତ ନୋହେ ଶୁଦ୍ଧ ନୋହେ ଭାଷା, ଦେବାଧି ବଚନ କହୁ କ ଜଣା ।
ସାଧୁଜନେ ଦୋଷ ଘେନମ ନାହିଁ, ବାଳୁତ ମତି ପ୍ରାଏ ଗଲି କହି ।
(ପ: ଗୀ: ଶେଷ ଅଧ୍ୟାୟ )।

ଶୈବପୁରାଣ ଓ ଗୋବିନ୍ଦଗୀତା ଦ୍ୱାଦଶସ୍କନ୍ଧଟୀକା ପ୍ରଭୃତି କେତେକ ଗ୍ରନ୍ଥ ଅପ୍ରାପ୍ୟ ଥିବାରୁ ଆଲୋଚନା କରିଯାଇ ପାରିଲା ନାହିଁ ।

ଛଅ ଚଉଷଠି ଅଧ୍ୟାୟ ବିଶିଷ୍ଟ 'ଗୁପ୍ତଗୀତା' ରଚନା କରିଥିବା ତାଙ୍କର ପ୍ରଦତ୍ତ ତାଲିକାରୁ ଜଣାଯାଏ । ଏହା ଛତିଶଗୁପ୍ତଗୀତାର ପରିବର୍ତ୍ତିତ କଳେବର କି ସ୍ୱତନ୍ତ୍ର ଗ୍ରନ୍ଥ ଜାଣିହେଉନାହିଁ । ଏହି ଗୀତାଟି ମିଳୁନାହିଁ ।

---

# ତୃତୀୟ ପରିଚ୍ଛେଦ

## ନନ୍ଦ ଦାସ

ନନ୍ଦ ଦାସଙ୍କ 'ଅଣାକାର ସଂହିତା' ଅଚ୍ୟୁତାନନ୍ଦ ଦାସଙ୍କ 'ଅଣାକାର ସଂହିତା' ପରି ଯୋଗ ସମ୍ବନ୍ଧରେ ଗୋଟିଏ ସୁନ୍ଦର ଗ୍ରନ୍ଥ । ଯୋଗ ବିଷୟରେ ନିତାନ୍ତ ସରଳ ଭାବରେ ଗ୍ରନ୍ଥଟି ଲିଖିତ ହୋଇଅଛି ।

କବିଙ୍କ ସମ୍ବନ୍ଧରେ ତାଙ୍କର ନିଜ ଗ୍ରନ୍ଥରୁ କିମ୍ବା ଅନ୍ୟମାନଙ୍କ ଗ୍ରନ୍ଥରୁ ବେଶି କିଛି ଜଣା ପଡ଼ୁନାହିଁ । ତେବେ ଯାହା ମିଳୁଛି, ତାକୁ ଆଲୋଚନା

ଅନେ ଜଣାଯାଏ, ରାମଚନ୍ଦ୍ର ଦେବଙ୍କ ୪୩ ଅଙ୍କ ଅର୍ଥାତ୍ ୧୬୦୨ ଖ୍ରୀ: ରେ ଜନ୍ମ ହୋଇଥିବା କବି ଦ୍ୱାରକା ଦାସଙ୍କ ପରେ ଏ କବିଙ୍କର ଆବିର୍ଭାବ ହୋଇଥିଲା । ଖ୍ରୀ: ୧୬୮୧ ରେ ଦ୍ୱାରକା ଦାସ ଛତିଶ ଗୁପ୍ତଗୀତା ଲେଖିଥିଲେ । ଅତଏବ ଏହି ସମୟକୁ ଦ୍ୱାରକା ଜୀବିତ ଥିଲେ । ଦ୍ୱାରକାଙ୍କ ମୃତ୍ୟୁ ପରେ ନନ୍ଦଙ୍କ ଜନ୍ମ ହୋଇଥିବା ଅନୁମାନ । ଏଥିରୁ ଜଣା ଯାଉଛି କବି ୧୮ଶ ଶତାବ୍ଦୀର ପ୍ରଥମ ବର୍ଷରେ ଜୀବିତ ଥିଲେ । ନନ୍ଦ ଦାସଙ୍କ ଜନ୍ମ ସ୍ଥାନ ସମ୍ବନ୍ଧରେ ମଧ୍ୟ କିଛି ଜଣାଯାଉନାହିଁ ।

କବି ନିଜର ପୂର୍ଣ୍ଣ ନାମକୁ ବ୍ୟକ୍ତ କରି ନାହାନ୍ତି । ତାଙ୍କର ଚାରୋଟି ଅକ୍ଷରର ନାମ । ଏଥିରୁ ପ୍ରଥମ ଦୁଇ ଅକ୍ଷରକୁ ଗୋପ୍ୟ କରି ଶେଷ ଦୁଇ ଅକ୍ଷର କେବଳ ପ୍ରକାଶ କରିଛନ୍ତି ବୋଲି ସେ ନିଜେ ଲେଖିଛନ୍ତି ।

କହଇ ଦୀନ ନନ୍ଦ ଦାସ, ସ୍ୱଚ୍ଛ ଚରଣେ କରି ଆଶ ।
ବେନି ଅକ୍ଷର ଗୁପ୍ତ କଲି, ବେନିରେ ନାମକୁ ଭଣିଲି ।

(୭ମ ଅଧ୍ୟାୟ)

ଏପରି କରିବା ଉଦ୍ଦେଶ୍ୟ କଣ ତାହା ମଧ୍ୟ ଜଣା ଯାଉ ନାହିଁ । ତେବେ ଏତିକି ଅନୁମିତ ହୁଏ, ଚୈତନ୍ୟ ପନ୍ଥୀ ବୈଷ୍ଣବମାନଙ୍କ ଭୟରେ ସେ ଏହା କରିଛନ୍ତି । ପ୍ରତାପରୁଦ୍ରଦେବଙ୍କ ସମୟଠାରୁ ଆରମ୍ଭ କରି ନନ୍ଦ ଦାସଙ୍କ ସମୟ ପର୍ଯ୍ୟନ୍ତ ଚୈତନ୍ୟ ପନ୍ଥୀ ବୈଷ୍ଣବମାନଙ୍କର ପ୍ରଭାବ ଓଡ଼ିଶାରେ ବେଶି ଥିଲା । ସେମାନେ ଯୋଗପନ୍ଥୀ ବା ବ୍ରହ୍ମଜ୍ଞାନୀ ବା ନିର୍ଗୁଣ ବୈଷ୍ଣବ ମାନଙ୍କୁ ଘୃଣା କରୁଥିଲେ । ଏପରି କି ଜଗନ୍ନାଥ, ବଳରାମ, ଅଚ୍ୟୁତ, ଯଶୋବନ୍ତ, ଅନନ୍ତଙ୍କ ପରି ବୈଷ୍ଣବଙ୍କୁ ମଧ୍ୟ ଚୈତନ୍ୟ ପନ୍ଥୀ ବୋଲାଉଥିବା ବୈଷ୍ଣବ ବା ବ୍ରଜମଣ୍ଡଳୀ ପନ୍ଥୀମାନେ ସୁଖ ପାଉ ନ ଥିଲେ । ନନ୍ଦ ଦାସ ଏହି ଭୟରେ ନିଜର ପୂର୍ଣ୍ଣନାମ ପ୍ରକାଶ କରି ନଥିବା ସମ୍ଭବ । ଏହି କାରଣରୁ ଏହି ନିର୍ଗୁଣଭଜନ-କାରୀ ବୈଷ୍ଣବମାନେ 'ଗୁପ୍ତ'ରେ ରହୁଥିଲେ ଏବଂ 'ଗୁପ୍ତଗୀତା' 'ଛତିଶ ଗୁପ୍ତଗୀତା' ନାମ କରଣ ଏହି ଗୁପ୍ତ ଗୋଷ୍ଠୀର ସୂଚନା ଦିଏ ।

'ନନ୍ଦଦାସ' ନିଜକୁ ଦ୍ୱାରିକାଦାସଙ୍କ ଅବତାର ବୋଲି ପରିଚୟ ଦେଇ-ଥିବା ଅନୁମିତ ହୁଏ । ଦ୍ୱାରିକା ନିଜକୁ ପଞ୍ଚସଖା ବଳରାମଙ୍କ ପ୍ରଥମ ଅବତାର ଥିବା ଲେଖି ଥିବାରୁ ନନ୍ଦଦାସ ପରଂପରାକ୍ରମେ ବଳରାମ ଦାସଙ୍କ ଦ୍ୱିତୀୟ ଅବତାର ହେଲେ । ବଳରାମଙ୍କ ପ୍ରସିଦ୍ଧି ଏହି ଅବତାରବାଦ ଆଶ୍ରୟର ପ୍ରଧାନ କାରଣ ।

ନନ୍ଦଦାସ ଅଣାକାର ସଂହିତାରେ ବଳରାମଙ୍କ ପୂର୍ବଜନ୍ମ ଓ ପରବର୍ତ୍ତୀ ଦୁଇ ଜନ୍ମ ବିଷୟ ଲେଖିଛନ୍ତି । ପ୍ରଥମ ଜନ୍ମ ଦ୍ୱାରିକା ଦାସ, ଦ୍ୱିତୀୟ ଜନ୍ମ ନନ୍ଦଦାସ । ଖୋର୍ଦ୍ଧା ଖେଳରାଜା ରାମଚନ୍ଦ୍ର ଦେବଙ୍କ ୪୩ ଅଙ୍କ ବା ଖ୍ରୀ: ୧୬୦୩ ରେ ଦ୍ୱାରିକା ଦାସ ପୁଣି ଶୂଦ୍ର କୁଳରେ ଜନ୍ମ ଗ୍ରହଣ କଲେ । ଏହି ତୃତୀୟ ଜନ୍ମରେ ବଳରାମ ଦାସ ନନ୍ଦଦାସ ରୂପେ ପରିଚିତ ଥିଲେ ।

ଗୁପତ ବ୍ରହ୍ମ ଜ୍ଞାନସାର, ଗୀତରେ କରିବ ପ୍ରଚାର ।
ଶୂଦ୍ର କୁଳରେ ହେବ ଜାତ, ଶୁଣ ହେ ପାଣ୍ଡୁ ରାଜାସୁତ ।
ଗୃହ ଭିତରେ ସ୍ନେହ ବଢ଼, ଗୁପତ ଭାବେ ହେବ ଦୃଢ଼ ।
ଦୁଃଖ କଷ୍ଟେ ବଞ୍ଚିବ ଦିନ, ଗାଇବ ନିର୍ଗୁଣ ଭଜନ ।

ଏହି ନିର୍ଗୁଣ ଭଜନକାରୀ ଯୋଗୀ ବ୍ରହ୍ମଜ୍ଞାନରେ ଶୁଭ ଦେଇଥିବାରୁ ପର ଅପର ଜାଣୁ ନ ଥିଲେ, ସମସ୍ତଙ୍କୁ ଏକଭାବରେ ଦେଖୁଥିଲେ । କର୍ମ ଅକର୍ମର ଭେଦ ତାଙ୍କଠାରେ ନ ଥିଲା । ବ୍ରହ୍ମନିଷ୍ଠ ବ୍ୟକ୍ତିଙ୍କର ସବୁ ଗୁଣ ତାଙ୍କଠାରେ ଥିଲା । ସେ ବ୍ରହ୍ମଜ୍ଞାନ ପ୍ରଚାର କରି ଆନନ୍ଦ ଲାଭ କରୁଥିଲେ ।

କର୍ମ କାଟି ଅକର୍ମ ହେବ, ବ୍ରହ୍ମଜ୍ଞାନେ ଚିତ୍ତ ବଢ଼ିବ ।
ପର ଅପର ନ ଜାଣିବ, ସକଳ ଏକସ କରିବ ।
ପ୍ରାଣୀଙ୍କି ଉପଦେଶ ଦେଇ, ଏକାକ୍ଷର ଭେଦ ବୁଝାଇ ।
ଗୁପତେ ବଞ୍ଚୁଥିବ ଦିନ, ତାହାଙ୍କୁ ନ ଜାଣିବେ ଜନ ।
ବହୁ ପ୍ରମାଦରୁ ବଞ୍ଚିବ, ଅନମିତେ ନିନ୍ଦା ସହିବ ।
ଉଦାସୀ ଭାବେ ମୋତେ ଧ୍ୟାଇ, ଥିବ ନିର୍ମଳ ଚିତ୍ତ ହୋଇ । (ଷଷ୍ଠ ପଃ)

ସୋଧକ୍ରୁ ଏ ସାରଳା ଦାସ ପରଜନ୍ମରେ ନନ୍ଦ ଦାସ ରୂପେ ଶୂଦ୍ର କୁଳରେ ଜନ୍ମ ଗ୍ରହଣ କଲେ ଏବଂ ଉପରୋକ୍ତ ପଂକ୍ତି ସମୂହରେ ନନ୍ଦ ଦାସଙ୍କର ଆତ୍ମ ଚରିତ ପ୍ରକାଶିତ ହୋଇଥିବା ସମ୍ଭବ ।

ଆହୁରି ମଧ୍ୟ ୪ର୍ଥ ପରିଚ୍ଛେଦରେ ନନ୍ଦ ଦାସ ଲେଖିଛନ୍ତି—

ସାଧୁ ଜନେ ଦୋଷ ନ ଧର, ମୁଁ ତୁମ୍ଭ ଚରଣ କଙ୍କର ।
ଯେଣୁ ସୁଦୟା କଲେ ହରି, ତେଣୁ ମୁଁ କହିଲି ବିସ୍ତାରି ।
ସତ୍ୟରେ ବ୍ରହ୍ମଙ୍କ ବୋଲଇ, ସାତ୍ତ୍ୱିକେ ବ୍ରହ୍ମେ ଚିତ୍ତ ଦେଇ ।
ଶ୍ଳୋକରେ ମହିମା ବର୍ଣ୍ଣିଲି, ମୁଁ ଯୁଗେ ହେବାରେ ଖଟିଲି ।
ନୀଳ ସ୍ୱରୂପେ ତ୍ରେତୟାରେ, ରହିଲି ଶ୍ରୀରାମ ସଙ୍ଗରେ ।
କପି ମଙ୍ଗତେ ଘେନ ମୋତେ, ଲଙ୍କାକୁ ଗଲେ ରଘୁନାଥେ ।
ରାବଣ ମରଣ ଦେଖିଲି, ରାମାୟଣ ପୂରଣ କଲି ।
ଶୂଦ୍ର ମୁନି ଶାରଳା ଦାସ, ପୁରାଣ କଲି ଗୀତ ରସ ।
ମହାଭାରତ ଉଚ୍ଚାରଣ, କଲି ଶ୍ରୀଗୁରୁ କୃପାରେଣ ।
ଦ୍ୱାପର ଯୁଗେ ଦ୍ୱାରକାରେ, ଜନ୍ମିଲି ପବନ ବୀର୍ଯ୍ୟରେ ।
ଶ୍ରୀହରି ସଙ୍ଗେ ଅଙ୍ଗ ସଙ୍ଗ, ଛଳାଙ୍କେ ନୁହଇ ବିଭଙ୍ଗ ।
ବେଦ ଅକ୍ଷର ଗୁପ୍ତ କଲି, ବେଦରେ ନାମକୁ ଭଣିଲି ।
ଆଦ୍ୟ ବେଦ ଅକ୍ଷର ଗୁପ୍ତ, ପାଞ୍ଚ ବେଦରେ କଲି ଗୀତ ।

ନନ୍ଦ ଦାସ ପୂର୍ବ ଜନ୍ମରେ ଶାରଳା ଦାସ, ବଳରାମ ଦାସ ଥିବା ଲେଖିଛନ୍ତି । ଶାରଳା ଦାସଙ୍କୁ ବଳରାମ ଦାସଙ୍କ ପରବର୍ତ୍ତୀ ବୋଲି ଲେଖି ସମସ୍ତ ନିର୍ଣ୍ଣୟରେ ଭୁଲ କରିଛନ୍ତି ।

ଅଣାକାର ସଂହିତାରେ ପ୍ରାଞ୍ଜଳ ଭାବରେ ଆଠଟି ଶ୍ରେଷ୍ଠ ପରିଚ୍ଛେଦରେ ଶ୍ରୀକୃଷ୍ଣ ଅର୍ଜୁନ ସମ୍ବାଦରେ ବ୍ରହ୍ମଜ୍ଞାନର ନିଗୂଢ଼ ତତ୍ତ୍ୱ ବର୍ଣ୍ଣିତ ହୋଇଅଛି । ପରମେଶ୍ୱରଙ୍କ ଭକ୍ତର ଲକ୍ଷଣ ବର୍ଣ୍ଣନା କରିବାକୁ ଯାଇ ନନ୍ଦ ଦାସ କହିଛନ୍ତି—

ମୋର ଭକତ ଯେ ଜାଣଇ, ଶୁଦ୍ଧ ଅଶୁଦ୍ଧ ଜାତି ନାହିଁ ।
ନିଶ୍ଚଳ ଦୃଷ୍ଟି ଭାବ ନିତ୍ୟ, ଭ୍ରମଇ ଉଦାସୀନ ମତେ ।
ସକଳ ତ୍ୟାଗ କରିଥାଇ, ମୋର ଚରଣେ ଚିତ୍ତ ଦେଇ ।
ସଂସାର ମଧ୍ୟରେ ବିହରେ, ଗତି ଅପର ନ ବାଞ୍ଛରେ ।
ନାହିଁ ତା ମାନ ଅପମାନ, ସକଳ କରଇ ସମାନ ।
ଆତ୍ମର ନିନ୍ଦା ନ କରଇ, ତୀର୍ଥ ବ୍ରତରେ ନ ଭ୍ରମଇ ।
ତପ ଯଜ୍ଞାଦି ଦାନ ଯେତେ, କେବେହେଁ ନ ଯେନଇ ଚିତ୍ତେ ।
ଉପାସନାଦି ଯେତେ କର୍ମ, ତେଣୁ ନୁହଇ ମନ ଭ୍ରମ ।
ଆପଣା ଦିଅଁ ନ ପୂଜଇ, ଚଣ୍ଡି ଗ୍ରାମଣ୍ଡୀ ନ ମାନଇ ।
ନାମ ଭଜନେ ମନ ଦେଇ, ସଦା ସର୍ବଦା ଭ୍ରମୁଥାଇ ।

୯ମ ପରିଚ୍ଛେଦ ।

ନନ୍ଦ ଦାସଙ୍କ ମତରେ ପ୍ରକୃତ ଭକ୍ତ ଯେ ସେ ସର୍ବଦା ନାମ ଭଜନରେ ଦିନାତିପାତ କରିବ, ନିର୍ଗୁଣ ବ୍ରହ୍ମଙ୍କୁ ଧ୍ୟାନ କରିବ, ଆତ୍ମାରେ ଆତ୍ମାକୁ ଦେଖିବ, ପରହିତ ପାଇଁ ନିଜକୁ ନିୟୋଗ କରିବ ଏବଂ ସୁଖଚିତ୍ତରେ ଜୀବରେ ଦୟାକରିବ । ଦିଅଁ ଦେବତା, ଚଣ୍ଡୀଗ୍ରାମଣ୍ଡୀ ପ୍ରଭୃତିର ଉପାସନା: ତପ, ଯଜ୍ଞ, ଦାନ ପ୍ରଭୃତିରେ ପ୍ରକୃତଭକ୍ତ ବିଶ୍ୱାସ ରଖିବ ନାହିଁ ।

ଏଥିରୁ ଜଣାପଡ଼ୁଛି ଯେ ନନ୍ଦ ଦାସ ପ୍ରତିମାପୂଜା, ତପ, ଯଜ୍ଞ, ଦାନ ଓ ଉପାସନା ପ୍ରଭୃତି ତ୍ୟାଗକରି କେବଳ ନିରାକାର ପରମବ୍ରହ୍ମଙ୍କ ଉପାସନା କରୁଥିଲେ । ମନପବନ ନିରୋଧ କରି ଶୂନ୍ୟ ବ୍ରହ୍ମ ବା ନିରାକାର ବ୍ରହ୍ମ ବା ଦାରୁବ୍ରହ୍ମ ଜଗନ୍ନାଥଙ୍କୁ ଧ୍ୟାନ କରିବାପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏଥିରୁ ସେ ପ୍ରତିମାପୂଜାର ବିରୋଧୀ ଥିବା ସୂଚିତ ହେଉନଥିଲେ ମଧ୍ୟ ଶୂନ୍ୟବ୍ରହ୍ମ ବା ଜଗନ୍ନାଥଙ୍କୁ ଯୋଗ ଧ୍ୟାନଦ୍ୱାରା ପ୍ରାପ୍ତ ହେବା 'ଉପାସ୍ତି' ଉତ୍କୃଷ୍ଟ ଥିବା ପ୍ରତିପାଦିତ କରିଛନ୍ତି । କେବଳ ପ୍ରତିମା ପୂଜା ଓ ଦାନଯଜ୍ଞାଦିକୁ ସେ ପସନ୍ଦ କରିନାହାନ୍ତି ।

ତାଙ୍କର ଏହି ମତଲୁ ଜନସାଧାରଣ ସମ୍ୟକ୍ ଭାବରେ ହୃଦୟଙ୍ଗମ କରି-ପାର ନଥିଲେ । ଏହି କାରଣରୁ ତାଙ୍କୁ ବହୁ ନିର୍ଯାତନା ସହ୍ୟ କରିବାକୁ ପଡ଼ିଥିଲା । ଏକେ ଶୂଦ୍ର ହୋଇ ବ୍ରହ୍ମଜ୍ଞାନ ପ୍ରଚାର କରିବା, ପୁଣି ରକ୍ଷଣଶୀଳ ମନୋଭାବ ସଂପନ୍ନ ସମାଜର ପାରଂପରିକ ବିଧିବିଧାନ ସେବା ପୂଜା ବିଶ୍ୱାସକୁ ଅସ୍ୱୀକାର କରିବା ସମାଜ ପକ୍ଷେ ଅସହ୍ୟ ହୋଇଥିବ । ସେ ବ୍ରହ୍ମନିଷ୍ଠ ଥାଇ ବ୍ରହ୍ମଜ୍ଞାନୀପରି ଉଚ୍ଚ ନୀଚ ଭେଦାଭେଦ ଭାବ ତ୍ୟାଗ କରିଥିଲେ । ଏହି କାରଣରୁ ମଧ୍ୟ ତାଙ୍କୁ ରକ୍ଷଣଶୀଳ ସମାଜ ଏକ ବିଦ୍ରୋହୀ ରୂପେ ମଣି ତାଙ୍କୁ ହତାଦର କରିଥିବେ । ବହୁ ବ୍ରହ୍ମଜ୍ଞାନୀଙ୍କ ଭାଗ୍ୟରେ ଏପରି ହତାଦର ଓ ନିର୍ଯାତନ ମିଳିଥିବା ଦୃଷ୍ଟାନ୍ତ ଓଡ଼ିଶାରେ ଅଳ୍ପ ନୁହେଁ; ଅଚ୍ୟୁତାନନ୍ଦ, ବଳରାମ, ଜଗନ୍ନାଥ ପ୍ରଭୃତି ଏହାର ପ୍ରମାଣ ।

ଅରୂପାନନ୍ଦ ବିବରଣ, କଳିଯୁଗ ମହିମା, ପଞ୍ଚସଖା ଚରିତ ପ୍ରଭୃତି ବର୍ଣ୍ଣନା ସୁନ୍ଦର ଭାବରେ ହୋଇଛି । ନନ୍ଦ ଦାସଙ୍କ ଅଣାକାର ସଂହିତାରେ ପଞ୍ଚସଖାଙ୍କ ସମ୍ବନ୍ଧରେ ସାମାନ୍ୟ ଆଭାସ ମିଳେ ।

ଅଣାକାର ସଂହିତାରେ ଅନେକ ଶିକ୍ଷଣୀୟ ବିଷୟ ଥିଲେ ମଧ୍ୟ ସାହିତ୍ୟିକ କୃତିହିସାବରେ ଏହାର ବିଶେଷତ୍ୱ ନାହିଁ । ତନ୍ତ୍ରଶାସ୍ତ୍ର ହିସାବରେ ଏହାର ପ୍ରାଧାନ୍ୟ ରହିଛି । ପଞ୍ଚସଖାଙ୍କ ଜୀବନୀ ଓ କେତେକ ଐତିହାସିକ ପୁରୁଷଙ୍କ ନାମ ଓ କାଳର ଉଲ୍ଲେଖ ଥିବାରୁ ଏହାର ବିଚାର ମଧ୍ୟ ଆବଶ୍ୟକ ହୁଏ ।

---

# ଚତୁର୍ଥ ପରିଚ୍ଛେଦ

## ଦେବାନନ୍ଦ ଦାସ

ଦେବାନନ୍ଦ ଦାସଙ୍କ 'ବୈଚନ୍ଦ୍ର ଗୀତା' ଗୋଟିଏ ସଙ୍କଳନାତ୍ମକ ଗ୍ରନ୍ଥ । ଏହି ଗୀତାର ବର୍ଣ୍ଣିତ ବିଷୟ ଅଚ୍ୟୁତାନନ୍ଦ, ବଳରାମ, ଚନ୍ଦ୍ରମଣି ପ୍ରଭୃତିଙ୍କଦ୍ୱାରା ବର୍ଣ୍ଣିତ ବିଷୟ ପରି ।

କବି ସରଳ ସୁବୋଧ୍ୟ ଭାଷାରେ ନିରାକାର ପରଂବ୍ରହ୍ମଙ୍କ ତତ୍ତ୍ୱ ୨୨ଟି ଅଧ୍ୟାୟରେ ବର୍ଣ୍ଣନା କରିଅଛନ୍ତି । ଶ୍ରୀ ରାମଚନ୍ଦ୍ର ମାନବ ଜନ୍ମ ଗ୍ରହଣ କରି ମାନବୀୟ ମାୟାରେ ମୋହିତ ଥିବାରୁ ନିଜର ରୂପ, ବର୍ଣ୍ଣ, ମହିମାର କଥା ସ୍ମରଣ ରଖି ପାରି ନଥିଲେ । ସେହି ହେତୁ କୁଳଗୁରୁ ପରମ ପଣ୍ଡିତ ବଶିଷ୍ଠଙ୍କ-ଠାରୁ ସେ ସବୁ ଶୁଣିବା ପାଇଁ ଆଗ୍ରହ ପ୍ରକାଶ କରିବାରୁ ଗୁରୁ ତାଙ୍କୁ ସବୁ କହିଛନ୍ତି । ନିରାକାରଙ୍କ ନିର୍ଗୁଣ ମହିମା, ମୋକ୍ଷ ଧର୍ମ, ଯୋଗତତ୍ତ୍ୱ ପ୍ରଭୃତି ବିଷୟ ବୁଝାଇ ସାରିବା ପରେ ଭବିଷ୍ୟତରେ ସ୍ୱୟଂ ରାମଚନ୍ଦ୍ର କିପରି କୃଷ୍ଣ, ବୁଦ୍ଧ, କଳ୍କୀ ଅବତାର ହେବେ ତାହାର ସୂଚନା ଦେଇଛନ୍ତି ।

ବଶିଷ୍ଠ ଓ ରାମଚନ୍ଦ୍ରଙ୍କ ଉକ୍ତି ପ୍ରତ୍ୟୁକ୍ତି ଛଳରେ ଗ୍ରନ୍ଥଟି ବର୍ଣ୍ଣିତ ଥିବାରୁ ଗ୍ରନ୍ଥର ନାମ 'ବୈଚନ୍ଦ୍ର ଗୀତା' ହୋଇଛି ବୋଲି କବି ଲେଖିଛନ୍ତି ।

ଏ ଯେ ଶ୍ରୀ ବଇଚନ୍ଦ୍ର ଗୀତା, ସୁଜନେ ମନେ କର ଚିନ୍ତା ।
ବଶିଷ୍ଠେ ପୁଚ୍ଛନ୍ତି ଶ୍ରୀରାମ, ତେଣୁ ବଇଚନ୍ଦ୍ର ଏ ନାମ ।
(୧୭ଶ ଅଧ୍ୟାୟ)

କବି ଜାତିରେ ଶୂଦ୍ର ଥିବାରୁ ଲେଖିଛନ୍ତି । ଖୋର୍ଦ୍ଧା ରାଜା ମୁକୁନ୍ଦଦେବଙ୍କ ୧୪ ଅଙ୍କରେ ବା ଖ୍ରୀ: ୧୬୭୧ ରେ ଶାଳିର ଗ୍ରାମରେ ଗ୍ରନ୍ଥ ସମ୍ପୂର୍ଣ୍ଣ ହୋଇଛି । ସେ ଗଦାଧର ଦାସଙ୍କ ଶିଷ୍ୟ ଥିଲେ ।

ଶୂଦ୍ର କୁଳରେ ଅବତରି, ମୋ ବୁଦ୍ଧି ହେବ କେତେ ସରି ।
ମୁକୁନ୍ଦଦେବ ରାଜୁତିରେ ସମ୍ପୂର୍ଣ୍ଣ ଚଉଦ ଅଙ୍କରେ ।
ଦିନ ଆଷାଢ଼ ସେ ସାଲରି, ସ୍ୱାମୀ ନୂତନ କଳେବର ।
ଦ୍ୱିତୀୟା ଆଦି ଶୁକ୍ରବାରେ, ଗୁଣ୍ଡିଚା ବିଜୟେ ଠାକୁରେ ।
ସେ ଦିନେ ଏ ଗୀତା ସମ୍ପୂର୍ଣ୍ଣ, ଯେ ପୁର ଶାଳିର ଗ୍ରାମେଣ ।
ମୁଁ ଗଦାଧର ଦାସ ଶିଷ୍ୟ, ଶ୍ରୀରାମ ଚରଣେ ମୋ ଆଶ । ୨୨ଶ ଅ: ।

ଖ୍ରୀ: ୧୬୭୧ରେ ଗ୍ରନ୍ଥଟି ସମ୍ପୂର୍ଣ୍ଣ ହୋଇଥିଲା । ଏହାଙ୍କ ସମ୍ବନ୍ଧରେ ଆଉ ଅଧିକ କିଛି ଜଣା ପଡ଼ୁନାହିଁ ।

# ପଞ୍ଚମ ପରିଚ୍ଛେଦ

## କାର୍ତ୍ତିକ ଦାସ

କାର୍ତ୍ତିକ ଦାସ ରୁକ୍ମିଣୀବିଭା, ନବାନୁରାଗ, ରାମରାବଣ ଯୁଦ୍ଧ ଲେଖିଥିବା ଜଣାଯାଉଛି । ତାଙ୍କର ଅନ୍ୟ ରଚନା ଥିବା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ ।

କବିଙ୍କ ବାସସ୍ଥାନ ଓ ସମୟ ପ୍ରଭୃତି ବିଷୟରେ ନିର୍ଦ୍ଦିଷ୍ଟ ଉପାଦାନ ମିଳୁନାହିଁ ।

'ରୁକ୍ମିଣୀ ବିଭା'ର ଅଷ୍ଟମ ଛାନ୍ଦର ରାଗ ନିର୍ଦ୍ଦେଶରେ କବି "ରାଗ କେଦାର, ମୃଗବାର ବାଣୀ" ବୋଲି ଲେଖିଛନ୍ତି । ପାଠାନ୍ତରରେ "ମାର୍କଣ୍ଡ ଋଷି କହେ, ଏ ବାଣୀରେ ଗାଇବ" ବୋଲି ଉଲ୍ଲେଖ ଅଛି । "ମାର୍କଣ୍ଡ ଋଷି କହେ" ଛାନ୍ଦଟି ଅର୍ଜୁନ ଦାସଙ୍କ 'ରାମବିଭା' କାବ୍ୟରେ ଅଛି । ଏଥିରୁ ଅନୁମିତ ହେଉଛି, କାର୍ତ୍ତିକ ଦାସ 'ରାମବିଭା'ର କବି ଅର୍ଜୁନ ଦାସଙ୍କ ପରବର୍ତ୍ତୀ ।

କବି ନବମ ଛାନ୍ଦର ରାଗ ନିର୍ଦ୍ଦେଶରେ "ରାଗ ମଙ୍ଗଳ, ଉଷା ଦ୍ୱିତୀୟ ଛାନ୍ଦ ବାଣୀ" ଲେଖିଛନ୍ତି । ଉଷାଭିଳାସ ( ବା ପ୍ରଚଳିତ ଲୋକପ୍ରିୟ ନାମ ଉଷା) ଶିଶୁ ଶଙ୍କରଙ୍କର କାବ୍ୟ । ଅତଏବ କାର୍ତ୍ତିକ ଦାସ ଶିଶୁ ଶଙ୍କରଙ୍କର ମଧ୍ୟ ପରବର୍ତ୍ତୀ । ଶିଶୁ ଶଙ୍କର ୧୬ଶ ଶତାବ୍ଦୀର କବି ଏବଂ ଅର୍ଜୁନ ଦାସଙ୍କର ପରବର୍ତ୍ତୀ । ଏଥିରୁ ସ୍ପଷ୍ଟ ହେଉଛି ଯେ କାର୍ତ୍ତିକ ଦାସ ୧୬ଶ ଶତାବ୍ଦୀ ବା ତାହା ପରର କବି ।

'ଗୋବିନ୍ଦ ଗୀତା' ଦ୍ୱାରକା ଦାସଙ୍କ ରଚନା । ଏହାର ଦୁଇଗୋଟି ଛାନ୍ଦରେ ରୁକ୍ମଣୀ ବିଭାର ବାଣୀ ନିର୍ଦ୍ଦେଶିତ ହୋଇଥିବା ଜଣାଯାଏ । (ରୁକ୍ମଣୀ ବିଭା : ପ୍ରାଚୀ ସମିତି ମୁଖବନ୍ଧ) । ଦ୍ୱାରକା ଦାସଙ୍କ ଛାନ୍ଦର ବାଣୀ ରୁକ୍ମଣୀବିଭାର ବାଣୀ ସହିତ ମେଳ ହେଉନଥିବା ମଧ୍ୟ ଜଣାଯାଏ । ଅତଏବ,

କେବଳ ରୁକ୍ମଣୀ ବିଭାର ନାମ ଦ୍ୱାରକା ଦାସ ଉଲ୍ଲେଖ କରିଥିବା ଉପରେ ନିର୍ଭରକରି କାର୍ତ୍ତିକ ଦାସଙ୍କ ରୁକ୍ମଣୀ ବିଭା ଦ୍ୱାରକା ଦାସଙ୍କ 'ଗୋବିନ୍ଦ ଗୀତା' ପୂର୍ବରୁ ରଚିତ ହୋଇଥିବା ସ୍ପଷ୍ଟ । ଅତଏବ କବି କାର୍ତ୍ତିକ ଦାସ ଶିଶୁ ଶଙ୍କର ଓ ଦ୍ୱାରକା ଦାସଙ୍କ ମଧ୍ୟବର୍ତ୍ତୀ ସମୟର କବି ।

କବି ରୁକ୍ମଣୀ ବିଭାରେ କହୁଟେ, ଶୁଣିଟେ ପ୍ରଭୃତି ଶବ୍ଦ ବ୍ୟବହାର କରିଥିବାରୁ ସେ ଉତ୍ତର ଓଡ଼ିଶାର ବାଲେଶ୍ୱର ଅଞ୍ଚଳର ଲୋକ ଥିବା ଅନୁମିତ ହେଉଛି ।

ରୁକ୍ମଣୀ ବିଭା—'ରୁକ୍ମଣୀ ବିଭା' ଏକ ଜନପ୍ରିୟ କାବ୍ୟ । ଏଥିରେ ଅଳଙ୍କାରର ଆଡ଼ମ୍ବର ନାହିଁ, କିନ୍ତୁ ନୈସର୍ଗିକ ଶୋଭାର ଅଭାବ ନାହିଁ । ଭାଷା ଭାବପ୍ରକାଶର ଅନୁକୂଳ ହୋଇଛି । ଭାଷା ମାର୍ଜିତ ଓ କ୍ଲିଷ୍ଟଶବ୍ଦବର୍ଜିତ ଥିବାରୁ କାବ୍ୟଟି ସୁଖପାଠ୍ୟ ହୋଇଛି ଏବଂ ଭାବ ଗ୍ରହଣ କରିବାରେ ବାଧା ସୃଷ୍ଟି କରୁନାହିଁ ।

କବି କୃଷ୍ଣଙ୍କ ଦ୍ୱାରକା ଲୀଳା ଅନ୍ତର୍ଗତ ରୁକ୍ମଣୀ ପରିଣୟ ଘଟଣାଟିକୁ ଦଶଗୋଟି ଛାନ୍ଦରେ ବର୍ଣ୍ଣନା କରିଛନ୍ତି । 'ପଦ୍ମପୁରାଣ'ରେ ବର୍ଣ୍ଣିତ ତଥ୍ୟକୁ ଅବଲମ୍ବନ କରି କାବ୍ୟଟି ରଚିତ ହୋଇଥିବା କବି ସୂଚନା ଦେଇଛନ୍ତି ।

ପଦ୍ମପୁରାଣ କଥା ଏହି ମତ, ଶୁଣି ଛାଡ଼ ହୋ ଅଶେଷ ଦୁରିତ । (୧୦ମ ଛାନ୍ଦ) ।

କବି ନିଜର ସୁଜନସୁଲଭ ଦୈନ୍ୟ ପ୍ରକାଶ କରି ପଦ୍ମପୁରାଣ, ଭାଗବତ ରଚୟିତା ଋଷି ବେଦବ୍ୟାସଙ୍କ ପଦାନୁସରଣ କରିବାରେ ତାଙ୍କର ଅଧିକାର ନଥିବା ବା ସେ ଅସମର୍ଥ ଥିବା ବ୍ୟକ୍ତ କରିଛନ୍ତି ।

ଅପୂର୍ବ ରସ ପ୍ରକାଶ, ଯହିଁ କବି ବେଦବ୍ୟାସ
ତହିଁ ମନ ବଳିବ କେମନ୍ତେ ହେ,
କେବଳ ଭରସା ଏହି ଯହିଁ ଅଧିକାର ନାହିଁ
କୃପା କରି ଦେଇଛ ଜଗତେ ହେ । ( ୧ମ ଛାନ୍ଦ । )

ଭଗବତ୍ ବିଷୟ କୃଷ୍ଣଲୀଳା ପ୍ରସଙ୍ଗ ପରମ ପବିତ୍ର ଓ ନିର୍ମଳ ଥିବାରୁ ସାଧୁଲୋକେ ଦୋଷ ଧରିବେ ନାହିଁ କି ଖଳମାନେ ନିନ୍ଦା କରିପାରିବେ ନାହିଁ, ଏହି ଭରସା ରଖି କବି ଏହି ହରିକଥା ବର୍ଣ୍ଣନା କରିଛନ୍ତି । 'ଭାଗବତ' ଓ 'ପଦ୍ମପୁରାଣ'ର ରୁକ୍ମିଣୀ ହରଣ ବୃତ୍ତାନ୍ତକୁ କବି ଏହି କାବ୍ୟରେ ଗ୍ରହଣ କରିଛନ୍ତି । ଏହି କାରଣରୁ ବ୍ୟାସଦେବଙ୍କ ନାମ ଉଲ୍ଲେଖ ହୋଇଥିବା ଅନୁମିତ ହୁଏ ।

ଯେବଳ କଥାରେ ଦୋଷ ନଧରିବେ ସାଧୁ ଲୋକ
ତେଣୁ ମୋହର ଭରସା ଚଢ଼େ ହେ,
ନିନ୍ଦ ନପାରିବେ ଖଳ ଶ୍ରୀକୃଷ୍ଣ କଥା ନିର୍ମଳ
ଗାଇବଇଁ ଭାଷା ଛାନ୍ଦ ଗୀତେ ହେ । (୧ମ ଛାନ୍ଦ) ।

ଦେବ-ଇତର ଚରିତକୁ ଅବଲମ୍ବନ କରି ସମାଜର କୌଣସି ପ୍ରେମିକ ପ୍ରେମିକାର ସରସ କାହାଣୀ ବର୍ଣ୍ଣନା କରି କାବ୍ୟ ରଚନା କଲେ ସ୍ଫୂର୍ତ୍ତି ବର୍ଣ୍ଣନରେ ସାଧୁମାନେ ଦୋଷ ଧରିବା ଓ ଖଳମାନେ ନିନ୍ଦା କରିବା ସମ୍ଭାବନା ରହିଛି । କିନ୍ତୁ ଦେବଚରିତ ବର୍ଣ୍ଣନାରେ ସେ ଆଶଙ୍କା ନାହିଁ । ଏହି କାରଣରୁ ଓଡ଼ିଶାର ବହୁ କବି ରାଧାକୃଷ୍ଣଙ୍କ ପ୍ରେମଲୀଳା ବର୍ଣ୍ଣନା କରିବା ବେଳେ ଏହି ଭରସାର ଆଶ୍ରୟ ନେଇଛନ୍ତି ।

ବିଷୟ ବସ୍ତୁ—ପ୍ରଥମ ଛାନ୍ଦର ପ୍ରାରମ୍ଭରେ କବି ନୀଳାଚଳନାଥ ଜଗନ୍ନାଥଙ୍କୁ ବନ୍ଦନାକରି କାବ୍ୟର ନମସ୍କ୍ରିୟା, ବସ୍ତୁନିର୍ଦ୍ଦେଶ, ସାଧୁସ୍ତୁତି, ଖଳନିନ୍ଦା ପ୍ରଭୃତି ବିଷୟ ଲେଖିଛନ୍ତି । ଦ୍ୱିତୀୟ ଛାନ୍ଦରେ ବିଷୟ ଆରମ୍ଭ ହୋଇଛି । ବ୍ରହ୍ମଶାପରେ ବିଷ୍ଣୁଙ୍କ ଦ୍ୱାରପାଳ ଜୟବିଜୟଙ୍କ ମର୍ତ୍ତ୍ୟରେ ବିଭିନ୍ନ ଯୁଗରେ ଅସୁର ଯୋନିରେ ଜନ୍ମ ଓ ସେମାନଙ୍କର ବିଷ୍ଣୁଙ୍କ ସହିତ ବିବାଦ ଓ ତାଙ୍କ ହସ୍ତରେ ମୃତ୍ୟୁଲୀଳା । ଦ୍ୱାପରେ ଶିଶୁପାଳ ରୂପରେ, ତ୍ରେତାଯୁଗରେ ରାବଣରୂପେ ଜନ୍ମହେଲେ । ବିଷ୍ଣୁ କୃଷ୍ଣରୂପରେ ଓ ଲକ୍ଷ୍ମୀ ରୁକ୍ମିଣୀ ରୂପରେ ଅବତୀର୍ଣ୍ଣ ହେଲେ । ଗୋପରେ ରାମ ଓ କୃଷ୍ଣ ଜନ୍ମଗ୍ରହଣ କରି ବହୁ

ଅସୁରଙ୍କୁ ଧ୍ୱଂସ କଲେ । ପୁଣି "ମୋହନ ମୁରଲୀ କରେ ଧରି ବନମାଳୀ, ଶୃଙ୍ଗାରରସେ ରମିଲେ ଅନେକ ବ୍ରଜନାରୀ ହେ ।" ଗୋପରୁ ମଥୁରାକୁ ଯାଇ କଂସକୁ ମାରି ଉଗ୍ରସେନଙ୍କୁ ରାଜା କଲେ । ଜରାସନ୍ଧକୁ ବଧକଲେ । ଦାମକଇନ୍ଦ୍ର (କାଳଦମନ) ଆକ୍ରମଣ କରିବାରୁ ଦ୍ୱାରକାକୁ ସମୁଦ୍ର ଭିତରେ ରଖିଲେ । ବିଶ୍ୱକର୍ମା ନୂତନ ଦ୍ୱାରକା ନିର୍ମାଣ କଲେ । ଏଠାରେ କୃଷ୍ଣ 'ରଙ୍ଗେ' ଦିନ ହରୁଥିଲେ । ଏହି ସମୟରେ ବିଦର୍ଭରାଜା ଭୀଷ୍ମକଙ୍କ ପରମ ରୂପବତୀ କନ୍ୟା ରୁକ୍ମଣୀଙ୍କ କଥା ଶୁଣି କୃଷ୍ଣ 'ଶରଧା' କଲେ । ତାଙ୍କର ବିଚକ୍ଷଣତା, 'ଅନେକ ରୂପ ଗୁଣ' ଥିବା ଶୁଣି କୃଷ୍ଣ ମୁଗ୍ଧ ହୋଇଗଲେ ।

କବି ନାୟକ ନାୟିକାଙ୍କ ପୂର୍ବଜନ୍ମ ବୃତ୍ତାନ୍ତର ସୂଚନା ଦେଇଛନ୍ତି; କିନ୍ତୁ ଉଭୟଙ୍କ ବାଲ୍ୟ ନାୟକଙ୍କ କୈଶୋର ଲୀଳାର ଯଥୋଚିତ ବର୍ଣ୍ଣନା କରିନାହାନ୍ତି ।

ତୃତୀୟ ଛାନ୍ଦରେ ଗୁରୁମୁଖରୁ କୃଷ୍ଣ ରୁକ୍ମଣୀଙ୍କ "ଯିସ ଯିସ ବାଳାପମାନ" ଶ୍ରବଣ କଲେ । ରୁକ୍ମଣୀ ଯୁବା ଅବସ୍ଥା ପ୍ରାପ୍ତ ହୋଇଥିବା ଗୁରୁ ଜଣାଇଲି ଏବଂ ରାଜକୁମାରୀଙ୍କର ରୂପଲାବଣ୍ୟ ବର୍ଣ୍ଣନା କଲି । "ଅଙ୍ଗେ ଅଙ୍ଗ ଶୋଭିବନ ଲାବଣ୍ୟରାଶି, ନାରାୟଣ ମୋହିବାକୁ ମୋହନ ଫାଶି ।" ଗୁରୁମୁଖରୁ ଏପରି ଶୁଣି ଶ୍ରୀକୃଷ୍ଣ "ରୁକ୍ମଣୀ ସ୍ୱରୂପ ମନେ ଭାବନା" କରି ଉନ୍ମାଦପାତ କଲେ ।

ଚତୁର୍ଥ ଛାନ୍ଦ ରୁକ୍ମଣୀଙ୍କ "ରୂପ ଶୋଭା" ଦେଖି ପିତା ପୁତ୍ରକୁ ଡାକି ଏକାନ୍ତରେ ବସି କୁଳଧର୍ମରେ ସ୍ୱୟମ୍ବର କରିବା ବିଧାନ ଥିବାରୁ ସେ ଅନୁସାରେ ରାଜାମାନଙ୍କୁ ନିମନ୍ତ୍ରଣ କରି ଆଣିବା ପାଇଁ ଆଜ୍ଞା ଦେଲେ । ରୁକ୍ମଣୀଙ୍କ ଭ୍ରାତା ବିବାହର ସବୁ ଆୟୋଜନ ଆଡ଼ମ୍ବର ସହକାର କଲେ । ସେ ବିଭିନ୍ନ ଦେଶକୁ ଯାଇ ରାଜାମାନଙ୍କୁ ନିମନ୍ତ୍ରଣ କଲେ । କୃଷ୍ଣ ଏକଥା ଶୁଣି ସ୍ୱୟମ୍ବର ସଭାକୁ ଗଲେ । କିନ୍ତୁ ସେ ରାଜା ନଥିବାରୁ ଶିଶୁପାଳ ତାଙ୍କୁ ପରିହାସ କଲେ ଏବଂ ସେ ରାଜସଭାରେ ବସିବା ଯୋଗ୍ୟ ନହନ୍ତି ବୋଲି କହିଲେ—

ହସି ବୋଇଲେ ଶିଶୁପାଳ, ଏଥିତ ଅଛି ଗୋପାଳ
ରାଜା ସବୁ ବୋଇଲେ କି ମ ଜାଣେ ସେହି,
ଆସିବ କେଉଁଣ କାର୍ଯ୍ୟ ପାଇବ କେବଳ ଲାଜ
ଲାଜ ଅବା କାଏ ବେଲ ଜାଣଇ ନାହିଁ,
ସବୁଠାରେ ଅଜାଡ଼କାଣ୍ଡ,
ପାପ ପୁଣ୍ୟ କାଏ ତାହା ନ ଜାଣେ ହସଇ । ୬ ।

କୃଷ୍ଣଙ୍କୁ ଦେଖିଣ ତହୁଁ ବସିବା ନଦେଲେ କେହି
ଗରୁଡ଼ ପିଠିରେ ବଜେ ଲାବଣ୍ୟରାଶି ।
ସହଧ ମେଢ଼ରେ ଥାଇ ରୁକ୍ମିଣୀ ଦେଖିଲେ ଅନାଇ
ଅନଙ୍ଗ ସ୍ୱେଦ ଜଳରେ ହୋଇଲେ ଭାସି;
ସନ୍ନିଧରେ ବିମଳା ଥିଲା,
ଆନନ୍ଦେ ବୋଇଲା ସଖି ବଡ଼ ଅଇଲା । ୭ ।

ସ୍ୱୟମ୍ବର ସଭାରେ ରାଜାମାନେ ସ୍ଥାନ ନ ଦେବାରୁ ଶ୍ରୀକୃଷ୍ଣଙ୍କ ଆଦେଶରେ ଗରୁଡ଼ ସଭାକୁ ଭାଙ୍ଗିଦେଲେ । କିଏ କେଉଁଆଡ଼େ ପଳାଇଲେ । ରାଜା କଉଶିକ ନିଜ ସିଂହାସନ କୃଷ୍ଣଙ୍କୁ ଦାନ କଲେ ଏବଂ ନିଜର ରାଜସମ୍ମାନ ଅର୍ପଣ କଲେ । "ଅଜ୍ଞାନ ଏ ନୃପତିବୃନ୍ଦ, ଜନ୍ତୁ ମୂର୍ଖ ବୋଲନ୍ତି ଅକୂଳ ଗୋବିନ୍ଦ ।" ପରାସ୍ତ ହୋଇଥିବା ରାଜାମାନେ ପୁଣି ଭୀଷ୍ମକ କଟକରେ ଏକତ୍ର ହେଲେ । ଏହି ସମୟରେ ଇନ୍ଦ୍ର ଦୂତ ପେଷି ସେମାନଙ୍କ ମଧ୍ୟରୁ ଜରାସନ୍ଧ, ଶିଶୁପାଳ, ଦନ୍ତବକ୍ର, ସାଲୁ ପ୍ରଭୃତି ରାଜାଙ୍କ ବ୍ୟତୀତ ଅନ୍ୟ ରାଜାମାନେ କୌଶିକ-ପୁରକୁ ଯାଇ ଶ୍ରୀକୃଷ୍ଣଙ୍କ ରାଜଅଭିଷେକ ଉତ୍ସବରେ ଯୋଗ ଦେବାକୁ କହିଲେ; ନହେଲେ, ବଜ୍ରଦ୍ୱାରା ସମସ୍ତଙ୍କୁ ନିହତ କରିବା ଧମକ ମଧ୍ୟ ଦେଲେ । ଇନ୍ଦ୍ରଙ୍କ ଆଦେଶ-ମତେ ରାଜାମାନେ ଗଲେ ଏବଂ କୃଷ୍ଣ ରାଜସିଂହାସନରେ ଅଭିଷିକ୍ତ ହୋଇ ରାଜା ବୋଲାଇଲେ । ଏଣେ ଭୀଷ୍ମକ କଟକରେ ଜରାସନ୍ଧାଦି ରାଜାମାନେ ରୁକ୍ମିଣୀଙ୍କୁ ଦମଘୋଷ ରାଜାଙ୍କ ପୁତ୍ର ଶିଶୁପାଳଙ୍କ ସହିତ ବିବାହ କରାଇଦେବା ସ୍ଥିର କଲେ । ଦ୍ୱିତୀୟ ସ୍ୱୟମ୍ବର କଲେ କାଳେ କୃଷ୍ଣ ଆସିବେ ଏହି

ଅଶୀକାରେ ଏପରି କଲେ । ରୁକ୍ମଣ ଓ ତାଙ୍କ ପିତା ଏଥିରେ ସମ୍ମତ ହେଲେ । ରୁକ୍ମଣୀ ଏ ସମ୍ବାଦ ଶ୍ରବଣକରି ଅଚେତ ହୋଇପଡ଼ିଲେ ।

ପଞ୍ଚମ ଛାନ୍ଦ—ଏ ଷଡ଼ଯନ୍ତ୍ରରେ ରୁକ୍ମଣ ଲିପ୍ତଥିବା ଜାଣି ରୁକ୍ମଣୀ ତାଙ୍କ ପ୍ରତି କ୍ରୋଧ ପ୍ରକାଶ କଲେ ଏବଂ ବଳପ୍ରୟୋଗ କରି ବିବାହ କରାଇଲେ ଅଗ୍ନିରେ ଝାସଦେବା ପ୍ରତିଜ୍ଞା କଲେ ।

"ତୁଭ ଶିଶୁପାଳ ହସ୍ତ ଧରିବ,
ନଷ୍ଟଦେହେ ଅଗ୍ନିକୁ ଡେଇଁ ମରିବ ।
ଦେଖିବ ସଭିଏଁ,
କାହିଁ ନଥିବ ବିଭାବେଳ ଯାଏଁ ।"

"ସତ୍ୟକରି କହୁଛୁ ତୁମ୍ଭ ଆଗେ, କୃଷ୍ଣ ବିନୁ ମନ ଆନେ ନ ଲାଗିବ ।
ଯେଉଁକ୍ଷଣି ତାଙ୍କୁ ଦେଖିଲି ମୁହିଁ, ପ୍ରାଣବଲ୍ଲଭ କରି ବରିଲଇଁ ।"

ରୁକ୍ମଣୀ ବାଳକାଳରେ କୃଷ୍ଣଙ୍କ ମହିମା ଲୋକସଭାରେ ଶ୍ରବଣ କରିଥିଲେ ଏବଂ ସେହି ଦିନରୁ ତାଙ୍କର 'ମନ ରହିଲା ।' "ନାନା ବ୍ରତକରି, ବର ମାଗଇ ମୁଁ ପାଇବି ହରି ।" ରୁକ୍ମଣୀ ସଖୀମାନଙ୍କ ସଙ୍ଗେ ପରାମର୍ଶ କରି ଗୁପ୍ତରେ ଚିଠି ଲେଖି ଶ୍ରୀକୃଷ୍ଣଙ୍କୁ ଏହି ଷଡ଼ଯନ୍ତ୍ର ବିଷୟ ଜଣାଇବା ସ୍ଥିର କଲେ । ଚିଠି ଲେଖି ବ୍ରାହ୍ମଣ ହସ୍ତରେ ଦ୍ୱାରକା ପଠାଇଲେ । କୃଷ୍ଣ ଗୁପ୍ତପତ୍ର ପାଠକରି ସମସ୍ତ ବିଷୟ ଅବଗତ ହେଲେ ।

"ବୋଲନ୍ତି ପ୍ରଭୁ ଦାମୋଦର, ରୁକ୍ମଣୀ ମନ ଥାଇ ଆମ୍ଭଠାର,
ଆମ୍ଭର ଚିତ୍ତ ଥାଇ ତାହା ଡହିଁ, ନିଦ୍ରାହିଁ କେମନ୍ତେ ଜାଣିଲି ନାହିଁ,
ଆଣିବୁ ରୁକ୍ମଣୀ,
ସେହି ଯେ ଆମ୍ଭର ପ୍ରାଣ ମିତଣୀ ।"

ଷଷ୍ଠ ଛାନ୍ଦ—କୃଷ୍ଣ ଦୂତବିପ୍ରକୁ ସଙ୍ଗରେ ଧରି ନନ୍ଦଘୋଷ ରଥରେ ବିଦର୍ଭ ରାଜଧାନୀକୁ ଗମନ କଲେ । କୃଷ୍ଣ ଏକାକୀ ଯିବାରୁ ବଳରାମ ଭାବିଲେ

ପୁଣି ଆଶଙ୍କାରେ ସସୈନ୍ୟ ସେଠାରେ ଉପସ୍ଥିତ ହେଲେ । ବିବାହ ଦିନ ପୂର୍ବ ରାତିରେ କୃଷ୍ଣ ଏକାକୀ ନଗର ଭିତରେ ପଶି ଅବସ୍ଥା ପର୍ଯ୍ୟବେକ୍ଷଣ କଲେ । ଘରଠାରୁ ରୁକ୍ମିଣ କୃଷ୍ଣଙ୍କ ଆଗମନ ସମ୍ବାଦ ପାଇ ବିଶେଷ ଚିନ୍ତିତ ହେଲେ । ଭୀଷ୍ମକ ରଜା ଜରାସନ୍ଧଙ୍କ ପରାମର୍ଶରେ ଓ ପୁତ୍ର ଡରରେ ଶିଶୁପାଳକୁ ଜାମାତା କରିବାପାଇଁ ସମ୍ମତ ହୋଇଥିଲେ; କିନ୍ତୁ ସେଥିରେ ତାଙ୍କର ମନ ନଥିଲା । କୃଷ୍ଣ ଆସିବାରୁ ପୁତ୍ରର ନିଧନ ନିଶ୍ଚିତ ଜାଣି ଦୁଃଖିତ ହେଲେ । ବିପ୍ର ମୁଖରୁ ରୁକ୍ମିଣୀ କୃଷ୍ଣଙ୍କ ଆଗମନ ବାର୍ତ୍ତା ପାଇ ଆଶ୍ୱସ୍ତ ହେଲେ ।

ସପ୍ତମ ଛାନ୍ଦ—ବିବାହ-ଉତ୍ସବର ଆୟୋଜନ ହେଲା । ବର ନିମନ୍ତ୍ରିତ ହୋଇ ବିଧାନାନୁସାରେ ବେଦୀ ଉପରେ ବସିଲେ । ବରଣ, ଗନ୍ଧାଧିବାସ ପ୍ରଭୃତି ଶେଷ ହେଲା । "ବେଦୀର ଉପରେ ଯାଇ ବସିଲାକ ବର । ହଳଦୀ-ଚନ୍ଦନ ଦେଇ ଗନ୍ଧବାସ କଲେ, ଅସରଳା ସୂତା ଖିର ମୁକୁଟ ବାନ୍ଧିଲେ । "କନ୍ୟା ଅସୁ ଆସୁ ବୋଲି ଡାକ ପଡ଼ିଗଲା ।XX" ଏହି ସମୟରେ କୃଷ୍ଣ ନଗର ଭିତରେ ଥିବା ସମ୍ବାଦ ପୁର ଜଣାଇବାରୁ ଚହଳ ପଡ଼ିଗଲା । "ହାଟରେ ଯେତେକ ନରନାରୀମାନେ ଥିଲେ, ଗୋବିନ୍ଦ ଅଇଲେ ବୋଲି ସମସ୍ତେ ଧାଇଁଲେ ।" କୃଷ୍ଣଙ୍କ ଅପୂର୍ବ ଶୋଭାକୁ ଦେଖି ଲୋକେ ଶିଶୁପାଳର ରୂପକୁ ଧିକ୍କାର କଲେ । କୃଷ୍ଣଙ୍କ 'ଚରଣଘଷା ପଥର'କୁ ଶିଶୁପାଳ ସର ନୁହେଁ ବୋଲି କେହି କେହି କହିଲେ ଏବଂ ରୁକ୍ମଣ ଦୁଷ୍ଟ ରାଜାମାନଙ୍କ ପରାମର୍ଶରେ ଏପରି ବର ନିର୍ବାଚନ କରିଥିବାରୁ ଘୃଣା କଲେ । ରଜାମାନେ ଭୟଭୀତ ହୋଇପଡ଼ିବାରୁ ଜରାସନ୍ଧ ସେମାନଙ୍କୁ ଆଶ୍ୱାସନା ଦେଲେ ଏବଂ କୃଷ୍ଣ ବଳପ୍ରୟୋଗ କଲେ ସମର କରିବାପାଇଁ ପରାମର୍ଶ ଦେଲେ । ଜରାସନ୍ଧଙ୍କ ପରାମର୍ଶରେ ରୁକ୍ମଣ କନ୍ୟାଙ୍କୁ ଯଥାବିଧି ସ୍ନାନାଦି କରାଇ ଦୁର୍ଗାଙ୍କ ମନ୍ଦିରକୁ ଠାକୁରାଣୀଙ୍କ ଦର୍ଶନ ନିମନ୍ତେ ନେଲେ । ରୁକ୍ମିଣୀ ଦେବୀଙ୍କୁ ସ୍ତୁତି କଲେ— "କାମନା କଲିକ ବାଳୀ କୃଷ୍ଣ ପାଇବଇଁ ।" ଠାକୁରାଣୀ ପ୍ରସନ୍ନ ହୋଇ ବୋଇଲେ, "ପାଇବ କୃଷ୍ଣଙ୍କୁ ଏଥେ ନାହିଁ ଗୋ ସଂଶୟେ ।" ଶ୍ରୀକୃଷ୍ଣ ମଧ୍ୟ ସେଠାରେ ଉପସ୍ଥିତ ଥିବାର ରୁକ୍ମିଣୀ ଦେଖିଲେ । "ଦେଖିଲେକ

ଅଭିନବ ମଦନ ସୁନ୍ଦର, ନୟନେ ନୟନ ଭେଟ ପଡ଼ିଲା ତାହାର ।" କୃଷ୍ଣ ରଥରୁ ଓହ୍ଲାଇ ରୁକ୍ମଣୀଙ୍କ କରଧରି ନେଇଗଲେ ଏବଂ "ଅଶ୍ୱ, ଗଜ ରଥବର ଅଛନ୍ତି ଅପାର, ନେଇଁ ବସାଇଲେ ନନ୍ଦୀଘୋଷର ଉପର । ନେଲା ନେଲା ଗଲା ଗଲା" ଗୋଳ ବାଜିଲା । ଜରାସନ୍ଧାଦି ରାଜାମାନେ ଗୋଡ଼ାଇଲେ । ବଳରାମ ଏମାନଙ୍କ ବାଟ ଓଗାଳିଲେ । ଯୁଦ୍ଧ ଲାଗିଗଲା । "ରୁକ୍ମଣୀ ଘେନିଣ ସେ ଗଲେ ଚକ୍ରଧର × × ।" "ନଗରଲୋକେ ବୋଲନ୍ତି ଯେ ଯହିଁକି ଭାଜନ, ବିଧାତା କେମନ୍ତ ଆନ କରିବ ଘଟଣ ।" ବରକୁ ବେଦୀରେ ବସିଥିବା ଦେଖି ଲୋକେ ବୋଲିବୋଲି ହେଲେ, "ବେଦୀର ଉପରେ ଆଉ ବସିଛୁ କପାଇଁ, କୁଳକୁଳ ମୁଖେ ଲାଜ ବଳୁଛି ତ ନାହିଁ । ବୋଲୁଥାନ୍ତି ଆମ୍ଭେ ବଡ଼ ରାଜା ବଳୀୟାର, କୋଡ଼୍ ଘେନି ଯାଉଛନ୍ତି କନିଆ ଏହାର ।" ରୁକ୍ମଣ କୃଷ୍ଣଙ୍କ ସଙ୍ଗେ ଯୁଦ୍ଧ କରିବାକୁ ବାହାରି ପ୍ରତିଜ୍ଞା କଲେ, "ବୋଇଲା ଛଡ଼ାଇ ଘେନି ଆସିବି ରୁକ୍ମଣୀ, ନୋହିଲେ ବାହୁଡ଼ି ନଗ୍ରେ ନ ପଶିବି ପୁଣି ।' ରୁକ୍ମଣ ହାରିଯିବାରୁ କୃଷ୍ଣ ତାଙ୍କୁ ରଥରେ ବାନ୍ଧି ପକେଇଲେ । ବଳରାମ ଜରାସନ୍ଧାଦି ରାଜାଙ୍କୁ ପରାସ୍ତ କଲେ ଓ କୃଷ୍ଣ ରୁକ୍ମଣଙ୍କୁ ବାନ୍ଧିଥିବା ଦେଖି ଦୁଃଖିତ ହୋଇ ତାଙ୍କର ଏହି କାର୍ଯ୍ୟକୁ ନାପସନ୍ଦ କଲେ । ରୁକ୍ମଣୀଙ୍କୁ ବୋଧକରି, ରୁକ୍ମଣଙ୍କ ବନ୍ଧନ ଫିଟାଇ ଦେଲେ। "ତହୁଁ ବାହୁଡ଼ିଲା ସେ ରୁକ୍ମଣ ମହାବୀର, ନ ପଶିଲା ତାର ନିଜ କଟକ ଭିତର ।" ଭୋଜ ନାମକ କଟକ ନିର୍ମାଣ କରି ସେଠାରେ ରହିଲେ । କୃଷ୍ଣ ରୁକ୍ମଣୀଙ୍କୁ ଧରି ଦ୍ୱାରିକାକୁ ଫେରିଗଲେ । "ଭଲା ବିହି କାହିଁ ଥାଇ ଘଟାଇଲୁ ଆଣି, ଶ୍ୟାମଳ ଅଙ୍ଗକୁ ହେମବରଣ ତରୁଣୀ ।"

ଅଷ୍ଟମ ଛାନ୍ଦ—ରୁକ୍ମଣୀ-ଶ୍ରୀକୃଷ୍ଣ ବିବାହ । ଭୀଷ୍ମକଙ୍କୁ ନିଜେ ଉପସ୍ଥିତ ରହି କନ୍ୟାଦାନ କରିବା ନିମନ୍ତେ ନିମନ୍ତ୍ରଣ କଲେ । ଗୋପରୁ ନନ୍ଦ ଯଶୋଦା ଗୋପଗୋପୀମାନଙ୍କ ସହ ଆସିଲେ । ଇନ୍ଦ୍ରାଦି ଦେବତା, ନାରଦାଦି ଋଷି, ସବୁ ରାଜାମାନଙ୍କୁ ନିମନ୍ତ୍ରଣ ହେଲା । ବିଶ୍ୱକର୍ମା ସଭା ଘଟଣା କଲେ । କୃଷ୍ଣଙ୍କ ଆଜ୍ଞାରେ ମୃତ୍ୟୁ ଲୋକର ରାଜାମାନେ ମଧ୍ୟ ଆସିଲେ । ଭୀଷ୍ମକ କନ୍ୟାଦାନ କରିବାକୁ ଆସିଲେ । ମଙ୍ଗଳଣ ବିଧି ହେଲା ।

ନବମ ଛାନ୍ଦ—ବିବାହ । ଏଥିରେ ଦେବକୀ ଓ ଯଶୋଦା ଜନ୍ମଦାତ୍ରୀ ଓ ପାଳନକର୍ତ୍ତ୍ରୀ ରୂପେ ଦୁଇ ଜନନୀ ହୋଇ ଏକ ସଙ୍ଗରେ 'ଜନନୀ' କାର୍ଯ୍ୟ ନିର୍ବାହ କରିବାକୁ ସମସ୍ତେ ଆନନ୍ଦିତ ହେଲେ । ବିବାହ ଗ୍ରନ୍ଥିରେ ମଧୁଶଯ୍ୟା ବିଧାନ ହେଲା ।

ଦଶମ ଛାନ୍ଦ—ନିମନ୍ତ୍ରିତ ରାଜାମାନେ, ଗୋପଗୋପୀ, ନନ୍ଦଯଶୋଦା ପ୍ରଭୃତି ବିଦାୟ ନେଲେ ।

କାର୍ତ୍ତିକ ଦାସଙ୍କ ସାମାଜିକ ବିଧିବିଧାନ, ଯଥା :—ବିବାହ, ନିମନ୍ତ୍ରଣ, ବିଦାୟ ପ୍ରଭୃତି ବର୍ଣ୍ଣନାରେ ସୂକ୍ଷ୍ମ ବିଷୟର ମଧ୍ୟ ଉଲ୍ଲେଖ କରିଛନ୍ତି ଏବଂ ନିୟମରକ୍ଷାରେ ଭ୍ରମ କରିନାହାନ୍ତି । ଏହି ବିଧିବିଧାନରେ ତାଙ୍କର ଗଭୀର ଜ୍ଞାନ ଥିବା ସୂଚିତ ହେଉଛି ।

ଅତିରଞ୍ଜିତ ବର୍ଣ୍ଣନାର ବାହୁଲ୍ୟ କାବ୍ୟଟିରେ ନାହିଁ । ଏଥିରେ ସ୍ଥାନ ବିଶେଷରେ 'ଅତି ସଂକ୍ଷେପ କରଣ'ର ଅଶୁଦ୍ଧି ଦେଖାଯାଉଥିଲେ ମଧ୍ୟ ଗାମ୍ଭୀର୍ଯ୍ୟ ନଷ୍ଟ ହୋଇନାହିଁ । କି ଭାବ, କି ଭାଷା, କି ବର୍ଣ୍ଣନା ସବୁ କ୍ଷେତ୍ରରେ କବି ଧୀରତା ଓ ଗାମ୍ଭୀର୍ଯ୍ୟର ପରିଚୟ ଦେଇଛନ୍ତି ।

ଚରିତ୍ର ଚିତ୍ରଣରେ କବି ଅଳ୍ପପଦରେ ବିବିଧ ପାତ୍ରପାତ୍ରୀଙ୍କର ପରିଚୟ ଦେଇଛନ୍ତି । ନନ୍ଦ ଯଶୋଦା, ବସୁଦେବ ଦେବକୀ, ଶ୍ରୀକୃଷ୍ଣ ବଳରାମ, ରୁକ୍ମିଣୀ, ରୁକ୍ମୀ, ଲୋକସାଧାରଣ, ଜରାସନ୍ଧାଦି ଦୁଷ୍ଟ ରାଜାମାନଙ୍କର ପରିଚୟ ଅଳ୍ପ ପଦରୁ ଜଣାପଡ଼ିଯାଉଛି ।

ଘଟନାପ୍ରବାହ ବିବିଧ ପ୍ରତିବନ୍ଧକରେ ଗତି କରିଛି । ନାଟକୀୟ ଛଟାରେ ଘଟି ଯାଉଥିବା ଘଟଣାଗୁଡ଼ିକୁ କବି ଅଳ୍ପପଦରେ ଯଥାସ୍ଥାନ ଓ ସମୟରେ ସୂଚନା ଦେଇ ପାଠକର ମନରେ ଉତ୍କଣ୍ଠା ଜାଗ୍ରତ କରିପାରି କାବ୍ୟ ନିହିତ ଆକର୍ଷଣୀ ଶକ୍ତିର ପରିଚୟ ଦେଇଛନ୍ତି ।

ଉପମା, ଉପମା ଜନ୍ମାଳ ପ୍ରୟୋଗ ଏକାଧିକ ସ୍ଥଳରେ ସୁନ୍ଦର ଭାବରେ ହୋଇଛି । ଯମକ, ଅନୁପ୍ରାସାଦିର ବ୍ୟବହାର ବେଶି ନଥିଲେ ମଧ୍ୟ ଲଳିତ ପଦର ସଂଖ୍ୟା ଯଥେଷ୍ଟ ଥିବାରୁ ପଦଗୁଡ଼ିକ କବିତ୍ୱପୂର୍ଣ୍ଣ ହୋଇଛି । ଶ୍ଳେଷର ବ୍ୟବହାର ନାହିଁ । ତେଣୁ କାବ୍ୟଟିର ଶୋଭା ପୂର୍ଣ୍ଣତା ଲାଭ କରି ପାରି ନାହିଁ ।

ଆଦିରସର ପ୍ରାବଲ୍ୟ ନାହିଁ । ରତିରଙ୍ଗ ଓ କାମାତୁରସୁଲଭ ହାବଭାବର ବିରକ୍ତିକର ବର୍ଣ୍ଣନା ନଥିବାରୁ କାବ୍ୟଟି ସୁଖପାଠ୍ୟ ହୋଇପାରିଛି ଏବଂ କାବ୍ୟର ସୌନ୍ଦର୍ଯ୍ୟରେ ମଧ୍ୟ କୌଣସି ହାନି ଘଟିନାହିଁ । ବୀରରସର ବର୍ଣ୍ଣନା ଅଳ୍ପ ସୂଚନାରେ କେବଳ ଅଛି । ରୁକ୍ମିଣୀ ହରଣ ସମୟର ସମର ଓ ଯୋଦ୍ଧାମାନଙ୍କର ବିକ୍ରମର ଅନ୍ତତଃ ଚଳନୀୟ ପରିମାଣରେ ବର୍ଣ୍ଣନା ନଥିବାରୁ ଅତି ସଂକ୍ଷିପ୍ତକରଣରେ ଅସନ୍ତୋଷ ମନରେ ଜାଗ୍ରତ ହେଉଛି । ଶିଶୁପାଳ ବେଦୀରେ ବସିବା ପରେ ତାର ରୂପ ସହିତ କୃଷ୍ଣଙ୍କ ରୂପର ତୁଳନା କରି ପୁରନାରୀମାନେ ଶିଶୁପାଳ ପ୍ରତି ଯେଉଁ ଭର୍ତ୍ସନା ବାକ୍ୟ ପ୍ରୟୋଗ କରିଛନ୍ତି ଏବଂ ବର କୋଡ଼ରୁ କନ୍ୟାକୁ ଅନ୍ୟ ଜଣେ ନେଇଯିବା ଲଜ୍ଜାକର ବ୍ୟାପାର ପ୍ରସଙ୍ଗ ଉଲ୍ଲେଖ କରି ଯେଉଁ ଉପହାସ କରିଛନ୍ତି ତାହା ହାସ୍ୟରସ ଉତ୍ପାଦନ କରି ଉପଭୋଗ୍ୟ ହୋଇପାରିଛି ।

ବିଚାର—କବି ଶ୍ରୀକୃଷ୍ଣଙ୍କ ଗୋପଲୀଳା ଓ ଦ୍ୱାରକାଲୀଳାର ସ୍ଥାନ ନିର୍ଣ୍ଣୟ କରିବାରେ ନ୍ୟୂନାଧିକ ନକରି ସାମ୍ପ୍ରଦାୟିକତାବିହୀନ ମନୋଭାବ ପ୍ରକାଶ କରିଛନ୍ତି । ଶ୍ରୀକୃଷ୍ଣ ପରଂବ୍ରହ୍ମ ଗୋଲକାଧିପତି ବିଷ୍ଣୁ, ଏହା ସେ ଉଲ୍ଲେଖ କରିଛନ୍ତି ଏବଂ ଦୁଷ୍ଟ ନିବାରି ସନ୍ଥ ପାଳନ କାର୍ଯ୍ୟ ସହିତ ସ୍ୱ ଦ୍ୱାରପାଳ ଜୟବିଜୟଙ୍କୁ ବ୍ରହ୍ମାଙ୍କ ଦ୍ୱାରା ଶାପ ଦେବା ବିଷୟକୁ ଯୋଗ କରିଥିବାରୁ "ଦୁଷ୍ଟ ନିବାରି ସନ୍ଥ ପାଳନ"ର କଠୋରତା କିଛି ଅଂଶରେ ହ୍ରାସ ପାଇଛି । ପୁରାଣକାରମାନେ ବିଷ୍ଣୁଙ୍କ ବିଭିନ୍ନ ଅବତାର ଗ୍ରହଣରେ କାରଣ ସ୍ୱରୂପ ଏପରି ବିଷୟହିଁ ଉଲ୍ଲେଖ କରିଛନ୍ତି ।

ପଶ୍ଚିମ ଦ୍ୱାରେଣ ଛନ୍ତି ଦ୍ୱାରପାଳ ଦୁଇ
ଶ୍ରୀ ଜୟ ବିଜୟ ବୋଲି ଯାହାକୁ ଯେ କହି !

ତାହାଙ୍କ ସଙ୍ଗତେ ଲୀଳା କରିବା ବସ୍ତୁରି
ବ୍ରାହ୍ମଣ ଦ୍ୱାରେଣ ତାଙ୍କୁ ଶାପ ଦେଲେ ହରି ହେ । ୧ମ ଛାନ୍ଦ ।

ଶାପ ମୋକ୍ଷ ପାଇଁ ମର୍ତ୍ତ୍ୟରେ ଜନ୍ମ ଲଭିବା ପରେ 'ଭକ୍ତଭାବରେ' ସେବା କଲେ ସପ୍ତଜନ୍ମ ଏବଂ ବୈରଭାବରେ ସେବା କଲେ ତିନି ଜନ୍ମରେ ପୁଣି ପ୍ରଭୁଙ୍କ ସେବା ପାଇବେ, ଏହା ବିଷ୍ଣୁ ଦ୍ୱାରପାଳଙ୍କୁ କହିବାରୁ ଦ୍ୱାରପାଳ ଦୁହେଁ ବୈରଭାବରେ ରହିବାପାଇଁ ସ୍ୱୀକୃତି କଲେ ।

ଭକ୍ତ ଭାବେ ଭଜିଲେ ହପତ ଜନ୍ମ ଥିବ
ତହିଁ ଉତ୍ତାରେଣ ନିଜ ସେବାହିଁ ପାଇବ ହେ ।
ରିପୁ ଭାବେ ଭଜିଲେ ପାଇବ ଜନ୍ମ ତିନି
ଯେ ତୁମ୍ଭର ଇଚ୍ଛା ବର ମାଗ ଭାଇ ବେନି ।
ପାଦେ ପଡ଼ି ବୋଇଲେ ବଇର ଭାବେ ଥିବୁ
ତହିଁର ଉତ୍ତାରୁ ନିଜ ସେବାକୁ ଆସିବୁ । ୧ମ ଛାନ୍ଦ ।

ଏଥିରୁ ସ୍ପଷ୍ଟ ହେଉଛି ଯେ କବି ଭକ୍ତ ଓ ଶତ୍ରୁ ଭଗବାନଙ୍କ ଦୃଷ୍ଟିରେ ସମାନ; 'ବୈରଭାବ'ରେ ସେବାକରି ଭଗବାନଙ୍କ ଲୀଳା କରିବାରେ ସହାୟକ ହେଉଥିବାରୁ ଭଗବାନ 'ବୈରଭାବ'ରେ ସେବାକାରୀଙ୍କୁ ଅଳ୍ପସଂଖ୍ୟକ ଜନ୍ମପରେ ଶାପମୁକ୍ତ କରିଛନ୍ତି ।

ଚରିତ୍ରଚିତ୍ରଣ କୃଷ୍ଣ—କୃଷ୍ଣଙ୍କୁ ସ୍ୱୟଂ ବିଷ୍ଣୁ ବୋଲି ଜାଣି କୌଶିକ ରାଜା ସ୍ତୁତି କରିଛନ୍ତି ଏବଂ ନିଜ ସିଂହାସନ ଅର୍ପଣକରି ରାଜସମ୍ମାନ ଦେବା ସଙ୍ଗେ ସଙ୍ଗେ ଦୁଷ୍ଟ ରାଜାମାନଙ୍କର ତାଡ଼ନାରୁ ରକ୍ଷା କରିଛନ୍ତି । ରୁକ୍ମିଣୀ ମଧ୍ୟ କୃଷ୍ଣଙ୍କୁ ସ୍ୱୟଂ ବିଷ୍ଣୁ ଭଗବାନ ବୋଲି ଜାଣି ସ୍ୱ ଗୁପ୍ତପତ୍ର ଲେଖିବା ପୂର୍ବରୁ ସଖୀଙ୍କୁ କହୁଛନ୍ତି—

ନାରଦ ସନକାଦି ସିଦ୍ଧ ଯତି ଯୁଗେ ଯୁଗେଣ ଲକ୍ଷ୍ୟ କରୁଛନ୍ତି
ଅଷ୍ଟାଙ୍ଗ ଯୋଗ ସମାଧି ଧାରଣେ ମହିମା ଲେଶ ମାତ୍ରହିଁ ନଜାଣେ ।

× × ×

ଅନନ୍ତ କୋଟି ବ୍ରହ୍ମାଣ୍ଡଠାକୁର, ବ୍ରହ୍ମା ଈଶ୍ୱର ଯାର ପରଗ୍ଭର ।
ବ୍ରହ୍ମଣ୍ଡ ଯାର ଖେଳଘର ଦେଖ, ତାହାଙ୍କ କେମନ୍ତ ଲେଖି । ୩ୟ ଛାନ୍ଦ ।

ଶ୍ରୀକୃଷ୍ଣଙ୍କୁ 'ରୁକ୍ମଣୀ ଶରଣବତ୍ସଳ, ମହତ ଲୋକ, ଦୟାଶୀଳ, ବିବେକବର ଇତ୍ୟାଦି ସମ୍ବୋଧନ କରି ଏକାନ୍ତ ଶରଣାପନ୍ନ ହୋ'ଇଛନ୍ତି । ଭକ୍ତ ଏକାନ୍ତ ଶରଣାପନ୍ନ ନହେଲେ କୃଷ୍ଣ ତାଙ୍କର ଦୁଃଖମୋଚନ କରନ୍ତି ନାହିଁ, ଏହି ଭକ୍ତିର ସତ୍ୟତା ଏଠାରେ ପ୍ରତିପାଦିତ ହୋଇଛି । ବିବାହ ପୂର୍ବରୁ 'ଦିଅଁ ମଙ୍ଗଳନ' ବେଳେ ମଧ୍ୟ ରୁକ୍ମଣୀ ଏହିପରି ଶରଣାପନ୍ନ ହୋଇ ଧ୍ୟାନ କରିଛନ୍ତି ।

ଶରଣ ପଶିଲି ତୁମ୍ଭ ଚରଣ ।୨୧। ୩ୟ ଛାନ୍ଦ ।

କୃଷ୍ଣଙ୍କୁ ମନରେ ବାଳୀ କରେ ଧିଆନ
ଏମନ୍ତ ଫୁରିଲା ତାର ବାମ ନୟନ । ୬ଷ୍ଠ ଛାନ୍ଦ ।

ଶିଶୁପାଳାଦି ଦୁଷ୍ଟ ରାଜାମାନେ ଶ୍ରୀକୃଷ୍ଣଙ୍କୁ ଜଣେ ଅନୀତିପରାୟଣ, କଳହପ୍ରିୟ, ନିର୍ଲ୍ଲଜ, ପାପପୁଣ୍ୟ ବିଚାରବୁଦ୍ଧିହୀନ ବୋଲି କହୁଥିଲେ ।

ହସି ବୋଲେ ଶିଶୁପାଳ ଏଥି ତ ଆସି ଗୋପାଳ
ରାଜା ସଭା ବୋଲିଣ କି ନ ଜାଣେ ସେହି,
ଅଇଲା କେଉଣ କାର୍ଯ୍ୟ ପାଇବ କେବଳ ଲଜ
ଲଜ ଅବା କିସ ବୋଲି ଜାଣଇ ନାହିଁ,
ସବୁଠାରେ ଅନୀତିକାରୀ
ପାପପୁଣ୍ୟ କିସ ତାହା ନ ଜାଣେ ହରି ।୭। (୪ର୍ଥ ଛାନ୍ଦ)

କୃଷ୍ଣ-ରୁକ୍ମଣୀ କାହାଣୀରେ ବିରହ, ମିଳନ ପ୍ରଭୃତିର ଚିତ୍ର ନ ଥିବାରୁ ଏହା 'ପ୍ରେମ'କାବ୍ୟ ଭିତରେ ଉଚ୍ଚସ୍ଥାନ ପାଇବା ସମ୍ଭବ ନହେଲେ ମଧ୍ୟ କାବ୍ୟ ହିସାବରେ ଏହାର ଗୌରବ ଅଳ୍ପ ନୁହେଁ ।

ରୁକ୍ମଣୀ—ରୁକ୍ମଣୀଙ୍କ ଚରିତ୍ର ଗମ୍ଭୀର । ସେ ରାଜକୁମାରୀ ହେଲେହେଁ ନାରୀସୁଲଭ ଦୁର୍ବଳତା, ଅସହାୟତା ତାଙ୍କଠାରେ ଦେଖା ଦେଇଛି । କୃଷ୍ଣଙ୍କୁ

ବରରୂପେ ନପାଇଲେ ଆତ୍ମହତ୍ୟା କରିବେ ବୋଲି ସେ ଯେଉଁ ସଂକଳ୍ପ କରିଥିଲେ ଏଥିରୁ ଏହା ସ୍ପଷ୍ଟ ହେଉଛି । ପ୍ରଥମ ଦର୍ଶନଠାରୁ ନାୟିକା ନାୟକ ପ୍ରତି ବିଶେଷ ଭାବରେ ଆକୃଷ୍ଟ ହୋଇ ମନେ ମନେ ତାଙ୍କୁ ପତି ରୂପେ ବରଣ କରିଥିଲେ ମଧ୍ୟ ସ୍ୱୟମ୍ବର ଓ ପ୍ରଥମ ଦର୍ଶନ ମଧ୍ୟସ୍ଥ ସମୟ ଭିତରେ ନାୟିକାର ନାୟକପ୍ରତି ପୂର୍ବରାଗର ବିଶେଷ ପରିଚୟ କାବ୍ୟରେ ସ୍ଥାନ ପାଇ ନାହିଁ । ଏହି ସମୟର ନାୟକର ମାନସିକ ରାଜ୍ୟର ବିସ୍ତୃତ ପରିଚୟ ମଧ୍ୟ କବି ଦେଇ ନାହାନ୍ତି । କାବ୍ୟର କ୍ଷୁଦ୍ର କଳେବର ପରିକଳ୍ପନା ଏହାର ଏକ କାରଣ ହେବା ସମ୍ଭବ ।

ଦେବକୀ ଯଶୋଦା—ଦେବକୀ ଯଶୋଦାଙ୍କ ଚରିତ୍ର ଅତି ଉଚ୍ଚ ଧରଣର ହୋଇଛି । ବିବାହ ସମୟରେ ଉଭୟେ ମାତା ହୋଇ ବିବାହ କାର୍ଯ୍ୟ ନିର୍ବାହ କରିବା ନିଷ୍ପତ୍ତି ପୂର୍ବରୁ ଯେଉଁ ମର୍ଯ୍ୟାଦାପୂର୍ଣ୍ଣ କଥୋପକଥନ କରିଛନ୍ତି ତାହା ଉଭୟଙ୍କର ଗୌରବ ପ୍ରକାଶ କରିଛି । ଗର୍ଭଧାରିଣୀ ଦେବକୀ ପାଳନକର୍ତ୍ତ୍ରୀ ମାତା ଯଶୋଦାଙ୍କୁ ସମ୍ଭ୍ରମ ସହକାରେ କହିଛନ୍ତି ଏବଂ ଯଥୋଚିତ ଉତ୍ତର ମଧ୍ୟ ପାଇଛନ୍ତି ।

ଦେବକୀ ବୋଲନ୍ତି ଯଶୋବନ୍ତୀ ମୁଖ ଚାହିଁ
ପୁତ୍ରକୁ ତୁମ୍ଭର ଗୋ ମଙ୍ଗଳ କର ଯାଇଁ
ଦେବକୀ ବଚନ ଶୁଣି ବୋଲେ ନନ୍ଦ ରାଣୀ
ତ୍ରିଭୁବନେ ତୁମ୍ଭେ ଭାଗ୍ୟବନ୍ତ ଶିରୋମଣି
ଏମନ୍ତ ବୋଲିଣ ସେ ଯେ ହେଲେ ଧରାଧର
ଦୁଇ ଜଣ ହୋଇଣ ମଙ୍ଗଳ ବିଧି କର । ୯ମ ଛାନ୍ଦ ।

ପୁଣି 'ଅଳତା ସିନ୍ଦୂର' କରିବା ପ୍ରସଙ୍ଗରେ ମଧ୍ୟ ଦୁହିଁଙ୍କ କଥୋପକଥନ ଅତି ମର୍ମସ୍ପର୍ଶୀ ଓ ଉଚ୍ଚକୋଟୀର ହୋଇଛି ।

ଯଶୋଦାଙ୍କୁ ଚାହିଁଣ ଦେବକୀ ହସ ହସ
ତୁମ୍ଭର ପୁତ୍ରକୁ କର ଅଳତା ସୁବେଶ ।

ପୁଅକୁ କୋଡ଼ରେ ଧରି ନ ଜାଣଇ ମୁହିଁ
କେମନ୍ତ କରିଣ ସ୍ତନ କ୍ଷୀର ପାନ ଦେଇ ।
ରୁଷିବା ହସିବା ଦୁଇ ଭାବ ମୁଁ ନ ଜାଣି
କେମନ୍ତେ ବୋଲିବ ମୋର ପୁଅ ଚକ୍ରପାଣି ।
ପୁଅଙ୍କ ଠାବରେ ଯେତେ ତୁମ୍ଭ ଭାବ ମତ
ସକଳହିଁ ଜାଣ ତୁମ୍ଭେ ଜଗତ ବିଦିତ । ୯ମ ଛାନ୍ଦ ।

ଏହି ମର୍ଯ୍ୟାଦାପୂର୍ଣ୍ଣ ପ୍ରସଙ୍ଗର ଗମ୍ଭୀରପୂର୍ଣ୍ଣ ଅବତାରଣାର ଉପଯୁକ୍ତ ଉତ୍ତର ଯଶୋଦା ଦେଇଛନ୍ତି:—

ଶୁଣିଣ ଯଶୋଦା ଦେବୀ ପ୍ରସନ୍ନଇ ମନ
ସ୍ନେହଭରେ ଲୋତକ ବହଇ ଘନଘନ
ବୋଲନ୍ତି ଯଶୋଦା ତୁମ୍ଭେ ଅଟ ଭାଗ୍ୟବନ୍ତ
ତୁମ୍ଭର ଉଦରୁ ଜାତ କଲ ଗୋ ଅନନ୍ତ ।
ଏତେକ ବୋଲିଣ ଦୁଇ ଚରଣ ଧରିଣ,
ଦୁଇ ମାୟେ କଲେକ ସେ ଅଳତା ଭୂଷଣ ।

ଏହା ଜନଜନ ଆଦୃତ ହୋଇଥିଲା ଏବଂ ସ୍ୱର୍ଗର ଦେବତାମାନେ ମଧ୍ୟ ଧନ୍ୟ ଧନ୍ୟ କରିଥିଲେ ।

**ବଳରାମ**—କବି ବଳରାମଙ୍କୁ ନିର୍ମଳ, ନିଷ୍କପଟ ଓ ଦୂରଦର୍ଶୀ ରୂପେ ଅଙ୍କନ କରିଛନ୍ତି । ଶ୍ରୀକୃଷ୍ଣଙ୍କ ରୁକ୍ମିଣୀ ହରଣ ବ୍ୟାପାରରେ ଧୈର୍ଯ୍ୟ-ହୀନତାର ପରିଚୟ ଦେଇଛନ୍ତି । ରୁକ୍ମିଣୀ ସ୍ୱୟଂବର ସମ୍ବାଦ ରୁକ୍ମିଣୀଙ୍କ ଗୁପ୍ତପତ୍ରରୁ ଶୁଣିବା ମାତ୍ରେ ସେ କାହାକୁ କିଛି ନକହି ସ୍ୱ ରଥରେ ବସି ବାହାରି ପଡ଼ିଲେ । ବଳରାମ ପରେ ଏହି ବିଷୟ ଅବଗତ ହୋଇ ଶ୍ରୀକୃଷ୍ଣ ଏକାକୀ ଯିବା ଉଚିତ ନଥିବା ଅନୁଭବ କଲେ । ଏପରି ବ୍ୟାପାରରେ ସମରର ଆଶଙ୍କା ଥିବାରୁ ଏକାକୀ ଗଲେ କୃଷ୍ଣ ବିପଦର ସମ୍ମୁଖୀନ ହେବା ସୁନିଶ୍ଚିତ । ଏହି ହେତୁ ଶ୍ରୀକୃଷ୍ଣ କହି ନଥିଲେ ମଧ୍ୟ ବଳରାମ ସସୈନ୍ୟ ତାଙ୍କ ପଛରେ ଗଲେ ଏବଂ ବାଟରେ ଭେଟି ଶ୍ରୀକୃଷ୍ଣଙ୍କୁ ଭର୍ତ୍ସନା କଲେ ।

ବୋଲନ୍ତି ଯେ ରାମ କୃଷ୍ଣ ମୁଖକୁ ଚାହିଁ,
ଏକା ହୋଇ ଅଇଲ ଆମ୍ଭଙ୍କୁ ନ କହି ।

ଜରାସନ୍ଧ ରାଜା ଆଦି ଅଛନ୍ତି ମଲ୍ଲ,
ଏଥକୁ ଆସିବା ଏକା ନୁହଇ ଭଲ । ୬ଷ୍ଠ ଛାନ୍ଦ ।

ଶ୍ରୀକୃଷ୍ଣ ସ୍ୱବାହୁବଳ ଉପରେ ନିର୍ଭର କରି ଏପରି ଏକା ଆସିଥିଲେ ମଧ୍ୟ "ରୁକ୍ମଣୀର ପାଇଁ ବିକେ କଲେ ଗୋବିନ୍ଦ ।" କନ୍ୟା ପାଇଁ ଏହି ବ୍ୟାକୁଳତାହିଁ ଏପରି କାର୍ଯ୍ୟ କରାଇଥିଲା । କୃଷ୍ଣ ବଳରାମଙ୍କୁ ଯେଉଁ ଉତ୍ତର ଦେଇଥିଲେ ତାହା କାର୍ଯ୍ୟରେ ସତ୍ୟ ହେଲେ ମଧ୍ୟ ଲୌକିକ ଦୃଷ୍ଟିରେ ସେତେ ସମର୍ଥନଯୋଗ୍ୟ ନୁହେଁ ।

ତୁମ୍ଭର ପ୍ରସାଦେ ଆମ୍ଭ ଭୟେ'ଛୁ କାହିଁ,
ବିଶେଷ ଅଇଲ ତୁମ୍ଭେ ସୁବଳ ହୋଇ ।

ଯେତେ ରାଜା ଅଛନ୍ତି ମର୍ତ୍ତ୍ୟ ଲୋକରେ,
ସମସ୍ତେ ହୋଇବେ ହତ ଆମ୍ଭ ହାତରେ । ୬ଷ୍ଠ ଛାନ୍ଦ ।

**ଶିଶୁପାଳାଦି ଦୁଷ୍ଟ ରାଜା**—ଶିଶୁପାଳ ଶ୍ରୀକୃଷ୍ଣଙ୍କ ପ୍ରତିପକ୍ଷ । ଏହାଙ୍କ ସମ୍ବନ୍ଧରେ କବି ବିଶେଷ ଭାବରେ ଲେଖିନଥିବାରୁ ଚରିତ୍ର ଚିତ୍ରଣ ପୂର୍ଣ୍ଣାଙ୍ଗ ହୋଇନାହିଁ । । ଶିଶୁପାଳ ଚରିତ୍ରର ମୂଳତତ୍ତ୍ୱ କାବ୍ୟରେ ସୁନ୍ଦର ଭାବରେ ପ୍ରକଟିତ ହୋଇଛି । ଦୁଷ୍ଟରାଜା ଶିଶୁପାଳ ବିବାହ ବେଦୀରେ 'ଶିଶୁପାଳ' ହୋଇ ଯାଇଛନ୍ତି । ତାଙ୍କ କୋଳରୁ ଶ୍ରୀକୃଷ୍ଣ କନ୍ୟାକୁ ନେଇ ଚାଲିଯାଇଛନ୍ତି । ଏହି 'ଶିଶୁପାଳ' ବେଦୀରେ ବର ହୋଇ କନ୍ୟାହରଣ ପରେ ମଧ୍ୟ ବସିଥିବା ଦେଖି ଲୋକେ ଯାହା ବୋଲବୋଲି ହୋଇଥିଲେ ତାହା କବି ଅତି ଚମତ୍କାର ଭାବରେ ବର୍ଣ୍ଣନା କରି ହାସ୍ୟରସ ସୃଷ୍ଟି କରିପାରିଛନ୍ତି । ପ୍ରତିନାୟକ ଶିଶୁପାଳ ସମ୍ବନ୍ଧରେ ବିଶେଷ ବିବରଣ ଆଶା କରିବା ପାଠକ ପକ୍ଷେ ସ୍ୱାଭାବିକ ।

ବେଦୀର ଉପରେ ଆଉ ବସିଛୁ କପାଠିଁ,
ଜଳୁ ଜଳୁ ମୁଖେ ଲାଜ ବଳୁଛୁ ତ ନାହିଁ ।
ବୋଲୁଆନ୍ତି ଆମ୍ଭେ ବଡ ରାଜା ବଳୀୟାର,
କୋଉ ଘେନ ଯାଉଛନ୍ତି କନିଆ ଏହାର । ୭ମ ଛାନ୍ଦ ।

ଜରାସନ୍ଧାଦି ରାଜାମାନଙ୍କ ବର୍ଣ୍ଣନା ମଧ୍ୟ ବେଶି ନାହିଁ ।

ରୁକ୍ମଣି—"ରୁକୁଣା ରଥ ଅଣ ଲେଉଟା," ଏହି ପ୍ରବାଦ ଯୋଗୁଁ ରୁକ୍ମଙ୍କ ଚରିତ୍ରର ପ୍ରାଧାନ୍ୟ ରହିଛି । କାର୍ତ୍ତିକ ଦାସଙ୍କ କାବ୍ୟରେ ଏ ପ୍ରବାଦର ଉଲ୍ଲେଖ ନଥିଲେ ମଧ୍ୟ ଚରିତ୍ରଟି କବି ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଛନ୍ତି । ରୁକ୍ମ ନିଜେ ଦୁଷ୍ଟ ପ୍ରକୃତିର ଲୋକ ଥିବାରୁ ଦୁଷ୍ଟ ରାଜାମାନଙ୍କ ପ୍ରରୋଚନାରେ ଶିଶୁପାଳଙ୍କ ସହ ରୁକ୍ମିଣୀଙ୍କ ବିବାହ ପ୍ରସ୍ତାବ କରିଥିଲେ, ପୁଣି ଏହି ରାଜାମାନଙ୍କ ପରାମର୍ଶରେ ବିବାହର ଆୟୋଜନ କରିଥିଲେ । ରୁକ୍ମିଣୀ ନିଜ ଭାଇକୁ 'ଦୁଷ୍ଟ ପାମର' ବୋଲି କହିଛନ୍ତି । "ଦୁଷ୍ଟ ପାମର ଅଟେ ମୋର ଭାଇ ।" (୫ମଛାନ୍ଦ) । ପିତା ଭୀଷ୍ମକ ମଧ୍ୟ ପୁତ୍ରର କାର୍ଯ୍ୟକୁ ପସନ୍ଦ କରି ନାହାନ୍ତି ।

ପୁତ୍ର ମୋ ରୁକ୍ମଣ ଦୁଷ୍ଟ ସଙ୍ଗତ ପାଇ,
ତାହାଙ୍କ ସଙ୍ଗତେ ଗୋ ବଇର ଭିଆଇ ।
ଜରାସନ୍ଧ ଘେନ ବର ନିଶ୍ଚୟ କରି,
ନହିଁ ବୋଲି ନପାରିଲି ପୁତ୍ରକୁ ଡରି ।" । ୬ଷ୍ଠ ଛାନ୍ଦ ।

ଯୁଦ୍ଧରେ କୃଷ୍ଣଙ୍କୁ ପରାସ୍ତ କରି ଭଗ୍ନୀକୁ ଫେରାଇ ଆଣିବେ ନଚେତ୍ ଆଉ ରାଜ୍ୟକୁ ଫେରି ଆସିବେ ନାହିଁ, ଏହି ଭୀଷଣ ପ୍ରତିଜ୍ଞା କରିଥିଲେ ।

ବେଳବୋଲି ହେଉଛନ୍ତି ନଗ୍ରନାରୀ ଗଣ,
ପ୍ରତିଜ୍ଞା କରିଣ ଆସି ମିଳିଲା ରୁକ୍ମଣ ।
ବୋଇଲା ଛଡ଼ାଇ ଘେନ ଆସିବି ରୁକ୍ମିଣୀ
ନୋହିଲେ ବାହୁଡ଼ି ନଗ୍ରେ ନ ପଶିବି ପୁଣି । ୭ମ ଛାନ୍ଦ ।

ଯୁଦ୍ଧରେ ପରାସ୍ତ ହୋଇ ରୁକ୍ମୀ କୃଷ୍ଣଙ୍କ ଦ୍ୱାରା ରଥରେ ବନ୍ଧା ହୋଇ ରହିଲେ, ଭଗିନୀଙ୍କୁ ଉଦ୍ଧାର କରି ପାରିଲେ ନାହିଁ । ବଳରାମ ତାଙ୍କୁ ବୋଧ କରି ମୁକ୍ତ କରିଦେଲେ ।

ତହୁଁ ବାହୁଡ଼ିଲା ସେ ରୁକ୍ମୀ ମହାବୀର
ନ ପଶିଲା ତାର ନିଜ କଟକ ଭିତର । ୭ମ ଛାନ୍ଦ ।

ଭୋଜ ନଗ୍ର ନାମକ ନୂତନ ନଗର ନିର୍ମାଣ କରି ସେଠାରେ ସେ ନିବାସ କଲେ; ତାଙ୍କ ରଥ ଆଉ ବିଦର୍ଭ ରାଜନଗରୀକୁ ଫେରିଆସିଲା ନାହିଁ ।

ରୁକ୍ମୀ ବୀର ଥିଲେ, ଯୁଦ୍ଧରେ ଅସୀମ ପରାକ୍ରମ ଦେଖାଇଛନ୍ତି । କୃଷ୍ଣ ତାଙ୍କୁ ପରାସ୍ତ କରିଥିଲେ । "ଅନେକ ସମର ତହୁଁ କଲାକ ରୁକ୍ମୀ, କାଟିଲେକ ତାର ରଥୁଁ ଅଶ୍ୱ ଧନୁ ଗୁଣ ।" ୭ମ ଛାନ୍ଦ ।

ପ୍ରକୃତି ଚିତ୍ରଣ—କବିଙ୍କ ପ୍ରକୃତି-ଚିତ୍ରଣରେ ବର୍ଣ୍ଣନାର ବାହୁଲ୍ୟ ନ ଥିଲେ ମଧ୍ୟ ଅଳ୍ପ ସଂଖ୍ୟକ ପଦରେ ଚିତ୍ର ପ୍ରଦାନ କରିବାର କ୍ଷମତା ପ୍ରକାଶ ପାଇଛି ।

ପ୍ରଦୋଷ—ପ୍ରଦୋଷ ବର୍ଣ୍ଣନାରେ କବିଙ୍କ ପଦଯୋଜନା ଚମତ୍କାର ହୋଇଛି । ଗଗନ ମଣ୍ଡଳରେ ଶଶୀ ଶୋଭା ପାଇବାରୁ ପ୍ରେମିକା ଉଦରସୀମନ୍ତିନୀର ମୁଖରେ ହାସ୍ୟ ପ୍ରକାଶ ପାଇଲାରୁ ଦର୍ଶନ ଦେଖାଗଲା; ଜଣାଗଲା ସତେ ଯେପରି ତାହା କାମ ତରୁବରର ନବ ଅଙ୍କୁର । ଚନ୍ଦ୍ର ଓ ତାରକାଙ୍କ ଦୀପ୍ତିର ବର୍ଣ୍ଣନା ସୁନ୍ଦର ହୋଇଛି । ପ୍ରଦୋଷର ବିସ୍ତୃତ ବର୍ଣ୍ଣନା କାବ୍ୟରେ ହୋଇ ନାହିଁ । ତେବେ ଚନ୍ଦ୍ରପକ୍ଷ ରାତ୍ରରେ ମାନବତୀ ଓ ସଂଯୋଗିନୀମାନଙ୍କ ଉପରେ ଏହାର ବିପରୀତ ପ୍ରଭାବ ସୁନ୍ଦର ପଦରେ ଲିପିବଦ୍ଧ ହୋଇଛି । ଚନ୍ଦ୍ରାଲୋକର କୁମୁଦିନୀ ଓ କମଳିନୀ ଉପରେ ବିପରୀତ ପ୍ରଭାବ ମଧ୍ୟ ବର୍ଣ୍ଣିତ ହୋଇଛି ।

ପ୍ରଦୋଷର ପ୍ରଭାବ ପ୍ରେମିକ ପ୍ରେମିକାଙ୍କ ଉପରେ କିପରି ଭାବରେ ପଡ଼ିଥିଲା ତାହା କବି ବର୍ଣ୍ଣନା କରିନାହାନ୍ତି । କେବଳ ରାତ୍ରି ପ୍ରବେଶ ହେବାର

ସାଧାରଣ ଘଟଣାଟିକୁ ଉଲ୍ଲେଖ କରିଛନ୍ତି । ରାତିରେ କୃଷ୍ଣ ବିଦର୍ଭ ନଗରୀ ଭିତରେ ପ୍ରବେଶ କରି ଅବସ୍ଥା ପର୍ଯ୍ୟବେକ୍ଷଣ କରିଥିଲେ । ଏହି ବିଷୟ ସହିତ ପ୍ରଦୋଷର ସମ୍ବନ୍ଧ ବା ପ୍ରଭାବ ବିଶେଷ ଭାବରେ ପ୍ରସ୍ଫୁଟିତ ହୋଇ ପାରି ନାହିଁ ।

ପ୍ରବେଶ ହୋଇଲା ଆସି ପ୍ରଦୋଷ କାଳ
ଶଶି କଳା ଦଶିଲା ଗଗନେ ମଣ୍ଡଳ ।
ଦିଗସୀମନ୍ତିନୀ ହାସ୍ୟ ଦଶନ ଦିଶେ
କାମ ତରୁବର ନବ ଅଙ୍କୁର କି ସେ ।
ଚକୋର ଚଞ୍ଚୁ କପାଟ ଫେଡ଼ାଣ କୁଞ୍ଚି
ଚକ୍ରବାକୀ ନକ୍ଷତ୍ରନ କ୍ଷତ୍ର ଉଇଁଛି । ଇତ୍ୟାଦି । ୭ମ ଛାନ୍ଦ ।

ମନୋହର ଉପମାର ପ୍ରୟୋଗରେ କବି ବର୍ଣ୍ଣନାଟିକୁ ସରସ କରି ପାରିଛନ୍ତି ।

**ପ୍ରଭାତ**—ଷଷ୍ଠ ଛାନ୍ଦରେ କବି ପ୍ରଭାତର ବର୍ଣ୍ଣନା ଦେଇଛନ୍ତି । ଏହା କେବଳ ପ୍ରଭାତର ସଂକ୍ଷିପ୍ତ ବିବରଣ ମାତ୍ର; କବିତ୍ୱ ଛଟା ପ୍ରକାଶ ପାଇନାହିଁ ।

ପୂର୍ବ ଦିଗେ ଦିଶିଲାକ ଲୋହିତ ବର୍ଣ୍ଣ
ମଳିନ ଦିଶିଲା ତାରା ପଟଳ କିର୍ଣ୍ଣ ।
ତରୁବର କୋଟରେ ରହିଲା ଉଲୁକ
ଚକ୍ରବାକୀ ସଙ୍ଗେ ଆସି ମିଳିଲା କୋକ ।
ଫୁଟିଲା କମଳବନ ପ୍ରସରେ ଗନ୍ଧ
ଭ୍ରମର କୁମୁଦ କୋଷେ ରହିଲା ବନ୍ଧ । ୬ଷ୍ଠ ଛାନ୍ଦ ।

**ରୂପ ବର୍ଣ୍ଣନା**—ରୂପବର୍ଣ୍ଣନା ଭିତରେ କୃଷ୍ଣ ଓ ରୁକ୍ମଣୀଙ୍କ ବର୍ଣ୍ଣନ ହିଁ ବେଶି ସ୍ଥାନ ଅଧିକାର କରିଛି, ଅନ୍ୟ ପାତ୍ର ପାତ୍ରୀମାନଙ୍କର ରୂପବର୍ଣ୍ଣନା ନଗଣ୍ୟ । ଶ୍ରୀକୃଷ୍ଣଙ୍କ ସହିତ ଶିଶୁପାଳର ରୂପ ଓ ଶୋଭାର ତୁଳନାତ୍ମକ ବର୍ଣ୍ଣନା କବି ଲୋକମୁଖରେ ଚମତ୍କାର ଭାବରେ କରାଇଛନ୍ତି ।

ରୁକ୍ମିଣୀଙ୍କ ରୂପ ବର୍ଣ୍ଣନା ଏକାଧିକ ସ୍ଥଳରେ ହୋଇଛି । ବାଲଭାବ ଛାଡ଼ି କୈଶୋର ଅବସ୍ଥାରେ ପ୍ରବେଶ ହେବାରୁ ରୁକ୍ମିଣୀଙ୍କ ଶୋଭା ବର୍ଦ୍ଧିତ ହେଲା ଏବଂ ବୟସୋଚିତ ହାବଭାବ ପ୍ରକାଶ ପାଇଲା । ଶିଶୁଖେଳ ତ୍ୟାଗ, ପୁଣ ପୁଣ ବେଶ ବାସ ବନ୍ଧନ, ଶ୍ରଦ୍ଧାରେ ଶିତ ବସନ ପରିଧାନ, ବଦନରଞ୍ଜି ଦର୍ପଣରେ ମୁଖ ଦର୍ଶନ, ଯୁବା ସଖୀମାନଙ୍କ ସଙ୍ଗ ଇଚ୍ଛା, ରତିକେଳି କଥା ଶ୍ରବଣରେ ମନ ନିବେଶ, ପରିହାସ ବଚନ ବଖାଣ, କଥା କହୁ କହୁ ହାସ ଲୁଚାଇବା, ଦେହରେ ଲାଜ ଭାବ ଥୋକାଏ ଅବସ୍ଥାନ ପ୍ରଭୃତି ଶୋଭନ ଭାବରେ ପ୍ରକାଶ ପାଇଲା । କବି ଅଳଙ୍କାରରେ ବର୍ଣ୍ଣନାଟିକୁ ଉପମାବହୁଳ ନକରି ମଧ୍ୟ ମନୋହର କରିପାରିଛନ୍ତି ।

ଶଇଶବ କୁରଙ୍ଗୀକି କିଶୋର ହରି,
ଗାସୁ ଗ୍ରାସୁ ପଳାଇଲା ସେ ଭୟ କରି । ୨ୟ ଛାନ୍ଦ ।

କ୍ରମେ କିଶୋରାବସ୍ଥା ଯାଇ ଯୌବନାବସ୍ଥା ପ୍ରବେଶ ହେବାରୁ ଯୁବାବସ୍ଥାର ସମସ୍ତ ଲକ୍ଷଣ ପ୍ରକାଶ ପାଇଲା । କବି ନାୟିକାର ଋତୁକାଳ ପ୍ରବେଶ ହେବାର ସୂଚନାରେ କେବଳ ଜଣାଇଛନ୍ତି, ବିରକ୍ତିକର ବିସ୍ତାରିତ ବର୍ଣ୍ଣନା ଦେଇନାହାନ୍ତି ।

ପ୍ରଥମେ ବିଜୟ କଲେ ମଦନରାୟେ, ଅନୁକୂଳ କରି ଶାଢ଼ୀଘର ଠୋକାଏ ।
(୩ୟ ଛାନ୍ଦ)

ଯୁବତୀ ରୁକ୍ମିଣୀଙ୍କ ଅପୂର୍ବ ଶୋଭା ଉପମାମାଳା ସାହାଯ୍ୟରେ ଅତି ସୁନ୍ଦର ଭାବରେ ସରସ ପଦାବଳୀରେ ରଚନା କରିଛନ୍ତି । ଉପମାଗୁଡ଼ା ଶୋଭନ ଭାବରେ ପ୍ରକାଶ ପାଇଛି ।

କୁଟିଳ କୁନ୍ତଳ ନୀଳ କବରୀ ଭାର, ତାହିଁକି ସମାନ କାହିଁ ହେବ ମୟୂର ।
ଭ୍ରମର ବିଳାପ କରେ ବିପିନେ ଯାଇ, ଚାମରୀ ଚାମର ଅଧୋଭାଗେ ଲୁଚାଇ ।
ଉପରେ ମୋତି ଜାଲିକା ରଞ୍ଜିଲା ସେହୁ; ତାରାଗଣ ଘୋଟିଲା କି ନବଘନ ମେହୁ
ରଞ୍ଜିଲା ସିନ୍ଦୁରେ ସୀମନ୍ତ ରତନ, ମଦନ ମାର୍ଗଣ ମାର୍ଗ ଦେଖି ଯେହନ ।
। ୩ୟ ଛାନ୍ଦ ।

କାର୍ତ୍ତିକ ଦାସଙ୍କ ରୁକ୍ମଣୀଙ୍କ ଯୌବନାବସ୍ଥାର ଶୋଭା ବର୍ଣ୍ଣନା ଅତି ଚମତ୍କାର ହୋଇଛି । ବର୍ଣ୍ଣନାର ଉପଯୁକ୍ତ ମାର୍ଜିତ ସରସ ପଦ ବ୍ୟବହୃତ ହୋଇଥିବାରୁ ଚଣଟି ଅତି ରମଣୀୟ ହୋଇଛି । କବି ପ୍ରାୟ ୫୦ଟି ପଦରେ ନାୟିକାର ଯୌବନ ବର୍ଣ୍ଣନା ସମାପ୍ତ କରିଛନ୍ତି ।

ଅଙ୍ଗ ଅଙ୍ଗ ଶୋଭନ ଲାବଣ୍ୟରାଶି, ନାରାୟଣ ମୋହିବାକୁ ମୋହନ ଫାଶି ।
(୩ୟ ଛାନ୍ଦ)

ଶ୍ରୀକୃଷ୍ଣଙ୍କ ଶୋଭା ବର୍ଣ୍ଣନା ସଂକ୍ଷେପରେ କବି ଶେଷ କରିଥିଲେହେଁ ନାୟକ-ଉପଯୁକ୍ତ ରୂପଦାନ କରିଛନ୍ତି ।

ରୁକ୍ମଣୀ ଦେଖିଲେ ଅନାଇଁ    ଶ୍ରୀକୃଷ୍ଣ ଅଟନ୍ତି ଏହି
ଦେଖି ଅଛିଟିକି ଶ୍ୟାମସୁନ୍ଦର ଅଙ୍ଗ,
ସୁନ୍ଦର ଭ୍ରୂଲତା ଦୁଇ    ଆଖି ପଦ୍ମ ସରି ନୋହି
ନାସିକା ସୁସଞ୍ଚ ଭଙ୍ଗ ଅଧର ରଙ୍ଗ,
ଶ୍ରବଣେ ମକର କୁଣ୍ଡଳ, ମୁଖ ସମାନ କାହିଁ ଚନ୍ଦ୍ରମଣ୍ଡଳ ।୮।
ମଉଳମଣି ମୁକୁଟ    କଟିତଟେ ପୀତପଟ
ବିପୁଳ ହୃଦରେ ବନମାଳା ଶୋହୁଛି,
ଇଷିତ ମଧୁର ହାସ    ଦଶନ ଜ୍ୟୋତି ପ୍ରକାଶ
ଅଖିଳ ନାଗରବୃନ୍ଦ ଚିତ୍ତ ମୋହୁଛି ।୯।    (୪ର୍ଥ ଛାନ୍ଦ) ।

ଯୁବକ ଦ୍ୱାରକା କୃଷ୍ଣଙ୍କ ରୂପ କିଶୋର ଗୋପକୃଷ୍ଣଙ୍କ ରୂପଠାରୁ ଅଭିନ୍ନ ହେଲେ ମଧ୍ୟ ବୟସୋଚିତ ଲକ୍ଷଣକୁ ଏଥିରେ କବି ପ୍ରକାଶ କରିଛନ୍ତି । ରାଜା ଶ୍ରୀକୃଷ୍ଣଙ୍କର ହସ୍ତରେ ମୋହନବଂଶୀ ନାହିଁ । ପୀତପଟ, ବନମାଳ, ଶ୍ୟାମସୁନ୍ଦର ଅଙ୍ଗ,—ଏସବୁ କୃଷ୍ଣଙ୍କ ଚିହ୍ନ କବି ପ୍ରକାଶ କରିଛନ୍ତି ।

ରୁକ୍ମଣୀଙ୍କ ମୁଖରେ ପୁଣି ଶ୍ରୀକୃଷ୍ଣଙ୍କ ରୂପ ବର୍ଣ୍ଣନା କରି ସଂକ୍ଷେପରେ କରାଇଛନ୍ତି । ୧୦।ରେ ପୀତବସନ, ବନମାଳ ସହିତ ଶ୍ରୀବତ୍ସଚିହ୍ନ,

କୌସ୍ତୁଭଭୂଷଣ, କରରେ ଶଙ୍ଖଚକ୍ର; ଏହି ଚିହ୍ନ ଗୁଡ଼ିକ ବ୍ୟକ୍ତ ହୋଇଛି । ଗରୁଡ଼ ବାହନ ମଧ୍ୟ ଅଛି ।

ବିକଚ ପଦ୍ମ ନୟନ ଶ୍ରୀମୁଖ, ମନେ ପଡ଼ିଲେ ଯାଇ ସର୍ବଦୁଃଖ ।
ଅଙ୍ଗଶୋଭିବନ କି ଜଳଧର, ପୀତ ବସନ ଶଙ୍ଖଚକ୍ର କର ।
ଗଳେ ବନମାଳ, ଦେଖିଲିଟିକି ହୃଦୟ ବିହ୍ୱଳ । ୮ ।
କର୍ଣ୍ଣେ କୁଣ୍ଡଳ ଜଗୁଜନ ମୋହେ, ଶ୍ରୀ ବତ୍ସ ଚିହ୍ନ କଉସ୍ତୁଭ ଶୋହେ ।
ଶିରେ ମୁକୁଟ ଅତି ବିଚକ୍ଷଣ, ବାହେ ବାହୁଟୀ ମୁଦ୍ରିକା କଙ୍କଣ ।
ଗରୁଡ଼ ପିଠିରେ, ବିଜେ କରିଥିଲେ ରାଜାଙ୍କଠାରେ ।୯। (୫ମ ଛାନ୍ଦ)

ଗରୁଡ଼ ବାହନ, ଶଙ୍ଖଚକ୍ର, ଶ୍ରୀବତ୍ସଲାଞ୍ଛନ ପ୍ରଭୃତି ବିଷ୍ଣୁଙ୍କ ଚିହ୍ନ କୃଷ୍ଣଧାରଣ କରି ସଭା ସ୍ଥଳରେ ଉପସ୍ଥିତ ହୋଇଥିଲେ । କନ୍ୟାଲକ୍ଷ୍ମୀ ରୁକ୍ମିଣୀଙ୍କର ବିଷ୍ଣୁ-କୃଷ୍ଣ ଉପଯୁକ୍ତ ବର ।

ରୁକ୍ମିଣୀ ବିଭାରେ ଏହି କେତେକ ଶବ୍ଦର ବ୍ୟବହାର ଦେଖାଯାଏ । ପ୍ରାଚୀନ ପଦ୍ୟରେ ଏହା ପ୍ରଚଳିତ ଥିଲା, ଯିସ ଯିସ, ଚହୁଣ, ହ ଦେ, ହେନ, ଶୁଣିତେ, ଦେଖିତେ, ଆଦ୍ୟେ, ଗାବନ୍ତ, ଆସ୍ତୁ, ଗାଗ୍ରବ, ସଂଘାତ, ଭାଗ୍ୟବନ୍ତୀ, ଯଶୋବନ୍ତୀ, ବ୍ରାହ୍ମଣନ୍ତ, ଅଷ୍ଟମଲ୍ଲନ୍ତ, ଅମାନାତ୍ୟ ନବରେଣ, କୁସୁମେଣ, ଜଗୁଜନ ଇତ୍ୟାଦି ।

ରାମରାବଣ ଯୁଦ୍ଧ:— 'ରାମରାବଣ ଯୁଦ୍ଧ' କାର୍ତ୍ତିକ ଦାସଙ୍କର ଏକ କ୍ଷୁଦ୍ର କାବ୍ୟ । 'ରୁକ୍ମିଣୀ ବିଭା' ପରି ଏଥିରେ ମଧ୍ୟ ଦଶୋଟି ଛାନ୍ଦ ଅଛି, କଳଶା, କାଳି, ଆହାରି, ଖେମଟା, କଳହଂସକେଦାର, କୌଶିକ, ରସକୋଇଲି, ବଙ୍ଗଳାଶ୍ରୀ, ଚକ୍ରାଦେଶାକ୍ଷ । ଦଶମଛାନ୍ଦର ରାଗ ଲେଖା ହୋଇ-ନାହିଁ । ଆକାରରେ ଏହି କାବ୍ୟଟି ରୁକ୍ମିଣୀ ବିଭାର ପ୍ରାୟ ଏକଷଷ୍ଠାଂଶ ହେବ ।

ଶ୍ରୀ ଗଣେଶଙ୍କୁ ବନ୍ଦନାକରି କବି ଗ୍ରନ୍ଥ ଆରମ୍ଭ କରିଛନ୍ତି । ଉମାଙ୍କୁ ଶଙ୍କର ରାମଚରିତ ବର୍ଣ୍ଣନା କରୁଛନ୍ତି ।

ଶୁଣିଣ ଶିବ କହନ୍ତି ପ୍ରିୟେ ବସିଣ ଲକ୍ଷ୍ୟ କର
ଯେମନ୍ତ ରାମ ସଙ୍ଗତେ ଯୁଦ୍ଧ କଲାକ ଦୈତ୍ୟେଶ୍ୱର ।

ଲକ୍ଷ୍ମଣ ଶକ୍ତିଭେଦ ଓ ଲକ୍ଷ୍ମଣଙ୍କ ଆରୋଗ୍ୟଲାଭ, ପରେ ରାମରାବଣ ଯୁଦ୍ଧପ୍ରସଙ୍ଗ ଆରମ୍ଭ ହୋଇଛି । ରାବଣ ଶୁକ୍ରମନ୍ତ୍ର ବଳରେ ହୋମକରି ହୋମକୁଣ୍ଡରୁ ଏକ ରଥ ପାଇବେ ସେଥିରେ ବସି ସେ ଯୁଦ୍ଧ କଲେ ତାଙ୍କୁ କେହି ହରାଇ ପାରିବେ ନାହିଁ । ଏହି ସମ୍ବାଦ ଶୁଣି ହନୁମାନ ପ୍ରଭୃତି ରାବଣଙ୍କ ହୋମ ଯେପରି ନ ହେବ ତାର ଉପାୟ କଲେ । ରାବଣ କୁଶାସନରେ ବସି ହୋମ କରୁଥିବା ବେଳେ ମନ୍ଦୋଦରୀ ନିକଟରେ ପ୍ରବଞ୍ଚନାରେ ରାବଣ ପାଖକୁ ଯାଇ ରାମଙ୍କ ହସ୍ତରେ ସୀତାଙ୍କୁ ଫେରାଇ ଦେବାକୁ କହିଲେ । ଏହା ଶୁଣି ରାବଣ ତାଙ୍କର ପୂର୍ବଜନ୍ମବୃତ୍ତାନ୍ତ କହିଲେ ଏବଂ ବିଷ୍ଣୁଙ୍କ ହସ୍ତରେ ମଲେ ସେ ଉଦ୍ଧାର ପାଇବେ, ଏହା ସୂଚାଇଲେ । ଏହା ଶୁଣି ମନ୍ଦୋଦରୀ କ୍ରନ୍ଦନକଲେ । ରାବଣ ତାଙ୍କ କଥା ନ ମାନି ଯୁଦ୍ଧର ଆୟୋଜନ କଲେ । ରାମ-ରାବଣ ଯୁଦ୍ଧ । ରାବଣବଧ ; ମନ୍ଦୋଦରୀ ଆଦି ରାଣୀମାନେ କ୍ରନ୍ଦନ କରିବାରୁ ବିଭୀଷଣ ମଧ୍ୟ ଦୁଃଖ ସହିନପାରି କ୍ରନ୍ଦନକଲେ । ରାମ ସମସ୍ତଙ୍କୁ ବୋଧକଲେ । ରାବଣଙ୍କ ଶବସଂସ୍କାର ପରେ ମନ୍ଦୋଦରୀଙ୍କୁ ବିଭୀଷଣ ହସ୍ତରେ ସମର୍ପଣ ।

କାବ୍ୟଟିରେ ଉଲ୍ଲେଖଯୋଗ୍ୟ ବିଶିଷ୍ଟ ଲକ୍ଷଣ ନାହିଁ । ଭାଷା ସରଳ ; ଅଲଙ୍କାରର ବ୍ୟବହାର ମଧ୍ୟ ନାହିଁ । 'ରୁକ୍ମିଣୀ ବିଭା' ସହିତ କୌଣସି ଅଂଶରେ ତୁଳନୀୟ ନୁହେଁ । ଏହା କବିଙ୍କର ପ୍ରଥମ ଲେଖା ହେବା ଅନୁମାନ କରାଯାଇପାରେ ।

# ତୃତୀୟ ପରିଚ୍ଛେଦ

## ଧନଞ୍ଜୟ ଭଞ୍ଜ

(ଖ୍ରୀ: ୧୬୧୧-୧୭୦୧)

ଧନଞ୍ଜୟ ଭଞ୍ଜ ଘୁମୁସରର ଜଣେ ପ୍ରତାପୀ ରାଜା ଥିଲେ । ଖ୍ରୀ: ୧୬୩୭ଠାରୁ ୧୭୦୧ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ଖ୍ରୀ: ୧୬୧୧ରେ ଜନ୍ମ ଗ୍ରହଣ କରି ଖ୍ରୀ: ୧୭୦୧ ରେ ଇହଲୀଳା ଶେଷ କରିଥିଲେ । ସେ ରାଜ୍ୟର ଉନ୍ନତି ପାଇଁ ବହୁତ ଦେଉଳ, ପୋଖରୀ, କୂଅ, ହାଟ ପ୍ରଭୃତି ଜନହିତକର କାର୍ତ୍ତି କରିଥିଲେ । କୁଲାଡ଼ ଗଡ଼ରେ ୫୭୦୦୦୦୧ ଖର୍ଚ୍ଚ କରି ଏକ ରାଜପ୍ରାସାଦ ନିର୍ମାଣ କରିଥିଲେ । ସେ ରାଜ୍ୟଶାସନ କରିବା ସଙ୍ଗେ ସଙ୍ଗେ ସାହିତ୍ୟ, ସଙ୍ଗୀତ ଓ ଶିଳ୍ପର ଚର୍ଚ୍ଚା କରୁଥିଲେ । ସେ ତ୍ରିପୁରମୋହିନୀ, ଇଚ୍ଛାବତୀ, ମଦନ ମଞ୍ଜରୀ, ରଘୁନାଥ ବିଳାସ ପ୍ରଭୃତି କାବ୍ୟ ରଚନା କରିଥିଲେ ।

ଧନଞ୍ଜୟ ରାଜ୍ୟର ସୁଶାସନ ପାଇଁ ନିଜ ଅନୁଜ ଗୋବିନ୍ଦ ଭଞ୍ଜଙ୍କୁ ଯୁବରାଜ ପଦରେ ପ୍ରଥମେ ଅଭିଷିକ୍ତ କରିଥିଲେ; କିନ୍ତୁ ପରେ ତାଙ୍କର ରାଣୀ (ନୂଆଗଡ଼ ରାଜଜେମା) ମଣ୍ଡା ଦେଈ ଏଥିରେ ଅସନ୍ତୁଷ୍ଟ ହେଲେ । ମଣ୍ଡା ଦେଈଙ୍କ ପ୍ରଭାବ ଧନଞ୍ଜୟଙ୍କ ଉପରେ ଯଥେଷ୍ଟ ଥିଲା । ସେ ନିଜ ହାତରେ ରାଜକୋଷର ଚାବି ରଖିଥିଲେ । ଗୋବିନ୍ଦଙ୍କ ପରିବର୍ତ୍ତେ ନିଜ ପୁତ୍ର ନୀଳକଣ୍ଠ (ଉପେନ୍ଦ୍ର ଭଞ୍ଜଙ୍କ ପିତା)ଙ୍କୁ, ରାଜା କରିବା ପାଇଁ ସ୍ୱାମୀଙ୍କୁ ପ୍ରବର୍ତ୍ତାଇଲେ; କିନ୍ତୁ ଧନଞ୍ଜୟ ଏଥିରେ ରାଜି ହେଲେ ନାହିଁ ।

ଦିନେ ଜଣେ ସନ୍ନ୍ୟାସୀ ଘୁମୁସରରେ ଉପସ୍ଥିତ ହେଲେ । ରାଜା ଧନଞ୍ଜୟ ତାଙ୍କୁ ପଚାରିଲେ, "ମୋ ପରେ କିଏ ରାଜା ହେବ ?" ସନ୍ନ୍ୟାସୀ

କହିଲେ, "ଧନ ପଟରେ ଘନ ରାଜା ହେବ ।" ଘନ ଗୋବିନ୍ଦଙ୍କ ପୁତ୍ର । ସନ୍ନ୍ୟାସୀଙ୍କଠାରୁ ଏହା ଶୁଣି ରାଜା ଚିନ୍ତିତ ହୋଇ ପଡ଼ିଲେ । ନୀଳକଣ୍ଠ ଯେ ରାଜା ହୋଇପାରିବେ ନାହିଁ, ଏ ଧାରଣା ତାଙ୍କ ମନରେ ବଳବତ୍ତର ହେଲା ।

ରାଣୀ ମଣ୍ଡୋଦେଈ ନାନା ଷଡ଼ଯନ୍ତ୍ର କରି ଗୋବିନ୍ଦ ଓ ତାଙ୍କର ପୁତ୍ରମାନଙ୍କୁ ରାଜ୍ୟରୁ ବହାର କରିଦେଲେ । ସେମାନଙ୍କ ମଧ୍ୟରୁ ତିନିଜଣ ପୁରୀରେ, ଦୁଇଜଣ ନୁଆଗଡ଼ ( ନୟାଗଡ଼ )ରେ ଓ ଘନ ଭଞ୍ଜ ଧରାକୋଟରେ ଆଶ୍ରୟ ନେଲେ । କିମ୍ବଦନ୍ତୀ ଅଛି, ରାଣୀ ମଣ୍ଡୋଦେବୀଙ୍କ ମନ୍ତ୍ରଣା କ୍ରମେ ଧନଞ୍ଜୟଙ୍କୁ ବିଷ ପ୍ରୟୋଗ ହେଲା ଏବଂ ସେ ସେଥିରେ ପ୍ରାଣତ୍ୟାଗ କଲେ ।

ଧନଞ୍ଜୟଙ୍କ ମୃତ୍ୟୁପରେ ନୀଳକଣ୍ଠ ରାଜା ହେଲେ । ସେ କେବଳ ଦୁଇବର୍ଷ ରାଜତ୍ୱ କରିପାରିଥିଲେ । ଘନ ଭଞ୍ଜ ପଡ଼ୋଶୀ ବନ୍ଧୁ ରାଜାମାନଙ୍କ ସାହାଯ୍ୟରେ ନୀଳକଣ୍ଠଙ୍କୁ ତଡ଼ି ନିଜେ ରାଜା ହେଲେ । ନୀଳକଣ୍ଠ ଓ ତାଙ୍କର କୁଟୁମ୍ବ ଘୁମୁସର ରାଜ୍ୟ ତ୍ୟାଗ କରି ନୟାଗଡ଼, ପୁରୀ, ବାଣପୁର ପ୍ରଭୃତି ସ୍ଥାନରେ ବହୁ ସମୟ ଅବସ୍ଥାନ କଲେ ।

ଧନଞ୍ଜୟ ଭଞ୍ଜ ବହୁ ବିବାହ କରିଥିଲେ । ତାଙ୍କର ବହୁ ପୁତ୍ର ଓ କନ୍ୟା ଥିଲେ । ପ୍ରାକୃତିକ ଉତ୍କଳରେ ବହୁ ରାଜ ପରିବାରଙ୍କ ସହିତ ତାଙ୍କର ବୈବାହିକ ସମ୍ପର୍କ ସ୍ଥାପିତ ହୋଇଥିଲା । ଘୁମୁସର ଏକ ବିଶାଳ ରାଜ୍ୟ ଥିଲା ଏବଂ ଭଞ୍ଜ ବଂଶର ଗୌରବ ମଧ୍ୟ ଅତି ଉଚ୍ଚ ଥିବାରୁ ତାଙ୍କ ପରିବାର ସହିତ ବନ୍ଧୁତାସୂତ୍ରରେ ଆବଦ୍ଧ ହେବା ସମ୍ମାନସୂଚକ ଥିଲା । ଘୁମୁସର ରାଜବଂଶର ରାଜା ଓ ଅନ୍ୟମାନେ ପରଂପରାକ୍ରମେ ଉଚ୍ଚଶିକ୍ଷିତ, ସାହିତ୍ୟ ପ୍ରେମୀ ଓ କବି ଥିବାରୁ ତାଙ୍କର ବନ୍ଧୁମାନେ ମଧ୍ୟ ଉତ୍ସାହିତ ହୋଇ ସାହିତ୍ୟର ପୃଷ୍ଠପୋଷକତା କରୁଥିଲେ । ଧନଞ୍ଜୟଙ୍କ ସମୟରେ ସମସ୍ତ ଓଡ଼ିଶାରେ ଉଚ୍ଚକୋଟିର ସାହିତ୍ୟିକ ବାତାବରଣ ସୃଷ୍ଟି ହୋଇଥିଲା । ବହୁ କବି ଧନଞ୍ଜୟଙ୍କ ଶୈଳୀକୁ ଅନୁକରଣ କରି କାବ୍ୟରଚନା କରି ଯଶ ଲଭି କରିଛନ୍ତି । ଉପେନ୍ଦ୍ର ଭଞ୍ଜ ଏଥି ମଧ୍ୟରୁ ପ୍ରଧାନ ।

ଇଚ୍ଛାବତୀ, ଅନଙ୍ଗରେଖା, ତ୍ରିପୁରମୋହିନୀ, ମଦନମଞ୍ଜରୀ ଧନଞ୍ଜୟଙ୍କର କାଳ୍ପନିକ କାବ୍ୟ । 'ରଘୁନାଥ ବିଳାସ' ରାମାୟଣ କଥାବସ୍ତୁର ଆଶ୍ରୟରେ ଲିଖିତ ପୌରାଣିକ କାବ୍ୟ ।

## ଇଚ୍ଛାବତୀ

ଶ୍ରେଷ୍ଠ ଶ୍ରେଷ୍ଠ ଦଶଟି ଛାନ୍ଦରେ ଇଚ୍ଛାବତୀ କାବ୍ୟଟି ରଚିତ । ପ୍ରତ୍ୟେକ ଛାନ୍ଦର ଭଣିତାରେ ନୃପ ଧନଞ୍ଜୟ ଭଞ୍ଜଙ୍କର ନାମ ଅଛି ।

ଗନ୍ଧର୍ବ କଳାବନ୍ତ ଓ ଅପ୍ସରା କଳାବତୀ ପ୍ରେମବନ୍ଧନରତା ଯୋଗୁଁ ଇନ୍ଦ୍ର ସଭାରେ ନୃତ୍ୟରେ ଅବହେଳା ଦେଖାଇବାରୁ ଇନ୍ଦ୍ର ଶାପଦେଲେ । ଏହି ଶାପ ଫଳରେ କଳାବନ୍ତ ମର୍ତ୍ତ୍ୟରେ ମଧୁପୁର ରାଜାଙ୍କ ଗୃହରେ ଓ କଳାବତୀ ଭୋଜରାଜାଙ୍କ ଗୃହରେ ଜନ୍ମଗ୍ରହଣ କଲେ । କଳାବନ୍ତ ମଧୁକର ନାମ ଓ କଳାବତୀ ଇଚ୍ଛାବତୀ ନାମ ଧାରଣ କରିଥିଲେ । ଇଚ୍ଛାବତୀ କପାଳମଠରେ ବିଦ୍ୟାଧ୍ୟୟନ କରିବା ପାଇଁ ରହିଲେ । ଯୁବକ ମଧୁକର ମନ ବିରସ ଦେଖି ଦେବର୍ଷି ନାରଦ ତାଙ୍କୁ ଆଶ୍ୱାସନା ଦେଇ କହିଲେ, "ଇଚ୍ଛାବତୀ ତାଙ୍କର ଯୋଗ୍ୟ ପାତ୍ରୀ ।" ଋଷିଙ୍କ ନିର୍ଦ୍ଦେଶରେ ସେ କପାଳୀମଠରେ ରହି ବିଦ୍ୟାଧ୍ୟୟନ କଲେ । ସେଠାରେ ଇଚ୍ଛାବତୀ ଓ ମଧୁକରଙ୍କ ଭିତରେ ପ୍ରଣୟ ଜାତ ହେଲା ଏବଂ ଦୁହେଁ ବିବାହ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହେଲେ ।

ଇଚ୍ଛାବତୀ 'ଯୁବତୀ' ହେବାରୁ ବିଦ୍ୟାଶିକ୍ଷା ବନ୍ଦ କରିଦେଇ ପିତୃଗୃହକୁ ଫେରିଲେ । ମଧୁକର ଇଚ୍ଛାବତୀକୁ ନଦେଖି ବିରହରେ କାତର ହେବାରୁ ଇଚ୍ଛାବତୀର ଦାସୀମାନେ ଦୁହିଁଙ୍କର ମିଳନ କରାଇ ଦେବା ପାଇଁ ଆଶ୍ୱାସନା ଦେଲେ । ଦାସୀମାନଙ୍କ ଯତ୍ନରେ ମଧୁକର ରାଜ ଅନ୍ତଃପୁରକୁ ଗୋପନରେ ଯାଇ ଇଚ୍ଛାବତୀ ସହ ପ୍ରେମାଳାପ କଲେ । ଏଠାରେ ଦୁହିଁଙ୍କର ପ୍ରେମ ମିଳନ ହେଲା ।

ଗୋପନରେ ଇଚ୍ଛାବତୀ ସହିତ ବିହାର କରୁଥିବା ବେଳେ ମଧୁକର ଇଚ୍ଛାବତୀଙ୍କ ପିତାଙ୍କ ଦ୍ୱାରା ଧରା ହେଲେ ଏବଂ ପ୍ରାଣଦଣ୍ଡରେ ଦଣ୍ଡିତ ହେଲେ । ନାୟକ ଓ ନାୟିକାଙ୍କ ବିରହ ଓ ବିଳାପ ଏହି ଦୁଃଖଦାୟକ ଅବସ୍ଥାରେ ଦେବର୍ଷି ନାରଦ ରାଜାଙ୍କୁ ଏ ଦୁହିଁଙ୍କର ପୂର୍ବଜନ୍ମ ବୃତ୍ତାନ୍ତ, ଶାପ ଓ ମର୍ତ୍ତ୍ୟରେ ଜନ୍ମ ପ୍ରଭୃତି ବିଷୟ କହି ଦୁହେଁ ଉପଯୁକ୍ତ ବର ଓ କନ୍ୟା ଥିବାରୁ ଦୁହିଁଙ୍କୁ ବିବାହ ସୂତ୍ରରେ ଆବଦ୍ଧ କରିଦେବା ପାଇଁ କହିଲେ । ରାଜା ଏଥିରେ ସମ୍ମତ ହେଲେ ଏବଂ ନାୟକନାୟିକା ବିବାହିତ ଜୀବନ ସୁଖରେ ଯାପନ କଲେ ।

ଇଚ୍ଛାବତୀର କଥାବସ୍ତୁର ପ୍ରଣାଳୀ ପ୍ରାଚୀନ ରୀତିକୁ ଅବଲମ୍ବନ କରିଛି । ଗନ୍ଧର୍ବ ଓ ଅପ୍ସରାଙ୍କୁ ଇନ୍ଦ୍ରଙ୍କ ଶାପ ଫଳରେ ଦୁହିଁଙ୍କର ମର୍ତ୍ତ୍ୟରେ ରାଜଗୃହରେ ଜନ୍ମ । ଯୌବନରେ ଦୁହିଁଙ୍କର ପ୍ରେମ, ବିରହ ଓ ମିଳନ । ଦୈବୀଶକ୍ତିଦ୍ୱାରା ମିଳନ ସମ୍ଭବ ହୋଇଥିଲା । 'ଇଚ୍ଛାବତୀ' କାବ୍ୟଟିରେ ସଂସ୍କୃତର 'ପଞ୍ଚାଶିକା' ଓ ବିହ୍ଲଣଙ୍କୃତ 'ଚୌର ପଞ୍ଚାଶିକା' ନାମକ ଦୁଇଟି ଗ୍ରନ୍ଥର ଶ୍ଳୋକର ଅନୁବାଦ ଦିଆଯାଇଛି । ଷଷ୍ଠଛାନ୍ଦଠାରୁ ଶେଷ ପର୍ଯ୍ୟନ୍ତ ଏହି ଦୁଇ ସଂସ୍କୃତ ଗ୍ରନ୍ଥ 'ପଞ୍ଚାଶିକା'ର ଏକ ଶତ ଶ୍ଳୋକର ପଦ୍ୟାନୁବାଦ ମାତ୍ର । ପ୍ରଥମଛାନ୍ଦଠାରୁ ପଞ୍ଚମ ଛାନ୍ଦ ଶେଷ ପର୍ଯ୍ୟନ୍ତ ରଚନା କବିଙ୍କ ନିଜସ୍ୱ ।

ଇଚ୍ଛାବତୀ ଅନଙ୍ଗରେଖା ପୂର୍ବରୁ ରଚିତ ହୋଇଥିବାର ଜଣାଯାଏ । କାରଣ ଅନଙ୍ଗରେଖାର ଏକ ଛାନ୍ଦକୁ 'ଇଚ୍ଛାବତୀ ବାଣୀରେ ଗାଇବ' ବୋଲି ଲେଖାଅଛି ।

ଅନଙ୍ଗରେଖା ତୁଳନାରେ ଇଚ୍ଛାବତୀ ସେତେ ଉଚ୍ଚ ଧରଣର କାବ୍ୟ ନହେଲେ ମଧ୍ୟ ଅନଙ୍ଗରେଖାରେ କବିଙ୍କର ଯେଉଁ ସିଦ୍ଧହସ୍ତ ଲେଖନୀର ପରିଚୟ ମିଳୁଛି ତାହାର ପୂର୍ବାଭାସ ଇଚ୍ଛାବତୀରେ ଦେଖାଯାଏ ।

ଧନଞ୍ଜୟ ଭଞ୍ଜ 'ପଞ୍ଚାଶିକା'ର ଶ୍ଳୋକଗୁଡ଼ିକର ଅନୁବାଦରେ ସ୍ୱଚ୍ଛ ଯଥାଯଥ ରକ୍ଷା କରି ପାରିଛନ୍ତି ।

ପ୍ରିୟେସ୍ୟ ସଦା ପୂର୍ଣ୍ଣତରଂ ମନୋହରଂ
ତେ ନିଷ୍କଳଙ୍କଂ ମୁଖଚନ୍ଦ୍ର ମଣ୍ଡଳମ୍
ବିଲୋକ୍ୟ ସବ୍ରୀଡ଼ିତୟା ନିଶାପତିଃ
ଗତି ପ୍ରତପ୍ତଃ ଜଲଧେର୍ଜଲାନ୍ତରମ୍ ।

ହେ ପ୍ରିୟେ ତୋମୁଖ ପୂର୍ଣ୍ଣଚନ୍ଦ୍ରମା, କେବେ ନ ଲଭଇ କଳଙ୍କ ସୀମା,
ସଦବସେ ଏହୁ ମନୋହର, ଦେଖି ଶଶାଙ୍କ ଲଭିଲା କାତର ।
ସନ୍ତାପିତ ମନ, ତେଣୁ କଲା ସିନ୍ଧୁ ଅନ୍ତେ ଗମନ । (ଚକ୍ଷୁ ଛନ୍ଦ)

କିଂ କେତକୀ ପରିମଳୋଦ୍ଭୂତ ଗନ୍ଧଲୁବ୍ଧ-
ଗୁଞ୍ଜଦ୍‌ଭ୍ରମଦ୍ ଭ୍ରମର ବାଞ୍ଛିତଚେନ୍ତ ମେତାମ୍ ।
ଯତ୍‌କଣ୍ଟକୈଃ ପରିବୃତ ମତୁଲା ମଗମ୍ୟାଂ
ସଂରକ୍ଷିତାଂ ବ୍ରଜସି ଗଚ୍ଛ ଲତାଂ ସଦୃଷ୍ଟାମ୍

କକତ କେତକୀ ସମୀରଲଭି, କିମ୍ପାଇ ଭୃଙ୍ଗ ହୋଇଅଛୁ ଲୋଭି,
କ୍ରୀଡ଼ା ଇଚ୍ଛାରେ ତୁ କରୁ ଗମନ, କଣ୍ଟାକେ ଅଗମ୍ୟ ନ ଘେନୁ ମନ,
ଏ ରକ୍ଷିତ ବନେ, ଚଳ ତୁ ଆନ କୁସୁମିତ ବନେ । (ଚକ୍ଷୁ ଛନ୍ଦ)

କବି କଥାବସ୍ତୁର ଗତିରେ ଶ୍ଳୋକମାନଙ୍କୁ ପ୍ରସଙ୍ଗାନୁଯାୟୀ ଗୁନ୍ଥିଛନ୍ତି ଏବଂ କଥାବସ୍ତୁର ଗତିରେ ଏହା ସାହାଯ୍ୟ କରିଛୁ ।

ହେ ପାନ୍ଥ ! ଚନ୍ତା କୁଳତାତିମୂଢ଼
କିଂ ସ୍ତୌଷି ବାଲାମବଲାଂ କୃଶାଙ୍ଗୀମ୍
ଅର୍ଥଂ ଯଦି ପ୍ରାର୍ଥୟସେ ଭଜେଶଂ
ମୋକ୍ଷଂ ଚ ଲକ୍ଷ୍ମୀପତି ମମ୍ବୁଜ କ୍ଷମ୍ ।

ଏମନ୍ତ ଗୃହରେ ବନସ୍ତ ଶୁଣି, ମଧୁକର କହେ ଇଚ୍ଛାକୁ ବାଣୀ,
ଅହେ ପଥିକ ଚନ୍ତା ଆକୁଳିତ, ମୂର୍ଖପଣରେ ତୁ କହୁ ଏମନ୍ତ,
ମୁଁ ଅବଳା ଜନ, ମୋତେ କିମ୍ପା କରୁ ସ୍ତୁତି ବଚନ ।

ଧନେ ଇଚ୍ଛାଥିଲେ ଭଜ ଶଙ୍କର, ଯାହାର ଆଜ୍ଞାରେ ଅଛୁ କୁବେର,
ମୋକ୍ଷକୁ ଯେବେ ତୋ ଅଛୁ ବଗୁର, ତେବେ ବେଗେ ଭଜ କମଳାବର,
ଏହା ଗୃହ୍ଟୁ ଶୁଣି, ବୋଇଲା ଶୁଣରେ ରମଣୀମଣି । (୬ଷ୍ଠ ଛାନ୍ଦ)

ଶ୍ଳୋକ ଓ ଅନୁବାଦକୁ ଗୁନ୍ଥି ପଦ୍ୟଚ୍ଛନ୍ଦ (ଛାନ୍ଦ) ରୂପରେ କବି ସଜେଇଛନ୍ତି । ପ୍ରତ୍ୟେକ ଛାନ୍ଦରେ କଥାବସ୍ତୁକୁ ଗତିଶୀଳ କରିବା ପାଇଁ କବି ପ୍ରସଙ୍ଗକ୍ରମେ ଅନୁବାଦ ସହିତ କଥାଂଶର ଯଥାଯଥ ବର୍ଣ୍ଣନା ମଧ୍ୟ କରିଛନ୍ତି ।

---

## ଅନଙ୍ଗରେଖା

ଧନଞ୍ଜୟ ଭଞ୍ଜ ଅନଙ୍ଗରେଖାର କୌଣସି ସ୍ଥାନରେ ନିଜକୁ ଘୁମୁସର ରାଜା ବୋଲି ଲେଖିନାହାନ୍ତି; କେବଳ 'ନୃପ ଧନଞ୍ଜୟ ଭଞ୍ଜ' ବୋଲି ଲେଖିଛନ୍ତି । ଏହା ଛଡ଼ା ଏ କାବ୍ୟର କବିଙ୍କ ସମ୍ବନ୍ଧରେ ଅନ୍ୟ କୌଣସି ଉପାଦାନ ମିଳୁନାହିଁ ।

କବି ନୀଳାଚଳକୁ ଆସି ନୀଳାଚଳାଧିପତି ଶ୍ରୀଜଗନ୍ନାଥ ସେବାର୍ଚ୍ଚନା କରିବା ପରେ ଏକବିଂଶ ଛାନ୍ଦଟି ରଚନା କରିଥିବା ଅନୁମିତ ହୁଏ । କବି ଜଗନ୍ନାଥ ଦର୍ଶନର ସୂଚନା ଛାନ୍ଦର ଶେଷ ପଦରେ ଦେଇଥିବା ସମ୍ଭବ ।

ସେବିଣ ନୀଳାଦ୍ରିକନ୍ଦ, ହୋଇଛୁ ଅତି ଆନନ୍ଦ,
ଛେଦ ପ୍ରଭୁ ମୋର ମାୟାବନ୍ଧ ହେ ଆନନ୍ଦକନ୍ଦ । (୨୧ ଛାନ୍ଦ)

ଧନଞ୍ଜୟ ଭଞ୍ଜ ଅନଙ୍ଗରେଖାର ପ୍ରାୟ ପ୍ରତ୍ୟେକ ଛାନ୍ଦ ନୀଳାଚଳାଧିପତି ଶ୍ରୀଜଗନ୍ନାଥଙ୍କୁ ବନ୍ଦନା କରି ଶେଷ କରିଛନ୍ତି । ଗ୍ରନ୍ଥାରମ୍ଭରେ ପ୍ରଥମଛାନ୍ଦରେ 'ଜୟ ଜୟ ନୀଳାଚଳ-ପତି ମୁକୁନ୍ଦ' ବୋଲି ଜଗନ୍ନାଥଙ୍କୁ ବନ୍ଦନା କରିଛନ୍ତି । କମଳାସନୀ ଦେବୀ ପ୍ରସନ୍ନ ହେଲେ "ଅନଙ୍ଗରେଖା ଚରିତ ଗୀତେ ରଚିବି ।"

× × ×

ଏହା ମଧ୍ୟ କବି ପ୍ରଥମ ଛାନ୍ଦରେ କଥାବସ୍ତୁ ଆରମ୍ଭ କରିବା ପୂର୍ବରୁ ଲେଖିଛନ୍ତି । ଶିବ ଓ ଗଣେଶଙ୍କୁ ମଧ୍ୟ ସ୍ଥାନ ବିଶେଷରେ ବନ୍ଦନା କରିଛନ୍ତି ।

ରାଗ, ତାଳ ନିର୍ଦ୍ଦେଶ—ଅନଙ୍ଗ ରେଖାରେ ଧନଞ୍ଜୟ ଭଞ୍ଜ କେତେକ ଛାନ୍ଦର ରାଗ ସହିତ ତାଳର ନାମକରଣ ମଧ୍ୟ କରିଥିବାରୁ ତାଳମାନ ଲୟରେ ଗୀତପରି ଛାନ୍ଦଗୁଡ଼ିକୁ ଗାୟନ କରିବା ଉଦ୍ଦେଶ୍ୟ ରଖିଥିବା ଅନୁମିତ ହୁଏ ।

ପ୍ରଥମ ଛାନ୍ଦ—ରାଗ-ଗୁଜ୍ଜରୀ—ପଡ଼ିତାଳ ।
ଚତୁର୍ଥ ,, —ରାଗ-ମଙ୍ଗଳ ଧନାଶ୍ରୀ, ତାଳ-ଚପଳା ।
ପଞ୍ଚମ ,, —ରାଗ-କଲ୍ୟାଣ ଆହାରୀ, ତାଳ-ରୂପକ ।
ଷଷ୍ଠ ,, —ରାଗ-ମଙ୍ଗଳଗୁଜ୍ଜରୀ, ତାଳ-କୁରୁକା ।
ସପ୍ତୋବିଂଶ,, —ରାଗ-ଭୈରବି, ତାଳ-ସରିମାନ ।

ପୂର୍ବ କବିମାନଙ୍କ କୃତିର ସୂଚନା—ଅନଙ୍ଗ ରେଖାର ଛାନ୍ଦର ରାଗ ନିର୍ଦ୍ଦେଶ ସମ୍ପର୍କରେ ଅନ୍ୟ କେତେକ ଗ୍ରନ୍ଥର ଉଲ୍ଲେଖ ଦେଖିବାକୁ ମିଳେ । ଏହିସବୁ ଗ୍ରନ୍ଥ କବିଙ୍କ ଏହି କାବ୍ୟ ରଚନା ପୂର୍ବରୁ ରଚିତ ହୋଇଥିବା ଅନୁମାନ କରାଯାଏ । ଅବଶ୍ୟ କବି ନିଜେ ଏହି ନିର୍ଦ୍ଦେଶ ଦେଇଥିବା ପ୍ରମାଣିତ ହେଲେ ଏହି ଅନୁମାନ ଠିକ ହେବ । ଏହା ପ୍ରମାଣ କରିବା ସେତେ ସହଜ ନୁହେଁ ।

ତୃତୀୟ ଛାନ୍ଦ—ରାଗ-ମାଳବ-ଋଷା ଦ୍ୱିତୀୟ ଛାନ୍ଦ ବାଣୀରେ ଗାଇବ ।
ଦ୍ୱାଦଶ ,, —ରାଗ-କନଡ଼ା-'ସୁନ୍ଦରୀ ବାରମାସି' ବାଣୀରେ ଗାଇବ ।
ଚତୁର୍ଦ୍ଦଶ ,, —ରାଗ-ଶଙ୍କରାଭରଣ-'କାରୁଣ୍ୟ କଳ୍ପ' ବାଣୀରେ ଗାଇବ
ସପ୍ତଦଶ ,, —ରାଗ-ଚନ୍ଦ୍ରାକେଦାର-ଇଚ୍ଛାବତୀ ବାଣୀରେ ଗାଇବ ।
ଊନବିଂଶ ,, —ରାଗ-ଦେଶାକ୍ଷ କେଳିସଦନ ଚଉତିଶା ବାଣୀରେ ।

ଦ୍ୱାବିଂଶ ଛାନ୍ଦ—ରାଗ-ବଙ୍ଗଳଶ୍ରୀ-କଳସା ବାଣୀରେ ଗାଇବ ।
ପଞ୍ଚବିଂଶ ,,—ରାଗ-ବଙ୍ଗଳାଶ୍ରୀ (?) ବନ୍ଧୁ ଚଉଦଶା ବାଣୀରେ ଗାଇବ ।

'ରୂପସୀ', 'ଇଚ୍ଛାବତୀ', 'ସୁନ୍ଦର ବ ରମ ସି', 'କାବ୍ୟେ କନ୍ତେ' (ଅନ୍ୟେମାନେ ଏବା ଛାନ୍ଦ), କେଳିଦେନ ଚଉଦଶା, କଳସା ଚଉଦଶା, ବନ୍ଧୁ ଚଉଦଶା ଏଗୁଡ଼ିକ ଅନଙ୍ଗରେଖା ପୂର୍ବର ରଚନା । ଧନଞ୍ଜୟ ଭଞ୍ଜଙ୍କ 'ଇଚ୍ଛାବତୀ' କାବ୍ୟରେ ଦଶଟିଯାକ ଛାନ୍ଦ ଭିତରେ 'ଚନ୍ଦ୍ରାକେଦାର' ରାଗ ନାହିଁ; କିନ୍ତୁ ନବମ ଛାନ୍ଦର ରାଗ 'ଚନ୍ଦ୍ରଦେଶାକ୍ଷ' ଓ ଦଶମ ଛାନ୍ଦର ରାଗ 'ଚନ୍ଦ୍ରା-ଭୈରବ' ବୋଲି ନିର୍ଦ୍ଦେଶ ଅଛି । ଇଚ୍ଛାବତୀର ଦଶମ ଛାନ୍ଦର ରାଗ 'ଚନ୍ଦ୍ରା-ଭୈରବ' ସହିତ ଅନଙ୍ଗରେଖାର ସପ୍ତଦଶ ଛାନ୍ଦର ଚନ୍ଦ୍ରାକେଦାର ରାଗ ତୁଳନା କଲେ ସାଦୃଶ୍ୟ ଦେଖାଯାଏ ।

ଇଚ୍ଛାବତୀ—ଏଥି ଅନ୍ତରେ ଦୋଷାଧି ଭଣି
ଏବେ ଶୁଣ ସ୍ପଷ୍ଟ ମୋର ବାଣୀ
ଗ୍ରନ୍ଥି ଗୁରୁ ନାମ ଜପୁ ରୁ ନ ଜାଣି
କ କେ ନ ବୋଲୁଛୁ ଚକ୍ରପାଣି, ରେ କୁମର (।୧। ୧୦ମ ଛାନ୍ଦ ।)

ଅନଙ୍ଗରେଖା—ନିଦା ଭାଙ୍ଗି ଉଠିଲା କୁମର
ଚକ୍ଷୁ ମେଲି ସେ ଗୁହିଁଲା ଧୀର
ଚହୁଙ୍କୁ ମହୀଧର ଅନ୍ତରକୁ
ହୃଦୟେ ଯେହ୍ନେ ଚଳିଲା ଅଧୀର ହୋଇ ଦଇବ (।୧। ୧୭ଶ ଛାଃ) ।

ଏଥିରୁ ଅନୁମାନ ହେଉଅଛି କବି ସ୍ୱକୃତ କାବ୍ୟ 'ଇଚ୍ଛାବତୀ'କୁ କେବଳ ଏଠାରେ ଲକ୍ଷ୍ୟ କରିଛନ୍ତି । ଇଚ୍ଛାବତୀ-ରଚନା ପରେ ଅନଙ୍ଗରେଖା ରଚିତ ହୋଇଥିବା ସୁନିଶ୍ଚିତ ।

ପଦସଂଖ୍ୟା ଓ ଛାନ୍ଦର ନାମକରଣ—ଧନଞ୍ଜୟ ଭଞ୍ଜ ଅନଙ୍ଗ ରେଖାର ବିଭିନ୍ନ ଛାନ୍ଦର ସଂଖ୍ୟା ଓ ପଦ ସଂଖ୍ୟା ଲେଖିଛନ୍ତି । ଏହାଦ୍ୱାରା ପ୍ରକ୍ଷିପ୍ତ ଅଂଶ ଜାଣିବାରେ ସୁବିଧା ହେବ ।

କବି ସବୁ ଛାନ୍ଦର ନାମକରଣ କରିନାହାନ୍ତି । କେବଳ ଦ୍ୱାଦଶ ଛାନ୍ଦର ନାମ 'ମଧୁଶଯ୍ୟା କେଳି' ରଖିଥିବା କବି ଲେଖିଛନ୍ତି ।

ମଧୁଶଯ୍ୟା କେଳି ଏହୁ ଛାନ୍ଦ ନାମ କହିଉକେ ଏହା ରଖିଲି ।୪୩।

କଥାବସ୍ତୁ—ଦିନେ ସ୍ୱର୍ଗପୁରରେ ଇନ୍ଦ୍ରଙ୍କ ସଭାରେ ଇନ୍ଦ୍ରଙ୍କ ଆଦେଶରେ ଅପ୍ସରା ମଦାଳସା ନୃତ୍ୟ କରୁଥିଲେ । ଇନ୍ଦ୍ରଙ୍କ ପୁତ୍ର ପୁଷ୍ପଦନ୍ତ ଗନ୍ଧର୍ବ ଯନ୍ତ୍ର ବାଦନ କରୁଥିଲା । ତାଙ୍କୁ ଦେଖି ମଦାଳସା ପ୍ରେମରେ ଆତ୍ମହରା ହୋଇଗଲେ । ନୃତ୍ୟରେ ତାଙ୍କର ଚରଣ ଆଉ ଚାଲିଲା ନାହିଁ । ତାଙ୍କର ଏହି ଅବସ୍ଥା ଦେଖି ଇନ୍ଦ୍ର କୋପକରି ଶାପ ଦେଲେ, "ତୁ ମର୍ତ୍ତ୍ୟରେ ଜନ୍ମଗ୍ରହଣ କରିବୁ ।" ମଦାଳସା ଦୁଃଖରେ ବହୁ ଅନୁନୟ କରିବାରୁ ଇନ୍ଦ୍ର ଶାପ ମୋଚନର ଉପାୟ ନିର୍ଦ୍ଦେଶ କଲେ—ପଞ୍ଚବିଂଶ ବର୍ଷ ସେ ମର୍ତ୍ତ୍ୟରେ ରହିବ ଏବଂ ନୃପସୁତ ସଙ୍ଗ ଲାଭକରି ପୁଣି ସ୍ୱର୍ଗକୁ ଫେରିଆସିବ । କର୍ଣ୍ଣାଟ ଦେଶର ରାଜା ବିକ୍ରମବାହୁଙ୍କ ପଟ୍ଟମହିଷୀ ରତ୍ନାବତୀଙ୍କ ଗର୍ଭରେ ମଦାଳସା ଜାତ ହେବ ।

ପଞ୍ଚବିଂଶ ବରଷ ତୁ ମର୍ତ୍ତ୍ୟରେ ଥିବୁ, ନୃପସୁତ ସଙ୍ଗ ଲଭି ଏଠେ ଆସିବୁ ।୯ମ ଛାନ୍ଦ

କର୍ଣ୍ଣାଟ ଦେଶର ରାଜା ବିକ୍ରମବାହୁଙ୍କ ନଗରକୁ ଜଣେ ତପୋଧନ ଆସି ଭବିଷ୍ୟତବାଣୀ କହିଲେ, "ତୁମ ପଟ୍ଟମହିଷୀଙ୍କ ଗର୍ଭରେ ମଦାଳସା ଇନ୍ଦ୍ରଙ୍କ ଶାପବଶରୁ ଜନ୍ମଗ୍ରହଣ କରିବ । ସ୍ୱୟଂବର କରି ତାକୁ ବିବାହ ଦେବ ।"

ମଦାଳସା ନାମେଣ ଅପସରୀ, ଇନ୍ଦ୍ର ଶାପୁ ଜନ୍ମିବ ତୋର ପୁରୀ ।
କାହାକୁ ତୁ ବର ନ କରିବୁ, ସ୍ୱୟମ୍ବର କରି ବିଭା କରିବୁ ।୨ୟ ଛାନ୍ଦ ।

ରାଜା ପଟ୍ଟମହିଷୀଙ୍କୁ ଏହା ଜଣାଇଲେ । ପଟ୍ଟମହିଷୀଙ୍କ ଗର୍ଭରେ ମଦାଳସା ଜନ୍ମ ହେଲା । ଏକମାସ ପୂର୍ଣ୍ଣ ହେବାପରେ 'ରତ୍ନରେଖା' ନାମ ଦେଲେ । କ୍ରମେ ଶିଶୁକନ୍ୟା ବଢ଼ିଲା, ନବମ ବର୍ଷ ଯାଇ ଦଶମ ହେଲା । କେତେକାଳ ଗତ ହେବାପରେ କୁମାରୀ ଯୌବନାବସ୍ଥା ଉପଗତ ହେଲା ।

ଅନଙ୍ଗରେଖା ସଖୀମାନଙ୍କ ସହ କନ୍ଦର୍ପପୂଜା ଉଦ୍ଦେଶ୍ୟରେ ଉପବନ ବିହାରକୁ ଗଲେ । ସେଠାରେ ସେ କାମପୀଡ଼ାରେ ଜର୍ଜ୍ଜରିତ ହେଲେ । ସଖୀମାନେ ଶୀତ ଉପଚାର କଲେ । (୪ର୍ଥ ଛା.) । ଉପବନର ବସନ୍ତକାଳୀନ ଶୋଭା ଏହି ମଦନବ୍ୟଥାକୁ ବର୍ଦ୍ଧିତ କଲା । ସଖୀମାନେ ହେମାପାଇଁ ଉପଯୁକ୍ତ ବରର ସନ୍ଦେଶ ଶୁଣାଇଲେ । କାଶୀନଗରର ରଜାଙ୍କ ପଟ୍ଟମହିଷୀ ରୂପବନ୍ତୀ ଅମ୍ବିକାଙ୍କ ସେବା କରିଥିଲେ ଏବଂ ତାଙ୍କ ବର ପ୍ରାସାଦରୁ ଏକ କୁମାର ଲଭ କଲେ । ସେ ଯୁବକାବସ୍ଥାରେ ଅପୂର୍ବ ଶୋଭା ଧାରଣ କଲା । କୁମାର କୁସୁମ-କେତୁ ଅନଙ୍ଗରେଖାର ଯୋଗ୍ୟ ବର ହେବା ସଖୀ ଜଣାଇଲା । ମନେ ମନେ ହେମା ରାଜକୁମାରକୁ ବରଣ କଲା । ଅନଙ୍ଗରେଖାଙ୍କ ପିତା କନ୍ୟାର ବିବାହ ନିମନ୍ତେ ସ୍ୱୟଂବରର ଆୟୋଜନ କଲେ । (୬ଷ୍ଠ, ୭ମ ଛାନ୍ଦ)

ସ୍ୱୟମ୍ବର ସଭାକୁ ବହୁଦେଶର ରାଜକୁମାର ଆସିଲେ । ଇନ୍ଦ୍ରାଦି ଦେବତାମାନେ ସ୍ୱୟମ୍ବର ଶୋଭା ଦେଖିବା ପାଇଁ ଅଧାସ୍ୱର୍ଗରେ ରହିଲେ । ଏମାନଙ୍କ ସଙ୍ଗେ ପୁଷ୍ପଦନ୍ତ ମଧ୍ୟ ଆସିଥିଲେ । ସେ ଭାବିଲେ, ତାଙ୍କ ସକାଶୁ ମଦାଳସା ମନୁଷ୍ୟଦେହ ଧାରଣ କରି କଷ୍ଟ ଭୋଗ କଲା; ପୁଣି ମନୁଷ୍ୟକୁ ବିବାହ କରି ଆହୁରି କଷ୍ଟ ଭୋଗ କରିବ । ସେ ତ ତାଙ୍କର ପ୍ରେମିକା । ଅନଙ୍ଗ-ରେଖା ତାଙ୍କୁ କାହିଁକି ବା ନ ବରିବ । ଏତେକ ଚିନ୍ତା କରି ପୁଷ୍ପଦନ୍ତ ଶାନ୍ତ ଓ କାନ୍ତ ନାମକ ଦୁଇଜଣ ସଖୀଙ୍କୁ ଦୂତ କରି ହେମାଟାକୁ ପଠାଇଲେ । ହେମା କୁସୁମକେତୁ ବ୍ୟତୀତ ଅନ୍ୟ କାହାରିକୁ ବରିବେ ନାହିଁ, ଏହା ଜଣାଇ ଦେଲେ ।

କୁସୁମ କେତୁରେ ବିନୁ ନ ବରଇ ଆନ
ତୁମ ଅଗେ ପ୍ରକାଶିଲି ଏ ସତ୍ୟ ବଚନ । ୯ମ ଛାଃ ।

ସେପୁଣି କହିଲେ, ଯଦି ପୁଷ୍ପଦନ୍ତ ସ୍ୱୟମ୍ବର ସଭାକୁ ଆସନ୍ତି ତାହା ହେଲେ ସେ ଲଜ୍ଜା ପାଇ ଫେରିଯିବେ । ଏ ଉତ୍ତର ପାଇ ପୁଷ୍ପଦନ୍ତ ମହା କୋପ କରି ଘୋର ମେଘକୁ ହକାରି ଘୋର ବର୍ଷା ଓ ବତାସ ସୃଷ୍ଟି କଲେ ।

ଏଥିରେ ସ୍ୱୟଂବର ସଭାରୁ କିଏ କୁଆଡ଼େ ପଳାଇଲେ । ଏହି ବିଭ୍ରାଟରୁ ସଭା ଭାଙ୍ଗିଗଲା ।

ସ୍ୱୟମ୍ବର ସଭାର ଦୁର୍ଦ୍ଦଶା ପରେ କୁମାରୀ ଅନଙ୍ଗରେଖା କୁମାର କୁସୁମକେତୁଙ୍କୁ ଝୁରି ଝୁରି ତନୁ କ୍ଷୀଣ କଲା । ମାତାପିତା ତାର ମନୋଭାବ ଜାଣିପାରି କାଶୀନଗରକୁ କୁମାର ବରଣମାଳା ଧରି ଦୂତଙ୍କୁ ପଠାଇଲେ । କୁମାର ମଧ୍ୟ ପ୍ରସ୍ତାବରେ ପରମାନନ୍ଦ ଲଭ କଲେ । ବରଯାତ୍ରୀ କାଶୀନଗରରୁ କର୍ଣ୍ଣାଟ ନଗରକୁ ଆସିଲେ । ମହା ସମାରୋହରେ ବୈଦିକ ମତରେ ବିବାହ ସମ୍ପନ୍ନ ହେଲା ।

ନବଦମ୍ପତି ସୁଖରେ ବିବାହରଜନୀ ଯାପନ କଲେ । ପରଦିନ ରାତ୍ରି ପୁଷ୍ପଦନ୍ତ ଗନ୍ଧର୍ବ ପୁଷ୍ପକଯାନରେ ଅନଙ୍ଗରେଖା ପୁରରେ ଉପସ୍ଥିତ ହେଲା । ମୋହାସ୍ତ୍ର ପ୍ରୟୋଗ କରି ସମସ୍ତଙ୍କୁ ମୋହରେ ନିଦ୍ରା କରାଇ ଦେଲା । ସେ ଅନଙ୍ଗରେଖାକୁ ବନ୍ଧୁ ଚିତ୍ରବଣୀ କହି ସ୍ୱର୍ଗରେ ସେ ଦୁହେଁ ଯେପରି ଭାବରେ ସୁଖରେ ଜୀବନଯାପନ କରୁଥିଲେ ତାହା ସ୍ମରଣ କରାଇ ଦେଲେ । ଏହା ଶୁଣି ମଧ୍ୟ ଅନଙ୍ଗରେଖା କୌଣସି ଉତ୍ତର ନ ଦେବାରୁ ମନଦୁଃଖ ଓ କ୍ରୋଧରେ ପୁଷ୍ପଦନ୍ତ ସ୍ୱର୍ଗକୁ ଫେରିଗଲେ ।

ତାଳାରେ ହୃଦୟ ଦେଇ          କେବଳ ଶରୀର ନେଇ
ସୁରପୁର ବିପିନ ମଣ୍ଡିଲା ଟି, ପୁଷ୍ପଦନ୍ତ,
ଅନ୍ତରେ ତା ପୀଡ଼ିଲା ମଦନ । ୬୦ । (୧୩ଶ ଛାଂ ।)

କୁସୁମକେତୁଙ୍କୁ ଅନଙ୍ଗରେଖାଠାରୁ ବିଚ୍ଛିନ୍ନ କରି ଦେବା ପାଇଁ ପୁଷ୍ପଦନ୍ତ ମନସ୍ଥ କଲେ । ଦିନେ ରାତିରେ ଅନଙ୍ଗରେଖା ଓ ତାଙ୍କ ସ୍ୱାମୀ ଶୟନ କରିଥିବା ସମୟରେ ସ୍ୱର୍ଗରୁ ଓହ୍ଲାଇ ଆସି ଶୟନମନ୍ଦିର ଭିତରେ ପ୍ରବେଶ କଲେ । ସେ ମୋହାସ୍ତ୍ର ପ୍ରୟୋଗରେ ସମସ୍ତଙ୍କୁ ମୋହ କରିଦେଇ କୁସୁମକେତୁଙ୍କୁ ହଠାଇ ନେଇଗଲେ ଏବଂ ସୁଦୂର ରତ୍ନକୂଟ ପର୍ବତକୁ ନେଇ ସେଠାରେ ଛାଡ଼ିଦେଲେ । (୧୪ଶ ଛାଂ) ।

ଅନଙ୍ଗରେଖା ନିଦ୍ରାରୁ ଉଠି ସ୍ୱାମୀଙ୍କୁ ନ ଦେଖି ବହୁ ବିଳାପ କଲେ । ଶିବଙ୍କୁ ଧ୍ୟାନ କରିବାରୁ ସେ ପ୍ରସନ୍ନ ହୋଇ ତାଙ୍କୁ କହିଲେ, ଆସନ୍ତା ଜ୍ୟେଷ୍ଠ ପୌର୍ଣ୍ଣମୀ ତିଥିରେ ସେ କାନ୍ତ-ସଙ୍ଗ ଲାଭ କରିବେ ।

ପ୍ରସନ୍ନ ହୋଇ ବୋଲେ ଜାହ୍ନବୀଧାରୀ, ନକର ରୋଦନ ତୁ ବର ସୁନ୍ଦରୀରେ,
ସେହୁ ଜ୍ୟେଷ୍ଠ ପୌର୍ଣ୍ଣମୀ ତିଥିରେ ତୋର, କାନ୍ତସଙ୍ଗ ଲଭିବୁ ରମଣୀବର ।

ଶିବଙ୍କର ଏ ଆଶ୍ୱାସନା ବାଣୀକୁ ସ୍ମରଣକରି ଅନଙ୍ଗରେଖା ନିର୍ଦ୍ଦିଷ୍ଟ ଦିନ ଅପେକ୍ଷାରେ ରହିଲା ।

ଦେବଦେବ ଆଦେଶ ହୃଦରେ ଗୁଣି, ଦିନ ବଞ୍ଚିଲା ଏକ ନିମିଷ ମଣି ।

ଦିନେ ପୁଷ୍ପଦନ୍ତ ଛଦ୍ମରେ କୁସୁମକେତୁର ରୂପଧରି ଅନଙ୍ଗରେଖାର ଶୟନ କକ୍ଷରେ ପ୍ରବେଶ ହେଲା । ସଖୀମାନେ ଅନଙ୍ଗରେଖାର ସ୍ୱାମୀ ଫେରିଆସିଥିବା ଦେଖି ଆନନ୍ଦିତ ହେଲେ । ଅନଙ୍ଗରେଖା ମଧ୍ୟ ଏ ମାୟା ଜାଣିନପାରି ସ୍ୱାମୀ ଫେରି ଆସିଥିବାରୁ ମନରେ ଆନନ୍ଦିତ ହେଲେ, କିନ୍ତୁ ତାକୁ ନକହି ଛାଡ଼ି ଚାଲିଯାଇଥିବାରୁ ମାନ କରି କଥା ନକହି ରହିଲେ । କିଛି କ୍ଷଣପରେ ଛଦ୍ମବେଶୀ କୁମରଙ୍କୁ ଚାହିଁବାରୁ ତାଙ୍କଠାରେ ଦେବତାଚିହ୍ନ ଦେଖି ଏହା ପୁଷ୍ପଦନ୍ତର ମାୟା ବୋଲି ଜାଣିପାରିଲେ ।

ଦେଖିଲା ସେହୁଁ ପଲକହୀନ ବେନିନୟନ ତାର
ଅମଳମାଳ ଗଳେ ମଉଳଇ ସହସ୍ର ଗନ୍ଧ ତାର;
ବିବିଧ ଶୁଭ ମଣିଭୂଷା ଫୁରଇ ତାର ଅଙ୍ଗ
ନ ଲଭଇଟି ଚରଣ ବେନି ଅବନୀତଳ ସଙ୍ଗ ।(୨୦।୧୬୩ ଛା:) ।

ଅନଙ୍ଗରେଖା ପୁଷ୍ପଦନ୍ତଙ୍କୁ ଧିକ୍କାର କଲେ । ଲଜ୍ଜାପାଇ ପୁଷ୍ପଦନ୍ତ ସ୍ୱପୁରକୁ ଫେରିଗଲେ । ପୁଷ୍ପଦନ୍ତ କୁସୁମକେତୁଙ୍କୁ ହରଣ କରି ନେଇଥିବା ଅନଙ୍ଗରେଖା ଜାଣିପାରିଲେ ।

ବର୍ଷା, ଶରତ, ବସନ୍ତ, ଗ୍ରୀଷ୍ମଋତୁରେ ନାୟକ ଓ ନାୟିକା ବିରହରେ କାଳ ଯାପନ କଲେ । ଗ୍ରୀଷ୍ମରେ ପ୍ରିୟାଗୁଣ ସ୍ମରଣ କରି କୁସୁମକେତୁ ରତ୍ନକୂଟ ପର୍ବତରେ ମୂର୍ଚ୍ଛିତ ହୋଇଗଲେ । ଦେବର୍ଷି ନାରଦ ସେଠାରେ ଉପସ୍ଥିତ ହୋଇ କମଣ୍ଡଳୁରୁ ଜଳଦେଇ କୁମାରଙ୍କୁ ଅଶ୍ୱାସିଲେ । ( ୧୭ଠାରୁ ୨୧ଛାନ୍ଦ । ) ନାରଦ କୁମରଙ୍କୁ ପରିଚୟ ପଚାରିବାରୁ କୁମର ସବୁ ବୃତ୍ତାନ୍ତ କହିଲା । ଧ୍ୟାନ ବଳରେ ନାରଦ କୁମର ଓ ଅନଙ୍ଗରେଖାର ପୂର୍ବଜନ୍ମ ବୃତ୍ତାନ୍ତ ଅବଗତ ହେଲେ । କୁମର କେମାନ୍ତ ନିଷ୍ଟୟ ଲାଭକରିବ ବୋଲି ଅଭୟ ବାଣୀ ଦେଲେ । କୁମରପ୍ରତି ଦୟା ପ୍ରକାଶ କରି ତାଙ୍କୁ ସ୍ୱଦେଶକୁ ନେଇ ଯିବାପାଇଁ ଜଣେ କିନ୍ନରକୁ ଆଦେଶ ଦେଲେ । କାଳେ ପୁଷ୍ପଦନ୍ତ ଅନଙ୍ଗରେଖାକୁ ନେଇଯାଇଥିବ, ଏହି ଆଶଂକା ମଧ୍ୟ ପ୍ରକାଶ କଲେ । କିନ୍ନର ଆକାଶ ମାର୍ଗରେ କୁମରଙ୍କୁ ହଙ୍ଗେ ଧରି ଉଡ଼ିଗଲେ ଏବଂ କାଶୀନଗରୀର ନିକଟରେ ଛାଡ଼ିଦେଲେ । ବାଟରେ କିନ୍ନର ଇନ୍ଦ୍ରଙ୍କ ଉପବନରେ କନ୍ଦର୍ପ ପୂଜାର ମନୋରମ ଦୃଶ୍ୟ, ଗଙ୍ଗା ପ୍ରଭୃତି କେତେକ ସ୍ଥାନ ବର୍ଣ୍ଣନାକରି କୁମରଙ୍କୁ ଚହ୍ନାଇ ଦେଇଥିଲେ । କୁମର କାଶୀନଗରରେ ଉପସ୍ଥିତ ହୋଇ ପ୍ରିୟା ଅନ୍ୱେଷଣରେ ଲାଗିଲେ । ସେ ବିରହରେ ବାତୁଳପ୍ରାୟ ହୋଇଗଲେ । କୁମାରଙ୍କୁ ତାଙ୍କ ସଖା କହିଲେ ଯେ ସେ ଅଦୃଶ୍ୟ ହେବା ପରେ ଅନଙ୍ଗରେଖାଙ୍କୁ ତାଙ୍କ ପିତା ଗୃହରୁ କାଶୀନଗରୀକୁ ଅଣାଯାଇଥିଲା । ଏଠାରେ ଦିନେ ରାତିରେ କେହି ତାଙ୍କୁ ହରଣକରି ନେଲା । ଏହା ଶୁଣି କୁସୁମକେତୁ ଦୁଃଖିତ ହେଲେ ଏବଂ ନାରଦଙ୍କ ଆଶ୍ୱାସନା ବାଣୀ ସ୍ମରଣକରି ପୁଷ୍ପଦନ୍ତ ଏହି କାର୍ଯ୍ୟ କରିଥିବା ଜାଣିପାରିଲେ ।

ସ୍ୱର୍ଗରୁ ଯାଇ ପ୍ରିୟାର ସନ୍ଧାନ ନେବା ଉଦ୍ଦେଶ୍ୟରେ କୁମର ନାରଦଙ୍କ ଶରଣାପନ୍ନ ହେବାପାଇଁ ରତ୍ନକୂଟ ଗିରିକୁ ପୁଣି ଫେରିଗଲେ । ସେଠାରେ ନାରଦ ତାଙ୍କୁ ପ୍ରସନ୍ନ ହୋଇ 'ସୁର କୁସୁମ' (ପାରିଜାତକ) ତାଙ୍କ ହାତରେ ଦେଲେ ଏବଂ ଏହା ବଳରେ ଇନ୍ଦ୍ରଙ୍କୁ ଦେଖି ପାରିବ ବୋଲି କହିଲେ ।

ଧାତା-ସୁତ ତୋଷିତହୋଇ କହେ ବଚନ,
ଯେଣ ସୁରକୁସୁମ ଘେନୁ, ଶକ୍ରଙ୍କୁ ଦେଖିବୁ ମୋହ ନୋହିବ ଯହୁଁ । ୨୩ ଶ ।

ବସନ୍ତଋତୁର ଆଗମନ ହେବାରୁ ଇନ୍ଦ୍ର ଅପ୍‌ସରମାନଙ୍କ ବହୁତ ଅଙ୍କାଶରୁ ଆସୁଥିବା ଦେଖିଲେ । ଇନ୍ଦ୍ର ସଦଳବଳେ ପ୍ରମୋଦ ବିପିନରେ ପ୍ରବେଶ କଲେ । ଅପ୍‌ସରମାନଙ୍କ ଭିତରେ ମଦାଳସାରୂପୀ ଅନଙ୍ଗରେଖା ମଧ୍ୟ ଥିଲେ । ଇନ୍ଦ୍ରଙ୍କ ରଙ୍ଗଭୂମିରେ ଅପ୍‌ସରମାନେ ନୃତ୍ୟଗୀତ ଆରମ୍ଭକଲେ । ଏଣେ କୁସୁମକେତୁ ବୀଣା ଧରି ଆସାବରୀ ରାଗରେ ପଞ୍ଚମସ୍ୱରରେ ଆଳାପ କଲା । ଇନ୍ଦ୍ର ଏଥିରେ ସନ୍ତୁଷ୍ଟ ହୋଇ କୁମରକୁ ବର ମାଗିବାକୁ କହିଲେ । କୁମର ମଦାଳସା (ଅନଙ୍ଗରେଖା)କୁ ପାଇବାପାଇଁ ଅଭିଳାଷ ପ୍ରକାଶ କରିବାରୁ ଇନ୍ଦ୍ର ଦୁହିଁଙ୍କର ମିଳନ ହେବ ଏବଂ ମନୁଷ୍ୟଜୀବନ ପରେ ପୁଣି ସ୍ୱର୍ଗକୁ ଫେରିଆସିବେ ବୋଲି କହିଲେ । (୨୪ଶ ଛାନ୍ଦ) ।

ଏସନ ମନ ତା ଜାଣି······ମଣି
ଏ ତନୁରେ ଏ ତନୁରେ ଶୁଚି ଲଭି ଭଜି ସେ । ୮୩ ।
ପଥିବ ଶରୀର ତେଜି ଭୋଗ ଅନ୍ତେ ଯିବୁ
ଏ ମୋର ପ୍ରସାଦେ ଦେବଲୋକରେ ରହିବୁ ଯେ । (୮୪।୨୪ଶ ଛାଃ ।)

ଏହାପରେ ରସିକ (କୁସୁମକେତୁ)କୁ ଅଭିମାନ କରି ରସିକା (ଅନଙ୍ଗରେଖା) କ୍ରୋଧ ପ୍ରକାଶ କଲା । କୁସୁମକେତୁ ପୂର୍ବର ହରିଷଙ୍କ ହରଣ ଓ ମିଳନ ପର୍ଯ୍ୟନ୍ତ ସମସ୍ତ ଚରିତ ବର୍ଣ୍ଣନାକରି ନିଜର କୌଣସି ଦୋଷ ନ ଥିବା ପ୍ରକାଶ କରିବାରୁ ଅନଙ୍ଗରେଖା ସନ୍ତୁଷ୍ଟ ହେଲା । ଦୁହେଁ ନାନା କଉତୁକରେ କ୍ରୀଡ଼ାରତ ହେଲେ । (୨୫ଶ ଛାନ୍ଦ)

ସାମାଜିକ ରୀତିନୀତି—କର୍ଣ୍ଣାଟ ରାଜଧାନୀର ଗଡ଼ବର୍ଣ୍ଣନାରୁ (୨ୟ ଛାନ୍ଦ) ଜଣାଯାଏ ଦୁର୍ଗ ଚାରିଦିଗରେ ପରିଖା ଥିଲା ଏବଂ ଭିତରେ ଉଚ୍ଚ ଅଟ୍ଟାଳିକମାନ ଥିଲା । ଗୋପୁର ଚନ୍ଦ୍ରକାନ୍ତରେ ସୁଲଳିତ ଦେଖାଯାଉଥିଲା । ସିଂହଦ୍ୱାରରେ ମତ୍ତହସ୍ତୀ ସବୁବେଳେ ବନ୍ଧାହେଉଥିଲେ । କଙ୍ଗୁରା ଗୁଡ଼ିକ ମଣିମୁକ୍ତାରେ ଖଚିତ ହୋଇଥିଲା । ଗଡ଼ର ପରିଖା, ଗୋପୁର, କାଙ୍ଗୁରା ପ୍ରଭୃତିର ବର୍ଣ୍ଣନା ସମସାମୟିକ ଗଡ଼ରେ ମଧ୍ୟ ଦେଖାଯାଇଥାଏ । ସ୍ୱ ଅଭିଜ୍ଞତା

ଓ ଦର୍ଶନଜ୍ଞାନରୁ କବି ଏହି ବର୍ଣ୍ଣନାଟି କରିଥିବା ଅନୁମିତ ହୁଏ । ଘୁମୁସରଙ୍କ ବିଭିନ୍ନ ଗଡ଼ର ବର୍ଣ୍ଣନା ଏଥିରେ ସୂଚିତ ଥିବା ମଧ୍ୟ ଅନୁମାନ କରାଯାଇପାରେ । ଦୁର୍ଗ ଭିତରେ ଜଳଯନ୍ତ୍ରର ଅବସ୍ଥିତି ମଧ୍ୟ ଜଣାଯାଏ ।

କାହିଁ ସଜଳ ଯନ୍ତ୍ରିତ ମନ୍ଦିର, କେଉଁଠାରେ ସଙ୍ଗୀତ ରସପୂର । ୭ମ ଛାଂ ।

ସନ୍ତାନ ଜନ୍ମ ସମୟରେ ହାଟବଜାର ଜୁର, ଦାନଦକ୍ଷିଣା, ବିବାହ ସମୟରେ ନିମନ୍ତ୍ରଣ, ଅତିଥି ସତ୍କାର, ବରଯାତ୍ରୀଙ୍କୁ ସମ୍ବର୍ଦ୍ଧନା ଓ ଚର୍ଚ୍ଚା, ନଗରମଣ୍ଡଣୀ (୭ମ ଛାନ୍ଦ) ବିବାହର ବିଭିନ୍ନ ବିଧି, କାନ୍ଦଣା ପ୍ରଭୃତି କବି କାବ୍ୟରେ ବର୍ଣ୍ଣନା କରିଛନ୍ତି । ପ୍ରଚଳିତ ରୀତିନୀତି ସହିତ ଏହାର ମେଳ ଅଛି ଏବଂ ସୂକ୍ଷ୍ମ ବର୍ଣ୍ଣନାରୁ କବିଙ୍କର ଏହି ବ୍ୟାପାର ସମ୍ବନ୍ଧରେ ଗଭୀର ଅଭିଜ୍ଞତା ଥିବା ଅନୁମାନ କରାଯାଏ । କବି ପ୍ରାୟ ନବେବର୍ଷ ବଞ୍ଚିଥିଲେ ଏବଂ ବହୁକୁଟୁମ୍ବୀ ଥିଲେ । ସ୍ୱ ଅଭିଜ୍ଞତାରୁ ଏହା ଏଠାରେ ପ୍ରକାଶ ପାଇଛି ।

କାମ ଶାସ୍ତ୍ରରେ କବିଙ୍କ ଜ୍ଞାନ—କବି କାମଶାସ୍ତ୍ରର କିଛି କିଛି ପ୍ରକାଶ କରିଥିବା ସ୍ୱୀକାର କରିଛନ୍ତି । ଆଦିରସାଶ୍ରିତ କାବ୍ୟରେ ରଚନା କରିଥିବାରୁ କାମଶାସ୍ତ୍ରର ଆଶ୍ରୟ ନେଇଥିବା ସ୍ୱାଭାବିକ । ରସିକଜନମାନଙ୍କ ଚିତ୍ତବିନୋଦହିଁ ଏପରି ବର୍ଣ୍ଣନାର ଉଦ୍ଦେଶ୍ୟ ।

ମଧୁଶଯ୍ୟା ବୋଲି ଏହୁ ଗ୍ରନ୍ଥନାମ କଉତୁକେ ଏହା ରଚିଲି
କାମଶାସ୍ତ୍ରରୁ କିଛି ପ୍ରକାଶିଲି,
ରସିକ ଜନଙ୍କ ବିନୋଦ ନିମନ୍ତେ ଗୀତରେ ଏହା ବର୍ଣ୍ଣିଲି । ୮ମ ଛାଂ ।

ନାୟକ-ନାୟିକା ମଧ୍ୟ ରତିଶାସ୍ତ୍ର ଅଧ୍ୟୟନ କରିଥିବା କବି ଲେଖିଥିବାରୁ ଏହା ଏକ ରୀତିରୂପେ ବିଦ୍ୟମାନ ଥିବା ଅନୁମିତ ହୁଏ ।

ସେ ରମା ଯଉବନବତୀ
ରତି ସାହିତ୍ୟ ରୀତି ସେହୁ ଜାଣଇ, ଧନ୍ୟ ତା ଗୁରୁ ଅଙ୍ଗ କୃତି । ୬ମ ଛାଂ ।

ଜ୍ୟୋତିଷ ଜ୍ଞାନ:—କବିଙ୍କର ଜ୍ୟୋତିଷ ଶାସ୍ତ୍ରରେ ପ୍ରବେଶ ଥିବା ଜଣାଯାଏ । ଅନଙ୍ଗରେଖାର ଜନ୍ମ ସମୟର ବିରନକ୍ଷତ୍ରାଦିର ନିର୍ଣ୍ଣୟରୁ ଏହା ପ୍ରମାଣିତ ହେଉଛି । କାର୍ତ୍ତିକ ମାସ, ଦଶମୀ ରାତ୍ର, ମେଷଲଗ୍ନ ।

ଲଗ୍ନ ସଙ୍ଗତେ ଅଛି ଦ୍ୱିଜରାଜ, ଏଥି ଚତୁର୍ଥେ ତମ ସୁରଗୁରୁ ।
ଗ୍ରହରାଜ ବୁଧସୁତ ଷଷ୍ଠରେ, ଭୃଗୁନନ୍ଦନ ଶିଜସ୍ଥ ଅସ୍ତରେ ।
ଦଶମେ ତ ଭୂମିସୁତ ପ୍ରକାଶ, ସ୍ୱୈକାଦଶେ ରବି ବଂଶାବତଂସ ।
ଯେହୁ ସମସ୍ତେ ମିଳି ବହୁ × ×, କହୁଛନ୍ତି ଏ ମହାରାଜ ଯୋଗ ।୨ୟ ଛାଂ ।

ବର୍ଣ୍ଣନା ଚାତୁରୀ—(କ) ସନ୍ଧ୍ୟା ଓ ରାତ୍ରି ବର୍ଣ୍ଣନାରେ କବି-କଳ୍ପନାର ହଂସର ବହୁଦୂର ଅଗ୍ରସର ହୋଇଛି । କାବ୍ୟଟି ଆଦିରସାତ୍ମକ ଥିବାରୁ ପ୍ରକୃତି ମଧ୍ୟ ତଦ୍‌ଗତ ହୋଇଛି । ସନ୍ଧ୍ୟା ଓ ରାତ୍ରି ନାୟକ ଓ ନାୟିକାଙ୍କର ମାନସିକ ଅବସ୍ଥାର ଅନୁକୂଳ ବା ପ୍ରତିକୂଳ ଭାବ ପ୍ରକାଶ କରୁଥିଲା ପରି ଜଣାଯାଉଛି ।

ନାୟକ ଓ ନାୟିକା ଅତି ସୁଖରେ ଦିନ କାଟିବା ପରେ ଦିନାବସାନରେ ଦୁଃଖିତ ହେଉ ନାହାନ୍ତି, ବରଂ ସନ୍ଧ୍ୟା ଓ ରଜନୀରାଣୀକୁ ସ୍ୱାଗତ କରୁଛନ୍ତି । ବିଟପ୍ରକୃତ ବାରମ୍ବାର ଅପେକ୍ଷା କରି ରହିଛି । ନାୟିକା ସ୍ୱ ନାୟକ ଅନ୍ୟ ରମଣୀର ବଶରେ ସ୍ୱୀକାର କରିଥିବା ଆଶଙ୍କା କରି ଖେଦ ପ୍ରକାଶ କରୁଛି । ପ୍ରେମ-ଭାବନା ଜୀବ ଓ ପ୍ରକୃତି ଉଭୟଙ୍କୁ ତନ୍ମୟ କରିଦେଇଛି ।

ଅରୁଣ ବରୁଣ ଦିଗ ରାମାକୁ ଭଜିଲେ,
ଏଣୁ କବା ପୂରେ ଅନୁରାଗ ବିକାଶିଲେ
ହରିଦିଗ ହିଁ ରୁହିଁ କଇରବ ଛଳେ ବିଟ ବୋଲି କି ହସଇ ।୨।

ବସ୍ତାର ଅମ୍ବର ସହୁଁ ତେଜିଲେ ମିହିର
ଲକେ ଲଗିଲେ ଅସ୍ତ ଶୈଳ ଅନ୍ତର,
ଚକ୍ରଫଳ ରସମାନ, ସହସ୍ରକର ହୋଇ ସେ ଲଭିଲେ ପତନ ।୩।

କମଳିନୀ ବୃନ୍ଦ ନିଜ ବନ୍ଧୁଙ୍କୁ ନ ଦେଖି
କି ଅବା ଶଶାଙ୍କ ପର ପୁରୁଷଙ୍କୁ ଦେଖି
ଖେଦେ ନମ୍ରଶିର, ହୋଇଲେ ଗର୍ଭଗତ ଭୃଙ୍ଗରତ୍ନ ଛଳେ କି
ଲୁଚିଲେ ।୩।

ଚକ୍ରବାକ ଯୁଗଳ ଲଭିଲେ ଗୁରୁ ତ୍ରାସ
କୋଳାହଳ କରି ପକ୍ଷୀ ଗଲେ ନିଜ ବାସ,
ଅଭିସାରୀ ନାରୀକୁଳ, ବିବିଧ ବେଶ ଧାରଣେ ହୋଇଲେ ଚଞ୍ଚଳ ।୪।

ଏହାପରେ ତମିର ଆକାଶକୁ ଆଚ୍ଛାଦନ କଲା । ଶଶୀ ସ୍ୱକର ଜାଲରେ ତମିରକୁ ନାଶକରି ଦିଗ ସୁନ୍ଦରୀର ଲପନକୁ ଉଜ୍ଜ୍ୱଳ କରାଇଲା ।

ତାରାମାନଙ୍କୁ ଧରି ଚନ୍ଦ୍ର ଶୁଭ୍ରଗଗନ କୋଳରେ ବିହାର କରୁଥିଲା-ବେଳେ କାହୁଁ ଅଳକ୍ଷିତରେ ଘନମାଳା ଆସି ଚନ୍ଦ୍ରମାକୁ ଗିଳି ଦେଲା । ନୃପସୁତ ମେଘମାଳା ଚନ୍ଦ୍ରମା କୁମାରଙ୍କୁ ସବୁ ମାନ ତେଜି ଭଜିଲା । ପ୍ରଥମେ କ୍ରୋଧରେ ଗର୍ଜ୍ଜନ କଲା; କ୍ରମେ ମାନ ତେଜି ନାୟିକାଙ୍କୁ କୋଳରେ ଧାରଣ କଲା । ମେଘ ଆକାଶକୁ ଆଚ୍ଛନ୍ନ କରିଦେବାରୁ ପ୍ରେମିକମାନେ ହତଚିତ୍ତ ହେଲେ ।

କି ସେ ନୃପସୁତ ଖଳ କର୍ମ ପ୍ରକାଶିଲେ
ପ୍ରଥମେ ମଧୁର ମୃଦୁ ଗର୍ଜ୍ଜନ ତେଜିଲେ
କଲେ କାନ୍ତ ମାନ ଭେଦ, ଯାହା ଶୁଣି ପଥିକ ଲଭିବେ ହୃଦେ
ଖେଦ ।୫।

ଗଗନାଙ୍ଗନେ ପ୍ରାନ୍ତେ ବିହରିଲେ ଭ୍ରମଣ
ବିବିଧ ଶ୍ୟାମଳ ରୂପ ଧରି ଘନଗଣ
କେଳି କଲା ସେ ଚଞ୍ଚଳା, ଯାହା ଦରଶନେ ହତଚିତ୍ତ ହୁଏ ବାଳା ।
୧୦। ୧୪ଶ ଛାନ୍ଦ ।

ସମସ୍ତଙ୍କ ମାନ ଉଚ୍ଚାଟନ ଉଦ୍ଦୀପକ ଭାବ ଓ ଭଙ୍ଗୀ ଏହି କେତୋଟି ରମଣୀୟ ପଦରେ ପ୍ରକାଶ କରି କବି ସ୍ୱ ଲେଖନୀକୁ ଧନ୍ୟ କରିଛନ୍ତି । କଳ୍ପନାର ବିଳାସ ଗମ୍ଭୀର ଓ ଆମୋଦଦାୟକ ହୋଇଛି ।

ଚନ୍ଦ୍ରର ଅନ୍ୟ ଏକ ଚିତ୍ର କବି ଚତୁର୍ବିଂଶତି ଛାନ୍ଦରେ ଯମକ ପ୍ରୟୋଗ କରି ଅଳ୍ପ ପଦରେ ଦେଇଛନ୍ତି । ଏଠାରେ ମଧ୍ୟ କବିତ୍ୱ ଫୁଟି ଉଠିଛି ।

ଏସନେ ଗଗନେ ରବି ଛବିହିଁ ବିଲୀନ
ଅସ୍ତ ମସ୍ତରେ ଶିର ଜବାକୁ ସମାନ ଯେ ।୬୭।
କ୍ଷୀଣ ଦିନମଣି ମନେ ବସି ନୀରମଣି
କଞ୍ଜ ମୁଖୀ ହୋଇ ଦୁଃଖୀ ଚଖି ବିରହିଣୀ ।୬୮।
ସୁର ସୁର ବାଳୀ ନେହାବଳି ବଳି ଗଲେ
ହରି ହରିତ ବଦନ ଶଶୀ ଶୋଭି କଲେ ଯେ ।୬୯।
ଆକାଶେ ବିକାଶେ ପୂର୍ଣ୍ଣ ସୁଧାକର କର
ଗୃହିଁ ଗୃହିଁ ଚର ବିରହୀ ଚଉ କାତର ଯେ ।୭୦। ୨୪ଶ ଛାନ୍ଦ ।

ହରି ହରିତ ବଦନ ଦେଖିଣ ଅରୁଣ ବର୍ଣ୍ଣ
ରୋଷମଣି ରିପୁ ତମଚୟ
ଉଦୟେ କି ଗଗନ ତେଜେ ପୁଣିହିଁ ତରତରେ ସେ
ଗୃହାନ୍ତରେ ଲଭିଲେ ସେ ଲୟ ସେ
ଦିବାକର, କ୍ରମେ ହେଲେ ପ୍ରକାଶ ଆକାରେ
ଉଦୟାଦ୍ରି ଚିନ୍ତାମଣି କିବା ସେ ଦିଗ ତରୁଣୀ
ସିନ୍ଦୂର ବିନ୍ଦୁ କି ଲଲାଟରେ ସେ । ୩। ୨୯ଶ ଛାନ୍ଦ ।

ପୁଣି ରଜନୀ ଶେଷରେ ଉଷା କାଳରେ ନାୟକ ଓ ନାୟିକା ସ୍ୱ ସ୍ୱ ପରିଚୟ ଅନୁସାରେ ବିବିଧ ପ୍ରକାର ମନୋଭାବ ପ୍ରକାଶ କଲେ । କେଉଁ ନାୟିକା ଶଠ ନାୟକର ଅନ୍ୟ ରମଣୀ ପ୍ରତି ଆସକ୍ତି ଦେଖି କ୍ରୋଧ କଲା । ଅନୁକୂଳ ନାୟକ ଓ ନାୟିକା ସୁଖରେ ନିଶି ଯାପନ କରିଥିବାରୁ ଆନନ୍ଦିତ

ହେଲେ । "କେଉଁ ନାୟିକା ସୁରତରେ ଚନ୍ଦ୍ର ମୁକୁରରେ ଗୃହି" ହସିଲା । ଏପରି ହର୍ଷ-ବିଷାଦ ମିଶ୍ରିତ ସମୟରେ ପୂର୍ବଦିଗରେ ସୂର୍ଯ୍ୟ ଉଦୟ ହେଲେ ।

ପ୍ରଭାତ ବର୍ଣ୍ଣନାରେ କବି ସନ୍ଧ୍ୟା ବର୍ଣ୍ଣନାର ସରଣୀହିଁ ଅନୁସରଣ କରିଛନ୍ତି । ସୁଖ ରଜନୀର ଅବସାନ ଦେଖି ନାୟକର ମନରେ ଖେଦ ଜାତ ହେଉଛି । ଯାହାର ପାଶରେ ପ୍ରିୟ ନାହିଁ ତାକୁ ନିଶିର ଶୀତଳ ସମୀର ବାଧିଥିବ; କାନ୍ତା କାନ୍ତ ଦୁଃଖରେ ଜୀବନ ଯାପନ କରୁଥିବେ । ପ୍ରିୟ ପ୍ରିୟାକୁ କୋଳରେ ଧରି ଏହା କହୁ କହୁ ବିଭାବରୀ ଶେଷ ହେଲା, ପକ୍ଷୀମାନେ କୋଳାହଳ କଲେ । ତାଙ୍କର କୋଳାହଳ ପ୍ରିୟର ବଚନର ସମର୍ଥନ ମାତ୍ର ।

ଯା ପାଶେ ନଥିବ ପ୍ରିୟ ତାହାରେ ଏ ସ୍ୱାନଦୟ
ଦୁଃସହ ପବନ ବାଧିଥିବ
କାନ୍ତାରେ ଯେହୁ ବହିତ କାନ୍ତରେ ହୋଇ ଦୁଃଖିତ
ଏଣୁ କି ଜୀବନ ନ ଧରିବ ସେ
କହୁ କହୁ, ବିଭାବରୀ ହୋଇଲା ନିଃଶେଷ ।
ପକ୍ଷିଗଣ କୋଳାହଳ ଖେଳେ ସେ ଦିଗମଣ୍ଡଳ
କଲେ ତହିଁ ବଚନ ପ୍ରକାଶ ସେ ।୭। ୨୧ଶ ଛାନ୍ଦ ।

ଏସନ ସମୟେ ଜଳରେ ବିକାଶ ହୋଇଲେ ନଳିନୀ ନିକର
ଭଣ୍ଟି ଖୀଣ ହୋଇଲେ ଶଶଧର
ଉଦୟାଚଳ କନ୍ଦର ମଧ୍ୟୁ ବେଗେ ବାହାର ହେଲେ ମିହିର ସେ ।
ସୁନ୍ଦରୀ, କିବା ପ୍ରାଚୀ ନାରୀର ମଥାମଣି
ତେତେଲ୍ଲେ ପ୍ରାୟେ ଗ୍ରୁକଇ ଦିନମଣି,
ତମ କୁଳ କରେ ବିଦାରିବା ଦେଖି 'ଦ୍ରୋଣ' ନାମ ନିଜ ଭଣି । ୩୭ ।
କିବା ଉଦୟାଚଳର କଣ୍ଠୀରବ କରେ ଦାରିଲା ତମ କରୀ
ଥୋକେ ପଳାଇ ଗଲେ ଗିରି ଦରି
ଚକ ଚକବାକୀ ଚକ ତୋଷ ହେଲେ ଦେଖି ସାଂହକାଳ ଅବରେ,
ସୁନ୍ଦରୀ । ୩୮ । ୧୨ ଶ ଛାନ୍ଦ ।

(ଖ) ଜୀବନ୍ତ ଚିତ୍ର—ଧନଞ୍ଜୟ ଅନଙ୍ଗରେଖାରେ ଅନେକ ଜୀବନ୍ତ ଚିତ୍ର ଅଙ୍କନ କରି ଅକ୍ଷୟ କାବ୍ୟରସ ସୃଷ୍ଟି କରିଅଛନ୍ତି । ଏଥିରୁ କେତୋଟି ଏହିପରି—

(୧) ନାୟିକାର ଗୁଣାନୁଚିନ୍ତା କରି ବିରହରେ ନାୟକ କହୁଛି—

ସଖୀଗଣ ମଧ୍ୟେ ଥିବ ଯେ ବସି, ତାରକା ବୃନ୍ଦେ ଯେସନ୍ତେ ପୂର୍ଣ୍ଣଶଶୀ
ପୁଣ୍ଡରୀକ ବନେ କି ରାଜହଂସୀ, ତେସନ ଶୋଭା ସେ ଥିବ ପ୍ରକାଶି ।
ବେଢ଼ି ପଞ୍ଚେ ଦାସୀ, କେତେ କଥା କହୁଥିବେ ଆଶ୍ୱାସି । ୩୭ ।
ବନ୍ଧନ ଅଳକା··· ଯେ ଥିବ ତାର ମୁଖ···
ନଖର ଅଗ୍ରେ ଲେଖୁଥିବ ମହୀ, କେବଳ ହୃଦେ କନ୍ଦ ଥିବ ବହି । XX

୩୭ । ୧୮ଶ ଛାନ୍ଦ ।

(୨) ଶୁଣିଣ ଉଠି ପଦ୍ମ ବିମ୍ବୋଷ୍ଠୀ କହନ୍ତେ ମୃଦୁବାଣୀ,
ବାଷ୍ପେ ରୁନ୍ଧିତ କଣ୍ଠ ହୋଇ ସେ ମାନ ଘେନିଲା ପୁଣି ।
ଗଳିତ ନେତ୍ର ଲୋତକ ଜଳେ ଧମିତ ଗଣ୍ଡଫଳ,
ଅରୁଣ ଅରବିନ୍ଦ ସୋଦର ଦିଶେ ମୁଖମଣ୍ଡଳ । ୫ ।
ଚରଣ ଅଙ୍ଗୁଳିରେ ମେଦିନୀ ଲେଖଇ ନମ୍ରମୁଖୀ······ । ୬ ।

୧୬ଶ ଛାନ୍ଦ ।

(୩) ପଡ଼ିଲା ପ୍ରାବୃଟ ପ୍ରବେଶରେ ସକଳ ଜୀବ ଉଲ୍ଲାସ ହେଲେ, ବନଗିରି ତାପ ତେଜିଲେ, କେବଳ କୁମର ପ୍ରିୟା ବିରହରେ ତାପିତ ଓ ଆତୁର ହେଲା । ପ୍ରକୃତି ଆନନ୍ଦ ରୂପ ଧାରଣ କଲା; କିନ୍ତୁ କୁମର ନିରାନନ୍ଦ ହେଲା; ପ୍ରକୃତି ରୂପ ପାଇଲା, କୁମର ରୂପହୀନ ହେଲା, ଲତାମାନେ କାନ୍ତିରେ ମଣ୍ଡିତ ହେଲେ, କୁମାର ପ୍ରିୟାରହିତ ହେଲା । ତରୁଲତା ଫଳଯୁକ୍ତ ହେଲେ, କିନ୍ତୁ କୁମର ଇଷ୍ଟଫଳଚ୍ୟୁତ ହେଲା । କୁମରର ଦୁଃଖିତ ଚିତ୍ତର ଏ ବର୍ଣ୍ଣନାଟି ସୁନ୍ଦର ହୋଇଛି ।

ଏମନ୍ତେ କେତେ ଦିନ ଚଳି ଗଲା, ପଡ଼ିଲା ପ୍ରାବୃଟ ପ୍ରବେଶ ହେଲା,
ସକଳ ଜୀବ ଉଲ୍ଲାସ ହୋଇଲେ, ବନଗିରି ଦାବ ତାପ ତେଜିଲେ,

କେବଳ କୁମର, ପ୍ରିୟା ବିଯୋଗେ ତାପିତ ଆତୁର । ୧ ।

ବିକାଶ ରୂପ ହେଲେ ତରୁମାନ, କୁମର ମାତ୍ର ହେଲା ରୂପହୀନ,
ଲତା କାନ୍ତରେ ସେ ହେଲେ ମଣ୍ଡିତ, ନୃପ ସୁତ ତହିଁ ପ୍ରିୟାରହିତ,
ସେହୁ ଫଳଯୁତ, କୁମର ମାତ୍ର ଇଷ୍ଟଫଳଚ୍ୟୁତ । ୨ । ୧୮ଶ ଛାନ୍ଦ ।

(ଖ) ଶୁଭଙ୍କର କୁସୁମାକର ଉତ୍ସବର ବର୍ଣ୍ଣନା ସୁନ୍ଦର ହୋଇଛି । ପଦାବଳୀ ମଧ୍ୟ ଭାବବ୍ୟଞ୍ଜକ ଓ କୋମଳ ହୋଇଛି । ଅପ୍ସରା ବାମାମାନଙ୍କର ବିବିଧ ପ୍ରେମଭାବ ପ୍ରକାଶ ପାଇଛି ।

କଜ୍ଜଳ ମଳିନ ନୀର ଧାରା ନେତ୍ରୁ ଖସି
ଅତୁଳ ଅଳି ମାଳିକା ଦାମ ରୁଚି ଦିଶି ।
କୋପେ କେହୁ କର ଅରବିନ୍ଦେ ଅଛୁ ତେଜି
ଅବନୀରେ ପଦ୍ମ ହୀନ ରଚି ଅଛୁ ଭୁଞ୍ଜି । ୨୦ ।
ଦେଖ ଏ ନବୀନ ଘନ ପ୍ରବାଳ ଶୟନ
ପ୍ରକାଶୁଛି ଅମର ଯୁବତୀ ଚିତ୍ତ ଚିହ୍ନ ।
ବହୁଳ କେଳି କଳାରେ ହୋଇ ବିଦଳିତ
କର୍ଣ୍ଣ ଅବତଂସ ସଙ୍ଗ ଅତି ସୁଲଳିତ । ୨୧ । ୨୨ଶ ଛାନ୍ଦ ।

ଇତ୍ୟାଦି ପଦରୁ ରମଣୀୟ ଚିତ୍ର ପ୍ରକଟିତ ହେଉଛି ।

(ଗ) ଧନଞ୍ଜୟ ଅତି କେତେକ କବିତ୍ୱପୂର୍ଣ୍ଣ ଅଳଙ୍କାର ମଣ୍ଡିତ ଚିତ୍ର ଅଙ୍କନ କରିଛନ୍ତି । ଏହି କେତୋଟିରୁ ତାଙ୍କର କବିତ୍ୱ ଶକ୍ତିର ଓ କଳ୍ପନା ଶକ୍ତିର ବୈଚିତ୍ର୍ୟ ପ୍ରମାଣ ମିଳିବ ।

(୧) ଉପବନ ଲଳନାର ବସନ୍ତ କାଳୀନ ଶୋଭା :—

ବିକାଶେ ବନ ବନିତା, ନାନା କୁସୁମେ ମଣ୍ଡିତା,
ନୟନ ମନୋରଞ୍ଜନୀ, ବିପୁଳ ରସଧାରିଣୀ ।
ସିତ କମଳ ବଦନୀ, ନୀଳେନ୍ଦୀବର ଲୋଚନୀ ।

ଚକ୍ରବାକ କୁଚବେନି, ମୃଣାଳ ବାହୁ ଶୋଭନୀ ।
ସ୍ଥୂଳ ଶୈବାଳ କେଶୀ, ସ୍ୱଚ୍ଛ ଅମ୍ବର ପ୍ରକାଶୀ ।
ରକ୍ତକାମ ଉପନାଶୀ, ମାନସରସ ଉଲ୍ଲାସୀ ।
କଳ ମରାଳ ବରଣୀ, ଯୁବା ହୃଦୟ ହାରିଣୀ । × ×

× × ×

କେନ୍ଦୁ ଜଳରେ ବୁଡ଼ନ୍ତି, ଉଭୟ ପକ୍ଷ କମ୍ପାନ୍ତି ।
ମଣ୍ଡେ ପୁଞ୍ଛି ତୀରେ ବସେ, ସହଚରୀ ସଙ୍ଗେ ରସେ ।
କେବଣ ସିତ ମରାଳ, ଚଞ୍ଚୁରେ ଧରି ମୃଣାଳ ।
ବଲ୍ଲଭୀ ବଦନେ ଦେଇ, ନୀର ମଧ୍ୟେ ବିହରଇ । ଇତ୍ୟାଦି ।
୪ର୍ଥ ଛାଃ ।

ମଣ୍ଡୀରେ ଲୋଟନ୍ତି ତରୁ, ଫଳଫୁଲେ ଶାଖା ଗୁରୁ ।
କି ସେ ପ୍ରଲମ୍ବିତ ଶିର, ଆଗମ ଜାଣି କାମର ।
ପୁଷ୍ପିତ କୁଞ୍ଜ କୁଟୀର, ଅନଙ୍ଗ କେଳି ମନ୍ଦିର ।
ଯହିଁ ଅନ୍ତର ତିମିର, ସୁରକର ଅଗୋଚର ।
ଆମ୍ର ସୀମା ସମାନ, ମତ୍ତ ଖଞ୍ଜନ ନୟନ ।
ତମାଳ ଚାରୁ ଚିକୁର, ନବ ପ୍ରବାଳ ଅଧର ।
ଭ୍ରୂଭୃଙ୍ଗ ଶ୍ରେଣୀଲଳିତ, ହରନ୍ତି ସକଳ ଚିତ୍ତ ।
ଲତା ଭୁଜ ସମ ଜାଣି, ନବୀନ ପଲ୍ଲବ ପାଣି ।
କରବୀର କଟିକୂଳ, ଜାଣ ତାଙ୍କର ଜଙ୍ଘାଳ ।
ଶ୍ରୀଫଳ ଉରଜ ଜାଣି, ନନ୍ଦନ ଛଳିବ ବାଣୀ । × ×
ଧୀରେ ବହଇ ସମୀର, ମକରନ୍ଦ ମଦ ଚୋର ।
କୁସୁମିତ ଲତାମାନ, କଟେ ଦରକମ୍ପମାନ । × ×
କେବଳ ଲତା ବନିତା, ସ୍ତବକ ମୁଖ ବନିତା ।
ମଧୁଭମାନେ କମ୍ପିତା, ତେଜ ମଧୁ ଅଶ୍ରୁ ଲତା । ଇତ୍ୟାଦି ୪ର୍ଥ ଛାଃ ।

(୨) ନବଘନ କାଳର 'ଯୋଦ୍ଧା ନୃପ' ବେଶ :—

ଘନେ ଦେଖି ଜଳଦ ପ୍ରସ୍ଥର, ଶିଖୀ ଶିଖୀ ନାଦେ ଜଳେ ବିହାରେ,

ସନ୍ତାପ ତେଜିଲେ ଗ୍ରୀଷ୍ମକ କୁଳ, ପ୍ରଥମ ନୀର ବିନ୍ଦୁ ପାଇ ନ ମେଳ,
ଏହୁ ଘନକାଳ, ଯେ ଭୂପ ସମ ଭାଣେ ମନ୍ତ୍ରୀ କୁଳ । ୧୦ ।
ନବଘନ ଗଜ ଅଛୁ ଅଗ୍ରେ ଦ୍ଵାରୀ, ଅଶନି ଘନ ବାଦ୍ୟ ପ୍ରକାଶନ୍ତି,
ତଡ଼ିତ ଗୁଣ ଇନ୍ଦ୍ର ଚାପଧର, ଜଳଧାରା ବାଣଗଣ ପ୍ରହାର,
କଦମ୍ବ ମୁଦ୍ଗର, ବିରହୀ ପ୍ରତିପକ୍ଷ ଜୀବହର । ୧୧ । ୧୮ଶ ଛାନ୍ଦ ।

ଏହି ଘନକାଳ ବର୍ଣ୍ଣନା ପ୍ରସଙ୍ଗରେ 'ମେଘ ଡାହୁକ' (୧୦ ପଦ), 'ତଟିନୀ ନାରୀ'ର ବର୍ଣ୍ଣନା ମଧ୍ୟ ସୁନ୍ଦର ହୋଇଛି । (୧୮ଶ ଛାନ୍ଦ) ।

ଏହି ଛାନ୍ଦରେ ମେଘ ଓ ଭ୍ରମରକୁ ଦୂତ ସ୍ୱରୂପ ସମ୍ବୋଧନ କରି ନାୟକ ନାୟିକାର ସମ୍ବାଦ ପଠାଇବା ପଦଗୁଡ଼ିକ ବଡ଼ ମନୋରମ ହୋଇଛି । (୨୯-୩୭ ପଦ)

କହଇ ଶୁଣ ଆହେ ପୟୋଧର,
ବନସ୍ଥ ମୋ ଘେନ, ଦେଖିଅଛ କି ସେ ପ୍ରିୟାରତନ । ୨୯।
ଶବ୍ଦ ଛଳେ କି କହୁଛ ବାଣୀ, କସ ସନ୍ଦେଶ ତାର ଅଛ ଆଣି
କାନ୍ତା ଦରଶନ ଆନନ୍ଦ ନୀର, ଛାଡ଼ିଲ ଦେଖିଅଛ ଧୀର ଧୀର
ଘନ ଲୋଚନରୁ, ସଖୀର କୁଶଳ ବଦନରୁ କହ । ୩୦ ।

ଶୁଣ ମୋ ବାଣୀ ହେ ମଧୁପବର, ଭ୍ରମୁ ଯେ ଥାଅ ସର୍ବ ଦିଗନ୍ତର
ଦେଖିଅଛ କି ମୋର ମନୋହାରୀ, ଜଗତଜନ ଆନନ୍ଦ ଆକର
ସେ ମୋ ଜୀବବନ୍ଧୁ, ସକଳ କମନୀୟ ରସସିନ୍ଧୁ । ୩୩ । ଇତ୍ୟାଦି ।

(ଗ) 'ସୈନ୍ୟମହାର୍ଣ୍ଣବ' —

ଶୁଣିଣ ନରନାଥ ବିଜୟେ କଲେ ରଥ ଧାଇଁ ଚଳିଲେ ସର୍ବଜନ
ଧ୍ୱଜ ଛତ୍ର ଚାମର ଦିଶନ୍ତି ମାଳ ମାଳ ସିନ୍ଧୁ ଘୋଷ କି ମୁଖରେ ଜନ ସେ
ନୃପବର, ଶିରେ ଶ୍ୱେତପଦ୍ମ ଶୋଭନ୍ତି,
ସୈନ୍ୟ ମହାର୍ଣ୍ଣବର କି କେତନ ନକର ଚାମର ବୃନ୍ଦ ବିରାଜନ୍ତି ।

ରଥ ଘୋଡଆକାର ମଗର କଣ୍ଠବର ଗ୍ରାହ ଯୁଥ ଯେ ହୟବର
ଧ୍ୱଜ ଲହର୍ ଜାଣି କୂର୍ମ ଚର୍ମ ଅଢ଼େଣି, ମୀନ ସମୂହ ସଜନର ହେ,
ନୃପବର, ସୈନ୍ୟ ଶୋଭନ୍ତି ଏହେ ପ୍ରାୟେ,
ଚଳନ୍ତ ମହାରଙ୍ଗେ ଧରଣୀ ଶୋଷ ପାଏ ଯେସନେ ସ୍ୱର୍ଗ ସୁରସ୍ୱାୟେ ।
(୧୧ଶ ଛାଃ ୩,୪)

ହାସ୍ୟରସ—ଧନଞ୍ଜୟ ଅନଙ୍ଗରେଖାରେ ହାସ୍ୟରସର ଅବତାରଣା କୌଣସି କୌଣସି ସ୍ଥଳରେ କରିଛନ୍ତି ।

କନ୍ୟାର ମନୋଭାବ ଜାଣିବା ପାଇଁ ସଖୀମାନେ ପଚାରିବାରୁ କନ୍ୟା କହିଲା ଯେ କୁସୁମକେତୁ (ନାୟକ)କୁ ନ ପାଇଲେ ସେ ଜୀବନ ତ୍ୟାଗକରିବ । ପିତା ଏହା ଶୁଣି 'କୁସୁମକେତୁ'ଙ୍କୁ କନ୍ଦର୍ପ ଅର୍ଥରେ ବୁଝି ଏହା ପାଇବା ଅସମ୍ଭବ ବୋଲି କହିବାରୁ ପାଟମହିଷୀ ଏହା କାଶୀପୁରର ରାଜକୁମାରଙ୍କ ନାମ ବୋଲି କହି ହସିଲେ ।

ପାଟମହିଷୀ ରାଜାଙ୍କୁ କହୁଛନ୍ତି—

ଶୁଣ ପ୍ରାଣନାଥ ଏ ମୋର ହୃଦର ଦେଖିଲି ଜେମାର ରୀତ
କୁସୁମକେତୁକୁ ବର ନ ବରଲେ ନ ବଞ୍ଚିଇ କୁନ୍ଦଦନ୍ତୀ । ୪୮ ।

ଏହାଶୁଣି ରାଜା ବିସ୍ମିତ ହେଲେ ଏବଂ ଦେବତାମାନଙ୍କ ମଧ୍ୟରୁ ଉତ୍ତମ, ଯେ ମନରୁ ଉତ୍ପତ୍ତି, ଏ ଭଳି ପୁରୁଷ (କନ୍ଦର୍ପ)କୁ କନ୍ୟା ବାଞ୍ଛା କରିବା ଉଚିତ ନୁହେଁ କି ବୋଲି କହିଲେ । 'କୁସୁମକେତୁ' ନାମକୁ କନ୍ଦର୍ପ ବୋଲି ଭାବିବାରୁ ରାଣୀ ହସି ପୁଣି କହିଲେ—

ହସି କରି ପାଟମହିଷୀ ବୋଲନ୍ତି ବଡ ମନୋଦ ରାଜନ,
କୁମର ନାମକୁ କୁସୁମକେତନ ସେ ନୋହେ ମୀନକେତନ । ୪୯ ।
((୧୦ମ ଛାନ୍ଦ) ।

ଭୟାନକ ରସ—ଭୟାନକ ରସ ସୃଷ୍ଟି କରିଥିବା ଦୃଷ୍ଟାନ୍ତ ବେଶି ନଥିଲେ ମଧ୍ୟ ସ୍ୱୟଂବର ଭଙ୍ଗ ଦୃଶ୍ୟଟି ଏହାର ଏକ ନିଦର୍ଶନ ।

ପ୍ରଥମ ସମୀରେ ହତ ଆତପତ୍ର କୁଳ
ବଂଶ-ଶେଷ ହେଲେ ତହିଁ କେତନ ସକଳ ।
ଅନ୍ଧକାରେ ଅଗୋଚର ହୋଇଲେ କକୁଭ
ଧୂସ୍ର'ରେମଣ ସହିତେ ନଦିଶିଲେ ନଭ ।
ଅଶନି ପାତରେ ସଭାପୁର ଖଣ୍ଡ ଖଣ୍ଡ
ଘନ ଘୋର ରବରେ ଛାଟିଲେ ହସ୍ତୀ, ଷଣ୍ଢ ।
କେହୁ ବେଗଭରେ ରହୁବର ସଜିଯାନ୍ତ
କେବଣ ଅଶ୍ୱକୁ ଟେରି ମାରେ ମତ୍ତଦନ୍ତୀ,
ଚଡ଼ ଚଡ଼-ଘଡ଼ ଘଡ଼ ଚଡ଼କ ନିକର
ପଥର ପଡ଼ିଣ ଭାଙ୍ଗି ଗଲେ ରହୁବର । (୯ମ ଛା. ।)

ଶବ୍ଦାଳଙ୍କାର:—ଧନଞ୍ଜୟ ଭଞ୍ଜ ଅନଙ୍ଗରେଖାରେ ମଧୁର ବର୍ଣ୍ଣବ୍ୟଞ୍ଜକ ପଦାବଳୀ ବ୍ୟବହାର କରି ମନୋରମ କାବ୍ୟ ସର୍ଜନା କରିପାରିଛନ୍ତି । ଏଥିରେ ଶବ୍ଦାଳଙ୍କାର ବହୁଳ ଭାବରେ ବ୍ୟବହୃତ ହୋଇ ନଥିଲେ ମଧ୍ୟ କବିତା ମାଧୁର୍ଯ୍ୟର କୌଣସି କ୍ଷତି ହୋଇନାହିଁ ।

ଅଳ୍ପ କେତେକ ସ୍ଥାନରେ ଶବ୍ଦାଳଙ୍କାରର ବ୍ୟବହାର ଦେଖାଯାଏ—

ହରିସୁତ ବିପକ୍ଷ ତାହାର ଅରି, ତାହାର ବାହନ ତାହାର ବଇରି, ହେ
ତାହାର ରିପୁପତି ବାନ୍ଧବ ପଦ, ସେବି ନୃପତି ଧନଞ୍ଜୟ ଆନନ୍ଦ ଯେ ।
(୧୫ଶ ଛାନ୍ଦ)

ହରିସୁତ ସୁତ ତାହାଙ୍କ ମିତ, ତାହାଙ୍କ ଜନକ ପାଦେ ମୋ ଚିତ ।
(୧୮ଶ ଛା:)

ଯମକ—ତ୍ରୟୋଦଶ ଓ ଚତୁର୍ଦ୍ଦଶ ଛାନ୍ଦରେ କେତୋଟି ପଦରେ ଯମକର ସୁନ୍ଦର ବ୍ୟବହାର ଦେଖାଯାଏ । ସମଗ୍ର ୨୪ଶ ଛାନ୍ଦଟିରେ ଯମକ ପ୍ରୟୋଗ ହୋଇ ବିଚିତ୍ର ପଦଯୋଜନା ସୃଷ୍ଟି କରିଛି ।

(କ) (୧) ଅତନୁ ମୋ ତନୁ ତନୁ କରୁଛି ଶୁଣ ସୁତନୁ । ୨୩ ଶ ଛାଃ ।
(୨) ତୁ ମୋର ଜୀବ ଜୀବନ । ୨୩ଶ ଛାଃ ।
(୩) କମଳ କମଳ ଦଳ କେତୁ ଦିଅନ୍ତି । ୨୩ ଶ ଛାଃ ।
(୪) ଚନ୍ଦ୍ର ଚନ୍ଦ୍ର ରୁଚଇ ନାହିଁ, ଚନ୍ଦ୍ରହସୀ ଚନ୍ଦ୍ରମୁଖ ହୃଦେ ଚନ୍ଦ୍ରଇ (୨୩ ଶ ଛାଃ)

(ଖ) ଏମନ୍ତରେ ଏମନ୍ତରେ ସେ ଭୂଧର ଶିରେ । ୧ ।
ସୁମନା ସୁମନା ବୃନ୍ଦ ଅକାଶରେ ସ୍ତୁହିଁ,
ସେ ଅଶାରେ ସେ ଆଶରେ ଥରଟି ହୋଇ ଯୋ । ୨ ।
ସୁରବର ସୁରବର ଆଗମ ଦେଖିଲା
ଚିତ୍ର ନେତ୍ର ଚିତ୍ର ନେତ୍ର ଲକ୍ଷି ତୋଷ ହେଲା । ୩ । ୨୪ଶ ଛାଃ ।

ଭୃଙ୍ଗ ଭୃଙ୍ଗ ରଙ୍ଗ ସଙ୍ଗୀ ସାରସ ରସରେ
ତରଳ ମରାଳ ଦେଖ ସୁରଭର ତୀରେ ଗୋ । ୨୮ । ୨୪ଶ ଛାଃ ।
ଅତନୁ ସୁଖୀରମଣ କ ତୋ ସରତରେ
ଅତନୁ ସୁଖୀ ରମଣ କ ତୋଷ ରତରେ । ୩୧ । ୨୪ଶ ଛାଃ ।

ମଧୁର ପଦାବଳୀ—କାବ୍ୟଟିର ବହୁ ମଧୁର କୋମଳ ପଦାବଳୀ ଅଛି । ସେଥିରୁ କେତୋଟି ନିମ୍ନରେ ପ୍ରଦତ୍ତ ହେଲା :—

(୧) ପ୍ରିୟ ମଧୁପକୁ ସମ୍ବୋଧନ କରି ପ୍ରିୟାର ରୂପ ବର୍ଣ୍ଣନା କରୁଛି—
ଚାମୀକର ଗୁରୁବରଣୀ ବାଳା, ଖଞ୍ଜନଗଞ୍ଜନ ନୟନ ଲୀଳା ।
ମିତ୍ତ ମରାଳ ମନ୍ଥର-ଗାମିନୀ, ସୁବିମ୍ବାଧରୀ ଶିଖିର ଦଶନୀ
ସେ ମଧୁରହାସୀ, ବିପୁଳ ନିତମ୍ବ କୁଟିଳ କେଶୀ । ୩୪ ।

(୨) ଘନକାଳର ବର୍ଣ୍ଣନା—

ଗଗନାଙ୍ଗରେ ବୃଡିଲେ ସଘନ, କେଉଁଠାରେ ନୀଳ ନଳିନ ବର୍ଣ୍ଣ
କାହିଁ ଦଳିତ ଅଞ୍ଜନ ସୁଷମ,
ଗମ୍ଭୀର ନିଃସ୍ୱନ ଯେଣେ ହଚ୍ଛନ୍ନ କରେ ମୁନି ମନ । ୭ ।
ଗଗନେ ଦେଖି ଜଳଦ ପ୍ରକର, ଶିଖୀ ଶିଖୀ ମିଳେ କଲେ ବିହାର,
ସନ୍ତାପ ତେଜିଲେ ଗୃତକ କୁଳ, ପ୍ରଥମ ନୀର ବିନ୍ଦୁ ପାନେ ଭୋଳ,
ଏହି ଘନ କାଳ, ଯୋଧା ନୃପ ସମ ଦିଶେ ମଞ୍ଜୁଳ । ୧୦ ।

(୩) ଶରଦ ଋତୁରେ—

ବାହିନୀ କାମିନୀ ଛବି ଧଇଲେ, ରତ୍ନାକର ପ୍ରିୟେ ଧୀରେ ଚଳିଲେ ।
ବିକାଶ କାଶଚୟ ବସନା, ବିମଳ କମଳମୟ ଲପନା । ୩ ।

(୪) ବସନ୍ତ ଋତୁରେ—

କୁସୁମିତ ହେଲେ ନବ ମାଳିକା ଲତା,
କୁରୁବକ କୁସୁମେ ଦିଶିଲେ ଶୋଭିତା ।
ବିକଶି ଶୋଭନ୍ତି କର୍ଣ୍ଣିକାର କୁସୁମ,
ଶୋଭିତ ମଲ୍ଲୀ ବଲ୍ଲୀ ସୁମନାର ସମ । ୧୭ । (୨୦ ଶ ଛାନ୍ଦ)

ଶବ୍ଦର ବିଶିଷ୍ଟ ପ୍ରୟୋଗ :—ଅନଙ୍ଗରେଖାରେ ଏହି କେତୋଟି ବିଶିଷ୍ଟ ପ୍ରୟୋଗ ଦେଖାଯାଏ । ରଞ୍ଚିଲ (ରଚିଲ) ୧୨ଶ ଛାନ୍ଦ ୭୩ ପଦ; ପଞ୍ଚପ୍ରାଣ (ପଞ୍ଚ ପ୍ରାଣ) ୨୩ଶ ଛାନ୍ଦ ୮ ପଦ; କଳକ (୯ମ ଛାଃ), ଫୁର (ସ୍ଫୁର) ୨୧ଶ ଛାନ୍ଦ, ୧୦ମ ଛାନ୍ଦ, ଅଜ୍ଞାବଲ୍ଲୀ (୧୯ମ ଛାନ୍ଦ ୨୪) ।
'କଳକ' ପ୍ରାଚୀନ ପ୍ରୟୋଗ ।

ଉପେନ୍ଦ୍ର ଭଞ୍ଜଙ୍କ ଉପରେ ପ୍ରଭାବ :—କବି 'ଅନଙ୍ଗରେଖା' କାବ୍ୟରେ କେତେ ଜଣ ସଖୀଙ୍କ ନାମ ଉଲ୍ଲେଖ କରିଛନ୍ତି । ଏହି ନାମଗୁଡ଼ିକ ଭିତରେ ନିମ୍ନଲିଖିତ କେତୋଟି ନାମ ପରବର୍ତ୍ତୀ ସମୟର କବିଙ୍କ ପୌଢ

ଉପେନ୍ଦ୍ର ଭଞ୍ଜଙ୍କ କେତେକ କାବ୍ୟର ନାମ ସହିତ ମେଳ ହେଉଥିବାରୁ, ଉପେନ୍ଦ୍ର ପିତାମହଙ୍କ ଏହି ନାମକରଣ ଦ୍ୱାରା ଉତ୍ସାହିତ ହୋଇ ସ୍ୱ ଗ୍ରନ୍ଥର ନାୟିକାମାନଙ୍କ ନାମକରଣରେ ଏହାକୁ ଗ୍ରହଣ କରିଥିବା ସମ୍ଭବ ବୋଲି ଅନୁମିତ ହୁଏ ।

ମଧୁରେ କହଇ ଚିତ୍ରଲେଖା ଯେ କାମିନୀ ଗୋ । ୬ । ୬ଷ୍ଠ ଛାନ୍ଦ ।
ଦିନୁଦିନ ଶଶିଲେଖା ସଦୃଶ ବଢ଼ିଲା, ୩୪ । ୮ମ ଛା ।
ସ୍ୱର୍ଗରୁ କୋଟିଏ ଗୁଣ ଲାବଣ୍ୟବତୀ ରୂପେଣ
ରହି ରମା କମଳାକୁଳ ମଣ୍ଡି ଯେ । ୪ । ୧୩ଶ ଛା ।

'ଅନଙ୍ଗରେଖା'ର ରଚନାଭଙ୍ଗୀର ପ୍ରଭାବ ଉପେନ୍ଦ୍ର ଭଞ୍ଜଙ୍କ କେତେକ କାବ୍ୟ ଉପରେ ପଡ଼ିଥିବା ଦେଖାଯାଏ । ନିଦ୍ରା ଭଙ୍ଗ ପରେ ନାୟିକାର ଖେଦ—

ଅନଙ୍ଗ ରେଖା :—

ଶୁଣ ରସିକ ଜନେ ଯୁବତୀ ଗୀତ, ନିଦ୍ରାଭଙ୍ଗରେ ହେଲା ଉତ୍ସୁକ ମତିରେ
ଚେତ ଦେଖିଲା ନାହିଁ ଭ୍ରମରବର, କ୍ଷଣେ ସ୍ତମ୍ଭିତ ତନୁ କମ୍ପିତ
ଉର ଯେ । ୧ । ୧୫ଶ ଛାନ୍ଦ ।

ଲାବଣ୍ୟବତୀ—ଚେତ ଲଭୁଣୁ ରହିଲା ନିଦାନେ ପାଶେ ନାହିଁ ଦିବ୍ୟ ତରୁଣ ।

ଆଦି ରସର ନଗ୍ନ ଚିତ୍ର— ଅନଙ୍ଗରେଖା ଆଦିରସାତ୍ମକ କାବ୍ୟ ଥିବାରୁ କଥା ବସ୍ତୁର ଅଧିକାଂଶ ବିଭାଗ ଆଦିରସ ଦ୍ୱାରା ସ୍ନାତ ହୋଇଛି । ନାୟକ-ନାୟିକାଙ୍କ ପ୍ରେମ ଓ ବିରହ ଭାବନା ଦାମ୍ପତ୍ୟ ସୁଖ ପ୍ରଭୃତିରେ ଦୈହିକ ସୁଖଭୋଗର ଲାଳସା ହିଁ ପ୍ରବଳ ହୋଇଛି । କବି ଏ ଚିତ୍ର ଦେବାରେ କୃତିତ୍ୱ ଅର୍ଜନ କରିଛନ୍ତି । ଦାମ୍ପତ୍ୟ ଲୀଳାରେ ନଗ୍ନ ଚିତ୍ର ଅଙ୍କନ କରି କବି ପୂର୍ବାଚାର୍ଯ୍ୟମାନଙ୍କ ପଦାନୁସରଣ କରିଥିଲେ ମଧ୍ୟ ଏହାର ସୂଚନାତ୍ମକ ବର୍ଣ୍ଣନା ଶୁଚିତା ଦୃଷ୍ଟିରୁ ଯଥେଷ୍ଟ ହୋଇଆନ୍ତା । ନଗ୍ନ ଦାମ୍ପତ୍ୟ ସୁଖଭୋଗର ବାରମ୍ବାର ଉଲ୍ଲେଖ ଦ୍ୱାରା କାବ୍ୟର ମର୍ଯ୍ୟାଦାକୁ କେତେକ ଅଂଶରେ କ୍ଷୁଣ୍ଣ

କରିଛି । ଧନଞ୍ଜୟ କିନ୍ତୁ କେବଳ ଏଥିରେ ଦୋଷୀ ନୁହନ୍ତି; କାଳ୍ପନିକ ଓ ଅକାଳ୍ପନିକ ସବୁ ଆଦିରସାତ୍ମକ କାବ୍ୟରେ ଏହି 'ଦୋଷ' ଦେଖାଯାଉଛି । ପରଂପରା ଅନୁସାରେ ଏ ରୀତି ଗର୍ହିତ ବୋଲି ବିବେଚିତ ହୋଇନାହିଁ । ଏହା ହୋଇଥିଲେ ଓଡ଼ିଶାର ବିଶିଷ୍ଟ ଦେବମନ୍ଦିର ଗାତ୍ରରେ ମିଥୁନ ଚିତ୍ର ଓ ଦେବଦେବୀଙ୍କ ସ୍ତୁତି ସ୍ତୋତ୍ର ଓ ଲୀଳା ଆଖ୍ୟାନମାନଙ୍କରେ ଦାମ୍ପତ୍ୟଲୀଳାର ନଗ୍ନ ବର୍ଣ୍ଣନା ଦେଖାଯାଇ ନଥାନ୍ତା । ପ୍ରାଚୀନ କବିମାନେ ଅନ୍ୟାୟ, ଅଶୁଚି, ଅବିଧି କାର୍ଯ୍ୟ କିମ୍ବା ଭାବନାକୁ କାବ୍ୟରେ ସ୍ଥାନ ଦେବାପାଇଁ ବ୍ୟାକୁଳ ନଥିଲେ; ପରଂପରା ରୀତି ମଧ୍ୟ ଏହା ନଥିଲା ।

ଅନଙ୍ଗରେଖାର କଥାବସ୍ତୁ ଓ ନରସିଂହ ସେଣଙ୍କ ପଦ୍ମମାଳା କାବ୍ୟର କଥାବସ୍ତୁ ଭିତରେ ବହୁତ ସାମ୍ୟ ରହିଛି । ପ୍ରାଚୀନ କାଳ୍ପନିକ କାବ୍ୟମାନଙ୍କର କଥା—ସରଣୀ ପ୍ରାୟ ଏକ ପ୍ରକାରର । ଶାପ ବଶରୁ ଗନ୍ଧର୍ବ ନାୟକ ଓ ଅପ୍ସରା ନାୟିକାର ମର୍ତ୍ତ୍ୟରେ ରାଜକୁଳରେ ଜନ୍ମ, ସେମାନଙ୍କ ପ୍ରେମ, ବିରହ, ମିଳନ ଓ ପରେ ନିର୍ଦ୍ଦିଷ୍ଟ ସମୟରେ ପୁଣି ସ୍ୱର୍ଗକୁ ପ୍ରତ୍ୟାଗମନ—ଏହା କଥାର କଙ୍କାଳ । ଅଲୌକିକ ଘଟଣାର ସାହାଯ୍ୟରେ ମିଳନାନ୍ତ ଅସମ୍ଭବ ଘଟଣା ସମ୍ଭବ ହୋଇଥାଏ ।

ଅନଙ୍ଗରେଖାରେ ଧନଞ୍ଜୟ ଏହି ପ୍ରାଚୀନ ସରଣୀହିଁ ଅନୁସରଣ କରିଛନ୍ତି । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ କିଏ ଏଭଳି ସରଣୀର ପ୍ରଥମ ପଥ ପ୍ରଦର୍ଶକ ତାହା ନିର୍ଦ୍ଦିଷ୍ଟ ଭାବରେ କୁହାଯାଇ ନପାରିଲେ ମଧ୍ୟ ଧନଞ୍ଜୟ ଯେ ଅର୍ଜ୍ଜୁନ ଦାସ, ନରସିଂହ ସେଣ, ଶଙ୍କର ଦାସ ପ୍ରଭୃତିଙ୍କ ଦ୍ୱାରା ଏ ଦିଗରେ ପ୍ରଭାବିତ ହୋଇଛନ୍ତି ଏଥିରେ କୌଣସି ସନ୍ଦେହ ନାହିଁ ।

ମଦାଳସା ଓ ପୁଷ୍ପଦନ୍ତ ଇନ୍ଦ୍ରଙ୍କ ଶାପରୁ ମର୍ତ୍ତ୍ୟରେ ରାଜବଂଶରେ ଜନ୍ମ ଲାଭ କଲେ । ଇନ୍ଦ୍ରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଦଟେଶ ବର୍ଷ ମର୍ତ୍ତ୍ୟ ଲୋକରେ ରହି ଦୁହେଁ ପୁଣି ସ୍ୱର୍ଗକୁ ପ୍ରତ୍ୟାଗମନ କଲେ । ମଦାଳସା ଅନଙ୍ଗରେଖା ନାମରେ ଓ ପୁଷ୍ପଦନ୍ତ କୁସୁମକେତୁ ନାମରେ ପରିଚିତ ହେଲେ । ଉଭୟଙ୍କ ପ୍ରେମ, ବିରହ

ଓ ମିଳନରେ ଦେବର୍ଷି ନାରଦଙ୍କ ଅଲୌକିକ ଶକ୍ତିର ସାହାଯ୍ୟ କବି ନେଇଛନ୍ତି ।

ନାୟକ ନାୟିକାଙ୍କ ରୂପବର୍ଣ୍ଣନା, ପ୍ରେମ, ମିଳନର ଉତ୍କଣ୍ଠା, ବିରହ, ମିଳନ, ବିହାର ପ୍ରଭୃତିରେ ଏହି ସବୁ କାଳ୍ପନିକ କାବ୍ୟମାନଙ୍କରେ ପ୍ରାୟ ଏକ ଧରଣର ବର୍ଣ୍ଣନା ଦେଖାଯାଉଥିଲେ ମଧ୍ୟ କବିଙ୍କ କଳ୍ପନା ଶକ୍ତି ଅନୁସାରେ ରୂପରେ ପ୍ରଭେଦ ଦୃଶ୍ୟ ହୁଏ । 'ଧନଞ୍ଜୟ ଅନଙ୍ଗରେଖାରେ ବିରହ, ଋତୁ ଓ ସାମାଜିକ ବିଧିବିଧାନର ବର୍ଣ୍ଣନରେ ଯଥେଷ୍ଟ କବିତ୍ୱ ଶକ୍ତିର ପରିଚୟ ଦେଇ ଅଭିନବ ଚିତ୍ର ସୃଷ୍ଟି କରିପାରିଛନ୍ତି ।

ଏହି ଆଦିରସାତ୍ମକ କାବ୍ୟଟି ରସପୂର୍ଣ୍ଣ ହୋଇଛି ଏବଂ କବିଙ୍କ ଭାଷା ସାର୍ଥକ ହୋଇଛି—"ପଦକୁ ପଦେ ଏଥିରେ ଅଛି ବହୁ ରସ ।"(୧୪ଶ ଛାନ୍ଦ)

ରସିକଜନମାନଙ୍କ ବିନୋଦ ଉଦ୍ଦେଶ୍ୟରେ ଏହି କାବ୍ୟଟି ଉଦ୍ଦେଶ୍ୟ ସାଧନ କରିବାରେ ସମର୍ଥ ହୋଇଛି । "ରସିକ ଜନଙ୍କ ବିନୋଦ ନିମନ୍ତେ ଗୀତରେ ଏହା ବର୍ଣ୍ଣିଲି ।" (୧୨ଶ ଛାନ୍ଦ)

ଉପସଂହାର—ଋତୁବର୍ଣ୍ଣନା, ନାୟକ ନାୟିକା ପ୍ରଭୃତିଙ୍କ ବର୍ଣ୍ଣନା, ବିଧିବିଧାନ, ନଗର, ବିବାହଉତ୍ସବ ପ୍ରଭୃତିରେ କବି କବିତ୍ୱ ଶକ୍ତିର ଯଥେଷ୍ଟ ପରିଚୟ ପ୍ରଦାନ କରିଅଛନ୍ତି । ଭାବର ଗାମ୍ଭୀର୍ଯ୍ୟ ସହିତ ଭାବବ୍ୟଞ୍ଜକ ପଦାବଳୀର ସୁନ୍ଦର ସମାବେଶ ବର୍ଣ୍ଣନାଗୁଡ଼ିକ ମନୋରମ ଓ ଜୀବନ୍ତ କରି ପାରିଛି ।

ବିଭିନ୍ନ ଋତୁ, କୁସୁମାକର ଉତ୍ସବ, ବିରହକାଳରେ ନାୟକ ଓ ନାୟିକାଙ୍କ ଭାବନା ଚିତ୍ରିତ କରିବାରେ କବି ଉଚ୍ଚକୋଟିର କ୍ଷମତା ପ୍ରଦର୍ଶନ କରିଅଛନ୍ତି ।

କଥାବସ୍ତୁର ସୁଷମ ସମାବେଶ, ବର୍ଣ୍ଣନା ପଟୁତା, ଭାବ ଓ ପଦସଂଯୋଜନାରେ ମଧୁର ସହଯୋଗ, କଳ୍ପନାର ବିଳାସରେ ଗମ୍ଭୀରତା, ମାର୍ଜିତ କୋମଳ ପଦାବଳୀ ପ୍ରଭୃତି ଏହି କାବ୍ୟଟିକୁ ଅପୂର୍ବ ଶୋଭାରେ ମଣ୍ଡିତ କରିଛି ।

ଧନଞ୍ଜୟଙ୍କ ପୂର୍ବରୁ ଯେତେ କାଳ୍ପନିକ କାବ୍ୟ ରଚିତ ହୋଇଛି ସେମାନଙ୍କ ଭିତରେ ନରସିଂହ ସେଣ ମହାପାତ୍ରଙ୍କ ପରିମଳା ପଦ୍ମ କୁସୁମର କୋରକ ଓ ଧନଞ୍ଜୟଙ୍କ ଅନଙ୍ଗରେଖା ପ୍ରସ୍ଫୁଟିତ ପଦ୍ମକୁସୁମ ।

ପ୍ରାଚୀନ ଓଡ଼ିଆ ସାହିତ୍ୟରେ କାଳ୍ପନିକ କାବ୍ୟମାନଙ୍କ ଭିତରେ ପରିମଳା ପଦ୍ମପୁଷ୍ପର କୋରକ, ଅନଙ୍ଗରେଖା ଅଷ୍ଟଦଳପଦ୍ମ । ଉପେନ୍ଦ୍ର ଭଞ୍ଜଙ୍କ କୋଟିବ୍ରହ୍ମାଣ୍ଡସୁନ୍ଦରୀ ଶତଦଳପଦ୍ମ ।

ଧନଞ୍ଜୟଙ୍କ ସମୟରେ ଓ ତା ପୂର୍ବରୁ ଲୋକନାଥ ବିଦ୍ୟାଧର ପ୍ରଭୃତି କବିମାନଙ୍କ କାଳ୍ପନିକ କାବ୍ୟର ସ୍ଥାନ ଅଷ୍ଟଦଳ ଓ ଶତଦଳ ପଦ୍ମ ମଧ୍ୟରେ ।

ଗୀତ—ଧନଞ୍ଜୟ ଭଞ୍ଜ ଚମ୍ପୂ ରୂପରେ 'କ'ଠାରୁ 'କ୍ଷ' ପର୍ଯ୍ୟନ୍ତ ଆଦ୍ୟ ଅକ୍ଷର ନିୟମରେ ୩୪ଟି ଗୀତ ରଚନା କରିଛନ୍ତି । ତାଙ୍କ ପୂର୍ବରୁ ଚମ୍ପୂର ରୂପ ଥାଇ ଗୀତ ଥିବା ଜଣାଯାଉ ନାହିଁ । ଏ କ୍ଷେତ୍ରରେ ଧନଞ୍ଜୟ ଅଗ୍ରଣୀ ବୋଲି ମନେହୁଏ । ପରବର୍ତ୍ତୀ ସମୟରେ କବିସୂର୍ଯ୍ୟ ବଳଦେବ ରଥ 'କିଶୋର-ଚନ୍ଦ୍ରାନନ୍ଦ ଚମ୍ପୂ' ଲେଖି ଏହି ଚମ୍ପୂ ସାହିତ୍ୟକୁ ଲୋକପ୍ରିୟ କରିପାରିଛନ୍ତି ।

ଧନଞ୍ଜୟଙ୍କ ଚମ୍ପୂଟି ଚମ୍ପୂ ନାମରେ ନାମିତ ହୋଇଥିବା ଜଣାଯାଉନାହିଁ । ଏହି କବିତାଗୁଚ୍ଛର ସ୍ୱାତନ୍ତ୍ର୍ୟ ଥିବା ମଧ୍ୟ ଜଣାଯାଉନାହିଁ ।

ଶୃଙ୍ଗାରରସ ଏଥିରେ ପ୍ରଧାନରସ ରୂପେ ଗୃହୀତ ହୋଇଛି ।

କ—ରାଗ ଚକ୍ରା ସିନ୍ଧୁଡ଼ା, ପଟତାଳ, ସଜଳଘନବାଣୀ
କେବଣ ବିଦେଶୀ କମେ ହୋଇ ଦୁଃଖୀ ପ୍ରିୟାକୁ କରି ଚକ୍ରନ
କେଲିମାନ ତାର ପୂର୍ବର ଗୁଣିଣ କରେ ସନ୍ତତ କାରୁଣରେ । ୧ ।

ଖ—ରାଗ ଆହାରୀ, ତାଳ ସହପଟ ।
ଖଞ୍ଜ ନୟନା । କ୍ଷୀଣ ଉଦରୀ ମୋ ଧନ ।
କ୍ଷୀଣ ହୋଇଥିବୁ ଫୁଲକାଣ୍ଡ ଲାଗି କୋକିଳବଚନୀ । ୧ ।

କବି କେତୋଟି ଅକ୍ଷରର ଏକାଧିକ ଗୀତ ରଚନା କରିଥିବା ଜଣାଯାଏ । ଗୀତଗୁଡିକ ଚୌପଦୀ ରୂପରେ ଲେଖା ହୋଇଥିଲେ ମଧ୍ୟ ଅଧିକାଂଶ ଗୀତରେ ପାଞ୍ଚପଦ ଥିବା ଦେଖାଯାଉଥିବାରୁ ଚୌପଦୀର ଏହି ରୂପ ପ୍ରସିଦ୍ଧି ଲାଭ କରିଛି ।

ରାଗ, ତାଳର ନିର୍ଦ୍ଦିଷ୍ଟ ଥିବାରୁ ଗୀତଗୁଡ଼ିକ ସଙ୍ଗୀତ ବିଜ୍ଞାନାନୁମୋଦିତ ହୋଇଥିବା ଜଣାଯାଏ । ଭାଷା ସଙ୍ଗୀତୋପଯୋଗୀ ହୋଇଛି ।

ଭଞ୍ଜ ରାଜନ, ଭଞ୍ଜନୃପ, ଧନଞ୍ଜୟ, ଧନଞ୍ଜୟ ଭଂଜ, ଧନଞ୍ଜୟ ନୃପତି ପ୍ରଭୃତି ନାମ ଭଣିତାରେ ଦେଖାଯାଏ ।

ନାୟକର ବିରହାନୁଚିନ୍ତା ଏ ଗୀତଗୁଚ୍ଛର ପ୍ରତ୍ୟେକ ଗୀତରେ ପ୍ରକାଶ ପାଇଛି ।

କ୍ଷ — ରାଗ କେଦାର, ଇଚ୍ଛାବତୀ ବାଣୀ । ତାଳ ପଡ଼ିତାଳ ।
କ୍ଷୀଣୋଦରି ତୁ ମୋର ପ୍ରାଣଧନ,
କ୍ଷଣେ ମୂର୍ଚ୍ଛି ଇ ନାହିଁ ଜୀବନ ।
ଗ୍ରୁଛି ଅଇଲି ବହି ବଶୁ ମୁଁ ତୋତେ
କ୍ଷମା କରି ମୋର ଦୋଷ ଜାଣିରେ ସୁନ୍ଦରୀ । ୧ ।

ଏହି 'କ୍ଷ' ଗୀତରେ 'ଇଚ୍ଛାବତୀ ବାଣୀ'ର ନିର୍ଦ୍ଦେଶ ଥିବାରୁ ଏହି ଗୀତଗୁଚ୍ଛଟି 'ଇଚ୍ଛାବତୀ' ଢଙ୍ଗରେ ରଚିତ ହୋଇଥିବା ସ୍ପଷ୍ଟ ।

ଧନଞ୍ଜୟ ବହୁ ସଂଖ୍ୟକ ଗୀତ ରଚନା କରିଥିବା ଜଣାଯାଏ । ଗୀତି ସାହିତ୍ୟର ଭିତ୍ତିକୁ ସେ ଦୃଢ଼ କରିଛନ୍ତି ଏବଂ ପରବର୍ତ୍ତୀ ସମୟର ବହୁ କବି ଗୀତ ସାହିତ୍ୟର କଳେବରକୁ ବୃଦ୍ଧି କରି ସର୍ବାଙ୍ଗ ସୁନ୍ଦର କରିପାରିଛନ୍ତି । ଶୃଙ୍ଗାର ରସର ଗୀତ ସାହିତ୍ୟକୁ ଧନଞ୍ଜୟଙ୍କ ପରେ ଉପେନ୍ଦ୍ର, ବଳଦେବ, ବନମାଳୀ, ଗୋପାଳକୃଷ୍ଣ ପ୍ରଭୃତି କେହି ବା ରାଧା-କୃଷ୍ଣ ପ୍ରେମଲୀଳାଚରିତକୁ ଆଶ୍ରୟ କରି କେହି ବା ଲୌକିକ ଚରିତକୁ ଆଶ୍ରୟ କରି ପ୍ରତ୍ୟେକେ ଶତାଧିକ ଗୀତ ରଚନା କରି ସମ୍ମାନ ଲାଭ କରିଛନ୍ତି ।

---

# ତୃତୀୟ ଅଧ୍ୟାୟ

## ମୁସଲମାନ ଯୁଗ (ଖ) ଦିବ୍ୟସିଂହ ଯୁଗ ବା ଉପେନ୍ଦ୍ର ଯୁଗ ବା କାବ୍ୟ ଯୁଗ (ଖ୍ରୀ: ୧୭୦୧-୧୭୫୧)

## ପ୍ରଥମ ପରିଚ୍ଛେଦ

### ଯୁଗ ପରିଚୟ

ପ୍ରତାପରୁଦ୍ରୀୟ ଯୁଗ ବା ପଞ୍ଚସଖା ଯୁଗର ଲେଖା ଗୁଡ଼ିକରେ ନିମ୍ନଲିଖିତ ବିଶେଷତ୍ୱ ଦେଖାଯାଏ—

୧ । ଅଧିକାଂଶ ଲେଖା ଭକ୍ତିମୂଳକ । ସେହି ହେତୁ ଏ ଯୁଗକୁ ଭକ୍ତିଯୁଗ ମଧ୍ୟ କୁହାଯାଏ ।

(କ) ରାମ, କୃଷ୍ଣ ଓ ଜଗନ୍ନାଥଙ୍କୁ ଆଶ୍ରୟ କରି ବହୁ ଗ୍ରନ୍ଥ ଲେଖା ହୋଇଛି । ରାମ-ଗ୍ରନ୍ଥ ଅପେକ୍ଷା କୃଷ୍ଣ ଗ୍ରନ୍ଥର ସଂଖ୍ୟା ବେଶି । ରାମ ଓ କୃଷ୍ଣଙ୍କ ଉପରେ ଜଗନ୍ନାଥ । କି ରାମ-ଗ୍ରନ୍ଥ, କି କୃଷ୍ଣ-ଗ୍ରନ୍ଥ, ସବୁଠାରେ ଜଗନ୍ନାଥଙ୍କ ମହିମା ବର୍ଣ୍ଣନା କରାଯାଇଛି ।

(ଖ) ନିର୍ଗୁଣ ବ୍ରହ୍ମଙ୍କ ସମ୍ବନ୍ଧରେ ଏ ଯୁଗରେ ବହୁ ଗ୍ରନ୍ଥ ଲେଖା ଯାଇଛି । ଜଗନ୍ନାଥହିଁ ନିର୍ଗୁଣ ବ୍ରହ୍ମ—ଏ ବିଷୟ ଓଡ଼ିଆ କବିମାନେ ସ୍ପଷ୍ଟ ଭାବରେ ପ୍ରତିପାଦନ କରିଅଛନ୍ତି । ନିର୍ଗୁଣ ବ୍ରହ୍ମଙ୍କ ସମ୍ବନ୍ଧରେ ଏତେ ଚର୍ଚ୍ଚା ସମସାମୟିକ ହିନ୍ଦି କିମ୍ବା ବଙ୍ଗଳା ସାହିତ୍ୟରେ ଦେଖାଯାଏ ନାହିଁ ।

(ଗ) ଏ ଯୁଗର ଭକ୍ତି ଗ୍ରନ୍ଥମାନଙ୍କରେ ଶୃଙ୍ଗାର ରସର ପ୍ରାଧାନ୍ୟ କେବଳ ଭକ୍ତି ଉଦ୍ଦେଶ୍ୟରେ ଥିଲା, ବ୍ୟସନ ଉଦ୍ଦେଶ୍ୟରେ ନୁହେଁ ।

(ଘ) ଏ ଯୁଗର ଲେଖମାନଙ୍କରେ କବିତ୍ୱ ଅପେକ୍ଷା ଧର୍ମିକ ଚିନ୍ତାର ପ୍ରାଧାନ୍ୟ ବେଶି ଥିଲା ।

୨ । ଭାଷାର ସ୍ୱାଭାବିକ ସରଳତା ଥିଲା । ଶବ୍ଦାଡ଼ମ୍ବର ନଥିଲା କହିଲେ ଚଳେ । ଏକ ଶବ୍ଦକୁ ବିଭିନ୍ନ ଅର୍ଥରେ ପ୍ରୟୋଗ କରିବା ଢଙ୍ଗ ପ୍ରାୟ ନଥିଲା ।

୩ । କବିତ୍ୱରେ ସ୍ୱାଭାବିକ ସ୍ଫୂର୍ତ୍ତି ଥିଲା ।

୪ । ସଂସ୍କୃତ ଆଲଙ୍କାରିକ ଗ୍ରନ୍ଥମାନଙ୍କର ପ୍ରଭାବ ସେତେ ଦେଖାଯାଏ ନାହିଁ ।

ପଞ୍ଚସଖା ଯୁଗ ବା ଭକ୍ତି ଯୁଗର ଧାରା ସପ୍ତଦଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଚାଲି ଆସିଛି । ପଞ୍ଚସଖାଙ୍କ ସମୟଠାରୁ ଧନଞ୍ଜୟ ଭଞ୍ଜଙ୍କ ପର୍ଯ୍ୟନ୍ତ ଏହି ପ୍ରାୟ ଦେଢଶହ ବର୍ଷ ଭିତରେ ଭକ୍ତି ଯୁଗର ବିଶେଷ କିଛି ପରିବର୍ତ୍ତନ ଦେଖାଯାଇ ନାହିଁ । ଧନଞ୍ଜୟ ଭଞ୍ଜଙ୍କଠାରୁ ଆରମ୍ଭ କରି ଉପେନ୍ଦ୍ର ଭଞ୍ଜଙ୍କ ପରେ ସାଧାରଣତଃ ୧୮୬୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଏହି ସମୟକୁ ରୀତି ଯୁଗ ବା କାବ୍ୟ ଯୁଗ ବା ଉପେନ୍ଦ୍ର ଭଞ୍ଜ ଯୁଗ ବୋଲାଯାଇପାରେ ।

ଗଜପତି ତେଲଙ୍ଗା ମୁକୁନ୍ଦଦେବ ଖ୍ରୀ: ୧୫୬୮ରେ ବଙ୍ଗ ନବାବଙ୍କ ଦ୍ୱାରା ପରାଜିତ ହେବାପରେ ଓଡ଼ିଶାରେ ସ୍ୱାଧୀନ ହିନ୍ଦୁରାଜ୍ୟର ଅସ୍ତିତ୍ୱ ଲୋପ ହେଲା । ମୁକୁନ୍ଦ ଦେବଙ୍କ ପରେ ଖୋର୍ଦ୍ଧାର ରାଜାହିଁ ନାମମାତ୍ର 'ଓଡ଼ିଶା ରାଜା' ହୋଇ ରହିଲେ । ଏହି ଖୋର୍ଦ୍ଧା ରାଜାମାନଙ୍କର ସାର୍ବଭୌମତ୍ୱ ନଥିଲା । ସମ୍ରାଟ ଆଉରଙ୍ଗଜେବଙ୍କ ଅମଳରେ ଖୋର୍ଦ୍ଧାରେ ଦିବ୍ୟସିଂହ ଦେବ ଖ୍ରୀ: ୧୬୮୮ରୁ ୧୭୧୫ ପର୍ଯ୍ୟନ୍ତ ରାଜା ହୋଇଥିଲେ । ସମ୍ରାଟ ଆଉରଙ୍ଗଜେବ ହିନ୍ଦୁ ମନ୍ଦିର ଧ୍ୱଂସ କରିବା ସଚ୍ଚା ମୁସଲମାନ ଧର୍ମର ଏକ ପ୍ରଧାନ କର୍ତ୍ତବ୍ୟ

ବୋଲି ମନେ କରୁଥିଲେ । ତାଙ୍କର ଆଦେଶ ଅନୁସାରେ ଓଡ଼ିଶାରେ କଟକଠାରୁ ମେଦିନୀପୁର ଭିତରେ ବହୁ ଦେବ ମନ୍ଦିର ଧ୍ୱଂସକରି ଦିଆଯାଇଥିଲା ଏବଂ ଅନେକ ମନ୍ଦିର ସ୍ଥାନରେ ମସଜିଦ ନିର୍ମିତ ହୋଇଥିଲା । ପୁରୀର ବିଖ୍ୟାତ ଜଗନ୍ନାଥ ମନ୍ଦିରକୁ ଧ୍ୱଂସ କରିବା ପାଇଁ କଟକର ମୁସଲମାନ ଶାସକମାନେ ତତ୍ପର ଥିଲେ । ସମସ୍ତ ସୁବିଧା ଦେଖି ଆକ୍ରମଣ ମଧ୍ୟ କରୁଥିଲେ । ଦିବ୍ୟସିଂହ ଦେବଙ୍କ ସମୟରେ ସମ୍ରାଟ ଆଉରଙ୍ଗଜେବ ଥରେ ବିଜାପୁରରୁ ଜଗନ୍ନାଥ ମନ୍ଦିର ଧ୍ୱଂସ କରିବାକୁ ଆଦେଶ ଦେଇଥିଲେ । ଖ୍ରୀ: ୧୬୯୭ ରେ କଟକର ମୁସଲମାନ ସୁବେଦାର ଏକରାମ୍ ଖାଁ ପୁରୀମନ୍ଦିର ଆକ୍ରମଣ କରି ବହୁ ସମ୍ପତ୍ତି ମନ୍ଦିରରୁ ନେଇଯାଇଥିଲେ । ଜଗନ୍ନାଥଙ୍କ ମୂର୍ତ୍ତିକୁ ମଧ୍ୟ ନେଇଯାଇଥିବାର ଜଣାଯାଏ । ରାଜା ଦିବ୍ୟସିଂହ ଦେବଙ୍କୁ ମଧ୍ୟ ଧରିବା ପାଇଁ ଏକରାମ୍ ଖାଁ ଉଦ୍ୟମ କରିଥିଲେ; କିନ୍ତୁ ରାଜା ସହର ଭିତରେ ଲୁଚି ରହିବାରୁ ଧରିପାରିଲେ ନାହିଁ । ଚକଡ଼ା ପୋଥିରେ ଏହି ପ୍ରସଙ୍ଗଟି ଏପରିଭାବରେ ବର୍ଣ୍ଣିତ ହୋଇଛି ।

ଖୋର୍ଦ୍ଧାରାଜା ମୁକୁନ୍ଦ ଦେବ (୨ୟ) ୨୮ ଅଙ୍କ ଭୋଗକରି ମୃତ୍ୟୁବରଣ କରିବାରୁ ତାଙ୍କ ପୁତ୍ର କେନା ଦିବ୍ୟସିଂହ ଦେବ ଖ୍ରୀ: ୧୬୯୨ରେ ରାଜା ହେଲେ । ରଥିପୁର (କଟଣୀ ନିକଟସ୍ଥ) ରାଜଧାନୀ ହୋଇଥିଲା । ଖୋର୍ଦ୍ଧା ଜଗନ୍ନାଥପୁରରେ ଥିବା ପୁରୁଣା ନଅରରେ ଯାଇ ରହିଲେ । ତୃତୀୟ ଅଙ୍କରେ ( ବା ଖ୍ରୀ: ୧୬୯୩ରେ ) ଦିବ୍ୟସିଂହ ଦେବ ଘୁମୁସର ରାଜା କବି ଧନଞ୍ଜୟ ଭଞ୍ଜଙ୍କ ଦୁହିତାଙ୍କୁ ବିବାହ କଲେ । ଦିବ୍ୟସିଂହ ଦେବଙ୍କ ସପ୍ତମ ଅଙ୍କ (ବା ଖ୍ରୀ: ୧୬୯୭ ରେ) "ବୃଷଭ ଦି ୧୭ନ ଗୁରୁବାରେ ସୁବାଦାର ଏକରାମ ଖାଁଙ୍କ ଦୁଇ ଭାଇ ଜମାଲ ଓ ଅବଦୁଲ ଖାଁ ଦୁଇଜଣ ପାଦ-ଶାହାଙ୍କ ହଜୁରରୁ ଆସି ରଜାଙ୍କୁ ସଙ୍ଗେ ଘେନି ପୁରୁଷୋତ୍ତମ ପଇଠ ହୋଇଲେ । ଦେଉଳ ମୁଖଶାଳୀ ଭଙ୍ଗାଇ ସିଂହଦ୍ୱାର ମୁଦାଇଲେ । ପରମେଶ୍ୱରଙ୍କ ସ୍ୱରୂପେ ଛଳମୂର୍ତ୍ତି ଗଢ଼ାଇଲେ । ବଳଭଦ୍ର ସୁଭଦ୍ରଙ୍କୁ କୋକୋଲି ବସାଇଲେ, ଜଗନ୍ତ ମୂର୍ତ୍ତି ଜମାଇଲେକୁ ସମର୍ପି ଦେଲେ । ସେ ଜମ ପଉଷ୍ଟରେ ବାନ୍ଧି ଶାସ୍ତରେ ପକାଇ କଟକ ନେଇ ପାଦଶାହାଙ୍କ

ହିଜୁରିକୁ ପଠାଇ ଦେଲେ । ପରମେଶ୍ୱରଙ୍କୁ ବିମଳାକ୍ଷୀଙ୍କ ବେଢ଼ା ପଶ୍ଚିମେ ରଖିଦେଲେ । ସିଂହ ଦ୍ୱାରେ ବିଜେ କରାଇ ଦକ୍ଷିଣଦ୍ୱାର ତୋଳି ଭିତାକୁ ବାଟେ ଯାଇ ପୂଜା କଲେ ।”

“ଛତିଶା ନିଯୋଗ ବାହାର ଭୋଗ ମନା କଲେ । ନିଯୋଗ ବ୍ରାହ୍ମଣ ସତର ଜଣ ଗଣିତ କରି ଛାଡ଼ିଲେ । ନିତ୍ୟ ସତକାହାଣ ଭୋଗ ହୋଇ ସେମାନେ ଖାଉନ୍ତି । ବାହାରକୁ ମହାପ୍ରସାଦ ନ ଆଣନ୍ତି । ଏ ରୂପ ହୋଇଥିଲା । ପାଦଶାହଙ୍କଠାରେ ଓ୍ୟାକାବ୍ ହୋଇଲା । ଏକ୍ରାମ ଖାଁ ତଗିର ହୋଇ ସବୁ ନାମଦାର ଖାଁ ଆସିଲେ । ପାତ୍ର ବିଦ୍ୟାଧର ମହାପାତ୍ରେ ଚିକାକୋଲଠାରେ ଭେଟି ଦେଇ ଆସିଲେ । ମାଣିକ ପାଟଣା ବନ୍ଦରଠାରେ ରଜା ଭେଟି ଓ ପୁରୁଷୋତ୍ତମ ବାଟେ ରଥିପୁର ଅଧି ଛତିଶି ହଜାର ଟଙ୍କାର କିନପ ଦେଲାରେ ଦେଇ କଟକ ପହଞ୍ଚାଇଲାରୁ ରାଜାଙ୍କର ନବାବଙ୍କର ବଡ଼ ସୁଖ ହୋଇଲା । ଏହା ଦେଖି କପିଲ ଭ୍ରମରବରେ ପାଦଶାଙ୍କ ହଜୁରକୁ ଗଲେ । × ×”

( ଚକଡ଼ା ପୋଥି—ପୃ: ୬୦ )

ଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ କରି ବହୁ କ୍ଷତି କରିଥିବା ବିଷୟ ମାଦଳାପାଞ୍ଜି ଆଦି ଅନ୍ୟ ଉପାଦାନରୁ ମଧ୍ୟ ସମର୍ଥିତ ହୋଇଛି । ଦିବ୍ୟସିଂହ ଦେବ ଜଗନ୍ନାଥ ମନ୍ଦିରର ରକ୍ଷାର୍ଥେ ବହୁ ଉଦ୍ୟମ କରିଥିବାରୁ ପୁରୁଷୋତ୍ତମ କ୍ଷେତ୍ରବାସୀ କବି ଓ ସାଧକମାନେ ତାଙ୍କୁ ବିଶେଷ ଶ୍ରଦ୍ଧା ଓ ଭକ୍ତି କରୁଥିବା ସ୍ୱାଭାବିକ । ଜଗନ୍ନାଥଙ୍କ ମହିମାର ପୁନରୁଦ୍ଧାର ପାଇଁ କବି ଓ ସାଧକମାନେ ରଜାଙ୍କ ଦ୍ୱାରା ଉତ୍ସାହିତ ହୋଇଥିଲେ ଏବଂ ଜଗନ୍ନାଥଙ୍କ ମହିମା ବର୍ଣ୍ଣନା କରି କେତେଗୁଡ଼ିଏ କାବ୍ୟ ମଧ୍ୟ ରଚିତ ହୋଇଥିଲା । ଦୀନକୃଷ୍ଣ ଦାସଙ୍କ ଜଗମୋହନ ଛାନ୍ଦ କାବ୍ୟ ଓ ଲୋକନାଥ ବିଦ୍ୟାଧରଙ୍କ ‘ନୀଳାଦ୍ରି ମହୋତ୍ସବ’ କାବ୍ୟ ଏହାର ପ୍ରମାଣ ।

ଏକ୍ରାମ ଖାଁଙ୍କ ପରେ ସୁଜାଉଦ୍ଦିନ୍ ମହମ୍ମଦ ଖାଁ ସୁବେଦାର ହୋଇ ଆସିଲେ । ତାଙ୍କ ଅମଳରେ ଓଡ଼ିଶାରେ ବନ୍ଦୋବସ୍ତ ହେଲା । ଓଡ଼ିଶାର କେତେକ ଜମିଦାର ଏହି ବନ୍ଦୋବସ୍ତରେ ଅସନ୍ତୁଷ୍ଟ ହୋଇ ଖଜଣାବନ୍ଦ

ଆନ୍ଦୋଳନ ଆରମ୍ଭ କଲେ । ଦିବ୍ୟସିଂହ ଦେବ ସେଥିରେ ନେତୃତ୍ୱ ନେଲେ । ସେତେବେଳକୁ ଆଲିବର୍ଦ୍ଦି ଖାଁ କଟକରେ ଜଣେ କର୍ମଚାରୀ ଥିଲେ । ବିଦ୍ରୋହୀ ଜମିଦାରମାନଙ୍କୁ ସେ ଜବତ୍ କଲେ । ସୁଜାଉଦ୍ଦିନ ପୁରୀମନ୍ଦିର ଅଙ୍ଗମର୍ଦ୍ଦନ କରି ସିଂହଦ୍ୱାର ନଷ୍ଟ କରିଦେଲେ ଏବଂ ଅନ୍ୟାନ୍ୟ କ୍ଷତି ମଧ୍ୟ କଲେ । ଦିବ୍ୟସିଂହ ଦେବଙ୍କର ମଧ୍ୟ ବହୁତ କ୍ଷତି ହେଲା ।

ମୁସଲମାନମାନଙ୍କ ରାଜତ୍ୱରେ ଦିବ୍ୟସିଂହଙ୍କ ସମୟରେ ଉତ୍ତର ଓଡ଼ିଶାରେ ଲୋକେ ଅଶାନ୍ତିରେ ଥିଲେ । ଖୋର୍ଦ୍ଧା ରାଜାଙ୍କ ଉପରେ ମୁସଲମାନ ଶାସକମାନଙ୍କର ବିଷଦୃଷ୍ଟି ପଡ଼ିଥିବାରୁ ଖୋର୍ଦ୍ଧା ଓ ପୁରୀରେ ସବୁବେଳେ ଲୋକେ ଶଙ୍କାମନରେ ଜୀବନଯାପନ କରୁଥିଲେ । ଦକ୍ଷିଣ ଓଡ଼ିଶାରେ ମଧ୍ୟ ବରାବର ଅଶାନ୍ତି ଲାଗି ରହିଥିଲା । ଏତେ ଅଶାନ୍ତି ଭିତରେ ଏହି ସମୟରେ ଯେ କେତେ ଜଣ ସାହିତ୍ୟରଥୀ ଅମୂଲ୍ୟ ରତ୍ନ ଦାନ କରିଯାଇଛନ୍ତି ତାହାହିଁ ଆଶ୍ଚର୍ଯ୍ୟର କଥା । ଏହା ଛଡ଼ା ଦିବ୍ୟସିଂହ ଦେବଙ୍କ ସାହିତ୍ୟପ୍ରେମ ଓଡ଼ିଶା ସାହିତ୍ୟ ଭଣ୍ଡାରରେ ବହୁତ ଅମୂଲ୍ୟ ମଣି ରଖିପାରିଥିଲା । ସବୁବେଳେ ବିପନ୍ନ ଥାଇ ମଧ୍ୟ ସାହିତ୍ୟ ସାଧନା ଦିଗରେ ଦିବ୍ୟସିଂହ ଦେବ ଯେଉଁ ଉତ୍ସାହ ଦେଖାଇ ଯାଇଛନ୍ତି ତାହା ଅନନ୍ୟସାଧାରଣ । ତାଙ୍କ ଅମଳରେ ଭୂପତି ପଣ୍ଡିତ, ଦୀନକୃଷ୍ଣ ଦାସ, ଲୋକନାଥ ବିଦ୍ୟାଧର, ଉପେନ୍ଦ୍ର ଭଞ୍ଜ ଉତ୍କଳ ସାହିତ୍ୟଭଣ୍ଡାରକୁ ବହୁମୂଲ୍ୟ ରତ୍ନ ଦାନ କରିଯାଇଛନ୍ତି । ଏମାନେ ସମସ୍ତେ ଦିବ୍ୟସିଂହ ଦେବଙ୍କଠାରେ ଋଣୀ । ଦିବ୍ୟସିଂହଙ୍କ ପ୍ରରୋଚନା, ଉତ୍ସାହ ଓ ସହାନୁଭୂତି ଏ କବିମାନଙ୍କୁ ବହୁତ ସାହାଯ୍ୟ କରିଛି । ଭୂପତି ପଣ୍ଡିତ ଓ ଲୋକନାଥ ଦିବ୍ୟସିଂହଙ୍କ ପ୍ରରୋଚନାରେ କାବ୍ୟ ରଚନା କରିଛନ୍ତି । ଦୀନକୃଷ୍ଣ ମଧ୍ୟ ବହୁ ପରିମାଣରେ ଉତ୍ସାହିତ ହୋଇଛନ୍ତି । ଉପେନ୍ଦ୍ର ଭଞ୍ଜ ପୁରୀରେ କିଛିକାଳ ଅବସ୍ଥାନ କରି ସାହିତ୍ୟପ୍ରେମୀ ଦିବ୍ୟସିଂହଙ୍କ ଦ୍ୱାରା ନାନା ଭାବରେ ଉତ୍ସାହିତ ହୋଇଛନ୍ତି ।

ଦିବ୍ୟସିଂହଙ୍କ ଦରବାରରେ ବହୁ ସଭାପଣ୍ଡିତ ଓ କବି ଥିଲେ । ନିଜେ ରାଜା ସାହିତ୍ୟରସିକ ଥିବା ଯୋଗୁଁ କବି ଓ ପଣ୍ଡିତମାନଙ୍କୁ ଧରି ସଭା

ବସାଇଥିଲେ । ବହୁ ବିଷୟ ଚର୍ଚ୍ଚା ସେଠାରେ ହେଉଥିଲା । କବିମାନଙ୍କ ଭିତରେ ପ୍ରତିଯୋଗିତା ହେଉଥିଲା । ନୂତନ ନୂତନ ବିଷୟରେ କାବ୍ୟକବିତା ଲେଖିବା ପାଇଁ ରାଜା କବିମାନଙ୍କୁ ଉତ୍ସାହ ଦେଉଥିଲେ । କବିମାନଙ୍କର ଜୀବିକାନିର୍ବାହ ଯେପରି କଷ୍ଟକର ନ ହୁଏ ସେଥିପାଇଁ ରାଜା ସେମାନଙ୍କୁ ଧନରତ୍ନ ଦେଉଥିଲେ । 'ନକଲି' କବିମାନଙ୍କ ପ୍ରତି ରାଜା ଓ ସଭା ପଣ୍ଡିତମାନଙ୍କର ତୀବ୍ର ଦୃଷ୍ଟି ଥିଲା । ପ୍ରକୃତ କବିତ୍ୱର ପରିଚୟ ପାଇଲେ ରାଜା ଆଦର କରିବାକୁ ପରାଙ୍ମୁଖ ହେଉନଥିଲେ । ଈର୍ଷାପରାୟଣ କେତେକ ସଭା ପଣ୍ଡିତଙ୍କ କୁପରାମର୍ଶରେ ଦିବ୍ୟସିଂହ ଦେବ ଭୂପତି ଓ ଦୀନକୃଷ୍ଣଙ୍କୁ ବହୁ ପରୀକ୍ଷା କରିଥିଲେ ଏବଂ କବି ଦୁହିଁଙ୍କୁ ନିର୍ଯାତନା ମଧ୍ୟ ସହ୍ୟ କରିବାକୁ ପଡ଼ିଥିଲା । କିନ୍ତୁ ଦିବ୍ୟସିଂହ ଏମାନଙ୍କଠାରେ ପାଣ୍ଡିତ୍ୟ ସ୍ୱୀକାର କରି ଗୁଣର ଆଦର କରିଛନ୍ତି ।

ଦିବ୍ୟସିଂହ କବିମାନଙ୍କୁ ଗ୍ରନ୍ଥରଚନା କରିବା ପାଇଁ ଉତ୍ସାହ ଦେବା ସଙ୍ଗେ ସଙ୍ଗେ ନିଜର ନାମକୁ ଅମର କରିବା ଉଦ୍ଦେଶ୍ୟରେ କବିମାନଙ୍କ ରଚନାକୁ ତାଙ୍କର ନାମରେ ଭଣିତା କରିବା ପାଇଁ ପ୍ରବର୍ତ୍ତାଇ ଥିଲେ । ଆମ ଦେଶରେ ପ୍ରାଚୀନ କବିମାନେ ନିଜର ପୃଷ୍ଠପୋଷକମାନଙ୍କ ନାମରେ ବହୁ କାବ୍ୟକବିତା ଲେଖିଥିବାର ଦୃଷ୍ଟାନ୍ତ ମିଳେ । ଓଡ଼ିଆ ସାହିତ୍ୟରେ ଲୋକନାଥ ବିଦ୍ୟାଧର ଓ କବିସୂର୍ଯ୍ୟ ବଳଦେବ ରଥ ଏହାର ପ୍ରକୃଷ୍ଟ ନିଦର୍ଶନ । ଲୋକନାଥ ବିଦ୍ୟାଧର 'ନୀଳାଦ୍ରିମହୋତ୍ସବ' କାବ୍ୟରେ ବହୁତ ସ୍ଥାନରେ ଦିବ୍ୟସିଂହ ଦେବଙ୍କ ନାମରେ ଭଣିତା କରିଛନ୍ତି । ବଳଦେବ ରଥ ଅଷ୍ଟଦୁର୍ଗାଧିରାଜଙ୍କ ନାମରେ କିଶୋରଚନ୍ଦ୍ରାନନ୍ଦ ଚମ୍ପୂର ଗୀତ ଓ ଅନ୍ୟାନ୍ୟ ବହୁ କବିତା ଭଣିତା କରିଛନ୍ତି । ଦୀନକୃଷ୍ଣ ଦିବ୍ୟସିଂହଙ୍କ ନାମରେ ଭଣିତାକରି କବିତା ରଚନା କରିବାକୁ ଅନିଚ୍ଛୁକ ହେବାରୁ ଦିବ୍ୟସିଂହ କବିଙ୍କୁ ବହୁ ନିର୍ଯାତନା ଦେଇଥିବା କଥା ରାମଦାସ 'ଦାର୍ଢ୍ୟତାଭକ୍ତି'ରେ ଲେଖିଛନ୍ତି । ଲୋକନାଥ ବିଦ୍ୟାଧର 'ନୀଳାଦ୍ରିମହୋତ୍ସବ' କାବ୍ୟରେ ନିଜ ନାମରେ ଭଣିତା ଗ୍ରନ୍ଥ ଶେଷରେ ଦେଇଛନ୍ତି ଏବଂ ବହୁ ସ୍ଥାନରେ ଦିବ୍ୟସିଂହ ଦେବଙ୍କ ନାମ

ମଧ୍ୟ ଲେଖିଛନ୍ତି । ଦିବ୍ୟସିଂହ ଦେବଙ୍କ ଅନୁଜ୍ଞାରେ ଏହି ଗ୍ରନ୍ଥ ସେ ରଚନା କରିଥିବା ମଧ୍ୟ ବ୍ୟକ୍ତ କରିଛନ୍ତି ।

(୧) ଆଜ୍ଞାବିଖ୍ୟାତ ଶ୍ରୀ ଦିବ୍ୟସିଂହ ନୃପତି, ପରିପନ୍ଥୀଗ ସୁପର୍ଣ୍ଣ ତାର ସମ୍ମତି ।
ରମାରମଣ ବେଦଚରଣ ନଳିନ, ଲୋକନାଥ ବିଦ୍ୟାଧର ମନ ଅଳିନ ।
(୧ମ ଛା: ୭୭-୭୮)

(୨) ଗଜପତି ଶ୍ରୀ ଦିବ୍ୟସିଂହ ଦେବ ମହା ମହିମ,
ଛବି ସୁନ୍ଦର ଦାନୀ ଧୀର ନାହିଁ ମହୀରେ ସମ ।
ପାଞ୍ଚାଳବନ୍ଧେ ଏ ହୋଇଛି କାବ୍ୟ ଲକ୍ଷଣ ମିଶି,
ଲୋକନାଥ ବିଦ୍ୟାଧର ଏ ରସବାଣୀ ପ୍ରକାଶି ।୯୯।

(୩) ପରିପନ୍ଥିଭଙ୍ଗପାବକ ଦିବ୍ୟସିଂହ ଦେବ,
ଜଗି ଶେଷ କଲେ ଗ୍ରାବ ସେ ଯାତ୍ରା ଉତ୍ସବ ।
ତାଙ୍କ ଅନୁଜ୍ଞାରେ ଲୋକନାଥ ବିଦ୍ୟାଧର,
ଏ ଗୀତ ରଚନା କଲେ ଶୁଣ ସାଧୁ ନର । (୧୧ଶ ଛାନ୍ଦ)

ପଞ୍ଚମ, ଷଷ୍ଠ, ସପ୍ତମ, ଅଷ୍ଟମ ଓ ତ୍ରୟୋଦଶ ପ୍ରଭୃତି କେତୋଟି ଛାନ୍ଦ ଦିବ୍ୟସିଂହ ଦେବଙ୍କ ନାମରେ ଭଣିତା ଅଛି । ଲୋକନାଥଙ୍କ ନାମ ନାହିଁ ।

ଓଡ଼ିଶାର ସ୍ୱାଧୀନତା ଲୋପ ପାଇଲା ପରେ ଉତ୍ତର ଓଡ଼ିଶା, ଦକ୍ଷିଣ ଓଡ଼ିଶା, ପଶ୍ଚିମ ଓଡ଼ିଶା ସବୁ ମିଶି ମୁସଲମାନ ଶାସକମାନଙ୍କ ଅଧୀନରେ ରହିଲା । ଓଡ଼ିଶାରେ ସବୁବେଳେ ଅଶାନ୍ତି ଲାଗି ରହିଥିଲା । ମୁସଲମାନ ଶାସକମାନେ ସାହିତ୍ୟର ଉନ୍ନତି ଦିଗରେ ଆଦୌ ଦୃଷ୍ଟି ଦେଇ ନାହାନ୍ତି । ଦେଶର ସାମନ୍ତ ରାଜା ଓ ଜମିଦାରମାନେ କବିମାନଙ୍କୁ ନାନାଭାବରେ ଉତ୍ସାହିତ କରି ସାହିତ୍ୟର ଧାରାକୁ ବଞ୍ଚାଇ ରଖିଥିଲେ । ପୂର୍ବର ଧାର୍ମିକ ଚିନ୍ତାଧାରାର ସ୍ୱାଭାବିକ ପରିବର୍ତ୍ତନ ଦେଖା ଯାଇଥିଲା । ଲୋକେ ଲୌକିକ ବିଷୟର ଚର୍ଚ୍ଚା ପ୍ରତି ଆଗ୍ରହ ଦେଖାଇଥିଲେ । ପୂର୍ବଭାଷାର ସରଳତାର ପ୍ରତିକ୍ରିୟାସ୍ୱରୂପ ଶବ୍ଦାଡ଼ମ୍ବରର ପ୍ରକାଶ ମଧ୍ୟ ହୋଇଥିଲା ।

ଏ ଯୁଗରେ ନିମ୍ନଲିଖିତ ବିଶେଷ ଲକ୍ଷଣ ଦେଖାଯାଏ—

୧ । ଆକାର ବା ରୂପରେଖ ପ୍ରାୟ ଏକ ଧରଣର ।

୨ । ଚରିତ୍ରାଧାରର ରୂପରେଖ ମଧ୍ୟ ଏକ ଧରାବନ୍ଧା ଗାତର ।

୩ । ଅଲଙ୍କାରପ୍ରିୟତା ।

୪ । ଶବ୍ଦାଡ଼ମ୍ବରର ବହୁଳତା ।

୫ । ଲୌକିକ, ସାମାଜିକ ବିଷୟବସ୍ତୁ ପ୍ରତି ଆଦର ।

୬ । ପ୍ରାଚୀନ ସଂସ୍କୃତ ସାହିତ୍ୟର ରୀତି ନୀତିକୁ ଓଡ଼ିଆ ସାହିତ୍ୟରେ ରୂପରେଖ ଦେବାର ପ୍ରୟାସ ।

୭ । ଏ ଯୁଗରେ ଧାର୍ମିକ ବିଷୟବସ୍ତୁକୁ ଅବଲମ୍ବନ କରି ଯେଉଁସବୁ କାବ୍ୟ ବା କବିତା ଲେଖା ଯାଇଥିଲା, ସେଥିରେ ଭକ୍ତିଭାବ ଅପେକ୍ଷା କବିତ୍ୱର ପ୍ରାଧାନ୍ୟ ବେଶି ଥିଲା । ରାଧା, କୃଷ୍ଣ ପ୍ରଭୃତି କବିତାର ଆଲମ୍ବନ ମାତ୍ର ହେଲେ ।

'ଚକଡ଼ା ପୋଥି'ରୁ ଜଣାପଡ଼ୁଛି ଦିବ୍ୟସିଂହଦେବଙ୍କ ପାଟରାଣୀ ଘୁମୁସର ରାଜା ଧନଞ୍ଜୟ ଭଞ୍ଜଙ୍କ କନ୍ୟା । ଧନଞ୍ଜୟ ନିଜେ କବି ଓ କବିଙ୍କ ପୃଷ୍ଠପୋଷକ ଥିଲେ । ଦିବ୍ୟସିଂହ ମଧ୍ୟ କବିଙ୍କ ପୃଷ୍ଠପୋଷକ ଥିଲେ । ଦିବ୍ୟସିଂହ ଦେବଙ୍କ ବିବାହ ସମୟକୁ ଧନଞ୍ଜୟଙ୍କ ପ୍ରାୟ ଅଶିବର୍ଷ ବୟସ ହେବ । ସେତେବେଳକୁ ସେ ତାଙ୍କର ବହୁ କାବ୍ୟ ରଚନା କରିସାରିଥିଲେ ବୋଲି ଅନୁମାନ କରିବା ସ୍ୱାଭାବିକ । ଦିବ୍ୟସିଂହ ଶ୍ୱଶୁରଙ୍କ ପ୍ରେରଣାରେ କବିମାନଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ନିଜେ କବି ହେବା ପାଇଁ ଲାଳାୟିତ ହୋଇଥିବା ସମ୍ଭବ ।

ସେ ସମୟରେ ଘୁମୁସର ରାଜସଭା, ଖେଞ୍ଚି ରାଜସଭା, ପାରଳାଖେମୁଣ୍ଡି ରାଜସଭା, ବଡ଼ଖେମୁଣ୍ଡି ରାଜସଭା ସଂସ୍କୃତ ଓ ଓଡ଼ିଆ ଭାଷାରେ ବିବିଧ ଗ୍ରନ୍ଥ ରଚନା ପାଇଁ ଉତ୍ସାହିତ କରୁଥିବାରୁ ସେ ସମୟର ଓଡ଼ିଶାର ସାହିତ୍ୟିକ ଅଭିବୃଦ୍ଧି ଶୀର୍ଷସ୍ଥାନ ଅଧିକାର କରିଥିଲା ।

ଏହି ସମୟର କବିମାନଙ୍କର ପଥପ୍ରଦର୍ଶକ ହେଉଛନ୍ତି ଧନଞ୍ଜୟ ଏବଂ ଆଦର୍ଶ ହେଉଛନ୍ତି ଉପେନ୍ଦ୍ର । ରୀତିକାବ୍ୟର କବିମାନଙ୍କ ଭିତରେ ଉପେନ୍ଦ୍ର-

ଭକ୍ତ କବିରାଜଚକ୍ରବର୍ତ୍ତୀ । ଧନଞ୍ଜୟ ଓ ଉପେନ୍ଦ୍ର ଯୁଗକୁ ରୀତିଯୁଗ ବା କାବ୍ୟଯୁଗ କହିବା ସମୀଚୀନ ହେବ ।

ପ୍ରକୃତରେ ଉପେନ୍ଦ୍ରଯୁଗ ବା ରୀତିଯୁଗ ବା କାବ୍ୟଯୁଗର ଧାରା ଧନଞ୍ଜୟଙ୍କଠାରୁ ଆରମ୍ଭ ହୋଇ ଇଂରେଜ ରାଜତ୍ୱର ପ୍ରଥମାଂଶ ବା ଖ୍ରୀ: ୧୮୭୦ ପର୍ଯ୍ୟନ୍ତ ପ୍ରବାହିତ ହେଉଥିଲା ।

ସୂର୍ଯ୍ୟବଂଶ ଯୁଗରେ କାବ୍ୟ ଓ ପଦାବଳୀର ସଂଖ୍ୟା ବେଶି ନଥିଲା । ପୁରାଣହିଁ ପ୍ରଧାନ ଅଂଗ ହୋଇ ଦେଖା ଦେଇଥିବାରୁ ଏହି ଯୁଗକୁ ପୁରାଣ ଯୁଗ ନାମରେ ମଧ୍ୟ ଅଭିହିତ କରାଯାଇଥାଏ । ପୁରାଣ, ତତ୍ତ୍ୱଗୀତା ଓ ଜଣାଣ ପଦ୍ୟାବଳୀ ଏହି ଯୁଗର ବିଶେଷତ୍ୱ ।

ଏ ଯୁଗର କାବ୍ୟଗୁଡ଼ିକର ଭାଷା ଓ ଭାବ ସରଳ, ସହଜବୋଧଗମ୍ୟ ଓ ନୈସର୍ଗିକ ଶୋଭାରେ ମଣ୍ଡିତ । କ୍ଳିଷ୍ଟ କଳ୍ପନା, କ୍ଳିଷ୍ଟ ଶବ୍ଦାଡମ୍ବର ଓ ବିବିଧ ଅଳଙ୍କାରରେ ମଣ୍ଡିତ ହୋଇ ନଥିବାରୁ କାବ୍ୟଗୁଡ଼ିକ ଅଯଥା ଭାରାକ୍ରାନ୍ତ ହୋଇ କ୍ଳାନ୍ତିକର ହୋଇନାହିଁ, ଭାବ ହୃଦୟଙ୍ଗମ କରିବାରେ କୃତ୍ରିମ ବାଧା ସୃଷ୍ଟି ହୋଇନାହିଁ ।

ଚୈତନ୍ୟଦେବଙ୍କ ଓଡ଼ିଶା ଆଗମନ ପୂର୍ବରୁ ଓ ପରେ ଓଡ଼ିଶାରେ ଯେଉଁ ଧାର୍ମିକ ଚେତନାର ପ୍ରବାହ ଦେଶକୁ ପ୍ଳାବିତ କରିଥିଲା ତାହାର ପ୍ରଭାବ ଧନଞ୍ଜୟ ଭଞ୍ଜଙ୍କ ଆବିର୍ଭାବର ଅବ୍ୟବହିତ ପୂର୍ବ ପର୍ଯ୍ୟନ୍ତ ଦୃଷ୍ଟିଗୋଚର ହୁଏ ।

ଧନଞ୍ଜୟଙ୍କ ଆବିର୍ଭାବ ସମୟର ଅବ୍ୟବହିତ ପୂର୍ବରୁ ତତ୍ତ୍ୱସମ୍ବନ୍ଧୀୟ 'ଗୀତା' ଶାସ୍ତ୍ରର ସଂଖ୍ୟା ବହୁତ ଦେଖାଯାଏ । ସରଳ ଭାଷାରେ ଗୂଢ଼ତତ୍ତ୍ୱକୁ ଅଳ୍ପ ପଦ ବ୍ୟବହାର କରି ବୁଝାଇବା ଶକ୍ତି ଏ ଯୁଗର କବିମାନଙ୍କର ଯଥେଷ୍ଟ ଥିଲା ।

କାଳ୍ପନିକ କାବ୍ୟ ରଚନା ବେଶି ଦୂର ଅଗ୍ରସର ହୋଇପାରିନଥିଲେ ମଧ୍ୟ କ୍ରମେ ଏହାର ଆଦର ବୃଦ୍ଧି ପାଇଥିଲା । ଓଡ଼ିଆ ଭାଷାର ପୂର୍ଣ୍ଣପ୍ରକାଶ ଶକ୍ତି, ସଂସ୍କୃତ ସାହିତ୍ୟର ସମକକ୍ଷ କୃତି ଓଡ଼ିଆରେ ପ୍ରକାଶ ପାଇବାରୁ ଦେଶବାସୀଙ୍କ

ପ୍ରାଣରେ ଦେଶାତ୍ମବୋଧର ଗୌରବ ଭୃତି ବିଶେଷ ଆଗ୍ରହ ପ୍ରକାଶ ପାଇବା ଦେଖାଯାଇଥିଲା ।

ଧନଞ୍ଜୟଙ୍କ ସମୟରୁ ଓ ତାହାପରେ ପରାଧୀନ ଓଡ଼ିଶାରେ ଜାତିର ସ୍ୱଚେଷ୍ଟା ବଳରେ ଯେଉଁ ଅଭୂତପୂର୍ବ ସାହିତ୍ୟିକ ଅଭ୍ୟୁଦୟ ଦେଖାଦେଇ ତାହା କାବ୍ୟ କବିତା ରଚନାରେ ବିଶେଷ ଭାବରେ ପର୍ଯ୍ୟବସିତ ହେଲେ ମଧ୍ୟ ପଦପଦାବଳୀ, ଗଦ୍ୟ ପ୍ରଭୃତି କ୍ଷେତ୍ରରେ ଉନ୍ନତି ନଗଣ୍ୟ ନୁହେଁ । ଗଦ୍ୟ, ପଦାବଳୀ ସାହିତ୍ୟରେ ଧନଞ୍ଜୟ, ଦୀନକୃଷ୍ଣ, ଲୋକନାଥ, ଉପେନ୍ଦ୍ର ପ୍ରଭୃତି ଖ୍ୟାତ କବିମାନେ ଓଡ଼ିଆ କାବ୍ୟ-ରଚନାରେ ଅନନ୍ୟସାଧାରଣ ପ୍ରତିଭା ପ୍ରକାଶ କରିଛନ୍ତି । 'ଧର୍ମକ' ବିଷୟବସ୍ତୁ, ତତ୍ତ୍ୱବୋଧ ପ୍ରସଙ୍ଗ ମଧ୍ୟ ଅଳଙ୍କାର ବିମଣ୍ଡିତ କାବ୍ୟସରଣୀର ଆଶ୍ରୟ ନେଇଥିଲା । ଧନଞ୍ଜୟଙ୍କ ରଘୁନାଥ ବିଳାସ, ଉପେନ୍ଦ୍ରଙ୍କ ବୈଦେହୀଶବିଳାସ, ଦୀନକୃଷ୍ଣଙ୍କ ରସକଲ୍ଲୋଳ, ଲୋକନାଥଙ୍କ ବ୍ରଜବିହାର ଏହାର ଉଦାହରଣ ।

କାଳ୍ପନିକ ଅଳଙ୍କାର ବିମଣ୍ଡିତ କାବ୍ୟ, ବିଭିନ୍ନ ଶ୍ରେଣୀର ପଦାବଳୀ, ଗୀତ ପ୍ରଭୃତିରେ ପ୍ରତି ଲୋକଙ୍କର ଆଦର ସାମାଜିକ ଉଚ୍ଚ ଶିକ୍ଷାର ପ୍ରମାଣ ଦିଏ ।

ଧନଞ୍ଜୟଯୁଗ, ତାପରେ ଉପେନ୍ଦ୍ର ଯୁଗରେ ବହୁ ଅଳଙ୍କାର ବିମଣ୍ଡିତ କ୍ଲିଷ୍ଟ ପଦଯୋଜନା, ଭାବକାନ୍ତ, କ୍ଲିଷ୍ଟକଳ୍ପନା, କାବ୍ୟ-କବିତାମାନଙ୍କ ଭାଷାକୁ ଏକଦେଶୀକାଂଶରେ ନିର୍ଜୀବ କରିଦେଇଥିଲେ ମଧ୍ୟ ବହୁ ଉଚ୍ଚକୋଟୀର କାବ୍ୟ କବିତାର ଭାଷା ସରଳ, ନିରାଡ଼ମ୍ବର ଓ ସଜୀବ ଥିବା ଜଣାଯାଏ ।

ପଣ୍ଡିତ ସମାଜରେ ଶବ୍ଦାଳଙ୍କାରର ସମ୍ମାନ ଥିବାରୁ ରୀତିକାବ୍ୟଗୁଡ଼ିକ କାହ୍ୟ ଦୃଷ୍ଟିରୁ ନିର୍ଜୀବ ଜଣାପଡ଼େ ।

ଭକ୍ତିଲୀଳା ଓ କାଳ୍ପନିକ କାବ୍ୟମାନଙ୍କରେ କଥାବସ୍ତୁ, ବିଷୟଚର୍ଚ୍ଚା ଓ ବର୍ଣ୍ଣନାରେ ପ୍ରାୟ ଏକ ଶୈଳୀ ଗୃହୀତ ହୋଇଥିବାରୁ ଏକାଧିକ କାବ୍ୟପାଠରେ ମନରେ ଆଗ୍ରହ ଜାତ ହୁଏ ନାହିଁ । ତେବେ ପ୍ରତ୍ୟେକ ବିଷୟରେ କବିମାନଙ୍କର ପାଣ୍ଡିତ୍ୟ, ଆତ୍ମବିଶ୍ୱାସ ଓ ନୂତନତ୍ୱ ଦାନ କରିବାରେ ସମର୍ଥ ହୋଇଛି ।

# ଦ୍ୱିତୀୟ ପରିଚ୍ଛେଦ

## ଦୀନକୃଷ୍ଣ ଦାସ

**ଜୀବନୀ**—ଭକ୍ତକବି ମହାକବି ଦୀନକୃଷ୍ଣ ଦାସ ରସବିନୋଦ ଓ ରସକଲ୍ଲୋଳ କାବ୍ୟ ରଚନା କରି ଅମର ହୋଇଛନ୍ତି । ରସକଲ୍ଲୋଳର ଭାବୋଚ୍ଛ୍ୱାସ, କାନ୍ତ ପଦାବଳୀ ଓ ରମଣୀୟ ଚିତ୍ରାଙ୍କନ ଓଡ଼ିଆ ସାହିତ୍ୟରେ ଗ୍ରନ୍ଥଟିକୁ ଶ୍ରେଷ୍ଠ ଶ୍ରେଣୀରେ ସ୍ଥାନର ଅଧିକାରୀ କରିଛନ୍ତି । ରମଣୀୟ କାବ୍ୟ ହିସାବରେ ଦୀନକୃଷ୍ଣଙ୍କ ରସକଲ୍ଲୋଳ, ଉପେନ୍ଦ୍ର ଭଞ୍ଜଙ୍କ କୋଟିବ୍ରହ୍ମାଣ୍ଡସୁନ୍ଦରୀ, ଅଭିମନ୍ୟୁ ସାମନ୍ତସିଂହାରଙ୍କର ବିଦଗ୍ଧଚିନ୍ତାମଣି ତ୍ରିମୂର୍ତ୍ତି ସ୍ୱରୂପ ।

ଦୀନକୃଷ୍ଣ ବାଲ୍ୟାବସ୍ଥାରୁ ସଂକୀର୍ଣ୍ଣ ସାମାଜିକ ପରିବେଷ୍ଟନୀ ମଧ୍ୟରେ ଜୀବନ-ଯାପନ କରି ଅତ୍ୟନ୍ତ ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହୋଇଥିଲେ ମଧ୍ୟ ତାଙ୍କର କବିପ୍ରାଣ ଓ ପ୍ରଗାଢ଼ଭକ୍ତି ତାଙ୍କୁ ସବୁବେଳେ ନିର୍ଭୀକ କରିଛି । ସେ ଭଗବାନଙ୍କ ଉପରେ ପୂର୍ଣ୍ଣଭାବରେ ନିର୍ଭର କରି ସବୁ ଦୁଃଖ କଷ୍ଟକୁ ଅକାତରରେ ସହ୍ୟ କରିଥିଲେ ଏବଂ ଲେଖନୀ ଚାଳନାକୁ ଅପ୍ରତିହତ ରଖି ପାରିଥିଲେ । ଜୀବନର ଘାତପ୍ରତିଘାତ ସହିତ ଦାରିଦ୍ର୍ୟର କଶାଘାତ, ସ୍ୱ-ସମାଜର ଅନାଦର, ରାଜାଙ୍କ ପ୍ରଲୋଭନ ଓ ଦଣ୍ଡ ତାଙ୍କର କବିପ୍ରାଣକୁ କ୍ଷୁଣ୍ଣ କରିପାରି ନାହିଁ । ଏହି କ୍ଷେତ୍ରରେ ତାଙ୍କର ଜୀବନ ସାହିତ୍ୟ କ୍ଷେତ୍ରରେ ଆଦର୍ଶସ୍ଥାନୀୟ ହୋଇ ରହିଛି । ତାଙ୍କର ଅତ୍ୟୁଚ୍ଚ ନିର୍ଭୀକତା ଓ ସାହିତ୍ୟନିଷ୍ଠା ତାଙ୍କର ଲେଖନୀକୁ ସେହି ପରିମାଣରେ ସଫଳ କରିପାରିଛି । 'ରସକଲ୍ଲୋଳ' ଏହାର ଜ୍ୱଳନ୍ତ ନିଦର୍ଶନ ।

ଦୀନକୃଷ୍ଣ ଖୋର୍ଦ୍ଧା ରାଜବଂଶର ରାଜା ଦିବ୍ୟସିଂହଦେବଙ୍କ ସମସାମୟିକ ଥିଲେ । ଦୀନକୃଷ୍ଣ ଏକାଧିକ ସ୍ଥାନରେ ଦିବ୍ୟସିଂହଦେବଙ୍କ ରାଜତ୍ୱର ଅଙ୍କ ଦେଇଛନ୍ତି ଏବଂ ରସବିନୋଦ କାବ୍ୟରେ ଦିବ୍ୟସିଂହଦେବଙ୍କ ପୂର୍ବପୁରୁଷ-ମାନଙ୍କ ନାମ ଓ ରାଜତ୍ୱର ସମୟ ଲେଖିଛନ୍ତି—

(୧) ରାମଚନ୍ଦ୍ର ଦେବ—ରାଜ୍ୟ ଭୋଗ ୩୯ ଅଙ୍କ ବା ୩୨ ବର୍ଷ । ଦିଲ୍ଲୀ ସମ୍ରାଟଙ୍କ ବଙ୍ଗ-ବିହାର-ଓଡ଼ିଶା ସୁବାର ପ୍ରତିନିଧି ମହାରାଜା ମାନସିଂହ ରାମଚନ୍ଦ୍ରଦେବଙ୍କୁ ଖୋର୍ଦ୍ଧାର ରାଜାରୂପେ ସ୍ୱୀକାର କରିଥିଲେ ଏବଂ ପୁରୀର ଜଗନ୍ନାଥ ମନ୍ଦିରର ପରିଚାଳନା ଭାର ତାଙ୍କ ହସ୍ତରେ ଅର୍ପଣ କରିଥିଲେ ।

(୨) ରାମଚନ୍ଦ୍ରଙ୍କ ପୁତ୍ର ରାଜା ପୁରୁଷୋତ୍ତମଦେବ ୨୯ଅଙ୍କ ବା ୨୪ବର୍ଷ ।
(୩) ପୁରୁଷୋତ୍ତମଙ୍କ ପୁତ୍ର ନରସିଂହଦେବ ୩୩ ଅଙ୍କ ବା ୨୭ ବର୍ଷ ।

ନରସିଂହଦେବଙ୍କ ପରେ ତାଙ୍କ ଭାଇ ବଳଭଦ୍ର ରାଜା ହେଲେ ଏବଂ ଏହାଙ୍କ ପରେ ଏହାଙ୍କ ପୁତ୍ର ମୁକୁନ୍ଦଦେବ (୨ୟ) ରାଜା ହେଲେ । ମୁକୁନ୍ଦଦେବଙ୍କ ପରେ ତାଙ୍କ ପୁତ୍ର ଦିବ୍ୟସିଂହଦେବ ରାଜା ହେଲେ ।

ଦୀନକୃଷ୍ଣ ରାମଚନ୍ଦ୍ରଦେବଙ୍କଠାରୁ ନରସିଂହଦେବଙ୍କ ପର୍ଯ୍ୟନ୍ତ କେବଳ ନାମ ଦେଇଛନ୍ତି ଏବଂ ନରସିଂହଙ୍କ ଜୀବନୀର ବିଶେଷ ଘଟଣାଗୁଡ଼ିକ ବର୍ଣ୍ଣନା କରିଛନ୍ତି । କବିଙ୍କ ଗଣନା ଅନୁସାରେ ରାମଚନ୍ଦ୍ର, ପୁରୁଷୋତ୍ତମ, ନରସିଂହ ଏ ତିନି ପାଟ ୧୦୧ ଅଙ୍କ ବା ୮୩ ବର୍ଷ ରାଜତ୍ୱ କରିଥିଲେ । ଖ୍ରୀ: ୧୫୬୮ରୁ ରାମଚନ୍ଦ୍ରଦେବଙ୍କ ରାଜତ୍ୱ ଆରମ୍ଭ ଧରିଲେ ନରସିଂହଙ୍କ ମୃତ୍ୟୁ ସମୟ ଖ୍ରୀ:୧୬୫୧ରେ ପଡ଼ୁଛି । ଏହାଙ୍କ ପରେ ଏହାଙ୍କ ପୁତ୍ର ଗଙ୍ଗାଧର ଅଳ୍ପଦିନ ରାଜତ୍ୱ କଲେ । ତାଙ୍କୁ ହତ୍ୟାକରି ନରସିଂହଙ୍କ ଭାଇ ବଳଭଦ୍ର ୮ ବର୍ଷ (ଅନ୍ୟ ମତରେ ୧୧ ବର୍ଷ) ଖ୍ରୀ: ୧୬୫୧ ଠାରୁ–୧୬୫୯, ତାଙ୍କ ପୁତ୍ର ମୁକୁନ୍ଦ ୨ୟ ଖ୍ରୀ: ୧୬୫୯-୮୮, ତାଙ୍କ ପୁତ୍ର ଦିବ୍ୟସିଂହ ଖ୍ରୀ: ୧୬୮୮ ଠାରୁ ଖ୍ରୀ: ୧୭୧୫ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । କବି ଏହି ଦିବ୍ୟସିଂହ ଦେବ (୧ମ)ଙ୍କ ସମସାମୟିକ ।

ଦୀନକୃଷ୍ଣ ନିଜ ଗ୍ରନ୍ଥମାନଙ୍କ ଭିତରୁ 'ନାମରତ୍ନଗୀତା'ଟି ଦିବ୍ୟସିଂହଦେବଙ୍କ ସପ୍ତଦଶ ଅଙ୍କରେ ଅର୍ଥାତ୍ ଖ୍ରୀ:୧୭୦୨ରେ ରଚିତ ହୋଇଥିବା କହିଛନ୍ତି ।

ଯେଉଁ କାଳେ ସପ୍ତଦଶ ଅଙ୍କ ହେବ ଜାଣ
ଯୁଧିଷ୍ଠିର ନାମେ ଥିବ ଦିବ୍ୟସିଂହ ରାଣ ।

ମୋହ ନାମରେ ନୃଗୀତା ହୋଇବ ପ୍ରକାଶ
ଦୀନକୃଷ୍ଣ ଦାସ ବୋଲେ ଏହା ଭୁଜ ପୀତବାସ ।

ଦିବ୍ୟସିଂହଦେବଙ୍କ ପୂର୍ବପୁରୁଷମାନଙ୍କ ସମ୍ବନ୍ଧରେ ରସବିନୋଦରେ ପ୍ରକାଶକମାନେ ବିଭିନ୍ନ ପାଠଦେଇ ବିଷୟକୁ ଦୁର୍ବୋଧ କରିଦେଇଛନ୍ତି ଏବଂ କବିଙ୍କ ଜୀବନୀ ସମ୍ବନ୍ଧରେ ସ୍ପଷ୍ଟ ତଥ୍ୟ ମିଳିବା କଷ୍ଟକର ହେଉଛି । ବର୍ତ୍ତମାନ ପ୍ରଚଳିତ ଥିବା ସଂସ୍କରଣରେ (ରାଧାରମଣ ପ୍ରେସ-କଟକ) ଏହି ବିଷୟଟି ଏହିପରି ଦିଆଯାଇଛି—

ସେ ଦିନ ମାନସିଂହ ସାହୁ, ଅଇଲେ ପଡ଼ିଶାକୁ ବାହୁ ।
ସେ ଦିନ ରାମଚନ୍ଦ୍ର ରାଜା, ଶୁଭେ ପାଳନ୍ତି ଜନପ୍ରଜା ।
ଖୋରଧା କଟକେ ନଗର, ରହିଣ ଥିଲେ ନୃପବର ।
ଅଶୌଲଶ ଅଙ୍କ ଭୋଗ, କରି ହୋଇଲେ ମୃତ୍ୟୁ ଯୋଗ ।
ତାହାଙ୍କ ନନ୍ଦନର ନାମ, ପୁରୁଷୋତ୍ତମଦେବ ଜାଣ ।
ଅଣଚାଶ ଅଙ୍କ ଭୋଗ, କରି ହୋଇଲେ ମୃତ୍ୟୁ ଯୋଗ ।
ତାହାଙ୍କଠାରୁ ଯେ ତନୁଜ, ନୃସିଂହଦେବ ମହାରାଜ ।
ତେତିଶଅଙ୍କ ଯାଏ ଥିଲେ, ବିଷ୍ଣୁ ଚରଣେ ସେବା କଲେ । × ×
୪୨ଶ ଅ: (ର: ବି:)

ଏହି ନୃସିଂହଦେବଙ୍କ ମୃତ୍ୟୁପରେ ଗଙ୍ଗାଧର, ବଳଭଦ୍ର, ମୁକୁନ୍ଦ ଓ ଦିବ୍ୟସିଂହଙ୍କ ନାମ ନାହିଁ ।

ପ୍ରାୟ ପଚାଶବର୍ଷ ପୂର୍ବେ ପ୍ରକାଶିତ 'ପ୍ରବନ୍ଧାବଳୀ'ରେ ସ୍ୱର୍ଗତ ଶ୍ୟାମସୁନ୍ଦର ରାଜଗୁରୁ ପ୍ରାଚୀନ ପୋଥିରୁ ଏହି ସମ୍ପର୍କୀୟ ଅଂଶଟି ଉଦ୍ଧାର କରିଛନ୍ତି । ଏହା ବର୍ତ୍ତମାନର ରସବିନୋଦ ସଂସ୍କରଣର ପାଠ ଠାରୁ ବହୁତ ଭିନ୍ନ ।

କୋଦିନ ମାନସିଂହ ସାହି, ଅଇଲେ ଓଡ଼ିଶାକୁ ବାହି ।
ସେଦିନ ରାମଚନ୍ଦ୍ର ରାଜା, ସୁଖେ ପାଳନ୍ତି ଜନପ୍ରଜା ।

ଖୋରଧା କଟକ ନଗର, ଛତ୍ରଣ ଥିଲେ ନୃପବର ।
ଅଷ୍ଟେକଶ ଅଙ୍କ ଭୋଗ, କରି ହୋଇଲେ ମୃତ୍ୟୁ ଯୋଗ ।
ଏହାଙ୍କ ପୁତ୍ର ଅନୁପମ, ପୁରୁଷୋତ୍ତମଦେବ ନାମ ।
କୋଡ଼ିଏ ନବଅଙ୍କ ଭୋଗ, କରି ହୋଇଲେ ମୃତ୍ୟୁ ଯୋଗ ।
ତାହାଙ୍କ ମଧ୍ୟମ ତନୁଜ, ନୃସିଂହଦେବ ମହାରାଜ ।
କୋଡ଼ିଏ ତେର ଅଙ୍କ ଥିଲେ, ହରି ଚରଣେ ସେବା କଲେ ।××

(ପ୍ରବନ୍ଧାବଳୀ-ପୃଃ ୬୯)

ଏହାଛଡ଼ା ଗଙ୍ଗାଧର ଓ ବଳଭଦ୍ରଙ୍କ ସମ୍ବନ୍ଧରେ ଏହି ଅଂଶଟି ଉଦ୍ଧୃତ ହୋଇଛି—

ତାହାଙ୍କ ଅନ୍ତେ ନୃପମଣି, ଗଙ୍ଗାଧରକୁ କଲେ ଆଣି ।
ସେ ରାଜା ବେନି ମାସ ଥିଲେ, ଅଳପ ଦିନେ ନାଶ ଗଲେ ।
ତାହାଙ୍କ ଅନ୍ତେ ନୃପମଣି, ଓଡ଼ିଶା ରାଜ୍ୟକୁ କାରଣୀ ।
ବଳଭଦ୍ରଦେବ ନାମ । ଖୋରଧା କଟକେ ବିଶ୍ରାମ ।××

କବି ଏହି ପ୍ରସଙ୍ଗରେ ନିଜ ପୃଷ୍ଠପୋଷକଙ୍କ ବଂଶ ସମ୍ବନ୍ଧରେ ମଧ୍ୟ କିଛି ଲେଖି କୃତଜ୍ଞତା ଜ୍ଞାପନ କରିଥିବା ରାଜଗୁରୁଙ୍କ ଉଦ୍ଧୃତ ଅଂଶରୁ ଜଣାଯାଏ । ବର୍ତ୍ତମାନ ସଂସ୍କରଣମାନଙ୍କରେ ଏହି ଅଂଶଟି ନାହିଁ ।

ସେ ରାଜା (ବଳଭଦ୍ର) ପାଞ୍ଚ ଅଙ୍କଠାରେ, ଥିଲ ସୁବ୍ରହ୍ମ ନଦୀ ତୀରେ ।
ଗ୍ରାମ ଯେ ନଗ୍ରୀ ଦଣ୍ଡପାଟ । ଖୋର୍ଦ୍ଧାକୁ ସୁର କୋଶ ବାଟ ।
ସେ ହୃଦ ଗଡ଼େ କରି ଘର । ପୁରୁଷୋତ୍ତମ ବିଦ୍ୟାଧର ।
ତାହାଙ୍କ ପୁତ୍ର ଅନୁପମ । ଯୁକତେ ନୀଳକଣ୍ଠ ନାମ ।
ଏ କିଛି ଦିନ ରାଜ୍ୟ କଲେ । ବୈକୁଣ୍ଠ ଭୁବନକୁ ଗଲେ ।
ତାହାଙ୍କ ପୁତ୍ର ଅନୁପମ । ସାମନ୍ତ ସଦାଶିବ ନାମ ।
ଧର୍ମ କୀରତିମାନ କଲେ, ସ୍ୱର୍ଗ ଭୁବନକୁ ସେ ଗଲେ ।
ତାହାଙ୍କ ପୁତ୍ର ଅନୁପମ । ଯୁକତେ ବଳରାମ ନାମ ।
ପଦ ଯେ ସାମନ୍ତ ସିଂହାର । ବାସନା ଅତି ଅଗୋଚର ।

ଯାହାଙ୍କୁ ମୋର ପ୍ରତି ଆଶା । ତେଣୁଟି କହିଲି ଏ ଭାଷା ।
ଯାହାର ଅନ୍ନ ବସ୍ତ୍ର ଖାଇ । ତା ସୁଖ ଚିନ୍ତା କରୁଥାଇ ।
(ପ୍ରବନ୍ଧାବଳୀ—ପୃ: ୭୪-୭୫)

କବି ଖୋର୍ଦ୍ଧା ନିକଟସ୍ଥ ଭୀମନଗରୀ ଗଡ଼ର ସାମନ୍ତ ବଳରାମ ସାମନ୍ତ-ସିଂହାରଙ୍କ ପୃଷ୍ଠପୋଷକତାରେ ସେଠାରେ ନିବାସ କରୁଥିଲେ । କବି ଓଡ଼ିଶାର ବିଭିନ୍ନ ସ୍ଥାନ ଭ୍ରମଣ କରି ବିଭିନ୍ନ ଲୋକଙ୍କ ଆଶ୍ରୟରେ ରହୁଥିବାରୁ ତାଙ୍କର ମନର ବେଦନା 'ରସ କଲ୍ଲୋଳ'ରେ ଭାଷା ପାଇଛି । 'ପୋଡ଼ା ପେଟ' ପାଇଁ ମୂର୍ଖର ସ୍ତୁତିଗାନ କରିବାକୁ ବାଧ୍ୟ ହେଉଥିବା ଯୋଗୁଁ ତାଙ୍କୁ ଅନ୍ତରର ଗ୍ଲାନି ଅସ୍ଥିର କରି ଦେଇଛି ।

କାହିଁକି ମୋତେ ସଂସାର ଲୁଟ ମଧ୍ୟରେ ପ୍ରଭୁ କଲ ସଙ୍ଘଟ,
କପଇଁ ନ କଲ ଚରଣ ପଦ୍ମ କୁସୁମ ଲମ୍ପଟହେ ।
କିପାଁ ଗୁଡ଼ନ୍ତି ଭକତିବଟ ଆନନ୍ଦ ହୋଇ କରନ୍ତି ନାଟ,
ଏବେ ଅନେକ ରୂପ କଲାଣି ଏ ପୋଡ଼ା ପେଟ ହେ ।
କବି ଯା କରେ ମୂର୍ଖକୁ ସ୍ତୁତି, ଏଥିରୁ ବଡ଼ ନାହିଁ ବିପତ୍ତି,
ଏଥିକି ପ୍ରତି ଗୁଡ଼ିରେ କାତି ମାରିବା ଭଲ ହେ । ୧୬ଶ ଗୀ:(ର: କ:)

ଭୀମନଗରର ସାମନ୍ତସିଂହାର ବଂଶର ପୁରୁଷୋତ୍ତମ ବିଦ୍ୟାଧର ଖୋର୍ଦ୍ଧା ରାଜା ବଳଭଦ୍ରଙ୍କର ସମସାମୟିକ । ପୁରୁଷୋତ୍ତମଙ୍କ ପୁତ୍ର ନୀଳକଣ୍ଠ, ତାଙ୍କ ପୁତ୍ର ସଦାଶିବ । ସଦାଶିବ ବହୁକୀର୍ତ୍ତି କରି ସ୍ୱର୍ଗକୁ ଗଲେ । ତାଙ୍କ ପୁତ୍ର ବଳରାମ ସାମନ୍ତ ସିଂହାର ଦୀନକୃଷ୍ଣଙ୍କୁ ଅନ୍ନବସ୍ତ୍ର ଦେଇ ପୋଷୁଥିବା ଉଦ୍ଧୃତ ଅଂଶରୁ ଜଣାଯାଉଛି ।

ରସ ବିନୋଦ ଲେଖା ଶେଷ ବେଳକୁ ବ୍ରାହ୍ମଣୀ ନଦୀ କୂଳସ୍ଥ ଏକ-ଘରିଆ ଗ୍ରାମରେ କବି ବାସ କରୁଥିବା ବର୍ତ୍ତମାନର ସଂସ୍କରଣମାନଙ୍କରୁ ଜଣାଯାଏ ।

କବିଙ୍କ ଗ୍ରନ୍ଥମାନଙ୍କରେ ଭଣିତାରେ ଦୀନକୃଷ୍ଣ ଦାସ ଓ କୃଷ୍ଣଦାସ ନାମ ଦେଖାଯାଏ । କବିଙ୍କ ପୂର୍ଣ୍ଣନାମ ଦୀନକୃଷ୍ଣ ଥିବାହିଁ ଅନୁମିତ ହୁଏ । ଭକ୍ତ କବିମାନେ ସାଧାରଣତଃ ନିଜର କୁଳ ସଂଜ୍ଞା ନ ଦେଇ 'ଦାସ' ପଦବୀ ଗ୍ରହଣ କରିଥିବା ଦୃଷ୍ଟାନ୍ତ ଓଡ଼ିଆ ସାହିତ୍ୟରେ ବିରଳ ନୁହେଁ । ଦୀନକୃଷ୍ଣଙ୍କ ପକ୍ଷରେ 'ଦାସ' ପଦଟି କୁଳ ସଂଜ୍ଞା ଥିବା ମନେ ହୁଏ । କାରଣ, ସେ ନିଜ ପିତାଙ୍କୁ ମଧୁସୂଦନ ଦାସ ବୋଲି ପରିଚିତ କରାଇଛନ୍ତି । କବି ମଧୁସୂଦନଙ୍କ ଜ୍ୟେଷ୍ଠ ପୁତ୍ର ଥିଲେ ।

ପଦ ପ୍ରଚ୍ଛିନ୍ନ କଥା ଗୋଟା, ଭଣିଲି ମଧୁ ଦାସ ବେଟା । ରଃକଃ ।
୧୭ଶ ଅଃ ।

ପୃଙ୍ଗର କଥା ବିଧି ମତ, ଭଣିଲେ ମଧୁଦାସ ସୁତ । ରଃକ. । ୧୯ଶ ଅଃ ।

ମଧୁସୂଦନ ଜ୍ୟେଷ୍ଠ ଶିଷ୍ୟ, ନାମ ମୌହର କୃଷ୍ଣ ଦାସ ।
ରଃ କଃ । ୬ଷ୍ଠ ଅଃ ।

ମଧୁସୂଦନ ଜ୍ୟେଷ୍ଠ ଶିଷ୍ୟ ଭଣିଲେ ଦୀନକୃଷ୍ଣ ଦାସ ।
ରଃ କଃ ୧ମ ଅଃ ।

ସେ ମହାପ୍ରଭୁଙ୍କ ପଦ୍ମଚରଣ, ଦୀନକୃଷ୍ଣ ଦାସ ପଶେ ଶରଣ ।
ପ୍ରସ୍ତାବ ସିନ୍ଧୁ ପୃଃ୧ ।

ଶ୍ରୀ ଜଗନ୍ନାଥଙ୍କୁ ଶରଣ ଯାଇ, ପ୍ରସ୍ତାବସିନ୍ଧୁ କୃଷ୍ଣଦାସ କହି ।
ପ୍ରଃ ସିଃ ପୃଃ ୩୮ ।

କରି ଆଜ୍ଞା ସୁରାସୁର ପ୍ରଭୁ ଏତେକ, କହୁ ଦୀନକୃଷ୍ଣ କୃଷ୍ଣକଥା ଅନେକ ।
ରଃ କଃ ୧ମ ଗ୍ରଃ ।

କରେ ଶୋଭିତ ଯାହାର ଶଙ୍ଖାରି, କୃଷ୍ଣ କଷ୍ଟ ହରିବେ ସେ ଶଙ୍ଖାରି ।
ରଃ କଃ ୩ୟ ଗ୍ରଃ ।

କୃଷ୍ଣ ଗୀତ ଶରଧାରେ ଗାଇବି, କୃଷ୍ଣଦାସକୁ ପ୍ରସନ୍ନ ହୋଇବି ।
ରଃ କଃ ୧୧ଶ ଛାଃ ।

କାଳିନ୍ଦୀ କୂଳସ୍ଥା କଦମ୍ବମୂଳସ୍ଥା କାଇଁଚ ମାଳିଆ ଶ୍ରୀପଦେ
କୃଷ୍ଣ ଦାସ ମନ ବଚନ କର୍ତ୍ତବ୍ୟ ରଖିଅଛୁ ଅପ୍ରମାଦେ ସେ ।

ର: କ: ୧୩ଶ ଛା: ।

କଦମ୍ବ ଗଛରୁ ଓହ୍ଲାଇ ବଳସ୍ତେ, କୃଷ୍ଣ ଦାସ ମନ ପଛେ ଗୋଡ଼ାଇଛୁ
ସେହି ରୂପକୁ କରି ଲକ୍ଷ୍ୟ । ର: କ: ୧୫ଶ ଛା: ।

କୃଷ୍ଣ ଆଶ୍ରେ କରି ସୁବିଦ୍ୟା ଆଚରି ପାଷଣ୍ଡକୁ ଯାହା ସ୍ତୁତି
କୃଷ୍ଣ ଦାସ କହେ କିଛି ଭଲ ନୋହେ କେବଳ ଗ୍ରନ୍ଥିକ କାଠି ।

ର: କ: ୨୪ଶ ଛା: ।

କରିଥିଲି ଆଶ ସେ କ୍ଷେତ୍ରେ ନିବାସ କରିବାକୁ ଦୀନକୃଷ୍ଣ ।

ର: କ: ୨୫ଶ ଛା: ।

କୃଷ୍ଣ ଦାସ କବି କୃତାର୍ଥ ହେଲି ଏହିକାଳ ଶୁଣି । ଶେଷ ଛାନ୍ଦ ର: କ: ।

ଦୀନକୃଷ୍ଣ ଦାସ ଜାତିରେ ରାଜପୁତ ଥିଲେ । ସୁବର୍ଣ୍ଣରେଖା ନଦୀ ତୀରରେ ଜଳେଶ୍ୱର କଟକ କବିଙ୍କ ସାତପୁରୁଷର ବାସସ୍ଥାନ । ତଣିଆ ରାଜ୍ୟ ନିକଟରେ ତାଙ୍କ ଘର ।

ପୂର୍ବ ବାସନା ଅଛି ମୂଳେ । ଜନମ ରାଜପୁତ୍ର କୋଳେ ।
ସୁବର୍ଣ୍ଣରେଖାନଦୀ ତୀର । କଟକ ନାମ ଜଳେଶ୍ୱର ।
ସପତ ପୁରୁଷ ମୋ ତହିଁ । ଗଲି ଯେ ଏତେ କାଳ ବହି ।

ର: ଭ: ୪୨ ଅ: ।

ତଣିଆ, ପୋଲ ଚଉଦ ଦଣ୍ଡ ପାଟ, ଆଠ ଦଣ୍ଡ ପାଟ ପ୍ରଭୃତି ସୁବର୍ଣ୍ଣରେଖା ନଦୀ କୂଳ ନିକଟବର୍ତ୍ତୀ ସ୍ଥାନମାନଙ୍କରେ କବିଙ୍କର ଜାତିର ବହୁ ଲୋକ ବସବାସ କରୁଥିଲେ । 'ଦାଢ୍ୟତା ଭକ୍ତି ରସାମୃତ' ରେ ରାମଦାସ ତାଙ୍କୁ ଜାତିରେ କରଣ ବୋଲି ଭୁଲରେ ଲେଖିଛନ୍ତି ।

କବି ସେଠାରେ କଷ୍ଟରେ ଚଳୁଥିବା ଅନୁମିତ ହୁଏ । ସେ ବିଷ୍ଣୁଭକ୍ତ ଥିଲେ ଏବଂ ସର୍ବଦା କୃଷ୍ଣଲୀଳା ରଚନାରେ ମନ ନିବେଶ କରୁଥିଲେ ।

ତାଙ୍କର ଭକ୍ତିଭାବ ଓ କବିପ୍ରାଣର ଆଦର ସ୍ୱକୂଳରେ ଓ ସ୍ୱଦେଶରେ ତାଙ୍କୁ ମିଳିନଥିଲା । ଏହି କାରଣରୁ ତାଙ୍କର ମନରେ କଷ୍ଟ ହୋଇଥିଲା । ପୁଣି ସ୍ୱସମ୍ପ୍ରଦାୟ ଭିତରୁ କେହି ଦାସଙ୍କ ପରି ଭକ୍ତ, କବି ଓ ଗାୟକ ନଥିବାରୁ ତାଙ୍କର ମନୋବେଦନା ବର୍ଦ୍ଧିତ ହୋଇଥିଲା । ସ୍ୱ ଜାତିରେ କେହି ଗ୍ରନ୍ଥ ରଚନା କରି ନଥିବାରୁ ଜାତିର ଏହି କଳଙ୍କ ଦୂର କରିବା ନିମନ୍ତେ ଦାସେ ଲେଖନୀ ଧାରଣ କରିଥିଲେ । କିନ୍ତୁ ଗୁଣର ଆଦର ହେଲା ନାହିଁ । କବି ଏହି ସମ୍ପର୍କରେ ମନ ଦୁଃଖରେ ରସବିନୋଦର ଷଷ୍ଠ ଅଧ୍ୟାୟରେ ଲେଖିଛନ୍ତି ଯେ ତାଙ୍କ ଜାତିର କେହି ଜଣେ ହେଲେ ଜାଣି ରଖିଲେ ନାହିଁ । ଆପଣା ଜାତିଗୋତ୍ର ପଣରେ ଜଣେ ହେଲେ ପବିତ୍ର ହୋଇ ପାରିଲେ ନାହିଁ । ପ୍ରଭୁ ଦୟା କରିବାରୁ ସେ ପଦ ଯୋଡ଼ିଲେ ।

ଦୀନକୃଷ୍ଣ ସ୍ୱଜାତିର ଗୌରବ ବର୍ଦ୍ଧନ ପାଇଁ ବ୍ୟାକୁଳତା ଦେଖାଇଥିବା ତାଙ୍କର ମହାନୁଭବତାର ପରିଚୟ ଦିଏ ।

କବିଙ୍କ ମନର ବାସନା ସ୍ୱଜାତି ବନ୍ଧୁ ଓ କୁଟୁମ୍ବର କେହି ଠାବ କରି ନ ପାରିବାରୁ କବି ଦୁଃଖିତ ହୃଦୟରେ କହିଛନ୍ତି ଯେ ଯେଉଁମାନେ ତାଙ୍କୁ ଚିହ୍ନି ନ ପାରିଛନ୍ତି ତାଙ୍କର ବା ବୁଦ୍ଧି କେତେ ? ଏହି ନଚିହ୍ନିବା ଲୋକଙ୍କ ଭିତରେ 'ଜାତି ଗର୍ବେଶ୍ୱର' ମଧ୍ୟ ଥିଲେ । ଏମାନେ ଗୁଣ ନ ଜାଣି ବଡ଼ ପଣ କରି 'ଅମ୍ଭେ ଜଣେ ଓ ଆମ୍ଭ ସଙ୍ଗେ ଜଣେ' ବୋଲି କହୁଥିଲେ । ଏମାନେ ଧାନର ଅଗାଡ଼ି ପରି, କାହିଁରେ ଲେଖା ନୁହନ୍ତି । ଏମାନଙ୍କ ଭିତରେ ମହତ ମର୍ଯ୍ୟାଦା, ଭଲ ମନ୍ଦ ଜାଣିବା ଲୋକ ଥିଲେ ।

ଏଥି ଭିତରେ ଯେତେ ଲୋକ, ଥୋକାଏ ଅଛନ୍ତି ବିବେକ ।
ସେମାନେ ମହତ ମର୍ଯ୍ୟାଦା, ଜାଣନ୍ତି ଭଲ ମନ୍ଦ ସଦା ।
ଯେବଣ ଲୋକ ଯେତେ ମାନି, ପାରନ୍ତି ଭଲ ମନ୍ଦ ଚିହ୍ନି ।
ତେଣୁ ବୋଲିବା ତାଙ୍କୁ ବଡ଼, ଆଉମାନଙ୍କ କଥା ଛାଡ଼ । ର: ବି: ।

ଉଦାର 'ବଡ଼' ଲୋକମାନଙ୍କୁ କବି ପ୍ରଶଂସା କରିଛନ୍ତି ।

ତାଙ୍କୁ ଈର୍ଷା କରୁଥିବା ଲୋକମାନଙ୍କ ପ୍ରତି ତାଙ୍କର ତାଚ୍ଛଲ୍ୟ ଭାବ ଅତର୍କିତ ଭାବରେ ତାଙ୍କ ମୁଖରୁ ବାହାରି ପଡ଼ିଛି । ସେ ଏମାନଙ୍କର ବିରୋଧରେ ବ୍ୟଥିତ ଥିଲେ । ତା ସତ୍ତ୍ୱେ ସେ ସମସ୍ତଙ୍କୁ ଏକାଭାବରେ ଦେଖୁଥିବା କହିଅଛନ୍ତି । ଏହା ଅବଶ୍ୟ ତାଙ୍କର ଉଦାର ହୃଦୟର ପ୍ରମାଣ ।

ଯେତେକ ଜାତି ସୂତ୍ର ମାନେ, ଅଛନ୍ତି ଯେଉଁ ଯେଉଁ ସ୍ଥାନେ ।
ସାନ ଯେ ବଡ଼ ହୋଇ ଯେତେ, ସମସ୍ତେ ସମତୁଲ ମୋ ତେ ।
ତାଙ୍କ ଚରଣେ ମୋର ସେବା, ଅଧିକ କି କହିବି ଅବା ।
ସେ ସର୍ବେ ଜାତି ଗର୍ବେଶ୍ୱର, ମୁଁ ତାଙ୍କ କିଙ୍କର କୋପ୍ପର ।
ପଦ ଯୋଡ଼ିଲି ବୋଲି ନିଜ, ବଡ଼ିମା କହିବ ତହିଁକି ।
ଏଥି ମୋ ନାହିଁ କାର୍ଯ୍ୟ ଗୋଷ୍ଠୀ, ମୁଁ ହାଦେ ସବୁଙ୍କର ଚେଷ୍ଟା ।
୪୨ଶ: ର:ବି: ।

ପୁରୀ ଅବସ୍ଥାନ—ଦୀନକୃଷ୍ଣ ରସବିନୋଦ ରଚନା ଶେଷ କରିବା ସମୟକୁ ନିଜ ବାସସ୍ଥାନରୁ ଆସି ପୁରୀରେ ଜଗନ୍ନାଥ ପ୍ରଭୁଙ୍କର ଦର୍ଶନ ଲାଭ କରି ସାରିଥିଲେ । ରସବିନୋଦରେ ସେ ଲେଖିଛନ୍ତି—

ହୃଦରେ ଅନୁଗ୍ରହ କଲେ, ଦକ୍ଷିଣ ଦିଗକୁ ଆଣିଲେ ।
ଦେଖିଲି ଓଡ଼୍ର ରାଜ୍ୟ ଦେଶ, ଓଡ଼ିଶା ଭୂମିରେ ପ୍ରବେଶ ।
ଦେଖିଲି ଶ୍ରୀ ପୁରୁଷୋତ୍ତମ, କ୍ଷେତ୍ରମାନଙ୍କ ଯେ ଉତ୍ତମ ।
ରତ୍ନ ସିଂହାସନେ ଯେ ହରି, ଚତୁର୍ଦ୍ଧାରୂପେ ବିଜେକରି ।
ଜଗମୋହନ ପରେ ଯାଇ, ଗରୁଡ଼ ଖମ୍ବ ପଛେ ଥାଇ ।
ଲୋଚନେ ଦେଖିଲି ଶ୍ରୀମୁଖ, ଗଲା ଅଶେଷ ଜନ୍ମ ଦୁଃଖ । ୪୨ଶ ଅ: ।

ପୂର୍ବେ ଖୋର୍ଦ୍ଧା ଅଞ୍ଚଳକୁ ଲୋକେ 'ଓଡ଼ିଶା' ବୋଲି କହୁଥିଲେ । ବର୍ତ୍ତମାନ ସୁଦ୍ଧା କେତେକ ଲୋକ ଏହି ଧାରଣା କରିଥାଆନ୍ତି । କବି ରସବିନୋଦ ଲେଖା ସମୟ ଭିତରେ ଖୋର୍ଦ୍ଧା ନିକଟସ୍ଥ ଭୀମ ନଗରରେ ମଧ୍ୟ ବାସ କରିଥିଲେ ।

ରସକଲ୍ଲୋଳର ପୂର୍ବାର୍ଦ୍ଧ ରଚନା ସମୟକୁ କବି ପୁରୀଧାମରେ ବାସ କରୁଥିବା ଅନୁମିତ ହୁଏ ।

କହନ୍ତିକରେ କଳ୍ପି ଅତି ମନ ହରଷେ,
କଲି ତାଙ୍କୁ ଦୀନକୃଷ୍ଣ ଦରଶନ କବାଟ ଫିଟା ଅବକାଶେ । ୩୫ । ୬ଷ୍ଠ ଛାଃ ।
ନିଳାପର୍ବତ ନିତ୍ୟକୃତ୍ୟରେ ପରବେଶ,
କରି ଦରଶନ ସମସ୍ତ ଜନମାନେ ହୋଇଲେ ତୋଷ,
କଠି ଲଗିରୁ ମାର୍ଜନା ସ୍ଥିରୁ ସୁବେଶ ଶୋଭା ଦେଖି ।
କ୍ରମତ ଦୀନକୃଷ୍ଣର ମନ ହେଲା ପରମ ସୁଖୀ । ୩୮ । ୧୪ଶ ଛାଃ ।

କବି ରସକଲ୍ଲୋଳର ଉତ୍ତରାର୍ଦ୍ଧ ରଚନା ସମୟକୁ ପୁରୀଧାମରେ ଅବସ୍ଥାନ କରୁ ନ ଥିବାହିଁ ଜଣାଯାଉଛି । ସେ ପେଟ ପୋଷିବା ପାଇଁ ଅନ୍ୟସ୍ଥାନକୁ ଗମନ କରି ପାଷାଣ୍ଡ ପ୍ରଭୁଠାରେ ଭେଟ ପ୍ରାପ୍ତ ନିଯୁକ୍ତ ହୋଇଥିବାରୁ ନିଜ ଭାଗ୍ୟକୁ ଧିକ୍କାର କରିଛନ୍ତି ଏବଂ ଜୀବନ ରଖିବା ପାଇଁ ମଧ୍ୟ ତାଙ୍କର ଇଚ୍ଛା ନ ଥିବା ପ୍ରକାଶ କରିଛନ୍ତି । ନୀଳଗିରି କ୍ଷେତ୍ରର ମାହାତ୍ମ୍ୟ ବର୍ଣ୍ଣନା କରିସାରି କବି ସ୍ୱ ସମ୍ବନ୍ଧରେ କହୁଛନ୍ତି—

କରିଥିଲି ଆଶ ସେ କ୍ଷେତ୍ର ନିବାସ କରିବାକୁ ଦୀନକୃଷ୍ଣ
କି ଅଭାଗ୍ୟ ତହିଁ ନ ପାରିଲି ରହି ପ୍ରଭୁ ନୋହିଲେ ସନ୍ତୁଷ୍ଟ ।
କର୍ମେ ଥିଲା ଯାହା ଭୋଗ କଲି ତାହା କେ ତାହା କରିବ ଆନ
କରୁଣା-କରତା କୈବଲ୍ୟ ଦାତା ଯେବେ ନୋହିଲେ ପ୍ରସନ୍ନ ।
କଣ୍ଠରେ ଭୂଷଣ କରି ତାଙ୍କ ଗୁଣ ଗାଉଥାଇଁ ନାମମାନ
କୃପଣ ଦୁଆଁର କୁବୁଦ୍ଧିକି ଜ୍ଞାନ ମାଗି ପାଉଥାଇ ମାନ ।
କରେ ଚିନ୍ତାମଣି ପାଇକରି ଆଣି ନରହିଲା ମୋର କିଛି
କରଇ ବିଚାର କେତେବେଳେ ଛାର ଜୀବନ କାହିଁକି ଅଛି ।
କୃଷ୍ଣ ଆଶ୍ରେକରି ସୁବିଦ୍ୟା ଆଚରି ପାଷାଣ୍ଡକୁ ଯାହା ସ୍ତୁତି
କୃଷ୍ଣଦାସ କହେ କିଛି ଭଲ ନୋହେ କେବଳ ଶ୍ରୁତିକି କାତି ।
୨୭–୩୦ । ୨୪ଶ ଛାଃ ।

ଦୀନକୃଷ୍ଣ 'ନିର୍ଦ୍ଦୋଷ' ବିଷ୍ଣୁଭକ୍ତି ବିଷୟକ ରଚନା ବ୍ୟତୀତ ଅନ୍ୟ ବିଷୟବସ୍ତୁ ଉପରେ ମନ ଦେଉନଥିବାରୁ ତାଙ୍କୁ ସମସ୍ତ ବିଶେଷରେ ଦୁଃଖଭୋଗ କରିବାକୁ ପଡ଼ିଛି । ରାମ ଦାସ ଦାର୍ଢ୍ୟତା ଭକ୍ତିରସାମୃତରେ 'ଦୀନକୃଷ୍ଣ' ଅଧ୍ୟାୟରେ କବିଙ୍କ ସମ୍ବନ୍ଧରେ ଲେଖିଛନ୍ତି —

ସକଳ ଗୁଣେ ସେ ନିପୁଣ, କବିତ୍ୱ-ପଣେ ବିଚକ୍ଷଣ ।
ବୋଲଇ ନିର୍ଦ୍ଦୋଷ କବିତ୍ୱ, ପ୍ରବନ୍ଧ କଲା ଅପ୍ରମିତ ।
ଶ୍ରୀହରି ବିନା ଅନ୍ୟ କଥା, ଗୀତ ସେ ନ ବୋଲେ ସର୍ବଥା ।
ଶ୍ରୀକୃଷ୍ଣ ଜନ୍ମ କର୍ମ ଗୁଣ, ସେ ସବୁ କରଇ ବଖାଣ ।
ଭକତ ଜନେ ଅଧିକାର, ଯହିଁ ଯେମନ୍ତ କରିବାର ।
ଦୁଷ୍ଟ ନିବାର ସନ୍ଥପାଳି, ଗୋପୀ ଗୋପାଳ ରାସକେଳି ।
କେବଳ ଏହି କଥା ମାନ, ପ୍ରବନ୍ଧେ କରଣ ଗାୟନ ।
ମାଗେ ଉତ୍ତମ ଜନଠାରେ, ନିଜ କୁଟୁମ୍ବ ପୋଷିବାରେ ।
ଯେ ଅବା ମିଳେ ଭାଗ୍ୟ ତାର, ଯେଣିକ ଚଳଇ ନିଜପୁର ।
ପ୍ରାଣ ପୋଷନ୍ତି ତାହା ଖାଇ, ଯାଚକ ଜନେ କିଛୁ ଦେଇ ।
ଏମନ୍ତେ ବଞ୍ଚୁଥାଇ ଦିନ, ନ ଜାଣେ ଅନ୍ୟ କଥାମାନ ।

କବି ଅତି ଗରିବ ଅବସ୍ଥାରେ ଜୀବନ ଯାପନ କରୁଥିଲେ ମଧ୍ୟ ପରଦୁଃଖ ସହ୍ୟ କରି ନ ପାରି ନିଜ ଭିକ୍ଷାରୁ ମଧ୍ୟ କିଛି ଯାଚକଙ୍କୁ ଦେଉଥିଲେ । ହୃଦୟର ସରଳତା ଓ ଭଗବାନଙ୍କଠାରେ ପ୍ରଗାଢ଼ ଭକ୍ତି ତାଙ୍କୁ ଯଥେଷ୍ଟ ମାନସିକ ଶକ୍ତି ପ୍ରଦାନ କରିଥିଲା । ସେହି ହେତୁ ସେ କେବେ ଅମିତ, ଅନାଗ୍ରହ କିମ୍ବା ଅଯଥା ପ୍ରସଙ୍ଗରେ ମନ ନିବେଶ କରୁନଥିଲେ । 'ଅମିତ' ପଥରେ କେହି କେହି ପ୍ରବର୍ତ୍ତାଇଲେ ସେଥିରେ ସେ ଭୁଲୁ ନଥିଲେ । ରାଜାଙ୍କର ପ୍ରଲୋଭନ ଓ ଦଣ୍ଡ ମଧ୍ୟ ତାଙ୍କୁ ସ୍ୱ ପଥରୁ ବିଚ୍ୟୁତ କରି ପାରୁନଥିଲା ।

'ରସବିନୋଦ' ଲେଖିବା ସମୟରେ କବି ବ୍ରାହ୍ମଣୀ ନଦୀ କୂଳସ୍ଥ କନକେଶ୍ୱର ଲିଙ୍ଗଙ୍କ ଦେଉଳ ପାଖରେ ଏକ ଘରିଆ ନାମକ ଗ୍ରାମରେ ବାସ

କରୁଥିଲେ ବୋଲି ରସ ବିନୋଦରେ ଯାହା ଲେଖିଛନ୍ତି ସେଥିରୁ ଅନୁମିତ ହେଉଛି, ଏହିଠାରେ କବିଙ୍କର ନିଜସ୍ୱ ଭିଟ ଥିଲା ଏବଂ କବିଙ୍କର ପୂର୍ବପୁରୁଷମାନେ ସୁବର୍ଣ୍ଣରେଖା ନଦୀକୂଳସ୍ଥ ଜଳେଶ୍ୱରରେ ବାସ କରୁଥିଲେ । କବି କିମ୍ବା ତାଙ୍କର କେହି ପୂର୍ବପୁରୁଷ ଏକଘରିଆ ଗ୍ରାମକୁ ଆସି ସେଠାରେ ସ୍ଥାୟୀ ଭାବରେ ବସବାସ କରିଥିଲେ । ଜଳେଶ୍ୱରରେ କବିଙ୍କ ସାତପୁରୁଷ ରହିଥିଲେ ।

କବି ଏକଘରିଆ ଗ୍ରାମରେ ବାସ କରୁଥିବା ବେଳେ ପୁରୀ (ଶ୍ରୀକ୍ଷେତ୍ର) କୁ ଯିବାର ସୁବିଧା ପାଇଥିଲେ । ସେଠାରେ ଜଗନ୍ନାଥଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମନେ କରିଥିଲେ ।

ପୁରୀ ଓ ଖୋର୍ଦ୍ଧା ଅବସ୍ଥାନ ସମୟରେ ଦୀନକୃଷ୍ଣ ରାଜା ଦିବ୍ୟସିଂହ ଦେବଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ । ରାଜା ନିଜେ କବି ଥିଲେ ଏବଂ କବି ଓ କବିତାର ପ୍ରଧାନ ପୃଷ୍ଠପୋଷକ ଥିବାରୁ ପୁରୀ ସେ ସମୟରେ ବିଦ୍ୱାନମାନଙ୍କର ପବିତ୍ର ପୀଠସ୍ଥଳ ହୋଇ ପଡ଼ିଥିଲା । ଦୀନକୃଷ୍ଣଙ୍କ ରଚନାଗୁଡ଼ିକ ଲୋକମୁଖରେ ପ୍ରଚାରିତ ହେବାରୁ ପୁରୀରେ ବହୁ ବିଜ୍ଞ ଲୋକ ତାଙ୍କୁ ସମ୍ମାନ କରୁଥିଲେ । ଭକ୍ତି, ସାଧନା ଓ ଜଗନ୍ନାଥତତ୍ତ୍ୱ ସମ୍ବନ୍ଧରେ କବିଙ୍କ ଅଭିନବ ବ୍ୟାଖ୍ୟା ଶୁଣି ଲୋକେ ତାଙ୍କୁ ଆଦର କରୁଥିଲେ ଏବଂ ଗ୍ରନ୍ଥ ଗୁଡ଼ିକର ବହୁଳ ପ୍ରଚାର ହୋଇଯାଇଥିଲା । ଅଭିନବ ବୈଷ୍ଣବ କଥା ଓ ତତ୍ତ୍ୱକୁ ରୂପ ଦେଇ ବହୁ କବି ସେ ସମୟରେ ରାଜାଙ୍କର ଆଦର ଲାଭ କରିଥିଲେ । ବିଶେଷତଃ ନିତ୍ୟବୈକୁଣ୍ଠ, ନିତ୍ୟରାସସ୍ଥଳ, ନୀଳାଚଳରେ ନିତ୍ୟରାଧା ଓ ନିତ୍ୟକୃଷ୍ଣଙ୍କର ଜଗନ୍ନାଥ ରୂପରେ ଲୀଳା, ଜଗନ୍ନାଥ ଓ ମୂଳବସ୍ତୁ ଅଣାକାରଙ୍କ ଅଭେଦତ୍ୱ କାବ୍ୟ କବିତାରେ ପ୍ରତିପାଦନ କରି ଦୀନକୃଷ୍ଣ, ଭୂପତି ପଣ୍ଡିତ, ଲୋକନାଥ ବିଦ୍ୟାଧର ପ୍ରଭୃତି କବିମାନେ ଲୋକ ଓ ରାଜାଙ୍କ ସୁଦୃଷ୍ଟି ଆକର୍ଷଣ କରିପାରିଥିଲେ । ରାଜା ଦିବ୍ୟସିଂହ ଦେବ ଭୂପତି ଓ ଲୋକନାଥଙ୍କୁ ସମ୍ମାନିତ କରିଥିଲେ । ଲୋକନାଥ କୃତଜ୍ଞତା ଜ୍ଞାପନ ସ୍ୱରୂପ 'ନୀଳାଦ୍ରି ମହୋତ୍ସବ' କାବ୍ୟର ଭଣିତାରେ ଦିବ୍ୟସିଂହ

ଦେବଙ୍କ ନାମକୁ ସ୍ଥାନ ଦେଇଛନ୍ତି । ଦୀନକୃଷ୍ଣ ରସବିନୋଦରେ ଯେଉଁ ନୂତନ ବ୍ୟାଖ୍ୟା ଦେଇଛନ୍ତି ସେଥିରେ ତାଙ୍କର ଖ୍ୟାତି ବିଶେଷ ଭାବରେ ବର୍ଦ୍ଧିତ ହୋଇଥିବା ସମ୍ଭବ । ରାଜା ଦିବ୍ୟସିଂହ ଦେବ ପରମ ଜଗନ୍ନାଥ ଭକ୍ତ ଓ ଶ୍ରୀକ୍ଷେତ୍ର ଉଦ୍ଧାରକ ଥିବାରୁ ଜଗନ୍ନାଥଙ୍କର ମହିମା ପୁନର୍ବାର ପ୍ରଚାରିତ କରିବା ପାଇଁ କବିମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ଭୂପତି ସ୍ୱ ଗ୍ରନ୍ଥ 'ରହସ୍ୟମଞ୍ଜରୀ'ରେ ଏହାର ଆଭାସ ଦେଇଛନ୍ତି । ରାଜା ଯେପରି ଭୂପତିଙ୍କୁ ଅନୁରୋଧ କରିଥିଲେ ସେହିପରି ଦୀନକୃଷ୍ଣଙ୍କୁ ମଧ୍ୟ ଅନୁରୋଧ କରିଥିବେ । ଲୋକନାଥ ବିଦ୍ୟାଧର ଯେପରି ରାଜାଙ୍କ ନାମ ଭଣିତାରେ ଯୋଡିଲେ ସେହିପରି କରିବା ପାଇଁ ରାଜା ତାଙ୍କୁ ପ୍ରବର୍ତ୍ତାଇଥିବେ । ସ୍ୱାଧୀନଚେତା, ନିର୍ଭୀକ ଦୀନକୃଷ୍ଣ ଧନ ଲାଲସାର ବହୁଦୂରରେ ଥିବାରୁ ଏହି ଭଣିତା-ଅନୁରୋଧ ପ୍ରତ୍ୟାଖ୍ୟାନ କରିଥିବେ । ଏହି କାରଣରୁ ରାଜା ତାଙ୍କୁ ଦଣ୍ଡ ଦେବା ପ୍ରସଙ୍ଗ କବି ରାମଦାସ ଦାର୍ଢ୍ୟତା ଭକ୍ତିରସାମୃତରେ ଲେଖିଛନ୍ତି । ଏହି ଘଟଣା ରସବିନୋଦ ରଚନା ପରେ, ଜଗମୋହନ ଛାନ୍ଦ ଓ ରସକଲ୍ଲୋଳ ରଚନା ପୂର୍ବରୁ ଘଟିଥିବା ସମ୍ଭବ । କାରଣ ଜଗମୋହନ ଛାନ୍ଦ ଦାସଙ୍କ ପୁରୀ ଅବସ୍ଥାନ ସମୟରେ ଲିଖିତ ହୋଇଥିବା ଅନୁମିତ ହେଉଛି । ରସ କଲ୍ଲୋଳରେ ଦୀନକୃଷ୍ଣ କବିତ୍ୱକୁ ବିକ୍ରୀ କରିବାର ଯେଉଁ ନିନ୍ଦା କରିଛନ୍ତି ତାହା ଏହି ଘଟଣା ପରେ ଲିଖିତ ହୋଇଥିବ ଅନୁମିତ ହୁଏ ।

ଦୀନକୃଷ୍ଣ ଦାସ ପୁରୀକୁ ଆସିବା ପରେ ରାଜା ଦିବ୍ୟସିଂହ ଦେବଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା । କବିଙ୍କର ପ୍ରବନ୍ଧ ଶୁଣି ଲୋକମାନେ ମୁଗ୍ଧ ହେଉଥିଲେ । ନିଜେ ରାଜା ଦୀନକୃଷ୍ଣଙ୍କଠାରୁ ତାଙ୍କର ରଚନା ଶୁଣି ଅଶେଷ ଆନନ୍ଦ ଲାଭ କରିଥିଲେ ଏବଂ ଅନେକ ଧନ ରତ୍ନ ଦାନ କରିଥିଲେ ।

'ଦାର୍ଢ୍ୟତାଭକ୍ତି'ରେ ଲେଖାଅଛି, ଥରେ ରାଜା ଦିବ୍ୟସିଂହ ଦେବ ଦୀନକୃଷ୍ଣଙ୍କୁ ଡାକି ଅନୁରୋଧ କଲେ, ସେ କବିତା ଲେଖି ରାଜାଙ୍କ ନାମରେ ଭଣିତା କଲେ ତାଙ୍କୁ ବହୁତ ଧନରତ୍ନ ଦେବେ ।

ଶୁଣ ହେ କବି କୃଷ୍ଣ ଦାସ, ହୋଇଣ ଥିବ ଦିବ୍ୟ ଦେଶ ।
ସୁନ୍ଦର ମଧୁର କଠିନ, ଗୀତ କରିଣ ନାମେ ଭଣ ।
ତୁମ୍ଭଙ୍କ କରିବା ପୌରୁଷ, ତାହା ଶୁଣିଣ କୃଷ୍ଣ ଦାସ ।

ରାଜାଙ୍କର ଏହି ଅନୁରୋଧରେ ଦୀନକୃଷ୍ଣ ଅତି ବିଚଳିତ ହୋଇ ପଡ଼ିଲେ । ନିଜର ସର୍ବସ୍ୱକୁ ଶ୍ରୀ ପୁରୁଷୋତ୍ତମଙ୍କ ଚରଣତଳେ ଯେତେବେଳେ ବିକି ଦେଇଛନ୍ତି ସେତେବେଳେ ତାଙ୍କ ବିନା ଅନ୍ୟ ଲୋକ ପାଇଁ ସେ ବା କିପରି ଲେଖନୀ ଚାଳନା କରିବେ ? ଏଆଡ଼େ ରାଜାଙ୍କ ଆଜ୍ଞା, ଅନ୍ୟ ଆଡ଼େ ପରମେଶ୍ୱରଙ୍କଠାରେ ନିଜର ଦାସତ୍ୱ । କବି ସାହସ କରି କହିଲେ—

ବୋଇଲା ଶୁଣ ନୃପନାଥ, କେବଳ ଦେବ ଜଗନ୍ନାଥ ।
ଏ ପିଣ୍ଡ ବିକିଅଛି ତାରେ, ଗୀତ ମୁଁ ନ ବୋଲେ ଅନ୍ୟରେ ।
ଏକଥା ଅନ୍ୟ ହେବ କାହୁଁ, ଦୁଃଖ ନକର ଆଜ୍ଞା ହେଉ ।
୧୯ଶ ଅ: ଦି· ଭୁ: ।

ଏହାସତ୍ତ୍ୱେ ରାଜା ପୁନର୍ବାର କବିଙ୍କୁ ଅନୁରୋଧ କଲେ ଏବଂ ରାଜ୍ୟରେ ଅଧିକାର ଦେବା ପ୍ରଲୋଭନ ମଧ୍ୟ ଦେଖାଇଲେ । ଏଥିରେ କିଛି ଫଳ ନ ହେବାରୁ ଶେଷରେ ଧମକ ମଧ୍ୟ ଦେଲେ ।

ତାହା ଶୁଣିଣ ଦଣ୍ଡଧର, ପୁଣି ବୋଇଲେ ଗୀତ କର ।
ମୋ ନାମେ ଭଣିଲେ ଅବଶ୍ୟ, ଅନେକ ଦେବି ଗ୍ରାମ ଦେଶ ।
ମୋ ରାଜ୍ୟେ ଦେବି ଅଧିକାର, ଦେଖ ମୁଁ ଜଗତ ଈଶ୍ୱର ।
ନୋହିଲେ ମରିବୁ ଅବଶ୍ୟ, ଛୁଡ଼ ତୋ ଜୀବନର ଆଶ ।
କେ ଆସି ରଖିବଟି ତୋତେ, ଏହା ତୁ କହୁଅଛୁ ମୋତେ ।

ରାଜାଙ୍କର ଧମକରେ ଭକ୍ତର ହୃଦୟ ଦବିଲା ନାହିଁ । ଦୀନକୃଷ୍ଣ ନିର୍ଭୟ ଚିତ୍ତରେ କହିଲେ, ଜଗନ୍ନାଥ ତାଙ୍କର ପ୍ରଭୁ । ତାଙ୍କ ବଳରେ ସେ ବଳୀୟାର । ରାଜାଙ୍କ ଧମକରେ ସେ ଡରିଯାଇ ତାଙ୍କ ନାମରେ ଭଣିତା କରି ଗ୍ରନ୍ଥରଚନା କଦାଚ କରିବେ ନାହିଁ ।

ଏ ବେଶ ବୋଲଗଲେ ତାହା ଶୁଣି, ଶୁଣ ହେ ନୃପ କୁଳମଣି ।
ତୁମ୍ଭଙ୍କୁ ନାହିଁ ମୋର ଡର, ମୋ ପ୍ରଭୁ ବଳେ ବଳୀୟାର ।
ଜଗତ ସୃଷ୍ଟି ଯାନ ହେଲେ, ଗୀତ ମୁଁ ଆଜକୁ ନବୋଲେ ।

ଏହା ଶୁଣି ରାଜା ଅତି ରାଗିଯାଇ ଦୀନକୃଷ୍ଣଙ୍କୁ ବନ୍ଦୀଘରେ ରଖିଲେ । ସେଠାରେ ତାଙ୍କୁ ନାନାରୂପେ କଷ୍ଟ ଦେଲେ; ଖାଇବାକୁ କିଛି ଦେଲେ ନାହିଁ । ଦୀନକୃଷ୍ଣ କେବଳ ପ୍ରଭୁ ଜଗନ୍ନାଥଙ୍କୁ ଧ୍ୟାନ କରି ବନ୍ଦୀଘରେ ପଡ଼ି ରହିଲେ । ତାଙ୍କର କରୁଣ ସ୍ତୁତିରେ ସ୍ୱୟଂ ଜଗନ୍ନାଥ ଦେବଙ୍କର ଆସନ ଟଳିଗଲା । ରାତିରେ ଗୋପନରେ ସେ ନିଜେ ଖାଦ୍ୟଦ୍ରବ୍ୟ ନେଇ ଭକ୍ତକୁ ଦେଇ ଆସିଲେ ଏବଂ ସ୍ୱହସ୍ତରେ ତାଙ୍କର ହାତକଡ଼ି ଓ ଗୋଡ଼କଡ଼ି ଖୋଲି ଦେଲେ । ତାଙ୍କର ପରମ ଭକ୍ତଙ୍କୁ ଏପରି କଷ୍ଟ ଦେଉଥିବାରୁ ସେ ଅତ୍ୟନ୍ତ କ୍ରୋଧାନ୍ୱିତ ଥିବା ସ୍ୱପ୍ନରେ ରାଜାଙ୍କୁ କହିଲେ । ରାଜା ନିଜର ଦୋଷ ବୁଝିପାରି ଦୀନକୃଷ୍ଣଙ୍କୁ ମୁକ୍ତ କରି ଦେବାପାଇଁ ଆଦେଶ ଦେଲେ । ତାଙ୍କୁ ବନ୍ଦୀଘରରୁ ଆଣିବା ପାଇଁ ପ୍ରହରୀମାନେ ଗଲାବେଳେ ତାଙ୍କର ଗୋଡ଼ରେ ଓ ହାତରେ କଡ଼ି ନଥିବାର ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲେ । ରାଜା ଜଗନ୍ନାଥଙ୍କର ଏହା କରଣି ଭାବି ନିଜକୁ ଧିକ୍କାର କଲେ ଏବଂ ଜଗନ୍ନାଥ ଭକ୍ତ ଦୀନକୃଷ୍ଣଙ୍କୁ ଆଲିଙ୍ଗନ କରି କ୍ଷମା ଭିକ୍ଷା କଲେ । ଦାଢ଼ୀଆ ଭକ୍ତି-ରସାମୃତରେ ରାମ ଦାସ ଲେଖିଛନ୍ତି, ଦୀନକୃଷ୍ଣ ବନ୍ଦିଶାଳାରେ ଥିବା ସମୟରେ ଜଗନ୍ନାଥଙ୍କୁ ମନ୍ଦିରରେ ଯେତେ ଉପହାର ଦିଆଯାଇଥିଲା ସେ ସବୁ ଦୀନକୃଷ୍ଣଙ୍କୁ ସ୍ୱୟଂ ଜଗନ୍ନାଥ ଦେଇ ପଠାଇଥିଲେ ଏବଂ ଚନ୍ଦନ ମାଳ ଦି ତାଙ୍କ ଦେହରେ ଲଗାଇ ଦେଇଥିଲେ । ଦାଟ୍ୟସିଂହ ଦୀନକୃଷ୍ଣ ଦାସଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ତାଙ୍କୁ ବହୁ ଧନରତ୍ନ ଦାନ କରିଥିଲେ । ଭକ୍ତମାନଙ୍କ ପକ୍ଷେ ଏପରି ଅଲୌକିକ ଘଟଣା ଅସମ୍ଭବ ନୁହେଁ । କେତେକ ପ୍ରାଚୀନ ଓଡ଼ିଆ ଭକ୍ତ ଓ ଭକ୍ତକବିଙ୍କ ଜୀବନୀରେ ଏପରି ଅଲୌକିକ ଘଟଣା ଶୁଣାଯାଏ । ବଳରାମ ଦାସ, ଜଗନ୍ନାଥ ଦାସ ପ୍ରଭୃତି କବିମାନେ ପ୍ରତ୍ୟକ୍ଷରେ ଭଗବାନଙ୍କ କୃପା ଲାଭ କରି ନିଜ ସମ୍ମାନ ରକ୍ଷା କରିପାରିଥିବା ସମ୍ବନ୍ଧୀୟ ବହୁ କିମ୍ବଦନ୍ତୀ ପ୍ରଚଳିତ ଅଛି ।

ଦୀନକୃଷ୍ଣ 'ଜଗମୋହନ ଛାନ୍ଦ' ରଚନା କରିବା ପରେ ସେହି ଗ୍ରନ୍ଥର ଭଣିତା ସମ୍ବନ୍ଧରେ ଏହି ଘଟଣାଟି ସମ୍ଭବ ହୋଇଥିବା ଅନୁମାନ କରାଯାଇ ପାରେ । ଦୀନକୃଷ୍ଣଙ୍କ ସମସାମୟିକ ବିଖ୍ୟାତ କବି ଲୋକନାଥ ବିଦ୍ୟାଧର 'ନୀଳାଦ୍ରି ମହୋଦୟ' କାବ୍ୟକୁ ଦିବ୍ୟସିଂହ ଦେବଙ୍କ ନାମରେ ଭଣିତା କରିଥିବାରୁ ସମକାଳୀନ କାବ୍ୟ 'ଜଗମୋହନ ଛାନ୍ଦ' ଏହି ଦଶା ଲଭିଥିବାହିଁ ଅନୁମିତ ହୁଏ ।

କବି ରସବିନୋଦର ପ୍ରଥମ ଅଧ୍ୟାୟରେ ସ୍ୱକୃତ ଗ୍ରନ୍ଥମାନଙ୍କର ଏକ ତାଲିକା ଦେଇଛନ୍ତି । ସେଥିରେ ରସବିନୋଦର ନାମ ଅଛି ଏବଂ ରସବିନୋଦ ପରେ ରଚିତ ହୋଇଥିବା କେତେକ ଗ୍ରନ୍ଥର ନାମ ମଧ୍ୟ ଅଛି । ରସବିନୋଦ ସମ୍ପୂର୍ଣ୍ଣ ହୋଇଯିବା ପରେ ଏହି ଗ୍ରନ୍ଥଗୁଡ଼ିକ ରଚିତ ହୋଇଥିଲା ଏବଂ କବି ଏମାନଙ୍କ ନାମ ପରେ ପ୍ରଥମ ଅଧ୍ୟାୟରେ ଯୋଡ଼ି ଦେଇଛନ୍ତି ବୋଲି ଅନୁମିତ ହେଉଛି । ଏହି ସମୟକୁ ଜଗମୋହନ ଛାନ୍ଦ ଓ ରସକଲ୍ଲୋଳ ଲେଖାହୋଇ ନ ଥିବାରୁ ଏହି ତାଲିକାରେ ଦିଆଯାଇ ନାହିଁ ।

କବିଙ୍କର ନାମରତ୍ନଗୀତାରେ ଏକାଧିକ ଦୀନକୃଷ୍ଣଙ୍କର ଭଣିତା ଦେଖାଯାଏ ଏବଂ ଏହି ମାୟା କବିମାନଙ୍କ ଯୋଗୁଁ ମୂଳ ଗ୍ରନ୍ଥର ପଦସଂଖ୍ୟା ନିଜେ କବି ଯାହା ବ୍ୟକ୍ତ କରିଛନ୍ତି ତାହା ଅପେକ୍ଷା ପ୍ରାୟ ତିନିଗୁଣ ଗୁଣ ବୃଦ୍ଧି ପାଇଯାଇଛି । ଏହି ମାୟା କବିମାନଙ୍କ ଭିତରେ ଜଣେ 'ଦ୍ୱିଜ ନୃସିଂହ ଦାସ ଶିଷ୍ୟ' କୃଷ୍ଣ ଦାସ ଅଛନ୍ତି ।

ରସ ବିନୋଦରେ ଦଶସହସ୍ର ପଦ ଥିବା କବି ଲେଖିଛନ୍ତି । ମୁଦ୍ରିତ ଗ୍ରନ୍ଥମାନଙ୍କରେ ପ୍ରାୟ ଏକହଜାର ପଦ ଊଣା ଥିବା ଦେଖାଯାଉଛି । ନାମରତ୍ନଗୀତାରେ କବିଙ୍କ ରଚିତ ପଦର ସଂଖ୍ୟା ଚାରିଗୁଣ ବୃଦ୍ଧି ପାଇଛି; ପରବର୍ତ୍ତୀ ସମୟରେ ବହୁ ପ୍ରକ୍ଷିପ୍ତ ଅଂଶ ଯୁକ୍ତହେବାରୁ ଗ୍ରନ୍ଥର କଳେବର ବର୍ଦ୍ଧିତ ହୋଇଛି । ଏହାଦ୍ୱାରା କବିଙ୍କ ନିଜ ରଚିତ ଅଂଶର ରୂପ ଆଦୌ ସ୍ପଷ୍ଟ ହେଉନାହିଁ ।

(୧) ପ୍ରଥମେ ସେ ଗୁଣସାଗର ନାମ ଦେଇଛନ୍ତି ୧୮୧୪ ପଦ, (୨) ରସ ସମୁଦ୍ର ୪୦୦୦ ପଦ, (୩) ଭୁକ୍ତ କେଳି ୧୦୦୦ ପଦରୁ କିଛି ଉର୍ଦ୍ଧ୍ୱ, (୪) ସଂସାର ବୋଧନ ୭୦ ପଦ, (୫) ଅମୃତ ସାଗର ୨୪୦୦ ପଦ, (୬) ମୁକ୍ତିସାଗର ୫୦୦୦ ପଦ, (୭) କଳିଯୁଗ ୭୫୦ ପଦ, (୮) ପ୍ରସ୍ତାବ ସିନ୍ଧୁ ୨୦୨୮ ପଦ, (୯) ଜଗମୋହନ ଛାନ୍ଦ ୬୮୦ ପଦ, (୧୦) ଜାମ୍ବବତୀ ବିଭା ୮୦ ପଦ, (୧୧) ଶ୍ରୀ ବୃନ୍ଦାବନ ବିହାର ୮୦୦୯୦ ପଦ, (୧୨) କଂସ ବଧ ୨୧୦୦ ପଦ, (୧୩) ଜ୍ଞାନ ସାଗର ୫୯୦ ପଦ, (୧୪) ଧର୍ମସାଗର ୧୬୫୦ ପଦ, (୧୫) ପାଞ୍ଚ ପାଟବଂଶୀ ବିଭା ୭୫୦ ପଦ, (୧୬) ଦରିଦ୍ର ଦାମୋଦର ଦ୍ୱିଜ ୩୧୫ ପଦ, (୧୭) ନାମରତ୍ନ ଗୀତା ୨୫୦୦ ପଦ, (୧୮) ଜ୍ଞାନ ଚୂଡ଼ାମଣି, (୧୯) ସ୍ତ୍ରୀ ପୁରୁଷ ଲକ୍ଷଣ, (୨୦) ଭକ୍ତି ସାଗର, (୨୧) ମହିମା ସାଗର । ରସକଲ୍ଲୋଳ ରସବିନୋଦ ପରେ ରଚିତ ହୋଇଛି । ଏହା ବ୍ୟତୀତ ଅନେକ ଚଉପଦୀ, ଚଉତିଶା, ଜଣାଣ, ମଧ୍ୟ ଦୀନକୃଷ୍ଣ ରଚନା କରିଅଛନ୍ତି । ଗ୍ରନ୍ଥମାନଙ୍କର ନାମକରଣରେ 'ସିନ୍ଧୁ', 'ସାଗର' ପଦର ବ୍ୟବହାର ଅଧିକ ଥିବାର ଦେଖାଯାଏ ।

କେହି କେହି କହନ୍ତି ଦୀନକୃଷ୍ଣ ପୁରୀ ଅବସ୍ଥାନ ସମୟରେ କୁଷ୍ଠରୋଗରେ ଆକ୍ରାନ୍ତ ହୋଇପଡ଼ିଥିବାରୁ ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରବେଶ କରିବା ଅଧିକାରରୁ ବଞ୍ଚିତ ହୋଇ ପଡ଼ିଥିଲେ । ସେହି କାରଣରୁ ସେ ପୁରୀଧାମ ତ୍ୟାଗ କରିଥିଲେ । କିନ୍ତୁ କବି ଜୀବିକା ଅର୍ଜ୍ଜନ ନିମିତ୍ତ ପୁରୀ ତ୍ୟାଗ କରି ଖୋର୍ଦ୍ଧା ଅଞ୍ଚଳରେ ଜଣେ ଧନିକ ବ୍ୟକ୍ତିଙ୍କ ଆଶ୍ରୟରେ କିଛିକାଳ ନିବାସ କରିଥିବା ଜଣାଯାଏ । ରାଜା ଦିବ୍ୟସିଂହ ଦେବଙ୍କ ଦ୍ୱାରା ଦୀନକୃଷ୍ଣ ପୁରୀରୁ ବିତାଡ଼ିତ ହୋଇଥିବା ମଧ୍ୟ କେହି କେହି କହନ୍ତି; କିନ୍ତୁ ଦାଢ୍ୟତା ଭକ୍ତିରସାମୃତ ଏହାକୁ ସମର୍ଥନ କରୁନାହିଁ । ବରଂ ଦିବ୍ୟସିଂହ ଦେବ ନିଜର ଭ୍ରମ ବୁଝିପାରି ଦୀନକୃଷ୍ଣଙ୍କୁ ସମ୍ମାନ କରିଥିଲେ ଏବଂ ବହୁ ପୁରସ୍କାର ମଧ୍ୟ ଦେଇଥିଲେ ।

**ରସକଲ୍ଲୋଳ ଓ ରସବିନୋଦ ରଚୟିତା ଏକ ବ୍ୟକ୍ତି—**

'ଦୀନକୃଷ୍ଣ' ନାମଧାରୀ ଏକାଧିକ କବି ଓଡ଼ିଶାରେ ଥିବାର ଜଣାଯାଏ । ଏମାନଙ୍କ ଭିତରୁ ରସବିନୋଦ ପ୍ରଭୃତି ଗ୍ରନ୍ଥର ରଚୟିତା ଦୀନକୃଷ୍ଣ ଦାସ, ମାଘ ମାହାତ୍ମ୍ୟ ଓ ଯମପୁରାଣର ରଚୟିତା ଦୀନକୃଷ୍ଣ ଦାସ, ଜ୍ଞାନକବାଟ ରଚୟିତା ଦୀନକୃଷ୍ଣ ପ୍ରସିଦ୍ଧ । ରସବିନୋଦ ପ୍ରଭୃତି ଗ୍ରନ୍ଥର ରଚୟିତା ନିଜକୁ ମଧୁସୂଦନ ଦାସଙ୍କ ପୁତ୍ର ଏବଂ ଯମପୁରାଣ ଓ ମାଘ ମାହାତ୍ମ୍ୟର କବି ନୃସିଂହ ଦାସଙ୍କ ପୁତ୍ର ଥିବା ସ୍ୱ ଗ୍ରନ୍ଥମାନଙ୍କରେ ବ୍ୟକ୍ତ କରିଛନ୍ତି ।

ରସବିନୋଦ ପ୍ରଭୃତି ଗ୍ରନ୍ଥର କବି ଓଡ଼ିଶାରେ ବିଶେଷ ଖ୍ୟାତି ଲାଭ କରିଥିବାରୁ ପରବର୍ତ୍ତୀ କାଳରେ କେହି କେହି କବି ଓ ପ୍ରକାଶକ ଗ୍ରନ୍ଥର ବହୁଳ ପ୍ରଚାର ଓ ବ୍ୟବସାୟ ଦୃଷ୍ଟିରୁ ଦୀନକୃଷ୍ଣଙ୍କ ଗ୍ରନ୍ଥମାନଙ୍କରେ ଅନ୍ୟ ଦୀନକୃଷ୍ଣମାନଙ୍କର ଲେଖାକୁ ଯୋଡ଼ି ଦେଇ ଗ୍ରନ୍ଥମାନଙ୍କର କଳେବର ବୃଦ୍ଧି କରିଛନ୍ତି ।

'ଦୀନକୃଷ୍ଣ ଦାସ' ଭଣିତାରେ ଏହିପରି ବିଭ୍ରାଟ ଥିବା ଦେଖି କେହି କେହି ସାହିତ୍ୟପ୍ରେମୀ ରସବିନୋଦ ରଚୟିତା ଦୀନକୃଷ୍ଣ ଦାସ ଓ ରସକଲ୍ଲୋଳ ରଚୟିତା ଦୀନକୃଷ୍ଣ ଦାସ ଭିନ୍ନ ଭିନ୍ନ ବ୍ୟକ୍ତି ବୋଲି ମତବ୍ୟକ୍ତ କରିଛନ୍ତି । କିନ୍ତୁ ଏହି ମତ ସମର୍ଥନ ଯୋଗ୍ୟ ନୁହେଁ ।

ରସବିନୋଦ, ନାମରତ୍ନ ଗୀତା ପ୍ରଭୃତି ଗ୍ରନ୍ଥରେ କବି ନିଜର ନାମ, ପିତାଙ୍କ ନାମ ପ୍ରକାଶ କରିଛନ୍ତି ଏବଂ ସ୍ଥଳବିଶେଷରେ ସ୍ୱ ଜୀବନୀର ବିଶେଷ ବିଶେଷ ଘଟଣା ବର୍ଣ୍ଣନା କରିଛନ୍ତି । ରସବିନୋଦରେ କବି ସ୍ୱ କୃତ ଗ୍ରନ୍ଥର ଏକ ସୂଚୀ ପ୍ରଦାନ କରିଛନ୍ତି । ରସକଲ୍ଲୋଳ, ମଧୁମଙ୍ଗଳ ପ୍ରଭୃତି କାବ୍ୟରେ କବି ନିଜକୁ ଦୀନକୃଷ୍ଣ ଦାସ ବୋଲି କେବଳ ବ୍ୟକ୍ତ କରିଛନ୍ତି ।

ରସବିନୋଦ ରଚୟିତା ଓ 'ରସକଲ୍ଲୋଳ' ରଚୟିତା ଅଭିନ୍ନ ବ୍ୟକ୍ତି ଥିବା ସପକ୍ଷରେ ବହୁ ବଳିଷ୍ଠ ଯୁକ୍ତି ଗ୍ରନ୍ଥମାନଙ୍କରୁ ଓ ଅନ୍ୟ ବାହ୍ୟ ପ୍ରମାଣରୁ ମିଳୁଛି ।

(୧) ରସବିନୋଦରେ ଯେଉଁ ଗ୍ରନ୍ଥ ତାଲିକା ଦିଆଯାଇଛି ତାହା ପରେ କବି ଆଉ କିଛି ଲେଖି ନଥିବାର ସ୍ପଷ୍ଟ ପ୍ରମାଣ ନାହିଁ । କବି ରସକଲ୍ଲୋଳ ପ୍ରଭୃତି ଗ୍ରନ୍ଥ ପରେ ଲେଖି ଥିବାରୁ ପୂର୍ବ ଗ୍ରନ୍ଥରେ ନାମର ସମ୍ଭବ ନୁହେଁ ।

(୨) ରସବିନୋଦାଦି ଗ୍ରନ୍ଥମାନଙ୍କରେ ଯେଉଁ ଭାବ ଓ ବିଷୟ ଦେଖାଯାଏ ରସକଲ୍ଲୋଳରେ ତାହାର ଚର୍ଚ୍ଚା ମଧ୍ୟ ବିଦ୍ୟମାନ ଅଛି ।

(୩) ରସବିନୋଦ ରଚୟିତା ଦୀନକୃଷ୍ଣ ଦାସଙ୍କ ଜଗମୋହନ ଛାନ୍ଦ ନାମକ ଗ୍ରନ୍ଥର କେତେକ ପଦର ଭାବ ଓ ଭାଷା ସହିତ ରସକଲ୍ଲୋଳର କେତେକ ପଦର ସାମ୍ୟ ଦୃଷ୍ଟିଗୋଚର ହୁଏ । ଏହା ଏକ ଲେଖନୀର ନିସୃତ ହୋଇଥିବା ସ୍ପଷ୍ଟ ପ୍ରତୀୟମାନ ହୁଏ ।

(୩) କବି ରାମଦାସଙ୍କ ଦାର୍ଢ୍ୟତାଭକ୍ତି ରସାମୃତ ଗ୍ରନ୍ଥରେ ଯେଉଁ କବି ଓ ଭକ୍ତ ଦୀନକୃଷ୍ଣ ଦାସଙ୍କ ଚରିତ ବର୍ଣ୍ଣିତ ହୋଇଛି ତାହା ରସବିନୋଦ ଓ ରସକଲ୍ଲୋଳ ରଚୟିତା ଦୀନକୃଷ୍ଣ ଦାସ; କାରଣ ରାମଦାସଙ୍କ ବିଷୟବସ୍ତୁ ସହ ରସବିନୋଦ ଗ୍ରନ୍ଥ ଓ ରସକଲ୍ଲୋଳରେ ବର୍ଣ୍ଣିତ କବିଙ୍କ ଆତ୍ମଚରିତର ବହୁ ସାଦୃଶ୍ୟ ଦେଖାଯାଉଛି । ଦୀନକୃଷ୍ଣ ଜାତିରେ କରଣ ବୋଲି ରାମ ଦାସ ଲେଖିଛନ୍ତି । ଏହା ଠିକ୍ ନୁହେଁ । କବି ଜାତିରେ ରାଜପୁତ ଥିବା ସ୍ୱ ଗ୍ରନ୍ଥମାନଙ୍କରେ ବର୍ଣ୍ଣନା କରିଛନ୍ତି । ଏହି ସାମାନ୍ୟ ଅଂଶ ବ୍ୟତୀତ ଚରିତର ମର୍ମ ଦୀନକୃଷ୍ଣଙ୍କ ରଚିତ ଗ୍ରନ୍ଥମାନଙ୍କରେ ମଧ୍ୟ ଦେଖିବାକୁ ମିଳେ ।

(କ) (ରାଜା କହିଲେ)—ମୋ ନାମ ଭଣିଲେ ଅବଶ୍ୟ,
ଅନେକ ଦେବି ଗ୍ରାମ ଦେଶ ।
ମୋ ରାଜ୍ୟେ ଦେବି ଅଧିକାର,
ଦେଖ ମୁଁ ଜଗତ ଈଶ୍ୱର
ନୋହିଲେ ମରିବୁ ଅବଶ୍ୟ,
ଛାଡ଼ ତୋ ଜୀବନର ଆଶ ।

ବୋଇଲେ ଶୁଣ ନୃପନାଥ,
କେବଳ ଦେବ ଜଗନ୍ନାଥ
(ଦୀନକୃଷ୍ଣ)—ଏ ପିଣ୍ଡ ବିକ ଅଛି ତାରେ,
ଗୀତ ମୁଁ ନ ବୋଲେ ଅନ୍ୟରେ ।
ଜଗତ ସୃଷ୍ଟି ଆନ ହେଲେ,
ଗୀତ ମୁଁ ଆନକୁ ନ ବୋଲେ ।

(ଦାର୍ଢ୍ୟତାଭକ୍ତି)

(ଖ) କବି ଯା କରେ ମୂର୍ଖଙ୍କୁ ସ୍ତୁତି, ଏଥିରୁ ବଡ଼ ନାହିଁ ବିପତ୍ତି ।
ର:କ: ୧୬ଶ ଛାନ୍ଦ ।

କୃଷ୍ଣ ଆଶ୍ରେ କର ସୁବିଦ୍ୟା ଆଚର ପାଷାଣ୍ଡଙ୍କୁ ଯା'ହା ସ୍ତୁତି
କୃଷ୍ଣଦାସ କହେ କିଛି ଭଲ ନୋହେ, କେବଳ ଦୁର୍ଗତିକ କାତି ।
ର:କ: ଛା: ୨୪ ।

ରସବିନୋଦ, ଜଗମୋହନ ଛାନ୍ଦ, ଧର୍ମଯାଗର, ପ୍ରସ୍ତାବସିନ୍ଧୁ ପ୍ରଭୃତି ଗ୍ରନ୍ଥର ବହୁପଦ ସହିତ ରସକଲ୍ଲୋଳର କେତେକ ପଦର ସାଦୃଶ୍ୟ ଥିବା ଦେଖାଯାଏ ।

(୧) ଦୀନକୃଷ୍ଣଙ୍କ ପ୍ରସ୍ତାବସିନ୍ଧୁରେ ଅଛି—

ନଦୀନାଞ୍ଚ ନଖୀନାଞ୍ଚ ଶୃଙ୍ଗୀଣାଂ ଶସ୍ତ୍ରପାଣିନାମ୍
ବିଶ୍ୱାସୋ ନୈବ କର୍ତ୍ତବ୍ୟଃ ସ୍ତ୍ରୀଷୁ ରାଜକୁଳେଷୁ ଚ ।

ଏହି ଶ୍ଳୋକଟି ଚାଣକ୍ୟ ନୀତିସାରରେ 'ରାଜଖଳେଳେଷୁ ଚ' ପରିବର୍ତ୍ତେ "ରାଜକୁଳେଷୁ ଚ" ଅଛି । ଦୀନକୃଷ୍ଣଙ୍କ ପ୍ରସ୍ତାବ ସିନ୍ଧୁରେ ଏହାର ଅନୁବାଦ ମଧ୍ୟ ସ୍ୱ ପାଠ ଅନୁସାରିଣୀ ହୋଇଛି ।

ରାଜାଙ୍କୁ ବିଶ୍ୱାସ କେବେ ନ ଯାଇ, ଖଳ ଲୋକକୁ ଯେ ବିଶ୍ୱାସ ନାହିଁ ।

ଏହି ଭାବଟି ରସକଲ୍ଲୋଳରେ ମଧ୍ୟ ପ୍ରକାଶ ପାଇଛି ।

କେବେହେଁ ତରଙ୍ଗିଣୀ ନରପତି ଶୃଙ୍ଗିଣୀ ଖଳକୁ ନ ଯାଇ ବିଶ୍ୱାସ ।

ର:କ: ୨୬ଶ ଛାନ୍ଦ

(୨) ଉଦାସ ହୋଇଣ ଜ୍ଞାନ ନ ପାଇଣ ବୁଲୁଥାଇ ରାଜ୍ୟମାନ କ
ଦେହେ ରୂପ ନାନାଏ ଲୋକଙ୍କୁ ଭଣ୍ଡାଏ ଏତେ ତୀର୍ଥ କଲା ଦେଖ ।

(ଧର୍ମସାଗର—ପ୍ରାଚୀ ସମିତି ସଂସ୍କରଣ ରସକଲ୍ଲୋଳ ମୁଖବନ୍ଧରେ ଉଦ୍ଧୃତ)

କରନ୍ତି ଅଙ୍ଗେ ଅନେକ ରୂପ କେହି ନ ଜାଣେ ଭିତର ପାପ ।
ଚିତ୍ରକାରକ ପଟ ପରାଏ ପ୍ରତ୍ୟକ୍ଷେ ଦିଶେ । ର:ସ: ୨୬ଶ ଛାନ୍ଦ ।

(୩) ମଧୁମଙ୍ଗଳ, ରସକଲ୍ଲୋଳ, ରସବିନୋଦ ପ୍ରଭୃତି ଗ୍ରନ୍ଥରେ ଧାନକୃଷ୍ଣ ବୈଷ୍ଣବ ଚରିତର ଚର୍ଚ୍ଚା କରିଛନ୍ତି ଏବଂ ଏକାଧିକ ସ୍ଥାନରେ ଏହାର ଉଲ୍ଲେଖ କରିଛନ୍ତି । 'ଗୁଣସାଗର'ଠାରୁ ଆରମ୍ଭ କରି କବି ଏହି ବୈଷ୍ଣବ ଚରିତ-ଚର୍ଚ୍ଚା ପ୍ରବାହକୁ ଅବ୍ୟାହତ ରଖିଛନ୍ତି । 'ଗୁଣସାଗର'ରେ ବର୍ଣ୍ଣିତ ମାତୃହରଣ ଦୋଷରୁ ହର ବିଷ୍ଣୁଙ୍କ କୃପାରୁ ମୁକ୍ତ ହେବା ଚରିତ, ଅନାଦିଙ୍କ-ଠାରୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଜାତ ହେବାରୁ ଏମାନେ ତିନିଭାଇ ପ୍ରଭୃତି ବିଷୟ ମଧୁମଙ୍ଗଳରେ ମଧ୍ୟ ସୂଚିତ ହୋଇଛି । ତୃତୀୟ ଅଧ୍ୟାୟରେ ହରି-ହର ବଚନକାରୁ ଏହା ସ୍ପଷ୍ଟ ଜଣାଯାଏ ।

ରସକଲ୍ଲୋଳ ଓ ଅନ୍ୟାନ୍ୟ ଗ୍ରନ୍ଥ ପରି ମଧୁମଙ୍ଗଳରେ ଜଗନ୍ନାଥଙ୍କ ଯାତ୍ରାର ଉଲ୍ଲେଖ ଦେଖାଯାଏ ।

ଶ୍ରୀଗୁଣ୍ଡିଚା ଯାତ ପ୍ରାୟ ଦାଣ୍ଡେ ଲୋକବାକ
ଦେଖୁଁ ଦେଖୁଁ ଆସି ମାଡ଼ି ପଡ଼ିଲେ ଅନେକ
ରଥେ ବିଜେ ଶ୍ୟାମହରି
କୃଷ୍ଣ ମନ ଗଲା କୃଷ୍ଣପଦ ଅନୁସରି । ୯ମ ଛାନ୍ଦ । ମ: ମ: ।

ଏହି ପଦ ଗୁଡ଼ିକ ରସକଲ୍ଲୋଳର ପଦ ସହିତ ମିଶି ଯାଉଛି ।

କ ସେ ଗୁଣ୍ଡିଚି ଯାତ ପ୍ରାୟେ ଲୋକ ବହୁତ
ଦେଖୁଁ ଦେଖୁଁ ମାଡ଼ି ପଡ଼ିଲେ ସେ ।୨୬।
କାମପାଳ ଶ୍ରୀହରି ପ୍ରୀତି ମଣୋହି ସାରି
ରଥରେ ଯାଇ ବିଜେ କଲେ । ୨୭। ୨୫ଶ ଛାନ୍ଦ ।

କାବ୍ୟଟିର ନାମ ମଧୁମଙ୍ଗଳ ଥିବା କବିଙ୍କ ଭଣିତାମାନଙ୍କରୁ ଜଣାଯାଉଛି ।

(କ) କହେ ଆନନ୍ଦ ମନେ ଦୀନକୃଷ୍ଣ ଏ ରସ
ସାଧୁଜନେ ପାନକର ଏକମନେ ମଧୁମଙ୍ଗଳ ଗୀତରସ । ୬ଷ୍ଠ ।
(ଖ) କୃଷ୍ଣର ନୃତ୍ୟ ଦେଖିବା ପାଇଁ କୃଷ୍ଣ ଦାସର ଚିତ୍ତ
ସୁଜନ ହିତେ ରଚିଲା ଏହି ମଧୁମଙ୍ଗଳ ଗୀତ । ୧୬ଶ ।

ମଧୁମଙ୍ଗଳ ଓ ରସକଲ୍ଲୋଳ 'ରସବିନୋଦ' ରଚିତ ହେବା ପରେ ରଚିତ ହୋଇଛି । କାରଣ ରସବିନୋଦର କବିପ୍ରଦତ୍ତ ଗ୍ରନ୍ଥତାଲିକାରେ ଏହି ଗ୍ରନ୍ଥମାନଙ୍କର ନାମ ନାହିଁ ।

(୪) ରସବିନୋଦ ପୂର୍ବରୁ ରଚିତ ଗ୍ରନ୍ଥ, ଚଉତିଶା, ଭଜନ ପ୍ରଭୃତିଙ୍କ ମଧ୍ୟରେ ଜଗମୋହନ ଛାନ୍ଦ, କମଳାକାନ୍ତ ଚୌତିଶା, ଶ୍ରୀରାମସ୍ତବ ପ୍ରଭୃତିରୁ ଦୀନକୃଷ୍ଣଙ୍କର କବି ପ୍ରତିଭାର ପରିଚୟ ମିଳୁଛି ଏବଂ ଏହି କବିପ୍ରତିଭା ରସକଲ୍ଲୋଳରେ ପୂର୍ଣ୍ଣାଙ୍ଗ ଲାଭ କରିଛି । ଏହି କାବ୍ୟ କବିତାମାନଙ୍କ ଭିତରେ ବହୁ ସ୍ଥାନରେ ଭାବ ଓ ଭାଷାର ସାମ୍ୟ ଥିବା ଦୃଷ୍ଟିଗୋଚର ହୁଏ ।

(କ) ଜଗମୋହନ ଛାନ୍ଦ—କଳହ କଲେ ବିଷ୍ଣୁଙ୍କ ସ୍ତୁତି ପରାୟେ
ଗମନ କଲେ ତା ପରିକ୍ରମାକୁ ପାଏ ।
ଶୋଇଥିଲେ ଯହିଁ ଦଣ୍ଡ ପ୍ରମାଣ ସମ
ଆମିଷ ଆହାର ଆଦି ହବିଷ୍ୟ କର୍ମ ।୧ମ ଛାନ୍ଦ ।

ରସକଲ୍ଲୋଳ—

କରୁଥିଲେ ଗଢ ପରକ୍ରମା ମଢ କଳଙ୍କ ସ୍ଫୁଟ ପରାୟେ
କରନ୍ତେ ଆମିଷ ଅଭକ୍ଷ ଦ୍ରବ୍ୟ ଗ୍ରାସ ହବିଷ୍ୟ କର୍ମକୁ ପାଏ ।
କଲେ ନିଦ୍ରା ଯହିଁ ଦଣ୍ଡ ପ୍ରଣାମ ହିଁ ଫଳ ହୁଅଇ ପ୍ରାପତ
କଳହବାଦ ସ୍ତୁତି ଘେନକର ଭୃତ୍ୟମାନେ ଜୀବନ ମୁକତ ।୨୪ଶ ଛାନ୍ଦ ।

(ଖ) ଖଳ ବଳ ଲୋକଙ୍କୁ ଏ ସୁଖଦାୟକ ନୁହଇ କେବେହେଁ
ଚନ୍ଦ୍ର ଉଦେହେଲେ ଅକର୍ମଶିଳା ଯେ ଲେଶେ ହେଁ
ଦ୍ରବୀଭୂତ ନୋହେ ।
ବୋଧ ନୁହନ୍ତି କି ହେବ ତାହାଙ୍କୁ କହିଲେ,
ମାଟି ମାର୍ଜାର ସର୍ପ ଫେଣ ନ ଧରେ ଯେତେ ପଦ୍ମତୋଲା ଗାଇଲେ ।
ଜ: ଗ: । ୪ର୍ଥ ଛାନ୍ଦ ।

କଳାକର ଉଦେହେଲେ ଇନ୍ଦୁମଣି ଦ୍ରବେ ?
କେତେବେଳେ ଅକର୍ମଶିଳାକୁ ନୀର ସ୍ରବେ ?
କୋମଳ କରି ଗାଇଲେ ପଦ୍ମତୋଳା ଗୀତ
କରେ ମାଟିମାର୍ଜାର ଫଣୀ ଫଣା ଉନ୍ନତ ? ର: କ । ୭ମ ଛାନ୍ଦ ।

(ଗ) କିଂଶୁକ କୁସୁମପାଟ କରବାଲ ରଙ୍ଗ କୋଷରେ ଛୁଆଇଁ
ଝଟିହିଁ ବିଶ୍ୱାସ କରି ଦ୍ୱିଜବର ଗୋଚରେ ଥାଇ
ତା ଦେଇ । ହେ ଜନେ । ଜ: ମୋ । ୬ଷ୍ଠ ଛାନ୍ଦ ।

କିଂଶୁକ ପାଟ କରବାଲ ତାହାର
କରିବାରୁ ରଙ୍ଗ କୋଷେ ତାହା ସଙ୍ଗ ସୁଖ ନୋହୁଅଛୁ କାହାର ।
ର: କ । ୧୨ଶ ଛାନ୍ଦ ।

(ଘ) କୁଙ୍କୁମୀ ଦୀନଜନ-ମନ ପରାୟେ ଦିବସ ହୋଏ ସନ୍ତପନ୍ତ ।
ଜ: ମୋ । ୭ମ ଛାନ୍ଦ ।

କୃଷ୍ଣମୂର୍ତ୍ତି ଦୀନଜନ-ମନ ପର୍ଯ୍ୟନ୍ତେ ସନ୍ତାପି
ହେଲେ ଏକା ହନେ । ର: କ । ୧୫ଶ ଛାନ୍ଦ ।

(ଙ) କୃପଣକୁ ଲୋଭୀ ସୁତ ଜଳ ପ୍ରାୟେ
ଶ୍ରମହିଁ ସିନା ରହିବ । କ:ମୋ । ୭ଷ୍ଠ ଛାନ୍ଦ ।
କୃପଣକୁ ଲୋଭୀ ପ୍ରାୟେ ତାଙ୍କୁ ଲଭି
ଆଶା ଅନଳେ ମରୁଛୁଁ ପୋଡ଼ି । ର:କ: । ୩୨ଶ ଛାନ୍ଦ ।

(ଚ) ବନେ ବନାନଳ ଜଳନ୍ତ ପ୍ରବଳ ଫୁଟନ୍ତି ତୃଣ ଧ୍ୱଜମାନେ । କ:ମୋ ।
ବନେ ବନ ଅଗ୍ନି ହସିଲେ ସୁଜନେ
କାହିଁ ତୃଣ-ରଜେ ଫୁଟନ୍ତି । ର:କ । ୧୫ଶ ଛାନ୍ଦ ।

(ଛ) ଫେନ ଉଦଗାର ଗନ୍ଧର୍ବ ବଇରି ଲୋଟନ୍ତି
ପଡ଼ି ପାଦ ପଙ୍କେ । କ:ମୋ ।
କର୍ଦ୍ଦମରେ ପଡ଼ି ଫେନ ମୁଖେ ରଡ଼ି ଛାଡ଼ନ୍ତି
ଗନ୍ଧର୍ବ ବଇରି । ର:କ: । ୧୫ଶ ଛାନ୍ଦ ।

(ଜ) ଏତେବଡ଼ ପ୍ରଭୁ ଆଉଁ ଥାଉଁ ଦୀନକୃଷ୍ଣ ଏମନ୍ତ ମୂରୁଖ
ଅତ୍ୟନ୍ତ ସଂସାର କଷ୍ଟସ୍ରୋତେ ପଡ଼ି ପାଉଅଛି ମହାଦୁଃଖ ।
ପେଟ ଛାର ପାଇଁ ଅନାସ୍ଥିତ ହୋଇ ଦୁଃସହ କଥା ସହଇ
ଅସ୍ଥିତ ପାଦକୁ ନାନା ସ୍ତୁତି କରି ଲମ୍ବହୋଇ ପଡ଼ିଥାଇ । ୧୦ମ ଛାନ୍ଦ ।

(ଝ) ଦୀନକୃଷ୍ଣ ବୋଲେ ନଜର ହେଲା, ଖରୁଥାଅ ଶ୍ୱେତ ପଙ୍କଜ ତୋଳା ।
ସବୁଠାରେ ସମ ହୃଦୟ ହୁଅ, ସନ୍ତୋଷେ ଦୀନଜନେ ଦାନ ଦିଅ ।
କୋମଳ ପ୍ରିୟ ବଚନକୁ କହ,
ଜୀବରେ ମାନ ଦୟା ଥିବ ବହୁ । କ: ମୋ: । ୩ୟ ଛାନ୍ଦ ।

କର ଧରି କହୁଅଛି ହେ ଜନେ, କ୍ରୋଧ ଅଭିମାନ ନଧର ମନେ ।
କରୁଣା ହୃଦୟ କରତେ ହୁଅ, କୃଷ୍ଣ କଥାରେ ଏକା ମନ ଦିଅ ।
କର ଧନେ ଦାନ, କହୁ କହୁ ଯିବନ୍ତି ଏ ଜୀବନ ।

କେବଳ ସାଧୁ ସଙ୍ଗେ ସଙ୍ଗ ହୁଅ, କୁଟିଳ ଲୋକ ପାଖକୁ ନ ଯାଅ ।
କୋମଳ କରି କଥାମାନ କହ,
କୃଷ୍ଣ ଭକତ ଜନମନ ମୋହ । ର: କ: । ୩୪ଶ ଛାନ୍ଦ ।

ଅକଞ୍ଚନ କୃଷ୍ଣ ଦାସ, ଦୀନକୃଷ୍ଣ ଦାସ ନୁହଁନ୍ତି—

ଧାନକୃଷ୍ଣ ଦାସଙ୍କୁ କେହି କେହି ଅନ୍ତବର୍ତ୍ତୀ ସମ୍ପ୍ରଦାୟର ବୈଷ୍ଣବ ବୋଲି କହୁଛନ୍ତି । ଦିବାକର ଦାସ ଜଗନ୍ନାଥ ଚରିତାମୃତରେ ଶ୍ରୀ ଚୈତନ୍ୟଙ୍କ ଭକ୍ତ 'ଅକଞ୍ଚନ କୃଷ୍ଣଦାସ'ଙ୍କ ନାମର ଉଲ୍ଲେଖ କରିଛନ୍ତି ଏବଂ ଶ୍ରୀ ଚୈତନ୍ୟଙ୍କ ଗହଣରେ ସେ କିଛିକାଳ ଅବସ୍ଥାନ କରିଥିବାର ଲେଖିଛନ୍ତି । ଗୌଡ଼ ଭକ୍ତଙ୍କ ଭିତରେ 'ଅକଞ୍ଚନ କୃଷ୍ଣଦାସ' ଅଛି । ମୁରାରିଦାସାଦିଙ୍କ ସହିତ ତାଙ୍କ ନାମ ଅଛି । "ଗୁପତ ମୁରାରି ଯେ ଦାସେ ଶ୍ରୀ ଅକଞ୍ଚନ କୃଷ୍ଣଦାସେ । ୭ମ ଅ ।" କବି ଧାନକୃଷ୍ଣ ଦାସ କେତେବେଳେ ନିଜକୁ କୃଷ୍ଣଦାସ, କେତେବେଳେ ବା ଧାନକୃଷ୍ଣ ଦାସ ବୋଲି ଲେଖିଥିବାରୁ ତାଙ୍କ ନାମର 'ଧାନ' ପଦ ସହିତ 'ଅକଞ୍ଚନ' ପଦର ସମ ଅର୍ଥ ଥିବାରୁ "ଏହି ଅକଞ୍ଚନ କୃଷ୍ଣଦାସ'ଙ୍କୁ ଧାନକୃଷ୍ଣ ଦାସ ବୋଲି କହି ସେ ମାଧୁର୍ଯ୍ୟ ଭକ୍ତିର ଭକ୍ତ ଥିବା ଏମାନେ କହନ୍ତି । କିନ୍ତୁ ଏହା ଠିକ୍ ନୁହେଁ । ଅକଞ୍ଚନ କୃଷ୍ଣଦାସ ଜଣେ ଗୌଡ଼ଦେଶୀୟ ଚୈତନ୍ୟ-ଭକ୍ତ ଏବଂ କବି ଧାନକୃଷ୍ଣ ଦାସଙ୍କର ପ୍ରାୟ ଦୁଇଶହ ବର୍ଷ ପୂର୍ବର ଲୋକ ।

କବି ଓ କବିତା ରଚନା—ରସବିନୋଦ ବା ନିତ୍ୟରାସ ଗ୍ରନ୍ଥରେ କବି ନବାକ୍ଷରୀ ବୃତ୍ତ ବା ଭାଗବତ ବୃତ୍ତ ବ୍ୟବହାର କରିଛନ୍ତି ଏବଂ ବୃତ୍ତର ଅକ୍ଷର ସଂଖ୍ୟା ରକ୍ଷା କରିବା କବିଙ୍କର ଏକ ପ୍ରଧାନ ଲକ୍ଷ୍ୟ ଥିବା ମଧ୍ୟ ସୂଚନା ଦେଇଛନ୍ତି । ଛନ୍ଦ ପ୍ରତି ବିଶେଷ ଧ୍ୟାନ ଦେଇ ହାତରେ ଅକ୍ଷର ଗଣି ପଦ ଠିକ୍ କରି ସାରିବା ପରେ ପତ୍ରରେ ଲେଖିବା ଉଚିତ ଏବଂ ମନ ଓ ନୟନକୁ ଏକ କରି ଲେଖନ ମୂନରେ ଦୃଷ୍ଟି ଭରି, ଚୈତନ୍ୟକୁ ସ୍ଥିର ରଖି ରଚନା କଲେ ଅକ୍ଷରଟଳିବ ନାହିଁ, ଏହା କବି କହିଛନ୍ତି । ଅକ୍ଷର ଗଣନାର ସହ ମନ-ଚୈତନ୍ୟର ସ୍ଥିରତା ଯୁକ୍ତ ହେଲେ କବିତ୍ୱ-ନିଷ୍ଠା ଉଦୟ ହେବ ଏବଂ

ଏହି ନିଷ୍ଠା କବିତା-ରଚନା ଶକ୍ତିର ଅଭିବୃଦ୍ଧି ସାଧନ କରିବା ସଙ୍ଗେ ସଙ୍ଗେ କବିତା ମାଧୁରୀ ସୃଷ୍ଟି କରିବାରେ ସମର୍ଥ ହେବ । ଏହି ବିଷୟରେ କବିଙ୍କ ମତ ସ୍ପଷ୍ଟଥିବାରୁ ତାଙ୍କ ନିଜ ଭାଷାରେ ଏହା ଏଠାରେ ଦିଆଗଲା ।

ବୃତ୍ତି ରକ୍ଷା ଓ କବିତ୍ୱ ସମ୍ବନ୍ଧରେ ଧ୍ୟାନକୃଷ୍ଣଙ୍କ ମତର ଐତିହାସିକ ଆବଶ୍ୟକତା ରହିଛି । ତାଙ୍କ ପୂର୍ବରୁ ଶାରଳା ଦାସ ମହାଭାରତରେ ଏବଂ ବଳରାମ ଦାସ ଜଗମୋହନ ରାମାୟଣରେ ବୃତ୍ତିର ଅକ୍ଷରନିୟମକୁ ସବୁଠାରେ ମାନି ନଥିବା ଜଣାଯାଉଥିବାରୁ ଏହାର ସପକ୍ଷ ଓ ବିପକ୍ଷରେ ଯୁକ୍ତି ଶୁଣାଯାଉଥିଲା । ଧ୍ୟାନକୃଷ୍ଣ ବୃତ୍ତିର ଅକ୍ଷର ସଂଖ୍ୟାର ବ୍ୟତିକ୍ରମକୁ ସମର୍ଥନ କରିନାହାନ୍ତି ଏବଂ ବୃତ୍ତିର ଅକ୍ଷର ସଂଖ୍ୟାର ରକ୍ଷା କବିତାର ଏକ ପ୍ରଧାନ ଅଙ୍ଗ ବୋଲି ସ୍ପଷ୍ଟ ଭାବରେ ମତ ବ୍ୟକ୍ତ କରିଛନ୍ତି ।

ଏ ଗ୍ରନ୍ଥ ଚରଣକୁ ଚିହ୍ନ, ନବ ଅକ୍ଷର ପରିଛିନ୍ନ ।
ଅଷ୍ଟ ଅକ୍ଷର ହୋଇନାହିଁ, ଦଶକୁ ଯିବ ଆଉ କାହିଁ ।
ଲେଖିବା ପଢ଼ିବାର ଲୋକ, ସେ ଯେବେ ହୋଇବ ବିବେକ ।
ଅନୁଭବରେ ଦେଇ ମନ, ବିଚାରି କରିବ ଲେଖନ ।
ଅକ୍ଷର ଗଣିବ ହସ୍ତରେ, ତେବେ ସେ ଲେଖିବ ପତ୍ରରେ ।
ମନ ନୟନ ଏକ କରି, ଲେଖନ ମୂନେ ଦୃଷ୍ଟି ଭରି ।
ଚୈତନ୍ୟ ନ ଟଳିବ ଯେବେ, ଅକ୍ଷର ନ ବଳିବ ତେବେ ।
ଯୁକତେ ମତ୍ତ ହସ୍ତୀ ମନ, ତାହାକୁ ଅଙ୍କୁଶ ଚୈତନ୍ୟ ।
ଲୋଚନ ଦୁଇ ରବି ଶଶୀ, ଠୁଳ ହୋଇଣ ଯେବେ ବସି ।
ଲେଖନ ମୂନ ଯେଣ ପାଞ୍ଚ, ସବୁ ତା ହେଥି କରି ଆଞ୍ଚ । .
ଏମନ୍ତ ଭାବେ ଯେବେ ଲେଖି, ଏଥିକୁ ଜଗନ୍ନାଥ ସାକ୍ଷୀ ।

ଏତେ ନିଷ୍ଠା ସତ୍ତ୍ୱେ ଯଦି ଭୁଲ୍ ହୁଏ ତେବେ ଏଥିରେ କବିର ଦୋଷ ନାହିଁ, ପାପ ନାହିଁ ।

ଏତେ ପ୍ରକାରେ ଯେବେ ହୁଡ଼ି, ଧର୍ମ ତା କଷ୍ଟ ଦେବେ ଫେଡ଼ି ।
ଏହାର କିଛି ନାହିଁ ଦୋଷ, ଭଣିଲେ ଦୀନକୃଷ୍ଣ ଦାସ । ର:ବି: । ୧ମ ଅ: ।

ବୃତ୍ତ ରକ୍ଷା ଓ ରଚନାରେ ଏକାଗ୍ରତା ରକ୍ଷା ଧର୍ମର ଏକ ଅଙ୍ଗ, ଏହି ବିଶ୍ୱାସ ଦୀନକୃଷ୍ଣଙ୍କର ଥିବାରୁ ସେ ରଚନାର ବାହ୍ୟ ଓ ଅନ୍ତର ପରିପାଟୀ ପ୍ରତି ବିଶେଷ ଦୃଷ୍ଟି ଦେଉଥିଲେ । ଓଡ଼ିଶାରେ ପ୍ରାଚୀନ ଯୁଗର କବିତାମାନଙ୍କରେ ଶତାଧିକ ଛନ୍ଦର ବ୍ୟବହାର ଦେଖାଯାଏ । ଏଥିରୁ ବହୁ ଛନ୍ଦର ଆକାର ଜଟିଳ । ଏହା ସତ୍ତ୍ୱେ କବିମାନେ ଛନ୍ଦର ଆକାର ରକ୍ଷା କରିବାରେ ପ୍ରାଣପଣେ ଚେଷ୍ଟା କରିଛନ୍ତି । ଭାବକୁ ଯେତିକି ପ୍ରାଧାନ୍ୟ ଦେଇଛନ୍ତି, ଛନ୍ଦର ରୂପକୁ ମଧ୍ୟ ସେତିକି ପ୍ରାଧାନ୍ୟ ଦେଇଛନ୍ତି; କାରଣ, ଛନ୍ଦ ରକ୍ଷାରେ ବ୍ୟତିକ୍ରମ ଅଲଙ୍କାରଶାସ୍ତ୍ର ଅନୁସାରେ ଏକ ଦୋଷ ବୋଲି ଧରାଯାଏ ।

ଅଙ୍ଗୁଷ୍ଠିରେ ଅକ୍ଷର ଗଣି ଲେଖିବା ବର୍ତ୍ତମାନ କାଗଜ-ଯୁଗରେ ସେତେ ଆବଶ୍ୟକ ହେଉନାହିଁ; କିନ୍ତୁ ତାଳ-ପତ୍ର ଯୁଗରେ ଲେଖନର ପରିଶ୍ରମ ଦୃଷ୍ଟିରୁ ଏହା ଯେ ନିତାନ୍ତ ଆବଶ୍ୟକ ତାହା ତାଳପତ୍ରରେ ଲେଖୁଥିବା ଲୋକଙ୍କ ଅନୁଭୂତିରୁ ସୁସ୍ପଷ୍ଟ । ଅଙ୍ଗୁଷ୍ଠିରେ ଅକ୍ଷର ଗଣି ଅତି ସାବଧାନରେ ଲେଖି ଦୀନକୃଷ୍ଣ ଯେଉଁ କାବ୍ୟ କବିତା ଗୁଡ଼ିକ ଦାନ କରିଛନ୍ତି ସେଗୁଡ଼ିକ ଯେ ନୈସର୍ଗିକ କବିତ୍ୱ ସ୍ଫୂର୍ତ୍ତିର ପରିଚୟ ପ୍ରଦାନ କରୁନାହିଁ ଏହା କୁହାଯାଇ ନ ପାରେ । ଦୀନକୃଷ୍ଣଙ୍କ ରଚନା ଗୁଡ଼ିକର ପ୍ରାଞ୍ଜଳତା ଓ ପ୍ରାଣ ଏହି ଅଙ୍ଗୁଷ୍ଠିରେ ଅକ୍ଷର ଗଣନା ରୀତି ଯୋଗୁଁ କ୍ଳିଷ୍ଟ କିମ୍ବା ଲାଳିତ୍ୟହୀନ ହୋଇନାହିଁ ।

ଦୀନକୃଷ୍ଣ ଦାସ କବି ଓ କବିତା ସମ୍ବନ୍ଧରେ ରସବିନୋଦରେ ସପ୍ତଦଶ ଅଧ୍ୟାୟରେ ସୁନ୍ଦର ଭାବରେ ଲେଖିଛନ୍ତି । ଅବଶ୍ୟ ଭକ୍ତକବିଙ୍କ ପକ୍ଷରେ ତାହା ଲିଖିତ ହୋଇଥିଲେ ମଧ୍ୟ ସମୂହ ଭାବରେ କବି ଓ କବିତା ସମ୍ବନ୍ଧରେ ତାହା ପ୍ରଯୋଗ କରାଯାଇପାରେ । କବିଙ୍କ ସମ୍ବନ୍ଧରେ ଦୀନକୃଷ୍ଣଙ୍କ ଉଚ୍ଚ ଧାରଣା ହିଁ ଏଥିରୁ ସୂଚିତ ହେଉଛି । ଯେଉଁମାନେ ପଦ ଯୋଡ଼ୁଛନ୍ତି ସେମାନେ ସ୍ୱୟଂ ଭଗବାନଙ୍କ ନିଜର କୁଟୁମ୍ବର ଲୋକ ବୋଲି ଭଗବାନଙ୍କ ମୁଖରେ କବି କୁହାଇଛନ୍ତି ।

ପଦ ଯୋଡ଼ନ୍ତି ଯେଉଁ ଜନେ, ଆମ୍ଭର କୁଟୁମ୍ବ ସେମାନେ । ୧୭ଶ ଋ:ବ: !

ଭଗବାନ କବିମାନଙ୍କ ହୃଦୟରେ ରହି 'ନଇଲ' (ନ ଆସିଲା) ପଦକୁ କହି ଦିଅନ୍ତି ଏବଂ କବି କିଛି ନ ଜାଣିଥିଲେ ମଧ୍ୟ ତାଙ୍କୁ ଯାଚି ବଳେ ପଦ କହିଦିଅନ୍ତି । କବିଙ୍କ କବିତ୍ୱ ପାଠ ହେଉଥିବା ସ୍ଥଳରେ ଭଗବାନଉପସ୍ଥିତ ରହନ୍ତି ।

ଯେ ଅବା ଯେଉଁଠାରେ ଗାଇ, ଆମ୍ଭ ଶ୍ରବଣ ସେହିଠାଇଁ ।

କବିତ୍ୱ ଓ କବିଙ୍କ ପଦ ଅମର, ହିବୁଦିନେ ସେମାନଙ୍କର କୀର୍ତ୍ତି ଜୀବିତ ରହିଥାଏ ।

କବିଙ୍କ ପଦ ସୁଖ ପ୍ରୀତି, ସବୁ ଦିନରେ ଥାଇ କୀର୍ତ୍ତି ।

ଭଗବାନ ଭକ୍ତକବିଙ୍କୁ ଦୟା କରନ୍ତି ବୋଲି କବି ପଦଯୋଡ଼ିବାରେ ସମର୍ଥ ହୁଅନ୍ତି । ଭଗବାନଙ୍କ ଦୟାରୁ ସେମାନେ ମୋକ୍ଷ ମଧ୍ୟ ହୁଅନ୍ତି । ପ୍ରଭୁଙ୍କ କୃପା ନ ହେଲେ ପଦଯୋଜନାରେ ମନ ପଶି ପାରିବ ନାହିଁ । କବିମାନେ ଯୁଗେ ଯୁଗେ ପ୍ରଭୁଙ୍କ ସଙ୍ଗରେ ଜନ୍ମଗ୍ରହଣ କରୁଥିବାରୁ ସେମାନେ ପ୍ରଭୁଙ୍କର ନିଜ ଅଙ୍ଗ ।

ସେ କବିମାନ ନିଜ ଅଙ୍ଗ, ସବୁ ଜନମେ ସବୁ ସଙ୍ଗ ।
କୃପା ନ କଲେ ଭଗବାନ, ପଦରେ ପଶିବ କି ମନ ।

ପୂର୍ବବାସନା ନ ଥିଲେ ଲୋକର କବିତ୍ୱ ଶକ୍ତି ପ୍ରକାଶ ପାଏ ନାହିଁ । ପୂର୍ବବାସନା ହେତୁ କବିମାନେ ଏ ଜନ୍ମରେ ମୁନି; କାରଣ ସେମାନେ ପୂର୍ବ ଜନ୍ମରେ ମୁନିଥିଲେ ।

ପୂର୍ବେ ସେ କବିମାନେ ମୁନି, ଗତ ବାସନା ଭାବ ଘେନି ।
ଗତ ବାସନା ଆଇ ଯେବେ, ଗୁଣ ପ୍ରାପତ ହୋଇ ତେବେ ।
ବାସନା ନଥିଲେ ଯେ ବଡ଼ି, ପଦହିଁ ନ ପାରନ୍ତି ଯୋଡ଼ି ।

ଯେଉଁ ଲୋକମାନେ ପଦରଚନା ନକରି କେବଳ ନାମସଂକୀର୍ତ୍ତନରେ ଧ୍ୱନି କରନ୍ତି ସେମାନଙ୍କ ନାମ ବିଷ୍ଣୁଭକ୍ତ ଶ୍ରେଣୀରେ ଲେଖାହେବ । ପୂର୍ବ ବାସନା ଥିଲେ ଏମାନଙ୍କ ଭିତରୁ କେହି କେହି କବି ହୋଇପାରନ୍ତି । ନାମ-ସଂକୀର୍ତ୍ତନକାରୀ ବିଷ୍ଣୁଭକ୍ତଙ୍କ ବାସନା ଏ ଦେହ ଥିବା ପର୍ଯ୍ୟନ୍ତ ବର୍ତ୍ତମାନ ଥାଏ, କୀର୍ତ୍ତି ରହେନାହିଁ; କିନ୍ତୁ ପଦକର୍ତ୍ତା ବିଷ୍ଣୁଭକ୍ତ ବିଷ୍ଣୁଙ୍କ କୃପା ଲଭିକରି ତାଙ୍କ କୁଟୁମ୍ବ ଭିତରେ ଗଣା ହୋଇ, ଯୁଗେ ଯୁଗେ ତାଙ୍କ ସଙ୍ଗରେ ରହି ଅମରକୀର୍ତ୍ତି ରଖି ଯାଆନ୍ତି ।

ଆଉରି ଯେତେ ଲୋକମାନ, କରନ୍ତି ନାମ ସଂକୀର୍ତ୍ତନ ।
ସେ ଲୋକମାନଙ୍କ ବାସନା, ଏ ଦେହ ଥିବା ଯାଏ ସିନା ।
ବିଷ୍ଣୁ କଥାରେ ହୋନ୍ତି ପ୍ରୀତ, ସଂସାରେ ନରହଇ କୀର୍ତ୍ତି ।
ଗତ ବାସନା ଥାଇ ଯେବେ, ଗୁଣ ପ୍ରାପତ ହୋଇ ତେବେ ।
ବାସନା ନ ଥିଲେ ସେ ବଳି, ପଦହିଁ ନ ପାରନ୍ତି ଯୋଡ଼ି ।

ଏହି କବିମାନେ ନିଜେ ଇହଲୋକରେ ତରିଯାଇ ସଂସାର ଜନଙ୍କୁ ତାରନ୍ତି ।

ସେ ପଦ ଯେଉଁମାନେ ପାନ୍ତି, ଇହ ଲୋକରେ ତରିଯାନ୍ତି ।
କର୍ଣ୍ଣେ ଶୁଣନ୍ତି ଯେଉଁ ଜନେ, ମୁକତ ହୁଅନ୍ତି ସେମାନେ ।
କବିତ୍ୱ ପଦ ସୁଖ ପ୍ରୀତ, ଚାରି ଯୁଗରେ ଥାଇ କୀର୍ତ୍ତି ।

କବି ଓ କବିତା ସମ୍ବନ୍ଧରେ ଦୀନକୃଷ୍ଣଙ୍କ ମତଗୁଡ଼ିକ ବାସ୍ତବତା ଦିଗରୁ ଅତି ଉପାଦେୟ । କବି ସର୍ବସୁନ୍ଦର ଛବିର ଚିତ୍ର ପଦାବଳୀରେ ବର୍ଣ୍ଣିବା କରିବାକୁ ଯତ୍ନପରୋନାସ୍ତି ଚେଷ୍ଟା କଲେ ମଧ୍ୟ ଏଥିରେ ପୂର୍ଣ୍ଣସଫଳକାମ ହୋଇ ନଥିଲା ପରି ସେ ଅନୁଭବ କରେ । କବି ମନେକରେ, ସତେ ଯେପରି ଭାବିଭାବି ସେ ଜଡ଼ ପାଲଟି ଯାଇଛି ।

କହିବହିଁ କେତେ ସେ ନାଟ ଛବି,
କବି ଜଡ଼ ହୋଇ ରହେ ଯା' ଭାବି । ୨୭ । ୫ମ ଛାନ୍ଦ ।

ଏହିଠାରେ କବିଙ୍କ ବ୍ୟବସାୟ ମଧ୍ୟ ବୁଡ଼ିଗଲା ବୋଲି ଲେକେ କୌତୁକରେ କହନ୍ତି । ଶିଶୁ କୃଷ୍ଣଙ୍କ ଅପୂର୍ବ ଶୋଭା ବର୍ଣ୍ଣନା ପ୍ରସଙ୍ଗରେ କବି ଏହି ଭାବକୁ ମନୋଜ୍ଞ ଭାବରେ ପ୍ରକାଶ କରିଛନ୍ତି—

କେ ବୋଲଇ କବି ବାଟ ପଡ଼ିଲା,
ହମେ ବିଧାତା ତାହାଙ୍କୁ ଗ୍ରାଡ଼ିଲା । ୭ମ ଛାନ୍ଦ ।

ଏପରି ଅବସ୍ଥାରେ କବି ସୁନ୍ଦର ଚିତ୍ରଟିଏ ବର୍ଣ୍ଣନା କରିଥିଲେ ମଧ୍ୟ ଏହି ବର୍ଣ୍ଣନାକୁ ବେଶି ଦୀର୍ଘ କରିପାରେ ନାହିଁ । କାରଣ ପଦ ବହୁତ ହୋଇଯିବାର ଆଶଙ୍କା ଥାଏ । ପଦ ରସହୀନ ହୋଇପଡ଼ିବା ଆଶଙ୍କା ମଧ୍ୟ ଥାଏ । ଦୀନକୃଷ୍ଣ ଏହି କାରଣ ବର୍ଣ୍ଣନାରେ ବହୁପଦର ସମର୍ଥକ ନଥିବା ଜଣାଯାଏ ।

କେତେ କହିବି ବାଲ ଲୀଳା ଭାବ,
କହିଲେ ପଦ ବହୁତ ହୋଇବ । ୩୦ । ୫ମ ଛାନ୍ଦ ।
କେବଳ ଅମୃତ ଖାଇଲେ ବହୁତ ମନକୁ ନୁହେଁ ସୁଖକର ।
୩୩ । ୧୬ଶ ଛାନ୍ଦ ।

ଏହି ସମସ୍ୟାର ସମାଧାନ ପନ୍ଥା ନଦେଖି ଦୀନକୃଷ୍ଣ କୌତୁକରେ କବିମାନଙ୍କ ଉପମାମାନଙ୍କର ନ୍ୟୂନତାକୁ ଲକ୍ଷ୍ୟକରି କବିମାନେ ମିଛ ଫନ୍ଦା କରୁଥିବା ପ୍ରକାଶ କରିଛନ୍ତି । କବିଙ୍କ ଅସହାୟତା ପ୍ରତି ସହାନୁଭୂତି ଦେଖାଇଛନ୍ତି । ଶିଶୁ ଶ୍ରୀକୃଷ୍ଣଙ୍କ ବିଭିନ୍ନ ଅଙ୍ଗ ସହିତ ସର୍ବୋତ୍କୃଷ୍ଟ ଉପମା-ମାନଙ୍କ ସହିତ ତୁଳନା କରି ମଧ୍ୟ କିଛି ହେଲନାହିଁ ବୋଲି ଭାବୁଛନ୍ତି । କବି ସୁନ୍ଦର ଭାବରେ କହିଛନ୍ତି—

କବି ଏହାଙ୍କୁ ଏମନ୍ତ କାନ୍ତିକି, କଲେ ବୋଲିବା ଅବିବେକୀ ।
କାଚ କାଞ୍ଚନେ ତୁଳିବା ପରାୟେ, କବି ବାଣୀ ନିକଟରେ ସେ ହୋଏ ।
କାଇଁଚକୁ ସେ ସୁନା ସଙ୍ଗେ ତୁଳି, ହମେ ମୂଲ ବେଳକୁ ପଡ଼େ ବଳି ।
କବି ବଚନେ କରେ ତାର ଭ୍ରମ, କୁବେରକୁ ବୋଲଇ କେ ଟିକାମ ।
କେଉଁଠାରେ କନ୍ଦର୍ପ ହୋଏ ବନ୍ଧା, କେତେ କହିବି ତାଙ୍କ ମିଛ ଫନ୍ଦା । ୭ମ ଛାନ୍ଦ ।

କେତେ କହିବ ଏହି ପ୍ରକାରେ ଯେତେ,
କୋଟି ବ୍ରହ୍ମାଣ୍ଡେ ସମ ନାହାନ୍ତି ତେତେ ଗୋ ।
କବି ସେ ସତ ମିଛ କରି କହନ୍ତି,
କବିତା ଶୃଙ୍ଖଳରେ ମନ ମୋହନ୍ତି ଗୋ । ୧୫ । ୨୦ଶ ଛାନ୍ଦ ।

ତୁଚ୍ଛ ପଦାର୍ଥ କାଇଁଚ ସହିତ ତୁଳା ବହୁମୂଲ୍ୟ ସୁବର୍ଣ୍ଣର ଓଜନ ନିର୍ଣ୍ଣୟ କରାଯାଏ ସିନା, 'ଉଭୟଙ୍କୁ ସମାନ ମୂଲ୍ୟର ବୋଲି ଧରାଯାଏ ନାହିଁ । ସନ୍ଧ୍ୟା ସମୟରେ ଅନ୍ଧାର ମାଡ଼ିଆସୁଥିବା ଅବସ୍ଥାକୁ ଉପମା ସହିତ ବର୍ଣ୍ଣନା କରି କବି ସୌଜନ୍ୟଜନିତ ବିନୟରେ କହୁଛନ୍ତି—

କହିବାକୁ କେବା ସମରଥ ସେ, କହି ବସିଲେ ହୋଇବ ପୋଥା ସେ ।
କବିତୁଣ୍ଡ କରାଇବ ବଥା ସେ । ୨୦ । ୧୮ଶ ଛାନ୍ଦ ।

କବି ଏହି ଅବସ୍ଥାରେ ପଡ଼ି କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ; ତାର ଦେହ ତରଳି ଯାଏ, ଭାଗ୍ୟକୁ ପ୍ରାଣ ରହିଯାଏ । ଦୀନକୃଷ୍ଣଙ୍କର କବିତା ସୃଷ୍ଟିରେ ପ୍ରଗାଢ଼ ତନ୍ମୟତା ଏଥିରୁ ସୂଚିତ ହେଉଛି ।

କବି ଗିରକୁ ପାଇଲା ନାହିଁ ତା, କଳେବର ଦ୍ରବି ଗଲା ଯହିଁ ତା,
କେଉଁ ଭାଗ୍ୟେ ରହିଅଛି ପ୍ରାଣ ତା । ୨୩ । ୧୩ଶ ଛାନ୍ଦ ।

କବି ଗୁଆଁରମାନଙ୍କ ଗୀତ-ବିମୁଖତାକୁ ଲକ୍ଷ୍ୟକରି କହିଛନ୍ତି—

କର୍ଣ୍ଣେ ଶୁଣି ଚରିତ ବୋଧନୁହେଁ ଚିତ୍ତ ଯେମନ୍ତ ଗୁଆଁର ଲୋକର,
କେଶବ ଚରିତ ପ୍ରତ୍ୟକ୍ଷେ ଦେଖି ତ ହେଉଥାଏ ଏଡ଼େ ଅସ୍ଥିର
। ୧୩ । ୯ମ ଛାନ୍ଦ ।

କବି ନାମ ସଂକୀର୍ତ୍ତନକାରୀଙ୍କ ଅପେକ୍ଷା ଭକ୍ତକବିଙ୍କ ସ୍ଥାନ ଉଚ୍ଚ ଥିବା ବ୍ୟକ୍ତ କରିଥିଲେ ମଧ୍ୟ ନାମସଂକୀର୍ତ୍ତନକୁ ହେୟ କରି ନାହାନ୍ତି । ସେମାନଙ୍କୁ ବିଷ୍ଣୁଜନ ବୋଲି କହିବା ଦ୍ୱାରା ସେମାନଙ୍କ ଗୌରବ ବୃଦ୍ଧି କରିଛନ୍ତି ।

ଏମାନେ ସଂସାରରେ ଭକ୍ତକବିଙ୍କ ପରି କାର୍ତ୍ତି ରଖି ନପାରିବାରୁ ଅମର ନୁହନ୍ତି। କବିମାନେ ମଲେ ମଧ୍ୟ ଜୀବନ୍ତରେ ଲେଖା ହୁଅନ୍ତି।

କବିମାନେ ଯେ ଦୀନଦୁଃଖୀ ଏହା ଦୀନକୃଷ୍ଣ ଦାସ ସ୍ପଷ୍ଟ ଭାବରେ ବ୍ୟକ୍ତ କରିଛନ୍ତି। କବିଙ୍କୁ ସାଂସାରିକ ଅଶେଷ ଦୁଃଖ ସହ୍ୟ କରି ପଦରଚନା କରିବାକୁ ପଡ଼ିଥାଏ। ହରିଭକ୍ତ କବିମାନେ ସବୁବେଳେ ହରିଙ୍କଠାରେ ମନପ୍ରାଣ ଢାଳି ଦେଇଥିବାରୁ ଅନ୍ୟ ବିଷୟରେ ମନ ଦେଇ ପାରନ୍ତି ନାହିଁ। ଭୋଜନ, ରତିସୁଖ, ନିଦ୍ରା ପ୍ରଭୃତିକୁ ଏମାନେ ଦୁଃଖ ମଣନ୍ତି। କଳି କଥାରେ ମଧ୍ୟ ଏମାନଙ୍କ ମନ ନଥାଏ କି ଖେଦ ନଥାଏ। କବିଙ୍କ ଭାଷାରେ—

ପଦରେ ଥାଇ ଏକା ମନ, ଦୁଃଖେ ସୁଖେ ନଥାନ୍ତି ଧନ।
କଳି କଥାରେ ନାହିଁ ଖେଦ, ତାଙ୍କ ଭଜନ ତୁମ୍ଭ ପଦ।

କବି ଦୀନକୃଷ୍ଣ ସ୍ୱ ଜୀବନର ଏକ ପ୍ରଷ୍ଠା ଏଥିରେ ଲେଖିଥିବା ପରି ମନେ ହୁଏ। ଦୁଃଖ କଷ୍ଟ, ବିବାଦ, କଳି ପ୍ରଭୃତିର ପ୍ରତିଧ୍ୱନି ରସକଲ୍ଲୋଳରେ ମଧ୍ୟ ସ୍ପଷ୍ଟଭାବରେ ଶୁଣାଯାଉଛି। ଭବ ସଂସାର ଜଞ୍ଜାଳରେ ବୁଡ଼ି ରହି ନାନା ଦୁଃଖକଷ୍ଟ ସହ୍ୟ କରୁଥିବା ପେଟପୋଷା-ନାଟ ନିମନ୍ତେ ବହୁ କପଟ ସହ୍ୟ କରୁଥିବା, ଅଶୋଭନୀୟ, ମନଃପୂତ ନହେବା କାର୍ଯ୍ୟ କରିବା ନିମନ୍ତେ ବାଧ୍ୟ ହେଉଥିବା ପ୍ରଭୃତି ଭଗବାନଙ୍କୁ ଜଣାଇବା ଛଳରେ କବି କହୁଛନ୍ତି—

କାହିଁକି ମୋତେ ସଂସାର ଲଟ ମଝିରେ ପ୍ରଭୁ କଲ ସଂଘଟ,
କମ୍ପାଇ ନକଲ ଚରଣ ପଦ୍ମ କୁସୁମ ଲଟ ହେ।
କମ୍ପା ଗୁଡ଼ନ୍ତି ଭକତିବାଟ ଆନନ୍ଦ ହୋଇ କରନ୍ତି ନାଟ,
ଏବେ ଅନେକ ରୂପ କଲଣି ଏ ପୋଡ଼ା ପେଟ ହେ। ୧୬ଶ ଛାନ୍ଦ।

କେତେବେଳେ କାକ ବୋଇତରେ ଗଲାପରି, କେତେବେଳେ ମୂର୍ଖ ନାୟକର ଶିଷ୍ୟ ପରି, ଅନ୍ଧ ନାଟୁଆ, କାଲୁ ଭାଟ, ପଇଡ଼ଖୋଲ, ମୁଠା

ମାନଙ୍କ ପରି କବିଙ୍କୁ କରାଉଛନ୍ତି । ଏହି ମାନସିକ, ଆର୍ଥିକ, ନୈତିକ ଦୁର୍ଗତି ପାଇଁ ଏହି ପୋଡ଼ା ପେଟହିଁ ଦାୟୀ ।

ରସକଲ୍ଲୋଳ ସମ୍ବନ୍ଧରେ କବି ବ୍ୟକ୍ତ କରିଛନ୍ତି—ଭଗବାନ ଶ୍ରୀକୃଷ୍ଣଙ୍କ ନାମରେ ଫୁଲମାଳ ପରି ସୁନ୍ଦର ପଦମାଳା ଗୁନ୍ଥି ଥିଲେ; କିନ୍ତୁ କବି କହୁଛନ୍ତି ତାକୁ ମୂଲେଇ ନେବା ପାଇଁ କେହି ମିଳିଲେ ନାହିଁ । କୃଷ୍ଣରସରେ ଗୀତ କରିଥିବାରୁ କାହାରି ଚିତ୍ତ ରସିଲା ନାହିଁ । ଏଥିରେ 'ରସ କଲ୍ଲୋଳ'ରେ 'ବିଶେଷ ରସ ନାହିଁ' ବୋଲି ଲୋକେ କହିଲେ । ଏମାନଙ୍କ ସହିତ କବି କଣ ବିବାଦ କରିବେ ?

କଲି ତୃମ୍ଭର ରସରେ ଗୀତ ରସିଲ ନାହିଁ କାହାରି ଚିତ୍ତ ।
ବୋଲନ୍ତି କର୍ଣ୍ଣେ ଶୁଣି ବିଶେଷ ରସ ନୋହେ ତ ଯେ ।
କରିତ ଆନ୍ତ ଜ୍ଞାନକୁ ହତ, ମୋହ ମଦରେ ହୋଇ ସମ୍ମତ ।
ମୁଁ ତାଙ୍କୁ କି ବୋଲିବି ମୋହର ନଥାଇ କୃତ୍ୟ ଯେ ।

ପୁଣି ଏମାନେ ପଥର ପାଣିରେ ଓଦ୍ଦିଲା ପରି ଦିଶନ୍ତି । ମନ ପଥର ପାଲଟିଛି ତରଳୁ ନାହିଁ । ଏମାନେ ପୁଣି ଅଙ୍ଗରେ ଅନେକ ଗୁପ କରନ୍ତି । ଭିତରେ ବହୁତ ପାପ କରନ୍ତି । ଚର୍ମକାରର ପଟ ସଦୃଶ ଦିଶନ୍ତି । ଏହା କହିଲା ବେଳକୁ କବିଙ୍କୁ କଷ୍ଟ ବୋଧ ହେଉଛି । ପୋଡ଼ା ପେଟ-ନାଟ ପାଇଁ ମୂର୍ଖଙ୍କୁ ସ୍ତୁତି କରିବା ପାଇଁ ବାଧ୍ୟ ହେଉଥିବାରୁ କବି ଭଗବାନଙ୍କୁ ଦୋଷ ଦେଉଛନ୍ତି ।

କାହା ହୃଦୟ ଦ୍ରବଇ ନାହିଁ ଜଳ ଉପଳ ପରାୟେ ହୋଇ
କେବଳ ବାହାରକୁ ଓଦ୍ଦିଲା ପରାୟେ ଦିଶେ ଯେ ।
କରନ୍ତି ଅଙ୍ଗେ ଅନେକ ଗୁପ କେହି ନ ଜାଣେ ଭିତରି ପାପ
ଚର୍ମକାରର ପଟ ପରାୟେ ପ୍ରତ୍ୟକ୍ଷ ଦିଶେ ଯେ ।
କଥା କଥାକେ କହିବାକୁ ଏ ଶଲ୍ୟ ଯେ
କପାଁ ଧୀନକୃଷ୍ଣଙ୍କୁ ଏମନ୍ତ କଲି ହେ ।

କବି ଯା କରେ ମୂର୍ଖଙ୍କୁ ସ୍ତୁତି ଏଥିରୁ ବଡ଼ ନାହିଁ ବିପତ୍ତି
ଏଥିକି ପ୍ରତି ଶ୍ରୁତିରେ କାତି ମାରିବା ଭଲ ହେ । ୧୬ଶ ର: କ ।

‘କ’ ଅକ୍ଷରରେ ଗୀତ କରିବାରୁ କବିଙ୍କ ଶ୍ରମ ଊଣା ନୁହେଁ । ଏହି ଶ୍ରମକୁ ଚିହ୍ନିବା ଆବଶ୍ୟକ । ଏହା ନକରି ଆଘାତ ଦେଲେ ମନରେ ନିଶ୍ଚୟ କଷ୍ଟ ଜାତ ହେବ । କବି କେବଳ କବିର ଶ୍ରମ ବୁଝିବାକୁ କ୍ଷମ । ପ୍ରସନ୍ନ ଚିତ୍ତରେ ତାଙ୍କ କୃତିକୁ ଗ୍ରହଣ କରିବା ପାଇଁ କବି ସୁଜନମାନଙ୍କୁ ପ୍ରାର୍ଥନା କରିଛନ୍ତି । ଖଳମାନେ ସବୁବେଳେ ନିନ୍ଦାରେ କାଳାତିପାତ କରନ୍ତି । କବି କହିଲେ ସେମାନେ କଣ ଶୁଣିବେ ? ଏଥିରେ କବିଙ୍କ ମନ ବିମନ ହୋଇନାହିଁ ।

କ ଅକ୍ଷରେ କଲି ଯେ ଗୀତ, କେବେହେଁ ଏଥି ନ ଦେବ ଘାତ,
କବି ହେଲେ ତ ଜାଣିବ ଏଥି ଶ୍ରମ ଯେମନ ହେ ।
କଲେ ନିନ୍ଦା ଏ ଯେଣ ନାସ୍ତିକ ଜନ ହେ କାହିଁ ପାଇଁକି ହେବ-
ମନ ବିମନ ହେ ।

କରିଛି ତାଙ୍କୁ ବିହି ବିଧାନ ପରନିନ୍ଦାରେ ନେବାକୁ ଦିନ
ମୋହ କହିଲେ ସେ କଥା ନିକ ହୋଇବ ଆନ ହେ ॥ ୧୬ଶ ଛାନ୍ଦ ର: କ: ।

ଏହା ପୂର୍ବରୁ କବିତା ରଚନାରେ ‘ଶ୍ରମ’ ବିଷୟ ଦୀନକୃଷ୍ଣ ରସବିନୋଦରେ ମଧ୍ୟ ସ୍ପଷ୍ଟ ଭାବରେ ପ୍ରଥମ ଅଧ୍ୟାୟରେ ବ୍ୟକ୍ତ କରିଛନ୍ତି ।

ଏ ଗ୍ରନ୍ଥ ତରଙ୍ଗକୁ ଚିହ୍ନ, ନବ ଅକ୍ଷରେ ପରିଚ୍ଛିନ୍ନ । ଇତ୍ୟାଦି ।

ଦୀନକୃଷ୍ଣ ନିର୍ମଳ କବିତ୍ୱ ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । ରସିକ ପଣ୍ଡିତର ସହାନୁଭୂତିଶୀଳ ଶ୍ରବଣ ଓ ଆସ୍ୱାଦନ ଦ୍ୱାରା ନିର୍ମଳ କବିତ୍ୱର ଗୌରବ ବୃଦ୍ଧି ପାଏ । ନିର୍ମଳ କବିତ୍ୱ ଓ ରସିକପଣ୍ଡିତର ହାର୍ଦ୍ଦିକ ଆସ୍ୱାଦନ ମଣିକାଞ୍ଚନ ଯୋଗ ସଦୃଶ; ଏହା ଅବର୍ଣ୍ଣନୀୟ ମଧୁର ।

କବି ହୋଇ କରୁଥିବ ନିର୍ମଳ କବିତ୍ୱ,
କର୍ଣ୍ଣ ଦେଇ ଶୁଣୁଥିବ ରସିକ ପଣ୍ଡିତ ।

କଣ୍ଠିତ କରି ଆସ୍ୱାଦ କରୁଥିବ ତାହା,
କହେ କୃଷ୍ଣ କ ମଧ୍ୟରେ ଲେଖିବି ମୁଁ ଏହା । ୮ମ ଛାନ୍ଦ ।

ଏହି ନିର୍ମଳ କବିତ୍ୱ ଦୀନକୃଷ୍ଣଙ୍କ ପକ୍ଷେ ମୁକ୍ତିର ଏକ ଉପାୟ ମାତ୍ର । କୃଷ୍ଣ ଗୋପୀଙ୍କର କୌତୁକପୂର୍ଣ୍ଣ କନ୍ଦର୍ପ-ଲୀଳା ବର୍ଣ୍ଣନା କରି ଭବସିନ୍ଧୁ ତରିବା ପାଇଁ ଇଚ୍ଛା କରନ୍ତି, ଏହା ଦୀନକୃଷ୍ଣ ବ୍ୟକ୍ତ କରିଛନ୍ତି ।

କେତେହେଁ କହିବି ହୃଦୟରେ ଭାବି କୃଷ୍ଣ-ଗୋପୀ ସ୍ନେହଭର ।
କଳା ଜଳଧର ବୃଷ୍ଟି ନଭ ତାର ପରାୟେ ନୋହେ ସେ ଗୋଚର ।
କନ୍ଦର୍ପ କଉତୁକେ ଦ୍ୱନ୍ଦ ହରନ୍ତି ।
କବି ସେ ଚରିତ ମନୋହର ଗୀତ କରି ଭବ ସିନ୍ଧୁ ତରନ୍ତି ।୩୧। ୮ମ ଛାନ୍ଦ ।

## ରସ ବିନୋଦ

ଗ୍ରନ୍ଥ ଲେଖାର କାରଣ—କବି ରସବିନୋଦ ଲେଖିବାର କାରଣ ସମ୍ବନ୍ଧରେ ଏକ ଭକ୍ତିମୂଳକ ପ୍ରସ୍ତାବର ଅବତାରଣା କରିଛନ୍ତି । ଏହା ଯେପରି କରୁଣ ଓ ହାର୍ଦ୍ଦିକ ସେପରି ଉଚ୍ଚ ମନୋଭାବର ପରିଚାୟକ । କବିଙ୍କ ଆର୍ଥିକ ଅସ୍ୱଚ୍ଛଳତା ଓ ପୃଷ୍ଠପୋଷକତାର ଅଭାବ ଯେ ତାଙ୍କର ମନକୁ ଦମନ କରି ପାରିନାହିଁ ଏହା ସ୍ପଷ୍ଟ । କବି ଜାତିରେ ରାଜପୁତ ଥିବାରୁ ସ୍ୱ ବିନୟଭାବରେ ପରିଚୟ ଦେଇ ନିଜକୁ 'ମୁଁ ଛାର କାହିଁରେ ଗଣନା' ବୋଲି କହିଛନ୍ତି । କୃଷି, ବାଣିଜ୍ୟ, କୀର୍ତ୍ତି—ଏଥିରେ ଯେଉଁ କଷ୍ଟ କରିବାକୁ ହୁଏ ତାହା ସେ କରି ପାରିଲେ ନାହିଁ, କୁପୁରୁଷ ପରି ରହିଲେ । ଏହାଦ୍ୱାରା ସେ ସଂସାରର ଉଦ୍ଧାରଣ ଓ ଭକ୍ତମାନଙ୍କୁ ଧନଦାନ କାର୍ଯ୍ୟରେ ସହାୟକ ହୋଇପାରିଲେ ନାହିଁ । ଏହି ଚିନ୍ତାରେ କାଳାତିପାତ କରିବାକୁ ଲାଗିଲେ । ଭଗବାନ ଶ୍ରୀହରି ତାଙ୍କର ମନର ଦୁଃଖ ବୁଝି ପାରି ତାଙ୍କ କଣ୍ଠରେ ବସିଲେ, ତାଙ୍କର ବୁଦ୍ଧି ସ୍ଫୁରିଲା ଏବଂ ସେ ରସବିନୋଦ ରଚନା କଲେ । ବହୁ ଶାସ୍ତ୍ରର ବୀଜ ଖୋଜି ଆଣି ଏଥିରେ ରଖିଲେ । ଏହି ଭାବଧନପୂର୍ଣ୍ଣ ଗ୍ରନ୍ଥକୁ ବାଣିଜ୍ୟ କରିବାପାଇଁ ଭକ୍ତମାନଙ୍କ ହସ୍ତରେ ଦେଲେ । ଏଥିରୁ ଯେ ଯେତେ ଇଚ୍ଛା ଧନ ନେଇ ଚିନ୍ତା ନାହିଁ । ପୁଣି ଏହି ଧନ ପାଇ ସଂସାର ଜନେ ଇହପରଲୋକରେ

ଧର୍ମ୍ମ ଅର୍ଜ୍ଜନ କରି ପାପମୁକ୍ତ ହେବେ । ଏହାହିଁ ତ୍ୟାଗୀ, ନିର୍ଭୀକ କବିଙ୍କ ଆନ୍ତରିକତା ପୂର୍ଣ୍ଣ ନିଃସ୍ୱାର୍ଥ ଦାନ ।

ରସବିନୋଦ ଗ୍ରନ୍ଥ କଲି, ବାଣିଜ୍ୟ କରିବାକୁ ଦେଲି ।
ଏ ଶାସ୍ତ୍ର ପଢିଲେ ଯୁକତେ, ଲଭ ପାଇବେ ଅପ୍ରମିତେ ।
ରହିବା ପାଇଁ ସନ୍ଥଜନ, ପାଇଁ ମୁଁ ଥୋଇଅଛି ଧନ ।
ଯାହାର ଯେତେ ଇଚ୍ଛା ବହୁ, ତହିଁକି ଚିନ୍ତା ନାହିଁ ଆଉ ।
ସେ ଧନ ପାରଇ ଯେ ବହି, ଅର୍ଥ ଭେଦହିଁ ଦେବା କହି ।
ଇହ ଲୋକରେ ପାଇ ଯଶ, ତାରଇ ସପତ ପୁରୁଷ ।
ବାସନା ଅଶେଷ ଯୁଗକୁ, ଲଗେଣ ନ ଛୁଡଇ ତାକୁ ।
ସକଳ ପାପ କ୍ଷୟ ଯାଇ, ଅନ୍ତେ ସେ ବଇକୁଣ୍ଠ ପାଇ ।
ର:ବି: ୧ମ ଅ: ।

ନିର୍ଧନକବି ଓଡ଼ିଶାବାସୀଙ୍କୁ ପ୍ରକୃତରେ ଧନ-ଭଣ୍ଡାର ଦାନ କରିଛନ୍ତି । ଗ୍ରନ୍ଥଟି ଭାବ-ଧନପୂର୍ଣ୍ଣ ଥିବାରୁ ଲୋକଙ୍କ ଦ୍ୱାରା ବିଶେଷ ଭାବରେ ଆଦୃତ ହୋଇ ଆସୁଅଛି । ଲକ୍ଷାଧିକ ଗୃହରେ ଏହି ଗ୍ରନ୍ଥଟି ପଠିତ ହେଉଛି । ଲୋକଙ୍କ ମନ-ପ୍ରାଣକୁ ଆହ୍ଲାଦ ଦେବା ସଙ୍ଗେ ସଙ୍ଗେ ଭକ୍ତି ଓ ଜ୍ଞାନର ଉନ୍ନତି ସାଧନ କରୁଛି ।

**ରସବିନୋଦ ବା ନିତ୍ୟସ୍ଥଳ**—କବି ରସବିନୋଦକୁ 'ନିତ୍ୟସ୍ଥଳ' ନାମରେ ମଧ୍ୟ ପରିଚିତ କରାଇଛନ୍ତି । ନିତ୍ୟବିଷ୍ଣୁଙ୍କର ନିତ୍ୟବୈକୁଣ୍ଠ ବା ନିତ୍ୟ ସ୍ଥଳର ନିତ୍ୟରାସଲୀଳା ଏହି ଗ୍ରନ୍ଥରେ ବର୍ଣ୍ଣିତ ହୋଇଥିବାରୁ ଏହାର ନିତ୍ୟସ୍ଥଳ ନାମକରଣ ହୋଇଛି । କବି ବହୁସ୍ଥାନରେ ମର୍ତ୍ତ୍ୟବୈକୁଣ୍ଠ ବା ନୀଳାଚଳକୁ ନିତ୍ୟସ୍ଥଳ ନାମରେ ଅଭିହିତ କରିଛନ୍ତି ।

ଗ୍ରନ୍ଥନାମ ନିତ୍ୟସ୍ଥଳ, ପୁରାଣମାନଙ୍କରେ ମୂଳ । ୪୨ଶ ଅ: ।

**ରସ ବିନୋଦ ଏକ କ୍ଷୁଦ୍ରପୁରାଣ**—ରସବିନୋଦ ବା ନିତ୍ୟସ୍ଥଳକୁ କବି ପୁରାଣମାନଙ୍କର ମୂଳ ବୋଲି କହିଥିବାରୁ ଏବଂ ଏହାର ବିଷୟ ବସ୍ତୁର

ଚର୍ଚ୍ଚା ପୁରାଣ ସରଣୀ ଅନୁସରଣ କରିଥିବାରୁ ଏହାକୁ ଏକ କ୍ଷୁଦ୍ର ପୁରାଣ କୁହାଯାଇପାରେ ।

ଏଥିରେ ବହୁ ସାର ବିଷୟ ଲିଖିତ ହୋଇଥିବାରୁ କବି ନିଜ ଗ୍ରନ୍ଥ ଗୌରବ ସମ୍ବନ୍ଧରେ କହିଛନ୍ତି ଯେ ସବୁ ଶାସ୍ତ୍ର-ଦଧିଖଣ୍ଡ ଭିତରେ ଖିଆଦଣ୍ଡ ମେଲି ଭଗବାନ ଶ୍ରୀକୃଷ୍ଣ ମନ୍ଥନ କଲେ; ଏଥିରୁ ଗୀତା ଉପୁଜିଲା । ଗୀତାମୃତ ସ୍ୱାଦ ଜଳଠାରୁ 'ନିତ୍ୟସ୍ଥଳ' ଶ୍ରେଷ୍ଠ । ଏହାର ସମକକ୍ଷ ଆଉ କେହି ନାହିଁ । ଅଶେଷ ଶାସ୍ତ୍ର ଖୋଜି ଖୋଜି ଉତ୍ତମ ଓ ଗୁପ୍ତ ପଦାର୍ଥମାନ ଏହି ଗ୍ରନ୍ଥ ଭିତରେ ଏକତ୍ର କରି ଥୋଇଛନ୍ତି । ଗୀତା, ଭାଗବତ, ସାଧନ, ବ୍ରହ୍ମଜ୍ଞାନ, ମନ୍ତ୍ର ପ୍ରଭୃତି ଶାସ୍ତ୍ରର ବୀଜ ବା ସାରକଥା 'ନାନା ଦୁଃଖେ' ଖୋଜି ଆଣି ଏଥିରେ ଦେଇଛନ୍ତି (୪୨ଶ ଅଧ୍ୟାୟ) । ଗ୍ରନ୍ଥଟିରେ ବହୁ ବିଷୟ ସ୍ଥାନ ପାଇଥିବାରୁ ଏକ କ୍ଷୁଦ୍ର ପୁରାଣ କବି ରଚନା କରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

ଗ୍ରନ୍ଥର ମହିମା—କବି ସ୍ୱୟଂ ଜଗନ୍ନାଥଙ୍କ ଆଜ୍ଞାରୁ ଏ ଗ୍ରନ୍ଥ ଯେ ରଚିଥିବା ବ୍ୟକ୍ତ କରିଛନ୍ତି । ଏଥିରେ ନିତ୍ୟସ୍ଥଳର ବିଷୟ ବର୍ଣ୍ଣିତ ହୋଇଥିବାରୁ ଏବଂ ବହୁ ଶାସ୍ତ୍ରର ଭେଦ ଏଥିରେ ସ୍ଥାନ ପାଇଥିବାରୁ ଏ ଗ୍ରନ୍ଥର 'ମହିମା' 'ସପ୍ତସିନ୍ଧୁ ଜଳ'ର ମହିମା ସଙ୍ଗେ ସମାନ ଥିବା କବି ବ୍ୟକ୍ତ କରିଛନ୍ତି ।

କର୍ମକରତା ଜଗନ୍ନାଥେ, ସୁତେଷେ ଆଜ୍ଞା ଦେଲେ ମୋତେ ।
ତେଣୁ ମୁଁ ଯୋଡ଼ିଲି ଯେ ପଦ, ପୂରାଇ ସବୁ ଭାବ ଭେଦ ।
ସପତସିନ୍ଧୁ ଜଳ ଯେତେ, ଏ ଗ୍ରନ୍ଥ ମହିମ ହିଁ ତେତେ । ୪୨ଶ ଅ ।

କବି ସ୍ୱଗ୍ରନ୍ଥର ମହିମା ସମ୍ବନ୍ଧରେ ଯେତେ ଉଚ୍ଚ ଧାରଣା କରିଛନ୍ତି, ତାହା ସେତେ ଉଚ୍ଚ ନହେଲେହେଁ ବର୍ଣ୍ଣିତ ବହୁ ବିଷୟ ଯେ ନୂତନ ଆଲୋକ ଦ୍ୱାରା ଉଜ୍ଜ୍ୱଳ ହୋଇଛି ଏବଂ ପାଠକର ମନରେ ଜିଜ୍ଞାସାଭାବ ଜାତ କରିଛି, ଏଥିରେ ସନ୍ଦେହ ନାହିଁ ।

ବହୁ ଶତାବ୍ଦୀ ଧରି ରାଧା-କୃଷ୍ଣ, ଗୋପୀ-କୃଷ୍ଣ, ବୃନ୍ଦାବତୀ-କୃଷ୍ଣ, ମାନବ-କୃଷ୍ଣ, ନିତ୍ୟ କୃଷ୍ଣ, ପାତାଳ ବୈକୁଣ୍ଠ ବା ନିତ୍ୟସ୍ଥଳ, ଜଗନ୍ନାଥ ଅଣାକାର,

ସାମ୍ପ୍ରତିକ ଚିନ୍ତା ପ୍ରଭୃତି ବିଷୟରେ ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ମନକୁ ଯେଉଁ ସବୁ ପ୍ରଶ୍ନ ଆନ୍ଦୋଳିତ କରୁଥିଲା ତାହାର ସମାଧାନ କରିବାକୁ ଯାଇ କବି ବହୁ ନୂତନ ଚରିତ ଓ ଯୁକ୍ତିର ଅବତାରଣା କରିଛନ୍ତି । ଏଥିରୁ ବହୁ ବିଷୟ କପୋଳ-କଳ୍ପିତବୋଲି ମନେହୁଏ, କାରଣ ସବୁଠାରେ ପ୍ରାମାଣିକ ଗ୍ରନ୍ଥମାନଙ୍କରୁ ପ୍ରମାଣ ଉଦ୍ଧୃତ ହୋଇନାହିଁ । ଶାସ୍ତ୍ର ଦୃଷ୍ଟି ଅନୁସାରେ ଏହା ଅସିଦ୍ଧ ଥିବା ଜଣାଯିବା ଆଶଙ୍କା ଥିଲେ ମଧ୍ୟ କବିଙ୍କ ନିଜମତ କେତେସ୍ଥାନରେ ସ୍ପଷ୍ଟ ହୋଇଛି । ଉଦାହରଣ ସ୍ୱରୂପ ଶରୀର ସାଧନ ବା ଯୋଗ ସମ୍ବନ୍ଧରେ କବିଙ୍କର ଚିନ୍ତାଧାରା ବିଚାର କଲେ ଜଣାଯାଏ, କବି ଜ୍ଞାନଯୋଗ ଉପରେ ନିର୍ଭର କରିଛନ୍ତି ଏବଂ 'ଯୋଗବାଶିଷ୍ଟ'ର ସାହାଯ୍ୟ ନେଇଛନ୍ତି । ମନପବନ ନିରୋଧ କରି ନିତ୍ୟବସ୍ତୁ ବା ଅଣାକାର ବା ଜଗନ୍ନାଥଙ୍କୁ ଚିନ୍ତା କରିବା ନିର୍ଦ୍ଦେଶରୁ ତାଙ୍କର ବୈଷ୍ଣବଚିନ୍ତା ସୁସ୍ପଷ୍ଟ । ଜ୍ଞାନ-ମିଶ୍ରା ଭକ୍ତି ଯୋଗର କବି ପକ୍ଷପାତୀ ଥିବା ସ୍ପଷ୍ଟ ଭାବରେ ଜଣାଯାଉଛି । ଜ୍ଞାନଯୋଗ ସାଧନ ପଥ ବିଷୟରେ ଭୁଷଣ୍ଡିକାକ ବଶିଷ୍ଠଙ୍କୁ ଉପଦେଶ ଦେଇ ଶେଷରେ 'ଫୁଙ୍କା ବନ୍ଧ' ବା ପବନ ନିରୋଧ ବିଷୟ ବର୍ଣ୍ଣନା କରିଛନ୍ତି । ପୁଣି ଏହି ପ୍ରସଙ୍ଗରେ କବି କହିଛନ୍ତି,—ଦେହ ଭିତରେ ଆତ୍ମା ବାସ କରୁଛି ଏବଂ ବାଲଗ୍ରରେ ସେ ଅଛି । "ଦେହ ଭିତର ଆତ୍ମ ବାସ, ବାଲଗ୍ରେ ଅଛି ଯେ ପୁରୁଷ ।" ଏହି ପୁରୁଷ ନିର୍ମଳ ନିରାକାର ଥିବା ବ୍ୟକ୍ତି କରି ଯୋଗବଳରେ କିପରି ତାଙ୍କୁ ଚିହ୍ନିବ ତାହା ମଧ୍ୟ କହିଛନ୍ତି । (୪୧ଶ ଅ:) ।

କଥାବସ୍ତୁ—ରସବିନୋଦରେ କବି ପ୍ରଥମ ଅଧ୍ୟାୟରେ ନିତ୍ୟସ୍ଥଳ ଓ ନିପୁରୀ ଆଖ୍ୟାନ ବର୍ଣ୍ଣନା କରି ନିତ୍ୟସ୍ଥଳର ନିତ୍ୟ-ରାଧା ଓ ନିତ୍ୟ-କୃଷ୍ଣଙ୍କର ଲୀଳା ଦ୍ୱିତୀୟ ଅଧ୍ୟାୟରେ ବର୍ଣ୍ଣନା କରିଛନ୍ତି । ନିପୁରୀ ମଣ୍ଡିରେ ତୁଳସୀରୂପେ ଜନ୍ମ ହେବା ଓ ତାଙ୍କ ଚରିତ ୩ୟ, ୪ର୍ଥ ଓ ୫ମ ଅଧ୍ୟାୟରେ ଦେଇଛନ୍ତି । ୬ଷ୍ଠ ଅଧ୍ୟାୟରେ ପୁରୁଷୋତ୍ତମ ମାହାତ୍ମ୍ୟ ବର୍ଣ୍ଣିତ ହୋଇଛି । ଏହି ପ୍ରସଙ୍ଗରେ ନୀଳାଚଳ ବା ଗୁପ୍ତ ବୈକୁଣ୍ଠର ବାହ୍ୟାବରଣ ସୂଚନାରେ କଟକ, ଯାଜପୁର, ଭୁବନେଶ୍ୱର, ରାମଚଣ୍ଡୀ, କୁଜଳଗଡ଼, ଖଣ୍ଡଗିରି ପ୍ରଭୃତିର ବର୍ଣ୍ଣନା ୭ମ ଅଧ୍ୟାୟରେ କରିଛନ୍ତି । ୮ମରେ ଗୌରବ ପଣ୍ଡା ଓ ତାଙ୍କ ସ୍ତ୍ରୀଙ୍କ

ଆଖ୍ୟାନର ବର୍ଣ୍ଣନା ଅଛି । ୯ମରେ ନିତ୍ୟସ୍ଥଳ ବା ନୀଳଗିରିସ୍ଥ ଜଗନ୍ନାଥ ମନ୍ଦିରର ଦ୍ୱାର, ପାଚେରି ପ୍ରଭୃତିର ବର୍ଣ୍ଣନା କରି ୧୦ମରେ ନିତ୍ୟ ରାସସ୍ଥଳୀ ପ୍ରସଙ୍ଗରେ ଅଷ୍ଟାଙ୍ଗ ଯୋଗର ଭେଦାଣ ଦେଖାଇଛନ୍ତି । ୧୧ଶରେ ଷୋଳକଳାର ନାମ ଓ ଶ୍ୟାମା, ଯୋଗମାୟା, ଚନ୍ଦ୍ରାବଳୀ ପ୍ରଭୃତିଙ୍କଠାରେ କେତେ କେତେ କଳା ଅଛି ତାହା କହିଛନ୍ତି । ଜଗନ୍ନାଥ ଆଦି ତ୍ରିମୂର୍ତ୍ତିରେ ମହାମନ୍ତ୍ର ଓ ରାଧା-କୃଷ୍ଣତତ୍ତ୍ୱ ଭେଦାଇଛନ୍ତି । ୧୨ଶରେ ନିତ୍ୟସ୍ଥଳ ବା ନୀଳଗିରିର ପୁଣି ବର୍ଣ୍ଣନା ଅଛି । ୧୩ଶରେ ମଧ୍ୟ ପୁରୁଷୋତ୍ତମ ପେଣ୍ଡୁର ପ୍ରସଙ୍ଗ ଅଛି । ୧୪ଶରେ ନିତ୍ୟସ୍ଥଳରେ ନିରାକାରଙ୍କ ବିଭିନ୍ନ ସ୍ଥାନ ଓ ଲୀଳା ଅଛି । ୧୫ଶରେ ମଧ୍ୟ ନୀଳଗିରି ପ୍ରସଙ୍ଗ, ଦେବନାଶନ ବୃକ୍ଷ ପ୍ରସଙ୍ଗ ଅଛି । ୧୬ଶରେ ଦେବନାଶନ ବୃକ୍ଷ ପ୍ରସଙ୍ଗ । ୧୭ଶରେ କବିମାନଙ୍କ ପ୍ରସଙ୍ଗ, ଶ୍ରୀବତ୍ସ ବ୍ରାହ୍ମଣ ଚରିତ, ପବନ ତପସ୍ୟା ପ୍ରଭୃତି ଅଛି । ୧୮ଶରେ ବିଷ୍ଣୁପଦ ପାଇଁ ପବନ, ଚନ୍ଦ୍ର ପ୍ରଭୃତିଙ୍କ ତପ, ତପଭଗ୍ନ ଓ ଶାପ ଯୋଗୁଁ ବିକଳାଙ୍ଗ ରୂପଧାରଣ ଚରିତ । ୧୯ଶ ଓ ୨୦ଶରେ ରାମାୟଣ ଚରିତ । ୨୧ଶ ଓ ୨୨ଶରେ ମଦନଭସ୍ମ, ରକ୍ଷ-ଭକ୍ଷ ଦାନବଙ୍କ ଯୁଦ୍ଧ, ସୁଧର୍ମ ସଭ୍ୟର ବର୍ଣ୍ଣନା ଅଛି । ଏଥିରେ ଭାଗବତର କେତେକ ଆଖ୍ୟାନ ମଧ୍ୟ ଅଛି । ୨୩ଶ ଠରୁ ୩୨ଶରେ ମହାଭାରତ ଚରିତ । ୩୩ଶରେ ଭାଗବତ ଚରିତ । ୩୪ଶରେ ଭୂଷଣ୍ଡକାକ ପ୍ରସଙ୍ଗ, ଦଶାବତାର । ୩୫ଶ ସୃଷ୍ଟି ସର୍ଜ୍ଜନା, ୩୬ଶ ଓ ୩୭ଶରେ ବ୍ରହ୍ମପ୍ରଳୟ । ୩୮ଶ ଓ ୩୯ଶରେ ବଶିଷ୍ଠ-ଭୂଷଣ ସଂବାଦ । ବିବିଧ ଯୋଗ ସାଧନା ପ୍ରଣାଳୀ ଏଥିରେ ବର୍ଣ୍ଣିତ ହୋଇଛି । ୪୦ଶରେ ଯୋଗ ସାଧନ, ଅଷ୍ଟାଦଶ ପୁରାଣର ନାମ ଓ ଶ୍ଳୋକସଂଖ୍ୟା । ୪୧ଶରେ ପରମ-ଆତ୍ମାରବର୍ଣ୍ଣି, ପବନ ସାଧନ ପ୍ରଭୃତି ବର୍ଣ୍ଣିତ ହୋଇଛି । ୪୨ଶ ବା ଶେଷ ଅଧ୍ୟାୟରେ କବି ନିଜର ଓ ଖୋର୍ଦ୍ଧା ରାଜବଂଶର ପରିଚୟ ପ୍ରଦାନ କରିଛନ୍ତି । ୩୩ଶ ଅଧ୍ୟାୟଠାରୁ ୪୧ଶ ଅଧ୍ୟାୟ ପର୍ଯ୍ୟନ୍ତ ବଶିଷ୍ଠ-ଭୂଷଣ୍ଡକାକ ସଂବାଦରେ ଯୋଗତତ୍ତ୍ୱର ବିସ୍ତୃତ ବିବରଣୀ ଦିଆଯାଇଛି । ଶେଷ ବା ୪୨ଶ ଅଧ୍ୟାୟ କବି ନିଜର ଓ ସମସାମୟିକ ରାଜନୈତିକ ଓଡ଼ିଶାର ସଂକ୍ଷିପ୍ତ ପରିଚୟ ଦେଇ ଗ୍ରନ୍ଥ ମାହାତ୍ମ୍ୟ ବର୍ଣ୍ଣନା ପରେ ସମାପ୍ତ କରିଛନ୍ତି ।

କବି ରସବିନୋଦକୁ ରୁକ୍ମିଣୀ-ଶ୍ରୀକୃଷ୍ଣ ସମ୍ବାଦ ଛଳରେ ଲେଖିଛନ୍ତି ଏବଂ 'ଇତିଶ୍ରୀ' ଭଣିତାରେ 'ଇତିଶ୍ରୀ ପ୍ରଥମ ପୀତ୍ତିବନ୍ଧ ରସବିନୋଦ ମହାକାବ୍ୟେ ନିତ୍ୟ ଆଖ୍ୟାନ ଗୋଲକ-ସ୍ଥଳ-ଅର୍ଥ ତ୍ରିପୁର ଦେବୀ ସମ୍ବାଦେ ନାମ ପ୍ରଥମୋଽଧ୍ୟାୟ ।'' ଏହି ରୀତି ଅବଲମ୍ବନ କରିଛନ୍ତି । ଭାଗବତକାର ଜଗନ୍ନାଥ ଦାସ ଏହି ରୀତିର ପ୍ରତିଷ୍ଠାତା ଏବଂ ଦିବାକର ଦୀନକୃଷ୍ଣାଦି ବହୁ କବି ଏହାକୁ ଅନୁକରଣ କରିଛନ୍ତି ।

ପୀତିଟି ପ୍ରଶ୍ନ, ବନ୍ଧ ଉତ୍ତର । ପ୍ରଶ୍ନ ଉତ୍ତର ବା ପୀତବନ୍ଧ ଛଳରେ ବିଷୟ ବର୍ଣ୍ଣିତ ହୋଇଛି—ରୁକ୍ମିଣୀ ପ୍ରଶ୍ନ କରୁଛନ୍ତି, ଶ୍ରୀକୃଷ୍ଣ ଉତ୍ତର ଦେଉଛନ୍ତି ।

କବି ରସବିନୋଦକୁ 'ମହାକାବ୍ୟ' ବୋଲି ପରିଚିତ କରାଇଛନ୍ତି । ନିତ୍ୟ ଶ୍ରୀକୃଷ୍ଣଙ୍କ ବିଭିନ୍ନ ଅବତାରର ଲୀଳା ଏଥିରେ ବର୍ଣ୍ଣିତ ହୋଇଛି । ଏହି ଗ୍ରନ୍ଥଟିକୁ ମହାକାବ୍ୟ ବା କାବ୍ୟ ବୋଲି କହିବା ଅପେକ୍ଷା ପୁରାଣ ବୋଲି କହିବାହିଁ ଠିକ୍ ହେବ ।

ଦୀନକୃଷ୍ଣ ଦାସ ନିତ୍ୟସ୍ଥଳ ଚରିତ, ରାମାୟଣ, ମହାଭାରତ, ଭାଗବତ ପ୍ରଭୃତିର ସଂକ୍ଷିପ୍ତ ଚରିତ ବର୍ଣ୍ଣନା ଦେବା ଭିତରେ ଦେବତା, ମାନବଙ୍କର ସ୍ତର ବେଶି ଉଚ୍ଚ କରି ନାହାନ୍ତି । ଦେବତାମାନଙ୍କର ଲୋଭ, କ୍ରୋଧ, କାମ ପ୍ରଭୃତି ସହିତ ଦୟା, ସତ୍ୟରକ୍ଷା ପ୍ରଭୃତି ଗୁଣର ମିଶ୍ରଣ ଦେଖାଇ ଅଛନ୍ତି । ସମ୍ବୋଧନ ଓ ସମ୍ଭାଷଣରେ ଗାମ୍ଭୀର୍ଯ୍ୟ ରକ୍ଷିତ ହୋଇନାହିଁ । କ୍ରୋଧ ସମୟରେ ଦେବତା ଓ ପ୍ରାତଃସ୍ମରଣୀୟ ପୁରୁଷମାନଙ୍କର ବଚନ ଇତର ଲୋକଙ୍କ ବଚନ ସଦୃଶ ହୋଇଛି । ସାରଳାଦାସ ମହାଭାରତରେ ଏପରି ଚିତ୍ର ଥିବା ଦେଖାଯାଏ । କବି ଏହାକୁ ପୂର୍ଣ୍ଣ ମାତ୍ରାରେ ଅନୁକରଣ କରିଛନ୍ତି ।

ମହାଭାରତ ଚରିତର ସଂକ୍ଷିପ୍ତ ବିବରଣରେ ମଧ୍ୟ ଦୀନକୃଷ୍ଣ ସାରଳା ଦାସଙ୍କୁ ଅନୁକରଣ କରିଛନ୍ତି । କପଟପାଶା, ଜାତୁଗୃହ ଦହନ, ଭୀମ-ଦୁଃଶାସନ ଯୁଦ୍ଧ, ଦ୍ରୌପଦୀ ବସ୍ତ୍ର ହରଣ ପ୍ରଭୃତି ପ୍ରସଙ୍ଗରେ କବି ସାରଳା

ଦାସଙ୍କୁ ଅନୁସରଣ କରିଛନ୍ତି । କୃଷ୍ଣ ଚନ୍ଦ୍ରାବଳୀଙ୍କୁ ରାଧା ଭାବି ସମ୍ଭୋଗ କରିବାରୁ ଚନ୍ଦ୍ରାବଳୀଙ୍କ ଗର୍ଭରୁ ଖଣ୍ଡକାର ଓ ରାଧାଙ୍କ ଦୂତୀ ସହିତ କୃଷ୍ଣଙ୍କ ସଂଭୋଗରୁ ଟଙ୍କାକାରର ଜନ୍ମ, ଏହି ପ୍ରସଙ୍ଗ ଗୁଡ଼ିକ ସାରଳା ଦାସଙ୍କ ମହାଭାରତ ଅନୁକରଣରେ ଲିଖିତ ହୋଇଛି ।

ଗୋପୀ ପ୍ରେମର ଉତ୍କର୍ଷ ନିତ୍ୟସ୍ଥଳ—ନିତ୍ୟସ୍ଥଳ ବା ନିତ୍ୟ ବୈକୁଣ୍ଠରେ ଶ୍ରୀରାଧା ଓ କୃଷ୍ଣଙ୍କର 'ପ୍ରେମସୁଖ' ପ୍ରସଙ୍ଗ ରସ ବିନୋଦର ମୁଖ୍ୟ ବିଷୟବସ୍ତୁ । ପ୍ରସଙ୍ଗାନୁକ୍ରମରେ ଭାଗବତ, ରାମାୟଣ ଓ ମହାଭାରତର ବିଷୟ-ବସ୍ତୁର ସଂକ୍ଷିପ୍ତ ବିବରଣୀ ମଧ୍ୟ ସ୍ଥାନ ପାଇଛି । ନିତ୍ୟକୃଷ୍ଣ ବା ବିଷ୍ଣୁଙ୍କର ବିଭିନ୍ନ ଅବତାରର ଲୀଳା ପ୍ରସଙ୍ଗରେ ନିତ୍ୟବୈକୁଣ୍ଠରେ ହୋଇଥିବା ବ୍ୟବସ୍ଥାନୁଯାୟୀ ଅବତାରମାନେ କାର୍ଯ୍ୟକରିଥିବା କବି ଦର୍ଶାଇଛନ୍ତି । ବିଧିନିର୍ଦ୍ଦେଶ ବା ନିତ୍ୟସ୍ଥଳର ପୂର୍ବ ନିର୍ଦ୍ଦେଶାନୁସାରେ ଅବତାରମାନଙ୍କ ଲୀଳା ସଂଘଟିତ ହୋଇଥିବା ସଙ୍ଗତ ଓ ଅସଙ୍ଗତ ବହୁ ଦୋଷରୁ ଅବତାରମାନଙ୍କୁ ରକ୍ଷା କରିବା ପାଇଁ କବି ଚେଷ୍ଟା କରିଛନ୍ତି । ବୃନ୍ଦାବତୀ, ରାଧା, ଗୋପୀ, ପ୍ରଭୃତିଙ୍କ କାର୍ଯ୍ୟକଳାପର ସମର୍ଥନ ଏହି ବିଧିନିର୍ଦ୍ଦେଶ ଉପରେ ପ୍ରତିଷ୍ଠିତ ହୋଇଛି ।

ନିତ୍ୟସ୍ଥଳ ରାଧାକୃଷ୍ଣଙ୍କ ଲୀଳା ସ୍ଥାନ । ଏଠାରେ ରାଜା ବନମାଳୀ, ରାଣୀ ଚନ୍ଦ୍ରାବଳୀ, ତ୍ରିପୁରା ମନ୍ତ୍ରୀ । ବନମାଳୀ ବା ନିତ୍ୟବିଷ୍ଣୁ ଅନନ୍ତ ଶିର ପରେ ବିଜେ କରିଛନ୍ତି । ଏହି ନିତ୍ୟରାଧା ଓ ନିତ୍ୟକୃଷ୍ଣଙ୍କ ବେନିମୁଖ ଏକମୁଖ ହୋଇ ଅଙ୍ଗ ଏକତ୍ର ହୋଇ ଅନନ୍ତ ଶିରପରେ ସୁନ୍ଦରେ ବସିଛନ୍ତି । ଲଳିତା, ବୃନ୍ଦାବତୀ ପ୍ରଭୃତି ଗୋପୀମାନେ ତ୍ରିପୁରାଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ପ୍ରକାର ସେବା ଓ ନୃତ୍ୟଗୀତାଦିରେ ରତ ଅଛନ୍ତି । ଏହି ନିତ୍ୟ ରାସ ସ୍ଥଳକୁ ପୁରୁଷର ପ୍ରବେଶ ନାହିଁ । ଗୋପୀଙ୍କ ଛଡ଼ା ଅନ୍ୟଙ୍କର ମଧ୍ୟ ପ୍ରବେଶ ନାହିଁ ।

ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଓଁକାରଙ୍କଠାରୁ ଜନ୍ମ ଗ୍ରହଣ କରିଛନ୍ତି । ନିତ୍ୟ ବିଷ୍ଣୁହିଁ ଓଁକାର । ଏ ସ୍ୱୟଂ ଶ୍ରୀକ୍ଷେତ୍ରବାସୀ ଜଗନ୍ନାଥ । ଓଁକାର ପ୍ରଭୁ ବ୍ରହ୍ମା

ବିଷ୍ଣୁ ମହେଶ୍ୱରଙ୍କ ପିତା ହେବାରୁ ଏ ତିନିହେଁ ଭ୍ରାତା । ପିତାଙ୍କର ନିତ୍ୟରାସ ଦେଖିବା ପାଇଁ ସେମାନଙ୍କର ମଧ୍ୟ ଅଧିକାର ନାହିଁ । ଥରେ ମାନବ ବିଷ୍ଣୁ ନିତ୍ୟ ରାସ ଦେଖିବା ମାନସରେ ନିତ୍ୟସ୍ଥଳକୁ ଯାଇ ଦ୍ୱାର ଦେଶରେ ବହୁସହସ୍ର ତପସ୍ୟା କଲେ । ବିଷ୍ଣୁଙ୍କ ମନ୍ତ୍ରୀ ତ୍ରିପୁରାଙ୍କୁ ମଧ୍ୟ ତପସ୍ୟା କରିବାକୁ ହେଲା । ଏଥିରେ ତ୍ରିପୁରା ସନ୍ତୁଷ୍ଟ ହୋଇ ବିଷ୍ଣୁଙ୍କୁ ଗୋପୀବେଶରେ ସଜ୍ଜିତ କଲେ । (୧ମ.ଅ.) । ନିତ୍ୟରାସରେ ଗୋପୀମାନଙ୍କ ସଙ୍ଗରେ ନୃତ୍ୟ ଗୀତାଦି ସମ ଭାବରେ ପଦକ୍ଷେପ କରିବାକୁ ମାନବବିଷ୍ଣୁଙ୍କୁ ତ୍ରିପୁରା ନିର୍ଦ୍ଦେଶ ଦେଲେ । ଗୁପ୍ତରେ ବିଷ୍ଣୁଙ୍କ ନିତ୍ୟ ସ୍ଥଳର ରାସମଣ୍ଡଳରେ ଛାଡ଼ି ଦେବାରୁ ବିଷ୍ଣୁ (ବା ନବଗୋପୀ) ଅନ୍ୟଗୋପୀମାନଙ୍କ ସଙ୍ଗରେ ମିଶିଗଲେ । କିନ୍ତୁ ନୃତ୍ୟଗୀତରେ ତାଳଲୟ ସମାନ ରଖି ନପାରି ବିଷ୍ଣୁ ଭୟରେ କମ୍ପିଲେ । ଏ କଥା ଗୋପୀମାନେ ଓ ନିତ୍ୟବନମାଳୀ ଜାଣିଲେ । ନିତ୍ୟସ୍ୱାମୀ ବନମାଳୀ ତ୍ରିପୁରାର ଗୁପ୍ତକାଣ୍ଡ ଅବଗତ ହୋଇ କ୍ରୋଧରେ ତାଙ୍କୁ କହିଲେ, ଗୁପ୍ତରେ ମାନବ ବିଷ୍ଣୁଙ୍କୁ ନିତ୍ୟରାସ ସ୍ଥଳକୁ ଆଣି ଅନ୍ୟାୟ କରିଥିବାରୁ ତାଙ୍କୁ ଶାପ ଭୋଗିବାକୁ ହେବ । ଯୁଗେ ଯୁଗେ ମାନବ ବିଷ୍ଣୁଙ୍କର ପତ୍ନୀ ହୋଇ ମର୍ତ୍ତ୍ୟରେ ଅବତୀର୍ଣ୍ଣ ହେବାପାଇଁ ତ୍ରିପୁରାଙ୍କୁ ନିତ୍ୟ କୃଷ୍ଣ (ବା ନିରାକାର ପ୍ରଭୁ) ଶାପ ଦେଲେ ।

ମାନବ ବିଷ୍ଣୁଙ୍କୁ ସେ ଆଣି, ରାହାସ ଦେଖାଇଲା ପୁଣି ।
ଏହାକୁ ଦେଲୁ ବୋଲି ପଦ, ତେଣୁ ସେ କଲା ଏତେ ଭେଦ ।
ଏ ପାପୀ ଏଠାରେ ନଥାଉ, ମର୍ତ୍ତ୍ୟ ମଣ୍ଡଳେ ଜାତ ହେଉ ।
ଯେଉଁ ବିଷ୍ଣୁଙ୍କୁ ଅଛି ଆଣି, ତାହାଙ୍କୁ ଯେନି ଯାଉ ପୁଣି ।
ସେ ତାର ହେଉ ନିଜ ଭର୍ତ୍ତା, ଯୁଗ ଯୁଗରେ ଥାଉ କଥା । ୨ୟ ଅ: ।

କିନ୍ତୁ ନିରାକାର ବିଷ୍ଣୁ ତ୍ରିପୁରା ବା ଚନ୍ଦ୍ରାବତୀଙ୍କୁ ପୂର୍ବେ ନିତ୍ୟସ୍ଥଳର ଦ୍ୱାରୀରୂପେ ଯୁଗେ ଯୁଗେ ରହିବେ ବୋଲି ଆଜ୍ଞା ଦେଇଥିଲେ । ନିତ୍ୟରାଧା ଏକଥା ଚେତାଇ ଦେବାରୁ ଅଣାକାର ପୁଣି କହିଲେ, ତ୍ରିପୁରାଙ୍କ ମୂର୍ତ୍ତି ଦ୍ୱାରରେ ରହିବ ଏବଂ ତାଙ୍କର ଅଂଶ ମର୍ତ୍ତ୍ୟକୁ ଯିବ । ପୁଣି ମାନବବିଷ୍ଣୁ ତ୍ରିପୁରାଙ୍କୁ ଏହି ଲାଜର ଭାଗୀ କରିଥିବାରୁ ମାନବବିଷ୍ଣୁ ତ୍ରିପୁରାଙ୍କୁ ଭାର୍ଯ୍ୟାରୂପରେ

ଯାଇ ତାଙ୍କୁ ସବୁବେଳେ ମସ୍ତକରେ ଧାରଣ କରିଥିବେ । ସ୍ୱାମୀ ସ୍ତ୍ରୀଙ୍କୁ ମସ୍ତକରେ ଧାରଣ କରିଥିବା ଲୋକଚକ୍ଷୁରେ ଅସୁନ୍ଦର ଓ ନୀତିଗର୍ହିତ କାର୍ଯ୍ୟ ଥିବାରୁ ଏହାର ସମାଧାନ ପାଇଁ ନିରାକାର କହିଲେ, ଶ୍ରୀ ପୁରୀଙ୍କ ଅଂଶ ମର୍ତ୍ତ୍ୟରେ ଉଦିତା ହୋଇ ତୁଳସୀ ରୂପେ ବିଷ୍ଣୁଙ୍କ ଶିରରେ ଲାଗିବେ ।

ଅଂଶ ତୋ ମର୍ତ୍ତ୍ୟରେ ଉଦିତ. ତୁଳସୀ ରୂପେ ହେବୁ ଜାତ ।
ବିଷ୍ଣୁର ହୋଇବୁ ତୁ ନାରୀ. ଶିରେ ବହିବେ ତେଣୁ କରି । ୧୬ ଅଃ ।

କିଛିକାଳ ପରେ ଗୋପରେ ନିତ୍ୟରାଧା ମଧ୍ୟ ଅବତୀର୍ଣ୍ଣ ହେବେ ବୋଲି ତ୍ରିପୁରାଙ୍କୁ କହିଲେ । ଶ୍ରୀପୁରୀ ନିତ୍ୟସ୍ଥଳର ତାଙ୍କ ଅଙ୍ଗର ସବୁ ଗୋପୀଙ୍କୁ ଓ ମାନବ-ବିଷ୍ଣୁଙ୍କୁ ସଙ୍ଗରେ ଧରି ମର୍ତ୍ତ୍ୟପୁରକୁ ଚାଲିଗଲେ । ଦୀନକୃଷ୍ଣ ନିତ୍ୟସ୍ଥଳରୁ ମର୍ତ୍ତ୍ୟଭୁବନକୁ ପଡ଼ିଥିବା ପଥ ଏପରି ଭାବରେ ବର୍ଣ୍ଣନା କରିଛନ୍ତି,— ତ୍ରିସ୍ତ୍ରୀଦଳରେ ଶ୍ରୀପୁରୀ ସଦଳବଳେ ପ୍ରବେଶ ହେଲେ । ସେଠାରୁ ଷଡ଼ଦଳକୁ ଗଲେ, ସେଠାରୁ ଖସି ଷୋଳ ଦଳରେ ପ୍ରବେଶ ହେଲେ । ଏଠାରୁ ଦଶଦ୍ୱାର, ଦଶଦ୍ୱାରଠାରୁ ସୁଷୁମ୍ନା ଦ୍ୱାର, ସେଠାରୁ ଖସି ବ୍ରହ୍ମାଣ୍ଡ ଖଣ୍ଡରେ ପଶିଲେ । ଏହି ବ୍ରହ୍ମାଣ୍ଡ ଖଣ୍ଡରୁ ଗଲା ଶ୍ରୀକୂଟ ସ୍ଥାନରେ ଉପସ୍ଥିତ ହେଲେ । ଏଠାରୁ ଶରଦା ନଦୀରେ ପ୍ରବେଶ ହେଲେ । ନଦୀ ତଟରୁ ଖସି ମେରୁ ଶୃଙ୍ଗରେ ଉପସ୍ଥିତ ହେଲେ । ମେରୁ ଶୃଙ୍ଗରୁ ଖସି ଦେବଲୋକ, ତା ପରେ ଇନ୍ଦ୍ର ଲୋକ, ଅଗ୍ନି ଲୋକ, ପବନ ଲୋକ ବାଟେ ସୂର୍ଯ୍ୟ ଲୋକରେ ପ୍ରବେଶ ହେଲେ । ଏଠାରୁ ଯମଲୋକ ବାଟେ ମର୍ତ୍ତ୍ୟରେ ପ୍ରବେଶ ହେଲେ ।

ବୃନ୍ଦାବତୀ ବୃନ୍ଦାସୁରର ଦୁହିତାରୂପେ ଜନ୍ମ ହେଲେ । ବିଷ୍ଣୁଙ୍କ ଅଂଶ ମଧ୍ୟ ଦୈତ୍ୟର ପୁତ୍ର ହୋଇ ମଧୁ ନାମରେ ଖ୍ୟାତ ହେଲେ । ମଧୁ ବୃନ୍ଦାବତୀଙ୍କୁ ସ୍ୱୟଂବର ସଭାରୁ ନେଇ ବିବାହ କଲେ । ବୃନ୍ଦାବତୀ ସତୀ ସାଧ୍ୱୀ ଥିବାରୁ ମଧୁ ଦୈତ୍ୟଙ୍କୁ ବିନାଶ କରିବା ସମ୍ଭବ ନଥିଲା । ତାଙ୍କର ସତୀତ୍ୱ ନଷ୍ଟ କରିବା ଉଦ୍ଦେଶ୍ୟରେ ବିଷ୍ଣୁ କପଟ କରି ମଧୁ ରୂପ ଧାରଣ କଲେ ଏବଂ ମାୟାକରି ଚନ୍ଦ୍ରାବତୀର ସତୀତ୍ୱ ହରଣକଲେ । ଏହା ପରେ ଶିବ ମଧୁ ଦୈତ୍ୟଙ୍କୁ ବଧ

କଲେ । ବିଷ୍ଣୁଙ୍କ ଆଜ୍ଞାରେ ଚନ୍ଦ୍ରାବତୀ ଦ୍ୱାପରରେ ଗୋପପୁରରେ କୃଷ୍ଣଙ୍କ ରାଣୀ-ହୋଇ ରହିଲେ ଏବଂ ତୁଳସୀ ରୂପେ ତାଙ୍କୁ କୃଷ୍ଣ ଶିରରେ ବହିବାରୁ ସବୁରାଣୀଙ୍କ ଉପରେ ବୃନ୍ଦାବତୀ ବା ତୁଳସୀଙ୍କର ଆସନ ରହିଲା । ନିରାକାରଙ୍କ ଆଜ୍ଞା ମଧ୍ୟ କାର୍ଯ୍ୟରେ ପରିଣତ ହେଲା । ବୃନ୍ଦାବତୀ କୃଷ୍ଣଙ୍କୁ ବିବାହ କରିଥିଲେ ବୋଲି କହି ଦୀନକୃଷ୍ଣ ତାଙ୍କ ସହିତ କୃଷ୍ଣଙ୍କ ଲୀଳାକୁ ବୈଧ ଥିବା ଦର୍ଶାଇଛନ୍ତି ।

ନିତ୍ୟକୃଷ୍ଣ ଓ ନିତ୍ୟରାଧା ମର୍ତ୍ତ୍ୟରେ ଗୋପପୁରରେ ଅବତୀର୍ଣ୍ଣ ହୋଇ କୃଷ୍ଣ ଓ ରାଧା ରୂପରେ ଲୀଳା କରିଥିଲେ । ରାଧା-କୃଷ୍ଣ ବିବାହ କରିଥିବା ଦୀନକୃଷ୍ଣ କହିଛନ୍ତି ଏବଂ ରାଧା-କୃଷ୍ଣ ଲୀଳା ସ୍ୱାମୀ-ସ୍ତ୍ରୀଙ୍କ ବୈଧ ଲୀଳା ଥିବା ପ୍ରତିପାଦିତ କରିବାକୁ ଚେଷ୍ଟା କରିଛନ୍ତି ।

ବାଲ୍ୟଲୀଳାରେ କୃଷ୍ଣ ଗୋପରେ ରାଧାଙ୍କୁ ବିବାହ କରିଥିବା କବି ଲେଖିଛନ୍ତି । ଦିନେ ଖେଳାଭାବରେ ଗୋପୀମାନେ କୃଷ୍ଣ ଓ ରାଧାଙ୍କୁ ବରକନ୍ୟା ବେଶ କରି ବିବାହ କରାଇ ଥିଲେ ।

ରାଧିକା କୃଷ୍ଣ ସୁଖ ଭାବେ, ହୋଇଲେ ପତି ପତ୍ନୀ ଏବେ ।
ଏକଥା ନିଜ ମନ୍ତ୍ରେ କେହି, ଶୁଣ ରୁକ୍ମିଣୀ ପ୍ରାଣେହି ।
ବାଳୁତ କାଳର ଏ କଥା, ରାଧିକା ପତ୍ନୀ ଆମ୍ଭେ ଭର୍ତ୍ତା । ୨୪ଶ ଅ. ।

ରସକଲ୍ଲୋଳରେ ମଧ୍ୟ କବି ମାଳାବଦଳ ବିବାହ ପ୍ରସଙ୍ଗ ଲେଖି ରାଧା-କୃଷ୍ଣଙ୍କ ପ୍ରେମର ବୈଧତା ଦେଖାଇବାକୁ ଚେଷ୍ଟା କରିଛନ୍ତି ।

**ନୀଳାଚଳ ନିତ୍ୟସ୍ଥଳ : ଅବତାରୀ ଜଗନ୍ନାଥ**—ଦୀନକୃଷ୍ଣ ଦାସ ପୁରୀ ବା ଶ୍ରୀକ୍ଷେତ୍ରକୁ ନିତ୍ୟସ୍ଥଳ ସଙ୍ଗେ ସମାନ କରିଛନ୍ତି ଏବଂ ନିତ୍ୟସ୍ଥଳର ବିଧି ଓ ଗୁଣ ଏଠାରେ ଥିବା ଦର୍ଶାଇଛନ୍ତି । ଶ୍ରୀଜଗନ୍ନାଥ ମନ୍ଦିରର ପାଚେରି, ପାକଛୁ, କଳ୍ପବଟ, ଗୁରୁଦ୍ୱାର, ବଟମଙ୍ଗଳା, ଭୁଷଣ୍ଡିକାକ, ଅନନ୍ତପୁରୁଷୋତ୍ତମ, ମୁକ୍ତିମଣ୍ଡପ, ପ୍ରଭୃତି ବିଭିନ୍ନ ଅଂଶର ବର୍ଣ୍ଣନା ଦେଇ ନିତ୍ୟ ସ୍ଥଳର ସ୍ଥାନ,

ଦେବ ଦେବୀ, ପ୍ରଭୃତି ସଙ୍ଗେ ସମାନ କରିଛନ୍ତି । କବି ମଧ୍ୟରେ ବିସ୍ତୃତ ବିବରଣ ଦେଇ ଏଗୁଡ଼ିକ ନିତ୍ୟ ରାସସ୍ଥଳର ବିଭିନ୍ନ ଅଙ୍ଗ ଥିବା କହିଛନ୍ତି ।

ନିତ୍ୟରାସସ୍ଥଳ ବା ଶ୍ରୀକ୍ଷେତ୍ରରେ ପ୍ରେମ ଭକ୍ତି ଓ ଗୋପୀଙ୍କ ସେବା ଥିବା କହି ଏଠାରେ ଦ୍ୱାଦଶ ବୃନ୍ଦାବନର ଅବସ୍ଥିତି ବର୍ଣ୍ଣନା କରିଛନ୍ତି ।

ନିତ୍ୟ ରାସ ପ୍ରେମ ଭକ୍ତି, ଗୋପୀଙ୍କ ସେବା ତହିଁ ସ୍ଥିତି । ୧୦ମ ଅ ।

ସ୍ୱୟଂ ଭଗବାନ ଦିବ୍ୟ ମଣିମଣ୍ଡପ ଉପରେ ଶେଷଦେବଙ୍କ ଶିରରେ ସହସ୍ର ଫଣା ଉପରେ ବିଜେ କରିଅଛନ୍ତି ଏବଂ ରାଧାଙ୍କୁ ବାମ ଅଙ୍ଗରେ ଧାରଣ କରିଛନ୍ତି ।

ଶେଷଦେବଙ୍କ ଶିରପରେ, ସହସ୍ର ଫଣାର ଉପରେ ।
ମଣିମଣ୍ଡପ ଦିବ୍ୟ ସ୍ଥାନ, ତହିଁରେ ବିଜେ ଭଗବାନ ।
ରାଧାଙ୍କୁ ବାମ ଅଙ୍ଗେ ଧରି, ରତ୍ନ ବେଦୀରେ ବିଜେକରି । ୧୦ମ ଅଃ ।

ଅଷ୍ଟାଦଶ, ଷୋଡ଼ଶଦଳ ପ୍ରଭୃତିରେ ବିଭିନ୍ନ ସଖୀମାନଙ୍କର ଅବସ୍ଥିତି ମଧ୍ୟ ନିର୍ଦ୍ଦେଶ କରିଛନ୍ତି ।

ନିତ୍ୟସ୍ଥଳର ଲୀଳା ଚାରିଯୁଗକୁ ଧରି ଚାଲିଛି । କଳିଯୁଗରେ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀକୃଷ୍ଣ ଲୀଳା କରୁଛନ୍ତି ।

ସବୁ ଯୁଗରେ ପୀତବାସ, ଗୋପୀଏ କରୁଛନ୍ତି ପଶ ।
ଦ୍ୱାପର ଯୁଗ ସରିଗଲେ, କଳି ଯେ ପ୍ରକାଶିବ ଭଲେ ।
ଶ୍ରୀ ପୁରୁଷୋତ୍ତମ ଉତ୍ତମ, ଭୋଗ ଯେ କ୍ଷେତ୍ର ବୋଲି ନାମ ।
ତହିଁ ଦେବାଧିଦେବରାଜେ, ଶଙ୍ଖନାଭି ମଣ୍ଡଳେ ବିଜେ ।
ଚତୁର୍ଦ୍ଧାରୂପେ ନରହରି, କପଟେ ଦାରୁ ରୂପ ଧରି ।
ସେଠାରେ ଗୋପୀଙ୍କର ସେବା, ଯେମନ୍ତେ ତାହା କହି ଦେବା ।
ଯେଉଁ ଦିଗରେ ଯାହା ଦ୍ୱାର, ତୁ ପ୍ରଭୁ ମନେ ହେତୁ କରି ।

ସମ୍ମୁଖେ ଲଳିତାଙ୍କ ପୁଣି, ବାୟବ୍ୟେ ଶ୍ୟାମଳା ସୁନ୍ଦରୀ ।
ଉତ୍ତରେ ଶ୍ରୀମତୀ ଧନ୍ୟା, ଶାନ୍ତ ମୂରତି ବେନ କନ୍ୟା ।
ଐଶାନ୍ୟେ ହରିପ୍ରିୟା ବାଳୀ, ପୂର୍ବେ ସୁକେଶୀ ଶୁଭଶାଳୀ ।
ଦକ୍ଷିଣେ ପଦ୍ମ ବତୀ ପୁଣି, ପଶ୍ଚିମେ ଚଞ୍ଚଳା ସୁନ୍ଦରୀ ।
ପୁରୁଷୋତ୍ତମ କ୍ଷେତ୍ର ମୂଳେ ଖଟନ୍ତି ଏତେ ଗୋପୀ ଠୁଳେ । ୧ମ ଅ: ।

ଅନାଦି ନଜ୍ଞକାର ହରି, ରତ୍ନ ମଣ୍ଡପେ ବିଜେ କରି ।
ରାଧାଙ୍କୁ ବାମ ଅଙ୍ଗେ ଘେନ, ପ୍ରୀତି ଯୁଗଳ ହୋଇ ବେନ । ୧ମ ଅ. ।

କବି ବଳଭଦ୍ର, ସୁଭଦ୍ରା, ଜଗନ୍ନାଥଙ୍କର ଅର୍ଥ ରାଧା-କୃଷ୍ଣତତ୍ତ୍ୱ ଅନୁସାରେ ଦେଇଛନ୍ତି । ଏକାଦଶ ଅଧ୍ୟାୟରେ ଏହି ତତ୍ତ୍ୱର ବିଶଦ ବର୍ଣ୍ଣନା ଦିଆଯାଇଛି ।

ରାଧାକୃଷ୍ଣାଦି ଅଣାକାରଙ୍କଠାରୁ ଜନ୍ମ । ଜଗନ୍ନାଥ ଅଣାକାର । ଏ ଶେଷଦେବଙ୍କ ଶିରପରେ ବିଜେ କରିଛନ୍ତି ଏବଂ ଏହି ଶେଷଦେବଙ୍କ ଲୋମ-କୂପରେ କୋଟି ବୈକୁଣ୍ଠ ଗୁପ୍ତ ହୋଇଛି । କୋଟିଏ ରାଧା, କୋଟିଏ କୃଷ୍ଣ ନିତ୍ୟ ଜନ୍ମଗ୍ରହଣ କରୁଛନ୍ତି । ଜଗନ୍ନାଥଙ୍କ ସ୍ଥଳ ଶ୍ରୀ ପୁରୁଷୋତ୍ତମ କେବଳ ନିତ୍ୟସ୍ଥଳ । ଏଠାରେ ଚୌଷଠି କୋଟି ଗୋପୀ ସେବା କରୁଛନ୍ତି ।

କୋଟି ବୈକୁଣ୍ଠ ଅଛି ଗୋପ୍ୟେ, ଶେଷଦେବଙ୍କ ଲୋମକୂପେ ।
କୋଟିଏ କୃଷ୍ଣ ଜନ୍ମ ନିତି, କୋଟିଏ ପ୍ରିୟା ଚନ୍ଦ୍ରାବତୀ ।
କୋଟିଏ ଜନ୍ମ ନିତ୍ୟଠାରେ, ବ୍ରଜମୋହନ ଶୋହେ ଶିରେ ।
ଶ୍ରୀ ପୁରୁଷୋତ୍ତମରେ ଏକା, ନିତ୍ୟ ବିହାର ଯହିଁ ଲେଖା ।
ଚୌଷଠୀ କୋଟି ଗୋପୀ ସେବା, ତହିଁକ ପଟାନ୍ତର ଦେବା ।
। ୧୩ଶ ଅ: ।

ରସକଲ୍ଲୋଳ, ଜଗମୋହନ ଛାନ୍ଦ, ବହୁ ଜଣାଣ ଓ ଚଉତିଶାରେ ଦୀନକୃଷ୍ଣ ଏହି ତତ୍ତ୍ୱର ସୂଚନା ଦେଇଛନ୍ତି ।

ଦୀନକୃଷ୍ଣ ନିତ୍ୟରହାସସ୍ଥଳ, ନିତ୍ୟରାସ, ପୁରୁଷୋତ୍ତମ ନିତ୍ୟସ୍ଥଳ, ଜଗନ୍ନାଥଙ୍କଠାରେ ରାଧା-କୃଷ୍ଣ ଯୁଗଳ ମୂର୍ତ୍ତି ଭେଦାଣ, ଅଣାକାରଙ୍କଠାରୁ ନିତ୍ୟକୃଷ୍ଣ ନିତ୍ୟରାଧାଦି ସଚରାଚର ବ୍ରହ୍ମାଣ୍ଡର ଉତ୍ପତ୍ତି, ଜଗନ୍ନାଥ ଅଣାକାର ଥିବାରୁ ତାଙ୍କଠାରୁ ଏ ସମସ୍ତଙ୍କର ଉତ୍ପତ୍ତି ଅର୍ଥାତ୍ ଜଗନ୍ନାଥ ଅବତାରୀ ପ୍ରଭୃତି ବିଷୟ ପୂର୍ବରୁ ଓଡ଼ିଆ କବିମାନେ ବର୍ଣ୍ଣନା କରିଛନ୍ତି । ବିଶେଷତଃ ଦିବାକର ଦାଶ 'ଶ୍ରୀଜଗନ୍ନାଥ ଚରିତାମୃତ'ରେ ଏହାର ବିସ୍ତୃତ ବିବରଣ ଦେଇ ମର୍ମ ପରିଷ୍କାର କରି ଦେଇଛନ୍ତି ଏବଂ ସିଦ୍ଧାନ୍ତର ସୂତ୍ର ମଧ୍ୟ ନିର୍ଣ୍ଣୟ କରି ଯାଇଛନ୍ତି । ଦୀନକୃଷ୍ଣଙ୍କ ବର୍ଣ୍ଣନାରେ ଚରିତ-ଉଦାହରଣ ଦ୍ୱାରା ଏହା ସମର୍ଥିତ ହୋଇଛି । ବିଷୟର ଉପସ୍ଥାପନ ଓ ବ୍ୟାଖ୍ୟାରେ ନୂତନତ୍ୱ ପ୍ରେମିକ ଭକ୍ତଙ୍କ ମନରେ ଗଭୀର ଭାବୋଚ୍ଛ୍ୱାସ ଜାତ କରୁଛି; ସାଧାରଣ ପାଠକଙ୍କୁ ଏହା ଅପୂର୍ବ ଓ ବିଚିତ୍ର ବୋଲି ଜଣା ପଡ଼ୁଛି । ଭକ୍ତି ଭାବରେ ତନ୍ମୟ ହୋଇ ରାହାସ ବର୍ଣ୍ଣନାରେ କଳ୍ପନାର ବିଳାସକୁ ବହୁଦୂର ପ୍ରସାରିତ କରିଥିବାରୁ କବି ନିଜେ ଏହି 'ଅପୂର୍ବ ବିଚିତ୍ର' ଭାବ ଅନୁଭବ କରିଥିବା ନିମ୍ନ ଉକ୍ତିରୁ ଅନୁମିତ ହେଉଛି ।

ଅପୂର୍ବ ବିଚିତ୍ର ରହାସ, ଭଣିଲେ ଦୀନକୃଷ୍ଣ ଦାସ । ୧୬ଶ ଅः ।

ଦୀନକୃଷ୍ଣ ଦାସ ଜଗନ୍ନାଥଙ୍କୁ ବୁଦ୍ଧ (ବଉଧ) ରୂପରେ ମଧ୍ୟ ଦେଖିଛନ୍ତି । ଜଗନ୍ନାଥ ବୁଦ୍ଧ ଅବତାର ଥିବା ପ୍ରସଙ୍ଗ ପୂର୍ବରୁ ବହୁ କବି ଲେଖିଛନ୍ତି ।

ରସବିନୋଦରେ ବଶିଷ୍ଠ ଓ ଭୂଷଣ୍ଡି କାକର କଥୋପକଥନ ଛଳରେ ବ୍ରହ୍ମ ପ୍ରଳୟର ବିଷୟ ବର୍ଣ୍ଣିତ ଅଛି । ବ୍ରହ୍ମାଙ୍କ ମୃତ୍ୟୁ ପରେ ବ୍ରହ୍ମପ୍ରଳୟ ହେଲା ଏବଂ ସାରା ସଂସାର ଜଳମଗ୍ନ ହେଲା । ସ୍ୱୟଂ ଭଗବାନ ନୀଳଗିରିର କଳ୍ପବଟର ଶାଖା ଉପରେ ଶୟନ କରି ପୁଣି ସୃଷ୍ଟି ରଚନା କରିଥିଲେ । ପୁରୀର କ୍ଷେତ୍ର ମାହାତ୍ମ୍ୟର ଉତ୍କର୍ଷ ପ୍ରତିପାଦନହିଁ ଏହି କଳ୍ପବଟର ଅବତାରଣର ପ୍ରଧାନ ଉଦ୍ଦେଶ୍ୟ ।

ଏହି ପୃଥିବୀର କ୍ରମ ବିକାଶ ସମ୍ବନ୍ଧରେ ଦୀନକୃଷ୍ଣ ବଡ଼ ସୁନ୍ଦର ଭାବରେ ଲେଖି ଯାଇଛନ୍ତି ।

ସୃଷ୍ଟି ଯାତନା କଥା ଯେତେ, ଜାଣିଲେ କହି ନକ ମୋତେ
କେବଣ ଯୁଗ କେଉଁ କଥା, ଜାଣୁ କି ତହିଁର ବାରତା ।୪
ବେଳେ ଯେ ସପ୍ତଦ୍ୱୀପ ମହୀ, ନଥିଲେ ଜୀବଜନ୍ତୁ କେହି ।
ତହିଁ ଥୋକାଏ ଦିନେ ବାରୁ, ହୋଇଲ ବୃକ୍ଷମସ୍ତ ସବୁ ।
ବଢ଼ିଣ ଯେ ଯାହାର ମୂଳେ, ଲାଗିଲେ ଆକାଶ ମଣ୍ଡଳେ ।୪
ପୁଣି ଯେ ହୋଇଲ ଏମନ୍ତ, ବ୍ରହ୍ମାଣ୍ଡେ ପୂରିଲ ପର୍ବତ ।୪।
ଏମନ୍ତେ ଉପୁଜିଲ ମହୀ, ଲୋଚନେ ଦେଖିଅଛୁ ମୁହିଁ ।
ସେ ଯୁଗ ଗଲ ଏହିମତେ, ଆଉ ପୃଥିବୀ ତାହା ଅନ୍ତେ ।
ସେଇ ବ ବସ୍ଥା ଦେବା କହି, ତାରଣ ଉପୁଜିଲ ମହୀ ।
ସେ ଯୁଗ ଏହିମତେ ଗଲା, ଆନ ଯେ ପୃଥିବୀ ହୋଇଲା ।୨ୟ ଅ. ।

ପ୍ରଥମେ ବୃକ୍ଷ, ତା'ପରେ ଯୁଗକ୍ରମରେ ପର୍ବତ, ପଥର, ତୃଣ, ଅଗ୍ନି, ପାଉଁଶ, ପିମ୍ପୁଡ଼ି, ଧେନୁ, ହସ୍ତୀ, ଅଶ୍ୱ, ବ୍ୟାଘ୍ର, ଭଲ୍ଲୁକ, ମୃଗ, ସମ୍ବର, ପକ୍ଷୀ, ପତଙ୍ଗ, ସର୍ପ ଏବଂ ଶେଷରେ ମନୁଷ୍ୟ ଜାତ ହେଲେ ।

ନିଜ ଆତ୍ମାକୁ ଚିହ୍ନିବାହିଁ ମୁକ୍ତି—ଭୁଷଣ୍ଡ କାକ କିପରି ଅମର ହୋଇଛୁ ବୋଲି ପଚାରିବାରୁ ସେ ବଶିଷ୍ଠଙ୍କୁ ଉତ୍ତର ଦେଲା ଯେ ସେ ବ୍ରହ୍ମଜ୍ଞାନ ଜାଣେ ଏବଂ ରାମନାମ ଘୋଷୁଥିବାରୁ ଅମର ହେଲା । ଏହି ବ୍ରହ୍ମତତ୍ତ୍ୱ ନିଜ ଶରୀର ଭିତରେ ଗୋପ୍ୟ ଭାବରେ ଅଛି । ତାକୁ ଚିହ୍ନି ପାରଲେ ଅମରତ୍ୱ ପ୍ରାପ୍ତି ହେବ ବୋଲି ଭୂଷଣ୍ଡ କହିଲେ । ନିଜ ଆତ୍ମାକୁ ଚିହ୍ନିବାହିଁ ମୁକ୍ତି ।

ସେ ବ୍ରହ୍ମଜ୍ଞାନର ବାରତା, ମନ ଭିତରେ ସବୁ କଥା ।
ଗୁପତ ଭାବେ ଅଛି ରହି, ସେକଥା ନଜାଣନ୍ତି କେହି ।୪
କଳପ ବୃକ୍ଷେ ଆମ୍ଭେ ଥାଉଁ, ଭଜନ କରି ରାଉ ରାହି ।
ରାଉ ଭଜନେ ତାଉ ଚୋପ, ନଯାଉଁ ମ ଅକ୍ଷର ପାଶ ।
ରାଉ ଭଜନ କରି ଅନ୍ତେ, ମଅକୁ ନ ଲଗାଉ କଣ୍ଠେ ।
ରାହି ଭଜନ ଜ୍ଞାନ ମତ, ଓଁକାର ବୀଜ ବ୍ରହ୍ମ ତତ୍ତ୍ୱ ।

ଓଁକାର ଯେଣ୍ଣ ସିନା ଦେହ, ଏଥୁଁ ଅଧିକ ଥିଲେ କହ ।
ବ୍ରହ୍ମାଦି ବିଷ୍ଣୁ ପଶୁପତି, ଯହୁଁ ଜନମ ତିନି ମୂର୍ତ୍ତି ।
ସେ ମନ୍ତ୍ର ଗୋଟି ରଖି କଣ୍ଠେ, ରାହ ଭଜନ କରି ଅଣ୍ଠେ ।
ମନ ଚେତନା ଦୃଢ଼ କରି, ଅଜ୍ଞାନ ପବନକୁ ଧରି ।
ସମାନ ଜ୍ଞାନ ଆଦିମୂଳ, ମନ ପବନ ଗଣ୍ଠି ଟୁଳ ।
ଉଦାନ ବାୟୁ ଧରି ଆଣି, ନିରୋଧ କରିବ ତ୍ରିବେଣୀ ।
ବଙ୍କନାଳର ଶିଖା ପରେ, କମାରଶାଳ ଯେଉଁଠାରେ ।
ଘାଟ ମୁଣ୍ଡରେ ଯେଉଁ ଠଣା, ନୋହିବୁ କେଉଁଠାରେ ବଣା ।
ତୋ ଦେହ ବିଧି ମୁନିବର, କହିବା ମନେ ହେତୁ କର ।
ଏ ବ୍ରହ୍ମଜ୍ଞାନ ମହାସନ୍ଧି, ମନ ପବନ କରି ବନ୍ଦୀ ।
ଯେବେ ପାଇବୁ ଦିବ୍ୟ ସୁଖ, ଅଦୃଷ୍ଟ ଭୂମିକି ତୁ ଦେଖ ।
ଅତୁଳ ତୃଳରେ ଯେ ରହି, ଜ୍ଞାନ ଜାଣିଲୁ ବୋଲି କହି ।
ଅମପା ମାପିବାରୁ ଯେବେ, ଅଭକ୍ଷ୍ୟ ଦ୍ରବ୍ୟ ଭକ୍ଷ୍ୟ ଏବେ ।
ମନ ନୟନ ସ୍ଥିର କର, ନାସିକା ପବନକୁ ଧର ।
ଚନ୍ଦ୍ରମା ଘରେ ସୂର୍ଯ୍ୟ ବନ୍ଦୀ, ଉଜାଣି ବାୟୁ ପାରୁ ସାଧି ।
ଆତ୍ମାକୁ ପାରୁ ଯେବେ ଚିହ୍ନି, ସିଦ୍ଧ ହୋଇବ ଦେହ ଯେଣି ।

୩୯ ଅ: ।

ନାରୀ ଚରିତ୍ର—ରସବିନୋଦରେ ନାରୀମାନଙ୍କ ସମ୍ବନ୍ଧରେ ଅନେକ ଅସୁନ୍ଦର କଥା ପ୍ରସଙ୍ଗ କ୍ରମରେ ଦେଖିବାକୁ ମିଳେ । ଏ ସମ୍ବନ୍ଧରେ ଦୀନକୃଷ୍ଣଙ୍କ ପରି ବହୁ କବି ନାରୀମାନଙ୍କ ସମ୍ବନ୍ଧରେ ଏପରି ଲେଖିଯାଇ ଅଛନ୍ତି । ବୃନ୍ଦାସୁରର ଦୁହିତା ବୃନ୍ଦାବତୀକୁ ମଧୁଦୈତ୍ୟ ବିବାହ କରିବାରୁ ମଧୁଙ୍କ ମନ୍ତ୍ରୀ ନିତାନ୍ତ ଅସନ୍ତୁଷ୍ଟ ହୋଇ କହିଲେ—

ଏ ଗୁରୁ ସ୍ଥାନ ସ୍ତିରୀ ଜାତି, ବିଶ୍ୱାସ ଯାଇ ଯେଉଁ ପତି ।
ତାହା ଜୀବନ ଗୋଟି ଧିକ, କେବେହେଁ ନୁହଇ ସେ ନିକ ।
ସ୍ତିରୀଙ୍କ କଥା ଯେହୁ ଭାବେ, ଥୋକାଏ କହି ଦେବା ଏବେ ।

ଯେବଣ ସ୍ତିରୀ ନିଜ ଭର୍ତ୍ତା, ଜାଣଇ ରତିଶାସ୍ତ୍ର କଥା ।
ଖିରିଯା ମନ ତୋଷିବାରେ, କାମୀ ହୁଅଇ ନିରନ୍ତରେ ।
ବନ୍ଧୁ କୁଟୁମ୍ବ ତାର ପାଇଁ, ନବଯୁବାହିଁ ହେଉଥାଇ ।
ସୁନ୍ଦରପଣ ଦେଖି ତାର, କାମଦେବକୁ ପଟାନ୍ତର ।
ଧନୀ ପଣକୁ ଜଗଜ୍ଜିତା, କୁବେର ସମାନେ ଗଣିତା ।
ପ୍ରାକର୍ମ କହିବାଟି କେତେ, ସିଂହର ବପୁ ଗୋଟା ଯେତେ ।
ଦାତାପଣକୁ ଲେଖା କରି, କର୍ଣ୍ଣ ସଙ୍ଗତେ ସମ କରି ।
ରାଜାପଣକୁ ଥିବ ରାସ୍ତୁ, ଯେସନେ ବଳି ବେଣୁ ପ୍ରାସ୍ତୁ ।
ଧର୍ମ ଯୁଧିଷ୍ଠି ପ୍ରାସ୍ତୁ ହୋଇ, ମୁଖରେ ସତ କହୁଥାଇ ।
ଏମନ୍ତ ଲୋକର ଯୁବତୀ, ସେ ପୁଣି ନମାନଇ ପତି । ୪ର୍ଥ ଅଃ ।
ଜୀବନ ଥିବା ପରିଯନ୍ତେ, ସ୍ତିରିଙ୍କ ନଯିବ ପରତେ । ୭ମ ଅଃ ।

ଚନ୍ଦ୍ରାବତୀର ଦୁଃଖମୟ ଜୀବନ ମଧ୍ୟ ଏହାର ଗୋଟିଏ ପ୍ରମାଣ । ସେ ନିଜ ସ୍ୱାମୀ ସହିତ ବନବାସ କରିବା ସମୟରେ ସ୍ୱାମୀ ତାର ବହୁତ ସେବା କରିଥିଲେ; କିନ୍ତୁ ଚନ୍ଦ୍ରାବତୀ ନିଜେ ସ୍ୱାମୀ ପ୍ରତି ବିଶ୍ୱାସଘାତକତା କରିଥିଲେ ।

ପତିଭକତା ପଣ କଲୁ, ମୋ ତୁଲେ ବନବାସ ଗଲୁ ।
ଭୁଜୁ ରୁଧିର ମୋର ପିଇ, ଜାନୁର ମାଂସ ରାନ୍ଧି ଖାଇ ।
ବନବାସକୁ ଘେନି ଗଲି, ଦେହରୁ ମାଂସ କାଟି ଦେଲି ।
ପତିଭକତା ପଣ ତୋର, ଗଲୁ ଯେ ଗଙ୍ଗାନଦୀ ତୀର ।
ନାବରେ ବସାଇଲୁ ନେଇ, ଠାରିଲୁ ତରିଇକି ଚାହିଁ ।
ସେ କାତବାଡ଼ି ଧରି କରେ, ମୋତେ ପେଟିଲା ଶିର ପରେ ।
ପୁଣି ପେଟିଲା ପୃଷ୍ଠ ଦେଶେ, ପଡ଼ିଲି ଗଙ୍ଗା ମଧ୍ୟ ଅଂଶେ । ୭ମ ଅଃ ।

ରାଜାଙ୍କୁ ତ୍ୟାଗ କରି ଯୁବକ ତରେଇର ଲୋଭରେ ଚନ୍ଦ୍ରାବତୀ ତରେଇକୁ ଧରି ଦେଶାନ୍ତର ଚାଲି ଯାଇଥିଲା । ଭାଗ୍ୟ ଦୋଷରୁ ପୁନର୍ବାର

ରାଜାଙ୍କ ଆଗରେ ପଡ଼ିଲା । ସେତିକିବେଳେ ରାଜା ଏହା କହିବାରୁ ରାଣୀ ଯେଉଁ ଉତ୍ତର ଦେଲେ ତାହା ବାସ୍ତବ ହେଲେ ମଧ୍ୟ ସାମାଜିକ ବନ୍ଧନ ଶିଥିଳ କରିବାରେ ସହାୟକ ହେବ । ସାମାଜିକ ବନ୍ଧନରେ ସ୍ୱାମୀ-ସ୍ତ୍ରୀ, ପିତା-ପୁତ୍ର ପ୍ରଭୃତି ସମ୍ପର୍କ ତ୍ୟାଗ କେତେକ ନୀତି ଉପରେ ପ୍ରତିଷ୍ଠିତ ଥିବାରୁ ଏହି ଉକ୍ତି ତାର ବିରୋଧାଚରଣ କରୁଛି । ରାଣୀ ନିଜ କାର୍ଯ୍ୟକୁ ସମର୍ଥନ କରି କହିଲେ—

ଯେବଣ ବୃକ୍ଷ ଥାଇ ଫଳ, ସମସ୍ତ ଲୋକ ତହିଁ ମିଳ ।
ସକଳ ଜନ୍ତୁମାନେ ଯାନ୍ତି, ଖାଇବା ଅର୍ଥେ ଟାକ ଥାନ୍ତି ।
ସରିଲେ ସେ ବୃକ୍ଷର ଫଳ, କେହି ନଯାନ୍ତି ତାର ତଳ ।
ଯେବଣ ପୋଖରୀରେ ପାଣି, ଇନ୍ଦ୍ର ବରଷିଥାଇ ଆଣି ।
ସେ ଜଳ ଶୁଖିଲେ କାରଣେ, କେହି ନଯାନ୍ତି ତାର ପାଶେ ।
ପୁରୁଷ ଅଙ୍ଗ ଗୋଟା ବହି, ନିର୍ଦ୍ଧନୀ ହୋଇ ଯେବେ ଥାଇ ।
ତେଣୁ ସେ ଦୁଃଖ ପାଇ ପଛେ, ଆପଣା ଭାରିଯା ନ ଗଛେ ।
ତୁ ଯେ ଗମିଲୁ ବନବାସ, ସଙ୍ଗରେ ଘେନିଗଲୁ କିସ ।
ନିର୍ଦ୍ଧନୀ ହୋଇ ବନେ ଗଲୁ, ତୁଚ୍ଛାକୁ ମୋତେ ସଙ୍ଗେ ନେଲୁ ।
ଅର୍ଥ ନଥାଇ ଯାର ହସ୍ତେ, ଭାରିଯା ଇଚ୍ଛଇ କେମନ୍ତେ ।
ସ୍ତିରି ପୁରୁଷ ଯହିଁ ବାସ, ଅର୍ଥରେ ହୋଇଥାନ୍ତି ବଶ । (୩୨ ଅ: )

ଅନ୍ୟ ଏକ ପ୍ରସଙ୍ଗରେ ସତ୍ୟ କହିବା ଛଳରେ କୁନ୍ତୀ ଓ ଦ୍ରୌପଦୀ ନିଜ ମନର ଭାବ ପ୍ରକାଶ କରିବାଠାରେ ସ୍ତ୍ରୀ ଚରିତ୍ରର କେତୋଟି ନିଗୂଢ଼ ସତ୍ୟ ବ୍ୟକ୍ତ କରିଅଛନ୍ତି । ଦିନେ ପାଣ୍ଡବମାନଙ୍କ ବନବାସ ସମୟରେ ଋଷିମାନେ ପାଣ୍ଡବମାନଙ୍କର ଅତିଥି ହେଲେ । ସେତେବେଳେ ପାଣ୍ଡବମାନଙ୍କୁ ଆମ୍ବ ଦେବାପାଇଁ ଋଷିମାନେ କହିଲେ । ସେ ସମୟ ଆମ୍ବ ଫଳିବାର ସମୟ ହୋଇ ନଥିବାରୁ ପାଣ୍ଡବମାନେ ମହା ଚିନ୍ତାରେ ପଡ଼ିଲେ । ସତ୍ୟ କହିଲେ ଅକାଳରେ ମଧ୍ୟ ଆମ୍ବ ଫଳେ ବୋଲି ଶ୍ରୀକୃଷ୍ଣ କହିବାରୁ ତାଙ୍କ ଉପଦେଶମତେ

ନିଜ ଜୀବନର ସତ୍ୟ ଘଟଣା ସବୁ ପାଣ୍ଡବମାନେ ଏକ ଏକ କରି ବର୍ଣ୍ଣନା କଲେ । କୁନ୍ତୀଦେବୀ ନିଜ ସତ୍ୟ କଥା ପ୍ରକାଶ କଲେ—

କୋଇନ୍ତା ବୋଇଲେ ଗୋବିନ୍ଦ, ଆମ୍ଭେ ଯେ ସ୍ତ୍ରୀ ଯେ ଜାତି ମନ୍ଦ ।
ହେ ପ୍ରଭୁ ଶୁଣ ନନ୍ଦବସି, ସତ୍ୟ ମୁଁ କରି କହୁଅଛି ।

ସୁନ୍ଦର ପୁରୁଷ ଦେଖିଲେ ପିତାହେଉ, ପୁତ୍ରହେଉ, ଭାଇହେଉ ଯେ କୌଣସି ଲୋକ ପ୍ରତି ତାଙ୍କର ମନ ସେମାନଙ୍କ ପ୍ରତି ଟାଣି ହୋଇଯାଏ । ଦ୍ରୌପଦୀଙ୍କର ପଞ୍ଚପତି ଥିଲେ ମଧ୍ୟ ଦେଢ଼ଶୁର କର୍ଣ୍ଣଙ୍କ ପ୍ରତି ତାଙ୍କର ମନ ଥାଏ । ମୂଳ ମହାଭାରତରେ ଏ ପ୍ରସଙ୍ଗ ନାହିଁ । କବି ସାରଳା ଦାସଙ୍କୁ ଅନୁସରଣ କରି ଏପରି ଲେଖିଅଛନ୍ତି ।

ବର୍ଣ୍ଣନା ଚାତୁରୀ—ରସବିନୋଦରେ କବିଙ୍କ ବର୍ଣ୍ଣନାଗୁଡ଼ିକ ବିବରଣାତ୍ମକ ଓ କଳ୍ପନାବିଳାସଶୂନ୍ୟ ହୋଇଛି । ରୂପବର୍ଣ୍ଣନା, ନଗର ବର୍ଣ୍ଣନା ପ୍ରଭୃତିରେ ଠିକଣାଖି ବିବରଣ ରହିଛି । ବର୍ଣ୍ଣନାଗୁଡ଼ିକ ମନୋରମ ଓ ହୃଦ୍ୟ ହୋଇଛି ।

ନିତ୍ୟ ରାସସ୍ଥଳକୁ ମାନବବିଷ୍ଣୁ (କୃଷ୍ଣ)ଙ୍କୁ କପଟରେ ସ୍ତ୍ରୀବେଶ କରି ନେଇଯାଇଥିଲେ । ଏହି ସ୍ତ୍ରୀବେଶଟି ଓଡ଼ିଶାର ସ୍ତ୍ରୀମାନଙ୍କର ବେଶ ସଦୃଶ । ଅବଶ୍ୟ, ବହୁମୂଲ୍ୟ ନାନା ଅଳଙ୍କାରର ବ୍ୟବହାରରୁ ଧନୀ ବା ରାଜସମ୍ପ୍ରଦାୟର ସ୍ତ୍ରୀମାନଙ୍କ ପକ୍ଷରେ ଏହା ସମ୍ଭବ ହେଲେ ମଧ୍ୟ ଅଳଙ୍କାରର ପରିପାଟୀ ସବଶ୍ରେଣୀରେ ପ୍ରାୟ ସମାନ । କିଏ ହୀରା, ମୋତି, ମାଣିକ୍ୟର ଅଳଙ୍କାର ପିନ୍ଧୁଛି ତ କେହି ରୂପା, ରସ, ପିତଳର ଅଳଙ୍କାର ପିନ୍ଧୁଛି ।

କବି ରସ ବିନୋଦର ବହୁସ୍ଥାନରେ କେତେକ ସୁନ୍ଦର ଚିତ୍ରଅଙ୍କନ କରି ତାଙ୍କର କାବ୍ୟପ୍ରତିଭାର ପରିଚୟ ଦେଇଛନ୍ତି ।

ନିତ୍ୟ ରାସସ୍ଥଳକୁ ମାୟାସ୍ତ୍ରୀ ରୂପଧାରୀ ମାନବବିଷ୍ଣୁ ଗୋପୀମାନଙ୍କ ସହ ନୃତ୍ୟ କରିବାକୁ ଯିବାବେଳେ ତାଙ୍କର ଭ୍ରମ ହେଲା । କବି ଏହି ଅବସ୍ଥାଟିକୁ ଅତି ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି ।

ଗୋପୀମାନଙ୍କ ନୃତ୍ୟରଙ୍ଗ,    ଗାଇବା ବାଇବାର ଢଙ୍ଗ ।
ଦେଖିଣ ନଚଳିଲା ହସ୍ତ,    ଭୋଳ ହୋଇଲେ ଜଗନ୍ନାଥ ।
ତରଳ ହୋଇ କୃଷ୍ଣତନୁ,    ଡରେ କମ୍ପିଲା ଯେହ୍ନ ଜାନୁ ।
ଶୁଣିବା କହିବାର ବାଣୀ,    ହେତୁ ନକଲେ ଚକ୍ରପାଣି ।
ନୂପୁରେ ନ ଚଳଇ ପାଦ,    ଜାଣି ନପାରି ଭାବଭେଦ ।
ଶ୍ରୀଅଙ୍ଗ କଲା ଝମ ଝମ,    ଝାଳ ବୋହିଲା ଘମ ଘମ ।
ଭୁଜଲେ ଯେହ୍ନେ ପଦ୍ମତୋଳା,    ଜ୍ଞାନ ହାରିଲେ ନନ୍ଦବାଳା ।
ଗୋପୀମାନଙ୍କ ରୂପ ଦେଖି,    ଫେଡ଼ିଣ ନଚାହିଁଲେ ଆଖି ।
ଯନ୍ତ୍ର ଯେ ଘେନିଥିଲେ କରେ,    ବାଇ ତା ନପାରିଲେ ଡରେ ।
ହସ୍ତରୁ ପଡ଼ିଲା ଯେ ଖସି,    ଚନ୍ଦ୍ରବଦନ କଳା ଦିଶି । × ×
ଚରଣ ନଚଳଇ ଆଉ,    ବିଧି ବିଧାନ ନାହିଁ ଆଉ ।
ନୟନୁ ବହେ ନୀରଧାର,    ଦିଗ ଦିଶିଲା ଅନ୍ଧକାର । ୧ମ ଅଃ ।

ରସବିନୋଦରେ ଦୀନକୃଷ୍ଣ ଗୋପୀପ୍ରେମର ପ୍ରାଧାନ୍ୟ ପ୍ରକଟିତ କରିଛନ୍ତି । ନିତ୍ୟରାସସ୍ଥଳରେ ନିତ୍ୟରାଧା ଓ ନିତ୍ୟକୃଷ୍ଣଙ୍କ ଲୀଳାଭୂମିକୁ ଯିବା ଓ ନିତ୍ୟସେବା ଦେଖିବା ଅଧିକାର ପୁରୁଷରୂପୀ ମାନବ ବିଷ୍ଣୁଙ୍କର ମଧ୍ୟ ନାହିଁ । ଏହି କାରଣରୁ ନିପୁରା ମାନବ ବିଷ୍ଣୁଙ୍କୁ ଗୋପୀବେଶରେ ସଜ୍ଜିତ କରି ସେଠାକୁ ନେଇଥିଲେ । ନିପୁରା ବିଷ୍ଣୁଙ୍କୁ ନେତଶାଢୀ ପିନ୍ଧାଇ ଦେଲେ । ଉଭୟ ଭୁଜ ମୂଳରେ ସୁବର୍ଣ୍ଣର ବାହୁ, କଣ୍ଠରେ ଦିବ୍ୟହାର, ପୟରରେ ନୂପୁର, କରରେ ସୁନାର ବେଣ୍ଟି, ପାଦରେ ଅଲତା ଓ କପାଳରେ ସିନ୍ଦୂର ଦେଲେ । କଟଟି ବାହୁଟି, ତାଡ଼, ହୀରା ପଦକ, ନେତର କାଞ୍ଚୁଲି, ପିଠିଆଡ଼େ ପାଟଫୁଲ ଆଦି ଦେଲେ । ପୁଣି —

ଥୋପା ଯେ ଥୋପା କରି ଖଞ୍ଜି,    ମୋତି ମାଣିକ୍ୟ ପୁଞ୍ଜେ ପୁଞ୍ଜି ।
ନବ କନକ ଓଢ଼ଣୀ,    କଟୀରେ ଖଞ୍ଜିଲା ତା ଆଣି । ×
କର୍ଣ୍ଣେ ଖଞ୍ଜିଲା କର୍ଣ୍ଣଫୁଲ,    ପୃଥ୍ୱୀରେ ନାହିଁ ସମତୁଲ ।
ହୀରା ଖଞ୍ଜି ଣି ଦିବ୍ୟକାପ,    ଜିଣଇ କୋଟି ସୂର୍ଯ୍ୟ ଧାପ ।

ମଥାରେ ଦିବ୍ୟଖୋସା ଖୋସି, ମୁକୁତା ଜାଲି ତହିଁ ମିଶି ।
ପାରୁଶେ ବେଢ଼ା ବେଣୀ ଏକା, ଅଳକା ଭ୍ରମର ମାଳିକା ।
ବର୍ତ୍ତୁଳ ମୁକୁତା ଉତ୍ତମ, ସୁନା ଫୁଲରେ ଦିବ୍ୟକାମ ।
ନାସାପୁଟରେ ତାହା ଖଞ୍ଜି, କୋଟିଏ ଶଶୀ ସୂର୍ଯ୍ୟଗଞ୍ଜି ।
ଲୋଚନ ଯୁଗରେ କଜ୍ଜ୍ୱଳ, ରଚିଣି ଦେଲା ବେନିଡ଼ୋଳ ।
ବିଚିତ୍ର ଲଲାଟେ ଯେ ପାଟି, କସ୍ତୁରୀ ତିଳକରେ ଘୋଟି ।
ଅଧା ଯେ ଚନ୍ଦ୍ର ବିନ୍ଦୁ ଏକା, ତହିଁରେ ସିନ୍ଦୂରର ଟୀକା । ×
ନୂତ୍ୟ ଘାଗୁଡ଼ି ପାଦେ ସାଜେ, ଚଳନ୍ତେ ରୁଣୁଝୁଣୁ ବାଜେ ।
ନେତ କାଞ୍ଚୁଲି ହୃଦଘଟେ, ହୀରା ପଦକ ତହିଁ ଲାଗେ ।
ବେନି ଯେ କୁଚକୁମ୍ଭ ଭଲା, ସୁନା ଫରୁଆ ଠୁଳ କଲା ।
କଣ୍ଠେ ଅପୂର୍ବ ହାର ଖଞ୍ଜି, କୋଟିଏ କାମ ଦର୍ପଗଞ୍ଜି । ୨୩ ଅ: ।

ଏପରି ବିବିଧମତେ ମାନବ ବିଷ୍ଣୁଙ୍କୁ ତ୍ରିପୁରୀ ଗୋପୀବେଶରେ ସଜ୍ଜିତ କରିବାରୁ ସ୍ତ୍ରୀରୂପୀ ବିଷ୍ଣୁଙ୍କ ଶୋଭା ସହିତ ଶଶୀସୂର୍ଯ୍ୟ ମଧ୍ୟ ତୁଳନୀୟ ହୋଇପାରିଲେ ନାହିଁ । ନିତାନ୍ତ କଦାକାର ସ୍ତ୍ରୀ ମଧ୍ୟ ଏହି ବେଶରେ ଛନ୍ଦ-ପିତୁଳା ପରି ସୁନ୍ଦର ଦେଖାଯିବ । ଅପୂର୍ବ ଶୋଭାବନ୍ତ ବିଷ୍ଣୁଙ୍କ ପରି ଶରୀରରେ ଏହା ଯେ କୋଟିଏ କାମର ଦର୍ପ ଗଞ୍ଜିବ, ଏଥିରେ ସନ୍ଦେହ ବା କଣ ?

କବି କରୁଣ ରସର ଛନ୍ଦସଙ୍ଗେ ରୌଦ୍ର, ବୀର ପ୍ରଭୃତି ରସର ବହୁ ଛନ୍ଦ ମଧ୍ୟ ଦେଇଛନ୍ତି । ମଧୁଦୈତ୍ୟର ଯୁଦ୍ଧ, ଭୀମ-ଦୁଃଶାସନ ଯୁଦ୍ଧ ପ୍ରଭୃତି ଚମତ୍କାର ହୋଇଛି । ଭାଷା ରସକୁ ଅନୁସରଣ କରି ସୁନ୍ଦର ଛନ୍ଦ ସୃଷ୍ଟି କରିଛି ।

ବିଷ୍ଣୁ ଓ ମଧୁ ଦୈତ୍ୟର ଯୁଦ୍ଧ—

(ବିଷ୍ଣୁ) କୋପେ ପ୍ରହାର କଲେ ବାଣ, ଦେଖୁ ଅଛନ୍ତି ରାଜାଗଣ ।
ଭେଦିଲା ଦାନବର କାୟେ, ରୁଧିର ଝର ଝର ବହେ ।
କୋପେଣ ଚଳିଲା ଅସୁର, ଧନୁ ଧଇଲା ବାମକର ।
ପର୍ବତ ନାମେ ଏକ ବାଣ, ଗୁଡ଼ିଣ ଦେଲା ତତକ୍ଷଣ ।

ଶ୍ରୀକୃଷ୍ଣ ଶ୍ରୀମୁଖରୁ ଚାହିଁ, ବୋଇଲା ଶୁଣ ଆରେ ବାଇ ।
ବିଧାତା ଘଟସୂତ୍ର ଯୋଗ, ପଡ଼ିଲୁ ଆସି ମୋହ ବାଗ ।
ମୋ ଭୁଲେ କଲୁ ଯେ ସଂଗ୍ରାମ, ପାଞ୍ଚି ପୋଛିଲା ତୋର ଯମ ।
ଦନୁଜ ଏ ବଚନ ଶୁଣି, କୋପ ଯେ କଲେ ଚକ୍ରପାଣି ।
ବଜ୍ର ସହସ୍ର କରେ ଧରି, ବିନ୍ଧିଲେ ରେ-ରେ-କାର କରି ।
ଯନ୍ତ୍ରେ ବଜ୍ରଶର କାଣ୍ଡ, ଗିରି ହୋଇଲା ମସୀଗୁଣ୍ଡ ।
ସହସ୍ର ଚୂର ହୋଇଗଲା, ରେଣୁ ପ୍ରାୟକ ଉଡ଼ିଗଲା । ×ଅଧ୍ୟାୟ ଅଃ

ତରୀଇର ବର୍ଣ୍ଣନାରେ କବି କୁଳୋଚିତ ବେଶର ଏକ ଚିତ୍ର ଦେଇ ଅଛନ୍ତି । ତରୀଇ ଭାଲରେ ତିଳକ କାଟିଥିବା ଓ କଣ୍ଠରେ ସ୍ଫଟିକମାଳ ପିନ୍ଧି ଥିବାରୁ କବି ସମସାମୟିକ ଜଣେ ଚତୁର ତରୀଇର ଚିତ୍ରଦେଇଥିବା ମନେହୁଏ । ଗଙ୍ଗାନଦୀରେ ପାର ହେବାବେଳେ ରାଜା ବିକ୍ରମକେଶରୀ ଓ ରାଣୀ ଚନ୍ଦ୍ରାବଳୀ ଦେଖିଲେ—

ତରୀଇ ଗୋଟିଏ ଯେ ଆସି, ନାବ ଖଟାଇ ଅଛି ବସି ।
କାତି ଯେ କେରୁଆଲ ବାଡ଼ି, ଧରି ବସିଛି ମଙ୍ଗମାଡ଼ି ।
ବାଙ୍କେ ବାନ୍ଧିଛି ଦ୍ରବ୍ୟ ଜୁଡ଼ା, ଦେହରେ ବେଢ଼ାଇ ପାଛୋଡ଼ା ।
ଭାଲେ ତିଳକ ଚିତା କାଟି, କଣ୍ଠେ ସ୍ଫଟିକମାଳା ଗୋଟି ।
ମନରେ ନାହିଁ କିଛି ଦୁଃଖ, ପ୍ରସନ୍ନଭାବ ତାର ମୁଖ । ଅଧ୍ୟାୟ ଅଃ ।

ନାବରେ ତରୀଇ ଓ ରାଣୀଙ୍କ ପ୍ରେମ-କାହାଣୀ ଓ ଠାରାଠାରିରେ ଭାବ ବିନିମୟ କବି ସୁନ୍ଦର ଭାବରେ ଲେଖିଛନ୍ତି ଏବଂ ଗଭୀର ମାନସିକ ବିଶ୍ଳେଷଣର ପରିଚୟ ଦେଇଛନ୍ତି ।

ତରୀଇ ଓ ରାଣୀଙ୍କ ପାପପ୍ରଣୟ କାହାଣୀ ବର୍ଣ୍ଣନା ପ୍ରସଙ୍ଗରେ ଏ ଦୁହିଁଙ୍କୁ ରାଜାଙ୍କ ଆଦେଶରେ ହାବୋକାମାରି ଲୋକେ ରାଜ୍ୟରୁ ବାହାରକରି ଦିଆଯାଇ ଥିବା କବି କହିଛନ୍ତି । ଏହି ଦଣ୍ଡ ପ୍ରଚଳିତ ରୀତି ଥିବାହିଁ ଅନୁମିତ ହୁଏ ।

କେତେକ ନାମର ବ୍ୟୁତ୍ପତ୍ତି—ଦୀନକୃଷ୍ଣ କେତେଗୁଡ଼ିଏ ବସ୍ତୁ ଓ ନାମର ବ୍ୟୁତ୍ପତ୍ତି ଦେଇଛନ୍ତି । ଏଗୁଡ଼ିକ ଭିତରୁ କେତୋଟି ତାଙ୍କର ନିଜସ୍ୱ । ସେଥିରୁ କେତୋଟି ଏଠାରେ ଦିଆଗଲା ।

ନିତ୍ୟକୃଷ୍ଣ ତ୍ରିପୁରଙ୍କୁ ଓ ମାନବ ବୃଷ୍ଟିଙ୍କୁ ଶାପ ଦେବାରୁ ବୃଷ୍ଟି ପାଷାଣ ହେଲେ ଏବଂ ବୃନ୍ଦାବତୀ କାଷ୍ଠ ହେଲେ । ଏହି ପାଷାଣ ବୃଷ୍ଟି ଶିଳା ନାମରେ ଓ କାଷ୍ଠ ତୁଳସୀ ବୃକ୍ଷ ନାମରେ ପରିଚିତ ହେଲା । (୨ୟ ଅଧ୍ୟାୟ)

କାମଦେବଙ୍କୁ ବ୍ରହ୍ମା ଶାପ ଦେବା ବେଳେ ରତିଙ୍କୁ ମଧ୍ୟ 'ସଧବା' ହେବା କଲ୍ୟାଣ କରିଥିଲେ । ଏହାର ସମାଧାନ ପାଇଁ କାମଙ୍କ ଦେହକୁ ଦୁଇଫାଳ କରି ଚିରିଲେ; ଅଧେ ଅସୁର କଲେ ଏବଂ ଅନ୍ୟ ଅଧିକ ସହିତ ଅନ୍ୟ ଏକ ଅଙ୍ଗ ଯୋଡ଼ିଲେ । ଏହି କାରଣରୁ କାମଦେବଙ୍କ ଅନ୍ୟ ନାମ ଅନଙ୍ଗ ହେଲା ।

ଯୋଡ଼ିବା ଦେଇ ଆନ ଅଙ୍ଗ, ତେବେ ତୁ ହୋଇବୁ ଅନଙ୍ଗ ।
ଯୋଡ଼ିବା ଆନ ଅଙ୍ଗ ଯେଣୁ, ଅନଙ୍ଗ ବୋଲାଇବୁ ତେଣୁ । ୨୨ଶ ଅ: ।

ଏହିପରି ଅମାବାସ୍ୟାର ଉତ୍ପତ୍ତି, ଚନ୍ଦ୍ରଙ୍କ କ୍ଷୟ, ପବନଙ୍କ ବିଖଣ୍ଡିତ ଶରୀର ପ୍ରଭୃତିର ବ୍ୟୁତ୍ପତ୍ତି କବି ଦେଇଛନ୍ତି ।

ଗୋପୀପ୍ରେମ—କବି ଗୋପୀପ୍ରେମର ଉତ୍କର୍ଷ ରସବିନୋଦରେ ବହୁ ଉପାଖ୍ୟାନ ସାହାଯ୍ୟରେ ପ୍ରତିପାଦିତ କରିଅଛନ୍ତି । ଏହି ଗୋପୀପ୍ରେମର ପ୍ରବାହ ରସକଲ୍ଲୋଳରେ ଉଜ୍ଜ୍ୱଳ ଭାବରେ ପ୍ରକଟିତ ହୋଇଛି । 'ଗୋପୀ ପ୍ରେମତତ୍ତ୍ୱ'ର ବ୍ୟାଖ୍ୟା ରସବିନୋଦରେ ଏବଂ ଗୋପୀପ୍ରେମର ଲୀଳାକାହାଣୀ ରସକଲ୍ଲୋଳରେ କବି ପ୍ରକାଶ କରିଛନ୍ତି । କବି ରାଧାଙ୍କୁ କୃଷ୍ଣଙ୍କର ପ୍ରଧାନ ଶକ୍ତି ରୂପରେ ଚିତ୍ରଣ କରି ଉଭୟଙ୍କୁ ନିତ୍ୟବୈକୁଣ୍ଠର ଅଧିକାରୀ କରିଛନ୍ତି । ବୃନ୍ଦାବତୀଙ୍କ ସ୍ଥାନ ମଧ୍ୟ ଉଚ୍ଚଥିବା ଦର୍ଶାଇଛନ୍ତି । ରସବିନୋଦ, ରସକଲ୍ଲୋଳ ଓ ଅନ୍ୟାନ୍ୟ ଲୀଳାଗ୍ରନ୍ଥରେ କବି ଗୋପୀପ୍ରେମ ଓ ସେବାତତ୍ତ୍ୱର ସଫଳ ପ୍ରଚାର କରିଛନ୍ତି ।

**ଭାଷା**—ରସବିନୋଦର ଭାଷା ସରଳ, ମାର୍ଜିତ ଓ ହୃଦୟସ୍ପର୍ଶୀ । କଠିନ ତତ୍ତ୍ୱକୁ ସରସ ଭାବରେ କବି ବ୍ୟକ୍ତ କରି ପାରିଛନ୍ତି । କେତେସ୍ଥଳରେ ଉନ୍ନତ ଧରଣର ମାର୍ଜିତ ଭାଷାର ବ୍ୟବହାର ରଚନାକୁ ସୁନ୍ଦର କରିଛି । ରସବିନୋଦର ଭାଷା ପୂର୍ଣ୍ଣତା ଲାଭ କରିଛି; ଉତ୍କୃଷ୍ଟ କାବ୍ୟଶୈଳୀର ବାହକ ରୂପେ ସାର୍ଥକତା ଲାଭ କରିଛି । ରସବିନୋଦର ଭାଷା ବିକାଶ ଲାଭକରି ରସକଲ୍ଲୋଳରେ ପୂର୍ଣ୍ଣତା ପ୍ରାପ୍ତ ହୋଇଛି ।

ଏହି ଗ୍ରନ୍ଥରେ ବର୍ଣ୍ଣନାର ବୈଚିତ୍ର୍ୟ, ଅଳଙ୍କାରମଣ୍ଡିତ ପଦଯୋଜନା, ବାକ୍ୟପଲ୍ଲବ ନଥିଲେ ମଧ୍ୟ ସରଳ ସ୍ୱାଭାବିକ କବିତ୍ୱ ଶକ୍ତି ଓ ପରିପକ୍ୱ ଚିନ୍ତା ଏଥିରେ ପ୍ରକାଶ ପାଇଛି । ବହୁ ଗ୍ରନ୍ଥ ରଚନା ପରେ ଏହି ଗ୍ରନ୍ଥଟି ରଚିତ ହୋଇଥିବାରୁ ଏଥିରେ ଅଭିଜ୍ଞତା ସୁଲଭ କବିତ୍ୱ ଶକ୍ତି ପ୍ରସ୍ଫୁଟିତ ହୋଇଛି ।

ରସବିନୋଦରେ ବାସ୍ତବ ଜୀବନର ଅନେକ ସମସ୍ୟା ସହଜ ସୁନ୍ଦର ଭାବରେ ଦୀନକୃଷ୍ଣ ବର୍ଣ୍ଣନା କରିଯାଇଥିବାରୁ ଓଡ଼ିଶାର ଘରେ ଘରେ ଏହି ଗ୍ରନ୍ଥଟି ପରିଚିତ ।

**ନାମରତ୍ନ ଗୀତା**—'ନାମରତ୍ନ ଗୀତା'ରେ ବହୁପ୍ରକାର ବିଷୟ ଶ୍ରୀକୃଷ୍ଣ-ଅର୍ଜୁନ ସଂବାଦ ଛଳରେ ଆଲୋଚିତ ହୋଇଛି । ନାମ ମହିମା, ଗୁରୁତତ୍ତ୍ୱ, ଧର୍ମାଧର୍ମ ବିଚାର, ସାତ୍ତ୍ୱିକାଦିକ ସମ୍ବନ୍ଧ, ବେଦବ୍ୟାସ ଚରିତ, ଅଷ୍ଟାଦଶପୁରାଣ ଚରିତ, ବିଦ୍ୟା, ହରିବିଦ୍ୟା ସାଧନ, ଶ୍ରୀକୃଷ୍ଣଙ୍କ ଗୁରୁଭକ୍ତି, ଇନ୍ଦ୍ର ଗର୍ବଗଞ୍ଜନ ଚରିତ, ଦଶଅବତାର ଚରିତ, ଭକ୍ତ ଲକ୍ଷଣ, ନିତ୍ୟସ୍ଥଳ ମହିମା, ନିରାକାରଙ୍କ ନିତ୍ୟସ୍ଥଳ ବର୍ଣ୍ଣନା ପ୍ରଭୃତି ପ୍ରସଙ୍ଗ ଏହି ଗ୍ରନ୍ଥରେ ଅଛି । ନାମହିଁ ବ୍ରହ୍ମ; ଏହି ନାମବ୍ରହ୍ମଙ୍କୁ ଜପ କଲେ ଚତୁର୍ବର୍ଗ ପ୍ରାପ୍ତି ହୁଏ ।

ବୋଲନ୍ତି ଯେ ନାମ ମୋର ଆଶ୍ରେ କରିଥାଇ,
ଧର୍ମ ଅର୍ଥ କାମ ମୋକ୍ଷ ଚତୁର୍ବର୍ଗ ପାଇ ।

ନାମବ୍ରହ୍ମର ପ୍ରାଧାନ୍ୟ ପ୍ରତିପାଦିତ କରିବା ପାଇଁ କବି ଝିବାର ଏହାର ନାମ ଲେଖି କହିଛନ୍ତି—

ନାମ ବ୍ରହ୍ମ ନାମ ବ୍ରହ୍ମ ନାମବ୍ରହ୍ମ ସାର,
ନାମ ବ୍ରହ୍ମ ବିନା ପାର୍ଥ ନାହିଁ ପ୍ରତିକାର । ୨ୟ ଅଧ୍ୟାୟ ।

ଯୋଗସାଧନ ଅପେକ୍ଷା ନାମଭଜନ ମୋକ୍ଷପ୍ରାପ୍ତିର ସହଜ ପନ୍ଥା । ଯୋଗ ସାଧନ କଲେ ମୋକ୍ଷଲଭ ହୋଇପାରେ, କିନ୍ତୁ ଏହା ସହଜ ପନ୍ଥା ନୁହେଁ, ଏଥିରେ ବିପତ୍ତି ରହିଛି । କିନ୍ତୁ ନାମ ଭଜନ କଲେ କୌଣସି ବିପତ୍ତି ନାହିଁ ଏବଂ ମୋକ୍ଷ ମଧ୍ୟ ସୁନିଶ୍ଚିତ ।

ପାରିଲେ ସାଧିଇ ଯୋଗ ନପାରିଲେ ମରି,
ନାମ ଏକା ନମିଷେ ଭାବିବାମାତ୍ରେ ତରି । ୨ୟ ଅଧ୍ୟାୟ ।

ଭକ୍ତର ପରିଚୟ ଦେବାକୁ ଯାଇ ଦୀନକୃଷ୍ଣ କହିଛନ୍ତି । ଯେଉଁ ଲୋକ ଭଗବାନଙ୍କର ନାମ ଜପ କରେ ସେ ତାଙ୍କର ଭକ୍ତ । ତାକୁ ସେ ଆଦର କରନ୍ତି; ଭକ୍ତ ଓ ଭଗବାନ ଭିତରେ ପାର୍ଥକ୍ୟ ନାହିଁ । ଭଗବାନ ଅର୍ଜୁନଙ୍କ ଏହି ସମ୍ବନ୍ଧକୁ ଧେନୁବତ୍ସା ସମ୍ବନ୍ଧ ସହିତ ସମାନ କରିଛନ୍ତି ।

ଭକତ ମୋହର ଅଙ୍ଗ ମୁହିଁ ତାର ଦେହ,
ଏକଥା ପ୍ରମାଣଟିକି ବିଗ୍ଭରିଣ କହ । × ×
ଧେନୁ ପଛେ ବତ୍ସା ଯେସନ୍ତେ ଗମେ କ୍ଷୀର ଲୋଭେ,
ଭକତ ପଛରେ ମୁହିଁ ଥାଏ ସେହି ଭାବେ । ୨ୟ ଅଧ୍ୟାୟ ।

ନାମବ୍ରହ୍ମ ମନ୍ତ୍ର ଓ ଗୁରୁ ସମ୍ବନ୍ଧରେ କବି କହିଛନ୍ତି, ପରମ ପବିତ୍ର ନାମବ୍ରହ୍ମ ଜପିବାକୁ ହେଲେ ପ୍ରଥମେ ସଦ୍‌ଗୁରୁଙ୍କଠାରୁ ଉପଦେଶ ନେବାକୁ ହେବ । ଯେଉଁ ଗୁରୁଙ୍କଠାରୁ ମନ୍ତ୍ର ନେଇଥିବ ତାଙ୍କୁ ଛାଡ଼ି ଅନ୍ୟ ଗୁରୁ କଲେ ମହାପାପ । ଗୁରୁ ସାକ୍ଷାତ୍ ବିଷ୍ଣୁ ସ୍ୱରୂପ । ଗୁରୁଦତ୍ତ ମନ୍ତ୍ରକୁ ତ୍ୟାଗ କରି ଅନ୍ୟ

ମନ୍ତ୍ର ଜପିଲେ ଜୀବନରେ ସୁଖ ମିଳିବ ନାହିଁ । ସବୁ ଗୁରୁଙ୍କ ମଧ୍ୟରେ କର୍ଣ୍ଣ ଉପଦେଶ ଗୁରୁହିଁ ବିଷ୍ଣୁଙ୍କ ସଙ୍ଗେ ସମାନ । (୩ୟ ଅଧ୍ୟାୟ)

ନାମବ୍ରହ୍ମ ଓ ଦୀକ୍ଷାଗୁରୁ ସମ୍ବନ୍ଧରେ ଦୀନକୃଷ୍ଣ ଦାସଙ୍କ ମତ କିଛି ନୂତନ ନୁହେଁ । ତାଙ୍କ ପୂର୍ବରୁ ଅଚ୍ୟୁତାନନ୍ଦ, ଯଶୋବନ୍ତ ପ୍ରଭୃତି କବିମାନେ ଏପରି ବହୁତ କହିଯାଇଛନ୍ତି ।

'ନାମରତ୍ନ ଗୀତା'ରେ ସାମାଜିକ ଓ ବ୍ୟକ୍ତିଗତ ଜୀବନର ବହୁ ଛବି ପ୍ରତିବିମ୍ବିତ ହୋଇଛି । ଏଥିରେ ଯେଉଁ ସବୁ ବିଷୟର ଆଲୋଚନା ହୋଇଛି ତାହା ମାନବ ଜୀବନର ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟରେ ଅସେ । ଏହି କାରଣରୁ ଲୋକଙ୍କ ହୃଦୟକୁ ଏହି ଲେଖା ଏତେ ସ୍ପର୍ଶ କରିପାରିଛି । ଜୀବନରେ କିଏ କେତେ ଧର୍ମାଧର୍ମ କରୁନାହିଁ ? ପାପପୁଣ୍ୟର ଭୟ ନଥିଲେ ଏ ସଂସାର ଯେପରି ଚାଲୁଛି, ସେପରି ଚାଲୁଥାନ୍ତା କି ? ପୁରାଣ ଶାସ୍ତ୍ରମାନଙ୍କରେ, ଲୋକ ମୁଖରେ ସବୁଠାରେ ପାପପୁଣ୍ୟର ବିଚାର ରହିଛି ଏବଂ ଏହି ବିଚାର ରହିଛି ବୋଲି ପାପ ପୁଣ୍ୟର ଭୟ ମାନବ ଜୀବନର କାର୍ଯ୍ୟକ୍ଷେତ୍ରକୁ ନିୟନ୍ତ୍ରିତ କରୁଛି । ଏତେବଡ଼ ବିଷୟକୁ ଦୀନକୃଷ୍ଣ ବଡ଼ ସୁନ୍ଦର ଭାବରେ ଏ ଗ୍ରନ୍ଥରେ ବର୍ଣ୍ଣନା କରିଯାଇଛନ୍ତି । ସାହୁ-ଖାତକ ପ୍ରସଙ୍ଗରେ ଖାତକର ଦୁଃଖର କାହାଣୀ ବଡ଼ ହୃଦୟସ୍ପର୍ଶୀ ହୋଇଅଛି । ଖାତକ ସ୍ୱଚ୍ଛ ହୃଦୟରେ ସାହୁର ଦେଣା ସୁଝିବାକୁ ଚେଷ୍ଟା କରୁଛି; କିନ୍ତୁ କୁଟୁମ୍ବର ଜ୍ୱାଳା ଓ ପ୍ରକୃତିର ଦାଉରୁ ତାହା କରିପାରୁ ନାହିଁ । ସତ୍ ଖାତକର ଏ ଅବସ୍ଥାରେ ଯେଉଁ ଚିନ୍ତାକୁଳ ଉପସ୍ଥିତ ହୁଏ ତାହା କେଡ଼େ କରୁଣ !

ନାନା ଦୁଃଖ ପାଇଣ ଅରଜୁଥାଇ ଧନ,
ସାହୁକୁ ସୁଝିବ ବୋଲି କରୁଥାଇ ଧ୍ୟାନ ।
ପୃଥ୍ୱୀ ଅପାଳକ ହେଲେ ଭାଜେ ଫନ୍ଦା ଗୋଟି,
କର୍ମର ବିଫଳେ ପୁଣି ମୂଳ ଯାଏ ତୁଟି । × ×

ସାହୁର କଙ୍କାଳ ଏଣେ କୃଚ୍ଛ୍ରମୂର ଦୁଃଖ,
ଦୁଇଅଡ଼େ ତାହାଙ୍କୁ କେବେହେଁ ନାହିଁ ସୁଖ ।
ମରିବା କଥାରେ ତାର ମନ ଯାଇ ପାଶେ,
ଚନ୍ଦ୍ରାକ୍ରାନ୍ତର କରୁଥାଇ ରକ୍ତମା ଦିବସେ ।

ଏହି ଚନ୍ଦ୍ରାକ୍ରାନ୍ତରଙ୍କୁ ଔଷଧ ନାହିଁ କି ଜୀବନ ଥିବା ପର୍ଯ୍ୟନ୍ତ ଭଲହୁଏ ନାହିଁ । ଏହାର ମାସିମ୍ବୃକ ପରିଣତି ସମାଜର ବିଶେଷ ଅନିଷ୍ଟ ସାଧନ କରୁଛି ।

ଚୂକୋଲି ଲୋକ ପାର୍ଥ ସ୍ୱଭାବେ ଅଗାଡ଼ି,
କାଳଦଣ୍ଡ ପଣି ତାର ବେକେ ଆଇ ଜଡ଼ି !
ହାଡ଼ ହବା ଝୁରିଝୁରି ତନୁ ହୋଏ କ୍ଷୀଣ,
ସାହୁଙ୍କୁ ଦେଖିଲେ ବୋଲେ ଆସୁଅଛି ଯମ । ୫ମ ଅଃ ।

ଗରିବ ଖାତକ ପ୍ରତି ଦୟା କରିବା ସାହୁର କର୍ତ୍ତବ୍ୟ ଏବଂ ଧନୀ ଖାତକ ସାହୁକୁ କଷ୍ଟ ଦେଲେ ମହାପାପ ଅର୍ଜେ ।

ଅଲକ୍ଷଣ ଲୋକ—(୧) ଯେ "ବସିବାଠାରେ ଯେ ତିରଣ ଘେନ କାଟେ ।" (୨) ଯେ "ନଖରେ ଭୂମିରେ ଗାର କାଟେ ।" (୩) ଯେ "ଆଗ ପାଦ ଧୋଇ ପଛେ ନଲଗାଇ ପାଣି ।" (୪) ଯେ "ବସନ ପାଲଟି ଯେବେ ଦନ୍ତ ଘଷେ ଘଷେ ।" (୫) ଯେ "ମଳିନ ବସ୍ତ୍ର ନିତ୍ୟେ ହୁଏ ଆଭରଣ ।" (୬) ଯେ "ଅନ୍ନଭୁକ୍ତି ବସିଆଇ ବଡ଼ ସଙ୍ଗେ ସଧ ।" (୭) "ଯେ କାଏକ ତୁଣ୍ଡେ ଭରି ତଳେ ଥୋଇ ଅଧ ।" (୧) "ଆପଣା ଦେହରେ ଯେ ମାରଇ କରତାଳ ।" (୧୦) ଯେ "ଏକାଦିନକରେ ନିଦ୍ରା ଯାନ୍ତି ତିନିବେଳ ।"

ପ୍ରୀତି—କେଉଁ ପ୍ରୀତିରେ ସୁଖ ସବୁଦିନ ଥାଏ ? ଅଭେଦପ୍ରୀତି ଓ ବିଚ୍ଛେଦ ପ୍ରୀତି ସମ୍ବନ୍ଧରେ କବି କହିଛନ୍ତି ଯେ ସୂର୍ଯ୍ୟ-ପଦ୍ମ ପ୍ରୀତି, ଚନ୍ଦ୍ର-କୁମୁଦ ପ୍ରୀତିରେ ବିଚ୍ଛେଦ ଥିବାରୁ ସୁଖକର ନୁହେଁ । ଅଭେଦପ୍ରୀତିରେ ସୁଖ ଅଛି । ଏହି ଉଦାହରଣଟି ତର୍କଦୃଷ୍ଟିରୁ ସତ୍ୟ ପ୍ରତୀୟମାନ ହେଲେ ମଧ୍ୟ କବିଦୃଷ୍ଟିରେ ଠିକ୍ ନୁହେଁ ।

ବିଚ୍ଛେଦ ପ୍ରୀତିରେ ପାର୍ଥ କିଛୁ ନାହିଁ ଗୁଣ,
ଅଭେଦ ପୀରତି ପାର୍ଥ କହିଦେବା ଶୁଣ ।
ସୂର୍ଯ୍ୟର ପଦ୍ମର ପ୍ରୀତି ସବୁଦିନେ ଘଟେ,
ସୂର୍ଯ୍ୟ ଉଦସ୍ତ ହେଲେ ନଳିନୀ ବନ ଫୁଟେ ।
ସେହି ପଦ୍ମ ବନେ ଥିଲେ ପଲ୍ଲବଇ ବାସ,
ଶୁଷ୍କକୁ ଆଣିଲେ ଯେ ଖରାରେ ଯାଇ ନାଶ ।
ସୂର୍ଯ୍ୟ ଯେବେ ତାହାକୁ ଦହିଲା ଏହିମତେ,
ପ୍ରୀତି ସୁଖ ଭାବ ଆଉ ରହିଲା କେମନ୍ତେ ।
ଜଳ ସିନା ଧର୍ମବଳ ହୋଇଥିଲା ସଖା,
ଏ ପୀରତି ଗୋଟା ପାର୍ଥ ବିଚ୍ଛେଦରେ ଲେଖା ।
ଚନ୍ଦ୍ର କୁମୁଦରେ ଯେ ପୀରତି ସୁଖେ ଘଟେ,
ଚନ୍ଦ୍ର ନାଶ ଗଲେ ତ କୁମୁଦବନ ଫୁଟେ ।
ସେଦିନ ନଫୁଟି ଯେବେ ମୁଦି ହୋଇଥାନ୍ତି,
ସେହି ପ୍ରୀତି ଗୋଟା ପାର୍ଥ ଶାସ୍ତ୍ରେ ଲେଖାଥାନ୍ତି ।
ବିଚ୍ଛେଦ ପ୍ରୀତିରେ ଭାବ ନାହିଁ ପଣ୍ଡୁବଂଶି,
ଅଭେଦ ପ୍ରୀତିରେ ଭାବ ସବୁଦିନେ ଅଛି । ୨୧ଶ ଅଃ ।

ପରିମଳ—ଏ ବିଷୟରେ ବହୁତ ଉଦାହରଣ ଦିଆଯାଇଛି ।

ପ୍ରଭୁ ପରିମଳ ଯେ ଭୃତ୍ୟଙ୍କୁ ଦୟାକରି,
ଭୃତ୍ୟ ପରିମଳ ଯେବେ କଷଣରୁ ତାରି ।
ରାଜା ପରିମଳ ଯେବେ ବିଚାରଇ ଧର୍ମ,
ମନ୍ତ୍ରୀ ପରିମଳ ଯେବେ ବୁଦ୍ଧି ନୋହେ ଭ୍ରମ ।

ଏହିପରି ମାତା, ପିତା, ମିତ୍ର, ଧର୍ମ, ଯୁବା, ସଭା, ସ୍ତ୍ରୀ ଇତ୍ୟାଦି ପରିମଳର ସୂଚନା ଦେଇଛନ୍ତି । ପାଇକ ଓ ଯୁଦ୍ଧ ପରିମଳ ବିଷୟରେ ଲେଖିଛନ୍ତି—

ପାଇକ ପରିମଳ ମାୟା ନଥିବ ପେଟ,
ଯୁଦ୍ଧ ପରିମଳ ଯେ ସମ୍ମୁଖେ ପାଇ ଭେଟ । ୨୭ଶ ଅଃ ।

ବିଦ୍ୟା—ବିଦ୍ୟା ହିଁ ଏକା ବିପତ୍ତି କାଳେ ହୁଏ ସଖା,
ବିଦ୍ୟା ନପଢ଼ିଲା ଲୋକ, ପଶୁ ସଙ୍ଗେ ଲେଖା ।
ବିଦ୍ୟା ଥିଲେ ପ୍ରାଣୀଙ୍କି ଯେ ସବୁଠାରେ ପୂଜା,
ବିଦ୍ୟାହୀନ ହୋଇଲେ ଯେ ରଜା ନୁହେଁ ରଜା । ୧୬ଶ ଅ: ।

ଲୋକ ଭେଦ—

ଆପଣା ଜାଣିବା କଥା ପରେ ପଚାରିବା,
ଉତ୍ତମ ଲୋକରେ ତାଙ୍କୁ ଗଣିତା କରିବା ।
ଆପଣେ ନଜାଣି ପରେ ପଚାରଇ ଯେହୁ,
ହାନି ଲାଭ ନଜାଣଇ ମଧ୍ୟମଟି ସେହୁ ।
ଆପଣେ ନଜାଣି ଯେହୁ ପରେ ନ ପଚ୍ଛରେ,
ତାହାକୁ ଲେଖିବା ସିନା ଅଧମ ସଙ୍ଗରେ ।

ଏହି ବିଷୟର ବିଭିନ୍ନତା ଓ ସୁଦୂର ପ୍ରସାରିକା ଲକ୍ଷଣରୁ କବିଙ୍କ ପରିପକ୍ୱ ପ୍ରପଞ୍ଚ ଜ୍ଞାନର ପରିଚୟ ମିଳୁଛି ଏବଂ ତାଙ୍କର ସମାଜିକ, ନୈତିକ ଓ ସାଂସ୍କୃତିକ ଆଦର୍ଶ ଉଚ୍ଚ ଥିବାହିଁ ସ୍ପଷ୍ଟ ହେଉଛି । କବି ସାମାଜିକ ଅନୀତି ଅନାଚାରରେ ବ୍ୟଥିତ ହୋଇଛନ୍ତି ।

ବେଦବ୍ୟାସଙ୍କ ଜନ୍ମ ପ୍ରସଙ୍ଗରେ ଦୀନକୃଷ୍ଣ କହିଛନ୍ତି ଯେ ବେଦବ୍ୟାସ କୈବର୍ତ୍ତୀର ପୁତ୍ର ନୁହନ୍ତି ।

ବେଦବ୍ୟାସ ନୁହନ୍ତି ଯେ କୈବର୍ତ୍ତୀର ସୁତ,
ପୋଷାଢିଅ ଗର୍ଭରୁ ହୋଇଲେ ମୁନି ଜାତ । ୧୦ମ ଅଧ୍ୟାୟ ।

କିନ୍ତୁ ପୁରାଣମାନଙ୍କରେ ବେଦବ୍ୟାସ କୈବର୍ତ୍ତୀର ପୁତ୍ର ଥିବା ଲେଖାଅଛି । କବି ଯେ ଏ ପ୍ରସଙ୍ଗର କାହିଁକି ଅବତାରଣା କଲେ ତାହା

ବ୍ୟକ୍ତ କରିନାହାନ୍ତି । ତେବେ ବେଦବ୍ୟାସ ଉଚ୍ଚକୁଳସମ୍ଭୂତ—ଏହା ପ୍ରଶ୍ନର କରିବା ନିମିତ୍ତ ଏପରି କହିଥିବା ସମ୍ଭବ ।

ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ ପ୍ରଶ୍ନ ଉତ୍ତର ଛଳରେ ବହୁ ପ୍ରସଙ୍ଗର ଆଲୋଚନା ହୋଇଛି । ନାମରତ୍ନ ଗୀତାରେ ନରକାଦଙ୍କ ନତ୍ୟସ୍ଥଳର ବର୍ଣ୍ଣନା ଓ ମହିମା ସହିତ ସୃଷ୍ଟିର କ୍ରମବିକାଶ ସମ୍ବନ୍ଧୀୟ ବିଷୟ ରସବିନୋଦରେ ଅନେକ ପରିମାଣରେ ଦେଖିବାକୁ ମିଳେ ।

ଜଗନ୍ନାଥ ବୁଦ୍ଧ ଅବତାର—ବୌଦ୍ଧ ଅବତାର ସମ୍ବନ୍ଧରେ ଧାନକୃଷ୍ଣଙ୍କ ମତ ଅନ୍ୟାନ୍ୟ ଶାସ୍ତ୍ରମାନଙ୍କରେ ଦିଆଯାଇଥିବା ବିଷୟଠାରୁ ଭିନ୍ନ ଥିବା ଜଣାଯାଏ । ସେ ଲେଖିଛନ୍ତି—

ନବ ଅବତାର ଯେ ବଉଦ୍ଧ ରୂପ ଧରି,
ମାତାଙ୍କର ନାମ ଯେ କରୁଣାବତୀ ନାରୀ ।
ପିତାଙ୍କର ନାମ ପାର୍ଥ, ଗାଙ୍ଗବ ଉପାମ,
ସହସ୍ରେକ ରୂପ ବୋଲି ଗୁରୁଙ୍କର ନ ମ ।
କ୍ଷେତ୍ରବର କଟକ ଯେ ନୀଳଗିରି ହୋଇ,
ଦାରୁ ରୂପେ ବିଜେକଲୁ ପୁରୁଷୋତ୍ତମେ ଯାଇ ।
ଗୟାସୁର ଦାନବକୁ ତହିଁ ଆଇ ମାରି,
ଗଦାଧର ନାମ ଯେ ବହିଲୁ ତେଣୁ କରି ।

ଜଗନ୍ନାଥଙ୍କ କୃପାରୁ ଗ୍ରନ୍ଥ ରଚନା—ଶ୍ରୀ ଜଗନ୍ନାଥଙ୍କ କୃପାରୁ କେବଳ ସେ ଗ୍ରନ୍ଥ ରଚନା କଲେ ବୋଲି ଧାନକୃଷ୍ଣ ଲେଖିଅଛନ୍ତି—

ଜଗନ୍ନାଥଙ୍କର ମୋତେ ଅନୁଗ୍ରହ ଯାହା,
କଣ୍ଠତଟେ ବସି କହି ଦେଉଥାଏ ତାହା ।
ଯେଉଁ ଗ୍ରନ୍ଥ ଶାସ୍ତ୍ରର ପ୍ରତାପ ଯେଉଁଠାର,
ହୋଇଲା ନୋହିଲା ତାଙ୍କ ମୁଖେ ସବୁ ପାର ।

ମୁହିଁ ଯେବେ ଲାଜ ପାଇ ସେହି ଲାଜ ପାନ୍ତି,
ତେଣୁ ମୋର କୌଣସି କଥାକୁ ନାହିଁ ଭ୍ରାନ୍ତି ।
ଶ୍ରୀମୁଖରେ ଆଜ୍ଞା ଦେଇଅଛନ୍ତି ମୁରାରି,
ହୋଇଲା ନୋହିଲା ପଦ ସବୁ ମୋର ସରି । ୧୬ଶ ଅଃ ।

ମୁଦ୍ରିତ 'ବୃହତ୍ ନାମରତ୍ନ ଗୀତା' ରେ ମୂଳଗ୍ରନ୍ଥର ପଦସଂଖ୍ୟାଠାରୁ ପ୍ରାୟ ତିନିଗୁଣରୁ ଅଧିକ ପ୍ରକ୍ଷିପ୍ତ ଅଂଶ ଦେଖାଯାଏ । ଜଣେ 'ନୃସିଂହ ଦାସ ଶିଷ୍ୟ' ଦୀନକୃଷ୍ଣ ଦାସଙ୍କ ଲେଖନୀଚାଳନା ମଧ୍ୟ ଏଥିରେ ଅଛି । ନାମରତ୍ନ ଗୀତାର ଭାଷା ସରଳ ।

## ଜଗମୋହନ ଛାନ୍ଦ

ଚଉଦଟି ଛାନ୍ଦରେ ଜଗନ୍ନାଥଙ୍କ ଦୈନିକ ନୀତି ଓ ପୁଣ୍ୟପର୍ବମାନଙ୍କ ବର୍ଣ୍ଣନା ଦିଆଯାଇଛି । ଲେଖାର ଢଙ୍ଗ ଭଲ । ଭାଷା ମଧ୍ୟ ସରଳ । ରସକଲ୍ଲୋଳ ସହିତ ଏହାକୁ ତୁଳନା କରିବାପାଇଁ କୌଣସି ଅବକାଶ ନଥିଲେ ମଧ୍ୟ କାବ୍ୟ ହିସାବରେ ଦେଖିଲେ ଜଗମୋହନ ଛାନ୍ଦ ଗ୍ରନ୍ଥଟି ଓଡ଼ିଆ ସାହିତ୍ୟରେ ଗୋଟିଏ ରତ୍ନ । ଗୁଣ୍ଡିଚା ଯାତ୍ରାର ବର୍ଣ୍ଣନା ବଡ଼ ହୃଦୟସ୍ପର୍ଶୀ ହୋଇଅଛି । ବିବିଧ ଋତୁମାନଙ୍କର ବର୍ଣ୍ଣନା ମଧ୍ୟ ଭଲ ହୋଇଛି । ଆଷାଢ଼ ଶୁକ୍ଳ ପକ୍ଷରେ ଗୁଣ୍ଡିଚାଯାତ ହୁଏ । ଏହି ସମୟରେ ମେଦିନୀ କି ରୂପ ଧାରଣ କରିଥାଏ—

ଯହୁଁ ଆଷାଢ଼ ମାସ ପ୍ରବେଶ
ହୁଅନ୍ତେ ଘନ ଘୋଟି ଆକାଶ
ଗିରି ମସ୍ତକ ଗଲା କରଇ ଗମ୍ଭୀର ଘୋଷ ହେ ।
ମେଘ ପୁଷ୍କର ମେଦିନୀ ବେଶ
ଉତ୍ତାପ ନାଶି କଲେ ସୁବାସ
କୃଷକାଦିକ ଆଜ୍ଞ ମାନସ କରେ ଉଲ୍ଲାସ ହେ ।

ରସକଲ୍ଲୋଳରେ ଦୀନକୃଷ୍ଣ ଋତୁମାନଙ୍କର ବର୍ଣ୍ଣନା ଯେଉଁପରି ଭାବରେ ଲେଖିଯାଇଅଛନ୍ତି ତାହା ଅପେକ୍ଷା ଏହି ଗ୍ରନ୍ଥର ବର୍ଣ୍ଣନା ବେଶି ନୁହେଁ । ସେହି ହେତୁ ଅଧିକ ଅଂଶ ଉଦ୍ଧାର କରିବା ନିଷ୍ପ୍ରୟୋଜନ । ଜଗନ୍ନାଥ ମହାପ୍ରଭୁଙ୍କର ଅଶେଷ ପର୍ବ ଓ ନୀତି ଅଛି । କବି ଏହି ଗ୍ରନ୍ଥରେ କେବଳ ସର ସାର ବାରଟି ଯାତ୍ରାବିଧିର ପ୍ରସଙ୍ଗ ଲେଖି ଅଛନ୍ତି । ଅନ୍ୟାନ୍ୟ ପର୍ବମାନଙ୍କର ବର୍ଣ୍ଣନା ଅପେକ୍ଷା ଗୁଣ୍ଡିଚା ବର୍ଣ୍ଣନା ଦୀର୍ଘ ଓ ସୁନ୍ଦର ହୋଇଅଛି । ଏହି ପର୍ବର ପ୍ରାଧାନ୍ୟ ପ୍ରତି ଦୃଷ୍ଟି ରଖି ଓ ସାମଞ୍ଜସ୍ୟ ରକ୍ଷାକରି ବୋଧହୁଏ କବି ଏପରି କରିଅଛନ୍ତି । ଜଗମୋହନ ଛାନ୍ଦର କେତେକ ପଦ ଦୀନକୃଷ୍ଣ ପରବର୍ତ୍ତୀ ଲେଖା ରସକଲ୍ଲୋଳରେ ଠିକ୍ ଅବିକଳ ନହେଲେ ମଧ୍ୟ ପ୍ରାୟ ଏକାପରି ଲେଖିଯାଇ ଅଛନ୍ତି । ରସକଲ୍ଲୋଳ ଆଲୋଚନା ସ୍ଥଳରେ ଏହା ଉଲ୍ଲେଖ କରାଯାଇଛି ।

ଜଗମୋହନର ଭାବପୂର୍ଣ୍ଣ, ଉପମାମଣ୍ଡିତ, ଅନୁପ୍ରାସଯୁକ୍ତ ଶତାଧିକ ପଦ ରସକଲ୍ଲୋଳର ଉଚ୍ଚକୋଟୀର ପଦମାନଙ୍କ ସହିତ ତୁଳନୀୟ । ଜଗମୋହନ ରଚନା ସମୟରୁ ଲେଖନୀଟି ରସକଲ୍ଲୋଳ ରଚନା ସମୟକୁ ସର୍ବଗୁଣାଲଂକୃତ ହୋଇ ପରମ ଶୋଭାର ଆକାର ଧାରଣ କରିଛି । କେତୋଟି ପଦ ଉଦ୍ଧୃତ ହେଲା—

(୧) କାଦମ୍ବିନୀ ରସରେ ସେ ଅତ୍ୟନ୍ତ ଭୋଳା
ଦୂମାଇ ପକାଉଥାନ୍ତି ଅରୁଣ ଡୋଳା ।
କୁନ୍ଦେନ୍ଦୁ ଶଙ୍ଖ କର୍ପୂର କୁମୁଦ କାନ୍ତି
ଶ୍ରୀଅଙ୍ଗରେ ତାହାଙ୍କର ସମ ନୁହନ୍ତି ।
ରଜତ ପର୍ବତ କୃଷ୍ଣ ମେଘ ପରାୟେ
କଟିତଟେ ନୀଳାମ୍ବର ଶୋଭିଲ୍ଲ ଯାଏ ।
ସ୍ଫଟିକ ପର୍ବତ ଶୃଙ୍ଗ ପ୍ରାୟେ ଶ୍ରୀଅଙ୍ଗ
ସ୍ଫୁଟ କୋକନଦ ପ୍ରାୟ ନୟନ ରଙ୍ଗ । ୧ମ ଛାନ୍ଦ ।

(୨) ରସିକ ନାଗରବର ରମାକଣ୍ଠ ମୋତିହାର
ଅତୁଲ୍ୟ ଅମୂଲ୍ୟ ମରକତ ନାୟକ
ଅମର କୁମୁଦ ଚନ୍ଦ୍ର ଅରିକରି ମୃଗଇନ୍ଦ୍ର
ସମସ୍ତ ଲୋକଙ୍କ ଆନନ୍ଦ ସୁଖ ଏକ
ସବୁଠାରେ ସମାନ ଦୃଷ୍ଟି,
ଏମନ୍ତ ହୋଇ ଲୋକଙ୍କୁ ନ ଥିବ ପାଇ । ୨ୟ ଛାନ୍ଦ ।

(୩) କାଳନ୍ଦୀ ଜଳେ ହଂସପନ୍ତି ପ୍ରାୟେ, ମୋତିସୀମନ୍ତୀ ଅତି ଶୋଭା ପାଏ ।
ବଡ଼ିବ ତିଳକ ଭାଲେ ବିରାଜେ, ବନ୍ଧୁଳୀ ଅଧରେ ତାମ୍ବୂଳ ସାଜେ
ଖଞ୍ଜନଜିତ ନୟନେ ଅଞ୍ଜନ, ରଙ୍ଗିଣୀ କରେ ନୟନ ରଞ୍ଜନ । ୩ୟ ଛାନ୍ଦ ।

(୪) କମଳା କୋମଳ କର କମଳରେ କରନ୍ତି ସନ୍ତତେ ଯତନ ।
ମୁନି-ମାନସ ମାନସ ମାନସରେ ବିକାଶମାନ ନିରନ୍ତରେ ।

(୫) ମକର ମୁଖ ମଣିମୟ କୁଣ୍ଡଳ ଗଣ୍ଡମଣ୍ଡଳେ ଯେ ଝଟକେ
ଦର୍ଶନ ସୁଖ କଦମ୍ବରେ କଦମ୍ବଫୁଲ ପ୍ରାୟେ ଅଙ୍ଗ ପୁଲକେ,
ଚକୋନୟନେ, ବିସ୍ତାରି ସନ୍ଦେହେ ଚାହିଁବା,
ଆହା ସେ ବିପୁଳ ହୃଦେ ଫୁଲମାଳ ପନ୍ତି ପନ୍ତି ହୋଇ ରହିବା ।୪ର୍ଥ ଛାଃ ।

(୬) ପ୍ରଫୁଲ୍ଲ ରସାଳ ବକୁଳଦ୍ରୁମର ଚାରି ପାରୁଶରେ ପଡ଼େ
ନାନାବର୍ଣ୍ଣେ ନବପଲ୍ଲବ ପତାକା ପନ୍ତି ପନ୍ତି ହୋଇ ଉଡ଼େ ।
ହେ ଜନେ, କିଂଶୁକ କୁସୁମ ପାଟକରବାଳ ଭଙ୍ଗ କୋପରେ ଲୁଆଇଁ
ଅତିହିଁ ବିଶ୍ୱାସ କରି ଦ୍ୱିଜବର ଗୋଚରେ ଥାଇ ତା ଦେଇ । ହେଜନେ ।
୬ଷ୍ଠ ଛାଃ ।

(୭) ଫୁଟନ୍ତି ଚାରୁ ଚମ୍ପକ ଫୁଲ ଫୁଲ ବିଶିଖ ଚମ୍ପକ ତୁଲ୍ୟ
ଫୁଲ୍ଲାରବିନ୍ଦମୁଖୀ ବିରହକାଳେ ଯେ ଶଲ ହେ । ୯ମ ଛା ।

(୮) ଅର୍ଦ୍ଧଚନ୍ଦ୍ର ଦୂଷଣ ଲଲାଟରେ ଭୂଷଣ କର ସିନ୍ଦୂର ଊର୍ଦ୍ଧ୍ୱଚିତା,
ମଦକଳ ଖଞ୍ଜନ ଗଞ୍ଜନ ନୟନରେ କଜ୍ଜ୍ୱଳ ହେଉ ଉଜ୍ଜ୍ୱଳତା ।
୧୨ଶ ଛାନ୍ଦ ।

## ପ୍ରସ୍ତାବସିନ୍ଧୁ

କବି ନୀତିଶାସ୍ତ୍ର ମାନଙ୍କରୁ ନୀତିବାକ୍ୟ ସଂଗ୍ରହ କରି ଉଦାହରଣ ସହ ପ୍ରସ୍ତାବସିନ୍ଧୁରେ ବହୁନୀତି କାହାଣୀ ପଦ୍ୟରେ ରଚନା କରିଛନ୍ତି । କାବ୍ୟ ହିସାବରେ ଏହାର ମୂଲ୍ୟ ବେଶି ନହେଲେ ମଧ୍ୟ ନୀତିଶାସ୍ତ୍ର ହିସାବରେ ଏହାର ସ୍ଥାନ ଖୁବ୍ ଉଚ୍ଚରେ । ଦୀନକୃଷ୍ଣ ତାଙ୍କର ପ୍ରତ୍ୟେକ ଗ୍ରନ୍ଥରେ ନୀତିଶିକ୍ଷା ଦେବାକୁ ଭୁଲି ନାହାନ୍ତି ।

'ପ୍ରସ୍ତାବସିନ୍ଧୁ' ସଂସ୍କୃତ ଚାଣକ୍ୟନୀତିର ଅନୁବାଦ ଓ ଟୀକା ଗ୍ରନ୍ଥ । ଚାଣକ୍ୟଙ୍କ ନୀତିରୁ ଶତାଧିକ ଶ୍ଳୋକ ଉଦ୍ଧାର କରି ଦଶରଥଙ୍କ ପ୍ରଶ୍ନ ଓ ବଶିଷ୍ଠଙ୍କ ଉତ୍ତର ଛଳରେ ଗ୍ରନ୍ଥଟି ପଦ୍ୟରେ ଏଗାର ଅଧ୍ୟାୟ ବୃତ୍ତରେ ରଚିତ ହୋଇଛି । ଶ୍ଳୋକମାନଙ୍କର ଅର୍ଥ ସହିତ ଟୀକା ମଧ୍ୟ ପଦ୍ୟରେ କରାଯାଇଛି । ନିଜସ୍ୱ ବହୁ ଉଦାହରଣ ଗଳ୍ପପ୍ରଧାନ କରି କବି ଗ୍ରନ୍ଥଟି ଉପାଦେୟ କରି ପାରିଛନ୍ତି ।ଅନୁବାଦର ବିସ୍ତୃତିରୁ କବିଙ୍କ ଗଭୀର ଜ୍ଞାନର ପରିଚୟ ମିଳୁଛି । ସଂସ୍କୃତରେ କବିଙ୍କ ଜ୍ଞାନ ଥିବା ମଧ୍ୟ ଜଣାଯାଉଛି ।

କବି ତାଙ୍କ ଜୀବନରେ ଦିବ୍ୟସିଂହ ଦେବଙ୍କ ଦ୍ୱାରା ନିର୍ଯ୍ୟାତିତ ଓ ଦାରିଦ୍ର୍ୟ ପ୍ରପୀଡ଼ିତ ହୋଇ ମଧ୍ୟ ପରମୁଖାପେକ୍ଷୀ ନହୋଇଥିବା ପ୍ରଭୃତି ଘଟଣାରୁ ନିଜେ ନୀତିବାଦୀ ଥିବା ପ୍ରମାଣିତ ହେଉଛି । ପ୍ରସ୍ତାବସିନ୍ଧୁରେ ନୀତି-ବାକ୍ୟମାନଙ୍କର ସମ୍ୟକ୍ ପରିଚୟ କରାଇଦେବାରେ କବି ସଫଳ ହୋଇଛନ୍ତି ।

ଦୀନକୃଷ୍ଣଙ୍କ ପୂର୍ବରୁ ଚାଣକ୍ୟ ନୀତି ବା କୌଟିଲ୍ୟ ନୀତିକୁ ଆଉ କେହି ଓଡ଼ିଆ କବି ଅନୁବାଦ କରିଥିବା ଜଣାଯାଇନାହିଁ । ଦୀନକୃଷ୍ଣ ଦାସ ଏହି ଅନୁବାଦ ଗ୍ରନ୍ଥଟିକୁ ପ୍ରସ୍ତାବସିନ୍ଧୁ ନାମ ଦେଇଛନ୍ତି ।

ସୁଜନଜନେ ଶୁଣ ମନ ଦେଇ, ପ୍ରସ୍ତାବସିନ୍ଧୁ ଏ ଗ୍ରନ୍ଥକୁ କହି ।

ସୂର୍ଯ୍ୟବଂଶର ରାଜା ଦଶରଥ ଗୁରୁ ବଶିଷ୍ଠ ମୁନିଙ୍କୁ 'ଭଲ ମନ୍ଦ ଉଭୟର ବ୍ୟବସ୍ଥା' ପଚାରିଲେ । ବଶିଷ୍ଠ 'ସକଳ ଗୁଣରେ ନିପୁଣ ଓ ଭୂତ, ଭବିଷ୍ୟ,

ବର୍ତ୍ତିମାନଙ୍କାତା' ଥିବାରୁ ତାଙ୍କ ପ୍ରଶ୍ନ କରି ଉପଯୁକ୍ତ ଉତ୍ତର ପାଇଛନ୍ତି । ରାଜା ଓ ରାଜଗୁରୁଙ୍କ ନୀତିଚର୍ଚ୍ଚା, ବିଶେଷତଃ ରାଜନୀତି ଚର୍ଚ୍ଚା ସର୍ବଥା ବାଞ୍ଛନୀୟ ଥିବାରୁ ଏବଂ ଶ୍ରୋତା ଓ ବକ୍ତା ଉପଯୁକ୍ତ ପାତ୍ର ଥିବାରୁ ନୀତିବାକ୍ୟର ମହିମା ବୃଦ୍ଧି ପାଇଛି ।

ଚାଣକ୍ୟନୀତିର ମୂଳ ସୂତ୍ରକୁ ଅବଲମ୍ବନ କରି ଦେଇଥିରେ ଥିବା ଉକ୍ତ 'ପାପପୁଣ୍ୟ, ଭଲମନ୍ଦ ବ୍ୟବସ୍ଥା, ରାଜବିଧିମତ ଯେମନ୍ତ କଥା' ବଶିଷ୍ଠ କହିଥିଲେ । ଏହି ଗ୍ରନ୍ଥରେ 'ଉଚିତ ଅର୍ଥ' ଥିବା କବି ଯାହା ଜଣାଇଛନ୍ତି ତାହାର ଯଥାର୍ଥତାର ପ୍ରମାଣ ଗ୍ରନ୍ଥରେ କବିଙ୍କର ଔଚିତ୍ୟଜ୍ଞାନର ପ୍ରକାଶରୁ ମିଳୁଛି । ବଶିଷ୍ଠ ଦଶରଥଙ୍କୁ କହୁଛନ୍ତି—

ପାପପୁଣ୍ୟ ଭଲମନ୍ଦ ବ୍ୟବସ୍ଥା, ରାଜବିଧିମତ ଯେମନ୍ତ କଥା ।
ମୂଳସୂତ୍ର ତୋତେ କହିବି ମୁହିଁ, ଯାହା ଚାଣକ୍ୟ ଅଛି ଉକ୍ତହୋଇ ।
ଏ ଗ୍ରନ୍ଥ ପଢ଼ିଲେ ଯେବଣ ଜନ, ପଣ୍ଡିତ ପଣକୁ ହୁଏ ଭାଜନ ।
ସେ କଥା ତୋ ଆଗେ କହିବା ବାଛି, ଉଚିତ ଅର୍ଥ ଏ ଗ୍ରନ୍ଥରେ ଅଛି ।

ଗ୍ରନ୍ଥର ଅବତରଣିକା କବିଙ୍କର ନିଜସ୍ୱ । ମୂଳ ଚାଣକ୍ୟ ନୀତିରେ ଏହା ଥିବା ଜଣାଯାଇ ନାହିଁ । ଦଶରଥ ଓ ବଶିଷ୍ଠ ତ୍ରେତା ଯୁଗର ଓ ଚାଣକ୍ୟ କଳିଯୁଗର ଲୋକ । ଅତଏବ ଚାଣକ୍ୟଙ୍କ ନୀତିକୁ ବଶିଷ୍ଠ ବୁଝାଇବା ସମ୍ଭବ ନୁହେଁ । ଏହି ଐତିହାସିକ ଅସଙ୍ଗତି ବହୁ କବିଙ୍କ ଲେଖାରେ ଦେଖାଯାଏ । ଏହି ଦୋଷଟି ଗ୍ରନ୍ଥର ମୂଳ ବିଷୟ ବସ୍ତୁର ବିବରଣରେ କୌଣସି ବ୍ୟାଘାତ ଘଟାଉନାହିଁ କିମ୍ବା ଦୂଷିତ କରୁନାହିଁ ।

କବି ସ୍ୱଗ୍ରନ୍ଥର ସୂଚନା ଏହିପରି ଦେଇଛନ୍ତି—

ତେଣୁ ଶାସ୍ତ୍ରାଦି ମୁଁ କଲି ଉପମ, ପ୍ରସ୍ତାବସିନ୍ଧୁ ବୋଲି ଏହା ନାମ ।
ଚାଣକ୍ୟ ଶାସ୍ତ୍ରରେ ଯେତେକ ବାଣୀ, ସବୁ ପ୍ରସ୍ତାବ ମୂଳ କଲି ଆଣି
ଏ ପୁସ୍ତକ ପଢ଼େ ଯେବଣ ପ୍ରାଣୀ, ଭଲ ମନ୍ଦ କଥା ପାରଇ ଜାଣି ।

ତେଣୁକରି ମୁଁ ଯୋଡ଼ିଲି ଗୀତ, ପଣ୍ଡିତମାନଙ୍କୁ ପରମ ହିତ ।
ଯେଉଁ ପ୍ରସ୍ତାବରେ ଯେଉଁ ବିଧାନ, ଶୁଣିଲେ ପରତେ ପାଇବ ମନ ।
ସଂସାରର ଚେଷ୍ଟା ଯେତେକ ବାଣୀ, ଏ ଶାସ୍ତ୍ର ପଢ଼ିଲେ ପାରିବ ଜାଣି ।

ଗ୍ରନ୍ଥର ଉପକାରିତା ଓ ଜନସମାଜ ଉପରେ ଏହାର ପ୍ରଭାବ ସମ୍ବନ୍ଧରେ କବି ଯେଉଁ ଆଶାପୋଷଣ କରିଥିଲେ ତାହା ଯଥାର୍ଥରେ ପ୍ରତିଫଳିତ ହୋଇଛି । ଓଡ଼ିଶାରେ ଏହି ଗ୍ରନ୍ଥଟି ବହୁ ଜନାଦୃତ ।

କବି ଚାଣକ୍ୟ ନୀତି-ସୂତ୍ରର ଅନୁବାଦ ଶେଷ କରି ଶ୍ରୀ ଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ସମ୍ପର୍କରେ ଦୁଇଟି ଶ୍ଳୋକ ଦେଇ ଶ୍ରୀକୃଷ୍ଣନାମ ଜପର ମହିମା କୀର୍ତ୍ତନ କରିଛନ୍ତି । ଗ୍ରନ୍ଥାରମ୍ଭରେ ମଧ୍ୟ କବି ଶ୍ରୀକୃଷ୍ଣଙ୍କ ପାଦ ବନ୍ଦନା କରିଛନ୍ତି । ଗ୍ରନ୍ଥ ଭିତରେ ଏକାଧିକ ସ୍ଥଳରେ ଜଗନ୍ନାଥଙ୍କ ବନ୍ଦନା କରିଛନ୍ତି । ଜଗନ୍ନାଥ ନିଜେ କବିଙ୍କୁ ଯାହା କହିଦେଉଥିଲେ ତାହା ସେ ଲେଖିଛନ୍ତି ବୋଲି ମଧ୍ୟ କବି କହିଛନ୍ତି ।

ଶ୍ରୀଜଗନ୍ନାଥଙ୍କ ପଦ୍ମଚରଣ, ଦୀନକୃଷ୍ଣ ଦାସ ପଶେ ଶରଣ ।
ସେ ପ୍ରଭୁ ଆଜ୍ଞା ଦେଇଛନ୍ତି ଯାହା, ଲେଖନ ଯେନ ମୁଁ ଲେଖଇ ତାହା ।

ଅନେକ ପୁରାଣ ଶାସ୍ତ୍ର ଅଧ୍ୟୟନ କରି ନ ଥିଲେ ଏହି ବହୁମୁଖୀ ପ୍ରତିଭା ପ୍ରକାଶ ପାଇନଥାନ୍ତା ।

ସରଳ ସୁବୋଧ୍ୟ ଭାଷାରେ ନିତ୍ୟ ଆବଶ୍ୟକୀୟ ବହୁ, ବିବିଧ ବିଷୟ ସମ୍ପର୍କୀୟ ନୀତିକାବ୍ୟ ଓ ଉଦାହରଣ-ପ୍ରବନ୍ଧ ଗୁଡ଼ିକ ରଚିତ ହୋଇଥିବାରୁ ଓଡ଼ିଶାରେ ଲୋକଙ୍କ ଭିତରେ ଏହା ବହୁ ଆଦର ଲାଭ କରିଛି ।

ଉଦାହରଣ-ଗଳ୍ପଗୁଡ଼ିକ ଉପଯୋଗୀ ହୋଇଛି । ସରଳ ବିବରଣ ମୂଳକ ହୋଇଥିଲେ ହେଁ ଏଗୁଡ଼ିକ ସାହିତ୍ୟରେ ସ୍ଥାନ ପାଇବା ନିମନ୍ତେ ଯୋଗ୍ୟ ହୋଇଛି ।

ରସବିନୋଦରେ ବିକ୍ରମ କେଶରୀ ରାଜା ଓ ତାଙ୍କ ରାଣୀଙ୍କ ଚରିତ ବର୍ଣ୍ଣିତ ହୋଇଛି । ସେହି ପ୍ରସଙ୍ଗଟି ପ୍ରସ୍ତାବ ସିନ୍ଧୁରେ ମଧ୍ୟ ଅଛି ।

ପ୍ରସ୍ତାବ ସିନ୍ଧୁରେ କବି ନିଜକୁ 'ଦୀନକୃଷ୍ଣ ଦାସ' ଓ 'କୃଷ୍ଣ ଦାସ' ଏହି ଉଭୟ ନାମରେ ନାମିତ କରିଛନ୍ତି । ଏକ ସ୍ଥଳରେ ନିଜକୁ ଶିଶୁମତି କୃଷ୍ଣ ଦାସବୋଲି ମଧ୍ୟ ଲେଖିଛନ୍ତି ।

(୧) ସେ ମହାପ୍ରଭୁଙ୍କ ପଦ୍ମଚରଣ, ଦୀନକୃଷ୍ଣ ଦାସ ପଶେ ଶରଣ ।
(୨) ଶ୍ରୀ ଜଗନ୍ନାଥଙ୍କ କଞ୍ଜଚରଣ, ଶିଶୁମତି କୃଷ୍ଣ ଦାସ ଶରଣ ।
(୩) ଶ୍ରୀ ଜଗନ୍ନାଥଙ୍କୁ ଶରଣ ଯାଇ, ପ୍ରସ୍ତାବସିନ୍ଧୁ କୃଷ୍ଣ ଦାସ କହି ।
(୪) ଶ୍ରୀ ଜଗନ୍ନାଥଙ୍କ ପଦ୍ମଚରଣ, ଦୀନକୃଷ୍ଣ ଦାସ ପଶେ ଶରଣ ।
(୫) ଦୀନକୃଷ୍ଣ ଦାସ ପ୍ରଭୁ ଶରଣ, ସ୍ତ୍ରୀଙ୍କ ଉପକାର କହିବା ଶୁଣ ।
(୬) ଦୀନକୃଷ୍ଣ ଦାସ କହୁଛୁ ଯାହା, ସୁବୁଦ୍ଧି ଜନେ ହେଜିକର ତାହା ।
(୭) ଶ୍ରୀ ଜଗନ୍ନାଥଙ୍କ ପଦ୍ମଚରଣ, ଶିଶୁମତି କୃଷ୍ଣ ଦାସ ଶରଣ ।

ଚଉତିଶା ପଦାବଳୀ—'କମଳାକାନ୍ତ ଚଉତିଶା'ଟି କ୍ଷୁଦ୍ର ରଚନା ହେଲେ ମଧ୍ୟ ଏଥିରେ ଶବ୍ଦାର୍ଥର ଗୂଢ଼ତା, ପୌରାଣିକ ଓ ପ୍ରପଞ୍ଚ ଜ୍ଞାନର ଗମ୍ଭୀରତା ବିଶେଷ ଭାବରେ ପ୍ରସ୍ଫୁଟିତ ହୋଇଛି । ରସକଲ୍ଲୋଳର କବିଙ୍କ ଲେଖନୀ ପ୍ରସୂତ ଏହି କବିତାଟି ତାଙ୍କ ଗୌରବକୁ ବୃଦ୍ଧି କରିଛି । ଗୂଢ଼ାର୍ଥ-ବ୍ୟଞ୍ଜକ ଶବ୍ଦାବଳୀ ଅନୁପ୍ରାସଶୋଭିତ ହୋଇ ସୁନ୍ଦର ରୂପ ଧାରଣ କରିଛି । ଏହି କେତୋଟି ପଦ ଏହା ପ୍ରମାଣିତ କରୁଛି ।

ଗଜଶିର ମୋତି ଫଳ ପ୍ରବାଳେ ମିଶ୍ରିତ ମାଳ ଗଳାରୁ
କାଢ଼ିଣ କମ୍ପା ଥୋଇଛି ତଳ । ××
ନଗରେ ସାରଙ୍ଗ ଚରି ଆନନ ସାରଙ୍ଗୋପରି
ନୀଳକଣ୍ଠିଣୀ ଚରେ କି ଶଶାଙ୍କ ଉର୍ଦ୍ଧେ । ××
ଘାତକୀ କରଅଇର ରିପୁ ଅଙ୍ଗେ ଯେତେ ଘାରି
ଘନ ଘନ ହୋଇ ଶ୍ୱାସ ମନ ବମନ । ××
ଘଟନ ତୋ ଅଳକା ପଙ୍କ୍ତି
ଯେମନ୍ତ ବିହରେ ଚନ୍ଦ୍ର ଚକୋର ପନ୍ତି ! ଇତ୍ୟାଦି ।

କବି ଏକାଧିକ ଚଉତିଶା ଓ ପଦ ରଚନା କରିଛନ୍ତି । ଏଗୁଡ଼ିକ ପ୍ରାଣସ୍ପର୍ଶୀ ଭାଷାରେ ରଚିତ ହୋଇଥିବାରୁ ଏହାର ଆଦର ଆଜିପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଛି ।

ମଧୁମଙ୍ଗଳ—ମଧୁମଙ୍ଗଳ ନାମକ ଏକ କ୍ଷୁଦ୍ର କାବ୍ୟ ଦୀନକୃଷ୍ଣ ଦାସ ଲେଖିଛନ୍ତି । କଂସ ଜନ୍ମ ଓ ରାଜତ୍ୱ, ଦେବକୀ ବସୁଦେବଙ୍କ ବିବାହ, ଦୈବୀବାଣୀ, କଂସ କର୍ତ୍ତୃକ ଦେବକୀ ବସୁଦେବଙ୍କ ବନ୍ଦୀଶାଳାରେ ଆବଦ୍ଧ, ଶ୍ରୀକୃଷ୍ଣ-ବଳରାମ ଜନ୍ମ, କୃଷ୍ଣଙ୍କ ବାଲ୍ୟଲୀଳା, କଂସ ବଧ ପ୍ରଭୃତି ପ୍ରସଙ୍ଗ ଏଥିରେ ବର୍ଣ୍ଣିତ ହୋଇଛି ।

କାବ୍ୟଟି କ୍ଷୁଦ୍ର ହେଲେ ମଧ୍ୟ ଏହାର ଭାବବିନ୍ୟାସ ଓ ଭାଷାର ପରିପାଟୀରୁ ଏହାକୁ ରସକଲ୍ଲୋଳର ଅଗ୍ରଦୂତ ବୋଲିଯାଇପାରେ । କବି କମନୀୟ ପଦାବଳୀ ସାହାଯ୍ୟରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ରସକଲ୍ଲୋଳରେ ବର୍ଣ୍ଣନା କରି ଯେଉଁ କାବ୍ୟ କଳ୍ପବୃକ୍ଷ ସୃଷ୍ଟି କରି ଯାଇଛନ୍ତି ତାହାର ବୀଜ ଏହି କ୍ଷୁଦ୍ର କାବ୍ୟରେ ନିହିତ । କେତେକ ସୁମଧୁର ପଦାବଳୀର ରୂପ ଓ ଭାବ ରସକଲ୍ଲୋଳର ପଦାବଳୀ ସହିତ ତୁଳନୀୟ ।

(କ) କମଳମୁଖୀ କମଳା ଗଳାମାଳା ଅଭୟ ଚରଣ
ଭାଳି ଭାଳି ଦୀନକୃଷ୍ଣ ଦାସ ନେଲା ତାହାର ଶରଣ । ୨ୟ ଛାନ୍ଦ ।

(ଖ) ଦଶମାସ ଶେଷେ ଜନମିଲା ଶିଶୁ ଅଞ୍ଜନ ଶଇଳ ବର୍ଣ୍ଣ,
ଶବଦ ଶ୍ରବଣେ ପ୍ରବୁଦ୍ଧ ହୋଇଲା ବିବୁଧ ସମାଜ କର୍ଣ୍ଣ । ୩ୟ ଛାନ୍ଦ ।

(ଗ) ଦିନୁଁ ଦିନୁଁ ତାର ପ୍ରତାପ ବଢ଼ିଲା ଭୟରେ କମ୍ପିଲା ମସ୍ତ,
କୃଷ୍ଣ ପଦଯୁଗ ସାରସର ଦାସ, ଦାସ ଦୀନକୃଷ୍ଣ କହି । ୩ୟ ଛାନ୍ଦ ।

(ଘ) ଶୁଣ ହେ ସୁଜନେ ଶ୍ରୀକୃଷ୍ଣ ରସ । ପାପତମଙ୍କୁ ଯେ ବଧି ସଦ୍ଗୁଣ
ସାଧୁଜନ ମନ ପ୍ରାପ୍ତ କର୍ମ୍ମ ଲ । ମୁନି ମନ ସରୋବର ମରାଳ ।
ଭକ୍ତ ପ୍ରାଣ-ଧନ, ବିବୁଧ-ହୃଦ-ପ୍ରମୋଦ ବର୍ଦ୍ଧନ । ୪ର୍ଥ ଛାନ୍ଦ ।

(ଙ) ଛାଡ଼ିଲେ ସକଳ ଧନ୍ଦା, କେବଳ ମୁକୁନ୍ଦ ଫନ୍ଦା,
କଲେ କଳାକର ମୁଖୀ ଗୋପିକା-ବୃନ୍ଦ
ଦୀନକୃଷ୍ଣ ମନ-ଷଟ୍‌ପଦ, ପାଦପଦ୍ମୁଁ ମକରନ୍ଦ ପିଇ ଆନନ୍ଦ ।
(୫ମ ଛାନ୍ଦ )

ରସକଲ୍ଲୋଳର 'କ' ଅନୁପ୍ରାସର ବହୁ ପଦ ଏହି ଛାନ୍ଦମାନଙ୍କରେ ଦେଖାଯାଏ । ଏଥିରୁ ମନେ ହେଉଛି, ଦୀନକୃଷ୍ଣ ଦାସ ମଧୁମଙ୍ଗଳ ରଚନା କରିସାରିବା ପରେ ରସକଲ୍ଲୋଳ ରଚନା କରିଛନ୍ତି । ମଧୁମଙ୍ଗଳ ରସକଲ୍ଲୋଳ ଅପେକ୍ଷା ଆକାରରେ କ୍ଷୁଦ୍ର । ଭଣିତାରେ କବି ନିଜକୁ ରସକଲ୍ଲୋଳ ପରି କୃଷ୍ଣଦାସ, ଦୀନକୃଷ୍ଣ ଦାସ ବୋଲି ପରିଚିତ କରାଇଛନ୍ତି ।

ରସକଲ୍ଲୋଳରେ କବି କବିତାରେ ରସ ନାହିଁ ବୋଲି ଗ୍ରାହକମାନେ କହୁଥିବା ଯେଉଁ ଆକ୍ଷେପ କରିଛନ୍ତି ତାହା ମଧୁମଙ୍ଗଳକୁ ଲକ୍ଷ୍ୟ କରିଥିବାହିଁ ଅନୁମିତ ହୁଏ ।

କଲେ ତୁମ୍ଭ ରସରେ ଗୀତ ରସଇ ନାହିଁ କାହାର ଚିତ୍ତ
କର୍ଣ୍ଣରେ ଶୁଣି ବୋଲନ୍ତି ରସ ବିଶେଷ ନୋହେ ତ ଯେ ।
(ର:କ: ୧୬ଶ ଛାନ୍ଦ )

'ମଧୁମଙ୍ଗଳ'ରେ 'ରସ' ନ ଥିବାରୁ କୃଷ୍ଣ-ଗୋପୀ-ଚରିତକୁ ରସାପ୍ଲୁତ କରିବା ନିମନ୍ତେ ଦୀନକୃଷ୍ଣ ଏହାର ଅଭିବୃଦ୍ଧି କରି 'କ' ଅନୁପ୍ରାସରେ ସମଗ୍ର ଗ୍ରନ୍ଥଟିକୁ ପରିବର୍ତ୍ତନ କରିଛନ୍ତି ଏବଂ ନୂତନ ସଂସ୍କରଣର ଛାନ୍ଦ କୋଡ଼ିଏ ବିରାଟ ଗ୍ରନ୍ଥ ରଚନା କରିଛନ୍ତି । ରସକଲ୍ଲୋଳ ମଧୁମଙ୍ଗଳର ପରିବର୍ତ୍ତିତ ଓ ପରିବର୍ଦ୍ଧିତ ସଂସ୍କରଣ ମାତ୍ର ।

ମଧୁମଙ୍ଗଳରେ ରସକଲ୍ଲୋଳର ଯେଉଁସବୁ ପଦ ଉଦ୍ଧୃତ ହୋଇଛି ତାହା ମଧୁମଙ୍ଗଳ ଗ୍ରନ୍ଥର ବିଷୟବସ୍ତୁ ଓ ଭାବପ୍ରବାହରେ କୌଣସି ପରିବର୍ତ୍ତନ ଓ ବାଧା ସୃଷ୍ଟି କରି ନାହିଁ । ଏକ ବିଷୟର ଭାବ ଓ କଥାବସ୍ତୁ ସମ୍ବଳିତ ଉକ୍ତିଗୁଡ଼ିକର କାବ୍ୟର ଅଂଶ ଏଥିରେ ଯୁକ୍ତ ହୋଇଥିବାରୁ କାବ୍ୟର ସାମୂହିକ ଶୋଭାବର୍ଦ୍ଧନ କରିଥିଲେ ମଧ୍ୟ ଏହାର ସ୍ୱତନ୍ତ୍ରତାରେ ବାଧା ସୃଷ୍ଟି କରିଛି ।

ରସକଲ୍ଲୋଳରେ ଦୀନକୃଷ୍ଣ ଦାସ ମଧୁମଙ୍ଗଳର କେତେକ ବିଷୟ ଓ ପଦ ତ୍ୟାଗ କରିଛନ୍ତି ଏବଂ କେତେକ ପଦକୁ 'କ' ଅନୁପ୍ରାସ ଅନୁରୋଧରେ ନୂତନ ରୂପ ଦେଇଛନ୍ତି । ଛାନ୍ଦମାନଙ୍କର କ୍ରମ ମଧ୍ୟ ଦୁଇଟିଯାକ ଗ୍ରନ୍ଥରେ ସମାନ ନୁହେଁ । ଦୀନକୃଷ୍ଣ ମଧୁମଙ୍ଗଳକୁ ପରିବର୍ତ୍ତନ ଓ ପରିବର୍ଦ୍ଧନ କରି 'କ' ଆଦ୍ୟାନୁପ୍ରାସରେ ନୂତନ ରୂପଦେଇ ନୂତନ ସଂସ୍କରଣ କରିଛନ୍ତି । ଏହି କାରଣରୁ ମଧୁମଙ୍ଗଳର ବିସ୍ତୃତ ଆଲୋଚନା ଅନାବଶ୍ୟକ ହେଲେ ମଧ୍ୟ କବିଙ୍କ ଚିନ୍ତାଧାରା ଓ ଭାଷାର ପରିପାଟୀର କ୍ରମବିକାଶ ନିର୍ଣ୍ଣୟ କରିବାରେ ଏହି ଗ୍ରନ୍ଥଟି ସାହାଯ୍ୟ କରିବ ।

କବି ମଧୁମଙ୍ଗଳର ପ୍ରାରମ୍ଭିକ ଅଂଶରେ ସ୍ୱର୍ଗରେ ବ୍ରହ୍ମାରୁଦ୍ରାଦି ଦେବତାମାନେ ବିଷ୍ଣୁଙ୍କୁ ସ୍ତୁତି କରିବା ପ୍ରସଙ୍ଗରେ ହରି-ହର ବିଚାରର ଉଲ୍ଲେଖ କରିଅଛନ୍ତି । ବିଷ୍ଣୁଙ୍କର ପ୍ରାଧାନ୍ୟ ପ୍ରତିପାଦନହିଁ ଏହାର ଉଦ୍ଦେଶ୍ୟ । କଂସ ନିଧନ ପ୍ରସଙ୍ଗରେ ବିଷ୍ଣୁଙ୍କ ମହିମାର ପ୍ରାଧାନ୍ୟ ପ୍ରକଟିତ ହୋଇଛି । ରସକଲ୍ଲୋଳରେ ଏହି ଅଂଶଟିକୁ ତ୍ୟାଗକରି କବି ବୈଷ୍ଣବୋଚିତ ଉଦାର ମନୋଭାବର ପରିଚୟ ଦେଇଛନ୍ତି । ମଧୁମଙ୍ଗଳର କଂସର ବଂଶ ପରିଚୟ, କଂସର ପ୍ରତାପ ପ୍ରଭୃତି ବିଷୟ (ଅଷ୍ଟ ଛାନ୍ଦ) କବି ରସକଲ୍ଲୋଳରେ ତ୍ୟାଗ କରିଛନ୍ତି । ଏହିପରି ବହୁ କ୍ଷୁଦ୍ର କ୍ଷୁଦ୍ର ବିଷୟ କବି ତ୍ୟାଗ କରିଥିଲେ ମଧ୍ୟ ନୂତନ ସଂସ୍କରଣର ଆତ୍ମା ଅପରିବର୍ତ୍ତିତ ରହିଛି ।

ମଧୁମଙ୍ଗଳର କୃଷ୍ଣଜନ୍ମ ପ୍ରସଙ୍ଗ ପଞ୍ଚମ ଛାନ୍ଦରେ ଓ ରସକଲ୍ଲୋଳରେ ତାହା ଦ୍ୱିତୀୟ ଛାନ୍ଦରେ ବର୍ଣ୍ଣିତ ହୋଇଅଛି । କଂସଜନ୍ମ, ବଳରାମ ଓ କୃଷ୍ଣଜନ୍ମ,

କୃଷ୍ଣଙ୍କ ବାଲ୍ୟଲୀଳା, ଗୋପଲୀଳା ପ୍ରଭୃତି ବିଷୟର ବର୍ଣ୍ଣନାରେ ଛାନ୍ଦର କ୍ରମ ଉଭୟ ଗ୍ରନ୍ଥରେ ସମାନ ନାହିଁ। ମଧୁମଙ୍ଗଳର ଷଷ୍ଠ ଛାନ୍ଦର ପୂତନା ବଧ ପ୍ରସଙ୍ଗ ରସକଲ୍ଲୋଳର ଚତୁର୍ଥ ଛାନ୍ଦରେ ବର୍ଣ୍ଣିତ ହୋଇଛି । ପୂତନାର ବର୍ଣ୍ଣନା ମଧୁମଙ୍ଗଳରେ ଅଳ୍ପ ପଦରେ କ୍ଷେପହୋଇଛି ଏବଂ ପୂତନ ବଧ ବିଷୟଟି ଅତି ସଂକ୍ଷେପରେ ବର୍ଣ୍ଣନାତ୍ମକ ଶୈଳୀ ପ୍ରୟୋଗ କରି କବି ଶେଷ କରିଛନ୍ତି । ରସକଲ୍ଲୋଳରେ ଏହି ବିଷୟଟି ମଧୁମଙ୍ଗଳରେ ବର୍ଣ୍ଣନାର ପ୍ରାୟ ପାଞ୍ଚଗୁଣ ହୋଇଛି ଏବଂ କବିତ୍ୱପୂର୍ଣ୍ଣ ମଧ ହୋଇଛି ।

ମଧୁମଙ୍ଗଳର ବହୁପଦ ଅପରିବର୍ତ୍ତିତ ଭାବରେ ରସକଲ୍ଲୋଳରେ ସ୍ଥାନ ପାଇଛି ।

ରସକଲ୍ଲୋଳ ପରି ମଧୁମଙ୍ଗଳରେ ବହୁ 'କ' ଆଦ୍ୟାନୁପ୍ରାସର ପଦ ରହିଛି ଏବଂ ବହୁ ସ୍ଥାନରେ ମଧୁମଙ୍ଗଳର ଏ ଧରଣର ପଦ ଅପରିବର୍ତ୍ତିତ ଆକାରରେ ରସକଲ୍ଲୋଳରେ ସ୍ଥାନ ପାଇଛି ।

ମଧୁମଙ୍ଗଳର ବହୁ ପଦକୁ ମାଧୁର୍ଯ୍ୟ ପୂର୍ଣ୍ଣକରି କବି ରସକଲ୍ଲୋଳରେ ସ୍ଥାନ ଦେଇଥିବାରୁ ରସକଲ୍ଲୋଳଟି ଅପୂର୍ବ କାବ୍ୟଶୋଭା ଧାରଣ କରିଛି ।

କୃଷ୍ଣ ମଧୁନଗର, ଯିବାଶୁଣି କାତର, ସକଳ ବରଜ ରମଣୀ,
ହୋଇ କାକୁସ୍ତର, ନେତ୍ରୁ ବୁହାଇ ନୀର,
କହନ୍ତି କୋମଳରେ ବାଣୀ, ହେ ଦୟାନିଧି,
କେମନ୍ତେ ଧରିବୁ ଏ ଦେହ ଅଥୟ କରିବ ଅଦେହ
ତୁମ୍ଭ ରୂପକୁ ମୂର୍ଚ୍ଛି, ଆହେ ଯଶୋଦା ବତ୍ସି
କେମନ୍ତେ ବଞ୍ଚିବୁ ତା କହ ହେ ।୧।

କେ ଦେଲା କେଉଁ ମନ୍ତ୍ର, କୂଟ କପଟ ଯନ୍ତ୍ର, ହୃଦେ ତା ବହି ଦେଲ ଦମ୍ଭ
ଅକ୍ରୂର ରଥେ ବସି ଆମ୍ଭ ଦମ୍ଭକୁ ଧ୍ୱଂସି
ଯିବାକୁ କରୁଛ ଆରମ୍ଭ, ହେ ଦୟାନିଧି,

ଯେତେ ରୂପରେ କଲ ପ୍ରୀତ      ତେତକ କରୁଛ ଅନାତ
କମଠପୃଷ୍ଠ ପ୍ରାୟ      ନ କର ଦୟାମୟ
କୋମଲ ନିକେତନ ସ୍ତୁତ ହେ । ୨ । (ମଧୁମଙ୍ଗଲ ୧୦ମ ଛାନ୍ଦ )

ଏହି ପଦଗୁଡ଼ିକ ରସକଲ୍ଲୋଲରେ କବି ପରିବର୍ତ୍ତିତ କରିଦେଇଛନ୍ତି ।

କୃଷ୍ଣ କଂସ ନଗର, ଯିବା ଶୁଣି କାତର, ସକଲ କଲାକର ମୁଖୀ,
କାକୁସ୍ଥ ହୋଇ ଧୀରେ      କହନ୍ତି କୋମଲରେ
କଙ୍କଣ ନୟନରେ ରଖି, ହେ କୃପାନିଧି,
କେମନ୍ତେ ମୁଞ୍ଚିବୁ ତୁମ୍ଭଙ୍କୁ      କହ ହେ ବଇର ଆମ୍ଭଙ୍କୁ
କେଉଁ ମନ୍ତ୍ର ବଳରେ      ହୃଦୟ-କମଳରେ
ଧଇଲ ଏମନ୍ତ ଦମ୍ଭକୁ ହେ । ୨ ।

ସୁର କୁସୁମ ଧନୁ, କୃଶ କରଇ ତନୁ, କାନନୁ ଆସିବା ସରକି,
କେମନ୍ତେ କରି ଦେହ      ରଖିବ ସେ ଅଦେହ
ଚଳେ ମଥୁରା ନଗରୀକି, ହେ କୃପାନିଧି,
କଲେ ଯେତେ ରୂପରେ ପ୍ରୀତ      କରୁଛ ତେତେକ ଅନାତ,
କମଠ ପୃଷ୍ଠ ପ୍ରାୟେ      ନକର କୃପାମୟେ
କୋମଲ ନିକେତନ ସ୍ତୁତ ହେ । ୨ । (ର:କ: । ୨୬ଶ ଛାନ୍ଦ )

ନୂତନ ସଂସ୍କରଣରେ ମୂଳର ଭାବ ଅକ୍ଷୁଣ୍ଣ ରଖା ଯାଇଛି ।

ଗୁଣସାଗର—ଏହି ଗ୍ରନ୍ଥଟି ଓଡ଼ିଶାର ସୁପରିଚିତ । ଚାଟଶାଳୀରେ ପିଲାମାନେ ଏହାକୁ ପଢ଼ନ୍ତି । ଆଜିକାଲି ଯେପରି ଶ୍ରେଣୀବିଭାଗ ହୋଇଛି ଏବଂ ପାଠ୍ୟପୁସ୍ତକ ନିର୍ଣ୍ଣିତ ହୋଇଛି ପୂର୍ବେ ଠିକ୍ ଏପରି ଭାବରେ ନ ଥିଲା । କମଳଲୋଚନ, କେଶବ କୋଇଲି, ଗୁଣସାଗର, ରସବିନୋଦ, ଭାଗବତ, ଲାବଣ୍ୟବତୀ, ବୈଦେହୀଶ ବିଳାସ ପ୍ରଭୃତି ଗ୍ରନ୍ଥ ଶ୍ରେଣୀ ନିର୍ଣ୍ଣୟ କରୁଥିଲା । କେଉଁ ଗ୍ରନ୍ଥ ପରେ କେଉଁ ଗ୍ରନ୍ଥ ପଢ଼ାଯିବ ତାର ଧାରା ଥିଲା । ବର୍ତ୍ତମାନ

ସୁଦ୍ଧା କେତେକ ପୁରୁଣାକାଳିଆ ଅବଧାନ ଏହି ଗୀତ ଗୁଡ଼ିକ ନାହାନ୍ତି । ପିଶୁର ପଢ଼ାର ପ୍ରଥମାବସ୍ଥାର ପ୍ରାୟ ବର୍ଷେ ପରେ ଗୁଣସାଗର ପଢ଼ା ହେଉଥିଲା ।

ନାବକେଳୀ—ନାବକେଳିଟି ଶ୍ରେଷ୍ଠ ହେଲେ ମଧ୍ୟ ଓଡ଼ିଶାର ଘରେ ଘରେ ପରିଚିତ । ଶ୍ରୀକୃଷ୍ଣଙ୍କ ନାବକେଳି ଏହାର ବର୍ଣ୍ଣିତ ବିଷୟ ।

କବିଙ୍କର ଅନ୍ୟାନ୍ୟ ଗ୍ରନ୍ଥଗୁଡ଼ିକ ଉପାଦେୟ ହେଲେ ମଧ୍ୟ ଲୋକଙ୍କ ଭିତରେ ବହୁତ ପ୍ରସାର ଲାଭ କରି ପାରିନାହିଁ । ଅନେକ ଗ୍ରନ୍ଥ ଆହୁରି ଅପ୍ରକାଶିତ ଅବସ୍ଥାରେ ଅଛି ।

ରସକଲ୍ଲୋଳ—ଓଡ଼ିଆ ଭାଷାରେ ଲିଖିତ ସୁଦ୍ଧା କମ୍ବା ପାଞ୍ଚଟି ଉଚ୍ଚଶ୍ରେଣୀର କାବ୍ୟର ନାମ ଉଲ୍ଲେଖ କରିବାକୁ ହେଲେ 'ରସକଲ୍ଲୋଳ' ଯେ ଏ ଭିତରୁ ଗୋଟିଏ ଏଥିରେ ସନ୍ଦେହ ନାହିଁ । ଓଡ଼ିଆ କାବ୍ୟମାନଙ୍କ ଭିତରେ ରସକଲ୍ଲୋଳ, ଲାବଣ୍ୟବତୀ, ବୈଦେହୀଶ ବିଳାସ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ବିଦଗ୍ଧ ଚିନ୍ତାମଣି ବହୁଜନାଦୃତ ।

ଗୋପରେ କୃଷ୍ଣଙ୍କ ଲୀଳା, କଂସପୁର ଗମନ ଏ କାବ୍ୟର ମୁଖ୍ୟ ବିଷୟ-ବସ୍ତୁ । ଗୋପୀଭକ୍ତିର ଶ୍ରେଷ୍ଠତ୍ୱ ଏଥିରେ ପ୍ରକାଶିତ ହୋଇଛି । ରାଧା-କୃଷ୍ଣ ଓ ଗୋପୀ-କୃଷ୍ଣ ଲୀଳା ଏଥିରେ ବର୍ଣ୍ଣିତ ହୋଇଛି । ରୁକ୍ମିଣୀ-ବାସୁଦେବଙ୍କ ଚରିତ ଓ ମାହାତ୍ମ୍ୟ ଏଥିରେ ନାହିଁ । କବି ଗୋପକୃଷ୍ଣଙ୍କର ଚରିତ ବର୍ଣ୍ଣନା କରି ଏହି କୃଷ୍ଣ କଥାରେ ସବୁବେଳେ ମନ ରଖିଥିବା ପାଇଁ ବ୍ୟାକୁଳ ହୋଇ ଜନମାନଙ୍କୁ ବାରମ୍ବାର ନିବେଦନ କରିଛନ୍ତି ।

ବିଭିନ୍ନ ବୃତ୍ତର ୩୦ଟି ଛାନ୍ଦରେ କାବ୍ୟଟି ସମ୍ପୂର୍ଣ୍ଣ ହୋଇଛି ।

ସମଗ୍ର କାବ୍ୟଟିରେ ପ୍ରତ୍ୟେକ ଚରଣରେ ଆଦ୍ୟ ଅକ୍ଷର 'କ'; କିନ୍ତୁ କାବ୍ୟର ନାମରେ ଏ ନିୟମ ରକ୍ଷିତ ହୋଇନାହିଁ । 'ରସବିନୋଦ' ପରେ 'ରସକଲ୍ଲୋଳ' ନାମଟି ଭାବ-ଦ୍ୟୋତକ ।

କବି ରସକଲ୍ଲୋଳ କାବ୍ୟକୁ ଏକ ମହାକାବ୍ୟ ରୂପରେ କଳ୍ପନା କରି ଲେଖିଛନ୍ତି । ପ୍ରଥମେ ନୀଳାଚଳନାଥ ଜଗନ୍ନାଥଙ୍କୁ ବନ୍ଦନା କରି ବିଷୟବସ୍ତୁର ସଂକ୍ଷିପ୍ତ ଅବତାରଣା କରିଅଛନ୍ତି । କୃଷ୍ଣଙ୍କୁ ନାୟକ କରିଛନ୍ତି । ଦକ୍ଷିଣ ନାୟକ ରୂପରେହିଁ ତାଙ୍କୁ ଏହି ଗ୍ରନ୍ଥରେ କବି ଚିତ୍ରଣ କରିଛନ୍ତି ।

କୈବଲ୍ୟ ଦାୟକ ଦକ୍ଷିଣ ନାୟକ
କୃଷ୍ଣ ଗୋପୀଙ୍କର ତେମନ୍ତ । ୮ମ ଛାନ୍ଦ, ୩୧ ।

ଏ କାବ୍ୟରେ ସବୁ ରସର ବିଷୟ ସ୍ଥାନ ପାଇଛି ।

ଦୀନକୃଷ୍ଣ ଦାସ ପୁରୀରେ ଅବସ୍ଥାନ କରୁଥିଲାବେଳେ ଏ କାବ୍ୟଟି ଲେଖିଥିଲେ । ସେ ଜଣେ ପରମ ବୈଷ୍ଣବ । ଯେଉଁମାନେ ନିଜକୁ ବୈଷ୍ଣବ ବୋଲି ପରିଚିତ କରାଇ ବୈଷ୍ଣବୋଚିତ କର୍ମ କରନ୍ତି ନାହିଁ, ସେମାନଙ୍କୁ ଦୀନକୃଷ୍ଣ ଭର୍ତ୍ସନା କରିଅଛନ୍ତି ।

ରସକେଳି ମଧ୍ୟରେ ଦକ୍ଷିଣ ନାୟକ ଓ ଶଠ-ନାୟକର କୃତି ରହିଥିଲେ ମଧ୍ୟ କୃଷ୍ଣ ମୂଳତଃ ଦକ୍ଷିଣ ନାୟକ ।

ଦୀନକୃଷ୍ଣ ସ୍ୱୟଂ ଜଗନ୍ନାଥଙ୍କ ଆଜ୍ଞାରୁ ଏହି ଗ୍ରନ୍ଥଟି ରଚନା କରିଛନ୍ତି । ବିଷୟ ମଧ୍ୟ ସାଧାରଣ ନୁହେଁ । ଅଖିଳ ବ୍ରହ୍ମାଣ୍ଡ ପତି ସର୍ବରସାଶ୍ରୟ ଶ୍ରୀକୃଷ୍ଣଙ୍କ ଲୀଳା ଏଥିର ବର୍ଣ୍ଣିତ ବିଷୟ ଥିବାରୁ କୃଷ୍ଣଭକ୍ତ ଓ ଗୋପୀଭକ୍ତ ପ୍ରେମିକମାନେ ଏହାକୁ କଣ୍ଠର ହାର କରି ଆଦର ଓ ନିତ୍ୟସଙ୍ଗୀ କରିବାକୁ କବି ଅନୁରୋଧ କରିଛନ୍ତି ।

ଏହାର ପଦଯୋଜନା ମଧ୍ୟ କିଛି ସହଜ ବ୍ୟାପାର ନୁହେ । ସମଗ୍ର ଗ୍ରନ୍ଥର ପ୍ରତ୍ୟେକ ଚରଣ 'କ' ଅକ୍ଷରରେ ଆରମ୍ଭ ହୋଇଥିବାରୁ ଲେଖାରେ କି ପରିଶ୍ରମ ହୋଇଥିବ ତାହା ସହଜରେ ଅନୁମେୟ । ଦୀନକୃଷ୍ଣଙ୍କ ପରି ବିଦ୍ୱାନ ଓ ବହୁଦର୍ଶୀ କବି ପକ୍ଷରେ କେବଳ ଏହା ସମ୍ଭବ । କାବ୍ୟଟି ମଧ୍ୟ ସର୍ବାଙ୍ଗ-ସୁନ୍ଦର ହୋଇଛି । ଯଦି ଏହା ସତ୍ତ୍ୱେ କେହି ଏହାର ଅଯଥା ନିନ୍ଦା କରେ

ତେବେ ସମାଲୋଚକର ବୁଦ୍ଧି କୁଟିଳ ବୋଲି ଜାଣିବାକୁ ହେବ । ଏ କୁଟିଳ ବୁଦ୍ଧି ଖଳ ଲୋକମାନଙ୍କ କଥାରେ ନଭୁଲି କବିତାର ମାଧୁର୍ଯ୍ୟ ଉପଭୋଗ କରିବାପାଇଁ କବି ବିନୀତ ଭାବରେ ସୁଜନମାନଙ୍କୁ ଅନୁରୋଧ କରିଅଛନ୍ତି ।

କୋଟି ବ୍ରହ୍ମାଣ୍ଡ ପ୍ରଭୁ ଜଗନ୍ନାଥ, କରନ୍ତୁ ପୂର୍ଣ୍ଣ ଜନ ମନୋରଥ,
କଲି ମୁଁ ଏହି ଘେନି ଅଭିମତ, କରିବାକୁ ରସକଲ୍ଲୋଳ ଗୀତ,
କହିଲେ ସେ ଯେଣୁ, କଚରେ ମାଳ ଲେଖିଲି ମୁଁ ତେଣୁ ।
'କ' ଅକ୍ଷରେ ହୋଇଛି ନିୟମ, କଥା ନୋହେ ଦ୍ରବ୍ୟ ଅଦ୍ରବ୍ୟ ସମ,
କେତେ କଉତୁକ ଅଛନ୍ତି ଏଥି, କେବଳ କ୍ଷୀର ସିନ୍ଧୁ ପ୍ରାୟ ନୁହନ୍ତି,
କରି ରସ କାନ୍ତି, କରି ଧୀଷଣା ମନ୍ଦର ପର୍ବତ ।୨୩।

ଏହି 'ରସ' ପ୍ରବୃତ୍ତି-ଲକ୍ଷ୍ୟରୁ 'ରସ ବିନୋଦ' ଓ 'ରସକଲ୍ଲୋଳ' ନାମର ପ୍ରବୃତ୍ତି ସମ୍ଭବ ହୋଇଛି ।

କୃଷ୍ଣସେବକ ଗୋପୀଭକ୍ତ ରସିକମାନଙ୍କର ଏ ଗ୍ରନ୍ଥ ହୃଦୟର ହାର ହେବ ଏବଂ କଠୋର କୁଟିଳ କପଟୀ ଲୋକଙ୍କୁ ଏହା ଅମଙ୍ଗଳ ବୋଲି ପ୍ରତୀୟମାନ ହେବ । କବି କୋବିଦମାନଙ୍କୁ ଦେବତା ଓ ମୂର୍ଖମାନଙ୍କୁ ଅସୁର ସଙ୍ଗେ ସମାନ କରିଛନ୍ତି । ସମୁଦ୍ର ମନ୍ଥନରେ ଦେବତାମାନେ ଅମୃତ ଓ ଅସୁରମାନେ ବିଷ ପ୍ରାପ୍ତ ହୋଇଥିବା ପ୍ରସଙ୍ଗ ଏଥିରେ ସୂଚିତ ହୋଇଛି । ଏହି ରସ-ସମୁଦ୍ର ମନ୍ଥନରେ ରସକଲ୍ଲୋଳର ସୃଷ୍ଟି ଜନମନ ହରଣ କରିଛି ।

କୋବିଦ-ଦେବମାନେ ଲଭ ସୁଖ, କରନ୍ତୁ ବାଲିଶ ଅସୁରେ ଦୁଃଖ,
କୃଷ୍ଣ ସେବକ ଗୋପୀ ଭକ୍ତ ଯାର, କରନ୍ତୁ ସେମାନେ କଣ୍ଠରେ ହାର,
କଠୋର କୁଟିଳ, କପଟୀ ଲୋକଙ୍କୁ ଏ ଅମଙ୍ଗଳ । ୨୫ ।

କୁଟିଳବର୍ତ୍ତୀ ବଳରେ ଅଭୂତ, କବି ହୃଦ ଅବଲମ୍ବିକୁ କାନ୍ତ,
କୋବିଦ ମନ ଘନାଘନ ବିନୁ, କେବେହେଁ ନଦିଶଇ ଇନ୍ଦ୍ରଧନୁ
କରି ସୁବିସ୍ତର, କବିତ୍ୱ ଶାନ୍ତ ଜଳ ଏକାକାର ।୨୬। ୩୪ଶ ଛାନ୍ଦ ।

୧୬ଶ ଛାନ୍ଦରେ ମଧ୍ୟ କବି କହିଛନ୍ତି—

କ ଅକ୍ଷରରେ କଲ ଯେ ଗୀତ, କେବେହେଁ ଏଥି ନଦେବ ଘାତ,
କବି ହେଲେ ତ ଜାଣିବ ଏଥି, ଭ୍ରମହିଁ ଯେତେ ହେ ।୨୦।
କଲେ ଏଥିରେ କୁଟିଳ ବୁଦ୍ଧି, ଦଣ୍ଡ ଦେବେ ଶ୍ରୀକୃଷ୍ଣ ଅବଧି । ଇତ୍ୟାଦି ।

ପ୍ରଥମ ଛାନ୍ଦଠାରୁ ସପ୍ତମ ଛାନ୍ଦ ଶେଷ ପର୍ଯ୍ୟନ୍ତ ସରଳ ବର୍ଣ୍ଣନାର ପ୍ରାଧାନ୍ୟ ରହିଛି । କବିତାର ସ୍ଫୁର୍ତ୍ତି ସେତେ ପ୍ରସ୍ଫୁଟିତ ହୋଇନାହିଁ । ଅଷ୍ଟମ ଛାନ୍ଦଠାରୁ କବିତା ମାଧୁରୀର କଲ୍ଲୋଳ ଉତ୍‌ଥିତ ହୋଇ ଅବଶିଷ୍ଟ ବିଷୟବସ୍ତୁକୁ ରସାପ୍ଲୁତ କରିଛି ।

କବି ପ୍ରଥମେ ସମଗ୍ର କାବ୍ୟଟିକୁ ଅଲଙ୍କାରମଣ୍ଡିତ କରିବାପାଇଁ ମନସ୍ଥ କରି ତୃତୀୟ ଛାନ୍ଦରୁ ଅଲଙ୍କାର ଛଟାର ବ୍ୟବହାର କରିଥିବେ; ପରେ ଏ ସଂକଳ୍ପ ସେ ତ୍ୟାଗ କରିଥିଲାପରି ଜଣାପଡ଼େ । ବିବିଧ ଶବ୍ଦାଳଙ୍କାରରେ କାବ୍ୟର ଗୁରୁଅଂଶ ମଣ୍ଡିତ ନହେଲେ ମଧ୍ଯ କାବ୍ୟଟି ଯେ ଲଳିତ ପଦାବଳୀରେ ଅତି ସୁନ୍ଦର ରୂପ ଧାରଣ କରିଛି, ଏହା କହିବା ବାହୁଲ୍ୟ ମାତ୍ର ।

କାବ୍ୟଟି ରସକଲ୍ଲୋଳ ନାମ ସାର୍ଥକ କରିଛି । ଏଥିରେ ସର୍ବରସାଶ୍ରୟ ଲୀଳାପ୍ରିୟ ଶ୍ରୀକୃଷ୍ଣଙ୍କ ଲୀଳା ବର୍ଣ୍ଣନାରେ କବି ବୀର, କରୁଣ, ବାତ୍ସଲ୍ୟ, ଶୃଙ୍ଗାରାଦି ରସର ସମାବେଶ କରିଅଛନ୍ତି; କିନ୍ତୁ ଏ ଗ୍ରନ୍ଥରେ ଶୃଙ୍ଗାରରସ ହିଁ ପ୍ରାଧାନ୍ୟ ଲାଭ କରିଛି ।

ରତି ଲାଳସା, ରତିକ୍ରୀଡ଼ା, ସ୍ତ୍ରୀ ଅଙ୍ଗ ପ୍ରତ୍ୟଙ୍ଗ ବର୍ଣ୍ଣନାରେ କବି ଲେଖନୀକୁ ସଂଯତ କରିନାହାନ୍ତି । ସେହିହେତୁ ଏ ଜାତୀୟ ବର୍ଣ୍ଣନାରେ ବହୁ-ସ୍ଥଳରେ ଅଶ୍ଳୀଳ ବୋଧ ହେଉଛି । ଶୃଙ୍ଗାର କେଳୀର ଉତ୍କଟ ବର୍ଣ୍ଣନା କାବ୍ୟକୁ ଦୂଷିତ କରିଛି । ଶ୍ରୀହର୍ଷଙ୍କ ନୈଷଧ କାବ୍ୟରେ ଏପରି ଉତ୍କଟ ବର୍ଣ୍ଣନା ଦେଖାଯାଏ ।

ବିଷୟବସ୍ତୁ —କବି ପ୍ରଥମ ଛାନ୍ଦରେ ଅଲଙ୍କାରଶାସ୍ତ୍ରସମ୍ମତ ନମସ୍କ୍ରିୟାଦି ମହା କାବ୍ୟାରମ୍ଭର ଅଙ୍ଗ ଦେଇଛନ୍ତି । କମ୍ବୁ କଟକ

(ଶଙ୍ଖକ୍ଷେତ୍ର ବା ପୁରୁଷୋତ୍ତମ ଧାମ)ର ନାୟକ, ଅବତାର-ଜନକ ଜଗନ୍ନାଥଙ୍କୁ ବନ୍ଦନା କରିଛନ୍ତି । ଦ୍ୱିତୀୟ ଛାନ୍ଦଠାରୁ କାବ୍ୟର ବିଷୟବସ୍ତୁ ଆରମ୍ଭ ହୋଇଛି । କଂସାଦି ଅସୁରମାନଙ୍କ ଦ୍ୱାରା ପୃଥିବୀ ଦେବୀ ପ୍ରପୀଡ଼ିତ ହେବାରୁ ସେ ବ୍ରହ୍ମାଙ୍କଠାରେ ଗୁହାରି କଲେ । ବ୍ରହ୍ମା ଜଗନ୍ନାଥ ବା ବିଷ୍ଣୁଙ୍କୁ ଏହା ଜଣାଇବାରୁ ବିଷ୍ଣୁ, କୃଷ୍ଣ ରୂପରେ ମର୍ତ୍ତ୍ୟରେ ଦେବକୀଙ୍କ ଗର୍ଭରେ ଜନ୍ମ ହେଲେ । ବସୁଦେବ ଓ ଦେବକୀଙ୍କୁ କଂସ ବନ୍ଦିଶାଳାରେ ରଖିଥିଲା । ବନ୍ଦିଶାଳାରୁ ବସୁଦେବ କୃଷ୍ଣଙ୍କୁ ଗୋପନରେ ବ୍ରଜନାୟକ ନନ୍ଦଙ୍କ ରାଣୀ ଯଶୋଦାଙ୍କ କୋଳରେ ଦେଲେ । ଆଗରୁ ବଳରାମ ସେଠାରେ ଅବତୀର୍ଣ୍ଣ ହୋଇଥିଲେ (୨ୟ ଛାନ୍ଦ) । କୃଷ୍ଣ ଜନ୍ମ ହେବା କର୍ଣ୍ଣରେ ଶୁଣି ଗୋପୀମାନେ ଦେଖିବାକୁ ଧାଇଁଲେ । ଶ୍ରୀକୃଷ୍ଣ ଜଳାମେଘ ପାଶରେ ଚନ୍ଦ୍ର ପ୍ରାୟ ଅପୂର୍ବ ଅଙ୍ଗଶୋଭା ଧାରଣ କରିଥିବାରୁ ଗୋପୀମାନଙ୍କ ମନରେ ଶ୍ରଦ୍ଧା ଜାତ ହେଲା ଏବଂ ଶିଶୁ କୃଷ୍ଣ କଳ୍ପତରୁ-ଅଙ୍କୁର, କନ୍ଦର୍ପ ଅବତାର ପ୍ରଭୃତି ରୂପେ ସେମାନଙ୍କୁ ଦେଖାଗଲେ । ଏହି ସମୟରୁ କୃଷ୍ଣ—"କୃଷ୍ଣଙ୍କ କମନୀୟ ଶୋଭାକୁ ମନେ ଘେନି କଷ୍ଟେ ଗମିଲେ ବ୍ରଜ-କାମିନୀ ।"(୩ୟ ଛାନ୍ଦ) । କୃଷ୍ଣଙ୍କୁ ମାରିବା ପାଇଁ କଂସ ପୂତନା ଅସୁରୀକୁ ପ୍ରେରଣ କଲା । ଶ୍ରୀକୃଷ୍ଣ ଅସୁରୀକୁ ବିନାଶ କଲେ । ଆଚମ୍ବିତେ କାତ୍ୟାୟନୀ ଦେବୀ ନନ୍ଦ ଘରେ ପ୍ରବେଶ କରି ଶିଶୁ କୃଷ୍ଣଙ୍କୁ ଦେଖି ପରମ ଆନନ୍ଦ ଲାଭ କଲେ ଏବଂ ବିବିଧ ଭଙ୍ଗୀରେ ନୃତ୍ୟ କରି ମନ ହରଣ କଲେ । (୪ର୍ଥ ଛାନ୍ଦ) । ଶିଶୁ କୃଷ୍ଣ ବିଭିନ୍ନ କୌତୁକ ଲୀଳା କରି ସମସ୍ତଙ୍କୁ ଆନନ୍ଦ ଦେଉଥିଲେ । ଶିଶୁ କୃଷ୍ଣଙ୍କୁ ଗୋପୀମାନେ ନାନା ଭାବରେ ଖୁସି କରୁଥିଲେ ଏବଂ ତାଙ୍କର ରମଣୀୟ ରୂପ ଦେଖି ମୁଗ୍ଧ ହେଉଥିଲେ । ନନ୍ଦ-ଯଶୋଦା ଶିଶୁ ପୁତ୍ରର କୌତୁକ ଲୀଳା ଦେଖି ଅପାର ଆନନ୍ଦ ଲାଭ କରୁଥିଲେ । (୫ମ ଛାନ୍ଦ) । କୃଷ୍ଣ ଦାମପାଳ ଓ ଗୋପସୁତମାନଙ୍କୁ ସଙ୍ଗରେ ନେଇ ନାନା ରଙ୍ଗରେ ବାଳଲୀଳା କରୁଥିଲେ । କେତେବେଳେ ଲବଣୀ ନେଇ ପଳାନ୍ତି । ଗୃହକର୍ମରେ ବିଭ୍ରାଟ କରି ଜନନୀଙ୍କୁ ଚଳାନ୍ତି । ମିଛରେ କାନ୍ଦି ମାତାଙ୍କ କଣ୍ଠରେ କଣ୍ଠ ଛନ୍ଦି କାଖରେ ବସନ୍ତି । ନନ୍ଦଙ୍କ କାନ୍ଧରେ ବସି ରାତିରେ ଛାନ୍ଦ ମାଗନ୍ତି । କ୍ରମେ କୃଷ୍ଣଙ୍କ ବୟସ ବୃଦ୍ଧି ହେବାରୁ ଗାଈଦୁହାଁ, ବାଛୁରୀ ରଖା ଶିଖିଲେ

ଏବଂ ବନକୁ ଯାଇ ଗୋରୁ ଚରାଇଲେ । ନନ୍ଦ-ଯଶୋଦା ଅପୂର୍ବ ସୁନ୍ଦର କୋମଳାଙ୍ଗ ରାଜକୁମରଙ୍କୁ ଏହି କଠିନ କାର୍ଯ୍ୟ ଦେଇଥିବାରୁ କେହି କେହି ଗୋପୀ ଦୁଃଖ କରି ପରସ୍ପର ଆଳାପ କଲେ । ଯେ ଯାହାର ବ୍ୟବସାୟ କରିବାରେ ଦୋଷ ନାହିଁ, ଏହି ନୀତିକୁ ସ୍ୱୀକାର କରି ସମସ୍ତେ ତୁନି ହେଲେ । କୃଷ୍ଣ ଅସୁରକୁଳକୁ ନିର୍ମୂଳ କରି ଗୋପପୁରକୁ ନିର୍ଭୟ କଲେ ଏବଂ କୁଞ୍ଜକାନନରେ ବରଜ ସୁତମାନଙ୍କ ସଙ୍ଗରେ ନାନା ରୂପରେ ରାବ କଲେ । କେତେବେଳେ କେକୀ ପ୍ରାୟ ନାଚି ନାଚି ବକ ପ୍ରାୟ ବସନ୍ତି, ଭୃଙ୍ଗ ଝଙ୍କାର ଶୁଣି ହୁଂକାର କରନ୍ତି, କେକୀ ଶିଶୁ ପଛରେ ଗୋଡ଼ାନ୍ତି, ବାହୁ ଯୁଦ୍ଧ କରନ୍ତି, ଆଖି ବୁଜାନ୍ତି, ରାଜା ମନ୍ତ୍ରୀ ଖେଳ ଖେଳନ୍ତି । ବନରେ ଖେଳ ସମୟରେ ପ୍ରଲମ୍ବାସୁର ବଧ କଲେ । ବନଭୋଜନ ବେଳେ ବ୍ରହ୍ମା ବତ୍ସାହରଣ କରିବାରୁ ତାଙ୍କ ଗର୍ବ ଗଞ୍ଜନ କଲେ । ଗୋବର୍ଦ୍ଧନ ଧାରଣ କରି ଇନ୍ଦ୍ରଙ୍କ ଦର୍ପ ନାଶ କଲେ । ପ୍ରବଳ ଦାବାନଳକୁ ଗିଳିଦେଇ ବନାଗ୍ନିରୁ ବନକୁ ରକ୍ଷା କଲେ । ଏହିପରି ବନ୍ଧୁ ରୂପରେ ଗୋପକୁ ରକ୍ଷା କରି ଭୟଶୂନ୍ୟ କଲେ । ଗୋପବାଳକମାନଙ୍କ ସଙ୍ଗେ ବିଭିନ୍ନ ବେଶ ଧାରଣ କରି ନାନା ରୂପରେ କୌତୁକ କ୍ରୀଡ଼ା କଲେ । ଶ୍ରୀକୃଷ୍ଣଙ୍କ ଶୋଭାରେ ମୁଗ୍‌ଧହୋଇ ଗୋପୀମାନେ ନାନା ରୂପରେ କାମ-ଚେଷ୍ଟା ପ୍ରଦର୍ଶନ କଲେ । (୬ଷ୍ଠ ଛାନ୍ଦ) । ଶ୍ରୀକୃଷ୍ଣ କାମକେଳି କରିବାକୁ ଅଭିଳାଷ କରି ରଜକୀ, ନର୍ତ୍ତକୀ, ବେଶକାରୀ, କୁସୁମମାଳାକାରୀ, ଶିଳ୍ପ ବିଦ୍ୟାଧରୀ ପ୍ରଭୃତିଙ୍କୁ ଦୂତୀ କରି ସଙ୍କେତ ସ୍ଥାନକୁ ଯାଆନ୍ତି । କୁଳଟାମାନଙ୍କୁ ଭେଦ ସଙ୍କେତ ସ୍ଥାନମାନଙ୍କରେ ସଞ୍ଚାର କରନ୍ତି । କପଟୀ କୁଶଳୀ କାମରୂପୀ ଯଦୁପତି କେତେବେଳେ କେଉଁ ରୂପ ଧରନ୍ତି । କାଚରା, ଶଙ୍ଖାରି, କୈବର୍ତ୍ତି, ମାଳୀ, କଳାଭୂତ, ଘାଟିଆଳ ପ୍ରଭୃତି ବେଶ ଧରି ବଂଶୀ ବଜାଇ ଗହଡ଼ଗୀତ ଗାଇ କାମିନୀମାନଙ୍କ ମନ ରଞ୍ଜାନ୍ତି । ଗୋପୀମାନଙ୍କ ସହ ଅତିରସାତ୍ମକ ଭାବଗମ୍ଭୀର ବାକ୍ୟରେ ଆଳାପ କରନ୍ତି । ରସିକ ନାୟକ ରସିକା ନାୟିକାମାନଙ୍କ ସହ ବକ୍ରୋକ୍ତିପୂର୍ଣ୍ଣ ବାଣୀ ଯେନା ଯେନ ସେମାନଙ୍କର ମନପ୍ରାଣକୁ ମୋହିତ କରନ୍ତି । (୭ମ ଛାନ୍ଦ) । କୃଷ୍ଣ ଗୋପୀମାନଙ୍କର ଉତ୍ତର ପ୍ରତ୍ୟୁତ୍ତର ଉଭୟଙ୍କୁ ଉଚ୍ଚାଟ କରୁଥିଲା ଓ ଆନନ୍ଦ ଦେଉଥିଲା ।

କହିବା, ଶୁଙ୍ଘିବା, ମୋହିବା, ହସିବା, ରସିବା, ତୋଷିବା, କଥାରେ ଓ ନାନାଭାବରେ ଛଳ ଅଳାପ କରୁଥିଲେ । କୃଷ୍ଣ କେଉଁ ଗୋପୀର ବେଣୀ, ତାହାର ସୁବାସ, ଶ୍ରୀଅଙ୍ଗ ଶୋଭା, ମୋତିହାର, ଜାନୁ, ବଦନଚନ୍ଦ୍ରମା ଦେଖି ଉପମା ଓ ବକ୍ରୋକ୍ତି ପ୍ରୟୋଗରେ ମଞ୍ଜୁଳ ମନୋହର ବାର୍ତ୍ତାଳାପ କରନ୍ତି । ତାହା ଦେହକୁ କନକଲତା, କାମ-ରଥ, କାମ ସରୋବର, କାମତରଙ୍ଗିଣୀ ସହିତ ତୁଳନା କରନ୍ତି । ଏପରି ନାନା ଭାବରେ ଗୋପୀମାନଙ୍କ ସହ ଆଳାପ କରି କଉତୁକରେ ଦାନ ହରନ୍ତି । (୮ମ ଛାନ୍ଦ) । ଶ୍ରୀକୃଷ୍ଣ ଯମୁନାରେ କାଳୀୟ ସର୍ପକୁ ବିନାଶ କରି ଗୋପକୁଳର ମନରୁ ଭୟ ଦୂର କଲେ ।

ଗୋପୀମାନେ ନିର୍ଭୟରେ ଯମୁନାରେ ଜଳକେଳି କଲେ । କୃଷ୍ଣ ହିଡିଆ ହୋଇଯାଉଥିବା ରାଧା ଓ ଗୋପୀମାନେ କୌତୁକରେ ବୋଲି ବୋଲି ହୋଇ ମଦନ-ଉନ୍ମତ୍ତ ହୁଅନ୍ତି ଏବଂ କୃଷ୍ଣଙ୍କଠାରେ ମନବଚନକର୍ତ୍ତବ୍ୟ ଭକ୍ତିଭାବରେ ଚିତ୍ତ ନିବେଶ କରନ୍ତି । (୯ମ ଛାନ୍ଦ) । କୁମୁଦନନ୍ଦିନୀ ରାଧା ସଖିଗଣଙ୍କୁ ଘେନି ରଙ୍ଗରେ ଗମନ କରି ଯମୁନା କୂଳରେ ଉପସ୍ଥିତ ହେଲେ । ଗୋପୀମାନେ ନିର୍ଭୟ ଚିତ୍ତରେ ଯମୁନାରେ ସ୍ନାନ କରି ଘରକୁ ଫେରିଲେ । (୧୦ମ ଛାନ୍ଦ) । ଶୀତ ଋତୁରେ ନାୟକ କୃଷ୍ଣ ଓ ନାୟିକା ଗୋପୀମାନଙ୍କର ବକ୍ରୋକ୍ତି ପୂର୍ଣ୍ଣ ଆଳାପ । (୧୧ଶ ଛାନ୍ଦ) ବସନ୍ତ ଋତୁରେ କମନୀୟ ଶୋଭାରେ ଗୋପୀମାନେ କାମ ଉନ୍ମତ୍ତ ହୋଇ ବୃନ୍ଦାବନର ମନୋରମ ବସନ୍ତ ଶୋଭା ଦେଖିବାକୁ ମନ କଲେ । କୁଟିଳ କେଶୀ, ଚଞ୍ଚଳବେଶୀ ଗୋପୀମାନେ ବିବିଧ ବେଶରେ ସଜ୍ଜିତ ହୋଇ ବନବିହାର କରିବାକୁ ଗଲେ । ବୃନ୍ଦାବନର ବସନ୍ତକାଳୀନ ଶୋଭା ଦେଖି ଗୋପୀମାନେ ବିବିଧ ବୃକ୍ଷ, ଲତା ଓ ପୁଷ୍ପକୁ ଦେଖି ବିରହୀ ପକ୍ଷରେ ଏମାନଙ୍କର କଠୋର ଆଚରଣର ବର୍ଣ୍ଣନା କରି କୌତୁକରେ ହାତଧରାଧରିହୋଇ କୌଶଳ-କୌତୁକପୂର୍ଣ୍ଣ ଅଳାପ କରି କରି ବନବିହାର କଲେ । (୧୨ଶ ଛାନ୍ଦ) ।

ବସନ୍ତ ଋତୁରେ ଗୋପୀମାନେ କୁସୁମବେଶ ହୋଇ ଶ୍ରୀକୃଷ୍ଣଙ୍କ ସହ ସୁଖରେ ବିହାର କଲେ । ଏହି ବିହାର ବେଳେ କୌତୁକରେ ରାଧାଙ୍କ ସହ

କୃଷ୍ଣଙ୍କର ପୁଷ୍ପମାଳା ବଦଳ ହୋଇ ବିବାହ ହୋଇଥିଲା । କୃଷ୍ଣ ଗୋପରେ ବିବିଧ ବେଶ ପରିଧାନ କରି କାମ ପ୍ରିୟତମା ଗୋପୀମାନଙ୍କ ସହିତ ବିହାର କଲେ । (୧୩ଶ ୧୪ଶ ଗ୍ରନ୍ଥ) । ଗ୍ରୀଷ୍ମ ଋତୁରେ ପ୍ରବଳ ଗ୍ରୀଷ୍ମରେ ବିକଳ ହୋଇ ଗୋପାଙ୍ଗନାମାନେ ଜଳକ୍ରୀଡ଼ା କରିବାକୁ ଯମୁନାକୁ ଗଲେ । ଶ୍ରୀକୃଷ୍ଣ ସେଠାରେ ଉପସ୍ଥିତ ହୋଇ ଗୋପୀମାନଙ୍କର ବସ୍ତ୍ରହରଣ କରିଥିଲେ ଏବଂ ପରେ ସେମାନଙ୍କ ନଗ୍ନରୂପ ଦର୍ଶନ କରି ବସ୍ତ୍ର ଫେରାଇ ଦେଇଥିଲେ ।(୧୫ଶ ଗ୍ରନ୍ଥ) । ବର୍ଷା ଋତୁରେ କୃଷ୍ଣ ଓ ଗୋପୀଙ୍କର କଳୋପଯୋଗୀ କାମ ଉଦ୍ଦୀପ୍ତ ଭାବ ଜାତ ହେଲା । ନାୟକ ଓ ନାୟିକା ପ୍ରେମ କ୍ରୀଡ଼ାକରି ସୁଖ ଅନୁଭବ କଲେ । (୧୬ଶ ଗ୍ରନ୍ଥ) ।

ଶରତଋତୁ ଉପସ୍ଥିତ ହୁଅନ୍ତେ କୃଷ୍ଣ ଓ ଗୋପୀମାନେ ଚନ୍ଦ୍ର ରଜନୀର ଶୋଭାଦେଖି ମନ୍ମଥପୀଡ଼ାରେ ବ୍ୟଥିତ ହୋଇ ରାସଲୀଳା କଲେ । କୃଷ୍ଣ ଓ ଗୋପୀମାନେ ସୁନ୍ଦର ବେଶ ଧାରଣ କଲେ । କୃଷ୍ଣ ବଂଶୀ ବଜାଇଲେ । ଗୋପୀମାନେ ବିବିଧ ଗୀତ ଓ ନୃତ୍ୟରେ ରାସସ୍ଥଳକୁ ରମଣୀୟ କଲେ ଏବଂ ରାସକ୍ରୀଡ଼ାରେ ମଜ୍ଜିଲେ । (୧୭ଶ, ୧୮ଶ, ୧୯ଶ ଗ୍ରନ୍ଥ) । କୃଷ୍ଣ ରାଧାଙ୍କ ସଙ୍ଗେ କୁଞ୍ଜରେ କେଳି କଲେ ଏବଂ କୃଷ୍ଣଙ୍କୁ ଏପରି ବଶ କରିପାରିଲେ ଯେ ତାଙ୍କ କାନ୍ଧରେ ବସି ଆନନ୍ଦ ଉପଭୋଗ କଲେ । (୨୦ଶ ଗ୍ରନ୍ଥ) । କୃଷ୍ଣଙ୍କୁ ଦକ୍ଷିଣ ନାୟକ ରୂପେ ପାଇ ତାଙ୍କୁ ଅନୁକୂଳ କରିଥିବାରୁ ରାଧା ନିଜକୁ ଧନ୍ୟ ଧନ୍ୟ କରି, ଅନ୍ୟ ଗୋପୀମାନେ ଏପରି ସୁଖ ଓ ପ୍ରେମ ପାଇ ନ ଥିବାରୁ ମନରେ ଗର୍ବକଲେ । ଶ୍ରୀକୃଷ୍ଣ ରାଧାଙ୍କର ଗର୍ବ ଜାଣିପାରି ତାହାଙ୍କୁ ଖର୍ବ କରିବା ପାଇଁ ଉପାୟ ଚିନ୍ତାକଲେ । ରାଧାଙ୍କୁ କାନ୍ଧରେ ଧରି ଘୋର ବନଭିତରେ ଏକୁଟିଆ କରି ଛାଡ଼ି ଆସିଲେ । ରାଧା ଭୀତ ହୋଇ କୃଷ୍ଣଙ୍କୁ ସ୍ମରଣା କରିବାରୁ ଗର୍ବଗଞ୍ଜନ କରିସାରି ଭକ୍ତବତ୍ସଳ ଶ୍ରୀକୃଷ୍ଣ ତାଙ୍କୁ ଦେଖାଦେଲେ । (୨୧ଶ ଓ ୨୨ଶ ଗ୍ରନ୍ଥ) । ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ବନରେ ପାଇ ଆନନ୍ଦରେ ସେମାନଙ୍କ ସହିତ ରତିକ୍ରୀଡ଼ା କରି ସେମାନଙ୍କ ମନ ମୋହିଲେ । (୨୩ଶ ଗ୍ରନ୍ଥ) । ନିଶି ଶେଷରେ କୃଷ୍ଣ ଓ ଗୋପୀମାନେ ସ୍ୱ ସ୍ୱ ଘରକୁ ପ୍ରତ୍ୟାଗମନ କଲେ । (୨୪ଶ ଗ୍ରନ୍ଥ) ।

କୃଷ୍ଣ ରାସ ସାରି ଗୋପରେ କିଛିଦିନ ରହିଲେ । କଂସର ମନରୁ ଭୟ ଦୂର ନ ହେବାରୁ କୃଷ୍ଣଙ୍କୁ କୌଶଳରେ ମାରିବା ପାଇଁ ଧନୁଯାତ୍ରାର ଆୟୋଜନ କରି କୃଷ୍ଣ ବଳରାମଙ୍କୁ ଆଣିବା ପାଇଁ ଅକ୍ରୂରଙ୍କୁ ଦୂତକରି ପଠାଇଲେ । କୃଷ୍ଣଙ୍କ ମଥୁରାଯାତ୍ରା ପ୍ରସ୍ତାବରେ ନନ୍ଦଯଶୋଦା ଓ ଗୋପୀମାନେ ଦୁଃଖରେ ବିଳାପ କଲେ । ପ୍ରୀତିଠାରେ ନିର୍ଦ୍ଦୟ ହେବାରୁ ଗୋପୀମାନେ ବିରସ ହେଲେ । (୨୫ଶ ଛାନ୍ଦ) । କୃଷ୍ଣ କଂସ ନଗର ଯିବା ଶୁଣି ସକଳ କଳାକରମୁଖୀ ଗୋପୀମାନେ କାତର ହେଲେ ଏବଂ କୃଷ୍ଣଙ୍କୁ ବାହୁନିଲେ । କୃଷ୍ଣ ସେମାନଙ୍କୁ ବୋଧକରି, କୂଟ କପଟ କରି ଅନ୍ତର ହେଲେ । ବାଟରେ ରଜକସ୍ତ୍ରୀର ମସ୍ତକ ଛେଦନ କରି ବସ୍ତ୍ରଗୁଡ଼ିକ ବିତରଣ କରିଦେଲେ । କୁବୁଜାକୁ ଉଦ୍ଧାର କଲେ ।

ରାମ ଓ କୃଷ୍ଣ ମଥୁରାରେ ପ୍ରବେଶ ହେଲେ । ଉପବନରେ ଗୋପ ସଖାମାନଙ୍କ ସହିତ ବିବିଧ ରଙ୍ଗରେ କୌତୁକ କରି କ୍ରୀଡ଼ା କଲେ । (୨୭ଶ ଛାନ୍ଦ) । ମଥୁରାଦାଣ୍ଡରେ ପ୍ରବେଶ ହେବାରୁ ମଥୁରାବାସୀଙ୍କ ମନ ଆନନ୍ଦ ହେଲା । ରାମକୃଷ୍ଣ ରଙ୍ଗସ୍ଥଳରେ ଉପସ୍ଥିତ କଂସଙ୍କ ଦ୍ୱାରା ନିଯୁକ୍ତ ମଲ୍ଲମାନଙ୍କ ସହିତ ଯୁଦ୍ଧକରି ସେମାନଙ୍କୁ ନିଧନ କଲେ । ଏହା ଦେଖି କଂସ କାତର ହେଲେ ଏବଂ ଭୟରେ ପ୍ରାଣ ହରାଇଲେ । କେଶବ କଂସର କେଶ ଧରି ତାକୁ ମହୀତଳେ କଚାଡ଼ିଦେଲେ । (୨୮ଶ ଛାନ୍ଦ) । ମାଈଙ୍କୁ ପ୍ରବୋଧକରି କୃଷ୍ଣ ଜନକ ଜନନୀ ବସୁଦେବ ଦେବକୀଙ୍କୁ ବନ୍ଦୀଶାଳାରୁ ମୁକ୍ତକଲେ । ନନ୍ଦ ଓ ଗୋପ ସଖାମାନଙ୍କୁ ପ୍ରବୋଧକରି ଅଳ୍ପ କେତେଦିନ ପରେ ପୁଣି ଗୋପକୁ ଫେରିଯିବେ ବୋଲି ସେମାନଙ୍କ ହାତେ ଯଶୋଦାଙ୍କଠାକୁ ସମ୍ବାଦଦେଇ ସେମାନଙ୍କୁ ଗୋପକୁ ଫେରାଇଦେଲେ । କିଛିଦିନ ପରେ କୃଷ୍ଣ, କୁବୁଜାର ଘରକୁ ଯାଇ ତାହା ସହିତ ବିହାରକଲେ । ଗୋପଲୀଳା ସ୍ମରଣକରି କୃଷ୍ଣ ମନରେ ଦୁଃଖ ପାଇଲେ । ଗୋପୀମାନଙ୍କ ପ୍ରେମଭାବକୁ ଚିନ୍ତାକରି ଅନୁଶୋଚନା କଲେ । (୩୦ଶ ଛାନ୍ଦ) । କିଶୋରୀରତନ ରାଧା ବିରହରେ ଅତିଶୟ କନ୍ଦର୍ପ ବାଧା ପାଇବାରୁ କୃଷ୍ଣପକ୍ଷପରି କ୍ଷୀଣହେଲେ । ନାଗରଶ୍ରେଷ୍ଠ କୃଷ୍ଣ ମଧ୍ୟ ବିରହରେ କାତର ହେଲେ । କାନ୍ତ କାନ୍ତା ପରସ୍ପର ଗୁଣ ଗୁଣି ବିଳାପ କଲେ । ଭକ୍ତଙ୍କ ବେଦନା ସହ୍ୟକରି ନ ପାରି ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଗୋପୀମାନଙ୍କଠାକୁ ଦୂତକରି ଗୋପ-

ସ୍ଵନକୁ ପଠାଇଲେ । ଭକ୍ତ ଗୋପୀମାନେ କୃଷ୍ଣଦୂତ ଉଦ୍ଧବଙ୍କୁ ଦେଖି ଆନନ୍ଦିତ ହେଲେ । (୨୨ଶ ଛାନ୍ଦ) ।

କୃଷ୍ଣଦୂତ ଉଦ୍ଧବଙ୍କୁ ପାଶରେ ବସାଇ କଦମ୍ବତଳରେ ଗୋପୀମାନେ କୃଷ୍ଣ ବଳରାମଙ୍କ କୁଶଳ ସମାଚାର ପଚାରିଲେ । ସେମାନେ କୁଶଳରେ ଥିବା ଉଦ୍ଧବ କହିସାରି କୃଷ୍ଣ ଗୋପୀମାନଙ୍କ ବିରହରେ ଦୁଃଖିତ ଥିବା ଜଣାଇଲେ । ଗୋପୀମାନେ ପ୍ରିୟଙ୍କ 'କଠୋର' ବ୍ୟବହାରରେ ଦୁଃଖ ପାଉଥିବା ଜଣାଇ ହୃଦୟର ବେଦନା ଭର୍ତ୍ସନା-ମୂଳକ ବାକ୍ୟରେ ପ୍ରକାଶ କଲେ । କୃଷ୍ଣଙ୍କୁ ଆଣି ଭେଟାଇବା ପାଇଁ ଗୋପୀମାନେ ଉଦ୍ଧବଙ୍କୁ ଅନୁରୋଧ କଲେ । (୩ ଶ ଛାନ୍ଦ) । ବିରହକାତର ଗୋପୀମାନଙ୍କୁ ଉଦ୍ଧବ ପ୍ରବୋଧ କରି କୃଷ୍ଣ ମହିମା ଗାନ କଲେ ଏବଂ କୃଷ୍ଣ କଦାପି ସେମାନଙ୍କୁ ବିସ୍ମରଣ କରିବେ ନାହିଁ ବୋଲି ବୁଝାଇଲେ । ଗୋପୀ ଓ ଉଦ୍ଧବଙ୍କ ମନୋରମ କୃଷ୍ଣସମ୍ପର୍କୀୟ ଉକ୍ତିପ୍ରତ୍ୟୁକ୍ତିର ଛବି ହୃଦୟରେ ଧାରଣ କରି ଉଦ୍ଧବ ମଥୁରାକୁ ଫେରିଲେ । (୩୩ଶ ଛାନ୍ଦ) । ଉଦ୍ଧବ କୃଷ୍ଣଙ୍କୁ ଗୋପୀମାନଙ୍କର ବିରହ ମହାବ୍ୟଥା ପ୍ରସଙ୍ଗ ବର୍ଣ୍ଣନାକରି କହିଲେ । ଗୋପୀମାନଙ୍କପ୍ରତି କୃଷ୍ଣଙ୍କ ଅକପଟ ପ୍ରେମ ଥିବା କୃଷ୍ଣ ଉଦ୍ଧବଙ୍କୁ ଜଣାଇଲେ ।

କରମାଳର ଜଳଣ ଯେମନ୍ତ, କେବେହେଁ ନଗ୍ରାସଇ ମେରୁ ପର୍ବତ ।<br>
କଣୋଥି ଗୋପୀଙ୍କଠାରେ ମୋ ମନ, କରିଛୁ ସେହିରୂପେ ଅବଧାନ । ୨୦ ।

କୃଷ୍ଣ ଉଦ୍ଧବ କଥୋପକଥନରେ ରାତି ପାହିଗଲା; ସେ ଯାହାର ନିତ୍ୟକର୍ମରେ ଲାଗିଲେ । (୩୪ଶ ଛାନ୍ଦ ) ।

ଗୋପଲୀଳା ପ୍ରସଙ୍ଗରେ କବି କହିଛନ୍ତି ବିଷ୍ଣୁ କୌତୁକରେ ଗୋପଲୀଳା କରିଥିଲେ । କମ୍ବୁକଟକ ବା ଶଙ୍ଖକ୍ଷେତ୍ର ବା ନୀଳାଚଳର ନାୟକ ଜଗନ୍ନାଥ "କଉତୁକ କଥାମାନଙ୍କରେ ରସିକ" ଥିବାରୁ "କଂସ ଅନ୍ତକ" ହୋଇ ମହୀଭାର ଉଣ୍ଡାସ କରିବାକୁ ଇଚ୍ଛାକଲେ । କପଟରେ ନନ୍ଦ ବ୍ରଜବାଳକ ରୂପେ

ଅବତୀର୍ଣ୍ଣ ହୋଇ କଂସାଦି ଦୁଃଷ୍ଟମାନଙ୍କୁ ମାରିବାକୁ ମନକଲେ । 'କଉତୁକ ରସିକ' 'ମତ୍ସ୍ୟାଦି ଅବତାର ଜନକ' ଜଗନ୍ନାଥ ନୀଳାଚଳରେ ଅନେକ ଲୀଳା କରିସାର ସ୍ୱ ଇଚ୍ଛାରେ କୃଷ୍ଣରୂପେ ଅବତୀର୍ଣ୍ଣ ହୋଇଥିଲେ ଏବଂ ଜଗତରେ ଲୀଳା ନନ୍ଦଙ୍କର ପୁତ୍ରରୂପେ ଲୀଳା କରିଥିଲେ । କୌତୁକରେ ସେ ପଶୁପାଳକ ମଧ୍ୟ ହୋଇଥିଲେ ।

କଂସାଦି ଦୁଃଷ୍ଟମାନଙ୍କର ନିଧନାର୍ଥ କୃଷ୍ଣ ଅବତାରର ମୂଳ ଉଦ୍ଦେଶ୍ୟ ହେଲେହେଁ ଗୋପ ବାଳକ ବାଳିକାମାନଙ୍କ ସହ କୃଷ୍ଣଙ୍କ ଲୀଳା ଅତି ମଧୁର ଓ କୌତୁକପୂର୍ଣ୍ଣ ଥିବାରୁ ଏହି ବିଷୟକୁ ଗ୍ରନ୍ଥରେ ଦୀନକୃଷ୍ଣ ଅପେକ୍ଷାକୃତ ଦୀର୍ଘ ସ୍ଥାନ ଦେଇଛନ୍ତି । କଂସାଦି ବଧ ଗୋପଲୀଳାର ଅଂଗ ହୋଇଥିଲେ ମଧ୍ୟ ଗୋପୀଙ୍କ ସହିତ ରାସକେଳି ଓ ଅନ୍ୟାନ୍ୟ ଲୀଳା କବିଙ୍କର ଗୋପୀପ୍ରେମଭକ୍ତ ହୃଦୟର ପରିଚୟ ଦେଉଛି । କବି ଗୋପୀପ୍ରେମର ଉତ୍କର୍ଷ ପ୍ରତିପାଦନ କରିଛନ୍ତି ।

କଂସର ଅତ୍ୟାଚାରରେ ମର୍ତ୍ତ୍ୟବାସୀ ଅସହ୍ୟ ହେବାରୁ ପୃଥିବୀ ଦେବୀଙ୍କ ପ୍ରାର୍ଥନା ମତେ ବ୍ରହ୍ମା ଜଗନ୍ନାଥଙ୍କୁ ଜଣାଇଲେ । ଜଗନ୍ନାଥ କରୁଣାକଟାକ୍ଷରେ ଅନାଇ ସେ ଯଦୁକୂଳରେ ଜାତହୋଇ କଂସକୁ ମାରିବେ ଏବଂ ଗୋପକେଳି କରିବାକୁ ତାଙ୍କର ମନଥିବା ଜଣାଇଲେ ।

କହୁ ନବଶ୍ୱର ତୁମ୍ଭେ ଯଦୁ କୁଳେ ଯାଇ ଆମ୍ଭେ
ଜାତହେବୁ କଂସ-ପ୍ରାଣ ଘେନିବା ପାଇଁ,
କରତୁମ୍ଭେ ଏବେ ଗମନ, କରିବାକୁ ଗୋପକେଳି ଆମ୍ଭର ମନ ।
(୨ୟ ଛାନ୍ଦ ।)

ଭଗବାନ କୃଷ୍ଣ ପ୍ରତାପୀ କଂସକୁ ମାରିବା ପାଇଁ ବାଳକାଳରୁ 'ବୀର ବେଶ' ଧାରଣ କରିଥିଲେ ।

କରେ ଶଙ୍ଖଚକ୍ରଧରି କଂସଠାରେ କ୍ରୋଧକରି
ବାଳକାଳୁ ବୀରବେଶ କଲେ ପ୍ରକାଶ । ୨ୟ ଛାନ୍ଦ ।

ଧନକୃଷ୍ଣ ପଞ୍ଚବିଂଶ ଛାନ୍ଦଠାରୁ କୃଷ୍ଣଙ୍କ ମଥୁରାଲୀଳା ବର୍ଣ୍ଣନା କରିଛନ୍ତି । କୃଷ୍ଣଙ୍କୁ ମାରିବା ପାଇଁ କଂସ ଗୋପକୁ ବହୁ ଅସୁରଙ୍କୁ ମାୟାରୂପରେ ପ୍ରେରଣ କରିଥିଲେ; କିନ୍ତୁ ସେମାନେ କୃଷ୍ଣଙ୍କଦ୍ୱାରା ନିହତ ହୋଇଥିଲେ । ଏହି ଉଦ୍ୟମରେ ବିଫଳ ହେବାରୁ କଂସ ଅଧୀନରାଜା ଓ ପଣ୍ଡିତମାନଙ୍କୁ ନିମନ୍ତ୍ରଣ କରି ଏକ ବ୍ରଜ ସଭା କଲେ । ସେଥିରେ ସେ ନିଜେ ପ୍ରସ୍ତାବ କଲେ ଯେ ଏକ ଧନୁଯାତ୍ରା କରାଇ କୃଷ୍ଣ, ବଳରାମଙ୍କୁ ନିମନ୍ତ୍ରଣ କରିବେ ଏବଂ ଏହା ସହିତ ଏକ ରଙ୍ଗସଭା ମଧ୍ୟ କରିବେ । ଧନୁଯାତ୍ରା ଦେଖି ରାମକୃଷ୍ଣ ଲୋଭ କରିବେ । କଂସ କପଟରେ ସ୍ଥିର କଲେ ଯେ, ଯୋଦ୍ଧାମାନେ ସଜ୍ଜ ହୋଇଥିବେ, କୁବଳୟା ହସ୍ତୀ ଉପରେ ମାହୁନ୍ତ ସିଂହଦ୍ୱାରରେ ଜଗିଥିବ, ମାଲମାନେ ମଧ୍ୟ ପ୍ରସ୍ତୁତ ଥିବେ । ଏମାନଙ୍କ କବଳରୁ ରାମକୃଷ୍ଣ ରକ୍ଷା ପାଇବା ସମ୍ଭବ ନୁହେଁ ଭାବି କଂସ ମନେ ମନେ ହସିଲେ ଏବଂ ଗର୍ବରେ ସ୍ୱ ବୁଦ୍ଧିକୁ ପ୍ରଶଂସାକରି ନିଜରେ ହାତ ବଜାଇଲେ ।

ଅକ୍ରୂରଙ୍କୁ ଦୂତ କରି କଂସ ଗୋପକୁ ପଠାଇଲେ । ରାମକୃଷ୍ଣ ମଥୁରା ଯିବାକୁ ସମ୍ମତ ହେଲେ । ଗୋପରେ ଗୋପକୁଳ ଆକୁଳହେଲେ । 'ପ୍ରୀତିଠାରେ ନିର୍ଦ୍ଦୟ' ହୋଇ କୃଷ୍ଣଙ୍କ ମଥୁରାପୁର ଯିବା ଶୁଣି ଗୋପୀମାନେ ଦୁଃଖରେ କାତର ହେଲେ । ଷଡ଼ବିଂଶ ଛାନ୍ଦରେ କବି ଗୋପୀମାନଙ୍କର ବିଳାପ ବର୍ଣ୍ଣନା କରି ଶେଷାଂଶରେ କୃଷ୍ଣଙ୍କ ଭବିଷ୍ୟତ କାର୍ଯ୍ୟକଳାପର ଏକ ସୂଚୀ ଦେଇଛନ୍ତି । କୃଷ୍ଣ କେତେ କୌତୁକ କରିବେ—ସ୍ୱକରରେ ରଜକବୀର ମସ୍ତକ ଛେଦନକରି ବସ୍ତ୍ର ଲୁଟ କରାଇ ଲୋକଙ୍କ ମନକୁ ତୋଷିବେ । କୁବ୍ଜାର କୁଜ ହରିବେ; କୁବଳୟାକୁ ହସ୍ତୀ ଓ ତାର ମାହୁନ୍ତକୁ ସଂହାର କରିବେ, ମାମୁ କଂସକୁ ମାରି ମାଈଁଙ୍କୁ ବୋଧ କରିବେ ଏବଂ ଜନକଜନନୀଙ୍କୁ ଦୁଃଖରୁ ତାରିବେ, ଅଜା ଉଗ୍ରସେନଙ୍କୁ ମଥୁରାରେ ରାଜା କରାଇବେ । କଂସ ନିଧନରେ ଦେବତାମାନେ ତୋଷ ହେବେ । କୃଷ୍ଣ କାଳଯବନକୁ ନିଧନକରି ଲୋକଙ୍କ ମନକୁ ଆନନ୍ଦ କରାଇବେ ।

କଂସ ନିଧନ କୃଷ୍ଣାବତାରର ମୁଖ୍ୟ ଲକ୍ଷ୍ୟଥିବାରୁ କଂସନିଧନ ପରେ ଦେବତାମାନେ କାର୍ଯ୍ୟସିଦ୍ଧି ଯୋଗୁଁ ଆନନ୍ଦ ଲାଭ କରିବା ସ୍ୱାଭାବିକ ।

ମଥୁରାଲୀଳା ପରେ କବି କୃଷ୍ଣଙ୍କର ଦ୍ୱାରକା ଲୀଳାର ସୂଚନା ଦେଇଛନ୍ତି । ସମୁଦ୍ର ଭିତରେ ଦ୍ୱାରକା ନାମରେ ସୁବର୍ଣ୍ଣପୁର ନିର୍ମାଣ କରିବେ, ରୁକ୍ମିଣୀଆଦି ରାଜକନ୍ୟାମାନଙ୍କୁ ବିବାହ କରିବେ, କୁରୁକୁଳକୁ ସଂହାରିବେ, ପାଣ୍ଡବମାନଙ୍କୁ କଷ୍ଟରୁ ତାରିବେ, ରାକ୍ଷସ କୁଳକୁ ଧ୍ୱଂସ କରିବେ ।

ମଥୁରା ଓ ଦ୍ୱାରକାଲୀଳା ଆଦି ସୂଚୀ ମାତ୍ର ତିନୋଟି ପଦରେ ଷଡ଼୍‌ବିଂଶ ଛାନ୍ଦରେ ବର୍ଣ୍ଣିତ ହୋଇଛି । ଗୋପୀ ଓ କୃଷ୍ଣଙ୍କ ବିରହ ବର୍ଣ୍ଣନା ମୁଖ୍ୟ ଉଦ୍ଦେଶ୍ୟ ଥିବାରୁ ମଥୁରା ଲୀଳା ମଧ୍ୟ ସଂକ୍ଷେପରେ ବର୍ଣ୍ଣିତ ହୋଇଛି । ଗୋପୀକୃଷ୍ଣଙ୍କ ଚରିତ ମୁଖ୍ୟ ବିଷୟ ବସ୍ତୁ ଥିବାରୁ ମଥୁରା ଓ ଦ୍ୱାରକା ଲୀଳା ସଂକ୍ଷିପ୍ତ ହୋଇଛି । ଗୋପ ଗୋପୀମାନଙ୍କର ଉପଦ୍ରବ କରିବା ପାଇଁ କଂସ ନିଧନର ଆବଶ୍ୟକତା ଥିବାରୁ କଂସନିଧନ ପ୍ରସଙ୍ଗ ଗୋପଲୀଳା ସହିତ ସଂପୃକ୍ତ । ବିଶେଷତଃ ଏଥିରେ କୃଷ୍ଣ ଓ ଗୋପୀମାନଙ୍କର ବିରହ ଉଜ୍ଜ୍ୱଳ ରୂପ ଧାରଣ କରିଥିବାରୁ କବି ମଥୁରାଲୀଳା ବର୍ଣ୍ଣନା ଭିତରେ ବିରହବର୍ଣ୍ଣନାକୁ ପ୍ରଧାନ ଅଂଶ ଦେଇଛନ୍ତି । ଗୋପୀମାନଙ୍କର ଅକ୍ରୂରଙ୍କଠାରୁ କୃଷ୍ଣଙ୍କ କୁଶଳ ସମାଚାର ଶ୍ରବଣ, କୃଷ୍ଣ ଉଦ୍ଧବଙ୍କୁ ଦୂତରୂପେ ଗୋପକୁ ପ୍ରେରଣ କରିବା ବର୍ଣ୍ଣନା କରି, କୃଷ୍ଣଙ୍କ ଆଗରେ ଉଦ୍ଧବଙ୍କ ମୁଖରେ ଗୋପୀମାନେ ବିରହରେ ଦଶଦଶା ଭୋଗ କରୁଥିବା ବର୍ଣ୍ଣନା କରି କବି ଗ୍ରନ୍ଥ ସମାପ୍ତ କରିଛନ୍ତି ।

କଂସନିଧନ କରିବା ଓ ଗୋପୀମାନଙ୍କ ସହିତ ପ୍ରେମଲୀଳା ପ୍ରକଟନ କରିବା କୃଷ୍ଣ ଅବତାରର ମୁଖ୍ୟ ଉଦ୍ଦେଶ୍ୟ ବୋଲି କବି ଗ୍ରନ୍ଥରେ ପ୍ରକାଶ କରିଥିବାରୁ ମଥୁରାଲୀଳାରେ ଏହି ବିଷୟ ସମ୍ପର୍କୀୟ ଅଂଶକୁ ବିଶେଷ ଭାବରେ ବର୍ଣ୍ଣନା କରିଛନ୍ତି ଏବଂ ଅନ୍ୟ ପ୍ରସଙ୍ଗ କେବଳ ଚରିତବୋଧ ନିମିତ୍ତ ଦେଇଛନ୍ତି ।

ରସକଲ୍ଲୋଳରେ କବି ନାୟକ ଓ ନାୟିକାଙ୍କର ବିରହଦୁଃଖର ଚିତ୍ରଦେଇ ଶେଷ କରିଥିବାରୁ ପାଠକର ମନରେ ଦୁଃଖର ରେଖାପାତ ହୋଇଯାଉଛି । ଶ୍ରୀକୃଷ୍ଣ ମଥୁରାକୁ ଗିବାପରେ ରାଜନୈତିକ ଓ ସ୍ୱକୁଟୁମ୍ବ ସମ୍ପର୍କୀୟ କାରଣବଶରୁ ଗୋପୀ ଫେରି ନଥିବାରୁ ଗୋପୀମାନଙ୍କ ସହ ତାଙ୍କର ପୁନର୍ବାର ମିଳନ ହୋଇନାହିଁ । ଏହି କାରଣରୁ କାବ୍ୟଟି ମିଳନାନ୍ତ ହୋଇ ନାହିଁ । କବି ବିଷୟବସ୍ତୁ ସଂଗ୍ରହରେ ମୁଖ୍ୟଭାବରେ ସଂସ୍କୃତ ଭାଗବତକୁ ଅନୁସରଣ କରିଥିବାରୁ କାବ୍ୟକୁ ମିଳନାନ୍ତ କରିପାରିଲେ ନାହିଁ । ବୈଷ୍ଣବଚରିତ ଓ କୃଷ୍ଣ-ଗୋପୀପଦଧ୍ୟାୟୀ ଭକ୍ତ କବିଙ୍କ ପକ୍ଷରେ କୃଷ୍ଣକଥାରେ ମିଳନାନନ୍ଦ ଯେତିକି କାମ୍ୟ ବିରହ-ଦୁଃଖ ମଧ୍ୟ ସେତିକି କାମ୍ୟ; ଗୋପୀପ୍ରୀତି ଗୋପୀଭକ୍ତିହିଁ ମୁଖ୍ୟ ବିଷୟବସ୍ତୁ ।

## ଗୋପ ଓ ମଥୁରାରେ ବାଲ୍ୟ, ପୌଗଣ୍ଡ, କୈଶୋର ଲୀଳା—

ଦୀନକୃଷ୍ଣଙ୍କ ରସକଲ୍ଲୋଳରେ ଶ୍ରୀକୃଷ୍ଣଙ୍କ ବାଲ୍ୟ, ପୌଗଣ୍ଡ ଓ କୈଶୋର ଅବସ୍ଥାର ବର୍ଣ୍ଣନା ଅଛି । କଂସବଧ କୈଶୋର ଅବସ୍ଥାର ଘଟଣା । ସୁକୁମାର ବାଳକମାନଙ୍କ ସହିତ ମଲ୍ଲମାନଙ୍କୁ ଲଢାଇ କରିବା ପାଇଁ ବ୍ୟବସ୍ଥା କରିଥିବାରୁ କଂସ ରାଜାଙ୍କ ସଭାସଦ୍‌ବର୍ଗ ଅଧର୍ମ ଆଚରଣ କରୁଛନ୍ତି ବୋଲି ରଙ୍ଗସ୍ଥଳରେ ଉପସ୍ଥିତ ନାଗରିକ କୁହାକୁହି ହେଲେ ।

କ୍ୱ ବଜ୍ରସାରସର୍ବାଙ୍ଗୌ ମଲ୍ଲୌ ଶୈଳେନ୍ଦ୍ର ସନ୍ନିଭୌ
କ୍ୱ ଚାତିସୁକୁମାରାଙ୍ଗୌ କିଶୋରୌ ନାପ୍ତଯୌବନୌ ।

୧୦ସ୍କ । ୪୪ଅଃ ୮ମ ଶ୍ଳୋକ ।

ପର୍ବତ ସଦୃଶ ବଜ୍ରତୁଲ୍ୟ କଠିନ ଶରୀର ଏ ମଲ୍ଲମାନେ । ଏମାନେ (ରାମକୃଷ୍ଣ) ପୁଣି ଯୁବା ନୁହନ୍ତି । କିଶୋର, ବାଳକ ପୁଣି ଅତି ସୁକୁମାର । ୧୦ମ ସ୍କନ୍ଧର ୪୫ଅଧ୍ୟାୟରେ ଏହି କିଶୋର ଅବସ୍ଥାର ପୁନରୁଲ୍ଲେଖ ହୋଇଛି ।

ନାସ୍ମତ୍ତୋ ଯୁବୟୋସ୍ତାତ ନିତ୍ୟୋତ୍‌କଣ୍ଠିତୟୋରପି,
ବାଲ୍ୟ ପୌଗଣ୍ଡ କୈଶୋରାଃ ପୁତ୍ରାଭ୍ୟାଂ ଭବନ କ୍ୱଚିତ । ୩ ।

ଶ୍ରୀକୃଷ୍ଣ ପିତାମାତାଙ୍କୁ କହୁଛନ୍ତି—ସତ୍ୟ ଆମ୍ଭମାନଙ୍କ ଜନମରେ ତୁମ୍ଭେ ବେଦଜନଙ୍କର ଉତ୍କଣ୍ଠା ଜାତ ହେଉଛି । ବାଲ୍ୟ, ପୌଗଣ୍ଡ ଓ କୈଶୋର ଅବସ୍ଥା ଆମ୍ଭର ଗଲାଣି । ସେ କାଳର ଲୀଳା ତୁମ୍ଭେ ଦେଖି ପାରିଲ ନାହିଁ ।

ଗୋପରେ ବାଲ, ପୌଗଣ୍ଡ ଓ କିଶୋର ଅବସ୍ଥାର ଲୀଳା ଓ ମଥୁରାରେ କୈଶୋର ଲୀଳା ବର୍ଣ୍ଣିତ ହୋଇଛି । ଗୋପର ରସଲୀଳା କୈଶୋର ଅବସ୍ଥାର ଲୀଳା । କବି ଭାଗବତଙ୍କୁ ଏ ବିଷୟରେ ଅନୁସରଣ କରିଥିବା ସ୍ପଷ୍ଟ ।

ସ୍ୱୟଂ ପରଂବ୍ରହ୍ମ ସକଳ ରସାଶ୍ରୟ କୃଷ୍ଣ ସ୍ୱ ମାୟା ବଳରେ ମାନବ-ଜନ୍ମ ଧାରଣ କରି ବାଲ୍ୟ ପୌଗଣ୍ଡାଦି ଅବସ୍ଥା ଭୋଗ କରିଥିଲେ ମଧ୍ୟ ତାଙ୍କର ସ୍ୱଲୀଳାରେ ପ୍ରତ୍ୟେକ ଅବସ୍ଥାରେ ବାତ୍ସଲ୍ୟ, କରୁଣ, ଶୃଙ୍ଗାର, ହାସ୍ୟାଦି ରସ ପ୍ରସ୍ଫୁଟିତ ହୋଇଅଛି । ଦୀନକୃଷ୍ଣ ଭାଗବତକାରଙ୍କୁ ଅନୁସରଣ କରି ଯଥାସ୍ଥାନରେ ଯଥୋଚିତ ରସ ସୃଷ୍ଟି କରି ଅମର ପଦାବଳୀ ରଚନା କରିଛନ୍ତି ।

ଚରିତ୍ର ଚିତ୍ରଣ—ରସକଲ୍ଲୋଳର ଚରିତ ଚିତ୍ରଣରେ କୃଷ୍ଣ, ରାଧା ଓ ଗୋପୀମାନଙ୍କର ଚରିତ ହିଁ ପ୍ରଧାନ ।

(୧) କୃଷ୍ଣ—କୃଷ୍ଣଙ୍କ ଚରିତ ଚିତ୍ରଣରେ କବି ବହୁ ଉକ୍ତି ଓ ଆଖ୍ୟାନର ଅବତାରଣା କରିଛନ୍ତି । କଂସାସୁର ନିଧନ ପାଇଁ ଅବତାରୀ ଜଗନ୍ନାଥ ମର୍ତ୍ତ୍ୟରେ ଯଦୁକୁଳରେ ଜନ୍ମଗ୍ରହଣ କଲେ ଏବଂ କୌତୂହଳରେ ଗୋପରେ ଗୋପୀମାନଙ୍କ ସହିତ ଲୀଳା କରିବା ପାଇଁ କପଟରେ ନନ୍ଦ ସୁତରୂପେ ପରିଚିତ ହେଲେ । ଭଗବାନ ସ୍ୱଇଚ୍ଛା ବଳରୁ ମର୍ତ୍ତ୍ୟରେ ମାନବ ଦେହ ଧାରଣ କରିଥିଲେ ।

ବାଳକୃଷ୍ଣଙ୍କୁ ଭଗବାନ ରୂପରେ ଭକ୍ତମାନେ ପୂଜା କରିଥିଲେ । କାତ୍ୟାୟିନୀ ପ୍ରଭୃତିଙ୍କ ପୂଜା ଏହାର ପ୍ରମାଣ । ପୂତନା ଓ ଅନେକ ଅସୁରଙ୍କୁ

ବାଲ କୃଷ୍ଣ ଅକ୍ଲେଶରେ ନିଧନ କରିବାରୁ ତାଙ୍କର ମହିମା ବାଲ୍ୟକାଳରୁ ପ୍ରକାଶ ପାଇଥିଲା ।

କୃଷ୍ଣ ନାମ ସବୁଆଡେ ବାଜିଗଲା,
କେତେ ଭକ୍ତରେ କେ କେତେ ପୂଜା କଲା । ୪ର୍ଥ ଛାନ୍ଦ ।

ବାଲମୁକୁନ୍ଦ ଶିଶୁ ବୟସରୁ ଗୋପୀମାନଙ୍କ ସଙ୍ଗେ ଥଟ୍ଟା ପରିହାସ କରି ସେମାନଙ୍କୁ ଆନନ୍ଦ ଦେଉଥିଲେ ଏବଂ ଗୋପୀମାନେ ତାଙ୍କର କମନୀୟ ରୂପ ଓ ବାକ୍ୟପଟୁତାରେ ମୁଗ୍ଧ ହୋଇଯାଉଥିଲେ । ସେମାନେ କାମବିକାରରେ ମଧ୍ୟ ଧାରି ହେଉଥିବା କଥା ବ୍ୟକ୍ତକରିଛନ୍ତି । ଜଣେ ଗୋପୀ ସଖୀକୁ କହୁଛି—

କଟାକ୍ଷ ଭଙ୍ଗୀ କଲେ କି କହି,
କାମଶର ମୋ ଅଙ୍ଗେ ଗଲା ପୂରି । ୫ମ ଛାନ୍ଦ ।

ଏହି କାମ-ଭଙ୍ଗୀ ଯେ ଯୁବାବୟସ ବେଳକୁ ଗୋପୀଙ୍କର 'ପତିବ୍ରତା ବ୍ରତ' ଲୋପ କରିବ ତାହା ଗୋପୀ ଆଶଙ୍କା କରିଥିଲା ।

କରିଥାଏ ସେହି ଦିନୁଁ ବିଚାର,
କରିବେ ଏ ଯୁବା ବୟସେ ଅସାର । X X
କପଟେ ହୋଇଛୁ ମାନବ ରୂପ,
କରିବ ପତିବ୍ରତା ବ୍ରତ ଲୋପ । ୫ମ ଛାନ୍ଦ ।

ପ୍ରକୃତରେ ଏହି ଅବସ୍ଥାହିଁ ଘଟିଥିଲା । କୃଷ୍ଣଙ୍କ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଗୋପ ମାନେ କୃଷ୍ଣଙ୍କ ଅପୂର୍ବ କମନୀୟ କାନ୍ତିରେ ବିମୋହିତ ହୋଇ ତାଙ୍କୁ କେହିବା ମନେ ମନେ ପତିରୂପେ ବରଣ କଲେ, କେହିବା ବାହୁଯୁଗଳକୁ ଫୁଲମାଳ କରି ମାନସିକରେ ବରଣ କଲେ, କେହିବା ମନ, ବଚନ କର୍ମ୍ମରେ ଲୀନହୋଇ କୃଷ୍ଣଙ୍କଠାରେ ଶରଣ ପଶିଲେ ।

ଏହାହିଁ ଏକାନ୍ତ ଶରଣାଗତ ଭକ୍ତର ଭକ୍ତିନିଷ୍ଠା; ଗୋପୀମାନଙ୍କଠାରେ କେବଳ ଏହା ସମ୍ଭବ ହୋଇ ପୂର୍ଣ୍ଣତାପ୍ରାପ୍ତ ହୋଇଛି ଏବଂ ଆଦର୍ଶ ଭକ୍ତି ରୂପେ ଭକ୍ତମାନଙ୍କ ଦ୍ୱାରା ବିବେଚିତ ହେଉଛି ।

କହି କେ ପାରିବ ସେକାଳ ଉତ୍ସବ     ଯେତେ ହାବ ଭାବ ବିଭବ ।
କଟାକ୍ଷ କଟାକ୍ଷ ଭେଟରେ ପ୍ରତ୍ୟକ୍ଷ     ହେଉଛି ଯହିଁ ମନୋଭବ ।
କେଉଁ ଗୋପିକା, କୁଚ ଶ୍ରୀଫଳ ଯେନ କରି,
କଲା ନିମନ୍ତ୍ରଣ ଆଜଁ ମୋର ପ୍ରାଣ-ନାଥ ତୁମ୍ଭେ ହେ ବେଣୁଧାରୀ । ୩୧ ।

କେ ବାହୁ ଯୁଗଳ କରି ଫୁଲମାଳ     ମାନସିକେ କଲା ବରଣ ।
କେ ମନ ବଚନ କର୍ତ୍ତବ୍ୟରେ ଲୀନ     କରି କୃଷ୍ଣେ ହେଲା ଶରଣ ।
କେତେ କହିବି, କାମିନୀମାନେ ଏହି ରୂପେ,
କଲେ ସ୍ୱୟମ୍ବର ହରିତ ଅମ୍ବର ଅନଙ୍ଗ ଦେଇ ଫୁଲ ଗୁପେ । ୩୨ । ଷଷ୍ଠ ସ୍କନ୍ଧ ।

ଦୁଷ୍ଟନାଶନ ଭଗବାନ କଂସାସୁର ଓ ତାର ଅନୁଚର ଅସୁରମାନଙ୍କୁ ବଧ କରି ମହୀଭାର ହ୍ରାସ କରିବା ତାଙ୍କର ସ୍ୱକାର୍ଯ୍ୟର ରୂପ ପ୍ରକାଶ କରିଛନ୍ତି । ଭକ୍ତମାନଙ୍କୁ ଏହି ଦୁଷ୍ଟମାନଙ୍କର ଅତ୍ୟାଚାରରୁ ରକ୍ଷାକରି ଦୁଷ୍ଟ ନିବାରକ ଓ ସନ୍ଥପାଳକ ରୂପେ ପରିଚିତ ହୋଇଛନ୍ତି । ଗୋବର୍ଦ୍ଧନ ଗିରି ଧାରଣ କରି ଭଗବାନ ଅସୀମ ଶକ୍ତିର ଅଧିକାରୀ ଥିବା ପ୍ରମାଣିତ କରି ଗର୍ବୀର ଗର୍ବଗଞ୍ଜନ କରିଛନ୍ତି; ଇନ୍ଦ୍ର, ବ୍ରହ୍ମାଦିଙ୍କ ଦର୍ପଗଞ୍ଜନ ଏହାର ଉଦାହରଣ ।

ଅମିତ ବଳଶାଳୀ ଭଗବାନ ଅସୁରମାନଙ୍କୁ ନିଧନ କରିବା ସଙ୍ଗେ ସଙ୍ଗେ ସଖାପ୍ରିୟ ମଧ୍ୟ ଥିଲେ । ଗୋପବାଳକମାନଙ୍କ ସଙ୍ଗେ ଅକୃତ୍ରିମ ଭାବରେ ଖେଳାଖେଳି କରି ସେମାନଙ୍କ ଉଦ୍ଧାରର କାରଣ ହୋଇଛନ୍ତି ।

ସଖାପ୍ରିୟ ଭଗବାନ ପୁଣି ଏକାନ୍ତ ଶରଣାଗତ ଭକ୍ତର କାୟ-ମନକୁ ହରଣ କରି ସେମାନଙ୍କର ଶରଣର ଆଶ୍ରୟସ୍ଥଳ ହୋଇଛନ୍ତି ।

ଗୋପୀମାନେ କୃଷ୍ଣଙ୍କ ଅପୂର୍ବ ରୂପଲାବଣ୍ୟରେ ମୋହିତ ହୋଇ ତାଙ୍କଠାରେ ଏକାନ୍ତ ଭାବରେ ଶରଣାପନ୍ନ ହୋଇଛନ୍ତି । ଏଥିରେ ବାହ୍ୟାଡମ୍ବର ବିଗ୍ରହ କରି ନାହାନ୍ତି । କେବଳ ଭଗବାନଙ୍କ ପକ୍ଷରେହିଁ ଏହା ସମ୍ଭବ ଥିବାରୁ ଭକ୍ତମାନେ ଭକ୍ତଧନ ଭଗବାନଙ୍କର ଲୀଳା କୀର୍ତ୍ତନ କରି ନିଜକୁ ଧନ୍ୟ ମନେ କରୁଛନ୍ତି । ଭଗବାନଙ୍କ ଲୀଳାରେ ନୀତି ଅନୀତିର ବିଗ୍ରହ ସର୍ବଥା ପ୍ରଯୁଜ୍ୟ ନୁହେଁ । ଏହାହିଁ ଏଥିରୁ ସୂଚିତ ହେଉଛି । କିନ୍ତୁ ଏ ବିଗ୍ରହ ସାଧାରଣ ମନୁଷ୍ୟ ପକ୍ଷରେ ପ୍ରଯୁଜ୍ୟ ହୋଇ ନପାରେ ।

କୃଷ୍ଣଗତପ୍ରାଣା ଗୋପୀମାନଙ୍କୁ କୃଷ୍ଣ ନାନା ଭାବରେ ସନ୍ତୋଷ ଦାନ କରିଛନ୍ତି । ପ୍ରେମିକ ପ୍ରେମିକା ରୂପରେ ପ୍ରେମଲୀଳାର ବିବିଧ ଦଶା ଉଭୟ ପକ୍ଷ ଭୋଗ କରିଛନ୍ତି । ଆଶା ନିରାଶାର ପ୍ରତିଚ୍ଛବି ମଧ୍ୟ ଏଥିରେ ପ୍ରତିଫଳିତ ହୋଇଛି ।

ଶ୍ରୀକୃଷ୍ଣ ଗୋପୀମାନଙ୍କ ସଙ୍ଗେ ବିବିଧ କାମକେଳି କରିବା ଅଭିଳାଷରେ ଦୂତୀମାନଙ୍କର ସାହାଯ୍ୟ ମଧ୍ୟ ନେଇଥିଲେ । ଧୋବଣୀ, ନର୍ତ୍ତକୀ ମାଳୁଣୀ ପ୍ରଭୃତିଙ୍କୁ ଏହି ଦୂତୀ କାର୍ଯ୍ୟରେ ନିଯୁକ୍ତ କରିଥିଲେ । ପୁଣି କପଟୀ, କୁଶଳୀ କାମରୂପୀ ଯଦୁପତି, କେତେବେଳେ କେଉଁ କପଟ ରୂପ ଧାରଣ କରି ଗୋପୀମାନଙ୍କ ସଙ୍ଗେ କ୍ରୀଡ଼ା କରନ୍ତି । କାଚରା, ସଙ୍ଖାରୀ, କଇବର୍ତ୍ତି, ମାଳୀ, କଳାଭୂତ, ଘାଟୀଆଳ ପ୍ରଭୃତି କପଟରୂପ ଧାରଣ କରିଥିଲେ (ଚମ୍ପୁଗ୍ରନ୍ଥ) । ଏହିସବୁ ମାୟା-ବେଶର ଚରିତ ଦୀନକୃଷ୍ଣ ନାବକେଳି ଓ ଭୂତକେଳି ପ୍ରଭୃତି କବିତାରେ ଏବଂ ରସବିନୋଦାଦି ଗ୍ରନ୍ଥରେ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ।

ଶ୍ରୀକୃଷ୍ଣ ଗୋପୀମାନଙ୍କ ବିବିଧ ଲୀଳା କାୟମନୋବାକ୍ୟରେ ମଧୁର ହୋଇଥିଲା । କୃଷ୍ଣ ଓ ଗୋପୀ ଉଭୟେ ବିବିଧ ଭଙ୍ଗୀରେ ପରସ୍ପର ମନହରଣ କରୁଥିଲେ । 'ଅନୁଭବ ବିନା' ଏହା ଜାଣିବା ସମ୍ଭବ ନଥିବା କଥା ବ୍ୟକ୍ତ କରିଛନ୍ତି । କହିବା, ଚୁମ୍ବିବା, ମୋହିବା, ହସିବା, ଭାସିବା, ତୋଷିବା ପ୍ରଭୃତିରେ ଉଭୟେ ଉଭୟଙ୍କୁ ସନ୍ତୋଷଦାନ କରୁଥିଲେ ।

'ଦକ୍ଷିଣ ନାୟକ' ଓ 'ଶଠ ନାୟକ' ରୂପରେ କୈବଲ୍ୟ ଦାୟକ କୃଷ୍ଣ ଗୋପୀ ମାନଙ୍କ ସହ ଲୀଳା କରୁଥିଲେ ।

କାଳୀୟଦମନ କରି ଗୋପୀକୁଳଙ୍କୁ ମହାବିପଦରୁ ଉଦ୍ଧାର କରି ଶ୍ରୀକୃଷ୍ଣ ସ୍ୱଦେଶ ପ୍ରେମର ଅନ୍ୟ ଏକ ଉଦାହରଣ ଦେବା ସଙ୍ଗେ ସଙ୍ଗେ ଦୁଷ୍ଟନାଶନ ଦ୍ୱାରା ମହାତ୍ମାର ଉଲ୍ଲାସ କରିଥିଲେ ଏବଂ ଏକାନ୍ତ ଶରଣାଗତମାନଙ୍କ ପ୍ରତି ଅପାର କରୁଣା ପ୍ରଦର୍ଶନ କରିଥିଲେ ।

(୨) ଗୋପୀ—କଳାକର ମୁଖୀ ଗୋପୀମାନେ କର୍ଣ୍ଣରେ 'ନନ୍ଦସୁତ ହେଲା' ଶୁଣି ଧାଇଁଲେ । କୋଟିନିଧି ପାଇଲା ପରି ଗୋପୀମାନେ ଅସମ୍ଭାଳ ହୋଇ ଧାଇଁଲେ । ଗୃହକର୍ମରତା, ପ୍ରସାଧନରତା, କାନ୍ତକୋଡ଼ଶାୟିତା ରମଣୀମାନେ, କେହିବା ବିଭ୍ରମ ଚିତ୍ତରେ ବିପରୀତ କର୍ମମାନ କରି, କେହି ବା କର୍ମ ତ୍ୟାଗ କରି କେ କେତେ ରୂପେ ଧାଇଁଲେ । ଏଥିରୁ ଗୋପୀମାନଙ୍କ କୃଷ୍ଣଦର୍ଶନ ଲାଳସାର ପ୍ରଗାଢ଼ତା ପ୍ରକାଶ ପାଉଛି । ସମାଜରେ ମଧ୍ୟ ଏଭଳି ମନୋଭାବ 'ପୁତ୍ର ଜନ୍ମ' ସମୟରେ ଦେଖାଯାଏ, ବିଶେଷତଃ ନାରୀମାନେ ଏଥିରେ ଅଧିକ ଆନନ୍ଦିତ, ହୁଅନ୍ତି । ଏଠାରେ କୃଷ୍ଣଙ୍କ ପ୍ରଥମ ଦର୍ଶନ ନିମନ୍ତେ ଭକ୍ତ ସେବକ ଗୋପୀମାନଙ୍କର ଆଗ୍ରହ ଓ ଉଦ୍‌ଗ୍ରୀବତା ସୂଚିତ ହୋଇଛି ।

ପ୍ରଥମ ଦର୍ଶନରେ ଗୋପୀମାନେ କୃଷ୍ଣଙ୍କ ବିମୋହନ ରୂପରେ ମୋହିତ ହୋଇଯାଇଛନ୍ତି । ସଦ୍ୟଜାତ ଶିଶୁ ଦର୍ଶନରେ କାମପୀଡ଼ାର ସ୍ଥାନ ଅପ୍ରାସଙ୍ଗିକ ଓ ଅସମ୍ଭବ । ଭକ୍ତ କବି ଗୋପ-କୃଷ୍ଣ-ପ୍ରେମ ଭାବରେ ତନ୍ମୟ ହୋଇ ଗୋପୀ ଓ କୃଷ୍ଣଙ୍କର ଭବିଷ୍ୟତ ପ୍ରେମ କାହାଣୀର ଅଙ୍କୁରରୋପଣରେ ଏହିପରି ସୂଚନା ଦେଇଛନ୍ତି—

କେହୁ ବୋଲଇ କିଶୋର ହୋଇଲେ, କେଉଁ ସ୍ତ୍ରୀ ସ ନ ମୋହିବ ଚାହିଁଲେ ।
କୁଳ ଯୁବତୀଙ୍କ କୁଳ ବୁଡ଼ିବ, ଏମେ ପତିବ୍ରତା ବ୍ରତ ଗ୍ରନ୍ଥିବ । ଜାୟୁ ନନ୍ଦ ।

ଶ୍ରୀକୃଷ୍ଣଙ୍କ କୈଶୋରାବସ୍ଥାରେ ଗୋପୀମାନଙ୍କ ସହ ପ୍ରେମଲୀଳାରେ ଗୋପୀମାନେ 'କୁଳଛଡ଼ା' ହୋଇଥିବା ସ୍ୱୀକାର କରିଛନ୍ତି ଏବଂ ମନ କଷ୍ଟରେ ଉଦ୍ଧବଙ୍କ ହାତରେ କୃଷ୍ଣଙ୍କୁ ସନ୍ଦେଶ ଦେଇଛନ୍ତି—

କୃଷ୍ଣ ନଜାଣନ୍ତି କେଉଁ ନୀତି, କଲେ ଆମ୍ଭଠାରେ ତ ଅନୀତି,
କୁଳରେ ଛଡ଼ାଇ ଦୁଃଖରେ ପଡ଼ାଇ ଏଥି ପାଇଲେ କେଉଁ କୀରତି ହେ ।
୩୨ଶ ଛାନ୍ଦ ।

ଗୋପୀମାନେ ପ୍ରେମିକା ଓ କୃଷ୍ଣଙ୍କ ପ୍ରାଣଧନ ହେଲେ ମଧ୍ୟ କୃଷ୍ଣଙ୍କୁ ପ୍ରଭୁ ଓ ନିଜକୁ ସେବିକା ରୂପରେ ମଣିଛନ୍ତି ।

କାଖେ କୋଳେ ଧରି ନାନା ସେବା କରି
ତାହାଙ୍କର ଆମ୍ଭେ ପରସ୍ପରି, ହେ ଉଦ୍ଧବ । ୩୨ଶ ଛାନ୍ଦ ।

ସେବକ-ସେବ୍ୟ ସମ୍ବନ୍ଧରେ କୃତ୍ରିମତାର ସ୍ଥାନ ନାହିଁ, ଏହା କବି ସ୍ପଷ୍ଟ ଭାବରେ ଦର୍ଶାଇଛନ୍ତି । କୌତୁକପ୍ରିୟ ଭଗବାନ ଶ୍ରୀକୃଷ୍ଣ ଗୋପୀମାନଙ୍କ ସହ ଲୀଳାରେ ଗୋପୀମାନଙ୍କର ନିର୍ମଳ ଐକାନ୍ତିକ ସେବାଭାବକୁ କଣ୍ଠହାର ସ୍ୱରୂପ ଗ୍ରହଣ କରିଛନ୍ତି ଏବଂ ଭଗବାନଙ୍କ ଲୀଳାରେ ଏହାର ସ୍ଥାନ ଅତି ଉଚ୍ଚ ଓ ସର୍ବୋତ୍କୃଷ୍ଟ ଥିବା ପ୍ରକାଶ କରିଛନ୍ତି ।

କପଟ ଦାସୀଙ୍କି କୃପା ନ କରି
କୁସୁମ ମାର୍ଗଣ ଠାରେ ଆତ୍ମପ୍ରାଣ ଦେଇ ରହିଲେ ମଥିରାପୁରୀ, ହେ ଉଦ୍ଧବ ।
୩୨ଶ ଅଃ ।

କୁଳଶୀଳ ବ୍ୟବହାର ତ୍ୟାଗ କରି, ଦେହଦାନ କରି, ସେମାନଙ୍କର କୃଷ୍ଣଙ୍କ ପ୍ରତି ଐକାନ୍ତିକ ଭକ୍ତି ପ୍ରଦର୍ଶନ କରିଥିବା ଗୋପୀମାନେ ମଧ୍ୟ କୃଷ୍ଣଙ୍କୁ ସାଧାରଣ ମାନବ ଭାବରେ ବିବେଚନା କରି ପ୍ରେମିକ-ପ୍ରେମିକାର ହାବଭାବ ପ୍ରକାଶ କରିଛନ୍ତି । କୃଷ୍ଣଙ୍କୁ ସେମାନେ ଏକାନ୍ତ ଭାବରେ ନିଜର ବୋଲି ଧାରଣା କରିଥିବାରୁ ତାଙ୍କ ସହିତ ବିଭିନ୍ନ ଆଚରଣରେ ମାନବସୁଲଭ ମାନସିକ

ହର୍ଷ ବିଷାଦାଦି ଗୁଣ ପ୍ରକାଶ ପାଇଛି । ସେମାନେ କୃଷ୍ଣଙ୍କ ସହିତ ଲୀଳା କରି ଯେପରି ଅପାର ଆନନ୍ଦାନୁଭବ କରିଛନ୍ତି ସେହିପରି ବିରହରେ ଦୁଃସହ ଯନ୍ତ୍ରଣା ଭୋଗ କରିଛନ୍ତି । ବିରହ ଅବସ୍ଥାରେ ସେମାନଙ୍କର ଅତ୍ୟଧିକ-ସ୍ନେହଜାତ କ୍ରୋଧ ଓ ଈର୍ଷା ମଧ୍ୟ ପ୍ରକାଶ ପାଇଛି ।

ଈର୍ଷାରେ ଜର୍ଜରିତ ହୋଇ କେଉଁ ଗୋପୀ ଉଦ୍ଧବଙ୍କ ଆଗରେ ପ୍ରକାଶ କରୁଛି—

କୁଜ କରରେ ଖଞ୍ଜିଲି ଧନୁ, କର୍ମି ଚିମ୍ପିଲି କି ଆମ୍ଭ ତନୁ,
କୁଟିଳ ବଚନ ପ୍ରାପ୍ତ ସେ ମୋହନ, ଏତେବେଳେ ଯାଉନାହିଁ ମନୁ,
ହେ ଉଦ୍ଧବ ।

ଦୀନକୃଷ୍ଣ ଦାସ ଗୋପୀମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ଶାସ୍ତ୍ରବେତ୍ତା କରିଛନ୍ତି ଏବଂ ବାଣ୍ଡା ପ୍ରେରଣରେ ଅସାଧାରଣ ଜଗତ-ଜ୍ଞାନ ପ୍ରଦର୍ଶନ କରିଛନ୍ତି । ଉଦ୍ଧବଙ୍କୁ କେହି ଗୋପୀ କହୁଛି—

କୃଷ୍ଣେ ଅଛୁ ତୁମ୍ଭର ଭକତି, କେଉଁ ପ୍ରକାର ନଜାଣି ମତି,
କଲେ ଧର୍ମକର୍ମ ଲଭି ସ୍ୱର୍ଗସମ ଶ୍ରୁତି କହୁଅଛୁ ଏହି ମତ, ହେ ଉଦ୍ଧବ ।
୩୨ଶ ଛାନ୍ଦ ।)

କରିବା ହରିବା ଜାଣି ବିସ୍ତାରିବା ଯାହାର ଯେଉଁ ଶକତି,
କଲେ ଆନ ଆନ ଦାଶଇ ନିଉନ କରିଅଛୁ ଏହା ଶ୍ରୁତି ସେ । ୩୫ଶ ଛାନ୍ଦ ।

କାମଦାହ, ଗଙ୍ଗାବତରଣ ପ୍ରଭୃତି ପୌରାଣିକ ଆଖ୍ୟାନର ଉଦାହରଣ ଦେଇଥିବାରୁ ଗୋପୀକାର ଉଚ୍ଚଶିକ୍ଷା ଥିବା ପ୍ରମାଣିତ ହେଉଛି । କୃଷ୍ଣ ଭକ୍ତ ପକ୍ଷେ ମତିଜ୍ଞାନ ସୁଲଭ ଏହା ମଧ୍ୟ ଗୋପୀ ପ୍ରକାଶ କରିଛି । କବି ଗୋପୀମାନଙ୍କୁ ଅଶିକ୍ଷିତା ଓ ସେମାନଙ୍କ ଶ୍ରୀକୃଷ୍ଣଙ୍କ ପ୍ରତି ପ୍ରେମ ଅଜ୍ଞାନତାପ୍ରସୂତ ବୋଲି ପ୍ରଚାର କରିନାହାନ୍ତି । ଏଥିରେ ଜ୍ଞାନପ୍ରସୂତ ନିର୍ମଳଭକ୍ତିର ସ୍ଥାନ ସେ ନିର୍ଦ୍ଦେଶ କରିଥିବା ସ୍ପଷ୍ଟ ହେଉଛି ।

ଗୋପୀମାନଙ୍କ ପ୍ରେମର ସାର୍ଥକତା ଓ ଉତ୍କର୍ଷ ଉଦ୍ଧବଙ୍କ ମୁଖରେ କବି ସୁନ୍ଦର ଭାବରେ ବ୍ୟକ୍ତ କରିଛନ୍ତି । କଲ୍ପେ କଲ୍ପେ ଯୋଗ ସାଧନା କରି ଇନ୍ଦ୍ରାଦି ଦେବତା ଓ ଯୋଗୀମାନେ ଯାହା ଲଭି ନାହାନ୍ତି ଗୋପୀମାନେ କେଉଁ ଭାଗ୍ୟବଳରେ ଏତେକାଳ କୃଷ୍ଣଙ୍କ କୋଳରେ ଘେନି ଆନନ୍ଦ ଲଭ କରିଛନ୍ତି ! କୃଷ୍ଣ ଗୋପୀଙ୍କୁ ଯେଉଁ ବିରହ ଜ୍ୱାଳାରେ ପକାଇଛନ୍ତି ତାହା ସର୍ବଜନସୁଲଭ ବୋଲି ମଧ୍ୟ ଉଦ୍ଧବ କହିଛନ୍ତି—

କଲ୍ପେ କଲ୍ପେ ଯୋଗୀ ଯୋଗ ବାଟ ଜଗି ଦେଖନ୍ତି ନାହିଁ ଯାହାଙ୍କୁ,
କେଉଁ ଭାଗ୍ୟ ବଳେ ଏତେକାଳ କୋଳେ ଘେନି ଖେଳିଲ ତାହାଙ୍କୁ, ସେ
କୃଷ୍ଣ ଜଳେ ଏଡ଼ିକି ସୁଦଶା, କଲେ କହ ଅମ୍ଭଙ୍କୁ କଦର୍ଯ୍ୟା । ୪ ।

କେଉଁ ଇନ୍ଦ୍ର, ଚନ୍ଦ୍ର, ଦେବତା ନରେନ୍ଦ୍ର, ତୁମ୍ଭଙ୍କ ହେବେ ସମାନ,
କର୍ମକର କର୍ମକାଣ୍ଡ କରି ଚର୍ମ ପାଇଁ କମ୍ପାକର ଅଭିମାନ ସେ ।
କୃଷ୍ଣ ତୁମ୍ଭଠାରେ କଲେ ଯାହା, କେଉଁ ଲୋକ ପାଇନାହିଁ ତାହା । ୫ ।

(ଗୀତାଶ ଗ୍ରନ୍ଥ ।)

ଉଦ୍ଧବ ଗୋପୀମାନଙ୍କୁ ନିଷ୍କାମ କର୍ମର ତତ୍ତ୍ୱ ବୁଝାଇ 'ଚର୍ମ' ପାଇଁ ବ୍ୟାକୁଳ ହେବା ଉଚିତ ନୁହେଁ ବୋଲି କହିଥିଲେ । ଏଥିରୁ ତାଙ୍କର କୃଷ୍ଣ-ଅଙ୍ଗ-ସଙ୍ଗ କାମନାକୁ ସମର୍ଥନ କରି ନଥିବା ପ୍ରତୀୟମାନ ହେଲେ ମଧ୍ୟ କେବଳ ବୋଧବାକ୍ୟ ସ୍ୱରୂପ ଏହାକୁ ଗ୍ରହଣ କରିବା ଉଚିତ ହେବ । କାରଣ ସେ ଗୋପୀ ପ୍ରେମକୁ ଉତ୍କୃଷ୍ଟ ସ୍ଥାନ ଦେଇଥିବାରୁ ଏହି ଭାବଟି ଉପଦେଶ ଛଳରେ ମାତ୍ର ବ୍ୟକ୍ତ କରିଛନ୍ତି ।

ଏହାର ଉତ୍ତରରେ ବିରହବ୍ୟଥାରେ ତାପିତା ଗୋପୀ ଯେଉଁ ଭାବ ପ୍ରକାଶ କରିଛି ତାହା ଏକାନ୍ତ କୃଷ୍ଣ ଭକ୍ତର ଏକ ନିଦର୍ଶନ । ପ୍ରେମିକ ଭକ୍ତ ପ୍ରତି କୃଷ୍ଣଙ୍କର ଏହା ଏକ କୌତୁକ ।

କହେ ଗୋପୀ ବିରହରେ ତାପୀ ହୋଇ ଉଦ୍ଧବକୁ ସୁହିଁ,
କେବଳ ଆମ୍ଭର ପରିଏ ତୁମ୍ଭର ଅନୁଭବ ଯହୁଁ ନାହିଁ ସେ ।
କୃଷ୍ଣ କରନ୍ତ ନାହିଁ ନିରାଶ, ଛଳେ କରନ୍ତ ଏମନ୍ତ ବେଶ । ୩୩ଶ ଛାନ୍ଦ ।

ଗୋପୀମାନେ ମନ-ବଚନ କର୍ତ୍ତବ୍ୟରେ ଭକ୍ତି ଭାବରେ କୃଷ୍ଣଙ୍କ ପତି ଶ୍ରଦ୍ଧା କରିଥିବା କବି ବ୍ୟକ୍ତ କରିଛନ୍ତି । ଏହାହିଁ ଗୋପୀ ଭକ୍ତିର ସାରତତ୍ତ୍ୱ ।

କହନ୍ତୁ କେ ଏହି କଥାମାନ କହି ମନରେ ଉନ୍ମତ୍ତ ହୁଅନ୍ତି,
କୃଷ୍ଣଠାରେ ମନବଚନ କର୍ତ୍ତବ୍ୟ ଭକତି ଭାବରେ ଦିଅନ୍ତି । ।୯ମ ଛାଃ ।୨୪।

କେ କହିବ ଗୋପ-ଯୁବତୀଙ୍କ ତପ ମାନବ ଶରୀର ବହି
କୃଷ୍ଣ ଭକତିରେ ଭୋଗ କରନ୍ତିରେ କୃଷ୍ଣ କଥାମାନ କହି ।୧୦ମ ଛାଃ ।୨୯।

କମଳ ନେତ୍ରରେ କଟାକ୍ଷ ସୂତ୍ରରେ ପ୍ରେମ ବଡ଼ଶି ଲଗାଇ ସେମାନେ କମଳନୟନ କୃଷ୍ଣଙ୍କ ମନମୀନକୁ ବେଗେ ଆକର୍ଷଣ କରୁଥିଲେ ବୋଲି କବି ସୁନ୍ଦର ପଦାବଳୀରେ ବ୍ୟକ୍ତ କରିଛନ୍ତି ।

ଗୋପୀମାନଙ୍କର ଅକୃତ୍ରିମ ପ୍ରେମରେ ବଶ ହୋଇ ଶ୍ରୀକୃଷ୍ଣ ସେମାନଙ୍କ ହସ୍ତରେ କ୍ରୀଡ଼ା-ପୁତ୍ତଳିକା ସ୍ୱରୂପ ରହୁଥିଲେ । କେତେବେଳେ ସେମାନେ କୃଷ୍ଣଙ୍କୁ ହାର ପରି କଣ୍ଠଦେଶରେ ଧରୁଥିଲେ, କେତେବେଳେ ବା ସେ ବେଣୀ ପ୍ରାନ୍ତ ଫିଙ୍ଗିଦେଇ ପୁଣି କରରେ ଧରୁଥିଲେ । ପୁଣି, କୃଷ୍ଣଙ୍କ ପଦରଜରେ ଗୃହମାନ ଭୂଷିତ ହୋଇଯାଏ । ତାହା ଗୋପୀମାନେ ଆଣି ଦେହରେ ବୋଳି ହୁଅନ୍ତି । (୧୦ମ ଛାନ୍ଦ ୩୦-୩୨ ପଦ) ।

ଗୋପୀ ଭକ୍ତିର ଶ୍ରେଷ୍ଠତ୍ୱ ପ୍ରତିପାଦନ କରି କବି କହିଛନ୍ତି, ଯୋଗୀମାନେ କଳ୍ପ କଳ୍ପ ତପକରି ଯାହାକୁ ଲାଭ କରିପାରି ନାହାନ୍ତି ଭାଗ୍ୟବଳରେ ଗୋପୀ ଗୋପାଳମାନଙ୍କୁ ତାହା ପ୍ରାପ୍ତ ହୋଇଛି । କବି କହିଛନ୍ତି—

କଳ୍ପାନ୍ତରେ ଯୋଗୀ ଯୋଗନାଥ ଜରି ପାଇବାକୁ ଯା ଦୁର୍ଲ୍ଲଭ,
କ ଭାଗ୍ୟବଳରେ ଗୋପୀ ଗୋପାଳରେ ସବୁ କାଳେ ସେ ସୁଲଭ ।
କଲେ ବେଦପଢ ଯେତେରୂପେ ସ୍ତୁତି ବଶ ନୁହଇ ତାହାଙ୍କୁ,
କଣ୍ଠି ଭେଣଅ ନ୍ତ ବରଜ ଯୁବତୀ କହୁରୁକେ ଡାକବାକୁ ।୧୦ମ ଛାନ୍ଦ
୩୩-୩୪ ।

ବ୍ରହ୍ମାଙ୍କ ସହିତ ସ୍ୱର୍ଗବାସୀମାନେ ସମସ୍ତେ 'କୃଷ୍ଣପ୍ରିୟତମା' ଗୋପୀମାନଙ୍କ ଅପେକ୍ଷା ତୁଳନାରେ କମ୍ ହେବେ. ଏହା କହିବାଦ୍ୱାରା କବି ଗୋପୀ ପ୍ରେମର ଉତ୍କର୍ଷହିଁ ପ୍ରମାଣିତ କରିଛନ୍ତି ।

କହିଲ ଯେତେକ ସ୍ୱର୍ଗବାସୀୟ କ ତୁଲରେ ସମସ୍ତେ ଉଶ୍ୱାସ,
କୃଷ୍ଣପ୍ରିୟତମା ଗୋପୀଙ୍କ ଉପମା ଦେଲେ ହୋଇବ କେଉଁ ଯଶ ?
୧୬ଶ ଛାନ୍ଦ । ୧୮ ।

ଗୋପୀମାନେ କାମଶାସ୍ତ୍ର ବିଶାରଦା । ନୃତ୍ୟ-ଗୀତ-ବାଦନ ବିଦ୍ୟାରେ ଅଶେଷ ଗୁଣରେ ପ୍ରବୀଣା । ସେମାନେ କୃଷ୍ଣଙ୍କଠାରେ ଅନୁରାଗୀ । କୃଷ୍ଣ ଅଭାବରେ ବିଷୟତ୍ୟାଗୀ । କବି ରାସବର୍ଣ୍ଣନା ପ୍ରସଙ୍ଗରେ ଏହା ବ୍ୟକ୍ତ କରି ଗୋପୀ ଭକ୍ତିର ଶ୍ରେଷ୍ଠତାହିଁ ପୁନର୍ବାର ପ୍ରତିପାଦନ କରିଛନ୍ତି । ନୃତ୍ୟଗୀତବାଦନରତା ଗୋପୀମାନଙ୍କର କଟାକ୍ଷ, କଙ୍କିଣି, ନୂପୁର ନାଦ ମାନସରେ ମହା ପ୍ରମୋଦ ଜାତ କରୁଥିବାରୁ ସେମାନଙ୍କର ଏହି ବିଦ୍ୟାରେ ନିପୁଣତା ଓ କୃଷ୍ଣଙ୍କୁ ଆନନ୍ଦ ଦେବାରେ ଏକାନ୍ତ ନିଷ୍ଠା ସୂଚିତ ହୋଇଛି ।

କାନ୍ତ କାନ୍ତେ ସମସ୍ତେ ମଣ୍ଡିତା । କାମଶାସ୍ତ୍ରେ କୁଶଳ ପଣ୍ଡିତା
କୃଷ୍ଣେ ସମସ୍ତେହେଁ ଅନୁରାଗୀ । କୃଷ୍ଣ ଅଭାବେ ବିଷୟ ତ୍ୟାଗୀ ।୧୮ଶ ଛାଃ ।୭।

ରାଧାକୃଷ୍ଣ, ଗୋପୀ କୃଷ୍ଣଙ୍କ ରାସଲୀଳା ନୃତ୍ୟ, କୋଟି କୋଟି କଳ୍ପ କ୍ଷୟଗଲେ ମଧ୍ୟ ଏହି ରାସକ୍ରୀଡ଼ା ଭଙ୍ଗ ହୁଏ ନାହିଁ । କବି ଏହି ଭାବ ରସକଲ୍ଲୋଳରେ ବ୍ୟକ୍ତ କରିଛନ୍ତି । ଏହି ଅନୁରୂପ ମତ ରସବିନୋଦରେ ମଧ୍ୟ ବର୍ଣ୍ଣିତ ହୋଇଛି ।

କୋଟି କୋଟି କଳ୍ପ କ୍ଷୟ ଗଲେ,
କ୍ରୀଡ଼ା ରଙ୍ଗ ଭଙ୍ଗ ନୋହେ ଭଲେ । ୧୮ଶ ଛାନ୍ଦ ।୩୧।

ରସକଲ୍ଲୋଳରେ ଗୋପୀ ଓ କୃଷ୍ଣଙ୍କର ପ୍ରେମକାହାଣୀ ଚିତ୍ରଣରେ କବି ସୁଖ ଓ ଦୁଃଖ ଉଭୟ ସମୟର ଗୋପୀ ଓ କୃଷ୍ଣଙ୍କ ମନୋଭାବ ଅତି ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି । ପ୍ରୀତି ଓ ବିରହ ଉଭୟ ଦଶାରେ କବି ପାତ୍ରପାତ୍ରୀଙ୍କ ମୁଖରେ 'କଳିତ ଲଳିତ' ପଦାବଳୀରେ ଉପମା ଓ ଅନେକ ଛଳରେ ଉପାଦେୟ ନୀତିବାକ୍ୟ ଓ ଉଦାହରଣ ବ୍ୟକ୍ତକରି କାବ୍ୟଟିକୁ ଉଚ୍ଚକୋଟୀର କରିପାରିଛନ୍ତି । ପ୍ରେମମୁଗ୍ଧା ଓ ଦକ୍ଷିଣ ନାୟକ ନାୟିକଙ୍କର ଅନୁକୂଳ ଆଚରଣରେ ଉଭୟପକ୍ଷ ଭାବବିନୋଦର କେନ୍ଦ୍ର ହୋଇପାରିଛନ୍ତି । ଗ୍ରନ୍ଥ ଶେଷାଂଶରେ କବି ଉଦ୍ଧବଙ୍କ ଆଗରେ ସେମାନଙ୍କର ବିରହ ବର୍ଣ୍ଣନା ଯେପରି ଭାବରେ କରିଛନ୍ତି ଏବଂ କୃଷ୍ଣଙ୍କୁ ଜଣାଇବା ପାଇଁ ଉଚ୍ଚକୋଟୀର ସଂସ୍କୃତପ୍ରସୂତ ବାକ୍ୟାଳାପ ଓ ନିବେଦନଶୈଳୀ ପ୍ରକାଶ କରିଛନ୍ତି, ତାହା ଶାସ୍ତ୍ରାଧ୍ୟାୟିନୀ ସ୍ୱଚ୍ଛ-ହୃଦୟା କୃଷ୍ଣଗତପ୍ରାଣା ପ୍ରେମିକା ପକ୍ଷରେ ଉପଯୁକ୍ତ ହୋଇଛି ।

(୩) ରାଧା—ଦୀନକୃଷ୍ଣ ଦାସ ରସକଲ୍ଲୋଳରେ ରାଧାଙ୍କ ନାମରେ ସର୍ବପ୍ରଥମ ବ୍ୟବହାର ନବମଛାନ୍ଦରେ ଗୋପୀମାନଙ୍କର ଯମୁନା ଜଳରେ ସ୍ନାନ ସମୟରେ କହିଛନ୍ତି—

କୁଙ୍କୁମ ଅଁଯୁଳା ଧରି ଗୋପବାଳା ରାଧିକା ପାଣିରେ ପ୍ରବେଶ,
କହନ୍ତି ହେନେହଭରେ ଅବଗାହ କରି ଯମୁନା ଯିବା ଆସ ।
କହିରୁକରେ, ହସହସରେ ବୋଲେ ରାଧା,
କହୁଛୁ ମିତଣି କୃଷ୍ଣବର୍ଣ୍ଣ ପାଣି ଠାରେ ମୋର ବଡ଼ ଶରଧା ।୯ମ । ୧୯ ।

କାଳୀୟଦମନ ପରେ କୃଷ୍ଣଙ୍କୁ ଦେଖିବାକୁ ରାଧାଙ୍କର ଆଗ୍ରହ ବୃଦ୍ଧି ପାଇଥିଲେ ମଧ୍ୟ ସଙ୍ଗ ନ ପାଇବାରୁ ଯାଇ ପାରି ନ ଥିଲେ; 'ଶ୍ରୀରଙ୍ଗ ଭୟ' ଥିବାରୁ ସେ ଯାଇ ପାରୁ ନଥିଲେ ।

କରୁଥାଇ ମନ କାଳୀକ ମର୍ଦ୍ଦନ କଳ ଜଳୁ ଦେଖି ଯିବାକୁ
କ କ କର ସଙ୍ଗ ନ ପାଇ ଶ୍ରୀରଙ୍ଗ ଭୟ ତ ଥାଏ ଆସିବାକୁ ।
ଇତ୍ୟାଦି । ୯ମ ଛାନ୍ଦ ।

କୃଷ୍ଣଙ୍କ ଭଳି ରାଧାଙ୍କର କାଳୀୟଦଳନ ପଟରେ ଅନୁରାଗ ଥିବା 'କୃଷ୍ଣବର୍ଣ୍ଣ ପାଣିଠାରେ ମୋର ବଡ଼ ଶରଧା' ବଚୋକ୍ତି ଏବଂ ବାଟଘାଟରେ ଶ୍ରୀରଙ୍ଗଙ୍କ 'ଭୟ' ଥିବାରୁ ଏକାକୀ ଯମୁନା ଯିବାକୁ ସାହସ ହେଉନଥିବା ଉକ୍ତିରୁ ସ୍ପଷ୍ଟ ହେଉଛି ।

କବି ଦଶମ ଛାନ୍ଦର 'କୁମୁଦ-ନନ୍ଦନୀ' ପଦ ରାଧାଙ୍କୁ ବୁଝାଉଛନ୍ତି—
"କୁମୁଦ ନନ୍ଦନୀ ସଖିଗଣ ଯେନ ଗମନ କରନ୍ତେ ରଙ୍ଗେ ।" (୧ମ ପଦ) ।
ପ୍ରଥମ ପଦରୁ ଦଶମ ପଦ ପର୍ଯ୍ୟନ୍ତ କୁମୁଦ-ନନ୍ଦନୀଙ୍କ ଶୋଭା ବର୍ଣ୍ଣନା କରି କବି ଦଶମ ପଦରେ ରାଧା ନାମ ଉଲ୍ଲେଖ କରିଥିବାରୁ ଏହା ତାଙ୍କର ନାମ ଆରମ୍ଭରେ ଥିବା ସ୍ପଷ୍ଟ ହେଉଛି । "କେ କହିବ ରାଧା ଚନ୍ଦ୍ରମୁଖୀ ରୂପ କୃଷ୍ଣ ମନ ଯହିଁ ଧରି ।" ୧୦ମ ପଦ । ଏଥିରୁ ରାଧାଙ୍କ ପ୍ରତି କୃଷ୍ଣଙ୍କର ପୂର୍ବରୁ ଅନୁରାଗ ଥିବାର ଜଣାଯାଉଛି ।

ଚତୁର୍ଦ୍ଦଶ ଛାନ୍ଦରେ ପ୍ରଭାତ ସମୟରେ ସୁଜନମାନେ ଶଯ୍ୟା ତ୍ୟାଗ କରି ଭଗବାନଙ୍କ ନାମ ସ୍ମରଣ କଲେ; କୀରସାରିକାମାନେ ରାଧାକୃଷ୍ଣ ନାମ ପଢ଼ିଲେ, ଏଥିରୁ କବି ରାଧାଙ୍କ ନାମର ପ୍ରାଧାନ୍ୟ ପୂର୍ଣ୍ଣଭାବରେ ସ୍ୱୀକାର କରିଥିବା ସ୍ପଷ୍ଟ—

କେଉଁ ସୁଜନ ଉଠି ଶଯ୍ୟାକୁ ସୁମରେ ସୁଖ ଧାମ
କୀରସାରିକା ପଢ଼ିଲେ ଏକା ଶ୍ରୀ ରାଧାକୃଷ୍ଣ ନାମ । ୨୦ । ୧୪ଶ ଛାନ୍ଦ ।

ରାଧାକୃଷ୍ଣ ନାମର ମାହାତ୍ମ୍ୟ ସ୍ୱୟଂ ଶ୍ରୀକୃଷ୍ଣଙ୍କ ମୁଖରେ କବି କୁହାଇ ଅଛନ୍ତି । ଶ୍ରୀକୃଷ୍ଣ ରାଧାଙ୍କୁ ରାସକେଳି ସମୟରେ ପ୍ରମୋଦ ମନରେ କହୁଛନ୍ତି—
୨୦

କରି ତୋ ନାମ ଆଗେ ମୋ ନାମ ପଛେ,
କହୁଛନ୍ତି ଯେଉଁ ଲୋକ ପ୍ରତ୍ୟକ୍ଷେ ଗୋ ।
କଳି କଳୁଷ ଭବ ଭୟକୁ ହରି,
କୃତାର୍ଥ ହୋଇ ଯାଉଅଛନ୍ତି ତରି ଗୋ । ୨୩ । ୨୦ଶ ଛାନ୍ଦ ।

ରାଧାକୃଷ୍ଣ ଯୁଗଳ ମୂର୍ତ୍ତିଙ୍କୁ ପ୍ରଣାମ କରି ଭକ୍ତି ପ୍ରଦର୍ଶନ କରିବା ପ୍ରସଙ୍ଗକୁ ବ୍ୟକ୍ତ କରିଛନ୍ତି ଏବଂ କବି ଉଭୟ ନାମର ମୁକ୍ତିଦାନ ଶକ୍ତିର ସୂଚନା ଦେଇଥିବା ଅନୁମିତ ହୁଏ ।

କେଉଁ ବଲ୍ଲକ୍ଷ୍ମୀ ଫଳେ ନମ୍ରତା ହୋଇ, ଗୋପୀଙ୍କି ନମସ୍କାର କରଇ ସେ ।
୨୯ । ୨୦ଶ ଛାନ୍ଦ ।

କୃଷ୍ଣ ରାଧାଙ୍କୁ ନିଜ ସମାନରେ ପ୍ରତିଷ୍ଠିତ କରିଥିଲେ ମଧ୍ୟ ସ୍ୱ ଶକ୍ତିର ଆଧିକ୍ୟ ରାଧାଙ୍କ ଗର୍ବଗଞ୍ଜନ ଉପାଖ୍ୟାନରୁ ସୂଚିତ ହେଉଛି । ଭଗବାନ କୃଷ୍ଣଙ୍କର 'ଗର୍ବଗଞ୍ଜନ' ନାମର ସାର୍ଥକତା ଏଥିରେ ପ୍ରତିପାଦିତ ହୋଇଛି । ପ୍ରାଣାଧିକ ପ୍ରିୟତମାର ଗର୍ବଗଞ୍ଜନ କରିବାକୁ ଭଗବାନ କୃଷ୍ଣ ପରାଙ୍ମୁଖ ନୁହନ୍ତି । ପ୍ରେମମୁଗ୍ଧା ଓ ପ୍ରେମଗର୍ବିତା ରାଧା ରାସକେଳି ପରେ ଶ୍ରୀକୃଷ୍ଣଙ୍କ ସ୍କନ୍ଧରେ ବସିବା ପାଇଁ ଅଭିଳାଷ ପ୍ରକାଶ କରିବାରୁ ଗର୍ବଗଞ୍ଜନକାରୀ ଭଗବାନ ରାଧାଙ୍କୁ ଘୋର ବନସ୍ତରେ ଏକାକୀ ଛାଡ଼ିଦେଇ ଆସିଲେ । ଭୟବିହ୍ୱଳା ରାଧା ଶ୍ରୀକୃଷ୍ଣଙ୍କ ଏକାନ୍ତ ଶରଣାପନ୍ନ ହୋଇ କ୍ରନ୍ଦନ ଛଳରେ ସ୍ତୁତି କରିବାରୁ ଶ୍ରୀକୃଷ୍ଣ ଶରଣାଗତ ଭକ୍ତର ଗର୍ବଗଞ୍ଜନ କରିସାରି ତାଙ୍କୁ ରକ୍ଷା କରିଥିଲେ ।

କୃଷ୍ଣ ଗୋପୀ ଗର୍ବ ଜାଣି ତାହା ଖର୍ବ କରିବାକୁ କଲେ ଉପାୟ,
କାନ୍ଧୁ ଓହ୍ଲାଇ ପ୍ରଭୁ ଦେବରାୟ,
କହିଲେ ବିଜୟ କର ଏହିଠାରେ ମାନବତୀ ପ୍ରାଣପ୍ରିୟ ଗୋ । ୪ । ୨ ।

କରନ୍ତେ ଗୋପୀ କାରୁଣ୍ୟ, କୃପା କଲେ ନାରାୟଣ
ଭକ୍ତମାନ ଉଦ୍ଧାରଣ, ଗତିକାରଣ, ମୋହନ ସେ । ୪୩ । ୨୨ଶ ଛାନ୍ଦ ।

କୃଷ୍ଣ ମଥୁରାପୁରକୁ ଗମନ କରିବା ପରେ 'କିଶୋରୀ ରତନ'ରାଧା ବିରହରେ ଅତ୍ୟନ୍ତ କନ୍ଦର୍ପ ବାଧା ପାଇଥିଲେ ।

ପ୍ରାକୃତିକ ବର୍ଣ୍ଣନା—ଉଷା-ପ୍ରଭାତ ବର୍ଣ୍ଣନାରେ ବହୁପଦରେ କେବଳ ତଥ୍ୟମୂଳକ ବିବରଣ ଦିଆଯାଇଥିବା ଜଣାଯାଏ । ପାହାନ୍ତି ହେବାରୁ କୁକ୍କୁଟଧ୍ୱନି ଜଗତରେ ପ୍ରସରିଲା । କୋକିଳର କଳରବ ସର୍ବତ୍ରରେ ଶୁଣାଗଲା । ଚକ୍ରବାକଯୁଗଳଙ୍କ ମନରୁ ବିରହଦୁଃଖ ଗୁଡ଼ିଲା । ପୂର୍ବଦିଗ କୁଙ୍କୁମବର୍ଣ୍ଣ ଦିଶିଲା । ସୂର୍ଯ୍ୟନାଥ ଅରୁଣାଚଳ ଉପରେ ବିଜେକଲେ । ଏହି ପ୍ରାକୃତିକ ଅବସ୍ଥାର ପ୍ରଭାବ ମାନବ ସମାଜ ଉପରେ ମଧ୍ୟ ପଡ଼ିଲା । ଲୋକେ ଚଞ୍ଚଳ ହେଲେ, ବ୍ରାହ୍ମଣମାନେ ତୋଷମନରେ ସ୍ନାନ କରିବାକୁ ବାହାରିଲେ । ଗୋଧନ ପ୍ରତିପାଳକମାନେ ଗୋଧନଦୁହାଁ କଲେ, ଦଧି ମନ୍ଥନ କଲେ । କୀରସାରିକାମାନେ ରାଧାକୃଷ୍ଣ ନାମ ପଢ଼ିଲେ । ପାହାନ୍ତିଆର କୁସୁମଗନ୍ଧପୂରିତ ଶୀତଳ ସମୀର ମନପ୍ରାଣକୁ ଶାନ୍ତିଦାନ କଲା ଏବଂ କର୍ମମୟ ଜୀବନର ଆରମ୍ଭ ସୁଖରେ ହେଲା ।

ସମାଜର ସଜ୍ଜନମାନଙ୍କର ମଙ୍ଗଳରେ ନିତ୍ୟନୈମିତ୍ତିକ କାର୍ଯ୍ୟ ଆରମ୍ଭ ହେଉଥିଲାବେଳେ ବାରନାରୀ ଓ ବିଟପୁରୁଷ, ଖଣ୍ଡିତାନାୟିକା ଓ ଶଠନାୟକର ହୃଦୟରେ ହତାଶାର ଭାବ ଖେଳିଗଲା । ଏହି ପାହାନ୍ତିଆ ସମୟରେ ଏମାନଙ୍କର ରୂପବେଶ, ଭାବ, ଭଙ୍ଗୀ କବି ବହୁ ପଦରେ ସୁନ୍ଦର ରୂପେ ଚିତ୍ରଣ କରିଛନ୍ତି । ଏହା ସଙ୍ଗେ ସଙ୍ଗେ କୁଳପାଳିକାମାନଙ୍କର ଅବସ୍ଥାର ମଧ୍ୟ ଉଲ୍ଲେଖକରି କହିଛନ୍ତି । ସେମାନେ କାନ୍ତକୁ ଏକାକରି ଅନ୍ତର କଲେ । ଏଥିରେ ଅଧୈର୍ଯ୍ୟ ବା ଚଞ୍ଚଳତାର ଅବକାଶ ନଥିବାରୁ କବି ବେଶି ବର୍ଣ୍ଣନା କରି ନାହାନ୍ତି ।

ପ୍ରଭାତ ହେବାରୁ ଶଶୀ ଓ ତାରକାମାନେ ଅସ୍ତଦେଶାକୁ ଭଜିଲେ, କୁମୁଦବନ ଶୟନ କଲେ, ପଦ୍ମମାନେ ହସିଲେ, ଭ୍ରମରମାନେ କୁମୁଦରୁ ବାହାରି ପଦ୍ମଙ୍କୁ ଚୁମ୍ବନ କଲେ । ପ୍ରଭାତରେ କାହାର ଆନନ୍ଦ ହେଲା ତ କେହି ଦୁଃଖରେ କାତର ହେଲା । କିନ୍ତୁ ସମୂହ ଭାବରେ ଜଗତ ଆନନ୍ଦିତ ହେଲା ।

ସୂର୍ଯ୍ୟଦେବ ଆକାଶ ପଥକୁ ମଣ୍ଡନ କରି ଉଠି ସମସ୍ତଙ୍କ ମନକୁ ତୋଷିଲେ ଏବଂ "ଯେ ଯାହାମତେ ଉତ୍ସାହହୋଇ ବ୍ୟାପାରମାନ" କଲେ । ପ୍ରଭାତରେ ଦେବମନ୍ଦିରରେ ଅବକାଶ ଦର୍ଶନ କରି "କୁମତି ମଧ୍ୟ ପରମ ସୁଖୀ" ହେଲେ । (୧୪ଶ ଛାନ୍ଦ) ।

ଚତୁର୍ଦ୍ଦଶ ଛାନ୍ଦରେ ଉଷା-ପ୍ରଭାତ ବର୍ଣ୍ଣନାକୁ କବି ଅଲଙ୍କାର ବହୁଳ କରି ନାହାନ୍ତି ।

ଏହି ପ୍ରଭାତ କାଳରେ କେଳିଲାଳସୀ ଗୋପୀମାନଙ୍କର ଦଶା ବର୍ଣ୍ଣନା କରିବା ବେଳେ କବି ସୁଖ-ଦୁଃଖର କାହାଣୀ ମଧ୍ୟ ଦେଇଛନ୍ତି । ଗୋପୀମାନଙ୍କ ମୁଖର କାନ୍ତି ମ୍ଳାନ ହୋଇଗଲା, ନେତ୍ରପିତୁଳା କିଛି କିଛି ଦୃଶ୍ୟ ହେଲା ।

ଯମେ ଧନ ମୁଖ ଶେଷକୁ ଘେନ, ଚଳେ ଗମନ ବରଜ କାମିନୀ ।
କଳାକର ଆନନ, କାନ୍ତି ଦଶେ ନଉନ, କିଛି ଦୃଶ୍ୟହୁଅଇ ତାର
ତରକାମାନ । ୩୬ ।

କେଳି ସୁମରି ମନପଦ୍ମ ହସେ, କୁଙ୍କୁମ ସୁରି ଅମ୍ବର ପ୍ରକାଶେ
କୁଚଚକ ଉଲ୍ଲାସ, କହେ କୃଷ୍ଣ ଏ ରସେ, ରସ କାମ ତମ ବିନାଶ
କହୁଥିଲେ ଅଶେଷ । ୩୪ । ୧୩ ଶ ଛାନ୍ଦ ।

ଏଣୁ ସୁଖଭୋଗ ସ୍ମରଣ କରି ମନପଦ୍ମ ହସିଲା, ଅମ୍ବର କୁଙ୍କୁମ ବର୍ଣ୍ଣ ଧାରଣ କଲା, ଚକ୍ରବାକ ଉଲ୍ଲସିତ ହେଲା ।

ତ୍ରୟୋଦଶ ଛାନ୍ଦରେ କବି ବସନ୍ତକାଳୀନ ଶୁକ୍ଳପକ୍ଷୀୟ ସନ୍ଧ୍ୟାର ବର୍ଣ୍ଣନା କରିଛନ୍ତି । ପ୍ରେମକାବ୍ୟରେ ସନ୍ଧ୍ୟାପରେ ଚନ୍ଦ୍ରକିରଣ କାମୀର କାମ ଉଦ୍ରେକ କରେ, ନାୟକ ନାୟିକାର ସଙ୍ଗ ଇଚ୍ଛା କରେ । ଚନ୍ଦ୍ର ଜ୍ୟୋତିରେ ଜଗତ ଆଲୋକିତ ହୋଇଥିବାରୁ ଚୋର ତସ୍କରମାନଙ୍କର ମନରେ ଭୟଜାତ ହୁଏ । କୁମୁଦର ମନ ପ୍ରଫୁଲ୍ଲିତ ହୁଏ, ପଦ୍ମ ମନ ମଉଳାଏ; ମିଳନ ଓ ବିଚ୍ଛେଦର ଦଶା ଭୋଗ ପ୍ରକଟିତ ହୁଏ । ସୂର୍ଯ୍ୟ କମଳର ହର୍ଷ

ହରଣ କରି ଅସ୍ତାଚଳକୁ ବିଜେ କରିବାରୁ କାଳର ପ୍ରଭାବ କାମୀମାନଙ୍କର ଉପରେ ପଡ଼ିଲା । କନ୍ଦର୍ପ ସେମାନଙ୍କ ମନକୁ ଚଞ୍ଚଳ କଲା । ଅନୁକୂଳ କାଳର ପ୍ରଭାବ ମୀନରଥର ଉପରେ ପଡ଼ି ତାକୁ ବିଶେଷଭାବେ ଉତ୍ସାହିତ କଲା । ପ୍ରାକୃତିକ ପରିବେଶ କାଳାନୁସାରୀ ହେଲା । ସନ୍ଧ୍ୟାକାଶ ମନୋହର ଦେଖାଯିବାରୁ ପକ୍ଷୀକୁଳ ଆନନ୍ଦରେ ରବ କଲେ; କିନ୍ତୁ କୋକପକ୍ଷୀ ପ୍ରିୟା ବିଚ୍ଛେଦରେ ଦୁଃଖକୁ ଆଦର ରହିଲା ।

ସନ୍ଧ୍ୟାରେ ଦେବମନ୍ଦିରମାନଙ୍କରେ ଆଳତି ଘଣ୍ଟା ବାଜିଲା, ଗୋପଜନମାନେ ଗୋଦୋହନ କଲେ । ଏହି ବିବରଣମୂଳକ ବର୍ଣ୍ଣନା ପରେ କବି କେତୋଟି ସୁନ୍ଦର ଉପମା ଦେଇ ପଦ ରଚନା କରିଛନ୍ତି ।

କିବା ବାରବଧୂ ଈଧୂବନ ଆସେ ହୋଇ ଅନୁରାଗ-ବତୀ,
କରି ଅଙ୍ଗଶୋଭା ଉଦ୍ଭେଳ ପ୍ରାପ୍ତ, ଦଶା ନଷ୍ଟା ମୁଖ ଜ୍ୟୋତି,
ସେ କାଳେ । ୧୭ ।

କିବା ପୂର୍ଣ୍ଣଚନ୍ଦ୍ରେ ହାରିବା ନିମନ୍ତେ ତମକୁ ଛନ୍ତି ଗୋଡ଼ାଇ,
କି ଅବା ତାହାଙ୍କୁ ଗ୍ରାସ କରିବାକୁ ତମ ଅଛି ଘଉଡ଼ାଇ । ସେ । ୨୦ ।

ସନ୍ଧ୍ୟାପରେ ଚନ୍ଦ୍ର ରାଜା ପରି ନକ୍ଷତ୍ରମାନଙ୍କ ସହ ଆକାଶରେ ଉଦିତ ହେବାରୁ ଦୁଷ୍ଟ ତମ ଖସି ଗଲା । ଏହାର ପ୍ରଭାବ ବିଭିନ୍ନ ରୂପରେ ଅନୁଭୂତ ହେଲା । ଦୀନଜନମାନେ ଶାନ୍ତି ଲାଭ କଲେ, ବିରହୀଙ୍କ ମନରେ ଭ୍ରାନ୍ତି ଜାତ କଲା, ଚୋରଙ୍କ ଗତି ନିବର୍ତ୍ତିଗଲା, ଚକୋର ଦମ୍ପତି ମହାସୁଖୀ ହେଲେ, ରସିକଦମ୍ପତି ମନରୁ ବ୍ରୀଡ଼ା ଛାଡ଼ି କ୍ରୀଡ଼ା କଲେ । ଶଶୀଙ୍କୁ କବି ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି ।

କୃଷ୍ଣ ହୃଦୟେ କୌସ୍ତୁଭ ପରାୟେ ବିଷ୍ଣୁପଦେ ଶଶୀ ଦିଶେ ।
କଳଙ୍କ କପଟେ ଯାମିନୀ କାମିନୀ—କୋଳରେ ଧରିଛି କି ସେ ।
କିବା, କଳଧଉତ ଫଳକ ଅବା ସେ ।
କରି ବିଧୁର କାମୀ ବଧିବା ସେ । କିବା ଥୋଇଅଛି କାମଦେବ ସେ ।୨୨।

କାଳକେତପା ଚନ୍ଦ୍ରାତପ ମଧ୍ୟେ କି ରଜତ କର ନାୟକ ।
କଉରୁକରେ ତାରା ଗ୍ରହ ଦର୍ପଣ ଖଞ୍ଜାଇ ଅଛୁ ଅନେକ ତା ।

୨୩ । ୧୩ଶ ଛାନ୍ଦ ।

ବିଷ୍ଣୁଙ୍କ ହୃଦୟରେ କଉସ୍ତୁଭ ଯେପରି ଶୋଭାପାଏ ଚନ୍ଦ୍ର ସେପରି ଆକାଶରେ ଶୋଭା ପାଇଲେ । କଳଙ୍କ ପରି ରାତ୍ରି ରୂପା ସ୍ତ୍ରୀକୁ କୋଳରେ ଚନ୍ଦ୍ର ଧାରଣ କରିଛି କି ? କାମୀଙ୍କୁ ବଧିବା ପାଇଁ କାମଦେବ ସୁବର୍ଣ୍ଣର ଖଣ୍ଡା ଧରିଛି କି ? ଆକାଶ-ରୂପ ଚନ୍ଦ୍ରାତପରେ କଉତୁକରେ ଅନେକ ତାରା-ଚନ୍ଦ୍ର ଦର୍ପଣ ଚନ୍ଦ୍ରଙ୍କୁ ନାୟକ କରି ଖଞ୍ଜାଇ ଅଛନ୍ତି ? ଏହି ଉପମାଗୁଡ଼ିକ ବଡ଼ ଚମତ୍କାରିକ ହୋଇଛି ।

କବି ଦଶମ ଛାନ୍ଦରେ ଗୋପୀମାନଙ୍କର ଜଳକେଳି ପ୍ରସଙ୍ଗରେ ଯମୁନାର ବର୍ଣ୍ଣନା କରିଛନ୍ତି । ଯମୁନାର ଜଳ ଗୋପୀମାନଙ୍କ ନେତ୍ରର କଜ୍ଜ୍ୱଳ ପରି କଳା ଦିଶୁଛି ଏବଂ କୂଳକୁ ଉଜ୍ଜ୍ୱଳ କରୁଥିବାରୁ କୁଳବତୀ ନାରୀ ପରି କୂଳ (କୁଳ) କୁ ଉଜ୍ଜ୍ୱଳ କରୁଛି । କୃଷ୍ଣଙ୍କ ହୃଦୟପ୍ରାପ୍ତ ଏଥିପାଇଁ ଜଳ ନିର୍ମଳ ଓ ଚନ୍ଦନକର୍ପୂର ଚନ୍ଦ୍ରମା ପରି ଶୀତଳ । ଯମୁନା ବକ୍ଷଦେଶରେ, କରରେ ଓ ମସ୍ତକରେ ନାନା ପୁଷ୍ପ ଧାରଣ କରିଅଛି । ଏହି ଅବସ୍ଥାକୁ କବି ହସ୍ତିନୀ ପଦ୍ମ ଧାରଣ କରିଲା ପରି, କାଳୀନାଗ ମସ୍ତକରେ ଚକ୍ର ଧରିଲା ପରି, ରସିକା ସ୍ତ୍ରୀ ନାନା ଫୁଲରେ ବେଶ ହୋଇଥିଲା ପରି କୁସୁମ ମଣ୍ଡିତା ଯମୁନା ଦିଶୁଛି । ଯମୁନାରେ ତରଣୀର ଗତାଗତ ହେଉଥିବା ବିଷୟ କବି ଉଲ୍ଲେଖ କରିଛନ୍ତି ।

ଯମୁନାର ବର୍ଣ୍ଣନାଟି କ୍ଷୁଦ୍ର ହୋଇଥିଲେ ମଧ୍ୟ ପଦଗୁଡ଼ିକ ଉପମାମଣ୍ଡିତ ହୋଇ ଦିବ୍ୟ ଶୋଭା ଧାରଣ କରିଛି ।

କି ଅବା ପକ୍ଷିଣୀ କେନ୍ଦ୍ରତଟ ପାଣି ଦୁଇଦିନ ଏକ ଗତି
କି ସୁର-ସରଣୀ ଅନୁରୂପ ତରଣୀ ହୋଇବାରୁ ଗତ ଗତି ।

ଯମୁନାର ଦୁଇକୂଳ ଦୁଇ ପକ୍ଷ ମଧ୍ୟରେ କୃଷ୍ଣପକ୍ଷ ପରି ଦୁଇ ଦିନ ମଧ୍ୟରେ ରାତ୍ରପରି ସ୍ରୋତ କଳା ହୋଇଛି । ଭେଳା ଓ ନୌକା ଗତାଗତ କରୁଥିବାରୁ ତାହା ଆକାଶ ମାର୍ଗରେ ଚନ୍ଦ୍ର ଓ ସୂର୍ଯ୍ୟ ଗତାଗତ କରୁଥିଲେ ପରି ଜଣାଯାଏ ।

ଯମୁନାକୁ ପ୍ରୋଷିତଭର୍ତ୍ତୃକା ଓ ବାସକସଜ୍ଜା ନାୟିକା ଏବଂ କୃଷ୍ଣଙ୍କୁ ନାୟକ କରି କବି ଦୁଇଟି ସୁନ୍ଦର ପଦରେ ଚିତ୍ରଟିଏ ଦେଇଛନ୍ତି—

କେ ବୋଲେ ପ୍ରୋଷିତ ପ୍ରିୟତମା ପ୍ରାୟ ହୋଇଥିଲା ମଳିନତା
କୃଷ୍ଣ ଅଙ୍ଗ ସଙ୍ଗ ଲାଗିବାରୁ ଅଙ୍ଗ ହେଲା ଏତେ ନିର୍ମଳ ତା । ୨୩ ।
କେ ବୋଲେ ବାସକସଜ୍ଜା ପରିଷ୍କେକ ହୋଇଅଛି ଏବେ ଦେଖ ।
କୃଷ୍ଣ ଆଗମନ ଆଶାରେ ପ୍ରସନ୍ନ କରିଅଛି ପଦ୍ମମୁଖ । ୨୪ ।

କବି ଯମୁନାକୁ କୃଷ୍ଣ-ଗୋପୀମାନଙ୍କର ଲୀଳାସ୍ଥଳର ଏକ ଅଙ୍ଗ ସ୍ୱରୂପ ଗ୍ରହଣ କରି ତାହାକୁ ପ୍ରେମଶୀଳା ନାୟିକାରେ ପରିଣତ କରିଦେଇ ଏବଂ କାବ୍ୟର ବିଷୟ ଓ ଭାବପ୍ରବାହରେ ଏହାକୁ ସାହାଯ୍ୟକାରିଣୀ ଉପନଦୀ ରୂପେ ବ୍ୟବହାର କରି ଭବ୍ୟ ଚିତ୍ରଟିଏ ଅଙ୍କନ କରିଛନ୍ତି ।

ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନାରେ କବି ଯମୁନା ଓ ବୃନ୍ଦାବନର ଉପବନ ଏ ଦୁଇଟି ସ୍ଥାନକୁ ବିଶେଷ ସ୍ଥାନ ଦେଇଛନ୍ତି । ଉଭୟ ସ୍ଥଳ ଶ୍ରୀକୃଷ୍ଣ ଓ ଗୋପୀମାନଙ୍କର ପ୍ରେମଲୀଳା ସ୍ଥଳୀ ହୋଇଥିବାରୁ ଏହାକୁ ରସାନୁକୂଳ କରିଛନ୍ତି ।

ଯମୁନାର ଶୀତଳ ଜଳକଣାରେ ଆର୍ଦ୍ର ହୋଇଥିବା ଓ ପୁଷ୍ପ ପରିମଳ ଘେନି ମନ୍ଦେ ମନ୍ଦେ ପ୍ରବାହିତ ହେଉଥିବା ପବନ ଗୋପୀମାନଙ୍କର କନ୍ଦର୍ପ ଉଦ୍ଦୀପନା ବୃଦ୍ଧି କଲା । କୁରଙ୍ଗର ମଦ ସୌରଭ, ଭୃଙ୍ଗର କୁସୁମ ଚୁମ୍ବନସ୍ୱନ, କାମଦେବଙ୍କ ଧନୁ ଟଙ୍କାରିଲା ପ୍ରାୟ ପ୍ରତୀତ ହେଲା । ପ୍ରେମର ସୁଖ ସମୟରେ ପ୍ରକୃତିର ଏହି ସୁନ୍ଦର ରୂପ ପ୍ରେମିକ ପ୍ରେମିକାଙ୍କ ମନକୁ ଉଚାଟ କରାଇ

ଆନନ୍ଦଦାୟକ କରେ; କିନ୍ତୁ ପ୍ରେମର ଦୁଃଖ ବା ବିରହ ସମୟରେ ଏହି ସବୁ ଉପାଦାନ ବିପରୀତ କଷ୍ଟ ଦିଏ । କବି ମିଳନ ଓ ବିରହର ଚିତ୍ରଣରେ ଉଭୟ ଦଶାର ଚିତ୍ର ଚମତ୍କାର ଭାବରେ ପ୍ରଦାନ କରିଛନ୍ତି ।

କାଳିନ୍ଦୀ ଶୀତଳ ପୁଷ୍ପ ପରିମଳ ଘେନି ବହେ ମନ୍ଦ ପବନ
କୁରଙ୍ଗ ମଦ ସଉରଭ କରନ୍ତେ ବଢ଼େ କନ୍ଦର୍ପ ଉଦ୍ଦୀପନ ।
କୁସୁମ, ଚୁମ୍ବି କରେ ଭୃଙ୍ଗ ଝଙ୍କାର,
କନ୍ଦର୍ପ ଧନୁ ଟଙ୍କାରିଲା ପରି ଏ ପ୍ରତେ ହୁଅଇ ଗୋପୀଙ୍କର

୨୦ । ୧୨ ଶ ଛନ୍ଦ ।

ବୃନ୍ଦାବନର ରାସସ୍ଥଳ ଉପବନଟି କିଂଶୁକ, ଅଶୋକ, ଚମ୍ପା, କୁରୁବକ, କରୁଣା କେଶର, କୁରୁବେଲି, ମଲ୍ଲୀ, ମାଧବୀ, ଛୁରିଅନା, ହେମ କେତକୀ, କରବୀର, ଡାଳିମ୍ବ, ପୁନାଗ, ତମାଳ, ମନ୍ଦାର, ବକୁଳ, ଆମ୍ବ, ନାଗେଶ୍ୱର ପୁଷ୍ପରେ ଶୋଭାପାଉଛି ଏବଂ ଏମାନଙ୍କ ପ୍ରଭାବ ପ୍ରେମିକପ୍ରେମିକାଙ୍କ ଉପରେ ପଡ଼ି ସେମାନଙ୍କୁ ପ୍ରେମ କଥା ଚେତାଇ ଚିତ୍ତ ଚଞ୍ଚଳ କରାଉଅଛି । କୋମଳ କୁସୁମ କେତେବେଳେ କନ୍ଦର୍ପର କରତ ତ କେତେବେଳେ ନାଗପାପ ପରି ଜଣାଯାଉଥିବା ଗୋପୀମାନେ କୌତୁକରେ ପରସ୍ପର ଆଳାପ ପ୍ରସଙ୍ଗରେ ବ୍ୟକ୍ତ କରି ଆନନ୍ଦ ଲାଭ କରୁଛନ୍ତି । ଏହି ସମ୍ପର୍କରେ କବି ବିଭିନ୍ନ ପୁଷ୍ପମାନଙ୍କର ସଂସ୍କୃତ ଓ ଓଡ଼ିଆ ନାମର ଯେଉଁ କୌତୁକପୂର୍ଣ୍ଣ ଶ୍ଳେଷାର୍ଥ କ୍ରୀଡ଼ା କରିଛନ୍ତି ତାହା ଅତି ରମଣୀୟ ହୋଇଛି ଏବଂ କବିଙ୍କର ଗଭୀର ଜ୍ଞାନ ଓ ଭାବୁକତାର ପରିଚୟ ଦେଉଛି ।

ବିରହିଣୀ ପକ୍ଷରେ ନାଗେଶ୍ୱର ଫୁଲକୁ ନଗେନ୍ଦ୍ରର ବା ସର୍ପ, କେତକୀ କନ୍ଦର୍ପର ପ୍ରାଣଘେନା କରତ, ଛୁରିଅନା ଅତି ସୁଗନ୍ଧଯୁକ୍ତ ଓ ମନୋରମ ହେଲେ ମଧ୍ୟ ତାହାର ନାମରେ 'ଛୁରି' ଥିବାରୁ ଛୁରୀ, ଏହିପରି ବହୁ ପୁଷ୍ପର କୌଶଳପୂର୍ଣ୍ଣ ଅର୍ଥ କରି ଆଳାପକୁ ହୃଦୟସ୍ପର୍ଶୀ କରିପାରିଛନ୍ତି । ଏହି ପ୍ରସଙ୍ଗରେ କବି, ତମାଳ, ପଳାଶ, ରସାଳ, କରୁଣା ମାଧବୀ, ଅଶୋକ ପ୍ରଭୃତି ବହୁ ପୁଷ୍ପର ନାମ ଉଲ୍ଲେଖ କରି ବକ୍ରୋକ୍ତି ପ୍ରୟୋଗ କରିଛନ୍ତି ।

କେଉଁ ଯୋଷୀ ଦେଖି ବୋଲଇ ଗୋ ସଖି ଦେଖଦେଖ ଏ ନାଗେଶ୍ୱର,
କାନ୍ତ ବିଚ୍ଛେଦରେ ବିରହିଣୀଠାରେ କେବଳ ହୁଏ ନାଗେଶ୍ୱର
କନ୍ଦର୍ପ କରତଟି ଏଣୁ କେତକୀ,
କରଟବ ରନ୍ଧ୍ର ଅଙ୍ଗ ପ୍ରାଣ ନେବା କଥାନ୍ତି ଏହାକୁ କେତେ କି ? ୧୩ ।

କୁସୁମ ଉତ୍ତମ ବାସ ମନୋରମ ନାମ ମାଧବିକ କୁସୁଅନା
କର୍ଣ୍ଣ ପଥେ ଶୁଣି ପ୍ରକାଶି ରମଣୀମାନ ହୁଅନ୍ତି କ୍ଷୁଣ୍ଣ-ମନା,
କୃଷ୍ଣରେ, କୃଷ୍ଣସମ ଦେଖି ତମାଳ
କାନ୍ତ ବିଯୋଗରେ ବିରହ ବେଗରେ ପ୍ରତେ ହୁଏ କାମ ତମାଳ ।
୧୪ । ୧୨ଶ ଛାନ୍ଦ ଇତ୍ୟାଦି ।

ରୂପ ବର୍ଣ୍ଣନା—ରୂପ ବର୍ଣ୍ଣନାରେ କବି ସୁନ୍ଦର ଉପମା ବ୍ୟବହାର କରି ଚିତ୍ରଗୁଡ଼ିକୁ ମନୋରମ କରିଛନ୍ତି; କିନ୍ତୁ ଉପେନ୍ଦ୍ରଙ୍କ ପରି କଳ୍ପନାର ବିଳାସ ବହୁ ଛବିକୁ ଗଢ଼ କରି ପାରିନାହାନ୍ତି । ରାଧାଙ୍କ ରୂପ ବର୍ଣ୍ଣନାରେ କବି ଏତେଗୁଡ଼ିଏ ଉପମା ସୁସଙ୍ଗତ ଓ କମନୀୟ ଭାବରେ ବ୍ୟବହାର କରିଛନ୍ତି ଯେ କବି ସୌନ୍ଦର୍ଯ୍ୟଜନିତ ଦୀନତା ବଶରୁ ଯାହା ବ୍ୟକ୍ତ କରିଛନ୍ତି ତାହା ସତ୍ୟ ବୋଲି ପ୍ରତୀତ ହେଉଛି । ଏଥିରେ ହିଁ କବି-ଶ୍ରମର ସାର୍ଥକତା ରହିଛି ।

କବି ବଚନରେ ଉପମା ଦେବାକୁ ନାହିଁ ଆଉ ପ୍ରତିଆଶା ।
୭ । ୧୦ମ ଛାନ୍ଦ ।

କୁମୁଦନନ୍ଦିନୀ ରାଧାଙ୍କ ଶୋଭା ବର୍ଣ୍ଣନାରେ କବି ପ୍ରତ୍ୟେକ ଅଙ୍ଗ-ପ୍ରତ୍ୟଙ୍ଗ ନିମିତ୍ତ ଉପମା ବ୍ୟବହାର କରିଛନ୍ତି । ସୁନ୍ଦର ଉପମା ସହିତ ମଧୁର ପଦାବଳୀ ବର୍ଣ୍ଣନାକୁ ସରସ ଓ ଜୀବନ୍ତ କରିଛି । ଚିତ୍ରଚରିତ ଗ୍ରନ୍ଥକୁ ଅନୁସରଣ କରି କବି ବର୍ଣ୍ଣନା କରିଥିଲେହେଁ ମଧୁର ପଦାବଳୀ ଶବ୍ଦକୁ ନୂତନ ରୂପଦାନ କରିଛି ।

କି ଦେବା ଉପମା ସହଜେ ତ ବାମା ତ୍ରିଭୁବନେ ନିରୁପମା
କମଳନୟନ ମଦନମୋହନ ପ୍ରିୟତମା ସୁଖ ସୀମା ।
କଳାରେ କଜ୍ଜ୍ୱଳ ସୂକ୍ଷ୍ମେ ଶଇବାଳ ତରଙ୍ଗ ପ୍ରାୟେ କୁଞ୍ଚିଳ
କଟୀପର ଲମ୍ବ ମହା ମନୋରମ କୁସୁମ ବାସ କୁନ୍ତଳ ।
କସ୍ତୁରୀ ପରିମଳ ଦର୍ପଣ ନିର୍ମଳ ଚନ୍ଦ୍ରକାନ୍ତି ପ୍ରାୟେ ମୁଖ
କେ କହିବ ତାହା ଅନାଇଲେ ଯାହା ଜାତ ହୁଏ ମହାସୁଖ ।
କୁରଙ୍ଗ ଚଞ୍ଚଳ ସୁରଙ୍ଗ ଅଞ୍ଚଳ ସଫଳ ଆକୃତି ଆଖି
କନ୍ଦର୍ପ ବିଶିଖଠାରୁ ମହାତୀକ୍ଷ୍ଣ ହୃଦୟେ ରହିଲ ଲଖି ।
କାମ କୋଦଣ୍ଡରୁ ବଙ୍କ ମୃଦୁ ସରୁ ନୀଳ ଭ୍ରୂଲତା ସୁନ୍ଦର
କାମ-ଜୟ ପାଶ ପରାୟେ ପ୍ରକାଶ କର୍ଣ୍ଣ-ଅତି ମନୋହର ।
କମନୀୟ ତିଳଫୁଲରୁ ମଞ୍ଜୁଳ ଅତୁଳ ଅମୂଲ୍ୟ ନାସା
କବି ବଚନରେ ଉପମା ଦେବାକୁ ନାହିଁ ଆଉ ପ୍ରତିଆଶା ।
କୁନ୍ଦରୁ ଉଜ୍ଜ୍ୱଳ ମୋତିରୁ ବର୍ତ୍ତୁଳ ତାଳମୁକ୍ତ ବଳି ଜ୍ୟୋତି
କୁନ୍ଦ ସ୍ୱରସାର ବସାଇଲା ପ୍ରାୟ ସଖି ଘଞ୍ଚ ଦନ୍ତପନ୍ତି ।
କଣକୟ ବିମ୍ବ ବଧିଲା ବିଡ଼ମ୍ବ କରଇ ଯେଉଁ ଅଧର
କୃଷ୍ଣ ମୁଖବିମ୍ବେ କ୍ରୀଡ଼ାରସେ ଚୁମ୍ବେ ତହିଁକି କ ପଟାନ୍ତର ।
କେତକୀରୁ ଗୋରୀ ଦେହକାନ୍ତି ତୋରି କୋମଳେ ଶିରୀଷ ପରି
କେ କହିବ ରାଧା ଚନ୍ଦ୍ରମୁଖୀରୂପ କୃଷ୍ଣମନ ଯହିଁ ଧରି ।

ଇତ୍ୟାଦି । ୧୦ମ ଛାନ୍ଦ ।

କବିଙ୍କର ରାଧା ଚରିତ୍ରକୁ ମାନସ ଚକ୍ଷୁରେ ଅନାଇଲେ ମହାଆନନ୍ଦ ଜାତହୁଏ । ଅକ୍ଷର କମର ଏହି ରୂପଟି ସହଜରେ ତ୍ରିଭୁବନ ନିରୁପମା ବାମା ରୂପେ ମୂର୍ତ୍ତିମନ୍ତ ହୋଇ ଦେଖାଯାଉଛି । ତ୍ରିଭୁବନ-ନିରୁପମ ଅଖିଳ ସୌନ୍ଦର୍ଯ୍ୟ ନିକେତନ ନାୟକଙ୍କର ଉପଯୁକ୍ତ ନାୟିକାର ଏହା ଯେ ଉପଯୁକ୍ତ ରୂପସମ୍ଭାର ଏଥିରେ ସନ୍ଦେହ ନାହିଁ । କବି ଏହି ଲକ୍ଷ୍ୟରେ ଏହାକୁ ସୃଷ୍ଟି କରିଛନ୍ତି ।

ରାଧା, ଗୋପୀ ଓ ଶ୍ରୀକୃଷ୍ଣଙ୍କ ରୂପ ଉପମା-ଅଳଙ୍କାର ମଣ୍ଡିତ ସରସ କୋମଳ ଅଥଚ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପଦାବଳୀରେ କବି ବର୍ଣ୍ଣନା କରିଛନ୍ତି । ପଦାବଳୀ ସୌନ୍ଦର୍ଯ୍ୟର ଶୋଭାକୁ ବହୁଗୁଣରେ ବର୍ଦ୍ଧିତ କରିଛି ।

ଗୋପୀ-ପ୍ରେମଲୀଳା ଶୃଙ୍ଗାରରସାଶ୍ରିତ ଥିବାରୁ ନାୟକ କୃଷ୍ଣଙ୍କର ଅପୂର୍ବ ରୂପଲାବଣ୍ୟ ପ୍ରେମିକା ନାୟିକାଙ୍କର କାମଚେଷ୍ଟାକୁ ବର୍ଦ୍ଧିତ କରି ଲୀଳାକୁ ରସାପ୍ଲୁତ କରିଛି । କବିଙ୍କ ଲକ୍ଷ୍ୟ ସାଧିତ ହୋଇଛି । ରାଧା ଓ ଗୋପୀମାନଙ୍କର ସୌନ୍ଦର୍ଯ୍ୟ ସମ୍ଭାର କବି ଶ୍ରୀକୃଷ୍ଣଙ୍କ ଶୋଭାର ସମକକ୍ଷ କରିଥିବା ମଧ୍ୟ ଏହି କାରଣରୁ ହୋଇଛି ।

ଗୋଧନ ବାହୁଡ଼ା ସମୟରେ କମନୀୟ ବେଶ ଧାରଣ କରି ଶ୍ରୀକୃଷ୍ଣ 'ସୁନ୍ଦର ସୁନ୍ଦର' ଦିଶନ୍ତି । ଶିରର ମୁକୁଟ ମୟୂରପୁଚ୍ଛରେ ରଞ୍ଜିତ ହୋଇଥିବାରୁ ବର୍ଷାକାଳରେ 'କଳା ମେଘ କୋଳରେ' ଇନ୍ଦ୍ରଧନୁ ପ୍ରକଟିତ ହୋଇଥିଲା ପରି ସୁନ୍ଦର ଦିଶୁଛି । କପୋଳରେ ଊର୍ଦ୍ଧ୍ୱ କସ୍ତୁରୀତିଳକ, କର୍ଣ୍ଣରେ ମଣିମୟ ମକରକୁଣ୍ଡଳ, ନାସାରେ ମୋତିଦ୍ୱୟ ଶୋଭାକୁ ବର୍ଦ୍ଧିତ କରିଥିବାରୁ କାମିନୀଙ୍କ କାମ-କରବାଳ ସଦୃଶ ହୋଇଛି ।

କୁମୁଦ ପ୍ରମୋଦ କମଳଙ୍କ ନିଦ ସମୟେ ଘରକୁ ଆସନ୍ତି,
କମନୀୟ ବେଶ ଧରି ପୀତବାସ ସୁନ୍ଦର ସୁନ୍ଦର ଦିଶନ୍ତି ।
କେକୀ କଳାପ, କଳାପେ ରଞ୍ଜିତ ମୁକୁଟ,
କାଦମ୍ବିନୀ କାଳେ କଳା ମେଘ କୋଳେ ଇନ୍ଦ୍ରଧନୁ ଯେସନ୍ତେ ପ୍ରକଟ । ୯ ।

କଳାକର ଅର୍ଦ୍ଧ କପାଳରେ ଊର୍ଦ୍ଧ୍ୱ କସ୍ତୁରୀ ତିଳକ ବିରାଜେ,
କାମିନୀଙ୍କ କାମ କରବାଳ ସମ ସ୍ୱଚ୍ଛିଲେ ମର୍ମଦେଶେ ବାଜେ ।
କପାଳ ପଟ୍ଟତଟେ ଗୁଞ୍ଜାର ମୁଣ୍ଡମାଳ,
ଜବା ଅରବିନ୍ଦ ପାଶେ ଅଳିବୃନ୍ଦ ରହେ ଅଙ୍ଗକୁ ଅଙ୍ଗ ମିଳି । ୧୦ ।

କର୍ଣ୍ଣେ କମନୀୟ ମହା ମଣିମୟ ମକର କୁଣ୍ଡଳ ଚଳନ୍ତ,
କମଳ ଉଭୟ ପାଶେ ସୁଶୋଭୟ ଯୁଗଳ ମୀନ କି ଖେଳନ୍ତ,
କାବ୍ୟ-ଭାସ୍କରୁ, ହାର-ମୋତି ନ ସେ ଲୁଚଇ,
କଣବାରୁ ସଙ୍ଗ ଅଧର ସୁରଙ୍ଗ ଲୋହିତ ଅଙ୍ଗକୁ ବଳଇ । ୨୧ । ଷଷ୍ଠ ଛାନ୍ଦ ।

ଗୋଧନ ବାହୁଡ଼ାରେ କୃଷ୍ଣଙ୍କ ଭୁବନମୋହନ ରୂପ ଦେଖି ଗୋପାଙ୍ଗନାମାନେ କପରି ପ୍ରେମାତୁରା ହେଲେ ତାହା ଅତି ଚମତ୍କାର ଭାବରେ କବି ଲେଖିଛନ୍ତି—

କେଉଁ ଗୋପୀ ଦେଖି ଧଇର୍ଯ୍ୟ ନରଖି
କରେ ମଧୁର ଅଙ୍ଗ ଭଙ୍ଗ,
କର୍ଣ୍ଣ କଣ୍ଡୁ ଛଳେ କର ଟେକି ହେଲେ
ବଶ କରଇ ଶିଖିରଙ୍ଗ ।
କେଉଁ ଯୁବତୀ, କଟଇ କଞ୍ଚୁକର ଗଣ୍ଠି,
କୁଚରୁ ଅଞ୍ଚଳ ଖସାଇ ଚଞ୍ଚଳ ହରଇ ଯଦୁପତି ମତି ।
୨୮ । ଷଷ୍ଠ ଛାନ୍ଦ

* * *

କହି କେ ପାରିବ ସେ କାଳ ଉତ୍ସବ
ଯେତେ ହାବଭାବ ଶୋଭା ।
କଟାକ୍ଷେ କଟାକ୍ଷ ଭେଟେ ପ୍ରତ୍ୟକ୍ଷ
ହୋଇଛି ଯହିଁ ମନୋଲୋଭ ।। ୨୮ । ୩୪ । ଷଷ୍ଠ ଛାନ୍ଦ ।

ଅଷ୍ଟମ ଛାନ୍ଦରେ ଗୋପାଙ୍ଗନାମାନଙ୍କ ରୂପଲାବଣ୍ୟ ବର୍ଣ୍ଣନା ପ୍ରସଙ୍ଗରେ କବି ଯାହା କହିଛନ୍ତି ତାହା ଅତି ଚମତ୍କାର ହୋଇଛି । କି ଭାଷା, କି ଭାବ, କି ପଦଲାଳିତ୍ୟ, ସବୁଦିଗରୁ ଏ ପଂକ୍ତି ଗୁଡ଼ିକ ଅମୂଲ୍ୟମଣି । ଏ ନାସ୍ତି ଚରଗୁଡ଼ିକ ଜୀବନ୍ତ ହୋଇଛି; କବିଙ୍କ ଶକ୍ତି ପୂର୍ଣ୍ଣ ବିକାଶ ଲାଭ କରିଛି ।

(କ) କରୁଥିବ ତୁଷ୍ଟି ସୁଧାପ୍ରାୟ ଦୃଷ୍ଟି ଦୂରରୁ ପକାଇ ଅବଳା,
କୁଚମୂଳୁଁ ବାସ ଅଳପ ଉଶ୍ୱାସ କରି ଦେଖାଉଥିବ ଲୀଳା,
କି ଅବା, କଉତୁକେ କର ତୋଳିବ,
କାମକଳ୍ପ ବୃକ୍ଷେ ସେହ୍ନଟି ପ୍ରତ୍ୟକ୍ଷେ ଅଭିଳାଷ ଫଳ ଫଳିବ । ୯ ।

କରି ମନ୍ଦହାସ ନୟନ ପ୍ରକାଶ କରି କରୁଥିବ ଅନ୍ତର,
କାମୁକ ଅଙ୍ଗରେ ସେହ୍ନଟି ଅନଙ୍ଗ-ଭୂତ ଲଗାଇବା ମନ୍ତ୍ର..... । ୧୦ ।

(ଖ) କଉଁ କାମିନୀ ଜାମିନୀ କର-ମୁଖୀ ସଉଦାମିନୀ ହେମ ଗୋରୀ,
କଞ୍ଚୁକ ଭିଜରେ ବାସ ଦେଇ ଶିରେ ସଧୀରେ ଗମନ୍ତେ ସୁନ୍ଦରୀ,
କୋମଳେ, କହନ୍ତ ତାଙ୍କ ପଦ୍ମମୁଖ,
କେତେବେଳେ ଅନ୍ତ-ପଟ-ଅନ୍ତ ନୃତ୍ୟକାରୀ କି ନ ଦିଅଇ ସୁଖ । ୧୧ ।

କାତ ଘଟ ଜଳ ଦିଶେ ଢଳ ଢଳ ପ୍ରତି ଚକ୍ଷୁରେ ବର୍ଣ୍ଣ ପ୍ରାୟେ,
କଲେ ଝୀନବାସ ଅନ୍ତର ପ୍ରକାଶ ହୋଇଛି ଚମ୍ପାଫୁଲ ପ୍ରାୟେ,
କମଳା, କାଞ୍ଚନ ଅନ୍ତର କୁସୁମ,
କେବଳ ନଦେଖିଲେ ହେଁ ସୁବାସରୁ ବଳି ହୁଅଇ ମନୋରମ । ୧୨ ।

(ଗ) କନକଲତାରେ କମଳ କୋଳରେ ବିକାଶେ ବେନି ଇନ୍ଦିବର,
କୁନ୍ଦକଳି ସଙ୍ଗେ ଫୁଟିଅଛି ରଙ୍ଗେ ବନ୍ଧୁଜୀବନ ମନୋହର,
କମଳ କେ କନ୍ଦରେ ଗନ୍ଧଫଳୀ
କାପରି ବିଧାତା କରିଛି ଏ ଲତା ଚନ୍ଦ୍ରଙ୍କୁ ପଡ଼ିଅଛି ବଳି ।୧୩। ୮ମ ଗ୍ରନ୍ଥ ।

ଗ୍ରୀଷ୍ମକାଳରେ ଗୋପାଙ୍ଗନାମାନଙ୍କର ଯମୁନାରେ ଜଳକେଳୀ ସମୟର ଶୋଭା ବର୍ଣ୍ଣନା ମଧ୍ୟ ବଡ଼ ସୁନ୍ଦର ହୋଇଛି ।

କଳାକରହାସୀ କମଳ ସୁବାସୀ କ୍ରୀଡ଼ାମାନସ କଳହଂସୀ,
କୃଷ୍ଣ ମନ ମୀନ-ଆକର୍ଷ-ବଡ଼ଶୀ କନ୍ଦର୍ପ ଦର୍ପ ତମ ଶଶୀ;
ସୁଜନେ, କାମ ତରଙ୍ଗିଣୀ ତରଣୀ,
କରନ୍ତେ ଗମନ ଅତି ଶୋଭାବନ ଦିଶନ୍ତି ଧରଣୀ ସରଣୀ ।

କଳରବ କରେ କନକ କଙ୍କିଣୀ ବାଜଇ ବାଜେଣୀ ନୂପୁର,
ଦାମ ପଦ୍ମଣ୍ଡ ମଣାଇ ନେଲ ପ୍ରାନ୍ତେ ଶୁଭଇ ଅତ୍ୟନ୍ତ ସୁସ୍ୱର,
ସୁଜନେ, କମଳ ବନ୍ଧୁଲ ପରାୟେ,
କମଳାସ୍ୟ ପାଦପଦ୍ମ ବିକାଶନ୍ତି ପଦ ପଦକେ ସୁଖମୟେ । ୧୫ ।

କାଳନ୍ଦୀ କୂଳରେ ପ୍ରବେଶ ହୋଇଲେ ସକଳ ବ୍ରଜବାଳିକା,
କଲେ ଅବଲୋକ କଳାରେ କନ୍ଦମ୍ବୁ ଦଳିତ କଜ୍ଜଳ କାଳିକା,
କାମିନୀ, କଟାକ୍ଷ ପରାୟେ ତରଙ୍ଗ,
କବରୀ ପରାୟେ ମହା ମନୋହର କୁସୁମମାନଙ୍କର ସଙ୍ଗ । ୧୬ ।

କଳହଂସକୁଳ ସ୍ୱନ କରୁଛନ୍ତି ହଂସକ ନିସ୍ୱନ ପରାଏ,
କାନ୍ତା କୁଚକୁଚ ପ୍ରାୟେ ବସିଛନ୍ତି କୋକ ମିଥୁନ ଏକ ଠାଏଁ,
କେବଳ, ବ୍ରହ୍ମଧ୍ୟାନ ଯୋଗୀ ପରାୟେ,
କଳେବର ସ୍ଥିର କରି ବକମାନେ ମୀନକୁ କରୁଛନ୍ତି ଲକ୍ଷ୍ୟେ । ୧୭ ।

କମଳେ କମଳ ବଦନୀ ପଶନ୍ତେ କମଳେ ହୋଇଲେ ଚଞ୍ଚଳ,
କୁବଳୟ ଆଦି କହ୍ଲାର ସହିତେ କେ ତହିଁ ନୋହିଲେ ନିଶ୍ଚଳ,
କେବଳ, ଯେ ଯାହାକୁ ଗୁଣେ ବଳଇ,
କା କା କର ପାଶେ ଦେଖିଲେ ତାକୁ ସେ ଅଧୈର୍ଯ୍ୟ ହୋଇ ଚଳଇ ।୧୮।

କମନୀୟ ମୁଖ ସୁନେତ୍ର ସୁନଖ ଶୋଭାକୁ ସମ ନୋହିବାରୁ
କମ୍ପିଲ ସରୁର ଶରୀର ସୁମରି ମରିବା ଭଲ ଲାଜଠାରୁ,
କାଦମ୍ବ-କୁଳ ପାଶରେ ନ ରହିଲେ,
କରିବାରୁ ସ୍ୱୈର ଗମନ ଗୁରୁଶ୍ରୀ ମନରେ ଭୟକୁ ବହିଲେ । ୧୯ ।

କନକଲତା ନୀଳମଣି ସ୍ଥଳରେ ପବନେ ଚଳିଲା ପରାୟେ,
କେ କାହାକୁ ପାଣି ପାଣିରେ ଘୂରାଇ ଆନନକୁ ମାରି ପଳାଏ,
କେ ଜଳ, କରୀଟ ପରାଏ ବୁଡ଼ଇ,
କାହିଁ ଯିବୁ ବୋଲି କରି କେ ପାଣିରେ ପାଣି ଘେନିକରି ଲେଢ଼ଇ । ୨୦ ।

କରେ କର ଦେଇ ଚଢ଼ବାଲି ହୋଇ କମଳୁଁ କମଳ ତୋଳନ୍ତି,
କେ କରକମଳେ କମଳ କୁସୁମ ତୋଳି କାହା କୁଚେ ଚାଳନ୍ତି,
କେ ବୋଲେ, ସଖୀ କୁଚପଦ୍ମ ଶଙ୍କର,
କରି ଏହାଙ୍କୁ ଜଳଶାୟୀ ସମସ୍ତେ ହେଲେଁ ଏହାଙ୍କ କଙ୍କର ।

୨୧।୧୪ଶ ଛାନ୍ଦ ।

୨୧ଶ ଛାନ୍ଦରେ ଗୋପାଙ୍ଗନାମାନଙ୍କର କଦମ୍ବ ତମାଳ, ଅଶୋକଙ୍କୁ ସମ୍ବୋଧନ କରି କୃଷ୍ଣଙ୍କ ବିରହ ବର୍ଣ୍ଣନା ଓ କୃଷ୍ଣଙ୍କ ମଥୁରାକୁ ଯିବେବୋଲି ଶୁଣି ଗୋପାଙ୍ଗନାମାନଙ୍କର ବିଳାପ କବିତା-ଗ୍ରନ୍ଥରେ ଅତୁଳନୀୟ । ପ୍ରତ୍ୟେକ ପଦରେ ଯେପରି କବିତା-ମାଧୁରୀ-କମଳ ବିକଶିତ ହୋଇ ଜନମନ ହରଣ କରୁଛି ।

ରସକଲ୍ଲୋଳରେ କବି ଶତାଧିକ ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ଚିତ୍ର ଅଙ୍କନ କରି ତାଙ୍କ ଅସାମାନ୍ୟ କବିପ୍ରତିଭାର ପରିଚୟ ଦେଇଛନ୍ତି ।

(୧) କୃଷ୍ଣ ଜନ୍ମ ହେବା ଶୁଣି ଗୋପୀମାନେ ଉତ୍ସାହ ଓ ଆନନ୍ଦରେ ବିଭୋର ହୋଇ ନନ୍ଦପୁରକୁ ଧାଇଁଲେ । ଏହି ସମୟରେ ଏମାନଙ୍କର ଏକ ଚିତ୍ର କବି ଦେଇଛନ୍ତି ।

କାଦମ୍ବିନୀ କୋଳେ ଯେହ୍ନେ ବିଜୁଳି, କରେ ଝମକ ସବୁ ଉଗେ ମିଳି ।
କଳଧଉତଲତା ବାତେ ଯେହ୍ନେ, କାମିନୀଙ୍କ ଗମନେ ଅଙ୍ଗ ତେହ୍ନେ ।

କାହା କବରୀରୁ ଫୁଲ ଖସି ପଡ଼ୁଛି, କେହି ଗରୁ ନିତମ୍ବ ବିମ୍ବ କଟୀସରୁ କେଶରୀ ମଧ୍ୟମା କଳହଂସ ପ୍ରାୟେ ଗମନ କରିବାରୁ ହଂସକର ସ୍ୱନ ହଂସସ୍ୱନ ସଦୃଶ ଶୁଭୁଛି । ଇତ୍ୟାଦି (୩ୟ ଛାନ୍ଦ) ।

(୨) ଅସୁରକୁଳକୁ ନିର୍ମୂଳ କରିସାରି କୁଞ୍ଜ କାନନରେ କୃଷ୍ଣ ବ୍ରଜବାଳକମାନଙ୍କ ସାଙ୍ଗରେ ନାନା ରୂପରେ ଖେଳ କରନ୍ତି ।

କେ କେକା ପରାୟେ ନାଚ ନାଚ ଯାଏ କେ ବକ ପରାୟେ ବସନ୍ତି ।
କେ ଭୃଙ୍ଗ ଝିଂକାର ଶୁଣି ଅହଂକାର କରି ହୁଂକାର ବିସ୍ତାରନ୍ତି ।
କେହୁ ସାଦରେ, କେକା ଶିଶୁ ପଛେ ଗୋଡ଼ାନ୍ତି ।
କେ କାହା କରରେ କର ମାରି ଗଡ଼େ ପଳାଇ ପ୍ରତିଜ୍ଞା କରନ୍ତି ।

କେତେବେଳେ ବା ବାହୁଯୁଦ୍ଧ କରି ଭୂବରେ ଧରାଧରି ହୁଅନ୍ତି । କେତେବେଳେ ସମର କରି ହାରଜିତାରେ ଚଞ୍ଚଳ ହୁଅନ୍ତି । କେତେବେଳେ ବା ଆଖିବୁଜାଣି ଖେଳ ଖେଳନ୍ତି । କେତେବେଳେ ବା ରାଜାମନ୍ତ୍ରୀ ଖେଳ ଖେଳନ୍ତି । କୃଷ୍ଣଙ୍କୁ ରାଜା ରୂପେ ସଜାଇ ସଖାମାନେ ପୁଷ୍ପଛତ୍ର ଧରି 'ମଣିମା ମଣିମା' ବୋଲି ଡାକନ୍ତି । (୬ଷ୍ଠ ଛାନ୍ଦ) ।

(୩) କରୁଥିବ ହଂସ ପରାଏ ଗମନ କେଉଁ କଳାହଂସ ଗମନା ।
କରୁଥିବ ହଂସ ପରାଏ ନିଃସ୍ୱନ ହଂସକଣ୍ଠାଙ୍କ ବଚନ ।
କନ୍ଦର୍ପ, ମଦରେ ହୋଇଥିବ ଅନ୍ଧ ।
କରୁଥିବ ବାମ ଅବାମେ କଟାକ୍ଷ ଦେଖି ହରିବ ଧୈର୍ଯ୍ୟବନ୍ଧ ।

କରୁଥିବ ଦୃଷ୍ଟି ସୁଧାପ୍ରାୟେ ବୃଷ୍ଟି ଦୂରକୁ ପଳାଇ ଅବଳା ।
କୁଚମୂଳକୁବାସ ଅଳପ ଉଶ୍ୱାସ କରି ଦେଖାଉଥିବ ଲୀଳା ।
କେ ଅବା, କଉତୁକେ କରି ତୋଳିବ
କାମକଳ୍ପବୃକ୍ଷ ସେହୁଟି ପ୍ରତ୍ୟକ୍ଷ ଅତିଶସ୍ୟ ଫଳ ଫଳିବ ।

କରି ମନ୍ଦ ହାସ ନସ୍ତନ ପ୍ରକାଶ କରି କରୁଥିବ ଅନ୍ତର ।
କାମୁକ ଅଙ୍ଗରେ ସେହୁଟି ଅନଙ୍ଗ ଭୂତ ଲଗାଇବା ମନ୍ତ୍ରର ।
କେତେ ବା, କହିବ ଅନୁଭବ କଥା
କରୁଥିଲେ ପଦେ ପଦେ ସୁଖ ହୃଦେ କେବଳ ଗୁଆ ଭକ୍ତ ବ୍ୟଥା ।

୮ମ ଛନ୍ଦ ।

(୪) କରେ ବାସ ମୁଖ ମୁଖେଦେଇ ମୁଖ ତଳକୁ କଲା ଲଜବତୀ ।
କଥା କହ କରି କେଉଁ ସୁଖ ସିଖ ଦଅନ୍ତା କହ ସେ ସୁମତୀ ।
କଞ୍ଚିତ, କର ଯ‌ା କଲା କୋଣ ଦୃଷ୍ଟି,
କୃଷ୍ଣ ହୃଦସ୍ଥ ଧଇର୍ଯ୍ୟ କୁଞ୍ଜକୁ ସେ ହେଲା ନହାର ଧାର ବୃଷ୍ଟି । ୮ମ ଛାନ୍ଦ ।

(୫) କଲେ ଧୀରଗତି ଗୋକୁଳଯୁବତୀ ହସରସ କଉତୁକେ
ଜଳ-ହଂସପନ୍ତି ଯେମନ୍ତ ଗମନ୍ତି ମହାମତ୍ତ ବାଳତକେ ।
୧୮ । ୧୦ମ ଛାନ୍ଦ ।

(୬) କନକ ବଲ୍ଲରୀ ଫଳଫୁଲଧର ଚଳନ୍ତେ ଯେମନ୍ତ ବିଚିତ୍ର
କାମକଳାବତୀ ଗୋପୀ ସେହମତ ଚଳନ୍ତେ ମୋହେ ମନନେତ୍ର ।
୧୯ । ୧୨ଶ ଛାନ୍ଦ ।

କବି ତରୁଣୀକୁ ସ୍ୱର୍ଣ୍ଣଲତା, କାମର ଦିଗ୍ ବିଜୟ ରଥ ସହିତ ତୁଳନା କରି ଅତୁଳନୀୟ ଚିତ୍ର ସୃଷ୍ଟି କରିଛନ୍ତି ।

(କ) କନକ ଲତାରେ କମଳ କୋଳରେ ବିକାଶେ ବେନି ଇନ୍ଦୀବର
କମଳା, କୋକନଦରେ ଗନ୍ଧଫଳୀ
କି କରି ବିଧାତା କରିଛି ଏ ଲତା—ଚିତ୍ତକୁ ପଡ଼ିଅଛି ବଳି । ୧୬ ।
(ଖ) କାମ ଦିଗ ବିଜେ ରଥପ୍ରାୟ ସାଜେ ବନ୍ଧୁ ତୋହର କଳେବର
କଳିତ ନିତମ୍ବ ଚକ୍ର ଅବଲମ୍ବ କରୁଛି ଉତ୍ତମ ଅମ୍ବର ।
କମଳା, କି ତପ କରିଛି ଅନଙ୍ଗ
କରେ ମନେ ରଥ ସମ୍ପୂର୍ଣ୍ଣ ଏ ରଥ ଅବୟବେ ମନ୍ଥେ ସର୍ବ ଅଙ୍ଗ ।
୧୭ । ୮ମ ଛାନ୍ଦ ।

କାମ ସରୋବର, କାମ ତରଙ୍ଗିଣୀ ସହିତ ତୁଳନା କରି ମଧ୍ୟ ଏହି ପରି ସୁନ୍ଦର ପଦାବଳୀରେ ଚିତ୍ର ଅଙ୍କନ କରିଛନ୍ତି ।

(୮) କୃଷ୍ଣ ଓ ରାଧା ଦୁହେଁ ଆନନ୍ଦ ମନରେ କୁଞ୍ଜ ମନ୍ଦିରରେ ହାତ ଧରାଧରି ହୋଇ ଭ୍ରମଣ କରୁଥିବା ଦୃଶ୍ୟକୁ ଲକ୍ଷ୍ୟ କରି କବି ଲେଖିଛନ୍ତି—

(କ) କନକଲତା ନବ ତମାଲ ସଙ୍ଗେ । କାମମନ୍ତ୍ର ବଳରେ ଚଳଇ ରଙ୍ଗେ
ଯେ କଳାମେଘ ଆଗରେ ହୃଦେ ବିଜୁଳି ।
କାନନ ଗଗନରେ ଯାଉଛି ଖେଳି ଯେ । ୧୫ ।

(ଖ) କୁସୁମିତ ବଲ୍ଲୀ ପବନେ ଚଳେ,
କିଶୋର କିଶୋରୀଙ୍କ ଭ୍ରମର ଛାଳେ କି ।
କେଉଁ ଲତାରୁ ଫୁଲ ପାଖୁଡ଼ା ଖସେ,
କୁସୁମ ବରଷିଲ ପରିପ୍ରେ ଦିଶେ । ୨୮ । ୨୦ଶ ଛାନ୍ଦ

ଦୀନକୃଷ୍ଣ କୁବୁଜାପୁରର ଶୋଭା ବର୍ଣ୍ଣନା ପ୍ରସଙ୍ଗରେ କାନ୍ଥମାନଙ୍କରେ ଅଙ୍କିତ ହୋଇଥିବା ଚିତ୍ରମାନଙ୍କୁ ଲକ୍ଷ୍ୟ କରି ଯାହା କହିଛନ୍ତି ତାହା ତାଙ୍କ ସ୍ୱ ଚିତ୍ରମାନଙ୍କ ପ୍ରତି ସର୍ବାଂଶରେ ପ୍ରଯୁଜ୍ୟ ।

କାନ୍ଥମାନଙ୍କରେ ନାନା ଚିତ୍ର ପ୍ରତିମା,
କଥା ନ କହି ହସନ୍ତି ଯେମନ୍ତ ବାମା ।୨୮। ୨୧ଶ ଛାନ୍ଦ ।

ସାମାଜିକ ଚିତ୍ର—ଶିଶୁପୁତ୍ରଙ୍କୁ ମାତାଙ୍କର ସ୍ନେହ ଓ ଲାଳନପାଳନରେ ସାମାଜିକ ଆଚାର ବ୍ୟବହାରର କେତେକ ସୂଚନା ମିଳୁଛି । ଶିଶୁମାନଙ୍କୁ ଗ୍ରାମର ମାତା ଓ ସ୍ତ୍ରୀମାନେ ସ୍ନେହରେ କୋଳକରି ମିଷ୍ଟଖାଦ୍ୟ ଦିଅନ୍ତି । ଶିଶୁମାନଙ୍କର ଦୁଗ୍ଧ ପ୍ରଧାନ ଖାଦ୍ୟ ଥିବାରୁ ସ୍ତ୍ରୀମାନେ ଦୁଗ୍ଧ, ଲବଣୀ, ସର, ଖଣ୍ଡକ୍ଷୀର ଦେଇ ସେମାନଙ୍କର ଆନନ୍ଦ ବିଧାନ କରନ୍ତି । କୃଷ୍ଣ ବାଲ୍ୟଲୀଳାରେ ଗୋପୀମାନଙ୍କଠାରୁ ସ୍ୱଳ୍ପଲୋଚିତ ଦୁଗ୍ଧ ବ୍ୟବସାୟର ସୁବିଧା ଭୋଗ କରିଥିଲେ । ପ୍ରତିଦିନ କିଜେ ଦୁଗ୍ଧଜାତ ମିଷ୍ଟଦ୍ରବ୍ୟ ଉପହାର ପାଇ ଆନନ୍ଦ ଉପଭୋଗ କରୁଥିଲେ । କୌତୁକରେ ଏହି ଦ୍ରବ୍ୟ ଲୁଟିକରି ନେଉଥିଲେ ମଧ୍ୟ ।

ଶିଶୁମାନଙ୍କ ଅଙ୍ଗରେ ତୈଳ ମର୍ଦ୍ଦନ କରିବା, କାଚୁ ପିନ୍ଧିବା, ମୁଖ ପୋଛିବା ପାଇଁ ପୋଛିବସନର ବ୍ୟବହାର ଥିବା ଜଣାଯାଏ ।

କରି ଶ୍ରୀଅଙ୍ଗ ତଇଲେ ମର୍ଦ୍ଦନ, କଲେ ଚିକ୍କଣ ବସନରେ ମାର୍ଜ୍ଜନ ।
କଉପେୟ କାଛ ପିନ୍ଧାଇ ଦେଇ, କରପଦ୍ମେ ଦିବ୍ୟ ଅନ୍ନ ଭୁଞ୍ଜାଇ
କରାଇଣ ଆଚମନ ସଧୀରେ, କଲେ ଶ୍ରୀମୁଖ ପୋଛ ବସନରେ । ୫ମ ଛାନ୍ଦ ।

କବି ଗହଡ଼ ଗୀତ, ଗହଡ଼ ନାଟ, ପଦ୍ମତୋଳା ଗୀତ ପ୍ରଭୃତିର ଉଲ୍ଲେଖ କରିଥିବାରୁ ଏହିସବୁ ଲୋକଗୀତ ସମ୍ବନ୍ଧରେ ତାଙ୍କର ଜ୍ଞାନଥିବା ଜଣାଯାଏ ।

କରେ କେ ଗହଡ଼ ନାଟ କେ ଗହଡ଼ ଗୀତ ଆନନ୍ଦ ମନେ ଗାଇ । ୭ଷ୍ଟ ଛା
କେତେବେଳେ ବଂଶୀରେ ଗହଡ଼ ଗୀତ ଗାଇ । ୭ମ ଛାନ୍ଦ ।
କୋମଳ କରି ଗାଇଲେ ପଦ୍ମତୋଳା ଗୀତ
କରେ କି ମାଟି ମାର୍ଜାର ଫଣୀ ଫଣା ନୃତ୍ୟ । ୭ମ ଛାନ୍ଦ ।

କବି ଜଳଯନ୍ତ୍ରର ବ୍ୟବହାର କାବ୍ୟରେ ଉଲ୍ଲେଖ କରିଥିବାରୁ ସମସାମୟିକ ଓଡ଼ିଆ ସମାଜରେ ଏହାର ପ୍ରଚଳନ ଥିବା ଅନୁମିତ ହୁଏ ।

କେଉଁ ଈଶ୍ୱର ଅନୁଗ୍ରହୀ, କର୍ପୂର ଚନ୍ଦନ ଅଙ୍ଗେ ବୋଳିହୋଇ,
ଧାରାମଣ୍ଡିତ ଗୃହେ ରହି । ୯ । ୧୫ଶ ଛାନ୍ଦ ।

ଭାଗବତ, ରାମାୟଣ, ମହାଭାରତାଦି ପୁରାଣର ବହୁ ବିଷୟ ଓ ବ୍ୟକ୍ତିର ଉଲ୍ଲେଖ କାବ୍ୟରେ ଦେଖାଯାଉଥିବାରୁ କବିଙ୍କର ବିଭିନ୍ନ ପୁରାଣରେ ଜ୍ଞାନଥିବା ଜଣାଯାଏ ।

ସମାଜର କେତେକ ବିଧିବିଧାନ କବି ପ୍ରସଙ୍ଗାନୁକ୍ରମେ ଉଲ୍ଲେଖ କରିଛନ୍ତି । ଗ୍ରୀଷ୍ମ ଋତୁରେ ଜଳଯନ୍ତ୍ର ଗୃହର ବ୍ୟବହାର, 'ଗୀତ କବିତ୍ୱ ବେଣୁ ବୀଣା ନୃତ୍ୟ' ରଙ୍ଗରେ କାଳ ଉପାତ, ଚନ୍ଦନ ପିଚକା ମାରିବା, ନୌକା ବିହାର କରିବା, ବ୍ୟଜନରେ ସ୍ୱେଦ ନିବାରଣ କରିବା, ଜଳକେଳି ପ୍ରଭୃତି ଉଲ୍ଲେଖ ଦେଖାଯାଏ । ବ୍ରାହ୍ମଣମାନଙ୍କୁ ଗ୍ରହଣ ସମୟରେ ଦାନ ଦେବା

(୧୬ଶ ଛାନ୍ଦ) ସାମବେଦୀ ବ୍ରାହ୍ମଣମାନଙ୍କର ବ୍ରତୋପନୟନ ସମୟରେ ଲୁଣ୍ଠିତ ମସ୍ତକ ହେବା (୧୬ଶ ଛାନ୍ଦ) ପ୍ରଭୃତିର ଉଲ୍ଲେଖ ଅଛି । ଏଥିରୁ କବି ପାରଂପରିକ ବର୍ଣ୍ଣାଶ୍ରମ ଧର୍ମକୁ ତ୍ୟାଗ କରି ନ ଥିବା ଅନୁମିତ ହୁଏ । ସମାଜରେ କୃପଣଜନଙ୍କ ବ୍ୟବହାର, ନିର୍ଦ୍ଧନ ଜନର ଦୁଃଖ, ନିର୍ଦ୍ଦୟ ପ୍ରଭୁର ସେବକ ପ୍ରତି ନିଷ୍ଠୁର ବ୍ୟବହାରର ଆଭାସ ମଧ୍ୟ ଅଛି ।

ସମାଜରେ କୁଳପାଳିକାର ମର୍ଯ୍ୟାଦା, ରୂପବତୀ କୁଳଟାର ରସମୟ ଜୀବନ ଉଭୟ କାବ୍ୟରେ ସ୍ଥାନ ପାଇଛି ।

କଳାନୁରୂପୀ ବେଶ ପରିଧାନର ପରିପାଟୀ କାବ୍ୟର ସ୍ଥାନ ବିଶେଷରେ ବର୍ଣ୍ଣିତ ହୋଇଛି । ଶୀତକାଳ ମାଡ଼ି ଆସିବାରୁ ଲୋକେ ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କଲେ । କେହି ନୂତନ ଶୀତଲୁଗା କିଣିଲ, କେହିବା ମଞ୍ଜିଷ୍ଠା ରଙ୍ଗରେ ଗୁଳିସୂପ ଡିକଲ । ନିର୍ଦ୍ଧନମାନେ ହୃଦକୁ କରରେ ଛନ୍ଦି କଷ୍ଟେ କାଳ କାଟିଲେ । ଶ୍ରୀକୃଷ୍ଣ କେକୀପୁଚ୍ଛରେ ମଣ୍ଡିତ କମନୀୟ ଶିରସ୍ତ୍ରାଣ ଲଗାଇ, ଦେହରେ ପାଟର ଶୀତଲୁଗା ପିନ୍ଧି ଗୃହିରେ କଳାବତୀମାନଙ୍କ ପ୍ରୀତିପାଇଁ ଭ୍ରମଣ କରୁଥିଲେ । (୧୧ଶ ଛାନ୍ଦ) । କୃଷ୍ଣ ଓ ଗୋପୀମାନଙ୍କର ବେଶ ଓଡ଼ିଆ ସମାଜରେ ପ୍ରଚଳିତ ଥିବା ବେଶ ସଦୃଶ; ବସନ, ଭୂଷଣ ପ୍ରଭୃତି ଓଡ଼ିଆ ସମାଜର ।

ସମାଜରେ ଜାର ସ୍ତ୍ରୀପୁରୁଷଙ୍କ ଅଭାବ ନଥିବା କବିଙ୍କ ଲେଖାରୁ ସ୍ପଷ୍ଟ ହୁଏ । କବି ବହୁ ସ୍ଥାନରେ ଜାର ସ୍ତ୍ରୀ ଓ ଜାର ପୁରୁଷର ବିଳାସ ବର୍ଣ୍ଣନା କରିଛନ୍ତି । ବର୍ଷା ଋତୁରେ ପର୍ବତ ଶିଖରରୁ ପାଣି ବହିଆସି ବାଟଘାଟ କର୍ଦ୍ଦମମୟ କରିଦିଏ । ଏହି ସକାଶରୁ ଲୋକେ ଅତି ପ୍ରଖରରେ ଚାଲନ୍ତି ନାହିଁ । କାହା ଚରଣ କର୍ଦ୍ଦମରେ ଖସିଯାଏ, ଏହା ଦେଖି ଅନ୍ୟ ଲୋକ ହସେ । କେହି କେହି ନଈ ପାରହେବା ନିମନ୍ତେ ନଦୀକୂଳର ଘାଟରେ ବସନ୍ତି । ଗୋଡ଼ଖସା ଓ ହସାହସିର ରସରେ ପ୍ରାଣ ସାଧାରଣତଃ ଅପ୍ଲୁତ ଥାଏ । କେହି ତରୁଣୀ ଓ ତରୁଣ ଘାଟରେ ବସି କଥୋପକଥନ କରନ୍ତି ।

ତରୁଣୀ ତରୁଣଙ୍କୁ ପଚାରେ, କିପରି ଘନରସ ପୂର୍ଣ୍ଣ ଏ ନଦୀ ପାର ହେବ ? ତରୁଣ କହେ, 'କୁମ୍ଭ ଭେଳାରେ ପାର ହୁଅନ୍ତୁ ।' ତରୁଣୀ ନିଜ ସ୍ୱାମୀ-ହସ୍ତୀ ନଦୀର ଅପର ପାରକୁ ଯାଇଥିବାରୁ ଏକୁଟିଆ ଥିବା ସଙ୍କେତ ଦିଏ । କ୍ରମେ ଅନ୍ଧାର ହେବାରୁ ଚତୁର-ଚତୁରୀ କଥା-ସୁଖରେ ମାତିଯାଆନ୍ତି । ତରୁଣୀ ତରୁଣକୁ ଗୁପ୍ତସ୍ଥାନକୁ ନେଇଯାଇ ପ୍ରୀତିକରନ୍ତି ।

ଧର୍ମଭାବରେ ପ୍ରଣୋଦିତ ହୋଇ ବୈଷ୍ଣବ କବି ରାଧାକୃଷ୍ଣ ଚରିତ ବ୍ୟତୀତ ଅନ୍ୟ କୌଣସି ବିଷୟରେ ଧ୍ୟାନ ନଦେବାକୁ ବାରମ୍ବାର ଲୋକଙ୍କୁ ଅନୁରୋଧ ଜଣାଇଥିଲେ ମଧ୍ୟ ତାଙ୍କର କବିପ୍ରାଣ ସମାଜର ଏ ବାସ୍ତବ ଦିଗପ୍ରତି ଟାଣି ହୋଇଥିଲା ଏବଂ ଅସାମାଜିକ ବିଧିକୁ ମଧ୍ୟ କବିତ୍ୱପୂର୍ଣ୍ଣ ଭାବ ଓ ଭାଷାରେ ସୁନ୍ଦରରୂପ ଦେଇଛନ୍ତି ।

ସମାଜରେ ରସବତୀ କୁଳଟାର କୂଳଲଙ୍ଘନ ସଙ୍ଗେ କୁଳପାଳିକାର କୁଳରକ୍ଷାର ମର୍ଯ୍ୟାଦା ମଧ୍ୟ ଚର୍ଚ୍ଚିତ ହୋଇଛି ।

କୁଳଟା ପ୍ରାୟେ କୂଳ ବୁଡ଼ାଇ, ବଢ଼ିଲେ ନଦୀ ପ୍ରବଳ ହୋଇ
ପଣେ କାହାକୁ ନଦେଲେ ଥୋଇ ଚଞ୍ଚଳ ହୋଇ ସେ ।
କୁଳପାଳିକା ପ୍ରାୟେ ଦୀର୍ଘିକା, କୂଳକୁ ରଖି ରହିଲେ ଏକା
କୋକ ମିଥୁନ ହରଷ ଘନ-ରସକୁ ପାଇ ଯେ ।X। ୧୬ଶ ଛାନ୍ଦ । ୨ ।

କୁଳଟାକୁ ବର୍ଷାକାଳୀନ ରସପୂର୍ଣ୍ଣ ନଦୀର କୂଳଲଙ୍ଘନ ଓ କୁଳପାଳିକାକୁ ରସପୂର୍ଣ୍ଣ ଦୀର୍ଘିକାର କୂଳ (କୁଳ) ରକ୍ଷା ସଙ୍ଗେ ସମାନ କରାଯାଇଛି ।

ଦୀନକୃଷ୍ଣ କୃପଣ, କୃପଣ ସାମନ୍ତ ସମ୍ବନ୍ଧରେ କଟୁ ମନ୍ତବ୍ୟ ପ୍ରକାଶ କରିଛନ୍ତି ଏବଂ ସେମାନେ ନିଷ୍ଠୁର ଥିବା ବ୍ୟକ୍ତ କରିଛନ୍ତି । ଗ୍ରୀଷ୍ମ ଋତୁରେ ସୂର୍ଯ୍ୟକାନ୍ତ ମଣି ସୂର୍ଯ୍ୟାତପରେ ଜର ଜର ହେବା ଅବସ୍ଥାକୁ କୃପଣସାମନ୍ତର ପ୍ରକୋପରେ ସେବକ ଦ୍ରବି ଜର ଜର ହେବା ସହିତ ତୁଳନା କରିଛନ୍ତି ।

କୃପଣ-ସାମନ୍ତ-ସେବକ ପରିସ୍ବେ ତାପେ ଜର୍ଜ୍ଜର ସୂର୍ଯ୍ୟକାନ୍ତ ।
୧୬ଶ ଛାନ୍ଦ ।

କୃପଣ କଷ୍ଟରେ ଧନ ସଞ୍ଚୟ କରେ; କିନ୍ତୁ ଏହି କଷ୍ଟାର୍ଜିତ ଧନକୁ ଭୋଗକରେ ଅନ୍ୟ ଲୋକ । 'କୃପଣ ଧନ ସଞ୍ଚିଲ ପ୍ରାଏ ମଧୁ ସଞ୍ଚିଲେ ମଧୁକରମାନେ ।' (୧୬ଶ ଛାନ୍ଦ) । କୃପଣକୁ ଲୋଭି ଆଶା କଲେ ଦୁଃଖ ପାଇବା କବି କହିଛନ୍ତି ।

'କୃପଣକୁ ଲୋଭି ଆଶା କଲି ପ୍ରାଏ କେବଳ ପାଉଥାଇ ବାଧା ।'
୧୮। ୮ମ ଛାନ୍ଦ ।

ସନ୍ଧ୍ୟା ହେବାରୁ ଲୋକମାନଙ୍କ ଦେବଦୀପ (ଚକ୍ଷୁ) କୃପଣମାନଙ୍କ ଧନପରି ଅସ୍ପଷ୍ଟ ବା ଅଦୃଶ୍ୟ ହେଲା ବୋଲି କବି କହିଛନ୍ତି ।

କହୁଁ କହୁଁ ଅନ୍ଧକାର କଲା ଅନ୍ଧ ଲିଭିବାରୁ ରବିଦୀପ
କୃପଣଙ୍କ ଧନପ୍ରାୟ ହେଲା ଜନମାନଙ୍କର ଦେବ ଦୀପ ସେ । କାଳ ।
୧୮ । ୧୩ ଶ ଛାନ୍ଦ ।

କବି ଦୀନଜନମାନଙ୍କର ଦୁଃଖମୟ ଜୀବନର କିଞ୍ଚିତ ଆଭାସ ସ୍ଥଳବିଶେଷରେ ଦେଇଛନ୍ତି । ଦୀନଜନମାନେ ଶୀତରେ ହୃଦୟରେ କର ଛନ୍ଦି କଷ୍ଟ ନିବାରଣ କରୁଥିଲେ । କୁଟୀରର କାନ୍ଥରେ ଥିବା ଛିଦ୍ରକୁ ବନ୍ଦ କରି ଶୀତବାୟୁକୁ ରୋଧୁଥିଲେ । ( ୧୧ଶ ଛାନ୍ଦ ) । ଗ୍ରୀଷ୍ମଋତୁରେ ଲୋକମାନେ ଦିନବେଳେ ଯେଉଁ କଷ୍ଟ ଅନୁଭବ କରନ୍ତି ତାହାକୁ କୁଟୁମ୍ବୀ-ଦୀନଜନର ସନ୍ତପ୍ତ ମନ ସହିତ ତୁଳନା କରିଛନ୍ତି ।

କୁଟୁମ୍ବୀ ଦୀନଜନ ମନ ପରାଏ ସନ୍ତାପି ହେଲେ ଏକାଦିନେ । ୧୬ଶ ଛାନ୍ଦ ।

ଋତ-ରଙ୍କ ଲୋକର ଦେହ ଯେପରି ଶୀର୍ଣ୍ଣ ଓ ଦୁର୍ବଳ ହୋଇଯାଏ ସେହିପରି ଗ୍ରୀଷ୍ମରେ କଚ୍ଛପ, ମତ୍ସ୍ୟ, ମଣ୍ଡୂକମାନେ ଦୁର୍ବଳ ହୋଇ ପଡ଼ିଲେ । (୧୬ଶ ଛାନ୍ଦ) ।

ଚନ୍ଦ୍ର କିରଣରେ ଧୀନଜନମାନଙ୍କର ଶ୍ରାନ୍ତି ଦୂର ହେବା କବି କହିଛନ୍ତି । ଦିନବେଳେ ଖରାରେ ଖଟି ଖଟି ରାତିରେ ଧୀନଜନମାନେ ବିଶ୍ରାମ ପାଆନ୍ତି । ଚନ୍ଦ୍ର କିରଣ ତାଙ୍କର ତାପିତ ପ୍ରାଣକୁ ଶାନ୍ତିଦାନ କରେ । (୨୧ । ୧୬ଶ ଗ୍ରନ୍ଥ) ।

ରସକଲ୍ଲୋଳରେ ଧୀନକୃଷ୍ଣ ଦାସ ଅନେକ ନୀତି-ପଦ ଦେଇ ଜନସମାଜର ପ୍ରଭୂତ ଉପକାର ସାଧନ କରିଛନ୍ତି । ନୀତିଗୁଡ଼ିକ ଜୀବନର ବିଭିନ୍ନ ଦିଗକୁ ସ୍ପର୍ଶ କରୁଥିବାରୁ ଏଥିରୁ କବିଙ୍କ ପ୍ରଗାଢ଼ ଅଭିଜ୍ଞତା ଓ ପାଣ୍ଡିତ୍ୟ ସୂଚିତ ହେଉଛି ।

(୧) ଶତ୍ରୁଠାରେ ହେଲା କଲେ ଯଶ ମିଳେ ନାହିଁ । କୃଷ୍ଣ ଜନ୍ମ ସମ୍ବାଦ ଶ୍ରବଣ କରି ଶିଶୁଟିକୁ ତାଙ୍କ ହାତରେ ଅର୍ପଣ କରିଦେବା ପାଇଁ କଂସ ବସୁଦେବଙ୍କୁ କହୁଛନ୍ତି —

କଲେ ହେଲା ଶତ୍ରୁଠାରେ ନ ପାଇ ଯଶ । ୨ୟ ଗ୍ରନ୍ଥ । ୧୧ ।

(୨) ନିଷ୍ଠୁର-ହୃଦୟ କେବେ କୋମଳ ହୁଏ ନାହିଁ; ସ୍ୱଭାବକୁ କିଏ ପରିବର୍ତ୍ତନ କରି ପାରିବ ନାହିଁ ।

କଲେହେଁ ଅନେକ ଯତନ, କଳା ଧଳା କରିବାକୁ କେବା ଭାଜନ ।
୨ୟ ଗ୍ରନ୍ଥ ।

(୩) ଅନେକ ସୁକୃତ କରିଥିଲେ ଦେବ କାର୍ଯ୍ୟରେ ଚିତ୍ତ ଲାଗେ ।
କରିଥାଇ ଯେ ଅନେକ ସୁକୃତ,
କେଶବ କାର୍ଯ୍ୟେ ଲାଗଇ ତା ଚିତ୍ତ । ୫ମ ଗ୍ରନ୍ଥ ।

(୪) ନନ୍ଦ ଯଶୋଦାଙ୍କର ଧନ ଓ ଜନର ଅଭାବ ନଥିଲେ ମଧ୍ୟ ଶିଶୁପୁତ୍ର କୃଷ୍ଣଙ୍କୁ ଗୋଧନ ଜଗାଇବା ପାଇଁ ବନକୁ ପଠାଉଥିବାରୁ ଜଣେ ଗୋପୀ ସଖୀକୁ ଏହାର ନିନ୍ଦାକରି କହିଲେ । ସଖୀ ଏଥିରେ ସମ୍ମତ ନ ହୋଇ କହିଲେ ସ୍ୱ ଜୀବିକା ନିଜେ ନ କଲେ ଅନ୍ୟ କେହି ଉତ୍ତମ ରୂପେ କରିବେ ନାହିଁ ।

(କେ ବୋଲେ) ଯେ ଯାହା ଜାଣିବା ସେ ତାହା ନକଲେ କେହି ନେବ ଧନ । ( ୭ମ ଛାନ୍ଦ ) ।

କବି ନୀତି ବାକ୍ୟ ଉଦାହରଣ ସହ ଲେଖିଥିବାରୁ ଏହା ବେଶି ଲୋକପ୍ରିୟ ହୋଇ ପଡ଼ିଛି ।

୧ । କୁଶଳରେ ସମସ୍ତେହିଁ ସୁମୁଖ । କଷ୍ଟ କାଳରେ ହୁଅନ୍ତି ବିମୁଖ ।
କେଡ଼େ ଶୀତଳ କର୍ପୂର ଚନ୍ଦନ । କାନ୍ତ କାନ୍ତା ଯୋଗେ ହୁଏ ବହ୍ନନ ।
ଇତ୍ୟାଦି । ୧୧ଶ ଛାନ୍ଦ ।

୨ । କର୍ମେ ଯାହାର ଯେଉଁ ଦଶା ଥାଇ । କାହା ବଳେ ଆନ କରି ନୁହଇ ।
ଲୁଣକେରୁ ଆସନ ଶ୍ରୀନିବାସ, କୃଷ୍ଣ କରେ ଥାଇ ନାଥ ଧନେଶ ।
କେଡ଼େ କେଡ଼େ ବଡ଼ ପ୍ରଭୁ ଏମାନେ, କରି ପାରନ୍ତି ଅଭୟ ବଚନେ ।
କେହି ରଖି ନ ପାରିଲେ ସେ କାଳେ, କଲ୍ଲ କ୍ଳେଶ ଯାହାଥିଲା କପାଳେ ।
୧୧ଶ ଛାନ୍ଦ ।

୩ । କରୁଣା କୃପଣ ହେଲେ ପ୍ରଭୁପଣ ଲକ୍ଷଣର କେଉଁ ଯଶ, ହେ ମୋହନ ।
୨୦ଶ ଛାନ୍ଦ ।

୪ । କଳାନାଗ ଖାଇ ଅଛିହିଁ ଅମୀୟ ପୟ ଦେଲେ ହୁଏ ପ୍ରବଳ ।
କେତେବେଳେ ନ ଛାଡ଼େ ଗରଳ । ୨୧ଶ ଛାନ୍ଦ ।

୫ । କର୍ମ ଅବଳକୁ ବିରହ ବେଳକୁ ଅମୃତ ହୁଏ ଗରଳ । ୨୧ଶ ଛାନ୍ଦ ।

ଗୁରୁତର ବିଷୟରେ ରାଜା ରାଜସଭାର ମତ ନେଉଥିବା ରୀତି କଂସଙ୍କ ରାଜସଭାରୁ ଜଣାଯାଏ । ମହାରାଜା ଅଧୀନସ୍ଥ ରାଜାମାନଙ୍କୁ ମଧ୍ୟ ସଭାକୁ ନିମନ୍ତ୍ରଣ କରୁଥିଲେ । ମହାରାଜା ପ୍ରଥମେ ପ୍ରସ୍ତାବକୁ କାରଣ ସହ ଉପସ୍ଥାପନ କରୁଥିଲେ । ଦୁଷ୍ଟ ମହାରାଜାଙ୍କୁ ସନ୍ତୁଷ୍ଟ କରିବା ପାଇଁ ସଭାସ୍ଥଳରେ ତୋଷାମୋଦୀ ସଭ୍ୟଙ୍କର ଅହେତୁକ ସମର୍ଥନ ମଧ୍ୟ ଦେଖାଯାଉଥିଲା । ଦୁଷ୍ଟ କଂସ ମହାରାଜାଙ୍କୁ ସନ୍ତୁଷ୍ଟ କରିବା ପାଇଁ କେତେଜଣ ମନଘେନା ସ୍ତୁତିବାକ୍ୟ

କହିଥିଲେ । କବି ଏହି ପ୍ରସଙ୍ଗଟି ଅଳ୍ପପଦରେ ସୁନ୍ଦରଭାବରେ ବ୍ୟକ୍ତ କରିଛନ୍ତି ।

(କଂସ କରିବ ପ୍ରାଣେ ନାଶ ଅଇଲେ ମୋ ପାଶ କେ ରକ୍ଷା କରିବ ଜାଣିମା,
କେ ତହିଁ ପ୍ରଭୁ ମନ ଘେନିବାକୁ ବଚନ ବୋଲଇ ମଣିମା ମଣିମା ସେ ।
କେ ବୋଲଇ, କେ ତୁମ୍ଭ ତହୁଁ ଅଛି ବଡ଼,
କେ ବୋଲଇ କେତେ ହେଲେ ସେ ଗଉଡ଼,
କର ଆଜ୍ଞା ତୁରିତ ଗ୍ରାମରୁ ଯାଇ ଦୂତ ଘେନି ଆସୁ ସେ ତଡ଼ବଡ଼ ସେ ।
୩ । ୨୫ ଶ ଛାନ୍ଦ ।

କବି ଏହି ଗ୍ରନ୍ଥକାରଙ୍କ ବ୍ୟବହାରକୁ ସମର୍ଥନ କରିନାହାନ୍ତି । ରାଜସଭା, ଧର୍ମସ୍ଥଳ ରୂପେ କାଳେ କାଳେ ବିବେଚିତ ହୋଇଆସୁଅଛି । ଏହି ସଭାରେ ବସି ପକ୍ଷପାତ କରିବା ଅନ୍ୟାୟ ଓ ଅଧର୍ମ; ପକ୍ଷପାତ କରି କହିବା ଲୋକ ଅଧର୍ମରେ ଭାଗୀ । ରାଜସଭାରେ ପ୍ରଭୁଙ୍କ ମନକୁ ଘେନିବା ପାଇଁ ଗ୍ରନ୍ଥକାର ଯାହା କହେ ତାହାକୁ ଗ୍ରହଣ କରିବା ମଧ୍ୟ ପ୍ରଭୁଙ୍କ ଅନୁଚିତ । ଆରମ୍ଭରେ ଏହା ଶ୍ରୁତିମଧୁର ହୋଇପାରେ, କିନ୍ତୁ ପରିଣାମରେ ବିଷ ହୁଏ । କବି ଉତ୍ତମ ଦ୍ରବ୍ୟମାନଙ୍କର କୁମିଶ୍ରଣ ଯୋଗୁଁ ବିଷ ଉପୁଜୁଥିବା ଦୃଷ୍ଟାନ୍ତ ଦେଇ ସାବଧାନ ବାଣୀ ଶୁଣାଇଛନ୍ତି । ଏହି ଖଳବଚନ ଯୋଗୁଁ କଂସର ନିଧନ ସମ୍ଭବ ହୋଇଥିବା ଉଦାହରଣ ଦେଖାଇଛନ୍ତି ।

କହେ ଯେଉଁ ପଣ୍ଡିତ ସଭାରେ ପକ୍ଷପାତ ପ୍ରଭୁ ଆଶ୍ରୟ ଅନୁସର,
କରେ ତହିଁକି ପ୍ରତେ ଯେଉଁ ନୃପତି ଚଳେ ସେହିଟି ଅବିବେକ-ପୁଞ୍ଜ ହେ ।
ଆହେ ଜନେ, କାଳେ ସେ ଦେଖନ୍ତି ଫଘାତ,
କାଳ ଦଣ୍ଡେ ଅବଶ୍ୟ ହୁଅନ୍ତି ସଂଘାତ ।
କିଟୁ ତିକ୍ତ ମଧୁର ଦ୍ରବ୍ୟଠାରୁ ବିଷ୍ଟର ଆଦ୍ୟପ୍ରାନ୍ତେ ହିତ ଅହିତ ହେ ।
୪ । ୨୫ ଶ ଛାନ୍ଦ ।

କର୍ପୂର, ନାରିକେଳ, ଲେମ୍ବୁ ଶୀତଳ ଓ ପାନକୁ ସୁଖକର । କିନ୍ତୁ ଏହାର ଅପମିଶ୍ରଣରେ କହୁଁ କହୁଁ ପ୍ରାଣ ନାଶ ଯାଏ । ଖଳବଚନ ଏହିପରି

ମାର୍ଗୀୟ । କବିଙ୍କ ଏହି ଉଦାହରଣରୁ ତାଙ୍କର ଦ୍ରବ୍ୟଗୁଣଜ୍ଞାନର ପରିଚୟ ମିଳୁଛି । "କୃଷ୍ଣଦାସ ବୋଲି" ନାମକ ଚଉତିଶା ପୁସ୍ତିକାଟି ଏହାଙ୍କ ଦ୍ୱାରା ରଚିତ ଥିବା ବିଶ୍ୱାସ କରାଯାଏ ।

ଶବ୍ଦାଳଙ୍କାର—ଦୀନକୃଷ୍ଣ ରସକଲ୍ଲୋଳରେ ଶବ୍ଦାଳଙ୍କାରର ବହୁଳ ପ୍ରୟୋଗ କରି ନଥିଲେ ମଧ୍ୟ ଅଳଙ୍କାର ମଣ୍ଡିତ ପଦାବଳୀ ସୌନ୍ଦର୍ଯ୍ୟ ପ୍ରାପ୍ତ ହୋଇଛି ।

(କ) ଯମକର କେତୋଟି ଉଦାହରଣ—

୧ । ମଧ୍ୟପ୍ରାନ୍ତ ଯମକ—

କମଳ ସମ୍ଭବ ଭବ ସୁରନାୟକ, କଉଣପ ଆଦି ଲୋକ ଯାହାର ଲୋକ ।
କରୁଣା ସାଗର ସାଗରଜା ନାୟକ, କରି ଅଭୟ ଅଭୟବର ଦାୟକ,
କଷ୍ଟ ମହୀଧର ମହୀଧର କଣ୍ଟକ, କଳମଷ ବାରଣ ବାରଣ ଅନ୍ତକ ।
କରି ଆଜ୍ଞା ସୁର ସୁର ପ୍ରଭୁ ଏତେକ, କହୁ ଦୀନକୃଷ୍ଣ କୃଷ୍ଣକଥା ଅନେକ ।
୧ମ ଛାନ୍ଦ ।

୨ । ପ୍ରାନ୍ତଯମକ—

କମନୀୟ କୃଷ୍ଣ କଥା ପ୍ରସଙ୍ଗ, କାଳସର୍ପକୁ ସେ କଥା ପ୍ରସଙ୍ଗ ।
କାଲ କାନ୍ତାରକୁ ସେ ସୁନାଶୀର, କରେ ଯାହାକୁ ଚିନ୍ତା ସୁନାଶୀର ।
ଇତ୍ୟାଦି । ୩ୟ ଛାନ୍ଦ ।

୩ । ଶୃଙ୍ଖଳା—

କୃଷ୍ଣ ନାମ ସବୁଆଡ଼େ ବାଜିଗଲା,
କେତେ ଭକ୍ତରେ କେ କେତେ ପୂଜା କଲା ।
କଳା ପୂର୍ଣ୍ଣ ହେଲେ ଯେମନ୍ତେ କଳାକର,
କରି ବିସ୍ତାର ନାଶଇ ଅନ୍ଧକାର ।

କାରଜନ୍ମ ଆଜନ୍ମ ପାତକ କାହିଁ, କହି ନ ଯାଏ ରହିଲେ କାହିଁ କାହିଁ ।
ଇତ୍ୟାଦି । ୪ର୍ଥ ଛାନ୍ଦ ।
କାଳଦଣ୍ଡେ ସେ ସଂଘାତ ହୋଇବ, କଷ୍ଟ ସଂଘାତକୁ ନଷ୍ଟେ ପାଇବ ।
୫ମ ଛାନ୍ଦ ।

୪ । କରୁଣା କଟାକ୍ଷ କଟାକ୍ଷେ ଅଲକ୍ଷ ଯେନାଯେନ ଖର୍ବ ଦେଖାଇ,
କଳାକର କରେ କୁମୁଦ ନିକରେ ଯେମନ୍ତ ହଂସକୁ ରଖାଇ ।X
କଳାପୀ କଳାପ କଳାପକଳାପେ କମନୀୟ ବେଶ ଯାହାର । ଇତ୍ୟାଦି ।
୬ଷ୍ଠ ଛାନ୍ଦ ।

(ଖ) କବି ଶବ୍ଦାର୍ଥରେ ମଧ୍ୟ ସୁନ୍ଦର କୌଶଳ ଅବଲମ୍ବନ କରି ଯମକ ସହ ପଦ ସୃଷ୍ଟି କରିଛନ୍ତି ।

୧ । କମନୀୟ କୃଷ୍ଣକଥା ପ୍ରସଙ୍ଗ, କାଳସର୍ପକୁ ସେ କଥା ପ୍ରସଙ୍ଗ ।
କାଳ କାନ୍ତାରକୁ ସେ ସୁନାଶିର, କରେ ଯାହାକୁ ଚିନ୍ତା ସୁନାସୀର ।
କଲେ ଜାତ ତ ସର୍ବତୋ ମୁଖକୁ, କଲେ ଭ୍ରମ ଯେ ସର୍ବ ତୋ ମୁଖକୁ ।
କଷ୍ଟ ସରିତକୁ ଯେ ପାର୍ଥରଥ, କାଲେ ସେ ବାହୁଥିଲେ ପାର୍ଥ ରଥ ।
ଇତ୍ୟାଦି । ୩ୟ ଛାନ୍ଦ ।

୨ । କେଉଁ ରମଣୀମଣି ଏଣୀନୟନୀ ସୁବେଣୀ ବେଣୀକି ଅନାଇଁ
କହନ୍ତି ସୁବାଣୀ ସୁବାଣୀ ତୋତେ ତ କେବେହେଁ ବିଶ୍ୱାସ ନଯାଇ ।
। ୮ମ ଛାନ୍ଦ ।

ବକ୍ରୋକ୍ତି—ଦୀନକୃଷ୍ଣ ବହୁ ସ୍ଥଳରେ ବକ୍ରୋକ୍ତିର ସାହାଯ୍ୟନେଇ ଆଳାପ-ଚିତ୍ରଗୁଡ଼ିକ ମନୋମୁଗ୍ଧକର ଓ ଭାବପୂର୍ଣ୍ଣ କରିପାରିଛନ୍ତି ଏବଂ ପାତ୍ର ପାତ୍ରୀମାନଙ୍କର ଉନ୍ନତ ଚିନ୍ତାଧାରା ଓ ଉତ୍ତମ ଜ୍ଞାନ ଥିବା ପ୍ରମାଣିତ କରିଛନ୍ତି। ଦ୍ୱାଦଶ ଛାନ୍ଦରେ ବସନ୍ତ ଋତୁରେ ଗୋପୀମାନଙ୍କର ବିରହ ବର୍ଣ୍ଣନା ପ୍ରସଙ୍ଗରେ କବି ଗୋପୀମାନଙ୍କ ବିରହ ଆଳାପ ଛଳରେ ଚିତ୍ରଣ କରି ବକ୍ରୋକ୍ତିର ସାହାଯ୍ୟ

ନେଇଛନ୍ତି । ତ୍ରୟୋଦଶ ଛାନ୍ଦରେ ମଧ୍ୟ ଏହି ଋତୁରେ ଗୋପୀ ଓ କୃଷ୍ଣଙ୍କ ମନେ ଭାବ ବର୍ଣ୍ଣନା ସ୍ଥଳରେ ବକ୍ରୋକ୍ତିର ପ୍ରୟୋଗ ଅତି ସୁନ୍ଦର ହୋଇଛି ।

ବସନ୍ତ ଋତୁରେ ବିରହକାତର ଗୋପୀମାନେ 'କୁହାକୁହି' ହୋଇ ବନବିହାର କରିବାକୁ ଗଲେ । କେଉଁ ଗୋପୀ ମାଧବୀ ଲତାକୁ ଦେଖି ସଖୀକୁ କହିଲା "କେତେବହେଁ ସ୍ନେହ ଏହିଠାରେ କରନ୍ତି ମିଳନଭାବ ଘେନ ମାଧବୀ ।" ଏହା ଶୁଣି ସଖୀ ହସି ବକ୍ରବାଣୀ ଭାଷିଲା—"ଏ କାମଦୂତୀ, କାମ କାର୍ଯ୍ୟ ସିଦ୍ଧି କରିବାରୁ ବୁଦ୍ଧିମାନେ ଏହାକୁ କାମଦୂତୀ ବୋଲନ୍ତି ।" (୨୮-୨୯ ୧୨ଶ ଛାନ୍ଦ ।) ଏହିପରି ବକ୍ରୋକ୍ତିର ସୁନ୍ଦର ପ୍ରୟୋଗ ବହୁ ସ୍ଥଳରେ ଅଛି ।

ହାସ୍ୟରସ—ଦୀନକୃଷ୍ଣ ହାସ୍ୟରସ ସୃଷ୍ଟି କରିବାରେ ମଧ୍ୟ ସମର୍ଥ ହୋଇଛନ୍ତି । ଭାଷା ଓ କାର୍ଯ୍ୟରେ ଏହା ପ୍ରତିଫଳିତ ହୋଇଛି ।

ଶୀତକାଳରେ ରାତିରେ କୃଷ୍ଣ କୌତୁକରେ ବୁଲନ୍ତି; ଗୋପୀମାନଙ୍କ ସହିତ ପରିହାସ କରନ୍ତି । ବାକ୍ୟ ଛଟାରେ ହାସ୍ୟରସ ପୂର୍ଣ୍ଣ ହୋଇଥିବାରୁ ପଦାବଳୀ ରୁଚିକର ହୋଇଥିଲେ ମଧ୍ୟ ଭାବରେ ଅଶ୍ଳୀଳତା ବିଦ୍ୟମାନ ଥିବାରୁ ଏହାର ଗୌରବ ହାନି ଘଟିଛି ।

କେଉଁ ଗୋପୀ ପାଶେ ହୋଇ ପ୍ରବେଶ, କଉତୁକେ କରନ୍ତି ପରିହାସ ।
କେ ଲେ ରଖିଅଛୁ ତୁ ହୃତ୍ପଦ୍ମ, କହୁଅଛୁ ଯାଇ ମୁହିଁ ହିମକୁ ।
କାହିଁ ଗଲା ସେ ବୋଲି ଲୋଡ଼ୁଅଛୁ, କୁଚକନ୍ଦରେ ଆସି ଏ ପଶିଛୁ ।

ଗୋପୀଙ୍କ ଉତ୍ତର ମଧ୍ୟ କୌତୁକପ୍ରଦ ହୋଇଛି ।

କମ୍ପୁଅଛୁ ଯେବେ ଶୀତ ବଳରେ । କପାଁ ନପଶ ଆଏ ମୋ କୋଳରେ ।
୧୧ଶ ଛାନ୍ଦ ।

ବନବିହାରବେଳେ କୃଷ୍ଣ ଗୋପୀଙ୍କର ଗର୍ବଗଞ୍ଜନ କରିବା ଉଦ୍ଦେଶ୍ୟରେ ଘନ ଅରଣ୍ୟ ଭିତରେ ଏକାକୀ ତ୍ୟାଗ କରିବା ଘଟଣାଟି କୌତୁକପୂର୍ଣ୍ଣ

ହୋଇଛୁ ଏବଂ କାର୍ଯ୍ୟଟି ବିପରୀତ ଫଳ ସୃଷ୍ଟି କରି ହାସ୍ୟରସ ଉଦ୍‌ଭବ କରିଛୁ ।

ନାଟକୀୟ ଛଟା—ଦୀନକୃଷ୍ଣ ରସକଲ୍ଲୋଳରେ ବହୁ ସ୍ଥଳରେ ନାଟକୀୟ ଛଟା ପ୍ରୟୋଗ କରି ବର୍ଣ୍ଣନୀୟ ବିଷୟର ଆକର୍ଷଣୀ ଶକ୍ତିକୁ ବର୍ଦ୍ଧନ କରିଛନ୍ତି ।

(୧) କବି ଶିଶୁ କୃଷ୍ଣଙ୍କ ଶୋଭା ବର୍ଣ୍ଣନା କରୁ କରୁ କୋଟି କନ୍ଦର୍ପ ଯେଉଁଠାରେ ନିନ୍ଦା ପାଏ ସେଠାରେ ବା କବି କ'ଣ ଉପମା ଦେବ ? ଏ ଚେଷ୍ଟା କବିଙ୍କର ମିଛଫନ୍ଦା ସିନା ! ଏହା କହିବା ପରେ ନାଟକୀୟ ଛଟାରେ ଶିଶୁ କୃଷ୍ଣଙ୍କ ରୋଦନର ଛବି ପ୍ରଦାନ କରି ଚମତ୍କାର ରସ ଉତ୍ପାଦନ କରି ପାରିଛନ୍ତି ।

କବି ବଚନେ କରେ ତାରତମ, କୁବେରକୁ ବୋଲଇ କୋଟି କାମ ।
କେଉଁଠାରେ କନ୍ଦର୍ପ ହୋଇଛି ନିନ୍ଦା, କେତେ କହିବି ତାଙ୍କ ମିଛ ଫନ୍ଦା ।
କହୁଁ କହୁଁ କୁମାର ଯେ ରୋଦନ୍ତି, କଳକଣ୍ଠ-କଣ୍ଠ ହେଲେ ନନ୍ଦନ୍ତି ।
ଇତ୍ୟାଦି । ୩ୟ ଛାନ୍ଦ ।

(୨) କହୁଁ କହୁଁ ଗୋପୀ ଏହି ପ୍ରସଙ୍ଗ
କ କ ହୋଇ ମିଳିଗଲେ ଶ୍ରୀରଙ୍ଗ । ୫ମ ଛାନ୍ଦ ।

ଲୋକଭାଷାର ପଦାବଳୀ—କବି ରସକଲ୍ଲୋଳରେ କେତେଗୁଡ଼ିଏ ଅତି ସୁନ୍ଦର ପଦ ଲୋକଭାଷାରେ ରଚନା କରି କାବ୍ୟର ସୌନ୍ଦର୍ଯ୍ୟ ବର୍ଦ୍ଧନ କରିଛନ୍ତି । ନିମ୍ନରେ କେତୋଟି ଉଦାହରଣ ଉଦ୍ଧୃତ ହେଲା ।

(୧) କୁଆଁ କୁଆଁ ବାଣୀ ଶୁଣି ଉଠିଲେ ରକ୍ଷକ ଶ୍ରେଣୀ
କହିଲେ କଂସକୁ ଯାଇ ନିଶି ଶେଷରେ । ୨ୟ ଛାନ୍ଦ ।

କରିବ ତୁମ୍ଭେ ୪ଟେକ     କଅଁଳା ପୁଅ ଯେତେକ
ମାରିବାକୁ ଯେ ଯାହାରେ ରହିବ ଟାକ । ୨ୟ ଛାନ୍ଦ ।

(୨) କେଉଁ କଥା ଏ, କେତେ କେତେ କଥା ଗଲଣି,
କଅଁଳା ପୁଅ ବେଳରୁ ଆମ୍ଭ କାହ୍ନୁ କେଉଁ ବଚନ ନ କଲଣି ।
୯ମ ଛାନ୍ଦ ।

(୩) କାମିନୀ ଛଡ଼ା ବଦନପୋଡ଼ା କରଥିଲ ମୁଁ କ ଘଟରୁଡ଼ା,
ପ୍ରାଣ ତୁ ମୋର କଲୁ ତୋତେ ମୋ ଅଙ୍ଗରୁ ଛଡ଼ା ରେ ।
କେ ଅବା ମୋତେ କରନ୍ତା ଲେଡ଼ା କାହା ଆଗରେ ହୁଅନ୍ତି ଛଡ଼ା
କୃପାଣ ହୋଇ ମୋତେ କାଟନ୍ତା ମୋହର କ୍ରୀଡ଼ାରେ ।
୧୭ ୧୭ଶ ଛାନ୍ଦ ।

(୪) କେ ବୋଲଇ ପୂତନା କେଶୀ ପ୍ରାଣ ଘେନା,
କେ ବୋଲେ ହେ ଗଛ ଉପୁଡ଼ା
କେ ବୋଲଇ ଆହେ କାଳ ଘଣ୍ଟିଡ଼ା,
କପାଁ ଏତେ ଦୁଃଖ ଦେଉ ଅଛ ଦୁଃଖହର୍ତ୍ତା ଅଘାସୁର ଫେଡ଼ା ।
୨୧ଶ ଛାନ୍ଦ ।

ଉପମା—କୃଷ୍ଣ ଜନ୍ମହେବା ସମ୍ବାଦ ପାଇବା ମାତ୍ରେ କଳାକରମୁଖୀ ଗୋପୀମାନେ କୋଟିନିଧି ପାଇଲା ପରି ହୋଇ ଆନନ୍ଦରେ ଧାଇଁଲେ । ଏମାନେ କିଏ କେତେ ରୂପରେ ଧାଇଁଲେ; ଜଣାଗଲା, ଯେପରି କାଦମ୍ବିନୀ କୋଳରେ ବିଜୁଳି ସବୁ ଦିଗରେ ଝଟକ କରୁଛି କି ? କବି ସରଳ ଭାବରେ ସୁନ୍ଦର ପଦଯୋଡ଼ି ଉପମାକୁ ଗୌରବ ମଣ୍ଡିତ କରିଛନ୍ତି ।

କେତେରୂପେ ଧାଇଁଲେ ଗୋପବାଳୀ, କେ କହିବ ଅବା ତା ମନେ ଭାଳି ।
କାଦମ୍ବିନୀ କୋଳେ ଯେସନେ ବିଜୁଳି, କରେ ଝଟକ ସବୁ ଦିଗେ ମିଳି ।
କଳଧଉତ ଲତା ବାତେ ଯେସନେ, କାମିନୀଙ୍କ ଗମନେ ଅଙ୍ଗ ତେସନେ ।
କାହା କବରୀରୁ ଫୁଲ ଖସଇ, କବି ମନକୁ ଏମନ୍ତ ଆସଇ ।
କଳାକର କି ରାହୁ କବଳରୁ, କ୍ରମେ ଗଳି ପଡ଼ୁଅଛି ଗଳାରୁ ।
କଳାମେଘେ ଚନ୍ଦ୍ର ହୋଇ ବାହାର, କରେ ଚରମରେ କିବା ବିହାର ।
ଇତ୍ୟାଦି । ୩ୟ ଛାନ୍ଦ ।

କବି ଗ୍ରନ୍ଥର ଶତାଧିକ ସ୍ଥାନରେ ଉପମାର ସ୍ୱରୂପପୂର୍ଣ୍ଣ ପ୍ରୟୋଗରେ କବିତାକୁ ମନୋରମ କରିପାରିଛନ୍ତି ।

କଣ୍ଠବର କର ମର୍ଦ୍ଦନୁ ହେଲା ପଦ୍ମଲତା ପ୍ରାୟ
କାମସିନ୍ଧୁ ଲାଗି ମଧୁବନ ଭାଗି ଦଣେ କେଉଁ ବଧୂ କାୟ ।
କେଶରୀ ମୁଖରୁ ପଳାଇ ଚମୂରୁ ହୁଅଇ ଯେସନ୍ତେ ତରଙ୍ଗ
କଟାକ୍ଷ ଖେଳାଇ ଗମନ ବଳାଇ କେଉଁ ଗୋପୀ ଗୁଡ଼ି ସଙ୍ଗ ।
କେତୁ ତୁଣ୍ଡ ମୁଣ୍ଡ ଗ୍ରାସୁ ସୁଧାପିଣ୍ଡ ବାହାର ହେଲା ପରାୟେ
କାନ୍ତର ବାହାର ହେବାରୁ କାହାର ମୁଖ ବିରସକୁ ଯାଏ ।
କୁବଳୟ ଦଳ ସିନ୍ଦୂରରେ ମେଳ ହେଲା ପ୍ରାୟେ କାହା ନେତ୍ର
କୀର ଚଞ୍ଚୁ ଘାତ ବିମ୍ବଫଳ ଖ୍ୟାତ ସୁରଙ୍ଗ ଦଶନପତ୍ର । ଇତ୍ୟାଦି
। ୨୪ଶ ଛାନ୍ଦ ।

କେଳିବାହୁଡ଼ା ଗୋପୀମାନଙ୍କର ରାତ୍ରି ଶେଷ ସମୟର ବର୍ଣ୍ଣନାରେ କବି ଅତି ସୁନ୍ଦର ପଦାବଳୀରେ ଉପମା ଚୟକୁ ପ୍ରକାଶ କରି ପାରିଛନ୍ତି ।

ଅମୃତ ପଦାବଳୀ—

(୧) (କୃଷ୍ଣ) କରେ ଗୋପୀମାନେ ଧଇଲେ ତାଳ,
କମଳନୟନ ନ ଚନ୍ତ୍ର ଢଳ ।
କଟି କଙ୍କିଣି କଣି କଣି ବାଜେ,
କନକ ନୂପର ଚରଣେ ସାଜେ ।

(୨) କମଳ ନୟନ କମଳ କରରେ କମଳ ତୋଳନ୍ତି ସଧୀରେ । ୧ମ । ୩ ।

(୩) କଜ୍ଜ୍ୱଳ ପର୍ବତେ କଳାମେଘ ପ୍ରାୟେ ଶୋଭା ପାଇଲା ବେନି ଅଙ୍ଗ ।
କି ହୁଅନ୍ତା ଅବା ନୟନେ ଦେଖିଲେ କର୍ଣ୍ଣେ ଶୁଣିବାକୁ ଏ ରଙ୍ଗ ।
କାଳ ବଳରେ, ଉଠି ତା ଉତ୍ତମ ଅଙ୍ଗରେ ।
କଲେ ନଟବର ପରାଏ ତାଣ୍ଡବ ଶ୍ରୀରଙ୍ଗ ଶ୍ରୀଅଙ୍ଗ ଭଙ୍ଗୀରେ । ୪ । ୧ମ ଛାନ୍ଦ ।

ଦୀନକୃଷ୍ଣ ରସକଲ୍ଲୋଳ କାବ୍ୟର ପ୍ରାୟ ପ୍ରତ୍ୟେକ ଛାନ୍ଦରେ ଉପମାର ପ୍ରଚୁର ଓ ସୁସଙ୍ଗତ ବ୍ୟବହାର କରି କମନୀୟ କଳିତ ଲଳିତ ପଦାବଳୀରେ ଓଡ଼ିଶାର ଗୌରବ ଶିଳ୍ପକଳାର ଅପୂର୍ବ କଳାଦେଉଳ କୋଣାର୍କ ମନ୍ଦିର ସଦୃଶ ଉପମା ପଦ ଲାଳିତ୍ୟର ଅପୂର୍ବ କବିତା ଲଳନା ସୃଷ୍ଟି କରିଛନ୍ତି ।

ଉପମାରେ କବି ଶତାଧିକ ବିଭିନ୍ନ ବିଷୟର ସୂକ୍ଷ୍ମ ନିରୀକ୍ଷଣ ଓ ଗଭୀର ପ୍ରପଞ୍ଚ ଜ୍ଞାନର ପରିଚୟ ଦେଇଛନ୍ତି । ପଦଯୋଜନାରେ ଅନନ୍ୟ ସାଧାରଣ କବି ପ୍ରତିଭା ଓ ପାଣ୍ଡିତ୍ୟ ସ୍ପଷ୍ଟଭାବରେ ପ୍ରସ୍ଫୁଟିତ ହୋଇଛି ।

ସଂସ୍କୃତ କବିମାନଙ୍କ ବର୍ଣ୍ଣନା ସହିତ ସାଦୃଶ୍ୟ—ଦୀନକୃଷ୍ଣଙ୍କ ରସକଲ୍ଲୋଳର କେତେକ ବର୍ଣ୍ଣନା ପ୍ରାଚୀନ ସଂସ୍କୃତ କବିମାନଙ୍କ ବର୍ଣ୍ଣନା ସହିତ ମେଳଥିବାର ଦେଖାଯାଏ ।

(୧) (କ) କରୁଥିଲେ ସେ ସମର ସଞ୍ଚାର,
କେତେ ଲୋକଙ୍କୁ ଦେଲେ ଅଳଙ୍କାର,
କୁଚ ପାଇଲା ହାର, କଟି ନେଲା ଅମ୍ବର,
କରିଥିଲା ଅପାର, ଚଢ଼ି ରଣେ ପ୍ରଖର ସେ । ୨୬ ।

କର୍ଣ୍ଣ ଉତ୍ତମ କୁଣ୍ଡଳ ପାଇଲା,
କର୍ପୂର ତାମ୍ବୁଲ ଅଧର ନେଲା,
କେଶ ପଛରେ ଥିଲା, କିଛି ନିନ୍ଦା ପାଇଲା
କରଦେଶରେ ଭଲା, ଜମେ ବନ୍ଧନ ଗଲା ସେ । ୨୭ । ୨୩ଶ ଛାନ୍ଦ ।

ଶାନ୍ତେ ମନ୍ମଥ ସମରେ ବିଭୂତାଂ ସତ୍କାର ମାତନ୍ୱତୀ
ବକ୍ଷୋଜାତ ଘନସ୍ୟ ପୀନକୁଚୟୋଃ ହାରଂ ଶ୍ରୁତେ କୁଣ୍ଡଳମ୍ ।
ତାମ୍ବୂଲସ୍ୟ ଚ ବଟିକାପ୍ୟଧରୟୋଃ ପାଣ୍ୟୋଃ ରଣତ୍କଙ୍କଣମ୍,
ପୃଷ୍ଠାଲମ୍ବିନି କେଶପାଶନିଚୟେ ଯୁକ୍ତେ ହି ବନ୍ଧକ୍ରମଃ ।

(୨) କେଉଁ ଗୋପୀମୂର୍ତ୍ତି ଅନାଇ ବୋଲନ୍ତି ତୋ ଅଙ୍ଗ କାମ ସରୋବର ।
କାନ୍ତି ସ୍ୱଚ୍ଛ ଜଳ କେଶ ଶଇବାଳ ବଦନ କମଳ ପ୍ରକାର ।
କମଳା, ନୟନ ଯୁଗଳ ଶଫରୀ,
କୁଚ ଚକ୍ରବାକ ନଖ କହ୍ଲାରକ ସକଳ ଜନ ମନୋହାରୀ ।୨୦ ।୮ମ ଛାନ୍ଦ

ବାହୂଦ୍ୱୈତ ମୃଣାଳମାସ୍ୟ କମଳଂ ଲାବଣ୍ୟଲୀଳା ଜଳମ୍
ଶ୍ରୋଣୀ ତୀର୍ଥଶିଳା ଚ ନେତ୍ର ଶଫରୀ ଧମ୍ମିଲ୍ଲ ଶୈବାଳକମ୍ ।
କାନ୍ତାୟାଃ ସ୍ତନଚକ୍ରବାକଯୁଗଳଂ କନ୍ଦର୍ପବାଣାନଳୈଃ-
ର୍ଦଗ୍ଧା ନାମବଗାହନାୟ ବିଧିନା ରମ୍ୟଂ ସରୋନିର୍ମିତମ୍ ।

(୩) ଧୀନକୃଷ୍ଣ ହାମରିରୁ ପ୍ରବେଶରେ ପଦ୍ମ ପ୍ରଭୃତିଙ୍କ ଦୁର୍ଦ୍ଦଶା ବର୍ଣ୍ଣନା କରିବା ପ୍ରସଙ୍ଗରେ କହିଛନ୍ତି—

(ହାମରିରୁ) କାଲି ଦିବସକୁ ଅତି ନଉନ, କହୁଁ କହୁଁ ପୋଡ଼ିଲା ପଦ୍ମବନ ।
କର୍ମେ ଯାହାର ଯେଉଁ ଦଶା ଥାଇ, କାହା ବଳେ ଆନ କରି ନୋହଇ ।
କୁଶକେରୁ ଆସନ ଶ୍ରୀନିବାସ, କୁଷ୍ଠକରେ ଥାଇ ନାଥ ଧନେଶ ।
କେଡ଼େ କେଡ଼େ ବଡ଼ ପ୍ରଭୁ ଏମାନେ, କରି ପାରନ୍ତି ଅଭସ୍ତୁ ବଚନେ ।
କେହି ରଖି ନପାରିଲେ ସେ କାଳେ, କାଲି ଭୋଗ ଯାହା ଥିଲା କପାଳେ
କୁଶଳରେ ସମସ୍ତେହିଁ ସୁମୁଖ, କଷ୍ଟ କାଳରେ ହୁଅନ୍ତି ବିମୁଖ । ୧୧ଶ ଛାନ୍ଦ

କିଂ ବାନ୍ଧବେନ ରବିଣା ହରିଣାଙ୍କ କିଂବା
ଲକ୍ଷ୍ମ୍ୟା ଚ କିଂ ଚ କମଲୋଦରଜେନ କିଂ ବା
ଏତସ୍ୟ ଶୁଦ୍ଧଚରିତସ୍ୟ ସରୋରୁହସ୍ୟ
ନ ହଂ ସା ତୁଷାରଜନିତା ନାଶିତା ବିପତ୍ତିଃ ।

(୪) କନକବଲ୍ଲରୀ ନାନା ଫୁଲଧରି ଚଳନ୍ତେ ଯେମନ୍ତେ ବିଚିତ୍ର
କାମକଳାବତୀ ଗୋପୀ ସେହିମତି ଗୁଳନ୍ତେ ମୋହେ ମନ ନେତ୍ର ।
୧୯ । ୧୨ଶ ଛାନ୍ଦ ।
ପର୍ଯ୍ୟାପ୍ତ ପୁଷ୍ପସ୍ତବକାଭିନମ୍ରା ସଞ୍ଚାରିଣୀ ପଲ୍ଲବିନୀ ଲତେବ ।

ଧୀନକୃଷ୍ଣଙ୍କର ଏହିପରି କେତେକ ବର୍ଣ୍ଣନା ସହିତ ଅନ୍ୟ କେତେକ କବିଙ୍କର ବର୍ଣ୍ଣନାର ସାମ୍ୟ ଦେଖାଯାଉଥିବାରୁ ତାଙ୍କ ଉପରେ ଏହି କବିମାନଙ୍କର ପ୍ରଭାବ ପଡ଼ିଥିବା ଅନୁମାନ କରିବା ସମ୍ଭବ ଓ ସଙ୍ଗତ ହେଲେ ମଧ୍ୟ ଏପରି ବର୍ଣ୍ଣନା କବି-ପ୍ରସିଦ୍ଧି ଲାଭ କରିଥିବାରୁ ଏହା କବିଙ୍କର ଚମତ୍କାରିତ ରୀତିର ଅନୁସରଣହିଁ ବୋଲିବାକୁ ହେବ । ଏହି ବର୍ଣ୍ଣନାମାନଙ୍କରେ ଧୀନକୃଷ୍ଣଙ୍କର ସ୍ୱାତନ୍ତ୍ର୍ୟ ମଧ୍ୟ ରହିଛି ।

(ଖ) ସଂସ୍କୃତ ଭାଗବତ ସହିତ ସାଦୃଶ୍ୟ—ଭାଗବତ ଦଶମ ସ୍କନ୍ଧର ପଞ୍ଚଦଶ ଅଧ୍ୟାୟ ରାମକୃଷ୍ଣଙ୍କର ଗୋପବାଳଙ୍କ ସହିତ ବୃନ୍ଦାବନରେ ବିହାର, ବ୍ୟାସଦେବ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ଏଥିରୁ କେତୋଟି ପଦ—

ଏବଂ ବୃନ୍ଦାବନଂ ଶ୍ରୀମତ୍ କୃଷ୍ଣ ପ୍ରୀତମନାଃ ପଶୂନ୍
ରେମେ ସଞ୍ଚାରୟନ୍ନଦ୍ରେଃ ସରିଦ୍ରୋଧଃ ସୁ ସାନୁଗଃ । ୯ ।
କ୍ୱଚିଦ୍‌ଗାୟତି ଗାୟତ୍ସୁ ମଦାନ୍ଧାଳି ସ୍ୱନୁବ୍ରତୈଃ
ଉପଗୀୟମାନ ଚରିତଃ ସ୍ରଗ୍‌ଗୀ ସଙ୍କର୍ଷଣାନ୍ୱିତଃ । ୧୦ ।
କ୍ୱଚିଚ୍ଚ କଳହଂସାନା ନାମନୁ କୂଜତି କୂଜିତଂ
ଅଭିନୃତ୍ୟତି ନୃତ୍ୟନ୍ତଂ ବର୍ହିଣଂ ହାସୟନ୍ କ୍ୱଚିତ୍ । ୧୧ ।
ମେଘଗମ୍ଭୀରୟା ବାଚା ନାମଭିର୍ଦୂରଗାନ୍ ପଶୂନ୍
କ୍ୱଚିଦାହ୍ୱୟତି ପ୍ରୀତ୍ୟା ଗୋଗୋପାଲ ମନୋଜ୍ଞୟା । ୧୨ ।
ଚକୋର କ୍ରୌଞ୍ଚଚକ୍ରାହ୍ୱ ଭାରଦ୍ୱାଜାଂଶ୍ଚ ବର୍ହିଣଃ
ଅନୁରୌତି ସ୍ମ ସତ୍ତ୍ୱାନାଂ ଭୀତବଦ୍ ବ୍ୟାଘ୍ରସିଂହୟୋଃ । ୧୩ ।
କ୍ୱଚିତ୍ କ୍ରୀଡ଼ା ପରିଶ୍ରାନ୍ତଂ ଗୋପତ୍ସଙ୍ଗୋପ ବର୍ହଣଂ
ସ୍ୱୟଂ ବିଶ୍ରମୟତ୍ୟାର୍ଯ୍ୟଂ ପାଦସଂବାହନାଦିଭିଃ । ୧୪ ।
ନୃତ୍ୟତୋ ଗାୟତଃ କ୍ୱାପି ବଲଗତୋ ଯୁଧ୍ୟତୋ ମିଥଃ
ଗୃହୀତ ହସ୍ତୌ ଗୋପାଲାନ୍ ହସନ୍ତୌ ପ୍ରଶଶଂସ ତୁଃ । ୧୫ ।
କ୍ୱଚିତ୍ ପଲ୍ଲବ ତଲ୍ପେଷୁ ନିୟୁଦ୍ଧ ଶ୍ରମକର୍ଶିତଃ
ବୃକ୍ଷମୂଳ ଶ୍ରୟଃ ଶେତେ ଗୋପୋତ୍ସଙ୍ଗୋପ ବର୍ହଣଃ । ୧୬ ।

ପାଦ ସଂବାହନଂ ଚକ୍ରୁଃ କେଚତ୍ତ୍ର ତସ୍ୟ ମହାତ୍ମନଃ
ଅପରେ ହତ ପାପ୍ମାନୋ ବ୍ୟଜନୈଃ ସମବୀଜୟନ୍ । ୧୭ ।
ଅନ୍ୟେ ତଦନୁରୂପାଣି ମନୋଜ୍ଞାନ ମହାତ୍ମନଃ
ଗାୟନ୍ତି ସ୍ମ ମହାରାଜ ସ୍ନେହକ୍ଲିନ୍ନଧିୟଃ ଶନୈଃ ।
୧୮ । ୧୦ମ ସ୍କନ୍ଧ ୧୫ଅ ।

ଭାଗବତର ୧୦ମ ସ୍କନ୍ଧର ଅଷ୍ଟାଦଶାଧ୍ୟାୟରେ ମଧ୍ୟ ରାମକୃଷ୍ଣଙ୍କର ଗୋପ-ବାଳକଙ୍କ ସହ ବନରେ ଖେଳିବାର ଏହି ଜୀବନ୍ତ ଚିତ୍ର ଦିଆଯାଇଛି ।

ଏ ରୂପେ ବୃନ୍ଦାବନରେ କୃଷ୍ଣ ଅତି ପ୍ରୀତମନରେ ବିହାର କରନ୍ତି । ସଖାମାନଙ୍କ ସଙ୍ଗରେ ପର୍ବତ ତଳେ ଓ ନଦୀକୂଳରେ ଗୋରୁ ଚରାନ୍ତି । ବଳରାମଙ୍କ ସଙ୍ଗରେ କୃଷ୍ଣ ବନମାଳ ଲମ୍ବାଇ ବନରେ ଭ୍ରମଣ କରିବାରୁ ଭ୍ରମରମାନେ ମଧୁ ଲୋଭରେ ଚୌଦିଗରେ ବେଢ଼ି ଯାଆନ୍ତି ଏବଂ ଗୁଣୁଗୁଣୁ କରନ୍ତି । ଶ୍ରୀକୃଷ୍ଣ ସେହି ସ୍ୱର ଅନୁକରଣ କରନ୍ତି, କାହିଁ କଳହଂସ ରାବନ୍ତି ସେମାନଙ୍କର ରାବକୁ ଅନୁକରଣ କରି ରାବନ୍ତି, କାହିଁ ମୟୂର ନୃତ୍ୟ ଦେଖି ହସି କୃଷ୍ଣ ନାଚନ୍ତି, କାହିଁ ପଶୁଏ ଦୂରକୁ ଗଲେ ମେଘ ଗମ୍ଭୀର ସ୍ୱରରେ ଡାକନ୍ତି । ଗୋ ଗୋପାଳଙ୍କୁ ନାମ ଧରି ସେ ଡାକନ୍ତି । କାହିଁ ଚକୋର କ୍ରୌଞ୍ଚ ଚକ୍ରବାକ ଭାରଦ୍ୱାଜାଦି ପକ୍ଷୀମାନେ ରାବିଲେ, ଏମାନଙ୍କ ରାବ ସେପରି ରାବନ୍ତି । ବ୍ୟାଘ୍ର ସିଂହଙ୍କ ପରି ଶବ୍ଦ କରନ୍ତି ଯେ ପଶୁପକ୍ଷୀ ଭୟରେ ଏଣେ ତେଣେ ପଳାନ୍ତି । କାହିଁବା କ୍ରୀଡ଼ା ଶ୍ରାନ୍ତ ହୋଇ ଗୋପବାଳକଙ୍କ କୋଳରେ ଶିର ଦେଇ ବଳରାମ ଶୟନ କଲେ କୃଷ୍ଣ ତାଙ୍କ ପାଦ ମର୍ଦ୍ଦିଲନ୍ତି । ଗୋପବାଳକମାନେ ନାଚନ୍ତି, ଗାଆନ୍ତି ଓ ମିଥ୍ୟାରେ ଯୁଦ୍ଧ କରନ୍ତି । କୃଷ୍ଣ ରାମଙ୍କ ହସ୍ତଧରି ହସି ପ୍ରଶଂସା କରନ୍ତି । କାହିଁ ବା ଲଢ଼ା ଲଢ଼ି ହୋଇ ଶ୍ରମ ପାଇ ଗଛମୂଳେ ପଲ୍ଲବ ତଳ୍ପରେ ଗୋପାଳବାଳକ କୋଳରେ ଅତି କୁତୂହଳରେ ସେ ଶୟନ କରନ୍ତି । ଗୋପାଳବାଳକଙ୍କ ଭାଗ୍ୟ ! କେ ବିଞ୍ଚେ, କେ ମର୍ଦ୍ଦନ କରେ; କେହି ବା କୃଷ୍ଣଙ୍କ ମନକୁ ପାଇଲା ଭଳି ଧୀରେ ଧୀରେ ଗୀତ ଗାୟନ କରେ ।

ଦୀନକୃଷ୍ଣଙ୍କ ଅମୃତ ଲେଖନୀରୁ ଏହି ଚଉତି ଏହିପରି ଭାବରେ ରୂପ ପାଇଛି —

କେ କେକୀ ପରାୟେ ନାଚ ନାଚ ଯାଏ କେ ବକ ପରାଏ ବସନ୍ତି
କେ ଭୃଙ୍ଗ ଝଙ୍କାର ଶୁଣି ଅହଙ୍କାର କରି ହୁଙ୍କାର ବିସ୍ତାରନ୍ତି ।
କେ କେକୀ—ଶିଶୁମାନଙ୍କୁ ଗୋଡ଼ାଇ ଧରନ୍ତି ।
କେ କାହା କରରେ କର ମାରି ଖରେ ପଳାଇ ପ୍ରଦକ୍ଷିଣ କରନ୍ତି । ୧୫ ।

କେତେବେଳେ ବାହୁ ଯୁଦ୍ଧ କରି କେହୁ ଭାବେ ହୋଅନ୍ତି ଧରାଧରି
କେତେବେଳେ ଫଳ ସମରେ ଚଞ୍ଚଳ କେତେ ବେଳେ ଆଖି ବୁଜାଳି
କେତେବେଳରେ—କୃଷ୍ଣ ହୁଅନ୍ତି ନରପତି
କରେ ଫୁଲଛତି ଧରି ସଖାପନ୍ତି ମଣିମା ମଣିମା ବୋଲନ୍ତି । ୧୬ ।

ଦୀନକୃଷ୍ଣ ଭାଗବତର ବିଷୟବସ୍ତୁକୁ ସ୍ଥୂଳ ଭାବରେ ଗ୍ରହଣ କରିଛନ୍ତି ଏବଂ ସୂକ୍ଷ୍ମ ବିଷୟରେ କବିତ୍ୱ ସହକାରେ ସ୍ୱାତନ୍ତ୍ର୍ୟ ଦେଖାଇ ପଂକ୍ତିଗୁଡ଼ିକକୁ ଭାଗବତ ତୁଲ୍ୟ ଅମୃତମୟ କରି ପାରିଛନ୍ତି ।

(୨) ବୃନ୍ଦାବନର ତାଳବନରେ ଧେନୁକାସୁରକୁ ମାରିବା ପରେ ଶ୍ରୀମକୃଷ୍ଣ ଗୋପ ବାଳକଙ୍କ ସଙ୍ଗରେ ଗୃହକୁ ଫେରି ଆସୁଥିବା ସମୟରେ ଗୋପୀ ଓ କୃଷ୍ଣଙ୍କର ମନୋଭାବ ବ୍ୟାସଦେବ ଅତି ସଂକ୍ଷେପରେ ବର୍ଣ୍ଣନା କରିଛନ୍ତି ।

ପିବନ୍ତ୍ୟମୁକୁନ୍ଦମୁଖସାରଘ ମକ୍ଷିଭୃଙ୍ଗୈ
ସ୍ତାପଂ ଜହୁ ବିରହଜଂ ବ୍ରଜ ଯୋଷିତୋଽହ୍ନି
ତତ୍ ସତ୍କୃତିଂ ସମଧିଗମ୍ୟ ବିବେଶ ଗୋଷ୍ଠଂ
ସବ୍ରୀଡ଼ହାସ ବିନୟଂ ଯଦପାଙ୍ଗ ମୋକ୍ଷଂ ।
। ୧୦ମ ସ୍କନ୍ଧ ୧୫ ଅ । ୪୨ ।

ଗୋପୀମାନେ ଦର୍ଶନ ଆଶାରେ କୃଷ୍ଣଙ୍କ ନିକଟରେ ଉପସ୍ଥିତ ହେଲେ । ଗୋପୀମାନଙ୍କର ନେତ୍ରଭୃଙ୍ଗଗଣ କୃଷ୍ଣଙ୍କ ଶ୍ରୀମୁଖ-ମଧୁପାନ କରି ବିରହ ତାପ ଶାନ୍ତ କଲେ । ଶ୍ରୀକୃଷ୍ଣଙ୍କୁ ସଲଜ୍ଜହାସ କଟାକ୍ଷରେ ଧୀରେ ସମ୍ମାନ କଲେ । ଶ୍ରୀକୃଷ୍ଣ ପ୍ରତି-ସମ୍ମାନ କରି ଗୋଷ୍ଠକୁ ଚାଲିଗଲେ ।

ଦୀନକୃଷ୍ଣ ଏହି ଘଟଣାଟିକୁ ଗ୍ରହଣ କରି କବିତ୍ୱପୂର୍ଣ୍ଣ ପଦାବଳୀରେ ବର୍ଣ୍ଣନାକୁ ଦୀର୍ଘ କରିଛନ୍ତି ।

କେଉଁ ଗୋପୀ ଦେଖି ଧଇର୍ଯ ନ ରଖି କରେ ମଧୁର ଅଙ୍ଗଭଙ୍ଗ
କର୍ଣ୍ଣ କଣ୍ଡୁ ଛଳେ କରଟେକ ହେଲେ ବଶ କରଇ ଶିଙ୍ଗରଙ୍ଗ ।

× × × ×

କରୁଣା କଟାକ୍ଷ କଟାକ୍ଷେ ଅଲକ୍ଷ ଘେନ ଘେନ ଭାବ ଦେଖାଇ
କଳାକର କରେ କୁମୁଦନୀ କରେ ଯେସନ ହଂସକୁ ରଖାଇ ।
କହିଲୁକରେ, ପୁରରେ ପ୍ରବେଶ ହୋଇଲେ ।
କର୍ମମାନ ସାରି କାମପାଳ ହରି ମଣୋହି ବଢ଼ାଇ ଶୋଇଲେ ।
। ୨୮-୩୪ । ଷଷ୍ଠ ଛାନ୍ଦ ।

ଏହିପରି ବହୁ ବିଷୟକୁ କବି ସ୍ୱ କଳ୍ପନାବଳରେ ବିସ୍ତୃତ ଭାବରେ ସୁନ୍ଦର କରି ଚିତ୍ରଣ କରିଛନ୍ତି । ଭାଗବତ ପୁରାଣ ହେଲେ ମଧ୍ୟ ଏଥିରେ ବହୁ ସ୍ଥାନରେ କବିତ୍ୱପୂର୍ଣ୍ଣ ପଦାବଳୀ ଦେଖାଯାଏ । ଦୀନକୃଷ୍ଣ ରସକଲ୍ଲୋଳରେ ଏହି କବିତ୍ୱପୂର୍ଣ୍ଣ ପଦାବଳୀ ଲତାକୁ ପଲ୍ଲବିତ କରି ସୁନ୍ଦର କୁଞ୍ଜଟିଏ ରଚନା କରିଛନ୍ତି ।

ଉପେନ୍ଦ୍ରଭଞ୍ଜଙ୍କ ବର୍ଣ୍ଣନା ସହିତ ସାଦୃଶ୍ୟ—ଉପବନ ବିହାର ବର୍ଣ୍ଣନାରେ ଦୀନକୃଷ୍ଣଙ୍କ ରସକଲ୍ଲୋଳରେ ଓ ଉପେନ୍ଦ୍ରଙ୍କ ଲାବଣ୍ୟବତୀରେ କେତେକ ପୁଷ୍ପ ବିଷୟକ କଳ୍ପନାରେ କେତେକ ସାମଞ୍ଜସ୍ୟ ଦୃଷ୍ଟିଗୋଚର ହୁଏ; କଳ୍ପନାର ଗମ୍ଭୀରତାରେ ପାର୍ଥକ୍ୟ ଦେଖା ଯାଉଥିଲେ ମଧ୍ୟ ସୂଚନାରେ ସାମ୍ୟର ଅବସ୍ଥିତି ସ୍ପଷ୍ଟ ।

ନାଗେଶ୍ୱର—

ଦୀନକୃଷ୍ଣ—

କେଉଁ ଗୋପୀ ଦେଖି ବୋଲଇ ଗୋ ସଖି ଦେଖ ଦେଖ ଏ ନାଗେଶ୍ୱର
କାନ୍ତ ବିଚ୍ଛେଦରେ ବିରହିଣୀଠାରେ କେବଳ ହୁଏ ନାଗେଶ୍ୱର ।

। ୨୩ । ୧୨ଶ ଛାନ୍ଦ ।

ଉପେନ୍ଦ୍ର—

ଏକକୁ ଶୁଣି ଆରେକ ସଖୀ କହୁ ବିକଟେ ନାଗେଶ୍ୱର ମୋର
ହୋଇଲୁ ହୋଇ ଆଇଟି ନାଗେଶ୍ୱର ସୁପର୍ଣ୍ଣରେ କର ଆଦର
ସେ ଛଳେ, ଚନ୍ଦ୍ରିକା ନାଗେଶ୍ୱର କହ
ସୁମନା ଭୂଷଣ ସମ୍ପତ୍ତି ପାଇବ ତାରପରେ ଯାଇଁ ଆସେହ ।

। ୧୧ । ୭ମ ଛାନ୍ଦ । ଲା:ବ: ।

'ନାଗେଶ୍ୱର'କୁ ବିଷଧର ସର୍ପ ଅର୍ଥରେ ବିବୋକ୍ତିରେ ଗୋପୀମୁଖରେ ଦୀନକୃଷ୍ଣ କୁହାଇଛନ୍ତି । କିନ୍ତୁ ଉପେନ୍ଦ୍ର ଭଞ୍ଜ ଲାବଣ୍ୟବତୀରେ ନାଗେଶ୍ୱରକୁ ଫୁଲଗଛ, ସର୍ପରାଜ ବାସୁକୀ, ନାଗରାଜ ବା ହସ୍ତିରାଜ ବା ଐରାବତ, ଶିବ ଅର୍ଥ କରି ବିଭିନ୍ନ ଭାବ ପ୍ରକାଶ କରି କଳ୍ପନାର ଗମ୍ଭୀରତାର ପରିଚୟ ଦେଇଛନ୍ତି ।

ଛୁରିଅନା—

ଛୁରିଅନା ଫୁଲ ସମ୍ବନ୍ଧରେ ଉଭୟ କବିଙ୍କ କଳ୍ପନା—

ର:କ:—କୁସୁମ ଉତ୍ତମ ବାସ ମନୋରମ ନାମମାତ୍ରକ ଛୁରିଅନା
କର୍ଣ୍ଣପଥେ ଶୁଣି ପ୍ରକାଶି ରମଣୀମାନେ ହୁଅନ୍ତି କ୍ଷୁଣ୍ଣମନା । ୨୬ ।

ଲା:ବ:— ଏକାଳେ । ଆହୁ ଜଣେ ଆସି ପଚାରି
ଦେଖାଇ ଛୁରିଅନା ପାଶକୁ ଯିବ କି ନ ଯିବ ବିଚାରି । ୧୪ ।

ଉଭୟ କବି ଛୁରିଅନା ଶବ୍ଦର 'ଛୁରି' ଶବ୍ଦକୁ ଲକ୍ଷ୍ୟ କରିଛନ୍ତି ।

ପଲାଶ—

ର:କ:—କଂଶୁକ କୁସୁମ ନୁହଇ ଏ କାମ ଅର୍ଦ୍ଧଚନ୍ଦ୍ର ବାଣ ପରିସେ
କାନ୍ତାର୍ଥିନୀ ନାରୀ ଅଙ୍ଗକୁ ବିଦାରି ହୋଇଛି ମହାରଙ୍ଗ ମସେ ।

କରଇ, ଯହିଁ ବଯୋଗିନୀ ପଲ୍ଲଣ
କହିଲ ଗୋ ସହି ଜାଣିଥାଅ ସେହି ଯେନ ଏହା ନାମ ପଲ୍ଲଣ । ୨୫ ।

ଲ୍:ବ:—ନଆଲୀ ହେଲାନ ଦେଖିଲ ଇନ୍ଦ୍ରକୁ ପଲ୍ଲଣ ପାଶେ ଯା ଗମଇ । ୧୩ ।

ଦୀନକୃଷ୍ଣଙ୍କ 'ନଆଳୀ ପୁଷ୍ପ' ବିଷୟରେ କଳ୍ପନା ସୁନ୍ଦର ହୋଇଛି ।

କ୍ଲିଷ୍ଟ ଶବ୍ଦ ଯୋଜନା—କବି ଦୀନକୃଷ୍ଣ କ୍ଲିଷ୍ଟ ଶବ୍ଦ ଯୋଜନାପ୍ରିୟ ଥିବା ଅନୁମିତ ହୁଏ, କାରଣ ସେ ବହୁ କାବ୍ୟ କବିତାରେ ଏହାର ପ୍ରୟୋଗ କରିଅଛନ୍ତି । ଏଥିରୁ କବିଙ୍କର ଶବ୍ଦ ପାଣ୍ଡିତ୍ୟ ଓ ବହୁ ଅର୍ଥ-ଗର୍ଭକ ଶବ୍ଦ-ଯୋଜନାରେ ପଟୁତା ପ୍ରକାଶ ପାଉଛି । ଏହା ସେହି ସମୟର ବିଶିଷ୍ଟ କବି-ମାନଙ୍କର ପନ୍ଥ-ଅନୁସାରଣୀ ହୋଇଛି ।

(୧) ରସକଲ୍ଲୋଳ—

କୁମ୍ଭୀରକୁ ମାରିବାର ବାରଣ, କଷ୍ଣ କଲେ ଯେ କୃପାରେ କାରଣ ।
। ୩୨ ।

କରି ଫଣି ମଣିବର ଶୟନ, କରି ଅଛନ୍ତି ସୁଖେ ଯେ ଶୟନ । ୩୨ ।
କରେ ଶୋଭିତ ଯାହାର ଶଙ୍ଖାର, କୃଷ୍ଣ କଷ୍ଣ ହରିବେ ସେ ସଙ୍ଖାର ।
। ୩୨ ।

କମଳ କୁମାର କୁମାର ଶାପେ, କୁବେର ପୋଏ ଥିଲେ ବୃକ୍ଷ ରୂପେ ।୫ମ ।
କମଳ କୁମାର କୁମାର କୁମାରଯାନକୁ ଦେଇ ପ୍ରସନ୍ନକୁ । ୭ଷ୍ଠ ।
କର୍ପୂର ଚନ୍ଦନ କଶ୍ୟପ ନନ୍ଦନ ବଇରି କ୍ଷେତ୍ରକୁ ବଳାଇ । ୩୩ ଛାନ୍ଦ ।

(୨) ଜଗମୋହନ ଛାନ୍ଦ—

ଦନ୍ତବକ୍ର ଦନ୍ତ ଅନ୍ତକ ଏହିଟି ପ୍ରାଣୀ ଦୂତ ପ୍ରସଙ୍ଗରେ
ଧର୍ମରାଜ ବହୁଣୀଙ୍କି ଆକର୍ଷଣ ଏହି କଲେ ଏ ସୀରେ । ୧୦ମ ଛାନ୍ଦ ।
ବଧୂ ଅମ୍ବରରେ ବଧୂ ଅମ୍ବର, ବଧୂର ତା ବଚନେ କେ ସହିବ
ବଧୂସ୍ୱରଗୀ ନଇରାଗେ ଛୁଇଁଲେ ବଧୂ ଶ୍ରୀଖଣ୍ଡେ ଆଦି ଦ୍ରବ୍ୟ ଦେଲେ ।

(୩) ଦୀନବନ୍ଧୁ ଚଉତିଶା—

ବିଲୋଚନ ରିପୁରର ଦହିଇ ଆତ୍ମଙ୍କୁ ।
ତୁମ୍ଭେ ଭଜେ କରୁଅଛ ମଧୁଭୁବନକୁ । X

(୪) କମଳାକାନ୍ତ ଚଉତିଶା—

(କ) କମଲାକାନ୍ତବାହନଭକ୍ଷଧାରିନାରିପାନ
ତା ସୁତ ତା ରିପୁ ପୃଷ୍ଠ ମୃଖ ମଳିନ ।
କନକପୁର ଯାହାର ତା-ରିପୁ ଦୂତ ଭଣ୍ଡାର
କରନ୍ତି ପାଣି ସଂଯୋଗ ରବି ସୁତେଣ ।

(ଖ) ଘୃତଭୋଗୀ ରିପୁସୁତ ଘଟନ ମୁଖ ଦୀପିତ
ଘୂର୍ମିତ ଦିଶୁଛି ବନ-ସୁତଲୋଚନ ।
ଘାତକୀ କର-ଅଇରି-ରିପୁ ଅଙ୍ଗେ ଯେହ୍ନେ ଘାର ।X

(ଗ) ଚନ୍ଦ୍ରଭାତ ସୁତ ନାଶେ, X
ଚନ୍ଦ୍ରଧାର ରିପୁବାଣ, X

(ଘ) ଶାରଙ୍ଗଦନ୍ତ ପଲଙ୍କେ ଶାରଙ୍ଗେ ଘେନ ନାଃଶଙ୍କେ
ଶାରଙ୍ଗମୁଖୀ ଶାରଙ୍ଗ କେଲି ସୁଲୋଲେ
ଶାରଙ୍ଗନାଲ ବାହୁରେ କାନ୍ତା ଭିଡ଼ି
ଶାରଙ୍ଗରେ ଶାରଙ୍ଗ ଉପରୁ ଶୀଘ୍ର ତୋଳି ଯେ ନେଲେ
ସାରପ୍ରେମେ ଶାରଙ୍ଗରରେ ସହଜେ ଭଜିଲେ ଶାନ୍ତ ଯୁଗଲ ।

ଏକ ବିଷୟ୍ଯ ବସ୍ତୁର ବିଭିନ୍ନ ରଚନାର ମାର୍ଜିତ ରୂପ—

ଦୀନକୃଷ୍ଣ ଦାସଙ୍କ କେତୋଟି ରଚନାରେ ଏକ ଭାବ ଓ ଏକ ଆରମ୍ଭ-ଶୈଳୀ ଥିବା ଦେଖା ଯାଉଥିବାରୁ କବି ବିଭିନ୍ନ ସମୟରେ ଏକ ପ୍ରସଙ୍ଗକୁ ଭିନ୍ନ ରୂପ ଦେଇ ନୂତନ କବିତା ରଚନା କରିବାରେ ଆନନ୍ଦ ଉପଭୋଗ

କରୁଥିବା ଅନୁମିତ ହୁଏ । କିନ୍ତୁ ବିଭିନ୍ନ ରଚନାର ସମୟ ନିରୂପିତ ହୋଇ ନ ଥିବାରୁ ରଚନା ଶୈଳୀର ବିକାଶ ନିର୍ଣ୍ଣୟ କରିବା ସହଜ ହେଉନାହିଁ । ତେବେ ଏହା ସୁସ୍ପଷ୍ଟ ଯେ କବି ସ୍ୱ ରଚନାକୁ ମାର୍ଜିତ ଓ ବର୍ଦ୍ଧିତ କରିବା ଦିଗରେ ତତ୍ପର ଥିଲେ ।

(୧) ଘନଶ୍ୟାମ ଚଉତିଶା—

କୃଷ୍ଣ କଂସନଗର ଯିବା ଶୁଣି କାତର ସକଳ ବରଜ ସୁନ୍ଦରୀ
କାକୁସ୍ତ ହୋଇ ଧୀରେ କର ନବେଣୀ ଶିରେ କହନ୍ତି କୋମଳତା କରି
ହେ, ଘନଶ୍ୟାମ,
କରୁଣା କୃପଣ ହୋଇଛ,
କଇତପ ନ କର କହ ଧର୍ମ ବିଗ୍ରହ, ଆମ୍ଭଙ୍କୁ କାହାକୁ ଦେଉଛ ହେ ॥

(୨) ମଧୁମଙ୍ଗଳ—

କୃଷ୍ଣ ମଧୁନଗର ଯିବା ଶୁଣି କାତର ସକଳ ବରଜରମଣୀ
ହୋଇ କାକୁସ୍ତତର ନେତ୍ର ବୁହାଇ ନୀର କହନ୍ତି କୋମଳରେ ବାଣୀ
ହେ ଦୟାନିଧି,
କେମନ୍ତେ ଧରିବୁ ଏ ଦେହ, ଅଥଯ୍ୟ କରିବ ଅଦେହ
ତୁମ୍ଭ କୃପାକୁ ମୂର୍ଚ୍ଛି ଆହେ ଯଶୋଦାବସ୍ତି କେମନ୍ତେ ବଞ୍ଚିବୁ ତା କହ ହେ ।
୧୦ମ ଛାନ୍ଦ ।

(୩) ରସକଲ୍ଲୋଳ—

କୃଷ୍ଣ କଂସନଗର ଯିବା ଶୁଣି କାତର ସକଳ କଳାକରମୁଖୀ
କାକୁସ୍ତ ହୋଇ ଧୀରେ କହନ୍ତି କୋମଳରେ କଙ୍କଣ ନୟନରେ ରଖି,
ହେ କୃପାନିଧି,
କେମନ୍ତେ ମୂର୍ଚ୍ଛିବୁ ତୁମ୍ଭଙ୍କୁ, କହ ହେ ବିଗ୍ରହ ଆମ୍ଭଙ୍କୁ
କେଉଁ ମନ୍ତ୍ର ବଳରେ ହୃଦୟ-କମଳରେ ଧଇଲ ଏମନ୍ତ ଦମ୍ଭକୁ ହେ । ୨ ।

ପଦଯୋଜନା ଓ ଭାବର ସମାବେଶ ଦିଗରୁ ଦେଖିଲେ ଉପେନ୍ଦ୍ରଙ୍କ ରଚନା ହେଲେ ମଧ୍ୟ ମଧୁମଙ୍ଗଳ, ଘନଶ୍ୟାମ ଚଉପଦୀ ଓ ରସକଲ୍ଲୋଳ ରୂପଥିବା ଜଣାଯାଏ ।

ଏହିପରି ଜଗମୋହନ ଛାନ୍ଦ ଓ ରସକଲ୍ଲୋଳରେ ଏକଭାବ ଏକ ପଦ-ଯୋଜନା ଥିବାର ଏକାଧିକ ଦୃଷ୍ଟାନ୍ତ ଦେଖାଯାଏ ।

ଦୀନକୃଷ୍ଣଙ୍କ ଗୀତ—

ଦୀନକୃଷ୍ଣ ଅନେକ ଗୀତ ରଚନା କରିଛନ୍ତି । ତାଙ୍କର ଭଜନ, ଜଣାଣ, ଚଉପଦୀ ପ୍ରଧାନ; ସଙ୍ଗୀତ ସମ୍ପର୍କୀୟ ରଚନା ଅଳ୍ପ ।

ଚଉପଦୀ ଭିତରେ ଏଗୁଡ଼ିକ—

| | |
|---|---|
| ରାଧାଦର୍ଶନ ଚଉପଦୀ | ବହଲ ଚଉପଦୀ |
| ଅମୃତନିଧି ଚଉପଦୀ | ବାନ୍ଧବୀ ଚଉପଦୀ |
| ଅନୁରାଗ ରତ୍ନାକର ଚଉପଦୀ | ନବଘନ ଚଉପଦୀ |
| ଦୃଷ୍ଟାନ୍ତ ଚଉପଦୀ | ଆର୍ତ୍ତତ୍ରାଣ ଚଉପଦୀ |
| ରାଧିକା ସ୍ମରଣ ଚଉପଦୀ | ଘନଶ୍ୟାମ ଚଉପଦୀ |
| ଉଦ୍ଧବ ଚଉପଦୀ | ଗୁଣ୍ଡିଚା ଭାବନା ଚଉପଦୀ |
| ଗୋପୀ ସନ୍ଦେଶ ଚଉପଦୀ | ସ୍ମରଣ ଚଉପଦୀ । |

ଏମାନଙ୍କ ଭିତରେ ଆର୍ତ୍ତତ୍ରାଣ ଚଉପଦୀ, ନବଘନ ଚଉପଦୀ, ଉଦ୍ଧବ ଚଉପଦୀ ଗୋପୀ ସନ୍ଦେଶ ଚଉପଦୀ ପ୍ରଭୃତି ଅଧିକ ଲୋକପ୍ରିୟ ।

ଅଧିକାଂଶ ଚଉପଦୀ ରାଧାକୃଷ୍ଣଲୀଳା ସମ୍ପର୍କୀୟ । ଗୁଣ୍ଡିଚା ଭାବନା ଚଉପଦୀଟି ଜଗନ୍ନାଥଙ୍କ ସମ୍ପର୍କୀୟ । ଦୂତହସ୍ତରେ ପ୍ରିୟା-ପ୍ରିୟଙ୍କଠାରୁ ସନ୍ଦେଶ, ବିରହବର୍ଣ୍ଣନା, ସ୍ତୁତି, ଏଥିର ମୁଖ୍ୟ ବିଷୟବସ୍ତୁ । ଏଗୁଡ଼ିକ ଭକ୍ତି-ରସାତ୍ମକ ଥିବାରୁ ଏହାର ଆଦର ବେଶି । ସରସ କୋମଳ ପଦାବଳୀ ଏହି

ଆଦରକୁ ବହୁ ଗୁଣରେ ବର୍ଦ୍ଧିତ କରିଦେଇଛୁ । ଅଧିକାଂଶ ବର୍ଣ୍ଣନାରେ ଆଦରସର ମୂର୍ଚ୍ଛନା ଦେଖା ଯାଉଥିଲେ ମଧ୍ୟ କବିତା ଆଦରସ—ଭାରାକ୍ରାନ୍ତ ହୋଇନାହିଁ ।

ଭାଷା ମାର୍ଜିତ । ଉପମା ମଣ୍ଡିତ ପଦଗୁଡ଼ିକ ରମଣୀୟ ହୋଇଛୁ । ବ୍ୟାଜସ୍ତୁତି ଅଧିକାଂଶ କବିତାର ଶୋଭା ବର୍ଦ୍ଧନ କରୁଛୁ ।

(୧) କମଳ ନୟନ କଂସ କଟକରେ କରନ୍ତୁ ବିହାର
କି କରୁଥିବ ସେ କଳକଣ୍ଠୀ ରାଧିକା ମୋହର ।
କଣ୍ଠର ଅମୂଲ୍ୟ ନକ୍ଷତ୍ରକଣ୍ଠୀ ମୋ ନୟନ ଚନ୍ଦ୍ରମା
କି ବିହରୁଥିବ କେହ୍ନେ ବଞ୍ଚୁଥିବ ଆହାରେ ମୋ ରାମା ।
(ରାଧିକାସ୍ମରଣ ଚଉତିଶା ।)

(୨) ପ୍ରାଣବାନ୍ଧବୀ ମୁଖ ଚାହିଁବି କାହିଁ ଏ ସନ୍ତାପ
ପଡ଼ିଲା ଅମୃତ ବୃଷ୍ଟିରେ ବରଷାପାଷାଣକଲାପ ।
ପୀତବସନୀ ମଣ୍ଡପିକ ବଚନୀ ଚମ୍ପକବରନୀ
ପୁଷ୍ପକାଳପ୍ରାୟେ ସୁଖଦ ପଲ୍ଲବ ଦଶନବସନୀ । (ରା.ସ୍ମ.ଚ ।)

(୩) ମୋତେ ମେଘକର ବିଜୁଳି ହୋଇ ଯେ ଝଟକେ କୋଳରେ ।
ମରାଳଗମନୀ କି ରୂପେ ବଞ୍ଚିବ ଏ ଘନ କାଳରେ ।X (ରା.ସ୍ମ.ଚ. ।

(୪) ଛାର ପ ମସୀ ଆଶିଷ ନାସି ଆମ୍ଭେ ବନଚରୀ ସିନା ବୁଦ୍ଧି ।
ଛନ୍ଦ ପ୍ରବନ୍ଧ କଥା ଆମ୍ଭଠାରେ ସେ କଥା ନ କରିବେ ପ୍ରସିଦ୍ଧି
ଅହେ ଉଦ୍ଧବ, ଛଇଳ ଭ୍ରମର ପୀରତି ।
ଛୁଇ ପରାୟେ କ୍ଷଣକୁ କ୍ଷଣ ଆନ ଜୁଅ କହନ୍ତି ପ୍ରାୟେ ମତି ।
(ଉଦ୍ଧବ ଚଉତିଶା)

(୫) ସବୁହିଁ ସୁନ୍ଦର ପ୍ରଭୁ-ପଣ ଥିଲେ ଜଗତେ ଯେତେ ଅସୁନ୍ଦର
ସର୍ପ ନୟନ ହରିହର ଉଲଗ୍ନ ହେଲେ କିଛି ନାହିଁ ବିସ୍ମର

ଆହେ ଉଦ୍ଧବ, ଶୁକ୍ଳ କଳା ଥିଲି ପ୍ରାୟେ
ସାନ ହୋଇ ବଡ଼ ଲୋକେ ଅବେଶ୍ୱର ଦଶେ ବହୁତ ଦୂର ପ୍ରାୟେ । (ଉ.ଚ.)

(୭) ହାତଧରି ଆମ୍ଭେ କହୁଛୁ ତୁମ୍ଭଙ୍କୁ ଏତେକ କହିବ ତାହାଙ୍କୁ
ହିତ ଆଦର କଲି ପ୍ରାୟେ ଆମ୍ଭଙ୍କୁ ଆଉ ନ କରିବେ କାହାକୁ ।
ଆହେ ଉଦ୍ଧବ, ହସ କହିରୁକ ବେଳରେ ।
ହରଷହୋଇ ଜଣାଇବ କରୁଣା ଥିଲେ ହୃଦୟ କମଳରେ । (ଉ· ଚ, )

(୭) ମନ୍ଦ ମନ୍ଦ କହିବା ମନ୍ଦ ମନ୍ଦ ଚୁହିଁବା
ମନ୍ଦ କଳ କୋକିଳ ବାଣୀ
ମତେ ତ ଦିଶୁନାହିଁ ଉପମା ଅଛୁ କାହିଁ
ଆହେ ସେ ରସିକ ସିହାଣୀ ହେ, ନବଘନ ।
ମକରଧ୍ୱଜ କଳ୍ପଲତା ମହିତକାମ ଫଳଦାତା
ମହିମଣ୍ଡନ·ମନ— ମୋହିନୀ ଜୀବଧନ
ମୋ ସୁଖ-ମନ୍ଦିର ଦେବତା ହେ, ନବଘନ ।
( ନବଘନ ଚଉତିଶା । )

କବିଙ୍କ ଜଣାଣ ଭିତରେ ଜଗନ୍ନାଥ ଜଣାଣ, କୌଶଲ୍ୟା ଜଣାଣ ପ୍ରଭୃତି ବେଶି ଲୋକପ୍ରିୟ ।

ଦୀନକୃଷ୍ଣ ରସକଲ୍ଲୋଳ ନ ଲେଖି କେବଳ ଏହି ଚଉତିଶା, ଜଣାଣ ପ୍ରଭୃତି ଲେଖି ଯାଇଥିଲେ ମଧ୍ୟ ଉଚ୍ଚକୋଟୀର କବି ଆସନ ଅଳଙ୍କୃତ କରିପାରନ୍ତେ ।

## ଉପସଂହାର

ଦୀନକୃଷ୍ଣ ଦାସ ବୈଷ୍ଣବ ଥିବାରୁ ବିଷ୍ଣୁଙ୍କ ଲୀଳା ସମ୍ପର୍କୀୟ ଗ୍ରନ୍ଥ ରଚନା କରିଛନ୍ତି । ବିଷ୍ଣୁଙ୍କର ଶ୍ରୀକୃଷ୍ଣାବତାର ଲୀଳା ତାଙ୍କ ଗ୍ରନ୍ଥମାନଙ୍କର ବହୁ ଅଂଶ ଅଧିକାର କରିଛି । କୃଷ୍ଣଙ୍କର ଗୋପଲୀଳାକୁ କବି ଦ୍ୱାରକା ଲୀଳାଠାରୁ ଉତ୍କୃଷ୍ଟ

ପ୍ରତିପାଦନ କରି ରସବିନୋଦରେ ବହୁ ପ୍ରସଙ୍ଗର ଅବତାରଣା କରିଛନ୍ତି ଏବଂ ରସକଲ୍ଲୋଳରେ ଗୋପଲୀଳାର ପୂର୍ଣ୍ଣ ବିବରଣ ଦେଇଛନ୍ତି ।

ନୀଳାଚଳବିହାରୀ ଜଗନ୍ନାଥଙ୍କୁ ତାଙ୍କର ଗ୍ରନ୍ଥରଚନାର ଉତ୍ସାହଦାତା ଓ ପ୍ରକୃତ ରଚକ ସ୍ୱରୂପ ସେ ବ୍ୟକ୍ତ କରିଛନ୍ତି । ଜଗନ୍ନାଥଙ୍କ ଆଜ୍ଞାରୁ ସେ ଲେଖନ ଧରି ପ୍ରଭୁ ଯାହା କହୁଛନ୍ତି ତାହା ସେ ଲେଖୁଛନ୍ତି ବୋଲି କବି ବହୁ ସ୍ଥାନରେ ବ୍ୟକ୍ତ କରିଛନ୍ତି, ବିଶେଷତଃ ରସବିନୋଦ ଓ ରସକଲ୍ଲୋଳରେ ଏହା ସ୍ଥାନ ପାଇଛି ।

କବି ରସକଲ୍ଲୋଳ ବ୍ୟତୀତ ଅନ୍ୟ ସବୁ ଗ୍ରନ୍ଥରେ ସରଳ ଭାଷା ବ୍ୟବହାର କରିଛନ୍ତି ଏବଂ ବର୍ଣ୍ଣନାଗୁଡ଼ିକ ଅଳଙ୍କାର ବିହୀନ ହୋଇ ମଧ୍ୟ ସ୍ୱାଭାବିକ ସୌନ୍ଦର୍ଯ୍ୟରେ ଦୀପ୍ତିମନ୍ତ ହୋଇଛି ।

ଦୀନକୃଷ୍ଣ ଗୋପୀପ୍ରେମତତ୍ତ୍ୱ, ରାଧାକୃଷ୍ଣ ପ୍ରେମତତ୍ତ୍ୱ, ନିତ୍ୟରାସସ୍ଥଳ ପ୍ରଭୃତିର ଉତ୍କର୍ଷ ଓ ମହିମା ପ୍ରତିପାଦନ ପାଇଁ ବହୁ କପୋଳକଳ୍ପିତ ଉପାଖ୍ୟାନର ବିବରଣ ଦେଇଛନ୍ତି ।

ଜଗନ୍ନାଥଙ୍କୁ ନିତ୍ୟବିଷ୍ଣୁ ଓ ନିତ୍ୟରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତି, ନୀଳାଚଳକୁ ନିତ୍ୟ ବୈକୁଣ୍ଠ, ନୀଳାଚଳରେ ଦ୍ୱାଦଶ ବୃନ୍ଦାବନ ଓ ଗୋପଲୀଳାର ସବୁ ସ୍ଥାନ ଓ ରାସମଣ୍ଡଳର ଅବସ୍ଥିତି ପ୍ରତିପାଦନ କରି ଜଗନ୍ନାଥଙ୍କୁ ଅଣାକାର ଓ ଅବତାରୀ ବୋଲି କହି କବି ଜଗନ୍ନାଥ ଓ ତାଙ୍କ କ୍ଷେତ୍ରର ମହିମାକୁ ବହୁଗୁଣରେ ବର୍ଦ୍ଧିତ କରିଛନ୍ତି । ଏଥିରେ ସାରଳା ଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ହରିଦାସ ପ୍ରଭୃତିଙ୍କ ପଥ ଅନୁସରଣ କରି ଥିଲେ ମଧ୍ୟ ଦୀନକୃଷ୍ଣଙ୍କ ପଦକ୍ଷେପ ବଳିଷ୍ଠ ହୋଇଛି ।

କବି ନାମସଙ୍କୀର୍ତ୍ତନ ଅପେକ୍ଷା ହରିଗୁଣଦ୍ୟୋତକ କାବ୍ୟକବିତା-ରଚନାକୁ ଉଚ୍ଚସ୍ଥାନ ଦେଇଛନ୍ତି ।

କବି କାବ୍ୟର ବିଭିନ୍ନ ସ୍ଥାନରେ ଅଳଙ୍କାରଶାସ୍ତ୍ରାନୁମୋଦିତ ବିଭିନ୍ନ ନାୟକ ଓ ନାୟିକାର ହାବଭାବର ବର୍ଣ୍ଣନା କରିଛନ୍ତି ଏବଂ କେତୋଟିର ନାମୋଲ୍ଲେଖ ମଧ୍ୟ କରିଛନ୍ତି । କବି ଅଳଙ୍କାର-ଶାସ୍ତ୍ରାନୁମୋଦିତ ରୀତିକୁ ମଧ୍ୟ ଅନୁସରଣ କରିଛନ୍ତି ।

ଦିବ୍ୟସିଂହ ଯୁଗର ଗ୍ରନ୍ଥବନ୍ଧରେ ବିବିଧ ଶବ୍ଦାଳଙ୍କାର ଓ ଭାବାଳଙ୍କାରରେ ବିଭୂଷିତ କାବ୍ୟରଚନାର ଧାରାକୁ ଦୀନକୃଷ୍ଣଙ୍କର ଜଗମୋହନ ଗ୍ରନ୍ଥ ଓ ବିଶେଷଭାବରେ ରସକଲ୍ଲୋଳ ପୁଷ୍ଟି କରିଛି ଏବଂ କବିଙ୍କୁ ଏ ଯୁଗର ସର୍ବୋଚ୍ଚ ଶ୍ରେଣୀର କବିମାନଙ୍କ ଭିତରେ ସମ୍ମାନଜନକ ସ୍ଥାନ ଦେଇଛି ।

ଦୀନକୃଷ୍ଣ ବିଭିନ୍ନ ଗ୍ରନ୍ଥମାନଙ୍କରେ ସାମାଜିକ, ନୈତିକ ଓ ଧାର୍ମିକ ଜୀବନର ଉନ୍ନତି କଳ୍ପେ ବହୁ ଉପଦେଶ ଓ ନୀତିର ଅବତାରଣା କରିଛନ୍ତି । ତାଙ୍କର ପ୍ରାଞ୍ଜଳ ଓ ବାସ୍ତବ ବାକ୍ୟଗୁଡ଼ିକ ପ୍ରଗାଢ଼ ଅନୁଭୂତିର ଫଳ ଥିବାରୁ ବିଶେଷ ହୃଦୟଗ୍ରାହୀ ହୋଇଛି । ଅନୀତି, ଅତ୍ୟାଚାର ବିରୁଦ୍ଧରେ ସେ ତୀବ୍ର ସଂଗ୍ରାମ କରି ଜୀବନରେ ବହୁ ତିକ୍ତ ଅଭିଜ୍ଞତା ଅର୍ଜ୍ଜନ କରିଛନ୍ତି ଏବଂ ନୈତିକ ପୀଠରେ ଯଶସ୍ୱୀ ହୋଇଥିବାରୁ ତାଙ୍କର ଅଭିଜ୍ଞତା ତାଙ୍କୁ ଯଥେଷ୍ଟ ନୈତିକ ବଳ ପ୍ରଦାନ କରିଛି; ସମାଜକଲ୍ୟାଣ ପାଇଁ ତାଙ୍କର ବ୍ୟାକୁଳତା ଏହି ଉପଦେଶ, ନୀତି ଓ ଉଦାହରଣରେ ପ୍ରକାଶ ଲାଭ କରିଛି । ନିର୍ମ୍ମଳ କବିତ୍ୱ କରିବା ଅଦମ୍ୟ ସ୍ପୃହା, ସ୍ୱ ଶକ୍ତି ଉପରେ ଅଟଳ ବିଶ୍ୱାସ ଓ ଈଶ୍ୱରଙ୍କଠାରେ ଅଚଳ ଭକ୍ତି ତାଙ୍କୁ ସମାଜ ଉପଦେଷ୍ଟା—ଆସନର ଅଧିକାରୀ କରାଇଛି । ସମସାମୟିକ ସମାଜ ଉପରେ, ବିଶେଷତଃ ଜଗନ୍ନାଥ କ୍ଷେତ୍ର ଉପରେ, ବିଧର୍ମୀମାନଙ୍କର ଅତ୍ୟାଚାର, ନୈତିକ ଓ ଧାର୍ମିକ ଜୀବନରେ ବୈଷ୍ଣବ ଓ ଅନ୍ୟାନ୍ୟ ସମ୍ପ୍ରଦାୟର କେତେକ ଧ୍ୱଜାଧାରୀ ପ୍ରଚାରକଙ୍କ ପ୍ରବଞ୍ଚନା, ସାମାଜିକ କ୍ଷେତ୍ରରେ କୃପଣ, ସାହୁକାର, ଧନୀ, ପ୍ରଭୁ ପ୍ରଭୃତିଙ୍କ ଅସାମ୍ୟ ବ୍ୟବହାର ପ୍ରଭୃତି ତାଙ୍କ ଉପରେ ବିଶେଷ ପ୍ରଭାବ ପକାଇଥିବାରୁ ଏହାର କୁପ୍ରଭାବକୁ ନିରାକରଣ କରିବା ପାଇଁ କବି ଲେଖନୀ ଚାଳନ କରିଥିଲେ ।

ଦୀନକୃଷ୍ଣ ଗୋପୀ-କୃଷ୍ଣ ଓ ରାଧା-କୃଷ୍ଣ ଲୀଳାକୁ ଆଦରସାତ୍ମକ କରିଛନ୍ତି । ବହୁ ସ୍ଥାନରେ ରତିକ୍ରୀଡ଼ାର ଉଲଗ୍ନ ଚିତ୍ର ଦେଇଛନ୍ତି ଏବଂ ସ୍ତ୍ରୀ ବର୍ଣ୍ଣନାରେ ମଧ୍ୟ ନଗ୍ନଚିତ୍ର ଦେବାରେ କୁଣ୍ଠାବୋଧ କରି ନାହାନ୍ତି । ଏଥିରେ କବି ନିଜକୁ ଦୋଷୀ ମନେ କରିନାହାନ୍ତି । ବୈଷ୍ଣବ ସମ୍ପ୍ରଦାୟର ଭାଗବତାଦି ପ୍ରମାଣିକ ଗ୍ରନ୍ଥମାନଙ୍କରେ, ଜୟଦେବାଦି ବୈଷ୍ଣବ କବିମାନଙ୍କର ଆଦିରସାତ୍ମକ ଗୋପଲୀଳା ବର୍ଣ୍ଣନା ତଥା ବୈଷ୍ଣବ ଓ ସାହିତ୍ୟିକ ଅଳଙ୍କାର ଗ୍ରନ୍ଥମାନଙ୍କର ଏହାର ସମର୍ଥନ, କବିଙ୍କୁ ପାରଂପରିକ ପନ୍ଥା ଅବଲମ୍ବନ କରାଇଛି । ସେ ନିଜେ ଏହା ଦୋଷ ଥିବା ଅନୁଭବ କରି ନାହାନ୍ତି; ଲୀଳା ବର୍ଣ୍ଣନାରେ ଅପାର ଆନନ୍ଦ ଲାଭ କରିବା ସଙ୍ଗେ ସଙ୍ଗେ ଭକ୍ତି ସଞ୍ଚୟ ଜନିତ ଅନୁଭୂତି ପାଇଥିବାର ସୂଚନା ମିଳୁଛି । ପ୍ରଚଳିତ ରୀତି ଓ ମାନଦଣ୍ଡ ଦୃଷ୍ଟିରେ ମଧ୍ୟ ସେ ଦୋଷୀ ନୁହନ୍ତି ।

ସପ୍ତମ ଅଷ୍ଟମ ନବମ ଶତାବ୍ଦୀରେ ମୁକ୍ତେଶ୍ୱର ମନ୍ଦିର, ରାଜରାଣୀମନ୍ଦିର, ଲିଙ୍ଗରାଜ ମନ୍ଦିରର ପ୍ରସ୍ତର ଉପରେ ଲିହଣ-ଲେଖନୀ ସାହାଯ୍ୟରେ ଯେଉଁ ଅପୂର୍ବ କଳାପୂର୍ଣ୍ଣ ଜୀବନ୍ତ ପ୍ରସ୍ତର ମୂର୍ତ୍ତିଚିତ୍ର ଓଡ଼ିଆ ଶିଳ୍ପୀମାନେ ନିର୍ମାଣ କରି ଜାତିର ଉନ୍ନତ କଳା ଓ ସଂସ୍କୃତିର ପରିଚୟ ଦେଇ ଅକ୍ଷୟ କୀର୍ତ୍ତି ରଖିଯାଇ-ଥିଲେ ତାର ପରଂପରା ଧାରା ଶୁଷ୍କ ହୋଇନଥିଲା । ତ୍ରିଶହ ପାଞ୍ଚଶହ ବର୍ଷ ପରେ ନରସିଂହଦେବ କୋଣାର୍କ ମନ୍ଦିରରେ ସେହି କଳାର ସର୍ବୋଚ୍ଚ ବିକାଶ ପ୍ରତିଫଳିତ କରାଇ ଜାତିର କଳାପୂର୍ଣ୍ଣ ଉନ୍ନତ ସଂସ୍କୃତିର ପରଂପରା ରକ୍ଷା କରିଥିଲେ । ଏହାର ତ୍ରିଶହ ପାଞ୍ଚଶହ ବର୍ଷ ପରେ ଦୀନକୃଷ୍ଣ ଓ ଉପେନ୍ଦ୍ର ଲେଖନମୁନରେ ଅକ୍ଷରକାମରେ କମନୀୟ କଳାପୂର୍ଣ୍ଣ କାବ୍ୟ-ମନ୍ଦିର ନିର୍ମାଣ କରି ଜାତିର ଏହି ଗୌରବମୟ ପରଂପରାକୁ ରକ୍ଷା କରିଛନ୍ତି ।

# ତୃତୀୟ ପରିଚ୍ଛେଦ

## ଅଲଙ୍କାର ପରିଚୟ

ଧନଞ୍ଜୟ, ଦୀନକୃଷ୍ଣ, ଲୋକନାଥ, ଉପେନ୍ଦ୍ର, ସଦାନନ୍ଦ, ଅଭିମନ୍ୟୁ ପ୍ରଭୃତି କବିମାନଙ୍କର କାବ୍ୟ ଓ ଗୀତ ଅଲଙ୍କାର ଶାସ୍ତ୍ର ସମ୍ମତ। ପଦ ଲକ୍ଷଣ, ନାୟକ ନାୟିକାଙ୍କ ବିଭିନ୍ନ ପ୍ରକାର, ଦୂତଦୂତୀର ବିଭିନ୍ନ ପ୍ରକାର, ଭାବ,ରସ, ପଦର ମାଧୁର୍ଯ୍ୟ ଓଜ ପ୍ରସାଦ ଗୁଣ, ବିଭିନ୍ନ ଶବ୍ଦାଳଙ୍କାର, ବିଭିନ୍ନ ଅର୍ଥାଳଙ୍କାର ବହୁଳ ଭାବରେ ପ୍ରୟୋଗ ହୋଇଥିବାର ଦେଖାଯାଏ। ମୁସଲମାନ ଓ ମରହଟ୍ଟା ରାଜତ୍ୱ ଯୁଗର ଏ କବିମାନେ ଅଲଙ୍କାର ପ୍ରୟୋଗରେ ଉଚ୍ଚକୋଟୀର ଦକ୍ଷତା ପ୍ରଦର୍ଶନ କରିଅଛନ୍ତି। ଏହାଫଳରେ ବହୁ ବିଦ୍ୱାନ୍ ସଂସ୍କୃତରେ ଗ୍ରନ୍ଥ ରଚନା କରିବା ଅପେକ୍ଷା ମାତୃଭାଷା ଓଡ଼ିଆରେ ଗ୍ରନ୍ଥ ରଚନା କରିବା ଶ୍ରେୟ ବୋଲି ମନେ କରିଛନ୍ତି। ନିଜର ପାଣ୍ଡିତ୍ୟ ଓ କବିତ୍ୱଶକ୍ତି ପ୍ରକାଶ କରିବା ପାଇଁ ଓଡ଼ିଆ ଭାଷା ଅନୁପଯୁକ୍ତ ବୋଲି ମନରେ ଧାରଣା କରି ନାହାନ୍ତି। ଓଡ଼ିଆ ଭାଷାର ଅଭୂତପୂର୍ବ ସମୃଦ୍ଧି ଓ ଉତ୍କଳୀୟ ଗ୍ରାହକମାନଙ୍କର ଉଚ୍ଚ ଶିକ୍ଷାଜନିତ ସାହିତ୍ୟପ୍ରୀତି ଏମାନଙ୍କୁ ବିଶେଷ ଭାବରେ ଉଦ୍‌ବୁଦ୍ଧ କରିଛି। ଧନଞ୍ଜୟ, ଉପେନ୍ଦ୍ର, ଲୋକନାଥ, ସଦାନନ୍ଦ ପ୍ରଭୃତି ପଣ୍ଡିତ କବିମାନଙ୍କର ଅମରକୃତି ଓଡ଼ିଆ ଭାଷାର ଭାବ ପ୍ରକାଶ ଶକ୍ତି ବହୁ ପରିମାଣରେ ବୃଦ୍ଧି କରିଦେଇଛି। ଇଂରେଜ ଶାସନ କାଳର ଅଭିମନ୍ୟୁ, କବିସୂର୍ଯ୍ୟ, ଯଦୁମଣି ପରି ବହୁ କବି ଏହି ପନ୍ଥା ଅନୁସରଣ କରି କୃତିତ୍ୱ ଅର୍ଜ୍ଜନ କରିପାରିଛନ୍ତି।

ଧନଞ୍ଜୟାଦି କବିମାନଙ୍କର କାବ୍ୟ ଓ କବିତାର ସୌନ୍ଦର୍ଯ୍ୟକୁ ଅଲଙ୍କାର ଶାସ୍ତ୍ରବିତ୍ ପୂର୍ଣ୍ଣଭାବରେ ଉପଲବ୍ଧି କରି ପାରିବ। ଭାବପ୍ରକାଶ ଦିଗରୁ ସାଧାରଣ ଗ୍ରାହକ ପକ୍ଷେ କବିତାମାଧୁରୀ ଉପଭୋଗ କରିବାରେ କଷ୍ଟ ନ ହେଲେ ମଧ୍ୟ ଅଲଙ୍କାର ଶାସ୍ତ୍ରଜ୍ଞାନର ଅଭାବ କିଛି ଅନ୍ତରାୟ ସୃଷ୍ଟି କରିବ।

ଏହି କାବ୍ୟକବିତାମାନଙ୍କର ମାଧୁର୍ଯ୍ୟ ଉପଭୋଗ କରିବା ଦିଗରେ ପାଠକମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଅତି ସଂକ୍ଷେପରେ କେତୋଟି ବହୁ ପ୍ରଚଳିତ ଅଲଙ୍କାରର ସଂଜ୍ଞା ଏଠାରେ ଦିଆଗଲା ।

ସ୍ଥାୟୀଭାବ—ସବୁ ରସର ମୂଳ ରତିରସ । ଏହା ସ୍ଥାୟୀଭାବ । ଆଦିରସର ସ୍ଥାୟୀଭାବ ତିନିପ୍ରକାର—ସମର୍ଥା, ସମଞ୍ଜସା, ସାଧାରଣୀ । ସାଧାରଣୀ—କୁବ୍‌ଜା ସହିତ କୃଷ୍ଣଙ୍କର ସାମାନ୍ୟ ରତି ସାଧାରଣୀ ନାମରେ ପରିଚିତ । ସମଞ୍ଜସା—ଦ୍ୱାରକାରେ ମହିଷୀମାନଙ୍କ ସହିତ କୃଷ୍ଣଙ୍କ ପ୍ରେମ ସମଞ୍ଜସା । ସମର୍ଥା—ବ୍ରଜରେ ଗୋପୀମାନଙ୍କ ସହ କୃଷ୍ଣଙ୍କ ପ୍ରେମ ସମର୍ଥା ।

ପ୍ରେମ—ଅନେକ ବିପଦରେ ମଧ୍ୟ ମନ ଅଟଳ ରହେ ।

ସ୍ନେହ—ପ୍ରେମ ପରିପାକ ହେଲେ ସ୍ନେହ ନାମ ଧାରଣକରେ । ଘୃତ, ମଧୁ ଭେଦରେ ସ୍ନେହ ଦୁଇ ପ୍ରକାର । ଘୃତପ୍ରାୟ ସ୍ନେହ—ଚନ୍ଦ୍ରାବଳୀଙ୍କ ପ୍ରତି କୃଷ୍ଣଙ୍କ ସ୍ନେହ ଘୃତପ୍ରାୟ । ମଧୁପ୍ରାୟ ସ୍ନେହ—ରାଧିକାଙ୍କ ପ୍ରତି କୃଷ୍ଣଙ୍କ ସ୍ନେହ ମଧୁପ୍ରାୟ ।

ମାନ—ସ୍ନେହର ପରିଣାମରେ ମାନ ସଦା ବକ୍ରଗତି ହୁଏ । ଏଥିରେ ସୁଖମୟ ରସ ଜାତ ହୁଏ ।

ରାଗ—ବହୁ ଦୁଃଖ ହେଲେ ମଧ ସୁଖ ବୋଲି ମନେ କରେ । ଦୁଃଖ ଓ ସୁଖରେ ମନକୁ ଦୃଢ଼ ରଖେ ।

ଅନୁରାଗ—ପ୍ରିୟ ମୁଖ ଦର୍ଶନ କରି ମଧ ଚିତ୍ତରେ ତୃପ୍ତି ଜାତ ହୁଏ ନାହିଁ । ବେଳୁବେଳ ନୂତନ ବୃଦ୍ଧି ଜାତ ହୁଏ । ଏହାକୁ ଅନୁରାଗ କୁହାଯାଏ ।

ଭାବ—ଶୁଦ୍ଧ, ସତ୍ତ୍ୱ, ବିଶେଷାତ୍ମା, ପ୍ରେମପରିଗ୍ରହ, ମାନସ ନିର୍ମଳ ହେଲେ ଭାବର ଉଦୟ ହୁଏ ।

ମହାଭାବ—ପ୍ରେମର ପରମସାର ମହାଭାବ । ମହାଭାବରୂପା ରାଧା ଏକାଧିକ କୃଷ୍ଣଙ୍କ । ସମ୍ଭୋଗ ଓ ବିପ୍ରଲମ୍ଭ ଏ ଦୁଇ ପ୍ରକାରରେ ରାଧା ଶ୍ରୀକୃଷ୍ଣରସ ଆସ୍ୱାଦନ କରନ୍ତି ।

ସମ୍ଭୋଗରେ ଅଭିସାରିକା, ଖଣ୍ଡିତା, ବାସକ ସଜ୍ଜା, ସ୍ୱାଧୀନ ଭର୍ତ୍ତୃକା-ଏ ଚାରିପ୍ରକାର ନାୟିକାରୂପେ ରତି ହୁଏ ।

ବିପ୍ରଲମ୍ଭରେ ପ୍ରୋଷିତ ଭର୍ତ୍ତୃକା, ବିପ୍ରଲବ୍ଧା, କଳହାନ୍ତରିତା, ଉତ୍କଣ୍ଠିତା ଏ ଚାରିପ୍ରକାର ନାୟିକା ରୂପେ ରସ ଆସ୍ୱାଦନ କରାଯାଏ ।

ପୂର୍ବରାଗ—ପୂର୍ବରାଗକୁ ସାକ୍ଷାତଦର୍ଶନ, ଚିତ୍ରପଟ ଦର୍ଶନ, ସ୍ୱପ୍ନ ଦର୍ଶନ, ସଖୀ, ବନ୍ଦୀ, ବଂଶୀ, ଶୁକ, ଦୂତୀ—ଏମାନଙ୍କଠାରୁ ନାୟକ ବା ନାୟିକାର ଅପର ପକ୍ଷର ରୂପଗୁଣାଦି ପ୍ରଶଂସା ଶୁଣି ପୂର୍ବରାଗ ହୁଏ । ସାକ୍ଷାତ ଦର୍ଶନାଦି ଭେଦରେ ଏହା ଆଠପ୍ରକାର । ଭଞ୍ଜ ଯୁଗର ଓ ପରବର୍ତ୍ତୀ ଯୁଗର ସାହିତ୍ୟିକମାନେ ଏହି ପୂର୍ବ ରାଗକୁ ଅତି ସୁନ୍ଦର ଭାବରେ ପଦ୍ୟରେ ରୂପ ଦେଇପାରିଛନ୍ତି । ଓଡ଼ିଆ କାବ୍ୟ ସାହିତ୍ୟରେ ପୂର୍ବରାଗର କବିତାଗୁଡ଼ିକ ଅତି ମନୋରମ ହୋଇଛି ଏବଂ ଏହା ଶୀର୍ଷ ସ୍ଥାନ ଅଧିକାର କରିଛି । ମିଳନ ପୂର୍ବରୁ ନାୟକ-ନାୟିକାଙ୍କଠାରେ ଦର୍ଶନଶ୍ରବଣ ଭେଦରେ ଯେଉଁ ରାଗର ଜନ୍ମ ହୁଏ ତାହାହିଁ ପୂର୍ବରାଗ । ଚିତ୍ରପଟ ଦର୍ଶନ, ସାକ୍ଷାତ ଦର୍ଶନ, ସ୍ୱପ୍ନଦର୍ଶନ—ଏହି ତିନି କାରଣରୁ ଦର୍ଶନ ପୂର୍ବରାଗ ହୁଏ । ଶ୍ରବଣରେ—ବନ୍ଦୀ, ବଂଶୀ, ସଖୀ—ଏ ତିନି ପାତ୍ରଙ୍କଠାରୁ ଶ୍ରବଣ କରିବା ଅନୁସାରେ ଶ୍ରବଣ ପୂର୍ବରାଗ ତିନି ପ୍ରକାର ।

ମାନ—ସ୍ୱାଭାବିକ ପ୍ରେମରେ ପ୍ରେମିକ ପ୍ରେମିକାଠାରେ ଗୁଣରେ ମାନ ଜାତ ହୁଏ । ସହେତୁକ ନିର୍ହେତୁକ—ଏହି ଭେଦରେ ମାନ ଦୁଇପ୍ରକାର । ବିନା ଅନ୍ୟ ପ୍ରେମିକା ସଙ୍ଗେ ପ୍ରୀତି କରିବା ଦେଖି, ଶୁଣି, ଅନୁମାନ କରି ନାୟିକାର ମାନ ହୁଏ । ମାନବତୀ ନାୟିକା ନାୟକକୁ ଅଭିମାନରେ କଥା

କହି ନାହିଁ ସେ ପରେ ଭର୍ତ୍ସନା କରେ । ସାଧାରଣତଃ ସଖୀ ଓ ଶୁକଠାରୁ ବନ୍ଧୁଙ୍କର ପର-ପ୍ରୀତି ଶୁଣାଯାଏ ।

କାନ୍ତ ଶରୀରରେ ସମ୍ଭୋଗ ଚିହ୍ନ, ବଚନ ବିଭ୍ରମ ବା ସ୍ଖଳନ ଓ ସ୍ୱପ୍ନ ଇତ୍ୟାଦିରୁ କାନ୍ତା ଅନୁମାନ କରି ମାନିନୀ ହୁଏ ।

କଥାବାର୍ତ୍ତାରେ କାନ୍ତ ବିଭ୍ରମ ବା ସ୍ଖଳନରେ ଅନ୍ୟ ନାରୀର ନାମ କହି ପକାଇଲେ ନାୟିକା ମାନ କରେ ।

କାନ୍ତ ଅନ୍ୟ ନାରୀ ସହିତ ପ୍ରୀତି କରୁଥିବା ସ୍ୱପ୍ନରେ ଦେଖିଲେ କାନ୍ତା ମାନିନୀ ହୁଏ ।

ନିର୍ହେତୁକମାନ—ନିର୍ହେତୁକମାନ ଆଠପ୍ରକାର ।

ପ୍ରେମ ବୈଚିତ୍ତ୍ୟ — କାନ୍ତ-ପ୍ରେମରେ ବିହ୍ୱଳ ହୋଇ ପ୍ରେମମୟୀ କାନ୍ତା ପ୍ରିୟ ପାଶରେ ବସି ବିରସରେ କାନ୍ତକୁ ଅନ୍ୱେଷଣ କରେ; ଚତୁର୍ଦ୍ଦିଗରେ ଖୋଜି 'ବନ୍ଧୁ ବନ୍ଧୁ' ବୋଲି କାନ୍ଦେ । ସଙ୍ଗୀମାନେ ଏହି ପ୍ରେମ ବୈଚିତ୍ତ୍ୟକୁ ଦେଖି କରତାଳି ଦେଇ ହସନ୍ତି ।

ପ୍ରବାସ—ପ୍ରିୟାକୁ ଛାଡ଼ି ପ୍ରିୟ ଦୂରଦେଶକୁ ଗଲେ ତାହା ପ୍ରବାସ କୁହାଯାଏ । ଦୂର ଓ ନିକଟ ଭେଦରେ ପ୍ରବାସ ଦୁଇ ପ୍ରକାର । ଦୂର ପ୍ରବାସ ତିନି ଓ ନିକଟ ପ୍ରବାସ ପାଞ୍ଚ ଏପରି ମୋଟରେ ପ୍ରବାସ ଆଠପ୍ରକାର ।

ରାଧାକୃଷ୍ଣ ଲୀଳାରେ କୃଷ୍ଣ ଗୋପରେ ଥିବା ସମୟରେ ତାଙ୍କର ନିକଟ ପ୍ରବାସ ହେଉଥିଲା । ନିତ୍ୟ ଗୋଚାରଣ ଓ କାର୍ଯ୍ୟାନୁରୋଧରେ କୃଷ୍ଣଙ୍କ ଅନ୍ୟତ୍ର ଗମନ, ରାସରେ ଅନ୍ତର୍ଦ୍ଧାନ, କାଳୀୟ ଦମନ, ଜଳେ ପଶି ନନ୍ଦଙ୍କୁ ଉଦ୍ଧାର କରିବା ଏପରି ପାଞ୍ଚଗୋଟି ଦୃଷ୍ଟାନ୍ତ ମିଳେ ।

ଦୂରପ୍ରବାସ—ଭାବି, ଭବନ, ଭୂତ — ଏ ତିନି ପ୍ରକାର । କୃଷ୍ଣଲୀଳାରେ ଅକ୍ରୂରଙ୍କ ଆଗମନରେ ଗୋପୀଙ୍କ ଚିନ୍ତାର ନାମ ଭାବି । ମଥୁରାରେ କୃଷ୍ଣ ଥିବା

ସମସ୍ତରେ ଯେଉଁ ଚିନ୍ତା ତାହାର ନାମ ଭାବନା । କୃଷ୍ଣଙ୍କ ଦ୍ୱାରକା ଗମନରେ ଗୋପୀଙ୍କ ଚିନ୍ତା ଭୂତ ।

ଦଶଦଶା — ଚିନ୍ତା, ଜାଗର, ଉଦ୍‌ବେଗ, କ୍ଷୀଣତା, ମାଳିନ୍ୟ, ପ୍ରଳାପ, ବ୍ୟାଧି, ଉନ୍ମାଦ, ମୂର୍ଚ୍ଛା, ମରଣ — ଏହିପରି ଦଶଦଶା ।

ନାୟକ — ସାଧାରଣତଃ ନାୟକ ଅଷ୍ଟ ପ୍ରକାର—ଧୀରୋଦାତ୍ତ, ଧୀରୋଦ୍ଧତ, ଧୀରଶାନ୍ତ, ଧୀରଲଳିତ, ଅନୁକୂଳ, ଦକ୍ଷିଣ, ଶଠ, ଧୃଷ୍ଟ । ସେମାନଙ୍କର ପ୍ରକୃତି ନିମ୍ନରେ ଦିଆଗଲା ।

(୧) ଧୀରୋଦାତ୍ତ—ସ୍ୱଭାବରେ ବିନୟୀ, ମୃଦୁ, କରୁଣ, ଗମ୍ଭୀର, ନିର୍ଦାମ୍ଭିକ, ଶୀଳଯୁକ୍ତ, ଅତ୍ୟୁଦାର, ଧୀର ।

(୨) ଧୀରୋଦ୍ଧତ—କପଟୀ, ମାୟାବୀ, ଅତିକ୍ରୋଧୀ, ବଳଶାଳୀ, ଚପଳ-ସ୍ୱଭାବ, ଗର୍ବଯୁକ୍ତ, ଅହଂକାରୀ ।

(୩) ଧୀରଶାନ୍ତ—ଆତ୍ମ ଓ ପରଠାରେ ସମାନ ଭାବ, ସନ୍ତୁଷ୍ଟ, ବିନୟୀ, ବିବେକୀ, ଶାନ୍ତାଶୟ ।

(୪) ଧୀରଲଳିତ—ପ୍ରେୟସୀଧୀନ, ନିଶ୍ଚିନ୍ତ, ବିଦଗ୍‌ଧ, ସୁଚତୁର, ନବଯୁବକ, ପରିହାସତତ୍ପର ।

(୫) ଅନୁକୂଳ— ଏକ ନାୟିକାରେ ଅନୁରକ୍ତ ।

(୬) ଦକ୍ଷିଣ—ଅନେକ ରମଣୀ ସଙ୍ଗରେ ବିହାର କରେ ; ସମଦର୍ଶୀ ।

(୭) ଶଠ—ପ୍ରେୟସୀ ସମ୍ମୁଖରେ ପ୍ରିୟବଚନ କହେ; କିନ୍ତୁ ପରୋକ୍ଷରେ ନିନ୍ଦାକରେ ।

(୮) ଧୃଷ୍ଟ—ଅନ୍ୟ ନାୟିକାକୁ ଭୋଗ କରିଥିବା ଚିହ୍ନ ଦେହରେ ଥାଏ; କିନ୍ତୁ ସ୍ୱନାୟିକା ଆଗରେ ମାନେ ନାହିଁ । ଲଜ୍ଜାର ଭୟ ନ ଥାଏ । ବାରମ୍ବାର ମିଥ୍ୟା କହେ ।

## ବୈଷ୍ଣବ ମତରେ 'କୃଷ୍ଣ ନାୟକ' ଭେଦ—

ବୈଷ୍ଣବମାନଙ୍କ ମତରେ କୃଷ୍ଣଲୀଳାରେ ନାୟକ କୃଷ୍ଣ ବ୍ରଜରେ ପୂର୍ଣ୍ଣତମ, ମଥୁରାରେ ପୂର୍ଣ୍ଣତର ଓ ଦ୍ୱାରକାରେ ପୂର୍ଣ୍ଣ—ଏହିପରି ତିନପ୍ରକାର । ବ୍ରଜଲୀଳାର ନାୟକ କୃଷ୍ଣ ନାୟକମଣ୍ଡନ, ରସିକଶେଖର, ରସମୟ-କଲେବର ।

ବ୍ରଜଲୀଳା ରୂପ, ରସ, ବଂଶୀ ମାଧୁରୀରେ ପୂର୍ଣ୍ଣଥିବାରୁ ବ୍ରଜେନ୍ଦ୍ର ନନ୍ଦନ କୃଷ୍ଣ ପୂର୍ଣ୍ଣତମ ।

ଏହି ପୂର୍ଣ୍ଣତମାଦି ତିନପ୍ରକାର । ନାୟକ ପୁଣି ପ୍ରତ୍ୟେକେ ଧୀରୋଦାତ୍ତ, ଧୀରୋଦ୍ଧତ, ଧୀରଶାନ୍ତ, ଧୀରଲଳିତ ଏହି ପ୍ରକାର ଭେଦରେ ବାର ପ୍ରକାର ନାୟକ । ପୁଣି ଏହି ବାରପ୍ରକାର ନାୟକ ପତି, ଉପପତି ଏହି ଦୁଇ ପ୍ରକାର ହୋଇ ଚବିଶ ନାୟକ । ପୁଣି ଅନୁକୂଳ, ଦକ୍ଷିଣ, ଶଠ, ଧୃଷ୍ଟ ଏପରି ପ୍ରତ୍ୟେକେ ଚାରିପ୍ରକାର ଭେଦରେ ୯୬ (ଛିୟାନବେ) ପ୍ରକାର ନାୟକ ।

(ବିଷୟାଲମ୍ବନ-ରସରାଜ ଶ୍ରୀକୃଷ୍ଣ ।)

ଅଷ୍ଟନାୟିକା—(୧) ଅଭିସାରିକା, (୨) ବାସକସଜ୍ଜା, (୩) ଉତ୍କଣ୍ଠିତା, (୪) ବିପ୍ରଲବ୍ଧା, (୫) ଖଣ୍ଡିତା, (୬) କଳହାନ୍ତରିତା, (୭) ସ୍ୱାଧୀନଭର୍ତ୍ତୃକା, (୮) ପ୍ରୋଷିତଭର୍ତ୍ତୃକା ।

ଅଭିସାରିକା—ପ୍ରିୟ ମିଳନ ନିମନ୍ତେ କୁଞ୍ଜକୁ ଗମନ । ସଙ୍କୋଚ ରତି । କୃଷ୍ଣପକ୍ଷ ଓ ଶୁକ୍ଳପକ୍ଷ ରାତି ଭେଦରେ ଦୁଇପ୍ରକାର ଅଭିସାର । ଅଭିସାର ଅନୁଯାୟୀ ବିଭିନ୍ନ ପ୍ରକାର ବେଶଭୂଷା ।

ବାସକସଜ୍ଜା—ଗୃହ ସଜ୍ଜିତ କରି ପ୍ରିୟର ମିଳନ ଆଶାରେ ଅପେକ୍ଷା କରିଥାଏ । ଶଯ୍ୟା, ମାଲ୍ୟ, ତାମ୍ବୁଲ, ଚନ୍ଦନ, ଶୀତଳ ଜଳ ପ୍ରଭୃତି ରଖିଥାଏ । ବେଶଭୂଷାରେ ମଣ୍ଡିତ ହୋଇ ପ୍ରିୟର ରତି ପଥକୁ ଚାହିଁ ବସିଥାଏ ।

ଉତ୍କଣ୍ଠିତା—ଦୁଇପ୍ରକାର—ପ୍ରେମୋତ୍କଣ୍ଠା, ବିରହୋତ୍କଣ୍ଠା । ସଙ୍କେତ ଅନୁଯାୟୀ ନିର୍ଦ୍ଧାରିତ ସମୟର ପୂର୍ବରୁ ନାୟିକାର ପ୍ରେମୋତ୍କଣ୍ଠା ହୁଏ ; ବିଳମ୍ବ ହେଲେ ବିରହୋତ୍କଣ୍ଠା ହୁଏ,—ନୟନରୁ ଅଶ୍ରୁ ଗଳେ ଓ ସଖୀମାନେ ଆଶ୍ୱାସନା ଦିଅନ୍ତି ।

ବିପ୍ରଲବ୍ଧା—ପୂର୍ବରୁ ସଖୀର ବଚନରେ ମନକୁ ସ୍ଥିରକରି ପ୍ରିୟର ଆଗମନ ପଥକୁ ନିରୀକ୍ଷଣ କରୁଥାଏ । ପତ୍ରରେ ପବନ ବାଜିଲେ ବନ୍ଧୁ ଆଗମନର ଆଶଙ୍କା କରେ । ନାୟକ ଆସିବାରେ ବିଳମ୍ବ ହେଲେ ଦୂତୀ ପଠାଏ । ଦୂତୀ ଏକାକୀ ଫେରିଲେ ମାନବତୀ ହୋଇ ଉନ୍ନିଦ୍ର ହୋଇ ରାତ୍ରି ଯାପନ କରେ ।

ଖଣ୍ଡିତା—ପ୍ରିୟଠାରେ ଅନ୍ୟ ନାରୀର ସମ୍ଭୋଗ ଚିହ୍ନ ଦେଖି କାନ୍ତକୁ ଭର୍ତ୍ସନା କରେ । ପ୍ରିୟ ସ୍ତୁତି କଲେ ମାନ ବେଶି ବୃଦ୍ଧି ପାଏ । ପ୍ରିୟ ପୁନଃ ପୁନଃ ପ୍ରିୟାର ଚରଣ ଧରେ । ପ୍ରିୟାର ଅନାଦରରେ ପ୍ରିୟ ଅପମାନ ବୋଧ କରି ଦୁଃଖରେ ଅନ୍ୟତ୍ର ଗମନ କରେ ।

କଳହାନ୍ତରିତା—ମାନ ପରେ ପ୍ରିୟବିଚ୍ଛେଦ ଯୋଗୁଁ ବିଷାଦରେ ଅନୁତାପ କରେ ।

ସ୍ୱାଧୀନଭର୍ତ୍ତୃକା—ନାୟକ ନାୟିକାର ଅଧୀନ ହୋଇ ବେଶ, ହାବଭାବ ପ୍ରକାଶ କରି ନାୟିକାର ସନ୍ତୋଷବିଧାନ କଲେ ନାୟିକାର ନାମ ସ୍ୱାଧୀନଭର୍ତ୍ତୃକା । ନାୟିକାର ଆଦେଶ ପାଳନ କରିବାକୁ ନାୟକ ଭର ଭ୍ରସାରେ ।

ପ୍ରୋଷିତଭର୍ତ୍ତୃକା—ଯାହାର ପ୍ରିୟ ଦୂର ଦେଶରେ ଥାଏ, ସେହି ନାୟିକା ବିଷାଦରେ ଦିନ ହରଣ କରେ, ମଳିନବସ୍ତ୍ର ପରିଧାନ କରେ, କେଶ ବିନ୍ୟାସ କରେ ନାହିଁ । ସର୍ବଦା ଚିନ୍ତାକୁଳା ତନୁ କ୍ଷୀଣ ହୁଏ । ହା ହା ବନ୍ଧୁ ବୋଲି ସଦା ରୋଦନ କରେ ।

ଦୂତୀ—(୧) ସ୍ୱୟଂଦୂତୀ (୨) ଆପ୍ତଦୂତୀ । ପ୍ରତ୍ୟେକେ ଦୁଇପ୍ରକାର ।

(୧) ସ୍ୱୟଂଦୂତୀ—ଅନୁରାଗ ତାଡ଼ନାରେ ଲଜ୍ଜା ତ୍ୟାଗ କରି ବନ୍ଧୁ ମିଳନ ପାଇଁ ନିଜେ ଗମନ କରେ । ଆଙ୍ଗିକ ଓ ବ୍ୟକ୍ତୃପ୍ତ ଦୁଇଭାଗରେ ବିଭକ୍ତ ।

(କ) ଆଙ୍ଗିକ—ମୁଖରେ ହାତ ଦେଇ ସଙ୍କେତ କରେ । ପାଦର ବୁଢ଼ାଙ୍ଗୁଳିରେ ଭୂମି ଖୋଳେ । କୁଚ ଦେଖାଇ କାନ କୁଣ୍ଡାଏ । ସଖୀର ଗଳାକୁ ଧରି ଆଲିଙ୍ଗନ କରେ । ଅଧର ଦଂଶନ କରେ । ନୟନ ଚଞ୍ଚଳ କରେ । ଛନ୍ନମନା ହୋଇ ଅକାରଣ ବାକ୍ୟ କହେ ।

(ଖ) ବ୍ୟକ୍ତୃପ୍ତ—ଚକ୍ଷୁ ପ୍ରକ୍ରିୟା ଦେଖାଏ । ଅଙ୍ଗ ଲୁଚାଇ ମୁଖକୁ ଢାଙ୍କି ବୁଲେଇଏ । ହସି ହସି ତଳ ତଳ ନୟନରେ ଚାହେଁ । ବାମନୟନରେ କଟାକ୍ଷ କରେ ।

(୨) ଆପ୍ତଦୂତୀ—ଅତି ଅନ୍ତରଙ୍ଗ, ମନ ବୁଝି କାର୍ଯ୍ୟ କରେ । ଅମିତାର୍ଥା ଓ ପତ୍ରହାରିଣୀ ଏଭଳି ଦୁଇ ପ୍ରକାର ।

(କ) ଅମିତାର୍ଥା—ପ୍ରିୟ ପ୍ରିୟାଙ୍କର ମନ ବୁଝି ଶୀଘ୍ର ମିଳନ ଘଟାଏ ।

(ଖ) ପତ୍ରିକାହାରିଣୀ—ନାୟିକାର ପତ୍ର ନେଇ ନାୟକ ନିକଟକୁ ଯାଇ ଭର୍ତ୍ସନା ସହିତ ନାନା ପ୍ରକାର ସ୍ତୁତି କରି ମନାଏ । ଅନେକ କୌଶଳରେ ମିଳନ କରାଏ ।

ବିଭବ—ସାଧାରଣତଃ ନାୟକ ନାୟିକାମାନଙ୍କୁ 'ବିଭାବ' କୁହାଯାଏ ।

ଏମାନେ ସ୍ଥାୟୀଭାବରେ ଉଦ୍‌ବୋଧକ । ରସର ସ୍ଥାୟୀ ଭାବର କାରଣକୁ ରସ ବୋଲି ମଧ୍ୟ ସଂଜ୍ଞା ନିରୂପଣ କରାଯାଏ ।

ଅନୁଭାବ—ନାୟକ ନାୟିକାମାନଙ୍କ ଚେଷ୍ଟାକୁ ଅନୁଭାବ କୁହାଯାଏ । ସ୍ଥାୟୀଭାବ ଭିତରେ ଉଦ୍‌ବୁଦ୍ଧ ହେଲେ ବାହ୍ୟରେ ଏହି ଚେଷ୍ଟା ପ୍ରକାଶିତ

ହୁଏ । ଅନୁଭାବ ଯାହା ଦ୍ୱାରା ପ୍ରକାଶିତ ହୁଏ ତାହା ସଞ୍ଚାରୀ ବା ବ୍ୟଭିଚାରୀ ଭାବ ନାମରେ ଖ୍ୟାତ । ଏସବୁ ସ୍ଥାୟୀଭାବର ସହକାରୀ ।

ରସ—ବିଭାବ, ଅନୁଭାବ, ସଞ୍ଚାରୀଭାବ ଦ୍ୱାରା ମନରେ ଯେଉଁ ଭାବ ଉଦୟ ହୁଏ ତାହାକୁ ରସ କୁହାଯାଏ ।

ସ୍ଥାୟୀ ଭାବ—ଯେଉଁ ରସର ଯେଉଁ ପରିଣାମ ତାହାକୁ ସ୍ଥାୟୀଭାବ କହନ୍ତି ।

ଶୃଙ୍ଗାର, ବୀର, କରୁଣ, ଅଦ୍ଭୁତ, ହାସ୍ୟ, ଭୟାନକ, ରୌଦ୍ର, ବୀଭତ୍ସ, ଶାନ୍ତ, ବାତ୍ସଲ୍ୟ—ଏହିପରି ରସର ବିଭାଗ ।

ରଚନା ପଠନ ବା ଶ୍ରବଣରେ ମନରେ ଯେଉଁ ସ୍ଥିରତର ଅପୂର୍ବ ଆହ୍ଲାଦ ଜାତହୁଏ, ତାହାହିଁ ରସ ।

ରସାସ୍ୱାଦ—ସତ୍ତ୍ୱଗୁଣର (ରଜ ତମ ଗୁଣ ରହିତ) ଉଦୟ ହେଲେ ଯେଉଁ ନିର୍ମଳ ଆନନ୍ଦ ମନରେ ସଞ୍ଚାରିତ ହୁଏ, ତାହାହିଁ ରସାସ୍ୱାଦନ ।

ବିଭାବ—ଆଲମ୍ବନ ବିଭାବ, ଉଦ୍ଦୀପନ ବିଭାବ । ନାୟକ ନାୟିକା ପ୍ରଭୃତିଙ୍କୁ ଅବଲମ୍ବନ କରି ରସ ଜାତ ହୁଏ; ଏହି ହେତୁ ନାୟକ ନାୟିକା ପ୍ରଭୃତିଙ୍କୁ ଆଲମ୍ବନ ବିଭାବ କୁହାଯାଏ ।

ନାୟକର ରସକୁ ଉଦ୍ଦୀପନକାରୀ ରୂପ, ବେଶ, ଭୂଷଣ, କାଳ ପ୍ରଭୃତିକୁ ଉଦ୍ଦୀପନ ବିଭାବ କୁହାଯାଏ ।

ଉଦ୍ଦୀପନ ବିଭାବ—ହୃଦୟରେ ପ୍ରଥମ ଭାବ ସଞ୍ଜାତ ହେଲେ ଉଦ୍ଦୀପନ ଭାବ କୁହାଯାଏ ।

ଉଦ୍ଦୀପନ ବିଭାବର ଲକ୍ଷଣ—ଗୁଣ, ବୟସ, ବୟଃସନ୍ଧି, ନବଯୌବନ, ବ୍ୟକ୍ତ ଯୌବନ, ପୂର୍ଣ୍ଣ ଯୌବନ, ଲାବଣ୍ୟ ଓ ରୂପ ।

ରୂପ—ସୁସ୍ନିଗ୍‌ଧ, ଉଜ୍ଜ୍ୱଳ, ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ପ୍ରଭୃତି ରୂପ ।

ଅନୁଭାବ—ଅନୁଭାବରେ ମନୋଭାବ ପ୍ରକାଶିତ ହୁଏ । ଯୌବନ ପ୍ରଭାବରେ ଅଳଙ୍କାର ଓ ଉଦ୍‌ଭାସ୍ୱର ହୁଅନ୍ତି ।

ଅଳଙ୍କାର ତିନିପ୍ରକାର—ଅଙ୍ଗଜ, ଅଯତ୍ନଜ, ସ୍ୱଭାବଜ ।

(୧) ଅଙ୍ଗଜ ଭାବ—ଶୃଙ୍ଗାର ପ୍ରସଙ୍ଗରେ ପ୍ରଥମରୁ ଭାବ ଜାତ ହୁଏ; କ୍ଷୁବ୍‌ଧ ଚିତ୍ତ, ଚଞ୍ଚଳ ସ୍ୱଭାବ ଜାତ କରାଏ । ଅଙ୍ଗଜ ଭାବ, ଅଙ୍ଗଜ ହାବ, ଅଙ୍ଗଜ ହେଲା—ତିନି ପ୍ରକାର ।

(୨) ଅଯତ୍ନଜ—ଅଯତ୍ନଜ ଶୋଭା, ଅଯତ୍ନଜ କାନ୍ତି, ଅଯତ୍ନଜ ଦୀପ୍ତି, ପ୍ରାଗଲ୍‌ଭ୍ୟ, ଅଯତ୍ନଜ ଔଦାର୍ଯ୍ୟ, ଅଯତ୍ନଜ ଧୈର୍ଯ୍ୟ ।

(୩) ସ୍ୱଭାବଜ—ଲୀଳା, ବିଳାସ, ବିଚ୍ଛିତ୍ତି, ବିଭ୍ରମ, କିଲକିଞ୍ଚିତ, ମୋଟ୍ଟାୟିତ, ଅଯତ୍ନଜ କୁଟ୍ଟମିତ, ବିବୋକ, ଲଳିତ ଓ ବିକୃତ ।

ଉଦ୍‌ଭାସ୍ୱର—ମନରେ କ୍ରୀଡ଼ାରସ ଭାବ ଅଳସ ତ୍ୟାଗ କରେ, ଜୃମ୍ଭା ତ୍ୟାଗ କରେ, ନାସାରେ ଶ୍ୱାସ ବହେ । ଏହି ସବୁ ଅନୁଭାବରେ ଯେଉଁ ଶୋଭା ପ୍ରକାଶ ପାଏ, ତାହାକୁ ଉଦ୍‌ଭାସ୍ୱର କୁହାଯାଏ ।

ସାତ୍ତ୍ୱିକ ଲକ୍ଷଣ—ପ୍ରେମବିକାର ସାତ୍ତ୍ୱିକ ଅଷ୍ଟ ପ୍ରକାର—ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ସ୍ୱର ଭଙ୍ଗ, କମ୍ପ, ବୈବର୍ଣ୍ଣ୍ୟ, ଅଶ୍ରୁ, ପ୍ରଳୟ ।

ସଞ୍ଚାରୀ ଲକ୍ଷଣ—ରତି ବିକାରରେ ତେତିଶ ଭାବ ଜାତ ହୁଏ । ଭାବର ଗୋପନ ହୁଏ । ନିର୍ବେଦ, ବିଷାଦ, ଦୈନ୍ୟ, ବିନତି, ଆବେଗ, ଦୁର୍ବଳତା, ଶ୍ରମ, ମଦ, ଗର୍ବ, ଶଙ୍କା, ଔଗ୍ର୍ୟ, ତ୍ରାସ, ମୋହ, ଜାଡ୍ୟ, ମୃତି, ଲଜ୍ଜା, ଅଳସତା, ଉନ୍ମାଦ, ବିତର୍କ, ଚିନ୍ତା, ନିଦ୍ରା, ଚପଳତା, ଔତ୍ସୁକ୍ୟ, ସୁମତି, ସ୍ମୃତି, ଅସୂୟା, ଅମର୍ଷ, ସୁପ୍ତି, ଧୃତି, ଜାଗର, ଅବହିତ୍‌ଥା, ହର୍ଷ ।

ଉପମା ଗର୍ଭକ ଅଳଙ୍କାର—ଉପମା, ରୂପକ, ପରିଣାମ, ସନ୍ଦେହଭ୍ରାନ୍ତିମାନ୍, ଉତ୍ପ୍ରେକ୍ଷା, ତୁଲ୍ୟ ଯୋଗ୍ୟତା, ଦୀପକ, ପ୍ରତି ବସ୍ତୂପମା, ଦୃଷ୍ଟାନ୍ତ, ବ୍ୟତିରେକ, ନିଦର୍ଶନା, ଶ୍ଳେଷ ପ୍ରଭୃତି ।

ସ୍ୱଭାବୋକ୍ତି ଅଳଙ୍କାର—ସ୍ୱଭାବୋକ୍ତି, ଲୋକୋକ୍ତି ପ୍ରଭୃତି ।

ବକ୍ରୋକ୍ତି ଗର୍ଭକ ଅଳଙ୍କାର—ବକ୍ରୋକ୍ତି, ବ୍ୟାଜସ୍ତୁତି ପ୍ରଭୃତି ।

ଅତିଶୟ ଗର୍ଭକ ଅଳଙ୍କାର—ସହୋକ୍ତି, ବିନୋକ୍ତି ପ୍ରଭୃତି ।

ବ୍ୟଙ୍ଗ ଗର୍ଭକ ଅଳଙ୍କାର—ସମାସୋକ୍ତି, ପର୍ଯ୍ୟାୟୋକ୍ତି ପ୍ରଭୃତି ।

ଶବ୍ଦାଳଙ୍କାର—ପୁନରୁକ୍ତ ବଦାଭାସ, ଅନୁପ୍ରାସ, ଯମକ, ଚିତ୍ରାଳଙ୍କାର । ମିଶ୍ରାଳଙ୍କାର ପ୍ରଭୃତି ।

ଗୁଣ—ମାଧୁର୍ଯ୍ୟ, ଓଜଃ, ପ୍ରସାଦ ।

ମାଧୁର୍ଯ୍ୟ—ଶୃଙ୍ଗାର, କରୁଣ, ଶାନ୍ତ ରସର ଉପଯୋଗୀ । ଟ ବର୍ଗ (ଟ, ଠ, ଡ, ଢ, ଣ) ବ୍ୟତୀତ ଅନ୍ୟ ବର୍ଗର ବର୍ଣ୍ଣମାନଙ୍କ ସହିତ ବର୍ଗର ଅନ୍ତ୍ୟ ବର୍ଣ୍ଣ, ବର୍ଗର ପଞ୍ଚମ ବର୍ଣ୍ଣ (ଙ ଞ ଣ ନ ମ) ଯୋଗ ହୋଇ ରଚନା ହେଲେ ମାଧୁର୍ଯ୍ୟ ଗୁଣ ପ୍ରକାଶ ପାଏ ।

ଓଜଃ—ବୀର, ବୀଭତ୍ସ, ରୌଦ୍ର ରସର ଉପଯୋଗୀ । ବର୍ଗର ପ୍ରଥମ ବର୍ଣ୍ଣ ସହିତ ଦ୍ୱିତୀୟ ବର୍ଣ୍ଣ, ତୃତୀୟ ବର୍ଣ୍ଣ ସହିତ ଚତୁର୍ଥ ବର୍ଣ୍ଣ ଯୋଗ ହୋଇ ରଚନାରେ ଅଧଃ ଓ ଊର୍ଦ୍ଧ୍ୱ ରେଫ୍ ଦ୍ୱାରା ପ୍ରକାଶ ପାଇଲେ ଓଜ ଗୁଣ ହୁଏ । ଟ, ଠ, ଡ ଢ, ଣ, ଷ ଓ ସମାସବହୁଳ ବାକ୍ୟ ଓଜ ଗୁଣର ଦ୍ୟୋତକ ।

ପ୍ରସାଦ—ରଚନାର ପଦର ଅର୍ଥ ସହଜ ଭାବରେ ବୋଧ ହୋଇ ଚିତ୍ତକୁ ସମନ୍ୱୟ ଆନନ୍ଦ ଦାନ କଲେ, ପ୍ରସାଦଗୁଣ ହୁଏ ।

ରୀତି ବା ବୃତ୍ତି—ବୈଦର୍ଭୀ, ଗୌଡ଼ୀ, ପାଞ୍ଚାଳୀ, ଆବନ୍ତିକା, ଲାଟୀ, ମାଗଧୀ, ବୈଦର୍ଭୀ—ସମସ୍ତ ଗୁଣଯୁକ୍ତ ।

ଗୌଡ଼ୀ—ଓଜ ଓ କାନ୍ତି ଗୁଣ ଯୁକ୍ତ ଉତ୍କଟ ଓ ବହୁଳ ପଦବିଶିଷ୍ଟ ।

ପାଞ୍ଚାଳୀ—ଓଜ ଓ କାନ୍ତିଗୁଣରହିତ । ପଞ୍ଚ ବା ଷଟ୍‌ପଦ ନିର୍ମିତ ।

ଲାଟୀ—ସବୁ ରୀତି ମିଶ୍ରଣରେ ରଚିତ ।

ଆବନ୍ତିକା—ପାଞ୍ଚାଳୀ ଓ ବୈଦର୍ଭୀର ମଧ୍ୟବର୍ତ୍ତୀ ।

ମାଗଧୀ—ପୂର୍ବ ରୀତିମାନଙ୍କର ଅନିର୍ବାହରେ ବ୍ୟବହୃତ ।

ପଦ ସଂଘଟନର ନାମ ରୀତି (style) । ଏହା ଶବ୍ଦାର୍ଥରୂପ ଶରୀରର ଅବୟବ ସ୍ୱରୂପ । ଏହାର ଯଥାବିଧି ସଂସ୍ଥାନରେ କାବ୍ୟରସର ସୌନ୍ଦର୍ଯ୍ୟ ବୋଧ ନ କରେ । ସରଳ, ସାଳଙ୍କାର ପ୍ରଭୃତି ଭେଦରେ ରୀତିର ବିସ୍ତାର ହୁଏ ।

ଅନୁପ୍ରାସ, ଛେକାନୁପ୍ରାସ, ବୃତ୍ତ୍ୟନୁପ୍ରାସ, ଅନ୍ତ୍ୟାନୁପ୍ରାସ ପ୍ରଭୃତି । 'ସଜାତୀୟ ବା ସାକ୍ଷାତ୍ ବର୍ଣ୍ଣ ବା ବର୍ଣ୍ଣସମୂହାତ୍ମକ ପଦର ପୁନରୁକ୍ତି ହେଲେ' ଅନୁପ୍ରାସ ଅଳଙ୍କାର ହୁଏ । (ଅନୁ—ରସାନୁଗୁଣରେ ; ପ୍ରାସ—ବିନ୍ୟାସ) । ସ୍ୱରର ସାମ୍ୟ ନ ଥିଲେ ମଧ୍ୟ—ବର୍ଣ୍ଣର ସାମ୍ୟ ଥିଲେ ମଧ୍ୟ ଅନୁପ୍ରାସ ହେବ ।

ଯମକ—ସ୍ୱର ବ୍ୟଞ୍ଜନ ସହିତ ଭିନ୍ନାର୍ଥକ ଶବ୍ଦ ଯଦି ପଦ୍ୟରେ (ଆଦି, ମଧ୍ୟ, ଅନ୍ତ ଏପରି କୌଣସି କ୍ରମ ଥାଇ) ପୁନରାବୃତ୍ତି , ହୁଏ, ତେବେ ଯମକାଳଙ୍କାର ହେବ । ପଦ ଏକାର୍ଥକ ହେଲେ ଯମକାଳଙ୍କାର ହୁଏ ନାହିଁ । କ୍ରମିକ ଆବୃତ୍ତି ଥିଲେ କ୍ରମିକ ଯମକ ହୁଏ ।

ଶ୍ଳେଷ—ଏକ ଶବ୍ଦ ଅନେକାର୍ଥ ପ୍ରକାଶ କଲେ ଶ୍ଳେଷ ହୁଏ ।

ଉପମା—ବର୍ଣ୍ଣନୀୟ ବିଷୟରେ ଅନ୍ୟ ବିଷୟର ସାଦୃଶ୍ୟ (ସମାନ ଗୁଣ ବା ଧର୍ମ) କଥିତ ହେଲେ ଉପମା ଅଳଙ୍କାର ହୁଏ । ବର୍ଣ୍ଣନୀୟ ବିଷୟକୁ ଉପମେୟ ଓ ଯାହାର ଗୁଣ ବା ଧର୍ମ ବର୍ଣ୍ଣନୀୟ ବିଷୟରେ କୁହାଯାଏ ତାହାକୁ ଉପମାନ କୁହାଯାଏ । ସାଧାରଣତଃ ଉପମେୟ ଅପେକ୍ଷା ଉପମାନର ଅଧିକ

ଅଧିକ ଗୁଣ ଥାଏ ଏବଂ ଉପମାନର ଏହି ଗୁଣଗୁଡ଼ିକ ଲୋକ ପ୍ରସିଦ୍ଧ । ଉଭୟ ବସ୍ତୁର ସାଦୃଶ୍ୟ ବର୍ଣ୍ଣନା କଲେ ଉପମେୟର ଗୁଣଗୁଡ଼ିକ ପ୍ରକାଶ ଲାଭ କରେ ।

ରୂପକ—ଉପମେୟ ଓ ଉପମାନର ପରସ୍ପର ଅଭେଦ ପ୍ରତିପାଦିତ ହେଲେ ରୂପକ ଅଲଙ୍କାର ହୁଏ ।

ସ୍ମରଣ ବା ସ୍ମୃତି—ସାଦୃଶ୍ୟ ଅନୁଭବ ହେବାରୁ ଅନ୍ୟ ସଦୃଶ ବସ୍ତୁର ସ୍ମୃତି ହେଲେ ସ୍ମରଣ ବା ସ୍ମୃତି ଅଲଙ୍କାର ହୁଏ ।

(ଭ୍ରାନ୍ତି ସାଦୃଶ୍ୟ ହେତୁ ଉପମେୟରେ ଉପମାନର ଭ୍ରମ ଜାତ ହେଲେ ଏବଂ ତାହାର ଉଚିତ କାର୍ଯ୍ୟ ବର୍ଣ୍ଣିତ ହେଲେ, ଭ୍ରାନ୍ତି ବା ଭ୍ରାନ୍ତିମାନ୍ ଅଲଙ୍କାର ହୁଏ ।

ସନ୍ଦେହ—ଉପମେୟରେ ସାଦୃଶ୍ୟ ବଶତଃ ଅପ୍ରକୃତ ଉପମାନର ସନ୍ଦେହ ଜାତ ହେଲେ ସନ୍ଦେହାଲଙ୍କାର ହୁଏ ।

ଉଲ୍ଲେଖ—ଏକ ବସ୍ତୁ ଯଦି ଧର୍ମ ବା ଗୁଣଭେଦରେ ଅନେକ ଲୋକଙ୍କ ଦ୍ୱାରା ଅନେକ ପ୍ରକାର ଉଲ୍ଲିଖିତ ହୁଏ, ତେବେ ଉଲ୍ଲେଖ ଅଲଙ୍କାର ହୁଏ ।

ଉତ୍ପ୍ରେକ୍ଷା—ବର୍ଣ୍ଣନୀୟ ବିଷୟକୁ ଅପ୍ରକୃତ ବିଷୟ ରୂପରେ ତର୍କଣା କରାଗଲେ ଉତ୍ପ୍ରେକ୍ଷା ଅଲଙ୍କାର ହୁଏ । ରୂପକ ଅଲଙ୍କାରରେ ଉପମେୟ ଓ ଉପମାନର ଅଭେଦ ମନେ ହୋଇଥାଏ ବା ସ୍ଥାପିତ ହୋଇଥାଏ । ଅଭେଦ ତର୍କଣା (ବା ସମ୍ଭାବନା) କରାଗଲେ ଉତ୍ପ୍ରେକ୍ଷା ଅଲଙ୍କାର ହୁଏ । ଏହି ଅଲଙ୍କାରରେ କି, ଅବା, କିମ୍ବା,ପରି, ସତେ, କି, ଯିବା ପ୍ରଭୃତି ବାଚକପଦ ଆବଶ୍ୟକ ହୁଏ ।

ଅତିଶୟୋକ୍ତି—ବର୍ଣ୍ଣନୀୟ ବିଷୟର ବର୍ଣ୍ଣନା ଲୋକୋତ୍ତର ହେଲେ ଅତିଶୟୋକ୍ତି ଅଲଙ୍କାର ହୁଏ ।

ଅର୍ଥାନ୍ତର ନ୍ୟାସ—ସାମାନ୍ୟ ଦ୍ୱାରା ବିଶେଷର ଅଥବା ବିଶେଷଦ୍ୱାରା ସାମାନ୍ୟର ସମର୍ଥନ ହେଲେ ଅର୍ଥାନ୍ତରନ୍ୟାସ ହୁଏ । ପ୍ରକୃତ ବିଷୟ ଅପର ବିଷୟ ଦ୍ୱାରା ସମର୍ଥିତ ହୋଇଥାଏ ।

ଦୃଷ୍ଟାନ୍ତ—ବର୍ଣ୍ଣନୀୟ ବସ୍ତୁର ଧର୍ମ (ଗୁଣ) ଅପର ବସ୍ତୁର ଧର୍ମ ସହିତ ଅନୁରୂପ ହେଲେ, ଦୃଷ୍ଟାନ୍ତାଲଙ୍କାର ହୁଏ । ବିଭିନ୍ନ ବସ୍ତୁ ଦୁଇଟିର ସାଦୃଶ୍ୟ ହେତୁ ପାରସ୍ପରିକ ଅଭେଦକୁ ବିମ୍ବ ପ୍ରତିବିମ୍ବ ଭାବ କୁହାଯାଏ ।

ସ୍ୱଭାବୋକ୍ତି—ସ୍ଥାନ, ଘଟଣା, ଦୃଶ୍ୟ, ପଦାର୍ଥର ସ୍ୱାଭାବିକ ବର୍ଣ୍ଣନାକୁ ସ୍ୱଭାବୋକ୍ତି କୁହାଯାଏ ।

ବ୍ୟାଜ ସ୍ତୁତି—ନିନ୍ଦା ଛଳରେ ସ୍ତୁତି ବା ସ୍ତୁତି ଛଳରେ ନିନ୍ଦା ଉଲ୍ଲେଖ କଲେ ବ୍ୟାଜସ୍ତୁତି ଅଲଙ୍କାର ହୁଏ ।

---

# ଚତୁର୍ଥ ପରିଚ୍ଛେଦ

## ଲୋକନାଥ ବିଦ୍ୟାଧର

କବି ଲୋକନାଥ ବିଦ୍ୟାଧର ଆଜିପର୍ଯ୍ୟନ୍ତ ବନର ମାଳତୀ ଦଶାକୁ ଭଜି ରହିଛନ୍ତି । ଏହି କବି ଉପେନ୍ଦ୍ର ଭଞ୍ଜଙ୍କର ସମସାମୟିକ ଓ ସମକକ୍ଷ କବି ।

କବିଙ୍କର ପଦ୍ମାବତୀ ପରିଣୟ, ରସକଳା, ବୃନ୍ଦାବନ ବିହାର, ନୀଳାଦ୍ରୀ-ମହୋତ୍ସବ ଅପ୍ରକାଶିତ ଅବସ୍ଥାରେ ରହିଅଛି । ଚନ୍ଦ୍ରକଳା, ସର୍ବାଙ୍ଗସୁନ୍ଦରୀ ପ୍ରକାଶ ପାଇଛି । ଶୁଣାଯାଏ ଚନ୍ଦ୍ରୋତ୍ପଳା, ପରିମଳା ନାମକ ଆଉ ଦୁଇଟି ଅପ୍ରକାଶିତ କାବ୍ୟ ଅଛି । ଏହି ଦୁଇଟି ଅଦ୍ୟାବଧି ଦୃଷ୍ଟିକୁ ଆସିନାହିଁ ।

କାବ୍ୟଗୁଡ଼ିକରେ ଲୋକନାଥ ଯେଉଁ ପ୍ରତିଭା ଦେଖାଇ ଯାଇ ଅଛନ୍ତି, ତାହା ଅନନ୍ୟସାଧାରଣ । ପ୍ରକାଶିତ କାବ୍ୟମାନଙ୍କରେ ତାଙ୍କ କବି-ପ୍ରତିଭାର ସାମାନ୍ୟ ଅଂଶ କେବଳ ପ୍ରତିଫଳିତ ହୋଇଛି ।

ଚୈତନ୍ୟଦେବଙ୍କ ସମୟରେ ଓ ତାପରେ ଯେତେବେଳେ ସମଗ୍ର ଓଡ଼ିଶାରେ ଭକ୍ତିରସର ତରଙ୍ଗ ଖେଳଗଲା ସେତେବେଳେ ଅଧିକାଂଶ କବି କେବଳ କୃଷ୍ଣଚରିତ ଗାୟନ କରିବାରେ ରତ ଥିଲେ; ଅନ୍ୟ ବିଷୟ ସେମାନଙ୍କୁ ଏକପ୍ରକାର ବିଷପ୍ରାୟ ବୋଧ ହେଉଥିଲା । କିନ୍ତୁ ନରସିଂହ ସେଣ, ଧନଞ୍ଜୟ-ଭଞ୍ଜ ଓ ଲୋକନାଥ ଭକ୍ତି-ରସାପ୍ଳୁତ କୃଷ୍ଣ ଚରିତକୁ କବିତା-ବସ୍ତୁର ବିଷୟ ମନେ ନକରି ମାନବ ସମାଜର ସୁଖ ଦୁଃଖ ନେଇ ପ୍ରେମ କାବ୍ୟ ଲେଖିଥିବା ଏକ ନୂତନ ଚିନ୍ତାଧାରାର ପରିପୋଷକ । ଅବଶ୍ୟ ବୃନ୍ଦାବନ ବିହାର କୃଷ୍ଣ ଚରିତ ସମ୍ବନ୍ଧୀୟ । ତେବେସୁଦ୍ଧା ତାଙ୍କର ଅନ୍ୟାନ୍ୟ କାବ୍ୟ ତୁଳନାରେ ତାର ସ୍ଥାନ ତେତେ ଉଚ୍ଚ ନୁହେଁ ।

ଅଷ୍ଟାଦଶ ଶତାବ୍ଦୀର କବିମାନଙ୍କ ମଧ୍ୟରେ ଲୋକନାଥ ଜଣେ ପ୍ରତିଭା-ଶାଳୀ ବ୍ୟକ୍ତି ।

## ଜୀବନୀ

ପରିଚୟ—କବି ଲୋକନାଥ ଜଗନ୍ନାଥ ବିଦ୍ୟାଧରଙ୍କର ଅଗ୍ରଜ ସନ୍ତାନ ଅଟନ୍ତି । ସେ ନିଜକୁ ଲୋକନାଥ, ଲୋକନାଥ ଦାସ, ଲୋକନାଥ ବିଦ୍ୟାଧର ବୋଲି ବିଭିନ୍ନ କାବ୍ୟରେ ପରିଚିତ କରାଇଛନ୍ତି ।

(୧) ଜଗନ୍ନାଥ ବିଦ୍ୟାଧର ଅଗ୍ରଜ ସୁତ,
ଲୋକନାଥ ବିଦ୍ୟାଧର ଅଖ୍ୟା ବିଖ୍ୟାତ ।
(ରସକଲା ' ମ ଛାନ୍ଦ ।୫୩)

(୨) ଚିନ୍ତି ଜଗନ୍ନାଥ ପାଦ ଜଗନ୍ନାଥ ବିଦ୍ୟାଧର ବରସୁତ,
ଲୋକନାଥ ବିଦ୍ୟାଧର ପଦ୍ମାବତୀ ପରିଣୟେ ବିରଚିତ ।
(ପଦ୍ମାବତୀ ପରିଣୟ, ୩ୟ ଛାନ୍ଦ । ୪୦)

(୩) ଜଗନ୍ନାଥ ବିଦ୍ୟାଧର ନନ୍ଦନ, ଲୋକନାଥ ବିଦ୍ୟାଧର ରଞ୍ଜନ,
 ଶୁଣ ସାଧୁଜନ, ଚତୁର୍ଥ ଛାନ୍ଦ ହୋଇଲା ସମ୍ପୂର୍ଣ୍ଣ ।
ନୀଳାଦ୍ରିମହୋତ୍ସବ ।

(୪) ଚିତ୍ରକଳା'ରେ କବି ନିଜକୁ କବି ଲୋକନାଥ ବୋଲି ପରିଚୟ ଦେଇଅଛନ୍ତି । ବିଦ୍ୟାଧର କିମ୍ବା ଦାସ ସଂଜ୍ଞା ବ୍ୟବହାର କରିନାହାନ୍ତି ।

(୫) ବୃନ୍ଦାବନ ବିହାରରେ ମଧ୍ୟ ସେ ନିଜକୁ 'କବି ଲୋକନାଥ' ବୋଲି ପରିଚୟ ଦେଇ ଅଛନ୍ତି ।

(୬) ସର୍ବାଙ୍ଗସୁନ୍ଦରୀରେ କବି କେତେକ ଛାନ୍ଦରେ 'ଲୋକନାଥ' ଓ କେତେକ ସ୍ଥାନରେ 'ଲୋକନାଥ ଦାସ' ଲେଖିଅଛନ୍ତି—

ବଳି ଦାନବ ସଂଗୋପ ନିଦାନ,
କର ଲୋକନାଥ ପାପ ଦହନ । (୧ମ ଛାନ୍ଦ ୮୧ ପଦ । ସ. ସୁ. ।)
ରାଜି ଚର ଦୂଷଣ ଭୂଷଣ ଦୁରାନ୍ତକ,
ଦାତା ଲୋକନାଥ ଦାସ ଭଣେ ସମ୍ପାଦକ ।
( ସ.ସୁ. । ୬ଷ୍ଠ ଛାନ୍ଦ । ୧୬୭ )

'ସର୍ବାଙ୍ଗସୁନ୍ଦରୀ'ର ପାଞ୍ଚ ଛଅଟି ଛାନ୍ଦରେ 'ଲୋକନାଥ ଦାସ' ବୋଲି ଲେଖିଅଛନ୍ତି । ପୂର୍ବେ ଅନେକ କବି ନିଜର କୁଳ ସଂଜ୍ଞା ଥିବା ସତ୍ତ୍ୱେ ଦାସ ବୋଲି ଲେଖୁଥିଲେ ।

ସମୟ—ଲୋକନାଥଙ୍କ ସମସ୍ତ ସର୍ବାଙ୍ଗ ସୁନ୍ଦରୀ ଓ ପଦ୍ମାବତୀ ପରିଣୟରୁ ଜଣାପଡ଼େ । ପଦ୍ମାବତୀ ପରିଣୟରେ ଲେଖାଅଛି—

ମୁକୁନ୍ଦଦେବ ରାଜନ    ନନ୍ଦନ ଶୁଣ ସୁଜନ
ଦିବ୍ୟସିଂହଦେବ ଗଜପତି ନରେଶ,
ଚତୁର୍ଦ୍ଦଶ ଅଙ୍କେ ଗୀତ ହୋଇଛି ଏ ଚରିତ ।
(୧୮ଶ ଛାନ୍ଦ, ୬୩ ପଦ ।)

ମୁକୁନ୍ଦଦେବ ୧୬୫୯ ଠାରୁ ୧୬୮୮ ଖ୍ରୀ: ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କ ପୁଅ ଦିବ୍ୟସିଂହଦେବ ୧୬୮୮ ରେ ସିଂହାସନ ଆରୋହଣ କରିଥିଲେ ।

ତାଙ୍କର ୧୪ଅଙ୍କ ଅର୍ଥାତ୍ ଖ୍ରୀ: ୧୬୯୮ରେ ପଦ୍ମାବତୀ ପରିଣୟ ସମ୍ପୂର୍ଣ୍ଣ ହୋଇଥିଲା । ସେହି ବର୍ଷ କବି 'ନୀଳାଦ୍ରି ମହୋତ୍ସବ' ମଧ୍ୟ ସମ୍ପୂର୍ଣ୍ଣ କରିଥିଲେ ।

ସେ କେବେ ଜନ୍ମଗ୍ରହଣ କରିଥିଲେ ଓ କେବେ ମୃତ୍ୟୁ ଲଭିଥିଲେ, ତାହାର ପ୍ରମାଣ ବର୍ତ୍ତମାନ ପର୍ଯ୍ୟନ୍ତ ମିଳନାହିଁ ।

ଜନ୍ମସ୍ଥାନ—ଲୋକନାଥଙ୍କର ଜନ୍ମସ୍ଥାନ ସମ୍ବନ୍ଧରେ ଚନ୍ଦ୍ରକଳା, ରସକଳା, ପଦ୍ମାବତୀ ପରିଣୟ, ବୃନ୍ଦାବନ ବିହାରରେ କିଛି ସ୍ପଷ୍ଟରୂପେ ରୂପେ ଲେଖା ହୋଇନାହିଁ । କବି 'ଜଗନ୍ନାଥ ବିଦ୍ୟାଧର'ଙ୍କ ପୁତ୍ର ଥିବାରୁ ଓ ସେ ବାଣପୁର ରାଜାଙ୍କ ନାମ ଉଲ୍ଲେଖ କରିଥିବାରୁ ତାଙ୍କର ସ୍ଥାନ ଖୋର୍ଦ୍ଧା-ଥିବା ଜଣାଯାଉଛି ।

ଲୋକନାଥଙ୍କ ଉକ୍ତିରୁ ଜଣାପଡ଼ୁଛି ଜଗନ୍ନାଥ ମହାପ୍ରଭୁ ଓ ଓଡ଼ିଶା ରାଜାଙ୍କ ସହିତ ତାଙ୍କ ବଂଶର ସମ୍ବନ୍ଧ ଥିଲା । ମାଦଳାପାଞ୍ଜିରେ ମୁକୁନ୍ଦଦେବଙ୍କ ପୁତ୍ର ଦିବ୍ୟସିଂହ ଦେବଙ୍କ ସମ୍ବନ୍ଧରେ ଲେଖାଅଛି—ଦିବ୍ୟସିଂହ ଦେବଙ୍କ ୯ମ ଅଙ୍କରେ (ଖ୍ରୀ:୧୬୯୫ରେ) ବୃଷଭ ୧୯ଦିନ ପାତିଶା ଅଉରଙ୍ଗ ସାହାଙ୍କ ଭାଇ ମରମସ୍ତ ଖାଁ ଜମାହିଲା ଏ ସଙ୍ଗତେ ଇମାମ କୋଲି ଅମୁଆର ୫°ଗୋଟା ଘେନି ରାଜା ଦିବ୍ୟସିଂହ ଦେବ ବାରୁ ଲାଗି ହୋଇ ଆଇ ସିଂହଦ୍ୱାର ଗୁମ୍ଫ ଭାଙ୍ଗିଲେ । ଭୋଗ ମଣ୍ଡପରୁ ଚକ୍ର ନେଲେ । କାଠର ଜଗନ୍ନାଥ ପ୍ରତିମାକୁ ମୁଗଲ ନେଲେ । ଦେଉଳ ସିଂହାସନ ଉପରକୁ ନବାବ ଯାଇ ଗଲା । ଦେଉଳ ସିଂହଦ୍ୱାର ମଧ୍ୟ ମୁଦ କଲା । ପରମେଶ୍ୱର କମ୍ବଳାଇଙ୍କ ପେଠିଆଡ଼ ବେଢ଼ାରେ ବିଜେ କରିଥିଲେ । ବେଲ ଦ୍ୱିପ୍ରହର ସରିକି ନବାବ ଭାଇ ଜମାହିଲା ମଧ୍ୟ ଗଦାଧର ରାଏଙ୍କ ଉଆସେ ଥିଲେ । ରାଜା ଜଗନ୍ନାଥ ବିଦ୍ୟାଧର ମହାପାତ୍ରଙ୍କ ଉଆସେ ବିଜେ କରିଥିଲେ । ସମସ୍ତେ ବେଲବୁଡ଼ ସରିକି ଚନ୍ଦନପୁର ଗଲେ ।

ଯେତେଦୂର ଅନୁମାନ କରାଯାଏ, କବି କଡ଼ ଦେଉଳ ଉପରେ ମୁସଲମାନଙ୍କ ଏହି ଅତ୍ୟାଚାରକୁ ଲକ୍ଷ୍ୟ କରି ସର୍ବାଙ୍ଗ ସୁନ୍ଦରୀରେ ବାଣପୁର

ରାଜାଙ୍କ କୀର୍ତ୍ତି କଥା ଲେଖିଛନ୍ତି । ମାଦଳାପାଞ୍ଜିରେ ଯେଉଁ ଜଗନ୍ନାଥ ବିଦ୍ୟାଧରଙ୍କ ନାମ ଉଲ୍ଲେଖ ହୋଇଛି, ଲୋକନାଥ ତାଙ୍କର ପୁତ୍ର । ଜଗନ୍ନାଥ ବିଦ୍ୟାଧର ମହାପାତ୍ର ଖୋର୍ଦ୍ଧା ରାଜାଙ୍କ ପାତ୍ର ଥିଲେ । ପୁରୁଷାନୁକ୍ରମେ ବିଦ୍ୟାଧର ବଂଶ ଦେବାନ ଥିବା ଜଣାଯାଏ । ପୁରୀଜିଲ୍ଲା ରୋଡ଼ଙ୍ଗର ବିଦ୍ୟାଧର ମହାପାତ୍ର ବଂଶ ଖୋର୍ଦ୍ଧା ରାଜାଙ୍କ ପୁରୁଷାନୁକ୍ରମିକ ବକ୍ସି ଓ ଦେବାନ ଥିବା କଥିତ ଅଛି । ବିଦ୍ୟାଧର ବଂଶର ଏକ ଦିଆସ ପୁରୀରେ ଥିଲା । କବି ସେଠାରେ ମଧ୍ୟ ସମୟେ ସମୟେ ରହୁଥିଲେ ।

'ସର୍ବାଙ୍ଗ ସୁନ୍ଦରୀ'ରେ ଲୋକନାଥ ବାଣପୁର କଥା ଯେପରି ଭାବରେ ଉଲ୍ଲେଖ କରିଛନ୍ତି, ସେଥିରୁ ବାଣପୁର ସହିତ ମଧ୍ୟ ତାଙ୍କର ସମ୍ବନ୍ଧ ଥିବା ସ୍ପଷ୍ଟ ହେଉଛି ।

ଯେଉଁ ଜଗନ୍ନାଥ ପଦ ଧ୍ୟାନେ,
ଦେଖି ନାହାନ୍ତି ଯୋଗୀନ୍ଦ୍ରମାନେ,
ଯେଉଁ ବାଣପୁର    ନୃପ ପରସାଦେ
ଦେଖିଲେ ସକଳ ଜନେ ହେ, ସୁଜନେ । ୭୧ ।

ନାମ ଜଗନ୍ନାଥ କାନ୍ତ ମୂର୍ତ୍ତି,
କୀର୍ତ୍ତି ଚନ୍ଦ୍ରେ ଧବଳିତ କ୍ଷିତି ।
ସେ ହରିଚନ୍ଦନ    ଶାନ୍ତ ଗୋପୀଜନ
ବଲ୍ଲଭ ସେଠାରେ ମତି ହେ, ସୁଜନେ । ୭୨ ।

ଏଥିରୁ ଜଣାଯାଉଛି, ଜଗନ୍ନାଥ ଦେବଙ୍କ ଉପରେ ବିପତ୍ତି ପଡ଼ିବା ବେଳେ ବାଣପୁରର ରାଜା ଜଗନ୍ନାଥ ହରିଚନ୍ଦନ ବିପତ୍ତିରୁ ରକ୍ଷା କରିଥିଲେ । ମୋଗଲ ରାଜତ୍ୱରେ ବଙ୍ଗଦେଶ ଆଡ଼ୁ କେତେକ ମୁସଲମାନ ଜଗନ୍ନାଥ ମନ୍ଦିର ଉପରେ ବହୁତ ଥର ଆକ୍ରମଣ କରିଥିଲେ । ଖ୍ରୀ: ୧୬୯୫ରେ ଦିବ୍ୟସିଂହ ଦେବଙ୍କ ଅମଳରେ କଟକର ନାୟକ ଏକାମ ଖାଁ ପୁରୀ ମନ୍ଦିରକୁ ଧ୍ୱଂସ କରିବାକୁ ଚେଷ୍ଟା କରିଥିଲେ । ବହୁ ଅଧ୍ୟାସ ପରେ ଜଗନ୍ନାଥ ମୂର୍ତ୍ତିଙ୍କୁ ରକ୍ଷା କରି

ଯାଇଥିଲି । । ସେହି ସମୟରେ ଦିବ୍ୟସିଂହ ଦେବ ଅସହାୟ ଥିଲେ । ଏପରି ଅବସ୍ଥାରେ ବାଣପୁରର ହରିଚନ୍ଦନ ଦିବ୍ୟସିଂହ ଦେବଙ୍କୁ ସାହାଯ୍ୟ କରିଥିଲେ । ରାଜା ଜଗନ୍ନାଥ ଖ୍ରୀ:୧୬୫୭ଠାରୁ ଖ୍ରୀ: ୧୭୩୭ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ଖୋରଧାର ମୁକୁନ୍ଦ ଦେବ, ତାଙ୍କ ପୁଅ ଦିବ୍ୟସିଂହ ଦେବ ଏବଂ ତାଙ୍କ ପୁଅ ରାମଚନ୍ଦ୍ର ଦେବ, ଏହି ତିନିଜଣଙ୍କ ରାଜତ୍ୱ ଦେଖିଥିଲେ । ଏହି ୮୦ ବର୍ଷ ମଧ୍ୟରେ ପ୍ରାୟ ଚାରି ପାଞ୍ଚଥର ଜଗନ୍ନାଥଙ୍କ ଉପରେ ବିଧର୍ମୀମାନଙ୍କର ଦୃଷ୍ଟି ପଡ଼ିଥିଲି । ପୁରୀରୁ ମହାପ୍ରଭୁଙ୍କୁ ଲୁଚାଇଆଣି ଚିଲିକାରେ ଅନେକ ଦିନ ପର୍ଯ୍ୟନ୍ତ ରଖା ଯାଇଥିଲି । ଏହି ସମ୍ବନ୍ଧକୁ କବି ଲକ୍ଷ୍ୟ କରିଥିବା ସ୍ପଷ୍ଟ ହେଉଛି । କବିଙ୍କ ଜୀବନୀ ସମ୍ବନ୍ଧରେ ଅନ୍ୟ କୌଣସି ତଥ୍ୟ ମିଳୁନାହିଁ ।

ଲୋକନାଥ ବିଦ୍ୟାଧରଙ୍କ କାବ୍ୟଗୁଡ଼ିକର ସଂକ୍ଷିପ୍ତ ପରିଚୟ ନିମ୍ନରେ ଦିଆଗଲି ।

## ଗ୍ରନ୍ଥପରିଚୟ

ବୃନ୍ଦାବନ ବିହାର— (ଅପ୍ରକାଶିତ), କାବ୍ୟଟି ପାଞ୍ଚଟି ଛାନ୍ଦରେ ଲିଖିତ । ପ୍ରଥମ ଛାନ୍ଦ—ଶ୍ରୀକୃଷ୍ଣଙ୍କ ସ୍ତୁତି ଓ ତାଙ୍କ ବର୍ଣ୍ଣନା । ୨ୟ ଛାନ୍ଦ—ଯମୁନାଙ୍କ ବର୍ଣ୍ଣନା । ଯମୁନାକୂଳରେ ଶ୍ରୀକୃଷ୍ଣ ଭ୍ରମଣ କରୁଥିବା ସମୟରେ ରାଧା ଗୋପାଙ୍ଗନାମାନଙ୍କ ସହ ସେଠାରେ ପ୍ରବେଶ କଲେ । ବେନିଜଣଙ୍କର ଚାରିଚକ୍ଷୁ ମିଳନ ହୁଅନ୍ତେ, ଶ୍ରୀକୃଷ୍ଣ କାମ ଦ୍ୱାରା ପୀଡ଼ିତ ହେଲେ । ଯେ ଯାହା ଘରକୁ ଲେଉଟିବା ପରେ ଶ୍ରୀକୃଷ୍ଣ ରାଧାଙ୍କ ଦର୍ଶନ ପାଇଁ ବ୍ୟାକୁଳ ହେଲେ । ୩ୟ ଛାନ୍ଦ—ଦୂତୀ ଆଗରେ ଶ୍ରୀକୃଷ୍ଣ ଆକୁଳ ଚିତ୍ତରେ ରାଧାଙ୍କ ରୂପ ଲାବଣ୍ୟକୁ ପ୍ରଶଂସା କଲେ ଏବଂ ଦୂତୀଙ୍କୁ ରାଧାଙ୍କ ନିକଟକୁ ପ୍ରେରଣ କଲେ । ଚତୁର୍ଥ ଛାନ୍ଦ—ଦୂତୀ ରାଧାଙ୍କ ଆଗେ ବୃନ୍ଦାବନ-ପୁର ବର୍ଣ୍ଣନା କରି ଶ୍ରୀକୃଷ୍ଣଙ୍କ ଅବସ୍ଥା ବ୍ୟକ୍ତ କଲେ । ରାଧା ଶ୍ରୀକୃଷ୍ଣଙ୍କ ଚରିତ ଶୁଣି ଉଦ୍‌ବିଗ୍ନ ହୋଇ ଶ୍ରୀକୃଷ୍ଣଙ୍କୁ ଭେଟିବା ନିମନ୍ତେ ଦୂତୀ ସଙ୍ଗେ ବୃନ୍ଦାବନକୁ ବାହାରିଲେ । ପଞ୍ଚମ ଛାନ୍ଦ—ରାଧା ବୃନ୍ଦାବନରେ ପ୍ରବେଶ ହେଲି ବେଳକୁ ସନ୍ଧ୍ୟା ହୋଇ ନଥିଲି । ଦୂତୀ

ଶ୍ରୀକୃଷ୍ଣଙ୍କ ସହ ରାଧାଙ୍କୁ ଭେଟ କରାଇ ଦେଲେ । ଶ୍ରୀକୃଷ୍ଣ ରାଧାଙ୍କ ମନ ଉଲ୍ଲାସ କରିବା ନିମିତ୍ତ ବୃକ୍ଷଲତାମାନଙ୍କ ବର୍ଣ୍ଣନା କରୁ କରୁ ସୂର୍ଯ୍ୟ ଅସ୍ତ ହେଲେ । ଶ୍ରୀକୃଷ୍ଣ ଓ ରାଧାଙ୍କ କେଳି ବର୍ଣ୍ଣନା କରି ସାରିବା ପରେ କବି ଗ୍ରନ୍ଥ ଶେଷ କରିଛନ୍ତି ।

ରାଧାଙ୍କର ରୂପ ବର୍ଣ୍ଣନ ଠାରୁ ଆରମ୍ଭ କରି ରତିକ୍ରୀଡ଼ା ପର୍ଯ୍ୟନ୍ତ ବର୍ଣ୍ଣନା-ଗୁଡ଼ିକ ଆଦିରସ ପ୍ଳୁତ ହୋଇଅଛି ।

ଶ୍ଳେଷ, ବିରୋଧାଭାସ ପ୍ରଭୃତି ଅଳଙ୍କାରର ବହୁଳ ପ୍ରୟୋଗ ମଧ୍ୟ ହୋଇଅଛି । ଭାଷା ସଂସ୍କୃତବହୁଳ ହେଲେ ମଧ୍ୟ ଜଟିଳ କ୍ଳିଷ୍ଟ ନୁହେଁ ।

ଦ୍ୱିତୀୟ ଛାନ୍ଦର ଯମୁନା ବର୍ଣ୍ଣନା ଖୁବ୍ ସୁନ୍ଦର ହୋଇଅଛି ।

ଏହି କାବ୍ୟରେ କବି ନିଜକୁ 'ଲୋକନାଥ' ବୋଲି ପରିଚୟ ଦେଇଛନ୍ତି ।

ଲୋକନାଥ 'ବୃନ୍ଦାବନ ବିହାର' କାବ୍ୟର ପ୍ରାରମ୍ଭରେ ନମସ୍କ୍ରିୟା ପ୍ରସଙ୍ଗରେ 'ଶ୍ରୀଗୁରୁ ଗୋବିନ୍ଦଙ୍କୁ' ସ୍ତୁତି କରି ନିଜର ଦୈନ୍ୟ ପ୍ରକାଶ କରୁଛନ୍ତି —

ଆହେ ପ୍ରଭୁ ଏ ଦେହ ଲଭିଲି କେଉଁ ଧର୍ମେ
ପୁଣି କେଉଁ ମନ୍ଦ ପାପେ ବଢ଼ିଲି ଅଧର୍ମେ । ୩ ।
ନ ଜାଣିଲି ଏବେ କି କଥାରେ ଅଭିପ୍ରାୟ
ଘୋଟିଅଛି ଘୋର କଦର୍ଥନା ମାୟା ମୋହ ହେ । ୪ ।
ଆଉ ସହି ନପାରଇ ସଂସାର ସଙ୍କଟ
ମନୋରଥେ କଲି ଏଣୁ ପରଂବ୍ରହ୍ମ ଭେଟ ହେ । ୫ ।
(୧ମ ଛାନ୍ଦ । ବୃ. ବି.)

'ସଂସାର ସଙ୍କଟ' କବିଙ୍କୁ ଅସହ୍ୟ ହେବାରୁ ସେ ପରଂବ୍ରହ୍ମଙ୍କ ଚରଣକୁ ଆଶ୍ରୟ କରିବା ପାଇଁ ଇଚ୍ଛା ପ୍ରକାଶ କଲେ । ପ୍ରାର୍ଥନାର ଶୈଳୀରୁ କବିଙ୍କ

ସାଂସାରିକ ଜୀବନର ଅଭିଜ୍ଞତା ଅଳ୍ପ ନ ଥିବା ଜଣାଯାଉଛି । କବି ପରିଣତ ବୟସରେ ବା ଚତୁର୍ଥାବସ୍ଥାରେ ଏହି ଗ୍ରନ୍ଥ ରଚନା କରିଥିବା ଅନୁମିତ ହେଉଛି । ସର୍ବାଙ୍ଗସୁନ୍ଦରୀ, ଚନ୍ଦ୍ରକଳା ରସକଳା, ପଦ୍ମାବତୀ ପରିଣୟ ପ୍ରଭୃତି ରଚନା କରିସାରିବା ପରେ "ବୃନ୍ଦାବନବିହାର" ଲେଖିଥିବା ସମ୍ଭବ ।

ଶ୍ରୀକୃଷ୍ଣଙ୍କ ଆଜ୍ଞାରେ କବି ବୃନ୍ଦାବନବିହାର ରଚନା କରୁଥିବା କହିଛନ୍ତି ।

ଶୁଣ ସାଧୁଜନେ ଯେଣୁ ଆଜ୍ଞା ଦେଲେ ହରି
କଦମ୍ବ ତରୁ ମୂଳରେ ଛନ୍ଦି ବଙ୍କେ କରି ଯେ । ୧୦ ।
ସେ ତ୍ରିଭଙ୍ଗୀ ଚରଣ ଶିଖୀଚନ୍ଦ୍ର ଯାଏ
ବର୍ଣ୍ଣି ପବିତ୍ର କରିବି ବାଣୀପ୍ରାଣ କାୟେ ହେ । ୧୧ । ୧ମ ଛାନ୍ଦ ।

'ବୃନ୍ଦାବନ ବିହାର' କୃଷ୍ଣଙ୍କ ବୃନ୍ଦାବନଲୀଳା ବିଷୟକ କାବ୍ୟ । ଏଥିରେ କୃଷ୍ଣଙ୍କ ଲୀଳାର ବିବରଣ ନାନା ଆଲଙ୍କାରିକ ଭଙ୍ଗୀ ଓ ଭାଷାରେ ବର୍ଣ୍ଣିତ ହୋଇଥିବାରୁ ଲୀଳା ଅପେକ୍ଷା ଅଳଙ୍କାରହିଁ ବେଶି ସମ୍ମାନ ଦାବୀ କରୁଛି । କାବ୍ୟଟିରେ କବିଙ୍କର ଭକ୍ତି ଓ ଭାବପ୍ରବଣତା ଅପେକ୍ଷା କବିପ୍ରତିଭା ଓ ପାଣ୍ଡିତ୍ୟ ବିଶେଷ ଭାବରେ ପ୍ରକଟିତ ହୋଇଛି ।

ଲୋକନାଥଙ୍କ ପଦରେ ବହୁ ସଂସ୍କୃତ ଶବ୍ଦର ବ୍ୟବହାର ଥିବାରୁ ଛାତ୍ରାର୍ଥୀ ବିନା ଅନ୍ୟମାନଙ୍କ ପକ୍ଷରେ ଭାବବୋଧ କରିବା ସେତେ ସହଜ ନୁହେଁ । ପଦଯୋଜନା, ଅଳଙ୍କାର ପ୍ରୟୋଗ, ପାଣ୍ଡିତ୍ୟପୂର୍ଣ୍ଣ ହୋଇଛି । କେତୋଟି ଉଦାହରଣ—

(୧) ଅଷ୍ଟାଦଶ ଲକ୍ଷଣେ ରଞ୍ଜିତ ପଦ୍ମପାଦ
ପ୍ରମାଦପଦ ନାଶନ ପରମ ସମ୍ପଦ ଯେ ।' ୫।
ସୁସନ୍ଧିବର ଅଙ୍ଗୁଳି ଦଳ ନଖଶ୍ରେଣୀ
ନିର୍ମଳ ଚନ୍ଦ୍ରମା ମଣିଗଣ ପ୍ରାୟେ ମଣି ହେ । ୧୭ ।

ଇନ୍ଦ୍ରନୀଳମଣି ନୀଳୋତ୍ପଳ ସୁତମାଳ
ଲଳିତ କାଳିନ୍ଦୀଜଳ ଦଳିତକଜ୍ଜ୍ୱଳ ଯେ । ୨୫ ।

(୨) ବିଧୁବଦନଗଣେ ମୋଦ, ହୁଅଇ ନେତ୍ରକୁମୁଦ
ଭରଣିରେ ଶୋଭିବନ କମଳ ବନ ଏ । ୧୭ । ୨ୟ ଛାନ୍ଦ ।

(୩) ଯୋଗୀବୃନ୍ଦ ଧରାଧର ଯବ ସେ, ଯୁବାମାନସମୃଗ ଅଟବୀ ସେ ।
ବର୍ଣ୍ଣି ପାରିବ ତା କେଉଁ କବି ସେ । ୪ । ୩ୟ ଛାନ୍ଦ ।

(୪) ଶାତକୁମ୍ଭକୁମ୍ଭ କୁମ୍ଭୀକୁମ୍ଭଦମ୍ଭ ନାଶି ହେଲ ଏଡ଼େ କୁଚ । ୭
(୩ୟ ଛାନ୍ଦ)

(୫) ଅନ୍ଧଅକାରଣ ବାରଣମାରଣ ତାରଣ ଆରଣ ରଥ ସେ ।
। ୧୮ । ୩ୟ ଛାନ୍ଦ ।

ଲୋକନାଥ ବିଭିନ୍ନ ଅଳଙ୍କାର ପ୍ରୟୋଗକରି କାବ୍ୟଟିକୁ ରମଣୀୟ ଓ ରସମୟ କରିବା ପାଇଁ ଉଦ୍ୟମ କରିଛନ୍ତି । ଅଳଙ୍କାର ଭିତରେ 'ଶ୍ଳେଷ'ର ଉଦାହରଣ ସର୍ବାଧିକ । ଉଦାହରଣଗୁଡ଼ିକ ମନୋରମ ହୋଇଛି ।

କେତୋଟି ଉଦ୍ଧାର କରାଗଲା—

(୧) ଆଜ ମୁଁ ଯାଇଥିଲି ବୃନ୍ଦାବନ, ଦେଖିଲି ତହିଁ ଦିବ୍ୟପୁରମାନ,
ମଦନ ତହିଁ ହୋଇଲା କି ରାଜା, କେମନ୍ତ କରି ପାଳଇଟି ପ୍ରଜା ।
ଧନ୍ୟ ସେ ନଗର, କେତେ ନାଗର ହୋଇଛି ପ୍ରଚୁର । ୩ ।
ଶୁଣ ଗୋ ପୁନ୍ନାଗମାନଙ୍କ ସଙ୍ଗେ, ରଙ୍ଗିଣୀମାନେ ରହିଛନ୍ତି ରଙ୍ଗେ,
ଅନେକ ଗଣିକାମାନେ ଅଛନ୍ତି, ଧବମାନଙ୍କରେ ଶୋଭା ଦିଶନ୍ତି ।
ବହୁଦ୍ୱିଜମାନେ, ରହିଲେ ତହିଁରେ ହରଷମନେ । ୪ ।
ଶୁକ ସହିତେ ଅଗସ୍ତି ବରୁଣ ନାଗେଶ୍ୱରଗୁରୁ ଗନ୍ଧର୍ବଗଣ
ନୀଳକଣ୍ଠ କୁଳ; ପୁନ୍ନାଗ କଦମ୍ବେ ହୋଇଲେ ମୂଳ । ୫ ।
(୪ର୍ଥ ଛାନ୍ଦ)

(୬) ଶୁଚିରାଶ୍ମି ଘନତମ ମଣ୍ଡିତ ଗୃହକୁମୁଦ ବିକାଶ ଖଣ୍ଡିତ
ସଲିଳ ସମ୍ଭବ ହିତ ଭ୍ରାଜିତ ଭୂତ ଗଣନାଥ ସୁର ସେବିତ ।
ଉଦୟ କାଳରେ, ଉଦେଗିରି ଶୋଭା ପ୍ରକାଶ କରେ । ୯ ।
(୪ର୍ଥ ଛାନ୍ଦ)

ଶୃଙ୍ଖଳାବନ୍ଧ—

ଶୃଙ୍ଖଳା କେଶବନ୍ଧ ବେଶକର, କରପୀଡ଼ାକୁ ବିଚାର ନ କର ।
କରବୀର ଗଭା କେଶରେ ଖଞ୍ଜି, ଖଞ୍ଜନ ନୟନେ ଅଞ୍ଜନ ରଞ୍ଜି ।
ରଙ୍ଗିନ ସୁତନୁ, ତନୁ ନ କର ଏ ଦୁଷ୍ଟ ଅତନୁ । ୧୪ ।
(୪ର୍ଥ ଛାନ୍ଦ)

ମିଳିତ ଅଳଙ୍କାର—ଚନ୍ଦ୍ର କିରଣ ଯୋଗୁଁ ସବୁ ଧବଳ ଦେଖାଗଲା । ଧବଳତାର ଗାଢ଼ତା ଏତେ ବେଶି ହେଲା ଯେ ନିକଟରେ ଥିବା ଅତି ପ୍ରସିଦ୍ଧ ଓ ପରିଚିତ ଦ୍ରବ୍ୟ ମଧ୍ୟ ସ୍ୱ ଧବଳବର୍ଣ୍ଣ ଯୋଗୁଁ ଲୋକଙ୍କୁ ଦେଖାଗଲା ନାହିଁ । ଅନ୍ଧକାରରେ ଦ୍ରବ୍ୟ ଦିଶେ ନାହିଁ; ଶୁକ୍ଳତା ବା ଉଜ୍ଜ୍ୱଳତା ମଧ୍ୟ ଅନ୍ଧକାରପରି ବସ୍ତୁକୁ ଅଦୃଶ୍ୟ କରାଏ ।

ବିଧାତା ସମ୍ମୁଖରେ ହଂସ ନାରଦ, ଥିଲେ ହେଁ କରି ନ ପାରିଲେ ଭେଦ
ପୃଥିବୀରେ ଅଛୁ ଅଇରାବତ,
ଲକ୍ଷି କେବେହେଁ ତା ନ ପାରିଲେ ପୁରୁହୂତ ଗୋ । ୨୪ ।
(୫ମ ଛାନ୍ଦ)

ସମଗ୍ର ପଞ୍ଚମ ଛାନ୍ଦଟି ଶ୍ଳେଷାଲଙ୍କାରରେ ମଣ୍ଡିତ ହୋଇଛି । ବୃନ୍ଦାବନରେ ଷଡ଼ଋତୁ ବର୍ଣ୍ଣନା ସ୍ଥଳରେ କବି ପ୍ରସଙ୍ଗଟିକୁ ସୁନ୍ଦର ଭାବରେ ଅବତାରଣା କରିଛନ୍ତି । ବୃନ୍ଦାବନର 'ପଦ ପଦକେ ଗୋ, ଛଡ଼ ଋତୁଛନ୍ତି, ସେବି ଏ' ବୋଲି ରାଧାଙ୍କୁ ଶ୍ରୀକୃଷ୍ଣ କହୁଛନ୍ତି ।

XX ପ୍ରେମ ଭାବାଜନ ବିରୋଧାଭାସ, ବର୍ଣ୍ଣନା ଯେତେ ସେ,
ରସ କଲେ ପରକାଶ ଏ । ୭ ।

ବର୍ଣ୍ଣନା କ ବର୍ଣ୍ଣନା, ଅର୍ଥାତ୍ ବର୍ଣ୍ଣର ଯେତେ ନାମ, ସପ୍ତ ନାମ। ରସ ଷଡ଼ରସ ବା ଅଳଙ୍କାର ଶାସ୍ତ୍ରାନୁସାରେ ନବରସ। ସପ୍ତ ପ୍ରକାରେ ରସ ପ୍ରକାଶ କଲେ, ଏହା କହିବା ଶବ୍ଦବୋଧାଶ୍ରୟ ହେଲା। ଏହାର ଶ୍ଳେଷରେ ଉପ୍ତକଥନ—ସେ ଯେତେ ପରିମାଣରେ ବର୍ଣ୍ଣନା କଲେ ସେତେ ପରିମାଣରେ ରସ ଅର୍ଥାତ୍ ଶୃଙ୍ଗାରରସ ପ୍ରକାଶ କଲେ।

ଦେଖ ପ୍ରାଣବନ୍ଧୁ ଏ ଚୂତ ତରୁ, ଅଚୂତ ରସ ଫଳ ଦାନଗୁରୁ
ଏହାକୁ ଭଜି ବନ ପିକକୁଳ,
ହେଲେ ସେ ଦେଲେ ଗୋ, ବିଯୋଗୀ ଜନେ ବ୍ୟାକୁଳ ଏ। ୮।

ଦେଖ ଏ ଅଶୋକ କାମ ଦହନ, ହରଷ କରାଉଛୁ ରତିମନ
କର୍ଣ୍ଣସୁଖପ୍ରଦ ମଧୁରବାଣୀ
ଶୁଣ ସୁଚନ୍ଦ୍ରେ ଗୋ, ସୁମଧ୍ୟା ଶୁଭଲକ୍ଷଣୀ ଗୋ। ୯।

ସୁବର୍ଣ୍ଣ ଚମ୍ପା ଦେଖରେ ବନିତା, ଏ ନିଜ ଗୁଣ ସଉରଭ ଦାତା
ନନ୍ଦନ ଜନ ବନ୍ଦନ ଚନ୍ଦନ,
ଦେଖ ଲଭିଲା ଗୋ, ନିର୍ଗୁଣ ପରି ଭଞ୍ଜନ ଗୋ। ୧୦।

ଏ କାମ-ଯମ-ଦାଢ଼-ଛୁରି-ଅନୀ
ଦେଲା ଏକାକୀ ଜନେ ନିବେଦନା,
ଦେଖ ଦେଖ ପ୍ରିୟେ ଗନ୍ଧର୍ବ ବଣ,
ନବ ପଲ୍ଲବ ଗୋ କରୁଅଛନ୍ତି ପଚାଶ ଗୋ। ୧୨।

ଦୀନକୃଷ୍ଣ ରସକଲ୍ଲୋଳରେ ବ୍ୟଙ୍ଗାର୍ଥପୂର୍ଣ୍ଣ ବସନ୍ତ ଋତୁ ବର୍ଣ୍ଣନା କରିଛନ୍ତି। ଉପେନ୍ଦ୍ର ଭଞ୍ଜଙ୍କ ବର୍ଣ୍ଣନା ଦୀନକୃଷ୍ଣ ଓ ଲୋକନାଥଙ୍କଠାରୁ ଉତ୍କୃଷ୍ଟତର। ତେବେ ଲୋକନାଥ ଅଳ୍ପ ପଦରେ ବର୍ଣ୍ଣନଟିକୁ ଶ୍ଳେଷାଳଙ୍କାରରେ ମଣ୍ଡିତ କରି ନିଜର ପାଣ୍ଡିତ୍ୟ ପ୍ରକାଶ କରିଛନ୍ତି। ସଂସ୍କୃତରେ କୁମାର ସମ୍ଭବ ଓ ନୈଷଧରେ ଏ ପ୍ରକାର ବର୍ଣ୍ଣନା ମଧ୍ୟ ଦେଖଯାଏ। ଏହା

ପାଣ୍ଡିତ୍ୟର ପରିଚୟ ସିନା କେବଳ ଅନ୍ଧ ଅନୁକରଣ ବୋଲି କୁହାଯାଇ ପାରିବ ନାହିଁ ।

କବି ଲୋକନାଥଙ୍କ ସନ୍ଧ୍ୟା ଓ ରାତ୍ରି ବର୍ଣ୍ଣନା କବିତ୍ୱପୂର୍ଣ୍ଣ ହୋଇଛି । ଉପେନ୍ଦ୍ରଙ୍କ ସନ୍ଧ୍ୟା ଓ ରାତ୍ରି ବର୍ଣ୍ଣନାରେ ଯେଉଁ କଳ୍ପନାବିଳାସର ପରିଚୟ ମିଳେ ତାହା ଲୋକନାଥଙ୍କ ବୃନ୍ଦାବନ ବିହାରରେ ଯଥେଷ୍ଟ ପରିମାଣରେ ଦେଖାଯାଏ ।

ଦେଖୁ ଦେଖୁ ଘୋର ତମ ଘୋଟିଲା, କାନ୍ତ ଆଶା ନାରୀ ରାଗ ନାଶିଲା,
କାମ ଅଜୟ କି ପ୍ରକାଶ ହେଲା,
କାଳ ଦେବତା କି ଜଗତଯାକ ଗ୍ରାସିଲା ଏ । ୨୦ ।

ନବୀନ ଅଙ୍ଗରାଗ ଅଙ୍ଗରଙ୍ଗ, ଚନ୍ଦ୍ରମା ପୂର୍ବଦିଗେ ହୋଏ ସଙ୍ଗ,
ଗାଢ଼ କ୍ରୋଧବତୀ ମୁଖ ଯେସନ,
କାନ୍ତି ବହିଲ ଗୋ, ଏ ଚନ୍ଦ୍ର ଦିଶେ ତେସନ ଗୋ । ୨୧ ।

ବେଗରେ ଅନ୍ଧକାର ନାଶ ଗଲା, ବେଳୁବେଳ ଅତି ନିର୍ମଳ ହେଲା,
ମାନ ଅନ୍ତେ ଯେହ୍ନେ ବାଳାବଦନ
ସେହି ପ୍ରକାରେ ଗୋ, ଦିଶିଲା ଅତି ଶୋଭନ ଗୋ । ୨୨ ।

ଫୁଟିଲେ କୁମୁଦ କଲେ ଆମୋଦ, ସୁଧାପାନରେ ଚକୋର ପ୍ରମୋଦ
ଚନ୍ଦ୍ରିକା ପଡ଼ି ଅବନୀ ଉଜ୍ଜ୍ୱଳ
ଘୋଟି ଅଇଲା କି, କ୍ଷୀର ଜଳନିଧିକୂଳ ଗୋ । ୨୩ ।

ବ୍ରହ୍ମା ସମ୍ମୁଖରେ ହଂସ ନାରଦ, ଥିଲେହେଁ କରି ନ ପାରିଲେ ଭେଦ,
ପ୍ରଭାତରେ ଅଛୁ ଅଇରାବତ
ଲକ୍ଷି କେବେ ହେଁ ତା, ନପାରିଲେ ପୁରୁହୂତ ଗୋ । ୨୪ ।

ନିଜ ସଦନେ କଇଲାସଗିରି, ଚହ୍ନି ନ ପାରିଲେ ତ୍ରିଶୂଳଧାରୀ,
ସନ୍ନିଧେ ଥିଲେ ହିମବନ୍ତବାଳୀ
ଜାଣି ନ ପାରି ସେ, ଲୋଡ଼ନ୍ତି ଚନ୍ଦ୍ରମଉଳି ଏ । ୨୫ ।

( ୫ମ ଛାନ୍ଦ । )

ପୂର୍ବପଦମାନଙ୍କରେ ପରଂପରା ଅନୁସରଣ କରି କବି କବିତ୍ୱପୂର୍ଣ୍ଣ ପଦାବଳୀରେ ନାଗରୀ ନାଗରୀମାନଙ୍କ ବିବିଧ ଭାବ ଓ କାର୍ଯ୍ୟର ବର୍ଣ୍ଣନା କରିଛନ୍ତି ।

## ନୀଳାଦ୍ରି ମହୋତ୍ସବ

କବି କାବ୍ୟଟିକୁ ପାଞ୍ଚାଳୀ ବନ୍ଧରେ ରଚନା କରିଥିବା ପ୍ରକାଶ କରିଛନ୍ତି ।

ପାଞ୍ଚାଳୀ ବନ୍ଧେ ଏ ହୋଇଛୁ ବାକ୍ୟ ଲକ୍ଷଣ ମିଶି
ଲୋକନାଥ ବିଦ୍ୟାଧର ଏ ରସ ବାଣୀ ପ୍ରକାଶି । ୨୯ଶ ଛାନ୍ଦ ।

କବି ସ୍ୱଗୀତ 'ରସଗର୍ଭଗୀତ' ଥିବା ବ୍ୟକ୍ତ କରିଛନ୍ତି—

ଅଶରଣଜନ ଚରଣେ ଶରଣ ସ୍ମରଣ କରି ହରଷ,
ରସ ଗର୍ଭଗୀତ ଲୋକନାଥ ବିଦ୍ୟାଧର କରଇ ପ୍ରକାଶ ।

ପଦଗୁଡ଼ିକ ମାଧୁର୍ଯ୍ୟ, ପ୍ରସାଦ, ଓଜଃ—ଏହି ତ୍ରିବିଧ ଗୁଣବିଶିଷ୍ଟ ହୋଇଥିବାର ଦେଖାଯାଏ । ଅତଏବ ଏହା ପାଞ୍ଚାଳୀ ବନ୍ଧରେ ରଚିତ ବୋଲି କବି କହିଥିବା ସମର୍ଥିତ ହେଉଛି । ପାଞ୍ଚାଳୀ ରୀତିର ଗୁଣହିଁ ବିଶେଷ ଭାବରେ ପ୍ରସ୍ଫୁଟିତ ହୋଇଛି । କାବ୍ୟର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପାଠକ ମନରେ କ୍ରମାନ୍ୱୟରେ ଆନନ୍ଦ ଜାତ କରୁଅଛି ।

କବି ଲୋକନାଥ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା ବର୍ଣ୍ଣନା ଛାନ୍ଦ (୪ର୍ଥ)ରେ ବର୍ଷା ଋତୁର ବର୍ଣ୍ଣନାକୁ ଅତି ଚମତ୍କାର କରିଛନ୍ତି ଏବଂ ବର୍ଣ୍ଣନାଟି ମଧ୍ୟ ଶ୍ରେଷ୍ଠ ହୋଇନାହିଁ । ଏହି ଋତୁ ବର୍ଣ୍ଣନାରେ ଆଦରସାଶ୍ରିତ ପ୍ରେମିକ-ପ୍ରେମିକା ସୁଲଭ ବିରହ, କାନ୍ତକାନ୍ତାଙ୍କର ଦାମ୍ପତ୍ୟ ପ୍ରେମର ସୂଚନା ଦେଇ କେତେକ ପଦ ରଚନା କରିଥିବାରୁ କବି ନିଜେ ଶଙ୍କା ପ୍ରକାଶ କରିଛନ୍ତି ।

'ପ୍ରଧାନ ରସ ଅନ୍ତର' ହୋଇ ଯିବାର ଆଶଙ୍କା ତାଙ୍କ ମନରେ ଜାଗ୍ରତ ହୋଇଛି । ଏହି କାରଣରୁ ସେ ଏହାର ସପକ୍ଷରେ ଯୁକ୍ତି ଦେଇ କହିଛନ୍ତି ଯେ ଏ ରସ ନ କହିଲେ ନ ହୁଏ; ଏହା କବିତ୍ୱର ଲକ୍ଷଣ, ନ କହିଲେ ଅଳଙ୍କାର ଦୋଷ ହେବ ।

ଏହା ଶୁଣି ରାମା ହେଲା ଦରହାସ୍ୟ, ବିରସେ ତେଜଇ ପୂର୍ଣ୍ଣିମୀ ଶଶି
ଏ ରୂପେ ସ୍ଥାନେ ସ୍ଥାନେ ଯେତେ ରସ, ବର୍ଣ୍ଣି ବସିଲେ ହୋଇବ ବିଶେଷ
ଗ୍ରନ୍ଥ ଦଶବିଂଶ, କରି କହିଲେ ହେବ ଅବା ଶେଷ । ୪୫ ।

କବିତ୍ୱ ଲକ୍ଷଣ ଏମନ୍ତ ହୋଇ, ଏ ରସ ନ କହିଲେହେଁ ନୁହଇ ।
ଅଳଙ୍କାର ଦୋଷ ହୋଇବା ପାଇଁ, କୁଣ୍ଠିତ ମାତ୍ର ହେଲେ କହିବଇଁ ।
ବୁଝିମନ ଦେଇ, ରସିକ ଜନର ପ୍ରମୋଦ ହୋଇ । ୪୬ । ୪ର୍ଥ ଗ୍ରନ୍ଥ ।

ଗୁଣ୍ଡିଚା ଯାତ୍ରାକୁ ଆସୁଥିବା ବିଭିନ୍ନ ଦେଶୀୟ ଯାତ୍ରୀମାନଙ୍କ ବର୍ଣ୍ଣନା ପ୍ରସଙ୍ଗରେ ନାଗର ନାଗରୀମାନଙ୍କର ପ୍ରେମଭାବ ପ୍ରକାଶ କରି କେତେକ ପଦ ରଚନା କରିବା ପରେ କବି ପୁନର୍ବାର ଏହି ବିଷୟ ଏକାଧିକ ଗ୍ରନ୍ଥରେ କହିଛନ୍ତି ।

ଏଣୁ ଏ ବର୍ଣ୍ଣନା କଲି କୁଣ୍ଠିତ,
ପ୍ରଧାନ ରସ ହେବ ଅନ୍ତରିତ । ୯୮ । ୬ଷ୍ଠ ଗ୍ରନ୍ଥ ।

ପ୍ରଭୁ ଜଗନ୍ନାଥଙ୍କ ଅନୁଜ୍ଞା ମାଗି ରାଜା ଦିବ୍ୟସିଂହ ଦେବ ଗୀତ ରଚନା କରିଥିବା କବି ପ୍ରକାଶ କରିଛନ୍ତି । ଲୋକନାଥ ନିଜେ ରଚନା କରିଥିଲେ ମଧ୍ୟ କେତୋଟି ଗ୍ରନ୍ଥରେ ଦିବ୍ୟସିଂହ ଦେବଙ୍କ ନାମ ଭଣିତାରେ ଦେଇଛନ୍ତି । ଗ୍ରନ୍ଥ ରଚିତ ହୋଇ ଠାକୁରମାନଙ୍କ ସମ୍ମୁଖରେ ପଠିତ ହେଉଥିବା ଅନୁମିତ ହେଉଛି ।

ଏହି ଶ୍ଳୋକ ସ୍ତୁତି ପଢ଼ି ଗଜପତି ଦିବ୍ୟସିଂହ ଦେବ ରାଜନ,
ଅତ୍ୟନ୍ତ ସମ୍ମାନେ ପ୍ରମୋଦ ଗ୍ରନ୍ଥରେ ପଢୁଆରି କରି ବନ୍ଦନ ।

ସେ କାଳେ ଅନୁଜ୍ଞା ମାଗି ଏହୁ ରସ,
ଗୀତ ବନ୍ଧେ ରସ ଭାଷରେ ପ୍ରକାଶ
କଲେକ ବୃହଦେ ବିଦୁଷ । ୫୬ । ୭ମ ଛାନ୍ଦ ।

ଦିବ୍ୟସିଂହ ଦେବଙ୍କ ଅନୁଜ୍ଞାରେ ଲୋକନାଥ ଏ ଗୀତ ରଚନା କରିଥିବା ସ୍ପଷ୍ଟ ରୂପେ ପ୍ରମାଣିତ ।

ପରପତଙ୍ଗ ଯାଦକ ଦିବ୍ୟସିଂହ ଦେବ
କଶି ଶେଷ କଲେ ଭାବ ସେ ଯାତ୍ରା ଉତ୍ସବ । ୬୨ ।

ତାଙ୍କ ଅନୁଜ୍ଞାରେ ଲୋକନାଥ ବିଦ୍ୟାଧର
ଏ ଗୀତ ରଚନା କଲେ ଶୁଣ ସାଧୁ ନର ।୬୩ ୧୧ଶ ଛାନ୍ଦ ।

ଜଗନ୍ନାଥଙ୍କ ବିବିଧ ଯାତ୍ରା ବର୍ଣ୍ଣନା ମୁଖ୍ୟ ବିଷୟ ଥିବାରୁ ଏଥିରେ ଭକ୍ତିରସର ପ୍ରାଧାନ୍ୟ ପ୍ରକଟିତ ହେବା ଆବଶ୍ୟକ । କିନ୍ତୁ କବି ବହୁ ସ୍ଥାନରେ ପ୍ରସଙ୍ଗକ୍ରମେ ଆଦିରସର ଭାବ ପ୍ରକାଶ କରିଛନ୍ତି । ପ୍ରଧାନ ରସର ପ୍ରାଧାନ୍ୟ ନଷ୍ଟ ହେଉଥିବା ସେ ମଧ୍ୟ ଆଶଙ୍କା କରି ଆଦିରସ ସମ୍ବଳିତ ପ୍ରସଙ୍ଗର ବର୍ଣ୍ଣନାକୁ ବେଶି ଦୀର୍ଘ ନକରି ଦୋଷ ସ୍ୱୀକାର କରି, ଉତ୍ସବ ପ୍ରସଙ୍ଗରେ ମନ-ଦେଇଛନ୍ତି । ଜଗନ୍ନାଥ ଗୁଣ୍ଡିଚା ଗୃହକୁ ସସ୍ତ୍ରୀକ ନ ଯିବାରୁ ସ୍ତ୍ରୀ କମଳାଙ୍କ ମନଦୁଃଖ, ବିରହ, ଆଶଙ୍କା ପ୍ରଭୃତି କବି ବର୍ଣ୍ଣନା କରି ଜଗନ୍ନାଥଙ୍କର ଏବଂବିଧ ଅବସ୍ଥାରୁ ହୋଇଥିବା ମଧ୍ୟ ଦେଖାଇଛନ୍ତି । ଜଗନ୍ନାଥ ଓ କମଳାଙ୍କ ଦାମ୍ପତ୍ୟଲୀଳାର ସୂଚନା ମଧ୍ୟ ଦେଇଛନ୍ତି । ଏଥିରୁ ମନେ ହେଉଛି, କବି ଉତ୍ସବ ବର୍ଣ୍ଣନାକୁ ମୂଳ କରିଥିଲେ ମଧ୍ୟ କବିପ୍ରତିଭା ପ୍ରକାଶର ମାଧ୍ୟମ 'ପ୍ରେମ'କୁ ତ୍ୟାଗ କରିପାରି ନାହାନ୍ତି । ଏହି ବିଷୟଟି କବିଙ୍କର ଆଦିରସ ସମ୍ବଳିତ ପଦ ରଚନାର ସମର୍ଥକ ।

ଲୋକନାଥ ବିଦ୍ୟାଧର ପରଂପରା ସମ୍ମତ ପ୍ରବନ୍ଧଗୁଡିକୁ ଅତ୍ରୁଟି ଭାବରେ ଗ୍ରହଣ କରିଥିବା ସ୍ପଷ୍ଟ ହେଉଛି । ତାଙ୍କର ବର୍ଣ୍ଣନା ଓ ପଦଯୋଜନାରେ

ତାଙ୍କର ମୁକ୍ତ ନ୍ତ୍ରୋଧ ବୀର ପରିଚୟ ମିଳୁଥିଲେ ମଧ୍ୟ ଅଲଙ୍କାର ଶାସ୍ତ୍ର ସମ୍ମତ ପ୍ରବନ୍ଧଗୁଡ଼ିକୁ ସେ ଅକ୍ଷରେ ଅକ୍ଷରେ ପାଳନ କରିଥିବା ଜଣାଯାଉଛି । ଓଡ଼ିଶାରେ ଧନଞ୍ଜୟ, ଉପେନ୍ଦ୍ର ପ୍ରଭୃତି ବହୁ କବି ଏହି ପନ୍ଥା ଅନୁସରଣ କରିଛନ୍ତି । ଏହା ଦୂଷଣୀୟ ନ ହେଲେ ମଧ୍ୟ ସ୍ୱାତନ୍ତ୍ର୍ୟ ପ୍ରକାଶରେ ବାଧା ସୃଷ୍ଟି କରେ ।

ଠାକୁରମାନଙ୍କର ଗୁଣ୍ଡିଚା ଗୃହକୁ ରଥରୁ ବିଜେ ହେବା ସମୟରେ ବର୍ଣ୍ଣନା ପ୍ରସଙ୍ଗରେ କବି କହିଛନ୍ତି—

ଏ ରୂପେ ବିଜେ କରନ୍ତେ ସୁଷମା ଦିଶନ୍ତି ଯେତେ
କହିଲେ କି ତହିଁ ଲେଶ, ହୁଅଇ ଶେଷ ଏ । ୬୭ ।
ତଥାପି ଏମନ୍ତ ଚିନ୍ତ କେବଳ ପ୍ରବନ୍ଧ ଗୀତ
ପୂର୍ବରୁ କବି ସହିତ କହି ଅଛନ୍ତି ଏ । ୬୭ ।
ଯଥା କଥୋଚିତ ହୋଇ ସଦୃଶ ଉପମା ପାଇଁ
ସମ ଉପମା ଯଦ୍ୟପି ନାହିଁ କିମପି ଏ । ୬୮ ।
ତେବେ ହେଁ ବର୍ଣ୍ଣନା କରି ନୋହିଲେ କବିଗୁରୁଙ୍କ
କବିତ୍ୱ ଲକ୍ଷଣ ଦୁହେଁ ଭଲେ ନ ରହେ ଏ । ୬୯ ।
ଶୋଭିତ ବଚନ ନାହିଁ ନ କହିଲେ ହେଁ ନୁହଇ
ତେଣୁ କରି ସିନା କହି, ନୋହିଲେ କାହିଁ ଏ । ୭୦ । ୧୦ମ ଛାନ୍ଦ

ଲୋକନାଥ କବିପରଂପରାକୁ ଅନୁସରଣ କରି ଏ ଭଳି ଉପମା ଦେବା କବି ଗୁରୁଙ୍କ ଓ କବିତ୍ୱଲକ୍ଷଣ ବୋଲି ପ୍ରକାଶ କରିଛନ୍ତି ।

କବି ବିବିଧ ଅଳଙ୍କାର ପ୍ରୟୋଗ କରି ପ୍ରବନ୍ଧ ରଚନା କରିଥିବାରୁ 'ବିଦ୍ୟାଗର୍ବିତ' ନୋହି ହୃଦୟଙ୍ଗମ କରିବାକୁ ପ୍ରାର୍ଥନା କରିଛନ୍ତି । ଅଲଙ୍କାର ପ୍ରୟୋଗରେ ଦୋଷର ଆଭାସ ହେଲେ ସବିଶେଷ ଧ୍ୟାନ ଦେଇ ଭାବିଲେ 'ମହାକବି ପ୍ରସିଦ୍ଧି'ରେ ଏହା ଉଚିତ ଥିବା ବୁଝି ହେବ । ତଥାପି ସନ୍ଦେହ ହେଲେ 'ସ୍ଖଳନ'କୁ 'ଦୟାକରି ଉଦ୍ଧରିବାକୁ' କବି ନିବେଦନ କରିଛନ୍ତି ।

ଏହି ପ୍ରବନ୍ଧରେ ଅଲଙ୍କାରିଙ୍କ ଲକ୍ଷଣ
ଯେଉଁ ଅଂଶେ ଯାହା ହୋଇଅଛି ତାହା ଶୁଣ । ୪୮ ।
ଅଲଙ୍କାର ନେତ୍ର ଧୀରେ ଏହା ବୁଝି ଧୀରେ
ପ୍ରଥମେ ଅଛନ୍ତି ଲକ୍ଷଣ ଯେ ଯେ ରୂପରେ । ୪୭ ।
ଯେଉଁଠାରେ ଅଲଙ୍କାରିଙ୍କ ଦୋଷ ଭାସିବ
ସେଠାକୁ ମହାକବି ପ୍ରୟୋଗେ ସିଦ୍ଧ ଥିବ । ୪୮ ।
ଧୀରେ ମନେ ଯେବେ ସବିଶେ ବୁଝିବ
ତେବେ ନିର୍ଦ୍ଦୋଷ କିଷ୍ଟେ ସ୍ୱୀକାର କରିବ । ୪୯ ।
ତଥାପି ଯହିଁ କାହିଁକି ସ୍ଖଳନ ନଥିବ
ସୁଜନେ ତେବେ ଦୟାରେ ତା ଉଧରିବ । ୫୦ । ୧୨ଶ ଛାନ୍ଦ ।

ସ୍ୱଗ୍ରନ୍ଥଟିରେ ଛାନ୍ଦମାନଙ୍କର ପଦ ବହୁଳତା ଗ୍ରାହକ ମନରେ ବିରକ୍ତି ଭାବ ଜାତ କରିବାର ସମ୍ଭାବନା ଆଶଙ୍କା କରି କବି ଭାଷା 'କାବ୍ୟରେ ଛାନ୍ଦ-ବନ୍ଧରେ ପୁଣ ଏମନ୍ତ ରୀତି'ର ଆଶ୍ରୟ ନେଇ ନିଜ କାର୍ଯ୍ୟକୁ ସମର୍ଥନ କରିଛନ୍ତି । ଏଥିରେ 'ଭାଷା' କବିପରଂପରାକୁ ଆଶ୍ରୟ କରିଥିବା ସେ ସ୍ୱୀକାର କରିଛନ୍ତି । ହରିଚରିତ ବର୍ଣ୍ଣନାରେ 'ଭାଷା କବି'ମାନେ ବର୍ଣ୍ଣନାବହୁଳତାକୁ ଅନାଦର କରି ନାହାନ୍ତି, 'ହରିଚରିତ ଯେତେ ବହୁତ ତେତେ ସୁଖ ଦିଅଇ ।' ପ୍ରସାଦ ଓଜ ମାଧୁର୍ଯ୍ୟ ଶବ୍ଦ ପ୍ରୟୋଗ, ବକ୍ରୋକ୍ତି ଆଦି ଅଲଙ୍କାର ମଣ୍ଡିତ ପଦଯୋଜନାର ସୁସମ ବ୍ୟବହାର ଏହି ବିରକ୍ତି ଭାବକୁ ଦୂରକରି ଦେଇଛି । କବିଙ୍କ ଉକ୍ତିର ଯଥାର୍ଥତା ପ୍ରତିଛନ୍ଦ ପ୍ରମାଣିତ କରୁଛି ।

ଗୀତ ବିଶେଷ ଭାବୁ ବିରସ ମନୁଷ୍ୟ ଯେ ହୁଅଇ
ହରିଚରିତ ଯେତେ ବହୁତ ତେତେ ସୁଖ ଦିଅଇ ।
ତଥାପି ଗୁଣୀ କବି ସହିଣି ବର୍ଣ୍ଣନା କରିଛନ୍ତି —
ଭାଷା କାବ୍ୟରେ ଛାନ୍ଦ ବନ୍ଧରେ ପୁଣ ଏମନ୍ତ ରୀତି ।
ଏଥୁଁ ଅପାର ଛାନ୍ଦ ବିସ୍ତାର କଲି ପ୍ରବନ୍ଧମାନ
ଏଣୁ ବହୁତ କଲେହେଁ ଗୀତ ନ କରଇ ବିମନ ।

ପ୍ରସାଦ ଓଜ ବଳ ମାଧୁର୍ଯ୍ୟ ଆଦି ନାନା ଭଙ୍ଗିରେ
ହେଲେ ସଂଯୁକ୍ତ ନୋହିବ ବିରକ୍ତ କି ହୋଏ ବିସ୍ତାରରେ ।
୧୯ଶ ଛାନ୍ଦ ।

ଗ୍ରନ୍ଥଟିରେ ଜଗନ୍ନାଥଙ୍କର ବିଭିନ୍ନ ଯାତ୍ରାର ବିସ୍ତୃତ ବିବରଣ କବି ଲୋକନାଥ ଦେଇଛନ୍ତି । ମୁଖ୍ୟ ବିଷୟ ସହିତ ସୂକ୍ଷ୍ମ ବିଷୟର ମଧ୍ୟ ଉଲ୍ଲେଖ କରି ପ୍ରଣାଳୀର ପ୍ରାମାଣିକତାକୁ ସ୍ଥିର ଆସନରେ ପ୍ରତିଷ୍ଠିତ କରିଛନ୍ତି । ଉତ୍ସବ ବିବରଣ-ମୂଳକ ଗ୍ରନ୍ଥମାନଙ୍କରେ କବି ଭଣିତାରେ ନିଜ ନାମ ସହିତ ରାଜା ଦିବ୍ୟସିଂହ ଦେବଙ୍କ ନାମ ଯୋଗ କରିଥିବାରୁ ଏହାର ପ୍ରାମାଣିକତା ସମ୍ବନ୍ଧରେ ସନ୍ଦେହ ହେବାର ଅବକାଶ ନାହିଁ । ପୁଣି, କବିଙ୍କ ପିତା ଜଗନ୍ନାଥ ବିଦ୍ୟାଧର ରାଜା ଦିବ୍ୟସିଂହ ଓ ତାଙ୍କ ପିତା ମୁକୁନ୍ଦଦେବଙ୍କ ସମୟରେ ପାସ ଥିବାରୁ ଏହରୁ ବିଷୟରେ କବିଙ୍କର ବିଶେଷ ଜ୍ଞାନ ଥିବା ସ୍ୱାଭାବିକ ।

କବି ପୁରୀରେ ଅବସ୍ଥାନ କରୁଥିବା ବେଳେ ସେଠାରେ ଏହି ଗ୍ରନ୍ଥଟି ରଚିତ ହୋଇଥିଲା । ଦିବ୍ୟସିଂହ ଦେବଙ୍କ ରାଜତ୍ୱର ୧୪ ଅଙ୍କ (ଖ୍ରୀ: ୧୬୯୮)ରେ ଗ୍ରନ୍ଥଟି ସଂପୂର୍ଣ୍ଣ ହୋଇଛି । ଏହି ବର୍ଷ 'ପଦ୍ମାବତୀ ପରିଣୟ' କାବ୍ୟଟି ମଧ୍ୟ ସମ୍ପୂର୍ଣ୍ଣ କରିଛନ୍ତି ।

ଏବଂଭୂତ ଦେବ ଦେବ ଦିବ୍ୟସିଂହ ଦେବ,
ତାହାଙ୍କ ମହିମା କିବା କେ କହିପାରିବ ।
ଏ ନରେଶ ଚତୁର୍ଦ୍ଦଶ ଅଙ୍କରେ ଏ ଗୀତ,
କମ୍ବୁ କଟକରେ ହୋଇଛି ବିରଚିତ ।
(୨୬ଶ ଛାନ୍ଦ ।)

କବି 'ନୀଳାଦ୍ରି ମହୋତ୍ସବ' କାବ୍ୟଟିକୁ ନାନା ଲକ୍ଷଣଯୁକ୍ତ କରିଥିବା ପ୍ରକାଶ କରିଛନ୍ତି ଏବଂ ପଦାବଳୀ ଏହାର ସ୍ପଷ୍ଟ ପ୍ରମାଣ ଦେଉଛି । କବି ଶରତ ଋତୁର ଚନ୍ଦ୍ରମା ରଜନୀ ବର୍ଣ୍ଣନା ପ୍ରସଙ୍ଗରେ ବିବିଧ ନାୟକ ନାୟିକା ଦୂତୀ ଭେଦରେ ପଦ ରଚନା କରିଛନ୍ତି । ତାହାର କେତୋଟି ଉଦାହରଣ ଏଠାରେ ଦିଆଗଲା ।

**ପ୍ରୋଷିତ ଭର୍ତ୍ତୃକା —**

ନାୟକ ବିନା କେଉଁ ଅଙ୍ଗନା, ବିରହିଣୀ ନ ହୋଇ ?
ଶଶୀ ଉଦୟେ, ଦେଖିଣ ଭୟେ, ପଡ଼ିଲେ ମୋହ ଯାଇ ।

ସଜନୀମାନେ, ବେଗେ ଯତନେ, ବାସଗୃହକୁ ନେଇ
ଗବାକ୍ଷ ମାର୍ଗ, ନିରୋଧି ଭର୍ଗ, ପରେ ଦୁଃଖିତ ହୋଇ ।

ଶଶୀ ଭୟରେ, ଶଶୀ ବାହାରେ, ଶୀତୋପଚାର କଲେ
ନିଷ୍ଠୁରକାନ୍ତ, ପ୍ରୀତି ଏକାନ୍ତ, ଖଳ ବୋଲି ନିନ୍ଦିଲେ ।

। ୧୯ଶ ଛାନ୍ଦ ।

**ବାସକ ଶଯ୍ୟା—**

ପଦ୍ମକଦଳିକ, ପେଷି ଦୂତୀକ, କେଉଁବାଲା ଲୀଳାରେ
ଚନ୍ଦ୍ରକରରେ ଚନ୍ଦନ ବେଦୀରେ, ଚନ୍ଦ୍ରଶାଳ ସ୍ଥଳରେ ।

। ୧୯ଶ ଛାନ୍ଦ ।

**ସ୍ୱୟଂଦୂତୀ—**

କାନ୍ତ ଅନ୍ତିକା ପଦ୍ମଦୂତିକା ଦେଖି ସଖୀ ପରିରେ
ପ୍ରଖର ଶ୍ୱାସ କମ୍ପ ପ୍ରକାଶ ଅଇଲ ସତ୍ୱରରେ ।

ଅଧରରଙ୍ଗ କି କେ ବିରଙ୍ଗ ତୋର ପରାର୍ଥେ ନାଶି
ଲୁଲେ ଅଳକ ରତି ତିଳକ ତଦାର୍ଥେ ପ୍ରାଣ ମରି ।

୧୯ଶ ଛାନ୍ଦ ।

**ନିଷ୍ଟଦୂତୀ:—**

ତାର ବସନ ତୁ ପରିଧାନ ନ କରି କି ନିଦାନ
ତୁମ୍ଭର ଚନ୍ଦ୍ରେ ହେବାକୁ ପ୍ରତେ ଆଣିଛୁ ଆଚ୍ଛାଦନ ।

୧୯ଶ ଛାନ୍ଦ ।

କବି ବହୁ ପ୍ରକାର ଅଳଙ୍କାରର ସୁଶୋଭନ ପ୍ରୟୋଗ କରି ଉଚ୍ଚ-କୋଟୀର ପାଣ୍ଡିତ୍ୟ ପ୍ରକାଶ କରି ପାରିଛନ୍ତି ଏବଂ କାବ୍ୟଟିକୁ ସରସ ମଧ୍ୟ କରି ପାରିଛନ୍ତି ।

ଅନ୍ତର୍ଲିପିକ—

କୃତ୍ତିବସନ କେତେ ଅସ୍ତ୍ରନ ବ୍ରହ୍ମାରେ କେ ନନ୍ଦିତ ?
କେବେ ନୀରବ ଧରଇମୁଦ କରଇ କେ ଯୋଷିତ ।
କେ ଦଇତାରି ହୃଦ ବିହାରୀ କି ନାମ ହରିରମର
କେ କରିବର କେ ଶୀତାମ୍ବର କି ଅର୍ଥ ଏତେକର ।
୧୯ଶ ଛାନ୍ଦ ।

ଅନୁପ୍ରାସ—

ପୁଷ୍ପଧନୁଦର୍ପ, ବଳିତ ସ୍ୱରୂପ, ଭ୍ରୂଲତାର ଗୁଳ ଯୁଗଳେ
ମଞ୍ଜୁଳ ଉଜ୍ଜ୍ୱଳ, କଜ୍ଜ୍ୱଳ ଯୁଗଳ, ଲଙ୍ଘି ଛୁଇଁଛି କର୍ଣ୍ଣମୂଳ ।
କିବା ଏସନ, ଶ୍ରବଣକୁ ଲଙ୍ଘି କହଇ,
ନିଲୋକ ରଞ୍ଜିଣ; ଆଖି କଲା ବଶ, କହୁଛି ମୋତେ ଦେଖନାହିଁ ।

ସଭଙ୍ଗ ଯମକ—

ସଦ୍ଗୁଣ ନେଇ ମୋଦ ହଦ୍ଗୁଣ ନେଇ ମୋଦ,
ସୁହୃଦ୍‌ଭି ଶବଦ ସୁଦୁନ୍ଦୁଭି ଶବଦ ଯେ ।
ଅପସର୍ଗ ନର୍ତ୍ତନ ଅପସର୍ଗ ନର୍ତ୍ତନ
ସାନ୍ଦ୍ରତର ନନ୍ଦନ ସାନ୍ଦ୍ରତର ନନ୍ଦନ ଯେ ।
ପାରିଜାତକ ପୁଷ୍ପ ପରିଜାତକ ପୁଷ୍ପ,
ସୁମନସ କଳାପ ସୁମନସ କଳାପ ଯେ ।
ଇତ୍ୟାଦି ପ୍ରାୟ ୨୫ ପଦ । ୮ମ ଛାନ୍ଦ ।

ଯମକ—

ସୁଧା କଣ୍ଠୀକଣ୍ଠ ଦେଖି ନୀଳକଣ୍ଠ ମୋହ ହେବେ କ×ତାମଣ ।
ତହିରେ ଚନ୍ଦନ କରି ବିଲେପନ ମାଳିକା ଜାଲେ ମନୋରମ
କାଚ ଘାଗଡ଼ା ଯୋଡ଼ି ସୁନେତ୍ର ମାଳିକା
ଭବ ଦହନ କରଇ ମୋହନ ମୋହନ ପାଳିକା, କଳିକା ! ଇତ୍ୟାଦି ।

ଶ୍ରୀଫଳ ଶ୍ରୀଫଳ ମାତୁଳଂଗ ତାଳ ସଂପୁଟକେ ନଖ କୁଟକ
ଶାତକୁମ୍ଭ କୁମ୍ଭ କୁମ୍ଭ କୁମ୍ଭ କୁମ୍ଭ ଚକ୍ରବାକ କଂଜ କୋରକ ।
ମଂଜୁସ୍ତବ କୁମ୍ଭ କୁମ୍ଭକ ସ୍ୱୟମ୍ଭୁ ଶମ୍ଭୁ ସେ ସାକ୍ଷାତ,
ଅର୍ଦ୍ଧଚନ୍ଦ୍ର ଦର ପ୍ରଶନରେ ଘୋର ମାରଣକୁ କରେ ନିହତ । ଇତ୍ୟାଦି

୨୫ଶ ଛାନ୍ଦ ।

ଏହିପରି ଶତଶତ ପଦ ଛାନ୍ଦଟିରେ ଦେଖିବାକୁ ମିଳେ ।

ଉପମା—

ସମଗ୍ର ଗ୍ରନ୍ଥରେ, ପ୍ରତ୍ୟେକ ଛାନ୍ଦରେ ଉପମାର ସୁଷମ ସୁମନୋହର ବ୍ୟବହାର ଯୋଗୁଁ ରଚନା ଅତି ରମଣୀୟ ହୋଇଛି । ଉପମା ପ୍ରୟୋଗ ସ୍ଥଳରେ ଭାଷା, ଭାବ ଓ ପ୍ରକାଶ ଭଙ୍ଗୀ ଏତେ ସୁନ୍ଦର ହୋଇଛି ଯେ ଦୀନକୃଷ୍ଣ, ଉପେନ୍ଦ୍ର ବ୍ୟତୀତ ଆଉ କେହି ଏପରି କରି ପାରିଥିବା ମନେ ହୁଏ ନାହିଁ ।

ଯହୁଁ ଆଷାଢ଼ ପ୍ରବେଶ ହୋଇଲା, ନବଘନ ଘୋଟି ଘୋଟି ଅଇଲା,
ପଶ୍ଚିମ ଜୀମୂତ ଶିର ଭାସିଲା, ଅନେକ ତଡ଼ିତ ଆରମ୍ଭ କଲା,
ଅଞ୍ଜନ ଲେପିଲା, ପ୍ରାୟେ ଘନ ଗଗନ ଆଚ୍ଛାଦିଲା ।

ହରତ ପ୍ରସନ୍ନହିଁ ନ ବର୍ଷିର, ଯେସନ ପ୍ରବାସୀ ନାୟକ ନାରୀ,
ଘନେ ଘନ ଘନ ଘନ ବଲ୍ଲରୀ, ଦ୍ୱାରେ ଗତାଗତ କରେ ସୁନ୍ଦରୀ,
କି ଅବା ନାଗରୀ, ଆହୁତ କରି ହସଇ ବିସ୍ତାରି । ଇତ୍ୟାଦି ।

କାଳିକା କାଳ କାଳିକା ନୁହଇ ଲକ୍ଷଣେ ରାଜା ପରାଏ ଦିଶଇ

× × ×

ନିଶ୍ୱାସ ନିକର ତାର ଆନକ, ତହିଁରେ ନୃପତି ଯୋଗ୍ୟ ହାସକ,
ଜୟ ଝମକ ତହିଁର ଦମକ ଯେଣେ ସବୁଆଡ଼େ ପଡ଼େ ଚମକ,
ତଡ଼ିତ ଝମକ, ଲୁହଇ ସେ କରବାର ଝମକ । ୭ମ ଛାନ୍ଦ ।

ଶ୍ଳେଷ—

ଜୟ କାମପାଳ ସାରକାଲ କାନ୍ତ ଜୟ ପ୍ରଲମ୍ବାହାସ୍ତ
ଅସିତ ନଳିନ ନିନ୍ଦିତ ବଦନ ବରୁଣ ସୁତା ପ୍ରିୟକାନ୍ତ,
ନମସ୍ତେ ଜୟ ଜୟ ରାମ ଅନନ୍ତ,
ଜୟ ଜନାର୍ଦ୍ଦନ ପ୍ରବାଳଦଶନ ବାସ ସୁନ୍ଦରଶନବନ୍ତ ।
ଇତ୍ୟାଦି । ୭ମ ଛାନ୍ଦ ।

ବର୍ଣ୍ଣନା ଚାତୁରୀ—

ଜଗନ୍ନାଥାଦି ଠାକୁରମାନଙ୍କର ବର୍ଣ୍ଣନା ଅତି ରମଣୀୟ ହୋଇଛି ।

ତରୁଣ ତମାଲ ନୀଳଗିରିମାଳ ଶୋଭା ଉଜ୍ଜ୍ୱଳ ବଦନ,
ଧବଳ କମଳ କାଳିନ୍ଦୀ କମଳ ମଧ୍ୟେ ସୂର୍ଯ୍ୟ ପ୍ରାୟେ ଶୋଭନ,
ଦିଶଇ ଶ୍ରୀବଦନେ ବେନି ନୟନ,
ସୁ ଅଧର ଛବି ନିନ୍ଦେ ଉଦେ ରବି ପଲ୍ଲବ ବନ୍ଧୁଲି ପ୍ରସୂନ ।
ଶିରରେ ସଗତ ଶାଖାର ସହିତ ସୁଘଟ ମୁକୁଟ ବିରାଜଇ,
ସୁଗଣ୍ଡ ମଣ୍ଡଳ ମଣ୍ଡିତ କୁଣ୍ଡଳ ମାର୍ତ୍ତଣ୍ଡ ଚଣ୍ଡକୁ ଖଣ୍ଡଇ,
ପ୍ରଲମ୍ବ ଶ୍ରୀଭୁଜ ଦଣ୍ଡ ଦେଖି ପ୍ରିୟେ,
ପତିତେ ଶରଣ ପଶିବା କାରଣ ଭବକୁ ଏହେନ ଶୋଭା ପାଏ ।

× × ×

ପୁଣି ତହୁଁ ଯାଇ ରାମ ଅଗ୍ରେ କେଇ ଦୟିତ କହଇ ଏମନ୍ତ,
ଶୁଣରେ ସୁଦନ୍ତୀ ଏ ରେବତୀପତି ମହାପ୍ରଳୟ ଦୀପ୍ତିମନ୍ତ
ଏହାଙ୍କ ଶ୍ରୀମୁଖ ହେଲେ କରେ ଗ୍ରାସ,
ହର ହର ହର ହର ହର ହର ହାର ହାର ସାର ହିଣ୍ଡୀର ।
ଇତ୍ୟାଦି । ୭ମ ଛାନ୍ଦ

ପ୍ରାକୃତିକ ବର୍ଣ୍ଣନାରେ ଗ୍ରୀଷ୍ମାଦି ଋତୁ, ଉଷା, ରାତ୍ରି, ଚନ୍ଦ୍ରମାଦି, ପ୍ରଭାତ ସରୋବର ପ୍ରଭୃତିର ବର୍ଣ୍ଣନା ଅତି ଉଚ୍ଚକୋଟୀର ହୋଇଛି ।

ସନ୍ଧ୍ୟା —

ଏଥିଅନ୍ତେ ସାଧୁଜନ, ଦିନ ହେଲା ଅବସାନ
ବାରୁଣୀ ଦିଗେ ତପନ କଲେ ଗମନ ଏ ।
ତେଣୁ ହେଲେ ବିଜ୍ଞଭଙ୍ଗ ବଦନ ନୟନ ରଙ୍ଗ
ଅମ୍ବର ତେଣୁ ତେଜିଲେ ପତନ ହେଲେ ଏ ।
ପ୍ରତି ବିଦିଶ ଗଣିକା ଅନୁରାଗରେ ଅଧିକା
ପଶ୍ଚିମ-ଜୀମୂତସ୍ତନ ଭରେ ଶୋଭନ ଏ ।
ତହିଁରେ କର ଭପତ କଲେ ତପନର ହାତ
ସେ ପ୍ରଣୟିନୀ ନଳିନ କର ମଳିନ ସେ । ଇତ୍ୟାଦି ।
୧୦ମ ଛାନ୍ଦ ।

ପ୍ରଭାତ—

ଏ ସମୟେ ବାଭ୍ରବଶ୍ୱ ଶିଖିଗତ,
ଚରଣ ପ୍ରହରଣ ଘୋଟେ ଦିଗେ ପୂରିତ ଏ ।
ପ୍ରଥମ ପ୍ରହରେ ପ୍ରବେଶ ପ୍ରତ୍ୟୁଷ ହୋଏ,
ଚର୍ଚ୍ଚିତ ଅମ୍ବର ଚର୍ଚ୍ଚିତ ଅମ୍ବର ପ୍ରାଏ ।
ଦୟିତ ଅଙ୍କଗତ ଦୟିତା ଶ୍ୱାସ ସମ,
ପୁଷ୍ପଗନ୍ଧ ବହି ମନ୍ଦ ଗନ୍ଧର ଆଗମ ସେ ।
ପଲ୍ଲତ ଯୋଷିତ ପରସ୍ୱେ ଶୋଭିତ ହୋଇ,
ଜ୍ୟୋତି ଗତେ ତାରା ନିକର ଶୋଭା ଦିଶଇ ।
ଏସନ ନଳିନ ପ୍ରସୂନ ପ୍ରସନ୍ନ ହୋଇସେ,
ପ୍ରବାସୀ ପ୍ରିୟ ପତ୍ରିକା ପ୍ରାପ୍ତ ପ୍ରାୟେ ପ୍ରିୟେ ।
କଇରବ କୁଳଗଣ ଶତପ୍ରିୟାବତ,
ତୁରିତେ ମୁଦ୍ରିତ ଭାବକୁ ହେଲେ ସ୍ୱୀକୃତ ।
କଳକଣ୍ଠ କଳକଣ୍ଠ କଳ ସୁକୂଜିତ,
ସକାନ୍ତେ ସକାନ୍ତେ ସୁକାନ୍ତା ମଧୁର ରୁତ । ୧୬ଶ ଛାନ୍ଦ ।

ଶରତ ଋତୁ—

ଏଥୁ ଅନ୍ତରେ ତୋଷ ଚିତ୍ତରେ ଶୁଣ ବିଦୂଷ ରସ
ମହି ବିଶଦ କରି ଶରଦ ଋତୁ ହେଲା ପ୍ରବେଶ ।
ମଳିନ ହୃଦ ପ୍ରାୟେ ପୟୋଦ ଶୀଘ୍ରେ ଭଜିଲେ ନାଶ
ସାଧୁ ମାନସ ପ୍ରାୟେ ଆକାଶ ଦେଶ ହେଲା ପ୍ରକାଶ ।
ଯେସନ ମାନ ହେଲେ ନାଶନ ସୁମୁଖୀ ମୁଖ ଶୋଭା
ସମସ୍ତ ଦିଗ ଅତି ସୁଭଗ ହୋଇଲେ ତେହ୍ନେ ଆଭା ।
ଶ୍ରୀକୃଷ୍ଣ ନାମ ଶୁଣନ୍ତେ ତମ ଯେମନ୍ତେ ହୁଏ ହତ
ଅସାର ବାର ଦଦ୍ରୁର ସ୍ୱର ତଥା ହେଲେ ବିଗତ ।
ସୁଭଗନଭ ସୁଶୁଭ୍ର ଅଭ୍ର ଖଣ୍ଡ ଖଣ୍ଡ ମଣ୍ଡିତ
ରତ୍ତାନ୍ତେ ରମା ଅଙ୍ଗେ ସୁଷମା ଚନ୍ଦନ ଶୋଭିବତ ।

ଇତ୍ୟାଦି ୧୯ଶ ଛାନ୍ଦ ।

ବସନ୍ତ—

ମଳୟ ଅଚଳ ସୁରଭି ସଂକୁଳ ବରିତ କରି ଅନିଳ
ମନ୍ଦ ମନ୍ଦ ହୋଇ ପ୍ରସର ହୁଅଇ ବ୍ୟାଳ ଦଂଶନୁ ଦୁର୍ବଳ ।
ସେହି କାରଣରୁ ବିଷ ପ୍ରଜ୍ୱାଳରୁ ଶୀତ ସଜ୍ଜିଳ ପବନ
କଳରୁ ଶୀତଳ ମନ୍ଦ ଗନ୍ଧ କୁଳ ବହି ବହେ ପବମାନ ।
ଉପବନ ବନପ୍ରିୟ ପ୍ରିୟାସବେ ମାନରେ ହେଲା ପୂରିତ
ରତିପ୍ରିୟ ଅତି ବଲ୍ଲକୀ ପଞ୍ଚମସ୍ୱର ବିନର୍ଗିତ ବତ ।
ଅତି ସଉରଭ ଅତି ସଉରଭ ଭରେ ଭୂରିତର କାନ୍ତ
ବକୁଳ ସଂକୁଳ ମଞ୍ଜୁଳ ମୁକୁଳ ମଞ୍ଜରୀ ଧରି ଋଜନ୍ତ ।
ରସାଳ ବ୍ରତତି ବସନ୍ତ ନୃପତି ପାଇଁ କି ମଣ୍ଡି ମଣ୍ଡପ
ମଧୁପ କଲାପ ହେବାରୁ ଲୋଲୁପ ଦିଶେ ଏସନ ସ୍ୱରୂପ ।

ଇତ୍ୟାଦି ୨୧ଶ ଛାନ୍ଦ ।

ବର୍ଣ୍ଣନାମାନଙ୍କର ଶବ୍ଦ ଯୋଜନାରେ ସଂସ୍କୃତ ପଦର ବହୁଳ ପ୍ରୟୋଗ ଥିବାରୁ ଭାବ ସହଜ ବୋଧଗମ୍ୟ ହେଉ ନଥିଲେ ମଧ୍ୟ ବର୍ଣ୍ଣନାର ପରିପାଟୀରେ କବିତ୍ୱ ଓ ପାଣ୍ଡିତ୍ୟର ପ୍ରକାଶ କବିଙ୍କୁ ଅମର କରିଛି ।

କବି ଶେଷ ଛାନ୍ଦରେ ନିଜର ଅଭିଳାଷ ଜଣାଇ ପ୍ରକାଶ କରିଛନ୍ତି —

ସୁଜନ ମନରଞ୍ଜନ ହୋଇବା ହେତୁରେ
କଲି ଏ ପ୍ରବନ୍ଧ ନାନା ଲକ୍ଷଣ ଯୁକ୍ତରେ ।

କବିଙ୍କ ଅଭିଳାଷ ଯେ ପୂର୍ଣ୍ଣ ହୋଇଛି, ଏଥିରେ ସନ୍ଦେହର କାରଣ ନାହିଁ । ସୁଜନମନ ରଞ୍ଜନ କରିବାରେ ସେ ସମର୍ଥ ହୋଇଛନ୍ତି ।

## ନୀଳାଦ୍ରି ମହୋତ୍ସବ

ପୁସ୍ତରେ ଶ୍ରୀ ଜଗନ୍ନାଥ ଦେବଙ୍କ ଦ୍ୱାଦଶ ଯାତ୍ରାର ସୁନ୍ଦର ବର୍ଣ୍ଣନା କବି ଛବିଶଟି ଦୀର୍ଘ ଛାନ୍ଦରେ ପ୍ରକାଶ କରିଛନ୍ତି । ବିବିଧ ଅଳଙ୍କାର ପ୍ରୟୋଗ କରି ରଚନାକୁ ସରସ କରି ପାରିଛନ୍ତି । ପଦ ଯୋଜନା ମଧ୍ୟ ସୁନ୍ଦର ହୋଇଛି ।

ଗ୍ରନ୍ଥର ବିଷୟବସ୍ତୁର ସୂଚନା ଦେଇ ପ୍ରଥମ ଛାନ୍ଦରେ କବି କହିଛନ୍ତି ଯେ ପୂର୍ବେ ଇନ୍ଦ୍ରଦ୍ୟୁମ୍ନଙ୍କ ଆଗରେ ପ୍ରଭୁ ଏହା ଆଜ୍ଞା କରିଥିଲେ । ସ୍ନାନଯାତ୍ରା-ଠାରୁ କବି ଆରମ୍ଭ କରିଛନ୍ତି, କାରଣ ଏହି ସମୟରେ 'ଯହିଁ ସମାନ ହୁଅନ୍ତି ନର ଅମରେ ।' ପ୍ରଥମେ ନୀଳାଚଳର ଅବସ୍ଥିତି, ପଞ୍ଚକୋଶୀ, ଶଙ୍ଖାକୃତି କ୍ଷେତ୍ର ପ୍ରଭୃତିର ଉଲ୍ଲେଖ କରି କ୍ଷେତ୍ର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି । ଛାନ୍ଦ ଶେଷରେ ଖୋର୍ଦ୍ଧାରାଜା ଦିବ୍ୟସିଂହ ଦେବଙ୍କ ପ୍ରସଙ୍ଗର ଅବତାରଣା ସୂଚନାରେ ଦେଇଛନ୍ତି ।

ଏ ପ୍ରଭୁ ଅନୁଜ୍ଞାରେ ଏ ଦେଶ ରାଜନ,
କର୍ମୀକ, ଗୁଣିକ, ଗୁଣଗଣ ଭାଜନ ।
ନରେନ୍ଦ୍ର ବୃନ୍ଦ ସଦା ଯା ପାଦେ ବନ୍ଦନ,
ସୃଷ୍ଟି ପାଳନେ ମଘବା ପ୍ରଜା ନନ୍ଦନ ।
ଆଜ୍ଞା ବିଖ୍ୟାତ ଶ୍ରୀ ଦିବ୍ୟସିଂହ ମୂରତି,
ପରି ପନ୍ନଗ ସୁପର୍ଣ୍ଣ ତାର ସମ୍ପ୍ରତି ।
ରମାରମଣ ବେନି ଚରଣ ନଳିନ,
ଲୋକନାଥ ବିଦ୍ୟାଧର ମନ ଅଳିନ । ୧ମ ଛାନ୍ଦ ।

କବ ଦ୍ୱାଦଶ ଯାତ୍ରାର ନାମ ଏପରି ଦେଇଛନ୍ତି—

ସ୍ନାନ ଶ୍ରୀ ଗୁଣ୍ଡିଚ୍ଚ ଶୟନ ଯାତ୍ରା ଅନ୍ତେ ଅସ୍ତନ
ପାରୁଣ ପାର୍ଶ୍ୱପରିବର୍ତ୍ତନ ଉତ୍ଥାପନ ଓଢ଼ଣ । ୨ ।
ଅଷ୍ଟନ ଅଭିଷେକ ଦୋଳ ଦମନକ ଚନ୍ଦନ
ଏରୂପେ ଦ୍ୱାଦଶ ଉତ୍ସବ ଏକେ ଏକେ ସଘନ । ୩ । ୨ୟ ଛାନ୍ଦ

୧ମ ଛାନ୍ଦ—ଜଗନ୍ନାଥ ବନ୍ଦନ, କ୍ଷେତ୍ର ମାହାତ୍ମ୍ୟ । ୨ୟ—ଦ୍ୱାଦଶଯାତ୍ରା ନାମ କଥନ, ଗ୍ରୀଷ୍ମଋତୁ ବର୍ଣ୍ଣନା, ଜ୍ୟେଷ୍ଠରେ ସ୍ନାନଯାତ୍ରା ବର୍ଣ୍ଣନା । ୩ୟ—ସ୍ନାନ । ୪ର୍ଥ—ଆଷାଢ଼ରେ ନେତ୍ରୋତ୍ସବ, ବର୍ଷାଋତୁ ବର୍ଣ୍ଣନା । ୫ମ—ଗୁଣ୍ଡିଚ୍ଚଯାତ୍ରା, ରଥ ବର୍ଣ୍ଣନା । ଠାକୁରମାନଙ୍କର ରଥ ଉପରକୁ ପହଣ୍ଡି ବିଜେ । ୬ଷ୍ଠ—ରଥଯାତ୍ରା, ବେଶ, ଛେରା ପହରା । ରଥଯାତ୍ରା ଦେଖିବାକୁ ବିଭିନ୍ନ ଦେଶରୁ ଆସିଥିବା ଲୋକମାନଙ୍କ ପ୍ରସଙ୍ଗ । ୭ମ—ରଥଯାତ୍ରା, ରଥ ଟଣା । ୮ମ—ରଥଯାତ୍ରା, ରଥଟଣା, ବଳଗଣ୍ଡି ନବରଠାରେ ପ୍ରବେଶ । ବିଭିନ୍ନ ଅଳଙ୍କାର ପ୍ରୟୋଗ କରି ଯାତ୍ରାର ବର୍ଣ୍ଣନା । ୯ମ—ରଥଯାତ୍ରା, ବଳଗଣ୍ଡି ନବରଠାରେ ବିଶ୍ରାମ, ଭୋଗ, ବେଶ ବର୍ଣ୍ଣନା । ୧୦ମ—ଗୁଣ୍ଡିଚ୍ଚ ମନ୍ଦିରକୁ ଠାକୁରମାନଙ୍କର ପହଣ୍ଡି ବିଜେ । ୧୧ଶ—ରଥଯାତ୍ରା, ଗୁଣ୍ଡିଚ୍ଚ ଗୃହରେ ପହଣ୍ଡି ବିଜେ ପରେ ମହାସ୍ନାହାନ, ବେଶ, ଭୋଗ, ଦେବଦାସୀଙ୍କ ନୃତ୍ୟ, ବଲ୍ଲଭ ଭୋଗ । ୧୨ଶ—ଗୁଣ୍ଡିଚ୍ଚ ଗୃହରେ ନୃତ୍ୟ ନାଟ, ବିଭିନ୍ନ ସମୟର ଭୋଗ । ୧୩ଶ—ଜଗନ୍ନାଥ ବର୍ଷାକାଳରେ ଗୁଣ୍ଡିଚ୍ଚ ଗୃହକୁ ଯିବାରୁ କମଳା 'ପ୍ରିୟତମ'ଙ୍କ 'ବିଚ୍ଛେଦ'ରେ ଦୁଃଖିତ ହେଲେ ଏବଂ ସଖୀ ବିମଳାଙ୍କ ଆଗରେ ନିଜ ବିରହ ବ୍ୟଥା ବର୍ଣ୍ଣନା କଲେ । ବିରହ ଅବସ୍ଥା, ବିମଳା ଜଗନ୍ନାଥଙ୍କଠାକୁ ଦୂତୀ ହୋଇ ଯିବା ପ୍ରସ୍ତାବ । ୧୪ଶ—ବିମଳାଙ୍କି କମଳାଙ୍କୁ ସାନ୍ତ୍ୱନାଦେଇ ଜଗନ୍ନାଥଙ୍କ ନିକଟକୁ ଯାଇ କମଳାଙ୍କ ମନୋବେଦନା ଜଣାଇଲେ । ଜଗନ୍ନାଥ ବିମଳାଙ୍କ ଦ୍ୱାରା ପ୍ରବୋଧ ବାଣୀ ପଠାଇଲେ । ପ୍ରଭୁ ରଥରେ ବସି ଫେରୁଥିବା ସମ୍ବାଦ ବିମଳା କମଳାଙ୍କୁ ଦେଲେ । ଗୁଣ୍ଡିଚ୍ଚ ଗୃହରେ ପ୍ରଭୁଙ୍କ ଉତ୍ସବ ଓ ଖେଳା ବିମଳା ବର୍ଣ୍ଣନା କଲେ । ଏହା ଶୁଣି ଶୁଣି କମଳା ବିରହରେ କାତର ହୋଇ ପଡ଼ିଲେ । ପ୍ରଭୁଙ୍କ ବାହୁଡ଼ା ବିଜେ, ଗୋପୁର ଉପରୁ ସଖୀମାନଙ୍କ ସହ

କମଳା ପ୍ରଭୁଙ୍କ ବାହୁଡ଼ା ବିଜେ ଦେଖିବାକୁ ପ୍ରସ୍ତୁତ ହେଲେ । ବାହୁଡ଼ା ସମ୍ବାଦ ପାଇ କମଳା ଆନନ୍ଦିତା ହେଲେ । ୧୫ଶ—ରଥମାନଙ୍କର ଗୁଣ୍ଡିଚା-ଗୃହ ସମ୍ମୁଖରେ ଦକ୍ଷିଣାମୂର୍ତ୍ତି ବା ଦକ୍ଷିଣାୟନ ଉତ୍ସବ, ବାହୁଡ଼ା ଯାତ୍ରା ପାଇଁ ରଥ ଉପରକୁ ଠାକୁରମାନଙ୍କ ପହଣ୍ଡି ବିଜେ । ୧୬ଶ—ରଥ ଉପରେ ଠାକୁରମାନଙ୍କ ବେଶ । ଜଗନ୍ନାଥଙ୍କ ମନ ବିରହରେ ଉଚ୍ଛନ୍ନ । ୧୭ଶ—ପ୍ରଭୁଙ୍କ ବାହୁଡ଼ା ଶୁଣି କମଳା ସୁବେଶ ହୋଇ ବନ୍ଦାଇବାକୁ ଆସିଲେ । କମଳାଙ୍କୁ ବିମଳା କଏ କେଉଁ ରଥରେ ବିଜେ ହେଉଛନ୍ତି ବର୍ଣ୍ଣନା କଲେ । ଠାକୁରମାନଙ୍କ ଶୋଭା ବର୍ଣ୍ଣନା, ମନ୍ଦିର ଭିତରକୁ ଠାକୁରମାନଙ୍କ ପହଣ୍ଡି ବିଜେ, ଲକ୍ଷ୍ମୀ ନାରାୟଣ ଭେଟ, ବିରହବିଧୁରା କମଳାଙ୍କ ପ୍ରତି ପ୍ରଭୁଙ୍କ ଚାଟୁବାଣୀ କୌତୁକ । ଜଗମୋହନରେ ଜଗନ୍ନାଥ ବିଜେ ହେବାକ୍ଷଣି କମଳାଙ୍କ ଦାସୀମାନେ କବାଟ କିଳିଦେଲେ । ପ୍ରଭୁଙ୍କ ସହିତ ସଖୀମାନଙ୍କ ବଚନିକା, ପ୍ରଭୁଙ୍କ ଚାଟୁବାଣୀ । କମଳାଙ୍କ ଆଜ୍ଞାରେ କବାଟ ଫିଟିଲା । ପ୍ରଭୁ ସିଂହାସନ ଉପରକୁ ବିଜେ କଲେ । ୧୮ଶ—ବଡ଼ସିଂହାର ପରେ ଜଗନ୍ନାଥ କମଳାଙ୍କ ନବଘନ ପ୍ରବାସରେ ନିଜର ବିରହ ବେଦନା ପ୍ରକାଶ କଲେ । ଲକ୍ଷ୍ମୀଙ୍କ ମାନ, ମାନଭଞ୍ଜନ, ଦାମ୍ପତ୍ୟ କ୍ରୀଡ଼ା, ଶୟନ ଉତ୍ସବ । ୧୯ଶ—ଶରତ ଋତୁ, ଶରତକାଳୀନ ରାତ୍ରିର ବର୍ଣ୍ଣନା । ପ୍ରେମିକ ପ୍ରେମିକାଙ୍କ ପ୍ରେମ ଚେଷ୍ଟା । ନାୟକ ନାୟିକା ଦୂତୀ ଭେଦରେ ପଦ । ଭାଦ୍ରବ ମାସରେ ପାର୍ଶ୍ୱ ପରିବର୍ତ୍ତନ ଉତ୍ସବ । ଉତ୍ଥାପନ ଉତ୍ସବ । ୨୦ଶ—ହେମନ୍ତ ଋତୁ, ଓଢ଼ଣ ଷଷ୍ଠୀ, ଶିଶିର ଋତୁ, ପୁଷ୍ୟାଭିଷେକ । ନବାଙ୍କ ମହୋତ୍ସବ, ମକରଯାତ୍ରା ବିଧି ।୨୧ଶ—ଦୋଳଯାତ୍ରା । ବସନ୍ତ ଋତୁର ବର୍ଣ୍ଣନା ।୨୨ଶ—ଦୋଳ ଉତ୍ସବ ବର୍ଣ୍ଣନା, ଚନ୍ଦ୍ରମା ରାତ୍ରିର ବର୍ଣ୍ଣନା, କାନ୍ତକାନ୍ତାଙ୍କ ପ୍ରେମ ଭାବନା । ୨୩ଶ—ଦୋଳଯାତ୍ରାର ବିଧି, ଯାତ୍ରା ବର୍ଣ୍ଣନା, ଠାକୁରଙ୍କ ବିବିଧ ଫୁଲ-ବେଶର ବର୍ଣ୍ଣନା । ଠାକୁରମାନଙ୍କ ବଡ଼ ଦେଉଳକୁ ବାହୁଡ଼ା ବିଜେ । ୨୪ଶ—ଦମନକ ମହୋତ୍ସବ । ୨୫ଶ—ଚନ୍ଦନ ଯାତ୍ରା, ନରେନ୍ଦ୍ର ସରୋବର ଓ ଚନ୍ଦନ ମଣ୍ଡପର ଚମତ୍କାରିତା ବର୍ଣ୍ଣନା । ଦ୍ୱାଦଶ ଯାତ୍ରା ବର୍ଣ୍ଣନା ଏହି ଗ୍ରନ୍ଥଠାରୁ ଶେଷ ହେଲା । ୨୬ଶ—ଠାକୁରମାନଙ୍କ ପ୍ରତ୍ୟହ ନୀତି । ମହାରାଜା ଦିବ୍ୟସିଂହ ଦେବଙ୍କ ପ୍ରଶଂସା ।

## 'ବାଁ' ଚଉତିଶା—

'ବା' ଚଉତିଶରେ ରାଜା ଯୁଧିଷ୍ଠିର ଓ ମନ୍ତ୍ରୀ ସହଦେବଙ୍କୁ "କଳି ଯୁଗରେ ଦେବତା ବ୍ରାହ୍ମଣଙ୍କର କେମନ୍ତ ଆଚାର, କଳିଯୁଗର କଥା" ପ୍ରଶ୍ନ କରି ଉତ୍ତର ଦାନରେ 'ମନୁଁ ବ୍ୟଥା' ଦୂର କରିବାକୁ ଅନୁରୋଧ କଲେ । ରାଜନୀତି ପଣ୍ଡିତ, ଧୀରବୀର ସହଦେବ ଭବିଷ୍ୟତବକ୍ତା ରୂପେ 'ମହାଭାରତ'ରେ ଖ୍ୟାତି ଲଭିଥିଲେ । ତାଙ୍କୁ ମନ୍ତ୍ରୀ ରୂପେ ନିଯୁକ୍ତ କରିଥିବାରୁ ଯୁଧିଷ୍ଠିରଙ୍କୁ ରାଜ୍ୟଶାସନରେ ବିଶେଷ ଚିନ୍ତିତ ହେବାକୁ ପଡ଼ିନାହିଁ । ସ୍ୱରାଜ୍ୟଶାସନରେ ପ୍ରଜାମାନେ ସୁଖଶାନ୍ତିରେ ଥିବା ଗୌରବର ସେ ଅଧିକାରୀ ହୋଇଥିଲେ ମଧ୍ୟ ସଂସାରର ଭବିଷ୍ୟତ ଚିନ୍ତା ତାଙ୍କ ମନରେ ବ୍ୟଥା ଜନ୍ମାଇଥିଲା । ଦ୍ୱାପର ପରେ କଳିର ଆଗମନ ନିଶ୍ଚିତ ଥିବାରୁ ଯୁଧିଷ୍ଠିର ଯେଉଁ ରାଜ୍ୟ ଓ ଶାସନକୁ ତ୍ୟାଗ କରି ଯାଉଛନ୍ତି ତାହାର ଭବିଷ୍ୟତ ଚିନ୍ତା କରିବା ସ୍ୱାଭାବିକ । ସହଜେ କଳିଯୁଗ 'କଳି'ରେ ପୂର୍ଣ୍ଣ-ହେବା ସମ୍ଭାବନା ଥିବାରୁ ଇଷ୍ଟ ଅପେକ୍ଷା ଅନିଷ୍ଟର ଭାଗହିଁ ବେଶି ହେବା ସମ୍ଭାବନା ରହିଛି । ଏପରି ସ୍ଥଳେ ଭବିଷ୍ୟତବକ୍ତା ସହଦେବଙ୍କୁ ଯୁଧିଷ୍ଠିର ଏ ବିଷୟରେ ଚିନ୍ତିତ ହୋଇ ଭବିଷ୍ୟତ ସମାଜର ରୂପରେଖ ସମ୍ବନ୍ଧରେ ପ୍ରଶ୍ନ କରିବା ଆବଶ୍ୟକ ହୋଇ ପଡ଼ିଛି, କାରଣ ଶାସକ ତାର ରାଜ୍ୟ ଓ ବଂଶଧରମାନଙ୍କ ସମ୍ବନ୍ଧରେ ସଚେତନ ରହି ନୀତି ଓ କାର୍ଯ୍ୟ ନିର୍ଦ୍ଧାରଣ କରିବା ସଙ୍ଗତ । ଏହି କାରଣରୁ ଯୁଧିଷ୍ଠିର ସମାଜର ମୁଖ୍ୟଭାଗ ଦେବତା ବ୍ରାହ୍ମଣମାନଙ୍କର ଆଚାର ବ୍ୟବହାର ସମ୍ବନ୍ଧରେ ପ୍ରଥମେ ପ୍ରଶ୍ନ କରିଛନ୍ତି; ସମଗ୍ର ସମାଜର ସ୍ୱରୂପ ଏଥିରୁ ସ୍ପଷ୍ଟ ହୋଇଯିବ ।

ସହଦେବ ରାଜାପ୍ରଜା, ବୈଷ୍ଣବ, ଗୁରୁଶିଷ୍ୟ, ସ୍ୱାମୀ ସ୍ତ୍ରୀ, ବ୍ରାହ୍ମଣ ଗୃହସ୍ଥ, ଉଚ୍ଚନୀଚ ଲୋକ, କ୍ଷତ୍ରିୟ, ଶୂଦ୍ର ପ୍ରଭୃତି ଲୋକଙ୍କର ଆଚାର ବ୍ୟବହାର ମନ୍ଦ ଥିବା କହିଛନ୍ତି । କବି ସମାଜର ଆଦର୍ଶ ଆଚାର ସହିତ ନୀତିଭ୍ରଷ୍ଟ ଆଚାରର ତୁଳନାତ୍ମକ ବର୍ଣ୍ଣନା ଦେଇ ସମସାମୟିକ ସମାଜର ଏକ ଜୀବନ୍ତ ଚିତ୍ର ଅଙ୍କନ କରିଛନ୍ତି ।

ରାଜା—ରାଜା ପରଜାଙ୍କୁ ଦୟା ନ ବହିବେ, ପ୍ରଜାଠାରୁ ସବୁ ବୋହି ନେଇ ଯିବେ । ଚନ୍ଦ୍ର ଥାଉଁ କର ସାଧୁଥିବେ । ପ୍ରଜାମାନେ କ୍ଷଣେ ବାହାର ହୋଇଯିବେ । ରାଜା ପରଜାଙ୍କ ଗୁହାରି ନ ଶୁଣିବେ । ଚୋର, ତସ୍କର, ରାଜା ଖନ୍ଦ ଲୁଟି ନେଇ ପ୍ରଜାଙ୍କୁ କଷ୍ଟୀ କରିବେ । ରାଜା ଚୋରକୁ ଶାସ୍ତି ଦେବେ ନାହିଁ । ପ୍ରଜା "ଲକ୍ଷେ ହସ୍ତଜାଇ କଷ୍ଟୀ ହେବେ ।" ରାଜା ମନ୍ତ୍ରୀଙ୍କୁ ରାଇଜ ଦେଇ ପ୍ରଜାଙ୍କ ଗୁହାରି ନ ଶୁଣିବେ । ରାଇଜଯାକ ବାହାପିଆ ଖାଇବେ । ପଣ୍ଡିଆରୁ କର ନେବେ । ରାଜା ବୁଝାମଣା କରିବେ ନାହିଁ ଇତ୍ୟାଦି ।

ବ୍ରାହ୍ମଣ—ବ୍ରାହ୍ମଣମାନେ ମୃତ୍ୟୁ ଶବଦାନ ନେବେ । ନୀଚ ଲୋକଙ୍କୁ ହାତ ପାତିବେ । ଯଜ୍ଞ ହୋମ କରିବେ ନାହିଁ । ଘରେ ଘରେ ଭିକ ମାଗୁଥିବେ । ଛତା, ତମ୍ବାଗଡ଼ୁ, ଚଟା ପଇତା, ଗୁଣିବେଦ, ଅଧିକାରୀର ପ୍ରଭେଦ ନ ଥିବ । ଚଣ୍ଡାଳଙ୍କ ସଙ୍ଗେ ପ୍ରୀତି କରିବେ । ସନ୍ଧ୍ୟା କରିବେ ନାହିଁ, ଅବିଦ୍ୟାପାଠ ପଢ଼ିବେ । ବ୍ରାହ୍ମଣିଆ ପଣରେ ତମ କାଢ଼ି ଶୂଦ୍ରଙ୍କ ସଙ୍ଗେ ବସିବେ । ବେଦ ଛାଡ଼ି କୃଷୀ ହେବେ । ଗାୟତ୍ରୀ ମନ୍ତ୍ରକୁ ଛାଡ଼ି ଗାରଡ଼ି ମନ୍ତ୍ରକୁ ପଢ଼ିବେ । ବ୍ରାହ୍ମଣେ ମାୟା କରିବେ ଇତ୍ୟାଦି ।

କ୍ଷତ୍ରିୟ—ସଂଗ୍ରାମକୁ ଯାଇ ଜୀବନକୁ ଆଶା କରିବେ । ରଣରେ ପ୍ରାଣଛାଡ଼ି ବୈକୁଣ୍ଠକୁ ଯିବା ତ୍ୟାଗକରି ରଣକ୍ଷେତ୍ରରୁ ପଳାଇବେ । କ୍ଷତ୍ରିପଣ ନ ରହିବ ଇତ୍ୟାଦି ।

ଶୂଦ୍ର—ଗାଈପେଟରୁ ବାଛୁରି କାଢ଼ି ଗଉଡ଼ମାନେ ବୈଷ୍ଣବ ବୋଲା-ଇବେ । ତନ୍ତିତେଲି ଚୌଧୁରୀ ହେବେ । ଚଣ୍ଡାଳ ବ୍ରାହ୍ମଣ ମିଶାମିଶି ହେବେ । ଭଣ୍ଡାରୀମାନେ ଚୌଧୁରୀ ହୋଇବେ, ଶୂଦ୍ର ହୋଇବେ ନମହନ୍ତା ।

ସମାଜ—ଧର୍ମଲୋକେ ଅଧର୍ମକୁ ଯିବେ । ଧର୍ମ ଅଢ଼ାଇବୋଡ଼ିକ ରହିବ । ଧର୍ମ କାହାକୁ ସଖା ନୋହିବ । ସାହୁକାର କାହାଣକେ ପଣେ କଳାନ୍ତର ନେବେ । ପାପପୁଣ୍ୟର ବିଚାର ନଥିବ ।

ନାରୀ—ନାରୀମାନେ 'ଅଣଗ୍ରାଧ' ହେବେ, କାହାର କୋଳ୍ପ ଅଣାଯ୍ୟଣ୍ଡ ହେବେ । ଏକା ଯୁବତୀଙ୍କୁ ଉଣସ୍ତର ବର ହେବ, ଲଜ ନ ଥିବ । ଉନ ଗୁଡ଼ ସ୍ୱର ଗୁରସ୍ତ ହେଲେ ପୁଣି ସ୍ୱସ୍ୱମ୍ବର ହେବ ।

ଗୃହସ୍ଥ—ଧନୀ ଲୋକମାନେ ଆନ ଛାଡ଼ିଯିବେ, ବଥାନ ମାଢ଼ ବସିବେ । ପୁଅ ବାପ ମା'ଙ୍କୁ ନ ମାନବେ, ମାଇପଠାରେ ବଢ଼ ସ୍ନେହ କରବେ । ଯୁବା ସ୍ତ୍ରୀକୁ ବାପ ଘରେ ଛାଡ଼ି ଦାଣ୍ଡେ ବଢ଼ାଇ କହିବେ । ଭାଇବୋହୂ ଦେଢ଼ଶୁର ନ ମାନବେ । ପୋଇଲ୍ ମାଇପ ପଢ଼ି ଲେଖିଦେବେ । ବୁଢ଼ାବୁଢ଼ୀଙ୍କି ବାହାର କରଦେଇ ପୁଅ ବୋହୂ ଘର କରବେ । ପୁଅ ବାପକୁ ଲୋକ କରବେ ଇତ୍ୟାଦ ।

ସମାଜରେ ଏହିସବୁ କାରଣରୁ ଅଶାନ୍ତ ଘଟିବ । ଦେଶରେ ପାପ ଘୋଟିବାରୁ କୃଷି କ୍ଷେତରେ ଫଳ ଫଳିବ ନାହିଁ । ଫୁଲ ଫୁଟିଲେ ଫଳ ନୋହିବ । ଫଳ ଜଗୁ ଜଗୁ ନ ରହିବ । ଅଦନରେ ବର୍ଷା ହେବ । ଫଳରେ, ଟଙ୍କାକୁ ଧାନ ଭରଣେ ହେବ । ଅନ୍ନ ବସ୍ତ୍ର ନ ମିଳିବ । ଲୋକମାନେ ଅସତ୍ୟ କରବେ । ନସତେ ହୋଇବେ, ନସ୍ତମ କରବେ, କେହି ନ କହିବେ ସତ । ଜୀବରେ ଦୟା ନ ରହିବ । ହାହସ କର ନଆଁ ଗିଳବେ । ଚିତ୍ତରେ ଭସ୍ତଭ୍ରାନ୍ତ ନ ଥିବ । ରାଜା ବୁଝାମଣା ନ କରବାରୁ ଗୋ-ଜନ୍ତୁ ଓ ପ୍ରଜା ମରବେ । ମାନ୍ୟ ଅମାନ୍ୟର ବିଗ୍ଭର ରହିବ ନାହିଁ, ଶିଷ୍ୟମାନେ ଗୁରୁମାନଙ୍କୁ ତେଇଁଯିବେ । ଜାତ ଅଜାତ ଏକାକାର ହେବ । ଲୋକଙ୍କର ମନରୁ ଦାଣ୍ଡେହେଁ ଚନ୍ତା ନ ଯିବ, ନରନ୍ତରେ ମନରେ ଦୁଃଖ ରହିବ । ନୀଚ-ମାନେ ଉଚ୍ଚରେ ଉଠିବେ, ଉଚ୍ଚ ନୀଚ ଦୁହେଁ ସମସର ହେବେ ।

ଏନ ନସରେ 'ଏନ ମୂଲ୍ୟଆ, ନାହିଁ ଗ୍ରେଷକୁ ଏମନ୍ତ ଶାସ୍ତି, ଲକ୍ଷେ ଉପୁଜାଇ ହେବେ କଷ୍ଟୀ, ସାହୁକୁ ନଦେବେ (ପରଶୋଧ ନ କରବେ) ଋଣ, ଟଙ୍କାକେ କାହାଣେ ଧାନ ହେବ ଇତ୍ୟାଦ ବିଷୟର ଅବତାରଣା କର କବ କ ଧନୀ, କ ନର୍ଦ୍ଧନ, କ ରାଜା, କ ପ୍ରଜା, କ ବ୍ରାହ୍ମଣ, କ ଚଣ୍ଡାଳ ସମସ୍ତଙ୍କ

ବିଷୟରେ ଦୁଃଖ ଓ ଗ୍ଲାନିପୂର୍ଣ୍ଣ ଭାଷାରେ ଚିତ୍ର ଅଙ୍କନ କରିଛନ୍ତି । କବି ସମାଜର ଅଧୋଗତିକୁ ଲକ୍ଷ୍ୟକରି ମର୍ମାହତ ହୋଇ ପଡ଼ିଛନ୍ତି ।

କଳିଯୁଗରେ ସମାଜର ଏ ଚିତ୍ରର କାହାଣୀ ଶୁଣି ଯୁଧିଷ୍ଠିର ମର୍ମାହତ ହୋଇ ପଡ଼ିଲେ ।

କବି "ମୁଗଲ ଖାଇବେ ଓଡ଼ିଶା ରାଇଜ" ଉଲ୍ଲେଖ କରି ମୋଗଲ ଶାସନର ଏକ କଳଙ୍କମୟ ଚିତ୍ରର ସୂଚନା ଦେଇଛନ୍ତି ବୋଲିବାକୁ ହେବ । "ମଲେଛି ପରଜା ହନ୍ତସନ୍ତ ହୋଇ ଭୁଅଙ୍କଭ ଶାସ୍ୟ ପାଇ ।"

ଅବଶ୍ୟ ଯୁଧିଷ୍ଠିର ମହାରାଜ ମୋଗଲମାନଙ୍କ ହାତରେ ଓଡ଼ିଶାକୁ ଅର୍ପଣ କରିଥିବା କବି ବିଶ୍ୱାସ କରିଥିଲେ ଏବଂ କଳିର ସବୁ ଦୁର୍ଗୁଣ ଏହି ରାଜତ୍ୱରେ ଦେଖାଦେଇ ଥିବାର ସୂଚନା ଏଥିରୁ ମିଳିବା ସମ୍ଭବ ।

ଯୁଧିଷ୍ଠିର ଏ ଚିତ୍ରରେ ବିଚଳିତ ହୋଇ ପଡ଼ିଲେ ଏବଂ ତାଙ୍କର ଆଉ ରାଜତ୍ୱ କରିବା ଇଚ୍ଛା ହେଲାନାହିଁ । ସହଦେବଙ୍କୁ ଯୁଧିଷ୍ଠିର ଆଜ୍ଞା ଦେଲେ, "ସକାଳେ ଯେ ମୋତେ ଦର୍ଶନ କରିବ ତାକୁ ଦେବ ରାଜ୍ୟ ଭାର ।" ଏ ପଣ ଅନୁସାରେ ଦିଲ୍ଲୀ ପାଇଗ୍ର (ପାଦଶା)ଙ୍କୁ ଶାଢ଼ୀ ଦେଲେ ।

ପୁଣି ଯୁଧିଷ୍ଠିର ସ୍ନାନ କରିବା ପାଇଁ "ସୁବର୍ଣ୍ଣ ଗର୍ରେ ଆପଟେ ଆଣିଲେ ପାଣି" ଏବଂ ଏହି କାରଣରୁ "ଆପଟ"ଙ୍କୁ "ଗଜପତି" ପଣରେ ଶାଢ଼ୀ ଦେଲେ ।

ସହଦେବଙ୍କୁ ଯୁଧେଷ୍ଠି ଆଜ୍ଞାଦେଲେ ଶୁଣ ତୁମ୍ଭେ ମନ୍ତ୍ରୀବର
ସକାଳ ଯେ ମୋତେ ଦର୍ଶନ କରିବ ତାକୁ ଦେବ ରାଜ୍ୟଭାର ବା
ସଜ କରିଣ ଆଣ ଅଶ୍ୱକୁ, ଶାଢ଼ୀ ଦେଲେ ଦିଲ୍ଲୀପାଇଗ୍ରକୁ ବା ।
ସ୍ନାହାନ କମନ୍ତେ ସୁବର୍ଣ୍ଣ ଗର୍ରେ ଆପଟେ ଆଣିଲେ ପାଣି
ଶାଢ଼ୀ ଦେଲେ ତାଙ୍କୁ ଗଜପତି ପଣେ ଯୁଧେଷ୍ଠି ଯେ ନୃପମଣି ବା
ଶାଢ଼ୀ ଦେଇ ବୈକୁଣ୍ଠକୁ ଗଲେ, ସଙ୍ଗତରେ କାହାକୁ ନନେଲେ ବା ।

ଏଥିରୁ ଦିଲ୍ଲୀପାଦଶା ( ବାଦଶାହ ସମ୍ରାଟ ) ବା ଦିଲ୍ଲୀରେ ମୋଗଲ ରାଜତ୍ୱର ସୂଚନା, ଗଜପତିଙ୍କ ଓଡ଼ିଶାରାଜତ୍ୱ ପ୍ରାପ୍ତି ଉଲ୍ଲେଖର ଐତିହାସିକ ଗୁରୁତ୍ୱ ରହିଛି । ସତ୍ୟ ନ ହେଲେହେଁ କବି ଏହାକୁ କହି ଯଥେଷ୍ଟ ସତ୍ସାହସ ଦେଖାଇଛନ୍ତି ।

ଟଙ୍କାକୁ କାହାଣେ ଧାନ ହେବା, କାହାଣକୁ ପଣେ ସୁଧ ପ୍ରଭୃତି ସୂଚନାରୁ ସେକାଳର ସମାଜର ଆର୍ଥିକ ଅବସ୍ଥାର ସୂଚନା ମିଳୁଛି । ବର୍ତ୍ତମାନ ତୁଳନାରେ ଦେଶରେ ଧାନର ପରିମାଣ ବେଶି ହେଲେ ଏବଂ ଟଙ୍କାକେ କାହାଣେ ଧାନ ହେଲେ ଅତି ମହର୍ଗ ବୋଲି ଧରାଯାଉଥିଲା ।

'ବା' ଚଉତିଶାର ଭାଷା ସରଳ ।

## ପଦ୍ମାବତୀ ପରିଣୟ

ଏହି କାବ୍ୟଟି ଖ୍ରୀ: ୧୬୯୮ ରେ ସମ୍ପୂର୍ଣ୍ଣ ହୋଇଥିବା ଜଣାଯାଏ । କାବ୍ୟଟି ଅଠରଟି ଛାନ୍ଦରେ ସମ୍ପୂର୍ଣ୍ଣ ହୋଇଛି । ଏହା ଏକ ପ୍ରେମରସାଶ୍ରିତ ଔପନ୍ୟାସିକ କାବ୍ୟ ।

ଚମ୍ପାବତୀପୁରର ରାଜା ଧର୍ମଧ୍ୱଜଙ୍କ କନ୍ୟା ପଦ୍ମାବତୀଙ୍କର ଚନ୍ଦ୍ରପ୍ରଭା ପୁରର ରାଜା ବୀରସେନଙ୍କ ପୁତ୍ର ମକରଧ୍ୱଜଙ୍କ ସହିତ ପରିଣୟ ଏହାର ବର୍ଣ୍ଣିତ ବିଷୟ ।

୧ମ ଛାନ୍ଦ—ଚମ୍ପାବତୀ ପୁରର ରାଜା ଧର୍ମଧ୍ୱଜଙ୍କ ପତ୍ନୀ ଅନୁସୂୟାଙ୍କ ଗର୍ଭରେ ପଦ୍ମାବତୀର ଜନ୍ମ । ବାଲ୍ୟକାଳରୁ ପୁଷ୍ପବତୀ ହେବା ପର୍ଯ୍ୟନ୍ତ ତାର ନାନାଦି ଖେଳାଲୀଳା ଓ ଅଙ୍ଗପ୍ରତ୍ୟଙ୍ଗ ବର୍ଣ୍ଣନା । ୨ୟ ଛାନ୍ଦ—ଏହି ଛାନ୍ଦରେ ନାୟିକାର ପୁଷ୍ପବତୀ ହେବା ପୂର୍ବ ଓ ପର ଅବସ୍ଥାର ବର୍ଣ୍ଣନା । ୩ୟ ଛାନ୍ଦ—(ହରିଚଉତିଶା ବାଣୀ), ନାୟିକାର ସର୍ବାଙ୍ଗ ସୁବେଶ ବର୍ଣ୍ଣନା । ୪ର୍ଥ ଛାନ୍ଦ—(କେଳି ଚଉତିଶ ବାଣୀ), କୁମାର ଜନ୍ମ ବର୍ଣ୍ଣନା । ଚନ୍ଦ୍ରଭାଗା ନଦୀତଟରେ ଅବସ୍ଥିତ ଚନ୍ଦ୍ରପ୍ରଭାପୁରର ରାଜା ବୀରସେନଙ୍କ ପତ୍ନୀ ପ୍ରିୟବତୀଙ୍କ ଗର୍ଭରେ ମକରଧ୍ୱଜର ଜନ୍ମ । ପ୍ରଥମେ

ଚନ୍ଦ୍ର ପ୍ରଭାପୁରର ବର୍ଣ୍ଣନା ଦିଆଯାଇଛି । ୫ମ ଛାନ୍ଦ—ଚମ୍ପାବତୀ ପୁରରେ ନିଦାଘ ଋତୁରେ ଚନ୍ଦନୋତ୍ସବ । କୁମାର ମକରଧ୍ୱଜ ଉତ୍ସବ ଦେଖିବାପାଇଁ ସେହି ନଗରକୁ ଯାଇଥିବାବେଳେ ପଦ୍ମାବତୀ ସହିତ ହଠାତ୍ ଦେଖା ହେବା । ୬ଷ୍ଠ ଛାନ୍ଦ—କୁମାର ଓ କୁମାରୀଙ୍କର ଦେଖା ସାକ୍ଷାତ । ୭ମ ଛାନ୍ଦ—ବିରହ ବର୍ଣ୍ଣନା, କୁମାର ଓ କୁମାରୀର ବିରହ ବ୍ୟଥା ବର୍ଣ୍ଣନା । ୮ମ ଛାନ୍ଦ—ଚମ୍ପାବତୀପୁରର ରାଜା ନିଜ ଦୁହିତା ପଦ୍ମାବତୀର ବିବାହ ପାଇଁ ପ୍ରସ୍ତାବ କରି ପୁରୋହିତ ଓ ମନ୍ତ୍ରୀଙ୍କୁ ବୀରସେନ ରାଜାଙ୍କଠାକୁ ପଠାଇବା । ବୀରସେନ ପ୍ରସ୍ତାବ ଶୁଣିବାମାତ୍ରେ ସମ୍ମତି ପ୍ରଦାନ କରନ୍ତେ ପଦ୍ମାବତୀ ଓ ମକରଧ୍ୱଜର ବିବାହ ସମାରୋହରେ ସଂଘଟିତ ହେବା । ୯ମ ଛାନ୍ଦ—ବିବାହ ବର୍ଣ୍ଣନା । ୧୦ମ ଛାନ୍ଦ—ମଧୁଶଯ୍ୟା ବର୍ଣ୍ଣନା । ୧୧ଶ ଛାନ୍ଦ—ବର କନ୍ୟାପିତାଙ୍କ ଗୃହରୁ କନ୍ୟାକୁ ସଙ୍ଗେ ଧରି ସ୍ୱଦେଶକୁ ଯିବା ପ୍ରସ୍ତାବ । ଦୁହିତାକୁ ପଠାଇବାପାଇଁ ରାଜାଙ୍କର ଆୟୋଜନ । ମାତା, ପିତା ଓ ଦୁହିତାଙ୍କର ଦୁଃଖ ବର୍ଣ୍ଣନା । ୧୨ଶ ଛାନ୍ଦ—ବର କନ୍ୟାଙ୍କୁ ଧରି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲାବେଳେ ବାଟରେ ଗୋଟିଏ ବନରେ ବିଶ୍ରାମ କରିବା, ବନର ଶୋଭା ବର୍ଣ୍ଣନା ଏବଂ ରାଜକୁମାରର ଶିକାର ବର୍ଣ୍ଣନା । କନ୍ୟାକୁ ଧରି ରାଜକୁମାରର ଗୃହ ପ୍ରବେଶ । ପିତାମାତାଙ୍କର ଅଭ୍ୟର୍ଥନା । ୧୩ଶ ଛାନ୍ଦ—ପ୍ରିୟାର ପ୍ରଣୟମାନ, ନାୟକର ପ୍ରବୋଧ ଓ ଚାଟୁବାଣୀ । ୧୪ଶ ଛାନ୍ଦ—ଦୁଷ୍ଟମାନଙ୍କର ପ୍ରତାପରେ ପ୍ରପୀଡ଼ିତ ହୋଇ ଜଣେ ଋଷି ବୀରସେନଙ୍କ ନିକଟକୁ ଆସି ସେହି ଦୁଷ୍ଟମାନଙ୍କୁ ନିଧନ କରିବା ନିମନ୍ତେ ମକରଧ୍ୱଜକୁ ବନକୁ ପଠାଇବାପାଇଁ ପ୍ରାର୍ଥନା କଲେ । ବୀରସେନ ପୁତ୍ରକୁ ପଠାଇବାକୁ ସମ୍ମତ ହେଲେ । ଯିବା ପୂର୍ବରୁ ମକରଧ୍ୱଜ ପଦ୍ମାବତୀକୁ ସାନ୍ତ୍ୱନା ଦେବା । ୧୫ଶ ଛାନ୍ଦ—ମକରଧ୍ୱଜର ବନ ଗମନ ଓ ଅସୁରମାନଙ୍କ ସହ ଯୁଦ୍ଧ । ୧୬ଶ ଛାନ୍ଦ—ବର୍ଷା କାଳ ପ୍ରବେଶ । ବର୍ଷା ବର୍ଣ୍ଣନା ଓ ନାୟକର ବିରହ । ୧୭ଶ ଛାନ୍ଦ—ନାୟିକା ବିରହ ବର୍ଣ୍ଣନା । ମକରଧ୍ୱଜଠାରୁ ପଦ୍ମାବତୀ ଦୂତୀ ହାତରୁ ପତ୍ର ପାଇବା । ପତ୍ରର ଉତ୍ତରରେ ନାୟକଠାରୁ ନାୟିକା ଦୂତୀ ହାତରେ ଲେଖା ପଠାଇବା । ୧୮ଶ ଛାନ୍ଦ—ବନରୁ ମକରଧ୍ୱଜର ପ୍ରତ୍ୟାବର୍ତ୍ତନ, ନାୟକ ନାୟିକା ମିଳନ, ପିତାଙ୍କ ବୃଦ୍ଧାବସ୍ଥା ହେତୁ କୁମାରର

ରାଜ୍ୟାଭିଷେକ । ନୂତନ ରାଜା ଓ ପଟ୍ଟମହାଦେବୀଙ୍କର କେଳି କୁସୁମ ଲାଭ ଓ ସୁଖେ ପ୍ରଜା ପାଳନ ।

ଗ୍ରନ୍ଥଟି ପାଞ୍ଚାଳି ବନ୍ଧରେ ରଚିତ ହୋଇଅଛି । ବିବିଧ ପ୍ରକାର ରସର ମଧୁର ସମାବେଶ ଏଥିରେ ପରିଲକ୍ଷିତ ହୁଏ । ଭାଷା ତେତେ ସରଳ ନୁହେଁ । ଅନେକ ସ୍ଥଳରେ କଠିନ ପଦର ବ୍ୟବହାର ହୋଇଥିଲେ ମଧ୍ୟ ଅତି ଦୁର୍ବୋଧ ହୋଇନାହିଁ ।

ପ୍ରାକୃତିକ ବର୍ଣ୍ଣନା, ନାୟିକାର ଅଙ୍ଗ ପ୍ରତ୍ୟଙ୍ଗ ବର୍ଣ୍ଣନା, ଯୌବନ ସମୟର ମାନସିକ ଅବସ୍ଥାର ବର୍ଣ୍ଣନା ବଡ଼ ଚମତ୍କାର ହୋଇଅଛି ।

ଆଦିରସର ପ୍ରାଧାନ୍ୟ ଯଥେଷ୍ଟ ରହିଛି । ଅନେକ ସ୍ଥଳରେ ଆଦିରସର ଉତ୍କଟ ଓ ଅସ୍ୱାସ୍ଥ୍ୟକର ପ୍ରକାଶ ଦେଖାଯାଉଛି ।

କାବ୍ୟରେ ନାୟିକା ପ୍ରଧାନ ବୋଲି ଲୋକନାଥ ମତ ବ୍ୟକ୍ତ କରି ନାୟିକାର ବିଷୟକୁ ବେଶି ପ୍ରାଧାନ୍ୟ ଦେଇଛନ୍ତି । ଏହି ହେତୁ ପ୍ରସଙ୍ଗକୁ ଆଗ ପଛ କରିଥିବା ଦେଖାଯାଏ । ପ୍ରଥମେ ନାୟିକାଙ୍କର ଜନ୍ମ, ଯୌବନାବସ୍ଥାର ବର୍ଣ୍ଣନା ଇତ୍ୟାଦି ଶେଷ କରିବା ପରେ ନାୟକର ପରିଚୟ ଦେଇଛନ୍ତି । କବି ଲେଖିଛନ୍ତି ଯେ ସେ ପ୍ରସଙ୍ଗକୁ ଆଗପଛ କରିଥିବାରୁ ତାଙ୍କୁ ଦୋଷ ଦେବା ଉଚିତ ନୁହେଁ, କାରଣ ସେ ପରଂପରାକୁ ଅବଲମ୍ବନ କରି ଏପରି କରିଛନ୍ତି । ଆଗ ଯାହାର ଜନ୍ମ ତାହାର ପ୍ରସଙ୍ଗ ଆଗେ ବର୍ଣ୍ଣନା କରିବା ରୀତି ମଧ୍ୟ ଥିବା ଦେଖାଯାଏ ।

ପ୍ରସଙ୍ଗ ଆଗ ପଛ ହୋଇବା,  
ଯେ ଦୋଷ ନୋହିବ ହେତୁ କହିବା ।  
କାବ୍ୟରେ ନାୟିକା ଯିନା ପ୍ରଧାନ,  
ତାହାକୁ ଘେନି ସବୁ ରସମାନ ।  
ଏ ଘେନି ଆଗ ତାର ବର୍ଣ୍ଣନା,  
ହେଲା ଏ କବି ପରମ୍ପରା ଯିନା । (ପ୍ରଥମ ଛାନ୍ଦ)

## ଚନ୍ଦ୍ରକଳା

କାବ୍ୟଟି ପାଞ୍ଚାଳି ବନ୍ଧରେ ପନ୍ଦରଟି ଛାନ୍ଦରେ ଲିଖିତ । ଏହା ଗୋଟିଏ ପ୍ରେମକାବ୍ୟ ।

୧ମ ଛାନ୍ଦ—ଅଶୋକବତୀର ରାଜା ଧର୍ମସେନଙ୍କ ପଟ୍ଟମହିଷୀ ସୁଲକ୍ଷଣାଙ୍କ ଗର୍ଭରେ ପରମା ରୂପବତୀ କନ୍ୟା ଚନ୍ଦ୍ରକଳାର ଜନ୍ମ । ୨ୟ—ଶୈଶବାବସ୍ଥାରେ କନ୍ୟାର ଅଙ୍ଗପ୍ରତ୍ୟଙ୍ଗ ବର୍ଣ୍ଣନା । ସ୍ୱାଭାବିକ ମାନସିକ ଅବସ୍ଥାର ଚିତ୍ରଣ, ସଖୀମାନଙ୍କ ସଙ୍ଗେ ବିହାର । ୪ର୍ଥ—ବସନ୍ତ ପ୍ରବେଶ ହୁଅନ୍ତେ କୁମାରୀର ମାନସିକ ବିକାର ପ୍ରକାଶ; କାନ୍ତ-ମିଳନ ଇଚ୍ଛା ଜାଗ୍ରତ ହେବା । ନାୟକ-ବିହୀନ ନବ ଯଉବନ କାଳରେ ପ୍ରବଳ ରତି ଲାଳସା । ୫ମ—କୁମାରୀ ଯୌବନ-ସୁଲଭ ବିରହ ବେଦନାରେ କାତର ହେବା; ନାରଦ ଚନ୍ଦ୍ରକଳାକୁ ଦେଖାଦେଇ କହିବା—

"କାଲି ଦିବସ ମଧ୍ୟେ ଯେଉଁ ହଂସୀ, ମିଳିବ ତୋହର ସନ୍ନିଧେ ଆସି ।
ସେ ତୋର କାନ୍ତ ସଙ୍ଗତ କରିବ, ଏହୁ ଦୁଃସହ ଦୁଃଖ ଛଡ଼ାଇବ ।"

୬ଷ୍ଠ—କୃଷ୍ଣବେଣୀର ରାଜା ସୁଦର୍ଶନ କନ୍ୟା ଖୋଜିବାପାଇଁ ଯେଉଁ ହଂସକୁ ପ୍ରେରଣ କରିଥିଲେ ସେ ଚନ୍ଦ୍ରକଳା ପାଖରେ ପ୍ରବେଶ ହେବା । ଚନ୍ଦ୍ରକଳା ହଂସୀଠାରୁ ସୁଦର୍ଶନଙ୍କର ରୂପ ଗୁଣ ଶୁଣି ମୁଗ୍‌ଧ ହେବା ଓ ତାଙ୍କ ସହିତ ଦେଖା କରିବାପାଇଁ ଅତି ଉତ୍ସୁକ ହେବା । ୭ମ—ହଂସୀ ଫେରିଯାଇ ସୁଦର୍ଶନ ଆଗରେ କୁମାରୀର ରୂପଗୁଣ ବର୍ଣ୍ଣନା କରିବା ଏବଂ କୁମାର କୁମାରୀ ପ୍ରତି ଆସକ୍ତ ହେବା । ୮ମ—ଚନ୍ଦ୍ରକଳାର ସ୍ୱୟମ୍ବର ଆୟୋଜନ । ବିଭିନ୍ନ ଦେଶର ରାଜାମାନଙ୍କର ସ୍ୱୟମ୍ବରରେ ପ୍ରବେଶ । ୯ମ—ସ୍ୱୟମ୍ବରରେ ସୁଦର୍ଶନଙ୍କୁ ଚନ୍ଦ୍ରକଳା ବରଣ କରି ବିବାହ କରିବା । ୧୦ମ—ନାୟକ ନାୟିକା କେଳି ବର୍ଣ୍ଣନା । ୧୧ଶ—ନାୟକ ନାୟିକାକୁ ସଙ୍ଗେ ନେଇ ନିଜ ନଗରକୁ ପ୍ରତ୍ୟାବର୍ତ୍ତନ କରିବା । ୧୨ଶ—ଉଭୟେ ସୁଖରେ ଦିନାତିପାତ କରିବା । ଦିନେ ଅତି ସ୍ନେହବଶରେ ସୁଦର୍ଶନ ଚନ୍ଦ୍ରକଳାକୁ "ଚନ୍ଦ୍ରକଳା" ବୋଲି ସମ୍ବୋଧନ କରିବାରୁ ଚନ୍ଦ୍ରକଳା ମାନ କରିବା ଏବଂ ସୁଦର୍ଶନ ଚାଟୁବାକ୍ୟରେ

ତାଙ୍କୁ ସନ୍ତୁଷ୍ଟ କରିବା । ମାନ ପରେ ମିଳନ । ୧୩ଶ—ବର୍ଷାକାଳ ପ୍ରବେଶ ଓ ନାୟକ ନାୟିକାଙ୍କର କେଳିରସ ବର୍ଣ୍ଣନା । ୧୪ଶ—ସ୍ୱପ୍ନରେ ନାୟିକାଙ୍କ ବିଚ୍ଛେଦ ଓ ବିରହ ଯନ୍ତ୍ରଣା ହେତୁ ବିଳାପ । ୧୫ଶ—ସ୍ୱପ୍ନରେ ମୋହଭଙ୍ଗ ଓ ଊଷା କାଳରେ ଉଦ୍ୟାନ ମଣ୍ଡପରେ ବିହାର । ଶରତ ଋତୁର ଆଗମନ । ନାୟକ ନାୟିକାଙ୍କ ବିହାର ।

'ଚନ୍ଦ୍ରକଳା'ରେ ପ୍ରାକୃତିକ ବର୍ଣ୍ଣନା ସୁନ୍ଦର ହୋଇଛି । ସର୍ବାଙ୍ଗସୁନ୍ଦରୀ ଓ ପଦ୍ମାବତୀ ପରିଣୟ ପ୍ରଭୃତି କାବ୍ୟରେ ଥିବା ପ୍ରାକୃତିକ ବର୍ଣ୍ଣନା ସହିତ ଏହାର ଅନେକ ସାଦୃଶ୍ୟ ରହିଅଛି ।

ଆଦିରସର ବର୍ଣ୍ଣନା ଉତ୍କଟ ହୋଇଛି । 'ପଦ୍ମାବତୀ ପରିଣୟ' ଓ 'ନୀଳାଦ୍ରି ମହୋତ୍ସବ'ର ଭାଷା ଅପେକ୍ଷା 'ଚନ୍ଦ୍ରକଳା'ର ଭାଷା ସରଳ ।

ଚନ୍ଦ୍ରକଳାର ପ୍ରଥମ ଛାନ୍ଦରେ କବି ଗୋକୁଳପତି ଅଖିଳ ସ୍ୱାମୀ ଶ୍ରୀକୃଷ୍ଣଙ୍କୁ ସ୍ତୁତି କରିସାରି ସ୍ୱ-କାବ୍ୟ 'ଚନ୍ଦ୍ରକଳା'ର ରୂପ ଓ ରସ ସମ୍ବନ୍ଧରେ ତାଙ୍କର ସଂକଳ୍ପ ଏହିପରି ବ୍ୟକ୍ତ କରିଛନ୍ତି ।

ରସିକମାନଙ୍କ ମନ ରଞ୍ଜିବା ପାଇଁ,
ରଚିବି କିଛି ପ୍ରବନ୍ଧ ରସେ ଗୋସାଇଁ ।
ଓଜ ମାଧୁର୍ଯ୍ୟ ପ୍ରସାଦ ଭକ୍ତି ବିଶେଷ,
ନାନାରସ ମିଶି ହେବ ଅତି ସୁରସ ।

କବି ଓଜ, ମାଧୁର୍ଯ୍ୟ, ପ୍ରସାଦ ଗୁଣରେ ବହୁ ପଦଯୋଜନା ଦେଇ ପ୍ରବନ୍ଧ ରଚନା କରି ରସିକଜନମାନଙ୍କ ମନକୁ ରଞ୍ଜନ କରି ପାରିଛନ୍ତି । ଭକ୍ତି ରସର ସୂଚନା ଗ୍ରନ୍ଥ ପ୍ରସଙ୍ଗ ଭିତରେ ରାମ, କୃଷ୍ଣ, ଜଗନ୍ନାଥ ପ୍ରଭୃତିଙ୍କ ସ୍ତୁତି କରି ଭକ୍ତିଭାବ ପ୍ରକାଶ କରିବା ସଙ୍ଗେ ସଙ୍ଗେ ପରମଭକ୍ତ ନାରଦଙ୍କ ନାମକୁ ବିଷୟ-ବସ୍ତୁର ପ୍ରବାହରେ ଉପଯୁକ୍ତ ସ୍ଥାନ ଦେଇଛନ୍ତି । ନାୟକର ପିତା ରାଜା ଧର୍ମସେନ ପରମ ବୈଷ୍ଣବ ଥିବା କହିଛନ୍ତି ।

ଧର୍ମସେନ ନାମେ ତହିଁ ରାଜ ଈଶ୍ୱର,
ଧୀର ବୀର ବଇଷ୍ଣବ ବିବେକ ବର । (୧ମ ଛାନ୍ଦ)

ପ୍ରେମକାବ୍ୟ ରଚନା ସପକ୍ଷରେ ଲୋକନାଥ ଚନ୍ଦ୍ରକଳାରେ ଯେଉଁ ଯୁକ୍ତି ପ୍ରଦର୍ଶନ କରିଛନ୍ତି ତାହା ଅନ୍ୟ କବିମାନଙ୍କର ପ୍ରେମ ରସର ବହୁ ଉଚ୍ଚକାବ୍ୟ ରଚନାଦ୍ୱାରା ସମର୍ଥିତ ହୋଇଛି ।

ଯେ ଭାଗ୍ୟବନ୍ତ ରସିକ ପ୍ରିୟା ସଙ୍ଗେ ସଫଳ କରଇ କାୟା
କେବେହେଁ ମନେ ଧରିବ ନାହିଁ କଳୁଷ ମାୟା ହେ ।
ଯୁବତୀଠାରେ କରିବ ଦୟା ନୋହିବ ତାରେ କଠୋର ହିୟା
ଜାଣିଥିବ ଯେତେ ପ୍ରମାଦ ମଦନ ଗୁୟା ହେ ।
ଏଣୁକରି ମୁଁ କହୁଅଛି ଏବେ ହେଁ
ଗାଢ଼ମାନ ଯେ ନଗ୍ରହିବ ଯେବେ ହେ ।
ଅତି ମଧୁର ରସେ ସେନେହେ କରି ବିନସ୍ଥ ହେବ ତେବେ ହେ ।
ଶ୍ରୀ ପ୍ରେମରସେ ନୋହିବ ପ୍ରାଙ୍ମୁଖ କେବେ ହେଁ । ୨୩ ।

(ଶେଷ ଛାନ୍ଦ । ଚନ୍ଦ୍ରକଳା )

କବି ସାମାଜିକ ମାନମର୍ଯ୍ୟାଦା, ଦାମ୍ପତ୍ୟପ୍ରେମ ଓ ସଦଭାବର ଉନ୍ନତି କଳ୍ପେ ନାନା ଉପଦେଶ ପ୍ରସଙ୍ଗକ୍ରମେ ନୀଳାଦ୍ରି ମହୋତ୍ସବ, ପଦ୍ମାବତୀ ପରିଣୟ, ଚନ୍ଦ୍ରକଳା ବା ଚଉତିଶା ପ୍ରଭୃତି ରଚନାରେ ବାରମ୍ବାର ବ୍ୟକ୍ତ କରିଛନ୍ତି । ପତନୋନ୍ମୁଖ ଉତ୍କଳ ସମାଜର ଯେଉଁ ଚିତ୍ର 'କଳିକାଳ' ବାହାନାରେ, ବା ଚଉତିଶାରେ ଦେଇ ଉନ୍ନତତର ସମାଜର ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି ତାହାର ଧ୍ୱନି ପ୍ରାୟ ସବୁ କାବ୍ୟରେ ଅଳ୍ପ ବହୁତ ବ୍ୟକ୍ତ କରିଛନ୍ତି ।

ଉନ୍ନତତର ସମାଜ ଗଠନ କରିବାରେ କବିଙ୍କ ଆକାଙ୍କ୍ଷା ଅପ୍ରାସଙ୍ଗିକ ହୋଇନାହିଁ । ନିର୍ମଳ ପ୍ରେମ ପ୍ରତିଷ୍ଠିତ ଦାମ୍ପତ୍ୟ ଜୀବନ ଉନ୍ନତ ସମାଜର ଦୃଢ଼ଭିତ୍ତି ।

ଯେବଣ ଦେଶେ ଏ ଗୀତ ମୋର, ହେବ ପ୍ରଚୁର ସେ ଦେଶେ ନର
କରୁଣାକର କମଳାବର ପାଦେ ଭଜିବେ ସେ ।

ଆରୋଗ୍ୟ ହେବେ ନୋହିବେ ଦୁଃଖୀ ପ୍ରିୟବାଦିନୀ କମଳାମୁଖୀ
ପ୍ରେମ ଜଳସେ ହୋଇବେ ସୁଖୀ ମୋତେ ଚାହିଁବେ ସେ ।

(ଚନ୍ଦ୍ରକଳା)

ବିଶିଷ୍ଟ କବିମାନଙ୍କ ପରି ଲୋକନାଥଙ୍କର ରସଗର୍ଭକ ପ୍ରବନ୍ଧାବଳୀ ଗୁଣବନ୍ତ ଲୋକଙ୍କର ପ୍ରିୟ ହୋଇ କାଳେ କାଳେ ରହିଥିବ ।

ଗୁଣବନ୍ତ ଲୋକର ସେ ପ୍ରିୟ ହୋଇବ,
ଖଳଜନ ଶୁଣିଲେ ହେଁ ସୁଖ ଲଭିବ ।
ଏହି ସକାଶରୁ ଚିରକାଳ ମୋ ନାମ,
ଥିବ ଏ ମହୀମଣ୍ଡଳେ ହେ ସୁଖଧାମ ।

(ଚନ୍ଦ୍ରକଳା ୧ମ ଛାନ୍ଦ)

ଚନ୍ଦ୍ରକଳାରେ କବି ବହୁ ପ୍ରକାର ଉପମା ଓ ଅଳଙ୍କାର ମଣ୍ଡିତ ପଦ ରଚନା କରି କାବ୍ୟଟିର ଅଙ୍ଗକୁ ରମଣୀୟ କରି ପାରିଛନ୍ତି । ଅଳଙ୍କାରାଦି ବ୍ୟବହାରରେ ସେ ପରଂପରାକୁ ଅନୁସରଣ କରିଛନ୍ତି ଏବଂ ଔଚିତ୍ୟ ପ୍ରତି ଦୃଷ୍ଟି ରଖିଛନ୍ତି । ଅଳଙ୍କାର ପ୍ରୟୋଗ ସମ୍ପର୍କରେ କବି ମାନଦଣ୍ଡ ନିର୍ଦ୍ଧାରଣ କରି ତାକୁ ସ୍ୱ କାବ୍ୟରେ କୃତିତ୍ୱ ସହକାରେ ରୂପାୟିତ କରିଛନ୍ତି । ଏହା କାବ୍ୟରସଜ୍ଞ ଥିବା କବି ପ୍ରକାଶ କରିଛନ୍ତି ।

ନାୟିକା ଚନ୍ଦ୍ରକଳାର ପ୍ରତି ଅଙ୍ଗ ବର୍ଣ୍ଣନା ଛାନ୍ଦରେ କହିଛନ୍ତି—

ଏକୁଁ ଏକ ଅଙ୍ଗକୁ ଉପମାମାନ ଯେତେ,
କହିବା ଅର୍ଥରେ କିଛି ପ୍ରକାଶିବ ରୀତେ ।
ଉପମା ଯେ ଅନାଦର ଅତ୍ୟାଦର ପାତ୍ର,
ଉପମେୟ ପାଇଁ ଲୋଡ଼ା କରି ଏତେ ମାତ୍ର ।
କେଉଁଠାରେ ଦୂଷଣ ଭୂଷଣ କାହିଁ ହୋୟେ,
କାବ୍ୟରସ ଜ୍ଞବ ଏହା ନ କରି ସଂଶୟେ ।

(ଚନ୍ଦ୍ରକଳା ୬ଷ୍ଠ ଛାନ୍ଦ)

ଏହାର ଉଦାହରଣ ମଧ୍ଯ କବି ଦେଇଛନ୍ତି—

କୃଷ୍ଣ କମନୀୟ ମୃଦୁ ପ୍ରଲମ୍ବ ଚିକ୍କଣ
କୁଟିଳ କୁନ୍ତଳ କୁଳ କବରୀ ସୁଠଣ ।
ନବଘନକୁ ତା ଯେବେ କରିବା ଉପମା,
ଘନ କାଳେ କିଛି ବେଳେ ଦିଶେ ସେ ସୁଷମା ।

ଅଳଙ୍କାର ପ୍ରୟୋଗ—

ସାଧୁଜନମାନେ ଚିନ୍ତା କର ଭଗବାନ,
ଅରିମଣ୍ଡଳ ହୋଇଣ ଅରି ବିଖଣ୍ଡନ ।
ଘନ କେଶୀ କାନ୍ତ ହୋଇ ଘନକେଶୀ ନାଶି,
ପଞ୍ଚବାଣ ପିତା ହୋଇ ପଞ୍ଚବାଣ ନାସି ।
ଶିଶୁପାଳ ରକ୍ଷ ହୋଇ ଶିଶୁପାଳ ଛେଦି,
ପୁତନା ମର୍ଦ୍ଦନ ହୋଇ ପୂତ ନାମ ମୋଦି ।
ଉଗ୍ରସେନ ପକ୍ଷ ହୋଇ ଉଗ୍ରସେନ ପର,
ପୁଣ୍ୟଜନ ପ୍ରିୟ ହୋଇ ପୁଣ୍ୟଜନ ହର ।
(୨ୟ ଛାନ୍ଦ)

ଛଳ—ଏବେ ସଖୀ ଦେବ କୁବଳୟ ଫଳମାଳା
କହେ କେମା କଂସକରି ବୃକ୍ଷ କି ହୋଇଲା ।
ଅତି ସୁଖେ ବାଳୀ ମାଳ ସୁଗ୍ରୀବର ଦେଲା
ବେଗେ ଆଣି ଅଙ୍ଗଦକୁ ଭୁଜେ ସଙ୍ଗ କଲା ।
ବଚନ କଟକ ପୁଣି କରେ ସମର୍ପିଲା,
ମୁଦ୍ରିକା ଦେଇ ଅଙ୍ଗୁଳିମାନଙ୍କୁ ବନ୍ଧିଲା । (୬ଷ୍ଠ ଛାନ୍ଦ)

ଛଳଶ୍ଳେଷ—ଅଶୋକବତୀ ଜନକ ନନ୍ଦନୀ ସୁମୁଖୀ
ସମୁଦ୍ର ପାଣିକି ଚାହିଁ ହେଲେ ମହାସୁଖୀ ।
ମୁକୁରେ ରାମଲକ୍ଷ୍ମଣ ମୁଖକୁ ଚାହିଁଲେ
ମନ୍ଦୋଦରୀ କାନ୍ତ କଥା ମନେ ବିଚାରିଲେ । (୬ଷ୍ଠ ଛାନ୍ଦ)

ଶ୍ଳେଷ — (୧) ରସାଳରମ୍ଭା ନାଗେଶ୍ୱର ପୁନାଙ୍ଗ ଫୁଲ୍ଲ ଶିଳୀମୁଖ ମରୁତ
ଗନ୍ଧବହ ଆଦି ପରଭୃତ ଭାରତୀ ଏଣେ ନ ହରେ ତାହା ଚିତ୍ତ ।
(୪ର୍ଥ ଛାନ୍ଦ)

(୨) ବିମାନ ପର୍ଯ୍ୟଙ୍କେ ବିରାଜୁ ଅଛୁ ଏ ଗଗନରେ ସୁଖ ପ୍ରଦାତା
ହଙ୍ଗୀତ, ଶତାଙ୍ଗ ପର୍ଯ୍ୟଙ୍କେ ଦିଶୁଛୁ,
ତୃହୁ ଚନ୍ଦ୍ରଚନ୍ଦ୍ର ସଂଯୋଗ ସକାଶୁଁ ମନୋହର ଛବି ଧରିଛୁ ।
(୪ର୍ଥ ଛାନ୍ଦ)

ଏହିପରି ବହୁ ଅଳଙ୍କାରର ଉଦାହରଣ 'ଚନ୍ଦ୍ରକଳା'ରେ ପୂର୍ଣ୍ଣ ହୋଇ ରହିଛି । ଶ୍ଳେଷ, ଛଳଶ୍ଳେଷ ସର୍ବାପେକ୍ଷା ଅଧିକ ସ୍ଥାନ ଅଧିକାର କରିଛି ।

ଅନୁପ୍ରାସ ଓ ଯମକର ପ୍ରାସଙ୍ଗିକ ପ୍ରୟୋଗ କାବ୍ୟର ରୂପକୁ ସୁଷମାମଣ୍ଡିତ କରିଛି ।

ତା ଗୁଣ ଗୁଣି ଗୁଣି କରଣ ପୁଣ ପୁଣି ନୟନ କଲା ଅଜ ଅଜ
ହୋହେ ତା ମନ ମନ ନିଃଶ୍ୱାସ ଘନ ଘନ ବହିଲା ହୋଇ
ଛନ୍ନ ଛନ୍ନ ସେ
ନୃପବର, ବାଜି କୁସୁମଶର ଶର, ଝରଇ ସ୍ୱେଦ ଝର ଝର
ଶରୀର ଜରଜର କମ୍ପଇ ଥର ଥର
ବୋଲଇ ଦୁଃଖ ହର ହର ସେ ।
ପୁଣି ବୋଲେ କାଳିକା ନୃପସୁତା ବାଳିକା
କେଶ ମାଳିକା ତ ଦେଖିଛୁ
କେତେ ନ ପାଉ ଲାଜ, ଉଦେ ହୋଇଛୁ ଆଜ
ଅଳଭ ଲଭ କାମ୍ପି ଇଛୁ ରେ ।

ଇତ୍ୟାଦି ( ୧୪ଶ ଛାନ୍ଦ)

ବିଭିନ୍ନ ଋତୁରେ କାନ୍ତ କାନ୍ତାଙ୍କ ବିରହ ଭାବନା ପରଂପରାକୁ ଅନୁସରଣ କରି ବ୍ୟକ୍ତ ହୋଇଥିଲେ ମଧ୍ୟ କବିଙ୍କ ପ୍ରକାଶ ଭଙ୍ଗୀ ଏହାକୁ ନୂତନ ରୂପ ଦାନ କରିଛି ।

ବର୍ଷା ଋତୁରେ ଜଳଧରକୁ ଦୂତ କରି ନାୟକ ନାୟିକାଠାକୁ ଯେଉଁ ସନ୍ଦେଶ ପ୍ରେରଣ କରୁଛି ସେଥିରେ ନାୟିକା ପାଇଁ ପ୍ରାଣର ବେଦନା ନୂତନ ରୂପ ଧାରଣ କରିଛି । ନାୟକ କେବଳ ରୂପର ଉପାସକ, କାମାଭିଳାଷୀ ନୁହେଁ; ତାହାର ଚିତ୍ତବୃତ୍ତି ଉନ୍ନତଧରଣର ଏବଂ ସେ ତଦନୁରୂପ ଭାବଭଙ୍ଗୀ ପ୍ରକାଶ କରିଛି । ନାୟିକାର ଅପୂର୍ବ ରୂପ, ମହତ୍ତ୍ୱ ଗୁଣ ଓ ପ୍ରଗାଢ଼ ନିର୍ମଳ ପ୍ରେମରେ ସେ କେବଳ ମୁଗ୍ଧ ନୁହେଁ, ସେ ତାହାର ସୁଗ୍ରାହକ ଓ ମଙ୍ଗଳାକାଙ୍କ୍ଷୀ ।

ଉପମା ନିନ୍ଦା ପ୍ରକାଶ ଛଳରେ କବି ଜଳଧର ଅଂଶଟିକୁ ହୃଦସ୍ପର୍ଶୀ କରି ପାରିଛନ୍ତି । ବିରହକାତର ନାୟକ ନାୟିକାର କେଶର ଅପୂର୍ବ ଶୋଭା ସମ୍ଭାରର ସୂଚନା ଦେଇ ଜଳଧରକୁ ନିନ୍ଦା କରି କହୁଛନ୍ତି—

ପୁଣି ବୋଲେ କାଳିକା ନୃପସୁତା ବାଳିକା,
କେଶ ମାଳିକା ତ ଦେଖିଛୁ,
ଚେତ ନ ପାଉ ଲଜ, ଉଦେ ହୋଇଛୁ ଆଜ,
ଅଳଭ ଲଭ କାର୍ଯ୍ୟ ଇଚ୍ଛୁ ରେ
ଜଳଧର, କେତେବେଳ ସୁନ୍ଦରପଣେ,
ଥିବୁ ଏ ଗଗନ ପ୍ରାଙ୍ଗଣେ ।
ଏହିକ୍ଷଣି ବିବର୍ଣ୍ଣ ହୋଇବୁ ଘୃଣ୍ହୁଁ ଘୃଣ୍ହୁଁ
ପଳାଇ ନରହିବୁ କ୍ଷଣେ ରେ । ୩ ।

ଏଥିକୁ କିପାଁ ଏଡ଼େ ଗାରିମା ପଣ କରି
ବିଅର୍ଥେ ଘୋର ନାଦ କରୁ,
ଏମନ୍ତ ହେଲେ ନିକ ସେ କେଶ ବେଶ ଲେଶ
ପାଇବୁ ବିଗ୍ଭର ନ କରୁ,
ଜଳଧର, ମଧୁର ଭାଷୀ ଯେଉଁଜନ,
ସେ ସବ ଲୋକରେ ରଞ୍ଜନ

ତୁ କେତେ ଲୋକଠାରେ ପ୍ରଶଂସା ପାଇବାକୁ
କରୁଛୁ ଏଡ଼େ ଗରଜନ ରେ । ୪ ।

ମଦନ ଯମ ରଡ଼ି ସମସ୍ତେ ଘଡ଼ଘଡ଼ି
ଶୁଣି ବୁଡ଼ିବ ବାଳାନାଡ଼ୀ
ନ ରହି ଏକ ଘଡ଼ି କଷ୍ଟସ୍ତେ ଯିବ ଗୁଡ଼ି
ନ ଦାଅ ତାକୁ ଏଡ଼େ ଧାଡ଼ିରେ ।
ଜଳଧର,
କଠୋର କୁଳିଶ କରୁଛ, ମୋ ଶିରେ ପଡ଼ୁ ପଛେ ମାଡ଼ି
ଅଦୋଷୀ ସୁକୁମାରୀ ରାଜକୁମାରୀ ମୀର
କାହିଁ ପାଇବୁ କେତେ ଶାଢ଼ୀ । ୬ ।

୧୪ଶ ଛାନ୍ଦ ।

କବି ନାୟିକାକୁ ଜଗଜ୍ଜନ-ରଞ୍ଜିନୀ-ହାସଶୋଭିନୀ ବୋଲି ବର୍ଣ୍ଣନା କରି ତାହା ସହିତ ଚପଳାକୁ ତୁଳନା କରି ଚପଳାକୁ ନିନ୍ଦା କରିଛନ୍ତି । ନାୟିକାକୁ ବିଦ୍ୟୁଲ୍ଲତା ବୋଲି ମଧ୍ୟ କହିବା ପ୍ରାସଙ୍ଗିକ ହୋଇଛି ।

କବିଙ୍କ ସମଗ୍ର ଜଳଧର ସମ୍ବୋଧନ ପ୍ରସଙ୍ଗଟି ରସପୂର୍ଣ୍ଣ ହୋଇଛି । ଅନୁପ୍ରାସର ସୁସଙ୍ଗତ ମନୋରମ ପ୍ରୟୋଗ ବର୍ଣ୍ଣନାଟିକୁ ଅତି ଚମତ୍କାର କରି ପାରିଛି ।

ଅତି ସରଳ ପଦ ବ୍ୟବହାର କରି ମଧ୍ୟ କବି ଯଶ ଅର୍ଜନ କରିଛନ୍ତି । ବହୁ ପଦ ମଧ୍ୟରୁ ଏହି କେତୋଟି ଏଠାରେ ପ୍ରଦତ୍ତ ହେଲା ।—

କେତେବେଳରେ ତାର ମନରେ କି ବିଗୁର
ପ୍ରବେଶ ହେଉଥିବ ଆସି,

କେଉଁ ପ୍ରକାରେ ନାଶୀ ଘନ କୁଟିଲ କେଶୀ
ହରିବ ହର୍ମ୍ୟପୃଚରେ ବସି ରେ
ଜଳଧର,
ଜୀବନବନ୍ଧୁ ସେ ସୁତନୁ ତାହାର ସୁକୁମାର ତନୁ
ଏବେ ସେ ମୋର ବିନୁ ଘନୁ ଘନୁ ଅତନୁ
ତାହା ସେ କରିଥିବ ତନୁ ରେ । ୧୩ ।

କେଉଁ ସଜନୀ ତାକୁ କହିବ ବୋଧ ବାଣୀ
କାହାର ବୋଧ ସେ ଘେନିବ,
ଯେହୁ କହିବ ସେହୁ ମୋହର ପରି କରି
ତାହାର ମନ ନ ଜାଣିବ ରେ
ଜଳଧର,
ଦଣ୍ଡେ ଯେ ପାଶ ନ ଛାଡ଼ଇ ମୁଖ ମଳିନ ନ ସହଇ
ନରନାଥ ନନ୍ଦନା ଏବେ ଏତେ ବେଦନା
ପାଇବ ବୋଲି ନ ଜାଣଇ ରେ । ୧୪ ।

(୧୪ଶ ଛାନ୍ଦ)

ଚନ୍ଦ୍ରକଳାର ଶୋଭା—ଚନ୍ଦ୍ରକଳାର ସୌନ୍ଦର୍ଯ୍ୟ କାବ୍ୟର ଏକାଧିକ ସ୍ଥଳରେ କବି ବର୍ଣ୍ଣନା କରିଛନ୍ତି । ବୟଃସନ୍ଧି ଓ ଯୌବନ ଅବସ୍ଥାର ରୂପ, ବେଶଭୂଷା, ଚେଷ୍ଟା, ଆନ୍ତର ବ୍ୟବହାର ପ୍ରଭୃତି ଏକାଧିକ ଛାନ୍ଦରେ ବର୍ଣ୍ଣିତ ହୋଇଛି । ଉପମା, ଉପମା ନିନ୍ଦା, ବ୍ୟାଜ ସ୍ତୁତି, ଛଳ, ଛଳଶ୍ଲେଷ, ବିରୋଧାଭାସ ପ୍ରଭୃତି ଅଳଙ୍କାର ବ୍ୟବହାର କରି ନାୟିକାର ରୂପ, ପରିଧାନ ଅଳଙ୍କାର ପ୍ରଭୃତିର ବର୍ଣ୍ଣନା ଅତି ଚମତ୍କାର ଓ କବିତ୍ୱପୂର୍ଣ୍ଣ ହୋଇଛି । ପଦ ଯୋଜନା ବର୍ଣ୍ଣନାର ସହାୟକ ହୋଇଛି । ଅଳଙ୍କାର ଭୂଷଣ ପରଂପରା ସମ୍ମତ ହୋଇଛି ।

କବି ସ୍ୱୟମ୍ବର ସଭାସ୍ଥ ନୃପତିମାନଙ୍କ ମୁଖରେ ନାୟିକାର ଶୋଭା ପ୍ରକାଶ କରିଛନ୍ତି । 'ବାଳାକୁ ଦେଖି ସମସ୍ତ ମହୀପତି, ସମଦନ ହୋଇ ଏକେ ଏକେ ଏକମନେ ପ୍ରଶଂସା କରନ୍ତି ।'

ଧନ୍ୟରେ ନରେନ୍ଦ୍ର ନନ୍ଦନୀ ଜଗତ ବନ୍ଦନୀ ଧନ୍ୟ ତପକଳା,
ଶୁଣିବାରୁ ପ୍ରତି କୋଟି କୋଟି ଗୁଣେ ସ୍ୱରୂପ ବହୁଛୁ ଅବଳା,
ବାଳାରେ, ତୁ ଭାଗ୍ୟବତୀ ପ୍ରେମଶୀଳା,
କଳିତ ବଳିତ ସୁବେଶ ଲଳିତ କଳିତ କଜ୍ଜ୍ୱଳ କୁନ୍ତଳା । ୫ ।

ଅଶେଷ ଲାବଣ୍ୟ-ସଦନ ବଦନ ମଦନ ଯେବେ ନିରେଖିବ,
ନବ ପୁଷ୍ପବତୀ ଯୁବତୀ ତୋ ରତି ପ୍ରୀତି ମୁଞ୍ଚିବ,
ବାଳାରେ, ଯୋଗୀ ଦେଖି ଯୋଗ ତେଜିବ,
ଆଉ କେଉଁ ଯୁବା ନୋହିବ କି ଅବା ତାହା କହିବାକୁ କି ହେବ ।୬ ।

ଭଲ ଭଲ ଏ ଅତ୍ୟନ୍ତ ସୁଘଟଣ ହେମଚନ୍ଦ୍ର ଖଣ୍ଡ ଫଳକ,
କି ଶୋଭା ଦିଶୁଛୁ ଯେହ୍ନ ଏ ବିଚିତ୍ର ସିନ୍ଦୂର ତିଳକ ଅଳକ,
ବାଳାରେ, ମୁଖ ପଦ୍ମେ ପ୍ରାତଃ ତରଣୀ
ବୁଝୁ ସୁଗନ୍ଧ ମକରନ୍ଦ ଲୋଭେ କି ବସିଲେ ମଧୁକର ଶ୍ରେଣୀ । ୭ ।
ଖଞ୍ଜନ ଗଞ୍ଜନ ଅଞ୍ଜନ ଲୋଚନୀ ବୁଝୁ ଚତୁର କୋମଳାଙ୍ଗି,
କାମ କୋଦଣ୍ଡ କଟାକ୍ଷେ ଦିଶୁନାହିଁ ଧନ୍ୟ ଧନ୍ୟ ତୋର ଭ୍ରୂଭଙ୍ଗୀ
ବାଳାରେ, ତୋ ନେତ୍ର ଅଞ୍ଚଳ ଚଞ୍ଚଳ
ଇଚ୍ଛିତ ମାତ୍ରକେ କରିବ ତରଳ ଗରଳ-କଣ୍ଠ ଯୋଗବଳ । ୮ ।
ଇତ୍ୟାଦି । (୯ମ ଛାନ୍ଦ)

ଅବଳାର ଅପୂର୍ବ ଶୋଭା ସନ୍ଦର୍ଶନ କରି ଜଣେ କେଉଁ ରାଜା ସମସ୍ତଙ୍କର ହୃଦୟର ଭାବ ପ୍ରକାଶ କରିଛନ୍ତି କି ?

ଭଲ ଭାଗ୍ୟେ ଆଜି ପାଇଲି ରଜନୀ ନୟନ ହୋଇଲି କୃତାର୍ଥ,
ମାନବ ଦେହ ପାଇବା ଫଳ ନିଶ୍ଚେ ଏତେକେ ହେବ ଚରିତାର୍ଥ,
ବାଳାରେ, ସତେ କି ଦଇବ କରିବ,
ସୁତନୁ ତା ତନୁ ମୋ ତନୁ ଅତନୁ କେଳି ସଙ୍ଗରେ କି ଜଡ଼ିବ ।୧୪।

ଉପମା ବ୍ୟବହାର କରିବା ଶୈଳୀ ମଧ୍ୟ ସୁନ୍ଦର ହୋଇଛି । କବି ପାଣ୍ଡିତ୍ୟପୂର୍ଣ୍ଣ ଭାଷା ଓ ଭାବରେ ଉପମା ହାର ମାନିଥିବା ପ୍ରକାଶ କରି ଅନ୍ୟ

ଯନ୍ତ୍ରାର ବର୍ଣ୍ଣନା ଦେବା ଉପାୟ ଉଦ୍‌ଭାବନ କରିଛନ୍ତି । ରାଜାମାନେ ବିଗ୍ଭୁଛନ୍ତି—

ସବୁରି ମନେ ଏ ବିଗ୍ଭର ଏବେ କି ଉପମା ଏହାଙ୍କୁ କରିବା,
ଅନୁପମା ଏ ଏମନ୍ତ ଆଶଙ୍କା କରିବା ଯେବେ ନବର୍ଣ୍ଣିବା,
ତେବେ ତ, ହୋଇଲା ଏ ଶୋଭା ବିରୋଧି,
ତଥାପି କବି ପରଂପରା ପ୍ରବନ୍ଧ ଉପମା ଦ୍ୱାରେ ହୋଏ ସିଦ୍ଧି ।୧୫।
(୯ମ ଛାନ୍ଦ)

ବସନ୍ତ ଋତୁ—ବସନ୍ତ ଋତୁର ବର୍ଣ୍ଣନା ବଡ଼ ପାଣ୍ଡିତ୍ୟପୂର୍ଣ୍ଣ ଓ କବିତ୍ୱପୂର୍ଣ୍ଣ ହୋଇଛି । ପଦଲାଳିତ୍ୟ ବର୍ଣ୍ଣନାର ଯୋଗ୍ୟ ହୋଇଛି ।—

ଏଥୁଅନନ୍ତରେ କିଛି ଦିନାନ୍ତରେ ବସନ୍ତ ପ୍ରବେଶ ହୋଇଲା,
ମନ୍ଦଗନ୍ଧ ଶୀତ ମଳୟ ମରୁତ ସମସ୍ତ ଦିଶେ ପ୍ରସରିଲା,
କନ୍ଦର୍ପ, ଦର୍ପ ଅତିଶୟ ବଢ଼ିଲା,
କୋକିଳ କୁଳ କଳରବ ଚହଳ ଗହଳ ଚମକ ପଡ଼ିଲା । ୧ ।

ନବପଲ୍ଲବ ମୁକୁଳକୁ ଧରିଲେ ସହକାର ଶାଖୀ ନିକର,
ଫୁଟିଲେ ମଲ୍ଲି ମାଧବୀ ଗୁରୁ ଚମ୍ପା କୁରୁଅନା କରି କେଶର,
ମଞ୍ଜୁଳ, ବଞ୍ଜୁଳ କେତକୀ ସଙ୍କୁଳ,
ନବମାଳିକା ଅମଳା ପାରିଭଦ୍ର ପଲାଶ ପ୍ରସୂନ ପଟଳ । ୨ ।

ଏହିପରି ଅପୂର୍ବ ଶୋଭା ମଣ୍ଡିତ ଋତୁରାଜ ବସନ୍ତ ପ୍ରେମିକ ସମାଜଙ୍କୁ ମନସିଜ ବାଣରେ କ୍ଷତ ବିକ୍ଷତ କରି ଧୈର୍ଯ୍ୟ ନାଶ କରୁଛି ଏବଂ 'ମାନ ନାଶ' ପର୍ଯ୍ୟନ୍ତ ଧୈର୍ଯ୍ୟ ରଖି ନପାରି ପ୍ରଣୟିନୀର ଚରଣ ତଳେ ଶୀଘ୍ର ପଡ଼ିବାକୁ ବାଧ୍ୟ ହେଉଛି । ଅନଙ୍ଗ ଓ ସୁଧାକର ଋତୁରାଜର ସହକାରୀ ହୋଇଥିବାରୁ ଏଭଳି ଦଶା ହେବା ଅସମ୍ଭବ ବା କଣ ? 'ଅଧୈର୍ଯ୍ୟ କୋହି ଧଇର୍ଯ୍ୟ ହୋଇବ କେ ଅଛି ଏମନ୍ତ ବିବେକ ।'

ନବଯୌବନା ରାଜକୁମାରୀ ଉପରେ ଋତୁରାଜର ସ୍ୱାଭାବିକ ପ୍ରଭାବ ପଡ଼ିବାରୁ ସଖୀମାନେ ମଧ୍ୟ ପ୍ରଭାବିତ ହୋଇ କାଳୋଚିତ ବ୍ୟବହାର କରିଛନ୍ତି । ଉପବନ ବିହାର ଛଳରେ ଋତୁରାଜ ଅସୀମ ପ୍ରଭାବ ଉପବନରେ ପ୍ରକାଶିତ ହୋଇଥିବାରୁ ସେ ନୈସର୍ଗିକ ଶୋଭା ଉପଭୋଗ କରି ଋତୁ-ସୁଲଭ ଆମୋଦ ଅନୁଭବ କରିବାପାଇଁ ରାଜକୁମାରୀଙ୍କୁ ଉପବନକୁ ନେଲେ । ବସନ୍ତର ପ୍ରଭାବରେ ଉପବନର 'ନବ ପଲ୍ଲବିତ ସ୍ଫୁରୁ କୁସୁମିତ ତରୁ ଲତା' ନବଯୌବନ ରୂପ ଧାରଣ କରିଥିବାରୁ ରାଜକୁମାରୀ ଓ ସଖୀମାନେ 'ମକର-କେତନ ନିଜ ନିକେତନ ବୋଲି ମନେ କରନ୍ତି ।' ସୁଦନ୍ତି ସୁମତି ରାଜକୁମାରୀ ମନରେ କାଳୋଚିତ ହାବଭାବ ପ୍ରକାଶ ପାଇଥିଲା ଏବଂ ସେ 'ଦରହାସ ହୋଇ ସରସ ସୁବଚନ ବଚନ' ସଖୀମାନଙ୍କୁ କହିଲେ । କବିଙ୍କର ଉପୋଦ୍‌ଘାତର ଚମତ୍କାରିତା ପ୍ରକାଶ ପାଇ ଘଟନାପ୍ରବାହକୁ ରମଣୀୟ କରି ପାରିଛି । ପରବର୍ତ୍ତୀ କଥୋପକଥନ ଶ୍ଳେଷ, ଛଳ ଶ୍ଳେଷରେ ପରିପୂର୍ଣ୍ଣ ହୋଇ ଅପୂର୍ବ ରସ ସଞ୍ଚାର କରିଛି ।

ଦେଖ ସଖି ଶମ୍ପାଗଉରୀ ଏ ଚମ୍ପା ସୁବର୍ଣ୍ଣ ଚଉରୀରେ ଖ୍ୟାତ
ନଥିବ ଏଠାରେ ହର-ଶପ୍ତ ଦୋଷ ଦୃଷ୍ଟିରେ କରିବ ଆଘାତ,
ସଙ୍ଗାତ, କି ଲଭିରେ ଏହା ସହିବା,
ଏହି ସକାଶରୁ ଶୋକ ଜାତ ନୋହୁ ଅଶୋକକୁ ବେଗେ ଭଜିବା । ୧୦ ।
ବିକାଶ ଗନ୍ଧ ମକରନ୍ଦ ପ୍ରକଟ ବକୁଳ କୁଳରେ ମଣ୍ଡିତ
ସଖି ଏ ଅତି ମନୋହର ରସାଳ ବହୁଳ ବିଟପେ ବେଷ୍ଟିତ,
ଆତୁର, ମଧୁପ ଲୋଭୀ ଏ ଦେଖିନାଛି,
ଦେଖ ଦେଖ ଏ ହେମବର୍ଣ୍ଣ ସୁନାରୀ ଏହା ପାରୁଶେ କମ୍ପା ଅଛି । ୧୧ ।
ସଖି ଏ ମଧୁ କାଳରେ ଜାତିନାହିଁ ପୁନ୍ନାଗ କାହିଁ ଅଛି କହ
ବୋଲେ ସଜନୀ ଏ ନିକଟରେ ଅଛି ପାଇବୁ ଉଦବେଗ ନୁହ,
ସଙ୍ଗାତ, କାହିଁଛୁ ନାହିଁ ତ ମୋ ପାଖେ,
ଆଜ ମୁଁ ମଲ୍ଲି କୁସୁମ ନ ତୋଳିବ ପଡ଼ିଲି ନାଗେଶ୍ୱର ମୁଖେ । ୧୨ ।

ଇତ୍ୟାଦି ।

ଚମ୍ପା, ଅଶୋକ, ବକୁଳ, ସୁନାଗ, ରସାଳ, ପୁନ୍ନାଗ, ନାଗେଶ୍ୱର ପ୍ରଭୃତି ପୁଷ୍ପଲତା ଓ ବୃକ୍ଷମାନଙ୍କ ବର୍ଣ୍ଣନାରେ ଶ୍ଳେଷଗର୍ଭିକ ଭାବନା ଅତି ରସମୟ ହୋଇ ପରମ ଆନନ୍ଦ ଜାତ କରାଉଅଛି ।

ସମସାମୟିକ କବିମାନଙ୍କ ମଧ୍ୟରେ ଧନଞ୍ଜୟ, ଉପେନ୍ଦ୍ରଙ୍କ ଏହି ଶୈଳୀର ଉପବନ ବର୍ଣ୍ଣନା ଅତି ରମଣୀୟ ହୋଇଛି । ଲୋକନାଥଙ୍କ ବର୍ଣ୍ଣନା ଏମାନଙ୍କ ବର୍ଣ୍ଣନାର ସମକକ୍ଷ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଉପବନ ବିହାର ବର୍ଣ୍ଣନାରେ କବିଙ୍କ ଉଚ୍ଚକୋଟୀର କବିତ୍ୱ ଓ ପ୍ରତିଭା ପ୍ରକାଶଲାଭ କରିଛି ।

ଅନ୍ୟାନ୍ୟ ଋତୁ ବର୍ଣ୍ଣନା ମଧ୍ୟ ରସପୂର୍ଣ୍ଣ ହୋଇଛି ।

କବି ଅନ୍ୟାନ୍ୟ କାବ୍ୟମାନଙ୍କରେ ଋତୁ ବର୍ଣ୍ଣନା କରିଛନ୍ତି । ବର୍ଣ୍ଣନାରେ ବିସ୍ତୃତି, ଗମ୍ଭୀରତା, ପଦ ଯୋଜନାର ମାଧୁରୀ ପ୍ରଭୃତିରେ ପ୍ରଭେଦ ପରିଲକ୍ଷିତ ହେଉଥିଲେ ମଧ୍ୟ କବିଙ୍କ ସିଦ୍ଧହସ୍ତତା ସବୁଠାରେ ପ୍ରକାଶ ପାଇଛି । ବର୍ଣ୍ଣନାତ୍ମକ କାବ୍ୟ 'ନୀଳାଦ୍ରି ମହୋତ୍ସବ'ର ବସନ୍ତାଦି ଋତୁମାନଙ୍କର ବର୍ଣ୍ଣନା ଚମତ୍କାର ହୋଇଥିଲେ ମଧ୍ୟ ଚିତ୍ରକଳାଦି ପ୍ରେମ କାବ୍ୟର ବର୍ଣ୍ଣନାଠାରୁ କିଞ୍ଚିତ ଭିନ୍ନ ହେବା ସ୍ୱାଭାବିକ । କାରଣ ପ୍ରେମିକା ନାୟିକାର ଭାବରାଜି ନୀଳାଦ୍ରି ମହୋତ୍ସବରେ ପ୍ରକାଶ ପାଇବାର ଅବକାଶ ନାହିଁ । କବିଙ୍କ ଋତୁ ବର୍ଣ୍ଣନା ବିବିଧ ଅଳଙ୍କାର ମଣ୍ଡିତ ହୋଇ ଅପୂର୍ବ ଶୋଭା ଧାରଣ କରିଛି ।

ଲୋକନାଥ ନାୟକ ନାୟିକାଙ୍କ ବିରହ, ନାୟିକାମାନ, ମିଳନ ପ୍ରଭୃତି ପ୍ରସଙ୍ଗ ବର୍ଣ୍ଣନାରେ କବିତ୍ୱପୂର୍ଣ୍ଣ ବହୁ ପଦ ସୃଷ୍ଟି କରିଛନ୍ତି । ଦାମ୍ପତ୍ୟଲୀଳା ପ୍ରସଙ୍ଗ ଅତି ଉତ୍କଟ ଭାବରେ ପ୍ରକାଶ କରିଥିବାରୁ ବିରକ୍ତିଭାବ ଜାତ ହେବା ସ୍ୱାଭାବିକ । ପ୍ରାୟ ପଚିଶ ବା ତିରିଶି ବର୍ଷ ତଳେ ମୁଦ୍ରିତ ହୋଇଥିବା ଏକ ସଂସ୍କରଣରେ ଦଶମ ଛାନ୍ଦର କେଳି ରହସ୍ୟ ପ୍ରସଙ୍ଗ ବର୍ଣ୍ଣନାର ଶେଷ ଅଂଶ ପ୍ରକାଶ ହୋଇ-ନାହିଁ । ଏହାର କାରଣ ଏହିପରି ଭାବରେ ବ୍ୟକ୍ତ କରାଯାଇଛି । ଏହି ଛାନ୍ଦର କେତେକ ପଦ ପ୍ରଚଳିତ ଆଇନ ଅନୁସାରେ ପ୍ରକାଶ କରିବା ଦୋଷାବହ

ଜାଣି ପରିତ୍ୟାଗ କଲୁ । ଏହି ରତିକେଳି ପ୍ରସଙ୍ଗର ବାରମ୍ବାର ବର୍ଣ୍ଣନାରେ ଗ୍ରାହକମାନଙ୍କ ମନରେ 'ଚିଣ୍ଟା' ଭାବ ଜାଗ୍ରତ ହେବାର ସମ୍ଭବନା ଥିବା ଆଶଙ୍କା କରି କବି ଜଣେ ଏ ସମ୍ବନ୍ଧରେ କିଛି ସୂଚନା ଦେଇଛନ୍ତି । ନାୟକ ନାୟିକା—

ସୁଧା ସମାନ ଅଶନ ପାନ ସୁଖେ ବଞ୍ଚିଲେ ଜଣୀ
ଦିନକୁ ଦିନ ଯେତେ ବିଧାନ କହିବ କେ ବିଶେଷି ।
ଏମନ୍ତେ କିଛି ବରଷ ଅନ୍ତେ ହୋଇଲା ଯାହା ଶୁଣ,
କହିବି ତିନ ଛାନ୍ଦେ ତାହାଁର ଚରିତ ବିସ୍ତାରଣ ।
ଚିଣ୍ଟା ନୋହିବ ଏ ଯେତେବେଳେ ହୋଇବ କର୍ଣ୍ଣପଥ
ଭାଷା ବାକ୍ୟରେ ଏଥୁ ବିସ୍ତାରେ ଅଛନ୍ତି ବହୁ ଗ୍ରନ୍ଥ ।
(୧୨ଶ ଛାନ୍ଦ । ଚନ୍ଦ୍ରକଳା)

ଓଡ଼ିଆରେ ଏ ସମ୍ପର୍କୀୟ ବହୁ ଗ୍ରନ୍ଥ ଥିବା କବି ଲେଖିଥିବାରୁ ଏହି ଯୁଗର ସାହିତ୍ୟ କବିଙ୍କ ସମସ୍ତଙ୍କୁ ସମ୍ମୋହିତ କରିଥିବା ସ୍ପଷ୍ଟ ହେଉଛି । ମୁଦ୍ରିତ ଓ ଅମୁଦ୍ରିତ ବହୁ କାବ୍ୟ କବିତାର ବିଦ୍ୟମାନତାହିଁ ଏହାର ପ୍ରମାଣ ।

ନାୟକ-ନାୟିକା—ଚନ୍ଦ୍ରକଳାର ନାୟକ ଓ ନାୟିକା ପରଂପରା ସମ୍ମତ ଚରିତ୍ରାବଳୀରେ ଭୂଷିତ ହୋଇଛନ୍ତି । ସେମାନେ ଉଚ୍ଚକୁଳ ସମ୍ଭୂତ, ସୁନ୍ଦର, ଶିକ୍ଷିତ ଯୁବକ ଯୁବତୀ । ଯୌବନ ସୁଲଭ ପ୍ରେମ ଧର୍ମ ଦ୍ୱାରା ସେମାନେ ଆବିଷ୍ଟ । ପ୍ରେମ ବ୍ୟତୀତ ଅନ୍ୟ ଭାବ ସେମାନଙ୍କଠାରେ ପୂର୍ଣ୍ଣ ବିକଶିତ ହୋଇ ପାରିନାହିଁ । ପାରିବାରିକ ସୁଖ ଦୁଃଖ ସେମାନଙ୍କୁ ବିଶେଷ ଭାବରେ ସ୍ପର୍ଶ କରି ପାରିନାହିଁ । ପ୍ରେମ କାହାଣୀର ସମସ୍ତ ଅତି ସ୍ୱଳ୍ପ ଥିବାରୁ ଚରିତ୍ରର ଅନ୍ୟାନ୍ୟ ଦିଗ ବିକଶିତ ହୋଇ ପାରିନାହିଁ । ବିବାହ ପରେ ବର କନ୍ୟାଙ୍କ ଦାମ୍ପତ୍ୟ ଜୀବନର ପ୍ରାରମ୍ଭ ହୋଇଥିବା ସୂଚନା ଦେଇ କବି କଥା ପ୍ରସଙ୍ଗ ସମ୍ପୂର୍ଣ୍ଣ କରିଛନ୍ତି । ପରବର୍ତ୍ତୀ କାଳର ପାରିବାରିକ ଜଞ୍ଜାଳର ଚିତ୍ରଦେବା କଥାବସ୍ତୁର ଲକ୍ଷ୍ୟ ଭିତରେ ନଥିବାରୁ ଏହାକୁ ସ୍ପର୍ଶ କରା ଯାଇନାହିଁ । ଓଡ଼ିଶାର ଅନ୍ୟାନ୍ୟ ପ୍ରେମ କାବ୍ୟରେ ମଧ୍ୟ ଏହି ରୀତିହିଁ ଦେଖାଯାଏ ।

'ଚନ୍ଦ୍ରକଳା'ରେ ଲୋକନାଥ ବହୁ ରମଣୀୟ ଦୃଶ୍ୟର ଜୀବନ୍ତ ଚିତ୍ର ପଦାବଳୀ ସାହାଯ୍ୟରେ ପ୍ରଦାନ କରି ଉଚ୍ଚ ଶ୍ରେଣୀର କବି ପ୍ରତିଭାର ପ୍ରମାଣ ଦେଇଛନ୍ତି । ଯଥା :—

(୧) ସ୍ୱପ୍ନ ଭେଳା ଛୁଟିଲେ ସେ କାନ୍ତ କାନ୍ତା ଯେ
ହୋଇଛନ୍ତି ସଜଳ ନେତ୍ର ବହନ୍ତା,
ଦୁହେଁ ଦୁହିଁଙ୍କି ସ୍ନେହେ ଭିଡ଼ିଲେ ପ୍ରାଣକୁ ପ୍ରାଣ ମିଶି ଜଡ଼ିଲେ
ସ୍ୱପ୍ନ ସମସ୍ତ କହି ସେ ଭେଳକଲେ ଚନ୍ଦ୍ରା ଯେ । (୪ । ୧୫ଶ ଛାନ୍ଦ ।)

(୨) ଶୁଣି ସେ ବାଳା ସୁଖ ଲଭିଲା ଏମନ୍ତ ମତେ ପ୍ରତେ ହୋଇଲା
ମର୍କତ ପାତ୍ରେ କି ପଦ୍ମକଢ଼ି ଦେଇ ପୂଜିଲା ସେ ।
କାନ୍ତ ବଚନ ଯେଣୁ ପ୍ରତିପାଳିଲା ସେ,
ସ୍ନେହେ ସ୍ୱଜନ ତାଙ୍କୁ ହୃଦେ ଭିଡ଼ିଲା ଯେ
ତା ଶିରୁ ଚନ୍ଦ୍ରମୁଖ ଚୁମ୍ବିଲା ସପ୍ରେମ ରସବାଣୀ ଭାଷିଲା
ସକାମ ମନ ଅଧିକେ ତାର ଚଞ୍ଚଳ ଜାଲା ଯେ ।
କମ୍ପୁଛି କୋଳେ କୁରଙ୍ଗଦୃଶା ବିଶେଷେ କରୁଅଛି ବରଷା
ତହିଁକି ପୁଣି ପ୍ରାପତ କମେ ହୋଇଲା ନିଶା ଯେ ।
(୧୨, ୧୩ । ୧୫ଶ ଛାନ୍ଦ ।)

(୩) କେ ଖଦି ଗ୍ରୀମର କେନ୍ଦ୍ରିବା ବାଞ୍ଛଣା ଝରି ପଶଖ ଧରିଛନ୍ତି
କେ ବୀଣା କେତକୀ କେଶର ମଣ୍ଡଳ ଘେନି ମନ୍ଦେ ମନ୍ଦେ ବାବନ୍ତି,
ଉଭୟ, ପାରୁଶେ ପଛେ ବେଢ଼ିଛନ୍ତି
କେବଣ ଚତୁରୀ ପ୍ରରତରେ ମିଳି ପହଣ୍ଡ ମଣାଇଁ ନଅନ୍ତି । ୭ ।
( ୪ର୍ଥ ଛାନ୍ଦ)

'ଚନ୍ଦ୍ରକଳା'ରେ କବି ବହୁ କାନ୍ତ ପଦାବଳୀ ରଚନା କରି ଉଚ୍ଚକୋଟୀ କବିତ୍ୱ ଶକ୍ତିର ପରିଚୟ ଦେଇଛନ୍ତି । ଉଦାହରଣ—

(୧) କୁଟିଳ କୁନ୍ତଳ ପାଶ ଫେଡ଼ି ବନ୍ଧାଇଲେ
ମୃଗ ମନ-ଲୋଭ ଶୋଭା କବରୀ ରଚିଲେ,
ଭିନେ ଭିନ୍ନେ କରି ଫୁଲ ସରି ସରି କରି,
ଯେ ଯହିଁକି ସାଜିଲା ତା ବାନ୍ଧିଲେ ବିସ୍ତରି ।
( ୩ୟ ଛାନ୍ଦ )

(୨) ଏଥୁ ଅନନ୍ତରେ କିଛୁ ଦିନାନ୍ତରେ ବସନ୍ତ ପ୍ରବେଶ ହୋଇଲା
ମନ୍ଦଗନ୍ଧ ଶୀତ ମଳୟ ମରୁତ ସମସ୍ତ ଦିଶ ପ୍ରସରିଲା,
କନ୍ଦର୍ପ, ଦର୍ପ ଅତିଶୟ ବଢ଼ିଲା
କୋକିଳ କୁଳ କଳରବ ଚହଳ ଗହଳ ଚମକ ପଡ଼ିଲା । ୧ ।
ନବ ପଲ୍ଲବ ମୁକୁଳକୁ ଧଇଲେ ସହକାରୀ ଶାଖୀ ନିକର ।
ଫୁଟିଲେ ମଲ୍ଲି ମାଧବୀ ଯୂଥୀ ଚମ୍ପା ଜୁଇଅନା କଣି କେଶର
ମଞ୍ଜୁଳ ବଞ୍ଜୁଳ କେତକୀ ସଙ୍କୁଳ
ନବ ମାଳିକା ଅମଳା ପାରିଭଦ୍ର ପଲାଶ ପ୍ରସୂନ ପଟଳ । ୨ ।
(୪ର୍ଥ ଛାନ୍ଦ)

ଦେଖ କୁରୁବକ କୁସୁମ ସ୍ତବକ ମଦନ ପାବକ ସନ୍ଦେହ
ନବ କୁରୁଣ୍ଟକ ନୟନ କଣ୍ଟକ ଏଥିରେ ନକର ସନ୍ଦେହ ।
(୧୬ । ୪ର୍ଥ ଛାନ୍ଦ ।)

(୩) ସଜନି ରଜନୀ ରମଣ ଉଦିତ ମୁଦିତ କିତ ଦରହାସି
ମହାରାଜଚନ୍ଦ୍ର ଦେଖି ନକ ଭୟ କରିଥାଉ ପ୍ରାଣ ପ୍ରେୟସି ।
୨ । ୯ମ ଛାନ୍ଦ ।

ବାଳାରେ, ତୁ ଭାଗ୍ୟବନ୍ତୀ ପ୍ରେମଶୀଳା,
କଳିତ ବଳିତ ସୁବେଶ ଲଳିତ ବଳିତ କଜ୍ଜ୍ୱଳ କୁନ୍ତଳା । ୬ ।
(୯ମ ଛାନ୍ଦ)

ଖଞ୍ଜନ ଗଞ୍ଜନ ଅଞ୍ଜନ ଲୋଚନୀ ସ୍ମିତ ଚତୁରୀ କୋମଳାଙ୍ଗି
କାମ କୋଦଣ୍ଡ କଟାକ୍ଷେ ଦଶୁନାହିଁ ଧନ୍ୟ ଧନ୍ୟ ତୋର ଭ୍ରୂଭଙ୍ଗୀ ।
(୮ । ୯ମ ଛାନ୍ଦ)

## ସର୍ବାଙ୍ଗ ସୁନ୍ଦରୀ—

୧ମ ଛାନ୍ଦ—ନାୟିକା ସର୍ବାଙ୍ଗ ସୁନ୍ଦରୀର ଜନ୍ମ ବୃତ୍ତାନ୍ତ । ପାର୍ବତୀଙ୍କ ମାନସ କନ୍ୟା ସୁର ଅପାଙ୍ଗୀର ରୂପ ଲାବଣ୍ୟରେ ମୁନିବର ଜ୍ଞାନ-ଅଙ୍କୁର ମୁଗ୍ଧ ହେବା । ହରପାର୍ବତୀଙ୍କ ଆଦେଶରେ ଦୁହେଁ ମର୍ତ୍ତ୍ୟଲୋକରେ ସ୍ୱାମୀ ସ୍ତ୍ରୀ ରୂପରେ ଜନ୍ମ ଗ୍ରହଣ କରିବା । ରତ୍ନମାଳା କଟକରେ ସୁରତ ଶିରୋମଣି ରାଜାଙ୍କର କୁମର ରୂପେ ଜ୍ଞାନାଙ୍କୁର ଅବନୀ ତିଳକ ନାମରେ ଅବତୀର୍ଣ୍ଣ ହେବା । ରସତରଙ୍ଗ ଦେଶର ରାଜା ପୁଷ୍ପଧନୁଙ୍କ ପାଟମହିଷୀ ରସବତୀଙ୍କ ଗର୍ଭରେ ସୁର ଅପାଙ୍ଗୀ ଜନ୍ମ ଗ୍ରହଣ କରି ସର୍ବାଙ୍ଗ ସୁନ୍ଦରୀ ନାମ ଧାରଣ କରିବା । ୨ୟ—ସର୍ବାଙ୍ଗ ସୁନ୍ଦରୀର ଜନ୍ମ ଏବଂ ବାଲ୍ୟାବସ୍ଥା ଓ ଯୌବନାବସ୍ଥା । ତାର ପ୍ରତ୍ୟଙ୍ଗ ବର୍ଣ୍ଣନା । ମନରେ କାନ୍ତ ପ୍ରାପ୍ତିର ଇଚ୍ଛା ଜାଗରୂକ ହେବା । ଅଭିଳାଷ ସିଦ୍ଧି ନିମନ୍ତେ ଶିବ ପୂଜା କରିବା । ଶିବଙ୍କ ବର ଅନୁରୂପ ସ୍ୱପ୍ନରେ ନିଜର ଭାବୀ ନାୟକ ଅବନୀ ତିଳକଙ୍କୁ ଅବଲୋକନ କରିବା । ୩ୟ—ସର୍ବାଙ୍ଗ ସୁନ୍ଦରୀ ଅଙ୍ଗ ଶୋଭା ବର୍ଣ୍ଣନା । ୪ର୍ଥ—ଜ୍ଞାନାଙ୍କୁରର ଜନ୍ମ ବୃତ୍ତାନ୍ତ । ରତନ କଟକର ନରେଶ ସୁରତ ଶିରୋମଣିର ବନିତା ଲାବଣ୍ୟ ଜଳଧିର କମନୀୟ ରୂପରାଶିରେ ସ୍ୱୟଂ ଇନ୍ଦ୍ରଦେବ ମୁଗ୍ଧ ହୋଇ ବିହାର କରିବା ଏବଂ ଲାବଣ୍ୟ ଜଳଧି ଗର୍ଭରେ ଜ୍ଞାନାଙ୍କୁର ଅବନୀ ତିଳକ ରୂପେ ଜନ୍ମଗ୍ରହଣ କରିବା । ୫ମ—ରତନପୁରର ଶୋଭା ବର୍ଣ୍ଣନା । ଅବନୀତିଳକ ଦିନୁଁ ଦିନୁଁ ଶୈଶବାବସ୍ଥାରୁ ଯୌବନାବସ୍ଥାରେ ପଦାର୍ପଣ କରିବା ଏବଂ ଯୌବନ ସୁଲଭ ମଦନ ବ୍ୟଥା ପାଇ ଅଚ୍ୟୁତଙ୍କୁ ଧ୍ୟାନ କରିବା । 'କାଲି ଗୋଟିଏ ହଂସ ଆସି ତୁମ ସହିତ ଦେଖା କରିବ । ତୁମେ ତାହାକୁ ତୁମର ହୃଦୟର ସମସ୍ତ କଥା ବ୍ୟକ୍ତ କରିବ । ସେ ତୁମର ମନଃକାମନା ସିଦ୍ଧିରେ ସହାୟ ହେବ ବୋଲି ବର ପ୍ରଦାନ କରିବା ।' ହଂସ ଆସି କୁମାର ସହିତ ଦେଖା କରି କାମିନୀ ଅନ୍ୱେଷଣରେ ବାହାରିବା । ୬ଷ୍ଠ—ବସନ୍ତ କାଳ ପ୍ରବେଶ ଓ କୁମାରୀର ମଦନ ବ୍ୟଥା ଭୋଗ । ୭ମ—ନାୟିକାର ସଖୀଙ୍କ ମେଳରେ ଉଦ୍ୟାନ ଭ୍ରମଣ ଓ ଜଳକ୍ରୀଡ଼ା । ୮ମ—ସର୍ବାଙ୍ଗ ସୁନ୍ଦରୀ ନିକଟରେ ହଂସର

ପ୍ରବେଶ ଏବଂ ଅବନୀତିଳକର ରୂପ ,ଗୁଣ ବର୍ଣ୍ଣନା । ଅବନୀତିଳକ ପ୍ରତି ସର୍ବାଙ୍ଗସୁନ୍ଦରୀ ଆସକ୍ତ ହେବା । ୯ମ—ସର୍ବାଙ୍ଗସୁନ୍ଦରୀର ବିରହ । ୧୦ମ—ହଂସ କୁମାର ନିକଟରେ ପ୍ରବେଶହୋଇ ନାୟିକାର ଶୋଭା ବର୍ଣ୍ଣନା କରିବା । ୧୧ଶ—ସର୍ବାଙ୍ଗସୁନ୍ଦରୀର ସ୍ୱୟମ୍ବର ଉତ୍ସବ । ତାର ବର୍ଣ୍ଣନା । ସ୍ୱୟଂବରରେ ଅବନୀତିଳକଙ୍କୁ ସର୍ବାଙ୍ଗସୁନ୍ଦରୀ ବରଣ କରିବା । ୧୨ଶ—ନାୟକ ନାୟିକାର ବିବାହ ଓ କେଳିପୁରର ବର୍ଣ୍ଣନା । ୧୩ଶ—ମଧୁଶଯ୍ୟା ବିଧି ବର୍ଣ୍ଣନା । ୧୪ଶ—ନାୟକ ନାୟିକାଙ୍କୁ ସଙ୍ଗେ ନେଇ ନିଜ ପୁରକୁ ପ୍ରତ୍ୟାବର୍ତ୍ତିନକରିବା । ୧୫ଶ—ପ୍ରତ୍ୟାବର୍ତ୍ତନ ପଥରେ ହଂସନାୟକ ନାୟିକାଙ୍କୁ ସାକ୍ଷାତ କରି ରାଜା ଓ ମହିଷୀଙ୍କର କର୍ତ୍ତବ୍ୟ ସମ୍ବନ୍ଧରେ ସଦୁପଦେଶ ଦେବା । ଦିନେ ରାତ୍ରି ଶୟନ କାଳରେ ନାୟକ ଓ ନାୟିକା ଉଭୟେ ସ୍ୱପ୍ନ ଦେଖିବା । ନାୟିକା ନାୟକର ବିନାଶ ଓ ନାୟକ ନାୟିକାର ବିନାଶ ସ୍ୱପ୍ନ ଦେଖି ସ୍ୱପ୍ନରେ ବିଳାପ କରିବା ।

ରାଜନୀତି—କବି ଲୋକନାଥ ରାଜନୀତିଜ୍ଞ ଥିବାରୁ 'ସର୍ବାଙ୍ଗସୁନ୍ଦରୀ'ରେ ରାଜାଙ୍କୁ ହଂସ ଉପଦେଶ ଦେବା ଛଳରେ ଅତି ସଂକ୍ଷେପରେ ରାଜଧର୍ମର ମୂଳତତ୍ତ୍ୱ ସରଳ ଓ ସୁବୋଧ ପଦାବଳୀରେ ବ୍ୟକ୍ତ କରିଅଛନ୍ତି ।

ପୁତ୍ର ପରିସ୍ଟେ ପାଳିବୁ ପ୍ରଜା, ଗୁରୁଜନେ ରଖିଥିବୁ ଲଜ୍ଜା
ପରେ ପରାକ୍ରମ ସବୁଠାରେ ଧର୍ମଦେବ ବ୍ରାହ୍ମଣରେ ଦେବ ପୂଜା, ହେ ରାଜନ !
ନୀଚ ଜନେ ନ କରିବୁ ପ୍ରୀତି, ପର ଧନରେ ନ ଦେବୁ ମତି
ମହତ ମହତ୍ତ୍ୱ ଖ୍ୟାତ ନ କରିବୁ, ନୀତିରେ କରିବୁ ପ୍ରୀତି, ହେ ରାଜନ ।
ଯାହା କରିବୁ ଥିବ ସେ ମନେ, ଫଳେ ଜାଣିବେ ସକଳ ଜନେ
ସମସ୍ତେ କହି ଜନମନ ରଞ୍ଜିବୁ, ଯେସନେ ପୀକ ବଚନ ହେ ରାଜନ ।
ମନ୍ତ୍ର କରିବୁ ମନ୍ତ୍ରୀକୁ ଘେନ, ହେବୁ ସବୁଠାରେ ଅବଧାନୀ
ମଦ ମୃଗୟା ରତିରେ ଆସକତ ନୋହିବୁ ନୃପତିମଣି, ହେ ରାଜନ ।
ନ କହିବୁ ଖଳେ ତତ୍ତ୍ୱଗୀର, ଅହିତହିଁ କରିବୁ ଶତ୍ରୁର
ଅସୁସ୍ଥି ହୋଇଲେ ଔଷଧ ସେ ଦେଇ ଜ୍ୱରରେ ନ ଦେଇ କ୍ଷୀର ହେ ରାଜନ ।

ଶତ୍ରୁ ଲୋକର ମଧୁର ଭାଷ, ତହିଁ ନ କରିବୁ ବିଶ୍ୱାସ ।
ଯେମନ୍ତ ବିଷ ଦେବା ଲୋକ ଅବଶ୍ୟ ଦିଅଇ ଆହ୍ଲାଦ ରସ, ହେ ରାଜନ ।
ପ୍ରଜା କୁସୁମଲତା ପ୍ରତିମ, ରାଜା ହେବ ମାଳାକାର ସମ
ସେନେହେ ସଲିଳ ହିତ କରିଦେଇ ନେବ କର ରତନ କୁସୁମ, ହେ ରାଜନ
ନିରଳସ ବିବେକୀ କୁଳୀନ, ବିଦ୍ୟାବନ୍ତ ନୀତି ବିଚକ୍ଷଣ,
ଅପକ୍ଷପାତୀ ଧାର୍ମିକ ଅକ୍ରୁମାତି ସଚିବର ଏତେ ଗୁଣ, ହେ ରାଜନ ।
କହିଥିବ ଯେ ଯେମନ୍ତ ଜନ, ତାହାଠାରେ ତେତେ ଅବଧାନ
କାହାର ଚିନ୍ତା କାହା ହେତୁ ନ ଥିବ, କରିଥିବ ମତି ଭାବ ଭିନ୍ନ, ହେ ରାଜନ ।
ଦଣ୍ଡ ବିହିବ ଦଣ୍ଡ୍ୟ ଲୋକରେ, କ୍ଷମା କରିବହିଁ କେଉଁଠାରେ,
ନ ଦେବ ଅଧିକାର ଦ୍ୱିଜ, କ୍ଷତ୍ରିୟ ଜ୍ଞାତି ସଙ୍ଗୀ ଉପକାରେ, ହେ ରାଜନ ।
ରୁଦ୍ର କର୍ମେ ଦୁଷ୍ଟମାନେ ହିତ, ଏହୁ ପ୍ରମାଣ ଅଛି ଦୃଷ୍ଟାନ୍ତ
ଯେମନ୍ତ ବିଷ ଅମୃତ, ରସ ହୋଇଲେ ସାଧୁ ଶୋଧିତ, ହେ ରାଜନ ।
ଶ୍ରୁତି ସ୍ମୃତିରେ ଥିବ ଗୁପତେ, ବହ୍ନି ପ୍ରାପ୍ତେ ତାର ସୂକ୍ଷ୍ମ ମତେ
ପର ମଣି ପୁଷ୍ପସାରକୁ ହରିବୁ ଗୂଢ଼ ସମୀରଣ ଯନ୍ତ୍ରେ ହେ ରାଜନ ।
ବହୁ ସଂଗ୍ରହ ଅଳପ ଖ୍ୟାତି, କର କମଣ୍ଡଳୁ କ୍ଷମ ମନ୍ତ୍ରୀ
ନିତ୍ୟ ନିଯୋଗୀକି ଅତିଶୟ ତୁଷ୍ଟ ନ କରିବୁ ନରପତି, ହେ ରାଜନ ।

ଜ୍ଞାନୀ, ଧାର୍ମିକ ଓ ନୀତିନିପୁଣ ରାଜାଙ୍କ ପକ୍ଷରେ ଏହି ରାଜନୀତି ପରମ ଆଦରଣୀୟ । ଲୋକନାଥ ତତ୍‌କାଳୀନ ଅବସ୍ଥାକୁ ଲକ୍ଷ୍ୟକରି ଏହି ଉପଦେଶ ଦେଇଥିବା ଅନୁମିତ ହୁଏ । 'ବା' ଚଉତିଶାରେ ମଧ୍ୟ ଏହି ପ୍ରକାର କେତୋଟି ଉପଦେଶ ଅଛି ।

କର୍ତ୍ତବ୍ୟ, ନ-କର୍ତ୍ତବ୍ୟ ଉଭୟବିଧ ରାଜନୀତି ବ୍ୟକ୍ତ ହୋଇଛି ।

ପ୍ରଜାରଞ୍ଜନ, ଗୁରୁଜନଙ୍କ ପ୍ରତି ମାନ୍ୟ ଓ ଦେବବ୍ରାହ୍ମଣ ପୂଜା କର୍ତ୍ତବ୍ୟ । ସବୁଠାରେ ଅବଧାନୀ ହେବା, ମନ୍ତ୍ରୀଙ୍କ ସଙ୍ଗେ ମନ୍ତ୍ରଣା କରିବା, ଦଣ୍ଡ୍ୟକୁ ଦଣ୍ଡ, ଦୁଷ୍ଟକୁ ଦମନ, କ୍ଷମାଦାନ ସ୍ଥଳରେ କ୍ଷମା, ଶତ୍ରୁର ଅହିତ ସାଧନ ପ୍ରଭୃତି

କର୍ତ୍ତବ୍ୟ । ଏପରି ଅନ୍ୟାନ୍ୟ କର୍ତ୍ତବ୍ୟ ଗୁଡ଼ିକ ମଧ୍ୟ ସର୍ବକାଳରେ ସର୍ବ-ଦେଶରେ ହିତକର ।

ମଦ ମୃଗୟା ରତିରେ ଆସକ୍ତି, ଖଳଙ୍କ ଚଟୁ ବଚନ, ଶତ୍ରୁର ମଧୁର ଭାଷା ପ୍ରତି ବିଶ୍ୱାସ ପ୍ରଭୃତି ନ-କର୍ତ୍ତବ୍ୟ ।

ଲୋକନାଥ ସର୍ବାଙ୍ଗସୁନ୍ଦରୀରେ ନାୟିକାର ସର୍ବାଙ୍ଗ ବର୍ଣ୍ଣନା ସ୍ଥଳରେ କହିଛନ୍ତି ଯେ ସର୍ବାଙ୍ଗସୁନ୍ଦରୀର ସର୍ବାଙ୍ଗଦେଶ ଶୋଭାସିନ୍ଧୁ ସଦୃଶ; ଏହାର ଏକ ଅଂଶ ବର୍ଣ୍ଣନା କରିବା ପାଇଁ ଅଶେଷ ଯୁଗ ଆବଶ୍ୟକ । ତେବେ ମଧ୍ୟ ଶେଷ ହେବା ସମ୍ଭବ ନୁହେଁ । ଏପରି ଜାଣି ମଧ୍ୟ କବି ସଂସାରରେ ଏହି ବର୍ଣ୍ଣନା ରସ ତରଙ୍ଗ ଖ୍ୟାତ କରିବା ପାଇଁ ମନ ବଳାଇଛନ୍ତି । ଅଶେଷ ଶୋଭାର ବର୍ଣ୍ଣନା କରିବାର ଅସାମର୍ଥ୍ୟକୁ ଲକ୍ଷ୍ୟକରି କବି ଚମତ୍କାର ଭାବରେ ନିଜ ଭାବକୁ ବ୍ୟକ୍ତ କରିଛନ୍ତି—

ମଳିନ ଅଞ୍ଜନ ଯେହ୍ନେ, ରଞ୍ଜିଲେ ନାରୀ ନୟନେ
ନ ରହିଇ କାହା ମନ, ସେ ରୂପ ମୋର ବଚନ
ସେ ଚରିତେ ହୋଇ ମେଳ ହେବ ଉଜ୍ଜ୍ୱଳ ଏ । ୩ ।

(ସର୍ବାଙ୍ଗସୁନ୍ଦରୀ—୩ୟ ଛାନ୍ଦ )

ଏହା କବିତ୍ୱଶକ୍ତିର ଏକ ମାନଦଣ୍ଡ ସ୍ୱରୂପ ।

ମନୋହର ଦୃଶ୍ୟ—

(୧) ନାୟିକା ସଖୀମାନଙ୍କ ସଙ୍ଗରେ ଉପବନ ବିହାର ଶେଷ କରି ଉପବନ-ସରରେ ସ୍ନାନ ସାରିଲେ । ପଦ୍ମାକର ସରୋବରକୁ କବି ନାନା ଉପମା ଦେଇ ସଖୀମୁଖରେ ଅତି ରମଣୀୟ ପଦ ପ୍ରକାଶ କରିଛନ୍ତି ।

(କ) ଏଥୁ ଅନନ୍ତରେ କଉତୁକ ଭରେ ସଜନୀ ନିକର ହରଷେ
ସକଳ ରଜନୀ ରମଣବଦନୀ ମିଳିଲେ ପଦ୍ମାକର ପାଶେ ।

ବାଳାକୁ ସଖୀ କହନ୍ତି ମଞ୍ଜୁ ଗୀର,
ବିମ୍ବ କର ପ୍ରାପ୍ତେ ପ୍ରତେ ହେଉଅଛୁ ଚନ୍ଦ୍ର ସାରଙ୍ଗ ପଦ୍ମଧର । ୩୦ ।
ସୁଧାକର ପ୍ରାପ୍ତେ ପ୍ରତେ ହେଉଅଛୁ ଯେଣୁ ଏ ଅମୃତ ଆଧାର,
ଗଗନ ପରାପ୍ତେ ପ୍ରତେ ହେଉଅଛୁ ବିଦିତ ଉଡୁପ ସଞ୍ଚାର ।
ହେ ସଖି, ନୃପନନ୍ଦନୀ ନବବାଳେ
ସାବିତ୍ରୀ ପରାପ୍ତେ ପ୍ରତେ ହେଉଅଛୁ କମଳଜଙ୍କୁ ଧରି କୋଳେ ।୩୧।
(୭ମ ଛାନ୍ଦ)

କବି ଏହିପରି ବିମ୍ବ, ବିମ୍ବପଦ, ଶଶାଙ୍କ, କାଳକଣ୍ଠ, ବସନ୍ତ ରତୁ, ନିପୁର ଅଇଶ, ବେଶ୍ୟା ପ୍ରଭୃତି ସହିତ ତୁଳନା କରି ସୁନ୍ଦର ପଦ ରଚନା କରିଛନ୍ତି । ବୃନ୍ଦାବନ ବିହାର କାବ୍ୟରେ ଯମୁନା ବର୍ଣ୍ଣନା ସ୍ଥଳରେ କବି ଅନୁରୂପ ଉପମା ବ୍ୟବହାର କରିଛନ୍ତି ।

ସରୋବରରେ ସ୍ନାନ ପ୍ରସଙ୍ଗ—

(ଖ) ଏତେ ବୋଲି ରସେ ପଶିଲେ ହରଷେ ରସେ ରସବତୀ ନିକର
କରନ୍ତି ବାଳା ବିବିଧ ଲୀଳା ଲୀଳାବତୀ ବିମ୍ବାଧରୀ ସଙ୍ଗର ।
ଉଡୁପ-ମୁଖୀ ଉଡୁପ ପ୍ରାପ୍ତ ହୋଇ
ଲାବଣ୍ୟଲହରୀ ବାହୁରେ ଲହରୀ ଭାଙ୍ଗନ୍ତି ପ୍ଲବମାନ ଦେଇ । ୩୫ ।

ଲହରୀ ବଳ ଲଭିଣ କଞ୍ଜକୁଳ ବୁଡ଼ିଲେ ଯେ ଯାହା ମନରେ
ମଣୁଛୁ ଏସନ ଦେଖିଂତା ବଦନ ବୁଡ଼ିଲେ କି ଲାଜ ଜଳରେ ।
ସୁମନ୍ଦ, ଭଙ୍ଗିରେ ଚଞ୍ଚଳ ସାରସ
ନାଚୁଛି କି ଦେଖି ବଇରୀ ନୀଳେନ୍ଦୀବର ଦାରଦାସ୍ତୀ ସଦୃଶ । ୩୬ ।

କାମିନୀଚକ୍ଷୁ ଖଞ୍ଜନ ଚକ୍ଷ-ଦେଖି ଯାହା ବନ୍ଦ କରି ଗୁହିଁଲେ
ଆମ୍ଭ ସ୍ତନ ଗୁରୁ ଗୁରୁପଣମାନ ମାନସେ ଧରି କି ବୋଇଲେ ।
ତେଣୁ ସେ, ଚନ୍ଦ୍ରପ୍ରାପ୍ତେ ହୋଇ ରହିଲେ
ଖଞ୍ଜନ ବନ ଚନ୍ଦ୍ର ଯେବେ ରଞ୍ଜିବ ନେତ୍ରକୁ ନିହାରି ବୋଇଲେ ।୩୭

ଲହରୀ ଘୋଷ ଏମନ୍ତ ଘୋଷୁଛୁ କି ଆଗୋ ସୁକୁନ୍ତଳା ସମୂହେ
ଭଙ୍ଗ ଲେକକୁ ଭଙ୍ଗୁଛ କାହିଁପାଇଁ କୁଟିଳ କୁନ୍ତଳ ସମୂହେ
ବୋଇଲ, ଭ୍ରମ ଦେଖି ଏକ ନାଗରୀ
ସଖୀ ନାସ୍ତି ଶୋଭା ଲଭିବା ଲେଭରେ ନ ଭ୍ରମଲେ ଭ୍ରମି ପାମର ।
(୩୮ । ୭ମ ଛାନ୍ଦ)

ସରୋବରରେ ସ୍ନାନସାରି ବାଳାମାନେ ଘରକୁ ଆସିବା ଦୃଶ୍ୟ —

(ଗ) ଯେତେବେଳେ ନାରୀ ବାହାରିଲେ ବାରି-ମଧ୍ୟରୁ ଶୀତଳ ତାପରେ ।
ଅତ୍ୟନ୍ତ ସୂକ୍ଷ୍ମନବସନ୍ତ ଜୀବନ ସ୍ରବନ୍ତି ଯେ ଯାହା ଭୋଗରେ ।
ଅତ୍ୟନ୍ତ, ଶୋଭ ଭରେ ସେହି ବସନ,
ଏହି କ୍ଷଣି ଏହା ସଙ୍ଗ ଭଙ୍ଗିଯିବ ବୋଲି କି ଛାଡ଼ୁଛି ଜୀବନ । ୩୯ ।

ଏ ଅନ୍ତ୍ରେ ସୁଦାସ ପିନ୍ଧିଲେ ସୁବାସ-ସୁମନ-ପରିମଳ-ତନୁ
ଏହି କାଳେ ବାଳାରୁଣାଧରୀ ବାଳା ବଳୟ ତାରି ଶୀତ ଭାନୁ
ହୋଇଲ, ତମଦ୍ଧୁଣ ଯଥା ପଥିକ
ଅରକ୍ଷ ଲେକନାଥକୁ ରକ୍ଷାକର ଅକ୍ଷରକ୍ଷ ଭବାନ୍ତକ । (୪୦ । ୭ମ ଛାନ୍ଦ)

ଜନ୍ମୋକ୍ତ ଚନ୍ଦ ଓ ଅନୁପ୍ରାସଶୋଭିତ କୋମଳ ପଦାବଳୀ ଓଡ଼ିଆ ସାହିତ୍ୟ ଭଣ୍ଡାରରେ ଅମୂଲ୍ୟ ରତ୍ନ ହୋଇ ରହିଥିବ ।

(୨) ନବଯୌବନା ନାୟିକାର ରୂପଭଙ୍ଗୀ—

ଏହି ସମୟେ ସେ ସୁନ୍ଦର ଅପାଙ୍ଗୀ ଆରମ୍ଭିଲ ବହୁତ ରୂପ-ଭଙ୍ଗୀ । ୪୫ ।
ବାହୁ ଦେଇ ରସାଳ ବିଟପୀରେ । ଧରି ସଭ୍ରଙ୍ଗ ବକୁଳକୁ କରେ । ୪୬ ।
ରତିରସ-ପ୍ରଧାନ ଗୀତ ଶୀତ, କରୁଅଛି ପଞ୍ଚମସ୍ୱରେ ଜାତ । ୪୭ ।
ବ୍ୟାଜ ଖେଳାରେ ବାହୁଯୁଗ ତୋଳି, କୁଚମୂଳକୁ ଦେଖାଉଛି ବାଳୀ ।୪୮।
ଚାଳ ଚାହୁଁଛି ନୟନ ପ୍ରାନ୍ତରେ, ହାସ ପ୍ରକାଶ କରୁଛି ଅଧରେ । ୪୯ ।

କୋଣାର୍କ ଓ ଭୁବନେଶ୍ୱର ମନ୍ଦିର ଗାତ୍ରରେ ଯେଉଁ ଶାଳଭଞ୍ଜିକା ବାଳାମାନଙ୍କର କମନୀୟ ଅପୂର୍ବ ମୂର୍ତ୍ତି ଖୋଦିତ କରି ଓଡ଼ିଆ ଶିଳ୍ପୀମାନେ

ଜଗତଜନମନଙ୍କୁ ମୁଗ୍ଧ କରୁଛନ୍ତି ସେହି ମୂର୍ତ୍ତିର ଅନୁରୂପ ଚିତ୍ର ଲୋକନାଥ ସର୍ବାଙ୍ଗସୁନ୍ଦରୀର ଏହି ଭଙ୍ଗୀରେ ପ୍ରଦାନ କରିଛନ୍ତି । ଏହିପରି ବହୁ ମନୋହର କବିତ୍ୱପୂର୍ଣ୍ଣ ଦୃଶ୍ୟ ବର୍ଣ୍ଣନା ଏହି କାବ୍ୟରେ ଦେଖାଯାଏ ।

କାବ୍ୟରେ ଘଟନା ବୈଚିତ୍ର୍ୟ ଆଦୌ ନାହିଁ । ସେହି ଚିରାଚରିତ ପନ୍ଥାକୁ ଅନୁସରଣ କରି କବି କାବ୍ୟଟି ଲେଖି ଯାଇଛନ୍ତି । ବର୍ଣ୍ଣନାରେ ଅବଶ୍ୟ ପ୍ରତିଭା ପ୍ରକାଶ ପାଇଛି । ନଗର ବର୍ଣ୍ଣନା, ଉଦ୍ୟାନ ବର୍ଣ୍ଣନା, ବସନ୍ତ ଋତୁ ବର୍ଣ୍ଣନା, ନାୟକନାୟିକା ବର୍ଣ୍ଣନା ଖୁବ୍ ସୁନ୍ଦର ଭାବରେ ହୋଇଅଛି ଏବଂ ଏଥିରେ ଆଦିରସର ପ୍ରାଧାନ୍ୟ ରହିଅଛି ।

ରଜନୀ ପ୍ରବେଶ କରିବାକୁ ଯାଇ କବି ଯେଉଁ ବାରନାରୀ ଓ ସେମାନଙ୍କର ରସିକ ମାନଙ୍କର ଆଳାପ ଓ କାର୍ଯ୍ୟକଳାପ ବର୍ଣ୍ଣନା କରି ଅଛନ୍ତି, ତାହା ବଡ଼ ଅସ୍ୱାଭାବିକ ହୋଇ ପଡ଼ିଛି । ଆଦିରସର ପ୍ରଭାବ ଏତେ ବେଶି ହୋଇ ପଡ଼ିଛି ଯେ ସ୍ଥାନେ ସ୍ଥାନେ ଶିଷ୍ଟାଶିଷ୍ଟ ବିଚାରବିହୀନ ହୋଇ ବର୍ଣ୍ଣିତ ହୋଇଅଛି । ସ୍ୱୟମ୍ବର ସଭାର ବିଭିନ୍ନ ରାଜାମାନଙ୍କ ବର୍ଣ୍ଣନା କଲାବେଳେ, ଆଳୀମାନେ ଆଦିରସର ଅବତାରଣା କରିବାକୁ ଭୁଲି ନାହାନ୍ତି । ସୁରପତି ଇନ୍ଦ୍ରଙ୍କୁ ଲକ୍ଷ୍ୟ କରି ସଖି ସର୍ବାଙ୍ଗସୁନ୍ଦରୀକୁ ସେହି ସଭାସ୍ଥଳରେ କହୁଅଛି —

"ତୋ ସ୍ତନ ଗମନ ସମ ଅଛି ବୋଲି ଐରାବତ ଗଜେ ।"

'ଚନ୍ଦ୍ରକଳା', 'ପଦ୍ମାବତୀ ପରିଣୟ' କିମ୍ବା 'ରସକଳା'ର ସହିତ ତୁଳନା କଲେ 'ସର୍ବାଙ୍ଗ ସୁନ୍ଦରୀ' କାବ୍ୟ ହିସାବରେ ସାମାନ୍ୟ ନିମ୍ନସ୍ଥାନ ଅଧିକାର କରିବ ।

ଭାଷା ସେତେ କଠିନ ନୁହେଁ । ଅଳଙ୍କାରର ପ୍ରୟୋଗ ବିଶେଷ ଦୃଷ୍ଟି-ଗୋଚର ହୁଏ ନାହିଁ ।

ରସକଳା—କାବ୍ୟଟି ପାଞ୍ଚାଳ ବନ୍ଧରେ ଗୁଳଣଟି ଛାନ୍ଦରେ ଲିଖିତ । ସମ୍ପୂର୍ଣ୍ଣ ଗ୍ରନ୍ଥଟି ଦେଖିବାର ସୁବିଧା ମିଳିନାହିଁ, କେବଳ ପାଞ୍ଚଟି ଛାନ୍ଦ ମିଳିଅଛି ।

କିନ୍ତୁ ଗ୍ରନ୍ଥ ଆରମ୍ଭରେ ଯେଉଁ ସୂଚିପତ୍ରଟି ଦିଆଯାଇଛି ସେଥିରୁ କାବ୍ୟବସ୍ତୁର କିଞ୍ଚିତ୍ ଆଭାସ ମିଳିପାରେ ।

୧ମ—ଦେବସ୍ତୁତି । ୨ୟ—ପୁର ବର୍ଣ୍ଣନା । ୩ୟ—ନାୟିକା ଜନ୍ମ । ୪ର୍ଥ—ନାୟିକାର ପୁଷ୍ପବତୀ । ୫ମ—ନାୟିକା ଅଙ୍ଗପ୍ରତ୍ୟଙ୍ଗ ବର୍ଣ୍ଣନା । ୬ଷ୍ଠ—ଅଙ୍ଗପ୍ରତ୍ୟଙ୍ଗ ବର୍ଣ୍ଣନା । ୭ମ—ଅଙ୍ଗପ୍ରତ୍ୟଙ୍ଗ ବର୍ଣ୍ଣନା । ୮ମ—ବେଶ ବର୍ଣ୍ଣନା । ୯ମ—ବେଶ ବର୍ଣ୍ଣନା । ୧୦ମ—ନାୟିକାର ଶିବ ପୂଜା । ୧୧ଶ—ନାୟକର ଜନ୍ମ । ୧୨ଶ—ପ୍ରୟାଣ । ୧୩ଶ—କ୍ଷେତ୍ର ବର୍ଣ୍ଣନା । ୧୪ଶ—ନେତ୍ରପ୍ରୀତି । ୧୫ଶ—ଅନୁଚିନ୍ତା । ୧୬ଶ—ବିଳାପ । ୧୭ଶ—ପୂର୍ବଜନ୍ମ ସ୍ମୃତି । ୧୮ଶ—ଚିତ୍ରପଟ । ୧୯ଶ—ବିଦାଘ ବର୍ଣ୍ଣନା । ୨୦ଶ—ସ୍ୱୟମ୍ବର । ୨୧ଶ—ଦୂତୀ ଗମନ । ୨୨ଶ—ସ୍ୱୟମ୍ବର ଗମନ । ୨୩ଶ—ବନଗୃହ ପ୍ରବେଶ । ୨୪ଶ—ସ୍ୱୟମ୍ବର । ୨୫ଶ—ବିବାହ । ୨୬ଶ—ମଧୁଶଯ୍ୟା । ୨୭ଶ—ମଧୁଶଯ୍ୟା । ୨୮ଶ—ପ୍ରୟାଣ । ୨୯ଶ—ମୃଗୟା ବିଜେ । ୩୦ଶ—ପୁଂସ ପ୍ରବେଶ । ୩୧ଶ—ବନ ଭ୍ରମଣ । ୩୨ଶ—ଜଳବିହାର । ୩୩ଶ—ଗୋତ୍ର ସ୍ଖଳନ । ୩୪ଶ—ପତିହରଣ । ୩୫ଶ—ନାୟକ ବିରହ । ୩୬ଶ—ବର୍ଷା ବିଳାପ । ୩୭ଶ—ପତି ପ୍ରବାସ, ନାୟକ ଚିଟାଉ । ୩୮ଶ— ନାୟିକା ବିରହ । ୩୯ଶ—ନାୟିକା ଚିଟାଉ । ୪୦ଶ—ଉଭୟ ସୁଖୋଦୟ ।

'ପଦ୍ମାବତୀ ପରିଣୟ' ଏକ ପ୍ରେମମୂଳକ କାବ୍ୟ । ବିଷୟବସ୍ତୁ ଓ ଅଳଙ୍କାରର ସୂଚନା କବି ପ୍ରଥମ ଛାନ୍ଦରେ ଦେଇଅଛନ୍ତି । ସଙ୍ଗୀତ ଓ ସାହିତ୍ୟର ସମ୍ମିଶ୍ରଣରେ ପାଞ୍ଚାଳି ବନ୍ଧରେ ଦମ୍ପତି ସ୍ନେହାନୁବନ୍ଧ ବସ୍ତୁକୁ ଆଶ୍ରୟ କରି ବିପ୍ରଲବ୍ଧ, ସବର୍ଣ୍ଣି, ଉପମା, ରୂପକ, ଲକ୍ଷଣା, ବ୍ୟଞ୍ଜନା, ବିନ୍ଦୁଧ୍ୱନି, ଯମକ, ପ୍ରାସାଦ, ଓଜଃ, ମାଧୁର୍ଯ୍ୟ, ଶ୍ଳେଷ, ବିଚିତ୍ର ପ୍ରଭୃତି ଅଳଙ୍କାର ପ୍ରକାଶ କରି କବି ଏହି ଗ୍ରନ୍ଥଟିକୁ ଲେଖି ଅଛନ୍ତି । ଦମ୍ପତି ସ୍ନେହାନୁବନ୍ଧର ବର୍ଣ୍ଣନା କାବ୍ୟରେ ମୁଖ୍ୟବସ୍ତୁ ହୋଇଥିବା ଯୋଗୁଁ ଆଦିରସର ପ୍ରାଧାନ୍ୟ କାବ୍ୟରେ ସ୍ପଷ୍ଟ ପରିଲକ୍ଷିତ ହୁଏ । ପଦ୍ମାବତୀ ପରିଣୟରେ କବି ଯେପରି କହି ଅଛନ୍ତି, ରସକଳାରେ ମଧ୍ୟ ପ୍ରସଙ୍ଗ ବର୍ଣ୍ଣନା ନେଇ ଠିକ୍ ସେହିପରି କହି ଅଛନ୍ତି ।

ପ୍ରସଙ୍ଗେ ବର୍ଣ୍ଣନା ଆଗ ପଛ ହୋଇଛି,
ଏମନ୍ତ ଭ କବି ପରମ୍ପରାରେ ଅଛି । ୧ମ ଛାନ୍ଦ ।

ପଦ୍ମାବତୀ ପରିଣୟ, ରସକଳା, ସର୍ବାଙ୍ଗସୁନ୍ଦରୀ, ଚନ୍ଦ୍ରକଳା, ବୃନ୍ଦାବନ-ବିହାର ପ୍ରଭୃତି କାବ୍ୟମାନଙ୍କ ଆଲୋଚନା କଲେ, ରସକଳା ଅନ୍ୟ ସବୁ କାବ୍ୟ ଅପେକ୍ଷା ଶ୍ରେଷ୍ଠ ପରି ଜଣା ପଡ଼େ । ଭାଷା, ଭାବ, ବର୍ଣ୍ଣନା ଓ ପାଣ୍ଡିତ୍ୟରେ ରସକଳା ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିଲା ପରି ବୋଧହୁଏ । ଯେଉଁ କେତୋଟି ଛାନ୍ଦ ମିଳି ଅଛି ତାହା ପାଠ କଲେ କବିଙ୍କର ପ୍ରତିଭା ହୃଦୟଙ୍ଗମ କରିହୁଏ । କାବ୍ୟଟି ପଦ୍ମାବତୀ ପରିଣୟ, ସର୍ବାଙ୍ଗସୁନ୍ଦରୀ ଓ ଚନ୍ଦ୍ରକଳା ଶ୍ରେଣୀର ।

ଭାଷା, ଭାବ, ବର୍ଣ୍ଣନ ଶୈଳୀ ଓ ଅଳଙ୍କାରପ୍ରୟୋଗ ପ୍ରଭୃତି କବିଙ୍କର ଅନ୍ୟାନ୍ୟ କାଳ୍ପନିକ ପ୍ରେମକାବ୍ୟ ପରି । କାବ୍ୟରେ ଦେବ, ମାନୁଷ, ଦେବମାନୁଷ ମିଶ୍ରିତ ଭାବ ଓ ଭାଷା ପ୍ରକଟିତ ହୋଇଛି । ସମ୍ପୂର୍ଣ୍ଣ ଗ୍ରନ୍ଥଟି ପାଇନଥିବା ହେତୁ ଅଧିକ ଆଲୋଚନା କରାଯାଇ ପାରୁ ନାହିଁ ।

ରସକଳାର ବୟଃସନ୍ଧି ବର୍ଣ୍ଣନା—

—ଚତୁର୍ଥ ଛାନ୍ଦ—

(ରାଗ ମଙ୍ଗଳଗୁଜ୍ଜରୀ । ମୁନିବର ବାଣୀରେ)

ନୃପ ପାରିନ୍ଦ୍ର ନନ୍ଦନା ଦେବ ଅଙ୍ଗନା ବନ୍ଦନା
ବୟସ-ସନ୍ଧି ବର୍ଣ୍ଣନା, ଶୁଣ ସୁମନା ଏ । ୧ ।
ଯୁବା ହେବା ଅନୁସରି ପୁଷ୍ପବତୀ ଆଦିକରି
କହିବା ସବୁ ବିସ୍ତରି, ରହ ବିସ୍ମରି ଏ । ୨ ।
ଅଷ୍ଟବରଷେ ଗଉରୀ ନାମ ବହନ୍ତି କୁମାରୀ
ନବ ବରଷେ ରୋହିଣୀ, ବୋଲନ୍ତି ପୁଣି ଏ । ୩ ।

ଦଶମ ହାଇଣେ କନ୍ୟା ନାମକୁ ବହନ୍ତି ଧନ୍ୟା
ସେଠାରୁ ଯୁବା ବୟସ, ହୋଏ ପ୍ରବେଶ ଏ । ୪ ।
କହିବା କଉମାରୀଙ୍କ ଗହଣ ବୟସୁ ସରିକ
ଯେମନ୍ତ ବେଶନ ଶାଠ, ଯଥା ମୂରତି ଏ । ୫ ।

× × ×

କାଞ୍ଚନ କାଞ୍ଚନ କାନ୍ତି ଦିଶିଲା ରସାଣ ଭ୍ରାନ୍ତି
ହେଲା ସବୁ ଅନୁରୂପ, ରୁଚିର ରୂପ ଏ । ୨୬ ।
ଯତ୍ନ ରତ୍ନ ବିଭୂଷଣ ଅଙ୍ଗେ କଲା ବିଭୂଷଣ
ଦେଖେ ଆଣି ଦରପଣ, ସୁନ୍ଦର ପଣ ଏ । ୨୭ ।
ଭୃଙ୍ଗ ଭୃଙ୍ଗୀଙ୍କ ଝଂକାର କୋକିଳ-କଳ ସୁସ୍ୱର
ଶିଖଣ୍ଡି ତାଣ୍ଡବ ଡାକ ଭେକ ଗମକ ଯେ । ୨୮ ।
ଚନ୍ଦ୍ରମା ଚନ୍ଦନ ଘନ ତଡ଼ିତ କଲେ ଲୋକନ
ମତି ହୋଏ ବାଳିକାର, କି କି ପ୍ରକାର ଏ । ୨୯ ।
ସାହିତ୍ୟ ସଂଗୀତ ଆଦି ସମସ୍ତ ବିଦ୍ୟା ସମାଧି
ଅନଙ୍ଗ ରଙ୍ଗରେ ପୂର୍ଣ୍ଣ, ହେଲା ନିପୁଣ ଏ । ୩୦ ।
ଅଲକ୍ଷେ ସଖୀଙ୍କଠାରୁ ଶୁଣିଲା ସବୁ ରମ୍ଭୋରୁ
ସ୍ମରଶାସ୍ତ୍ର କେଳି କଳା ଦମ୍ପତି ଲୀଳା ଏ । ୩୧ ।

× × ×

ସଜନୀଙ୍କି ସଙ୍ଗେ ଘେନି ମହା ମହେନ୍ଦ୍ର ନନ୍ଦିନୀ
ଆରାମକୁ ଗଲେ ଦିନେ ବେହାର ମନେ ସେ । ୪୬ ।
ଗୁରୁକଲା କରେ ପାଣି ନିବେଶିଛୁ ଜେମାମଣି
ବିଚିତ୍ର କଲା ଭୋଜନ କରାଇପାନ ସେ । ୪୭ ।
କେହୁ ପଢନ୍ତି ମଣୋଇଁ କେ କେଉଁ ଖଦି ପକାଇଁ
କେହୁ ଗୁମର ଢାଳଇ କେ ଗୀତ ଗାଇଁ ସେ । ୪୮ ।

ମହାରାଜା ଉପରେ ହୋଇ ସଜନୀ ଛକର
ସଙ୍ଗତେ ବ× × ହାର, ହେଲେ ବାହାର ସେ । ୪୯ ।
ନରେଶ ଶାର୍ଦ୍ଦୁଳସୁତା ଦେଖି ଦମନକଲତା
ଗୁରୁକଳୀକୁ ପରସରେ ଭାବଗର୍ଭରେ ସେ । ୫୦ ।
ସଖିରେ ଏ ଲତିକାରେ ପୂଜାକଲେ କି ପ୍ରକାରେ
ପ୍ରସନ୍ନ ହୁଅଇ କାମ, ଦିଅଇ କାମ ସେ । ୫୧ ।
ପୁଣି ସେ ଦେଖି ଅଶୋକ ନାମ ମାନକ ଅଶୋକ
କହେ ସଖୀ ଏ ଅଶୋକ, କରେ ଅଶୋକ ଯେ । ୫୨ ।

କାବ୍ୟଟି ମୁଦ୍ରିତ ହୋଇ ନ ଥିବାରୁ ଓ ପୂର୍ଣ୍ଣଗ୍ରନ୍ଥ ମିଳି ନ ଥିବାରୁ କେବଳ କାବ୍ୟରୂପର କିଞ୍ଚିତ ଆଭାସ ଦେବାପାଇଁ ଏହି ପଂକ୍ତିଗୁଡ଼ିକ ଉଦ୍ଧୃତ ହେଲା ।

ଉପସଂହାର—ଲୋକନାଥ ବିଦ୍ୟାଧର ଖୋର୍ଦ୍ଧାରାଜାଙ୍କ ପାତ୍ର ଜଗନ୍ନାଥ ବିଦ୍ୟାଧରଙ୍କ ପୁତ୍ର । ଦିବ୍ୟସିଂହ ଦେବ ଓ ତାଙ୍କ ପିତା ମୁକୁନ୍ଦ ଦେବଙ୍କ ସମୟରେ ଉତ୍କଳରେ ବହୁ କବି ଓ ପଣ୍ଡିତଙ୍କର ଆବିର୍ଭାବ ହୋଇଥିଲା । ସମଗ୍ର ଓଡ଼ିଶାରେ ଘୁମୁସର ରାଜା ଧନଞ୍ଜୟ ଭଞ୍ଜ, ଖୋର୍ଦ୍ଧାରାଜା ମୁକୁନ୍ଦଦେବ ଓ ଦିବ୍ୟସିଂହ ଦେବ, ପାରଳାଖିମୁଣ୍ଡିର ରାଜା ନାରାୟଣ ଗଜପତି ଓ ତାଙ୍କ ପିତା ପ୍ରମୁଖ ରାଜାମାନେ ସାହିତ୍ୟର ଆଦର କରୁଥିବାରୁ ଏବଂ କବି ଓ ପଣ୍ଡିତମାନଙ୍କର ପୃଷ୍ଠପୋଷକତା କରୁ ଥିବାରୁ ସଂସ୍କୃତରେ ଓ ଓଡ଼ିଆରେ ବହୁ ଉପାଦେୟ ଓ ଉଚ୍ଚକୋଟୀର ଗ୍ରନ୍ଥ ରଚିତ ହୋଇ ପାରିଥିଲା । ଓଡ଼ିଆ କବିମାନଙ୍କ ଭିତରେ ଧନଞ୍ଜୟ ଭଞ୍ଜ, ଦୀନକୃଷ୍ଣ, ଲୋକନାଥ ବିଦ୍ୟାଧର, ଭୂପତି ପଣ୍ଡିତ, ଉପେନ୍ଦ୍ର ଭଞ୍ଜ ଶୀର୍ଷ ଶ୍ରେଣୀରେ ସ୍ଥାନ ଅଧିକାର କରିଥିଲେ ।

ଲୋକନାଥ ବିଦ୍ୟାଧର ବୃହଦାକାର କାବ୍ୟ ରଚନା କରି ନ ଥିଲେ ମଧ୍ୟ ଉତ୍କୃଷ୍ଟ କାବ୍ୟର ଯାବତୀୟ ଲକ୍ଷଣ ତାଙ୍କର ନାତିଦୀର୍ଘ କୃତିମାନଙ୍କରେ ପ୍ରକାଶ ପାଇଛି । ଶବ୍ଦ ଯୋଜନା ବା ରୀତି ଅତି ଉଚ୍ଚ ଧରଣର ହୋଇଛି; ପାଞ୍ଚାଳୀ ବନ୍ଧରେ ପ୍ରବନ୍ଧ ରଚନା କରି ସେ କୃତିତ୍ୱ ଅର୍ଜ୍ଜନ କରିଛନ୍ତି ।

ରସକଲା, ସର୍ବାଙ୍ଗସୁନ୍ଦରୀ, ପଦ୍ମାବତୀ ପରିଣୟ ପ୍ରଭୃତି ପ୍ରେମକାବ୍ୟର କଥାବସ୍ତୁର ଆକାର ପ୍ରକାର ବା ରୂପରେଖରେ କୌଣସି ନୂତନତ୍ୱ ବା ବିଶେଷ ପାର୍ଥକ୍ୟ ଦେଖାଯାଉ ନଥିଲେ ମଧ୍ୟ ବିବିଧ ଅଲଙ୍କାରର ସୁପ୍ରୟୋଗ, ପଦ ଯୋଜନାର ମାଧୁର୍ଯ୍ୟ ଓ ଗାମ୍ଭୀର୍ଯ୍ୟ, ପ୍ରାକୃତିକ ବର୍ଣ୍ଣନା ଓ ଅନ୍ୟାନ୍ୟ ବର୍ଣ୍ଣନାରେ ନିମବର୍ଦ୍ଧମାନ ପ୍ରଣାଳୀର ପ୍ରୟୋଗ କାବ୍ୟଗୁଡ଼ିକୁ ରସମୟ କରି ଗ୍ରାହକଙ୍କ ହୃଦୟ ଓ ମନକୁ ଆକର୍ଷଣ କରି ପାରୁଛି ।

ମୁକୁନ୍ଦଦେବ ଓ ଦିବ୍ୟସିଂହଙ୍କ କାଳରେ ପୁରୀର ଜଗନ୍ନାଥ ମନ୍ଦିର ଓ ଅନ୍ୟାନ୍ୟ ଦେବ ମନ୍ଦିର, ପ୍ରାଚୀନ ଗୌରବର ସ୍ମୃତି ନିକେତନ ବହୁ ଦୁର୍ଗ ଓ ପ୍ରାସାଦ ବୈଦେଶିକ ବିଧର୍ମୀ ଶାସକମାନଙ୍କ ଅତ୍ୟାଚାରର ଲକ୍ଷ୍ୟସ୍ଥଳ ହୋଇଥିବାରୁ ଓଡ଼ିଆ ଜାତିର ପ୍ରାଣ ଆଘାତପ୍ରାପ୍ତ ହୋଇଥିଲା । ଫଳରେ ମେଦିନୀପୁରଠାରୁ ଜୟପୁର ପର୍ଯ୍ୟନ୍ତ ସମଗ୍ର ଉତ୍କଳ ଭୂମି ଜାତିର ପ୍ରାଣ, ଗୌରବ ଓ ସଂସ୍କୃତିକୁ ରକ୍ଷା କରିବା ପାଇଁ ସଚେତନ ହୋଇ ପଡ଼ିଥିଲା । ବିଧର୍ମୀମାନଙ୍କ ଅତ୍ୟାଚାରରୁ ହୃତଗୌରବ ଜଗନ୍ନାଥ ଧାମକୁ ରକ୍ଷା କରି ତାହାକୁ ପୁଣି ଲୋକଙ୍କ ହୃଦୟ-ସିଂହାସନରେ ପ୍ରତିଷ୍ଠିତ କରିବା ନିମନ୍ତେ ଏହି କୃତୀ ସନ୍ତାନମାନେ ଅଗ୍ରଣୀ ହୋଇ ଲକ୍ଷ୍ୟ ସାଧନରେ ଯଶସ୍ୱୀ ହୋଇଥିଲେ । ଦୀନକୃଷ୍ଣଙ୍କ ଜଗମୋହନ ଛାନ୍ଦ, ଲୋକନାଥଙ୍କ ନୀଳାଦ୍ରି ମହୋତ୍ସବ ପ୍ରଭୃତି ଏହାର ନିଦର୍ଶନ ।

ଲୋକନାଥଙ୍କ ଗୀତ ଓ ଉପେନ୍ଦ୍ରଙ୍କ ଗୀତ ଭିତରେ ବିଶେଷ କିଛି ପାର୍ଥକ୍ୟ ପରିଲକ୍ଷିତ ହୁଏ ନାହିଁ । କଳ୍ପନା ବିଳାସ, ଚରିତ୍ର ଚିତ୍ରଣ, ବର୍ଣ୍ଣନା ଚାତୁରୀରେ ଲୋକନାଥ ଉପେନ୍ଦ୍ରଙ୍କ ସମକକ୍ଷ ନହେଲେ ମଧ୍ୟ ଅନ୍ୟମାନଙ୍କ ତୁଳନାରେ ସେ ଯେ ଉଚ୍ଚ ଆସନ ଲାଭ କରିଛନ୍ତି ଏଥିରେ ସନ୍ଦେହ ନାହିଁ । ତାଙ୍କର ଗୀତରେ ସଂସ୍କୃତପଦର ବହୁଳ ବ୍ୟବହାର ଥିବାଯୋଗୁଁ ପରବର୍ତ୍ତୀ କବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ତାଙ୍କୁ 'ସଂସ୍କୃତ ଘେରି' ବୋଲି ଯେଉଁ ଆକ୍ଷେପ କରିଛନ୍ତି ତାହା ସମର୍ଥନଯୋଗ୍ୟ ନୁହେଁ । ଅନ୍ୟାନ୍ୟ କୃତୀକବି ସଂସ୍କୃତ ଶବ୍ଦ ଭଣ୍ଡାର

ଓ ସଂସ୍କୃତ ସାହିତ୍ୟର ବିଶିଷ୍ଟ କବିମାନଙ୍କ ଶବ୍ଦ ଯୋଜନା ରୀତିକୁ ଗ୍ରହଣ କରି ଲୋକନାଥ ସେମାନଙ୍କ ପଦାଙ୍କ ଅନୁସରଣ କରିଛନ୍ତି ମାତ୍ର ।

ଅଲଙ୍କାର ବିମଣ୍ଡିତ କାଳ୍ପନିକ ପ୍ରେମକାବ୍ୟ ପ୍ରତି ସାହିତ୍ୟିକ ଗ୍ରାହକମାନଙ୍କ ମନ ଆକର୍ଷଣ କରି ଏହି ଶ୍ରେଣୀୟ କାବ୍ୟର ସମ୍ମାନବୃଦ୍ଧି କରିବା ସଙ୍ଗେ ସଙ୍ଗେ ଲୋକନାଥଙ୍କ କୃତିଗୁଡ଼ିକ ପରବର୍ତ୍ତୀ କବିମାନଙ୍କୁ ବହୁ ପ୍ରେରଣା ଦେଇଛି ।

କବି ଲୋକନାଥ ସର୍ବାଙ୍ଗସୁନ୍ଦରୀ, ଚନ୍ଦ୍ରକଳା, ପଦ୍ମାବତୀ ପରିଣୟ ଏକ ଗ୍ରନ୍ଥରେ ରଚନା କରି ବିଭିନ୍ନ ବିଭାଗରେ ପ୍ରାୟ ଏକ ପ୍ରକାର ବର୍ଣ୍ଣନା ରୀତି ପ୍ରୟୋଗ କରିଥିବାରୁ ଏବଂ ଏଥିରୁ ଯେକୌଣସି ଗ୍ରନ୍ଥ ସବୁ ଆକାଙ୍‌କ୍ଷା ପୂରଣ କରିବାରେ ସମର୍ଥ ଥିବାରୁ କବି (ଏକ ବିଷୟ, ଏକରୀତି, ଏକ ଶୈଳୀର) ଏକାଧିକ ଗ୍ରନ୍ଥ ରଚନା କରିଥିବାର କାରଣ ସମ୍ବନ୍ଧରେ ଜ୍ଞାନାର୍ଜ୍ଜନ କରିବା ପାଇଁ ସ୍ୱତଃ ମନରେ ଭାବ ଜାତ ହେବ । କବି ଗ୍ରନ୍ଥକୁ ପରଂପରା ରୀତିରେ ସମାନ ରଖିଥିଲେ ମଧ୍ୟ ବର୍ଣ୍ଣନାରେ ବିଭିନ୍ନ ଗ୍ରନ୍ଥରେ ତାରତମ୍ୟ ରଖିଛନ୍ତି । ପ୍ରତ୍ୟେକ କାବ୍ୟରେ କବି ଅଲଙ୍କାରର ବହୁଳ ପ୍ରୟୋଗ କରିଛନ୍ତି ଏବଂ ଏହା ସାହାଯ୍ୟରେ ଏକ ପ୍ରସଙ୍ଗର ବିଭିନ୍ନ କାବ୍ୟରେ ବର୍ଣ୍ଣନା ଭିନ୍ନ ଭିନ୍ନ ପ୍ରକାରର ହୋଇ ଚମତ୍କାରିତା ସୃଷ୍ଟି କରିପାରିଛି ।

ନାୟିକାର ରୂପ ବର୍ଣ୍ଣନାରେ କବି ବିଭିନ୍ନ କାବ୍ୟରେ ଚର୍ଚ୍ଚା କରିଥିବା ପ୍ରସଙ୍ଗ ଏହାର ଏକ ପ୍ରମାଣ ।

କୁନ୍ତଳ — (ସର୍ବାଙ୍ଗ ସୁନ୍ଦରୀ)

ସର୍ବାଙ୍ଗ ସୁନ୍ଦରୀ ନୀଳ ପ୍ରଲମ୍ବ କୁଞ୍ଚିତା, କାମିନୀ କୁନ୍ତଳକୁଳ<br>
ଭାବେ ଲୋକନେ ଚାମରୀ ଗଲେ ନଗ ଦୂର କରି<br>
ଅଧୀର କରି ନୟନ, ପଶିଲେ ବନ ଏ । ୪ ।<br>
ଯାହା ଦେଖି ନବଘନ ଆକର୍ଣ୍ଣି କରେ ରୋଦନ<br>
ଆକୁଳେ ସଲିଳ ଛଳ, କରି ମୁଞ୍ଚେ ଅଶ୍ରୁଜଳ<br>
ବହୁତ ଅଛି ପ୍ରମାଣ, ଆହୁରି ଶୁଣ ଏ । ୫ ।

ଆଉ ଶ୍ରେଣିବନ୍ତ ହୋଇ ଶରାସନ ଆଉ ବନ୍ଧ
ଛାଡ଼ୁ ଥାଇ ଘନ ଘୋଷ କ୍ଷଣକେ ହୋଏ ବିରସ
ବେଗେଣ ଚଞ୍ଚଳ ହୋଇ ଯାଇ ପଳାଇ ଏ । ୬ ।
ତରୁଣ ତମାଳକୁଳ ଏ ଯେନ ନୁହନ୍ତି ତୁଳ.
ଦେଖି ସେ କୁନ୍ତଳ ଶୋଭା ଦିନୁ ଦିନୁ ହତପ୍ରଭା
ଛାଡ଼ଇ ସେ କେତେ ବନ ଅନ୍ତରେ ସ୍ଥାନ ଏ । ୭ ।
ଏ ଯେନ କାଳିନ୍ଦୀବନ ନୋହିଲ ତାଙ୍କୁ ସମାନ
ଯା ସଙ୍ଗେ ହୁଅଇ ସଙ୍ଗ ଧରଇ ତାହାର ଅଙ୍ଗ
ଆହୁରି ମହତ ଦୋଷ ନୋହେ ସୁବେଶ । ୮ ।
ଶୋଭା ଦେଖି ସଖୀ ଗଲା ଶକ୍ତିଧର ଆଶ୍ରେ କଲା
ଶିରୋଧାର୍ଯ୍ୟଙ୍କ ସଙ୍ଗକୁ ଲେଖିବା କି ମଧୁପଙ୍କ୍ତି
କଜ୍ଜ୍ୱଳ ହେବାକୁ ସମ ନୋହିଲ ଷମ ଏ । ୯ । (ଶମ୍ଭୁ ଛନ୍ଦ)

(ଚନ୍ଦ୍ରକଳା)—

କୃଷ୍ଣ କମନୀୟ ମୃଦୁ ପ୍ରଲମ୍ବ ଚିକ୍କଣ
କୁଟିଳ କୁନ୍ତଳକୁଳ କବରୀ ସୁଠଣ ।
ନବଘନକୁ ତା ଯଦି କରିବା ଉପମା
ଘନକାଳେ କିନ୍ତୁ ବେଳେ ଦିଶେ ସେ ସୁଷମା ।
ଯମୁନାଜଳ ନୀଳିମ ଦୃଷ୍ଟି ବିନାଶଇ
ତମାଳଦଳ ଶ୍ୟାମଳ ପରିଣତେ ଯାଇ ।
ଭୃଙ୍ଗଙ୍କୁ ସମ ବୋଲିବା ନୁହଇ ବେଭାର
ମଧୁ ମଦିରାଦରେ ମତ୍ତ ପରାଗେ ଧୂସର ।
କଜ୍ଜ୍ୱଳକୁ ଲକ୍ଷିବା ସେ ଦଳି ହୋଇଗଲା
ରାହୁ ଦେଖି ପ୍ରାଣ ଆଉଁ ଦେହ ଖଣ୍ଡ ହେଲା ।
ଚାମରୀ ଚାମର କେକୀପୁଚ୍ଛ ପାଦ ପଛ
ଶିରୋଧାର୍ଯ୍ୟ ସଙ୍ଗେ ତାକୁ କେ କରିବ ଲକ୍ଷ୍ୟ ।

ଅଳକା ପନ୍ତିକ କିସ ଉପମା କରିବା
କିଛି ପ୍ରିତେ ହୋଏ ଶିଶୁ ଭୃଙ୍ଗପନ୍ତି ଅବା । (୨ୟ ଛାନ୍ଦ)

ଏହିପରି ମୁଖ, ନାସା, ନେତ୍ର, କର୍ଣ୍ଣ ପ୍ରଭୃତି ବର୍ଣ୍ଣନାରେ କେତେକ ସାମ୍ୟଥିବା ଜଣା ଯାଉଥିଲେ ମଧ୍ୟ ପ୍ରକାଶ ଭଙ୍ଗୀ ଓ କଳ୍ପନାର ଗମ୍ଭୀରତାରେ ଥିବା ପ୍ରଭେଦ ସ୍ପଷ୍ଟ ହେଉଛି ।

ଋତୁ, ବିରହ, ମିଳନ, ସ୍ୱୟମ୍ବର, ବେଶଭୂଷା ପ୍ରଭୃତି ବର୍ଣ୍ଣନାରେ ଏହି ସାମ୍ୟ ଥିବା ଦେଖା ଯାଉଥିଲେ ମଧ୍ୟ ପ୍ରଭେଦ ରହିଛି । ଏହି ସାମ୍ୟ କବିଙ୍କ ନୂତନ ସୃଷ୍ଟିରେ ପ୍ରତିଭା ପ୍ରକାଶର ଏକ କଳଙ୍କ ସ୍ୱରୂପ ବିବେଚିତ ହେବା ସମ୍ଭାବନା ଥିଲେ ମଧ୍ୟ ପ୍ରଭେଦ ଦୋଷକୁ ଘୋଡ଼ାଇ ପକାଇ ପ୍ରତ୍ୟେକ ବର୍ଣ୍ଣନାକୁ ନିଜଗୁଣରେ ରମଣୀୟ ଓ ସ୍ୱତନ୍ତ୍ର କରି ପାରିଛି ।

ଓଡ଼ିଶାର ଅନ୍ୟାନ୍ୟ କବିମାନେ ମଧ୍ୟ ପରଂପରା ଉପରେ ବିଶେଷ ନିର୍ଭର କରିଥିବାରୁ ଏହିପରି ବର୍ଣ୍ଣନା ପ୍ରଦାନ କରିଛନ୍ତି ଏବଂ ନୂତନ ସୃଷ୍ଟି ମଧ୍ୟ କରିଛନ୍ତି ।

ଉପବନ ବିହାର—ସର୍ବାଙ୍ଗସୁନ୍ଦରୀରେ ନିଜେ ନାୟିକା ଉପବନ ବିହାର ପାଇଁ ପ୍ରସ୍ତାବ କରିବାରୁ ସଖୀମାନେ ସମ୍ମତା ହେଲେ । ଚନ୍ଦ୍ରକଳାରେ ସଖୀମାନେ ପ୍ରସ୍ତାବ କଲେ ଏବଂ ନାୟିକା ସମ୍ମତା ହେଲେ ।

ଚମ୍ପା (ସର୍ବାଙ୍ଗ ସୁନ୍ଦରୀ)—

ଦେଖ ବିଦ୍ରୁମ-ଅଧରୀ ମୁନିଦ୍ରୁମ ବିଟପୀ ରଜତ ସଜାତ
ଧରିଣି ଅଛି କୁସୁମ ପରିକାରେ ନବସହସ୍ର ନଖକ୍ଷତ,
ସଙ୍ଗାତ, ଚମ୍ପକ କୁସୁମ ଗଉରୀ
ଅତି ପରିମଳ ପଦାବଳିକୂଳ ମଣ୍ଡିତା ସର୍ବ ମନୋହାରୀ । ୭ମ ଛାନ୍ଦ ।

(ଚନ୍ଦ୍ରକଳା)—

ଦେଖ ସଖି ଶମ୍ପା ଗଉରି ଏ ଚମ୍ପା ସୁବର୍ଣ୍ଣ ଚଉରିରେ ଖ୍ୟାତ
ନଥିବ ଏଠାରେ ହରିରିପୁ ଦୋଷ ଦୃଷ୍ଟିରେ କରିବ ଆଘାତ ।XX

କେତକୀ (ସର୍ବାଙ୍ଗସୁନ୍ଦରୀ)—

ଦେଖ ଏ ସଙ୍ଗାତ ଏ କାମ କରତ ପାତକୀ କେତକୀ ପୁଷ୍ପକୁ
ଏ ହାଦେ ବିଶ୍ୱାସ ଉପୁଜାଇ ନାଶ କଲା ସପକ୍ଷ ଭ୍ରମରକୁ,
ଦୁର୍ଦ୍ଦିଷ୍ଟ, ବାହାରେ ନିରସ ସୁଷମା
ସୁବର୍ଣ୍ଣ ଛବିରେ ଏହାକୁ ଭଜିଲେ ଜୀବନ ପାଇବା କି ସମା । ୭ମ ଛାନ୍ଦ ।

(ଚିତ୍ରକଳା) —

ସଖୀ ମଣୁଛୁ କେତକୀ କୁଳଟାକୁ ବେଢ଼ି ଉଡ଼ନ୍ତି ଭୃଙ୍ଗମାନେ
ଝଙ୍କାଇ ବ୍ୟାଜରେ ତାକୁ ଅଛନ୍ତିଟି ବାଦ ଲଗାଇ ଗରଜନେ,
ସଙ୍ଗାତ, ଏ କାମବଜାର ନଗର,
ଆନ ନକି ଏତେ ବଳ କରି ଧରି ବୁଝି ବସିବ ପରଦାର । ୪ର୍ଥ ଛାନ୍ଦ ।

ଅଶୋକ—(ସର୍ବାଙ୍ଗ ସୁନ୍ଦରୀ)

ଦେଖ ଏ କୁସୁମ ଶାୟକ ସାୟକ ଲୋକ ଶୋକଦାତା ଅଶୋକ
ନବୋଢ଼ା ଯୁବତୀ ନବ ପୁଷ୍ପବତୀ ଉରଜ ବିପୁଳ ସ୍ତବକ
ବଳାଏ, ପାରୁଶେ ଦେଖି ନବ ଧବ
ମନ୍ଦ ପବନ ବେପଥୁରେ ତାର କମ୍ପୁଛି ଅଧର ପଲ୍ଲବ ।

(ଚିତ୍ରକଳା)—

ସଙ୍ଗାତ, କି ଲୋଭରେ ଏହା ସହିବା
ଏହା ସକାଶରୁ ଶୋକ ଜାତ ନୋହୁ ଅଶୋକକୁ ବେଗେ ଭଜିବା ।
( ୪ର୍ଥ ଛାନ୍ଦ )

ଏହିପରି ପୁନ୍ନାଗ, ନବମାଳିକା, ବକୁଳ, ମାଧବୀ ପ୍ରଭୃତି ପୁଷ୍ପଲତା ଓ ବୃକ୍ଷର ବର୍ଣ୍ଣନା ଶ୍ଳେଷ ଓ ଛଳ ଶ୍ଳେଷରେ ଉଭୟ କାବ୍ୟରେ ବର୍ଣ୍ଣିତ ହୋଇ-ଥିଲେ ମଧ୍ୟ ପ୍ରତ୍ୟେକ ବର୍ଣ୍ଣନାର ଛବିରେ ପ୍ରଭେଦ ଲକ୍ଷିତ ହେଉଅଛି । କବିଙ୍କ ଅନୁପ୍ରାସବହୁଳ ଭାଷା ଉଭୟ ବର୍ଣ୍ଣନାରେ ସୁମଧୁର ହୋଇଛି ।

ସ୍ୱୟମ୍ବର ପ୍ରସଙ୍ଗ ସର୍ବାଂଗସୁନ୍ଦରୀ ଓ ଚନ୍ଦ୍ରକଳା ଉଭୟ କାବ୍ୟରେ ବର୍ଣ୍ଣିତ ହୋଇଥିଲେ ହେଁ ରାଜକୁମାରୀର ସଭାସ୍ଥଳରେ ପ୍ରବେଶ କରିବା ସମୟର ଦୃଶ୍ୟ, ରାଜାମାନଙ୍କ ପ୍ରଶଂସା ପ୍ରଭୃତି ଉଭୟ କାବ୍ୟରେ ବିଭିନ୍ନ ଭାବ ଅବଲମ୍ବନ କରି ରଚିତ ହୋଇଛି ।

ଏପରି ବହୁ ପ୍ରଭେଦ ଦେଖାଯାଉଥିବାରୁ କବିଙ୍କ ପ୍ରତିଭା ସର୍ବତ୍ର ପ୍ରକାଶ ପାଉଛି ଏବଂ ଭିନ୍ନଭିନ୍ନ କାବ୍ୟ ରଚନା କରିବାର ସାର୍ଥକତା ପ୍ରମାଣିତ ହେଉଛି ।

---

# ପଞ୍ଚମ ପରିଚ୍ଛେଦ

## ହଳଧର ପଟ୍ଟନାୟକ

ହଳଧରଙ୍କ 'ଅଧ୍ୟାତ୍ମ ରାମାୟଣ' ଉତ୍କଳରେ ସୁପରିଚିତ । ବହୁ ଧର୍ମ-ପରାୟଣ ବ୍ୟକ୍ତି ନିଷ୍ଠାସହକାରେ ପ୍ରତିଦିନ ପୂଜାପାଠ ବେଳେ ଅଧ୍ୟାତ୍ମ ରାମାୟଣରୁ ଅଧ୍ୟାୟେ ବୋଲନ୍ତି । ହଳଧର ପଟ୍ଟନାୟକ, ତେଲଂଗା ଗୋପାଳ, ସୂର୍ଯ୍ୟମଣି ଚମ୍ପାଉପଟ୍ଟନାୟକ—ଏହି ତିନି କବିଙ୍କ ଅନୁବାଦ ହିଁ ନିତ୍ୟପଠନରେ ବହୁ ଲୋକଙ୍କ ଦ୍ୱାରା ବ୍ୟବହୃତ ହୋଇଥାଏ । ହଳଧର ସରଳ ସୁବୋଧ ଭାଷାରେ ଗ୍ରନ୍ଥଟି ରଚନା କରିଥିବାରୁ ଏହା ସମସ୍ତଙ୍କ ଦ୍ୱାରା ଆଦୃତ ହେଉଛି । ରାମ-ଚରିତ ଗ୍ରନ୍ଥମାନଙ୍କ ଭିତରେ ରାମ-ଭକ୍ତି ପ୍ରଚାର ଦିଗରେ ଏହାର ଦାନ ଯଥେଷ୍ଟ ରହିଛି । ସଂକ୍ଷେପରେ ସମଗ୍ର ରାମାୟଣର ଚରିତକୁ ସର୍ବସାଧାରଣଙ୍କ-ଠାରେ ସରଳ, ସୁବୋଧ୍ୟ ଭାଷାରେ ଓ ସହଜ (ରାଗ ଗୁଜ୍ଜରୀ—୯-ଅକ୍ଷରୀ ବୃତ୍ତ ବା ଭାଗବତ ବୃତ୍ତ ଓ ଚତୁର୍ଦ୍ଦଶାକ୍ଷରୀ) ବୃତ୍ତରେ କବି ପହଞ୍ଚାଇ ଦେଇଥିବାରୁ ଓଡ଼ିଶାରେ ରାମ-ଚରିତ ଓ ରାମଭକ୍ତିର ପ୍ରଚାର ଓ ପ୍ରସାରରେ ଏହା ଏକ ପ୍ରଧାନ ସାଧନର କାର୍ଯ୍ୟ କୃତିତ୍ୱ ସହିତକାରେ ସମ୍ପାଦିତ କରିଛି । ପୁରାଣ ହିସାବରେ ଏହାକୁ ବହୁ ଲୋକେ ଧର୍ମ ଭାବରେ ଗ୍ରହଣ କରିଥିବାରୁ

ଏହାର ପ୍ରସାର ଆଧ୍ୟାତ୍ମିକ ଜୀବନ ଗଠନରେ ମଧ୍ୟ ଏକ ପ୍ରଧାନ ଅଂଶ ଗ୍ରହଣ କରିଛି ।

ଅଧ୍ୟାତ୍ମ ରାମାୟଣ ଅନୁବାଦ ଗ୍ରନ୍ଥମାନଙ୍କ ଭିତରେ ହଳଧରଙ୍କ ଗ୍ରନ୍ଥଟି ସର୍ବ ପ୍ରାଚୀନ ବୋଲି ମନେହୁଏ । ପଞ୍ଚସଖାର ବଳରାମ ଦାସଙ୍କ 'ଜଗମୋହନ ରାମାୟଣ' ପରେ ସମ୍ପୂର୍ଣ୍ଣ ରାମଚରିତ ବର୍ଣ୍ଣିତ ହୋଇଥିବା ପୁରାଣ ହିସାବରେ ହଳଧରଙ୍କ ଅଧ୍ୟାତ୍ମ ରାମାୟଣ ଦ୍ୱିତୀୟ ଥିବାରୁ ଏହାର ବିଶେଷତ୍ୱ ରହିଛି । ହଳଧର ଖୋର୍ଦ୍ଧା ରାଜା ଗଜପତି ମୁକୁନ୍ଦ ଦେବ (ଦ୍ୱିତୀୟ ରାଜତ୍ୱକାଳ ଖ୍ରୀ:୧୬୫୧—୮୮)ଙ୍କ ସମସାମୟିକ ଓ ଭ୍ରାତୃଷ୍ପୁତ୍ର ଥିଲେ । ମୁକୁନ୍ଦଦେବଙ୍କର ଭ୍ରାତା ଅନନ୍ତ ପଟ୍ଟନାୟକ କବିଙ୍କର ପିତା । କବି ଅନନ୍ତଙ୍କର କନିଷ୍ଠ ପୁତ୍ର ।

ଗଜପତି ମୁକୁନ୍ଦଦେବ, ବିବେକୀ ବ୍ରାହ୍ମଣ ବୈଷ୍ଣବ ।
ଏମନ୍ତ ପରକାରେ ଯେହୁ, ତାଙ୍କର ଅଟନ୍ତି ଯେ ଭାଇ ।
ଶ୍ରୀ ଅନନ୍ତ ପଟ୍ଟନାୟକ, ସେ ବଡ଼ ବ୍ରାହ୍ମଣ୍ୟ ଧାର୍ମିକ ।
ବିବେକୀ ଦାତା ଦାନ୍ତ ଶାନ୍ତ, ବଇଷ୍ଣବ ଆଚାରବନ୍ତ ।
କନିଷ୍ଠ ପୁତ୍ର ମୁଁ ତାଙ୍କର, ମୋହର ନାମ ହଳଧର ।
(ଉତ୍ତରକାଣ୍ଡ—୧ମ ଅ:)

କବି ପିତା ଓ ପିତୃବ୍ୟଙ୍କ ପଦାଙ୍କାନୁସରଣ କରି ଏହି ବୈଷ୍ଣବ ଗ୍ରନ୍ଥଟି ରଚନା କରି ବୈଷ୍ଣବୋଚିତ କାର୍ଯ୍ୟ କରିଥିଲେ ।

ହଳଧର ନିଜେ ଅନୁବାଦଟି ରଚନା କରିଥିଲେ ମଧ୍ୟ ମୂଳ ସଂସ୍କୃତ ଗ୍ରନ୍ଥର ଭାବ ସମ୍ୟକ୍ ବୁଝିବା ନିମନ୍ତେ ବୀରପୁର ଶାସନନିବାସୀ ବତ୍ସସଗୋତ୍ରଜ ମହାଜନ ମହେଶ୍ୱର ଆଚାର୍ଯ୍ୟଙ୍କ ସାହାଯ୍ୟ ନେଇଥିଲେ । ଆଚାର୍ଯ୍ୟଙ୍କଠାରୁ ସଂସ୍କୃତ ରାମାୟଣ ଶ୍ରବଣ କରି ହଳଧର ଅନୁବାଦ କରୁଥିଲେ ।

ବୀରପୁର ନାମେ ଶାସନ, ତହିଁରେ ଅଟେ ମହାଜନ ।
ବତ୍ସସ ଗୋତ୍ରରେ ଜନମ, ମହେଶ୍ୱର ଆଚାର୍ଯ୍ୟ ନାମ ।

ବ୍ରହ୍ମ କର୍ମରେ ସେ ନିରତ, ପଣ୍ଡିତ ବୈଷ୍ଣବ ଶାନ୍ତ ।
ସେ ମୋତେ ଅନୁଗ୍ରହ କଲେ, ରାମାୟଣ ଅର୍ଥ କହିଲେ ।
ଶୁଣିଣ କୃତାର୍ଥ ହୋଇଲି, ତହିଁରୁ ଯେତେ ମୁଁ ବୁଝିଲି ।
ଦେଶ ଭାଷାରେ କଲି ଗୀତ, ଏ ତ ଅଗାଧ ସିନ୍ଧୁ ମତ ।
(ଉ. କା. ୯ମ ଅ:)

ରାମ୍ଭପୁରଶାସନର ଅବସ୍ଥିତି ସମ୍ବନ୍ଧରେ ଗ୍ରନ୍ଥରୁ କିଛି ସ୍ପଷ୍ଟ ସୂଚନା ମିଳୁନଥିଲେ ମଧ୍ୟ ଏହା ପୁରୀ ଜିଲ୍ଲାରେ ଥିବା ଅନୁମିତ ହୁଏ ।

କବି ଅଧ୍ୟାତ୍ମରାମାୟଣଟିକୁ କଳି ଭୋଗାଇ ୪୬୮୩ ବର୍ଷ ଅର୍ଥାତ୍ ଖ୍ରୀ. ୧୬୮୨ ଆଶ୍ୱିନମାସରେ ଶେଷ କରିଥିଲେ । ଏହି ସମୟକୁ ଖୋର୍ଦ୍ଧା ରାଜା ବଳଭଦ୍ର ଦେବଙ୍କ ଉତ୍ତରାଧିକାରୀ ମୁକୁନ୍ଦଦେବ (୨ୟ) ଙ୍କ ୨୮ ଅଙ୍କ ହୋଇଥିଲା ।

ଚାରି ସହସ୍ର ସାତ ଶତ, ତେୟାଳିଶି ବରଷେ ସଂଯୁତ ।
ଅଷ୍ଟାବିଂଶତି କଳିଯୁଗ, ଏତେକ ହୋଇଥିଲା ଭୋଗ ।
ଆଶ୍ୱିନ ମାସରେ ଏ ଗୀତ, ସର୍ବ ଶୁଭରେ ହୋଇଲା ରଚିତ । ଉ:କା: ।

କବି ଜୀବନର କେଉଁ ସମୟରେ ଗ୍ରନ୍ଥ ରଚନା କରିଥିଲେ ତାହା ସ୍ପଷ୍ଟ ଭାବରେ ଜଣା ଯାଉ ନ ଥିଲେ ମଧ୍ୟ ବାର୍ଦ୍ଧକ୍ୟାବସ୍ଥାରେ ଗ୍ରନ୍ଥ ରଚନା ଶେଷ କରିଥିବା ଅନୁମାନ କରାଯାଇ ପାରେ । କବି ଗ୍ରନ୍ଥର ଶେଷ ଭାଗରେ ଶୀଘ୍ର ଗ୍ରନ୍ଥ-ରଚନା ଶେଷ କରିବା ପାଇଁ ବ୍ୟାକୁଳ ଥିଲେ । ଏହା କବି-ସୁଲଭ ଇଚ୍ଛା ହେଲେ ମଧ୍ୟ ବାର୍ଦ୍ଧକ୍ୟଜନିତ ଅନିଶ୍ଚିତତା ତାଙ୍କର ମନକୁ ଆନ୍ଦୋଳିତ କରୁଥିବା ସ୍ୱାଭାବିକ ।

କବି ସୁନ୍ଦରକାଣ୍ଡ ଆରମ୍ଭରେ କହୁଛନ୍ତି—

ଅହେ ପତିତପାବନ କରୁଣା ନିଧାନ
ବଡ଼ବେଗେ ମୋର ମନୋରଥ କର ପୂର୍ଣ୍ଣ ।

ଏତେକେ ଅଧ୍ୟାତ୍ମ ସୁନ୍ଦରକାଣ୍ଡ ରଘୁନାଥ
କରିବି ଗୀତ ସାମରେ ହୋଇବେ କୃତାର୍ଥ ।
ଅବଧୂ ହୋଇ ଏ ଅନ୍ତବେଗେ ନର୍ଭେ ପାଉ
ଏରୂପେ ହେ ସ୍ୱାମୀ ମୋଠାରେ କୃପା ହେଉ । ସୁ: କା: ।

ଉତ୍ତରକାଣ୍ଡରେ ମଧ୍ୟ ଏହିପରି ପ୍ରାର୍ଥନା କରିଛନ୍ତି —

ଆହେ ରାଜେନ୍ଦ୍ର, ସୀତାକାନ୍ତ, ତୁମ୍ଭର ଉତ୍ତର ଚରିତ ।
ସ୍ଫୁରୁ ମୋ ମନରେ ବହନ, ଏରୂପେ ହୁଅ ପରସନ । ×
ବହନ ଏ ଉତ୍ତମ ହୋଇ, ମୋ ମନେ ସ୍ଫୁରୁ ଉମା ସାଇ ।
ଉ: କା: । (ଗ୍ରବନ୍ଧାବଳୀ ପ:୦)

ସୁନ୍ଦରକାଣ୍ଡ ବ୍ୟତୀତ ଅନ୍ୟସବୁ କାଣ୍ଡ ନବାକ୍ଷରୀ ବୃତ୍ତରେ ଓ ସୁନ୍ଦରକାଣ୍ଡ ଚତୁର୍ଦ୍ଦଶାକ୍ଷରୀ ବୃତ୍ତରେ ରଚିତ ।

କବି ସରଳ ଓ ମାର୍ଜିତ ଭାଷା ବ୍ୟବହାର କରିଛନ୍ତି । ଏହା ଏକ ଅନୁବାଦ ଗ୍ରନ୍ଥ ହେଲେ ମଧ୍ୟ କବି ଭାଷାକୁ ସଂସ୍କୃତଭାରାକ୍ରାନ୍ତ କରି ନାହାନ୍ତି । ଓଡ଼ିଆ-ସଂସ୍କୃତର ସୁନ୍ଦର ମିଶ୍ରିତ ପ୍ରୟୋଗ ବହୁ ସ୍ଥାନରେ ଦେଖାଯାଏ । ଅନୁବାଦ ଗ୍ରନ୍ଥରେ ଏହି ପ୍ରକାର ଲକ୍ଷଣ ଦେଖାଯିବା ସ୍ୱାଭାବିକ । ବହୁ ସ୍ଥାନରେ ବର୍ଣ୍ଣନାଗୁଡ଼ିକ ସଂସ୍କୃତାନୁଯାୟୀ ହୋଇଥିବା ମଧ୍ୟ ଦେଖାଯାଏ ।

(୧) ପାଟଳୀପୁଷ୍ପକ ଏ କର୍ଣ୍ଣ, ରୁହିଲ ମନେ ବାନ୍ଧେ ମନ ।
କସ୍ତୁରୀ ଲେଖିଲ ସଗୁଣ, ଭୁଚର ଦଶେ ଦାଢ଼ୀ କଶ । (ଅ. କା.)

(୨) ନିର୍ମଳ ଦର୍ପଣ ଯେସନ, ଏମନ୍ତ ପ୍ରକାରେ ବଦନ ।
ପ୍ରବାଳ ଶ୍ରେଣୀକି ଅଧର, ଦଶନ ମୁକ୍ତା ପ୍ରକାର ।
କରୁଣା ରସରେ ସମ୍ପୂର୍ଣ୍ଣ, ବିକାଶ ପଙ୍କଜ ଲୋଚନ ।
ଇତ୍ୟାଦି । (ଅ· କା·)

(ଗ) କିଏ ମର୍କତ ରମ୍ଭାତରୁ, ଓଲଟ ହୋଇଅଛି ଊରୁ ।
ମଧ୍ୟାନ୍ତ କରିକୁମ୍ଭ ପ୍ରାୟେ, ନିତମ୍ବ ଯୁଗ ଶୋଭା ପାଏ ।
କଟିଭାଗ ଡମ୍ବରୁ ମତ, ଉଦରେ ତ୍ରିବଳି ଶୋଭିତ ।
ହୃଦସ୍ଥ ପୃଥୁଳ ବିସ୍ତାର, ଶ୍ରୀବତ୍ସ ଚିହ୍ନ ମନୋହର ।
ବକ୍ଷ ତମାଳ ବନ ତେଜି, ରୋମ ଛଳେ କି ଭୃଙ୍ଗରାଜି
ଭ୍ରମନ୍ତି ମଧୁପାନ ଅର୍ଥେ, ନାଭିସର ପଦ୍ମକୁ କି ସେ । (ଅ. କା.)

— —

# ଷଷ୍ଠ ପରିଚ୍ଛେଦ

## ଭୂପତି ପଣ୍ଡିତ

ଓଡ଼ିଆ ବୈଷ୍ଣବ ସାହିତ୍ୟରେ ଭୂପତି ପଣ୍ଡିତଙ୍କ ପ୍ରେମପଞ୍ଚାମୃତ ଅତି ଆଦର ଲାଭ କରିଛି । ଗ୍ରନ୍ଥଟି ଏଡ଼େ ସରଳ ଭାଷାରେ ଲେଖା ହୋଇଛି ଯେ ଛୋଟ ଛୋଟ ପିଲାମାନେ ମଧ୍ୟ ଏହାକୁ ଅନାୟାସରେ ବୁଝି ପାରିବେ । ବୈଷ୍ଣବ ତତ୍ତ୍ୱ ସମ୍ବନ୍ଧରେ ଓଡ଼ିଆ ଭାଷାରେ ଯେତେ ଗ୍ରନ୍ଥ ଅଛି ସବୁଠାରୁ ପ୍ରେମ ପଞ୍ଚାମୃତହିଁ ସରଳ ବୋଲି ମନେ ହୁଏ । ନିଗୂଢ଼ ବୈଷ୍ଣବ ତତ୍ତ୍ୱକୁ ସାଧାରଣ ଲୋକମାନଙ୍କ ଭିତରେ ପ୍ରଚାର କରିବାକୁ ହେଲେ ପ୍ରାକୃତ ଭାଷାକୁହିଁ ବ୍ୟବହାର କରିବାକୁ ହେବ ବୋଲି ଭୂପତିଙ୍କର ମତ । ସଂସ୍କୃତ ଭାଷାରେ ଏହି ଧର୍ମ ସମ୍ବନ୍ଧରେ ବହୁତ ଗ୍ରନ୍ଥ ଅଛି । କିନ୍ତୁ ସାଧାରଣ ଲୋକେ ସଂସ୍କୃତ ଜାଣି ନଥିବାରୁ ସେମାନଙ୍କ ପକ୍ଷରେ ଏହି ମଧୁର ରସ ଆସ୍ୱାଦନ କରିବା ସୁବିଧା ଜନକ ହୋଇ ପାରୁନାହିଁ । ଏହି ଅସୁବିଧା ଅନୁଭବ କରି ଭୂପତି ସରଳ ଓଡ଼ିଆ ଭାଷାରେ ଗ୍ରନ୍ଥଟି ରଚନା କରିଛନ୍ତି ଏବଂ ଏଥିରେ ତାଙ୍କ ଶ୍ରମ ସଫଳ ହୋଇଛି ।

ସେ ସୁର ନର ନାଗ ଭାଷା, ବିବିଧ ବାକ୍ୟ ଦେଶ ଦେଶ ।
କୃଷ୍ଣ ମହିମା ଯହିଁ ଶୁଣି, ସେ ସବୁ ବାକ୍ୟରେ ମୁକୁଟ ମଣି ।
ଯେବେ ନଥାଇ କୃଷ୍ଣ ରସ, ସେ ସଂସ୍କୃତେ କାର୍ଯ୍ୟ କିସ ।
ପାଟ ବସନେ ଗୁଞ୍ଜା ଫଳ, ଥିଲେ ନୁହଇ ବହୁମୂଲ୍ୟ ।
ଚିରା କନାରେ ମଣିବର, ଥିଲେ ନ ତୁଟେ ମୂଲ୍ୟ ତାର ।
ସୁର ଭାଷାହିଁ ରସମୟେ, ସେ ନାରିକେଳ ଫଳ ପ୍ରାୟେ ।
କ୍ଳେଶେ ହୁଅଇ ରସ ଭୋଗ, ସବୁଙ୍କୁ ନୋହେ ଉପଯୋଗ ।
ଭାଷା ସୁପକ୍ୱ ରମ୍ଭା ପ୍ରାୟ, କୋମଳ ମୃଦୁ ରସମୟ ।
ଅକ୍ଳେଶେ କରି ତାକୁ ଭୋଗ, ସବୁ ଜୀବନେ ଉପଯୋଗ ।
କି ପରାକୃତ ସଂସ୍କୃତ, ସେ ଭାବଗ୍ରାହୀ ନନ୍ଦସୁତ ।
ଗାଳି ଶୁଣଇ ଗୋପୀ ମୁଖେ, ବେଦ ନ ଶୁଣେ ଟେକେ ସୁଖେ ।
ଏ ଭାବ ମନରେ ବିଚାରି, ଭାଷାକୁ ଅବଜ୍ଞା ନ କରି ।
ସୁଜନେ ଶୁଣ ଦେଇ ଚିତ୍ତ, ନିର୍ମଳ ଗୋବିନ୍ଦ ଚରିତ । ୧ମ ଅ. ।

ପରାକୃତ (ପ୍ରାକୃତ) ସପକ୍ଷରେ ଭୂପତିଙ୍କର ଯୁକ୍ତି ଅନ୍ୟ ପ୍ରାକୃତ କବି-ମାନଙ୍କୁ ମଧ୍ୟ ପ୍ରୋତ୍ସାହିତ କରିଥିବ । ଭୂପତିଙ୍କ ଯୁଗରେ ପ୍ରାକୃତ ଓଡ଼ିଆ ଭାଷା ଅତି ଉଚ୍ଚ ଗୌରବ ଲାଭ କରିଛି ।

ଜଣେ ପଶ୍ଚିମା ଲୋକ ପକ୍ଷରେ ଓଡ଼ିଆ ଭାଷାରେ ଏତେ ତତ୍ତ୍ୱସବୁ ସରଳ ସହଜ ଭାବରେ ଲେଖିବା କମ୍ କୃତିତ୍ୱର କଥା ନୁହେଁ । ତାଙ୍କର ଭଗବତ୍ ପ୍ରେମ ଓ ଐକାନ୍ତିକତାହିଁ ତାଙ୍କୁ ଏ ଦୁରୂହ କାର୍ଯ୍ୟରେ ଯଶସ୍ୱୀ କରାଇଅଛି ।

କବି ପରିଚୟ—ଭୂପତି ପଣ୍ଡିତଙ୍କ ବାସସ୍ଥାନ ପଶ୍ଚିମରେ । ସେ ଜାତିରେ ସାରସ୍ୱତ ବ୍ରାହ୍ମଣ ଥିଲେ ଏବଂ ବୈଷ୍ଣବ ଦୀକ୍ଷା ଗ୍ରହଣ କରିଥିଲେ ।

ଏ ମନ ହୋଇଲା ମଧୁପ, ବୈଷ୍ଣବ ଦାସ କବି ଭୂପ ।
ପଶ୍ଚିମା ବିପ୍ର ସାରସ୍ୱତ, ନାମ ଯେ ଭୂପତି ପଣ୍ଡିତ । ୧୦ମ ଅ. ।

ରାଜା ଦିବ୍ୟସିଂହ ଦେବଙ୍କ ରାଜତ୍ୱ ସମୟରେ ସେ ଓଡ଼ିଶାକୁ ଆସିଥିଲେ ଏବଂ ରାଜାଙ୍କୁ ଦେଖା କରିଥିଲେ । ତାଙ୍କର କବି-ପ୍ରତିଭାର ସମ୍ୟକ୍ ପରିଚୟ ପାଇ ରାଜା ତାଙ୍କୁ ବହୁତ ସମ୍ମାନ କରିଥିଲେ ଏବଂ ବହୁ ଧନ ବସନ ଓ ଭୂମି ଦାନ ଦେଇଥିଲେ । ଏଥିରେ ଭୂପତି ଆକୃଷ୍ଟ ହୋଇ ନିଜ ଦେଶ ଛାଡ଼ି ଓଡ଼ିଶାରେ ଘର କରି ରହିଲେ । ରଥିପୁର ନାମକ କଟକରେ ସେ ରହିଲେ । ରଥିପୁରର ପଶ୍ଚିମ ମୁଣ୍ଡରେ ତାଙ୍କର ଘର ଥିଲା । ଜଟଣୀ ଓ ଭୁବନେଶ୍ୱର ମଧ୍ୟରେ ରଥିପୁର ଗଡ଼ ଅବସ୍ଥିତ । ପୂର୍ବେ ଏହି ଗଡ ମୁସଲମାନ ଓ ମରହଟ୍ଟା ରାଜତ୍ୱ ବେଳେ ଖୋର୍ଦ୍ଧା ରାଜାମାନଙ୍କର ରାଜଧାନୀ ଥିଲା ।

ତାହାଙ୍କ ଅନ୍ନଜଳ ଖାଇ, ସୁଖେ ତାହାଙ୍କ ରାଜ୍ୟେ ଥାଇ ।
କଟକ ନାମ ରଥିପୁର, ନଗର ପଶ୍ଚିମେ ମୋ ଘର । ୧୦ମ ଅ. ।

ଭୂପତି ପଶ୍ଚିମା, ବଙ୍ଗଳା ଓ ତ୍ରିହୋତ ଭାଷା ଜାଣିଥିଲେ । ପଶ୍ଚିମା ଭାଷାରେ ବା ହିନ୍ଦିରେ କବିତା ମଧ୍ୟ ଲେଖିଥିଲେ । ତ୍ରିହୋତା ବିହାର ପ୍ରଦେଶର ଉତ୍ତର ବିଭାଗରେ ଥିବା ତିହୁତ ଅଞ୍ଚଳର ଭାଷା ହେବ ।

ଓଡ଼ିଶାକୁ ଆସିବା ପରେ ଓଡ଼ିଆ ଶିକ୍ଷା କରି ଓଡ଼ିଆ ଭାଷାରେ କବିତା ଲେଖା ଆରମ୍ଭ କରିଥିଲେ ।

ପଶ୍ଚିମା ଭାଷାରେ କବିତ୍ୱ, ବଙ୍ଗଳା ଭାଷା ତିରହୋତ ।
ଉତ୍କଳ ଭାଷା ନବ ଶିକ୍ଷା, ଆମ୍ଭର ବଇଷ୍ଣବ ଦୀକ୍ଷା । ୧୦ମ ଅ. ।

ଏ ଦେଶକୁ ଆସି ଭାଷା ଶିଖି, ଏଡ଼େ ବଡ଼ ସୁନ୍ଦର ଗ୍ରନ୍ଥ ଲେଖିବା କମ୍ ଗୌରବର ବିଷୟ ନୁହେଁ ।

ଭୂପତି ପଣ୍ଡିତ ବୈଷ୍ଣବଧର୍ମାବଲମ୍ବୀ ଥିଲେ । ଶ୍ରୀ ଚୈତନ୍ୟ ଦାସ ତାଙ୍କର ଗୁରୁ । ପୁରୀରେ କପାଳମୋଚନ ଓ ଲୋକେଶ୍ୱର ଶିବ ମନ୍ଦିରର ମଧ୍ୟ ସ୍ଥାନରେ ଚୈତନ୍ୟ ଦାସଙ୍କର ମଠ ଥିଲା । ଏହି ଚୈତନ୍ୟ ଦାସଙ୍କୁ କେହି

କେହି ବିଷ୍ଣୁଗର୍ଭ ପୁରାଣର ରଚୟିତା ବୋଲି କହନ୍ତି; କିନ୍ତୁ ଏହାର ପ୍ରମାଣ ମିଳି ନାହିଁ। ଚୈତନ୍ୟ ଦାସ ପରମ ବୈଷ୍ଣବ ଥିଲେ। ସେ ଗୋପୀକା ଭକ୍ତିର ସାଧକ। ତାଙ୍କର ଆଜ୍ଞାରୁ ଭୂପତି ଅନେକ ଚଉପଦୀ, ଚଉତିଶା କବିତାମାନ ଓଡ଼ିଆ ଭାଷାରେ ଲେଖି ତାଙ୍କୁ ଦେଖାଉଥିଲେ। ଚୈତନ୍ୟ ଦାସଙ୍କର ପ୍ରରୋଚନା ହିଁ ତାଙ୍କୁ ଏଥିରେ ବିଶେଷ ସାହାଯ୍ୟ କରିଥିଲା। ତାଙ୍କର ଉତ୍ସାହରୁ ଭୂପତି ଏହି ଗ୍ରନ୍ଥ ରଚନା କରିଥିଲେ। ଚୈତନ୍ୟ ଦାସ ଗୋପୀକା ଭକ୍ତିର ଉପାସକ ଥିବାରୁ ଗୋପୀକା ଭକ୍ତିର ଉତ୍କର୍ଷ ପ୍ରତିପାଦନ କରି ଭୂପତି ଏହି ଗ୍ରନ୍ଥ ଲେଖିଥିଲେ।

ଶ୍ରୀକୃଷ୍ଣ ଚରଣେ ବିଶ୍ୱାସ, ନାମ ଶ୍ରୀ ଚଇତନ ଦାସ।
ମହାନ୍ତ ଶୁଦ୍ଧ ବଇଷ୍ଣବ, ଗୋପୀକା ଭକ୍ତି ତାଙ୍କ ଭାବ। XX
ତାହାଙ୍କ ସଙ୍ଗେ ମୋ ପୀରତି, ତାହାଙ୍କ ଇଷ୍ଟ ଗୋପୀ ପତି।
ଆଜ୍ଞା ହୋଇଲା ତାହାଙ୍କର, ଉତ୍କଳ ଭାଷା କାବ୍ୟ କର। ୧୮ମ ଅ.।

ପ୍ରେମ-ପଞ୍ଚାମୃତ ଦିବ୍ୟସିଂହ ଦେବଙ୍କ ଅଷ୍ଟମ ଅଙ୍କରେ (ଖ୍ରୀ: ୧୬୯୯)ରେ ମକର ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ସୋମବାର ଗୋଧୂଳି ସମୟରେ ଗ୍ରନ୍ଥ ସମ୍ପୂର୍ଣ୍ଣ ହୋଇଥିଲା।

ଶ୍ରୀ ଦିବ୍ୟସିଂହ ରାଜାଙ୍କର, ସମସ୍ତ ଅଷ୍ଟମ ଅଙ୍କର।
ମକର ମାସ ଶୁକ୍ଳ ପକ୍ଷ, ତିଥି ତ୍ରୟୋଦଶୀ ପ୍ରତ୍ୟକ୍ଷ।
ଗୋଧୂଳି ସୋମବାର ଦିନ, ଏ ପୋଥି ହୋଇଲା ସମ୍ପୂର୍ଣ୍ଣ।(୧୦ମ ଅ.)

ଗୁରୁ ଚୈତନ୍ୟ ଦାସଙ୍କ ଆଜ୍ଞାରେ ସେ କେତେକ ଚଉପଦୀ, ଚଉତିଶା ଲେଖିଥିବାର ପ୍ରେମ-ପଞ୍ଚାମୃତରେ ସୂଚନା ଦେଇଅଛନ୍ତି।

ଆଜ୍ଞା ହୋଇଲା ତାହାଙ୍କର, ଉତ୍କଳ ଭାଷା କାବ୍ୟ କର।
ଚୌତିଶା ଚଉପଦୀ ଗୀତ, ବର୍ଣ୍ଣି ଶ୍ରୀ ଗୋବିନ୍ଦ ଚରିତ।
ତାହାଙ୍କ ଆଜ୍ଞା ଘେନି ଶିରେ, ମନ ଶ୍ରୀକୃଷ୍ଣ ଚରଣରେ।
ଭଣିଁ ତ ଗୋବିନ୍ଦ ଚରିତ, ଚୌତିଶା ଚଉପଦୀ ଗୀତ।
କବଇ ବୁଦ୍ଧି ଅନୁସାରେ, ଶୁଣାଇ ତାହାଙ୍କ ଛାମୁରେ। ୬ମ ଅ.।

**ରାଜା ଦିବ୍ୟସିଂହ ଦେବଙ୍କ ସହିତ ସମ୍ପର୍କ —**

ଭୂପତି ପଣ୍ଡିତଙ୍କ କବିପ୍ରତିଭାରେ ଦିବ୍ୟସିଂହ ଦେବ ମୁଗ୍ଧ ଥିଲେ। କିନ୍ତୁ କେତେକଣ ଖଟୁଆ ଏଥିରେ ଈର୍ଷାନ୍ୱିତ ହୋଇ ରାଜାଙ୍କ ମନ ବିରସ କରିଦେଇ ଭୂପତିଙ୍କ ପ୍ରତି ଅଶ୍ରଦ୍ଧାଭାବ ଜାଗ୍ରତ କରିବାପାଇଁ ଚେଷ୍ଟା କରିଥିଲେ। ଭୂପତି ତୁଚ୍ଛକରି ଭ୍ରମପୂର୍ଣ୍ଣ କବିତା ଲେଖି କବି ବୋଲାଉଥିବା ଅଭିଯୋଗ ପଣ୍ଡିତମାନେ ରାଜାଙ୍କଠାରେ କଲେ।

ପଣ୍ଡିତେ ବିଚାରିଲେ ଚିତ୍ତ, ବୁଝିବା କବିଙ୍କ ବୃତ୍ତାନ୍ତ।
ଏମନ୍ତ ବୋଲେ ଦୁଇ ଚାରି, ହୃଦରେ କଷ୍ଟ ସେ ବିଚାରି।
ରାଜାଙ୍କୁ ଖଟୁଆ କହିଲେ, ଆମ୍ଭଙ୍କୁ ଧରାଇଣ ନେଲେ।
ଖିଲବଟରେ କଲେ ବେଢ଼ି, କବିତ୍ୱ କରୁଥାନ୍ତି ତୁଚ୍ଛ।
ନୃପତି ଶ୍ରୀମୁଖେ ବୋଇଲେ, କିମ୍ଭୂତ ବୋଲି ପଚାରିଲେ।
ମୁହିଁ ଜଣାଇଲି ଶ୍ରୀମୁଖର, ଯେମନ୍ତ ଆଜ୍ଞା ଶ୍ରୀମୁଖର।
ନାନା କାବ୍ୟରୁ ପଦ ଆଣି, କବି ପଣରେ ହୁଅ ଟାଣି।
ପଣ୍ଡିତ ଅଛ ଯେତେ ତୁମ୍ଭେ, ଗ୍ରନ୍ଥ ରଚିବ ମନ ଦମ୍ଭେ।
ଶ୍ରୀ ଭାଗବତରେ ନଥିବ, ଏଦ ଶ୍ରୀକୃଷ୍ଣେ ଯୁକ୍ତ ହେବ।
ଏମନ୍ତ ଆଜ୍ଞା ମୁଁ ପାଇଲି, ଅପର ଛନ୍ଦେ କାବ୍ୟ କଲି। ୧୦ମ ଅ.।

ଭୂପତି 'ପ୍ରେମ ପଞ୍ଚାମୃତ' ଲେଖି ଦେଖାଇବା ମାତେ ରାଜା ପରମ ସନ୍ତୋଷ ଲାଭ କଲେ। ପରେ ପଣ୍ଡିତମାନଙ୍କୁ ଡକାଇ ଭୂପତିଙ୍କୁ ସମ୍ମାନ ଦେଲେ। ଶାସନ ଦାନ ବୃତ୍ତି ଦେଲେ। ପଣ୍ଡିତମାନେ ମଧ୍ୟ ସ୍ୱୀକାର କଲେ ଯେ ଏଥିର ବର୍ଣ୍ଣିତ ବିଷୟ ପୁରାଣରେ ନାହିଁ।

ଦେବ ଚିନ୍ତିଲେ ବନ୍ଦନ ଗଲେ, ପଣ୍ଡିତ ଜନେ ପଠାଇଲେ।
ପଣ୍ଡିତ ଜନେ ଆଚମ୍ଭିତ, ରାଜାଙ୍କୁ ଜଣାନ୍ତି ତୁରିତ।
କର୍ମ ତ ଛନ୍ଦ ହୃଦେ ଧରି, କହନ୍ତି ବିନୟ ସେ କରି।
ଏ ରସ ପୁରାଣରେ ନାହିଁ, କୃଷ୍ଣର ଭକ୍ତି ରସ ଏହି। ୧୦ମ ଅ.

ଛନ୍ଦ କପଟ କରିଥିବା ପଣ୍ଡିତମାନେ ଭୟ ପାଇ ରାଜାଙ୍କଠାରେ ବିନୟ ପ୍ରକାଶ କରି ଏହି ମତ ବ୍ୟକ୍ତ କରିଥିଲେ ।

ଏହି ଗ୍ରନ୍ଥରେ ବର୍ଣ୍ଣିତ କେତେକ ବିଷୟ ଅବଶ୍ୟ ପୁରାଣରେ ଦେଖିବାକୁ ମିଳେ ନାହିଁ । ବୃନ୍ଦାବତୀ ହରଣ ବୃତ୍ତାନ୍ତ ଭାଗବତରେ ନାହିଁ ।

ରାଜାଙ୍କଠାରୁ ଅଶେଷ ସମ୍ମାନ ଲାଭ କରି ମଧ୍ୟ ଭୂପତିଙ୍କ ମନ ସେଥିରେ ଲାଗି ରହି ନଥିଲା । ସେ ଭଗବାନଙ୍କ ଚରଣ ସେବାରେ ମନ ଦେଲେ ।

ମୋ ମନ ତହିଁ ନ ରସିଲା, ଗୋବିନ୍ଦ ଚରଣେ ଲାଗିଲା । ୧୦ମ ଅ. ।

ମହାରାଜା ଦିବ୍ୟସିଂହ ଦେବ ଉତ୍କଳର ଦୁଇଜଣ ପ୍ରଧାନ କବି ଦୀନକୃଷ୍ଣ ଦାସ ଓ ଭୂପତି ପଣ୍ଡିତଙ୍କ ପ୍ରତି ଯେଉଁ ବ୍ୟବହାର କରିଥିଲେ ତାହା ଓଡ଼ିଆ ସାହିତ୍ୟର ଇତିହାସରୁ କେବେ ଲିଭିବାର ନୁହେଁ । ଭକ୍ତର ଗୌରବ କେବେ ହାନି ହୁଏ ନାହିଁ; ଏହି ଧାରଣା ପ୍ରତ୍ୟେକ ଭକ୍ତର ହୃଦୟରେ ଜାଗ୍ରତ ଥାଏ । ଏହି ଧାରଣାହିଁ ଭକ୍ତକୁ ବଳ ଦିଏ । ଭକ୍ତ-ବତ୍ସଳ ଭଗବାନ ସେମାନଙ୍କ ବିପତ୍ତିରେ ସହାୟ ହୋଇ ଅଶେଷ ଦୁରିତ ନାଶ କରନ୍ତି । ସ୍ଥିର କ୍ଷଣଭଙ୍ଗୁର ଓ ସସୀମ ଶକ୍ତି ସମ୍ପନ୍ନ ମନୁଷ୍ୟ ବା କ'ଣ କରି ପାରେ ?

## ଗ୍ରନ୍ଥ ବିଚାର

ଗୋପକନ୍ୟା —

ପ୍ରେମ-ପଞ୍ଚାମୃତରେ କବି ଗୋପ କନ୍ୟାମାନଙ୍କୁ ଚାରି ଭାଗରେ ବିଭକ୍ତ କରିଛନ୍ତି—ବେଦ କନ୍ୟା, ଦେବ କନ୍ୟା, ମୁନି କନ୍ୟା ଓ ଗୋପକନ୍ୟା । ଶ୍ରୀକୃଷ୍ଣ ଗୋଲକ ବାଞ୍ଛାବୃକ୍ଷ ମୂଳରେ ତ୍ରିଭଙ୍ଗି ଭଙ୍ଗିରେ ଉଭା ହୋଇ ବଂଶୀ ନାଦ କରିବାରୁ ବଂଶୀର ଉଚ୍ଚାଟନରୁ ବେଦ କନ୍ୟା, ସ୍ତମ୍ଭନ ନାଦରୁ ଦେବ କନ୍ୟା, ବଶୀକରଣ ନାଦରୁ ମୁନିକନ୍ୟା ଓ ମୋହନ ନାଦରୁ ବ୍ରଜକନ୍ୟା ଜାତ ହେଲେ । ଏମାନଙ୍କ ସଂଖ୍ୟା ୭୪ ହଜାର । (୫ମ ଅଧ୍ୟାୟ)

**ଗୋପୀ** କନ୍ୟାମାନେ ରାଧାଙ୍କ ଅଂଶରୁ ଜାତ ଏବଂ ସ୍ୱୟଂ ରାଧା ଜୀବ ଆତ୍ମାରୁ ଜାତ । ରାଧାଙ୍କ ଅଂଶରୁ ଯେତେ ଗୋପୀ ଜାତ ହୋଇଛନ୍ତି ସେମାନେ କୃଷ୍ଣଙ୍କ ଜୀବନ ସ୍ୱରୂପୀ । ଏହି ଗୋପୀ କନ୍ୟାମାନେ କୃଷ୍ଣଙ୍କୁ ସ୍ୱୟଂ ଭଗବାନ ବୋଲି ଜାଣିଥିଲେ ଏବଂ ଭକ୍ତି ଭାବରେ ତାଙ୍କୁ ପାଇବା ପାଇଁ ଚେଷ୍ଟା କରିଥିଲେ ।

ପରମ ଆତ୍ମା ଭଗବାନ, ରାଧିକା ଜୀବ ଆତ୍ମା ଜାଣ ।
ରାଧିକା ଅଂଶେ ଯେତେ ଗୋପୀ, ସେ କୃଷ୍ଣ ଜୀବନ ସ୍ୱରୂପୀ । ୨ୟ ଅ. ।

କୃଷ୍ଣ ବିଭିନ୍ନ ଅବତାରରେ ବିଭିନ୍ନ ଦେବତା ରୂପ ଗ୍ରହଣ କରି ଅଛନ୍ତି । ଦେବତାମାନେ ତାଙ୍କର ଅଂଶ । ପୂର୍ବ ଅବତାରମାନଙ୍କରେ ଯେଉଁମାନେ ତାଙ୍କର ସ୍ତ୍ରୀ ହୋଇଥିଲେ ସେମାନେ ପୁନର୍ବାର ଦେବକନ୍ୟା ରୂପରେ ରୁଚି ଓ ସାଧନ ଭେଦରେ ବ୍ରଜ ଓ ମଥୁରାରେ ଜନ୍ମଗ୍ରହଣ କରିଥିଲେ । ଏମାନେ କୃଷ୍ଣଙ୍କର ବନିତା ସଦୃଶ ।

ଯେ ଦେବ ଅଂଶୀ କନ୍ୟାଗଣ, କୃଷ୍ଣର ବନିତା ବିଧାନ ।
ହୃଦେ ଜଡ଼ିତ ରତି ସ୍ନେହେ, କେବଳ ଭିନ୍ନ ଭିନ୍ନ ଦେହେ ।

ବେଦଅଂଶୀ କନ୍ୟାମାନେ ତପସ୍ୟା କରି ଗୋପରେ ଗୋପୀକନ୍ୟା ରୂପରେ ଜନ୍ମ ଗ୍ରହଣ କରିଥିଲେ । ଭୂପତି ବର୍ଣ୍ଣନା କରିଛନ୍ତି —

ବେଦର ଆତ୍ମା ଭଗବାନ, ବେଦ ତା ଶରୀର ପ୍ରମାଣ ।
ଦେହରେ ଯେସନ୍ତେ ଆତ୍ମା ଥାଇ, ଦେହ ତାହାରେ ନ ମିଶଇ ।
ଏ ରୂପେ ବେଦେ ବ୍ରହ୍ମ ପୂରି, ବେଦ ନ ଜାଣେ ନିର୍ଣ୍ଣେ କରି ।
୨ୟ ଅଧ୍ୟାୟ ।

ଏହି ବେଦକନ୍ୟା ଶ୍ରୀକୃଷ୍ଣଙ୍କ ଦେହରେ ମିଶି ରହିଥାନ୍ତି; କିନ୍ତୁ ତାଙ୍କ ଆତ୍ମାରେ ପଶି ପାରନ୍ତି ନାହିଁ । ଏମାନେ ନିତ୍ୟରୂପୀ ।

ଶ୍ରୀ ରାମଚନ୍ଦ୍ର ଦଣ୍ଡକାରଣ୍ୟରେ ବାସ କରୁଥିବା ସମୟରେ ମୁନିକନ୍ୟା-ମାନେ ତାଙ୍କର ରୂପ-ଲାବଣ୍ୟରେ ମୁଗ୍ଧ ହୋଇ ତାଙ୍କର ଅଙ୍ଗସଙ୍ଗ ଲାଭ କରିବା ନିମିତ୍ତ ମନରେ ଇଚ୍ଛା କରିଥିଲେ । ରାମଚନ୍ଦ୍ର ଏହା ଜାଣିପାରି ସେମାନଙ୍କୁ ବର ଦେଲେ ଯେ ଦ୍ୱାପର ଯୁଗରେ ସେ କୃଷ୍ଣ ରୂପରେ ଏବଂ ସେମାନେ ଗୋପାଙ୍ଗନା ରୂପରେ ଜନ୍ମହେବେ । ସେତେବେଳେ ସେମାନଙ୍କର ଅଭିଳାଷ ପୂର୍ଣ୍ଣହେବ ।

ଯେ କନ୍ୟାଗଣ ମୁନି ଅଂଶୀ, କୃଷ୍ଣର ଦେହ ଲଗା ଦାସୀ ।
ନିଜ ଭାରିଯା ସମସରି, ତାହାଙ୍କ ତୁଲେ ପ୍ରୀତି କରି । ୨ୟ ଅ.

ଭାଗବତରେ ଗୋପୀମାନଙ୍କୁ ପ୍ରଧାନତଃ ତିନି ଭାଗରେ ବିଭକ୍ତ କରାଯାଇଛି; ଯଥା —ସାଧନସିଦ୍ଧା, ଦେବୀ ଓ ନିତ୍ୟସିଦ୍ଧା । ସାଧନସିଦ୍ଧା ମୁନି କନ୍ୟା ଓ ବେଦକନ୍ୟା ଭେଦରେ ପୁଣି ଦୁଇବିଧ । ଭୂପତି ଏହି ଗୋପୀମାନଙ୍କୁ ଚାରି ଭାଗରେ ବିଭକ୍ତ କରି ଅଛନ୍ତି । ଏହା ତାଙ୍କର ବିଶେଷତ୍ୱ । ତା ଛଡ଼ା ଏହି ଚାରି ଜାତିର କନ୍ୟାମାନଙ୍କ ସମ୍ବନ୍ଧରେ ସେ ଯାହା ଲେଖିଅଛନ୍ତି ସେଥିରେ ମଧ୍ୟ ସ୍ୱାତନ୍ତ୍ର୍ୟ ଦେଖିବାକୁ ମିଳେ । କିଏ କିପରି ଭାବରେ କୃଷ୍ଣଙ୍କୁ ସେବା କରେ ତାହା ଭୂପତି ଯେପରି ଲେଖି ଅଛନ୍ତି, ଭାଗବତ ପ୍ରଭୃତି ଗ୍ରନ୍ଥରେ ସେପରି ନାହିଁ । ଏହି ଚାରି ଜାତିର କନ୍ୟାମାନେ କୃଷ୍ଣଙ୍କ ଅନ୍ୱେ-ଷଣରେ ଚାରି ଦିଗକୁ ଯିବାର ଭୂପତି ଲେଖିଛନ୍ତି । ଏହା ଅନ୍ୟ କୌଣସି ସଂସ୍କୃତ ବୈଷ୍ଣବ ଗ୍ରନ୍ଥରେ ନାହିଁ ।

ବୃନ୍ଦାବତୀ —

ବୃନ୍ଦାବତୀଙ୍କ ବିଷୟରେ ଭୂପତି ଯାହା ଲେଖିଛନ୍ତି ତାହା ମଧ୍ୟ ସଂସ୍କୃତ ଗ୍ରନ୍ଥମାନଙ୍କରେ ନାହିଁ । ଗୋପୀମାନଙ୍କର ମନର ଗର୍ବ ଗଞ୍ଜନ କରିବା ପାଇଁ ବୃନ୍ଦାବତୀଙ୍କୁ ସଙ୍ଗରେ ଧରି କୃଷ୍ଣ ଅନ୍ତର୍ଦ୍ଧାନ ହେଲେ ଏବଂ ତାଙ୍କ ସହିତ ବିହାର କଲେ । ବୃନ୍ଦାବତୀ ଏଥିରେ ଅତ୍ୟନ୍ତ ଗର୍ବ ଅନୁଭବ କରି କୃଷ୍ଣଙ୍କ କାନ୍ଧ ଉପରେ ଚଢ଼ି ବସିବା ବାସନା ପ୍ରକାଶ କଲେ । କୃଷ୍ଣ ବୃନ୍ଦାବତୀଙ୍କୁ କାନ୍ଧରେ

ବସାଇ ତାଙ୍କ ଗର୍ବ ଭାଙ୍ଗି ବାପ ଇଁ ଘୋର ଅରଣ୍ୟରେ ଛାଡ଼ି ଚାଲିଗଲେ । ବୃନ୍ଦାବତୀ ନିଜର ଦୋଷ ତ୍ରୁଟି ପାଇଥିଲେ । ଗୋପୀମାନେ ମଧ୍ୟ ନିଜର ଭୁଲ ଜାଣିପାରି ଶୁଦ୍ଧ ମନରେ କୃଷ୍ଣଙ୍କୁ ଭଜନ କରିଥିଲେ । ଏହି ପ୍ରସଙ୍ଗ ଭାଗବତ କିମ୍ବା ଅନ୍ୟ କୌଣସି ଗ୍ରନ୍ଥରେ ନାହିଁ ! ଦେବଦୁର୍ଲ୍ଲଭ ଦାସ 'ରହସ୍ୟମଞ୍ଜରୀ'ରେ ଦୀନକୃଷ୍ଣ ଦାସ 'ରସବିନୋଦ' ଓ 'ନାମରତ୍ନ ଗୀତା'ରେ ଏହିପରି ବର୍ଣ୍ଣନା କରିଅଛନ୍ତି । ଏହା ସେମାନଙ୍କର ସ୍ୱାତନ୍ତ୍ର୍ୟ, ଏଥିରେ କୌଣସି ସନ୍ଦେହ ନାହିଁ ।

ସଂସ୍କୃତ ଭାଗବତର 'ଅନୟାରାଧିତୋ ନୂନମ୍' ଶ୍ଳୋକକୁ ଅର୍ଥକରି ବ୍ରଜବାସୀ ବୈଷ୍ଣବମାନେ 'ରାଧା' ବୋଲି କହନ୍ତି ।

**ରାଧା, କୃଷ୍ଣ—**

ରାଧା ଓ କୃଷ୍ଣଙ୍କ ସମ୍ବନ୍ଧରେ ଭୂପତି ଲେଖିଅଛନ୍ତି—

ତୋହର ଜୀବ ଆତ୍ମା ରାଧେ, ପରମ ମିଶି ତାର ମଧ୍ୟେ ।
ଦ୍ୱିଅର୍ଦ୍ଧେ ଏକ ପୂର୍ଣ୍ଣ ହୋଇ, ଏଣୁ ସେ ଏକ ଅଂଶ ଦୁଇ ।
ଜୀବ ପରମ ଅଙ୍ଗ ବେନି, ଭୋଗ ସଂଯୋଗେ ଭିନ୍ନ ଗଣି । ୫ମ ଅ. ।

**ରାଧା ଓ ଗୋପୀମାନଙ୍କର ପରକୀୟା ପ୍ରେମ—**

ରାଧା ଓ ଗୋପୀମାନେ ଯେଉଁ ପ୍ରେମର ବଶବର୍ତ୍ତୀ ହୋଇ କୃଷ୍ଣଙ୍କୁ ଭଜନ କରିଥିଲେ ତାହା ପରକୀୟା ପ୍ରେମ ନାମରେ ଖ୍ୟାତ । ସେଠାରେ ଶୃଙ୍ଗାରରସ ହିଁ ପ୍ରଧାନ । ଭୂପତି ବିଭିନ୍ନ ଶୃଙ୍ଗାରରସର ବିଚାର କରି ପରକୀୟା ପ୍ରେମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଅଛନ୍ତି ।

ଏ ଯେ ଶୃଙ୍ଗାର ରସ ସାର, ବିଶ୍ୱରେ ଏ ଚାରି ପ୍ରକାର ।
ସ୍ୱକୀୟା, ସମାନ, ବିଟପା, ଚତୁର୍ଥେ ଶୁଦ୍ଧ ପ୍ରେମରୂପା ।
ପ୍ରକୀୟା ରସ ଭେଦ ଦୁଇ, ବିଟପା ଶୁଦ୍ଧ ପ୍ରେମ ହୋଇ ।
ଶୁଣ ଏ ଚାରିଙ୍କ ବିଚାର, ଯେ ଯେଉଁ ବେଭାରେ ପ୍ରଚାର ।

ସ୍ୱକୀୟା ରସ—

ସ୍ୱକୀୟା ସ୍ୱତନ୍ତ୍ରର ନାରୀ, ଯାହାକୁ ଆଣି ବିଭା କରି ।
ଉଭୟେଁ ନିର୍ମଳ ପ୍ରେମ ଅବା, ଦଇବ ଯୋଗେ ମିଳା ବିଭା ।
ବର କନ୍ୟାଙ୍କ କି ଆସୃତି, ସେ କୁଳସ୍ତ୍ରୀର ବିଧିମତ ।
ଔଷଧ ଯେସନ୍ତେ ନ ରୁଚଇ, ବ୍ୟାଧି ସଂଯୋଗେ ବଳେ ଖାଇ ।
ଏରୂପେ ଭୋଗ କନ୍ୟାବର, ଯେବା ମିଳନ୍ତି ପରସ୍ପର ।
ଲଜ୍ଜା ଏହାଙ୍କ ମୂଳଧନ, ଏ କୁଳବଧୂଙ୍କ ଲକ୍ଷଣ ।

ସମାନ ରସ—

ଏଥିରେ କି ପ୍ରେମ ପ୍ରଧାନ, ସମାନ ରସ ଏବେ ଶୁଣ ।
ଯେ ନାରୀ ଧନ ଲୋଭ ପାଇଁ, ଧନେ ସୁରତି ଦାନ ଦେଇ ।
ସେ ନାରୀ ଗଣିକା ସଦୃଶ, ତାକୁ ରମନ୍ତି କୁପୁରୁଷ ।X
ଧନ ପ୍ରଧାନଟି ଏ ରସ, ଏଥିରେ ନାହିଁ ପ୍ରେମ ଲେଶ ।

ବିଟପୀ ରସ—

ବିଟପୀ ରସ ଏବେ ଶୁଣ, ପାଇଲେ ପୁରୁଷ ତରୁଣ ।
ତିନି ଚାରି ପାଞ୍ଚ ସାତ ଦଶ, କି ଅବା ଏଥିରୁ ବିଶେଷ ।
ଅନେକ ପୁରୁଷ ଭଜଇ, ତେବେହେଁ ଶାନ୍ତି ନ ଭଜଇ ।X
ଗାଢ଼ ସୁରତି ମୂଳ ତହିଁ, ପୀରତି ଅଂଶ ଲେଶ ନାହିଁ ।

ପରକୀୟା ରସ—

ପରକୀୟା ଭିତରେ ଶୁଦ୍ଧପ୍ରେମ:ମାନଙ୍କ ମହିମା ଅକଥନୀୟ ।

ଅଷ୍ଟ ବରଷ ଭୋଗ ଯାଇ, ନବମେ ପ୍ରେମ ପ୍ରକାଶଇ ।
ପ୍ରେମିକ ପତି ବାଞ୍ଛା କରି, ପୂଜନ୍ତି ଶଙ୍କର ଗଉରୀ ।
କାର୍ତ୍ତିକ ମକର ସ୍ନାହାନ, ବିଧାନୁରୂପେ ଦ୍ୟନ୍ତି ଦାନ ।

ପ୍ରେମଙ୍କ ପୁରୁଷ ପାଇବୁ,     ଏ ଯଉବନ ତାକୁ ଦେବୁ ।
ଏମନ୍ତ ବାଞ୍ଛା କରି ମନେ,     ପୂଜନ୍ତି ପାର୍ବତୀ ଚରଣେ ।
ଯେବେ ବିଧାତା ବଶେ ଯାଇ,     ଅନ୍ୟ ପୁରୁଷେ ବିଭା ହୋଇ ।
ତା ସଙ୍ଗେ ଥାଇ ଲଜ୍ଜାନ୍ତରେ,     ବନ୍ଦୀ ଯେସନେ ବନ୍ଧ ଘରେ ।
କାହାକୁ କହିବେ ସେ କଥା,     ମଙ୍ଗଳା ଫେଡ଼ ମନବ୍ୟଥା ।
ଏହି ଗୁହାରି ଅବିରତ,     ମଙ୍ଗଳା ଜାଣି ତାଙ୍କ ଚିତ୍ତ ।
ତାହାଙ୍କ ଦୃଢ଼ ପ୍ରେମ ଜାଣି,     ପ୍ରସନ୍ନ ହୁଅନ୍ତି ଭବାନୀ ।
ପ୍ରେମଙ୍କ ପୁରୁଷ ରତନ,     ତାହାକୁ ହୁଅଇ ଦର୍ଶନ ।
ଏକାନ୍ତ ଭେଟ ଚତୁରାକ୍ଷ,     କଟାକ୍ଷେ ମିଶାଇ କଟାକ୍ଷ ।
ମନରେ ମନ ମିଶେ ଯାଇ,     ଜୀବନ ପାଲଟ ହୁଅଇ ।
ନିର୍ମଳ ଶୁଦ୍ଧ ପ୍ରେମ-ମୋହେ;     ତକ୍ଷଣେ ପାଶୋରନ୍ତି ଦେହେ ।
ପରମେ ଜୀବ ପ୍ରାୟେ ମିଶେ,     ପିଣ୍ଡ ବ୍ରହ୍ମାଣ୍ଡ ଶୂନ୍ୟ ଦିଶେ ।
ଦର୍ଶନ ମାତ୍ରକେ ଏ ଗତି,     ଏମନ୍ତ ନିର୍ମଳ ପୀରତି ।
ସୁରତି ନୋହେ ଏଥେ ମୂଳ,     ଦର୍ଶନ କୋଟିନିଧି ଫଳ । ୬ମ ଅ. ।

ଏହି ନାରୀ ବାଞ୍ଛିତ ପୁରୁଷକୁ ଲଭି କରି ପରମ ଆନନ୍ଦ ଉପଭୋଗ କରେ । ଗୁରୁଜନଙ୍କ ଭର୍ତ୍ସନା, ସମ୍ପଦ ହାନି, ଜାତି ପତି ଓ ଅନ୍ୟ କୌଣସି ପ୍ରକାର ଦଣ୍ଡ ପ୍ରତି ତାର ଭ୍ରୂକ୍ଷେପ ନଥାଏ । ଶ୍ରୀକୃଷ୍ଣ ପ୍ରେମଙ୍କ ପୁରୁଷ, ତାଙ୍କୁ ଲଭି କରିବାହିଁ ଗୋପନାରୀମାନଙ୍କର କାମନା । ଶୁଦ୍ଧପ୍ରେମୀଙ୍କ ପାଖରେ ବଡ଼, ସାନ, ପ୍ରଭୁ, ସେବକର ଭେଦ ଭାବ ନଥାଏ । ଯେଉଁ ପ୍ରେମରେ ଭୟ ମିଶିଥାଏ ତାହା କୃଷ୍ଣ ପସନ୍ଦ କରନ୍ତି ନାହିଁ ।

ଛାଡ଼ିବେ ସ୍ୱାମୀ ବନ୍ଧୁ ସୁତେ,     ତହିଁକି ଭୟ ନାହିଁ ଚିତ୍ତେ ।
ସର୍ବ ସମ୍ପଦ ଦେହ ପ୍ରାଣ,     ତା ପାଦେ କରି ସମର୍ପଣ । ୬ମ ଅ. ।
ପ୍ରେମଙ୍କ ପୁରୁଷଟି ମୁହିଁ,     ମୋ ତହୁଁ ପ୍ରେମଜ୍ଞାତା ନାହିଁ ।
ତାହାଙ୍କ ଭାବ ଅନୁସରି,     ପ୍ରେମଙ୍କ ରୂପେ ଅବତରି । ୬ମ ଅ. ।
ପ୍ରେମରେ ଭୟ ମିଶେ ଯହିଁ,     ଭୟ ତହାଡ଼େ ମୁଁ ରହଇ । ୬ମ ଅ. ।

ଶୁଦ୍ଧପ୍ରେମଙ୍କ ଗାଳକୁ କୃଷ୍ଣ ଗଳାର ମାଳ ବୋଲି ଭାବନ୍ତି । ତାଙ୍କୁ ସେ ଗାଳି ଭଲ ଲାଗେ ।

ସେ ଶୁଦ୍ଧପ୍ରେମଙ୍କ ଚରଣେ, ମୁହିଁ ଝଟଇ ଦାସ ପଣେ ।
ଯେବେ ବସନ୍ତି କରି ମାନ, ଆମ୍ଭଙ୍କୁ କରନ୍ତି ଭର୍ତ୍ସନ ।
ସେ ଗାଳି ଯେତେ ସୁଖକର, ତାହା ଜାଣଇ ଆତ୍ମା ମୋର । ×
ବିଶୁଦ୍ଧ ପ୍ରେମ ଯେବେ ନାହିଁ, ଅମୃତ ମୁଁ ଛୁଇଁବି କାହିଁ ।
ଯେବେ ପବିତ୍ର ପ୍ରେମ ପାଉଁ, ଉଚ୍ଛିଷ୍ଟ ଅତି ସୁଖେ ଖାଉ । ୫ମ ଅ. ।

ଏହି ଶୁଦ୍ଧ ନିଷ୍କାମ ନିର୍ମଳ ପ୍ରେମ ଭକ୍ତିର ଉତ୍କର୍ଷ ପ୍ରତିପାଦନ କରି ଭୂପତି ଗ୍ରନ୍ଥ ରଚନା କରିଛନ୍ତି । ଭୂପତି 'ପ୍ରେମ ପଞ୍ଚାମୃତ'ରେ କେତେକ ନୂତନ ପୁରାଣ ଅନୁକ୍ତ ଭକ୍ତି ସମ୍ବନ୍ଧୀୟ ବିଷୟ ବର୍ଣ୍ଣନା କରିଥିବାରୁ 'ଏ ରସ ପୁରାଣରେ ନାହିଁ' । (୧) ରାହସ୍ଥଳ, (୨) ବଳ କନ୍ୟା (୩) ବୃନ୍ଦାବତୀ ଚରିତ, (୪) ବସୁଦେବ ତୀର୍ଥ ଭ୍ରମଣ ଓ ଅନ୍ୟାନ୍ୟ ଅନେକ ପ୍ରସଙ୍ଗ କବି ନିଜ ମନରୁ ଲେଖି ଯାଇଛନ୍ତି । ବିଷୟ ଗ୍ରନ୍ଥକାର ସାରଳାଙ୍କ ଏକ ଚଖି ଆନୁସଙ୍ଗିକ କେତେକ ପ୍ରସଙ୍ଗକୁ ବଡ଼ ସୁନ୍ଦର ଭାବରେ ଚିତ୍ରଣ କରିଯାଇ ଅଛନ୍ତି । ଏଥିରେ କବିଙ୍କର ଯଥେଷ୍ଟ କୃତିତ୍ୱ ପ୍ରକାଶ ପାଇଛି ।

କୃଷ୍ଣର ଭକ୍ତିରସ ଏହି (୧୦ମ ଅ.) ଉକ୍ତିରେ ସତ୍ୟତା ପ୍ରତିପାଦିତ ହୋଇଛି ।

**ବିଷୟବସ୍ତୁ** – କବି ଶ୍ରୀ ହରେକୃଷ୍ଣ ନାମର ମହିମା କୀର୍ତ୍ତନ କରି ନାମମୟୀ ପୂର୍ଣ୍ଣବ୍ରହ୍ମଙ୍କ ପରିଚୟ ପ୍ରଦାନ କରିଛନ୍ତି । "ଶ୍ରୀ ପୂର୍ଣ୍ଣବ୍ରହ୍ମ ନାମମୟୀ, ନାମ ଶବ୍ଦରୂପେ ଥାଇ ।" ସେ ସତ୍ୟ ନିତ୍ୟ ନିରୂପମ, ଶବ୍ଦବ୍ରହ୍ମ, "ଜୀବ ଅଜୀବ ଠୁଲ ଶୂନ୍ୟେ, ସର୍ବନ ସମାନ ସମ୍ପୂର୍ଣ୍ଣେ ।" ନାମରୁ ପ୍ରଣବ ସମ୍ଭୂତ । ପ୍ରଣବରୁ ଋକ୍‌ବେଦ ଜାତ । ଶ୍ରୁତି (ବେଦ) ମାତାରୂପେ ଅଷ୍ଟାଦଶ ପୁରାଣ, ଷଡ଼ଦର୍ଶନ ଜାତ କଲେ । ଏଥିରୁ ଅପ୍ରମିତ ବଂଶ ହେଲା । ବେଦ, ଉପନିଷଦ, ଦର୍ଶନ,

ପୁରାଣାଦିରେ ସଚ୍ଚିଦାନନ୍ଦ ଭଗବାନ, ନାମ ପରମ ବ୍ରହ୍ମଜ୍ଞାନ ବୋଲି ପ୍ରତି-ପାଦିତ ହୋଇ ଥିବାରୁ ଶ୍ରୀକୃଷ୍ଣ ନାମକୁ ଭଜନ କରିବା ସର୍ବସମ୍ମତ ହୋଇଛି ।

ଯେ ସୁଜନର ନାଗ ଭାଷା, ବିବିଧ ବାକ୍ୟ ଦେଶ ଦେଶା
କୃଷ୍ଣ ମହିମା ଯହିଁ ଶୁଣି, ସେ ସର୍ବ ବାକ୍ୟରେ ମୂର୍ଦ୍ଧନି ।
ଯେବେ ନଥାଇ କୃଷ୍ଣରସ, ସେ ସଂସ୍କୃତେ କାର୍ଯ୍ୟ କିସ । ୧୩ ।

ପୁଣି—'ସୁରଭାଷା ସଂସ୍କୃତ'ରେ ଯଦି କୃଷ୍ଣରସ ନଥାଏ ତାହା ପାଟ ବସନରେ ଗୁଞ୍ଜାଫଳ, ଚର୍ମ କନାରେ ମଣିବର ଥିବା ସଦୃଶ । ପୁଣି 'ସୁରଭାଷା'—

ସୁରଭାଷାହିଁ ରସମୟେ, ସେ ନାରକେଳ ଫଳ ପ୍ରାୟେ ।
କ୍ଳେଶେ ହୁଅଇ ରସଭୋଗ, ସବୁଙ୍କ ନୋହେ ଉପଯୋଗ ।
ଭାଷା ସୁପକ୍ୱ ରମ୍ଭାପ୍ରାୟ, କୋମଳ ସ୍ୱାଦୁ ରସମୟ ।
ଅକ୍ଳେଶେ କରି ତାକୁ ଭୋଗ, ସବୁ ଜୀବନେ ଉପଯୋଗ ।

ଏହି ସକାଶରୁ ସୁପକ୍ୱ ରମ୍ଭାପ୍ରାୟ କୋମଳ ସ୍ୱାଦୁ ରସମୟ ଭାଷାରେ ଗାଳିଦେଲେ ମଧ୍ୟ ଶ୍ରୀକୃଷ୍ଣ ଶୁଣନ୍ତି ।

କି ପରାକୃତ କି ସଂସ୍କୃତ, ସେ ସବୁଠାରୁ ନନ୍ଦସୁତ
ଗାଳି ଶୁଣଇ ଗୋପୀ ମୁଖେ, ବେଦ ନ ଶୁଣେ ତେତେ ସୁଖେ ।

ପୁଣି ନାନା ପ୍ରକାରେ କୃଷ୍ଣରସପୂର୍ଣ୍ଣ ନିର୍ମଳ ଚରିତ ଦଣ୍ଡେ, ଘଡ଼ିଏ, ଲବେ, ଲେଶେ ଶ୍ରବଣ କଲେ ମଧ୍ୟ ସେ ପ୍ରାଣୀ ତ୍ରିଭୁବନେ ଧନ୍ୟ ।

ଏହିପରି ବାଣୀ ସନ୍ତମୁଖୁଁ ଶୁଣି କବି ଭୂପତି 'ଭକ୍ତିବିଭେଦ ଭାଗବତ' ଚରିତ ଆରମ୍ଭ କଲେ । ଏ ସନ୍ତର ବିବରଣ କବି ଦେଇ ନଥିଲେ ମଧ୍ୟ ବୈଷ୍ଣବ ମଣ୍ଡଳୀକୁ ଲକ୍ଷ୍ୟ କରିଥିବା ଅନୁମିତ ହୁଏ ।

ଜ୍ଞାନ-ମନ ସମ୍ବାଦ ଛଳରେ କବି ଶ୍ରୀକୃଷ୍ଣଙ୍କ ଗୋପଲୀଳାର ତତ୍ତ୍ୱ ଦଶୋଟି ଛାନ୍ଦରେ ବୁଝାଇଛନ୍ତି ।

କବି ଏହିପରି ବିଷୟକୁ ଆରମ୍ଭ କରି ଚରିତପ୍ରତି ଲୋକର ମନକୁ ଆକୃଷ୍ଟ କରି ଦେଇଛନ୍ତି ।

ଜ୍ଞାନଙ୍କୁ ମନ ଶ୍ରୀକୃଷ୍ଣଙ୍କ 'ଗୁଣକର୍ମ' ସମ୍ବନ୍ଧରେ ପ୍ରଶ୍ନ କରୁଛନ୍ତି—

ଯେ ବ୍ରହ୍ମ ସତ୍ୟ ନିତ୍ୟବାସୀ, ସେ କିମ୍ପା ଗୋପପୁରେ ଆସି ।
ଗୋରୁ ଗୋପାଳ ଗୋପୀସଙ୍ଗେ, ବନେ ବିହରେ ନାନା ରଙ୍ଗେ ।
ଯାହାର ଆଜ୍ଞାରେ ଜଗତ, ବ୍ରହ୍ମାଣ୍ଡ ହୋନ୍ତି ଆତଯାତ ।
ସେ କି ନ ପାରେ ଆଜ୍ଞା କରି, ଆପଣେ କିମ୍ପା ଅବତରି ।
ନିତ୍ୟରୁ ସୁଖାନନ୍ଦ ରସ, ଏ ବ୍ରଜ ବୃନ୍ଦାବନେ କିସ ।
କହ ଏହା'ର ହେତୁ କର୍ମ, ଯେତେଣେ ଖଣ୍ଡିଇ ଭବ ଭ୍ରମ ।
ଏମନ୍ତ ମନ ତହୁଁ ଶୁଣି, ଜ୍ଞାନ ବୋଲନ୍ତି ତତ୍ତ୍ୱ ବାଣୀ ।

ଜ୍ଞାନ ଶ୍ରୀ ଭାଗବତ ପୁରାଣରୁ ଶୁକ ପରୀକ୍ଷିତ ସମ୍ବାଦରେ ବହୁ ତତ୍ତ୍ୱ ମନକୁ ବୁଝାଇଛନ୍ତି ।

'ଶୁଣ ହୋ ମନ ଏକଚିତ୍ତେ, ପୁରାଣ ଶିରୀ ଭାଗବତେ ।'
କୃଷ୍ଣ ଭଜନେ ମହା ଲାଭ, ସଂସାର ସମୁଦ୍ରକୁ ନାବ । × ×
ମୁନି କହିଲେ ରାଜା ଆଗେ, ନୃପତି ଶୁଣିଲେ ସରାଗେ ।
ସେ ରାଜା ମୁନିଙ୍କ ବିଧାନ, କହିବା ସାବଧାନେ ଶୁଣ । ୧ମ ଅ. ।

ପରୀକ୍ଷିତ ରାଜାଙ୍କ ରାଜତ୍ୱର ପରିଚୟ କବି ସୁନ୍ଦର ଭାଷାରେ ବୁଝାଇ ଛନ୍ତି । ଏହା ତାତ୍କାଳିକ ଉତ୍କଳର ରାଜନୀତି ପ୍ରତି ପ୍ରଯୁଜ୍ୟ ମଧ୍ୟ ହୋଇପାରେ । ହୁଏତ, ଦିବ୍ୟସିଂହ ଦେବଙ୍କୁ ଉପଦେଶ ଦେବା ଛଳରେ କବି ଏହା ଲେଖିଛନ୍ତି ।

ରାଜା—

ଗୋବିନ୍ଦ ଭକ୍ତ ଅନୁପମ, ଭୂପତି ପରୀକ୍ଷିତ ନାମ ।
ସୁନ୍ଦର ଶରୀର ତେଜବନ୍ତ, ସକଳ ବିଦ୍ୟା ସୁପଣ୍ଡିତ ।

ଦସ୍ୟାଙ୍କୁ ଦାତା ପରହିତ, ବିପ୍ର ପୋଷଣେ ଅବିରତ ।
ଗୁହାରି ଶୁଣନ୍ତି ଯେ ଠାଇଁ, ପଛ ଚରଣ ଆଗ ନୋହି ।
ତକ୍ଷଣେ ବୁଝାମଣା କରି, ଶତ୍ରୁ ମଇତ୍ର ସମସରି ।
ଦଣ୍ଡ ବା ମଣ୍ଡ ସେହିଲାଗେ, ତେବେ ଚରଣ ଚଳେ ଆଗେ ।
ଯେବେ ଶୁଣନ୍ତି ରିପୁବଳ, ସେହି ଶବଦେ ଅନୁକୂଳ ।
ଏକା ବିଜୟେ ବୀରମଣି, ଗୋଡ଼ାଇ ମିଶନ୍ତି ସଇନ ।
ସଂଗ୍ରାମେ କରି ଶତ୍ରୁ ଜୟ, ସବୁରି ପଛରେ ବିଜୟ ।
ଏ ରୂପେ ତାର ରାଜନୀତି, ସେ ବୀର ଅର୍ଜୁନର ନାତି ।

ପ୍ରଜା—ପରୀକ୍ଷିତଙ୍କ ରାଜ୍ୟରେ ପ୍ରଜାଙ୍କ ଉଚ୍ଚ ସଂସ୍କୃତି, ଉଦାର ମନୋଭାବ ପ୍ରଭୃତି କବି ଅତି ରମଣୀୟ ଅଳଙ୍କାର ବିମଣ୍ଡିତ ବର୍ଣ୍ଣନା ପ୍ରଦାନ କରିଛନ୍ତି ।

ସର୍ବ କୃପଣ ଦୁଃଖଦାନେ, ନିର୍ଦ୍ଦୟ ଦୁର୍ଦ୍ଦଶା ନାଶନେ ।
ପୁରୁଷେ ପରଦାରା ରସି, ଯାହାଟି ସେବନ୍ତି ତୁଳସୀ ।
ପର ପୁରୁଷେ ନାରୀ ମନ, ଯାହାଟି ଶଙ୍କର ସେବନ ।
କେବଳ ବିଦ୍ୟା ମଧ୍ୟେ ବାଦ କେବଳ ଗଣ୍ଡସ୍ଥଳ ମଦ ।
ଅଶ୍ୱ ବଚନେ (ଗମନେ ?) ଗର୍ବଗତି, କୁଟିଳ କେଶରେ ଅଛନ୍ତି । ୧ମ ଅ. ।
ଏହିପରି ଅନେକ ସଦ୍‌ଗୁଣରେ ପ୍ରଜାବର୍ଗ ବିଭୂଷିତ ।

ଭୂପତି ଚତୁର୍ବିଧ ଯୋଗ, ଚତୁର୍ବିଧ ଗୋପକନ୍ୟାଙ୍କ ପ୍ରସଙ୍ଗ ଓ ଚତୁର୍ବିଧ ପ୍ରେମ ବିଭେଦ ପ୍ରଥମ ଛାନ୍ଦରେ ବର୍ଣ୍ଣନା କରିଛନ୍ତି ।

ତତ୍ତ୍ୱ ବିଶ୍ଳେଷଣ ସଂକ୍ଷେପ ହେଲେ ମଧ୍ୟ ଅସ୍ପଷ୍ଟ ହୋଇନାହିଁ । ସଙ୍ଗତିରକ୍ଷା ଦିଗରେ କବି ବିଶେଷ ଧ୍ୟାନ ଦେଇଛନ୍ତି । ସ୍ଥଳ ବିଶେଷରେ ତତ୍ତ୍ୱର ମର୍ମ୍ମ ବୁଝାଇବା ପାଇଁ ଉଦାହରଣ ଗଳ୍ପର ଅବତାରଣା ମଧ୍ୟ କରିଛନ୍ତି । ପ୍ରଥମ ଛାନ୍ଦରେ ଗଣପତି ଓ କାର୍ତ୍ତିକେୟଙ୍କ ବ୍ରହ୍ମାଣ୍ଡ ଭ୍ରମଣ ବୃତ୍ତାନ୍ତର ଉଲ୍ଲେଖ ଏହାର ଏକ ପ୍ରମାଣ ।

ଶୁକଦେବଙ୍କ ପ୍ରଶ୍ନର ଉତ୍ତର ଦେଇ ଶୁକଦେବ ଗୋପ ନାରୀମାନଙ୍କର ପ୍ରେମର ଉତ୍କର୍ଷ ପ୍ରତିପାଦନ କରି କବି କହିଛନ୍ତି, ଭଗବାନ ପରମାତ୍ମା, ରାଧା ଜୀବାତ୍ମା । ରାଧିକା ଅଂଶରେ ଯେତେ ଗୋପୀ ଜନ୍ମ ହୋଇଛନ୍ତି ସେମାନେ କୃଷ୍ଣଙ୍କର ଜୀବନ ସ୍ୱରୂପ । ଜୀବ ପରମରେ ପ୍ରବେଶ କଲାପରି ଗୋପୀ ଓ କୃଷ୍ଣଙ୍କର ସମ୍ବନ୍ଧ। ଜୀବ ଓ ପରମ ଏକ ହେଲେ ମଧ୍ୟ ଭୋଗ ସଂଯୋଗ ଭିନ୍ନ ଭିନ୍ନ ।

ଯେସନେ ବୀଜ ବେନିଫାଲ, ଏକ ସେ ନୋହିଇ ଯୁଗଳ ।
ଦ୍ୱି ଅର୍ଦ୍ଧେ ଏକ ମୂର୍ତ୍ତି ହୋଇ, ଏଣୁ ସେ ଏକ ଅଙ୍ଗ ଦୁଇ ।
ଯେ ଭଳେ ଗୋପୀ ଅଙ୍ଗେ ମିଶି, ସେ ପାରେ କୃଷ୍ଣ ଅଙ୍ଗେ ପଶି ।

ବେଦଅଂଶୀ ଗୋପକନ୍ୟା, ଦେବଅଂଶୀ ଗୋପକନ୍ୟା, ମୁନିଅଂଶୀ ଗୋପକନ୍ୟାମାନଙ୍କର ସ୍ୱରୂପ ଓ ଗୁଣ ପ୍ରକାଶିତ ହୋଇଛି ।

ଏରୂପେ ଶ୍ରୁତି କନ୍ୟାଙ୍କର, କୃଷ୍ଣ ସେ ପ୍ରାଣର ଈଶ୍ୱର ।
କେବଳ କୃଷ୍ଣ ଆତ୍ମା ଗୋପୀ, ଦେବକନ୍ୟାଏ ଦେହରୂପୀ ।
ଦେବ କୁମାରୀ ପାଦବଂଶୀ, ନିଜ ସେବକୀ ମୁନିଅଂଶୀ ।
କୃଷ୍ଣର ସୁରସିକ ପଣେ, ହବେ ସୁହାଗୀ ମନେ ମନେ । ୭ମ ଅ: ।

ଗୋପୀମାନଙ୍କ ଭାବ ପରୀକ୍ଷା କରିବା ପାଇଁ କୃଷ୍ଣ ଗୋପୀମାନଙ୍କ ମେଳରୁ ବୃନ୍ଦାବତୀଙ୍କୁ ଧରି ଅନ୍ତର୍ଦ୍ଧାନ ହୋଇଗଲେ । ଅନ୍ୟମାନେ କେହି ଏହା ଜାଣି ପାରିଲେ ନାହିଁ । କୃଷ୍ଣ ବୃନ୍ଦାବତୀ ଲୀଳା । ରାଧା ଓ ଗୋପୀମାନଙ୍କର କୃଷ୍ଣ ଓ ବୃନ୍ଦାବତୀଙ୍କୁ ଅନ୍ୱେଷଣ । ସମ୍ଭୋଗ ପରେ ବୃନ୍ଦବତୀର ମନର ଗର୍ବ । ଆୟାସ ଛଳରେ ଚାଲିବା ପାଇଁ ଅକ୍ଷମତା ପ୍ରକାଶ କରିବାରୁ କୃଷ୍ଣଙ୍କ ଗଞ୍ଜନ ମାନସରେ ବୃନ୍ଦାବତୀଙ୍କୁ କାନ୍ଧରେ ବସାଇ ଚଲୋ କରୁଣ୍ଡି ଘୋର ବନସ୍ତ ମଧ୍ୟରେ ଛାଡ଼ିଦେଇ ଅନ୍ତର୍ହିତ ହେଲେ । ଗୋପୀମାନେ ବନରେ ଭ୍ରମଣ କରିବା ବାଲିରେ କୃଷ୍ଣଙ୍କ ପଦଚିହ୍ନ ଦେଖି କୃଷ୍ଣଙ୍କୁ ଅନ୍ୱେଷଣ କଲେ । ବୃନ୍ଦାବତୀ ରୋଦନ କରିବାରୁ ରାଧା ଓ ଗୋପୀମାନେ ତାଙ୍କ ନିକଟକୁ ଗଲେ ଏବଂ ବୃନ୍ଦାବତୀ-କୃଷ୍ଣ ଲୀଳା ପ୍ରସଙ୍ଗ ଅନୁମାନରୁ ଅବଗତ ହେଲେ । ଗୋପୀମାନେ

ବୃନ୍ଦାବତୀ ଓ କୃଷ୍ଣଙ୍କୁ ଭର୍ତ୍ସନା କଲେ । ନିଜର ଆତ୍ମଗ୍ଳାନି ମଧ୍ୟ ପ୍ରକାଶ କଲେ । ଗୋପୀମାନେ କୃଷ୍ଣର ଯାବତୀୟ 'ଦୁର୍ଗୁଣ' ପ୍ରକାଶ କରି ଭର୍ତ୍ସନା କଲେ । ରାଧାଙ୍କ ବିରହ । (ଦ୍ୱିତୀୟ ଅଧ୍ୟାୟ)

ପ୍ରୟୋଜନରେ ପ୍ରେମ କଲେ ପ୍ରେମିକା ପ୍ରତି କୃଷ୍ଣ ଗୋପୀମାନଙ୍କୁ ଘୋର ଅରଣ୍ୟରେ ଛାଡ଼ି ଗଲାପରି ବ୍ୟବହାର କରନ୍ତି । ପୁଣି ମନରେ ଗର୍ବକଲେ ବୃନ୍ଦାବତୀକୁ କାନ୍ଧରେ ବସାଇ ପରେ ତଳେ ଓହ୍ଲାଇଦେଇ ଘନ ଅନ୍ଧକାରପୂର୍ଣ୍ଣ ବନରେ ଏକାକୀ ଛାଡ଼ି ଦେଲାପରି ବ୍ୟବହାର କରନ୍ତି । ରାଧା ଗୋପୀବାଳାମାନଙ୍କୁ ପ୍ରବୋଧ ବାଣୀ ଶୁଣାଇ ସେମାନଙ୍କୁ କୃଷ୍ଣଙ୍କ ପ୍ରତି ରାଗକୁ ଶାନ୍ତ କରାଇଲେ । ଅନ୍ଧାରରେ ଅଦୃଶ୍ୟ ହୋଇ ଯାଇଥିବା ଗୋପୀମାନଙ୍କୁ ଏକତ୍ର କରି ଶାନ୍ତବାଣୀ ଶୁଣାଇ ଥିଲେ । ବୃନ୍ଦାବତୀଙ୍କ କ୍ରୋଧ ଶାନ୍ତି ନିମନ୍ତେ କହିଲେ ।

ରାଧା ବୋଇଲେ ଏ ବଚନ,        ତୁ ଗର୍ବ କରିଥିଲୁ ମନ ।
କୃଷ୍ଣର ନିଜ ଏ ସ୍ୱଭାବ,        କାହିଁରେ ନ ସହିବ ଗର୍ବ ।

ବୃନ୍ଦାପ୍ରତି କୃଷ୍ଣଙ୍କ ବ୍ୟବହାର ଗୋପୀମାନଙ୍କ ପ୍ରତି ଏକ ଉପଦେଶ ବୋଲି ରାଧା ସଖୀମାନଙ୍କୁ ବୁଝାଇ ଥିଲେ ।

ବୃନ୍ଦାକୁ ଯାହା ଗୋ କରିଛି,        ସବୁ ଗୋପୀଙ୍କି ସେ ଆଣ୍ଡିଛି ।
(ତୃତୀୟ ଅଧ୍ୟାୟ)

ଗୋପୀମାନେ ଏକତ୍ର ବଂଶୀବଟ ମୂଳରେ ବସିଲେ । ସୁଜ୍ଞାନ ପଣ୍ଡାଠାରୁ 'ଗତ ଏକାଦଶୀ ଦିନ' ଜଣେ ଗୋପୀ କୃଷ୍ଣଙ୍କ ସମ୍ବନ୍ଧରେ ଯାହା ଶୁଣିଥିଲା ତାହାକୁ ସଖୀମାନଙ୍କ ଆଗରେ ବର୍ଣ୍ଣନା କଲା—

ସୁଜ୍ଞାନ ପଣ୍ଡା ଏହା କହି,        ଏ କୃଷ୍ଣ ସର୍ବଭୂତେ ରହି ।
ଏ ଗୋ ସବୁଙ୍କୁ ଦେଖୁଥାନ୍ତି,        କେହି ତାହାଙ୍କୁ ନ ଦେଖନ୍ତି ।

ସୁଧର୍ମା ମଧ୍ୟ ଏହା ସମର୍ଥନ କଲା । ଉଦ୍ଧବ, ଧ୍ରୁବ, ବଳି ପ୍ରଭୃତିଙ୍କ ଚରିତ୍ରର ସୂଚନା ଦେଇ ପ୍ରମାଣ ଉପସ୍ଥାପିତ କଲେ । ନିଜେ ରାଧା କୃଷ୍ଣ ଭକ୍ତି ସମ୍ବନ୍ଧରେ ବିସ୍ତୃତ ଭାବରେ ସଖୀମାନଙ୍କୁ ବୁଝାଇଲେ ।

ପ୍ରେମେ ଅବଶ୍ୟ କୃଷ୍ଣ ପାଇ, ଯା ପ୍ରେମେ ପ୍ରୟୋଜନ ଥାଇ ।
ତା ପ୍ରୟୋଜନ ତାକୁ ଦେଇ, କୃଷ୍ଣ ଯେ ନରହିଲେ ରହଇ ।
ଅପ୍ରୀତ ପ୍ରୟୋଜନ ତାର, ଗୋବିନ୍ଦ ସହଜେ ଅନ୍ତର ।
ଆମ୍ଭର ପ୍ରୟୋଜନେ ପ୍ରେମ, ଏଣୁ ଏ ନୋହଇ ଉତ୍ତମ ।
ଆମ୍ଭର ନିଜ ପ୍ରୟୋଜନେ, ଅଇଲୁ ତାର ବେଣୁ ସ୍ୱନେ ।
ପ୍ରୟୋଜନରେ ପ୍ରେମ ଦେଖି, ଗୋବିନ୍ଦ ଗଲେଟି ଉପେକ୍ଷି ।
ଏବେହେଁ ନିଜ ପ୍ରୟୋଜନେ, ତାହାଙ୍କୁ ଖୋଜୁଅଛୁ ବନେ ।
ଏ ପ୍ରୟୋଜନ ପୂର୍ଣ୍ଣ କରି, ନିଷ୍ଟୟେ ଛାଡ଼ିଯିବ ହରି ।

(ପୁଣି) ଅପ୍ରୟୋଜନେ ପ୍ରେମ ପାଇ, ମାତ ଉଚ୍ଛିଷ୍ଟ କୃଷ୍ଣ ଖାଇ ।
ଯା ପ୍ରେମ ପ୍ରୟୋଜନ ଥିବ, ସେ କାହୁଁ କୃଷ୍ଣଙ୍କୁ ପାଇବ । × ×

ଅପ୍ରୟୋଜନ ପ୍ରେମ ଯାର, ଗୋବିନ୍ଦ ଅଧୀନ ତାହାର ।

ରାଧା ପ୍ରକୃତ ଭକ୍ତର ଲକ୍ଷଣ ପ୍ରକାଶ କରିଛନ୍ତି ଏବଂ ଏହା ବେଦାନ୍ତ ସମ୍ମତ । ପ୍ରକୃତ ଭକ୍ତଠାରେ ଭଗବାନ ବଶ ହୁଅନ୍ତି । ଭକ୍ତର ଭକ୍ତି ବଳରେ ଭଗବାନ ସଂସାର ପାଳନ କରନ୍ତି । ଭକ୍ତର ଦେହରେ ଭଗବାନ ଲୀନ ହୁଅନ୍ତି ।

ନିଷ୍କାମ ଭକ୍ତି ବଳେ ତୋର, ମୁଁ ଟି ପାଳଇ ଏ ସଂସାର ।
ନିଷ୍କାମ ଭାବେ ତୋ ଭଜନ, ତୋ ଦେହେ ହୋଇବି ମୁଁ ଲୀନ ।

× × ×

ନିଷ୍କାମ ପ୍ରେମ ଏ ଭଜନ, ରାଧା ବୋଲନ୍ତି ଗୋପୀ ଶୁଣ ।
ଏ ଭାବେ ଯା ମନ ମଜ୍ଜଇ, ଗୋବିନ୍ଦ ତାହାକୁ ଭଜଇ ।
ସକାମ ପ୍ରେମେ ଆମ୍ଭେ ବୁଡ଼ି, ଏଣୁ ଗୋବିନ୍ଦ ଗଲେ ଛାଡ଼ି ।

ରାଧାଙ୍କର ଏ ତତ୍ତ୍ୱ ବ୍ୟାଖ୍ୟାନ ନୂତନ ରୂପ ଧାରଣ କରିଛି । ଏଥିରେ କବିଙ୍କ ପାଣ୍ଡିତ୍ୟ ପ୍ରକାଶ ପାଇଛି ଏବଂ ପ୍ରସଙ୍ଗ ଉତ୍ଥାପନରେ ବିଶେଷତ୍ୱ ରକ୍ଷା କରି ପାରିଛନ୍ତି । (ଚତୁର୍ଥ ଅଧ୍ୟାୟ)

କୃଷ୍ଣ ବନରୁ ଅନ୍ତର୍ଦ୍ଧାନ ହୋଇ ଯାଇଥିବାରୁ ତାଙ୍କୁ ଖୋଜିବା ପାଇଁ ବେଦକନ୍ୟା, ଦେବକନ୍ୟା, ମୁନିକନ୍ୟା ଓ ବ୍ରଜକନ୍ୟା ଗୋପୀମାନେ ଚତୁର୍ଦ୍ଦିଗକୁ ଯାଇ ଅନ୍ୱେଷଣ କାର୍ଯ୍ୟରେ ଲାଗିଲେ । ବ୍ରଜକନ୍ୟାମାନେ ପୂର୍ବ ଦିଗକୁ, ମୁନି-କନ୍ୟାମାନେ ପଶ୍ଚିମକୁ, ଦେବକନ୍ୟାମାନେ ଉତ୍ତରକୁ ଓ ବେଦକନ୍ୟାମାନେ ଦକ୍ଷିଣକୁ ଗଲେ । ପ୍ରତ୍ୟେକ ବର୍ଗର କନ୍ୟାମାନେ କୃଷ୍ଣଙ୍କୁ ସ୍ୱଗୁଣ ଓ କର୍ମ ଅନୁସାରେ ଭଜିଥିଲେ । ଏଥିରୁ ବିଭିନ୍ନ ପ୍ରକାର ଭକ୍ତଙ୍କ ଭଗବାନ ବିଭିନ୍ନ ପ୍ରକାର ଦୃଷ୍ଟି ହୋଇଥିବା କବି ପ୍ରକାଶ କରିଛନ୍ତି । ସୃଷ୍ଟିର କ୍ରମ, ବୃନ୍ଦାବନ ଲୀଳା ପ୍ରଭୃତି ବିଷୟର ବର୍ଣ୍ଣନା କରାଯାଇଛି । (ପଞ୍ଚମ ଅଧ୍ୟାୟ)

ଉତ୍ତର ଦିଗକୁ ଯାଇଥିବା ଦେବକନ୍ୟାମାନଙ୍କ ଅନ୍ୱେଷଣ ପ୍ରସଙ୍ଗ । କୃଷ୍ଣ ନିତ୍ୟଧାମ ବୈକୁଣ୍ଠବାସୀ ବିଷ୍ଣୁ, ସେ ଦୁଷ୍ଟ ନିବାରଣ ପାଇଁ ମର୍ତ୍ତ୍ୟରେ ବିଭିନ୍ନ ଅବତାର ଗ୍ରହଣ କରନ୍ତି । କୃଷ୍ଣଙ୍କ ଅଙ୍ଗସଙ୍ଗ ଲାଭ କରିବା ଆକାଙ୍କ୍ଷାରେ ଗୋପକନ୍ୟା ରୂପରେ ଜନ୍ମ ହୋଇଥିଲେ । (ଷଷ୍ଠ ଅଧ୍ୟାୟ)

ପଶ୍ଚିମ ଦିଗକୁ ମୁନିକନ୍ୟାମାନେ କୃଷ୍ଣ ଅନ୍ୱେଷଣରେ ଯାଇଥିଲେ । ଏହି ପ୍ରସଙ୍ଗରେ ପୂର୍ବେ ବସୁଦେବ ତୀର୍ଥଯାତ୍ରା ସମୟରେ ନୀଳାଚଳ ଧାମକୁ ଆସି କିଛିକାଳ ଅବସ୍ଥାନ କରିଥିବା ଏବଂ ଜଗନ୍ନାଥ ପ୍ରୀତହୋଇ ତାଙ୍କୁ ବର ଦେବା ବିଷୟ ଲେଖିଛନ୍ତି । ବର ଅନୁସାରେ ଜଗନ୍ନାଥ, ବଳଭଦ୍ର ବସୁଦେବଙ୍କ ପୁତ୍ରରୂପରେ ଜନ୍ମଗ୍ରହଣ କରିଥିଲେ । (ସପ୍ତମ ଅଧ୍ୟାୟ)

ବ୍ରଜକନ୍ୟାମାନେ ପୂର୍ବ ଦିଗକୁ ଗମନ କରି କୃଷ୍ଣଙ୍କୁ ଖୋଜିଲେ । ଅନ୍ୱେଷଣରେ ସେମାନେ ତଦ୍‌ଗତପ୍ରାଣ ହୋଇ ନିଜକୁ କୃଷ୍ଣ ବୋଲି ଭାବିଲେ ଏବଂ ସେହିପରି ବ୍ୟବହାର ମଧ୍ୟ କଲେ । (ଅଷ୍ଟମ ଅଧ୍ୟାୟ)

ଚତୁର୍ଦ୍ଦିଗରୁ ସବୁ କନ୍ୟା ନିରାଶ ହୋଇ ଫେରି ଆସିଲେ । ସମସ୍ତେ ଏକତ୍ର ହୋଇ ଅତି କାତରରେ କୃଷ୍ଣଙ୍କୁ ସ୍ମରଣ କରି କ୍ରନ୍ଦନ କଲେ । ଭକ୍ତବତ୍ସଳ ଭଗବାନ ଭକ୍ତମାନଙ୍କର ଡାକ ଶୁଣି ସେମାନଙ୍କ ଦୁଃଖମୋଚନ

ପାଇଁ ସେଠାରେ ଉପସ୍ଥିତ ହେଲେ । ଷୋଳସହସ୍ର ଗୋପୀଙ୍କ ନିମନ୍ତେ ଷୋଳସହସ୍ର ରୂପ ଧାରଣ କରି ଗୋପୀମାନଙ୍କ ସହ ରାସଲୀଳା ରଚନା କଲେ । (ନବମ ଅଧ୍ୟାୟ)

କର୍ମର ଫଳ ସମସ୍ତଙ୍କୁ ଭୋଗ କରିବାକୁ ହେବ । ଭଗବାନ ଓ ଦେବତାମାନେ ମଧ୍ୟ ଏଥିରୁ ମୁକ୍ତ ନୁହନ୍ତି ।

କର୍ମେଟି ସ୍ୱର୍ଗଭୋଗ ହୋଇ, କର୍ମେଟି ନରକେ ପଡ଼ଇ ।
ଏଣୁ ଯେ ଶୁଭାଶୁଭ କର୍ମେ, ଯେ ପ୍ରାଣୀ ଭୋଗକରି ଭ୍ରମେ ।
ଅକ୍ଷୟ ଦୁଇକର୍ମ ଜାଣ, ଭୋଗ କରିବାଟି ପ୍ରମାଣ ।

ବିଷ୍ଣୁ କୃଷ୍ଣ ଅବତାରରେ କାଳଦମନକୁ ନାଶ କରିବା ବେଳେ କପଟ ଆଚରଣ କରିଥିଲେ । କୃଷ୍ଣ ଯୁଦ୍ଧରୁ ପଳାଇଯାଇ ମୁଚୁକୁନ୍ଦ ନିଦ୍ରା କକ୍ଷରେ ପ୍ରବେଶ ହେଲେ । ସେଠାରେ ନିଦ୍ରିତ ମୁଚୁକୁନ୍ଦଙ୍କ ଉପରେ ନିଜ ପୀତାମ୍ବର ଦୋସଡ଼ା ଘୋଡ଼ାଇ ଦେଇ ଲୁଚି ରହିଲେ । କାଳଦମନ କୃଷ୍ଣଙ୍କୁ ଖୋଜି ଖୋଜି ସେଠାରେ ପ୍ରବେଶ ହେଲା । ମୁଚୁକୁନ୍ଦ ଉପରେ ଘୋଡ଼ା ହୋଇଥିବା ପୀତବସନ ଦେଖି କୃଷ୍ଣ ବୋଲି ଭାବି କାଳଦମନ ଦୋସଡ଼ାଟି ବାହାର କରିଦେବା ସଙ୍ଗେ ସଙ୍ଗେ ମୁଚୁକୁନ୍ଦର ଦୃଷ୍ଟି ତାହା ଉପରେ ପଡ଼ିଲା । ସେ ସଙ୍ଗେ ସଙ୍ଗେ ଜଳିଗଲା । ଏହି ଅଧର୍ମର ଫଳ ବିଷ୍ଣୁଙ୍କୁ ଭୋଗ କରିବାକୁ ପଡ଼ିଲା । କଳିରେ କାଳଦମନ କଳା ପର୍ବତ (କଳା ପାହାଡ଼) ରୂପେ ଆବିର୍ଭୂତ ହୋଇ ନୀଳାଚଳକୁ ଆସି ଜଗନ୍ନାଥ ଦାରୁ ମୂର୍ତ୍ତିଙ୍କୁ ଅଗ୍ନିରେ ପୋଡ଼ିଦେଲା ।

କୃଷ୍ଣର କପଟଏ କର୍ମ, ଏ ଯେ ନୋହଇ କ୍ଷତ୍ର ଧର୍ମ ।
ସେ କର୍ମ କାଳଦମନ ସହି, କଳା ପର୍ବତ ନାମ ବହି ।
ଘୋଟିଲା ଆସି ମହାକୋପେ, ଭେଟିଲା ଦାରୁବ୍ରହ୍ମ ରୂପେ ।
ନୀଳାଚଳରୁ ଧରିନେଲା, ଅଧିକେ ବାନ୍ଧଣା ବାନ୍ଧିଲା ।
ଶ୍ରୀଅଙ୍ଗେ ଅଗ୍ନି ଦେଲା ଜାଳି, କର୍ମଟି ଏଡ଼େ ମହାବଳୀ ।
ବିଷ୍ଣୁ ନ ଉବୁରିଲେ ଯହିଁ, ଜୀବ ଉବୁରି ଯିବ କାହିଁ ।

ଏହି କର୍ମ ବନ୍ଧନରୁ ମୁକ୍ତ ପାଇବାକୁ ହେଲେ କୃଷ୍ଣଙ୍କୁ ଆଶ୍ରୟ କରିବାକୁ ହେବ ।

ଈଶ୍ୱର ଇଚ୍ଛାଶକ୍ତି ଦ୍ୱାରା, ସକଳ କର୍ମ ତା କିଙ୍କର ।
କର୍ମ କରତା ସେ ଅଟଇ, କର୍ମ ତା ଆଜ୍ଞାରେ ଖଟଇ ।
ଅଶେଷ କର୍ମପାଶ ହରି, ହେଲେ ପାରଇ ଅନ୍ୟ କରି ।
ତୁ ଏଥି ସଂଶୟ ନ କର, ଶରଣ ପଶି ଗୋବିନ୍ଦର ।
ଆଦିତ୍ୟ ପଛେ ଯେ ରହଇ, କିରଣ ତାକୁ ନ ଲାଗଇ ।
ତେଣୁ ଯେ କୃଷ୍ଣ ଆଶ୍ରେ କରି, କର୍ମ ନ ପାରେ ତାକୁ ଧରି ।

ଦିବ୍ୟସିଂହ ଦେବଙ୍କ ସହିତ କବିଙ୍କ ସମ୍ପର୍କ ପ୍ରସଙ୍ଗ ବର୍ଣ୍ଣନା କରି କବି ଗ୍ରନ୍ଥ ଶେଷ କରି ଅଛନ୍ତି । (ଦଶମ ଅଧ୍ୟାୟ)

ଭୂପତି ପ୍ରେମ-ପଞ୍ଚାମୃତକୁ ପୁରାଣ ସ୍ୱରୂପ ଲେଖିଛନ୍ତି । ଅଧ୍ୟାୟ ଶେଷରେ ସଂସ୍କୃତପୁରାଣ ଅନୁକରଣରେ 'ଇତିଶ୍ରୀ' କରିଛନ୍ତି । ପୂର୍ବରୁ ଜଗନ୍ନାଥଦାସ, ଅଚ୍ୟୁତାନନ୍ଦ ଦାସ, ଦିବାକର ଦାସ ପ୍ରଭୃତି ବହୁ କବି ଏହିପରି ଶୈଳୀ ବ୍ୟବହାର କରିଛନ୍ତି । "ଇତିଶ୍ରୀ ପ୍ରେମ ପଞ୍ଚାମୃତେ ଭକ୍ତି ବିଭେଦ ଭାଗବତେ ମନଜ୍ଞାନ ଶୁକ-ପରୀକ୍ଷିତ ସମ୍ବାଦେ ଚତୁର୍ବିଧ ଯୋଗ ଗୋପକନ୍ୟା ବର୍ଣ୍ଣନେ ନାମ ପ୍ରଥମୋଧ୍ୟାୟଃ ।" ଦଶ ଅଧ୍ୟାୟ ବିଶିଷ୍ଟ ପୁରାଣଟିର ପ୍ରତ୍ୟେକ ଗ୍ରନ୍ଥ ଶେଷରେ ଏହିପରି ଭଣିତା ଅଛି । ପ୍ରେମପଞ୍ଚାମୃତର ମୁଖ୍ୟ ବିଷୟବସ୍ତୁ 'ଭକ୍ତିବିଭେଦ' ଏବଂ ଏଥିର ପଦଗୁଡ଼ିକ 'ଶ୍ରୀକୃଷ୍ଣେ ଯୁକ୍ତ' ହୋଇ ଥିବାରୁ କବି ଏହି ଗ୍ରନ୍ଥର ଅନ୍ୟନାମ 'ଭକ୍ତିବିଭେଦ ଭାଗବତ' ରଖିଥିବା ସୂଚନା ମିଳୁଛି । ଏକାଧିକ ସ୍ଥାନରେ କବି ଏହିପରି ଲେଖିଛନ୍ତି —

(କ) ଇତିଶ୍ରୀ ପ୍ରେମପଞ୍ଚାମୃତ, ଭକ୍ତିବିଭେଦ ଭାଗବତ ।
କୃଷ୍ଣ ଚରଣେ ଦେଇ ମତି, ଭଣିଲେ ସୁକବି ଭୂପତି । ୧ମ ଅଧ୍ୟାୟ ।

(ଖ) ଇତିଶ୍ରୀ ପ୍ରେମ ପଞ୍ଚାମୃତେ ଭକ୍ତି ବିଭେଦ ଭାଗବତେ । × ×

ଗ୍ରନ୍ଥରେ କବି ନିଜକୁ କବି, ସୁକବି ଏହି ପଦବୀରେ ପରିଚିତ କରାଇ ଅଛନ୍ତି ।

କୃଷ୍ଣ ଚରଣେ ଦେଇ ମତି, ଭଣିଲେ ସୁକବି ଭୂପତି । (୧ମ ଅଧ୍ୟାୟ ।)
ସେ ପଥଧୂଳି ଶିରେ ଘେନି, କବି ଭୂପତି ଭାବେ ଭଣି ।
(୨ୟ ଅଧ୍ୟାୟ ।)

ସେ ଗୋପୀନାଥ ଭାବେ ମତି, ଭଣିଲେ ସୁକବି ଭୂପତି ।(୩ୟ ଅଧ୍ୟାୟ ।)

ଭୂପତି ପଣ୍ଡିତଙ୍କ ଗୋପୀମାନେ ଓ ରାଧା ନିତାନ୍ତ ଗହଳଡ଼ଣୀ ନୁହନ୍ତି । ଅରଣ୍ୟରେ ଏକାକୀ ଛାଡ଼ିଦେବାରୁ ଗୋପୀମାନେ କୃଷ୍ଣଙ୍କ ଭର୍ତ୍ସନା କରିଥିଲେ ମଧ୍ୟ ସୁଧର୍ମୀବ ଗୋପୀମାନେ କୃଷ୍ଣତତ୍ତ୍ୱ ହରିମରୂପେ ଜ୍ଞାତ ଥିବାହିଁ ପ୍ରକାଶ ପାଇଛି । ବେଦବେଦାନ୍ତ ପ୍ରତିପାଦିତ ନିଷ୍କାମ ଭକ୍ତିର ବ୍ୟାଖ୍ୟା ରାଧା ଅତି ସୁନ୍ଦର ଓ ବିସ୍ତୃତ ଭାବରେ କରି ଥିବାରୁ ତାଙ୍କର ତତ୍ତ୍ୱ କ୍ଷେତ୍ରରେ ପ୍ରଗାଢ଼ ଜ୍ଞାନ ଥିବା ସ୍ପଷ୍ଟ ହେଉଛି । ଗୋପୀମାନେ ଓ ବୃନ୍ଦା କିଞ୍ଚିତ ଚପଳତା ପ୍ରକାଶ କରିଛନ୍ତି, କିନ୍ତୁ ରାଧା ଧୀର ଗମ୍ଭୀର, ଭାବ ଗର୍ଭକ ବ୍ୟବହାର କରିଛନ୍ତି ।

କୃଷ୍ଣଙ୍କ ଗୋପଲୀଳାରେ ସଖୀ, ପିତାମାତା ପ୍ରଭୃତି ସମ୍ପର୍କୀୟ ବିଷୟ କବି ପ୍ରାଧାନ୍ୟ ଦେଇ ଅବତାରଣା କରି ନାହାନ୍ତି । ଗୋପୀ ପ୍ରେମତତ୍ତ୍ୱହିଁ ରଚନାର ମୂଳ ଉଦ୍ଦେଶ୍ୟ ଥିବାରୁ କବି ଏପରି କରିଥିବା ସ୍ୱାଭାବିକ ।

ଐତିହାସିକ, ସାମାଜିକ ଓ ସାହିତ୍ୟିକ ଦୃଷ୍ଟିକୋଣରୁ ଦେଖିଲେ କବିଙ୍କ ପ୍ରେମପଞ୍ଚାମୃତ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । କବି ପାଣ୍ଡିତ୍ୟର ସହିତ କଳ୍ପନାକୁ ଯୋଗକରି ସୁନ୍ଦର ଶାସ୍ତ୍ର କାବ୍ୟଟିଏ ରଚନା କରିଛନ୍ତି ।

ଭକ୍ତି, ଗୋପୀଭକ୍ତି, କର୍ମୀଙ୍କର ଅସାରତା ପ୍ରତିପାଦନ କରି କବି ନିଜର ସ୍ୱଭାବ ସୁଲଭ ସରଳ ଅଥଚ କବିତ୍ୱପୂର୍ଣ୍ଣ ଭାଷାରେ, ଲୋକପ୍ରିୟ ଓ ସରଳ

'ଭାଗବତ ବୃତ୍ତ'ରେ ଗ୍ରନ୍ଥଟି ରଚନା କରିଛନ୍ତି । ଅବଶ୍ୟ କବିଙ୍କ ପୂର୍ବରୁ ଜଗନ୍ନାଥ ଦାସ, ଦିବାକର ଦାସ, ଦେବଦୁର୍ଲ୍ଲଭ ଦାସ ପ୍ରଭୃତି ଏହି ସମ୍ବନ୍ଧରେ ସ୍ୱଗ୍ରନ୍ଥମାନଙ୍କରେ ଲେଖିଛନ୍ତି । ସମସାମୟିକ କବି ଦୀନକୃଷ୍ଣ ମଧ୍ୟ ରସ ବିନୋଦ, ଗୁଣସାଗର, ଅମୃତ ସାଗର ପ୍ରଭୃତି କାବ୍ୟରେ ବହୁଳ ଚର୍ଚ୍ଚା କରିଛନ୍ତି । ଲୋକନାଥ ବିଦ୍ୟାଧରଙ୍କ ବୃନ୍ଦାବନଚନ୍ଦ୍ର ବିହାର କାବ୍ୟ ମଧ୍ୟ ଗୋପୀଭକ୍ତି ଉପରେ ପ୍ରତିଷ୍ଠିତ । ବୃନ୍ଦାବତୀ ଦାସୀ, ତାଙ୍କ ପୁତ୍ର ଭୀମ ଦାସ ମଧ୍ୟ ଏହି ଚର୍ଚ୍ଚା ସ୍ୱଗ୍ରନ୍ଥମାନଙ୍କରେ କରିଛନ୍ତି । ମାତ୍ର ଭୂପତି ପଣ୍ଡିତ ନୀରସ ତତ୍ତ୍ୱ ବିଶ୍ଳେଷଣକୁ ସରସ କରିବା ପାଇଁ ଯେଉଁ ଉଦ୍ୟମ କରିଛନ୍ତି ସମସାମୟିକ କବିମାନଙ୍କ ଭିତରେ ଦୀନକୃଷ୍ଣ, ଦେବ ଦୁର୍ଲ୍ଲଭ ଓ ଲୋକନାଥ ଛଡ଼ା ଅନ୍ୟ କେହି ସେପରି କରି ପାରିନାହାନ୍ତି ।

ଭୂପତି ପଣ୍ଡିତ ନୀଳାଚଳର ଜଗନ୍ନାଥଙ୍କୁ ଅବତାରୀରୂପେ ଗ୍ରହଣ କରି ତାଙ୍କର ମାହାତ୍ମ୍ୟ ବୃଦ୍ଧି କରିଛନ୍ତି । ବସୁଦେବଙ୍କ ତୀର୍ଥଯାତ୍ରାରେ ଜଗନ୍ନାଥ ଦର୍ଶନ ଏକ ପ୍ରଧାନ ସ୍ଥାନ ଅଧିକାର କରିଛି ଏବଂ ଜଗନ୍ନାଥଙ୍କ ବର ଯୋଗୁଁ ବସୁଦେବ କୃଷ୍ଣ ବଳରାମଙ୍କୁ ନିଜ ପୁତ୍ରରୂପେ ପ୍ରାପ୍ତ ହୋଇ ଅଛନ୍ତି ।

ସତ୍ୟଯୁଗଠାରୁ ଆରମ୍ଭ କରି କଳିଯୁଗ ପର୍ଯ୍ୟନ୍ତ ବିଷ୍ଣୁଙ୍କ ବିଭିନ୍ନ ଅବତାରରେ ଦୁଷ୍ଟଦମନ ସମ୍ପର୍କରେ ଯେଉଁସବୁ 'ଦୁଷ୍କର୍ମ' ବିଷ୍ଣୁ କରିବା ନିମନ୍ତେ ବାଧ୍ୟ ହୋଇଛନ୍ତି ତାହାର ଫଳ ତାଙ୍କୁ ଭୋଗ କରିବାକୁ ପଡ଼ୁଛି । କାଳଯବନର ଅତ୍ୟାଚାର, ବିଧର୍ମୀମାନଙ୍କର ଜଗନ୍ନାଥଙ୍କ ଉପରେ ଘନ ଘନ ଆକ୍ରମଣ ଓ ଅତ୍ୟାଚାରକୁ ମଧ୍ୟ ଭୂପତି ଏହି 'ଦୁଷ୍କର୍ମ'ର ଫଳ ଥିବା ପ୍ରକାଶ କରି ଆଶ୍ୱାସନାର ବାଣୀ ଶୁଣାଇଛନ୍ତି । ହିନ୍ଦୁ ଧର୍ମର ବ୍ୟାପକ ଓ ଉଦାର ଦୃଷ୍ଟି କୋଣହିଁ ଏହି ମନ୍ତବ୍ୟର କାରଣ ।

କବି ସ୍ୱ କାବ୍ୟରେ ଏକାଧିକ ପୌରାଣିକ ଗଳ୍ପ ଉଦାହରଣ ଛଳରେ ଦେଇଥିବାରୁ ଗ୍ରନ୍ଥଟିର ସରସତା ବୃଦ୍ଧି ପାଇଛି ।

କବି ଭୂପତି ନିଜର 'କବିତ୍ୱ ଶକ୍ତି' ପ୍ରମାଣ କରିବା ପାଇଁ ଏହି ଗ୍ରନ୍ଥ ରଚନା କରି ଥିବାରୁ 'ଶ୍ରୀକୃଷ୍ଣ ତତ୍ତ୍ୱ' ପ୍ରକାଶ ସଙ୍ଗେ ସଙ୍ଗେ ନିଜର ମୌଳିକ ଚିନ୍ତା ଓ ପଦରଚନା କୁଶଳତା ମଧ୍ୟ ପ୍ରକଟନ କରିଛନ୍ତି ।

ସମସାମୟିକ ଯୁଗରେ ଦିବ୍ୟସିଂହଙ୍କ ଅଦମ୍ୟ ଉତ୍ସାହ ଓଡ଼ିଶାର କବି-ମାନଙ୍କୁ ଯେଉଁ ପ୍ରେରଣା ଦେଇଥିଲା ତାହାର ଫଳ ସ୍ୱରୂପ ଭୂପତିଙ୍କ ଲେଖନୀରୁ ପ୍ରେମପଞ୍ଚାମୃତ ପ୍ରକାଶିତ ହୋଇ ଏହାର ଏକ ପ୍ରମାଣରୂପେ ବିଦ୍ୟମାନ ରହିଛି ।

ଗ୍ରନ୍ଥର କେତେକ ସ୍ଥଳରେ ଅଶ୍ଳୀଳ ବର୍ଣ୍ଣନା କରିଥିବାରୁ କବି ଓଡ଼ିଆ ପ୍ରେମ କାବ୍ୟ ରଚନାର ପରଂପରା ରକ୍ଷା କରିଥିବା ଅନୁମିତ ହୁଏ । ଦ୍ୱିତୀୟ, ପଞ୍ଚମ, ନବମ ଅଧ୍ୟାୟରେ ଅଶ୍ଳୀଳ ବର୍ଣ୍ଣନା ଦେଖାଯାଏ ।

କବି ବହୁ ଦୃଶ୍ୟ ଚମତ୍କାର ଭାବରେ ବର୍ଣ୍ଣନା କରି ଜୀବନ୍ତ କରି ପାରିଛନ୍ତି । ପାତ୍ର ପାତ୍ରୀମାନଙ୍କ ମନର ବିଶ୍ଳେଷଣ ମଧ୍ୟ ରମଣୀୟ ହୋଇଛି ।

ପ୍ରକୃତିକ ଦୃଶ୍ୟ ବର୍ଣ୍ଣନାରେ କବି ବଳିଷ୍ଠ ଲେଖନୀର ପରିଚୟ ଦେଇଛନ୍ତି । ଘଟନାବଳୀ, ଦୃଶ୍ୟ ଚରିତ୍ର ପ୍ରଭୃତି କାବ୍ୟର କ୍ଷୁଦ୍ର କଳେବର ଅନୁପାତରେ ଅଳ୍ପ ବେଶି ହୋଇନାହିଁ । ଏଥିରେ ଅଳ୍ପପଦ ବ୍ୟବହୃତ ହୋଇଥିଲେ ମଧ୍ୟ ସମଗ୍ର ରୂପର ଧାରଣା କରାଇବାରେ ପଦଗୁଡ଼ିକ ସମର୍ଥ ହୋଇଛି ।

ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନାରେ କବି ପ୍ରକୃତିକୁ ପାତ୍ର ପାତ୍ରୀମାନଙ୍କର ମାନସିକ ଅବସ୍ଥାର ସାହାଯ୍ୟକାରୀ ରୂପେ ଚିତ୍ରଣ କରିଛନ୍ତି । ବୃନ୍ଦାବତୀକୁ କଉତି ଦେଇ କୃଷ୍ଣ ଯାଉଥିବା ବେଳେ କାମାତୁରା ଯୁବତୀ କୃଷ୍ଣଙ୍କୁ କୋମଳ କଣ୍ଠରେ କହୁଛି—

କଉତି ଗୁଡ଼ି ଦିବା ଦୋଷ, ମୁଁ ଏବେ କ୍ଷମା କଲି ଆସ ।
ଦେଖ କୁସୁମିତ କାନନ, ଶରଦ ପୂର୍ଣ୍ଣମୀର ଜହ୍ନ ।

ସେବତୀ କୁନ୍ଦ କନିଅର, ମାଳତୀ କୋଳେ ମଧୁକର ।
ଏଥୁଁ ତ ଦେଖୁଛୁ ନୟନେ, କି ଲୋଭେ ପଶିଅଛୁ ବନେ ।
କାଳିନ୍ଦୀ ତରଙ୍ଗ ସୁନ୍ଦର, ଚନ୍ଦ୍ର ପ୍ରତିବିମ୍ବ କୋଳର ।
କୁମୁଦ ପାଇ କାନ୍ତରସ, ଆନନ୍ଦ ମନେ ହସ ହସ ।
ଭ୍ରମର ଅଛି କୋଳେ ଘେନି, ତେଣୁଟି ଲଜ୍ଜିତ ପଦ୍ମିନୀ ।
ହଂସ ଶାରୀ ଚକ୍ରବାକ, କେକୀ କୋକିଳ ସାରୀ ଶୁକ ।
ନାନା ସୁଦ୍ୱିଜ ବାକ୍ୟ ଗୋଳ, ମଦନ ଅଭିଷେକ ବେଳ ।
ଭୃଙ୍ଗ ଶବଦ ମଲ୍ଲୀ ଫୁଲେ, ମଙ୍ଗଳ ଶଙ୍ଖଧ୍ୱନି କଲେ ।
ଇତ୍ୟାଦି । ୭ମ ଅଧ୍ୟାୟ ।

କବି ଘଟଣା ପ୍ରବାହ ଭିତରେ କେତେ ଗୁଡ଼ିଏ ଦୃଶ୍ୟଙ୍କୁ ଅଳ୍ପ ପଦରେ ବର୍ଣ୍ଣନା କରି ରମଣୀୟ କରି ପାରିଛନ୍ତି ।

(୧) ବୃନ୍ଦାବତୀ ବନ ଭିତରେ ଗମନ କରୁଥିବା ଦୃଶ୍ୟ—

ଚନ୍ଦ୍ର ଆଚ୍ଛାଦି ମେଘମାଳ, କାଳିନ୍ଦୀ କାଳିଆ ତମାଳ ।
କୁଞ୍ଚିତ କଳା କେଶ ଭାର, ଗହ୍ୱର ଅଙ୍ଗେ ନୀଳାମ୍ବର ।
କସ୍ତୁରୀ ଚିତ୍ର ପୟୋଧରେ, ଅଞ୍ଜନ-ପଙ୍କ ଲୋଚନରେ ।
କୁସୁମେ ଆଚ୍ଛାଦି ଭ୍ରମର, କୃଷ୍ଣଙ୍କ ଛାୟା ଅବନୀର ।
ଭୟାଳୁ ସ୍ୱଭାବ ଯୁବତୀ, ଘନ ଅନ୍ଧାର ବନ ଗତି । ୨ୟ ଅଧ୍ୟାୟ ।

(୨) ଅରଣ୍ୟରେ କେଳି ପରେ ବୃନ୍ଦା ଶ୍ରୀକୃଷ୍ଣଙ୍କ ସହିତ ବାଟ ଚାଲି ଚାଲି ଥକା ହୋଇଯିବା ଦୃଶ୍ୟ—

ଅତି ସୁନ୍ଦର ନଖୀ ସବୁ, ଯେସନେ କନକ ତମ୍ବୁରୁ ।
ଗରୁ ପୟୋଧର ନିତମ୍ବ, ବଧିରେ ଗମନ ବିଳମ୍ବ ।
ବାଲି ବାଟରେ ଶ୍ରମ ପାଇ, କୃଷ୍ଣଙ୍କୁ ନ ପାରେ ଗୋଡ଼ାଇ ।
ଦଣ୍ଡେ ବସଇ ଦଣ୍ଡେ ଚାଲି, ଅତି ସୁକୁମାରୀ ଗୁଆଳୀ ।

କାହ୍ନୁ ଧଇଲେ ପୀତବାସ, ବୋଇଲେ ଧୀରେ ଧୀରେ ଆସ ।
ଗୋପୀ ଲୋଚନ ଅନ ଅନ, ନ କାନ୍ଦ କାନ୍ଦନ୍ତି ବ୍ରଧାନ ।
ବୋଲଇ ଶୁଣ ବନମାଳୀ, ଆଜ୍ଞ ମୁଁ ନ ପାରଇ ଚାଲି ।
ଅତି କୋମଳ ଦେହ ମୋର, ଦେଖ ଏ ଝାଳେ ଜର ଜର ।

× × ×

ବକ୍ଷ ସ୍ଥଳରୁ ଝାଳ ଗଳି, କାଞ୍ଚୁଳି ଚମ୍ପୁଡ଼ିଲା ଭଲି ।
କସ୍ତୁରୀ ପତ୍ରାବଳି ରେଖ, ଲିଭିଲା ପୟୋଧରୁ ଦେଖ ।
କଜ୍ଜ୍ୱଳ ଶ୍ରମ ଜଳେ ମିଶି, ମୁଖ ଚନ୍ଦ୍ରମା ସମ ଦିଶି ।
ସିନ୍ଦୂର ବିନ୍ଦୁ ଶ୍ରମ ଜଳେ, ବହି ପଡ଼ୁଛି ମୋ କପାଳେ ।
ତେବେହେଁ ବୋଲୁଅଛ ଚାଲ, ତୁମ୍ଭ ରସିକ ପଣ ଭଲ । (୮ମ ଅ: ।)

(୩) ରାଜାର ଶୁଣି ଏ ବଚନ, ଆନନ୍ଦ ବ୍ୟାସଙ୍କ ନନ୍ଦନ ।
କୃଷ୍ଣ ଭଗତି ଭାବଭରେ, ହୃଦୟ ଦ୍ରବିଲା ଅନ୍ତରେ ।
ଗଉର ଅଙ୍ଗ ଶୁକ-ଦେବ, ବିଭୂତି ଭୂଷଣ ସ୍ୱଭାବ ।
ସର୍ବାଙ୍ଗେ ପୂରିଲା ପୁଲକ, ଯେସନେ କଦମ୍ବ କୋରକ ।
ଫୁଟି ବିରାଜେ ପୀତ ଶ୍ୱେତ, ଭସ୍ମ ସହିତେ ପୁଲକିତ ।
ପ୍ରବାହ ଅଶ୍ରୁଧାରା ବହେ, ମୁଦ୍ରିତ ନେତ୍ରେ ମୂକ ରହେ ।
ଅଧର କମ୍ପେ ଶ୍ୱାସ ସ୍ୱେଦ, କୁଣ୍ଠିତ ବାକ୍ୟ ଗଦ ଗଦ । ୧ମ ଅଧ୍ୟାୟ ।

(୪) ଘୋର ଅରଣ୍ୟରେ ଗୋପୀମାନଙ୍କୁ କୃଷ୍ଣ ଛାଡ଼ି ଚାଲି ଯିବାରୁ ଗୋପୀମାନେ ଭୟ କଲେ । ଏ ଦୃଶ୍ୟ—

ଏ ରୂପେ କରନ୍ତେ ବିଚାର, ବନ ଦିଶିଲା ଭୟଙ୍କର ।
ମୃଗକୁ ବ୍ୟାଘ୍ର ବୋଲି ଡରି, ପଡ଼ିଲା ଗୋପୀ ମଧ୍ୟେ ଫେରି ।
ଲତାକୁ କରି ସର୍ପଭୟେ, ବୋବାଳି ପାଡ଼ିଲେ ଥୋକାଏ ।
କୋକିଳ କଳ-କଣ୍ଠ ଧ୍ୱନି, ଯେସନେ ଆମ୍ବ ବନେ ଶୁଣି ।

ପାରଧି ଜାଲ ଦେଖି ପଥେ, ଯେସନ୍ତେ ଚଞ୍ଚଳ ମୃଗ ଯୁଥେ ।
ଏକ ଆରକେ ଛନ୍ଦାଛନ୍ଦ, କଏ ମଦନରସେ ବନ୍ଦୀ ।
ସହସ୍ର ଦଳ ପଦ୍ମ ପ୍ରାୟେ, ରାଧାଙ୍କୁ ବେଢ଼ିଲେ ଥୋକାଏ ।
ଇତ୍ୟାଦି । ୨ୟ ଅଧ୍ୟାୟ ।

ପାତ୍ର ପାତ୍ରୀମାନଙ୍କର ରୂପ ବର୍ଣ୍ଣନା ସଂକ୍ଷିପ୍ତ ହୋଇଛି । ବେଶଭୂଷାରେ ଉତ୍କଳୀୟ ବସ୍ତ୍ର, ଅଳଙ୍କାରାଦି ବ୍ୟବହାର କରି କବି ଓଡ଼ିଆ ସମାଜର ନର ନାରୀଙ୍କ ଚିତ୍ର ଦେଇଛନ୍ତି । ଭାଷା ମଧ୍ୟ ପାତ୍ରୋଚିତ ହୋଇଛି, ଶ୍ରୀକୃଷ୍ଣ ଓ ରାଧା ଗୋପୀମାନଙ୍କ ତୁଳନାରେ ମାର୍ଜିତ ଭାଷାହିଁ ବ୍ୟବହାର କରିଛନ୍ତି ।

ଭାଷା :—ଭୂପତି ସଂସ୍କୃତ ଓ ଦେଶଭାଷା ପ୍ରୟୋଜନାନୁସାରେ ବ୍ୟବହାର କରିଛନ୍ତି । ଜଟିଳ ତତ୍ତ୍ୱର ବିଶ୍ଳେଷଣରେ ସଂସ୍କୃତ ଶବ୍ଦ ବହୁଳ ପରିମାଣରେ ବ୍ୟବହାର କରିଥିଲେ ମଧ୍ୟ ଗୂଢ଼ାର୍ଥ ବ୍ୟଞ୍ଜକ ଶବ୍ଦର ପ୍ରୟୋଗ ଅଳ୍ପ ଥିବା ଦେଖାଯାଏ । ବର୍ଣ୍ଣନାରେ ମାର୍ଜିତ ଭାଷାର ବ୍ୟବହାର ହୋଇଛି । ତେବେ, ସ୍ଥାନେ ସ୍ଥାନେ ଖାଣ୍ଟି ଓଡ଼ିଆ ଶବ୍ଦର ବ୍ୟବହାର ଶୋଭନ ଭାବରେ କରିଛନ୍ତି ।

(୧) ଗୋବିନ୍ଦ ଭକ୍ତ ଅନୁପମ, ଭୂପତି ପଣ୍ଡିତ ନାମ ।
ସୁନ୍ଦର ଶୂର ତେଜବନ୍ତ, ସକଳ ସୁବିଦ୍ୟା ପଣ୍ଡିତ ।
ଦୟାଳୁ ଦାତା ପରହିତ, ବିପ୍ର ପୋଷଣେ ଅବିରତ ।
ପ୍ରଜା ପାଳନ ସତ୍ୟବାଣୀ, ସ୍ୱ ଧର୍ମ ବେଦମତ ଘେନି ।
ଶୁଦ୍ଧାର ଶୁଣନ୍ତି ଯେ ଠାଏଁ, ପଛ ଚରଣ ଆଗ ନୋହେ ।
ତକ୍ଷଣେ ଚୂଡ଼ାମଣି କରି, ଶତ୍ରୁ ମଇଳି ସମ୍ବରି ।
ଇତ୍ୟାଦି । ୧ମ ଅଧ୍ୟାୟ ।

(୨) କୃଷ୍ଣ ଭଜନ ମହା ଲାଭ, ସଂସାର ସମୁଦ୍ରକୁ ନାବ ।
ତ୍ରିଗୁଣ ଛେଦନ କୁଠାର, ସର୍ବ ଶାସ୍ତ୍ରର ମଧ୍ୟେ ସାର । ୧ମ ଅଧ୍ୟାୟ ।

(୩) ପବନ ପୂରିତ ଶୀତଳ, କ୍ଷୀରେ ମିଶିଲା ସ୍ୱାଦୁ ଜଳ ।
ମୋ ମନ ବ୍ରହ୍ମଜ୍ଞାନ ଯୋଗେ, ବଞ୍ଚିତ ପ୍ରେମାମୃତ ଭୋଗେ ।
କୃଷ୍ଣ ଭଗତି-ପ୍ରେମ ଯୁତ, ବିଶେଷେ ଗୋପୀଙ୍କର ମତ । ୧ମ ଅଧ୍ୟାୟ ।

(୪) ଏ ରୂପେ ବେଦେ ବ୍ରହ୍ମ ପୂର୍ବ, ବେଦ ନ ଜାଣେ ନିର୍ଣ୍ଣେ କରି ।
ସମ୍ପୂର୍ଣ୍ଣ ବେଦମୟ ବ୍ରହ୍ମ, ବେଦ ନ ଜାଣେ ତାର ମର୍ମ ।
ଏ ନିତ୍ୟରୂପୀ ପରି ଚିହ୍ନି, ବେଦାନ୍ତ-ମତ-ତତ୍ତ୍ୱ-ଜ୍ଞାନୀ । ୨ୟ ଅଃ ।

କବି ଭୂପତି କାବ୍ୟଟିରେ ବହୁ ଖାଣ୍ଟି ଓଡ଼ିଆ ଶବ୍ଦ ଓ ଓଡ଼ିଶାରେ ପ୍ରଚଳିତ ଢଗଢ଼ମାଳି ବ୍ୟବହାର କରିଛନ୍ତି; ଏଥିରୁ ତାଙ୍କର ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ବନ୍ଧରେ ଅଭିଜ୍ଞତାର ପରିଚୟ ମିଳୁଛି ।

ଠାଏଁ—ଗୁହାରି ଶୁଣନ୍ତି ଠାଏଁ । × (୧ମ ଅଧ୍ୟାୟ)
ଗୃହିଆଇ—କହନ୍ତି ବାକ୍ୟ ଗୃହିଅଇ । (୧ମ ଅଧ୍ୟାୟ ।)
ବୃନ୍ଦାମଣୀ, ସମ୍ଭରେ—ତକ୍ଷଣେ ବୃନ୍ଦାମଣୀ କରି, ଶବ୍ଦ ମଇନ ସମସରି ।

ଏହିପରି ଅନ୍ୟ ଶବ୍ଦ—ହକାରିବା, ଡିଅଁରି, ହାବୋଡ଼େ, ଆଣ୍ଠୁ, ଗଣ୍ଡିଆ ପଣ, ଉଣ୍ଡାରାଗିଆ, ସ୍ନାନମାନ, ମାଏଁସ, ଶଲ, କେନ୍ଦୁଣି, ଫେଇଲୁ, ଠଲ, କୋଇନ୍ଥା, କୁଟ୍ରୀ, ରାଢ଼, ସୁଆଗି ଇତ୍ୟାଦି ।

ଓଡ଼ିଆ ଭାଷାର ବିଶିଷ୍ଟ ବ୍ୟବହାର—

ହାବୋଡ଼େ ପଡ଼ିଲେ ମୋହର । ୨ୟ ଅଃ ।
ଯାହା କି କୁଆକଣ୍ଠ କଲ । ୩ୟ ଅଃ ।
ତୁ ଏକ ଦଧି ମାଛ କରି । ୪ର୍ଥ ଅଃ ।
ଡମାଳି ଗୀତ ଡିଗ ମେଲି । ୮ମ ଅଃ ।
ଡାହାଣ ପୁଡ଼ା ନାକ ବନ୍ଧା, କଣି ବନ୍ଧଣ ଦେଲେ ବନ୍ଧା । ୭ମ ଅଃ ।
ଗଣ୍ଡିଆ ପଣ ଦେଖାଉଛ । ୮ମ ଅଃ ।

ଉଣଗଣିଆ ନନ୍ଦ ସୁତ । ୮ମ ଅଃ ।
ନହିଲେ କେ ଯିବ ଉତ୍ତର । ୭ମ ଅଃ ।

କବି କେତୋଟି ପଶ୍ଚିମା ଭାଷା ଶବ୍ଦର ଶବ୍ଦ ବ୍ୟବହାର କରିଥିବା ଦେଖାଯାଏ ।

ସୁରଭିଖା—ସୁରଭିଖାହିଁ ରସମୟେ । ୧ମ ଅଧ୍ୟାୟ (ଭିଖା — ଭାଷା । )
ମନ ତହୁଁ ଶୁଣି—ଏମନ୍ତ ମନ ତହୁଁ ଶୁଣି । ୧ମ ଅଧ୍ୟାୟ
(ମନ ତହୁଁ—ମନଠାରୁ ।)

ଆର—ତୋତେ ପାଇଛୁ ଆର ଲଭି । ୪ର୍ଥ ଅଃ ।
ଆଇ—ମାତା, ଯଶୋଦାଆଇଙ୍କର ଉଦରେ । ୨ୟ ଅଃ ।

କବି ଜଗନ୍ନାଥ ଦାସଙ୍କ 'ଭାଗବତ'କୁ ଉତ୍ତମ ରୂପେ ଅଧ୍ୟୟନ କରିଥିବା ସୂଚନା ମିଳୁଛି । ସେ ଦାସଙ୍କ ଭାଗବତର ଗୋଟିଏ ଦୁଇଟି ସର୍ବଜନ ଆଦୃତ ପଦ ନିଜ ଗ୍ରନ୍ଥରେ ଉଦ୍ଧାର କରି ଦେଇଛନ୍ତି ।

(୧) ଦୁଷ୍ଟ ନିବାରି ସନ୍ତ ପାଳୁ, ତୁ ନାଥ ପରମ ଦୟାଳୁ ।
(୨) ଫୁଟିଲେ ଜଳେ ସ୍ଥଳେ ଫୁଲ, ସୁଗନ୍ଧ ଶୀତଳ ଅମୂଲ୍ୟ ।
(ଜଗନ୍ନାଥ ଦାସ)
(୩) ବୋଇଲି ଦେଖିଅଛୁ ଫୁଲ, ସୁଗନ୍ଧ ଶୀତଳ ଅମୂଲ୍ୟ । (ଭୂପତି)

ଭୂପତି ପଣ୍ଡିତ ଭୂପତି ଚଉତିଶା ଓ ଉଦ୍ଧବ ଚଉତିଶା ନାମରେ ଦୁଇଟି ଚଉତିଶା ଲେଖିଛନ୍ତି । ପ୍ରେମପଞ୍ଚାମୃତର ଭାଷା ଓ ଭାବ ସହିତ ଏହି ଦୁଇଟି ଚଉତିଶାର ଭାଷା ଓ ଭାବର ବହୁ ସାଦୃଶ୍ୟ ଦେଖାଯାଉଛି । ଉଭୟ ଚଉତିଶାର ଭାଷା ଉନ୍ନତ ଓ ମାର୍ଜିତ ।

ଭୂପତି ଚଉତିଶା—ଭୂପତି ଚଉତିଶାର 'ଶ' ଅକ୍ଷର ପଦରେ ଶ୍ରୀମତୀ ରାଧାଙ୍କର ଶରଦସଜ୍ଜା ରଜନୀରେ ଶୁକ୍ଳ ଅଭିସାର ଉପଯୋଗୀ

ଶୁକ୍ଳବେଶର ବର୍ଣ୍ଣନାରେ 'ଶ୍ରୀଗଜପତି ଭୂପତି' ପଦ ବ୍ୟବହାର କରି ଥିବାରୁ କବି 'ଗଜପତି ରାଜାଙ୍କୁ ଲକ୍ଷ୍ୟ କରିଥିବା ସ୍ୱାଭାବିକ ଏବଂ ତାହା ଭିତରେ କବି ନିଜର ନାମ ମଧ୍ୟ ପ୍ରକାଶ କରିବା ଅନୁମାନ କରାଯାଉଛି ।

ଶରଦରାକା ରଜନୀକର ରୁଚିରେ ରାଧା ଦୂତୀଙ୍କି କହିଲେ,
ଶୁକ୍ଳ ଅଭିସାର ସଜ ମୋତେ କରି ନେତ୍ରାନ୍ତରେ ଅଞ୍ଜନ ଦେଲେ ।
ଶ୍ୱେତବସନ ସକୁ ଶ୍ୱେତଭୂଷଣ ସମୂହ ଶ୍ୱେତସୁମନ,
ଶ୍ରୀଖଣ୍ଡ ଚନ୍ଦନ ଚନ୍ଦ୍ରମା ସହିତେ ସର୍ବାଙ୍ଗେ କଲେ ଲେପନ ।
ଶ୍ରୀ ଗଜପତି ଭୂପତି କୀର୍ତ୍ତିରେ ସିକ୍ତି ବିଷହି ସଙ୍ଗମେ ।

ଏଥିରୁ କେହି କେହି 'ଶ୍ରୀଗଜପତି ଭୂପତି' ବା ଶ୍ରୀଗଜପତି ରାଜା ଏହାର କବି ବୋଲି ଅନୁମାନ କରନ୍ତି । କିନ୍ତୁ ଭାଷା ଓ ଭାବ ଦୃଷ୍ଟିରୁ ଏହା ଭୂପତିଙ୍କଦ୍ୱାରା ରଚିତ ବୋଲି ନିଃସନ୍ଦେହରେ କୁହାଯିବ ।

ତୁହି ଯେମନ୍ତ ଯେମନ୍ତକୁ ତେମନ୍ତ ଛମାନିଧି ସେହି ରୂପ
କ୍ଷଣକେ ଭିକାରି ଭୂମିଦାନ ଦ୍ୟକ୍ତ କୃପାକଲେ ଭକ୍ତଭୂପ ଯେ ।

କବିଙ୍କର ଏହି ଉକ୍ତିରେ ଗଜପତି ଦିବ୍ୟସିଂହ ଦେବ ତାଙ୍କୁ ଭୂମିଦାନ ଦେଇଥିବା ପ୍ରସଙ୍ଗର ସୂଚନା ଥିବା ଲକ୍ଷ୍ୟ କରି ହେଉଛି ।

ଶେଷାଂଶରେ କବି ଯେଉଁ ଉପଦେଶ ବାଣୀ ଶୁଣାଇଛନ୍ତି ତାହା ଦିବ୍ୟସିଂହଙ୍କ ପକ୍ଷେ ଲକ୍ଷ୍ୟ କରାଇଥିବା ମଧ୍ୟ ଅନୁମିତ ହୁଏ । ଦିବ୍ୟସିଂହ ଈର୍ଷାନ୍ୱିତ ପଣ୍ଡିତମାନଙ୍କ କୁମନ୍ତ୍ରଣାରେ ପ୍ରଭାବିତ ହୋଇ ଭୂପତିଙ୍କୁ ପରୀକ୍ଷା କରିଥିବା ବିଷୟ ଏହା ସ୍ମରଣ କରାଇଦିଏ ।

ତୁଟ୍ଟି କର୍କଶ ହୃଦ କରକୋମଳ ପ୍ରେମ ଅଙ୍କୁର ପ୍ରକାଶୁ
ଛଛନ୍ଦ ମନକୁ ମୁକୁର ମଣ ତୁ ହରି ପ୍ରତିବିମ୍ବ ଦିଶୁ ।
ତୁଟ୍ଟି ଧର ତୁ ଅସାଧୁ ସାଧୁ ସଙ୍ଗ ଗରଲ ଅମୃତ ଭୋଗ
ଛୁଡ଼ଇ ବଢ଼ଇ ଶଶୀଶ୍ୟାମ ଶ୍ୱେତ ପକ୍ଷରେ ହେଲେ ସଂଯୋଗ । × ×

ଖଟନ୍ତି ଭଲ ଭଲ ଲୋକେ କହନ୍ତି ଷଡପଦି ଆଶ ଗୃହିଁ
କ୍ଷୀର ସମୁଦ୍ର ସଙ୍ଗମେ ଗଙ୍ଗା ଯେସନେ ଲବଣ ଭାବକୁ ବହି । ଇତ୍ୟାଦି

ରାଧା କୃଷ୍ଣଙ୍କ ପ୍ରତି ବିମୁଖ ହେବାରୁ କୃଷ୍ଣଙ୍କ ବିରହଦୁଃଖ ବୃଦ୍ଧି ପାଇଲା । ଦୂତୀ ଏହା ଲକ୍ଷ୍ୟକରି ରାଧାଙ୍କୁ ଦୋଷ ଦେଇ କହୁଛି—

କହଇ ଦୂତୀ ରାଧିକା କର ଧରି ଶ୍ରୀକୃଷ୍ଣ ବିରହ ଦୁଃଖ
କେଉଁ ଦୋଷକୁ ରୋଷକରି କାନ୍ତକୁ ହେଲୁ ତୁ ଏଡ଼େ ବିମୁଖ ।

ରାଧା କୃଷ୍ଣଙ୍କୁ ଗାଳିଦେଇ କଥାଏ ସୁଦ୍ଧା ନକହିବାରୁ ସେ ଏହି କଥା ଘୋଷିଘୋଷି ଦୁଃଖିତ ହେଉଛନ୍ତି । ରାଧା କୃଷ୍ଣଙ୍କୁ ସମ୍ୟକ୍ ଭାବରେ ଚିହ୍ନି ନଥିବା ଦୋଷଦେଇ ବହୁପ୍ରକାର ଉପଦେଶ ଦେଇଛନ୍ତି । କୃଷ୍ଣଙ୍କ ମନ ଏତେ ବିପର୍ଯ୍ୟସ୍ତ ହୋଇଯାଇଛି ଯେ ସେ ଅତି ତୁଚ୍ଛ କାରଣକୁ ମଧ୍ୟ ବଡ଼ ବୋଲି ଭାବୁଛନ୍ତି ।

ଊର୍ଦ୍ଧ୍ୱ ନିଃଶ୍ୱାସ ଛାଡ଼ି କୃଷ୍ଣ କହୁଛି କଳାବୋଲି ଅବା ମୋତେ
ଅନ୍ତରି କଲୁ ଏତେ ଗରବୀ ଅଣହେଲା କରି ଚିତ୍ତେ ।

କୃଷ୍ଣ ଓ ରାଧାଙ୍କ 'ଘେନାଘେନି ଅନୁରାଗ'କୁ ଦୃଷ୍ଟାନ୍ତସହ ଦୂତୀ ରାଧାଙ୍କୁ ବୁଝାଇଛନ୍ତି ଏବଂ ରାଧା ଓ କୃଷ୍ଣ ଉଭୟଙ୍କର ଗୋପରେ ସ୍ଥାନ ନିରୂପମ ବୋଲି ଦର୍ଶାଇଛନ୍ତି ।

ଚନ୍ଦ୍ରଙ୍କୁ ଯେସନେ କ୍ଷୀରସିନ୍ଧୁ ମୀନ ଜଳଚର ସଙ୍ଗେ ମଣି
ଚେତନ ସ୍ଥାନେ ଆମ୍ଭେ ତୁମ୍ଭ ଦୁହିଁଙ୍କି ଗୋପ ସୁତାସୁତ ମଣି ।
ଚତୁର୍ଦ୍ଦଶ ଲୋକେ ଯେଉଁ ଦୁହିଁଙ୍କର ଉପମା ଦେବାକୁ ନାହିଁ
ଚନ୍ଦ୍ରାବଳୀ ଗୁଆଳୀ ଗଉଡ଼ୁଣୀ ଆମ୍ଭେ ତା ଜାଣିବୁ କାହିଁ ।

କବି ଅତି ଚମତ୍କାର ଭାବରେ ହୃଦକୋଠରୀର ଭାବୋଚ୍ଛ୍ୱାସ ସମୁଚିତ ଉପମା ସହ ପ୍ରକାଶ କରିପାରିଛନ୍ତି । ଉପଦେଶଗୁଡ଼ିକ ଅତି ଉପାଦେୟ ହୋଇଛି ।

ଭାଷା ଭାବାନୁରୂପ ହୋଇଛି । ପ୍ରେମପଞ୍ଚାମୃତ, ଉଦ୍ଧବ ଚଉତିଶା ଓ ଭୂପତି ଚଉତିଶାର ଭାବ ଓ ଭାଷା ଏକ ଶ୍ରେଣୀର । ଭୂପତି ଚଉତିଶାଟି ଓଡ଼ିଆ କବିତା ଭିତରେ ଉଚ୍ଚସ୍ଥାନ ଅଧିକାର କରିଛି, ଏଥିରେ ସନ୍ଦେହ ନାହିଁ ।

(୧) କାନକଟା ଗାଈ କା କାନ କାଟିଛି କେହି ନ କଲେ ବିବେକ
କଳଙ୍କ ହିଅନ୍ତି ଅକଳଙ୍କ ଜନେ ଏହି ମତି ଅବିବେକ ।

(୨) ଖଣ୍ଡ ହିଁ ଖଣ୍ଡନ କରେ ପ୍ରାଣୀ ପ୍ରାଣ କୋଚଲା ସଙ୍ଗତେ ଜଡ଼ି
ଖାଉଥାଇ ଯେହ୍ନେ କୁଭକ୍ଷ କୋକିଳ ବାୟସ ବସାରେ ପଡ଼ି ।

(୩) କ୍ଷୀର ନୀର ଯେହ୍ନେ ଅଭେଦ ପୀରତି ଖାର ମିଶି ଯାଏ ଛୁଡ଼ି
ଖଳ ଗୋବିନ୍ଦ ବିଷୟରେ ଶୁଣିଲେ ଗୁରୁ ପ୍ରଭୁଙ୍କୁ ହିଁ ଛାଡ଼ି ।

(୪) ଖଣ୍ଡିଏ ଲେମ୍ବୁହି ମିଶିଲେ କର୍ପୂର ପଇଡ଼ ଗରଳ ସରି
ଖଳ ମନ୍ତ୍ରୀ ବୋଲେ କ୍ଷଣକେ କାଶିଲା ମାନଗୋବିନ୍ଦର ଶିକ୍ଷା ।

(୫) ଗାଳିହିଁ ଦେଇ କଥାଏ ନ କହିଲୁ ଗୋବିନ୍ଦ ଏହି ତା ଦୋଷେ ।
ଗର୍ଜ୍ଜନ ବଜ୍ରାଘାତେ ସହେ ଗୃହକ ଜଳଚାତକର ଆଶେ ।

(୬) ଗଣ୍ଡି ଗଲା ହିଭ ପୀରତି ହାର ତୋ ଅଭଙ୍ଗ ଅପୂର୍ବ ରତନ
ଗଳାରେ ରଖୁ ରଖୁ ହେଲା ମଳିନ ସ୍ଫଟିକମାଳା ଯେସନ । ଇତ୍ୟାଦି

ଏହିପରି ବହୁ ସୁନ୍ଦର କବିତ୍ୱପୂର୍ଣ୍ଣ ପଦ ଏହି କ୍ଷୁଦ୍ର ଚଉତିଶାରେ ଥିବାରୁ ଏହା ଗ୍ରାହକମାନଙ୍କର ଅତି ଆଦର ଲାଭ କରିଛି । ପ୍ରତ୍ୟେକ ପଦରେ ଶିକ୍ଷଣୀୟ ବିଷୟ ସୁନ୍ଦର ପଦାବଳୀ ସାହାଯ୍ୟରେ ମନୋମୁଗ୍ଧକର ଶୈଳୀରେ ବ୍ୟକ୍ତ ହୋଇଥିବାରୁ ବୈଷ୍ଣବମାନଙ୍କ ପକ୍ଷରେ ଏହା ଯେପରି ହୃଦୟଗ୍ରାହୀ ହୋଇପାରିଛି, ଅନ୍ୟ ସାହିତ୍ୟରସିକମାନଙ୍କ ପକ୍ଷରେ ମଧ୍ୟ ସେପରି ଆଦରଣୀୟ ହୋଇଛି ।

ଦୂତୀ ଗୋପୀଙ୍କର ବହୁ ପ୍ରବୋଧବାକ୍ୟ ଶ୍ରବଣ କରିବାପରେ ରାଧାଙ୍କ ମନର ଅବସ୍ଥା ପରିବର୍ତ୍ତନ ହେଲା ଏବଂ ରାଧା ଦୂତୀସହ ଶ୍ରୀକୃଷ୍ଣଙ୍କ ସହିତ ମିଳିତ ହେବାପାଇଁ ଶ୍ରୀକୃଷ୍ଣଙ୍କ ନିକଟକୁ ଗମନ କଲେ । ଉଭୟଙ୍କର ସଙ୍କେତ ସ୍ଥଳରେ ଭେଟହେଲା ।

ସାନନ୍ଦେ ଦୂତୀ ଘେନି ସ୍ତ୍ରୀଯୁବତୀ କୃଷ୍ଣଙ୍କୁ ହସି ପ୍ରଣାମେ × ×
ଶ୍ରୀରାଧାକୃଷ୍ଣ ସଙ୍କେତ ଭେଟିରସ ସଂସାରରେ ଉପମା ନାହିଁ ।
ଶତେଅଂଶେ ଲକ୍ଷ୍ମୀନାରାୟଣ ହେଲେ ସେ ସୁଖ ଲଭିବେ କାହିଁ ଯେ ।

ରାଧାକୃଷ୍ଣଭକ୍ତ ବୈଷ୍ଣବ ଭୂପତି ଲକ୍ଷ୍ମୀନାରାୟଣଙ୍କ ଲୀଳା ଅପେକ୍ଷା ରାଧାକୃଷ୍ଣ ଲୀଳାକୁ ଉଚ୍ଚ ସ୍ଥାନ ଦେଇଛନ୍ତି । ଏହା କବି ତାଙ୍କର ଅନ୍ୟାନ୍ୟ ରଚନାମାନଙ୍କରେ ମଧ୍ୟ ବ୍ୟକ୍ତ କରିଅଛନ୍ତି ।

ରାଧାକୃଷ୍ଣ ପ୍ରେମତତ୍ତ୍ୱକୁ କବି ସର୍ବଶ୍ରେଷ୍ଠ ତତ୍ତ୍ୱ ବୋଲି ପ୍ରକାଶ କରିଅଛନ୍ତି । ସମ୍ପୂର୍ଣ୍ଣ କାମନା ବିନା କୃଷ୍ଣପ୍ରାପ୍ତି ଓ ରାଧାପ୍ରାପ୍ତି ସମ୍ଭବ ନୁହେଁ । ରାଧା ଓ କୃଷ୍ଣ ଉଭୟେ ଉଭୟଙ୍କୁ ସମ୍ପୂର୍ଣ୍ଣ କାମନା କରିବାରୁ ଉଭୟଙ୍କ ସମ୍ମିଳନ ହେଲା ।

ସୁଖ ନଦୀ ସିନ୍ଧୁ ସଙ୍ଗମ ଅଭେଦ ସମାନ ହେବାରେ ମନ
ସ୍ନେହ କଳ୍ପଲତା ସ୍ନେହ କଳ୍ପତରୁ ଦୁହେଁ ଦୁହିଁଙ୍କି ସମାନ ।
ସମ୍ପୂର୍ଣ୍ଣ କାମନା ରାଧା କଲେ ଶ୍ରୀକୃଷ୍ଣହିଁ ରାଧାଙ୍କର । × ×

## ଉଦ୍ଧବ ଚଉତିଶା

ଉଦ୍ଧବ ଓ ଗୋପାଙ୍ଗନାମାନଙ୍କର ସମ୍ବାଦ ଓଡ଼ିଆ ସାହିତ୍ୟରେ ଉଚ୍ଚ ସ୍ଥାନ ଅଧିକାର କରିଛି । ଭୂପତିଙ୍କ ପୂର୍ବରୁ ଓ ପରେ ମଧ୍ୟ ବହୁ କବି ଏହି ବିଷୟକୁ ଆଶ୍ରୟ କରି ବିବିଧ ପ୍ରକାର କବିତା ରଚନା କରିଛନ୍ତି । ଭୂପତିଙ୍କ "ଉଦ୍ଧବ ଚଉତିଶା" ଏହି କବିତାମାନଙ୍କ ଭିତରେ ଏକ ସର୍ବଜନାଦୃତ ପଦ୍ୟ ।

"ଉଦ୍ଧବ ଚଉତିଶା" ନାମରେ କବିଙ୍କର ଏକାଧିକ ରଚନା ଥିବା ଦେଖାଯାଏ । ଏଥି ଭିତରେ ଦୀନକୃଷ୍ଣ ଦାସଙ୍କର ଉଦ୍ଧବ ଚଉତିଶା, କୃଷ୍ଣ ଦାସଙ୍କର ଉଦ୍ଧବ ଚଉତିଶା ଓ ଭୂପତିଙ୍କ ଉଦ୍ଧବ ଚଉତିଶା ସୁପରିଚିତ ।

ଉଦ୍ଧବଙ୍କ ସମ୍ମୁଖରେ ଗୋପୀମାନେ କୃଷ୍ଣ ଗୁଣ ଗୁଣି ବହୁତ କହିସାରିଲା ପରେ ଜଣେ ଗୋପୀ କୃଷ୍ଣଙ୍କ ଯାବତୀୟ ବ୍ରଜଲୀଳା ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି । ତାଙ୍କର ଭର୍ତ୍ସନା ବ୍ୟାଜସ୍ତୁତି ଛଡ଼ା ଅନ୍ୟ କିଛି ନୁହେଁ । ପ୍ରଗାଢ଼ ଅକୃତ୍ରିମ ପ୍ରେମଜନିତ ଆତ୍ମସମର୍ପଣଦ୍ୱାରା ଅଭେଦ କଳ୍ପନାର ତତ୍ତ୍ୱ ଗୋପୀ-ମୁଖରେ କବି ପ୍ରକଟିତ କରିଛନ୍ତି ।

ଆଖିରୁ ଆମ୍ଭର ପ୍ରତିଚକ୍ଷୁ ପ୍ରାୟେ ଶ୍ରୀକୃଷ୍ଣ ଅନ୍ତର ହେଲ
ଅକ୍ଷରମାଯା ଅନୁସାରି ସହିତେ ପ୍ରେମ ପୁସ୍ତକ ହୋଇଲ ।
ଉଦ୍ଧବ ହେ, ଅନୁଭବ କରୁଁ କରୁଁ
ଆମ୍ଭେ କି କୃଷ୍ଣ କୃଷ୍ଣ ଆମ୍ଭ ଶରୀର ଦ୍ୱିତୀୟ ଭାବ ପାଶୋରୁଁ ।
ପୁଣି, ଘନଶ୍ୟାମ ବିନୁ ଘରେ କି ବାହାରେ ନୟନ ଦେଖୁ ଆନ । ×  ×

ଏହି ଅଭେଦ୍ୟ କଳ୍ପନା ମଧୁର ରସର ଫଳ । ଗୋପୀମାନେ କୃଷ୍ଣଙ୍କ ପ୍ରେମକ୍ରୀଡ଼ାକୁ ସର୍ବସ୍ୱ ମଣିଛନ୍ତି ।

ଛନ୍ଦ ଭୁଜଭୁଜେ ପ୍ରେମ ଆଲିଙ୍ଗନ ଚୁମ୍ବନ ପାନ ଅଧରୁ
ଛଛନ୍ଦେ କନ୍ଦର୍ପ କୁବେର ଭଣ୍ଡାର ରତିରତ୍ନ ଜିରିକରୁ
ଉଦ୍ଧବ ହେ, କ୍ଷଣେ ହେଲେ ଦେଖାଦେଖି
ତୃଣ ପ୍ରାୟେ କରି ବ୍ରହ୍ମା ରୁଦ୍ର, ଇନ୍ଦ୍ର ପଦ ସଂପଦକୁ ଲେଖି ।

କୃଷ୍ଣଙ୍କ ଆଜ୍ଞାନୁସାରେ ଉଦ୍ଧବ ଗୋପୀମାନଙ୍କୁ ଯୋଗ ସାଧନ କରି କୃଷ୍ଣଙ୍କୁ ଲାଭ କରିବାପାଇଁ ଉପଦେଶ ଦେଇଥିବାରୁ ଗୋପୀ ଯୋଗସାଧନ ଅପେକ୍ଷା ପ୍ରେମଭକ୍ତି ଶ୍ରେଷ୍ଠ ଥିବା ପ୍ରତିପାଦନ କରିଅଛନ୍ତି । ଗୋପୀ ପରିହାସ କରି ଉଦ୍ଧବଙ୍କୁ ଯୋଗସାଧନର ଅସାରତା ବ୍ୟକ୍ତ କରିଛନ୍ତି ।

(୧) ଯୋଗସାଧ ବୋଲି ବୋଲ ହେ ଉଦ୍ଧବ ! ଯଦୁନାଥ ଆଜ୍ଞା ଦେଲେ
କାଣିଲୁ କୁବୁଜା ଯୋଗେଶ୍ୱରୀ ତାଙ୍କୁ ଯୋଗମାର୍ଗ ଶିଖାଇଲେ ।
ଉଦ୍ଧବ ହେ, ଯଦୁ-ନାଥ ବଡ଼ ଯତି,
ଯୋଗ ଶିଖିଲୁ ଏକାଗ୍ରହେ ତା ତହୁଁ ଷୋଳ ସହସ୍ର ଯୁବତୀ ।

(୨) ଉଦ୍ଧବ ହେ, ନିର୍ଲଜ୍ଜ ଜାଇଛୁଁ ଆମ୍ଭେ
ନନ୍ଦସୁତ ଗୁଣ୍ଡି ନିରାକାର ଭଜ ଶୁଣିଲୁ କହୁଛ ତୁମ୍ଭେ ।

(୩) ଉଦ୍ଧବ ହେ, ଝଙ୍କଧର ନୋହୁ ଆମ୍ଭେ
ଟେକ ହୃଦସ୍ଥ କମଳ ଛଡ଼ି ନନ୍ଦ ଭେଦ କହୁଅଛ ତୁମ୍ଭେ । ଇତ୍ୟାଦି ।

ଗୋପୀସାର ତତ୍ତ୍ୱଟି ଅଳ୍ପପଦରେ ଏପରି ବ୍ୟକ୍ତ କରିଛନ୍ତି—

ଅନେକ ତପ ଜପ ତୀର୍ଥ ବ୍ରତରେ ନ ପାରନ୍ତି ମୁନି ଧରି
ଅନୁମାନ ଅନୁଭବ ହିଁ କଲୁଣି ଅନୁରାଗବଶ ହରି ହେ ।
ଉଦ୍ଧବ ହେ, ଅତି ପ୍ରେମ ହେମ ରଙ୍କ
ଆଶା ପୂର୍ଣ୍ଣକଲେ ଗାଈ ଗୋପୀଙ୍କର ହୋଇ ସେ ବଚ୍ଛା ବାଳକ ।

କବି ଅତି ସୁନ୍ଦର ପଦରେ ଗୋପୀମାନଙ୍କର 'ମାନ'କୁ ପ୍ରକାଶ କରିଛନ୍ତି ।

ତାଙ୍କ ତୁଲେ ଆମ୍ଭେ ମାନବତୀ ହେଲେ ଗୁଞ୍ଜଫଳ ପ୍ରାୟେ ଦିଶୁ
ତନୁପାକ ଦିବ୍ୟ ଅନୁରାଗ ପୂରି ମୁଖରେ ଛମ ପ୍ରକାଶୁଁ ।
ଉଦ୍ଧବ ହେ, ତୁଟି ଦେଉଥାଉଁ ଗାଳି
ଚରଣ ଧରି ଚରଣ ତଳେ ପଡ଼ି ଗୃହଁ କହେ ବନମାଳୀ ।

ଭୂପତି ଏହିପରି ଅନେକ ରମଣୀୟ ପଦ ରଚନା କରିଛନ୍ତି । କବିତାଟିରେ ଉପମା ଓ ଆନୁପ୍ରାସର ବହୁଳ ବ୍ୟବହାର ହୋଇଥିବାରୁ କବିତାଲତାଟି ଦିବ୍ୟ କୁସୁମରେ ମଣ୍ଡିତ ହୋଇ, ପରମ ଶୋଭା ଧାରଣ କରି ଜନମନକୁ ରଞ୍ଜନ କରୁଛି ।

ଉଦ୍ଧବ ଗୋପୀମାନଙ୍କଠାରୁ ଏ ପ୍ରେମତତ୍ତ୍ୱ ଶ୍ରବଣ କରି ମଥୁରାକୁ ଫେରି-ଯାଇ ଅତି ଚମତ୍କାର ଭାବରେ ଗୋପୀମାନଙ୍କର ଭାବ-ଭଙ୍ଗୀକୁ ପ୍ରକାଶ କରିଛନ୍ତି ।

ସଚେତ ହୋଇଣ କହଇ ଉଦ୍ଧବ ସନ୍ଦେଶ ଗୋପପୁରର
ସବୁ ଗୋପୀଏ ମାଗିଛନ୍ତି ଗୋସାଇଁ ପ୍ରେମ ପାଦସେବା ମନ୍ତ୍ରର
ମହାପ୍ରଭୁ, ସଦା ଭକ୍ତଭାବ ଶୁଣି
ସମ ନୋହନ୍ତି ସେ ବଶ୍ୱରେ ଗୋପିକା ଗୋଟିଏ ଗୋଟିଏ ମୁନି ।

---

# ସପ୍ତମ ପରିଚ୍ଛେଦ

## ବୃନ୍ଦାବତୀ ଦାସୀ, ଭୀମ ଦାସ

ବୃନ୍ଦାବତୀ ଦାସୀ ସପ୍ତଦଶ ଶତାବ୍ଦୀର ଜଣେ ବୈଷ୍ଣବ ସୁଲେଖିକା । ତାଙ୍କ ପୂର୍ବରୁ ଓ ପରେ ଓଡ଼ିଶାରେ ବୈଷ୍ଣବ ଲେଖିକା ଥିବା ଜଣା ଯାଉଥିଲେ ମଧ୍ୟ ସେମାନଙ୍କ ରଚନା ସମ୍ବନ୍ଧରେ ବିଶେଷ କିଛି ଜଣା ଯାଇନାହିଁ । ପ୍ରତାପରୁଦ୍ର ବା ପଞ୍ଚସଖା ଯୁଗର ଭକ୍ତ ମାଧବୀ ଦାସୀ କେତେକ ଶ୍ରେଷ୍ଠ ଶ୍ରେଷ୍ଠ ଭକ୍ତିରସାତ୍ମକ କବିତା ବଙ୍ଗଳା ଓ ଓଡ଼ିଆ ଭାଷାରେ ଲେଖିଥିବା ଜଣାଯାଏ । କିନ୍ତୁ ପରେ ଆଉ କୌଣସି ନାରୀକବିଙ୍କ କୃତିମାନଙ୍କ ସମ୍ବନ୍ଧରେ ତଥ୍ୟ ମିଳୁନାହିଁ । ବୃନ୍ଦାବତୀ ହିଁ ସର୍ବାପେକ୍ଷା ଉଲ୍ଲେଖଯୋଗ୍ୟ ପ୍ରାଚୀନ ନାରୀକବି ବୋଲି ମନେହୁଏ । ସେ କବି ଓ ପଣ୍ଡିତା ଥିବାରୁ ତାଙ୍କର ଆସନ ସାହିତ୍ୟ ରାଜ୍ୟରେ ଉଚ୍ଚ । ଏହାଛଡ଼ା ସେ ଜଣେ ସାହିତ୍ୟିକ ପରିବାରର ଜଣେ ମୁଖ୍ୟ ସାହିତ୍ୟିକା, ସାହିତ୍ୟିକଙ୍କ ମାତା ଓ ପିତାମହୀ ଥିବାରୁ ତାଙ୍କର ପ୍ରସିଦ୍ଧି ବିଶିଷ୍ଟ ସ୍ଥାନ ଅଧିକାର କରିଛି ।

କବି ସପ୍ତଦଶ ଶତାବ୍ଦୀର ଶେଷ ବର୍ଷରେ 'ପୂର୍ଣ୍ଣତମ ଚନ୍ଦ୍ରୋଦୟ' ଗ୍ରନ୍ଥଟି ରଚନା କରିଥିଲେ । ସେତେବେଳକୁ ତାଙ୍କ ପତି, ପୁତ୍ର ଓ ନାତି ମଧ୍ୟ ବିବିଧ ବୈଷ୍ଣବ ଗ୍ରନ୍ଥ ରଚନା କରି ସାରିଥିଲେ ।

ବୃଦ୍ଧାବସ୍ଥାରେ ସେ ଗ୍ରନ୍ଥଟି ରଚନା କରିଥିଲେ ବୋଲି ଅନୁମାନ କରିବା ଠିକ୍ ହେବ । ବୃନ୍ଦାବତୀଙ୍କ ପୁତ୍ର ଭୀମ ଦାସ ମଧ୍ୟ 'ଭକ୍ତ ଚନ୍ଦ୍ରୋଦୟ'ରେ ଯେଉଁ ସମୟ ଦେଇଛନ୍ତି ତାହା ଏହା ସହିତ ମେଳ ହେଉଛି ।

"ପୂର୍ଣ୍ଣତମ ଚନ୍ଦ୍ରୋଦୟ" ବ୍ୟତୀତ କବି ଆଉ କୌଣସି ଗ୍ରନ୍ଥ କିମ୍ବା କବିତାଦି ରଚନା କରିଥିବା ଜଣାଯାଇ ନାହିଁ ।

"ଚନ୍ଦ୍ରୋଦୟ" ନାମଟି ବୃନ୍ଦାବତୀଙ୍କ କୁଟୁମ୍ବର କବିମାନଙ୍କର ଅତି ପ୍ରିୟ ଥିବା ଜଣା ଯାଉଛି, କାରଣ ସେମାନଙ୍କ ଗ୍ରନ୍ଥର ନାମରେ "ଚନ୍ଦ୍ରୋଦୟ" ପଦଟି ଥିବା ଦେଖାଯାଏ । ବୃନ୍ଦାବତୀଙ୍କ ସ୍ୱାମୀ ଚନ୍ଦ୍ରଶେଖର ମହାପାତ୍ର (ଦାସ) "ଶ୍ରୀକୃଷ୍ଣତତ୍ତ୍ୱ ଚନ୍ଦ୍ରୋଦୟ", ପୁତ୍ର ଭୀମ ଦାସ 'ଭକ୍ତ ଚନ୍ଦ୍ରୋଦୟ' ନାତି କୃପାସିନ୍ଧୁ ଦାସ "ଉପାସନା ଚନ୍ଦ୍ରୋଦୟ" ଗ୍ରନ୍ଥ ରଚନା କରିଛନ୍ତି । ଚନ୍ଦ୍ରଶେଖରଙ୍କ ନିର୍ବାଚିତ 'ଚନ୍ଦ୍ରୋଦୟ' ପଦଟି ତାଙ୍କର ସ୍ତ୍ରୀ, ପୁତ୍ର ଓ ନାତି ଆଦରରେ ବ୍ୟବହାର କରିଥିବା ସ୍ପଷ୍ଟ ହେଉଛି ।

ଚନ୍ଦ୍ରଶେଖରଙ୍କ କୁଟୁମ୍ବର ସମସ୍ତେ ବ୍ରଜବୈଷ୍ଣବ ଏବଂ ସମସ୍ତେ ସ୍ୱ ସ୍ୱ ଶକ୍ତି ଅନୁସାରେ ବ୍ରଜ ବୈଷ୍ଣବତତ୍ତ୍ୱ ପ୍ରତିପାଦନ କରି ପଦ୍ୟ ଗ୍ରନ୍ଥ ରଚନା କରିଛନ୍ତି । ଚନ୍ଦ୍ରଶେଖରଙ୍କ ଗ୍ରନ୍ଥର ନାମୋଲ୍ଲେଖ "ପୂର୍ଣ୍ଣତମ ଚନ୍ଦ୍ରୋଦୟ"ରେ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାର ସନ୍ଧାନ ମିଳିନାହିଁ । ଭୀମଦାସଙ୍କ 'ଭକ୍ତ ଚନ୍ଦ୍ରୋଦୟ', ଓ 'ଭକ୍ତରତ୍ନାବଳୀ' ପ୍ରକାଶିତ ହୋଇଥିଲେ ମଧ୍ୟ ବର୍ତ୍ତମାନ ତାହା ଦୁଷ୍ପ୍ରାପ୍ୟ । କୃପାସିନ୍ଧୁଙ୍କ ଉପାସନା ଚନ୍ଦ୍ରୋଦୟ ଗ୍ରନ୍ଥଟି ଅପ୍ରକାଶିତ ।

କୃପାସିନ୍ଧୁ ଦାସ ନାମରେ ଆଉଜଣେ କବି "ବ୍ରଜବିହାର" ନାମକ କାବ୍ୟଟିଏ ଲେଖିଛନ୍ତି । ତାଙ୍କ ନିବାସସ୍ଥାନ କଟକ ଜିଲ୍ଲା ତାଳଯୋଡ଼ା ଗ୍ରାମ । ଖୋର୍ଦ୍ଧା ରାଜା ବୀରକିଶୋର ଦେବଙ୍କ ରାଜତ୍ୱର (ଖ୍ରୀ:୧୭୩୬-୯୨) ୧୩ଶ ଅଙ୍କ ବା ଖ୍ରୀ: ୧୭୪୭ ରେ ସେ ବ୍ରଜବିହାର କାବ୍ୟଟି ଲେଖିଥିଲେ । ତାଙ୍କ ପିତାଙ୍କ ନାମ ଭଗୀରଥୀ ଖରସୁଧା ପଟ୍ଟନାୟକ । ଏ ମଧ୍ୟ ପୁରୀରେ ଥିଲେ । ତାଙ୍କ ପିତା ରାଜାଙ୍କ ହୁଆସ କୋଠକରଣ ଥିଲେ ।

ଧନଞ୍ଜୟ ଭଞ୍ଜ ଓ ଉପେନ୍ଦ୍ର ଭଞ୍ଜ ଯୁଗରେ ଶବ୍ଦାଳଙ୍କାରବହୁଳ ବର୍ଣ୍ଣନା-ବିଶିଷ୍ଟ କାଳ୍ପନିକ କାବ୍ୟର ପ୍ରାଧାନ୍ୟ ଥିବା ସ୍ଥଳରେ ପୂର୍ଣ୍ଣୋତ୍ତମ ଚନ୍ଦ୍ରୋଦୟ, ଶ୍ରୀକୃଷ୍ଣତତ୍ତ୍ୱ ଚନ୍ଦ୍ରୋଦୟ, ଭକ୍ତି ଚନ୍ଦ୍ରୋଦୟ ଉପାସନା ଚନ୍ଦ୍ରୋଦୟ ପ୍ରଭୃତି ଭକ୍ତିତତ୍ତ୍ୱ ବିବରଣାତ୍ମକ କାବ୍ୟର ଆବିର୍ଭାବ ଆପାତତଃ ବିସ୍ମୟକର ବୋଧ ହେବ; ଦେଶର ସାହିତ୍ୟିକ ଓ ସାମାଜିକ ଜୀବନର ଉଦାରତା ସବୁ ଶ୍ରେଣୀର ସାହିତ୍ୟର ଆବିର୍ଭାବକୁ ଶ୍ରଦ୍ଧାର ସହିତ ଗ୍ରହଣ କରି ନେଇଛି । ରାଧାକୃଷ୍ଣ ତତ୍ତ୍ୱର ଶାସ୍ତ୍ରାନୁମୋଦିତ, ବ୍ରଜପନ୍ଥୀ ସମର୍ଥିତ ଓ ପ୍ରତିପାଦିତ ବ୍ୟାଖ୍ୟା "ଭାଷା"ରେ ରଚନା କରି ଲୋକହିତ ପାଇଁ ପ୍ରଚାର କରିବା ଏବଂ ନିଜେ ଧାର୍ମିକ କାର୍ଯ୍ୟରେ ଲିପ୍ତରହି ତଦ୍ଦ୍ୱାରା ଆରାଧିତ ଦେବତାଙ୍କର ସେବା କରିବା ଆକାଙ୍କ୍ଷା ଏପରି ଗ୍ରନ୍ଥ ରଚନା କରିବା ପାଇଁ କବିମାନଙ୍କୁ ଉଦ୍‌ବୁଦ୍ଧ କରିଛି । ତତ୍ତ୍ୱମାର୍ଜିତ ଭାଷା ଓ ଭକ୍ତର ବ୍ୟାକୁଳତାର ପ୍ରକଟନ ପ୍ରଭୃତି ଦୃଷ୍ଟିରୁ ଏହି ଗ୍ରନ୍ଥଗୁଡ଼ିକ ସେହି "କାବ୍ୟଯୁଗ"ରେ ମଧ୍ୟ ଜନସାଧାରଣଙ୍କର ଆଦର ଲାଭ କରିଛି ଏବଂ ବ୍ରଜପନ୍ଥୀ ବୈଷ୍ଣବମାନଙ୍କ ଦ୍ୱାରା "ଶାସ୍ତ୍ରଗ୍ରନ୍ଥ" ରୂପେ ଗୃହୀତ ହୋଇଛି । ଏହି ଗ୍ରନ୍ଥ-ମାନଙ୍କରେ ମୌଳିକ ବ୍ୟାଖ୍ୟାର ପରିଚୟ ଯଥେଷ୍ଟ ପରିମାଣରେ ମିଳୁ ନଥିଲେ ମଧ୍ୟ ଶତାଧିକ ପ୍ରାମାଣିକ ଗ୍ରନ୍ଥର ସୂଚନା ଏଗୁଡ଼ିକୁ ପ୍ରାମାଣିକ ଗ୍ରନ୍ଥର ଗୌରବ ଦାନ କରିଛି ।

ପରବର୍ତ୍ତୀକାଳରେ ଦାଶରଥି ଦାସ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ପ୍ରଭୃତି ବ୍ରଜପନ୍ଥୀ ବୈଷ୍ଣବମତ ସମର୍ଥିତ ଶାସ୍ତ୍ରାଦିରେ ପ୍ରତିପାଦିତ ବିଷୟକୁ ଆଶ୍ରୟ କରି ଅନେକ ଗ୍ରନ୍ଥ ରଚନା କରି ସ୍ୱସମ୍ପ୍ରଦାୟରେ ଗୌରବ ଲାଭ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ସାହିତ୍ୟର ଧାର୍ମିକ ବିଭାଗର ପୁଷ୍ଟି ସାଧନ କରିଛନ୍ତି ।

ଗ୍ରନ୍ଥ ରଚନାର କାଳ—'ପୂର୍ଣ୍ଣୋତ୍ତମ ଚନ୍ଦ୍ରୋଦୟ' ଗ୍ରନ୍ଥଟି ଶକାବ୍ଦ ୧୬୨୧ ବା ଖ୍ରୀ: ୧୬୯୯ରେ ସମ୍ପୂର୍ଣ୍ଣ ହୋଇଥିବା କବି ନିଜେ ବ୍ୟକ୍ତ କରିଛନ୍ତି ।

ଶକେ ଅବଦ ଛଅଦଶ ଶତ ଏକବିଂଶ ବରଷ ।
ଦିବ୍ୟସିଂହ ଦେବ ରାଜନ ତିଦଶ ଅଙ୍କେ ଏ ରଚନ ।

ବୈଶାଖ ମାସେ ଶୁକ୍ଳପକ୍ଷେ, ପଞ୍ଚମୀ ମୃଗଶିରା ଋକ୍ଷେ,
ଶୁଭ ହୋଇଲା ଗ୍ରନ୍ଥ ଶେଷ, ଶୁଣି ସକଳ ପାପ ନାଶ । (୨୦ଶ ଅଃ)

ସେତେବେଳକୁ ଦିବ୍ୟସିଂହ ଦେବଙ୍କ ରାଜତ୍ୱର ୧୩ଶ ଅଙ୍କ । କବି ପ୍ରଦତ୍ତ ସମୟ ହିଁ ପ୍ରାମାଣିକ । ଏଥିରୁ ଜଣାଯାଉଛି ଯେ ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବ ଖ୍ରୀ:୧୬୮୮ରେ ସିଂହାସନାରୋହଣ କରିଥିଲେ । ଏ ରାଜାଙ୍କ ରାଜତ୍ୱ ସମୟ ନେଇ ବିଭିନ୍ନ ମତ ଦେଖାଯାଉଛି ; ଏହି ରାଜତ୍ୱର ଆରମ୍ଭ ସମୟ ନିର୍ଣ୍ଣୟରେ ତିନି ଚାରି ବର୍ଷ ପ୍ରଭେଦ ରହୁଛି ; କିନ୍ତୁ ବୃନ୍ଦାବତୀଙ୍କ ପ୍ରଦତ୍ତ ସମୟ ଏକାନ୍ତ ଗ୍ରହଣୀୟ ।

ନାୟିକାଙ୍କ ଘର ପୁରୀଜିଲା ଅନ୍ତର୍ଗତ ମଲପଡ଼ା ଗ୍ରାମରେ । ପୁରୀ ନଗରଠାରୁ ପ୍ରାୟ "ଦୁଇ ଯୁଣ" ବା ପ୍ରାୟ ଷୋଳ ମାଇଲ ଦୂରରେ ଏହି ଗ୍ରାମଟି ଅବସ୍ଥିତ । ମଲପଡ଼ାର ବିଶିଷ୍ଟ କରଣ ପରିବାରରେ ବୃନ୍ଦାବତୀ ବିବାହ କରିଥିଲେ । ସ୍ୱାମୀଙ୍କ ନାମ ଚନ୍ଦ୍ରଶେଖର ମହାପାତ୍ର । ଚନ୍ଦ୍ରଶେଖରଙ୍କ ପରିବାରଟି ପୁରୁଷାନୁକ୍ରମେ ବ୍ରଜବୈଷ୍ଣବପନ୍ଥୀ । ବୃନ୍ଦାବତୀଙ୍କ ପିତାଙ୍କ କୁଟୁମ୍ବ ମଧ୍ୟ ମହାପାତ୍ରଙ୍କ କୁଟୁମ୍ବ ପରି ବ୍ରଜବୈଷ୍ଣବପନ୍ଥୀ । ବୃନ୍ଦାବତୀଙ୍କ ପିତାମାତାଙ୍କ ନାମାଦି ବିଷୟର ପରିଚୟ ମିଳୁନାହିଁ । ଚନ୍ଦ୍ରଶେଖରଙ୍କ ପରିବାର ବୈଷ୍ଣବ ଥିବାରୁ କୁଳସଂଜ୍ଞା 'ମହାପାତ୍ର' ବଦଳରେ ବୈଷ୍ଣବୋଚିତ "ଦାସ" ସଂଜ୍ଞା ଗ୍ରହଣ କରିଥିଲେ । ଚନ୍ଦ୍ରଶେଖରଙ୍କ ପୁତ୍ର ଭୀମ ଦାସ 'ଭକ୍ତ ଚନ୍ଦ୍ରୋଦୟ' ଗ୍ରନ୍ଥରେ ନିଜକୁ ଭୀମସେନ ମହାପାତ୍ର ଓ ଭୀମସେନ ଦାସ ଉଭୟ ନାମରେ ପରିଚିତ କରାଇ ଅଛନ୍ତି । 'ମହାପାତ୍ର' ଉପାଧି ଓ କୁଳସଂଜ୍ଞା 'ଦାସ' ଥିବା ମଧ୍ୟ ଅନୁମାନ କରାଯାଇପାରେ ।

ଚନ୍ଦ୍ରଶେଖରଙ୍କ ପିତାଙ୍କ ନାମ ଜଗନ୍ନାଥ । ଶ୍ୱଶୁର, ସ୍ୱାମୀ, ନିଜେ, ପୁତ୍ର, ନାତି ସମସ୍ତେ କବି ଓ ସମସ୍ତେ ବୈଷ୍ଣବତତ୍ତ୍ୱ ଗ୍ରନ୍ଥ ରଚନା କରିଛନ୍ତି ।

 କରଣ କୁଳରେ ସମ୍ଭୂତ, ପତି ମୋ ବିଷ୍ଣୁରେ ଭକତ ।
ଚନ୍ଦ୍ରଶେଖର ଦାସ ନାମ, ଜଗନ୍ନାଥ ଦାସ ନନ୍ଦନ ।

ସଦନ ମଲପଡ଼ା ଗ୍ରାମେ, ବିଷ୍ଣୁସେବକ କୁଳ କ୍ରମେ ।
(ପୃ: ଚ: ୧ମ ଅ:)
ଗୃହ ମୋହର ମଲପଡ଼ା, କ୍ଷେତ୍ରକୁ ଦୁଇଯୁଣ ଛଡ଼ା । (୨୦ଶ: ଅ:)

ଚନ୍ଦ୍ରଶେଖରଙ୍କ ପରିବାର ପୁରୁଷାନୁକ୍ରମରେ କୃଷ୍ଣଭକ୍ତ 'ଗୃହସ୍ଥ ଧର୍ମ'ରେ ରହି ପ୍ରଭୁଙ୍କ ସେବା କରୁଥିଲେ ଏବଂ ପ୍ରଭୁଙ୍କ ସମ୍ବନ୍ଧରେ ଜଗତ ଜନଙ୍କ ହିତରେ ଗୀତ ରଚନା କରି ନିଜର କର୍ତ୍ତବ୍ୟ ସାଧନ କରୁଥିଲେ ।

ଆହୁରି ଶୁଣିମା ସୁଜନେ, ମୋ କୁଳ ପରଂପରା କ୍ରମେ ।
ଶ୍ୱଶୁର ପତି ପୁତ୍ର ନାତି, ଆଦିରେ ଯେତେକ ଅଛନ୍ତି ।
ସେ ପିତା ପିତାମହ କ୍ରମେ, କୃଷ୍ଣ ସେବକ କୁଳଧର୍ମେ ।
ସାଧୁଚରଣ ସେବା କରେ, ଯେ ନିଜ କୁଳ ଭାଗ୍ୟ ବଳେ ।
ଜଗତ ଜନଙ୍କର ହିତେ, କୃଷ୍ଣ ମହିମା କଲେ ଗୀତେ ।
ସମସ୍ତେ ଅଟନ୍ତି ଯେ କବି, କୃଷ୍ଣ ପଦ୍ମଚରଣ ସେବି । × ×
( ୨୦ଶ ଅଧ୍ୟାୟ )

ସମସ୍ତେ କୃଷ୍ଣ କଥା ଗୀତରେ ରଚନା କରୁଥିବାରୁ କବି ନିଜେ ଏଥିରେ ଉଦ୍‌ବୁଦ୍ଧ ହୋଇ ଲେଖନୀ ଧାରଣ କରିଥିଲେ ।

ଏ ଭାବେ ପତି ପୁତ୍ର ନାତି, ସମସ୍ତେ କୃଷ୍ଣ ପାଦେ ଭକ୍ତି ।
ହେତୁରେ କୃଷ୍ଣ କଥା ଗୀତେ, ରଚନା କରନ୍ତି ସମସ୍ତେ ।
ଏ ଯେନ ମୁହିଁ ସେ ଶ୍ରଦ୍ଧାରେ, ଶ୍ରୀକୃଷ୍ଣ ଭକ୍ତି କାରଣରେ ।
ରଚନା କଲଇଁ ଏ ଗୀତ, କୃଷ୍ଣ ଚରଣେ ଦେଇ ଚିତ୍ତ । (୨୦ଶ ଅ:)

ପରିବାରର କବିଗୌରବ, କୃଷ୍ଣ ଭକ୍ତି, ଜଗତଜନହିତ ବୃନ୍ଦାବତୀଙ୍କୁ ଗୀତ ରଚନା କରିବା ପାଇଁ ପ୍ରେରଣା ଦେଇଥିଲା । କୁଟୁମ୍ବର ଉଚ୍ଚଶିକ୍ଷା, ସାମ୍ପ୍ରଦାୟିକ ମର୍ଯ୍ୟାଦା ତାଙ୍କୁ 'ଶିକ୍ଷିତ' କରିବାରେ ସାହାଯ୍ୟ କରିଥିଲା, ଏଥିରେ ସନ୍ଦେହ ନାହିଁ । କୁଳ ଭୁଆସୁଣୀଙ୍କ ପକ୍ଷରେ ଶିକ୍ଷାଲାଭ କରିବା, ଗୀତ ରଚନା କରିବା ସୌଭାଗ୍ୟ ଦୁର୍ଲ୍ଲଭ ।

ପୁରୁଷୋତ୍ତମ ଚନ୍ଦ୍ରୋଦୟରେ କବି ତତ୍ତ୍ୱ ବିଚାର ପ୍ରସଙ୍ଗରେ ଯେଉଁ ଶତାଧିକ ସଂସ୍କୃତ ଗ୍ରନ୍ଥର ନାମକରଣ କରିଛନ୍ତି ଓ ପ୍ରମାଣ ଉଦ୍ଧାର କରିଛନ୍ତି, ସେଥିରୁ ତାଙ୍କର ପାଣ୍ଡିତ୍ୟର ଗଭୀରତା ସ୍ପଷ୍ଟ ପ୍ରକାଶ ପାଉଛି ।

ଗ୍ରନ୍ଥ ରଚନାରେ କବି ସ୍ୱାମୀଙ୍କଠାରୁ ସାହାଯ୍ୟ ପାଇଥିବା ଉଲ୍ଲେଖ କରିଛନ୍ତି । ଦିନେ ସେ ସ୍ୱାମୀଙ୍କୁ କୃଷ୍ଣଙ୍କ ପୁରୁଷୋତ୍ତମଲୀଳା ପ୍ରସଙ୍ଗ ପ୍ରଶ୍ନ କରିଥିଲେ— କୃଷ୍ଣଙ୍କର ଗୋପ, ମଥୁରା, ଦ୍ୱାରକା ଏ ତିନି ଲୀଳା ଭିତରେ ପୁରୁଷୋତ୍ତମ, ପୁରୁଷୋତ୍ତର ଓ ପୂର୍ଣ୍ଣ କେଉଁଠାରେ ? କୃଷ୍ଣଙ୍କର ରୂପ, ବୟସ, ଅଙ୍ଗଶୋଭା, ଲକ୍ଷଣ, ବେଶ, ସେବା, ଭାବନା ପ୍ରଭୃତି ବିଷୟ ମଧ୍ୟ ପ୍ରଶ୍ନକରି ସେ ଉତ୍ତର ମାଗିଥିଲେ ।

ଦିନେ ମୁଁ ପୂର୍ବ ଭାଗ୍ୟ ବଶେ, ପୁଚ୍ଛା କଲି ତାଙ୍କ ପାଶେ ।
ହେ ନାଥ କୃପା ମୋତେ କର, କହିବ ଏକ ଯେ ବିଚାର ।
ନିତ୍ୟ ଗୋଲକ ପୁରୁଷୋତ୍ତମ, ଅନନ୍ତ ସ୍ୱରୂପ ଉତ୍ତମ । × ×
ପ୍ରଭୁ ରହଣ ମର୍ତ୍ତ୍ୟପୁର, ଲୀଳା ଯେ ତିନିଠାର ।
ଏ ତିନିଠାରୁ କେଉଁଠାରେ, ପୁରୁଷୋତ୍ତମ ତା ପ୍ରକାଶିଲେ ।
ରହଣ କେବଣହିଁ ଦେଶେ, ଆବର କେବଣ ବୟସେ । × ×

ଇତ୍ୟାଦି । ୨ୟ ଅଃ ।

ଯେତେକ ବିଚାର ତହିଁରେ, ତାହା ସବୁ ବିଶେଷି ମୋହରେ ।
ମୋ ଆଗେ କହିବା ସେ ଧ୍ୟାନ, ଏ ମୋର ଭକତି ଯେଜନଣ ।
ଶୁଣି ହୋଇବି ଭବୁଁ ପାର, ହେ ପ୍ରଭୁ ମୋତେ କୃପାକର ।
ନମିଲି ପତିଙ୍କର ପାଦେ, ପ୍ରଭୁ ଯେ ତୋଳିଲେ ଆନନ୍ଦେ । × ×

(୨ୟ ଅଧ୍ୟାୟ)

ସ୍ୱାମୀ ସ୍ତ୍ରୀଙ୍କୁ ଗୁରୁଙ୍କ ମୁଖରୁ ବାହାରିଥିବା ଅତ୍ୟନ୍ତ ଗୁପତ ଏ ବାଣୀକୁ କହିଲେ—

ବୋଲନ୍ତି ଶୁଣ ଗୋ ତରୁଣୀ, ଅତ୍ୟନ୍ତ ଗୁପତ ଏ ବାଣୀ ।
ଗୁରୁଙ୍କ ଶ୍ରୀମୁଖୁ ବାହାର, ଭଜନେ ତତ୍ତ୍ୱ ଯେ ବିଚାର ।
ନନ୍ଦନନ୍ଦନ ଭଗବାନ, ତାହାଙ୍କ ପୁରୁଷୋତ୍ତମ ଧ୍ୟାନ ।

ଏହି ଧ୍ୟାନ ପ୍ରସଙ୍ଗ ଦେବତାମାନଙ୍କୁ ମଧ୍ୟ ଅଗୋଚର; ଏଣୁ ଏ ଅତ୍ୟନ୍ତ ଗୁପ୍ତ ଥିବାରୁ ବହୁତ ଖ୍ୟାତ କରିବା ଉଚିତ ନୁହେଁ ବୋଲି ସ୍ୱାମୀ କହିଲେ । ବିଶେଷ କରି ସତର୍କ କରାଇ ଦେଲେ—

ଯେ ଯେ ଶ୍ରୀକୃଷ୍ଣ ଭକ୍ତଜନେ, କହିବ ତାଙ୍କ ସନ୍ନିଧାନେ ।
ଅଭକ୍ତ ଜନଙ୍କ ଆଗରେ, ଏ ଧ୍ୟାନ ନ କହି ବେଖିରେ । × ×
(୨ୟ ଅ:)

କୃଷ୍ଣଙ୍କ ଗୋପଲୀଳା ଲୀଳାମାନଙ୍କରେ ଶ୍ରେଷ୍ଠ; ବୟସରେ କିଶୋର ବୟସ ଶ୍ରେଷ୍ଠ, କିଶୋର ବୟସ ଶ୍ରେଷ୍ଠ ଥିବାରୁ ପୁରୁଷ -ଉତ୍ତମ ପୂର୍ଣ୍ଣତମ ବୋଲାଇଲେ । ଶ୍ରୀ ବୃନ୍ଦାବନରେ ସପ୍ତାବରଣ- ମଧ୍ୟରେ ରାଧା, ସୋମାଭା (ଚନ୍ଦ୍ରାବଳୀ) ଙ୍କ ସହିତ ଆଭୀର ନଟବର ବେଶରେ ତ୍ରିଭଙ୍ଗି ଛନ୍ଦରେ ଅଧର ତଳେ ବଂଶୀ ଧାରଣ କରି, ସନ୍ତାନପାଦପ ମୂଳରେ ମଣି ନିର୍ମିତ ବେଦୀ ଉପରେ ଛିଡ଼ାହୋଇ କୃଷ୍ଣ ଅସାଧାରଣ ଗୁଣମାନ ପ୍ରକାଶ କଲେ ।

କୀର୍ତ୍ତି ଅସମ ପ୍ରିୟବେନ, ଶ୍ରୀଅଙ୍ଗ ଶୋଭା ବେଣୁ ଧ୍ୱନି ।
ଏ ଆଦି ଗୁଣେ ବୃନ୍ଦାବନେ, ହେଲେ ନୁହନ୍ତି ଆନ ସ୍ଥାନେ ।
ଏଣୁ ଶ୍ରୀ ବୃନ୍ଦାବନେ ପୂର୍ଣ୍ଣ-ତମ ବୋଲନ୍ତି ନନ୍ଦନାନ ।

ଏହି ପ୍ରସଙ୍ଗ ଅନୁସରଣ କରି ସ୍ୱାମୀ ସ୍ତ୍ରୀଙ୍କୁ ବହୁ ପୁରାଣ ଓ ଭକ୍ତି ଗ୍ରନ୍ଥରୁ ଅନେକ ସିଦ୍ଧାନ୍ତ ଉଦ୍ଧାର କରି କହିଲେ । ନାୟିକବି ଲେଖିଛନ୍ତି—

ମୁଁ ତ ସ୍ୱଭାବେ ସ୍ତ୍ରୀଜନ, ମୂଢ଼ ଆବର ଜ୍ଞାନଶୂନ୍ୟ ।
ସେ ସବୁ ସିଦ୍ଧାନ୍ତ ବିସ୍ତର, ମନେ ରହିଲା ନାହିଁ ମୋର ।
ତହୁଁ ଥୋକାଏ ସାମାନ୍ୟରେ, ଜାଣି ବିସ୍ତରିଲି ମନରେ ।
ଭାଷା ଗୀତରେ କହିବଇଁ, ବିସ୍ମୃତି ନୋହିବାର ପାଇଁ ।
ଆବର କୃଷ୍ଣର ଚରିତ, କହିବି ହୋଇବି ପବିତ୍ର ।
କୃଷ୍ଣ ଗ୍ରନ୍ଥରେ ମୋର ନାମ, ରହିବ ହୋଇଣ ଲେଖନ ।

ଆବର ଜୀବଙ୍କର ହିତ, ଏ ଗ୍ରନ୍ଥ ହୋଇବ ଯୁଗତ ।
ଶରଧା କରିଣ ଶୁଣିବେ, ହେଲେ ଭବରୁ ତରିଯିବେ । (୧ମ ଅ:)

ବୈଷ୍ଣବ ଜନର ମହତ ଗୁଣାବଳୀ କବି ସ୍ୱଜୀବନର ଏହି ଆକାଙ୍କ୍ଷାରେ ଅଳ୍ପ ପଦରେ ବ୍ୟକ୍ତ କରି ନିଜର ଉଚ୍ଚ ଆଦର୍ଶ ଓ ଉଦାର ହୃଦୟତାର ପରିଚୟ ଦେଇଛନ୍ତି । ଏହି ସ୍ୱାମୀ-ସ୍ତ୍ରୀ ସମ୍ବାଦ ପ୍ରସଙ୍ଗଟି କବିଙ୍କ ଯୌବନାବସ୍ଥାରେ ଘଟିଥିବା "ଶୁଣ ଗୋ ତରୁଣୀ" ସମ୍ବୋଧନରୁ ସୂଚିତ ହେଉଛି ।

କେବଳ ଏତିକି ନୁହେଁ, ଭାଷା ପ୍ରତି ତାଙ୍କର ପ୍ରଗାଢ଼ ଶ୍ରଦ୍ଧା "ଭାଷାରେ ଗୀତ ରଚନା କରିବା" ଉଦ୍ଦେଶ୍ୟରୁ ପ୍ରକାଶ ପାଉଛି ।

ଆବର ଯେତେକ ଚରିତ, ପୁରାଣମାନଙ୍କ ଗୁପତ ।
ତା ଭାଷା ଗୀତ ଜାଣିକରି, ଆନନ୍ଦ ହୋଇବ ସବୁରି ।
ଏ ଘେନି କରି ସାଧୁଜନେ, ମୋ ଦୋଷ ନ ଧରିବ ମନେ ।
(୧ମ ଅ:)

ବହୁଜନ ବ୍ୟବହୃତ ଭାଷାରେ ଗ୍ରନ୍ଥ ରଚନା କରିଥିବାରୁ କୃଷ୍ଣଚରିତ୍ର ବହୁଜନ ଜାଣି ଆନନ୍ଦ ଲାଭ କରିବେ, କବିଙ୍କର ଏହି ଆଶା ଫଳବତୀ ହୋଇଛି । ସଂସ୍କୃତ ଭାଷାରେ ରଚିତ ଗ୍ରନ୍ଥମାନଙ୍କର ତତ୍ତ୍ୱ ବୁଝିବା ସର୍ବସାଧାରଣଙ୍କ ପକ୍ଷେ ସମ୍ଭବ ନୁହେଁ, ଅତଏବ ସର୍ବସାଧାରଣଙ୍କ ପ୍ରତି ଏହି ହୃଦୟବତ୍ତା ଆଦର୍ଶ ସ୍ଥାନୀୟ ହୋଇ ରହିଛି । ଏହି ଆଦର୍ଶ ଯୋଗୁଁ ଓଡ଼ିଆ ସାହିତ୍ୟ ସମୃଦ୍ଧି ଲାଭ କରିଛି ଏବଂ ନିଜ ଭଣ୍ଡାରରେ ବହୁ ଅମୂଲ୍ୟ ତତ୍ତ୍ୱଗ୍ରନ୍ଥ ଗଚ୍ଛିତ କରି ପାରିଛି ।

କବିଙ୍କ ଗୁରୁଙ୍କ ନାମ ଶ୍ରୀ ଦୟାଳୁ ଦାସ । ଦୟାଳୁ ଦାସ ଅଭିରାମ ଦାସଙ୍କ ନାତିଶିଷ୍ୟ । ଦୟାଳୁ ଦାସ ଶ୍ରୀକୃଷ୍ଣଙ୍କୁ ସଖା ଭାବରେ ଭଜନା କରୁଥିଲେ । ପୁରୀନଗରର ପଶ୍ଚିମ ଭାଗରେ ଏହାଙ୍କର ମଠ ଥିଲା ।

ଅଭିରାମ ଦାସଙ୍କ ଶିଷ୍ୟପ୍ରଶିଷ୍ୟ କବିଙ୍କ କୁଳଗୁରୁ । ଦୟାଳୁ ଦାସଙ୍କଠାରୁ କବିଙ୍କ ପିତାମହ ମନ୍ତ୍ର ଗ୍ରହଣ କରିଥିଲେ ।

ସେ କୁଳ ଶ୍ରୀଗୁରୁ ଆମ୍ଭର, ପିତା ନନ୍ଦନ ଆଦି ମୋର ।

ଅଭିରାମ ଠାକୁର ଚୈତନ୍ୟଙ୍କର ଜଣେ ସଖା ଥିଲେ । ତାଙ୍କର ନାମରେ ପ୍ରତିଷ୍ଠିତ ଅଭିରାମ ସମ୍ପ୍ରଦାୟର ସଖ୍ୟ ଉପାସନା । ବୃନ୍ଦାବନ କୃଷ୍ଣଙ୍କୁ ଗୁରୁ ଆଜ୍ଞା ଅନୁସାରେ ସଖାଭାବରେ ଉପାସନା କରିଛନ୍ତି । ସେ ସ୍ୱଭାବରେ ନାରୀ ହେଲେ ମଧ୍ୟ କୃଷ୍ଣ ତାଙ୍କ ସ୍ୱାମୀଙ୍କର ସଖା ଥିବାରୁ କୃଷ୍ଣଙ୍କୁ ସେ ସଖାରୂପରେ ଦେଖିଛନ୍ତି । ଏହି କାରଣରୁ ସେ ନାରୀ ହୋଇଥିଲେ ମଧ୍ୟ ସଖାଙ୍କର ରୂପଗୁଣର ପ୍ରଶଂସାକରି ମୋହିତ ହୋଇଛନ୍ତି । ଏହା ଭକ୍ତର ଭାବ, ଅନ୍ୟ ପକ୍ଷେ ଗ୍ରହଣୀୟ ହେବା ସହଜ ନୁହେ । ପାଠକମାନଙ୍କୁ କବି ଏହାର ସମର୍ଥନରେ ବୁଝାଉଛନ୍ତି—

ମୁଁ ତ ସ୍ୱଭାବେ ନାରୀଜନ, ଧୈର୍ଯ୍ୟ ବିବେକ ମତିହୀନ ।
କହନ୍ତେ ଚରିତ କୃଷ୍ଣର, ସାତ୍ତ୍ୱିକ ହୋଇଲା ମୋହର ।
ତୁମ୍ଭେ ତ କହିବ ବିଗୁରି, ଏ ତ ଅଟଇ କୁଳନାରୀ ।
କୁଳ ନାରୀଙ୍କର ଲକ୍ଷଣ, ପର ପୁରୁଷ ରୂପ ଗୁଣ ।
କହିବା ନୋହଇ ସୁନ୍ଦର, ଏ କୁଳନାରୀଙ୍କ ବେଭାର ।
ସୁଜନେ ଶୁଣିବା ଯୁକତେ, କହୁଛୁ ତୁମ୍ଭର ଅଗ୍ରତେ ।
ସେ ମୋର ନୁହନ୍ତି ଯେ ପର, ପତିଙ୍କ ସଖା ପ୍ରଭୁ ମୋର ।
ସେ ଯେବେ ପତିଙ୍କ ସମାନେ, ଧ୍ୟାନ କରଇ ତାଙ୍କୁ ମନେ ।
ତେଜି କୁଟୁମ୍ବ ବନ୍ଧୁ-ଗଣ, ଗୃହ ସମ୍ପତ୍ତି ଧନ ଜନ ।
ଭଜିଲେ ଚରଣେ ତାଙ୍କର, ବନ୍ଧୁଙ୍କୁ ଦେଖିଣ ସୁନ୍ଦର । ୯ମ ଅଧ୍ୟାୟ ।

କବିଙ୍କ ପରି ରାଗାନୁଗା ଭକ୍ତିମାର୍ଗର ଭକ୍ତ ପକ୍ଷରେ ଏହା ସ୍ୱାଭାବିକ । ଏହାକୁ ପ୍ରକୃତ ଭକ୍ତର ଲକ୍ଷଣ ରୂପେ ସମ୍ପ୍ରଦାୟ ଗ୍ରହଣ କରି ଆସିଛି । "ପତିଙ୍କ ସଖା ପ୍ରଭୁ ମୋର" ବୋଲି କେବଳ ପ୍ରକୃତ ରାଗାନୁଗା ଭକ୍ତ କହିପାରେ ।

ଗ୍ରନ୍ଥର ନାମ "ପୂର୍ଣ୍ଣତମ ଚନ୍ଦ୍ରୋଦୟ" ରଖିବାର ସାର୍ଥକତା ସମ୍ବନ୍ଧରେ କବି ପ୍ରଥମ ଅଧ୍ୟାୟରେ କହିଛନ୍ତି ଯେ, ଗ୍ରନ୍ଥର ବିଷୟବସ୍ତୁ କୃଷ୍ଣ ଚରିତ ସୁଧାସିନ୍ଧୁ । ଏହି କୃଷ୍ଣ ଚରିତ ସୁଧା ସମୁଦ୍ରକୁ କୃଷ୍ଣକରୁଣା ମନ୍ଦର ପର୍ବତରେ କବିଙ୍କ ଭାଗ୍ୟରୂପକ ଅନନ୍ତ ରଜ୍ଜୁରେ ମନ୍ଥନ କରିବାରୁ ଏହା ମଧ୍ୟରୁ ନିର୍ମଳ ସମ୍ପୂର୍ଣ୍ଣ ପୂର୍ଣ୍ଣଚନ୍ଦ୍ର ଉଦୟ ହେଲେ । ଏହାକୁ ଦର୍ଶନ କରିବା ମାତ୍ରେ ଅର୍ଘ୍ୟ ଅବିଦ୍ୟା ଦୂର ହେବ ।

ଏ ପୂର୍ଣ୍ଣତମ ଚନ୍ଦ୍ରୋଦୟ, ସବୁ ଅଟଇ ସୁଧାମୟ ।
କୃଷ୍ଣଚରିତ ସୁଧାସିନ୍ଧୁ, ଏ ଜାତ ହେଲେ ତହିଁ ମଧ୍ୟୁଁ । × ×
ଇତ୍ୟାଦି ।

ପ୍ରଥମ ଅଧ୍ୟାୟରେ କବି ଶ୍ରୀକୃଷ୍ଣ ଓ ଶ୍ରୀଗୁରୁ ଚରଣରେ ବନ୍ଦନା କରିଛନ୍ତି ଏବଂ ସ୍ୱ ପରିବାରର ଓ ଗୁରୁପୀଠର ପରିଚୟ ଦେଇଛନ୍ତି ।

ଦ୍ୱିତୀୟ ଅଧ୍ୟାୟରେ ଗ୍ରନ୍ଥ ସଙ୍ଗତି ପ୍ରସଙ୍ଗରେ ବିଷ୍ଣୁଙ୍କ ପୂର୍ଣ୍ଣତମ ଲୀଳାର ତାତ୍ପର୍ଯ୍ୟ ବୃନ୍ଦାବତୀ ସ୍ୱାମୀଙ୍କୁ ପ୍ରଶ୍ନ କରି ବୁଝିଥିଲେ । ସ୍ୱାମୀ ବହୁ ଗ୍ରନ୍ଥ ଆଲୋଚନା କରି ତାଙ୍କୁ ଯାହା ବୁଝାଇ ଥିଲେ ସେଥିରେ ବିଷୟ ସଂଗ୍ରହ କରି ସେ ଏହି ଗ୍ରନ୍ଥର ରଚନା କରିଛନ୍ତି । ଗୋପଲୀଳା ପୂର୍ଣ୍ଣତମ ଥିବାରୁ ଶ୍ରୀକୃଷ୍ଣ ପୁରୁଷ-ଉତ୍ତମ । ମଥୁରାଲୀଳା ପୂର୍ଣ୍ଣତର, ଦ୍ୱାରକା ଲୀଳା 'ପୂର୍ଣ୍ଣ' । ଗ୍ରନ୍ଥର ନାମ-କରଣର ତାତ୍ପର୍ଯ୍ୟ । ତୃତୀୟ ଅଧ୍ୟାୟ—ପରମତତ୍ତ୍ୱ ବିଧାନ ।

ଅମର ଅବତାରଗଣ, କାରଣ ବ୍ରହ୍ମଲୀଳା ଜାଣ ।
ବିସ୍ମୟ କରିଣ'ର ସହିତେ, ସପତ ତତ୍ତ୍ୱ ଏ ଜଗତେ
ଏ ସାତ ତତ୍ତ୍ୱଙ୍କ ଉତ୍ତମ, ଜାଣ ଅଟନ୍ତି ପୂର୍ଣ୍ଣତମ ।

ପ୍ରଳୟ କାଳରେ କୃଷ୍ଣଙ୍କ ନିତ୍ୟଧାମ ବ୍ୟତୀତ ଅନ୍ୟସବୁ ଲୋପ ପାଇଲା । ପ୍ରଭୁ ସୃଷ୍ଟି ସଙ୍କଳ୍ପ କରିବା ମାନସରେ ପୂର୍ଣ୍ଣ କଳାରେ ପୁରୁଷାବତାର ହୋଇ ଅବତୀର୍ଣ୍ଣ ହେଲେ । ହସ୍ତରେ ବେଣୁ ଧାରଣ

କଲେ । ଏହି ପୁରୁଷଙ୍କଠାରୁ ପ୍ରକୃତି, ତାଠାରୁ ମହତ୍ତ୍ୱ ଜାତ ହେଲା । ଏପରି ସପ୍ତତତ୍ତ୍ୱ ଜାତ ହେଲେ । କୃଷ୍ଣଙ୍କ କଳାରୁ ଏସବୁ ସୃଷ୍ଟି ହୋଇ ମହାବିଷ୍ଣୁଙ୍କୁ ଜାତ କଲେ । ମହାବିଷ୍ଣୁଙ୍କଠାରୁ ବ୍ରହ୍ମାଦି ଜାତହେଲେ ।

ଜଗତ ପାଳିବା ବିଧାନେ, ମତ୍ସ୍ୟାଦି ଅବତାରମାନେ ।
ପୁରୁଷୁଁ ଅବତାର ହୋନ୍ତି, କାଳେ ପୁରୁଷେ ଲୟ ଯାନ୍ତି । × ×
ଏ ଜାତ କୃଷ୍ଣ ତହୁଁ ଯେଣୁ, କୃଷ୍ଣ ପରମତତ୍ତ୍ୱ ଏଣୁ । × ×

ପ୍ରଭୁ ସମ୍ପୂର୍ଣ୍ଣ ଷୋଡ଼ଶ କଳାରେ ଜଗତ ସର୍ଜ୍ଜନା କରିଥିଲେ । ଅବତାରଗଣ ଏହାଙ୍କ ଅଂଶ ଅଂଶରୁ ଜାତ ।

ପୁରୁଷତତ୍ତ୍ୱ ଭଗବାନ, ସେ ଭଗବାନ ନନ୍ଦନାନ ।

କିଶୋର ଅବସ୍ଥା ସବୁଠାରୁ ଶ୍ରେଷ୍ଠ ଥିବାରୁ ଏହା ପୂର୍ଣ୍ଣତମ । ଗୋପଲୀଳା କୃଷ୍ଣଙ୍କର କୈଶୋର ଲୀଳା । ସେତେବେଳକୁ ତାଙ୍କର ବୟସ "ଦଶବର୍ଷ ବେନମାସ" । ଦ୍ୱାଦଶ ବର୍ଷରେ ମଥୁରାଲୀଳା । ଏଗାର ବର୍ଷ ବୟସରେ ଏକ ବର୍ଷ ଭିତରେ କୃଷ୍ଣ ଘନ କିଶୋର ଲୀଳା କଲେ । ଏଠାରେ ତାଙ୍କର ଅସାଧାରଣ ଗୁଣମାନ ପ୍ରକାଶ ପାଇଲା । ଏହି କାରଣରୁ ବୃନ୍ଦାବନ ଲୀଳା ଶ୍ରେଷ୍ଠ ।

ଏ ଆଦି ସମସ୍ତ ଯେ ଗୁଣ, ପ୍ରକାଶ ହେଲେ ବୃନ୍ଦାବନ ।
ଏ ଘେନକର ପୂର୍ଣ୍ଣତମ, ଶ୍ରୀବୃନ୍ଦାବନେ ଭଗବାନ ।
ଏଣୁ କିଶୋର ଶ୍ରେଷ୍ଠତର, ଶ୍ରୀବୃନ୍ଦାବନରେ କିଶୋର ।
ଅବତାରିଙ୍କ ଅବତାରୀ, ତତ୍ତ୍ୱଙ୍କ ତତ୍ତ୍ୱ ବେଣୁଧାରୀ ।

ଚତୁର୍ଥ ଅଧ୍ୟାୟରେ ସପ୍ତ ଆବରଣ । ୫ମ—ଶ୍ରୀଅଙ୍ଗ ନିର୍ଣ୍ଣୟ, ୬ଷ୍ଠ—ତ୍ରିଭଙ୍ଗ କଥନ, ୭ମ—ଲକ୍ଷଣ ଧ୍ୟାନ, ୮ମ—ବେଶ ଧ୍ୟାନ, ୯ମ—ଚରିତ ଧ୍ୟାନ, ୧୦ମ—ସେବା ଧ୍ୟାନ, ୧୧ଶ—ସେବା ଧ୍ୟାନ, ୧୨ଶ—ଗୁଣ ଧ୍ୟାନ, ୧୩ଶ—

ଗୁଣ ଧ୍ୟାନ; ୧୪ଶ—ଗୁଣ ଧ୍ୟାନ, ୧୫ଶ—ଗୁଣ ଧ୍ୟାନ, ୧୬ଶ—ଗୁଣ ଧ୍ୟାନ, ୧୭ଶ—ନର୍ଦ୍ଦୋଷ ଧ୍ୟାନ, ୧୮ଶ—ନର୍ଦ୍ଦୋଷ ଧ୍ୟାନ, ୧୯ଶ—ନର୍ଦ୍ଦୋଷ ଧ୍ୟାନ ୨୦ଶ—ଗ୍ରନ୍ଥ ଗଣନା । ଆତ୍ମ ପରିଚୟ ।

ଶେଷ ଅଧ୍ୟାୟରେ କବି ଯେଉଁ ଗ୍ରନ୍ଥ ଗଣନା କରିଛନ୍ତି ସେଥିରୁ ତାଙ୍କ ସ୍ୱାମୀଙ୍କର ଓ ତାଙ୍କର ଗଭୀର ପାଣ୍ଡିତ୍ୟର ପରିଚୟ ମିଳୁଛି ।

ବୃନ୍ଦାବତୀ ଏହି ଗ୍ରନ୍ଥଗୁଡ଼ିକର ନାମ ଉଲ୍ଲେଖ କରିଛନ୍ତି—

ପୁରାଣ— ଶ୍ରୀମଦ୍‌ଭାଗବତ, ପଦ୍ମ ପୁରାଣ, ସ୍କନ୍ଦ ପୁରାଣ, ବ୍ରହ୍ମାଣ୍ଡ ପୁରାଣ, ବାୟୁ ପୁରାଣ, କୂର୍ମ ପୁରାଣ, ବରାହ ପୁରାଣ, ନାରଦୀୟ ପୁରାଣ, ବିଷ୍ଣୁ ପୁରାଣ— ଏହିପରି ବାରଟି ପୁରାଣ ।

ବେଦ, ଉପନିଷଦ, ତନ୍ମଧ୍ୟ ଅଥର୍ବବେଦ, ଗୀତାଗୋବିନ୍ଦ, ସାଖ୍ୟକାରିକା, ନାରଦ ପାଞ୍ଚରାତ୍ର, ବରାହସଂହିତା, ବ୍ରହ୍ମ ସଂହିତା, ଗିରିତାରିଣୀ ତନ୍ତ୍ର, ବୈଷ୍ଣବାମୃତ, ନନ୍ଦ ଆଗମ, ଗୌତମୀ ତନ୍ତ୍ର, ବୈଷ୍ଣବ ତନ୍ତ୍ର, ବିଷ୍ଣୁ ଯାମଳ, ସାରଦା ତିଳକ, କ୍ରମ ଦୀପିକା, ମହାକୂର୍ମ ବାଣୀ, ନାରାୟଣ ବ୍ୟୁହସ୍ତବ, ଚୈତନ୍ୟ ଦେବଙ୍କ ବାଣୀ, ରସାମୃତ ସିନ୍ଧୁ, ଭାଗବତାମୃତ, ଲଳିତ ମାଧବ, ବିଦଗ୍ଧ ମାଧବ, ବୃହତ୍ ବାମନ ପ୍ରଭୃତି ବାଇଶଟି ଗ୍ରନ୍ଥ । ଏପରି ମୋଟରେ ପଞ୍ଚତିରିଶଟି ଗ୍ରନ୍ଥ । ବ୍ରଜପନ୍ଥୀ ବୈଷ୍ଣବାଗ୍ରଣୀ ରୂପ, ସନାତନ ଓ ଜୀବ ଗୋସ୍ୱାମୀମାନଙ୍କ ଗ୍ରନ୍ଥ ଏହି ତାଲିକାର ଅନ୍ତର୍ଗତ ।

କବି ବୃନ୍ଦାବତୀ ଦାସୀ ଓଡ଼ିଆ ଭାଗବତ ରଚୟିତା ଜଗନ୍ନାଥ ଦାସଙ୍କ ପ୍ରସିଦ୍ଧ 'ଭାଗବତ ବାଣୀ'ରେ ଗ୍ରନ୍ଥଟି ଲେଖିଛନ୍ତି ଏବଂ ତାଙ୍କ ଗ୍ରନ୍ଥକୁ ପୁରାଣ-ଗୌରବ ଦାନ କରିବା ପାଇଁ ପୁରାଣର ରୀତି ମଧ୍ୟ ଅବଲମ୍ବନ କରିଛନ୍ତି । ଗ୍ରନ୍ଥ ଶେଷରେ ଭଣିତା ଦେବା ପରେ 'ଇତିଶ୍ରୀ' ଲେଖିଛନ୍ତି—

"ଇତିଶ୍ରୀ ପୂର୍ଣ୍ଣୋତ୍ତମ ଚନ୍ଦ୍ରୋଦୟେ ପରମ ରହସ୍ୟେ ଶ୍ରୀ ଗୁରୁଚରଣ ବର୍ଣ୍ଣନେ ନାମ ପ୍ରଥମୋଽଧ୍ୟାୟଃ ।" ପ୍ରତ୍ୟେକ ଅଧ୍ୟାୟର ବିଷୟର ସୂଚନା ଅଧ୍ୟାୟ ଆରମ୍ଭରେ ଓ ଗ୍ରନ୍ଥ ଶେଷରେ ବ୍ୟକ୍ତ କରିଛନ୍ତି ।

କବିତ୍ୱ—ବୃନ୍ଦାବତୀ ଦାସୀ ବିସ୍ତୃତ ଭାବରେ ତତ୍ତ୍ୱ ବ୍ୟାଖ୍ୟା କରି ନାହାନ୍ତି । କେବଳ ସୂତ୍ର ଭଳି ଅଳ୍ପ ବାକ୍ୟରେ ପ୍ରକାଶ କରି ପ୍ରାମାଣିକ ଗ୍ରନ୍ଥର ନାମୋଲ୍ଲେଖ କରିଛନ୍ତି ।

କବି ବର୍ଣ୍ଣନା ସ୍ଥଳରେ ସାମ୍ପ୍ରଦାୟିକ ଗ୍ରନ୍ଥମାନଙ୍କ ନିର୍ଦ୍ଦେଶର ଚତୁଃସୀମା ଭିତରେ ରହି ଲେଖନୀ ଚାଳନା କରିଥିଲେହେଁ ତାଙ୍କ ସ୍ୱାଭାବିକ କବିତ୍ୱ ଶକ୍ତିର ଝଲକ ସ୍ଥାନେ ସ୍ଥାନେ ପ୍ରକାଶ ପାଇ ନୀରସ ତତ୍ତ୍ୱ ପ୍ରସଙ୍ଗକୁ ସରସ କରି ମନରେ ଅପାର ଆନନ୍ଦ ଜାଗ୍ରତ କରୁଛି ।

ଯମକ—(୧) ବନ୍ଦଇ ପ୍ରଭୁ ପୀତାମ୍ବର, ବରଜରାଜ ରୂପଧର ।
ଧରଣୀଭାର ବିନାଶନ, ସନକ ଆଦି ନିସ୍ତାରଣ ।
ରଣରେ ଦୁଷ୍ଟଙ୍କୁ ନିପାତ, ପାତନା ଯାର ଏ ସମସ୍ତ ।
ମସ୍ତକେ ଶିଖିପୁଚ୍ଛ ଯାର, ଜାର ଯେ ବ୍ୟାଜେ ଗୋପୀଙ୍କର ।
ଇତ୍ୟାଦି ୨୩ଟି ପଦ ।

ଗୋଲୋକାଧିପତି ଶ୍ରୀକୃଷ୍ଣଙ୍କ ସ୍ତୁତି ।
ପ୍ରଥମ ଅଧ୍ୟାୟ ।

ରୂପ ବର୍ଣ୍ଣନା—(୧) ନବୀନ ଏଗାର ବରଷ, ପ୍ରଥମ କିଶୋର ଦିବସ ।
ଅତି ମଞ୍ଜୁଳ କଳେବର, ନାହିଁ ଦେବାକୁ ପଟାନ୍ତର ।
ଧାତା ଇନ୍ଦ୍ରମଣିକି ବଳି, ଗଢ଼ିଛି ଅମୂଲ୍ୟ ପିତୁଳି ।
କାନ୍ତି ନିନ୍ଦଇ ନବଘନ, ଦିଶନ୍ତି ଅତି ଶୋଭାବନ । ( ୫ମ ଅ: )

(୨) ଅସିତ ଲମ୍ବ ମୃଦୁ କେଶ, ସରୁ ସୁକୁଞ୍ଚିତ ସୁବାସ ।
ଜଳଦ ବରହି କଜ୍ଜ୍ୱଳ, ଭ୍ରମର କୃଷ୍ଣ ଇନ୍ଦିବର ।
ଏ ଭାବର ଉପମାନ ଦେଇ, ସମାନ ପୁଣି ନୁହେଁ କେହି ।
ଜଳଦେ ଏକା ନୀଳଗୁଣ, ବରହି ଲମ୍ବ ଏକ ଜାଣ ।
କଜ୍ଜ୍ୱଳ ଏକା ଯେ ଶ୍ୟାମଳ, ସରୁ ଏକା କୃଷ୍ଣ ଭ୍ରମର ।
କୁଟିଳ ଏକା କାଳିନ୍ଦୀ, ସୁବାସ ଏକା ଇନ୍ଦିବରେ । x x

ଅଳକାବଳି ଅଳିମାଳି, ସ୍ତୁତିରେ କି ସମ କରିପାରି ।
ପଦ୍ମରେ ବସିଣ ସେ ଧୂସର, ପାପୀ ପତଙ୍ଗ ଜୀବ ସ୍ତୁତିର । ଇତ୍ୟାଦି
(ଷଷ୍ଠ ଅଧ୍ୟାୟ ।)

(ଗ) କେ କହୁ ତାହାଙ୍କ ସୁନ୍ଦର, ନାହିଁ ଦେବାକୁ ପଟାନ୍ତର ।
ସେ ଅଙ୍ଗେ ଅଳଙ୍କାର ଆଇ, ସୁନ୍ଦର ନୋହିବେ କିପାଇଁ ।
ବାମ କୁଣ୍ଡଳ ଅଂଶେ ଲେଟେ, ଭ୍ରୂଲତା ମନ୍ଦେ ମନ୍ଦେ ଚଳେ ।
ସେ ଭ୍ରୂରୁ ଚଳିବାକୁ ଚାହିଁ, ଧଇର୍ଯ୍ୟ କି ପାରିବ ରହି ।
ବଂଶୀ ବାଦନେ ମନୋହର, କୁଞ୍ଚିତ ଦିଶଇ ଅଧର ।
ଇଷିତ ହାସ ପରକାଶେ, ହୋଇଲା ପଦ୍ମ ହୋଇ ଦିଶେ ।
ମରିବି ମରିବି ତା ଚାହିଁ, ଧଇର୍ଯ୍ୟ ଧରି ନପାରଇ ।
ମଞ୍ଜୁଳ ଅଙ୍ଗୁଳି ନିକରେ, ଚଳନ୍ତି ବଂଶୀର ଉପରେ । ଇତ୍ୟାଦି ।
(୯ମ ଅ: ।)

କବିଙ୍କ ବର୍ଣ୍ଣନାରେ ଔଚିତ୍ୟ ଜ୍ଞାନର ପ୍ରମାଣ ମିଳେ । ପଦଯୋଜନାରେ କବିଙ୍କ କବିତ୍ୱ ଶକ୍ତିର ଯଥେଷ୍ଟ ପରିଚୟ ମିଳୁଛି । ମାର୍ଜିତ ଭାଷାର ବ୍ୟବହାର ରଚନାର ଗୌରବ ବୃଦ୍ଧି କରିଛି ।

କବି ପ୍ରଥମ ଅଧ୍ୟାୟର ଆରମ୍ଭରେ ଶବ୍ଦାଲଙ୍କାର ବ୍ୟବହାର କରି କୃଷ୍ଣସ୍ତୁତି କରିଛନ୍ତି; କିନ୍ତୁ ପରେ ଶବ୍ଦାଲଙ୍କାରର ବହୁଳ ପ୍ରୟୋଗରୁ ସେ ନିବୃତ୍ତ ହୋଇଥିବା ଦେଖାଯାଏ । ଶ୍ରୀକୃଷ୍ଣଙ୍କ ରୂପ ବେଶଭୂଷା ପ୍ରଭୃତି ନିରୂପମ ଥିବାରୁ କବି ଉପମା ଦେବାରେ କିପରି ଦ୍ୱିଧା ବୋଧ କରିଛନ୍ତି ଏବଂ କବିତ୍ୱର ଅନୁରୋଧରେ କିପରି ଉପମା ପ୍ରୟୋଗ କରିବା ପାଇଁ ବାଧ୍ୟ ହୋଇଛନ୍ତି ତାହା ସେ ପ୍ରକାଶ କରିଛନ୍ତି । କୃଷ୍ଣ ଚରିତର ସହଜ ବୋଧପାଇଁ ଶବ୍ଦାଡ଼ମ୍ବର ପରିତ୍ୟାଗ କରିଥିବା ମନେହୁଏ; କିନ୍ତୁ ତାତ୍ତ୍ୱିକ ବିଷୟରେ ପାରିଭାଷିକ ଶବ୍ଦର ଆବଶ୍ୟକତା ଥିବାରୁ ତାହା ବହୁ ସ୍ଥଳରେ ସାଧାରଣ ପାଠକ ପକ୍ଷେ ଦୁର୍ବୋଧ ହେଲେ ମଧ୍ୟ ସେ ବ୍ୟବହାର କରିଛନ୍ତି ।

ଶ୍ରୀକୃଷ୍ଣ ପ୍ରତି ଅଙ୍ଗ ଯେହି, ସ୍ୱଭାବେ ନିରୂପମ ସେହି ।
ଉପମା ଧାତା ଘଟଣାରେ, ତଅନ୍ତି ଯିନା କବିତ୍ୱରେ ।
ସେ ଧାତା ଘଟଣୁ ବାହାର, ସ୍ୱୟଂ ପ୍ରକାଶ ବେଣୁଧର ।
ତେଣୁ ଏ ଉପମା ଯୁଗତ, ଦେବାର ନୋହିଲା ଯୁଗତ ।
ଉପମା ନଦେଲେ ଅଙ୍ଗର, ବର୍ଣ୍ଣନା ନୁହେଁ ତା ଉଚାର ।
ଗୀତେ କବୋଲ୍ କହିବାଇଁ , ଅଙ୍ଗକୁ ଉପମା ନ ଦେଇ ।
ଉପମା ଦେଲେ ଅପରାଧ, ହୋଇବ ହୋଇଲା ବିପାଦ ।
ଏ ଭାବେ ହୁଅନ୍ତେ ସଂଶୟ, ଭାଗ୍ୟେ ମୋ ଦିଶିଲା ଉପାୟ ।
ସେହି ଉପମା ସମାନରେ, କହିବ ଅଭାବ ପକ୍ଷରେ ।
ଅଭାବେ କଲେହେଁ ସଦୃଶ, ନକ ମୋହର ପାଇ ଦୋଷ ।
(୭ଷ୍ଠ ଅଧ୍ୟାୟ ।)

—※—

## ଭୀମଦାସ (ମହାପାତ୍ର)

ଭୀମ ମହାପାତ୍ର ଭକ୍ତକବି ବୃନ୍ଦାବତୀ ଦାସୀଙ୍କର ପୁତ୍ର । ବୃନ୍ଦାବତୀ ଦାସୀ 'ପୂର୍ଣ୍ଣତମ ଚନ୍ଦ୍ରୋଦୟ' ଗ୍ରନ୍ଥର ଏକାଧିକ ସ୍ଥାନରେ 'ଭୀମଦାସର ଜନନୀ' ବୋଲି ଲେଖିଛନ୍ତି ଏବଂ ଭୀମଦାସ 'ଭକ୍ତ ଚନ୍ଦ୍ରୋଦୟ' ଗ୍ରନ୍ଥ ରଚନା କରିଥିବା ଜଣାଇଛନ୍ତି । ଏହି 'ହରଭକ୍ତ ଚନ୍ଦ୍ରୋଦୟ' ଗ୍ରନ୍ଥକୁ ନାଗ୍ରୀକବି 'ଭକ୍ତ ଚନ୍ଦ୍ରୋଦୟ' ବୋଲି ଲେଖିଛନ୍ତି । ଭୀମଦାସ 'ଭକ୍ତ ରତ୍ନାବଳୀ' ମଧ୍ୟ ରଚନା କରିଥିଲେ ।

ଭୀମଦାସଙ୍କ କୁଳସଂଜ୍ଞା 'ମହାପାତ୍ର' ଥିବା 'ଭକ୍ତ ରତ୍ନାବଳୀ' ଗ୍ରନ୍ଥରୁ ଜଣାଯାଏ ।

କରଣକୁଳେ ଉତପନ, ତାତ ମୋ ବିଷ୍ଣୁ ଭକ୍ତ ଜନ ।
ଚନ୍ଦ୍ରଶେଖର ମହାପାତ୍ର, ନାମ ଅବନୀ ତଳେ ଖ୍ୟାତ ।

ଗୃହ ତାହାଙ୍କ ମଲ୍ଲପଡ଼ା, କ୍ଷେତ୍ରକୁ ବେଢ଼ଯୁଣ ଛଡ଼ା ।
ଥାଇଣ ଗୃହସ୍ଥ ଧର୍ମରେ, କୃଷ୍ଣ ଚରଣେ ଭକ୍ତି କରେ ।
ସେ ପିତୃ ପିତାମହ କ୍ରମେ, ବିଷ୍ଣୁ ଭକତ କୁଳ ଧର୍ମେ ।
ମୁଁ ତାଙ୍କ କନିଷ୍ଠ ନନ୍ଦନ, ତାଙ୍କ କରୁଣା ବଶୁଁ ଜାଣ ।
ଆବର କୃଷ୍ଣ କୃପା ବଶେ, ଏ ଜାତ ହେଲା ମୋ ମାନସେ ।
ଶୁଣିଲି ଭକ୍ତି ରତ୍ନାବଳୀ, ଗୀତ କରିବି ସ୍ପୃହା କଲି ।
ଶକ.ଙ୍କ ଷଡ଼ଦଶ ଶତ, ଚଉଦ ବରଷ ଯୁକତ ।
ବୈଶାଖ ମାସ ଶୁକ୍ଳପକ୍ଷେ, ତୃତୀୟ ତିଥି ଦ୍ୱିଜା ଋକ୍ଷେ ।
ଥାଇଣ ମଲ୍ଲପଡ଼ା ପୁରୀ, ବିଷ୍ଣୁ ମଣ୍ଡପେ ବସିକରି ।
ରଚନା କଲି ଏହୁ ଗୀତ, କୃଷ୍ଣ ଚରଣେ ଦେଇ ଚିତ୍ତ ।
(ଭକ୍ତି ରତ୍ନାବଳୀ )

କବି ଭୀମଦାସ ବୈଷ୍ଣବ ଦୀକ୍ଷା ନେଇ ଥିବାରୁ ନିଜ ସଂଜ୍ଞା ମହାପାତ୍ର ପରିବର୍ତ୍ତେ ଦାସ ଉପାଧି ଗ୍ରହଣ କରିଛନ୍ତି ।

କବି ଭୀମଙ୍କ ଉପରୋକ୍ତ ଉକ୍ତି ସହିତ ବୃନ୍ଦାବତୀ ଦାସୀ 'ପୂର୍ଣ୍ଣତମ ଚନ୍ଦ୍ରୋଦୟ'ରେ ଦେଇଥିବା ପରିଚୟ ତୁଳନା କଲେ ବିଷୟ-ସାମ୍ୟ ବ୍ୟତୀତ ଭାଷାରେ ସାମ୍ୟ ମଧ୍ୟ ଅଛି ।

(୧) ସେ ପିତା ପିତାମହ କ୍ରମେ, କୃଷ୍ଣ ସେବକ କୁଳଧର୍ମେ । (ପୂ.ଚ.)
(୨୦ଶ ଅଧ୍ୟାୟ )
ସେ ପିତୃ ପିତାମହ କ୍ରମେ, ବିଷ୍ଣୁ ସେବକ କୁଳଧର୍ମେ । (ଭ.ର.)

(୨) କରଣ କୁଳରେ ସମ୍ଭୂତ, ପତି ମୋ ବିଷ୍ଣୁରେ ଭଗତ । (ପୂ.ଚ. )
କରଣ କୁଳେ ଉତପନ, ତାତ ମୋ ବିଷ୍ଣୁ ଭକ୍ତ ଜନ । (ଭ.ର. )

(୩) ଗୃହ ମୋହର ମଲ୍ଲପଡ଼ା, କ୍ଷେତ୍ରକୁ ଦୁଇଯୁଣ ଛଡ଼ା ।
ଥାଇଣ ଗୃହସ୍ଥ ଧର୍ମରେ, ସୁତ ସଦନ ସମ୍ପତ୍ତିରେ । (ପୂ.ଚ.)
(୨୦ଶ ଅ:)

ଗୃହ ତାଙ୍କର ମଲପଡ଼ା, କ୍ଷେତ୍ରକୁ ବେଢ଼ଯୁଣ ଛଡ଼ା ।
ଥାଇଣ ଗୃହସ୍ଥ ଧର୍ମରେ, କୃଷ୍ଣ ଚରଣେ ଭକ୍ତି କରେ । (ଭ.ର.)

ବୃନ୍ଦାବତୀ ଦାସୀ ଓ ଶ୍ୟାମଦାସଙ୍କ ରଚନାର ଏହି କେତୋଟି ସାମ୍ୟ ଦେଖି ଦୁଇଟି ଗ୍ରନ୍ଥର କବି ଏକ ବୋଲି କହିବା ନିମନ୍ତେ ପ୍ରାଥମିକ ଧାରଣା ଜାତ ହେବା ସ୍ୱାଭାବିକ ।

ଭକ୍ତ ରତ୍ନାବଳୀ ଗ୍ରନ୍ଥଟି ବୃନ୍ଦାବତୀ ଦାସୀଙ୍କ ପୂର୍ଣ୍ଣତମ ଚନ୍ଦ୍ରୋଦୟ ସମ୍ପୂର୍ଣ୍ଣ ହେବା ସାତବର୍ଷ ପରେ ରଚିତ ହୋଇଥିଲା ।

ଶକାବ୍ଦ ଷୋଡ଼ଦଶ ଶତ, ଚଉଦ ବରଷ ଯୁକତ । (ଭ.ର.)

ଶକାବ୍ଦ ୧୬୧୪ ବା ଖ୍ରୀ: ୧୬୯୨ ରେ ଭକ୍ତ ରତ୍ନାବଳୀ ରଚିତ ହୋଇଥିଲା । ପୂର୍ଣ୍ଣତମ ଚନ୍ଦ୍ରୋଦୟର ରଚନା କାଳ ଶକାବ୍ଦ ୧୬୨୧ ବା ଖ୍ରୀ: ୧୬୯୯ ।

ଶ୍ୟାମଦାସ ଚନ୍ଦ୍ରଶେଖର ମହାପାତ୍ରଙ୍କ କନିଷ୍ଠ ପୁତ୍ର, ଏଥିଯୋଗୁଁ ମାତା କନିଷ୍ଠ ପୁତ୍ରକୁ ବେଶି ସ୍ନେହ କରୁଥିଲେ ଏବଂ ତାଙ୍କର ମଙ୍ଗଳ ନିମନ୍ତେ ସ୍ୱ ଗ୍ରନ୍ଥର ଏକାଧିକ ସ୍ଥାନରେ କୃଷ୍ଣଙ୍କୁ ପ୍ରାର୍ଥନା କରିଛନ୍ତି ।

ଶ୍ୟାମ ଦାସର ଯେ ଜନନୀ, ଚିନ୍ତା କରଇ ବେନୁପାଣି । (ପୂ: ଚ:)
(୫ମଅ: )

ଶ୍ୟାମ ଦାସର ନିଜ ମାତ, କହଇ ବୃନ୍ଦାବତୀ ଗୀତ । ୬ଷ୍ଠ ଅ: ।
ଶ୍ୟାମ ଦାସର ନିଜ ମାତ, ବ୍ରଜକିଶୋରେ ଦେଇ ଚିତ୍ତ । ୧୪ଶ ଅ: ।
ହେ କୃଷ୍ଣ କରୁଣା ସାଗର, ପୁତ୍ର ଶ୍ୟାମ ଦାସକୁ ମୋର ।
କୃପା କରିବା ରାଧାପତି, କହଇ ଦାସୀ ବୃନ୍ଦାବତୀ । ୧୬ଶ ଅ: ।

ଶ୍ୟାମ ଦାସ ଗ୍ରନ୍ଥ ରଚନା କରି ଥିବାରୁ ଅନ୍ୟ ପୁତ୍ରମାନଙ୍କ ନାମ ଉଲ୍ଲେଖ ନକରି ମାତାଙ୍କ ନାମ ଉଲ୍ଲେଖ କରିଥିବା ଅନୁମିତ ହୁଏ ।

କବିଙ୍କ ପୂର୍ଣ୍ଣ ନାମ ଭୀମସେନ ମହାପାତ୍ର ବା ଭୀମସେନ ଦାସ ।

ସେବିଣ ଶ୍ରୀକୃଷ୍ଣ ଚରଣ, କହିଲ ଦାସ ଭୀମସେନ । ୫ମ ଅ: । (ଭ:ଚ:)

କବି ନିଜକୁ ଶିଶୁ ଭୀମଦାସ ବୋଲି ମଧ୍ୟ ଗ୍ରନ୍ଥରେ ଏକାଧିକ ସ୍ଥାନରେ ପରିଚୟ ଦେଇଛନ୍ତି । "ଭକ୍ତ ସାଧନେ କରି ଆଶ, କହିଲ ଶିଶୁ ଭୀମଦାସ ।" (ଭ:ଚ: । ୮ମ ଅ:) ଏଥିରୁ ଗ୍ରନ୍ଥ ରଚନା ବେଳକୁ କବିଙ୍କ ବୟସ ଅଳ୍ପ ଥିବା ଅନୁମାନ କରିବା ପାଇଁ ମନ ବଳିଲେ ମଧ୍ୟ ପ୍ରକୃତରେ ତାଙ୍କର ବୟସ ସେତେବେଳକୁ ଅଳ୍ପ ନଥିବା ସ୍ପଷ୍ଟ । କାରଣ, ଭକ୍ତ ରତ୍ନାବଳୀ ଖ୍ରୀ:୧୬୧୬ ରେ ରଚିତ ହୋଇଥିଲା ଏବଂ କବିଙ୍କ ମାତା ବୃନ୍ଦାବତୀ ଦାସୀଙ୍କ ଖ୍ରୀ: ୧୬୧୧ ରେ ସମ୍ପୂର୍ଣ୍ଣ ହୋଇଥିବା 'ପୂର୍ଣ୍ଣତମ ଚନ୍ଦ୍ରୋଦୟ'ରେ ଭୀମ ଦାସ ଭକ୍ତ ଚନ୍ଦ୍ରୋଦୟ ଆଦି ଅନେକ ଗ୍ରନ୍ଥ ରଚନା କରିଥିବା ପ୍ରକାଶ କରି ଥିବାରୁ ହରିଭକ୍ତ ଚନ୍ଦ୍ରୋଦୟ ମଧ୍ୟ ଖ୍ରୀ: ୧୬୧୧ ପୂର୍ବରୁ ରଚିତ ହୋଇ ସାରିଥିବା ନିଃସନ୍ଦେହ । ପୁଣି, ଭୀମଦାସଙ୍କ ପୁତ୍ର କୃପାସିନ୍ଧୁ ଖ୍ରୀ: ୧୬୧୧ ପୂର୍ବରୁ ୨୫ ଶ ଅଧ୍ୟାୟ ବିଶିଷ୍ଟ 'ଉପାସନା ଚନ୍ଦ୍ରୋଦୟ' ଲେଖି ସାରିଥିବା ବୃନ୍ଦାବତୀ ଲେଖିଛନ୍ତି ।

ନାତି ମୋହର କୃପାସିନ୍ଧୁ, ଯେ ଭୀମଦାସ ନିଜ ବନ୍ଧୁ ।
ଜନ ନିବାସ ଶ୍ଳୋକ ଅର୍ଥ, ବ୍ୟାଖ୍ୟାନ କରି ଯେ ଯଥାର୍ଥ ।
ଏକଇ ଶ୍ଳୋକ ଅର୍ଥ ଗୀତ, ପଚିଶ ଅଧ୍ୟାୟ ଯୁକତ ।
ସେ ଉପାସନା ଚନ୍ଦ୍ରୋଦୟ, ନାମେ ଅଟନ୍ତି ସୁଧାମୟ ।
ଏ ଭାବେ ପିତା ପୁତ୍ର ନାତି, ସମସ୍ତେ କୃଷ୍ଣ ପାଦେ ଭକ୍ତି । (ପୂ.ଚ:)

ଏଥିରୁ କବିଙ୍କ ବୟସ ଅଳ୍ପ ନଥିବା ସ୍ପଷ୍ଟ, 'ଶିଶୁ' ପଦଟି ଦୈନ୍ୟ ସୂଚକ ପଦ ରୂପେ କବି ବ୍ୟବହାର କରିଛନ୍ତି ମାତ୍ର ।

'ଶିଶୁ' ଶବ୍ଦ ଶିଶୁ ସମ୍ପ୍ରଦାୟର ସୂଚନା ଦେଉଥିବା ମଧ୍ୟ ଅନୁମାନ କରାଯାଇ ପାରୁନାହିଁ । କାରଣ, ବୃନ୍ଦାବତୀଙ୍କ ଗ୍ରନ୍ଥରେ ଏପରି ସମ୍ପ୍ରଦାୟର ଉଲ୍ଲେଖ କରି ନାହାନ୍ତି । ଗୁରୁ ପରଂପରାରେ ମଧ୍ୟ 'ଶିଶୁ' ପଦର ବ୍ୟବହାର ନାହିଁ ।

———

# ଅଷ୍ଟମ ପରିଚ୍ଛେଦ

## ଉପେନ୍ଦ୍ର ଭଞ୍ଜ

### (ଖ୍ରୀ: ୧୬୭୮—୧୭୫୧)

ମହାକବି ଉପେନ୍ଦ୍ର ଭଞ୍ଜ ବୀରବର ମଙ୍ଗରାଜଙ୍କ ଜନ୍ମ ଓ ମୃତ୍ୟୁ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ଉପାଦାନ ଏ ପର୍ଯ୍ୟନ୍ତ ମିଳିନାହିଁ, ତେବେ ସେ ଧନଞ୍ଜୟ ଭଞ୍ଜ ଓ ଦିବ୍ୟସିଂହ ଦେବଙ୍କ ସମୟରେ ଜୀବିତ ଥିଲେ । ଦିବ୍ୟସିଂହ ଦେବଙ୍କ ୨୭ ଅଙ୍କରେ ଅର୍ଥାତ୍ ଖ୍ରୀ:୧୭୧୦ରେ ଉପେନ୍ଦ୍ର ରସଲେଖା କାବ୍ୟକୁ ସମ୍ପୂର୍ଣ୍ଣ କରିଥିଲେ । ଧନଞ୍ଜୟ ଖ୍ରୀ: ୧୬୧୧ ଠାରୁ ୧୭୦୧ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଧନଞ୍ଜୟଙ୍କ ରାଜତ୍ୱର ଆରମ୍ଭ ବେଳକୁ ଉପେନ୍ଦ୍ର ଜନ୍ମ ହୋଇଥିବା ସମ୍ଭବ ମନେ ହୁଏନାହିଁ । କାରଣ, ଏହା ହୋଇଥିଲେ ରସଲେଖା ବେଳକୁ ତାଙ୍କୁ ପ୍ରାୟ ଶହେବର୍ଷ ବୟସ ହେଉଛି । ନିର୍ଦ୍ଦିଷ୍ଟ ପ୍ରମାଣ ଅଭାବରେ ଦିବ୍ୟସିଂହ ଦେବଙ୍କ ରାଜତ୍ୱର ଆରମ୍ଭ—ଖ୍ରୀ:୧୬୭୮ ଠାରୁ ମୁସଲମାନ ରାଜତ୍ୱର ଶେଷ—ଖ୍ରୀ: ୧୭୫୧ ଏହି ସମୟ ଭିତରେ ଆଲୋଚନା ଧାରା ସୁଗମ କରିବା ପାଇଁ ତାଙ୍କର ସମୟ ଦିଆଗଲା; କିନ୍ତୁ ଏହା ପ୍ରକୃତ ସମୟ ବୋଲି ଧରିବା ଅନୁଚିତ ହେବ ।

ଘୁମୁସର ଭଞ୍ଜ ବଂଶର ପରିଚୟ—

ଉପେନ୍ଦ୍ର ଭଞ୍ଜ ସ୍ୱ ଗ୍ରନ୍ଥମାନଙ୍କରେ ବହୁ ସ୍ଥାନରେ ତାଙ୍କ ବଂଶ 'ବରାହୀ କୋଷ'ରୁ ସମ୍ଭବ ହୋଇଥିବା ବ୍ୟକ୍ତ କରିଛନ୍ତି । ଏ ସମ୍ବନ୍ଧରେ ଏହି କିମ୍ବଦନ୍ତୀଟି ରହିଛି—"ତ୍ରେତା ଯୁଗର ଶେଷ ଭାଗରେ ଦିନେ ବଶିଷ୍ଠ ମହର୍ଷି ବନରେ ବିଚରଣ କରୁ କରୁ ମୃଗ ମୃଗୀ ଯୁଗଳ କାମାସକ୍ତ ହୋଇ ଅଙ୍ଗସଙ୍ଗ କରିବାର ତାହାଙ୍କ ଚକ୍ଷୁରେ ପଡ଼ିଲା । ତତ୍କ୍ଷଣାତ୍ ମହର୍ଷି ନିଜ ମଦନ-ବାଣରେ ବିଦ୍ଧ ହେବାରୁ ତାହାଙ୍କର ଅନାୟତ୍ତରେ ରେତ ସ୍ଖଳିତ ହୋଇଗଲା । ସେ ସେହିକ୍ଷଣି ନିଜର କୌପୀନ ଖଣ୍ଡିକ ନେଇ ନିକଟବର୍ତ୍ତୀ ପୁଷ୍କର ତୀର୍ଥରେ

ଧୌତ କରିବାରୁ ରେତ ଜଳ ମଧ୍ୟରେ ଦୁଇଗୋଟି ବିନ୍ଦୁ ଆକାର ଧାରଣ କରି ଭାସିଗଲା । ଏପରି ଅବସ୍ଥାରେ ଏକ ତୃଷାର୍ତ୍ତ ମୟୂରୀ ସେହି ସ୍ଥାନରେ ଜଳପାନ କରୁ କରୁ ଉକ୍ତ ବିନ୍ଦୁଦ୍ୱୟ ତାହାର ଗର୍ଭ ମଧ୍ୟରେ ପ୍ରବେଶ କଲା । ଅଚିରେ ମୟୂରୀର ଗର୍ଭ ସଞ୍ଚାର ହେଲା ଏବଂ କାଳକ୍ରମେ ଦୁଇଗୋଟି ଅଣ୍ଡ ଜନ୍ମଗ୍ରହଣ କଲେ । ବେଳକୁ ବେଳ ଅଣ୍ଡଦ୍ୱୟ ବୃଦ୍ଧି ପ୍ରାପ୍ତ ହୋଇ ପ୍ରକାଣ୍ଡ ଆକାର ଧାରଣ କଲେ । ଏହା ଦର୍ଶନରେ ମୟୂରୀ ତ୍ରସ୍ତ ହୋଇ ଅଣ୍ଡଦ୍ୱୟ ତ୍ୟାଗକରି ପଳାୟନ କଲା । ଏଣେ ମହର୍ଷି ସମସ୍ତ ବୃତ୍ତାନ୍ତ ଜାଣିପାରି ସ୍ୱ ବୀର୍ଯ୍ୟସମ୍ଭୂତ ଅଣ୍ଡଦ୍ୱୟ ରକ୍ଷା କରିବା କର୍ତ୍ତବ୍ୟ ମନେକରି ତାହା ନିଜ ଆଶ୍ରମକୁ ଆଣି ପାଳନ କଲେ । ମହର୍ଷି ଅଣ୍ଡଦ୍ୱୟକୁ ପ୍ରତିଦିନ ସୂର୍ଯ୍ୟ ତାପରେ ରଖି ଦେଉଥାନ୍ତି । କିଛିକାଳ ପରେ ଗୋଟିଏ ଅଣ୍ଡରୁ ଏକ ସୁନ୍ଦର ବାଳକ ଜନ୍ମ ଗ୍ରହଣ କଲା । ଏହି ଅଣ୍ଡଜ ସନ୍ତାନକୁ ମହର୍ଷି ମଦନ ରାଣା ବୋଲି ନାମ ଦେଲେ । ମଦନ ରାଣା ଅତି ରୂପବନ୍ତ ଥିଲେ । ଅନ୍ୟ ଅଣ୍ଡଟିରୁ କିଛି ଜାତ ନ ହେବାରୁ ମହର୍ଷି ବିବ୍ରତ ହୋଇ ତାହା ଏକ ଦଣ୍ଡଦ୍ୱାରା ଭଗ୍ନ କରିବାକୁ ଲାଗିଲେ ।ସେ ଦେଖିଲେ ଯେ ତହିଁରୁ ମଧ୍ୟ ଏକ ବାଳକ ଜାତ ହେଲା । ମହର୍ଷି ଶ୍ରଦ୍ଧାପୂର୍ବକ ଏହି ବାଳକକୁ ମୋଦକ ଭଞ୍ଜ ନାମ ଦେଇଥିଲେ । ଅଣ୍ଡ ସୂର୍ଯ୍ୟ ତାପରେ ପକ୍ୱ ହୋଇଥିବା ଯୋଗୁଁ ଏମାନେ ସୂର୍ଯ୍ୟ ବଂଶୀୟ ବୋଲି ପରିଚିତ ହେଲେ ।

ଅଣ୍ଡର ଭଞ୍ଜନ ଦ୍ୱାରା ଜନ୍ମିଥିବାରୁ ଦ୍ୱିତୀୟ ବାଳକଟି ଭଞ୍ଜ ନାମରେ ଅଭିହିତ ହେଲେ ।" (ଗୁମୁସର ଇତିହାସ)

ମହର୍ଷି ବଶିଷ୍ଠଙ୍କ ଆଶ୍ରମରେ ଏହି ଦୁଇ ବାଳକ ବର୍ଦ୍ଧିତ ହେଲେ ଏବଂ ବହୁ ଶିକ୍ଷା ଲାଭ କଲେ । ଯୁବକ ଅବସ୍ଥାରେ ଦୁହେଁ ଆଶ୍ରମ ତ୍ୟାଗକରି ନାନା ଦେଶ ଭ୍ରମଣ କଲେ । ସ୍ୱ ବାହୁବଳରେ ଦୁହେଁ ବହୁ ରାଜ୍ୟ ଜୟକରି ରାଜା ବୋଲାଇଲେ । ଦ୍ୱିତୀୟ କୁମର ମୋଦକ ଭଞ୍ଜ ସୁବର୍ଣ୍ଣରେଖା ତୀରବର୍ତ୍ତୀ ରାଜ୍ୟରେ ରାଜା ହେଲେ । ଏହି ରାଜ୍ୟ ମୟୂରଭଞ୍ଜ ନାମରେ ପରିଚିତ ହେଲା । କାଳକ୍ରମେ ମୟୂରଭଞ୍ଜରୁ ବିଚ୍ଛିନ୍ନ ହୋଇ କେଉଁଝର ରାଜ୍ୟ ଗଠିତ ହେଲା ଏବଂ ଏଠାରେ ଜଣେ ଭଞ୍ଜରାଜା ରାଜତ୍ୱ କଲେ ।

ଗୁମୁସର (ଘୁମୁସର)—ଭଞ୍ଜ ବଂଶର ଉତ୍ପତ୍ତି ସମ୍ବନ୍ଧରେ କେତେକ କିମ୍ବଦନ୍ତୀ ଶୁଣାଯାଏ । ଗୋଟିଏ ଏହିପରି—ପ୍ରାଚୀନ କାଳରେ ଘୁମୁସର ବା ଗୁମୁସର ରାଜ୍ୟ ବୌଦ ରାଜ୍ୟର ଅନ୍ତର୍ଗତ ଥିଲା; ବୌଦରାଜ୍ୟ 'ଖିଞ୍ଜାଲି' ରାଜ୍ୟରେ ପରିଚିତ ଥିଲା । ଏଠାରେ 'କାଶ୍ୟପ ଗୋତ୍ର ସମ୍ଭୂତ ଦୀନବନ୍ଧୁ ନନ୍ଦ ନାମକ ଜଣେ ବ୍ରାହ୍ମଣ ରାଜା ଥିଲେ । ତାହାଙ୍କର କୌଣସି ସନ୍ତାନ ନଥିବା ଯୋଗୁଁ ସେ ସୂର୍ଯ୍ୟବଂଶୋଦ୍ଭବ ଦୈତ୍ୟାରି ଭଞ୍ଜ ନାମକ ଜଣେ ରାଜଭ୍ରାତାଙ୍କ କୁମରଦ୍ୱୟଙ୍କୁ ନିଜ ପୁତ୍ରରୂପେ ଗ୍ରହଣ କରି ପ୍ରତିପାଳନ କଲେ । ସେମାନଙ୍କ ମଧ୍ୟରୁ ଜ୍ୟେଷ୍ଠର ନାମ ରଘୁନାଥ ଭଞ୍ଜ ଓ କନିଷ୍ଠର ନାମ ବନମାଳୀ ଭଞ୍ଜ ଥିଲା । ଏମାନେ କିଏ ଓ କେଉଁଠାରୁ ଆସିଥିଲେ ତାହା ଜାଣିବାକୁ ହେବ । ପୂର୍ବ କଥିତ ଦୈତ୍ୟାରି ଭଞ୍ଜ କେନ୍ଦୁଝର (ପୂର୍ବ କାଳରେ ମୟୂରଭଞ୍ଜ ରାଜ୍ୟରେ ଅନ୍ତର୍ଗତ) ; ରାଜ୍ୟରୁ ତତ୍ରତ୍ୟ ରାଜାଙ୍କ ପ୍ରତି ବିମୁଖ ହୋଇ ବାହାରି ଆସିଥିବାର କଥିତ ଅଛି ।" [ଗୁମୁସର ଇତିହାସ (ପୃ. ୧-୨)]

ରଘୁନାଥ ଓ ବନମାଳୀଙ୍କୁ ବୌଦର ବ୍ରାହ୍ମଣରାଜା ପୁତ୍ରରୂପେ ପାଳନ କରିବା ପରେ ତାଙ୍କର ଏକ ପୁତ୍ର ଜନ୍ମ ହୋଇଥିଲା । ରାଜା ଏ ତିନିଜଣଙ୍କୁ ସମାନ ଭାବରେ ଦେଖୁଥିଲେ ଏବଂ ସମାନଭାବରେ ବିଦ୍ୟାଶିକ୍ଷା ଓ ରାଜନୀତି ଶିକ୍ଷା ଦେଉଥିଲେ । ଯୌବନାବସ୍ଥାରେ ଭଞ୍ଜ ଭ୍ରାତାଦ୍ୱୟ କୁମନ୍ତ୍ରଣାର ବଶବର୍ତ୍ତୀ ହୋଇ ରାଜସିଂହାସନର ପ୍ରକୃତ ଉତ୍ତରାଧିକାରୀ ରାଜପୁତ୍ରକୁ ଷଡ଼ଯନ୍ତ୍ର କରି ଶିକାର ଛଳରେ ବଣକୁ ନେଇ ହାତୀ ଉପରୁ ପେଲି ଦେଲେ । ଏଥିରେ ରାଜକୁମାରଙ୍କ ମୃତ୍ୟୁ ହେଲା । ରାଜା ଏ ସମ୍ବାଦ ପାଇ ଦୁଃଖିତ ହେଲେ ଏବଂ ଏହା ଭଞ୍ଜ ଭ୍ରାତାମାନଙ୍କ କାର୍ଯ୍ୟ ବୋଲି ଆଶଙ୍କା କଲେ । ରାଜା ବ୍ୟଥିତ ହୋଇ ଭଞ୍ଜଭ୍ରାତାଦ୍ୱୟଙ୍କୁ ଅଭିଶାପ ଦେଲେ, "ତୁମ୍ଭର ଭବିଷ୍ୟତ ବଂଶଧରମାନେ ପରସ୍ପର ଶତ୍ରୁତା ଚରଣ କରି ରକ୍ତପାତ କରିବେ, ଏବଂ ବିଷମ ରୋଗାକ୍ରାନ୍ତ ହୋଇ ମୃତ୍ୟୁ ଲଭିବେ ।" ରାଜାଙ୍କ ପରେ ରଘୁନାଥ ଭଞ୍ଜ ବୌଦର ରାଜା ହେଲେ ।

କେତେ କାଳପରେ ଗୁମୁସର ଅଞ୍ଚଳର ଆଦିମ ଅଧିବାସୀମାନେ ବିଦ୍ରୋହ କଲେ । ସେମାନଙ୍କ ବିରୁଦ୍ଧରେ ଯୁଦ୍ଧ କରି ରଘୁନାଥ ସମଗ୍ର ରାଜ୍ୟକୁ ପୁଣି ନିଜ ଅଧୀନକୁ ଆଣିଲେ ।

ସେତେବେଳେ ସମଗ୍ର ରାଜ୍ୟଟି ଆଦିବାସୀମାନଙ୍କ ଆବାସ ଭୂମି ଥିଲା । ବଡ଼ ଗ୍ରାମ କିମ୍ବା ପାଟଣା ନଥିଲା । ରଘୁନାଥ ବିଦ୍ରୋହ ଦମନ କାଳରେ ନେଢଙ୍ଗା ଗ୍ରାମରେ ଉପସ୍ଥିତ ହୋଇଥିଲେ । ଏହି ଗ୍ରାମ ନିକଟସ୍ଥ ଅନ୍ୟ ଏକ ସ୍ଥାନରେ ଗୋଟିଏ ପ୍ରାଚୀନ ଗଡ଼ର ଚିହ୍ନ ବା କୁଟିର ଦେଖିଲେ । ଏହି ଗୁମା ଗୃଣପଟେ ସର ବା ଜଳୀ ଥିଲା । ଉଭୟ ନାମ ଗୁମ ଓ ସରକୁ ଯୋଗ କରି ସ୍ଥାନଟିକୁ 'ଗୁମସର' ନାମ ଦେଇ ସେଠାରେ ନୂତନ ଗଡ଼ ନିର୍ମାଣ କଲେ । ସେଠାରେ ରଘୁନାଥ ସ୍ଥାୟୀ ଭାବରେ ବାସ କରି ରାଜତ୍ୱ କଲେ ଏବଂ ଭାଇ ବନମାଳୀଙ୍କୁ ବୌଦ୍ଧରେ ରାଜା କଲେ । ଏହା ନବମ ଶତାବ୍ଦୀର ଘଟନା ବୋଲି କିମ୍ବଦନ୍ତୀ ଅଛି । ରାଜ୍ୟଟି ମଧ୍ୟ ଗୁମସର ନାମରେ ପରିଚିତ ହେଲା ।

ରଘୁନାଥ ଭଞ୍ଜ ଖ୍ରୀ: ୮୩୨-୮୪୨ ପର୍ଯ୍ୟନ୍ତ ରାଜତ୍ୱ କରିଥିବା 'ଗୁମୁସର ଇତିହାସ'ରୁ ଜଣାଯାଏ । ରଘୁନାଥଙ୍କ ପରେ ଉପେନ୍ଦ୍ରଙ୍କ ପିତାମହ ଧନଞ୍ଜୟଙ୍କ ପୂର୍ବରୁ ୪୯ ଜଣ ରାଜା ରାଜତ୍ୱ କରିଥିବା ଜଣାଯାଏ ।

ଅନ୍ୟ ଏକ କିମ୍ବଦନ୍ତୀ ଅନୁସାରେ ଗୁମ ଓ ସର ନାମରେ ଦୁଇଜଣ ଆଦିବାସୀ ନାୟକ ସେ ଅଞ୍ଚଳରେ ରାଜତ୍ୱ କରୁଥିଲେ । ଭଞ୍ଜରାଜତ୍ୱ-ପ୍ରତିଷ୍ଠାତା ଏହି ଦୁଇ ଜଣଙ୍କୁ ହତ୍ୟା କରି ରାଜ୍ୟ ଅଧିକାର କରିଥିଲେ । ଆଦିବାସୀନାୟକ ଦ୍ୱୟଙ୍କ ଯୁକ୍ତନାମ ଅନୁସାରେ ରାଜ୍ୟଟି 'ଗୁମୁସର' ନାମରେ ପରିଚିତ । ରାଜ୍ୟର ରାଜଧାନୀ ମଧ୍ୟ ସେତେବେଳେ ଗୁମୁସର ରାଜ୍ୟର ନାମ ଅନୁସାରେ ପରିଚିତ ହେଲା ।

ପୁଣି, କେହି କେହି କହନ୍ତି 'ଗୁଳୁ' ଓ 'ସର'ରୁ 'ଗୁଳୁସର ନାମ' ହୋଇଥିଲା। ସ୍ଥାନଟି ଲତାଗୁଳ୍ମରେ ପରିପୂର୍ଣ୍ଣଥିଲା ଏବଂ ଏକ ସର ବା ସରୋବର ମଧ୍ୟ ଥିଲା। ଏ ଉଭୟର ସ୍ମାରକ ସ୍ୱରୂପ ସ୍ଥାନର ନାମ ଗୁଳୁସର ହୋଇଥିଲା। ପରେ 'ଗୁମୁସର' ରେ ପରିଣତ ହେଲା।

ଏହି ଗୁମୁସର ବର୍ତ୍ତମାନ ଘୁମୁସର ନାମରେ ପରିଚିତ।

ବଂଶ ପରିଚୟ—ଉପେନ୍ଦ୍ର ଭଞ୍ଜଙ୍କ 'ରସ ପଞ୍ଚକ'ରେ ତାଙ୍କର ବଂଶ ପରିଚୟ ସମ୍ବନ୍ଧରେ ଯେଉଁ ତଥ୍ୟ ମିଳୁଛି ତାହା ଯଥେଷ୍ଟ ନହେଲେ ମଧ୍ୟ କାବ୍ୟ ରଚକ ପକ୍ଷରେ ଯଥେଷ୍ଟ ହୋଇଛି।

କୃଷ୍ଣେଶ ବଂଶ ହୋଇ ପ୍ରକାଶ, କ୍ରମେ ଘୁମୁସରେ ହେଲେ ନରେଶ।
କୁଳେନ୍ଦୁ କୀର୍ତ୍ତି ରଣରଣ କାନ୍ତି, ରଣେଶ୍ୱର ରଣଭଞ୍ଜ ନୃପତି।
କୃଶାନୁ ତେଜ ତାଙ୍କ ତନୁଜ, କୃତରୁ ପ୍ରାପତ ପ୍ରତାପ ଭଞ୍ଜ।
କନିଷ୍ଠ ସୁତ ତାଙ୍କ ଭୂଭୃତ, କରି ଗୋପୀନାଥ ନାମ ବିଦିତ।
କାଶ୍ୟପୀକାନ୍ତ ତାହାଙ୍କ ସୁତ, କୃତଙ୍କ ନୀଳକଣ୍ଠ ଭଞ୍ଜ ସୁତ।
କୁମର ଜ୍ୟେଷ୍ଠ ତାଙ୍କର ଶ୍ରେଷ୍ଠ, କବି-ପଣରେ ଅତି ପରିନିଷ୍ଠ।
(ଶେଷ ଛାନ୍ଦ)

ସୂର୍ଯ୍ୟବଂଶର ରଜାମାନେ ମହୀରେ ପ୍ରକାଶିତହୋଇ କ୍ରମେ ଘୁମୁସରରେ ରାଜତ୍ୱ ବିସ୍ତାର କଲେ। ଏହି ବଂଶର ରାଜା ରଣଭଞ୍ଜ ଅତି ତେଜସ୍ୱୀ ଶାସକ ଥିଲେ। ତାଙ୍କ ପୁତ୍ର ପ୍ରତାପଭଞ୍ଜ ମଧ୍ୟ ପ୍ରତାପୀ ଥିଲେ। ପ୍ରତାପଭଞ୍ଜଙ୍କ କନିଷ୍ଠ ପୁଅ ଗୋପୀନାଥ ପିତାଙ୍କ ପରେ ରାଜା ହେଲେ। ଗୋପୀନାଥ ଭଞ୍ଜଙ୍କ ପରେ ପୁଅ ଧନଞ୍ଜୟ ଭଞ୍ଜ ରାଜା ହେଲେ। ଏ ଜଣେ ବିଖ୍ୟାତ କବି। ଧନଞ୍ଜୟଙ୍କ ପୁତ୍ର ନୀଳକଣ୍ଠ ଭଞ୍ଜ। ଉପେନ୍ଦ୍ର ଭଞ୍ଜ ନୀଳକଣ୍ଠଙ୍କ ଜ୍ୟେଷ୍ଠକୁମର।

ଏ ଅନୁସାରେ ବଂଶଲତା ଏପରି ହେବ ।

ରଣ ଭଞ୍ଜ
|
ପ୍ରତାପ ଭଞ୍ଜ
|
ଗୋପୀନାଥ ଭଞ୍ଜ (କନିଷ୍ଠ ପୁତ୍ର)
|
ଧନଞ୍ଜୟ ଭଞ୍ଜ
|
ନୀଳକଣ୍ଠ ଭଞ୍ଜ (କନିଷ୍ଠପୁତ୍ର)
|
ଉପେନ୍ଦ୍ର ଭଞ୍ଜ (ଜ୍ୟେଷ୍ଠପୁତ୍ର)

'ଭଞ୍ଜ ବଂଶାବଳୀ'ରୁ ଜଣାଯାଏ ଗୋପୀନାଥଙ୍କ ପିତାଙ୍କ ନାମ ଗୋପାଳଭଞ୍ଜ, ପ୍ରତାପ ଭଞ୍ଜ ନୁହେଁ; ଗୋପୀନାଥଙ୍କ ପିତାମହଙ୍କନାମ ରଣଭଞ୍ଜ ନୁହେଁ, ଗୋପାଳ ଭଞ୍ଜ । 'ଘୁମସର ଇତିହାସ' (ସ୍ୱର୍ଗୀୟ ତାରିଣୀ-ଚରଣ ରଥ ? )ର ବଂଶ ତାଲିକା ଭ୍ରମପୂର୍ଣ୍ଣ । ଉପେନ୍ଦ୍ରଙ୍କ ତାଲିକାହିଁ ସତ୍ୟ । ବଂଶାବଳୀ ଅନୁସାରେ ନୀଳକଣ୍ଠଙ୍କ ପର୍ଯ୍ୟନ୍ତ ପୂର୍ବପୁରୁଷଙ୍କ ରାଜତ୍ୱ ସମୟ ଏହିପରି ଥିଲା—ଗୋପାଳ ଭଞ୍ଜ (ରଣଭଞ୍ଜ?) ଖ୍ରୀ: ୧୫୮୯-୧୬୧୧, ଗୋପାଳଙ୍କ ପରେ ଜ୍ୟେଷ୍ଠପୁତ୍ର ବନମାଳୀ ଭଞ୍ଜ ଖ୍ରୀ: ୧୬୧୧-୧୪, ବନମାଳୀଙ୍କ କନିଷ୍ଠ ଭ୍ରାତା ଗୋପୀନାଥ ଖ୍ରୀ: ୧୬୧୪-୩୬, ଧନଞ୍ଜୟ ଭଞ୍ଜ ଖ୍ରୀ: ୧୬୩୬-୧୭୦୧, ନୀଳକଣ୍ଠ ଭଞ୍ଜ ୧୭୦୧-୧୭୦୩ ।

ପିତାମହ ଧନଞ୍ଜୟ ଭଞ୍ଜ—ଘୁମୁସର ବଂଶର ରାଜା ପ୍ରତାପ ଭଞ୍ଜ (୨୨ଶ ରାଜା, ଖ୍ରୀ: ୧୧୯୦-୧୨୦୭)ଙ୍କ ରାଜତ୍ୱ କାଳରେ କୁଳୁ ନାମକ ଜଣେ କନ୍ଧ

ସରଦାର ବିଦ୍ରୋହ କଲେ । ପ୍ରତାପ ଯୁଦ୍ଧରେ ତାଙ୍କୁ ପରାସ୍ତ କରି ବଧ କଲେ । କୁଲାଙ୍କ ବଧ ସ୍ଥଳରେ ପ୍ରତାପ ଭଞ୍ଜ ଏକ ଗଡ଼ ନିର୍ମାଣ କରି ଘଟଣାର ସ୍ମାରକ ସ୍ୱରୂପ ଦୁର୍ଗର ନାମକୁ 'କୁଲାହାଡ଼' ରଖିଲେ । କାଳକ୍ରମେ 'କୁଲା-ହାଡ଼' ନାମ 'କୁଲଡ଼'ରେ ପରିଣତ ହୋଇଥିବା କେହି କେହି କହନ୍ତି । ରାଜା ଏଠାରେ ବିଖ୍ୟାତ 'ବ୍ୟାଘ୍ର ଦେବୀ' ଠାକୁରାଣୀଙ୍କୁ ଦୁର୍ଗର ଦକ୍ଷିଣ ପାର୍ଶ୍ୱସ୍ଥ ପ୍ରାଚୀରସମ ପର୍ବତ ଦେଶରେ ସ୍ଥାପନ କରିଥିଲେ । ଉପେନ୍ଦ୍ର ଭଞ୍ଜଙ୍କ ବୃଦ୍ଧ ପ୍ରପିତାମହ ପ୍ରତାପ ଭଞ୍ଜଙ୍କ ଜ୍ୟେଷ୍ଠପୁତ୍ର ବନମାଳୀ ଭଞ୍ଜ ପିତାଙ୍କ ମୃତ୍ୟୁ ପରେ ଖ୍ରୀ: ୧୬୧୧ ରେ ରାଜା ହୋଇଥିଲେ । ସେ ତିନିବର୍ଷ ରାଜତ୍ୱ କରିବା ପରେ ତାଙ୍କ ସାନଭାଇ ଗୋପୀନାଥ ଭଞ୍ଜ ତାଙ୍କୁ ବଧ କରି ନିଜେ ରାଜା ହେଲେ ।

ଗୋପୀନାଥ ଭଞ୍ଜ ଖ୍ରୀ: ୧୬୧୪ ଠାରୁ ଖ୍ରୀ: ୧୬୩୭ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହାଙ୍କ ପୁତ୍ର ପ୍ରତାପ ଧନଞ୍ଜୟ ଭଞ୍ଜ ( ବା ଧନଞ୍ଜୟ ଭଞ୍ଜ ) ପିତାଙ୍କ ମୃତ୍ୟୁପରେ ରାଜା ହେଲେ ଏବଂ ଦୀର୍ଘ ପଞ୍ଚଷଠୀ ବର୍ଷକାଳ କୃତିତ୍ୱ ସହକାରେ ରାଜତ୍ୱ କରିଥିଲେ । ତାଙ୍କ ପରି ଏତେ ଦୀର୍ଘକାଳ ରାଜତ୍ୱ କରି-ଥିବା ରାଜାଙ୍କ ସଂଖ୍ୟା ପୃଥିବୀ ଇତିହାସରେ ଅଳ୍ପ । ଧନଞ୍ଜୟ କନିଷ୍ଠଭ୍ରାତା ଗୋବିନ୍ଦକୁ ଆଟରାଜା ପଦରେ ନିଯୁକ୍ତ କରିଥିଲେ । ଧନଞ୍ଜୟ ସୁଶାସକ ଓ କବି ଥିଲେ ।

ଧନଞ୍ଜୟଙ୍କ ବାର ପୁତ୍ର ଥିବା ଏବଂ ଏମାନଙ୍କ ମଧ୍ୟରେ ଗଙ୍ଗାଧର ଜ୍ୟେଷ୍ଠ ଥିବା ଶୁଣାଯାଏ । ରାଜାଙ୍କର ଏକାଧିକ ରାଣୀ ଥିଲେ, ଧନଞ୍ଜୟ ନବଦୁର୍ଗ (ନୂଆଗଡ଼) ରାଜାଙ୍କ ଦୁହିତା ମଣ୍ଡୋଦେବୀଙ୍କୁ ବିବାହ କରିଥିଲେ । କିନ୍ତୁ ସେ ପାଟମହାଦେବୀ ଥିବାର ଅନୁମାନ ହୁଏ ନାହିଁ । ନୀଳକଣ୍ଠ ଭଞ୍ଜ ମଣ୍ଡୋ ଦେବୀଙ୍କ ଗର୍ଭରୁ ଜାତ ପୁତ୍ର ।

ପିତା ନୀଳକଣ୍ଠ ଭଞ୍ଜ—ଧନଞ୍ଜୟ ଅତି ବୃଦ୍ଧ ହୋଇଯିବାରୁ ରାଜ୍ୟ-ଶାସନ କରିବାରେ କ୍ରମେ ଅସମର୍ଥ ହୋଇପଡ଼ିଲେ । ପୁତ୍ରମାନଙ୍କ ଭିତରୁ

ଜଣକ ହସ୍ତରେ ରାଜ୍ୟ ଶାସନଭାର ଅର୍ପଣ କରିବା ସ୍ଥିର କଲେ । ମଣ୍ଡାଦେବୀ ତାଙ୍କର ଅତି ପ୍ରିୟତମା ମହିଷୀ ଥିବାରୁ ତାଙ୍କର ମନ୍ତ୍ରଣାରେ ନୀଳକଣ୍ଠଙ୍କ ହସ୍ତରେ ରାଜ୍ୟଶାସନ ଅର୍ପଣ କରିବା ସ୍ଥିର କରିଥିଲେ । କିନ୍ତୁ ଉତ୍ତରାଧିକାରୀ ମନୋନୟନରେ ତାଙ୍କର ମନ ଦୃଢ଼ ନଥିଲା । ସେ ଉପଯୁକ୍ତ ପାତ୍ର ନିର୍ବାଚନ କରିବା ପାଇଁ ଚିନ୍ତା କରୁଥିଲେ । ଜ୍ୟେଷ୍ଠ ପୁତ୍ର ଗଙ୍ଗାଧର ପ୍ରକୃତରେ ଉତ୍ତରାଧିକାରୀ । କିନ୍ତୁ ମଣ୍ଡାଦେବୀଙ୍କ ପ୍ରତି ଧନଞ୍ଜୟଙ୍କ ମମତା ଏଥିରେ ଅନ୍ତରାୟ ହୋଇଥିଲା । ବୃଦ୍ଧପତିଙ୍କ ମୃତ୍ୟୁପରେ ଗଙ୍ଗାଧର ଓ ଗୋବିନ୍ଦଙ୍କ ପୁତ୍ର ନାତିମାନେ ସିଂହାସନ ଦାବୀ କରିବା ଆଶଙ୍କା ଥିବାରୁ ବୁଦ୍ଧିମତୀ ମଣ୍ଡାଦେବୀ ଆଗରୁ ସତର୍କ ରହିଲେ । ଦେଶର ମୁଖିଆମାନଙ୍କୁ ହାତରେ ରଖିବା ପାଇଁ ଗୋପନରେ ଉଦ୍ୟମ କଲେ । ରାଜ ନବରରେ ଏହି ସମ୍ପର୍କରେ ବିବାଦ ଆରମ୍ଭ ହୋଇଗଲା ଏବଂ ଏହା କ୍ରମେ ଉତ୍କଟ ଆକାର ଧାରଣା କଲା ।

"ମଣ୍ଡା ଦେବୀ ନିଜ ଉଦ୍ଦେଶ୍ୟ ସାଧନ କରିବା ଇଚ୍ଛାରେ ନାନା ପ୍ରକାର ଅସତ୍ ଉପାୟମାନ ଅବଲମ୍ବନ କରିଥିବାର କଥିତ ଅଛି । ଆଠାରାଜାଙ୍କ ପୁତ୍ରମାନେ ରାଜାଙ୍କ ଜ୍ୟେଷ୍ଠ ସୁତ ଗଙ୍ଗାଧରଙ୍କ ସହିତ ମିଳି ରାଜ୍ୟ ଲାଭ ନିମନ୍ତେ ନାନା ପ୍ରକାର କୁ ମନ୍ତ୍ରଣା କରୁଅଛନ୍ତି ବୋଲି ଅକାରଣରେ ରାଜାଙ୍କ ମନରେ ବିଶ୍ୱାସ ଜନ୍ମାଇ ପ୍ରଥମେ ସେମାନଙ୍କୁ ଦେଶରୁ ଅନ୍ତର କରାଇଲେ । ଗୋବିନ୍ଦ ଭଞ୍ଜ ବ୍ୟସ୍ତ ହୋଇ ନିଜ ସନ୍ତାନଗଣଙ୍କୁ ସଙ୍ଗରେ ଘେନି ସ୍ୱଦେଶ ତ୍ୟାଗ କରି ପଳାୟନ କଲେ । ସେମାନେ ଯାଇ ନବଦୁର୍ଗ ରାଜ୍ୟ ମଧ୍ୟରେ ଆଶ୍ରୟ ନେଲେ । କିନ୍ତୁ, କନିଷ୍ଠ ପୁତ୍ର ଘନଭଞ୍ଜ ଧରାକୋଟ ଯାଇ ବାସ କଲେ । ଏହା ପରେ ମଣ୍ଡାଦେବୀ ଗୁପ୍ତ ଭାବରେ ଭୋଜନ କାଳରେ ଅନ୍ତଃପୁରସ୍ଥା କୌଣସି ଏକ ବ୍ରାହ୍ମଣ ସ୍ତ୍ରୀ (ନାମୀ) କର୍ତ୍ତୃକ ବିଷ ପ୍ରୟୋଗ ଦ୍ୱାରା ବୃଦ୍ଧ ସ୍ୱାମୀଙ୍କର ପ୍ରାଣ ସଂହାର କରିବାକୁ ସାହସୀ ହୋଇଥିଲେ ବୋଲି କଥିତ ଅଛି । ପିତାଙ୍କ ମୃତ୍ୟୁ ପରେ ନୀଳକଣ୍ଠ ଭଞ୍ଜ ପୂର୍ବ କଳ୍ପିତ ଦଳବଳ ଘେନି ସିଂହାସନାରୋହଣ କଲେ । ତତ୍କ୍ଷଣାତ୍ ଏକ ନିଶା ମଧ୍ୟରେ ନିଜ ଦଳର ସାହାଯ୍ୟରେ ଜ୍ୟେଷ୍ଠ

ଭ୍ରାତା ଗଙ୍ଗାଧରଙ୍କ ପ୍ରାସାଦରେ ପ୍ରବେଶ କରି ଅକାତରେ ତାହାଙ୍କର ଓ ତାହାଙ୍କ ପୁତ୍ର ଶତ୍ରୁଭଞ୍ଜଙ୍କର ଶିରଚ୍ଛେଦନ କରି ପକାଇଲେ ।”

( ଗୁମୁସର ଇତିହାସ — ପୃ ୧୬-୧୩ )

ସେତେବେଳକୁ ଶତ୍ରୁଘନ ଭଞ୍ଜଙ୍କର ସ୍ତ୍ରୀ ଅନ୍ତଃସତ୍ତ୍ୱା ଥିଲେ । ସେ କୌଶଳ କ୍ରମେ ଅନୁଚରବର୍ଗଙ୍କ ସହାୟତାରେ ପଳାଇ ଯାଇ ନିକଟବର୍ତ୍ତୀ କରଡ଼ା ଜମିଦାରୀରେ ଆଶ୍ରୟ ନେଲେ ।

ନୀଳକଣ୍ଠ ଭଞ୍ଜ ବଳପୂର୍ବକ ରାଜସିଂହାସନ ଅଧିକାର କଲେ । ସେ କିଛି ସମୟ ରାଜତ୍ୱ କରିବା ପରେ ରାଜ୍ୟରେ ଅଶାନ୍ତି ଦେଖାଦେଲା । ବହୁ ପ୍ରଜା ନୀଳକଣ୍ଠଙ୍କ ଏହି ଲୋମ ହର୍ଷଣକାରୀ ହତ୍ୟାକାଣ୍ଡକୁ ଘୃଣା କରୁଥିଲେ ଏବଂ ଏହି କାରଣରୁ ରାଜାଙ୍କ ପ୍ରତି ସେମାନଙ୍କ ଆନୁଗତ୍ୟ ମଧ୍ୟ କମିଯାଇ ଥିଲା ।

ଗୋବିନ୍ଦ ଭଞ୍ଜଙ୍କ କନିଷ୍ଠ ପୁତ୍ର ଧରାକୋଟ ରାଜାଙ୍କ ସାହାଯ୍ୟରେ ଘୁମୁସର ରାଜ୍ୟରେ ମେଳି ଆରମ୍ଭ କରିବା ପାଇଁ ଆୟୋଜନ କରିଦେଲେ । ଶତ୍ରୁଘନ ଭଞ୍ଜଙ୍କ ଅନ୍ତଃସତ୍ତ୍ୱା ପତ୍ନୀ ଏକ ପୁତ୍ର ସନ୍ତାନ ଜନ୍ମ କରିଥିଲେ । ତାଙ୍କର ନାମ ରଣଭଞ୍ଜ । ରଣଭଞ୍ଜଙ୍କୁ ଧନଞ୍ଜୟ ଭଞ୍ଜଙ୍କର ଉତ୍ତରାଧିକାରୀ ବୋଲି ଘୋଷଣା କରି ଘନଭଞ୍ଜ ବିଦ୍ରୋହର ନେତୃତ୍ୱ ନେଲେ । କରଡ଼ା, ଧରାକୋଟ ପ୍ରଭୃତି କେତେକ ଜମିଦାରଙ୍କ ସାହାଯ୍ୟରେ ଘୁମୁସର ଭିତରେ ପଶି ଗାଲେରିଠାରେ ଉପସ୍ଥିତ ହେଲେ । ସେ ଅଞ୍ଚଳର ସର୍ଦାରମାନେ ଘନ-ଭଞ୍ଜଙ୍କୁ ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେବାରୁ ରଣ ଭଞ୍ଜଙ୍କୁ ଘୁମୁସର ରାଜ୍ୟର ରାଜା ବୋଲି ଘୋଷଣା କରି ନୀଳକଣ୍ଠଙ୍କ ବିରୁଦ୍ଧରେ ଯୁଦ୍ଧାଭିଯାନ ଆରମ୍ଭ କଲେ । ଗାଲେରିଠାରୁ କୁଲଡ଼ଗଡ଼ ଆଡ଼େ ବିଦ୍ରୋହୀମାନେ ଅଗ୍ରସର ହେଲେ ଏବଂ ବାଟରେ ବହୁ ଲୋକ ଏମାନଙ୍କ ସହିତ ଯୋଗ ଦେଲେ । ବିରାଟ ବିଦ୍ରୋହୀଦଳ ଗଡ ଆକ୍ରମଣ କରିବା ପାଇଁ ଆସୁଥିବା ଦେଖି ନୀଳକଣ୍ଠ ଭୀତ ହୋଇ ସପରିବାର ଗଡ଼ ତ୍ୟାଗ କରି ପଳାୟନ କଲେ । ନୀଳକଣ୍ଠ ଖ୍ରୀ: ୧୭୦୧ ଠାରୁ ଖ୍ରୀ: ୧୭୦୩ ପର୍ଯ୍ୟନ୍ତ ଏହି ଦୁଇ ବର୍ଷ ରାଜତ୍ୱ କରିଥିବା ଜଣାଯାଏ ।

ଶିଶୁ ରଣ ଭଞ୍ଜଙ୍କୁ ରାଜା ବୋଲି ଘୋଷଣା କରି ଘନ ଭଞ୍ଜ ତାଙ୍କ ନାମରେ ରାଜତ୍ୱ କଲେ । କିଛି କାଳ ପରେ ସେ ଶିଶୁ ରଣ ଭଞ୍ଜଙ୍କୁ ହତ୍ୟା କରି ନିଜେ ରାଜା ହେଲେ ।

ନୀଳକଣ୍ଠ ଭଞ୍ଜ ଘୁମୁସରରୁ ପଳାଇ ଯାଇ ଆଠଗଡ଼, ଧରାକୋଟ ପ୍ରଭୃତି ସ୍ଥାନରେ କିଛି ସମୟ ସପରିବାର ଅବସ୍ଥାନ କଲେ । ସେ ରାଜ୍ୟ ତ୍ୟାଗ କରିଥିଲେ ମଧ୍ୟ ଜୀବିତ ଥିବା ପର୍ଯ୍ୟନ୍ତ ରଣ ଭଞ୍ଜ ଓ ଘନ ଭଞ୍ଜଙ୍କ ରାଜତ୍ୱକୁ ସ୍ୱୀକାର କରି ନଥିଲେ ଏବଂ ଘୁମୁସରର ରାଜା ପଦବୀ ତ୍ୟାଗ କରି ନ ଥିଲେ । କିଛି ସମୟ ଗଞ୍ଜାମରେ ରହିବା ପରେ ନୀଳକଣ୍ଠ ନୟାଗଡ଼ ରାଜାଙ୍କ ଆଶ୍ରୟରେ ରହିଲେ ଏବଂ ସେ ରାଜ୍ୟର ଅନ୍ତର୍ଗତ ମାଳିସାହି ନାମକ ଗ୍ରାମରେ ସପରିବାର ନିବାସ କଲେ ।

ଉପେନ୍ଦ୍ରଙ୍କ ଜୀବନୀ—ଉପେନ୍ଦ୍ର ରାଜା ନୀଳକଣ୍ଠଙ୍କ ଜ୍ୟେଷ୍ଠପୁତ୍ର ଥିବାରୁ ସେ ଯୁବରାଜ, ପାଟକୁମର ପଦବୀ ବ୍ୟବହାର କରୁଥିଲେ । ପିତା ରାଜା ହେବା ସମୟକୁ ଉପେନ୍ଦ୍ର ଯୁବକ ଥିଲେ ଏବଂ କାବ୍ୟ କବିତା ରଚନା ଆରମ୍ଭ କରିଥିଲେ ।

ରସ ପଞ୍ଚକର 'ର-ବୋଲି'ରେ 'ବିଦେଶ ଗମନ ଚନ୍ଦ୍ରା', 'ରସବନ୍ତି ମୋ ମନରୁ ମୁରୁଛି କି ହୋଇବ' ଗୀତର ଶେଷ ପଦରେ ଉପେନ୍ଦ୍ର ନିଜକୁ ପାଟ କୁମାର ବୋଲି ପରିଚୟ ଦେଇଛନ୍ତି ।

ରଚିତ ପାଟକୁମାର ଯାତ୍ରା ଉଦେଶୀ ବିପ୍ରର
ଗୁଣ ଦୁହେ ଦୁହିଁଙ୍କର ପଦଯୋଡ଼ି ଗାଇବ ।

ପୁଣି, 'ପ-ବୋଲି'ର 'ମଧ୍ୟାହ୍ନତିମ୍ଭିତ' ଗୀତର ଶେଷରେ ଉପେନ୍ଦ୍ର ନିଜକୁ ରାଜା ବୋଲି ପରିଚିତ କରାଇଛନ୍ତି ।

ପ୍ରବୀଣା ମଧ୍ୟା ରତିମ୍ଭିତ ଏହି, ପଦେ ଉପଇନ୍ଦ୍ର ଭଞ୍ଜରାଜ କହି ।

ଏଥିରୁ ଅନୁମାନ ହେଉଛି ଏହି ଗୀତ ରଚନା ବେଳକୁ କବିଙ୍କ ପିତାଙ୍କର କାଳ ହୋଇ ଯାଇଥିଲା ଏବଂ 'ପାଟକୁମାର' 'ରାଜା' ହେଲେ। 'ପାଟକୁମାର' ଭଣିତାଥିବା ଗୀତର ଅବ୍ୟବହିତ ପରେ 'ରାଜ' ଭଣିତା ଥିବା ଗୀତଟି ଗ୍ରନ୍ଥରେ ଥିବାରୁ ମନେ ହେଉଛି ଏହି ଦୁଇଟିର ରଚନା କାଳ ମଧ୍ୟରେ ନୀଳକଣ୍ଠଙ୍କର ସ୍ୱର୍ଗବାସ ହୋଇ ଯାଇଛି। ପିତା ନିର୍ବାସନ କାଳରେ ମଧ୍ୟ ନିଜକୁ ରାଜା ବୋଲି ପରିଚିତ କରାଉଥିବାରୁ ଉପେନ୍ଦ୍ର ନିଜକୁ ସେହି ପଦବୀରେ ପରିଚିତ କରାଇବା ସ୍ୱାଭାବିକ।

କବି ପିତାଙ୍କର ରାଜ୍ୟଭ୍ରଷ୍ଟ ସମ୍ପର୍କୀୟ ଘଟନା କବିତା ଭିତରେ ସ୍ଥାନେ ସ୍ଥାନେ ଫୁଟାଇଥିବା ମନେ ହୁଏ।

ରାଜାଙ୍କୁ ହେବାର ରାଜ୍ୟଭ୍ରଷ୍ଟ, ଯୁବାକୁ ହେବାର ପତ୍ନୀ କଷ୍ଟ
ବୋଲେ ଉପଇନ୍ଦ୍ର ଭଞ୍ଜ ବୀରବର ଏଥୁଁ ବଳି ନାହିଁ ଆନ କଷ୍ଟ।
(ରସିକ ହାରାବଳୀ)

'ପଞ୍ଚଶାୟକ'ରେ ମଧ୍ୟ ଉପେନ୍ଦ୍ର ନିଜକୁ 'ଉପେନ୍ଦ୍ର ଭଞ୍ଜ ନୃପତି' ବୋଲି ପରିଚିତ କରାଇଅଛନ୍ତି। ଏଥିରୁ ଅନୁମିତ ଯେ ଉପେନ୍ଦ୍ର ଓ ତାଙ୍କ ପିତା ନୀଳକଣ୍ଠ ଘନ ଭଞ୍ଜଙ୍କ ରାଜତ୍ୱ ବା ରାଜପଦବୀକୁ ସ୍ୱୀକାର କରି ନ ଥିବାରୁ ପିତା ଓ ପିତାଙ୍କ ପରେ ପୁତ୍ର ଉଭୟେ 'ନୃପତି' ପଦ ବ୍ୟବହାର କରୁଥିଲେ। ପିତାଙ୍କ ଜୀବିତାବସ୍ଥାରେ ଉପେନ୍ଦ୍ର ପାଟକୁମାର ରୂପେ ପରିଚିତ ହେଉଥିଲେ ଏବଂ ନୀଳକଣ୍ଠଙ୍କ ମୃତ୍ୟୁପରେ ତାଙ୍କର 'ରାଜା' ପଦ ସେ ନିଜେ ବ୍ୟବହାର କଲେ। ଏହା ଅସଙ୍ଗତ ନୁହେଁ। ବିଦ୍ରୋହରେ ବଳପୂର୍ବକ ନୀଳକଣ୍ଠଙ୍କୁ ସିଂହାସନରୁ ତଡ଼ି ଦିଆ ଯାଇଥିବାରୁ ସେ ନିଜକୁ 'ରାଜା' ବୋଲି ପରିଚୟ ଦେଉଥିବା ସ୍ୱାଭାବିକ। ବିଶେଷତଃ ଘନ ଭଞ୍ଜଙ୍କର ସିଂହାସନରେ କୌଣସି ଦାବୀ ନ ଥିଲା। ଧନଞ୍ଜୟ ପିତାଙ୍କର ଜ୍ୟେଷ୍ଠପୁତ୍ର ଥିବାରୁ ପିତାଙ୍କ ସିଂହାସନ ପାଇଥିଲେ। ଘନଙ୍କ ପିତା ଗୋବିନ୍ଦ ଧନଞ୍ଜୟଙ୍କର କନିଷ୍ଠଭ୍ରାତା ଥିବାରୁ ସେ ସିଂହାସନର ଅଧିକାରୀ ନୁହନ୍ତି, କେବଳ ଧନଞ୍ଜୟ ନିଃସନ୍ତାନ ହୋଇଥିଲେ

ସେ ରାଜା ହୋଇଥାନ୍ତେ । ଧନଞ୍ଜୟଙ୍କ ପରେ ଧନଞ୍ଜୟଙ୍କର ପୁତ୍ରମାନେ କେବଳ ସିଂହାସନର ଅଧିକାରୀ । ନୀଳକଣ୍ଠ ପିତାଙ୍କ ସିଂହାସନ ଅଧିକାର କରିସାରି କେତେବର୍ଷ ରାଜତ୍ୱ କରିବାରୁ ତାଙ୍କର ପଦବୀରେ ଅଧିକାର ସ୍ପଷ୍ଟ ହେଉଛି । ଏହି କାରଣରୁ ଘନ ଭଞ୍ଜଙ୍କୁ ରାଜା ରୂପେ କାର୍ଯ୍ୟତଃ ସ୍ୱୀକାର କଲେ ମଧ୍ୟ ପ୍ରକୃତରେ ରାଜପଦବୀ ନିଜର ବୋଲି ନୀଳକଣ୍ଠ ଭାବିବା ଓ ସେ ଅନୁସାରେ ପଦବୀ ବ୍ୟବହାର କରିବା ମଧ୍ୟ ଅନୁଚିତ ହୋଇନାହିଁ । ଏପରି ବହୁ ଦୃଷ୍ଟାନ୍ତ ଓଡ଼ିଶା ରାଜାମାନଙ୍କ ଇତିହାସରେ ଦେଖାଯାଏ । ଉପେନ୍ଦ୍ର ନିଜକୁ 'ରାଜା' ବୋଲି ପଞ୍ଚଶାୟକରେ ଲେଖିଥିବାରୁ ପଞ୍ଚଶାୟକ ରଚନା ବେଳକୁ ପିତା ରାଜା ନୀଳକଣ୍ଠଙ୍କର ସ୍ୱର୍ଗାରୋହଣ ହୋଇଯାଇଥିଲା ।

ପ୍ରଥମ ଛାନ୍ଦ ହୋଇଲା ଏଥେ ସମାପତ<br>
ଭଣିଲେ ଉପେନ୍ଦ୍ର ଭଞ୍ଜ ନୃପତି ଏ ଗୀତ । (୧ମ ଛାନ୍ଦ)<br>
ଦ୍ୱିତୀୟ ଛାନ୍ଦ ହୋଇଲା ଶେଷ ଭଣେ ଉପେନ୍ଦ୍ର ଭଞ୍ଜ ନରେଶ ।<br>
(୨ୟ ଛାନ୍ଦ)

ଭଣେ ଉପେନ୍ଦ୍ର ଭଞ୍ଜ ନୃପବର । ୩ୟ ଛାନ୍ଦ ।<br>
ଭାବେ ଭଣିଲେ ଉପେନ୍ଦ୍ର ଭଞ୍ଜ ମହୀପତି । ୫ମ ଛାନ୍ଦ ।<br>
ଭଣଇଁ ଉପେନ୍ଦ୍ର ଭଞ୍ଜ ନୃପ ମହାବୀର । ୭ମ ଛାନ୍ଦ ।<br>
ଉପେନ୍ଦ୍ର ଭଞ୍ଜ ନୃପତି, ଭଣିଲେ ଏ ରତି ଏ । ୮ମ ଛାନ୍ଦ ।

ଉପେନ୍ଦ୍ର ବାଣପୁରର ରାଜା ଅଚ୍ୟୁତ ହରିଚନ୍ଦନ ରାୟଙ୍କ ଜ୍ୟେଷ୍ଠା କନ୍ୟାଙ୍କୁ ବିବାହ କରିଥିଲେ । କିଛି ବର୍ଷ ପରେ ଉପେନ୍ଦ୍ରଙ୍କ ସ୍ତ୍ରୀଙ୍କ ଅକାଳ ମୃତ୍ୟୁ ହୋଇ ଯାଇଥିବା ଶୁଣାଯାଏ ।

କେହି କେହି କହନ୍ତି ଉପେନ୍ଦ୍ର ପ୍ରଥମେ ନୟାଗଡ଼ ରାଜା ବିନାୟକ ସିଂହଙ୍କ କନ୍ୟାଙ୍କୁ ବିବାହ କରିଥିଲେ ଏବଂ ନୟାଗଡ଼ ରାଜା ମାଳସାହି ଗ୍ରାମଟି ଯୌତୁକ ସୂତ୍ରରେ ଜାମାତାଙ୍କୁ ଦେଇଥିଲେ । ପ୍ରଥମା ସ୍ତ୍ରୀଙ୍କର ବିୟୋଗ ପରେ ସେ ବାଣପୁର ରାଜାଙ୍କ କନ୍ୟାଙ୍କୁ ବିବାହ କଲେ । ପ୍ରଥମ ସ୍ତ୍ରୀଙ୍କ ବିୟୋଗ

ବେଳକୁ କବିଙ୍କ ଯୌବନାବସ୍ଥା । ପିତା ଓ ପିତାମହଙ୍କ ଉପଦେଶାନୁସାରେ ସେ ପୁନର୍ବାର ବିବାହ କରିଥିଲେ ।

କବି ନୟାଗଡ଼ ମାଳି ସାହିରେ ନିବାସ କରିବା ପରେ ବାଣପୁର, ଖୋର୍ଦ୍ଧା, ରଥୀପୁର, ପୁରୀ ପ୍ରଭୃତି ସ୍ଥାନ ପରିଦର୍ଶନ କରି ସେଠାରେ କିଛି ସମୟ ଅତିବାହିତ କରିଥିଲେ । ପୁରୀରେ ଅବସ୍ଥାନ କରିବା ସମୟରେ ବଙ୍ଗର ପ୍ରସିଦ୍ଧ କବି ଭାରତଚନ୍ଦ୍ର ମଧ୍ୟ ପୁରୀରେ ଗୋବର୍ଦ୍ଧନ ମଠ (ଶଙ୍କରାଚାର୍ଯ୍ୟ ମଠ)ରେ ବାସ କରୁଥିଲେ । ଭଞ୍ଜଙ୍କ କାବ୍ୟମାନଙ୍କ ସହିତ ଭାରତଚନ୍ଦ୍ର କାବ୍ୟ 'ବିଦ୍ୟାସୁନ୍ଦର'ର ତୁଳନାରେ ସମକକ୍ଷ ନହେଲେ ମଧ୍ୟ ରଚନାର ଶୈଳୀରେ କେତେକ ସାଦୃଶ୍ୟ ଥିବା ଦେଖାଯାଏ । ଭଞ୍ଜଙ୍କର ପ୍ରାଥମିକ ରଚନାମାନଙ୍କ ସହିତ ବିଦ୍ୟାସୁନ୍ଦର ତୁଳନୀୟ ହୋଇପାରେ ! ଉଭୟ କବିଙ୍କ ମଧ୍ୟରେ ଆଳାପ ଆଲୋଚନା ହୋଇଥିବା ଜନଶ୍ରୁତି ଅଛି, 'ଭାରତଚନ୍ଦ୍ର ଗ୍ରନ୍ଥାବଳୀ'ର ମୁଖବନ୍ଧରେ ଏହାର ସୂଚନା ଦେଖିଯାଏ । ଭାରତଚନ୍ଦ୍ର ଉପେନ୍ଦ୍ରଙ୍କ ଦ୍ୱାରା ପ୍ରଭାବିତ ହୋଇଥିବା ମଧ୍ୟ କଥିତ ଅଛି ।

ପୁରୀ ଅବସ୍ଥାନ ବେଳେ କ୍ଷେତ୍ରର ମରିଚୀକୋଟ ସାହିରେ ଥିବା ପ୍ରସିଦ୍ଧ ଧୂମୁସର ମଠରେ ଉପେନ୍ଦ୍ର ଭଞ୍ଜ ରହୁଥିଲେ ।

ମାଳି ସାହି ନୟାଗଡ଼ (ନୂଆଗଡ଼) ରାଜଧାନୀଠାରୁ ଦକ୍ଷିଣକୁ ପ୍ରାୟ ୧୨ ମାଇଲ ଦୂରରେ ଅବସ୍ଥିତ ଏକ ସମୃଦ୍ଧିଶାଳୀ ଗ୍ରାମ । ପ୍ରସିଦ୍ଧ ଶରଣକୁଳ, ମାଳିସାହି ଓ ଉକାଣି ପଡ଼ା ଏହି ତିନୋଟି ପ୍ରସିଦ୍ଧ ଗ୍ରାମ ଲଗାଲଗି ହୋଇ ଅଛନ୍ତି । ବର୍ତ୍ତମାନ ଏ ତିନିଗ୍ରାମ ସାଧାରଣତଃ ଶରଣକୁଳ ନାମରେ ପରିଚିତ ହେଉଛି । ଲଡ଼ୁକେଶ୍ୱର ମହାଦେବଙ୍କ ପୀଠ ଯୋଗୁଁ ଶରଣକୁଳ, ଉପେନ୍ଦ୍ରଙ୍କ ଅବସ୍ଥାନ ଯୋଗୁଁ ମାଳି ସାହି, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ଜନ୍ମସ୍ଥାନ ଯୋଗୁଁ ଉକାଣିପଡ଼ା ପ୍ରସିଦ୍ଧି ଲାଭ କରିଛି । ମାଳି ସାହିରେ ଉପେନ୍ଦ୍ର ଭଞ୍ଜ ଅବସ୍ଥାନ କରୁଥିବାବେଳେ ପ୍ରତିଦିନ ଓଡ଼ଗାଁ ରଘୁନାଥଙ୍କୁ ଦର୍ଶନ କରିବା ନିମନ୍ତେ ଘୋଡ଼ାରେ ଚଢ଼ି ଯାଉଥିବା ପ୍ରବାଦ ଅଛି । ଓଡ଼ଗାଁ ମାଳି ସାହିଠାରୁ ଦକ୍ଷିଣକୁ ପ୍ରାୟ ସାତ ଆଠମାଇଲ ଦୂର ହେବ ।

ମାଳ ସାହିର ନିକଟରେ ଥିବା ଭଣ୍ଡାର ମୁଣ୍ଡିଆ (ଙ୍କ୍ରୁଟ ପାହାଡ଼)ରେ ବସି କବି କଣ୍ଟିନ୍ତ ମନରେ ଏକାନ୍ତରେ ବସି କବିତା ରଚନା କରୁଥିଲେ । ଏହି ମୁଣ୍ଡିଆ ଭିତରେ ଥିବା ଏକ ଗହ୍ଵରରେ ବସି କବି ଇଷ୍ଟଦେବ ଦେବୀଙ୍କୁ ଧ୍ୟାନ କରୁଥିଲେ ଏବଂ କବିତା ରଚନା କରୁଥିଲେ ବୋଲି କିମ୍ବଦନ୍ତୀ ଶୁଣାଯାଏ । ଏହି ଗୁମ୍ଫାର ନାମ ସିଦ୍ଧ ଗୁମ୍ଫା ବୋଲି କେହି କେହି କହନ୍ତି ।

ଶିକ୍ଷା :—ଉପେନ୍ଦ୍ରଙ୍କ ବାଲ୍ୟଶିକ୍ଷାରେ ଅବହେଳା ଦେଖା ଯାଇଥିବା ଅନୁମାନ ହୁଏ ନାହିଁ । କବିଙ୍କର ଅନ୍ୟାନ୍ୟ ଭାଇ ମଧ୍ୟ ଥିଲେ, ଏହା ତାଙ୍କର 'ପାଟ କୁମର', 'ଜ୍ୟେଷ୍ଠ କୁମର' ଉକ୍ତିରୁ ସ୍ପଷ୍ଟ ହେଉଛି । ନୀଳକଣ୍ଠ ପିତାଙ୍କର ପ୍ରିୟତମା ରାଣୀଙ୍କର ପୁତ୍ର ହୋଇଥିବାରୁ ସେ ରାଜୋଚିତ ସକଳ ସୁବିଧା ଭୋଗ କରିଥିଲେ । ନିଜେ ପଣ୍ଡିତ ଓ କବି ଥିବାରୁ ବଂଶ ପରଂପରାକୁ ସେ ଅକ୍ଷୁନ୍ନ ରଖିଥିଲେ । ସାହିତ୍ୟପ୍ରେମୀ, ପଣ୍ଡିତ, କବି ଧନଞ୍ଜୟ ଓ ତତ୍କାଳୀନ ତାଙ୍କ ପୁତ୍ର ନୀଳକଣ୍ଠଙ୍କ ତତ୍ତ୍ୱାବଧାନରେ ଉପେନ୍ଦ୍ରଙ୍କ ବାଲ୍ୟଶିକ୍ଷା ଅବହେଳିତ ହୋଇଥିବା ଅନୁମାନ କରାଯାଇ ପାରୁନାହିଁ । ଘୁମୁସର ରାଜପ୍ରାସାଦ, ରାଜଧାନୀ ଓ ରାଜ୍ୟର ବାୟୁମଣ୍ଡଳ ପରମ୍ପରାକ୍ରମେ ବହୁ କାଳରୁ ଉଚ୍ଚଶିକ୍ଷା, ଉଚ୍ଚ ସଂସ୍କୃତିର ପରିଚୟ ଦେଇଛି । ଏହି ସାହିତ୍ୟିକ ବାୟୁମଣ୍ଡଳ ଭିତରେ ଉପେନ୍ଦ୍ର ବର୍ଦ୍ଧିତ ହୋଇଛନ୍ତି । ଏହି କାରଣରୁ ସେ ବହୁ ଶାସ୍ତ୍ର ଅଧ୍ୟୟନ କରି ଆୟତ୍ତ କରି ପାରିଥିଲେ । ଏକାନ୍ତ ସଂକଳ୍ପ ଓ ନିଷ୍ଠା ତାଙ୍କର ପାଣ୍ଡିତ୍ୟ ଓ କବିତ୍ୱକୁ ଗୁଣରେ ଓ ଆକାରରେ ବହୁ ପରିମାଣରେ ବର୍ଦ୍ଧିତ କରି ଦେଇଥିଲା; ଏହା ଏତେ ଦୂର ଉଚ୍ଚ ଦେଶକୁ ଗମନ କରିଛି ଯେ ଅନ୍ୟ ଉଚ୍ଚକୋଟୀର ଆଲଙ୍କାରିକ କବିମାନେ ତାଂକ ତୁଳନାରେ ବାମନ ତୁଲ୍ୟ ପ୍ରତୀୟମାନ ହେଉଛନ୍ତି ।

ଉପେନ୍ଦ୍ର ବାଲ୍ୟଜୀବନରେ ମୂର୍ଖଥିବା ଏବଂ ରାମତାରକମନ୍ତ୍ର ସାଧନା ବଳରେ କବିତ୍ୱ ଶକ୍ତି ଲାଭ କରିଥିବା କେହି କେହି କହନ୍ତି । କିନ୍ତୁ କବି ବାଲ୍ୟଜୀବନରେ ମୂର୍ଖ ଥିବା ବିଶ୍ୱାସ ହୁଏ ନାହିଁ । କାରଣ, ଘୁମୁସରରାଜ୍ୟ ଓ ଘୁମୁସର ରାଜନିବାସ ସେହି ସମୟରେ ଶିକ୍ଷା ଓ ସଂସ୍କୃତିର ଏକ

ପ୍ରଧାନ କେନ୍ଦ୍ର ଥିଲା । ପିତାମହ, ପିତା ମଧ୍ୟ ଶିକ୍ଷିତ ଓ କବି ଥିଲେ । ଏପରି ସ୍ଥଳେ ବାଲ୍ୟଶିକ୍ଷାର ଅଭାବ କଳ୍ପନା କରିବା ସଙ୍ଗତ ବୋଧ ହେଉନାହିଁ । ସାଧକମାନଙ୍କ ଜୀବନର ମହତ୍ତ୍ୱ ଓ ମନ୍ତ୍ରସାଧନାର ମହିମାର ପ୍ରଭାବକୁ ଲୋକଚକ୍ଷୁରେ ଦୃଢ଼ କରିବା ନିମନ୍ତେ ଏପରି କୁହାଯାଇଥାଏ, ଏବଂ ସ୍ଥଳବିଶେଷରେ ଶାରଳାଦାସାଦି କବିମାନେ ମଧ୍ୟ ନିଜେ ମୂର୍ଖ ଥିବା ଏବଂ ଦେବୀଙ୍କ ବରପ୍ରସାଦରୁ କବିତ୍ୱ ଶକ୍ତିଲାଭ କରିଥିବା ବ୍ୟକ୍ତ କରିଛନ୍ତି । ଶାରଳାଦାସାଦିଙ୍କ ସମ୍ବନ୍ଧରେ ଏହା ସତ୍ୟ ବୋଲି ଗ୍ରହଣ କଲେ ମଧ୍ୟ ଉପେନ୍ଦ୍ରଙ୍କ ପକ୍ଷରେ ଗ୍ରହଣୀୟ ନୁହେଁ ।

ଉପେନ୍ଦ୍ର ରାମତାରକମନ୍ତ୍ର ଜପ ବଳରେ କବି-ଶକ୍ତିପ୍ରାପ୍ତ ହୋଇ-ଥିବା ଶୁଣାଯାଏ । ପୁଣି, ସ୍ୱ ପରିବାରର ଇଷ୍ଟଦେବୀ ବ୍ୟାଘ୍ରଦେବୀ ବା ବାଗ୍‌ଦେବୀଙ୍କ ଆରାଧନା ଫଳରୁ ଏହି ଶକ୍ତି ଲାଭ କରିଥିବା କିମ୍ବଦନ୍ତୀ ମଧ୍ୟ ଅଛି ।

କୁଲାଡ଼ ଗଡ଼ର ବ୍ୟାଘ୍ରଦେବୀ ପାହାଡ଼ ଉପରେ ଏହି ନାମର ପ୍ରତିଷ୍ଠିତ ଇଷ୍ଟଦେବୀଙ୍କ ନିକଟରେ ଜଣେ ବ୍ରାହ୍ମଣ ବରପ୍ରାର୍ଥୀ ହୋଇ ଅଧ୍ୟା ପଡ଼ିଥିଲେ । ବହୁ ଅଧ୍ୟା ପଡ଼ିବା ପରେ ଇଷ୍ଟଦେବୀଙ୍କ ସାକ୍ଷାତ୍ ଦର୍ଶନ ନ ପାଇ ସେ ମନଦୁଃଖରେ ଦେବୀଙ୍କ ସମ୍ମୁଖରେ ଆତ୍ମହତ୍ୟା କରିବା ସଂକଳ୍ପ କଲେ । ଦିନେ ଏହି ଉଦ୍ଦେଶ୍ୟରେ ସେ ଠାକୁରାଣୀଙ୍କ ସମ୍ମୁଖରେ ନିଜ ଜିହ୍ୱା ଛେଦନ କରିବାକୁ ସ୍ଥିର କଲେ । ଠିକ୍ ଏହି ସମୟରେ ଉପେନ୍ଦ୍ର ଠାକୁରାଣୀଙ୍କୁ ଦର୍ଶନ କରିବା ପାଇଁ ଯାଇଥିଲେ । ବ୍ରାହ୍ମଣଙ୍କ ତପସ୍ୟାରେ ପ୍ରୀତ ହୋଇ ଦେବୀ ବର ଦେବା ପାଇଁ ତାଙ୍କ ଆଗରେ ପ୍ରଥମେ ମନର ଦୃଢ଼ତା ପରୀକ୍ଷା କରିବା ଉଦ୍ଦେଶ୍ୟରେ ଭୟଙ୍କର ରୂପ ଧାରଣ କରି ଉପସ୍ଥିତ ହେଲେ । ବ୍ରାହ୍ମଣ ମା'ଙ୍କର ଏ ଭୟଙ୍କର ମୂର୍ତ୍ତି ଦେଖି ଭୟରେ ମୂର୍ଚ୍ଛିତ ହୋଇଗଲେ । ଦେବୀ ଏହି ସମୟରେ "କି ବର ମାଗୁଛୁ, ମାଗ" ବୋଲି ଦୁଇ ତିନି ଥର କହିଲେ । ଭାଗ୍ୟହୀନ ବ୍ରାହ୍ମଣ ମୂର୍ଚ୍ଛିତ ଅବସ୍ଥାରେ ଥିବାରୁ ଦେବୀଙ୍କ ପ୍ରସନ୍ନ-ବାଣୀ ଶୁଣି ପାରିଲେ ନାହିଁ । ଉପେନ୍ଦ୍ର ଦେବୀଙ୍କ ଭୟଙ୍କର ମୂର୍ତ୍ତି ଦେଖି ଭୀତ ନ ହୋଇ

ସାଷ୍ଟାଙ୍ଗ ପ୍ରଣିପାତ କଲେ । ଦେବୀ ଏଥିରେ ପ୍ରୀତ ହୋଇ ତାଙ୍କୁ ମଧ୍ୟ "କ ବର ମାଗୁଛୁ, ମାଗ" ବୋଲି କହିଲେ । ବାକ୍‌ଦେବୀ ଭକ୍ତ ଉପେନ୍ଦ୍ର 'ଅପୂର୍ବ କବିତା-ଶକ୍ତି'ର ବର ମାଗିଲେ । ଦେବୀ 'ତଥାସ୍ତୁ' କହି ଅନ୍ତର୍ଦ୍ଧାନ ହେଲେ । ସେହି ଦିନଠାରୁ ଉପେନ୍ଦ୍ରଙ୍କର ଅସାଧାରଣ କବିତାଶକ୍ତିର ସ୍ଫୁରଣ ହେଲା ।

କେହି କେହି କହନ୍ତି ଦେବୀଙ୍କ ସାକ୍ଷାତ୍ ଦର୍ଶନ ସମୟରେ ଦେବୀ 'ବଳି କାହିଁ ବଳି କାହିଁ' ବୋଲି ପ୍ରଶ୍ନ କ'ଲେ । ସାଧକ ମୂର୍ଚ୍ଛିତ ଯାଇ-ଥିବାରୁ ବଳିଦେଇ ପାରିଲେ ନାହିଁ । ମୂର୍ଚ୍ଛିତ ବ୍ରାହ୍ମଣଙ୍କୁ ଉପେନ୍ଦ୍ର ଦେବୀଙ୍କ ନିକଟରେ ବଳି ଦେଲେ । ଦେବୀ ପ୍ରୀତ ହୋଇ ତାଙ୍କୁ ବର ଦେଲେ । ପ୍ରସନ୍ନା ଦେବୀଙ୍କ ପ୍ରସନ୍ନ ଅବସ୍ଥାରେ ଯେ ବର ମାଗି ପାରିଲା ସେ ପାଇଲା । ବର ଯାଚିବା ନିଷ୍ଫଳ ହୁଏ ନାହିଁ । ସାଧକ ଭୀତତ୍ରସ୍ତ ହୋଇ ଜ୍ଞାନ ହରାଇ ବଳି ଦେଇ ନପାରିଲେ ଅକୃତକାର୍ଯ୍ୟ ହୁଅନ୍ତି ଏବଂ ଦେବୀଙ୍କ ଇଚ୍ଛାନୁସାରେ ତାଙ୍କର ଜୀବନ ରହେ କିମ୍ବା ଯାଏ ।

ଉପେନ୍ଦ୍ର ତାରକମନ୍ତ୍ର ପ୍ରସାଦରୁ କବିପଣ ଉଦୟ ହୋଇଥିବା ବ୍ୟକ୍ତ କରିଛନ୍ତି, ବାକ୍‌ଦେବୀଙ୍କଠାରୁ ବରପ୍ରାପ୍ତି ବିଷୟ କୌଣସିଠାରେ ଉଲ୍ଲେଖ କରିଥିବା ଜଣାଯାଏ ନାହିଁ; କେବଳ ଦୁର୍ଗାଦେବୀ ବଂଶର ଇଷ୍ଟଦେବୀ ଥିବା ପ୍ରକାଶ କରିଛନ୍ତି ।

ଯେ ବଂଶେ ଇଷ୍ଟ ଦୁର୍ଗାଦେବୀ, ବରହି କୋପରୁ ସମ୍ଭବ । ×
ତାରକ ମନ୍ତ୍ର ପରସାଦେ, ମୋହର କବିପଣ ଉଦେ ।
(ଲାବଣ୍ୟବତୀ । ୧୬ଶ ଛାନ୍ଦ)
ତାରକମନ୍ତ୍ର ନାମ ଯାହାର, ଜାଣ ସେହି ଉପଇନ୍ଦ୍ର ଭଞ୍ଜର ।
(ଛାନ୍ଦଭୂଷଣ । ୧୬ଶ ଛାନ୍ଦ)

ବୀରବର ପଦ ଉପଇନ୍ଦ୍ର ମୋର ନାମ,
ବାରେ ବାରେ ସେବାରେ ମନାଇଁ ସୀତାରାମ ଯେ ।

ବିଚାରି କବିତ୍ୱ ମାର୍ଗେ ପ୍ରସନ୍ନେ ବୁଦ୍ଧି,
ବିରଚିଲି ରାମାୟଣ ଏ ମୋ ବଡ଼ ସିଦ୍ଧି ଯେ ।
(ବୈ:ବି: । ୫୬ ଛାନ୍ଦ )

କୁଲାଡ଼ ଗଡ଼ ନିକଟସ୍ଥ ରାମଣାଖୋଲ ବା ବାଘଦାଲି ଗୋଟିଏ ରମଣୀୟ ନିର୍ଜ୍ଜନ ସ୍ଥାନ । ଏହାର ଚତୁର୍ଦ୍ଦିଗରେ ଅନୁଚ୍ଚ ପର୍ବତ ଦୁର୍ଗର ପ୍ରାଚୀର ପ୍ରାୟ ବେଷ୍ଟନ କରି ରହିଛି । ମଧ୍ୟ ସ୍ଥଳଟି ଘନ ଜଙ୍ଗଲପୂର୍ଣ୍ଣ ଥିବାରୁ ଅତି ଭୟଙ୍କର ଦେଖାଯାଏ । ଘେର ମଧ୍ୟରେ କେତୋଟି ଗୁମ୍ଫା ଦେଖାଯାଏ । ଏଥିରୁ ଗୋଟିଏ ଗୁମ୍ଫାରେ ବସି ଉପେନ୍ଦ୍ର ରାମତାରକ ମନ୍ତ୍ର ସାଧନା କରି ସିଦ୍ଧିଲାଭ କରିଥିବା ମଧ୍ୟ ଶୁଣାଯାଏ । ଜଣେ ଦାକ୍ଷିଣାତ୍ୟ ଶ୍ରୀ ବୈଷ୍ଣବ ବୈରାଗୀ ଉପେନ୍ଦ୍ରଙ୍କୁ ଏହି ମନ୍ତ୍ର ସାଧନା କରିବା ନିମନ୍ତେ ଉପଦେଶ ଦେଇଥିଲେ ।

ଆଉ କେହି କେହି କହନ୍ତି, ନୟାଗଡ଼ ଓଡ଼ଗାଁର ପ୍ରସିଦ୍ଧ ଠାକୁର ରଘୁନାଥଙ୍କଠାରେ ଜପ କରି ଉପେନ୍ଦ୍ର ସିଦ୍ଧିଲାଭ କରିଥିଲେ । ଉପେନ୍ଦ୍ର ପରେ ବୈଦେହୀଶ ବିଳାସ ରଚନା କରି ରଘୁନାଥ ଠାକୁରଙ୍କ ପଦତଳେ ସମର୍ପଣ କରିଥିଲେ ।

ଅନ୍ୟ କିମ୍ବଦନ୍ତୀ ହେଉଛି, ଥରେ ଉପେନ୍ଦ୍ର ଓଡ଼ଗାଁକୁ ଯାଇ ଠାକୁରଙ୍କ ଦର୍ଶନ କରି ଫେରୁଥିବା ବେଳେ ବାଟରେ ଜଣେ ତାନ୍ତ୍ରିକ ଶ୍ମଶାନରେ ଶବ ଉପରେ ବସି ଜପ କରୁଥିଲେ । ଦେବୀ ପ୍ରସନ୍ନ ହୋଇ ସାଧକଙ୍କୁ ଭୈରବୀ ରୂପ ଧାରଣ କରି ଦର୍ଶନ ଦେଲେ ଏବଂ "କି ବର ମାଗୁଛୁ ମାଗ" ବୋଲି କହିଲେ । ସାଧକ ଦେବୀଙ୍କର ଭୟଙ୍କର ମୂର୍ତ୍ତି ଦେଖି ଭୟ ପାଇ ଯାଇ ମୂର୍ଚ୍ଛିତ ହୋଇଗଲେ । ଉପେନ୍ଦ୍ର ସେଠାରେ ଉପସ୍ଥିତ ହୋଇ ଦେବୀଙ୍କୁ ପ୍ରାର୍ଥନା କରି ବର ମାଗିଲେ, "ମୋର ଦୁର୍ଲ୍ଲଭ କବିତାଶକ୍ତି ସ୍ଫୁରଣ ହେଉ" । ଦେବୀ 'ତଥାସ୍ତୁ' କହି ଅନ୍ତର୍ହିତ ହେଲେ । ଉପେନ୍ଦ୍ର ଏହି ବର ପ୍ରସାଦରୁ ଅଦ୍ଭୁତ କବିତାଶକ୍ତି ପ୍ରାପ୍ତ ହେଲେ ।

ଉପେନ୍ଦ୍ର ଘୁମୁସର ରାଜ୍ୟ ଅନ୍ତର୍ଗତ ଅନ୍ଧାରିଗଡ଼ଠାରେ ସମସ୍ତ ସମୟରେ ଅବସ୍ଥାନ କରୁଥିଲେ । ଅନ୍ଧାରିଗଡ଼ର ପ୍ରାକୃତିକ ଦୃଶ୍ୟ ଅତି ମନୋହର ଥିଲା । ରାଜ୍ୟର ଚାରି ପ୍ରଧାନଗଡ଼ ଭିତରେ ଅନ୍ଧାରିଗଡ଼ ଯାଏ । ଏହିଠାରେ ରହି ନିର୍ଜନ ଶାନ୍ତ ପ୍ରାକୃତିକ ବେଷ୍ଟନୀ ଭିତରେ ଅବସ୍ଥାନ କରି କବି ରାମତାରକ-ମନ୍ତ୍ର ଜପ କରି ସିଦ୍ଧିଲାଭ କରିଥିବା ଶୁଣାଯାଏ ।

କବି ରଘୁନାଥଙ୍କ ଭକ୍ତ ଥିବାରୁ ସେ ବେଳେ ବେଳେ ଘୋଡ଼ା ଚଢ଼ି କୁଲାଡ଼ ଗଡ଼ଠାରୁ ଓଡ଼ଗାଁ ଯାଇ ରଘୁନାଥଙ୍କୁ ଦର୍ଶନ କରୁଥିଲେ । ପରେ ସେ ଅସୁସ୍ଥ ହୋଇପଡ଼ିଲେ ଏବଂ ରଘୁନାଥଙ୍କ ଦର୍ଶନ ନିମନ୍ତେ ଓଡ଼ଗାଁ ଯାଇ ନପାରି ଯତ୍ପରୋନାସ୍ତି ଦୁଃଖିତ ହେଲେ । ରଘୁନାଥ ଭକ୍ତର ମନକଷ୍ଟ ଜାଣିପାରି ସ୍ୱପ୍ନରେ ଆଦେଶ ଦେଲେ, "ତୁମ୍ଭେ ତୁମ୍ଭ ରାଜ୍ୟ ଭିତରେ ମୋତେ ଦର୍ଶନ କରିବ, ଏଠାକୁ ଶ୍ରମ ସ୍ୱୀକାର କରି ଆସିବା ଆବଶ୍ୟକ ନାହିଁ ।" ଠାକୁରଙ୍କ ଏ ଆଦେଶାନୁସାରେ ନେଟେଙ୍ଗାରେ ରଘୁନାଥ ମନ୍ଦିର ନିର୍ମାଣ କରି ସେଠାରେ କବି ପ୍ରଭୁଙ୍କୁ ପ୍ରତ୍ୟହ ଦର୍ଶନ କରୁଥିଲେ । ନେଟେଙ୍ଗା ରଘୁନାଥ ମନ୍ଦିରର ଗର୍ଭଗୃହର ପୂର୍ବଦ୍ୱାର, ମଣ୍ଡପର ଶ୍ରେଣୀ ଓ ଅନ୍ୟାନ୍ୟ କାଷ୍ଠ ଖମ୍ବ ମାନଙ୍କରେ ଯେଉଁ ଅପୂର୍ବ ରାମାୟଣ ରଚିତ ବିଷୟକ ମୂର୍ତ୍ତି ଖୋଦିତ ହୋଇଛି ତାହା ଓଡ଼ିଶା କାହିଁକି ଭାରତରେ ମଧ୍ୟ ପ୍ରଶଂସା ଲାଭ କରିଛି, ମନେ ହେଉଛି, ସତେ ଯେପରି ବୈଦେହୀଶ ବିଳାସର ଚିତ୍ର ସେଠାରେ ଖୋଦିତ ହୋଇଛି ।

ଉପେନ୍ଦ୍ର ସଂସ୍କୃତ ସାହିତ୍ୟର ପ୍ରତ୍ୟେକ ଅଙ୍ଗର ବହୁ ଗ୍ରନ୍ଥ ଅଧ୍ୟୟନ କରିଥିଲେ । ପୁରାଣ, କାବ୍ୟ, ନାଟକ, ଅଳଙ୍କାର, ଜ୍ୟୋତିଷ, ଆୟୁର୍ବେଦ, ଧନୁର୍ବେଦ, କାମଶାସ୍ତ୍ର, ଅଭିଧାନ, ତନ୍ତ୍ର ଓ ଦର୍ଶନ ପ୍ରଭୃତି ବିଷୟର ବହୁ ଗ୍ରନ୍ଥ ଅଧ୍ୟୟନ କରିଥିଲେ । ତାଙ୍କର ଜ୍ଞାନର ବ୍ୟାପକତା ତାଙ୍କ ରଚିତ ଗ୍ରନ୍ଥମାନଙ୍କର ବିଷୟରୁ ପ୍ରମାଣିତ ହେଉଛି ।

ଅମରକୋଷ, ତ୍ରିକାଣ୍ଡ ଶେଷ, ବିଶ୍ୱପ୍ରକାଶ ଓ ମେଦିନୀ କୋଷ ପ୍ରଭୃତି ସଂସ୍କୃତ ଅଭିଧାନ ଗ୍ରନ୍ଥ ଅଧ୍ୟୟନ କରି ନିଜ ଆୟତ୍ତାଧୀନ କରି ପାରିଥିଲେ ।

ତାଙ୍କର ଏ କ୍ଷେତ୍ରରେ ଅଧିକାର ତାଙ୍କର ବ୍ୟବହୃତ ଶବ୍ଦ-ସମୁଦ୍ରରୁ ଗମ୍ଭୀରତା ଓ ବିସ୍ତୀର୍ଣ୍ଣତାରୁ ସ୍ପଷ୍ଟ ହେଉଛି । କବି ଏହି କାରଣରୁ ନିଜ ସମ୍ବନ୍ଧରେ ଯଥାର୍ଥରେ କହିଛନ୍ତି—

"କହେ ଉପେନ୍ଦ୍ର ଭଞ୍ଜ ମୁଁ ଲଙ୍ଘିଛି ଶବଦ ସାଗର ପାର"

ବହୁ ଅଳଙ୍କାର ଶାସ୍ତ୍ର ଭିତରେ ସାହିତ୍ୟ ଦର୍ପଣ, ସାହିତ୍ୟ ରତ୍ନାକର, କବି କଳ୍ପଲତା ପ୍ରଭୃତି ପ୍ରଧାନ; କବି ଏହି ଗ୍ରନ୍ଥମାନଙ୍କୁ ଆଦର୍ଶ ରୂପେ ଗ୍ରହଣ କରି କବିତା ରଚନା କରିଥିବା କବି ନିଜେ ବ୍ୟକ୍ତ କରିଛନ୍ତି ।

ବାତ୍ସ୍ୟାୟନ କାମଶାସ୍ତ୍ରକୁ ସେ ଆୟତ୍ତ କରିଥିବା ଜଣାଯାଉଛି । ତାଙ୍କର ପଞ୍ଚଶାୟକ ରଚନା ଓ ପ୍ରେମକାବ୍ୟ ମାନଙ୍କରେ ନାୟକନାୟିକା ମାନଙ୍କ ଭାବ ଭଙ୍ଗୀ ଦାମ୍ପତ୍ୟ କ୍ରୀଡ଼ାଦି ଏହାକୁ ପ୍ରମାଣିତ କରୁଛି । ସେ ବାତ୍ସ୍ୟାୟନ କାମସୂତ୍ରର ନାମ ମଧ୍ୟ ରଚନା ମାନଙ୍କର ସ୍ଥଳ ବିଶେଷରେ ଉଲ୍ଲେଖ କରିଛନ୍ତି ।

ଦେବୀ ଆରାଧନା, ଦେବ ଆରାଧନା, ମନ୍ତ୍ର ଉଚ୍ଚାରଣ, ମୋହନ ଉଚ୍ଚାଟନ ମନ୍ତ୍ରାଦିର ରୂପ ଉଲ୍ଲେଖରୁ ସେ ସଂସ୍କୃତ ଓ ଓଡ଼ିଆ ତନ୍ତ୍ରାଦି ଶାସ୍ତ୍ର ଅଧ୍ୟୟନ କରିଥିବା ଜଣା ଯାଉଛି । ପଞ୍ଚଶାୟକରେ ବହୁ 'ମନ୍ତ୍ର' ଲେଖା ହୋଇଛି ।

ଓଡ଼ିଆ ସାହିତ୍ୟରେ ତାଙ୍କ ପୂର୍ବରୁ ଯେତେ ରାଗ-ରାଗିଣୀ ବ୍ୟବହୃତ ହେଉଥିଲା ସେ ସବୁ ସେ ବ୍ୟବହାର କରି ରମଣୀୟ କବିତା ରଚନା କରିଥିବାରୁ ଗ୍ରନ୍ଥଗୁଡ଼ିକ ପ୍ରସିଦ୍ଧି ଲାଭ କରିଛି ଏବଂ ଓଡ଼ିଆ ସାହିତ୍ୟରେ ଛନ୍ଦ-ବିଭାଗ ସମୃଦ୍ଧି ଲାଭ କରି ଉଜ୍ଜ୍ୱଳ ଓ ଗୌରବ ସ୍ଥାନ ଅଧିକାର କରିଛି ।

କବିଙ୍କ ଶାସ୍ତ୍ରଜ୍ଞାନ, ଅଭିଜ୍ଞତା, ସାମାଜିକ ରୀତିନୀତିର ପର୍ଯ୍ୟବେକ୍ଷଣ ଅତି ସୂକ୍ଷ୍ମ ଓ ଗଭୀର ଥିଲା ।

କବିଙ୍କ ମୃତ୍ୟୁ ସମୟ ଏ ପର୍ଯ୍ୟନ୍ତ ନିର୍ଣ୍ଣୀତ ହୋଇପାରି ନଥିବାର ପ୍ରଧାନ କାରଣ ହେଉଛି ଉପାଦାନର ଅଭାବ । ଏ ସମ୍ବନ୍ଧରେ ଜନଶ୍ରୁତି ମଧ୍ୟ ବିଶେଷ

ସାହାଯ୍ୟ କରୁନାହିଁ । ମୃତ୍ୟୁ ସମୟକୁ କବିଙ୍କୁ କେହି କେହି ୪୦ ବର୍ଷ, କେହି କେହି ୫୦ ବର୍ଷ ବୟସ ହୋଇଥିବା କହନ୍ତି । ତେବେ, କବି ସାଂସାରିକ ସୁଖ-ଦୁଃଖକୁ ସମ୍ୟକ୍ ଭୋଗ କରି ସାରିଥିବା ଅନୁମାନ କରାଯାଏ । ପରିପକ୍ୱ ବୟସର ଅନୁଭୂତି ଓ ଆକାଙ୍‌କ୍ଷା କବି କେତେକ ରଚନାରେ ସ୍ଥାନେ ସ୍ଥାନେ ପ୍ରକାଶ କରିଛନ୍ତି । 'ନୀଳାଦ୍ରୀଶ ଚଉତିଶା' (ଅପ୍ରକାଶିତ)ରୁ 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଗ୍ରନ୍ଥରେ' ଉଦ୍ଧୃତ ହୋଇଛି—

କ୍ଷମାନିଧିଙ୍କୁ ବାରେ କ୍ଷମ ମୁଁ ଦର୍ଶନରେ କ୍ଷିତିଖ୍ୟାତିକୁ ସମର୍ପିଲି ।
କ୍ଷମ ମୋ ଅପରାଧ କ୍ଷମ ମୋ ଜୀବ ସାଧ କ୍ଷୀତ ଚରଣ ତଳେ ଦେଲି ।
ହେ ନୀଳାଦ୍ରୀଶ ।

କ୍ଷୟ ତ ହେଲଣି ଏ ପିଣ୍ଡ, କ୍ଷୀଳ ଏ ଜଞ୍ଜାଳର ଦଣ୍ଡ
ଖ୍ୟାତି ଏ ଉପେନ୍ଦ୍ରର ଭଞ୍ଜ କୁଳଦେବୀର ଚରଣ ତଳେ ହେଉ ରୁଣ୍ଡ ।
ହେ ନୀଳାଦ୍ରୀଶ ।

("କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ"—ଅ: ପ: ପଟ୍ଟନାୟକ: ପୃ ୩୨ )

ପଦବୀ—କବିଙ୍କ ସଂଜ୍ଞା 'ଭଞ୍ଜ,' ନାମ 'ଉପେନ୍ଦ୍ର', ପଦ 'ବୀରବର' ଥିବା ସେ ନିଜେ ବ୍ୟକ୍ତ କରିଛନ୍ତି ।

ସୀତା ବଲ୍ଲଭ ପଦ ସୁମନ ମନେ ଚିନ୍ତି
ସଂଜ୍ଞା ଭଞ୍ଜ ନାମ ଉପଇନ୍ଦ୍ର ପଦ ବୀରବର ଯେ ରଚନ୍ତି ।
(ସୁଭଦ୍ରା ପରିଣୟ । ୧୦ମ ଛାନ୍ଦ)

'ବୀରବର ପଦବୀ':—ବୀରବର ପଦବୀ କବି କେବେ ପାଇଲେ ତାହା ଜଣା ଯାଉ ନଥିଲେ ମଧ୍ୟ ଏହିସବୁ କାବ୍ୟରେ ଏ ପଦବୀ ବ୍ୟବହାର କରିଛନ୍ତି—

ରସିକ ହାରାବଳୀ, ରସ ପଞ୍ଚକ, ସୁଭଦ୍ରା ପରିଣୟ, ପ୍ରେମ ସୁଧାନିଧି, ରାମଲୀଳାମୃତ, ଗୀତାଭିଧାନ, ଚୌପଦୀଚନ୍ଦ୍ର, ଲାବଣ୍ୟବତୀ, ସୁବର୍ଣ୍ଣରେଖା,

କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ବୈଦେହୀଶ-ବିଳାସ ପ୍ରଭୃତି କାବ୍ୟରେ ଏହି ପଦବୀ ଦେଖାଯାଉଛି ।

ଚିତ୍ରପଦ୍ମା ଭୂଷଣ, ଯମକରାଜ ଚଉତିଶା, ରସଲେଖା, ଭାବବତୀ ଚିତ୍ରପଦ୍ମର, ଛାନ୍ଦ ଭୂଷଣରେ 'ବୀରବର'ପଦ ବ୍ୟବହୃତ ହୋଇନାହିଁ । ଛାନ୍ଦ ଭୂଷଣରେ ଏଠାରେ 'ନୃପ ନୀଳକଣ୍ଠଙ୍କ ପୁତ୍ର ଉପେନ୍ଦ୍ର' ବୋଲି ଦୁଇଟି ଛାନ୍ଦର ଭଣିତାରେ ଅଛି ।

ଖ୍ରୀ: ୧୭୧୦ ରେ ସମ୍ପୂର୍ଣ୍ଣ ହୋଇଥିବା 'ରସଲେଖା' କାବ୍ୟରେ କବି 'ବୀରବର' ପଦବୀ ବ୍ୟବହାର କରିନଥିବାରୁ ଅନୁମିତ ହୁଏ ଖ୍ରୀ: ୧୭୧୦ ପରେ କବି ଏ ପଦବୀ ପ୍ରାପ୍ତ ହୋଇଥିବେ ।

ମଙ୍ଗରାଜ ପଦବୀ:—କବି ଉପେନ୍ଦ୍ର ତାଙ୍କର କେତେକ କାବ୍ୟ କବିତାରେ 'ମଙ୍ଗରାଜ' ପଦବୀ ବ୍ୟବହାର କରିଛନ୍ତି । 'ବୀରବର ମଙ୍ଗରାଜ' ମଧ୍ୟ ସେ ବ୍ୟବହାର କରିଛନ୍ତି ।

ଭାବବତୀ—ଉପଇନ୍ଦ୍ର ମଙ୍ଗରାଜ ଏ ଭଣି,
ସପ୍ତଦଶ ପଦ ଏ ଛାନ୍ଦ ବୋଧ କରିବ କୋବିଦ । ୭ଷ୍ଟ ଛାନ୍ଦ ।
ଅନ୍ୟ ଛାନ୍ଦମାନଙ୍କରେ 'ଉପେନ୍ଦ୍ର' 'ଉପେନ୍ଦ୍ରଭଞ୍ଜ' ପଦ-ଅଛି ।
ଯମକରାଜ ଚଉତିଶା—ଛମେ ରକ୍ଷା କର ଉପଇନ୍ଦ୍ର ଉପଇନ୍ଦ୍ରଭଞ୍ଜ
ମଙ୍ଗରାଜକୁ ।

ଗୀତ—(୧) "ରମଣୀରତନ ରତାନ୍ତରେ ଏକଦିନ" ଗୀତରେ—
"ରସେ ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ ସୁରସୁ ବିଧାନ ।

(୨) "ମଲ୍ଲିତେ ଅର୍ଚ୍ଚାପିତ ଯେ ମନ୍ଦର ଗୋପିତ
ଅଗୁରୁରେ ଧୂପିତ କରିଥାଇ" ଗୀତରେ—
କହଇ ଉପଇନ୍ଦ୍ର ମଙ୍ଗରାଜ, ଆହା ମଧୁର ହାସିନରେ । ମହିଳା ମଣି ।

(ଜ) "ଖ୍ୟାତ ମୋହ ପରି ହୋଇ କେହି,
କ୍ଷିତି ମଧ୍ୟରେ ନଷ୍ଟୁର ନାହିଁ" ଗୀତରେ—
ଯମେ କହେ ଉପଇନ୍ଦ୍ର ମଙ୍ଗରାଜ ଗୁଣି ଗୁଣି ତୋହ ଗୁଣଯାକରେ ।
(ଚଉପଦୀ ଭୂଷଣ)

'ଚଉପଦୀ ଭୂଷଣ'ର ବିଭିନ୍ନ ଗୀତରେ କବି ଉପଇନ୍ଦ୍ର, ଉପଇନ୍ଦ୍ର ଭଞ୍ଜ ଉପଇନ୍ଦ୍ର ଭଞ୍ଜବୀର ( ୯-ଗୀତ ) ଉପଇନ୍ଦ୍ର ମଙ୍ଗରାଜ (ଚ-ଗୀତା, ଧ-ଗୀତ, ମ-ଗୀତ,ର-ଗୀତ, କ୍ଷ-ଗୀତ), ମଙ୍ଗରାଜ (ଠ-ଗୀତ, ଦ-ଗୀତ) ବ୍ୟବହାର କରିଥିବାରୁ 'ମଙ୍ଗରାଜ' ଓ 'ବୀରବର' ପଦବୀ 'ଚଉପଦୀ ଭୂଷଣ' ଲେଖିବା ସମୟକୁ ସେ ପାଇସାରିଥିଲେ ।

ଏହି 'ମଙ୍ଗରାଜ' ପଦବୀ କିଏ ଦେଇଥିଲେ ତାହା ସ୍ପଷ୍ଟ ଭାବରେ ଜଣାଯାଉନାହିଁ । ତେବେ ନୟାଗଡ଼ ରାଜା ଓ ଖୋର୍ଦ୍ଧାରାଜା ଭିତରୁ କେହି ଜଣେ ମଙ୍ଗରାଜ ପଦ ଓ ଅନ୍ୟ ଜଣକ 'ବୀରବର' ଉପାଧି ଦେଇଥିବା କିମ୍ବଦନ୍ତୀ ଅଛି । ନୟାଗଡ଼ ରାଜା 'ବୀରବର' ଉପାଧି ଦେଇଥିବା କେହି କେହି କହନ୍ତି ।

ଉପେନ୍ଦ୍ରଙ୍କ ବୈଦେହୀଶ ବିଳାସ ରଚନା ସମ୍ବନ୍ଧରେ ଏହି କିମ୍ବଦନ୍ତୀଟି ଶୁଣାଯାଏ । ରାଜା ଧନଞ୍ଜୟ ଭଞ୍ଜ 'ରଘୁନାଥ ବିଳାସ' କାବ୍ୟଟି ସମ୍ପୂର୍ଣ୍ଣ କରି ସାରିବା ପରେ ନାତି ଉପେନ୍ଦ୍ରଙ୍କୁ ତାହା ଦେଖାଇଥିଲେ । ଉପେନ୍ଦ୍ର ତାହା ଉତ୍ତମ ରୂପେ ପାଠକରି ପିତାମହଙ୍କଠାକୁ ଗଲେ । ଧନଞ୍ଜୟ ଗ୍ରନ୍ଥ ସମ୍ବନ୍ଧରେ ମତ ପଚାରିବାରୁ ଉପେନ୍ଦ୍ର କହିଲେ, "କାବ୍ୟଟି ଅତି ରମଣୀୟ ଓ ଉଚ୍ଚ କୋଟୀର ହୋଇଛି; କିନ୍ତୁ ଏଥିରେ ଅଳଙ୍କାରର ବିଶେଷ ପ୍ରୟୋଗର ଅଭାବ ପରିଲକ୍ଷିତ ହେଉଛି ଏବଂ ଏହି କାରଣରୁ ଏହା ଅଧିକତର ଶୋଭାର ଅଧିକାରୀ ହୋଇ ପାରିନାହିଁ ।" ନାତିଙ୍କର ମନ୍ତବ୍ୟକୁ ଜେଜେ [ପିତାମହ] ସହାସ୍ୟ ବଦନରେ ଗ୍ରହଣ କଲେ ଏବଂ "ଅଳଙ୍କାର ବିମଣ୍ଡିତ କାବ୍ୟଟିଏ ଲେଖି ପାରିବ କି" ବୋଲି ଧନଞ୍ଜୟ ଉପେନ୍ଦ୍ରଙ୍କୁ ପଚାରିଲେ ।

ଉପେନ୍ଦ୍ର ନିଜର ସମ୍ମତି ଜଣାଇ କାବ୍ୟଟିଏ ରଚନା କରିବା ପାଇଁ ପ୍ରତିଶ୍ରୁତି ଦେଲେ । ଏହି ଘଟନା ପରେ ପରେ ଉପେନ୍ଦ୍ର ଲେଖନୀ ଚାଳନ କଲେ । 'ରଘୁନାଥ ବିଳାସ' ରାମଲୀଳା ବିଷୟକ କାବ୍ୟ ହୋଇଥିବାରୁ ସେହି ବିଷୟବସ୍ତୁକୁ ଅବଲମ୍ବନ କରି ସେ ବୈଦେହୀଶ ବିଳାସ ରଚନା କଲେ । ଏହି କାବ୍ୟରେ ନାତିଙ୍କର ଅଭୂତପୂର୍ବ କବିତାଶକ୍ତିର ପ୍ରକାଶ ଦେଖି ଧନଞ୍ଜୟ ଯୁଗପତ୍ ଆନନ୍ଦ ଓ ବିସ୍ମୟରେ ଅଭିଭୂତ ହୋଇଯାଇଥିଲେ ।

**ସ୍ତ୍ରୀଙ୍କ ଆକସ୍ମିକ ବିୟୋଗ:**—ଉପେନ୍ଦ୍ରଙ୍କ ଅଳ୍ପ ବୟସରେ ପତ୍ନୀ ବିୟୋଗ ହୋଇଥିବା ଶୁଣାଯାଏ । ଏ ସମ୍ବନ୍ଧରେ ଏକ କିମ୍ବଦନ୍ତୀ ଅଛି । ଉପେନ୍ଦ୍ର ସସ୍ତ୍ରୀକ କୁଳାଡ଼ରେ ନିବାସ କରୁଥିଲେ । ସେ ବେଳେ ବେଳେ ରାଜ୍ୟର ଅନ୍ୟତମ ପ୍ରଧାନ ଗଡ଼ ଅନ୍ଧାରି ଗଡ଼କୁ ଯାଉଥିଲେ ଏବଂ କିଛି ସମୟ ସେଠାରେ ଅବସ୍ଥାନ କରୁଥିଲେ । ଥରେ ସେ ଅନ୍ଧାରଗଡ଼ ଯାଇ ଓ ସମ୍ବାଦ ନ ନେଇ କିଛି ସମୟରୁ ବେଶି ଦିନ ସେଠାରେ ରହିଯିବାରୁ ତାଙ୍କର ପତ୍ନୀ ଚିନ୍ତିତ ହୋଇପଡ଼ିଲେ ଏବଂ ଏହି ଦୀର୍ଘ ବିରହଣୀର କାରଣ ଜାଣିବା ପାଇଁ ଜଣେ ଭୃତ୍ୟକୁ ପଠାଇଲେ । ଭୃତ୍ୟ ଅନ୍ଧାରି ଗଡ଼ ନିକଟରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ହୋଇ ଯାଇଥିଲା । ଗଡ଼ଟି ଘନ ଜଙ୍ଗଲ ପରିବେଷ୍ଟିତ ହୋଇଥିବାରୁ ସେଠାରେ ବ୍ୟାଘ୍ର ଭୟ ଥିଲା । ମହାବଳ ବ୍ୟାଘ୍ରର ଉପଦ୍ରବରୁ ରକ୍ଷାପାଇବା ପାଇଁ ଲୋକେ ସନ୍ଧ୍ୟା ପରେ ଗଡ଼ ବାହାରକୁ ଯାଉଁ ନଥିଲେ । ଭୃତ୍ୟ ଗଡ଼ର ପ୍ରଥମ ଦ୍ୱାରରେ ଯେଉଁ ସମୟରେ ପହଞ୍ଚିଲା ତାର ଅଳ୍ପକ୍ଷଣ ପୂର୍ବରୁ ଏକ ମହାବଳ ବ୍ୟାଘ୍ର ଜଣେ ବାଟୋଇକୁ ମାରି ପକାଇଥିଲା ଏବଂ ଏବଂ ମୃତର କ୍ଷତ ବିକ୍ଷତ ଶରୀର ସେଠାରେ ପଡ଼ିଥିଲା । ଏହି ଦୃଶ୍ୟ ଦେଖି ଭୃତ୍ୟ ଭୟରେ ତ୍ରସ୍ତ ହୋଇ ଆଉ ଅଗ୍ରସର ନହୋଇ କୁଳାଡ଼କୁ ଫେରି ଆସିଲା । ଭୃତ୍ୟ ଫେରି ଆସିବାର କାରଣ ରାଣୀଙ୍କ ଆଗରେ ବର୍ଣ୍ଣନା କରିବାରୁ ତାଙ୍କ ମନରେ ଆଶଙ୍କା ଜାତ ହେଲା । ସେ ଭାବିଲେ, ଭୃତ୍ୟ ତାଙ୍କୁ ଲୁଚାଇ ସତ୍ୟ ଘଟଣା କହୁନାହିଁ, ମୃତ ବାଟୋଇ ଅନ୍ୟ କେହି ନୁହେଁ, ତାଙ୍କ ସ୍ୱାମୀ । ତାଙ୍କ ମନରେ ହଠାତ୍ ଏହି ଧାରଣା ଜାତ ହେବାରୁ ସେ ଶୋକ-

ବିହ୍ୱଳା ହୋଇପଡ଼ି ଏତେ ମର୍ମାହତ ହୋଇପଡ଼ିଲେ ଯେ ଗୃହୁଁ ଗୃହୁଁ ତାଙ୍କ ପିଣ୍ଡରୁ ପ୍ରାଣ ବାୟୁ ଉଡ଼ିଗଲା ।

ଉପେନ୍ଦ୍ର ଅନ୍ଧାର ଗଡ଼ରେ ଏ ଦୁଃସମ୍ବାଦ ପାଇବା ମାତ୍ରେ ଅତ୍ୟନ୍ତ ବିବ୍ରତ ଓ ମର୍ମାହତ ହୋଇ ପଡ଼ିଲେ । ସତୀ ସାଧ୍ୱୀ ପ୍ରିୟତମା ଭାର୍ଯ୍ୟାଙ୍କ ଏ ଶୋଚନୀୟ ମୃତ୍ୟୁ ତାଙ୍କ ହୃଦୟରେ ଗଭୀର ରେଖାପାତ କଲା । ଏ ସ୍ନେହମୟୀ ଜୀବନସଙ୍ଗିନୀଙ୍କୁ ସେ ସାରା ଜୀବନ ଭୁଲି ନାହାନ୍ତି । ଲୋକେ କହନ୍ତି, ସେ ବାଣପୁର ଜେମାଙ୍କୁ ଏତେ ସୁଖ ପାଉଥିଲେ ଯେ ସେ ଆଉ ଦ୍ୱିତୀୟ ବିବାହ କରି ନାହାନ୍ତି । ତାଙ୍କର ଏହି ହୃଦୟର ବେଦନା ତାଙ୍କ କାବ୍ୟ କବିତାରେ ଅଲକ୍ଷିତ ଭାବରେ ବହୁ ସ୍ଥାନରେ ପ୍ରକାଶିତ ହୋଇଥିବା ଜଣାଯାଏ ।

କି ହେବ ଇନ୍ଦ୍ର ହୋଇଲେ ସର୍ବ ସମ୍ପଦେ ସେ
ସ୍ତ୍ରୀ ବିଚ୍ଛେଦନଠାରୁ ପାପୀ ନାହିଁ ମନ୍ଦ ଦେଶେ ଯେ । (ଲା. ବ.)

ଅନ୍ୟ କାବ୍ୟମାନଙ୍କରେ ମଧ୍ୟ ଅନୁରୂପ ଭାବ ବ୍ୟକ୍ତ ହୋଇଛି । ତାଙ୍କର ପତ୍ନୀ ବିୟୋଗର ସମୟ ସମ୍ବନ୍ଧରେ କୌଣସି ତଥ୍ୟ ମିଳୁନାହିଁ । କିମ୍ବଦନ୍ତୀ ଅନୁସାରେ, ସେ ଯୌବନାବସ୍ଥାରେ ପତ୍ନୀଙ୍କୁ ହରାଇଥିଲେ ।

**ଧର୍ମମତ** —

ଉପେନ୍ଦ୍ର ସ୍ୱକୁଳ ଇଷ୍ଟଦେବ ଶ୍ରୀରାମଚନ୍ଦ୍ରଙ୍କୁ ସ୍ତୁତିକରି ଗ୍ରନ୍ଥ ରଚନା ଆରମ୍ଭ କରିଛନ୍ତି ।

କୁମୁଦ କୁମୁଦ ବିଧୁ ଯଶ ଉଦ୍ଧତ, ଜନକ ଜନକ ତୋଷ କରେ ବନ୍ଦିତ ।
(୧ମ ଛାନ୍ଦ ।)

କିନ୍ତୁ ଗ୍ରନ୍ଥ ଶେଷରେ ରାମଙ୍କୁ ଓ ଶିବଙ୍କୁ ସ୍ତୁତି କରିଛନ୍ତି—

ଉଗ୍ରଭବ ଭୀମ ହର ମହାଦେବ ଶିବ,
ଉଗ୍ରଭବ ଭୀମ ହର ମହାଦେବ ଶିବ ।

ପୂଜ୍ୟ ସୁଭରତ ଶତ୍ରୁଘନ ସଲକ୍ଷଣେ,
ପୂଜ୍ୟ ସୁଭରତ ଶତ୍ରୁଘନ ସଲକ୍ଷଣେ ।
ରାଘବ ଶିବ ଭାବନା କରି ନିରନ୍ତର,
କହେ ରସେ ଉପଇନ୍ଦ୍ର ଭଞ୍ଜ ବୀରବର ।

ଏଥିରୁ କବିଙ୍କ ହରିହର ଉପାସନା ସ୍ପଷ୍ଟ ହେଉଛି ।

ରସ ଲେଖାରେ କବି ହରି ଓ ହରଙ୍କୁ ସ୍ତୁତି କରି ଗ୍ରନ୍ଥ କରିଛନ୍ତି ।

ନୀଳକଣ୍ଠ ନୃପଯୁକ୍ତ ଭାବି ହରିହର, ମାନସ ବଳାଇ କରିବାକୁ ଗୀତ ସାର ।
(୧ମ ଛାନ୍ଦ)

ଉପେନ୍ଦ୍ର ପ୍ରତ୍ୟେକ ଛାନ୍ଦ ଶେଷରେ ହରିହରଙ୍କୁ ସ୍ତୁତି କରିଅଛନ୍ତି । ଶେଷରେ ମଧ୍ୟ କହିଛନ୍ତି—

ଦେଶେ ଦେଶେ ହେଉ ଖ୍ୟାତ, ମୋହର ଏ ରସିକ ଚରିତ
ହରିହର କରନ୍ତୁ ଏମନ୍ତ ହେ ସାଧୁଜନେ ।
ଖଳଦୋଷକୁ ନାହିଁ ଡର
ପର ହିଂସାରେ ସେ ମହା ତର ତର ।

'ସୁଭଦ୍ରା ପରିଣୟ' ଶ୍ରୀକୃଷ୍ଣ ପ୍ରସଙ୍ଗ ସମ୍ବନ୍ଧୀୟ ଲୀଳା ହୋଇଥିଲେ ମଧ୍ୟ ଉପେନ୍ଦ୍ର ସିନ୍ଧୁତଟର ଶ୍ରୀପୁରୁଷୋତ୍ତମ କ୍ଷେତ୍ରରାଜ ଅଧିପତି ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରାଙ୍କ ମାହାତ୍ମ୍ୟ କୀର୍ତ୍ତନ କରି ମଙ୍ଗଳାଚରଣ କରିଛନ୍ତି । ଏହାପରେ ଗ୍ରନ୍ଥ ଆରମ୍ଭ କରିଛନ୍ତି ।

କିନ୍ତୁ ଅଧିକାଂଶ ଛାନ୍ଦ ଶେଷରେ କବି ଶ୍ରୀରାମଚନ୍ଦ୍ରଙ୍କୁ ସ୍ତୁତି କରିଛନ୍ତି । ଶ୍ରୀରାମ କୁଳର ଇଷ୍ଟଦେବତା ଓ କବି ତାଙ୍କର ଭକ୍ତ ଥିବାରୁ ଏପରି ସ୍ତୁତିରେ ପ୍ରାଧାନ୍ୟ ଦେଇଛନ୍ତି । ଗ୍ରନ୍ଥ ଶେଷରେ ମଧ୍ୟ ଶ୍ରୀରାମଙ୍କୁ ସ୍ତୁତି କରିଛନ୍ତି ।

ଶ୍ରୀପୁରୁଷୋତ୍ତମ କ୍ଷେତ୍ରରାଜରେ ରାମ ଜଗନ୍ନାଥ ରୂପରେ ପୂଜା ପାଉଥିବା ବ୍ୟକ୍ତ କରିଛନ୍ତି ।

ସିନ୍ଧୁରେ ଯେ ସେତୁକରି ରାବଣ ଛେଦିଲେ,
ସେ ଟି କ୍ଷେତ୍ରବରେ ଦାରୁରୂପେ ବିଜେ କଲେ ଯେ । (୧୬ଶ ଗ୍ରନ୍ଥ)

ପୁଣି ଜଗନ୍ନାଥହିଁ କୃଷ୍ଣ । 'କଳାକଉତୁକ'ର ଆରମ୍ଭରେ କବି ଶ୍ରୀରାମଙ୍କୁ ସ୍ତୁତିକରି କୃଷ୍ଣଲୀଳା ସମ୍ପର୍କୀୟ ବିଷୟବସ୍ତୁର ସୂଚନା ଦେଇଛନ୍ତି । ଗୋପୀମାନେ ରାମଙ୍କ ସମୟରେ ଋଷିକନ୍ୟା ଥିଲେ, ଦ୍ୱାପରରେ ଗୋପକନ୍ୟା ରୂପେ ଜନ୍ମ ଗ୍ରହଣ କରି ରାମରୂପୀ କୃଷ୍ଣଙ୍କ ସହିତ ଲୀଳା କରିଥିଲେ । ଅତଏବ ଏହା ମଧ୍ୟ ରାମଚରିତ; ଏହା କବିଙ୍କର ମଙ୍ଗଳାଚରଣରୁ ସୂଚିତ ହୋଇଛି ।

କମଳାଧର ହେ କମଳାଧରଜିତ ନାୟକ,
କମଳାଧର ଯାର ରାମନାମ ସଦା ଧ୍ୟାୟକ ।
କମଳା ସାକ୍ଷାତ କମଳାସାର ସୀତାନାୟକ
କମଳାସନ ଦିବ୍ୟରୂପେ ନନ୍ଦେ ପୁଷ୍ପଶାୟକ ।
କଦମ୍ବ କଦମ୍ବ ଋଷିଏ ନାଶି ହେବା ଲାୟକ
କଦମ୍ବ ଫୁଲକୁ ତ ତନୁ ହିଁ ଶୋଭା ଶାୟକ ।

(୧ମ ଗ୍ରନ୍ଥ ।)

କବି ଗ୍ରନ୍ଥମାନଙ୍କର ଶେଷରେ ମଧ୍ୟ ରାମଙ୍କୁ ସ୍ତୁତି କରିଛନ୍ତି ।

ଉପେନ୍ଦ୍ର ଏପରି ସବୁ ଗ୍ରନ୍ଥରେ ଇଷ୍ଟଦେବ ରାମଚନ୍ଦ୍ରଙ୍କୁ ସ୍ତୁତିକରି କୁଳପରଂପରାସମ୍ମତ ରାମ-ଉପାସକ ଥିବା ବ୍ୟକ୍ତ କରିଛନ୍ତି । ସେ ବିଷ୍ଣୁ-ଭକ୍ତ ହେଲେ ମଧ୍ୟ ପଞ୍ଚଦେବତା ଆରାଧନା କରୁଥିଲେ । 'ହରିହର' ଉପାସନା ଦ୍ୱାରା ସେ ସାମ୍ପ୍ରଦାୟିକ ଭେଦଭାବର ନିରାକରଣ କରିଛନ୍ତି । ଜଗନ୍ନାଥ ଓ ଶ୍ରୀପୁରୁଷୋତ୍ତମକ୍ଷେତ୍ର ଉପାସକର ଏହି ଉଦାରଭାବ ସ୍ୱାଭାବିକ ।

ଇଷ୍ଟଦେବତା—ଉପେନ୍ଦ୍ର ଭଞ୍ଜ ବଂଶର ଇଷ୍ଟଦେବୀ ଦୁର୍ଗା ଓ ଇଷ୍ଟଦେବ ରାମଙ୍କୁ ମଧ୍ୟ ଏକ ସଙ୍ଗରେ ସ୍ତୁତି କରିଛନ୍ତି ।

ମହିଷ ବିଜୟୀ ଅତି ସୁଲଭ ସ୍ୱରୂପ,
ସଦାଶିବ ସୁଖଦାନ କଟଣେ ଲୋଲୁପ
ଶ୍ରୀମ ଦୁର୍ଗା ଇଷ୍ଟଦେବୀ,
ଛପଇନ୍ଦ୍ର ସାରବର ଦୁଃଖନାଶନେ ଭାବି ।

( ଲ: ବ: । ୧୭ଶ ଛାନ୍ଦ )

ସମୟ—'ରହସ୍ୟଲେଖା'ରେ କବି କାବ୍ୟରଚନାର ସମୟ ଦେଇଛନ୍ତି । ଖୋର୍ଦ୍ଧା ରାଜା ଦିବ୍ୟସିଂହ ଗଜପତିଙ୍କ ରାଜତ୍ୱର ୨୭ଶ ଅଙ୍କର ଶେଷ ଦିନରେ ଅର୍ଥାତ୍ ସେହି ବର୍ଷ ଭାଦ୍ରମାସ ଶୁକ୍ଳପକ୍ଷ ଏକାଦଶୀ ଦିନ ଏହି କାବ୍ୟଟି ଶେଷ ହୋଇଥିଲା ।

ଦିବ୍ୟସିଂହ ଗଜପତି ଅଙ୍କ ସପତବିଂଶତି
ଶେଷ ଦିନେ ଶେଷ ଏହୁ ଗୀତ
ଦେଶେ ଦେଶେ ହେଉ ଖ୍ୟାତ
ମୋହୁ ଏ ରସିକ ଚିତ୍ତ
ହିତେହି କରନ୍ତୁ ଏମନ୍ତ ହେ ସାଧୁଜନେ ।
ଖଳଦୂଷଣକୁ ନାହିଁ ଡର, ପରହିଂସାରେ ସେ ମହା ତରତର ଯେ ।

(୧୭।୨୨ ଛାନ୍ଦ)

ଦିବ୍ୟସିଂହ ଦେବଙ୍କ ୧୩ଶ ଅଙ୍କରେ କବି ବୃନ୍ଦାବତୀ ଦାସୀ 'ପୂର୍ଣ୍ଣତମ ଚନ୍ଦ୍ରୋଦୟ' ଗ୍ରନ୍ଥର ରଚନା ଶେଷ କରିଥିଲେ ଏବଂ ଏହି ବର୍ଷ ଶକାବ୍ଦ ଗଣନା ଅନୁସାରେ ୧୬୨୧ ଥିବା ମଧ୍ୟ ଲେଖିଛନ୍ତି ।

ଶକ ଅବଦ ଛଅ ଦଶ, ଶତ ଏକବିଂଶ ବରଷ ।
ଦିବ୍ୟସିଂହ ଦେବ ରାଜନ, ତ୍ରିଦଶ ଅଙ୍କେ ଏ ରଚନ । × ×

ସମସାମୟିକ କବିଙ୍କର ଏହି ସମୟର ନିର୍ଦ୍ଦେଶ ଭ୍ରମଶୂନ୍ୟ । ଏହି ଅନୁସାରେ ଦେଖିଲେ ଦିବ୍ୟସିଂହ ଦେବ ଶକାବ୍ଦ ୧୬୧୦ରେ ବା ଖ୍ରୀ:୧୬୮୮ରେ

ସିଂହାସନ ଆରୋହଣ କରିଥିଲେ । ଏହାଙ୍କ ୨୮ଶ ଅଙ୍କ ବା ଖ୍ରୀ: ୧୭୧୦ରେ ରସଲେଖା ସମ୍ପୂର୍ଣ୍ଣ ହୋଇଥିଲା । ନୀଳକଣ୍ଠ ଭଞ୍ଜ ରାଜ୍ୟରୁ ବିତାଡ଼ିତ ହେବାର ପ୍ରାୟ ସାତବର୍ଷ ପରେ ଏହି ଗ୍ରନ୍ଥଟି ସମ୍ପୂର୍ଣ୍ଣ ହୋଇଛି । କେତେକଙ୍କ ମତରେ ଦିବ୍ୟସିଂହ ଦେବ ଖ୍ରୀ: ୧୬୯୩ରେ ରାଜା ହୋଇଥିଲେ । ସେହି ଅନୁସାରେ ଗଣନା କଲେ ଖ୍ରୀ: ୧୭୧୫ରେ ଗ୍ରନ୍ଥ ରଚନା ଶେଷ ହୋଇଥିଲା ।

ଉପେନ୍ଦ୍ର 'ଲାବଣ୍ୟବତୀ'ଗ୍ରନ୍ଥରେ ଏପରି ଭାବରେ ଆତ୍ମପରିଚୟ ଦେଇଛନ୍ତି ।—

ଯେ ବଂଶେ ଇଷ୍ଟ ଦୁର୍ଗା ଦେବୀ, ବରାହ କୋଷରୁ ସମ୍ଭବୀ ।
ମନୁଷ୍ୟ ଏହି ଅଦଭୁତ, ଭଞ୍ଜାନୁଭଞ୍ଜ ନାମ ସତ ।
ବରିଷ୍ଠ ବରିଷ୍ଠ ପାଳକା, ଶ୍ରୀରାମେ ଦେଉ ରାଜଟୀକା ।
ସେ କୁଳେ ରାଜା ଧନଞ୍ଜୟ, ସମସ୍ତ ଗୁଣର ନିଳୟ ।
ଧନୁସର ଅଧିକ ପଣେ, ଲୋକେ ବିଖ୍ୟାତ କବି ଗୁଣେ ।
ତଦ୍‌ବତ ତାହାଙ୍କ ତନୁଜ, ନରେଶ ନୀଳକଣ୍ଠ ଭଞ୍ଜ ।
ତାହାଙ୍କ ଜ୍ୟେଷ୍ଠ ସୁତ ମୁହିଁ, ଉପେନ୍ଦ୍ର ଭଞ୍ଜ ନାମ ବହି ।
(୧୬ଶ ଛାନ୍ଦ ।)

କବି ପିତାଙ୍କୁ ନରେଶ ବୋଲି ପରିଚିତ କରାଇ ଥିବାରୁ ପିତା ରାଜା ହେବା ପରେ ଅର୍ଥାତ୍ ଖ୍ରୀ: ୧୭୦୧ ପରେ ଲାବଣ୍ୟବତୀ କାବ୍ୟଟି ରଚିତ ହୋଇଥିବା ସ୍ପଷ୍ଟ; କିନ୍ତୁ ନୀଳକଣ୍ଠଙ୍କ ରାଜତ୍ୱ ସମୟ ଭିତରେ ଅର୍ଥାତ୍ ଖ୍ରୀ: ୧୭୦୧ —୧୭୦୩ ଭିତରେ କାବ୍ୟଟି ସମ୍ପୂର୍ଣ୍ଣ ହୋଇଥିବା ଏଥିରୁ ସ୍ପଷ୍ଟ ଭାବରେ ଜଣାଯାଉ ନାହିଁ । କାବ୍ୟର ଷୋଡ଼ଶ ଛାନ୍ଦ ଶେଷ ବେଳକୁ ପିତା ଜୀବିତ ଥିଲେ କି ନାହିଁ ତାହା ମଧ୍ୟ ସ୍ପଷ୍ଟ ହେଉନାହିଁ; ଏହିଠାରେ ପିତାମହଙ୍କ ତୁଲ୍ୟ ପିତା ରାଜା ନୀଳକଣ୍ଠ କବି ଥିବା ଉଲ୍ଲେଖ କରିଛନ୍ତି ମାତ୍ର ।

ଉପେନ୍ଦ୍ରଙ୍କ 'ରସପଞ୍ଚକ'ର ଦ୍ୱିତୀୟ ପଞ୍ଚକ ଅନ୍ତର୍ଗତ ସ-କାର ବୋଲିରେ "ଗୁଣ ସାଗର ବାଣୀ"ର ନିର୍ଦ୍ଦେଶ ଥିବାରୁ ଏହି କାବ୍ୟଟି ଦୀନକୃଷ୍ଣ

ଦାସଙ୍କ 'ଗୁଣସାଗର' ରଚନା ପରେ ରଚିତ ହୋଇଥିବା ସ୍ପଷ୍ଟ ହେଉଛି । ଦୀନକୃଷ୍ଣ ଦାସଙ୍କ 'ନାମରତ୍ନ ଗୀତା' ଦିବ୍ୟସିଂହ ଦେବଙ୍କ ୧୭ଶ ଅଙ୍କ ବା ଖ୍ରୀ: ୧୭୦୨ରେ ରଚିତ ହୋଇଥିବା କବି ସେହି ଗ୍ରନ୍ଥରେ ପ୍ରକାଶ କରିଛନ୍ତି । ଏହି ଗ୍ରନ୍ଥରେ ଦୀନକୃଷ୍ଣ ସ୍ୱଗ୍ରନ୍ଥମାନଙ୍କର ଯେଉଁ ତାଲିକା ଦେଇଛନ୍ତି ସେଥିରେ 'ଗୁଣସାଗର' ପ୍ରଥମ ସ୍ଥାନ ପାଇଥିବାରୁ ଗୁଣସାଗର କବିଙ୍କର ପ୍ରଥମ ରଚନା ବୋଲି ଅନୁମାନ କରାଯାଇ ପାରେ । କବି 'ଗୁଣସାଗର'କୁ ଖ୍ରୀ: ୧୭୦୨ ପୂର୍ବରୁ ଲେଖିଥିବା ସ୍ପଷ୍ଟ ।

ଉପେନ୍ଦ୍ର କବିଖ୍ୟାତି ଅର୍ଜନ କରିବା ପୂର୍ବରୁ ରସପଞ୍ଚକ ରଚନା କରିଥିବା ସମ୍ଭବ; ଏହି ଗ୍ରନ୍ଥଟି ତାଙ୍କର କାବ୍ୟରଚନା କାଳର ପ୍ରାଥମିକ ପର୍ଯ୍ୟାୟ ଅନ୍ତର୍ଭୁକ୍ତ ହୋଇଥିବା ଅନୁମାନ କରାଯାଇ ପାରେ, କାରଣ ତାଙ୍କର ବିଶିଷ୍ଟ କାବ୍ୟମାନଙ୍କରେ ଏପରି ନିର୍ଦ୍ଦେଶ କ୍ୱଚିତ୍ ଦେଖାଯାଏ ।

ଏହି 'ଗୀତ' ଗ୍ରନ୍ଥରେ କବି ପ୍ରଥମ ବୋଲିରେ 'ଛପୋଇ ବାଣୀ', ର-କାର ବୋଲିରେ 'ବୃଟ୍ଟୁଲେଖନ ଏହି ରାଗେ,' 'ଦଶଟିଗ ବୃତ୍ତି' ଏବଂ ସ-କାର ବୋଲିରେ 'ଗୋପାଳ ବାଣୀ' 'ରାଗ ରାଜାବିଜେ' ଇତ୍ୟାଦି ବାଣୀ ଓ ରାଗର ନିର୍ଦ୍ଦେଶ କରିଛନ୍ତି । ଏଗୁଡିକ କବି ସ୍ୱକୃତିମାନଙ୍କରୁ କି ଅନ୍ୟ କୌଣସି କବିଙ୍କ କୃତିରୁ ନିର୍ଦ୍ଦେଶ କରିଛନ୍ତି ଏହା କହିବା ସହଜ ହେଉ ନାହିଁ ।

ଗ୍ରନ୍ଥ ତାଲିକା—କବି 'ଚିତ୍ରକାବ୍ୟ ବନ୍ଧୋଦୟ' ଗ୍ରନ୍ଥର ପ୍ରଥମ ଛାନ୍ଦରେ ନିଜକୃତ ରଚନାମାନଙ୍କର ଏକ ତାଲିକା ଦେଇଛନ୍ତି ।

ଅଶେଷ ଚଉତିଶା ଚଉପଦୀ, ତାହା କେତେ ଯେ କହିବି ସମ୍ପଦ ।
ଗାହା ଦୋହା ଷୋଡ଼ଶେନ୍ଦ୍ର ଛପୋଇ, ଇତ୍ୟାଦି କବିତ୍ୱ ଗଣନା ନାହିଁ ।
ରସ କୃଷ୍ଣ ବିଷୟ ଯେତେ ଗ୍ରନ୍ଥ, ଚଢୋଇ ତହିଁ କିଛି ଲେଖେ ଏଥ ।
ସୁବର୍ଣ୍ଣ ଛୁରି କଳ୍ପନା ମାଧୁରୀ, ସ୍ୱରୁ ଚନ୍ଦ୍ରଲେଖା ହେମ ମଞ୍ଜରୀ ।

ରସଲେଖା କାମକଳା ରଚିତ, ମନୋରମା ପ୍ରେମଲତା ସୁଗୀତ ।
ଭାବବତୀ ମୁକ୍ତାବତୀ ପ୍ରମାଣ, ବରଜ ଲୀଳା ଯେ ଗ୍ରନ୍ଥ ଭୂଷଣ ।
ଷଡ଼ୃତୁ କଳାକଉତୁକର, କ-ନୟମ ସାଦ୍ୟ ସୁଭଦ୍ରାସାର ।
ବୈଦେହୀଶ ବିଳାସ ସେହୁ ବାଦ୍ୟ (ବ-ଆଦ୍ୟ) ପ୍ରସିଦ୍ଧ ଅବନା ଦ୍ୱାଦଶ ଗ୍ରନ୍ଥ ।
ରାମ ଲୀଳାମୃତ ଶେଷ ଚରିତ, ପ୍ରେମ ସୁଧାନିଧି ଯମକେ ସ୍ଥିତ ।
ରସିକ ହାରାବଳୀ ନାମେ ଗୀତ, କୃଷ୍ଣ ବିହାରାଦି ଶ୍ୟାମ ଚରିତ ।
ଅଳଙ୍କାର ସିଦ୍ଧ ରସପଞ୍ଚକ, ଲାବଣ୍ୟବତୀ ରସିକ ତୋଷକ ।
ପୁରୁଷୋତ୍ତମ ମାହାତ୍ମ୍ୟ ରଚନ, ନାନା କୋଷିଶରେ ଗୀତାଭିଧାନ ।
ଗ୍ରନ୍ଥ କେତେ ତାରା ଚନ୍ଦ୍ରମା ପର, ଯା ନାମ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ।
ତ୍ରୈଲୋକ୍ୟ ମୋହିନୀ ଆଦି ଯେ ଗୀତ, ନିର୍ମିତ ଗ୍ରନ୍ଥ ଯେ ଏଥି ପାଞ୍ଚସାତ ।
ହେ ଅର୍ଥ ପାଇବ ମାର୍ଗେଣ ପୁଣ, ହୋଇଛି ଯେଣୁ କରି ବିବରଣ ।
ବାଲ୍ମୀକେ ମହାନାଟକ ପ୍ରକାରେ, ଦାଉ ହେଲା ପ୍ରାପ୍ତ ହନୁମନ୍ତରେ ।
ଯେ ଏଣୁ ଲେଖା ନୋହିଲା ଲେଖାରେ, ନରହିଁ ନାଦ ଧନ ଭୂଲେଖାରେ ।
ଏତେ ପ୍ରକାରେ କରି ଗ୍ରନ୍ଥଗୀତ, ଚଉ କବିଙ୍କୁ ବଳାଇଲି ଚଉ ।

(ଚ. କା. ବ. ୧ମ ଗ୍ରନ୍ଥ

ଏଥିରୁ ଜଣାପଡ଼ୁଛି ଯେ କବି ବିଭିନ୍ନ ପ୍ରକାରର କାବ୍ୟ କବିତା ଲେଖିଛନ୍ତି ଏବଂ କୃତିମାନଙ୍କ ରୂପ ବିଭିନ୍ନତାରେ ସଂଖ୍ୟାବହୁଳତା କବିଙ୍କ ଗଭୀର ପାଣ୍ଡିତ୍ୟ ଓ ଅତି ଉଚ୍ଚ କବିପ୍ରତିଭାର ପରିଚୟ ପ୍ରଦାନ କରୁଛି ।

(୧) ଚଉତିଶା, ଚଉପଦୀ, ଦୋହା, ପୋଇ ଇତ୍ୟାଦି,
(୨) ରସଗ୍ରନ୍ଥ କୃଷ୍ଣ ବିଷୟକ ବା ପୌରାଣିକ,
(୩) କଳ୍ପନାମାଧୁର୍ଯ୍ୟବ୍ୟଞ୍ଜକ ରସଗ୍ରନ୍ଥ,
(୪) ଅଳଙ୍କାର ସିଦ୍ଧ ଗ୍ରନ୍ଥ,
(୫) କୋଷ ଗ୍ରନ୍ଥ,
(୬) ଚିତ୍ର କାବ୍ୟ ।

କବି ସବୁ ରଚନାର ନାମ ମଧ୍ୟ ମନେ ରଖି ନାହାନ୍ତି; ତାଲିକା ଦେବା ଉଦ୍ଦେଶ୍ୟରେ "ଚତ୍ରେଇ ତହୁଁ କିଛି ଲେଖେ ଏଥି" ଲେଖିଥିବାରୁ ଏହା ସ୍ପଷ୍ଟ ହେଉଛି ।

ଚଉତିଶା, ଚଉପଦୀ, ଦୋହା ପ୍ରଭୃତିର ନାମ ସେ ଦେଇ ନାହାନ୍ତି । ପୋଇଲେଖାରେ ଷୋଳ ପୋଇ (ଷୋଡ଼ଶେନ୍ଦ୍ର), ଛପୋଇର ନାମ ଦେଇଛନ୍ତି । 'ଗ୍ରନ୍ଥ ଭୂଷଣ'ଟି ଚଉତିଶା ଗ୍ରନ୍ଥ ।

ପୌରାଣିକ ରସଗ୍ରନ୍ଥ—ଗ୍ରନ୍ଥଭୂଷଣ (ବା ବ୍ରଜଲୀଳା), ସୁଭଦ୍ରା ପରିଣୟ, ବୈଦେହୀଶ ବିଳାସ, କୁଞ୍ଜବିହାର, ପୁରୁଷୋତ୍ତମ ମାହାତ୍ମ୍ୟ ପ୍ରଭୃତି ।

କାଳ୍ପନିକ ରସଗ୍ରନ୍ଥ—ଚନ୍ଦ୍ରଲେଖା, ହେମମଞ୍ଜରୀ, ରସଲେଖା, କାମକଳା, ଅବନାରସ ତରଙ୍ଗ, ମନୋରମା (?), ପ୍ରେମଲତା, ଲାବବତୀ, ମୁକ୍ତାବତୀ, ପ୍ରେମସୁଧାନିଧି, ରସିକ ହାରାବଳୀ, ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ତ୍ରିଲୋକ୍ୟ ମୋହିନୀ ପ୍ରଭୃତି ।

କୋଷ ଗ୍ରନ୍ଥ—ଗୀତାଭିଧାନ ।

ଅଳଙ୍କାର ଗୀତ ଗ୍ରନ୍ଥ—ରସପଞ୍ଚକ ।

ରଚନା ବିଶେଷତ୍ୱ ଥିବା ଗ୍ରନ୍ଥ—

(୧) ଅବନା ଅକ୍ଷର ନିୟମରେ ରଚିତ ଅବନା ରସତରଙ୍ଗ ।
(୨) ଆଦ୍ୟେ କ, ପ୍ରାନ୍ତେ କ (ଅବନା-କ) ନିୟମରେ ରଚିତ କଳାକଉତୁକ ।
(୩) ସ-ନିୟମରେ ସୁଭଦ୍ରା ପରିଣୟ ।
(୪) ବ-ଆଦ୍ୟରେ ବୈଦେହୀଶ ବିଳାସ ।
(୫) ଯମକ ନିୟମରେ ରଚିତ ପ୍ରେମସୁଧାନିଧି ।
(୬) ଚିତ୍ରକାବ୍ୟ— ଚିତ୍ରକାବ୍ୟ ବନ୍ଧୋଦୟ ।

ଏହା ବ୍ୟତୀତ କବି ଆଉ କେତେଗୁଡ଼ିଏ ଗ୍ରନ୍ଥ ଲେଖି ଅନ୍ୟ ଲୋକଙ୍କ ନାମରେ ଭଣିତା କରିଥିବା ଅନୁମିତ ହୁଏ । ଏହିପରି ବେନାମୀ ବା 'ବିତରଣ' ଗ୍ରନ୍ଥର ସଂଖ୍ୟା 'ପାଞ୍ଚ ସାତ' ହେବ ବୋଲି କହି 'ବିତରଣ' ହୋଇଯାଇଥିବାରୁ ଶାଳୀନତା ଓ ଧର୍ମରକ୍ଷା କରି କବି 'ଦାନ' ଗ୍ରନ୍ଥଗୁଡ଼ିକର ନାମୋଲ୍ଲେଖ କରି ନାହାନ୍ତି । ବାଲ୍ମୀକି 'ମହାନାଟକ' ରଚନା କରିଥିଲେ ମଧ୍ୟ ହନୁମାନଙ୍କୁ ତାହା 'ଦାନ' କରିଥିବାରୁ 'ମହାନାଟକ' ଗ୍ରନ୍ଥଟି 'ହନୁମାନକୃତ' ବୋଲି ସଂସାରରେ ଖ୍ୟାତ ହୋଇଛି । କବି ଏହି ଉଦାହରଣ ଦେଇଥିବାରୁ 'ଅନ୍ୟ ନାମରେ ଭଣିତା' ବା 'ଦାନକାବ୍ୟ' ସମ୍ବନ୍ଧରେ ସନ୍ଦେହ ଜାତ ହେଉନାହିଁ ।

ତ୍ରୈଲୋକ୍ୟମୋହିନୀ ଆଦି ଯେ ଗୀତ,
ନିର୍ମିତ ଗ୍ରନ୍ଥ ପୋଥି ପାଞ୍ଚସାତ ।
ସେ ଅର୍ଥ ପାର୍ଥିବ ମାର୍ଗଣେ ପୁଣ,
ହୋଇଛି ଯେଣୁ କରି ବିତରଣ ।
ବାଲ୍ମୀକେ ମହାନାଟକ ପ୍ରକାରେ,
ଦାନ ହେଲା ପ୍ରାପ୍ତ ହନୁମନ୍ତରେ ।

'ତ୍ରୈଲୋକ୍ୟ ମୋହିନୀ' ଆଦି ପାଞ୍ଚସାତ ନିର୍ମିତ ଗୀତ ପର ନାମରେ ଭଣିତା ହୋଇଥିବା ଅନୁମିତ ହୁଏ ।

ନୀଳକଣ୍ଠ ଭଞ୍ଜଙ୍କ ପରେ ଘନଭଞ୍ଜ ଘୁମୁସରର ନାବାଳକ ରାଜା ରଣ ଭଞ୍ଜଙ୍କ ରାଜପ୍ରତିନିଧି ସ୍ୱରୂପ ରହିବା ପରେ ସେ ନିଜେ ସିଂହାସନ ଅଧିକାର କରିଥିଲେ । ଘନଭଞ୍ଜ ଉପେନ୍ଦ୍ରଙ୍କ ସମସାମୟିକ ଓ କକା (ଦାଦା) ହେବେ । ଘନଭଞ୍ଜ ଓ ଉପେନ୍ଦ୍ରଙ୍କ ଭିତରେ ସଦ୍‌ଭାବ ଥିବା କିମ୍ବଦନ୍ତୀ ଅଛି । ଘନଭଞ୍ଜ ଖୋର୍ଦ୍ଧାରାଜାଙ୍କୁ ସାହାଯ୍ୟ କରିଥିବାରୁ ଖୋର୍ଦ୍ଧାରାଜା ତାଙ୍କୁ 'କ୍ଷତ୍ରିୟବର' ପଦବୀ ଦେଇଥିଲେ । 'ତ୍ରୈଲୋକ୍ୟ ମୋହିନୀ' କାବ୍ୟ ମୁଦ୍ରିତ ହୋଇନାହିଁ । ଏଥିରେ କବି ନିଜକୁ କେବଳ 'କ୍ଷତ୍ରିୟବର' ବୋଲି ପରିଚୟ ଦେଇଥିବା

ଜଣାଯାଏ । ଏହି 'ତ୍ରୈଲୋକ୍ୟମୋହିନୀ' କାବ୍ୟଟି ଉପେନ୍ଦ୍ରଙ୍କ ରଚିତ ବୋଲି କେହି କେହି କହନ୍ତି । ଧନଞ୍ଜୟଙ୍କ ନାମରେ ଭଣିତା ହୋଇଥିବା କେତୋଟି କାବ୍ୟ-କବିତା ଉପେନ୍ଦ୍ର ଲେଖିଥିଲେ ବୋଲି ମଧ୍ୟ ଶୁଣାଯାଏ । ଏଗୁଡ଼ିକ କେବଳ ଅନୁମିତ ; ସତ୍ୟାସତ୍ୟ ନିରୂପଣ କରିବା ପାଇଁ ଯଥେଷ୍ଟ ପ୍ରମାଣର ଆବଶ୍ୟକତା ରହିଛି ।

'ଚିତ୍ରକାବ୍ୟ ବନ୍ଧୋଦୟ' ପରେ କବି ଆଉ କେତେଗୁଡ଼ିଏ କାବ୍ୟ କବିତା ରଚନା କରିଥିବା ଜଣାଯାଏ । କବି ରଚନା ସମୟର କ୍ରମାନୁସାରେ ଗ୍ରନ୍ଥର ତାଲିକା ଦେଇଥିବା ଅନୁମିତ ହୁଏ ନାହିଁ ।

ଏ ପର୍ଯ୍ୟନ୍ତ ଉପେନ୍ଦ୍ରଙ୍କର ବହୁ କାବ୍ୟ ଓ କବିତା ମୁଦ୍ରିତ ହୋଇ-ନଥିବାରୁ ଆଲୋଚନାରେ ପରିପୂର୍ଣ୍ଣତା ସମ୍ଭବ ହେଉନାହିଁ ।

ପ୍ରକାଶିତ ଗ୍ରନ୍ଥ :—

| | | |
|---|---|---|
| ପ୍ରେମସୁଧାନିଧି | ଅବନା ରସତରଙ୍ଗ | ଗୀତାଭିଧାନ |
| ରସଲେଖା | ସୁବର୍ଣ୍ଣରେଖା | ଦଶପୋଇ |
| କଳାକଉତୁକ | ଲାବଣ୍ୟନିଧି | ଛଅ ପୋଇ |
| ରାମଲୀଳାମୃତ | ଚୌପଦୀ ଭୂଷଣ | ଲାବଣ୍ୟବତୀ |
| ସୁଭଦ୍ରା ପରିଣୟ | ଚଉପହରି | କୋଟିବ୍ରହ୍ମାଣ୍ଡସୁନ୍ଦରୀ |
| ରସିକ ହାରାବଳୀ | ବଜାର ବୋଲି | ବୈଦେହୀଶ ବିଳାସ |
| ରସପଞ୍ଚକ | ଯମକରାଜ ଚଉତିଶା | ଚିତ୍ରକାବ୍ୟ ବନ୍ଧୋଦୟ |
| ଭାବବତୀ | ଚୌପଦୀ ଚନ୍ଦ୍ର | ପଞ୍ଚଶାୟକ |
| ଛାନ୍ଦଭୂଷଣ | ଚଟାଉ ଛାନ୍ଦ | |

ଚିତ୍ରକାବ୍ୟ ବନ୍ଧୋଦୟରେ ପ୍ରଦତ୍ତ ତାଲିକା ଛଡ଼ା ନିମ୍ନ ପ୍ରଦତ୍ତ ଆଉ କେତୋଟି ଗ୍ରନ୍ଥ ଉପେନ୍ଦ୍ର ଲେଖିଥିବା ଶୁଣାଯାଏ ।

| | |
|---|---|
| ହାସ୍ୟାର୍ଣ୍ଣବ | ପଞ୍ଚଶାୟକ |
| କଟପଯ୍ୟା | ନଅପୋଇ |
| ସଙ୍ଗୀତ କୌମୁଦୀ | ବାରପୋଇ |
| ଶୋଭାବତୀ | ବଚନ ତରଙ୍ଗିଣୀ |
| କଳାବତୀ | ଚନ୍ଦ୍ରରେଖା |
| ରସମଞ୍ଜରୀ | ଷଡ଼ଋତୁ |
| ଶଶିରେଖା | ମାଳାଦ୍ରୀଶ ଚଉତିଶା |

ଗ୍ରନ୍ଥମାନଙ୍କର ରଚନା ସମୟ—'ସୁବର୍ଣ୍ଣରେଖା' କାବ୍ୟଟି 'ପ୍ରେମ-ସୁଧାନିଧି' ଓ 'ରସିକ ହାରାବଳୀ' ପରେ ପରେ ରଚିତ ହୋଇଛି । କବି ସୁବର୍ଣ୍ଣରେଖାର ଶେଷ ଛାନ୍ଦରେ ଲେଖିଛନ୍ତି—

ପଞ୍ଚଛାନ୍ଦେ ଶେଷ ହୋଇଲା ଏ ରସ କରିବ ରସିକାବଶ
ହେ ଜନେ, ପ୍ରେମସୁଧାନିଧି ରସିକ ହାରାବଳୀର ଏ ଶେଷ ।
ସୁବର୍ଣ୍ଣରେଖାର ବର୍ଣ୍ଣନା ଯେତେକ ରସେ ଏହୁ ଭନ ଗୀତ
କହେ ଉପେନ୍ଦ୍ର ଭଞ୍ଜ ବୀରବର ଅନୁଭବୁଁ ଏ ବିହିତ ।

ଏଥିରୁ ଜଣାଯାଉଛି ଯେ ପ୍ରେମସୁଧାନିଧି, ରସିକ ହାରାବଳୀ, ସୁବର୍ଣ୍ଣ-ରେଖା କ୍ରମାନ୍ୱୟରେ ରଚିତ ହୋଇଛି ।

ପ୍ରେମସୁଧାନିଧିରେ ହେମନ୍ତ ( ୯ମ ଛାନ୍ଦ), ଶିଶିର (୧୦ମ ଛାନ୍ଦ), ବସନ୍ତ (୧୧ଶ ଛାନ୍ଦ), ଗ୍ରୀଷ୍ମ (୧୨ଶ ଛାନ୍ଦ), ବର୍ଷା (୧୩ଶ ଛାନ୍ଦ) ଋତୁମାନଙ୍କରେ ନାୟକର ବିରହାନୁଚିନ୍ତା ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି । ରସିକ-ହାରାବଳୀରେ ହିମ (୧୧ଶ ଛାନ୍ଦ), ବସନ୍ତ ( ୧୨ଶ ), ବର୍ଷା ( ୧୩ଶ-୧୪ଶ ଛାନ୍ଦ) ଋତୁମାନଙ୍କରେ ନାୟକର ବିରହାନୁଚିନ୍ତା ପ୍ରେମସୁଧାନିଧି ପରି ବିସ୍ତୃତ ଭାବରେ ଦିଆଯାଇଛି । ସୁବର୍ଣ୍ଣରେଖାରେ କେବଳ ବର୍ଷା (୨ୟ, ୩ୟ ଛାନ୍ଦ) ଋତୁରେ ନାୟକର ବିରହାନୁଚିନ୍ତା ଅଛି । ପ୍ରେମସୁଧାନିଧିର

ଶେଷ ଗ୍ରନ୍ଥରେ ଶରତ ଋତୁ ବିରହାନୁଚିନ୍ତା ଅଳ୍ପପଦରେ ବର୍ଣ୍ଣିତ ହୋଇଛି । ସୁବର୍ଣ୍ଣରେଖାରେ ବର୍ଷା ବ୍ୟତୀତ ଅନ୍ୟ ଋତୁମାନଙ୍କର ବର୍ଣ୍ଣନା ନକରି କବି ଗ୍ରନ୍ଥ ସମାପ୍ତ କରିଛନ୍ତି । ଏହି ଅସ୍ୱାଭାବିକତା କବି ନିଜେ ଅନୁଭବ କରିଥିବାରୁ ପ୍ରେମସୁଧାନିଧି ଓ ରସିକହାରାବଳୀରେ ଅନ୍ୟ ଋତୁ ବର୍ଣ୍ଣିତ ହୋଇଥିବା ଉଲ୍ଲେଖ କରି 'ସୁବର୍ଣ୍ଣରେଖା' ଏହି ଦୁଇ ଗ୍ରନ୍ଥର 'ଶେଷ' ବୋଲି ନିର୍ଦ୍ଦେଶ କରିଛନ୍ତି ।

ଏହି ତିନିଗ୍ରନ୍ଥର ରସ (ପ୍ରେମରସ) ଏକ ଥିବାରୁ କବି ଏହି ତିନି କାବ୍ୟରେ ବିରହାନୁଚିନ୍ତା ଏକ ପ୍ରକାର କରିଛନ୍ତି—ତିନୋଟି କାବ୍ୟରେ ବିଭିନ୍ନ ଋତୁରେ ନାୟକମାନଙ୍କର ବିରହ ହିଁ ପ୍ରଧାନ ଭାବରେ ବର୍ଣ୍ଣିତ ହୋଇଛି । ପ୍ରେମସୁଧାନିଧି ଓ ରସିକହାରାବଳୀ ବିଭିନ୍ନ ଅଳଙ୍କାରରେ ବିମଣ୍ଡିତ ହୋଇଥିବାରୁ ଅଳଙ୍କାର-କାବ୍ୟ ସ୍ୱରୂପ ପ୍ରତୀୟମାନ ହେଉଛି; ସୁବର୍ଣ୍ଣ-ରେଖାରେ ଅଳଙ୍କାରର ବ୍ୟବହାର ବେଶି ନଥିବାରୁ ଅପେକ୍ଷାକୃତ ସରଳ ଓ ଷିଦ୍ର ହୋଇଛି ।

କବି ଏହି ଋତୁବର୍ଣ୍ଣନା ପ୍ରସଙ୍ଗରେ ସୁବର୍ଣ୍ଣରେଖା କାବ୍ୟଟି ପ୍ରେମସୁଧା-ନିଧି ଓ ରସିକହାରାବଳୀର 'ଶେଷ' ବୋଲି ଉଲ୍ଲେଖ କରିଥିବାରୁ ଏହା ପୂର୍ବରୁ ଏହିଭଳି କାଳ୍ପନିକ ପ୍ରେମକାବ୍ୟ ରଚିତ ହୋଇ ନଥିବା ଅନୁମାନ କରାଯାଇପାରେ । ଯଦି ଏଭଳି ଅନ୍ୟ କାବ୍ୟ ରଚିତ ହୋଇଥାଆନ୍ତା ତାହାହେଲେ ସେ ହୁଏତ ଏହାର ନାମୋଲ୍ଲେଖ କରିଥାଆନ୍ତେ ।

ଏ ତିନୋଟି କାବ୍ୟର କଥାବସ୍ତୁର ରୂପରେ ସାଦୃଶ୍ୟ ଦେଖାଯାଏ । କୋଶଳ ରାଜକୁମାର ଦିନେ ମଧୁବନରେ ସଖାଙ୍କ ସଙ୍ଗରେ ରଙ୍ଗରେ ଭ୍ରମଣ କରୁଥିବା ବେଳେ ମଦନଶାସ୍ତ୍ର ପକାଇ ଶ୍ଲୋକକୁ ଅର୍ଥ କରୁଥିଲେ । ଏହି-ସମୟରେ ଗୃହ୍ଟି ନଟ ପ୍ରବେଶ ହୋଇ କୌତୁକରେ ନାଟ କରି ହାସ ପ୍ରକଟ କଲା । ଜଣେ ରୂପଜୀବା ନାଟ ମେଳରେ ଥିଲା । ସେ କୁମାରକୁ "ଅପୂର୍ବ-ସୁନ୍ଦର ଭାବରେ ବଶ" ଦେଖି ଅନ୍ୟ ଏକ ନଗରର ମନ୍ତ୍ରୀକୁମାରୀ ସୁବର୍ଣ୍ଣ-

ରେଖାର ଅପୂର୍ବ ଶୋଭା ବର୍ଣ୍ଣନା କଲା । ରାଜକୁମାର ଶୋଭାବର୍ଣ୍ଣନା ଶ୍ରବଣରେ ଲୋଭିତ ହୋଇ ସୁବର୍ଣ୍ଣରେଖାକୁ ବିବାହ କରିବା ପାଇଁ ସ୍ଥିର କଲେ । ସେ କନ୍ୟା ସହିତ ରାଜକୁମାରଙ୍କ ଗାନ୍ଧର୍ବ ବିବାହ ହେଲା । "ସେ ଦିନରୁ ପୁରୁଁ ବାହାର, ନୋହେ କୁମର ଯେ ।" କେତେ ମାସ ପରେ ପିତାଙ୍କ ଆଜ୍ଞାରେ କୁମାର ପ୍ରବାସ କଲା ।

"ସେ ରାମାରେ ଦଉମନା, ଚଢ଼େ ବିରହ ବେଦନା ।"

ଏହି ବିରହ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଛାନ୍ଦରେ ବର୍ଣ୍ଣିତ ହୋଇଛି । 'ରସଲେଖା'ରେ ମଳୟଗିରିର ରାଜର୍ଷିକୁମାରୀ 'ରସଲେଖା'କୁ ସୁଧାନିଧି ପୁରର ରାଜକୁମାର ବିବାହ କରିଥିଲେ । ସେ ସ୍ୱପ୍ନରେ କୁମାରୀର ପ୍ରସଙ୍ଗ ଶିବଙ୍କଦ୍ୱାରା ଅବଗତ ହୋଇଥିଲେ । ନାୟକ ନାୟିକାର ବିଚ୍ଛେଦ ଓ ବିରହ 'ରସଲେଖା' ଚରିତ ଅନୁରୂପ ।

ପ୍ରେମସୁଧାନିଧିର ଏହି ପ୍ରସଙ୍ଗ ମଧ୍ୟ ସ୍ଥୂଳତଃ ସୁବର୍ଣ୍ଣରେଖା ତୁଲ୍ୟ । ଏହି କାରଣରୁ କବି ଏହି ତିନିକାବ୍ୟର 'ରସ' ଏକ ବୋଲି କହିଛନ୍ତି । କିନ୍ତୁ ଏ ତିନି ଗ୍ରନ୍ଥର ରଚନା ସମୟ ଗ୍ରନ୍ଥ ଭିତରେ ସୂଚିତ ହୋଇ ନାହିଁ ।

'ରସଲେଖା'ଟି ଦିବ୍ୟସିଂହ ଦେବଙ୍କ ୨୭ଶ ଅଙ୍କ (ବା ଖ୍ରୀ: ୧୭୧୪) ରେ ରଚିତ ହୋଇଥିବା କବି କାବ୍ୟରେ ଲେଖିଛନ୍ତି ।

'ବୈଦେହୀଶ ବିଳାସ' ରଚନା ସମ୍ବନ୍ଧୀୟ କିମ୍ବଦନ୍ତୀକୁ ବିଶ୍ୱାସ କଲେ ଧନଞ୍ଜୟଙ୍କ ମୃତ୍ୟୁ ପୂର୍ବରୁ ଅର୍ଥାତ୍ ଖ୍ରୀ: ୧୭୦୩ ପୂର୍ବରୁ ଏହି ଗ୍ରନ୍ଥ ଶେଷ ହୋଇଥିଲା ବୋଲି କହିବାକୁ ହେବ ।

ଗ୍ରନ୍ଥ ନାମକରଣର ସାର୍ଥକତା:—

ଗ୍ରନ୍ଥ ନାମକରଣର ସାର୍ଥକତା ସମ୍ବନ୍ଧରେ କବି ନିଜେ ସଙ୍ଗତ କାରଣ ନିର୍ଦ୍ଦେଶ କରି ପାଠକଙ୍କ ମାନସିକ ଦ୍ୱନ୍ଦ୍ୱକୁ ନିରାକରଣ କରିଛନ୍ତି । 'ରସିକ ହାରାବଳୀ' ନାମର ସାର୍ଥକତା ସମ୍ବନ୍ଧରେ କବି କହିଛନ୍ତି—

ଉପେନ୍ଦ୍ର ଭଞ୍ଜ ବୀରବର ବିରଚିତ ଅତି ତେଣରେ
ରସିକ ହାରାବଳୀ ନାମରଚିତ ବୋଲିବାର ଏହି ଗୀତରେ ।
(ଶେଷ ଛାନ୍ଦ)

କବି 'କଳା କଉତୁକ' ନାମଟି 'ପ୍ରଥପାଦରେ ଆଦ୍ୟପ୍ରାନ୍ତ୍ୟ କ' ନିୟମ ଅନୁସାରେ ଦେଇଛନ୍ତି । ଚନ୍ଦ୍ରାବଳୀ ଓ କୃଷ୍ଣଙ୍କ କଳା-କେଳି-କୌତୁକ ଏହି କାବ୍ୟର ବିଷୟବସ୍ତୁ ଥିବାରୁ ଏହାର ନାମ 'କଳା କଉତୁକ' ହୋଇଛି ।

କରୁଣାକର ହେ କରୁଣାକର ହୋଇ ହେତୁକ
କହିବି ଚନ୍ଦ୍ରାବଳୀ କୃଷ୍ଣକଳା କେଳି କୁତୁକ ।
କଳା କଉତୁକ ଏ ଗୀତ ନାମ ହେବ ଖ୍ୟାତକ
କରୁଥିବେ ପ୍ରଥପାଦରେ ବାସ ଆଦ୍ୟପ୍ରାନ୍ତକ । (କ: କ: ୧ମ ଛାନ୍ଦ)

ପୁଣି ଚନ୍ଦ୍ରଶାଳା ପୁରରେ କୃଷ୍ଣଚନ୍ଦ୍ର ଓ ଚନ୍ଦ୍ରାବଳୀର କେଳିକୌତୁକ ବର୍ଣ୍ଣନା ଛାନ୍ଦରେ ଚନ୍ଦ୍ର, କଳା, କୌତୁକ ପଦର ଅବସ୍ଥିତି ଦୃଷ୍ଟିରେ 'କବିତ୍ୱ ନାମ କଳା କୌତୁକ' ସାର୍ଥକ ହୋଇଥିବା କବି ବ୍ୟକ୍ତ କରିଛନ୍ତି ।

କବିତ୍ୱ ନାମ ଦେଲି କଳାକୌତୁକ
କଥିଲେ ଉପେନ୍ଦ୍ର ଭଞ୍ଜ ତୋଷକ ଯେ । (୭ମ ଛାନ୍ଦ)

ଉପେନ୍ଦ୍ର ସ୍ୱକାବ୍ୟମାନଙ୍କର ନାମକରଣରେ କୌଣସି ସ୍ୱତନ୍ତ୍ର ରୀତି ଅନୁସରଣ କରି ନାହାନ୍ତି । ନାୟକ, ନାୟିକା, ବିଷୟବସ୍ତୁ ପ୍ରଭୃତି ଅବଲମ୍ବନ କରି ସେ ନାମ ନିର୍ବାଚନ କରିଛନ୍ତି । କେତୋଟି ଉଦାହରଣ—

ଚରିତ ଅନୁସାରେ—ସୁଭଦ୍ରା ପରିଣୟ ।
ନାୟକଙ୍କ ନାମାନୁସାରେ—ବୈଦେହୀଶ ବିଳାସ ।
ନାୟିକା ନାମାନୁସାରେ—ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ,
ଚନ୍ଦ୍ରରେଖା ପ୍ରଭୃତି ।
କାବ୍ୟଭାବ ଅନୁସାରେ—କଳାକଉତୁକ ।
ଅଳଙ୍କାର ଅନୁସାରେ—ଅବନା ରସତରଙ୍ଗ, ଚିତ୍ରକାବ୍ୟ, ଗୀତାଭିଧାନ
ଓ ରସପଞ୍ଚକ ପ୍ରଭୃତି ।

ସ୍ୱକୃତିମାନଙ୍କ ସମ୍ବନ୍ଧରେ କବିଙ୍କ ସ୍ୱରଚିତ ସ୍ୱମତ:—

କବି ପ୍ରେମ ସୁଧାନିଧି କାବ୍ୟର ପ୍ରଶଂସା କରି ତାକୁ 'ଅକଳଙ୍କ ଚନ୍ଦ୍ରମା' ସହିତ ତୁଳନା କରିଛନ୍ତି । ଷୋଳକଳା ଯୁକ୍ତ ପୂର୍ଣ୍ଣଚନ୍ଦ୍ର ପରି ଷୋଳ ଛାନ୍ଦରେ ସମ୍ପୂର୍ଣ୍ଣ ହୋଇଛି । ଏହି ଷୋଳକଳା ଛାନ୍ଦ ବିଶିଷ୍ଟ ସମ୍ପୂର୍ଣ୍ଣ କାବ୍ୟଚନ୍ଦ୍ରକୁ ରାହୁ ପରି ମୂର୍ଖ ଲୋକମାନେ ଦୋଷିବାକୁ ଅବକାଶ ନପାଆନ୍ତୁ ଏବଂ ପୂର୍ଣ୍ଣଚନ୍ଦ୍ର ଯେପରି ପ୍ରତ୍ୟେକ ଘରେ ପ୍ରକାଶିତ ହୋଇ ଆହ୍ଲାଦ ଦାନ କରନ୍ତି ସେପରି ତାଙ୍କର କାବ୍ୟ ପୂର୍ଣ୍ଣଚନ୍ଦ୍ର ଦେଶେ ଦେଶେ ପ୍ରକାଶ ପାଇ ରସିକ ଜନ ହୃଦୟ ରତ୍ନାକରକୁ ଉଲ୍ଲାସ କରୁ, କବି ଏହି ପ୍ରାର୍ଥନା କରିଛନ୍ତି । କାବ୍ୟ ଚନ୍ଦ୍ରୋଦୟରେ ପଣ୍ଡିତ-କୁମୁଦର ଆନନ୍ଦ ବର୍ଦ୍ଧନ କରିବ ଏବଂ ଖଳ-କୁଳର ଅନ୍ଧକାର ମଧ୍ୟ ବିନାଶ କରିବ । ପଣ୍ଡିତ ଗ୍ରାହକ ରସିକର ନୟନଚକୋରକୁ ସନ୍ତତ ତୋଷଦାନ କରିବ ।

କବି ପ୍ରେମ ସୁଧାନିଧି କାବ୍ୟ ସମ୍ବନ୍ଧରେ ଯେଉଁ ଉକ୍ତି କରିଛନ୍ତି ତାହା ତାଙ୍କର ପ୍ରତ୍ୟେକ କାବ୍ୟପ୍ରତି ପ୍ରଯୁଜ୍ୟ ।

ସୁଖେ ବର୍ଣ୍ଣିଲେ ଦାମୋଦର ପ୍ରବନ୍ଧ ସମ୍ପୂର୍ଣ୍ଣ
ଏହୁ ଗୀତ ଅକଳଙ୍କ ଚନ୍ଦ୍ରମା ସମାନ ।
ଷୋଳଛାନ୍ଦ ଷୋଳ କଳା ସଦା ପୂର୍ଣ୍ଣ ତହିଁ
ଅଜ୍ଞରାହୁ ଦୂଷଣକୁ ଅବକାଶ ନାହିଁ ।

ପ୍ରତିପଦେ ପଢ଼ିଦଶ ଚନ୍ଦ୍ରେ ପ୍ରକାଶିବ
ରସିକ ହୃଦୟ ରତ୍ନାକର ଉଲ୍ଲାସିବ ।
ପଣ୍ଡିତ କୁମୁଦ ମୁଦ ବର୍ଦ୍ଧନ କରିବ
ଜଳକୁଳ ଅନ୍ଧକାର ବେଗେ ବିଦାରିବ ।
ମନ ଚକୋରକୁ ତୋଷ କରିବ ସନ୍ତତ
ପୁଣି ଏହୁ ଗୀତ ନ ଶକେଳ ଫଳବତ ।
ବାହାରେ କର୍କଶ ଭିତରେ ତ ସରସତା
ଜାଣିଲା ଜନ କଣ୍ଠକୁ ହୋଇବ ମୁକୁତା ।

କବି କାବ୍ୟନାୟିକାକୁ ବିଭିନ୍ନ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାରରେ ବିମଣ୍ଡିତ କରିବାରେ ଯେଉଁ ଶିଳ୍ପକଳା ନୈପୁଣ୍ୟ ଦେଖାଇଛନ୍ତି ତାହା ଅତି କଷ୍ଟସାଧ୍ୟ ଏବଂ କବିଙ୍କର ଲେଖନୀଚାଳନ ଦକ୍ଷତା ଓ ପାଣ୍ଡିତ୍ୟର ଚାତୁରୀ କେବଳ ତାଙ୍କର ସହାୟକ ହୋଇଛି ।

ଏହି ଅଳଙ୍କାର ସୃଷ୍ଟି କଷ୍ଟସାଧ୍ୟ ହେଲେ ମଧ୍ୟ ଏହା ସବୁ କବିଙ୍କ ଭାଗ୍ୟରେ ସମ୍ଭବ ନୁହେଁ । ପ୍ରଗାଢ଼ ପାଣ୍ଡିତ୍ୟ, ଗଭୀର ଅନୁଭୂତି, ସୁଗଭୀର ଶବ୍ଦ-ସାଗର-ଅବଗାହନ ପଟୁତା ଓ ସମ୍ପୂର୍ଣ୍ଣ କବିସୁଲଭ ଆକାଂକ୍ଷା ଲେଖନୀର ସେବା ବିନା ଏହି ମହାନ୍ ଯଶକାର୍ତ୍ତି ସୃଷ୍ଟି କରିବା କେବେ ସମ୍ଭବ ନୁହେଁ । ଭାବ ଓ ଭାଷାର ସମନ୍ୱୟ ରକ୍ଷାକରି ଏପରି ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ କାବ୍ୟ-କୋଣାର୍କ ନିର୍ମାଣ କରିବା କେବଳ ଉତ୍କଳୀୟ କବି-ଶିଳ୍ପୀ ଉପେନ୍ଦ୍ରଙ୍କ ପକ୍ଷେ ସମ୍ଭବ ହୋଇଅଛି ।

ଉପେନ୍ଦ୍ର ଭଞ୍ଜ ସ୍ୱକୃତିମାନଙ୍କ ସ୍ଥାୟିତ୍ୱ ସମ୍ବନ୍ଧରେ ସନ୍ଦେହଶୂନ୍ୟ ଥିଲେ । ଗ୍ରନ୍ଥଗୁଡ଼ିକ କିପରି ରଙ୍କେ ରଜ୍ୟେ, କାଳେ କାଳେ ପ୍ରଚୁର ଲଭି କରି ସୁଧୀଜନଙ୍କ ମନ ମୋହିବ ଏହା ପ୍ରାର୍ଥନା କରିଛନ୍ତି । ମୂର୍ଖ ଖଳଜନଙ୍କ ସକାଶୁ କଷ୍ଟ ଦ୍ୱାରା ଗ୍ରନ୍ଥ ନଷ୍ଟ ନହେଉ, ଏହି ଆଶା ଓ ଅକାଙ୍କ୍ଷା ରଖିଛନ୍ତି । 'ସୁଭଦ୍ରା ପରିଣୟ' କାବ୍ୟର ପ୍ରାନ୍ତରେ କବି ଏହି ଆଶାକୁ ଏହିପରି ରୂପ ଦେଇଛନ୍ତି—

ସୁରସ ପୁରାଣ ଚରିତ ଯହୁଁ,
ସାଧୁ ରସିକ ମାନସଙ୍କୁ ମୋହୁ ।
ସହଜେ ଏକ ବର୍ଣ୍ଣ ନିୟମରୁ,
ସକଳ ମୂର୍ଖଙ୍କୁ ସନ୍ତୋଷ କରୁ ।
ସର୍ବକବି ଚିତ୍ତ,
ସୁପଦ ଆଶୟେ କରୁ ମୋହିତ । ୨୪ ।
ସୁମନଭୃଙ୍ଗ୍ ଯେ କୀଟ ବୃଷ,
ସକାଶେ ନୋହୁ ଏ ପୁସ୍ତକ ନାଶ ।
ସମସ୍ତ ଦେଶରେ ପ୍ରକାଶ ହେଉ,
ସଂସାର ମଧ୍ୟେ ଚିରକାଳ ଥାଉ ।
ସ୍ତବ ଏଥିପାଇଁ,
ଶ୍ରୀନ୍ତେ ଶ୍ରୀରଘୁନାଥ ଆରାଧଇ । ୨୫ ।
(ସୁ:ପ: ଶେଷ ଛାନ୍ଦ )

ପ୍ରଥିତଯଶା ମହାକବିମାନଙ୍କ ପରି ଉପେନ୍ଦ୍ର ମଧ୍ୟ ନିଜ କୃତିଗୁଡ଼ିକ ବିଜ୍ଞ ଲୋକଙ୍କ ହସ୍ତଗତ ହେଉ, ଖଳମାନଙ୍କ ହସ୍ତରେ ନପଡ଼ୁ, ଏହି ପ୍ରାର୍ଥନା ଏକାଧିକ ସ୍ଥଳରେ କରିଛନ୍ତି ।

(୧) କରି କରୁଣା ବିଜ୍ଞହସ୍ତଗତ ଏ ପୁସ୍ତକ ମୋର ହୋଇବ
ଅଜ୍ଞ ସମୂହର କର୍ଣ୍ଣକୁହରକୁ କେବେହେଁ ପ୍ରବେଶ ନୋହିବ ।
ଆଖୁ-ଅନଳ, ଖାରିରେ ନ ଲଭି ବିନାଶ,
ଉତ୍ତମ ଜନରେ ଦୂଷିତ ନୋହିଣ ପ୍ରକାଶ ହେଉ ସର୍ବ ଦେଶ ।
(ସୁ:ପ. । ଶେଷ ଛାନ୍ଦ)

(୨) ରସିକ ପୁରନ୍ଦର ଚିତ୍ତ ମୋହିବ ସୁନ୍ଦର ପଦର ଛାନ୍ଦଏ ।
ମକରଶ୍ରୁତି କନ୍ଦରକୁ ହୋଇବ ସମସ୍ତ ପ୍ରକାର ମନ୍ଦଏ ।
କବି ପଣ୍ଡିତ, ହୃଦୟସ୍ଥ ମଣ୍ଡିତ ହୋଇବ ।
ଖଣ୍ଡିତ କରିବ ସର୍ବ ଖଳଗର୍ବ, ବହୁତ କାଳ ଯାଏ ଥିବ ।
(ର:ହା: । ଶେଷ ଛାନ୍ଦ )

କଳ୍ପନା ଓ ସତ୍ୟ ଘଟନା ଉପରେ ପ୍ରତିଷ୍ଠିତ କାବ୍ୟଗୁଡ଼ିକ ଗ୍ରାହକମାନଙ୍କ ରୁଚି ଅନୁସାରେ ଗ୍ରାହ୍ୟ ହେବା ସଙ୍ଗତ ହେଲେ ମଧ୍ୟ ଦେବଚରିତ୍ର ପୁରାଣ ଉପାଖ୍ୟାନ ପ୍ରସଙ୍ଗ ସବୁ ଶ୍ରେଣୀର ବୋଧବର୍ଦ୍ଧକ, ଏପରିକି ଖଳମାନଙ୍କର ମଧ୍ୟ ଆଦର ଲାଭ କରିବ ବୋଲି କବି ଆଶା କରିଛନ୍ତି । ପଣ୍ଡିତ ରସିକ ଗ୍ରାହକମାନେ ସବୁ ଶ୍ରେଣୀର ରସପୂର୍ଣ୍ଣ ପ୍ରବନ୍ଧକୁ ଆଦର କରିବା ସ୍ୱାଭାବିକ । ଭଗବାନଙ୍କ ନାମଯୁକ୍ତ ହୋଇଥିଲେ ପୁରାଣଚରିତ ପାଠରେ ଧର୍ମଲାଭ ମଧ୍ୟ ସୁନିଶ୍ଚିତ । ମୂର୍ଖ ଖଳମାନଙ୍କ ପକ୍ଷେ ରସପୂର୍ଣ୍ଣ ପୁରାଣଚରିତ ଆଶ୍ରିତ କାବ୍ୟ ରୁଚିକର ନହେଲେ ମଧ୍ୟ ମୋହଦାୟକ । ସତ୍ୟ ଓ କାଳ୍ପନିକ କାବ୍ୟପାଠ ପଣ୍ଡିତ ଓ ମୂର୍ଖମାନଙ୍କ ପକ୍ଷରେ ନ୍ୟୂନାଧିକେ ହିତକର ।

ରସସାର ଶୃଙ୍ଗାରଯୁକ୍ତ ମାନସ ରଚନା ଅନୁଭବରୁ ପ୍ରଖ୍ୟାତ ହେବା ଯୋଗୁଁ ସୁରସିକମାନଙ୍କର ଉତ୍ତମ ଆନନ୍ଦଦାୟକ ହେବ, ଏହା କବି ଆଶା କରିଛନ୍ତି ।

ବିସ୍ତରଇ କରିବି ଉତ୍ତମ ଛାନ୍ଦ ଗୀତ,
ରସସାର ଶୃଙ୍ଗାର ତହିଁରେ ହେବ ବ୍ୟକ୍ତ । ୫ ।
ଅନୁଭବରୁ ପ୍ରଖ୍ୟାତ ମାନସ ରଚନା
ଶୁଣି ସୁରସିକମାନେ ହୋଇଣ ସୁମନା । ୬ ।
(ଇ.ହା: । ୧ମ ଛାନ୍ଦ)

ସୁରସ ପୁରାଣ ଚରିତ ଯହିଁ, ସାଧୁ ରସିକମାନଙ୍କୁ ମୋହି
ସହଜେ ଏକବର୍ଣ୍ଣ ନିୟମରୁ ସକଳ ମୂର୍ଖଙ୍କୁ ସନ୍ତୋଷ କରୁ ।
ସର୍ବ କବି ଚଳ, ସୁପଦ ଆଶରେ କରୁ ମୋହିତ ।
(ସୁ.ପ: । ଶେଷ ଛାନ୍ଦ)

ଉପେନ୍ଦ୍ର ବିଭିନ୍ନ କାବ୍ୟରେ ବହୁପ୍ରକାର ଅଲଙ୍କାର ବ୍ୟବହାର କରିଛନ୍ତି । କେତୋଟିର ନାମ—

| | | |
|---|---|---|
| ଶ୍ଳେଷ | ବର୍ଣ୍ଣଶ୍ଳେଷ | ବୀର |
| ରୂପକ | ସଭଙ୍ଗ ଶ୍ଳେଷ | କାରୁଣ୍ୟ |
| | ପର୍ଯ୍ୟାୟଶବ୍ଦ ଶ୍ଳେଷ | ହାସ୍ୟ |
| ସିଂହାବଲୋକନ | ଅଭଙ୍ଗ ଶ୍ଳେଷ | ଅଦ୍ଭୁତ |
| ଛଳ | ରୂପକ ଶ୍ଳେଷ | |
| | ବ୍ୟଙ୍ଗ ଶ୍ଳେଷ | |
| ବିରୋଧାଭାସ | ଗୋମୂତ୍ର ଛନ୍ଦ | |
| ଅନୁପ୍ରାସ | ଧ୍ୱନ୍ୟର୍ଥ | |
| ପୁନରୁକ୍ତ ବଦାଭାସ | ଅଦ୍ଭୁତ ରୂପକ, ଯମକ | |
| ଦତ୍ତାକ୍ଷର | ଆଦ୍ୟ ଯମକ | |
| ଚ୍ୟୁତାକ୍ଷର | ମଧ୍ୟ ଯମକ | |
| | ପ୍ରାନ୍ତ ଯମକ | |
| | ମହା ଯମକ | |
| | ଆଦ୍ୟପ୍ରାନ୍ତ ଯମକ | |

ଉପେନ୍ଦ୍ର 'ରସପଞ୍ଚକ'ରେ ସ୍ୱକବିପଣର ଆତ୍ମପ୍ରଶଂସା କରିଛନ୍ତି—

କାଶ୍ୟପୀକାନ୍ତ ତାହାଙ୍କ ସୁତ, କୃତଙ୍କି ନୀଳକଣ୍ଠଭଞ୍ଜ ସୁତ ।
କୁମର ଜ୍ୟେଷ୍ଠ ତାଙ୍କର ଶ୍ରେଷ୍ଠ, କବି ପଣରେ ଅତି ପରିନିଷ୍ଠ ।
କାବ୍ୟ ନାଟକ ଅଳଙ୍କାର ଯାକ, କୋବିଦେ କେବଳ ବୋଲନ୍ତି ଏକ ।
କୋଷାଭିଧାନ ସାକ୍ଷାତ ଜନ, କବିତ୍ୱ ଛନ୍ଦବନ୍ଧେ କେ ସମାନ ।
କଥିତ କୀର୍ତ୍ତି ଗୀତେ ଏ ମତ୍ତ, କାଳିଦାସ ବାଣୀ ପରାୟୁ ସ୍ଫୂର୍ତ୍ତି ।
କଳାପିଙ୍ଗଳ ଶାସ୍ତ୍ର ଅନର୍ଗଳ, କେତେ ପ୍ରବନ୍ଧେ ପୂରାଇ ଭୂତଳ ।
କୃତକେ ଯଶ ଲୋକ ପ୍ରକାଶ, କବିଗର୍ବ ପର୍ବତକୁ କୁଳିଶ ।
କରିଣ ଚଉ ପଞ୍ଚବାଧି ଗୀତେ, କଲି ସାକ୍ଷାତେ ରସିକଙ୍କ ହିତେ ।
କବିତ୍ୱ ହେବ ଯେ ପ୍ରକାଶ ମୋର, କର ବିବେକ ସୁଧୀ ବିଜ୍ଞବର ।
କବି ସୁହୃଦ ହୃଦ କୁମୁଦ, କରିବାକୁ ମୋଦ ପୂର୍ଣ୍ଣିମୀ ଚନ୍ଦ ।

କହି ଏପରି ବସ୍ତୁର ବସ୍ତୁଇ, କୁମତି ମତି ମଶକ ମଶାର ।
କାବ୍ୟ ଦୋଷଦ (?) ଦେବାକୁ ଏ ପଦ, କଳହକାରୀ ଆଶୀବିଷରଦ ।
କରୁ ସରସ ହୃଦ ବିଦୁଷ, କଣ୍ଠବଳରେ ଏ ଗୀତ ନିବାସ ।
କୁତର୍କି ଭଞ୍ଜ ଉପେନ୍ଦ୍ର ଭଞ୍ଜ, କରେ ଧ୍ୟାନ ତାଙ୍କ ଚରଣ କଞ୍ଜ ।
(ଶେଷ ବୋଲି)

ସୁକବି ସିଦ୍ଧହସ୍ତ କବି ଉପେନ୍ଦ୍ର କବିସୁଲଭ ଅସାମର୍ଥ୍ୟକୁ ଅତି ଚମତ୍କାର ଭାବରେ 'ସୁଭଦ୍ରାପରିଣୟ'ରେ ବ୍ୟକ୍ତ କରିଛନ୍ତି ।

ସର୍ଗବନ୍ଧ କାବ୍ୟନାଟକାଦି କବି ବର୍ଣ୍ଣି ନପାରନ୍ତି ଯାହାକୁ
ସେ ଶୋଭା ରତିକୁ ରତିସମ ନୋହେ ଏମନ୍ତ ବୋଲନ୍ତି ତାହାକୁ
ସାରବୀ, ସିନା ବ୍ୟର୍ଥ କାର୍ଯ୍ୟେ କାଳକୁ ,
ସେ ସୁନ୍ଦରୀମଣି ଶିରୋଧାର୍ଯ୍ୟ ପୁଣି ଆଣିଦେବା କେଉଁ ତୁଲକୁ । ୩୫ ।
ସୁବର୍ଣ୍ଣ ଲଙ୍ଗଳେ ଚଷି ଖଣ୍ଡଭୂମି ଅମୃତ ଜଳ ବଳାଇଲେ,
ସେଥିରେ ଇକ୍ଷୁବୃକ୍ଷ ହୋଇ ଉପୁଜି ସେ ପୁଣି ସଫଳ ହୋଇଲେ
ସୁବାଣୀ, ସୁବାଣୀ ତୁଲ୍ୟ ହେବ କେତେ,
ସଦା ପୀନଗତି ଶ୍ରୀଅଙ୍ଗ ବର୍ଣ୍ଣନା କହିଲି ମୋହୋ ବୁଦ୍ଧି ଯେତେ । ୩୬ ।
( ୧୪ଶ ଛାନ୍ଦ )

ଉପେନ୍ଦ୍ର କେଉଁ ସାଲରେ ଜନ୍ମଗ୍ରହଣ କରିଥିଲେ ଏବଂ ସେ କେତେ ବର୍ଷ ଜୀବିତ ଥିଲେ ତାହା ନିର୍ଦ୍ଦିଷ୍ଟ ଭାବରେ ଜାଣିବା ପାଇଁ ଉପାଦାନ ମିଳୁନାହିଁ । ତାଙ୍କ ପିତାମହ ଧନଞ୍ଜୟ ଭଞ୍ଜ ନବେ ବର୍ଷ ଜୀବିତ ଥିଲେ ଏବଂ ଖ୍ରୀ: ୧୬୩୭ ଠାରୁ ୧୭୦୧ ପର୍ଯ୍ୟନ୍ତ ପ୍ରାୟ ୬୫ ବର୍ଷ ରାଜତ୍ୱ କରିଥିଲେ । ଧନଞ୍ଜୟଙ୍କ ତିରୋଧାନ ସମୟକୁ ତାଙ୍କର ପୁତ୍ର ନୀଳକଣ୍ଠ ମଧ୍ୟ ବୃଦ୍ଧାବସ୍ଥାପ୍ରାପ୍ତ ହୋଇସାରିଥିଲେ ଏବଂ ନାତି ଉପେନ୍ଦ୍ରଙ୍କର ଯୁବକାବସ୍ଥା । ନୀଳକଣ୍ଠ ରାଜ୍ୟରୁ ବିତାଡ଼ିତ ବା ନିର୍ବାସିତ ହେବା ସମୟକୁ ଉପେନ୍ଦ୍ରଙ୍କ ପୂର୍ଣ୍ଣଯୌବନାବସ୍ଥା । ଉପେନ୍ଦ୍ର ଯୌବନାବସ୍ଥାରୁ କାବ୍ୟକବିତାଦି ରଚନା ଆରମ୍ଭ କରିଥିବା ଅନୁମିତ ହୁଏ ।

ସଂସ୍କୃତ ଅଳଙ୍କାରଗ୍ରନ୍ଥ ଦେଶରେ ପରଂପରାକ୍ରମେ ବିଧାନଶାସ୍ତ୍ର-ରୂପେ ଗୃହୀତ ହୋଇ ଆସୁଥିବାରୁ ଏହି ଶାସ୍ତ୍ରସମ୍ମତ ରଚନାକୁ କେବଳ ବିଜ୍ଞ ସାହିତ୍ୟରସିକମାନେ ଆଦର କରୁଥିଲେ । କବିର ଗୌରବ ମଧ୍ୟ ଏହା ଉପରେ ନିର୍ଭର କରୁଥିଲା । ଉପେନ୍ଦ୍ର 'ସାହିତ୍ୟଦର୍ପଣ' ଓ 'ସାହିତ୍ୟ-ରତ୍ନାକର' କାବ୍ୟାଦର୍ଶକୁ ବିଶେଷ ଭାବରେ ଅବଲମ୍ବନ କରି ଅଳଙ୍କାର-ବିମଣ୍ଡିତ କାବ୍ୟକବିତା ରଚନା କରିଛନ୍ତି । ଏହି ସ୍ତରର ବିଖ୍ୟାତ ସଂସ୍କୃତ କାବ୍ୟ 'ନୈଷଧ'କୁ ସେ ଆଦର୍ଶରୂପେ ଗ୍ରହଣ କରିଛନ୍ତି । ତାଙ୍କର ଶ୍ରେଷ୍ଠ କାଳଜୟୀ କାବ୍ୟ କୋଟିବ୍ରହ୍ମାଣ୍ଡ-ସୁନ୍ଦରୀରେ ଏହାର ସୂଚନା ସେ ଦେଇଛନ୍ତି ।

ଏ ତ ପରାକୃତ କାବ୍ୟ ଛାନ୍ଦ ପ୍ରାନ୍ତ ସତ
ଦୃଷ୍ଟି ଦୃଷ୍ଟାନ୍ତର ଏଥି ଅଛି ବିଶେଷତ,
ଯେବେ ନୈଷଧ ପରାସ୍ତେ,
ଉପଇନ୍ଦ୍ର କହେ ବୁଧ ପ୍ରମୋଦ କରାଏ ।
(୧୧ଶ ଛାନ୍ଦ ।)

କବି ରଚନା ଗୁଡ଼ିକୁ ଅଳଙ୍କାର ଶାସ୍ତ୍ର ଦୃଷ୍ଟିରୁ ନିର୍ଦ୍ଦୋଷ କରିବା ପାଇଁ ଚେଷ୍ଟା କରିଛନ୍ତି ଏବଂ ଏଥିରେ ସେ ପୂର୍ଣ୍ଣଭାବରେ ସଫଳକାମ ହୋଇଛନ୍ତି । ଏହି କାରଣରୁ ସେ ଦମ୍ଭରେ କହିଛନ୍ତି—

କଳଙ୍କବିହୀନ ମୋ ଗୀତ, ଖଳରାହୁରେ ଅଦୂଷିତ । ।
(ଲ. ବ. ୧୬ଶ ଛାନ୍ଦ)

ଉପେନ୍ଦ୍ର ପୂର୍ବକବିମାନଙ୍କର. ପଥ ଅନୁସରଣ କରି କାବ୍ୟ କବିତା ଗୁଡ଼ିକରେ ସବୁ ରସର ସମାବେଶ କରିଛନ୍ତି । ଶୃଙ୍ଗାର ରସ ଅଧିକ ଚିତ୍ତାକର୍ଷକ ଓ ରସମାନଙ୍କରେ ଶ୍ରେଷ୍ଠ ଥିବାରୁ ବହୁ ସାର୍ଥକନାମା କବି ଏହି ରସର କାବ୍ୟ କବିତା ରଚନା କରିଛନ୍ତି ଏବଂ କଥାବସ୍ତୁ ଓ ଭାବକୁ ଅଧିକ ରସାପ୍ଲୁତ କରିବା ଉଦ୍ଦେଶ୍ୟରେ ଏହି ରସର ଭାବବିଭାବାଦିକୁ ବିଶେଷ ଭାବରେ ବର୍ଣ୍ଣନା

କରି ଚିତ୍ରଗୁଡ଼ିକୁ ସାକ୍ଷାତ୍ ରୂପ ଦାନ କରିଛନ୍ତି । ଏହା ପରମ୍ପରା ଓ ଅଳଙ୍କାର ଶାସ୍ତ୍ରସମ୍ମତ ଥିବାରୁ ଏବଂ ରସିକ ମଣ୍ଡଳୀରେ ଏହାର ଅଧିକ ଆଦର ମଧ୍ୟ ହେଉଥିବାରୁ ଉପେନ୍ଦ୍ର ଏହାକୁ ନିର୍ଦ୍ଦୋଷ ରୂପେ ଧରି ନେଇଛନ୍ତି । କିନ୍ତୁ କେହି କେହି ଏହାକୁ କବିଙ୍କର ଅତ୍ୟଧିକ ଓ ବିକୃତ୍ରୁଚିର-ବର୍ଣ୍ଣନା ଦୋଷ ବୋଲି କହନ୍ତି । ଏହା ସତ୍ୟ ଯେ ଶୃଙ୍ଗାର ରସ ଓ ରତିରଙ୍ଗର ଅତ୍ୟଧିକ ବିଶ୍ଳେଷଣ ଓ ବିବରଣ ଭଞ୍ଜଙ୍କର କାବ୍ୟ କବିତାରେ ଦେଖାଯାଏ । ଶ୍ଳୀଳତା ସୀମା ଲଙ୍ଘନ ମଧ୍ୟ ସ୍ପଷ୍ଟ ହୁଏ; କିନ୍ତୁ ଭଞ୍ଜ ଯେଉଁ ଆଦର୍ଶ କାବ୍ୟ ଓ ଅଳଙ୍କାର ଗ୍ରନ୍ଥ ଅନୁକରଣରେ ଏପରି ରଚନା କରିଛନ୍ତି ସେ ଗୁଡ଼ିକରେ ମଧ୍ୟ ଏହାର ଚିତ୍ରଣ ଓ ଉଦାହରଣ କିଛି ଅଳ୍ପ ନାହିଁ । ପୁଣି, ରୁଚି ଅନୁସାରେ ଲୋକଙ୍କ ମନୋଭାବ ସମାଲୋଚନାରେ ପ୍ରକାଶ ପାଇଥାଏ; କିନ୍ତୁ ଭଞ୍ଜ ଯାହା ଲେଖି ଯାଇଛନ୍ତି ତାହା ଅଶାସ୍ତ୍ରୀୟ ନୁହେଁ । ଅଶାସ୍ତ୍ରୀୟ, ଦୋଷଯୁକ୍ତ, ପାପ ପ୍ରଭୃତି ଦୂଷଣ ଗୁଣ ଏଥିରେ ଥିଲେ ଉତ୍କଳୀୟ ଦେବ ମନ୍ଦିର ଗାତ୍ରମାନଙ୍କରେ ପ୍ରସ୍ତର ମିଥୁନ ମୂର୍ତ୍ତି ସ୍ଥାନ ପାଇ ନଥାନ୍ତା ।

ଭଞ୍ଜଙ୍କର କାଳ୍ପନିକ କାବ୍ୟମାନଙ୍କର ଗ୍ରନ୍ଥ ପ୍ରାୟ ଏକ ପ୍ରକାରର, ଏହା ସ୍ୱୀକାର୍ଯ୍ୟ । ପୂର୍ବଜନ୍ମ ବୃତ୍ତାନ୍ତ, ବିରହ, ମିଳନ ପ୍ରଭୃତି ବିଷୟ ଏକ ଶ୍ରେଣୀର । ଋତୁ ବର୍ଣ୍ଣନା, ବିରହ ବର୍ଣ୍ଣନା, ନଗର ବର୍ଣ୍ଣନା, ନାୟକ ନାୟିକାମାନଙ୍କର ରୂପ ବର୍ଣ୍ଣନା ମଧ୍ୟ ଏକ ଶ୍ରେଣୀ ଓ ଶୈଳୀର । ନାୟକ, ନାୟିକା, ଦୂତ ଦୂତୀ ଭେଦରେ ବିଭାଗ କରି ଆଲୋଚନା କଲେ ଉପେନ୍ଦ୍ରଙ୍କ ଶତ ଶତ କବିତା ଓ କାବ୍ୟର ସଂଖ୍ୟା ଭାବ-ସାମ୍ୟ ଓ ବର୍ଣ୍ଣନାସାମ୍ୟ ଯୋଗୁଁ ସଙ୍କୁଚିତ ହୋଇ ବହୁତ ହ୍ରାସ ପାଇବ । ମନେହେବ, ଯେପରି ପ୍ରତ୍ୟେକ ପ୍ରକାର ବା ଶ୍ରେଣୀରୁ ଗୋଟିଏ ଗୋଟିଏ ରଚନା ଲେଖିଥିଲେ ଯଥେଷ୍ଟ ହୋଇ ଥାଆନ୍ତା । ଆକ୍ଷରିକ ପୁନରାବୃତ୍ତି ନଥିଲେ ମଧ୍ୟ ଭାଷା ଓ ଭାବର ପୁନରାବୃତ୍ତି ଯଥେଷ୍ଟ ରହିଛି ।

ଏହାସତ୍ତ୍ୱେ ଗଭୀର ଭାବରେ ବିଶ୍ଳେଷଣ କଲେ ପାର୍ଥକ୍ୟର ରୂପ ମଧ୍ୟ ସ୍ପଷ୍ଟ ହୁଏ; କ୍ଷୁଦ୍ରତର କାବ୍ୟ ଓ କବିତାମାନଙ୍କର ଭାବ ବୃହତ୍ତର କାବ୍ୟ

ଓ କବିତାମାନଙ୍କରେ ନବ ନବ ରୂପ ଓ ଶୈଳୀରେ ପ୍ରକାଶ ଲାଭ କରିଛି; ନିମବର୍ଣ୍ଣମାନ ଗାତରେ ବର୍ଣ୍ଣନା ବିସ୍ତାରଲାଭ କରି ଅପୂର୍ବ ରସ ସୃଷ୍ଟି କରି ପାରିଛି । କବିଙ୍କର ଲେଖନୀର ନିମବର୍ଣ୍ଣମାନ ଶକ୍ତିର ପ୍ରକାଶ କାବ୍ୟମାନଙ୍କର ଆକାର, ପ୍ରକାର ଓ ଭାବରେ ପ୍ରକାଶଲାଭ କରିଛି ।

ପ୍ରତ୍ୟେକ ରଚନା ସ୍ୱତନ୍ତ୍ର ଓ ସ୍ୱୟଂସମ୍ପୂର୍ଣ୍ଣ ଥିବାରୁ ଏହାର ବିଚାର ମଧ୍ୟ ସ୍ୱତନ୍ତ୍ର ହେବା ଆବଶ୍ୟକ । ତୁଳନାତ୍ମକ ବିଶ୍ଳେଷଣ ସାମୂହିକ କବି ପ୍ରତିଭା ନିର୍ଣ୍ଣୟ କରିବାରେ ସାହାଯ୍ୟ କଲେ ମଧ୍ୟ ପ୍ରତ୍ୟେକଟିର ମୂଲ୍ୟକୁ ହ୍ରାସ କରି ପାରିବ ନାହିଁ । ପ୍ରତ୍ୟେକ କୃତି ସ୍ୱପ୍ରତିଷ୍ଠା ବଳରେ ଏକ ଏକ ଉଜ୍ଜ୍ୱଳମଣି । ଏହି ଉଜ୍ଜ୍ୱଳ ମଣିହାର ଏକାଧିକ ମଣିରେ ନିର୍ମିତ ହୋଇଛି । ଏଥିରେ କୌଣସିଟି ଆକାରରେ ସାନ ତ କୋଣସିଟି ବଡ଼, କିନ୍ତୁ ପ୍ରତ୍ୟେକଟି ମଣି ।

ଶବ୍ଦାଳଙ୍କାରର ପ୍ରାୟ ସବୁ ବିଭାଗ ଭଞ୍ଜ ତାଙ୍କର କାବ୍ୟ କବିତାରେ କୃତିତ୍ୱ ଓ ଶୋଭନ ସହକାରେ ପ୍ରକାଶ କରି ଯାଇଛନ୍ତି ଏବଂ ଏସବୁ ଓଡ଼ିଆ ସାହିତ୍ୟରେ ଆଦର୍ଶ ହୋଇ ରହିଛି । ଏପର୍ଯ୍ୟନ୍ତ କୌଣସି ସଂସ୍କୃତ କିମ୍ବା ଓଡ଼ିଆ କବି ତାଙ୍କୁ ଏଥିରେ ଅତିକ୍ରମ କରି ପାରିଥିବା ମନେ ହୁଏ ନାହିଁ ।

ଭଞ୍ଜ କୋଟିବ୍ରହ୍ମାଣ୍ଡସୁନ୍ଦରୀ ପରି ଶବ୍ଦକାଠିନ୍ୟ ଥିବା କାବ୍ୟ ଯେପରି ରଚନା କରିଛନ୍ତି ସେପରି ଭାବବତୀ, ସୁବର୍ଣ୍ଣରେଖା, ଲାବଣ୍ୟବତୀ ପରି ସରଳ ପଦଯୁକ୍ତ କାବ୍ୟ ମଧ୍ୟ ରଚନା କରି ଗୌରବ ଲାଭ କରିଛନ୍ତି । ଭାବ ଓ ଶବ୍ଦ ଭଞ୍ଜଙ୍କର ଲେଖନୀକୁ ଅନୁସରଣ କରି ବଶତା ସ୍ୱୀକାର କରିଛି, କୌଣସି ରସ ପ୍ରକାଶରେ ତାଙ୍କର ଭାବ ଓ ଭାଷାର ଦୈନ୍ୟ ପ୍ରକାଶ ପାଇନାହିଁ ।

ଉପେନ୍ଦ୍ରଙ୍କ ରଚନା କେବଳ ଓଡ଼ିଆ କାହିଁକି, ଭାରତର ଯେକୌଣସି ଭାଷା ରାଜ୍ୟରେ ଉଚ୍ଚ ଆସନ ଅଧିକାର କରିବ । ଭାରତର ଅନ୍ୟାନ୍ୟ ପ୍ରାଦେଶିକ ଭାଷାମାନଙ୍କରେ ଭଞ୍ଜଙ୍କ ପରି ଉଚ୍ଚ ଆସନରେ କବି ଅଛନ୍ତି କି ନାହିଁ ସନ୍ଦେହ ।

ହିନ୍ଦୀ, ମୈଥିଳୀ, ତେଲୁଗୁ, ବଙ୍ଗଳା, ଅସମୀୟ ଭାଷାରେ ଯେ କୋଟିବ୍ରହ୍ମାଣ୍ଡ-ସୁନ୍ଦରୀ, ଲାବଣ୍ୟବତୀ, ବୈଦେହୀଶ ବିଳାସ ପରି କାବ୍ୟ ନାହିଁ, ଏହା ନିଃସନ୍ଦେହ ।

ଶ୍ରୀହର୍ଷଙ୍କ ନୈଷଧ କାବ୍ୟରେ ଯମକ, ଅନୁପ୍ରାସ, ଶ୍ଳେଷ ପ୍ରଭୃତି ବିଭିନ୍ନ ଅଳଙ୍କାରର ଚାତୁର୍ଯ୍ୟପୂର୍ଣ୍ଣ ପ୍ରୟୋଗ ହୋଇଥିବାରୁ କାବ୍ୟଟି ଅତି ସୌନ୍ଦର୍ଯ୍ୟ-ରୂପ ଧାରଣ କରିଛି ଏବଂ ଏହି ଅଳଙ୍କାର ନିମନ୍ତେ ସଂସ୍କୃତ ସାହିତ୍ୟରେ ପ୍ରସିଦ୍ଧି ଲାଭ କରିଛି । ଯୁଗେ ଯୁଗେ ନୈଷଧୀୟ-ଚରିତ-କାବ୍ୟଟି ସଂସ୍କୃତ ଓ ପ୍ରାକୃତ ଉଭୟ ଭାଷାର କବିମାନଙ୍କଦ୍ୱାରା ଆଦୃତ ହୋଇ ଆଦର୍ଶ ରୂପେ ଗୃହୀତ ହୋଇଛି । କବି ଉପେନ୍ଦ୍ର ନୈଷଧ କାବ୍ୟକୁ ଆଦର୍ଶ ରୂପେ ଗ୍ରହଣ କରି କୋଟିବ୍ରହ୍ମାଣ୍ଡସୁନ୍ଦରୀରେ ଯମକ, ଅନୁପ୍ରାସ, ଶ୍ଳେଷ ପ୍ରଭୃତି ବିଭିନ୍ନ ଅଳଙ୍କାର ଶୋଭନ ଭାବରେ ପ୍ରାକୃତ ଭାଷାରେ ରଚନା କରିଛନ୍ତି । ନୈଷଧ ତୁଲ୍ୟ କୋଟିବ୍ରହ୍ମାଣ୍ଡସୁନ୍ଦରୀ ଏକ ଆଦର୍ଶ ସ୍ଥାନୀୟ ଅଳଙ୍କାର ବିମଣ୍ଡିତ କାବ୍ୟରୂପେ ଗୃହୀତ ହେଉ ଏବଂ ନୈଷଧ ତୁଲ୍ୟ ଆସନ ଲାଭ କରୁ, ଏହାହିଁ କବି ଇଚ୍ଛା ପ୍ରକାଶ କରିଥିବା ଜଣାଯାଏ ।

ଉପେନ୍ଦ୍ର ଭଞ୍ଜ ଓଡ଼ିଆ ଭାଷା ଓ ସାହିତ୍ୟର ପରିସରକୁ ବହୁ ବୃଦ୍ଧି କରି ସମୃଦ୍ଧିଶାଳୀ କରିଦେଇଛନ୍ତି ଏବଂ ଏହାର ଭିତ୍ତିକୁ ଦୃଢ଼ କରି-ଦେଇଛନ୍ତି; ସଂସ୍କୃତ ତୁଲ୍ୟ ଉପଯୁକ୍ତ କରିଦେଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ସଂସ୍କୃତ ଭାଷାରେ ବିଭିନ୍ନ ପ୍ରକାର ଅଳଙ୍କାର ପ୍ରୟୋଗ ଯେପରି ସ୍ୱଚ୍ଛନ୍ଦ ଭାବରେ ହୋଇପାରିଛି, ଓଡ଼ିଆ ଭାଷାରେ ସେପରି କରିଯାଇ-ପାରିବା ଶକ୍ତି ନିହିତ ଥିବା ଉପେନ୍ଦ୍ର ପ୍ରମାଣିତ କରି ଦେଇଛନ୍ତି । ଏହାଦ୍ୱାରା ଓଡ଼ିଆ ଭାଷା ଓ ସାହିତ୍ୟକୁ ସଂସ୍କୃତ ଭାଷା ଓ ସାହିତ୍ୟ ସହିତ ସମ ଆସନରେ ବସାଇପାରି ଓଡ଼ିଆ ଜାତିକୁ ଗୌରବାନ୍ୱିତ କରିଛନ୍ତି ।

ଓଡ଼ିଆ-ସାହିତ୍ୟ- ଜଗତରେ ଉପେନ୍ଦ୍ର ଭଞ୍ଜ ସମ୍ରାଟ । ସାହିତ୍ୟପ୍ରେମୀ ରସିକ ଗ୍ରାହକଙ୍କ ସ୍ନେହଦତ୍ତ ଏହି ଉପାଧିଟିକୁ ତାହାଙ୍କଠାରୁ ଆଜ ପର୍ଯ୍ୟନ୍ତ

ଏହି ଦେଢ଼ଶହ ବର୍ଷ ମଧ୍ୟରେ ଆଉ କେହି ଓଡ଼ିଆ କବି ଛଡ଼ାଇ ନେଇ-ପାରି ନାହାନ୍ତି । ଉପେନ୍ଦ୍ର ଅପ୍ରତିଦ୍ୱନ୍ଦୀ ହୋଇ ସାହିତ୍ୟ ରାଜ୍ୟରେ ରାଜତ୍ୱ କରିଛନ୍ତି ।

ଓଡ଼ିଆ ସାହିତ୍ୟରେ ଉପେନ୍ଦ୍ର ଭଞ୍ଜଙ୍କ ସ୍ଥାନ ଅଦ୍ୱିତୀୟ । ତାଙ୍କୁ ଅନୁକରଣ କରି ତାଙ୍କର କାବ୍ୟସମ୍ପଦରୁ କିଛି କିଛି ଆତ୍ମସାତ୍ କରି ଓଡ଼ିଶାର ବହୁ କବି ଖ୍ୟାତି ଅର୍ଜନ କରିଛନ୍ତି । ତାଙ୍କ ପ୍ରତିଭାମଣ୍ଡଳକୁ ସ୍ପର୍ଶ କରି ଅନେକେ ଧନ୍ୟ ମନେ କରୁଛନ୍ତି ।

ପ୍ରଭାବ ଦିଗରୁ ଦେଖିଲେ ଉପେନ୍ଦ୍ରଙ୍କର କ୍ଷେତ୍ର ଯେତେ ବିସ୍ତୃତ ଅନ୍ୟ କୌଣସି ଓଡ଼ିଆ କବିଙ୍କର ସେପରି ନାହିଁ ।

'ଭଞ୍ଜ' ସଞ୍ଜ୍ଞାଧାରୀ ବହୁ ବିଶିଷ୍ଟ କବି ଉତ୍କଳରେ ଥିଲେ ମଧ୍ୟ 'ଭଞ୍ଜ କବି' ବା 'ଭଞ୍ଜ' କହିଲେ ଉପେନ୍ଦ୍ର ଭଞ୍ଜଙ୍କୁ କେବଳ ବୁଝାଉଛି; ତାଙ୍କର ଖ୍ୟାତିହିଁ ଏହାର କାରଣ ।

ଉପେନ୍ଦ୍ରଙ୍କ ପୂର୍ବରୁ ପ୍ରତାପରୁଦ୍ରୀୟ ଯୁଗର ପ୍ରଭାବ ଓଡ଼ିଆ ସାହିତ୍ୟରେ ଧାରାବାହିକ ରୂପେ ଦେଖା ଯାଉଥିଲା । ପଞ୍ଚସଖା ଯୁଗ ବା ପ୍ରତାପରୁଦ୍ରୀୟ ଯୁଗ ବା ଭକ୍ତି ଯୁଗର ଧାରା ସପ୍ତଦଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ପ୍ରବାହିତ ହୋଇ ଆସିଥିଲା । ପଞ୍ଚସଖାଙ୍କଠାରୁ ଧନଞ୍ଜୟ ଭଞ୍ଜଙ୍କ ପର୍ଯ୍ୟନ୍ତ ପ୍ରାୟ ଦେଢ଼ଶହ ବର୍ଷ ଭିତରେ ଭକ୍ତି ଯୁଗର ବିଶେଷ ପରିବର୍ତ୍ତନ ଦେଖା ଯାଇନାହିଁ; ବିନ୍ଦୁ ରଚନାରେ କବିତ୍ୱ ଅପେକ୍ଷା ଧର୍ମଚିନ୍ତାର ପ୍ରାଧାନ୍ୟ, ଭାଷାର ସ୍ୱାଭାବିକ ସାରଲ୍ୟ, ଶବ୍ଦାଡ଼ମ୍ବରହୀନତା, କବିତ୍ୱର ସ୍ୱାଭାବିକ ସ୍ଫୂର୍ତ୍ତି ପ୍ରଭୃତି ଦେଖା-ଯାଉଥିଲା । ଧନଞ୍ଜୟଙ୍କଠାରୁ ସାହିତ୍ୟର ଧାରା ପରିବର୍ତ୍ତିତ ହୋଇଗଲା । ଧନଞ୍ଜୟ, ଲୋକନାଥ, ଦୀନକୃଷ୍ଣ, ଉପେନ୍ଦ୍ର ପ୍ରଭୃତି ଏକ ସମୟରେ ନୂତନ ଧାରା ସୃଷ୍ଟି କଲେ । ଧନଞ୍ଜୟଙ୍କ ପୂର୍ବରୁ ଯେଉଁ କେତେଜଣ ଆଳଙ୍କାରିକ

କିଁବ କାବ୍ୟ ରଚନା କରିଥିଲେ ସେମାନଙ୍କ ପ୍ରଭାବ ଏହି ଗୀତ-ରଚନାର କ୍ଷୀଣ ପ୍ରବାହକୁ କେବଳ ବଞ୍ଚାଇ ରଖିଥିଲା । ଧନଞ୍ଜୟଙ୍କର ଉଦ୍ୟମ ଏକ ସମୟରେ କାର୍ଯ୍ୟ କରିଥିବାରୁ ଧାରା ନୂତନ ରୂପ ଧାରଣ କରିଥିବା ସ୍ୱାଭାବିକ । ଏହି କବିମାନେ ନିଜେ ଜ୍ଞାତ ହୋଇ ଏପରି କରିଛନ୍ତି ବୋଲି ମନେହୁଏ ନାହିଁ । ଦେଶର ବୃହତ୍ତର ପରଂପରା-ସଂସ୍କୃତ ଓ ଓଡ଼ିଆ ସାହିତ୍ୟରେ ସେମାନେ ଅନୁପ୍ରାଣିତ ହୋଇ କେବଳ ଲେଖନୀ ଚାଳନା କରିଥିଲେ, ଏହା ସ୍ପଷ୍ଟ । ଓଡ଼ିଆ ସାହିତ୍ୟ ଗଗନରେ ଏ କବି-ନକ୍ଷତ୍ରପୁଞ୍ଜର ଉଦୟ ଓଡ଼ିଶାର ଅଜ୍ଞାନ-ତମିର ନାଶ କରି ମୃତକଳ୍ପ ଜାତିର ପିଣ୍ଡରେ ପ୍ରାଣ ସଞ୍ଚାର କରିଛି ଏବଂ ଜାଗତିକ ସାହିତ୍ୟ କ୍ଷେତ୍ରରେ ଓଡ଼ିଆ ସାହିତ୍ୟକୁ ଏକ ଗୌରବମୟ ସ୍ଥାନର ଅଧିକାରୀ କରାଇ ପାରିଛି ।

ଏହି ନୂତନ ସାହିତ୍ୟ ଧାରାକୁ ଧନଞ୍ଜୟ ଏ ଯୁଗରେ ଆରମ୍ଭ କଲେ; ଉପେନ୍ଦ୍ର ଏହାକୁ ବଳିଷ୍ଠ କଲେ । ଧନଞ୍ଜୟଙ୍କଠାରୁ ଆରମ୍ଭ କରି ଖ୍ରୀ: ୧୮୬୭ ପର୍ଯ୍ୟନ୍ତ ମଧ୍ୟ ଏହି ସମୟକୁ ଗୀତ-ଯୁଗ ବା କାବ୍ୟଯୁଗ ବା ଉପେନ୍ଦ୍ର ଯୁଗ ବୋଲିଯାଇ ପାରେ ।

ଉପେନ୍ଦ୍ର ଯେଉଁ ଅପୂର୍ବ ସାହିତ୍ୟ ସୃଷ୍ଟି କରି ଦେଇଗଲେ, ତାହା ଓଡ଼ିଆ ସାହିତ୍ୟରେ ଅବଶ୍ୟ ନୂତନ; କିନ୍ତୁ ଓଡ଼ିଆ ଜାତିର ଇତିହାସରେ ନୂତନ ନୁହେଁ । ଭଂଜ କାବ୍ୟରଚନାରେ ଯେଉଁ ଚାତୁରୀ ଦେଖାଇଛନ୍ତି ସେହି ଚାତୁରୀର ପରଂପରା ବହୁ ଶତାବ୍ଦୀ ଧରି ଉତ୍କଳ-ଦେଶରେ ଅବିଚ୍ଛିନ୍ନ ଭାବରେ ପ୍ରବାହିତ ହୋଇଆସୁଅଛି । ଏକାଦଶ ଶତାବ୍ଦୀରେ ଚୋଳଗଙ୍ଗ ଓ ତାଙ୍କ ପୁତ୍ର ରାଘବ, କାମାର୍ଣ୍ଣବଙ୍କ ରାଜତ୍ୱ ସମୟରେ ଉତ୍କଳର କୃତୀସନ୍ତାନ ମହାକବି ଜୟଦେବ ଗୀତଗୋବିନ୍ଦ ମହାକାବ୍ୟରେ ଯେଉଁ କଳାଚାତୁରୀ ଦେଖାଇ ଯାଇଛନ୍ତି ତାହା କିଛି ଆକସ୍ମିକ ଘଟଣା ନୁହେଁ । ସେ ଲେଖନୀ ସାହାଯ୍ୟରେ ଅପୂର୍ବ ଅକ୍ଷର-କାମ କରିଛନ୍ତି ତ ଶିଳ୍ପୀମାନେ ଲିହଣ ସାହାଯ୍ୟରେ ମୂର୍ତ୍ତି ନିର୍ମାଣ କରିଛନ୍ତି; ଚିତ୍ରକାରମାନେ ତୁଳୀ ସାହାଯ୍ୟରେ ଚିତ୍ର ଅଙ୍କନ କରିଛନ୍ତି ।

ଭୁବନେଶ୍ୱରର ପାର୍ବତୀମନ୍ଦିର, ରାଜାରାଣୀମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର, ବୋଇତାଳ ଦେଉଳ, ସ୍ୱର୍ଣ୍ଣଜାଲେଶ୍ୱର ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, କୋଣାର୍କର ସୂର୍ଯ୍ୟନାରାୟଣ ମନ୍ଦିର, ପାରଳାଖେମୁଣ୍ଡି ଅଞ୍ଚଳର ମୁଖଲିଙ୍ଗମ୍-ମନ୍ଦିରପୁଞ୍ଜ, ମୟୂରଭଞ୍ଜର ଖିଚିଙ୍ଗ ମନ୍ଦିର ପ୍ରଭୃତି ଦେବାୟତନ-ମାନଙ୍କରେ ଯେଉଁ କଳାଚାତୁରୀ ପ୍ରକାଶ ପାଇଛି ତାହା ଏହି କାବ୍ୟକଳା-ଚାତୁରୀର ଅନ୍ୟ ଏକ ରୂପ ମାତ୍ର । ଉତ୍କଳରେ ଏ ପରମ୍ପରା ଥିବାରୁ ବହୁ ଓଡ଼ିଆ କବି ସଂସ୍କୃତରେ ଉତ୍କୃଷ୍ଟ ଧରଣର କାବ୍ୟ ଲେଖିଯାଇଛନ୍ତି । ଏ ପରମ୍ପରାର ବାୟୁମଣ୍ଡଳରେ ବର୍ଦ୍ଧିତ ହୋଇ ମହାମହୋପାଧ୍ୟାୟ ବିଶ୍ୱନାଥ କବିରାଜ 'ସାହିତ୍ୟଦର୍ପଣ' ରଚନା କରିଥିଲେ । ସାରଳା-ଦାସଙ୍କ ମହାଭାରତରେ ଚରିତମାନଙ୍କରେ ଯେଉଁ କଳ୍ପନାର ବିଳାସ ପ୍ରକାଶ ପାଇଛି ତାହା ଏହାର ଏକ ଅଂଶ ମାତ୍ର ।

ଭକ୍ତଯୁଗର ଧର୍ମଚିନ୍ତାରେ ଯେଉଁ ଗଭୀରତା ଦେଖାଯାଇଛି ତାହା ମଧ୍ୟ ଏହି ପରମ୍ପରାକୁ ଛାଡ଼ିନାହିଁ ।

ଉପେନ୍ଦ୍ର ଭଞ୍ଜ ଏହି ପରମ୍ପରାକୁ ରକ୍ଷାକରି ତାହାର ଗତିକୁ ବହୁଗୁଣରେ ବଳିଷ୍ଠ ଓ ତୀବ୍ର କରିଦେଇଛନ୍ତି । ଓଡ଼ିଆ ଶିଳ୍ପକଳା ବିକାଶରେ କୋଣାର୍କ ମନ୍ଦିର ଯାହା, ଓଡ଼ିଆ ସାହିତ୍ୟର କଳାବିକାଶରେ ଉପେନ୍ଦ୍ର ଭଞ୍ଜଙ୍କର କାବ୍ୟ-ରଚନା ତାହା ।

## କୋଟିବ୍ରହ୍ମାଣ୍ଡ ସୁନ୍ଦରୀ

ସାର—କୋଟିବ୍ରହ୍ମାଣ୍ଡସୁନ୍ଦରୀ କାବ୍ୟଟି ପଞ୍ଚତିରିଶଟି ଛାନ୍ଦରେ ରଚିତ । ମଙ୍ଗଳଗୁର୍ଜ୍ଜରୀ, ରାଗମାଳବ—ଚୋଖି ବାଣୀ, କେଦାର—ଚକ୍ର-କେଳି ବାଣୀ, ମଙ୍ଗଳବରାଡ଼ୀ—ମୁନ୍ଦିବର ବାଣୀ, ଗୁର୍ଜ୍ଜରୀ, ବସନ୍ତ, ରସକୋଇଲି, ଦେଶାକ୍ଷ, ମଙ୍ଗଳା, କଉଶିକ, ଶଙ୍କରାଭରଣ, ରାଗ ବରାଡ଼ୀ—ଆଷାଢ଼ ଶୁକ୍ଳ ବାଣୀ, କାମୋଦୀ, ଘଣ୍ଟାରବ, ନଳିନୀଗୌଡ଼ା, ଚକ୍ରାକୌଶିକ, କାଳୀ,

ରାମକେରୀ, ମାଳବ, କଳହଂସ କେଦାର, ଭୂପାଳ, ମଙ୍ଗଳ, କନଡ଼ା, କଲ୍ୟାଣଆହାରୀ, ଚନ୍ଦ୍ରଭୈରବ, ଚନ୍ଦ୍ରାଦେଶାକ୍ଷ, କାଫିକାମୋଦୀ, ମାଳବଗଡ଼ୀ, କୁମ୍ଭକାମୋଦୀ, ପାହାଡ଼ିଆକେଦାର, ବସନ୍ତବଗଡ଼ୀ, ବଚଦଦେଶାକ୍ଷ, ସିନ୍ଧୁଦେଶାକ୍ଷ, ଚନ୍ଦ୍ରାବଗଡ଼ୀ, ମଙ୍ଗଳଗୁଜ୍ଜରୀ, ପଞ୍ଚମବରାଡ଼ୀ— କଳସାବାର୍ଣ୍ଣୀ, ଖଣ୍ଡିଆରୀ—ଏହି ସବୁ ରାଗରେ ଛାନ୍ଦଗୁଡ଼ିକ ରଚିତ ହୋଇଛି । ପ୍ରଥମଛାନ୍ଦ ଓ ତ୍ରୟୋବିଂଶ ଛାନ୍ଦରେ ମଙ୍ଗଳଗୁଜ୍ଜରୀ ରାଗ ଓ ୧୯ଶ ଏବଂ ୨୦ଶ ଛାନ୍ଦରେ ନଳିନୀଗୌଡ଼ା ରାଗ ଏପରି ଛାନ୍ଦର ଦ୍ୱିତୀୟବାର ବ୍ୟବହାର ହୋଇଛି । ଅବଶିଷ୍ଟ ଛାନ୍ଦଗୁଡ଼ିକରେ ପ୍ରତ୍ୟେକରେ ଭିନ୍ନ ଭିନ୍ନ ରାଗ ବ୍ୟବହୃତ ହୋଇଛି । କେତେକ ଛାନ୍ଦ ବିଷୟବସ୍ତୁର ରସ ଅନୁସରଣ କରି ଯଥୋଚିତ ରାଗରେ ରଚିତ ହୋଇଛି । ୧୬ଶ ଛାନ୍ଦଟିରେ ନାୟିକାର ଅନୁଚିନ୍ତା ଚନ୍ଦ୍ରକୌଶିକ ରାଗରେ, ୬ଷ୍ଠ ଛାନ୍ଦରେ ବସନ୍ତ-କାଳର ବର୍ଣ୍ଣନା ବସନ୍ତ ରାଗରେ ରଚିତ ହୋଇଛି । କବି ଏହାର ଏକ ସୂଚନା ୬ଷ୍ଠ ଛାନ୍ଦରେ ବସନ୍ତ ଋତୁ ବର୍ଣ୍ଣନା ପ୍ରସଙ୍ଗରେ କହିଛନ୍ତି—

ମୋହିପାରଇ ଜଗତ ଯେଉଁ ଗୀତ ଆଲିଙ୍ଗିତ ସ୍ୱର ସପତ,<br>
ଛକିତ ଲୋକିତ ଯହିଁରେ ପନ୍ନଗ ଅନଙ୍ଗ ତହିଁର ନୃପତ,<br>
ବିହଗ, ପଶୁ ସ୍ୱରେ ସ୍ୱରେ ଧଇଲେ,<br>
ପ୍ରଶସ୍ତ କରି ବସନ୍ତ ରାଗ ଧରି ସର୍ବଲୋକେ ତାହା ଗାଇଲେ ।

(୬ଷ୍ଠ, ୧୩,)

ବିଷୟବସ୍ତୁରେ ପୁନରାବୃତ୍ତି—ଚମ୍ପୂରେ ନାୟକ-ନାୟିକାଙ୍କ ରୂପଯୌବନ ଓ ଅନୁଚିନ୍ତା ବିଭିନ୍ନ ଛାନ୍ଦରେ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଥିବାରୁ ଏହା ଗ୍ରନ୍ଥ କଳେବରର ଟିକିଏ ବେଶୀ ସ୍ଥାନ ଅଧିକାର କରିଛି । ଏହା ତଳକୁ ପ୍ରାକୃତିକ ବର୍ଣ୍ଣନା ଦ୍ୱିତୀୟ ସ୍ଥାନ ଅଧିକାର କରିଛି । କେତେକ ସ୍ଥାନରେ ଏ ବିଷୟ ବିଭିନ୍ନ ରୂପରେ ବିଭିନ୍ନ ଛାନ୍ଦରେ ଏହି ଅଂଶମାନଙ୍କରେ ବର୍ଣ୍ଣିତ ହୋଇଥିବାରୁ ଅପ୍ରାସଙ୍ଗିକ ନହେଲେ ମଧ୍ୟ ପୁନରାବୃତ୍ତି ଜନିତ ସ୍ୱଳ୍ପାଗ୍ରହର କାରଣ ହୋଇଛି ।

ନାୟିକାର ଶୋଭାବର୍ଣ୍ଣନା ୨ୟ, ୫ମ, ୬ଷ୍ଠ, ୭ମ, ୮ମ, ୧୦ମ, ୧୧ଶ, ୧୨ଶ, ୧୪ଶ ଓ ପରବର୍ତ୍ତୀ କେତେକ ଛାନ୍ଦରେ କରାଯାଇଛି । ଏଥିରେ ସ୍ଥଳବିଶେଷରେ ପୁନରାବୃତ୍ତି ମଧ୍ୟ ହୋଇଛି ।

ତେବେ ବର୍ଣ୍ଣନାବୈଚିତ୍ର୍ୟ ଓ ପଦର ମାଦକତା ଏହି ପୁନରାବୃତ୍ତି-ଜନିତ ମାନସିକ କ୍ଳାନ୍ତିକୁ ସାଧାରଣ ଭାବରେ ପ୍ରସ୍ଫୁଟିତ ହେବା ପାଇଁ ଅବକାଶ ଦେଉନଥିଲେ ମଧ୍ୟ ଘନଘଟାରେ ଏହାର ପ୍ରଭାବ ଅନୁଭୂତ ହେଉଛି ।

ମଙ୍ଗଳାଚରଣ—କବି କୋଟିବ୍ରହ୍ମାଣ୍ଡ ସୁନ୍ଦରୀ କାବ୍ୟର ଆରମ୍ଭରେ (ପ୍ରଥମ ଛାନ୍ଦରେ) ଉତ୍କଳର ପ୍ରସିଦ୍ଧ କ୍ଷେତ୍ର ପୁରୁଷୋତ୍ତମର ଅଧୀଶ୍ୱର ଭଗବାନ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ବନ୍ଦନା କରି ମଙ୍ଗଳାଚରଣ କରିଛନ୍ତି । ଜଗନ୍ନାଥ ଉତ୍କଳର ସ୍ୱାମୀ ଥିବାରୁ ତାଙ୍କୁ ବନ୍ଦନା କରି ଗ୍ରନ୍ଥାରମ୍ଭ କରିବା ପ୍ରଶଂସନୀୟ ହୋଇଛି । କ୍ଷେତ୍ରର ପାପତାପନାଶିନୀ ଶକ୍ତି, ଜଗନ୍ନାଥଙ୍କ ସ୍ୱଦେହ ସ୍ୱରୂପ, ଏ ପବିତ୍ର ଧାମର ମାହାତ୍ମ୍ୟ ପ୍ରଭୃତି କବି ଅପେକ୍ଷାକୃତ ସରଳଭାଷାରେ ବର୍ଣ୍ଣନା କରିଛନ୍ତି । ଜ୍ୟେଷ୍ଠ ପୌର୍ଣ୍ଣମୀଦିନ ସ୍ନାନଯାତ୍ରା ବେଳର ଏକ ନିଖୁଣଚିତ୍ର ପ୍ରଦାନ କରି ଶ୍ରୀଜଗନ୍ନାଥଙ୍କର ରଘୁନାଥ ଅବତାର ବିଷୟ ଅବତାରଣା କରିଛନ୍ତି । ପୁଣି ସ୍ୱ ଇଷ୍ଟଦେବ ରାମଚନ୍ଦ୍ରଙ୍କଠାରେ ଏ କାବ୍ୟ ରଚନା 'ସଦାଜୟେ-ସମ୍ପୂର୍ଣ୍ଣ' କରିବାକୁ ଶକ୍ତି ଦେବା ପାଇଁ କବି ପ୍ରାର୍ଥନା କରିଛନ୍ତି । କବି ପ୍ରାର୍ଥନାରେ ପ୍ରକାଶ କରିଛନ୍ତି—

'ମୁଁ କୋଟିବ୍ରହ୍ମାଣ୍ଡସୁନ୍ଦରୀ' ଚରିତ ରଚନା କରିବି । ଏ ଗୀତ ଉତ୍ତମ ସୁଗନ୍ଧ ଜାଇଫୁଲ ପରି ହେବ । ଏହାର ସୁଗନ୍ଧରେ ଉତ୍ତମ ଲୋକମାନଙ୍କର ମନ ମୋହିତ ହେବ; ଗୁଣବନ୍ତମାନେ ହୃଦରେ ମାଳାକରି ଧାରଣ କରିବେ; ଭ୍ରମର ପରି ରସିକମାନେ ରସରେ ବଶ ହେବେ । ନିର୍ଗୁଣମାନେ ଘେନିଲେ ବା ନ ଘେନିଲେ କଣ ଅଛି । ତୁମର କୃପାରେ ଉପେନ୍ଦ୍ର କବି ହୋଇଛି । ତାହାର ଏହି ମନୋରଥ ଯେ ନିଶ୍ଚୟ ସାର୍ଥକ ହେବ ଏଥିରେ ସଂଶୟ କଣ ଅଛି ?' ସାଧୁସ୍ତୁତି ଓ ଖଳନିନ୍ଦା ମଧ୍ୟ ଏଥିରେ ସନ୍ନିବେଶିତ ହୋଇଛି ।

ପ୍ରାର୍ଥନା—କୋଟିବ୍ରହ୍ମାଣ୍ଡସୁନ୍ଦରୀର ପ୍ରଥମ ଛାନ୍ଦରେ ବିସ୍ତୃତ ଭାବରେ ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ ଓ ସ୍ନାନଯାତ୍ରା ବର୍ଣ୍ଣନା କରି କବି ଜଗନ୍ନାଥଙ୍କୁ ବନ୍ଦନା କରିଛନ୍ତି । ଏହି କ୍ଷେତ୍ରରେ ବିଷ୍ଣୁଙ୍କର ଦଶାବତାର ଲୀଳାଯାତ୍ରା ବିହିତ ହେଉଥିବାରୁ ପୂର୍ବର ଅବତାରମାନଙ୍କର ଚରିତ ଦେଖିବାକୁ ମିଳେ । କିନ୍ତୁ ସ୍ନାନ ଓ ଗୁଣ୍ଡିଚା ଜଗନ୍ନାଥଙ୍କ ନିଜ ଲୀଳା ଅଟେ ଏବଂ ଜଗନ୍ନାଥ ପତିତପାବନ ଥିବାରୁ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଏହି ଦୁଇଯାତ୍ରାରେ ଦେଉଳରୁ ବାହାର ହୁଅନ୍ତି । ପତିତପାବନ ହରି ଏ ସମୟରେ ସମସ୍ତଙ୍କଠାରୁ ପାପକୁ ବିନାଶ କରନ୍ତି । କବି ନାନା ଉପମା ପ୍ରୟୋଗ କରି ଜଗନ୍ନାଥଙ୍କ ସ୍ନାନ ଯାତ୍ରାକୁ ବର୍ଣ୍ଣନା କରିଛନ୍ତି ଏବଂ ଏଥିରେ ସେ ନିଜକୁ ଭାଗ୍ୟବାନ ମନେ କରିଛନ୍ତି—

ଭାଗ୍ୟରୁ ଏ ଉପମାକାରକ ମୁଁ ଯେ ହେଲି,
ପୁଲକିତ ଶରୀରେ ହରିରେ ସ୍ତୁତି କଲି ହେ । (୧ମ ଛାନ୍ଦ ୫୫ ପଃ)

ଏହି ଉକ୍ତିରୁ ଅନୁମିତ ହେଉଛି ଯେ କବି ନିଜେ ସ୍ନାନଯାତ୍ରା ବେଳେ ଶ୍ରୀକ୍ଷେତ୍ରରେ ଉପସ୍ଥିତ ଥିଲେ । ଶ୍ରୀକ୍ଷେତ୍ର ପରଂବ୍ରହ୍ମ ପୁରୁଷୋତ୍ତମଙ୍କ ସାକ୍ଷାତ୍ ବପୁ ସ୍ୱରୂପ ହୋଇଥିବାରୁ ଏହି କ୍ଷେତ୍ର କ୍ଷେତ୍ରରାଜ ରୂପରେ ପରିଚିତ । ଜଗନ୍ନାଥ ଉତ୍କଳଖଣ୍ଡର ନାଥ ଥିବାରୁ ଆଉ ସବୁ ଦେବତା ତାଙ୍କର ସାମନ୍ତ-ରୂପେ ବିଦ୍ୟମାନ ହୋଇଅଛନ୍ତି । ଏହି ସକାଶରୁ କବି ତାଙ୍କର ଏହି ଅତି ରମଣୀୟ ଉଚ୍ଚକୋଟୀର କାବ୍ୟ ଆରମ୍ଭରେ ଜଗନ୍ନାଥଙ୍କୁ ପ୍ରାଥନା କରି ଗ୍ରନ୍ଥ ଆରମ୍ଭ କରିଛନ୍ତି ।

ଜଗନ୍ନାଥଙ୍କ କୃପାରୁ ଉପେନ୍ଦ୍ର କବି ହୋଇଛନ୍ତି ବୋଲି ଜଗନ୍ନାଥ ବଂଦନାରେ ପ୍ରଥମଛାଂଦରେ ବ୍ୟକ୍ତ କରିଛନ୍ତି । ରଘୁନାଥଭକ୍ତ କବିଙ୍କ ପକ୍ଷରେ ଏହା ସ୍ୱାଭାବିକ । ରଘୁନାଥଙ୍କ ବରପ୍ରସାଦରୁ ତାରକମନ୍ତ୍ରରେ ସିଦ୍ଧିଲାଭ କରି ଉପେଂନ୍ଦ୍ର କବି ହୋଇପାରିଥିଲେ । ନିଜେ କବି ବହୁସ୍ଥଳରେ ବ୍ୟକ୍ତ କରିଛନ୍ତି ଯେ ରାମଙ୍କ କୃପାରୁ ତାଙ୍କର ପଦ ସ୍ଫୁରିଛି ।

କବି ଉପଇଂନ୍ଦ୍ର ତବ କୃପାରେ ହୋଇଛୁ
ଏତେ ମନୋରଥ ସାର୍ଥେ କି ସଂଶୟ ଅଛୁ ହେ ।

(ଶେଷପଦ । ୧ମ ଗ୍ରଂ:)

କଠିନ ଦୋଷ ହରିଲ, ଶିଳାକୁ ଅବଲା କଲ
ସେ ପଦ ପ୍ରସାଦେ ପଦ, ସ୍ମରଣେ ମୋଦ ମୁଁ ।

(୪୭ । ୪ର୍ଥ ଗ୍ରଂ:)

ଯେଉଁ ଅଭିରାମ ରାମ ବାମନମୂର୍ତ୍ତି,
ଉପଇଂଦ୍ର ଭଞ୍ଜର ସକଳ ସମ୍ପତ୍ତି
ପଦଧ୍ୟାନେ ମୋର ଗୀତ ପଦ ସ୍ଫୁରିତ ।
ଚଯନୋହେ ପୂର୍ଣ୍ଣ କରିବାରେ ଏ ଗୀତ ।

(ଶେଷପଦ । ୯ମ ଗ୍ରଂ:)

ସେତୁ ହେତୁରେ ବିଚିତ୍ରକର୍ମୀ ରଘୁନାଥ
ତାଙ୍କ ଧ୍ୟାନରେ ଉପଇଂଦ୍ର ବିଚିତ୍ରଚରିତ ରଚନ୍ତେ ସମର୍ଥ ।

(ଶେଷପଦ । ୧୦ମ ଛନ୍ଦ)

ତରଣୀକୁଳର ସାର, ଆଶ୍ରୟରୁ ନିରନ୍ତର
କହେ ଉପଇଂଦ୍ର ଭଞ୍ଜ ମୁଁ ଲଭିଛୁ ଶବଦସମୁଦ୍ର ପାର ।

(ଶେଷପଦ । ୧୪ଶ ଗ୍ରଂ:)

କହେ ଉପଇଂଦ୍ର ମୋ·ପ୍ରଭୁ ଶ୍ରୀରାମ ବୈକୁଣ୍ଠନାଥ ସାକ୍ଷାତ,
ଜାତକଲେ କ୍ଷୀରାର୍ଣ୍ଣବୁଁ ସୁଧା ମୋର ଗୀରାର୍ଣ୍ଣବୁଁ ରସଗୀତ ।

(× × ଶେଷପଦ । ୧୬ଶ ଗ୍ରଂ:)

କୋଟିବ୍ରହ୍ମାଣ୍ଡସୁଂଦରୀ କାବ୍ୟର ଅଧିକାଂଶ ଗ୍ରଂଦ ପ୍ରାନ୍ତରେ କବି ରଘୁନାଥଙ୍କ ନାମ ସ୍ମରଣ କରି ପଦ ଭଣିତା କରିଛନ୍ତି ।

ଯେହୁ ତାରକ ପ୍ରବର୍ତ୍ତକ ଜଗତେ ତାରକ ସ୍ୱଭାବେ ସେହିତ
ମହାଗୁରୁ ଭାବୁଁ ସେ କାଶୀଶ୍ୱରଙ୍କୁ ବଂଦନା କରିବା ବିହିତ ।
ହୋଇଲା, କବି ଉପଇଂଦ୍ର ଭଞ୍ଜର
କାମ-ଦାୟକ ବନାୟକ-ଜନକ ଏ ଭାବରେ ପୁଣି ଜର୍ଜର ।
(ଶେଷପଦ । ୬ଷ୍ଠ ଛାଂଦ)

ଉପଇନ୍ଦ୍ର ଭଞ୍ଜ ଶଙ୍କା ଭଞ୍ଜନ, ରାମଚନ୍ଦ୍ର ପଦ ବିପଦଘନ,
ଏଣୁ ପରମ ମନୋହର ପଦ, ଝଙ୍କୃରେ ପ୍ରସନ୍ନେ କୁଶଳେ ଆସ୍ପଦ ।
( XXII । ୮ମ ଛାନ୍ଦ )

ସ୍ୱ ଗ୍ରନ୍ଥ ପ୍ରଶଂସା—କବି ପ୍ରଥମ ଛାନ୍ଦରେ ମଙ୍ଗଳାଚରଣ ବେଳେ ଏହି କାବ୍ୟଟି ସମ୍ପୂର୍ଣ୍ଣ ହେଲେ ସୁଗନ୍ଧି ଜାଇଫୁଲ ପରି ହେବ ଏବଂ ସାଧୁ ଗୁଣବନ୍ତମାନଙ୍କର ମନକୁ ମୋହିତ କରିବ ବୋଲି ଆଶା ପ୍ରକାଶ କରିଥିଲେ । ଗୁଣବନ୍ତଜନେ ଜାଇଫୁଲ ମାଳ ଗଳାରେ ଧାରଣ କଲା ପରି ଏହାକୁ ହୃଦୟରେ ଧାରଣ କରିବେ ଏବଂ ରସିକମାନେ ଭ୍ରମର ଜାଇଫୁଲରେ ରସିଲା ପରି କାବ୍ୟର ରସରେ ବଶହେବେ, ଏହି ଆଶା ମଧ୍ୟ ସେ ପୋଷଣ କରିଥିଲେ । ଜାଇଫୁଲର ଅନ୍ୟ ନାମ ସୁଜାତ ଫୁଲ । ଅତଏବ ଏ କାବ୍ୟ ମଧ୍ୟ ସୁକାବ୍ୟ । ଜାଇଫୁଲର ସୁଗନ୍ଧ ଜନମନକୁ ମୋହିତ କଲାପରି ଏହି କାବ୍ୟ ମଧ୍ୟ ସାଧୁ ଗୁଣବନ୍ତଙ୍କର ମନକୁ ମୋହିବ ।

ରଚିବି କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଚରିତ
ସୁଜାତ ସୁମନାପି ହୋଇବ ଏ ଗୀତ ହେ ।
ସୁରଭିରେ ମୋହିତ—ମାନସ ହେବେ ଭବ୍ୟେ
ଗୁଣବନ୍ତେ ହୃଦ୍ୟମାଳା କରିଣ ଧରିବେ ହେ ।
ରସିକ-ଭ୍ରମରେ ହେବେ ରସ ଘେନି ବଶ
ନିର୍ଗୁଣେ ଘେନିଲେ ନ ଘେନିଲେ ଅଛି କସ ହେ ।
କବି ଉପଇନ୍ଦ୍ର ତବ କୃପାରେ ହୋଇଛି
ଏତେ ମନୋରଥ ସାର୍ଥକ ସଂଶୟ ଅଛି ହେ । (୧ମ ଛାନ୍ଦ ।)

ରାମଚନ୍ଦ୍ରଙ୍କ ପଦଧ୍ୟାନରେ ତାଙ୍କର ଗୀତପଦ ସ୍ଫୁରିତ ହେଉଥିବାରୁ କାବ୍ୟରଚନା ସଂପୂର୍ଣ୍ଣ କରିବା ଆଶ୍ଚର୍ଯ୍ୟ ବୋଲି ସେ ଭାବୁ ନଥିଲେ ।

ଯେଉଁ ଅଭିରାମ ରାମ ବାମନମୂର୍ତ୍ତି
ଉପଇନ୍ଦ୍ର ଭଞ୍ଜର ସକଳ ସମ୍ପତ୍ତି ।
ପଦଧ୍ୟାନେ ମୋର ଗୀତପଦ ସ୍ଫୁରିତ
ଚିତ୍ର ନୋହେ ପୂର୍ଣ୍ଣ କରିବାରେ ଏ ଗୀତ । (୧ମ ଛାଃ ଶେଷପଦ )

ଏ ଗ୍ରନ୍ଥର ପ୍ରକୃତି ସମ୍ବନ୍ଧରେ ବିଭିନ୍ନ ଛାନ୍ଦରେ କବି ପାଠକମାନଙ୍କ ସମକ୍ଷରେ ନିଜର ରଚନାର ପ୍ରଶଂସା କରିଛନ୍ତି ଏବଂ ଏହା ସଙ୍ଗେ ସଙ୍ଗେ ପ୍ରକାଶ କରିଛନ୍ତି ଯେ ସହୃଦୟ ହୃଦୟ ବ୍ୟକ୍ତିହିଁ କାବ୍ୟରସାସ୍ୱାଦନ କରି ଆନନ୍ଦ ଉପଭୋଗ କରିପାରିବେ । ପଣ୍ଡିତ ହୋଇଥିଲେ ମଧ୍ୟ ବିହୃଦ ଏହି ଆନନ୍ଦର ଅଧିକାରୀ ହୋଇ ପାରିବେ ନାହିଁ ।

ପୁରାଣ ଅଭିଧାନ ଜାଣିଥିଲେ, ଜାଣି କିସ ହେବ ବିହୃଦ ହେଲେ ।
(୨ୟ ଛା । ୧ମ ପଦ)

ତୃତୀୟ ଛାନ୍ଦର ପ୍ରାରମ୍ଭରେ କବି ନାନାଲଙ୍କାର ବିଭୂଷିତ ସେହି ଛାନ୍ଦଟି ଗୌରବ ସମ୍ବନ୍ଧରେ ବିଚାର କରିବା ପାଇଁ ବିଚକ୍ଷଣମାନଙ୍କ ଉପରେ ଛାଡ଼ି-ଦେଇଛନ୍ତି । ଛାନ୍ଦଟି ଯେ ଉଚ୍ଚକୋଟୀର ଏଥିରେ କବିଙ୍କର ମନରେ ସନ୍ଦେହ ନଥିଲା ।

ନାନା ଶବ୍ଦ ଯେ ବିଚକ୍ଷଣ,
ଯେହୁ ଜାଣେ ଅଳଙ୍କାର ଲକ୍ଷଣ,
ସେହୁ କରୁ ଏ ଛାନ୍ଦ ବିବେଚନା,
ବାଲ୍ୟ ପୌଗଣ୍ଡ ଯୌବନ ରଚନା ।
( ୩ୟ ଛାଃ ୧ମ ପଦ )

ସ୍ୱ କାବ୍ୟଟି ଅର୍ଥରେ ସରସ ଓ ଦୋଷ ଶୂନ୍ୟ ହେବ, ଏହି ପ୍ରାର୍ଥନା ମଧ୍ୟ କବି ରାମଚନ୍ଦ୍ରଙ୍କଠାରେ ଜଣାଇଛନ୍ତି ।

କଠିନ ଦୋଷ ହରିଲା, ଶିଳାକୁ ଅବଳା କଲା
ସେ ପଦ ପ୍ରସାଦେ ପଦ, ସ୍ଫୁରଣେ ମୋଦ ମୁଁ । ( ୪୨ଶ ପଦ )

ଉପଇନ୍ଦ୍ର ଭଞ୍ଜ କବି ନିରତେ ଚିତ୍ତରେ ଭାବି
ହୋଇବ ଅର୍ଥେ ସରସ, ନୋହିବ ଦୋଷ ଯେ ।
( ୪୮ ପ: ୪ର୍ଥ ଛାନ୍ଦ )

ଏହି କାବ୍ୟଟି ନୈଷଧ ପରିସ୍ଥେ ବୁଧଜନଙ୍କ ମନକୁ ମୋଦ ଦେବ ଏହି ଆଶା କବି ବ୍ୟକ୍ତ କରିଛନ୍ତି । ଗ୍ରନ୍ଥଟି ପରିକୃତରେ ଲିଖିତ ବୋଲି କବିଙ୍କର ମନରେ କାବ୍ୟର ଗୌରବ ସମ୍ବନ୍ଧରେ କୌଣସି ଆଶଙ୍କା ନାହିଁ । ୧୧ଶ ଛାନ୍ଦର ବିଷୟ ବର୍ଣ୍ଣନା ଶେଷ ହେବାପରେ କବି ଏହି ସମ୍ବନ୍ଧରେ ଲେଖିଛନ୍ତି—

ଏତ ପରିକୃତ କାବ୍ୟ ଛାନ୍ଦ ପ୍ରାନ୍ତ ସତ
ଦୃଷ୍ଟ ଦୃଷ୍ଟାନ୍ତର ଏଥି ଅଛି ବିଶେଷତ,
ଯେନ ନୈଷଧ ପରିସ୍ଥେ,
ଉପଇନ୍ଦ୍ର କହେ ବୁଧ ପ୍ରମୋଦ କରିବେ । (୧୧ଶ ଛାନ୍ଦ ୩୧ଶ ପଦ)

କବିଙ୍କର ବିବିଧ ଅଲଙ୍କାର ମଣ୍ଡିତ ରଚନାକୁ ସୁଗୀତ ସ୍ୱରୂପ ଗ୍ରହଣ କରିବେ କେବଳ କବି, ଅର୍ଥୀ, ପଣ୍ଡିତ, ସୁହୃଦ, ରସିକ । ଖଳମୂର୍ଖମାନେ ଏ ସୁଗୀତ କଥା ପ୍ରସଙ୍ଗରେ ଆଦୌ ଚିତ୍ତ ଦେବେନାହିଁ ।

ଖଳ ବାଳକେ ଏକଥା ପ୍ରସଙ୍ଗ
ତାଙ୍କ ଚିତ୍ତ ନାହିଁ ସୁଗୀତେ ସଙ୍ଗ ।
ଯେ କବି ଅର୍ଥୀ ପଣ୍ଡିତ ସୁହୃଦ
ରସିକ ଯେହି ଯେନ ମୋ ଏ ଛାନ୍ଦ ।
ବ୍ୟସ୍ତ ଅଲଙ୍କାର, ମଣ୍ଡନ ବିଧି ନିର୍ଦୋଷ ବିସ୍ତର ॥୧ ।

ଉତ୍ପ୍ରେକ୍ଷା ଉପମା ରୂପକ ଜନ
ବକ୍ରୋକ୍ତି ଶ୍ଳେଷ ଅଭିପ୍ରାୟ ଧେନ ।
ଦଶ ଚ୍ୟୁତାକ୍ଷର ଉଦୟ ନାହିଁ,
ବୃହଂ ସଂଖ୍ୟାବାନ ଆଦ୍ୟନ୍ତ ନାହିଁ ( ୨ । ୧୨ଶ ଛା: )

'କାମପ୍ରେତ' ଦ୍ୱାରା ଆବେଶିତ ପ୍ରେମିକ-ପ୍ରେମିକାମାନଙ୍କ ପକ୍ଷରେ ଏହି 'ପ୍ରେତ'କୁ ଛଡ଼ାଇବା ନିମନ୍ତେ ମନ୍ତ୍ର ଆବଶ୍ୟକ ହୁଏ । ଏହି କାବ୍ୟରେ ରସିକ ନାୟକ ଓ ରସିକା ନାୟିକାଙ୍କ ଭିତରେ ଯେଉଁ ପତ୍ର ବିନିମୟ ହୋଇଥିଲା ତାହାକୁ ଏହି 'ପ୍ରେତ'ଝଡ଼ା ମନ୍ତ୍ର ବୋଲି ଗ୍ରହଣ କରି ଏହି କାବ୍ୟକୁ କାମ-ପ୍ରେତ-ଝଡ଼ା ମନ୍ତ୍ର ଲେଖା ସ୍ୱରୂପ ଘେନିବାକୁ କବି କୋବିଦମାନଙ୍କୁ ଅନୁରୋଧ କରିଛନ୍ତି ।

ଚତୁର ଚତୁରୀ ତର୍କ ଭାବିଲେ କି ହେବ
କାମ-ପ୍ରେତ-ଝଡ଼ା ମନ୍ତ୍ର-ଲେଖା କେବା ଦେବ ଯେ ।
ଭାବି ରାମପଦ କହେ ଉପଇନ୍ଦ୍ର ଭଞ୍ଜ
ଜାଣ ସୁଜନେ ଏମନ୍ତ ମୋହ ଗୀତପୁଞ୍ଜ ହେ ।
(୧୫ଶ ଛାଃ )

ନାୟକର ଅନୁରାଗରଞ୍ଜିତ ଚିଠାଟି ପାଠକରି ନାୟିକାର ହୃଦୟରେ ପରମ ଆନନ୍ଦ ଓ ଅନୁରାଗ ଉପୁଜି ତାର ସମଗ୍ର ଶରୀରକୁ ରସସାଗରରେ ନିମଜ୍ଜିତ କରିଦେଲା । ଏହି ପ୍ରସଙ୍ଗର ବର୍ଣ୍ଣନା ଛାନ୍ଦରେ (୨୨ଶ ଛାନ୍ଦ) କବି ନିଜର ରଚନା ସମ୍ବନ୍ଧରେ କହିଛନ୍ତି ଯେ ତାଙ୍କର ଏହି ମଧୁର ଛାନ୍ଦଟି ରସିକ କୋବିଦମାନଙ୍କର କର୍ଣ୍ଣରୂପ ମୁଖର ସ୍ୱାଦ ହେଉ ।

ରସିକ କୋବିଦ ଶ୍ରୁତି-ମୁଖ ସ୍ୱାଦ
ମଧୁର ଛାନ୍ଦ ଏ କୃତ ହେ । ( ୨୨ଶ ଛାଃ )

କବି ବିଜ୍ଞ ସୁଜନମାନଙ୍କଠାରେ ଅତି ବିନୟରେ ନିବେଦନ କରିଛନ୍ତି ଯେ ଅଳ୍ପ ବ୍ୟୁତ୍ପତ୍ତି-ଉତ୍ପତ୍ତି ଲୋକମାନେ 'ଆମ୍ଭେ ବଡ଼' ଏ ଶବ୍ଦକୁ ବାନରମୁଷ୍ଟି ପ୍ରକାରେ ଛାଡ଼ନ୍ତି ନାହିଁ । ସେମାନଙ୍କର ତମୋଗୁଣ ରୂପ ଅନ୍ଧକାର ତାଙ୍କର ଏ ଗୀତରୂପ ସୂର୍ଯ୍ୟଙ୍କର କିରଣରୂପ ପଦମାନଙ୍କ ପ୍ରଭାବରେ ନାଶ ହେଉ । ଅଜ୍ଞ, ଖଳ ଓ ଅଧାପାଠୁଆଙ୍କ ପ୍ରତି ଏହି ଉକ୍ତି ଯେ ସମୁଚିତ ନିନ୍ଦାଗର୍ଭକ ହୋଇଛି ଏଥିରେ ସନ୍ଦେହ ନାହିଁ ।

ବଙ୍କ-ସୁଙ୍କଜନ-ରଞ୍ଜନ ପଦମାନ ମାନସେ କରିବ ବିଗ୍ଭର
ଅଳ୍ପ ବ୍ୟୁତ୍ପତ୍ତି-ଉତ୍ପତ୍ତି ନରପନ୍ତ ବାନରମୁଷ୍ଟି ପରକାର,
ଗ୍ଭଡନ୍ତୁ ନାହିଁ ଅନ୍ତେ ବଡ଼ ଏ ଗର୍ବ,
ଏ ଗୀତ ସବିତା ପଦ ପ୍ରଭାବରେ ତାମସ ତମସ ନାଶିବ ।
( ୬୮ଶ ଗ୍ଧ: ୯ମ ପ: )

କବି ନିଜ ରଚନାରେ ରସାଳ ଭାବକୁ କଠିନ ଶବ୍ଦ ଖୋଳରେ ରଖି ଥିବାରୁ ଅଳ୍ପାର୍ଥୀମାନଙ୍କ ପକ୍ଷରେ ଅର୍ଥବୋଧ ହେବା କଠିନ ହେବ ବୋଲି ମତବ୍ୟକ୍ତ କରିଛନ୍ତି । ତାଙ୍କର ରଚନାବୋଧକୁ ଇକ୍ଷୁଲତିକାରୁ ରସ ଆସ୍ୱାଦନ ସହିତ ତୁଳନା କରି କହିଛନ୍ତି, ରଦ (ଦନ୍ତ) ଥିବା ଜନ ଯେପରି ଇକ୍ଷୁଲତିକାରୁ ରସ ଆସ୍ୱାଦନ କରିପାରେ, ସେହିପରି ଜ୍ଞାନରୂପରଦ ଥିବା ଜନ ଏହି କବିତା-ଇକ୍ଷୁ-ଲତାରୁ ରସ ଆସ୍ୱାଦନ କରିପାରିବ । କେବଳ ଯେଉଁମାନଙ୍କର ଜ୍ଞାନଦନ୍ତ ଅଛି ସେହିମାନେ ଏହି କବିତା ରସ ଆସ୍ୱାଦନରେ ଅର୍ଥୀ ହେବେ । କବିଙ୍କର ବାଣୀ ଯେ ସମ୍ପୂର୍ଣ୍ଣ ସତ୍ୟରେ ପରିଣତ ହୋଇଛି ଏଥିରେ ସନ୍ଦେହ ନାହିଁ ।

ଏ ଗ୍ରନ୍ଥ ଇକ୍ଷୁଲତିକା ରସ ଆସ୍ୱାଦନେ
ଅର୍ଥୀ ହେବ ଏଥି ଜ୍ଞାନରଦ ଥିଲା ଜନେ ହେ ।
( ୬୪ଶ ଗ୍ଧ: )

ମୂର୍ଖମାନଙ୍କର ଏ ଗ୍ରନ୍ଥ ଚର୍ଚ୍ଚାରେ ଯେ ଅଧିକାର ନାହିଁ ଉପେନ୍ଦ୍ର ଭଞ୍ଜ ତାହା ସ୍ପଷ୍ଟ କରି ଦେଇଛନ୍ତି । ଖଳ ଲୋକଙ୍କୁ ଦୈତ୍ୟମାନଙ୍କ ସହିତ ତୁଳନା କରିଛନ୍ତି କ୍ଷୀରସାଗର ମନ୍ଥନରୁ ସୁଧା ଜାତ ହେଲାପରି ସାକ୍ଷାତ୍ ବୈକୁଣ୍ଠନାଥ ଶ୍ରୀରାମଚନ୍ଦ୍ର କବିଙ୍କ ଗିରାର୍ଣ୍ଣବ ବା ବାକ୍ୟ ସାଗରରୁ ରସଗୀତ ଜାତ କଲେ, ଏହା କବି ନାୟିକ-ନାୟିକାଙ୍କ ବିରହ-ଉତ୍କଣ୍ଠା ବର୍ଣ୍ଣନା ପ୍ରସଙ୍ଗରେ ବ୍ୟକ୍ତ କରିଛନ୍ତି ।

କହେ ଉପଇନ୍ଦ୍ର ମୋ ପ୍ରଭୁ ଶ୍ରୀରାମ ବୈକୁଣ୍ଠନାଥ ସାକ୍ଷାତ
ଜାତ କଲେ କ୍ଷୀରାର୍ଣ୍ଣବୁଁ ସୁଧା ମୋର ଗୀରାର୍ଣ୍ଣବୁଁ ରସଗୀତ ।

ସେ ସତ, ସେ ବିବୁଧେ ଏ ବୁଧ ରଞ୍ଜିତ
ଦୈତ୍ୟ ଖଳରେ ଅଧର କ୍ଷତ । ଯେ ଗ୍ରାସିବ ହେବ ରାହୁ ମତ । ୩୦ ।
(୧୭ଶ ଛାନ୍ଦ)

କ୍ଷୀରସାଗର ଜାତ ସୁଧା ବିବୁଧ (ଦେବତାମାନଙ୍କର) ରଞ୍ଜିତ, କବିଙ୍କ ଗିରାର୍ଣ୍ଣବରୁ ଜାତ ଏ ଗୀତରସ ବୁଧଜନ (ପଣ୍ଡିତମାନଙ୍କର) ରଞ୍ଜିତ । ସୁଧା ଦୈତ୍ୟମାନଙ୍କ ଦ୍ୱାରା ଧର୍ଷିତ ହୋଇନାହିଁ । ଏ ଗୀତରସ ମଧ୍ୟ ଖଳ ଲୋକଙ୍କ ଦ୍ୱାରା ଅବମାନିତ ହେବନାହିଁ । ଯେ ଏ ଗୀତରସକୁ ଗ୍ରାସ କରିବ ସେ ରାହୁ ପରି ହେବ, ଅର୍ଥାତ୍ ରାହୁର ଶିରଚ୍ଛେଦନ ହେଲପରି ଖଳର ନିନ୍ଦା ଖଣ୍ଡିତ ହେବ ।

ଅନ୍ୟ ସ୍ଥଳରେ କବି ଅଜ୍ଞଲୋକଙ୍କ ଅର୍ଥ ଯୋଡ଼ାକୁ ଲକ୍ଷ୍ୟକରି କହିଛନ୍ତି—

ସିଦ୍ଧି କରି ଯେ କାବ୍ୟ ଅର୍ଥ ସେ ଯୋଡ଼ି
ଅଚ୍ଛିଦ୍ର ହାସେ ଆଦ୍ୟରସରେ ଜଡ଼ି ଯେ ।
କହେ ଉପଇନ୍ଦ୍ର ବର୍ଣ୍ଣ ଭଙ୍ଗୀରୁ ବାରି
ଛାନ୍ଦ ଗଙ୍ଗା ଯମୁନା ସଙ୍ଗମ ପରି ଯେ । ୨୦ । (୨୦ଶ ଛାନ୍ଦ)

ଯେ ଅକ୍ଷର ଶିକ୍ଷା ଆରମ୍ଭ କରୁଥାଏ (ଅର୍ଥାତ୍ 'ସି' 'ଦ୍ଧି' 'ର' 'ସ୍ତୁ' ପ୍ରଥମେ ଶିଖୁଥାଏ ) ସେ କାବ୍ୟର ଅର୍ଥ ଯୋଡ଼ି ବସିଲେ ଆରମ୍ଭରୁ ଅଚ୍ଛିଦ୍ର ବା ପୂର୍ଣ୍ଣ ହାସ୍ୟରସରେ ଜଡ଼ି ଯାଏ । ତାର ଅବସ୍ଥାକୁ ଦେଖି ଅନ୍ୟମାନେ ହସନ୍ତି । କିନ୍ତୁ ଯେ ବିଦ୍ୟାରେ 'ସିଦ୍ଧି' ଲାଭ କରିଛି ସେ କାବ୍ୟାର୍ଥ ଯୋଡ଼ି ବସିଲେ ଅଚ୍ଛିଦ୍ର ବା ପୂର୍ଣ୍ଣ ରୂପରେ ହାସେ ବା ହାସ୍ୟରସରେ ଏବଂ ଆଦ୍ୟରସ କି ଶୃଙ୍ଗାର ରସରେ ଜଡ଼ଇ କି ଭାବ ଉତ୍ତମ ରୂପେ ଗ୍ରହଣ କରି ପାରଇ । ଗଙ୍ଗା-ଯମୁନା ସଙ୍ଗମ ପରି ଏ ଛାନ୍ଦକୁ ବର୍ଣ୍ଣବିନ୍ୟାସ ଭଙ୍ଗୀରୁ ବୁଝିକରି ଅର୍ଥ କରିବ । ଶୁକ ଶାରୀ ଦୁହେଁ ଏକ ପଦରେ, ଦୁଇ ରାଗରେ ଏକ ମିଶ୍ରିତ ଗୀତ ବୋଲିଛନ୍ତି । କବି ଏ ପ୍ରସଙ୍ଗରେ ଏହି ଉକ୍ତି କରିଛନ୍ତି ।

## କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ କାବ୍ୟର କଥାବସ୍ତୁ—

ଚମ୍ପାନଗରୀ (ଅପର ନାମ ପୁଷ୍ପପୁର) ମନୋମୁଗ୍ଧକର ଗୃହମାନଙ୍କରେ ଶୋଭା ପାଉଛି । ଏଠାରେ ଲୋକମାନଙ୍କର କୌଣସି ଭ୍ରାନ୍ତି ନାହିଁ । ସବୁବେଳେ ଏଠାରେ ମଙ୍ଗଳ ବିରାଜୁଛି । ପୃଥିବୀରୂପୀ ନାରୀର ଶିର ଉପରେ ଏହି ଚମ୍ପାନଗରୀ ଚମ୍ପାଫୁଲ ପରି ଶୋଭା ପାଉଛି । ଏହାର ସୌନ୍ଦର୍ଯ୍ୟକୁ ସ୍ୱର୍ଣ୍ଣପୁରୀ ଲଙ୍କା, ଦେବପୁରୀ ଅଳକା ଓ କାଞ୍ଚି ନଗର ତୁଳନା ନୁହନ୍ତି । ନଗରୀର ଅଟ୍ଟାଳିକା ସତେ ଯେପରି ଇନ୍ଦ୍ରପୁରକୁ ଜିଣିବ । ଅଟ୍ଟାଳିକାମାନଙ୍କ ଉପରେ ଉଡ଼ୁଥିବା ପତାକା ଏହି ଲକ୍ଷ୍ୟରେ ଆକାଶସ୍ପର୍ଶୀ ହୋଇଛି । ଉଜ୍ଜ୍ୱଳ ମୁକ୍ତାହାରମାନଙ୍କରେ ସୁବର୍ଣ୍ଣ ଗୁଣ୍ଡୁଆମାନ ଖଚିତ ହୋଇଚି । ଏହି ନଗରୀର ହାଟ ଅମରାବତୀ ପୁରକୁ ଆକ୍ଷେପ କରୁଛି । ଏହିଠାରେ ଶୁକଦେବଙ୍କ ବିରଚିତ ପୁରାଣ ଶ୍ଳୋକସବୁ ପୋଷା ଶୁକପକ୍ଷୀମାନେ ପାଠ କରୁଅଛନ୍ତି । ଏଠାର ବୈଦ୍ୟମାନେ ସ୍ୱର୍ଗବୈଦ୍ୟ ଅଶ୍ୱିନୀକୁମାରଙ୍କୁ ତୁଛା ତୁଚ୍ଛ ମଣୁଛନ୍ତି । ନଗରୀର ନିର୍ମାଣରେ ଯେଉଁ ଶିଳ୍ପ କୌଶଳ ପ୍ରଦର୍ଶିତ ହୋଇଛି ତାହା ସ୍ୱୟଂ ବିଶ୍ୱକର୍ମା ତୁଛା କରି ପାରିବେନାହିଁ । ଧନରତ୍ନରେ ନଗରୀଟି ପୂର୍ଣ୍ଣ ହୋଇଥିବାରୁ ଅତ୍ୟନ୍ତ ଶୋଭା ଧାରଣ କରିଛି । ବହିର୍ଦ୍ୱାର କଳସ ଓ ସ୍ତମ୍ଭମାନଙ୍କର ଶୋଭା ବର୍ଣ୍ଣନୀୟ ନୁହେଁ । କାଚକାନ୍ଥ, ଗବାକ୍ଷ, ଚାମର ଓ ପରଦା ପ୍ରଭୃତିର କମନୀୟତା ଗୃହମାନଙ୍କର ଶୋଭାକୁ ବର୍ଦ୍ଧିତ କରୁଛି । ଗୃହର ସ୍ତମ୍ଭଗୁଡ଼ିକ ସ୍ତ୍ରୀଆକୃତିରେ ଗଢ଼ା ହୋଇଛି । ସ୍ତ୍ରୀମାନେ ଗୃହ ଭିତରେ ବୀଣାଳାପ ସହିତ ସଂଗୀତ ଗାନ କରି ମନକୁ ମୁଗ୍ଧ କରୁଛନ୍ତି ।

ଏହି ନଗରର ରାଜା ବିଶ୍ୱାନନ୍ଦକ । ତାଙ୍କର ପାଟମହାଦେବୀଙ୍କ ନାମ ହରିଚନ୍ଦନକଳା । ମନ୍ତ୍ରୀଙ୍କ ନାମ ବୁଦ୍ଧିସାଗର । ରାଜାରାଣୀଙ୍କର ପୁତ୍ର ସନ୍ତାନ ଥିଲେ ମଧ୍ୟ କନ୍ୟା ପାଇବା ଇଚ୍ଛାକୁ ସେମାନେ ଛାଡ଼ି ପାରନ୍ତି ନାହିଁ । ମନ୍ତ୍ରୀ ରାଜାଙ୍କୁ ଦିନେ ଜଣାଇଲେ, "ଆମ ଦେଶରେ ବ୍ରାହ୍ମଣମାନେ ଯଜ୍ଞ କରୁଛନ୍ତି । ବହୁ ସୁବର୍ଣ୍ଣଦାନ ଏବଂ ଅତିଥିସେବା କରୁଥିବାରୁ ଏଠାରେ ଧର୍ମ ପ୍ରକାଶ ପାଉଛି । ଯାଚକମାନଙ୍କ କାମନା ସମ୍ପୂର୍ଣ୍ଣ କରୁଥିବାରୁ ଏବଂ ଶତ୍ରୁମାନଙ୍କ ଧନ ଲୁଣ୍ଠନ

ଭର ଆସୁଥିବାରୁ ଦେଶରେ ଧର୍ମ, ଅର୍ଥ ଓ କାମ ଏ ତ୍ରିବର୍ଗ ଉଦ୍ଧତ ହେଉଛି । ସାକ୍ଷାତ୍ 'ମୋକ୍ଷ' (ଚତୁର୍ଥ ବର୍ଗ) ଲାଭ ପାଇଁ ବଦରିକା ତୀର୍ଥକୁ ଯିବାକୁ ଇଚ୍ଛା ହେଉଛି । ସେହି ତୀର୍ଥରେ ଦେବତାମାନଙ୍କ ସହିତ ଭେଟ ହେବ । ଯଦି ବାଟରେ କେହି ଶତ୍ରୁ ଥାଏ ତାହାହେଲେ ତାହାକୁ ଜୟ କରିବା ।" ରାଜାଙ୍କ ମନ ଏଥିରେ ମାନିବାରୁ ରାଜା ସସୈନ୍ୟ ବଦରିକା ଯାତ୍ରା କଲେ । କେତେଦିନ ପରେ ଗଙ୍ଗାନଦୀ କୂଳରେ ଯାଇ ଉପସ୍ଥିତ ହେଲେ । ରାଜା ଗଙ୍ଗାରେ ସ୍ନାନ କରିବାକୁ ଯାଉଥିବା ବେଳେ ଦିବ୍ୟ ହଂସଟିଏ ଧରି ଏକ ଅସୁର ଆକାଶମାର୍ଗକୁ ମୁଖ କରି ଦୌଡ଼ୁଥିବା ଦେଖିଲେ । ରାକ୍ଷସ କହୁଥାଏ, "ତୋତେ ମୁଁ ନିଶ୍ଚୟ ମାରିବି । ବ୍ରହ୍ମା ଆଜଠାରୁ (ତାଙ୍କ ବାହନକୁ ହରାଇ) ପାଦରେ ଚାଲିବେ ।" ଏହି କଥା ରାଜାଙ୍କ କର୍ଣ୍ଣରେ ପଡ଼ିବା ମାତ୍ରେ ସେ ଘୋଡ଼ାରେ ଦୌଡ଼ିଯାଇ ଅସୁରକୁ ଅଟକାଇଲେ ଏବଂ ଖଣ୍ଡାରେ ତାର ଶିର-ଚ୍ଛେଦନ କଲେ । ସେତେବେଳେ ବ୍ରହ୍ମା ନାରାୟଣଙ୍କୁ ଦର୍ଶନ କରିବା ପାଇଁ ବଦରିକାକୁ ଆସିଥିଲେ । ଅସୁରର କବଳରୁ କପିଶ ବିଶ୍ୱାନଂଦକ ତାଙ୍କୁ ରକ୍ଷା କଲେ ସେହି ବିଷୟ ହଂସ ବ୍ରହ୍ମାଙ୍କୁ ଜଣାଇବାରୁ ବ୍ରହ୍ମା ଅତ୍ୟନ୍ତ ପ୍ରୀତ ହୋଇ ରାଜାଙ୍କୁ ଆଜ୍ଞା ଦେଲେ, "ମାଗ ହେ ରାଜା ଯେ ତୋ ମନୋରଥ ।" ରାଜା ନିଜର ମନୋରଥ କଥା ବ୍ୟକ୍ତ କରିବାରୁ ବ୍ରହ୍ମା କହିଲେ, "ପୂର୍ବେ ମଂଦକର୍ଣ୍ଣି ମୁନି ତପ ତେଜି ଅପ୍ସରାଙ୍କ ସଙ୍ଗେ ଏକାନ୍ତରେ ବିହାର କରିବାକୁ ସ୍ୱର୍ଗସୁଖ ଅପେକ୍ଷା ଅଧିକ ସୁଖକର ମଣିଲେ । ତୁମ୍ଭେ ସେହିପରି ଭୋଗ କରିବାକୁ ଇଚ୍ଛା କରିଅଛ ଏବଂ ଶୋଭାବତୀ ନନ୍ଦନାଟିଏ ଲାଭ କରିବାକୁ କାମନା କରିଅଛ । ଏ ଦୁଇ କାମନା ପୂର୍ଣ୍ଣ ହେବ । ଆମ୍ଭେ ବସନ୍ତ ସମୟରେ ଗନ୍ଧମାଦନ ପର୍ବତରେ ଉପସ୍ଥିତ ହେଲେ ରତିମର୍ଦ୍ଦା ନାମକ ଗୋଟିଏ ସୁନ୍ଦରୀ ସ୍ତ୍ରୀ ସେ ଗୁପ୍ତ ସ୍ଥାନରୁ ପ୍ରକାଶ ହୋଇ ସେଠାକୁ ଆସେ । ତୁମ୍ଭେ ତାକୁ କିଛିଦିନ ଭୋଗ କରିବ ଏବଂ ସୁତା ଉପୁଜାଇ ପୁରକୁ ନେବ । ସେ କୁମାରୀଠାରେ "ନଥିଲା, ନାହିଁ, ନୋହିବ" ଏ ତ୍ରିକାଳ ବାକ୍ୟ ସମ୍ଭବ ହେବ ।"

(ତାକୁ) "ତ୍ରୈଲୋକ ବ୍ରହ୍ମାଣ୍ଡସୁନ୍ଦରୀ । ପ୍ରେମ ଅଙ୍କୁରରୁ ହେମ ମଞ୍ଜରୀ ।"

କେଦାରେଶ୍ୱରଙ୍କ ନିକଟରେ ଥିବା ବନରେ ରାଜା ରତ୍ନମର୍ଦ୍ଦାଙ୍କ ସହିତ ଏକାନ୍ତରେ ବିହାର କରି କିଛିକାଳ ଅବସ୍ଥାନ କଲେ । ରତ୍ନମର୍ଦ୍ଦା ସେଠାରେ ଏକ କନ୍ୟା ଜନ୍ମକରି ଗୁପ୍ତ ହୋଇଗଲେ । ରାଜା ଏହି କନ୍ୟା-ରତ୍ନଟିକୁ ଧରି ନିଜର ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କଲେ । ରାଣୀମାନେ ଏହି କନ୍ୟାଟିକୁ ପାଳିଲେ । (୨ୟ ଛାନ୍ଦ)

କ୍ରମେ ଏହି ବାଳିକାଟି ବାଲ୍ୟ, ପୌଗଣ୍ଡ ଓ ଯୌବନ ଅବସ୍ଥାକୁ ପ୍ରାପ୍ତ ହେଲା । "ମଦନ ନବବିଧାତା ହୋଇ ନବ ଯୌବନ ସୃଷ୍ଟି ଉଆଇଲା ।" ରାଜନନ୍ଦନୀ ନବପୁଷ୍ପବତୀ ହେଲା । (୩ୟ ଛାନ୍ଦ)

'ଦେଶ ଅଗ୍ରଣୀ' ମଗଧ ଦେଶରେ ବିଷ୍ଣୁପଦୀ (ଗଙ୍ଗା) ପ୍ରବାହିତ ହୋଇ ଲୋକଙ୍କୁ ମୁକ୍ତିଦାନ କରୁଛନ୍ତି । ସରସ୍ୱତୀ ନଦୀ ତୀରସ୍ଥ ପ୍ରଧାନ ପିଣ୍ଡଦାନ ସ୍ଥଳ, ପ୍ରେତଶିଳା (ଗୟାତୀର୍ଥସ୍ଥ) ଏହି ଦେଶର ଅନ୍ତର୍ଗତ । ଫଲ୍‌ଗୁ ନଦୀ ମଧ୍ୟ ଏଠାରେ ପ୍ରବାହିତ ହୋଇ ମୁକ୍ତିଦାନରେ ସାହାଯ୍ୟ କରୁଛି । ପୁଷ୍ପପୁର ଏହି ଦେଶର ରାଜଧାନୀ । କୁନ୍ତଳ, କାଞ୍ଚୀ, ରାକ୍ଷସପୁରୀ ଲଙ୍କା ଏମାନେ ଏହାର ତୁଳନୀୟ ନୁହନ୍ତି । ଏହାର ଗୃହଗୁଡ଼ିକ ରତ୍ନରେ ନିର୍ମିତ । ଚଉବାଡ଼ ସବୁ ନାନା ରତ୍ନମାନଙ୍କର ପ୍ରଭାକୁ ଧାରଣ କରି ଶୋଭା ବର୍ଦ୍ଧନ କରୁଛି । ନଭସ୍ପର୍ଶୀ ଅଟ୍ଟାଳିକା ସବୁ ନାନା ପ୍ରକାର ରତ୍ନନିର୍ମିତ ତୋରଣରେ ଶୋଭା ପାଉଛି । ନଗରର ମଣ୍ଡପଗୁଡ଼ିକ ପୁଷ୍ପକ ବିମାନ ପରି ସୁନ୍ଦର ଦେଖାଯାଉଛି । ଗୃହ-ମାନଙ୍କର ସ୍ତମ୍ଭ ମଣିରେ ଓ ପ୍ରବାଳ ଝରରେ ଏବଂ କାନ୍ଥଗୁଡ଼ିକ ସୁବର୍ଣ୍ଣ ଓ ରୌପ୍ୟରେ ନିର୍ମିତ । କାନ୍ଥମାନଙ୍କରେ—

"ମାଣିକ୍ୟ ମର୍କତ ମିହ୍ନା, ପିତୁଳୀ ଚିତ୍ର ରଚନା,
ଲତା ମଞ୍ଜୁବୃକ୍ଷ ଡାଳୀ, ତହିଁରେ ଝଳ ଯେ ॥"

କଳଶଗୁଡ଼ିକ ହୀରା ବୈଦୂର୍ଯ୍ୟରେ ନିର୍ମିତ ହୋଇ ଅଦ୍ଭୁତ ଜ୍ୟୋତି ପ୍ରକାଶ କରୁଛି । ଅଗଣାର ପାହାଚଗୁଡ଼ିକ ନୀଳମଣି ପ୍ରସ୍ତରରେ ଗଢ଼ା ।

ଗୃନ୍ଥ ଏ ସବୁ ମୁକୁତା ଗୁନ୍ଥା ହାରରେ ଉଜ୍ଜ୍ୱଳ ହୋଇଛି । ଏହି ପୁଷ୍ପନଗରୀ ବା ପାଟଳୀପୁତ୍ରର ରାଜା ଦୀପ୍ତିସାଗର ବାଂଶ ବର୍ଷ ବୟସରେ ସୁତ ଲଭିଲେ । ସେ ତାହାର ନାମ ପୁଷ୍ପକେତୁ ଦେଲେ । ଏହି ସୁତ ସୌନ୍ଦର୍ଯ୍ୟରେ କାମଦେବଙ୍କ ସୁଦ୍ଧା ବଳିଯାଇଥିଲେ । ପୁରୁଷ ଲକ୍ଷଣ ମଧ୍ୟରେ ଶ୍ରେଷ୍ଠ ଲକ୍ଷଣ ମତ୍ସ୍ୟରେଖା ତାଙ୍କଠାରେ ଥିବାରୁ ସେ ପୁରୁଷଶ୍ରେଷ୍ଠ ଓ ସୁନ୍ଦରଶ୍ରେଷ୍ଠ ରୂପେ ପ୍ରତିଭାତ ହେଲେ । ସେ ଭୀମଙ୍କଠାରୁ ବଳି ଗଦା ଚାଳନାରେ ପାରଙ୍ଗମ ହେଲେ । ଏକ ପାଦରେ ଦଣ୍ଡାୟମାନ ହୋଇ ସେ ଖଡ୍ଗ ଚାଳନା କରିପାରୁଥିଲେ । ଧନୁର୍ବିଦ୍ୟାରେ ଅର୍ଜ୍ଜୁନଙ୍କ ସମକକ୍ଷ ହେଲେ । ବ୍ୟାକରଣ ଶାସ୍ତ୍ରରେ ସେ ପାଣିନୀଙ୍କୁ ବଳିଗଲେ । ମୀମାଂସା, ବେଦ, ବେଦାନ୍ତ, ଯୋଗଶାସ୍ତ୍ର, ବୈଶେଷିକ, ନ୍ୟାୟ, ଅଳଙ୍କାର ମନ୍ତ୍ର ସାଧନ ପ୍ରଭୃତି ଶାସ୍ତ୍ରରେ ପ୍ରବୀଣ ଥିଲେ । ଅଶ୍ୱାରୋହଣ ଓ ହସ୍ତୀ ଆରୋହଣରେ ସେ ନିପୁଣ ଥିଲେ । ସେ ମହାଦାନୀ ଓ ମହାଧାର୍ମିକ ରୂପରେ ମଧ୍ୟ ଶୋଭା ପାଇଲେ । ତାଙ୍କର କୀର୍ତ୍ତିସୁଧା ସମଗ୍ର ବସୁଧାକୁ ଧବଳ କରିଦେଲା । ସେ ବୀଣା ବାଦନରେ ନିପୁଣ ଥିବାରୁ ନାରଦ ତାଙ୍କର ବୀଣା ବାଦ୍ୟ ଶୁଣି ସନ୍ତୋଷରେ ତାଙ୍କୁ ବର ଦେଲେ—"ତୁମ୍ଭର ଦିବ୍ୟସୁନ୍ଦରୀ ଲାଭ ହେଉ । ଏହି ସୁନ୍ଦରୀ ପରି ସୁନ୍ଦରୀଟିଏ ବ୍ରହ୍ମା ସୁଦ୍ଧା ସ୍ୱପ୍ନରେ ଦେଖି ନଥିବେ; ତାଙ୍କର କଳ୍ପନାରେ ସେ ସମ୍ଭବିଛି । ବ୍ରହ୍ମା କଳ୍ପ କଳ୍ପ ହୋଇ ତିନି କଳ୍ପ ଧ୍ୟାନକରି ଏହାକୁ ସୃଷ୍ଟି କରିଛନ୍ତି ।"

ବୀଣା ଶ୍ରବଣେ ନାରଦ, ସନ୍ତୋଷେ ହେଲେ ବରଦ
ହେଉ ତବ ମନୋହାରୀ, ଦିବ୍ୟସୁନ୍ଦରୀ ଯେ ।।
ଯା ପରି ଚାରୁ ଲପନ । ଦେଖି ନଥିବ ସ୍ୱପନ
ଏ ରୂପେ କଳ୍ପନା ହୋଇ, ସମ୍ଭବ ନୋହି ଯେ ।।
ଅଲପକ କଲପନା, ନୋହେ ଯେହୁ ସୁଲପନା
କଳ୍ପ କଳ୍ପ କଳ୍ପ ହୋଇ, ଯାହା ଧିଆଇ ଯେ ।।

ନାରଦ ଏତିକି କହି ଅନ୍ତର୍ଦ୍ଧାନ ହେଲେ । ସେହିକ୍ଷଣି ଶୂନ୍ୟରୁ ଏକ ମସ୍କରୀ (ଅଦ୍ଭୁତ ପୁରୁଷ) ସନ୍ନ୍ୟାସୀ ବେଶଧରି ରାଜପ୍ରାସାଦରେ କୁମାରଙ୍କ

ସମ୍ମୁଖରେ ଆବିର୍ଭୂତ ହେଲେ । କୁମାରଙ୍କ ଦୁଇସଖା ପୁରୋହିତପୁତ୍ର ବିଦ୍ୟାନିଧି ଓ ମନ୍ତ୍ରୀପୁତ୍ର ଯଶୋବନ୍ତ ମଧ୍ୟ ସେଠାରେ ଥିଲେ । ସନ୍ନ୍ୟାସୀ 'ବିନ୍ଦୁ ଚମତ୍କାର' ଜାଣିଥିବାରୁ ଆଦର ପାଇ କୁମାରଙ୍କ ପାଖରେ ରହିଲେ ।

(୪ର୍ଥ ଛାନ୍ଦ)

କୁମାରୀର ବାଲ୍ୟକଳରୁ କଳା କ୍ରମଶଃ ବୃଦ୍ଧି ପାଇ ଯୌବନାବସ୍ଥାରେ ତାହା ପୂର୍ଣ୍ଣତା ଲଭିଲା । ପୂର୍ଣ୍ଣ ଯୌବନର ଚିହ୍ନ ସବୁ ତାହାଠାରେ ପ୍ରକାଶ ପାଇଲା । ନବ ବୟସ ନବ ଯୌବନ ସହିତ ମିଶି କୋଳାକୋଳି ହେବାରୁ ଦୀପ୍ତି ଓ ଶୋଭା ଦୁହେଁ ଭିଡ଼ାଭିଡ଼ି ହେଲେ । ଆନନ୍ଦ ଓ ରସ ଜଡ଼ାଜଡ଼ି ହେଲେ, ଭାବ ଓ ଲାଜ କଷାକଷି ହେଲେ, ହାବ ଓ ନୟନ ମିଶାମିଶି ହେଲେ । ଲୀଳାବିଳାସ ଦିଶିଗଲେ, ପ୍ରସନ୍ନ ସାଗର ଉଚ୍ଛୁଳିଲା । ବାଳାର ଏ ଅପରୂପ ସୌନ୍ଦର୍ଯ୍ୟ-ଯଶ-କୀର୍ତ୍ତି ଯେ ଶୁଣିଲା ସେ ମୋହିତ ହେଲା ।

ଯେଉଁ ଯଉବନୀଙ୍କ ଧରି, ଧରଣୀ ହୋଇଲା ଉଦ୍ଧରି ।
ତନୁ ତାର ମାପ ପ୍ରମାଣ, ଅଦଭୂତରେ ସେ ନମାଣ ।

ବ୍ରହ୍ମା ତାଙ୍କ ବାହନ ହଂସଙ୍କଠାରୁ ଶୁଣିଲେ ଯେ କେମା ଏବେ ତରୁଣକୁ ଖୋଜୁଛି ।

ଚତୁର ମୁଖ ଯେ ଚତୁର, ଜାଣିଲା ଆସନରୁ ତାର ।
ଏବେ ସେ ତରୁଣକୁ ଭଜେ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଯେ ।

ବ୍ରହ୍ମା ନିଜ ବାହନ ହଂସର ଦୁହିତାକୁ ମାନବରୂପ ଦେଇ ତାକୁ କାଦମ୍ବିନୀ ବୋଲି ନାମ ଦେଲେ ଏବଂ ସେ କୋଟିବ୍ରହ୍ମାଣ୍ଡସୁନ୍ଦରୀର ସଖୀ ହେବ ଏବଂ ମାଙ୍ଗଲ୍ୟାଙ୍କୁ ଭେଟାଇବ ବୋଲି କହି ଅନ୍ତର୍ଦ୍ଧାନ ହେଲେ । ହଂସ କାଦମ୍ବିନୀକୁ ଧରି ଆକାଶରେ ଉଡ଼ି ଉଡ଼ି ଚମ୍ପାବତୀ ପୁରକୁ ଯାଉ-ଥିଲା । ବାଟରେ ଶଚୀ ଓ ଶାରଦା କେମାର ପରମ ଶୋଭା ଦେଖି ମନରେ ପରାଜୟ ଭାବ ପୋଷଣ କଲେ । ଶଚୀଦେବୀ ସନ୍ଧ୍ୟାବେଳେ କେମାର ଲକ୍ଷଣ-

ରୂପ ଦେଖିବା ପାଇଁ ଲୁବ୍ଧ ହୋଇ ଯାଉଥିଲେ । ଶାରଦା ସୌନ୍ଦର୍ଯ୍ୟରେ ହାର ଯାଇ କେମାକୁ ବନ୍ଧ୍ୟା ଲକ୍ଷ ଦେଇଥିଲେ । ଶଚୀ ଓ ଶାରଦା—ଏ ଦୁଇ ଦେବୀ ସ୍ୱ ଅଂଶରୁ ଦୁଇ କାମିନୀ ଜାତକରି ସେ ଦୁହିଁଙ୍କୁ କେମାର ସଙ୍ଗୀ କରି ତା ପାଖରେ ରଖି ମନରୁ ଶଙ୍କା ଦୂର କରିବାକୁ ଇଚ୍ଛାକଲେ । ଶଚୀକଳା ଓ ବାଣିକା ନାମରେ ଏ ଦୁଇ କାମିନୀ ପରିଚିତ ହେଲେ । ହଂସ ଏ ଦୁହିଁଙ୍କୁ ନନ୍ଦ ଦୁହିତା କାଦମ୍ବିନୀ ସହିତ ଧରି ଚମ୍ପାନଗରୀରେ ପ୍ରବେଶ ହୋଇ ରାଜପ୍ରାସାଦରେ ଉପସ୍ଥିତ ହେଲେ । ବ୍ରହ୍ମାଙ୍କ ବାହନ ହଂସକୁ ପୂର୍ବରୁ ବଦରିକାଠାରେ ରାଜା ଚିହ୍ନିଥିଲେ । ହଂସଙ୍କ ପରାମର୍ଶ ଅନୁସାରେ ଏ ତିନ ମନୋହାରୀ ସମବୟସୀ ଯୁବତୀଙ୍କୁ କେମାଙ୍କର ସଖୀ ରୂପରେ ଅନ୍ତଃପୁରରେ ରଖିଲେ । କୌଶକୀ ନଦୀତଟର ଉପବନରେ କ୍ରୀଡ଼ା କରିବା ପାଇଁ ରାଜା କେମାଙ୍କୁ ସ୍ଥାନ ଦେଲେ ।

> କ୍ଷୀର ନୀରେ ମିଶିଲା ପରି, ସୁନ୍ଦରୀମାନେ ସହଚରୀ
> ନିଜ ମନକୁ ମିଶାଇଲେ, ରହସ୍ୟଭାବେ ରସାଇଲେ ।
> (୩୯ ଶ ପଦ । ୫ମ ଗ୍ରନ୍ଥ)

ଅତ ରସମୟ ବସନ୍ତ ସମୟ ପ୍ରବେଶ ହେଲା ଓ ସେ ମିତ୍ର ଅନଙ୍ଗଙ୍କୁ ପ୍ରବଳକରାଇ ଦୋଳଯାତ୍ରା ବେଳେ ଫଗୁଖେଳକୁ ଆରମ୍ଭିଲା । ବସନ୍ତ ଋତୁରାଜ ଥିବାରୁ ସଚରାଚର ଜୀବ, ଅଜୀବ, ପଶୁପକ୍ଷୀ ପ୍ରଭୃତି ଫଗୁଖେଳରେ ମନକୁ ମଜ୍ଜାଇଲେ । ସୂର୍ଯ୍ୟ, ଚନ୍ଦ୍ର, ବ୍ରହ୍ମା, ଇନ୍ଦ୍ର, କୁବେର, ଶିବ ପ୍ରଭୃତି ଦେବତାମାନେ, ଗନ୍ଧର୍ବ ଓ ଅପସରୀମାନେ ଏହି ଖେଳରେ ମାତିଲେ । ଚେତନାମୟ ବୃକ୍ଷ ଓ ଲତାମାନେ ମଧ୍ୟ ଏଥିରେ ଯୋଗଦେଲେ । ବସନ୍ତ ଋତୁର ରସମୟ ଭାବର ଅନୁକୂଳ ବୀଣା-ବାଦନ ଓ ବସନ୍ତ ରାଗରେ ଗାୟନ ମନୁଷ୍ୟ, ପଶୁ ଓ ପକ୍ଷୀ ସମସ୍ତେ ଆଚରିଲେ । ଯେହିଁ ବସନ୍ତ କାଳରେ ଚନ୍ଦନ କାଠ ତାପ ନାଶ କରିବା କାରଣରୁ ବନ୍ଦିତ ହୁଏ ଏବଂ ଦେବତାମାନେ ସ୍ୱର୍ଗରେ ଅତ୍ୟନ୍ତ ସୁଖଭୋଗ ଭିତରେ ରସମୟ ପତ୍ର ଲେଖନ୍ତି ସେହିକାଳର ପ୍ରଭାବରେ ନାୟକ ରାଜକୁମାର, ତାଙ୍କର ଦୁଇ ମିତ୍ର ବିଦ୍ୟାନିଧି ଓ ଯଶୋବନ୍ତ, ଦୁଇଜଣ

ତର୍କବିଦ ଓ ବାଗୀଶ୍ୱର ଓ ଅଦ୍‌ଭୁତପୁରୁଷ (ଚିତ୍ରପୁଂସ)ଙ୍କୁ ସଙ୍ଗରେ ନେଇ ଅଭିରାମ ଆରାମ ପାଇଁ ଉପବନକୁ ଗମନ କଲେ । ସେଠାରେ ବସନ୍ତର ଆବେଶରେ ଉପବନର ଶୋଭା ନିରୀକ୍ଷଣ କରି ତାର ପ୍ରଶଂସା ସଖାମାନଙ୍କ ମୁଖରୁ ଶ୍ରବଣ କରି ଆନନ୍ଦ ଉପଭୋଗ କରୁଥିବା ବେଳେ ସହଯାତ୍ରୀ ଜଣେ କବି ବସନ୍ତ-ପ୍ରଶଂସା ଛଳରେ ପୁଷ୍ପପୁର ରାଜକୁମାରୀର ପ୍ରସଙ୍ଗ କୌଶଳ-କ୍ରମେ ଉତ୍ଥାପନ କଲା । ସେ କହିଲେ, ଋତୁମାନଙ୍କ ଭିତରେ ବସନ୍ତ, ପୁରୁଷମାନଙ୍କ ଭିତରେ କନ୍ଦର୍ପ, ନଦୀମାନଙ୍କ ଭିତରେ ଗଙ୍ଗା ଓ ହସ୍ତୀମାନଙ୍କ ଭିତରେ ଐରାବତ ଶ୍ରେଷ୍ଠ ହୋଇଛନ୍ତି, ଯେପରି କି ପୁଷ୍ପପୁର ରାଜକୁମାରୀ ଶୋଭାରେ ଓ ଉତ୍ତମଗୁଣରେ ସୁନ୍ଦରୀମାନଙ୍କର ବନ୍ଦନୀୟା ହୋଇଅଛନ୍ତି ।

ସୁରଭି ପଣରେ ସୁରଭିଗୁଣରେ ସୁରେଭ-ପୁରେଶ-ନନ୍ଦନା
ଯେମନ୍ତ ମଉକାଶିନୀଙ୍କ ସୀମନ୍ତ-ମଣିଭୂଷା ହୋଇ ବନ୍ଦନା ।
ତେମନ୍ତ, ସୁରଭି ଋତୁରେ ପ୍ରଧାନ
ନଦୀରେ ଗଙ୍ଗା ପୁରୁଷେ ମନସିଜ ଗଜେ ଇନ୍ଦ୍ର ଗଜ ବିଧାନ ।
(୧୯ ପଦ ୬ଷ୍ଠ ଛାନ୍ଦ)

କବି ଦୁହେଁ ପୁଷ୍ପପୁର ରାଜକୁମାରୀଙ୍କ ଅଭୂତପୂର୍ବ ଶୋଭା ଓ ସଦ୍‌ଗୁଣା-ବଳୀ ବର୍ଣ୍ଣନା କରିବାରୁ ମନ୍ତ୍ରୀପୁତ୍ର ସେମାନଙ୍କୁ ପଚାରିଲେ, "ଏ ସୁକାନ୍ତିର ତୁଳନାବର କାହିଁ ?" କବିଦୁହିଙ୍କର ଉଚିତ ଉତ୍ତର ରାଜପୁତ୍ରଙ୍କ ଚିତ୍ତକୁ ଭୁଲାଇ ନେଲା । ସେ ବିଷୟରେ ଆତୁରତା ବୃଦ୍ଧି ପାଇବାରୁ ସେ ଅନ୍ୟାନ୍ୟ ବିଷୟବାସନା ତ୍ୟାଗକଲେ । ମାଧବୀମଣ୍ଡପରେ ବସିଲେ । କବିମାନଙ୍କୁ ମନ୍ତ୍ରୀପୁତ୍ର ପ୍ରଶ୍ନକଲେ, "ଯାହା କହିଲ, ସେ ସବୁ ସତ୍ୟ ନା କବିତାର ଋତୁରୀ ? ସତେ କଣ ସେପରି ସୁନ୍ଦରୀ ଜନ୍ମଗ୍ରହଣ କରିଛୁ ? ଶୁଣିଛ କି ଦେଖିଛ କି ?" ସେ ଦୁହେଁ ଉତ୍ତର ଦେଲେ, "ମିଥ୍ୟା ପ୍ରକାର ଚମତ୍କାର ଯେତେକ ତା ଯୋଗ ସତ୍ୟକୁ ଆସିଲେ ।" (୬ଷ୍ଠ ଛାନ୍ଦ) କବିଦୁହେଁ କୁମାରୀର ଶୋଭା ବର୍ଣ୍ଣନା କରି ଉପସଂହାର କଲେ—ବିଧାତା ସାର ଭାଗରେ ନୃପକେମାକୁ ନିର୍ମାଣ କରି ଅସାର ଭାଗରେ ଉପମାମାନଙ୍କୁ ନିର୍ମ୍ମାଣ କଲା ।

"ସାର ଭାଗ କଲ ନୃପ-ଜେମାକୁ । ଅସାର ଭାଗ କଲ ଉପମାକୁ ।"
(୭ମ ଛାନ୍ଦ । ୨୭ଶ ପଦ)

ରାଜକୁମାରୀର ଛବିକୁ ବର୍ଣ୍ଣନା କରିଥିବା କବି ଦୁହିଁଙ୍କୁ ରାଜକୁମାର ପ୍ରସନ୍ନ ହୋଇ ସୁବର୍ଣ୍ଣ, ବସ୍ତ୍ର ଓ ହଉଦାଯୁକ୍ତ ଉପହାର ଦେଲେ । କବିବର୍ଣ୍ଣନାଦ୍ୱାରା ରାଜକୁମାର ସେହି ସୁନ୍ଦରୀକୁ ସ୍ପର୍ଶକଲାପରି ମନରେ ଆନନ୍ଦ ଉପଭୋଗ କଲେ ।

ଛବିଙ୍କି ବର୍ଣ୍ଣିଲ କବିଙ୍କି ତହିଁ, ଅନେକ କନକ ସ୍ନାନ କରାଇ ।
ବସନେ ବସନେ ଦେଇ ପ୍ରସନ୍ନେ, ସ୍ପରଶ ଭାବିତ ହରଷମନେ ସେ ।
(୧ମ ପଦ । ୮ମ ଛାନ୍ଦ ।)

କୁମାର ମନରେ ଭାବି କହିଲେ, "ସତେ ଏପରି ସୁନ୍ଦରୀ ଅଛି ?" ସେ ଭାବିଲେ, ବିଧାତାଙ୍କର ବିଧାନରେ କିଛି ଅସମ୍ଭବ ନୁହେଁ । ପୁଣି କହିଲେ, "ଏ ନିଶ୍ଚୟ କବିଚାତୁରୀ । କେବେ ସତ୍ୟ ନୁହେଁ ।" ଏକଥା ଶୁଣି ଅଦ୍‌ଭୁତ ପୁରୁଷ (ମନ୍ତ୍ରୀ) କହିଲେ, "ଚମ୍ପାନଗରୀର ରାଜଜେମା କୋଟିବ୍ରହ୍ମାଣ୍ଡସୁନ୍ଦରୀ ଦେହ ଧରି ଜନ୍ମ ହୋଇଛି । ହେ କୁମାର, ସନ୍ଦେହ ନକର ।" ମନ୍ତ୍ରୀ ଜେମା ସୌନ୍ଦର୍ଯ୍ୟର ଭୂୟସୀ ପ୍ରଶଂସା କଲେ । କବି ବାଗୀଶ୍ୱର ଏ ପ୍ରସଙ୍ଗରେ କହିଲେ, ସେ ସୁନ୍ଦରୀ ବିଷୟରେ ଏପରି ଭାବରେ ବାକ୍ୟପ୍ରୟୋଗ ବିଧେୟ—

ସୁସ୍ୱର କରି ବାଗୀଶ୍ୱର ଭଣି, ପ୍ରୟୋଜନ ଏହି ପ୍ରୟୋଗ ଶ୍ରେଣୀ ।
କେଳିପ୍ରବୀଣା ବୀଣାଜିଣାବାଣୀ, ଖଞ୍ଜନଗଞ୍ଜନ ରଞ୍ଜନେକ୍ଷଣୀ ।
ସୁରସ ନିଧି ନିଧି ପ୍ରତିମା, ଗୁଣନାଗରୀ ନାଗରୀ ପ୍ରତିମା । ୧୩ ।
ସଂସାରସାର ଲାବଣ୍ୟ ସଦନା, କୁନ୍ଦହୀରା କୁନ୍ଦଜିତ ରଦନା ।
ସର୍ବକାଶ କାଶ ନନ୍ଦିତହାସୀ, ରଜତ ରାଜୀବ ଜିତ ସୁହାସୀ ।
ନବୀନାଠାରେ ଏ ବିନା ଉକ୍ତି, ଶୋଭିତ ଲୋଭିତ କେବେ ନୁହନ୍ତି ।୧୪।
(୮ମ ଛାନ୍ଦ)

ମହାକୋବିଦ ତର୍କବିଦ ମଧ୍ୟ ସେହି ଶ୍ଳୋକର ପ୍ରଶଂସା କଲେ । ଭାଟ କହିଲା, "ଏହି କନ୍ୟାକୁ ପତ୍ନୀରୂପେ ଲାଭ କରିବା ଦୁର୍ଲ୍ଲଭ, କିନ୍ତୁ ପ୍ରସନ୍ନଦର୍ଶନ ସୁଲଭ ଅଟେ ।" ଏଥିରେ ଉତ୍ସାହିତ ହୋଇ ପୁରୋହିତପୁତ୍ର ମନ୍ତ୍ରୀଙ୍କୁ କହିଲେ, "ବିଧାତା ନଥିଲା କଥାକୁ ଥିଲା କଲା । ପଦ୍ମ କେଉଁଠାରେ ଉତ୍ପତ୍ତି ହୋଇଛି ? ଶ୍ରୀପଦ୍ମକୁମର (କନ୍ଦର୍ପ, ରାଜକୁମାର) ଥିଲେ ଅବା ବର ହୁଅନ୍ତେ । କନ୍ଦର୍ପ ତ ଅଦେହୀ, ତେବେ ବର କିଏ ହେବ ? ଏହି ରାଜପୁତ୍ର କି ?" ପୁରୋହିତପୁତ୍ରଙ୍କ ଶ୍ଳେଷବାକ୍ୟର ମର୍ମକୁ ଗ୍ରହଣକରି ମନ୍ତ୍ରୀ ମସ୍ତକକୁ ଗୁଳି ନଗୁଳିଲା ପରି ହୋଇ ରହିଲେ । ରାଜକୁମାର ଆତୁର ହୋଇ କହିଲେ, "କି ଉପାୟରେ ତାଙ୍କୁ ଦେଖିବା ଓ ତାଙ୍କ ସହିତ କଥାବାର୍ତ୍ତା କରିବା ?" ମନ୍ତ୍ରୀ ଏହା ସମ୍ଭବ ବୋଲି କହିଲେ । (୮ମ ଛାନ୍ଦ)

ଜଣେ ବିଦୂଷକ ନାନା ରଙ୍ଗରେ ବେଶ ହୋଇ ହେଠରେ ପ୍ରବେଶ ହେଲା ଏବଂ ରାଜକୁମାରଙ୍କୁ କହିଲା, "ତୁମ୍ଭେମାନେ ଯେଉଁ ବିଷୟରେ କଥାବାର୍ତ୍ତା ହେଉଥିଲ ତାହା ମୁଁ ଶୁଣିଅଛି । ମୋ ଛଡା ସେ ରାଜକନ୍ୟାକୁ ଆଉ କିଏ ଦେଖାଇ ପାରିବ ବୋଲି ମନରେ ଆଣୁଛ ?" ପୋଟା (ଚିତ୍ରହଂସ) କୁମାରୀର ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କଲା । ଏ ବର୍ଣ୍ଣନା ଶୁଣି ସହଯାତ୍ରୀମାନେ କେତେ ହସିଲେ, କେତେ ପ୍ରଶଂସା କଲେ । କୁମାରର ଚିତ୍ତ ଏଥିରେ ତରଳି ଗଲା, କନ୍ଦର୍ପର ମାରଣ ଉଦ୍ୟମ ଆରମ୍ଭ ହେଲା ।

ଶ୍ରବଣେ ଚିତ୍ତ ଗଲା ଦ୍ରବଣ ହୋଇ,
ମାର ମାରଣ ଉଦ୍ୟମ ଆରମ୍ଭ ତହିଁ । ୨୦ । (୯ମ ଛାନ୍ଦ)

ରାଜକୁମାର କାମଶରରେ ବିଦ୍ଧହୋଇ ଉଦ୍‌ବିଗ୍ନ ହେଲେ । ପୋଟାକୁ କୁମାର ପଚାରିଲେ, "ତୁମେ କିଣ ଜାଣ ?" ଉତ୍ତରରେ ପୋଟା କହିଲା, "ମୁଁ କନ୍ଦର୍ପିନୀ ଯାଇଥିଲି । ସେଠାରେ କାତ୍ୟାୟନୀଙ୍କୁ ଦେଖିଲି । ସେ କୁମାରୀର ବେଶ ଓ ବର୍ଣ୍ଣନା କରିଥିଲେ । ସେ ଧନକୁ କୁମାରୀକୁ ଯୌବନ ସେବନ କରୁଥିଲା । କାତ୍ୟାୟନୀ (ଅର୍ଦ୍ଧବୃଦ୍ଧା ବିଧବା, ଗୈରିକ-

ବସନ୍ତ-ପଣ୍ଡିତା ) ଯେପରି ଦ୍ରବ୍ୟ ଶୋଭାର ବର୍ଣ୍ଣନା କରିଥିଲେ ତାହା ପୋଷା ତାହାର ପୁନରାବୃତ୍ତି କଲା । କୁମାର ଜେମାକୁ ଦେଖିବା ପାଇଁ ବ୍ୟଗ୍ରତା ପ୍ରକାଶ କରିବାରୁ ପୋଷା କହିଲା, "ତାକୁ ଦେଖାଇ ଦେବା ଆମର ଆୟତ୍ତ । କିନ୍ତୁ ତା'ଠାରେ ତୁମ ପ୍ରତି ପ୍ରସନ୍ନ-ହୃଦୟ କରାଇବା ତୁମ ଉଦ୍ୟମ ଉପରେ ନିର୍ଭର କରିବ ।"

ଆମ୍ଭ ଆୟତ୍ତ ଏତେକ ଦର୍ଶନ ଦେବା,
ତୁମ୍ଭ ଉଦ୍ୟମ ହୃଦୟ ପ୍ରସନ୍ନ ହେବା । ( ୪୬।୯ମ ଛାନ୍ଦ )

ପୁଣି ଚନ୍ଦ୍ରହଂସ କହିଲେ, "ମନ୍ତ୍ରବଳରେ ଶୀଘ୍ର କୁମାରୀର କେଳି ଉପବନକୁ ନେଇଯିବ ।" ( ୯ମ ଛାନ୍ଦ )

ଚୈତ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ ଦିନ (ହରିହର ମେଳଣ — ଅଶୋକାଷ୍ଟମୀ) ରାଜଜେମା ସଖୀମାନଙ୍କୁ ଡାକି ପଶା ଖେଳିବାକୁ କହିଲା । ସଖୀମାନେ ନାନା ହାସପରିହାସରେ ତା'ର ମନକୁ ମଜାଇଲେ; ତାର ରୂପ ଯୌବନ ଅଲୌକିକ ଥିବା ପ୍ରତିପାଦନ କରି ତାର ରସପୂର୍ଣ୍ଣ ଯୌବନକୁ ଆହୁରି ରସପୂର୍ଣ୍ଣ କଲେ । କିଛି ସମୟ ରହସ୍ୟମୟ ଆଳାପରେ କଟାଇ ସଖୀମାନେ ଜେମାଙ୍କୁ ସଙ୍ଗରେ ଧରି ମାଙ୍ଗଲ୍ୟା ଥିବା ଉପବନକୁ ଗଲେ । ମାଙ୍ଗଲ୍ୟାଙ୍କୁ ଜେମା ଓଳଗି ହେବା କ୍ଷଣି ସେ କଲ୍ୟାଣ କଲେ, "ମଦନର ଗର୍ବ ହତ କରିବାକୁ ଯେଉଁ ପୁରୁଷ ଜନ୍ମିବ, ତାର ଶୋଭାଙ୍ଗୀ ହୋଇ ସୌଭାଗ୍ୟବତୀ ହୁଅ ।" ସଖୀମାନଙ୍କ ପ୍ରଶ୍ନରେ ମାଙ୍ଗଲ୍ୟା ଉତ୍ତର ଛଳରେ କହିଲେ ଯେ ଜେମାର ଯୋଗ୍ୟ ହେବା ପାଇଁ ବର ଏ ମର୍ତ୍ତ୍ୟରେ ଅଛି । ମାଙ୍ଗଲ୍ୟାଙ୍କ ନିକଟରେ ଅବଧୂତ ଥିଲେ, ସେ କହିଲେ, "ପାଟଳୀପୁରର ରାଜକୁମାର ପୁଷ୍ପକେତୁ ସୂର୍ଯ୍ୟୋପରାଗ ଦିନ ସ୍ନାନ ଓ ଦାନ କରିବା ପାଇଁ ପୁଷ୍କର ତୀର୍ଥକୁ ସରାଗରେ ଯାଇଥିଲେ । ସେ ଏକ ଅନୁପମ ଯୁବକ । ସେଠାରେ ସମସ୍ତଙ୍କର ମନ ମଜାଇ ନେଲେ । ତାହାଙ୍କୁ ପୁଷ୍ପକେତୁ ନାମ ଶୋଭୁଛି । ଏହି ସୁନ୍ଦରୀ ଜେମାକୁ ପାଇଲେ ତୁମ୍ଭେ ଉପଯୁକ୍ତ ଦମ୍ପତି ହେବେ ।" ଏହା କହି ରାଜଜେମା ଆଡ଼କୁ ଅଙ୍ଗୁଳି ଦେଖାନ୍ତେ ଉତ୍ପଳତକା ଜେମା ସେହିକ୍ଷଣି ଆନନ୍ଦରେ ରୋମାଞ୍ଚିତ ହେଲେ ।

ବୋଲି ଦେଖାଉଁ ଯେ କରକୁ କରକ-ବୀଜ-ବଜୀତ-ଦଶନାର
ପୁଲକ ଅଙ୍କୁର ମୁକ୍ତରେ ଯା ଧିକ କରେ କପୋଳ ତତପର ।
ନିପ କୋରକ । ଧଇଲାକ ରସ ଲଉକା ।
କୁମ୍ଭାରେ ଅଧର ଏହୁ ଶୋଭା ଧରେ ଫୁଟେ ଅବା ଜବାକଳିକା ।
(୨୫ ପଦ । ୧୦ମ ଛାନ୍ଦ )

ପ୍ରେମାବେଶରେ ଓ ମନର ପ୍ରଫୁଲ୍ଲତାରେ କୁମାରୀର ସମସ୍ତ ଶରୀର ରସାପ୍ଳୁତ ହେଲା । ପୁଲକରେ ସର୍ବାଙ୍ଗ ଅଙ୍କୁରିତ ହେଲା । ସ୍ୱେଦୋଦ୍ଗମ ହେବାରୁ ସୁନ୍ଦରୀର କପୋଳ ଦର୍ପଣକୁ ବଳି ଦୀପ୍ତିମନ୍ତ ହେଲା । ରସଲଉକା କଦମ୍ବ କଳି ଧାରଣ କଲା ପରି ଦଶିଲା । କୁମ୍ଭା ଯୋଗୁଁ ଅଧର ଜବା କଳିକାର ଶୋଭା ଧାରଣ କଲା ?

ମାଙ୍ଗଲ୍ୟା କହିଲେ, ସେ କୌଣସି ପ୍ରକାରେ ହେଉ କୁମାରଙ୍କୁ ଦେଖା କରାଇ ଦେବେ । ସଖୀମାନେ ପରିହାସରେ କହିଲେ—

ଦେଖାଇବ ଏକା ଲେଖାଇବ ନାହିଁ ତାଠାରୁ ବନସ୍ତ ପତର,
ଲେଖାଇବ ଯେବେ ବନସ୍ତ ପତ୍ରିକା ରଖାଇବ ଏକା ପାଶର ।
( ୨୭ଶ ପଦ । ୧୦ମ ଛାନ୍ଦ )

ଏହି ସମୟରେ ଶାରଦା ମାଙ୍ଗଲ୍ୟା ଓ ଚନ୍ଦ୍ରହଂସଙ୍କ ମନରେ ପ୍ରବେଶ କରି ମାୟା ରଚନା କଲେ । ଏ ଦୁହେଁ ନାୟକ-ନାୟିକା ଭେଟ ବିଷୟରେ ଆବେଗିତ ହେଲେ । ଏହି ଆବେଶ ଅବସ୍ଥାରେ ଦୁହେଁ ଦେବବାଣୀ ଶୁଣିଲେ, "ମନୋରଥ ସିଦ୍ଧ ହେବ" ( ମନୋରଥ ସିଦ୍ଧିରସ୍ତୁ) ।

ସେହି ଦୁହିଙ୍କି ଶୁଭିଲା ଦଇବ ବଚନ,
ବାଳକ ପ୍ରଥମ ପଢ଼ା ଗୁରୁବର୍ତ୍ତି ମନୋରଥ ପଛେ ବିଧାନ । ୨୮ ।
( ୧୦ମ ଛାନ୍ଦ )

ଏହା ପରେ ମାଙ୍ଗଲ୍ୟା ରାଜପୁତ୍ରୀଙ୍କୁ ଓ ଚନ୍ଦ୍ରହଂସ ରାଜପୁତ୍ରଙ୍କୁ ସ୍ୱ ସ୍ୱ ପୁରକୁ ପ୍ରେରଣ କଲେ । ( ୧୦ମ ଛାନ୍ଦ )

ଅଥ ଚତୁର ଯୁବକ ଯୁବତୀ ଦୁହେଁ ପରସ୍ପରଙ୍କୁ ଦେଖିବା ପାଇଁ ଆତୁର ହୋଇ ବସି ବସି ରାତ୍ରି ଯାପନ କଲେ । ଉଭୟେ ପରସ୍ପରଙ୍କୁ ବିକ ହେଲେଣି ବୋଲି ଭାବିଲେ । ପରସ୍ପରର ରୂପ ଲାବଣ୍ୟକୁ ମନରେ କଳ୍ପନା କରି ଆନନ୍ଦ ଉପଭୋଗ କଲେ ।

ଉଭୟେ ପରସ୍ପରଙ୍କୁ ମନରେ କଳ୍ପନା କରି ଭାବିଲେ—

ଦରଶନ କଲାବେଳେ ସେ ଶୋଭାଶ୍ରେଣୀକି,
ଯେଣିକି ମୁଁ ଗୃହୁଁ ଦେଉଥିବଟି ତେଣିକି,
ଧଶି ଯାଉଥିବ ମୋତେ,
ନିଶି ନିଦ୍ରାବେଳେ ତ ଦେଖିବ ସେହିମତେ । ୧୨ ।

ଗୁଣିବା ଶୁଣିବା ହୋଇ ହେବ ସେ ଚରିତ,
ଭଣିବାକୁ ସେହିକଥା ହୋଇବ ତ୍ୱରିତ,
ଆହା ତନମୟ ରସ,
ବେଳେ ବେଳୋ ଜାତ କରୁଥିବ ସେ ହରଷ । ୧୩ ।

( ୧୧ଶ ଛାନ୍ଦ )

ରାତ୍ରି ପାହିବାରୁ ସଖୀମାନେ ରାଜଜେମାକୁ ବିଭିନ୍ନ ସୁନ୍ଦର ଅଳଙ୍କାରରେ ବିଭୂଷିତ କଲେ । ଅଳଙ୍କାରରେ ମଣ୍ଡିତ ହେବାରୁ ସୁନ୍ଦରୀର ରୂପ ମାଧୁରୀ ବହୁ ଗୁଣରେ ବର୍ଦ୍ଧିତ ହେଲା ଏବଂ ସଖୀମାନେ ହାସ ପରିହାସ ଓ ପ୍ରଶଂସା ଛଳରେ ଏହାଙ୍କୁ ସମୁଚିତ ଉପମା ପ୍ରୟୋଗ କରି ବର୍ଣ୍ଣନା କଲେ । ଜେମାର ମନରେ କଳ୍ପନା ଓ ପୁରୁଷ ପ୍ରତି ଅନୁରାଗ ଜାତହେଲା । ଏହି ସମୟରେ ଏକ ଜଟିଳା ( ତପସ୍ୱିନୀ ) ସେଠାରେ ଉପସ୍ଥିତ ହୋଇ ଜେମାଙ୍କୁ କହିଲା, "ମାଙ୍ଗଲ୍ୟା ତୋଠାରେ ତୋଷମତି ହୋଇ ତୋତେ ଚତୁର ପୁରୁଷ ସଙ୍ଗରେ ସାକ୍ଷାତ କରାଇବା ପାଇଁ ଆଦେଶ କରିଛନ୍ତି । ଏଥିପାଇଁ ମୋତେ ସେ ପେଷିଛନ୍ତି , ମୋ ସାଙ୍ଗରେ ଏବେ ବିଜେକର ।"

ଏତିକ କହୁଁ କହୁଁ ସମସ୍ତେ ଚାହୁଁ ଚାହୁଁ କପର ସୁରଙ୍ଗରେ କପଟ ହେଲା ଯେ ମାଙ୍ଗଲ୍ୟାଙ୍କ ଉପବନର ଅଟ୍ଟାଳିକାର ମଧ୍ୟପୀଠାସନରେ ରାଜଜେମା ତିନି ସଖୀଙ୍କ ସହ ପ୍ରବେଶ କଲେ । ସେମାନେ ସ୍ୱପ୍ନ ଦେଖିଲା ପରି ଦେଖିଲେ, ଉପାଧ୍ୟାୟୀ ଉପାୟ ପ୍ରଭାବରେ ସେ ପୁରକୁ ମଣ୍ଡି ଅଛନ୍ତି ଏବଂ ସେଠାରେ ବାହୁରୁଛନ୍ତି ।

ତେଣେ ଅଦ୍‌ଭୁତ ପୁରୁଷ ମାୟାବଳରେ ଦୁଇବନ୍ଧୁଙ୍କ ସହ ରାଜକୁମାରଙ୍କୁ ବିମାନରେ ବସାଇ ନିପଳରେ ସେ ବନରେ ପ୍ରବେଶ କଲେ । ଘୋଡାକୁ ମଧ୍ୟ ସେଠାରେ ଉପସ୍ଥିତ କରାଇଲେ । ଏହିଠାରେ ରାଜକୁମାର ରସନିଧି ସୁନ୍ଦରୀର ଦର୍ଶନ ଲାଭ କଲେ । ଉଭୟେ ପରସ୍ପରର ରୂପ ମାଧୁରୀରେ ମୁଗ୍‌ଧ ହେଲେ । ଦୁହେଁ ଦୁହିଁଙ୍କୁ ଚାହିଁଲେ, ଅନ୍ୟ କେଉଁଆଡ଼କୁ ମନ-ନେତ୍ର ଗଲା ନାହିଁ,—ପରସ୍ପର ପ୍ରତି ସ୍ନେହ ଉପୁଜିଲା । ଉଭୟେ ପରସ୍ପରର ଦିବ୍ୟ ଶୋଭା ଦେଖି ଚକିତ ହୋଇଗଲେ ଓ ଦେହ ସ୍ଥକିତ ହୋଇଗଲା । ସେ ଯୁବା ଓ ରାମାଙ୍କ ହାସରେ କିଛି ଝଲକ ରହିଲା କିନ୍ତୁ ନେତ୍ରର ପଲକ ପଡ଼ିଲା ନାହିଁ । ଏ ଦର୍ଶନରେ ଦୁହେଁ ଏତେ ତନ୍ମୟ ହୋଇପଡ଼ିଲେ ଯେ ଏ ଚିତ୍ର କି ସତ୍ୟ କିଛି ବୁଝିପାରିଲେ ନାହିଁ ।

ଚାହୁଁ ଦୁହେଁ ଦୁହିଁଙ୍କି          ମନନେତ୍ର କାହିଁକି  
ନଯାଇ ଉପୁଜାଇ ସ୍ନେହ,  
ଅଲେକିତ ଲେକିତ          ବର୍ଣ୍ଣୁ ଭଜି ଚକିତ  
ସ୍ଥକିତ ହୋଇଗଲା ଦେହ ସେ ।  
ଯୁବା ରାମା,  
ହାସେ ଝଲକ କିଛି ରହୁ          ହାସେ ପଲକ କିଛି ନାହିଁ ।  
ନାସେ ଶ୍ୱାସ ରହିଲ          ନାଶେ ମାର ତାହିଲା  
ମୂର୍ଚ୍ଛା ମୂର୍ଚ୍ଛିତ ଗଲା କାହିଁ ସେ । (୨୪ । ୧୩ଶ ଛାନ୍ଦ)

ଉଭୟେ ପରସ୍ପରକୁ ଚହ୍ନିଲେ, ମନରୁ ଚିତ୍ରର ସନ୍ଦେହ ଦୂର ହେଲା । ପରସ୍ପର ପ୍ରତି ସ୍ନେହ ଜନ୍ମିବାରୁ କାମ ବିକାର ସଞ୍ଚରିଲା ।

ଯୁବା ରାମା, କୁମାର ଭାବେ ଏ କୁମାରୀ,
ନେମା ଜାଣେ ନୃପଜ କରି,
ଗଲା ସନ୍ଦେହ ଦେହବନ୍ତ ଏ ଜନ୍ମି ହେନ୍ନ
ବିଦେହ-ବିକାର ସଞ୍ଚରେ ହେ । (୨୭ । ୧୩ଶ ଛାନ୍ଦ)

ରାଜକୁମାର ଭାବିଲା —

ଅମୂଲ୍ୟ ରାମାରତନ, ହରଷ ରସ ଯତନ
କେଉଁକାଳେ କେତେ ପୁଣ୍ୟ କରିଥିଲି
ସେ ଭାଗ୍ୟ ନେତ୍ର ପତନ । (୫୫ । ୧୪ଶ ଛାନ୍ଦ)

ରାଜକୁମାରୀ ଭାବିଲା, "ଏ ସଂସାରରେ କାମ ଦୁଇଜଣ ଥିଲେ କି ? ଜଣେ ଅତନୁ ଅଦେହ, ଜଣେ ସୁତନୁ ସୁନ୍ଦର ଦେହଧାରୀ ।"

ଦେଖି ରାମା କୁମାର ସୁଷମାକୁ ଭାଳିଲା
ଅତନୁ ସୁତନୁବନ୍ତ ବେନି କାମ ଥିଲା ଯେ । (୧ । ୧୫ଶ ଛାନ୍ଦ)

ରାଜକୁମାରୀ ଚିତ୍ତରେ କୁମାରର ସୁଷମାକୁ ବର୍ଣ୍ଣନ କରୁଁ କରୁ କୁମାର ନିକଟ ନିକଟ ହୋଇ ପ୍ରକଟ ହେଲା । କୁମାରୀ ସଖୀ କରରେ ହାତଭରି ଦେଇ ପାହାଚେ ପାହାଚେ ଅଟ୍ଟାଳିକାରୁ ଓହ୍ଲାଇଲା ।

ଏମନ୍ତେ ବର୍ଣ୍ଣରୁ ଗୃରୁଜଘନା ଚିତ୍ତର,
ହୋଏ ନିକଟ ନିକଟ ପ୍ରକଟ କୁମର ଯେ । ୭ ।
ପାବଚ୍ଛେ ପାବଚ୍ଛେ ମହାମନ୍ତ୍ରନା ଓହ୍ଲାଇ,
କର ପଇଠି ବିମ୍ବୋଷ୍ଠୀ ସଖୀକରେ ଦେଇ ଯେ । ୮ ।
(୧୫ଶ ଛାନ୍ଦ)

ନାଗର, ନାଗରୀର ସୁଷମାକୁ ପ୍ରଶଂସା କରି କରି ନିକଟକୁ ନିକଟକୁ ଯାଉଛି ଏବଂ ଆଉ ଗୃଢ଼ବାକ୍ୟ କହିବାକୁ କର ଯୋଡ଼ୁଛି । ଏହି ସମୟରେ ବିଦ୍ୟୁତ୍‌ବର୍ଣ୍ଣୀ ସୁନ୍ଦରୀ ସୁବର୍ଣ୍ଣ ନିର୍ମିତ ଚମ୍ପାମାଳକୁ କାଢ଼ି କଣ୍ଠାଦିଗୁରୁରି ରଚନା କରି ସଖୀ ହାତରେ ଦେଲା । ଏହି ସମୟରେ ମାଙ୍ଗଳ୍ୟା, ଅବଧୂତୀ, ଉପାଧ୍ୟାୟୀ,

ପୋଛା ଓ ଚନ୍ଦ୍ରହଂସ ସେଠାରେ ପ୍ରବେଶ ହେଲେ । କୁମାରୀ କୁମାରକୁ ମାଳା ଉପହାର ଦେଲା ଏବଂ କୁମାର କୁମାରୀକୁ ପଦକ ଉପହାର ଦେଲା । ଉଭୟେ ଉପହାରକୁ ହୃଦୟରେ ଧାରଣ କରି ପରମ ଆନନ୍ଦ ଉପଭୋଗ କଲେ । ଏପରି ବରଣ ମହୋତ୍ସବ ପୂର୍ଣ୍ଣ ହେବାପରେ ପରସ୍ପରକୁ ଆଶ୍ଳେଷ କଲେ । ପରସ୍ପରକୁ ପରସ୍ପର ଲଭି କରି ଭରସା ସହକାରେ ବସିଗଲା । ଯୋଗୀ ଓ ଯୋଗିନୀଙ୍କ କରଣୀକୁ ଦୁହେଁ ପ୍ରଶଂସା କଲେ ।

ଏହି ସମୟରେ ଯୋଗୀ (ଚନ୍ଦ୍ରହଂସ) ଓ ଯୋଗିନୀ (ମାଙ୍ଗଲ୍ୟା) କୌଶଳ ଯୋଗେ ପୂର୍ବର ମାୟାକୁ ସଂହାର କଲେ । ଦେଖୁ ଦେଖୁ ଦୁହିଁଙ୍କର ଦର୍ଶନ ଅଦୃଶ୍ୟ ହୋଇଗଲା । ରାଜକେମା ସଖୀଙ୍କ ସହ ନିଜ ପୁରରେ ପ୍ରବେଶ ହେଲେ ; ରାଜପୁତ୍ର ମଧ୍ୟ ସଖାମାନଙ୍କ ସହ ସ୍ୱସ୍ଥାନକୁ ବାହୁଡ଼ିଲେ । ଦୁହେଁ ଦୁହିଁଙ୍କୁ ମନରେ ଚିନ୍ତା କରି କରି କାମଜ୍ୱରରେ ପୀଡ଼ିତ ହେଲେ ।

(୧୫ଶ ଛାନ୍ଦ)

କୁମାରୀ କୁମାରଠାରେ ନିରନ୍ତେ ଆଶା ରଖି ବିରହ ଦଶା ଭୋଗକଲା ଏବଂ ସେ କ୍ଷୁଧାତୃଷା ଦୂର କରିଦେଲା । କୁମାର ମଧ୍ୟ କନ୍ଦର୍ପ ମାରଣରେ ତାପୀ ହୋଇ କୁମାରୀର ଦର୍ଶନ ଯୋଷିହେଲା । କୁମାର ପ୍ରତିକ୍ଷଣରେ ଯେଉଁଣେ ଗୁହିଁଲେ ସେଣେ ତାଙ୍କ ନୟନରେ କୁମାରୀର ଛବି ଦେଖାଗଲା । (୧୬ଶ ଓ ୧୭ଶ ଛାନ୍ଦ)

ମଧୁର ମାଧବ (ବସନ୍ତ) ଋତୁ ଯାଇ ବିଷମ ଗ୍ରୀଷ୍ମ ଉପସ୍ଥିତ ହେଲା । ଏହି ନିର୍ଦ୍ଦୟ କାଳ ଉଦିତ ହେବାରୁ ନୀରଜାନନୀ ରାଜକନ୍ୟା ପଲଙ୍କେ ମାନି ପଲଙ୍କରେ ନିରହି ଭୂମିକୁ ଶଯ୍ୟା କଲା । ପ୍ରିୟ ପଦ୍ମନୟନାର ଏ ଅବସ୍ଥା ଦେଖି ସଖୀ କାଦମ୍ବିନୀ ଓ ବାଣିକା ଅତି ବିକଳ ହୋଇ ଲୋତକ ତ୍ୟାଗ କଲେ । ରାଜକନ୍ୟା ବିରହ ଜ୍ୱରରେ ପୀଡ଼ିତ ହୋଇ ଦେଖୁ ଦେଖୁ ବିବର୍ଣ୍ଣ ହେଲେ । ଅଷ୍ଟସାତ୍ତ୍ୱିକ ଭାବ ଦୁଃଖରେ ପ୍ରକଟ ହେଲା । ବିରହିଣୀ ପଦ୍ମପତ୍ରରେ ମୁହଁମାଡ଼ି ରୋଦନ କରି ଦିନ କାଟିଲେ ।

ଏଣେ ମନ୍ତ୍ରୀଙ୍କ ସ୍ତ୍ରୀ ବୈଦ୍ୟଙ୍କ ସ୍ତ୍ରୀ ସହିତ ବନମାର୍ଗରେ କୌଶିକୀରେ ସ୍ନାନ କରିବାକୁ ଯାଇଥିଲେ । ବାଟରେ ବିରହିଣୀ ନାରୀର ଶଯ୍ୟୋପଗୃହ ଓ ଲକ୍ଷଣ ସେଠାରେ ଦେଖି ଏହା ରାଜକେମାର ବୋଲି ଜାଣିଲେ । ଉପାଧ୍ୟାୟୀଙ୍କ ସଙ୍ଗେ ସଙ୍ଗେ କେମାଙ୍କଠାକୁ ପଠାଇଲେ । ସେତେବେଳେ ସଖୀମାନେ କେମାର ବିରହଜ୍ୱାଳା ନିବାରଣ କରିବା ପାଇଁ ପଦ୍ମପତ୍ରଶଯ୍ୟା, ଚନ୍ଦନ ପ୍ରଭୃତି ଉପକରଣ ସଜାଉଥିଲେ । ଏହାଙ୍କୁ ଦେଖି ସେମାନେ ସବୁ ଲୁଚାଇ ଦେଲେ । ଉପାଧ୍ୟାୟୀ କହିଲେ, "ମୁଁ ସବୁ ଜାଣିଲିଣି । କେମା ପୁଷ୍ପକେତୁଙ୍କୁ ଦେଖିବା ପରେ କନ୍ଦର୍ପ ପୀଡ଼ାରେ ଅବଶ ହୋଇଛି । କୁମାର ମଧ୍ୟ ଏହିପରି ବିରହ ଅବସ୍ଥା ଭୋଗ କରୁଥିବ । ଉପାଧ୍ୟାୟୀ କେମାର ଏ ଅବସ୍ଥା ମନ୍ତ୍ରୀ-ସ୍ତ୍ରୀଙ୍କୁ କହିଲେ ଏବଂ ମନ୍ତ୍ରୀ-ସ୍ତ୍ରୀ ତାଙ୍କ ସ୍ୱାମୀଙ୍କୁ କହିଲେ । ମନ୍ତ୍ରୀ ଶୁଣି ଭାବିଲେ, "ସ୍ୱପନରେ କୁମାରୀ କାହାର ମୁଖ ଦେଖିଥିବ, ସେହି ସ୍ୱପ୍ନ-ପ୍ରତିବିମ୍ବକୁ ଥୟ କରି ଅତ୍ୟନ୍ତ ବିରହିଣୀ ହୋଇଛି ।"

ଭାବେ ସ୍ୱପନରେ ଲପନ ଦେଖିଥିବ କାହାର,
ବିମ୍ବ ଅଧରୀ ବିମ୍ବ ଥୟ କରି ବିରହଭର । ୭୨ । (୧୮ଶ ଛାନ୍ଦ)

ସେ ବିଚାରିଲେ, "ରାଜକେମା କି ରୂପକୁ ଦେଖି ବଶ ହୋଇଛନ୍ତି ତାହା ଜାଣିବା ଏବଂ ଏକ ପଟରେ ଚିତ୍ରଲେଖାଇ ଆଣିବା ।" ମନ୍ତ୍ରୀ ଏହି ସ୍ୱରୂପକୁ ପଟରେ ଚିତ୍ର କରିବା ପାଇଁ ଜଣେ ବିଚିତ୍ରକର୍ମୀ ଚିତ୍ରକରକୁ ନିର୍ଦ୍ଦେଶ ଦେଲେ । ଚିତ୍ରକର ପଟ ଲେଖିବାକୁ ଗଲା । (୧୮ଶ ଛାନ୍ଦ)

ଏଣେ ମନ୍ତ୍ରୀ, ପୁରୋହିତ ଓ ବୈଦ୍ୟ ତିନିହେଁ ବସିଛନ୍ତି; ଏପରି ସମୟରେ ଚିତ୍ରକର ଚିତ୍ରପଟଟି ଆଣି ଦେଖାଇଲା । ପଟଟିକୁ ଦେଖି ତିନିହେଁ ଆଶ୍ଚର୍ଯ୍ୟ ହେଲେ । ତିନି ଲୋକରେ ଏପରି ସୁନ୍ଦର ପୁରୁଷ ନଥିବା ଅନୁମାନ କଲେ । ମନ୍ତ୍ରୀ ପୁନଃ ପୁନଃ ଏହି ଚିତ୍ରକୁ ଚାହିଁବାରୁ ପୁରୋହିତ ବିଚାରି କହିଲେ, "ଯାହିଁକି ଆମର କାମନା ସେ ତାହିଁକି ଯୋଗ୍ୟ । ଅମୃତ ରହିବାକୁ ଚନ୍ଦ୍ରମା ସିନା ସ୍ଥାନ । ଏ ସୁନ୍ଦର କେମାର ଉପଯୁକ୍ତ ପାତ୍ର ।" ଏହା ଶୁଣି ବୈଦ୍ୟ କହିଲେ,

"ହେମା ଯହିଁରେ ରସିଛୁ ସେ ସିନା ତାର ବର ହେବ।" ଆମ ବାଛୁବାରେ ବା କଣ ଅଛୁ ?

ପୁନଃ ପୁନଃ ଗୁହ୍ନି ମନ୍ତ୍ରୀ ପୁରୋହିତ ତର୍କି
ବୋଲେ କାମନା ଯହିଁକି ଏ ଯୋଗ୍ୟ ତହିଁକି।
ରହିବାକୁ ଅମୃତ ଚନ୍ଦ୍ରମା ସିନା ସ୍ଥାନ
ବୈଦ୍ୟୋକ୍ତ ଯେ ଯହିଁରସେ ସେହି ସେ ପ୍ରଧାନ। ୭।

(୧୯ଶ ଛାନ୍ଦ)

ମନ୍ତ୍ରୀ କହିଲେ, "ହେମା କାହାଠାରେ ରସିଛୁ ତାହା ନିର୍ଣ୍ଣୟ କରିବା। ଚିତ୍ରପଟରେ ସୁରୂପ ଓ କୁରୂପ ଚିତ୍ର ଅଛୁ। କାହିଁରେ ହେମା ହୃଷ୍ଟ ହେବ ଜାଣିବା।" ଚିତ୍ରକରକୁ କହିଲେ, "ତୁମ୍ଭର ସ୍ତ୍ରୀ ହାତରେ ହେମାଠାକୁ ଏ ଚିତ୍ରପଟ ପଠାଇବ। ଚିତ୍ରପଟ ଦେଖିବା ବେଳେ କ୍ରୀଡ଼ାଭିଳାଷିଣୀ ହେମା ନେତ୍ରକୁ କପାଳରେ ଖୋସି ଯେଉଁ ଚିତ୍ରରେ ଦୃଷ୍ଟି ନବେଶିବ ସେହି ରୂପରେ ସେ ଅନୁରାଗିଣୀ ବୋଲି ଅନୁମାନରେ ଆଣିବ। ତାହା ଜାଣିଲେ ବର ଆଣିବା ଉଦ୍ୟମ କରିବା।" ଏହା ଶୁଣି ଚିତ୍ରକର ତାଙ୍କ ସ୍ତ୍ରୀଙ୍କୁ ରାଜାଙ୍କ ଅନ୍ତଃପୁରକୁ ପଠାଇଲେ। ପଟ ନେଇ ହେମା ସଖୀମାନଙ୍କ ସଙ୍ଗେ ଚିତ୍ରସବୁ ଦେଖିଲା। ଦେଖୁଁ ଦେଖୁଁ ପୂର୍ବେ ଦର୍ଶନ କରିଥିବା ପୁରୁଷର ଚିତ୍ର ଉପରେ ଆଖି ରଖିଲେ। ସେହି ପୁରୁଷର ପିଉଳାକାର ସାରଗାରଗୁଣା ଅଠାକାଠିରେ ତାର ମନ ଲାଗି ରହିଲା। ହେମା ଆନନ୍ଦିତା ହୋଇ ବସନ ଭୂଷଣ ଉପହାର ଦେଇ ଚିତ୍ରକାରର ସ୍ତ୍ରୀକୁ ବିଦାୟ ଦେଲେ।

ସଖୀ ସଙ୍ଗେ ସୁମୁଖୀ ସେ ଚିତ୍ର ଦେଖି ଦେଖି
ଗତ ଦର୍ଶନ ପୁରୁଷେ ରଖିଲା ସେ ଆଖି। ୬୮।
ସେ ଖଞ୍ଜନ ରଞ୍ଜନ ସେ ଯତମା ପିଉଳା
ସାରଗାରଗୁଣା ଅଠାକାଠିରେ ଲଗିଲା। ୬୯। (୧୯ଶ ଛାନ୍ଦ)

ମନ୍ତ୍ରୀ ଚିତ୍ରକରଠାରୁ ତାଙ୍କ ସ୍ତ୍ରୀ କହିଥିବା ପ୍ରସଙ୍ଗରୁ ଜାଣିପାରିଲେ ଯେ ରାଜହେମା ପୁଷ୍ପପୁର ରାଜକୁମାରଠାରେ ଲୋଭିତା।

ଏଣେ ରାଜକୁମାର ମଧ୍ୟ ବିରହଜ୍ୱାଳାରେ କାତର ହେଲେ । ମନ୍ତ୍ରୀପୁତ୍ର ବିସ୍ତୃତ ବିସ୍ତୃତ ସମସ୍ତ ସମ୍ବାଦ ବର୍ଣ୍ଣନା କରି ଏକ ପତ୍ର ଲେଖି ପୋଟା (ନପୁଂସକ) ହସ୍ତରେ ଦେଲେ । ପତ୍ରବାହକ ରାଜପୁତ୍ରୀ ସମୀପକୁ ଗମନ କଲା । ସେହିକାଳରେ ଉପାଧ୍ୟାୟୀ ମଧ୍ୟ ରାଜକୁମାର ମନରେ କେମାପ୍ରତି ଅନୁରାଗ ଉପଜାଇବା ଉଦ୍ଦେଶ୍ୟରେ ରାଜକୁମାରଙ୍କ ପୁରକୁ ଯାଉଥିଲେ । ପୋଟା କେମା ନିକଟକୁ ଯାଉଥିବା ବିଷୟ ଉପାଧ୍ୟାୟୀ ଯୋଗବଳରେ ଜାଣିଲେ । ଅଭୁତ ପୁରୁଷ ଓ ମାଙ୍ଗଲ୍ୟା ଉଭୟେ ଶୁକ ଓ ସାରୀ ହୋଇ ଚମ୍ପାପୁରରେ ସରସୀ ତଟରେ ଥିବା ଲବଙ୍ଗଲତାରେ ବସିଲେ । ଏକ ସ୍ୱରରେ ଦୁହେଁ କହିଲେ, "କୁମାର ଓ କୁମାରୀଙ୍କ ଅନୁରାଗ ମଦନ-କଷ୍ଟକୁ ଉପୁଜାଇ ଅଛୁ ।"

ଲବଙ୍ଗଲତାରେ ବସି ଭାଷେ ଏକ ପଦ
କୁମାରୀ କୁମାର ସ୍ନେହ ମଦନ-ବିଷାଦ । ୫୯ । (୧୯ଶ ଛାନ୍ଦ)

ଶୁକ କୁମାରର ଗୁଣରାଶି ସ୍ମରଣ କରି ସାରୀ ଆଗରେ ହିଁ ଅତି ମଧୁର କରି ବାର୍ତ୍ତା କହେ । ଶୁକ କହୁଥିବା ବାର୍ତ୍ତା ଗୁଣରାଶି ସ୍ମରଣ କରି ସାରୀ ମଧ୍ୟ ଶୁକ ଆଗରେ ହିଁ କୁମାରୀର ବାର୍ତ୍ତା କହେ । ଦୁହେଁ ବିଭିନ୍ନ ଛଟକ ଅବଲମ୍ବନ କରି କୁମାର ଓ କୁମାରୀଙ୍କ ପରସ୍ପର ପ୍ରତି ପ୍ରଗାଢ଼ ଅନୁରାଗ ଥିବା ଓ ପରସ୍ପର ପରସ୍ପରକୁ ଅତ୍ୟନ୍ତଭାବେ ଚାହୁଁଥିବା ବ୍ୟକ୍ତ କଲେ । (୨୦ଶ ଛାନ୍ଦ)

ଶୁକସାରୀ ଯେତେ ପ୍ରେମକଳା ପୂର୍ଣ୍ଣ କଥାବାର୍ତ୍ତା ହୋଇ ପରସ୍ପରକୁ ଶୁଣାଇଲେ ସେସବୁ ଯୁବାର ହୃଦୟରେ ପ୍ରଭାବ ବିସ୍ତାରକଲା ଏବଂ ତାଙ୍କର ମନକୁ ଯେଉଁ ସନ୍ଦେହ-ତମ ଆଚ୍ଛନ୍ନ କରି ଦେଇଥିଲା ତାହା ନାଶ ହେଲା । ପୋଟା ଓ ଉପାଧ୍ୟାୟୀଙ୍କୁ କାର୍ଯ୍ୟସିଦ୍ଧିର ବାଟ ଦିଶିଗଲା । ଶୁକସାରୀଙ୍କ କଥୋପକଥନ ଶୁଣି ହାସ ଛଳରେ ହର୍ଷକୁମୁଦ ବିକଶିତ ହେଲା । କର୍ଣ୍ଣରୂପ ଚକୋରପକ୍ଷୀ ସେ ବଚନାମୃତ ପାନରେ ସନ୍ତୋଷ ଲାଭ କଲେ । କଥା ପ୍ରସଙ୍ଗରେ କବି କୁମାରଙ୍କୁ କୁମାରୀ ତାଙ୍କପ୍ରତି ବିଶେଷ ଅନୁରକ୍ତ ଥିବା ଜଣାଇଲେ । ସେହି ଦିନଠାରୁ ସେ କୁମାରୀ ପାଇବା ଆଶା ପ୍ରସଙ୍ଗ ଭାବି ଭାବି କୁମାର ବାଉଳପରି ହେଲେ ।

ଅଦଭୁତ ପୁରୁଷ ଚତୁର୍ମାସ୍ୟା କରୁଥିଲେ । ସେଠାରେ ଜେମା ମିଳିଲେ ଭଲ ହେବ ବୋଲି ରାଜକୁମାରଙ୍କୁ କହିଲେ । ରାଜପୁତ୍ର କହିଲେ, "ଏହା କଣ ସତ୍ୟ, ନା ମୁଁ କେଉଁଠାରେ ସ୍ୱପ୍ନ ଦେଖିଛୁ ? ମୁଁ ପ୍ରତ୍ୟେକ ନଗର ଖୋଜିଖୋଜି ଚମ୍ପାବତୀ ନଗରକୁ ଯାଇଥିଲି ।" ଏହା ଶୁଣି ଉପାଧ୍ୟାୟୀ କହିଲେ, "କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ମାଙ୍ଗଲ୍ୟାଙ୍କ ଦର୍ଶନ ପାଇଁ ଝାରଖଣ୍ଡ ବନକୁ ଯାଇଥିଲେ, ସେଠାରେ ସେ ଜଣେ ପୁରୁଷଶ୍ରେଷ୍ଠଙ୍କୁ ଦେଖି ତାଙ୍କପ୍ରତି ଅତ୍ୟନ୍ତ ଅନୁରାଗିଣୀ ହୋଇ ପଡ଼ିଛନ୍ତି ଓ ବିରହ ବ୍ୟଥାରେ ଜର୍ଜ୍ଜର ହୋଇଅଛନ୍ତି । ତାଙ୍କପାଇଁ ମୁଁ ନରେନ୍ଦ୍ର ଯୋଗ୍ୟ ଜନ ଲୋଡ଼ୁଅଛି ।"

ପୋଟା ମାଳିନୀପୁରରେ ରହିଲା । ଉପାଧ୍ୟାୟୀ ତାହା ପଛେ ପଛେ ବାହୁଡ଼ିଲେ । ରାଜପୁତ୍ରଙ୍କ ଦୂତ ପୋଟା ମାଳିନୀଗୃହରେ ରହି ପୁଷ୍ପ ଗୁନ୍ଥି କୁମାର କୁମାରୀଙ୍କ ଉଭୟ ମନକୁ ଗୁନ୍ଥିବାକୁ ମନକଲା । ରାଜଜେମାର ପାଟଳୀ ଫୁଲରେ ଆଦର ଥିବାର ମାଳିନୀଠାରୁ ଜାଣି ପୋଟା ପାଟଳୀ ଫୁଲର ମାଳାଟିଏ ସୁନ୍ଦର ଭାବରେ ଗୁନ୍ଥିଲା । ସରାଗପ୍ରକାଶ ଫୁଲଗୁଙ୍ଗୁଡ଼ାରେ ରାଜପୁତ୍ରଙ୍କ ଚିଟାଉଟି ଥୋଇ ଫୁଲମାଳରେ ଘୋଡ଼ାଇ ଦେଲା । ସେହି ଫୁଲଗୁଙ୍ଗୁଡ଼ାକୁ ଧରି ମାଳାକାରୀ ଜେମାଙ୍କ ନିକଟକୁ ଗଲା ଏବଂ ମାଳାଗୁଙ୍ଗୁଡ଼ାଟି ଜଣେ ବାଳିକା ହସ୍ତରେ ଗୋପପୁରକୁ ପଠାଇ ଦେଲା । (୨୧ଶ ଛାନ୍ଦ)

ଜେମା ଗୁଙ୍ଗୁଡ଼ାର ମାଳାଗୁଡ଼ିକ ଭିତରେ ଥିବା ଚିଟାଉଟି ଦେଖି ଗୋପ୍ୟପୂରକୁ ଯାଇ ପାଠକଲେ । ମନୋବାଞ୍ଛା ପୂର୍ଣ୍ଣ ହେବାର ଆଶା ଦେଖି ଜେମାଙ୍କ ହୃଦୟରେ ଆନନ୍ଦ ଜାତହେଲା ।

ପଢ଼ି ପତ୍ରିକା ନରେଶ୍ୱର ପୁତ୍ରିକା
ନେତ୍ରେ ଆନନ୍ଦେ ଅଶ୍ରୁ ଧରି,
ହୃଦେ ପରମ ସ୍ନେହ ଥିଲା ପୂରି,
ସମ୍ଭାଳି ହୋଇ ସଲିଳେ ଉଚ୍ଛୁଳିଲା
କାଳେ ଗଙ୍ଗାଜଳ ପରି ସେ ସୁନ୍ଦରୀ ।

ଗଦ ଗଦ ହୋଇ ପଦ ନସ୍ଫୁରେ
ଘନରସ ଉଦୟ ସମୟରେ
କଲକଣ୍ଠ କଣ୍ଠ ବିରୋଧ କି କାନ୍ତ
ବସନ୍ତ ହେବା ସୁମରେ ସେ । ୨୩ ।

ଦିବସ ଶେଷରେ ଶୁଭ୍ର ଚନ୍ଦ୍ରକିରଣରେ ସୁନ୍ଦରୀ ସନ୍ଧ୍ୟା ଯେପରି ପ୍ରବେଶ ହୁଏ ସେହିପରି ପ୍ରୀତିର ଉନ୍ମୁଖ ପ୍ରବେଶ ହେଲା । ଜେମାଙ୍କ ମୁଖରୁ ଲୋପ ପାଇଥିବା ହାସ ପୁଣି ପ୍ରକାଶ ପାଇଲା । (୨୨ଶ ଛାନ୍ଦ) ।

ଏତିକିବେଳେ ଜେମାଙ୍କ ସହଚରୀ କାଦମ୍ବିନୀ ତାଙ୍କ ଆଗରେ ପ୍ରବେଶ ହେଲା ଏବଂ ଜେମା ପ୍ରେମପରି ଘେନ ଆବେଶ ଥିବାର ଦେଖିଲା । ତହୁଁ ସେ ସହଚରୀ ଏଣେ ତେଣେ ଯିବା ଆସିବା କରି ତୂଳି, କାକତ (କାଗଜ) ଓ ମଞ୍ଜିଷ୍ଠା ରସଥିବା ଥାଳୀ ଆଣି ରାଜଜେମା ଆଗରେ ଥୋଇ କହିଲା, "ଦକ୍ଷିଣ ନାୟକଠାରୁ ପ୍ରେମପତ୍ରିକା ଆସିଲାଣି, ଉତ୍ତର ପତ୍ରିକା ନଯିବ କି ?" ଏହା ଶ୍ରବଣ କରି ଜେମାଙ୍କ ହୃଦୟକମଳ ବିକଶିତ ହେଲା; ଲଜ୍ଜା ତୁଟି କୃପା ଜାଗ୍ରତ ହେଲା । ରାଜକୁମାରୀ କୁମାରଠାକୁ ପ୍ରେମପତ୍ରିକା ଲେଖିଲେ । ଉପାଧ୍ୟାୟୀ ମୁଦ ଦେଇ ସେ ଚିଠାଟି ଧରିଲେ । ସେତିକିବେଳେ ଅବଧୂତ ସେଠାରେ ପ୍ରବେଶ ହେଲେ ଏବଂ ମନ୍ତ୍ରବଳରେ ଉପାଧ୍ୟାୟୀଙ୍କୁ ସଙ୍ଗରେ ଧରି ପୁଷ୍ପପୁରର ରାଜକୁମାର ଭ୍ରମଣ କରୁଥିବା ଉପବନରେ ପ୍ରବେଶ ହେଲେ ।

ରାଜପୁତ୍ର ବିରହକାତର ହୋଇ ଉପବନସ୍ଥିତ ପୁଷ୍କରିଣୀ ତଟରେ ଗୋଟିଏ ଚମ୍ପାବୃକ୍ଷ ମଧ୍ୟସ୍ଥିତ ସୁବର୍ଣ୍ଣ ବେଦୀରେ ଶୟନ କରି ରାଜଜେମାଙ୍କ କଥା ଭାବୁଥିଲେ । କୁମାରର କ୍ଷୀଣ ଅବସ୍ଥାକୁ ଭଜା ଶଯ୍ୟାରେ ଶୟନ କରିଛନ୍ତି, ଏପରି ସମୟରେ ଅବଧୂତ ଓ ଉପାଧ୍ୟାୟୀ ସେଠାରେ ପ୍ରବେଶ ହୋଇ ଛଟକପୂର୍ଣ୍ଣ କଥୋପକଥନ କଲେ । କୁମାରଙ୍କ ସହଚରଙ୍କ ପ୍ରଶ୍ନରେ ସେ ଦୁହେଁ ପୁଷ୍ପପୁରରୁ ଆସିଥିବା ଓ ରାଜଜେମା କୁମାରଙ୍କ ଦର୍ଶନକାଙ୍କ୍ଷୀ ହୋଇ ବିରହ ଯନ୍ତ୍ରଣା ଭୋଗ କରୁ ବା ବିଷୟ ଇଙ୍ଗିତରେ ପ୍ରକାଶ କଲେ । କଥା

ପ୍ରସଙ୍ଗରେ ରାଜକୁମାର ପୋଷା ହସ୍ତରେ ରାଜକୁମାରୀଙ୍କଠାକୁ ପ୍ରେରଣ କରିଥିବା ପତ୍ରିକା କୁମାରୀଙ୍କ କରପତିତ ହୋଇଥିବା ବିଷୟ ମଧ୍ୟ ବ୍ୟକ୍ତ କଲେ । କୁମାରୀଙ୍କ ଉତ୍ତର ପତ୍ରିକା କୁମାର ହାତରେ ଦେଲେ । କୁମାର କୃତକୃତ୍ୟ ହୋଇ ଅଞ୍ଜଳି କରି ପତ୍ରକୁ ଘେନିବାରୁ ଉପାଧ୍ୟାୟୀ ଓ ଅବଧୂତୀ ଆନନ୍ଦ ମନରେ ମାଳିନୀ ନଗରକୁ ଫେରିଗଲେ ଏବଂ କୁମାରୀଙ୍କୁ ସମସ୍ତ ବିଷୟ ଯତ୍ନପୂର୍ବକ ଜଣାଇଲେ ।

(୨୩ଶ ଛାନ୍ଦ)

ରାଜକୁମାର ଜେମାଙ୍କ ପ୍ରେମପତ୍ରିକା ପାଇ ଆନନ୍ଦିତ ହେଲେ । ଅତି ଉତ୍ସୁକ ହୋଇ ପତ୍ର ପାଠ କଲେ । ତାଙ୍କର ମନରୁ ସଂଶୟ ଦୂର ହେଲା ଏବଂ ମନୋହର ପ୍ରସନ୍ନତା ହାସରେ ପ୍ରକାଶ ପାଇଲା ।

ହେଲା ସେ ପତ୍ର ସୁଖ ସାଗର,
ମଜ୍ଜିବାକୁ ନେତ୍ର ତତପର,
ଖୋଜିବାକୁ ସ୍ନେହବାଣୀ ରତ୍ନମଣି ମନ
ଉଦ୍ୟମ କଲା ପ୍ରଚୁର ଯେ । ୨ ।

(୨୪ଶ ଛାନ୍ଦ)

ଏହି ପତ୍ରପାଠ କଲାପରେ କୁମାରଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ବହିର୍ଗତ ହେଲା । ସେ ଭାବିଲେ ସତେ ଯେପରି ରସିକାର ବାଣୀପରି ପ୍ରତେ ହେଉଛି । ପ୍ରତ୍ୟେକ ପଦକୁ ହୃଦୟରେ ହାରରୂପେ ସେ ଘେନିଲେ ।

ଶୁଣିଭେ ସଖୀ ବଚନ ପ୍ରକାର,
ପ୍ରତେ ହୋଏ ଏ ରସିକା ଗିର ।
ପଦକେ ପଦକେ କେଉଁ ସ୍ଥାନ ହେବ
ହୃଦ ଗୋଟିଏ ସିନା ମୋହର । ୩୧ ।

ପଦକେ (ଗୋଟିଏ ପଦରେ) ଗୋଟିଏ ଅଳଙ୍କାର ପାଇଁ କିପରି ସ୍ଥାନ ହେବ ? ମୋରତ ଗୋଟିଏ ହୃଦୟ ।

ଏଣେ ଚମ୍ପାନଗରୀର ରାଜା ଓ ମନ୍ତ୍ରୀ ଏକାନ୍ତରେ ବସି ହେମାର ବିବାହ ସମ୍ବନ୍ଧରେ ଭାବୁଥିଲା ବେଳେ ଆକାଶରୁ "ଦେବର୍ଷି ନାରଦ ଉଦିତ ହେଲେ" ବୋଲି ଖାଡାସ୍ୱନ ଶୁଭିଲା—"ଦୃଷ୍ଟପୁର ନଗରରେ କୁରଙ୍ଗଟିଏ ଭ୍ରମଣ କରିବ । ଯେ ତାର ଶୃଙ୍ଗର ସୁରଙ୍ଗେ ଛେଦନ କରି ପାରିବ ସେ ହେମାର ବର ହେବ । ଏହି କାଳରେ ଶୂନ୍ୟରୁ ପାରିଜାତ ମାଳା ଆସି ବରର ଗଳା ମଣ୍ଡନ କରିବ ।" ରାଜାଙ୍କ ମନରୁ ସଂଶୟ ଦୂର ହେଲା । ସେ ବିଭିନ୍ନ ରାଜ୍ୟର ରାଜାମାନଙ୍କ ନିକଟକୁ ଏହି ବାର୍ତ୍ତା ଦୂତମାନଙ୍କ ହସ୍ତରେ ପ୍ରେରଣ କଲେ ।

ଶୁଣିଲି ନୃପତି ମନ୍ତ୍ରୀ ଭାଳୁଥିଲେ ଟୋ ବିଶ୍ୱ ବିଷୟ
ଧାତା କୁମର ମହର୍ଷି ନାଦେ ହରି କଲେ ସେ ସଂଶୟ ।୨୪।
ଶୁଭିଲା ସ୍ୱନ ଏସନ ଟୋ ନଗରେ ଭ୍ରମିବ କୁରଙ୍ଗେ
ଜାଣ ସେହି ବର ଯେ ତାର ଶୃଙ୍ଗର ହରିବ ସୁରଙ୍ଗେ ।୨୫।
ପାରିଜାତ ମାଳା ମଣ୍ଡିବ ତା ଗଳା ଏକାଳେ ଶୂନ୍ୟରୁ
ରାଜା ନିମନ୍ତ୍ରଣେ ଦୂତ ପ୍ରତି ଦିଶେ ଗଲେଣି ରମ୍ୟୋରୁ ।୨୬।

ଏହି ସମ୍ବାଦ ସଖୀମାନଙ୍କଠାରୁ ଶୁଣି ହେମାଙ୍କ ମନ ଉତ୍ଫୁଲ୍ଲ ହେଲା; କିନ୍ତୁ କାଳେ ରାଜକୁମାର ହରିଣ ପୁଚ୍ଛ ଛିଣ୍ଡାଇ ପାରିବେ ନାହିଁ ଏହି ଆଶଙ୍କା ମନରେ ଜାତ ହେବାରୁ ଟିକିଏ ବିରସ ହେଲେ । ହରଷ ବିରସରେ ସେ ରହିଲେ । ରାଜକୁମାର ନିକଟକୁ ଚିଠାଉ ଧରି ଯେଉଁମାନେ ଯାଇଥିଲେ ସେମାନେ ଫେରି ଆସି ଚିଠାଉ ଦେବା ବୃତ୍ତାନ୍ତ ଜଣାଇ ରାଜକୁମାରଙ୍କ କିପରି ଚହ୍ଲିବ-ତାର ସୂଚନା ଦେଲେ । ରାଜକୁମାର ମଧ୍ୟ ହେମାଙ୍କ ସ୍ୱୟମ୍ବର ବିଷୟ ଦୂତମାନଙ୍କ ବାଣୀ ପ୍ରସ୍ତୁତରୁ ଜାଣିଲେ । ସେ ବିରହ ଜ୍ୱାଳାରେ ପଦ୍ମପତ୍ର ଶଯ୍ୟାକରି ଶୋଇ ଉଲ୍ଲାସହୀନ ଭାବରେ ହେମାର ନାମକୁ ବାତୁଳଙ୍କ ପରି ବାରମ୍ବାର ଗୃଣି ହେଲେ । ସଖାମାନେ ତାପନିବାରଣ ପାଇଁ ଉପଚାର କଲାବେଳେ ମଧ୍ୟ ସେ ରାଜକୁମାର ହେମା କଥାହିଁ ଭାବୁଥିଲେ ଏବଂ

ପ୍ରଳାପକରି କହୁଥିଲେ, "ରେ ରସନିଧି, ଆସ, ବସ, ଭୁଷ, ଦର୍ଶନ ବିଧାନ କର ।"

ତୁଷାର-ଭଜ ଦେବାର ତୁଷାନଳ ପ୍ରକାରେ ତାପନ
ଭଣେ ଆସ ବସ ଭୁଷ ରସନିଧି ଦର୍ଶନ ବିଧାନ ! ୭୨ ।

ଜେମା ନିକଟକୁ ପଠାଇଥିବା ପ୍ରେମପତ୍ରିକା କୌଶଳକ୍ରମେ ପୋଟା ପହଞ୍ଚାଇ ଦେଇଥିବା ବିପତ୍ତୁ ରାଜକୁମାର ଜାଣିଲେ ।

ପୁଷ୍ପପୁରରୁ ଦୂତମାନେ ଯାଇ ଦେଶ ଦେଶରେ ଜେମାଙ୍କ ଅପୂର୍ବ ସୁଷମା ବର୍ଣ୍ଣନା କରି ତାଙ୍କର ସ୍ୱୟମ୍ବର ପ୍ରସଙ୍ଗ ରାଜାମାନଙ୍କ ଆଗେ ଜଣାଇଲେ ।

ବର ବର୍ଣ୍ଣିନୀ ଛବିରେ ଶୋହି ବରବର୍ଣ୍ଣିନୀ କବିରେ ସେହି
ଦିବିରେ ନାହିଁ ଭୁବିରେ କାହିଁ ଅଛି ନନ୍ଦିନୀ ଯେ,
ସୁଷମେ ସମେ ନପାଇ ବରେ ପାଇଛି ବରେ ଯେ ସ୍ୱୟମ୍ବରେ
ଲକ୍ଷଣା ଏବେ ସେ ଆଡ଼ମ୍ବରେ ଲୋକବନ୍ଦିନୀ ଯେ ।

(୨୭ଶ ଛାନ୍ଦ)

ପାଟଳୀପୁତ୍ର ରାଜସଭାରେ ଦୂତ ପ୍ରବେଶ ହୋଇ ସ୍ୱୟମ୍ବର ସନ୍ଦେଶ ଜଣାଇଲା । ସ୍ୱୟମ୍ବରକୁ କୁମାର ଯିବା ଯୋଗ୍ୟ ବୋଲି ମନ୍ତ୍ରୀ ଓ ପୁରୋହିତ ରାଜାଙ୍କୁ କହିଲେ । ମନ୍ତ୍ରୀ କହିଲେ, ସୌନ୍ଦର୍ଯ୍ୟର ଆଧାର କୁମାର ଶିବଙ୍କ ପରି ମାରଙ୍କୁ ସୌନ୍ଦର୍ଯ୍ୟରେ ମ୍ଳାନ କରି ଦେଇଛି । ସେ ପୁଣି ସଦ୍‌ଗୁଣରେ ନିପୁଣ, ନବୀନଯୁବାଙ୍କୁ ଜୟକରି ସେ ଇନ୍ଦ୍ର ପଦକୁ ଲଭିଥିବାରୁ ସୁନ୍ଦରୀମାନଙ୍କ ମଧ୍ୟରେ ଶ୍ରେଷ୍ଠା ଯେ ପୁରନ୍ଦରୀଙ୍କୁ (ଇନ୍ଦ୍ରାଣୀ) ବା ଏହାଙ୍କ ବ୍ୟତୀତ ଆଉ କିଏ ଲାଭ କରିବ ? ସେ ମଧ୍ୟ ଏହି ସୁନ୍ଦରୀଶ୍ରେଷ୍ଠାଙ୍କୁ ବାଞ୍ଛା କରନ୍ତି । ଏହାଙ୍କ ସହିତ ଆଉ କିଏ ବା କେଉଁ ଲକ୍ଷ୍ୟକୁ ଲକ୍ଷିତ କରିବ ? ପୁରୋହିତ କହିଲେ, "ରଣ ପାଇଁକ କୂତପଣ ଡାକଲେ କ୍ଷତ୍ରିୟ ପଛଘୁଞ୍ଚା ଦିଅନ୍ତି ନାହିଁ ।" ମନ୍ତ୍ରୀ

ଓ ପୁରୋହିତଙ୍କର ଏସବୁ କଥା ଶୁଣି ରାଜା ପୁଷ୍ପକେତୁ ସ୍ୱୟମ୍ବରକୁ ଯିବେ ବୋଲି ଆଜ୍ଞାଦେଲେ । ମନ୍ତ୍ରୀ ସଙ୍ଗରେ ରାଜାଙ୍କ ସହିତ ହୋଇଥିବା ସବୁ କଥାବାର୍ତ୍ତା କୁମାରଙ୍କୁ ଜଣାଇଲେ । କୁମାରଙ୍କର ତ ମରଣ ଅବସ୍ଥା ହୋଇଥିଲା, ଏହା ଶୁଣି ତାଙ୍କର ଦେହରେ ପ୍ରାଣବାୟୁର ସଞ୍ଚାର ହେଲା ଓ ରସ ପ୍ରକଟ ହେଲା ।

ସମସ୍ତ ମନ୍ତ୍ରୀ ସମଦେ କହୁ ପବନେ ଯେଉଁ ସୁନ୍ଦରେ ନାହିଁ
ବେନ ପବନେ ସଂଯୁକ୍ତେ ସେହି ପାଇଲା ପ୍ରାୟ ଯେ । ୧୦ ।

ଶୁଭ ବେଳରେ ପାଟଳୀପୁତ୍ର ରାଜକୁମାର ସସୈନ୍ୟ ପୁଷ୍ପପୁର ଉଦ୍ଦେଶ୍ୟରେ ଯାତ୍ରା କଲେ । ସଙ୍ଗରେ ସଖା, ପୋଟା ପ୍ରଭୃତି ଥିଲେ ।

କୁମାରଙ୍କୁ ନୃପନନ୍ଦନା ସବୁଆଡ଼େ ଦେଖାଗଲା । ନୃପନନ୍ଦନଙ୍କୁ କୁମାର ମଧ୍ୟ ଅଷ୍ଟ ଦିଗରେ ଦେଖାଗଲା । ମୀନନୟନୀର ଲୟ ଯେପରି ବୀରଠାରେ, ସେହିପରି ବୀରର ମଧ୍ୟ ଲୟ ମୀନନୟନୀଠାରେ । ନାରୀ ଓ ପୁରୁଷ ଭିତରେ ଶ୍ରେଷ୍ଠ ଏ ଦୁହେଁ ସୁନ୍ଦର ଓ ସୁନ୍ଦରୀ କ ସାମଞ୍ଜସ୍ୟ ଯେନ ଅବନୀରେ ଜାତ ହେଲେ—ମିତ ଓ ମିତଣୀମାନେ ଏହାର ପ୍ରଶଂସା କଲେ ।

ମୀନନୟନୀ ଲୟ ଯେମନ୍ତ ବୀରେ ଯେ
ପୁଂହ ଲୟ ରମାରେ ସେହି ପ୍ରକାରେ ।
ନାରୀ ପୁରୁଷେ ସାର ଏ ବେନ
କ ଯେନା ଯେନ ଅବନୀ
ଜାତ ହୋଇଲେ ମିତ ମିତଣୀ ପ୍ରଶଂସା କରେ ଯେ । ୨୭ ।

କୁମାରଙ୍କ ମନ କୁମାରୀଠାରେ ରହି ତାକୁ ଲାଭ କରିବା ଆକାଙ୍‌କ୍ଷା କ୍ରମେ ବୃଦ୍ଧି ପାଇଲା ।

ବିଭିନ୍ନ ଦେଶର ରାଜାମାନେ କନ୍ୟାରତ୍ନ ଲାଭ ଉଦ୍ଦେଶ୍ୟରେ ସୁବେଶ ହୋଇ ସସୈନ୍ୟ ଚମ୍ପାବତୀ ପୁରରେ ପ୍ରବେଶ ହେଲେ । ବୀରତୂରୀର ଶବ୍ଦରେ ବ୍ରହ୍ମାଣ୍ଡ ପୂର୍ଣ୍ଣ ହେଲା । ବୈଜୟନ୍ତୀମାଳାରେ ଆକାଶ ଆଚ୍ଛନ୍ନ ହେଲା । ଘୋଟକ ଓ ପଦାତି ବଳପ୍ରୟୋଗରେ ଗମନ୍ତେ ଧୂଳି ଆକାଶର ପ୍ରକାଶ ନମନ୍ତେ ଅଣୁଏ ହେଲେ ଛିଦ୍ର ରହିଲେ ନାହିଁ । ହସ୍ତୀମାନଙ୍କ ଗମନରେ ମନେ ହେଲା ସତେ ଯେପରି ପର୍ବତମାନେ ଏବେ ପୃଥିବୀରେ ଚଳାଚଳ କରୁଛନ୍ତି । ସୈନ୍ୟସାମନ୍ତଙ୍କ ଶିବିର-ସ୍ଥାନଟି ସିନ୍ଧୁପରି ଦେଖାଗଲା । ରଥ-ଗୁଡ଼ିକ ଆକାଶରେ ମେଘମାନେ ଚଳପ୍ରଚଳ ହେଲାପରି ଦେଖାଗଲେ । ସମାଗତ ରାଜବୃନ୍ଦଙ୍କୁ ଉପବନରେ ବର୍ଣ୍ଣପନ୍ତି ପରି ଶ୍ରେଣୀବଦ୍ଧ କରି ଚମ୍ପାବତୀ ପୁରର ରାଜା ରଖାଇ ଦେଲେ । ଯେ ଯେଉଁ ରାଜନ ତାକୁ ତେତେ ଆଦର କରି ରଖି ଉଦ୍ୟାନେ ରତ୍ନବାସ ଦେଲେ । ପୁଷ୍ପକେତୁ ଅନ୍ୟାନ୍ୟ ରାଜାମାନଙ୍କ ସଙ୍ଗରେ ଏକ ଗୌରବମୟ ସ୍ଥାନ ଲାଭକରି ରହିଲେ । ମାଳତୀ ପୁଷ୍ପ ବିକିବାକୁ ପ୍ରତିଦିନ ସେ ଉପବନକୁ ଯାଉଥିଲା । କିଏ କି ପୁଷ୍ପ ଆଦର କରୁଛି ତାହା ସେ ଜାଣିଥିଲା । ପୁଷ୍ପକେତୁଙ୍କର ଶିବିରକୁ ସେ ଯାଇଥିଲା । କୁମାର ଚମ୍ପାଫୁଲରେ ବଶଥିବାରୁ ସେ ଫୁଲ ତାଙ୍କୁ ପ୍ରତିଦିନ ଦେଲା । ଏଥିରୁ ଚମ୍ପାପୁର ରାଜଜେମାଠାରେ ସେ ବଶଥିବା ଜଣାଯିବାରୁ ଜେମାଙ୍କ ହୃଦୟରେ ଅପାର ଆନନ୍ଦ ଜାତ ହୋଇ ଶରୀର ରୋମାଞ୍ଚିତ ହେଲା ।

ବାଳା ଯେ । ପକ୍ୱରସାଳ ପରି ଦେହୀ ।
କର୍ଣ୍ଣା ପ୍ରବେଶ ଶ୍ରବଣରେ କନକ-କର୍ଣ୍ଣିକାଫଳ ଲକ୍ଷ୍ୟ ବହି । ୨୦ ।
(୨୮ଶ ଛାନ୍ଦ)

ମାଳତୀ ହସ୍ତରେ ରାଜପୁତ୍ର ଜେମାଙ୍କଠାକୁ ପ୍ରେମପତ୍ରିକାଟିଏ ପଠାଇ ଥିଲେ । ଜେମା ସେହି ପତ୍ରିକାଟି ପଢ଼ି ଉତ୍‌ଫୁଲ୍ଲ ହେଲେ । ବାଳାର ମନରୁ ଅତିଶୟ ସଂଶୟ ଅନ୍ତର ହେଲା । ହର୍ଷରେ ଜର୍ଜ୍ଜରିତା ହେଲେ ।

ଜେମାଙ୍କର ସଖୀମାନେ ଜେମାଙ୍କୁ ଧୀରେ ଶିଖାଇଲେ, "କୁମାରଠାକୁ ଚଟାଉ ଲେଖ । ତାହାଦ୍ୱାରା ତାଙ୍କର ମନର ଅନ୍ଧାର ତୁଟିଯାଉ; କିନ୍ତୁ କାମର ଅନ୍ଧାର ହୃଦୟରେ ଘୋଟୁ ।"

ହେ ରସିକଜନ ମଜ୍ଜନ କର ମନ ସଖୀ ଶିଖାଇଲେ ଧୀର,
ଲେଖ ଗୋ ଚଟାଉ ଅନ୍ଧାର ତୁଟାଉ ଘୋଟାଉ କାମ ଅନ୍ଧାର ସେ ।
(୧ । ୨୯ଶ ଛାନ୍ଦ)

ସଖୀ ଟିକିଏ କାଗଜକୁ ହରିଦ୍ରା ବର୍ଣ୍ଣରେ ରଙ୍ଗେଇ ଆଣିଲା । ଜେମା କାନବଗୁ ରକ୍ତରେ ଚଟାଉ ଲେଖିଲେ, କାରଣ ଦିନବେଳେ ଅକ୍ଷର ଦିଶିବ ନାହିଁ; ସନ୍ଧ୍ୟା ହେଲେ ଅକ୍ଷରଗୁଡ଼ିକ ଜକ୍ ଜକ୍ ହୋଇ ଦିଶିବ । ଏହି ଚଟାଉଟି ଏକ ବାଳିକା ହାତରେ ପୁଷ୍ପକେତୁର ଶିବିରକୁ ପଠାଗଲା । ପୁଷ୍ପକେତୁଙ୍କ ସଖା ବିଦ୍ୟାନିଧି ସେ ପତ୍ର ନେଇ କୁମାରଙ୍କୁ ଦେଲା । ସାଦା କାଗଜ ଦେଖି କୁମାର କହିଲେ, "ସାଦା କାଗଜଟିଏ କାହିଁକି ଦେଲ । କଣ ଲେଖିଛି କି ?" ଯଶୋବନ୍ତ କହିଲେ, ଏ ଚିଠି । ଏଥିର ଅକ୍ଷର ରାତିରେ ଦିଶିବ ।" ସନ୍ଧ୍ୟା ପରେ କୁମାର ଚିଠିକୁ ପଢ଼ି ଉନ୍ମତ୍ତ ହେଲେ ।

ହେ ଏମନ୍ତ ସମୟଂକାଳେ ସେ ପ୍ରେମପତ୍ର ସୁବର୍ଣ୍ଣ ଗୁପତସ୍ଥାନ
ହେବାରୁ ବ୍ୟାପିଲା ଝିଙ୍କ ପ୍ରଭାବରେ ଲୁଟିଲା ଖିବଳ ମନ ।
ସୁକୃତ ଦୃଷ୍ଟିରେ ପୁଣି ପଢ଼ିଲା କୁମରମଣି । (୯ । ୨୯ଶ ଛାନ୍ଦ ।)

ଚିଠି ପଢ଼ିସାରି ପୁଷ୍ପକେତୁ ସଖାଙ୍କୁ ଗ୍ରହି କହିଲେ ଯେ ନବୀନାର ମୁଁ ସେବକ । ସେ ଯେତେ ଚଟାଉ ଦେଲଣି ସେ ସବୁର ଅଧ ରସଗର୍ଭ ଭାଷା ମୋତେ କିଣି ଦେଲଣି; ସ୍ନେହସ୍ନାନ କରଥିବା ବଚନମାନଙ୍କୁ କି ଜନମନ୍ତ୍ରେ ପୁନଃ ପୁନଃ ଲେଖଇ । ଚତୁରୀର ଚତୁରତାପୂର୍ଣ୍ଣ ଲେଖା ବଢ଼ି

ସୂଅର୍ଥବ୍ୟଞ୍ଜକ । ତାହାପରି ସ୍ନେହରେ ଭ୍ରବଥିବା ଲୋକ ନାହିଁ, ନଥିଲା, ନୋହିବ । ଏହାକହି କୁମାରର ମନ ରସାପ୍ଲୁତ ହେଲା ।

ହେ ପଢ଼ିଲା ମାନସରେ ଗୁହିଁଲା ମିଶରେ ବୋଇଲା ଘନଜଘନା,
ଯେତକ ଲେଖିଇ ଚତୁସ୍ସି ସ୍ତୁତିସି ବଢ଼ ଘେନାଘେନ ଘେନା ।
ତାପରି ସ୍ନେହରେ ଭ୍ରବ । ନାହିଁ ନଥିଲା ନୋହିବ । ୧୫ ।
ହେ ଅତି ସନ୍ଦର୍ଭ ରସଗର୍ଭ ଭାଷାକେ ତା କଣା କଲାଣି ମୋତେ,
ସ୍ନେହେ ସ୍ନାନ କଲା ବଚନମାନଙ୍କୁ ପୁନଃ ପୁନଃ କି ନମନ୍ତେ ।
ନବଲଲନା ଲେଖଇ । ସେ ପ୍ରଭୁ ମୁଁ ତା ବନସ୍ତୀ । ୧୬ ।

ତତେ ପ୍ରଭାତରେ ଚନ୍ଦ୍ରଗ୍ରମର ମୃଗ ଆଗତ ହେଲା ବୋଲି ଜନରବ ହେଲି । ନଗରର ନରନାରୀ ଏହାକୁ ଦେଖିବା ମାନସରେ ଅଟ୍ଟାଳିକା ଉପରେ ଠିଆ ହେଲେ । ରାଣୀହଂସ ପୁରର ରମଣୀମାନେ ଅଟ୍ଟାଳିକାର ଜଲାକବାଟିରେ ଚକ୍ଷୁ ଦେଇ ଗୁହିଁଲେ । ରାଜଜେମା ମାଙ୍ଗଲ୍ୟାଙ୍କ ଆଦେଶରେ ଅଟ୍ଟାଳିକାର ଜଲାକବାଟି ପାଖରେ ବସିଲେ । ରାଜାମାନେ ନବରର ସିଂହଦ୍ୱାରଠାରେ ଉପସ୍ଥିତ ହୋଇ ଆଶ୍ଚର୍ଯ୍ୟ ମୃଗର କେଳି ଦେଖି ତନ୍ମୟ ହୋଇଗଲେ । ଏହାର ଅଙ୍ଗର ସୌନ୍ଦର୍ଯ୍ୟଲହରୀ ଏପରି ହୋଇଛି ଯେ ସୁବର୍ଣ୍ଣ ଜରିଯୁକ୍ତ ନୀଳପାଟ ବସ୍ତ୍ରର ପତାକା ଉଡ଼ୁଥିଲା ପରି ଦିଶୁଛି । ସେ ସୁନ୍ଦର ମୃଗ ତାରମାନଙ୍କ ଭିତରେ ବିଜୁଳି ଖେଳିଲା ପରି କ୍ଷଣେ ଏଅଡ଼େ ତତ୍‌କ୍ଷଣେ ସେଅଡ଼େ ହୋଇ ଦ୍ରୁତଗତି କରି ଦର୍ଶନ ଦେଲା । ଚମ୍ପାନଗରର ରାଜା ସମାଗତ ରାଜାମାନଙ୍କୁ "ଯେ ପାର ମୃଗଗ୍ରୀବର ଛେଦନ କର" ବୋଲି କହିଲେ ।

ବହୁ ରାଜା ଅଶ୍ୱ ଆରୋହଣ କରି ମୃଗ ପଛରେ ଗୋଡ଼ାଇଲେ, କିନ୍ତୁ ଅକୃତକାର୍ଯ୍ୟ ହୋଇ ବସି ପଡ଼ିଲେ । ସେ ତ ମାୟାମୃଗ । କାମର ଶର ଯାହାକୁ ପ୍ରକୃତରେ ବାନ୍ଧିଛି, ଯେ ବିଧି ନିର୍ଦ୍ଦିଷ୍ଟ ତାହାପାଇଁ ସିନା ଏହା ନିର୍ଦ୍ଦେଶିତ, ଅନ୍ୟେ କପରି ସଫଳ ହେବେ ?

ରାଜନେ ଜଣେ ଜଣେ ହୋଇ କରି ଯେ
ବାଜୀ ନ ପାଇ ପାଇବ ବାଜୀ କାହିଁ
ବାଜୀ ପଛେ ପଙ୍ଗୁପରି ଯେ । ୪ । (୬୧ଶ ଛାନ୍ଦ) ।

ରାଜାମାନେ ଅଶ୍ୱାରୋହଣ କରି ଲମ୍ଫଠ ବଶରୁ ଜଣେ ଜଣେ ହୋଇ ଚମରୀ ପଛରେ ଦ୍ରୁତବେଗରେ ଦୌଡ଼ିଲେ । କିନ୍ତୁ ଯାହାକୁ ଶର ପାଇନାହିଁ ତାକୁ ଘୋଡ଼ା କାହିଁ ପାଇବ ? ସେମାନଙ୍କର ମୃଗ ପଛରେ ଦୌଡ଼ିବା ପଙ୍ଗୁପ୍ରାୟ ହେଲା ।

କୁମାର ପୃଷ୍ଠକେତୁ ଅଶ୍ୱାରୋହଣ କରି ଅତି ଦ୍ରୁତବେଗରେ ଚମରୀ ପଛରେ ଗୋଡ଼ାଇଲେ । ଘୋଡ଼ା ଓ ମୃଗର ଗତି ଆଖିରେ ଲକ୍ଷ୍ୟ କରି ହେଉନାହିଁ । ସେ ଶରସନ୍ଧାନ କରି ଚମରକୁ ଛେଦନ କରି ହାତରେ ଧରିଲେ । ଏ ଅଦ୍ଭୁତ ଲକ୍ଷ୍ୟ ବିଧି ନିର୍ଦ୍ଦିଷ୍ଟ । ଏହି ସମୟରେ ଆକାଶରୁ ପାରିଜାତ ମାଳା ବୀରର ଗଳାରେ ପଡ଼ିଲା । କୁମାରଙ୍କୁ ଚମ୍ପାବତୀର ରାଜା ଆଦର କରି ଆଣିଲେ । ସଚିବ ଚମରଟିକୁ କୁମାର ହସ୍ତରୁ ନେଇ ରଖିଲେ ।

ମାଳବ, ଚୈଳ, ହସ୍ତିନା, ଉତ୍ତର କୌଶଳ, ମନ୍ଦାର, ସିନ୍ଧୁ , ମାହେଶ୍ୱର, ମଥୁରା, କାଶୀ, କୁଣ୍ଡିନଗର, କୁନ୍ତଳା, କାଞ୍ଚି, ମିଥିଳା, ଶଙ୍ଖାଶନ, ଶ୍ରୀନଗର, ଉଜ୍ଜୟିନୀ, ମରୁ, ଋଷିନଗର, ବଜ୍ର, ଷଟ୍‌ପୁର, ନେପାଳ, କେରଳ, ଉତ୍କଳ ପ୍ରଭୃତି ଦେଶର ରାଜାମାନେ ଚମର-ଛେଦନ କ୍ରୀଡ଼ାରେ ବିଫଳ ହୋଇ ଲଜ୍ଜାରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ ।

ରାଜପ୍ରାସାଦରେ ଆନନ୍ଦୋତ୍ସବ ହେଲା । ଶଙ୍ଖ, ହୁଳହୁଳି ନାଦ ମଙ୍ଗଳ ସୂଚାଇଲା । ପଟମହିଷୀ ଆନନ୍ଦରେ କହିଲେ, "ସୁନ୍ଦରୀକୁ ଯୋଗରେ ବରଶ୍ରେଷ୍ଠ ମିଳିଲା ।"

ସେ ପଞ୍ଚମହିଷୀ ଖେଚରୀ ବର୍ଗେ ଯେ,
ଦେଖାଇ ବୋଇଲ ହେଲ ବର ବର
ବର ବରନାକୁ ଯୋଗେ ଯେ । ୧୯ ।

( ୩୧ଶ ଛାନ୍ଦ )

ଜେମାଙ୍କ ବିବାହ ପାଇଁ ଆୟୋଜନ କରିବା ମାନସରେ ରାଜପ୍ରାସାଦରେ ରାଜଜ୍ୟୋତିଷ ତାଙ୍କର ଜାତକ ଦେଖିଲେ । ଏହା ସହିତ ପୁଷ୍ପକେତୁଙ୍କ ଜାତକ ମଧ୍ୟ ଗଣିଲେ । ପୁଷ୍ପକେତୁଙ୍କ ଜନ୍ମ ମାଘମାସ କୃଷ୍ଣ ପଞ୍ଚମୀ, ଚିତ୍ରାନକ୍ଷତ୍ର, କନ୍ୟାଚନ୍ଦ୍ର, ମିଥୁନ ଲଗ୍ନ । ଜେମା ବୈଶାଖମାସ ପଞ୍ଚମୀ, ଆର୍ଦ୍ରାନକ୍ଷତ୍ର, ମୀନଲଗ୍ନରେ ଜନ୍ମ ହୋଇଥିଲେ । ଉଭୟଙ୍କ ଜାତକ ଦେଖି ଜାତକ ଶୁଦ୍ଧ ଥିବା ଜ୍ୟୋତିଷ ବ୍ୟକ୍ତ କରିବାରୁ ସମସ୍ତଙ୍କ ମନରେ ଆନନ୍ଦ-ଜାତ ହେଲା । ବୈଶାଖ ଶୁକ୍ଳ ଦଶମୀ ହସ୍ତାନକ୍ଷତ୍ରରେ ହାତଗଣ୍ଠି ପଡ଼ିବା ସ୍ଥିରହେଲା । ରାତିରେ ଶୁଭୋତ୍ସବ ହେବା ବିହିତ ମଧ୍ୟ ସ୍ଥିର ହେଲା । ପୁରୋହିତଙ୍କ ଭଳି ହାତୀରେ ଚଢ଼ି ପାଟଳୀପୁରକୁ ଯାଇ ରାଜାଙ୍କୁ ଏ ସମ୍ବାଦ ଜଣାଇଲେ । ମଗଧରାଜ ଦୀପ୍ତିସାଗର ସସୈନ୍ୟ ବହୁ ଦୁର୍ଗମ ପଥ ଅତିକ୍ରମ କରି ଚମ୍ପାନଗରୀ ନିକଟରେ ପ୍ରବେଶ ହେଲେ । ବହୁ ବନ୍ଧୁରାଜା ବରଯାତ୍ରୀ ହୋଇ ମଧ୍ୟ ଆସିଥିଲେ । ଚମ୍ପାପୁରର ରାଜା ବରଯାତ୍ରୀଙ୍କୁ ପାଛୋଟି ଆଣିବା ପାଇଁ ବାଟରେ ଭେଟି ସ୍ୱାଗତକରି ଆଣିଲେ । (୩୨ଶ ଛାନ୍ଦ)

ମହାସମାରୋହରେ ନବଦିନବ୍ୟାପୀ ବିବାହୋତ୍ସବ ସମାପ୍ତ ହେଲା ।

(୩୩ଶ ଛାନ୍ଦ)

ବର-କନ୍ୟାଙ୍କ ପାଇଁ ସଖୀମାନେ ମଧୁଶଯ୍ୟାଗୃହକୁ ସଜ୍ଜିତ କଲେ । କାନ୍ତ-କାନ୍ତା ମନୋହର ରତିକ୍ରୀଡ଼ାରେ ରାତ୍ରି ଯାପନ କଲେ । (୩୪ଶ ଛାନ୍ଦ) ପ୍ରଭାତ ହେବାରୁ ସଖୀମାନେ ହାସପରିହାସ ଭିତରେ ନିତ୍ୟକର୍ମ ସରିବା ପରେ ସୁନ୍ଦରୀଙ୍କୁ ଜଗତମୋହନକାରୀ ବେଶରେ ସଜାଇଲେ । ପ୍ରାତଃ-ଭୋଜନ ସାରି ଆଜନ୍ମସୁଖୀ ସୁନ୍ଦରୀ ପଲଙ୍କ-ଅଙ୍କରେ କାଂଶଙ୍କେ ନିଦ୍ରାଗଲେ ।

ଦୃଷ୍ଟାନ୍ତରମାନ ଗିରେ ରଖି, ଲୁଚି ତୋଷିଲେ ଯେ ପ୍ରାଣସଖୀ ।
ପଲକ ଅନ୍ତରେ ପଲଙ୍କ ଅଙ୍କରେ ନାଂଶଙ୍କ ନିଦ୍ରା ଆଜନ୍ମସୁଖୀ ।୩୯ ।
(୩୫ଶ ଛାନ୍ଦ )

## ରାଜା : ରାଜ୍ୟଶାସନ : ସମାଜ

କାବ୍ୟରେ ସମାଜ—

କୋଟିବ୍ରହ୍ମାଣ୍ଡସୁନ୍ଦରୀ ଯୌବନାବସ୍ଥା ପ୍ରାପ୍ତ ହେବାରୁ ତାର ଅଙ୍ଗ-ପ୍ରତ୍ୟଙ୍ଗ ସୁଷମା ମଣ୍ଡିତ ହେଲା । ବାଲ୍ୟର ରଜନୀକର (ଚନ୍ଦ୍ର)କୁ ମାଗିବା, ପୌଗଣ୍ଡର ରଜ-ନିକର (ବାଲିସମୂହ)ରେ ଖେଳିବା ଛାଡ଼ି ନବଯୌବନା ସୁନ୍ଦରୀ ରଜନୀକର (କର୍ପୂର)ରେ ସ୍ନେହ କଲା । ବାଲ୍ୟ କାଳରେ ଧାତ୍ରୀମାନଙ୍କ କୋଳରେ ଖେଳୁଥିବାରୁ ସେ ଧାତ୍ରୀମଣ୍ଡନା । ବର୍ତ୍ତମାନ ଧାତ୍ରୀମାନଙ୍କୁ ଭୁଲାଇ କୋଳରେ ଆଶ୍ରୟ ନକରି ଧାତ୍ରୀମଣ୍ଡନା (ପୃଥିବୀମଣ୍ଡନା) ହୋଇଗଲା । ଏହି ଧରଣୀମଣ୍ଡନାର ସର୍ବାଙ୍ଗରେ ଶୋଭାରୂପ କାମରାଜାର ଅନୁଚରବର୍ଗ ବୃଦ୍ଧି ପାଇ ବିନା ଆଦେଶରେ ମଧ୍ୟ ସଞ୍ଚାର ଲାଭ କଲେ ।

(୩ୟ ଛାନ୍ଦ)

ଏହି ପ୍ରସଙ୍ଗରେ କବି ରାଜାଙ୍କର ବିଭିନ୍ନ କର୍ମଚାରୀଙ୍କ ଯୋଗ୍ୟତା ଓ ଅଧିକାରର ସୂଚନା ପ୍ରସଙ୍ଗ ଛଳରେ ବ୍ୟକ୍ତ କରିଛନ୍ତି । ପୃଥୁ ଚକ୍ରବର୍ତ୍ତୀଙ୍କ ସହ ଶରୀରର ପୃଥୁ ଦେଶକୁ ତୁଳନା କରି ବୀର ଚକ୍ରବର୍ତ୍ତୀଙ୍କ ବ୍ୟବହାର ସମ୍ମାନର ସୂଚନା ଦେଇଛନ୍ତି ।

ରାଜ୍ୟ—

ରାଜ୍ୟର ନାମ ଚମ୍ପା । ରାଜଧାନୀର ନାମ ଚମ୍ପା ନଗରୀ । ସେଠାରେ ଅମଙ୍ଗଳର ଭୟ ଆଦୌ ନାହିଁ, ନଗରଟି ସୁଉଚ୍ଚ ସୁନ୍ଦର ଅଟ୍ଟାଳିକାମାନଙ୍କରେ ଶୋଭା ପାଉଛି । ସୌନ୍ଦର୍ଯ୍ୟରେ ଏ ନଗର ସହିତ ସ୍ୱର୍ଣ୍ଣମୟୀ ଲଙ୍କାପୁରୀ, ଅଳକାପୁରୀ ଓ କାଞ୍ଚୀ ନଗରୀ ତୁଳନାଯୋଗ୍ୟ ନୁହନ୍ତି । ଅଟ୍ଟାଳିକାମାନଙ୍କ ଉପରେ ଉଡ଼ୁଥିବା ପତାକାସମୂହ ଆକାଶଚୁମ୍ବୀ । ଗୃହମାନଙ୍କରେ ଶୋଭା

ପାଉଥିବା ଅତି ମୂଲ୍ୟବାନ ସ୍ତମ୍ଭମାନଙ୍କରେ ବିବିଧ ଉଜ୍ଜ୍ୱଳ ମୁକ୍ତାମାନ ଖଚିତ ହୋଇଛି । ଚମ୍ପା ନଗରୀର ହାଟ ଅମରାବତୀକୁ ସୁଦ୍ଧା ତୁଚ୍ଛଜ୍ଞାନ କରୁଛି । ହାଟରେ ରମ୍ଭୋରୁ ସ୍ତ୍ରୀମାନେ ବସି କିଣାବିକା କରୁଛନ୍ତି । ନାରଙ୍ଗାଦି ଅନେକ ପ୍ରକାର ଫଳ ଏଠାରେ ବିକ୍ରି ପାଇଁ ରଖାଯାଇଛି । ଅତି ରମଣୀୟ ଘୋଟକ ଓ ଯାନ ଅଳ୍ପ ମୂଲ୍ୟରେ କିଣା ହେଉଛି । ମାଳୁଣୀମାନେ ବିବିଧ ପୁଷ୍ପରେ ପସରାକୁ ସଜାଇ ଅଛନ୍ତି । ଏଠାରେ ଅସଂଖ୍ୟ ମଣିରତ୍ନାଦି କିଣାବିକା ହେଉଛି ।, ନଗରୀରେ ଶୁକପକ୍ଷୀମାନେ ଶୁକଦେବଙ୍କ ବିରଚିତ ଶ୍ଲୋକ ପାଠ କରୁଅଛନ୍ତି । ସୁକବିମାନେ ନାନାଦି ଶ୍ଲୋକାର୍ଥ କରି ଜନମନକୁ ହରଣ କରୁଅଛନ୍ତି । ଏଠାର ବୈଦ୍ୟମାନେ ବୈଦ୍ୟଶାସ୍ତ୍ର ବିଶାରଦ । ଗଣିକାମାନେ ପରମ ପଣ୍ଡିତା । ଧନୀ ମହାଜନମାନେ ଅତୁଳ ସମ୍ପତ୍ତିର ଅଧିକାରୀ । ନଗରୀର ଯୋଦ୍ଧାମାନେ ଯୁଦ୍ଧବିଦ୍ୟାରେ ଧୁରନ୍ଧର ଓ ଅତୁଳ ପରାକ୍ରମୀ; ବହୁ ଶତ୍ରୁବିନାଶକାରୀ ମଧ୍ୟ । ଏଠାର କାରୁକାର୍ଯ୍ୟ ଅତୁଳନୀୟ । ଲକ୍ଷ୍ମୀ ଏଠାରେ ସର୍ବଦା ବାସ କରୁଅଛନ୍ତି । ଗୃହରେ ଶୋଭା ପାଉଥିବା ମଣିମୁକ୍ତାଦିର ଜ୍ୟୋତିରେ ସବୁବେଳେ ପ୍ରାତଃକାଳ ପରି ବୋଧ ହେଉଅଛି । ନଗର ବହିଃଦ୍ୱାରର ଖଣ୍ଡୋଭଙ୍ଗୀ କନ୍ୟାସ୍ତମ୍ଭମାନଙ୍କରେ ଅପୂର୍ବ ଶୋଭା ଧାରଣ କରିଅଛି । ଏହି ଦ୍ୱାରର କାନ୍ଥ କାଚରେ ନିର୍ମିତ ହୋଇଛି । ଗବାକ୍ଷ, ଚତ୍ୱର, ପରଦାଦି ଏହାର ଶୋଭାକୁ ବର୍ଦ୍ଧନ କରୁଛି । ଗୃହମାନଙ୍କର ସ୍ତମ୍ଭସବୁ କନ୍ୟାରୂପରେ ନିର୍ମିତ ହୋଇଛି । ଗୃହମାନଙ୍କରେ ନାନାଦି ବାଦ୍ୟାଳାପ ଓ ଗାୟନ ହେଉଛି । ଲୋକେ ବିଚକ୍ଷଣ ଓ ରସାଳାପୀ ଥିବାରୁ ଏବଂ କାରୁକାର୍ଯ୍ୟରେ ଅଦ୍ଭୁତ କୌଶଳ ପ୍ରକାଶ ପାଇଥିବାରୁ ନଗରୀଟି ରହସ୍ୟ-ନିବାସ ପରି ପ୍ରତୀୟମାନ ହେଉଛି ।

ସ୍ଥୂଳ ଆକାରର ଏହି ବିଷୟଟି କବିଙ୍କ ବିଚିତ୍ର ତୂଳିକାରେ ଅତି ରମଣୀୟ ରୂପ ଧାରଣ କରିଅଛି । ବିଭିନ୍ନ ତୁଳନାତ୍ମକ ବିଷୟର ଅବତାରଣାରୁ ବିଷୟବସ୍ତୁଟି ଚମତ୍କାରିତା ଉତ୍ପାଦନ କରି କମନୀୟ ରସସୃଷ୍ଟି କରିଅଛି । ବର୍ଣ୍ଣନା-କୌଶଳ, ବିଷୟଜ୍ଞାନ, ଶବ୍ଦାର୍ଥଜ୍ଞାନ, କମନୀୟ ପଦାବଳୀର ଅପୂର୍ବ

ସଂଯୋଜନା ବିଷୟବସ୍ତୁକୁ ଅଭିନବ ରୂପ ଦାନ କରିଛି । ଏଥିରୁ କେତୋଟି ଦୃଷ୍ଟାନ୍ତ ତଳେ ଦିଆଗଲା ।

ନଗରୀର ନାମ—ଚମ୍ପା ନଗରୀ

ଚମ୍ପା ସେ ରସା-ଯୋଷା ଶିରେ ବନ୍ଧ, ଶିବ ତହିଁରେ ଗୁରୁତର ସ୍ନେହୀ ॥
ଜନ-ମନୋହର ସୁବାସ ଅଛି, ଭ୍ରମର ଅବଲମ୍ବ ନାହିଁ କଛି ॥

(ରସା—ପୃଥିବୀ, ଯୋଷା—ସ୍ତ୍ରୀ, ଶିବ—ମହାଦେବ ଓ ମଙ୍ଗଳ, ସୁବାସ—ଉତ୍ତମ ବାସ ଓ ଉତ୍ତମ ଗୃହ, ଭ୍ରମର—ଭଅଁର, ଭ୍ରମ ବା ଭ୍ରାନ୍ତିର)

ଚମ୍ପାଫୁଲକୁ ସ୍ତ୍ରୀମାନେ କେଶରେ ପିନ୍ଧନ୍ତି, ଶିବ (ମହାଦେବ)ଙ୍କ ଏହି ଫୁଲରେ ଆଦର । ଏଥିରେ ଜନମନକୁ ହରଣ କଲାପରି ସୁଗନ୍ଧ (ଉତ୍ତମ ବାସ) ଅଛି । ଭ୍ରମର ଏଥିରେ ବସେ ନାହିଁ ।

ପୃଥିବୀ ଯୋଷା ଏହି ଚମ୍ପାନଗରୀ ରୂପକ ଚମ୍ପାଫୁଲକୁ ଶିର (ମସ୍ତକ)ରେ ଧାରଣ କରିଛି । ଏଠାରେ ଶିବ (ମଙ୍ଗଳ) ବିଶେଷ ଭାବରେ ରହିଅଛି । ମନୋମୁଗ୍‌ଧକର ଗୃହମାନ ଏଠାରେ ଅଛି । ପୁଣି ଏଠାରେ ଭ୍ରମର (ଭ୍ରାନ୍ତିର) ଆଶଙ୍କା ନାହିଁ । ଅର୍ଥାତ୍ ଲୋକେ ଭ୍ରମରେ ପଡ଼ନ୍ତି ନାହିଁ ।

ସୌନ୍ଦର୍ଯ୍ୟ—ଏହି ନଗରୀର କମନୀୟ ରୂପ ଦେଖି ଲଙ୍କା, ଅଳକା ଓ କାଞ୍ଚି ନଗରୀମାନେ ବୃକ୍ଷରେ ଓ ସ୍ତ୍ରୀଠାରେ ଶରଣ ପଶିଛନ୍ତି । ତେବେ ସୁଦ୍ଧା ସେମାନେ କମ୍ପୁଛନ୍ତି, ସ୍ତମ୍ଭୀଭୂତ ହେଉଛନ୍ତି ଓ ଡକା ପକାଉଛନ୍ତି । (ଲଙ୍କା—ଡାଳ, ଅଳକା—ଚୂର୍ଣ୍ଣକୁନ୍ତଳ, କାଞ୍ଚି—କଟି କିଙ୍କିଣୀ) ଲଙ୍କା (ଡାଳ) ବୃକ୍ଷରେ ରହି ସୁଦ୍ଧା କମ୍ପୁଛି; ଅଳକା ନାରୀକୁ ଆଶ୍ରୟ କରି ସୁଦ୍ଧା ଅସ୍ଥିର ହୋଇ ରହିଅଛି । କାଞ୍ଚି ନାରୀର କଟିକି ଆଶ୍ରୟ କରି ସୁଦ୍ଧା ବାଜେଣି ରୂପକ ଡକା ପକାଉଛି ।

ସେ ନଗରୀର ଅଟ୍ଟାଳିକା-ସମୂହ ଇନ୍ଦ୍ରପୁରକୁ ଜିଣିଥିବ ହେତୁ ଇନ୍ଦ୍ରଙ୍କର ଭୟ ହେଉଅଛି । ଏହି ଅଟ୍ଟାଳିକାମାନଙ୍କର ନଭସ୍ପର୍ଶୀ ପତାକା ସମୂହ

କାଳେ ପାଦକୁ ଛନ୍ଦି ଦେବେ, ସୂର୍ଯ୍ୟଙ୍କ ରଥବାହୀ ଅଶ୍ୱମାନେ ଏହି ଆଶଙ୍କା କରୁଛନ୍ତି ।

ଏହି ଅଟ୍ଟାଳିକାମାନଙ୍କରେ ଶୋଭିତ ସୁବର୍ଣ୍ଣ ଚନ୍ଦ୍ରଶାଳା ନିର୍ମଳ ଆକାଶରେ ଚନ୍ଦ୍ରମଣ୍ଡଳପରି ଶୋଭା ପ୍ରକାଶ କରୁଛନ୍ତି । ଉଜ୍ଜ୍ୱଳ ନକ୍ଷତ୍ର-ମାଳାରେ ଆକାଶ ଶୋଭା ପାଉଥିଲା ପରି ଉଜ୍ଜ୍ୱଳ ମଣିମୁକ୍ତା ଗୁଡ଼ିକ ଏହି ଚନ୍ଦ୍ରଶାଳାରେ ଖଚିତ ହୋଇ ଅତି ରମଣୀୟ ଦେଖାଯାଉଛି ।

ନଗର ବହିର୍ଦ୍ୱାରର ସୌନ୍ଦର୍ଯ୍ୟ କେଳୁଣୀ ନାଟପରି ଦେଖା ଯାଉଛି । କେଳୁଣୀମାନେ ଚିତ୍ତ ହୋଇ ପାଦକୁ ହାତ ମୁଠାରେ ଧରି ବନ୍ଧ ଭାଙ୍ଗନ୍ତି (ବା ଝଣ୍ଟା ପକାନ୍ତି ବା ମଗା ପକାନ୍ତି) । ଦ୍ୱାରର ତୋରଣସ୍ତମ୍ଭ କେଳୁଣୀର ଭୁଜ ପରି, ସୁବର୍ଣ୍ଣ କଳଶ ସ୍ତନ ପରି, ବାଦ୍ୟ ପାଦର ନୂପୁରର ବାଜେଣି ପରି । ଦର୍ଶକଙ୍କର "ଭଲ ଭଲ" ଶବ୍ଦ କେଳାଙ୍କର "ଭଲ ଭଲ" ଶବ୍ଦ ପରି ହୋଇଛି । ପୁଣି ଏଠାର କାଚ ବାଡ଼ରେ କେଳୁଣୀର ମୁଖର ଉଜ୍ଜ୍ୱଳତା, ପରଦାରେ କେଳୁଣୀର ବଦନର ସୌନ୍ଦର୍ଯ୍ୟ, ଭ୍ରମରରେ ଚିକୁରର ଶୋଭା ଲକ୍ଷିତ ହେଉଛି ।

ବହିନଗରେ କେଳିଲା କି ରଙ୍ଗେ । କଳଶ କୁଚ ତୋରଣସ୍ତମ୍ଭ ଭୁଜେ ॥
ଶୁଭେ ନାଗପଦ-ନୂପୁର ବାଦ୍ୟ । ସମ୍ମୁଖେ ଯହିଁ ଭଲ ଭଲ ପଦ ॥
ମୁଖ ଝଲପଣ ଦର୍ପଣ-ଭିତ୍ତି । ଅକ୍ଷି ଲଙ୍ଘିବ, ଗବାକ୍ଷ ଅଛନ୍ତି ॥
ଭ୍ରମର ଛଡ଼ାଇ ଚିକୁର ଶଙ୍କା । ବଦନ ପ୍ରସନ୍ନକୁ ଯବନିକା ॥

ପୁଣି ସେ ନଗରର ଗୃହମାନଙ୍କର ସ୍ତମ୍ଭସବୁ ସ୍ତ୍ରୀ ଆକୃତିରେ ନିର୍ମିତ ହୋଇଥିବାରୁ ବିଦେଶୀମାନଙ୍କ ମନରେ ବେଶ୍ୟାଭ୍ରମ ଜନ୍ମାଉଅଛି । ଗୃହ-ମାନଙ୍କରେ ସ୍ତ୍ରୀମାନେ ଯେଉଁ ବୀଣାବାଦନ ଓ ମଧୁର ଗୀତ ଗାୟନ କରୁଛନ୍ତି ତାକୁ ଶୁଣି ସେମାନେ (ବିଦେଶୀମାନେ) ଏହାକୁ ବେଶ୍ୟାମାନଙ୍କ ବୀଣାବାଦନ ଓ ଗୀତଗାୟନ ହୋଇଥିବ ପରି ବୋଲି ଭାବୁଛନ୍ତି କେହି ଦୂରଦେଶୀ

ଏହି ମୂର୍ତ୍ତିଗୁଡ଼ିକୁ ଚୁମ୍ବନ ଦେଲେ କାମାନ୍ଧ ହୋଇଯାଏ । ବିଦେଶୀମାନେ କାଚବାଡ଼ମାନଙ୍କରେ ସେମାନଙ୍କର ପ୍ରତିବିମ୍ବକୁ ଦେଖି ଡରି ଯାଆନ୍ତି ଏବଂ ସେଥି ସକାଶୁଁ ଘର ଭିତରକୁ ସତ୍ୱରେ ପଶନ୍ତି ନାହିଁ; ବାଆଁରେଇବା ପାଇଁ ଗଢ଼ା ଶୁକପକ୍ଷୀକୁ ପଠାଇବାରେ ଲାଗନ୍ତି । ଯେ ଦେଶୀ ପରିହାସୀ ଆଗରେ ପଡ଼େ ସେ ଲଜ୍ଜା ସମୁଦ୍ରରେ ବୁଡ଼ିଯାଏ ।

ଏଣୁ ସେ ପୁରଟି ସର୍ବପ୍ରକାର ରହସ୍ୟର ଆଧାର ସ୍ୱରୂପ (ରହସ୍ୟ-ନିବାସ) ।

ରୂପାଜୀବା ତସ୍କାରୂପା ହୋଇଣ । ଯହିଁରେ ଧନ୍ୟା କନ୍ୟାସ୍ତମ୍ଭ ଗଣ ॥
କରାଇ ଭ୍ରମ କେତେ ରାଗ ଜାତ । ବୀଣା ସ୍ୱରେ କରେ ଆଳାପ ଗୀତ ॥
ଦୂରଦେଶୀ ଜନ ଦେଲେ ଅନାଇ । ମଦନ-ରସରେ ମନ ମନାଇ ॥
ଧନ-ସାରଣୀ କେତେ କହିବାକୁ । ତାଙ୍କ ପ୍ରତିବିମ୍ବ ଡରାଇ ତାଙ୍କୁ ॥
କାଚ ଚତ୍ୱରେ ସତ୍ୱରେ ନ ପଶି । ଗଢ଼ା-କୀର ପଠାଇବାକୁ ରସି ॥
ଦେଶୀ ପରିହାସୀ ଆଗେ ଯେ ପଡ଼ି । ହସି ସରିତରେ ରହିବା ବୁଡ଼ି ॥
ଏଣୁ ସେ ପୁର ରହସ୍ୟ ନିବାସ । ତହିଁ ନରେଶ୍ୱର ଉପମା କାସ ॥

(୨ୟ ଛାନ୍ଦ ।)

ଏପରି ବହୁ ଉପମା ଉପମେୟ ମଣ୍ଡିତ ଶବ୍ଦାବଳୀରେ ଚମ୍ପାନଗରୀର ବର୍ଣ୍ଣନା ହୋଇ ଏକ ବିଚିତ୍ର କାବ୍ୟରୂପର ସୃଷ୍ଟି ହୋଇଛି ।

ନଗରର ବହିର୍ଦ୍ୱାରର ଶୋଭା ନଗରର ସାମୂହିକ ଶୋଭାର ପ୍ରତୀକ ସ୍ୱରୂପ । ଧନଧାନ୍ୟ, ବିଦ୍ୟା, ସଂସ୍କୃତି ପ୍ରଭୃତିରେ ଏହି ନଗରୀଟି ଅତି-କୋଟିର । କବିଙ୍କର ନଗର ସମ୍ପର୍କୀୟ ଦ୍ୱାର, ଅଟ୍ଟାଳିକା, ପତାକା, ଗୁମ୍ଫୁଆ, କାଚବାଡ଼, କଳଶ, କନ୍ୟାସ୍ତମ୍ଭ, ହାଟ, ପଣ୍ୟଦ୍ରବ୍ୟ କ୍ରୟବିକ୍ରୟ, ଗାନବାଦନ ବିଦ୍ୟା ଶିକ୍ଷା ପ୍ରଭୃତି ଉଚ୍ଚସ୍ତରର ଥିଲା । ଲୋକେ ଯେପରି ଶିକ୍ଷିତ ସେପରି ସୌନ୍ଦର୍ଯ୍ୟପ୍ରେମୀ । କବି, ରସିକ, ପରିହାସୀ, ଧନୀ-ମହାଜନ, କେଳା କେଳୁଣୀ, ବେଶ୍ୟା, ଯୋଦ୍ଧା, ବୈଦ୍ୟ, ଶିଳ୍ପୀ ପ୍ରଭୃତି ସବୁ ସ୍ତରର ଲୋକେ ଉପଯୁକ୍ତସ୍ଥାନ ଲାଭକରି ନଗରୀର ମୁଖ ଉଜ୍ଜ୍ୱଳ କରୁଛନ୍ତି ।

**ରାଜା—**

ଚମ୍ପାନଗରର ରାଜା ବିଶ୍ୱାନନ୍ଦକ ବାସ୍ତବରେ ବିଶ୍ୱର ଆନନ୍ଦଦାୟକ। ସେ ରାଜାଧିରାଜ; ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନି ପୁରକୁ ଏ ରାଜା ଜୟ କରିଛନ୍ତି।

କବି ଏହି ବିଷୟବସ୍ତୁଟିକୁ ଉପମା ସାହାଯ୍ୟରେ ସୁନ୍ଦର ରୂପ ଦେଇଛନ୍ତି। ବିଶ୍ୱାନନ୍ଦକ ମହାଦେବଙ୍କ ତୁଲ୍ୟ। ମହାଦେବ ତ ରାଜଚୂଡ଼ାମଣି; ବିଶ୍ୱାନନ୍ଦକ ଚକ୍ରବର୍ତ୍ତୀ ଥିବାରୁ ଏ ମଧ୍ୟ ରାଜଚୂଡ଼ାମଣି ଏବଂ ସାମନ୍ତ ନୃପତି-ମାନେ ଏହାଙ୍କୁ ମଧ୍ୟ ମହାଦେବ ବୋଲି ସମ୍ବୋଧନ କରୁଅଛନ୍ତି। ମହାଦେବ ଯେପରି ତ୍ରିପୁରାସୁରକୁ ଜୟ କରିଥିଲେ ବିଶ୍ୱାନନ୍ଦକ ସେପରି ତ୍ରିପୁରକୁ ଜୟ କରିଛନ୍ତି। ମହାଦେବଙ୍କୁ କୁମାର (କାର୍ତ୍ତିକେୟ) ଓ ଗଣ (ଭୂତ ପ୍ରେତାଦି) ବେଢ଼ି ସେବାରେ ରହିଥିଲା ପରି ବିଶ୍ୱାନନ୍ଦକଙ୍କର କୁମାରମାନେ ତାଙ୍କର ପଦସେବା କରୁଛନ୍ତି। ମହାଦେବଙ୍କ ଆଗରେ 'ମହିମା ମହିମା' ଡାକ ହେଉଥିଲା ପରି ତାଙ୍କ ଆଗରେ ମଧ୍ୟ 'ମହିମା ମହିମା' ଡାକ ହେଉଛି।

> ନୃପତିମାନେ ମହାଦେବ କହି। ରାଜା-ଚୂଡ଼ାମଣି ହେବାରୁ ସେହି ॥
> ପୁଣି ତ୍ରିପୁର-ବିଜୟୀ ସ୍ୱଭାବେ। କୁମାରଗଣ ପଦତଳେ ସେବେ ॥
> ମହିମା ଡାକ ଅନୁକ୍ଷଣେ ଶୁଭେ। ବିଶ୍ୱାନନ୍ଦକ ହୋଇ ନାମ ଶୋଭେ ॥

ଏହି ରାଜା ସବୁବେଳେ ବ୍ରାହ୍ମଣମାନଙ୍କ ଦ୍ୱାରା ଯଜ୍ଞ କରାଇଛନ୍ତି। ବ୍ରାହ୍ମଣମାନଙ୍କର ଯଜ୍ଞଧୂମରେ ଆକାଶ ମେଘାଚ୍ଛନ୍ନ ପରି ଦେଖାଯାଉଛି। ବହୁତ ସୁବର୍ଣ୍ଣ ଗଣି ଅତିଥି ସେବା କରିବାରେ ଧର୍ମ ପ୍ରକାଶ ହେଉଛି। ଯାଚକମାନଙ୍କ କାମନା ପୂର୍ଣ୍ଣ ହେଉଛି। ବୈରୀମାନଙ୍କର ଧନ ଲୁଟି ଆଣିଥିବାରୁ ଦେଶରେ ତ୍ରିବର୍ଗ (ଧର୍ମ, ଅର୍ଥ, କାମ) ଉଦିତ ହୋଇଛି ଏବଂ ତ୍ରିତାପ (ଆଧ୍ୟାତ୍ମିକ, ଆଧିଦୈବିକ, ଆଧିଭୌତିକ) ନାଶ କରିବାରେ ସମର୍ଥ ହୋଇଛି। ସବୁବେଳେ ରାମନାମ ଜପ କରୁଥିବାରୁ ମୋକ୍ଷଲାଭର ମଧ୍ୟ ସନ୍ଦେହ ନାହିଁ। ତୀର୍ଥବ୍ରତାଦି କରି ବହୁ ପୁଣ୍ୟ ମଧ୍ୟ ଅର୍ଜନ କରୁଛନ୍ତି।

ଦେଶରେ ଧନସମ୍ପତ୍ତିର ବୃଦ୍ଧି, ଯାଗଧର୍ମାଦି ଧାର୍ମିକ କାର୍ଯ୍ୟକଳାପଦ୍ୱାରା ଜନ-ନିର୍ମଳତା ଓ ଧର୍ମପ୍ରାଣତାର ବହୁଳପ୍ରସାର, ଅତିଥିଅଭ୍ୟାଗତ ସେବା ଓ ଦୀନଜନଙ୍କୁ ଦାନ ଦେବାଦ୍ୱାରା ସାମାଜିକ ଓ ଅର୍ଥନୈତିକ ବୈଷମ୍ୟର ଦୂରୀକରଣ ପ୍ରଭୃତି ରାଜ୍ୟରେ ଅତି ଉଚ୍ଚ ଧରଣର ସଭ୍ୟତା ପ୍ରଚଳିତ ଥିବା ପ୍ରମାଣିତ ହେଉଛି ।

ରାଜା ଚକ୍ରବର୍ତ୍ତୀ ଥିବାରୁ ଚତୁରଙ୍ଗ ସେନାବାହିନୀ ରଖିଛନ୍ତି; ଉପଯୁକ୍ତ ପାତ୍ରମନ୍ତ୍ରୀ ଓ ପୁରୋହିତ ରଖି ରାଜ୍ୟଶାସନ କରୁଛନ୍ତି ।

ଦିଗ୍‌ବିଜୟ ରାଜାଙ୍କର କର୍ତ୍ତବ୍ୟ ରୂପରେ ପାଳିତ ହେଉଅଛି । ତୀର୍ଥାଟନବେଳେ ମଧ୍ୟ ପଥମଧ୍ୟସ୍ଥ ସ୍ୱାଧୀନ ରାଜ୍ୟମାନଙ୍କୁ ଆକ୍ରମଣ କରି ସେଠାରେ ନିଜର କର୍ତ୍ତୃତ୍ୱ ବିସ୍ତାର କରୁଅଛନ୍ତି ।

ମନ୍ତ୍ରୀ ବୁଦ୍ଧିସାଗର ରାଜା ବିଶ୍ୱାନନ୍ଦକଙ୍କୁ ବଦ୍ରିକା ତୀର୍ଥକୁ ଯିବାପାଇଁ ପରାମର୍ଶ ଦେଉଥିବାବେଳେ ରାଜାଙ୍କୁ କହିଥିଲେ—

ଭୂଦେବମାନେ ଯଜ୍ଞକରିବାରେ, ବହୁତ ସୁବର୍ଣ୍ଣ ଗଣି ଦେବାରେ ।
ଧନମସ୍ତ ପରା ସଦା ଆକାଶ, ଅତିଥି ପୂଜନେ ଧର୍ମ ପ୍ରକାଶ । ୧୪ ।
ଯାଚକ କାମନା ସମ୍ପୂର୍ଣ୍ଣ କରି, ବଇରୀ ବୃନ୍ଦର ଅର୍ଥକୁ ହରି ।
ଉଦିତ ତିନି ବର୍ଗ ଆମ୍ଭ ପୁରେ, ସମର୍ଥ ତିନି ତାପ ନାଶିବାରେ ।୧୫।
ରାମ ନାମକୁ ଜପ କରୁଥାଇ, ମୋକ୍ଷରେ ଆଉ ସେ ସଂଶୟ ନାହିଁ । ୧୬ ।

( ତୀର୍ଥାଟନ ବେଳେ )

ପଥେ ଅଜସ୍ର ହଲେ କେହୁ କେହୁ, ମନ୍ତ୍ରମା ଆରମ୍ଭ କରିବା ତହିଁ । ୧୭ ।

ଏଠାରେ ରମଣୀର ପୃଥୁଳ "ଚକ୍ରାକାର ନିତମ୍ବକୁ ପୃଥୁଚକ୍ର-ବର୍ତ୍ତୀଙ୍କ ସଙ୍ଗେ ତୁଳନା କରିବା ପ୍ରସଙ୍ଗରେ କବି ଚକ୍ରବର୍ତ୍ତୀଙ୍କର କେତେକ

ବାହ୍ୟ ଭୂଷଣର ସୂଚନା ଦେଇଛନ୍ତି । ପୃଥୁରାଜା ଜଣେ ଆଦର୍ଶ ରାଜା ଥିଲେ ଏବଂ ତାଙ୍କ ରାଜତ୍ୱରେ ଅବିବେକିତା ବା ଅବିଗ୍ଭର ନଥିଲା । ଚକ୍ରବର୍ତ୍ତୀ ସାରବାଜା, ଗୁଗୁଚିଭେଟି, ଡମ୍ବରୁ ବଜାଇ ଯୁଦ୍ଧଯାତ୍ରା କରୁଥିଲେ ।

ରାଜକର୍ମଚାରୀ—ସୁନ୍ଦରୀର ଦେହ ସୁବର୍ଣ୍ଣପୁର ପରି ଦେଖାଗଲା । କାମଦେବ ଏହି ପୁରକୁ ଅଧିକାର କରିବାରୁ ସର୍ବାଙ୍ଗରେ ବିଭିନ୍ନ ରାଜକର୍ମଚାରୀମାନେ ବିନା ଆଦେଶରେ ମଧ୍ୟ ସଞ୍ଚାର କରି କ୍ରମେ କ୍ରମେ ବୃଦ୍ଧି ପାଇଲେ ।

କରଣ—କାନ୍ତି କରଣ ସଙ୍ଗେ ସମାନ ହୋଇ ଛଟକରେ ପ୍ରକଟ ହୋଇ ସୁବର୍ଣ୍ଣପୁର ( ଦେହ ) କୁ ଅଧିକାର କଲା ।

ପ୍ରଧାନ—ଦେହର ପ୍ରଭୁକରଣ ସଙ୍ଗେ ସମାନ ହୋଇ ସମସ୍ତଙ୍କୁ ନିଶ୍ଚୟ ବଶ କରିବ ବୋଲି ଭାବିଲା ।

ଦୂତ—ମଧୁରତା ରାଜଦୂତ ବା ଗୁପ୍ତିଆ ସଙ୍ଗେ ସମାନ ହେଲା । ଏହି ସ୍ୱଭାବ ବଶରୁ ରାଜାଙ୍କର ବିନା ଲିଖିତ ଆଦେଶରେ ( ଚିଠିଲେଖନ ବିନା) ମଧ୍ୟ ପ୍ରଜାମାନଙ୍କର ମାନ୍ୟର ପାତ୍ର ହେଲା ।

ବିଦୂଷକ—ପ୍ରଗଲ୍‌ଭତା ବିଦୂଷକ ସଙ୍ଗେ ସମାନ ହୋଇ ପରିହାସ ଓ ସୁବକ୍ରୋକ୍ତି ଜନ୍ମାଇଲା ।

ପାତ୍ର—ଲଜ୍ଜା ପାତ୍ର ସଦୃଶ ହୋଇ ସବୁବେଳେ ରାଜା ମନକୁ (କନ୍ୟାର ମନ) ଆସି ଆନନ୍ଦରେ ବିହାର କଲା ।

ଜ୍ୟୋତିଷ—ନାସାର ମୋତି ଜ୍ୟୋତିଷ ସଙ୍ଗେ ସମାନ ହେଲା । ଉଜ୍ଜ୍ୱଳ ମୁକ୍ତାଟି ଉଚ୍ଚ ସ୍ଥାନରେ ଲଗା ହୋଇଥିବାରୁ ଶୁକ୍ର ଉଚ୍ଚ ଲଗ୍ନରେ ରହିଥିଲା ପରି ଜଣାଗଲା ।

ରାଜ ଆଦେଶ—ଲିଖିତ ଓ ଅଲିଖିତ ଉଭୟବିଧ ଥିବା ଦେଖାଯାଏ ।

ଚିତ୍ର ବନ୍ଧ ଦରଶନେ ଥୋଇଲା । ଚିତ୍ରବନ୍ଧନ ଚିତ୍ତକୁ ହୋଇଲା ।
ବନ୍ଦୀଲକ୍ଷେ ଶୋଭା-କୀର୍ତ୍ତି କୁହାଇ । ବନ୍ଦୀ ଲକ୍ଷେ ଅବରୋଧେ ବୁହାଇ ।୭
ଅଙ୍କୁରାଇଲା ନୂତନେ ରୋମାଳୀ । ସ୍ୱତ ପ୍ରଥମ-ରଚିତ ବର୍ଣ୍ଣାବଳୀ ।
ଅତି ଶୋଭେ ନାଭି ଏହି ପ୍ରକାର । ଧାଡ଼ିପ୍ରାନ୍ତେ ରଖିଅଛୁ ଠକାର ।୮
ଆଉ ବର୍ଣ୍ଣ ଚୂର୍ଣ୍ଣକେଶେ ରଚିଲା । ଥିଲା ଅସ୍ତବ୍ୟସ୍ତ ସମେ ଲେଖିଲା ।
ହ୍ରସ୍ୱ ଦୀର୍ଘପ୍ଳୁତ କରି ଗ୍ରୁବୁରେ । କଲା ପ୍ରସ୍ତାର ଦେଖାଇ ଭୂରୁରେ ।୯
କଲା ନତମ୍ବ ପୃଥୁ ଚକ୍ରବର୍ତ୍ତୀ । ବେଗେ ଅବିବେକ ଗଲା ନବର୍ତ୍ତି ।
କର ନୂପୁର ଦୂରକୁ ବାଜଣୀ । କଟି ଡମ୍ବୁରୁରେ ଘଣ୍ଟି ସାଜଣୀ ।୧୦
ଜପାବଲ୍ଲୋମେ ପାତ୍ର ମନୋହରେ । ମନ ଆସୀମାନ୍ତେ ଆସି ବିହରେ ।
କେଶାତି ମୋତି ନାସାରେ ଯେ ବିଦିତ । ଯେଣୁ ଲଗ୍ନ ଉଚ୍ଚେ କାବ୍ୟ ଉଦିତ ।୧୧
ଅଙ୍ଗଦେଶରେ ଶୋଭା ଅନୁଚରେ । ବୃଦ୍ଧି ଅକଥିତ ହୋଇ ସଞ୍ଚରେ ।
କାନ୍ତି କରଣ ପ୍ରକଟ ଛଟକେ । ଅଧିକାର କଲା ହେମ କଟକେ ।୧୨
ଦୀପ୍ତି ପ୍ରଧାନ ପ୍ରକାଶ ବହନେ । କଷ୍ଟେ ମଣି ତ ସେ ସର୍ବ ମୋହନେ ।
ମାଧୁର୍ଯ୍ୟତା ଦୂତ ପୁଣି ଉପୁଜେ । ଚିତ୍ର ଲେଖନ ବିନା ଅନ୍ୟ ପୂଜେ ।୧୩
ପ୍ରଗଲ୍ଭତା ବିଦୂଷକ-ସଙ୍ଗତି । ଜାତ ପରିହାସ ସୁବକ୍ତ ଉକ୍ତି ।
ରାଗ ବ୍ୟକ୍ତ ଅତିଶସ୍ତ ଅଧରେ । ସାର କରି ମଞ୍ଜିଷ୍ଠାକୁ ଉଦ୍ଧରେ । ୧୪

(ଓସ୍ତୁ ଗ୍ରନ୍ଥ)

ଚିତ୍ରପଟ ଲେଖନ—ରାଜକନ୍ୟା ଯୌବନ ଭାରରେ ଭାରାକ୍ରାନ୍ତ ହେବାରୁ ଚତୁଃଷଷ୍ଟୀବନ୍ଧ ପିତୁଳାରେ ହ୍ନେସ୍ୱା ହେଲା ଏବଂ ଆଖି ଆଗରେ ଏହି ବନ୍ଧଚିତ୍ରପୂର୍ଣ୍ଣ ଚିତ୍ରପଟ ରଖି ସେଥିରେ ମନନିବେଶ କଲା । ଏହି ପଟ ତାର ମନକୁ ମୋହିବା ସଙ୍ଗେ ସଙ୍ଗେ ତାର ଅପୂର୍ବ ଶୋଭା-ଚିତ୍ର ପଟଜନମନକୁ ବନ୍ଧନ କଲା ।

ପଣ୍ଡିତ ବନ୍ଦୀ (ଭାଟ, କଏଦୀ )—ନବଯୌବନାର ଏ ରୂପ-ଲାବଣ୍ୟ ଚିତ୍ରପଟ ଧରି ଲକ୍ଷ ଲକ୍ଷ ବନ୍ଦୀ (ଭାଟ) ଏହି ଶୋଭା ଓ କୀର୍ତ୍ତି ଗାନ

କରି ଦେଶ ଦେଶ ଭ୍ରମଣ କଲେ । ସେ କନ୍ୟା ମଧ୍ୟ ଯୌବନା ବସ୍ଥାପ୍ରାପ୍ତ ହେବାରୁ ସାମାଜିକନିବନ୍ଧନବଶତଃ ଗୃହାଭ୍ୟନ୍ତରେ ବନ୍ଦୀ ବା କଏଦୀ ରୂପରେ ରହିଲା ।

ପୂର୍ବେ ରାଜସଭାମାନଙ୍କରେ ବିଦ୍ୱାନ୍ ପ୍ରତ୍ୟୁତ୍ପନ୍ନମତି ଭାଟ, ଦୂତ ଓ ବିଦୂଷକ ରହୁଥିଲେ । ରାଣୀ ମହଲରେ (ରାଣୀହଂସ ପୁରରେ) ନପୁଂସକ (ପୋଇଁଠା) ମାନେ ରହି ଦୂତପରି କାର୍ଯ୍ୟ କରୁଥିଲେ । ସେମାନେ ମଧ୍ୟ ଭଟ ସଙ୍ଗୁଡ଼ିର ସଂସ୍ପର୍ଶରେ ଆସି ବାକ୍‌ପଟୁତା ଅର୍ଜ୍ଜନ କରି ଅତି ବିଚକ୍ଷଣ ଭାବରେ ନାରୀମହଲର ଭାବଭଙ୍ଗୀ ଅଭିପ୍ରେତ ସ୍ଥଳରେ ବ୍ୟକ୍ତ କରି ପାରୁଥିଲେ ।

ସ୍ୱୟମ୍ବର ବାର୍ତ୍ତା ଧରି ଚମ୍ପାନଗରର ଦୂତ ପୁଷ୍ପପୁରରେ ପ୍ରବେଶ ହୋଇ ସ୍ୱପ୍ରଭୁ ରାଜା ବିଶ୍ୱାନନ୍ଦନ ଓ ରାଜକୁମାରୀଙ୍କର ବହୁ ପ୍ରଶଂସା କରି କହିଲା । ବିଶ୍ୱାନନ୍ଦନ ପୂଜନୀୟ ଦେବତାବୃନ୍ଦଙ୍କ ପୂଜ୍ୟ ଓ ନନ୍ଦକ ଖଡ୍‌ଗଧାରୀ ନନ୍ଦସୁତ ଶ୍ରୀକୃଷ୍ଣଙ୍କ କେବଳ ପୂଜା କରନ୍ତି । ଏହି ବୀରଙ୍କ ପ୍ରଭୁତ୍ୱରେ ମିତ୍ର ଓ ବୈରୀମାନେ ସମଭାବରେ ଅଚଳଶିରୀ ଭୋଗ କରୁଛନ୍ତି, ଅର୍ଥାତ୍ ମିତ୍ରମାନେ ଅଚଳ ସମ୍ପତ୍ତି ଭୋଗ କରୁଛନ୍ତି ଓ ବୈରୀମାନେ ପର୍ବତ ଗୁହାରେ ଲୁଚି ନିବାସ କରୁଛନ୍ତି । ମିତ୍ରମାନେ ବନବିହାର ବେଳେ ଚନ୍ଦ୍ରାତପ ତଳେ ମହିଷୀ (ରାଣୀ)ଙ୍କ ସହିତ ବିହାର କରୁଛନ୍ତି ଓ ବୈରୀମାନେ (ପର୍ବତ ଗୁହାରେ ବାସ କରୁଥିବାରୁ) ଚନ୍ଦ୍ର ଓ ଆତପ ତଳେ (ମୁକ୍ତ ଆକାଶ ତଳେ) ବନରେ ମହିଷି (ମଇଁଷି) ଧରି ବୁଲୁଛନ୍ତି ।

ଶୁଣ ସୁବୁଦ୍ଧି କଲେ ପ୍ରଚ୍ଛର
ଦେଶ ଦେଶକେ ସନ୍ଦେଶ ଚାର
ବିଶ୍ୱାନନ୍ଦନ ଚମ୍ପା ନଗର ନୃପତି ଛତ୍ରେ ଯେ ।
ବନ୍ଦାରୁ ବୃନ୍ଦାରକ-ବୃନ୍ଦଙ୍କ ବନ୍ଦନ ନନ୍ଦସୁତ ନନ୍ଦକ—
ଧରେ ନନ୍ଦନ କରେ ମାତ୍ରକ ବୀର ପ୍ରଭୁତ୍ୱେ ଯେ ।
ସମଭାବରେ ଯାହା ମିତ୍ର ବଇରୀ ଯେ,
ପାଇ ଅଚଳଶିରୀ ଅଚଳଶିରୀ ଯେ

ମହୁରୀ ସଙ୍ଗେ ବନବିହାର ମହୁରି ସଙ୍ଗେ ବନବିହାର
ଚନ୍ଦ୍ରାତପର ଚନ୍ଦ୍ରାତପର ତଳେ ବିହରି ଯେ । ୧ ।
(୧୭ଶ ଛାନ୍ଦ)

ପୁଷ୍ପପୁର ରାଜସଭାର ଭାଟ ଏକଥା ଶୁଣି ଯଥୋଚିତ ଉତ୍ତର ଦେଲା— "ଆମ୍ଭ ରାଜଧାନୀ ପୁଷ୍ପପୁର । ଚମ୍ପା ସିନା ଗୋଟିଏ ପୁଷ୍ପ, ଏହି ପୁଷ୍ପପୁରରେ ଚମ୍ପା ପରି (ଅର୍ଥାତ୍ ଚମ୍ପାନଗର ପରି ବହୁ ଦେଶ) ବହୁ ପୁଷ୍ପ ଏଥିରେ ଅଛି । ଏଠାର ରାଜ ଦୀପ୍ତସାଗର । ତାହାଙ୍କର ବା କିଏ ମିତ୍ର କି ଶତ୍ରୁ ହେବ ? ପୂର୍ବରାଜା ଜରାସନ୍ଧ କୃଷ୍ଣଙ୍କ ମନରେ ଭୟ ସଞ୍ଚାର କରାଇଥିଲେ; ସେହି କାରଣରୁ କୃଷ୍ଣ ମଥୁରା ଛାଡ଼ି ଦ୍ୱାରକା (ସିନ୍ଧୁ ମଧ୍ୟରେ) ଦୁର୍ଗ କରି ଲୁଚି ରହିଲେ ।" ବିଶ୍ୱାନନ୍ଦକଙ୍କ ନାମର ମାହାତ୍ମ୍ୟ ପ୍ରଖ୍ୟାପନ କରି 'ନନ୍ଦକ' ଶବ୍ଦ ସହିତ 'ନନ୍ଦକ' ଖଡ୍ଗର ଉଚ୍ଚାରଣଗତ ସାମ୍ୟ ଥିବାରୁ ତାଙ୍କୁ 'କୃଷ୍ଣ'ଙ୍କ ସହିତ ତୁଳିତ କରି ଦୂତ ପ୍ରଶଂସା ବାକ୍ୟ ପ୍ରକାଶ କଲା । ପୁଷ୍ପପୁରର ଭାଟ ପୁଷ୍ପପୁର, ମିତ୍ରଶତ୍ରୁ, ଦୀପ୍ତିସାଗର, କୃଷ୍ଣ ପ୍ରଭୃତିଙ୍କ ଯୋଡ଼ି ରାଜା ଓ ରାଜ୍ୟର ପ୍ରଶଂସା କରି ଚମ୍ପାପୁର ଅପେକ୍ଷା ସର୍ବୋତୋଭାବେ ପୁଷ୍ପପୁର ଶ୍ରେଷ୍ଠ ଏହା ପ୍ରତିପାଦନ କଲା ।

ପାଟଳିପୁତ୍ର ସଭାରେ ପାତ୍ର ଭାଲନ୍ତେ ନେତ୍ର ଜାଣି ବିଚିତ୍ର
କବିଭୂଷିତ ବନ୍ଦୀ ପଠିତ ଦେଇ ଉତ୍ତର ଯେ ।
ଗୋଟିଏ ଚମ୍ପା ପୁଷ୍ପ ଭିତରେ ଆଉ ଯେତେକ ଦେଶ ମାତରେ
କେତେ କହିବା ପ୍ରଭୁ ତହିଁରେ ଦୀପ୍ତିସାଗର ଯେ
କେବା କ୍ଷମ ହେବାକୁ ମିତ୍ର ବଇରୀ ଯେ ।
ଯହିଁ ପୂର୍ବ ନରେଶ ଏମନ୍ତ କରି ଯେ
ଦରକାରରେ ଯେ ଦରକାର ସ୍ଥାନ ଛଡ଼ାଇ ସିନ୍ଧୁ ମଧ୍ୟର
କରାଇ ପୁଟ ଭେଦନ ସାର ସମ୍ପୁଟପରି ଯେ । ୪ । (୧୭ଶ ଛାନ୍ଦ)

ଚମ୍ପାପୁର ରାଜଜେମା କୋଟିବ୍ରହ୍ମାଣ୍ଡସୁନ୍ଦରୀର ଶୋଭା ଓ ତାର ସ୍ୱୟମ୍ବର ପ୍ରସଙ୍ଗରେ ଦୂତ ଏପରି କହିଥିଲା—

ବରବର୍ଣ୍ଣନା ଛବିରେ ଶୋଭି ବର ବର୍ଣ୍ଣନା କବିରେ ସେହି
ଦିବିରେ ନାହିଁ ଭୁବିରେ କାହିଁ ଅଛି ନନ୍ଦିନୀ ଯେ ।
ସୁଷମେ ସମେ ନପାଇ ବରେ ପାଇଛି ବରେ ଯେ ସ୍ୱୟମ୍ବରେ
ଲକ୍ଷଣା ଏବେ ସେ ଆଡ଼ମ୍ବରେ ଲୋକବନ୍ଦିନୀ ଯେ ।
ନାଗୀତିଳକ ଦିବ୍ୟ ଫଳକ ବିତ ଯେ ।
ଯେନି ଚଷି ବିଚକ୍ଷି ଘାଗୁରି ଯୁତ ଯେ ।
ଶୋଭିମଣ୍ଡଳେ ବିଗ୍ରହ ସତ
ଭୂତ ନାଥରେ ପୁଣି ରଞ୍ଜିତ
ଜୟାର୍ଥେ ନାନା ସୁମନାର୍ଚ୍ଚିତ ବିଧାତା କୃତ ଯେ । ୨ ।

(୨୭ଶ ଛାନ୍ଦ)

"ରାଜାଙ୍କର ଏକ ଦୁହିତା ଅଛି । ଛବିରେ ଅତ୍ୟୁତ୍ତମା; କବିମାନଙ୍କର ବର୍ଣ୍ଣନାରେ ମଧ୍ୟ ସେ ବର (ଶ୍ରେଷ୍ଠ) । ତାହାପରି ଆଉ କେଉଁ ଦିବ (ସ୍ୱର୍ଗ)ରେ ନାହିଁ, ମର୍ତ୍ତ୍ୟରେ ବା କାହିଁ ମିଳିବ ? ତାର ସୁଷମାକୁ ସ୍ପର୍ଶି ତାର ସରି ବର ନ ମିଳିବାରୁ ସେ (ନାରଦଙ୍କ ଠାରୁ) ବର ପାଇ ସ୍ୱୟମ୍ବର କରୁଛି । ସେହି ଉପଲକ୍ଷ୍ୟରେ ଏକ ଆଡ଼ମ୍ବର ହେଉଛି । ସେ ନାରୀମୁକୁଟମଣି ନାନା ରଙ୍ଗରେ ଚକ୍ଷିବିଚିତ୍ର ଓ ଘାଗୁରିଯୁକ୍ତ ଢାଲପରି ଦିଶୁଛି । ଗଣ୍ଡସ୍ଥଳ ତଥା ସ୍ତନର ଚକ୍ଷି ଓ କଟିଦେଶରେ କଙ୍କଣୀଯୁକ୍ତହୋଇ ବିଚକ୍ଷି ଢାଲ ପରି ଦିଶୁଛି । ଶୋଭିରାଜ୍ୟରେ ସତ (ପ୍ରକୃତିରେ) ବିଗ୍ରହ (ଯୁଦ୍ଧ) ଆରମ୍ଭ କରି ଦେଇଛି; ଜୟ କାମନାରେ ସେ ଶିବଙ୍କ ଦ୍ୱାରା ରଞ୍ଜିତ ଓ ନାନା ପୁଷ୍ପରେ ଶୋଭିତ ହୋଇଛି । ସେ ସୁନ୍ଦରୀ ବିଧାତାଙ୍କ ଦ୍ୱାରା ଏପରି ନିର୍ମ୍ମିତ ହୋଇଛି । (ଶିବସଦୃଶ ସ୍ତନକୁ ଲକ୍ଷ୍ୟକରି 'ଭୂତନାଥରେ ପୁଣି ରଞ୍ଜିତ' ବୋଲି କୁହାଯାଇଛି ।)

ପୁଣି ମୃଗପୁଚ୍ଛ ଚ୍ଛେଦନ ସମ୍ବନ୍ଧରେ ଦୂତ କହିଥିଲା—

ହେଉ ନୃପତି ହେଉ କୁମାର ଯେହୁ ମଣ୍ଡିବ ତହିଁ ଗ୍ରମର
ଯୋଡ଼ିଲକ୍ଷଣୀ ଉରେ କାମର ଗର୍ବ ସରିବ ଯେ ।

ଝଡ଼ପଡ଼ିବ ପାଣି କୃପାଣ ବୋଳିବ ଧମା ବାନ୍ଧିବ ବାଣ
ସନ୍ଧିଲା ମାତ୍ରେ ଛାଡ଼ିବ ଗୁଣ କିସ କରିବ ଯେ । ୩ ।

ଏହାର ଉତ୍ତରରେ ଭାଟ କହିଥିବା ସବୁ ବିଷୟକୁ ଲକ୍ଷ୍ୟକରି କହିଲା—

ଶିବ ସୁନ୍ଦର ପୁର କୁମାର କରିଛୁ ସ୍ଥାନ ମୂରତି ମାର
ପୁଣି ନିପୁଣ ଗୁଣିଗଣର ନବୀନ ଯୁବା ଯେ
ଜିଷ୍ଣୁ ପଦକୁ ଯେଣୁ ବନ୍ଦିତ ସୁନ୍ଦର ପୁରନ୍ଦରୀ ବାଞ୍ଛିତ
ଏ ଘେନି ଆଉ ଲକ୍ଷ ଲକ୍ଷିତ କରିବ କେବା ଯେ । ୫ ।

"ଶିବଙ୍କ ପର କନ୍ଦର୍ପକୁ ସୁନ୍ଦରପୁର (ସୁନ୍ଦର ଆଧାର) କୁମାର ଶୋଭାରେ ସ୍ଥାନ କରି ଦେଇଛୁ । ପୁଣି ଗୁଣଗଣରେ ଭୂଷିତ ହୋଇଛୁ । ଗୁଣ ଚଢ଼ାଇବାରେ କି ଧନୁର୍ବିଦ୍ୟାରେ ମଧ୍ୟ ନିପୁଣ ହୋଇଛୁ । ସେ ଜିଷ୍ଣୁ (ଜେତା ବା ଇନ୍ଦ୍ର) ପଦକୁ ବନ୍ଦନ କରିଥିବାରୁ ସେ ସୁନ୍ଦରୀ ପୁରନ୍ଦରୀ (ଇନ୍ଦ୍ରାଣୀ) ଭଳି ସୁନ୍ଦରୀକୁ ବାଞ୍ଛା କରୁଛୁ । ଏ ହେତୁ ଆଉ କିଏ ବା କି ଲକ୍ଷ୍ୟକୁ ଲକ୍ଷିତ ହେବେ ?".

ଉପରୋକ୍ତ ପ୍ରସଙ୍ଗ ଗୁଡ଼ିକରୁ ଜଣାପଡ଼େ, ରାଜସଭାମାନଙ୍କରେ ବାକ୍‌ପଟୁତା, ପାଣ୍ଡିତ୍ୟ ପ୍ରକାଶ, କବିତା ରଚନାଦିର ସମୁଚିତ ଉତ୍ସାହ ଓ ଆଦର ଥିଲା ।

ଲିପି—

(୧) ପୂର୍ବେ ଅକ୍ଷର ଧାଡ଼ି ଶେଷରେ ଠ ଅକ୍ଷର ପରି ଏକ ଚିହ୍ନ ଲେଖି ସମାପ୍ତି କରାଯାଉଥିଲା । ଏହା ସମାପ୍ତିସୂଚକ ଚିହ୍ନରୂପରେ ବ୍ୟବହୃତ ହେଉଥିଲା ।

ଏହି ବିଷୟଟି ନାୟିକାର ଶୋଭା ବର୍ଣ୍ଣନା ପ୍ରସଙ୍ଗରେ କାମଦେବ ତାର ଉଦରରେ ନୂତନ ରୋମରାଜି ଅଙ୍କୁରିତ କରାଇ ଯେପରି ଭାବରେ ସଜାଡ଼ି ରଖିଲେ ତାହା ଠିକ୍ ଶୃଙ୍ଗାର ରସ (ପ୍ରଥମ ରସ) ଲିଖିତ କୃଷ୍ଣବର୍ଣ୍ଣ ଅକ୍ଷର ଧାଡ଼ି ଏବଂ ତାର ଶେଷରେ ଥିବା ନାଭିଟି ଅକ୍ଷର ଧାଡ଼ି ଶେଷରେ ଥିବା ସମାପ୍ତି ସୂଚକ ଅକ୍ଷର ଲେଖା ହେଲା ପରି ଦେଖାଗଲା ।

ବଳୀ ସଦନ ହୋଇଲା ଉଦର । ତ୍ରିଭୁବନ ସରଞ୍ଜନ ଆଦର ।୭।
ଅଙ୍କୁରିଇଲା ନୂତନେ ରୋମାଳୀ । ସ୍ୱତ ପ୍ରଥମ-ରସ ବର୍ଣ୍ଣାବଳୀ ।
ଅତି ଶୋଭା ନାଭି ଏହି ପ୍ରକାର । ଧାଡ଼ି ପ୍ରାନ୍ତେ ଲିଖିଅଛୁ ଠ'କାର ।୮।
(ଷଷ୍ଠ ଛାନ୍ଦ)

(୨) ଅକ୍ଷରଗୁଡ଼ିକ ମଧ୍ୟ ବିକ୍ଷିପ୍ତ ନହୋଇ ସମାନ ଧାଡ଼ିରେ ଲେଖା ହୁଏ । ଧାଡ଼ି ଭିତରେ ଶ୍ରେଷ୍ଠ, ବଡ଼ ଓ ମଧ୍ୟମ ପ୍ରକାର ଅକ୍ଷର ସବୁ ଥାଏ । ହ୍ରସ୍ୱ, ଦୀର୍ଘ, ପ୍ଳୁତ ଅନୁସାରେ ଅକ୍ଷରର ଆକାରର ବିଭିନ୍ନତା ଦେଖାଯାଏ ।

ଏହି ବିଷୟଟି ସେହି ନାୟିକାର ପୌଗଣ୍ଡ ଶୋଭା ବର୍ଣ୍ଣନା ପ୍ରସଙ୍ଗରୁ ଜଣାଯାଉଛି—

ଆଦ୍ୟ ବର୍ଣ୍ଣ ଚୂର୍ଣ୍ଣ କେଶେ ରଚିଲା, ଥିଲା ଅସ୍ତବ୍ୟସ୍ତ ସତ୍ୱେ ଲେଖିଲା ।
ହ୍ରସ୍ୱ, ଦୀର୍ଘ, ପ୍ଳୁତ କରି ଗୁରୁରେ, କଲା ପ୍ରସ୍ତାର ଦେଖାଇ ଭୁରୁରେ ।୯।
(ଷଷ୍ଠ ଛାନ୍ଦ)

ଅନ୍ୟାନ୍ୟ ବର୍ଣ୍ଣ ସବୁ ଚୂର୍ଣ୍ଣ କେଶ ହେଲେ । ଚୂର୍ଣ୍ଣକୁନ୍ତଳଗୁଡ଼ିକ (ବୃଦ୍ଧି ପାଇ) ଇତସ୍ତତଃ ହୋଇଥିଲେ । ସେଗୁଡ଼ିକୁ ( କତୁରିରେ କାଟି ) ସମାନ କରିଗଲାରୁ ସମାନ ଧାଡ଼ିରେ ଅକ୍ଷର ଲେଖାହେଲା ପରି ଦେଖାଗଲା । ପ୍ରଶସ୍ତ (ବିସ୍ତୃତ) ଭ୍ରୂଲତାରେ ସାନ, ବଡ଼ ଓ ମଧ୍ୟମ ଧରଣର ସୁନ୍ଦର କେଶ ସବୁ ହ୍ରସ୍ୱ, ଦୀର୍ଘ ଓ ପ୍ଳୁତ ଅକ୍ଷର ହେଲେ ।

ସୈନ୍ୟ ଚଳନା—ବିଶ୍ୱାନନ୍ଦଙ୍କ ବନ୍ଦୀ କା ଯିବା ସମୟରେ ସଙ୍ଗରେ ଯେଉଁ ସୈନ୍ୟ ନେଇଛନ୍ତି ସେଥିରେ ତୁରଙ୍ଗ ବଳ ଅଛନ୍ତି । ଏମାନେ ବକଗତିରେ ଚାଲୁଛନ୍ତି । ସୈନ୍ୟମାନେ ନଦୀର ସ୍ରୋତପରି ଚାଲୁଥିବାରୁ ବିଚିତ୍ର ଶୋଭା ସୃଷ୍ଟି ହୋଇଛି । ସୈନ୍ୟମାନେ ହସ୍ତରେ ଫରି ଓ ଖଡ଼୍ଗ ଧରି ଉତ୍ତମ ଗୀତ ସ୍ୱର ମିଳାଇ ଗାୟନ କରି ଚାଲୁଥିବାରୁ ବଡ଼ ମନୋହର

ଦେଖା ଯାଉଛି । ଉନ୍ମତ୍ତ ହସ୍ତୀମାନେ ନାନା ଅଳଙ୍କାରରେ ଭୂଷିତ ହୋଇଛନ୍ତି । ସେମାନଙ୍କର ଗଣ୍ଡସ୍ଥଳରୁ ଅଜସ୍ର ମଦ-ଜଳ ପ୍ରବାହିତ ହେଉଛି । ଘୋଡ଼ାମାନେ ପବନ ବେଗରେ ଖୁବ୍ ଚାଲୁଛନ୍ତି । ସେମାନଙ୍କର ଗୋଡ଼ରେ ବନ୍ଧା ହୋଇଥିବା ନୂପୁରର ଧ୍ୱନି ନର୍ତ୍ତକୀର ପାଦବନ୍ଧା ନୂପୁର ଧ୍ୱନି ପରି ଜଣାଯାଉଛି । ଘୋଡ଼ାମାନଙ୍କ କଣ୍ଠ ମଣିରେ ଭୂଷିତ ହୋଇଛି । ସେମାନଙ୍କ ମୁଖରୁ ଅହରହ ଫେନ ବାହାରୁଅଛି । ରଥଗୁଡ଼ିକ ସମୁନ୍ନତ ଓ ଗୃଧ୍ର ଆଯୁକ୍ତ ହୋଇ ସୁନ୍ଦର ଦିଶୁଛନ୍ତି । ରଥର କନ୍ୟାସ୍ତମ୍ଭଗୁଡ଼ିକ ବଡ଼ ମନୋହର ହୋଇଛି । ଚତୁରଙ୍ଗ ସୈନ୍ୟ ସଗର୍ବେ ଊର୍ଦ୍ଧ୍ୱରେ ବାନା ଉଡ଼ାଇ ଚାଲିଛନ୍ତି । ଏମାନଙ୍କର ଗମନରେ ଉଡ଼ୁଥିବା ଧୂଳି ସୂର୍ଯ୍ୟଙ୍କ ତେଜକୁ ଲୋପ କରି ଆକାଶକୁ ଆଚ୍ଛନ୍ନ କରି ଅନ୍ଧକାର ସୃଷ୍ଟି କରୁଛି । ନିଶାଣ ଦେଖି ହାତୀମାନେ ଚମକୁଛନ୍ତି ।

ଏହି ପ୍ରସଙ୍ଗରେ କବି ଉପମା ସହିତ ଅତି ସୁନ୍ଦର ଭାବରେ କେତେକ ଦ୍ୱିଅର୍ଥବୋଧକ ଶବ୍ଦ ସାହାଯ୍ୟରେ କମନୀୟ କବିତା ନାୟିକା ସୃଷ୍ଟି କରି ଅଛନ୍ତି ।

| | |
|---|---|
| ବିସ୍ତୃର ଯୋଗାଇ ଅବଧାନକୁ | । ରାଜା ବିଜେ କଲେ ସାଜି ସୈନ୍ୟକୁ । |
| ପଦାତିପନ୍ତି ଯେ ମହାଭୈରବ | । କରିବାରେ ବଜଗତି ତାଣ୍ଡବ । |
| ଲକ୍ଷି ହୋଇ ନଦୀ ଅରଣ୍ୟ ସଙ୍ଗେ | । ମଞ୍ଜୁଳ ସଫରି ଖଡ଼ଗ ରଙ୍ଗେ । |
| ରାଗ ସଂଯୁକ୍ତରୁ ଉତ୍ତମ ଗୀତ | । ହୁଁ ହୁଁ କରିବାରେ ମତ୍ତ କପୋତ । |
| ପେଚକ କରଟ କଟକେ କରି | । ମହାଗିରି ପ୍ରାୟ ଉତ୍ତୁଙ୍ଗ କରୀ । |
| ଦାନ-ବାରିରୁ ଘନାଘନ ପରି | । ଉଚିତ ସିନା ଦେବାର କୋବିଦ । |
| ହସ୍ତୁ ହରିନାମ ବିକ୍ରମ ବଶେ | । ଖୁର ମାରିବାରୁ ଜ୍ୟୋତିଷ କି ସେ । |
| ଗୃଧ୍ର ଉଦିତ ଦ୍ୱିଜାସ୍ୟା ଥିବ | । ବାଜଣୀ ନୂପୁର ବାନ୍ଧି ନର୍ତ୍ତକୀ । |
| କଣ୍ଠମଣି ଘେନି ଯେମନ୍ତ ଭବ | । ବାଜ ବହିବାରୁ ଶିକାରୀ ଛବି । |
| ରଥଚୟ ମହାପୁରୁଷବତ | । ଦ୍ୱିଜ ଜାତକରେ ଅରି-ସେବିତ । |
| ଦିବ୍ୟ ନାୟିକା ପୁଣି ଆଲିଙ୍ଗିତ | । ସୂତ-କ୍ରୀଡ଼ାରେ ହୋଇଛି ବିଦିତ । |

ଗର୍ବ କରି ଊର୍ଦ୍ଧ୍ୱେ ବାନା ଉଡ଼ାଇ । ଏମନ୍ତେ ଚତୁରଙ୍ଗ ଚଳିଯାଇ ।
କ୍ଷୋଦ ବଶରେ ଖିଳୁ ଜ୍ୟୋତି ସରେ । ତମଗ୍ରସ୍ତ ଏ ଭ୍ରମ ଜ୍ୟୋତିଷରେ ।
ତମ-ଗ୍ରସ୍ତରେ ଗୃହନାଗ୍ନି ମାତ୍ର । ଦୀପ ଦୀପକ କରିବା ବିଚିତ୍ର ।
ଜଣାଣେ ଦ୍ୱିପମାନେ ଚମକିଲେ । ଦୂରେ ଥିବା ଦ୍ୱିପମାନେ ଶଙ୍କିଲେ ।

(୨ୟ ଛାନ୍ଦ)

ନଦୀ ଓ ଅରଣ୍ୟ ସହିତ ସୈନ୍ୟବାହିନୀର ପଦାତିକମାନେ ସମାନ ହେଲେ । ନଦୀରେ ସଫରି ଥାଏ, ସୈନ୍ୟମାନେ ଫରିଯୁକ୍ତ ( ସଫରି ଅର୍ଥାତ୍ ଫରିହସ୍ତ ) ହୋଇ ମଞ୍ଜୁଳ ଦେଖାଯାଉଛନ୍ତି । ଅରଣ୍ୟରେ ଖଡ୍ଗ (ଗଣ୍ଡକ) ରଙ୍ଗରେ ରଞ୍ଜିତ ହୋଇଥାଏ । ସୈନ୍ୟମାନେ ଖଡ୍ଗ (ଖଣ୍ଡା) ରଙ୍ଗରେ ମଞ୍ଜୁଳ ହୋଇଛନ୍ତି । ଅରଣ୍ୟରେ ମତ୍ତ କପୋତ ପକ୍ଷୀମାନେ ହୁଁ ହୁଁ ଶବ୍ଦ କରି ଗୀତ ଗାଉଥାଆନ୍ତି । ସୈନ୍ୟମାନେ ଝୁଉମ ଗୀତ ଗାଇ ଗାଇ ଚାଲୁ ଅଛନ୍ତି । ମହାଗିରି ପେଚକ (ପେଚା), କରଟ (କାକ), କଟକ (ପର୍ବତର ମଧ୍ୟଦେଶ) ଦ୍ୱାରା ଶୋଭିତ । ସୈନ୍ୟବାହିନୀର ହସ୍ତ୍ୟାରୋହୀମାନଙ୍କର ଉନ୍ମତ୍ତ ହସ୍ତୀମାନେ ମହାଗିରି ପରି ପେଚକ (ଲାଙ୍ଗୁଳ ମୂଳର ବାଳ), କରଟ (ଗଣ୍ଡ-ଦେଶ), କଟକ (ଦନ୍ତରେ ଶୋଭାପାଉଥିବା ବଳୟ)ରେ ଶୋଭିତ । ପୁଣି ମତ୍ତ ହସ୍ତୀମାନଙ୍କ ଗଣ୍ଡସ୍ଥଳରୁ ଅଜସ୍ର ଭାବରେ ମଦ ଜଳ (ଦାନବାରି) ପ୍ରବାହିତ ହେଉଥିବାରୁ ସେମାନଙ୍କୁ ଘନାଘନ (ମତ୍ତହସ୍ତୀ) ବୋଲି ପଣ୍ଡିତମାନେ କହିବା ଉଚିତ ହୋଇଛି । ଏହି ଘନାଘନମାନେ ବର୍ଷାକାଳୀ ମେଘ (ଘନାଘନ) ବାରି (ଜଳ) ଦାନ କରୁଥିବାରୁ ବର୍ଷାକାଳୀ ମେଘ ସମାନ ହେଲେ ।

ଚତୁରଙ୍ଗ ବଳର ତୃତୀୟ ଅଙ୍ଗ ଅଶ୍ୱାରୋହୀବାହିନୀର ଅଶ୍ୱମାନେ ଅତି ବେଗରେ ଗତି କରୁଥିବାରୁ ହରି ଯେ ପବନ (ହରି—ଘୋଡ଼ା) ସଙ୍ଗେ ସମାନ ହେଲେ । ଜ୍ୟୋତିଷମାନେ ସମୟ ନିରୂପଣ ତମ୍ବାପାଣି ଯନ୍ତ୍ର ସାହାଯ୍ୟରେ ସମସ୍ତ ଅବଗତ ହୋଇ ଖୁରି ବଜାନ୍ତି; ଘୋଡ଼ାମାନଙ୍କ ଖୁରି (ଖୁରା)

ସମାନ ସମସ୍ତ ବ୍ୟବଧାନରେ ଭୂମିରେ ବାଜି ଶବ୍ଦ ଉତ୍ପନ୍ନ ହୁଏ, ତେଣୁ ଘୋଡ଼ାଗୁଡ଼ିକ ଜ୍ୟୋତିଷଙ୍କ ସମାନ ହେଲେ । ଘୋଡ଼ାମାନଙ୍କ ଗୋଡ଼ରେ ଦ୍ୱିତୀୟା ତିଥିରେ ଉଦିତ ଚନ୍ଦ୍ର ଆକାରର ନୂପୁର ବନ୍ଧା ହୋଇ ବାଜୁଛି । ନର୍ତ୍ତକୀ ନୃତ୍ୟବେଳେ ଗୋଡ଼ରେ ବାନ୍ଧିଥିବା ନୂପୁରର ଶବ୍ଦ ପରି ଘୋଡ଼ା ଗୋଡ଼ରେ ବନ୍ଧା ହୋଇଥିବା ନୂପୁରର ଶବ୍ଦ ହୋଇଥିବାରୁ ଏବଂ ସେମାନେ ନାଚି ନାଚି ଚାଲୁ ଥିବାରୁ ଘୋଡ଼ାମାନେ ନର୍ତ୍ତକୀ ସମାନ ହେଲେ ।

ଚତୁରଙ୍ଗ ବଳର ଅନ୍ୟତମ ଅଙ୍ଗ ରଥ । ରଥବାହୀ ଘୋଡ଼ାମାନଙ୍କ ମୁଖରୁ ବାଜ (ଫେଣ, ବାଜପକ୍ଷୀ) ବାହୁଥିବାରୁ ସିଂହାସ୍ତ ବାଜପକ୍ଷୀ ତୁଲ୍ୟ ହେଲେ । ଏହି ଘୋଡ଼ାମାନଙ୍କ କଣ୍ଠରେ ମଣି ଅଛି । ସୂର୍ଯ୍ୟଙ୍କ କଣ୍ଠରେ ମଧ୍ୟ ମଣି ଅଛି । ସେହି ହେତୁ ଏହିମାନେ ସୂର୍ଯ୍ୟଙ୍କ ତୁଲ୍ୟ ହେଲେ । ରଥଗୁଡ଼ିକ ଉନ୍ନତ ଏବଂ ଚକ୍ରଯୁକ୍ତ । ମହାପୁରୁଷମାନଙ୍କ ଜାତକ ଉଚ୍ଚ ଓ ଚକ୍ର (ଶଙ୍ଖ) ସେବିତ; ଅତଏବ ରଥଗୁଡ଼ିକ ମହାପୁରୁଷ ତୁଲ୍ୟ ହେଲେ । ମହାପୁରୁଷମାନେ ଉର୍ବଶୀ ନାୟିକାଯୁକ୍ତ ହୋଇ ପୁଷ୍ପ କ୍ରୀଡ଼ାରେ ରତ ହୋଇ ଥାଆନ୍ତି । ସେପରି ରଥ ମଧ୍ୟ ଦିବ୍ୟ (ସୁନ୍ଦର) କନ୍ୟାସ୍ତମ୍ଭରେ ଯୁକ୍ତ ହୋଇ ସାରଥି (ସୂତ)ର କ୍ରୀଡ଼ାରେ ବନ୍ଦିତ କା ପ୍ରକାଶିତ ହୋଇଛନ୍ତି ।

ଶବରେ ଚତୁରଙ୍ଗ ବଳ ଊର୍ଦ୍ଧ୍ୱରେ ବାନା ଉଡ଼ାଇ ଚାଲିଛନ୍ତି । ଏମାନଙ୍କ ଚାଲିରୁ ଉଡ଼ୁଥିବା ଧୂଳି ଗଗନକୁ ଆଚ୍ଛାଦିତ କରି ସୂର୍ଯ୍ୟ ତେଜକୁ ଲୋପ କରିବାରୁ ଅନ୍ଧକାର ଦେଖାଯାଉଛି । ପ୍ରତୀତ ହେଉଛି, ସତେ ଅବା ସୂର୍ଯ୍ୟଙ୍କୁ ରାହୁ ଗ୍ରାସ କଲା । କିନ୍ତୁ ଏହା ଭ୍ରମାତ୍ମକ । ଜ୍ୟୋତିଷ ଶାସ୍ତ୍ର କହୁଛି, ରାହୁ ସୂର୍ଯ୍ୟଙ୍କୁ (ସୂର୍ଯ୍ୟୋପରାଗ ବେଳେ) ଗ୍ରାସ କରୁଛି, ରାହୁ ସୂର୍ଯ୍ୟଙ୍କୁ ଗ୍ରାସ କଲେ ଗୃହ ଲଳନାମାନେ ଦୀପ ଜାଳନ୍ତି ନାହିଁ । କିନ୍ତୁ ଏଠାରେ ଏହି ସୈନ୍ୟ-ପଦୋତ୍ଥିତ ଧୂଳିଦ୍ୱାରା ଆକାଶ ଏପରି ଅନ୍ଧକାରାଚ୍ଛନ୍ନ ହେଲା ଯେ ପୁରନାରୀ-ମାନେ ଦୀପ ଜାଳି ଗୃହ ଆଲୋକିତ କଲେ । ଏହା ବିଚିତ୍ର । (ତିମି—ରାହୁ, ଅନ୍ଧକାର, କ୍ଷୋଦ—ଧୂଳି) । ରଥର ନିଶାଣ ଦେଖି ଶତ୍ରୁମାନେ ଚମକାଇଲେ ଏବଂ ଦିଗ୍‌ଗଜମାନେ ମଧ୍ୟ ତ୍ରସ୍ତ କଲେ ।

## ସାମାଜିକ ରୀତିନୀତି

ଉପେନ୍ଦ୍ର ଭଞ୍ଜ କାବ୍ୟରେ ଯେଉଁ ସାମାଜିକ ବ୍ୟବହାର, ରୀତିନୀତି ବିଷୟ ପ୍ରସଙ୍ଗକ୍ରମେ ବର୍ଣ୍ଣନା କରିଛନ୍ତି ସେଥିରୁ ଅଧିକାଂଶ ରାଜପୁରୁଷ, ରାଜପରିବାରରେ ଦେଖାଯାଏ । ବର୍ତ୍ତମାନ ସୁଦ୍ଧା ସେ ସବୁର ପ୍ରଚଳନ ଅଛି ।

ସୁଉଚ୍ଚ ଅଟ୍ଟାଳିକ ସମୂହରେ ରାଜଧାନୀ ଶୋଭା ପାଉଥିଲା ଏବଂ ଅଟ୍ଟାଳିକାମାନଙ୍କରେ ପତାକା ଉଡ଼ୁଥିଲା । ଧନୀମାନେ ମଣିମୁକ୍ତାରେ ଗୃହସ୍ତମ୍ଭ ସଜ୍ଜିତ କରୁଥିଲେ । ଗୃହାଭ୍ୟନ୍ତରରେ କାଚବାଡ଼ ଥିବା ଦେଖାଯାଉଥିଲା । ରାଜଧାନୀର ଚାରିପଟେ ପରିଖା ଥାଇ ବିଭିନ୍ନ ଦିଗରେ ବହିର୍ଦ୍ୱାର ଥିଲା ଏବଂ ରମଣୀୟ ତୋରଣ ଦ୍ୱାରା ଏହି ଦ୍ୱାର ଗୁଡ଼ିକ ଶୋଭା ପାଉଥିଲା । ଗୃହମାନଙ୍କରେ ନାନା ରତ୍ନଖଚିତ ଚିତ୍ରବିଚିତ୍ର ଝିନ୍ଦୁଆ ଓ ପରଦାର ବ୍ୟବହାର ଥିଲା । ଶୁଆସାରୀ ପୋଷି ବିଭିନ୍ନ ଶ୍ଳୋକ ପଢ଼ାଇବା ରୀତି ମଧ୍ୟ ପ୍ରଚଳିତ ଥିଲା ।

ରାଜଧାନୀ ଭିତରେ ଲୋକଙ୍କ ସୁବିଧା ନିମିତ୍ତ ବିଭିନ୍ନ ପ୍ରକାର ଦ୍ରବ୍ୟର କ୍ରୟବିକ୍ରୟ ପାଇଁ ହାଟବଜାର ବସୁଥିଲା । ସୁନ୍ଦରୀ ସ୍ତ୍ରୀମାନେ ହାଟବଜାରର ଦୋକାନରେ ବସି ଦ୍ରବ୍ୟ ବିକ୍ରୀ କରୁଥିଲେ ଏବଂ ବିଶେଷ ସିଂହାଣି ଚତୁରୀ ମଧ୍ୟ ଥିଲେ । ହାଟରେ ମଣିମାଣିକ୍ୟଠାରୁ ଆରମ୍ଭ କରି ଫୁଲ, ଫଳ, ହାତୀ, ଘୋଡ଼ା ପ୍ରଭୃତି କିଣାବିକା ହେଉଥିଲା ।

ନଗରରେ ବୈଦ୍ୟ, ଗଣିକା, ଧନୀ ମହାଜନ ପ୍ରଭୃତି ଶ୍ରେଣୀର ଲୋକ ବାସ କରୁଥିଲେ ।

ନଗର ନିର୍ମାଣ, ଗୃହ ନିର୍ମାଣ କୌଶଳ ଉଚ୍ଚକୋଟୀର ଥିଲା । ଗୃହ ଗୁଡ଼ିକ ବିଭିନ୍ନ ଚିତ୍ରରେ ଚିତ୍ରିତ ହେଉଥିଲା । କାଚବାଡ଼, ଗବାକ୍ଷ, ଭ୍ରମଣୋପଯୋଗୀ ଛାତ, କନ୍ୟାପ୍ରତିମାକୃତି ସ୍ତମ୍ଭ, ପରଦା, ଝିନ୍ଦୁଆ ପ୍ରଭୃତିର ବ୍ୟବହାର

ଅତି ଉଚ୍ଚକୋଟୀର ସାମାଜିକ ଅବସ୍ଥାର ପରିଚୟ ମିଳେ । ଗାନ, ବାଜଣା, ଶିକ୍ଷା ପ୍ରଭୃତିରେ ଗୃହ ଶୋଭା ପାଉଥିଲା ।

କେଳା କେଳୁଣୀ ନାଚ, ମାଲ ଯୁଦ୍ଧ, ପଶାଖେଳ, ଖଣ୍ଡାଖେଳ, ଘୋଡ଼ା ଦୌଡ଼, ହସ୍ତୀଚାଳନା, ଧନୁର୍ବିଦ୍ୟା ପ୍ରଭୃତି ନାଗରିକ ଜୀବନର ଏକ ଏକ ଅଙ୍ଗ ଥିଲା । ବିଜ୍ଞ ପଣ୍ଡିତ, ଭାଟ, ଜ୍ୟୋତିଷ, ବୈଦ୍ୟ, ପୁରୋହିତ, ଚିତ୍ରକର, ଶିଳ୍ପୀ ପ୍ରଭୃତିଙ୍କର ନଗରରେ ଅବସ୍ଥିତି ମଧ୍ୟ ଉଚ୍ଚ ସଭ୍ୟତାର ଚିହ୍ନ । ଯଜ୍ଞ, ଦାନ, ଅତିଥି ସେବା, ଦେବତା ପୂଜା, ଧ୍ୟାନଧାରଣା, ସ୍ତୁତିସ୍ତୋତ୍ର ପାଠ, କାବ୍ୟ ବ୍ୟାକରଣ, ବେଦବେଦାଙ୍ଗ, ଦର୍ଶନ, ଧନୁର୍ବିଦ୍ୟା, କାମଶାସ୍ତ୍ର, ଜ୍ୟୋତିଷ ଶାସ୍ତ୍ର, ବୈଦ୍ୟଶାସ୍ତ୍ର ପ୍ରଭୃତିରେ ଶିକ୍ଷା ପ୍ରଚଳନ ଥିଲା ।

ନଗରମାନଙ୍କରେ ଗଣିକା ଥିଲେ ଏବଂ ଦୂରଦେଶୀମାନେ ଏମାନଙ୍କ ସଙ୍ଗେ ରଙ୍ଗରହସ୍ୟ କରୁଥିଲେ । ଲୋକେ ଗୁଣିଗାରେଡ଼ି ମଧ୍ୟ ଜାଣୁଥିଲେ । ସନ୍ନ୍ୟାସୀ, ସନ୍ନ୍ୟାସିନୀ, ଯୋଗୀ ଦେଶରେ ଥିଲେ । ଏମାନେ ସମୟାନୁସାରେ ଅ-ପରାମର୍ଥ ବିଷୟରେ ମଧ୍ୟ ନିର୍ଲିପ୍ତ ଭାବରେ ଜଡ଼ିତ ରହୁଥିଲେ ।

ଗୁଣିଗାରେଡ଼ି, ମନ୍ତ୍ର, ଉଚ୍ଚାଟନ, ଶୂନ୍ୟ ଭ୍ରମଣ, ମାୟାଜାଲ ରଚନ ପ୍ରଭୃତି ଅଲୌକିକ ବିଷୟ ମଧ୍ୟ ସମାଜରେ ପ୍ରଚଳିତ ଥିଲା ।

ଦେଶରେ ଉପବନର ବ୍ୟବହାର ଥିଲା । ବନବିହାର, ମୃଗୟା, ଯୋଗ, ଧ୍ୟାନ ପ୍ରଭୃତି ପାଇଁ ବନ ଉପବନରେ ଉପଯୁକ୍ତ ସ୍ଥାନ ଓ ସୁବିଧା ଥିଲା ।

ଗାଡ଼ି, ରଥ, ହାତୀ, ଘୋଡ଼ା ପ୍ରଭୃତି ଯାନବାହନର ବ୍ୟବହାର ଥିଲା ।

ସମୟ ଜାଣିବା ପାଇଁ ଜଳଯନ୍ତ୍ର ଥିଲା । ଆକାଶରେ ନକ୍ଷତ୍ରର ଅବସ୍ଥିତି ଦେଖି ସମୟ ନିରୂପଣ କରିବା ପଦ୍ଧତି ମଧ୍ୟ ପ୍ରଚଳିତ ଥିଲା । ନଦରନଳୀ ବା ଦୂରବୀକ୍ଷଣ ଯନ୍ତ୍ରର ବ୍ୟବହାର ଥିଲା ।

କାଗଜର ବ୍ୟବହାର ଥିଲା । ମଞ୍ଜିଷ୍ଠା ରସ କାଳି ରୂପରେ ଲାଗୁଥିଲା । ଚିଠି ମୁଦ୍ର ମଧ୍ୟ ହେଉଥିଲା । କାଗଜର ଘୁଡ଼ି (ଚଙ୍ଗ) ଉଡ଼ାଇବା ବ୍ୟସନ ଥିଲା ।

ପରିଧାନ ପାଇଁ ସୂକ୍ଷ୍ମ ବସନ ବ୍ୟବହୃତ ହେଉଥିଲା । ସ୍ତ୍ରୀମାନେ କାଞ୍ଚିଲା ଓ ଶାଢ଼ୀ ପିନ୍ଧୁଥିଲେ । କଚ୍ଛମାର ପିନ୍ଧିବା ରୀତି ପ୍ରଚଳିତ ଥିଲା । ଯୁବତୀମାନେ ପଞ୍ଚିମାରୀଁଭର କଚ୍ଛମରା ପିନ୍ଧାକୁ ପସନ୍ଦ କରୁଥିଲେ । କେଶ ବିନ୍ୟାସରେ ବେଣୀ ଓ ଖୋସାର ନିର୍ମାଣରେ କୌଶଳ ଥିଲା । ବିଭିନ୍ନ ପ୍ରକାର ସୁବାସିତ ତୈଳ, ଅଳଙ୍କାର, ପୁଷ୍ପ ଦ୍ୱାରା କେଶ ମଣ୍ଡିତ ହେଉଥିଲା । ହାତୀଦାନ୍ତର ପାନିଆର ବ୍ୟବହାର ଥିଲା । ସିନ୍ଦୂର, ଅଳତା, ଚନ୍ଦନ, କସ୍ତୁରୀ ପ୍ରଭୃତି ଦେହର ପ୍ରସାଧନ ପାଇଁ ବ୍ୟବହୃତ ହେଉଥିଲା । ସ୍ତ୍ରୀ ଓ ପୁରୁଷମାନେ ଅଳଙ୍କାର ପିନ୍ଧୁଥିଲେ ।

ଆଲୋକ ପାଇଁ ଗୃହମାନଙ୍କରେ ତୈଳପ୍ରଦୀପ ବ୍ୟବହୃତ ହେଉ-ଥିଲା ।

ଲୋକେ ମନୋବାଞ୍ଛା ସିଦ୍ଧି ପାଇଁ ଦେବତାମାନଙ୍କୁ ପୂଜା କରୁଥିଲେ । ଶିବ, ବିଷ୍ଣୁ, ଚଣ୍ଡୀ ପ୍ରଭୃତି ଦେବାଦେବୀମାନେ ପୂଜିତ ହେଉଥିଲେ ।

ରାଜାମାନଙ୍କର ଚତୁରଙ୍ଗ ସେନାବାହିନୀ ଥିଲା । ହାତୀ ଉପରେ ଅମାରି ଓ ନାନା କାରୁକାର୍ଯ୍ୟବିଶିଷ୍ଟ ଝୁଲ ପଡୁଥିଲା । ଘୋଡ଼ାମାନଙ୍କ ପିଠିରେ ମଧ୍ୟ ମୂଲ୍ୟବାନ ବସ୍ତ୍ର ପଡ଼ୁଥିଲା । ରଥମାନଙ୍କ ଉପରେ ପତାକା ଉଡ଼ୁଥିଲା । ସୈନ୍ୟମାନେ ଶର, ଧନୁ, ନଳୀ ଢାଲ, ଖଡ଼୍ଗ ପ୍ରଭୃତି ଧରି ଓ କବଚ ପିନ୍ଧି ଯୁଦ୍ଧ କରୁଥିଲେ । ଢାଲ ଉପରେ ଚିତ୍ରବିଚିତ୍ର କାରୁକାର୍ଯ୍ୟ ସୁନ୍ଦର ଦେଖାଯାଉ ଥିଲା । ସୈନ୍ୟବାହିନୀ ଗଲାବେଳେ ସୈନ୍ୟମାନେ ସମସ୍ୱରରେ ଗୀତଗାୟନ କରୁଥିଲେ । ବାଣିଜ୍ୟ ଓ ବ୍ୟବହାର୍ଯ୍ୟ ଜିନିଷ ଯୋଗାଇବା ପାଇଁ ସୈନ୍ୟବାହିନୀ ସହିତ ବେସାମରିକ ସ୍ତ୍ରୀ ଓ ପୁରୁଷ ଯାଉଥିଲେ । ରାଜାଙ୍କ

ଆଡ଼ୁଦେଶ ହେବା ମାତ୍ରେ ବିନା ଆପତ୍ତିରେ ଅନୁଯୋଗରେ ଓ ଧାରଣ ନକରି ମଧ୍ୟ ମହୁରୀକ ଭିତରେ ସୈନ୍ୟମାନେ ସଜ୍ଜିତ ହୋଇ ଯାଉଥିଲେ ।

ରାଜକନ୍ୟାମାନଙ୍କ ବରନିର୍ବାଚନରେ ସ୍ୱୟମ୍ବର ମଧ୍ୟ ଏକ ପନ୍ଥାରୂପେ ଚଳୁଥିଲା । କନ୍ୟାପିତା ସ୍ୱୟମ୍ବର ବିଷୟ ଘୋଷଣା କରିବା ପାଇଁ ବିଭିନ୍ନ ଦେଶର ରାଜ ଦରବାରମାନଙ୍କ ଠାକୁ ଦୂତ ପଠାଉଥିଲେ । ଏହି ଦୂତମାନେ ସ୍ୱୟମ୍ବରର ପଣ ଘୋଷଣା କରିବା ସଙ୍ଗେ ସଙ୍ଗେ କନ୍ୟାର ରୂପଗୁଣର ବର୍ଣ୍ଣନା ମଧ୍ୟ କରୁଥିଲେ । ରାଜା ଓ ରାଜକୁମାରମାନେ ସସୈନ୍ୟ କନ୍ୟାପିତାଙ୍କ ରାଜଧାନୀକୁ ଆସୁଥିଲେ । ନଗର ଉପକଣ୍ଠସ୍ଥ ଉପବନ ଗୁଡ଼ିକରେ ରାଜା-ମାନଙ୍କର ରହିବା ଗୁହଣୀ ପଡ଼ୁଥିଲା । ଯେଉଁ ରାଜା ଯେଉଁ ମର୍ଯ୍ୟାଦାର ଯୋଗ୍ୟ, ସେହି ଅନୁସାରେ ସେମାନେ ସ୍ଥାନ ଓ ଚର୍ଚ୍ଚା ପାଉଥିଲେ ।

ସ୍ୱୟମ୍ବରରେ ଜୟଲାଭ କରିବା ଅବ୍ୟବହିତ ପରେ ବିବାହ ନିଷ୍ପନ୍ନ କରିବା ବାଧ୍ୟତାମୂଳକ ନଥିଲା । ବର ଓ କନ୍ୟା ପକ୍ଷର ରୀତି ଅନୁସାରେ ଜ୍ୟୋତିଷ ନିର୍ବାଚିତ ତିଥି ଓ ଲଗ୍ନରେ ବିବାହ କରାଯାଉଥିଲା । ବରପକ୍ଷ ସସୈନ୍ୟ କନ୍ୟା ଦେଶକୁ ଆସୁଥିଲେ । କନ୍ୟା ପିତା କିଛି ଦୂରରୁ ବରପକ୍ଷଙ୍କୁ ନିମନ୍ତ୍ରଣ କରି ଆଣିବା ରୀତି ଥିଲା । ବରପକ୍ଷ ରାଜଧାନୀରେ ଉପସ୍ଥିତ ହେବା ମାତ୍ରେ ଉପଯୁକ୍ତ ଗୃହମାନଙ୍କରେ ରହିବା ଓ ଭୋଜନର ବ୍ୟବସ୍ଥା ହେଉଥିଲା । ବରପକ୍ଷର ଲୋକେ ବାସ ବସନ ଉପହାର ମଧ୍ୟ ପାଉଥିଲେ । ଘୃତାଦି ଭୋରସ, କର୍ପୂର, ମୃଗନାଭି କସ୍ତୁରୀ, ଚନ୍ଦନ, ଗନ୍ଧ, ଅତର, ଚାମର, ପ୍ରଦୀପ ପ୍ରଭୃତି କ୍ଷମତାନୁଯାୟୀ ଚର୍ଚ୍ଚାରେ ଦିଆଯାଉଥିଲା । ଅତର, ପନିର ପ୍ରଭୃତି ସୁବାସ ଜଳ ନାନାରତ୍ନ ଖଚିତ ବିଚିତ୍ର କାରୁକାର୍ଯ୍ୟପୂର୍ଣ୍ଣ ଝାରିରେ ପୂର୍ଣ୍ଣ ରହୁଥିଲା ।

ବହିର୍ଦ୍ୱାର ତୋରଣ ଓ ସୁସଜ୍ଜା ମଣ୍ଡପ ବାଦ୍ୟବାଦ୍ୟରେ ଉଆର ହୋଇ କାମ୍ବ ଡାଳରେ ଘୋଡ଼ାଇ ଦିଆଯାଏ । ନୀଳ ରଙ୍ଗର କପଡ଼ରେ ପୀତ ରଙ୍ଗର ଜରି ସିଁଶି 'ସୁନ୍ଦର ଝାଲରରେ ସ୍ତମ୍ଭମାନଙ୍କରେ ସଜା

ହେଉଥିଲା । ବିଭିନ୍ନ ରତ୍ନଖଚିତ କଇଁଫୁଲ କଡ଼ି ଏଥିରେ ଲମ୍ବିତ ହେଉଥିଲା। ଏହିପରି ପଦ୍ମ ମଧ୍ୟ ଧାଡ଼ି ଧାଡ଼ି ହୋଇ ଶୋଭା ବୃଦ୍ଧି କରୁଥିଲା । କୁରୁଣ୍ଟକ (ଦାସ କେରଣ୍ଡା) ପୁଷ୍ପରେ ତୋରଣ ଓ ସ୍ତମ୍ଭ ମଣ୍ଡପ ସଜ୍ଜା ହେଉଥିଲା । ଗୃହଦ୍ୱାରେ ବିଭିନ୍ନ ମଣିରତ୍ନ ଖଞ୍ଜା ହେଉଥିଲା । ସ୍ତମ୍ଭମାନଙ୍କରେ ସୁବର୍ଣ୍ଣର କଳଶ ଦିଆଯାଉଥିଲା । ସୁବର୍ଣ୍ଣ ପିତୁଳା ସ୍ତମ୍ଭମାନଙ୍କରେ ଶୋଭା ପାଉଥିଲା ଏବଂ ଏମାନେ ହସ୍ତରେ ମୟୂର ପୁଚ୍ଛ ବିଞ୍ଚଣା ଓ ଚାମର ଧରି ବ୍ୟଜନ ଚାଳନ କରୁଥିଲା ପରି ଦିଶୁଥିଲେ । ପ୍ରାଚୀରମାନଙ୍କରେ ନାନାରଙ୍ଗ ବୋଳା ହୋଇ ଦୀପ୍ତି ପ୍ରକାଶ କରୁଥିଲା । ସ୍ଥାନେ ସ୍ଥାନେ ରାମସୀତା ବିବାହ, ରାମାଭିଷେକ ପ୍ରଭୃତିର ଚିତ୍ର ଲେଖା ହୋଇ ଲୋକଙ୍କ ମନହରଣ କରୁଥିଲା ଏବଂ ଆଦର୍ଶ ବରକନ୍ୟାଙ୍କ ଆଦର୍ଶ ଚରିତ୍ର ପ୍ରତି ବରକନ୍ୟାଙ୍କ ଦୃଷ୍ଟି ଆକର୍ଷଣ କରୁଥିଲା । ଅତି ରମଣୀୟ ଶୁକସାରିକାମାନେ ସ୍ଥାନେ ସ୍ଥାନେ ବନ୍ଧା ହୋଇ ସୁନ୍ଦରଭାବେ ଗାୟନ କରୁଥିଲେ । ବିବାହ ମଣ୍ଡପରେ ବିଭିନ୍ନ ନକ୍ଷତ୍ରମାନଙ୍କ ଶୋଭା ପ୍ରକାଶ କରିବା ମାନସରେ ବଢ଼େଇମାନେ ନାନାରୂପ ମଣି ଖଞ୍ଜୁଥିଲେ । ଏହାଦ୍ୱାରା ନକ୍ଷତ୍ରଙ୍କ ସ୍ୱାଭାବିକ ଦୀପ୍ତି ଅନୁସାରେ ମଣ୍ଡପରେ ନାନାବର୍ଣ୍ଣର ଦୀପ୍ତି ପ୍ରକାଶ ପାଉଥିଲା । ସବୁ ଋତୁର ଫୁଲଫଳ (ଅଲଭ୍ୟ ହେଲେ ମଧ୍ୟ) ସେଠାରେ ସ୍ୱ ସ୍ୱ ସ୍ଥାନରେ ସଜ୍ଜିତ ହୋଇ ଶୋଭା ପାଉଥିଲେ ।

ବିବାହରେ ନବଦିନବ୍ୟାପୀ ଉତ୍ସବ ପାଳନ କେତେକ ରାଜାମାନଙ୍କ ଘରେ ହେଉଥିଲା । ସୁଭଦ୍ରା-ଅର୍ଜ୍ଜୁନ ବିବାହ ଉତ୍ସବ ନବଦିନ ବ୍ୟାପୀ ଥିବାରୁ ଏହାକୁ ଶୁଭ ମଣି କେହି କେହି ଏ ରୀତି ଅବଲମ୍ବନ କରୁଥିଲେ । ରାତ୍ରି ବିବାହରେ ଆଲୋକ ସଜ୍ଜାର ସୌନ୍ଦର୍ଯ୍ୟ ମନୋହରଣ କରୁଥିଲା । ବିବାହର ପୂର୍ବଦିନ ସନ୍ଧ୍ୟା ହେବା କ୍ଷଣି ଗୃହ ପ୍ରବେଶଦ୍ୱାର ସମ୍ମୁଖରେ ଶଙ୍ଖ, ଭେରୀ, ମହୁରୀ ଓ ବିବିଧ ବାଦ୍ୟ ବାଦନ ପ୍ରଭୃତିର ଶବ୍ଦ ସମୁଦ୍ରର ଗର୍ଜ୍ଜନ ପରି ଶୁଭେ । ବହୁ ସଂଖ୍ୟାରେ ମଶାଲ ଜାଳି ଅନ୍ଧକାର ରାତ୍ରିକୁ ଦିନ ପରି ଆଲୋକମୟ କରି ଦିଆଯାଉଥିଲା । ପରସ୍ପର ପକ୍ଷର ଦାସୀମାନେ ବର ଓ କନ୍ୟାଙ୍କୁ ଗନ୍ଧଫଣି

କରନ୍ତି । ଏହାପରେ ଦାସୀମାନେ ଯେ ଯାହା ସ୍ଥାନକୁ ଫେରି ଯାଆନ୍ତି । ବରପକ୍ଷର ଦାସୀମାନେ କନ୍ୟାର ଶୋଭାକୁ ବର୍ଣ୍ଣନା କରି ଗୀତ ଗାୟନ କରନ୍ତି । କନ୍ୟାପକ୍ଷର ଦାସୀମାନେ ବରର ଶୋଭା ବର୍ଣ୍ଣନା କରି ଗୀତ ଗାନ କରନ୍ତି । କୋଇଲି ଗୁଣ୍ଡ଼ (କୋକିଲ ସ୍ନାନ) କରାଇ ଦାସୀମାନେ ଉଭୟଙ୍କୁ ସ୍ୱସ୍ୱସ୍ଥାନରେ ଦଧି, ଚୂଡ଼ା, ଅନ୍ନ ଭୋଜନ କରାନ୍ତି । ବିବାହ ଦିନ ରାତ୍ରି ଶୁଭ ବେଳରେ ନାଗରା, ଦୁନ୍ଦୁଭି, ପଞ୍ଚବାଦ୍ୟ ବାଦ୍ୟ ବାଜେ ଏବଂ କର୍ଣ୍ଣକୁ ବଧିର କରି ପକାଏ । ଶଙ୍ଖ, ମହୁରୀ, କର୍ଣ୍ଣାଳ, ଭେରୀର ସୁମଧୁର ସ୍ୱର ମନ ହରଣ କରେ । ଦିହୁଡ଼ି, ମଶାଲ, ଅଗ୍ନି ବୃକ୍ଷ ବା ପ୍ରଦୀପବୃକ୍ଷ, ବାଉଁଶ ମଶାଲର ଆଲୋକ ଗୃହଦ୍ୱାର, ଚତ୍ୱର, ସିଢ଼ି ପ୍ରଭୃତି ସ୍ଥାନରେ ରଖାଯାଏ । ନାଲିଦୀପ ବାଣ, ଚମ୍ପାବାଣ, ଚନ୍ଦବାଣ, କୁମ୍ଭବାଣ, ବୃକ୍ଷବାଣ, ଜାଇଫୁଲବାଣ, ଚନ୍ଦ୍ର ଉଦୁଆ ବାଣ, ନୀଳକଇଁ ବାଣ, ମୟୂରଙ୍କା ବାଣ, ଫାନସ ଦୀପ, ମହମବତି, ହାତେଲିବାଣ, ନକ୍ଷତ୍ରମାଳା ବାଣରେ ଆକାଶ ଉଜ୍ଜ୍ୱଳ ଦିଶେ । ବିଭିନ୍ନ ପ୍ରକାର ପତାକା ଉଡ଼ଇ । ବାଟରେ କନ୍ୟାର ଭାଇ (ବରର ଶଳା) ବରଗଳାରେ ମାଳା ଦେଇ ବରଣ କରିବା ବେଳେ ଭାରି ଆନନ୍ଦ ଚହଳ ପଡ଼େ । ଏହି ଗୋଳରେ ସମସ୍ତଙ୍କ ମନ ମଜ୍ଜି ଯାଏ । ଯୁବତୀମାନଙ୍କ କୁଙ୍କୁମରେ ଯନ୍ତ୍ରମାନେ ଚର୍ଚ୍ଚିତ ହୋଇଯାଆନ୍ତି । କୁଳସ୍ତ୍ରୀମାନେ ଯନ୍ତ୍ରମାନଙ୍କର ଭସ୍ମରେ ଅଙ୍କିତ ହୁଅନ୍ତି । ବିଟ ପୁରୁଷମାନେ ବିଟପୀ ସ୍ତ୍ରୀମାନଙ୍କ ସହ ହାସ ପରିହାସ ହୁଅନ୍ତି । ଏପରି ହେଉ ହେଉ ବର କନ୍ୟାଘର ଦ୍ୱାର ନିକଟରେ ପହଞ୍ଚେ । ତାକୁ ପାଛୋଟି ନେଇ ବିବାହ ମଣ୍ଡପରେ ବସାନ୍ତି । ପୁରୋହିତମାନେ ଯଥୋଚିତ ବିଧି ବିଧାନ ସହ ବେଦମନ୍ତ୍ର ପାଠ କରି ବିବାହ କର୍ମ କରନ୍ତି । ଲବଣଗ୍ରୁମସ୍ତି ବେଳେ ପରଦା ଆଢ଼ୁଆଳରେ ବରକନ୍ୟା ଭେଟ ହୁଏ । ପରେ କନ୍ୟା ବାହୁଡ଼ିଯାଏ । ପୁରୋହିତମାନେ ଯଜ୍ଞୋପବୀତ ପଠାନ୍ତି । ଏହି ଯଜ୍ଞୋପବୀତ ସହିତ କନ୍ୟାକୁ ସଙ୍ଗରେ ଧରି ସଖୀମାନେ ବେଦୀକୁ ଆସନ୍ତି । ଏହି ସମୟରେ ହୁଳହୁଳି ଶବ୍ଦ ହୁଏ ଏବଂ ସଖୀମାନେ ସୁମଙ୍ଗଳଗୀତ ଗାୟନ କରନ୍ତି । କନ୍ୟା ବର ପାଖରେ ବସେ । ବିଧାନାନୁସାରେ ବରକନ୍ୟାଙ୍କୁ ମୁକୁଟ ପିନ୍ଧାଇ ଦିଆଯାଏ । ଶୁଭବେଳରେ ବେଦବଚନ ଉଚ୍ଚାରଣ କରି ଓ "ଯଥା ରାମସ୍ୟ ସୀତା" ପ୍ରଭୃତି ବାକ୍ୟୋଚ୍ଚାରଣ

ନିଜ ମୁକୁଟମଣ୍ଡଳ ମାଳନ୍ତେ ହସ୍ତଗଣ୍ଠି ପକାନ୍ତି । କନ୍ୟାପିତା ଏହା ପରେ ଶଙ୍ଖରେ ଜଳ ପୂରାଇ କନ୍ୟାଦାନ କରନ୍ତି । ଏହା ପରେ ଲାଜା ହୋମ ହୁଏ । ବରକନ୍ୟା ବଉଳପାଟରେ ଗଣ୍ଠି ପକାଇଥିବା ବସନକୁ ଦୁହିଁଙ୍କ କାନ୍ଧରେ ପକାଇ ଅନ୍ତଃପୁରକୁ ଯାଆନ୍ତି । ସେଠାରେ ଦୁହିଁଙ୍କର କଉଡ଼ି ଖେଳ ହୁଏ । ଏହି ସମୟରେ କନ୍ୟା କଉଡ଼ିକୁ ହାତମୁଠାରେ ଜାକି ଧରିବା ପ୍ରସିଦ୍ଧ । ଏହାକୁ ବର କୌଶଳରେ ଫିଟାଏ । ଏହାପରେ ପଞ୍ଚଗ୍ରାସୀ ହୁଏ । ଏହି ସମୟରେ ଅନ୍ତଃପୁର ରମଣୀମାନେ ବରକୁ ଦେଖି ଆନନ୍ଦ ଲାଭ କରନ୍ତି ।

ମଧୁଶଯ୍ୟା ସଦନଟି ବହୁ ରସପୂର୍ଣ୍ଣ ଉପାଖ୍ୟାନର ଚିତ୍ରରେ ଚିତ୍ରିତ ହୋଇଥାଏ । କାନ୍ଥରେ ସୀତାରାମଙ୍କ ବିବାହ, ମଧୁଶଯ୍ୟା, ଦୀପସାକ୍ଷୀ ପ୍ରଭୃତି ବିଷୟ ଚିତ୍ରିତ ହୋଇଥାଏ । କିନ୍ତୁ ଗୋପୀ ଓ କୃଷ୍ଣଙ୍କ ଲୀଳା ଚିତ୍ରିତ ହୋଇନଥାଏ, କାରଣ ଏଠାରେ ରାମସୀତାଙ୍କ ପରି ପବିତ୍ର ଦାମ୍ପତ୍ୟ ଜୀବନ ଯାପନହିଁ ଆଦର୍ଶ ରୂପେ ସୂଚିତ ହୁଏ । ପଲଙ୍କ, ପ୍ରଦୀପ ଓ ଗୁନ୍ଦୁଆ ପ୍ରଭୃତି ରତ୍ନାଳଙ୍କାର ଓ ପୁଷ୍ପକର୍ପୂର ପ୍ରଭୃତିରେ ସଜ୍ଜିତ ହୁଏ । ସଖୀମାନେ କନ୍ୟାକୁ ମଧୁଶଯ୍ୟା ସଦନକୁ ନେଇ ଛାଡ଼ିଦେଇ ବାହାରି ଆସନ୍ତି ।

ବରପିତା ଓ କନ୍ୟାପିତାଙ୍କ ସ୍ଥିତି ଅନୁସାରେ ଏହି ସୁନ୍ଦର ସାମାଜିକ ବିଧିବିଧାନର ଆଡ଼ମ୍ବରରେ ତାରତମ୍ୟ ଦେଖାଯାଏ, କିନ୍ତୁ ସୁମଙ୍ଗଳ ଓ ମହୋତ୍ସବ ଯେ ଏହାର ଲକ୍ଷ୍ୟ ଏଥିରେ ସନ୍ଦେହ ନାହିଁ ।

ଗଣତାନ୍ତ୍ରିକ ରଚନା —ପାଟଳୀପୁତ୍ରର ରାଜକୁମାର ସସୈନ୍ୟ ଚମ୍ପାନଗରକୁ ଯିବା ସ୍ଥିର ହେବାରୁ ସୈନ୍ୟମାନଙ୍କୁ ପ୍ରସ୍ତୁତ ହେବାପାଇଁ ଡଗର ଦ୍ୱାରା ନଗରା ଦିଆଗଲା । ସୈନ୍ୟବାହିନୀର ପରମ୍ପରା ରୀତି ଅନୁସାରେ ରାଜାଜ୍ଞା ପାଇଁ ସୈନ୍ୟମାନେ "ଜାତୁ ନ ମଣି" ସଜ୍ଜିତ ହୋଇ ବାହାରିଲେ । ସୈନ୍ୟମାନଙ୍କର ଗତି ମନ୍ଥର ହେଲା । ପୁରୁଷମାନେ ସିଂହାବଲୋକନ ପରି ଭଙ୍ଗୀ

କରନ୍ତେ ପ୍ରେୟସୀମାନେ ସେମାନଙ୍କୁ ସ୍ମୃତି ରଖୁଥିଲେ । ଭବିଷ୍ୟତ ବିରହ ଅବସ୍ଥା ସେମାନଙ୍କୁ ଆକୁଳିତ କଲା । ସେମାନଙ୍କର ଚକ୍ଷୁରୁ ଲୋତକ ଝରିଲା । ସେମାନେ ଏପରି ଘୋଷି ହେଲେ—

ପ୍ରାଣପୁରୁଷ ଦୂର ହୋଇବ କେବଳ ଶରୀର ପୁଣି ରହିବ
କେତେ ବିରହ କରେ ଦଇବ ହୋଇଲେ ଘୋଷି ଯେ ।

ପୁଣି ପୁରୁଷମାନେ ଏପରି ଭାବିଲେ—

ପୁଂସ୍ତଗଣ ଭାବନା ଏମନ୍ତ ହେଲା ଯେ,
ରାଜସେବକ ଧାତା କପାଳେ କଲା ଯେ,
ପ୍ରିୟା ରାମୁକୁ ମେଲାଣି ହୋଇ ଆସିବା ତର ସହିଁରେ ନାହିଁ
କି ପ୍ରାଣ ଥିବ ପରାଣେଶ୍ୱରୀ ଡୋଳାପିତୁଳା ଯେ । (୧୬।୧୭ଶ ଛାନ୍ଦ )

ପାରିବାରିକ ଜୀବନରେ ରାଜସେବା ଯେ ସମୟ ସମୟରେ ଅତି ଯନ୍ତ୍ରଣାଦାୟକ ଏଥିରୁ ତାହାର ସ୍ପଷ୍ଟ ଆଭାସ ମିଳୁଛି । ବେଳକାଳ, ସୁବିଧା ଅସୁବିଧା ବିଚାର କରିବା ପାଇଁ ରାଜସେବକଙ୍କୁ ଅବସର ମିଳେ ନାହିଁ । ବିଶେଷତଃ ସୈନ୍ୟବିଭାଗର ସେବା ତ ବେଶି କଷ୍ଟକର ବ୍ୟାପାର । ବିନା ଆପତ୍ତିରେ ରାଜାଜ୍ଞାକୁ ଶିରୋଧାର୍ଯ୍ୟ କରି ଉଚିତ ଅନୁଚିତ ବିଚାର ନକରି ଆଜ୍ଞାକୁ କାର୍ଯ୍ୟରେ ପରିଣତ କରିବାକୁ ହୁଏ ବୋଲି ଏ ସେବା ସେତେ କଠୋର । ଯୁଦ୍ଧକର ଆଜ୍ଞା ପାଳନ ନକଲେ କି ବିଳମ୍ବ କଲେ ସେଥିପାଇଁ ସେବକ କଠୋର ଦଣ୍ଡ ପାଇବା ଯୋଗ୍ୟ ହୁଏ । ଏହି କାରଣରୁ ସାଧାରଣତଃ ରାଜସେବକମାନେ ବିଶେଷରେ ସୈନିକମାନେ, ରାଜସେବାକୁ ଯେତେ ଗୌରବାନ୍ୱିତ ମନେ କରନ୍ତି ସେତେ ଡରନ୍ତି ମଧ୍ୟ । ଏହି କାରଣରୁ ସୈନିକମାନେ ନିଜ ପ୍ରିୟାଙ୍କ ଠାରୁ ବିଦାୟ ନେବା ପାଇଁ ମଧ୍ୟ ସମୟ ନପାଇ ଏପରି ଉକ୍ତି କରିଛନ୍ତି ।

ଯେଉଁ ଦେଶର ସୈନିକମାନେ ଡଗରାର ଡାକ ଓ ନାଗରା ଶବ୍ଦ ଶୁଣି ବିନା ପ୍ରତିବାଦରେ ସଜ୍ଜିତ ହୋଇ ବାହାରିଥିଲେ ସେଠାର ସୈନ୍ୟବାହିନୀ ରାଜାଙ୍କ ପ୍ରତି ବିଶେଷ ଅନୁରକ୍ତ ବୋଲି ପ୍ରମାଣିତ ହୁଏ ।

ଶୁଣି ତଗର୍‌ ଡାକ ନାଗର୍‌ ସ୍ୱନ ଯେ,
କଚ୍ଛ ନମଣି ସାଜ ବାହାର ସୈନ୍ୟ ଯେ । (୧୬।୨୭ଶ ଛାନ୍ଦ)

ସୈନ୍ୟମାନଙ୍କ ମନକୁ ପ୍ରେମର ପ୍ରବଳସ୍ରୋତ ପ୍ଲାବିତ କରିଥିଲେ ମଧ୍ଯ ରାଜ୍ୟକାର୍ଯ୍ୟ ନିବନ୍ଧନରୁ ଏକ ମୁହୂର୍ତ୍ତରେ ତାକୁ ପାସୋରି ଦେଇ ସେମାନେ ରାଜକାର୍ଯ୍ୟ ସାଧନରେ ଅଗ୍ରସର ହେଲେ । ଏଥିରୁ ପ୍ରତୀତ ହେଲା ସତେ ଯେପରି ବୀରରସ ବଳାତ୍କାରରେ ଶୃଙ୍ଗାରରସର ବିରୋଧୀ ହେଲା । ସୈନ୍ୟମାନେ କାମସ୍ରୋତସ୍ୱିନୀର ଭଉଁରୀରେ ବୁଡ଼ି ମରିବା ହିଁ ସିଦ୍ଧାନ୍ତ ହେଲା; କାରଣ ଏହି ନଦୀରେ ପାର ହେବା ପାଇଁ ତରୁଣୀ ରୂପ ତରଣୀ ସେମାନଙ୍କୁ ମିଳିବ ନାହିଁ । ଏହି ଅବସ୍ଥାକୁ ଚିନ୍ତାକରି ସୈନ୍ୟମାନେ ଭାବିଲେ—ବିରହ-ଶୋକ-ନଦୀ କିପରି ପାର ହେବା ? ଆମ୍ଭମାନଙ୍କୁ କୋଦଣ୍ଡପାଣି (ରାଜା) କି ଦଣ୍ଡ ଦେଲେଟି !

କି ଦଣ୍ଡ କଲେ କୋଦଣ୍ଡପାଣି କେହି ତରିବା ଯେ,
ନଚଳି ଚଳି ଶୃଙ୍ଗାର ବୀର ରସ ବିରୋଧୀ ବଳାତ୍କାର,
ହେଲା ଅଦ୍‌ଭୁତ ଦେଖା ସେଠାର ଜନ୍ମ ହେବାରେ ଯେ ।
(୧୭।୧୮। ୨୭ଶ ଛାନ୍ଦ ।)

ନୀତି ବଚନ—

ପୁରାଣ ଅଭିଧାନ ଜାଣିଥିଲେ । ଜାଣି କିସ ହେବ ବିହୃଦ ହେଲେ ।
(୨ୟ ଛାନ୍ଦ)

ଶୋଭା ଗୁଣ କୁଳ ବୟସେ । ସମେ ମିଳିବ ଭାଗ୍ୟ ବଶେ । (ବରକନ୍ୟା)
(୫ମ ଛାନ୍ଦ)

ମୁଁ ମଲି, କେଉଁ ବୁଦ୍ଧିରେ ବିଦେଶ କଲି । (୧୭ଶ ଛାନ୍ଦ)
ଖେଳ ଈଶ୍ୱରେ ଶ୍ମଶାନ ରାକ୍ଷସରେ ଲଙ୍କା । (୨୧ଶ ଛାନ୍ଦ)

ସେ ପର ଦୁଃଖ ଘେନିବା ବଡ଼ ଭାଗ୍ୟ ସତ ।
ଆନ କୃଷକ ପୀଡ଼ନ ଇକ୍ଷୁଜାତ ରସ
ରସନାକୁ ସ୍ୱାଦୁରେ କରଇ ଅତ ତୋଷ ଯେ । (୨୧ଶ ଛାନ୍ଦ)

ଆତଙ୍କ ନାହିଁ ପତଙ୍ଗ ପ୍ରାପ୍ତ ହୋଇ ଅଗ୍ନିକୁ ଡେଇଁ ପ୍ରୀତିରୁ ରେ ।
(୨୨ଶ ଛାନ୍ଦ)

(ତେବେହି) ଧବଳ ପକ୍ଷ ପାଇ
ସକଳ ରୂପେ ଉଦେ ହେଲେ ଇନ୍ଦୁକୁ ସକଳ କଳା ପୂର୍ଣ୍ଣ ନୋହି ।
(୨୨ଶ ଛାନ୍ଦ)

ଯାରେ କୋପ ମକରକେତନ ତାର ରକ୍ଷା ହେବ କାହିଁ ସ୍ଥାନ ।
(୨୪ଶ ଛାନ୍ଦ)

ଉଦ୍ୟମ କର ମାଧବ ପରି ନୋହି ମାଧବ ସମାନେ ।

ମାଳତୀମାଧବ ଉଦ୍ୟମ ନକରି ପାରିବାରୁ ସୁଲୋଚନାକୁ ପାଇଲେ ନାହିଁ । ମାଧବ (କୃଷ୍ଣ) ଉଦ୍ୟମ କରିବାରୁ ପାଇଲେ । (୨୬ଶ ଛାନ୍ଦ)

କଣ୍ଟକ ରହୁ ସଂଯୋଗ ନାହିଁ କେତକୀ ମଧୁବ୍ରତରେ ତହିଁ ।
(୨୮ଶ ଛାନ୍ଦ)

ଏହି କଲପନା ଆଇ ବହି ଦେଉଛୁ ଘଟାଇ । (୨୯ଶ ଛାନ୍ଦ)
ବାହିଜ୍ୟ ଲୋକ ସାହାଯ୍ୟ କେତେବେଳ ରହି ? (୩୪ଶ ଛାନ୍ଦ)
ପରଜୁହାରୁ କି ହେବ ଯହିଁ ମାନ ମିଳ
ଯେ ଯାହାର ଦ୍ରବ୍ୟ ତାକୁ ସେ ପ୍ରତିପାଳ । (୩୪ଶ ଛାନ୍ଦ)
ତାରକର ପକ୍ଷପାତ ପାଇଁ, କୂଳେ ଭେଳା ପୁଣି ଭାସିଯାଇ ।
(୨୪ଶ ଛାନ୍ଦ)

କୃପା କଳ୍ପଦ୍ରୁମ ଯେ ବୋଲଇ, ଅଗୋଚର ଫଳକୁ ନଦେଇ
ଆଶା କଲୁ ଜନ କର୍ମ ଆଦରିଲେ ଏଥୁ ଆସିବ କେଉଁ ବଡ଼ାଇ ହେ ।
(୨୪ଶ ଛାନ୍ଦ)

ପ୍ରଭୁ କଲ୍ପଠାରେ ପରେ ସମ୍ଭବ ଯାଇବାର କାହାକୁ ଅକାଡ଼ି ହେ ।
(୨୪ଶ ଛାନ୍ଦ)

ଏଣୁ ବିରହ ଅନଳ ପରି
କାହିଁ ରେ ସଞ୍ଚିଲୁ କାହା ଭସ୍ମ କରି ନଷ୍ଟେ ମାରକୁ ସମ୍ଭ୍ରମେ ମାରି ହେ ।
(୨୪ଶ ଛାନ୍ଦ)

ବୋଧବାଣୀ—କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ସଖୀ ଦୂତିକଙ୍କୁ ଧରି ମାଗଂଣା ଯାଉଥିବା ବେଳେ ସୁନ୍ଦରୀର ଅପୂର୍ବ ରୂପଶୋଭା ଦେଖି କିଏ କି ଅବସ୍ଥା ଧରିଛି ତାହା ସେମାନେ ବାଟରେ ଯାଉଁ ଯାଉଁ ଦେଖିଲେ । ଅଶ୍ୱିନୀକୁମାର, ଚନ୍ଦ୍ର, ଇନ୍ଦ୍ର, ବାୟୁ, କୁବେର, ଯମ, ନୈଋତ, ସୂର୍ଯ୍ୟ, ଐରାବତ ହସ୍ତୀ, କୁମାର ପ୍ରଭୃତି ନିଜେ ତାହାଠାରୁ ସୌନ୍ଦର୍ଯ୍ୟରେ ହୀନ ବୋଲି ମନରେ ଧାରଣା କରି ଦୁଃଖିତ ହେଉଅଛନ୍ତି । ଅନ୍ୟସବୁ ଦେବତାମାନେ ମଧ୍ୟ ଏପରି ହେଲେ । ତେବେ ସେମାନେ ନିଜ ଅବସ୍ଥାକୁ ଚାହିଁ ତାକୁ ହିଁ ବୋଧରି କାରଣ କଲେ ।

ଆଉ ଦେବତାମାନେ ଖିତ, ଆମ୍ଭେ ତ ଏମାନଙ୍କ ଭୃତ୍ୟ ।
ଏମନ୍ତ ହେଲେ ଲୋଭଚୟ, ନ ତେଜେ ହୃଦୟ ନିଳୟ ।
(୫ମ ଛାନ୍ଦ)

ବର୍ଣ୍ଣନା ଚାତୁରୀ—ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ କଥାବସ୍ତୁ ଅତି ଅଳ୍ପ ସ୍ଥାନ ଅଧିକାର କରିଛି । କଥାବସ୍ତୁର ଆବଳୀଳ ଗତି ମଧ୍ୟରେ ପ୍ରାୟ ପ୍ରତ୍ୟେକ ସ୍ଥାନରେ ଏବଂ ପ୍ରତ୍ୟେକ ବିଷୟ ପ୍ରସଙ୍ଗରେ ସେ ଉପମାଉପମେୟର ସମୁଚିତ ପ୍ରୟୋଗ କରି ସାଳଙ୍କାର ବର୍ଣ୍ଣନା କରିଛନ୍ତି । ଏହି ହେତୁ କୋଟିବ୍ରହ୍ମାଣ୍ଡସୁନ୍ଦରୀ କାବ୍ୟର ପ୍ରତ୍ୟେକ ଚରଣ କବିତା-ରସରେ ପରିପୂର୍ଣ୍ଣ । କୋଟିବ୍ରହ୍ମାଣ୍ଡସୁନ୍ଦରୀ କାବ୍ୟରୂପୀ ଲତାର ମୂଳଠାରୁ ଊର୍ଦ୍ଧ୍ୱ ପର୍ଯ୍ୟନ୍ତ ଡାଳ, ପତ୍ର, ଫଳ, ପୁଷ୍ପ ସବୁ ଏକ ଏକ କବିତାମୟ ଅଂଶ । ଏଥିରେ ବିରାମର ଅବକାଶ ନାହିଁ । ଏକ ପ୍ରସଙ୍ଗର ଏକାଧିକ ସ୍ଥାନରେ ବିବରଣୀର ପୁନରାବୃତ୍ତି ଥିଲେ ମଧ୍ୟ ବର୍ଣ୍ଣନା-

କୌଶଳ ଓ ଅପୂର୍ବ ଚିତ୍ର ସୃଷ୍ଟି ଯୋଗୁଁ ମନରେ ବିରକ୍ତିଭାବ ଜାଗ୍ରତ ହୁଏ ନାହିଁ । ନାୟକ ନାୟିକାଙ୍କ ପ୍ରେମୋଲ୍ଲାସ, ପ୍ରେମୋଦ୍‌ଗମ, ଦର୍ଶନାକାଙ୍କ୍ଷା, ବିରହ-ବେଦନା ପ୍ରଭୃତି ଏକାଧିକବାର କାବ୍ୟ ଭିତରେ ବିଭିନ୍ନ ସ୍ଥାନରେ ବର୍ଣ୍ଣିତ ହୋଇଥିଲେ ମଧ୍ୟ କ୍ଳାନ୍ତିକର କିମ୍ବା ବିରକ୍ତିକର ବୋଧ ହୁଏ ନାହିଁ ।

ଚମ୍ପା ନଗରର ବହିର୍ଦ୍ୱାର—

ଉଦ୍ୟାନ ହଟେ କେରଳୀ କି ଶୃଙ୍ଗେ । କଳଶ କୃତ ସୌଧସ୍ତମ୍ଭ ଭୃଙ୍ଗେ ।
ଶୁଭେ ନାଟ୍ୟପଦ ନୂପୁର ବାଦ୍ୟ । ସମ୍ଭବେ ଯହିଁ ଭଲ୍ଲ ଭଲ୍ଲ ପଦ୍ୟ ।
ମୁଖ ଝଲପଣ ଦର୍ପଣ ଭିତ୍ତି । ଅକ୍ଷି ଲକ୍ଷିବା ଗବାକ୍ଷ ଅଛନ୍ତି ।
ଭ୍ରମର ଛଡ଼ାଇ ଚିକୁର ଶଙ୍କା । ବସନ ପ୍ରସନ୍ନକୁ ଯବନିକା ।

(୨ୟ ଛାନ୍ଦ)

ଚମ୍ପା ନଗରୀର ଗୃହସ୍ତମ୍ଭ ଓ ଗୃହାଭ୍ୟନ୍ତର—

ରୂପଜୀବା ତନ୍ତ୍ରୀରୂପା ହୋଇଣ । ଯହିଁରେ ଧନ୍ୟା କନ୍ୟାସ୍ତମ୍ଭଗଣ ।
କରାଇ ଭ୍ରମ କେତେ ଖଗଜାତ । ବୀଣାସ୍ୱରେ କରେ ଆଳାପ ଗୀତ ।
ଦୂରଦେଶୀ ଜନ ଦେଖିଲେ ଅନାଇ । ମଦନରସରେ ମନ ମଜାଇ ।
ଧନ ସାରଣା କେତେ କହିବାକୁ । ତାଙ୍କ ପ୍ରତିବିମ୍ବ ଜଗାଇ ତାଙ୍କୁ ।
କାଚ ଚତ୍ୱରେ ସତ୍ୱରେ ନପଶି । ଗଡ଼ା କାର ପଡ଼ାଇବାକୁ ରସି ।
ଦେଶୀ ପରିହାସୀ ଆଗେ ଯେ ପଡ଼ି । ହସି ମରକତରେ ରହଇ ବୁଡ଼ି ।

(୨ୟ ଛାନ୍ଦ)

(୧) କଥୋପକଥନ:—(କ) ରାଜହଂସ ଅକାଶରେ ଶୀଘ୍ର ଗତି କରୁକରୁ ଦୁଇଟି ସ୍ତ୍ରୀଙ୍କର (ଶାରଦା ଓ ଶଚୀ) ସୁନ୍ଦରତାର ଯୌବନ ସମ୍ବନ୍ଧରେ କଥାବାର୍ତ୍ତା କରି ନିଜ ନିଜର ମନର ଭାବ ବ୍ୟକ୍ତ କରୁଥିବାର ଶୁଣିଲା । ସୁନ୍ଦରତାରେ ଶୋଭା ନିଜ ସ୍ତ୍ରୀଠାରେ ନଥିବାରୁ ସ୍ତ୍ରୀଙ୍କୁ ତ୍ୟାଗ-କରି ସ୍ୱାମୀ (ବିଷ୍ଣୁ, ଇନ୍ଦ୍ର) ଏହାଠାରେ ରସିବେ କି ? ଶୋଭା ଦେଖି ମନସ୍ଥିର କରିବା ପାଇଁ ଦୁହେଁ ଲୁଚିକରି ଯାଇଥିଲେ ।

ହେଲି ସନ୍ଧ୍ୟାଗାମୀ ମୁଁ ଶଚୀ । ଜେମାରୁଚି ଲୋଚନେ ଲୁଚି ।
ସୁସଙ୍ଗେ ହାରି ମୁଁ ସାରଦା । ଲଙ୍ଘ କରି ଦେଇଛୁ ବିଦ୍ୟା ।
ଶୁଣିଲି ବୋଇଲା ବିପ୍ରଳ । ଜାଣିଲି ଯହିଁକି ଆକୁଳ ।
ତହିଁକି ବାଲା ହୃକପାତ । କାହିଁକି ହେବ କଦାଚିତ ।
ଯେ ଗାନ୍ଧର୍ବୀ କନ୍ଦର୍ପସଞ୍ଜ୍ଞା । ଷୋଡ଼ଶୀ ଏକ ପ୍ରଶୋଭିତା ।
ବିଧାତା ଅନୁକୂଳ ଥିବ । ଯେ ଅନୁକୂଳ ପୁଂସ ହେବ ।
ଶୋଭା ଗୁଣ କୁଳ ବୟସେ । ସମେ ମିଳିବ ଭାଗ୍ୟବଶେ ।
ବିଭାମଣ୍ଡପ ତୁଳପାଶେ । ବସିବେ ସୀତାରାମ ମତେ ।

(୫ମ ଛାନ୍ଦ)

(ଖ) ରାଜକୁମାରର ବସନ୍ତଋତୁରେ ଉପବନ ବିହାର ସମୟରେ ସଖା ଓ ଆଗନ୍ତୁକମାନଙ୍କର ସହିତ କଥାବାର୍ତ୍ତା ଅତି ରମଣୀୟ ହୋଇଛି । ଉପବନର ପ୍ରାକୃତିକ ଶୋଭାର ବିଭିନ୍ନ ଦିଗ ସହିତ ନାୟିକା କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ତୁଳନା କରି ସେମାନଙ୍କ ଭିତରେ ହୋଇଥିବା କଥୋପକଥନ ସ୍ଥଳରେ ଯେଉଁ ବର୍ଣ୍ଣନା ଚାତୁରୀ ପ୍ରକାଶ ପାଇଛି ତାହା ଅନନ୍ୟସାଧାରଣ । ତର୍କବିଦ୍, ବାଗୀଶ୍ୱର, ଅଦ୍‌ଭୂତ ପୁରୁଷ, ଭାଟ, ମନ୍ତ୍ରୀସୁତ, ରାଜପୁତ୍ର, ପୁରୋହିତପୁତ୍ର ଏହି କଥାବାର୍ତ୍ତାରେ ଅଂଶ ଗ୍ରହଣ କରିଛନ୍ତି ।

ପୁରୋହିତ ପୁତ୍ର ବିଦ୍ୟାନିଧିଃ—

ତରୁଏ, ଏଥିକି ସୁମନେ ହସନ୍ତି
ଭୁବନକାଳରେ ତାହି ବୋଲି ପିକେ ଅତିଉଚେ ଯେଣୁ ଭାଷନ୍ତି । ୧୬ ।

ସଚିବପୁତ୍ର ଯଶୋବନ୍ତ—

ନିକଟପ୍ରକଟ ସରସୀ ଦେଖାଇ ସଚିବନନ୍ଦନ ଭାଷୁଛି ।
ନୂତନା ପଦ୍ମ-ମୁଖ ଅଳିର ବିକାଶି ଏହି କଥା କହି ଆସୁଛି ।
ଯେ ଜଡ଼ ସେ କି ମଧୁସଙ୍ଗେ ଲକ୍ଷିତ ।

ରାଜପୁତ୍ର ପୁଷ୍ପକେତୁ—ବାରମଣି ଭଣି ଗ୍ରୀଷମ ବରଷା ଶରଦେ କି ନନ୍ଦା
ବାଞ୍ଛିତ । ୧୭ ।

ଅଦ୍‌ଭୁତ ପୁରୁଷ—ଅଗ୍ରତରେ ଥିଲା ଅଦ୍‌ଭୁତ ପୁରୁଷ ପାଲଟିଲା ହୋଇ ଋଷିଲା
ବାଧିବବେକ ଅଛୁ ପଛେ ପକାଇ ଅବଧାନକୁ ନ ଆସିଲା ।
ନରେଶ ସୁତ ସସ୍ମିତେ ଅନାଇଲା,
ସେହି ସମୟେ ସାବଧାନ କରାଇ କବିଏ ମନ ମନାଇଲା । ୧୮ ।

୧ମ କବି—ସୁରଭି ପଣରେ ସୁରଭି ଗୁଣରେ ସୁରଭିପୁରେଶ ନନ୍ଦନା
ଯେମନ୍ତ ମଉକାଶିନୀଙ୍କ ସୀମନ୍ତମଣିଭୂଷା ହୋଇ ବନ୍ଦନା,
ତେମନ୍ତ, ସୁରଭି ଋତୁରେ ପ୍ରଧାନ,
ନଦୀରେ ଗଙ୍ଗା ପୁରୁଷେ ମନସିଜ ଗଜେ ଇନ୍ଦ୍ରଗଜ ବିଧାନ ।୧୯।

ରାଜା—ଶୋଭା ଆରମ୍ଭରେ ରମ୍ଭାରେ ପ୍ରୟୋଗ ବୋଧକର ଥିଲା ବୋଇଲା
ସେ ଅପସରା ବିଟପୀ-ଭାବ ଭଜି ତନୁକୁ ରମ୍ୟ ନ ପାଇଲା,
ଯା ଶୋଭା, ଯଶ ଜଗତରେ ପ୍ରସର
ହାର ହାର ହୋଇ ତରଳକୁ ଯେନ ସୁର-ସରିତ ଅନୁସର । ୨୦ ।

୨ୟ କବି—ଜଗଜ୍ଜୟ ଅର୍ଥୀତା ବଶ ମନ୍ମଥ ମୂର୍ତ୍ତିମନ୍ତ ହେବା କାରଣ
ଗଡକ ଇଚ୍ଛିଟି ଚରଣ ତଳରେ ଶରଣ ପଶିଲା ବାରଣ । „
କବିଏ, କରୁ ପ୍ରତ୍ୟୁତ୍ତର ଏସନ ।

୧ମ କବି—କବିଏ ବୋଲେ ହୁତ୍ତଲତ ଧଡ଼ିକ ଧରି ଯେ ବସନ୍ତ-ବସନ ।୨୧।

ମନ୍ତ୍ରୀପୁତ୍ର—ହେ ଭଲ କହିଲ ବର କାହିଁ ଲକ୍ଷ୍ୟ ସୁକାନ୍ତକ ଆଉ ଭୁଲାଇ ?
କେସ ବେନି ତେନ ରଚିତ ଉଚିତ ଚରିକୁ ନେଲା ଯେ ଭୂଲାଇ
ଆତୁରେ ବିଷୟ ବିଷୟ ଧ୍ୱଂସନ
ମାଧବୀମଣ୍ଡପେ ରାଜାତ୍ମଜ ବିଜେ କଲା ମନ୍ତ୍ରୀସୁତ ପ୍ରସନ୍ନ । ୨୨ ।

(୭ମ ଛାନ୍ଦ)

(ଗ) ରାଜକୁମାରଙ୍କୁ ପୁଷ୍ପପୁରଣି ଭାଟ ଓ ଜାଣି ଦୁହେଁ ସୁନ୍ଦରୀର ରୂପ ବର୍ଣ୍ଣନା କରି ତାଙ୍କର ମନକୁ ମଜାଇ ଦେଲେ । ଏହାପରେ ଭାଟ କହିଲା—

ଭାଟ— ବହୁଧା କର ଲଭିବା ଦୁର୍ଲଭ, ପ୍ରସନ୍ନ ଦର୍ଶନ ବଡ଼ ସୁଲଭ । ୧୮ ।

ପୁରୋହିତ ପୁତ୍ର—ନଅଳାର ଥିଲ କଲ ଗୋସାଇଁ,
ପଥ ଉତପଥ ହୋଇଛୁ କାହିଁ ?

ଅଦ୍ଭୁତ ପୁରୁଷ—ଶ୍ରୀପଥ କୁମର ଥିଲେ ସମର, ବର ହୁଅନ୍ତେ ବର ବରନାର ।
କହିଲି ଦେଇ ଶ୍ଲେଷ ଆଶ୍ଲେଷ,
ବୁଝି ନବୁଝ ଶିର ଚଳପ୍ରଂଶ । ୧୯ । (୮ମ ଛାଃ)

ରାଜପୁତ୍ର—ଚତୁର କହିଲି ଆତୁର ବଶ, କି କରି କରିବା ଲୋକନ ଭାଷ ?

ଅ:ପୁରୁଷ—ଉଦର କାଳ ସେ ସେବି ଇତର । କର କର ଦାନ ପୁଣ୍ୟ ନକର ।
ଏ ଶିବ ଅର୍ଥେ ଶିବଙ୍କୁ ତୋଷ । ପଦ୍ମ ପଦ୍ମ କରି ପଦ୍ମ ମନାସ ।
ହେ ଶୂର ବହୁ ଭୂସ୍ବର ଅଣାଅ । ଚଣ୍ଡୀ ଦର୍ଶନକୁ ଚନ୍ଦ୍ରୀ ଶୁଣାଅ ।
କର ଭଜନ ମଜ୍ଜନ ଚଉରେ । ଅଭିରାମ ରାମ ଅବିରତରେ ।
(୨୧ । ୮ମ ଛାନ୍ଦ)

(ଘ) ଥରେ କୋଟିବ୍ରହ୍ମାଣ୍ଡସୁନ୍ଦରୀ ତାର ମନରେ ପ୍ରଫୁଲ୍ଲତା ଆଣିବା ପାଇଁ ପଶା ଖେଳିବା ନିମିତ୍ତ ସଖୀମାନଙ୍କୁ ଡାକିଲା । କିନ୍ତୁ ସେତେବେଳେ ଚୈତ୍ରମାସ ହୋଇଥିବାରୁ ପଶାର ଉପଯୁକ୍ତ ସମୟ ନୁହେଁ ବୋଲି ସଖୀମାନେ କହିଲେ । ବର୍ଷା ଆସିଲେ ପଶା ଖେଳିବା ବୋଲି କହିଲେ । ବସନ୍ତ ସମୟ ଉପସ୍ଥିତ, ନ୍ୟାସ୍ଥବଳ ଖେଳିବାର ଉପଯୁକ୍ତ ସମୟ ଥିବାରୁ ଏହି ଖେଳ ଖେଳିବାକୁ କହିଲେ । ଏହି ସମୟରେ ସଖୀ କାଦମ୍ବିନୀ କୌଶିକୀ ନଦୀ ତୀରବର୍ତ୍ତୀ ଅରଣ୍ୟ ମଧ୍ୟରେ ବ୍ରଜଲୀଳା ହେଉଥିବାରୁ ସେଠାକୁ ଯାଇ ତାହା ଦେଖିବା ପ୍ରସ୍ତାବ କଲା ।

କାଦମ୍ବିନୀ—କଉଶିକ୍ସ ତଟ ନିକଟ ଅଟବୀ ମଧ୍ୟେ ବ୍ରଜଲୀଳା ହେଉଛୁ,
ଶୁଣ ନିଧାନ୍ନ ସାବଧାନ ହୁଅରେ ଦେଖିଯିବାକୁ ମୁଁ କହୁଛୁ ।

କ୍ଷେମା— କହ କେମନ୍ତ ମତକାଶିନୀ ପଗ୍ଭରଲ୍ଲ
(ଚତୁର୍ଥୀ ସଖୀ ବହୁତ ଗ୍ଭତୁରୀରେ ଲୁଚେ ବାଣୀ ଉଚ୍ଚାରଲ୍ଲ ।)

ବ୍ରଜ ଗୋପାଙ୍ଗନା ଓ ଗୋପବାଲଙ୍କ ପ୍ରତିପଦ ବୃକ୍ଷ ନାମମାନଙ୍କୁ କହୁ ସେମାନେ କପରି ମନୋହର ଲୀଳା କରୁଛନ୍ତି ତାହା ସଖୀ ବର୍ଣ୍ଣନା କଲ୍ଲ । ବୃକ୍ଷମାନଙ୍କର ବ୍ୟାବହାରିକ ନାମ ବର୍ଣ୍ଣନାରେ ପ୍ରକାଶିତ ହୋଇ ନଥିବାରୁ କ୍ଷେମା ପ୍ରକୃତରେ ବ୍ରଜଲୀଳା କଣ ବୋଲି ଭାବଲ୍ଲ ଏବଂ ରସପୂର୍ଣ୍ଣ ବର୍ଣ୍ଣନାଦ୍ୱାରା ତାର ମନ ସେଥିରେ ମଜ୍ଜିଲ୍ଲ । ସଖୀମାନଙ୍କ ସଙ୍ଗେ ଉପବନ ଭିତରକୁ ସୁନ୍ଦରୀ ଗଲ୍ଲ । ସେଠାରେ କାଦମ୍ବିନୀକୁ ସୁନ୍ଦରୀ ପଗ୍ଭରଲ୍ଲ—

ବନେ ଜବନେ ମିଳୁ ବୋଇଲ୍ଲ ଦ୍ରବ୍ୟବାଲା
"ବିଟପ ବିଟପୀ ଏଥିତ ବହୁତ କହୁଁ ତ ଥିଲୁ ଆନ ଲୀଳା" ।

ବାଣୀଜା— ବାଣୀଜା କଲ୍ଲ ପ୍ରମାଣ ମାଣବକ-ମୃଗ-ଜଡ-ନେହା ଉତ୍ତର
ଏଥିରେ ବାଲା ଜାଲାନ୍ତରେ ଅଛୁରେ ଏହି ବିହାର ବ୍ୟବହାର ।
ଥିବା ବେଲରେ, ସୁମନା-ବଲୀ ମନୋହରେ
ପ୍ରକର ବରଖି ଲଲସ ଗଣିକା ଭାବେ ସୁବାସ ହରିବାରେ ।

ଶଚୀକଲା —ଶଚୀକଲା କଲ୍ଲ ସେକଥା ସମ୍ମତ ଏମନ୍ତ କହିଲ୍ଲ ସେଥିରେ
ଇନ୍ଦ୍ର ତପସ୍ୱିନୀ ଯେଣ ବହୁ ନେହ ଶୋଭା ହୋଇଥିଲ୍ଲ ଏଥିରେ ।
ଯାହା ପ୍ରେମିତ, ସେ ଭାବେ ଦେଖାଇଲ୍ଲ ଛଳେ ।

କ୍ଷେମା—"କେ କେଉଁ ମସ୍ତାରୁହ ଲତା ଅନାଇ ଚନ୍ଦ୍ରାଉଥିବ ଶ୍ୟାମା ବୋଲେ ।

"ପୁନ୍ନାଗ ନାଗର ଦେଖରେ"
ବୋଲିକେ ଦେଖାଉଁ ଅଙ୍ଗୁଳିରେ କଣ
କେମା— "ଏହି ତରୁ ତରୁଣଶ୍ରେଷ୍ଠ ନୋହେ" ତରୁଣୀ-ରତନ ପଚ୍ଛର
ସଖୀ, କେମା—"ମଲ୍ଲୀ" ବୋଲନ୍ତେ, "ଜାହିକ" ବୋଲି ସେ ହସଇ
ମାଧବୀକ ଗୃହି "ମାଧବୀ" ବୋଲନ୍ତେ
ଏହି ମଧୁପୁର ? ଭାଷଇ ।

୧ମ ସଖୀ—"ଆଣିମି" ଭଣି ସୁସ୍ୱରେ "ନାଗେଶ୍ୱରେ"
ତାର ସନ୍ନିଧେ ଯାଇଁ କେହି
୨ୟ ସଖୀ—ମଆକୁ ତାଳି ଏ କଥା ପୁଚ୍ଛା କଲା
"କଥାପ୍ରସଙ୍ଗ ହେଲୁ କେହି ?"
୧ମ ସଖୀ—ସେହି ବୋଇଲା, ଆଣିମି "ସୁପର୍ଣ୍ଣେ ଭରସା"
୨ୟ ସଖୀ—"ଭାଷାକୁ ଭାଷା ମିଶିବାରୁ ହେଲା ଯେ" .
ଏତିକି ଭାଷିଲା ସୁଦ୍ଦଶା ।

ସଖୀଏ— "ଚମ୍ପା" କହନା ଜଗତ ବନ୍ଦନାକୁ ସମ୍ପାଦିବ ସିନା ଏସନ
"ଆମ୍ଭ ନଗର ନଗରୂପ ହେଲାକ ? ବୋଲି ଯେ କହିବ ବହିନ"
ବୋଲେ କେ ତହିଁ "ହୋଇ ଏ ମୌଗ୍ଧ ପ୍ରକାଶିଛୁ ।"
କେ କହେ, ନୋହେ, ଏ ପରମ ପଣ୍ଡିତା
ମନକୁ ନାନାର୍ଥ ଆଣୁଛୁ । (୧୦ମ ଛାନ୍ଦ)

(ଙ) ମାଳମାନଗରର ରାଜା ଦୁହିତା କୋଟିବହ୍ମାଣ୍ଡସୁନ୍ଦରୀଙ୍କ ସ୍ୱୟମ୍ବର ବାର୍ତ୍ତା ଦୂତମାନଙ୍କ ହାତରେ ବିଭିନ୍ନ ସ୍ଥାନକୁ ପଠାଇଲେ । କୁମାରୀ ଦିନେ ସନ୍ଧ୍ୟା ସମୟରେ ଚାନ୍ଦନୀ ଉପରେ ବସିଥିଲା । ସଖୀମାନେ ମଧ୍ୟ ଉପସ୍ଥିତ ଥିଲେ । ପୂର୍ବ ଦିଗରେ ଚନ୍ଦ୍ର ଉଦୟ ହେବାରୁ ସେ ଶୋଭାକୁ ନିରୀକ୍ଷଣ କରି ସୁନ୍ଦରୀ ରାଜକୁମାରୀ ଭ୍ରମମଗ୍ନା ହେଲା ଏବଂ ସଖୀ ବାଣୀକାଙ୍କୁ କହିଲା—

ପତି କଟକା ମତ କର ମୋ ନେତ୍ର ସମ୍ପତ୍ତି ପୁଂସଙ୍କୁ
ଜଗତୀ ଯୁବତୀ ରୂପଧରି ରତି ସୁଜ୍ୟୋତ ବେଶଙ୍କୁ । ୧୫ ।
ଦେଖ ମୁଖ ଶୋଭା କରୁଛି କସ୍ତୁରୀ ତିଳକ ମକରୀ
ମଣ୍ଡିଛି ନାଶେ ମୁକୁତା ମୋତିଜାଲି ଚକ୍ଷୁରେ ମାଧୁରୀ । ୧୬ ।
ଖଞ୍ଜିଛି ଉଚ୍ଚକୁଚରେ ସୁସଞ୍ଚରେ ସୁନୀଳ ଚୋଳିକ
ରଞ୍ଜିଛି ଚିତ୍ର ରଜତ-ଜରି ଫୁଲ୍ଲ ଭଙ୍ଗୀରେ ଝଲକ । ୧୭ ।
ମଧୁର ଗୋଷ୍ଠୀ ପଞ୍ଚମ ସ୍ୱର ଧରି ବଚନ ପ୍ରଚୁର
କରେ ଅଭିସାର ବିପ୍ରଲବ୍ଧା କେହୁ ହୋଇବ ବିଧୁର । ୧୮ ।

ସଖୀ ବାଣୀଜା—ସଖୀ କହିଲା, ଏମନ୍ତ ନୋହୁ ବରବର୍ଣ୍ଣିନୀ ତୁ ଚେଧନ
ପୂର୍ଣ୍ଣେନ୍ଦୁ ଲାଞ୍ଛନ କରି ତାରକାରେ ଗଗନ ମଣ୍ଡନ । ୧୯ ।
ଗିରିମଞ୍ଜରୀ କରଣ ନଗି ପିକଧ୍ୱନିରେ ଶୋଭିତ
ଯାହା ନାଥ ପାର୍ଥସାରଥି ସେ ଅନେ ହୋଇ କି ଲୋଭିତ । ୨୦ ।
ପତି ପ୍ରାପତି ନୋହୁ ତ ସପତ୍ନୀରେ ତୋ ଏଡ଼େ ଈର୍ଷା
ମହୀମଣ୍ଡନାରେ ମହୀ କରୁଛି ଯେ ବଲ୍ଲଭ ପ୍ରତ୍ୟାଶା । ୨୧ ।

ଶଚୀକଳା—ବୃଥା କଥାକୁ କି ବ୍ୟଥା ଶଚୀକଳା ବୋଇଲା ତ୍ୱରିତ
ତାରକେଶ୍ୱରୀ ଇନ୍ଦୁ କଇରବ ବନ୍ଧୁ ଯଥା ଏ ତେମନ୍ତ । ୨୨ ।

( ୨୭ଶ ଛାନ୍ଦ )

(ଚ) ରାଜକେମାର ସ୍ୱୟଂବରକୁ ରାଜକୁମାର ସସୈନ୍ୟ ଚମ୍ପାନଗରକୁ ଯାଉଥିଲା ବେଳେ ବାଟରେ ଗ୍ରାମମାନଙ୍କରେ ସ୍ତ୍ରୀମାନେ ତାଙ୍କ ରୂପକୁ ଦେଖି କେତେ ପ୍ରଶଂସା କଲେ; କେତେ ମନରେ ତାଙ୍କୁ କାମନା କଲେ । ତରୁଣୀମାନେ ଓ ବୃଦ୍ଧାମାନେ କେତେ ପରିହାସରେ କଥା ହୋଇଲେ ।

ତରୁଣୀଗଣ—କଥା ହୋଇଲେ ତରୁଣୀଗଣ ଆମ୍ଭ ବଲ୍ଲଭ ଏ ହେଲେ ଜାଣ
ହୁଅନ୍ତା ଦିନ କ୍ଷଣଦା କ୍ଷଣ, ପରସ୍ପେ ସହିରେ ।
ବଲ୍ଲକୀ ହୋଇ ବଲ୍ଲବୀ ପରି ଶ୍ରୁତି ପ୍ରକାଶ ବନେ ଢହର
ଅଶେଷ ତୋଷେ ମଣ୍ଡଳୀ କରି, ମୋହନ ମୋହୁ ଯେ ।

ସ୍ଥବିରଗଣ—ସାର୍ଥ ହୁଅନ୍ତା ମନୋରଥ ଜନମ ଯେ
ଶୁଣି କନ୍ଧ ହୋଇଲେ ସ୍ଥବିରସ୍ତୋମ
ଯେ ରାଜରାଜପ୍ରିୟ ତନୁଜ ଗୁଣ ସୁନ୍ଦରେ କେବଳ ହେଜ
ବିଅର୍ଥ ପତିବ୍ରତକୁ ତେଜ କରି ତା ପ୍ରେମ ଯେ । ୨୧ ।

ତରୁଣୀଗଣ—ଶୁଣି କଲେ ସେ ପ୍ରତିଉତ୍ତର ଯେନ କୁବୁଜା କେତେ ମାତର
ଭୋଗ କଲା ସେ ଜଗଦୀଶ୍ୱର, ଏ ଜଣାଥିଲା କ ।
ଏବେ ନୋହିଲେ ପଛେ ହୋଇବ କାମ କାମନା ମୁନିଙ୍କ ଭାବ
ଏ ସତ ରାମମୂର୍ତ୍ତି ସମ୍ଭବ ସଂଶୟ ଗଲା ଯେ ।

ବୃନ୍ଦା—ଯେଉଁ ଯୁବତୀ ଯେଉଁ ବୃନ୍ଦାର ତହିଁ ଯେ ଥିଲେ
ପରିହାସୀ ସେ ତାହାଙ୍କୁ କହି
ହେବ ତୁମ୍ଭର ଯୋଗରେ ଯୋଗ ଆମ୍ଭ ମଧ୍ୟସ୍ଥ ହୁଅ ଗୋ ବେଗ
ରାଧିକା ଦୂତୀ କୃଷ୍ଣରେ ଭୋଗ ତମସେ ହୋଇ ଯେ । ୨୨ ।
ସେ ବୋଲେ ଅଗ ତୁମ୍ଭର ହେଉ ଏ ବୋଲେ ମାତାମାତା କ କହୁ
ଆମ୍ଭମାନଙ୍କୁ ଛାଡ଼ିବ କାହୁଁ ଦିବ୍ୟସୁନ୍ଦର ଯେ ।
ଏତେକେ ତାର ନୋହିଲା ପ୍ରୀତି କନ୍ଦ୍ର ପ୍ରବେଶେ ହୋଇବ ଦୂତୀ
ସ୍ୱପନ ଯୋଗେ ହେବ ତ ରତିରସ ପ୍ରସାର ଯେ ।
ତହିଁ ହେବ ଉତ୍ତରକୁରୁର ଭୋଗ ଯେ ।
ଯଥା ଦିବା ବିଯୋଗ ରାତ୍ରେ ସମ୍ଭୋଗ ।
ତପେ ମନାଇ ବ୍ରହ୍ମବ୍ରତିକି ଆଣିଲେ ସେ ବିଚ୍ଛେଦଦାୟିକା
ନୋହିବନକ ଆଣ ମତିକ ଗଲା ଉଦ୍‌ବେଗ ଯେ । ୨୩ ।
( ୨୭ଶ ଛାନ୍ଦ )

(ଛ) ନାୟକନାୟିକାଙ୍କ ମିଳନ ରାତ୍ରି ଶେଷ ହେବା ପରେ ବିଦୂଷକ ଓ ହେମାଙ୍କ ସଖୀମାନଙ୍କ ମଧ୍ୟରେ ହୋଇଥିବା କଥୋପକଥନ ତଥା ହେମା ଓ ସଖୀମାନଙ୍କ ଭିତରେ ହୋଇଥିବା କଥୋପକଥନ ବଡ଼ ଚମତ୍କାର ହୋଇଛି ।

ନାୟକ ନାୟିକାଙ୍କ କେଳିପୂର ମିଳନ ପୂର୍ବରୁ ସଖୀମାନେ ହାସ-ପରିହାସରେ ତେମାକୁ ନାନା ପ୍ରକାର ଉପଦେଶ ଦେଉଛନ୍ତି । କିଏ ପରିହାସରେ ବ୍ୟଙ୍ଗ କରୁଛି ତ କିଏ ପରିହାସରେ ତେମାର ପକ୍ଷ ଧରୁଛି ।

ସଖୀଏ—ପ୍ରିୟତମା ଏ ଭାଷିଲା, "ହାସ କର କେତେ ?
ଶିକ୍ଷା ଦେଇଥାଅ ଯେଉଁ ଲୀଳା ଯେଉଁ ମତେ ।"
ଅନ୍ୟ ସଖୀ—"କି କଥା କହ ଗୋ !" ବୋଲି ଏକ ସଖୀ ଭାଷେ ।
ଏ ସ୍ମର ଶାସ୍ତ୍ରପଣ୍ଡିତା ଅଗୁରୁବିଦ୍ୟା ସେ ।" । ୧୫ ।

(୩୪ଶ ଛାନ୍ଦ)

(ଜ) କେଳିସଦନରୁ ପ୍ରାତଃକାଳରେ ରାଜପୁତ୍ର ବାହାରି ଆସୁଥିବା ସମୟରେ ବିଦୂଷକ ଆସି ରାଜପୁତ୍ରଙ୍କୁ ଲକ୍ଷ୍ୟକରି ଅନ୍ୟ ସଖାମାନଙ୍କୁ କହିଲା ଯେ ରାଜପୁତ୍ର ଆଜି ମହାବୀର ହୋଇଲେ; କାରଣ ତ୍ରିପୁରପୀଡ଼କ (ଶିବ)ଙ୍କୁ ସେ ଜୟକଲେ । ଏକଥା ଜଣେ ସଖାର ମନକୁ ପାଇଲା ନାହିଁ । ସେ କହିଲା, ରାଜକୁମର କନ୍ଦର୍ପକୁ ଜୟକଲେ । ସଖାର ଏ ଇଙ୍ଗିତ ବାକ୍ୟ ଶ୍ରବଣ କରି ବିଦୂଷକ ଆନନ୍ଦରେ ନୃତ୍ୟ ଆରମ୍ଭ କଲେ ଏବଂ କହିଲେ, "ସେ 'ଶିବ' ଅନ୍ୟ ଅର୍ଥରେ ପରାଜିତ ହୋଇଛନ୍ତି—ନାୟିକାର 'କୁଚଶମ୍ଭୁ' ପରାଭୂତ ହୋଇଛି । ମୁଁ ସେକଥା ପ୍ରଥମେ କହିବାକୁ ଭୁଲିଯାଇଥିଲି ।" ଏହା କହିବାରୁ ପୁଣି ହାସ ଜାତ ହେଲା ।

ବିଦୂଷକ—ମହାବୀର ହୋଇଲେଟି ଆମ୍ଭ ନୃପାତ୍ମଜ
ତ୍ରିପୁରପୀଡ଼କକୁ ଜିଣିଲେ ଯେଣୁ ଆଜ ଯେ ।
ସଖା—"ଅପରାଧୀ କରୁ" ମିଷେ କରନ୍ତେ ଇଙ୍ଗିତ
"ସେ କି ଦର୍ପକ" ବୋଲି ସେ ଆରମ୍ଭିଲା ନୃତ୍ୟ ।
ବିଦୂଷକ—"ସେହି ନୋହିଛି କି ଭିନ୍ନ ରୂପେ ପରାଭୂତ,
ଭ୍ରମିଥିଲି" ବୋଲି ପୁଣି ହାସ କଲା ଜାତ । ୫୪ ।

(୩୪ଶ ଛାନ୍ଦ)

(୨) ସୈନ୍ୟବାହିନୀର ଗମନ ଭଙ୍ଗୀ — ଚମ୍ପାନଗରୀକୁ ଯାଉଥିବା ରାଜାମାନଙ୍କର ସୈନ୍ୟସାମନ୍ତଙ୍କ ଧୀରମନ୍ଥର ସୁରଙ୍ଗ ଗତିକୁ ଦେଖି ମନେ ହେଲା ସତେ ଯେପରି ସୁଷମାମଣ୍ଡିତା ରମଣୀରତ୍ନଟିଏ ଗମନ କରୁଛି । ସୁନ୍ଦରୀର କଲତିଳକ ପରି ଖଡ଼୍‌ଗ, ଭାଲ ପରି ଫଲକ (ଢାଲ), ନେତ୍ରମେଳ ଭ୍ରୂଲତା ପରି ବାଣ ସହିତ କମାଣ, ନାସା ପରି ତୂଣୀର (ଶରମୁଣି), ଅତି ମଞ୍ଜୁଳ କଟାକ୍ଷ ପରି କୁନ୍ତ, ଚତୁର୍ବିଧ ବଳେଣି ( ବଳସ୍ତ, ବଳା, ମୁଦ, କିଙ୍କିଣୀ ) ପରି ଚତୁର୍ବିଧ ବାଦ୍ୟବାଜେଣି, (ତୁରୀ, ଭେରୀ, ଗିନ, ଢୋଲ ) ଅତିଶୟ ଚଞ୍ଚଳରେ ଦକ୍ଷ ଚଗଲ ଚେଲ (ପଣନ୍ତ) ପରି ଉଡ୍‌ଡୀୟନ ପତାକା, ଉଚ୍ଚ କୁଚ ପରି ରଥ, କଣ୍ଠଭୂଷା ହାର, ବିଦ୍ରୁମ ମାଳା ପରି ରଥର ବହୁଳ ଝରା, କର୍ଣ୍ଣଭୂଷଣ ପରି ରଥର ଚକ୍ର, କର୍ଣ୍ଣ ପରି ପାଶ ( ରଥ ଦଉଡ଼ି ) ହୋଇଛି । ଅଙ୍ଗଚଞ୍ଚଳ ଭଙ୍ଗୀ ( ତରଙ୍ଗଗତି ) ପରି ତୁରଙ୍ଗ ରଙ୍ଗ ( ଘୋଟକର ନୃତ୍ୟାସ୍ତମାନ ପଦଚାଳନା), ସୁନ୍ଦରୀର ସଙ୍ଗମତ୍ତର ଗତି (ଗଜଗମନ ସଦୃଶ ଗତି) ପରି ମତ୍ତମାତଙ୍ଗ ଗତି, ଏପରି ଲକ୍ଷ୍ୟ ହେଉଛି ।

ଖଡ଼୍‌ଗ ଫଳକ ତିଳକ ଭାଲ ବାଣ କମାଣ ଭ୍ରୂ ନେତ୍ର ମେଳ
ତୂଣୀର ନାସା ଅତି ମଞ୍ଜୁଳ କୁନ୍ତ କଟାକ୍ଷ ଯେ ।
ଚତୁରବିଧ ବାଦ୍ୟ ବାଜେଣି ବଳସ୍ତ ବଳା ମୁଦ କିଙ୍କିଣି
ଚଗଲଚେଲ ଅଞ୍ଚଳ ଜାଣି ଚଞ୍ଚଳେ ଦକ୍ଷ ଯେ ।
ଉଚ୍ଚ ଶତାଙ୍ଗ କୁଚ ବହୁଳଝରା ଯେ
କଣ୍ଠେ ଭୂଷା ବିଦ୍ରୁମ ମାଳିକା ହାର ଯେ
ଚକ୍ର ତାଟଙ୍କ ପାଶ ଯେ ଶ୍ରୁତି ତୁରଙ୍ଗ ରଙ୍ଗ ତରଙ୍ଗଗତି
ମତ୍ତମାତଙ୍ଗ ଗମନ ଗତି ସଙ୍ଗମେ ତ୍ବରା ଯେ । ୧୯ । (୨୭ଶ ଛାଃ)

(୩) ସୁନ୍ଦରୀର ସୌନ୍ଦର୍ଯ୍ୟ ଉପମା ସମ୍ଭାର—କୋଟିବ୍ରହ୍ମାଣ୍ଡ-ସୁନ୍ଦରୀର ନବଯୌବନ ପ୍ରକାଶ ପାଇବା ପରେ ସେ ଯେଉଁ ଅପୂର୍ବ ଶୋଭା ଧାରଣ କଲା ତାହାର ବର୍ଣ୍ଣନା ପ୍ରସଙ୍ଗରେ କବି କେତେକ ଉପଯୁକ୍ତ ଉପମାର ଉଲ୍ଲେଖ

କରିଛନ୍ତି । ସାଧାରଣତଃ ଶରୀର ବର୍ଣ୍ଣନା ବେଳେ ଏହିଗୁଡ଼ିକ ହିଁ ବ୍ୟବହୃତ ହୋଇଛି ।

ଉପମାମାନେ ଏହାଙ୍କୁ ଦେଖି ଏହାର ସମାନ ହୋଇ ପାରିବେ ନାହିଁ ବୋଲି ନିଜ ଇଚ୍ଛାରେ ନାରଖାର ହେଲେ ।

ଚନ୍ଦ୍ର ଜନମ ଉପମା ଲେଖାର,
ତାଙ୍କ ଇଚ୍ଛାରେ ହେଲେ ନାରଖାର ।

୩୬ । (୩ୟ ଛାଂ)

କାହା ସହିତ କିଏ ସମାନ ନହୋଇ କଣ ହେଲା ତାହା କବି ନିମ୍ନଲିଖିତ ଭାବରେ ବର୍ଣ୍ଣନା କରିଛନ୍ତି ।

| | | |
|---|---|---|
| କାନ୍ତିକୁ | ଲକ୍ଷ୍ୟ ନହେବାରୁ | ବିଜୁଳି କ୍ଷଣପ୍ରଭା ହେଲା । |
| ମୁଖକୁ | ,, | ଚନ୍ଦ୍ର ପକ୍ଷକେ କ୍ଷୀଣ ହେଲା । |
| କେଶକୁ | ,, | ମେଘ ଆପଣା ଜୀବନ (ଜଳ)ରୁ ଅଗ୍ନି ଜାତ କରି (ବାଡ଼ବାଗ୍ନି) ସେଥିରେ ପୋଡ଼ିଯାଇ ଧୂମ ପରି ବିବର୍ଣ୍ଣ ହୋଇଗଲା । |
| ନାସାକୁ | ,, | ଗରୁଡ଼ ବିଷବୃଦ୍ଧିରେ କାକୋଦର (ସର୍ପ)କୁ ଭକ୍ଷଣ କଲା । |
| କୁଚକୁ | ,, | ମନ୍ଦରଗିରି 'ମନ୍ଦ' ଶବ୍ଦକୁ ନାମ ସହିତ ବହନ କଲା । |
| ବାହୁକୁ | ,, | ପଦ୍ମମୃଣାଳ କଣ୍ଟକମୟ ହେଲା, ପଦ୍ମ ତାର ପାଦକୁ ଆଶ୍ରୟ କଲା ଅର୍ଥାତ୍ ପାଦ ସହିତ ତୁଳନା ହେବାରୁ ଧନ୍ୟ ହେଲା । |
| ଅଧରକୁ | ,, | ବିମ୍ବଫଳ ଭସ୍ମ ଲେପି ହେଲା । |
| ଊରୁକୁ | ,, | କଦଳୀବୃକ୍ଷ ଅଧୋମୁଖୀ ହେଲା । |
| ଅଧରକୁ | ,, | ଜବାପୁଷ୍ପ ନିଜବେ ଜଳିଯାଇ କଳା ହୋଇଗଲା । |

ଦେହର ଶୀତଳତାକୁ ଲକ୍ଷ୍ୟ ନହେବାରୁ ଚନ୍ଦନ କାଠ ହୋଇଗଲା ।

| | | |
|---|---|---|
| ଦନ୍ତକୁ | ,, | ମୁକ୍ତା ଶାମୁକାକୁ ଅଶ୍ରୟ କଲା । |
| ସ୍ୱରକୁ | ,, | ବୀଣା ପରାଧୀନା ହୋଇ ଶବ୍ଦ କଲା । |
| କଟିକୁ | ,, | ସିଂହ ବଣରେ ଲୁଅଡ଼େ ଲୁଚିଲା । |
| ଗତିକୁ | ,, | ରାଜହଂସ ବିଷ (ପଦ୍ମନାଡ଼) ଭକ୍ଷଣ କଲା । (ଜାସୁ ଗ୍ରନ୍ଥ) |

(୪) ବିବାହରେ ଶୁଭ ଅନୁକୂଳ ସହିତ ନାୟିକାର ଅଙ୍ଗ-ପ୍ରତ୍ୟଙ୍ଗ ଉପମା—ପୁଷ୍ପପୁରରୁ ପୁଷ୍ପକେତୁ ବର ହୋଇ ଚମ୍ପାନଗରକୁ ଯିବା ଉପଲକ୍ଷେ ଶୁଭ ଅନୁକୂଳର ଅନୁଷ୍ଠାନ ବେଳେ ବର ମାନସରେ ନାୟିକାର ସୁନ୍ଦର ରୂପଭଙ୍ଗୀ ଧ୍ୟାନ କଲା । ବରକୁ ଜଣାଗଲା ସତେ ଯେପରି ନାୟିକାର ଅଙ୍ଗପ୍ରତ୍ୟଙ୍ଗର ହାବଭାବ ଶୁଭ ଅନୁକୂଳର ପ୍ରଧାନ ଶୁଭ ଲକ୍ଷଣ । ଅନୁକୂଳରେ ଦହି, ମାଛ, କଦଳୀଗଛ, ଗୁଆ, ନବପଲ୍ଲବଯୁକ୍ତ କୁମ୍ଭ, ବ୍ରାହ୍ମଣ, ଲହୁଣୀ, ତଣ୍ଡୁଳ, ଦୂବା, ଦର୍ପଣ, ମଙ୍ଗଳାଷ୍ଟକ ଗାୟନ, ପୁଷ୍ପ, କର୍ପୂର, ପ୍ରଦୀପ ପ୍ରଭୃତି ବିଭିନ୍ନ ସମୟରେ ବ୍ୟବହୃତ ହୁଏ । ନାୟିକାର ଅଙ୍ଗରେ ଏସବୁ ଥିଲାପରି ବରକୁ ମାନସଚକ୍ଷୁରେ ଦେଖାଗଲା ।

କନ୍ୟାର ହାସ (ଦଧି) ଓ ନୟନ (ମତ୍ସ୍ୟ) ଗୋପ ତରୁଣୀଙ୍କର 'ଦହି ଗୋ' ଓ ଧୀବରୀଙ୍କର 'ମାଛ ଗୋ' ଡାକରା ବୋଲି ଜଣାଗଲା । ସୁନ୍ଦରୀର କଣ୍ଠ ଓ ଗମନ ଛଟା ପାରା ଓ ମତ୍ତ ହଂସର ଗମନ ପରି ଦିଶିଲା । ସୁନ୍ଦରୀର କମନୀୟ ଊରୁଯୁଗଳ ଓଲଟା କଦଳୀବୃକ୍ଷ ପରି ଜଣାଗଲା । ଲଜ୍ଜାଭରେ ସୁନ୍ଦରୀର ଉଭା ହେବା ଠାଣି ଏମନ୍ତ ଦେଖାଗଲା—ସ୍ତନ, ଚୂଚୁକ ଓ ଅଧର ଯୋଖା ନବପଲ୍ଲବଯୁକ୍ତ କୁମ୍ଭ ଓ ପୂଗ ପରି । ଚରଣ ଚଞ୍ଚଳ ହେବାରୁ ଦ୍ୱିଜ (ପୁରୋହିତ)ଙ୍କ ବରଣ ଭଳି ଜଣାଗଲା । ତାର ଅଙ୍ଗର କୋମଳତା ନବନୀତ, ଦନ୍ତ ତଣ୍ଡୁଳ, ସୁବର୍ଣ୍ଣ ଅଲଙ୍କାର ସମୂହ ଦୁବାଦଳ, ମୁଖ ଦର୍ପଣ, ଉତ୍ତମକାନ୍ତି ଗୋରଚନା, ବାଣୀ ମଙ୍ଗଳାଷ୍ଟକ ହେଲା । କେଶ

ମଣ୍ଡନ ପାଇଁ ପୁଷ୍ପସମୂହ, କର୍ମପାଇଁ ପୁଷ୍ପ, ଶ୍ରୀଅଙ୍ଗ ବାସ ପାଇଁ ଆସିଥିବା ଗନ୍ଧସାର କର୍ପୂର, କାମ-ଅନ୍ଧକାର ନାଶନ ପ୍ରଦୀପ, ହେଲା । ମଙ୍ଗଳାରୋପ ହେବାରୁ ମନୋରଥ ସିଦ୍ଧ ହେଲା ।

ଜ୍ୟୋତିଷ ଗ୍ରନ୍ଥେ ସେ ସଙ୍ଗେ ଥିଲା
ହୋଇଲା ଅନୁକୂଳ ବୋଇଲା,
ସୁନ୍ଦରୀ ଅଙ୍ଗମାନ ଧାଯ୍ୟଲା ଶୁଭ ପ୍ରଧାନ ସେ ।
ହ୍ରସ୍ୱ ନୟନ ଶୁଣିଲାକ୍ଷଣି
ଗୋପୀଧୀବରୀ ଡାକଲେ ଶୁଣି,
ଦଧି ମତ୍ସ୍ୟ ଗୋ ଭ୍ରବନ୍ତେ ପୁଣି କଣ୍ଠ ଗମନ ଯେ ।
ପାରାବତ ସମଭ୍ର ହଂସ ଗୁଳବା ଯେ,
ବଶୀଯାଉଁ ପୁଲକମୟ ସେ ଯୁବା ଯେ ।
ସୁମରୁଁ ଉରୁ କଦଳୀ ତରୁ
ଦଶେ ଯାମଲ ଉଲଟେ ଗୃରୁ,
ଦଣା ପାଲଟ ହେଲ ବିଗ୍ରରୁ
ମହା ଉତ୍ସବା ଯେ । ୧୧ ।
ଲକ୍ଷିତ ହକ୍ଷ ଶୋଭ୍ର ଏ ଦେଖା
ସ୍ତନ ଚୁଚୁକ ଅଧର ଯୋଖା
କୁମ୍ଭେ କ ପୂଗ ପଲ୍ଲବଶାଖା ସ୍ଥାପି ତକ୍ଷାଲ ଯେ ।
ଛନ୍ନ ଦ୍ୱିଜ ଚରଣ ଯେଣୁ
ହେଲ୍ଲ ମଙ୍ଗଳାରୋପଣ ତେଣୁ,
କୋମଳ ନବନୀତ ପ୍ରମାଣୁ ଦନ୍ତ ତଣ୍ଡୁଲ ଯେ ।
ଦୁର୍ବାଙ୍କୁର ସୁବର୍ଣ୍ଣାଲଙ୍କାର ଦୃଶ୍ୟ ଯେ,
ହୋଏ ସୁକର୍ମ ଅନ୍ତଶସ୍ତ୍ର ପ୍ରକାଶ ଯେ ।
ମୁଖେ ଦର୍ପଣ ଦୃଷ୍ଟି ରଚନା,
ଘେନଲ କାନ୍ତକ ଗୋରଚନା
ବାଣୀ ମଙ୍ଗଳାଷ୍ଟକ ଭ୍ରବନା କରେ ମାନସ ଯେ । ୧୨ ।

ଆଣିଲୁ ପୁଷ୍ପ କଲାପ ବେଶେ
ଗନ୍ଧସାରକୁ ଶ୍ରୀଅଙ୍ଗ ବାସେ
ପ୍ରଦୀପ କାମ ତମସ ନାଶେ ସିଦ୍ଧାର୍ଥ ଜାତ ଯେ । ୧୩ ।
(୬୨ଶ ଛାନ୍ଦ)

(ଖ) ନାୟିକାର ଯୌବନାବସ୍ଥା ସହ ହରିଲୀଳାର ତୁଳନା—
କବି ନାୟିକାର ରୂପଲାବଣ୍ୟ ସହିତ ହରିଲୀଳା, ରାମଲୀଳା ଓ କୃଷ୍ଣ-ଲୀଳାର ତୁଳନା କରିଛନ୍ତି । ଏହି ଉପମା ଦେବାପାଇଁ ସତେ ବିଧାତା ଯେପରି ନାୟିକାକୁ ଗଢ଼ିଲା ବେଳେ କୌଣସି ତ୍ରୁଟି ରଖିନାହିଁ ।

ରାମଲୀଳା—କଲ୍ପକ ସୃଷ୍ଟି କିଛି ନହୁଇଲା,
ହରିଲୀଳା ଏରୂପେ କିବାଇଲା ।
ସୁଗ୍ରୀବରେ ଯେ ଚନ୍ଦନ ମିଶ୍ରିତ,
ରାମ-ଲକ୍ଷ୍ମଣ ମୁଖେ ପ୍ରଶଂସିତ । ୧୫ ।

କାଣିତ ଚନ୍ଦ୍ରହାସ-ଝଲକ,
ମନ୍ଦୋଦରୀ-ବର ଶକ୍ତ ଚାଳକ ।
ମେଘନାଦ ଶିଖା ଲକ୍ଷ୍ୟ ଝଲକ,
ଦକ୍ଷ ଧର ସେ ସୁମନା-ବଳୀକ । ୧୬ ।

ସଦା ଅଙ୍ଗଦ ବାହୁରେ ବାନ୍ଧରେ,
କୁଚ-କୁମ୍ଭ ଉନ୍ନତ ଚଉ ହରେ ।
ଏଣୁକରି ପୃଷ୍ଠଲଙ୍କା କମ୍ପନ,
ଏ ତ କଳଙ୍କ କଥା ଉଦ୍ଦୀପନ । ୧୭ । (୩୨ଶ ଛାନ୍ଦ)

ରାମ ଅବତାରରେ ହରି (ବିଷ୍ଣୁ) ସୁଗ୍ରୀବ ଓ ଚନ୍ଦନ ନାମକ ଦୁଇ ମାଙ୍କଡ଼ଙ୍କ ସହିତ ମିଶିଥିଲେ ଏବଂ ଏହି ଦୁହିଁଙ୍କ ମୁଖରେ ରାମ-ଲକ୍ଷ୍ମଣଙ୍କ ପ୍ରଶଂସା ଶୁଣା ଯାଉଥିଲା । କନ୍ୟା (ନାୟିକା)ର ସୁଗ୍ରୀବ (ଉତ୍ତମ ଗ୍ରୀବାରେ)

ଚନ୍ଦନ ମିଶ୍ରିତ (ଲେପନ) ହୋଇ ଶୋଭା ପାଇଲା ଏବଂ ମୁଖରେ ଚନ୍ଦନ ବୋଳା ହେବାରୁ ମୁଖ ଲକ୍ଷ୍ମଣ (ଚନ୍ଦ୍ର) ପରି ଶୋଭା ପାଇଲା । କନ୍ୟାର ମୁଖ ଚନ୍ଦ୍ର ପରି ଦେଖାଯିବାରୁ ଚନ୍ଦ୍ର (ଲକ୍ଷ୍ମଣ) ଧନ୍ୟ ହେଲା ।

ପୁଣି ମନ୍ଦୋଦରୀ-ବର (ରାବଣ) ଚନ୍ଦ୍ରହାସ (ଖଡ୍‌ଗ'ର ଝଲକ ଓ ଶ୍ରେଷ୍ଠଶସ୍ତ୍ର (ଶକ୍ତିତିଲକ)ରେ ପ୍ରକାଶିତ ହୋଇଥିଲା । ମେଘନାଦ (ଇନ୍ଦ୍ରଜିତ)ର ଶିଖାଝଲ ମୁକୁଟପ୍ରଭାକୁ କିଛି ତୁଳନା ନଥିଲା, ସେ ମଧ୍ୟ ସୁମନାବଳୀ (ଦେବ-ସମୂହ)ଙ୍କୁ ଧରି ନେବାକୁ ଦକ୍ଷ ହୋଇଥିଲା । କନ୍ୟାଚନ୍ଦ୍ର ତୁଲ୍ୟ ହାସ ଦେହ ଓ ମୁଖରେ ପ୍ରକାଶିତ ହେଲା । ମନ୍ଦୋଦରୀ-ବର ବା ମନ୍ଦୋଦରୀ ଶ୍ରେଷ୍ଠା ବା କ୍ଷୀଣମଧ୍ୟା ଶ୍ରେଷ୍ଠା ଏହି କନ୍ୟା ଶକ୍ତିଶସ୍ତ୍ର ତୁଲ୍ୟ କପାଳରେ ତିଲକ କଲା ଦେଲା, ଏହାର ଶିଖା (କେଶପାଶ)ର ଝଲ ସହିତ ମେଘନାଦ (ମୟୂର) ଲକ୍ଷ୍ୟ ହେଲା । ପୁଣି ସେହି ମେଘନାଦ ସଦୃଶ ଝଲଥିବା କେଶ ସୁମନାବଳୀ (ପୁଷ୍ପସମୂହ) ଧରିବାକୁ ଦକ୍ଷ ହେଲା ।

ପୁଣି ରାମଲୀଳାରେ ଅଙ୍ଗଦ ନାମକ ମାର୍କଣ୍ଡ ସର୍ବଦା ବାହୁବଳରେ କ୍ରୀଡ଼ା (ବିହାର) କରୁଥିଲା । କୁମ୍ଭକର୍ଣ୍ଣ ଉଚ୍ଚତାରେ ସମସ୍ତଙ୍କ ମନକୁ ହରଣ କରୁଥିଲା । (ଅର୍ଥାତ୍ ରାମଲୀଳା ରଙ୍ଗଭୂମିରେ ଏଡ଼େ ଉଚ୍ଚ ରାକ୍ଷସର ଆବିର୍ଭାବ ଦର୍ଶକଙ୍କ ମନରେ କୌତୂହଳ ଜନ୍ମାଇ ମନ ହରଣ କରୁଥିଲା) । କନ୍ୟାର ବାହୁରେ ସଦା ଅଙ୍ଗଦ (ଅଳଙ୍କାର ବିଶେଷ) ବିହାର କଲା ବା ରହିଲା । କୁଚକୁମ୍ଭ ଉଚ୍ଚତାରେ ସମସ୍ତଙ୍କ ମନକୁ ମୋହିତ କଲା । ଲଙ୍କାରେ ପୁଷ୍ପକ ବିମାନ କମ୍ପୁଥିଲା । ଦେବତାମାନଙ୍କ ବିମାନ ଅସୁରମାନଙ୍କ ସେବାରେ ରହିବାରୁ ସେ ଶଙ୍କାରେ କମ୍ପୁଥିଲା ଏବଂ ମେଘନାଦ ଦ୍ୱାରା ଧୃତ ହୋଇ ସୁମନାବଳୀ (ଦେବତାସମୂହ) ମଧ୍ୟ ଭୟରେ କମ୍ପୁଥିଲେ । କନ୍ୟାର କେଶରେ ପୁଷ୍ପଲଙ୍କା (ପୁଷ୍ପସମୂହ) କମ୍ପୁଥିଲା ।

କୃଷ୍ଣଲୀଳା—କନ୍ୟାର ରୂପଲାବଣ୍ୟ ସହିତ କୃଷ୍ଣଲୀଳା ମଧ୍ୟ ଲକ୍ଷ୍ୟହେବ । ମହାଭାରତରେ ଅର୍ଜୁନ ଓ କୃଷ୍ଣ ଯୁଦ୍ଧରଙ୍ଗ କରୁଥିଲେ । ଅର୍ଜୁନ ଧନୁ ଧରି

ବାଣ ପ୍ରୟୋଗ କରୁଥିଲେ । କର୍ଣ୍ଣ ବଜ୍ର ଓ ଢାଲ ଧରିଥିଲେ । ଦ୍ରୋଣସୁତ (ଅଶ୍ୱତ୍ଥାମା) ଓ ବିରାଟ ରାଜାଙ୍କ ପୁତ୍ର ଉତ୍ତର ଏହି ଦୁଇ ଯୋଦ୍ଧା ବିଖ୍ୟାତ ହୋଇଥିଲେ । କନ୍ୟାର ଚକ୍ଷୁରେ ଶୁକ୍ଳ, କୃଷ୍ଣ ଓ ରଂଗ (ଲାଲ) ବର୍ଣ୍ଣ ଲୀଳା କରୁଛି । ଚକ୍ଷୁର ଅଞ୍ଜନ ଧନୁର୍ଗୁଣ, ଭାଲ ଧନୁ, କଟାକ୍ଷଚାଳନ ଅର୍ଜ୍ଜୁନଙ୍କ ଧନୁ ଓ ବାଣ ପ୍ରୟୋଗ ସଂଗେ ସମାନ ହେଲା । ସୁନ୍ଦରୀର କର୍ଣ୍ଣରେ ବଜ୍ରସମ ମଲ୍ଲୀକଢ଼ୀ ଓ ଢାଲସମ ତାଟଙ୍କ ଶୋଭା ପାଇଲା । ଦ୍ରୋଣସୁତ (କୋକିଳ) ପରି ଉତ୍ତର (ବାକ୍ୟ) କହିବାରେ ବିଖ୍ୟାତ ହେଲା ।

> ନେତ୍ରେ ସୁଭ୍ରରତ ହେବା କହୁଛି,
> କୃଷ୍ଣ ଅର୍ଜ୍ଜୁନ ରଂଗ କରାଇଛି ।
> ଗୁଣ ଅଞ୍ଜନ କପାଳ କମାଣ,
> ବାଣ ପ୍ରୟୋଗ କଟାକ୍ଷ ପ୍ରମାଣ । ୧୮ ।
>
> କର୍ଣ୍ଣ ବଜ୍ର-ମଲ୍ଲୀକଢ଼ୀ ବହିଲା,
> ସୁତାଟଙ୍କ ଆଢ଼ଣୀରେ ଶୋହିଲା ।
> ଦ୍ରୋଣସୁତ ଉତ୍ତରହିଁ ବିଖ୍ୟାତ,
> କଲା କି ଉପଲକ୍ଷଣା ସାକ୍ଷାତ । ୧୯ । (ଷଷ୍ଠ ଛାନ୍ଦ)

## ଅଳଙ୍କାର ପ୍ରୟୋଗ

ନିଜ ଗ୍ରନ୍ଥରେ ଯେଉଁସବୁ ଅଳଙ୍କାର ବ୍ୟବହୃତ ହୋଇଛି ତାର କେତେକ ସୂଚନା କବି ଗ୍ରନ୍ଥର ବିଭିନ୍ନ ସ୍ଥଳରେ ପ୍ରକାଶ କରିଛନ୍ତି । ନାୟିକାର ବାଲ୍ୟ, ପୌଗଣ୍ଡ ଏବଂ ଯୌବନାବସ୍ଥା ବର୍ଣ୍ଣନା ପ୍ରସଙ୍ଗରେ କବିଙ୍କ ଉକ୍ତି ସମଗ୍ର ଗ୍ରନ୍ଥପ୍ରତି ପ୍ରଯୁଜ୍ୟ

> ନାନା ଶବ୍ଦ ଯେ ବିଚକ୍ଷଣ, ଯେହୁ ଜାଣେ ଅଳଙ୍କାର ଲକ୍ଷଣ ।
> ସେହି କରୁ ଏ ଛାନ୍ଦ ବିବେଚନ, ବାଲ୍ୟ ପୌଗଣ୍ଡ ଯୌବନ ରଚନ
> । ୧ । (ଷଷ୍ଠ ଛାନ୍ଦ)

ବ୍ୟସ୍ତ ଅଲଙ୍କାର; ଉତ୍ପ୍ରେକ୍ଷା, ଉପମା ଓ ରୂପକ; ବକ୍ରୋକ୍ତି, ଶ୍ଳେଷ, ଦତ୍ତଚ୍ୟୁତାକ୍ଷରର ବ୍ୟବହାର ଦ୍ୱାଦଶ ଛାନ୍ଦରେ ଥିବା କବି ପ୍ରକାଶ କରିଛନ୍ତି ।

ଖଳ ବାଳକଣେ ଏକଥା ପ୍ରସଙ୍ଗ, ତାଙ୍କ ଚରି କାହିଁ ସୁଗୀତେ ସଙ୍ଗ
ଯେ କବି ଅର୍ଥୀ ପଣ୍ଡିତ ସୁହୃଦ, ରସିକ ହେଲେ ଘେନ ମୋ ଏ ଛାନ୍ଦ ।
ବ୍ୟସ୍ତ ଅଲଙ୍କାର, ମଣ୍ଡନ ବିଧି ନିର୍ଦ୍ଦେଷ ବିସ୍ତର । ୧ ।

ଉତ୍ପ୍ରେକ୍ଷା ଉପମା ରୂପକ ଚିହ୍ନ, ବକ୍ରୋକ୍ତି ଶ୍ଳେଷ ଅଭିପ୍ରାୟ ଘେନ
ଦତ୍ତଚ୍ୟୁତାକ୍ଷର ହୃଦୟ କାହିଁ, ଭୂଷ ସଂଖ୍ୟାବାନ ଆସ୍ୱାଦ କାହିଁ ।
ନିତି ସାରବାକ୍ୟ, ସଖୀଗଣେ ବେଢ଼ି ନୃପଜେମାକୁ । ୨ ।
(୧୨ଶ ଛାନ୍ଦ)

ଚଉତିଶାରେ ଯମକ ଯୁକ୍ତ ହୋଇ ସପ୍ତଦଶ ଛାନ୍ଦଟି ରଚିତ ହୋଇଥିବା କବି ଷୋଡ଼ଶ ଛାନ୍ଦର ପ୍ରାନ୍ତରେ ବ୍ୟକ୍ତ କରିଛନ୍ତି ।

ସେ ସତ, ମଣି ଗୃହ୍ଣ ଭଣି ଭ୍ରମଚରି
ଆର ଛାନ୍ଦେ ତାହା ହେବ ରଚିତ,
ଚଉତିଶାରେ ଯମକ ଯୁତ । ୨୯ । (୧୬ଶ ଛାନ୍ଦ)

ମିଶ୍ର ଛାନ୍ଦର ବ୍ୟବହାର ବିଂଶ ଛାନ୍ଦରେ ଥିବା ତା ପୂର୍ବ ଛାନ୍ଦର ଶେଷ ଭାଗକୁ କବି ନିର୍ଦ୍ଦେଶ ଦେଇଛନ୍ତି । ଶୁକଶାରୀ ରୂପରେ କୁମାର କୁମାରୀ ସ୍ନେହ ମଦନ ବିଷାଦ ଏକ ପଦରେ ବର୍ଣ୍ଣନା କରିଛନ୍ତି । କଲହଂସ ରାଗରେ ଶୁକ କୁମାର ପକ୍ଷରୁ ଓ କେଦାର ରାଗରେ ଶାରୀ କୁମାରୀ ପକ୍ଷରୁ କହୁ ଅଛନ୍ତି । ଏ ଚମତ୍କାର ପ୍ରସଙ୍ଗର ବର୍ଣ୍ଣନା କବି ଏପରି ଭାବରେ କରିଛନ୍ତି ।

ଅଦ୍ଭୁତ ପୁଂସ ମାଙ୍ଗଲ୍ୟା ଶୁକ ଶାରୀ ହୋଇ,
ଚମ୍ପାପୁର ମଧ୍ୟରେ ସରସୀ ତଟେ ଯାଇ ।
ଲବଙ୍ଗଲତାରେ ବସି ଭାଷେ ଏକ ପଦ,
କୁମାରୀ କୁମାର ସ୍ନେହ ମଦନ ବିଷାଦ ।

ଜଳହଂସ କେଦାରେ ଭୂପାଳେ ଆଳାପିତ,
ପ୍ରଥମରେ 'ଯେ' ଯୁକ୍ତ ଅଧିକ ଏତେମାତ୍ର । × ×
କହେ କବି ବୀରବର ଉପଇନ୍ଦ୍ର ଭଞ୍ଜ
ସୁହୃଦେ ଯେ ମିଶ୍ରିତ ଛନ୍ଦକୁ ଏବେ ହେଳ । ୬୨ । (୧୯ଶ ଛନ୍ଦ)

ବୁଧ ସାରସେ ବେନି ରାଗ ରୁଚିର
ନୀର କ୍ଷୀର ମିଶ୍ରିତ ଦ୍ୱିରୁକ୍ତି ବାରି ଯେ ।। ୧ । (୨୦ଶ ଛନ୍ଦ)

ଏହି ଛନ୍ଦରେ ଶୁକ ଓ ଶାରୀଙ୍କର ଉକ୍ତି ମିଶ୍ରିତ ହୋଇଛି ।

ସପ୍ତୋବିଂଶ ଛନ୍ଦରେ ଉପବନରେ ନାୟକର ପକ୍ଷ ନାୟିକା ଅବସ୍ଥ ଚଉରେ ପାଠ କରୁଥିବା ପ୍ରସଙ୍ଗ ମଧୁର ପଦାବଳୀରେ ସୁନ୍ଦର ରୂପ ଧାରଣ କରିଛି । ଏହି ଛନ୍ଦରେ ଧ୍ୱନି, କାକୁକ୍ତି, ରୂପକ, ଶ୍ଳେଷ, ଲୁପ୍ତବର୍ଣ୍ଣ, ଚ୍ୟୁତଦତ୍ତାକ୍ଷର, ଅନ୍ତର୍ଲପିକା ଆଦିର ବିଚାର ଅଛି ।

ଏ ଛନ୍ଦେ, ଧ୍ୱନି-କାକୁ ଉକ୍ତି ରୂପକ
ଶ୍ଳେଷଲୁପ୍ତବର୍ଣ୍ଣ ଚ୍ୟୁତଦତ୍ତାକ୍ଷର ଅନ୍ତର୍ଲପିକା ଆଦି ତର୍କ । ୩୦ ।
(୨୩ଶ ଛନ୍ଦ)

'ତ୍ରିକାଳ' ଛନ୍ଦ ରଚନା ଭଳି ଅତି କଠିନ ଓ ଶ୍ରମବହୁଳ ପ୍ରୟାସରେ କବି ଯଶସ୍ୱୀ ହୋଇଛନ୍ତି । ପଞ୍ଚବିଂଶ ଛନ୍ଦରେ ତିନୋଟି ରାଗରେ ତିନୋଟି କାଳ ବର୍ଣ୍ଣିତ ହୋଇଛି ପ୍ରଥମ ରାଗ ଚନ୍ଦ୍ରାଦେଶାକ୍ଷ । ଏଥିରେ ବର୍ଷାକାଳର ଅର୍ଥ ଅଛି । ଏହି ରାଗର ରଚନାର ପ୍ରତ୍ୟେକ ପାଦରୁ ଗୋଟିଏ ଗୋଟିଏ ଅକ୍ଷର କାଟିଦେଇ କାଫି ରାଗରେ ପରିଣତ କରି ସେଥିରେ ଶୀତକାଳର ଅର୍ଥ କରାଯାଇଛି । ପୁଣି ଆଉ ଏକ ଏକ ବର୍ଣ୍ଣ ଲୋପ କରି ମାଳବଗଉଡ଼ ରାଗରେ ଗ୍ରୀଷ୍ମକାଳର ଅର୍ଥ କରାଯାଇଛି ।

ସୁକବି ରଚନେ କଷ୍ଟ ତ୍ରିକାଳ ଛନ୍ଦେ,
ବସୁଦେବ ତୋଷଦାତା ଉପେନ୍ଦ୍ର ବନ୍ଦେ । ୨୯ ।

ବାଖ୍ୟାତ ରସରେ ଭଳି ଲୁପ୍ତ ବର୍ଣ୍ଣଵ,
ସୁମନରେ ମୋଦେ ଥିଲା ଗ୍ରନ୍ଥ ବନ୍ଧୁର । ୩୦ । (୨୫ଶ ଗ୍ରନ୍ଥ)

ଚମ୍ପା ନଗରର ରାଜା ନିଜ କନ୍ୟାର ସ୍ୱୟମ୍ବର ପାଇଁ ବିଭିନ୍ନ ରାଜାମାନଙ୍କ-ଠାକୁ ପଣର ବିଜ୍ଞପ୍ତି ଦୂତମାନଙ୍କ ହାତରେ ପଠାଇଲେ । ରାଜକନ୍ୟା ଏ ସମ୍ବାଦ ସଖୀମାନଙ୍କଠାରୁ ପାଇ ପରମ ଆନନ୍ଦ ଲଭ କଲେ । କୁମାର ମଧ୍ୟ ଦୂତଙ୍କଠାରୁ କୁମାରୀର ସୁଷମା ସମ୍ବନ୍ଧରେ ଧ୍ୱନି, ଶ୍ଳେଷ, ଛଳ, ବିରୋଧ, ରୂପକ ପ୍ରଭୃତି ଅଲଙ୍କାର ବିଶିଷ୍ଟ ବାକ୍ୟାବଳୀ ଶୁଣି ତୋଷ ହୋଇ-ଥିଲେ । ଷଡ଼ବିଂଶ ଗ୍ରନ୍ଥରେ ଏହି ଅଲଙ୍କାର ପ୍ରୟୋଗ ହୋଇଥିବା ବାକ୍ୟଗୁଡ଼ିକ ରହିଛି ।

ଅକ୍ଷେପ, ଧ୍ୱନି, ଶ୍ଳେଷ, ଛଳ, ବିରୋଧ, ରୂପକ, ଉତ୍ପ୍ରେକ୍ଷା
ସୁରସଜନିତ ଦୂତଗିର ଶୁଣି ଅଧିକ ସୁସ୍ନେହ । ୭୭ ।
(୨୬ଶ ଗ୍ରନ୍ଥ)

ଋତୁବର୍ଣ୍ଣନା—ଉପେନ୍ଦ୍ରଙ୍କ ଋତୁବର୍ଣ୍ଣନା ଅନନ୍ୟସାଧାରଣ, ସିଦ୍ଧହସ୍ତ, ଅନୁଭବୀ, ନିପୁଣ ପ୍ରକୃତି ପର୍ଯ୍ୟବେକ୍ଷକ, ସୁକବି ଓ ଶାସ୍ତ୍ରବିଦ୍ ହସ୍ତରେ ଯେପରି ବର୍ଣ୍ଣିତ ହେବାର କଥା ତାହା ହୋଇଛି । ବର୍ଣ୍ଣନା ପଢ଼ିଲେ ମନେ ହେଉଛି ସତେ ଯେପରି ଋତୁଗୁଡ଼ିକ ମୂର୍ତ୍ତିବନ୍ତ ହୋଇ ସମ୍ମୁଖରେ ଦଣ୍ଡାୟମାନ ହୋଇଛନ୍ତି । ଜଡ଼ପ୍ରକୃତିର ଚିତ୍ପ୍ରକୃତି ଉପରେ ଯଥେଷ୍ଟ ପ୍ରଭାବ ଥିବା ବିଷୟ କବିଙ୍କ ରଚନାରୁ ମିଳେ । ପ୍ରକୃତି ମାନବର ସୁଖଦୁଃଖ ସହିତ ସମଭାବରେ ନିଜକୁ ମିଳାଇ ଦେଇଥିବାର ତଥ୍ୟହିଁ ଏଥିରୁ ମିଳେ । ସୁଖୀର ସୁଖ, ଦୁଃଖୀର ଦୁଃଖ, ପ୍ରେମିକର ରସଭାବର ଉତ୍‌ଥାନ ପତନ କାହାଣୀର ଛବି ପ୍ରକୃତିରେ ପ୍ରତିବିମ୍ବିତ ହୋଇଥିବାର ଦେଖାଯାଏ ।

ବସନ୍ତ ଋତୁରେ ଆସକ୍ତି ଓ ଅନୁରାଗ ହିଁ ପ୍ରବଳ ହୋଇଥାଏ । ଯୁବକ-ଓ ଯୁବତୀମାନେ ଅନୁରାଗସିକ୍ତ ହୃଦୟରେ ସ୍ୱ ସ୍ୱ ପ୍ରିୟପ୍ରିୟାଙ୍କ ସହ ରସକ୍ରୀଡ଼ାରେ ମଜ୍ଜିବାକୁ ଇଚ୍ଛା କରନ୍ତି । ରସ-ଉଦ୍ଦୀପକ ନାନା ବେଶଭୂଷା, ହାବଭଙ୍ଗୀ,

ଆଗ୍ରହର ବ୍ୟବହାର ଏମାନଙ୍କଠାରେ ପ୍ରକାଶ ପାଇଥାଏ । ଏ ଋତୁରେ ପ୍ରକୃତି ପ୍ରଣୟୀ ପ୍ରଣୟିନୀମାନଙ୍କର ଅନୁକୂଳ ସ୍ୱଭାବକୁ ହିଁ ପ୍ରକାଶ କରିଥାଏ । ମଧୁକାଳର ବନ୍ଧୁଭାବରେ ମଳୟ ପବନ ଦକ୍ଷିଣ ଦିଗରୁ ପ୍ରବାହିତ ହୋଇ ମନୋରଞ୍ଜନ କରେ । ଉତ୍ତର ନାୟିକା ସହିତ ଦକ୍ଷିଣ ନାୟକର ଅନୁରାଗ ସରୋବରରେ ମଗ୍ନ ହୋଇଥିବା ପଦ୍ମିନୀ (ପଦ୍ମ)କୁ ମଳୟ ପବନର ଉତ୍ଫୁଲ୍ଲତା ଦାନରେ ପ୍ରକାଶ ପାଏ । ପ୍ରଣୟୀ ପ୍ରଣୟିନୀଙ୍କଠାରେ ସମସ୍ନେହୀ ହୋଇ ବନବାସୀ ତରୁଲତାମାନେ ସେମାନଙ୍କ ପରି ପୁଷ୍ପରେ ଭୂଷିତ ହୁଅନ୍ତି । କରବୀର, ରସାଳ, ପୁନ୍ନାଗ, ପୁଗ ଏହି ଭାବରେ ତନ୍ମୟ ହୋଇ ବେଶଭୂଷାରେ ସଜ୍ଜିତ ହୋଇ ଶୋଭାପାଆନ୍ତି । ସୁନାରୀ, ମାଧବୀ, ମଲ୍ଲୀ, ସେବତୀ, ଚମ୍ପା ଏମାନଙ୍କ ସହିତ କ୍ରୀଡ଼ା କରିଛନ୍ତି । ଏହି କ୍ରୀଡ଼ାରେ ସମସ୍ନେହୀ ହୋଇ ବଉଳ ସେମାନଙ୍କର ସଙ୍ଗାତ ଏବଂ ଦାସକରଣ୍ଡା ସହଚରୀ ହୁଏ । ଏମାନେ ଯୁବକଯୁବତୀମାନଙ୍କ ସହିତ ମିଶି ଉନ୍ନତ ଶୋଭାକୁ ପ୍ରକାଶ କରନ୍ତି । ପୁଷ୍ପିତ ବୃକ୍ଷମାନେ ମଧ ଋତୁ ଅନୁକୂଳ ଅବିର ଖେଳରେ ମଜ୍ଜିତ ହୁଅନ୍ତି । ପତ୍ରରୂପକ ହସ୍ତରେ କଢ଼ୀ-ରୂପ ପିଚକାନଳୀ ଧରନ୍ତି । ମକରନ୍ଦ ସୁଗନ୍ଧଜଳ ଓ ପୁଷ୍ପଧୂଳି ଅବିର ହୁଏ । ନୂଆଳୀ ନବବାଳିକା ପରି ନିରନ୍ତର ବାସନା (ବାସ) ଆଶ୍ରୟ କରନ୍ତି ଏବଂ ଧବବୃକ୍ଷ ସହିତ କେଳି କରିବା ମାନସରେ ଶୁକପକ୍ଷୀର ବାଣୀ ଛଳରେ ଚାଟୂବାକ୍ୟ ପ୍ରକାଶକରେ । ଏହି ଫଗୁ ଖେଳରେ ସୂର୍ଯ୍ୟାଦି ଦେବତାମାନେ ମଧ ମନ ମଜାଇ ଥାଆନ୍ତି । ଅଶୋକ ପୁଷ୍ପର ସ୍ତବକରୂପକ ସ୍ତନ ଦେଖାଇ ଖେଳରେ ମାତିବାରୁ ଦେବତୀମାନେ ମଧ ଏହି କ୍ରୀଡ଼ାରେ ମତି ଦିଅନ୍ତି । ସୂର୍ଯ୍ୟ ଖେଳରେ ମନ ବଳାଇ ପ୍ରାତଃ ଓ ସନ୍ଧ୍ୟାକୁ ଅରୁଣବର୍ଣ୍ଣ (ଅବିର ବର୍ଣ୍ଣ)ରେ ରଞ୍ଜିତ କରି-ଦିଅନ୍ତି । ପୂର୍ଣ୍ଣଚନ୍ଦ୍ର ତାରାମାନଙ୍କ ସହ ଚନ୍ଦ୍ରଚୂର୍ଣ୍ଣ ରୂପକ କର୍ପୂର ଧୂଳିରେ ଖେଳନ୍ତି । ପଶୁପକ୍ଷୀମାନେ ଯୁବକ ଯୁବତୀମାନଙ୍କ ପରି ସ୍ୱ ସ୍ୱ ସ୍ୱରରେ ଜଗତ-ମୋହନକାରୀ ଆଲିଙ୍ଗିତ ସପ୍ତସ୍ୱର ବୀଣା ଧରି ଗାନକରି ହୃଦୟରେ ଉଦ୍ଦୀପନ ଭାବ ଜାଗ୍ରତ କରନ୍ତି । (୬ଷ୍ଠ ଛାନ୍ଦ)

ଏହିପରି ଅନ୍ୟାନ୍ୟ ଋତୁମାନେ ମଧ ସ୍ୱ ସ୍ୱ ପ୍ରକାଶରେ ମାନବ ସହିତ ସମଭାବାପନ୍ନ ହୋଇ ଥାଆନ୍ତି ।

## ରୂପବର୍ଣ୍ଣନା (ନାୟିକା)

ରତ୍ନମଞ୍ଜରୀଙ୍କ ଗର୍ଭରୁ କନ୍ୟା ଜାତ ହେବା ପରେ ସେ ରାଜା ବିଶ୍ୱାନନ୍ଦଙ୍କଠାରେ ଶିଶୁଟିକୁ ଛାଡ଼ିଦେଇ ଅନ୍ତର୍ହିତ ହେଲେ । ଏହି କନ୍ୟା ସମ୍ବନ୍ଧରେ ବ୍ରହ୍ମା ପୂର୍ବରୁ ରାଜାଙ୍କୁ ଏହିପରି କହିଥିଲେ—

ନଥିଲା ନାହିଁ ନୋହିବ ଏ ବାଣୀ,
କୁମାରୀଠାରେ ସମ୍ଭବିବ ପୁଣି ।
ବୋଲିବ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ,
ପ୍ରେମ ଅଙ୍କୁରରୁ ପ୍ରେମମଞ୍ଜରୀ । (୪୮-୪୯ ।
୧ମ ଛାନ୍ଦ)

ନଥିଲା ନାହିଁ ନୋହିବ ଏହି ତ୍ରିକାଳବାକ୍ୟ କନ୍ୟାଠାରେ ସମ୍ଭବିଛି । ଏପରି ସୁନ୍ଦରୀ କେବେ ଜନ୍ମି ନଥିଲା, ଏବେ ଜନ୍ମି ନାହିଁ, ଆଗକୁ ମଧ୍ୟ ଜନ୍ମିବ ନାହିଁ । ଏହି କନ୍ୟାର 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' ବୋଲି ନାମ ହୋଇଥିବା କାରଣ କୋଟିବ୍ରହ୍ମାଣ୍ଡରେ ତତ୍ପର ସୁନ୍ଦରୀ ଆଉ ନାହାନ୍ତି । ବ୍ରହ୍ମା ପୂର୍ବରୁ ଏ କନ୍ୟାର ସୁଷମା ଅନୁସାରେ ଯୋଗ୍ୟ ନାମ ମଧ୍ୟ ଦେଇଗଲେ । ବ୍ରହ୍ମାଦତ୍ତ ଏହି ନାମ ହିଁ ନାୟିକା ଧାରଣ କରିଛି ।

'ପ୍ରେମ ଅଙ୍କୁର'ରୁ 'ପ୍ରେମ ମଞ୍ଜରୀ' ନାମ ମଧ୍ୟ ସାର୍ଥକ ହୋଇଛି । ଏହି ପ୍ରେମାଙ୍କୁରସମ୍ଭବା ପ୍ରେମମଞ୍ଜରୀର ରୂପଲାବଣ୍ୟ ଶିଶୁ ଅବସ୍ଥାରୁ ମଧ୍ୟ ପ୍ରକାଶ ପାଉଛି ।

ନନ୍ଦନୀ ଶୋଇ ରତନ ପଲଙ୍କେ,
ବିବାଦୀ ଦେଖିଲୁ ଆଖି ପଲକେ ।
ବେଦନ ସ୍ୱନ କ୍ଷଣେ କ୍ଷଣେ ରଚ,
ପିକେ ଦେଉଛି ମୂନଭୂତ ଯାଚ ।
ରତିକେ ସମାନ ନୋହିବ ରତି,
ଯତି କେ ଦେଖିଲେ ରଖିବ ଧୃତି । (୬୧-୬୨ ।
୧ମ ଛାନ୍ଦ)

ସୁନ୍ଦରୀ ଯୌବନାବସ୍ଥା ପ୍ରାପ୍ତ ହେବାରୁ ତାର ଅଙ୍ଗପ୍ରତ୍ୟଙ୍ଗ ସହିତ ଉପମାମାନେ ଲକ୍ଷ୍ୟ ନହୋଇ ମନୋଦୁଃଖରେ ବିଭିନ୍ନ ବିକୃତରୂପ ଧାରଣ କରିଛନ୍ତି । ବିଧାତା ଏହି ସୁନ୍ଦରୀକୁ ସୃଷ୍ଟି କରିବା ପୂର୍ବରୁ ଉପମା-ସୃଷ୍ଟିକି ଉଜାଡ଼ି ଦେଇଛନ୍ତି । ଏହାର ଅପରୂପଲାବଣ୍ୟରେ ଯୋଗୀଙ୍କ ସୃଷ୍ଟି ମଧ୍ୟ ପ୍ରଳୟ ହେବ, ଯୁବାସୃଷ୍ଟି ତା କେତେ ମାତ୍ର ।

ଭଲ ଯୌବନ ସୃଷ୍ଟି ସଜାଡ଼ିଲା
ଆଗ ଉପମାସୃଷ୍ଟି ଉଜାଡ଼ିଲା ।
ଯୋଗୀ ସୃଷ୍ଟିରେ ପ୍ରଳୟ ବହିବ
ଯୁବା ସୃଷ୍ଟି ଆଉ କେତେ ରହିବ । ୨୦ । (୩ୟ ଛାନ୍ଦ)

ନବଯୌବନା ସୁନ୍ଦରୀ କନ୍ଦର୍ପର ରୂପାସ୍ତ୍ର ସ୍ୱରୂପ ଦେଖା ଯାଉଛି । ପୁଷ୍ପବତୀ ହେବା ସମୟରେ ସୁନ୍ଦରୀକୁ କାନ୍ତିଗୃହରେ ଆବଦ୍ଧ କରିବା ପ୍ରସଙ୍ଗକୁ ଲକ୍ଷ୍ୟକରି କବି କହିଛନ୍ତି—

କାନ୍ତିଗୃହେ ରଖିଲେ ଅନୁସରି,
ବାଲା କାମକାନ୍ତି ଏହା ବିଚାରି ।
ନୋହେ ଲେହି ଫୁଲ ଏଥୁଁ ବାହାର,
ରୂପ ମୋହନାସ୍ତ୍ର ନଷ୍ଟେ ଏହାର ।
କାମରୂପାସ୍ତ୍ର ନୋହୁଲେ କାହିଁକି,
ଆଗୁଁ ଗୋଚର ଥିଲା ଏ ବାହିକି ।
ଏବେ ଗୋଚର ହୋଇଲା କବିକି,
ବର୍ଣ୍ଣିବାରୁ ତା ମଞ୍ଜୁଳ ଛବିକି । (୪୦-୪୧ ।
୩ୟ ଛାନ୍ଦ)

ଏହି ପୁଷ୍ପବତୀ ସୁନ୍ଦରୀ ସାତଦିନାନ୍ତରେ ବିଶୁଦ୍ଧା ହୋଇ ବସୁଧାରେ ବୁଲିବାରୁ ଜଣାଯାଉଛି, ଶୋକରହିତା ଏ ଅଶୋକବୃକ୍ଷରୂପୀ ବସୁଧା ସୁନ୍ଦରୀର ପଦାଘାତରେ (ଅଶୋକବୃକ୍ଷ ଯୁବତୀମାନଙ୍କର ପଦାଘାତରେ କୁସୁମିତ ହେଲା ପରି) କୁସୁମିତ ହେଲା ।

ସାତଦ୍ୱନାନ୍ତରେ କର ବିଶୁଦ୍ଧା,
କଲେ ତଲ୍ଲଇ ଅଶୋକ ବସୁଧା ।
ଗୃରୁ ପ୍ରପଦ କଳିକା ଧଇଲା,
ପଦ ପତନେ ଦୋହଦ ହୋଇଲା ।
ତହୁଁ ସ୍ଥଳ କମଳ ଉତ୍କଣ୍ଠିତେ,
ଚୁମ୍ବ ଦେବାକୁ ରୋଲମ୍ବ ଧୋଟିଲେ । (୪୩-୪୪ ।
ସପ୍ତ ଛାନ୍ଦ)

ଏହି ଦିବ୍ୟ ସୁନ୍ଦରୀ ପରି ସୁନ୍ଦରୀଟିଏ ସ୍ୱୟଂ ବ୍ରହ୍ମା ସ୍ୱପ୍ନରେ ସୃଷ୍ଟି ଦେଖି ନଥିବେ । ଏ ଅଳ୍ପ କଳ୍ପନାରେ ସମ୍ଭବ ହୋଇନାହିଁ । ସ୍ୱୟଂ ବ୍ରହ୍ମା କଳ୍ପ କଳ୍ପ ହୋଇ ତିନି କଳ୍ପ ଧ୍ୟାନ କରି ଏହି ସୁନ୍ଦରୀର ରୂପ କଳ୍ପନା କରିଛନ୍ତି ।

ଯାପରି ସ୍ଥିର ଲପନ, ଦେଖି ନଥିବ ସ୍ୱପନ,
ଏରୂପେ କଳ୍ପନା ହୋଇ, ସମ୍ଭବ ଯେହି ଯେ । ୪୦ ।
ଅଳପକ କଳପନା, ନୋହେ ଯେହୁ ସୁଲପନା,
କଳ୍ପ କଳ୍ପ କଳ୍ପ ହୋଇ, ଯାହା ଧିଆଇ ଯେ । ୪୧ ।
(୪ର୍ଥ ଛାନ୍ଦ)

ବିଧାତା ଅତି ଅଦ୍ଭୁତରେ ଏ ରମଣୀକି ନିର୍ମାଣ କଲା । ତାର ତନୁ ମାପ ପ୍ରମାଣରେ ଗଠିତ । ବାଲ୍ୟକାଳରୁ ଆରମ୍ଭ ହୋଇ ଚନ୍ଦ୍ରଙ୍କ ପରି କଳାଏ କଳାଏ କରି ବୃଦ୍ଧି ପାଇ ସେ ଯୌବନରେ ସବୁକଳାରେ ପୂର୍ଣ୍ଣ ହୋଇଛି । ପୂର୍ଣ୍ଣଚନ୍ଦ୍ର ଯେପରି ଲକ୍ଷ୍ମଣ (କଳଙ୍କ)କୁ ଧରିଛନ୍ତି ସେହିପରି ସୁନ୍ଦରୀ ମଧ୍ୟ ଉତ୍ତମ ଚିହ୍ନସମୂହକୁ ଧାରଣ କରିଛି । ନବବୟସ ସହିତ ମିଶି କୋଳାକୋଳି ହେବାରୁ ଶୋଭା ପ୍ରଭା ଏ ଦୁହେଁ ଭିଡ଼ାଭିଡ଼ି ହୋଇଛନ୍ତି । ହର୍ଷ ଓ ରସ ଉଭୟେ ପରସ୍ପର ଜଡ଼ି ରହିଛନ୍ତି ।

ନବ ବୟସ ସଙ୍ଗେ ମେଳ,
ହୋଇ ହେବାରୁ କୋଳାକୋଳ ।

ଶୋଭା ପ୍ରଭାଏ ଭିଡ଼ାଭିଡ଼ି,
ହରଷ ରସ ଜଡ଼ାଜଡ଼ି । ୪ ।
ଭାବ ଲାଜ ଏ କଷାକଷି,
ହାବ ନୟନ ମିଶାମିଶି ।
ଲୀଳା ବିଳାସ ଉଠିଗଲେ,
ପ୍ରସନ୍ନ ସାଗର ଉଛୁଳେ । ୫ । (୫ମ ଗ୍ରନ୍ଥ)

ହାବଭାବ, ଗୃହିଁଣୀ ମିଶାମିଶି ହୋଇଛନ୍ତି, ଶୃଙ୍ଗାର ଲାଳସାଜନିତ ଲୀଳା ଓ ବିଳାସ (ଅଙ୍ଗଭଙ୍ଗୀ) ମିଶାମିଶି ହୋଇଯାଇଥିବାରୁ ପ୍ରସନ୍ନର ସାଗର ଉଚ୍ଛୁଳି ପଡ଼ୁଛି ।

ସନ୍ଦର୍ଶନମାନେ ଏ ପ୍ରେମମଞ୍ଜରୀ ଚିତ୍ତରେ ପ୍ରେମ ଅଙ୍କୁରୁଛି । କାମର ସଂକଳ୍ପଭବ ନାମକୁ ଏ ନବଯୌବନା ବାଳା ଯୌବନରେ ସାର୍ଥକ କରିବାକୁ କ୍ଷମ ହୋଇଛି ।

ପ୍ରେମ ମଞ୍ଜରୀ ବାଳା ନାମ,
ଅଙ୍କୁରିଏ ଚିତ୍ତରେ ପ୍ରେମ ।
ସଂକଳ୍ପଭବ ନାମ କାମ,
ସାର୍ଥେ ଏ କାଳେ ହେଲା କ୍ଷମ । ୨୫–୨୬ ।
(୫ମ ଗ୍ରନ୍ଥ)

ଏ ଗନ୍ଧର୍ବସତ୍ତ୍ୱା ଷୋଡ଼ଶ ବୟସୀ ବାଳାର ଉପଯୁକ୍ତ ବର କିଏ ହେବ ?

ବିଧାତା ଅନୁକୂଳ ଥିବ । ଯେ ଅନୁକୂଳ ପୁଂସ ହେବ ।
ଶୋଭା ଗୁଣ କୁଳ ବୟସେ । ସମେ ମିଳିବ ଭାଗ୍ୟ ବଶେ ।
ବିଭା ମଣ୍ଡପ ତୁଳପାଦେ । ବସିବେ ସୀତାରାମ ମତେ । ୩୦–୩୧ ।
(୫ମ ଗ୍ରନ୍ଥ)

ପୁଷ୍ପକେତୁ ଛଡ଼ା ଏ ସୁନ୍ଦରୀ ଶ୍ରେଷ୍ଠାର ଆଉ କିଏ ଯୋଗ୍ୟ ବର ହୋଇପାରିବ ?

ଯୌବନାବସ୍ଥାରେ ସୁନ୍ଦରୀର ଉର ଶୋଭା—

ହେଲା ସେ ସୁମନାଳସ୍ଥ ଉଦୟ, ରସା-ବାସ କରି କଲା ଉଦୟ ।
ବଳୀ ସଦନ ହୋଇଲା ଉଦର, ତ୍ରିଭୁବନ ସରଞ୍ଜନ ଆଦର । ୭ ।
ଅଙ୍କୁରିଲା ନୂତନେ ରୋମାଳୀ, ସ୍ମୃତ ପ୍ରଥମ-ରସ ବର୍ଣ୍ଣାବଳୀ ।
ଅତି ଶୋଭି ନାଭି ଏହି ପ୍ରକାର,, ଧାତୁପ୍ରାନ୍ତେ ରଖିଅଛୁ ଠକାର ।୮।
ଆଉ ବର୍ଣ୍ଣ ଚୂର୍ଣ୍ଣକେଶେ ରଖିଲା, ଥିଲା ଅସ୍ତବ୍ୟସ୍ତ ସମେ ଲେଖିଲା ।
ହ୍ରସ୍ୱ ଦୀର୍ଘ ପ୍ଲୁତ କରି ଗୁରୁରେ, କଲା ପ୍ରସ୍ତାର ଦେଖାଇ ଭୂରୁରେ । ୯ ।
(ଆସ୍ଥ ଛାନ୍ଦ)

ସୁନ୍ଦରୀର ରୂପ ଲାବଣ୍ୟ—

କଲା କି ସୃଷ୍ଟି କିଛି ନ ହୁଡିଲା, ହରିଲୀଳା ଏରୂପେ ନବାରିଲା ।
ସୁଗ୍ରୀବରେ ଯେ ଚନ୍ଦନ ମିଶ୍ରିତ, ରାମ-ଲକ୍ଷ୍ମଣ ମୁଖେ ପ୍ରଶଂସିତ । ୧୫ ।
କାଶିତ ଚନ୍ଦ୍ର-ହାସ ଝଳକ, ମନ୍ଦୋଦରୀ ବର ଶକ୍ତି-ତିଳକ ।
ମେଘନାଦ ଶିଖା ଲକ୍ଷ୍ୟ ଝଳକ, ଦକ୍ଷ ଧରି ସେ ସୁମନା ବଳୀକ ।୧୬।
ସଦା ଅଙ୍ଗଦ ବାହୁରେ ବହରେ, କୁଚକୁମ୍ଭ ହନୁମନ୍ତ ଚରି ହରେ ।
ଏଣୁକରି ପୁଷ୍ପଲଙ୍କା କମନ, ଏ ତ କଳାଙ୍କ କଥା ଉଦ୍ଦୀପନ ।୧୭।
( ଆସ୍ଥ ଛାନ୍ଦ)

କୃଷ୍ଣଲୀଳା ସହିତ ମଧ ଏହିପରି ତୁଳ୍ୟ କରାଯାଇଛି—

ନେତ୍ରେ ସୁଭିରତ ହେବା କହୁଛି, କୃଷ୍ଣ ଅର୍ଜୁନ ରଙ୍ଗ କରାଇଛି ।
ଗୁଣ ଅଞ୍ଜନ କପାଳ କମାଣ, ବାଣ ପ୍ରୟୋଗ କଟାକ୍ଷ ପ୍ରମାଣ ।୧୮।
କର୍ଣ୍ଣବକ୍ର ମଲ୍ଲୀକଢ଼ୀ ବନ୍ଧିଲା, ସୁଭଦ୍ରାଙ୍କ ଆଢ଼ଣୀରେ ଶୋଭିଲା ।
ଦ୍ରୋଣସୁତ ଉଭର ହିଁ ବିଖ୍ୟାତ, କଲା କି ଉପଲକ୍ଷଣା ସାକ୍ଷାତ । ୧୯ ।
(ଆସ୍ଥ ଛାନ୍ଦ )

ପୁଷ୍ପବତୀ ହେବା ପରେ ସୁନ୍ଦରୀକୁ କାଷ୍ଠଗୃହରେ ଆବଦ୍ଧ କରି ରଖିବା ପ୍ରସଙ୍ଗକୁ ଲକ୍ଷ୍ୟକର—

କାନ୍ତଗୃହେ ରଖିଲେ ଅନୁଗ୍ରହି, ବାଳା କାମକାଣ୍ଡ ଏହା ବିଚାରି ।
ନୋହେ ଲୋହ ଫଳ ଏଥୁଁ ବାହାର, ରୂପ ମୋହନାସ୍ତ୍ର ନିଶ୍ଚେ ଏହାର ।୪୦।
କାମ ରୂପାସ୍ତ୍ର ନୋହିଲେ କାହିଁକି, ଆଗୁଁ ଗୋଚର ଥିଲା ଏ ବାହୁକି ।
ଏବେ ଗୋଚର ନୋହିଲା କବାଙ୍କି, ବର୍ତ୍ତିବାରୁ ତା ମଞ୍ଜୁଳ ଛବିକି ।୪୧।
(୩ୟ ଛାନ୍ଦ)

ଶୁଦ୍ଧସ୍ନାନ ପରେ ସୁନ୍ଦରୀର ଧରିରେ ଗୃହିବା—

ସାତ ଦିନାନ୍ତରେ କରି ବିଶୁଦ୍ଧା, କଲେ ଚଲାଇ ଅଶୋକ ବସୁଧା ।
ଗୁରୁ ପ୍ରପଦ-କଳିକା ଧଇଲା, ପଦ-ପତନେ ଦୋହଦ ହୋଇଲା ।୪୩।
ତହୁଁ ସ୍ଥଳ କମଳ ଉଚ୍ଛୁଟିଲେ, ଚୁମ୍ବ ଦେବାକୁ ରୋଳମ୍ବ ଘୋଟିଲେ ।
(୩ୟ ଛାନ୍ଦ)

ବସନ୍ତକାଳରେ ଅବର କ୍ରୀଡ଼ାରଙ୍ଗବଣ ପ୍ରସଙ୍ଗରେ—

ସେ ରଙ୍ଗବଣ ଯେ ହୋଇଲେ ଅଶୋକ ସ୍ତବକ-ଉରଜ ଦଶାଇ,
ନଭସ୍ଥିତ ଚନ୍ଦ୍ର ସେ ଲୀଳା ରହସ୍ୟ ତରତେ ଛୁରିତ ରସାଇ ।
ସାରଥି ରଥି ମାନସ ବଳାଇଲେ
ପ୍ରାତଃ ଦିବସାନ୍ତ ଅରୁଣ କରାଇ ଦୁହେଁ ଅରୁଣ ବୋଲାଇଲେ । ୯ ।
ସ୍ନେହ ପୂର୍ଣ୍ଣରେ ଚନ୍ଦ୍ର ଚନ୍ଦ୍ର-ଚୂର୍ଣ୍ଣରେ ଖେଳିଲେ ତାରାଳୀ ସଙ୍ଗତେ
ନିଶାମା ରମା ଶ୍ୟାମା ଅନ୍ତଶସ୍ତରେ କସ୍ତୁରୀକା ଦଳ ଫିଙ୍ଗନ୍ତେ
ସେ ଧୂଳି ସେହୁ ଲେଉଟାଇ ମାଇଲେ
କ୍ଷଣେକେ ଚନ୍ଦ୍ରିକା ଅଙ୍କକରି ଅଙ୍କେ ଲୀଳା ବିଳାସେ କ ଥୋଇଲେ ।
(୧୦।୭ମ ଛାନ୍ଦ) ।

ସୁନ୍ଦରୀର ରୂପ ବର୍ଣ୍ଣନା କରୁକରୁ—

ନୋହିଲା ବିଶ୍ୱକର୍ମାମନ୍ଦୁ ପିତୁଳା ବିରଚନେ ଚଷ ଲେଖନେ,
ସୁସମେ ସମେ ବାଲ୍ୟକାଳେ ଭାବିଲେ କେଉଁ କର୍ମାଣ ଏ ବଖନେ ।

ହେଲା ଏ ଯୋଗେ କରୁ କରୁ କଳ୍ପନା
ଏ ଅଙ୍ଗ ସେ ଅଙ୍ଗ ଏସନ ତେସନ ପ୍ରସଙ୍ଗ କଳ୍ପିବା କଳ୍ପନା । ୨୪ ।
(୬ଷ୍ଠ ଛାନ୍ଦ)

ପୁଣି—

କୋମଳେ ଲବଣୀ ନୋହୁ ସମାନ, ତରଳ ହେଲନ୍ତି ହସ୍ତଙ୍ଗମାନ,
ପ୍ରେମ ପୀୟୂଷ ପିଉଳା ନିର୍ମାଣ, କାମକଳାବଦାନୁ ହେଲା ପ୍ରମାଣ ସେ,
କଳାରେ କି ଚିତ୍ର କଲା ଯେ
ସ୍ୱରତ ଶୁଭଙ୍କୁ କାଙ୍କ ପରକାରେ ସ୍ଥାନେ ସ୍ଥାନେ ଦେଖାଇଲା ଯେ ।୨୪
(୭ମ ଛାନ୍ଦ)

ସୁନ୍ଦରୀ ଉପବନରେ ଭ୍ରମଣ କରୁଥିବାବେଳେ—

ସ୍ରୋତରେ ସେ ସୁଖ-ସରିତ ସ୍ରୋତରେ ସତ୍ୱରେ ଝର ମଜ୍ଜାଇଲେ
ଧରି ସଖୀକର ଧରିତ୍ରୀଶେଷ୍ଠୀ ଯେ ହସି ଚତ୍ୱର ଶୋଭା କଲେ ।
କେହୁ ମୟୂର, ପୁଚ୍ଛ ଚାମର କେ ଚାଳିଲେ
କେ ତହିଁ ଧନୁଶ୍ର ମଣାଇ ଜଣାଇ ଅଣାଇଁ ବୀଣା କେ ବାଇଲେ । ୯ ।

ପୁଷ୍ପବାଗ ପତନରେ ସୁଯତନ ଯହିଁ ସରଣି ହୋଇଥିଲେ
କବରି ଅନୁରୂପ ସୁକୁମାରୀଙ୍କ ସେ ଢଙ୍ଗେ ବନ୍ଧେ କରାଇଲେ ।
ବନେ ଯବନେ, ମିଳୁଁ ବୋଇଲା ଦବ୍ୟବଳା
ବିଟପ ବିଟପୀ ଏଥିତ ବନ୍ଧୁତ କହୁଁ ତ ଥିଲୁ ଆନ ଲୀଳା । ୧୦ ।

ପୁନ୍ନାଗ ନାଗର ଦେଖରେ ବୋଲି କେ ଦେଖାଇଁ ଅଙ୍ଗୁଳିରେ କର
ଏହୁ ତରୁ ତରୁଣ ଶ୍ରେଷ୍ଠ ନୋହେ ତରୁଣୀରଞ୍ଜନ ପଞ୍ଚଶର
ମଲ୍ଲୀ ବୋଲନ୍ତେ, କାହିଁକି ବୋଲ ହେ ହସଇ
ମାଧବୀଙ୍କ ବୁଝି ମାଧବୀ ବୋଲନ୍ତେ ଏହୁ ମଧୁପୁର ? ଭାସଇ । ୧୩ ।

( ୧୦ମ ଛାନ୍ଦ )

ସଖୀମେଳରେ ଉଦ୍ୟାନ ଭ୍ରମଣ ବେଳେ—

ଏମନ୍ତ ରହସ୍ୟ ବଶ ହସ ହସ ହଂସପନ୍ତି ପ୍ରାୟେ ଗମନ,
ସମସ୍ତେ ସୁବେଶ ପ୍ରବେଶ ହୋଇଲେ ମାଙ୍ଗଲ୍ୟାଙ୍କ ଥିଲା ବିପିନ ।୧୬।
(୧୦ମ ଛାନ୍ଦ)

ପୁଣି—

ତହିଁ ଗୁହିଁ ଗୋଷ୍ଠି ଶ୍ୟାମଳ ଅବଳା ମେଳା ତପସ୍ୱିନୀ ତରଳ,
ଅବନୀ ବନିତା ଗର୍ଭ ଶୋଭା ପୀତନୀଳ ଅମ୍ଳାନ ମାଲ୍ୟରେ କି
ଅଛୁ ମଧରେ, କେତକୀ ଦଳ ଝଁରାଏତ
ସେହି ସୁବାସରେ ପାଶକୁ ଭ୍ରମର ଶ୍ରେଣୀ ହେଉଛନ୍ତି ଆଗତ । ୨୦ ।
(୧୦ମ ଛାନ୍ଦ)

ପୁଣି—

ପୁଷ୍କର ତୀର୍ଥେ ଭାସ୍କର ଉପରାଗେ ସରାଗେ ସ୍ନାନ ଦାନ ଅର୍ଥେ,
ଥିଲା ସେ ଯାଇ ସବଂଚଉ ମଜ୍ଜାଇ ନେଲା ଅନୁପମ ପଦାର୍ଥେ ।
ହାହା ଶୋଭୁଛୁ, ପୁଷ୍ପକେତୁ ନାମ ତାହାକୁ,
ପାଟଳୀପୁତ୍ର ନୃପତି ପୁତ୍ର ହେବ ଦମ୍ପତି ଲଭିଲେ ଏହାକୁ । ୨୪ ।

ବୋଲି ଦେଖାଉଁ ଯେ କରକୁ କରକବୀଜ ବୀଜିତ ଦଶନାର
ପୁଲକ ଅଙ୍କୁର ମୁକୁରେ ଯା ଧ୍ୱଜ କରେ କପୋଳ ତତପର ।
ଜପ କୋରକ, ଧଇଲା କି ରସଲତିକା
ଜୃମ୍ଭାରେ ଅଧର ଏହି ଶୋଭା ଧରେ ଫୁଟେ ଅବା ଜବା-କଳିକା । ୨୫ ।
(୧୦ମ ଛାନ୍ଦ)

ଦର୍ଶନାତୁର ନାୟକର ଚିନ୍ତା—

ଦରଶନ କଲାବେଳେ ସେ ଶୋଭା ଶ୍ରେଣୀକି,
ଯେଣିକି ମୁଁ ଗୁହିଁ ଦେଉଥିବଟି ତେଣିକି
ଦିଶି ଯାଉଥିବ ମୋତେ, ନିଶି-ନିଦ୍ରା ବେଳତ ଦେଖିବି ସେହିମତେ ।୧୨

ଗୁଣିବା ଶୁଣିବା ହୋଇ ହେବ ସେ ଚରିତ,
ଭଣିବାକୁ ସେହି କଥା ହୋଇବ ତ୍ୱରିତ ।
ହାହା ତନମନ୍ମ ରସ, ବେଳେ ବେଳେ ଜାତ କରୁଥିବ ସେ ହରଷ ।୧୩।
(୧୧ଶ ଛାନ୍ଦ)

ନାୟକ ନାୟିକାଙ୍କ ପ୍ରଥମ ଭେଟ—

ଏ ନୋହୁଛୁ ନୋହିବ ଏ ଉତ୍ସବ ବଢ଼ିବ ସଜୀବ ରାଜୀବଲୋଚନ
ଏହି ମୁନ ମନ୍ତ୍ରର କରିଅଛୁ ଅନ୍ତର ଗତର ମାତର ଶ୍ରବନ ସେ ।
ଅନୁପମା, ହୃଦରେ ଆଦର ଉଚ୍ଛନ୍ନ । କିଏ ସେ ଭୂପତି ନନ୍ଦନ ।
ରମାରତନ ରମ୍ୟ ଯତନରେ ପତନ ସେ କାଳେ କୁମର ନୟନ ସେ ।
(୧୫। ୧୩ଶ ଛାନ୍ଦ)

ସଖୀ ଧନଦା-ଚଳେ ଚଳେ କିଛୁ ଚଞ୍ଚଳେ ସ୍ଥାନ କି ଶମ୍ପା ସମ୍ପାଦୁଛି,
ଝଟକ ଉପୁଜାଇ ଝଟିତି ମିଶିଯାଇ ଆଖି ବୁଜିହୋଇ ଯାଉଛି ସେ ।
ଅନୁପମା, ଚିରପ୍ରଭା ପୁଣି ସହଜେ । ଅସିଲ୍କ ପୂର୍ବରୁ ସେ ଭଜେ ।
ଘଣ-ଘର୍ଷ୍ଣର ସ୍ୱରଭଙ୍ଗ ହୋଇ ପାସୋର ଉପମା ହେବ ଏ ଆଶ୍ଚର୍ଯ୍ୟ ସେ ।
(୧୬। ୧୩ଶ ଛାନ୍ଦ)

ରହୁଁ ଦୁହେଁ ଦୁହିଁଙ୍କି ମନନେତ୍ର କାହିଁକି ନ ଯାଇ ଉପୁଜାଇ ସ୍ନେହ
ଅଲୋକିତ ଲୋକିତ ବର୍ଣ୍ଣୁ ଭଜି ଚକିତ ସ୍ତମ୍ଭିତ ହୋଇଗଲା ଦେହି ସେ ।
ଯୁବାରମା, ହାସେ ଝଲକ କିଛୁ ରହି । ହାସେ ପଲକ କିଛୁ ନାହିଁ ।
ନାଶେ ଶ୍ୱାସ ରହିଲା ନାଶେ ମାର ଡାହିଲା ମୁର୍ଚ୍ଛା ମୁର୍ଚ୍ଛିତ ଗଲା
କାହିଁ ସେ । (୧୩ଶ ଛାନ୍ଦ)

ନାୟକର ନାୟିକାରୂପ ଧ୍ୟାନ—

ଚଞ୍ଚଳ ଭୁରୁ ନର୍ତନୁ, ଏ ଲକ୍ଷ୍ୟ ନ ଛାଡ଼େ ମନୁ,
କି ପାଞ୍ଚ ଆଞ୍ଚ କଜ୍ଜଳ ଗୁଣେ ରଚ ଅତନୁ ଅତସି ଧନୁ । ୧୬ ।

ଏ ଯେହ୍ନ ଚଞ୍ଚଳ ଦୃଷ୍ଟି , ଛଳେ ନୀଳୋତ୍ପଳ ବୃଷ୍ଟି,
ଅନ୍ତରଙ୍ଗକୁ ଉରୁକୁ ଅନାଇଲା ଭାବ କି ଗଲାଣି ଫିଟି । ୧୭ ।
ଭାବେ ଏ କୃପାସୁହାଣି, ମୋ ମନ କୃପଣ ଜାଣି,
ଅଞ୍ଜନସୂତ୍ରକୁ ଖସାଇ ଦେଉଛୁ ପୁନଃ ପୁନଃ ନୀଳମଣି ।୧୮। (୧୪ଶ ଛାନ୍ଦ)

ନାୟିକା ନାୟକର ରୂପବର୍ଣ୍ଣନା କରିବା ବେଳେ ସଖୀମାନଙ୍କ ହାସ ପରିହାସରେ ଅନୁରାଗବର୍ତ୍ତୀ ହେଲା—

ହୋଇଛୁ ଏ ହେତୁ ସେ ତୁ କାନ୍ତ କାନ୍ତା ହୋଇ ନେବ ହିବାଜନଣୀ
ଶୁଣି ପୁଲକିତ କି ତନୁଲତାରେ କଲିକା ଅଙ୍କୁର ଧଣି ।
ସେ ବାମା, ସହଜେ ତ ଅନୁରାଗ ଧାମା ।
ହେଲା ଗଦ୍‌ଗଦ୍‌ ବାଣୀ ଜନମା, ପୁଣି ହୋଇଲା ଚଉ ବଭ୍ରମା । ୨୦ ।

ପୁଣି ନାୟିକା ବର୍ଣ୍ଣନା କରୁଛି—

ଯେଣୁ ଅନଙ୍ଗ ସେ ତେଣୁ ଧନୁ ନାହିଁ ଚ୍ୟୁତ କଆଲି ତା ବାଣ,
ଗୁପ୍ତେ ହେଲେ ଚ୍ୟୁତ ଆବଲୀ ହେଜ ମୁଁ ଆଜ କି ରହିବ ପ୍ରାଣ ।
ରେ ଆଳି, ତନୁ କୋମଳରେ ଶିରୀଷ ତୁଳି,
ଯିବ ଇପତି ମାସକେ ଗଳି । କହ କେହି ହୋଇବ ସମ୍ଭାଳି । ୨୨ ।

ଏ ସମୟେ ଅଙ୍ଗେ ସୁମନ ପତନେ ଚମକ ଭାଷିଲା ମଲ୍ଲି,
ପୁଷ୍ପିତ କିଂଶୁକପନ୍ତ ବିଲୋକିତ ମିଳିତ ମିଳନ୍ଦ ମାଳୀ ।
ସେ ଭାଳି, ଏ ତ ସଧୂମ ଅନଳ ଜାଳି,
ଦେଲା ମୋ କେଳି ବନ କେ ଜାଳି । ଆଉ କାହିଁ ମୁଁ କରିବ କେଳି ।୨୩।

ଆକୁଳେ ଭୁକୁ ଦୁକୁଳ ଝାଡ଼ି ଦେଲା ବାତେ ସେ ରେଣୁ ପତନେ,
ସ୍ଥୁଳଙ୍ଗେ ସ୍ତୋଟକ ହେଲା ପରା ଯେହ୍ନ ପୁଣି ଅନାଇଲା ସ୍ତନେ ।
ସେ ବାଳା, ଯେହ୍ନ ତମାଳକୁ ମେଘମାଳା
ପିକରଡ଼ି ଘଡ଼ଘଡ଼ି କଲା । ତାପ ନାଶେ ସେ ବଗକୁ ଗଲା । ୨୪ ।
(୧୬ଶ ଛାନ୍ଦ)

ନାୟିକାର ବିରହ ଅବସ୍ଥା ଦେଖି ସଖୀ ଛଳକରି କହୁଛି—

ସେ ଦେଖି ବୋଲେ ଜାଣିଲିନି ଆଣିଲିକି ମାନସ
ଏ ମଗଧେଶ କୁମାର ଦେଖି ମୋରେ ଅବଶ । ୫୪ । (୯ମ ଛାନ୍ଦ)

ନାୟିକା ଚିତ୍ରପଟରେ ନାୟକର ଚିତ୍ର ଅବଲୋକନ କରି—

ସଖୀ ସଙ୍ଗେ ସୁମୁଖୀ ସେ ଚିତ୍ର ଦେଖି ଦେଖି
ଗତ ଦର୍ଶନ ପୁରୁଷେ ରଖିଲା ସେ ଆଖି । ୨୮ ।
ସେ ଖଞ୍ଜନ ରଞ୍ଜନ ସେ ପ୍ରତିମା ପୁତୁଳା
ସାର ଗାର ଗୁଣା ଅଠାକାଠିରେ ଲାଗିଲା । ୨୯ ।
ପୁଲକିଲା କପୋଳ କି ସେ ନିପକଳଙ୍କ
ଚୁମ୍ବ ବୋଲି ଦେଖାଇଲା କିଶୋର ଅଙ୍କ । ୩୦ ।
ଅଳସ ବ୍ୟାଜେ ଛନ୍ଦିଲା ଊର୍ଦ୍ଧ୍ୱେ ବେନିକର
ଏ ପାଶେ ବାନ୍ଧି ରଖିବି ଅଭୀଷ୍ଟ କି ତାର । ୩୧ ।
ଘଞ୍ଚ କୁଚ ଉଚ ଦର୍ଶିବାରୁ ଏହା ତର୍କି
କାମଚୂଡ଼ ସ୍ଥଳେ ଅମ୍ବୁଜାକ୍ଷୀ ତମ୍ବୁ ଟେକି । ୩୨ । (୧୯ଶ ଛାନ୍ଦ)

ନାୟକ ବିହାର କରୁଥିବା ଉପବନର ଶୋଭା—

ମଧ୍ୟେ ସରସୀ ନୂତନେ ରସାରସି ରସିକ ରସିକା ଯେମନ୍ତେ
ନୀଳୋତ୍ପଳଦଳ ଚଳଦ୍ଦୃଗଞ୍ଚଳ ମୀନ ଚଞ୍ଚଳେ ତାଳେ ନେତ୍ର ।
ଆଚ୍ଛନ୍ନ, ସେ କାମ ଶରାଳୀ ବଶରେ
ଦୂଳ ଶୈବାଳ ଚଳ ଅଳିଆବଳୀ ବେଣୀ ଚଳିତ କମ୍ପଶିରେ । ୧୦ ।
ତରଙ୍ଗ କର ଦେଉ ବଢ଼ାଇ ନୀରଜ-କୋରକ ଉରଜେ
ହଂସ ଗତିରେ ଘୁଞ୍ଚୁ ନାଦ ହଂସକ ଶବଦ ପ୍ରକଟ ସହଜେ,
ପ୍ରଚଳ, ଫେନ ବସନ ଆଢ଼ ତେଣୁ,
ଦରବିକାଶ କୋକନଦ-ମୁଖରେ ଗୁଞ୍ଜୁ ଅଛନ୍ତି ଆଣୁ ଆଣୁ । ୧୧ ।
। (୨୩ ଶ ଛାନ୍ଦ ।)

ନାୟିକାର ଉତ୍ତର ପାଠ ପରେ ନାୟକର ତନ୍ମୟ ଭାବ—

ଶୁଣେ ସଖୀବଚନ ପ୍ରକାର । ପ୍ରତେ ହୋଏ ଏ ରସିକା ଗୀର ।
ପଦକେ ପଦକେ କେହି ସ୍ଥାନ ହେବ ହୃଦ ଗୋଟାଏ ସିନା ମୋହର ।
୩୧ । (୨୪ ଶ ଛାନ୍ଦ ।)

ଦୈବିକ ସୃଷ୍ଟି—କୋଟିବ୍ରହ୍ମାଣ୍ଡସୁନ୍ଦରୀ କାବ୍ୟରେ କଥାବସ୍ତୁର ସ୍ୱଚ୍ଛନ୍ଦଗତି, ଜଟିଳ ଅବସ୍ଥାର ସମାଧାନ ଓ ଲକ୍ଷ୍ୟ ସାଧନ ପ୍ରଭୃତିରେ ସହାୟକ ରୂପେ କବି ଦୈବିକ ପ୍ରକ୍ରିୟା ବା ସୃଷ୍ଟିର ଅବତାରଣା କରିଅଛନ୍ତି । ନାୟିକା ଅପ୍ସରା ଅଂଶରେ ଜନ୍ମ ଗ୍ରହଣ କରିଥିବାରୁ ଏବଂ ବ୍ରହ୍ମା ସ୍ୱୟଂ ଏହି କନ୍ୟାର ଉତ୍ପତ୍ତିର ବ୍ୟବସ୍ଥା କରିଥିବାରୁ କନ୍ୟାର ଜନ୍ମଠାରୁ ବିବାହ ପର୍ଯ୍ୟନ୍ତ—କାବ୍ୟର ବିଷୟବସ୍ତୁର ସମୟ—ସ୍ୱର୍ଗୀୟ ଦେବଦେବୀମାନେ କନ୍ୟାର ପ୍ରତ୍ୟକ୍ଷ ଓ ପରୋକ୍ଷ ରକ୍ଷକରୂପେ ଅବତୀର୍ଣ୍ଣ ହୋଇଛନ୍ତି ।

ଚମ୍ପାପୁରର ପରମଧାର୍ମିକ ବୀରରାଜା ବିଶ୍ୱାନନ୍ଦ ଓ ତାଙ୍କ ପାଟମହାରାଣୀ ବିଚିତ୍ରକଳା ଅତି ଆନନ୍ଦରେ ସଂସାର ଚଳାଉଥିଲେ ମଧ୍ୟ ଉଭୟଙ୍କ ଚିତ୍ତ ନନ୍ଦନାପ୍ରାପ୍ତି ଇଚ୍ଛାରୁ ମୁକ୍ତ ନ ଥିଲା । ଏହି ଇଚ୍ଛା କିପରି ଫଳବତୀ ହେଲା ତାହା ଜାଣିବା ପାଇଁ ପାଠକମନରେ କୌତୂହଳ ଜାତ ହେବା ସ୍ୱାଭାବିକ । ପାଟମହାଦେବୀଙ୍କ ଇଚ୍ଛା ଏକ ପାଳିତା କନ୍ୟା ଲାଭଦ୍ୱାରା ଚରିତାର୍ଥ ହେଲା । ଦମ୍ପତିଙ୍କ ଇଚ୍ଛାର ସୂଚନା ଦେଇ ମନ୍ତ୍ରୀ ରାଜାଙ୍କୁ ତୀର୍ଥାଟନ କରିଯିବାପାଇଁ ପ୍ରସ୍ତାବ ଦେବା ବିଷୟର ଅଙ୍ଗାଙ୍ଗୀ ସମ୍ବନ୍ଧ ନାହିଁ । ତେବେ ଦୈବାତ୍ ତୀର୍ଥାଟନରେ ବ୍ରହ୍ମାଙ୍କ ବାହନ ହଂସକୁ ରାକ୍ଷସର କବଳରୁ ରକ୍ଷା କରିବାରୁ ବ୍ରହ୍ମା ସନ୍ତୁଷ୍ଟ ହୋଇ ରାଜାଙ୍କୁ ବର ଦେଲେ । ରାଜାଙ୍କ ମନୋଗତ ଭାବ—ଅର୍ଥାତ୍ କନ୍ୟାଲାଭ ଇଚ୍ଛା—ବ୍ରହ୍ମା ଜାଣିପାରି ରତିମର୍ଦ୍ଦୀ ସହିତ ବିହାର କରିବାକୁ ଆଜ୍ଞା ଦେଲେ ଏବଂ ନିଜେ ରତିମର୍ଦ୍ଦୀଙ୍କ ବାସସ୍ଥାନରେ ରାଜାଙ୍କ ହସ୍ତରେ ରତିମର୍ଦ୍ଦୀଙ୍କୁ ଅର୍ପଣ କରି ସ୍ୱର୍ଗକୁ ଫେରିଗଲେ ।

ସ୍ୱର୍ଣ୍ଣ-ସର-ତୀର ଚନ୍ଦନ-ବନ, 'ର' କାଟି ଯହିଁ 'ନ' ଘେନଇ ମନ ।
ସମାନ ବନେ ଏ କନ୍ୟାକୁ ଘେନ, ବନ୍ଧୁର କନ୍ଧଗଲେ ପଦ୍ମଯୋନ ।୪୩ ।
(୮ମ ଛାନ୍ଦ)

ବ୍ରହ୍ମାଙ୍କ ସାହାଯ୍ୟ ବିନା ରାଜାଙ୍କର କନ୍ୟାଲାଭ ଏପରି ଭାବରେ ସମ୍ଭବ ହେଲା ।

ରାଜା ବିଶ୍ୱାନନ୍ଦଙ୍କ କନ୍ୟା କୋଟିବ୍ରହ୍ମାଣ୍ଡସୁନ୍ଦରୀ ଜନ୍ମକାଳରେ ଅପୂର୍ବ ରୂପର ଅଧିକାରୀ ହେବାରୁ "ଯୁବାକାଳ ଉପଗତ ହେଲେ ଏ ପୁଣି କି ଅପୂର୍ବ ଶୋଭା ଧାରଣ ନକରିବ ; ଏହାର ସମାନ ବର ବା କେଉଁଠାରେ ମିଳିବ ?" ଏହି ଚିନ୍ତା ରାଜ-ସଚିବଙ୍କ ମନରେ ଉଦୟ ହୋଇ ତାଙ୍କୁ ଅଧୀର କଲା । ଏହି ସମସ୍ୟାର ସମାଧାନ ଆକାଶବାଣୀ ଦ୍ୱାରା ହେଲା ଏବଂ ସଚିବଙ୍କ ମନରେ ଉଦ୍‌ବେଗ ଆଉ ନ ରହି 'ନିଶ୍ଚୟ ବର ମିଳିବ' ଏହି ଭାବ ଦୃଢ଼ୀଭୂତ ହୋଇ ତାଙ୍କର ଏ ସମ୍ପର୍କୀୟ ଯାବତୀୟ କାର୍ଯ୍ୟରେ ମନର ସ୍ଥିରତା ଆଣି-ଦେଲା ।

ଯୁବାକାଳେ ଏ ବା ହେବ କେମନ୍ତ, ହେବାରେ ଜନମ ଯହିଁ ଏମନ୍ତ ।୭୨।
ସମ ନେ କାହୁଁ ଭିଆଇବା ବର, ଏମାନେ ସଚିବ ଚିତ୍ତ ଅଧୀର ।
ଆକାଶରୁ ଶୁଭେ ଏମନ୍ତ ଗୀର, ପ୍ରକାଶ ହେଲାଣି ବର ଏହାର ।୭୩।
ଏଣୁ ସ୍ଥିର-ଚିତ୍ତ ପୃଥ୍ୱୀକ ହେନ, ସବଳେ ପରବେଶ ରାଜଧାନୀ
ପାଳିତ ହୋଇଲା ରାଣୀବଶରେ, କେମା ଲାଳିତ ବାଲ୍ୟ ଅବସ୍ଥାରେ ।୭୪।
( ୮ମ ଛାନ୍ଦ)

ରାଜକନ୍ୟା ରୂପଲାବଣ୍ୟ ସମ୍ଭାରରେ ତ୍ରିଭୁବନମୋହିନୀମୂର୍ତ୍ତି ଧାରଣ କରିଥିଲାବେଳେ ଏଣେ ତାର ଭାବୀ ବର ମଧ୍ୟ ରୂପଯୌବନ, ଶିକ୍ଷା ଦୀକ୍ଷା, ଗୁଣ-ଗ୍ରାମରେ ଅପୂର୍ବ ରୂପ ଧାରଣ କଲାଣି । ଯୌବନସୁଲଭ ମନୋବାଞ୍ଛା—ଉପଯୁକ୍ତ କନ୍ୟାରତ୍ନ ଲାଭ—ରାଜପୁତ୍ରର ମନକୁ ସ୍ପର୍ଶ କରିବା ଉପଯୁକ୍ତ ସମୟ ସମ୍ଭବଥିବା ବେଳେ ସ୍ୱୟଂ ନାରଦ ଆକାଶରୁ ବାଣୀ ଶୁଣାଇ ରାଜପୁତ୍ରଙ୍କ ମନରେ କନ୍ୟାଲାଭର ଆଶା ଜାଗ୍ରତ କରାଇଲେ । ରାଜକୁମାରଙ୍କ ବିଚକ୍ଷଣ

ବୀଣାବାଦନରେ ସନ୍ତୋଷ ଲାଭ କରି ନାରଦ ବର ଦେଇଥିବା ପ୍ରସଙ୍ଗଟି ଅବତାରଣା କବିଙ୍କର ଉଚ୍ଚକୋଟୀର କଳ୍ପନାଶକ୍ତିର ଏକ ନିଦର୍ଶନ ମାତ୍ର ।

ବୀଣା ଶ୍ରବଣେ ନାରଦ, ସନ୍ତୋଷେ ହେଲେ ବରଦ,
ହେଉ ତବ ମନୋହାରୀ, ଦିବ୍ୟ ସୁନ୍ଦରୀ ଯେ ।
ଋଷି କହି ତିରୋହିତ, ଖସି ଶୂନ୍ୟରୁ ତ୍ୱରିତ,
ମିଳେ ଅଦ୍‌ଭୁତ ପୁରୁଷ, ମସ୍କରୀ ବେଶ ଯେ ।

ନାରଦଙ୍କ ବର ନିଶ୍ଚୟ ଫଳବନ୍ତ ହେବ, ଏହା ରାଜକୁମାରଙ୍କ ମନରେ ଦୃଢ଼ କରାଇବା ପାଇଁ ଆକାଶରୁ ଏକ ଅଦ୍‌ଭୁତ ପୁରୁଷ ମସ୍କରୀ (ସନ୍ନ୍ୟାସୀ) ବେଶ ଧାରଣ କରି ରାଜକୁମାରଙ୍କ ନିକଟରେ ଉପସ୍ଥିତ ହେଲେ । ଏହି ଅଦ୍‌ଭୁତ ପୁରୁଷ ମଧ୍ୟସ୍ଥ ରୂପରେ କାର୍ଯ୍ୟକରି ନାୟକ-ନାୟିକାଙ୍କ ମିଳନରେ ବହୁ ସାହାଯ୍ୟ କରିଥିଲେ । ତାଙ୍କର ଅଲୌକିକ କାର୍ଯ୍ୟକଳାପହିଁ ଏଥିର ଏକ ପ୍ରଧାନ ସାଧନ ଥିଲା । ମସ୍କରୀ ରାଜକୁମାରଙ୍କ ଗହଣରେ ସଖା, ଦୂତ ଓ ପରାମର୍ଶଦାତାରୂପେ ରହି କନ୍ୟାପ୍ରାପ୍ତିରେ ବରକୁ ସାହାଯ୍ୟ କରିଥିଲେ । ରାଜକୁମାରର ଅନୁରୂପା କନ୍ୟା ଚମ୍ପାପୁରରେ ଆବିର୍ଭୂତ ହୋଇଥିବା ବିଷୟ ରାଜକୁମାରଙ୍କୁ ମସ୍କରୀ ସର୍ବପ୍ରଥମେ ଜଣାଇଥିଲେ ଓ ମନ୍ତ୍ରବଳରେ ନାୟକଙ୍କୁ ନାୟିକା ସହିତ ଭେଟ କରାଇଥିଲେ ।

ମସ୍କରୀ କନ୍ୟାର ରୂପଯୌବନ ବର୍ଣ୍ଣନା କରି ରାଜକୁମାରର ମନକୁ କନ୍ୟାପ୍ରତି ଆତୁର କରାଇଲେ ।

ମସ୍କରୀ କହିଲା କରି ସମ୍ମତ, ନକର ସନ୍ଦେହ ସେ ଦେହବନ୍ତ,
ମାଳିନୀ ପୁରେ ନଳିନୀ ସାର, ରୂପ ଅନୁରୂପେ ନାମ ତାହାର ।
କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଏ ପଦୁଁ, ବିଧିର ଗୁଣବର୍ଣ୍ଣ ଦେଖ ଆଦ୍ୟୁଁ ।
ନ ଥିଲାର ଥିଲା କଲା ଗୋସାଇଁ,
ପତି ଉତପତି ହୋଇଛି କାହିଁ । (୮ମ ଛାନ୍ଦ)

× × ×

ସୁମନ୍ତ୍ରଶିଷ୍ୟ କହିଲେ ମନ୍ତ୍ର ବଳରେ,
ଜବନରେ ନେବୁଁ ସ୍ୱାମୀ କେଳି ବନରେ । ୪୩ । (୯ମ ଛାନ୍ଦ)

ନିଜ ବାହନ ହଂସଠାରୁ କୋଟିବ୍ରହ୍ମାଣ୍ଡସୁନ୍ଦରୀ ତରୁଣଙ୍କୁ ଭଜୁଥିବାର ଜାଣିପାରି ବ୍ରହ୍ମା ହଂସର ଦୁହିତାକୁ ମାନବୀମୂର୍ତ୍ତି ଦେଲେ ଏବଂ ଏହାକୁ ଶୂନ୍ୟରେ ନେଇଯାଇ କନ୍ୟାର ସଖୀରୂପରେ ରଖାଇ ଦେବାପାଇଁ ହଂସକୁ ଆଜ୍ଞା ଦେଲେ । ହଂସକନ୍ୟା କାଦମ୍ବିନୀ ଶୂନ୍ୟରେ ଉଡ଼ିଯାଇ ସୁନ୍ଦରୀର ସଖୀ-ରୂପରେ ରହିଲା ଏବଂ ତାଙ୍କୁ ମାଙ୍ଗଲ୍ୟା (ସନ୍ନ୍ୟାସିନୀ)ଙ୍କ ସହିତ ଭେଟ କରାଇଥିଲା । ସୁନ୍ଦରୀ ଶଚୀ ଓ ଶାରଦାଙ୍କ ଅଂଶରେ ଜାତ ହୋଇଥିବାରୁ ସେମାନେ ମଧ୍ୟ ମାନବୀମୂର୍ତ୍ତି ଧାରଣ କରି ଶଚୀକଳା ଓ ବାଣୀଜା ନାମରେ ସୁନ୍ଦରୀର ସଖୀରୂପରେ ରହିଲେ । ଏହି ତିନି ସ୍ୱର୍ଗକନ୍ୟା ସୁନ୍ଦରୀର ସହଚରୀରୂପେ ରହି ତାହାର ବରପ୍ରାପ୍ତିରେ ପ୍ରଧାନ ସହାୟକ ହୋଇଥିଲେ ।

ଚତୁର-ମୁଖ ଯେ ଚତୁର, ଜାଣିଲି ଆସନରୁ ତାର ।
ଏବେ ସେ ତରୁଣଙ୍କୁ ଭଜେ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଯେ । ୧୧ ।
ନିଜ ବାହନ-ଦୁହିତାକୁ, ଦେଲା ସେ ମାନବୀ ମୂର୍ତ୍ତିକୁ । × ×
ସେ କନ୍ୟା ସଖୀଏ ହୋଇବ, ମାଙ୍ଗଲ୍ୟା ଭେଟ କରାଇବ ।୧୩। ×

× × ×

ଶୁଣି କହିଲେ ଦେବୀ ବେନି, ଆମ୍ଭର ଅଂଶଭବା ସେହି ।
ଯାଇ ହୁଅ ତା ସଙ୍ଗୀ କରି, ସେ ହେବେ ହୃଦ ଶଙ୍କ ହାରୀ । ୩୨ ।
କାଦମ୍ବ ଯେ ସମ୍ମତ କଲା, ପ୍ରମଦାଯୁଗ ଉପୁଜିଲା ।
ଶଚୀକଳା ବାଣୀଜା ସେହି, କାଦମ୍ବିନୀରେ ସଙ୍ଗ ହୋଇ । ୩୩ ।
ପ୍ରଥମା ଦ୍ୱିତୀୟା ଅପରା, ପ୍ରୟୋଗେ ହୋଇବେ ରୁଚିରା ।
୩୪ । (୫ମ ଛାନ୍ଦ)

ଏହି ତିନି ସ୍ୱର୍ଗକନ୍ୟା ସୁନ୍ଦରୀ ସଙ୍ଗରେ କୌଶିକୀତଟ ବିପିନରେ ରହି କ୍ରୀଡ଼ାରେ ସହାୟକ ହେଲେ । ନାୟିକାର ରସୋଦୟରେ ଏମାନଙ୍କର ସାହଚର୍ଯ୍ୟର ପ୍ରାଧାନ୍ୟ ସ୍ପଷ୍ଟ ପ୍ରକାଶ ପାଉଛି ।

କ୍ଷୀରେ ନୀର ମିଶିଲା ପରି, ସୁନ୍ଦରୀମାନେ ସହଚରୀ,
ନିଜ ମନକୁ ମିଶାଇଲେ, ରହସ୍ୟ ଭାବେ ରସ ଇଲେ । ୩୯ ।
(୫ମ ଛାନ୍ଦ)

କୁମାର ଓ କୁମାରୀ ଉଭୟେ ସଖାସଖୀମାନଙ୍କ ମୁଖରୁ ପରସ୍ପରର ପ୍ରଶଂସା ଶୁଣି ପରସ୍ପରକୁ ଦେଖିବା ପାଇଁ ଆତୁର ହେଲେ । ସଖୀମାନଙ୍କ ସଙ୍ଗରେ ଜେମା ବନବିହାର କରୁଥିବା ବେଳେ ବିଦ୍ୟାବିଶାରଦା ସ୍ୱୟଂ ଶାରଦା ମାଙ୍ଗଲ୍ୟା ଓ ଅଦ୍‌ଭୁତ ପୁରୁଷଙ୍କ ମନରେ ପ୍ରବେଶ କରି ମାୟା ରଚନା କଲେ ଏବଂ ନାୟକନାୟିକାଙ୍କ ଦର୍ଶନ ବିଷୟକୁ ଆବେଶ କରାଇଲେ । ଏହି ଆବେଶାବସ୍ଥାରେ ସେ ଦୁହେଁ ଆକାଶବାଣୀ ଶୁଣିଲେ ଯେ ମନୋରଥ ନିଶ୍ଚୟ ସିଦ୍ଧି ହେବ । ମନୋବାଞ୍ଛା ସିଦ୍ଧି ସମ୍ବନ୍ଧରେ ମନରୁ ସମସ୍ତ ପ୍ରକାର ସନ୍ଦେହ ଦୂରକରି କାର୍ଯ୍ୟ ସିଦ୍ଧି ପାଇଁ ଉଦ୍ୟମ କରିବା ଦିଗରେ ପ୍ରୋତ୍ସାହିତ କରିବାକୁ ଏହି ଆବେଶ ଓ ଆକାଶବାଣୀର ବ୍ୟବହାର କରାଯାଇଛି । ଏହି ଆବେଶ ଅବସ୍ଥାରେ ମାଙ୍ଗଲ୍ୟା ଓ ଚନ୍ଦ୍ରପୁଂସ ଉଭୟେ ପରସ୍ପରର କାର୍ଯ୍ୟରେ ଆଗ୍ରହୀ ହେବା ଜାଣିପାରିଲେ । ଏ ଦୁହେଁ ଏ କାର୍ଯ୍ୟରେ ପ୍ରଧାନ ଅଂଶ ଗ୍ରହଣ କରିଥିବାରୁ ସେମାନଙ୍କଠାରେ ଶାରଦା ଆବେଶ ହେବା ସଙ୍ଗତ ହେଲା । ଏ ଦୁହିଁଙ୍କ କାର୍ଯ୍ୟକଳାପରୁ ନାୟକ ନାୟିକା ଉଭୟେ ପରସ୍ପରପ୍ରତି ଚିତ୍ତରେ ଅନୁରାଗୀ ହେଲେ ।

ବିଦ୍ୟା-ବିଶାରଦା ଶାରଦା ଏକାଳେ ମାଙ୍ଗଲ୍ୟା ଚନ୍ଦ୍ରପୁଂସ ମନେ,
ପ୍ରବେଶ ଆବେଶ କରାଇଲେ ମାୟାରଚନେ ବେନି ଦରଶନେ,
ସେହି ଦୁହିଙ୍କି, ଶୁଭିଲା ଦଇବ ବଚନ,
ବାଳକ ପ୍ରଥମ ପଢ଼ା ପୂରିବଣ୍ଡି ମନୋରଥ ପଛେ ବିଧାନ । ୨୮ ।
ଆଶ୍ଚର୍ଯ୍ୟ ପୁରୁଷ ଏ କାର୍ଯ୍ୟେ ଲଳସ ଯୋଗରେ ଜାଣିଲେ କଲ୍ୟାଣୀ,
କଲ୍ୟାଣୀ ଉଦ୍ୟମ ହୃଦସ୍ଥ କଲଣି ଏହା ଅଦ୍ଭୁତ ପୁଂସ ଜାଣି,
ମୂର୍ତ୍ତିମନ୍ତ ଯେ, ସେ କାର୍ଯ୍ୟ ବିଧାତା ସମ୍ମୁଖେ,
ଏଣୁ ସେ ବେନି ହୃଦସ୍ଥ ଆଦରଣେ ଆଦରେ ପ୍ରତିବିମ୍ବ ସୁଖେ ।୨୯।
(୧୦ମ ଛାନ୍ଦ)

ମାଙ୍ଗଲ୍ୟା ଓ ଅଦ୍‌ଭୁତ ପୁରୁଷଙ୍କ ମାୟାବଳରେ ସୁନ୍ଦରୀ ଓ ସୁନ୍ଦରର ଭେଟସମ୍ଭବ ହେଲା । ମାଙ୍ଗଲ୍ୟା ଏହି କାର୍ଯ୍ୟ ପାଇଁ ପ୍ରଥମେ ସୁନ୍ଦରୀ ନିକଟକୁ ସନ୍ନ୍ୟାସିନୀଙ୍କୁ ପଠାଇଲେ । ମାଙ୍ଗଲ୍ୟାଙ୍କ ମନ୍ତ୍ରବଳରେ ବୁଝୁଁ ବୁଝୁଁ ସୁନ୍ଦରୀ ଓ ତାଙ୍କର ସଖୀମାନେ ସନ୍ନ୍ୟାସିନୀଙ୍କ ସହ ମାଙ୍ଗଲ୍ୟାଙ୍କ ମଠବନ ଅଟ୍ଟାଳିକାର ମଧ୍ୟ ପୀଠରେ ପ୍ରବେଶ କଲେ । ତେଣେ ଅଦ୍‌ଭୁତ ପୁରୁଷଙ୍କ ମନ୍ତ୍ରବଳରେ ସୁନ୍ଦର ଓ ତାଙ୍କର ସଖାମାନେ ଶୂନ୍ୟରେ ବିମାନରେ ବସି ସେହି ସ୍ଥାନରେ ଉପସ୍ଥିତ ହେଲେ । ଏହି ଆବେଶ ଅବସ୍ଥାରେହିଁ ସୁନ୍ଦରସୁନ୍ଦରୀଙ୍କ ଭେଟ ହେଲା ।

ଏମନ୍ତ କହୁଁ କହୁଁ ସମସ୍ତେ ବୁଝୁଁ ବୁଝୁଁ କେମନ୍ତ କପଟ ସୁରଙ୍ଗେ,
ମଠ-ବନ ଜଗତୀ ମଧ୍ୟ ପୀଠ ଜଗତୀ-ଶୋଭିନୀ ତନ ସଖୀ ସଙ୍ଗେ ସେ ।
ପ୍ରବେଶିତ, ଅଧିକା ନିଦ୍ରା ବଶ ପର । × × ୧୧ ।
ଏହି ସମୟ ମୟ-ମାୟା ଉପାୟ ପ୍ରାୟ ମିଳିତ ହୋଇଲା ବିମାନ
ଅଟବୀ ଅଷ୍ଟନିଧି-ପ୍ରଥମା ରସ-ନିଧି ସନ୍ନିଧି ସେ ଭାବିଲେ ମନ ସେ ।
× × ୧୪ । (୧୩ଶ ଛାନ୍ଦ)

ଏହି ପରସ୍ପର ଦର୍ଶନ ଅସ୍ତିତ୍ୱ ସମ୍ବନ୍ଧରେ ସନ୍ଦେହ ଓ ମନର ଆତୁରତା ଦୂର କରିବା ସଙ୍ଗେ ସଙ୍ଗେ ପରସ୍ପରପ୍ରତି ଆକୃଷ୍ଟ ହେବା ସମ୍ଭବ କରିଛୁ । ଉଭୟେ ଉଭୟଙ୍କ ଯୋଗ୍ୟ ଏହି ଧାରଣା ସେମାନଙ୍କ ମନରେ ଉଦୟ ହେଲା ଏବଂ କନ୍ଦର୍ପବିକାର ସଞ୍ଚରିଲା ।

× ଯୁବାବରମା, କୁମାର ଭାବେ ଏ କୁମାରୀ, କେମା ଜାଣେ ନୃପଜ କରି ।
ଗଲା ସନ୍ଦେହ ଦେହବନ୍ଧ ଏ ଜନ୍ମି ସ୍ନେହ ବିଦେହ-ବିକାର ସଞ୍ଚରି ସେ ।
୨୭। (୧୭ଶ ଛାନ୍ଦ)

ଚନ୍ଦ୍ରଧ୍ୱଂସ ଓ ମାଙ୍ଗଲ୍ୟାଙ୍କ ଏ କରଣି ଯୋଗୁଁ ସୁନ୍ଦର, ସୁନ୍ଦରୀ ଦୁହେଁ ପରସ୍ପରକୁ ବରଣ କଲେ ଏବଂ ଉଭୟେ ଉଭୟଙ୍କୁ ଲାଭ କରିବା ଭରସା ସହଜ ଦିଶିଗଲା । ଏହିଠାରେହିଁ ଏ ଚମତ୍କାର ଚିତ୍ର ଦର୍ଶନର ସାର୍ଥକତା ।

ପରସ୍ପର ବରଣ ଉତ୍ସବ ମହାରସ, -
ଭାବନା ଏ ଗଲା ହେଲା କଲେ ତ ଆଶ୍ଳେଷ ଯେ । ୩୫ ।
ଲଭିବା ଏ ଭରସା ସହଜେ ବଢ଼ି ଗଲା
ଯୋଗୀ ଯୋଗିନୀ ବେନି କରନ୍ତି ଭଲ ଭଲ ଯେ । ୩୬ । (୧୫ଶ ଛାନ୍ଦ)

ପୁଣି ମନ୍ତ୍ରବଳରେ ଏ ମାୟାଙ୍କୁ ଅଦ୍ଭୁତ ପୁରୁଷ ଓ ମାଙ୍ଗଲ୍ୟା ସଂହରନେଲେ । ରାଜନେମା ଓ ରାଜପୁତ୍ର ସଖୀ ସଖା ସହ ସ୍ୱ ସ୍ୱ ପୁରରେ ରହିଲେ । ଏ ଚିନ୍ତା ଯୋଗୁଁ କୁମାର କୁମାରୀ ଦୁହେଁ ଆଲମ୍ବନ ଭାବକୁ ସହଜେ ଅବଲମ୍ବନ କରିଥିଲେ । ଏ ପ୍ରକାର ଦର୍ଶନରେ ଉଦ୍ଦୀପନ ଭାବ ଯୋଗୁଁ ଧୈର୍ଯ୍ୟ ଧାରଣ କଲେ । ଉଭୟେ କନ୍ଦର୍ପ ପୀଡ଼ାରେ ବ୍ୟଥିତ ହେଲେ । ବିରହ ତାପ ଉଭୟଙ୍କୁ ଅସହ୍ୟ ବୋଧହେଲା ।

ଆଲମ୍ବନ ଭାବ ଅବଲମ୍ବନ ସହଜେ
ଏପ୍ରକାରେ ଉଦ୍ଦୀପନ ଭାବେ ଧୈର୍ଯ୍ୟ ଭଜେ ଯେ । ୪୩ ।
(୧୫ଶ ଛାନ୍ଦ)

ଚିତ୍ରଭେଟ ପରେ ସୁନ୍ଦର ସୁନ୍ଦରୀଙ୍କୁ କାମପ୍ରେତ ଲାଗିଲା । ଏ ପ୍ରେତକୁ ଝାଡ଼ିବା ପାଇଁ 'ମନ୍ତ୍ରଲେଖା' କିଏ ଦେବ ? କାହିଁ ସୁନ୍ଦରୀ ତ କାହିଁ ସୁନ୍ଦର । ଏ 'ମନ୍ତ୍ରଲେଖା' (ପ୍ରେମଚିଠାଉ) ଶୀଘ୍ର ଗତାଗତ କରିବା ପାଇଁ ପୁଣି ଅଦ୍ଭୁତ ବିଦ୍ୟାର ସାହାଯ୍ୟ ଆବଶ୍ୟକ ହେଲା ।

ଚତୁର ଚତୁରୀ ତର୍କି ଭାବିଲେ କି ହେବ,
କାମ-ପ୍ରେତ-ଝଡ଼ ମନ୍ତ୍ର-ଲେଖା କେବା ଦେବ ଯେ ।

ସୁନ୍ଦରୀ ଆଜ୍ଞା ଚିଠାଉ ଧରି ଉପାଧ୍ୟାୟା ଓ ଅବଧୂତୀ ଗୁଣିବିଦ୍ୟା ବଳରେ ଶୀଘ୍ର ପୁଷ୍ପପୁରର ରାଜକୁମାର ବୁଲୁଥିବା ଉପବନରେ ପ୍ରବେଶ କରି ରାଜକୁମାରକୁ ପତ୍ର ଦେଲେ ।

ଉପାୟୁ ଉପାଧିକା ଉପାଧ୍ୟାୟୀ ଯେ ମୁଦ ମୁଦାଇ ହସ୍ତେ ଧରେ,
ଗୁଣିବିଦ୍ୟା–ବିଦ୍ୟା ଅବଧୂତୀ ମିଳି ଧଇଲେ ତାର କର୍ଣ୍ଣକରେ ।
ସେଠାରୁ, କଥା ପରସ୍ପରେ ଗମନେ ।
ପୁଷ୍ପପୁର ରାଜକୁମାର ବିହାର ଉପବନେ ସ୍ଥିତ ଜବନେ । ୪ ।
(୨୩ଶ ଛାନ୍ଦ)

ହେମାର ଚିତ୍ରାଉ ରାଜପୁତ୍ରଙ୍କୁ ଦେଇସାରିବା ପରେ ଉପାଧ୍ୟାୟୀ ଓ ଅବଧୂତୀ ଦୁହେଁ ମନ୍ତ୍ରବଳରେ ସେଠାରୁଁ ଅଦୃଶ୍ୟ ହୋଇ ହେମା ନିକଟକୁ ଫେରି ଆସିଲେ ।

ବେନି ଉପାୟୀ ନାରୀ ତ୍ୱରିତ, ତହୁଁ ହେବାରୁ ଅନ୍ତରହିତ
ମନ୍ତ୍ରର କି ତବେ କି ପ୍ରେମ ପତର,
ଦେଲେ ବିସ୍ମରେ ଅନ୍ତରଗତ ସେ ସୁନ୍ଦର । ୧ । (୨୪ଶ ଛାନ୍ଦ)

ପନି ବିଜ୍ଞମଧ୍ଯ ମଧ୍ୟ ଏହି ଅଦ୍‌ଭୁତ ପୁରୁଷ ଓ ସ୍ତ୍ରୀମାନଙ୍କ ଦ୍ୱାରା ସଂଘଟିତ ହୋଇଥିଲା ।

ସୁନ୍ଦରସୁନ୍ଦରୀ ଦୁହେଁ ବିରହରେ କାତର ହେଲେ ଏବଂ ସେମାନଙ୍କର ସୁକୁମାର ତନୁ ଦବାଗ୍ନି ତାପିତ ହେଲା ।

ବିରହରେ ଏସମସ୍ତେ ଚିନ୍ତା କାତର,
ସୁକୁମାର ତନୁତାପି ଦବା ନଗିର । ୧୫ । (୨୫ଶ ଛାନ୍ଦ)

ସୁଂଦର ଓ ସୁଂଦରୀଙ୍କ ଏଭଳି ଅବସ୍ଥା ହୋଇଥିବା ବେଳେ ଚମ୍ପାନଗରର ରାଜା ବିଶ୍ୱାନଂଦଙ୍କ କନ୍ୟାର ବିବାହ ପ୍ରସଙ୍ଗ ମନ୍ତ୍ରୀଙ୍କ ସହ ଆଲୋଚନା କଲେ । ରାଜା ବିସ୍ମୟରେ ମଗ୍ନ ହୋଇ "ହେମା ପାଇଁ ବର ବରଣ କରିବା କି ?" ବୋଲି ମନ୍ତ୍ରୀଙ୍କୁ ପଚାରିଲେ । ମନ୍ତ୍ରୀ ଉତ୍ତର ଦେବା ପୂର୍ବରୁ ଆକାଶରେ ବୀଣା–ବାଦନ ଶବ୍ଦ ଶୁଣାଗଲା; ନାରଦ ବରଦ ହେଲେ ବୋଲି ଶୁଭିଲା । ଏହି ଆକାଶବାଣୀ ରାଜାଙ୍କ ମନରୁ ହେମଙ୍କର ଉପଯୁକ୍ତତା ସମ୍ବନ୍ଧରେ ସମସ୍ତ

ସଂଦେହ ଦୂର କରିଦେଲା । ଏହା ସମସ୍ତର ବ୍ୟବଧାନ ହ୍ରାସ କରିଦେଇ ନାୟକ ନାୟିକାଙ୍କ ମିଳନକୁ ନିକଟତର କରିଦେଲା ।

ଶୁଣିଲି ନୃପତି ମନ୍ତ୍ରୀ ଭାଳୁଥିଲେ ତୋ ବିଭା ବିଷୟ,
ଧାତାକୁମର ମହନ୍ତୀ ନାଦେ ହିତ କଲେ ସେ ସଂଶୟ । ୨୪ ।
ଶୁଭିଲା ସ୍ୱପ୍ନ ଏସନ ତୋ ନଗରେ ଭ୍ରମିବ କୁରଙ୍ଗେ,
ଜାଣ ସେହି ବର ଯେ ତାର ଚର୍ମର ହରିବ ସୁରଙ୍ଗେ । ୨୫ ।
ପାରିଜାତ ମାଳା ମଣ୍ଡିବ ତା ଗଳା ଏ କାଳେ ଶୂନ୍ୟରୁ X।୨୭।
(୨୭ଶ ଛାନ୍ଦ)

ବିଭା ସମ୍ବନ୍ଧରେ ରାଜାଙ୍କୁ ଆଉ କିଛି ଚିନ୍ତା କରିବାକୁ ମଧ୍ୟ ପଡ଼ିଲା ନାହିଁ । ଚିତ୍ର ଚର୍ମରୀ ମୃଗର ସୃଷ୍ଟି ଓ ସ୍ୱୟମ୍ବର ପ୍ରସ୍ତାବ ପୂର୍ବରୁ ଦୈବଦ୍ୱାରା ନିର୍ଦ୍ଦିଷ୍ଟ ଥିଲା । ଦୈବ ନିର୍ଦ୍ଦେଶ ମାନି ରାଜା ସ୍ୱୟମ୍ବର ଘୋଷଣା କଲେ ।

ସ୍ୱୟମ୍ବରରେ ପୁଷ୍ପକେତୁ ଚର୍ମର ଛେଦନ କରିବାରୁ ଆକାଶରୁ ପାରିଜାତମାଳା ତାଙ୍କ ଗଳାରେ ପଡ଼ିଲା ଏବଂ ଏହାଦ୍ୱାରା ସେ କେମାର ବର ବୋଲି ଘୋଷିତ ହେଲେ ।

ଆଖିରେ ଲକ୍ଷି ନୋହି ବାତବାହନ ବାହି ବିଶିଖ ସନ୍ଧାନୁ ଯେ
କୁମର ଚର୍ମର ଖଣ୍ଡି ମଣ୍ଡିକରେ ଯମୁନା ଜାତ ନଳାନୁ ଯେ ।
ଅଦ୍‌ଭୁତୁଁ, ଅଦ୍‌ଭୁତ ଲକ୍ଷ୍ୟ ବିଧାନ ଯେ ।
ଶୂନ୍ୟ ପଡ଼ିଲା ଜଡ଼ିଲା ପାରିଜାତ ମାଳା ଗଳାରେ ବହନ ଯେ ।୮ ।
(୩୧ଶ ଛାନ୍ଦ)

ଏହିଠାରୁ ଦୈବଘଟଣା, ଆକାଶବାଣୀ ପ୍ରଭୃତି ଶେଷ ହୋଇଛି । ମାଙ୍ଗଳା, ଅବଧୂତ, ଉପାଧ୍ୟାୟା, ଚିତ୍ରହଂସ, ସନ୍ନ୍ୟାସୀ, ଶଚୀକଳା, ବାଣୀକା, କାଦମ୍ବିନୀ ପ୍ରଭୃତିଙ୍କର ଅସ୍ତିତ୍ୱ ଲୋପ ହୋଇଛି । ନାୟକ—ନାୟିକାର

ମିଳନରେ ଲକ୍ଷ୍ୟ ସିଦ୍ଧିଲାଭ ହୋଇଥିବାରୁ ସାଧକମାନେ ଆପେ ଆପେ ଉଭେଇ ଗଲେ । ଏହା ପରେ କବି ଏମାନଙ୍କ ସମ୍ବନ୍ଧରେ ଆଉ କିଛି ଲେଖି ନାହାନ୍ତି ।

ନାୟକ—କୋଟିବ୍ରହ୍ମାଣ୍ଡ ସୁନ୍ଦରୀ କାବ୍ୟର ନାୟକ ମଗଧ ଦେଶରାଜା ଶାନ୍ତିସାଗରଙ୍କ ପୁତ୍ର ପୁଷ୍ପକେତୁ ଜଣେ ଅତି ଉଚ୍ଚଶିକ୍ଷିତ, ନାନାଶାସ୍ତ୍ର ବିଶାରଦ, ସର୍ବଗୁଣାଲଂକୃତ, ସୁଷମାମଣ୍ଡିତ ବୀରପୁରୁଷ । ଶିକ୍ଷା, ଜ୍ଞାନ, ଗୁଣ, ସୌନ୍ଦର୍ଯ୍ୟ ଓ ବଳରେ ଯେପରି ସେ ଶ୍ରେଷ୍ଠ ସେପରି ରସିକ ହିସାବରେ ମଧ୍ୟ ଶ୍ରେଷ୍ଠ । କବି ଏହି ରସିକଶ୍ରେଷ୍ଠ ରାଜପୁରୁଷଙ୍କ ସୁଷମ ଗୁଣାବଳୀର ଆଧାର କରିଛନ୍ତି ।

ରାଜପୁତ୍ର ପୁଷ୍ପକେତୁ ଏପରି ସୁନ୍ଦର ଶ୍ରେଷ୍ଠ ଯେ ସ୍ୱୟଂ କନ୍ଦର୍ପ ସୁଦ୍ଧା ହାସ୍ୟାସ୍ପଦ ହେଉଛନ୍ତି । ତାଙ୍କଠାରେ ଶ୍ରେଷ୍ଠ ପୁରୁଷ ଲକ୍ଷଣ (ସାମୁଦ୍ରିକ ଲକ୍ଷଣ) ମତ୍ସ୍ୟରେଖା ଅଛି । ବୀରପଣରେ ସେ ଭୀମଙ୍କଠାରୁ ବଡ଼—ସେ ଅକ୍ଳେଶରେ ଭୀମଙ୍କ ଗଦାତୁଲ୍ୟ ଗଦାକୁ ଭାଙ୍ଗି ଦେଇପାରୁଛନ୍ତି । ଶାରୀରିକ ଯୋଗାଭ୍ୟାସ ବଶରୁ ସେ ଏକପଦ ଭୈରବଙ୍କ ଭଳି ଏକ ପାଦରେ ଠିଆ ହୋଇ ପାରୁଛନ୍ତି ଏବଂ ଖଡ୍‌ଗଚାଳନାରେ ଏତେ ଦକ୍ଷ ଯେ ଏକପାଦରେ ଠିଆ ହୋଇ ସେ ଅନାୟାସରେ ଖଡ୍‌ଗ ଚଳାଇ ପାରୁଛନ୍ତି । ଧନୁର୍ବିଦ୍ୟାରେ ସେ ଲକ୍ଷ୍ମଣଙ୍କ ପରି ପ୍ରବୀଣ ।

ସେ ସର୍ବବିଧ ବ୍ୟାକରଣ ଶାସ୍ତ୍ରରେ ପାଣ୍ଡିତ୍ୟ ଲାଭ କରିଛନ୍ତି । ମୀମାଂସା, ବେଦବେଦାନ୍ତ ପ୍ରଭୃତିରେ ସେ ଅଗାଧ ପାଣ୍ଡିତ୍ୟ ଲାଭ କରିଛନ୍ତି । ଯୋଗ ଶାସ୍ତ୍ରରେ ସେ ପ୍ରବୀଣ; ନ୍ୟାୟଶାସ୍ତ୍ର, ମନ୍ତ୍ରଶାସ୍ତ୍ର ପ୍ରଭୃତିରେ ମଧ୍ୟ ବିଶାରଦ । ପୁଣି ବିଚାରଶୀଳ ଓ କାବ୍ୟ ଅଳଙ୍କାରାଦି ଶାସ୍ତ୍ରରେ ନିପୁଣ ।

ଏହାଙ୍କର ଅଶ୍ୱାରୋହଣ କୌଶଳ ଆଶ୍ଚର୍ଯ୍ୟଜନକ । ହସ୍ତୀ-ଆରୋହଣରେ ମଧ୍ୟ ସେ ବିଚକ୍ଷଣ । ଏହାଙ୍କର ଆସନ ଯୋଗ୍ୟ ହେବା ଘୋଡ଼ା ଓ ହାତୀ ମିଳୁ ନାହାନ୍ତି ।

ସେ ଜଣେ ମହା ଦାନୀ ଓ ଅତ୍ୟନ୍ତ ଧାର୍ମିକ ପୁରୁଷ । ଏହାଙ୍କର କୀର୍ତ୍ତି ପୃଥିବୀବ୍ୟାପୀ ।

ଏହି ବୀର, ବସୁରବନ୍ତ, ପଣ୍ଡିତ, ମହାଧାର୍ମିକ ଓ ସମଗ୍ର ରାଜୋଚିତ-ଗୁଣାବଳୀ ବିଭୂଷିତ ରାଜପୁତ୍ରଙ୍କ କୀର୍ତ୍ତିସୁଧା ଦିବ୍ୟସୁନ୍ଦରୀ ରସିକା କନ୍ୟା ଲାଭ ପୂର୍ବରୁ ସମଗ୍ର ପୃଥିବୀକୁ ଧବଳବର୍ଣ୍ଣ କରି ଦେଇଛି ।

ସେ ପୁଣି ବୀଣାବାଦନରେ ଏତେ ନିପୁଣ ଯେ ସ୍ୱୟଂ ନାରଦ ତାଙ୍କର ବୀଣାବାଦନରେ ପରମ ସନ୍ତୋଷ ଲାଭ କରି ତାଙ୍କୁ ବର ଦେଲେ, "ତୁମର ଦିବ୍ୟ ସୁନ୍ଦରୀ ଭାର୍ଯ୍ୟାଲାଭ ହେଉ ।"

ଯାହାର କୀରତି ସୁଧା, ଧବଳ ସାରି ବସୁଧା ।
ହଂସ ହୋଇଲା ମାନସେ, କୀଡ଼ା ମାନସେ ଯେ । ୩୭ ।
ସେ ପୁଣି କ୍ଷୀର ହୋଇଲା, ବ୍ରହ୍ମାଣ୍ଡ ଖଣ୍ଡ ପୁରିଲା ।
ଶ୍ରୁତି-ମୁଖରେ ପିଇଣ, ପୁଷ୍ଟ ମାର୍ଗଣ ଯେ । ୩୮ ।
ବୀଣା ଶ୍ରବଣେ ନାରଦ, ସନ୍ତୋଷ ହେଲେ ବରଦ ।
ହେଉ ତବ ମନୋହାରୀ, ଦିବ୍ୟସୁନ୍ଦରୀ ଯେ । ୩୯ । (୪ର୍ଥ ଛାନ୍ଦ)

ଯୋଗ୍ୟ ବରକୁ ଯୋଗ୍ୟ କନ୍ୟା—ପୁଷ୍ପକେତୁ ବରକୁ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ କନ୍ୟା ।

ରସପୂର୍ଣ୍ଣ ଚମତ୍କାର ପଦଯୋଜନା—

(୧) ନବବୟସ—

ନବବୟସ ସଙ୍ଗେ ମେଳ, ହୋଇ ହେବାରୁ କୋଳାକୋଳ ।
ଶୋଭା ପ୍ରଭାଏ ଭିଡ଼ାଭିଡ଼ି, ହରଷରସ ଜଡ଼ାଜଡ଼ି । ୪ ।
ଭାବ ଲାଜ ଏ କଷାକଷି, ହାବଭାବ ମିଶାମିଶି ।
ଲୀଳାବିଳାସ ଦଗିଗଲେ, ପ୍ରସନ୍ନ-ସାଗର ଉଚ୍ଛୁଳେ । ୫ ।
( ୫ମ ଛାନ୍ଦ )

(୨) ସୁନ୍ଦରୀ ସହିତ ସଖୀ ମିଳନ—

କ୍ଷୀରେ ନୀର ମିଶିଲା ପରି, ସୁନ୍ଦରୀମାନେ ସହଚରୀ
ନିଜ ମନକୁ ମିଶାଇଲେ, ରହସ୍ୟ ଭାବେ ରସାଇଲେ । ୩୯ ।
( ୫ମ ଛାନ୍ଦ )

(୩) ବସନ୍ତଋତୁରେ ଉପବନ ବିହାର ପ୍ରସଙ୍ଗରେ—

ସୁରଭିପର୍ଣ୍ଣରେ ସୁରଭି ଗୁଣରେ ସୁରଭି-ପୁରେଶ ନନ୍ଦନା,
ଯେମନ୍ତ ମଉକାଶିନୀଙ୍କ ସୀମନ୍ତ-ମଣିଭୂଷା ହୋଇ ବନ୍ଦନା ।
ତେମନ୍ତ, ସୁରଭି ଋତୁରେ ପ୍ରଧାନ ।
ନଦୀରେ ଗଙ୍ଗା ପୁରୁଷେ ମନସିଜ ଗଜେ ଇନ୍ଦ୍ରଗଜ ବିଧାନ । ୧୯ ।
( ୬ଷ୍ଠ ଛାନ୍ଦ )

(୪) ସୁନ୍ଦରୀର ଶୋଭାବର୍ଣ୍ଣନା—

ସୁସ୍ୱର କରି ବାଗୀଶ୍ୱର ଭଣି, ପ୍ରୟୋଜନ ଏହୁ ପ୍ରୟୋଗ ଶ୍ରେଣୀ ।
କେଳି-ପ୍ରବୀଣା ବୀଣାକ୍ୱଣ ବାଣୀ, ଖଞ୍ଜନ-ଗଞ୍ଜନ-ରଞ୍ଜନେକ୍ଷଣୀ ।
ସୁରସ-ନିଧି ନିଧି-ପ୍ରତିମା, ଗୁଣ-ନାଗରୀ-ନାଗରୀ ଉତ୍ତମା । ୧୩ ।
ସଂସାର-ସାର-ଲାବଣ୍ୟ ସଦନା, କୁନ୍ଦହାର-କୁନ୍ଦଜିତ ରଦନା ।
ଅବକାଶ-କାଶ ନିନ୍ଦିତ ହାସୀ, ରାଜିତ-ରାଜୀବ ଜିତ ସୁହାସୀ ।
ନବୀନା'ଠାରେ ଏ ବିନା ଉକ୍ତି, ଶୋଭିତ ଲୋଭିତ କେବେ ନୁହନ୍ତି ।୧୪
(୮ମ ଛାନ୍ଦ)

(୫) ନାୟିକାର ପ୍ରେମ ଚିଠାଉ ଲେଖା ପ୍ରସଙ୍ଗରେ—

ଦେଖାଇବ ଏକା ଲେଖାଇବ ନାହିଁ ତାଠାରୁ ବିନସୁ ପତର,
ଲେଖାଇବ ଯେବେ ବିନସୁପର୍ଣ୍ଣିକା ରେଖାଇବ ଏକା ପଶର ।
ବୀକ୍ଷା ଦେଲୁ ଯେ, କୃତାର୍ଥ କରିବ ନାହିଁକି ।
ଛନ ସଙ୍ଗିନୀ ଇଙ୍ଗିତ ଉକ୍ତ ଯେଉଁ ଶୁଣିଲେ ନୋହିବ କାହିଁକି । ୨୭ ।
(୧୦ମ ଛାନ୍ଦ ।)

ଏପରି ଶତାଧିକ ରସପୂର୍ଣ୍ଣ ପଦାବଳୀ କାବ୍ୟଲଳନାକୁ ଚିରସୁନ୍ଦରୀ କରିପାରିଛି ।

## ଅଳଙ୍କାର

ମହାକବି, ଭକ୍ତ, ସାହିତ୍ୟରସିକ ଉପେନ୍ଦ୍ର ଭଞ୍ଜ କୋଟିବ୍ରହ୍ମାଣ୍ଡସୁନ୍ଦରୀର ନମସ୍କ୍ରିୟା ପ୍ରସଙ୍ଗରେ ଅଳଙ୍କାର ଗୌରବର ସୂଚନା ଦେଇ ଭଗବାନ ଜଗନ୍ନାଥଙ୍କଠାରେ ଏହା ପ୍ରୟୋଗ କରିବା ସୌଭାଗ୍ୟ ଲାଭ କରିଥିବାରୁ ପରମ ଆନନ୍ଦ ଲାଭ କରିଅଛନ୍ତି । ଅଳଙ୍କାର ପ୍ରୟୋଗର ସାର୍ଥକତା ସମ୍ବନ୍ଧରେ କବିଙ୍କ ଉଚ୍ଚଧାରଣା ତାଙ୍କର ସମଗ୍ର କାବ୍ୟଟିରେ ପ୍ରଭାବ ବିସ୍ତାର କରିଛି । କବି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ପ୍ରାର୍ଥନା କରି ନାନା ଉପମା ପ୍ରୟୋଗ କରିଛନ୍ତି । ଏହି ପ୍ରସଙ୍ଗରେ କବି କହିଛନ୍ତି—

ଭାଗ୍ୟରୁ ଏ ଉପମାକାରକ ମୁଁ ଯେ ହେଲି,
ପୁଲକିତ ଶରୀରେ ହରିରେ ସ୍ତୁତି କଲି ହେ । ୫୫ ।
(୧ମ ଛାନ୍ଦ)

ପୁଣି, ଅଳଙ୍କାର ପ୍ରୟୋଗ ଉପମାରେ ଆରମ୍ଭ କରି କ୍ରମେ ଅନ୍ୟ ଅଳଙ୍କାର ବ୍ୟବହାର କରିଛନ୍ତି ।

ମହିମା ଅନନ୍ତ ପ୍ରଭୋ ମହିମା ଅନନ୍ତ,
ମନୋହାରୀ ସହୋଦର ହୋଇ ଯାର ଖ୍ୟାତ ହେ ।
ଅରି-ଦର-କର ବିଭୋ ଅରି-ଦଣ୍ଡ-କର,
ଯୁଗେ ଯୁଗେ ଧରି ନାନାବିଧ ଅବତାର ହେ ।
ବିଭୀଷଣ-ଅଘ ବିଭୀଷଣ-ଅଘ-ହର,
ସ୍ଥାନ କରି ଦେଲ ଲଙ୍କା ନିଜ କଳେବର ହେ ।
ଭବ-ବିରଞ୍ଚି-ପୂଜିତ ହେ ଭବ-ବିରଞ୍ଚି,
ଶୁଚି-କବଳକ ସଦାନନ୍ଦ ସଦାଶୁଚି ହେ । (୧ମ ଛାନ୍ଦ )

କବି ସ୍ୱ ଅଭୀଷ୍ଟ ସିଦ୍ଧି ପାଇଁ ଜଗନ୍ନାଥଙ୍କୁ ପ୍ରାର୍ଥନା କରିଛନ୍ତି ଏବଂ ସ୍ୱ ବାଞ୍ଛାକୁ ଅଳଙ୍କାର ମଣ୍ଡିତ କରି ପଦାବଳୀରେ ବ୍ୟକ୍ତ କରିଛନ୍ତି ।

ରଚିବି "କୋଟିବ୍ରହ୍ମାଣ୍ଡ ସୁନ୍ଦରୀ" ଚରିତ
ସୁଜାତ ସୁମନାପି ହୋଇବି ଏ ଗୀତ ହେ । ୬୦ । (୧ମ ଛାନ୍ଦ)

ନାନା ଅଳଙ୍କାର ମଣ୍ଡିତ 'ସୁଜାତସୁମନା' ସଦୃଶ ଏ କୋଟିବ୍ରହ୍ମାଣ୍ଡ-ସୁନ୍ଦରୀ କାବ୍ୟ ନାୟିକା ଯେ ଭବ୍ୟ, ଗୁଣବନ୍ତ, ରସିକମାନଙ୍କର ହୃଦୟହାର ମାଳା ସ୍ୱରୂପ ହୋଇଛି ଏଥିରେ ସନ୍ଦେହ ନାହିଁ ।

ସୁରଭିରେ ମୋହିତ-ମାନସ ହେବେ ଭବ୍ୟେ,
ଗୁଣବନ୍ତେ ହୃଦେ ମାଳା କରିଣ ଧରିବେ ହେ ।
ରସିକ-ଭ୍ରମରେ ହେବେ ରସ ଘେନି ବଶ,
ନିର୍ଗୁଣେ ଘେନିଲେ ନ ଘେନିଲେ ଅଛି କିସ ହେ ।
କବି ଉପଇନ୍ଦ୍ର ତବ କୃପାରେ ହୋଇଛି,
ଏଥେ ମନୋରଥ ସାର୍ଥେ କି ସଂଶୟ ଅଛି ହେ । (୧ମ ଛାନ୍ଦ)

ପରମ ପଣ୍ଡିତ, ଅଳଙ୍କାର ଶାସ୍ତ୍ରବେତ୍ତା, ଶବ୍ଦଜ୍ଞାନସାଗର, କବିଙ୍କ ପକ୍ଷରେ "ଏଥେ ମନୋରଥ ସାର୍ଥେ କି ସଂଶୟ ଅଛି" ଏହି ଆତ୍ମପ୍ରତ୍ୟୟଜନିତ ବିଶ୍ୱାସ କେବଳ ସମ୍ଭବ; ଏ ଆଶା ସମ୍ପୂର୍ଣ୍ଣ ରୂପେ ସଫଳ ହୋଇଛି ।

କେବଳ ପୁରାଣ, ଅଭିଧାନ, ଅଳଙ୍କାର ଶାସ୍ତ୍ର ଜାଣିଲେ କାବ୍ୟରସ ଆସ୍ୱାଦନ କରିବା ପକ୍ଷେ ଯଥେଷ୍ଟ ନୁହେଁ; 'ହୃଦୟ' ଥିବା ନିତାନ୍ତ ଆବଶ୍ୟକ ।

ପୁରାଣ ଅଭିଧାନ ଜାଣିଥିଲେ,
ଜାଣି କିସ ହେବ ବିହୃଦ ହେଲେ । ୧ । (୨ୟ ଛାନ୍ଦ)

କବିଙ୍କ ଏ ଉକ୍ତି ରସିକ, ଗ୍ରାହକ ପାଠକ ପ୍ରତି ଯେପରି ପ୍ରଯୁଜ୍ୟ ଗ୍ରାହକ, ନାନାଲଙ୍କାର ମଣ୍ଡିତା କାବ୍ୟ କବିତା ସୁନ୍ଦରୀ ପ୍ରତି ସେପରି ପ୍ରଯୁଜ୍ୟ । କବି ଉଭୟ କ୍ଷେତ୍ର ପ୍ରତି ଦୃଷ୍ଟି ଦେଇ ପଦାବଳୀ ରଚନା କରି ଅମର ହୋଇଛନ୍ତି । ଭାବ, ଭାଷା, ଅଲଙ୍କାରର ସୁଷମ ପ୍ରୟୋଗ ତାଙ୍କ କୃତିଗୁଡ଼ିକୁ ପ୍ରାଣବନ୍ତ କରି ପାରିଛି । ଗୁଣ ଓ ସୌନ୍ଦର୍ଯ୍ୟରେ ନାୟିକା କୋଟି ବ୍ରହ୍ମାଣ୍ଡର ସୁନ୍ଦରୀ ଥିବାରୁ ତାହାର ନାମ ସାର୍ଥକ ହୋଇଛି; କବି ନାୟିକାର ନାମାନୁସାରେ କାବ୍ୟର ନାମ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ରଖିବା ଯୁକ୍ତିଯୁକ୍ତ ହୋଇଛି; ନାୟିକା ସ୍ୱଗୁଣ-ସୌନ୍ଦର୍ଯ୍ୟ ଯୋଗୁଁ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ନାମ ପାଇଁ ଯେପରି ଯୋଗ୍ୟ ହୋଇଛି କାବ୍ୟଟି ମଧ୍ୟ ସ୍ୱଗୁଣ ସୌନ୍ଦର୍ଯ୍ୟ ଯୋଗୁଁ "କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ" ନାମ ଧାରଣ କରିବା ପାଇଁ ଯୋଗ୍ୟ ହୋଇଛି ।

ଚମ୍ପାନଗରୀ ବର୍ଣ୍ଣନା ପ୍ରସଙ୍ଗରେ କବି ଦ୍ୱିଅର୍ଥବୋଧକ ପଦମାନଙ୍କର ସୁଷମ ପ୍ରୟୋଗ କରି ନଗରୀକୁ ଶିବ, ଲଙ୍କା, ଅଳକା, କାଞ୍ଚି, ଅଶ୍ୱିନୀକୁମାର ପ୍ରଭୃତିଙ୍କ ସହିତ ତୁଳନାକରି ବୁଝାଉଥିବା ଶୈଳୀ ଅତ୍ୟନ୍ତ ପାଣ୍ଡିତ୍ୟପୂର୍ଣ୍ଣ ଓ ମନୋମୁଗ୍ଧକର ହୋଇଛି ।

ଚମ୍ପା' ସେ ରସା-ଯୋଷା ଶିରେ ବନ୍ଧି, ଶିବ ତହିଁରେ ଗୁରୁତର-ହେମ୍ନି ।
ଜନ-ମନୋହର ସୁବାସ ଅଛି, ଭ୍ରମର ଅବଲମ୍ବ ନାହିଁ କିଛି ।
ଦେଖିବାରୁ ଯାହା ରୁଚିରରୁଚି, ଶଙ୍କା ଲଭି ଲଙ୍କା ଅଳକା କାଞ୍ଚୀ ।
ତରୁ ତରୁଣୀରେ ଶରଣ ଭଜି, କମ୍ପ ସ୍ତମ୍ଭ ତକା ତେବେ ନ ତେଜି ।
ଇତ୍ୟାଦି (୨ୟ ଛାନ୍ଦ)

ଏହି ନଗରୀର ନାମ ଚମ୍ପା । ଚମ୍ପାର ମନୋମୁଗ୍ଧକର ସୁବାସ ଯୋଗୁଁ ଏ ନଗରୀର ସ୍ତ୍ରୀମାନେ ଓ ଶିବ ମସ୍ତକରେ ଧାରଣ କରନ୍ତି ଏବଂ ଏହି ସୁଗନ୍ଧ ଯୋଗୁଁ ଭ୍ରମର ତହିଁରେ ବସିବା ଆଶଙ୍କା ନାହିଁ । ନଗରକୁ ଶିବଙ୍କ ସହିତ ତୁଳନା କରାଯାଇଛି । ଏ ନଗରରେ ଭ୍ରମ-ର କି ଭ୍ରାନ୍ତିର ଆଶଙ୍କା ନାହିଁ, ଜନମନୋହର ସୁବାସ କି ଉତ୍ତମଗୃହ ଏଠାରେ ଅଛି ।

ଏହି ନଗରର ସୌନ୍ଦର୍ଯ୍ୟ ଦେଖି ଲଙ୍କା, ଅଳକା ଓ କାଞ୍ଚୀ ନଗରୀମାନେ ତରୁ ଓ ତରୁଣୀମାନଙ୍କରେ ଶରଣ ପଶିଥିଲେ ମଧ୍ୟ ସେମାନଙ୍କର ଶଙ୍କା ଦୂର ହୋଇନାହିଁ । ଭୟରେ କମ୍ପୁଛନ୍ତି; ସ୍ତମ୍ଭୀଭୂତ ହୋଇ ତକା ପକାଉଛନ୍ତି । ଅଳକା ଚୂର୍ଣ୍ଣ କୁନ୍ତଳ ରୂପେ ନଗରୀର ତରୁଣୀମାନଙ୍କଠାରେ ଆଶ୍ରୟ ନେଇ ମଧ୍ୟ ଭୟରେ ସ୍ଥିର ହୋଇ ରହିଛି । ଲଙ୍କା ନଗରୀ ତରୁ (ଲଙ୍କା ଆମ୍ବ) କୁ ଆଶ୍ରୟ କରି ମଧ୍ୟ ଭୟରେ କମ୍ପୁଛି; କାଞ୍ଚୀନଗରୀ ତରୁଣୀମାନଙ୍କ କଟିର କଙ୍କିଣୀ ରୂପେ ଆଶ୍ରୟ କରିଥିଲେ ମଧ୍ୟ ଭୟରେ ତକା ପକାଉଅଛି ।

ଦ୍ୱିତୀୟ ଗ୍ରନ୍ଥର ପ୍ରଥମାଂଶର ପ୍ରାୟ ବିଂଶାଧିକ ପଦ ଏହିପରି ଜନ-ମନୋହର ଉପମା ପଦାବଳୀରେ ରଚିତ ହୋଇଛି । ନଗରୀର ସୌନ୍ଦର୍ଯ୍ୟ ଓ ଐଶ୍ୱର୍ଯ୍ୟ ପ୍ରଭୃତିର ଚମତ୍କାର ବର୍ଣ୍ଣନା ହୋଇଛି ।

କବି ବାସ୍ତବିକ୍ ଶୁଦ୍ଧ ସୁବର୍ଣ୍ଣ-ମୟ-ପଦ ରଚନା କରି ପ୍ରଭୁ ଶ୍ରୀବଦ୍ରିନାଥଙ୍କ ଚରଣ ତଳେ ଏହାକୁ ଅର୍ପଣ କରି ପ୍ରଭୁଙ୍କୁ ଚିନ୍ତା କରିଛନ୍ତି । ବଦ୍ରିନାଥଙ୍କ ଶରୀର ସ୍ପର୍ଶମଣିରେ ନିର୍ମିତ ହୋଇଥିବାରୁ ପ୍ରଭୁଙ୍କୁ ଚିନ୍ତା କଲେ ସ୍ପର୍ଶମଣି ଲୁହାକୁ ଆକର୍ଷଣ କଲା ପରି କବିଙ୍କ ଲୁହା-ହୃଦୟକୁ ସ୍ପର୍ଶକରି ଆକର୍ଷଣ କରିବେ, ଏହି ଆଶା କବି କରିଛନ୍ତି । ଶୁଦ୍ଧ ସୁବର୍ଣ୍ଣ ଅଳଙ୍କାର ସ୍ୱରୂପ ଏହି ଶୁଦ୍ଧ ସୁବର୍ଣ୍ଣ-ଅଳଙ୍କାର ବିମଣ୍ଡିତ । ଏହି ପଦାବଳୀ ପ୍ରକୃତରେ ପ୍ରଭୁଙ୍କଠାରେ ଅର୍ପଣ କରିବା ପାଇଁ ଯୋଗ୍ୟ ହୋଇଛି ।

ବଦ୍ରିକାନାଥ ଉପେନ୍ଦ୍ର ଚିନ୍ତେ, ଶୁଦ୍ଧ ସୁବର୍ଣ୍ଣ-ମୟ-ପଦ ଜାତେ ।
ଧ୍ୟାନେ ସ୍ମରଣ କରିବେ ହୃଦୟ, ସ୍ପରଶ ମଣିରେ ନିର୍ମାଣ କାୟ । ୬୫

"ନାନା ଶବ୍ଦ ଅର୍ଥେ ଯେ ବିଚକ୍ଷଣ, ଯେହୁ ଜାଣେ ଅଳଙ୍କାର ଲକ୍ଷଣ, ସେହି କରୁ ଏ ଗ୍ରନ୍ଥ ବିବେଚନା" ବୋଲି କବି ତୃତୀୟ ଗ୍ରନ୍ଥର ପ୍ରାରମ୍ଭରେ 'ବାଲ୍ୟ ପୌଗଣ୍ଡ ଯୌବନ ଖଣ୍ଡ' ବର୍ଣ୍ଣନା ପ୍ରସଙ୍ଗରେ ଆଶା ପ୍ରକାଶ କରିଛନ୍ତି । ତାଙ୍କର ଆଶା ଓ ସତର୍କବାଣୀ ଯଥାର୍ଥ ହୋଇଛି । ସମଗ୍ର ଗ୍ରନ୍ଥଟିରେ ଅନନ୍ୟ

ସାଧାରଣ ପାଣ୍ଡିତ୍ୟ ଓ କବି ପ୍ରତିଭା ପ୍ରକାଶ ପାଇଛି । ଆଦ୍ୟ ପ୍ରାନ୍ତାଦି ବିଭିନ୍ନ ଯମକର ରୂପ ଏଠାରେ ପ୍ରକଟିତ ହୋଇଛି ।

ରଜନୀକର ମାଗିଲି ଖେଳିଲି, ରଜନକର ସ୍ନେହେ ତା ଗୁଡ଼ିଲି ।
ଧାତ୍ରୀମଣ୍ଡନା ହେବାରୁ ଭୁଲଇ, ଧାତ୍ରୀ ମଣ୍ଡନା ନାମ ଯେ ବୋଲଇ । ୩ ।
ନେତ୍ର-ଗଡରେ ଥିଲି ଅଧୀରତା, ନେତ୍ର-ଗଡରେ ଆଣି କଲି ରତା ।
କନ୍ୟାବର କରିବାର କଣ୍ଠାଇ, କନ୍ୟାବର ଚିତ୍ତ ଦେଲି ଛଡ଼ାଇ । ୪ ।
ଇତ୍ୟାଦି । (୩ୟ ଛାନ୍ଦ)

ଉପମାନନ୍ଦାର ପ୍ରୟୋଗ କରି କବି ନାୟିକାର ଶୋଭା, ଯଶପ୍ରକାଶ ପ୍ରଭୃତି ବର୍ଣ୍ଣନାକୁ ଦିବ୍ୟସୁନ୍ଦର ରୂପ ଦାନ କରିଛନ୍ତି ।

ହେଠ-ମୁଖ ଅଶ୍ୱିନୀ ସୁତ, ଶଶୀ ମାରୁଛି ହୃଦୟେ ହାତ ।
ମଘବା ମୁକୁରକୁ ଚାହିଁ, ହରଷ ବିରସ ହୁଅଇ ।
ଲବେ ଅଗ୍ନି ନୋହେ ମରୁତ, ଭାବି ମୁଁ ଦଣ୍ଡୀ ଗର୍ଭ ଜାତ ।
ନରେକ୍ଷେ କୁବେର ତନୁକୁ, ନୈଋତ ଚାହେଁ ଆସନକୁ ।
ଉନ ନେଉଛି ଦୀନ ହୋଇ, ଯମ ପଦରେ ଲଘୁ ଦେଇ ।
ବରୁଣ ପାଶେ ଦେଇ ଦୃଷ୍ଟି, ଏ ବୃଦ୍ଧି ହେବ ବୋଲି କଷ୍ଟି । ଇତ୍ୟାଦି ।
( ୫ମ ଛାନ୍ଦ )

ଉପମା ନନ୍ଦା ଭିତରେ ଉପଯୁକ୍ତ ଉପମାର ବ୍ୟବହାର ମଧ୍ୟ ସୁନ୍ଦର ହୋଇଛି । କବି କୁମାର କାର୍ତ୍ତିକେୟଙ୍କ ଭାବକୁ ଏକ ପଦରେ ଉଭୟ ଉପମା ପ୍ରଦାନ କରିଛନ୍ତି ।

କୁମାରେ ଏହି ଚନ୍ଦ୍ରା ଢୋର, ରାବଣ ଭଣା ଶୋଭା ମୋର ।
ଆନକ ଉପମା ସେ ଯୋଷା, ଜାନକୀ ରୂପକୁ ସଦୃଶା । ୯୮ । (୫ମଛାନ୍ଦ)

କବି ଷଷ୍ଠ ଛାନ୍ଦରେ ଅନୁପ୍ରାସ ଓ ଯମକର ପ୍ରୟୋଗ କରି ମନୋହର ପଦ ରଚନା କରିଛନ୍ତି ।

(୧) ଅଥ ରସମୟ ବସନ୍ତ ସମୟ ବିଚିତ୍ର ପ୍ରମେୟ ତାହାର,
ମିତ୍ର ଅନଙ୍ଗଙ୍କୁ ପ୍ରବଳ କରାଇ ଆଚରି ଚର୍ଚ୍ଚା - ବିହାର ।
ଆଗତେ ଆରୋହିଲା ନାଗେଶ୍ୱରକୁ,
ଋତୁରାଜ ପଦୁଁ ସେ ରଜ ଘେନିଲା ଗୃହି ପ୍ରଫୁଲ୍ଲ କେଶରକୁ । ୧।

(ଷଷ୍ଠ ଛାନ୍ଦ)

(୨) ଚତୁରା ସଖୀଏ ମଞ୍ଜୁ ମଞ୍ଜିର, ଖଞ୍ଜି ପାଦେ ବୋଲେ ଅନ୍ଧ୍ର ଏହାର ।
ହେମକରଣୀ ଏ ତରୁଣୀ ସତ, ଯଉବନ-ମଦେ ହେଲା ଏ ମତ୍ତ । ୨୦ ।

(୧୨ଶ ଛାନ୍ଦ)

(୩) କି ଗୁଣେ ସେ କି ଗୁଣେ ଗୁନ୍ଥିଲେ ଗୁନ୍ଥିଗୁଣେ
ରଖିଲେ ବୃଢ଼ୁ କୁରୁଙ୍ଗକେ ।
ବେଣୀ ନଳୀ ଝଟକେ ଗୁଣା କର ହାଟକେ
ମୁଠା ବାନ୍ଧିଲେ କି ଛଟକେ ସେ X X । ୫ । (୧୩ଶ ଛାନ୍ଦ)

ଏପରି ସମଗ୍ର ଗ୍ରନ୍ଥଟି ଉପମା ମଣ୍ଡିତ ହୋଇଛି । କବି ପ୍ରକୃତରେ ଉପମା ପ୍ରୟୋଗର ମାଧୁର୍ଯ୍ୟ ଫୁଟାଇ କବିତାକୁ ରମଣୀୟ ଓ ବୈଚିତ୍ର୍ୟପୂର୍ଣ୍ଣ କରିଛନ୍ତି । ନାୟିକାର ଶୋଭା ବର୍ଣ୍ଣନାରେ ଉପମାକୁ ଶ୍ରାନ୍ତ, କ୍ଲାନ୍ତ ଓ 'ଅସାର' କରିଦେଇ କବିକୋଟିର ଚନ୍ଦ୍ରାଧାରର ପରିଚୟ ଦେଇଛନ୍ତି । କାବ୍ୟର ଏକ ପାତ୍ର 'କବି' ମୁଖରେ ଉପେନ୍ଦ୍ର କହିଛନ୍ତି—

ସାରଭାଗ କଲା ନୃପ ଜେମାକୁ, ଅସାର ଭାଗ କଲା ଉପମାକୁ
ଏ କଥା ନଷ୍ଟେ ଆସିଲା ମନକୁ, କହି ଭଜିଲେ କବି ମଣ୍ଡନକୁ । ୨୬ ।

(୭ମ ଛାନ୍ଦ)

ପୁଣି,

କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଏ ପଦୁଁ,
ବଇର ଗୃହବର୍ତ୍ତି ଘେନ ଆଦୁଁ ।

କି ଯୋଗରୁ ଯୋଗ କା ସ୍ଥାନ କେ,
ଗୋଟିଏ ଗୋଟିଏ କଳ୍ପ କଳ୍ପକେ ।
ପ୍ରମାଣ କଲେ କର୍ମାଣ ଜେମା,
ବନ୍ଦନ କଲେ ନନ୍ଦନ ଉପମା । ୪ । (୮ମ ଛାନ୍ଦ)

କୋଟିଏ ବ୍ରହ୍ମା କି ଯୋଗରେ ଏକ ସ୍ଥାନରେ ମିଳି ପ୍ରତ୍ୟେକେ କଳ୍ପେ କଳ୍ପେ ଚିନ୍ତାକରି ଜେମା କର୍ମାଣକୁ ପ୍ରମାଣ କଲେ । ଉପମାମାନେ ନିନ୍ଦାପାଇ ଜେମାର ଶୋଭାକୁ ବନ୍ଦନା କଲେ ।

ପୁଣି,

ରୂପକ ଯମକ ବ୍ୟାପକ ବଳେ, କବି କବିତ୍ୱରେ ରକ୍ଷା ପାଇଲେ ।
ଯେବେ କବିକଳ୍ପ କଳ୍ପନା ଥିବ, ଉପମାକୁ ଉପଯୋଗ ହୋଇବ ।
ମାଗଧ ବିଦଗଧ ବୋଇଲା, ନୃପଜ ଶୁଣି ମନ ମଜ୍ଜାଇଲା । ୧୭ ।
(୮ମ ଛାନ୍ଦ)

ସୁନ୍ଦର ଯମକ ଓ ଅନୁପ୍ରାସ-ସମ୍ବଳିତ ବହୁ ପଦାବଳୀ କାବ୍ୟଟିକୁ ଅତି ରମଣୀୟ କରି ପାରିଛି । କେତୋଟି ପଦ—

ଏହି ଦିବସେ ମଧୁର ମଧୁ-ମାସେ ମଧୁର ମଧୁ-କଣ୍ଠ-ଭାଷି
ସୁଧାଂଶୁ-ପ୍ରଭା ସୁଧାପୁରେ ବସୁଧା-ମଣ୍ଡନା ସୁଖେ ଥିଲି ବସି । ୪
(୧୦ମ ଛାନ୍ଦ)

ଶଚୀ-କଳା କଳା-ଲାଳସୀ ସୁନ୍ଦରୀ କଳାପେ ପ୍ରକାଶିଲି ଛଳ
ଜଗତେ ଯୁଗତେ ପ୍ରାକୃତ ଆଗତେ ପ୍ରକଟ ହୁଅଇ ସେ ଖେଳ । ୫
(୧୦ମ ଛାନ୍ଦ)

କି ଦର୍ଶିବ ସୁହାସ ଅଳପ ପ୍ରକାଶରେ,
ବାନ୍ଧିନେବ ନୟନକୁ ମୋହନ ପାଶରେ । ୪ ୫
(୧୧ଶ ଛାନ୍ଦ)

ବର୍ଣ୍ଣନାନୁଚନ୍ଦ୍ରା ଗ୍ରଂଥ (ଏକାଦଶ ଛାଂଦ)ରେ କବି ଦୃଷ୍ଟି ଦୃଷ୍ଟାନ୍ତରର ବହୁ ପଦ ରଚନା କରିଛନ୍ତି । ସମଗ୍ର ଗ୍ରଂଥଟି ଉପମା, ଉତ୍ପ୍ରେକ୍ଷାଦି ପ୍ରୟୋଗ ଦ୍ୱାରା ଶୋଭା ପାଇ କାବ୍ୟ ଭିତରେ ଉଚ୍ଚ ସ୍ଥାନ ଅଧିକାର କରିଛି ।

ଯୁବାଜନ ଗଢଦାତା ବୈକୁଣ୍ଠ ପ୍ରକାର,
ବାଟ ଦେଖାଇବା କଥା ବଡ଼ ଚମତ୍କାର ।
ସ୍ଥାନ ପରମାନଂଦର,
ଦୂର କରି ପାରଇ ମାନସ-ଭବ ଦର । ୩ ।
କୋଟି ଅମ୍ବୁଜକୁ ନିଂଦୁଥିବ ସେ ଲପନ,
ଚଳନେ କମ୍ପନ କରିବ ସିନା ଦନ୍ତିକୁ କମ୍ପନ ।
ଡୋଳା ଖଞ୍ଜନ ବୁଡ଼ାଇବ,
ଶିଳୀମୁଖ ଚଳିବା ଶୋଭାକୁ ଛଡ଼ାଇବ । ୪ ।
ଇତ୍ୟାଦି (୧୧ଶ ଛାଂଦ)

ଉପମା, ଯମକ ଓ ଅନୁପ୍ରାସାଦି ଅଲଙ୍କାର ବ୍ୟବହାର କରି ଶୁଦ୍ଧସୁବର୍ଣ୍ଣି ପଦରେ କବି ଯେଉଁ ସୁଗୀତ ରଚନା କରିଛନ୍ତି ତାହାକୁ ପଣ୍ଡିତ ଅର୍ଥୀ, ସୁହୃଦ, ରସିକ କେବଳ ଘେନିବେ; ଖଳ, ବାଳିଶମାନେ ଏ କଥା ପ୍ରସଙ୍ଗରେ ଚିତ୍ତ ନଦେବେ । କବି ଦ୍ୱାଦଶ ଛାନ୍ଦର ପ୍ରାରମ୍ଭରେ ଏହା ବ୍ୟକ୍ତ କରି 'ବ୍ୟସ୍ତ ଅଲଙ୍କାର, ମଣ୍ଡନ ବିଧି'ର ନିର୍ଦ୍ଦୋଷ ବିସ୍ତର ଆଶା କରିଛନ୍ତି ।

ଖଳ ବାଳିଶେ ଏ କଥା ପ୍ରସଙ୍ଗ, ତାଙ୍କ ଚିତ୍ତ କାହିଁ ସୁଗୀତେ ସଙ୍ଗ,
ଯେ କବି ଅର୍ଥୀ ପଣ୍ଡିତ ସୁହୃଦ, ରସିକ ଯେହୁ ଘେନିମେ ଏ ଛାନ୍ଦ ।
ବ୍ୟସ୍ତ ଅଲଙ୍କାର, ମଣ୍ଡନ-ବିଧି ନିର୍ଦ୍ଦୋଷ ବିସ୍ତର । ୧ ।
ଉତ୍ପ୍ରେକ୍ଷା ଉପମା ରୂପକ ଚିହ୍ନ, ବକ୍ରୋକ୍ତି ଶ୍ଳେଷ ଅଭିପ୍ରାୟ ଘେନ,
ଦିଶୁ ଚ୍ୟୁତାକ୍ଷର ଉଦସ୍ଥ କାହିଁ, ରୂଢ଼ ସଂଖ୍ୟାବାନ ଆସୁଛି ନାହିଁ ।
ଜାଣ ସାରିବାକୁ, ସଖୀଗଣେ ବେଢ଼ି ନୃପ ଜେମାକୁ । ୨ ।
(୧୨ଶ ଛାନ୍ଦ ।)

ଏହି ସବୁ ଅଲଙ୍କାରର ପ୍ରୟୋଗ ସୁଶୋଭନ ଭାବରେ ହୋଇଥିବାରୁ କବି 'ନୈଷଧ କାବ୍ୟ'ର ଗୌରବ ଏ କାବ୍ୟ ଲାଭ କରିଥିବା ଆଶା ପ୍ରକାଶ କରିଛନ୍ତି ଏବଂ ରସିକ ସୁହୃଦ, ଅର୍ଥାତ୍ ପଣ୍ଡିତ ଏହାକୁ 'ନୈଷଧ' ପରି ଘେନିବେ ବୋଲି କହିଛନ୍ତି ।

ଏ ତ ପରିକୃତ କାବ୍ୟ ଛାନ୍ଦ ପ୍ରାନ୍ତ ସତ,
ଦୃଷ୍ଟି ଦୃଷ୍ଟାନ୍ତର ଏଥି ଅଛି ବିଂଶଶତ ।
ଘେନ ନୈଷଧ ପରିଯେ,
ଉପେନ୍ଦ୍ର କହେ ବୁଧ ପ୍ରମୋଦ କରିଏ । ୩୧ ।
(୧୧ଶ ଛାନ୍ଦ)

କବିଙ୍କ ଆଶା ଓ ଆକାଙ୍କ୍ଷା ଯେ ଉଚିତ ହୋଇଛି ତାହା କାବ୍ୟଟି ସମ୍ପୂର୍ଣ୍ଣ ରୂପେ ପ୍ରମାଣିତ କରୁଛି ।

ଉତ୍ପ୍ରେକ୍ଷା, ଉପମା, ରୂପକ, ବକ୍ରୋକ୍ତି, ଶ୍ଳେଷ, ଦାଢ଼ିଚ୍ୟୁତାକ୍ଷର ପ୍ରଭୃତିର ଯଥାଯଥ ସୁନ୍ଦର ବ୍ୟବହାର କାବ୍ୟଟିରେ ପ୍ରକାଶ ପାଇଛି ।

ବିଂଶ ଛାନ୍ଦଟିରେ କବିଙ୍କ ପାଣ୍ଡିତ୍ୟ କଳ୍ପନାର ଗଭୀରତା ପ୍ରକାଶ ହୋଇଛି । ଛାନ୍ଦଟି କଳହଂସ କେଦାର ଓ ଭୂପାଳ ଏ ଦୁଇ ରାଗରେ ଆଳାପିତ ହୋଇ ପାରିବ । ଉଭୟ ରାଗ ଅକ୍ଷର ଗଣନାରେ ସମାନ । କଳହଂସ କେଦାରରେ ଅଧିକ 'ଯେ' ଯୁକ୍ତ ହୁଏ ଏତିକିମାତ୍ର ପ୍ରଭେଦ । ଛାନ୍ଦଟି କଳହଂସ କେଦାରରେ ରଚିତ ହୋଇଛି । ଦ୍ୱିତୀୟ ଓ ଚତୁର୍ଥ ପାଦ ଶେଷରେ ଥିବା 'ଯେ'କୁ କାଟିଦେଲେ ଭୂପାଳ ରାଗ ହେଲା ।

ଅଦ୍ଭୁତ ହଂସ (ପୋଟା) ଓ ମାଙ୍ଗଲା ଏ ଦୁଇଜଣ ଶୁଆ ଓ ଶାରୀ ହୋଇ ଚମ୍ପାପୁରକୁ ଗଲେ ଏବଂ ସରସୀ ତଟରେ ଲବଙ୍ଗଲତାରେ ବସି ଏକ ପଦରେ ଏକ ସ୍ୱରରେ ଗୀତ ଗାଇଲେ । କୁମାରୀ କୁମାର ସ୍ନେହ, ବିରହ ଏ ଛାନ୍ଦର ବିଷୟ । କବି ପୂର୍ବଛାନ୍ଦ (୧୯ଶ ଛାନ୍ଦ)ର ଶେଷରେ ଏହି ଶୈଳୀର ସୂଚନା ଦେଇଛନ୍ତି ।

ଅଦ୍ଭୁତ ପୁଂସ ମାଗଁଲା ଶୁକ ଶାର ହୋଇ
ଚମ୍ପାପୁର ମଧ୍ୟରେ ସରସୀ ତଟେ ଯାଇ । ୪୮ ।
ଲବଙ୍ଗଲତାରେ ବସି ଭ୍ରମେ ଏକ ପଦ
କୁମାରୀ କୁମାର ସ୍ନେହ ମଦନ ବିଷାଦ । ୫୯ ।

କଲହଂସକେଦାରେ ଭୂପାଳେ ଆଳାପିତ,
ପ୍ରଥମରେ ଯେ ଯୁକ୍ତ ଅଧିକ ହେମାନ୍ତ ।୬୦।   ( ୧୯ଶ ଛାନ୍ଦ)

ଏ ମିଶ୍ରିତ ଛାନ୍ଦର ବିଷୟ ମଧ୍ୟ ରସପୂର୍ଣ୍ଣ ହୋଇଛି । ପୁଷ୍ପକେରୁ ପକ୍ଷରୁ ଶୁକ କଲହଂସ କେଦାର ରାଗରେ ଓ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ପକ୍ଷରୁ ଶାର ଭୂପାଳ ରାଗରେ ଆଳାପ କରୁଛନ୍ତି । ପ୍ରକୃତରେ ନୀରକ୍ଷୀର ପରି ମିଶ୍ରିତ ଦ୍ୱିରୁକ୍ତି ଅତି ମନୋମୁଗ୍‌ଧକର ହୋଇଛି ।

ଧ୍ୟାନ ଦେଇ ନବାଶଲେ ଉକ୍ତି ପ୍ରତ୍ୟୁକ୍ତିର ଭାବ ହୃଦୟଙ୍ଗମ ହେବା କଷ୍ଟକର । ଏହିହେତୁ କବି ସାବଧାନ ମଧ୍ୟ କରି ଦେଇଛନ୍ତି—

ବୁଧସାରସେ ବେନି ରାଗ ରୁଚିର,
ନୀରକ୍ଷୀର ମିଶ୍ରିତ ଦ୍ୱିରୁକ୍ତି ବାର ଯେ ।
ଶୁକ କହିବାରତା ରତ୍ନରାଶି ସ୍ମର,
ସାରୀ ଅଗ୍ରତେ ମୃଦୁତରେ କରି ଯେ । ୧ ।

ନାଗରମଣି ସାର ଶୃଙ୍ଗାର-ଶ୍ରୀ-ଧାମ,
ନାହିଁ ଶ୍ରୁତିରେ ତାହା ଜାରତି ସମ ଯେ ।
ସୁନା ସାଦୃଶ କାନ୍ତି କି ମନୋରମ,
କାମିନୀଚସ୍ତୁ ଧୈର୍ଯ୍ୟ ହରିବାକୁ କ୍ଷମ ଯେ । ୨ ।(୨୦ଶ ଛାନ୍ଦ)

ହେ ପଣ୍ଡିତ ହଂସମାନେ ନୀରକ୍ଷୀର ପରି ମିଶ୍ରିତ ଏ ଛାନ୍ଦର ଭାବକୁ ବାରି ହଂସ ପରି ପୃଥକ୍ କର । ଶୁକ କୁମାରଗୁରୁଙ୍କୁ ସ୍ମରଣ କରି ଶାର

ଆଗରେ ମୃଦୁତର କି କୋମଳ କରି ବାଣ୍ଡି! କହୁଛୁ । ଶାରୀ ମଧ୍ୟ ଶୁକ କହିବାର ଚତୁରୀକ ସ୍ବର ତା ଆଗରେ ମୃଦୁତର କି ମୃଦୁତର କରି କି କରୁଛୁ ।

ଶୁକ—ସେ କୁମାର ନାଗରମଣି କି ପୁରୁଷ ଶ୍ରେଷ୍ଠ, ସାରଶୂର କି ଶ୍ରେଷ୍ଠ ବୀରମାନଙ୍କର ଶ୍ରୀ-ଧାମ କି ଭସ୍ମର ସ୍ଥାନ । ତାହାଙ୍କ କୀର୍ତ୍ତିସମ କୀର୍ତ୍ତି ଶ୍ରୁତିରେ କି ବେଦରେ ବର୍ଣ୍ଣିତ ହୋଇନାହିଁ । ତାଙ୍କର ସୁବର୍ଣ୍ଣ ସମାନ କାନ୍ତି ମନୋରମ । ସେ କାମିନୀକୁଳର ଧୈର୍ଯ୍ୟ ହତ କରିବାକୁ କ୍ଷମ ।

ଶାରି—ସେ କୁମାରୀ ନଗରମଣି କି ନାଗକନ୍ୟାମାନଙ୍କର ସାର କି ଶ୍ରେଷ୍ଠ, ସୁରଭର କି ସୌନ୍ଦର୍ଯ୍ୟର ଧାମ କି ସ୍ଥାନ । ଶ୍ରୁତିରେ କି ଶୁଣିବାରେ ତାହା ସଙ୍ଗେ କି ରତି (କାରତି) ସମାନ ? ସୁନାସା କି ସୁନ୍ଦର ନାସିକା ଓ କୁଶର କି ଚକ୍ଷୁର କାନ୍ତି କି ଶୋଭା କି ମନୋରମ (ମନୋହର) । ସେ କାମିନୀଚୟ କି କାମୀକୂଳରେ ଧୈର୍ଯ୍ୟ ହତ କରିବାକୁ କ୍ଷମ ।

ଏପରି ସମଗ୍ର ଛାନ୍ଦର ୨୦ଟିଯାକ ପଦ ଅତି ଚମତ୍କାର ଭାବରେ କବି ରଚନା କରି ଅକ୍ଷୟକୀର୍ତ୍ତି ରଖି ଯାଇ ଅଛନ୍ତି । କବିଙ୍କ ପାଣ୍ଡିତ୍ୟ ଓ ଚିନ୍ତାର ଗଭୀରତା ଏଥିରେ ପ୍ରକାଶ ପାଉଛି ଏବଂ ଲେଖନୀ କବି-ଆଙ୍କାକାରୀ ଭୃତ୍ୟ ଥିବା ସ୍ପଷ୍ଟ ପ୍ରତୀୟମାନ ହେଉଛି ।

ନାୟକର ବିନୟ ପତ୍ର ପାଠ କରି ନାୟିକାର ନେତ୍ରରୁ ଆନନ୍ଦାଶ୍ରୁ ଝରିଲା । ତାହାର ମୁଖରୁ ଉଭେଇ ଯାଇଥିବା ହାସ ପୁଣି ପ୍ରକାଶ ପାଇଲା । ନାୟିକା ନାୟକଠାକୁ ଉତ୍ତର ପତ୍ର ଲେଖିଲା । ଏ ପ୍ରସଙ୍ଗଟି କବି ଅତି ସୁନ୍ଦର ଭାବରେ ଅଳଙ୍କାର ମଣ୍ଡିତ ଯତ୍ୟୋବଂଶ ଛାନ୍ଦରେ ପ୍ରକାଶ କରିଛନ୍ତି । ଧ୍ୱନି କାକୁ-ଉକ୍ତି ରୂପକ ଶ୍ଳେଷ ଲୁପ୍ତବର୍ଣ୍ଣ ଚ୍ୟୁତଦତ୍ତାକ୍ଷର ଅନ୍ତର୍ଲିପିକା ଆଦି ଅଳଙ୍କାର ଯୁକ୍ତ କରି କବି ମଧୁର ପଦାବଳୀ ରଚନା କରିଛନ୍ତି ।

କୁରଙ୍ଗରେ କର ସୁଧାଂଶୁ ଏ ବେନି ନାମ ଯୁକ୍ତ ନାମ ସୁମର,
କହେ ଉପଇନ୍ଦ୍ର ଭଞ୍ଜକବି ୀରବର ପଦର ଯେ ମାଧୁରୀ ।
ଏ ଛନ୍ଦେ, ଧ୍ୱନି କାକୁ-ଉକ୍ତ ରୂପକ,
ଶ୍ଳେଷ ଲୁପ୍ତବର୍ଣ୍ଣ ଚ୍ୟୁତଦତ୍ତାକ୍ଷର ଅନ୍ତର୍ଲପିକା ଆଦି ତର୍କ । ୩୦ ।
(୨୩ଶ ଛାନ୍ଦ)

ଏହି ବିବିଧ ଅଳଙ୍କାରରେ ଭୂଷିତ ହୋଇ କାବ୍ୟର ପଦାବଳୀ ରସିକ କୋବିଦମାନଙ୍କର 'ଶ୍ରୁତି-ସୁଖ ସ୍ୱାଦ' ମଧୁର ହୋଇଛି ।

ରସିକ କୋବିଦ ଶ୍ରୁତି-ମୁଖ ସ୍ୱାଦ,
ମଧୁର ଛାନ୍ଦ ଏ କୃତେ ହି । ସୁଜନେ ।୨୪। (୨୨ଶ ଛାନ୍ଦ)

ଧ୍ୱନି—

ବହିଲା ଦକ୍ଷିଣ ପବନ ବହିଲା ହିମରଜ କର କ୍ଷେପଣ,
ଏ ଉକ୍ତିରୁ ଘନରସଯୁକ୍ତ ହୋଇ ନ ରହିବ କି ସମୀରଣ ।
ଶ୍ରବଣେ, ହୃଦସ୍ଥ ପଦ୍ମ ବିକଶିଲା,
ପଦ୍ମନୀ ଯାମିନୀରୂପ ଯପା ତୁଟି କୃପା-ପ୍ରଭାତ ପ୍ରକାଶିଲା । ୨ ।

କାକୁକ୍ତ—

ଲେଖିଲା ଯାହା ପଦେ ପଦେ ସେ ଇନ୍ଦ୍ରପଦେ ସ୍ଥାପିବ କୁମାରକୁ,
ସଜନୀ ବେନି ବର୍ଣ୍ଣ ଘେନି ବୋଇଲେ ମଧ ମଣି ହେବ ହାରକୁ ।
ଶୁଣି ତା, ଶଚୀକଳା ପାଶ ହୋଇଲା,
ପାଇନାହିଁ କି ଶୋ ତରଳ ଭାବକୁ ତାହି ସିନା ହେବ ବୋଇଲା । ୩ ।

ଲୁପ୍ତବର୍ଣ୍ଣ—

କୋକିଲ, ଗାୟକ ଉଚେ ଗାଏ ଗୀତ,
ଝଙ୍କାରି ଝଙ୍କାର ଖଞ୍ଜରୀଟ ପ୍ରାନ୍ତହତ ସୁବାଦ୍ୟରେ ବନ୍ଧିତ ।୫।
('ଖଞ୍ଜରୀଟ' ପ୍ରାନ୍ତ୍ୟ'ଟ' ଲୋପ ହେଲେ ଖଞ୍ଜରୀ କି ଖଞ୍ଜଣୀ ବାଦ୍ୟ)

ଲୁପ୍ତବର୍ଣ୍ଣ —

ଜଟିଳା ଭଣି କଂନରେଶ ନନ୍ଦନୀ-ପାଠପଠିନୀ ପରି ଦିଶ,
ପଣ୍ଡିତା ବୋଲେ କହିବାରୁ ଅକ୍ଷରେ କାଟି ରଖ ଗୋ ଏକାଦଶ ।
ସେ ଛଳ, ଏ ନଗରେ ତୁମ୍ଭ ନିବାସ,
ପୁନରୁକ୍ତ ଦୂରୁଁ ଆଗତ କଦଥେ ଯଦର୍ଥେ କହି ହେବ କିସ । ୧୪ ।

ଜଟିଳା କହିଲେ, ତୁମେ ତ କିନ୍ନରନନ୍ଦନୀ (କୁବେର ନନ୍ଦିନୀ), ପାଠପଠିନୀ (ଶିକ୍ଷୟିତ୍ରୀ) ପରି ଦିଶୁଛ । ପଣ୍ଡିତା (ଉପାଧ୍ୟାୟୀ) କହିଲା, ତୁମ୍ଭେ କହିବା ବାକ୍ୟରୁ ଅକ୍ଷର (କଂନ୍ନରରୁ କଂ) କାଟି ଏକାଦଶ ଅକ୍ଷର ଘେନ । ଅର୍ଥାତ୍ 'ନରେଶ ନନ୍ଦନୀ ପାଠପଠନୀ' (ରାଜକୁମାରୀର ଶିକ୍ଷୟିତ୍ରୀ) ଅଛୁ ।

ଦତ୍ତଚ୍ୟୁତାକ୍ଷର —

ବାରବାର ସର ଦରେ ତା ଶୟନ ବଙ୍କି ନାହିଁ ଚନ୍ଦ୍ରବଦନେ,
ଭଜା ବହିତ ଘନବାର ସୁକେଶୀ ତନୁକୁ ନ ବଞ୍ଚି ସଘନେ ।
ତପତ, ସଦା ରହିଅଛୁ ଶରୀରେ,
ବ୍ୟାଧି ଜନନୀକି ଗୋଚର ନୁହଇ କରେ ଚିନ୍ତାକୁ ଯେ ବଧିରେ ।୧୬।

"ଦରେ (ଉପୁରେ) ତାହାର ଶୟନ (ନୟନ, ଏଠାରେ ଶ-ଚ୍ୟୁତ, ନ-ଦତ୍ତ) ବାରବାର ସର (ନୀର-ଏଠାରେ ସ-ଚ୍ୟୁତ, ନ-ଦତ୍ତ) ବଙ୍କି (ତ୍ୟକ୍ତକଣ, ଚ୍ୟୁତକର) । ଏବେ ସେ ଚନ୍ଦ୍ରବଦନେ (ଚନ୍ଦ୍ରସଦନେ କି ଚନ୍ଦ୍ରଶାଳା ପୁରେ, ଏଠାରେ 'ବ'-ଚ୍ୟୁତ, ସ-ଦତ୍ତ) ନାହିଁ; ସୁକେଶୀ ତନୁକୁ ଘନବାର (ଘନସାର କି କର୍ପୂର, ଏଠାରେ ବ-ଚ୍ୟୁତ, ସ-ଦତ୍ତ) ବହିତ (ଅହିତ, ଏଠାରେ 'ବ' ଚ୍ୟୁତ ଅ-ଦତ୍ତ) ଭଜା (ଭଜଇ) । ସଘନେ (ସପନେ-ଏଠାରେ ଘ-ଚ୍ୟୁତ, ପ-ଦତ୍ତ) ନ ବଞ୍ଚି (ନ ମୁଞ୍ଚି, ଏଠାରେ ବ-ଚ୍ୟୁତ, ମୁ-ଦତ୍ତ) ନ ପାସୋରଇ । ସଦା ଶରୀରେ ତପତ (ତାପ) ରହିଛି, ଏ କି ବ୍ୟାଧି ? ଜନନୀ (ଜନମି-ଜାତ ହୋଇଛି । ଏଠାରେ ନ-ଚ୍ୟୁତ ମ-ଦତ୍ତ) ଗୋଚର ନୋହୁଛି । ଏଣୁ ଏ ବଧିରେ ସମସ୍ତେ ଚିନ୍ତା କରୁଛନ୍ତି ।

ଏପରି ଅନ୍ୟାନ୍ୟ ବହୁ ଅଳଙ୍କାରର ସୁଷମ ପ୍ରୟୋଗ କରି କବି ପଦମାଧୁରୀକୁ ବୃଦ୍ଧି କରି କାବ୍ୟଟିକୁ ପରମଶୋଭାର ଆକର କରିଛନ୍ତି ।

ପଞ୍ଚବିଂଶ ଛାନ୍ଦଟି କାବ୍ୟରେ ପାଣ୍ଡିତ୍ୟପୂର୍ଣ୍ଣ କବି କଳ୍ପନା ଯୋଗୁଁ ବହୁ ପ୍ରଶଂସିତ ହୋଇଛି । ଏହି ଛାନ୍ଦଟିରେ ପ୍ରଥମ ରାଗ ଚକ୍ରାଦେଶାକ୍ଷ; ବର୍ଷାକାଳ ଅର୍ଥରେ ରଚିତ । ଏଥିର ପଦମାନଙ୍କର ପ୍ରତ୍ୟେକ ପାଦରୁ ଗୋଟିଏ ଗୋଟିଏ କରି ଅକ୍ଷର କାଟି ଆଉ ଦୁଇଟି ରାଗରେ ଆଉ ଦୁଇ ପ୍ରକାର ଋତୁର ବିଷୟ ଜଣାଯାଉଛି । ପ୍ରଥମ ଅକ୍ଷର କାଟିଲେ ଛାନ୍ଦ-ରାଗର ନାମ କାଫିକାମୋଦୀ, ଶୀତକାଳର ଅର୍ଥ ବୁଝାଉଛି । ଦ୍ୱିତୀୟ ଅକ୍ଷର କାଟିଲେ ଛାନ୍ଦର ରାଗ ମାଳବଗଉଡ଼, ଗ୍ରୀଷ୍ମକାଳକୁ ବୁଝାଉଅଛି ।

ଏକ ଛାନ୍ଦକୁ ପାଦର ଆଦ୍ୟରୁ ଏକ ଏକ ଅକ୍ଷର କାଟି ଭିନ୍ନ ଭିନ୍ନ ରାଗର ଆଉ ଦୁଇଛାନ୍ଦ ନିର୍ମାଣ କରି ଆଉ ଦୁଇ ଋତୁର ଭାବ ପ୍ରକାଶ କରିବାରେ କବି ଅନନ୍ୟ ସାଧାରଣ ପାଣ୍ଡିତ୍ୟ ଓ କବିପ୍ରତିଭା ପ୍ରକାଶ କରିଛନ୍ତି । ଏପରି ରଚନାରେ ଅଶେଷ କଷ୍ଟ ହୁଏ । ଏକ ଛାନ୍ଦକୁ ଭିନ୍ନ ଭିନ୍ନ ରାଗର ତିନି ଛାନ୍ଦରେ ପରିଣତ କରି ତିନି ଋତୁର ଭାବ ପ୍ରକାଶ କରିବାରେ ଯେଉଁ ଶ୍ରମ, ପାଣ୍ଡିତ୍ୟ ଓ ରଚନାପଟୁତା ଅବଶ୍ୟକ ତାହା କବି ପ୍ରକାଶ କରିଛନ୍ତି, ଏହା ଯେ ଯଥାର୍ଥ ଏଥିରେ କୌଣସି ସନ୍ଦେହ ନାହିଁ ।

ସୁକବି ରଚନେ କଷ୍ଟ ତ୍ରିକାଳ ଛାନ୍ଦେ,
ବସୁଦେ ତୋଷଦାତା ଉପଇନ୍ଦ୍ର ବନ୍ଦେ ।
ବିଖ୍ୟାତ ରସରେ ଇଚ୍ଛି ଲୁପ୍ତ-ବର୍ଣ୍ଣର,
ସୁମନରେ ମୋଦେ ତିନଛାନ୍ଦ ବଖିର ।

ଏ ତ୍ରିକାଳ ଛାନ୍ଦଟି ଲୁପ୍ତବର୍ଣ୍ଣଦ୍ୱାରା ରସପୂର୍ଣ୍ଣ ତ୍ରିରାଗ ବିଶିଷ୍ଟ ଛାନ୍ଦରେ ପରିଣତ ହୋଇଥିବା କୌଶଳ ଅଦ୍ୱିତୀୟ ।

ଅସାର ସଘନ କାଳ ହୋଇ ଉଦୟ,
ଅସିତ ପରବଳରୁ ଦରଶମୟ । ୧ ।

ସ୍ତନିତ ହିଁ ସ୍ଫୁଟ କଳକଣ୍ଠ ସରୁତ,
ଅଚର ପ୍ରଭାହିଁ ତାର ଦଶେ ଦଶେତ । ୨ ।

ବର୍ଷାକାଳ—ଆସାର (ଧାରାପାତ) ସଘନ (ନିବିଡ଼) ହେବା କାଳ (ବର୍ଷାକାଳ) ଉଦସ୍ତ ହୋଇ ଅସିତ (କୃଷ୍ଣବର୍ଣ୍ଣ) ପ୍ରବଳ ହେବାରୁ ଦରଶମସ୍ତ (ଦର୍ଶ—ଅମାବାସ୍ୟା, ଅମାବାସ୍ୟା ପରି ଅନ୍ଧକାରମସ୍ତ) ହେଲା । ସ୍ତନିତ (ମେଘ ଗର୍ଜ୍ଜନ) ସ୍ଫୁଟ ହେଲା । କଳକଣ୍ଠ (ମୟୂର) ମାନେ ସରୁତ (ଶବ୍ଦ ସହିତ) ହେଲେ । ଦଶେ (ଦିଗମାନଙ୍କରେ) ଅଚରପ୍ରଭା (ବିଜୁଳି) ତାର (ଉଜ୍ଜ୍ୱଳ) ଦିଶିଲେ ।

ଶୀତକାଳ—ପାଦାଦ୍ୟରୁ ଏକ ଅକ୍ଷର କାଟିଲେ—କାଫିକାମୋଦୀ ରାଗ ।

ସାର ସଘନ କାଳ ହୋଇ ଉଦସ୍ତ, ସିତ ପରବଳରୁ ଦରଶମସ୍ତ । ୧ ।
ନିତହିଁ ସ୍ଫୁଟ କଳକଣ୍ଠ ସରୁତ, ଚରପ୍ରଭାହିଁ ତାର ଦଶେ ଦଶେତ । ୨ ।

ସାରସଘନ (ସାରସଘ୍ନ, ପଦ୍ମନାଶକ) କାଳ (ଶୀତକାଳ) ଉଦସ୍ତ ହୋଇ ଶୀତ ପ୍ରବଳରୁ କୁହୁଡ଼ିରେ ଦର (ଶଙ୍ଖ) ପ୍ରାୟ ଶୁକ୍ଳବର୍ଣ୍ଣ ସମସ୍ତ ଆସିଲା । ନିତ (ତଗର ପୁଷ୍ପ) ସ୍ଫୁଟ ହେଲା (ବିକଶିତ ହେଲା) । କଳକଣ୍ଠ (ଶୁକ୍ଳ) ସରୁତ (ଧ୍ୱନିଯୁକ୍ତ) ହେଲେ । ତାର (ନକ୍ଷତ୍ରପୁଞ୍ଜ) ଚରପ୍ରଭା (ସ୍ଥାୟୀପ୍ରଭା) ଧରି ଦଶେ ଦେଖାଗଲେ ।

ଗ୍ରୀଷ୍ମକାଳ—କାଫିକାମୋଦ ରାଗର ଛନ୍ଦର ପାଦାଦ୍ୟରୁ ଏକ ଅକ୍ଷର କାଟିଦେଲେ ନୂତନ ଛନ୍ଦର ନାମ ହେବ ମାଳବଗୌଡ଼ । ଏହା ଗ୍ରୀଷ୍ମକାଳକୁ ବୁଝାଇବ ।

ରସ ଘନକାଳ ହୋଇ ଉଦସ୍ତ, ତ ପରବଳରୁ ଦରଶମସ୍ତ । ୧ ।
ତହିଁ ସ୍ଫୁଟ କଳକଣ୍ଠ ସରୁତ, ରପ୍ରଭାହିଁ ତାର ଦଶେ ଦଶେ ତ । ୨ ।

ରସଘନ (ରସଘ୍ନ, ଜଳନାଶକ) କାଳ (ଗ୍ରୀଷ୍ମକାଳ) ଉଦସ୍ତ ହୋଇ ତପର (ଗ୍ରୀଷ୍ମର) ବଳରୁ ଦର (ଭୟର) ସମସ୍ତ ହେଲା । ତହିଁ (ସେହି କାଳରେ) ସରୁତ (ଧ୍ୱନିଯୁକ୍ତ) କଳକଣ୍ଠ (କୋକିଳ)ମାନେ ସ୍ଫୁଟ (ପ୍ରକାଶିତ) ହେଲେ । ଦଶେ (ଦିଗସ୍ଥ ଗିରିମାନଙ୍କରେ) ର (ଅଗ୍ନି) ପ୍ରଭା ତାର (ଉଜ୍ଜ୍ୱଳ) ଦିଶିଲା ।

ଏହିପରି ସମଗ୍ର ଗ୍ରନ୍ଥର ୬୦ଟି ଯାକ ପଦ ଲୁପ୍ତବର୍ଣ୍ଣ ନିୟମରେ ରଚିତ ହୋଇଛି । ଭାବ ଓ ଭାଷାର ସୌନ୍ଦର୍ଯ୍ୟ ଏହି ଅଳଙ୍କାର ବିମଣ୍ଡିତ ପାଣ୍ଡିତ୍ୟପୂର୍ଣ୍ଣ ରସାଳ ପଦାବଳୀ କାବ୍ୟର ଗୌରବକୁ ବହୁ ଗୁଣରେ ବୃଦ୍ଧି କରି ଦେଇଛି ଏବଂ ଉପେନ୍ଦ୍ରଙ୍କୁ ଭାଷା ସାହିତ୍ୟର ଆଲଙ୍କାରିକ କବି ହିସାବରେ ଭାରତର ଭାଷାରାଜ୍ୟରେ ଅତୁଳନୀୟ ଗୌରବର ଅଧିକାରୀ କରିଛି ।

କବି ଭାଷା, ଭାବ ଓ ଅଳଙ୍କାର ବ୍ୟବହାର କରି ପଦସମୂହକୁ ସୁଧାଶୀକର ସଦୃଶ କରି ରସିକମାନଙ୍କ ମନକୁ ହରଣ କରି ପାରିଛନ୍ତି; କବିଙ୍କ ଆତ୍ମ ଜ ସୁଲଭ ଉକ୍ତି ତାଙ୍କର ଗୌରବ ହାନି କରିନାହିଁ, କି ସେ ମିଥ୍ୟାବାଦୀ ବୋଲି ସୂଚନା ଦେଉନାହିଁ ।

ରସିକେ ରସି କରି ଏଥି ପଦନିକର,
ସୁଧା ଶୀକର ପାନ ତୋଷେ । ୧ । (୧୩ ଛାନ୍ଦ)

ଉପେନ୍ଦ୍ର ନିଜ ସମ୍ବନ୍ଧରେ ଯେଉଁ ଆତ୍ମ-ପ୍ରଶଂସାତ୍ମକ ପଂକ୍ତିଗୁଡ଼ିକ ରଚନା କରିଛନ୍ତି ତାହା ଅକ୍ଷରେ ଅକ୍ଷରେ ସତ୍ୟ ଥିବା ତାଙ୍କର କାବ୍ୟହିଁ ପ୍ରମାଣ କରୁଛି ।

ଯାହା ରଚିତ ରସ, କବି ବାଣୀରେ ଶେଷ,
ନୋହେ ସେ ଦେବଚନ୍ଦ୍ର ହୃଦେ ସେ ।
ସୁମନା, ଏ ପାଞ୍ଚ ଏ ଗ୍ରନ୍ଥର ବିସ୍ତର, ନୁହଇ ଆନର ପ୍ରକାର ।
କହେ ଉପେନ୍ଦ୍ର ଭଞ୍ଜ ଉତ୍ତମ କବି ପୁଞ୍ଜ
ଦୁର୍ଲ୍ଲଭ ମାଗେ ମୋ ଫସ୍ପର ସେ । ୨୮ । (୧୩ଶ ଛାନ୍ଦ)

କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଉପେନ୍ଦ୍ରଙ୍କ ରଚନାବଳୀ ମଧ୍ୟରେ ତଥା ଓଡ଼ିଆ ସାହିତ୍ୟରେ ସର୍ବଶ୍ରେଷ୍ଠ କାବ୍ୟ । ଭାବ, ଭାଷା, ଅଳଙ୍କାର ପ୍ରୟୋଗ, ବର୍ଣ୍ଣନା-ଚାତୁରୀ ଓ ପାଣ୍ଡିତ୍ୟ ଏ ସମସ୍ତ ଦିଗରୁ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଅତୁଳନୀୟା ଅଟେ । କେବଳ ଓଡ଼ିଆ କାହିଁକି ଭାରତର ଯେ କୌଣସି ଭାଷାରେ ଏହା ସମକକ୍ଷ କାବ୍ୟ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ ।

# ରସଲେଖା

ରସଲେଖା କାବ୍ୟଟି ବାଇଶଟି ଶ୍ରେଷ୍ଠ ଶ୍ରେଷ୍ଠ ଛନ୍ଦରେ ରଚିତ ।

କଥା ସାର—ଥରେ ନୈମିଷାରଣ୍ୟର ତପସ୍ୱୀ କପିସାଞ୍ଜଙ୍କ ସାତଶହ ଶିଷ୍ୟ ତୀର୍ଥାଟନ କରିବାକୁ ବାହାରିଲେ । ତୀର୍ଥଯାତ୍ରୀମାନେ କେରଳଦେଶ ନିକଟସ୍ଥ ମଳୟଗିରି ପାଖରେ ଅବସ୍ଥିତ ରସୋଦୟ ବନରେ ପ୍ରବେଶ ହେବା ମାତ୍ରେ ସମସ୍ତଙ୍କର କାମଚେଷ୍ଟା ଜାତ ହେଲା ।

କେରଳଦେଶ ନିକଟେ ମଳୟ ଗିରି ପାଶେ,
ମହାଉତ୍କର୍ଷେ ରେତା ଯେବେ ସେ ବସିନେ ପଶେ ଯେ ।
କାମଚେଷ୍ଟା ଜାତ ହୋଇ ଲୋଡ଼ଇ ଯୁବତୀ,
ଅଛି କେଉଁ ଜନ ଅବା ନୋହିବ ଅଗତି ଯେ ।

ସେଥିରେ ପୁଣି ମଧୁର ମଧୁ-ସମୟ ମଳୟ ଗନ୍ଧବହଙ୍କୁ ଯେପରି ରସମୟ ହୋଇଛି । ଏହି ବନର ପ୍ରଭାବରୁ ଋଷି ଶିଷ୍ୟମାନେ ବନରେ ପଶି ମାର ଶରରେ ତ୍ରାସି ହେଲେ ଏବଂ—

କେ କାହାର ଗୃହେ ଚତୁର୍ମାସ୍ୟା କରି ରହି,
ଦୁହିତାକୁ ଘେନି ତାରି ସେ ବନେ ପଳାଇ ଯେ ।

ଅଜ୍ଞାନ ଅନାୟତ୍ତ ଅବସ୍ଥାରେ ପଡ଼ିଋଷି ଶିଷ୍ୟମାନେ ଜଣେ ଜଣେ,ଏପରି ଭାବରେ ଗୃହସ୍ଥ ହୋଇ କିଛି ଦିନ ପରେ ସମସ୍ତେ ଗୃହସ୍ଥଧର୍ମାବଲମ୍ବୀ ହୋଇଗଲେ । ଏମାନେ ସମସ୍ତେ ବିବିଧ ଉପାୟରେ କନ୍ୟା ସଂଗ୍ରହ କରି, ବିବାହ କରି ସେହି ବନରେ ନିବାସ କଲେ ।

ଏହିପରି ବହୁବର୍ଷ ବିତି ଯିବାରୁ ଗୁରୁ ବିଚାରିଲେ, "ମୋର ଶିଷ୍ୟ-ମାନେ କେଉଁଆଡ଼େ ଗଲେ । ବାର ବର୍ଷରେ ଜଣେ ହେଲେ ସୁଦ୍ଧା ମୋ ପାଖକୁ ଆସିଲେ ନାହିଁ ।" ଗୁରୁ ଶିଷ୍ୟମାନଙ୍କ ଅନ୍ୱେଷଣରେ ପୃଥ୍ୱୀ ପର୍ଯ୍ୟଟନ କରୁ କରୁ ରସୋଦୟ ବନରେ ପ୍ରବେଶ କଲେ । ବନର ପ୍ରଭାବରୁ ତାଙ୍କର ମଧ

କାମଚେଷ୍ଟା ଜାତ ହେଲା । ଋଷି ଚୈଳଦେଶର ରାଜାଙ୍କ ନିକଟକୁ ଯାଇ, କନ୍ୟାଦାନ କରି ପ୍ରାଣ ରଖିବାକୁ ଅନୁରୋଧ କଲେ । ରାଜା ନିଜ କନ୍ୟା ଲୀଳାବତୀକୁ ଋଷିଙ୍କ ସହିତ ବିବାହ କରିଦେଲେ । ଋଷି ସେହି ବନରେ ଗୃହସ୍ଥଜୀବନ ଯାପନ କଲେ । ଲୀଳାବତୀଙ୍କ ଗର୍ଭରୁ ରସଲେଖା ଜନ୍ମହେଲା । "ବିଧିର ସ୍ୱପ୍ନେ ସେପରି ରାମା ନାହିଁ ଦେଖା ଯେ ।" ଋଷି ଦେଶାନ୍ତରରୁ ଧନ ଦେଇ ଅଷ୍ଟସଖୀଙ୍କୁ କିଣି ଆଣିଲେ ଏବଂ କନ୍ୟାର ସେବାରେ ସେମାନଙ୍କୁ ନିଯୁକ୍ତ କଲେ । ( ୧ମ ଛାନ୍ଦ )

ରସଲେଖାର ଶୋଭା କ୍ରମେ ବୃଦ୍ଧି ହେଲା ଏବଂ ସେ ଯୌବନାବସ୍ଥା ପ୍ରାପ୍ତ ହେବାରୁ ତାହାଠାରେ ବୟସୋଚିତ ରସ ବିକାର ପ୍ରକାଶ ପାଇଲା ।

ଅନଙ୍ଗଶାସ୍ତ୍ର ପୋଥି ନିଘଣ୍ଟେ କରୁ, ।
ଏକାନ୍ତ ସ୍ଥଳେ ବସି ପଢ଼ଇ ଖୀରୁ ଯେ ।
ନିଜ କାନ୍ତିକୁ ବାଳା ଦର୍ପଣେ ଦେଖି, ।
ସେ ସଙ୍ଗ କେବେ ହେବ ଭାଳଇ ବସି ଯେ ।"(୨ୟ ଛାନ୍ଦ)

ମଳୟଗିରିର ଉତ୍ତରରେ ସୁଧାନିଧି ନାମକ ନଗରର ରାଜା ଭୂପତି । ତାଙ୍କ ସୁତ ବିଶ୍ୱଭୂଷ । ପ୍ରାପ୍ତବୟସ୍କ ହେବାରୁ କୁମରକୁ ବିବାହ ଦେବା ନିମନ୍ତେ ରାଜା କନ୍ୟା ଖୋଜାଇଲେ । ଦୂତମାନେ ବିଭିନ୍ନ ଦେଶକୁ ଗଲେ । ରାଜକୁମାର ସୁକନ୍ୟାପ୍ରାପ୍ତି ନିମନ୍ତେ ଦୁର୍ଗାଙ୍କୁ ପ୍ରତିଦିନ ପୂଜା କରୁଥିଲେ । ଦିନେ ସ୍ୱପ୍ନରେ ରାଜକୁମାରଙ୍କୁ ଦେବୀ କହିଲେ, "ରସୋଦୟ ବନକୁ ଯାଅ । ସେଠାରେ ରାଜଋଷିଙ୍କ କନ୍ୟା ରସଲେଖା ଅଛି । ତାହାକୁ ସେ ସ୍ଥଳେ ଦେଖ, ମନେରଖ ନେଇଲେଖ । ଗୃହ ଉପାୟରେ ଲଭ, ଶୁଭ ଏ ।" ଦିନେ ରାତିରେ ଦୁର୍ଗା ବିଶ୍ୱଭୂଷଙ୍କ କରଧରି ନେଇ ଯାଇ ରସୋଦୟ ବନରେ ଛାଡ଼ିଦେଲେ । ଋଷିକୁମାରୀ ସଖୀମାନଙ୍କ ସହ ବନରେ ଭ୍ରମଣ କରୁଥିଲା ବେଳେ ରାଜକୁମାର ଏକାନ୍ତରେ ବନାନ୍ତରେ ଲୁଚି ତାହାର ଶୋଭା ସନ୍ଦର୍ଶନ କଲେ ।
(୩ୟ ଛାନ୍ଦ)

କାଳୀ ଚତୁର୍ଦ୍ଦଶୀ ଦିନ କାଳୀକାନ୍ତଙ୍କ ପୂଜା କରିବା ପାଇଁ ସଖୀଙ୍କ ମେଳରେ ରସଲେଖା ଅତି ହରଷ ମନରେ ଫଳ ତୋଳିବା

ନିମନ୍ତେ ବନରେ ଭ୍ରମଣ କରୁଥିଲେ । ସେ ସଖୀମାନଙ୍କ ସଙ୍ଗେ ହାସ ରସରେ ଉକ୍ତିପ୍ରତ୍ୟୁକ୍ତି କରି କଥାବାର୍ତ୍ତା ହେଉଥିଲେ । ଏହି ଆଳାପ ରାଜକୁମାର ବସିଥିବା ସ୍ଥାନକୁ ଶୁଭୁଥିଲା । କୁମାର ମୁଗ୍ଧ ହୋଇ ଶୁଣୁଥିଲେ ଏବଂ କନ୍ୟାକୁ ଦେଖିବା ଅତ୍ୟନ୍ତ ଆନନ୍ଦିତ ହେଲେ ।

ଏ ବଚନମାନ ଶୁଭୁଛି ବୀର ଥିବା ଠାବକୁ,
ସେ ପୁଣି ହୃଦରେ ଘେନୁଛି ପ୍ରତିପଦ ଭାବକୁ।

× × ×

କାମକଳ୍ପତରୁ ତରୁଣୀମଣି ପୁଣି ଦେଖିଲା,
ଅଣିମାଦି ସୁଖ ଆଣି ସେ ପୁଂସ ପାଣିରେ ଦେଲା ।" (୪ର୍ଥ ଛାନ୍ଦ)

ଋଷିକୁମାରୀ ଫୁଲ ତୋଳୁ ତୋଳୁ ରାଜକୁମାର ବସିଥିବା ଲତାନିକଟକୁ ଆସିଲେ । ସେଠାରେ ଦୁହେଁ ଦୁହିଁଙ୍କ ଦେଖି ପରସ୍ପର ପ୍ରତି ମୁଗ୍ଧ ହେଲେ । ଦୁର୍ଗାଙ୍କ ଉପଦେଶ ସ୍ମରଣ କରି କୁମାର କୁମାରୀକୁ ଗୂଢ଼ବାଣୀ କହିଲା । କୁମାରୀର ମନ କୁମାରଠାରେ ଲାଗି ରହିବାରୁ ପୂର୍ବପର କାମାତୁର-ଲକ୍ଷଣ ପ୍ରକାଶ ପାଇଲା । ସଖୀମାନେ ଏହା ଜାଣିପାରି ନିଜର ଗୌରବ ରକ୍ଷା ନିମନ୍ତେ ମିଥ୍ୟାରେ ମାତା ଡାକୁଛନ୍ତି ବୋଲି କହି କୁମାରୀଙ୍କୁ ସେଠାରୁ ଘେନିଗଲେ ।
(୫ମ ଛାନ୍ଦ)

ରସଲେଖା ଯିବା ପରେ କୁମାର କଦମ୍ବଗଛ ମୂଳରେ ବସି ବାଳାର ରୂପକୁ ଧ୍ୟାନ କରି ନିଜର ବିରହ ବେଦନା ପ୍ରକାଶ କଲା । ରାଜକୁମାର ଭାବିଲା, "ଯଦି ଶୀଘ୍ର କାଳ ନ କରିବ ସୁମୁହିଁ, ସ୍ୱର୍ଗ ଦୃଷ୍ଟିରେ କଷ୍ଟା ଦିଅନ୍ତା ଗୃହିଁ ?" ଏଣୁ କୁମାରୀକୁ ଜଣାଣ ଲେଖି ପଠାଇବାକୁ ସ୍ଥିର କରି କେତକୀ ପତ୍ର ଉପରେ କଣ୍ଟା ସାହାଯ୍ୟରେ ପଦ୍ୟ ଲେଖିଲା, ଏବଂ ବସିଥିବା ସ୍ଥାନରେ ବ୍ୟାଜରେ ଶୋଇ ମୁଣ୍ଡ ତଳେ ପତ୍ର ରଖିଲା । ସଖୀମାନେ ନୂତନ ପୁରୁଷ, 'ନର ବାନର ଅବା ପୁରୁଷ ରତନ' ଏହା ବୁଝିବା ପାଇଁ ବାହାରିଲେ । ସେମାନେ ପୁରୁଷର ମୁଣ୍ଡତଳୁ ଚିଠିଟି ନେଇ ବାହାରି ଗଲେ । ସଖୀ ଗୁରୁଶୀଳା ପତ୍ରଟି ରସଲେଖାକୁ ଦେଲେ । "ପଢ଼ି ଏମନ୍ତ ପତ୍ରକୁ କାତର, ହେଲା ବେପଥୁ ବିଶେଷ ଥରଥର । ଲଭିବାକୁ ମନ ହେଲା କଳ-

ପର, ବନ୍ଧେ ପୁନଃ ପୁନଃ ଫୁଲଶର ଶର ।" (୭ମ ଛାନ୍ଦ) । ରସଲେଖାର ବିରହ ବେଦନା ଦେଖି ସଖୀମାନେ ସମସ୍ତେ ଏକ ମେଳ ହୋଇ ରସଲେଖା ପତି ଲଭୁ ବୋଲି ହରିହରଙ୍କଠାରେ ପ୍ରାର୍ଥନା କଲେ । (୮ମ ଛାନ୍ଦ) । ବଣୀଅର୍ଦ୍ଧରେ କୁମାର ବିରହଗୀତ ଗାୟନ କଲେ । ଏ ଗାନକୁ ରସଲେଖାର ସଖୀ ଶୁଣି ଆନନ୍ଦିତ ହେଲା ଏବଂ ରସଲେଖାକୁ କହିଲା, "ଧେନ ସେ ଯେଉଁ ସୁନ୍ଦର ତେଜିକ ଗୁଣ ମନ୍ଦିର, ବଡ଼ ପ୍ରୀତିବଶ ମହା ଅନୁରାଗୀ ପୁଣି ନରେନ୍ଦ୍ର କୁମାର ।" କୁମାର ବନରେ ରହି ଦୁଃଖ ପାଉଥିବେ ଭାବି ତାଙ୍କଠାକୁ ସ୍ୱୀକାର ପତ୍ର ଦେବାକୁ ସଖୀମାନେ ସ୍ଥିର କଲେ । (୯ମ ଛାନ୍ଦ)

ପରଦିନ ପ୍ରଭାତରେ ରସଲେଖା ସ୍ୱୀକାର ପତ୍ର ଲେଖି ସଖୀଙ୍କ ହସ୍ତରେ ବନରେ ଥିବା କୁମାର ନିକଟକୁ ପ୍ରେରଣ କଲେ । କୁମାର ପତ୍ର ପାଠ କରି କୁମାରୀର ସ୍ୱୀକାର ଜାଣି ଆନନ୍ଦ ଲାଭ କଲେ । (୧୦ମ ଛାନ୍ଦ) ।

ନାୟିକାର ସଖୀମାନଙ୍କ ଆଗରେ ନାୟକ ସ୍ୱ ଅନୁରାଗପୂର୍ଣ୍ଣ ମନୋଭାବ-ବ୍ୟକ୍ତ କଲେ । ନାରଦ ମୁନି ଆସିଲେ "ଯୋଗ ହେବା ଯୋଗ ହୋଇବ ଦୁହିଙ୍କି" ବୋଲି ସଖୀ କୁମାରଙ୍କୁ କହିଲେ । (୧୧ଶ ଛାନ୍ଦ) । ନାୟକଙ୍କର ଅନୁକୂଳ ଭାବ ଥିବା ସଖୀ ନାୟିକାଙ୍କୁ ଜଣାଇବାରୁ ନାୟିକା ଆନନ୍ଦିତ ହେଲେ । ପୂର୍ବରୁ ନାୟକ ନାରଦ ଋଷିଙ୍କ ଆଗମନ ପ୍ରସଙ୍ଗ ତ ଶୁଣିଥିଲେ । ସେ ବନରେ ଜଣେ କିନ୍ନର ସହିତ ବନ୍ଧୁ ହେଲେ ଏବଂ ସାରାଦିନ ରସିକା ନାୟିକାର ଚିନ୍ତାରେ ରହିଲେ । ସଖୀଙ୍କ ଆଶ୍ୱାସନା କୁମାରର ଆଶାତରୁକୁ ବର୍ଦ୍ଧିତ କଲା । ନାରଦ ରସଲେଖାର ମହାଆରତିକୁ ଜାଣି ସାରି ବିଶ୍ୱକର୍ମାଙ୍କଠାରୁ ତିନିପୁରର ରାଜକୁମାରମାନଙ୍କର ଚିତ୍ରପଟ ଲେଖାଇ ଯୋଗିନୀଙ୍କ ହସ୍ତରେ ରାଜର୍ଷିଙ୍କ ନିକଟକୁ ପ୍ରେରଣ କଲେ । ଯୋଗିନୀ ରସଲେଖାର ପିତାଙ୍କୁ ଚିତ୍ରପଟ ଦେଇ କହିଲେ, "ସୃଷ୍ଟି ଯାକ ଦୃଷ୍ଟି, ରହିଲଟି ପୁଷ୍ଟି, ହୋଇ ତୋ କୁମାରୀ ଉପରେ । ଏଥିରେ, ମନ୍ଦ ଉପୁଜିବ ହେ ଧେନ । ଦେଖାଇ ଏ ପଟ ଯାହାରେ ଲମ୍ପଟ ତାହାରେ କର ପରଦାନ ।" ଯୋଗିନୀ ରସଲେଖାକୁ ଚିତ୍ରପଟରେ ଲେଖା ଥିବା ତିନିପୁରର ଦେବତା, ମନୁଷ୍ୟ ଓ ଅସୁର ପ୍ରଭୃତି

ଶ୍ରେଣୀର ରାଜକୁମାରମାନଙ୍କ ଚିତ୍ରକୁ ଦେଖାଇଲେ । କୁମାରୀ ବିଶ୍ୱଭୂତିର ଚିତ୍ର ଦେଖି ମୁଗ୍ଧ ହେବାରୁ ଯୋଗିନୀ କହିଲେ—"ସୃଷ୍ଟି ଯାକରେ ଦୃଷ୍ଟି କାହିଁ ନ ଦେଲୁ, ଜାଣିଲୁ ଏହିଠାରେ ଭାବ ।" ଯୋଗିନୀଠାରୁ କୁମାରୀର ନିର୍ବାଚନ ଶୁଣି ରାଜର୍ଷି ବିଚାର କଲେ, "ଆଗ କରି ସ୍ୱର ଦସ୍ୱର କରିବି କି କରି ?" ରାଜା ମନରେ ଏପରି ଭାବୁଥିବା ବେଳେ ନାରଦ ଉପସ୍ଥିତ ହୋଇ କହିଲେ, "ତାଙ୍କୁ ଏଠା କରି ଆଣିବ ମନରୁ ସଂଶୟ ବିନାଶ ।" ନାରଦ ବରକୁ ଆଣିଲେ ଏବଂ ପୁରୋହିତ ହୋଇ ବରକନ୍ୟାଙ୍କ ବିବାହ କାର୍ଯ୍ୟ ନିର୍ବାହ କଲେ । (୧୨ଶ ଛାନ୍ଦ)

ସଖୀମାନେ ସନ୍ଧ୍ୟା ପୂର୍ବରୁ ନବବିବାହିତା ରସଲେଖାର ବେଶ ବିନ୍ୟାସ କଲେ । ଦାମ୍ପତ୍ୟ ଲୀଳା । (୧୩ଶ, ୧୪ଶ ଓ ୧୫ଶ ଛାନ୍ଦ) କାନ୍ତାକାନ୍ତ ପ୍ରୀତି ବିଧାନ । "ଏକ ଜୀବନ ଭିନ୍ନ ଦେହ ସେ ଏକ କେନ୍ଦ୍ର ହୋଇବେ ଏକା ଏ । ମନ ହେ, ରସିକେ ।" ବର୍ଷାଋତୁ, ବସନ୍ତ ପ୍ରଭୃତି ଋତୁରେ ଦାମ୍ପତ୍ୟ ଲୀଳା । ଏ ବିଧିରେ ବର୍ଷେ ଶେଷ ହେଲା । "ଦିବସ ନିଶି କେତେବେଳେ ହେଉଛି ଜାଣି ନପାରି ହେଲ, ବିଶେଷେ ସେ, ଦମ୍ପତି" । (୧୬ଶ ଛାନ୍ଦ)

କୁମାର ଗର୍ଭ ଦିନୁ ପିତା ଆରତ ହେଲେ । ଚତୁର୍ଦ୍ଦିଗକୁ ଚର ପଠା-ଇଲେ । ଏପରି ଚତୁର୍ମାସ୍ୟା ହେଲା । ବ୍ରତ ପାଳନ କରିବାକୁ ନିଶାକର ଋଷି ସେ ରାଜ୍ୟକୁ ଆସିଲେ । ରାଜା ତାଙ୍କୁ ଏ ଦୁଃସମ୍ବାଦ କହିବାରୁ ଯୋଗୀ ଧ୍ୟାନରେ ସବୁ ଜାଣିପାରିଲେ । ସେ ଦିନ ନିଶି ଶେଷରେ ରାକ୍ଷସମାନେ କୁମାରକୁ ହରି ଆଣି ରାଜନଗରରେ ଶୁଆଇ ଦେଲେ । ନିଦ୍ରା ଭାଙ୍ଗିବାରୁ କୁମର ସ୍ୱପନଚେତି ପ୍ରିୟାକୁ ମନେ ପକାଇ କାତର ହେଲେ । ପୁତ୍ରକୁ ପାଇ ରାଜା ରାଣୀ ଆନନ୍ଦିତ ହେଲେ । ଏଣେ, ରସଲେଖା ପତିଙ୍କୁ ନ ଦେଖି ବିଳାପ କଲେ । ଦୁହିଁଙ୍କ ବିରହ ବେଦନା (୧୭ଶ ଛାନ୍ଦ) । ରସିକ ନାୟକର ବର୍ଷା ଋତୁରେ ବିରହ ଭାବନା । (୧୮ଶ ଛାନ୍ଦ) ବିରହକାତର ନାୟକ ନବମୁଦିରକୁ ଦେଖି ପ୍ରିୟା ପାଖକୁ ବିନୟ ବାଣୀ ଦେଇ ଦୂତ ହୋଇଯିବା ପାଇଁ ଅନୁରୋଧ କଲେ । ନବଘନ ଦୂତ । (୧୯ଶ ଛାନ୍ଦ) । ନାୟିକାର ବିରହ । କାନ୍ତଠାରୁ

ଚିଠାଉ ଲେଖି ଜଣେ ସନ୍ନ୍ୟାସୀ ହସ୍ତରେ ପଠାଇଲେ; ଦୁଇମାସରେ ଉତ୍ତର ଆଣିବାକୁ ସନ୍ନ୍ୟାସୀ କଷ୍ଟ କଲେ । (୨୦ଶ ଛାନ୍ଦ) ।

ରାଜକୁମାର ବିରହ ବେଦନାରେ ଅତିଶୟ କଷ୍ଟ ଭୋଗ କରିବାରୁ ତାଙ୍କର ମିତ୍ରମାନେ ରାଜାଙ୍କୁ ସବୁ ଘଟଣା ଜଣାଇଲେ । ଦେବୀଙ୍କ ଦ୍ୱାରା ରାଜକୁମାର ଅନ୍ତର୍ଦ୍ଧାନ ହେବା, କନ୍ୟା ଦରଶନ, ନାରଦଙ୍କଦ୍ୱାରା ରସ-ଲେଖାଙ୍କ ସହିତ ଇଶୋଦାସ୍ଥ ବନରେ କୁମାରଙ୍କ ବିବାହ ପ୍ରସଙ୍ଗ କହିଲେ । ନିଶାକର ଋଷିଙ୍କୁ ରାଜା ସବୁ ପ୍ରସଙ୍ଗ ଜଣାଇଲେ । କପିସାଞ୍ଜନ ଋଷି ସିନ୍ଧୁଦେଶ ରାଜା ଜରାସନ୍ଧ ବଂଶୀୟ ବିଦ୍ୟୁନାଥଙ୍କ କନିଷ୍ଠପୁତ୍ର ଥିବା ନିଶାକର ଋଷି କହିବାରୁ ରାଜା ସନ୍ତୋଷ ଲାଭ କଲେ । କୁମାର ପ୍ରସ୍ଥାନକୁ ପତ୍ର ଦେଲେ । ମହାସମାରୋହରେ ଇଶୋଦାସ୍ଥ ବନକୁ ଯାଇ ଋଷିଙ୍କ ସହିତ ଭେଟିଲେ । ଉଭୟେ ଆନନ୍ଦରେ ବନ୍ଦୀ ହେଲେ । ନାୟିକା ନାୟକର ପତ୍ର ପାଠ କରି ସନ୍ତୋଷ ଲାଭ କଲେ । (୨୧ଶ ଛାନ୍ଦ) । ନାୟିକାର ଚିଠାଉ । କନ୍ୟା ଶ୍ୱଶୁର ଗୃହରେ ପ୍ରବେଶ ହେଲେ । କାନ୍ତାକାନ୍ତ ମିଳନ । (୨୨ଶ ଛାନ୍ଦ) ।

କାବ୍ୟ ରଚନାର ସମୟ—'ରସଲେଖା' ଦିବ୍ୟସିଂହ ଗଜପତି ରାଜତ୍ୱର ସପ୍ତବିଂଶତି ଅଙ୍କର ଶେଷ ଦିନ ଅର୍ଥାତ ଖ୍ରୀ: ୧୬୯୦ ଭାଦ୍ରବ ମାସ ଶୁକ୍ଳପକ୍ଷ ଏକାଦଶୀ ଦିନ ଶେଷ ହୋଇଛି । 'କାରଣ ଅଙ୍କ କଟା ଏହି ମାସ ଶୁକ୍ଳ ଦ୍ୱାଦଶୀ ଦିନ ହୁଏ ।

ନାୟିକ ନାୟକା—କବି ରସଲେଖାରେ ନାୟକ ଓ ନାୟିକା ଉଭୟଙ୍କୁ ଉଚ୍ଚକୁଳସମ୍ଭୂତ କରି ଅଛନ୍ତି । ନାୟିକା 'ରସଲେଖା' କପିସାଞ୍ଜ ଋଷିଙ୍କ କନ୍ୟା । କପିସାଞ୍ଜ ସିନ୍ଧୁଦେଶର ରାଜା କଦମ୍ବବଂଶୀୟ ବିଦ୍ୟୁନାଥଙ୍କ କନିଷ୍ଠ ପୁତ୍ର । ଅତଏବ ବର କନ୍ୟାଙ୍କର ସରିସମାନ କୁଳ ହେବାରୁ ଅଳଙ୍କାର ଶାସ୍ତ୍ର ବିରୁଦ୍ଧ ହେଲା ନାହିଁ । ଏହି ଆପତ୍ତି ଖଣ୍ଡନ ନିମିତ୍ତ କବି ନିଶାକର ଋଷିଙ୍କ ମୁଖରେ କପିସାଞ୍ଜଙ୍କ ଚରିତ କୁହାଇ ଅଛନ୍ତି । ଉଭୟଙ୍କୁ ଅପୂର୍ବ ଶୋଭା ସମ୍ପଦରେ ଭୂଷଣ କରି ଶିକ୍ଷା ଦୀକ୍ଷାରେ ସମ୍ଭ୍ରାନ୍ତ କରିଛନ୍ତି ।

**କଥାବସ୍ତୁର ସମୟ**—ସମଗ୍ର କଥାବସ୍ତୁର ସମୟ ବହୁ ବର୍ଷ ବ୍ୟାପି ହେଲେ ମଧ୍ୟ ନାୟକ ନାୟିକାଙ୍କ ଭେଟ, ବିବାହ, ବିରହ ଓ ମିଳନ ଏକ-ବର୍ଷରୁ ଅଳ୍ପ କିଛି ବେଶି । ବସନ୍ତରେ ପ୍ରଥମଭେଟ । ଏକବର୍ଷ ବିତିଗଲା ପରେ ପରବର୍ଷ ବର୍ଷାଋତୁ ପରେ ପୁଣି ମିଳନ ।

ଏହି ବିଧିରେ ଶେଷ ବରଷେ, ଦୁହେଁ ସବୁହିଁ କରି ହରଷେ ।
ଦିବସ ନିଶି କେତେବେଳ ହେଉଛି, ଜାଣି ନପାରି ଖେଳ ବିଶେଷେ,
ସେ । ଦମ୍ପତି । (୧୬ଶ ଛାନ୍ଦ)

କବି ବିବାହର ଅବ୍ୟବହିତ ପରେ ବର୍ଷାଋତୁରେ କେଳି ବର୍ଣ୍ଣନା କରିଛନ୍ତି ଏବଂ ପରବର୍ଷ ବର୍ଷା ଋତୁରେ ବିରହ ବର୍ଣ୍ଣନା କରିଛନ୍ତି ।

**ଦୈବଶକ୍ତି**—କବି କାବ୍ୟ କଥା ପ୍ରବାହକୁ ସୁଗମ କରିବା ପାଇଁ ଦୈବ ଶକ୍ତିର ପ୍ରୟୋଗ କରିଛନ୍ତି । ଦୁର୍ଗା, ନାରଦ, ଯୋଗିନୀ, ଋଷି, ରାକ୍ଷସ ପ୍ରଭୃତିଙ୍କ ଅଲୌକିକ କାର୍ଯ୍ୟକଳାପ ଦ୍ୱାରା ଅଘଟନକୁ ସଘଟନ କରାଇଛନ୍ତି । ଏମାନଙ୍କ ବିନା ନାୟକ ନାୟିକାଙ୍କ ପ୍ରେମକାହାଣୀ ସମ୍ଭବ ହୋଇ ପାରନ୍ତା ନାହିଁ । କବି ଏହି ଅଲୌକିକ ଶକ୍ତିକୁ ତାଙ୍କର କାବ୍ୟମାନଙ୍କରେ କଥାବସ୍ତୁର ଏକ ଅଙ୍ଗରୂପେ ଗ୍ରହଣ କରିଥିବା ଜଣାଯାଏ । ଏମାନଙ୍କ ପ୍ରସଙ୍ଗ ସଂକ୍ଷିପ୍ତ ହେଲେହେଁ, ସମାଧାନ ବା ଅସମ୍ଭବକୁ ସମ୍ଭବ କରିବା ବିଷୟରେ ଏମାନଙ୍କୁ ମାଧ୍ୟମ ରୂପେ ଗ୍ରହଣ କରିଥିବାରୁ କବି ଏମାନଙ୍କ କାର୍ଯ୍ୟାଂଶକୁ ଗୁରୁତ୍ୱ ଦେଇଛନ୍ତି । ତେବେ ଏମାନଙ୍କୁ ତ୍ୟାଗ କରିଥିଲେ କଥାବସ୍ତୁର 'ସ୍ୱର୍ଗୀୟ' ଅଂଶର ସମାଧାନ ସମ୍ଭବ ହୋଇ ପାରି ନଥିଲେ ମଧ୍ୟ କାବ୍ୟଗୌରବର କୌଣସି କ୍ଷତି ଘଟି ନ ଥାଆନ୍ତା ।

**ଋତୁ ବର୍ଣ୍ଣନା ଶୈଳୀ**—ବସନ୍ତ କାଳରେ ନାୟିକାର ସଖୀମାନଙ୍କ ସଙ୍ଗରେ ବନବିହାର ପ୍ରସଙ୍ଗ ଯେପରି ଭାବରେ ବର୍ଣ୍ଣନା କରାଯାଇଛି ସେଥିରୁ କବିଙ୍କ ବସନ୍ତ ଋତୁ ବର୍ଣ୍ଣନାର ଏକ ଶୈଳୀ ନିର୍ଣ୍ଣୟ କରାଯାଇ ପାରିବ । ନାଗେଶ୍ୱର, ପୁଂନାଗ, ମଲ୍ଲୀ, କୁରଅନା ପ୍ରଭୃତି ପୁଷ୍ପ ସମ୍ବନ୍ଧରେ ନାୟିକା

ଓ ସଖୀମାନଙ୍କର ରସପୂର୍ଣ୍ଣ ଉକ୍ତି-ପ୍ରତ୍ୟୁକ୍ତି ଏହି କାବ୍ୟରେ ସଂକ୍ଷେପରେ କବି ବର୍ଣ୍ଣନା କରି ଯେଉଁ ଶୈଳୀର ରୂପ ଦେଇଛନ୍ତି ତାହା କବିଙ୍କ ବୃହତ୍ କାବ୍ୟମାନଙ୍କରେ ବିକାଶ ଲାଭ କରି ଅଧିକତର ରମଣୀୟ ହୋଇଛି । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଓ ଲାବଣ୍ୟବତୀ କାବ୍ୟରେ ବସନ୍ତ-ବନ-ବିହାର ପ୍ରସଙ୍ଗରୁ ଏହା ସ୍ପଷ୍ଟ ରୂପେ ପ୍ରମାଣିତ ।

ବର୍ଷା ଋତୁରେ ବିରହ ବର୍ଣ୍ଣନା ପ୍ରସଙ୍ଗରେ କବିଙ୍କ "ନବଘନ ଦୂତ" (୧୯ଶ ଛାନ୍ଦ) ପ୍ରସଙ୍ଗଟି ଅତି ରମଣୀୟ ହୋଇଛି । ଭାଷା, ଭାବ ଓ ପ୍ରକାଶ ଭଙ୍ଗୀ ଏହାକୁ କାବ୍ୟର ଶ୍ରେଷ୍ଠ ଅଂଶରେ ପରିଣତ କରି ପାରିଛି । ଏହି ଜାତୀୟ ବହୁ ଦୂତ କବିଙ୍କ ବିଭିନ୍ନ କାବ୍ୟରେ ଦୃଷ୍ଟ ହୁଏ; ଏଗୁଡ଼ିକ ଓଡ଼ିଆ ସାହିତ୍ୟରେ ଏକ ଏକ ରତ୍ନ । 'ଦୂତ' ସାହିତ୍ୟ ବା ରଚନା କବିଙ୍କ କାବ୍ୟମାନଙ୍କରେ ଉଚ୍ଚସ୍ଥାନ ଅଧିକାର କରିଛି ଏବଂ ତାହା ଫଳରେ ଓଡ଼ିଆ ସାହିତ୍ୟ ରାଜ୍ୟରେ ମଧ୍ୟ ଏହା ଶୀର୍ଷ ସ୍ଥାନ ଅଧିକାର କରିଛି । ଚଉତିଶାଗୁଡ଼ିକ ମଧ୍ୟ 'ଦୂତ' ପରି ରମଣୀୟ ହୋଇଛି ।

ଋତୁ ବର୍ଣ୍ଣନାରେ ବର୍ଷା ଋତୁର ବର୍ଣ୍ଣନା ଦୀର୍ଘ ହୋଇଛି । ଗ୍ରୀଷ୍ମ, ବସନ୍ତ ପ୍ରଭୃତିର ବର୍ଣ୍ଣନା ଅପେକ୍ଷାକୃତ ଅଳ୍ପ ହୋଇଛି । କବିଙ୍କର ଅନ୍ୟାନ୍ୟ କାବ୍ୟମାନଙ୍କରେ ଦୃଷ୍ଟ ହେଉଥିବା ଋତୁ ବର୍ଣ୍ଣନାର ଭାବ ଓ ଶୈଳୀଠାରୁ ଏହା ପୃଥକ୍ ନୁହେଁ । ତେବେ, ଭାବପ୍ରକାଶର ଚମତ୍କାରିତା ରସିକ-ସାହିତ୍ୟକଙ୍କ ମନରେ ଉଲ୍ଲାସ ଜାତ କରୁଛି ।

ଅଳଙ୍କାର—ବର୍ଣ୍ଣନାରେ ଉପମା ବିଶେଷ ଭାବରେ ସ୍ଥାନ ପାଇଛି । କବି ବର୍ଷା ଋତୁର ଆଗମନରେ ମେଘମାଳାକୁ ଶାର୍ଦ୍ଦୂଳ, ପିଶାଚୀ ଓ ଅନଙ୍ଗ ରାଜା ସହିତ ତୁଳନା କରି ସରଳ ରମଣୀୟ ପଦସମୂହ ସୃଷ୍ଟି କରିଛନ୍ତି ।

ଜଳଦ ଶାର୍ଦ୍ଦୂଳ ପରି ଆସିଲା,
ମୃଗ ଥିଲାରୁ ଚନ୍ଦ୍ରକୁ ଗ୍ରାସିଲା ।
ଅଶେଷ ମୃଗ ବାଳାସକୁ ଦେଖି,
ଗରି ଗିଳିଦେଇ ହୋଇଲା ସୁଖୀ ।
ବାଜସାଜ ଗୁହିଁ,
ରବିମଣ୍ଡଳକୁ ଛାଡ଼ିଲା ନାହିଁ ।୨। (୧୮ଶ ଛାନ୍ଦ)

ବର୍ଷାଋତୁର ପ୍ରଭାବ ବିରହୀ, ବିଦେଶୀ, ବିଟ, ଗଣିକା ପ୍ରଭୃତିଙ୍କ ପକ୍ଷେ କେଡ଼େ କଷ୍ଟଦାୟକ ତାହା କବି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ଏହି ରସକାଳ ଆଗମନରେ ରସିକ ନାୟକ ଆକୁଳ ହୋଇ ପ୍ରିୟାଙ୍କୁ ସ୍ମରଣ କରି ତାହାପ୍ରତି ସମବେଦନା ଜ୍ଞାପନ କରିଛି । ଏ ଦାରୁଣ କାଳରେ ଆଜନ୍ମ କେମନ୍ତ ମୋ ନିମନ୍ତେ କେତେ କଷ୍ଟ ସହୁ ନଥିବ ଓ ଅନୁଭବ ନ ଥିବାରୁ ପ୍ରାଣମିତଣୀ 'ଆହା କି କରିବ' ବୋଲି ସମବେଦନା ପ୍ରକାଶ କରିଛି । ପ୍ରିୟାର ଦୁଃଖରେ ଦୁଃଖିତ ହୋଇଛି; ନିଜ ଦୁଃଖକଥା ସତେ ଯେପରି ସେହି ମୁହୂର୍ତ୍ତରେ ପାଶୋରି ଦେଉଛି । ରସିକ ନାୟକର ମନ ବୟସୋଚିତ ରସପ୍ରସଙ୍ଗରେ କେବଳ ନିମଗ୍ନ ରହିଛି; ସବୁ ଭାବନା, ସବୁ ଗୁଣ ଏଥିରେ ବୋଳା ହୋଇଛି । ଦିନ ଦିନକର 'ଭାବ' ସ୍ମରଣ କରି ନାୟକ ବିକଳ ହେଉଛି ।

ବହୁ ଭାବର ଏକ ଏକ ଭାବ, ଜୀବ ଯିବାଯାଏ ମନୁ ନ ଯିବ ।
ଦିନେ ଦିନେ ଯେ ଭିନ୍ନ ଭିନ୍ନ କରି, ରସ ଆଚରଇ ଜୀବନେଶ୍ୱରୀ ।
ତାହା ହୋଇଲେ ଗୁଣି, ଅଶେଷ ବରଷେ ନୋହିବ ଗଣି । ଇତ୍ୟାଦି ।

ଯମକ—(୧) ଜୟ ମକର କୁଣ୍ଡଳୀ କୁଣ୍ଡଳ କୁଣ୍ଡଳୀ
ଘନସାର ଶ୍ୟାମଘନ ସାର କାନ୍ତି ଝଳ ଯେ । ୧ ।
ଜୟ ତ୍ରିପୁରମୋହନ ତ୍ରିପୁର ଦହନ
ଖଗ ପୁଙ୍ଗବ ବାହନ ପୁଙ୍ଗବ ବାହନ ଯେ । ୨ । ଇତ୍ୟାଦି

୬ଷ୍ଠ ପଦ ପର୍ଯ୍ୟନ୍ତ (ପ୍ରଥମ ଛାନ୍ଦ)

(୨) ପଢ଼ି ଏମନ୍ତ ପତ୍ରକୁ କାତର, ହେଲା ବେପଥୁ ଦଶେଣ ଅର ଅର ।
ଲଭିବାକୁ ମନ ହେଲା ତତପର, ବିନ୍ଦେ ପୁନଃ ପୁନଃ ଫୁଲ ଶର ଶର ।
ଏଣୁ ତନୁ ହୋଇଗଲା ଜରଜର, ଛିଇ କରି ବୋଇଲା ଯେ ହର ହର ।
ଆଗେ ଏଥିକି ବିଧାନ କର କର, ବୋଲି ଧଇଲା ସବୁ ସଖୀଙ୍କର କର ।

(୭ମ ଛାନ୍ଦ)

(୩) ଅଶୋକ ବନରେ ଅଶୋକ ହୋଇଲା
ପୁରୁଷ ସୁଶୀଲା ଗୃହିଁ ।
ମୋତେ ବେଢ଼କର ମୋତେ ବେଢ଼କର
ବୋଲି ସେ ବନସ୍ଥ ହୋଇ । ୧ ।
ତୁ ଯାଅ ଜଣାଅ ସେ ବରବରଣୀ
ବର ନିତମ୍ବିନୀ ପାଶ ।
ହର ପରଶରେ ହର ପରଶରେ
କୁମାର ପାଇଲା କ୍ଳେଶ । ୨ ।
କି ବେଶେ ମିଶାଇ ନେଇ ଶରେ ଦେଲା
କି ବେଶେ ମିଶାଇ ଥିଲା ।
ତରଳ ଶରୀର ଢେକାଲ କୁ ତାଙ୍କୁ
ତରଳ ଶରୀର ହେଲା । ୪ । (୧୧ଶ ଛାନ୍ଦ)

ଅନୁପ୍ରାସ—ପୁରୁଷରତନ ଯତନ ବଚନ ରଚନ ଯେତେ କହିଥିଲା,
ରଜନୀ ରଜନୀକରହାସୀ ପଙ୍କଜାକ୍ଷୀ ଶ୍ରୀମୁଖେ ଜଣାଇଲା ।
ସୁଚତୁରେ, ଉଚିତେ ସମସ୍ତେ ବିସ୍ତର,
ଫୁଲ ଚନ୍ଦନ ନାନାରୂପେ ବନ୍ଦନ ନୃପନନ୍ଦନେ ଆଦର । ୧ ।
(୧୨ଶ ଛାନ୍ଦ)

ଅନ୍ତର୍ଲିପିକା—ନାୟକ ନିକଟକୁ ନାୟିକାର ଏକ ପତ୍ର ।
(୧୦ମ ଛାନ୍ଦ)

ସ୍ୱର—"ନାହିଁ ଗତି ତୁମ୍ଭ ବିନୁ ରଣ (ସ) ଦାଇ (ସ୍ତ୍ରୀ) କାହିଁ"—
(୨ୟ ବର୍ଣ୍ଣ ତଳକୁ ତଳପାଠ)
"କି ରୂପେ କରିବ ତାହା ବେଗକର କର ।"
(୬ଷ୍ଠ ବର୍ଣ୍ଣ ତଳକୁ ତଳ ପାଠ)

ଯନ୍ତ୍ର—ହେ ନା-ଶର କ-ଟଣାର ସୁନ୍ଦର ସୃଷ୍ଟି ରୂପ,
କ ହ୍ର-ନୁହଇ ରୁ-ଘ ସମାନ ସ୍ବପ୍ନସ୍ବପ ଯେ । ୨୨ ।

ଜ ଗ-ତର ପେ-ଶଳ ଚନ୍ଦ୍ରମା ପରି କାନ୍ତି,
ପ ତି-ବଲେ କ-ନକୁ ଲଭିଲା ରସବତୀ ଯେ । ୨୩ ।
ହେ ଗୁ-ହର ଶ-ପୂଣରେ ଦେବାକୁ ହୋଇଲା,
କୃ ମ୍ନ-ସ୍ତନା ବ-ଶକୁ କ ମନ୍ତ୍ର ଭିଆଇଲା ଯେ । ୨୪ । ଇତ୍ୟାଦି
(୧୦ମ ଛାନ୍ଦ)

ଉକ୍ତି-ପ୍ରତ୍ୟୁକ୍ତି—କୁସୁମ କାନନେ ଭ୍ରମନ୍ତି ଉକ୍ତି ପ୍ରତିଉକ୍ତିରେ,
ଋଷି କୁମାରୀ ସହଚରୀମାନେ ପନ୍ଥପନ୍ଥରେ ।
କେ ପଚାରେ ନାଗେଶ୍ୱର ମୁଁ ଆରୋହିବି ସଙ୍ଗାତ,
ନରେନ୍ଦ୍ର ପରି ସିଙ୍ଗି ଥିଲେ ସେ ବୋଇଲା ତ୍ୱରିତ ।
କେ ହସି ଭାଷିଲା ପୁଂନାଗ ମୋହ ଭାଗ ହୋଇଲା,
ଜଣେ କହେ ଦେବବଲ୍ଲଭ ଲଭ ଭାଗ୍ୟ ବଳିଲା ।
ମଲ୍ଲୀ ବୋଲି ନ ବସା ତୁଣ୍ଡେ କେ କାହାକୁ ବୋଲୁଛି,
ସେ ବୋଲଇ ମୋର ମାନସ ସହଚରୀରେ ଅଛି ।
ଏକ କହେ ଆଜ ସନ୍ତୋଷ ହେଲି ମୁକୁନ୍ଦ ଭଜ,
ଆରେକ ବୋଲଇ କ ମନ ହେଲା ମାଧବୀ ତେଜ ।
କୁରୁଅନା ବୋଲି ଦେଖାଇ ଦେଲା କେହୁ କାହାକୁ,
ସୁରଭିକ ବାନ୍ଧ ଅଞ୍ଚଳେ ସେ ବୋଇଲା ତାହାକୁ । (୪ର୍ଥ ଛାନ୍ଦ)

ଏପରି ଜାତି, ନବମାଳିକା, ସୁନାରୀ, ଅଶୋକ, ବକୁଳ ପ୍ରଭୃତି ପୁଷ୍ପ ସମ୍ବନ୍ଧରେ ରସମୟ ଉକ୍ତିପ୍ରତ୍ୟୁକ୍ତି ରହିଛି ।

ସାମାଜିକ ଚିତ୍ର—ପୂର୍ବେ ଋଷିମାନେ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଇଚ୍ଛା କଲେ ରାଜାମାନଙ୍କୁ କନ୍ୟାଦାନ ମାଗୁଥିଲେ । ରାଜାମାନେ ଧନରତ୍ନ ଦେଇ କନ୍ୟା କ୍ରୟ କରି ସେମାନଙ୍କୁ ଦେଉଥିଲେ । ଶାପ ଭୟରେ ନିଜ କନ୍ୟାଙ୍କୁ ମଧ୍ୟ ରାଜାମାନେ ଏମାନଙ୍କୁ ବିବାହ କରାଉଥିଲେ । ନୈମିଷାରଣ୍ୟର ତପସ୍ୱୀ ଋଷି କପିଳାଶ୍ରୁଙ୍କର ସାତଶହପଚିଶ ଶିଷ୍ୟ ତୀର୍ଥାଟନ

ବେଳେ ଗୈଳ ଦେଶସ୍ଥ ରସୋଦାସ୍ୟ ବନର ଅଦ୍‌ଭୁତ ପ୍ରଭାବରୁ ସେଠାରେ ପଦାର୍ପଣ କରିବା ରଷି ବିବାହ କରିବାକୁ ଇଚ୍ଛା କଲେ । ସେମାନେ ସମସ୍ତେ କନ୍ଦର୍ପ ପୀଡ଼ାରେ ପୀଡ଼ିତ ହେଲେ । ଏମାନେ ବହୁ ଦୁଃଖ ଭୋଗ କଲେ ଏବଂ ନାନାବିଧ ଉପାୟରେ କନ୍ୟାଲାଭ କଲେ ।

କପିସାଞ୍ଜ ଋଷିଙ୍କର ସାତଶ ପଞ୍ଚାଶ,
ଶିଷ୍ୟ କରିଥିଲେ ନୈମିଷାରଣ୍ୟରେ ବାସ ଯେ ।
ପୃଥ୍ୱୀ ପର୍ଯ୍ୟଟନ କରି ଏକ ଏକ ଆସି,
ସେ କାନନେ ପଶି ହୋଏ ମାର ଶରେ ତ୍ରାସି ଯେ ।
କେ କାହାର ଗୃହେ ଚତୁର୍ମାସ୍ୟା କରି ରହି,
ଦୁହିତାକୁ ଘେନି ତାର ସେ ବନେ ପଳାଇ ଯେ ।
କେ ସଂଯୋଗୀ ମୁନି ନନ୍ଦନୀଙ୍କି ବରି କଲେ,
ଅଗ୍ନିରେ ଆହୁତି ଦେଇ କେ କନ୍ୟା ଲଭିଲେ ଯେ ।
ଇନ୍ଦ୍ରଙ୍କୁ ମାଗିଣ କେହି ଲଭିଲେ ଅପ୍‌ସରୀ,
ଧନ ଦେଇ କିଣି କେ ଆଣିଲେ ଦିବ୍ୟ ନାରୀ ଯେ ।
କେ ଅପୁତ୍ରିକ ଜନଙ୍କୁ ପୁତ୍ର ଦାନକରି,
ତାହା କୁମାରୀକି ଆଣିଲେ ବିବାହ କରି ହେ ।
ସ୍ୱୟମ୍ବରେ ଦିବ୍ୟରୂପ ଦେଖାଇ କେ ମୋହି,
କେ ରାମା ଆଣିଲେ ମଣି ମନ୍ତ୍ରକୁ ଭିଆଇ ହେ । (୧ମ ଛାନ୍ଦ)

ଏପରି ଭାବରେ, କେ ସତ୍ ଉପାୟ କେ ଅସତ୍ ଉପାୟରେ, କନ୍ୟା ଲାଭ କରି ସେହି ରସୋଦାସ୍ୟ ବନରେ ଗୃହ ନିର୍ମାଣ କରି ରହିଲେ । ଶିଷ୍ୟମାନଙ୍କୁ ନଦେଖି ଗୁରୁ କପିସାଞ୍ଜ ଋଷି ସେମାନଙ୍କୁ ଖୋଜି ଖୋଜି ରସୋଦାସ୍ୟ ବନରେ ପ୍ରବେଶ ହେବାମାତ୍ରେ ସେ ମଧ୍ୟ କନ୍ଦର୍ପ ଜ୍ୱାଳାରେ ତାପିତ ହେଲେ । ଋଷି ଗୈଳ ରାଜାଙ୍କଠାକୁ ଯାଇ କନ୍ୟାଦାନ କରିବାକୁ ଅନୁରୋଧ କଲେ । ରାଜା ସ୍ୱ ଦୁହିତାଙ୍କୁ ଋଷିଙ୍କ ହସ୍ତରେ ଅର୍ପଣ କଲେ । ବିଧି ପୂର୍ବକ ବିବାହ କରି ଋଷିଦମ୍ପତି ସେହି ବନରେ ରହିଲେ ।

ସମାଜରେ ଧନ ଦେଇ କିଣି ଆଣି ଦାସ ଦାସୀଙ୍କୁ ନିଜ ସେବାରେ ରଖିବା ରୀତି ମଧ୍ୟ ପ୍ରଚଳିତ ଥିବା କବି ଜଣାଇଛନ୍ତି । ରସୋଦୟ ବନରେ କପିସଞ୍ଜ ଋଷିଙ୍କର ଭାର୍ଯ୍ୟାଙ୍କ ଗର୍ଭରୁ ନାୟିକା ରସଲେଖାର ଜନ୍ମ । କୁମାରୀର ଲାଳନ ପାଳନ ନିମିତ୍ତ ମୂଲ୍ୟ ଧନ ଦେଇ ଦେଶାନ୍ତରୁ ଅଷ୍ଟସଖୀ କିଣି ଆଣିଲେ । ସେମାନେ ଧାତ୍ରୀ ସ୍ୱରୂପ ରସଲେଖାକୁ ପାଳନ କଲେ । ଦୂର ଦେଶାନ୍ତରୁ କନ୍ୟା କ୍ରୟ କରିଥିବା ପ୍ରସଙ୍ଗରୁ ସୂଚିତ ହେଉଛି ଯେ ସ୍ୱଦେଶରେ ବା ସ୍ୱ ଅଞ୍ଚଳରେ (ଜନବହୁଳ ଅଞ୍ଚଳରେ) ଋଷି ବାସ ନକରି ବନରେ ରହି ଥିବାରୁ ଦେଶାନ୍ତରୁ କନ୍ୟା କ୍ରୟ କରି ଆଣିବାକୁ ବାଧ୍ୟ ହୋଇଥିଲେ । କନ୍ୟା କ୍ରୟ ବିକ୍ରୟ ଓ ସେବା କ୍ରୟ ବିକ୍ରୟ ହେଉଥିବା ରୀତିର ପ୍ରଚଳନ ଏଥିରୁ ସ୍ପଷ୍ଟ ଭାବରେ ସୂଚିତ ହେଉଛି ।

ତାହା ସେବା କରିବାକୁ ମୂଲ୍ୟ ଧନ ଦେଇ ।
କିଣି ଯେ ଆଣିଲେ ଦେଶାନ୍ତରୁ ଅଷ୍ଟସଖୀ ଯେ । × ।
ସମସ୍ତେ ଖେଳନ୍ତି ସଙ୍ଗେ ରମଣୀ ରତନର ।
ଧାତ୍ରୀ ନଉତେ ଲାଳନ ତାହା ଯତନରେ ଯେ । (୧ମ ଛାନ୍ଦ)

ଏପରି ସମାଜର ବହୁ ଗାନ୍ଧମତି ଓ ଶୀଳତା ପ୍ରଭୃତି କାବ୍ୟରେ ସୁଶୋଭନ ଭାବରେ ସୂଚିତ ହୋଇଛି ।

ଅବିବାହିତ ରାଜପୁତ୍ର ଅଲୋକସାମାନ୍ୟ ରୂପବତୀ କନ୍ୟା ପ୍ରତି ଆକୃଷ୍ଟ ହେଲେ କନ୍ୟା ସମସର କୁଳର ନହେଲେ ମଧ୍ୟ ତାହାକୁ ବିବାହ କରିବାକୁ ଇଚ୍ଛା କରୁଥିଲେ । ରାଜକୁମାରଙ୍କ ସଖାମାନଙ୍କ ଭିତରୁ ପୁରୋହିତ ପୁତ୍ର ରାଜକୁମାରଙ୍କ ଇଚ୍ଛା ବିଷୟ ମନ୍ତ୍ରୀଙ୍କୁ ଜଣାଉଥିଲେ ଏବଂ ମନ୍ତ୍ରୀ ପିତା ରାଜାଙ୍କୁ ଓ କନ୍ୟାପକ୍ଷକୁ ସମ୍ମତ କରାଉଥିଲେ । ମନ୍ତ୍ରୀକୁମାରୀ କନ୍ୟା 'କୁଳେ ସମ' ନ ହେଲେ ମଧ୍ୟ ରାଜକୁମାରଙ୍କ ବିବାହ ପାଇଁ ଅନୁପଯୁକ୍ତ ବିବେଚିତ ହେଉ ନ ଥିଲେ । ଉଚ୍ଚକୁଳସମ୍ଭୂତ, ବିଜ୍ଞଲୋକ କେବଳ ମନ୍ତ୍ରୀ ହେଉଥିବାରୁ ଏଥିରେ ଆପତ୍ତି ନଥିବା ସ୍ୱାଭାବିକ । କନ୍ୟା ରାଜ ପରିବାରର ବଧୂସୁଲଭ

ମାନସମ୍ମାନ ଲାଭ କରୁଥିଲେ । 'ସୁବର୍ଣ୍ଣରେଖା' କାବ୍ୟର ନାୟିକା ସୁବର୍ଣ୍ଣରେଖା ମନ୍ତ୍ରୀକନ୍ୟା; ରାଜକୁମାର ତାଙ୍କୁ ସ୍ୱଇଚ୍ଛାରେ ନିର୍ବାଚନ କରିଥିଲେ । ବିବାହ ଦାମ୍ପତ୍ୟ ଜୀବନ ପ୍ରଭୃତି ସାମାଜିକ କାର୍ଯ୍ୟରେ ମନ୍ତ୍ରୀକନ୍ୟା ରାଜକୁମାରୀ-କନ୍ୟା-ସୁଲଭ ବ୍ୟବହାର ପାଉଥିଲେ । 'କୁଳେ ସରି' ନ ହେବା ଭାବନା ଅବଶ୍ୟ ଲୋକଙ୍କ ମନରେ ଥିଲା । ବିଦୂଷକଙ୍କୁ ରାଜକୁମାରଙ୍କ ସଖା ମେଳରେ ସଖା ମାନେ କୁମାରଙ୍କ ଯୋଗ୍ୟ କନ୍ୟା କେଉଁଠାରେ ଅଛି କି ବୋଲି ପ୍ରଶ୍ନ କରିବାରୁ ବିଦୂଷକ କହିଲା—

ସେ କହେ ବହୁତ ଦୂର ନୁହଇ ଆମ୍ଭ ନଗର,
ଅଛି, ନୁହେ କୁଳେ ସରି ମନ୍ତ୍ରୀ କୁମାରୀ ଯେ ।
(ସୁଃ ରେଖା । ୧ମ ଛାନ୍ଦ)

ସାମାଜିକ ରୀତି ନୀତି, ଶିକ୍ଷା, ଶୀଳତା, ସଂସ୍କୃତି ପ୍ରଭୃତି ସମ୍ଭ୍ରାନ୍ତ ପରିବାର ଯୋଗ୍ୟ ହୋଇଛି । କଣା ହୋଇ ଆସିଥିବା ସଖୀମାନଙ୍କ ଛଡ଼ା ଅନ୍ୟ ସାଧାରଣ ଲୋକ-ଚରିତ୍ର ପ୍ରସ୍ଫୁଟିତ ହୋଇନାହିଁ ।

କାର୍ଯ୍ୟ କୁଶଳତା—ପ୍ରଥମ ଦର୍ଶନ ପରେ ନାୟକ ନାୟିକା ପ୍ରତି ଆକୃଷ୍ଟ ହୋଇ ସାରିଥିଲା; କିନ୍ତୁ ହୃଦୟଭାବକୁ ପୂର୍ଣ୍ଣ ଭାବରେ ପ୍ରକାଶ କରିବା ପାଇଁ ସୁଯୋଗ ପାଇ ନଥିଲା । ସ୍ୱ ଅନୁରାଗ, ସୀତ୍କାର ଜଣାଇବା ପାଇଁ ନାୟକ ନୂତନ ପନ୍ଥା ଅବଲମ୍ବନ କରି ଚମତ୍କାର ପ୍ରଭାବ ସୃଷ୍ଟି କରି ପାରିଛନ୍ତି । ନାୟକ ଗୀତ ରଚନା କରି ଅର୍ଦ୍ଧରାତ୍ରରେ ନାୟିକା ଶୁଣିଲାପରି ଗୀତ ଗାନ କରିଛନ୍ତି ଏବଂ ନାୟିକା ଗୀତ ଶୁଣି ରସିକ ନାୟକ ଅନୁରାଗୀ ଥିବା ଜାଣିପାରି ଅତ୍ୟନ୍ତ ଆନନ୍ଦ ଲାଭ କରିଛି । ନିଭୃତ ଅଞ୍ଚଳରୁ ସ୍ୱ ରଚିତ ଗୀତ ଗାନ କରି ଅପରିଚିତ ଯୁବକ ପ୍ରଥମ ଦର୍ଶନ ପରେ ପ୍ରେୟସୀକୁ ସ୍ୱ ଅନୁରାଗ ଜଣାଇବା ପାଇଁ ଯେଉଁ ଉପାୟ ଅବଲମ୍ବନ କରିଛନ୍ତି ତାହା ଭଞ୍ଜ ସାହିତ୍ୟରେ ନୂତନ ଏବଂ ଏହି ପନ୍ଥା ବଡ଼ ରସମୟ ଓ କବିତ୍ୱପୂର୍ଣ୍ଣ ହୋଇଛି ।

**ନାଟକୀୟ ଛଟା** —କବି ସ୍ଥାନେ ସ୍ଥାନେ କୌଶଳପୂର୍ଣ୍ଣ ବ୍ୟବହାରର ବର୍ଣ୍ଣନା ଦେଇ ଘଟଣାକୁ କୌତୁକପୂର୍ଣ୍ଣ ଓ ନାଟକୀୟ ଛଟାରେ ରଞ୍ଜିତ କରି ପାରିଛନ୍ତି । ନାୟକ ନାୟିକାକୁ ପ୍ରଥମେ ଦେଖିବା ପରେ ସଖୀମାନେ ନାୟିକାକୁ ନେଇଗଲେ । ନାୟକ ନିଜ ସ୍ୱୀକାର ଜଣାଇବାକୁ ଅବସର ପାଇଲେ ନାହିଁ । ଏହି କାରଣରୁ ସ୍ୱୀକାର କଥା ଜଣାଇବାକୁ ମନସ୍ଥ କରିଥିଲେ । କି ଉପାୟରେ ଏହା କରିବେ ?

ଯେଣୁ ପାକ ହୋଇନାହିଁ ମୋର ଦୁର୍ଦ୍ଦଶା,
ଜୀବ ତୁଲ୍ୟ ସଖୀ କଲା ଦଇବ ହସା । × ×

ବିସ୍ତରିଲା ବ୍ୟର୍ଥେ ଯାଉଥିଲା ଜୀବନ,
ଜାଣିନାହିଁ ବାଳା ସ୍ୱୀକାର ବିଧାନ ।
ଜାଣି ନଥିବ କିପାଇଁ ନଥିବ ବୋଧ,
ଦୁର୍ଲ୍ଲଭ ପଦାର୍ଥ ଯେଣୁ ପଡ଼ିଛି ବାଧ ।

ଯଦି ସ୍ୱୀକାର ନ କରିବ ସୁମୁଖୀ,
ସରଗ ଦୃଷ୍ଟିରେ କମ୍ପା ଉଅନ୍ତା ସୁହିଁ ।
ଏବେ ମୁଁ ଗ୍ରନ୍ଥକୁ ତାର ଜଣାଣ ଲେଖି
ଅବକାଶ ଜଗି ଦେବି ପକାଇ ଦେଖି ।

ପୁଣି କେତକୀ ଦଳରେ କଣ୍ଟା ସାହାଯ୍ୟରେ ଚିଠି ଲେଖି ଥୋଇଲା । ଏହି ସମୟରେ ନାୟକର ପରିଚୟ ଗୋପନରେ ବୁଝିବା ପାଇଁ ନାୟିକାର ସଖୀ ଲତାକୁଞ୍ଜରେ ଲୁଚି ରହିବାରୁ ନାୟକ ତାହା ଦେଖିପାରି ଏହି ସୁଯୋଗରେ ପତ୍ର ଦେବା ସ୍ଥିରକଲା ।

ପ୍ରୀତି ହୃଦନ୍ତକୁ ଲେଖି ସାରି ତ ଥିଲା,
ସୀମସ୍ଥାନେ ଥୋଇ ତା ବ୍ୟାଜରେ ଶୋଇଲା ।

ଇତ୍ୟାଦି (୬ଷ୍ଠ ଛାନ୍ଦ)

ସଖୀମାନେ ରାଜକୁମାରୀଙ୍କୁ ପ୍ରଥମ ଦର୍ଶନବେଳେ ନାୟକଠାରୁ ଛଳନା କରି ଅନ୍ତର କରିନେବା ପ୍ରସଙ୍ଗଟି ମଧ୍ୟ ସୁନ୍ଦର ହୋଇଛି ।

ପ୍ରିୟସଖୀ ଯେ ଅତ୍ୟନ୍ତ ଚତୁରୀ, ଜାଣିପାରିଲେ ରାମା ପ୍ରେମାତୁରୀ ।
ନିଜ ଗୁରୁତ୍ୱ ରଖିବା ପାଇଁଲେ, ମାତା ହକାରୀ ବୋଲି ଡାକିଲେ ।

ଏପରି ଏକାଧିକ ନାଟକୀୟ ଘଟଣା କାବ୍ୟର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିଛି ।

କବିତ୍ୱପୂର୍ଣ୍ଣ ଚିତ୍ରାବଳୀ—ରସଲେଖାରେ କବି ବହୁ କବିତ୍ୱପୂର୍ଣ୍ଣ ଚିତ୍ରାବଳୀ ପ୍ରଦାନ କରିଛନ୍ତି ଏବଂ ଏହାଦ୍ୱାରା ଏହି କ୍ଷୁଦ୍ର କାବ୍ୟର ଗୌରବ ବହୁ ଗୁଣରେ ବର୍ଦ୍ଧିତ ହୋଇଛି । କବିଙ୍କ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଚମତ୍କାର ଭାବରେ ଯୋଗ୍ୟ ପଦାବଳୀରେ ପ୍ରକାଶ ପାଇଛି; ପାଠକଲେ ମନେ ହେଉଛି, ସତେ ଯେପରି ଆଖି ଆଗରେ ଏ ଦୃଶ୍ୟଟି ରହିଛି ।

(୧) ଉପବନ ବିହାରବେଳେ ନାୟକ କଣ୍ଟାସେବତୀ ଲତା ଅନ୍ତରାଳରେ ଲୁଚି ରହି ନାୟିକାର ଶୋଭା ସନ୍ଦର୍ଶନ କରୁଥିଲେ । ଉଭୟେ ପରସ୍ପର ଅପରିଚିତ ଥିଲେ । ନାୟିକା ହଠାତ୍ ସେହି ଲତା ନିକଟକୁ ପୁଷ୍ପ ତୋଳିବାକୁ ଆସିଲେ ।

ଯାଇଁ କଣ୍ଟା ସେବତୀ ଲତା ତଳେ, ଅଛି ରସିକ ତହିଁ ଆସି ମିଳେ ।
ଫୁଲ ତୋଳନେ ବଢାଇଁ ଶ୍ରୀକର, ପୁଂସେ ପଡ଼ିଲା ନୟନ ତାହାର ।
ଲୋହେ ଚୁମ୍ବକ ପରାୟେ ଜଡ଼ିଲା, ଚାହିଁ ନ ଚାହିଁଲା ପ୍ରାୟେ ରହିଲା ।
ନେତ୍ରପଥେ ମନକୁ ବୋଲି ତାର, ତାର କରିବାକୁ ଗଲା ସୁନ୍ଦର ।

ମୁଖପୋଛି ସେ ବଶ ହେବା ବେଳେ,
ବଙ୍କେ କି କରି ଚାହେଁ ବେଳେ ବେଳେ ।
ନାସାପୁଡ଼ା ଫୁରିଲ ହେଉଥାଇ,
ନେଇ ତର୍ଜନୀ ଚିବୁକେ ଲଗାଇ ।( ୫ମ ଛାନ୍ଦ )

(୨) ନାୟକଙ୍କୁ ଦେଖିବା ପରେ ନାୟିକାର ମନ ତାଠାରେ ଲାଗି ରହିଲା । ସଖୀମାନେ ଏହା ଜାଣିପାରି କୁମାରୀଙ୍କୁ ମାତା ଡାକୁଛନ୍ତି ବୋଲି କହି ସେଠାରୁ ନେଇଗଲେ । ସେତେବେଳେ ନାୟକର ଦୃଶ୍ୟ—

ପ୍ରିୟସଖୀ ଯେ ଅତ୍ୟନ୍ତ ଚତୁରୀ, ଜାଣି ପାରିଲା ରାମା ପ୍ରେମାତୁରୀ ।
ନିଜ ଗୁପ୍ତତା ରଖିବା ପାଇଁଲା, ମାତା ହକାରୁ ବୋଲିଣ ଡାକିଲା ।
ଧାତ୍ରୀ ଆପଣେ ଆସି ଡାକୁଛନ୍ତି, ପୁଣି ସଲଜ୍ଜିତା ହୋଇ ସୁଦନ୍ତୀ ।
ଅଳ୍ପ ସତ୍ତ୍ୱରେ ଲେଉଟି ଗମନ, ଲତାନ୍ତରେ ହେଲା ରାଜନନ୍ଦନ ।
ରଙ୍କ ଆଗରେ ସୁଭୋଜନ ଥିଲା, ତହିଁ ଦଇବ ଧୂଳି ବରଷିଲା ।
ଶିରଚ୍ଛେଦ ହୋଇଲେ ରାହୁ ଯଥା, ସୁଧା ଲୋଭେ ନ ଘେନେ ଶିର ବ୍ୟଥା ।
ସେହି ପ୍ରକାରେ ପାଲଟି ପାଲଟି, କେତେଥର ଚାହିଁଲା ସିଂହକଟୀ ।
ସେ ଚାହିଁବାରୁ ପ୍ରାଣତୁଲ୍ୟ ଆଲୀ, ଏ ଏହାର ଠାକୁର ଚଭେ ଭାଳି । × ×
ତାଙ୍କ ଦୃଷ୍ଟି ଗୋଚରେ ଅଦୃଶ୍ୟହେଲା; ବାଳା ଦଶିବାଯାଏଁ ଚାହୁଁଥିଲା ।

(୫ମ ଛାନ୍ଦ)

(୩) ରସଲେଖାର ଦୁଇସଖୀ ସ୍ତ୍ରୀକାର ପଦ୍ମ ଧରି ନାୟକଙ୍କୁ ଦେବାପାଇଁ ବନକୁ ଗଲେ । ନାୟକ ସ୍ନାନ କରିବାକୁ ସରୋବରକୁ ଯାଇଥିଲା । ସଖୀ ଦୁହେଁ ନ ଜାଣିଲା ପରି ଆଗରୁ ସରୋବର ଭିତରେ ପଶି ପଦ୍ମ ତୋଳୁଥିଲେ ।

ପୁଂସ ଯାଇଅଛୁ ସେହି ଠାବକୁ ସ୍ନାନ ପାଇଁ,
ଆରକ ସଜନୀ ପଛେ ପରବେଶ ଯାଇଁ ଯେ ।
ପଚାରିଲା ତାକୁ "ପଦ୍ମ ତୋଳୁ କିମ୍ପା ତୁହି",
ସେ ବୋଇଲା "ରସଲେଖା ହୋଇଛୁ ବରସା ଯେ ।"
ଦ୍ୱିତୀୟା ବୋଇଲା "ସେ ତହିଁକି ଉପଚାର",
ପ୍ରଥମା "ହୋଇ" ବୋଲିଣ କଲା ସୀତ୍କାର ଯେ ।

ନାଗର ବୋଇଲା ଶୁଣି "ମୋର ସେହି ଦଶା,
ପଦ୍ମକଢ଼ ଯୋଡ଼ଏ ପ୍ରଦାନ କର ଘୋଷା ଯେ ।"
ପ୍ରେମଶୀଳା ଭଣିଲା "ପାରିଲେ ନିଅ ତୋଳି",
"ମୁଁ ପ୍ଲାବନ କରି ନ ଜାଣଇ ପୁଂସ ବୋଲି ଯେ ।
ସୁଶୀଳା ବୋଲେ "ଗୋଟିଏ ଦେଲେ ଦିଅ ସଖୀ,
ବନସ୍ଥରେ ମାଗୁଛୁ ପୁରୁଷ ହୋଇ ଦୁଃଖୀ ଯେ ।"
ସେ ବୋଇଲା "କି କଥା ଗୋ ବୋଲଉଛୁ ଥିଲେ,
କି ବୋଲିବେ ଜନେ ଦେଖି ପୁଂସେ ଫୁଲ ଦେଲେ ଯେ ।"
ସେ ବୋଇଲା "ଏତେବେଳେ କେ ଅଛି ଏଠାରେ,"
ଶୁଣି ଲେଖଥିଲା ପଦ୍ମ ଦେଲା ପୁଂସ କରେ । (୧୦ମ ଛାନ୍ଦ)

ଉକ୍ତି-ପ୍ରତ୍ୟୁକ୍ତିର ରମଣୀୟ ବାକ୍ୟଛଟା ଓ କାର୍ଯ୍ୟସିଦ୍ଧି ନିମନ୍ତେ ବ୍ୟବହୃତ ଅପୂର୍ବ କୌଶଳ, ଗଭୀର ଚିନ୍ତା, ତୀକ୍ଷ୍ଣ ବୁଦ୍ଧି ଓ ଶକ୍ତିଶାଳୀ ଲେଖନୀର ପରିଚୟ ଦେଉଛି । ଭାଷା ମଧ୍ୟ ସରସ ସରଳ ହୋଇଥିବାରୁ ଉକ୍ତି ପ୍ରତ୍ୟୁକ୍ତି ସ୍ୱାଭାବିକ ଓ ଜୀବନ୍ତ ହୋଇଛି । ଏପରି ବହୁ ଦୃଷ୍ଟାନ୍ତ କାବ୍ୟଟିରେ ଅଛି ।

ରସଲେଖାର ଭାବ, ଭାଷା, ପ୍ରକାଶ ଭଙ୍ଗୀ ପ୍ରଭୃତି ଉପେନ୍ଦ୍ର-ଉପଯୁକ୍ତ ହୋଇଛି । ସୁଭଦ୍ରା ହରଣ, ବୈଦେହୀଶ ବିଳାସ, ଲାବଣ୍ୟବତୀ ଓ କୋଟି-ବ୍ରହ୍ମାଣ୍ଡ ସୁନ୍ଦରୀର ଏହା ଏକ କ୍ଷୁଦ୍ର ସଂସ୍କରଣ ପରି ପ୍ରତୀୟମାନ ହେବ ।

## ବୈଦେହୀଶ ବିଳାସ

ବୈଦେହୀଶ ବିଳାସର ରଚନା ସମୟ ଜଣାଯାଇ ନ ଥିଲେହେଁ ରଚନା ସମ୍ପର୍କୀୟ କିମ୍ବଦନ୍ତୀରୁ ଅନୁମାନ ହୁଏ ଯେ, ଧନଞ୍ଜୟ ଭଞ୍ଜଙ୍କ 'ରଘୁନାଥ ବିଳାସ' ପରେ ଏହି କାବ୍ୟଟି ରଚିତ ହୋଇଅଛି । 'ଚିତ୍ରକାବ୍ୟବନ୍ଧୋଦୟ' ଗ୍ରନ୍ଥରେ କବି ବୈଦେହୀଶବିଳାସର ନାମ ଉଲ୍ଲେଖ କରିଥିବାରୁ ଏହା ଚିତ୍ରକାବ୍ୟ ବନ୍ଧୋଦୟ ପୂର୍ବରୁ ରଚିତ ହୋଇଥିବା ସ୍ପଷ୍ଟ ହେଉଛି ।

କାବ୍ୟଟି 'ଦ୍ୱିପଞ୍ଚାଶତ୍' ଅର୍ଥାତ୍ ବାଉନ ଛାନ୍ଦରେ ସମ୍ପୂର୍ଣ୍ଣ ହୋଇଛି । ବାଉନ ପଦର ଆଦ୍ୟରେ 'ବ' ଥିବାରୁ ଛାନ୍ଦ ସଂଖ୍ୟାରେ ମଧ୍ୟ ଏହି ବ-ଅକ୍ଷର ନିୟମ ରକ୍ଷିତ ହୋଇଛି । ଏଥିରେ କବି ସଂଖ୍ୟାର ସଂସ୍କୃତ ନାମ 'ଦ୍ୱିପଞ୍ଚାଶତ୍' ପଦ ପରିବର୍ତ୍ତେ ଓଡ଼ିଆ ନାମ 'ବାନ' ରଖିଛନ୍ତି ।

ବାନ୍ ପଦରେ ଅଦରେ କଲି ଛାନ୍ଦପ୍ରାନ୍ତ,
ବୁଦ୍ଧେ ସରସ କର୍କଶେ ରସାଳ ଏ ସନ୍ତ ଯେ । ୫୨ ।

(୫୨ଶ ଛାନ୍ଦ)

କବି ଛାନ୍ଦମାନଙ୍କର ପଦ ସଂଖ୍ୟାରେ ମଧ୍ୟ ବ-ଅକ୍ଷର ନିୟମ ରକ୍ଷା କରି ଓଡ଼ିଆ ସଂଖ୍ୟାପଦ କେବଳ ବ୍ୟବହାର କରିଛନ୍ତି; ଯଥା—ବତିଶ, ବୟାଳିଶି, ବାନ (ବାବନ, ବାଉନ), ବୟାଣୋଇ (ବୟାନବେ) ଇତ୍ୟାଦି ।

ଏହି କାବ୍ୟଟି ନିଜ କୃତିମାନଙ୍କ ଭିତରେ ଶ୍ରେଷ୍ଠ ଥିବା କବି ସୂଚାଇ ଥିଲାଭଳି ଅନୁମିତ ହୁଏ ।

ବିଚାର ଭକ୍ତିର ମାର୍ଗେ ପ୍ରସରିଲି ବୁଦ୍ଧି
ବିରଚିଲି ରାମାୟଣ ଏ ମୋ ବଡ଼ ସିଦ୍ଧି ଯେ । (୫୨ଛାନ୍ଦ)

କାବ୍ୟଟିର ଭାଷା ସରସ ଓ କର୍କଶ ହୋଇଥିଲେ ମଧ୍ୟ ଏହା ରସାଳ ହୋଇଥିବା କବି ବାଉନ ଛାନ୍ଦର ବାଉନ ପଦରେ ନିଜେ ବ୍ୟକ୍ତ କରିଛନ୍ତି ।

ମହାକବି ଉପେନ୍ଦ୍ର ଭଞ୍ଜ "ବୈଦେହୀଶବିଳାସ" ନାମକ ଏକ ମହା କାବ୍ୟ-ରଚନା ଆରମ୍ଭ କରିବା ପୂର୍ବରୁ ପରଂପରା ରକ୍ଷାକରି ମଙ୍ଗଳାଚରଣରେ ଆଶୀର୍ବାଦ, ନମସ୍କାର ଓ ବସ୍ତୁ ନିର୍ଦ୍ଦେଶ କରିଅଛନ୍ତି । ଏହି ପ୍ରକାର ମଙ୍ଗଳା-ଚରଣ ତାଙ୍କର ଅନ୍ୟାନ୍ୟ କାବ୍ୟମାନଙ୍କରେ ମଧ୍ୟ ପରିଲକ୍ଷିତ ହୁଏ ।

ମହାକବି ପ୍ରଥମେ ବିଷ୍ଣୁ ଓ ପରେ ସୂର୍ଯ୍ୟଙ୍କୁ ନମସ୍କାର କରିଛନ୍ତି । ରାମଚନ୍ଦ୍ର ସ୍ୱୟଂ ବିଷ୍ଣୁ । ତାଙ୍କର ଲୀଳା ପ୍ରସଙ୍ଗ ମହାକାବ୍ୟର ବିଷୟବସ୍ତୁ ଥିବାରୁ ବିଷ୍ଣୁଙ୍କୁ ସ୍ତୁତି କରିବା ସଙ୍ଗତ ହୋଇଛି । ପୁଣି ରାମଚନ୍ଦ୍ର ପବିତ୍ର ସୂର୍ଯ୍ୟବଂଶରେ ଜନ୍ମଗ୍ରହଣ କରିଥିବାରୁ ଆଦିପୁରୁଷ ସୂର୍ଯ୍ୟଦେବଙ୍କୁ ମଧ୍ୟ ସ୍ତୁତି କରିଛନ୍ତି ।

ବିଷ୍ଟରିଶ୍ରବା ବ୍ରହ୍ମାଣ୍ଡେଶ୍ୱର ପରମପଦ ଭଜନ୍ତି ନର
ଲଭେ ଏ ଯେଣେ ଗ୍ରନ୍ଥ ଆଦ୍ୟର, ସ୍ତବିତ ତାଙ୍କୁ ଯେ ।
ବଂଶ ଯାହାର ଠାରୁ ଉତ୍ପତ୍ତି କବି ବିଗ୍ରହରେ ସେ ଦେବେ ସ୍ତୁତି
ବିଧାନ କରି ଅତି ସୁମତି, ଆଣ ମନକୁ ଯେ ।୩ ।
( ୧ମ ଛାନ୍ଦ )

କବିଙ୍କ ଏ ଉକ୍ତିର ଯୌକ୍ତିକତା ରହିଛି, ସଙ୍ଗତି ଜ୍ଞାନରୁ ଏହି ସ୍ତୁତିପ୍ରସଙ୍ଗ ଅନାବଶ୍ୟକ ବା ଅତିରିକ୍ତ ବୋଧ ହେଉନାହିଁ ।

ଉପେନ୍ଦ୍ର ଭଞ୍ଜ ରାମତାରକ ମନ୍ତ୍ର ଜପ କରି ସିଦ୍ଧି ଲାଭ କରିବାରୁ ତାଙ୍କର କବିତ୍ୱ ସ୍ଫୂର୍ତ୍ତି ହୋଇଥିବା ବିଷୟ ସେ ଏକାଧିକ ଗ୍ରନ୍ଥରେ ସୂଚନା ଦେଇଛନ୍ତି । ଯାହାଙ୍କ କୃପାବଳରେ ସେ ଏହି ଶକ୍ତି ଓ ଗୌରବ ଲାଭକଲେ ତାଙ୍କର ମହନୀୟ ଚରିତ ବର୍ଣ୍ଣନା କରି ଗୀତ ରଚନା କରିବା ଲାଳସା ତାଙ୍କର ମନରେ ଜାଗ୍ରତ ହେବା ସ୍ୱାଭାବିକ । କବିତ୍ୱ ପ୍ରାପ୍ତିର ପ୍ରତିଦାନ ସ୍ୱରୂପ ଏ ରଚନା ମଧ୍ୟ ସ୍ୱାଭାବିକ ଧର୍ମଦୃଷ୍ଟିରେ ସମର୍ଥନୀୟ । ରାମଚନ୍ଦ୍ରଙ୍କ ପୂଜା ଆରାଧନା ଓ ମହିମାଗାନ ପାଇଁ ଅନୁପମ କାରୁକାର୍ଯ୍ୟ ବିଶିଷ୍ଟ ଏହି ବର୍ଣ୍ଣ-ମନ୍ଦିରଟି ଯେ ସ୍ୱକୀୟ ପ୍ରଭାବଳରେ ଜଗତକୁ ବିମୋହିତ କରୁଛି ଏଥିରେ ସନ୍ଦେହ ନାହିଁ । ମହାକବି ବିଷୟବସ୍ତୁ ନିର୍ବାଚନର ସାର୍ଥକତା ସମ୍ବନ୍ଧରେ ମଧ୍ୟ ବ୍ୟକ୍ତ କରିଛନ୍ତି—

× × ବଳାଇ ଚିତ୍ତ ଅନବରତ ଭାଗ୍ୟେ ଗ୍ରହଣ ତାରକାମନ୍ତ୍ର
ସୀତା ଶ୍ରୀରାମ ଚରିତ ଗୀତ, କୃତେ ଲାଳସ ଯେ । ୩ । (୧ମ ଛାନ୍ଦ)

ରାମ ସୀତାଙ୍କ ଚରିତ ପୂର୍ବରୁ ମହାକାବ୍ୟ, ପୁରାଣ, ନାଟକ, କାବ୍ୟ, ଚମ୍ପୂ ଓ ଗୀତ ପ୍ରଭୃତିର ମାଧ୍ୟମରେ ରଚନା କରି କବିମାନେ ଯଶ ରଖି ଯାଇଛନ୍ତି । ଆଦିକବି ବାଲ୍ମୀକିଙ୍କ ରାମାୟଣ ମହାକାବ୍ୟ, ବ୍ୟାସଦେବଙ୍କ ଅଧ୍ୟାତ୍ମ ରାମାୟଣ, ହନୁମାନଙ୍କ ମହାନାଟକ, କାଳିଦାସଙ୍କ ରଘୁବଂଶ, ଭୋଜ-ରାଜଙ୍କ ଚମ୍ପୂ, ବଳରାମ ଦାସଙ୍କ ରାମାୟଣ ପ୍ରଭୃତିରେ ଏହି ଚରିତ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି । କବି ଉପେନ୍ଦ୍ର ଏମାନଙ୍କ ସହିତ ନିଜକୁ ତୁଳନା କରି ନିଜେ ଏ କ୍ଷେତ୍ରରେ ଅତି କ୍ଷୁଦ୍ର ଥିବା ବ୍ୟକ୍ତ କରି ସ୍ୱକୀୟ ନମ୍ରତାହିଁ ପ୍ରକାଶ କରିଛନ୍ତି; ଏହା ପାରଂପରିକ-ରୀତି-ଅନୁମୋଦିତ ମଧ୍ୟ । ପୂର୍ବରୁ ମହାତ୍ମା ଓ ମହାକବିମାନେ ଏ ଚରିତକୁ ଅବଲମ୍ବନ କରି ଗ୍ରନ୍ଥ ରଚନା କରିଥିବାରୁ କବିଙ୍କ ମନରେ ମହାକାବ୍ୟ-ଉପଯୋଗୀ ବିଷୟବସ୍ତୁର ଗୌରବ ସମ୍ବନ୍ଧରେ କିଛି ସନ୍ଦେହ ରହିନାହିଁ । ତେବେ ନିଜର ଏ ପ୍ରଚେଷ୍ଟା ପୂର୍ବ କୃତି-ମାନଙ୍କ ସହିତ ସମଆସନ ଲାଭ କରିବା ସମ୍ଭାବନା ନଥିବା ସୂଚନା ଦେଇ ରାତ୍ରିରେ ଉଜ୍ଜ୍ୱଳତାରକାଗଣ ଆକାଶରେ ଦେଦୀପ୍ୟମାନ ହେଉଥିଲାବେଳେ ଜ୍ୟୋତିରିଙ୍ଗଣ (ଜୁଳୁକୁଳା ପୋକ) ମାନେ ନିଜର କ୍ଷୁଦ୍ର ଜ୍ୟୋତିକ ପ୍ରକାଶ କରି ଥାଆନ୍ତି ବୋଲି କବି ନିଜର ଭାବନା ବ୍ୟକ୍ତ କରି ସ୍ୱନମ୍ରତା କେବଳ ବ୍ୟକ୍ତ କରିଛନ୍ତି ।

ବିବେକହିଁ ହୃଦୟ ଏମନ୍ତ ଧ୍ୟାୟି ଯେ, ବ୍ୟୋମେ ତାରକା ଯେବେ
ଝଲକୁ ଥାଇ ଯେ । ବିଭାବରୀରେ ଜ୍ୟୋତିରିଙ୍ଗଣ, ଜ୍ୟୋତିକ ଦେଖାନ୍ତି ପୁଣ,
ସୁଜନେ ସାବଧାନରେ ଶୁଣ, ଛାନ୍ଦ ରଚଇ ଯେ । ୪ । (୧ମ ଛାନ୍ଦ)

ଏ 'ଜ୍ୟୋତିରିଙ୍ଗଣ' ଯେ ତାରକା ତୁଲ୍ୟ ଝଲକୁଛି ଏଥିରେ ସନ୍ଦେହର ଅବକାଶ ନାହିଁ ।

ରାମଭକ୍ତ ଉପେନ୍ଦ୍ର—ଉପେନ୍ଦ୍ର ଭଞ୍ଜ ସ୍ୱଗ୍ରନ୍ଥମାନଙ୍କରେ ନିଜେ ରାମଭକ୍ତ ଥିବା ବ୍ୟକ୍ତ କରିଛନ୍ତି । ଏହା ତାଙ୍କର କୁଳଧର୍ମାନୁମୋଦିତ ହୋଇ-

ଥିବାର ଜଣାଯାଏ । ଭଞ୍ଜବଂଶ ନରପତିମାନେ ସ୍ୱାମୀ ରାମାନୁଜାଚାର୍ଯ୍ୟଙ୍କ ପ୍ରତିଷ୍ଠିତ ଶ୍ରୀବୈଷ୍ଣବ ସମ୍ପ୍ରଦାୟର ଗୁରୁଙ୍କଠାରୁ ମନ୍ତ୍ର ନିଅନ୍ତି । ଉପେନ୍ଦ୍ରଙ୍କ ପରବର୍ତ୍ତୀ ସମୟର କୃଷ୍ଣ, ବିକ୍ରମ, ଶ୍ରୀକର ଓ ଧନଞ୍ଜୟ ପ୍ରଭୃତି ରାଜାମାନେ ଶ୍ରୀ ବୈଷ୍ଣବ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ଥିଲେ । ଶ୍ରୀରାମ ଉପାସନା ସେଥିଯୋଗୁଁ ଘୁମୁସରରେ ବିଶେଷ ଭାବରେ ପ୍ରସାର ଲାଭ କରିଛି । ଶ୍ରୀରାମଙ୍କ ଉପାସନା ପାଇଁ ଘୁମୁସର ଜମିଦାରୀରେ ବହୁ ଦେବମନ୍ଦିର ନିର୍ମାଣ ଓ ସମ୍ପତ୍ତି ଦତ୍ତ ହୋଇଥିବା ଏହାର ଏକ ପ୍ରମାଣ । ଏ ବଂଶର ରାଜାମାନେ ଶ୍ରୀ ବୈଷ୍ଣବ ପନ୍ଥୀ ଥିଲେ ମଧ୍ୟ ଅନ୍ୟ ବୈଷ୍ଣବ ସମ୍ପ୍ରଦାୟ କିମ୍ବା ଅନ୍ୟ ସମ୍ପ୍ରଦାୟ; ଯଥା—ଶୈବ, ଶାକ୍ତ, ଗାଣପାତ୍ୟ ପ୍ରତି ଅବହେଳା ପ୍ରଦର୍ଶନ କରି ନାହାନ୍ତି । ନିଜେ ଉପେନ୍ଦ୍ର ଭଞ୍ଜ ମୁଖ୍ୟତଃ ଶ୍ରୀରାମ ଭକ୍ତ ଥିଲେ ମଧ୍ୟ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ସ୍ୱୟଂ ବିଷ୍ଣୁ ରୂପେ ଗ୍ରହଣ କରି ରାମ କୃଷ୍ଣ ଓ ଅନ୍ୟାନ୍ୟ ବିଷ୍ଣୁ ଅବତାର ସମ୍ପର୍କରେ ସମଦର୍ଶୀ ଥିଲେ । ବୈଦେହୀଶ ବିଳାସରେ ବିଷ୍ଣୁଙ୍କର ଅବତାର ରାମଚନ୍ଦ୍ରଙ୍କ ଲୀଳା ବର୍ଣ୍ଣିତ ହୋଇଥିବାରୁ ତାହା ତାଙ୍କର ସ୍ତୁତିଗାନ ସ୍ୱରୂପ ହୋଇଥିଲେ ମଧ୍ୟ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ସେ ପ୍ରଥମ ଛାନ୍ଦର ଶେଷରେ ପ୍ରାର୍ଥନା କରି ଭଣିତା କରିଛନ୍ତି । ଜଗନ୍ନାଥଙ୍କୁ ଅବତାରୀ-ରୂପେ ଦେଖିଥିବାରୁ ଏହି ସମଦର୍ଶିତା ସମ୍ଭବ ଥିଲା ।

× × ବିରଚି ବୀରବର ଉପେନ୍ଦ୍ର ଭଞ୍ଜ ସ୍ୱଚ୍ଛନ୍ଦେ
ବିଚିତ୍ର ଛାନ୍ଦ ଚଉ ନିଷ୍ଟିନ୍ତ ନୀଳାଦ୍ରିଚନ୍ଦ୍ର ଧ୍ୟାନ ସଫଳ ଯେ ।
(୧ମ ଛାନ୍ଦ)

ଏହି ଛାନ୍ଦର ପ୍ରଥମ ପଦରେ ମଧ୍ୟ ନୀଳଗିରି ବିହାରୀ ପୁରୁଷୋତ୍ତମ ରୂପରେ ବିଷ୍ଣୁ ଅବସ୍ଥାନ କରୁଥିବା ବ୍ୟକ୍ତ କରିଛନ୍ତି ।

କବିମାନେ ଯେଉଁ ଯେଉଁ ଦେବ ଦେବୀ ସମ୍ପର୍କରେ ରଚନା କରନ୍ତି ସେହି ସେହି ଦେବ ଦେବୀମାନଙ୍କର ମାହାତ୍ମ୍ୟ ପ୍ରକଟିତ କରିବା ପାଇଁ ସେମାନଙ୍କର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥାଆନ୍ତି । ଏଥିରେ ବେଳେ ବେଳେ

ଉତ୍କଟ ସାମ୍ପ୍ରଦାୟିକ ମନୋବୃତ୍ତିର ପରିଚୟ ପ୍ରକାଶ ପାଇବା ସଙ୍ଗେ ଅନ୍ୟ-ମାନଙ୍କ ପ୍ରତି ଅନାଦର ବା ହତାଦର ମଧ୍ୟ ଦେଖାଯାଏ । ଶୈବ ଓ ବୈଷ୍ଣବ ପନ୍ଥାର କେତେକ ଉଗ୍ରପନ୍ଥୀ ଏପରି ମନୋଭାବ ପ୍ରକାଶ କରିଥିଲେ ମଧ୍ୟ ପ୍ରକୃତରେ ଉପାସନା ଓ ଦେବଦର୍ଶନରେ ଏହି ମଳିନତା ପ୍ରକାଶ କରି-ନାହାନ୍ତି । ଭାରତର ବିଖ୍ୟାତ ସାମ୍ପ୍ରଦାୟିକ ପ୍ରଚାରକମାନେ ସ୍ୱ ସ୍ୱ ମତର ପ୍ରଚାର କରିବା ସଙ୍ଗେ ସଙ୍ଗେ ଅନ୍ୟ ଦେବ ଦେବୀଙ୍କ ପ୍ରତି ମଧ୍ୟ ସମ୍ମାନ ପ୍ରକାଶ କରିଛନ୍ତି । ଶଙ୍କର, ରାମାନୁଜ, ଚୈତନ୍ୟ ପ୍ରଭୃତି ସାମ୍ପ୍ରଦାୟିକ ମତବାଦ ପ୍ରଚାରକମାନେ ସ୍ୱ ସ୍ୱ ମତ ସମନ୍ୱିତ ଉପାସ୍ୟ ଦେବ ଦେବୀ ବ୍ୟତୀତ ଅନ୍ୟ ଦେବ ଦେବୀଙ୍କ ଉପାସନା କରି ଭକ୍ତି ପ୍ରଦର୍ଶନ କରି ଅଛନ୍ତି । ଉତ୍କଳରେ ବହୁକାଳରୁ ଏହି ପରଂପରା ରହି ଆସିଥିବାରୁ ଉତ୍କଳର ବିଶିଷ୍ଟ ରାଜବଂଶର ରାଜା, ରାଜପୁରୁଷ ଓ କଳାକାରମାନେ ଉପାସନାରେ ସମଦର୍ଶିତା ଦେଖାଇ-ଆସିଛନ୍ତି । ଉପେନ୍ଦ୍ର ଭଞ୍ଜ ମଧ୍ୟ ଏହି ପଥର ପଥିକ ।

ରାମାୟଣରେ ବିଷ୍ଣୁଙ୍କ ଅବତାର ରାମଙ୍କର ଲୀଳା ବର୍ଣ୍ଣନା ମୁଖ୍ୟ ବିଷୟବସ୍ତୁ ଥିବାରୁ ସେଥିର ଗ୍ରନ୍ଥକାରଗଣ ବିଷ୍ଣୁଙ୍କୁ ଅନ୍ୟ ଦେବ ଦେବୀ-ମାନଙ୍କଠାରୁ ଶ୍ରେଷ୍ଠ ବୋଲି ପ୍ରତିପାଦନ କରିଥାନ୍ତି । ବିଶ୍ୱବ୍ରହ୍ମାଣ୍ଡର ସର୍ବୋଚ୍ଚ-ତ୍ରି ଦେବତା ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଭିତରେ ବିଷ୍ଣୁହିଁ ଶୀର୍ଷସ୍ଥାନ ଅଧିକାର କରିଥିବା ଏହି ଗ୍ରନ୍ଥଗୁଡ଼ିକରେ ପ୍ରତିପାଦିତ ହୁଏ । ବୈଦେହୀଶ-ବିଳାସରେ ଉପେନ୍ଦ୍ର ବିଷ୍ଣୁ ଅବତାର ରାମଚନ୍ଦ୍ରଙ୍କର ଲୀଳା ବର୍ଣ୍ଣନା କରି-ଥିବାରୁ ଏବଂ ବିଷୟ ବସ୍ତୁରେ ରାମାୟଣକୁ ବହୁ ଅଂଶରେ ଗ୍ରହଣ କରିଥିବାରୁ ବିଷ୍ଣୁଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦନ ପରିସ୍ଥିତିରକ୍ଷା ଦୃଷ୍ଟିରୁ ସଙ୍ଗତ ହୋଇଛି ।

ରାବଣ ଓ କୁମ୍ଭକର୍ଣ୍ଣଙ୍କର ତପସ୍ୟାରେ ସନ୍ତୁଷ୍ଟ ହୋଇ ବ୍ରହ୍ମା ଯେଉଁ-ବର ଦେଇଥିଲେ ତାହାର ବଳରେ ବଳୀ ହୋଇ ସେମାନେ ତ୍ରିପୁରରେ ଅକଥନୀୟ ଅତ୍ୟାଚାର ଚଳାଇଲେ । ବ୍ରହ୍ମା କିମ୍ବା ମହେଶ୍ୱର ଏହାର ପ୍ରତିକାର କରି ପାରିଲେ ନାହିଁ । ଶେଷରେ ବ୍ରହ୍ମାଦି ଦେବତାମାନେ ବିଷ୍ଣୁଙ୍କ

ଛଡ଼ା ଆଉ କେହି ଏହି ଅତ୍ୟାଚାରରୁ ତ୍ରିପୁରକୁ ରକ୍ଷା କରିପାରିବେ ନାହିଁ ବୋଲି ଜାଣି ବିଷ୍ଣୁଙ୍କଠାରେହିଁ ଶରଣ ପଶିଥିଲେ । ବିଷ୍ଣୁ ସାମନ୍ତ ସ୍ୱରୂପ ବ୍ରହ୍ମାଙ୍କୁ ବରଦାନ ଦେଲେ ହିତାହିତ ଜ୍ଞାନବିବର୍ଜିତ ହୋଇଥିବା ସୁରୁଇ ତିରସ୍କାର କରିଥିଲେ । ରାବଣ ଓ କୁମ୍ଭକର୍ଣ୍ଣର ଅତ୍ୟାଚାର ସହ୍ୟ ନ କରିପାରି ବ୍ରହ୍ମା, ମହେଶ୍ୱର ଓ ଦେବତାମାନେ ବିଷ୍ଣୁଙ୍କ ଶଯ୍ୟନନ୍ଦକେତନ କ୍ଷୀରସାଗରକୁ ଯାଇ ବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ ।

ବିଦୁଷ ! ଦୂଷଣବିବର୍ଜିତ ଗୀତେ ରସ,
  ବିଷ୍ଣୁ ଚରିତ ତୁରିତ କରିବ ହରଷ ଯେ ।
ବାମଦେବ ଦେବରାଜ ଗୁରୁ ସଙ୍ଗତିରେ,
  ତମନେ ସୁମନେ ଗଲେ କ୍ଷୀରସିନ୍ଧୁ ତୀରେ ।
ବ୍ରହ୍ମାଣ୍ଡ କ୍ଷୋଭିତେ ଖ୍ୟାତେ ବ୍ରହ୍ମା ପ୍ରମୁଖରେ,
  ବିଶ୍ୱମ୍ଭର ଭରସାରେ ସ୍ତୁତିକଲେ ଖରେ ଯେ ।

ଏମାନଙ୍କ ସ୍ତୁତିରେ ବିଷ୍ଣୁ ସନ୍ତୁଷ୍ଟହୋଇ ଗରୁଡ଼ ଉପରେ ବସି ଦେବତାଙ୍କ ନିକଟକୁ ଆସିଲେ । ସେତେବେଳେ ସେ ବ୍ରହ୍ମାଙ୍କୁ ତିରସ୍କାର ଛଳରେ କହିଥିଲେ—

ବୋଇଲେ ପ୍ରବର ବର ଦିଅ କାହିଁପାଇଁ
ଦେଖିରେ ତ୍ରିପୁର ଖର ଦୈତ୍ୟେ ଜାଣନାହିଁ ହେ । ୧୩ ।

ବୋଇଲ ଯେ ପୂର୍ବ ପୂର୍ବେ ଦେବେ ବଳ ସାର
ବିନାଶରେ କୀନାଶ ପ୍ରକାର ସଂସାର ଯେ । ୧୪ ।

(୨ୟ ଛାନ୍ଦ)

"ରାବଣ ପୂର୍ବର ରାକ୍ଷସମାନଙ୍କଠାରୁ ବଳିଷ୍ଠ ଓ ଯମଙ୍କ ଭଳି ସଂସାର ବିନାଶ କରୁଥିବା ବ୍ୟକ୍ତି କରୁଛ । ଦୈତ୍ୟମାନେ ତ୍ରିପୁରର ଖର ବୋଲି ଜାଣ ନାହଁ କି ? ଏହା ସତ୍ତ୍ୱେ ତୁମ୍ଭେ କାହିଁକି ଏମାନଙ୍କୁ ଏଡ଼େ ପ୍ରତାପୀ ବର ଦେଲ ?"

ପରେ ବୃଷଭାସନ ମହେଶ୍ୱର ଉଚ୍ଚ ସ୍ୱରରେ ପ୍ରାର୍ଥନା କରି ରାମାବତାର ଗ୍ରହଣ କରିବା ପାଇଁ ବିଷ୍ଣୁଙ୍କୁ କହିଲେ । ବିଷ୍ଣୁ ସନ୍ତୁଷ୍ଟ ହୋଇ ତାଙ୍କର ପ୍ରାର୍ଥନା ଅନୁସାରେ ରାମ ରୂପରେ ପୃଥିବୀରେ ଅବତୀର୍ଣ୍ଣ ହେଲେ ।

ଶିବଙ୍କ ପ୍ରାର୍ଥନାରେ ବିଷ୍ଣୁ ସନ୍ତୁଷ୍ଟ ହେବା ପ୍ରସଙ୍ଗରୁ ଶିବଙ୍କଠାରୁ ବିଷ୍ଣୁଙ୍କ ସ୍ଥାନ ଉଚ୍ଚତର ଥିବାହିଁ ସୂଚିତ ହେଉଛି ।

ପୁଣି—   ବୁଧଜନକ ଶିରଭୂଷଣ ଯେହି ଯେ
        ବିନୟରୁ ଯେ ଆନ ବାଣୀ ନ କହି ଯେ । ୨ । (୧ମ ଛାନ୍ଦ)

ଅର୍ଥାତ୍—ବୁଧଜନକ ବା ଚନ୍ଦ୍ର ଯାହାର ଶିରୋଭୂଷଣ ଏବଂ ଭୂତ ଯେ ଶିବ ସେ ଯାହାଙ୍କ (ବିଷ୍ଣୁଙ୍କ) ସହିତ ବିନୀତଭାବରେ କଥାବାର୍ତ୍ତା କରନ୍ତି ସେହି ବିଷ୍ଣୁଙ୍କୁ ମୁଁ ସ୍ତୁତି କରୁଛି ।

ଶୈବ ଓ ବୈଷ୍ଣବ ଉଭୟ ସମ୍ପ୍ରଦାୟ ହିନ୍ଦୁ ସମାଜରେ ଅନ୍ୟମାନଙ୍କ ତୁଳନାରେ ବିଶେଷ ସ୍ଥାନ ଅଧିକାର କରିଥିବାରୁ 'ନୂତନ ତପୀମାନଙ୍କୁ' ଦେଖିଲେ ସାଧାରଣରେ 'ପୁରାତନ ତପିମାନେ' ପରିଚୟ ଜାଣିବା ପାଇଁ 'କି ମନ୍ତ୍ର ଜପ କର ? କେଉଁଠାରେ ମଠ ? ବିଷ୍ଣୁଙ୍କୁ ନା ଶିବଙ୍କୁ ମାନ ?' ଇତ୍ୟାଦି ପ୍ରଶ୍ନ କରିଥାନ୍ତି । ଜରତାଦି ବେଶ୍ୟାମାନଙ୍କୁ ବନରେ ଦେଖି ସେମାନଙ୍କୁ 'ତପୀ' ବୋଲି ମନେକରି ଋଷିକୁମାର ଋଷ୍ୟଶୃଙ୍ଗ ସେମାନଙ୍କୁ ଆସନରେ ବସାଇ ଏହିପରି ପଚାରିଥିଲେ—

ବସାଇ ଆସନେ ପୁଚ୍ଛନ୍ତି କାହିଁ ତପୀଗଣ,
        ବସ ମଠ କରି କହ ମଠ ନକରଣ ହେ । ୨୩ ।
ବଖାଣ କି କି ମନ୍ତ୍ରକୁ ଜପ କରି ଜାଣ
        ବିଷ୍ଣୁ ଶିବ ସେବା କାହା ଭାବରେ ନିପୁଣ ହେ ।
                (୪ର୍ଥ ଛାନ୍ଦ)

ମହାକବି ଉପେନ୍ଦ୍ର ଭଞ୍ଜ ମହାକବିମାନଙ୍କର ରୀତି ଅନୁସରଣ କରି ପ୍ରଥମେ (ଗ୍ରନ୍ଥ ଆରମ୍ଭ କରିବା ପୂର୍ବରୁ) ଯେପରି ଛନ୍ଦର ରଚନା ନିର୍ବିଘ୍ନରେ ଶେଷ ହୁଏ ସେଥିନିମନ୍ତେ ଭଗବାନ ପୁରୁଷୋତ୍ତମରୂପୀ ନାରାୟଣଙ୍କୁ ସ୍ତୁତିକରି ତାଙ୍କର ଆଶୀର୍ବାଦ ଭିକ୍ଷା କରିଛନ୍ତି । ଉତ୍କଳନାଥ ଜଗନ୍ନାଥଙ୍କୁ ପ୍ରଥମେ ନମସ୍କାର କରି ମହାକାବ୍ୟର ନାୟକ ରାମଚନ୍ଦ୍ର ସୂର୍ଯ୍ୟବଂଶରେ ଜନ୍ମ ଗ୍ରହଣ କରିଥିବାରୁ ସୂର୍ଯ୍ୟଙ୍କୁ ମଧ୍ୟ ନମସ୍କାର କରିଛନ୍ତି । ଆଦିକବି ବାଲ୍ମୀକିକୃତ ସଂସ୍କୃତ ରାମାୟଣ, ବେଦବ୍ୟାସ କୃତ ସଂସ୍କୃତ ଅଧ୍ୟାତ୍ମ ରାମାୟଣ, ହନୁମାନକୃତ ସଂସ୍କୃତ ମହାନାଟକ, ମହାକବି କାଳିଦାସକୃତ ରଘୁବଂଶ, ଭୋଜରାଜଙ୍କ ଚମ୍ପୂ, ଉତ୍କଳ କବି ବଳରାମ ଦାସଙ୍କ ଓଡ଼ିଆ ଜଗମୋହନ ରାମାୟଣ ଗୀତରେ ପୂର୍ବେ ରଚନା କରିଥିବାର ଉଲ୍ଲେଖ କରି "ବ୍ୟୋମେ ତାରକା ଯେବେ ଝଲକୁଥାଇ ଯେ, ବିଭାବରୀରେ ଜ୍ୟୋତିରିଙ୍ଗଣ ଗଣ, ଜ୍ୟୋତିକା ଦେଖାନ୍ତି ପୁଣି" ଏହି ଭାବରେ ଭଞ୍ଜ ବୈଦେହୀଶ ବିଳାସ ଛନ୍ଦ ରଚନା କରିଛନ୍ତି ବୋଲି ବ୍ୟକ୍ତ କରିଛନ୍ତି । ସୀତା ରାମଙ୍କ ଚରିତ ରଚନା କରିବା ପାଇଁ କବିଙ୍କର ଚିତ୍ତ ଅନବରତ ବଳିଥିଲା; ଭାଗ୍ୟକ୍ରମେ ସେ ତାରକମନ୍ତ୍ର ଗ୍ରହଣ କରିବାରୁ ଏହି ଚରିତ ରଚନା କଲେ ।

ଲଙ୍କାରେ ବିଦ୍ୟୁତ୍‌କେଶ ନାମକ ରାକ୍ଷସଙ୍କ ବଂଶରେ ମାଳୀ, ସୁମାଳୀ ଓ ମାଲ୍ୟବନ୍ତ ନାମକ ତିନିଜଣ ଭ୍ରାତା ଜନ୍ମଗ୍ରହଣ କରିଥିଲେ । ସେମାନେ ସ୍ୱର୍ଗରେ ନାନା ଉପଦ୍ରବ କରିବାରୁ ବିଷ୍ଣୁ ଦେବତାମାନଙ୍କୁ ରକ୍ଷା କରିବା ପାଇଁ ଏମାନଙ୍କ ବିରୁଦ୍ଧରେ ଯୁଦ୍ଧ କଲେ । ଯୁଦ୍ଧରେ ସୁମାଳୀ ନିହତ ହେଲେ । ମାଳୀ ଓ ମାଲ୍ୟବନ୍ତ ଭୟରେ ପାତାଳପୁରକୁ ପଳାୟନ କଲେ ଏବଂ ଲଙ୍କାର ରାକ୍ଷସମାନେ ସ୍ୱସ୍ୱପୁର ପରିତ୍ୟାଗ କଲେ । ରାକ୍ଷସ ଶୂନ୍ୟ ଲଙ୍କାପୁରୀରେ କୁବେର ରାଜା ହେଲେ ଏବଂ ଯକ୍ଷ ଓ ସଜ୍ଜନ ଲୋକମାନେ ସେଠାରେ ବାସକଲେ । ବିଶ୍ରବାଋଷି ମଧ୍ୟ ଏଠାରେ ଆଶ୍ରମ କରି ରହିଲେ । ମାଳୀ ଏ ସମ୍ବାଦ ପାଇ ନିଜ କନ୍ୟା ପରମ ରୂପବତୀ ନିକଷାକୁ ନେଇ ଋଷିଙ୍କ ସମ୍ମୁଖରେ ଉପସ୍ଥିତ ହେଲା । ନାନା ରଙ୍ଗଭଙ୍ଗୀରେ ଋଷିଙ୍କୁ ମୋହିତ କରି ନିକଷା ଋଷିଙ୍କୁ

ବିବାହ କଲା । ନିକଷା ଗର୍ଭରୁ ରାବଣ, କୁମ୍ଭକର୍ଣ୍ଣ ଓ ବିଭୀଷଣ ନାମକ ତିନିପୁତ୍ର ଏବଂ ସୂର୍ପଣଖା ନାମ୍ନୀ କନ୍ୟା ଜାତ ହେଲା । ରାବଣ ଓ କୁମ୍ଭକର୍ଣ୍ଣ ମହାବଳୀ ହୋଇ ନାନା ଉପଦ୍ରବ କଲେ । ଘୋର ତପସ୍ୟାରେ ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରି ବର ପାଇଲେ । ବ୍ରହ୍ମା ଦୁହିଁଙ୍କୁ ବର ଦେଲେ ଯେ ସେମାନେ ଛପନକୋଟି ଯୁଗ ବଞ୍ଚି ରହିବେ । କୁମ୍ଭକର୍ଣ୍ଣ ବର୍ଷ ବର୍ଷ ବ୍ୟାପୀ ନିଦ୍ରାଯିବ । ରାବଣ ସୀତାଙ୍କୁ ହରଣ କଲେ ଏବଂ କୁମ୍ଭକର୍ଣ୍ଣ ବର୍ଷ ପୂରିବା ପୂର୍ବରୁ ଉଠିଲେ ନିଶ୍ଚୟ ମରିବ । ଏହାଛଡ଼ା ସେ ଦୁଇ ଭାଇଙ୍କୁ କେହି ଜୟକରି ପାରିବେ ନାହିଁ । ବରପାଇ ଦୁଇଭାଇ ତ୍ରିପୁରରେ ଉପଦ୍ରବ କଲେ ଏବଂ ଲଙ୍କାକୁ ଜୟକରି କୁବେର ପ୍ରଭୃତି ଯକ୍ଷ ଓ ସଜ୍ଜନମାନଙ୍କୁ ସେଠାରୁ ତଡ଼ିଦେଲେ । ରାକ୍ଷସମାନେ ପୁଣି ଲଙ୍କାକୁ ଫେରିଆସି ବାସକଲେ । ମୟଦୁହିତା ମନ୍ଦୋଦରୀଙ୍କୁ ରାବଣ ବିବାହ କଲା । ଅତି ଗର୍ବରେ ମଦାନ୍ଧ ହୋଇ ରାବଣ ବେଦମତୀ ନାମ୍ନୀ କନ୍ୟାକୁ ବଳପୂର୍ବକ ଧର୍ଷଣ କରିବାରୁ ସେ ଶାପଦେଇ ଅଗ୍ନିରେ ଝାସ ଦେଲା । ବେଦମତୀ ଶାପ ଦେଲେ, "ମୋ ସକାଶେ ତୋର ମୃତ୍ୟୁ ହେବ ।" ଅଯୋଧ୍ୟାର ରାଜା ସୂର୍ଯ୍ୟବଂଶୀୟ ଅନରଣ୍ୟଙ୍କୁ ରାବଣ ଯୁଦ୍ଧରେ ପରାସ୍ତ କରି ବଧ କରିବାରୁ ସେ ମରିବା ପୂର୍ବରୁ ଶାପ ଦେଲେ, "ମୋର ବଂଶ ଯୋଗୁଁ ତୋର ବିନାଶ ହେବ ।" ପରେ କୈଳାସ ପର୍ବତରେ ଶିବଙ୍କ ଦ୍ୱାରପାଳ ନନ୍ଦୀଙ୍କ 'ବାନର ମୁଖ'କୁ ଦେଖି ରାବଣ ଉପହାସ କରିବାରୁ ନନ୍ଦୀ ଶାପ ଦେଲେ, "ବାନର ବଳଦ୍ୱାରା ତୋର ମୃତ୍ୟୁ ହେବ ।" [ବ୍ରହ୍ମାଙ୍କ ବରର ଫଳ ରାବଣ ଓ କୁମ୍ଭକର୍ଣ୍ଣ ଭୋଗକରି ମହାପରାକ୍ରମଶାଳୀ ହୋଇ ବହୁ ଅତ୍ୟାଚାର କଲେ ଏବଂ ଶେଷରେ ଏହିସବୁ ଶାପଯୋଗୁଁ ଏ ଦୁହିଁଙ୍କର ପତନ ହୋଇଥିଲା ।]

ରାବଣ ଓ କୁମ୍ଭକର୍ଣ୍ଣଙ୍କ ଅତ୍ୟାଚାରରେ ପ୍ରପୀଡ଼ିତ ହୋଇ ଦେବତାମାନେ ବିଷ୍ଣୁଙ୍କ ସାହାଯ୍ୟ ଭିକ୍ଷା କଲେ । ରାବଣାଦି ଦୁଷ୍ଟ ଅସୁରମାନଙ୍କୁ ନିଧନ କରି ମର୍ତ୍ତ୍ୟଭାର ନିବାରଣ କରିବା ନିମନ୍ତେ ବିଷ୍ଣୁ ରାମାବତାର ଗ୍ରହଣ କରିବାକୁ ସମ୍ମତ ହେଲେ ବିଷ୍ଣୁ ଏହି ସମ୍ମତି ପ୍ରକାଶ କରିବା ସଙ୍ଗେ ସଙ୍ଗେ କହିଲେ,

"ସେ ଶତ୍ରୁଙ୍କୁ ମାରିବା ପାଇଁ ଚକ୍ର ଧାରଣ କରିବେ ନାହିଁ, କି ଗରୁଡ଼ ଉପରେ ବସିବେ ନାହିଁ । ବାନର ସେନାଙ୍କ ବଳରେ ସେ ଶତ୍ରୁ ସଂହାର କରିବେ ।" ଗଙ୍ଗା କୂଳରେ ସନତ୍କୁମାରଙ୍କଠାରୁ ଅଯୋଧ୍ୟାର ରାଜା ଦଶରଥଙ୍କ ମନ୍ତ୍ରୀ ସୁମନ୍ତ୍ର ଶୁଣିଲେ ଯେ ବିଷ୍ଣୁ ଅଯୋଧ୍ୟାରେ ରାଜା ଦଶରଥଙ୍କର ପୁତ୍ର ରୂପରେ ଜନ୍ମଗ୍ରହଣ କରିବେ । ସୁମନ୍ତ୍ର ଏହା ଶୁଣି ବୃଦ୍ଧ ଅପୁତ୍ରକ ଦଶରଥଙ୍କୁ ଏହା କହିଲେ । (୧ମ ଛାନ୍ଦ)

ମିଥିଳାର ରାଜା ରାଜର୍ଷି ଜନକ ଥରେ ଯଜ୍ଞଶାଳା ନିର୍ମାଣ କରିବା ପାଇଁ ଭୂମି କୃଷି କରୁଥିବା ସମୟରେ ଆକାଶରେ ସ୍ୱର୍ଗର ଅପ୍ସରା ମେନକା ଇନ୍ଦ୍ର ଶାପରୁ ମୁକ୍ତ ପାଇ ବିମାନରେ ଯାଉଥିବାର ଦେଖିଲେ । ତାଙ୍କର ଅପୂର୍ବ ଶୋଭା ଦେଖି ରାଜର୍ଷି ପ୍ରଶଂସା କଲେ ଏବଂ ତାଙ୍କୁ ନିଜ ଦୁହିତା ରୂପରେ ପାଇବା ପାଇଁ ମନ ବଳାଇଲେ । ମେନକା ରାଜର୍ଷିଙ୍କ ମନର ଭାବ ବୁଝି ପାରି ତାଙ୍କୁ କହିଲେ, "ଅତିଶୀଘ୍ର ପୃଥିବୀରୁ ଏକ କନ୍ୟା ଲାଭ କରିବ ।" କୃଷି କରୁଥିବା ସମୟରେ ଲଙ୍ଗଳଗାରରୁ ଗୋଟିଏ ସୁନ୍ଦର ପେଟିକା ମିଳିଲା । ସେଥିରେ ତ୍ରିପୁରମୋହିନୀ କନ୍ୟାଟିଏ ଥିଲା । ଜନକ ତାକୁ ନେଇ ନିଜ ଦୁହିତା ସ୍ୱରୂପ ପାଳିଲେ । ଏହି ପୃଥିବୀ ସମ୍ଭୂତା କନ୍ୟାଟି ବାଲ୍ୟାବସ୍ଥାରୁ ଯୌବନାବସ୍ଥାରେ ପଦାର୍ପଣ କରିବାରୁ ତାଙ୍କର ବିବାହ ପାଇଁ ଜନକ ସ୍ୱୟମ୍ବରର ଆୟୋଜନ କଲେ । ବାଲ୍ମୀକି ଋଷିଙ୍କ ପରାମର୍ଶ ଅନୁସାରେ ଶିବଧନୁ ଯେ ଟେକି ପାରିବ ତାକୁ କନ୍ୟା ଦେବେ ବୋଲି ଘୋଷଣା କଲେ ।

ଚମ୍ପାବତୀ ନଗରରେ ବ୍ରହ୍ମାଙ୍କ ଶାପ ଯୋଗୁଁ ବାରବର୍ଷ ହେଲା ବୃଷ୍ଟି ହେଉ ନ ଥିଲା । ଏଥିଯୋଗୁଁ ରାଜା ଲୋମପାଦ ଚିନ୍ତିତ ଥିଲେ । ଋଷିପୁତ୍ର ଋଷ୍ୟଶୃଙ୍ଗଙ୍କୁ ଆଣି ପାରିଲେ ଦେଶରେ ବର୍ଷା ହେବ ବୋଲି ରାଜାଙ୍କ ମନରେ ଧାରଣା ହେଲା । ସେ ନିଜ ନଗରରେ ପଞ୍ଚରତ୍ନ ଥାଳୀ ବୁଲାଇ ଘୋଷଣା କଲେ, ଯେ ଆଜନ୍ମ ତପସ୍ୱୀ ଋଷ୍ୟଶୃଙ୍ଗଙ୍କୁ ଆଣିପାରିବ ତାଙ୍କୁ ବହୁତ ପୁରସ୍କାର

ହୋଇଯିବ । ଜରତୀ ନାମକ ବେଶ୍ୟା ଏହି କାର୍ଯ୍ୟ କରି ପାରିବ ବୋଲି ରାଜାଙ୍କୁ ଜଣାଇଲେ ।

ରାଜାଙ୍କଠାରୁ ଆବଶ୍ୟକ ପଦାର୍ଥ ନେଇ ଜରତୀ ସଦଳବଳରେ ଋଷ୍ୟଶୃଙ୍ଗଙ୍କ ପିତା କୁମାର ଋଷି ବିଭାଣ୍ଡକଙ୍କ ଆଶ୍ରମ ନିକଟରେ ପହଞ୍ଚିଲେ ଏବଂ ପିତାଙ୍କ ଅଗୋଚରରେ ଋଷିକୁମାରଙ୍କୁ ସ୍ୱ ରୂପଲାବଣ୍ୟରେ କାମମୋହିତ କରି ଚମ୍ପାବତୀ ନଗରକୁ ନେଇ ଆସିଲେ । ଋଷିକୁମାର ଝରପାଣି ଲେଉଟିବାରୁ ବର୍ଷା ହେଲା । ଋଷି ଋଷ୍ୟଶୃଙ୍ଗ ରାଜାଙ୍କୁ·ପୁତ୍ରପ୍ରାପ୍ତି ବର ଦେଲେ । ପୁତ୍ରପ୍ରାପ୍ତି ନିମନ୍ତେ ରାଜା ଯଜ୍ଞ ଆରମ୍ଭ କଲେ । ଅଯୋଧ୍ୟାର ରାଜା ଦଶରଥ ଏ ସମ୍ବାଦ ପାଇ ଚମ୍ପାବତୀପୁରରେ ପ୍ରବେଶ କଲେ ଏବଂ ପୁତ୍ରାର୍ଥୀ ହୋଇ ଆସିଥିବା ବିଷୟ କହିଲେ । ଜରତୀ ଦଶରଥଙ୍କୁ କହିଲେ, "ଋଷିଙ୍କୁ ତୁମର କନ୍ୟା ଶାନ୍ତାଙ୍କୁ ପ୍ରଦାନ କଲେ ତୁମର ପୁତ୍ରପ୍ରାପ୍ତି ହେବ ।" (୪ର୍ଥ ଛାନ୍ଦ)

ରାଜା ଦଶରଥ ଜରତୀର ପ୍ରସ୍ତାବରେ ସମ୍ମତ ହୋଇ ସ୍ୱ କନ୍ୟା ଶାନ୍ତାଙ୍କ ସହିତ ଋଷିକୁମାରଙ୍କ ବିବାହର ଆୟୋଜନ କଲେ । ଶାନ୍ତାଙ୍କୁ ତ ଋଷିକୁମାର ଆଗରୁ ଦେଖି ନଥିଲେ, ଜରତୀଠାରୁ ଏକାନ୍ତରେ ତାଙ୍କର ଅପୂର୍ବ ଶୋଭା ବିଷୟ ଶ୍ରବଣ କରି ସେ ଅତ୍ୟନ୍ତ ଆନନ୍ଦିତ ହେଲେ । ମହାସମାରୋହରେ ବିବାହ ଉତ୍ସବ ସମାପନ ହେଲା । ବିବାହ ଉତ୍ସବ ପରେ ଦଶରଥ କନ୍ୟା ଓ ଜାମାତାଙ୍କୁ ଧରି ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କଲେ । ବ୍ରହ୍ମବେତ୍ତା ଋଷ୍ୟଶୃଙ୍ଗ ଯଜମାନ ରାଜା ଦଶରଥଙ୍କ ପୁତ୍ରଲାଭ ପାଇଁ ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ । ରାଣୀମାନେ ବ୍ରତ ଆଚରଣ କଲେ । ଅତି ଆଡ଼ମ୍ବରରେ ଯଜ୍ଞ ହେଲା । ଭଗବାନ ବିଷ୍ଣୁ ଯଜ୍ଞ କୁଣ୍ଡରେ ଆବିର୍ଭୂତ ହୋଇ ସମସ୍ତଙ୍କର ମନ ଆନନ୍ଦିତ କଲେ । ଋଷିମାନେ ଭଗବାନଙ୍କୁ ପ୍ରାର୍ଥନା କରି ବର ମାଗିଲେ, "ଦଶରଥ ଯେଉଁ ପୁତ୍ର କାମନା କରିଅଛନ୍ତି ତାହା ଫଳବତୀ ହେଉ ଏବଂ ରାକ୍ଷସମାନଙ୍କୁ ଭଗବାନ ବିନାଶ କରନ୍ତୁ ।" ଭଗବାନ୍ ବିଷ୍ଣୁ 'ଅସ୍ତୁ' କହି ସ୍ୱୟଂ ଚରୁ ରୂପରେ ଦେଖା ଦେଲେ ।

ଋଷ୍ୟଶୃଙ୍ଗ ଏହି ଚରୁ ବା ଯଜ୍ଞାନ୍ନକୁ ଦଶରଥଙ୍କୁ ଦେଇ ରାଣୀମାନଙ୍କ ଭିତରେ ବଣ୍ଟନ କରି ଦେବାକୁ କହିଲେ । ରାଜାଙ୍କର ସାତଶହ ପଞ୍ଚାଶ ରାଣୀଙ୍କ ମଧ୍ୟରୁ ସାତଶହ ସତଚାଳିଶ ରାଣୀ ବ୍ରତ ପାଳନ କରି ନଥିବା ବିଷୟ କୌଶଲ୍ୟା ଓ କୈକେୟୀ ରାଜାଙ୍କୁ କହିବାରୁ ରାଜା ବିରକ୍ତ ହେଲେ ଏବଂ କୌଶଲ୍ୟାକୈକେୟୀଙ୍କ କ୍ରୋଧଜନିତ ଭ୍ରମବଶତଃ ସ୍ୱର ଚରୁଅନ୍ନକୁ ଦୁଇ ଭାଗ କରି ପ୍ରଦାନ କଲେ । ଏ ଦୁଇ ରାଣୀ ରାଜାଙ୍କର ଏ ଅବିଚାରକୁ ଉପଲବ୍ଧି କରି ବ୍ରତାଚାରିଣୀ ତୃତୀୟ ରାଣୀ ସୁମିତ୍ରାଙ୍କୁ ସ୍ୱ ସ୍ୱ ଭାଗରୁ ଅର୍ଦ୍ଧେକ ଦେଲେ । ଚରୁଅନ୍ନ ଭକ୍ଷଣ ପରେ ଏହି ତିନି ରାଣୀଙ୍କ ଗର୍ଭରେ ବିଷ୍ଣୁ ଉଦିତ ହେଲେ । ଯଜ୍ଞ ସମାପ୍ତି ପରେ ଋଷ୍ୟଶୃଙ୍ଗ ପତ୍ନୀ ଶାନ୍ତାଙ୍କୁ ସଙ୍ଗରେ ଧରି ସ୍ୱ ଆଶ୍ରମକୁ ପ୍ରତ୍ୟାବର୍ତ୍ତନ କଲେ । ଚୈତ୍ର ମାସ ଶୁକ୍ଳ ନବମୀ (ବାସନ୍ତୀ ନବମୀ) ତିଥିରେ ବିଷ୍ଣୁ ଚାରି ପ୍ରକାର ମୂର୍ତ୍ତି ଧାରଣ କରି ତିନିରାଣୀଙ୍କ ଗର୍ଭରୁ ଜନ୍ମଗ୍ରହଣ କଲେ । ଏକବିଂଶତି ଦିବସରେ ପୁତ୍ରମାନଙ୍କର ନାମକରଣ ହେଲା । କୌଶଲ୍ୟାଙ୍କ ପୁତ୍ରଙ୍କୁ ରାମଚନ୍ଦ୍ର, କୈକେୟୀଙ୍କ ପୁତ୍ରଙ୍କୁ ଭରତ, ସୁମିତ୍ରାଙ୍କ ଦୁଇ ପୁତ୍ରଙ୍କୁ ଲକ୍ଷ୍ମଣ ଓ ଶତ୍ରୁଘ୍ନ ବୋଲି ଦଶରଥଙ୍କ କୁଳପୁରୋହିତ ବଶିଷ୍ଠ ଋଷି ନାମ ଦେଲେ । ଦଶରଥଙ୍କ ଚାରିପୁତ୍ର କ୍ରମେ ଅପୂର୍ବ ଶୋଭା ଧାରଣ କରି ବାଲ୍ୟଲୀଳାରେ ଦିନାତିପାତ କଲେ । (୫ମ ଛାନ୍ଦ)

ବିଶୁଦ୍ଧ ସିଦ୍ଧ ବନରେ ମୁନିମାନେ ଯଜ୍ଞ କରୁଥିଲା ବେଳେ ସୁବାହୁ, ମାରୀଚ ପ୍ରଭୃତି ରାକ୍ଷସମାନେ ନାନା ପ୍ରକାର ବିଘ୍ନ ସୃଷ୍ଟି କରି ଏହା ନଷ୍ଟ କରି ଦେଉଥିଲେ । ଏହି ସମୟରେ ଆକାଶରୁ ଦୈବବାଣୀ ଶୁଣାଗଲା, ସୂର୍ଯ୍ୟ-ବଂଶରେ ଜାତ ରାଜା ଦଶରଥଙ୍କ ପୁତ୍ର ରାମଚନ୍ଦ୍ରଙ୍କୁ ଏହି ସିଦ୍ଧବନକୁ ଆଣିଲେ ସେ ଏହି ରାକ୍ଷସମାନଙ୍କୁ ବିନାଶ କରିବେ । ଏହି ଦୈବବାଣୀ ଶ୍ରବଣ କରି ଋଷି ବିଶ୍ୱାମିତ୍ର ଅଯୋଧ୍ୟାକୁ ଗଲେ ଏବଂ ଦଶରଥଙ୍କୁ ଭେଟି ସୁନ୍ଦ, ଉପସୁନ୍ଦ ଓ ଏମାନଙ୍କର ଦୁଇପୁତ୍ର ସୁବାହୁ ଓ ମାରୀଚ ପ୍ରଭୃତି ରାକ୍ଷସମାନେ ଯଜ୍ଞ ନଷ୍ଟ କରି ଦେଉଥିବାରୁ ସେମାନଙ୍କୁ ବିନାଶ କରିବା ପାଇଁ ପରଂବ୍ରହ୍ମରୂପୀ ରାମଚନ୍ଦ୍ରଙ୍କୁ ତାଙ୍କ ସଙ୍ଗରେ ପଠାଇବା ପାଇଁ କହିଲେ । ଦୈବବାଣୀରୁ ଏହା ସେ ଜାଣି ପାରି-

ଥିବା କଥା ମଧ୍ଯ ଋଷି ରାଜାଙ୍କୁ କହିଲେ । ରାଜା କୋମଳମତି ବାଳକ ପୁତ୍ରଙ୍କୁ ଛାଡ଼ିବା ପାଇଁ ଅସମ୍ମତ ହେବାରୁ ଋଷି ଶାପଦେବା ଭୟ ଦେଖାଇଲେ । ରାଜା ଭୟ ପାଇ ଅଗତ୍ୟା ରାମ ଓ ଲକ୍ଷ୍ମଣଙ୍କୁ ଋଷିଙ୍କ ସଙ୍ଗରେ ପଠାଇଲେ । ବିଶ୍ୱାମିତ୍ର ଦୁଇ ରାଜକୁମାରଙ୍କୁ ସଙ୍ଗରେ ନେଇ ସରଜୁନଦୀ ପାର ହୋଇ ବନ ମଧ୍ୟରେ ପ୍ରବେଶ କଲେ । ଏହି ବନ ତାଡ଼କା ରାକ୍ଷସୀର କ୍ରୀଡ଼ାସ୍ଥଳୀ ଥିଲା । ଏମାନେ ବନ ମଧ୍ୟରେ ପ୍ରବେଶ କରିବା କ୍ଷଣି ରାକ୍ଷସୀର ଦୁର୍ଦ୍ଧର୍ଷ ପରାକ୍ରମ କଥା ଶ୍ରବଣ କଲେ । କାଳେ ବାଳକମାନେ ଭୟ କରିବେ ଏହି ଆଶଙ୍କାରେ ବାଟ ଛାଡ଼ି ଅନ୍ୟ ବାଟରେ ଚାଲିଯିବା ପାଇଁ ଋଷି ପରାମର୍ଶ ଦେଲେ । କିନ୍ତୁ ବୀର ରାମଚନ୍ଦ୍ର ଏହା କାପୁରୁଷତାର ଲକ୍ଷଣ ମନେ କରି ସେହି ବାଟରେ ହିଁ ଯିବା ପାଇଁ କହିବାରୁ ଋଷି ସେହି ବାଟରେ ଚାଲିଲେ । କାଳେ ଋଷି ଭୟ କରିବେ ଏହି ଆଶଙ୍କାରେ ରାମଚନ୍ଦ୍ର ଆଗେ ଆଗେ ଚାଲିଲେ, ଋଷି ମଧ୍ୟରେ ରହିଲେ ଏବଂ ଶେଷକୁ ଲକ୍ଷ୍ମଣ ରହିଲେ ।

କିଛି ବାଟ ଯିବା ପରେ ତାଡ଼କା ଏମାନଙ୍କୁ ଆକ୍ରମଣ କରିବାରୁ ରାମଚନ୍ଦ୍ର ଅର୍ଦ୍ଧଚନ୍ଦ୍ର ବାଣ ପ୍ରୟୋଗ କରି ତାର ଶିରଚ୍ଛେଦନ କଲେ । ରାକ୍ଷସୀର ଶରୀରରୁ ଏକ ଦିବ୍ୟମୂର୍ତ୍ତି ନିର୍ଗତ ହୋଇ ସ୍ୱର୍ଗକୁ ଗମନ କଲା । ଏ ଦୃଶ୍ୟ ଦେଖି ବିଶ୍ୱାମିତ୍ରଙ୍କ ମନରେ ଦୃଢ଼ବିଶ୍ୱାସ ହେଲା ଯେ ରାମଚନ୍ଦ୍ର ସ୍ୱୟଂ ନାରାୟଣ ।

ତାଡ଼କା ବଧ ପରେ ଋଷି ରାମଚନ୍ଦ୍ରଙ୍କୁ ଜୟା ଓ ବିଜୟା ନାମକ ଦୁଇଟି ମନ୍ତ୍ର ପ୍ରଦାନ କଲେ । ଏହାପରେ ଋଷିଙ୍କ ସହିତ ରାମଲକ୍ଷ୍ମଣ ବିଶାଳ କଟକରେ ପ୍ରବେଶ କଲେ । ସେଠାରେ ଋଷିଦତ୍ତ ମନ୍ତ୍ର ପରୀକ୍ଷା କରିବା ପାଇଁ ବିଭିନ୍ନ ଅସ୍ତ୍ରଶସ୍ତ୍ର ସ୍ମରଣ କରିବାରୁ ସେସବୁ ତତ୍‌କ୍ଷଣାତ୍ ତାଙ୍କର ହସ୍ତଗତ ହେଲା । (ଚତୁର୍ଥ ଛାନ୍ଦ)

ବିଶାଳନଗରରେ ଅହୋରାତ୍ର କଟାଇ ଋଷି ଓ ରାଜକୁମାର ଦ୍ୱୟ ସିଦ୍ଧବନରେ ପ୍ରବେଶ କଲେ । ସେଠାରେ ମୁନିମାନେ ରାମଚନ୍ଦ୍ରଙ୍କ ଅନୁରୋଧ

କ୍ରମେ ନିର୍ଭୟରେ ଯଜ୍ଞ ଆରମ୍ଭ କଲେ । ଯଜ୍ଞ ପୁଣି ଆରମ୍ଭ ହେବା ଦେଖି ରାକ୍ଷସମାନେ ସେଠାରେ ପ୍ରବେଶ କରି ନାନା ଉପଦ୍ରବ କଲେ । ମୁନିମାନେ ଭୟରେ ଆର୍ତ୍ତନାଦ କରି ଏଣେତେଣେ ପଳାଇଗଲେ । ରାମଲକ୍ଷ୍ମଣ ଶର ପେଶି ବହୁ ରାକ୍ଷସଙ୍କୁ ବିନାଶ କଲେ । ରାକ୍ଷସ ନେତା ସୁବାହୁ ଓ ମାରିଚ ସେଠାରେ ଉପସ୍ଥିତ ହୋଇ ଉତ୍ପାତ ଆରମ୍ଭ କରିବାରୁ ରାମଚନ୍ଦ୍ର ଓ ଲକ୍ଷ୍ମଣ ପବନାସ୍ତ୍ର ପ୍ରୟୋଗ କରି ମାରିଚକୁ ଲକ୍ଷ ଯୋଜନ ପର୍ଯ୍ୟନ୍ତ ଉଡ଼ାଇ ନେଇ ଫୋପାଡ଼ିଦେଲେ; ଆଗ୍ନେୟାସ୍ତ୍ରରେ ସୁବାହୁକୁ ପୋଡ଼ିଦେଲେ । ସିଦ୍ଧବନରେ ରାକ୍ଷସ ଉପଦ୍ରବ ଶେଷ ପାଇବାରୁ ମୁନିଋଷିମାନେ ପୁଣି ଯଜ୍ଞ କଲେ । ସ୍ଥଗିତ ଯଜ୍ଞ କ୍ରିୟାର ପୁଣି ପ୍ରଚଳନ ହେବାରୁ ମୁନି ଓ ଦେବତାମାନେ ଆନନ୍ଦରେ ରହିଲେ । ଲକ୍ଷ୍ୟ ପୂର୍ଣ୍ଣ ହେବାରୁ ରାମଚନ୍ଦ୍ର ଋଷିଙ୍କଠାରୁ ଅଯୋଧ୍ୟା ଫେରିଯିବା ପାଇଁ ଅନୁମତି ମାଗିଲେ । ଅଯୋଧ୍ୟା ଫେରିଯିବା ପୂର୍ବରୁ କାମ୍ୟକ ବନ ଦେଖାଇ ଆଣିବା ପାଇଁ ବିଶ୍ୱାମିତ୍ର ରାଜକୁମାର ଦ୍ୱୟଙ୍କୁ ସଙ୍ଗରେ ନେଲେ । ବାଟରେ ଦିବ୍ୟଶିଳାଟିଏ ପଡ଼ିଥିଲା । ସେଥିରେ ରାମଙ୍କ ପାଦ ଲାଗିବା କ୍ଷଣି ଶିଳାଟି ଦିବ୍ୟ ସ୍ତ୍ରୀ ରୂପ ଧାରଣ କଲା । ଗୌତମ ମୁନିଙ୍କ ସ୍ତ୍ରୀ ଅହଲ୍ୟା ସ୍ୱାମୀଙ୍କ ଶାପରେ ପଥର ପାଲଟିଯାଇଥିଲେ ଏବଂ ସ୍ୱୟଂ ବିଷ୍ଣୁ ରାମଚନ୍ଦ୍ରଙ୍କ ପଦସ୍ପର୍ଶ ମାତ୍ରେ ଶାପରୁ ମୁକ୍ତ ହୋଇଗଲେ । ଅହଲ୍ୟାଙ୍କ ଅପୂର୍ବ ସୁଷମା ଦେଖି ବିଶ୍ୱାମିତ୍ର ରାମଚନ୍ଦ୍ରଙ୍କୁ କହିଲେ, "ଏହାଙ୍କ ଅପେକ୍ଷା ବିଦେହ ରାଜନନ୍ଦିନୀ ସୀତା ବେଶି ସୁନ୍ଦରୀ । ସୌନ୍ଦର୍ଯ୍ୟରେ ଏହି କନ୍ୟାର ତୁଲ୍ୟ ବର ନମିଳିବାରୁ ଶିବଧନୁଭଙ୍ଗ ପଣ କରି ବିଦେହ ରାଜ ଜନକ ସ୍ୱୟମ୍ବର କରାଇଛନ୍ତି । ତୁମ୍ଭେ ସ୍ୱ ବୀରତ୍ୱରେ ମୁନିଋଷିମାନଙ୍କ ଯଜ୍ଞ ରକ୍ଷା କରି ପୁଣ୍ୟ ଅର୍ଜ୍ଜନ କରିଛ । ଏହାର ପୁଣ୍ୟ ଫଳ ସ୍ୱରୂପ ତୁମ୍ଭେ ସେହି କନ୍ୟାକୁ ଲାଭ କର ।" (୭ମ ଛାନ୍ଦ)

ଋଷି ବିଶ୍ୱାମିତ୍ର ରାମଲକ୍ଷ୍ମଣଙ୍କୁ ସଙ୍ଗରେ ଧରି ମିଥିଳାପୁର ଦିଗରେ ଅଗ୍ରସର ହେଲେ । ବାଟରେ ଋଷି କବିତ୍ୱପୂର୍ଣ୍ଣ ଭାଷାରେ ସୀତାଙ୍କ ପରମ ରୂପ-ଲାବଣ୍ୟ ବର୍ଣ୍ଣନା କରି ରାମଚନ୍ଦ୍ରଙ୍କ ଚିତ୍ତ ମତ୍ତାଇଲେ । (୮ମ ଛାନ୍ଦ )

ବିଶ୍ୱାମିତ୍ର, ରାମ ଓ ଲକ୍ଷ୍ମଣ ଗଙ୍ଗାକୂଳରେ ଉପସ୍ଥିତ ହୋଇ ନଦୀ ପାରି ହେବା ନିମନ୍ତେ ଡଙ୍ଗା ଧରି ଆସିବାକୁ କେଉଟକୁ କହିଲେ । କେଉଟ ରାମଙ୍କୁ କହିଲା, "ମୁଁ ଶୁଣିଛି, ତୁମର ପାଦର ଧୂଳି ପଡ଼ିବା ମାତ୍ରେ ପଥରଟିଏ ସ୍ତ୍ରୀ ପାଲଟିଗଲା । ଏବେ ତୁମର ପାଦଧୂଳି ପଡ଼ି ମୋର ନୌକାଟି ଯଦି ସ୍ତ୍ରୀ ପାଲଟି ଯାଏ ତାହା ହେଲେ ମୋର ଜୀବନୋପାୟ ଲୋପ ପାଇବ । ସେହି ହେତୁ ତୁମର ପାଦକୁ ନ ଧୋଇ ନୌକାରେ ବସାଇବି ନାହିଁ ।" ଭଗବାନ ବିଷ୍ଣୁ ରାମଙ୍କ ପାଦକୁ ବିଜ୍ଞାନୀ କୈବର୍ତ୍ତୀ ଧୋଇ ନୌକାରେ ବସାଇ ଗଙ୍ଗା ପାରି କଲା । ନୌକାରେ ବସିଥିବା ବେଳେ ଋଷିଙ୍କୁ ରାମ ଗଙ୍ଗାଙ୍କ ଆବିର୍ଭାବ ଚରିତ ପ୍ରଶ୍ନ କରିବାରୁ ବାମନାବତାରରେ ବିଷ୍ଣୁ ନଖକୋଣରୁ ରାମଙ୍କ ପୂର୍ବ ପୁରୁଷ ଭଗୀରଥ ଗଙ୍ଗାଙ୍କୁ ମର୍ତ୍ତ୍ୟଧାମକୁ ଆଣିଥିବା କହିଲେ । ନଦୀ ପାରି ହୋଇ ତିନିହେଁ ବିଦେହମଣ୍ଡଳରେ ପ୍ରବେଶ କଲେ । ରାମ ଓ ଲକ୍ଷ୍ମଣଙ୍କ ଶୋଭା ଦେଖି ବିଦେହ ନଗରବାସୀ ମୁଗ୍ଧ ହୋଇଗଲେ । ସୀତା ରାଜପ୍ରାସାଦ ଉପରୁ ରାମଙ୍କୁ ଦେଖି ତାଙ୍କର ସୌନ୍ଦର୍ଯ୍ୟରେ ମୋହିତ ହୋଇ ମନେ ମନେ ତାଙ୍କୁ ପତି ରୂପରେ ପାଇବା ପାଇଁ ଶିବଙ୍କୁ ଧ୍ୟାନ କଲେ ।

ବିଶ୍ୱାମିତ୍ରଙ୍କ ସଙ୍ଗରେ ରାମ ଲକ୍ଷ୍ମଣ ଜନକରାଜାଙ୍କ ଯାଗଶାଳାରେ ପ୍ରବେଶ କଲେ । ରାଜକୁମାର ଦୁହିଁଙ୍କୁ ରଜାଙ୍କ ସହିତ ପରିଚିତ କରାଇ ଦେଇ ଧନୁ ଭାଙ୍ଗିବା ନିମନ୍ତେ ରାମ ଆସିଥିବା ବିଷୟ କହିଲେ । ରାମଙ୍କ ଅନୁରୋଧ କ୍ରମେ ଶିବଧନୁକୁ ମଲ୍ଲମାନେ ଶକଟରେ ସଭାସ୍ଥଳକୁ ଆଣିଲେ । ଅସଂଖ୍ୟ ନରପତି ସ୍ୱୟଂମ୍ବରକୁ ଆସି ବିଫଳ ମନୋରଥ ହୋଇ ସେଠାରେ ଉପସ୍ଥିତ ଥିଲେ । ସମସ୍ତଙ୍କ ସମକ୍ଷରେ ରାମ ଧନୁ ଉତ୍ତୋଳନ କଲେ । ସୀତା ଏହି ସମୟରେ ରାମଙ୍କୁ ଦେଖି ଶିବଙ୍କୁ ଧ୍ୟାନକରି ଜଣାଇଲେ, "ଏହାଙ୍କୁ ପତି ରୂପରେ ଲାଭ ନ କଲେ ମୁଁ ପ୍ରାଣ ବିସର୍ଜ୍ଜନ କରିବି ।"

ରାମଚନ୍ଦ୍ର ଶିବଧନୁରେ ଗୁଣକୁ ବଳପୂର୍ବକ ଟାଣି ତାକୁ ଦୁଇଖଣ୍ଡ କରି ଦେଲେ । ଧନୁ ଭଙ୍ଗ ହେବାରୁ ରାମଙ୍କୁ ଅଶେଷ ସମ୍ମାନ କରି ସିଂହାସନରେ

ବସାଇ 'ବୀରେଶ୍ୱର' କରି ପୂଜା କଲେ । ଧନୁର୍ଭଙ୍ଗ ଶବ୍ଦ ଶୁଣି ଲଙ୍କାଧିପ ରାକ୍ଷସ ରାବଣ ସେଠାରେ ଉପସ୍ଥିତ ହୋଇଥିଲେ । କିନ୍ତୁ ରାମଙ୍କ ଅପୂର୍ବ ବୀରତ୍ୱ ଦେଖି ବିରସ ମନରେ ସେଠାରୁ ସ୍ୱପୁରକୁ ବାହୁଡ଼ି ଗଲା । (୯ମ ଛାନ୍ଦ)

ଧନୁର୍ଭଙ୍ଗ ପରେ ବିଶ୍ୱାମିତ୍ର ସୀତାଙ୍କୁ ଆଣି ରାମଙ୍କୁ ବରଣ କରିବା ନିମନ୍ତେ କହିଲେ । ଜନକ ଏଥିରେ ସମ୍ମତ ହୋଇ ସୀତାଙ୍କୁ ସଭାସ୍ଥଳକୁ ଆଣିବା ପାଇଁ ସଖୀମାନଙ୍କୁ ଆଦେଶ ଦେଲେ । ସଖୀମାନେ ନାନା ଅଳଙ୍କାରରେ ସୀତାଙ୍କୁ ସୁବେଶ କରାଇଲେ । (୧୦ମ ଛାନ୍ଦ)

ସଖୀମାନେ ସଭାମଣ୍ଡପକୁ ସୀତାଙ୍କୁ ଆଣିଲେ । ସୀତା ରାମଙ୍କ ଗଳାରେ ବରଣମାଳା ଲମ୍ବାଇ ଦେଇ ହୃଷ୍ଟ ମନରେ ଅନ୍ତଃପୁରକୁ ଫେରିଗଲେ । ଏହାପରେ ରାଜସଭା ଭଙ୍ଗ ହେଲା । ରାଜାମାନେ ସ୍ୱ ସ୍ୱ ରାଜ୍ୟକୁ ଫେରିଗଲେ । ରାମଚନ୍ଦ୍ର ଜନକଙ୍କର ଆରାମପୁରରେ ଅବସ୍ଥାନ କଲେ । ବିଶ୍ୱାମିତ୍ର ଜନକଙ୍କୁ କହିଲେ "କାଲି ବା ପରି (ପରଦିନ) ବିବାହ ମଙ୍ଗଳ କରିବା ।" ଲକ୍ଷ୍ମଣ ଏହି ପ୍ରସ୍ତାବର ବିରୋଧ କରି କହିଲେ— "ପିତାଙ୍କୁ ନଜଣାଇ ବିବାହ କରିବା ଠିକ ହେବ ନାହିଁ ।" ଏହା ସମସ୍ତଙ୍କ ମନକୁ ପାଇଲା । ଜନକ ସତାନନ୍ଦ ଋଷିଙ୍କ ହାତରେ ଚିଠି ଦେଇ ଦଶରଥଙ୍କଠାକୁ ପଠାଇଲେ । (୧୧ଶ ଛାନ୍ଦ)

ବିବାହ କାର୍ଯ୍ୟ ବିଳମ୍ବ ଅଛି ବୋଲି ଶୁଣିବାଠାରୁ ସୀତାଙ୍କର ବିରହ ବେଦନା କ୍ରମଶଃ ବୃଦ୍ଧି ପାଇଲା । ରାମଚନ୍ଦ୍ର ମଧ୍ୟ ଏହି ବିରହବ୍ୟଥାରେ ପୀଡ଼ିତ ହେଲେ । (୧୨ଶ ଛାନ୍ଦ)

ସତାନନ୍ଦ ଅଯୋଧ୍ୟାରେ ପ୍ରବେଶ କରି ଦଶରଥଙ୍କୁ ରାମଚନ୍ଦ୍ର — ସୀତା ବିବାହ ପ୍ରସ୍ତାବ ଜଣାଇଲେ । ତାଡ଼କା ବଧ, ଧନୁର୍ଭଙ୍ଗ ଓ ସୀତା-ବରଣ ପର୍ଯ୍ୟନ୍ତ ରାମଙ୍କର ସବୁ କାର୍ଯ୍ୟ କଳାପ ସେ ବର୍ଣ୍ଣନା କଲେ ଏବଂ ବିବାହ ତିଥି ନିର୍ଣ୍ଣୟ କରିବା ପାଇଁ ଦଶରଥଙ୍କୁ ଅନୁରୋଧ ଜଣାଇଲେ । ଦଶରଥ ବାତ୍ସଲ୍ୟ ପ୍ରେମରେ ଅଧୀର ହୋଇ ଅତି ଆନନ୍ଦରେ କାଳବେଳା,

ଶୁଭାଶୁଭ ବିଚାରକୁ ଅତିକ୍ରମ କରି ପାତ୍ରମନ୍ତ୍ରୀ ସୈନ୍ୟସାମନ୍ତଙ୍କୁ ଧରି ମିଥିଳାପୁରକୁ ଯାତ୍ରାକଲେ । ମିଥିଳାରେ ପ୍ରବେଶ କରିବା ପରେ ଦଶରଥଙ୍କ ଚାରି ପୁତ୍ରଙ୍କ ସହିତ ଜନକଙ୍କ ଚାରିକନ୍ୟାଙ୍କ ପାଣିଗ୍ରହଣ ପ୍ରସ୍ତାବରେ ଦଶରଥ ସମ୍ମତ ହେଲେ । ଉତ୍ତମ ଦିନରେ ଦଶରଥ ଜନକଙ୍କ ରାଜପ୍ରାସାଦକୁ ଯାଇ 'କନ୍ୟା ଦେଖା' ଉତ୍ସବ ସମାପନ କଲେ । କନ୍ୟାମାନଙ୍କର ଅପୂର୍ବ ଲାବଣ୍ୟ ଦେଖି ଦଶରଥ ପରମ ସନ୍ତୋଷ ଲାଭ କଲେ । ଜ୍ୟେଷ୍ଠା ସୀତା କୋଟି ବ୍ରହ୍ମାଣ୍ଡରେ ଶ୍ରେଷ୍ଠ ସୁନ୍ଦରୀ, ଆଉ ତିନି କନ୍ୟା ତ୍ରିପୁର ଶ୍ରେଷ୍ଠା ରୂପେ ପ୍ରତୀୟମାନ ହେଲେ ।

ସୀତାଙ୍କୁ ସୁନ୍ଦରୀ ଶିରୋମଣି ଭାବି ଦଶରଥ ମଥାମଣିଟିଏ କନ୍ୟା ମୁହଁ ଚାହାଁ ଦେଲେ ଏବଂ ଅନ୍ୟ ତିନି କନ୍ୟାଙ୍କୁ ସୁନ୍ଦରୀରତ୍ନ ଭାବି ପ୍ରତ୍ୟେକଙ୍କୁ ଗୋଟିଏ ଗୋଟିଏ ରତ୍ନ ଉପହାର ଦେଲେ । (୧୩ଶ ଛାନ୍ଦ)

ଦଶରଥଙ୍କ କନ୍ୟା ଦେଖା ପରେ ଜନକ ରାଜସଭା ଡାକି ବିବାହର ଦିନ ଓ ଶୁଭ ମୁହୂର୍ତ୍ତ ନିର୍ଣ୍ଣୟ କଲେ । ନଗର ରାଜପ୍ରାସାଦ ପ୍ରଭୃତି ମଣ୍ଡଣି ଓ ବେଦୀ, ବିବାହମଣ୍ଡପ ପ୍ରସ୍ତୁତ କରାଇଲେ । ବିଧିବିଧାନପୂର୍ବକ ଅତି ଆଡ଼ମ୍ବର ସହକାରେ ରାଜକୁମାର ଓ ରାଜକୁମାରୀମାନଙ୍କ ବିବାହ ଉତ୍ସବ ସମ୍ପନ୍ନ ହେଲା । (୧୪ଶ ଛାନ୍ଦ)

ବହୁବିଧ ଶୁଭ ଚିତ୍ରରେ ଚିତ୍ରିତ ମଧୁଶଯ୍ୟା ଗୃହରେ ନବଦମ୍ପତିମାନେ ସୁଖରେ ପ୍ରେମାଳାପ ଓ ବିହାର କଲେ । ରାମଚନ୍ଦ୍ର ସୀତାଙ୍କ ସମକ୍ଷରେ ପ୍ରମାଣ କଲେ ଯେ ତାଙ୍କର ଶରୀରରେ ପ୍ରାଣଥିବା ପର୍ଯ୍ୟନ୍ତ ଅନ୍ୟ କାହାକୁ ସ୍ତ୍ରୀରୂପରେ ଗ୍ରହଣ କରିବେ ନାହିଁ । ଦୀପ ହୁତାଶନକୁ ସ୍ପର୍ଶ କରି ସେ ନିୟମ କଲେ । ସୀତା ମଧ୍ୟ ସ୍ୱୟଂ କେଶବେଶରୁ କେତକୀ ପାଖୁଡ଼ାଟିଏ କାଢ଼ି ରାମଙ୍କ ହସ୍ତରେ ଦେଇ କୁଳଦୀପକୁ ସ୍ପର୍ଶ କରି ନିୟମ କଲେ, "ଏ ଜନ୍ମରେ ଅନ୍ୟ ପୁରୁଷ ପ୍ରତି ମତି ବଳି ନାହିଁ, ତୁମ୍ଭଙ୍କୁ ପତି ରୂପେ ପାଇଛି, ଜନ୍ମେ ଜନ୍ମେ ତୁମେ ମୋର ପତି ହୋଇ ରହିବ ।" (୧୫ଶ ଛାନ୍ଦ)

ବିବାହ ପରେ ଜନକ ବହୁତ ଧନରତ୍ନାଦି ଉପହାର ଦେଇ ବରଯାତ୍ରୀଙ୍କୁ ବହୁ ମାନ୍ୟରେ ବିଦାୟ ଦେଲେ । ପୁତ୍ରପୁତ୍ର ଓ ବଧୂଙ୍କୁ ସଙ୍ଗରେ ଧରି ଦଶରଥ ଅଯୋଧ୍ୟାକୁ ବାହାରିଲେ । ବାଦ୍ୟ, ତୁରୀ, ଭେରୀ, ଶଙ୍ଖ, ମହୁରୀ ପ୍ରଭୃତି ବାଦ୍ୟବାଜଣାରେ ଚତୁର୍ଦ୍ଦିଗ ପୂର୍ଣ୍ଣ ହୋଇଗଲା । ବାଟରେ ପରଶୁରାମଙ୍କ ଆଶ୍ରମ ପଡ଼ିଲା । ବୀରବାଦ୍ୟାଦି ଶବ୍ଦରେ ପରଶୁରାମ ବିଚଳିତ ହୋଇ ପଡ଼ିଲେ । ତାଙ୍କଠାରୁ ଆଉ କେହି ଜଣେ ବଡ଼ ବୀର ଆସିଛି ଏହି ଆଶଙ୍କା କରି ସେ କ୍ରୋଧରେ ଆଶ୍ରମରୁ ବାହାରି ବାଟ ଓଗାଳିଲେ । ପରଶୁରାମଙ୍କଦ୍ୱାରା ପୂର୍ବେ ଦଶରଥ ପରାଜିତ ହୋଇଥିଲେ । ଏବେ ତାଙ୍କର କ୍ରୋଧମୂର୍ତ୍ତି ଦେଖି ଦଶରଥ ଭୟ କଲେ ଏବଂ ବିନୟବଚନରେ ତାଙ୍କର କୋପ ଶାନ୍ତ କରିବାକୁ ଚେଷ୍ଟା କଲେ । କିନ୍ତୁ ରାମ ଓ ଲକ୍ଷ୍ମଣ ନିର୍ଭୟରେ ତାଙ୍କୁ ତାଙ୍କର ଗର୍ବ ସକାଶେ ନିନ୍ଦା କଲେ । ଏଥିରେ ପରଶୁରାମ କ୍ରୋଧରେ ସ୍ୱ ଧନୁକୁ ରାମଚନ୍ଦ୍ରଙ୍କୁ ବଢ଼ାଇ ଦେଇ କହିଲେ, "ତୁମେ ପୁରୁଣା ଦଦରା ଶିବଧନୁକୁ ଭାଙ୍ଗି ମନରେ ଗର୍ବ କରୁଛ । ମୋର ଏ ଧନୁରେ ଗୁଣ ଦେଇ ପାରିବ କି ?" ରାମଚନ୍ଦ୍ର ସେ ଧନୁକୁ ସ୍ପର୍ଶ କରିବା ମାତ୍ରେ ପରଶୁରାମଙ୍କ ଦେହରେ ଯେଉଁ ବିଷ୍ଣୁକଳା ଥିଲା ତାହା ସ୍ୱୟଂ ପୂର୍ଣ୍ଣବ୍ରହ୍ମ ରାମଚନ୍ଦ୍ରଙ୍କ ଦେହକୁ ଚାଲି ଗଲା । ରାମଚନ୍ଦ୍ର ପରଶୁରାମଙ୍କ ଅନୁରୋଧ ମତେ ତାଙ୍କର ପାପଭାର ନାଶ କରିବା ପାଇଁ ସେହି ଧନୁରେ ଶର ବନ୍ଧିଲେ । ପରଶୁରାମ ନିଷ୍ପ୍ରଭ ହୋଇ ସେଠାରୁ ପଳାୟନ କଲେ । ବିଷ୍ଣୁ ଓ ବିଷ୍ଣୁଅଂଶୀ ଭେଟ ହୋଇ ବିବାଦୀ ହେଲେ; ଦ୍ୱିତୀୟା ଚନ୍ଦ୍ର ପରେ ପୂର୍ଣ୍ଣଚନ୍ଦ୍ର ହେଲା ପରି ପରଶୁରାମ ଆଗ ଜନ୍ମ ହୋଇଥିଲେ, ରାମଚନ୍ଦ୍ର ପଛେ ଜନ୍ମ ହେଲେ । ପରଶୁରାମ ରାମଚନ୍ଦ୍ରଙ୍କୁ ସ୍ୱୟଂ ବିଷ୍ଣୁ ବୋଲି ଜାଣିଲେ । ଦଶରଥ ସଦଳବଳେ ଅଯୋଧ୍ୟାରେ ପ୍ରବେଶ କଲେ । କେତେଦିନ ପରେ ଦଶରଥଙ୍କର ପିତୃଶ୍ରାଦ୍ଧ ପଡ଼ିବାରୁ ରାମ ବନକୁ ମୃଗୟା କରିବାକୁ ଗଲେ । ବନରେ ଭ୍ରମଣ କରୁ କରୁ ସେ ପଥଭ୍ରାନ୍ତ ହେଲେ । ଗୁହ ଶବରଙ୍କ ଘରେ ରାମ ଆଶ୍ରୟ ନେଇ ତାଙ୍କ ସହିତ ମିତ୍ର ବସିଲେ । ଅଯୋଧ୍ୟାକୁ ଫେରି ପିତାଙ୍କ ପିତୃଶ୍ରାଦ୍ଧରେ ରାମ ଯୋଗ ଦେଲେ । ଭରତ ଓ ଶତ୍ରୁଘ୍ନଙ୍କୁ ଦେଖିବା ପାଇଁ ତାଙ୍କ ଅଜା ଦୂତ ପଠାଇ ସେ ଦୁହିଁଙ୍କୁ ନେଇଗଲେ । (୧୬ଶ ଛାନ୍ଦ)

ରାମଚନ୍ଦ୍ରଙ୍କୁ ନରପତି ରୂପରେ ଅଭିଷିକ୍ତ କରିବା ଇଚ୍ଛା କରି ଦଶରଥ ମନ୍ତ୍ରୀ ଓ କୁଳଗୁରୁଙ୍କ ସହିତ ପରାମର୍ଶ କଲେ ଏବଂ ଶୁଭଦିନ ନିର୍ଣ୍ଣୟ କରି ନଗର ମଣ୍ଡିଣି କଲେ । 'ରାମଚନ୍ଦ୍ର ରାଜା ହେବେ' ଏହି ବାର୍ତ୍ତା ସର୍ବତ୍ର ବ୍ୟାପିଗଲା । ସମସ୍ତେ ଆନନ୍ଦିତ ହେଲେ; କିନ୍ତୁ କୈକେୟୀ ଧାତ୍ରୀ ମନ୍ଥରାଙ୍କ କୁମନ୍ତ୍ରଣାରେ ସ୍ୱପୁତ୍ର ଭରତଙ୍କୁ ରାଜା କରିବା ପାଇଁ ଦଶରଥଙ୍କଠାରେ ଅଡି ଅଳି କଲେ । ପୂର୍ବେ ଶମ୍ବର-ଯୁଦ୍ଧ ସମୟରେ କୈକେୟୀ ଦଶରଥଙ୍କ ରଥରେ ସାରଥି ହୋଇ ଯୁଦ୍ଧଭୂମିକୁ ଯାଇଥିଲେ । ସେତେବେଳେ ଏଥିରେ ସନ୍ତୁଷ୍ଟ ହୋଇ ଦଶରଥ କୈକେୟୀଙ୍କ ପୁଅ ରାଜା ହେବେ ବୋଲି ସତ୍ୟ କରିଥିଲେ । ବର୍ତ୍ତମାନ ସେହି ସତ୍ୟ କଥା ଦଶରଥଙ୍କୁ ମନେ ପକାଇ କୈକେୟୀ ସ୍ୱପୁତ୍ର ଭରତଙ୍କୁ ରାଜା କରିବାକୁ ଏବଂ ରାମଙ୍କୁ ଚଉଦ ବର୍ଷ ବନବାସ ପଠାଇବାକୁ କହିଲେ । ରାମଚନ୍ଦ୍ର ଏ କଥା ଶୁଣିପାରି ସ୍ୱତଃପ୍ରବୃତ୍ତ ହୋଇ ପିତାଙ୍କ ସତ୍ୟରକ୍ଷା ଓ ବିମାତାଙ୍କ ମନୋରଥ ପୂର୍ଣ୍ଣ କରିବା ନିମିତ୍ତ ସମ୍ମତ ଥିବା ପିତାଙ୍କୁ ଜଣାଇଲେ । ରାମଙ୍କ ସହିତ ସୀତା ଓ ଲକ୍ଷ୍ମଣ ମଧ୍ୟ ଯିବାକୁ ବାହାରିଲେ । ଏ ତିନିହେଁ କଷାୟ ବସ୍ତ୍ର ଧାରଣ କଲେ ଏବଂ ବନବାସୀ ସୁଲଭ ସମ୍ଭାର ଧରି ତାପସ ନଦୀ ପାର ହୋଇ ବନ ମଧ୍ୟରେ ପ୍ରବେଶ କଲେ । ବନରେ ରାମଙ୍କ ମିତ୍ର ଗୁହ ଶବରଙ୍କ ଆଶ୍ରମରେ ତିନିହେଁ ରହିଲେ । ରାମଚନ୍ଦ୍ରଙ୍କ ରଥବାହକ ସୁମନ୍ତ୍ର ତାଙ୍କର ଆଦେଶ ପାଇ ସେଠାରୁ ସଦଳବଳେ ଅଯୋଧ୍ୟାକୁ ଫେରିଗଲେ । ସେଠାରୁ ଯାଇ ତିନିହେଁ ଭରଦ୍ୱାଜଙ୍କ ଆଶ୍ରମରେ କିଛିଦିନ ରହିଲେ । ବନବାସୀମାନେ ସ୍ୱରାଜ୍ୟ ଦଣ୍ଡକାରଣ୍ୟରେ ରାଜା ହୋଇ ସେମାନଙ୍କୁ ପାଳନ କରିବା ପାଇଁ ରାମଙ୍କୁ ଅନୁରୋଧ କଲେ । କିନ୍ତୁ ରାମ ତାହା ପ୍ରତ୍ୟାଖ୍ୟାନ କଲେ । ଏହାପରେ ଗଙ୍ଗା ପାର ହୋଇ ତିନିହେଁ ଚିତ୍ରକୂଟ ପର୍ବତରେ ଉପସ୍ଥିତ ହେଲେ । (୧୭ଶ ଛାନ୍ଦ)

ରାମ, ଲକ୍ଷ୍ମଣ ଓ ସୀତା ଚିତ୍ରକୂଟ ପର୍ବତରେ ପର୍ଣ୍ଣକୁଟୀର ନିର୍ମାଣ କରି ଅବସ୍ଥାନ କଲେ । ସେମାନେ ଦ୍ରାକ୍ଷାରସ ଓ ଫଳମୂଳାଦି ଭକ୍ଷଣ କରି ଏବଂ ମୃଗଚର୍ମରେ ଶୟନ କରି ଦିନାତିପାତ କଲେ । ଏ ଆଡ଼େ ସୁମନ୍ତ୍ର ବନରୁ

ବାହୁଡ଼ି ଯାଇ ରାମଲକ୍ଷ୍ମଣସୀତାଙ୍କର ବନବାସ ସାତମାଢ ବିଷୟ ରାଜପରିବାରଙ୍କ ସମସ୍ତଙ୍କ ଆଗରେ ବର୍ଣ୍ଣନା କଲେ । ଏ କରୁଣ ପ୍ରସଙ୍ଗ ଶୁଣି ସମସ୍ତେ ବ୍ୟଥିତ ହେଲେ । ଦଶରଥ ଅତ୍ୟନ୍ତ ଶୋକାକୁଳ ହେଲେ ଏବଂ ମନୋଦୁଃଖରେ ତାଙ୍କର ମୃତ୍ୟୁ ହେଲା । ପୂର୍ବେ ଦଶରଥ ଅନ୍ଧ ଋଷିଙ୍କର ଏକ-ମାତ୍ର ପୁତ୍ରକୁ ସେ ପାଣି ଆଣିବାପାଇଁ ନଦୀରେ ପଶିଥିଲା ବେଳେ ହସ୍ତୀ ବୋଲି ଭାବି ଶରବିଦ୍ଧ କରିଥିଲେ ଏବଂ ସେଥିରେ ଋଷିପୁତ୍ରଙ୍କର ମୃତ୍ୟୁ ହୋଇଥିଲା । ସେତେବେଳେ ଋଷି ଦଶରଥଙ୍କୁ ଶାପ ଦେଇଥିଲେ ଯେ ସେ ମଧ୍ୟ ମଲାବେଳେ ପୁତ୍ରମୁଖଦର୍ଶନରୁ ବଞ୍ଚିତ ହେବେ । ଏବେ ସେହି ଅଭିଶାପ ଫଳିଲା । ଭରତ ଓ ଶତ୍ରୁଘ୍ନ ଅଜାଙ୍କ ଘରେ ଥିଲେ, ରାମଲକ୍ଷ୍ମଣ ତ ବନକୁ ଯାଇଥିଲେ, ସେହିହେତୁ ମଲାବେଳକୁ ଦଶରଥ ପୁତ୍ରମୁଖଦର୍ଶନରୁ ବଞ୍ଚିତ ହେଲେ । ପିତାଙ୍କ ମୃତ୍ୟୁ ସମ୍ବାଦ ପାଇ ଭରତଶତ୍ରୁଘ୍ନ ଅଯୋଧ୍ୟାକୁ ଫେରିଲେ । ରାମଲକ୍ଷ୍ମଣ-ସୀତାଙ୍କର ବନବାସ ପ୍ରସଙ୍ଗ ଶ୍ରବଣ କରି ଭରତ ସ୍ୱ ମାତାଙ୍କୁ ବହୁ ତିରସ୍କାର କଲେ । ପିତାଙ୍କ ସିଂହାସନରେ ବସିବାପାଇଁ ପାତ୍ରମନ୍ତ୍ରୀମାନେ ପରାମର୍ଶ ଦେବାରୁ ତାହା ସେ ପ୍ରତ୍ୟାଖ୍ୟାନ କଲେ ଏବଂ ରାମଚନ୍ଦ୍ର ହିଁ ସିଂହାସନର ଅଧିକାରୀ ବୋଲି ବ୍ୟକ୍ତ କଲେ । ବିଧିପୂର୍ବକ ପ୍ରେତକର୍ମ ସମାପ୍ତ କରି ରାମଚନ୍ଦ୍ରଙ୍କୁ ଫେରାଇ ଆଣିବା ପାଇଁ ଭରତ ବନକୁ ଗଲେ । ଗୁହ ଶବର ଆଶ୍ରମ, ଭରଦ୍ୱାଜ ଆଶ୍ରମ ବାଟେ ଚିତ୍ରକୂଟରେ ଉପସ୍ଥିତ ହୋଇ ସେ ରାମଙ୍କୁ ଭେଟିଲେ । ଅଯୋଧ୍ୟାକୁ ଫେରିଯିବାକୁ ଭରତ କହିବାରୁ ରାମ ନାସ୍ତି କଲେ । ଭରତ ଦୁଃଖରେ କୁଶଶଯ୍ୟା କରିବାରୁ ଦୈବବାଣୀ ହେଲା ଯେ ରାମଙ୍କୁ ଫେରାଇ ନେଲେ ସୂର୍ଯ୍ୟବଂଶର ଗୌରବ ଲୋପ ପାଇଯିବ । ଦୈବବାଣୀ ଶୁଣି ଭରତ କୁଶଶଯ୍ୟା ତ୍ୟାଗକଲେ ଏବଂ ଯତିବେଶଧାରଣ କରି, ରାମଙ୍କ ପାଦୁକା ନେଇ ଅଯୋଧ୍ୟା ସିଂହାସନରେ ରଖିଲେ । ସେ ନିଜେ ନନ୍ଦୀଗ୍ରାମରେ ଗୃହନିର୍ମାଣ କରି ରହି ଶାସନ ଚଳାଇଲେ । ( ୧୮ଶ ଛାନ୍ଦ )

ରାମ, ସୀତା ଓ ଲକ୍ଷ୍ମଣଙ୍କ ସହ ବନରେ ବାସ କରି ଦିନାତିପାତ କରିବାକୁ ଲାଗିଲେ । ଚିତ୍ରକୂଟର ବିଭିନ୍ନ ଲତା, ବୃକ୍ଷ ଓ ବିଭିନ୍ନ ପ୍ରାକୃତିକଦୃଶ୍ୟ ଦେଖି

ସୀତାଙ୍କ ମନଃପ୍ରବୋଧ କରିବା ପାଇଁ ରାମଚନ୍ଦ୍ର ସେମାନଙ୍କର ଶୋଭା ବର୍ଣ୍ଣନା କଲେ । ରାମସୀତାଙ୍କ ପ୍ରେମାଳାପ ପରସ୍ପରକୁ ସୁଖଦାନ କଲା । ଦିନେ ବନବିହାର କରିସାରି ରାମ ଓ ସୀତା କୁଟୀରକୁ ଫେରିଲେ । ସେତେବେଳେ ସେମାନଙ୍କର ଖାଦ୍ୟ ଶୁଷ୍କ ମାଂସ ଶୁଖୁଥିଲା । କୁଆମାନେ ସେ ଶୁଷ୍କମାଂସକୁ ଝାମ୍ପି ନେଇ ଯିବାପାଇଁ ଚେଷ୍ଟା କଲାବେଳେ ସୀତା ସେମାନଙ୍କୁ ବାରଣ କଲେ । ସେ ଅବସ୍ଥାରେ ତାଙ୍କର ଅଧରକୁ ବିମ୍ବଫଳ ମନେକରି କୁଆଟିଏ ଥଣ୍ଟରେ ଆଘାତ କଲା । ଏଥିରେ ରାମ କ୍ରୋଧାନ୍ୱିତ ହୋଇ କାଇଁଶ ଶର ମାରି ସବୁ କୁଆଙ୍କର ଚକ୍ଷୁ ଭାଙ୍ଗି ପକାଇଲେ । କାକମାନେ ବହୁ ମିନତି କରିବାରୁ ରାମଚନ୍ଦ୍ର ସେମାନଙ୍କୁ କେବଳ ଟେରା କରିଦେଇ ଚକ୍ଷୁଦାନ କଲେ । (୧୯ଶ ଛାନ୍ଦ)

ଦିନେ ସୀତା ଅତ୍ୟନ୍ତ ଦୁଃଖିତା ହୋଇ ରାମଙ୍କୁ କହିଲେ, "ବିଧାତା ଆମ୍ଭଙ୍କୁ ନୃପତି ହେବା ଦିନରେ ବନବାସ ବିହିଲେ । ଶିବଙ୍କୁ ସ୍ୱର୍ଗପୁରୀ ଛଡ଼ାଇ ଶ୍ମଶାନରେ ବାସ କରିବା ଓ ବିଷ୍ଣୁଙ୍କୁ ରତ୍ନପଲଙ୍କ ଛଡ଼ାଇ ସର୍ପ-ଆସନ କରିବା ପରି ଅମ୍ଭମାନଙ୍କର ଅବସ୍ଥା ହେଲା । ଏପରି ଅବିଧି କରୁଥିବା ବିଧି କାହିଁକି ବିଧି ବୋଲାଉଛନ୍ତି ?" ସୀତାଙ୍କର ମନୋବେଦନା ବୁଝିପାରି ରାମ ଏହି ଏକାନ୍ତ ବନବାସ କିପରି ଆନନ୍ଦଦାୟକ ତାହା ବର୍ଣ୍ଣନା କରି ବିବିଧ ପ୍ରେମାଳାପରେ ତାଙ୍କର ମନକୁ ପ୍ରବୋଧ କଲେ । (୨୦ଶ ଛାନ୍ଦ)

ରାମ, ଲକ୍ଷ୍ମଣ ଓ ସୀତା ଚିତ୍ରକୂଟରେ କିଛି ଦିନ ବାସ କଲେ । ଏହି ସମୟରେ ଋଷିମାନେ ରାମଙ୍କ ଧନୁର୍ଦ୍ଧର ରୂପ ଦେଖି ବିପଦ ଆଶଙ୍କା କଲେ । ଋଷିମାନେ ରାକ୍ଷସମାନଙ୍କୁ ବଧ କରିବା ନିମନ୍ତେ ରାମଙ୍କୁ ଆଣିଥିବେ ଏହି ଆଶଙ୍କା ରାକ୍ଷସମାନଙ୍କ ମନରେ ଜାଗ୍ରତ ହେଲେ ସେମାନେ ବେଶି ଉତ୍ପାତ କରିବେ ଏବଂ ଋଷିମାନଙ୍କ ଉପରେ ଅତ୍ୟାଚାର କରିବେ—ଏହି ଭୟରେ ଋଷିମାନେ ସେ ବନ ତ୍ୟାଗ କରି ଅନ୍ୟତ୍ର ଚାଲିଯିବାକୁ ଉଦ୍ୟତ ହେଲେ । ରାମଙ୍କୁ ସେମାନେ ବିଷ୍ଣୁ ବୋଲି ଚିହ୍ନି ପାରିଲେ ନାହିଁ । ସ୍ୱତଃପ୍ରବୃତ୍ତ ହୋଇ ରାମ ସେ ବନ ତ୍ୟାଗ କରି ଦଣ୍ଡକାରଣ୍ୟକୁ ଚାଲିଗଲେ । ଦଣ୍ଡକାରଣ୍ୟରେ ରାମ ଲକ୍ଷ୍ମଣ ବିବିଧ ରାକ୍ଷସଙ୍କୁ ବଧ କଲେ । ସେମାନେ ସେଠାରୁ ବହୁ ତୀର୍ଥସ୍ଥାନକୁ

ଗଲେ । ଦଣ୍ଡକାରଣ୍ୟରେ ଯାତ୍ରା କରୁଥିଲାବେଳେ ଗୋପାଳମାନେ ଯାତ୍ରାରେ ବାଧା ଦେବାରୁ କ୍ରୁଦ୍ଧ ରାମଚନ୍ଦ୍ର ସେମାନଙ୍କୁ ଶାପ ଦେଲେ । ପରେ ଗୋପାଳମାନେ ଦୋଷ ସ୍ୱୀକାର କରିବାରୁ ରାମ କ୍ଷମା ଦେଲେ । ଗୋପାଳ ମାନେ ତାଙ୍କ ରୂପରେ ମୁଗ୍ଧ ହେବାରୁ ଦ୍ୱାପର ଯୁଗରେ ରାମ କୃଷ୍ଣରୂପରେ ଜନ୍ମହେବେ ଏବଂ ଗୋପାଳମାନେ ଗୋପୀରୂପେ ଜନ୍ମ ଗ୍ରହଣ କରିବେ; ଗୋପାଳଙ୍କ ମୁଖିଆ ନନ୍ଦରୂପେ ଜନ୍ମ ହେବ । (୨୯ଶ ଛାନ୍ଦ)

ରାମ, ଲକ୍ଷ୍ମଣ ଓ ସୀତା ନାନା ତୀର୍ଥ ଭ୍ରମଣ କରି ଅଗସ୍ତି ଆଶ୍ରମରେ ଉପସ୍ଥିତ ହେଲେ । ସେଠାରେ ଅହିଂସା ପୂର୍ଣ୍ଣମାତ୍ରାରେ ବିରାଜୁଥିଲା । ଅଗସ୍ତି ରାମଙ୍କୁ ବ୍ରହ୍ମାସ୍ତ୍ର, ଧନୁ ଓ ଶରମୁଣା ଦେଲେ ଏବଂ ଏହି ଶରରେ ରାବଣର ବଧ ହେବା ନିଶ୍ଚିତ ବୋଲି କହିଲେ ।

"ବୋଲେ ଏ ଶର ରାବଣର । ବଧ ବିଚାର ରଘୁବୀର ।" ଋଷିଙ୍କ ପରାମର୍ଶ କ୍ରମେ ରାମ ଗୋଦାବରୀ ତୀରସ୍ଥ ପଞ୍ଚବଟୀରେ ଆଶ୍ରମ ନିର୍ମାଣ କରି ଅବସ୍ଥାନ କଲେ । ଏଠାରେ ବିଖ୍ୟାତ ଜଟାୟୁ ପକ୍ଷୀ ସହିତ ରାମ ବନ୍ଧୁତା ସ୍ଥାପନ କଲେ । ସୀତାଙ୍କୁ ରକ୍ଷା କରିବାକୁ ଜଟାୟୁ ପ୍ରତିଶ୍ରୁତି ଦେଲେ । (୨୨ଶ ଛାନ୍ଦ)

ରାମ, ଲକ୍ଷ୍ମଣ ଓ ସୀତା ପଞ୍ଚବଟୀରେ ଆଶ୍ରମବାସୀ ହୋଇଥିଲା ବେଳେ ଲଙ୍କାର ରାଜା ରାବଣର ଭଉଣୀ ସୂର୍ପଣଖା ରାମଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧା ହେଲା ଏବଂ ଧୈର୍ଯ୍ୟଚ୍ୟୁତ ଘଟିବାରୁ ରାମଙ୍କ ମନକୁ ମୋହିତ କରିବା ପାଇଁ ସୁନ୍ଦର କପଟ ବେଶ ଧାରଣ କଲା । ପ୍ରଥମେ ରାମଙ୍କୁ ଓ ପରେ ଲକ୍ଷ୍ମଣଙ୍କୁ ମୋହିତ କରିବାକୁ ଚେଷ୍ଟା କରିବାରୁ ରାମ, ଲକ୍ଷ୍ମଣଙ୍କ ଦ୍ୱାରା ତାର ନାକ ଓ କାନ କାଟି ପକାଇ ଶାସ୍ତି ବିଧାନ କଲେ । ସୂର୍ପଣଖା ଲଜ୍ଜା ପାଇ କ୍ରୋଧରେ ସେଠାରୁ ପଳାୟନ କଲା ଏବଂ ଖର ରାକ୍ଷସଙ୍କ ଆଗରେ ଘଟଣା ବର୍ଣ୍ଣନା କଲା । ଖର କ୍ରୋଧାନ୍ୱିତ ହୋଇ ଦୂଷଣ ଓ ତ୍ରିଶିରାଙ୍କ ସହ ରାମଙ୍କୁ

ଆକ୍ରମଣ କଲେ । ଯୁଦ୍ଧରେ ଏ ତିନି ରାକ୍ଷସ ନିହତ ହେଲେ । ସୂର୍ପଣଖା ଭୟରେ ଲଙ୍କାଗଡ଼କୁ ପଳାୟନ କଲା । (୧୩ଶ ଗ୍ରନ୍ଥ)

ସୂର୍ପଣଖା ଅପମାନ ପାଇ ରାବଣ ନିକଟକୁ ଯାଇ ପ୍ରତିଶୋଧ ନେବା ପାଇଁ କହିଲା । ରାବଣ କହିଲା, "କଳେ ବଳେ କୌଶଳେ ମୁଁ ନିଶ୍ଚୟ ରାମର ସ୍ତ୍ରୀକୁ ହରଣ କରି ଆଣିବି ।" ରାବଣ ବିମାନରେ ପଞ୍ଚବଟୀକୁ ଯାଇ ମାରୀଚ ରାକ୍ଷସର ସାହାଯ୍ୟ ନେଲା । ମରୀଚ ମାୟା ମୃଗ ହୋଇ କୁଟୀର ଆଗରେ ଖେଳିବାରୁ ସୀତା ଲୋଭ କଲେ । ସୀତାଙ୍କ ଅନୁରୋଧରେ ରାମ ମାୟାମୃଗକୁ ଧରିବା ପାଇଁ ଗୋଡ଼ାଇଲେ । ଏହି ସମୟରେ ରାବଣ ମାୟା ସନ୍ନ୍ୟାସୀ ରୂପ ଧାରଣକରି ଭିକ୍ଷା ନିମନ୍ତେ କୁଟୀର ନିକଟକୁ ଆସିଲା । ସୀତା ଭିକ୍ଷା ଦେବାକୁ କୁଟୀର ବାହାରକୁ ଆସିବାରୁ ରାବଣ ତାଙ୍କୁ ବଳାତ୍କାରେ ରଥରେ ଧରି ପଳାଇଲା । ଜଟାୟୁ ଆକାଶ ମାର୍ଗରେ ରାବଣର ରଥକୁ ଅଟକାଇବାରୁ ରାବଣ ତାର ଦୁଇ ପକ୍ଷକୁ ଛେଦନ କରିଦେଲା । ଜଟାୟୁ ତଳେ ପଡ଼ିଗଲେ । ରାବଣ ସୀତାଙ୍କୁ ନେଇ ଲଙ୍କାରେ ପ୍ରବେଶ କଲା । ରାବଣ ଅଶୋକବନରେ ପ୍ରହରୀ ବେଷ୍ଟିତ କରି ସୀତାଙ୍କୁ ରଖିଲା । ସୀତାଙ୍କ ଦୁଃଖ ଦେଖି ନାରଦ ଅଶୋକବନକୁ ଆସିଲେ ଏବଂ ତାହାଙ୍କୁ ପ୍ରବୋଧ ଦେଲେ । ବାରଦ ମାସ ପରେ ବିଚ୍ଛେଦ ଦୂର ହେବ ବୋଲି ନାରଦ ସୀତାଙ୍କୁ କହିଲେ । (୧୪ଶ ଗ୍ରନ୍ଥ)

ସୀତାଙ୍କୁ ରାବଣ ରଥରେ ବସାଇ ଲଙ୍କାକୁ ନେଇଯାଇଥିବା ସମ୍ବାଦ ରାମ ଜଟାୟୁଙ୍କଠାରୁ ଶୁଣିଲେ । ଜଟାୟୁଙ୍କ ମୃତ୍ୟୁ ହେଲା । ରାମ ଦୁଃଖରେ କ୍ରନ୍ଦନ କରି କରି ଲକ୍ଷ୍ମଣଙ୍କ ସହ ସୀତା ଅନ୍ୱେଷଣରେ ଦକ୍ଷିଣ ଦିଗକୁ ଗମନ କଲେ । (୧୫ଶ ଗ୍ରନ୍ଥ)

ରାମଚନ୍ଦ୍ରଙ୍କ ଚକ୍ଷୁରୁ ଅନବରତ ଅଶ୍ରୁ ନିଗଳିତ ହେବାରୁ ତାଙ୍କର ଦୃଷ୍ଟି ଶକ୍ତି କ୍ରମେ ହ୍ରାସ ପାଇଲା । ସୀତାଙ୍କ ବିରହରେ ସେ ଏକାବେଳକେ କାତର ହୋଇପଡ଼ିଲେ । (୧୬ଶ ଗ୍ରନ୍ଥ)

ବାଟରେ କବନ୍ଧ ରାକ୍ଷସ ଏମାନଙ୍କୁ ଆକ୍ରମଣ କରିବାରୁ ଲକ୍ଷ୍ମଣ ତାଙ୍କୁ ବଧ କଲେ । କବନ୍ଧ ଜୀବତ୍ୟାଗ କରିବା ପୂର୍ବରୁ ସୀତାଙ୍କୁ ରାବଣ ହରିଣାଇ ନେଇ ଯାଇଥିବା ଜଣାଇଲା ଏବଂ ଏହାପରେ ମୁକ୍ତିଲାଭ କରି ସ୍ୱର୍ଗକୁ ଗଲା । ବନରେ ଗୋପାଳମାନେ ରାମଙ୍କ କ୍ଷୁଧା ତୃଷ୍ଣା ନିବାରଣ ପାଇଁ କ୍ଷୀର ନ ଦେବାରୁ ରାମ ସେମାନଙ୍କୁ ଶାପ ଦେଲେ, "ଦୁଧ ନ ଦୁହିଁ ରକ୍ତ ଦୁହିଁ ।" ଗୋପାଳମାନେ କ୍ଷମା ମାଗିବାରୁ ସେମାନଙ୍କୁ ଶାପରୁ ମୁକ୍ତ କଲେ । ରାମ ଗୋପାଳଙ୍କ ମୁଖିଆକୁ ବରଦେଲେ, ସେ ଦ୍ୱାପର ଯୁଗରେ ନନ୍ଦ ହୋଇ ଜନ୍ମ ହେବେ ଏବଂ ନିଜେ ରାମ କୃଷ୍ଣରୂପରେ ଜନ୍ମ ହୋଇ ତାଙ୍କଦ୍ୱାରା ଲାଳିତପାଳିତ ହେବେ । ରାମଚନ୍ଦ୍ର ଶରଭଙ୍ଗ ଋଷିଙ୍କ ଆଶ୍ରମରେ ପହଞ୍ଚିଲେ ଆଶ୍ରମରେ ଶବରୀ ପକ୍ୱ ଆମ୍ବକୁ ଆଗେ ଚାଖି ସୁସ୍ୱାଦୁ ଆମ୍ବ ବାଛି ରାମଙ୍କ ଭୋଜନ ପାଇଁ ଦେଲେ । ଶବରୀଠାରୁ ଋଷ୍ୟମୂକ ପର୍ବତରେ ସୁଗ୍ରୀବ ବାସ କରୁଥିବା ଜାଣି ସେଠାକୁ ଯିବାକୁ ବାହାରିଲେ । ଚକ୍ରବାକ ପକ୍ଷୀକୁ ରାମ ସୀତାଙ୍କ ବାର୍ତ୍ତା ପଚାରିବାରୁ ସେ ପରିହାସ କଲା । ଲକ୍ଷ୍ମଣ ଶାପ ଦେଲେ, "ତୁମ୍ଭେ କୃତ୍ସ୍ନମ୍ପ୍ରୀ ହୋଇଥିଲେ ମଧ୍ୟ ବିଚ୍ଛେଦରେ କାଳ ହରଣ କର ।" ଚକ୍ରବାକ ଦମ୍ପତି କ୍ଷମା ମାଗିବାରୁ ରାମ ବର ଦେଲେ "ତୁମ୍ଭେମାନେ ଦିନବେଳେ ଯୁଗଳଭାବରେ ମିଳିତ ହେବ; କିନ୍ତୁ ରାତ୍ରିରେ ବିଚ୍ଛେଦ ଯନ୍ତ୍ରଣା ଭୋଗ କରିବ ।" ଚକ୍ରବାକଠାରୁ ସୀତାଙ୍କୁ ରାବଣ ହରିରାଇ ନେଇଥିବା ସମ୍ବାଦ ପାଇଲେ । (୨୭ଶ ଛାନ୍ଦ)

ରାମ ଲକ୍ଷ୍ମଣ ଋଷ୍ୟମୂକ ପର୍ବତରେ ଉପସ୍ଥିତ ହୋଇ ସୁଗ୍ରୀବଙ୍କୁ ଭେଟିଲେ । ଉଭୟେ ସମଅବସ୍ଥାପନ୍ନ ଥିବାରୁ ମିତ୍ର ହେଲେ । ସୀତା ରଥରୁ ପକାଇ ଦେଇଥିବା ଅଳଙ୍କାର ସୁଗ୍ରୀବ ରାମଙ୍କୁ ଦେଲେ । (୨୭ଶ ଛାନ୍ଦ)

ରାମଙ୍କ ପରାମର୍ଶ ଅନୁସାରେ ସୁଗ୍ରୀବ ବାଲି ସହିତ ଯୁଦ୍ଧ କଲେ । ରାମ ବୃକ୍ଷ ଉହାଡ଼ରେ ଲୁଚିରହି ଶର ପେଶି ବାଳିକୁ ବଧ କଲେ । ସୁଗ୍ରୀବ କିଷ୍କିନ୍ଧ୍ୟାରେ ରାଜା ହେଲେ । ବାଳି ରାମଙ୍କୁ ବିଷ୍ଣୁ ବୋଲି ଜାଣି ସ୍ତୁତି କଲେ । ବାଳି ବଳାତ୍କାରରେ ସୁଗ୍ରୀବଙ୍କ ସ୍ତ୍ରୀ ତାରାଙ୍କୁ ନେଇ ଯାଇଥିଲେ । ସେ ପୁଣି ରାଜା ସୁଗ୍ରୀବଙ୍କ ରାଣୀ ହେଲେ । ବର୍ଷା ଆସିଯିବାରୁ ରାମଲକ୍ଷ୍ମଣ

ମାଲ୍ୟବନ୍ତରେ ନିବାସ କଲେ ଏବଂ ବର୍ଷା ପରେ ଲଙ୍କା ଅଭିଯାନର ଆୟୋଜନ କରିବାପାଇଁ ସୁଗ୍ରୀବଙ୍କୁ କହିଲେ । (୨୮ଶ ଛାନ୍ଦ)

ବର୍ଷାଋତୁରେ ରାମଙ୍କ ବିରହ । ରାମ ମେଘକୁ ଦୂତକରି ସୀତାଙ୍କଠାକୁ ସନ୍ଦେଶ ପ୍ରେରଣ କଲାପରି ଭାବ ପ୍ରକାଶ କଲେ । ମେଘ ଦକ୍ଷିଣ ଆଡ଼କୁ ଗତି କରିବାରୁ ତାଙ୍କ କଥା ସେ ମାନିଲା ବୋଲି ରାମ ମନରେ ଭାବି ଆନନ୍ଦିତ ହେଲେ । (୨୯ଶ ଛାନ୍ଦ)

ବର୍ଷା ଯାଇ ଶରତ ହେଲା । ଶରତ ପରେ ହେମନ୍ତର ଆଗମନ ହେବାରୁ ରାମଚନ୍ଦ୍ର, ସୁଗ୍ରୀବଙ୍କୁ ଆଣିବା ପାଇଁ ଲକ୍ଷ୍ମଣଙ୍କୁ ପଠାଇଲେ । ରାମ ବିରହରେ କାତର ହେଲେ । (୩୦ଶ ଛାନ୍ଦ)

ବିରହକାତର ରାମ ବନରେ ବିଗପକ୍ଷୀ ଓ ବୃକ୍ଷ ପ୍ରଭୃତିଙ୍କୁ ସୀତାଙ୍କ ସନ୍ଦେଶ ପଚାରି ଉତ୍ତର ନପାଇବାରୁ ସେମାନଙ୍କୁ ଶାପ ଦେଲେ । ଏହାପରେ ମାର୍କଣ୍ଡେୟ ଋଷି ଓ ଅଗସ୍ତି ଋଷି ରାମଙ୍କ ସହିତ ସାକ୍ଷାତ କରି ତାଙ୍କୁ ବୋଧ କଲେ । ରାମ ବିଷ୍ଣୁ କି ନୁହନ୍ତି, ଏ ସମ୍ବନ୍ଧରେ ମାର୍କଣ୍ଡେୟଙ୍କ ମନରେ ସନ୍ଦେହ ଜାତ ହେବାରୁ ଅଗସ୍ତି ସନ୍ଦେହମୋଚନ କଲେ । ହେମନ୍ତ ପରେ ଶିଶିର ଆସିଲା । ରାବଣକୁ ଧ୍ୱଂସ କରିବା ପାଇଁ ରାମ ସଂକଳ୍ପ କଲେ ଏବଂ ସୁଗ୍ରୀବଙ୍କ ଆଗମନକୁ ଅପେକ୍ଷା କରି ରହିଲେ । (୩୧ଶ ଛାନ୍ଦ)

ଲକ୍ଷ୍ମଣ ରାମଙ୍କଠାରୁ ଆଦେଶ ପାଇ ମାଲ୍ୟବନ୍ତରୁ ଆସି କିଷ୍କିନ୍ଧ୍ୟା ରେ ପହଞ୍ଚିଲେ । ଅଭିଯାନର ଆୟୋଜନ କରିବା ପାଶୋରି ଦେଇ ରାଜସୁଖରେ ବୁଡ଼ି ରହିଥିବାରୁ ସୁଗ୍ରୀବଙ୍କ ପ୍ରତି ଲକ୍ଷ୍ମଣ କୋଧ ପ୍ରକାଶ କଲେ । ସୁଗ୍ରୀବ ଲକ୍ଷ୍ମଣଙ୍କ ପ୍ରଭାବ ବଳରେ ହୀନତେଜ ହୋଇ ପଡ଼ିଲେ । ପରେ ଲକ୍ଷ୍ମଣଙ୍କୁ ସନ୍ତୁଷ୍ଟ କରି ସମରସଜ୍ଜା ଆରମ୍ଭ କଲେ । ରାମଙ୍କ ନିକଟରେ ଲକ୍ଷ୍ମଣ ଓ ସୁଗ୍ରୀବ ସୈନ୍ୟ- ସାମନ୍ତ ଧରି ପ୍ରବେଶ କଲେ । (୩୨ଶ ଛାନ୍ଦ)

ରାମଙ୍କ ପରାମର୍ଶ ମତେ ସୀତାଙ୍କ ସନ୍ଦେଶ ଆଣିବା ପାଇଁ ସୁଗ୍ରୀବ ବିଭିନ୍ନ ଦିଗକୁ ଚର ପଠାଇଲେ । ଲଙ୍କା ପୁରୀକୁ ପଥ ଆବିଷ୍କାର କରିବା

ନିମନ୍ତେ ମଧ୍ୟ ଗୁରୁମାନଙ୍କୁ କୁହାଗଲା । ରାମଙ୍କଠାରୁ କେତେ ଗୁପ୍ତ ତଥ୍ୟ ଓ ସ୍ୱହସ୍ତ ମୁଦ୍ରିକା ନେଇ ହନୁମାନ ସୀତାଙ୍କ ଅନ୍ୱେଷଣରେ ଲଙ୍କାପୁରୀକୁ ଗଲେ । (୩୩ଶ ଛାନ୍ଦ)

ଶୀତ ଯାଇ ବସନ୍ତଋତୁ ପ୍ରବେଶ ହେଲା । ସୀତା ରାମଙ୍କୁ ସ୍ମରଣ କରି ବହୁତ ବିଳାପ କଲେ; ବସନ୍ତସଖା ପିକକୁ ଦୂତରୂପେ ସମ୍ବୋଧନ କରି ମନର ଭାବକୁ ପ୍ରକାଶ କଲେ । ଅଙ୍ଗଦାଦି ବାନରମାନେ ସମୁଦ୍ର ଲଙ୍ଘନ କରି ଲଙ୍କାରେ ପଶିବା ଅସମ୍ଭବ ମନେକରି ଆତ୍ମହତ୍ୟା କରିବା ସଂକଳ୍ପ କରିଥିଲେ । ହନୁମାନ ଆକାଶରେ ଉଡ଼ି ଲଙ୍କା ଭିତରେ ପଶିଲେ । ବହୁ ଅନ୍ୱେଷଣ ପରେ ହନୁମାନ ସୀତାଙ୍କୁ ଅଶୋକ ବନ ଭିତରେ ଠାବ କଲେ । ଶୋକାକୁଳା ସୀତାଙ୍କୁ ଦେଖି ହନୁମାନ ଦୁଃଖିତ ହେଲେ । କିନ୍ତୁ ସୀତାଙ୍କ ସାନ୍ନିଧ୍ୟ ଲାଭ କରିପାରିଥିବାରୁ ସେ ଅଶେଷ ନିଧି ପାଇଲା ପରି ଆନନ୍ଦିତ ହେଲେ । (୩୪ଶ ଛାନ୍ଦ)

ହନୁମାନ ଲଙ୍କାରେ ପ୍ରବେଶ କରିବା ଦିନ ରାବଣକୁ ରାତିରେ ଲଙ୍କାଦେବୀ ରାମଦୂତ ହନୁମାନ ସୀତାଙ୍କ ନିକଟରେ ଉପସ୍ଥିତ ହୋଇ ସାରିଥିବା ଜଣାଇଲେ । ରାବଣର ମନ ଉଦ୍‌ବିଗ୍ନ ହେଲା । ରାବଣ ସୀତାଙ୍କ ନିକଟରେ ଉପସ୍ଥିତ ହୋଇ ତାଙ୍କୁ ମନାଇବା ପାଇଁ ବହୁ ଚାଟୁବାଣୀ ପ୍ରକାଶ କଲା । ରାବଣର ସେବକା ରାକ୍ଷସୀମାନେ ମଧ୍ୟ ରାବଣକୁ ସ୍ୱାମୀ ରୂପେ ଗ୍ରହଣ କରିବାକୁ ସୀତାଙ୍କୁ ବହୁତ ବୁଝାଇଲେ । ସୀତା ଏଥିପ୍ରତି କର୍ଣ୍ଣପାତ ନ କରିବାରୁ ରାବଣ ନିରାଶ ହୋଇ ଫେରିଗଲା । ପରଦିନ ସକାଳେ ସୀତା ଗଣ୍ଡୁକୀ ନଦୀରେ ସ୍ନାନ କରୁଥିବାବେଳେ ହନୁମାନ ବୃକ୍ଷ ଡାଳରେ ବସି ରାମସୀତା ଚରିତ ବର୍ଣ୍ଣନା କରି ମନେ ମନେ କଥାବାର୍ତ୍ତା କରିବାରୁ ତାଙ୍କ ଉପରେ ସୀତାଙ୍କ ଦୃଷ୍ଟି ପଡ଼ିଲା । ହନୁମାନଙ୍କ ସହିତ ସୀତାଙ୍କ କଥାବାର୍ତ୍ତା ହେଲା । ରାମ ପଠାଇଥିବା ସଙ୍କେତକୁ ହନୁମାନ ସୀତାଙ୍କୁ ଦେଲେ ଏବଂ ଗୁପ୍ତ ତଥ୍ୟ ପ୍ରକାଶ କଲେ । ସୀତାଙ୍କ ମନରୁ ସନ୍ଦେହ ଦୂର ହେଲା ଏବଂ ହନୁମାନ ରାମଙ୍କ ପ୍ରକୃତ ଦୂତ ବୋଲି ତାଙ୍କର ବିଶ୍ୱାସ ହେଲା । ରାମଙ୍କ

ସୀତା ଉଦ୍ଧାର ପରିକଳ୍ପନା ହନୁମାନ ସୀତାଙ୍କୁ କହିଲେ । ସୀତା ରାମଙ୍କଠାକୁ ହନୁମାନ ହସ୍ତରେ ନିଜର ମଥାମଣିକୁ ସଙ୍କେତ ରୂପରେ ଦେଲେ ଏବଂ କେତେକ ଗୁପ୍ତତଥ୍ୟ ମଧ୍ୟ କହିଲେ ।

ହନୁମାନ ଲଙ୍କାରୁ ଫେରିଯିବା ପୂର୍ବରୁ ଶତ୍ରୁକୁ ନିଜର ବୀରତ୍ୱ ଦେଖାଇବା ପାଇଁ ଲଙ୍କାର ସର୍ବୋତ୍କୃଷ୍ଟ ଉଦ୍ୟାନ ମଧୁବନରେ ପ୍ରବେଶ କରି ତାହାକୁ ଧ୍ୱଂସ କରିଥିଲେ । ରାବଣଙ୍କ ପୁତ୍ର ଇନ୍ଦ୍ରଜିତ ହନୁମାନଙ୍କୁ ଧରି ରାବଣ ନିକଟକୁ ନେଇଗଲେ । ରାମ ଓ ସୁଗ୍ରୀବ ସୀତାଙ୍କୁ ଉଦ୍ଧାର କରିବା ପାଇଁ ଆସୁଥିବା ହନୁମାନ ଜଣାଇଲେ । ରାବଣ ହନୁମାନଙ୍କୁ ବହୁତ ଯନ୍ତ୍ରଣା ଦେଲେ । ହନୁମାନ ଲଙ୍କାକୁ ପୋଡ଼ି ଛାରଖାର କରିଦେଲେ । ଏହାପରେ ସମୁଦ୍ର ଲଙ୍ଘନ କରି ସ୍ୱସ୍ଥାନକୁ ଫେରିଆସି ରାମଙ୍କୁ ସମସ୍ତ ସମ୍ବାଦ ଜଣାଇଲେ । ବ୍ରହ୍ମାଙ୍କ ଆଦେଶରେ ବିଶ୍ୱକର୍ମା ଲଙ୍କା ନଗରୀକୁ ଏକ ନୂତନ ନଗରରୂପେ ପୁନର୍ବାର ନିର୍ମାଣ କଲେ । (୩୬ଶ ଛାନ୍ଦ)

ହନୁମାନ ଲଙ୍କା ଧ୍ୱଂସ କରିଦେଇ ସୁବଳ ପର୍ବତକୁ ଫେରିଆସି ବିଶ୍ରାମ ନେଲେ । ଲଙ୍କାରେ ରାବଣ ହନୁମାନର ଧ୍ୱଂସଲୀଳା ଦେଖି ତାକୁ ଯେ ଧରିବ ତାକୁ ଅଯୋଧ୍ୟାର ରାଜା କରିଦେବେ ବୋଲି ପୁରସ୍କାର ଘୋଷଣା କଲେ । ରାବଣଙ୍କ ଭାଇ ବିଭୀଷଣ ସୀତାଙ୍କୁ ରାମଙ୍କ ହାତରେ ଅର୍ପଣ କରିଦେବାକୁ ରାବଣଙ୍କୁ ଅନୁରୋଧ କଲେ; କିନ୍ତୁ ରାବଣ ଏଥିରେ କର୍ଣ୍ଣପାତ କଲେ ନାହିଁ । ପରଦିନ ସକାଳେ ହନୁମାନ ଆକାଶ ମାର୍ଗରେ ଉଡ଼ି ବିନ୍ଧ୍ୟପର୍ବତରେ ଉପସ୍ଥିତ ହେଲେ । ସେଠାରେ ଅଙ୍ଗଦାଦି ବୀରମାନଙ୍କୁ ଲଙ୍କାର ଘଟଣା ଓ ସୀତାଙ୍କ ସନ୍ଦେଶ ଶୁଣାଇଲେ । ହନୁମାନଙ୍କ ଏହି କାର୍ଯ୍ୟରେ ବାନରମାନେ ଉତ୍ଫୁଲ୍ଲ ହୋଇ ମଧୁବନରେ ପଶି ଆନନ୍ଦରେ ଫଳ ଖାଇ ଗଛ ଭାଙ୍ଗିଲେ ।

(୩୭ଶ ଛାନ୍ଦ)

ସୁଗ୍ରୀବ ଏ ଖବର ପାଇ ଆନନ୍ଦିତ ହେଲେ ଏବଂ ରାମଚନ୍ଦ୍ରଙ୍କୁ ଜଣାଇଲେ । ହନୁମାନ ରାମଙ୍କୁ ଲଙ୍କାରେ ଘଟିଥିବା ସମସ୍ତ ବିଷୟ

ଜଣାଇଲେ ଏବଂ ସୀତା ଦେଇଥିବା ମଥାମଣିଟି ତାଙ୍କୁ ଦେଲେ । ରାମ ସୀତାଙ୍କ ଚରିତ ମନେପକାଇ ଶୋକାକୁଳ ହେଲେ । (୭୮ଶ ଛାନ୍ଦ)

ଶୁଭ ମୁହୂର୍ତ୍ତରେ ରାମଚନ୍ଦ୍ର, ସୁଗ୍ରୀବ, ଲକ୍ଷ୍ମଣ ଓ ଅନ୍ୟାନ୍ୟ ବାନର ଏବଂ ଭଲ୍ଲୁକ ବୀରମାନେ ଅସଂଖ୍ୟ ସୈନ୍ୟ ଧରି ଲଙ୍କା ଅବରୋଧ କରିବା ନିମନ୍ତେ ଦକ୍ଷିଣକୁ ଯାତ୍ରା କଲେ ଏବଂ କିଛିଦିନ ପରେ ସମୁଦ୍ର କୂଳରେ ଉପସ୍ଥିତ ହେଲେ । ରାବଣ ଏହି ସମ୍ବାଦ ଶୁଣି ହାସ୍ୟରେ ଉଡ଼ାଇ ଦେଲେ । ସୀତାଙ୍କୁ ରାମଙ୍କ ହାତରେ ସମର୍ପଣ କରିଦେବା ପାଇଁ ବିଭୀଷଣ ରାବଣଙ୍କୁ ପୁଣି ବୁଝାଇଲେ । ରାବଣ ତାଙ୍କ ପ୍ରସ୍ତାବ ଗ୍ରହଣ କଲେନାହିଁ ଏବଂ ତାଙ୍କୁ ଭର୍ତ୍ସନା କଲେ । ବିଭୀଷଣ ସ୍ୱଭ୍ରାତାର ଅନ୍ୟାୟରେ ବ୍ୟଥିତ ହୋଇ ଲଙ୍କା ତ୍ୟାଗକଲେ ଏବଂ ଆକାଶମାର୍ଗରେ ଗମନ କରି ରାମଙ୍କ ନିକଟରେ ପ୍ରବେଶ କଲେ । ରାମଙ୍କ ସହିତ ତାଙ୍କର ପ୍ରୀତି ହେଲା । ରାମ ବିଭୀଷଣଙ୍କୁ ଲଙ୍କାର ରାଜା ବୋଲି ଘୋଷଣା କଲେ ଏବଂ ଅମର ବର ଦେଲେ । (୭୯ଶ ଛାନ୍ଦ)

ରାମ ଲଙ୍କାକୁ ଯିବା ନିମନ୍ତେ ସମୁଦ୍ରକୁ ପୋତିବା ଉଦ୍ୟମ କଲେ । ବିଭୀଷଣଙ୍କୁ ଫେରାଇ ଆଣିବା ପାଇଁ ରାବଣ ଶୁକ ଓ ସାରଣ ନାମକ ମନ୍ତ୍ରୀଦ୍ୱୟଙ୍କୁ ପଠାଇଲେ । ଏମାନେ ଛଦ୍ମବେଶରେ ଯାଇ ଚେଷ୍ଟା କଲେ; କିନ୍ତୁ କିଛି ଫଳ ନ ହେବାରୁ ଲଙ୍କାକୁ ଫେରି ଆସିଲେ । ସମୁଦ୍ର ପୋତା ହେବା ସମ୍ଭବ ନହେବାରୁ ରାମ କୁଶାସନ କରି ରହିଲେ ଏବଂ କ୍ରୋଧରେ ସମୁଦ୍ରକୁ ଶୁଖାଇ ଦେବାକୁ ଶର ପେଷିବା ସିଦ୍ଧାନ୍ତ କଲେ । ବରୁଣଙ୍କ ପ୍ରସ୍ତାବରେ ନକୂଳଙ୍କ କରସ୍ପର୍ଶ କରି ପଥର ପକାଇବାରୁ ସମୁଦ୍ର ପୋତାହେଲା । ସୁବେଳ ପର୍ବତରେ ରାମ ଛାଉଣି ପକାଇଲେ । ସୀତା ଏ ସମ୍ବାଦ ପାଇ ଅତ୍ୟନ୍ତ ଆନନ୍ଦିତ ହେଲେ । (୮୦ଶ ଛାନ୍ଦ)

ରାମଚନ୍ଦ୍ର ଲଙ୍କାରେ ପ୍ରବେଶ କରିବା ପରେ ତାଙ୍କର ଗଡ଼ବନ୍ଧ ଓ ସୈନ୍ୟବଳର ସନ୍ଧାନ ନେବାପାଇଁ ଶୁକ ସାରଣ ମନ୍ତ୍ରୀଦ୍ୱୟଙ୍କୁ ଗୁପ୍ତଚର କରି ରାବଣ ପଠାଇଲେ । ସେମାନେ ମର୍କଟ ବେଶରେ ରାମଙ୍କ ବ୍ୟୂହ ଭିତରେ

ପଶିଲେ । ବିଭୀଷଣ ସେମାନଙ୍କୁ ଚିହ୍ନିପାରି ଧରିନେଲେ ଏବଂ ବନ୍ଦୀ କରି ରଖିଲେ । ଯୁଦ୍ଧ ଅଭିଯାନର ଶୁଭମୁହୂର୍ତ୍ତ ନିର୍ଣ୍ଣୀତ ହୋଇସାରିବା ପରେ ଶୁକ ସାରଣଙ୍କୁ ରାମଚନ୍ଦ୍ର ମୁକ୍ତ କରିଦେଲେ । ଏ ଦୁହେଁ ରାବଣଙ୍କୁ ଅସଂଖ୍ୟ କପିସୈନ୍ୟ ଛାଉଣି କରିଥିବା ଜଣାଇବାରୁ ସେ ବିଶ୍ୱାସ କଲେ ନାହିଁ । ବିଧାତାଙ୍କ ଦ୍ୱାରା ଦିବ୍ୟଅଞ୍ଜନ ପାଇଥିବା ଶାର୍ଦ୍ଦୂଳ ନାମକ ରାକ୍ଷସକୁ ତାଙ୍କ ବିପକ୍ଷ ସୈନ୍ୟମାନଙ୍କୁ କଳନା କରିବା ପାଇଁ ରାବଣ କହିଲେ । ଶାର୍ଦ୍ଦୂଳ ଅଞ୍ଜନ ଲଗାଇ ଅସଂଖ୍ୟ କପିସୈନ୍ୟ ଥିବା ରାବଣଙ୍କୁ କହିଲେ । ରାବଣଙ୍କ ମନରେ ଭୟ ସଞ୍ଚାର ହୋଇଗଲା । କିନ୍ତୁ ସେ ବାହାରେ କପଟ ଦେଖାଇ ଶତ୍ରୁପ୍ରତି ବେଖାତିର ଭାବଭଙ୍ଗୀ ଓ କଥାବାର୍ତ୍ତାରେ ପ୍ରକାଶ କଲେ । ନିଜେ ମଧ୍ୟ ଜଗତୀ ଉପରେ ଉଠି ଶତ୍ରୁ ସୈନ୍ୟଙ୍କୁ ଦେଖିଲେ । ଲଙ୍କାଗଡ଼ର ଚାରିଦ୍ୱାରରେ ବଳିଷ୍ଠ ରଥୀମାନଙ୍କୁ ରଖାଇ ଗଡ଼ରକ୍ଷା ବ୍ୟବସ୍ଥା କଲେ । ରାମଚନ୍ଦ୍ର ଲଙ୍କାଗଡ଼କୁ ଆକ୍ରମଣ କଲେ । ପ୍ରଥମ ଦିନ ଯୁଦ୍ଧରେ ବହୁ ରାକ୍ଷସ ନିଧନ ହେଲେ । (୪୧ଶ ଛାନ୍ଦ)

ରାମଚନ୍ଦ୍ର ହନୁମାନଙ୍କୁ ଏକ ଚିଠି ଦେଇ ରାବଣଙ୍କଠାକୁ ପଠାଇଲେ । ସୀତାଙ୍କୁ ଫେରାଇ ଦେଲେ ବିଗ୍ରହର ଅବକାଶ ନଥିବା ସେଥିରେ ଲେଖାଥିଲା । ରାବଣ ରାମଙ୍କ ଚିଠି ପାଠ କରି ତାଙ୍କ ପ୍ରସ୍ତାବରେ ଅସମ୍ମତ ଥିବା ଜଣାଇଲେ । ପୁଣି ଦ୍ୱିତୀୟ ଦିନ ଯୁଦ୍ଧ ଆରମ୍ଭ ହେଲା । ବାନର ଓ ରାକ୍ଷସ ସେନାମାନଙ୍କ ଭିତରେ ଘୋର ଯୁଦ୍ଧ ହେଲା ।

ରାବଣ ଓ ତାଙ୍କର ପୁତ୍ର ଇନ୍ଦ୍ରଜିତ ରାମ ଓ ଲକ୍ଷ୍ମଣଙ୍କ ବିରୁଦ୍ଧରେ ଯୁଦ୍ଧ କଲେ । ଇନ୍ଦ୍ରଜିତ ଅମୋଘ ଶକ୍ତି ପ୍ରୟୋଗ କରିବାରୁ ତାହା ଲକ୍ଷ୍ମଣଙ୍କ ଦେହରେ ଗଳିଯାଇ ତାଙ୍କୁ ଅଚେତ କରିଦେଲା । ରାମଙ୍କ ସୈନ୍ୟମାନେ ରାକ୍ଷସ ସୈନ୍ୟମାନଙ୍କୁ ତଡ଼ିନେଇ ଗଡ଼ ଭିତରେ ପୂରେଇ ଦେଲେ ଏବଂ ନିଜ ଶିବିରକୁ ଫେରି ଆସିଲେ । (୪୨ଶ ଛାନ୍ଦ)

ଇନ୍ଦ୍ରଜିତ ଯୁଦ୍ଧଜୟ କାମନାରେ ହୋମ କରିବାରୁ ହୋମକୁଣ୍ଡରୁ ଦେବଦଳନ ବିମାନ ଜାତ ହେଲା । ଏହି ବିମାନରେ ଚଢ଼ି ଇନ୍ଦ୍ରଜିତ ଯୁଦ୍ଧ

କଲେ । ରାମ ଓ ଲକ୍ଷ୍ମଣଙ୍କ ସହିତ ତାଙ୍କର ଘୋର ଯୁଦ୍ଧ ହେଲା । ଇନ୍ଦ୍ରଜିତ ନାଗପାଶରେ ରାମାଦିଙ୍କୁ ବନ୍ଧନ କଲେ ଏବଂ ଏମାନଙ୍କୁ ଅଚେତନ ମଧ୍ୟ କରିଦେଲେ । ଏ ଘଟଣାର ସୁବିଧା ନେଇ ରାମ ମୃତ ହୋଇଛନ୍ତି ବୋଲି ରାବଣ ସୀତାଙ୍କଠାକୁ ସମ୍ବାଦ ପଠାଇଲେ । କିନ୍ତୁ କିଛି ସମୟ ପରେ ସମସ୍ତେ ପୁନର୍ବାର ଚେତନା ପାଇବାରୁ ରାବଣର ମାୟା ନିଷ୍ଫଳ ହେଲା । ରାମ ଗରୁଡ଼ଙ୍କୁ ସ୍ମରଣ କରି ନାଗପାଶକୁ କାଟିବାରୁ ପୁଣି ଘୋର ଯୁଦ୍ଧ ହେଲା । ଅସୁରମାନେ ମାୟାଯୁଦ୍ଧ କଲେ । ରାତିରେ ମଧ୍ୟ ଯୁଦ୍ଧ ହେଲା । ରାମ ମାୟାଜାଲକୁ ଛିନ୍ନ କରିବାରୁ ଅସୁରମାନେ ଛତ୍ରଭଙ୍ଗ ଦେଲେ । ବହୁ ରାକ୍ଷସ ସେନା ହତ ହେଲେ । (୪୩ଶ ଛାନ୍ଦ)

ଯୁଦ୍ଧରେ ବିପର୍ଯ୍ୟୟ ଘଟୁଥିବାରୁ ରାବଣ ବହୁଚେଷ୍ଟା କରି କୁମ୍ଭକର୍ଣ୍ଣଙ୍କୁ ନିଦ୍ରାରୁ ଉଠାଇଲେ । ରାମ, ଲକ୍ଷ୍ମଣ ଓ ସୁଗ୍ରୀବଙ୍କ ସଙ୍ଗେ କୁମ୍ଭକର୍ଣ୍ଣ ଘୋର ଯୁଦ୍ଧ କଲେ । ରାମଚନ୍ଦ୍ରଙ୍କ ଶରରେ କୁମ୍ଭକର୍ଣ୍ଣଙ୍କ ମୃତ୍ୟୁ ହେଲା । ଇନ୍ଦ୍ରଜିତ ଘୋର ଯୁଦ୍ଧ କଲେ । ବ୍ରହ୍ମାସ୍ତ୍ର ପ୍ରୟୋଗ କରି ଇନ୍ଦ୍ରଜିତ ରାମଙ୍କୁ ହତଜ୍ଞାନ କରି ଦେଲେ । ଲକ୍ଷ୍ମଣଙ୍କ ହୃଦୟରେ ଶର ଗଳି ଯିବାରୁ ସେ ମୂର୍ଚ୍ଛା ହୋଇଗଲେ । ଲକ୍ଷ୍ମଣଙ୍କ କ୍ଷତକୁ ଶୁଖାଇବା ପାଇଁ ହନୁମାନ ଗନ୍ଧମାର୍ଦ୍ଦନ ପର୍ବତକୁ ଉପାଡ଼ି ଆଣିଲେ । ଏହି ପର୍ବତରୁ ନାନା ଔଷଧ ନେଇ ବ୍ୟବହାର କରି କପିସେନା ଚେତନା ଲାଭ କଲେ ଏବଂ ଲକ୍ଷ୍ମଣଙ୍କ କ୍ଷତ ଶୁଖିଗଲା । (୪୪ଶ ଛାନ୍ଦ) ।

ହନୁମାନ ଗନ୍ଧମାର୍ଦ୍ଦନ ପର୍ବତକୁ ଯଥା ସ୍ଥାନରେ ରଖିଦେଇ ଆସିଲେ । ହନୁମାନଙ୍କ ପରାମର୍ଶ ଅନୁସାରେ ରାମଙ୍କ ସୈନ୍ୟ ଗଡ଼ରେ ପଶି ରାତିଯୁଦ୍ଧ ଆରମ୍ଭ କଲେ । ବହୁ ରାକ୍ଷସ ସେନାପତି ଓ ସୈନ୍ୟ ନିହତ ହେବାରୁ ରାବଣ, ରାମଙ୍କୁ ମାୟାବଳରେ ଧ୍ୱଂସ କରିବାକୁ ଚେଷ୍ଟା କଲେ, । ମାୟାସୀତାଙ୍କୁ ନିର୍ମାଣ କଲେ । ମାୟାସୀତାଙ୍କୁ ଇନ୍ଦ୍ରଜିତ ରାମଙ୍କ ଆଗରେ ଯୁଦ୍ଧଭୂମିରେ ଦୁଇଖଣ୍ଡ କରି ହାଣି ଦେବାରୁ ରାମ ଶୋକାକୁଳ ହୋଇ ଆତ୍ମହତ୍ୟା କରିବାକୁ

ଉଦ୍‌ଯୋଗିତ ହେଲେ । ବିଭୀଷଣ ଏ ମାୟାସୀତା ଥିବା କହିବାରୁ ରାମ ଶୋକ ତ୍ୟାଗ କଲେ । (୪୫ଶ ଛାନ୍ଦ)

ଇନ୍ଦ୍ରଜିତ ପ୍ରତିଦିନ ପ୍ରାତଃକାଳରେ ହୋମ କରନ୍ତି ଏବଂ ସେ କୁଣ୍ଡରୁ ବିମାନ ବାହାରେ । ଏହି ବିମାନରେ ବସି ଯୁଦ୍ଧ କଲେ ଇନ୍ଦ୍ରଜିତ ଅଜେୟ ରହେ । ବିଭୀଷଣଙ୍କଠାରୁ ରାମ ଏ ସମ୍ବାଦ ଶୁଣି ପ୍ରାତଃକାଳ ପୂର୍ବରୁ ଯୁଦ୍ଧ ଆରମ୍ଭ କରିଦେଲେ । ଇନ୍ଦ୍ରଜିତ ହୋମ କରି ବିମାନ ଆଣିବା ପାଇଁ ଅବସର ପାଇଲେ ନାହିଁ । ଘୋର ଯୁଦ୍ଧରେ ଲକ୍ଷ୍ମଣଙ୍କ ଶରରେ ଇନ୍ଦ୍ରଜିତଙ୍କ ମୃତ୍ୟୁ ହେଲା । ଯୁଦ୍ଧରେ ରାବଣଙ୍କ ଦଶଜଣ ସେନାପତି ଓ ମହାବୀର ପ୍ରଭୃତି ପୁତ୍ର-ମାନେ ପ୍ରାଣ ତ୍ୟାଗ କରିବାରୁ ରାବଣ କ୍ରୋଧରେ ସୀତାଙ୍କୁ ହାଣିଦେବାକୁ ଉଦ୍ୟତ ହେଲା କିନ୍ତୁ ତ୍ରିଜଟାର ଉପଦେଶରେ ସ୍ତ୍ରୀ ହତ୍ୟାରୁ ନିବୃତ୍ତ ହେଲା । (୪୬ଶ ଛାନ୍ଦ)

ତାପରେ ରାମ ଲକ୍ଷ୍ମଣ ଏବଂ ରାବଣ ମଧ୍ୟରେ ଯୁଦ୍ଧ ହେଲା । ରାବଣ ଏକଘ୍ନି ଶରପ୍ରୟୋଗ କରିବାରୁ ଲକ୍ଷ୍ମଣ ଅଚେତ ହୋଇ ପଡ଼ିଲେ । ଏହି ଶର ଲକ୍ଷ୍ମଣଙ୍କ ହୃଦୟ ଭେଦକରି ପାତାଳକୁ ଭେଦକଲା । ରାମ ଏ ଦାରୁଣ ସମ୍ବାଦ ପାଇ ଶୋକାକୁଳ ହୋଇପଡ଼ିଲେ । ରାମ ଲକ୍ଷ୍ମଣଙ୍କ ହୃଦୟରୁ ଶରଟିକୁ ଉପାଡ଼ି ଦେଲେ । କିନ୍ତୁ କ୍ଷତ ଅତି ଉଦ୍‌ବେଗଜନକ ହେଲା । ସୁଷେଣଙ୍କ କହିବା ଅନୁସାରେ ହନୁମାନ ଗନ୍ଧମାଦନ ପର୍ବତରୁ ବିଶଲ୍ୟକରଣୀ ଔଷଧ ଆଣିବା ନିମନ୍ତେ ଆକାଶରେ ଉଡ଼ି ଯାତ୍ରା କଲେ । ବାଟରେ ହନୁମାନ କାଳନେମୀକୁ ହତ୍ୟା କଲେ । ଗନ୍ଧମାଦନ ପର୍ବତରେ ବିଦ୍ୟାଧରମାନଙ୍କ ଯୁଦ୍ଧରେ ହନୁମାନ ପରାସ୍ତ କଲେ । ପର୍ବତକୁ ଧରି ହନୁମାନ ଲଙ୍କାକୁ ଯାତ୍ରା କଲେ । ବାଟରେ ଭରତଙ୍କ ବାଟୁଳମାଡ଼ରେ ହନୁମାନ ଅଚେତ ହେଲେ । ଚେତନା ପାଇବା ପରେ ଉଭୟଙ୍କ ପରିଚୟ ହେଲା । ହନୁମାନ ଲକ୍ଷ୍ମଣଙ୍କ କ୍ଷତ କଥା କହିଲେ । ହନୁମାନ ପର୍ବତକୁ ଧରି ଫେରିବାରୁ ଲକ୍ଷ୍ମଣଙ୍କ କ୍ଷତରେ ଔଷଧ ପ୍ରୟୋଗ ହେଲା । ଲକ୍ଷ୍ମଣ ସଚେତ ହେଲେ, କ୍ଷତ ଲୋପ ପାଇଲା । ହନୁମାନ ଗନ୍ଧମାଦନକୁ ନେଇ ଯଥାସ୍ଥାନରେ ରଖିଦେଇ ଆସିଲେ । (୪୭ଶ ଛାନ୍ଦ)

ପୁତ୍ରମାନଙ୍କ ମୃତ୍ୟୁରେ ରାବଣ ଶୋକାକୁଳ ହେବାରୁ ରାଣୀମାନଙ୍କୁ ବୋଧ ଦେଲେ ଏବଂ ସୀତାଙ୍କୁ ଫେରାଇ ଦେବାକୁ କହିଲେ । 'ସୀତା ହରଣଂ ରାବଣ ମରଣ' ବାଣୀ ସ୍ମରଣ କରି ବିଷ୍ଣୁଙ୍କ ହସ୍ତରେ ଯୁଦ୍ଧରେ ମରିବା ଆକାଙ୍କ୍ଷା ରଖିଥିବା ରାବଣ ବ୍ୟକ୍ତ କଲେ । (୪୮ଶ ଛାନ୍ଦ)

ରାମ ରାବଣ ଯୁଦ୍ଧ । (୪୯ଶ ଛାନ୍ଦ)

ରାମରାବଣ ଯୁଦ୍ଧ । ରାବଣଙ୍କ ମୃତ୍ୟୁ । ଯୁଦ୍ଧର ଅବସାନ । ବିଭୀଷଣ ଲଙ୍କାର ରାଜା ହେଲେ, ମନ୍ଦୋଦରୀ ତାଙ୍କର ପାଟରାଣୀ ହେଲେ । ରାମ-ସୀତା ଭେଟ । ମନ୍ଦୋଦରୀ ପ୍ରଭୃତି ସୀତାଙ୍କ ସେବାରେ ରହି ତାଙ୍କୁ ସୁବେଶ କରାଇଲେ । (୫୦ଶ ଛାନ୍ଦ)

ସୀତାଙ୍କୁ ସମସ୍ତେ ଦେଖି ଆନନ୍ଦିତ ହେଲେ । ରାମଙ୍କ ଆଦେଶରେ ସୀତାଙ୍କ ଅଗ୍ନି ପରୀକ୍ଷା ହେଲା ଏବଂ ସେଥିରେ ସେ ଅକ୍ଷତ ଉତ୍ତୀର୍ଣ୍ଣା ହେଲେ । ସତୀତ୍ୱର ପରୀକ୍ଷାରେ ସୀତା ଜୟଯୁକ୍ତା ହେଲେ । ଦେବତାମାନେ ରାମଙ୍କୁ ବିଷ୍ଣୁଜ୍ଞାନରେ ସ୍ତୁତି କଲେ । ରାମ ଲକ୍ଷ୍ମଣ ସୀତା ସଦଳବଳ ଅଯୋଧ୍ୟାକୁ ଫେରିଲେ ଏବଂ ଅଯୋଧ୍ୟାର ରାଜା ହେଲେ । (୫୧ଶ ଛାନ୍ଦ)

ରାମଙ୍କ ଅଭିଷେକୋତ୍ସବ ବହୁ ଆଡ଼ମ୍ବରରେ ସମାହିତ ହେଲା ।
(୫୨ଶ ଛାନ୍ଦ)

## ବାଲ୍ମୀକି ରାମାୟଣ, ଜଗମୋହନ ରାମାୟଣ ଓ ବୈଦେହୀଶ ବିଳାସ

ଗ୍ରନ୍ଥାରମ୍ଭର ପ୍ରସଙ୍ଗ—ମୂଳ ବାଲ୍ମୀକି ରାମାୟଣରେ ରାମଙ୍କ ମାହାତ୍ମ୍ୟର ଅବତାରଣାହିଁ ଗ୍ରନ୍ଥାରମ୍ଭରେ ସୂଚିତ ହୋଇଛି । ନାରଦଙ୍କୁ ବାଲ୍ମୀକି ବିନୟ-ପୂର୍ବକ ପଚାରିଛନ୍ତି ଯେ 'ସମ୍ପ୍ରତି ଏ ମର୍ତ୍ତ୍ୟମଣ୍ଡଳରେ କିଏ ଏପରି ବ୍ୟକ୍ତି ଅଛି ଯେ ବୀର୍ଯ୍ୟବାନ୍, ଗୁଣବାନ୍, ବାକ୍ୟରେ କୁଶଳ, ଧର୍ମଜ୍ଞ, କୃତଜ୍ଞ, ସତ୍ୟବାଦୀ, ଦୃଢ଼ବ୍ରତ, ବିଦ୍ୱାନ୍, ସମର୍ଥ, ସର୍ବଭୂତାତହିତ, ଆତ୍ମବନ୍ତ, ଜିତ-କ୍ରୋଧ, ପ୍ରିୟଦର୍ଶନ, ଜାତକ୍ରୋଧ ସଂଯମନକାରୀ ।" ଦେବର୍ଷି ନାରଦ

ଇକ୍ଷ୍ୱାକୁ ବଂଶର ରାଜା ଦଶରଥଂକ ପୁତ୍ର ସୁବିଖ୍ୟାତ ରାମଚନ୍ଦ୍ର ହିଁ ଏ ଭଳି ବ୍ୟକ୍ତି । ରାମ ନିୟତାତ୍ମା, ମହାବୀର୍ଯ୍ୟ ଧୃତି ଦ୍ୟୁତିମନ୍ତ । ପୁଣି—

ବୁଦ୍ଧିମାନ ନୀତିମାନ ବାଗ୍ମୀ ଶ୍ରୀମାନ,
ସର୍ବଗୁଣେ ପରିପୂର୍ଣ୍ଣ ଶତ୍ରୁ ବିମର୍ଦ୍ଦନ ।
ମହାହନୁ କମ୍ବୁଗ୍ରୀବ ବକ୍ଷ ସୁବିଶାଳ,
ଆଜାନୁଲମ୍ବିତ ବାହୁ ପ୍ରତାପେ ଅନଳ ।
ଲକ୍ଷ୍ମୀବନ୍ତ ବିଶାଳାକ୍ଷ ସବୁ ସୁଲକ୍ଷଣେ,
ସୁଲଲାଟ ସୁବିକ୍ରମ ସୁନ୍ଦର ଗଠନ ।
ପରମ ଧାର୍ମିକ ରାମ ଅଟେ ସତ୍ୟବ୍ରତ,
ଯଶସ୍ୱୀ ପରମଜ୍ଞାନୀ ପ୍ରଜାହିତେ ରତ ।
ପରମ ପବିତ୍ର ରାମ ଦୋଷ ଲେଶ ନାହିଁ,
ଧାତା ପ୍ରଜାପତି ପୁଣି ଧର୍ମ୍ମ ସେ ବୋଲାଇ ।
ଆତ୍ମପର ଧର୍ମରକ୍ଷା ବିଷୟେ ତତ୍ପର,
ମର୍ମଜ୍ଞ ବେଦାଙ୍ଗ ବେଦଶାସ୍ତ୍ରେ ମହାବୀର ।
ସର୍ବ ଶାସ୍ତ୍ରେ ମର୍ମ୍ମ ବୁଝିବାରେ ବିଚକ୍ଷଣ,
ପ୍ରତିଭା ସ୍ମରଣ ଶକ୍ତି ଯାର ଅତୁଳନ ।
ମହାମନା ସର୍ବଲୋକ ପ୍ରିୟ ସେ ଅଟଇ,
ସର୍ବ ସୁଲକ୍ଷଣେ ଯାର ସମ କେହି ନାହିଁ ।
ଦେବ ସେବା ହୋମ ଦାନ କର୍ମେ ସଦା ରତ,
ଗୁରୁଜନମାନଙ୍କର ଠାରେ ଅନୁରତ ।
ଗାମ୍ଭୀର୍ଯ୍ୟେ ସାଗର ସମ ଧୈର୍ଯ୍ୟେ ହିମଗିରି
କୌଶଲ୍ୟା ନନ୍ଦନ ରାମ ସର୍ବଗୁଣଧାରୀ ।
ପୂର୍ଣ୍ଣିମୀର ଚନ୍ଦ୍ର ପ୍ରାୟେ ପ୍ରିୟ ଦରଶନ
ପରାକ୍ରମେ ବିଷ୍ଣୁ, କ୍ରୋଧେ କାଳାଗ୍ନି ସମାନ ।
ଦାନୀପଣେ ଧନପତି ନୋହିବେଟି ସରି
ସଦା ସତ୍ୟ ଭାଷୀ ରାମ ସତ୍ୟଧର୍ମ ପରି । * * (ବାଳକାଣ୍ଡ)

(ଫକୀରମୋହନ ସେନାପତିଙ୍କ ଅନୁବାଦ)

ରାମଙ୍କ ପରିଚୟରେ ନାରଦ ରାମଙ୍କୁ ଜଣେ ଆଦର୍ଶ ମାନବ ଓ ଆଦର୍ଶ ରାଜା ରୂପରେ ବର୍ଣ୍ଣନା କରିଛନ୍ତି । ତାଙ୍କୁ 'ପରାକ୍ରମେ ବିଷ୍ଣୁ' ବୋଲି ଏଠାରେ କହିଛନ୍ତି; କିନ୍ତୁ 'ବିଷ୍ଣୁ' ବୋଲି ଦୃଢ଼ ଭାବରେ ବ୍ୟକ୍ତ କରି ନାହାନ୍ତି । ବଳରାମ ଓ ଉପେନ୍ଦ୍ର ତାଙ୍କୁ ବିଷ୍ଣୁ ବୋଲି ପ୍ରଖ୍ୟାପନ କରିଛନ୍ତି, ରାବଣ କୁମ୍ଭକର୍ଣ୍ଣାଦିଙ୍କୁ ନିଧନ କରି ମହୀଭାର ଦୂର କରିବାକୁ ବିଷ୍ଣୁଙ୍କର ଏହି ରାମାବତାର ବୋଲି ମଧ୍ୟ ବ୍ୟକ୍ତ କରିଛନ୍ତି । ରାମାୟଣ ରଚନାର ଭୂମିକାରେ ବାଲ୍ମୀକି ନାରଦଙ୍କ ରାମ ଚରିତ ବ୍ୟାଖ୍ୟାନ, କ୍ରୌଞ୍ଚବଧ, ପ୍ରଥମ ଶ୍ଳୋକ ଉଚ୍ଚାରଣ, ନାରଦଙ୍କ ବର୍ଣ୍ଣିତ ବିଷୟବସ୍ତୁକୁ ଗ୍ରହଣ କରି ଏହି ଶ୍ଳୋକ ରୀତିରେ ଗ୍ରନ୍ଥରଚନା କରିବାକୁ ଭରଦ୍ୱାଜଙ୍କୁ ବାଲ୍ମୀକିଙ୍କ ପରାମର୍ଶ, ବ୍ରହ୍ମାଙ୍କର ମୁନିଙ୍କୁ ଦିବ୍ୟଦୃଷ୍ଟି ଦାନ ଏବଂ ମୁନିଙ୍କର ରାମାୟଣ ଗ୍ରନ୍ଥ ରଚନା ପ୍ରଭୃତି ବିଷୟ ଅବତାରଣା କରିଛନ୍ତି । ଉପେନ୍ଦ୍ର ଏସବୁ ତ୍ୟାଗ କରି ରାମାବତାରର ଆବଶ୍ୟକତା ପ୍ରସଙ୍ଗଠାରୁ ଗ୍ରନ୍ଥର ବିଷୟ ଆରମ୍ଭ କରିଛନ୍ତି । ରାବଣାଦି ଅସୁରମାନଙ୍କର ଅତ୍ୟାଚାର ନିରାକରଣ ପାଇଁ ଦେବତାମାନଙ୍କ ପ୍ରାର୍ଥନାରେ ବିଷ୍ଣୁଙ୍କ ରାମାବତାର ଗ୍ରହଣ ପ୍ରସଙ୍ଗ ବାଲ୍ମୀକି ଗ୍ରନ୍ଥ ଆରମ୍ଭରେ ଦେଇ ନାହାନ୍ତି । ବାଲ୍ମୀକି ରାମଙ୍କ ସଂକ୍ଷିପ୍ତପରିଚୟ ନାରଦଙ୍କ ମୁଖରେ ଶୁଣି ତାଙ୍କର ବଂଶ, ଦେଶ ଓ ପିତାମାତାଦିଙ୍କ ପରିଚୟ, ଜନ୍ମାଦି ପ୍ରସଙ୍ଗ ଗ୍ରନ୍ଥର ପ୍ରାରମ୍ଭିକ ଅଂଶରେ ବର୍ଣ୍ଣନା କରିଛନ୍ତି । ରାବଣବଧ ରାମାବତାରର ମୁଖ୍ୟ କାରଣ ଥିବାରୁ ସେହି ବିଷୟ ପ୍ରାରମ୍ଭରେ ଉତ୍ଥାପନ କରି ଉପେନ୍ଦ୍ର ନାୟକ ଓ ପ୍ରତିନାୟକଙ୍କ ସମ୍ବନ୍ଧରେ ଆଦ୍ୟରୁ ମନରେ ଆଗ୍ରହ ଓ କୌତୂହଳ ସୃଷ୍ଟି କରି ମହତ୍ତ୍ୱ ବୃଦ୍ଧି କରିଛନ୍ତି । ଏହି ପ୍ରସଙ୍ଗ ବାଲ୍ମୀକି ଉତ୍ତରା କାଣ୍ଡରେ ଉତ୍ଥାପନ କରିଛନ୍ତି ।

(୨) ଋଷ୍ୟଶୃଙ୍ଗଙ୍କୁ ଭୁଲାଇ ଲୋମପାଦଙ୍କ ରାଜଧାନୀକୁ ଆଣିବା ପାଇଁ ଯେଉଁ ସବୁ ଆୟୋଜନ ହୋଇଥିଲା ତାହାର ମନୋରମ ଓ ପ୍ରତୀତି-ଦ୍ୟୋତକ ବର୍ଣ୍ଣନା ବଳରାମ ଦାସ ଜଗମୋହନ ରାମାୟଣରେ ଲେଖିଛନ୍ତି । ମନ୍ତ୍ରୀଙ୍କ ସହିତ ପରାମର୍ଶ, ଢେଣ୍ଡୁରା ଦେବା, ଜରତୀଙ୍କ ପ୍ରତିଜ୍ଞା, ନୌକାଗମନ ଓ

ମୋହନ-ଉଚ୍ଚାଟନ ପ୍ରକରଣ ପ୍ରଭୃତି ବଡ଼ ମନୋରମ ଭାବରେ ସେଥିରେ ବ୍ୟକ୍ତ ହୋଇଅଛି । ମୂଳ ରାମାୟଣରେ ଏତେ ବିଷୟ ନାହିଁ; କେବଳ ରାଜା-ମନ୍ତ୍ରୀଙ୍କ ଯୁକ୍ତି, ବେଶ୍ୟାଙ୍କ ନୌକାରେ ଗମନ ଓ ବେଶ୍ୟାଙ୍କୁ ଦେଖି ମୁନିକୁମାରଙ୍କ ବିଭ୍ରମ ବିଷୟ ଅତି ସଂକ୍ଷେପରେ ବର୍ଣ୍ଣିତ ହୋଇଛି । ବେଶ୍ୟା-ମାନଙ୍କର ବେଶଭୂଷା, ନୌକାମଣ୍ଡନ, ବନବର୍ଣ୍ଣନା, ଋଷିକୁମାର-ବେଶ୍ୟା-ମାନଙ୍କର ଆଳାପ ପ୍ରଭୃତିରେ ବଳରାମଙ୍କୁ ଉପେନ୍ଦ୍ର ଅନୁସରଣ କରିଥିଲେ ମଧ୍ୟ ବିଷୟବସ୍ତୁକୁ କବିତାର ଅପୂର୍ବ ରୂପ ଦେବାରେ ସେ ବାଲ୍ମୀକି ଓ ବଳରାମଙ୍କୁ ବଳି ଯାଇଛନ୍ତି ।

ଋଷ୍ୟଶୃଙ୍ଗଙ୍କ ଉପାଖ୍ୟାନରେ ବହୁ ବିଷୟରେ ବଳରାମ ଦାସଙ୍କ ବର୍ଣ୍ଣନାକୁ ଭଞ୍ଜକବି ଅନୁସରଣ କରିଥିବା ଜଣାଯାଏ । ଋଷ୍ୟଶୃଙ୍ଗଙ୍କୁ ଆଣିଲେ ଚମ୍ପାବତୀ ରାଜ୍ୟରେ ବର୍ଷା ହେବ ବୋଲି ରାଜା ଲୋମପାଦ ଏ ଋଷିଙ୍କୁ ଆଣିବା ପାଇଁ ରାଜ୍ୟରେ ଘୋଷଣା ପ୍ରଚାର କଲେ ।

ଅଷ୍ଟରତ୍ନ ଘୁଙ୍ଗଡ଼ା ଦୋସାଧୁ ହାତେ ଦେଲା ।
ସାରା ଗାଁଳା ପୋହଳା ଏ ଅଷ୍ଟରତ୍ନ କାନ୍ତି,
ଶୁଦ୍ଧ ସୁବର୍ଣ୍ଣର ଅଳଙ୍କାର ଶୋଭି ପାନ୍ତି ।
ଆଗରେ ଦାଉଣ୍ଡି ଡମ୍ଫ ବାଜେ ନିରନ୍ତର
ଦୋସାଧୁ ଡାକଇ ତୁମ୍ଭେ ଶୁଣ ନାରୀ ନର । (ଆ:କା: ପୃ:୧୫)

ଅଷ୍ଟରତ୍ନ ଘୁଙ୍ଗଡ଼ା ପରବର୍ତ୍ତୀରେ ପଞ୍ଚରତ୍ନ ଘୁଙ୍ଗଡ଼ା କଥା ଭଞ୍ଜକବି ଲେଖିଛନ୍ତି ।

ଗୁଞ୍ଜଇ ନିଜ ନବରେ ପଞ୍ଚରତ୍ନ ଆଳୀ
ବନ୍ଧୁ ଧରି ଶତମନ୍ୟୁ ପରାସ୍ତେ ସେ ଟଳି ଯେ ! ୪ । (୪ର୍ଥ ଛ:-ବୈ:ବି:)

(ଗ) ଶିବଧନୁ ଆଣିସାରିବା ପରେ ଜନକ ରାମଙ୍କୁ ଧନୁରେ ଗୁଣ ଚଢ଼ାଇବା ପାଇଁ କହିଲେ । ରାମଚନ୍ଦ୍ର ଆଗୁସାଇ ହୋଇ ବାହାରିଲେ ।

ସେତେବେଳେ ଲକ୍ଷ୍ମଣ ରାମଙ୍କୁ ପ୍ରାର୍ଥନା କରି କହୁଛନ୍ତି, "ଏଠାରେ ଆମ୍ଭର କେହି ଉତ୍ତମ ମିତ୍ର ନାହାନ୍ତି, ବରଂ ବହୁ ପ୍ରଧାନଶତ୍ରୁମାନେ ବିଦ୍ୟମାନ । ତୁମେ ଯଦି ମୁଣ୍ଡ ନୁଆଇଁ ଧନୁ ଧରିବ ତାହାହେଲେ ଏମାନେ ତୁମ୍ଭେ ଧନୁକୁ ଓଲଗିଲ ବୋଲି ବାଛିବେ ଏଣୁ ମସ୍ତକ ଅବନତ କରି ଧନୁ ଧରିବ ନାହିଁ ।"

ବଢ଼ାଇ ସୁମିତ୍ରାବତ୍ସ ନାହିଁ ସୁମିତ୍ରାର ସ୍ୱଚ୍ଛ
ନମ୍ରେ ଧଇଲେ ବାଛିବେ ଚାପେ ଓଲଗେ ।୩୩। (୯ମ ଛା. ବୈ.ବି.)

ବଳରାମ ଦାସ ଲେଖିଛନ୍ତି—

ଏସନକ ବୋଲିଣ ଶ୍ରୀରାମ ମୁଖ ଚାହିଁ,
କରପତ୍ର ଯୋଡ଼ି ପୁଣ ଲକ୍ଷ୍ମଣ ବୋଲଇ ।
ହେ ଦେବ ଶ୍ରୀରାମ ତୁମ୍ଭେ ମୋର ବୋଲ କର,
ମଉଳି ନୁଆଇଁ ତୁମ୍ଭେ ଏ ଧନୁ ନଧର ।
ଏକ ଦୃଷ୍ଟେ କରି ଚାହିଁଛନ୍ତି ନୃପବରେ,
ପ୍ରଣାମ କଲା ପରାୟେ ଦିଶିବ ସଭାରେ ।
ନିଷ୍କଳଂକ ସୂର୍ଯ୍ୟବଂଶ ଆମ୍ଭର ଅଟଇ,
ତୋହର ପଞ୍ଝିଲ ଏହି ସପ୍ତଦ୍ୱୀପା ମହୀ । (ପୃ. ୧୫୩ । ଆ:କା:)

ପୁଣି ଧନୁରେ ଗୁଣ ଦେବା ବେଳେ ପୃଥିବୀ ଭୟ ପାଇ ରାମଂକୁ ପ୍ରାର୍ଥନା କଲେ ଯେ ଯଦି ସେ ତାଂକର ପୃଷ୍ଠରେ ହୁଲ ରଖନ୍ତି ତାହା ହେଲେ ଏ ଗୁରୁଭାର ସେ କେବେ ସହି ପାରିବେ ନାହିଁ । ରାମଚନ୍ଦ୍ର ପୃଥିବୀଙ୍କୁ ଦୟା କରି ନିଜ ପାଦର ଅଙ୍ଗୁଷ୍ଠି ଉପରେ ହୁଲକୁ ରଖିଲେ ।

ବାମ କରରେ କୋଦଣ୍ଡ ଧରିଣ ଦାଶରଥି,
ଗୁଣଦେବା ବୋଲିଣ ଯେ ବିଚାର କରନ୍ତି ।
ଭୟ ପାଇ ବସୁମତୀ ବୋଲଇ ବଚନ,
ବାଛିକ ରକ୍ଷା କର ମୋତେ ଶ୍ରୀରଘୁନନ୍ଦନ ।

ଏ ଧନୁର ହୁଲ ଯଦି ଦେବୁ ମୋର ତହିଁ,
ନିଷ୍ଟୟେ ଜୀବନ ମୁଁ ଛାଡ଼ିବି ରଘୁସାଇଁ ।
ମେରୁଠାରୁ ଶତଗୁଣ ଏ କୋଦଣ୍ଡ ଗରୁ,
ମୁହିଁ ଏହା କହିବାକୁ ଅଟଇ ଯେ ଖରୁ ।
ରାମଚନ୍ଦ୍ର ଶୁଣି ପୃଥ୍ୱୀକି ଦୟା କଲେ,
ନିଜ ବାମପାଦ ଆଗଭର ବଢ଼ାଇଲେ ।
କନିଷ୍ଠ ଅଙ୍ଗୁଳି ନଖକୋଣର ଉପରେ,
ଧନୁହୁଲ ବସାଇଲେ ନେଇ ରଘୁବୀରେ ।

(ଆ: କା: ପୃ: ୧୫୩)

ଭଞ୍ଜକବି ଲେଖିଛନ୍ତି ଯେ ରାମଚନ୍ଦ୍ର ଧନୁରେ ଗୁଣ ଦେବାକୁ ଅଗ୍ରସର ହେବାରୁ—

ବିକଳିତ ପୃଥ୍ୱୀ ଭାଳେ
ବସୁ ହୁଲ ପାଦଅନ୍ତେ ପଡ଼ିବି ତଳେ । ୩୭ ।
ବୃଦ୍ଧାଙ୍ଗୁଳି ପରେ ପଦେ ରାମ ରଖିଲେ ସମଦେ
ଜାଣିଲେ ତା ଅତ୍ୟନ୍ତ ଅଧୈର୍ଯ୍ୟ ହେବାର । (୩୮ । ୯ମ ଛାନ୍ଦ)

ଭଞ୍ଜକବି ରାମଚନ୍ଦ୍ର ପଦର ବୃଦ୍ଧାଙ୍ଗୁଳି ଉପରେ ହୁଲ ରଖିବା ଲେଖିଛନ୍ତି; ଦାସକବି ସେ କନିଷ୍ଠ ଅଙ୍ଗୁଳ ଉପରେ ରଖିବା ଲେଖିଛନ୍ତି ।

(୪) ରାବଣର ତପସ୍ୟା ସମ୍ପର୍କରେ ଉପେନ୍ଦ୍ର କହିଛନ୍ତି ଯେ ସେ ବିରୋଜାମଣ୍ଡଳରେ ଘୋର ତପସ୍ୟା କରିଥିଲେ । "କୃପାସିନ୍ଧୁ" ବଳରାମଦାସ "ଜଗମୋହନ ରାମାୟଣ"ରେ ଏହି ପ୍ରସଙ୍ଗରେ ସେହି ବିଷୟହିଁ ଲେଖିଛନ୍ତି । ଭଞ୍ଜ ଦାସଙ୍କୁ ଏଠାରେ ସ୍ୱଦେଶପ୍ରୀତିବଶରୁ ବିଷୟବସ୍ତୁ ଗ୍ରହଣ କରିବାହିଁ ସମ୍ଭବ ।

ବିରୋଜାମଣ୍ଡଳରେ ତପସ୍ୟା, ଜଗତ୍ପ୍ରୟରେ କରି ମନୀଷା
ଅଶନସ୍ଥାନେ ଦିବସ ନିଶାକାଳ ବଞ୍ଚିତ ଯେ । ୧୦ । (୧ମଛାଃ ବୈ: ବି:)

ଦଶଗ୍ରୀବର ସଙ୍ଗତେ ଅଛନ୍ତି ଭାଇବେନି,
ତପ କରି ଗଲେ ମନେ ଅଭିମାନ ଘେନି ।
ସମୁଦ୍ର ପାରି ହୋଇଣ ଜମ୍ବୁଦ୍ୱୀପ ଗଲେ,
ଭରତଖଣ୍ଡ ଉତ୍କଳ ଦେଶରେ ମିଳିଲେ ।
ବିରୋଜା ନାମେଣ ଯେ ଅଟଇ ଏକକ୍ଷେତ୍ର,
ବ୍ରହ୍ମାର ନାଭିସ୍ଥାନ ସେ ଅଟଇ ପବିତ୍ର ।
ଗୋକର୍ଣ୍ଣ ତୀର୍ଥ ବୋଲିଁ ଅଛଇ ଏକ କୁଣ୍ଡ
ତହିଁ ସ୍ନାନ କଲେ ଯେ ନଲଗେ ଯମଦଣ୍ଡ ।
ସେ ତୀର୍ଥେ ମିଳିଲେ ଦଶଗ୍ରୀବ ତିନଭାଇ,
ତହୁଁ ତପ କଲେ ପୂର୍ବଜନ୍ମ ତପ ପାଇ । (ପୃ:୨୭ ଉ:କା:)

ବ୍ରହ୍ମା ରାବଣଙ୍କୁ 'ଛପନଗଣ୍ଡା ଯୁଗ ବଞ୍ଚିବୁ' ବୋଲି ବରଁ ଦେଇଥିଲେ;
ଏହା ଭଞ୍ଜକବି ଲେଖିଛନ୍ତି—

ବଞ୍ଚିବୁ ଯୁଗ ଛପନ ଗଣ୍ଡା, ବରଣୀ ହେବ ବ୍ରହ୍ମାଣ୍ଡେ ଖଣ୍ଡା ।
ସୀତା ହରଣ ନିମନ୍ତେ ମରଣ କାରଣ ଜାଣିବେ । ୧୧ ।
(୧ମ ଛାନ୍ଦ ବୈ:ବି:)

ବ୍ରହ୍ମା ରାବଣଙ୍କ କର୍ଣ୍ଣରେ ମନ୍ତ୍ରସାର କହି ବର ଦେଲେ ଯେ ସେ
ଛପନଗଣ୍ଡା ଯୁଗ ନିଶ୍ଚିନ୍ତରେ ଭୋଗ କରିବେ । ବଳରାମ ଦାସ ଲେଖିଛନ୍ତି—

ରାବଣ କର୍ଣ୍ଣରେ ଯେ କହିଲେ ମନ୍ତ୍ରସାର,
ଛପନଗଣ୍ଡା ଯୁଗ ନିଶ୍ଚିନ୍ତେ ଭୋଗ କର । (ପୃ: ୬ ଆ:କା:)

ଦାସଙ୍କର ବିଷୟ-ବସ୍ତୁକୁ ଭଞ୍ଜକବି ଅନୁସରଣ କରିଛନ୍ତି । ତିନି
ଭାଇଙ୍କ ତପସ୍ୟା ଓ ବର ମଧ୍ୟ ଦାସଙ୍କ ରାମାୟଣର ଅନୁରୂପ ହୋଇଛି ।
କୁମ୍ଭକର୍ଣ୍ଣଙ୍କୁ ବର ଦେବାରେ ବ୍ରହ୍ମା କୂଟ କରି ଶାରଦାଙ୍କୁ ତାର କଣ୍ଠରେ
ବିଜେ କରାଇ ତାର ମୁଖରେ କୁହାଇଛନ୍ତି—

ଶୁଣିଣ ଶାରଦା ଯେ ଚଳିଲେ ଅନ୍ତର୍ଦ୍ଧାନେ,
ପ୍ରବେଶ ହୋଇଲେ ଯାଇ କୁମ୍ଭକର୍ଣ୍ଣ ମନେ । (ଭୃ:କା । ପୃ:୨୮)
ନିଦ୍ରାହିଁ ସେ ପ୍ରୀତି ମୋତେ ନରୁଚଇ ଆନ । (ଭୃ:କା: ପୃ:୨୮)

ବ୍ରହ୍ମା ବର ଦେଲେ—

ସର୍ବଦା ନିଦ୍ରା ତୋ ନେତ୍ରେ ଥାଉ ଯା ବୋଇଲେ ।
ବରଷକେ ଥରେ ଉଠି କରିବୁ ଭୋଜନ,
ତୋତେ କେ ଯୁଦ୍ଧେ ଜିଣି ନ ପାରିବେ ସେ ଦିନ । (ଆ:କା:)

ବିଭୀଷଣଙ୍କୁ ଏପରି ବର ଦେଲେ—

ବିଭୀଷଣଙ୍କୁ ଅମର ବର ବ୍ରହ୍ମା ଦେଲେ
ଅସୁର କୁଳେ ତୁ ବିଷ୍ଣୁ ସେବକୁ ବୋଇଲେ । (ଆ:କା:)

ଭକ୍ତକବି ଏହି ପ୍ରସଙ୍ଗରେ ଲେଖିଛନ୍ତି—

ବାଗ୍‌ଦେବୀ ଆସି ବସିଲେ ଗଳେ କୁମ୍ଭକର୍ଣ୍ଣର ବରଦ କାଳେ
ନିଦ୍ରା ମୁଁ ଯିବି ବୋଲି ଚପଳେ ମାଗିଲା ତଥି ଯେ ।
ବରଷକ ପୂରୁ ଉଠିବୁ ଯେବେ ରେ
ବଧ ଅବଶ୍ୟ ହେବ ତୋହର ତେବେ ରେ ।
ବିଷ୍ଣୁ ଭକତ ହୋଇ ଅମର ଜଗତ ମଧ୍ୟେ କର ବିହାର
ଗତ ପଦ୍ମଜ ଦେଇ ଏ ବର ସାନୁଜେ ଜବେ ଯେ । ୧୨ ।
(୧ମ ଛା: ବୈ:ବି:)

ରାବଣ ଓ କୁମ୍ଭକର୍ଣ୍ଣଙ୍କୁ ଦୁଷ୍ଟ ଜାଣି ସୁଦ୍ଧା ସେମାନଙ୍କୁ ନିର୍ବିଚାରରେ ବର ଦେଇଥିବାରୁ ବ୍ରହ୍ମାଙ୍କୁ ବିଷ୍ଣୁ ଭର୍ତ୍ସନା କରିଥିଲେ ।

ବିକ୍ରମ ନରେନ୍ଦ୍ର ଏହିକଥା ଲେଖିଛନ୍ତି—

ବ୍ରହ୍ମା ମୁଖ ଚାହିଁଣ କହନ୍ତି ନାରାୟଣ,
ଅସୁରଙ୍କୁ ଏଡେ ବର ଦିଅ କି କାରଣ । (ବି:ରା:)

ଭଞ୍ଜଙ୍କର ସମସାମୟିକ କବି ବିଶ୍ୱନାଥ ଖୁଣ୍ଟିଆ 'ବିଚିତ୍ର ରାମାୟଣ'ରେ ରାବଣାଦିଙ୍କୁ ବର ଦେବା ମଧ୍ୟ ଏହି ପ୍ରକାରେ ବର୍ଣ୍ଣନା କରିଛନ୍ତି । କୁମ୍ଭକର୍ଣ୍ଣ ବେଳକୁ ସରସ୍ୱତୀ ତା କଣ୍ଠରେ ବସି କପଟରେ କହିଥିବା ବିଷୟ ମଧ୍ୟ 'କବି' ଲେଖିଛନ୍ତି ।

ଦେବେ କହିଲେ ପିତାମହ ଦେବେ ସେ କୁମ୍ଭକର୍ଣ୍ଣକୁ କି ବର
ବର ନପାଉଁ ଅପଯଶ ଖାଇଣ ଶକେ ଯେ କଲା ସମର ହେ ।
ତାକୁ କପଟ କର । ବର ଶାପ ପ୍ରାପ୍ତ ହେବ ତାର ଯେ ।
ସରସ୍ୱତୀ ବସୁ କଣ୍ଠେ ତାର ହେ ।
କୁମ୍ଭକର୍ଣ୍ଣକୁ ବର ଦେଲେ ବିଧାତା ମାଗ ପୁତ୍ର ମୋତେ ବର,
ନିଶ୍ଚିନ୍ତ ହୋଇ ସୁଖେ ନିଦ୍ରା ଯିବି ମୁଁ ଆଜ୍ଞା ହେଉ କଣ୍ଠଧର ହେ ।
(ବି: ରା: ଉ:କା ୬ଷ୍ଠ ଛାନ୍ଦ)

ରାବଣ ଓ ତାର ବଂଶର ଦୁର୍ବୃତ୍ତମାନଙ୍କ ଅତ୍ୟାଚାର ତିନପୁରରେ ଅସହ୍ୟ ହେବାରୁ ବ୍ରହ୍ମାଦି ଦେବତାମାନେ ବିଷ୍ଣୁଙ୍କୁ ଅବତାର ରୂପେ ଗ୍ରହଣ କରି ଅତ୍ୟାଚାରୀମାନଙ୍କୁ ବିନାଶ କରିବାକୁ ପ୍ରାର୍ଥନା କଲେ । ବିଷ୍ଣୁ ସେଥିରେ ସନ୍ତୁଷ୍ଟ ହୋଇ ସେମାନଙ୍କ ପ୍ରସ୍ତାବରେ ସମ୍ମତ ହେଲେ । ପୂର୍ବରୁ ବ୍ରହ୍ମା ରାବଣକୁ ଛପନଗଣ୍ଡା ଯୁଗ ଭୋଗ କରିବାକୁ ବର ଦେବାବେଳେ କହିଥିଲେ ଯେ ସୀତା ହରଣ କଲେ ତାର ମୃତ୍ୟୁ ହେବ । ଏହି କଥା ସ୍ମରଣ କରି ଦେବତାମାନେ ରାମ-ଅବତାର ପ୍ରସଙ୍ଗ ଉତ୍ଥାପନ କଲେ । ବିଷ୍ଣୁ ପ୍ରସନ୍ନ ହୋଇ କହିଲେ—

ବହିବି ନାହିଁ ମୁଁ ଅରି ଅରି ମାରଣରେ
କିରାଜମାନ ବିରାଜ ନଚଢ଼ି ରଣରେ ଯେ ।
ବନୌକା ପ୍ରବଳ ବଳ ସଙ୍ଗ ହେବେ ହେଲେ
ବୋଲିଣ ଅନ୍ତର ଯେ ଅନ୍ତରଯାମୀ ହେଲେ । (୨ୟ ଛାନ୍ଦ ବୈ:ବି:)

ଏହି ବିଷୟ ବଳରାମ ଦାସ ଅନ୍ୟ ପ୍ରକାରେ ଲେଖିଛନ୍ତି । ବ୍ରହ୍ମାଦି ଦେବତାମାନେ ବିଷ୍ଣୁଙ୍କୁ ପ୍ରାର୍ଥନା କରି କହିଲେ—''ସୂର୍ଯ୍ୟବଂଶର ରାଜା

ଦଶରଥଙ୍କ ପୁତ୍ରରୂପରେ ତୁମ୍ଭେ ଜନ୍ମଗ୍ରହଣ କରି ବାଲ୍ୟକାଳରେ ଯଜ୍ଞରକ୍ଷା କରିବ । ଯୁବା କାଳରେ ଜନକଙ୍କ ଘରକୁ ଯିବ । ଶିବଧନୁ ଭାଙ୍ଗି ସୀତାଙ୍କୁ ବିଭା ହେବ । ପୁଣି ଅରଣ୍ୟରେ ବାସକରି ଦୁଃଖ ପାଇବ । ସୀତାଙ୍କୁ ରାବଣ ହରିନେଲେ ସେ ମରିବ ।" ପୁଣି—

ଋକ୍ଷ ଯେ ବାନର ସଙ୍ଗେ ସୈନ୍ୟ ସଖା ନେବୁ
ମାନବ ରୂପ ଧରିଣ ରାବଣ ବଧିବୁ ।

ବିଷ୍ଣୁ ପ୍ରୀତ ହୋଇ ମାନବ ଅବତାର ଗ୍ରହଣ କରି ଦୁଃଖ ବରଣ କରିବାକୁ ସମ୍ମତ ହେଲେ ।

ତାହା ଶୁଣି ସୁଦୟା ଯେ କଲେ ଦଇତାରି,
ହୋଇବି ଜନମ ମୁଁ ମାରିବି ସୁରଅରି ।
ତୁମ୍ଭର ବ୍ୟାକୁଳ ନପାରଇ ମୁହିଁ ଦେଖି,
ମାରିବି ଦୈତ୍ୟ ମୁଁ ଅରଣ୍ୟେ ହେବି ଦୁଃଖୀ ।
ନଚଢ଼ିବି ବାହନ ମୁଁ ବିନତାର ସୁତ,
ନଧରିବି ଶଙ୍ଖଚକ୍ର ନୋହୁ ଚତୁର୍ହସ୍ତ ।
ମାରିବଇଁ ରାବଣ ଯେ ସ୍ୱଗୋଷ୍ଠ ସହିତେ,
ଧନୁଶର ମାୟକ ଯେ ଥିବ ମୋର ହସ୍ତେ । (ଆ.କା.)

(୭) ବେଦମତୀ, ନନ୍ଦିକେଶ୍ୱର, ଅନରଣ୍ୟରାଜାଙ୍କ ପ୍ରତି ଅତ୍ୟାଚାର କରି ଅପମାନ ଦେଇଥିବାରୁ ରାବଣକୁ ସେମାନେ ଶାପ ଦେଇଥିଲେ । ରାମ ଓ ସୀତାଙ୍କ ଜନ୍ମ ପୂର୍ବରୁ ଏ ଘଟଣା ଘଟିଥିଲା । ରାଜା କୁଶଧ୍ୱଜଙ୍କ କନ୍ୟା ପରମରୂପବତୀ ବେଦମତୀ ବିଷ୍ଣୁଙ୍କୁ ପତିରୂପରେ ପ୍ରାପ୍ତ ହେବେ ବୋଲି ତପସ୍ୟା କରୁଥିଲେ । ରାବଣ ମଦାନ୍ଧ ହୋଇ ଏହି ତପସ୍ୱୀ ରମଣୀର ସତୀତ୍ୱ ନଷ୍ଟ କରିବାକୁ ଉଦ୍ୟତ ହେବାରୁ ସେ ଅଗ୍ନିରେ ଝାସ ଦେଇ ନିଜ ଶରୀରକୁ ଦଗ୍ଧ କଲେ । ଏହି ସମୟରେ ସେ ରାବଣକୁ ଶାପ ଦେଇଥିଲେ—

ବୋଇଲା ବିଷ୍ଣୁଙ୍କୁ ମୁଁ ଯେ ବରିଅଛୁ ମନେ,
ମୋହର ନିମନ୍ତେ ତୋତେ ମାରନ୍ତୁ ସେ ରଣେ । (ଆ:କା:)

ଏହି ବେଦବତୀହିଁ ସୀତାରୂପରେ ଅବତୀର୍ଣ୍ଣା ହୋଇଥିଲେ । ପରେ ରାବଣ କଇଲାସକୁ ଗମନ କଲା । ଶିବଙ୍କ ଦ୍ୱାରପାଳ ନନ୍ଦକେଶ୍ୱର ତାର ଗତିରୋଧ କରିବାରୁ ସେ ତାଙ୍କର ବାନର ମୁଖକୁ ଦେଖି ତାଚ୍ଛଲ୍ୟ ପ୍ରଦର୍ଶନ କଲା । ନନ୍ଦକେଶ୍ୱର ରାବଣକୁ ଶାପଦେଲେ—

ବୋଇଲା ରାବଣ କଲୁ ଅକାରଣେ ରୋଷ,
ଏ ନର ବାନରେ ତୋର ବଂଶ ଯାଉ ନାଶ । (ଆ:କା: )

ପରେ ରାବଣ ଅଯୋଧ୍ୟା ଆକ୍ରମଣ କରି ସେଠାର ରାଜା ଅନରଣ୍ୟଙ୍କ ସହିତ କପଟ ଯୁଦ୍ଧ କଲା । ଦେବତାମାନେ ଦେଇଥିବା ଅସ୍ତ୍ରସବୁ ରାବଣ ଅନରଣ୍ୟଙ୍କ ଉପରେ ବୃଷ୍ଟି କରିବାରୁ ତାଙ୍କର ମୃତ୍ୟୁ ହେଲା । ମୃତ୍ୟୁ ପୂର୍ବରୁ ସେ ରାବଣକୁ ଶାପ ଦେଲେ—

ଦଶଗ୍ରୀବକୁ ବ୍ରହ୍ମିଣ ବଚନ ବୋଇଲା,
ମୋର ବଂଶ ହାତେ ତୁହି ମରସି କହିଲା ।
ଦିବ୍ୟ ଅସ୍ତ୍ରମାନ ମୋତେ ପ୍ରହାର ତୁ କଲୁ,
ଦେବତାଙ୍କ ଅସ୍ତ୍ର ମନୁଷ୍ୟଙ୍କୁ ତୁ ମାଇଲୁ । (ଉ:କା: )

ଏହି ବିଷୟ ସଂକ୍ଷେପରେ ଗ୍ରନ୍ଥର ଆଦ୍ୟଛାନ୍ଦରେ ଭଞ୍ଜକବି ସୂଚିତ କରି ଅଛନ୍ତି—

ବେଦବତୀରେ ମନ୍ଥ ବଳାଇ ଦେଲା ଯେ କନ୍ୟା ତନୁ ଜଳାଇ
ମୋ ହେତୁ ମୃତ୍ୟୁ ଏ ଶାପ ପାଇ, ତହୁଁ ତପନେ ଯେ ।
ବୋଲି ମର୍କଟ ନନ୍ଦ ନନ୍ଦୀରେ ଆନନ୍ଦ କରି ତଳ ଦ୍ୱାରେ
ବୋଲେ ସେ ହେଉ ପ୍ରାଭବ ତୋରେ, ବାନରେ ନରେ ଯେ ।
ବଧିଲା ଅନରଣ୍ୟକୁ ଅଯୋଧ୍ୟା ପୁରରେ ଯେ,
ବରାହବରେ ଅତି ମାୟାଯୁଦ୍ଧରେ ଯେ ।

ବଂଶେ ମୋ ନାଶ ଯିବୁ ଅବଶ୍ୟ ନର ଅବଜ୍ଞା କଲୁ ରାକ୍ଷସ,
କହିଲା ତହିଁ ସେହି ମହୀଶ, ହୃତକାଳରେ ଯେ । ୧୯ ।
(୧ମ ଛାନ୍ଦ ବୈ:ବି:)

ଏପରି ବହୁ ବିଷୟରେ ଉପେନ୍ଦ୍ର କୃପାସିନ୍ଧୁଙ୍କୁ ଅନୁସରଣ କରିଛନ୍ତି । କୃପାସିନ୍ଧୁ ବାଲ୍ମୀକିଙ୍କ ରାମାୟଣର ରୂପରେଖକୁ ସ୍ଥୂଳଭାବରେ ଗ୍ରହଣ କରିଥିଲେ ମଧ୍ୟ ବହୁ ନୂତନ ବିଷୟବସ୍ତୁ ସନ୍ନିବେଶିତ କରି ଚରିତ ଓ ଚରିଣ ଚିତ୍ରଣରେ ସ୍ୱାଧୀନତା ଦେଖାଇଛନ୍ତି । ଭଞ୍ଜ ଦାସଙ୍କୁ ମୁଖ୍ୟ ଭାବରେ ଅନୁସରଣ କରିଥିବାରୁ ବାଲ୍ମୀକିଙ୍କଠାରୁ ବହୁ ସ୍ଥାନରେ ଭିନ୍ନ ପନ୍ଥା ଧରିଥିବା ସ୍ୱାଭାବିକ; ତେବେ ଚରିତ-ଗୌରବ ଏଥିରେ ଖଣ୍ଡିତ ହୋଇନାହିଁ ।

## କବିତ୍ୱପୂର୍ଣ୍ଣ ବର୍ଣ୍ଣନା

ବୈଦେହୀଶ ବିଳାସରେ କବି ଅନେକ ସୁନ୍ଦର କବିତ୍ୱପୂର୍ଣ୍ଣ ଘଟନା-ଚରିଣ ବର୍ଣ୍ଣନା କରିଛନ୍ତି । ଶତାଧିକ ଅମୂଲ୍ୟ ମଣି ଭିତରୁ କେତୋଟି ଆହରଣ କରି ଦିଆଗଲା । ଏହି ସ୍ଥାନମାନଙ୍କରେ କବିଙ୍କର ଅନନ୍ୟ ସାଧାରଣ କବିପ୍ରତିଭା ପ୍ରକାଶ ପାଇଛି ।

(୧) ବିଶ୍ରବା ଋଷିଙ୍କ ସୁବଳ ପର୍ବତସ୍ଥ ଆଶ୍ରମକୁ ନିଜର ପରମାସୁନ୍ଦରୀ କନ୍ୟା ନିକଷାକୁ ସଙ୍ଗରେ ଧରି ସୁମାଳୀ ଗଲେ । ମୁନିଙ୍କ ସହିତ କନ୍ୟାକୁ ବିବାହ କରାଇ ଦେବାହିଁ ତାଙ୍କର ଲକ୍ଷ୍ୟ । ମୁନି ନିକଷାର ଶୋଭାରେ ମୁଗ୍ଧ ହୋଇ ତାକୁ ପତ୍ନୀରୂପରେ ଗ୍ରହଣ କରିଥିଲେ । ନିକଷା ମୁନିଙ୍କ ସମ୍ମୁଖରେ ଛିଡ଼ାହୋଇ ମୁନିଙ୍କ ପ୍ରତି କଟାକ୍ଷପାତ କଲେ । ବାମାର ପଦ୍ମନେତ୍ରର ବାଙ୍କଚାହାଣି କନ୍ଦର୍ପର ପୁଷ୍ପଶର ସଦୃଶ ମୁନିଙ୍କ ଦେହକୁ ବିଦ୍ଧ କଲା ।

ବାଙ୍କେ ଅନାଇ ବାଙ୍କେ ପକାଇ ସେ ପଙ୍କେରୁହ ଶରକୁ ନେଇ,
ଶଙ୍କେ ମଦନ ଆତଙ୍କେ ତହିଁ ମୁନି ଉତ୍ତମ ଯେ । ୨ ।
(୧ମ ଛାନ୍ଦ ବୈ:ବି:)

(୨) ରାବଣ ବ୍ରହ୍ମାଙ୍କଠାରୁ ବର ପାଇ ବହୁ ଉପଦ୍ରବ କଲା । ଏହି ବର ପ୍ରସାଦରୁ ତାର 'ମୃତ୍ୟୁ ନାହିଁ' ଏହା ଭାବିଲା—

ବନ୍ଧନେ ପଡ଼ି ଖଡ଼୍‌ଗେ ନ ଛିଡ଼ି ଅନଳ ଯୋଗେ ନଗଲ୍ଲ ପୋଡ଼ି
ଜଳେ ନବୁଡ଼ି ଘଞ୍ଚସ୍ଥ ଗ୍ରୁଢ଼, ଦରେ ପ୍ରମୋଦ ଯେ । ୯୮ ।

(୧ମ ଛାନ୍ଦ ବୈ:ବି:)

(ଗ) ବିଭାଣ୍ଡକ ମୁନି ଯେଉଁ ବନ ମଧ୍ୟରେ ଆଶ୍ରମ କରି ରହୁଥିଲେ ସେହି ସ୍ଥାନଟି ଗଛପତ୍ରରେ ଏତେ ସାନ୍ଦ୍ର ଯେ ସେ ଭିତରେ ଘୋଡ଼ା ପଶିବା ତେଣିକି ଥାଉ ଶର ସୁଦ୍ଧା ପଶି ପାରିବ ନାହିଁ । ପକ୍ଷୀମାନେ ନିର୍ଭୟରେ କ୍ରୀଡ଼ା କରୁଛନ୍ତି । ନିରନ୍ତର ନୌକା ଯାଉଥିବା ନଦୀର ଉଭୟ କୂଳରେ ଏହି ମହାରଣ୍ୟ ବ୍ୟାପୀ ଅଛି । ଏହା କାକଶନ୍ୟ, ଗ୍ରାମ୍ୟପଶୁଶୂନ୍ୟ; କିନ୍ତୁ ଋଷି ଓ ବନ୍ୟପଶୁରେ ପୂର୍ଣ୍ଣ ହୋଇଛି ।

ବେଳିକୂଳେ ମହାରଣ୍ୟ ସତ୍ୟବାକେ ସ୍ଥାନ,
ବିଘନ ପଶୁସମୂହେ ସତ୍ୟବାକେ ପୂର୍ଣ୍ଣ ଯେ ।
ବାଜୀଗମ୍ୟ ସ୍ଥାନ ନୋହେ ସବ ସମସ୍ତରେ,
ଦ୍ୱିଜରାଜ କ୍ରୀଡ଼ା କରେ ବିଗତ ଭୟରେ ଯେ । ୧୫ ।

(୪ର୍ଥ ଛାନ୍ଦ ବୈ:ବି:)

ଋଷ୍ୟଶୃଙ୍ଗଙ୍କ ସହିତ ନିରନ୍ତର ବେଶ୍ୟାମାନଙ୍କର ରଙ୍ଗ ଆଳାପ—

ବିକାଶି ହାସ କଟାକ୍ଷ ଚାଳିଣ ରସିକା,
ବୋଇଲେ ଗେଲଇ ହୋଇ ଫୁଲାଇ ନାସିକା ।
ବନେ ତୁମ୍ଭେ ଭ୍ରମ, ଆମ୍ଭେ ବନୀରେ ବିଳାସୁଁ
ବନୌକା ତୁମ୍ଭେ ବନତା ଆମ୍ଭେତି ଏ ବଶୁଁ ଯେ ।୬୭। (୪ର୍ଥ ଛାଂ)

ଋଷିକୁମାର ଏହି ବେଶ୍ୟାମାନଙ୍କ ହାବଭାବରେ ଏତେ ମୁଗ୍ଧ ହୋଇଗଲେ ଯେ ପିତାଙ୍କର ବିରୋଧବାକ୍ୟକୁ ମଧ୍ୟ ଗ୍ରହଣ କଲେନାହିଁ, କି ଜାଗ୍ରତ କି ସ୍ୱପ୍ନ ସବୁବେଳେ ସେମାନଙ୍କର ଚିତ୍ର ତାଙ୍କୁ ଦିଶିଲା ।

ବିରୋଧୋକ୍ତି ଜନକର ନଘେନିଲେ ଲବେ,
ବୁଜିଲେ ନେତ୍ର ସ୍ୱପନେ ଦେଖେ ସେହି ଭାବେ ଯେ । ୪୫ ।

(୪) ସୀତାଙ୍କ ରୂପବର୍ଣ୍ଣନାର ପ୍ରତ୍ୟେକ ପଦ ଅମୃତରସସ୍ନାତ । ବାହୁଲ୍ୟ ଭୟରୁ ଅଳ୍ପ କେତୋଟି ଉଦ୍ଧାର କରାଗଲା ।

ବିଚରିଜ୍ୟୋତି ଲଭି ସେ ଖ୍ୟାତ ବିଦ୍ୟୁ ଲକ୍ଷଣ ଏତେ,
ବୁଜି ଇକ୍ଷଣ ହୋଏ ତକ୍ଷଣ ଯାହା ଦର୍ଶନ ମାତ୍ରେ ।
ବଢ଼ାଇ ସ୍ଥାନ କଣ୍ଟକପୂର୍ଣ୍ଣ ମଧ୍ୟରେ ଦରେ ଲୁଚି,
ବାସ ସମେଲ କେତକୀ ଫୁଲ କେତେ ମନକୁ ରୁଚି । ୪ ।
ବିସ୍ତାରିଲ ତା ଲୋଚନ ଗତାଗତ କରଇ ତୋଳା,
ବିଲକ୍ଷଭୃଙ୍ଗ ସରୋଜେ ସଙ୍ଗ ହୋଇ ଶିଖେ ସେ ଲୀଳା ।
ବାତେ ଚଳଇ ନୀଳୋତ୍ପଳର୍ଦ୍ଧି ସେ ଛବି ଲକ୍ଷ୍ୟ ହେଜି,
ବାଳକ କରେ ସାରେଣୀ କରେ ଖେଳ ତରୁଣ ତେଜି । ୯ ।
ବସିଲେ ତୁଲେ ଦଇବବଳେ ଗୁଞ୍ଜା କି ରତ୍ନ ପ୍ରାୟେ,
ବନମେଷେ ଯେ ମୀନ ସମାଜେ ଖଞ୍ଜନ କମ୍ପେ ଭୟେ ।
ବୁଡ଼ାଇ ରାଗ-କୁଣ୍ଡରେ ବେଗ ବେଗ ଅପାଙ୍ଗ ଡାଳି,
ବଡ଼ିଶପରି ନଏ ଓଟାରି ମନ-ମୀନକୁ ବାଳୀ । ୧୨ ।
ବାଳା ଅଧର ଅରୁଣ ସାର୍ଛବି ବନ୍ଧୁବା ସ୍ମର,
ବାଳ ଅରୁଣ ଦେଖି ଅରୁଣ ପଦାନୁରାଗେ ପୂର ।
ବିରଙ୍ଗ ସେହି ଦଣ୍ଡକେ ହୋଇ ସନ୍ତାପ ବିଭୂଷଣ,
ବନ୍ଦେ ସନ୍ଧ୍ୟାରେ ମାଣିକ୍ୟଧାରେ ଜ୍ୟୋତିଙ୍କ କରି ତୃଣ । ୧୯ ।

(୮ମ ଛାଃ ବୈଃବିଃ)

(୫) ହରଧନୁ ଭଙ୍ଗବେଳେ ରାମଙ୍କର ଅପୂର୍ବ ଶୋଭା ସନ୍ଦର୍ଶନ କରି ଜନ୍ମକାଙ୍କ୍ଷିନାରୀ ସୀତା ତାଙ୍କୁ ବର ରୂପେ ପାଇବା ପାଇଁ ଆଖି ବୁଜିଦେଇ ଶିବଙ୍କୁ ଧ୍ୟାନ କରି ମନେ ମନେ କହିଲେ, "ଜୀବନ ଯାଉ ନୋହିଲେ ହେଲେ ଏ ବର ।" ସତେ ଅବା ଶିବ ଏହାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ସେହିକ୍ଷଣି ମନୋବାଞ୍ଛା ପୂର୍ଣ୍ଣକଲେ କି ! ଏହି ସମୟରେ "ରାମଚନ୍ଦ୍ର ଧନୁ ଟେକି ଧରିଲେ" ଏହି ଶବ୍ଦ ସେବାକାରୀମାନଙ୍କଠାରୁ ଶୁଣି ସୀତା ଆନନ୍ଦରେ ଆଖି ଫିଟାଇଲେ । ବୋଧହେଲା, ମୁଦ୍ରିତ ପଦ୍ମ ବିକଶିତ ହେଲା କି ! ସୂର୍ଯ୍ୟଙ୍କୁ

ଦର୍ଶନ କରି ପଦ୍ମର ଦୁଃଖ ଦୂର ହେଲା ପ୍ରାୟ ରାମଙ୍କୁ ଦେଖି ସୀତାଙ୍କର ଦୁଃଖ ଦୂର ହେଲା । 'ହରଧନୁ ଭଙ୍ଗ ଅସମ୍ଭବ' ଏହି ମନୋଭାବ ଯୋଗୁଁ ସୀତାଙ୍କ ମନରେ ବରଲାଭ ଆଶା ଅଳ୍ପ ଥିବାର ଅନୁମାନ କରି କେହି କେହି କହୁଥିଲେ ଏହା ସୀତାଙ୍କର ପ୍ରିୟକର ପଣ ନଥିଲା । କିନ୍ତୁ ଏବେ ସୀତାଙ୍କ ମୁଖମଣ୍ଡଳ ଦର୍ଶନ କରି ଏହି ଧନୁଭଙ୍ଗ ପଣ ସୀତାଙ୍କର ପ୍ରିୟକର ନଥିଲା ଏହା କିଏ କହୁଛି ?

ବରାକବରାଙ୍ଗୀ ସୀତା ବରାକ କରଇ ଚିନ୍ତା,
ଜୀବନ ଯାଉ ନୋହିଲେ ହେଲେ ଏ ବର ।
ବମିଳାର ନେହ ଫିଟେ ମୁଦ୍ରିତ କଞ୍ଜ କି ଫୁଟେ
ପ୍ରମୋଦଦାୟକ ପରଭୃତଙ୍କ ସ୍ୱର ।
ବ୍ୟାଳୁକତା କେ ବୋଲୁଥିଲା,
ବଧୂର ସେ ବଦନବନ୍ଧୁ ଦର୍ଶନେ ହେଲା । ୩୬ । (୯ମ ଛାନ୍ଦ)

(୬) ସୀତାଙ୍କୁ ସଖୀମାନେ ବେଶ କରାଇବା ବେଳେ ନାନା ଅଳଙ୍କାର ନେଇ ଯେ ଯେଉଁ ସ୍ଥାନରେ ରହିବାର କଥା ତାକୁ ସେହି ସ୍ଥାନରେ ଖଞ୍ଜିଲେ । ହେମରନ୍ତୁ ଅଳଙ୍କାରସବୁ ଶାଣ ରସାଣ ଦ୍ୱାରା ଉଜ୍ଜ୍ୱଳ ଦୀପ୍ତି ପ୍ରକାଶ କରନ୍ତି । କବିବର୍ଣ୍ଣିତ ଏହି ଅଳଙ୍କାର ସୀତାଙ୍କ ଦେହରେ ଅଙ୍ଗସ୍ପର୍ଶ ପ୍ରାପ୍ତ ହୋଇ ଉଜ୍ଜ୍ୱଳ ଦୀପ୍ତି ପ୍ରକାଶ କଲେ ଏବଂ ପରମ ଶୋଭା ଧାରଣ କଲେ । ଚନ୍ଦ୍ରଯୋଗେ ରାତି ସମୁଜ୍ଜ୍ୱଳ ହେଲାପ୍ରାୟ ଗୌରାଙ୍ଗୀ ସୀତାଙ୍କ ଅଙ୍ଗ ସଂଯୋଗରେ ଦଳିତ ଅଞ୍ଜନ ଓ କସ୍ତୁରୀ ସମୁଜ୍ଜ୍ୱଳ ହେଲେ ଏବଂ ସ୍ୱ ସ୍ୱ ଦୀପ୍ତି ପ୍ରକାଶ କଲେ ।

ବିଭୂଷା ହେମରନ୍ତୁ ଯେତେ କହି । ବାଳାମଣି ଶାଣ ରସାଣ ତହିଁ
ବିଦଳ ଅଞ୍ଜନ କସ୍ତୁରୀ କଳି । ବଧୂ ବିଧିବଶୁଁ ଉଜ୍ଜ୍ୱଳ ଦଶି ସେ
ବଇଦେହୀଜା ପଦ ଗୁଣି ଯେ ।
ବିଂଶତି ପଦେ ଏ ଛାନ୍ଦ ଉପଇନ୍ଦ୍ର ଭଞ୍ଜ ବୀରବର ଭଣି ଯେ । ୨୦ ।
(୧୦ମ ଛାନ୍ଦ ବୈ:ବି:)

(୭) ସଖୀମାନଙ୍କ ମେଳରେ ସୀତା ସଭାମଣ୍ଡପକୁ ଯିବା ବେଳେ ତାଙ୍କର ଶୋଭା ଦେଖି ରାଜନ୍ୟବର୍ଗ କିଏ କପରି ଭାବରେ ଭାବିଲେ—

ସୀତାଙ୍କର ସଲଜ୍ଜ ଆନତ ମୁଖମଣ୍ଡଳ ସ୍ତନାଗ୍ରରେ ଲାଗି ରହିଥିବା ଦେଖି କେହି କେହି ଭାବିଲେ—ସ୍ତନରୂପକ ଶିବଙ୍କର ଦୁଃଖ ଦେଖି ସୀତାଙ୍କ ମୁଖରୂପୀ ଚନ୍ଦ୍ର ଆକାଶରୁ ଖସି ଆସୁଛନ୍ତି କି ! ତାଙ୍କର ତୋଳା ଚକ୍ଷୁ କୋଣରେ ଗତାଗତ ହେଉଥିବାର ଦେଖି କେହି କେହି ଅନୁମାନ କଲେ ଯେ ଚନ୍ଦ୍ରଙ୍କ ଦେହରେ ଥିବା ହରିଣ ବିହାର କରୁଛି କି ! ଅଥବା, ଶିବଙ୍କର ବିଷଜ୍ୱାଳା ଦୁଃଖ ଅପସାରିତ ହେଲା କି ! ଏହି ଉଭୟ ସଂଶୟ ମନରେ ଜାଗ୍ରତ ହେଲା ।

ବିଦେହିତନମୁଖ ପୟୋଧର ଶିଖ ଦେଖି କେତେ ଯୋଗି ଉପମା
ବିଷମସନ୍ତାପ ସମ୍ଭୂତେ ଶମ୍ଭୁର ଶୂନ୍ୟ ଖସିଆସେ ଚନ୍ଦ୍ରମା ।
ବାଳାର, ବିଗତ ହେଉଁ କୋଣେ ତୋଳା ।
ବିହରି ହରିଣ କି ବିଷଧାରଣ ବେନି ସଂଶୟ ଉପୁଜିଲା । ୧୦ ।
(୧୧ଶ ଛାନ୍ଦ ବୈ:ବି:)

ପୁଣି ରାମଙ୍କ ଗଳାରେ ବରଣମାଳା ଲମ୍ବାଇ—

ବର୍ଯ୍ୟା ପ୍ରବୀଙ୍ଗୀ କୋଣିଆଇ ଅନାଇ ସେ ଭଙ୍ଗୀ ଧୈର୍ଯ୍ୟ ଭଙ୍ଗୀ ହେଲା,
ବାହୁଡ଼େ ହୁଡ଼େ ସେ ପଥରେ ମନ୍ଥରେ ମନ ପାଲଟ କରିନେଲା ।
ବାହୁର, ବିମଳ ଚମ୍ପାଦାମ ଭାବ,
ବାହୁଡ଼ାଇ ଧନ ଈଶ ହେବା ଧନ ଦେବାକୁ ବିଗ୍ରରେ ରାଘବ । ୧୮ ।
(୧୧ଶ ଛାନ୍ଦ)

ଏପରି ଶତାଧିକ ଚିତ୍ର କାବ୍ୟର ଶୋଭାକୁ ବର୍ଦ୍ଧନ କରିଛି ।

ସାମାଜିକ ଚିତ୍ର—

ବୈଦେହୀଶ ବିଳାସରେ କବି ବହୁ ସାମାଜିକ ରୀତି, ନୀତି, ଆଚାର, ବ୍ୟବହାରର ଶତାଧିକ ଚିତ୍ର ଦେଇ କାବ୍ୟଟିର ଗୌରବ ବୃଦ୍ଧି କରିଛନ୍ତି । ଏସବୁ ସମାଜରେ ବର୍ତ୍ତମାନ ସୁଦ୍ଧା ପ୍ରଚଳିତ ଅଛି । ଏହି ଚିତ୍ରମାନଙ୍କ ଭିତରେ ପ୍ରତ୍ୟେକଟି ନୀତିପୂର୍ଣ୍ଣ ଓ ବିଧି-ସମ୍ମତ ହୋଇଛି ।

ସାମାଜିକ ଚିତ୍ରଣରୁ କବିଙ୍କର ତୀକ୍ଷ୍ଣ ଦୃଷ୍ଟି ଓ ଗମ୍ଭୀର ଚିନ୍ତାର ପରିଚୟ ମିଳୁଛି । ଏଥିରୁ ଅଧିକାଂଶ ଉଚ୍ଚ-ଶିକ୍ଷିତ ସଭ୍ୟ ସମାଜର ଚିତ୍ର

ହେଲେ ମଧ୍ୟ ସାଧାରଣ ସମାଜରେ ଏହାର ପ୍ରଚଳନ ଦେଖାଯାଏ । ପ୍ରସଙ୍ଗାଦି ଯେ ସ୍ଥଳବିଶେଷରେ ଆଦର୍ଶସ୍ଥାନୀୟ ଏଥିରେ ସନ୍ଦେହର ଅବକାଶ ନାହିଁ । କେତୋଟି ଚିତ୍ର ଏହିପରି—

(୧) ଦୁଷ୍ଟର ଅତ୍ୟାଚାର—ଦୁଷ୍ଟ ପ୍ରକୃତିର ଲୋକ ଯଦି ବଳବାନ୍ ହୁଏ ଏବଂ ଦେବତାଙ୍କ ଆଜ୍ଞା ଓ ବର ପ୍ରଭୃତି ଐଶ୍ୱରିକ ବଳରେ ଯଦି ଅଧିକ ହୁଏ ତାହାହେଲେ ସୁଜନ-ଦୁର୍ବଳର ଆଉ ରକ୍ଷା ନାହିଁ ।

ରାବଣ ସ୍ୱଭୁଜପରାକ୍ରମରେ ପୃଥ୍ୱୀମଣ୍ଡଳର ରାଜନ୍ୟବର୍ଗଙ୍କୁ ପରାସ୍ତକରି ସେମାନଙ୍କୁ ପ୍ରଜାସ୍ୱରୂପ ମଣି କର ଆଦାୟ କଲା । ସକଳମନ୍ତ୍ର ସନ୍ଥି ତପସ୍ୟାରତ ବେଦମନ୍ତ୍ର ତାର ଅତ୍ୟାଚାରରେ ଅଗ୍ନିରେ ଝାସ ଦେଲେ । ପୂଜ୍ୟ ଦେବ ଦେବ ମହାଦେବଙ୍କ ଦ୍ୱାରୀ ନନ୍ଦିକେଶ୍ୱରଙ୍କୁ ତାଙ୍କର ମୁଖର ଆକୃତି ଦେଖି ତାଙ୍କୁ ମର୍କଟମୁଖ ବୋଲି ପରିହାସ କଲା ଏବଂ ଚାପୋଡ଼ା ମାରିଲା । ଦେବ ସ୍ୱଭାବ ଲୋକଙ୍କୁ ଆକ୍ରମଣ କରି ନାନା ଅତ୍ୟାଚାର କଲେ ଏବଂ ଗୋଜାତି ମଧ୍ୟ ଏଥିରୁ ରକ୍ଷା ପାଇଲେ ନାହିଁ । ସପ୍ତସାଗରା ବସୁନ୍ଧରା ତା ପ୍ରତାପରେ କମ୍ପିଲେ । ସପ୍ତସମୁଦ୍ର ଭୟରେ ଅସ୍ଥିର ହୋଇ ତାର ଅତ୍ୟାଚାରରୁ ମୁକ୍ତି ପାଇବା ଓ ବନ୍ଧୁତ୍ୱ ପ୍ରତିଷ୍ଠା କରିବା ମାନସରେ ତାଙ୍କର ଶାନ୍ତି ଓ କାନ୍ତି ନାମ୍ନୀ ଦୁଇଟି କନ୍ୟାସହ ବହୁ ଧନରତ୍ନ ପ୍ରଦାନ କଲେ ।

ଦୁଷ୍ଟ ବଳବାନର ଅତ୍ୟାଚାରକୁ ରୋଧ କରିବା ପାଇଁ ସ୍ୱୟଂ ମହାଦେବ ମଧ୍ୟ ଅକ୍ଷମତା ପ୍ରକାଶ କରି ଭୟରେ ଲୁଚି ରହିଲେ ଏବଂ କୌଣସି ବାଧା ଦେଇ ନଥିଲେ । ପୃଥିବୀର ବୃକ୍ଷ, ଦୁବା, ଶାକ, ପୁଷ୍ପ, ପକ୍ଷୀ ପ୍ରଭୃତି ଭୀତତ୍ରସ୍ତ ହୋଇ ଅସ୍ଥିର ହେଲେ । ଏ ଦୁର୍ଜନ ମହାଦୁର୍ଦ୍ଧର୍ଷ ବଳବାନର ବିନାଶ ସମ୍ଭବ ହେଲା ସେହି ଅତ୍ୟାଚାରିତମାନଙ୍କ ଆର୍ତ୍ତନାଦଦ୍ୱାରା, ସେମାନଙ୍କର ଶାପ ଦ୍ୱାରା ।

(୨) ଶୀଳତା—ଉପେନ୍ଦ୍ର ସାମାଜିକ ଶୀଳତାକୁ ସୁନ୍ଦର ଭାବରେ କାବ୍ୟରେ ପ୍ରକାଶ କରିଛନ୍ତି । ରାବଣର ଅତ୍ୟାଚାରରେ ତ୍ରିପୁର ଅସୁସ୍ଥ ହେବାରୁ ବ୍ରହ୍ମା, ମହେଶ୍ୱର ଓ ଦେବତାମାନେ କ୍ଷୀରସିନ୍ଧୁ କୂଳରେ ଉପସ୍ଥିତ ହୋଇ ଭକ୍ତିଭାବରେ ଅନନ୍ତଶାୟୀ ବିଷ୍ଣୁଙ୍କ ସାହାଯ୍ୟ ପ୍ରାର୍ଥନା କଲେ । ବିଷ୍ଣୁଙ୍କୁ

ସନ୍ତୁଷ୍ଟ କରିବା ପାଇଁ ସ୍ତୁତି କଲେ । ତାଙ୍କର ମହିମାଗାନ କରି ତାଙ୍କୁ ପ୍ରସନ୍ନ କରିବା ଉପାୟକୁ ଅବଲମ୍ବନ କଲେ । ବ୍ରହ୍ମାଦି ଦେବତାମାନେ ବିଷ୍ଣୁଙ୍କୁ 'ବିଭୁ' 'ପ୍ରଭୁ' ବୋଲି ସମ୍ବୋଧନ କଲେ ଏବଂ ତାଙ୍କ ପୂର୍ବ ଅବତାର ସମୟର "ଦୁଷ୍ଟନିବାରି ସନ୍ଥପାଳି" କାର୍ଯ୍ୟକଳାପର ପ୍ରଶଂସା କଲେ । ଉପସ୍ଥିତ ବିପଦରେ ତାଙ୍କଛଡ଼ା ଆଉ କେହି 'ରକ୍ଷ' ନାହିଁ ବୋଲି ଜଣାଇଲେ । 'ପ୍ରଭୁ' ଏହି 'ସ୍ତୁତି'ରେ 'ବଶୀଭୂତ' ହୋଇ ଗରୁଡ଼ ପିଠିରେ ବସି ଦେବତାମାନଙ୍କ ନିକଟରେ ଉପସ୍ଥିତ ହେଲେ । ପ୍ରାର୍ଥୀର ଦୁର୍ବଳତା, ଅବିବେକିତାକୁ ତିରସ୍କାର କରି ନିଜେ ତାର ପ୍ରତିକାର କରିବା ପ୍ରତିଶ୍ରୁତି ଦେଲେ । ଏଠାରେ ପ୍ରାର୍ଥୀ ପ୍ରତି ସଦୟ ହୋଇ ବିଷ୍ଣୁ ସ୍ନେହରେ ହାସ ପ୍ରକାଶ କଲେ ଏବଂ ତାହାହିଁ ତାଙ୍କର ଅବତାର ଗ୍ରହଣ ପ୍ରସ୍ତାବ ଅନୁମୋଦନ ବୋଲି ଗୃହୀତ ହେଲା ।

ରାମଙ୍କ ଅବତାର ହେବା ବିଷୟ ଋଷି ସନତ୍‌କୁମାର ଗଙ୍ଗା କୂଳରେ ଋଷିମାନଂକୁ କହୁଥିବାବେଳେ ଦଶରଥଙ୍କ ମନ୍ତ୍ରୀ ସୁମନ୍ତ୍ର ସେଠାରେ ଉପସ୍ଥିତ ଥିଲେ । ଋଷିଂକୁ ପ୍ରଶ୍ନ କରିବାରୁ ବିଷୟର ଗାମ୍ଭୀର୍ଯ୍ୟ ଓ ପ୍ରଶ୍ନକର୍ତ୍ତାଙ୍କ ପଦ-ମର୍ଯ୍ୟାଦା ଅନୁରୂପ ଶିଷ୍ଟତା ପ୍ରକାଶ କରି 'କୋମଳ ସ୍ୱରରେ' ସେ କହିଲେ ଯେ, ନାରାୟଣ ଅଯୋଧ୍ୟାରେ ଦଶରଥଙ୍କ ପୁତ୍ରରୂପରେ ଅବତୀର୍ଣ୍ଣ ହେବେ । ସୁମନ୍ତ୍ର ଏହି ବିଷୟ ଦଶରଥଂକୁ ଜଣାଇବାରୁ ବହୁ ଦିନରୁ ସନ୍ତାନକାମୀ ଦଶରଥଂକ ହୃଦୟ ଆନନ୍ଦସମୁଦ୍ରରେ ପରିଣତ ହେଲା ଏବଂ ସେ ଭାବୋଚ୍ଛ୍ୱାସରେ ବିଚଳିତ ହେଲେ । ବଶିଷ୍ଠ ଏହାଶୁଣି 'ଶିଷ୍ଟ ଉକ୍ତି'ରେ ପ୍ରଶ୍ନ କଲେ, "ବିଷୟ କି ? ଶଂଶୟ କି" ସୁମନ୍ତ୍ର ଧୀରସ୍ଥିର ଭାବରେ ଉତ୍ତର ଦେଇ ରାମ ଅବତୀର୍ଣ୍ଣ ହେଉଥିବା ପ୍ରସଙ୍ଗ କହିଲେ । ବଶିଷ୍ଠ ଏ ପ୍ରସଙ୍ଗ ପୂର୍ବରୁ ବାଲ୍ମୀକିକୃତ ରାମାୟଣ ପଢ଼ି ଜାଣିଥିଲେ । ସେଥିପାଇଁ ଋଷି 'ହସି ହସି' ଏହା ଜାଣିଥିବା ଜଣାଇଥିଲେ ।

ପୁତ୍ରକାମୀ ଦଶରଥ ବିଷ୍ଣୁଂକୁ ପୁତ୍ରରୂପେ ପାଇବା ଭବିଷ୍ୟଦ୍‌ବାଣୀ ଶ୍ରବଣ କରି ସେଥିରେ ଆଶାନ୍ୱିତ ହୋଇ ଶାନ୍ତ ସଯତ ସ୍ୱରରେ ପ୍ରାର୍ଥୀ ହେଲେ । ସେ ବ୍ରତୀହୋଇ ଅପୂଜ୍ୟ ଦେବତାମାନଂକୁ ପୂଜାକଲେ । ଦେବତା, ବ୍ରାହ୍ମଣ, ବୈଷ୍ଣବମାନଙ୍କୁ ଧନରତ୍ନ ବିତରଣ କରି ସଂତୁଷ୍ଟ କଲେ । କର୍ମଶୁଭଦ ପାଇଁ

ବ୍ରହ୍ମଚର୍ଯ୍ୟ ବ୍ରତ ଅବଲମ୍ବନ କଲେ । ସଂଯତ, ନମ୍ର ହୋଇ ମଙ୍ଗଳକାର୍ଯ୍ୟରେ ବ୍ରତୀ ହେବା ଉଚ୍ଚକୋଟିର ଶୀଳତାର ନିଦର୍ଶନ ।

ଆଗନ୍ତୁକମାନଂକୁ ଅବସ୍ଥାନୁଯାୟୀ ସମ୍ମାନ ପ୍ରଦର୍ଶନ କରିବାରେ ଋଷିମାନେ ବେଶ୍ୟାମାନଙ୍କଠାରେ ମଧ୍ୟ ନ୍ୟୂନତା ପ୍ରକାଶ କରି ନାହାନ୍ତି । ଜରତାଦ୍ଧ ବେଶ୍ୟାମାନେ ବିଭାଣ୍ଡକ ମୁନିଂକ ଆଶ୍ରମ ନିକଟସ୍ଥ ବନରେ ପ୍ରବେଶ କରି ବୀଣାଳାପ କରିବାରୁ ବୃକ୍ଷକୁ ଆଉଜିଥିବା ଋଷିପୁତ୍ର ଯୁବକ ଋଷ୍ୟଶୃଙ୍ଗ ତରୁକୁ ତ୍ୟାଗକରି ଆଗନ୍ତୁକମାନଙ୍କୁ ମୁନି ମଣି ସମ୍ଭାବନା କଲେ, ଆସନରେ ବସାଇଲେ । 'କେଉଁ ମଠ, କି ମନ୍ତ୍ର, ଶୈବ ନା ବୈଷ୍ଣବ' ପ୍ରଭୃତି ପ୍ରଶ୍ନକଲେ । ଈପ୍ସିତଫଳାକାଂକ୍ଷୀ କପଟୀ ରମଣୀ ବ୍ୟାଜରେ ସମୟୋପଯୋଗୀ ଓ ଆବଶ୍ୟକ ହାସ ବିକାଶ କରି, କଟାକ୍ଷ ଚାଳି, ନାସିକା ଫୁଲାଇ, ଗେଲାଇ ହୋଇ କାମନାସିଦ୍ଧି—ଅନୁରୂପ ଉତ୍ତର ଦେଲେ । ଉଚ୍ଚ କୋଟୀର ମାନସିକ ବିକାଶର ବିଦ୍ୟମାନତାହିଁ କପଟୀମାନେ ପ୍ରକାଶ କରିଛନ୍ତି । ଭ୍ରମ କରାଇ ଲକ୍ଷ୍ୟ ଥିଲେ ମଧ୍ୟ 'ସମ୍ଭାବନା'ରେ 'ଘୃଣିତ' କପଟୀମାନେ ହେଳା କରି ନାହାନ୍ତି । ପରେ ସନ୍ଧ୍ୟା ସମୟ ଉପଗତ ଦେଖି କପଟୀମାନେ ବାହୁଡ଼ି ଯିବାକୁ ଉଦ୍ୟତ ହୋଇ 'ମେଲଣି' ହେଲୁ ବୋଲି କହିବାରୁ ମୁନିପୁତ୍ର ସେମାନଙ୍କ ପାଖେ୍ରୁଣି ଗଲେ । ବାଟରେ ବାରାଙ୍ଗନା ରହି ରହି ମୁନି-ପୁତ୍ରଙ୍କୁ 'ବାହୁଡ଼ିବା ହେଉ', 'ଆମ୍ଭେ କାଲି ଆସୁ ପିନା' ବୋଲି ଅନୁରୋଧ କଲେ । ଉଚ୍ଚ ସମାଜର ଏହା ମାର୍ଜିତ ରୀତି ।

ରାଜା କିମ୍ବା ରାଜପୁରୁଷ ନ ହେଲେ ମଧ୍ୟ ଗୁରୁଜନ ଓ ପରମ ମାନ୍ୟ ମୁନିପୁତ୍ରଙ୍କୁ ବେଶ୍ୟାମାନେ ମାନ୍ୟ ସମ୍ବୋଧନ ଓ ମାନ୍ୟ ବ୍ୟବହାର ପ୍ରଦର୍ଶନ କରି ଉଟଜକୁ 'ବିଜେ କର' ବୋଲି କହିଲେ । ଋଷିପୁତ୍ର ସାମାଜିକ ଚଳଣି ଅନୁଯାୟୀ 'କଷ୍ଟସୁ ଆସିବ', 'ନମସ୍କାର କର' ବୋଲି ବେଶ୍ୟାମାନଙ୍କୁ ମଧ୍ୟ କହିଥିଲେ ।

ଲୋମପାଦ ରାଜା ଋଷ୍ୟଶୃଙ୍ଗଙ୍କୁ ଦେଖିବା ପାଇଁ ତାଙ୍କ ଆଶ୍ରମ ପାଖରେ ପ୍ରବେଶ ହେଲେ । ମାମୁ ଋଷିପୁତ୍ରଙ୍କୁ ରାଜା ଆଦେଶ

ନମସ୍କାର କଲେ । ଋଷିପୁତ୍ର କଲ୍ୟାଣ କରି, ତାଙ୍କୁ ନେଇ ପାଖରେ ବସାଇଲେ । କୋଟିପତି ଓ ଭିକାରି, ମହାରାଜାଧିରାଜ ଓ ନିରୀହ ପ୍ରଜା —ଏମାନଙ୍କ ଭିତରେ ଧନପତି, ଦଣ୍ଡପତି ନିଶ୍ଚୟ ଭିକାରି ଓ ନିରୀହ ପ୍ରଜାଠାରୁ ବେଶି ସମ୍ମାନ ଦାବି କରିବେ ଓ ପାଇବେ ମଧ୍ୟ । କିନ୍ତୁ ସର୍ବତ୍ୟାଗୀ ତପସ୍ୱୀ ସମସ୍ତଙ୍କର ଗୁରୁ, ଏ ଭାବରୁ ସମସ୍ତଙ୍କର ପୂଜ୍ୟ । ସେଥିପାଇଁ ରାଜା ଲୋମପାଦ ଋଷ୍ୟଶୃଙ୍ଗଙ୍କୁ ଆଗେ ନମସ୍କାର କଲେ ଏବଂ ତପସ୍ୱୀ ମଧ୍ୟ ଶୀଳ ବ୍ୟବହାର ଅନୁସାରେ ମଙ୍ଗଳବାଞ୍ଛା କରି ତାଙ୍କୁ ନେଇ ରାଜାର ସିଂହାସନ ଅପେକ୍ଷା ଅତି ମୂଲ୍ୟବାନ ନିଜର ପାଖରେ ବସାଇଲେ । ଦଶରଥ ଚମ୍ପାନଗରରେ ପ୍ରବେଶ ହେବା ପୂର୍ବରୁ ଲୋମପାଦ ବାଟରୁ ଋଷିଙ୍କ ସହିତ ଦଶରଥଙ୍କର ଭେଟ କରାଇଦେଲେ । ଭେଟ ହେବା ମାତ୍ରେ ଋଷି ଆନନ୍ଦ ମନରେ ହାସ୍ୟମୁଖରେ କଲ୍ୟାଣ କଲେ ଏବଂ ରୀତି ଅନୁସାରେ "ତୁମ୍ଭର ସର୍ବ ମଙ୍ଗଳ ତ" ବୋଲି ଋଷି ଦଶରଥଙ୍କୁ ପଚାରିଲେ । ରାଜା ଉଚିତ ଉତ୍ତର ଦେଲେ ।

ରମାଦି ଚାରିପୁତ୍ର ଜନ୍ମହେବା ସମ୍ବାଦ ପରିଚାରିକାମାନେ ରାଜା ଦଶରଥଙ୍କୁ ଦେଲେ । ରାଜା ପରମ ଆନନ୍ଦ ଲାଭ କରି ଏହି ଶୁଭ ସମ୍ବାଦ ବାହିକାମାନଙ୍କୁ ଧନରତ୍ନ ପୁରସ୍କାର ଦେଲେ । ପାତ୍ର ମନ୍ତ୍ରୀମାନେ ମଧ୍ୟ ଦ୍ୱାରୀମାନଙ୍କଠାରୁ ଏହି ସମ୍ବାଦ ଶ୍ରବଣ କରି ସେମାନଙ୍କୁ ପୁରସ୍କୃତ କଲେ । ଭାଟ ଓ କାତ୍ୟାୟିନୀମାନେ ଏହି ଶୁଭସମ୍ବାଦ ଘରେ ଘରେ ପ୍ରଚାର କରି ଗୃହସ୍ୱାମୀମାନଙ୍କଠାରୁ ପୁରସ୍କାର ପାଇଲେ । ରାଜା ଆନନ୍ଦରେ ହାଟବାଟ ଜୁରି କରାଇଲେ । ପୁତ୍ରଜନ୍ମ ମହୋତ୍ସବରେ ସମସ୍ତେ ଆନନ୍ଦ ଉପଭୋଗ କରନ୍ତୁ । ସେଥିପାଇଁ ପୁରସ୍କାର, ହାଟବାଟ ଜୁରି ପ୍ରଭୃତିର ବ୍ୟବସ୍ଥା । ଲୋକଙ୍କ ମନରେ ବାତ୍ସଲ୍ୟ ଭାବର ସଞ୍ଚାର କରାଇ ନବଜାତ ଶିଶୁପ୍ରତି ସ୍ନେହ ଜନ୍ମାଇବାହିଁ ଏହାର ପ୍ରଧାନଲକ୍ଷ୍ୟ ।

ବଡ଼ଲ ଗଭୀର ଜାହ୍ନବୀ ପାରିବେଲେ ନୌକାରେ ପାରି କରିଦେବା ପାଇଁ ବିଶ୍ୱାମିତ୍ର କୈବର୍ତ୍ତିକୁ ଡାକିଲେ । କୈବର୍ତ୍ତିମାନେହିଁ ଡଙ୍ଗା ଚଳାଇବା ବୃତ୍ତିକୁ ଗ୍ରହଣ କରୁଥିଲେ । ନଦୀ ପାରି ହେବା ପରି କଷ୍ଟକର ବ୍ୟାପାରରେ

ଏବଂ ଏଥିରେ କୌଳିକ ବୃତ୍ତି ଆଚରଣ ଓ ଅଭ୍ୟାସ ବଶରୁ ଦକ୍ଷତା, ପୁଣି ପ୍ରତିଦ୍ୱନ୍ଦୀହୀନତା ଯୋଗୁଁ ସାମାନ୍ୟ ବୃତ୍ତିଧାରୀ 'କୈବର୍ତ୍ତ' ମଧ୍ୟ ପଥିକମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରିଥାଏ । ପଥିକ କୈବର୍ତ୍ତ ଉପରେ ଅବସ୍ଥାବଶରୁ ସମ୍ପୂର୍ଣ୍ଣ ନିର୍ଭର କରିବାକୁ ବାଧ୍ୟ ହେଉଥିବାରୁ ଏହି ମନୋବୃତ୍ତିର ସୃଷ୍ଟି ସମ୍ଭବ ହେଲା । ବିଶ୍ୱାମିତ୍ରଙ୍କ ଆକାର ପ୍ରକାରରୁ ତାଙ୍କୁ ଜଣେ ଋଷି ବୋଲି ଜାଣିବା ପାଇଁ ସନ୍ଦେହର କାରଣ ନଥିଲା । ତେବେ ସୁଦ୍ଧା କେଉଟ ତାଂକର ଡାକକୁ ଶୁଣିଲା ନାହିଁ । ତହୁଁ ଲେଖାଙ୍କର ଅନୁସାରେ ରାମ କୈବର୍ତ୍ତିକୁ କହିଲେ, "ଶୁଣୁ ନାହିଁ କାହିଁକି ? ତୁମର କାନ ନାହିଁକି ? ତୁମ୍ଭେ ସପ ପରି କି ? ଯଦି କାନ ନଥାଏ ତେବେ ଉଦାର ହୋଇ ବାରେ ନେଇ ଚାଲ ଆମେ କଣ କହୁଛୁ ତାହା ଶୁଣ ।" ସେ କେଉଟ 'ବଶୀବଦ' ଓ 'ସାମନ୍ତ' ହୋଇ ଥିବାରୁ ମନଗର୍ବରେ ଏପରି ବ୍ୟବହାର ଅବା କଲା ? ଏପରି ଭାବିବା ପଥିକଙ୍କ ପକ୍ଷରେ ସମ୍ଭବ । କିନ୍ତୁ କୈବର୍ତ୍ତ 'ବିଜ୍ଞାନୀ' । ସେ ରାମଙ୍କ ପାଦ ଧୂଳି ପଥରେ ପଥର ଅହଲ୍ୟାରୂପ କନ୍ୟାରେ ପରିଣତ ହୋଇଥିବା ପ୍ରସଙ୍ଗ ଶୁଣିଥିଲା । ସେଥିପାଇଁ ମନରେ ସେହି ପରମପୁରୁଷ ରାମଚନ୍ଦ୍ରଙ୍କ ପଦସେବା ପାଇବା ମାନସରେ ତାର ଜବାବ ଦେଇଥିଲା । ନୌକାରେ ମାନ୍ୟ ପୁରୁଷଙ୍କୁ ପ୍ରତିହାରୀ ପରି ନାବିକ ପାତ୍ରେଟି ନେଇ ପାଦ ଧୋଇ ପୋଛି ମଣାଇ ବସାଇଲେ । ଅବସ୍ଥାନୁଯାୟୀ ନିଜଠାରେ ଥିବା 'ପଲ୍ଲବ' ବିଛାଇ ଆସନ ପ୍ରସ୍ତୁତ କରି ବସାଇଲେ । ମାନ୍ୟାସ୍ପଦ ବ୍ୟକ୍ତିଙ୍କ ପ୍ରତି ସାଧାରଣ ଲୋକଙ୍କର ଏବଂବିଧ ବ୍ୟବହାର ସାମାଜିକ ପ୍ରଚଳନ ଓ ଉଚ୍ଚ ଶୀତଳତାର ପରିଚାୟକ ।

ଆଗନ୍ତୁକ ଅଜ୍ଞାତକୁଳଶୀଳ ସୁନ୍ଦର ଯୁବକକୁ ଦେଖି ମିଥିଳାର ସ୍ତ୍ରୀ ପୁରୁଷ ନିର୍ବିଶେଷରେ ସମସ୍ତେ ମୁଗ୍ଧ ହୋଇଗଲେ । ସୌନ୍ଦର୍ଯ୍ୟବୋଧ ଓ ସୌନ୍ଦର୍ଯ୍ୟରେ ତନ୍ମୟତା ରସିକ ଓ ଶିଳ୍ପୀ ପକ୍ଷରେହିଁ ବିଶେଷ ଭାବରେ ପ୍ରକାଶ ପାଏ । ଶିବଧନୁଭଙ୍ଗ କରିବାକୁ ମରକତତନୁ ରାମଚନ୍ଦ୍ର ସମର୍ଥ ହେବେ ବୋଲି ତାଙ୍କର ସୌନ୍ଦର୍ଯ୍ୟ, ତାଙ୍କର ଗମନ ଭଙ୍ଗୀ ପ୍ରଭୃତି ଦେଖି ବିପଣୀରେ ଥିବା ଲୋକେ ଭାବନା କଲେ । ରାମଙ୍କ ମନୋହର ରୂପଲାବଣ୍ୟ ସମସ୍ତଙ୍କୁ

ମୁଗ୍ଧ କରିଦେଇଛି । ବିଦେହର ରମଣୀମାନେ ଯେପରି ଉପଯୁକ୍ତା ଗୃହିଣୀ ସେପରି କାମ ଶାସ୍ତ୍ର ବିଶାରଦା, ଗାନ୍ଧର୍ବଶାସ୍ତ୍ରନିପୁଣା ଓ ରସିକା । ରମଣୀମାନେ ସୌନ୍ଦର୍ଯ୍ୟ ଦର୍ଶନ କରି ସୌନ୍ଦର୍ଯ୍ୟର ମାଦକପୂର୍ଣ୍ଣ ପ୍ରଭାବ ଅନୁଭବ କଲେ । ସେମାନଙ୍କର 'ରତିବିଭଙ୍ଗ' ଉତ୍ତେଜନାପ୍ରସୂତ ଓ ଅସଂଯତ । ବୀଣାବାଦନ, ଉଚ୍ଚମସ୍ୱରରେ ଗୀତ ଗାୟନ, ବିବିଧ ବାଦ୍ୟବାଦନ ପ୍ରଭୃତିରେ ଏହି ରମଣୀମାନେ ନିପୁଣା ଥିଲେ । ବିବାହିତା ରମଣୀମାନେ ମଧ୍ୟ ସୁନ୍ଦର ପର ପୁରୁଷଙ୍କୁ ଦେଖି ମୋହିତ ହେଉଥିବା ଓ ସେମାନଙ୍କର ହିତାହିତଜ୍ଞାନ ଲୋପ ହେଉଥିବା କବିଙ୍କ ରଚନାରୁ ଜଣାଯାଏ । ପୁଣି ରାଜମନ୍ତ୍ରୀ ଓ ସାମନ୍ତ ରାଜାମାନଙ୍କର ରମଣୀମାନେ ଅଟ୍ଟାଳିକା ଉପରେ ଚଢ଼ି ରାମଙ୍କ ଶୋଭା ଦର୍ଶନ କରୁଥିଲାବେଳେ ଜଣେ ସଖୀ କହୁଛି, ଯେ ରାମଙ୍କ ରୂପ ଦେଖି ସେମାନେ ମୋହିତ ହେବେ ଏବଂ ବିରହଜ୍ୱାଳାରେ ପୀଡ଼ିତ ହେବେ । ଏହି ଜ୍ୱାଳା ଉପଶମ ନିମନ୍ତେ ସେମାନଙ୍କୁ (ସଖୀମାନଙ୍କୁ) ଔଷଧ ବାଣ୍ଟି ବାଣ୍ଟି ହଇରାଣ ହେବାକୁ ହେବ । ବୃଦ୍ଧା ରମଣୀମାନେ ମଧ୍ୟ ଏ ସମ୍ପର୍କରେ ଯୁବତୀମାନଙ୍କୁ ପରିହାସ କରିଛନ୍ତି । ପତିବ୍ରତା ରମଣୀମାନେ ମଧ୍ୟ କାମବିକାରରେ ପୀଡ଼ିତ ହୋଇଥିବା କବି ଜଣାଇଛନ୍ତି । ଏହି ଚେଷ୍ଟା ସଂଯତ ସୌନ୍ଦର୍ଯ୍ୟବୋଧର ପରିସରକୁ କ୍ଷୁଣ୍ଣ କରି ଦେଇଛି । ସ୍ୱୟଂ ସୀତା ମଧ୍ୟ ପଥ ମଧ୍ୟସ୍ଥ ରମଣୀୟ ରାମମୂର୍ତ୍ତିଙ୍କୁ ଦେଖିବା ପାଇଁ ଅଟ୍ଟାଳିକା ଉପରକୁ ଉଠିଥିଲେ । ମାନବର ଅସଂସ୍କୃତ ସ୍ୱାଭାବିକ ଭାବୋଚ୍ଛ୍ୱାସହିଁ ଏହି ବିଚିତ୍ର ବିଭ୍ରମର କାରଣ । ସୌନ୍ଦର୍ଯ୍ୟପସରା ରତି-କାମଦେବଙ୍କୁ ଦର୍ଶନ କରି ଆଦିରସର ପ୍ରଭାବ ସ୍ୱାଭାବିକ ଭାବରେ ମାନବ ହୃଦୟରେ ପଡ଼ିବା ଅବଶ୍ୟମ୍ଭାବୀ, ଏହାହିଁ ଏ ଚିତ୍ରରେ ସୂଚିତ ହୋଇଥିବା ଅନୁମିତ ହୁଏ ।

ବାରନାରୀ—ବଃପୀ ସ୍ତ୍ରୀମାନେ ରାଜଭୟରେ ଅସ୍ଥିର ହୁଅନ୍ତି । ରାଜଦଣ୍ଡ ଭୟରେ ଗୋପନରେ ସ୍ୱ ବ୍ୟବସାୟ କରନ୍ତି । ରାଜପୁରୁଷଙ୍କ ଦୃଷ୍ଟି ପଡ଼ିବା ଭୟରେ ଲୁଚି ରହନ୍ତି । ବର୍ତ୍ତମାନ ଯେପରି ସାମାଜିକ ବ୍ୟବସ୍ଥାନୁଯାୟୀ ଘୃଣ୍ୟ ଓ ସମାଜ ବିରୋଧୀ ପର୍ଯ୍ୟାୟରେ ବଃପୀ ସ୍ତ୍ରୀ ଗୃହୀତ ହୁଏ, ଜନକଙ୍କ ସମସାମୟିକ ସମାଜରେ ମଧ୍ୟ ଏହିପରି ଘୃଣା ଥିଲା ଏବଂ ବଃପୀ ସ୍ତ୍ରୀ (ଲଙ୍କା)

ଦଣ୍ଡିତ ହେଉଥିଲେ । ସୁମାଳୀ ରାକ୍ଷସଙ୍କୁ ବିଷ୍ଣୁ ଗଦାରେ ବିନାଶ କରିଦେବା ପରେ ମାଳି ଓ ମାଲ୍ୟବନ୍ତ ଅସୁର ଦୁହେଁ ଅତ୍ୟନ୍ତ କ୍ଷୀଣ ହେଲେ ଏବଂ ଲଙ୍କା ତ୍ୟାଗ କରି ପାତାଳ ପୁରରେ ଲୁଚିଲେ ।

ଋଷ୍ୟଶୃଙ୍ଗଙ୍କ ସହିତ ଦଶରଥଙ୍କ କନ୍ୟା ଶାନ୍ତାଙ୍କ ବିବାହ ଉପଲକ୍ଷେ ନଗର ମଣ୍ଡନ ଦଶରଥ ଓ ଲୋମପାଦ କରୁଛନ୍ତି । ନଗର ବେଶ୍ୟା ଦ୍ୱାରା ଋଷ୍ୟଶୃଙ୍ଗ ମୋହିତ ହୋଇଥିଲେ, କିନ୍ତୁ ଶାନ୍ତାଙ୍କ ସହିତ ତାଙ୍କର ବ୍ୟବହାର ଯେ ପ୍ରୀତିକର ହେବ ଏହା ଆଶାକରି କବି କହୁଛନ୍ତି ଯେ ବାସଙ୍ଗ ଫୁଲର ରସରେ ଭ୍ରମର ମୋହିତ ହୋଇଥିଲା । ଏବେ ପଦ୍ମଫୁଲକୁ ପାଇ ଆତୁର ହେବ ନାହିଁକି ? ବାରନାରୀଙ୍କୁ ବାସଙ୍ଗ ଫୁଲ ସଙ୍ଗେ ଓ ଶାନ୍ତାଙ୍କୁ ପଦ୍ମଫୁଲ ସଙ୍ଗେ ତୁଳନା କରାଯାଇଛି ।

ବ୍ୟଭିଚାରିଣୀ ପ୍ରତି ରାଜଦଣ୍ଡ—ପଞ୍ଚବଟୀ ନାନା ବୃକ୍ଷମାନଙ୍କରେ ପରିପୂର୍ଣ୍ଣ ହୋଇ ଅପୂର୍ବ ଶୋଭା ଧାରଣ କରିଛି । ଏହି ବୃକ୍ଷମାନଙ୍କୁ ଦେଖିଲେ ସେମାନେ ଗୋଟିଏ ଗୋଟିଏ ତରୁଣୀ ବୋଲି ଭ୍ରମ ହୁଏ । ବସନ୍ତ କାଳରେ ଲତାବୃକ୍ଷସବୁ ପୁଷ୍ପିତ ଓ ଫଳଯୁକ୍ତ ହୋଇ ବସନ୍ତର ସ୍ତ୍ରୀ ରୂପେହିଁ ପ୍ରତିଭାତ ହେଉଛନ୍ତି । ଏହି ବୃକ୍ଷଲତାମାନେ ପୁଷ୍ପିତା ହୋଇ ସ୍ୱୀୟ ସ୍ୱାମୀ ବସନ୍ତକୁ ଭୁଲାଇ ବ୍ୟଭିଚାରିଣୀ ସ୍ତ୍ରୀ ପରି ଭ୍ରମରରୂପ ପରପୁରୁଷଠାରେ ରସୁଛନ୍ତି । ପରପୁରୁଷ ସହିତ ବ୍ୟଭିଚାରିଣୀର ଭେଟ କରାଇବା କାର୍ଯ୍ୟ ଛଳରେ ଅସଦାଚାରିଣୀ ନଷ୍ଟଦୂତୀ ଯେପରି ନିଜେ ନାୟିକାର ଅଜ୍ଞାତରେ ବିଟପୁରୁଷ ସଙ୍ଗରେ ରତିକ୍ରୀଡ଼ା କରେ ସେହିପରି ଚନ୍ଦନ ବୃକ୍ଷ ସର୍ପ ସଙ୍ଗରେ କ୍ରୀଡ଼ା କରୁଛନ୍ତି । ବ୍ୟଭିଚାରିଣୀ ସ୍ତ୍ରୀର ସମସ୍ତ ସମ୍ପତ୍ତି ଲୁଣ୍ଠି କରିନେଇ ରାଜା ଯେପରି ଦଣ୍ଡବିଧାନ କରେ ସେହିପରି ପବନରାଜା ଲତାର ପୁଷ୍ପବାସ ହରଣ କରୁଛନ୍ତି ।

ବ୍ୟଭିଚାରିଣୀ ସ୍ତ୍ରୀ ପୁଷ୍ପବତୀ ହୋଇଥିବା ଛଳନା କରି ମଦ୍ୟପ ବିଟ ପୁରୁଷ ସଙ୍ଗରେ ଯେପରି ବିହାର କରେ, ସେହିପରି ଲତାରୂପୀ ବ୍ୟଭିଚାରିଣୀ ସ୍ତ୍ରୀ ପୁଷ୍ପବତୀ ହୋଇଥିବା ଛଳନା କରି ସ୍ୱ ସ୍ୱାମୀ ବସନ୍ତକୁ ଭୁଲାଇ ପର

ପୁରୁଷ ରୂପ ଧବବୃକ୍ଷ ସହ ଜଡ଼ିତ ହୋଇଛି । ବ୍ୟଭିଚାରିଣୀ ସ୍ତ୍ରୀକୁ ଦୋଷୀ ସାବ୍ୟସ୍ତ କରି ରାଜା ଦଣ୍ଡପାଶିକ ଦ୍ୱାରା ଦଣ୍ଡ ସ୍ୱରୂପ ତାର ବାସ ଓ ସମ୍ପତ୍ତି ଯେପରି ଲୁଟି କରାଇନିଅନ୍ତି, ସେହିପରି ବସନ୍ତରାଜ ପବନ ଦଣ୍ଡପାଶୀ ଦ୍ୱାରା ତାର ପୁଷ୍ପବାସ ହରଣ କରୁଛି ।

କବିଙ୍କ ପାଣ୍ଡିତ୍ୟ ଓ ଚିନ୍ତା ଗଭୀରତା—ଉପେନ୍ଦ୍ରଙ୍କ ପାଣ୍ଡିତ୍ୟ ଅନନ୍ୟ ସାଧାରଣ ଥିଲା । 'ଶବ୍ଦସାଗର'କୁ ସେ ପାର ହୋଇଥିଲେ ଏବଂ ତାହା ସହିତ 'ଭବ ସାଗର'କୁ ମଧ୍ୟ ପାର ହୋଇଥିଲେ । ନାନାର୍ଥ ଶବ୍ଦ ପ୍ରୟୋଗ ଓ ନୂତନ ଶବ୍ଦ ଗଠନ ସହିତ ଗମ୍ଭୀର ଚିନ୍ତାଯୁକ୍ତ ହୋଇଥିବା ଶତାଧିକ ପଦ ଏହି କାବ୍ୟରେ ଦେଖାଯାଏ । ଏଥିରୁ କବିଙ୍କର ଗମ୍ଭୀର ପାଣ୍ଡିତ୍ୟର ପରିଚୟ ମିଳୁଛି । ବୈଦେହୀଶବିଳାସରୁ ଉଦାହରଣ ଉଦ୍ଧାର କରିବା ଅନାବଶ୍ୟକ, କାରଣ ମୂଳରୁ ଶେଷ ପର୍ଯ୍ୟନ୍ତ ଶତାଧିକ ପଦ ରହିଅଛି ।

ଉପେନ୍ଦ୍ର ବୈଦେହୀଶ ବିଳାସର ପ୍ରଥମ ଛାନ୍ଦରେ ଯେଉଁ ମଙ୍ଗଳାଚରଣ କରିଛନ୍ତି ତାହା ଦୁଇ ଅର୍ଥରେ ବିଷ୍ଣୁ ଓ ସୂର୍ଯ୍ୟଙ୍କୁ ବୁଝାଉଅଛି । ଗ୍ରନ୍ଥର ବିଷୟ ସହିତ ସାମଞ୍ଜସ୍ୟ ରଖି ବିଷ୍ଣୁଙ୍କୁ ଏବଂ କବି ସୂର୍ଯ୍ୟବଂଶୀୟ ଥିବାରୁ ଆଦି ଦେବତାଙ୍କୁ ମଧ୍ୟ ସ୍ତୁତି କରି ଯାଇଛି । ମଙ୍ଗଳାଚରଣର ଶବ୍ଦ, ଭାଷା ଓ ଭାବରେ କବିଙ୍କର ପାଣ୍ଡିତ୍ୟ ବିଶେଷ ଭାବରେ ପ୍ରକାଶ ପାଇଛି ।

ବନ୍ଦଇ ଦୀନବାନ୍ଧବ ହରି ଯେ ତମଚନ୍ଦ୍ର ଖଣ୍ଡନକାରୀ
ସଦା କମଳାନନ୍ଦ ବିସ୍ତାରି ସ୍ୱଭାବେ ଘନ ଯେ ।
ବିଭୁ ଅନନ୍ତ ଅଙ୍କବିହାରୀ କରପ୍ରତାପ ଯାର ସଞ୍ଚରି
ନିଶାଚରଙ୍କ ଉଲ୍ଲାସ ହରି ପୂଜେ ସୁମନ ଯେ ।
ବଇନତେୟ ଯାହା ଅଗ୍ରତେ ସ୍ଥିତ ଯେ,
ବୈକୁଣ୍ଠ ପଥକ ଲୋକ ତୋଷିତ ଯେ ।
ପ୍ରକାଶ ଅଖଣ୍ଡିତ ମଣ୍ଡଳେ ସିଂହ ଭାବରେ କ୍ରୀଡ଼ିତ କାଳେ,
ଉଭେ ତରଣି ହୋଇ ମଞ୍ଜୁଳେ ଗିରି ଉଦିତ ଯେ । (୧ମ ଛାନ୍ଦ)

ଧାନବାନ୍ଧବ—ବନ୍ତ୍ର ବନ୍ଧୁ, ଅର୍ଥାତ୍ ତାରସୂର୍ଯ୍ୟ । ଦାନବାନ୍ଧବଙ୍କ ବଦନସ୍ର ବନ୍ଧୁ, ସେ ସୂର୍ଯ୍ୟ ।

ତମତନ୍ତ ଖଣ୍ଡନକାରୀ—ତମକୁ କ ରାହୁଙ୍କୁ ଯେ ଚକ୍ରଦ୍ୱାରା ଛେଦନ କର ଅଛନ୍ତି, ଅର୍ଥାତ୍ ବିଷ୍ଣୁ । ତମ ଯେ ଅନ୍ଧାର, ତମତନ୍ତ ଯେ ଅନ୍ଧାରସମୂହ, ଏହାକୁ ଯେ ନାଶ କରୁଛନ୍ତି ଅର୍ଥାତ୍ ସୂର୍ଯ୍ୟ ।

ଗ୍ରନ୍ଥ ଆରମ୍ଭର ଦୁଇଟି ପଦ ଏପରି ଉଭୟ ଅର୍ଥରେ ରଚିତ ହୋଇଛି । ଅବଶ୍ୟ ସ୍ଥାନେ ସ୍ଥାନେ ଅକ୍ଷରମାନଙ୍କ ଅଭଙ୍ଗ ଓ ସଭଙ୍ଗରେ ଏବଂ ଦୁଇ ଅର୍ଥରେ ପଦଗୁଡ଼ିକ ରଚିତ ହୋଇଥିବା କବି ମଧ୍ୟ ବ୍ୟକ୍ତ କରିଛନ୍ତି ।

କବି ଉପେନ୍ଦ୍ର ନିଜେ ଇଚ୍ଛାକରି ରଚନାର ସ୍ରୋତକୁ ରୋଧ କରିଥିବା ବିଷୟଟି ବଡ଼ ପାଣ୍ଡିତ୍ୟପୂର୍ଣ୍ଣ ଭାବରେ ବ୍ୟକ୍ତ କରିଛନ୍ତି ।

ବିଶ୍ୱମୋହିନୀ ରୂପ ସୀତାଙ୍କୁ ସାଜ, ବର ଦେଲେ ରାମରୂପେ ବିଷ୍ଣୁ ହେଜ ।
ବର୍ଣ୍ଣିଥିଲେ ନବପଦ ହୋଇ କବି, ବଇଷ୍ଣବ ଗୁଣେ ଗୁଣପଦ ଲଭି ।

ବୈଷ୍ଣବ କବି ମନରେ ନୂତନ ନୂତନ ଭାବ ସତତ ଉଦୟ ହେଉଥାଏ । ବର୍ଣ୍ଣନାର ପରିସମାପ୍ତି ହୁଏନାହିଁ । ଏହା ଜାଣି ବୈଷ୍ଣବ କବି ସୀତାଙ୍କ ଶୋଭା ବର୍ଣ୍ଣନାକୁ ଏହିଠାରେ ଶେଷ କଲେ ।

ଋଷ୍ୟଶୃଙ୍ଗଙ୍କୁ ମୋହିତ କରିବା ପାଇଁ ବେଶ୍ୟାମାନେ ତପୋବନକୁ ଯିବା-ପରେ ଆଶ୍ରମ ନିକଟରେ ଲତାକୁଞ୍ଜରେ ଲୁଚି ରହିଲେ । ଋଷ୍ୟଶୃଙ୍ଗଙ୍କ ହୃଦୟରେ ଅନୁରାଗ ଜାତକରାଇ ତାଙ୍କୁ କନ୍ଦର୍ପବିକାରରେ ମୋହିତ କରିବା ଲକ୍ଷ୍ୟରେ ପଞ୍ଚମ ତାନରେ ଗୀତ ଗାଇଲେ ଏବଂ ସପ୍ତସ୍ୱରରେ ବୀଣାବାଦନ କଲେ । କ୍ରମେ ବେଶ୍ୟାମାନେ ଋଷିକୁମାରଙ୍କ ନିକଟରେ ଉପସ୍ଥିତ ହେଲେ । ଋଷିକୁମାର ପ୍ରଥମେ ସେମାନଙ୍କୁ ଦେଖି ବିସ୍ମିତ ହେଲେ । ସେ ବେଶ୍ୟାମାନଙ୍କୁ ତପସ୍ୱୀ ବୋଲି ଭାବି ଆସନ ଦେଲେ । ଚତୁରା ବେଶ୍ୟା ଓ ସାଂସାରିକ ଜ୍ଞାନଶୂନ୍ୟ ଋଷିଙ୍କ

ଜମଗ୍ନ ହୋଇ ନଥିବ! ସରସ ହୃଦୟ ଋଷିକୁମାରଙ୍କ ମଧ୍ୟରେ ଯେଉଁ କୌତୁକପୂର୍ଣ୍ଣ କଥୋପକଥନ ହୋଇଥିଲା ତାହା ଅତି ଚମତ୍କାର ହୋଇଛି ଏବଂ କବିଙ୍କ ପାଣ୍ଡିତ୍ୟ ଓ ପ୍ରପଞ୍ଚଜ୍ଞାନର ଗଭୀରତା ବିଶେଷଭାବରେ ପ୍ରସ୍ଫୁଟିତ ହୋଇଛି । କବି ଚରିତ୍ରଟିକୁ ବ୍ୟଙ୍ଗାତ୍ମକ କରିବାକୁ ଚେଷ୍ଟା କରିଛନ୍ତି; ଚତୁରା ଶିକ୍ଷିତା ଗଣିକାଙ୍କ ମାୟାଜାଲରେ ସରଳହୃଦୟ ଋଷିକୁମାର ପଡ଼ିଯାଇଛନ୍ତି; ସଦାଅରଣ୍ୟବାସୀ ଋଷ୍ୟଶୃଙ୍ଗଙ୍କ ପ୍ରପଞ୍ଚଜ୍ଞାନର ଅବିକଶିତ ଅବସ୍ଥାହିଁ ବ୍ୟଙ୍ଗର ଆଶ୍ରିତ ବିଷୟ ।

ବିଟପୀକି ମୁନିମଣି ଆଲିଙ୍ଗିଲେ ଯେ ଥିଲେ
ବିଟପୀଙ୍କି ମୁନି ମଣି ସମ୍ଭାବନା କଲେ ଯେ । ୨୨ ।
ବସାଇ ଆସନେ ପୁଚ୍ଛେ ତାହିଁ ତପୀଗଣ,
ବିଷ ମଠ କରି କହ' ମଠ ନକରିଣ ହେ । ୨୩ ।
ବଖାଣ କି କି ମନ୍ତ୍ରକୁ ଜପ କରି ଜାଣ,
ବିଷ୍ଣୁ ଶିବ ସେବା କାହା ଭାବରେ ନିପୁଣ ହେ । ୨୪ ।
ବିକାଶି ହାସ କଟାକ୍ଷ ଡାଳିଣ ରସିକା,
ବୋଇଲେ ଗେଲଇ ହୋଇ ଫୁଲାଇ ନାସିକା ଯେ ।୨୫ ।
ବନେ ତୁମ୍ଭେ ଭ୍ରମ, ଆମ୍ଭେ ବଜାରେ ବିଳସୁଁ,
ବନୌକା ତୁମ୍ଭେ, ବନିତା ଆମ୍ଭେଟି ଏ ବର୍ଣ୍ଣ ଯେ । ୨୬ ।
ବୋଲିବାରୁ ବ୍ରହ୍ମମନ୍ତ୍ର ଆଦ୍ୟବର୍ଣ୍ଣ ଭିନ୍ନ,
ବିସର୍ଗ ଚତୁର୍ଥବର୍ଣ୍ଣ ଏକ କରି ଯେନ ଯେ ।୨୭ ।
ବସନ୍ତି ଆମ୍ଭ ଦେବତା ଶମ୍ଭୁ ହୃଦସ୍ଥଳ × × । ୨୮ ।
ବିପ୍ର ତୁମ୍ଭେ ଆମ୍ଭେ ଯାହା ବୋଲିବୁଁ ତା ଶୁଣ,
ବିପ୍ରଲବ୍ଧା ଯେନ ଅଷ୍ଟଜାତିରେ ନିପୁଣ ଯେ । ୩୫ । (୪ର୍ଥଛାନ୍ଦ)

କବିଙ୍କ ଚିନ୍ତାଗଭୀରତାର ଶତାଧିକ ଉଦାହରଣ ବୈଦେହୀଶବିଳାସରେ ରହିଛି । ଏହି ପ୍ରସଙ୍ଗ ମାଧୁର୍ଯ୍ୟର କଳ୍ପିତ ରୂପ ଏହି କେତୋଟି ଉଦାହରଣରୁ ଜଣାପଡ଼ିବ ।

(୧) ରାବଣର ଅତ୍ୟାଚାରରେ ସପ୍ତସମୁଦ୍ର, ସପ୍ତଦ୍ୱୀପ ପ୍ରଭୃତି କାତର ହୋଇପଡ଼ିଲେ; ସମୁଦ୍ର ଦ୍ରବ ପଦାର୍ଥରେ ପୂର୍ଣ୍ଣଥିବାରୁ ସ୍ୱତଃ ଚଞ୍ଚଳ ଥିଲା, ରାବଣର ପ୍ରତାପ ଭୟରେ ଏହା ଚଞ୍ଚଳତର ହେଲା । ଇକ୍ଷୁ, ଦଧି, ଦୁଗ୍ଧ, ସୁରା, ଘୃତ—ଏ ପାଞ୍ଚ ସମୁଦ୍ରଙ୍କ ମନରେ ମହା ଆତଙ୍କ ଜାତହେଲା । ସେମାନେ ଭାବିଲେ, କାଳେ ରାବଣ ସେମାନଙ୍କ ନାମରୁ ସେମାନଙ୍କୁ ଖାଦ୍ୟ ଦ୍ରବ୍ୟ ମନେ କରି ଖାଇଯିବ । ଅନ୍ୟ ଦୁଇ ସମୁଦ୍ର ଲବଣ ଓ ଜଳ ଆଶଙ୍କା କଲେ, ମୀନ ଆଶାରେ ରାବଣ ସେମାନଂକୁ ଶୁଖାଇ ଦେବ । ଏହିପରି ସପ୍ତସମୁଦ୍ର ଭୟ କଲେ । ବ୍ରହ୍ମାଣ୍ଡର ସପ୍ତସମୁଦ୍ର, ସପ୍ତଦ୍ୱୀପ, ଯିିତଲର ସମସ୍ତେ ରାବଣକୁ ଭୟ କଲେ—ଏହାହିଁ କବିଙ୍କ ଅଭିପ୍ରାୟ ।

ସପ୍ତଦ୍ୱୀପ—ଜମ୍ବୁ, ପ୍ଲକ୍ଷ, କୁଶ, କ୍ରୌଞ୍ଚ, ପୁଷ୍କର, ଶାକ, ଶାଲ୍ମଳୀ—ଏମାନଙ୍କର ନାମର ଅନ୍ୟ ଅର୍ଥକୁ ଗ୍ରହଣ କରି ରାବଣ କାଳେ ସେମାନଂକୁ ଧ୍ୱଂସ କରିଦେବ, ଏହି ଆଶଙ୍କା ସେମାନଙ୍କର ହେଲା । ରାବଣ ଅସ୍ତ୍ରଚାଳନାରେ ଦକ୍ଷତା ଲାଭ କରିବା ନିମନ୍ତେ ଖଡ଼୍ଗଧାରଣ କରିବାରୁ ଏମାନଂକର ଏହି ଭୟ ହେଲା । ଜମ୍ବୁ ଓ ପ୍ଲକ୍ଷ (ଅଶ୍ୱତ୍ଥ)କୁ ଫଳ ବୃକ୍ଷ ବିଚାରି କାଳେ ରାବଣ ହାଣି ଦେବ; ରାବଣ ହୋମ କରୁଥିବାରୁ କୁଶଦ୍ୱୀପକୁ କୁଶ ମନେକରି କାଳେ ପୋଡ଼ିଦେବ; ଲକ୍ଷ୍ୟଭେଦ ଶିକ୍ଷା କରିବା ପାଇଁ ବାଟୁଳି ଧରିବାରୁ କାଳେ କ୍ରୌଞ୍ଚଦ୍ୱୀପକୁ କ୍ରୌଞ୍ଚ (ବକ) ପକ୍ଷୀ ମନେକରି ବାଟୁଳିରେ ମାରିଦେବ; ଶାକ ଦ୍ୱୀପକୁ ଶାକ ମନେକରି ଖାଇଯିବ; ଶାଲ୍ମଳୀଦ୍ୱୀପକୁ ଶାଲ୍ମଳୀ ବୃକ୍ଷ ବୋଲି ଭାବି କାଳେ ରାବଣ ହାଣିଦେବ—ଏହିପରି ଭାବନାରେ ସପ୍ତଦ୍ୱୀପ ମଧ୍ୟ କାତର ହୋଇପଡ଼ିଲେ ।

(୨) ରାବଣ ଅକ୍ଳେଶରେ କୈଳାସ ପର୍ବତକୁ ଉପାଡ଼ି ଦେବାରୁ ଈଶ୍ୱର ନିଜକୁ ରାବଣ ସହିତ ତୁଳନାକରି ତାହାଠାରୁ ସାନ ଥିବା ପ୍ରତିପାଦନ କରିଛନ୍ତି—

ବାମ କରରେ ହୋଇଣ ବାମ ବାମଦେବରି ଶିରି କୁସୁମ
ପରି ଉପାଟି ଧରଣେ କ୍ଷମ ହେବା କାଳରେ ଯେ,

ଯାହାର ଉଦାହରଣେ ଏ ଯେବ ଈଶ୍ବରତାରୁ ରାବଣେଶ୍ବର
ଦେଖିଲେ ଯାହାକୁ ଗୃହିଣୀର ଇଛା ନହୁବାର ଯେ;
ନିରେଖିତ ଦେଖିଲେ ଦଶାଣ ଦର ସେ,
ଅଳକାକୁ ଦେଖାଇ ସ୍ବର୍ଣ୍ଣନଗର ସେ,
ବିଲୋକ ରୌପ୍ୟନଗରେ ସ୍ଥିତ ଭସ୍ମ ଲାଗି ଏ ଜଣା ଯିବ
ଭୋଗ ତ ଦେଖ ଜନେ ବିଭୂତି ଆନ ପ୍ରକାର ସେ । ୧୫ । (୧ମଛାନ୍ଦ)

ମହାଦେବ ଈଶ୍ବର ନାମରେ ପରିଚିତ; କିନ୍ତୁ ରାବଣ ରାବଣେଶ୍ବର ନାମରେ ପରିଚିତ । ରାବଣର ପୁରର ନାମ ସ୍ବର୍ଣ୍ଣପୁରୀ ଲଂକା, ତାର ବଂଶବାହୁ, ବିଂଶନେତ୍ର ଓ ବିପୁଳ ବିଭୂତି ବା ଐଶ୍ବର୍ଯ୍ୟ ଅଛି । କିନ୍ତୁ ଶିବଂକର ରୌପ୍ୟ-ପର୍ବତରେ ବାସ, ପଞ୍ଚମୁଖ, ଦଶଭୁଜ, ପନ୍ଦର ନେତ୍ର ଓ ଭସ୍ମ (ବିଭୂତି) ଲେପିତ କାନ୍ତି । ଏଣୁ ଶିବ ଅତ୍ୟନ୍ତ ଭୀତ ହେଲେ ।

(ଖ) ସୀତାଂକ ଓଷ୍ଠର ବର୍ଣ୍ଣ ବନ୍ଧୁଳୀ ପୁଷ୍ପ ପରି ରକ୍ତିମ ଥିବାରୁ ସେ ପୁଷ୍ପ ବର୍ଣ୍ଣର ସାଦୃଶ୍ୟରୁ ଅଧର ସହିତ ବନ୍ଧୁତା କରିବା ଇଚ୍ଛାରେ ବନ୍ଧୁକ ନାମରେ ଖ୍ୟାତ ହେଲା । ବନ୍ଧୁଳୀ ପୁଷ୍ପର ଅନ୍ୟ ନାମ ବନ୍ଧୁକ ।

ସୀତା ଯେଉଁ ସବୁ ଭୂଷଣ ମଣ୍ଡିତ ହୁଅନ୍ତି ତାଙ୍କର ( ସୀତାଙ୍କର ) ଦେହର କାନ୍ତି ସେହି ଭୂଷଣମାନଂକର ଭୂଷଣ ପରି ଦିଶେ । ଅର୍ଥାତ୍ ସୀତା ଭୂଷଣ ଭୂଷା ଯୋଗ୍ୟ ହୋଇଛନ୍ତି ।

ଆନନ୍ଦ ଦାନରେ ଚନ୍ଦ୍ର, କାନ୍ତିରେ ଦର୍ପଣ ଓ ସୌରଭରେ ପଦ୍ମ ସୀତାଂକ ମୁଖଠାରୁ ( ଆନନ୍ଦଦାନରେ, କାନ୍ତିରେ, ସୌରଭରେ ) ନ୍ୟୂନ ଅଟନ୍ତି ।

ସୀତାଂକ ଯୌବନର ଶୋଭା ବର୍ଣ୍ଣନା ପ୍ରସଙ୍ଗରେ କବି କହିଛନ୍ତି—

ବନ୍ଧୁ କରିବାର ଇଚ୍ଛିଲା ଯେଣୁ ଅଧର ଫୁଲେ,
ବନ୍ଧୁକ ନାମହିଁ ବହିଲା ତେଣୁ ଜଗତ କୂଳେ । ୬୪ ।

ବଧୂଙ୍କ ଅଧର ଶୋଭିବା ଯୁକ୍ତ ଅର୍ଥରେ ଆନ
ବଧୂ କହେ ଶୁକ୍ତି ଗୁଣରେ ହାସ ସ୍ତ୍ରୀଜାତି ମାନ । ୫୫ ।
ବଭଣ୍ଡି ମୋତିପନ୍ତି ଦନ୍ତ ଓଷ୍ଠ ମାଣିକ୍ୟ ପାନ୍ତି,
ବିଭବ ଶୋଭିତ କେ କହୁ ଯେ ଦାନ୍ତର ବଦନେ । ୫୬ ।
ବିଭୂଷଣ ନାନା ପ୍ରକାରେ ଯେତେ କରନ୍ତି ଜନ,
ବିଭୂଷଣ ପରା ତହିଁକି ହରେ ସୁନ୍ଦରୀ ଜୋଷ । ୫୭ ।
ବଦନରେ ଚନ୍ଦ୍ର ଦର୍ପଣ ପଦ୍ମ ନଉଛାଇବା,
ବଦ-ନରେ ଏହି ଉକ୍ତି କି ଆନ କି ଲକ୍ଷ୍ୟଦେବା । ୫୮ । (ଅସ୍ତୁ ଗ୍ରନ୍ଥ)

(୪) ସୀତା ବନବାସ ସମୟରେ ଦିନେ ସ୍ୱ ମନୋବେଦନା ରାମଂଙ୍କୁ ଅତି ଦୀନା ହୋଇ ଜଣାଇଲେ । ରାଜସମ୍ପଦ ତ୍ୟାଗ ଓ ବନବାସ ଦୁଃଖବରଣ ଏହା'ର କାରଣ । ଦମ୍ପତିଂକ ଭିତରେ ଏପରି ଦୁଃଖସୁଖର ବିଚାର ହେବା ସ୍ୱାଭାବିକ । ସୀତା କେବଳ ନିଜପାଇଁ ଚିନ୍ତା ଏପରି କହି ନଥିଲେ । ରାମଲକ୍ଷ୍ମଣ ମଧ୍ୟ ଦୁଃଖର ଭାଗୀ ହୋଇ ମନୋବେଦନାରେ କାଳ କାଟୁଥିବେ ବୋଲି ତାଂକର ଧାରଣା ହୋଇଥିବ । ଏହି କାରଣରୁ ସେ ବିଧିଙ୍କ ବିଧାନରେ ଉଲ୍ଲେଖ କରିଛନ୍ତି ଏବଂ ବିଧିକୁ ଦୋଷ ଦେଇଛନ୍ତି । ଯେଉଁ ବିଧି ଅବିଧି କାର୍ଯ୍ୟ କରୁଛି ତାକୁ ବା କାହିଁକି ବିଧି କୁହାଯିବ ?

ରାମଚନ୍ଦ୍ର ସୀତାଂଙ୍କ ମନୋବେଦନା ସମ୍ୟକ୍ ଉପଲବ୍ଧି କରି ଏହାର ଦୂରୀକରଣାର୍ଥ ମନ-ଭୁଲାଣିଆ ଆଚରଣ କଲେ । ରାମ ବନ୍ଧୁ, ପତ୍ନୀ ନିଜେ ସ୍ୱଚ୍ଛମନରେ ଏ ଦୁଃଖ ବରଣ କରିଛନ୍ତି । ସୀତା ସତୀସାଧ୍ୱୀ ଥିବାରୁ ସ୍ୱାମୀଂଙ୍କ ସହିତ କଷ୍ଟବରଣ କରି ଅକୁଣ୍ଠିତ ଚିତ୍ତରେ ସ୍ୱତଃପ୍ରବୃତ୍ତ ହୋଇ ସ୍ୱ କର୍ତ୍ତବ୍ୟ ପାଳନ କରୁଛନ୍ତି । କୋମଳାଙ୍ଗୀ ସୀତାଂକ ପକ୍ଷେ ବନବାସ କଷ୍ଟ ଯେ ଅତ୍ୟଧିକ ହୋଇପଡ଼ିଛି ତାହା ରାମଚନ୍ଦ୍ର ହୃଦୟଙ୍ଗମ କରିଥିବାରୁ କୋମଳପଦରେ ଯୁକ୍ତିଛଳରେ ସୀତାଂକ ମନକୁ ପରିବର୍ତ୍ତନ କରିବା ପାଇଁ ଚେଷ୍ଟାକରିଛନ୍ତି । ଦାମ୍ପତ୍ୟ ଜୀବନର ସୁଖ ଓ ବିଧିବିଧାନ ମଙ୍ଗଳଦାୟକ ଏହି ବିଷୟ ରାମ ବୁଝାଇଛନ୍ତି ।

ଏ ପ୍ରସଙ୍ଗରେ କବି ରାଜସମ୍ପଦ ଭୋଗ ଓ ବନବାସର ତୁଳନା କରି ଯେଉଁ ଚିତ୍ରଟି ପ୍ରଦାନ କରିଛନ୍ତି ତାହା ମନୋମୁଗ୍ଧକର ହୋଇଛି । ରାମଙ୍କ ଯୁକ୍ତି ହୃଦ୍ୟମ ପ୍ରତି ପାଠକର ସହାନୁଭୂତି ସ୍ୱତଃ ଆକର୍ଷିତ ହୋଇପଡ଼ୁଛି । ଚଉଟି ଅଲଂକାର ସମଣ୍ଡିତ ହୋଇ ଅପୂର୍ବ ଶୋଭା ଧାରଣ କରିଛି ।

ବସୋରି ନପାରି ଅବଧି ବିଧିକି କପାଇଁ ବୋଲଇ ବିଧି,
ବସାଇ କୋଳେ ଶ୍ରୀରାମ କହେ ଭୋଳେ ରସାଇ ଲାବଣ୍ୟନିଧି ।
ବିରଞ୍ଚି ଏକାନ୍ତ କେଳିକି ବିହିତ ଗଉରୀ କମଳା ସଙ୍ଗେ,
ବିଜନ ସ୍ଥାନ ବୋଲିଟି ତୋତେ ମୋତେ ବନେ ବିହରାଇ ରଙ୍ଗେ । ୨

ବିଧି ଅବଧି ଆଚରଣ କରୁନଥିବାରୁ ସେ ବିରଞ୍ଚି ନାମରେ ଖ୍ୟାତ । ବିରଞ୍ଚି ଏମାନଙ୍କ ପକ୍ଷରେ ମଧ୍ୟ ଅବଧି କରିନାହିଁ । ମହାଦେବ ଗଉରୀଙ୍କ ସହିତ ଓ ବିଷ୍ଣୁ ଲକ୍ଷ୍ମୀଙ୍କ ସହିତ ଏକାନ୍ତରେ କ୍ରୀଡ଼ା କରି ପରମସୁଖ ଭୋଗ କରିବା ଲକ୍ଷ୍ୟରେ ବିଧି ମହାଦେବଙ୍କୁ ଶ୍ମଶାନବାସୀ ଓ ବିଷ୍ଣୁଙ୍କୁ କ୍ଷୀରାର୍ଣ୍ଣବ-ଶାୟୀ କରିଛି । ରାମସୀତାଙ୍କୁ ଏହି ଲକ୍ଷ୍ୟରେ ବନବାସ ଦେଇଛି । ଇନ୍ଦ୍ର ମଧ୍ୟ ଏହି ଲକ୍ଷ୍ୟରେ ବସନ୍ତ ସମୟରେ ମଳୟ ପର୍ବତକୁ ଆସୁଛନ୍ତି । ଏହାଠାରୁ ବଳି ଅଧିକ ସୁଖ କଣ ହୋଇପାରେ ?

**ମନସ୍ତାତ୍ତ୍ୱିକ ବିଶ୍ଳେଷଣ** ଉପେନ୍ଦ୍ରଙ୍କ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଅତି ସୂକ୍ଷ୍ମ, ଗଭୀର ଓ ସ୍ୱାଭାବିକ । ଉଦାହରଣସ୍ୱରୂପ ଋଷ୍ୟଶୃଙ୍ଗ ଉପାଖ୍ୟାନ ଦ୍ରଷ୍ଟବ୍ୟ ।

ମୁନିକୁମାର ଋଷ୍ୟଶୃଙ୍ଗ ପିତାଙ୍କ ନିଷେଧ ମାନିଲେ ନାହିଁ । ବଟପୀ-ମାନଙ୍କର ପ୍ରେମରେ ମୋହିତ ହେଲେ । ତାଙ୍କର ମନପ୍ରାଣଶରୀର ଏଥିରେ ତନ୍ମୟ ହୋଇଗଲା ।

ବିଭବଶ୍ରୀ ଅଙ୍କେ ତାତ ତପସ୍ଥାନ ଗତ,
ବଶ କରିଥିଲେ ରମା ଛନ୍ନ ମୁନିସୁତ ଯେ । ୪୬ ।

ବିପ୍ରଲମ୍ଭ ଶୃଙ୍ଗାର ଯେ ଉଦୟ ମାନସ,
ବାଞ୍ଛେ ପୁନଃ ପୁନଃ ରାମା ଚୁମ୍ବନ ଆଶ୍ଳେଷ ଯେ । ୪୬ ।
ବାରବାର ଆଶ୍ଳେଷରେ ନ ଆସେ ଚିଂକାର,
ବନପ୍ରିୟ ତାକୁ କଣ୍ଠ ଟେକଇ ସତ୍ୱର । ୪୮ ।
ବାହୁପ୍ରାୟ ଗଢ କରି ପୁଣି ଲେଉଟଇ,
ବଳୀବର୍ଦ୍ଦ ଯଥା ଋତୁ ଧେନୁକୁ ଇଚ୍ଛଇ ଯେ । ୪୯ ।
ବଳାଧ୍ୱନି କରି ଘେନି ଝିଙ୍କାରି ଝିଙ୍କାର
ବାତାମ୍ବୁ ତାଳ ଘଣ୍ଟିରେ ବଣି ପରକାର ଯେ । ୫୦ ।
ବିଳମ୍ବ କାହିଁକି ବେଗେ ଆସ ବେଗେ ଆସ,
ବେଳ ବିଳଗଲେ ମିଥ୍ୟା ହେଉଛଟି ଶ୍ୱାସ ଯେ । ୫୩ ।
ବୋଲି ବୋଲି ଆଶ୍ରମ ପ୍ରାନ୍ତକୁ ସେ ଯେ ଗଲେ,
ବୃକ୍ଷାରୂଢ଼େ ଆସିବାର ପଥ ନିରେଖିଲେ ଯେ । ୫୪ । (୪ର୍ଥ ଛାଃ)

କବିଙ୍କ ବର୍ଣ୍ଣନାଗୁଡ଼ିକ ଅତି ଚମତ୍କାର । ଗମ୍ଭୀର କଳ୍ପନା ଓ ଅଳଙ୍କାରର ସୁଷମ ପ୍ରୟୋଗ ବର୍ଣ୍ଣନାଗୁଡ଼ିକୁ ରସାତ୍ମକ କରିଛି । ଲଙ୍କାରେ ଯୁଦ୍ଧଯାତ୍ରା କରିବା ପୂର୍ବରୁ ରାମଚନ୍ଦ୍ର ଆଦେଶ ଦେବା ଆବଶ୍ୟକ ଥିଲା । ସେ ବେଳ ଅନୁକୂଳ ଦେଖି ଯୁଦ୍ଧଯାତ୍ରାର ଆଦେଶ ଦେଲେ । କବି ଏହି ପ୍ରସଙ୍ଗରେ ରାମଙ୍କ ମାନସିକ ଅବସ୍ଥାର ବିଶ୍ଳେଷଣାତ୍ମକ ବର୍ଣ୍ଣନା ଓ୍ୱନଚତ୍ୱାରିଂଶତ୍ ଛାନ୍ଦରେ ଅତି ସୁନ୍ଦର ଭାବରେ ଦେଇଛନ୍ତି । ସୀତାଙ୍କ ରୂପ ତାଙ୍କ ହୃଦୟରେ ଦେଖିପାରୁଥିବା ଓ ପ୍ରିୟା ଅଙ୍ଗରେ ସର୍ବଶୁଭ ଲକ୍ଷଣମାନ ଦେଖାଯାଉଥିବା କହିଛନ୍ତି ।

ବୋଇଲେ ଯିବା ଏହି ଅନୁକୂଳେ, ବନିତା ଅଙ୍ଗେ ଶୁଭ ଦଶିଲେ । ୫ ।
ବିଶେଷ ଲାବଣ୍ୟ ଲକ୍ଷ୍ମୀର ପୁର, ବିଦିତ ମଧ୍ୟେ ସିଂହାବତାର । ୬ ।

ସୀତାଙ୍କ ଦେହ ଲକ୍ଷ୍ମୀଙ୍କ ଗୃହ ସଦୃଶ, ତାଙ୍କର ମଧ୍ୟଭାଗ (କଟୀ) ସିଂହ କଟୀ ପରି । ଅତଏବ ମୋ ପ୍ରିୟାରୂପରେ ମୁଁ ସର୍ବଶୁଭଦାୟୀ । ଲକ୍ଷ୍ମୀନୃସିଂହଙ୍କ ରୂପ ଦର୍ଶନ କରୁଛି । ଏଠାରେ ରାମ ସୀତାଙ୍କ ସୌନ୍ଦର୍ଯ୍ୟଲକ୍ଷ୍ମୀ ଓ ସିଂହକଟୀ ସଦୃଶ କଟୀକୁ ଲକ୍ଷ୍ୟ କରୁଛନ୍ତି ।

ଏହି ଅନୁକୂଳରେ ଦ୍ୱିଜମାନଙ୍କର ମଙ୍ଗଳସୂଚକ ବାକ୍ୟ ଶୁଣିବାକୁ ହୁଏ । ଏହା ସେମାନଙ୍କର ସମ୍ମତିସୂଚକ ଶବ୍ଦ ମଧ୍ୟ । କଙ୍କଟରେ ବସିଥିବା ପାରାବତମାନେ ହୁଁ ହୁଁ ଶବ୍ଦ କରି ସେହି ସମ୍ମତି ଜ୍ଞାପନ କରୁଛନ୍ତି । ପକ୍ଷୀର ଅନ୍ୟନାମ ଦ୍ୱିଜ, ଏହାକୁ ଏଠାରେ ଲକ୍ଷ୍ୟ କରାଯାଇଛି ।

ବିଦ୍ୟା ପାରାବତ ହୁଁ ହୁଁ ଆରମ୍ଭି, ବେଦରେ ଦ୍ୱିଜ ସମ୍ମତି ଲଭି । ୭ ।

ସ୍ୱୟମ୍ବର ସଭାକୁ ସଖୀମାନେ ସୀତାଙ୍କୁ ଆଣିବା ବେଳେ ସୀତାଙ୍କ ଅବସ୍ଥା—

ବାଜନ୍ତି ରସନା ବଳା ବରଜନା ନୂପୁର ପ୍ରଚୁର ମାଧୁର୍ଯ୍ୟ
ବୋଲନ୍ତି ରସନା ବଳା ନା ସୁମନା ନିପୁରଶୋଭୀଟିଏ ହେଜ ।
କାଳାର, ବପୁସଙ୍ଗରଙ୍ଗ ପଣ୍ଡିତ,
ବ୍ୟକତ ଭଙ୍ଗାଭଙ୍ଗ ଦଣ୍ଡାକ୍ଷର ଯେ ଚ୍ୟୁତଦତ୍ତାକ୍ଷରେ ମଣ୍ଡିତ । ୧୭ ।
(୧୧ଶ ଛାନ୍ଦ)

ରସନା, ବଳା, ନୂପୁର—ଏହି ଅଲଙ୍କାର ସମୂହ ବାଦନ ଛଳରେ ଏହିପରି ଭାବ ପ୍ରକାଶ କରୁଛନ୍ତି—

ଭଙ୍ଗାଭଙ୍ଗ—ରସନା—ରସ ନା ।
ଦଣ୍ଡାକ୍ଷର—ବଳା ନା ('ନା' ଅକ୍ଷର ଦଣ୍ଡ ବା ଯୁକ୍ତ ହେଲା)
ଚ୍ୟୁତାକ୍ଷର—ନୂପୁର—ପୁର (ନୂ ଚ୍ୟୁତ ବା ତ୍ୟକ୍ତ ହେଲା)

ବିବାହ ଉତ୍ସବ—ବିବାହ ଉତ୍ସବର ମଣ୍ଡଣି ପ୍ରଭୃତିକୁ କବି ବର୍ଷାଋତୁ ସଙ୍ଗେ ଅତି ଚମତ୍କାର ଭାବରେ ତୁଳନା କରିଛନ୍ତି । ବର୍ଷାଋତୁର ଜଳଦ, ବଜ୍ର, ଜଳଧାରା, ଇନ୍ଦ୍ରଧନୁ, ବିଦ୍ୟୁତ, ଗୃତକଗମନ, ପକ୍ଷୀମାନଙ୍କର ସ୍ୱନ, ଶାମୁକର ନାଦ ପ୍ରଭୃତି ସହିତ ବିବାହର ହସ୍ତୀସମୂହ, ପଟହନାଦ, ନାଗର-ବାଦନ, ହାବେଳୀବାଣ, ପୀତଚଉଳ, ଶଙ୍ଖମହୁରିଟମକବାଦ୍ୟ, ଦାସୀଙ୍କ ହୁଳହୁଳି ପ୍ରଭୃତି ସହିତ ତୁଳନା କରିଛନ୍ତି । ଏହି ଦୀର୍ଘ ତୁଳନାତ୍ମକ ବର୍ଣ୍ଣନାଟି କବିଙ୍କ ଗଭୀର ଚିନ୍ତାର ପରିଚୟ ଦେଉଛି ।

ବିଭବେ ଉତ୍ସବ ହେଲା ଦେବ ସ୍ନାନ ଦ୍ୱାରେ,
ବର୍ଷାଋତୁ ମୂର୍ତ୍ତିମନ୍ତେ କଲା ଅନୁସରେ ଯେ । ୧୪ ।

ବୃନ୍ଦବୃନ୍ଦ ଦଶିଲେ ଜଳଦ ଡମ୍ବର,
ବ୍ୟୋମପୂର୍ଣ୍ଣସ୍ତନିତ ଘଣ୍ଟ ନାଦ ତାର ଯେ । ୧୫ ।

ବିଗଳିତ ଜଳଧାରା ଯନ୍ତ୍ର ଦାନଜଳ
ବଜ୍ରନିର୍ଘୋଷ ନାଗରା ବାଦନ ଚହଲ । ୧୬ ।

ବ୍ୟୂହ ଭଗ୍ନାକୃତି ଅଶ୍ୱ ଚଞ୍ଚଳ ହୁଅନ୍ତ,
ବୈଶମ୍ପାୟନଙ୍କ ଚନ୍ଦ୍ରା ମାଗଧଙ୍କ ସ୍ତୁତି । ୧୭ ।

ବାଲ୍ମୀକ ନଳିକ ଇନ୍ଦ୍ରକୋଦଣ୍ଡ ହାବେଳି,
ବହ୍ନିକଣା ଜାତ ଏ ଖଦ୍ୟୋତ ଦଶେ ଝିଲ ଯେ । ୧୮ ।

(୧୪ଶ ଛାନ୍ଦ)

କବି ଏହି ବର୍ଣ୍ଣନାରେ ସାମାଜିକ ଜୀବନର ଏକ ବିଶେଷ ସୁନ୍ଦର ଚିତ୍ରଟିଏ ଦେଇଛନ୍ତି । ବିବାହ ଯେ ଏକ ଆଡ଼ମ୍ବରପୂର୍ଣ୍ଣ ଅନୁଷ୍ଠାନ ଏଥିରେ ସନ୍ଦେହ ନାହିଁ । ଓଡ଼ିଶାର ରାଜସମାଜ ଓ ସାଧାରଣ ଲୋକସମାଜରେ ସାଧ୍ୟାନୁସାରେ ଏହି ରୀତି ଦେଖାଯାଏ ।

ଭୟରୁ ତ୍ରାଣ ପାଇବା ଉଦ୍ଦେଶ୍ୟରେ ମେଘ ଘଡ଼ଘଡ଼ି ହେଲେ ଲୋକେ ବୈଶମ୍ପାୟନ ଋଷିଙ୍କ ନାମ (ଅର୍ଜ୍ଜୁନଙ୍କ ନାମ ମଧ୍ୟ) ଉଚ୍ଚାରଣ କରିଥାଆନ୍ତି । ଏହି ସାମାଜିକ ବ୍ୟବହାରଟି କବି ଉଲ୍ଲେଖ କରି ଚିତ୍ରଟିକୁ ଜୀବନ୍ତ କରିଛନ୍ତି । କବି ବିବାହରେ ମାଗଧ ବା ଭାଟମାନଙ୍କ ସ୍ତୁତିଗାନକୁ ଏହି 'ଚନ୍ଦ୍ରା' ସହ ତୁଳନା କରିଛନ୍ତି ।

କବି ବରକନ୍ୟା ବାହୁଡ଼ାକୁ ପ୍ରସଙ୍ଗରେ ଜଗନ୍ନାଥଙ୍କ ବାହୁଡ଼ା ରଥଯାତ୍ରା ସହ ତୁଳନା କରି ସ୍ୱଦେଶପ୍ରୀତିର ପରିଚୟ ପ୍ରଦାନ କରିଛନ୍ତି ଏବଂ ଜଗନ୍ନାଥ-ଭକ୍ତିର ଏକ ନୂତନ ଦିଗର ନିର୍ଦ୍ଦେଶ ଦେଇଛନ୍ତି । ତୁଳନାଟି ସର୍ବାଙ୍ଗସୁନ୍ଦର ହୋଇ ଉପଭୋଗ୍ୟ ହୋଇଛି ।

ବାହୁଡ଼ନ୍ତେ ପ୍ରଦକ୍ଷିଣ କରି ଦେବ-ବୃନ୍ଦି,
ବାଜନ୍ତି ବିବିଧ ବାଦ୍ୟ ବିଜେ କୃପାନିଧି ଯେ । ୫୬ ।

ବଳଗଣ୍ଡି ପରେ ରହି ଯଥା ଜଗନ୍ନାଥ
ବିଜେ ପୁଣି ଜନକ ସନ୍ତୋଷେ ଚାଲି ରଥ ଯେ । ୫୭ ।

ବିସ୍ତାରିତ ଜୟ ଶବ୍ଦ ହେଲା ଦଶଦିଗ,
ବଡ଼ ଦେଉଳ ସାକେତେ ହେଲେ ପରବେଶ ଯେ । ୫୮ ।

ବିଧିରେ ତ ବେନି ମହୋତ୍ସବ ଅବଲୋକି,
ବୃନ୍ଦାରକେ ଏହା ମିତ୍ରକରଣେ ବିବେକ ଯେ । ୫୯ ।

ବଚନ ନାହିଁ ସହିଁକି ଉପମା ତାକୁ ସେ,
ବଇକୁଣ୍ଠ ମର୍ତ୍ତ୍ୟେ ସେହି ଯେ ପୁରେ ବିଳସେ ଯେ । ୬୦ ।

କବି ବରକନ୍ୟା ରାମସୀତାଂକ ବାହୁଡ଼ାବିଜେକୁ ଜଗନ୍ନାଥଂକ ବାହୁଡ଼ା-ରଥଯାତ୍ରା ସହିତ ତୁଳନା କରି ବଳଗଣ୍ଡି ନବର (ଗୁଣ୍ଡିଚାବାଡ଼ି)କୁ ଜନକପୁର ଓ ବଡ଼ଦେଉଳକୁ ସାଂକେତପୁରୀ ଅର୍ଥାତ୍ ଅଯୋଧ୍ୟା କହିଛନ୍ତି । ଅଯୋଧ୍ୟା ଓ ଶ୍ରୀକ୍ଷେତ୍ର ଉଭୟେ ବିଷ୍ଣୁଙ୍କୁ ଧାରଣ କରିଥିବାରୁ ମର୍ତ୍ତ୍ୟବୈକୁଣ୍ଠ ନାମରେ ଖ୍ୟାତ ।

ଜଗନ୍ନାଥ ଯେ 'ରାମ' ଏହି କଳ୍ପନା ଓଡ଼ିଶା ରେ ନୂତନ ନୁହେଁ । ବର୍ତ୍ତମାନ ପୁଦ୍ଧା ଉତ୍ତରଭାରତର, ବିଶେଷତଃ ମିଥିଳା ଓ ଅଯୋଧ୍ୟାବାସୀ ଯାତ୍ରୀମାନେ ଗୁଣ୍ଡିଚାବାଡ଼ିକୁ ଜନକପୁରୀ ଏବଂ ଜଗନ୍ନାଥଂକ ବାସସ୍ଥାନ ଶ୍ରୀକ୍ଷେତ୍ରକୁ ଅଯୋଧ୍ୟା ବୋଲି କହି ସେହି ଅନୁରୂପରେ ମାନ୍ୟ କରନ୍ତି । ମିଥିଳାବାସୀ ଯାତ୍ରୀମାନେ ସୀତାଂକ ଦେଶର ଲୋକ ହୋଇଥିବାରୁ ସେମାନଙ୍କୁ ଅଯୋଧ୍ୟା ବା ବଡ଼-ଦେଉଳର ଲୋକେ ରାମଂକ ଦେଶର ଲୋକ ବୋଲି ଭାବି କୌତୁକରେ 'ଶଳା-ଭିଣୋଇ' ସମ୍ପର୍କ ସ୍ଥାପନ କରି ବିବିଧ ହାସ୍ୟରସରେ ଆଳାପ କରନ୍ତି । କ ଏହି ଧାରଣାଟିକୁ ଲିପିରେ ଜୀବନ୍ତ କରି ଦେଇଛନ୍ତି ।

**ଅଳଙ୍କାର—**

ଆଦ୍ୟ ଯମକ:—(୧) ଋଷିକୁମାର ଋଷ୍ୟଶୃଙ୍ଗ ବେଶ୍ୟାମାନଙ୍କୁ ଦେଖି ସେମାନେ ତପସ୍ୱୀ ବୋଲି ଭାବିଲେ—

ବିପଟୀକି ମୁନିମଣି ଆଭୂଜ ଯେ ଥିଲେ
ବିଟପୀଂକି ମୁନି ମଣି ସମ୍ଭାବନା କଲେ ଯେ । ୨୨ । (୪ର୍ଥ ଛାନ୍ଦ)

(୨) ବିଭ୍ରଷ୍ଟ ଯେ ବ୍ରହ୍ମବୃଷ୍ଣ ଧ୍ୟାନ ତହିଁକି ବିସ୍ମର
ବିଭ୍ରଷ୍ଟ ଯେ ବ୍ରହ୍ମବୃଷ୍ଣ ମୁଖୁଁ ବେଦହିଁ,
ବିଖଣ୍ଡନ ଚଣ୍ଡୀମାନ ଈଶରେ ସ୍ନେହ ନ ଯେନ
ବିଖଣ୍ଡନ ଚଣ୍ଡୀମାନ ଈଶରେ ସ୍ନେହୀ,
ବାହାରନ୍ତେ ବ୍ରହ୍ମାଣ୍ଡ ଫୁଟି, ବିରବି ସମସ୍ତଂକ ଜ୍ଞାନ ପ୍ରକଟି । ୪୧ ।
(୯ମ ଛାନ୍ଦ)

ଆଦ୍ୟ ଯମକ, ପ୍ରାନ୍ତ ଯମକ, ବିଶ୍ରାମ ଯମକ:—କବି ଦ୍ୱାଦଶଛାନ୍ଦଟି ଯମକ, ରୂପକରେ ରଚନା କରିଛନ୍ତି । ଏହା ମଧ୍ୟ ନିଜେ ଛାନ୍ଦପ୍ରାନ୍ତରେ ବ୍ୟକ୍ତ କରିଛନ୍ତି ।

ବିଷ୍ଣୁବର ଯାଉ ବିଳମ୍ବ ଶୁଣି, ବିଷ୍ଣୁବଷ୍ଟ ହେଉଁ ରମଣୀମଣି ।
ବିଷ୍ଣୁବଷ୍ଟରଗି ଯୋଟିଲି ତ୍ରାସେ, ବିଜ୍ଞବ ସାଉରୁ ନିଦ୍ରା ନ ଆସେ ।
ବିରହେ ଗ୍ରସେ ସେ, ବୀର ହେ, ଗ୍ରସେ ସେ ତାଡ଼କା ଯାସେ ।
(୧୨ଶ ଛାନ୍ଦ)

ଆଦ୍ୟମଧ୍ୟ ଯମକ:—

(୧) ବିଦ୍ୟୁତ୍ କେଶ ବଂଶରେ ଜାତ, ସୁମାଳୀ ମାଳୀ ଯେ ମାଲ୍ୟବନ୍ତ
ସ୍ୱର୍ଗଲୁଣ୍ଠନେ ଅନ୍ଧ ଅନ୍ଧୃତ ଧ୍ୱଆନ କରି ଯେ—
ବିଧିସ୍ରମରେ ଜ୍ୟୋତି ଜ୍ୱଳିତ ବିଧୁ ସମରେ ହେଲେ ଆଗତ
ସେ ଆରୋହିତ ଯେ,
ଅହି-ଅହିତ ଗଦାବ୍ଜ ଧରି ଯେ,

ବଜାଇଣ ଶଙ୍ଖାର କରଣେ ଘାତ ଯେ
ବଧକଲେ ଶଙ୍ଖାସ୍ତ୍ର ତ୍ରିଗାସ୍ତୁ ଭ୍ରାନ୍ତ ଯେ
ବଢ଼ିଶ୍ରୀ ଲଭି ପାତାଳେ ଲୁଚି, ଲଂକା ବଢ଼ାଇପୁରକୁ ମୁଞ୍ଚି
ଲଂକା ଯେ ଦଣ୍ଡପାଣିରେ ରଚି ଭସ୍ମ ଯେମନ୍ତ ଯେ । ୫ ।

(୧ମ ଛାନ୍ଦ)

(୨) ବକ୍ରେ ଗଜା, ଗ୍ରଜନ୍ୟଙ୍କ ବକ୍ରେ ଜନକ ଜନକ
ଏହ୍ନ ଗିର ଶରଭେଦ ହୃଦସ୍ଥ କରେ,
ବଜସ୍ତ୍ରୀ ଏ ତ୍ରିପୁରର ବଜସ୍ତ୍ରୀ ଏ ତ୍ରିପୁରର
ଧଇଲ ଧଇଲ ଧନୁ ଅନାୟାସରେ ।
ବନ୍ଧ୍ୟାବକୁ ଲଙ୍କାରେ ଖେଳି,
ବାପଲକେ ଅନାଇ ନ ପାର ଚଳି । ୩୫ । (୯ମ ଛାନ୍ଦ)

ମଧ୍ୟାନ୍ତ ଯମକ:—(୧) ଦ୍ୱିତୀୟ ଛାନ୍ଦରେ ଦେବତାମାନଂକର ବିଷ୍ଣୁ ସ୍ତୁତିରେ ବିଷ୍ଣୁଂକ ମତ୍ସ୍ୟ, କୂର୍ମ, ବରାହ, ନୃସିଂହ, ବାମନ, ପରଶୁରାମ —ଏ ଛଅ ଅବତାରଂକ ସଂକ୍ଷିପ୍ତ ପରିଚୟ ଅଛି । ରାମ ଅବତାର ହେବେ ବୋଲି ଦେବତାମାନେ ଅବଗତ ଥିଲେ ଏବଂ ରାମତାରକମନ୍ତ୍ର ମଧ୍ୟ ରାମଂକ ଅବତାରଗ୍ରହଣ କରିବା ପୂର୍ବରୁ ପ୍ରଚଳିତ ଥିବା କବି ଲେଖିଛନ୍ତି ।

ବହିତ ଲୀଳା ରୋହିତ ମୂରତି,
ବେଦେ ଦଇତ୍ୟ ଦରଦାନେ ହେଲ ରଥି ହେ ।
ବହି ଅମନ୍ଦମନ୍ଦର କୂର୍ମ ନମୋନମ,
ବାରିଧି ଅମୃତ ମନ୍ଥୁ ଅମୃତ ଜନମ ଯେ ।
ବିପକ୍ଷେ ଦେବାର ବାଣ ପରଖିଲ ସୁଧା,
ବିଶ୍ୱମୋହିତ ମୋହିନୀ ରୂପରେ ବିଶୁଦ୍ଧା ସେ ।

(୨ୟ ଛାନ୍ଦ)

ବୃଥାସ୍ୱପନେ ବୃପକ୍ଷପଣେ ଅନ୍ତରରେ,
ବକ୍ଷେ ତାର ଯେଉଁ ନାମ ତାରକ ମନ୍ତ୍ରର ସେ ।

(୬) ବକୁଳ ! ଦୂଷଣ ବର୍ଜିତ ଏ ଗୀତେ ଭଣ,
ବନ୍ଧୁ ଭରତ ଭୂଲତା କରବ ସ୍ତବକ ଯେ ।
ବାମଦେବ ଦେବରାଜ ଭୁରୁ ସଙ୍ଗତରେ
ଦ୍ୱାଦଶ ସୁମନେ ରଚିଲେ ଷୀରସିନ୍ଧୁ ଗାଡ଼ରେ ଯେ ।

(୨ୟ ଛାନ୍ଦ)

ଆଦ୍ୟସ୍ଥାନ୍ତ ଯମକ:—ଅହଲ୍ୟାଶାପମୋଚନ ପରେ ବସ୍ତୁସ୍ଥ ଦୃଷ୍ଟିରେ ରାମ ଖାରୁଛନ୍ତି—କାମ୍ୟକବନର ପ୍ରଭା ଓ ଏ ରମଣୀର ପ୍ରଭା ଏକ ପ୍ରକାର ହୋଇଅଛି—

ବସ୍ତୁସ୍ଥ ହୋଇ ଅନାଇଁ ସ୍ୱଭା ରଘୁପତ୍ତ,
ବନୀତାର ବନିତାର ପ୍ରଭା ଏକାକୃତ । ୩୩ ।
ବନପ୍ରିୟ ତୋଷଦାମା ରମଣୀ ଏ ଲୋକେ,
ବନପ୍ରିୟ ତୋଷଦାମା ରମଣୀ ଏ ଲୋକେ । ୩୪ ।
ବିରାଜ ବର-କନକ-କଦମ୍ବ ରୁଚରେ,
ବି-ରାଜବର କନକ କଦମ୍ବ ରୁଚରେ । ୩୫ ।
ବାସରେ ଆଚ୍ଛନ୍ନ ଶୋଭା ତୁଙ୍ଗ ପୟୋଧରେ,
ବାସରେ ଆଚ୍ଛନ୍ନ ଶୋଭା ତୁଙ୍ଗ ପୟୋଧରେ । ୩୬ ।
ବେଣୀ କେଶରେ ରଞ୍ଜନ ସିନ୍ଦୂର ଚତାରେ,
ବେଣୀ କେଶରେ ରଞ୍ଜନ ସିନ୍ଦୂର ଚତାରେ । ୩୭ ।
ବଲା, ମଲ୍ଲିକଳି, ଫୁଲ ମଣ୍ଡନ ଅତୁଲ,
ବଲା ମଲ୍ଲି କଳି ଫୁଲ ମଣ୍ଡନ ଅତୁଲ । ୩୮ । (୭ମ ଛାନ୍ଦ)

ଏ ରମଣୀମୂର୍ତ୍ତି ଏତେ ପ୍ରଭାଯୁକ୍ତ ବା ଶୋଭାଯୁକ୍ତ ହୋଇଛି ଯେ, ଦର୍ଶକଙ୍କର (ଲୋକେ) ବା ଗୌତମ ଋଷି (ବନପ୍ରିୟ ଯାହାଙ୍କର)ଙ୍କର ତୋଷ ବିଧାନ କରୁଛି । ଏ କାମ୍ୟକବନ ମଧ୍ୟ ସେହିପରି ଶୋଭାରେ ଦର୍ଶକମାନଙ୍କର ଆନନ୍ଦଦାୟକ ହୋଇଛି ।

ବଗୀଚା—ପୁଷ୍ପବାଟିକା ବା କାମ୍ୟକବନ । ଭ୍ରମନ୍ତା—ଭ୍ରମଣୀ । ପ୍ରଭା—କାନ୍ତି, ଶୋଭା । ଲେଖେ—ଦର୍ଶନଦ୍ୱାରା, ବନପ୍ରିୟ—କୋକିଳ । ରମଣୀ—ନାରୀ, ରମଣୀୟା । ବରକନକକଦମ୍ବ—ହେମ ବର୍ଣ୍ଣବିଶିଷ୍ଟ ସୁବର୍ଣ୍ଣ ସମୂହ । ବି-ବ୍ରଜ—ପକ୍ଷୀସମୂହ । ବାସ—ବସ୍ତ୍ର, ସୁଗନ୍ଧ । ପୟୋଧର—ସ୍ତନ, ନାରିକେଳ ବୃକ୍ଷ । ବେଣୀ—ବୃକ୍ଷବିଶେଷ, କ୍ଷୀର ବେଣୀ । କେଶର—କେଶର, ନାଗେଶ୍ୱର ବୃକ୍ଷ । ରଞ୍ଜନ—ରକ୍ତଚନ୍ଦନ ବୃକ୍ଷ, ସିନ୍ଦୂରଚିତା—ରକ୍ତବର୍ଣ୍ଣ ବୃକ୍ଷବିଶେଷ । ମଲ୍ଲିକଢ଼ି, ବଳା (ବାଡ଼ିଅଁଳା)—ପୁଷ୍ପର ନାମ, ଅଳଙ୍କାରର ନାମ ।

ମାଳଯମକ:—ବିସ୍ତରଇ ମାଳଯମକରେ କବି ମନେ,
ବୁଲେ ଭ୍ରମ-ଭ୍ରମ ଭ୍ରମନେତ୍ରୀ ଘେନି ବନେ ଯେ ।
ବୃହଦ୍‌ଭାନୁ ଭାନୁ ଭାନୁ ପ୍ରଭା ତାପ ନାହିଁ,
ବୃତ ତମାଳମାଳ ମାଳତୀଲତା ଯହିଁ ଯେ । ୧ ।

ବହଇ ନିର୍ଝର ଝର ଝର ଅବିରତ,
ବିଶେଷ ତରଙ୍ଗ ରଙ୍ଗ ରଙ୍ଗିଣୀ ଶୋଭିତ ଯେ ।
ବହି ଚନ୍ଦ୍ର ଚନ୍ଦ୍ର ଚନ୍ଦ୍ର ଶୀତଳକୁ ବାତ,
ବନ୍ଦେ ମନ୍ଦ ମନ୍ଦ ମନ୍ଦସ୍ମିତ କରେ ଭୂତ ଯେ । ୨ ।

ବିଘ୍ନେ ଘନଘନ ଘନ କୁଣକଣ ଯଥା,
ବୃଷ୍ଟି ମଧୁର ମଧୁର ମଧୁରନେ ତଥା ଯେ ।
ବିଭ୍ରାଜିତ ଭୃଙ୍ଗ ଭୃଙ୍ଗ ଭୃଙ୍ଗ କରେ କେଳି,
ବଗି ବଗି ବନିତା କି ପୁଷ୍ପହାସେ ଝଳି ଯେ । ୩ । (୧୯ଶ ଛାନ୍ଦ)

ଶୃଙ୍ଖଳାଯମକ:—ବୋଧେ ଶୃଙ୍ଖଳାରେ ରଘୁନାଥ ସୀତା ମତି,
ବିଚିତ୍ର ଚିତ୍ରକୂଟ ଯେ କୁଟଜେ ବ୍ରତତିଲେ ।

ବ୍ରତଗୀତର ଜୟନ୍ତୀ ଅଙ୍ଗକୁ ବାସନ୍ତୀ,
ବାସନ୍ତୀ ସତରେ ଫୁଲ୍ଲ ଫୁଲରେ ପ୍ରବର୍ତ୍ତି ଯେ । ୪ । (୧୯ଶ ଛାଃ)

ସିଂହାବଲୋକନ — ବୋଧନ୍ତ ରାମ ସିଂହାବଲୋକନେ ଅବଲା,
ବଲାକାପନ୍ତ କରଛୁ ଧ୍ରୁବକୁ ଧବଳା ଯେ ।
ବଲାଇ ମାନସ ମାନ ମାନ ଅନା ପ୍ରାଣବନ୍ଧୁ,
ବନ୍ଧୁକ ରଞ୍ଜନ ଅଧ ରଙ୍ଗ ନରବନ୍ଧୁ ଯେ । ୭ । (୧୯ଶ ଛାନ୍ଦ)

ବ୍ୟାଘ୍ରଗତି ଛନ୍ଦ — ବ୍ୟାଘ୍ରଗତିରେ ସଖୀରେ କହନ୍ତ ବୀର ସେ,
ବୀରତରୁ ସେ ତରଣୀ କୁସୁମ ବରଷେ ଯେ ।
ବର ଉନ୍ନତ ଉନ୍ନତ ଉପମାବସାନ
ବନ୍ଦିତ କରୁଛୁ ବନ୍ଦି କକୁଭ ବଚନ ଯେ । ୧୦ । (୧୯ଶ ଛାନ୍ଦ)

ସଭଙ୍ଗ-ଅଭଙ୍ଗରେ ଶ୍ଳେଷ:—

(୧) ବନ୍ଦଇ ଦାନବାନ୍ଧବ ହରି ଯେ ତମତନ୍ତ ଖଣ୍ଡନକାରୀ
ସଦା କମଳାନନ୍ଦ ବିସ୍ତାର ସ୍ୱଭାବେ ଇନ ଯେ ।
ବିଭୁ ଅନନ୍ତଅଙ୍କବିହାରୀ କରପ୍ରତାପ ଯାର ସଞ୍ଚର
ନିଶାଚରଙ୍କ ଉଲ୍ଲାସେ ହରି ପୂଜେ ସୁମନ ଯେ । (୧ମ ଛାନ୍ଦ)

ନାରାୟଣ ଓ ସୂର୍ଯ୍ୟଙ୍କ ଉଭୟଙ୍କୁ ଏ ପଦମାନଙ୍କରେ ବନ୍ଦନା କରାଯାଇଛୁ ।

ଉପମାନନ୍ଦା— ବିରହକାନ୍ତ କି ଟଙ୍କକନ୍ତ କନକ ଅନାଇଲା,
ବାନ ବଢ଼ାଇ ଅଗ୍ନିରେ ଦଗ୍ଧ ଶିଳେ କଷାଇ ହେଲା ।
ବଣିକଶ୍ରେଣୀ ଅସମ ଜାଣି ହେଲେ ପ୍ରଦାରଦାମୀ,
ବସାଇ ଭୁଲେ ରଙ୍ଗଏ ବୋଲେ ତେଣିକି ଲକ୍ଷ୍ମୀ ଯେନ ।

(୮ମ ଛାନ୍ଦ)

ଅନୁପ୍ରାସ — (୧) ବାଙ୍କେ ଅପାଙ୍ଗେ ଯେଙ୍କେ ସ୍ନିଗ୍ଧାଳୁ ଯେ ପଙ୍କେରୁହ ଶରକୁ ନେଇ,
ଶଙ୍କେ ମଦନ ଅନଙ୍ଗେ ଭଣ୍ଡି ମୁଖ ଲମ୍ବେ ସେ । (୧ମ ଛାନ୍ଦ)

(୨) ବନ୍ଧୁରେ ପଦ୍ମ ଖଣ୍ଡରେ ନହୁଡ଼ି ଅନଳ ଯୋଗେ ନଗଲ ଯୋଡ଼ି,
ଜଳେ ନବୁଡ଼ି ସଂଶୟ ଛାଡ଼ି ବରେ ପ୍ରମୋଦ ଯେ । (୧ମ ଛାନ୍ଦ)

(୩) ବିମଳ ନଳିନ ଲୀନ ଲପନେ ମନାଇ । ( ୨ୟ ଛାନ୍ଦ )

ଅନୁଲିପି—ବିହାର ସ୍ଥାନ କେ ମୀନମାନଙ୍କ ଅଟଇ ( ବନ )
ବାସନ୍ତରେ କେଉଁ ପ୍ରତିପାଳିତ ହୁଅଇ । (ପିକ)
ବିଶ୍ୱବଶ୍ୟ ପ୍ରକାଶେ କି କରେ ପକ୍ଷୀଆଳୀ (ଚୂତ)
ବିରୂପାକ୍ଷ ନେତ୍ରାନଳେ କେଉଁ ଗଲା ଜଳି ସେ । (ମାର)
(୧୯ଶ ଛାନ୍ଦ )

ଉତ୍ତର—ବନ ପିକ ଚୂତ ମାର ବୋଲେ ଚଇତ୍ରେଶ୍ୱ,
ବିଶେଷ ତୋଷ ଚୁମ୍ବନ ଆଲିଙ୍ଗନ ବନ୍ଧ ଯେ । ୨୫ ।

ସମଗ୍ର ଊନବିଂଶ ଛାନ୍ଦଟି ବିବିଧ ଅଲଙ୍କାରର ପଦରେ ପୂର୍ଣ୍ଣ ହୋଇଛି । କବି କେତୋଟି ଅଲଙ୍କାରର ଲକ୍ଷଣ ମଧ୍ୟ ପ୍ରକାଶ କରିଛନ୍ତି । ଏହି ସବୁ ଅଲଙ୍କାରର କୌଶଳପୂର୍ଣ୍ଣ ପ୍ରୟୋଗ କବିଙ୍କ ଶବ୍ଦପାଣ୍ଡିତ୍ୟ, ଗଭୀର ଚିନ୍ତାଶକ୍ତି, ସ୍ୱରଜ୍ଞାନ, ରୂପଜ୍ଞାନ ପ୍ରଭୃତିର ପରିଚୟ ଦେଉଛି ଏବଂ ଏଗୁଡ଼ିକ ଅଲଙ୍କାର-ଯୋଗ୍ୟ ମାର୍ଜିତ ପଦାବଳୀରେ ରଚିତ ହୋଇଥିବାରୁ ଓଡ଼ିଆ ସାହିତ୍ୟରେ ଆଦର୍ଶସ୍ଥାନୀୟ ହୋଇଅଛି ।

ଗୋମୂତ୍ର ଛାନ୍ଦ—ବାର ବାର ଜ୍ୱଳିତ ମଣ୍ଡିତ ପ୍ରକ୍ୟାଳ,
ବିଜବର ସୁନ୍ଦର ଏଣି ଏକ ଗ୍ରୀବ ଲେ ।
ବନ୍ଧ ବନ୍ଧୁ ଗୁଞ୍ଜନ ପ୍ରକାଶିତ,
ବଣ ସହୁ ବଧ କୁଞ୍ଜବନ ପ୍ରସନ୍ନରେ । (୧୯ଶ ଛାନ୍ଦ)

କ୍ଷେମବଲେମ, ମେଷଯୁକ୍ତଃ—

ବରଦ ବିରସାନନ ସାର ବଦରବ,
ବଧମାନ ଜରତ ତରଜନ ମାଧବ ଯେ ।
ବାଛି ମାରି ତ ହେବ ବହେ ତର ମାଧବ,
ବହେ ସଦା ତରସ ଶରତ ଦାସ ହେବ । ୬୬ । (୧୯ ଛାନ୍ଦ)

ବହୁଲିପି— ବହୁଲିପି କହୁ ବେନ ବେନ ବର୍ଣ୍ଣ ଲେଖି,
ବାମ ନାଶି ଦକ୍ଷିଣ ବର୍ଣ୍ଣକୁ ଭଜ ସଖି ଗୋ ।
ବନ୍ଧ୍ୟ କେ ଜଗତେ, କେଉଁ ଛଳକର ସ୍ଥାନ,
ବସି ଗ୍ରଜା କି କରି, ବେଶ୍ୟାର କି ରଞ୍ଜନ ଯେ । ୨୭ ।
(୧୯ଶ ଛାନ୍ଦ)

ସଂକ୍ଷିପ୍ତ ବର୍ଣ୍ଣନାର ରୀତି—ଉପେନ୍ଦ୍ର କେତେଗୁଡ଼ିଏ ପ୍ରସଙ୍ଗର ସୂଚନା ଅତି ସଂକ୍ଷେପରେ ପ୍ରକାଶ କରି ସ୍ୱସୁଲଭ ଶୈଳୀ କୁଦୃତ୍ତ୍ୱସନ୍ଧାରେ ବ୍ୟବହାର କରିଛନ୍ତି । ଆବଶ୍ୟକତାନୁଯାୟୀ ଏହି ପ୍ରସଙ୍ଗମାନଙ୍କର ସୂଚନା ନ ଦେଲେ ମୂଳକଥାବସ୍ତୁର ସହଜବୋଧରେ ଅଳ୍ପ ଅସୁବିଧା ହୋଇ ଥାଆନ୍ତା । ସଂକ୍ଷିପ୍ତ ସୂଚନା ଏହି ଅସୁବିଧାକୁ ଦୂର କରିଛି । ଏହି ପ୍ରସଙ୍ଗମାନଙ୍କର ବିଶେଷ ବର୍ଣ୍ଣନା ମଧ୍ୟ କାବ୍ୟ-ଦୃଷ୍ଟିରୁ ଆବଶ୍ୟକ ନଥିଲା ।

(୧) ବିଧି-ପୂର୍ବ କରି ପୂର୍ବ, ବାରତା କଥିତ ସର୍ବ,
ବହିଲେ ଉତ୍ତର ଉତ୍ତର, କହିଲେ ପ୍ରତୀଚୀର ପ୍ରତିଠାବ । ୪୧ ।
(୬୬ଶ ଛାନ୍ଦ)

ସୀତାଙ୍କ ଅନ୍ୱେଷଣ କାର୍ଯ୍ୟରେ ଚାରିଦିଗକୁ ଦୂତମାନେ ଯାଇଥିଲେ । ସେମାନେ ଫେରି ଆସି ଶ୍ରୀରାମଙ୍କୁ ବିଧିପୂର୍ବ କରି ସବୁ ବୃତ୍ତାନ୍ତ ଜଣାଇଲେ ।

(୨) ବିଧିପୂର୍ବ କରି ଋଷି ସମସ୍ତ ଚରିତ ଲକ୍ଷି
ତସ୍ମି ତ ତ୍ୱରିତ ଯାଇ ଲାଗେ କୂଳରି । ( ୯ମ ଛାଃ )

ବିଶ୍ୱାମିତ୍ରଙ୍କୁ ରାମ ଗଙ୍ଗାଙ୍କ ନାମ ଭାଗୀରଥୀ କାହିଁକି ହେଲା ବୋଲି ପ୍ରଶ୍ନ କଲେ । ଋଷି ସଂକ୍ଷେପରେ କହିଲେ, "ବିଷ୍ଣୁନଖ କୋଣେ ଏ ଥିଲା, ବାମନାବତାରେ ଭଗୀରଥ ଆଣିଲା ।" ପୁଣି ବିଧିପୂର୍ବ କରି ଋଷି ସମସ୍ତ ଚରିତ କହିଲେ । ଏଠାରେ ଚରିତର ବର୍ଣ୍ଣନା ନାହିଁ, ଉଲ୍ଲେଖ ମାତ୍ର ରହିଛି ।

(୩) ବିହିତ ପର୍ବରେ ତାଙ୍କୁ, ବଧିଲା କେ ଜଟାମୂଳୁ,
ବ୍ୟବସ୍ଥିତେ ସର୍ବ କହୁଁ ବୋଲେ ଟେକି ନିଅ ହେ ମୋତେ ସ୍ନାନକୁ ।

ପୁନରାବୃତ୍ତି—ବୈଦେହୀଶ ବିଳାସରେ ଉପେନ୍ଦ୍ର ଭଞ୍ଜ ଇନ୍ଦ୍ରଜିତ-ଲକ୍ଷ୍ମଣ ଯୁଦ୍ଧରେ ଲକ୍ଷ୍ମଣଙ୍କ ଶବ୍ଦଭେଦ ପ୍ରସଙ୍ଗ, ଇନ୍ଦ୍ରଜିତଙ୍କ ଦେବଦଳନ ରଥ ଲାଭ ବିଷୟର ୪୮ଶ ଓ ୪୯ଶ ଛାନ୍ଦରେ ପୁନରାବୃତ୍ତ ହୋଇଥିବା ଦେଖାଯାଏ ।

ଦେବଦଳନ ରଥ—

(୧) ବଳାଶ୍ରିତ ଅଶ୍ରିତ ନାଗରେ ସଂଶ୍ରିତ ବଳାଉଁ ହୋମେ ମତ୍ତ ଯେ
ବିପତ୍ତି ଉତ୍ପତ୍ତି ସେ ବିମାନ ମାନବଶେ ଦେବଦଳନ ଖ୍ୟାତି ସେ
ବସି ତହିଁ, ବାହୁ ସୁତ ଚଳିଲେ ଯେ ।
ବଇଜୟନ୍ତୀ ରମ୍ୟ ଦଗଦାହନ ନାମ ନଭେ ଲଭେ ଚଞ୍ଚଳ ସେ । ୧ ।
(୪୮ଶ ଛାନ୍ଦ)

(୨) ବଟତଳରେ ହେମେ ରଥ ଜନ୍ମାଇ ରମ୍ୟେ ଖ୍ୟାତ ଦେବଦଳନ ନାମେ
ବଇଜୟନ୍ତୀ ବ୍ୟୋମେ ଦଗଦାହନେ ଭ୍ରମେ ଦେଖି ପଡ଼ିବେ ପରଧାମେ ସେ ।
। ୨୯ । (୪୯ଶ ଛା:)

ଲକ୍ଷ୍ମଣ ଶବ୍ଦଭେଦ—

(୧) ବାଳକ ମେଘନାଦ ରହୁଁ ପ୍ରଥମେ ବାଦ ଲକ୍ଷ୍ମଣେ କଲେ ଶବ୍ଦଭେଦ
ବାରେକ ପୁଣି ଦ୍ୱନ୍ଦ୍ୱ କହିଲ ସବୁ ଦ୍ୱନ୍ଦ୍ୱ ଦନ୍ଦଶୂକପାଶରେ ଛନ୍ଦ ସେ ।୧୧
(୪୯ଶ ଛା:)

ଏହି ପ୍ରସଙ୍ଗ କୁମ୍ଭକର୍ଣ୍ଣଙ୍କୁ ରାବଣ କହୁଛନ୍ତି । କୁମ୍ଭକର୍ଣ୍ଣର ମୃତ୍ୟୁପରେ ଦେବଦାଲନ ବଧ ଓ ଲକ୍ଷ୍ମଣ ଶକ୍ତିଭେଦ ପ୍ରସଙ୍ଗ ଘଟିଥିଲା । କବି ମଧ୍ୟ ଏହା ୪୪ଶ ଛାନ୍ଦରେହିଁ ବର୍ଣ୍ଣନା କରିଛନ୍ତି ।

କବିଙ୍କ ସ୍ୱଦେଶ ପ୍ରୀତି— ଉପେନ୍ଦ୍ର ଭଞ୍ଜ ଜଣେ ଜାତୀୟକବି । ତାଙ୍କ ଦୃଷ୍ଟିରେ ଉତ୍କଳର ମାହାତ୍ମ୍ୟ ନ୍ୟୁନ ନୁହେଁ । ଦେବାଧିଦେବ ଅବତାରୀ ବୈକୁଣ୍ଠବିହାରୀ ବିଷ୍ଣୁ ସ୍ୱଦେହରେ ଜଗନ୍ନାଥ ରୂପରେ ଓଡ଼ିଶାରେ ଅବତୀର୍ଣ୍ଣ ହୋଇଛନ୍ତି ଏବଂ ଏହି କାରଣରୁ ଜଗନ୍ନାଥ କ୍ଷେତ୍ର ମର୍ତ୍ତ୍ୟବୈକୁଣ୍ଠ ନାମରେ ପରିଚିତ ହୋଇଛି । କବି ତାଙ୍କର ଅଧିକାଂଶ ବୃହତ୍ କାବ୍ୟର ଆରମ୍ଭରେ ଜଗନ୍ନାଥଙ୍କୁ ସ୍ତୁତି କରିଛନ୍ତି ଏବଂ ଜଗନ୍ନାଥଙ୍କ ସମ୍ବନ୍ଧରେ କାବ୍ୟ କବିତା ମଧ୍ୟ ରଚନା କରିଛନ୍ତି । ବୈଦେହୀଶ ବିଳାସରେ ମଧ୍ୟ ଜଗନ୍ନାଥଙ୍କୁ ଗ୍ରନ୍ଥାରମ୍ଭରେ ନମସ୍କାର କରିଛନ୍ତି ।

× × ବୈକୁଣ୍ଠପକ୍ଷକଲେକ ତୋଷକ ଯେ,  
ବିକାଶ ଅଖଣ୍ଡିତ ମଣ୍ଡଳେ ସିଂହାସନରେ କ୍ରୀଡ଼ିତ କାଳେ  
ଭବେ ଭରଣୀ ହୋଇ ମଣ୍ଡଳେ ଗିରି ଉଦିତ ଯେ । ୧ । (୧ମ ଛାନ୍ଦ)

ରାବଣ, କୁମ୍ଭକର୍ଣ୍ଣ ଓ ବିଭୀଷଣ ଏ ତିନି ଭ୍ରାତାଙ୍କର ସ୍ୱର୍ଗମର୍ତ୍ତ୍ୟପାତାଳ ତିନିପୁର ବିଜୟ ପ୍ରସଙ୍ଗରେ କବି କହିଛନ୍ତି ଯେ, ସ୍ୱର୍ଗ ଓ ପାତାଳକୁ ଜୟକରି ସାରିବା ପରେ ତିନିହେଁ ଏକତ୍ର ଜଗନ୍ନାଥ ଉଦ୍ଦେଶ୍ୟରେ ନୀଳାଚଳମଣ୍ଡଳରେ ତପସ୍ୟା କରିଥିଲେ ।

ବହୁତ ଜନଜୀବନ ନେଇ ଉତ୍ତରକୁରୁ ପ୍ରଦେଶେ ଯାଇ  
ଉତ୍ତର କୁରୁତର ନ ସହି ଇନ୍ଦ୍ରେ ନ ମାନି ଯେ,  
ବଜ୍ରଘାତକୁ ମଣି ଇତର, ଉତ୍ପାଟି ଦନ୍ତ ଐରାବତର  
ପ୍ରହାରେ ମୋହି ସୁରଈଶ୍ୱର ପଳାଇ ଯେଉଁ ସେ,  
ବିଭୀଷଣ ଯକ୍ଷରେ ଦ୍ୱନ୍ଦ୍ୱ ରଚିତ ଯେ  
ବିପ୍ରା ଶ୍ୱଶୁର ସ୍ଥାନେ ଦଶାସ୍ୟ ଗତି ଯେ,

ବିରଜାମଣ୍ଡଳରେ ତପସ୍ୟା ଜଗନ୍ନାଥରେ କରି ମନ୍ତ୍ରଣା
ଅଣିନଷ୍ଟନେ ହିତସ ଦିଶାକାଳ ବର୍ଜିତ ଯେ । ୧୦ । (୧ମଗ୍ରନ୍ଥ)

ରାମଚନ୍ଦ୍ର-ସୀତା ବିବାହ ଉପଲକ୍ଷେ ମିଥିଳାକୁ ବରଯାତ୍ରୀଦଳର ଆଗମନ ଦୃଶ୍ୟ ବର୍ଣ୍ଣନା ସ୍ଥଳରେ ଉପେନ୍ଦ୍ର ଋଷିକୁଲ୍ୟା-ସାଗରସଙ୍ଗମର ଉପମା ଦେଇଛନ୍ତି । ଗଞ୍ଜାମ ଜିଲ୍ଲାର ପ୍ରାଚୀନ ରାଜଧାନୀ ଗଞ୍ଜାମ ସହର ବର୍ତ୍ତମାନ ଗଞ୍ଜାମ ନାମରେ ପରିଚିତ ହେଉଛି । ଏହିଠାରେ ଋଷିକୁଲ୍ୟା ନଦୀ ସାଗରରେ ମିଶିଛି । କବି ବରଯାତ୍ରୀ ଯାତ୍ରାକୁ ସାଗର ସଙ୍ଗେ ତୁଳନା କରିଛନ୍ତି ।

ବୈଖାନସଗଣ ଯେଣ ବାଟେ ମେଳା,
ବାରିନିଧି ସଙ୍ଗମ କି ଋଷିକୁଲ୍ୟା ।
ବିଶ୍ରାମକ ସୁଖାସନ ଦୂରେ କିଛି
ବ୍ରହ୍ମସ୍ୱରୂପକ ପୁରୁଷୋତ୍ତମ ଅଛି । (୧୩ଶ ଗ୍ରନ୍ଥ)

ପ୍ରାଚୀ ମହୋଦଧି କୂଳସ୍ଥ ପୁରୁଷୋତ୍ତମ କ୍ଷେତ୍ରରେ ସାଗରର କିଛି ଦୂରରେ ଅନନ୍ତଶୟନରେ ପୁରୁଷୋତ୍ତମ ବିଷ୍ଣୁ ବିଶ୍ରାମ ନେଉଥିବା ପ୍ରସଙ୍ଗ ମଧ୍ୟ ଏଥିରେ ସୂଚିତ ହୋଇଥିବା ସମ୍ଭବ ।

ବିବିଧ ପ୍ରସଙ୍ଗରେ କବି ବିରଜା, ଋଷିକୁଲ୍ୟା, ଅଟଳ ପ୍ରଭୃତିର ଉଲ୍ଲେଖ କରି ତାଙ୍କର ସ୍ୱଦେଶପ୍ରୀତିର ପରିଚୟ ଦେଇଛନ୍ତି ।

କବିଙ୍କ ଦୈନ୍ୟ—ଉପେନ୍ଦ୍ର ରାମଚରିତ ଲେଖିବାର କାରଣ ସମ୍ବନ୍ଧରେ ଯେଉଁ ଭାବ ବ୍ୟକ୍ତ କରିଛନ୍ତି ତାହା ତାଙ୍କର ନମ୍ରତା ଓ ସୌଜନ୍ୟର ପ୍ରମାଣ ଦେଉଛି । ରାମଚରିତକୁ ପୂର୍ବେ ସଂସ୍କୃତରେ [ବିଖ୍ୟାତ କବିମାନେ ଲେଖିଥିବା ସତ୍ତ୍ୱେ ଓଡ଼ିଆ ଭାଷାରେ କୃପାସିନ୍ଧୁ ବଳରାମ ଦାସ ଅଲକ୍ଷିଣିତ ହୋଇ ମଧ୍ୟ ଭଗବାନଙ୍କ କୃପାରୁ ଜଗମୋହନ ରାମାୟଣ ରଚନା କରି ଅମର ହୋଇଛନ୍ତି । ଏହି ହେତୁ ଏ ବିଖ୍ୟାତ କବିମାନଙ୍କ ତୁଳନାରେ କବି ନିଜେ ନିତାନ୍ତ କ୍ଷୁଦ୍ର

ଥିବାରୁ ରାମଚରିତ କାବ୍ୟ ଲେଖିବା ପାଇଁ ସେ ମନ ବଳାଉନଥିଲେ । କିନ୍ତୁ ପରେ ଭାବିଲେ, ରାତିରେ ଉଜ୍ଜ୍ୱଳ ତାରକାମାନେ ଆକାଶରେ ବିଦ୍ୟମାନ ଥାଇ ପ୍ରଭୂତ ଆଲୋକ ଦେଇ ଦେଦୀପ୍ୟମାନ ହେଉଥିଲେ ମଧ୍ୟ ସାମାନ୍ୟ ଜୁଳୁଜୁଳିଆ ପୋକ ତାର ଜ୍ୟୋତି ପ୍ରକାଶ କରୁଛି । ଏହି ପ୍ରକାର ଭାବି କବି ଏ କାବ୍ୟ ରଚନାରେ ପ୍ରବୃତ୍ତ ହୋଇଛନ୍ତି । ଏଥିରେ ଅହଙ୍କାର ତ୍ୟାଗ କରିଥିବା ସୂଚିତ ହେଉଅଛି ।

ଗଞ୍ଜାମର ଶବ୍ଦ ବ୍ୟବହାର ଶୈଳୀ—ଉପେନ୍ଦ୍ରଙ୍କ ସ୍ୱ ଅଞ୍ଚଳ ଗଞ୍ଜାମରେ ପ୍ରଚଳିତ ଥିବା କେତେକ ଓଡ଼ିଆ ଶବ୍ଦର ବ୍ୟବହାର ତାଙ୍କ ଗ୍ରନ୍ଥମାନଙ୍କରେ ସ୍ଥାନେ ସ୍ଥାନେ ଦେଖାଯାଏ । ଅବଶ୍ୟ ଏଭଳି ପ୍ରୟୋଗ ସ୍ଥଳର ସଂଖ୍ୟା ଅଳ୍ପ ।

(୧) ଦୁଃଖ ପଡ଼ିବା—

ବିବରେ ବିବରେ ଶୃଙ୍ଗେ ଶୃଙ୍ଗେ ରଙ୍ଗ ଖୋଜି ଗଲେ ଦୁଃଖ ପଡ଼ି ।
(ଦ.୩୮ଶ ଛାନ୍ଦ)

(୨) ବିସ୍ଥାନବେ ସ୍ଥାନରେ ବିସ୍ଥାଣୋଇ
ବିସ୍ଥାଣୋଇ ପଦରେ ଏ ଛାନ୍ଦ ହେଲା ଶେଷ ଯେ । (୪ର୍ଥଛାନ୍ଦ)

## ନାରୀରୂପ ବର୍ଣ୍ଣନା

ସୀତା—ଉପେନ୍ଦ୍ର ସୀତାଙ୍କର ଜନ୍ମ ପ୍ରସଙ୍ଗରେ ସୌନ୍ଦର୍ଯ୍ୟ ନିମିତ୍ତ ପ୍ରସିଦ୍ଧି ଥିବା ସକଳ ଅପସରା ଅବତାରଣା କରି ସୀତା ସ୍ୱୟଂ ସୌନ୍ଦର୍ଯ୍ୟର ମୂର୍ତ୍ତିମନ୍ତ ଅବତାର ଥିବା ଧାରଣା ବିଦ୍ଗଧମାନଙ୍କ ମନରେ ଜାଗ୍ରତ କରାଇଛନ୍ତି ।

ପ୍ରଧାନ ଯାଜ୍ଞିକ ମହାରାଜା ରାଜର୍ଷି ଜନକଙ୍କର ଗୋଟିଏ କନ୍ୟା ନ ହେବାରୁ ତାଙ୍କ ଚିତ୍ତ ବିଦଗ୍ଧ ହେଲା । ରାଜର୍ଷି କନ୍ୟାପ୍ରାପ୍ତି କାମନାରେ ଏକ ଯଜ୍ଞ କରିବା ସ୍ଥିର କଲେ । ତହିଁ ବିସ୍ତୀର୍ଣ୍ଣ ଯଜ୍ଞଶାଳା ନିର୍ମାଣ କରିବା ପାଇଁ ପୃଥିବୀକୁ କର୍ଷଣ କରୁଥିବା ବେଳେ ଇନ୍ଦ୍ରଙ୍କ ଶାପରୁ ମୁକ୍ତ ହୋଇ ପରମାସୁନ୍ଦରୀ ମେନକା ଆକାଶମାର୍ଗରେ ଯାଉଥିବା ଦେଖିଲେ । ତାଙ୍କ ଅପୂର୍ବ ଶୋଭାପ୍ରଭାରେ

ରାଜର୍ଷି ମୁଗ୍ଧ ହୋଇଯାଇ ମେନକାଙ୍କୁ ନିଜ କନ୍ୟା ହେବାପାଇଁ ଅନୁରୋଧ କଲେ । ମେନକା ରାଜର୍ଷିଙ୍କ ମନୋଭାବ ଜାଣିପାରି 'ବାଳାଏ ଏକ୍ଷଣି ଅଦ୍ଭୁତେ ହୋଏ ପିତା ପ୍ରାପତ ।'

ବଳାହକୁଁ ଜନ୍ମ ହୋଇଲା ପରି ଈଶ୍ୱର ଖୀରୁ,
ବଳାହକେ ବିଦ୍ୟୁତ୍ ପ୍ରକାଶ ପ୍ରାପ୍ତେ ଗନ୍ଧବତୀରୁ ।

ସୁନ୍ଦରୀଙ୍କ ବାକ୍ୟ ସୁନ୍ଦର ଓ ଅଦ୍ଭୁତ ଭାବରେ ସଫଳ ହେଲା ।

ବାଣୀ ଯେ ଏପରି ଲଙ୍ଗଳ ଅଗ୍ରେ ଜାତ ମଞ୍ଜୁପେ,
ବାଣିଜ୍ୟେ ରତ୍ନ ସମ୍ପୁଟକ ଲଭ୍ୟ ପରି ମଞ୍ଜୁସେ । ୯୬ । (ଶମ୍ଭୁ ଗ୍ରୀ:)

ସୁନ୍ଦରୀଙ୍କୁ ଦୁହିତା କରିବା ମାନସ, ସୁନ୍ଦର ରତ୍ନସମ୍ପୁଟକଳ୍ପିତ ପରମାସୁନ୍ଦରୀ ସୀତାଙ୍କର ପରମାସୁନ୍ଦରୀ ପର୍ବତସୁତା ପାର୍ବତୀ ଓ ମେଘସୁତା ବିଦ୍ୟୁତ୍‌ଙ୍କ ପରି ଅଦ୍ଭୁତ ଜନ୍ମ ହୋଇଛି । ସାଧାରଣ ଭାବରେ ମାନବଯୋନିରେ ଜନ୍ମଗ୍ରହଣ କରିଥିଲେ ଏପରି ସୁନ୍ଦରରୂପ ପାଇବା ଅସମ୍ଭବ, ଏହାହିଁ କବିଙ୍କ ଭାବ ।

ବାଲ୍ୟ, ପୌଗଣ୍ଡ, ଯୌବନ ଅବସ୍ଥାରେ ସୀତାଙ୍କ ଅପୂର୍ବ ରୂପଲାବଣ୍ୟ କବି ଅତି ଚମତ୍କାର ପାଣ୍ଡିତ୍ୟପୂର୍ଣ୍ଣ ପଦାବଳୀରେ ବର୍ଣ୍ଣନା କରିଛନ୍ତି । ପେଟିକା ମଧ୍ୟରେ ଥିବାବେଳେ କନ୍ୟାର ରୂପକୁ କବି ବର୍ଣ୍ଣନା କରିଛନ୍ତି—ରତ୍ନପେଟିକାରେ ବିଶ୍ୱମୋହିନୀ କନ୍ୟାଏ ଥିବା ଦେଖି ଜନକ ପରମ ଆନନ୍ଦ ଲାଭକଲେ ଏବଂ ଭାବିଲେ, 'ବିଶ୍ୱକର୍ମା ଯନ୍ତ୍ରଦ୍ୱାରା ଏ କୃତ୍ରିମ କନ୍ୟା କି କାଳିନକ କନ୍ୟାକୁ ଜାତ କରିଛନ୍ତି କି ?' କବି ପୁଣି ବର୍ଣ୍ଣନା କରିଛନ୍ତି—

ବିଶ୍ୱସୃଜ ଏକ କରିଛି ଧରି ଶୋଭାଚୟକୁ,
ବିଶ୍ୱକେତୁ କେତୁ ବାନ୍ଧିଲା ଜାଣି ଜଗତ୍ତ୍ରୟକୁ । ୧୬ । (ଶମ୍ଭୁ ଛାନ୍ଦ )

ବ୍ରହ୍ମା (ସଚରାଚର ବ୍ରହ୍ମାଣ୍ଡର) ଶୋଭାଚୟକୁ ଏକତ୍ର କରି ଏ ମୂର୍ତ୍ତି ଗଠନକରିଥିବା ଜାଣିପାରି ବିଶ୍ୱକେତୁ ( କାମଦେବ, କନ୍ଦର୍ପ ) ଏହାଦ୍ୱାରା ଜଗତ୍ତ୍ରୟ କରିବା ଲକ୍ଷ୍ୟରେ ପତାକା ବାନ୍ଧିଲା ।

ଉତ୍ପ୍ରେକ୍ଷାରେ କବି ସୀତାଙ୍କର ବିଭିନ୍ନ ନାମ ବୈଦେହୀ, ଜାନକୀ, ଯୋଜନଗନ୍ଧାର ତାତ୍ପର୍ଯ୍ୟ ବିଶ୍ଳେଷଣରେ ସୀତାଙ୍କର ସୁଷମାର ପ୍ରାଧାନ୍ୟହିଁ ପ୍ରକଟିତ କରିଛନ୍ତି ।

"ବିଦେହଜାସ୍ୟା କୋଟି-ଏକ ହେଲେ ସମ କି ଆହ ।" — ବୈଦେହୀ
"ବିଦୂଷଣ ଶୋଭା ଜେମାର ଆଉ ସମ ଆନ କି ?" — ଜାନକୀ
"ବାସରେ ଚନ୍ଦ୍ରଟେ ଯୋଜନଗନ୍ଧା ନାମହିଁ ସ୍ୱଚ୍ଛ ।"—ଯୋଜନଗନ୍ଧା ।
(୬ଷ୍ଠ ଛାନ୍ଦ)

ଶିଶୁ ସୀତା ଦୋଳି ଉପରେ ଖେଳୁଥିବା ଶୋଭାକୁ ଦେଖି କବି କହୁଛନ୍ତି ଯେ, ଏ ସମସ୍ତର ସୌନ୍ଦର୍ଯ୍ୟର ଉପମା ଦେବାକୁ କିଛି ମିଳୁନାହିଁ । କବି ଉତ୍ପ୍ରେକ୍ଷା କରୁଛନ୍ତି ଯେ ସମସ୍ତ ଉପମାସୃଷ୍ଟି ନିଜନିଜକୁ ଅସମାନ ବା ସୌନ୍ଦର୍ଯ୍ୟହୀନ ମନେକରି ଅତି ଭୟ ପାଇ ଲୁଚିଲେ କି ?

ପୁଣି, ବିନିଦ୍ର କି ହେମ ଶୟନେ ଦୁର୍ଗା ରୂପା ପଲଙ୍କେ,
ବିନିର୍ଗତ ଆନ ଉପମା ସେହି କାଳେ ପଲକେ । ୨୨ ।
ବାଳିକା ଲୀଳା କଉତୁକେ ଅନ୍ତଃପୁରସ୍ଥା ମୋହି,
ବାଳ କି ଶୈବାଳ କମଳ କୋଷ ଉପରେ ଶୋହି । ୨୩ ।

ପୁଣି, ବାଡ଼ବର ଚନ୍ଦ୍ରପୁଣ୍ଡ୍ରମା ପରି ଧରି ତା ଉଷା,
ବାଡ଼ବର ମଧ୍ୟେ ପକାଅ ଆନ ସମାନ ଶୋଭା । ୨୪ ।
ବିତମ୍ବ ନୂତନ ମଞ୍ଜରୀ ଚଳିତ କି ପବନେ,
ବିଡ଼ମ୍ବିଣ ଅନ୍ୟ ଦୃଷ୍ଟି ଯେ ଟଳଟଳ ଗମନେ । ୨୫ ।
(୩ୟ ଛାନ୍ଦ)

ସୀତା ହେମ ପଲଙ୍କରେ ଶୋଇଥିବା ବେଳେ ଦୁର୍ଗାଙ୍କ ରୁପାପଲଙ୍କରେ ଶୟନ ଶୋଭା ପ୍ରକାଶ ପାଉଥିଲା । ସୀତାଙ୍କ ମୁହଁ ଉପରେ ଝୁଲି ପଡ଼ିଥିବା

ବାଳ କମଳକୋଷ ଉପରେ ଶୈବାଳ ପଡ଼ିଥିବା ଶୋଭା ପରି ଦେଖାଗଲା । କାନ୍ଥକୁ ଆଉଜି ଠିଆ ହେଲା ବେଳେ କାନ୍ଥରେ ଲେଖାଯାଇଥିବା ଚିତ୍ରପ୍ରତିମା ପରି ଶୋଭା ପାଇଲେ । ଏହି ଶୋଭା ଦେଖି ଅନ୍ୟ ସମାନ ଶୋଭାକୁ ବାଡ଼ି-ବାଗ୍ନିରେ ପକାଇ ଦେବାକୁ ମନହୁଏ । ତଳଉଲ ଚାଲି ଯାଉଥିଲା ବେଳେ ସୀତାଙ୍କ ଶୋଭା ପବନରେ ଦୋହଲୁଥିବା ନୂତନ ଲତା ସଦୃଶ ଦେଖା-ଯାଉଥିଲା । ଏହାଙ୍କ ସୁନ୍ଦର ଗତି ଦେଖିଲେ ଅନ୍ୟ କାହାର ଗତି ଦେଖିବାକୁ ଇଚ୍ଛା ହୁଏନାହିଁ ।

ସୀତାଙ୍କ ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ଅନନ୍ୟସାଧାରଣ ପାଣ୍ଡିତ୍ୟ ଓ ଚିନ୍ତା-ଗଭୀରତା ପ୍ରକାଶ ପାଇଛି । ଭାଷା ଭାବର ଅନୁସରଣ କରିଛି । ଯମକର ବ୍ୟବହାର ବର୍ଣ୍ଣନାକୁ ଅତି ସୁନ୍ଦର କରି ଦେଇଛି ।

ବେଣୀ ଚାରୁ ଶିରେ ଶୁକଳ, ରଙ୍ଗଫୁଲେ ଯତନ,
ବେଣୀ ଯିପୂର୍ବକ ନଭରୁ, ହେଉଛନ୍ତି ପତନ । ୨୮ ।
ବଳମ୍ବିତ କର୍ଣ୍ଣେ କୁଣ୍ଡଳ, କି ସେ ଶାକୁଳବଳା
କଳମ୍ବିତ ଦନ୍ତ ଚଇରେ, ଦେବ ଗୁରୁ ନୋହିଲା । ୨୯ ।
ବସନ୍ତଦୂତ ଧ୍ୱନି କଲାବେଳେ କେତେ ଇଙ୍ଗିତ,
ବସନ୍ତରାଗ ଆଲାପ ତହିଁ କରଇ ଗୀତ । ୩୨ ।
ବସନ୍ତ ବସନେ ଗଣ୍ଠି କ ଦେଇ କାନ୍ଧେ ପକାଇ,
ବସନ୍ତ ବସନ ମୋହିବ ଏହି ଗୁମାନ ବହି । ୩୩ ।

କବି ଏହିପରି ରମଣୀୟ ଭାବରେ କଟୀ, ରୋମାଳୀ, ସ୍ତନ ପ୍ରଭୃତିର ଶୋଭାକୁ ଅତି ଚମତ୍କାର ଭାବରେ ବିବିଧ ଉତ୍ପ୍ରେକ୍ଷା ସହ ବର୍ଣ୍ଣନା କରିଛନ୍ତି ।

କ୍ରମବର୍ଦ୍ଧମାନ ସ୍ତନର ଶୋଭାବର୍ଣ୍ଣନା ଅତି ରମଣୀୟ ହୋଇଛି ।

ବର୍ଣ୍ଣମାଳୀ ପରି ରୋମାଳି କି ସେ ଶରଧାପନ୍ତି,
ବର୍ଣ୍ଣମାନ୍ୟ ଏହି କରନ୍ତି କି ସେ ଉର୍ଦ୍ଧ୍ବକୁ ଗତି । ୩୭ ।

ବିଶ୍ୱାମିତ୍ର ରାମଙ୍କୁ ମିଥିଳାପୁରକୁ ନେଇ ଯିବାକୁ ଯାଇ ସୀତାଙ୍କ ରୂପ ବର୍ଣ୍ଣନା କରିଛନ୍ତି । ସମଗ୍ର ବର୍ଣ୍ଣନାଟି ଉପମାଦି ଅଲଙ୍କାର ମଣ୍ଡିତ ହୋଇ ଅତି ମନୋହର ରୂପ ଧାରଣ କରିଛି ଏବଂ କବିଙ୍କ ଅସାଧାରଣ କବିତ୍ୱଶକ୍ତି, ଚିନ୍ତା-ଗଭୀରତା ଓ ପାଣ୍ଡିତ୍ୟର ପ୍ରମାଣ ଦେଉଛି ।

ସୀତା ସୁନ୍ଦରୀଶିରୋମଣି । ବିଧାତା କେଉଁ କେଉଁ ପ୍ରଭା ସଂଗ୍ରହ କରି ସୀତାଙ୍କୁ ଗଠନ କରିଛି ତାହା ଜାଣି ନପାରି ପଣ୍ଡିତମାନେ ବଣା ହେଉଛନ୍ତି ।

ସୀତାଙ୍କର ଝଟକ ଦେହକାନ୍ତି ଦେଖି ସୁବର୍ଣ୍ଣ ତଦ୍ରୂପ ହେବା ପାଇଁ ଅଗ୍ନିରେ ଦଗ୍‌ଧ ହୋଇ କଷଟି ପଥରରେ କଷାଇ ହେଲା । ତପ୍ତକାଞ୍ଚନ ବର୍ଣ୍ଣ ପ୍ରସିଦ୍ଧି ହିଁ ଏହି ଉପମା କଳ୍ପନାସୂଚନାର ଭିତ୍ତି । ଏତେ କଷ୍ଟ ସହିବା ପରେ ମଧ୍ୟ ସୀତାଙ୍କ କାନ୍ତି ସହିତ ସମାନ ନୋହିବାରୁ ବଣିଆମାନେ ତାକୁ ପିଟିଲେ, ନିକିତରେ ତୁଳିଲେ । ତେବେ ମଧ୍ୟ ସୀତାଙ୍କ କାନ୍ତିର ସମତୁଲ ହେଲା ନାହିଁ । ତାର ଓଜନ ରତିଏ ମାତ୍ର ହେଲା । ଅର୍ଥାତ୍ ସୀତାଙ୍କ କାନ୍ତିର ତୁଳନାରେ ଏହା ରତିଏ କେବଳ ହେଲା ।

ସୀତାଙ୍କ ଦେହର କାନ୍ତି ସହିତ ନିଜର କାନ୍ତି ସମାନ ନହେବାରୁ କ୍ଷଣପ୍ରଭା (ବିଜୁଳି) ଭୟରେ କ୍ଷଣସ୍ଥାୟୀ ହେଲା । କେତକୀ ଫୁଲ ସ୍ୱ ବର୍ଣ୍ଣ ଓ ସୁବାସ ସୀତାଙ୍କଠାରୁ ନ୍ୟୂନ ଥିବା ଜାଣିପାରି ଭୟରେ କଣ୍ଟା ଭିତରେ ଲୁଚି ରହିଲେ ।

ବାହ୍ଲୀକ ଚୂର୍ଣ୍ଣ (କୁଙ୍କୁମ) ସୀତାଙ୍କ କାନ୍ତି ସହିତ ସମାନ ନହେବାରୁ ଭୟରେ ସୀତାଙ୍କ ଦେହରେ ଲାଗି ହୋଇ ତାଙ୍କର ସେବା କଲା କି ? ଏଥି-ଯୋଗୁଁ ଜଗତବନ୍ଦନା ସୀତାଙ୍କୁ ବରବର୍ଣ୍ଣିନୀ ବୋଲି କୁହାଯିବ କି ? କିନ୍ତୁ କବି କହୁଛନ୍ତି, ଏହା ଠିକ୍ ହେଲା ନାହିଁ । ସେ ପୁଣି ମନେମନେ ତର୍କକରି ଉତ୍ପ୍ରେକ୍ଷା କରୁଛନ୍ତି, ଯାହାର କାନ୍ତି ସହିତ ତୁଳନା ନହେବାରୁ କନ୍ଦର୍ପର ସ୍ତ୍ରୀ 'ରତି' ନାମ ଧାରଣ କଲା (ଅର୍ଥାତ୍ ସୀତାଙ୍କ ଶୋଭାର ତୁଳନାରେ ତାର

ଶୋଷ କେବଳ ରତିଏ ହେଲା ) ତାଙ୍କୁ ବା କପରି ବରବର୍ଣ୍ଣିନୀ କହିବା ? ବରବର୍ଣ୍ଣିନୀ କହିବାଦ୍ୱାରା ତାଙ୍କ ଶୋଷର ସମ୍ପୂର୍ଣ୍ଣ ପ୍ରକାଶ ହେଉ ନାହିଁ ।

ସମୁଦ୍ରମନ୍ଥନରୁ ଚନ୍ଦ୍ର ଜାତ ହେଲା ବେଳେ କ୍ଷୀଣ-ବିହୀନ ଓ କଳଙ୍କ-ବିହୀନ ଥିଲେ, ଅର୍ଥାତ୍ ପୂର୍ଣ୍ଣ ଓ ନିର୍ମଳ ଦେଖାଯାଉଥିଲେ । ସେତେବେଳେ ଚନ୍ଦ୍ର ମନେ ମନେ ଭାବୁଥିଲେ ସେ ଜାନକୀଙ୍କ ମୁଖ ସହିତ ସମାନ । ଏହା ବିଧାତା ଜାଣି ପାରି, ଜାନକୀଙ୍କ ମୁଖ ସହିତ ଚନ୍ଦ୍ର ସମାନ ହୋଇପାରିବେ ନାହିଁ ଏହି ଭାବ ରଖି, ଅଲୋଡ଼ା ଅକ୍ଷରକୁ ଯେପରି ତାର ଶିରପଟେ ମୁଣ୍ଡଳା କାଟି ଚହ୍ନାଇ ଦିଆଯାଏ, ସେହିପରି ଚନ୍ଦ୍ର ଅଲୋଡ଼ା ବା ଅଶୁଦ୍ଧ ( ନୋହିଲା ବର୍ଣ୍ଣଭାବେ ) ଏହା ଜଣାଇଦେବା ପାଇଁ ତାଙ୍କ ଶିରପଟେ ମୁଣ୍ଡଳୀଟିଏ କାଟି ଦେଲେ କି ? ଚନ୍ଦ୍ରଙ୍କ ମଣ୍ଡଳହିଁ ଏହି ମୁଣ୍ଡଳୀ ଚହ୍ନର ଭାବ ।

ବିରହିକାନ୍ତ କି ଝଟକନ୍ତ କନକ ଅନାଇଲା,
ବାନ ବଢ଼ାଇ ଅଗ୍ନିରେ ଦହି ଶିଳେ କଷାଇ ହେଲା ।
ବଣିକଶ୍ରେଣୀ ଅସମ ଜାଣି ହେଲେ ପ୍ରହାରଦାନୀ,
ବସାଇ ଶୂଳେ ରତିଏ ଦୋଳେ ତେତିକ ଲକ୍ଷ୍ୟ ଘେନି ।
ବିଚିତ୍ରକେଶ୍ୟାଦି ଲଭି ସେ ଭୀତ ବିଦ୍ୟୁ ଲକ୍ଷଣ ଏତେ,
ବୃକ ଉକ୍ଷଣ ହୋଏ ତକ୍ଷଣ ଯାହା ଦର୍ଶନ ମାତ୍ରେ ।
ବଡ଼ାଇହୀନ କଣ୍ଟକପୂର୍ଣ୍ଣ ମଧ୍ୟରେ ଦରେ ଲୁଚି,
ବାସସମ୍ମେଳ କେତକୀଫୁଲ କେତେ ମନକୁ ରୁଚି । ୪ ।

ବାହ୍ଲୀକଚୂର୍ଣ୍ଣ କରି ସେବନ ମନକୁ ମନାଇଲା,
ବରବର୍ଣ୍ଣିନା ଜଗବନ୍ଦନା ଏଣୁ କି ବୋଲାଇଲା ।
ବରବର୍ଣ୍ଣିନା କହି ରେଚନା ବୋଲାଇ ଗର୍ବ ହୁଏ ।
କଲକ୍ଷ୍ୟ ସୁରଭି ସ୍ତୁତି ସ୍ମର ରତି ନାମକୁ ପାଏ ।
କହୁଁ ସମୁଦ୍ରମନ୍ଥନୁ ଚନ୍ଦ୍ର ଜନମ ଯେଉଁକାଳେ,
ବିହୀନ କ୍ଷୀଣ କଳଙ୍କେ ତାଣ ନିର୍ମଳ ହୋଇଥିଲେ ।

ବଦନେ ଜାନକୀର ସମାନ ମନ ଜାଣିଟି ବନ୍ଧୁ,
ବିମ୍ବବେଷ୍ଟନ ନୋହିଲା ବର୍ଣ୍ଣି ସବେଟି କାଟିଦେଇ । ୬ ।

(୮ମ ଛାନ୍ଦ)

ପଦରଚନାରେ କବି ଅଦ୍‌ଭୁତ ପ୍ରକାର ଶକ୍ତି ପ୍ରକାଶ କରିଥିବା ଏହି କେତୋଟି ପଦରୁ ସ୍ପଷ୍ଟ ହେଉଛି । "ବରବର୍ଣ୍ଣିନୀ କବି ରଚନା ବୋଲାଇ ତର୍କ ହୁଏ" ଓ "ବାନ ବଢ଼ାଇ ଅଗ୍ନିରେ ଦହି ଶିଳେ କଷାଇ ହେଲା" ଇତ୍ୟାଦି ପଦ ସିଦ୍ଧ କବିତ୍ୱର ପ୍ରମାଣ ଦେଉଛି ।

ପୁଣି କବି ସୀତାଙ୍କ ମୁଖମଣ୍ଡଳକୁ ଅତି ଚମତ୍କାର ଭାବରେ ପଦ୍ମ, ଦର୍ପଣ, ସ୍ୱାସ୍ୱର ଅବତାରଣା କରି ତୁଳନା କରିଛନ୍ତି । ସୀତାଙ୍କର ମୁଖ ଆହ୍ଲାଦରେ ଫୁଲୁଛି; ଦୀପ୍ତିମନ୍ତ ଓ ସୌରଭମୟ ହୋଇଛି । ଏହି ମୁଖରେ ଲାବଣ୍ୟନଦୀର ଚଞ୍ଚଳଗତି ସୁଧାକଲ୍ଲୋଳ ଉଠୁଛି କି ! ହାସବିକାଶ ହାସ-ସାରୀକୁ ହାସ୍ୟ କରୁଛି । ପଦ୍ମରେ ସୁବାସ ଓ ଦର୍ପଣରେ ଆହ୍ଲାଦ ଗୁଣ ଥିଲେ ମଧ୍ୟ ସେମାନେ ସୀତାଙ୍କ ସହିତ ବାଦକରି ସମାନ ହୋଇ ପାରିବେ ନାହିଁ । ସୀତାଙ୍କ ମୁଖ-ମଣ୍ଡଳର ଲାବଣ୍ୟ ପଦ୍ମ ଓ ଦର୍ପଣର ଶୋଭାକୁ ବଳି ଯାଇଛି ।

ସୀତାଙ୍କର ହାସ୍ୟଚ୍ଛଟା କର୍ପୂର, କୁଶ-କୁସୁମ ଓ କୁମୁଦର ଶୋଭାକୁ ବଳି ପଡ଼ୁଛି । ଏହିପରି ଛାନ୍ଦ (୮ମ) ଟିର ଶେଷ ପର୍ଯ୍ୟନ୍ତ ଅତି ରମଣୀୟ, ପାଣ୍ଡିତ୍ୟପୂର୍ଣ୍ଣ, କବିତ୍ୱମୟ ପଦାବଳୀରେ ସୀତାଙ୍କ ମୁଖମଣ୍ଡଳର ଶୋଭା ବର୍ଣ୍ଣିତ ହୋଇଛି । ଏଥିରୁ କବିଙ୍କ ପୁରାଣଜ୍ଞାନ, ସଘନ ପ୍ରକୃତିପର୍ଯ୍ୟବେକ୍ଷଣ, ସାମାଜିକ ରୀତିନୀତିରେ ସମ୍ୟକ୍ ଜ୍ଞାନ, ଜ୍ଞାନ ଶବ୍ଦ-ସାଗରର ଅଧିକାର ସହିତ ରଚନା କବିତାରଚନା ଶକ୍ତିର ପ୍ରମାଣ ମିଳୁଛି । ଯେ କୌଣସି ଭାଷାର ସାହିତ୍ୟରେ ଏଗୁଡ଼ିକ ଅତି ଆଦର ଲାଭ କରିବ । ଓଡ଼ିଆ ସାହିତ୍ୟରେ ଏ ଅମୃତ ପଦାବଳୀ ଅତୁଳନୀୟ ।

ବିଶ୍ୱାମିତ୍ର ରାମଚନ୍ଦ୍ରଙ୍କ ସମ୍ମୁଖରେ ସୀତାଙ୍କର ଶୋଭା ବର୍ଣ୍ଣନା ପ୍ରସଙ୍ଗରେ କେବଳ ମୁଖ ଅଂଶଟିର ଶୋଭା ବର୍ଣ୍ଣନା କଲେ । ଋଷି ବର୍ଣ୍ଣନା କରୁ କରୁ ରାମ

କୂଳରେ ସମସ୍ତେ ଉପସ୍ଥିତ ହେବାରୁ ବର୍ଣ୍ଣନା ବନ୍ଦ ହେଲା । ଋଷି ସୀତାଙ୍କର ମୁଖ-ମଣ୍ଡଳ ବ୍ୟତୀତ ଅଙ୍ଗର ଅନ୍ୟାନ୍ୟ ଅଂଶର ଶୋଭା ବର୍ଣ୍ଣନା କରି ନଥିବାରୁ ରାମ ଭାବିଲେ, "ଏ ଦେଖିଥିବେ ଏତିକ ବାତାୟନେ ।" କବିଙ୍କ ଚମତ୍କାରିତା, ବର୍ଣ୍ଣନାସ୍ଫୂର୍ତ୍ତି ଅତୁଳନୀୟ ।

ବାରିତ ସୀମା ବାଡ଼ ଉପମା ଅଳକାମୁଖ କେଶେ,
ବେଳାରେ ବ୍ୟାପି ଗଙ୍ଗାର ତପୀମୂକ ତରିବା ଆଶେ,
ବୋଧ ରାଘବେ ଏ ଦେଖିଥିବେ ଏତିକ ବାତାୟନେ,
ବର୍ତ୍ତିଣ ପଦେ ଏ ଛାନ୍ଦ ଛନ୍ଦେ ଉପେନ୍ଦ୍ର ତୋଷ ମନେ । ୩୬ ।

(୮ମ ଛାନ୍ଦ)

ମିଥିଳାକୁ ଯିବା ବାଟରେ ବିଶ୍ୱାମିତ୍ର ରାମଚନ୍ଦ୍ରଙ୍କୁ ସୀତାଙ୍କ ମୁଖମଣ୍ଡଳର ଅପୂର୍ବ ଶୋଭା ବର୍ଣ୍ଣନା କରିଥିଲେ । ଋଷି ସୀତାଙ୍କୁ କେବଳ ବାତାୟନ କକ୍ଷରୁ ଦେଖିଥିବେ, ଏହି କାରଣରୁ ଅନ୍ୟାନ୍ୟ ଅଙ୍ଗର ବର୍ଣ୍ଣନା କରି ପାରିଲେ ନାହିଁ— ଏହି ଭାବ ରାମଙ୍କ ମନରେ ଜାତ ହୋଇଥିଲା । ସୀତାଙ୍କ ମୁଖମଣ୍ଡଳର ଶୋଭା କେବଳ ବର୍ଣ୍ଣିତ ହୋଇଥିଲା ଓ କେଶାଦି କେଶବିନ୍ୟାସର ଅବକାଶ ସେତେବେଳେ ହୋଇନଥିଲା । ବର୍ତ୍ତମାନ କବି ସ୍ୱୟମ୍ବର ଅବସରରେ ସୀତା-କେଶବିନ୍ୟାସ ବର୍ଣ୍ଣନା କେଶଠାରୁ ଆରମ୍ଭ କରିଛନ୍ତି । ବିଶ୍ୱାମିତ୍ର ଯେଉଁଠାରେ ଶେଷ କରିଥିଲେ, ସେଠାରୁ କବି ଆରମ୍ଭ କଲେ ।

"ବିଭୂଷଣ ପ୍ରଶ୍ନେ ଯା କାନ୍ତ ଜାଣ, ବିଭୂଷଣ କରି କନ୍ୟାକୁ ଆଣ" ବୋଲି ବିଶ୍ୱାମିତ୍ର ଜନକଙ୍କୁ କହିବାର ସାର୍ଥକତା ମଧ୍ୟ ଏଠାରେ ସୂଚିତ ହୋଇଥିବା ମନେହୁଏ ।

କେଶବିନ୍ୟାସ ପାଇଁ ସଖୀମାନେ ସୀତାଙ୍କ କେଶଗୁଚ୍ଛକୁ ମୁକୁଳା କରିଦେବାରୁ କବି ଉତ୍ପ୍ରେକ୍ଷା କରୁଛନ୍ତି—

ବିବନ୍ଧନ କଲେ କୁନ୍ତଳ ଯେ,
ବିଚିତ୍ର-ମଣି ନୀଳମଣି ପ୍ରଭାକୁ ଊର୍ଦ୍ଧ୍ୱ ପ୍ରକାଶିତ ତଳ ଯେ । ୩ । (୧୦ମ ଛାଃ)

କବି ବେଶବିନ୍ୟାସକୁ ସୁନ୍ଦରରୂପ ଦେବାପାଇଁ 'ବେଶକାରୀ'ଙ୍କ ସୂଚନା ଦେଇଛନ୍ତି । ଏହି ବିଦ୍ୟାରେ ନିପୁଣ ଥିବା ବେଶକାରିଣୀମାନେ ସର୍ବତ୍ର ଆଦର ଲାଭ କରିଥାଆନ୍ତି; ତାଙ୍କ ବେଶବିନ୍ୟାସକୌଶଳ ଚାରୁକଳାର ଅନ୍ତର୍ଗତ ହୋଇ ପାରିଛି । ଏହି ଶିଳ୍ପୀମାନେହିଁ 'ନାଗର'ର 'ଚିତ୍ତ ହରାଇ' ବେଶ ରଚିବାରେ ସମର୍ଥ ।

ବେଶକାରୀ ତାକୁ ପୀଠେ ବସାଇ, ବେଶ ବିରଚିଲେ ଚିତ୍ତ ହରାଇ । ୩ ।
(୧୦ମ ଛାନ୍ଦ)

ଦର୍ପଣ ଦେଖି ବେଶବିନ୍ୟାସର କୁଶଳତା ନିରୂପଣ କରିବାକୁ ସଖୀମାନେ ସୀତାଙ୍କ ଆଗରେ ଦର୍ପଣ ଧରିବାରୁ 'ଦର୍ପଣ ବିମ୍ବାଧିସ୍ଥ ଆଡ଼ମ୍ବରକୁ' ବହିଲା ।

ବିବନ୍ଧକୁନ୍ତଳ ବିଚିତ୍ର-ମଣି ନୀଳମଣିର ପ୍ରଭା ଊର୍ଦ୍ଧ୍ୱ, ତଳକୁ ପ୍ରକାଶିତ ହେଲାପରି ଜଣାଗଲା; କାରଣ ନୀଳମଣିର ପ୍ରଭା ନିମ୍ନରୁ ଊର୍ଦ୍ଧ୍ୱକୁ ପ୍ରକାଶିତ ହୁଏ । କବିଙ୍କ ଉତ୍ପ୍ରେକ୍ଷାର କାରଣ ପ୍ରଭା ପ୍ରକାଶର ବୈପରୀତ୍ୟ ଘଟେ ।

ସୀତାଙ୍କ କେଶରେ ଅଳ୍ପ ତଇଳ ବିଲେପି ଶାମଳା ଦେଇ ବାରଣଦନ୍ତ (ହସ୍ତୀଦନ୍ତ) ପ୍ରସାଧନୀ (ପାନିଆ) ଚାଳିଦେବାରୁ ମନେହେଲା, ରବିସୁତା (ଯମୁନା) କଲ୍ଲୋଳରେ ବିକଶିତ କୁମୁଦ ଭାସୁଛି କି !

ଯତ୍ନପୂର୍ବକ ଜୁଡ଼ାବନ୍ଧନ କଲେ; ମର୍କତମଣି ଖୋଲୋଇରେ ମୀନ ଗୁନ୍ଥି ଦର୍ଶକମନମୀନକୁ ବନ୍ଦୀ କଲା ।

ବେଶକାରିଣୀମାନେ ସୁନ୍ଥାରେ ସିନ୍ଦୂର ଗାର ଦେଲେ । ବିଭୁଲ (ଭୁଲକୁ ସମାନ ନୁହେଁ) ମଥାମଣି ମାଣିକ୍ୟ ଖଞ୍ଜି ଜୁଡ଼ା ମୂଳରେ ଯତ୍ନରେ ପାଟସୂତା ଦେଇ ଭିଡ଼ିଦେଲାରୁ ମନେହେଲା, ରାହୁଙ୍କ ଗଳଦେଶ ମିତ୍ର(ସୂର୍ଯ୍ୟ)ଙ୍କ ହସ୍ତରେ ବିଧିବଶରେ ପଡ଼ିଲା କି ? କାଳେ ରାହୁ ତାଙ୍କୁ ଗ୍ରାସ କରିବ ଏହି ଭୟରେ ସୂର୍ଯ୍ୟ ତାହାର ଗଳାକୁ ଛାଡ଼ି ନଦେବାରୁ କଣ୍ଠରୁଦ୍ଧ ହୋଇ ରାହୁ ବହଳ- ମାଳା ଛଳରେ ସୁଧା ବାନ୍ତି କରୁଛି କି !

କେଶରେ ସ୍ୱର୍ଣ୍ଣ ଜଆପଟୀ, ମୁକ୍ତାଜାଲି ଖଞ୍ଜିଲେ । ଜୁଡ଼ା ଖୁଣ୍ଟପାଖରେ ନାନାବର୍ଣ୍ଣର ଫୁଲମାଳ ବେଢ଼ାଇଦେଲେ । ଚନ୍ଦ୍ରମୁର୍ଦ୍ଧି, ଝଲମିଲ ମାଳି ଖଞ୍ଜିଦେଲେ ଯେ ସେ ମାଳିଟି ଅଳକାର ପ୍ରାନ୍ତଭାଗରେ ପଡ଼ିବାରୁ ଜଣାଗଲା ଯେପରି ନିଶାବସାନରେ ସପ୍ତର୍ଷି (ତାରା) ଓ ଚନ୍ଦ୍ର ଏକାବେଳକେ ନୀଳ-ଆକାଶରୁ ଖସି ପଡ଼ିଲେ କି । ଏ ଶୋଭା ମନକୁ ବିମୋହିତ କରୁଛି ।

କବି ଏପରି ବିବିଧ ଭୂଷଣର ଶୋଭା ପ୍ରକାଶ କରିଛନ୍ତି । ଅଳଙ୍କାରାଦିର ବ୍ୟବହାର ଉତ୍କଳୀୟ ରୀତି ଅନୁଯାୟୀ ହୋଇଛି । ସୀତା ରାଜକନ୍ୟା ଥିବାରୁ ବହୁମୂଲ୍ୟ ମଣିମାଣିକ୍ୟ, ସୁବର୍ଣ୍ଣର ଭୂଷଣମାନ ସେ ପାଇଛନ୍ତି । ଉତ୍କଳୀୟ ସମାଜରେ ଆର୍ଥିକ ଅବସ୍ଥାନୁସାରେ ଏହି ଶ୍ରେଣୀର ଅଳଙ୍କାର ବ୍ୟବହୃତ ହୋଇଥାଏ,—କିଏ ମଣିମୁକ୍ତାର ଅଳଙ୍କାର କଲା ତ କିଏ ସୁବର୍ଣ୍ଣ ରୌପ୍ୟର ଅଳଙ୍କାର କଲା; କେହି କେହି ରସ ଓ ପିତଳର ଏହି ଅଳଙ୍କାର କଲେ ।

କେଶବିନ୍ୟାସରେ ବ୍ୟବହୃତ ପ୍ରତ୍ୟେକ ଭୂଷଣର ସୌନ୍ଦର୍ଯ୍ୟବର୍ଦ୍ଧନ-କାରିତା ଶକ୍ତି କବି ପ୍ରଦର୍ଶନ କରିଛନ୍ତି ଏବଂ ପ୍ରତ୍ୟେକ ସ୍ଥଳରେ ସୁନ୍ଦର ଉପମା ବ୍ୟବହାର କରି ଚମତ୍କାର ଚିତ୍ର ପ୍ରଦାନ କରିଛନ୍ତି । ସମସ୍ତ ଦଶମ ଛାନ୍ଦଟିରେ କବିଙ୍କର ଗଭୀର ଚିନ୍ତାଶକ୍ତି ଓ ଉପମା ପ୍ରୟୋଗ କୌଶଳ ପ୍ରକାଶିତ ହୋଇଛି ।

ବିଭୂଷଣ ପୃଷ୍ଠେ ଯା କାନ୍ତି ଜାଣି, ବିଭୂଷଣ କରି କନ୍ୟାକୁ ଆଣି,
ବାରଣ ଶିରେ ପଦ ଦେଇ ଆସୁ, ବରଣ କରି ରାମ ମନ ତୋଷୁ ସେ ।
ବୋଲିଦେଲେ କଉଶିକ ଯେ,
ବୋଲିଦେଇ ପ୍ରାପ୍ତେ ବୋଳି ଚନ୍ଦନକୁ ହୋଇଲେ ରଘୁବଂଶିକ ସେ ।୧।

ବେଣୀକାଷ୍ଠ ତାକୁ ପୀଠେ ବସାଇ, ବେଣୀ କରତଳେ ଚାରୁ ଉସାଇ,
ବିମ୍ବ ଦେଖାଇଲେ ଛାମୁରେ କେହି, ବିମ୍ବାଧର ଅଡ଼ମ୍ବର ବହି ସେ ।
ବିବନ୍ଧ କଲେ କୁନ୍ତଳ ଯେ,
ବିଚିତ୍ର ମଣି ନୀଳମଣି ପ୍ରଭାର ଭରେ, ପ୍ରକାଶିତ ତଳ ଯେ ।୨।

ବଳେପି ଅଳକ ତଇଲ ଶାମଳ, ବାଲଣଦନ୍ତ ପ୍ରସାଧନୀ ସ୍ନଳ,
ବନ୍ଧବନ୍ଧୁଜା କଲ୍ଲୋଳରେ ସ୍ତେସ, ବକଶି ଆସିଲା କୁମୁଦ କଷେ ।
ବାନ୍ଧଲେ ଜୁଡ଼ା ଯତନେ ଯେ,
ବନ୍ଦୀ ହୋଇଲା ମର୍କତ କୁବେଣୀରେ ବନ୍ଦୀ ହେବେ ମନ ମୀନ ଯେ । ୩ ।

ବେଶବନ୍ୟାସର ସୌନ୍ଦର୍ଯ୍ୟ ବର୍ଣ୍ଣନାକର କବ ଶେଷରେ ଜଙ୍ଘର 'ଅପାରଗତା' ସମ୍ବନ୍ଧରେ ସୁନ୍ଦର ପଦଟିଏ ଦେଇଛନ୍ତି । ଭୂଷଣମାନେ 'ବତଶ ଲକ୍ଷଣର ଗୃହ' ସୀତାଙ୍କ ବେଶବନ୍ୟାସରେ ବ୍ୟବହୃତ ହୋଇଥିବାରୁ ତାଙ୍କ ଅଙ୍ଗସ୍ପର୍ଶ ଯୋଗୁଁ ଶାଣରେ ରସାଣ ହେଲଭଳି ପରମ ଶୋଭା ଧାରଣ କରିଛନ୍ତି ।

× × ବତଶ ଲକ୍ଷଣ ପୁଞ୍ଜ ଯେ,
ବାଧାନ ଉପମା ଗୀତ ସ୍ତୁତିସ୍ତବକ ଲକ୍ଷ ଲକ୍ଷ ଦଉ କର ଯେ । ୯ ।

ବିଭୂଷା ହେମରତ୍ନ ଯେତେ କହୁ, ବାଳାମଣି ଶାଣ ରସାଣ ତହିଁ ।
ବଦଳ ଅଞ୍ଜନ କସ୍ତୁରୀ ଜିଣି ବଧୂ ବିଧିବଶୁଁ ଉଜ୍ଜ୍ୱଳ ଦିଶି ସେ । ୨୦ ।

ସୀତାଙ୍କୁ ସଖୀମାନେ ଗୋଟିଏ ବଂଶ ନଳୀରେ ଥିବା ସବୁ ନୀଳବର୍ଣ୍ଣ ଶାଢ଼ୀଟିଏ ପିନ୍ଧାଇଦେଲେ । ମନେହେଲା, ସୀତା ରାମଙ୍କୁ କୋମଳ ଭାବରେ ଆଲିଙ୍ଗନ କରିବେ କି ! ରାମଙ୍କ ଦୁର୍ବାଦଳ ଶ୍ୟାମଳ କୋମଳାଙ୍ଗହିଁ କବିଙ୍କ ଉତ୍ପ୍ରେକ୍ଷାର କାରଣ ।

× × ବଂଶନଳୀରେ ଥିବାର ଯେ,
ବାଛି ପିନ୍ଧ ଦୁର୍ବାଦଳ ନୀଳଚେଳ କୋଳ ଇଚ୍ଛି ଶ୍ରୀରାମର ଯେ । ୧୭ ।

ଦୁର୍ବାଦଳ ନୀଳଚେଳ ପବନରେ ଚଞ୍ଚଳ ହେବାରୁ ମନେହେଲା— ସତେ ଯେପରି ଯୋଗୀଙ୍କୁ ଲକ୍ଷ୍ୟକର ଠାର କରୁଛ 'ବସ ନା' ।'

'ବସନାଞ୍ଚଳ ଯେ ଚଳଲେ ବେଗେ, ବସ-ନା ଠାରେ ଯୋଗୀଙ୍କି ଯୋଗେ'
। ୧୮ ।

କବି ଏହିସବୁ ଦ୍ରବ୍ୟ ଓ ଭୂଷଣ ବ୍ୟବହାର କରିଛନ୍ତି; ଯଥାଃ—ହାତୀଦନ୍ତ ପାନିଆ, ଦର୍ପଣ, ତୈଳ, ସିନ୍ଦୂର, ଅଞ୍ଜନ, ଫୁଲ, ପାଟସୂତା, କସ୍ତୁରୀ, ଚନ୍ଦନ, ଲାକ୍ଷା, ଗନ୍ଧଦ୍ରବ୍ୟ, ପାନ ଇତ୍ୟାଦି ।

କେଶବିନ୍ୟାସରେ ମଥାରେ ମଥାମଣି, ସୁନ୍ଥାରେ ସିନ୍ଦୂର ଗାର । ଜୁଡ଼ାରେ ପାଟସୂତା, ବଉଳମାଳା, ଚଉରୀ, ଝରିକାଠି, ଫୁଲମାଳ, ତମାଳଦଳ । ମସ୍ତକରେ କିଆପତୀ, ମୁକ୍ତାଜାଲି ଓ ନେତ୍ରରେ କଜ୍ଜ୍ୱଳ । କଣ୍ଠ ମୋତି ଓ ସୁପସାରିମାଳ, ବିବିଧ ରତ୍ନମାଳା । ବାହୁ ତାଡ଼, ବାଜୁବନ୍ଧ, ଅଙ୍ଗୁଳିରେ ମୁଦି । କୁଚରେ ମନୋହର ଚିତ୍ର ଅଙ୍କନ, ସ୍ୱର୍ଣ୍ଣଜରିଯୁକ୍ତ ନୀଳ କାଞ୍ଚୁଲି, ମୁକ୍ତାହାର । ପାଦରେ ବଳା, ନୂପୁର, ହଂସକ, ଝୁଣ୍ଟିଆ, ଲାକ୍ଷା । ପରିଧାନରେ ନୀଳବର୍ଣ୍ଣ ଶାଢ଼ୀ ।

ସୂର୍ପଣଖା ରାବଣ ଆଗରେ ସୀତାଙ୍କ ଶୋଭା ବର୍ଣ୍ଣନା କରିଛି । ସେ ରାମ ଲକ୍ଷ୍ମଣଙ୍କ ଦ୍ୱାରା ଅପମାନିତ ହୋଇଥିବାରୁ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ତାହାର କୋପ ଓ ଲୋଭ ଜାଗ୍ରତ କରାଇବାପାଇଁ ସୀତାଙ୍କ ରୂପକୁ ବର୍ଣ୍ଣନା କରିବାରେ ଯତ୍ପରୋନାସ୍ତି ଚେଷ୍ଟା କରିଛି । ସୀତା ଅତି ସୁନ୍ଦରୀ, ଏପରିକି ମନ୍ଦୋଦରୀ ମଧ୍ୟ ତାର ତୁଳନାଯୋଗ୍ୟା ନୁହେଁ ବୋଲି ବ୍ୟକ୍ତ କରିଛି । ନିଜେ ଯେଉଁ କାରଣରୁ ଅପମାନିତ ହେଲା ତାହା ପ୍ରକାଶ ନକରି ମିଥ୍ୟାରେ କହିଲା, ସେ ରାବଣପାଇଁ ସୀତାଙ୍କୁ ଆଣିବାକୁ ଚେଷ୍ଟା କରୁଥିଲା । ତାହାର ଲୋଭ ଜାଗ୍ରତ କରାଇବାପାଇଁ ସୂର୍ପଣଖା ଏ କୌଶଳ ଅବଲମ୍ବନ କରିଥିଲେ ମଧ୍ୟ ସୀତାଙ୍କର ସୌନ୍ଦର୍ଯ୍ୟ ତାର ବର୍ଣ୍ଣନାରେ ଅତ୍ୟୁକ୍ତ ହୋଇନାହିଁ ।

ବ୍ରହ୍ମା କୋଟିଏ କନ୍ୟା ପରି ଗୋଟିଏ ଗଢ଼ିବେ କି କରି,
ବ୍ରହ୍ମାଣ୍ଡ ଲକ୍ଷରେ ଖୋଜିଲେ ଲକ୍ଷରେ ନଥିବେ ସୁନ୍ଦରୀ ।
ବହେ ନୃତ୍ୟ ଆସି ରମ୍ଭା ଉର୍ବଶୀ ତୋ ଆଗେ ଦେଖିଛୁ,
ବନଜାମଣି ଦାସୀପଣେ ଗଣି ମୋ ମନେ ରଖିଛୁ ।

ବଦନ ଓଷ୍ଠ ସୁଷମା କରି ସ୍ପଷ୍ଟ ପୂର୍ଣ୍ଣିମୀ ପ୍ରାଚୀକି,
ବିଧି ବାଳାର୍କ ବ୍ୟାଜେ ରୌପ୍ୟ ମାଣିକ୍ୟ ସ୍ଥାଳୀକି ରଚି କି ?
ବନ୍ଦାଣ ମାସରେ ରଚେ କେ ଉସ୍ତୁକେ କେ ନତ ବନ୍ଦାଇ,
ବିହଙ୍ଗ ଆଳୀ ଦ୍ୱିକାଳେ ହୁଳହୁଳି ତହିଁକି କି ଦେଇ । ୭ ।

କୋଟିଏ ବ୍ରହ୍ମା ମିଳି ମଧ୍ୟ ତାହା ସହିତ ତୁଳନାରେ ସୁନ୍ଦରୀ ସ୍ତ୍ରୀ ନିର୍ମାଣ କରିପାରିଲେ ନାହିଁ । ରମ୍ଭାଉର୍ବଶୀ ତାହାର ଦାସୀ ହେବାକୁ ମଧ୍ୟ ଯୋଗ୍ୟା ନୁହନ୍ତି । ସେହି ସ୍ତ୍ରୀର ସୌନ୍ଦର୍ଯ୍ୟ ଦେଖି ପୂର୍ଣ୍ଣିମୀ ପୂର୍ଣ୍ଣଚନ୍ଦ୍ର ଛଳରେ ପ୍ରତିମାସରେ ଥରେ ମାଣିକ୍ୟ ଥାଳରେ ବନ୍ଦାଉଛି । ପ୍ରାଚୀ ବାଲସୂର୍ଯ୍ୟ ଛଳରେ ପ୍ରତିଦିନ ଥରେ ମାଣିକ୍ୟ ଥାଳି ଧରି ଉସ୍ତୁକ ମନରେ ବନ୍ଦାପନା କରୁଛି । ଏ ବନ୍ଦାଣ ବେଳେ ଦ୍ୱିଜକୁଳ ଅର୍ଥାତ୍ ପକ୍ଷୀମାନେ ହୁଳହୁଳି ଛଳରେ ରାବୁଛନ୍ତି ।

ସୀତାଙ୍କ ମୁଖ ପୂର୍ଣ୍ଣଚନ୍ଦ୍ରଠାରୁ ଅଧିକ ସ୍ନିଗ୍ଧ ଓ ସୁନ୍ଦର । ଓଷ୍ଠ ବାଲାର୍କଠାରୁ ଅଧିକ ରକ୍ତବର୍ଣ୍ଣ, ଏହାହିଁ କବି ଉପମା ଓ ଉତ୍ପ୍ରେକ୍ଷାରେ ପ୍ରକାଶ କରିଛନ୍ତି । ପୂର୍ଣ୍ଣଚନ୍ଦ୍ର ଓ ବାଲସୂର୍ଯ୍ୟ ତୁଳନାରେ ସମାନ ହେଲେ ନାହିଁ ।

କବିଙ୍କ ଉତ୍ପ୍ରେକ୍ଷାକୁ ଦେବାଳୟରେ ସକାଳେ ଓ ସନ୍ଧ୍ୟାରେ ବାଜୁଥିବା ଶଙ୍ଖ ସମର୍ଥନ କରୁଛି । ଏଥିରେ ଚନ୍ଦ୍ର ଲଜ୍ଜିତ ହୋଇ ରାତିଯାକ ବୁଲି ପ୍ରଭାତ ହେଲେ ଲୁଚୁଛି । ସୂର୍ଯ୍ୟ ମଧ୍ୟ ଦିନସାରା ବୁଲି ରାତି ହେଲେ ଲୁଚୁଛି ।

କଳ୍ପନାର ପରିସର କେତେ ବିସ୍ତୃତ, ଗମ୍ଭୀର ଓ ସୁନ୍ଦର ତାହା ସହଜେ ଅନୁମେୟ । ଏହା ଏକାବେଳକେ ଅଦ୍ୱିତୀୟ ।

ବଦଇ ଶଙ୍ଖ ନୋହିବ ହେବା ଏକାଳି ସୁରୁଚି,
ବାସର ମୁଖେ ସନ୍ଧ୍ୟାରେ ଭ୍ରମି ଦୁଃଖେ ଦେଖନ୍ତି ସେ ଲୁଚି ।

କବିଙ୍କ କଳ୍ପନା ଅଦ୍ଭୁତ ଚମତ୍କାର ହୋଇଛି । ମନ୍ଦୋଦରୀ ସହିତ ସୀତାଙ୍କର ତୁଳନାରେ । ରାବଣ ଯାହାକୁ ପାଟରାଣୀ କରିଛି ତାକୁ ସମସ୍ତ

ଅପୂର୍ବ ସୁନ୍ଦରୀ ବୋଲି କହୁଥିଲେ । ସେ ସୀତାଙ୍କ ସଙ୍ଗେ ଶୋଭାରେ ତୁଳନୀୟ ନୁହେଁ । ବିଧାତା ଏହା ଜାଣି ଛନ୍ଦକରି 'ମନ୍ଦୋଦରୀ' ନାମରେ 'ମନ୍ଦ' ଶବ୍ଦ ଯୁକ୍ତ କରିଥିବାରୁ ଏହା ପ୍ରମାଣିତ ହେଉଛି ।

କହିଥା ଯେ ତୋର ସଂସାରର ସାର ତହିଁର ମଧ୍ୟରେ -
ବଡ଼ ସୁନ୍ଦରୀ ବୋଲଇ ମନ୍ଦୋଦରୀ କାହିଁକି ବିଶ୍ୱରେ ।
ବିଧ୍ୱଂସୀ ହେଲି ସଂଶୟ ତାହାର ଦର୍ଶନେ,
ବିଧାତା ଛନ୍ଦ ରଖିଛି ନାମେ 'ମନ୍ଦ' ଏହାର ଯତନେ । ୮ ।
(୨୪ଶ ଛାନ୍ଦ)

ବନବାସ ବେଳେ ବର୍ଷାକାଳରେ ରାମଚନ୍ଦ୍ରଙ୍କ ମନରେ ବିରହଭାବ ପ୍ରକାଶିତ ହେବାରୁ ଏ ଋତୁରେ ପ୍ରକୃତିଦେବୀ ତାଙ୍କୁ ସୁନ୍ଦର ଓ ଭୟଙ୍କର ଦେଖାଗଲି । ରାମଚନ୍ଦ୍ର ଆକାଶରେ ମେଘକୁ ଦେଖି ଅହଙ୍କାର ପରିହାର କରି ବିନୀତ ସ୍ୱରରେ ତାଙ୍କର ଦୂତ ହେବାକୁ ଅନୁରୋଧ କଲେ । ଏହି ପ୍ରସଙ୍ଗରେ ସେ ମେଘକୁ ସମ୍ବୋଧନ କରି ସୀତାଙ୍କୁ ଚିହ୍ନିବାରେ ସାହାଯ୍ୟ କରିବା ଭଳି ବର୍ଣ୍ଣନା କରୁଛନ୍ତି—

ବଲଖି ବୋଲି ମୋର ତାକୁ ଚିହ୍ନିବ ଯେ ଶଯ୍ୟା କରିଥିବ ଧରା,
ବିଶୀର୍ଣ୍ଣ ଶାଣବସା ରହୁଗଣ୍ଡିରୁ ଫୁଟି ପତନ ହେଲ ପରା ।
ବାରିବାହ ହେ, ବସିଥିବ ଅବା ଦେଖିବ,
ବେଣୀ ପୃଷ୍ଠଭାଗେ ମନ୍ଦ ଧୂଳିପାତ ଲୁଟିତ ନାଗ ପ୍ରାୟେ ଥିବ । ୨୧ ।
(୨୯ଶ ଛା:)

ସେ ଯଦି ଧରାରେ ଶୟନ କରିଥିବ ତାହାହେଲେ 'ବିଶୀର୍ଣ୍ଣ ଶାଣବସା ରହୁ ଗଣ୍ଡିରୁ ଫୁଟି' ତଳେ ପଡ଼ିଥିଲା ପରି ଝଟକୁଥିବା ଦେଖାଯାଉଥିବ । ଯଦି ବସିଥିବ ତାହାହେଲେ ତାର ପୃଷ୍ଠଭାଗରେ ବେଣୀଟି ମନ୍ଦଧୂଳିପାତ ଲୁଟିତ ନାଗସର୍ପ ପରି ଦେଖା ଯାଉଥିବ । ଏପରି ଦେଖିଲେ ଜାଣିବ ଯେ ସେ ମୋ ପ୍ରିୟା ।

ସୀତାଙ୍କର ଧରାରେ ଶୟନ ଓ ଉପବେଶନ ସମୟର ବର୍ଣ୍ଣନାଟି ଅତି ରମଣୀୟ ହୋଇଛି ।

"ମୋର ପ୍ରିୟା ଦେବଭୁବନର ସବୁ ସୁନ୍ଦରୀ ରମଣୀମାନଙ୍କ ଅପେକ୍ଷା ଶ୍ରେଷ୍ଠ; ସୌନ୍ଦର୍ଯ୍ୟରେ ସେମାନେ ମୋ ପ୍ରିୟା ସହିତ ତୁଳନୀୟ ନୁହନ୍ତି । ମୋର ପ୍ରିୟା ଅନ୍ୟ ସ୍ତ୍ରୀମାନଙ୍କପରି ବହୁମୂଲ୍ୟ ପଟ୍ଟଦୁକୂଳରେ ଭୂଷିତା ହୋଇ ବରସ୍ତ୍ରୀ ବା ସୁନ୍ଦରୀଶିରୋମଣି ବୋଲି ବର୍ଣ୍ଣନୀୟା ନୁହେଁ; ଅର୍ଥାତ୍ ସେ ବହୁମୂଲ୍ୟ ପଟ୍ଟବସ୍ତ୍ରରେ ବିଭୂଷିତ ନ ହୋଇଥିବା ଅବସ୍ଥାରେ ମଧ୍ୟ ସୁନ୍ଦରୀ ଶିରୋମଣି ରୂପେ ପରିଚିତା । ତାହାର ଦେହରେ ଲାଗିଥିବା ସୁବର୍ଣ୍ଣ ଅଳଙ୍କାରସମୂହ ଦେହର ଗୌରକାନ୍ତିରେ ନ୍ୟୂନ ବା ନିଷ୍ପ୍ରଭ ହୋଇ ଯାଆନ୍ତି । ମୋ ପ୍ରିୟାର ଦେହ ଅତି ସ୍ଥୂଳ ବା ସ୍ଥୂଳ ନୁହେଁ । ଅତି ସୂକ୍ଷ୍ମ (ବରଚୀନ) ହଳଦୀ ବର୍ଣ୍ଣର ବସନ ତାହାର ଶରୀର କାନ୍ତି ସହିତ ଏପରି ଯୁକ୍ତ ହୋଇଯାଏ ଯେ ବସନର ଧଡ଼ି ନଥିଲେ ପୀତ ବସନ ଚିହ୍ନା ପଡ଼ନ୍ତା ନାହିଁ ।"

ବରନୀୟ କି ବହୁମୂଲ୍ୟ ଦୁକୂଳ ବନ୍ଧୁ ଅନ୍ୟ ସ୍ତ୍ରୀ ସୁନ୍ଦର,
ବରବର୍ଣ୍ଣିନୀ ହରିଦ୍ରା ବୋଲାଇଲା ତୁଈ ଯାହା କଳେବର ।
ବରନେ ନୂତନ ହେମଭୂଷାମାନ ନୁହଇ କ୍ଷୀଣ ପୀବର,
ବରଚୀନ ଜଡ଼ି ଅଙ୍ଗେ ବ୍ୟକ୍ତ ଧଡ଼ି ଥିବାରୁ ପୀତ ଅମ୍ବର ।

(୩୦ଶ ଛାନ୍ଦ)

ଅଯତ୍ନ ସରଳ ସ୍ୱାଭାବିକ ଶୋଭାର ଏ ରୂପଚିତ୍ରଣ କରି କବି ଏକ ନୂତନ ଆଲୋକଦାନ କରିଛନ୍ତି ଏବଂ ନୂତନ ଚିନ୍ତାର ପରିଚୟ ଦେଇଛନ୍ତି । ଅନ୍ୟ ପ୍ରାଚୀନ କବିମାନଙ୍କ ପରି ଉପେନ୍ଦ୍ର ମଧ୍ୟ ବହୁମୂଲ୍ୟ ପଟ୍ଟଦୁକୂଳ ଓ ସୁବର୍ଣ୍ଣହୀରକାଦିର ଅଳଙ୍କାରଦ୍ୱାରା ବିଭୂଷିତା ସୁନ୍ଦରୀ ରମଣୀକୁ 'ସୁନ୍ଦରୀ-ଶିରୋମଣି' ରୂପରେ ବହୁ କାବ୍ୟରେ ବର୍ଣ୍ଣନା କରିଛନ୍ତି । ଏଠି ସ୍ୱାଭାବିକ ସୌନ୍ଦର୍ଯ୍ୟର ଉପମାମଣ୍ଡିତ ବର୍ଣ୍ଣନାଟି ନୂତନ ଦେଖାଯାଉଛି । ଏହା ସ୍ପଷ୍ଟ ଭାବରେ ଏ ପ୍ରକାର ରୂପବର୍ଣ୍ଣନାର ନୂତନ ଧାରା ନିର୍ଦ୍ଦେଶ କରୁଥିବା ଜଣା

ନଗଲେ ମଧ୍ୟ କବି ଯେ ଉଭୟବିଧ, ଭୂଷଣମଣ୍ଡିତା ଓ ଭୂଷଣହୀନା ସୁନ୍ଦରୀ ସ୍ତ୍ରୀର ରୂପ ବର୍ଣ୍ଣନାରେ ଦକ୍ଷ ଏହା ପ୍ରମାଣିତ ହେଉଛି ।

ବାନରମାନେ ସୀତା ଅନ୍ୱେଷଣରେ ଯିବାବେଳେ ରାମ ସୀତାଙ୍କ ରୂପର ଯେଉଁ ପରିଚୟ ଦେଇଥିଲେ ସେହି ଚିତ୍ରଟିରେ ଅନନ୍ୟସାଧାରଣ କବିପ୍ରତିଭା ପ୍ରକାଶ ପାଇଛି—

ବଢ଼ିଣ ଚୂର୍ଣ୍ଣ କୁନ୍ତଳ, ବଳିଥିବ ଅର୍ଦ୍ଧ ସ୍ଥଳ,
ବକ୍ଷୋରୁହେ ମୁଖ ମେଳ କରିଥିବ ଏ ଦୃଷ୍ଟି କୃତେ ସଫଳ । ୧୧ ।
ବିଶ୍ୱବର୍ଷ ଅବଶେଷେ, ବିଧୁନ୍ତୁଦ ଅଳ୍ପ ଗ୍ରାସେ,
ବାରୁଣୀ ଅଚଳ ଚୂଳେ ପୂର୍ଣ୍ଣଶଶୀ ପ୍ରଭାହୀନ ଯଥା ଦିଶେ । ୧୨ ।
ବଳି ଶୋଭା ରୋମାବଳୀ ବର୍ଣ୍ଣି କୁଚ ପାଣ୍ଡୁ ହେଲ,
ବଲ୍ଲକୀ ଉରେ ଆଉଜାଇ ଶାରଦା ଚଳାଉଛି ଗୁଣ ସ୍ଥଳ । ୧୩ ।
ବିମଳ ନୟନ ଜଳ, ବହି ପଡ଼ୁଥିବ ତଳ,
ବିକ୍ଷୁଳିତ ଶଙ୍ଖ ମାଳ ହିଙ୍ଗୁଳ ଶାଖୁକୁ ଖସେ କି ଫଳ । ୧୪ ।
(ଗାଗଣ ଛାନ୍ଦ)

ସୀତା ଶ୍ୟାମାସ୍ତ୍ରୀଲକ୍ଷଣଯୁକ୍ତା ଥିବା କବି ବ୍ୟକ୍ତ କରିଛନ୍ତି । କବି ସୀତାଙ୍କୁ ଷଡ଼ଋତୁ ସହ ତୁଳନା କରିଛନ୍ତି—

ବାସିତା—ସୀତାଙ୍କୁ ଯେନ ନିକାଳ ବଖାନ,
ବିଭରଣ ଦିଗନ୍ତରେ କଳକଣ୍ଠ ସ୍ୱନ ଯେ । ୭୭ ।
ବିରେଚନ ସୁଖ ଦାନ ଦରଶନ କରେ,
ଦିନେ କେଳିକୃତ ଛବି ଆଦର ଦଶାରେ ଯେ । ୭୮ ।
ବିଗ୍ରହ ସୀତାର ଜାତ ହିମ ଜଡ଼େ ଉଷ୍ଣ,
ବସନ୍ତ ଗ୍ରୀଷମେ ଅତି ଶୀତଳ ତା ବର୍ଷ୍ମ ଯେ । ୭୯ ।
ବରଷା ଶରଦେ ଦୂର ମତ ଆଉ ବଢ଼ି,
ବିଦଗ୍ଧ ହେମାଙ୍ଗୀ ଗନ୍ଧସାରବାସୀ ସେହି ଯେ । ୮୦ ।(୧୬ଶ ଛା:)

ଉତ୍ତମବସ୍ତାବୃତା ସୀତା ଉତ୍ତମ ବାସ ପରି ହୋଇଥିବାରୁ ରାମ ଶୀତ, ଗ୍ରୀଷ୍ମ ଓ ବର୍ଷା ଋତୁ ଆନନ୍ଦରେ କଟାଇଲେ । ବାସିତା-ସୀତାଙ୍କଠାରେ ବାସ (ବସ୍ତ୍ର ଚନ୍ଦନାଦି ସୌରଭଦ୍ରବ୍ୟ, ଗୃହ)ର ସବୁ ଲକ୍ଷଣ ଥିବାରୁ ଶୀତ, ଗ୍ରୀଷ୍ମ, ବର୍ଷା ଏ ତିନିଋତୁ ପରି ହେଲେ । ପୁଣି ସୀତାଙ୍କ ଦେହରୁ ହିମ ଓ ଶିଶିରରେ ଉଷ୍ମ ଜାତ ହୁଏ; ବସନ୍ତ ଓ ଗ୍ରୀଷ୍ମରେ ତାଙ୍କ ଶରୀର ଶୀତଳ ଥାଏ; ବର୍ଷା ଓ ଶରତ ଋତୁରେ ତାଙ୍କ ଦେହରେ ଉଷ୍ମ ଓ ଶୀତଳ ଉଭୟ ଥାଏ । ଏହାର କାରଣସ୍ୱରୂପ କବି କହୁଛନ୍ତି, ତପ୍ତ-ସ୍ୱର୍ଣ୍ଣାଙ୍ଗୀ ଥିବାରୁ ଉଷ୍ମ ଚନ୍ଦନସୁବାସ ପରି ବାସୁଥିବାରୁ ସୀତାଙ୍କ ଦେହ ଶୀତଳ ।

ସୀତାଙ୍କ ରୂପବର୍ଣ୍ଣନାର ଚମତ୍କାରିତା ଉପମାଐଶ୍ୱର୍ଯ୍ୟରୁ ସ୍ପଷ୍ଟ ଜଣାପଡୁଛି । କବି ସୀତାଙ୍କୁ କୋଟିବ୍ରହ୍ମାଣ୍ଡସୁନ୍ଦରୀ, ଅନନ୍ୟସୁନ୍ଦରୀ ଓ ଅତୁଳନୀୟାସୁନ୍ଦରୀ କରିଛନ୍ତି । କୌଣସି ଉପମା ତାଙ୍କର ସମକକ୍ଷ ନୁହେଁ, କି ସ୍ଥାନ କି ମହତ୍ କେହି ତୁଳନୀୟ ନୁହନ୍ତି । କବି ରାମଚନ୍ଦ୍ରଙ୍କ ମୁଖରେ ବ୍ୟକ୍ତ କରିଛନ୍ତି—

ବ୍ରହ୍ମାଣ୍ଡେ ନଥିଲା ସରି, ବିପାକ କର୍ମ ମୋହରି,
ବିନନ୍ୟରେ ଅନ୍ୟ ଉପମା ଦେବାକୁ ହୋଇଲା ସମାନ କରି । ୯ ।
ବିଧାତା ବିଧାନୀ ନୋହି, ବୁଧ କବି ଥିଲେ କହି,
ବିହି ଈରଷା ତା ସର୍ଜନା ଉପମା ଦିଆଇ ବିଚ୍ଛେଦ ବିହି । ୧୦ ।

(ଲାବଣ୍ୟବତୀ)

"ମୋର ପ୍ରିୟା ସହିତ ବ୍ରହ୍ମାଣ୍ଡରେ କେହି ସମାନ ନଥିଲା । ମୋର କର୍ମ ବିପାକ ଯୋଗୁଁ 'ବିନନ୍ୟ'ରେ 'ଅନ୍ୟ'ର ଉପମା ଦେବାକୁ ପଡ଼ିଲା । ସୀତା ବିଧାତାଙ୍କ ଦ୍ୱାରା ନିର୍ମିତ ନୁହେଁ ବୋଲି କବି ଓ ପଣ୍ଡିତମାନେ କହନ୍ତି । ସେହି ହେତୁ ଈର୍ଷା ପରବଶ ହୋଇ ବିଧାତା ତାଙ୍କ ନିଜ ସୃଷ୍ଟ ପଦାର୍ଥମାନଙ୍କ ସହିତ ଉପମା ଦେବାକୁ ବାଧ୍ୟ କରିବା ପାଇଁ ଏହି ବିଚ୍ଛେଦ ଘଟାଇଛି କି ?"

ଐତିହାସିକ କ୍ରମବିପର୍ଯ୍ୟୟ—

ରାମଙ୍କ ହସ୍ତରେ ତାଡ଼କା ନିହତ ହେବାରୁ ସେ ଦେବଯାନ ଆରୋହଣ କରି ସ୍ୱର୍ଗକୁ ଗଲା । ବିଶ୍ୱାମିତ୍ର ତାଡ଼କା ମୋକ୍ଷ ହେବା ଦେଖି ରାମଙ୍କୁ ସ୍ୱୟଂ

ବିଷ୍ଣୁ ବୋଲି ବିଶ୍ୱାସ କଲେ । ପୁଣି ରାମଙ୍କଠାରେ ବିଷ୍ଣୁଙ୍କର ସମସ୍ତ ଲକ୍ଷଣ ଥିବା ଦେଖିପାରି ଭାବିଲେ —

ଜପଯଜ୍ଞ ପଞ୍ଚ ନାହିଁ ମୋକ୍ଷଦାୟୀ, ବିଷ୍ଣୁ ଏ ସ୍ୱୟଂ ଅବତୀର୍ଣ୍ଣ ମହୀ ।
ବିଶ୍ୱରେ ଲୀନ ଅବତାରମାନ, ବିସନ୍ତ ପୁରୁଷଲକ୍ଷଣେ ମୀନ । ୪୭ ।

ବିଷ୍ଣୁ, କୂର୍ମ, ବରାହ, ନୃସିଂହ, ବାମନ, ପରଶୁରାମ ଅବତାରରେ ଯେପରି କାର୍ଯ୍ୟ କରିଥିଲେ ସେ ସବୁ ଲକ୍ଷଣ ରାମଙ୍କଠାରେ ଥିବା ରୂପ ପ୍ରକାଶ କଲେ । ପୁଣି କୃଷ୍ଣାବତାର, ବୁଦ୍ଧାବତାର, କଲ୍କୀ ଅବତାରର ଲକ୍ଷଣମାନ ରାମଙ୍କଠାରେ ପ୍ରକାଶିତ ହୋଇଥିବା ମଧ୍ୟ କହିଛନ୍ତି ।

ବିଜିତ ତେଜରେ ସହସ୍ର କର, ବର୍ତ୍ତିରେ କୃଷ୍ଣ କରି ଅଙ୍ଗୀକାର ।
ବଳ ସଙ୍ଗ ହୋଇଅଛୁ ସହଜେ, ବୁଦ୍ଧତ୍ୱ ବୁଦ୍ଧିରେ ପୁଣି ହୃଦୟଜେ । ୪୮ ।
ବିଭ୍ରାଜମାନ ସାୟକରେ ଅଧ, ବାଦିତ କରୁଛୁ ଗନ୍ଧର୍ବ ଗାଥ ।
ବର୍ତ୍ତିମାନ ଭୂତ ଭବିଷ୍ୟ ଯେକ, ବିଚକ୍ଷଣେ ଅବତାରୀ ଏହି ଚିହ୍ନି । ୪୯ ।
(୬ଷ୍ଠ ଛାନ୍ଦ)

କୃଷ୍ଣ, ବୁଦ୍ଧ ଓ କଲ୍କୀ ସହ ଅତୀତ, ବର୍ତ୍ତିମାନ ଓ ଭବିଷ୍ୟତ ସବୁ ଅବତାରମାନଙ୍କ ଲକ୍ଷଣ ରାମଙ୍କଠାରେ ପ୍ରକାଶ ପାଇଥିବାରୁ ରାମ ଯେ ସ୍ୱୟଂ ବିଷ୍ଣୁ ଏହି ଭାବ ବିଶ୍ୱାମିତ୍ରଙ୍କର ହୋଇଥିଲା ।

କୃଷ୍ଣ, ବୁଦ୍ଧ, କଲକୀ ରାମଙ୍କ ପରବର୍ତ୍ତୀ ଅବତାର । ଏ ପ୍ରସଙ୍ଗରେ ଐତିହାସିକ କ୍ରମବିପର୍ଯ୍ୟୟ ପରିଲକ୍ଷିତ ହେଉଅଛି । ଭବିଷ୍ୟତ ଘଟଣା ବର୍ଣ୍ଣିତ ହୋଇଛି । ତେବେ ଏହା ତ୍ରିକାଳଦର୍ଶୀ ଋଷି ବିଶ୍ୱାମିତ୍ରଙ୍କ ଭାବନା ଥିବାରୁ କେତେକାଂଶରେ ସମର୍ଥନଯୋଗ୍ୟ । ତ୍ରିକାଳଦର୍ଶୀ ଋଷି ଏହି ସମୟରେ ରାମଙ୍କୁ ବିଷ୍ଣୁ ବୋଲି ଚିହ୍ନିଲେ । ତେଣୁ ମୂଳରୁ ତାହାଙ୍କ ମନରେ ସନ୍ଦେହ ଥିବାର ସୂଚିତ ହୋଇପାରେ । ଏହି ଯୁକ୍ତିରେ ଏଥିରେ ଐତିହାସିକ କ୍ରମ-ବିପର୍ଯ୍ୟୟ ଦୋଷ ରହି ଯାଇଥିବା ଆଶଙ୍କା ହେବା ସ୍ୱାଭାବିକ ।

କବି ବିଭିନ୍ନ ସ୍ଥାନରେ ପ୍ରସଙ୍ଗକ୍ରମେ ସୀତାଙ୍କ ସୌନ୍ଦର୍ଯ୍ୟର ବର୍ଣ୍ଣନା କରିଛନ୍ତି । ଅଗସ୍ତି ଆଶ୍ରମରେ ତାଙ୍କର ଶିଷ୍ୟମାନେ ସୀତାଙ୍କୁ ଦେଖି ସେ ଅପ୍‌ସରୀ ହୋଇଥିବେ ବୋଲି ଅନୁମାନ କରିଛନ୍ତି । ଶିଷ୍ୟମାନଙ୍କ ଉକ୍ତିରେ ସୀତାଙ୍କ ଶରୀରର ବର୍ଣ୍ଣନା କବିତ୍ୱପୂର୍ଣ୍ଣ ହୋଇଛି । ଋଷିଙ୍କ ଯୁବକ ଶିଷ୍ୟ ଓ ପୁଣି କେବଳ ଏହି ରୂପ ବର୍ଣ୍ଣନାରେ ବିଶେଷ ଅଂଶ ଗ୍ରହଣ କରିଛନ୍ତି; ଏହା ବୟସୋଚିତ ଅଭିବ୍ୟକ୍ତି ମାତ୍ର । ଏମାନଙ୍କର ମନର ସଂଶୟକୁ ଋଷି ମୋଚନ କରିଛନ୍ତି । ଶାଳୀନତା ଦୃଷ୍ଟିରୁ କବିଙ୍କ ଏ ରୀତିଟି ପ୍ରଶଂସନୀୟ ହୋଇଛି ।

ବିଲୋକି ସୀତା ଋଷିଶିଷ୍ୟେ, ବିତର୍କି ଏମନ୍ତ ମାନସେ । ୧୦ ।
ବୃଦ୍ଧଶ୍ରବାରେ କୋପୀ ପରା, ବନେ ଆସିଲା ସ୍ୱରୁଧାରା । ୧୧ ।
ବୋଧୁଛନ୍ତି ଗୋଡ଼ାଇ ସଙ୍ଗେ, ବିଦ୍ୟାଧର ଯୁଗଳ ରଙ୍ଗେ । ୧୨ ।
ବୋଧ ନ ହେନୁ କି ଅଦମ୍ଭା, ବଳେ ଜାନୁରେ ଯେଉଁ ରମ୍ଭା । ୧୩ ।
ବିନଜ ପାଦେ ଦେଇ ଦେଖା, ବିନତ ଧରି ଚକ୍ରରେଖା । ୧୪ ।
ବିମଳ ଚିବୁକକୁ ଛୁଇଁ, ବିନସ୍ତୀ ଚନ୍ଦ୍ରକଳା ହୋଇ । ୧୫ ।
ବାସ ଅଙ୍ଗରେ ଆଲିଙ୍ଗନ, ବିଚିତ୍ର କଳାବତୀ ହେନ । ୧୬ ।

ଇତ୍ୟାଦି (୨୨ଶ ଛାନ୍ଦ)

ଋଷି ଶିଷ୍ୟମାନେ ଭାବିଲେ ଶଚୀଦେବୀ କ୍ରୋଧ କରି ଇନ୍ଦ୍ରପୁରୀରୁ ବାହାରି ଆସିଛନ୍ତି କି ? ଅହଲ୍ୟାଙ୍କୁ ଇନ୍ଦ୍ର ହରଣ କରିଥିବାରୁ ଶଚୀଙ୍କ କ୍ରୋଧର ସୂଚନା ଏଠାରେ ଦିଆଯାଇଛି । ରାମ ଲକ୍ଷ୍ମଣଙ୍କୁ ଦେଖି ଏମାନେ ଭାବିଲେ ଯେ ଇନ୍ଦ୍ର ଏ ଦୁଇଜଣ ବିଦ୍ୟାଧରଙ୍କୁ ଇନ୍ଦ୍ରାଣୀଙ୍କ କୋପ ଶାନ୍ତ କରିବାକୁ ପଠାଇଥିବାରୁ, ସେମାନେ ଏହାଙ୍କ ପଛରେ ଗୋଡ଼ାଇଛନ୍ତି ।

ପୁଣି ଏମାନେ ମନରେ ବିଚାରିଲେ, ଏ ରମଣୀର ଶୋଭାକୁ ଦେଖି ରମ୍ଭା ନାମ୍ନୀ ଅପ୍‌ସରୀ ନିଜର ଶୋଭାକୁ ନ୍ୟୂନ ମନେକରି ଏହାର ଜାନୁ ରୂପରେ ରହିଲା କି ? ଏହିପରି ଅଳତା, ନୀଳଶାଢ଼ୀ, ଓଷ୍ଠ ପ୍ରଭୃତିକୁ ଦେଖି

ଋଷିକୁମାରମାନେ ଚନ୍ଦ୍ରରେଖା ଅପ୍‌ସରୀ ଅଳତା ହୋଇ ପାଦରେ ଆଶ୍ରୟ କରିଥିବା, କଳାବତୀ ନାମ୍ନୀ ଅପ୍‌ସରୀ ଶାଢ଼ୀରେ ରହି ସେବା କରିବା ଓ ଚନ୍ଦ୍ର ସୀତାଙ୍କ ଓଷ୍ଠକୁ ଧରି ବିନମ୍ରୀ ହେଉଥିବା ମନେକଲେ ।

ସୀତଙ୍କ ବିଭୂଷଣ ରୂପ ବା ଭୂଷଣହୀନ ରୂପର ସୌନ୍ଦର୍ଯ୍ୟର ବର୍ଣ୍ଣନା ଏକ ପରମ ରମଣୀୟା ନାରୀର ରୂପର ବର୍ଣ୍ଣନା ବୋଲିବାକୁ ହେବ ।

ପ୍ରକୃତରେ ସୀତାଙ୍କ ଶୋଭାର ସମ୍ୟକ୍ ବର୍ଣ୍ଣନା ସମ୍ଭବ ନୁହେଁ । ଏହା କବି ଋଷିକୁମାରମାନଙ୍କର ମୁଖରେ ବ୍ୟକ୍ତ କରିଛନ୍ତି । କବିଙ୍କର ସୌନ୍ଦର୍ଯ୍ୟ ବର୍ଣ୍ଣନା ପ୍ରକୃତରେ ସୀତଙ୍କଠାରେ ସାର୍ଥକତା ଲଭ କରିଛି । ଏହି ଉକ୍ତି ଉପେନ୍ଦ୍ରଙ୍କ ପ୍ରତି ସର୍ବୋତୋଭାବେ ପ୍ରଯୁଜ୍ୟ ।

ବର୍ଣ୍ଣନା କବିମାନଙ୍କର, ବିହିବା ସୀତାଠାରେ ସାର । ୨୮ ।
ବ୍ୟର୍ଥ ଅନ୍ୟ ସ୍ତ୍ରୀଙ୍କ ଠାବ, ବୋଲିବା ନଥିଲି ନୋହିବ । ୨୯ ।
ବର୍ତ୍ତିମାନରେ ଅଛି ଏହି, ବିଶ୍ୱେ ଖୋଜିଲେ ଆଉ ନାହିଁ । ୩୦ ।
ବନଜାସନୀ ଯହିଁ ଯେତେ, ବାର ବାର ଜନ୍ମିବ ମର୍ତ୍ତ୍ୟେ । ୩୧ ।
ବିହି ନଥିବ ନ ବିହିବ, ବିଚାରେ ଏପରି ସ୍ୱଭାବ । ୩୨ । (୨୨ ଛାନ୍ଦ)

ଶାନ୍ତାଙ୍କର ରୂପ—

ଶାନ୍ତାଙ୍କର ରୂପ ଅନନ୍ୟ ହେଲେ ମଧ୍ୟ ସ୍ୱାର୍ଥପ୍ରଣୋଦିତ ବ୍ୟକ୍ତିଦ୍ୱାରା ତାହାଙ୍କ ଶୋଭାର ବର୍ଣ୍ଣନା ଅତିରଞ୍ଜିତ ହୋଇଛି । ଏହା କବି ସ୍ୱୀକୁରୁଣାମାନ; ପ୍ରକୃତରେ ଶାନ୍ତା ଯେ ଅନନ୍ୟ ସୁନ୍ଦରୀ ଏଥିରେ ସନ୍ଦେହ ନାହିଁ । ବିବାହ ପୂର୍ବରୁ ଋଷ୍ୟଶୃଙ୍ଗ ଜରତୀ ବେଶ୍ୟା ମୁଖରୁ ଶାନ୍ତାର ଶୋଭାପ୍ରସଙ୍ଗ ଶ୍ରବଣ କରିଥିଲେ । ବର୍ଣ୍ଣନାକୁ ଅତିରଞ୍ଜିତ କରି ମୁନିକୁମାରଙ୍କ ମନରେ ଶାନ୍ତାପ୍ରତି ସ୍ନେହ ଜାଗ୍ରତ କରାଇବାହିଁ ଜରତୀର ଲକ୍ଷ୍ୟ ।

'ବାର ସ୍ତ୍ରୀ କ ସୃଷ୍ଟି ଏକାନ୍ତରେ ତା କାନ୍ତ,
ବର୍ଣ୍ଣନ ଅର୍ଥେ କମେ ସେ ଶୋଭା କଥିତ ।

ବିଲକ୍ଷ୍ୟ ପାଶପାଟଳୀ ସାରସ ପାଳି,
ବାହୁ ଶ୍ରବଣ ଉଦର ଗଣ୍ଡରେ ଦଳି । ୬ ।

ବକ୍ଷୋଜ ନିତମ୍ବ ଚନ୍ଦେ ପକାଇ ଡକା,
ବିଭ୍ରମ ଭ୍ରମରେ ଲକ୍ଷ୍ୟ ନାଭି ଅଳକା । ୭ ।

ବିସ୍ତୀର୍ଣ୍ଣରେ ଶୋଭି ରମ୍ଭା ପ୍ରଭାକୁ ଗଞ୍ଜି,
ବୃଶାଳ ଊରୁଯୁଗଳ ଚରମରାଜି । ୮ ।

ବିଘଟିତ ହୁଏ ଓଷ୍ଠେ ପ୍ରାତୋଦୟରେ,
ବିଶୀର୍ଣ୍ଣ କଟୀ ନାସିକା ମଧୁର ଗିରେ । ୯ ।

ବିଲକ୍ଷିତ ଚନ୍ଦ୍ର ହାସେ ତନୁ ଶୀତଳେ,
ବର୍ଣ୍ଣ ସୁଲେପନ ରୋମାବଳୀର ତୁଲେ । ୧୦ ।

ବାଲ ଭ୍ରୂଲତା ଲୋଚନ ଗମନ ଗଲା,
ବପୁ ସୁଗନ୍ଧେ ସାରଙ୍ଗେ ନୋହିବେ ତୁଲା । ୧୧ । (୫ମ ଛାନ୍ଦ)

କବି ଏହି ବର୍ଣ୍ଣନାଟିରେ ଚରାଚରତ ଉପମାର ବ୍ୟବହାର କରିଛନ୍ତି । ବର୍ଣ୍ଣନାଟି ସଂକ୍ଷିପ୍ତ ହେଲେ ମଧ୍ୟ ସୁନ୍ଦର ରୂପର ଚିତ୍ର ଦେବାରେ ସମର୍ଥ ହୋଇଛି । କବି ଶାନ୍ତା ନାମର ସାର୍ଥକତା ବ୍ୟକ୍ତ କରିବା ପ୍ରସଙ୍ଗରେ ଅପୂର୍ବ ସୁନ୍ଦର ରୂପର ସୂଚନା ଦେଇଛନ୍ତି ।

ବିଧାତା ଶୋଭି ବିଧାନେ ଶାନ୍ତ ସେ ଶାନ୍ତା,
ବୋଲି ମହନ ହୋଇଲା ବାରବନିତା । ୧୨ । (୫ମ ଛାନ୍ଦ)

କବି ଜରତାଦି ବାରାଙ୍ଗନା, ଅହଲ୍ୟା, ମନ୍ଦୋଦରୀ, ମାୟାସୀତା ପ୍ରଭୃତି ନାରୀଚିତ୍ର ମଧ୍ୟ ପ୍ରଦାନ କରିଛନ୍ତି । ନାରୀରୂପ ବର୍ଣ୍ଣନାରେ, ବିଶେଷତଃ ସୀତାଙ୍କ ରୂପ ବର୍ଣ୍ଣନାରେ କବି ଅସାଧାରଣ କବିତ୍ୱଶକ୍ତି ପ୍ରକାଶ କରିଛନ୍ତି ।

## ପ୍ରାକୃତିକ ବର୍ଣ୍ଣନା

ସନ୍ଧ୍ୟା—

ରାମସୀତାଙ୍କ ବିବାହର ପୂର୍ବଦିନ ବରକନ୍ୟା ଉଭୟେ ଦିବସ ଶୀଘ୍ର ଶେଷ ହେଉ ଏହି କାମନା କଲେ ଏବଂ ବିରକ୍ତ ମଧ୍ୟ ହେଲେ । ସୂର୍ଯ୍ୟଦେବ ଏହା ଜାଣିପାରି ନିଜେ ଆରକ୍ତବର୍ଣ୍ଣ ଧାରଣ କଲେ, ଅର୍ଥାତ୍ ଦିବାବସାନ ହେଲା । ସୂର୍ଯ୍ୟଦେବ ଅନୁକୂଳ ହେବାରୁ ଦିନାବସାନ ହେଲା ଓ ସନ୍ଧ୍ୟାର ଆଗମନ ଉଭୟଙ୍କ କାମନାସିଦ୍ଧିର ସହାୟକ ହେଲା । ସୂର୍ଯ୍ୟଦେବ ସ୍ନେହରେ ଆସକ୍ତ ହୋଇ ଆରକ୍ତବର୍ଣ୍ଣ ଧାରଣ କରିବାରୁ ବଳିପୁଷ୍ଟ ଅର୍ଥାତ କୁଆମାନେ ମଧ୍ୟ 'ସବିତା ଅନୁରାଗରେ ଆସକ୍ତ' ଏହା କହି, ଧ୍ୱନି କରି, ନିଜ ନିଜ ନୀଡ଼କୁ ଗଲେ ।

ଏହି ସମୟରେ ସୂର୍ଯ୍ୟାସ୍ତକୁ ଦେଖି ମନେହେଲା ସତେ କି ବିଧାତା ରାମ-ସୀତାଙ୍କ ବିବାହ ନିକଟ ହେବା ଜାଣିପାରି ରବିରୂପକ ତାମ୍ରପାତ୍ରକୁ ଘଟିପାତ୍ର ରୂପକ ସିନ୍ଧୁ ଜଳରେ ବୁଡ଼ାଉଛନ୍ତି ।

ଏହି କାଳରେ ଚନ୍ଦ୍ରୋଦୟ ହେବାରୁ ମନେହେଲା, ପ୍ରାଚୀରମଣୀ ଚନ୍ଦ୍ରରୂପ ରୂପାଥାଳୀରେ 'ଅଙ୍କ' (କଳଙ୍କ ଚିହ୍ନ) ରୂପକ ଦୁର୍ବାଦଳ ଧାରଣକରି ବରକନ୍ୟାଙ୍କୁ ବନ୍ଦାଇବେ କି ?

ବେଗେ ଯାଉ ଦିବସ ଏ ବିଶି ବରକନ୍ୟା,
ବିରକ୍ତ ହେଉଁ ଏ ରକ୍ତବର୍ଣ୍ଣେ ଭାନୁ ଧନ୍ୟା ଯେ । ୨୦ ।
ବ୍ୟାସକ୍ତ ଅନୁରାଗରେ ସବିତା ଏକାଳେ,
ବଳିପୁଷ୍ଟ ବୋଲି ନିଜ ନିବାସକୁ ଚଳିଲେ ଯେ । ୨୧ ।
ବୁଡ଼ାଇକି ସିନ୍ଧୁଜଳେ ତାମ୍ରପାତ୍ର ରବି,
ବିଭା ସୀତା-ରାମର ନିକଟ ଧାତା ଭାବି ଯେ । ୨୨ ।
ବାରିଧିଜ ଉଦେ ଅଙ୍କ ଦୁର୍ବାଦଳ ଭରି,
ବନ୍ଦାଇବି ରୂପାସ୍ଥାଳୀ ପ୍ରାଚୀନାରୀ ଧରି ଯେ । ୨୩ । (୧୪ଶ ଛାଃ)

କବି ଶାନ୍ତା ଓ ଋଷ୍ୟଶୃଙ୍ଗ ମୁନିଙ୍କ ବିବାହ ପ୍ରସଙ୍ଗରେ ସନ୍ଧ୍ୟାର ବର୍ଣ୍ଣନା କରି ଅପୂର୍ବ ରୂପଲାବଣ୍ୟବିଶିଷ୍ଟ ଚିତ୍ର ନିର୍ମାଣ କରିଛନ୍ତି । ଏଥିର କଳ୍ପନାର ଗମ୍ଭୀରତା, ଉପମା-ଉତ୍ପ୍ରେକ୍ଷାର ସୁଶୋଭନ ନିର୍ବାଚନ ଏହାକୁ ଏକ ନୂତନ ରୂପ ଦେଇଛି ।

ବିଧୁନୁଦ ପ୍ରାପ୍ତ ହୋଇ ସନ୍ଧ୍ୟା ଆସିଲା,
ବିବସ୍ୱାନଗ୍ରାସୀ ରଙ୍ଗଗ୍ରୀବ ଦିଶିଲା । ୧୩ ।
ବାଳୀ ସେ କାଳୀ ପିଧାନ କି ପାଟ ଶାଢ଼ୀ,
ବହିଲେ କି ସରସ୍ୱତୀ କାଳନ୍ଦୀ ଜଡ଼ି । ୧୪ ।

ବନକାଳକର କଚ୍ଛ ଆସିଲା ଦିଶି,
ବାରୁଣୀ ତ୍ରିବେଣୀ ଘାଟେ ପଡ଼ିଲା ଘୋଷି । ୧୫ ।
ବିସ୍ମିତ ଯଜ୍ଞେ ଦିବାନ୍ଧପ୍ରମୁଖ ଦ୍ୱିଜେ,
ବିକାଶି ଶ୍ଳୋକ ବାଣୀକି ବିହାରେ ମଜ୍ଜେ । ୧୬ ।

ବଜା ଘୋଷ ଆଦି ବାଦ୍ୟ ବାଜେ ଏକାଳେ,
ବରକନ୍ୟା ଋଷ୍ୟଶୃଙ୍ଗ ଶାନ୍ତାକୁ କଲେ । ୧୭ । (୫ମ ଛା.)

ସାୟଂକାଳ ରୂପକ ରାହୁ ଲୋହିତବର୍ଣ୍ଣ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଗ୍ରାସ କରିବାରୁ ଆକାଶ ରଙ୍ଗଗ୍ରୀବ ଅର୍ଥାତ ଆରକ୍ତବର୍ଣ୍ଣ ଦିଶିଲା । ଏହାପରେ ଅନ୍ଧକାର ଘୋଟି ଆସିବାରୁ କବି ଉତ୍ପ୍ରେକ୍ଷା କରୁଛନ୍ତି, କାଳୀ ସନ୍ଧ୍ୟାବାଳୀ ରଙ୍ଗବର୍ଣ୍ଣ (ଆରକ୍ତବର୍ଣ୍ଣ) ର ପାଟଶାଢ଼ୀ ପିନ୍ଧିଛି କି ? ସରସ୍ୱତୀ ଓ ଯମୁନା ତ୍ରିବେଣୀଘାଟଠାରେ ମିଳିତ ହେଲେ କି ? ସରସ୍ୱତୀର ଜଳ ଲାଲ ଓ ଯମୁନା ଜଳ କଳା ଥିବା ପ୍ରସିଦ୍ଧିକୁ ଏଠାରେ ଲକ୍ଷ୍ୟ କରାଯାଇଛି । ପୁଣି ଚନ୍ଦ୍ର ଉଦୟ ହେବାରୁ ଆକାଶ ଶ୍ୱେତ, ରକ୍ତ ଓ କୃଷ୍ଣ ଏହି ତିନିବର୍ଣ୍ଣରେ ରଞ୍ଜିତ ହେବା ଦେଖାଗଲା । କବି ଉତ୍ପ୍ରେକ୍ଷା କରୁଛନ୍ତି ଯେ ଗଙ୍ଗା (ଶୁକ୍ଳବର୍ଣ୍ଣ), ଯମୁନା (କୃଷ୍ଣବର୍ଣ୍ଣ) ଓ ସରସ୍ୱତୀ (ରକ୍ତବର୍ଣ୍ଣ) ତ୍ରିବେଣୀ ଘାଟରେ ଏକତ୍ର ହେଲେ କି ?

ପ୍ରଭାତ—

ଶାମ୍ବା-ବୃଷ୍ୟାଣିଙ୍କ ବିବାହ ପ୍ରସଙ୍ଗରେ କବି ପ୍ରଭାତର ଯେଉଁ ବର୍ଣ୍ଣନା ଦେଇଛନ୍ତି ତାହା ସଂକ୍ଷିପ୍ତ ହେଲେ ମଧ୍ୟ ଉତ୍ପ୍ରେକ୍ଷା ଦ୍ୱାରା ଚମତ୍କାର ରମଣୀୟ ଓ ଭାବଗର୍ଭକ ହୋଇଛି । କବି ପ୍ରଭାତକୁ କାର୍ତ୍ତିକେୟଙ୍କ ସହ ତୁଳନା କରିଛନ୍ତି ।

> ବାହୁଲେୟ ପ୍ରାୟେ ହେଲା ପ୍ରାତଃ ଉତ୍ପତ୍ତି,
> ବିଭାଜି ତାରକାସୁର ପ୍ରମୋଦ ଅତି । ୨୦ ।
> ବିଭାଜି ଉଜ୍ଜ୍ୱଳ ଶକ୍ତିମନ୍ତରେ ସେହି,
> ଉଦ୍ଧାସି ହୋଇ କ୍ରମଶେ ଷଷ୍ଠୀରେ ସ୍ନେହୀ । ୨୧ ।
> ବାରକରେ ଖ୍ୟାତ ଶିବପୁରେ ଉତ୍ସବେ,
> ବାଦନ ଯେ ଶଙ୍ଖମାଳୀ ଗହଣ ଭବେ । ୨୨ । (୫ମ ଛାନ୍ଦ)

ବାହୁଲେୟ (କାର୍ତ୍ତିକେୟ) ରୂପୀ ପ୍ରଭାତ ତାରକାସୁରକୁ ବଧ କରି ଦେବତାମାନଙ୍କୁ ସନ୍ତୁଷ୍ଟ କଲେ ଏବଂ ଉଜ୍ଜ୍ୱଳଶକ୍ତିମନ୍ତ ସୂର୍ଯ୍ୟଙ୍କୁ ପ୍ରକାଶ କଲେ । ଯେପରି କାର୍ତ୍ତିକେୟ ବାରଟି ହସ୍ତ ବିସ୍ତାର କରି କ୍ରମେ ମାତା ଷଷ୍ଠୀଦେବୀ (ଦୁର୍ଗା)ଙ୍କ ବାତ୍ସଲ୍ୟପ୍ରେମର ଅଧିକାରୀ ହେଲେ (ବିଶେଷ ମାତୃବତ୍ସଳ ହେଲେ) ସେହିପରି ପ୍ରଭାତ ଉଜ୍ଜ୍ୱଳ ସୂର୍ଯ୍ୟରଶ୍ମି ବିସ୍ତାର କରି ସମସ୍ତ ଜଗତକୁ ଆଲୋକ ଦାନଦ୍ୱାରା ଆନନ୍ଦିତ କରାଇଲା । ଷଷ୍ଠୀ (ଷାଠିଏ) ଦଣ୍ଡ ପରିମିତ ଦିନରୂପୀ ମାତାଠାରେ ସ୍ନେହୀ ହେଲେ । କାର୍ତ୍ତିକ ଜନ୍ମ ହେବାରୁ କୈଳାସରେ ଶିବଗଣମାନେ ଶୁଭସୂଚକ ଶଙ୍ଖଧ୍ୱନି କଲେ । ସେହିପରି ପ୍ରଭାତର ଅଭ୍ୟୁଦୟ ହେବାରୁ ଦେବାଳୟମାନଙ୍କରେ ଶଙ୍ଖ ବାଜିଲା ।

ରାଜପ୍ରାସାଦ ବାସ ଓ ବନବାସର ତୁଳନା କରି କବି ରାମଙ୍କ ମୁଖରେ କୁହାଇଛନ୍ତି—

> ବହିର ସଉଧ ସଦନେ ବହିର ସହିତ ସଦନେ ଧନ,
> କେତି ଡାକୁଥାନ୍ତି କଞ୍ଚୁକିଜନ କେତି ଡାକୁଛନ୍ତି କଞ୍ଚୁକିଜନ ।

ବସିଥାଇ ଚନ୍ଦ୍ରାତପ ତଳେ ବସିଥାଇ ଚନ୍ଦ୍ରାତପ ତଳେ,
ବେଷ୍ଟିତ ଯେ ସହଚରୀକୁଳେ ବେଷ୍ଟିତ ଯେ ସହଚରୀକୁଳେ ।
ବୁଲିବା ଥିଲି ଜଗତୀରେ ବୁଲିବା ଜଗତୀରେ ହେଲି ଯେନ,
ବିଲୋକୁ ଥାଇଁ ଚିତ୍ରଲେଖା ବିଲୋକୁ ଥାଇଁ ଚିତ୍ରଲେଖା ପୁନ ।
ବିକ୍ଷିପ୍ତ ଶେଯେ ରଜନୀକର ଶେଯେ ବିକ୍ଷିପ୍ତ ରଜନୀକର
ବୋଧକ ସୁକବି ଗିର ହେଉଥିଲି ବୋଧକ ଶୁକ-ବି ଗିର ।
(୨୦ ଛାନ୍ଦ)

ରାମ ସୀତାଙ୍କୁ ବୋଧ ଦେଇ କହୁଛନ୍ତି—ରେ ଧନ, ଅଯୋଧ୍ୟାରେ ରାଜସଉଧ ସଦନରେ ବାସ କରୁଥିଲେ, ଏବେ ମଧ୍ୟ ସୌଢ଼ ସଦନ (ଋଷିଗୃହ)ରେ ବାସ କରୁଛ । ସେଠାରେ ଅନ୍ତଃପୁରସ୍ଥ କ୍ଳୀବରକ୍ଷକ ଯୋଦ୍ଧା କଞ୍ଚୁକିଜନମାନେ ତୋତେ ବେଢ଼ି ରହୁଥିଲେ, ତୁ ସେମାନଙ୍କ ଡାକ ଶୁଣୁଥିଲୁ । ଏଠାରେ କଞ୍ଚୁକିଜନ ଯେ ସର୍ପମାନେ ବେଢ଼ି ରହି ଶବ୍ଦ କରୁଛନ୍ତି । ରାଜ-ପ୍ରାସାଦରେ ଚନ୍ଦ୍ରାତପ ତଳେ ବସୁଥିଲ ଏବଂ ସହଚରୀ କି ସଖୀମାନଙ୍କଦ୍ୱାରା ବେଷ୍ଟିତ ହେଉଥିଲୁ । ଏଠାରେ ଚନ୍ଦ୍ରକିରଣ ପଡ଼ୁଥିବା ଭୂମିରେ ଶୟନ କରୁଛ ଏବଂ ସହଚରୀ କି ଝିଣ୍ଟିଗଛମାନଙ୍କ ଦ୍ୱାରା ବେଷ୍ଟିତ ହୋଇଛ ।

ସେଠାରେ ଜଗତୀ ଅର୍ଥାତ ପ୍ରାସାଦ ଉପରେ ବିହାର କରୁଥାଲୁ । ଏଠାରେ ଜଗତୀ ଅର୍ଥାତ ପୃଥ୍ୱୀ ଉପରେ ବିହାର କରୁଛ । ସେଠାରେ ଚିତ୍ରଲେଖା ଅର୍ଥାତ କାନ୍ଥରେ ଲେଖାଥିବା ଚିତ୍ରମାନଙ୍କୁ ଦେଖୁଥିଲ, ଏଠାରେ ଚିତ୍ରଲେଖା ଯେ ସାରୀପକ୍ଷୀ ଦେଖୁଛ ।

ସେଠାର ଶଯ୍ୟାରେ କର୍ପୂରଗୁଣ୍ଡ ଥିଲା, ଏଠାରେ ଧୂଳି ଅଛି । ସେଠାରେ ସୁକବି ଅର୍ଥାତ ଭାଟମାନେ ଗୀତ ଗାଇ ମନୋହରଣ କରୁଥିଲେ; ଏଠାରେ ଶୁକ-ବି କି ଶୁକପକ୍ଷୀ ଗୀତ ଗାୟନ କରୁଛି ।

ସେଠାର ଭଦ୍ରଉତ୍ସବ, ଖଦିର ଆଲତି, ଅକ୍ଷଲୀଳା (ପଶାଖେଳ), ସାକ୍ଷୀ ସୁଶୀଲା ଯେ ସଦାଚାରିଣୀ (ସଖୀବୃନ୍ଦ) ସହିତ କରି ଏଠାର

ଭଦଭଦଳିଆ ପକ୍ଷୀ, ଖଇର ବୃକ୍ଷର ଆଲିଙ୍ଗ, ଚକ୍ଷୁର ବିଳାସ, ବୃକ୍ଷ, ସୁଶୀଳା ଓ ଭଲ ପଥର ଥିବା କହିଛନ୍ତି ।

କଥାରେ କହନ୍ତି, କାହିଁ ରାଜପ୍ରାସାଦ ବାସ ନା କାହିଁ ବନବାସ ! ମନସ୍ୱୀ ସାଧୁମାନଙ୍କ ପକ୍ଷରେ ଏହା କୌଣସି ପ୍ରଭାବ ପକାଇ ପାରେନାହିଁ; କାରଣ ସେମାନେ ସୁଖଦୁଃଖକୁ ଗଣନା କରନ୍ତି ନାହିଁ । ମହାତ୍ୟାଗୀ, ମହାଯୋଗୀ ମନସ୍ୱୀ ରାମଙ୍କ ପକ୍ଷେ ଉଭୟ ବାସ ସମାନ । କବି ନାନାର୍ଥଶଙ୍କା ପ୍ରୟୋଗ କରି ଯେଉଁ ସୁନ୍ଦର ତୁଳନାଟି କରିଛନ୍ତି ତାହା ଗମ୍ଭୀର ଚିନ୍ତାର ଫଳ ଏବଂ ଉପେନ୍ଦ୍ରଙ୍କପରି ରାଜ୍ୟ-ତ୍ୟାଗୀ ରାଜା ବା ରାଜତନୟଙ୍କ ପକ୍ଷରେ ଏହା ସମବେଦନା ଉଦ୍ଦୀପକ ।

ନଦୀ—ପଞ୍ଚବଟୀ ପଥରେ ରାମଲକ୍ଷ୍ମଣସୀତା ଗୋଦାବରୀ ନଦୀ ପାର ହେଲେ । ଗୋଦାବରୀ ନଦୀ ପଥିକମାନଙ୍କୁ ଶୁକ୍ଳାଭିସାରିଣୀନାୟିକା ସ୍ୱରୂପ ଦେଖାଗଲା । ନଦୀର ଗତି ଏହି ନାୟିକାର ଗତି ପରି ଦେଖାଗଲା । ଉଭୟ ତଟରେ ଥିବା ବୃକ୍ଷମାନଙ୍କରୁ ପୁଷ୍ପ ଝଡ଼ି ନଦୀର ସ୍ରୋତରେ ଭାସି ଯାଉଥିବା ଦେଖି ଏମାନେ ଭାବିଲେ, ଶୁକ୍ଳାଭିସାରିଣୀନାୟିକା ଫୁଲପକା ଧଡ଼ିଥିବା ଶୁକ୍ଳପାଟ ଶାଢ଼ୀ ପିନ୍ଧିଛି କି ? ନଦୀର ସ୍ରୋତରେ ଭଉଁରୀ ଓ ତରଙ୍ଗ କଲ୍ଲୋଳ ଦେଖି ମନେହେଲା ଯେପରି କାମପୀଡ଼ିତା ନାୟିକା ଦୁର୍ବଳ ହୋଇ ଭୂଷଣର ଭାର ବହନ କରିବାରେ କଷ୍ଟ ହେଉଥିବାରୁ ହସ୍ତ ଉତ୍ତୋଳନ କରୁଛି କି ?

ସର୍ବତୋଭାବରେ ନଦୀକୁ ଶୁକ୍ଳାଭିସାରିଣୀନାୟିକା ସହିତ ତୁଳନା କରି କବି ସୁନ୍ଦର ଚିତ୍ରଟିଏ ସୃଷ୍ଟି କରିଛନ୍ତି । ଉଭୟଙ୍କ ରୂପ, ଗୁଣ ଓ ସ୍ୱଭାବରେ ମଧ୍ୟ ସାମଞ୍ଜସ୍ୟ ଥିବା ଦେଖାଇଛନ୍ତି । ନଦୀ ଲବଣପୂର୍ଣ୍ଣ ବା ଦୁର୍ଗୁଣ ସମୁଦ୍ର ସହିତ ପ୍ରୀତି କରି ନିଜ ସୁଗୁଣ ବା ମଧୁର ଜଳକୁ କଳୁଷିତ କରୁଛି । ଏ ଅଭିସାରିଣୀ ନାୟିକା କାମପୀଡ଼ାରେ ଏତେ ଉନ୍ମାଦିନୀ ହୋଇଛି ଯେ ସେ ଅନ୍ୟ କାହାର ସଦୁପଦେଶ ପ୍ରତି ମଧ୍ୟ ଦୃଷ୍ଟିପାତ କରୁନାହିଁ ।

ନାୟିକାର ରଜତକଣ୍ଟକ ଭୂଷଣ ସହିତ ନଦୀରେ ଫୁଟିଥିବା ପଦ୍ମ ଓ କଇଁଫୁଲର ତୁଳନା ହୋଇଛି ।

ଅଭିସାରକା ନାୟିକାର ଗମନ କାଳରେ କୁଚ ଉପରୁ ଲୁଗା ଖସି ପଡ଼ିଥିବା ଦୃଶ୍ୟ ସହିତ ନଦୀରେ ଚକ୍ରବାକ ବୁଡ଼ିଥିବା ଓ ଉଠିଥିବା ଦୃଶ୍ୟର ତୁଳନା କରିଛନ୍ତି ।

କବି ଏପରି ଅତି ସୁନ୍ଦର ଉପମା ଓ ଉତ୍ପ୍ରେକ୍ଷା ପ୍ରୟୋଗରେ ଶୁକ୍ଳାଭିସାରିଣୀ ନାୟିକା ସହିତ ନଦୀକୁ ତୁଳନା କରିଛନ୍ତି । ଏଥିରେ ନଦୀର ଉଭୟ ପଟରେ ଥିବା ବୃକ୍ଷରାଜି, ଭଉଁରୀ, କଲ୍ଲୋଳ, ଗଡ, କଇଁ ଓ ପଦ୍ମଫୁଲ ପ୍ରଭୃତିର ବର୍ଣ୍ଣନା ହୋଇଛି । ବ୍ୟଭିଚାରିଣୀ ସ୍ତ୍ରୀ ସହିତ ମଧ୍ୟ ନଦୀର ତୁଳନା ଚମତ୍କାର ହୋଇଛି । କବି କେତେକ ସାମାଜିକ ରୀତିନୀତିକୁ ଏହି ଛନ୍ଦରେ ପ୍ରକାଶ କରିଛନ୍ତି ।

ଏହି ବର୍ଣ୍ଣନାରେ କବି ଗୋଦାବରୀ ନଦୀକୁ ଭାବନ୍ୟାସ କରି ଅତି ରମଣୀୟା, କେଳିପ୍ରବୀଣା, ରସବତୀ ଶୁକ୍ଳାଭିସାରିଣୀ ନାୟିକା କରିପାରି ଅଦ୍ଭୁତ ଚିନ୍ତା ଓ ରଚନା ଶକ୍ତିର ପରିଚୟ ଦେଇଛନ୍ତି । ସୁକବିଙ୍କ ଦୃଷ୍ଟି ସାଧାରଣ ଦୃଷ୍ଟିଠାରୁ ବହୁ ପୃଥକ୍ ଥିବା ଏହି ବର୍ଣ୍ଣନାରୁ ପ୍ରମାଣିତ ହେଉଛି ।

ବିଲୋକି ନଦୀ ଗୋଦାବରୀ, ବାମା କି ଶୁକ୍ଳ ଅଭିସାରୀ ।
ବିଶଦ ଫେନ ପାଟ ଶାଢ଼ୀ, ବାନ୍ଧିହୋଇଛି ଫୁଲ ପଢ଼ି ।
ବିଶୁଦ୍ଧ ଦଶା ସ୍ଥିତି ହୋଇ, ବୀଚି କରକୁ ଟେକି ଦେଇ ।
ବିଶେଷ କୁମୁଦ ଛଟକ, ବିରାଜେ ରଜତ କଟକ ।
ବୁଡ଼ି ଉଠଇ ଚକ୍ର ବସି, ବାସ ଖସି କି ସ୍ତନ ଦିଶି ।
ବୀଥିର ପବନ ପ୍ରଲୀନ, ବିପୁଳ ଉରୁ ଦରଶନ ।
ବିସ୍ତରେ କୀଡ଼େ ହଂସଶ୍ରେଣୀ, ବାନ୍ଧିଛି କିଂସ୍ୱନ କଙ୍କିଣୀ ।

(୨୨ଶ ଛାନ୍ଦ)

ଯୁବା ପଥିକଙ୍କ ପକ୍ଷରେ ଯୁବକଜନସୁଲଭ ଆଦରସୂଚକ ବର୍ଣ୍ଣନା ସମୟୋପଯୋଗୀ ହୋଇଛି ।

ଋଷି ବିଶ୍ୱାମିତ୍ରଙ୍କ ସଙ୍ଗରେ ରାମଲକ୍ଷ୍ମଣ ଗଙ୍ଗାନଦୀ ପାର ହେବା ପ୍ରସଙ୍ଗରେ କବି ଗଙ୍ଗାନଦୀର ଅତି ସଂକ୍ଷିପ୍ତ ବିବରଣ ପ୍ରଦାନ କରିଛନ୍ତି । ବର୍ଣ୍ଣନାଟି ଅଳଙ୍କାରମଣ୍ଡିତ ହୋଇ ରସପୂର୍ଣ୍ଣ ହୋଇଛି ।

ବିତଳକୁ ଆଲିଙ୍ଗନ କରି ଜାହ୍ନବୀ ଶୋଭନ
ହରେ ସୁରବରତାପ ସ୍ୱଚ୍ଛୁଧାରି ସେ,
ବହେ ମକରକେତନ ହିଚ୍ଛନ୍ନ ରତି ସମାନ
ପୂରିତ ହୋଇଛି ପୁଣି ଅଶେଷ ରସେ
ବିଦ୍ୟ ହୈମବତୀ ପଦରେ, ବିଷ-କଣ୍ଠ ତୋଷଦାୟୀ ବେନି ମତରେ । ୧ ।

ବିଷ୍ଣୁପଦୀ ବିଷ୍ଣୁପଦ ଇକାର ଭେଦ ଶବଦ
ତରଣୀର ଗତାଗତ ତହିଁ ହୁଅନ୍ତି,
ବିଶାରଦ ସେ ସାମନ୍ତ ମନରେ ଦାସ ସେବିତ
ତାକୁ ନ ଶୁଣନ୍ତେ ରଘୁନାଥ କଥିତ,
ବିପଧର ପ୍ରାପ୍ତେ କି ରୁହି, ବେଲେ ନେଇ ତାଙ୍କ ଶୁଣି ଉଦାର ନୋହି । ୨ ।

(୯ମ ଛାନ୍ଦ)

ଗଙ୍ଗା ନଦୀ ବିତଳ (ଭୂଗର୍ଭସ୍ଥ ତଳ) କୁ ଆଲିଙ୍ଗନ କରି ଶୋଭାପାଉଛି । ଗଙ୍ଗାର ଗମ୍ଭୀରତା ସୂଚାଇବା ସଙ୍ଗେ ସଙ୍ଗେ ଆଲିଙ୍ଗନ ଶବ୍ଦ ବ୍ୟବହାର ଦ୍ୱାରା ବର୍ଣ୍ଣନାଟି କବିତ୍ୱପୂର୍ଣ୍ଣ ହୋଇଛି । ଗଙ୍ଗାର ସ୍ୱଚ୍ଛଧାରା, ଶଚୀ ଇନ୍ଦ୍ରଙ୍କ ଅନଙ୍ଗ-ତାପ ନାଶ କଲାପରି, ସୂର୍ଯ୍ୟଙ୍କ ପ୍ରଖର ତାପ ହରଣ କରୁଛି । ରତି ଯେପରି ମୀନକେତନ ବା କନ୍ଦର୍ପଙ୍କ କାମଉଦ୍‌ବେଗକୁ ଶାନ୍ତ କରନ୍ତି ଏବଂ ଶୃଙ୍ଗାର ରସରେ ପୂର୍ଣ୍ଣ ଅଟନ୍ତି, ସେହିପରି ଗଙ୍ଗା ଅଶେଷ ରସ ବା ଜଳରେ ପୂର୍ଣ୍ଣ ହୋଇଛି ଏବଂ ମୀନାଦି ଜଳଜୀବମାନଙ୍କ ନିବାସ ସ୍ଥାନ ହୋଇ ସେମାନଙ୍କ ଉଦ୍‌ବେଗ ଶାନ୍ତ କରୁଛି । ଗଙ୍ଗା ହିମାଳୟରୁ ଜାତ ହୋଇଥିବାରୁ ପାର୍ବତୀଙ୍କ ପରି ହୈମବତୀ ନାମରେ ଖ୍ୟାତ । ପାର୍ବତୀଙ୍କ ପରି ଗଙ୍ଗା ମଧ୍ୟ (ଶିବଙ୍କ ମସ୍ତକରେ ରହି) ଶିବଙ୍କ ତୋଷ ବିଧାନ କରୁଛନ୍ତି ।

ଏଠାରେ କବି ଗଙ୍ଗାର ଶୋଭାକୁ ଶଚୀ ଓ ଗୀର୍ବାଣଙ୍କ ଶୋଭା ସହିତ ତୁଳନା କରିଛନ୍ତି ।

ବିଷ୍ଣୁପଦୀ ଯେ ଗଙ୍ଗା ମଧ୍ୟ ଆକାଶ (ବିଷ୍ଣୁପଦ) ସହିତ ତୁଳନୀୟ; ଗଙ୍ଗାରେ ତରଣୀ ଯେ ନୌକାର ଯାତାୟାତ ହେଉଛି, ଆକାଶରେ ତରଣି ଯେ ସୂର୍ଯ୍ୟ ଗମନାଗମନ କରୁଛନ୍ତି । ଏଠାରେ ଗଙ୍ଗା ଜଳରେ ସୂର୍ଯ୍ୟଙ୍କ ଗମନଶୀଳ ପ୍ରତିବିମ୍ବକୁ ମଧ୍ୟ ଲକ୍ଷିତ ହୋଇଥିବା ସମ୍ଭବ ।

ଏହିଠାରେ କବି ଗଙ୍ଗାର ନାମ, ଉତ୍ପତ୍ତିସ୍ଥଳ, ଜଳର ଗଭୀରତା ଓ ଶୀତଳତା, ଜଳରେ ଜଳଜନ୍ତୁମାନଙ୍କର ବିହାର, ନୌକାର ଗତାଗତ ବିଷୟ ବର୍ଣ୍ଣନା କରିଛନ୍ତି । ଏହା କବିତ୍ୱପୂର୍ଣ୍ଣ ଓ ଭାବଗର୍ଭକ ହୋଇ ସୁଧୀବର୍ଗଙ୍କ ମନୋହରଣ କରୁଛି ।

ଅଳ୍ପସଂଖ୍ୟକ ବିବିଧାର୍ଥବୋଧକ ଶବ୍ଦ ପ୍ରୟୋଗକରି କବି ସୁନ୍ଦର ବର୍ଣ୍ଣନାଟିଏ ରଚନା କରିଛନ୍ତି । ପୁରାଣବେତ୍ତାଙ୍କ ପକ୍ଷେ ଏ ସଂକ୍ଷିପ୍ତ ବର୍ଣ୍ଣନାଟି ବହୁ ଦୀର୍ଘ ପ୍ରସଙ୍ଗର ସୂଚନା ଦେଉଥିବା ପ୍ରତୀତ ହେବ ।

କବି ପ୍ରକୃତିକୁ ପ୍ରାଣବନ୍ତ କରି ମନୁଷ୍ୟର ପ୍ରବୃତ୍ତିନିଚୟକୁ ତାହାଠାରେ ନ୍ୟସ୍ତ କରିଅଛନ୍ତି ।

ବନ—ଋଷ୍ୟଶୃଙ୍ଗଙ୍କୁ ନେଇ ଜରତାବେଶ୍ୟାର ନୌକା ନଦୀରେ ଯାଉଥିବା ବେଳେ ଉଭୟ କୂଳରେ ଥିବା ମହାରଣ୍ୟର ଶୋଭାକୁ କବି ଏପରି ବର୍ଣ୍ଣନା କରିଛନ୍ତି—

ବେନିକୂଳେ ମହାରଣ୍ୟ ସତ୍ୟବାକେ ହୀନ,
ବିଘନ ପଶୁସମୂହେ ସତ୍ୟବାକେ ପୂର୍ଣ୍ଣ ଯେ । ୧୪ ।
ବାଜି-ଗମ୍ୟ ସ୍ଥାନ ନୋହେ ସର୍ବ ସମୟରେ,
ବାଜିବିଜ କ୍ରୀଡ଼ା କରେ ବିଗତ ଭୟରେ ଯେ । ୧୫ ।
ବିପର୍ଯ୍ୟସ୍ତ ପଳାଶୀରେ ପଲାଶିରେ ଘନ,
ବନାତପ ପ୍ରଭା ତପ ପ୍ରଭାରେ ପ୍ରଧାନ ଯେ । ୧୮ । (୪ର୍ଥ ଛାନ୍ଦ)

ଏ ମହାରଣ୍ୟ କାକ (ସତ୍ୟବାକ) ସ୍ଥାନ ଓ ଋଷି (ସତ୍ୟବାକ) ମାନଙ୍କ-ଦ୍ୱାରା ପୂର୍ଣ୍ଣ ହୋଇଛି । ବନ ଏତେ ସାନ୍ଦ୍ର ହୋଇଛି ଯେ ସେଥିରେ ବାଜୀ (ଘୋଡ଼ା) ମାନେ ଯିବାଆସିବା କରିପାରୁନାହାନ୍ତି, ଏପରି କି ଶର ମଧ୍ୟ ପ୍ରବେଶ କରିପାରୁନାହିଁ । ତେବେ ବାଜୀରାଜି (ପକ୍ଷୀସମୂହ) ନିର୍ଭୟରେ କ୍ରୀଡ଼ା କରୁଛନ୍ତି । ଏହି ବନ ସିଂହବ୍ୟାଘ୍ରାଦି ହିଂସ୍ରପଶୁ ଓ ରାକ୍ଷସ (ପଳାଶୀ) ଶୂନ୍ୟ । ବୃକ୍ଷଗୁଡ଼ିକ ଘନବହଳ ହୋଇଥିବାରୁ ସୂର୍ଯ୍ୟକିରଣ ମଧ୍ୟ ଏଠାରେ ପଡ଼ୁନାହିଁ, ଅର୍ଥାତ୍ ସୂର୍ଯ୍ୟଙ୍କ ପ୍ରଭା ଏଠାରେ ପଡ଼ୁନାହିଁ । ତେବେ ଋଷିମାନଙ୍କ ପ୍ରଭାବରେ ସ୍ଥାନ ପବିତ୍ର ହୋଇଛି ।

ତପୋବନର ସାନ୍ଦ୍ରତା ଓ ପବିତ୍ରତାକୁ ଅଳ୍ପ ପଦରେ କବି ବର୍ଣ୍ଣନା କରି ଭାବିବାପାଇଁ ଯଥେଷ୍ଟ ସୂଚନା ଦେଇଛନ୍ତି ।

ବିଶ୍ୱାମିତ୍ରଙ୍କ ସହ ରାମଲକ୍ଷ୍ମଣ ଦଣ୍ଡକାରଣ୍ୟରେ ଭ୍ରମଣ କରୁଥିଲା ବେଳେ ତାଡ଼କା ନିବାସ କରୁଥିବା ବନସ୍ଥଳର ବର୍ଣ୍ଣନାରେ କବି ବନର ସାନ୍ଦ୍ରତାକୁ ଅନ୍ୟ ପ୍ରକାରରେ ବୁଝାଇଛନ୍ତି ।

ବିଶ୍ୱାମିତ୍ର ମଧ୍ୟେ ପଛେ ଲକ୍ଷ୍ମଣ, ବିପିନ ଦେଖନ୍ତି ଅତି ଭୀଷଣ ।
ବିବେଚନ କରି ପଶଇ ନାହିଁ, ବିଷବିଷ ସ୍ଥାନ ସର୍ବଦା ସେହି । ୩୪ ।
ବାଟକ ଏ ଯେନ ପେଚକପନ୍ତି, ବିଲୋଚନ ନୁହେ ମେଚକ କାନ୍ତି ।
ବିନୋଦ ସ୍ୱଚ୍ଛେ କରନ୍ତି ଗଣ୍ଡକ, ବଲ୍ମୀକ ବିଦାରୁଛନ୍ତି ଭଲ୍ଲୁକ । ୩୫ ।
ବରାହ ପ୍ରଗାଢ ସ୍ୱନରୁ ଜାଣି, ବିଡ଼ାଳ ଆଦି ଦୀପ୍ତାକ୍ଷରୁ ଆଣି ।
ବାରି ହୋଏ ଗଜ ଦଶନ ଯେନ, ବଢ଼ାନ୍ତେ ପାଦ ନଦିଶେ ଅବନୀ । ୩୬ ।
ବୃକ୍ଷ ବଲ୍ଲୀପତ୍ର ଘଞ୍ଚରୁ କରି, ବାୟୁ ଯେ ମଶକ ମଶାରି ସରି । ୩୭ ।
(୭ମ ଛାନ୍ଦ)

ଘନଗହନ ବୃକ୍ଷମାନଙ୍କ ସାନ୍ଦ୍ରତା ଯୋଗୁ ମହାରଣ୍ୟରେ ସୂର୍ଯ୍ୟରଶ୍ମି ତଥା ବାୟୁର ଗତାଗତ ନାହିଁ । ନିବିଡ଼ ଅନ୍ଧକାରର ଅବସ୍ଥା କବି ସୁନ୍ଦର ଭାବରେ

ବର୍ଣ୍ଣନା କରିଛନ୍ତି । ଏତେ ଅନ୍ଧକାର ହୋଇଛି ଯେ ହସ୍ତୀର ଦେହ ମଧ୍ୟ ଦେଖା ଯାଉନାହିଁ । କେବଳ ଦନ୍ତର ଶୁକ୍ଳତା ଯୋଗୁଁ ତାହା ଦୃଶ୍ୟ ହେଉଥିବାରୁ ଚିହ୍ନି ହେଉଛି । ମଶା ଯେପରି ମଶାରି ଭିତରେ ପଶିପାରେ ନାହିଁ, ସେହିପରି ବାୟୁ ଏ ଘନ ଅରଣ୍ୟ ମଧ୍ୟରେ ପ୍ରବେଶ କରି ପାରୁନାହିଁ ।

କବି ଏଠାରେ ଏକ ସ୍ୱାଭାବିକ ବିବରଣାତ୍ମକ ବର୍ଣ୍ଣନା ଦେଇଥିଲେ ମଧ୍ୟ କଳ୍ପନାର ସ୍ଫୁର୍ତ୍ତି ବର୍ଣ୍ଣନାଟିକୁ କବିତ୍ୱପୂର୍ଣ୍ଣ କରିପାରିଛି ।

ରାମ ଓ ଲକ୍ଷ୍ମଣ ବିଶ୍ୱାମିତ୍ରଙ୍କ ସଙ୍ଗରେ ସିଦ୍ଧବନରେ ପ୍ରବେଶ କଲେ । ସେମାନେ ଦେଖିଲେ ଯେ ବନର ବୃକ୍ଷ ଓ ତପସ୍ୱୀମାନେ ଏକାକାର । ବୃକ୍ଷମାନଙ୍କୁ ତପସ୍ୱୀମାନଙ୍କ ସହିତ ସବୁ ଦିଗରୁ କବି ସମାନ କରିଛନ୍ତି । ବୃକ୍ଷମାନେ ତପସ୍ୱୀମାନଙ୍କ ପରି ସ୍ଥିରମତି ହୋଇ ଦଣ୍ଡାୟମାନ ହୋଇଛନ୍ତି । ତପୋବନର ତଳ ପୁଷ୍କରଣୀ ସହିତ ତୁଳନୀୟ ହୋଇଛି ।

ପୁଣି ବନର କୌଣସି କୌଣସି ଅଂଶକୁ ଦେବମାତା, ଦୈତ୍ୟ, ବିନତା (ଗରୁଡ଼ଙ୍କ ମାତା), ନାଗମାତା, ସଙ୍ଗୀତଶାଳା ସହିତ ସମାନ କରି କବି ଅପୂର୍ବ ଚିତ୍ରାଙ୍କନର ପରିଚୟ ଦେଇଛନ୍ତି ।

ବୃକ୍ଷ : ତପସ୍ୱୀ—

ବୃକ୍ଷତତି ତପିପନ୍ତି ତହିଁ ଏକାକୃତି,
ବଲକଲ ପିଧାନ କରି ଜଟା ଧରିଛନ୍ତି । ୨ ।
ବେଦ-ସାର ମୂଳ ସଦା ସୁମନା ଫଳଦ,
ବାସ ବୃନ୍ଦ ପର୍ଣ୍ଣଚୟ ଅତି ସ୍ଥିର ହୃଦ୍ୟ । ୩ ।
ବନାଧାର ପ୍ରାୟେ ଲତାତଳ ମନୋହର,
ବିଶ୍ରାମିଛନ୍ତି କମଳ ହଂସତାପ ଦୂର । ୪ ।

ବନ : ପୁଷ୍ପବଣୀ—

ବିଘଟିତ ଘନପୁଷ୍ପ ଭ୍ରମରେ ସହିତ,
ବିନୋଦୀ ଜନମାନଙ୍କ ହରୁଅଛି ଚିତ୍ତ । ୫ ।

ବନ : ସଂଗୀତଶାଳା—

ବନର କେଉଁ ପ୍ରଦେଶ ସଂଗୀତର ଶାଳା,
ବ୍ୟୋମଲସିକା ନର୍ତ୍ତିନେ ହୋଇଅଛି ମେଳା । ୧୨ ।
ବିରଳ ଗନ୍ଧର୍ବଗାନେ ଖ୍ୟାତ ସାତସ୍ୱର,
ଶ୍ରୁତାଲ ଶୋଭାଇଣ ରାଗ ଜାତ ମନୋହର । ୧୩ ।
ବସନ୍ତ ବାସ କରଛି କେଦାରହିଁ ମେଳ
ବିଚଳିତ ସନ୍ଧିରେ ସଦା ସୁମରଦଳ । ୧୪ । (୭ମ ଛାନ୍ଦ)

ବ୍ୟୋମଲସିକା—ଆକାଶ ନର୍ତ୍ତକୀ, ଭରଦ୍ୱାଆ ପକ୍ଷୀ । ଗନ୍ଧର୍ବ—ଗାୟକ, କୋକିଳ । ରାଗ—ଗୀତର ରାଗ, ସ୍ନେହ । ବସନ୍ତ—ବସନ୍ତରାଗ, ହଳଦୀ-ବସନ୍ତ ପକ୍ଷୀ । କେଦାର—ରାଗବିଶେଷ । ଆଲବାଲ—ମନ୍ଦା । ସୁମରଦଳ—ଭ୍ରମର ମଣ୍ଡଳ, ପୁଷ୍ପ ।

କବି ଦ୍ୱ୍ୟର୍ଥବୋଧକ ଶବ୍ଦ ପ୍ରୟୋଗକରି ଏହି ତୁଳନା କରିଛନ୍ତି ।

ଗ୍ରନ୍ଥର ବିଭିନ୍ନ ସ୍ଥାନରେ ଉପେନ୍ଦ୍ର ପ୍ରସଙ୍ଗକ୍ରମେ ବନର ବର୍ଣ୍ଣନା କରିଛନ୍ତି; ସବୁଠାରେ ବର୍ଣ୍ଣନା କବିତ୍ୱପୂର୍ଣ୍ଣ ହୋଇଛି । ପ୍ରକୃତିର ପ୍ରଭାବ ସବୁଠାରେ ସ୍ୱୀକୃତ ହୋଇଛି । ମାନବ ହୃଦୟର ଚିନ୍ତାଧାରା ଓ ମାନବର କାର୍ଯ୍ୟ ସହିତ ସମତା ରଖି କବି ପ୍ରକୃତିକୁ ସଜାଇଛନ୍ତି ।

ପ୍ରକୃତିର ବର୍ଣ୍ଣନାରେ କବିଙ୍କ ସିଦ୍ଧହସ୍ତତା ସ୍ପଷ୍ଟ ପ୍ରତୀୟମାନ ହେଉଛି । ସବୁଠାରେ ଚିତ୍ରଗୁଡ଼ିକ ଜୀବନ୍ତ ହୋଇଛି ଏବଂ ପାଠକହୃଦୟରେ ବିଭିନ୍ନ ଭାବରାଜିର ଉଦୟ କରୁଛି । ତପୋବନର ବର୍ଣ୍ଣନା ପ୍ରସଙ୍ଗରେ କବି ଯାହା କହିଛନ୍ତି ତାହା ତାଙ୍କର ପ୍ରକୃତିଚିତ୍ରଣ ମାଧୁର୍ଯ୍ୟ ବର୍ଣ୍ଣିବାରେ ମଧ୍ୟ ପ୍ରଯୁଜ୍ୟ ।

ବର୍ଷୁ ଥିଲେ ସରବାକୁ ନୁହେଁ ଏ ଉଚିତ,
ବିଶ୍ରାମ କଲେ କୌଶିକ ମଠେ ରଘୁସୁତ । ୧୫ । (୭ମ ଛାନ୍ଦ)

## ବିରହାନୁଭୂତି

ବିବାହ ପୂର୍ବରୁ ସୀତାଙ୍କର ଓ ବିରହ ଅବସ୍ଥାରେ ବର୍ଣ୍ଣନାରେ କବି ସୁନ୍ଦର ଭାବରାଜି ପ୍ରକାଶକରି ଆର୍ଦ୍ରସାପ୍ଲୁତ କରି ପାରିଛନ୍ତି । ବସନ୍ତ ଋତୁର ପ୍ରଭାବରେ ସୀତା ଓ ରାମଙ୍କ ବିରହବେଦନା ବୃଦ୍ଧି ପାଇଲା । ସୀତାଙ୍କ ଭାବରାଜିରେ ଚନ୍ଦ୍ରାର ଗାମ୍ଭୀର୍ଯ୍ୟ ବିଶେଷ ଭାବରେ ପ୍ରକଟିତ ହୋଇଛି । କବି ଯମକ ଅଲଙ୍କାର କରି ସୀତାଙ୍କ ମୁଖରେ କୁହାଉଛନ୍ତି — ଏ ରାତ୍ରି-ରାକ୍ଷସୀ ମୋତେ ଗ୍ରାସ କରିବ କି ? ହେ ରାମଚନ୍ଦ୍ର, ଆପଣ ତାଡ଼କା ଅସୁରୀକି ବିନାଶ କରି ମୁନିମାନଙ୍କୁ ରକ୍ଷା କରିଛନ୍ତି । ମୋତେ ଏ ରାତି-ରାକ୍ଷସୀ ଗ୍ରାସରୁ ରକ୍ଷା କରନ୍ତୁ । ବିରହ ବେଦନା ଯୋଗୁଁ ନିଦ୍ରା ନଆସିବାରୁ ସୀତା ଏପରି କହୁଛନ୍ତି ।

ବିଭାବରୀ ସାରୀ ବିଲମ୍ବ ଶୁଣି, ବିଭାବରୀ ହେଉଁ ରମଣୀମଣି,
ବିଭାବରୀଚରୀ ଘୋଟିଲା ଗ୍ରାସେ, ବିଭାବ ସାଉରୁ ନିଦ୍ରା ନ ଆସେ,
ବିରହେ ଭାସେ ସେ, ବୀର ହେ ! ଭାଷେ ସେ ତାଡ଼କା ନାଶେ । ୧ ।

କବି ଏହି ପ୍ରସଙ୍ଗରେ ମେରୁ ପର୍ବତ, ମନ୍ଦମରୁତ, ଚନ୍ଦ୍ର, କାମ, ଭ୍ରମର, କୋକିଲ ଇତ୍ୟାଦିଙ୍କ ସମ୍ବନ୍ଧରେ କବିତ୍ୱପୂର୍ଣ୍ଣ ସଙ୍ଗତ ବର୍ଣ୍ଣନା କରିଛନ୍ତି । ଏପରି ବର୍ଣ୍ଣନା ଉପେନ୍ଦ୍ରଙ୍କ କାବ୍ୟରେ ନୂତନ ।

ବିରୋଚନ ଉଦେ ହୋଇବା ରୁହିଁ, ବିରୋଚନକରୁ ନଗ୍ଧଡ଼େ କହି ।
ବିମ୍ବସୀଙ୍କ ସାର, ବିମ୍ବସି ! ମେରୁ ହେଲା ଆମ୍ଭ ପୁର । ୩ । (୧୬ଶ ଛା:)

ଆମ୍ଭ ଗୃହ ମେରୁ ପର୍ବତ ହେଲାକି ? ମେରୁ ପର୍ବତରୁ ସୂର୍ଯ୍ୟକିରଣ କେବେ ଲୁଚୁ ହୁଏ ନାହିଁ, ଏହି କିମ୍ବଦନ୍ତୀକୁ ଏଠାରେ ଲକ୍ଷ୍ୟ କରାଯାଇଛି । ମେରୁପର୍ବତ ଯେପରି ସୂର୍ଯ୍ୟକିରଣରେ ସର୍ବଦା ଉତ୍ତପ୍ତ ଥାଏ, ସେହିପରି ମୋ

ଗୃହ ସୂର୍ଯ୍ୟଙ୍କ ଦ୍ୱାରା ଉତ୍ତପ୍ତ ରହୁଛି କି ? ସର୍ବଦା ବିରହଭାବ ଏଠାରେ ଲକ୍ଷିତ ହୋଇଛି ।

ମନ୍ଦମରୁତକୁ ଲକ୍ଷ୍ୟକରି ସୀତା କହୁଛନ୍ତି, ଏ ମରୁତ (ବାତ) ଏକ ପୀଡ଼ାଦାୟକ ବ୍ୟାଧି । ଏ ମନ୍ଦ ସ୍ୱଭାବବିଶିଷ୍ଟ । ବିଶ୍ୱସ୍ତଜନେ ବୋଲନ୍ତି ମରୁତ 'ବହଇ ମନ୍ଦଗୁଣେ ହୋଇ ସ୍ନେହୀ'—ଏହି ଭାବ ପ୍ରକାଶ କରୁଛି । ଏହି ମରୁତ କି ବାତ (ପବନ) ପୁଣି ଅସୁର ଥିଲା । ତାକୁ ଇନ୍ଦ୍ର ଅଣଞ୍ଚାଶ ଖଣ୍ଡ କରି ହାଣିଥିଲେ । ପୁଣି ସେ ଅମୃତ ପାନକରି ଅମର ହେଲା, ଦେବତା ବୋଲାଇଲା ।

ଚନ୍ଦ୍ରଙ୍କ ସମ୍ବନ୍ଧରେ ସୀତା କହୁଛନ୍ତି, ଚନ୍ଦ୍ର ଆକାଶମାର୍ଗରେ ଭ୍ରମଣ କରୁଥିବାରୁ ଅସତ୍‌ମାର୍ଗଗାମୀ । ପୁଣି ସେ ଗୁରୁପତ୍ନୀଙ୍କୁ ହରଣ କରିଥିଲେ ଏବଂ ଏହାର ଫଳସ୍ୱରୂପ ସ୍ୱଦେହରେ କଳଙ୍କ ଧାରଣ କରିଛନ୍ତି । ଏପରି ଚନ୍ଦ୍ର ପୁଣି ମୋତେ 'ବିଷ' ଦେଇ ଅର୍ଥାତ୍ କଷ୍ଟଦେଇ ମାରୁଛନ୍ତି । ବିଷପ୍ରତି ମଧ ତାଙ୍କର ଶ୍ରଦ୍ଧା ଅଛି, କାରଣ ସେ ବିଷର ଭାଇ; ସେ ବିଷଗୁଣ ଗ୍ରୁଡ଼ି ପାରୁନାହାନ୍ତି । ପୁଣି ବାରୁଣୀ ଅର୍ଥାତ୍ ପଶ୍ଚିମ ଦିଗକୁ ସେ କ୍ଷଣେ ହେଲେ ବିସ୍ମୃତ ହେଉନାହାନ୍ତି । (ବାରୁଣୀର ଅନ୍ୟ ଅର୍ଥ ମଦ) । ବିଷ ଓ ଚନ୍ଦ୍ର ସମୁଦ୍ରମନ୍ଥନ ବେଳେ ସମୁଦ୍ରରୁ ଜାତ ହୋଇଥିଲେ, ଅତଏବ ଦୁହେଁ ଭାଇ ।

ବିପଦକର ଗୋଟାଏ ଆହୁରି, ବିପଦ ମାର୍ଗରେ ଗମନ କରି,
ବିଦ୍ୟା-ଗୁରୁପତ୍ନୀ ହରଣେ ଆଗ, ବିଦ୍ୟାଂଶୁ କଳଙ୍କ ଧରଇ ଅଙ୍ଗ,
ବିଷର ସୋଦର, ବିସ୍ମୋର ନୋହେ ବାରୁଣୀ ଆଦର । ୭ ।

(ବିପଦମାର୍ଗ—ଅସଦ୍‌ମାର୍ଗ, ଆକାଶମାର୍ଗ; ବିପଦକର—ଚନ୍ଦ୍ର)

ସୀତା ଭ୍ରମର ଓ କୋକିଳକୁ ଲକ୍ଷ୍ୟକରି ସାମାନ୍ୟ ଦୁଇଟି ପକ୍ଷୀଦ୍ୱାରା କଷ୍ଟ ପାଉଥିବା ବ୍ୟକ୍ତି କରି ମର୍ମାହତା ହୋଇଛନ୍ତି । ଏମାନେ ପୁଣି ମଦୁଆ ଓ ବିଟପୀ । ଏ ଯନ୍ତ୍ରଣାଦାୟକ କୋକିଳ ପୁଣି କାକଦ୍ୱାରା ପାଳିତ ଓ ଆମ୍ର-

ବଉଳର ରସ ପାନ କରି ଉନ୍ମତ୍ତ ହୁଏ । ଭ୍ରମର ପୁଷ୍ପରସ ପାନକରି ମଦୁଆଙ୍କ ପରି ବ୍ୟବହାର କରେ ।

ଏହିପରି ପବନ, ଚନ୍ଦ୍ର, କାମ, କୋକିଳ, ଭ୍ରମର—ଏହି ପାଞ୍ଚ ପାପୀଙ୍କ ଦ୍ୱାରା ପୀଡ଼ିତ ହେଉଥିବାରୁ ସୀତା ଦୁଃଖିତା ହୋଇ କହୁଛନ୍ତି, ଏହି ପାଞ୍ଚପାପୀ ମୋ ମରଣକୁ ପାଞ୍ଚୁଛନ୍ତି ।

କବିଙ୍କ କଳ୍ପନାର ଗମ୍ଭୀରତା ଓ ପାଣ୍ଡିତ୍ୟ ଏଥିରେ ସ୍ପଷ୍ଟଭାବରେ ପ୍ରକଟିତ ହୋଇଛି । ଏ ବିରହବେଦନା ପ୍ରେମିକ-ପ୍ରେମିକାଠାରେ ସ୍ୱାଭାବିକ । ଏହି ସ୍ୱାଭାବିକ ବିଭାବକୁ କବି ଅତି ସୁନ୍ଦର ଭାବରେ ବ୍ୟକ୍ତ କରିଛନ୍ତି । ଅକଳଙ୍କ ଅବତାରି ସୀତାଙ୍କ ମୁଖରେ ଏ 'ପାପୀ'ମାନଙ୍କ ପ୍ରତି ବ୍ୟଙ୍ଗକୁ ବିଶ୍ୱବର ପ୍ରଭାବ ବୋଲିବାକୁ ହେବ ।

ବିରହିଯାକହିଁ ଯାଇଛି ଘୋଡ଼ା, ବିରହି ମୋରେ ଦେଇ ପ୍ରେତର କ୍ଷୋଡ଼ା,
ବାମଲୋଚନା ବୋଲି ଗୁଣ୍ଡିନାହିଁ, ବାମ ମାର୍ଗରେ ଯୋଗଭଙ୍ଗ ଧାଇଁ,
ବିହଗ ଯୋଡ଼ାଏ, ବିହଙ୍କ ପୁଣି ଏକାକୀ ପୀଡ଼ାଏ । ୮ ।
ବକୁଳ ଆସବ ପାନେ କେ ରଟେ, ବ୍ୟାକୁଳଦାତା ଜନିତ କରଟେ,
ବିମୁଖ କରେ ମଧୁରେ ଧିଆନ, ବ୍ୟଜକେ ପାନ ଯେ ନକରେ ଆନ,
ବଧ ମୋ ଇଚ୍ଛନ୍ତି, ବୃଜନୀ ପାଞ୍ଚ ପାଞ୍ଚି କରିଛନ୍ତି । ୯ । (୧୬ଶ ଛାଃ)

କବି ବିରହଜନିତ ରାମଚନ୍ଦ୍ରଙ୍କ ବିଭ୍ରମର ସୁନ୍ଦର ମନସ୍ତାତ୍ତ୍ୱିକ ବିଶ୍ଳେଷଣ କରିଛନ୍ତି । ଏକେ ବିରହ ଯନ୍ତ୍ରଣାରେ ପୀଡ଼ିତ, ପୁଣି ବିବାହ-ଔତ୍ସୁକ୍ୟ ଉଚ୍ଛନ୍ନ କରୁଛି; ଏ ଅବସ୍ଥାରେ ବିଭ୍ରମ ସ୍ୱାଭାବିକ । ସମସ୍ୟାସମ୍ପର୍କିତ ତନ୍ମୟତା ଏଥିରେ ପ୍ରକାଶ ପାଇଛି ।

ବସି ପାରିବତ ହୁଙ୍କୃତ ସ୍ୱନେ, ବଶିଷ୍ଠ ଆଦି ଆସେ ସୁଖାସନେ,
ବାଥିରେ ଶ୍ୟାମଳ କମଳ-ବାସୀ, ବାଥିରେ ଦେଖିବା ଅଯୋଧ୍ୟାବାସୀ;
ବିତର୍କି ଚିତ୍ତରେ, ବିତରଣ-କୃତ ନେଜ କାତରେ । ୧୮ ।

ବିଭ୍ରାଜ ଫୁଲଶିମ୍ବାଳ ପଳାଶ, ବିଭ୍ରାନ୍ତ ହୁଏ ମଧୁପ ବିଳାସ,
ବଳାକାପନ୍ତି ଯାଉଁ ଦୃକସାର, ବଳାନ୍ତ ଚଣ୍ଡ ପତାକା ପ୍ରସାର,
ବିଳସେ ସୁମନ, ବିଳମ୍ବେ ତେଜି କଲେ ତ ଗମନ । ୧୯ ।

ଶ୍ୟାମଳ କମଳବାସୀ ରାମଚନ୍ଦ୍ର ଏପରି ମନରେ ଭାବନା କରୁଥିବା ବେଳେ ପାରାବତର 'ହୁଁ ହୁଁ' ସ୍ୱନ ଶୁଣାଗଲା । ରାମ ଭାବିଲେ, ଦଶରଥାଦି ଅଯୋଧ୍ୟାବାସୀ ସବାରରେ ଆସୁଛନ୍ତି । ପାରାବତର 'ହୁଁ ହୁଁ' ସ୍ୱନ ସବାର-ବାହକଙ୍କ 'ହୁଁ ହୁଁ' ସ୍ୱନ ପରି ତାଙ୍କୁ ପ୍ରତୀତ ହେଲା । ସେ ଅସ୍ଥିର ହୋଇପଡ଼ି ଅଯୋଧ୍ୟାବାସୀଙ୍କୁ ଏକତ୍ରଭାବରେ ଦେଖିବା ନିମିତ୍ତ କାତରଭାବରେ ଏଣେତେଣେ ଚାହିଁଲେ ।

ପୁଣି, ପତ୍ରବିହୀନ ପୁଷ୍ପିତ ପଳାଶ ବୃକ୍ଷକୁ ଦେଖି ସେ ଭାବିଲେ, ଅଯୋଧ୍ୟାର ପଦାତିକ ଆସିଗଲେ । ପଦାତିକମାନଙ୍କ ରକ୍ତବର୍ଣ୍ଣ ପଗଡ଼ିକୁ ଏଠାରେ ଲକ୍ଷ୍ୟ କରାଯାଇଛି । ବାଉଁଶଗଛରେ ବକପନ୍ତି ବସିଥିବା ଦେଖି ସେନାବାହିନୀର ପତାକା ଭ୍ରମ ହେଲା ।

ସୀତା ବିରହରେ କାତର ହୋଇ ଚନ୍ଦ୍ରଙ୍କୁ ଯେପରି ଭର୍ତ୍ସନା କରିଛନ୍ତି, ରାମ ମଧ୍ୟ ସେହିପରି କରିଛନ୍ତି । କିନ୍ତୁ ଭାବରେ ପାର୍ଥକ୍ୟ ଦେଖାଯାଉଛି ।

ବିଷଳା ରାମା ପ୍ରାପତେ ହବିଷ, ବିଷସ୍ଥ ଅନ୍ତର ଅଶନ ବିଷ,
ବୀଶ-ପ୍ରଭୁ ପ୍ରେମ-ବାଣିଜ୍ୟେ ବିଶ, ବିଶଦଭାନୁ ଭାନୁ ଏ କଲ୍ମଷ,
ବିଷଧର ବିଷ, ବିଷମତାପ ବଶ ଏ ଭବିଷ୍ୟ । ୧୭ ।

ଏ ବିପରୀତ ଭାବର କାରଣ ବିରହ; ବିରହ ଯୋଗୁଁ ତାଙ୍କର ମନରୁ ଅନ୍ୟ ସମସ୍ତ ଭାବ ଦୂର ହୋଇଗଲା । ବୈଶ୍ୟମାନେ ବାଣିଜ୍ୟରେ ଏକାଗ୍ରଚିତ୍ତରେ ଲିପ୍ତ ରହିଲାପରି ରାମ ସୀତାଙ୍କ ପ୍ରେମରେ ତନ୍ମୟ ରହି ବିରହଯନ୍ତ୍ରଣା ଭୋଗ କଲେ । ଏ ଯନ୍ତ୍ରଣାରୁ ରକ୍ଷା ପାଇବାର ଏକମାତ୍ର ଔଷଧ ସୀତାଙ୍କୁ ଶୀଘ୍ର ଲାଭ କରିବା ନିମନ୍ତେ ସେ ବ୍ରତାଗ୍ରହୀ ହେଲେ । ଚନ୍ଦ୍ରକିରଣ ତାଙ୍କୁ ବେଶି

ଯନ୍ତ୍ରଣା ଦେବାକୁ ଚନ୍ଦ୍ରଙ୍କ ଦେହରେ ଦଶୁଥିବା କଳଙ୍କକୁ ସ୍ୱୟଂ ସର୍ପଦଂଷ୍ଟ୍ର ବୋଲି ମନେକଲେ । ସେ ଭାବିଲେ, "ଚନ୍ଦ୍ର ଏହି ସର୍ପଦଷ୍ଟ ହୃଦୟରେ ଧାରଣ କରିଥିବାରୁ (ଦୁର୍ଗୁଣଜନିତ ବ୍ୟବହାର ପ୍ରକାଶ କରି) ମୋତେ ପୋଡ଼ି ଦେଉଛି ।" ଚନ୍ଦ୍ରଙ୍କ କଳଙ୍କକୁ ଲକ୍ଷ୍ୟକରି ସେ ସୀତାଙ୍କର ଚରିତ୍ର ପ୍ରତି ଆକ୍ଷେପ କରିଛନ୍ତି ।

ରାମଙ୍କ ବିରହଜନିତ ମତିବିଭ୍ରମ କବି ସୀତାହରଣ ପରେ ବର୍ଣ୍ଣନା କରିଛନ୍ତି । ବର୍ଷାକାଳରେ ଘନେ ମେଘଗର୍ଜ୍ଜନ, ବୃଷ୍ଟିପାତ, ଇନ୍ଦ୍ରଧନୁ ଓ ମେଘସଞ୍ଚାର ଦେଖି ରାମଚନ୍ଦ୍ରଙ୍କ ଭ୍ରମ ଜାତହେଲା । ସେ ମେଘକୁ ଦେଖି ତାକୁ ରାବଣ ବୋଲି ଭାବିଲେ ।

ବାହାରି ପର୍ଣ୍ଣିବାସୁଁ ରାହିଁ ବୋଇଲେ ବିଭ୍ରମେ ସବୁଗୁଁ ରାବଣ,
ବୈଦେହୀ ହରଣେ ଜଟାୟୁ ମାରଣେ ଗରୁଡ଼ ଡରେ ପକ୍ଷୀଗଣ ।
ବେଢ଼ିଛନ୍ତି ଯେ, ବିକାଶି କେ ଶିଖୀ କେ ଡାକେ,
ବସିଣ ମରୁତରଥେ ଶରବୃଷ୍ଟି କରେ ଯୁକ୍ତ ହୋଇ କାର୍ମୁକେ । ୧୦ ।

ବାଳାକୁ ମୋର ଚରମେ ଲୁଚାଇଛି ନୟଣେ ଦେଖ ଶଶିମୁଖ,
ବିଦ୍ୟୁତକାନ୍ତି ଦିଶି ନଦିଶି ଯାଉଛି ଅଙ୍ଗ ପ୍ରଚଳେ ତାର ଦେଖ ।
ବାଣୀ କୋକିଳ, ବହିଛି ଗଦ୍‌ଗଦ୍ ଶୋକରୁ,
ବଢ଼ାଇ ସମର ଛଡ଼ାଇ ଦେନିବା ସାର ନାହିଁ ଏହା ବିଚାରୁ । ୧୧ ।

(୨୧ଶ ଛାନ୍ଦ)

ରାମ ଏପରି ବିଚାର କରୁଥିବା ବେଳେ ଲକ୍ଷ୍ମଣ ତାଙ୍କର ଭ୍ରମ ଦୂର କଲେ । ଚଉଦିଟି ଅତି ରମଣୀୟ ଭାବରେ ବିଭ୍ରମ ପ୍ରକାଶ କରୁଛି ।

ରାମଚନ୍ଦ୍ର ନିଜର ବିଭ୍ରମ ବୁଝିସାରିବା ପରେ ବର୍ଷାର ଆଗମନ ଯୋଗୁଁ ଆନନ୍ଦିତ ହେଲେ । ମନରୁ ଅହଙ୍କାର ଦୂର କରି ବିନୀତ ଭାବରେ ମେଘକୁ ସମ୍ବୋଧନ କରି ସୀତାଙ୍କଠାକୁ ଦୂତ ହୋଇ ଯିବାପାଇଁ ଅନୁରୋଧ କଲେ । ରାମଙ୍କର ଏ 'ମେଘଦୂତ' କ୍ଷୁଦ୍ର ହେଲେ ମଧ୍ୟ ଚଳାର ଗାମ୍ଭୀର୍ଯ୍ୟ ଏହାକୁ ଅଙ୍କାନ୍ତ

କବିତ୍ୱପୂର୍ଣ୍ଣ, ରମଣୀୟ ଓ ହୃଦୟସ୍ପର୍ଶୀ କରି ପାରିଛି । ବିରହକାତର, ଏକ-ପତ୍ନୀବ୍ରତ, ଭାବୁକ, ସଚ୍ଚରିତ୍ର ତଥା ପ୍ରେମିକସ୍ୱାମୀର ଜୀବନଚିତ୍ର ଅମୂଲ୍ୟ ରତ୍ନ-ସ୍ୱରୂପ ଆଦରଣୀୟ ହୋଇଛି ।

"ମୋର ପ୍ରିୟା ବିରହଯନ୍ତ୍ରଣା ଯୋଗୁଁ କ୍ଷୀଣ ହୋଇ ଯାଇଥିବ । ତୁମ୍ଭେ ପ୍ରଖର ପବନ ନେଇ ଯିବନାହିଁ, ବଜ୍ରପତନ ଓ ଗର୍ଜ୍ଜନ କରିବ ନାହିଁ । କାରଣ, ମୋ ଧନ ଏଥିରେ ଭୀତ ହୋଇଯିବ । ମୋର ବନ୍ଧୁ ନବାନୁଭବୀ ସତ । ବିରହଯନ୍ତ୍ରଣା ନାଶ କରିବାପାଇଁ 'ଶିବଶିବ' ନାମ ଉଚ୍ଚାରଣ କରିବାକୁ ତାର ଚିତ୍ତକୁ ମନାଇବ । ତାକୁ ପୁଣି କହିବ, ତୁ ତୋର କାନ୍ତର ପ୍ରାଣ । ତୁ ହତ ହେଲେ ସେ କି ଆଉ ଜୀଇବ ? ମୋ ପ୍ରିୟା ବିରସିକା, ସ୍ନେହାଧୀନା । ସେ ଏହି ଶଙ୍କାବାଣୀ ଶୁଣିବ ମାତ୍ରେ ନିଶ୍ଚୟ ଜୀବନଧାରଣ କରି ରହିବ । ପୁଣି କୌଶଳରେ କହିବ, ଦୁହେଁ ତ ଏକ, କିନ୍ତୁ ବିଚ୍ଛେଦରେ ବହୁ ଦେଖାଯାଉଛୁ, ଏକ କୌତୁକ ! ଶୟନରେ ନୟନ ବୁଜିବାକ୍ଷଣି ତୋର ଲୀଳା ଦିଶିଯାଉଛି । ଏହି କଉତୁକ ଜାତ ହେଉଥିବା ସମୟତକ କେବଳ ସୁଖରେ କଟୁଛି, ନୋହିଲେ, ତୋ ପ୍ରିୟ ସଦାଦୁଃଖୀ । ତୋ ବିନା ଅଖିଳ ସଂସାରରେ ତାଙ୍କୁ ଆହା ବୋଲିବାକୁ ଆଉ କେହି ନାହିଁ ।" ଏଠାରେ କବି ବିରହୀପ୍ରାଣର ଭାଷାକୁ ରୂପଦାନ କରିଛନ୍ତି ।

ବିରହରେ କ୍ଷୀଣ ଭୀରୁମଣି ଧନ ନ ନିଅ ପ୍ରଖର ପବନ,
ବଜ୍ରପତନ ସ୍ତନିତ ନ କରିବ ପ୍ରବେଶ ହେବ ସନ୍ନିଧାନ ।
ବାରିବାହ ହେ, ବନ୍ଧୁ ନବାନୁଭବୀ ସତ,
ବୋଲିବ ଯେମନ୍ତେ ଶିବଶିବ ନିତ୍ୟେ ସେ ରୂପେ ମନାଇବ ଚିତ୍ତ । ୧୩ ।
(୨୧ଶ ଛାନ୍ଦ)

ବସନ୍ତଋତୁ ଆଗମନରେ ଅଶୋକବନରେ ସୀତା ବିରହ ବେଦନାରେ ବ୍ୟଥିତା ହୋଇ କୋକିଳକୁ ରାମଙ୍କଠାକୁ ଦୂତ ହୋଇ ଯିବା ନିମନ୍ତେ ଅନୁରୋଧ କଲେ । ପୂର୍ବେ ବିବାହ ସମୟରେ ସୀତା ବିରହଜ୍ୱାଳାରେ ଅସ୍ଥିର

ହୋଇଥିଲେ, କୋକିଳର ସ୍ୱର ତାଙ୍କ ବେଦନାକୁ ବୃଦ୍ଧି କରିଥିବାରୁ ତାକୁ ଭର୍ତ୍ସନା କରିଥିଲେ । ଏବେ ପୁଣି ସେହି କୋକିଳକୁ ଦୂତ ହେବାପାଇଁ ବିନୀତ ଅନୁରୋଧ କରୁଛନ୍ତି ! ବିରହୀ କଣ ନ କରେ, କଣ ନ କହେ !

ପିକ ସଖୀସ୍ୱୀ ବା ସଂଯୋଗୀମାନଙ୍କ ରସସୃଷ୍ଟି କରି ଆନନ୍ଦ ଦାନ କଲା । ସେ ଆମ୍ର ବୃକ୍ଷ ଉପରେ ବସି ପଞ୍ଚମ ତାନରେ ଶବ୍ଦକଲା । ସୀତା ତାକୁ ସମ୍ବୋଧନ କରି କହିଲେ, ତୁ ମନ୍ଦତନୟ ( କାକଦ୍ୱାରା ପାଳିତ ) ବୋଲାଉ, ପୁଣି ବିଶେଷରେ ତୁ ମନ୍ଦ । ତୋର 'ପରଭୃତ' ନାମରେ ତୁ ଦମ୍ଭ କରନାହିଁ, ନିଜ ନାମକୁ ସାର୍ଥକ କର । ଏବେ ମୋର ଦୂତ ହୋଇ ରାମଙ୍କ ପାଖକୁ ଯାଇ କହ, "ବନକୁ ତିନି ଜଣ ଆସିଲୁ । ଦୁଇ ଜଣ (ରାମ, ଲକ୍ଷ୍ମଣ) ଏକ ହୋଇ ରହିଲ, ଏକା ହୋଇ ସୀତା ଗଲେ । ତାକୁ କେହି ଆହା ବୋଲିବାକୁ ସାହା ନାହିଁ, ସେ ବା କିପରି ବଞ୍ଚିବ ? ମୋ ବଲ୍ଲଭଙ୍କୁ ଏତିକି କହିବ, ବ୍ରହ୍ମାଣ୍ଡନାଥଙ୍କ ହାତ ଧରି ଅନାଥ ହେବା ଶବ୍ଦ ଜଗତରେ ଶୁଣାଯାଉଛି ।"

ବନେ ଅଇଲୁ ତିନି ବେନି ରହିଲେ ଏକ ଗଲା ଏକା ହୋଇ ଯେ,
ବୋଲିବାକୁ ଆହା କେହି ନାହିଁ ସାହା ସେ ଜନ ବଞ୍ଚିବ କେହି ଯେ ।
ବଲ୍ଲଭେ, ବନପ୍ରିୟ କହ ଏତେ ଯେ,
ବ୍ରହ୍ମାଣ୍ଡନାଥ ହାତ ଧରି ଅନାଥ କି ଶୁଭୁଅଛୁ ଜଗତେ ଯେ । ୭ ।

ବୋଲିବେ ଅବା ସେ ଗୁଣ୍ଡିଗଲା ସିନା ଆୟତେ ମୁଁ ଆସିନାହିଁ ଯେ,
ବେନିପିଣ୍ଡ ଏକ ଜୀବନ ବିଚ୍ଛେଦ ପାଇଁ ବିହିଥିଲା ବିହି ଯେ ।
ବଲ୍ଲଭେ, ବନପ୍ରିୟ କହ ଏତେ ଯେ,
ବିଗୁଣ ସେବକୀରେ ପ୍ରଭୁ ଘେନିଲେ ସେ ଭଲ ହେବ କେମନ୍ତେ ଯେ । ୮ ।

ବନେ ଆସିଲାଦିନୁ ମନେ ବିସ୍ମରି ପଲ୍ୟଙ୍କଶୟନା ଏହି ଯେ,
ବିକ୍ଷବିସ୍ତାନରେ ନବ ପଲ୍ଲବର ଶେଯେ ନ ଦିଅ ଶୁଆଇ ଯେ ।
ବଲ୍ଲଭେ, ବନପ୍ରିୟ କହ ଏତେ ଯେ,
ବସୁମତୀ ଧୂଳି ଏବେ କରି ତୁଳୀ ନିଦ୍ରା ସେ ଯିବ କେମନ୍ତେ ଯେ । ୧୦ ।

(ଚୌତିଶ ରାମାୟଣ) (ଔଷଧ ଗୁଚ୍ଛ)

ସୀତାଙ୍କ 'କୋଇଲିଦୂତ' ରାମଙ୍କ ସନ୍ଦେଶର ମୁଖ୍ୟ ପ୍ରସଙ୍ଗରୁ ଦୁଇଟି 'କୋଇଲିକୁ ଆହା, କେହି ନାହିଁ ଯାହା ସେ ଜନ ବଞ୍ଚିବ କେହ୍ନେ ଯେ' ଓ 'ତେଣ ପିଣ୍ଡ ଏକ ଜୀବନ ବିଚ୍ଛେଦ ପାଇଁ ବହି ଥିଲି ବୃକ୍ଷ ଯେ' ପଦରେ ପ୍ରଦାନ କରିଛୁ । 'କୋଇଲିଦୂତ'ଟିରେ ଅଳ୍ପସଂଖ୍ୟକ ପଦଥିଲେ ମଧ୍ୟ ଭାବଗର୍ଭକ, କରୁଣାତ୍ମକ ହୋଇଛୁ ।

ଏ ପଦଗୁଡ଼ିକ ଶୋଭନଭାବରେ କରୁଣ ରସ ସୃଷ୍ଟି କରି ପାରିଛୁ । ଆଦିରସଶାଣିତ ହୋଇଥିବାରୁ ପଦଗୁଡ଼ିକ ଅପୂର୍ବ ରୂପ ଧାରଣ କରିଛୁ ।

ବିରହୀର ଶାଶ୍ୱତଚନ୍ତା ଶୋଭନ ରୁଚିସମ୍ପନ୍ନ ଶୈଳୀରେ ପ୍ରକାଶିତ ହୋଇଥିବାରୁ ପଦାବଳୀର ଗୌରବ ବିଶେଷ ଭାବରେ ବୃଦ୍ଧି ପାଇଛୁ । ଅଳ୍ପପଦରେ ବେଶି ଭାବ ପ୍ରକାଶ କରିବା ଶୈଳୀ ବ୍ୟବହାର କରି ଉପେନ୍ଦ୍ର ଉଚ୍ଚକୋଟୀର ରଚନାପଟୁତା ପ୍ରଦର୍ଶନ କରିଛନ୍ତି ।

ରାମଙ୍କ ବିରହଜନିତ ବିଭ୍ରମ ପମ୍ପାସରୋବରଠାରେ ଓ ବନର ବିଭିନ୍ନ ସ୍ଥାନରେ ପ୍ରକାଶ ପାଇଛୁ । ବିରହବ୍ୟଥାରେ ଜର୍ଜ୍ଜରିତ ହୋଇ ଚକ୍ରବାକ ପକ୍ଷୀଙ୍କୁ ସମ୍ବୋଧନ କରି ସେ କହୁଛନ୍ତି, "ମୋ ପ୍ରିୟା ରସସରସୀ ସ୍ୱରୂପା । ମୁଁ ଏହି ରସସରସୀରେ ମୀନସ୍ୱରୂପ ବିହରଣ କରୁଛି । ସରସୀ ଜଳରୁ ମୀନ ଅନ୍ତର ହେଲେ ତାହାର ଜୀବନ ରହିବ କି ?"

ବାଳା ମୋ ରସସରସୀ, ବିହରେ ମୁଁ ମୀନ ରସି,
ବିଧୂରେ କେମନ୍ତେ ଜୀବ, ବୁଝି ନ ଯିବ ଯେ । ୫୬ । (୨୬୩ ପୃଃ)

ପ୍ରିୟା ଦୂରକୁ ଅନ୍ତର ହୋଇଯାଇଥିବା ଜାଣି ସୁଦ୍ଧା ପ୍ରିୟର ପ୍ରାଣ ରହିଛି, ଏହା ଏକ ଆଶ୍ଚର୍ଯ୍ୟ ଘଟନା ପରି ରାମଙ୍କୁ ମନେ ହେଉଛି । କାରଣ ପ୍ରିୟା ପ୍ରିୟର ଜୀବନ ଓ ନୟନର ପିତୁଳା । ସୀତା (ଜୀବନ) ବିନା ରାମ ବଞ୍ଚି ରହିଛନ୍ତି ଏବଂ ତାଙ୍କ ଚକ୍ଷୁ ପିତୁଳା ବିନା ପଥ ଦେଖୁଛି ।

ବିଟପ ଏବେ ଭୁବନ, ଦହିଲେ ତୁହି ଜୀବନ,
ବିନା ପିଙ୍ଗଳା ନୟନ, ବ୍ୟକ୍ତ ଅୟନ ଏ । ୧୪ । (୨୭ଶ ଛାନ୍ଦ)

ବିରହଯନ୍ତ୍ରଣାର କଠୋରତା କବି ରାମଙ୍କ ମୁଖରେ ବ୍ୟକ୍ତ କରିଛନ୍ତି ।

ବଜ୍ର ନ ମରୁ ପୋଡ଼ଇ, ବେଳ ପ୍ରଭାରୁଁ ବୁଡ଼ଇ
ବିଶେଷେ ଅନ୍ଧାର ଦିଶେ, ବ୍ୟୋମାଦି ଦିଶେ ଯେ । ୧୫ ।

ବଳ ଯେ ବୀରବୃନ୍ଦର, ବିଦେହେ ହୋଏ ତା ଦର
ବିଭେଦକ ଫୁଲଶର, ବପୁ ଦେଶର ଯେ । ୧୬ । (୨୭ଶ ଛାନ୍ଦ)

ବୀରବୃନ୍ଦର ବଳ ଯେ ରାମଚନ୍ଦ୍ର, ଯାହାର ଦେହରେ ବଜ୍ର ପଡ଼ିଲେ ମଧ୍ୟ କିଛି ହେବନାହିଁ, ସେ ପୁଣି ବିଦେହ (କନ୍ଦର୍ପ)ଙ୍କୁ ଡରୁଛନ୍ତି ଏବଂ ପୁଷ୍ପଶର ତାଙ୍କ ଶରୀରକୁ ଭେଦ କରୁଛି । କନ୍ଦର୍ପର ଅସୀମ କ୍ଷମତା ଆଗରେ ରାମଙ୍କ ସଦୃଶ ବୀରଶ୍ରେଷ୍ଠ ଯେତେବେଳେ ମୁଣ୍ଡ ନୁଆଁଇଛନ୍ତି ସେତେବେଳେ ଅନ୍ୟ ଲୋକର କଥା କିଏ କହିବ ! ମାନବ ଜୀବନର ଏହି ବୃତ୍ତିଟିକୁ କବି ଅତି ଶୋଭନ ଭାବରେ ଚିତ୍ରିତ କରିଛନ୍ତି । ଏ ଦୁଃଖ ରାମଙ୍କ ପକ୍ଷରେ ଯାହା, ଅନ୍ୟ ସମଦଶାପନ୍ନ ଲୋକ ପକ୍ଷରେ ମଧ୍ୟ ତାହା ।

## ଯୁଦ୍ଧ ଚିତ୍ର

ଯୁଦ୍ଧଯାତ୍ରା—

ରାମଚନ୍ଦ୍ରଙ୍କ ବାନର-ଭଲ୍ଲୁକ ସୈନ୍ୟବାହିନୀର ଯାତ୍ରାବେଳର ଦୃଶ୍ୟକୁ କବି ରସୋପଯୋଗୀ ବର୍ଣ୍ଣନା ପ୍ରଦାନ କରିଛନ୍ତି ।

ରାମ ଓ ଲକ୍ଷ୍ମଣ ସୁଗ୍ରୀବଙ୍କ ଅନୁରୋଧକ୍ରମେ ହନୁମାନ ଓ ଅଙ୍ଗଦଙ୍କ ସ୍କନ୍ଧରେ ବସିଲେ । ହନୁମାନ ସ୍କନ୍ଧରେ ରାମ ଗରୁଡ଼ ପିଠିରେ ବିଷ୍ଣୁଙ୍କ ପରି ଓ ଅଙ୍ଗଦ ସ୍କନ୍ଧରେ ଲକ୍ଷ୍ମଣ ବୃଷଭ ପିଠିରେ ଶିବଙ୍କ ପରି ସୁନ୍ଦର ଦେଖାଗଲେ ।

ସୈନ୍ୟମାନଙ୍କ ପଦାଘାତରେ ଏତେ ରଜ ଉଡ଼ିଲା ଯେ ସେଥିରେ ଚକ୍ଷୁ ରୁଦ୍ଧ ହୋଇଗଲା; ବଳରେ ସୈନ୍ୟବାହିନୀ ସୃଷ୍ଟିଙ୍କ କମ୍ପନ ଜନ୍ମାଇଲା

ବୋଧହେଲା । ସୈନ୍ୟବାହିନୀର ସ୍ୱେଦଜଳ ଏତେ ପରିମାଣରେ ବହିଲା ଯେ ତାହା ନଦୀସ୍ରୋତ ଆକାର ଧାରଣକରି ଆକାଶଗଙ୍ଗାର ପ୍ରତିଦ୍ୱନ୍ଦୀ ହେବାକୁ ବସିଲା । ସ୍ୱର୍ଗଗଙ୍ଗାଙ୍କ ସହିତ ସ୍ୱେଦନଦୀ ସନ୍ଧି କରିବାକୁ ମଧ୍ୟ ପ୍ରସ୍ତୁତ ନଥିଲା । ଗମନ କାଳରେ ସୈନ୍ୟମାନେ ଏତେ ଦେହକୁ ଦେହ ଲଗାଲଗି ହୋଇ ଗମନ କରୁଥିଲେ ଏହାହିଁ କବିଙ୍କ ବର୍ଣ୍ଣନାର ଉଦ୍ଦେଶ୍ୟ । ଅସଂଖ୍ୟ ସୈନ୍ୟର ଗମନଭରରେ ପୃଥିବୀ କମ୍ପମାନ ହେଲା; ବାସୁକୀ ଏକାକୀ ପୃଥିବୀକୁ ଧାରଣ କରି ନପାରି ସ୍ୱଜନମାନଙ୍କ ସାହାଯ୍ୟ ଭିକ୍ଷା କଲା । ଏ ବିଶାଳ ସୈନ୍ୟବାହିନୀର ଭାରକୁ ବହନ କରିବାରେ ଯେଉଁ କଷ୍ଟ ହେଉଥିଲା ତାକୁ ପୃଥ୍ୱୀ କଷ୍ଟ ବୋଲି ମଣୁ ନଥିଲେ, କାରଣ ଏତେକାଳ ରାବଣର ଅତ୍ୟାଚାରରେ ସେ ଦୁଃଖିତା ଥିଲେ, ଏବଂ ଏବେ ଏହି ଭାରହରଣର ଅବକାଶ ଦେଖି ନବଯୁବତୀ ବଲ୍ଲଭ ସଙ୍ଗ ଲାଭକଲେ ଯେପରି ଆନନ୍ଦିତ ହୁଏ ସେହିପରି ଆନନ୍ଦିତା ହେଲେ ।

ବୁଡ଼ାଇ ନୟନ ରଞ୍ଜନକରେ, ବଳରେ ସୃଷ୍ଟି କବଳ କରେ । ୧୩ ।
ବ୍ୟୋମଗଙ୍ଗାରେ ସ୍ୱେଦ-ନଦୀ ବାଦୀ, ବିଗ୍ରହେ ସନ୍ଧି ଯେ ନ ସମ୍ପାଦି ।୧୪।
ବାସୁକି ସମାନ ସୋଦର ଡାକି, ବସୁଧା ଥିବା ସଙ୍କଟେ ଟେକି । ୧୫ ।
ବଲ୍ଲଭ ସଙ୍ଗ ମାନବଯୁବତୀ, ବହିଲା ସେହି ଉପମା କ୍ଷିତି । ୧୬ ।
ବ୍ୟଥା ପାଇଲେ ତାହା ନ ଗଣିଲା, ବିବେକ ଚିରସନ୍ତାପ ଗଲା ।

(୩୬ଶ ଛାନ୍ଦ)

ଏହି ସୈନ୍ୟଗମନର ଗହଳି ଅବସ୍ଥାକୁ ଲକ୍ଷ୍ୟକରି କବି ପୁଣି କହୁଛନ୍ତି ଯେ ଏଥିରେ ବାୟୁ ଯିବା ପାଇଁ ବାଟ ନପାଇ କେତକୀ ଫୁଲରେ ପଶିଯାଇ ଭ୍ରମର ପଥ ନପାଇ ବ୍ୟାକୁଳ ହେଲାପରି ହେଲା ।

ବିକଳ କେତକୀରେ ଭୃଙ୍ଗ ପ୍ରାୟେ, ବହିବା ମାର୍ଗ ବାୟୁ ନପାଏ । ୧୮ ।

ସୈନ୍ୟବାହିନୀର ଗମନ ସମୟରେ ବାଜୁଥିବା ନିଶାଣ ଶବ୍ଦକୁ ପାତାଳ-ପୁରରେ ଥିବା ମହାବୀର ତ୍ରିପୁରବିଜୟୀ ବଳୀ ମଧ୍ୟ ଏହାକୁ ବଜ୍ରଶବ୍ଦ ମନେକରି ଭୀତ ହେଲା ।

ବଜ୍ରତାପ ଘୋଷ ନଶାଣ ରବେ, ବିଷାଦ ବଲ ଜାତ ସ୍ୱଭାବେ । ୧୯ ।

ରାବଣ ଦୂତ ମୁଖରୁ ଏହି ସୈନ୍ୟବାହିନୀର ଯେଉଁ ବର୍ଣ୍ଣନା ଶୁଣିଲେ ତାହା ଅତି ସୁନ୍ଦର ହୋଇଛି । କପି ଓ ଭଲ୍ଲୁକ ସୈନ୍ୟବାହିନୀର ମିଶ୍ରଣକୁ ଦୂତ ଦୁଇଟି ସମୁଦ୍ରର ମିଶ୍ରଣ ସହିତ ତୁଳନା କରଛି । ଏମାନେ ଅଗସ୍ତିଋଷିଙ୍କ ପରି ସମୁଦ୍ରର ଜଳ ପିଇ ଶୁଖାଇଦେବା ଆଶା କରୁଛି । ଅଗସ୍ତି ତ ଜଣେ, ଏମାନେ ବେଶି ଥିବାରୁ ସମସ୍ତେ ମିଶି ପିଇଲେ ସମୁଦ୍ରର ଜଳ ଶୁଖିଯିବ, ଏହି ଭାବ କବି ବ୍ୟକ୍ତ କରିଛନ୍ତି ।

ବାନର ଋକ୍ଷ କେତେ ରାଜା ପୃଚ୍ଛେ, ବାରିଧି ଲଙ୍ଘନରେ କ ଲଚ୍ଛେ । ୨୭ ।
*ବୋଲେ ସ୍ମର କ ପସ୍ମର ସେ ସୈନ୍ୟ, ବାରିଧି ବେଳ ଭେଟ ରଞ୍ଜନ । ୨୮ ।
ବୋଲନ୍ତି ପିଇଲି ଅଗସ୍ତି ଏକ, ବହୁତ ଗ୍ରାସେ କେତେ ଉଦକ । ୨୯ ।
(୩୯ଶ ଛାନ୍ଦ)

ଯୁଦ୍ଧ—

ରାମ-ରାବଣ ଯୁଦ୍ଧରେ ଉଭୟଙ୍କ ଶରର ଘାତପ୍ରତିଘାତରେ ଅଗ୍ନି ଜାତ ହେଉଥିଲା । ମନେ ହେଉଥିଲା, ସୂର୍ଯ୍ୟ ଓ ଅଗ୍ନି ମିତ୍ର ଭାବରେ ମିଳିତ ହୋଇଛନ୍ତି । ଅଗ୍ନିସ୍ଫୁଲିଙ୍ଗ ଯୁଦ୍ଧଭୂମିରେ ଉଲ୍କାପାତ ହେଲାପରି ଦେଖା ଯାଉଥିଲା । ଝଡ଼ିପଡ଼ୁଥିବା ଅଗ୍ନିକଣା ଅଳ୍ପକ୍ଷଣ ପରେ ଲିଭି ଯାଉଥିବାରୁ ସେମାନଙ୍କୁ ବର୍ଷାରାତିରେ ଜୁଳୁଜୁଳିଆ ପୋକ ସହିତ ତୁଳନା କରିଛନ୍ତି ।

ବାଣେ ବାଣ ପରିତାଳ, ଜ୍ୟୋତି ଜାତ କି ଅନଳ
ଭାନୁ ଚିତ୍ରଭାନୁ ମିତ୍ରଭାବେ ସେ ମେଳ ।
ନିର୍ଘାତ ହେବା ସମସ୍ତେ କି ଉତ୍ପାତ ଉଲ୍କାମସ୍ତେ
ଜଗତଯାକର ହୋଏ ସେହି ମଞ୍ଜୁଳ ।
ବିନାଶନ, ବିଶିଷ୍ଟ ଜ୍ୟୋତି ଲବକୁ ଲବ
ବର୍ଷା ନିଶାରେ ଖଦ୍ୟୋତ ଦିଶି ନଦିଶିଲା ବତ
ମନକୁ ଆସେ ତେମନ୍ତ ଲୀନ ଉଦ୍‌ଭବ । ୫ । (୫୦ ଛାଃ)

ଶରଘାତରେ ବହୁ ରାକ୍ଷସ ନିହତ ହେଲେ । ଏହି ଶର ରାକ୍ଷସମାନଙ୍କୁ ଆକାଶକୁ ଉଠାଇ ନେଇ, ପେଟ ଚିରି, ଅନ୍ତ୍ରବୃଜୁଳା ବାହାର କରି ଦେଉଥିଲେ । ଗୃଧ୍ରପକ୍ଷିମାନେ ଏହି ଶବମାନଙ୍କୁ ଆନନ୍ଦରେ ଧରି ଉଡ଼ି ପଳାଉଥିଲେ । ଯୁଦ୍ଧର ଭୟଙ୍କର ଦୃଶ୍ୟ ଏଥିରୁ ସୁସ୍ପଷ୍ଟ । ଗୃଧପକ୍ଷିମାନେ ଯୁଦ୍ଧଭୂମିର ରକ୍ତ ମଧ୍ୟରେ ପ୍ରବେଶ କରି ନପାରି ଶୂନ୍ୟରେ ଉଡ଼ୁଥିଲେ ଏବଂ ଶୂନ୍ୟରୁ ଶବକୁ ଝାମ୍ପି ନେଉଥିଲେ ।

ବଜାୟୀ ନନ୍ଦଘୋଷରେ ବଜାୟି ଧନୁ ଘୋଷରେ
  କଇଲାସବିଳାସ ଛଡ଼ାଇ ଅଣାଇ,
ବାଛି ସାର ଯୋଦ୍ଧାବ୍ରାତ ମୃଦ୍ଧା ଫାଳ ଫାଳକୃତ
  ବକ୍ଷତର ବପାପୀତ ମାଂସ ଭକ୍ଷଇ,
ବାଜିନାମୁଁ, ବିଷ୍ଟିରେ ଜାଣି ମିତ୍ରତା କରି
ବହିରୁ ଶବ ବିସ୍ଥଳେ ଘେନ ସେ ଚୋଟେ ଭକ୍ଷନ୍ତେ
  ଭରମୁ ଥିଲେ ରକତେ ପଶି ନପାରି । ୪ । (୫୦ଶ ଛାନ୍ଦ)

ରାମ ରାବଣର ଶିର କାଟିବା ସମୟର ଦୃଶ୍ୟକୁ କବି ଅତି ଚମତ୍କାର ଭାବରେ ଉପମା ପ୍ରୟୋଗ କରି ବର୍ଣ୍ଣନା କରିଛନ୍ତି । ରାମଚନ୍ଦ୍ର ବେଶରେ ଚକ୍ରୀ (ବିଷ୍ଣୁ) ଥିବାରୁ କୁମ୍ଭାର (ଚକ୍ରୀ) ସୂତ୍ରରେ କଞ୍ଚାହାଣ୍ଡି କାଟିଲାପରି ରାବଣର ମୁଣ୍ଡକୁ କାଟିଲେ । କଞ୍ଚାହାଣ୍ଡି କଟା ହେଉଥିଲେ ମଧ୍ୟ ତଳକୁ ଖସି ପଡ଼େନାହିଁ, ସେହିପରି ରାବଣର ମୁଣ୍ଡ କଟା ହେଉଥିଲେ ମଧ୍ୟ ସେଗୁଡ଼ିକ ତଳେ ନପଡ଼ି ପୁଣି ଲାଗିଯାଏ । ଏହି ଦୃଶ୍ୟକୁ କବି ସମୁଦ୍ର ଲହରୀକୁ ପୁନଃ ପୁନଃ ଖଣ୍ଡା ପ୍ରହାରରେ କାଟିବା ସଙ୍ଗେ ତୁଳନା କରିଛନ୍ତି ।

ବେଶରେ ଚକ୍ରୀ ତ ସେହି ଚକ୍ରୀବିଧାନକୁ ବହି
ଶର ସର ସୂତ୍ରେ କଞ୍ଚା ଭାଣ୍ଡର ତୁଲେ ।
ବିଚ୍ଛେଦ କୋପେ ରାଘବ ଦଶଗ୍ରୀବ ଦଶଗ୍ରୀବ
ବିଚ୍ଛେଦ ନୋହିଲା ଜିବ ଲକ୍ଷେ ତହିଁଲେ ।

ବିଘଟିତ, ବୁଝି ହୋଏ ଏହୁ ଉପମାରେ,
ବାରିଦନାଦେ ଭିନ୍ନ କରି ଯଥା ବୀଚି ତରବାରି
ପୁନଃ ପୁନଃ ତରବାରିମାନ ପ୍ରହାରେ । ୧୧ । (୫୦ଶ ଛାନ୍ଦ)

କବି ରାମ-ରାବଣ ଯୁଦ୍ଧର ବର୍ଣ୍ଣନାରେ ବାଲ୍ମୀକିଙ୍କ 'ଉକ୍ତିସାର'କୁ ପସନ୍ଦ କରି ଉଦ୍ଧାର କରିଛନ୍ତି । ପୂର୍ବାଚାର୍ଯ୍ୟଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରି କବି ଏପରି କରିଥିବାରୁ ତାହାଙ୍କର ପଦାବଳୀରେ ସୌନ୍ଦର୍ଯ୍ୟ ଗ୍ରାହକତା ଓ ଉଦାର ମନୋଭାବ ସମ୍ୟକ୍ ଭାବରେ ପ୍ରକାଶ ପାଇଛି । ବୀର ବୃଦ୍ଧ ଜାମ୍ବବ ରାମଙ୍କ ଯୁଦ୍ଧକୁ ଅତି ସୁନ୍ଦର ଭାବରେ ପ୍ରଶଂସା କରିଛନ୍ତି—

ବାଲ୍ମୀକି ଉକ୍ତିସାର ଗଗନ ଗଗନାକାର
ସାଗର ତୁଲ୍ୟ ସାଗର ଯେଉଁ ପ୍ରକାରେ,
ବିସ୍ତୃତଲେଖନ କରି ରାମରାବଣ ସମର
ରାମରାବଣ ସମର ଖ୍ୟାତ ସଂସାରେ ।
ବିଚାରିଲେ, ବୋଲେକ ରାମରଣ ଜାମ୍ବବ,
ବୟସ ଗଲାକ ସରି ଯୁଝି ଯୁଝିଲାରି ପରି
ଏ ସଙ୍ଗେ ବିରୋଧ କରିବାରି ଉତ୍ସବ । ୧୦ । (୫୦ଶ ଛାନ୍ଦ)

ମାୟାଯୁଦ୍ଧ, ଧନୁଯୁଦ୍ଧ, ଗଦାଯୁଦ୍ଧ, ମଲ୍ଲଯୁଦ୍ଧ ପ୍ରଭୃତି ଯୁଦ୍ଧର ବିଭିନ୍ନ ବିଭାଗକୁ କବି କବିତ୍ୱପୂର୍ଣ୍ଣ ଭାବରେ ବର୍ଣ୍ଣନା କରିଛନ୍ତି । କବି ଦ୍ୱିଅର୍ଥବୋଧକ ଶବ୍ଦ ସମୁଚିତ ପ୍ରୟୋଗ କରି ଭୀଷଣ ଦୃଶ୍ୟକୁ ଭୀଷଣ ଭାବରେ ବର୍ଣ୍ଣନା କରିଛନ୍ତି । କବି ଯୁଦ୍ଧ ଓ ଯୁଦ୍ଧଭୂମିର ଦୃଶ୍ୟବର୍ଣ୍ଣନା ଜୀବନ୍ତକରି ଭୟାନକ ରସର ସମ୍ୟକ୍ ଉଦ୍ରେକ କରି ପାରିଛନ୍ତି ।

ବନରେ ତାଡ଼କା-ରାମ ଯୁଦ୍ଧ, ସୁବାହୁମାରିଚ-ରାମ ଯୁଦ୍ଧ, ବାଲି ସୁଗ୍ରୀବ ଯୁଦ୍ଧ ପ୍ରଭୃତି ଓ ଲଙ୍କାରେ ରାମରାବଣ ଯୁଦ୍ଧ, ଇନ୍ଦ୍ରଜିତର ଯୁଦ୍ଧ, ହନୁମାନଙ୍କ ଯୁଦ୍ଧ ପ୍ରଭୃତି ଅତି ଚମତ୍କାର ଭାବରେ ବର୍ଣ୍ଣିତ ହୋଇଛି । ପ୍ରତ୍ୟେକ ପଦ ଉପମାଉତ୍ପ୍ରେକ୍ଷାଦି ମଣ୍ଡିତ ହୋଇ ସମୁଚିତରସାପ୍ଲୁତ ଅପୂର୍ବ ଚିତ୍ର ସୃଷ୍ଟି କରିଛି ।

ତୀର, ଖଡ୍‌ଗ, ଶୂଳ, ଗଦା ପ୍ରଭୃତି ଅସ୍ତ୍ରଶସ୍ତ୍ର ଓ ମନ୍ତ୍ର-ଅସ୍ତ୍ରର ପ୍ରୟୋଗ କବି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ନଳୀ ବ୍ୟବହାରର ସୂଚନା ମଧ୍ୟ ଦେଇଛନ୍ତି । ରଥ, ହସ୍ତୀ, ଘୋଟକ ପ୍ରଭୃତି ଯୁଦ୍ଧ ଯାନବାହନର ଉଲ୍ଲେଖ ମଧ୍ୟ କରିଛନ୍ତି । ରାମ ବାନରଙ୍କ ସ୍କନ୍ଧରେ ଆରୋହଣ କରି ମଧ୍ୟ ଯୁଦ୍ଧଭୂମିକୁ ଯାତ୍ରା କରିଥିଲେ । ନର, ବାନର, ଭଲ୍ଲୁକାଦି ପଶୁ ଓ ରାକ୍ଷସ ବିଭିନ୍ନ ଯୁଦ୍ଧରେ ଅଂଶ ଗ୍ରହଣ କରିଛନ୍ତି । ରାକ୍ଷସମାନେ ମାୟାଯୁଦ୍ଧରେ ପଟୁଥିବା ବର୍ଣ୍ଣିତ ହୋଇଛି ।

ଚରିତ୍ରଚିତ୍ରଣ

ବୈଦେହୀଶ ବିଳାସର ନାୟକ ଶ୍ରୀରାମଚନ୍ଦ୍ର ଅନୁକୂଳ ନାୟକ, ନାୟିକା ସୀତା ସତୀ, କବି ଏହା ବ୍ୟକ୍ତ କରିଛନ୍ତି—

ବଶିଷ୍ଠରେ ଅନୁକୂଳ ହଂସ ଦୀନବନ୍ଧୁ,
ବିନୋଦରେ ସଙ୍ଗେ ଘେନି ହରେ ଦୀନବନ୍ଧୁ ଯେ ।
ବଣ ଧାନମାନସେ ବୀର ସେ ସତୀ ପଦେ,
ବୋଲେ ଭଞ୍ଜ ଉପଇନ୍ଦ୍ର ଟବନ ବଂଶପଦେ ଯେ । ୪୦ ।

(୧୨ଶ ଛାନ୍ଦ)

କାବ୍ୟର ପ୍ରତିନାୟକ ରାବଣ ରାମଙ୍କ ଉପଯୁକ୍ତ ପ୍ରତିଦ୍ୱନ୍ଦୀ । ସେ ଜାତିରେ ରାକ୍ଷସ ହେଲେ ମଧ୍ୟ ଉଚ୍ଚଶିକ୍ଷିତ, ପରାକ୍ରମୀ ଶାସକ ଓ ବୀର ଥିଲା ।

ରାମଚନ୍ଦ୍ର—

ବିଷ୍ଣୁ ଦେବତାମାନଙ୍କ ସ୍ତୁତିରେ ସନ୍ତୁଷ୍ଟ ହୋଇ ରାବଣର ଅତ୍ୟାଚାରରୁ ତିପୁରକୁ ରକ୍ଷା କରିବା ପ୍ରତିଶ୍ରୁତି ଦେବାବେଳେ କହିଥିଲେ ଯେ ସେ ଶତ୍ରୁବିନାଶ ପାଇଁ (ଏହି ରାମାବତାରରେ) ଅରି (ଚକ୍ର) ବ୍ୟବହାର କରିବେ ନାହିଁ କି ରଣରେ ବି-ରାଜ (ଗରୁଡ଼) ଉପରେ ଚଢ଼ିବେ ନାହିଁ, କେବଳ ପ୍ରବଳ ବାନରମାନଙ୍କୁ ସଙ୍ଗରେ ଧରି ଯୁଦ୍ଧ କରିବେ ।

କହିବି ନାହିଁ ମୁଁ ଅରି ଅରିମାରଣରେ,
ବିରାଜମାନ ବି-ରାଜ ନଚଢ଼ି ରଣରେ । ୨୩ ।
ବନୌକା ପ୍ରବଳ ବଳ ସଙ୍ଗ ହେବେ ହେଲେ × × । ୨୪ । (୨ୟ ଛାନ୍ଦ)

ରାମଚନ୍ଦ୍ର ଏହି ପ୍ରତିଶ୍ରୁତିରୁ ବିଚଳିତ ହୋଇନାହାନ୍ତି । ସ୍ୱ ପ୍ରତିଶ୍ରୁତିକୁ ରକ୍ଷାକରି ସେ ଅତି ଉଚ୍ଚ ଆଦର୍ଶ ସ୍ଥାପନ କରି ଯାଇଛନ୍ତି ।

ରାମ, ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନ—ଏକ ବିଷ୍ଣୁଙ୍କର ଚାରି ପ୍ରକାର ମୂର୍ତ୍ତି ବୋଲି କବି ବ୍ୟକ୍ତ କରିଛନ୍ତି; ଅତଏବ ରାମଙ୍କ ଭାଇମାନେ ମଧ୍ୟ ବିଷ୍ଣୁଙ୍କ ଅଂଶ ।

ବସନ୍ତ ମଧୁ ମାସରେ ନବମୀ ଖ୍ୟାତି,
ବିପତ୍ତିଧ୍ୱଜ ବହିଲେ ଚତୁର୍ଦ୍ଧା ମୂର୍ତ୍ତି । ୫୬ । (୫ମ ଛାନ୍ଦ)

ରାମଙ୍କ ବିଭିନ୍ନ ନାମକରଣରୁ ତାଙ୍କର ଭବିଷ୍ୟତ ମହାତ୍ମ୍ୟ ଚରିତର ସୂଚନା ଦିଆଯାଇଛି । ବ୍ରହ୍ମର୍ଷି ବଶିଷ୍ଠ ଜ୍ୟେଷ୍ଠପୁତ୍ରର ନାମ ଶ୍ରୀରାମ, ଶ୍ରୀରାମଚନ୍ଦ୍ର, ଶ୍ରୀରାମଭଦ୍ର ରଖିଲେ; ରଘୁବଂଶରେ ଜାତ ହୋଇଥିବାରୁ ରାଘବ ନାମ ଦେଲେ ! ରାବଣକୁ ମାରି ରାବଣାରି ନାମ ବହିବେ ଏବଂ ରାଜ୍ୟାଭିଷେକ ପରେ ରାଜେନ୍ଦ୍ର ବୋଲାଇବେ । ବଶିଷ୍ଠଙ୍କର ଏ ନାମକରଣର ସାର୍ଥକତା ରାମଙ୍କ ଜୀବନଚରିତରୁ ସ୍ପଷ୍ଟ ପ୍ରମାଣିତ ହେଉଛି । ଦୀପ୍ତିମନ୍ତ, ଭଦ୍ର, ରାବଣାରି ଓ ରାଜେନ୍ଦ୍ର ଏ ପଦଗୁଡ଼ିକ ତାଙ୍କ ଚରିତର ସଙ୍କେତ ସ୍ୱରୂପ । ଉପେନ୍ଦ୍ର 'ରାଜେନ୍ଦ୍ର' ନାମ ଯେଉଁଠାରେ ସାର୍ଥକତା ଲାଭ କଲା ସେହି ରାଜ୍ୟାଭିଷେକ ପର ପର୍ଯ୍ୟନ୍ତ ରାମଚରିତ ବର୍ଣ୍ଣନା କରିଛନ୍ତି ; ରାଜା ରାମଙ୍କ ଚରିତ ବର୍ଣ୍ଣନାକରି ନାହାନ୍ତି । ରାଜା ରାମଙ୍କ ସମୟରେ ସୀତା ବନବାସ ଅତ୍ୟନ୍ତ ଦୁଃଖଦାୟକ ଚରିତ ଥିବାରୁ ତାକୁ ସେ ତ୍ୟକ୍ତ କରିଛନ୍ତି । ବିଭଙ୍ଗରଙ୍ଗଆଶ୍ରିତ ବିଷୟକୁ କାବ୍ୟରେ (ଛାନ୍ଦଗୀତେ) ବର୍ଣ୍ଣନା କରିବା ଅଳଙ୍କାର ଶାସ୍ତ୍ରରେ ଏକ ଦୋଷ ବୋଲି ନିର୍ଦ୍ଦେଶ ଥିବାରୁ କବି ସୀତାବନବାସ, ସୀତାଙ୍କ ପାତାଳ ପ୍ରବେଶ, ରାମଙ୍କ ବୈକୁଣ୍ଠ ଗମନ ପ୍ରସଙ୍ଗ ବର୍ଣ୍ଣନା କରି ନାହାନ୍ତି ।

ବିଭଙ୍ଗ ରସ ବୋଲିଣ ନ ବର୍ଣ୍ଣିଲି ଏତେ,
ବୁଧେ ବୋଲୁଛନ୍ତି ଏହା ଦୋଷ ଛାନ୍ଦ ଗୀତେ ଯେ ।
(ଶେଷ ଛାନ୍ଦ)

ରାମଚନ୍ଦ୍ର ବାଲ୍ୟକାଳରୁ ଯୁଦ୍ଧବିଦ୍ୟା ଶିକ୍ଷା ଲାଭ କରିଥିଲେ । ସେ ଅଶେଷ ଶ୍ରୁତିସ୍ମୃତି ଅଧ୍ୟୟନ କରିଥିଲେ । ପୀତାମ୍ବର ପରିଧାନକୁ ସେ ପସନ୍ଦ କରୁଥିଲେ । ବିଶ୍ୱାମିତ୍ର ଋଷିଙ୍କଠାରୁ ମଧ୍ୟ ସେ ବହୁ ବିଷୟରେ ଶିକ୍ଷା-ଲାଭ କରିଥିଲେ ।

ବୃଷଧନୁଯୁକ୍ତ ରାମଚନ୍ଦ୍ର ସଙ୍ଗତେ,
ବନ୍ଦାରୁ ସେ ଶ୍ରୁତି ରୂପ ବିଦ୍ୟାଧର ଯେ । (୫ମ ଗ୍ରନ୍ଥ)

ବୀର ରାମଚନ୍ଦ୍ର ଦଣ୍ଡକାରଣ୍ୟକୁ ଅସୁର ଉତ୍ପାତଶୂନ୍ୟ କରି ମୁନିଋଷି ସାଧୁସନ୍ଥଙ୍କର ଅଶେଷ କଲ୍ୟାଣ କରିବା ସଙ୍ଗେ ସଙ୍ଗେ ନିଜର ଅମିତ ପରାକ୍ରମର ପରିଚୟ ଦେଇଥିଲେ । 'ତୁଳସୀ ଦୁଇ ପତ୍ରରୁ ବାସେ' ଏହି ଉକ୍ତି ତାଙ୍କର ତାଡ଼କା ଆଦି ଅସୁର ନିଧନରୁ ପ୍ରମାଣିତ ହେଉଛି । ଦଣ୍ଡକାରଣ୍ୟରେ ପ୍ରବେଶ କରିବା ପରେ ତାଡ଼କା ରାକ୍ଷସୀ କାଳେ ସେମାନଙ୍କ ଉପରେ ଆକ୍ରମଣ କରିବ, ଏହି ଆଶଙ୍କା କରି ବିଶ୍ୱାମିତ୍ର ବାଟ ଭାଙ୍ଗିବା ପାଇଁ ପ୍ରସ୍ତାବ କଲେ । ଏଥିରେ କିନ୍ତୁ, ବୀର ରାମଚନ୍ଦ୍ର ସମ୍ମତ ନ ହୋଇ କହିଲେ, ଏକ ରାକ୍ଷସୀ ଡରରେ ସେମାନେ ଯଦି ବାଟ ଭାଙ୍ଗିବେ ତେବେ ଅରଣ୍ୟରେ ବହୁ ରାକ୍ଷସ ଅଛନ୍ତି, ସେମାନଙ୍କ ସଙ୍ଗେ କପରି ବାଧା ହୋଇ ଯଜ୍ଞରକ୍ଷା କରି ପାରିବେ ?

ବୋଇଲେ ରାମ ଏକ ରାକ୍ଷସୀ ଡରେ,
ବାଟ ଭାଙ୍ଗିଗଲେ ଅଦ୍ଭୁତ ବାରେ
ବାଧା ହେବା କେହୁ ମଖ ରକ୍ଷଣେ,
ବୋଲନ୍ତି ଆଗ ହୋଇଲେ ଆପଣେ । [illegible] । (୬ଷ୍ଠ ଗ୍ରନ୍ଥ)

ଶିବଧନୁ ଭଗ୍ନପରେ ମିଥିଳା ରାଜା ଜନକ ରାମଙ୍କୁ ସିଂହାସନରେ ବସାଇ ତାଙ୍କର ବୀରତ୍ୱର ପୁରସ୍କାର ସ୍ୱରୂପ ତାଙ୍କୁ 'ବୀରେଶ୍ୱର' ବୋଲି ପୂଜା କଲେ । ଏହି ସମୟରେ ରାବଣ ଆକାଶ ମାର୍ଗରେ ରାମଙ୍କୁ ଦେଖିବା ପାଇଁ ଆସିଥିଲା, କିନ୍ତୁ ଧନୁଭଙ୍ଗ ଶବ୍ଦ ଶୁଣି ଭୟରେ ପଳାଇ ଗଲା । ଏହି ପ୍ରସଙ୍ଗରୁ ଜନକାଦି ରାଜାମାନେ ଓ ରାବଣାଦି ବୀରମାନେ ରାମଙ୍କ ବୀରତ୍ୱର ପ୍ରକୃତ

ସ୍ୱୀକୃତ ପ୍ରକାଶ କରିଥିବା ସ୍ପଷ୍ଟ ହେଉଛି । ରାମ ସ୍ୱ ବୀରତ୍ୱର ଅପୂର୍ବ ପରିଚୟ ଧନୁଭଙ୍ଗରେ ପ୍ରଦାନ କରିଥିଲେ ମଧ୍ୟ ମନରେ ଗର୍ବଭାବ ଧାରଣ କରି ନ ଥିଲେ ।

ରାମ ଯେପରି ବୀର ସେପରି ପ୍ରେମିକ ମଧ୍ୟ । ସେ ଏକପତ୍ନୀବ୍ରତ ପାଳନ କରି ଜଗତକୁ ଏକ ମହନୀୟ ଆଦର୍ଶ ଦେଖାଇ ଯାଇଛନ୍ତି । ରାମ ଓ ସୀତାଙ୍କ ଦାମ୍ପତ୍ୟ ଜୀବନ ଅତି ନିର୍ମଳ ଓ ପବିତ୍ର । ସ୍ୱାମୀ-ସ୍ତ୍ରୀଙ୍କ ଆଦର୍ଶ ଚରିତ୍ର, ବ୍ୟବହାର, ରୀତିନୀତି ପ୍ରଭୃତି ରାମସୀତାଙ୍କଠାରେ ପୂର୍ଣ୍ଣ ମାତ୍ରାରେ ପ୍ରକଟିତ ହୋଇଥିଲା । ବିରହୀ ରାମ ଓ ବିରହିଣୀ ସୀତାଙ୍କ ମନରେ ଅସଉତ୍ପତ୍ତା ସ୍ଥାନ ପାଇନାହିଁ; ଉଭୟେ ଉଭୟଙ୍କ ଦୁଃଖରେ ଦୁଃଖୀ ହୋଇଛନ୍ତି ।

ବିଦଗଧ ଶ୍ରୀରାମଚନ୍ଦ୍ର କହେ,
ବନ୍ଧୁ ଜୀବନ ଥିବାର ଏ ଦେହେ ।
ବିଳାସିନୀ ନ କରିବି ଆନକୁ,
ବୋଲି ଛୁଇଁ ଦୀପ ହୁତାଶନକୁ ।
ବୈଦେହୀ କେଶୁଁ କାଢ଼ି କେତକୀ,
ବର୍ଣ୍ଣ ଲିଖିତ ପୋଛୁ କସ୍ତୁରୀକ ।
ବଳି ନାହିଁ ଆନେ ଆଜ ଯାଏ ତ
ବଳାଇବି ଜନ୍ମେ ଜନ୍ମେ ମୋ ଚିତ୍ତ ।

ରାମ ବିଷ୍ଣୁ ଓ ସୀତା ଲକ୍ଷ୍ମୀ ହେଲେ ମଧ୍ୟ ଦୁହେଁ ଏ ମାନବ ଅବତାରରେ ନିଜ ବିଭୂତିକୁ ସ୍ୱ ମାୟା ଯୋଗୁଁ ବିସ୍ମୃତ ହୋଇ ଯାଉଥିଲେ । ସୀତା-ରାମ ଯୁଗେ ଯୁଗେ ଲକ୍ଷ୍ମୀନାରାୟଣ ।

ରାମଚନ୍ଦ୍ର ବନବାସ-ଉପଯୋଗୀ ବେଶ ଧାରଣ କରି ସତ୍ୟରକ୍ଷାର ପ୍ରାରମ୍ଭିକ ପରିଚୟ ପ୍ରଦାନ କରିଥିଲେ । ସେ ବିଷ୍ଣୁଙ୍କ ବିଭିନ୍ନ ଅବତାର ଭିତରେ କପିଳ ମୁନିଙ୍କ ବେଶ ପ୍ରତି ଶ୍ରଦ୍ଧା କରି ମୁନିଙ୍କ ବେଶ ପରି ଜଟାଜୁଟ ମଣ୍ଡିତ ହେଲେ ।

ବଢଣ ଅବତାରେ ଏକ କପିଳ ପୁଣି ସେ ଛବ ଲମ୍ପଟ
ବଟକ୍ଷୀରେ ଜଟ କରି ପରକଟ ପିନ୍ଧିଲେ ବକଳପଟ ।
ବାହେ ଇଙ୍ଗୁଦି ମାଳ, ବହେ କଣ୍ଠେ ରୁଦ୍ରାକ୍ଷ କୁଣ୍ଡଳ । ୩୭ ।
ବୋଲି ହେଲେ ଭସ୍ମ ନର ନାରାୟଣ ପ୍ରାୟେ ବେନି ଭାଇ ଦିଶେ ।୩୮।
(୧୭ଶ ଛାନ୍ଦ)

ପ୍ରଜାମାନେ ରାମଚନ୍ଦ୍ରଙ୍କୁ ଅତ୍ୟନ୍ତ ସ୍ନେହ କରୁଥିଲେ; ଏହି କାରଣରୁ ସେମାନେ ତାଙ୍କ ପଛରେ ବନପର୍ଯ୍ୟନ୍ତ ଗୋଡ଼ାଇ ଆସି ଫେରିଯିବା ପାଇଁ ବହୁତ ଅନୁରୋଧ କରିଥିଲେ । ବୁଦ୍ଧିମାନ ରାମଚନ୍ଦ୍ର ସ୍ୱ ପ୍ରତିଜ୍ଞାରେ ଅଟଳ ରହି ପ୍ରଜାମାନଙ୍କୁ ଶାନ୍ତ୍ୱନା ଦେଲେ ଏବଂ କୌଶଳକ୍ରମେ ଅନ୍ୟ ବାଟରେ ସେ ସ୍ଥାନ ତ୍ୟାଗ କଲେ । ସେ ଅରଣ୍ୟରେ ମଧ୍ୟ ଅରଣ୍ୟ ବାସଜନିତ ଦୁଃଖାଦି ଅନୁଭବ କଲେ । ପର୍ଣ୍ଣଶାଳା ନିର୍ମାଣ କରି ଦ୍ରାକ୍ଷାରସ ଭୋଜନରେ ସନ୍ତୁଷ୍ଟ ହେଲେ; ମୃଗଚର୍ମରେ ଶୟନ କଲେ । ସଂକଳ୍ପ ରକ୍ଷା ନିମିତ୍ତ ଏହି କଠୋର ସାଧନାଦ୍ୱାରା ରାମଚନ୍ଦ୍ର ସ୍ୱପୁରୀ ଅଯୋଧ୍ୟାର 'ନର୍ମଶଯ୍ୟା' ଆଦି ସୁଖକୁ ପାଶୋରି ପକାଇଲେ ।

ରାମ ଲକ୍ଷ୍ମଣ ସୀତା ଏତେ ଜନପ୍ରିୟ ଥିଲେ ଯେ ସେମାନେ ଅନ୍ତର ହୋଇ ଯିବାରୁ ବିଧବା ନାରୀ ଯେପରି ସୁଲକ୍ଷଣହୀନା ଦିଶେ ସେହିପରି ଅଯୋଧ୍ୟା ଦେଖାଗଲା ।

ବିଧବା ନାରୀ ସମାନ ଦିଶେ ସେ ଲକ୍ଷଣହୀନ
ରାମରଙ୍ଗ ହୋଇବାରୁ ଦୂର ଯେ । (୧୩-୧୮ଶ ଛାନ୍ଦ)

ଭରତ ରାମଙ୍କୁ ଫେରାଇ ନେବା ନିମନ୍ତେ ବନ ମଧ୍ୟରେ ସସୈନ୍ୟ ପ୍ରବେଶ କରିବାରୁ ଋଷି ଭରଦ୍ୱାଜଙ୍କ ଆଶ୍ରମବାସୀମାନେ ଓ ଲକ୍ଷ୍ମଣ ରାମଙ୍କୁ କହିଲେ, ଭରତ 'ମାତୃଗୁଣ'କୁ ଚିନ୍ତାକରି ବିବାଦ କରିବା ନିମନ୍ତେ ଆସୁଥିବା ଅନୁମିତ ହୁଏ । ରାମ ଲକ୍ଷ୍ମଣଙ୍କ ଅପେକ୍ଷା ଭରତଙ୍କୁ ଉତ୍ତମ ରୂପେ ଚିହ୍ନିଥିବାରୁ ଏହି ଆଶଙ୍କା ଅମୂଳକ ବୋଲି ଜଣାଇଲେ । ଏଥିରୁ ତାଙ୍କର ମହାନୁଭବତା ଓ ବିଚକ୍ଷଣ ବୁଦ୍ଧି ପ୍ରକଟିତ ହେଉଛି । ଯଦି ରାମ ଆଶଙ୍କାର

ବଶବର୍ତ୍ତୀ ହୋଇ ବିବାଧୀ ହୋଇ ଥାଆନ୍ତେ, ତାହାହେଲେ ଚରିତ୍ରର ଗଣ୍ଡ ଭିନ୍ନ ପ୍ରକାର ହୋଇଥାଆନ୍ତା ଏବଂ ରାମଙ୍କ ଚରିତ୍ର ଏତେ ଉଜ୍ଜ୍ୱଳ ଥିବା ପ୍ରତୀୟମାନ ହୁଅନ୍ତା ନାହିଁ । ବୃଷ୍ଟିଧାର ଜଳପରି ଶୀତଳ ଏବଂ ଏକ ପିଣ୍ଡରେ ନିର୍ମିତ । ଜଳ ନଦୀ, ସର, ତଡ଼ାଗ, କୂପରେ ରହିଲେ ମଧ୍ୟ ନିର୍ମଳତା, ଶୀତଳତା ଇତ୍ୟାଦି ଗୁଣକୁ ତ୍ୟାଗକରେ ନାହିଁ । ସେହିପରି ଭରତ ନିର୍ମଳ ଓ ଶୀତଳ ।

ବୋଧେ ରାମ ନଦୀ, ସର, ତଡ଼ାଗ, କୂପ ଆବର
ମୂର୍ତ୍ତି ଭିନ୍ନ ସେ ଏକ ଜୀବନ ।
ବରଷା କରେ ଆବିଳ ତା ନିଜ ଗୁଣ ନିର୍ମଳ
ଶୀତଳକୁ ନ ଛାଡ଼ନ୍ତି ଘେନ ହେ ।

ଜନମାନେ ଜନନୀମାନେ, ବଶିଷ୍ଠାଦି ଗୁରୁମାନେ ସେଠାରେ ଉପସ୍ଥିତ ହୋଇଥିବାରୁ ରାମ ସତ୍ୟପାଳନରେ ଅଟଳ ରହି ଦୃଢ଼କଣ୍ଠରେ କହିଛନ୍ତି, "ତୁମ୍ଭେମାନେ ସଦ୍‌ବିବେକସମ୍ପନ୍ନ । ପିତୃ ସତ୍ୟପାଳନରେ ତୁମ୍ଭମାନଙ୍କର ଆଗମନ ପ୍ରତିକୂଳାଚରଣ କରୁଛନ୍ତି ।" ଦୈବବାଣୀ କୈକେୟୀଙ୍କ କାର୍ଯ୍ୟକୁ ବିଧିବିହିତ ଥିବା ଜଣାଇ ରାମଙ୍କୁ ଫେରିଯିବା ନିମନ୍ତେ ନିବୃତ୍ତ କରାଇବାକୁ ସେ କହିଛନ୍ତି ।

ରାମଚନ୍ଦ୍ର ଚିତ୍ରକୂଟରେ ବାସ କରୁଥିଲା ବେଳେ ସେଠାରେ ଥିବା କେତେଜଣ ଋଷି ଆଶଙ୍କା ପ୍ରକାଶ କଲେ ଯେ, ରାମ ଓ ଲକ୍ଷ୍ମଣ ଧନୁ ଧାରଣ କରିଥିବାରୁ ରାକ୍ଷସମାନେ ଭାବିବେ, ସେମାନଙ୍କୁ ମାରିବା ନିମନ୍ତେ ଋଷିମାନେ ଏମାନଙ୍କୁ ଡାକି ଆଣିଛନ୍ତି । ରାକ୍ଷସମାନେ ଏହିପରି ଭାବି ସେମାନଙ୍କ ଉପରେ ହୁଏତ ଅତ୍ୟାଚାର କରିବେ, ଋଷିମାନଙ୍କ ମନରେ ଏହି ଭୟ ଜାତ ହେବାରୁ ସେମାନେ ଚିତ୍ରକୂଟ ପରିତ୍ୟାଗ କରି ଅନ୍ୟତ୍ର ଚାଲିଯିବାକୁ ଉଦ୍ୟତ ହେଲେ । ରାମଚନ୍ଦ୍ର ଏହା ଦେଖି ସ୍ୱଇଚ୍ଛାରେ ସେ ସ୍ଥାନ ତ୍ୟାଗକଲେ । ଋଷିମାନଙ୍କ ଆଶଙ୍କା ଅମୂଳକ ହେଲେ ମଧ୍ୟ ଏହି ଅମୂଳକ ଆଶଙ୍କା ସୁଦ୍ଧା ସେମାନଙ୍କୁ ଅସ୍ଥିର ନକରୁ, ଏହି ଲକ୍ଷ୍ୟରେ ରାମ ସ୍ୱଇଚ୍ଛାରେ ସେହି ସ୍ଥାନ ତ୍ୟାଗକଲେ । ଏଥିରୁ ତାଙ୍କର ମହାନୁଭବତା ଓ ଉଦାରହୃଦୟତାର ପରିଚୟ ମିଳୁଛି ।

ଋଷିମାନେ ରାମଚନ୍ଦ୍ରଙ୍କୁ ବିଷ୍ଣୁ ବୋଲି ଜାଣି ନ ପାରିବାରୁ ଏହି ଅମୂଳକ ଆଶଙ୍କା ସେମାନଙ୍କୁ ଅସ୍ଥିର କଲା ।

ପୁତ୍ରଙ୍କୁ ବିଷ୍ଣୁ ବୋଲି ଦଶରଥ ଜାଣିଥିଲେ ମଧ୍ୟ ବାତ୍ସଲ୍ୟ ସ୍ନେହବଶତଃ ଏହାଙ୍କୁ ପୂର୍ଣ୍ଣ ଭାବରେ ଅନୁଭବ କରିପାରିନଥିଲେ । ବିଶ୍ୱାମିତ୍ରଙ୍କ ସଙ୍ଗେ ରାମ ବନକୁ ଯାଇ ଅହଲ୍ୟା ଶାପମୋଚନ ଓ ତାଡ଼କାବଧ କରିବା ପରେ ଋଷି ରାମଙ୍କୁ ବିଷ୍ଣୁ ବୋଲି ଜାଣିଲେ ।

ବନବାସ ବେଳେ ଗୋପାଳମାନଙ୍କୁ କୃଷ୍ଣାବତାରରେ ଗୋପପୁରରେ ଗୋପୀରୂପେ ଆବିର୍ଭାବ ହେବାକୁ ଯେଉଁ ବର ଦେଇଥିଲେ ସେଥିରୁ ସ୍ପଷ୍ଟ ହେଉଛି ରାମଚନ୍ଦ୍ର ନିଜେ ବିଷ୍ଣୁ ବୋଲି ଜାଣିଥିଲେ । ସ୍ୱ ମାୟାରେ ନିଜେ ମୋହିତ ହେଉଥିବାରୁ ତାଙ୍କୁ ମାନବଜନ୍ମୋଚିତ ଯାବତୀୟ ଦୁଃଖ ଭୋଗ କରିବାକୁ ପଡ଼ୁଛି । ହେମମୃଗ ଅସମ୍ଭବ ଜାଣି ମଧ୍ୟ ସେ ମାରିଚ ପଛରେ ଗୋଡ଼ାଇଲେ, ଫଳରେ ରାବଣ ସୀତାଙ୍କୁ ହରାଇ ନେବାକୁ ସୁବିଧା ପାଇଲା । ଅବଶ୍ୟ ପୂର୍ବରୁ ବିଧିନିର୍ଦ୍ଦେଶ, 'ସୀତା ହରଣ, ରାବଣ ମରଣ' କାର୍ଯ୍ୟରେ ପରିଣତ ହେବାପାଇଁ ଏହି ବିଭ୍ରମଟି ସୁଯୋଗ ଦାନ କରିଛି, ରାମାବତାରର ପ୍ରଧାନ ଲକ୍ଷ୍ୟ ରାବଣ ନିଧନର ପଥ ପରିଷ୍କାର ହୋଇଯାଇଛି ।

ରାମ ସ୍ୱ ମାୟା ବଳରୁ ସୀତାଙ୍କ ବିରହରେ ଅତ୍ୟନ୍ତ କାତର ହୋଇ ପଡ଼ିଛନ୍ତି ଏବଂ ସାଧାରଣ ମାନବ ତୁଲ୍ୟ ଅଧୀରତା ପ୍ରକାଶ କରିଛନ୍ତି ।

ରାବଣ ସୀତାଙ୍କୁ ହରଣ କରି ନେବାପରେ ବନର ପଶୁପକ୍ଷୀ, ବୃକ୍ଷମାନଙ୍କୁ ଯେଉଁ ଶାପ ଦେଲେ ସେଥିରେ ତାଙ୍କର 'ବିଷ୍ଣୁତ୍ୱ' ପ୍ରକାଶ ପାଇନାହିଁ । ଜଗତର ଏକମାତ୍ର ବିଜୟୀବୀର ରାମଚନ୍ଦ୍ର ସ୍ତ୍ରୀ ବିରହରେ ଅତ୍ୟନ୍ତ ବ୍ୟଥିତ ହେଲେ ଏବଂ ପରଂପରାରୁ ବିଚକ୍ଷଣ ହେଲେ ମଧ୍ୟ ବିଚଳିତ ହୋଇ ପଡ଼ିଲେ । ରାମ କେବଳ ସ୍ୱ ମାୟାରେ ମୋହିତ ହୋଇ ନିଜେ ନିଜ ଲୀଳାର ମାଧୁରୀକୁ ଆସ୍ୱାଦନ କରିଛନ୍ତି ।

ଅହଲ୍ୟା ଶାପମୋଚନ, ପର୍ଶୁରାମ ଦର୍ପଭଙ୍ଗ, ଶିବଧନୁ ଭଙ୍ଗ, କବନ୍ଧମୋକ୍ଷ ପ୍ରଭୃତି ଚରିତ ରାମଙ୍କ ବୀରତ୍ୱ ପ୍ରକଟିତ କରିଛି । ଶରଭଙ୍ଗ ଆଶ୍ରମରେ ରାମ ବାସ କରୁଥିଲା ବେଳେ ଇନ୍ଦ୍ର ସେଠାକୁ ଯାଇ ରାମ-ବୀରତ୍ୱଙ୍କୁ ସ୍ତୁତି କରିଥିଲେ ।

ଶରଭଙ୍ଗ ଆଶ୍ରମରେ ଶବରୀର ଉଚ୍ଛିଷ୍ଟ-ଫଳ ଭକ୍ଷଣ କରି ରାମ ଅତି ଉଚ୍ଚ ଚରିତ୍ରର ପରିଚୟ ଦେଇଛନ୍ତି । ସ୍ୱଚ୍ଛହୃଦୟ ଭକ୍ତ ଭଗବାନଙ୍କ ପ୍ରିୟ, ଦୁହିଁଙ୍କ ଭିତରେ ପ୍ରଭେଦ ନାହିଁ; ଜାତିବର୍ଣ୍ଣର ନ୍ୟୂନାଧିକ୍ୟତା ଏହି ଅଭେଦତ୍ୱର ପ୍ରତିବନ୍ଧକ ହୋଇ ପାରନାହିଁ ।

ରାମଚନ୍ଦ୍ର ସୀତାଙ୍କୁ ଏତେ ସ୍ନେହ କରୁଥିଲେ ଯେ ବନବାସ ବେଳେ ସେ ନିଜେ ସୀତାଙ୍କ କେଶବିନ୍ୟାସ କରୁଥିଲେ ।

ବୋଲୁଥିଲୁ ଆଣ ଏକା ମୃଗଚର୍ମ ପୁଚ୍ଛ,
ବାଛି ବାଛି ତୋଳି ଆଣିଅଛି ପୁଷ୍ପଗୁଚ୍ଛ ।
ବସ ସେ ଅଜିନେ ବେଗେ,
ବାନ୍ଧଇ ମୁଁ କୁନ୍ତଳ ଭ୍ରମର ଫୁଲ ଯୋଗେ । ୧୭ । (୨୫ଶ ଛାନ୍ଦ)

ସୀତା ଅନ୍ତର ହେବାରୁ ରାମ ଏତେଦୂର ଅସ୍ଥିର ହୋଇ ପଡ଼ିଲେ ଯେ ତାଙ୍କର ଜୀବନ 'ହା ରାମା, ହା ରାମା' କହି ଚାଲିଯିବାର ଆଶଙ୍କା କଲେ । ପିତାଙ୍କ ଜୀବନ 'ହା ରାମ, ହା ରାମ' ବୋଲି ଚାଲି ଯାଇଥିଲା । ଏବେ ତାଙ୍କ ଜୀବନ 'ହା ରାମା, ହା ରାମା' ବୋଲି ଚାଲିଯିବ ।

ବୋଲୁଁ ପିତା ହା ରାମ ହା ରାମ ବୋଲି ଗଲା ଜୀବ
ବେଳ ପଡ଼ିଲା ଲକ୍ଷ୍ମଣ ।
ବୋଲୁ ହା ରାମା ହା ରାମା ଯିବ ମୋ ପରାଣ । ୨୨ ।
(୨୫ଶ ଛାନ୍ଦ)

ରାମ ବୁଦ୍ଧିମନ୍ତ ହେଲେ ମଧ୍ୟ ଏତେଦୂର କାତର ହୋଇ ପଡ଼ିଲେ ଯେ ବନରେ ପଥ କୁପଥ ନମଣି ଗତି କରୁଥିଲେ ଏବଂ ଅନୁକ୍ଷଣ ରୋଦନ କରୁଥିଲେ । ମାନବ ଅବତାରର ଯାବତୀୟ ସୁଖଦୁଃଖ ତାଙ୍କୁ ଭୋଗ କରିବାକୁ ହୋଇଥିଲା ।

ବନେ ଘନେ ରଘୁମଣି, କପଥ ପଥ ନ ମଣି
ବନପୂର୍ତ୍ତି ଅନୁକ୍ଷଣେ, ବେନି ଲକ୍ଷଣ ଯେ । ୧ । (୬୭ଶ ଛାନ୍ଦ)

ରାମ ଶବରୀର ପରାମର୍ଶ ଅନୁସାରେ ସୁଗ୍ରୀବଙ୍କ ସଙ୍ଗେ ମିତ୍ରତା ସ୍ଥାପନ କରିଥିଲେ । ଦୁହେଁ ବ୍ୟବହାରରେ ମଧ୍ୟ ମିତ୍ର ହେଲେ । ଉଭୟେ ଉଭୟଙ୍କ କାର୍ଯ୍ୟସିଦ୍ଧି କରିବା ନିମନ୍ତେ ଅଗ୍ନି ସାକ୍ଷୀ ରଖି ପ୍ରତିଜ୍ଞା କଲେ । ବାଳି-ବଧରେ ରାମଚନ୍ଦ୍ର ଅନ୍ୟାୟ ଆଚରଣ କରିଥିଲେ; ଏହା କ୍ଷମଣୀୟ ହୋଇନାହିଁ । ଅବଶ୍ୟ ଦୁଷ୍ଟନିବାରଣ ପାଇଁ ସେ ଅବତୀର୍ଣ୍ଣ ହୋଇଛନ୍ତି ବୋଲି ବାଳିକୁ କହିଛନ୍ତି ।

ବସୁମତୀରେ ଭାରା ହେଲେ ଦୁଷ୍ଟେ, ବସୁମତିରେ ଏହି କଥା ପୁଷ୍ଟେ ।
ବୁଲି ବନରେ ବିରାଧ କବନ୍ଧ, ବଳ ସହିତେ ଖର କଲୁ ବଧ । ୧୦୭ ।
(୬୮ଶ ଛାନ୍ଦ)

କିନ୍ତୁ ସେ ନିଜକୁ ବିଷ୍ଣୁ ବୋଲି ସ୍ପଷ୍ଟଭାବରେ ପ୍ରକାଶ କରି ନାହାନ୍ତି ।

ଲଙ୍କା କଟକାଇ ସମୟରେ ରାମଚନ୍ଦ୍ରଙ୍କ ପ୍ରତି ଦେବତାମାନେ ଦିବ୍ୟ କରି ରଥ, ଅସ୍ତ୍ରଶସ୍ତ୍ରାଦି ଦାନକରି ବହୁ ସାହାଯ୍ୟ କରିଥିଲେ । ରାମ ବିଷ୍ଣୁଙ୍କ ଅବତାରରୂପେ ଅବତୀର୍ଣ୍ଣ ହୋଇଥିବାରୁ ଏପରି ସାହାଯ୍ୟ ସେମାନଙ୍କ କର୍ତ୍ତବ୍ୟ ବୋଲି ସେମାନେ ଭାବିଥିଲେ । ଲଙ୍କା ଯୁଦ୍ଧରେ ରାମ ନ ଭୁତୋ ନ ଭବିଷ୍ୟତି ଯୁଦ୍ଧକୌଶଳ ଓ ପରାକ୍ରମ ଦେଖାଇଥିଲେ ।

ରାବଣବଧ ପରେ ବିଭୀଷଣକୁ ଲଙ୍କାର ରାଜା କରି ରାମଚନ୍ଦ୍ର ଭକ୍ତ ତଥା ବନ୍ଧୁକୁ ସମୁଚିତ ସମ୍ମାନ ଓ କୃତଜ୍ଞତା ଅର୍ପଣ କରିଛନ୍ତି ।

ସୀତା ଉଦ୍ଧାର ପରେ ସୀତାଙ୍କ ଅଗ୍ନି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପାଇଁ ରାମ ଯେଉଁ ଆଦେଶ ଦେଇଥିଲେ ତାହା ଅତି ଆଦର୍ଶସ୍ଥାନୀୟ ହୋଇଥିଲେ ମଧ୍ୟ ସାଧାରଣ ଲୋକ ପକ୍ଷରେ ଏହା ଏକାବେଳକେ ଅସମ୍ଭବ ଓ ଅନନୁକରଣୀୟ; କେବଳ ଉଚ୍ଚ ଆଦର୍ଶ ସ୍ଥାପନ ନିମନ୍ତେ ଓ ଲୋକାପବାଦର ନିରାକରଣ ନିମନ୍ତେ ସେ ଏହା କରିଛନ୍ତି ।

ରାମହିଁ ବିଷ୍ଣୁ—କବି ଏହି ଦୃଷ୍ଟିରେ ରାମଙ୍କୁ ଦେଖି ପୂର୍ବାଗ୍ରଣୀମାନଙ୍କ ପଥକୁ ଅନୁସରଣ କରିଥିବାରୁ ରାଜାଙ୍କ ଚରିତକୁ ଉତ୍ତମରୂପେ ଚିତ୍ରଣ କରିବା ପାଇଁ ଚେଷ୍ଟା କରିଛନ୍ତି ଏବଂ ଏଥିରେ ସେ ସଫଳ ହୋଇଛନ୍ତି । ରାମଭକ୍ତ କବିଙ୍କ ପକ୍ଷେ ଏହା କମ୍ ଗୌରବର କଥା ନୁହେଁ ।

କବନ୍ଧକୁ ବଧ କରିବା ପରେ ସେ ଦିବ୍ୟମୂର୍ତ୍ତି ଧାରଣ କରି ଆକାଶରେ ରହି ସୀତାଙ୍କୁ ରାବଣ ଚୋରାଇ ନେଇ ଯାଇଥିବା ସମ୍ବାଦ ଦେଲା । ସେ ରାମଙ୍କୁ ସ୍ତୁତି କରି ରାମ ଓ ସୀତା ଲକ୍ଷ୍ମୀନାରାୟଣ ଥିବା ବ୍ୟକ୍ତ କଲା ଏବଂ ରାବଣକୁ ମାରି ଭୂଭାର ନିବାରଣ କରିବା ପାଇଁ ପ୍ରାର୍ଥନା କରିଛି । ଭଗବାନଙ୍କର ଯାବତୀୟ ସଦ୍‌ଗୁଣ ତାଙ୍କଠାରେ ଥିବା ସେ ପ୍ରକାଶ କଲା । ଏହାହିଁ ସ୍ଥୂଳରେ ରାମଲକ୍ଷ୍ମଣଙ୍କ ଚରିତ୍ରର ଲକ୍ଷଣ ।

ବକ୍ତ୍ରମାଳୀ ଲଙ୍କପତି ବିହିଛୁ ଭିନ୍ନ ବିପତ୍ତି
ବସୁମତୀ ସ୍ଥିରତାକୁ,
ବିନାଶ ତାକୁ ଯେ । ୨୩ ।

ବିବୁଧ ଭାବ ଯେବେ ତ, ବଧିରେ ନରେ ଜନ୍ମିତ
ବିଷ୍ଣୁ ମା ତୁମ୍ଭେ ଦମ୍ପତି ।
ବ୍ରହ୍ମାଣ୍ଡ ପତି ହେ । ୨୪ ।
ବିଗ୍ରହାନୁଗ୍ରହେ ସର, (ବିଶିଷ୍ଟ ଗତି ପ୍ରସାରି) ✕ ✕ । ୨୫ ।
(୨୭ଶ ଛାନ୍ଦ)

ସୀତା—

ସୀତାଙ୍କ ଆବିର୍ଭାବ ଯେପରି ଅଦ୍‌ଭୁତ ତାଙ୍କର ଜୀବନର ଗତି ମଧ୍ୟ ସେପରି ଅଦ୍‌ଭୁତ । ଅଯୋନିସମ୍ଭୂତା ସୀତା ସାଧାରଣ ମନୁଷ୍ୟର ଯାବତୀୟ ଦୁଃଖକଷ୍ଟ ଅତିମାତ୍ରାରେ ଭୋଗ କରିଛନ୍ତି । ସେ ରାଜକନ୍ୟା ରୂପେ ପାଳିତା ହୋଇ ଜଗତର ସବୁ ସୁଖଭୋଗର ସୁବିଧା ପାଇଥିଲେ । ଜଣେ ପୃଥ୍ୱୀବିଖ୍ୟାତ ଯୁବରାଜଙ୍କୁ ବର ରୂପେ ମଧ୍ୟ ପାଇଥିଲେ । ରାଜ୍ୟାଭିଷେକ ଦିନ ବନବାସ

କରିବାକୁ ପଡ଼ିଥିଲେ ମଧ୍ଯ ସୀତା ସହାସ୍ୟବଦନରେ ସ୍ୱାମୀଙ୍କ ସହିତ ଦୁଃଖମୟ ଜୀବନ ବରଣ କରିବାକୁ ସ୍ୱତଃପ୍ରବୃତ୍ତ ହୋଇଥିଲେ ।

ସୀତାଙ୍କ ଚରିତ ଅତୀବ କରୁଣରସାତ୍ମକ ଥିବାରୁ କବି ତାଙ୍କର ଚରିତ୍ର ଚିତ୍ରଣରେ ବହୁପଦ ରଚନା କରିଛନ୍ତି । କବି ସବୁ ପାତ୍ରପାତ୍ରୀଙ୍କ ଅପେକ୍ଷା ବେଶି ସ୍ଥାନରେ ସୀତାଙ୍କ ବିଭିନ୍ନ ପ୍ରସଙ୍ଗ ବର୍ଣ୍ଣନାକରି ତାଙ୍କର ପ୍ରାଧାନ୍ୟର ସୂଚନା ଦେଇଛନ୍ତି ।

ସୀତା ସ୍ୱଜନ, ଗୁରୁଜନ ପ୍ରଭୃତିଙ୍କୁ ଯଥେଷ୍ଟ ସମ୍ମାନ ଜ୍ଞାପନ କରୁଥିଲେ ଏବଂ ସେମାନଙ୍କର ଉପଦେଶକୁ ଶିରୋଧାର୍ଯ୍ୟ କରୁଥିଲେ । ତେବେ ସେ ବିଧିଙ୍କ ବିଧାନର ବଶବର୍ତ୍ତୀ ଥିବାରୁ ଜଗଜ୍ଜନନୀ ହେଲେ ମଧ୍ୟ ମାନବ-ଶରୀରର ଯାବତୀୟ ଦୁଃଖକଷ୍ଟ ଭୋଗ କରିଛନ୍ତି ସିନା, ଦୁର୍ଗୁଣକୁ ପ୍ରଶ୍ରୟ ଦେଇନାହାନ୍ତି ।

ବନବାସ କରିବା ପୂର୍ବରୁ କୌଶଲ୍ୟା ସୀତାଙ୍କୁ ଉପଦେଶ ଦେଇଥିଲେ—

> ବିପିନରେ ପୀନ-ଉରଜା ଅପୂର୍ବ ଦ୍ରବ୍ୟ ଦେଖି ନ ମାଗିବୁ,
> ଦେବର ସହୋଦର ମଧ୍ୟରେ ଆଦର ବିପଥରେ କରିଥିବୁ ।୨୯।
>
> ( ୧୭ଶ ଛାନ୍ଦ )

ସୀତା ବୁଦ୍ଧିମତୀ ହେଲେ ମଧ୍ୟ ଅକସ୍ମାତ୍ ବୁଦ୍ଧିଭ୍ରଂଶ ଯୋଗୁ ମାୟା ସୁବର୍ଣ୍ଣ ମୃଗ ପ୍ରତି ଲୋଭକଲେ । ଏଠାରେ ସୀତା ଶାଶୁଙ୍କ ଉପଦେଶ ଭୁଲିଛନ୍ତି; ଏହି "ଅପୂର୍ବ ଦ୍ରବ୍ୟ ଦେଖି ନ ମାଗିବୁ" ଉପଦେଶଟି ବନବାସୋପଯୋଗୀ ନ । କର୍ତ୍ତବ୍ୟ-କବି ଏହାକୁ ନ-କର୍ତ୍ତବ୍ୟ ରୂପେ କହିବା ଭିତରେ ଭବିଷ୍ୟତ ଦୁଃଖମୟ ଘଟନାକୁହିଁ ଲକ୍ଷ୍ୟ କରିଛନ୍ତି । ସୀତାଙ୍କ ଅବିମୃଶ୍ୟକାରିତା ଯୋଗୁଁ 'ସୀତାହରଣ' ଓ ତଜ୍ଜନିତ ଦୁଃଖ ସମ୍ଭବ ହେଲା ।

ସୀତା ଚିତ୍ରକୂଟରେ ବାସ କରୁଥିବା ସମୟରେ ବନବାସର କଷ୍ଟ ସେ ଅନୁଭବ କରୁଥିବା ପ୍ରକାଶ କରିଥିଲେ; ଏହା ସ୍ୱାଭାବିକ । ବନବାସ ସ୍ୱେଚ୍ଛାକୃତ

ହେଲେ ମଧ୍ୟ ଆନନ୍ଦଦାୟକ ନୁହେଁ, ଏହା ସ୍ୱତଃସିଦ୍ଧ । ରାମଚନ୍ଦ୍ର ସୀତାଙ୍କୁ ପ୍ରବୋଧ କରିବା ପାଇଁ ଚେଷ୍ଟାକରି ମଧ୍ୟ ସଫଳ ହୋଇଛନ୍ତି ।

ବୋଇଲେ ସୀତା ସିତାଂଶୁମୁଖୀ ଏକ ବଦନେ ଅତି ଦୀନ ହୋଇ,
ବିହି ବିହିଲା ବନବାସ ବାସରେ ନୃପତି ହେବାର ଯାଇ ।
କ୍ରିଲସାଇ ଯଥା ଅଲକା ତେଜାଇ ଈଶ୍ୱରଙ୍କ ଶମଶାନେ,
ବିଷ୍ଣୁଙ୍କ ରତନପଲଙ୍କ ଛଡ଼ାଇ ଜଡ଼ାଇ ସର୍ପ ଶୟନେ । ୧ ।
ବିଶୋର ନପାରି ଅବଧି ବିଧିକି ପାଇଁ ବୋଲଇ ବିଧି । X । ୨ ।

(୨୦ଶ ଛାନ୍ଦ)

ସୂର୍ପଣଖାର ଅଶୋଭନ କାର୍ଯ୍ୟ ପ୍ରସଙ୍ଗରେ ସୀତାଙ୍କୁ କବି ଜଗନ୍ମାତା କହି ସେ ଅମିତ-ଶକ୍ତିର-ଆଧାର ଥିବା ସୂଚନା ଦେଇଥିଲେ ମଧ୍ୟ ମାନବ-ଅବତାର ଗ୍ରହଣର ଉଦ୍ଦେଶ୍ୟ ସାଧନ ନିମିତ୍ତ ତାଙ୍କୁ ଏହି ଦୁଃଖାଦି ଭୋଗ କରିବାକୁ ହୋଇଛି ।

ବୈର ବୁଦ୍ଧି ଲୋକ ଜନମରେ ଭଳକ,
ବିଷ୍ଣି ଅନୁକୂଳେ ଯୁକ୍ତ ଅଶୁଭ ହେବ । ୧୮ ।

(୨୩ଶ ଛାନ୍ଦ)

ସୀତା ମାୟାସୁବର୍ଣ୍ଣମୃଗକୁ ଦେଖି ଲୋଭ କରିବାଦ୍ୱାରା ବିପଦକୁ ବରଣ କରିଛନ୍ତି । ନାରୀସୁଲଭ ଅଳଙ୍କାରପ୍ରିୟତା ବଶରୁ ସେ ରାମଙ୍କୁ "ଏ ମୃଗେ ମୋ ଶ୍ରଙ୍ଗା" ବୋଲି କହି ନିଜ ଅଭିଳାଷ ବ୍ୟକ୍ତ କରିଛନ୍ତି—

"ବନ୍ଧନେ କବରୀ କରନ୍ତି ଚଉଁରୀ ଏ ମୃଗୁ ସୁନ୍ଦର ।" ୨୮ ।

(୨୪ଶ ଛାନ୍ଦ)

ସୀତାଙ୍କର ଏ ପ୍ରସଙ୍ଗରେ ଯେଉଁ ଚରିତ୍ର ପ୍ରଦତ୍ତ ହୋଇଛି ତାହା ପୂର୍ବାପେକ୍ଷିତ ହୋଇଛି । "ସୀତାହରଣ ରାବଣ ମରଣ" ରୂପ ଲକ୍ଷ୍ୟ ସାଧନରେ କବିଦ୍ୱାରା ଏହା ଏକ ଅପରିହାର୍ଯ୍ୟ ଅଙ୍ଗଥିବା ଜଣାଇ ହୋଇଥିବା ସୀତାଙ୍କ କଲେ ମଧ୍ୟ ସୀତାଙ୍କ ବ୍ୟବହାରକୁ ସମର୍ଥନ କରି ହେଉନାହିଁ ।

ବିଶେଷତଃ, ଲକ୍ଷ୍ମଣଙ୍କ ପ୍ରତି ତାଙ୍କର ଆକ୍ଷେପର ଅତି ଅସୁନ୍ଦର ହୋଇଛି । "ଛିଦ୍ରରେ ବନ ଗମନକରି ମୋତେ ନେଇ ଭରତର ଗୃହରେ ଦେବ" ପାଞ୍ଚ କରିଛ ବୋଲି କହିଛନ୍ତି ।

ବୋଲନ୍ତି ଲକ୍ଷ୍ମଣ ମୈଥିଳୀ ସ୍ୱପଣ ଛିଦ୍ରେ କି ଗମନ,
ବଳଖି କରି ମୋତେ ଦେବ ଶ୍ୱଶୁର ଭରତ ସଦନ । ୩୬ ।

(୨୪ଶ ଛାନ୍ଦ)

ଏହା କହି ସୀତା ଅଗ୍ନିରେ ଝାସ ଦେବା ପାଇଁ ଅଗ୍ରସର ହେଲେ । ଲକ୍ଷ୍ମଣ ସୀତାଙ୍କୁ ସମୁଚିତ ଉତ୍ତର ଦେଇଥିଲେ ମଧ୍ୟ ସୀତାଙ୍କ ଆଶଙ୍କା ଦୂର କରିବା ପାଇଁ ରାମଙ୍କୁ ସାହାଯ୍ୟ କରିବା ନିମନ୍ତେ ଗମନ କଲେ ।

ସୀତାଙ୍କଠାରେ ସୁଶୀଳତାଜନିତ ଧୈର୍ଯ୍ୟ ଥିବା କବି ବ୍ୟକ୍ତ କରିଛନ୍ତି । ଦୁଷ୍ଟମତି ରାବଣଙ୍କ କବଳରେ ପଡ଼ି ମହାବୀର ରାମଚନ୍ଦ୍ରଙ୍କର ବାନ୍ଧବୀ ସୀତା ଅଶୋକ ବନରେ ଭୟରେ ପାଶବନ୍ଧା ମୃଗୀତୁଲ୍ୟ ହେଲେ । କିନ୍ତୁ ସେ ସୁଶୀଳା ଥିବା ଯୋଗୁଁ ଧୈର୍ଯ୍ୟଚ୍ୟୁତା ନ ହୋଇ ପଥର ପିତୁଳା ପରି ରହିଲେ ।

ବାନ୍ଧବୀ ରାମର ପାଶବନ୍ଧା ମୃଗୀ ପରାୟ ଭୟରୁ,
ରହିଲ ଶିଳା ପିତୁଳା ତୁଳା ସିଦ୍ଧି ସୁଶୀଳା ହେବାରୁ । ୪୧ ।

(୨୪ଶ ଛାନ୍ଦ)

ଏ ମହାସଙ୍କଟରେ ପଡ଼ି ଜଗଜ୍ଜନନୀ ସୀତା ଅତ୍ୟନ୍ତ ମାନସିକ ଓ ଶାରୀରିକ ଦୁଃଖ ଭୋଗ କରୁଥିବାରୁ ବ୍ରହ୍ମା ନାରଦଙ୍କ ହସ୍ତରେ ଅମୃତ ପଠାଇଲେ । ନାରଦ ସୀତାଙ୍କୁ ଅମୃତ ଦେଇ ଆଶ୍ୱାସନା ବାଣୀ ଶୁଣାଇଲେ, ଚଉଦମାସ ପରେ ତାଙ୍କର ବିଚ୍ଛେଦ ଶେଷ ହେବ । ନାରଦଙ୍କ ବାକ୍ୟରେ ସୀତା ଆଶ୍ୱାସନା ପାଇଲେ, ତାଙ୍କର ରାମଙ୍କୁ ପାଇବା ବିଶ୍ୱାସ ହେଲା । ସେ ଈଶ୍ୱରଙ୍କ ଭରସାରେ ରହିଲେ ଏବଂ ଅମୃତପାନ କରି ସ୍ଥିର ହେଲେ । ଅମୃତପାନ ଯୋଗୁଁ ତାଙ୍କୁ କ୍ଷୁଧା ତୃଷା କିଛି ବାଧିଲା ନାହିଁ । ଦୈବ ନିର୍ଦ୍ଦେଶରେ ସୀତାଙ୍କର ମାନସିକ ଓ ଶାରୀରିକ ଦୁଃଖ ନିରାକରଣ ଉପାୟ ଉଦ୍‌ଭାବିତ ହୋଇ-

ଥିଲେ ମଧ୍ୟ ମାନବସୁଲଭ ବ୍ୟାକୁଳତା ତାଙ୍କୁ କାତର କରିଥିଲା । ସେ ନାର-ଦଙ୍କ ବାଣୀରେ ଆଶ୍ୱାସନା ପାଇଥିଲେ ମଧ୍ୟ ପତିଙ୍କ ବ୍ୟାକୁଳହୃଦୟ କଥା ମନରେ ଚିନ୍ତାକରି ଦୁଃଖିତା ହେଲେ । ପତିପ୍ରାଣା ଜାନକୀଙ୍କ ଏହି ଭାବ ଆଦର୍ଶସ୍ଥାନୀୟ ହୋଇଛି ।

ବିମ୍ବୋଷ୍ଠୀ ଅବନୀଦୃଷ୍ଟି ଅତି କଷ୍ଟୀ କପୋଳେ ଶ୍ରୀକର,
ବ୍ୟାକୁଳ କେତେ ନ ଦେଖି ହେବେ ମୋତେ କରେ ଏ ବିସ୍ମର । ୫୬ ।
(୬୪ଶ ଛାନ୍ଦ)

ତାଙ୍କୁ ନଦେଖି ରାମ କେତେ ବ୍ୟାକୁଳ ହେଉଥିବେ, ଏହି ଚିନ୍ତାରେ ସୀତା କାତର ହୋଇପଡ଼ିଲେ; ନିଜେ କଷ୍ଟୀ ଥିଲେ ମଧ୍ୟ ତାକୁ ସେ ଭୁଲିଯାଇ ପ୍ରିୟଙ୍କ ଅବସ୍ଥା ଚିନ୍ତାକରି ଅତିଶୟ ଦୁଃଖିତା ହେଲେ । ରାମଚନ୍ଦ୍ରଙ୍କ ଅବସ୍ଥା ସୀତା ଉତ୍ତମ ରୂପେ ଅବଗତା ଥିଲେ । ସୀତାଙ୍କୁ କୁଟୀରରେ ଏକାକୀ ଛାଡ଼ି ଆସିବାରୁ ଲକ୍ଷ୍ମଣଙ୍କୁ ରାମ କହିଲେ, ସୀତାଙ୍କୁ ଏକାକୀ ଛାଡ଼ିଆସିବା ଉଚିତ ହେଲା ନାହିଁ; ସେ ବକ୍ଷରୁ ଅନ୍ତର ହେଲେ ତାଙ୍କର ହୃଦୟ କମ୍ପେ ।

ବୋଲେ ବୀର ସୀତା କାହିଁ କଲୁ ତୁ ଏକତା,
ବକ୍ଷୁଁ ହୋଇଲେ ଅନ୍ତର, ବହଇ ଯେ ଅତି ଭୟେ ହୃଦୟ ପଥର । ୪ ।
(୬୫ଶ ଛାନ୍ଦ)

ଅଶେଷ ପ୍ରଲୋଭନ ଓ ଯନ୍ତ୍ରଣା ସତ୍ତ୍ୱେ ସୀତା ରାବଣର ଚାଟୁବାଣୀରେ ମୋହିତା ହୋଇନାହାନ୍ତି । ଏଠାରେ ତାଙ୍କର ମହନୀୟ ଚରିତ୍ର ଅତି ମନୋ-ରମ ଭାବରେ ପ୍ରସ୍ଫୁଟିତ ହୋଇଛି । ଅସୁରୀମାନଙ୍କ ପ୍ରବର୍ତ୍ତନା-ବାକ୍ୟ ଶ୍ରବଣ କରି ସୀତା ଦୃଢ଼କଣ୍ଠରେ ଉତ୍ତର ଦେଇଛନ୍ତି—

ବିକଶିଛି କି ଶିଖରଶିଖେ, ବିନା ଜଳରେ ପଦ୍ମ ତା ସୁଖେ,
ବନ୍ଧନ ଆଶାବନ୍ଧରେ କି କୁଞ୍ଜର ଶୁଣା ପ୍ରବନ୍ଧ କି ମୂର୍ଖମୁଖେ ଗୋ
ବାମାଏ । ୨୦ ।

ବଳିପଡ଼ି ବା ଏମାନ ହେବ, ବଇଦେହୀ ଚଉ ନଟଳିବ,
ବିନା ଶ୍ରୀରାମରେ କୋଟିଏ କାମେ ଭେ ଏ ତ ପାମରେ କି ସମ୍ଭବିବ ଗୋ ।
ବାମାଏ । ୨୧ । (୬୬ଶ ଛାନ୍ଦ)

ସୀତା ହରଣର ପରେ ସୀତାଙ୍କ ପ୍ରତି ରାମଙ୍କ ବ୍ୟବହାର ଲୌକିକ ଦୃଷ୍ଟିରେ କେତେକାଂଶରେ ସମର୍ଥନଯୋଗ୍ୟ ହେଲେ ମଧ୍ୟ ତାହା ମାନବ-ହୃଦୟରେ ଦାରୁଣ ଆଘାତ ଦେଇଛି । ସୀତା ଦୁଃଖୀ, କଷ୍ଟୀ ହୋଇ ଜୀବନ ଶେଷ କରିଛନ୍ତି । ଏହି ଦୁଃଖୀ କଷ୍ଟୀ ସୀତାହିଁ ହିନ୍ଦୁଜଗତର, ମାନବଜାତିର ହୃଦୟର ଅଧିଷ୍ଠାତ୍ରୀ ଦେବୀ ।

ସୀତା ଅଶୋକବନରେ ବନ୍ଦିନୀ ହୋଇ ରହିବା ପରେ ମନେମନେ ରାମଙ୍କୁହିଁ ଝୁରୁଥିଲେ । ସେ ଭାବୁଥିଲେ, ରାମ ହୁଏତ ମନେ କରିଥିବେ ତାଙ୍କୁ ଛାଡ଼ି ସେ (ସୀତା) ଚାଲିଯାଇଛନ୍ତି । ଏହାଦ୍ୱାରା ସୀତାଙ୍କର ରାମଙ୍କ ପ୍ରତି ସ୍ନେହର ନ୍ୟୂନତା ଥିବା ଆଶଙ୍କା ରାମଙ୍କ ମନରେ ଜାତ ହେବା ସମ୍ଭବ । ସେ ହନୁମାନଙ୍କୁ ତାଙ୍କର ହୃଦୟର କଥା ଜଣାଇ ପ୍ରିୟଙ୍କ ପ୍ରତି ତାଙ୍କର ଅକୃତ୍ରିମ ପ୍ରଗାଢ଼ ପ୍ରେମର ପରିଚୟ ଦେଇଛନ୍ତି । ହନୁମାନହିଁ ତାଙ୍କ ଆଶଙ୍କାକୁ ଦୂର କରିବାକୁ କହିଛନ୍ତି । ତୁଳନାକଲେ ରାମ ଓ ସୀତାଙ୍କ ବିଚ୍ଛେଦ ସମାନ ହେବ, କିଏ କାହାଠାରୁ ନ୍ୟୂନ ନୁହେଁ, ଅତଏବ ସ୍ନେହ-ନ୍ୟୂନତାର ଆଶଙ୍କା କରିବା ଉଚିତ ନୁହେଁ ।

ବିଚ୍ଛେଦକୁ ତୁଳପାତ୍ର କରି, କେଉଁ ଦ୍ରବ୍ୟକୁ ତୁଳିଲେ ସରି
ବିଶ୍ୱର ପୃଷ୍ଠରେ ପଶୁରେ ଯାହାକୁ
ଯେହ୍ନ ଛାଡ଼ିଲି ସେ ଊଣା ପରି ଗୋ ବୈଦେହୀ । ୫୩ । (ଷୋଡ଼ଶ ଛାନ୍ଦ)

ସୀତା ହନୁମାନଙ୍କୁ ରାମଙ୍କ ପ୍ରକୃତ ଦୂତ ବୋଲି ଜାଣିପାରିବା ପରେ ହନୁମାନ ସୀତାଙ୍କ ବିରହ ଦୁଃଖ ନିବାରଣ ନିମନ୍ତେ ନିଜ କାନ୍ଧରେ ବସାଇ ରାମଙ୍କଠାକୁ ନେଇଯିବେ ବୋଲି ପ୍ରସ୍ତାବ କଲେ । ବୁଦ୍ଧିମତୀ, ବିଚକ୍ଷଣା ସୀତା ଏଥିରେ ଅସମ୍ମତା ହୋଇ କହିଥିଲେ ଯେ ଏପରି କଲେ ରାମଙ୍କ ବୀରପଣରେ ଆଞ୍ଚ ଆସିବା ସଙ୍ଗେ ସଙ୍ଗେ ଏହା ରାବଣର ଚୋରି ପରି ମଧ୍ୟ ବିବେଚିତ ହେବ ।

ବାଧ ପ୍ରତ୍ୟୁଷୀରଧିକୁ ହେବ, ବେଳ କଷ୍ଟଯୁ ଜଳ୍ପନ୍ତେ ଯିବ । ୫୬ ।
(ଷୋଡ଼ଶ ଛାନ୍ଦ)

ସୀତାଙ୍କଠାରୁ ବିଦାୟ ନେଲା ବେଳେ ହନୁମାନ ସୀତାଙ୍କୁ କହିଲେ, "ବିଚ୍ଛେଦ କଷ୍ଟସବୁ ଦୂର ହେବ, ଶିବଙ୍କୁ ଧ୍ୟାନ କରୁଥାଆନ୍ତୁ ।" ଏହାର ଉତ୍ତରରେ ସୀତା ଅତି ଯୁକ୍ତିଯୁକ୍ତ ଉତ୍ତର ଦେଇ ସ୍ୱପ୍ରଭୁ ବିଷ୍ଣୁ ଅବତାର ରାମଚନ୍ଦ୍ରଙ୍କ ମହିମା ପ୍ରଖ୍ୟାପନ କରିଛନ୍ତି ଏବଂ ତାଙ୍କୁ ଧ୍ୟାନ କରୁଥିବେ ବୋଲି ସୂଚନା ଦେଇଛନ୍ତି । ଏହା ତାଙ୍କର ଏକାନ୍ତ ସ୍ୱାମୀଭକ୍ତିର ନିଦର୍ଶନ ।

ବୋଇଲେ ଯେ ଜନକକୁମାରୀ, ନୃପ ସ୍ତନେ ଯାରେ ଅନୁସରି ।
ବନ୍ଦୀ ମୁଁ ତାହାରେ ବନ୍ଦୀ ପରକାରେ ବନ୍ଧିଲେ ସେ
ପାରିଲେ ନିସ୍ତାରି ହେ ବାତଜ । ୭୦ ।
ବିଧାତାର ହିଁ ନାହିଁ ଆୟତ୍ତ, ବେଦ ପଢ଼େ ଅନୁସରି ନିତ୍ୟ ।
ବିଷ୍ଣୁ ମାତରି କାରଣ ନୋହିଛନ୍ତି କଷ୍ଟ ଅନ୍ତରକୁ
ଧାୟି ଚଳି ହେ । ବାତଜ । ୭୧ । (୩୫ଶ ଛାନ୍ଦ)

ଲକ୍ଷ୍ମଣ—

ଲକ୍ଷ୍ମଣଙ୍କୁ ଜିତେନ୍ଦ୍ରିୟ, ରାମଭକ୍ତ, ସୁହୃଦ୍, ଭ୍ରାତୃପ୍ରେମୀ, ମର୍ଯ୍ୟାଦାବନ୍ତ, ବିଚକ୍ଷଣ, ଧୀର, ସତ୍ୟନିଷ୍ଠ ପ୍ରଭୃତି ରୂପରେ କବି ଚିତ୍ରଣ କରିଛନ୍ତି । ଲକ୍ଷ୍ମଣଙ୍କ ଚରିତ୍ର ପୁରାଣ ଇତିହାସରେ ବିରଳ । ସେ ଭୋଗର ଆକାଙ୍କ୍ଷା କରିନାହାନ୍ତି; କେବଳ ଭ୍ରାତୃସେବାହିଁ ମୂଳ କରିଛନ୍ତି ।

ତାଙ୍କର ବାଲ୍ୟଶିକ୍ଷା ମଧ୍ୟ ରାମଙ୍କ ପରି ଉଚ୍ଚଶ୍ରେଣୀର ଥିଲା । ପୁରାଣ, ଶାସ୍ତ୍ର, ରାଜନୀତି, ଧନୁର୍ବିଦ୍ୟା ପ୍ରଭୃତିରେ ସେ ପାରଙ୍ଗମ ଥିଲେ ।

ରାମଚନ୍ଦ୍ର ତାଙ୍କୁ ଉପଯୁକ୍ତ ସହକାରୀ ରୂପେ ପ୍ରାପ୍ତ ହୋଇ ପ୍ରତ୍ୟେକ କାର୍ଯ୍ୟରେ ତାଙ୍କର ସହାୟତା ଲାଭ କରିଛନ୍ତି । ସବୁଠାରେ ଲକ୍ଷ୍ମଣଙ୍କ ପରାମର୍ଶ କଠୋର ବାସ୍ତବତା ଦିଗରୁ ଉପଯୁକ୍ତ ବିବେଚିତ ହୋଇଛି ।

ବନବାସରେ ଲକ୍ଷ୍ମଣଙ୍କ କଷ୍ଟ ରାମସୀତାଙ୍କ ଅପେକ୍ଷା ବେଶି ହେଲେ ମଧ୍ୟ ସ୍ୱ ଚରିତ୍ରବଳ ଓ ଅଟଳସ୍ଥିତଜ୍ଞା ବଳରେ ସେ ଅକୁଣ୍ଠିତ ଚିତ୍ତରେ ଏହାକୁ ବରଣ କରି ଅତି ଉଚ୍ଚ ଆଦର୍ଶ ସ୍ଥାପନ କରିଯାଇଛନ୍ତି ।

ଧନୁର୍ଭଙ୍ଗ ସମୟରେ ରାମଚନ୍ଦ୍ର ଧନୁ ଧାରଣ କରି ଗୁଣ ଚଢ଼ାଇବା ସମୟରେ ଲକ୍ଷ୍ମଣ ମର୍ଯ୍ୟାଦାଜ୍ଞାନ ଓ ବୁଦ୍ଧିର ଯଥେଷ୍ଟ ପରିଚୟ ଦେଇଛନ୍ତି । ରାମଚନ୍ଦ୍ର ଉତ୍ସାହାଧିକ୍ୟରୁ ହୁଏତ ମୁଣ୍ଡ ନ ଆଉଁ ଧନୁରେ ଗୁଣ ଦେଇଦେବେ ଏହି ଆଶଙ୍କା କରି ଲକ୍ଷ୍ମଣ ରାମଙ୍କୁ ବତାଉଛନ୍ତି—

× ବତାଇ ସୁମିତ୍ରାବସ୍ତ୍ର, ନାହିଁ ସୁମିତ୍ରାରି ସ୍ପଷ୍ଟ,<br>
ନମ୍ରେ ଧଇଲେ ବାଞ୍ଛିବେ ରୂପେ ଓଲଗେ । ୩୩ । (୯ମ ଛାନ୍ଦ)

"ଏଠାରେ ଆମ୍ଭର କେହି ସୁମିତ୍ର ନାହାନ୍ତି, ପ୍ରଧାନ ଶତ୍ରୁ ଥିବା ସ୍ପଷ୍ଟ ହେଉଛି । ସୁତରାଂ ତୁମେ ନଇଁ କରି ଧରିଲେ ଶତ୍ରୁମାନେ ବାଞ୍ଛିବେ, କହିବେ ଧନୁକୁ ଓଲଗ ହେଉଛି ।" ଅତଏବ ମସ୍ତକ ଅବନତ ନକରି ରୂପ ଧରିବାକୁ ଲକ୍ଷ୍ମଣ ଉପଦେଶ ଦେଲେ ।

ଲକ୍ଷ୍ମଣଙ୍କ ମର୍ଯ୍ୟାଦାଜ୍ଞାନର ପରିଚୟ ବିବାହ ଦିବସ ନିର୍ଣ୍ଣୟ ପ୍ରସଙ୍ଗରେ ପ୍ରକଟିତ ହୋଇଛି । ବିଶ୍ୱାମିତ୍ର ଓ ଜନକ ଧନୁର୍ଭଙ୍ଗର ପର ଦିବସରେ ବିବାହ ପ୍ରସ୍ତାବ କରିବାରୁ ଲକ୍ଷ୍ମଣ ସମୁଚିତ ଯୁକ୍ତିପୂର୍ଣ୍ଣ ଉତ୍ତର ଦେଇ ପ୍ରସ୍ତାବ ଅସଙ୍ଗତ ଓ ଅସୁନ୍ଦର ଥିବା ବ୍ୟକ୍ତକରି ବିରୋଧ କଲେ । ପିତାଙ୍କୁ ନଜଣାଇ ବିବାହ କରିବା ଅନୁଚିତ ହେବ, ଏହାହିଁ ସେ କହିଥିଲେ ।

ବିଭା ମଙ୍ଗଳ କାଲିପରି କରିବା ବିଶ୍ୱାମିତ୍ରେ କହେ ଜନକ,<br>
ବିରୋଧିଲେ ଶୁଣି ସେ ବାଣୀ ଲକ୍ଷ୍ମଣ କି ବିଭା ନ ଜାଣି ଜନକ । ୬୦ ।<br>
(୧୧ଶ ଛାନ୍ଦ)

ବନବାସକୁ ଯିବା ବେଳେ ଲକ୍ଷ୍ମଣଙ୍କୁ ମାତା ସୁମିତ୍ରା ଯେଉଁ ଉପଦେଶ ଦେଇଥିଲେ ତାହା ସେ ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି ।

ବୋଇଲେ ସୁମିତ୍ରେ ପୁତ୍ରେ ସେବିଥିବୁ ଶ୍ରୀରାମ ମାନସ ଜାଣି,<br>
ବନ୍ଦେ ସର୍ବ ଶବଯାକ ହରିବୁ ହୋଇ ଧନୁ ଶରପାଣି ।<br>
ବନ୍ଧୁ ଯାଉଛି ସଙ୍ଗେ, ବଡ଼ ମାୟାବୀ ରାକ୍ଷସ ପୁଙ୍ଗେ । ୩୦ ।<br>
(୧୭ଶ ଛାନ୍ଦ)

ମାୟାମୃଗ ମୃଗୟା ପ୍ରସଙ୍ଗରେ ରାମଚନ୍ଦ୍ରଙ୍କୁ ଲକ୍ଷ୍ମଣ ସୀତାଙ୍କର କଟୁ ବ୍ୟବହାର କଥା ଶୁଣାଇଥିଲେ । ସେ 'ସୀତା' ଓ 'ବୈଦେହୀ' ଶବ୍ଦର ଅର୍ଥ ବିଶ୍ଳେଷଣ କରି ତାଙ୍କ ପ୍ରତି ସୀତାଙ୍କ ବ୍ୟବହାର ଶୋଭନୀୟ ନଥିବା ବ୍ୟକ୍ତ କରିଥିଲେ । ଏହି ସମ୍ପର୍କରେ ସେ ରାମଙ୍କୁ ସ୍ତ୍ରୀକଥା ଶୁଣିଥିବାରୁ ଦୋଷ ଦେଇଥିଲେ । ଏଥିରୁ ଲକ୍ଷ୍ମଣଙ୍କ ସ୍ପଷ୍ଟବାଦିତା ପ୍ରମାଣିତ ହେଉଛି । ସେ ରାମଚନ୍ଦ୍ରଙ୍କୁ ଦେବତାମାନଙ୍କ ନୀତିବଚନ ଶୁଣାଇ ଉପଦେଶ ଦେଇଛନ୍ତି ସିନା ନିର୍ମମ ଭାବରେ ମତ ବ୍ୟକ୍ତ କରି ନାହାନ୍ତି ।

ବୈଦେହୀ ପ୍ରମାଣ ଫଳେ କଟୁ କର ଜାତ,
ବିଦାରିତ ହୃଦକ୍ଷେତ୍ର ସୀତା ନାମ ସତ ।
ବିନା ଭକ୍ଷୁଁ ଜନେ ବାମା,
ବାଣୀ ସୁଧା ବୋଲେ ସୁରମତେ ନୋହେ ସମା । ୭ ।
ବଙ୍କ ଯେଣୁ ଦୃଯୋଗୀ ତେଣୁ ଶ୍ରଦ୍ଧାରେ ନଶୁଣି,
ବୋଲେ ରାମ ଶିବରୁ କେ ବଡ଼ ଯୋଗୀ ପୁଣି । ୭ ।

(୨୫ଶ ଛାନ୍ଦ)

ଲକ୍ଷ୍ମଣ ଯେ ବେଳେବେଳେ କ୍ରୋଧ ପ୍ରକାଶ କରି ଶାପ ଦେଉଥିଲେ ତାହା ଚକ୍ରବାକକୁ ତାଙ୍କ ଶାପଦେବାରୁ ସ୍ପଷ୍ଟ ହେଉଛି । ସୀତାହରଣ ଯୋଗୁଁ ରାମ ଓ ଲକ୍ଷ୍ମଣ ଉଭୟେ ମ୍ରିୟମାଣ ହୋଇ ପଡ଼ିଥିଲେ । କାତରତାହିଁ ଏହି ବିଭ୍ରମର କାରଣ । କବି ଚରିତଗତ କାହାଣୀକୁ ଅବଲମ୍ବନ କରି ଏହି ଉପାଖ୍ୟାନ ରଚନା କରିଛନ୍ତି, ସ୍ୱାତନ୍ତ୍ର୍ୟର ଅବକାଶକୁ ସେ ବ୍ୟବହାର କରି ନାହାନ୍ତି । ଏହାଦ୍ୱାରା ଚରିତ୍ରର ଉଜ୍ଜ୍ୱଳତା ଅଳ୍ପ ଅଂଶରେ ମଳିନ ହୋଇଯାଇଛି ।

ମାୟାମୃଗ ପ୍ରସଙ୍ଗରେ ସୀତା ଲକ୍ଷ୍ମଣଙ୍କୁ ଆକ୍ଷେପ କରି କହିବାରୁ ଲକ୍ଷ୍ମଣ ସମୁଚିତ ଉତ୍ତର ପ୍ରଦାନ କରି କହିଥିଲେ—

× × ବାହ୍ୟ କର, ଏକ ଆତ୍ମା, ଦୂଷି ହେବ ଲକ୍ଷ୍ମଣ ଭାଷିତ × । ୩୩ ।

(୨୪ଶ ଛାନ୍ଦ)

"ଆମ୍ଭେ ସୁର ଭାଇ ଏକ ଆତ୍ମା । ତୁମ୍ଭେ ପୃଥକ୍ ବୋଲି ବର୍ଣ୍ଣନ କରୁଛ । ଏହାଦ୍ୱାରା ତୁମେ ଦୂଷିତା ହେବ ।" ଲକ୍ଷ୍ମଣଙ୍କ ଏହି ସଂକ୍ଷିପ୍ତ ଉତ୍ତର ତାଙ୍କର ମର୍ଯ୍ୟାଦା ବୁଦ୍ଧି ଓ ଭ୍ରାତୃ ପ୍ରେମର ଯଥେଷ୍ଟ ପରିଚୟ ଦେଉଅଛି ।

ସୁଗ୍ରୀବ ଆସିବା କଣ୍ଟ ଗଡ଼ି ଯିବାରୁ ଏହାର କାରଣ ଅନୁସନ୍ଧାନ କରିବା ପାଇଁ ଲକ୍ଷ୍ମଣ ତାହାଙ୍କ ପୁରକୁ ଗଲେ । ସେଠାରେ ସିଂହଦ୍ୱାରଠାରେ ଦ୍ୱିବିଦ ବାନର ତାଙ୍କ ବାଟ ଓଗାଳି 'କେ ତୁ' ବୋଲି ପଚ୍ଚାରି ପରିଚୟ ମାଗିବାରୁ ଲକ୍ଷ୍ମଣ କ୍ରୋଧରେ ତାହାକୁ ଖଣ୍ଡାରେ 'କେତୁ'କୁ ଦିଖଣ୍ଡ କରି ପରି ହତ୍ୟା କରିବା ଧମକ ଦେଲେ । କିନ୍ତୁ ଅଳ୍ପକ୍ଷଣ ପରେ ପ୍ରକୃତିସ୍ଥ ହୋଇ କହିଲେ, ଏ ଜନ୍ମରେ ତୋତେ ହତ୍ୟା କରିବ ନାହିଁ, ପରଜନ୍ମରେ (ବଳରାମ ଅବତାରରେ) ରୈବତକ ପର୍ବତରେ ଏହା ସମ୍ଭବ ହେବ । ଏଥିରୁ ସୂଚିତ ହେଉଛି ଯେ କବି ଲକ୍ଷ୍ମଣଙ୍କୁ ଦୂରଦ୍ରଷ୍ଟା ମଧ୍ୟ କରିଛନ୍ତି । ସେ ଯେ ଯୁଗେ ଯୁଗେ ରାମଙ୍କ ସହିତ ଅବତାର ଗ୍ରହଣ କରିବେ ଏହା ସେ ଜାଣିଥିଲେ ।

ଲକ୍ଷ୍ମଣ ବନବାସ ବେଳେ କୁଟୀର ବାହାରେ ରହୁଥିଲେ । ଏହାକୁ ସେ ବ୍ରତରୂପେ ପାଳନ କରିଥିଲେ । ସୁଗ୍ରୀବଙ୍କ ପ୍ରାସାଦ ଭିତରକୁ ଯିବାପାଇଁ ଲକ୍ଷ୍ମଣଙ୍କୁ ସୁଗ୍ରୀବ ଅନୁରୋଧ କରିବାରୁ ସେ ଭିତରକୁ ନ ଯାଇ ଗୋଟିଏ ବୃକ୍ଷମୂଳରେ ବସିଲେ ।

ବନେକର ପୁରେ ବୋଲୁଁ ବସି ତରୁ ତଳେ । ୩୧ ।(୩୨ଶ ଛାନ୍ଦ)

ଲଙ୍କାଯୁଦ୍ଧରେ ଲକ୍ଷ୍ମଣ ଅଦ୍ଭୁତ ରଣକୌଶଳ ଓ ଅସୀମ ବିକ୍ରମର ପରିଚୟ ଦେଇଛନ୍ତି । ରାବଣ-ନିଧନ ଓ ସୀତା ଉଦ୍ଧାରରେ ଲକ୍ଷ୍ମଣଙ୍କ ରଣକୌଶଳ ପ୍ରଭୂତ ସାହାଯ୍ୟ କରିଛି ।

ବିଭୀଷଣ—

ରାବଣ, କୁମ୍ଭକର୍ଣ୍ଣ ଓ ବିଭୀଷଣଙ୍କ ଜନ୍ମବୃତ୍ତାନ୍ତ କଥନ ବେଳେ ବିଭୀଷଣଙ୍କୁ ଅନ୍ୟ ଭାଇମାନଙ୍କ ସଙ୍ଗେ ତପବ୍ରତରେ ଯଶସ୍ୱୀ ହୋଇଥିବା କବି ବର୍ଣ୍ଣନା କରିଛନ୍ତି ।

କବିଙ୍କ ବର୍ଣ୍ଣନାନୁଯାୟୀ କୈକଷୀଙ୍କ ତୃତୀୟ ପୁତ୍ର ବିଭୀଷଣ ଶାନ୍ତ ମୂର୍ତ୍ତି ଧାରଣ କରି ଜନ୍ମଗ୍ରହଣ କଲେ । କିନ୍ତୁ ରାବଣ ଓ କୁମ୍ଭକର୍ଣ୍ଣ ଜନ୍ମ ହେବା ବେଳେ ସେମାନଙ୍କର ପ୍ରକୃତିର ଚିହ୍ନସବୁ ପ୍ରକାଶ ପାଇଥିଲା । ରାବଣ ଜନ୍ମହେବା ମାତ୍ରେ ପୃଥିବୀ ତାର ଭାରରେ କମ୍ପିତ ହୋଇଥିଲା; ତାହାର ବିକଟରୂପ, ଚକ୍ଷୁକାନ୍ତିରେ ଦେବତା, କିନ୍ନର ଓ ନାଗମାନେ ଅତ୍ୟନ୍ତ ଭୀତ ହୋଇଥିଲେ । କୁମ୍ଭକର୍ଣ୍ଣ ବିକୃତ ରୂପ ଧାରଣ କରି ଜନ୍ମ ହେଲା ଏବଂ ଘୋର ଗର୍ଜ୍ଜନ କରି ପୃଥିବୀକୁ ସ୍ତବ୍ଧ କରିଦେଲା । ଦୁହିଁଙ୍କ ତୁଳନାରେ ବିଭୀଷଣଙ୍କ ଶାନ୍ତମୂର୍ତ୍ତି ତାଙ୍କ ଚରିତ୍ରର ଦର୍ପଣ ସ୍ୱରୂପ; ନାମ ମଧ୍ୟ ଗୁଣ ଅନୁରୂପରେ ହୋଇଛି "ବିଗତ ଯେ ଭୀଷଣ ।"

ତିନିଭାଇ ଦିଗ୍‌ବିଜୟ କରିବା ବେଳେ ବିଭୀଷଣ ମର୍ତ୍ତ୍ୟ ଅଭିଯାନର ଭାର ନେଇଥିଲେ । "ବିଭୀଷଣ ଯକ୍ଷରେ ଦ୍ୱନ୍ଦ୍ୱ" ରଚିତ ହୋଇଥିଲା ଏବଂ ବିଭୀଷଣ ଏଥିରେ ଯଶସ୍ୱୀ ହୋଇଥିଲେ ।

ତିନିଭାଇଙ୍କ ଭିତରୁ ରାବଣର ଅତ୍ୟାଚାର ଅସହ୍ୟ ହେବାରୁ ବିଷ୍ଣୁ ରାମାବତାର ରୂପେ ମର୍ତ୍ତ୍ୟରେ ଅବତୀର୍ଣ୍ଣ ହେଲେ । ଏଥିରେ ବିଭୀଷଣଙ୍କ କାର୍ଯ୍ୟକଳାପ ଦାୟୀ ଥିବା ଅନୁମିତ ହୁଏ ନାହିଁ ।

ଦୂତ ମୁଖରୁ ବାନରଭଲ୍ଲୁକସେନାକୁ ଧରି ରାମଚନ୍ଦ୍ର ସମୁଦ୍ର ପାରହୋଇ ଲଙ୍କା କଟକାଇ କରିବା ପ୍ରସ୍ତାବ ଶୁଣି ରାବଣ ଏହାକୁ ହସରେ ଉଡ଼ାଇ ଦେଲା । ବାନରଭଲ୍ଲୁକସେନା, ପୁଣି ସମୁଦ୍ର ପାର ହେବେ ଏହା ଅସମ୍ଭବ । ପୃଥିବୀରେ ଏତେ ବାନର କେଉଁଠାରେ ବା ଅଛନ୍ତି ! ପୁଣି ସେମାନେ ମନୁଷ୍ୟର ବଶ ହୋଇଛନ୍ତି !

ବ୍ରହ୍ମାଣ୍ଡରେ ଏତେ ବାନର କାହିଁ,
ବଶ ସେ ପୁଣ ମନୁଷ୍ୟେ ହୋଇ । ୬୨ । (୩୪ଶ ଛାନ୍ଦ)

ରାବଣର ଏ ତରଳ ସ୍ୱଭାବକୁ ପସନ୍ଦ ନକରି ବିଭୀଷଣ ସଦୁପଦେଶ ଦେଇ କହିଛନ୍ତି ଯେ ରାମଦୂତ ହନୁମାନ ଲଙ୍କାରେ ଏହା ମଧ୍ୟ ପ୍ରକାଶ କରିଛି; ଅତଏବ, ହସରେ ଉଡ଼ାଇ ଦେବା ଉଚିତ ନୁହେଁ । ରାବଣ ନିଜର ବାହମର

ହଡ଼ାଇ କରି ସେ ଅଜେୟ ଥିବା ବ୍ୟକ୍ତି କରିବାରୁ ବିଭୀଷଣ ଦୁଃଖିତ ହୋଇଛନ୍ତି ଏବଂ ରାବଣ ଯେ ବହୁବାର ପରାସ୍ତ ହୋଇଛି ତାହା ସ୍ମରାଇଥିଲେ ।

ବିଭୀଷଣ କହିଲ ପ୍ରତି ଉତ୍ତର, ବିବେକ କର ଚିତ୍ତ ତୋହର । ୩୮ ।
ବନ୍ଧି ନ ପାରିଲୁ ପଣାକାଠିକି, କୃଷ୍ଣାଙ୍କ ଗିରି ଥିଲୁ ଯେ ଟେକି । ୩୯ ।
ବଜ୍ରରେ ଦୈତ୍ୟ ନମୁଚି ନ ମଲା, ବାରିରି ଫେନେ ବଧ ହୋଇଲା ।୪୦।
(୩୯ଶ ଛାନ୍ଦ)

ଏହି ଉତ୍ତର ପାଇ ବିଭୀଷଣ ପ୍ରତି ରାବଣ କ୍ରୋଧରେ କଟୂକ୍ତି ପ୍ରୟୋଗ କଲା । ରାବଣ କହିଲା, ବିଭୀଷଣ ଶତ୍ରୁର ଦର୍ପ ଦେଖାଇ ତାକୁ ନିବର୍ତ୍ତାଉଛି । କ୍ରୋଧରେ ମହାରାବଣ ଦ୍ୱାରା ବିଭୀଷଣଙ୍କୁ ଲଙ୍କାରୁ ବିତାଡ଼ିତ କଲା ।

ବସୁଧାଯୁକ୍ତ ସ୍ୱନାମକୁ କହି,ବାହାର କରି ଲଙ୍କାରୁ ଦେଇ । ୪୨ ।
(୩୯ଶ ଛାନ୍ଦ )

ବିଭୀଷଣ ନିଜ ସଙ୍ଗରେ ବିବଧ ଆଦି ଚାରିମନ୍ତ୍ରୀଙ୍କୁ ଧରି ଶୂନ୍ୟମାର୍ଗରେ ମନ ଆନନ୍ଦରେ ଲଙ୍କାରୁ ପଳାୟନ କଲେ । ଏ ବିତାଡ଼ନରେ ବିଭୀଷଣ ଦୁଃଖିତ ହୋଇ ନାହାନ୍ତି ।

ବିବଧ ଆଦି ଚାରିମନ୍ତ୍ରୀ ସଙ୍ଗେ, ବିହଗ ଗତି ନଭରେ ରଙ୍ଗେ । ୪୩ ।
(୩୯ଶ ଛାନ୍ଦ)

ଦୁଷ୍ଟମତି ଭ୍ରାତାର କାର୍ଯ୍ୟକଳାପ ଶାନ୍ତମତି ବିଭୀଷଣଙ୍କଦ୍ୱାରା ସମର୍ଥିତ ହେଉ ନଥିଲା ଏବଂ ସେ ଦୂଷିତ-ପରିବେଷ୍ଟନୀ ମଧ୍ୟରୁ ମୁକ୍ତିଲାଭ କରିଥିବାରୁ ଆନନ୍ଦ ଲାଭ କରିଛନ୍ତି ।

ବିଭୀଷଣ ସୁଗ୍ରୀବଙ୍କ ନିକଟରେ ଉପସ୍ଥିତ ହେବା ପରେ ରାମ ତାଙ୍କର ସଦୁଦ୍ଦେଶ୍ୟ ଥିବା ପରୀକ୍ଷା କରିବା ନିମନ୍ତେ ଲକ୍ଷ୍ମଣଙ୍କ ଦ୍ୱାରା ଶପଥ କରାଇଲେ । ଏଥିରେ ବିଭୀଷଣ ଦୁଃଖିତ ନ ହୋଇ ସାଧାରଣ ପ୍ରପଞ୍ଚଜ୍ଞାନ ଦୃଷ୍ଟିରୁ ଏପରି ଶପଥ ଯେ କର୍ତ୍ତବ୍ୟ ତାହା ସେ ଉପଲବ୍ଧି କରି ସମୁଦ୍ରରେ ସ୍ନାନ କରି ଶପଥ କରିଥିବା ଅନୁମିତ ହୁଏ ।

(ଲକ୍ଷ୍ମଣ) ବୁଡ଼ାଇ ମାନପଣ କରି ଜଳେ,
ଛୁଟିଲେ ଶୁଭ ଅଶୁଭ ବେଳେ । ୫୦ । (୩୯ଶ ଛାନ୍ଦ)

ଶପଥ ପରେ ରାମଚନ୍ଦ୍ରଙ୍କ ବିଶ୍ୱାସଭାଜନ ହୋଇପାରି ଥିବାରୁ ସୁମତି ବିଭୀଷଣ ଅତ୍ୟନ୍ତ ପ୍ରୀତ ହେଲେ ଏବଂ ରାମଚନ୍ଦ୍ରଙ୍କୁ ସ୍ୱୟଂ ଭଗବାନ ବୋଲି ମନେକଲେ ।

'ବିଶ୍ୱ-ଆତ୍ମା-ରୂପ ସୁମନା ମୁଦେ,
ବିଗ୍ରହେ ହରି କରି ତା ହୃଦେ । ୫୩ । (୩୯ଶ ଛାନ୍ଦ)

ଏହି ମୁହୂର୍ତ୍ତରେ ତାଙ୍କ ମନରେ ବର୍ଣ୍ଣର ସାମ୍ୟ ଦେଖି ରାମଚନ୍ଦ୍ରଙ୍କୁ ଯମ କି ବୋଲି ସନ୍ଦେହ କଲେ; କିନ୍ତୁ ହଠାତ୍ ତାଙ୍କୁ ରାମ-ନାରାୟଣ ମୂର୍ତ୍ତି ଦୃଶ୍ୟ ହେବାରୁ ତାଙ୍କର ସନ୍ଦେହ ଦୂର ହେଲା । ଭକ୍ତର ମନରେ ମାୟାଜନିତ ସନ୍ଦେହ ଓ ତାହାର ସହଜ ନିରାକରଣ ଏଠାରେ ପ୍ରଦର୍ଶିତ ହୋଇଛି । ଭକ୍ତି ପରୀକ୍ଷାହିଁ ଏହାର ଉଦ୍ଦେଶ୍ୟ । ବିଭୀଷଣଙ୍କ ଏକାନ୍ତ ଶରଣାପନ୍ନତା ଭକ୍ତି ଜଗତରେ ଅତୁଳନୀୟ । ବିଷ୍ଣୁ-ରାମ ପରମ ସନ୍ତୋଷ ଲଭିକରି ବିଭୀଷଣଙ୍କୁ ବରଦେଇ ଅମର କରିଦେଲେ ଏବଂ 'ଲଙ୍କାର ରାଜା' ଶାଢ଼ୀ ପ୍ରଦାନ କଲେ ।

ବିଶ୍ୱରେ ରାମନାମ ଥିବାଯାକ,
ବିଗ୍ରହେ ଥିବୁ ବରଦାୟକ । ୫୮ ।
ବାହାର କର ଯମଦାଢ଼ୁ ବାସ,
ବାନ୍ଧିଲେ ଶାଢ଼ୀ ହେଲୁ ଲଙ୍କେଶ । ୫୯ । (୩୯ଶ ଛାନ୍ଦ)

ବିଭୀଷଣଙ୍କ ଦ୍ୱାରାହିଁ ଲଙ୍କାଗଡ଼ ଭେଦ କରିବା ସମ୍ଭବ ବୋଲି ରାମ ଜାଣିଥିଲେ । ସେ ଏକାନ୍ତ ଶରଣାପନ୍ନ ହେବାରୁ ରାମଙ୍କ ମନରେ ଆଶାର ସଞ୍ଚାର ହେଲା । ଏହା ଏତେ ପରିମାଣରେ ବୃଦ୍ଧି ପାଇଲା ଯେ ସମୁଦ୍ରକୁ ପର୍ବତମାନଙ୍କଦ୍ୱାରା ପୋତିବା କଳ୍ପନାକୁ ମଧ୍ୟ ସେ ସହଜ ବୋଲି ବିଚାରିଲେ ।

ବଳାଇ ରାଘବ ଆଶା ସୀତା ପ୍ରାପତିରେ,
ବିସ୍ମରିଲେ ସିନ୍ଧୁ ପୋତି ଯିବା ପର୍ବତରେ ଯେ । ୧ । (୪୦ଶ ଛାନ୍ଦ)

ରାବଣ ବିଭୀଷଣଙ୍କୁ ଫେରାଇ ନେବା ନିମନ୍ତେ ଶୁକ ସାରଣଙ୍କୁ ଦୂତ କରି ପଠାଇଥିଲେ; କିନ୍ତୁ ବିଭୀଷଣ ଉତ୍ତର ଦେଲେ ଯେ ସୀତାଙ୍କୁ ରାମଙ୍କ ହସ୍ତରେ ସମର୍ପଣ କରିଦେଲେ ସେ ଫେରିଯିବେ ।

ବୋଇଲ ଅନୁଜ ଯିବ ସୀତାଙ୍କୁ ସମର୍ପି ଯେ । ୧୦ । (୪୦ଶ ଛାନ୍ଦ)

ବିଭୀଷଣ ଯୁଦ୍ଧରେ ଅସୁରମାନଙ୍କର ଯାବତୀୟ ମାୟା, ମୃତ୍ୟୁଭେଦ ପ୍ରଭୃତି ଯଥା ସମୟରେ ବ୍ୟକ୍ତକରି ରାମପକ୍ଷକୁ ଅଶେଷ ସାହାଯ୍ୟ କରିଛନ୍ତି । ଏହାଦ୍ୱାରା ବଡ଼ ବଡ଼ ସେନାପତିମାନେ ନଷ୍ଟ ହୋଇ ଯାଇଛନ୍ତି । ବିଭୀଷଣ ଏ ଭେଦ କହି ନଥିଲେ ଯୁଦ୍ଧର ପରିଣତି ଯେ କଣ ହୋଇଥାନ୍ତା ତାହା କହି ହେଉନାହିଁ । ସେ ପ୍ରକୃତ ଭକ୍ତର କାର୍ଯ୍ୟ କରିଛନ୍ତି । ସ୍ୱ ଭ୍ରାତାକୁ ବଧ କରିବା ପାଇଁ ମଧ୍ୟ ସେ ଅସ୍ତ୍ରଧାରଣ କରିଥିଲେ । ଏଥିରୁ ତାଙ୍କର ମନର ଦୃଢ଼ ଆତ୍ମବିଶ୍ୱାସ ପ୍ରକାଶ ପାଉଛି ।

ରାମ-ରାବଣ ଯୁଦ୍ଧ ସମୟରେ ରାବଣ ଘୋର ପରାକ୍ରମରେ ବହୁ ଶର ନିକ୍ଷେପ କରିବାରୁ ପୃଥିବୀ ଅନ୍ଧକାରମୟ ହୋଇଗଲା । ଏହି ସୁଯୋଗରେ ବିଭୀଷଣ ରଥ ତଳେ ଲୁଚିରହି ରାବଣ ଉପରେ ଶର ନିକ୍ଷେପ କରିବାରୁ ସେ ଅଚେତ ହୋଇ ପଡ଼ିଲେ । କବି ବିଭୀଷଣଙ୍କର ଏହି କାର୍ଯ୍ୟକୁ ପସନ୍ଦ କରି ନାହାନ୍ତି; ଏହି କାରଣରୁ ବିଭୀଷଣ ଭୀଷଣ ଦସ୍ୟୁମାନେ ସଙ୍କେତ ଗୃହରେ ଲୁଚି ରହିଲା ପରି ରଥତଳେ ଲୁଚି ରହିଲେ ବୋଲି କହିଛନ୍ତି ।

ବିଶେଷ ଜ୍ୟାଘୋଷେ ଜ୍ୟା ପୃଷ୍ଠି ସଙ୍କେତ ନିକେତନ କରି ରହି,
ବିମାନତଳେ ବିଭୀଷଣ ଭୀଷଣ ଦସ୍ୟୁ ସ୍ୱଭାବକୁ ବହି । ୭୫ ।
(୪୧ଶ ଛାନ୍ଦ)

ବିଭୀଷଣଙ୍କୁ ଲଙ୍କାରେ ରାଜାକରି ତାଙ୍କୁ ରାମ ସମ୍ମାନିତ କରିଛନ୍ତି, କିନ୍ତୁ ଭକ୍ତଦୃଷ୍ଟିରେ ତାଙ୍କୁ ରାମ ଯେଉଁ ଅମରବର ପ୍ରଦାନ କରିଥିଲେ ତାହା ତାଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ।

ବିଭୀଷଣଙ୍କ କାର୍ଯ୍ୟକୁ ଜନସମାଜ ସାଧାରଣ ଦୃଷ୍ଟିରୁ ବିଚାରକରି ତାହା ସମର୍ଥନ କରିଥିବା ପରି ଜଣାଯାଉ ନାହିଁ । "ଗୃହଶତ୍ରୁ ବିଭୀଷଣ" ପ୍ରବଚନହିଁ ଏହାର ପ୍ରମାଣ । କିନ୍ତୁ ବ୍ୟାପକ ଦୃଷ୍ଟିରେ ବିଭୀଷଣହିଁ ପ୍ରକୃତ-ବିବେକୀ, ବିଜ୍ଞ ଓ ଭକ୍ତ ଶିରୋମଣି ।

ରାବଣ—

ରାବଣର ମାତାମହ ମାଲୀ ଓ ତାର ଭ୍ରାତାମାନଙ୍କର ଅତ୍ୟାଚାର-ଯୋଗୁଁ ସ୍ୱର୍ଗର ଦେବତାମାନେ ଅସ୍ଥିର ହୋଇପଡ଼ିଲେ । ଦେବତାମାନଙ୍କ ଯୁଦ୍ଧରେ ପରାସ୍ତ ହୋଇ ମାଲୀ ଓ ତାର ଭ୍ରାତାମାନେ ରାକ୍ଷସମାନଙ୍କ ସହ-ଲଙ୍କା ପରିତ୍ୟାଗ କଲେ । ରାକ୍ଷସଶୂନ୍ୟ ଲଙ୍କାରେ କୁବେର ରାଜା ହେଲେ ଏବଂ ସଜ୍ଜନମାନେ ସେଠାରେ ବାସ କରିବାକୁ ଆରମ୍ଭ କଲେ । ବିଶ୍ରବାଋଷି ଏହି ସମୟରେ ସେଠାରେ ଆଶ୍ରମ ନିର୍ମାଣ କରି ବାସକଲେ । ମାଲୀର କନ୍ୟା-ନିକଷାର ରୂପମାରେ ମୁଗ୍ଧ ହୋଇ ବିଶ୍ରବା ତାକୁ ବିବାହ କଲେ । ନିକଷାଙ୍କ-ଗର୍ଭରୁ ରାବଣାଦି ସନ୍ତାନମାନେ ଜନ୍ମହେଲେ । ଏଥିରୁ ରାବଣ ଋଷି ଓ ରାକ୍ଷସ ଅଂଶରେ ଜନ୍ମଲାଭ କରିବାରୁ ଉଭୟ ଦେବ-ରାକ୍ଷସ ସ୍ୱଭାବ ତାଠାରେ-ଦେଖାଯାଇଥିଲା । ରାବଣର ଯଜ୍ଞକର୍ମାଦି ଦେବସ୍ୱଭାବର ଓ ଦୁଷ୍ଟବୁଦ୍ଧି-ଜନିତ ଅତ୍ୟାଚାର ରାକ୍ଷସ ସ୍ୱଭାବର ଫଳ । ରାକ୍ଷସ ସ୍ୱଭାବ ପ୍ରବଳ ହେବାରୁ ସେମାନେ ଋଷିଙ୍କ ଔରସରେ ଜନ୍ମ ହୋଇଥିଲେ ମଧ୍ୟ ରାକ୍ଷସ ହେଲେ ।

ରାବଣ ଓ କୁମ୍ଭକର୍ଣ୍ଣ ମହାବଳୀ ଥିଲେ; ସେମାନଙ୍କର ବଳ ପରପୀଡ଼ନ ପାଇଁ ବ୍ୟବହୃତ ହୋଇଥିଲା । ଅସୀମ ପରାକ୍ରମ ରାବଣକୁ ଗର୍ବାନ୍ଧ କରି-ଦେଇଥିଲା । ମଦାନ୍ଧ ଏମାନଙ୍କ ପତନ ବା ବିନାଶର କାରଣ ।

ରାବଣ ଜଣେ ସ୍ୱଜାତି ଓ ସ୍ୱଦେଶପ୍ରେମିକ । ଲଙ୍କାପୁରୀରୁ ରାକ୍ଷସମାନେ-ବିତାଡ଼ିତ ହୋଇଥିବାରୁ ତାର ପୁନରୁଦ୍ଧାର ପାଇଁ ସେ ଚେଷ୍ଟା କରିଥିଲା । ଦେବସ୍ୱଭାବଦ୍ୱାରା ପ୍ରଭାବିତ ହୋଇ ରାବଣ ଓ କୁମ୍ଭକର୍ଣ୍ଣ ଘୋର ତପସ୍ୟା କରି-ବ୍ରହ୍ମାଙ୍କଠାରୁ ପ୍ରବଳ ବର ପାଇଥିଲେ । ଏହି ପ୍ରବଳବର ପ୍ରଭାବରୁ ରାବଣ-

ତ୍ରିପୁର ଜୟକଲ ଏବଂ ଦେବତା ଓ ସଜ୍ଜନମାନଙ୍କ ଉପରେ ବହୁ ଅତ୍ୟାଚାର କଲା । ସ୍ୱଦେଶ ଲଙ୍କାକୁ ପୁନରୁଦ୍ଧାର କରି ଅସୁର ରାଜତ୍ୱ ପୁନଃ ପ୍ରତିଷ୍ଠା କଲା ଏବଂ କୁବେର ଓ ସଜ୍ଜନମାନଙ୍କୁ ତଡ଼ି ସେଠାରେ ରାକ୍ଷସମାନଙ୍କର ପୁନର୍ବାସନ କରାଇଲା । ଲଙ୍କାକୁ ପୁନଃ ନିର୍ମାଣ କରି ସ୍ୱର୍ଣ୍ଣପୁରୀ ଲଙ୍କାରେ ପରିଣତ କଲା ।

ରାବଣର ମଦାନ୍ଧତା ତାର ବିନାଶର କାରଣ ଥିବା ତାହାର ସୀତାହରଣ ପୂର୍ବ କାର୍ଯ୍ୟକଳାପରୁ ସ୍ପଷ୍ଟ ହେଉଛି । ବେଦମତୀ ନାମ୍ନୀ କନ୍ୟା ଉପରେ ଅତ୍ୟାଚାର କରିବାରୁ ସେ ନାରୀ ଯୋଗୁ ନିହତ ହେବା ଶାପ ପାଇଥିଲା । ପୁଣି ସୂର୍ଯ୍ୟବଂଶୀୟ ଅନରଣ୍ୟଙ୍କୁ ରାବଣ ପରାସ୍ତ କରିବାରୁ ତାଙ୍କ ବଂଶ ଯୋଗୁଁ ସେ ବିନାଶ ହେବ ବୋଲି ଶାପ ପାଇଥିଲା । କୈଳାସରେ ଶିବଙ୍କ ମର୍କଟମୁଖା ଦ୍ୱାରପାଳ ନନ୍ଦୀଙ୍କୁ ଉପହାସ କରିଥିବାରୁ ସେ ଶାପ ଦେଇଥିଲେ ଯେ ତାର ବାନରବଳଦ୍ୱାରା ମୃତ୍ୟୁ ହେବ । ବ୍ରହ୍ମାଙ୍କ ବରରେ ରାବଣ ଓ କୁମ୍ଭକର୍ଣ୍ଣ ମହାପରାକ୍ରମୀ ହୋଇ ଗର୍ବରେ ଅନ୍ଧ ହେବାରୁ ବହୁ ଅତ୍ୟାଚାର କଲେ ଏବଂ ତାହାର ଫଳସ୍ୱରୂପ ଏହୁ ଅଭିଶାପଗୁଡ଼ିକ ପାଇଥିଲେ । ଅଭିଶାପ ଅକ୍ଷରେ ଅକ୍ଷରେ ସତ୍ୟ ହେଲା । ଏଥିରୁ ସ୍ପଷ୍ଟ ହେଉଛି ଯେ ରାବଣ ସ୍ୱକୃତ ଦୁଷ୍କୃତିରୁ ବିନାଶପ୍ରାପ୍ତ ହୋଇଛି ।

ଶିବଧନୁ ଭଙ୍ଗ ବେଳେ ରାବଣ ସ୍ୱ ପରାକ୍ରମ ଦେଖାଇବା ନିମନ୍ତେ ସେଠାରେ ଉପସ୍ଥିତ ହୋଇଥିବା ସ୍ପଷ୍ଟ ଉଲ୍ଲେଖ କାବ୍ୟରୁ ମିଳୁ ନଥିଲେ ମଧ୍ୟ ରାମଙ୍କ ଧନୁଭଙ୍ଗ ପରେ ଶବ୍ଦ ଶୁଣି ସେଠାରେ ଉପସ୍ଥିତ ହୋଇଥିଲା । ରାମଙ୍କ ଅପୂର୍ବ ବୀରତ୍ୱ ଦେଖି ବିରସ ମନରେ ସେ ଲଙ୍କାକୁ ଫେରି ଯାଇଥିଲା । ଏଥିରୁ ସ୍ପଷ୍ଟ ହେଉଛି ଯେ କବି ଏଠାରେ ନାୟକ ଓ ପ୍ରତିନାୟକଙ୍କ ପରାକ୍ରମର ତୁଳନା କରି ପ୍ରତିଦ୍ୱନ୍ଦ୍ୱୀ ଅପେକ୍ଷାକୃତ ନ୍ୟୂନଥିବା ପ୍ରତିପାଦିତ କରିଛନ୍ତି । ନାୟକ ପ୍ରତି ବିଶେଷ ସହାନୁଭୂତି ଆକର୍ଷଣ କରିବା କୌଶଳ ଏହାଦ୍ୱାରା କବି ମୂଳରୁ ଆରମ୍ଭ କରିଛନ୍ତି । ରାବଣ ଅତ୍ୟାଚାରୀ ଥିବା ବିଦିତ ଥିବାରୁ ତାହା ପ୍ରତି ଶ୍ରଦ୍ଧାବାନ୍ ନହେବା ସ୍ୱାଭାବିକ ।

ଦୁଷ୍ଟମତି ରାବଣ 'ସୀତାହରଣ ରାବଣମରଣ' ଏହି ବାଧ୍ୟବାଧ୍ୟକତାରୁ ନିଜେ ନିଜ ମନ୍ଦ କାର୍ଯ୍ୟଦ୍ୱାରା କାର୍ଯ୍ୟକାରୀ କରାଇଅଛି । ଶୂର୍ପଣଖା ଅପମାନ ପାଇ ପଞ୍ଚବଟୀରୁ ଫେରିଯିବା ପରେ ରାବଣର କ୍ରୋଧ ଜାଗ୍ରତ ହୋଇଛି । ସେ ଦୁଷ୍ଟା ଭଗିନୀକୁ ସଦୁପଦେଶ ଦେବା ପରିବର୍ତ୍ତେ ପ୍ରତିଶୋଧର ଆଶ୍ରୟ ନେଇଛି । କଳେ ବଳେ କୌଶଳେ ରାମଙ୍କ ସ୍ତ୍ରୀଙ୍କୁ ହରଣ କରି ଆଣିବା ପାଇ ସେ ଯେଉଁ ସଂକଳ୍ପ କଲା ତାହା ତାର ଦୁଷ୍ଟ ବୁଦ୍ଧି ଓ ଗର୍ବର ଫଳ ।

ମହାପରାକ୍ରମୀ ରାବଣ ଅତି ହୀନ ଉପାୟରେ ସୀତାଙ୍କ ପରି ଜଣେ ଦୁର୍ବଳା ଅବଳାକୁ ହରିନେବା ଉପାୟ କଲା । ରାବଣ ରାକ୍ଷସସୁଲଭ ମାୟା ରଚନା କରିଥିଲେ ମଧ୍ୟ ଏ କ୍ଷେତ୍ରରେ ତା ସଦୃଶ ବୀର ପୁରୁଷ ପକ୍ଷେ ଏହା କେଶ ଭମାଯ୍ୟ ହୋଇନାହିଁ; ତେବେ ଦୃଷ୍ଟମତି ପକ୍ଷେ ଶୋଭନ ବ୍ୟବହାର ଆଶା କରିବା ବୃଥା । ରାବଣର ଶାସ୍ତ୍ରସମର୍ଥିତ ପ୍ରକୃତି ଓ କାର୍ଯ୍ୟକଳାପକୁ ନିଖୁଣ ଭାବରେ ଅନୁସରଣ କରିବା ପ୍ରବୃତ୍ତି ଯୋଗୁଁ କବି ବିଶେଷ ବ୍ୟତିକ୍ରମ ଦେଖାଇ-ବାରେ ସମର୍ଥ ହୋଇପାରି ନାହାନ୍ତି । ଏହା ତାଙ୍କର ଶକ୍ତିର ନ୍ୟୂନତା ପ୍ରମାଣିତ କରୁନାହିଁ, କେବଳ ଧାର୍ମିକ ବାଧ୍ୟବାଧ୍ୟ ଓ ଧାରଣା ଏହାର କାରଣ ।

ରାବଣର ପରାକ୍ରମ ସମ୍ବନ୍ଧରେ କବି କହିଛନ୍ତି ଯେ ସ୍ୱର୍ଗମର୍ତ୍ତ୍ୟ-ପାତାଳରେ ଯେତେ ବୀର ଅଛନ୍ତି ତାହାଠାରୁ ବେଶି ବୀର ଲଙ୍କାରେ ଅଛନ୍ତି । ପାତାଳରେ ଜଣେ ମାତ୍ର ବଳୀ ଅଛନ୍ତି, କିନ୍ତୁ ଲଙ୍କା ବହୁ ବଳବାନ ବ୍ୟକ୍ତିଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଛି । ସ୍ୱର୍ଗରେ ଜଣେମାତ୍ର ସୁନାସୀର (ଇନ୍ଦ୍ର) ଅଛନ୍ତି । କିନ୍ତୁ ଲଙ୍କାରେ ଅସଂଖ୍ୟ ସୁନାସୀର (ପ୍ରଧାନ ଯୋଦ୍ଧା) ଅଛନ୍ତି । ସ୍ୱର୍ଗରେ ଜଣେମାତ୍ର ଚିତ୍ରରଥ (ଗନ୍ଧର୍ବ) ଅଛନ୍ତି, କିନ୍ତୁ ଏଠାରେ ବହୁ ଚିତ୍ରରଥ ଅଛନ୍ତି । ପୂର୍ବରେ ବଡ଼ ବଡ଼ ଦାନବମାନେ ଥିଲେ; କିନ୍ତୁ ଏପରି ବଡ଼ାଇ କେହି କରି ନଥିଲେ ।

ବଳୀ ଏକରେ ସେ ତ ଭୁତଳେ ବହୁତ ବଳୀ ଛନ୍ତି ଏଥିର,
ସେ ଗୁରୁ ଶେଖରଙ୍ଗେ ଏ ତରି ଅଶେଷ ଢଙ୍ଗେ ଯେ ।

ବସଇ ସୁନାସୀରକେ ତହିଁ ଏ କେତେ ସୁନାସୀରରେ ଶୋହି
ଏପରି ହୋଇ ଚନ୍ଦ୍ରରଅହିଁ କେବଳ ବର୍ଚେ ଯେ ।
ବଳି ବଡ଼ ଦାନବ ପୂର୍ବରେ ଥିଲେ ଯେ,
ବଢ଼ାଇକି ଏରୂପେ କରି ନଥିଲେ ଯେ । ୨୨ ।×× (୧ମ ଗ୍ରନ୍ଥ)

ଏଭଳି ରାବଣ ରାମ-କୃଷ୍ଣଙ୍କ ଉପଯୁକ୍ତ ପ୍ରତିଦ୍ୱନ୍ଦୀ, ଏହାହିଁ ଏଠାରେ କବି ସୂଚନାରେ ବ୍ୟକ୍ତ କରିଛନ୍ତି ।

ବ୍ରହ୍ମତପସ୍ୱୀ ରାବଣ ଚିତ୍ରକୂଟରେ ସୀତାଙ୍କ ଆଗରେ ନିଜର ବଡ଼ିମା, ସୌନ୍ଦର୍ଯ୍ୟ, ଜାତିର ଗୌରବ ବର୍ଣ୍ଣନା କରି ନିଜ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ପରିଚୟ ଦେଇଛି । ତାର ଦେଶର ମୃତ୍ତିକା ସୁବର୍ଣ୍ଣ । ତାର ବଂଶଭୂଜ, ଦଶବଦନ । ଅନେକ ପଦ୍ମିନୀ ନାୟିକା ତାର ସେବା କରନ୍ତି । ତାର ବଡ଼ପଣ ଯୋଗୁଁ ଇନ୍ଦ୍ର ତାହା ଦ୍ୱାର ଆଗରେ ଦ୍ୱାଃସ୍ଥ ପରି ବସନ୍ତି । ସେ ବ୍ରହ୍ମାଙ୍କ ଚତୁର୍ଥପୁରୁଷ ଥିବାରୁ ଜାତିରେ ମଧ୍ୟ ବିଶୁଦ୍ଧ ଏବଂ ବ୍ରହ୍ମାଙ୍କ ବରରେ ଦୀର୍ଘାୟୁ ଅଟେ ।

ସୀତା ସଂକ୍ଷେପରେ ତାର ପ୍ରକୃତିର ସ୍ୱରୂପ କହିଛନ୍ତି । ସେ ରାକ୍ଷସ, କୃପାଳ ଅର୍ଥାତ୍ କୃଚ୍ଛ୍ର, ବଞ୍ଚକ ଓ ବିରୂପ ଅଟେ । ରାବଣ ଶୃଗାଳ ହୋଇ ସିଂହର ସ୍ତ୍ରୀକୁ ଆଶା କରୁଛି ।

ରାବଣ ନିଜ ସମ୍ବନ୍ଧରେ ଯେଉଁ ଧାରଣା ଦେଇଛି ତାହା ନିଜ ଦୃଷ୍ଟିରୁ ମିଥ୍ୟା ନୋହିଲେ ମଧ୍ୟ ତାହାର ପ୍ରକୃତି ତାକୁ ମନ୍ଦ କରି ଦେଇଛି ।

ରାବଣ ବୀର । ସେ ରାମଚନ୍ଦ୍ରଙ୍କ ପୂର୍ବପୁରୁଷ ଆରଣ୍ୟକ ରାଜାଙ୍କ ଶିରଚ୍ଛେଦନ କରିଥିଲା । କିନ୍ତୁ ପରଶୁରାମଙ୍କ ଭୟରେ ରାମଙ୍କ ପିତା ଦଶରଥ ଲୁଚିଥିବା ପ୍ରସଙ୍ଗ ବ୍ୟକ୍ତକରି ଏପରି କାପୁରୁଷର ପୁତ୍ର (ରାମ) ତାର କି ଅପକାର କରି ପାରିବ, ଏହି ଗର୍ବ ପ୍ରକାଶ କଲା । ପରଶୁରାମଙ୍କ ଦର୍ପ ରାମ ହରଣ କରିଥିବାରୁ ରାବଣ ରାମଙ୍କ ସମ୍ବନ୍ଧରେ ଯେଉଁ ଧାରଣ କରିଥିଲା ତାହା ଭ୍ରମପୂର୍ଣ୍ଣ । ରାମଚନ୍ଦ୍ର ରାବଣର ଉପଯୁକ୍ତ ପ୍ରତିଦ୍ୱନ୍ଦ୍ୱୀ ଓ ଅଧିକ ବଳଶାଳୀ ଏହି ଭାବ ଏଥିରୁ ପ୍ରକଟିତ ହେଉଛି ।

× × ବନ୍ଧ ଉକଟ କନ୍ଧୁଛ ହୋଇ ଯତ ବୋଇଲେ ପାର୍ଥିବା,
ବୋଲେ ମୁଁ ଲଙ୍କେଶ ତୋତେ କର ଆଶ ଆସିଛୁ ସାଧବା । ୩୬ ।
ବିଭୂତ କସ କହିବ ମୋର ଦେଶ କନକ ମୃତ୍ତିକା,
ବିଂଶଭୁଜ ଦଶବଦନ ବିଶେଷ ପଦ୍ମିନୀ ନାୟିକା ।
ବଡ଼ପଣୁ ବସେ ଇନ୍ଦ୍ର ଦ୍ୱାଃସ୍ଥ ପାଶେ ବିଷ୍ଣୁଙ୍କ ଜାତରେ,
ବ୍ରହ୍ମାର ଚତୁର୍ଥ ପୁରୁଷ ମୁଁ ସତ ଚିରାୟୁ ତା ବରେ । ୩୭ ।
ବୋଇଲେ ମହିଜା ଜାତୁଧାନ ଯା ଯା ନୋହୁ ଶିରଚ୍ଛେଦ,
ବୃଷାଳ ବଞ୍ଚିକ ବିରୂପ କି ଠିକ ବଡ଼ାଇ ସମ୍ବାଦ × × । ୩୮ ।

(୨୪ଶ ଛାନ୍ଦ)

ରାବଣର ସୀତାହରଣ ଅତ୍ୟନ୍ତ ଗର୍ହିତ ଓ ଗୁରୁତ୍ୱପୂର୍ଣ୍ଣ ଥିବାରୁ ସଚରାଚର ସଜୀବ ନିର୍ଜୀବ ପ୍ରକୃତି ଦୁଃଖରେ ମ୍ରିୟମାଣ ହୋଇଛନ୍ତି । ଏହା ଏକ ଭୀଷଣ ପ୍ରାକୃତିକ ବିପର୍ଯ୍ୟୟଠାରୁ ଅଧିକ ଯନ୍ତ୍ରଣାଦାୟକ ହୋଇଛି । ରାବଣର ଏ କୁକାର୍ଯ୍ୟଦ୍ୱାରା ଦେବତାମାନେ ଓ ପୃଥିବୀ ମଧ୍ୟ ବିଚଳିତା ହୋଇପଡ଼ିଲେ । ସମସ୍ତେ 'କି ହେଲା, କି ହେଲା' ଡାକ ପକାଇଲେ ।

× × ବ୍ୟକ୍ତ ଦଶୁଁ ପୁଣି ବଳେ ଧରି ଆଣି ଆଣନ୍ତେ ଅଙ୍ଗଣ,
ବିତ ସଚିତ ସ୍ତମ୍ଭିତ ଚଳିତ ହୋଇଲା ପାଷାଣ । ୪୦ ।
ବସୁଧା କମ୍ପ ତା ଚକିତ ଦେବତା କି ହେଲା କି ହେଲା,
ବଚନେ ଶେ ଚନେ ଅଶ୍ରୁବିମୋଚନେ ଆକାଶ ପୂରିଲା ।
ବରଷିଲା ଝୋପା ଝୋପା ନୀର କି ପାଁ ନଥାଇ ମୁଦିରେ,
ବିହଙ୍ଗେ ଉସ୍ରୁକେ ଜୀବନ୍ତ ମୃତକେ ବାରଲେ ପାନରେ । ୪୧ ।

(୨୪ଶ ଛାନ୍ଦ)

ରାବଣର ପରାକ୍ରମ ପରି ଧୈର୍ଯ୍ୟ ମଧ୍ୟ ଅସୀମ; ମହା ବିପଦ ଓ ପୁତ୍ରପୌତ୍ରାଦିଙ୍କ ନିଧନରେ ମଧ୍ୟ ସେ ଧୈର୍ଯ୍ୟ ହରାଇ ନାହିଁ । ସେ ପଣ୍ଡିତ ଥିବାରୁ ନିଜର ବିନାଶ ଅବଶ୍ୟମ୍ଭାବୀ ଜାଣି ସୁଦ୍ଧା ସେ ସ୍ୱ ସଂକଳ୍ପରୁ ବିଚ୍ୟୁତ ହୋଇନାହିଁ । ସମରରେ ପୁତ୍ରପୌତ୍ରଙ୍କ ନିଧନ ସମ୍ବାଦ ଶୁଣିବା ପରେ

କିଛିକ୍ଷଣ ପାଇଁ ତାର ଶରୀର ଭୟରେ କମ୍ପିତ ହୋଇଥିଲେ ମଧ୍ୟ ପର ମୁହୂର୍ତ୍ତିରେ ପରେ ସେ ପ୍ରକୃତିସ୍ଥ ହୋଇ ଯାଉଥିଲା ।

ବିଧାତା ଗୁଡ଼ିଲା ଏ ଅର ଏ ଅର ଉପୁଜିଗଲା ତା ଅଙ୍ଗେ,
ବିଗୁରେ ଚଉଦପୁର ପୁରସ୍କାର ହୃଦସ୍ତେ କେ ଥିଲା ସଙ୍ଗେ । ୭୪ ।

ସେ ଭାବିଲା; ବର୍ତ୍ତମାନ ତାକୁ ଦଇବ ଛାଡ଼ିଲା । ସେ ଏକାକୀ ଚଉଦପୁର ଜୟ କରିଥିଲା ଏବେ ବା ସେ କାହିଁକି କାହାର ସାହାଯ୍ୟ ନେବ ? ସେ ଏକାକୀ ଯୁଦ୍ଧ କରିବାକୁ ସମର୍ଥ । ପୁଣି ଚିନ୍ତା କରିବାର ସମୟ ମଧ୍ୟ ଏ ନୁହେଁ ।

ମହାବୀର ଚତୁର୍ଦ୍ଦଶଭୁବନବିଜୟୀ ଏକାକୀ ରଣ କ୍ଷେତ୍ରରେ ଯେଉଁ ଯୁଦ୍ଧ କଲା ତାହା ତାହାର ଅସୀମ ପରାକ୍ରମ ଓ ଯୁଦ୍ଧକୌଶଳର ପରିଚୟ ଦେଉଛି । ଏହି ଯୁଦ୍ଧକୁ କବି ଏପରି ବର୍ଣ୍ଣନା କରିଛନ୍ତି—

ବୃତ୍ର ନମୁଚି ସମର ତୁଚ୍ଛ କରି ତ୍ରିପୁରେ କାହିଁ ସହଜ,
ବଡ଼ ଅନ୍ଧକରେ ସମସ୍ତ ଲୋକରେ ବନ୍ଦୀ ଯା କଲା ନାରାଜ ।୭୫।
(୪୯ଶ ଛାନ୍ଦ)

ବୃତ୍ରାସୁର ଓ ନମୁଚି ରାକ୍ଷସ ଦେବତାମାନଙ୍କ ସହିତ, ତ୍ରିପୁର ଓ ଅନ୍ଧକ ରାକ୍ଷସ ଶିବଙ୍କ ସହିତ ଯେଉଁ ଯୁଦ୍ଧ କରିଥିଲେ ତାହା ପୁରାଣରେ ଅତି ଭୟଙ୍କର ବୋଲି କଥିତ ହୋଇଛି । ରାବଣର ଯୁଦ୍ଧ ଏହାଠାରୁ ମଧ୍ୟ ବଳିଗଲା । ତାର ଶର ପ୍ରୟୋଗରେ ସମସ୍ତ ପୃଥ୍ୱୀ ଅନ୍ଧକାର ହୋଇଗଲା ଓ ଧନୁର ଟଙ୍କାର ପୃଥ୍ୱୀକୁ ଶବ୍ଦରେ ପୂର୍ଣ୍ଣ କରିଦେଲା ।

ବିଶେଷ ଜ୍ୟାଘୋଷ ପୂର୍ଣ୍ଣ ସଙ୍କେତ ନିକେତନ କରି ରହି । ୭୫ ।

ରାବଣ ଏକ ଏକ ଶର ପ୍ରୟୋଗ କରି ରାମଙ୍କର ଅସଂଖ୍ୟ ସୈନ୍ୟଙ୍କୁ ବିନାଶ କଲା । ରାବଣର ଯୁଦ୍ଧକୁ ଇନ୍ଦ୍ର, ବିଧାତାଙ୍କ ଉତ୍ପ୍ରେକ୍ଷାରେ ବର୍ଣ୍ଣନା କରି କହୁଛନ୍ତି ଯେ, କେଉଟମାନେ ନୌକାରେ ବସି ତେଣ୍ଡାରେ ବନ୍ଧ ମାଛ ମାରିଲାପରି ରାବଣ ରଥରେ ବସି ବାନର ସେନାଙ୍କୁ ବିନାଶ କରୁଛି ।

ବିଦ୍ଧ ମତ୍ସ୍ୟ ଯଥା ଧୀବର ନାବରେ ରହେ ଲଙ୍କପତି ତଥା । ୮୨ ।

(୪୯ଶ ଛାନ୍ଦ)

ରାବଣର ସ୍ୱ ମାନ-ମର୍ଯ୍ୟାଦାର ଜ୍ଞାନ ଉଚ୍ଚ ଧରଣର ଥିଲା । ସେ ଘୋର ଯୁଦ୍ଧ କରୁକରୁ ରଥତଳେ ଲୁଚି ବିଭୀଷଣ ଏକ ଶର ବିନ୍ଧିବାରୁ ସେ କ୍ଷଣକାଳ ଅଚେତ ହୋଇପଡ଼ିଲା । ଏହି ଅବସ୍ଥାରେ ବିଭୀଷଣ ତାର ବାହୁ ଛେଦନ କରିବାପାଇଁ ଉଦ୍ୟତ ହେବାରୁ ଶୁକମନ୍ତ୍ରୀ ରାବଣର ପୁଷ୍ପକରଥକୁ ପଛକୁ ହଟାଇ ଆଣିଲା । ରାବଣ ଚୈତନ୍ୟ ଲାଭକରି ପଛକୁ ରଥ ହଟିଥିବା ଦେଖି ଅତ୍ୟନ୍ତ ଦୁଃଖିତ ଓ ଲଜ୍ଜିତ ହେଲା ଏବଂ ଶୁକର କାର୍ଯ୍ୟ ତାକୁ ଅପମାନିତ କଲା ବୋଲି କ୍ରୋଧରେ ବ୍ୟକ୍ତ କଲା ।

ବସେ ଜ୍ଞାନ ବିଶେ ଭ୍ରଷ୍ଟି ସତିବରେ ମୁଁ ଅଜେୟ,
ବେଗେ ଦାଶରଥି ସନ୍ନିଧିକି ନିଅପତି ବିମାନକୁ ନିଅ । ୭୭ ।

(୪୯ଶ ଛାନ୍ଦ)

ରାବଣର ରାଜତ୍ୱରେ ଲଙ୍କାର ସଂସ୍କୃତି ଅତି ଉଚ୍ଚ ଥିଲା । ହନୁମାନ ଲଙ୍କାଦେବୀଙ୍କୁ ପରାଜୟ କରି ଲଙ୍କା ଭିତରେ ପ୍ରବେଶ କଲେ । ସେଠାରେ ସେ ଅଭିନବ ସମୃଦ୍ଧିଶାଳୀ, ଉଚ୍ଚ ସଂସ୍କୃତି ସମ୍ପନ୍ନ ଜନସମାଜ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଏଠାର ବିପଣିମାନଙ୍କରେ ନବରତ୍ନାଦି ପୂର୍ଣ୍ଣ ଥିବାରୁ ଲଙ୍କା 'ରତ୍ନାକର' ନାମ ଧାରଣ କରିବା ଯୋଗ୍ୟ ହୋଇଥିଲା । ବିବିଧ ରତ୍ନଖଚିତ ଉଚ୍ଚ ପ୍ରାସାଦମାନ ଥିଲା । ସେଠାରେ ସର୍ବଦା ବେଦପାଠ ହେଉଥିଲା । ଉତ୍କୃଷ୍ଟ ଜାତୀୟ ବହୁ ଉଷ୍ଟ୍ର, ଅଶ୍ୱ, ହସ୍ତୀରେ ଲଙ୍କା ପୂର୍ଣ୍ଣ ହୋଇଥିଲା । ସେଠାର ବିମାନଗୁଡ଼ିକ ସ୍ୱର୍ଗମଣ୍ଡପକୁ ତୁଚ୍ଛ କରୁଥିଲା । ରାବଣର ପୁର ସହିତ ଇନ୍ଦ୍ରଙ୍କ ପୁର ତୁଳନୀୟ ହେଉନଥିଲା । ପ୍ରାସାଦମାନଙ୍କ ଉପରେ ଅସଂଖ୍ୟ ପତାକା ଉଡ଼ୁଥିଲା ।

ଗୃହମାନଙ୍କର ଶୋଭା ଅତୁଳନୀୟ ଥିଲା । ଇନ୍ଦ୍ରଜିତ ଓ କୁମ୍ଭକର୍ଣ୍ଣ ପ୍ରଭୃତିଙ୍କ ଗୃହ ରାତିରେ ରତ୍ନଆଲୋକରେ ପ୍ରଭାତ କାଳ ପରି ଶୋଭା ପାଉଥିଲା; ସବୁ ଗୃହ ଆଲୋକିତ ଥିଲା । ରାବଣପୁରରେ କୌଣସି କୌଣସି-

ଠାରେ କାନ୍ଥରେ ଚୌଷଠି ରତିବନ୍ଧର ଚିତ୍ର ଅଙ୍କିତ ଥିଲା । 'ସୀତାହରଣ ରାବଣ ମରଣ' ପ୍ରସଙ୍ଗ ପ୍ରତ୍ୟେକ କାନ୍ଥରେ ଲେଖାଥିଲା ।

ସେଠାର ରମଣୀମାନଙ୍କର ଋଚିବୋଧର ରମଣୀୟ ବିଚିତ୍ର ବେଶଭୂଷା ସେମାନଙ୍କର ଲାସ୍ୟ ପ୍ରଭୃତି ରତି କଳାର ପରିଚୟ ଦେଉଥିଲା ।

ଲଙ୍କାଦେବୀ ସ୍ୱପ୍ନରେ ରାବଣଙ୍କୁ ରାମଙ୍କ ଦୂତ ଲଙ୍କାରେ ପ୍ରବେଶ କରିଥିବାର କହିବାରୁ ମହାବୀର ରାବଣ କ୍ରୋଧରେ ଅଶୋକବନରେ ପ୍ରବେଶ କରି ସୀତାଙ୍କୁ ମନାଇବା ପାଇଁ ଯେଉଁ ଚେଷ୍ଟା କରିଥିଲା ତାହା ତାର ବିକ୍ରମର ପରିଚାୟକ ନହେଲେ ମଧ୍ୟ ବୁଦ୍ଧିମତାର ପରିଚୟ ଦେଉଛି । ସେଥିରେ ତାହାର ପାଣ୍ଡିତ୍ୟର ପ୍ରମାଣ ମିଳୁଛି । ସେ ନିଜେ ମଦ୍ୟପାୟୀ ଥିବା ସ୍ୱୀକାର କରି ବହୁ ବିନୟ ପ୍ରକାଶ କରି ମନାଇବାକୁ ଚେଷ୍ଟା କରିଛି ।

ବସଇ ଖସଇ ଦୈତ୍ୟ ନ ବସଇ କପାଁ,
କୃପା ମୋହଠାରେ ଚିତ୍ତ ରେ ବରାଙ୍ଗି । (୨୫ଶ ଛାନ୍ଦ)

ସୀତା ରାବଣର ଚାଟୁବାକ୍ୟ ପ୍ରତି କର୍ଣ୍ଣପାତ ନକରି ଇଙ୍ଗିତଦ୍ୱାରା ନିଜର କ୍ରୋଧ ପ୍ରକାଶ କରିବାରୁ କାଳେ ସୀତା ଶାପ ଦେବେ ଏହି ଭୟ ରାବଣର ହେଲା । ପୂର୍ବେ ବେଦମତୀ କନ୍ୟା ଶାପ ଦେଇଥିଲା; ଏବେ ସୀତା ଦେଇପାରନ୍ତି ଏହି ଭୟ ହେଲା । ରାବଣ ଶାପକୁ ଭୟ କରୁଥିବା ଏଥିରୁ ସ୍ପଷ୍ଟ ହେଉଛି ।

ପ୍ରତାପୀ ରାବଣର ନିତ୍ୟ ସେବାରେ ବ୍ରହ୍ମା, ନାରଦ ଓ ତୁମ୍ବୁରୁ ମଧ୍ୟ ରହିଥିଲେ । ରାବଣର ପ୍ରଭାବରେ ଏମାନେ ଅତି ଦୀନ ଭାବରେ ସେବା କରୁଥିଲେ । ସୀତାଙ୍କଠାରୁ ନିରାଶ ହୋଇ ଫେରିବା ପରେ ରାବଣର ମନରେ ବେଦନା ଜାତ ହୋଇଥିବାରୁ ଏମାନଙ୍କୁ କୋଳାହଳ ବନ୍ଦ କରିବାକୁ ଦ୍ୱାରୀ କହିଥିଲା । ପ୍ରଭାତରେ ରାବଣ ସମ୍ମୁଖରେ ବେଦପାଠ, ବୀଣାବାଦନ, ସ୍ତୁତିପାଠ କରିବା ଏ ମହାଋଷିମାନଙ୍କର ସେବା ନିର୍ଣ୍ଣିତ ହୋଇଥିଲା ଏବଂ ଏମାନେ ଭୟରେ ନିୟମିତରୂପେ ଏହା ପାଳନ କରୁଥିଲେ ।

ବେଦ ବୀଣା ସ୍ତୁତି ଆରମ୍ଭଣେ, ବୋଲେ ଦ୍ୱାସ୍ଥ କେଉଁ ବଡ଼ପଣେ,
ବିପକ୍ଷ ନ ଜାଣି ହୁଅ କଳକଳ ରହ ସକଳେ ମଉନେ କ୍ଷଣେ ହେ ବିବୁଧେ,
ବିପକ୍ଷେ କି ବୋଲୁ ବୋଲେ ତ୍ୱରିତ
ବ୍ୟାଧି ରାଜା ଅନ୍ତଗତେ ଜାତ । ୪ । ୨୪ । (୩୯ଶ ଛାନ୍ଦ)

ରାବଣ ବିଭୀଷଣଙ୍କୁ ଫେରାଇ ଆଣିବାକୁ ଶୁକସାରଣଙ୍କୁ ପଠାଇଥିଲେ । ସେମାନେ ଛଦ୍ମବେଶରେ ବିଭୀଷଣଙ୍କଠାରେ ଉପସ୍ଥିତ ହୋଇ ରାବଣର ବାଣୀ ଶୁଣାଇଥିଲେ । ଏହି ବାଣୀରେ ବିବେକବୁଦ୍ଧି ଓ ମର୍ଯ୍ୟାଦାଜ୍ଞାନର ଯଥେଷ୍ଟ ପରିଚୟ ମିଳୁଅଛି । ତାର ଭେଦନୀତି ପ୍ରୟୋଗ କୌଶଳ ସୂଚିତ ହେଉଛି । ରାବଣ କହି ପଠାଇଥିଲା—

ବିଭୀଷଣେ କହ ଜ୍ୟେଷ୍ଠଭ୍ରାତା ପିତା ସମ,
ବୁଝି ନବୁଝି କୋପି ତା ବାଣୀ ପିତା କର ଯୋ । ୫। (୪୦ଶ ଛାଂ)

"ଅଶେଷ ବିଭୂତିକି ଭୁଞ୍ଜୁଥିଲ, ଏବେ ଭସ୍ମବିଲେପନ ଶରୀର ରାମଙ୍କ-ଠାରେ ଶରଣ ପଶିଛ । ବଡ଼ କୁଳରେ ଜନ୍ମହୋଇ ଶରଣ ପଶିବା କି ଉଚିତ ?" ଅଙ୍ଗଦକୁ ମଧ୍ୟ ରାବଣ ନିଜ ପକ୍ଷକୁ ଆଣିବା ପାଇଁ ଚେଷ୍ଟା କରିଥିଲା; ରାମ ତାର ପିତୃହନ୍ତା ଥିବା ସେ ସ୍ମରଣ କରାଇ ଦେଇଥିଲା । ଅବଶ୍ୟ ଏହି ଭେଦନୀତି ସଫଳ ହୋଇନଥିଲା ।

ରାବଣ ଯୁଦ୍ଧରେ କୌଣସିଠାରେ ପ୍ରକାଶ୍ୟ ଭାବରେ କାତରତା ଦେଖାଇନାହିଁ । ସବୁବେଳେ ସେ ସୈନ୍ୟମାନଙ୍କୁ ଉତ୍ସାହ ଦେଇଛି ଏବଂ ନିଜର ଭୟକୁ ହୃଦୟ ଭିତରେ ଲୁଚାଇ ରଖିଛି । ସୈନ୍ୟ ବଣ୍ଟନରେ ସେ ଅସାଧାରଣ ସମରଜ୍ଞାନର ପରିଚୟ ଦେଇଛି । କୁମାର ଓ ସେନାପତିମାନେ ନିଜର ଇଚ୍ଛା ଅନୁସାରେ ସୈନ୍ୟପନ୍ତି ବାଣ୍ଟିନେଲେ ।

ବାଛି ଯେ ଯାହାର ପ୍ରୀତି, ବାଣ୍ଟିନେଲେ ସୈନ୍ୟ ପନ୍ତି ହେ । ୧୩ ।
(୪୧ଶ ଛାନ୍ଦ)

ରାବଣ ସ୍ୱ ଅନୁଜ ବିଭୀଷଣ ଛାର ମନୁଷ୍ୟ ପାଖରେ ଶରଣ ପଶିଲା ବୋଲି କହି କ୍ରୋଧ ପ୍ରକାଶକରି ତାଙ୍କୁ ସର୍ବାଂଶେ ବଧ କରିବାକୁ ସ୍ଥିର କରିଥିଲା ।

ବେଭାର ରୁଢ଼ା ଅନୁଜ ମୋ ମନୁଜ ଶରଣ ମାଗିବ ଆଗ । ୨୦ ।

(୪୧ଶ ଛାନ୍ଦ)

ଯୁଦ୍ଧରେ ରାବଣ ଅପୂର୍ବ କୌଶଳ ଓ ବିକ୍ରମ ପ୍ରକାଶ କରି ଅସଂଖ୍ୟ ଶତ୍ରୁ ସୈନ୍ୟଙ୍କୁ ନିହତ କରିଛି । ଦିନକୁ ଦିନ ସ୍ୱପକ୍ଷର କ୍ଷତି ବୃଦ୍ଧି ପାଉଥିଲେ ମଧ୍ୟ ସେ ଅବିଚଳିତ ଚିତ୍ତରେ ଯୁଦ୍ଧ ଚଳାଇଛି, ସନ୍ଧି କିମ୍ବା ଆତ୍ମସମର୍ପଣରେ ଚିନ୍ତାକୁ ସେ ସମର୍ଥନ କରିନାହିଁ ।

ରାମ ହନୁମାନଙ୍କ ହସ୍ତରେ ଆଜ୍ଞାପତ୍ର ଓ ବ୍ରହ୍ମଶର ପଠାଇ ଆତ୍ମସମର୍ପଣ କରିବାପାଇଁ ରାବଣଙ୍କୁ କହିଲେ । ବ୍ରହ୍ମାସ୍ତ୍ର ଦ୍ୱାରା ନିଧନ ନିଶ୍ଚିତ ଜାଣି ସୁଦ୍ଧା ରାବଣ ନିଜର ବିକ୍ରମ ଯୋଗୁଁ ଏହି ପ୍ରସ୍ତାବରେ ଅସମ୍ମତ ହେଲା—"ମୁଁ ବ୍ରହ୍ମାଙ୍କ ନାତିର ପୁଅ । ସେହିହେତୁ ଜାତିରେ ଶ୍ରେଷ୍ଠ । କୁବେର ମୋର ବଡ଼ଭାଇ । ମୋ ପୁତ୍ର ଇନ୍ଦ୍ରକୁ ଜୟ କରିଛି । ତୋର ପ୍ରଭୁ ଜଣେ ବନବାସୀ । ତାର ପତ୍ର ଆଜ୍ଞାପତ୍ର ନୁହେଁ, ଜଣାଣ ହୋଇଥିବ ।"

× ବ୍ରହ୍ମାନପ୍ତା ସୁତ କୁବେର ମୋ ଭ୍ରାତ, ପୁତ୍ର ଜିଣିଛି ବାସବରେ,<br>
ବାଇ, ବନବାସୀ ସେ ତା ଦୂତ ତୁହି, ବାରେ ଶୁଣିବା ପଢ଼ ଶୁଭାଇ ।୭।

(୪୨ଶ ଛାନ୍ଦ)

ରାବଣ ସୀତାଙ୍କୁ ହରଣ କରି ଆଣିବା ପାଇଁ ଉଦ୍ୟତ ହେଉଥିଲାବେଳେ "ସୀତା ହରଣ, ରାବଣ ମରଣ" ପ୍ରସଙ୍ଗ ପୂର୍ବରୁ ଜାଣିଥିବା ସ୍ପଷ୍ଟ ହେଉଛି, କାରଣ ସେ ସତର୍କ ରହିବା ନିମନ୍ତେ ସ୍ୱଗୃହର କାନ୍ଥରେ ନିଜେ ସ୍ୱହସ୍ତରେ ଏହି "ଶ୍ଳୋକ" ଲେଖିଥିଲା । ମନ୍ଦୋଦରୀ ସୀତାହରଣ ପ୍ରସଙ୍ଗ ରାବଣଙ୍କୁ ଚେତାଇ ଦେଇଥିଲେ ମଧ୍ୟ ସେ ସେଥିପ୍ରତି କର୍ଣ୍ଣପାତ କରି ନ ଥିଲା ।

ବାଡ଼େ ସ୍ୱଲେଖନ ଶ୍ଳୋକ ଅବଧାନ ନୋହୁଛ କାହିଁକ,<br>
ବାର କ ବାରିଜାକ୍ଷୀ ଅନୁକୂଳରେ ବୋଇଲା ତହିଁକ ।୧୨ ।

(୨୪ଶ ଛାନ୍ଦ)

ରାବଣ ମାରିଚର ସାହାଯ୍ୟ ଭିକ୍ଷା କରିବାବେଳେ ତାହାଠାରୁ ରାମଙ୍କ ପରାକ୍ରମ ସମ୍ବନ୍ଧରେ ଯେଉଁ ଚିତ୍ର ପାଇଲା ସେଥିରେ ସେ ବିଚଳିତ ନ ହୋଇ ନିଜର ଅସୀମ ପରାକ୍ରମ ଥିବା ବର୍ଣ୍ଣନା କଲା । ଏହା ତାହାର ବିକ୍ରମଜନିତ ନିର୍ଭୟତାର ପ୍ରମାଣ ଦେଉଛି, ସେ ବିଷ୍ଣୁଙ୍କଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ ବୋଲି ଗର୍ବ କଲା ।

× ବହ୍ନିରେ ଗଳିବା ବିଷ ଜୀର୍ଣ୍ଣ ହେବା ଉପାୟେ ଅଛନ୍ତି । ୧୫ ।
ବିନା ଉପାୟ ରାଘବ ଶରଚୟ ଯମର ସେ ଯମ,
ବିଷ୍ଣୁ ହେଲେ ହେବ ଆଉ ତ ନ ଥିବ ତାହାକୁ କେ ସମ ।
ବଡ଼ କହିଲୁ ତ ବୋଲେ ଲଙ୍କନାଥ ନ ଡର ତୁ କିଛି,
ବାଜି ବିଷ୍ଣୁଚକ୍ର ମୋ ହୃଦେ ପଦକ ପରାୟ ଲାଗିଛି । ୧୬ ।
(୨୪ଶ ଛାନ୍ଦ)

ରାବଣ କୃମତି ହେଲେ ମଧ୍ୟ ବୀର । ଶତ୍ରୁପକ୍ଷର ବୀରତ୍ୱକୁ ପ୍ରଶଂସା କରିବା ମଧ୍ୟ ପ୍ରକୃତ ବୀରର ଲକ୍ଷଣ । ରାମଲକ୍ଷ୍ମଣଙ୍କ ଗୋଳଯୁଦ୍ଧକୁ ପ୍ରଶଂସା କରି ରାବଣ ନିଜର ସଭାରେ ବ୍ୟକ୍ତ କଲା—"ଏଠାରେ ବନ୍ଧୁ ବୃଦ୍ଧ ଅଛ । କହ, କେଉଁଠାରେ କେବେ ଏପରି ଭୟଙ୍କର ଗୋଳଯୁଦ୍ଧ ଦେଖିଛ କି ? ରାମ ଲକ୍ଷ୍ମଣ ଦୁଇଭାଇ ସମାନ ଯୋଦ୍ଧା ଏବଂ ଧନୁର୍ଦ୍ଧାରୀ ଅଟନ୍ତି । ବଳବନ୍ତ ପଣରେ ମଧ୍ୟ ଉଭୟେ ପ୍ରଶଂସାର୍ହ ।

× ବେନିଭାଇ ତ ସମ ଧନ୍ୱୀ ଯୋଧୀ ଏ,
ବଳବନ୍ତେ ଏକେ ଏକେ ସିଦ୍ଧି ଏ । ୩୮ । (୪୨ଶ ଛାନ୍ଦ)

ସୁଗ୍ରୀବର ଯୁଦ୍ଧକୁ ବାଳିଯୁଦ୍ଧ ସଙ୍ଗେ ସମାନ ବୋଲି ମଧ୍ୟ ପ୍ରଶଂସା କରିଥିଲା ।

ରାବଣ ବୀର ଥିବାରୁ ସ୍ୱପୁତ୍ର ଇନ୍ଦ୍ରଜିତ ଜୟଶଙ୍ଖନାଦ କରି ଯୁଦ୍ଧକ୍ଷେତ୍ରରୁ ସଗର୍ବେ ପ୍ରତ୍ୟାବର୍ତ୍ତନ କରିଥିବା ପ୍ରସଙ୍ଗକୁ ସମର୍ଥନ କରି ନାହିଁ । ପୂର୍ବରୁ ଥରେ ଶବ୍ଦଭେଦୀ ଶର ପ୍ରୟୋଗ କରି ଲକ୍ଷ୍ମଣ ମଲେ ବୋଲି ଘୋଷଣା କରିଥିଲା, କିନ୍ତୁ ପ୍ରକୃତରେ ଲକ୍ଷ୍ମଣ ଅଚେତ ହୋଇ ପଡ଼ିଥିଲେ । ସେତେବେଳେ ରାବଣ ପୁତ୍ରର କାର୍ଯ୍ୟ ପସନ୍ଦ ନକରି ତାହା ଆଡ଼କୁ ରୁହିଁଥିଲା ।

ଏବେ ସମସ୍ତଙ୍କୁ ମାରି ଦେଇଥିବା ଦାଶୀକୁ ମଧ୍ୟ ସେ ବିଶ୍ୱାସ କଲା ନାହିଁ । ବିଭୀଷଣ ଅମରବର ଲାଭ କରିଥିବାରୁ ସେ ମରି ନ ଥିବ, ଏହି କାରଣରୁ ପୁତ୍ରର ଦାବୀ ସମ୍ପୂର୍ଣ୍ଣ ସତ୍ୟ ନୁହେଁ, ଏହା ଲକ୍ଷ୍ୟ ରଖି ରାବଣ କହିଲା—

× ବିଧାନ ସଭା'ପର କହିବାରେ କୁମର ପାମର ଶୁଣି ହସି ସେ
ବିଂଶପାଣି, ବଚନକୁ ରଚିଲା ସେ,
ବରେ ଅମର ମରଣରେ କେହି ସତ୍ୱର ପିତୃବ୍ୟ ତୋର ହେଲା ଯେ । ୧୧ ।

(୦୩ଶ ଛାନ୍ଦ)

ରାବଣର ମର୍ଯ୍ୟାଦାଜ୍ଞାନର ଅନ୍ୟ ଏକ ପ୍ରମାଣ ମାୟାସୀତା ପ୍ରସଙ୍ଗରୁ ସୂଚିତ ହେଉଛି । ମାୟାସୀତା ପ୍ରସଙ୍ଗ ଇନ୍ଦ୍ରଜିତ ଉତ୍ଥାପନ କରିବାରୁ ରାବଣ ଭାବିଲା କାଳେ ଏହି ମାୟାସୀତାକୁ ରାମଙ୍କୁ ଫେରାଇ ଦେଇ ଯୁଦ୍ଧର ଅବସାନ କରିବାକୁ ସେମାନେ ବିଚାର କରୁଅଛନ୍ତି । ମାୟାସୀତାକୁ ଫେରାଇଲେ ମଧ୍ୟ ତାର ଅପମାନ ହେବ ବୋଲି ରାବଣ କହିଲା—

× ବୋଇଲା ରାବଣ ଶୁଣି ଊଣା ହେବ ସିନା
ଆଣି ବାହୁଡାଇଲେ କିତବ ଖିଲୁ ସେ ×। ୨୩ ।

(୪୫ଶ ଛାନ୍ଦ)

ମନ୍ଦୋଦରୀ ସୀତାଙ୍କୁ ଫେରାଇ ଦେବାକୁ ପ୍ରସ୍ତାବ କରିବାରୁ ରାବଣ ଯେଉଁ ଉତ୍ତର ଦେଇଛି ସେଥିରୁ ତାହାର ମର୍ଯ୍ୟାଦାଜ୍ଞାନ ଓ ରାଷ୍ଟ୍ରଗୌରବ ଜ୍ଞାନ ପ୍ରମାଣିତ ହେଉଛି । ଏପରି କଲେ ଅନ୍ୟ ରାଜାମାନେ ହସିବେ, ଶତ୍ରୁମାନେ ତାକୁ ମାନିବେ ନାହିଁ । କହିବେ, ରାବଣ ଭୟରେ ସୀତାଙ୍କୁ ଫେରାଇ ଦେଲା । ପୁଣି, ଏତେ ସ୍ୱଜନଙ୍କୁ ବିନାଶ କରାଇ ସାରିବା ପରେ ଏବେ ସୀତାଙ୍କୁ ଫେରାଇ ଦେଲେ ଅତୀବ ଲଜ୍ଜାର କଥା ହେବ ।

ବୋଇଲା, ବଚନେ ବିଂଶବାହୁ ଯେ ବାହୁକେ ହସିବେ ଯେ
ବୀରପଣେ ସମର୍ପଣେ ଊଣା ସବଖିବେ ଯେ । ୧୧ ।
ବୋଇଲା, ବଇରୀ ଦେହେ ଛରିଷା ବନ୍ଧୁ ନ ମାନିବେ ଯେ ।
ବିନାଶନ ବନ୍ଧୁଜନ କି ଜୀବେ ରାଜାବେ ଯେ । ୧୨ ।

(୯ ଶ ଛାନ୍ଦ)

ରାବଣ ଯୁଦ୍ଧର ଶେଷ ଅବସ୍ଥା ବେଳକୁ ମାୟାସୀତା ପ୍ରସଙ୍ଗରେ ମନ୍ଦୋଦରୀ ପ୍ରଭୃତି ମହିଳାମାନଙ୍କୁ ସମ୍ବୋଧନ କରି ନିଜର ପୂର୍ବଜନ୍ମ ବୃତ୍ତାନ୍ତ ବର୍ଣ୍ଣନା କଲା ଏବଂ ସେ କରିଥିବା ଦୁଷ୍କୃତିମାନ ପ୍ରକାଶ କଲା । ସେ ବିଷ୍ଣୁଙ୍କ ହାତରେ ମଲେ ବୈକୁଣ୍ଠ ସମ୍ପତ୍ତିକୁ ପାଇବ । ଏହି ଅତୁଳ ସମ୍ପତ୍ତି ତାର ବିପଦ । ଏହାକୁ ତ୍ୟାଗ କରି ପୁଣି ବୈକୁଣ୍ଠ ସମ୍ପତ୍ତିକୁ ପାଇବାକୁ ସେ ଇଚ୍ଛା କରିଛି । ଏହିପରି ଭାବରେ ରାବଣରେ ଅଜ୍ଞାନତା ଦୂର ହେବାରୁ ସେ ସଦ୍‌ମାର୍ଗକୁ ଚିନ୍ତା କଲା । ଏହାହିଁ ବିଧିର ବିଧାନ ।

ବୋଇଲା, ବିଷ୍ଣୁ ମୋ ମାରଣେ ଅଛି ରାମ ରାମ ମୂର୍ତ୍ତି ଯେ,
ବୈକୁଣ୍ଠ ସମ୍ପତ୍ତିକି ଏ ସମ୍ପତ୍ତି ବିପତ୍ତି ଯେ । ୪୭ । (୪୮ଶ ଛାନ୍ଦ)

ରାମଙ୍କୁ ସେ ବିଷ୍ଣୁ ବୋଲି ଜାଣି ପାରିଲା ଏବଂ ତାଙ୍କ ହସ୍ତରେ ମଲେ ସ୍ୱର୍ଗକୁ ଯାଇ ପୁଣି ତାର ପୂର୍ବ ଗୌରବକୁ ଲାଭ କରିବ ବୋଲି ଆଶା ପ୍ରକାଶ କଲା ।

ଜ୍ଞାନୋଦୟ ପରେ ଅଜ୍ଞାନତା ପୁଣି ଘୋଟି ଯିବାରୁ ରାବଣ ରାମଙ୍କୁ ବଧ କରିବା ପାଇଁ ଯୁଦ୍ଧ କରିବାକୁ ସ୍ଥିର କଲା ।

ରାବଣର ଚରିତ୍ର ଚିତ୍ରଣକୁ କବି ଜୀବନ୍ତ କରିଛନ୍ତି । ତାଙ୍କର ବର୍ଣ୍ଣନା ପାଠକଲେ ମନେ ହେଉଛି ସତେ ଯେପରି ରାବଣ ଆମ ଆଗରେ ଠିଆ ହୋଇଛି । ଏହାହିଁ ରଚନାର ସାର୍ଥକତା ।

ହନୁମାନ—

ହନୁମାନ ବାଳିବଧରେ ସୁଗ୍ରୀବଙ୍କୁ ସାହାଯ୍ୟ କରିଥିଲେ । ଲଙ୍କା ଅଭିଯାନରେ ବାନରଭଲ୍ଲୁକ ସେନାପତିମାନଙ୍କ ମଧ୍ୟରେ ତାଙ୍କର ନାମ ନ ଥିଲେ ମଧ୍ୟ ସେ ମୁଖ୍ୟ ପ୍ରଥପତିର ସମ୍ମାନ ଲାଭ କରୁଥିଲେ । ହନୁମାନଙ୍କ ପ୍ରତି ରାମଙ୍କର ଅଟଳ ବିଶ୍ୱାସ ଓ ହନୁମାନଙ୍କର ବିକ୍ରମ ତଥା କର୍ମନିଷ୍ଠା ଏହାର କାରଣ ।

ସୀତା ଅନ୍ୱେଷଣରେ ହନୁମାନ ଓ ଅଙ୍ଗଦ ଯାଇଥିଲେ । ଏ ଦୁହିଁଙ୍କ ମଧ୍ୟରୁ ହନୁମାନଙ୍କୁ ରାମଚନ୍ଦ୍ର ଗୁପ୍ତ ଚିହ୍ନାଦିର ସୂଚନା ଦେଇଥିଲେ ଏବଂ

ସ୍ୱହସ୍ତ ମୁଦ୍ରିକା ଦେଇ ସୀତଙ୍କୁ ଦେଖାଇବାକୁ କହିଥିଲେ । ବିଶ୍ୱାସର ସ୍ଥିର ଭିତ୍ତି ହିଁ ଏହାର କାରଣ ।

ହନୁମାନଙ୍କ ପରାକ୍ରମର ପ୍ରମାଣ ସମୁଦ୍ର ଲଂଘନରୁ ମିଳୁଛି । ହନୁମାନ ଲମ୍ଫପ୍ରଦାନ କରି ଆକାଶରେ ଉଡ଼ି ଲଙ୍କାରେ ପ୍ରବେଶ କରିଥିଲେ; ଅସମ୍ଭବକୁ ସମ୍ଭବ କରିପାରିଥିଲେ । ହନୁମାନଙ୍କ ଲଙ୍କାରେ ଉପସ୍ଥିତି ଶତ୍ରୁର ହୃଦୟରେ ଭୟର ସଞ୍ଚାର କରିଥିଲା । ରାବଣ ଏ ପର୍ଯ୍ୟନ୍ତ ଲଙ୍କାକୁ ଅଜେୟ ଓ ଅଭେଦ୍ୟ ମନେ କରୁଥିଲା; କିନ୍ତୁ ହନୁମାନ ତା'ର ମଦାନ୍ଧତାକୁ ଭାଙ୍ଗି ଦେଇଥିଲେ ।

ହନୁମାନ ସୀତାଙ୍କୁ ଅନ୍ୱେଷଣ କରିବାରେ ବୁଦ୍ଧି, କୌଶଳ ଓ ବିକ୍ରମର ପ୍ରୟୋଗ କରିଛନ୍ତି । ସୀତାଙ୍କ ସହିତ ପ୍ରଥମ ଭେଟ ବେଳେ ସେ ବୃକ୍ଷ ଉପରେ ରହି ଗୀତଗାୟନ ଛଳରେ ଦୁଇଜଣ କଥାବାର୍ତ୍ତା ହେଲାପରି ରାମ ମହିମା କୀର୍ତ୍ତନ କରିବାରୁ ସୀତାଙ୍କ ଦୃଷ୍ଟି ତାଙ୍କ ଉପରେ ପଡ଼ିଲା । ସୀତାଙ୍କ ସହିତ ତାଙ୍କର କଥୋପକଥନରୁ ଜଣାଯାଏ ଯେ ସେ ସୀତାଙ୍କର ମଧ୍ୟ ବିଶ୍ୱାସଭାଜନ ହୋଇ ପାରିଛନ୍ତି । ଫଳରେ ତାଙ୍କୁ ଗୁପ୍ତ ସଙ୍କେତ ଜଣାଇ ମଥାମଣିଟି ଚିହ୍ନସ୍ୱରୂପ ତାଙ୍କ ହାତରେ ଅର୍ପଣ କରିବାକୁ ସୀତା ଦ୍ୱିଧା ବୋଧକରି ନାହାନ୍ତି । ଏହା ହିଁ ହନୁମାନଙ୍କ ହୃଦ୍ୟ ହୃଦୟତା, ପ୍ରଗାଢ଼ଭକ୍ତି ଓ ବିଶ୍ୱାସର ପ୍ରମାଣ ।

ସୀତାଙ୍କ ମନରେ ସାହସ ଦେବା ବିଷୟରେ ମଧ୍ୟ ହନୁମାନଙ୍କ ବୁଦ୍ଧି, ପରାକ୍ରମ କମ କାର୍ଯ୍ୟ କରିନାହିଁ । ଲଙ୍କାର ଗୁରୁତର ଦୃଶ୍ୟ ସୀତାଙ୍କ ମନରେ ଆଶାର ସଞ୍ଚାର କରିଛି ।

ହନୁମାନ ଭକ୍ତ ଓ ବୀର ଥିବାରୁ ସ୍ୱ ଦୌତ୍ୟର ସଫଳତାରେ ପରମ ଆନନ୍ଦ ଲାଭ କରିଛନ୍ତି; ସୀତାଙ୍କ ସାନ୍ନିଧ୍ୟ ଲାଭ କରି ସେ ଆନନ୍ଦରେ ବିଭୋର ହୋଇ ପଡ଼ିଛନ୍ତି ।

ଲଙ୍କାରେ ପ୍ରବେଶ କରି ସୀତାଙ୍କୁ ଠାବ କରି ସାରିବା ପରେ ହନୁମାନ ନିଜର ବୀରତ୍ୱ ଦେଖାଇବା ପାଇଁ ଲଙ୍କାକୁ ପୋଡ଼ିଥିଲେ । ବିପଦ ସ୍ଥଳକୁ ଆସି ଶୈରପର ଫଳ ଇଚିବ ସେ ପସନ୍ଦ କରି ନ ଥିଲେ ।

ଲଙ୍କାପୋଡ଼ି ବେଳେ ହନୁମାନ କୌଶଳ, ବୁଦ୍ଧି ଓ ପରାକ୍ରମ ଦେଖାଇ ଶତ୍ରୁକୁ ଚମକାଇ ଦେଇଥିଲେ ।

ଇନ୍ଦ୍ରଜିତର ଶର ପ୍ରୟୋଗରେ ଲକ୍ଷ୍ମଣଙ୍କ ଶକ୍ତିଭେଦ ହେବାରୁ ରାମ ଓ ତାଙ୍କ ସୈନ୍ୟଙ୍କ ଭିତରେ ନୈରାଶ୍ୟ ଖେଳି ଯାଇଥିଲା । ହନୁମାନ ସ୍ୱପରାକ୍ରମ ଦେଖାଇ ଆକାଶରେ ଉଡ଼ି ଗନ୍ଧମର୍ଦନ ପର୍ବତକୁ ଉପାଡ଼ି ଆଣି ଲଙ୍କାରେ ଉପସ୍ଥିତ ହେଲେ । ପର୍ବତର ବିଶଲ୍ୟକରଣୀ ଔଷଧରେ ଲକ୍ଷ୍ମଣ ବ୍ୟାଧିମୁକ୍ତ ହେବାରୁ ସମସ୍ତଙ୍କ ମନରେ ଆଶାର ସଞ୍ଚାର ହେଲା । ହନୁମାନଙ୍କ ଯୋଗୁଁ ଏହା ସମ୍ଭବ ହୋଇ ପାରିଥିଲା ।

ଲକ୍ଷ୍ମଣ-ଇନ୍ଦ୍ରଜିତ ଯୁଦ୍ଧରେ ହନୁମାନ ଅନନ୍ୟସାଧାରଣ ଯୁଦ୍ଧକୌଶଳ ପ୍ରୟୋଗ କରି ଇନ୍ଦ୍ରଜିତର ରଥକୁ ଭାଙ୍ଗି ଦେଲେ । ଦେବଯାନ ଧ୍ୱଂସ ହେବାରୁ ଇନ୍ଦ୍ରଜିତର ଅଜେୟତ୍ୱ ଲୋପ ପାଇଲା, ଫଳରେ ସେ ଲକ୍ଷ୍ମଣଙ୍କ ଦ୍ୱାରା ନିହତ ହେଲା । ଇନ୍ଦ୍ରଜିତ ବଧ ଏପରି ଭାବରେ ସଂଘଟିତ ହୋଇ ନଥିଲେ ରାମଙ୍କ ଜୟ ସମ୍ବନ୍ଧରେ ସନ୍ଦେହ କରିବାର ଯଥେଷ୍ଟ କାରଣ ଥିଲା, ହନୁମାନଙ୍କ କୌଶଳ ଏହି ସନ୍ଦେହକୁ ଦୂର କରିଦେଲା ।

କାଳନେମୀ ବଧରେ ମଧ୍ୟ ହନୁମାନଙ୍କ ପରାକ୍ରମ ପ୍ରମାଣିତ ହୋଇଛି । ସେ ଅସୁରମାନଙ୍କର ଯାବତୀୟ ମାୟା ଜାଲକୁ ଭେଦକରି, ଗତିରୋଧକାରୀ-ମାନଙ୍କୁ ଅକ୍ଳେଶରେ ବିନାଶକରି ଗନ୍ଧମାର୍ଦନ ପର୍ବତକୁ ଲଙ୍କାକୁ ନିର୍ଦ୍ଦିଷ୍ଟ ସମୟ ଭିତରେ ନେଇପାରିଛନ୍ତି । ରାତିକ ଭିତରେ ପର୍ବତକୁ ଆଣିବା କଣ୍ଟ ହନୁମାନଙ୍କ ବିକ୍ରମର ପରୀକ୍ଷା ପାଇଁ ନିର୍ଦ୍ଦିଷ୍ଟ ହୋଇଥିବା ଅନୁମାନ କଲେ ଭ୍ରମ ହେବ ନାହିଁ ।

ବୀର, ଭକ୍ତ ହନୁମାନଙ୍କ ବୀରତ୍ୱ, ପ୍ରତ୍ୟୁତ୍ପନ୍ନମତିତା ପ୍ରଭୃତି ସଙ୍ଗେ ତାଙ୍କର ଚରିତ୍ରର କୌତୁକପ୍ରଦ ବିଭବଟି ଦେଖାଇବାକୁ କବି ଭୁଲିନାହାନ୍ତି । ଲଙ୍କାପୋଡ଼ି ବେଳେ ତାଙ୍କର ବିବିଧ ବଚନିକା ଓ ଅଙ୍ଗଭଙ୍ଗୀ ଆମୋଦଦାୟକ ହୋଇଥିଲା । ସମୁଦ୍ରକୁ ପୋଡ଼ିବା ବେଳେ ହନୁମାନ ପର୍ବତ ବୋହି ଆଣୁଥିଲେ । ଜଣେ ସେନାପତି ତାଙ୍କୁ ବାଁ ହାତରେ ଛୁଇଁଦେବାରୁ ସେ କ୍ଷଣ ରାଗିଯାଇଥିଲେ ।

ହନୁମାନଙ୍କ କାର୍ଯ୍ୟକଳାପ ସୀତା ହରଣରେ ଯଥେଷ୍ଟ ଗୌରବର ସ୍ଥାନ ଅଧିକାର କରିଛି । ତାଙ୍କର ସତ୍ୟ ଓ ନ୍ୟାୟ ପ୍ରତି ଅଟଳ ଶ୍ରଦ୍ଧା ଓ ସୀତାରାମଙ୍କ ପ୍ରତି ଅଟଳ ଭକ୍ତି ତାଙ୍କୁ ଅମର କରିଛି । କବି ତାଙ୍କ ଚରିତ୍ର ଚିତ୍ରଣରେ କାର୍ପଣ୍ୟ ଦେଖାଇ ନାହାନ୍ତି । କବି ନିଜେ ରାମଭକ୍ତ ଥିବାରୁ ସହୃଦୟତା ପ୍ରଦର୍ଶନ ସ୍ୱାଭାବିକ ।

ହନୁମାନଙ୍କ ଉଜ୍ଜ୍ୱଳଚରିତ୍ର ମାନବସମାଜକୁ ଯୁଗେ ଯୁଗେ ପ୍ରେରଣା ଦେଇଛି । କବି ଏ ଭକ୍ତବୀରଙ୍କ ପ୍ରସଙ୍ଗ ସୁନ୍ଦର ଭାବରେ ବର୍ଣ୍ଣନା କରି ପାଠକଙ୍କ ମନରେ ସ୍ପଷ୍ଟ ରେଖାପାତ କରିଛନ୍ତି ।

ରାମ, ସୀତା, ଲକ୍ଷ୍ମଣ, ରାବଣ, ବିଭୀଷଣ, ହନୁମାନ ସହିତ ସୁଗ୍ରୀବ, ଅଙ୍ଗଦ, ଭରତ ପ୍ରଭୃତିଙ୍କ ଚରିତ୍ରଚିତ୍ରଣ ସୁନ୍ଦର ହୋଇଛି । କଳ୍ପନା ସହିତ ଚରିତ୍ରଚିତ୍ରଣର ସୁନ୍ଦର ସମ୍ମିଳନ ଏହି କାବ୍ୟରେ ପ୍ରକଟିତ ହୋଇଥିବାରୁ ଏହା ବେଶ ଆଦର ଓ ଗୌରବର ସ୍ଥାନ ଅଧିକାର କରିଛି ।

ଐତିହାସିକ କ୍ରମଚ୍ୟୁତି—

ଖର ଦୂଷଣ ତ୍ରିଶିର ସହିତ ରାମଙ୍କ ଯୁଦ୍ଧ ପ୍ରସଙ୍ଗରେ କବି 'ନଳୀଗୁଳି'ର ଉଲ୍ଲେଖ କରିଛନ୍ତି । ସେ ସମୟକୁ ଅର୍ଥାତ୍ ତ୍ରେତା ଯୁଗରେ ନଳୀର ବ୍ୟବହାର ଥିବା ପ୍ରାଚୀନପୁରାଣମାନଙ୍କରେ ଦେଖାଯାଏ ନାହିଁ । କବି ଏହି ଐତିହାସିକର ତଥ୍ୟ ପ୍ରତି ଦୃଷ୍ଟି ଦେଇ ନାହାନ୍ତି ।

ବସନ୍ତିନେ ନଳୀ ଗୁଳି ପୂରି ଭୀବନ୍ତ,<br>
କଣେ ମୋ ବନ୍ଧୀ ମୋତେ କି ଲକ୍ଷ କରନ୍ତି । ୭୫ ।

ସମାନ୍ତରାଳ ଚିନ୍ତା—

ବୈଦେହୀଶ ବିଳାସରେ ମହାନାଟକ, ରଘୁବଂଶାଦି କେତେକ ପ୍ରସିଦ୍ଧ ସଂସ୍କୃତ ଗ୍ରନ୍ଥର ଛାୟା ପଡ଼ିଥିବା ଦେଖାଯାଉଥିଲେ ମଧ୍ୟ ଏହାକୁ ରାମାୟଣ ଚରିତର ବ୍ୟାପକତା ଓ ସୁଦୂରପ୍ରସାରୀ ପ୍ରଭାବର ଫଳ ବୋଲି-ବାକୁ ହେବ । ଶତାଧିକ କବି ବିଭିନ୍ନ ଭାଷାରେ ରାମାୟଣ ଚରିତକୁ

କାବ୍ୟ କବିତା-ନାଟକ ଆକାରରେ ଲେଖିଛନ୍ତି ଏବଂ ଏ ସମସ୍ତଙ୍କ ଭିତରେ ଭାବସାମ୍ୟତା ଦୃଷ୍ଟି ହେଉଥିବା ସ୍ୱାଭାବିକ । ସମାନ୍ତରାଳ ଚିନ୍ତାହିଁ ଏହାର କାରଣ ।

ଉପେନ୍ଦ୍ର ବାଲ୍ମୀକଙ୍କ ରଚନାରେ ମୁଗ୍ଧ ହୋଇ ତାଙ୍କର ଗୋଟିଏ କଳ୍ପନା-ଚିତ୍ର ସ୍ୱ ଗ୍ରନ୍ଥରେ ଉଦ୍ଧାର କରିଛନ୍ତି । ଏହା ସେ ନିଜେ ସ୍ୱୀକାର କରି ଏହାର ଗୌରବ ବୃଦ୍ଧି କରିଛନ୍ତି ।

କେତେକ କବିତ୍ୱ-ଅନୁପଯୋଗୀ ପଦାବଳୀ—କାବ୍ୟଟିରେ କେତେକ ପଦାବଳୀ କବିତ୍ୱପୂର୍ଣ୍ଣ ହୋଇପାରିନାହିଁ । ଏମାନଙ୍କ ସଂଖ୍ୟା ଅତି ଅଳ୍ପ । କେତୋଟି ଉଦାହ —

ବିଘଟିତ ଘନପୁଷ୍ପ ଭ୍ରମରେ ସହିତ,
ବିନୋଦୀ ଜନମାନଙ୍କ ହରୁଅଛୁ ଚିତ୍ତ । ୫ ।
ବନର କେଉଁ ପ୍ରଦେଶ ଅତିଛ ପକାର,
ବର୍ଷାକ ଅନୁଭବରେ ଶିଖୀ ଶୋଭାକର । ୬ ।
ବରୁଣ ଦେବବଲ୍ଲଭ ଉଦୟ କରିଛୁ,
ବହୁ ସୁମନାସନ୍ତୋଷକର ହୋଇଅଛୁ । ୭ । (୭ମ ଛାନ୍ଦ)

ଉପସଂହାର—କାବ୍ୟ-ସମାଲୋଚନାରେ କଟୁ ମନ୍ତବ୍ୟ ଓ ଦୂଷଣପ୍ରିୟତାକୁ ଉପେନ୍ଦ୍ର ଘୃଣା କରିଛନ୍ତି । ପ୍ରସଙ୍ଗକ୍ରମରେ ସେ ରାମ-ଦୂଷଣ ଯୁଦ୍ଧ ବର୍ଣ୍ଣନା ବେଳେ ଏହା ବ୍ୟକ୍ତ କରିଛନ୍ତି—

ବିଶୁଦ୍ଧ କବି ହୋଇ ସେ ବନ କାବ୍ୟରୁ,
ବିଶୋଧିଲେ ଦୂଷଣକୁ ଗୁଣ ପ୍ରସ୍ତରୁଁ । ୮୪ ।

ବିଶୁଦ୍ଧ କବି ଅର୍ଥାତ୍ ଶୁଦ୍ଧାଶୁଦ୍ଧଜ୍ଞାତା କବି ପରି ରାମଚନ୍ଦ୍ର ବନକାବ୍ୟ ଅର୍ଥାତ୍ ଦଣ୍ଡକାରଣ୍ୟ ରୂପକ କାବ୍ୟରୁ ଗୁଣ ପ୍ରସ୍ତର କରିବା ଲକ୍ଷ୍ୟରେ ଦୂଷଣକୁ ବିଶୋଧିଲେ ବା ନିର୍ମୂଳ କଲେ ଅର୍ଥାତ୍ ବିନାଶ କଲେ ।

ବୈଦେହୀଶ ବିଳାସ ମହାକାବ୍ୟଟିରେ କବି ରାମାୟଣ-ବର୍ଣ୍ଣିତ ସବୁ ପ୍ରସଙ୍ଗର ଅବତାରଣା କରିନଥିଲେ ମଧ୍ୟ ସଂକ୍ଷେପରେ ବହୁ କଥା ଓ ଉପକଥା ସୂଚନାରେ ବ୍ୟକ୍ତ କରିଛନ୍ତି । କଥାଭାଗ, ଗୀତଭାଗ ଅପେକ୍ଷା କବିତ୍ୱସୃଷ୍ଟି ବର୍ଣ୍ଣନାଭାଗ ଅଧିକ ହୋଇଛି ।

ବୈଦେହୀଶ ବିଳାସକୁ କେବଳ ଓଡ଼ିଆ ସାହିତ୍ୟରେ ନୁହେଁ, ସମସ୍ତ ଭାରତୀୟ ସାହିତ୍ୟରେ ଏକ ଅଦ୍ୱିତୀୟ କାବ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏକ ଅକ୍ଷର—ଆଦ୍ୟ ( ବ—ଆଦ୍ୟ ) ପ୍ରଣାଳୀରେ ଏତେ ବଡ଼ ବିରାଟ ଗ୍ରନ୍ଥ ଉପେନ୍ଦ୍ରଙ୍କ ପୂର୍ବରୁ ବା ପରେ ଭାରତର ଅନ୍ୟ ଭାଷାମାନଙ୍କରେ ମଧ୍ୟ ଦେଖା ଯାଏ ନାହିଁ ।

ବ—ଆଦ୍ୟ ବିଚିତ୍ରତା ବ୍ୟତୀତ କବିଙ୍କ ରଚନା ଶୈଳୀ, ବିଶେଷତଃ ସ୍ୱଳ୍ପ ପଦରେ ବହୁକଥା ବ୍ୟକ୍ତ କରିବା ଓ ସୁଛୋପଯୋଗୀ ସାହିତ୍ୟିକ ଭାଷାର ବହୁଳ ବ୍ୟବହାର କରିବା ଏହି କାବ୍ୟଟିକୁ ଏକ ସ୍ୱତନ୍ତ୍ର ଉଚ୍ଚସ୍ଥାନ ଦାନ କରିଛି ।

ଉପେନ୍ଦ୍ରଙ୍କ କାବ୍ୟମାନଙ୍କ ଭିତରେ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ଲାବଣ୍ୟବତୀ ଓ ବୈଦେହୀଶ ବିଳାସ ଅନନ୍ୟସାଧାରଣ ଶ୍ରେଣୀର କାବ୍ୟ; ଏ 'ତ୍ରୟୀ' ଭାରତୀୟ 'ଭାଷା' ସାହିତ୍ୟ ଗଗନରେ ଉଜ୍ଜ୍ୱଳ ତମ ନକ୍ଷତ୍ର ସ୍ୱରୂପ ।

ରାମାୟଣ-କଥାବସ୍ତୁକୁ ଅବଲମ୍ବନ କରି ଉପେନ୍ଦ୍ର ବୈଦେହୀଶ ବିଳାସ ରଚନା କରିଥିଲେ ମଧ୍ୟ କବିତ୍ୱପୂର୍ଣ୍ଣ କାବ୍ୟ ରୂପରେ ଏହା ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି ।

ରାମଚରିତ କାବ୍ୟମାନଙ୍କ ଭିତରେ ବୈଦେହୀଶ ବିଳାସହିଁ ବିଭିନ୍ନ ଅଳଙ୍କାର ଓ ଗୁରୁଚିତ୍ରାବଳୀ ଶୋଭିତ ହୋଇ ଶିରୋଭୂଷଣ ରୂପେ ଗଣ୍ୟ ହେବ ।

Printed by Sri Jayaram Mahapatro, B. Com.
at Grantha Prakasini, Cuttack-1, 1965.